'oaob.nitrkl.ac.in' images reprocessed

ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରୀ ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ

ଫେବୃଆରୀ ୨୧, ୧୯୭୮

'oaob.nitrkl.ac.in' images reprocessed



ଶ୍ରୀମା—୧୯୫୪

'oaob.nitrkl.ac.in' images reprocessed



# ମାତୃରଚନାବଳୀ

## ଷଷ୍ଠ ଖଣ୍ଡ

# ପ୍ରଶ୍ନ ଓ ଉତ୍ତର-୧୯୫୪

'oaob.nitrkl.ac.in' images reprocessed

ମାତୃରଚନାବଳୀ : ଷଷ୍ଠ ଖଣ୍ଡ

ଶ୍ରୀମା'ଙ୍କର Questions and Answers-1954

ଗ୍ରନ୍ଥର ଓଡ଼ିଆ ଅନୁବାଦ

ଅନୁବାଦକ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମମୁଦ୍ରଣ : ନଭେମ୍ବର ୧୪, ୧୯୯୩

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

ମୂଲ୍ୟ : ୮୫ ଟଙ୍କା

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ, ପ୍ରକାଶନ ବିଭାଗ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

ମୁଦ୍ରଣ : ନବଜ୍ୟୋତି ପ୍ରେସ୍, ପଣ୍ଡିଚେରୀ-୬୦୫୦୦୨

'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ଟିପ୍ପଣୀ

୧୯୫୪ ମସିହାରେ ନେଉଥିବା ଆପଣାର "ବୁଧବାର କ୍ଲାସ୍‌ରେ" ମାଆ ଆଶ୍ରମର ଛାତ୍ର, ଶିକ୍ଷକ ଏବଂ ସାଧକମାନଙ୍କୁ ଯେଉଁସବୁ ପ୍ରବଚନ ଦେଇଥିଲେ, ଏହି ଖଣ୍ଡରେ ସେଗୁଡ଼ିକ ଅନ୍ତର୍ଭୁକ୍ତ ହୋଇ ରହିଛି । ସାଧାରଣତଃ ତାଙ୍କ ନିଜର କୌଣସି ଲେଖା ବା ସିଏ କରିଥିବା ଶ୍ରୀଅରବିନ୍ଦଙ୍କ ରଚନାବଳୀର ଫରାସୀ ଅନୁବାଦଟିଏ ପାଠ କରି ମାଆ କ୍ଲାସ୍‌ଗୁଡ଼ିକୁ ଆରମ୍ଭ କରୁଥିଲେ । ତା'ପରେ ସେ ପଠିତ ପାଠ ଅଥବା ଅନ୍ୟାନ୍ୟ ବିଷୟରେ ପଚରା ହେଉଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେଉଥିଲେ ବା ଆପଣାର ମନ୍ତବ୍ୟ ପ୍ରଦାନ କରୁଥିଲେ । ଜାନୁଆରୀ ୨ ତାରିଖରୁ ଏପ୍ରିଲ୍ ୧୪ ତାରିଖ ପର୍ଯ୍ୟନ୍ତ ତାଙ୍କର ପ୍ରବଚନଗୁଡ଼ିକ ଶିକ୍ଷା ଓ ଆତ୍ମବିକାଶ ସମ୍ବନ୍ଧରେ ଲିଖିତ ତାଙ୍କର ପ୍ରବନ୍ଧ (ବର୍ତ୍ତମାନ On Education ପୁସ୍ତକ ରୂପେ ପ୍ରକାଶିତ, ମାତୃରଚନାବଳୀର ୧୨ଶ ଖଣ୍ଡ) ଗୁଡ଼ିକ ଉପରେ ଆଧାରିତ; ଅନ୍ୟଗୁଡ଼ିକ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଯୋଗର ଉପାଦାନ, ମାଆ ଏବଂ ଯୋଗର ଆଧାର ପୁସ୍ତକଗୁଡ଼ିକ ଉପରେ ଆଧାରିତ ।

ଫରାସୀ ଭାଷାରେ ପ୍ରଦତ୍ତ ଏହି ପ୍ରବଚନଗୁଡ଼ିକୁ ଟେପ୍‌ରେ ରେକର୍ଡ଼ କରି ରଖାଯାଇଥିଲା । ପ୍ରବଚନଗୁଡ଼ିକର ମୂଳ ପାଠ ଏବଂ ଅନୁବାଦମାନ (ଜାନୁଆରୀ ୨ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ) ଏପ୍ରିଲ, ୧୯୬୩ ଏବଂ ଅଗଷ୍ଟ ୧୯୭୮ ମଧ୍ୟରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ତ୍ରୈମାସିକ ବୁଲେଟିନ୍‌ରେ ପ୍ରକାଶିତ ହୋଇଥିଲା । ଏହି ସଂସ୍କରଣଟି ବେଳକୁ ଅନୁବାଦଗୁଡ଼ିକରେ କିଞ୍ଚିତ୍ ସଂଶୋଧନ କରାଯାଇଛି । ଅବଶିଷ୍ଟ ପ୍ରବଚନଗୁଡ଼ିକ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଛି ।

ଏଇଟି ହେଉଛି 'ମାତୃରଚନାବଳୀ'ର ଷଷ୍ଠ ଖଣ୍ଡ ।

'oaob.nitrkl.ac.in' images reprocessed

# ସୂଚୀପତ୍ର


## ୨୭ ଜାନୁଆରୀ

ଶରୀରରୁ ଜଣେ ବ୍ୟକ୍ତିର ଚରିତ୍ର ଜଣାପଡ଼େ କି ? ୧
ଶିଶୁମାନେ ଓ ଚୈତ୍ୟସତ୍ତା ୭
ପର୍ଯ୍ୟବେକ୍ଷଣ-ଶକ୍ତି ୧୧

## ୩ ଫେବୃଆରୀ

ଇନ୍ଦ୍ରିୟଗଣ ଏବଂ ଅତୀନ୍ଦ୍ରିୟ ୧୪
ପିଲାମାନଙ୍କୁ ଗଢ଼ିବେ ୧୭
ବସ୍ତୁଗୁଡ଼ିକୁ ଶୃଙ୍ଖଳିତ କରି ରଖିବା ୧୮
ରୁଚି ୨୪

## ୧୦ ଫେବୃଆରୀ

ଅନେକ ପ୍ରକାର ବିଷୟ ପଢ଼ିବା ୨୭
ସ୍ମୃତିଶକ୍ତି ୩୦
ପୂର୍ବ ଜନ୍ମଗୁଡ଼ିକର ସ୍ମରଣ ୩୨
ଅପ୍ରୀତିକର ଭାବନାଗୁଡ଼ିକରୁ ନିଷ୍କୃତି ୩୩

## ୧୭ ଫେବୃଆରୀ

ନାନା ପ୍ରକାରେ ବ୍ୟକ୍ତ ହେଉଥିବା ଅଭିଜ୍ଞତା ... ୩୬
ଚୈତ୍ୟସତ୍ତାର ଉପସ୍ଥିତି ... ୪୧
କ୍ରୀଡ଼ାଙ୍ଗଣରେ ଅଗ୍ରଗତି ... ୪୨
ସବୁକିଛୁ କଦାପି ସର୍ବୋତ୍ତମ ଲାଗି ନୁହେଁ ... ୪୩

## ୨୪ ଫେବୃଆରୀ

ଅଭିବ୍ୟକ୍ତ ଏକ ଊର୍ଦ୍ଧ୍ୱାୟନଧର୍ମୀ ପ୍ରକ୍ରିୟା ୪୬
ନୈର୍ଗୁଣ୍ୟ ୪୭


'oaob.nitrkl.ac.in' images reprocessed

ଚୈତ୍ୟ ସଂଘର୍ଷ ... ୪୯
ମୁକ୍ତି ଓ ମନୁଷ୍ୟଜାତି ... ୫୧
ଶାଶ୍ୱତକ ରୂପାନ୍ତରର ମୂଳ କଥା ... ୫୨

୩ ମାର୍ଚ୍ଚ

ଗୂଢ଼ବିଦ୍ୟା ୫୭
ଜଣେ ଫରାସୀ ବୈଜ୍ଞାନିକଙ୍କର ପ୍ରୟୋଗ ୬୭

୧୦ ମାର୍ଚ୍ଚ

ମୃତ୍ୟୁ ୬୮
ମୃତ୍ୟୁ ଏବଂ ଜନ୍ମାନ୍ତରବାଦ ୭୦
ଭୟ ୭୩
ମୃତ୍ୟୁର ସାମ୍ରାଜ୍ୟ ୭୬
ଶ୍ରୀଅରବିନ୍ଦଙ୍କ ନିବାସ ଉପରେ ଢେଲା ପଡ଼ିବା ୮୪

୧୭ ମାର୍ଚ୍ଚ

ବୈରାଗ୍ୟର ଅଭ୍ୟାସ ୯୩
ଦୁଇପ୍ରକାରର ଆତ୍ମସମର୍ପଣ ୯୪
ବାରମ୍ପଞ୍ଚନମ୍ବର କାଳୀ ୯୬
କାଳୀ ୯୯
ନୃଶଂସତା ୧୦୩
ରେଡ଼ନ୍ ୧୦୬

୨୪ ମାର୍ଚ୍ଚ

ସ୍ୱପ୍ନ ଓ ପାକସ୍ଥଳୀର ଅବସ୍ଥା ୧୦୮
ତମାଖୁ ଏବଂ ସୁରାପାନ ୧୦୯
ଅଧୀରତା ୧୧୧
ଚକ୍ରତତ୍ତ୍ୱ ଓ କୁଣ୍ଡଳିନୀ ... ୧୧୨
ଇନ୍ଦ୍ରିୟଗୁଡ଼ିକର ନିୟନ୍ତ୍ରଣ ... ୧୧୫

୩୧ ମାର୍ଚ୍ଚ

ପ୍ରାଣିକ ଶକ୍ତିର ଢନୋଟି ଉତ୍ସ ... ୧୧୮

'oaob.nitrkl.ac.in' images reprocessed

ଇନ୍ଦ୍ରିୟଗୁଡ଼ିକର ପ୍ରଶିକ୍ଷଣ ୧୨୦
ଗଧିଆ ପାଖରେ ଲାଳିତ ଶିଶୁ ୧୩୪

୭ ଏପ୍ରିଲ

ଶବ୍ଦର ବ୍ୟବହାର ନ କରି ମଧ୍ୟ ଭାବପ୍ରକାଶ ୧୩୭
ଅସୀମ ଅଗ୍ରଗତି ୧୪୧
ଶବ୍ଦସମୂହ ଓ ପରମ ଶବ୍ଦ ୧୪୪

୧୪ ଏପ୍ରିଲ

ପ୍ରେମ ୧୪୮
ଜଣେ ଆଉ ଜଣକୁ ଯଥାର୍ଥରେ ଭଲ ପାଇ ପାରିବ କି ? ୧୫୦
ମାତାପିତାଙ୍କର ଭଲପାଇବା ୧୫୬

୨୧ ଏପ୍ରିଲ

ଶାରୀରିକ ରୂପାନ୍ତର ୧୬୨
ସହିଷ୍ଣୁତା ଓ ନିଷ୍କ୍ରିୟତା ୧୬୫
ଶରୀର : ପରିପୂର୍ଣ୍ଣତା-ଲାଭର ସବୁଠାରୁ
ଅଧିକ ସାମର୍ଥ୍ୟବାନ୍ ୧୬୮

୨୮ ଏପ୍ରିଲ

ଅଭୀପ୍ସା ଏବଂ ଗ୍ରହଣଶୀଳତା ୧୭୧
ପ୍ରତିରୋଧ ୧୭୩
ପୁରୁଷ ଓ ପ୍ରକୃତି : ପୁଂ ଓ ସ୍ତ୍ରୀ ନୁହେଁ ୧୭୬

୫ ମଇ

ବିଶ୍ୱାସ, ଆସ୍ଥା ଓ ଆତ୍ମ-ପ୍ରତ୍ୟୟ ୧୭୯
ନିଷ୍ଠାହୀନତା ଓ ଅଚେତନା ୧୮୬

୧୨ ମଇ

ପୁରୁଷ ୧୯୧
ସମର୍ପଣ ୧୯୨
ପ୍ରଭାବଗୁଡ଼ିକର ତାରତମ୍ୟ-ବିଚାର ୧୯୩

'oaob.nitrkl.ac.in' images reprocessed

ପରିପୂର୍ଣ୍ଣ ଆନ୍ତରିକତା ୧୯୭

୧୯ ମଇ

ସ୍ନେହ ଓ ପ୍ରେମ ୨୦୦
ଚୈତ୍ୟ ଦର୍ଶନ ୨୦୧
ଦିବ୍ୟପ୍ରେମ ଓ ଗ୍ରହଣଶୀଳତା ୨୦୧
ଅହଂ ଭିତରୁ ବାହାରି ଆସ ୨୦୪

୨୬ ମଇ

ପ୍ରତୀକାତ୍ମକ ସ୍ୱପ୍ନ ୨୧୨
ଚୈତ୍ୟ ବେଦନା ୨୧୪
ସ୍ୱପ୍ନ : ଯେତେବେଳେ ଆମେ ଈଶ୍ୱରଙ୍କୁ ଦେଖୁ ଥାଉ ୨୧୯

୨ ଜୁନ୍

ଜୀବନ-ବଞ୍ଚିବାର ପ୍ରଣାଳୀକୁ ଶିକ୍ଷା କରିବା ୨୨୪
କର୍ମ, ଅଧ୍ୟୟନ ଓ ସାଧନା ୨୨୭
ଶକ୍ତିକ୍ଷୟ ଓ ଚେତନା ୨୩୧

୯ ଜୁନ୍

ସ୍ୱପ୍ନ ଦ୍ୱାରା ପ୍ରକୃତି ବଦଳି ଯାଏ ନାହିଁ ୨୩୩
ଆଶ୍ରମରେ ଆହାରଗତ ଅଭ୍ୟାସ ୨୩୫
ପୃଥିବୀ ଏବଂ ଚୈତ୍ୟସତ୍ତା ୨୩୮
ଲୋକମାନଙ୍କ ସମ୍ବନ୍ଧରେ ମାଆଙ୍କର ସଜ୍ଞାନତା ୨୪୪

୧୬ ଜୁନ୍

ଦିବ୍ୟ ଓ ଅନ୍ୟ ପ୍ରଭାବ ୨୫୦
ପ୍ରତିକୂଳ ଶକ୍ତି ୨୫୧
ଚାରି ବୃହତ୍ ଅସୁର ୨୫୭
ଅଭୀପ୍ସାହିଁ ପରିସ୍ଥିତିଗୁଡ଼ିକର ବିନ୍ୟାସ କରେ ୨୬୦
କେବଳ ଦିବ୍ୟ ପରମସତ୍ତାଙ୍କୁହିଁ ଚାହିଁବା ୨୬୨

'oaob.nitrkl.ac.in' images reprocessed

୨୩ ଜୁନ୍

ମାଂସାହାର ୨୬୪
ମାଆଙ୍କ ପଶୁବା-ବଗିଚ୍ଚର କାହାଣୀ ୨୬୯
ବିଶ୍ୱସ୍ତତା ୨୭୦
ସଚେତନ ନିଦ୍ରା ୨୭୩

୩୦ ଜୁନ୍

ଗୂଢ଼ ବିଦ୍ୟା ୨୮୦
ଧର୍ମ ଓ ପ୍ରାଣିକ ସତ୍ତା ୨୮୬
ଆଶ୍ରମରେ ଘଟୁଥିବା ଘଟଣାଗୁଡ଼ିକ ବିଷୟରେ
ମାଆଙ୍କର ଜ୍ଞାନ ୨୯୨
ମାଆଙ୍କୁ ପ୍ରଶ୍ନ ପଚାରିବା ୨୯୫
ମାଆଙ୍କୁ "ଜାଣିବା" ୨୯୮

୭ ଜୁଲାଇ

ଅନ୍ତରସ୍ଥ ଯୋଦ୍ଧା ୩୦୧
ପରମ କରୁଣା ଓ ମିଥ୍ୟା ୩୦୪
ନିମ୍ନକୁ ଉନ୍ମୋଚନ ଘଟିବା ୩୦୬
ସମର୍ପଣ ଓ ଜଡ଼ତା ୩୦୭
ଐକାନ୍ତିକ ଗ୍ରହଣଶୀଳତା ୩୧୪
ପରମ କରୁଣା ଓ ଗ୍ରହଣଶୀଳତା ୩୧୯

୧୪ ଜୁଲାଇ

ଦିବ୍ୟ ପରମସତ୍ତା ଓ ପରମା ଶକ୍ତି ୩୨୪
ବ୍ୟକ୍ତିଗତ ପ୍ରଚେଷ୍ଟା ୩୨୫
କହିବା ଓ ଭାବିବା ୩୨୮
ସଂଶୟ ... ୩୩୦
ଆତ୍ମଦାନ, ଆତ୍ମୋତ୍ସର୍ଗ ଏବଂ ସମର୍ପଣ ୩୩୪
ମାଆ ଫୁଲଗୁଡ଼ିକୁ ଯେପରି ବ୍ୟବହାର କରନ୍ତି ୩୩୯
ଅଳଙ୍କାର ଓ ସୁରକ୍ଷା ... ୩୪୩

'oaob.nitrkl.ac.in' images reprocessed

୨୧ ଜୁଲାଇ

ଭୁଲ୍ ୩୪୭
ସଫଳତା ... ୩୪୯
ଅସୁରଗଣ ... ୩୫୨
ମାନସିକ ଔଦ୍ଧତ୍ୟ ... ୩୫୪
ଅସୁବିଧା ସୁଯୋଗରେ ପରିଣତ ହେବା ୩୫୫
ମାଆ ଫୁଲଗୁଡ଼ିକୁ ଯେପରି ବ୍ୟବହାର କରନ୍ତି ... ୩୫୯
ପ୍ରତିକୂଳ ଶକ୍ତିଗୁଡ଼ିକ ଦ୍ୱାରା ପରିଚାଳିତ ବ୍ୟକ୍ତିମାନଙ୍କର ପରିବର୍ତ୍ତନ ୩୬୦

୨୮ ଜୁଲାଇ

ଅର୍ଥଶକ୍ତି ୩୬୬
ଅହଂ ଓ ବ୍ୟକ୍ତିସତ୍ତା ୩୭୨
ରୁଚି ... ୩୮୬

୪ ଅଗଷ୍ଟ

ସେବକ ଓ କର୍ମୀ ୩୯୧
ଦୁର୍ବଳତାର ଔଚିତ୍ୟକୁ ପ୍ରମାଣ କରିବା ୩୯୨
ଦିବ୍ୟ ପରମସତ୍ତାଙ୍କର ଲୀଳା ... ୩୯୩
ତୁମେ ଆଶ୍ରମରେ କାହିଁକି ଅଛ ? ... ୩୯୫

୧୧ ଅଗଷ୍ଟ

ବର୍ଜନ ଓ ସୃଜନ ୪୦୧
ଦେବଗଣ ଓ ମନୁଷ୍ୟମାନଙ୍କର ରଚନା ... ୪୦୨
ଲୋକେ ଆପଣାର ବାସନାଗୁଡ଼ିକୁ ନିଜ ଚାରିପାଖରେହିଁ ବହନ କରୁଥାନ୍ତି ... ୪୧୦

୧୮ ଅଗଷ୍ଟ

ମହାଲକ୍ଷ୍ମୀ ୪୧୪
ମହେଶ୍ୱରୀ ... ୪୧୫
ମହାସରସ୍ୱତୀ ... ୪୧୫

'oaob.nitrkl.ac.in' images reprocessed

ନିୟତିବାଦ ଓ ସ୍ୱତନ୍ତ୍ରତା ୪୧୬
ଦୁଃଖସହନ ଓ ଜ୍ଞାନ ୪୨୦
ମାଆଙ୍କର ନାନା ଅନୁଭବ ୪୨୪

୨୫ ଅଗଷ୍ଟ

ମାଆଙ୍କର ଆନନ୍ଦ-ଅନୁଭବ ୪୨୭
ଆଶ୍ରମର ପରିବର୍ତ୍ତିତ ପରିବେଶ ୪୩୩
ବୈରାଗ୍ୟସାଧନା ୪୪୦
ମାଆଙ୍କର ଶରୀର ୪୪୨

୮ ସେପ୍ଟେମ୍ବର

ବିରୋଧକାରୀ ଶକ୍ତି ୪୪୫
ଉପାଦାନ ୪୪୭
ଅଭିନିବେଶ ୪୪୯
ଚେତନାର କେନ୍ଦ୍ରକୁ ବଦଳାଇ ଦେବା ୪୫୨
ଶାନ୍ତି ୪୫୭

୧୫ ସେପ୍ଟେମ୍ବର

ସତ୍ତାର ବିଭିନ୍ନ ଭାଗ ୪୬୦
ଭାବନା ଓ ଆବେଗସବୁ ୪୬୧
ଅବଚେତନ ୪୬୫
ଯଥାର୍ଥ ଶବ୍ଦ-ଉପଯୋଗ ... ୪୬୮
ପରମକରୁଣା ଓ ବାଧାବିଘ୍ନ ୪୬୯

୨୨ ସେପ୍ଟେମ୍ବର

ଅତିମାନସ ସୃଷ୍ଟି ୪୭୭
ରାଜସିକ ଉତ୍ସୁକତା ୪୭୭
ଊର୍ଦ୍ଧ୍ୱରୁ ଆସୁଥିବା ନୀରବତା ୪୭୮
ଅଭୀପ୍ସା ଓ ପ୍ରତ୍ୟାଖ୍ୟାନ ୪୮୦
ଉଦ୍ୟମ, ବ୍ୟକ୍ତିସତ୍ତା ଓ ଅହଂ ... ୪୮୧
ଅଭୀପ୍ସା ଓ ବାସନା ୪୯୦

'oaob.nitrkl.ac.in' images reprocessed

## ୨୯ ସେପ୍ଟେମ୍ବର


ଯଥାର୍ଥ ମନୋଭାବ ୪୯୫
ଦିବ୍ୟ ପରମସତ୍ତା ହିଁ ସବା ଆଗ ୪୯୭
ଦିବ୍ୟ ପରମସତ୍ତାଙ୍କୁ ଖୋଜି ପାଇବା ୪୯୮
ଭୁଲ୍ ... ୪୯୯
ଆବେଗଗୁଡ଼ିକର ପ୍ରତ୍ୟାଖ୍ୟାନ ୫୦୦
ଚେତନାକୁ ବ୍ୟାପ୍ତିଯୁକ୍ତ କରିବା ୫୦୨
ଦୃଢ଼ ସଙ୍କଳ୍ପ ୫୦୫


## ୭ ଅକ୍ଟୋବର


ଯାହା ଘଟୁଛି, ତାହା ସର୍ବୋତ୍ତମ ଫଳ ପାଇଁ ୫୧୦
ଆପଣାକୁ ଦୋଷ ଦେବା ୫୧୧
ଅନୁଭୂତି ୫୧୨
ପ୍ରାଣିକ ବାସନା-ଆତ୍ମା ୫୨୦
ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ୫୨୧
ଭାବନା ଓ ସତ୍ୟ ୫୨୪


## ୧୩ ଅକ୍ଟୋବର


ସାକ୍ଷୀର ସ୍ଥିତି ୫୨୭
ନୀରବ ଅବସ୍ଥା ୫୨୯
"ସବୁ ସେହି ଦିବ୍ୟ ପରମସତ୍ତା"ର ଅନୁଭବ ୫୩୦
ଶରୀର ଅସୁସ୍ଥତାକୁ ସ୍ମରଣ ରଖେ ୫୩୬
ବ୍ୟକ୍ତିଗତ ଦ୍ୱନ୍ଦ୍ୱ ଓ ଦିବ୍ୟ ପରମ ଇଚ୍ଛା ... ୫୪୦


## ୨୦ ଅକ୍ଟୋବର


ପ୍ରତ୍ୟାହାର ... ୫୪୬
ମାଆଙ୍କୁ ପ୍ରଶ୍ନ ପଚାରିବା ୫୪୭
ଧ୍ୟାନ ସମୟରେ ନାନା ପ୍ରତିରୂପ ଦେଖିବା ୫୫୦
ବର୍ଲିଓଜ୍ ... ୫୫୩
ସଙ୍ଗୀତ ୫୫୬
ମାଆଙ୍କର ଅର୍ଗାନ୍-ସଙ୍ଗୀତ ... ୫୫୮
ଅଦୃଷ୍ଟ ... ୫୬୧


'oaob.nitrkl.ac.in' images reprocessed

### ୩ ନଭେମ୍ବର

ଦିବ୍ୟ ପରମସତ୍ତାଙ୍କ ଲାଗି ଶରୀରର ଉନ୍ମୋଚନ ୫୬୪
ହୃତ୍କେନ୍ଦ୍ରରେ ଅଭିନିବିଷ୍ଟ ରହିବା ୫୬୫
ଦିବ୍ୟ ପରମସତ୍ତାଙ୍କ ସେନାବାହିନୀ ୫୬୬
ଅହଂର ଗଣ୍ଠି ୫୬୬
ନିଜର ଇଚ୍ଛାଶକ୍ତିକୁ ଦୃଢ଼ କରିବା ୫୬୮

### ୧୦ ନଭେମ୍ବର

ଅନ୍ତର ଅନୁଭୂତି : କର୍ମର ଭିତ୍ତି ୫୭୧
ପରମା ଶକ୍ତି ଆଡ଼କୁ ଉନ୍ମୋଚିତ ହୋଇ ରହିବା ୫୭୨
ଅଭୀପ୍ସା ଦ୍ୱାରା ବିଶ୍ୱାସ ... ୫୭୩
ମାଆଙ୍କର ପ୍ରତୀକ ୫୭୩
ଅନୁଭୂତିକୁ ମନ ଓ ପ୍ରାଣିକ କାବୁ କରି ନିଅନ୍ତି ୫୭୫
ଆନ୍ତରିକତାର ଅନେକ ମାତ୍ରା ୫୭୬
ଦିବ୍ୟ ପରମଶକ୍ତି ବିଷୟରେ ସଚେତନ ହେବା ୫୭୮

### ୧୭ ନଭେମ୍ବର

ନୈର୍ବ୍ୟକ୍ତିକ ଓ ବ୍ୟକ୍ତିତ୍ୱବାପନ୍ନ ଦିବ୍ୟ ପରମସତ୍ତା ୫୮୧
ଆପଣା ଆଡ଼କୁ ବୁହିଁ ଦେଖିବା ୫୮୨
ବିଶ୍ୱାସ ଓ ଆସ୍ଥା ... ୫୮୪
ଅଭିମାନ ... ୫୮୬
ଦୈହିକ କଷ୍ଟକ୍ଲେଶ ୫୮୮

### ୨୪ ନଭେମ୍ବର

ବାସନାମିଶ୍ରିତ ଅଭୀପ୍ସା ୫୯୩
ଇଚ୍ଛା କରିବା ଓ ବାସନା କରିବା ୫୯୪
ପିଲାମାନେ ଓ ବାସନା ୫୯୬
ଅତିମାନସ ଓ ମନର ଉଚ୍ଚତର ନାନା ସ୍ଥିତି ୬୦୨
ଅତିମାନସ ଅଭିବ୍ୟକ୍ତିର ନାନା ସୋପାନ ୬୦୪


'oaob.nitrkl.ac.in' images reprocessed

୮ ଡିସେମ୍ବର

ବିଶ୍ୱ-ଚେତନା ୬୦୭
"ଜାକୁଣ୍ଡ ଧରିବା" ୬୦୯
ସତ୍ତାର କେନ୍ଦ୍ରସ୍ଥ ଇଚ୍ଛା ୬୧୦
ଏକାତ୍ମକତା ଦ୍ୱାରା ଜାଣିବା ୬୧୩

୧୫ ଡିସେମ୍ବର

ନିଜ ଭିତରେ ଅନେକ ସାକ୍ଷୀ ୬୧୬
ଆଶ୍ରମରେ ଥିବା ପିଲାମାନେ ୬୧୭
ସମାଧି ଓ ଜାଗ୍ରତ ଚେତନା ୬୧୮
ବୈରାଗ୍ୟସାଧନ ୬୨୦
ଶିକ୍ଷା : ସ୍ୱତଃସ୍ଫୂର୍ତ୍ତି ଉଦ୍ୟମ ୬୨୨
ଆଧ୍ୟାତ୍ମିକ ଅନୁଭବ ୬୨୫

୨୨ ଡିସେମ୍ବର

ପ୍ରତିକୂଳ ଶକ୍ତିଗୁଡ଼ିକ ଦ୍ୱାରା ଅଧିକୃତ ହେବା ୬୨୮
ଶୁଦ୍ଧତା ଓ ନୈତିକତା ୬୩୪
ଅନ୍ତିମ ବିଜୟ ଉପରେ ବିଶ୍ୱାସ ୬୩୭
ମାର୍ଗରୁ ଓହରି ଆସିବା ୬୪୦

୨୯ ଡିସେମ୍ବର

ବାଧାବିଘ୍ନ ଓ ପୃଥିବୀ ୬୪୭
ଚୈତ୍ୟସତ୍ତା ଯେଉଁ ଅନୁଭୂତି ପାଇବାକୁ ଇଚ୍ଛା କରେ ୬୪୯
ମୃତ୍ୟୁ ପରେ ୬୫୧
ଅଜ୍ଞାନ ୬୫୩

୩୧ ଡିସେମ୍ବର

୧୯୫୫-୧୯୫୬ : ତିରିଶଟି କଠିନତାର ପୂର୍ଣ୍ଣ ମାସ ... ୬୫୭
ମନୁଷ୍ୟର ଇଚ୍ଛା ଓ ଦିବ୍ୟ ପରମସତ୍ତାଙ୍କର ଇଚ୍ଛା ୬୬୨
ବାଧାବିଘ୍ନ ଓ ଦିବ୍ୟ ପରମସତ୍ତା ୬୬୮

'oaob.nitrkl.ac.in' images reprocessed

# ୨୭ ଜାନୁଆରୀ ୧୯୫୪

ଏହି ପ୍ରବଚନଟି ମାଆ "ଶାରୀରିକ ଶିକ୍ଷା" ଉପରେ ଲେଖିଥିବା ପ୍ରବନ୍ଧଟି ଉପରେ ଆଧାରିତ ।

ମାଆ, ଜଣେ ବ୍ୟକ୍ତିର ଶରୀର-ଗଠନ ତା'ର ଚରିତ୍ରକୁ ମଧ୍ୟ ବ୍ୟକ୍ତ କରୁଥାଏ କି ?

ନା । ଏପରିକି ତୁମେ ଯାହାକୁ ଚରିତ୍ର ବୋଲି କହୁଛ, ତାହା ମଧ୍ୟ ଆଦୌ ଏକ ସରଳ ବ୍ୟାପାର ନୁହେଁ; ଅର୍ଥାତ୍, ଜଣେ ବ୍ୟକ୍ତିର ଚରିତ୍ର ତା'ର ଅସଲ ସ୍ୱରୂପଟିକୁ ଆଦୌ ପ୍ରକାଶ କରୁ ନ ଥାଏ, ମାତ୍ର ତାହା ନାନା ବିଷୟର ପରିଣାମରୂପେହିଁ ଗଠିତ ହୋଇଥାଏ । ଉଦାହରଣସ୍ୱରୂପ, ଜଣେ ବ୍ୟକ୍ତି ମଧ୍ୟରେ କୁଳାଗତତାର ବି ଏକ ଅଭିବ୍ୟକ୍ତି ଘଟିଥାଇପାରେ; ଅର୍ଥାତ୍ ବାପା, ମାଆ ଅଥବା ଦୁହିଁଙ୍କ ପାଖରୁ ଏକତ୍ର ଭାବରେ ଯେଉଁସବୁ ଗୁଣ ତା' ଭିତରକୁ ଆସିଥାଏ, ସେଗୁଡ଼ିକର ମଧ୍ୟ ଏକ ଭିନ୍ନ ପରିଣାମ ଘଟିପାରେ । ସେମାନଙ୍କ ପୂର୍ବରୁ ବି ଯାହାସବୁ ଘଟିଛି, ଅତୀତ ଇତିହାସ, ପିତାମହ ଓ ପ୍ରପିତାମହବର୍ଗ ପ୍ରଭୃତିଙ୍କଠାରୁ ମଧ୍ୟ କେତେକ ଗୁଣ ଉତ୍ତରାଧିକାର ସୂତ୍ରରେ ଆସିଥାଇପାରେ । ତା'ପରେ ଲୋକେ ଅତ୍ୟନ୍ତ ସାନ ଥିବାବେଳେ ଯେଉଁ ପରିବେଶ ମଧ୍ୟରେ ବାସ କରିଥିଲେ ଓ ଯେତେବେଳେ କି ସେମାନଙ୍କର କୌଣସି ସ୍ୱତନ୍ତ୍ରତା ନ ଥିଲା, ସେଥିରୁ ମଧ୍ୟ ନାନା ପ୍ରଭାବ ସେମାନଙ୍କ ଜୀବନରେ ପଡ଼ିଥାଏ । ଚରିତ୍ର ଉପରେ ଏଗୁଡ଼ିକର ଶକ୍ତିଶାଳୀ ପ୍ରଭାବ ପଡ଼ିଥାଏ । ଏବଂ ଚରିତ୍ର ଶାରୀରିକ ଗଠନକୁ ମଧ୍ୟ ପ୍ରଭାବିତ କରେ । ତେଣୁ, ଜଣେ ବ୍ୟକ୍ତିକୁ କେବଳ ବାହାରୁ ଦେଖିକରିହିଁ ଆମେ ତାହାର ପ୍ରକୃତ ସ୍ୱଭାବ ବିଷୟରେ ମୋଟେ କିଛି କହି ପାରିବା ନାହିଁ । ହଁ, ତା'ର ପ୍ରବୃତ୍ତିଗୁଡ଼ିକ ବିଷୟରେ ଆମେ ହୁଏତ କିଛି ବର୍ଣ୍ଣନା ଦେଇ ପାରିବା, ତା'ର ଅସୁବିଧା ଓ ସମ୍ଭାବନାଗୁଡ଼ିକ ବିଷୟରେ କିଛି ନା କିଛି ଜାଣିପାରିବା ସତ, ମାତ୍ର, କେବଳ ଚେତନାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଓ ବିକାଶ କ୍ରମଶଃ ସ୍ୱେଚ୍ଛାପ୍ରଣୋଦିତ ଏବଂ ସଂଗଠିତ ହୋଇଆସିବା ସଙ୍ଗେ ସଙ୍ଗେ ଯାଇ ଶରୀର ଜଣେ ବ୍ୟକ୍ତିର ପ୍ରକୃତ ଚରିତ୍ରକୁ ବ୍ୟକ୍ତ କରି ଆଣିବା ଲାଗି ଆରମ୍ଭ କରିବ ।

'oaob.nitrkl.ac.in' images reprocessed

ଏବଂ, ଯେତେବେଳେ କୌଣସି ଅସୁସ୍ଥତାବଶତଃ ଶରୀର ବିକୃତ ହୋଇଯାଇଥିବ ?

ତାହାକୁ ହୁଏତ ଏକ ଆକସ୍ମିକ ଦୁର୍ଘଟନା ବୋଲି କୁହାଯିବ । ଅନେକ କାରଣରୁ ଏହି ଆକସ୍ମିକ ଦୁର୍ଘଟନାମାନ ଘଟିଥାଏ; ବସ୍ତୁତଃ ବିଶ୍ୱପ୍ରକୃତି ମଧ୍ୟରେ ରହିଥିବା ଶକ୍ତିଗୁଡ଼ିକର ପରସ୍ପର-ସଂଘାତରୁ ଅର୍ଥାତ୍, ଗୋଟିଏ ପାଖରେ ଅଭିବୃଦ୍ଧି ଓ ଅଗ୍ରଗତିର ଶକ୍ତିଚୟ ଏବଂ ଅନ୍ୟପକ୍ଷରେ ବିନାଶର ଶକ୍ତିଚୟଙ୍କ ମଧ୍ୟରେ ଘଟୁଥିବା ଏକ ସଂଘାତ ଫଳରେ ସେଗୁଡ଼ିକ ଘଟନ୍ତି । ଯେତେବେଳେ କୌଣସି ଦୁର୍ଘଟନା ଘଟେ ଏବଂ ତାହାର ନାନା ସ୍ଥାୟୀ ପରିଣାମ ମଧ୍ୟ ରହିଥାଏ, ସେତେବେଳେ ତାହା ସକଳ କ୍ଷେତ୍ରରେ ପ୍ରତିକୂଳ ଶକ୍ତିଗୁଡ଼ିକର ଏକ ଅଲ୍ପବହୁତ ଆଂଶିକ ଜୟଲାଭ ଫଳରେହିଁ ଘଟିଥାଏ; ଅର୍ଥାତ୍, ବିଘଟନ ଓ ବିନାଶର ଶକ୍ତିଗୁଡ଼ିକର ଜୟଲାଭ ଫଳରେ ଘଟିଥାଏ । ତେଣୁ ସେହି ଦିଗଟିକୁ ମଧ୍ୟ ଦେଖିବାକୁ ପଡ଼ିବ ।

ଏପରି କେତେକ ମାର୍ଗ ରହିଛନ୍ତି, ଉଦାହରଣସ୍ୱରୂପ ଏଠାରେ ଥିଓସଫିର ମାର୍ଗଟିକୁ ଗ୍ରହଣ କରାଯାଇପାରେ, ଯେଉଁମାନେ କି କର୍ମକୁ ଏକ ସଂପୂର୍ଣ୍ଣ ପଲ୍ଲବଗ୍ରାହୀ ମାନବୀୟ ଅର୍ଥରେ ବିଚାର କରିଥାନ୍ତି ଓ କହନ୍ତି : "ହଁ, ତୁମକୁ ଏହି ଆକସ୍ମିକ ଦୁର୍ଘଟନାର ସମ୍ମୁଖୀନ ହେବାକୁ ପଡ଼ିଲା, କାରଣ ତୁମର କୌଣସି ଏକ ପୂର୍ବ ଜନ୍ମରେ ତୁମେ କିଛି ଖରାପ କାର୍ଯ୍ୟ କରିଥିଲ ଏବଂ ତାହାହିଁ ଏକ ଆକସ୍ମିକ ଦୁର୍ଘଟନାର ରୂପରେ ତୁମ ଉପରକୁ ଲେଉଟି ଆସିଲା ।" ଏହା ଆଦୌ ସତ ନୁହେଁ, ଏତେଟିକିଏ ବି ଏପରି ନୁହେଁ । ଏହି ନ୍ୟାୟ ମନୁଷ୍ୟର ବୋଧସ୍ତରର ନ୍ୟାୟ, ପ୍ରକୃତିର ନ୍ୟାୟ ନୁହେଁ ଅଥବା ଦିବ୍ୟ ପରମସତ୍ତାଙ୍କର ବି ନ୍ୟାୟ ନୁହେଁ ।

ସ୍ପଷ୍ଟତଃ, ଶରୀରର ଗଠନକୁ ଏହିଭଳି ଏକ ଅର୍ଥରେ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇ ପାରିବ ଯେ, ଉଦାହରଣସ୍ୱରୂପ, ଯଦି ଜଣେ ବ୍ୟକ୍ତିକୁ ସତତ ଏକ ନୈରାଶ୍ୟ, ହତାଶା, ନିରୁତ୍ସାହ, ଜୀବନ ପ୍ରତି ବିଶ୍ୱାସ ଏବଂ ଆସ୍ଥାର ଅଭାବ,—ଏହିପରି ବସ୍ତୁଗୁଡ଼ିକର ପ୍ରଭାବ ମଧ୍ୟରେ ସନ୍ତାପିତ ହୋଇ ରହିବାକୁ ପଡ଼େ, ତେବେ ଏହି ସବୁପାକ ସତେଅବା ତାହାର ଶରୀରୋପାଦାନଟି ମଧ୍ୟକୁ ବି ପ୍ରବେଶ କରେ ଏବଂ ତାହାର ପରିଣାମସ୍ୱରୂପହିଁ ଏକ ଆକସ୍ମିକ ଦୁର୍ଘଟନାର ସମ୍ଭାବନା ରହିଥିବା ବେଳେ କେତେକ ବ୍ୟକ୍ତି କଦାପି ତାହାକୁ ଏଡ଼ି ପାରନ୍ତି ନାହିଁ । ସବୁବେଳେହିଁ ସେମାନଙ୍କ ଜୀବନରେ ଏହିପରି କିଛି ନା କିଛି ଘଟିବାର ଆଶଙ୍କା ରହିଥାଏ; ତାହା ଏକ ଅସୁସ୍ଥତା ହେତୁ ଅଥବା ଏକ ଆକସ୍ମିକ ଦୁର୍ଘଟନା ହେତୁ—ସେମାନେ ତାହାର ଶିକାର ହୁଅନ୍ତି । ଏଠାରେ ତୁମ ଲାଗି ପର୍ଯ୍ୟବେକ୍ଷଣର ଏକ ସମଗ୍ର କ୍ଷେତ୍ର

'oaob.nitrkl.ac.in' images reprocessed

ରହିଛି,—ପ୍ରାୟ ସେହି ସମାନ ବ୍ୟକ୍ତିମାନେହିଁ ସର୍ବଦା ନାନା ଦୁର୍ଘଟଣାର ସମ୍ମୁଖୀନ ହୋଇଥାଆନ୍ତି । ଅନ୍ୟ ବ୍ୟକ୍ତିମାନେ ଠିକ୍ ସେଇ କଥାଗୁଡ଼ିକୁ କରୁଥାନ୍ତି, ଏକ ଦୁର୍ଘଟଣାର ସମ୍ମୁଖୀନ ହେବା ସକାଶେ ସେମାନଙ୍କ ଜୀବନରେ ମଧ୍ୟ ସେତିକି ଆଶଙ୍କା ରହିଥାଏ, ମାତ୍ର ଦୁର୍ଘଟଣା ସେମାନଙ୍କୁ ମୋଟେ ଛୁଇଁବାକୁ ଆସେ ନାହିଁ । ସେମାନଙ୍କର ସ୍ୱଭାବକୁ ଅବଲୋକନ କଲେ ତୁମେ ଦେଖିବାକୁ ପାଇବ ଯେ, ପ୍ରଥମ ଶ୍ରେଣୀର ବ୍ୟକ୍ତିମାନଙ୍କର ନୈରାଶ୍ୟବାଦ ଲାଗି ଏକ ପ୍ରବୃତ୍ତି ରହିଛି ଏବଂ ସେମାନଙ୍କ ଜୀବନରେ କିଛି ନା କିଛି ଅପ୍ରୀତିକର ଘଟଣା ଘଟିବ ବୋଲି ସେମାନେ ଅଳ୍ପ-ବହୁତେ ସବୁବେଳେ ପ୍ରତ୍ୟାଶା କରି ରହିଛନ୍ତି;—ଏବଂ ସେପରି ପ୍ରକୃତରେ ବି ଘଟୁଛି । ନଚେତ୍, ସେମାନଙ୍କ ଭିତରେ ଭୟ ରହିଛି । ଆମେ ସମସ୍ତେ ଜାଣିଛୁ ଯେ, ଜଣେ ବ୍ୟକ୍ତି ଯେଉଁ ବସ୍ତୁଟିକୁ ଭୟ କରୁଥାଏ, ଭୟ ତା'ଲାଗି ସର୍ବଦା ସେହି ବସ୍ତୁଟିକୁ ଆଣି ପହଞ୍ଚାଇ ଦିଏ । ଯଦି ତୁମେ ଆକସ୍ମିକ ଦୁର୍ଘଟଣାକୁ ଭୟ କରୁଥିବ, ତେବେ ତାହା ଚୁମ୍ବକ ପରି କାର୍ଯ୍ୟ କରିବ ଓ ଦୁର୍ଘଟଣାଟିକୁ ତୁମ ଆଡ଼କୁ ଟାଣି ନେଇଆସିବ । ଏହି ଅର୍ଥରେ ହୁଏତ ବୁଝାଯାଇ ପାରିବ ଯେ ଜଣେ ବ୍ୟକ୍ତିର ସ୍ୱଭାବ ଅନୁସାରେ ଏହା ଘଟିଥାଏ । ଏବଂ ଅସୁସ୍ଥତା ବେଳକୁ ମଧ୍ୟ ସେହି କଥା । ଏଭଳି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନେ କି ରୋଗୀମାନଙ୍କ ଭିତରେ ଓ ସଂକ୍ରାମକ ବ୍ୟାଧିମାନ ଲାଗିଥିବା ସ୍ଥାନମାନଙ୍କରେ ବିଚରଣ କରୁଥାନ୍ତି ସତ, ମାତ୍ର ସେମାନେ କେବେ ରୋଗରେ ପଡ଼ନ୍ତି ନାହିଁ । ଏବଂ ଅନ୍ୟମାନେ,—ଯେଉଁମାନଙ୍କ ଲାଗି କୌଣସି ରୋଗୀ ପାଖରେ ହୁଏତ ମାତ୍ର ଘଣ୍ଟାଏ ସମୟ ରହିବାହିଁ ଯଥେଷ୍ଟ ହୋଇଯାଏ ଓ ସେମାନେ ରୋଗରେ ପଡ଼ନ୍ତି । ସେମାନେ ଭିତରେ କିଭଳି ହୋଇ ରହିଛନ୍ତି, ଏକଥା ସେଇଟି ଉପରେ ମଧ୍ୟ ନିର୍ଭର କରେ ।

ଏବଂ, ପିଲାମାନଙ୍କ କ୍ଷେତ୍ରରେ ବି କ'ଣ ସେଇ ଏକା କଥା ?

ସେ ବିଷୟରେ କିଛି କହି ହେବ ନାହିଁ । ଏହା ହେଉଛି ଗୋଟିଏ ନୈତିକ ପ୍ରଶ୍ନ । ଏକ ନୈତିକ ଦୃଷ୍ଟିକୋଣରୁ ସମସ୍ୟାଟିର ବିଚାର କରିବା ମୋଟେ ଉଚିତ ହେବ ନାହିଁ; ଏପରି ମୋଟେ ବୁଝାଯାଇ ପାରିବ ନାହିଁ ଯେ, ଯେଉଁମାନଙ୍କର ସ୍ୱାସ୍ଥ୍ୟ ସବୁବେଳେ ଭଲ ଥାଏ ଓ ଯେଉଁ ପିଲାମାନଙ୍କର କେବେ କିଛି ହୁଏ ନାହିଁ, ସେମାନେ ହେଉଛନ୍ତି "ଭଲ ପିଲା" । ଯେଉଁ ପିଲାମାନେ ଦୁର୍ଘଟଣାରେ ପଡ଼ନ୍ତି ଓ ନାନା ବିପର୍ଯ୍ୟୟରେ ପଡ଼ନ୍ତି, ସେମାନଙ୍କୁ ମଧ୍ୟ "ଖରାପ" ବୋଲି କହିହେବ ନାହିଁ । ଏହା ମୋଟେ ଠିକ୍ ନୁହେଁ । କାରଣ, ମୁଁ ଯେପରି କହୁଥିଲି, ପ୍ରକୃତିର ନ୍ୟାୟ ଆଦୌ ମନୁଷ୍ୟ ନ୍ୟାୟ ସହିତ ସମାନ ନୁହେଁ ଏବଂ ପ୍ରକୃତିର ନ୍ୟାୟବୋଧ (ଯଦି

'oaob.nitrkl.ac.in' images reprocessed

ସେପରି କିଛି ରହିଥାଏ) କଦାପି ମନୁଷ୍ୟର ନ୍ୟାୟବୋଧର ସମତୁଲ ନୁହେଁ । ଆମେ ଯାହାକୁ ଭଲ ଓ ମନ୍ଦ ବୋଲି କହିଥାଉ, ପ୍ରକୃତି ଭିତରେ ତାହାର ପ୍ରାପ୍ୟ କିଛିହେଲେ ନ ଥାଏ । ବରଂ ହୁଏତ ଏପରି କୁହାଯାଇ ପାରିବ ଯେ, ପ୍ରକୃତି ଭିତରେ ଗଠନକାରୀ ଉପାଦାନ ରହିଥାଏ, ବିନାଶକାରୀ ଉପାଦାନ ବି ରହିଥାଏ; ଏଭଳି ଉପାଦାନ ଥାଏ, ଯାହାକି ଆଗକୁ ନେଇଯାଏ ଓ ଆହୁରି ଏଭଳି ଉପାଦାନ ମଧ୍ୟ ଥାଏ, ଯାହା ପଛକୁ ଟାଣିରଖେ । ତାହା ପ୍ରକୃତରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ପୁନଶ୍ଚ, ଏଭଳି ଉପାଦାନମାନ ରହିଥାଏ, ଯାହାକୁ ଦୀପ୍ତିଯୁକ୍ତ, ଆଲୋକିତ, ସୁଖମୟ ଏବଂ ସ୍ମିତଯୁକ୍ତ ବୋଲି କୁହାଯାଇ ପାରିବ; ଏବଂ ଆହୁରି ଅନେକ ଏପରି ଉପାଦାନ ଥାଏ, ଯାହା ଅନ୍ଧକାରାଚ୍ଛନ୍ନ ଓ ନୀରସ ହୋଇ ରହିଥାଏ, ମାନବଦ୍ୱେଷୀ ଓ ଅସନ୍ତୋଷପୀଡ଼ିତ ହୋଇ ରହିଥାଏ, ସତେଅବା ଧୂସରବର୍ଣ୍ଣ ଗ୍ରୀଷ୍ମାଗୁଡ଼ାକ ଭିତରେ ବାସ କରୁଥାଏ । ଦ୍ୱିତୀୟ ଶ୍ରେଣୀଟିହିଁ ଯାବତୀୟ ଅପ୍ରୀତିକର ବିଷୟର ଶିକାର ହୁଅନ୍ତି । ଯେଉଁମାନେ ପ୍ରଫୁଲ୍ଲ ଓ କାନ୍ତିମୟ ହୋଇ ରହିଥାନ୍ତି, (କୌଣସି ଆଧ୍ୟାତ୍ମିକ କାନ୍ତିଯୁକ୍ତତା ନ ଥାଇ ମଧ୍ୟ ସେମାନେ କାନ୍ତିଯୁକ୍ତ ହୋଇପାରନ୍ତି,—ଏହା କେବଳ ଏକ ଉତ୍ତମ ବୋଧ, ସ୍ୱାସ୍ଥ୍ୟସାମ୍ୟ, ଅନ୍ତର୍ଗତ ବିଶ୍ୱାସ ଓ ଜୀବନ ବଞ୍ଚିବାର ଆନନ୍ଦ-ଜନିତ କାନ୍ତିଯୁକ୍ତତା ଓ ପ୍ରଫୁଲ୍ଲତା ମଧ୍ୟ ହୋଇପାରେ), ଯେଉଁମାନେ ଆପଣା ଭିତରେ ଜୀବନ ବଞ୍ଚିବାର ଆନନ୍ଦଟିକୁ ବହନ କରୁଥାନ୍ତି, ସେମାନେ ପ୍ରକୃତି ସହିତ ସମଞ୍ଜସତାଯୁକ୍ତ ହୋଇ ରହିଥାନ୍ତି, ଏବଂ ପ୍ରକୃତି ସହିତ ସମଞ୍ଜସତାଯୁକ୍ତ ହୋଇ ରହିଥିବାରୁ ସାଧାରଣତଃ ଆକସ୍ମିକ ଦୁର୍ଘଟଣାଗୁଡ଼ିକୁ ଏଡ଼ିଯାଇ ପାରନ୍ତି, ରୋଗାଦିରୁ ମୁକ୍ତ ରହନ୍ତି ଏବଂ ଉପସ୍ଥିତ ପୃଥିବୀଟିରେ ସେମାନଙ୍କର ଜୀବନ ଯଥାସମ୍ଭବ ଅଧିକ ସୁଖମୟ ଭାବରେ ବିକଶିତ ହେବାରେ ଲାଗିଥାଏ । ଆଉ କ'ଣ ପଚାରିବାର ଅଛି ?

> "ଏପରି ଏକ ପ୍ରଚଳିତ ବିଶ୍ୱାସ ରହିଛି ଯେ ଦୁର୍ବଳ ଶରୀର ମଧ୍ୟରେହିଁ ଏକ ବିଚକ୍ଷଣ ମନ ଦେଖିବାକୁ ମିଳିଥାଏ ।" ମୁଁ ଏହି କଥାଟିକୁ ବୁଝିପାରୁ ନାହିଁ ।

ଏଗୁଡ଼ିକ ଗତ ଶତାବ୍ଦୀର ଗୋଟିଏ ଗୋଟିଏ ପୁରୁଣା ଧାରଣା । ବର୍ତ୍ତମାନ ସେଗୁଡ଼ିକ ଆଉ ଆଦୌ ଚଳନ୍ତି ହୋଇ ରହି ନାହିଁ । ମାତ୍ର, ଗତ ଶତାବ୍ଦୀର ଶେଷ ଆଡ଼କୁ ଏହିଭଳି ସବୁବେଳେ ବିଶ୍ୱାସ କରାଯାଉଥିଲା ଯେ, ଲୋକମାନେ ଶାରୀରିକ ଦୃଷ୍ଟିରୁ ଯେତେ ଅଧିକ ପରିମାଣରେ ଦୁର୍ବଳଆ ଆଉ ରୋଗିଣା ହୋଇଥିବେ, ସେମାନଙ୍କର ମନର ଶକ୍ତି ସେତେ ଅଧିକ ବିଚକ୍ଷଣ ହେବ, ସେମାନେ ସେତିକି ଅଧିକ ବୁଦ୍ଧିଆ ହୋଇପାରିବେ । କେତେକ ଲୋକ ଏପରି ବି ବ୍ୟାଖ୍ୟା କରୁଥିଲେ

'oaob.nitrkl.ac.in' images reprocessed

ଯେ, ସେମାନେ ଆପଣା ଶରୀରର କ୍ଷେତ୍ରରେ କୌଣସି ଆନନ୍ଦ ଲାଭ କରିପାରୁ ନ ଥିବାରୁହିଁ ସେମାନଙ୍କର ବୁଦ୍ଧି ଶକ୍ତିର ପର୍ଯ୍ୟାପ୍ତ ବିକାଶ ହୋଇପାରିଥିଲା । କାରଣ, ସେମାନେ ଆପଣାର ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବଞ୍ଚିବାକୁ ଏକାନ୍ତ ଅକ୍ଷମ ଥିଲେ ଓ ତେଣୁ ସେମାନଙ୍କର ସକଳ ଧ୍ୟାନ ସେମାନଙ୍କର ମନ ଆଡ଼କୁ ନିୟୋଜିତ ହୋଇ-ପାରୁଥିଲା ଏବଂ ଏହିପରି ଭାବରେହିଁ ସେମାନଙ୍କର ବୁଦ୍ଧିର ବିକାଶ ସମ୍ଭବ ହୋଇଥିଲା । ଏପରିକି, ଏଭଳି ଏକ ସମୟ ବି ଥିଲା; ଯେତେବେଳେ କି କାଳ୍ପନିକ ରୋଗୀ ଦେଖାଯିବାକୁ ଏକ ଫେସନ ବୋଲି ଗ୍ରହଣ କରାଯାଉଥିଲା । ଉଦାହରଣ-ସ୍ୱରୂପ, କବିମାନେ ଏହିଭଳି ଚେହେରାଟିଏ ଧାରଣ କରିବାକୁ ଚେଷ୍ଟା କରୁଥିଲେ । …ତା'ର ମନଟା ଯେ ସମ୍ପୂର୍ଣ୍ଣ ଭାବରେ ପ୍ରଜ୍ୱଳିତ ହୋଇ ରହିଛି, ସେହିପରି ଏକ ଧାରଣା ଦେବା ଲାଗି ଜଣେ କଳାକାରକୁ ମଧ୍ୟ ଟିକିଏ ରୋଗୀ ଦେଖାଯିବାକୁ ପଡୁଥିଲା ! ମାତ୍ର ସେସବୁ ବର୍ତ୍ତମାନ ପୁରୁଣା ହୋଇଗଲାଣି । ମୁଁ ଭାବୁଛି, ତୁମେ ଜନ୍ମଗ୍ରହଣ କରିବା ପୂର୍ବରୁ ମଧ୍ୟ ସେଗୁଡ଼ାକ ପୁରୁଣା ହୋଇଗଲାଣି । ଗତ ଶତାବ୍ଦୀର ଶେଷଭାଗ ଏକ ରୋମାଣ୍ଟିକ୍ ଯୁଗ ଥିଲା । ଉଦାହରଣସ୍ୱରୂପ, ମୁସୋଙ୍କ ପରି ବ୍ୟକ୍ତିମାନେ,—ତୁମେମାନେ କେବେ ମୁସୋଙ୍କ କୌଣସି ଚିତ୍ର ଦେଖିଛ କି ନାହିଁ କେଜାଣି,—ମାତ୍ର ତାଙ୍କର ଚେହେରାଟା ପ୍ରକୃତରେ ଭାରି ଭାବପ୍ରବଣ ଏବଂ ରୋଗିଣା ଦିଶୁଥିଲା । ଏବଂ ନିଜ ପୋଷାକପତ୍ର ଦ୍ୱାରା ସିଏ ଯଥାସମ୍ଭବ ଅଧିକ ଭାବରେ ସେହିପରି ଦେଖାଯିବାକୁ ଚେଷ୍ଟା କରୁଥିଲେ । ସମସ୍ତେ ଭାବୁଥିଲେ ଯେ ତଦ୍ଦ୍ୱାରା ତାଙ୍କ ଚେହେରା ପ୍ରକୃତରେ ଜଣେ କଳାକାର ଓ କବିର ଚେହେରା ପରି ଦିଶୁଥିଲା । ମାତ୍ର ବର୍ତ୍ତମାନ ସେସବୁ ଫେସନ ସମ୍ପୂର୍ଣ୍ଣ ଭାବରେ ଉଠିଗଲାଣି । ଲୋକମାନେ ଏବେ ଏକ ଉତ୍ତମ ଶାରୀରିକ ଭାରସାମ୍ୟ, ଉତ୍ତମ ସ୍ୱାସ୍ଥ୍ୟ, ବଳବାନ୍ ଶରୀରକୁ କାମ୍ୟ ବୋଲି ଅନୁଭବ କରୁଛନ୍ତି ଏବଂ ପିଲାମାନଙ୍କର ଶାରୀରିକ ଶିକ୍ଷା ଦ୍ୱାରା ଏବେ ତାହାର କର୍ଷଣ କରାଯାଉଛି ।

ମୁଁ ଜଣେ ପ୍ରସିଦ୍ଧ ଫରାସୀ ଔପନ୍ୟାସିକଙ୍କର ଗୋଟିଏ କାହାଣୀ (ଏହା ଏକ ଉପନ୍ୟାସ ଥିଲା) ପଢ଼ିଥିଲି । କାହାଣୀଟି ସେହି ପ୍ରାଗୈତିହାସିକ ପ୍ରସ୍ତରଯୁଗର ପୃଷ୍ଠଭୂମି ଉପରେ ଲେଖାଯାଇଥିଲା, ଯେତେବେଳେ କି ମନୁଷ୍ୟ ଗୁମ୍ଫାରେ ବାସ କରୁଥିଲା, ପଶୁଚର୍ମକୁ ବସ୍ତ୍ର କରି ପିନ୍ଧୁଥିଲା ଓ ଖାଦ୍ୟ ତଥା ଆତ୍ମରକ୍ଷା ଲାଗି ଶିକାର କରୁଥିଲା । ଥରେ ଏପରି ଘଟିଲା ଯେ, ସତେଅବା ଅତ୍ୟନ୍ତ ଆକସ୍ମିକ ଭାବରେ ଗୋଟିଏ ପିଲା ଜ୍ୟେଷ୍ଠ ହୋଇ ବା ଅନ୍ତତଃ ଏକ ଶାରୀରିକ ବିକୃତି ସହିତ ବା ସେହିପରି କୌଣସି ଏକ ଅପୂର୍ଣ୍ଣତା ସହିତ ଜନ୍ମଗ୍ରହଣ କରିଥିଲା । ଏବଂ ସାଧାରଣତଃ ସେସବୁ କାଳରେ (କଥାଟି ଏହିପରି ଭାବରେ କଥିତ ହୋଇ ଆସିଛି, ପ୍ରକୃତ କଥା

'oaob.nitrkl.ac.in' images reprocessed

କ'ଣ ମୁଁ ଜାଣି ନାହିଁ) ଶାରୀରିକ ବିକୃତି ନେଇ ଜନ୍ମଗ୍ରହଣ କରୁଥିବା ପିଲାମାନଙ୍କୁ ନଷ୍ଟ କରିଦିଆ ଯାଉଥିଲା, କାରଣ ସେମାନଙ୍କୁ ଏକ ଅନାବଶ୍ୟକ ବୋଝ ପରିହିଁ ମନେ କରାଯାଉଥିଲା । ମାତ୍ର, କୌଣସି ଏକ କାରଣରୁ ଏହି ପିଲାଟିର ମାଆ ତାକୁ ଲୁଚାଇ କରି ରଖିଥିଲା ଓ ତେଣୁ ପିଲାଟି ଜୀବନରେ ରହିପାରିଥିଲା । ଏବଂ, ସେହି ପିଲାଟିର ତ ଶିକାର କରିବା ପାଇଁ ବା ତା'ର ସାଙ୍ଗସାଥୀମାନେ କରି ପାରୁଥିବା 'ଯାବତୀୟ କାର୍ଯ୍ୟ କରିବା ପାଇଁ ସାମର୍ଥ୍ୟ ନ ଥିଲା;—ଏବଂ ତେଣୁ ସିଏ ଆପଣାର ମସ୍ତିଷ୍କର ବିକାଶ କରିବାକୁ ଆରମ୍ଭ କରିଦେଇଥିଲା ଏବଂ ସେହି ସମାଜରେ ସର୍ବପ୍ରଥମ କବିରୂପେ ସେ ଆବିର୍ଭୂତ ହୋଇପାରିଥିଲା । କାରଣ, ଅନ୍ୟମାନେ ଆପଣାର ଶରୀର ଚାଳନା ଦ୍ୱାରା ଯାହାକିଛି ଅଭିବ୍ୟକ୍ତ କରୁଥିଲେ, ସିଏ ସେଗୁଡ଼ିକୁ ଶବ୍ଦ ଦ୍ୱାରା ବ୍ୟକ୍ତ କରିଦେଇ ପାରୁଥିଲା । ତୁମେମାନେ ବୁଝିପାରୁଥିବ, ଏହିସବୁ ଧାରଣାର ମୂଳରେ ଏହି ଅନୁମାନଟି ରହିଆସିଛି ଯେ, ମସ୍ତିଷ୍କଟିଏ ଧାରଣ କରିବାକୁ ହେଲେ ତୁମକୁ ଶରୀରର ବିକାଶକୁ ବନ୍ଦ କରିଦେବାକୁହିଁ ପଡ଼ିବ; ଏବଂ, ଶରୀରର କ୍ଷେତ୍ରରେ ଅଧିକରୁ ଅଧିକ ପୀଡ଼ିତ ଓ ଅସୁସ୍ଥ ରହିଲେ ଯାଇ ବୁଦ୍ଧିର କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତି ସମ୍ଭବ ହେବ । ଏହି ଅନୁମାନଟା ପ୍ରକୃତରେ କେଡ଼େ ନିର୍ବୋଧ କହିଲ !

ଏହି କ୍ଷେତ୍ରରେ କେତେକ ପରିମାଣରେ ଯେ ଏକ ସ୍ୱତନ୍ତ୍ରତା ରହିଛି, ସେଥିରେ କୌଣସି ସନ୍ଦେହ ନାହିଁ । ମୁଁ ଭାବୁଛି, ଗତଥର ତୁମମାନଙ୍କୁ ମୁଁ ଜଣେ ଫରାସୀ କବି ସଲି ପ୍ରୁଧମ୍‌ଙ୍କ କଥା କହୁଥିଲି । ପ୍ରୁଧମ୍ ଏକ ଅତି ସାଂଘାତିକ ରୋଗରେ ପୀଡ଼ିତ ହୋଇ ମରିବାକୁ ଯାଉଥିଲେ । ସେହି ଭୟାନକ ରୋଗରୁ ସିଏ ଦାରୁଣ ଯନ୍ତ୍ରଣା ଭୋଗ କରୁଥିଲେ । ଏବଂ, ଠିକ୍ ସେହି ସମୟରେହିଁ ସେ ତାଙ୍କର ସର୍ବୋତ୍ତମ କବିତାଗୁଡ଼ିକୁ ଲେଖିଥିଲେ ଏବଂ ଆପଣା ବନ୍ଧୁମାନଙ୍କ ଆଗରେ ନିଜର ସର୍ବୋତ୍ତମ କଥାମାନ କହିପାରିଥିଲେ । ତାଙ୍କର ମନ ତାଙ୍କର ଶରୀରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇରହିଥିଲା । ମାତ୍ର ତଥାପି ଏଇଟାକୁ ମଧ୍ୟ ସବୁ କ୍ଷେତ୍ରରେ ଏକ ନିୟମ ବୋଲି ଗ୍ରହଣ କରିବା କଦାପି ଉଚିତ ହେବ ନାହିଁ ।

ପିଲାମାନଙ୍କ ଭିତରେ ଚୈତ୍ୟସତ୍ତା ସର୍ବଦା ପୁରୋଭାଗରେ ରହିଥାଏ, ନୁହେଁ ?

ସେପରି ସବୁବେଳେ ନୁହେଁ । ପରବର୍ତ୍ତୀ ଅବସ୍ଥାର ପର୍ଯ୍ୟାୟରେ, ଯେତେବେଳେ କି ସେମାନେ ବଢ଼ିଉଠନ୍ତି ଏବଂ ସେମାନଙ୍କର ମାନସିକ ବିକାଶ ହୋଇଉଠେ, ତା' ତୁଳନାରେ ଏହି ଅବସ୍ଥାରେ ଚୈତ୍ୟସତ୍ତା ଅଧିକ "ପୁରୋ-

'oaob.nitrkl.ac.in' images reprocessed

ସ୍ୱର୍ଗ"ରେ ଥାଏ। ମାତ୍ର ତଥାପି ଏକଥା ମଧ୍ୟ ବୁଝାଯାଇ ପାରିବ ନାହିଁ ଯେ, ସବୁ ପିଲଙ୍କ ଭିତରେ ଆମେ ଚୈତ୍ୟସତ୍ତ୍ୱଟିକୁ ଅବଶ୍ୟ ଅନୁଭବ କରି ପାରିବା। ଏବଂ, ଏଠି ଆଶ୍ରମର ପରିସ୍ଥିତିକୁ ଆଖିଆଗରେ ରଖି ମଧ୍ୟ ଆମେ ସମ୍ପୂର୍ଣ୍ଣ କଥାଟିର ମୋଟେ ବିଚାର କରିବା ନାହିଁ; କାରଣ, ଯେତେବେଳେ ପିଲମାନଙ୍କୁ ମୋ' ପାଖକୁ ଅଣା ଯାଇଥାଏ, ସେତେବେଳେ ଏଠାରେ ସେମାନଙ୍କ ନାମ ଲେଖାଇବା ଲାଗି ମୁଁ ଏହି ସର୍ତ୍ତଟି ରଖିଥାଏ : ଯଦି ମୁଁ ଚୈତ୍ୟସତ୍ତାକୁ ସେମାନଙ୍କ ଉପରିଭାଗରେ ରହିଥିବାର ଦେଖିବି, ତେବେ ସେମାନଙ୍କୁ ଗ୍ରହଣ କରିନେବି। ମାତ୍ର, ଯଦି ନାନାପ୍ରକାର ବିକୃତ କାର୍ଯ୍ୟକଳାପ ଫଳରେ ସେମାନେ ଆବରଣ ଭିତରେ ଯାଇ ରହିଥିବେ, ତେବେ ମୁଁ ସେମାନଙ୍କୁ ଗ୍ରହଣକରିବି ନାହିଁ। ତେଣୁ, ଏଠାରେ ଯେଉଁ ପିଲମାନେ ରହିଛନ୍ତି, ସେମାନଙ୍କୁ ବ୍ୟତିକ୍ରମ ବୋଲି ବୁଝାଯିବ। ଏମାନଙ୍କୁ ସର୍ବୋତ୍ତମ ବୋଲି ବୁଝାଯିବ, ଏମାନଙ୍କୁ ବଛାହୋଇ ନିଆଯାଇଛି।

ମାତ୍ର ଅନେକ ପିଲ୍ ଏତେ ଲୋଭୀ କାହିଁକି ହୁଅନ୍ତି ?

ପିଲମାନେ କାହିଁକି ଲୋଭୀ ହୁଅନ୍ତି ? ମାତ୍ର ଲୋଭୀ ହେବା ଆଦୌ ଏକ ଅପରାଧ ନୁହେଁ ! ଲୋଭୀ ପିଲ ସଚରାଚର ରହିଛନ୍ତି। ସମ୍ଭବତଃ ସେମାନେ ଯାହା ଖାଉଛନ୍ତି, ତାହା ଉତ୍ତମରୂପେ ହଜମ ହେଉ ନାହିଁ ଏବଂ ସେମାନେ ସେହି କାରଣରୁହିଁ ସବୁବେଳେ ଖାଇବାକୁ ମନ କରୁଛନ୍ତି। ମାତ୍ର ଏହିପରି ଭାବରେ ସେମାନେ ଯାହା ଖାଉଛନ୍ତି, ତଦ୍ଦ୍ୱାରା ସେମାନଙ୍କର କୌଣସି ଲାଭ ହେଉ ନାହିଁ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମୁଦାୟ ବାହ୍ୟ ସତ୍ତାଟି ନାନା ଅସୁବିଧା ଓ ଅଭାବରେ ପରିପୂର୍ଣ୍ଣ ହୋଇ ରହିଛି। ଆମେ ପିଲମାନଙ୍କଠାରେ ମଧ୍ୟ ଠିକ୍ ସେହିକଥା ଦେଖିବାକୁ ପାଇବା। ହୁଏତ ଅଧିକ ଯଥାର୍ଥ ଭାବରେ ତୁମେମାନେ ମୋତେ ବରଂ ଏହି ପ୍ରଶ୍ନଟିକୁ ପଚାରିବ : "ଗୋଟାଏ ଗୋଟାଏ ପିଲ ଏପରି ନୃଶଂସ ହୁଅନ୍ତି କାହିଁକି ?" ସେଇଟା ପ୍ରକୃତରେ ଏକ ଅତ୍ୟନ୍ତ ଭୟାନକ କଥା।…ମାତ୍ର ଅଚେତନା ହେଉଛି ତାହାର କାରଣ। କାରଣ, ସେମାନେ ଯେ ଅନ୍ୟକୁ କଷ୍ଟ ଦେଉଛନ୍ତି, ସେମାନେ ଏହି କଥାଟିକୁ ମଧ୍ୟ ଜାଣିପାରନ୍ତି ନାହିଁ। ଏବଂ ସାଧାରଣତଃ, ଯଦି ଯତ୍ନର ସହିତ ସେମାନଙ୍କୁ ସବୁକଥା ବୁଝାଇ ଦିଆଯାଏ, ବା ନିଜ ଅଭିଜ୍ଞତାରୁ ଯଦି ସେମାନେ ବୁଝିବାକୁ ଆରମ୍ଭ କରନ୍ତି, ତେବେ ପିଲମାନେ ଅବଶ୍ୟ ବୁଝିଯାଆନ୍ତି। ଯେଉଁ ପିଲମାନେ ଜନ୍ତୁମାନଙ୍କ ସହିତ ନିର୍ମମ ବ୍ୟବହାର କରନ୍ତି (ଅନେକ ପିଲ ଏପରି କରନ୍ତି), ତାହାର କାରଣ ହେଉଛି ଯେ ସେମାନଙ୍କର ମଧ୍ୟ ମଣିଷଙ୍କ ପରି ଅନୁଭବ କରିବାର ଶକ୍ତି ରହିଛି ବୋଲି ଏହି ପିଲମାନେ ପ୍ରକୃତରେ ଜାଣି ନ ଥାଆନ୍ତି। ଜନ୍ତୁମାନଙ୍କୁ ଚିମୁଟିଲେ, ସେମାନଙ୍କର ବାଳ ଟାଣିଲେ

'oaob.nitrkl.ac.in' images reprocessed

କିଂବା ସେମାନଙ୍କୁ ମାରିଲେ ସେମାନଙ୍କୁ ପ୍ରକୃତରେ କଷ୍ଟହୁଏ ବୋଲି ଯଦି ସେମାନଙ୍କୁ ବୁଝାଇ ଦିଆଯାଏ, ଅଥବା, ଦରକାର ହେଲେ, ଏସବୁ କରିବା ଦ୍ୱାରା କିପରି ଆଘାତ ଲାଗେ, ଯଦି ପିଲାମାନଙ୍କର ନିଜ ଶରୀର ଉପରେ ତାହାକୁ ପରୀକ୍ଷା ଦ୍ୱାରା ଦେଖାଇ ଦିଆଯାଏ, ତେବେ ପିଲାମାନେ ଆଉ ସେସବୁ କାର୍ଯ୍ୟ ମୋଟେ କରିବେ ନାହିଁ !

ଜଣେ ଜଣେ ବିଶେଷ ଭାବରେ ଦୁଷ୍ଟ ସ୍ୱଭାବର ଥାଆନ୍ତି । ସେମାନେ ଏକ ପ୍ରତାରଣାକାରୀ ସ୍ୱଭାବ ମଧ୍ୟରେ ରହିଥାଆନ୍ତି । ଏବଂ ବେଳେବେଳେ ଅତି ଶୈଶବରୁହିଁ ସେମାନଙ୍କ ଭିତରେ ତାହାର ପ୍ରମାଣ ମିଳିଯାଏ ଏବଂ, କୌଣସି ଘଟଣା ଦ୍ୱାରା ସେମାନଙ୍କର ପରିବର୍ତ୍ତନ ନ ଘଟିଲେ, ସେମାନେ ଜୀବନସାରା ସେହିପରି ହୋଇ ରହିଯାଆନ୍ତି । ମାତ୍ର ସେହି ପରିବର୍ତ୍ତନ ଘଟିବା ମୋଟେ ସହଜ ନୁହେଁ ।

ଶରୀର ଓ ଚୈତ୍ୟସତ୍ତା ମଧ୍ୟରେ ଏବଂ ମନ ଓ ପ୍ରାଣିକ ମଧ୍ୟରେ ଗୋଟାଏ ପ୍ରକାରର ସୂତ୍ର ଲାଗି ରହିଥାଏ । ଏକ ମାନସିକ ସତ୍ତା ଅନେକ ସମୟରେ ଅତ୍ୟନ୍ତ ପରିମାଣରେ ପ୍ରାଣିକ ହୋଇ ମଧ୍ୟ ରହିଥାଏ । କୌଣସି ଚୈତ୍ୟସତ୍ତା ଅନେକ ସମୟରେ ଶାରୀରିକ ହୋଇ ମଧ୍ୟ ରହିଥାଏ । ପିଲାମାନଙ୍କ ଭିତରେ ଏହି ଚୈତ୍ୟ ଚେତନା ପୁରୋଭାଗରେ ଅବସ୍ଥିତ ଥାଏ, ଏବଂ ସେହି କାରଣରୁହିଁ ସେମାନେ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ଶରୀରସ୍ଥ ହୋଇହିଁ ବାସକରୁଥାଆନ୍ତି । ମାତ୍ର ଯେମିତି ମନର ବିକାଶ ହେବାକୁ ଆରମ୍ଭ କରେ, ପ୍ରାଣିକ ସହିତ ସୂତ୍ର ସ୍ଥାପନ କରିବାର ପ୍ରବୃତ୍ତିଟି ମଧ୍ୟ ସେମିତି ବିକଶିତ ହୋଇଆସେ, ତହିଁ ସଙ୍ଗେ ସଙ୍ଗେ ଆନୁଷଙ୍ଗିକ ସକଳ ବିକୃତି ମଧ୍ୟ ବିକଶିତ ହୁଏ । ଯେଉଁ ବ୍ୟକ୍ତିମାନେ ନାରୀ ଓ ପୁରୁଷ ମଧ୍ୟରେ ଅତ୍ୟନ୍ତ ତୀବ୍ର ଭାବରେ ପାର୍ଥକ୍ୟଗୁଡ଼ିକର ଅନୁଭବ କରିଥାଆନ୍ତି (ସେମାନେ ସେଭଳି କାହିଁକି କରନ୍ତି କେଜାଣି ? କାରଣ, ନାରୀ ଓ ପୁରୁଷ କେହି କାହାଠାରୁ ଆଦୌ ଊଣା ନୁହେଁ), ସେମାନେ ପୁରୁଷକୁ ମାନସିକ ଓ ପ୍ରାଣିକ ବୋଲି କହନ୍ତି ଓ ନାରୀକୁ ଦେହସ୍ଥ ଏବଂ ଚୈତ୍ୟ ବୋଲି କହିଥାଆନ୍ତି । ଏଥିରେ ଅବଶ୍ୟ କିଛି ସତ୍ୟ ରହିଛି । ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ବି ନାହିଁ ଯେ, ଏଥିମଧ୍ୟରେ ସମ୍ଭାବ୍ୟ ଯାବତୀୟ ବ୍ୟତିକ୍ରମ ଓ ଜଟିଳତା ମଧ୍ୟ ନିହିତ ହୋଇ ରହିଛି । ଏହାକୁ ସାଧାରଣତଃ ଭାରି ସ୍ୱେଚ୍ଛାକୃତ ଭାବରେ ସରଳ କରି ଦିଆଯାଇଥାଏ । ବସ୍ତୁତଃ, ଭୌତିକ ସତ୍ତାର ଏକ ସରଳତା ରହିଛି, ଏପରିକି ଏକ ସଚ୍ଛତା ମଧ୍ୟ ରହିଛି, (ଅବଶ୍ୟ ତାହା ସର୍ବଦା ଅତ୍ୟନ୍ତ ପରିମାଣରେ ସନ୍ଦୀପ୍ତ ଅବସ୍ଥାରେ ନ ଥାଏ); ମାତ୍ର ତଥାପି ଏକ ସରଳତା ଓ ସଚ୍ଛତା ଅବଶ୍ୟ ରହିଥାଏ, ଯାହାକି ତାକୁ ପ୍ରାଣିକର ସକଳ ଆବେଗପ୍ରବଣତା ବା ମନର ଛଳନାଠାରୁ

'oaob.nitrkl.ac.in' images reprocessed

ଚେତନାର ଅପେକ୍ଷାକୃତ ଅଧିକ ନିକଟସମ୍ବନ୍ଧିତ କରି ରଖିଥାଏ । ସମ୍ଭବତଃ, ଠିକ୍ ସେହି କାରଣରୁହିଁ ପିଲାମାନଙ୍କ ଭିତରେ ଏହି ଚୈତ୍ୟ ଅପେକ୍ଷାକୃତ ଅଧିକ ପରିମାଣରେ ଏକ ସ୍ଥିତିର ବି ଅନୁଭବ କରୁଥାଏ, କାରଣ ତାହା ମାନସିକ ତଥା ପ୍ରାଣିକ ପରସ୍ପର ବିରୋଧଗୁଡ଼ିକର ଧକ୍କା ଦ୍ୱାରା ଅପେକ୍ଷାକୃତ କମ୍ ନିରନ୍ତର ଉତ୍ପୀଡ଼ିତ ହୋଇ ରହିଥାଏ ।

ଚୈତ୍ୟସତ୍ତା ପ୍ରକୃତରେ ପୁରୋଭାଗରେ ରହିଛି କି ନାହିଁ, ସେକଥା ଜାଣିହେବ କିପରି ?

କିଏ ଜାଣିବ ? କିଏ ? …ଏହି କଥାଟି କ'ଣ ଅନୁଭବ କରି ହୁଏ ନାହିଁ ? ତୁମେ କ'ଣ ତାହା କେବେ ଅନୁଭବ କର ନାହିଁ ? ଏଠାରେ ମୁଁ ଆଦୌ କୌଣସି ସାନ ପିଲା ବିଷୟରେ କହୁ ନାହିଁ, କାରଣ ନିରୀକ୍ଷଣ ଏବଂ ପର୍ଯ୍ୟବେକ୍ଷଣ ଲାଗି ଗୋଟିଏ ସାନ ପିଲାର ମୋଟେ କୌଣସି ସାମର୍ଥ୍ୟ ନ ଥାଏ, ତା' ଭିତରେ ପର୍ଯ୍ୟବେକ୍ଷଣ କରିବାର ଶକ୍ତିଟିର ଅଭାବ ରହିଥାଏ । ମାତ୍ର, ଯେତେବେଳେ ପିଲାବୟସ ଚାଲିଯାଏ, ସେତେବେଳେ କ'ଣ ସେହି କଥାଟି ଅନୁଭବ କରିହୁଏ ନାହିଁ ? ସେତେବେଳେ କ'ଣ ପାର୍ଥକ୍ୟଟିକୁ ମୋଟେ ବୁଝିହୁଏ ନାହିଁ ?… (ପିଲାଟି ସମ୍ମତି ଜଣାଇ ମୁଣ୍ଡ ହଲାଇଲା)…ଦେଖିଲ…ତୁମ ଭିତରୁ ଏପରି ଜଣେ ବି କେହି ନାହିଁ, ଯିଏକି ମୋତେ ଏକଥା କହିବାକୁ ସାହସ କରିବ ଯେ ଚୈତ୍ୟର ଉପସ୍ଥିତି ସମୟରେ ଆଦୌ କୌଣସି ପାର୍ଥକ୍ୟ ଅନୁଭବ କରିହୁଏ ନାହିଁ । ଯେତେବେଳେ ଆପଣା ଭିତରେ ଅନେକ ଅଧିକ ଭଲ ଲାଗୁଥାଏ, ଯେତେବେଳେ ନିଜ ଭିତରେ ଜଗତ ଲାଗି ଆଲୋକ, ଆଶା, ସଦିଚ୍ଛା, ଉଦାରତା ଓ ସମ୍ବେଦନା ପରିପୂର୍ଣ୍ଣ ହୋଇ ରହିଥାଏ, ଯେତେବେଳେ ଜୀବନ ବିସ୍ମୟମୟତା, ଅଗ୍ରଗତି ଏବଂ ଉପଲବ୍ଧିରହିଁ ଏକ କ୍ଷେତ୍ରରୂପେ ଦୃଷ୍ଟିଗୋଚର ହେଉଥାଏ, ସେତେବେଳେ ପାର୍ଥକ୍ୟଟିକୁ ଅନୁଭବ କରିହୁଏ ନାହିଁ ବୋଲି କେହି କଦାପି କହିପାରିବ ନାହିଁ । ଯେଉଁ ଦିନଗୁଡ଼ିକରେ ଆପଣାକୁ ଭାରି ବିରକ୍ତଗ୍ରସ୍ତ ଓ ଅନିଚ୍ଛାପୀଡ଼ିତ ପରି ମନେ ହେଉଥାଏ, ଯେତେବେଳେ ସବୁକିଛି ଅସୁନ୍ଦର ଲାଗେ, ଅପ୍ରୀତିକର ଓ ଖରାପ ଲାଗୁଥାଏ, ଯେତେବେଳେ କାହାକୁ ଭଲପାଇ ହେଉ ନ ଥାଏ, ସବୁକିଛି କେବଳ ଭାଙ୍ଗିଦେବାକୁ ମନହୁଏ, ରାଗ ଲାଗୁଥାଏ, ବଡ଼ ଅସ୍ୱସ୍ତି ଲାଗେ ଏବଂ ଭିତରେ ସତେଅବା ଭାରି ଶକ୍ତିହୀନ ଓ ଆନନ୍ଦଶୂନ୍ୟ ପରି ଲାଗୁଥାଏ, ସେହି ଅବସ୍ଥାଟିର ତୁଳନାରେ କ'ଣ ଏହି ଅନ୍ୟ ଅବସ୍ଥାଟି ଆଦୌ କୌଣସି ପ୍ରକାରେ ପୃଥକ୍ ବୋଲି ଅନୁଭବ ହୁଏ ନାହିଁ ? ଏକ ପାର୍ଥକ୍ୟ ଅବଶ୍ୟ ଅନୁଭୂତ ହୁଏ, ନୁହେଁ କି ?

'oaob.nitrkl.ac.in' images reprocessed

ହୁଏତ ପାର୍ଥକ୍ୟ ଅନୁଭୂତ ହୋଇପାରେ; ମାତ୍ର ଚୈତ୍ୟ ଯେ ପ୍ରକୃତରେ ଏକ ଅନ୍ୟ ବସ୍ତୁ, ସେକଥା ମୋତେ ବୁଝିହୁଏ ନାହିଁ ।

ହଁ, ଯଦି ଚୈତ୍ୟ ବା ପ୍ରାଣିକ ଗୋଟିଏ ଗୋଟିଏ କଣ ଭିନ୍ନ ବସ୍ତୁ, ସେକଥା ତୁମକୁ କେହି ଶିଖାଇଦେଇ ନ ଥିବେ, ତେବେ ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ତୁମର କଦାପି ସେଇଟି ବିଷୟରେ କୌଣସି ଧାରଣା ହୋଇପାରିବ ନାହିଁ । ତୁମେ ହୁଏତ କହୁଥିବ, "ଆଜି ଭଲ ଲାଗୁଛି, କାଲି ମୋତେ ଭଲ ଲାଗୁ ନ ଥିଲା ।" ମୋତେ ଚଉଦବର୍ଷ ହେବାଯାଏ ମୁଁ ଏହିସବୁ କଥା ଆଦୌ କିଛି ଜାଣି ନ ଥିଲି, ମାତ୍ର ତଥାପି ଏହି ଗତିସ୍ପନ୍ଦନଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଅତ୍ୟନ୍ତ ଭଲ ଭାବରେ ନିରୂପଣ କରିଦେଇ ପାରୁଥିଲି । ସେତେବେଳେ ମୁଁ ଏସବୁ ଶବ୍ଦଗୁଡ଼ିକୁ ବ୍ୟବହାର କରୁ ନ ଥିଲି, କାରଣ ମୋତେ କେହି ଏଗୁଡ଼ିକୁ ଶିଖାଇ ନ ଥିଲେ ଓ ମୁଁ ସେତେବେଳେ ଆଦୌ କିଛିହେଲେ ଅଧ୍ୟୟନ କରି ନ ଥିଲି । ମାତ୍ର ତଥାପି ବିଭିନ୍ନ ମୁହୂର୍ତ୍ତଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭବ କରିପାରୁଥିଲି; ମୁଁ ଚେତନାର ଠିକ୍ କେଉଁ ସ୍ଥିତିଟିରେ ରହିଛି, ସେକଥାଟିକୁ ଅନୁଭବ କରି ପାରୁଥିଲି ।

ମାତ୍ର, ତୁମେସବୁ ଯେଉଁମାନେ ଏଠାରେ ରହିଛ, ଯାହାସବୁ ଶୁଣିଛ, ଯାହାସବୁ ଅଧ୍ୟୟନ କରିଛ ଓ ମୁଁ ତୁମମାନଙ୍କୁ ଯାହାସବୁ ଶିକ୍ଷା ଦେଇଛି, ସେଥିରୁ ତୁମ ନିଜ ଭିତରେ ହେଉଥିବା ଗତିସ୍ପନ୍ଦନଗୁଡ଼ିକ ସହିତ ଅବଶ୍ୟ ପରିଚିତ ହୋଇ ରହିଥିବ ଏବଂ ସେଗୁଡ଼ିକ ଉପରେ ଗୋଟିଏ ଗୋଟିଏ ଲେବେଲ ପରିଚୟପତ୍ର ମାରିଦେଇ ପାରିବ ଯେ—ଏଇଟି ଏହା, ସେଇଟି ତାହା ।

ଯେଉଁଦିନ ତୁମେମାନେ ଉତ୍ତମ ସ୍ୱାସ୍ଥ୍ୟରେ ରହିଥାଅ ଓ ଆଉ ଯେଉଁଦିନ ତୁମର ଦେହ ଆଦୌ ଭଲ ନ ଥାଏ, ସେକଥା କ'ଣ ତୁମେ ଆଦୌ ଜାଣିପାର ନାହିଁ ? ଶାରୀରିକ ଭାବରେ,—ଶାରୀରିକ ଭାବରେ କ'ଣ ଆଦୌ ଜାଣିପାର ନାହିଁ ?

ହଁ, ଶାରୀରିକ ଭାବରେ ଅବଶ୍ୟ ଜାଣିପାରୁ ।

ଶାରୀରିକ ଭାବରେ ନିଶ୍ଚୟ ଜାଣ, ନୁହେଁ ? ସକାଳେ ଉଠିବା ସମୟରେ, ସେଦିନ ଭାରସାମ୍ୟଟି ଠିକ୍ ରହିଛି କି ନାହିଁ, ସେକଥା ତୁମେ କହି ପାରିବ ତ ?

ଏହା ଗୋଟିଏ ଦିନରୁ ଆଉ ଗୋଟିଏ ଦିନ ବଦଳିଯିବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

ହଁ, ସତକଥା; ତାହା ସର୍ବଦା ବଦଳିବାରେ ଲାଗିଥାଏ । ଏପରିକି ସେହି ଗୋଟିଏ ଦିନରେ ମଧ୍ୟ କେତେ ପ୍ରକାରେ ବଦଳୁଥାଏ । ମାତ୍ର, ତୁମେ ଯେତେବେଳେ ଠିକ୍ ବିଛଣାରୁ ଉଠିଥାଅ, ଯେତେବେଳେ ବିଛଣାରୁ ଉଠି ଦିନଟିକୁ ଆରମ୍ଭ କରିବାକୁ ଯାଉଥାଅ, ସେତେବେଳେ କ'ଣ ତୁମେ ଦିନଟିକୁ ସର୍ବଦା ସେହି ଏକାପରି ଆରମ୍ଭ କର ?

ନା ।

ହଁ, ଏପରି ଗୋଟିଏ ଗୋଟିଏ ଦିନ ଥାଏ, ଯେଉଁଦିନ କି ତୁମକୁ ସବୁକିଛିରେ ସମ୍ପୂର୍ଣ୍ଣ ସମଞ୍ଜସତା ରହିଥିବା ପରି ମନେ ହେଉଥାଏ, ଏବଂ ଆଉ ଦିନେ ଦିନେ ସତେଅବା ଚକରେ ପଡ଼ି ପେଷି ହୋଇ ଯାଉଥିବା ପରି ଲାଗୁଥାଏ । ସବୁକିଛି ତୁମ ଭିତରେ ପେଷି ହୋଇଯିବାରେ ଲାଗିଥାନ୍ତି, ମୋଟେ ସଚଳ ହୋଇପାରୁ ନ ଥାନ୍ତି । ହଁ, ପ୍ରକୃତରେ ସେହିପରି ହେବାରେ ଲାଗିଥାଏ । ଯଦି ତୁମେ ତାହାକୁ ଶାରୀରିକ ସ୍ତରରେ, ନିଜ ଶରୀରର କ୍ଷେତ୍ରରେ ଅବଲୋକନ କରିପାରିବାକୁ ସମର୍ଥ ହେବ, ତେବେ ତା'ପରେ ଆପଣାର ଇନ୍ଦ୍ରିୟବୋଧ ଓ ଅନୁଭବଗୁଡ଼ିକର କ୍ଷେତ୍ରରେ (ଗୋଟିଏ ପ୍ରକାରର ଅନ୍ତର୍ଗତ ସଚେତନତା) ମଧ୍ୟ ତାହା କରିପାରିବ ଏବଂ ତା'ପରେ ତୁମେ ନିଜର ମସ୍ତିଷ୍କ ଉପରେ ମଧ୍ୟ ଦୃଷ୍ଟିପାତ କରିପାରିବ, ତୁମର ମସ୍ତିଷ୍କ ପରିଷ୍କାର ରହିଛି ଅଥବା ଧୂମାଚ୍ଛନ୍ନ ରହିଛି, ସେକଥା ମଧ୍ୟ ଦେଖି ପାରିବ । ବୁଝିଲ ?

ହଁ ।

ତେଣୁ ଏହା ଠିକ୍ ସେହିଭଳି କଥା ।

ସତ୍ତାର ଠିକ୍ କେଉଁ ଅଂଶଟିରେ ଏହି ପର୍ଯ୍ୟବେକ୍ଷଣ-ଶକ୍ତିର ବିକାଶ ହୋଇଥାଏ ?

ମୁଁ ଭାବୁଛି, ପର୍ଯ୍ୟବେକ୍ଷଣର ଏହି ଶକ୍ତି ସତ୍ତାର ସକଳ ଅଂଶରେ ବିକାଶ ଲାଭ କରେ । ପର୍ଯ୍ୟବେକ୍ଷଣର ଏକ ମାନସିକ ଶକ୍ତି ଥାଇପାରେ, ଏକ ପ୍ରାଣିକ ଶକ୍ତି ବି ଥାଇପାରେ, ଏକ ଶାରୀରିକ ଶକ୍ତି ମଧ୍ୟ ଥାଇପାରେ । ଉଦାହରଣସ୍ୱରୂପ, ଯେତେବେଳେ ତୁମେ କେତୋଟି ଧାରଣା, ପଂକ୍ତି ବାନ୍ଧି ରହିଥିବା ଧାରଣାଗୁଡ଼ିକୁ ଓ ସେହି ଧାରଣାଗୁଡ଼ିକର ଯୁକ୍ତିଯୁକ୍ତତାକୁ ଅବଲୋକନ କରିବାରେ ଲାଗିଥାଅ, ତୁମ ଅବଲୋକନର ସେହି ସାମର୍ଥ୍ୟଟିକୁ କ୍ରୀଡ଼ାପ୍ରଦର୍ଶନ କରୁଥିବା ତୁମର ଜଣେ ବନ୍ଧୁଙ୍କୁ ଦେଖୁଥିବାର ଏବଂ ସିଏ ଅଙ୍ଗପ୍ରତ୍ୟଙ୍ଗର ସଞ୍ଚାଳନଗୁଡ଼ିକୁ ସେହି ସମୟରେ ଯଥାର୍ଥ

'oaob.nitrkl.ac.in' images reprocessed

ଭାବରେ କରିପାରୁଛନ୍ତି କି ନାହିଁ, ସେଇଟିକୁ ଦେଖୁଥିବାର ଅବଲୋକନ କରିବାର ସାମର୍ଥ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ସମାନ ବୋଲି କଦାପି କୁହାଯାଇ ପାରିବ ନାହିଁ । ଅର୍ଥାତ୍, ଏହି ଉଭୟ କ୍ଷେତ୍ରରେ ଅବଲୋକନ କରିବାର ସାମର୍ଥ୍ୟ ଅବଶ୍ୟ ରହିଥାଏ ସତ, ମାତ୍ର ତାହା ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାରେ ଲାଗିଥାଏ । ସେତେବେଳେ ସତ୍ତାର ଗୋଟିଏ ଭାଗ ଅନ୍ୟ ଭାଗଗୁଡ଼ିକୁ ଅବଲୋକନ କରୁଛି ବୋଲି ଆଦୌ କୁହାଯିବ ନାହିଁ । ଏହି କ୍ଷେତ୍ରରେ ସତ୍ତାର ପ୍ରତ୍ୟେକ ଭାଗରେ ଅବଲୋକନର ସାମର୍ଥ୍ୟଟି ବିକାଶ ଲାଭ କରିଥାଏ,—ଅର୍ଥାତ୍, ସଚେତନତା ଏବଂ ଅନ୍ତର୍ଦର୍ଶନର ସାମର୍ଥ୍ୟ ବିକାଶ ଲାଭ କରିଥାଏ । କାରଣ, ଅବଲୋକନର ଏହି ସାମର୍ଥ୍ୟକୁ ବିବେଚନର ସାମର୍ଥ୍ୟଟି ସହିତ ଏକାଠି କରି ମିଶାଇ ଦେଲେ ମୋଟେ ଠିକ୍ ହେବ ନାହିଁ । ବିବେଚନା ବୁଦ୍ଧିଗତ କ୍ଷେତ୍ରର ଏକ ସାମର୍ଥ୍ୟ । ଏହି କ୍ଷେତ୍ରରେ ଗୋଟାଏ ପ୍ରକାରର ବିଚାରଣା ଅବଶ୍ୟ ରହିଥାଏ, ତାହାକୁ ଆମେ "ବିବେକ" ବୋଲି କହିଥାଉ : ତଦ୍ଦ୍ୱାରା ତୁମେ ଗୋଟିଏ ବସ୍ତୁର ଉତ୍ସ ଓ ଆଉ-ଗୋଟିଏ ବସ୍ତୁର ଉତ୍ସ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ନିରୂପଣ କରି ଦେଖାଇ ଦେଇପାର, ଏହି ବସ୍ତୁଗୁଡ଼ିକର ପାରସ୍ପରିକ ମୂଲ୍ୟଟିକୁ ମଧ୍ୟ ନିର୍ଣ୍ଣୟ କରି ଦେଖାଇ ଦେଇପାର । ମାତ୍ର ତାହା ଏକ ନିର୍ଭୁଲ ପର୍ଯ୍ୟବେକ୍ଷଣ ଉପରେ ଆଧାରିତ ହୋଇ ରହିଥିବା ଆବଶ୍ୟକ । ପ୍ରଥମେ ପର୍ଯ୍ୟବେକ୍ଷଣ ବା ଅବଲୋକନର ସାମର୍ଥ୍ୟ, ତା'ପରେ ଯାଇ ବିବେଚନା ।

ଚୈତ୍ୟ ସ୍ତରରେ ମଧ୍ୟ ଅବଲୋକନର ଏକ ସାମର୍ଥ୍ୟ ରହିଛି କି ?

*ତା'ଠାରୁ ଆହୁରି ଅଧିକ କିଛି ରହିଛି । ବସ୍ତୁଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ* ଦେଖି ପାରିବାର ସାମର୍ଥ୍ୟ ରହିଛି । ତାହାକୁ ଆମେ ଏପରି ଗୋଟିଏ ଦର୍ପଣ ପରି କଳ୍ପନା କରିପାରିବା, ଯାହାଉପରେ କି ଯାବତୀୟ ବସ୍ତୁର ପ୍ରତିଫଳନ ହେଉଥାଏ; ସେହି ବସ୍ତୁଗୁଡ଼ିକ ଯାହାକିଛି ହୋଇଥିଲେ ମଧ୍ୟ ସେଗୁଡ଼ିକର ପ୍ରତିଫଳନ ହେଉଥାଏ । ମାତ୍ର, କୌଣସି ପ୍ରକାର ବିକୃତି ବହନ କରୁ ନ ଥିବା ଅଧିକାଂଶ ପିଲା ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେହି ସାମର୍ଥ୍ୟଟିର ଅଧିକାରୀ ହୋଇ ରହିଥାନ୍ତି । ଉଦାହରଣସ୍ୱରୂପ, ସେମାନଙ୍କ ପାଖକୁ ଆସୁଥିବା ବ୍ୟକ୍ତିମାନଙ୍କର ପରିବେଶଟି ବିଷୟରେ ସେମାନଙ୍କର ପ୍ରଭୂତ ଗ୍ରହଣଶୀଳତା ରହିଥାଏ । ଏପରି ଅନେକ ପିଲା ଅଛନ୍ତି, ଯେଉଁମାନେ କି, ଆପାତତଃ ଆଦୌ କୌଣସି କାରଣ ନ ଥିଲେ ମଧ୍ୟ ଜଣେ ମଣିଷକୁ ଦେଖିବା ମାତ୍ରକେ ତା'ପାଖକୁ ଦଉଡ଼ି ଯାଆନ୍ତି ଓ ଆଉ ଜଣେ ବ୍ୟକ୍ତିକୁ ଦେଖିଲେ ତା'ପାଖରୁ ଭୟରେ ଦଉଡ଼ି ପଳାନ୍ତି । ତୁମେ ସେହି ଦୁଇଜଣଙ୍କୁହିଁ ସମାନ ଭାବରେ ଭଲ ବା ମନ୍ଦ ବୋଲି କହିଥାଅ, ସେହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ମୋଟେ କୌଣସି ତାରତମ୍ୟ କର ନାହିଁ । ମାତ୍ର, ଗୋଟିଏ କ୍ଷେତ୍ରରେ ପିଲା ତତ୍‌କ୍ଷଣାତ୍ ବ୍ୟକ୍ତି ଦ୍ୱାରା ଆକର୍ଷିତ ହୋଇ ତା'ପାଖକୁ ଦଉଡ଼ିଯାଏ ଏବଂ ଆଉ ଗୋଟିଏ କ୍ଷେତ୍ରରେ, ତୁମେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ସିଏ କାନ୍ଦିବାକୁ ଆରମ୍ଭ କରିଦିଏ, କାନ୍ଦିକରି ଦଉଡ଼ି ପଳାଏ ଓ ମୋଟେ ସେହି ବ୍ୟକ୍ତିର ସମ୍ମୁଖରେ ଆସିବାକୁ ଇଚ୍ଛା ପ୍ରକାଶ କରୁ ନ ଥାଏ । ଏବଂ, ଅଜ୍ଞାନ ଚେତନାର ଏକ ଭୂମି ଉପରେ ଏହି ସବୁକିଛୁ ଏକ ଚୈତ୍ୟ ଉପାଦାନର ଏକ ଅନୁଲକ୍ଷଣ ହୋଇ ରହିଥାଏ । ଏହି କ୍ଷେତ୍ରରେ ସେହି ବ୍ୟକ୍ତିର ଚୈତ୍ୟ ଗୁଣଟିରହିଁ ଏକ ଦର୍ଶନ ମିଳି ଯାଇଥାଏ ।

କେତେକ ଲୋକ ଖୁବ୍ ଶୀଘ୍ର ଅଭିନିବିଷ୍ଟ ହୋଇ ରହିପାରନ୍ତି, ମାତ୍ର ଅନ୍ୟ କେତେ ମୋଟେ ସେପରି କରି ପାରନ୍ତି ନାହିଁ ।

ହୁଏତ ସେମାନେ କୌଣସି କାରଣରୁ ସେହିପରି ଭାବରେ ଜନ୍ମିହିଁ ହୋଇଥାନ୍ତି, ଅଥବା, ସମ୍ଭବତଃ ଏଭଳି ଗୋଟିଏ କଥା କରୁଛନ୍ତି ବୋଲି ଆଦୌ ସଜ୍ଞାନ ନ ଥାଇ ମଧ୍ୟ ସେମାନେ ତାହାର ଅଭ୍ୟାସ କରି ଆସିଥାନ୍ତି । ହଁ, ଏପରି ଅନେକ ପିଲା ଅଛନ୍ତି, ଯେଉଁମାନେ କି ଖୁବ୍ ଅଳ୍ପ ବୟସର ହୋଇଥିଲେ ମଧ୍ୟ ଖୁବ୍ ଅଭିନିବିଷ୍ଟ ହୋଇ ରହିପାରନ୍ତି; ଏବଂ ଏପରି ଅନ୍ୟ ପିଲାମାନେ ବି ଅଛନ୍ତି, ଯେଉଁମାନଙ୍କ ମନ ମୋଟେ କୁଆଡ଼େ ଲାଗିପାରେ ନାହିଁ । ମାତ୍ର, ବିଭିନ୍ନ ସତ୍ତ୍ୱଙ୍କର ଭିତର ଭାଗଟି ସେହିପରି ଭାବରେ ଭିନ୍ନ ଭିନ୍ନ ହୋଇ ତିଆରି ହୋଇଥାଏ ବୋଲିହିଁ ସେପରି ହୁଏ । କୌଣସି ଦୁଇଜଣଙ୍କର ନିର୍ମାଣ ମଧ୍ୟ ଅବିକଳ ଏକାପରି ହୋଇ ନ ଥାଏ । କେତେକଙ୍କ ଭିତରେ ଜନ୍ମଜାତ ଭାବରେ ଅଭିନିବେଶର ପ୍ରଭୂତ ସାମର୍ଥ୍ୟ ରହିଥାଏ ଓ ଅନ୍ୟମାନଙ୍କର ସେପରି ଆଦୌ କୌଣସି ଶକ୍ତି ନ ଥାଏ ।

ତାହାର ପରିମାଣକୁ ବୃଦ୍ଧି କରାଯାଇ ପାରିବ କି ?

ହଁ, ଜଣେ ଅବଶ୍ୟ ତାହାର ବିକାଶ ଓ ବୃଦ୍ଧି ଘଟାଇ ପାରିବ । ଏବଂ ଏହି ବୃଦ୍ଧିରେ ଆଦୌ କୌଣସି ସୀମା ଧାର୍ଯ୍ୟକରି ଦିଆଯାଇ ପାରିବ ନାହିଁ । ଏବଂ, ସେହି ବିକାଶସାଧନକୁ ସମ୍ପୂର୍ଣ୍ଣ ଭାବରେ ଅପରିହାର୍ଯ୍ୟ ବୋଲି ମଧ୍ୟ କହିବାକୁ ହେବ ।

'oaob.nitrkl.ac.in' images reprocessed

# ୩ ଫେବୃଆରୀ, ୧୯୫୪

**“ପ୍ରାଣିକ ଶିକ୍ଷା” ବିଷୟରେ ମାଆ ଯେଉଁ ପ୍ରବନ୍ଧଟି ଲେଖିଥିଲେ, ଏହି ପ୍ରବଚନଟି ତାହାର ଉପରେ ଆଧାରିତ ।**

“କେତେକ ପ୍ରାଚୀନ ଧାରା-ପରମ୍ପରାରେ ଏପରି କଥିତ ହୋଇଥିଲା ଯେ ମନୁଷ୍ୟ ଯେତେଗୁଡ଼ିଏ ଇନ୍ଦ୍ରିୟର ବିକାଶସାଧନ କରିପାରିବ, ସେଗୁଡ଼ିକର ସଂଖ୍ୟା ପାଞ୍ଚ ନୁହେଁ, ସାତ । ଏପରିକି, କେତେକ ବିଶେଷ କ୍ଷେତ୍ରରେ ଏହି ସଂଖ୍ୟା ହେଉଛି ବାର । କେତେକ ନିର୍ଦ୍ଦିଷ୍ଟ ମନୁଷ୍ୟଗୋଷ୍ଠୀ କେତେକ ନିର୍ଦ୍ଦିଷ୍ଟ ସମୟରେ ପ୍ରୟୋଜନରେ ପଡି ଅଳ୍ପବହୁତ ପରିପୂର୍ଣ୍ଣ ଭାବରେ ଏହିପରି ପରିପୂରକ ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ଏଇଟିର ଅଥବା ସେଇଟିର ବିକାଶ କରାଇ ଆଣିଛନ୍ତି । ଅସ୍ଖଳିତ ଭାବରେ ଏକ ସମୁଚିତ ଶୃଙ୍ଖଳାର ଅନୁଶୀଳନ କରିବା ଦ୍ୱାରା ଏହି ଇନ୍ଦ୍ରିୟଗୁଡ଼ିକ ଏହି ବିକାଶ ତଥା ପରିଣାମଗୁଡ଼ିକରେ ଯଥାର୍ଥ ଆଗ୍ରହ ରଖିଥିବା ସମସ୍ତଙ୍କ ଦ୍ୱାରା ମଧ୍ୟ ଅବଶ୍ୟ ଲବ୍ଧ ହୋଇପାରିବ । ଏହିପରି ସାମର୍ଥ୍ୟଗୁଡ଼ିକ ମଧ୍ୟରେ ଅଧିକାଂଶ ସମୟରେ ଯେଉଁଗୁଡ଼ିକର ଉଲ୍ଲେଖ କରାଯାଇଥାଏ, ସେଥିରୁ ଗୋଟିଏ ହେଉଛି, ଉଦାହରଣସ୍ୱରୂପ, ଶାରୀରିକ ଚେତନାକୁ ପ୍ରଶସ୍ତ କରିଦେଇ ଓ ତାହାକୁ ଆପଣା ଭିତରୁ ବାହାରକୁ ପ୍ରକ୍ଷେପିତ କରି କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ସଂକେନ୍ଦ୍ରିତ କରି ରଖିବା ଏବଂ ଏହିପରି ଭାବରେ ଦୂରରୁ ଦେଖିବା, ଶୁଣିବା, ଘ୍ରାଣ ଲାଭ କରିବା, ସ୍ୱାଦ ଓ ଏପରିକି ସ୍ପର୍ଶ ଅନୁଭବ କରି ପାରିବାର ସାମର୍ଥ୍ୟ ।”

ଏହି ଦ୍ୱାଦଶ ଇନ୍ଦ୍ରିୟମାନଙ୍କର ନାମ କ'ଣ ?

**ସେଗୁଡ଼ିକର ନାମ ? ଖାଲ୍‌ଦେଆର ପରମ୍ପରାରେ ସେଗୁଡ଼ିକ ଖାଲ୍‌ଦୀୟ ଭାଷାରେ ଲେଖା ହୋଇଛି । ଅନ୍ୟ ପରମ୍ପରାମାନଙ୍କରେ ଅନ୍ୟାନ୍ୟ ଭାଷାରେ**

'oaob.nitrkl.ac.in' images reprocessed

ଲେଖା ହୋଇ ରହିଛି । ମିଶର ଦେଶରେ ସେଗୁଡ଼ିକ ଚିତ୍ରଲିପିରେ ଲିଖିତ ହୋଇଥିଲା । ପ୍ରତ୍ୟେକ ପରମ୍ପରାରେ ସେଗୁଡ଼ିକର ଅଲଗା ଅଲଗା ନାମ ରହିଛି । ମୋ' ପାଖରେ ବି ଏହି ନାମଗୁଡ଼ିକର ଏକ ତାଲିକା ରହିଥିଲା,—କେବଳ ନାଆଁ ନୁହେଁ, ସେଗୁଡିକ ଯାହାର ପ୍ରତିନିଧିତ୍ୱ କରୁଥିଲେ, ସେଗୁଡ଼ିକର ତାଲିକା ମଧ୍ୟ ରହିଥିଲା । ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଯେଉଁ ପ୍ରକାରର ଇନ୍ଦ୍ରିୟର ପ୍ରତିନିଧିତ୍ୱ କରୁଥିଲେ, ସେଗୁଡ଼ିକର ତାଲିକା ରହିଥିଲା । ମାତ୍ର ତାହା ହେଉଛି ଅନେକ ଦିନ ତଳର କଥା ଓ ମୋ'ର ସେଗୁଡ଼ିକ ମୋଟେ ମନେ ନାହିଁ । ଉକ୍ତିଟିରେ ମୁଁ ଯେପରି ଉଲ୍ଲେଖ କରିଛି, ଚେତନାର ଏକ ସକେନ୍ଦ୍ରିତ ପ୍ରକ୍ଷେପଣ ଦ୍ୱାରା ଦୂରରେ ରହି ମଧ୍ୟ ଦୃଷ୍ଟ, ଅନୁଭୂତ ଓ କାର୍ଯ୍ୟାନ୍ୱିତ ବସ୍ତୁଗୁଡ଼ିକର କ୍ଷେତ୍ରରେହିଁ ଏହା ଘଟିଥାଏ । ଉଦାହରଣସ୍ୱରୂପ, ଜଣେ ବ୍ୟକ୍ତି ଗୋଟିଏ କୋଠରୀରେ ଅଛି, ଏକ ଅସୁସ୍ଥତା ବା ଏକ ଦୁର୍ଘଟନା ହେତୁ ସେ ଆଦୌ ଚଲାବୁଲା କରିପାରୁ ନାହିଁ । ତା' କୋଠରୀର ସେ ପାଖକୁ ଆଉ ଗୋଟିଏ କୋଠରୀ ଅଛି, ତା'ପରେ ଗୋଟିଏ ପୋଲ୍ ପରି ଗୋଟାଏ କ'ଣ ରହିଛି ଏବଂ ପୋଲଟି ପରେ କେତେଗୁଡ଼ିଏ ପାହାଚ ଲମ୍ବି ହୋଇ ତଳ ଆଡ଼କୁ ଚାଲିଯାଇଛି । ଏବଂ ଏହି ପାହାଚସବୁ ନିମ୍ନରେ ଗୋଟିଏ ବଗିଚା ଭିତରେ ରହିଥିବା ଏକ ବୃହତ୍ ଷ୍ଟୁଡ଼ିଓ ଭିତରେ ଯାଇ ଶେଷ ହୋଇଛି । ଏବଂ, ସେହି ଷ୍ଟୁଡ଼ିଓ ଭିତରେ ପ୍ରକୃତରେ କ'ଣ ସବୁ ହେଉଛି, ଏଠି ଏହି କୋଠରୀଟି ମଧ୍ୟରେ ରହିଥିବା ବ୍ୟକ୍ତିଟି ସେକଥା ଜାଣିବାକୁ ଇଚ୍ଛା କରୁଛି । ସିଏ ଆପଣାର ଚେତନାକୁ ସକେନ୍ଦ୍ରିତ କରି ଆଣୁଛି, ତା'ପରେ ତାହାକୁ ସଚେତଅବା ପ୍ରସାରିତ କରିଦେଉଛି (ସଚେତଅବା ପ୍ରାୟ ଏକ ବାସ୍ତବ ପଦାର୍ଥ ପରି ତାହାକୁ ପ୍ରସାରିତ କରିଦେଉଛି), ଏବଂ ମଧ୍ୟବର୍ତ୍ତୀ ସମସ୍ତ ପଥଟିକୁ ଅତିକ୍ରମ କରି ସିଏ ଷ୍ଟୁଡ଼ିଓ ଭିତରେ ଯାଇ ପହଞ୍ଚୁଛି । ଯଦି ସିଏ ଯଥାର୍ଥ ଭାବରେ ତାହା କରିପାରୁଥିବ, ତେବେ ସେ ଷ୍ଟୁଡ଼ିଓରେ ଥିବା ସବୁକିଛିକୁ ଦେଖିପାରିବ, ସେଠାରେ ହେଉଥିବା ସବୁକିଛିକୁ ଶୁଣି ପାରିବ; ସ୍ୱୟଂ ସେଠାରେ ଉପସ୍ଥିତ ନ ଥାଇ ମଧ୍ୟ ଏସବୁ କରି ପାରୁଥିବ । ଶରୀର ଗୋଟିଏ କୋଠରୀ ମଧ୍ୟରେ ବିଛଣା ଉପରେ ପଡ଼ି ରହିଥିବ, ମାତ୍ର ଚେତନା ପ୍ରକ୍ଷେପିତ ହୋଇପାରୁଥିବ । ଏହି ଚେତନା ଏକ ଶାରୀରିକ ଚେତନା । ଏହାକୁ ଏକ ଅନ୍ତର୍ଗତ ସ୍ଥିତି ବୋଲି କୁହାଯାଇ ପାରିବ ନାହିଁ, କାରଣ ଆମେ ଏହି ବାସ୍ତବ ଶାରୀରିକ ଭୂମିରେହିଁ ସବୁକିଛି ଦେଖି ପାରୁଥିବା, ସେହି ବାସ୍ତବ ଶାରୀରିକ ଭୂମିରେହିଁ ସବୁକିଛି ଶୁଣିପାରୁଥିବା । କୋଠରୀ ଭିତରେ ମନୁଷ୍ୟମାନେ ରହିଥିଲେ ଆମେ ସେମାନଙ୍କୁ ଦେଖି ପାରୁଥିବା, ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିଲେ ଆମେ ସେହିସବୁ କଥାବାର୍ତ୍ତାକୁ ମଧ୍ୟ ଶୁଣିପାରୁଥିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସର୍ବପ୍ରଥମ ଘଟଣାଟିରୁହିଁ ଆମକୁ ଏସବୁ କ୍ଷେତ୍ରରେ

'oaob.nitrkl.ac.in' images reprocessed

ଆଦୌ ସଫଳତା ମିଳିଯିବ ନାହିଁ; କାରଣ ତାହା ଆମ ପାଖରୁ ଏକ ଅତ୍ୟନ୍ତ କଠୋର ଶୃଙ୍ଖଳାର ଦାବି କରୁଥିବ । ଆପଣା ଜୀବନର ପ୍ରଚଳିତ ପରିବେଶଗୁଡ଼ିକ ହେତୁ ଲୋହିତ ଭାରତୀୟମାନଙ୍କ ଭିତରେ ଯେଉଁ ସାମର୍ଥ୍ୟର ବିକାଶ ହୋଇ ପାରିଥିଲା, ଏହାକୁ ସେହି ସାମର୍ଥ୍ୟ ସହିତ କିଞ୍ଚିତ୍ ପରିମାଣରେ ତୁଳନା କରାଯାଇ ପାରିବ । ବର୍ତ୍ତମାନ ସେମାନଙ୍କର ସେହି ସାମର୍ଥ୍ୟ ରହିଛି କି ନାହିଁ ମୋତେ ଜଣା ନାହିଁ, ମାତ୍ର ପୂର୍ବେ ସେମାନେ ମାଟି ଉପରେ ଆପଣାର କାନକୁ ଲଗାଇ ଦେଇ ଶୁଣିବାକୁ ଆରମ୍ଭ କରୁଥିଲେ ଏବଂ ସେମାନଙ୍କର ଶୁଣିବାଶକ୍ତି ଏତେ ଅଧିକ ସୂକ୍ଷ୍ମ ହୋଇ ରହିଥିଲା ଯେ, ସେମାନେ ଗୋଟାଏ ମାଇଲ୍‌ରୁ ମଧ୍ୟ ଅଧିକ ଦୂରରେ ହେଉଥିବା ପାଦଶବ୍ଦଗୁଡ଼ିକୁ ଶୁଣି ପାରୁଥିଲେ । କେବଳ ମାଟି ଉପରେ ଆପଣାର କାନକୁ ଲଗାଇଦେଇ ସେମାନେ ଦୁଇ ତିନି କିଲୋମିଟର ଅଧିକ ଦୂରରେ ଯାଉଥିବା ବ୍ୟକ୍ତିମାନଙ୍କର ପାଦଶବ୍ଦ ଶୁଣିପାରୁଥିଲେ । ଅଥବା, ଏକ କୁକୁରର ଉଦାହରଣ ବି ନିଆଯାଇପାରେ, ଯାହାକୁ କି କୌଣସି ଏକ ବସ୍ତୁର ଆଘ୍ରାଣ କରାଇ ପାରିଲେ ସିଏ ପରେ ପୁନର୍ବାର ସେହି ଗନ୍ଧଟିକୁ ବାରି ନାକ ଦ୍ୱାରା ତାହାର ଅନୁସରଣ କରିପାରିବ । ହଁ, ଏହାକୁ ଗୋଟିଏ ପ୍ରକାରର ଅତୀନ୍ଦ୍ରିୟ-ଗ୍ରହଣ ବୋଲି ବୁଝାଯିବ, ଅର୍ଥାତ୍ ପ୍ରଗାଢ଼ତା ଏବଂ ସୂକ୍ଷ୍ମତାର ଏପରି ଏକ ଅଧିକ ମାତ୍ରା ହାସଲ କରିଥିବା ଇନ୍ଦ୍ରିୟ ବୋଲି ବୁଝାଯିବ, ଯାହାକି, ଆମର ସାଧାରଣ ଇନ୍ଦ୍ରିୟ ଯାହା ଅନୁଭବ କରି ନ ପାରୁଛି, ବସ୍ତୁତଃ ତାହାକୁ ମଧ୍ୟ ଅନୁଭବ କରିପାରିବ । ଦୂରରେ ଥିଲେ ମଧ୍ୟ ଦେଖିପାରିବ, ପ୍ରକୃତରେ ଦେଖିପାରିବ, ଦୂରରେ ଥାଇ ସ୍ଥୂଳ ଭାବରେ ଦେଖିପାରିବ, ମଝିରେ କାନ୍ଥଗୁଡ଼ାକ ରହିଥିଲେ ମଧ୍ୟ କାନ୍ଥ ସେପାଖକୁ ଦେଖିପାରିବ । ଏପରି ବୁଝାଯାଇଥାଏ ଯେ, ଅନ୍ଧମାନେ ମଧ୍ୟ ଏପରି ଏକ ବୋଧର ବିକାଶ କରାଇ ଆଣିଥାନ୍ତି, ଯାହାଦ୍ୱାରା କି ସେମାନେ ଦୂରସ୍ଥ କୌଣସି ଏକ ପଦାର୍ଥକୁ ମଧ୍ୟ ଅନୁଭବ କରି ପାରନ୍ତି । ସେମାନେ ଆଖି ସାହାଯ୍ୟରେ କିଛି ଦେଖିପାରନ୍ତି ନାହିଁ, ଘନକୃଷ୍ଣ ରାତ୍ରି ମଧ୍ୟରେ ବାଟ ଚାଲୁଥିବା ପରି ସେମାନେ ଅନ୍ଧାରଭିତରେହିଁ ବାଟ ଚାଲୁଥାନ୍ତି; ମାତ୍ର ସେମାନଙ୍କର ଭିତରେ ଦୂରସ୍ପର୍ଶନର ଏକ ବୋଧ ରହିଥାଏ, ବସ୍ତୁଗୁଡ଼ିକୁ ସ୍ପର୍ଶ କରି ପାରିବାର ଏପରି ଏକ ବୋଧ ରହିଥାଏ, ଯାହାଫଳରେ କି, ବସ୍ତୁଟିଏ ପ୍ରକୃତରେ ସ୍ପର୍ଶ କରିବାର ବହୁ ପୂର୍ବରୁ ସେମାନେ ବସ୍ତୁଟି ଅଛି ବୋଲି ଜାଣିପାରନ୍ତି । ଉଦାହରଣସ୍ୱରୂପ, ସେମାନେ ଯାଉଥିବା ବାଟରେ କୌଣସି ଆସବାବପତ୍ର ଥୁଆ ହୋଇଥିଲେ, ସେଗୁଡ଼ିକ ସହିତ ଆସି ଧକ୍କା ବାଜିବାର ବହୁ ପୂର୍ବରୁ ସେମାନେ ସେଇଟି ସେଠାରେ ରହିଛି ବୋଲି ଅନେକ ଦୂରରୁ ଅନୁଭବ କରିପାରନ୍ତି ।

'oaob.nitrkl.ac.in' images reprocessed

ପିଲାମାନେ ସାନ ଥିବାବେଳେ ସେମାନଙ୍କର ମନର ବିକାଶ ହୋଇ ନ ଥାଏ । ପ୍ରାଣିକର କ୍ଷେତ୍ରରେ ମଧ୍ୟ ଠିକ୍ ଏହି କଥା କୁହାଯାଇ ପାରିବ କି ?

ନା, ମନ ଅପେକ୍ଷା ପ୍ରାଣିକର ଅନେକ ଅଧିକ ବିକାଶ ହୋଇଥାଏ । ତୁମେ ଜାଣିଥିବ, ମୁଁ ସେଠାରେ ଏକଥା ମଧ୍ୟ କହିଛି ଯେ ବସ୍ତୁଗୁଡ଼ିକ 'କ୍ରମେ ଦାନା ବାନ୍ଧି ଆସିବାରେ ଲାଗେ,* ଅର୍ଥାତ୍, ସେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରନ୍ତି, କ୍ରମଶଃ ଅଧିକରୁ ଅଧିକ ସୁନିର୍ଦ୍ଦିଷ୍ଟ ଏବଂ ଅଧିକରୁ ଅଧିକ ସ୍ଥାୟୀ ଆକାର ଗ୍ରହଣ କରିବାକୁ ଆରମ୍ଭ କରନ୍ତି (ଆକାରଟି ଅଧିକ ସୁନିର୍ଦ୍ଦିଷ୍ଟ ହେବା ସଙ୍ଗେ ସଙ୍ଗେ ଅଧିକ ସ୍ଥାୟୀ ମଧ୍ୟ ହୋଇ ଯାଉଥାଏ) । ପିଲାମାନଙ୍କ କ୍ଷେତ୍ରରେ ଏହା ଅଧିକତର ପରିମାଣରେ ସତେଅବା ପାଣି ପରି ହୋଇ ରହିଥାଏ; ଏକ ଅତ୍ୟନ୍ତ ମୂର୍ତ୍ତି ଓ ସୁନିର୍ଦ୍ଦିଷ୍ଟ ଆକାର ଧାରଣ କରିବା ଆହୁରି ବାକି ରହିଥାଏ । ପୁନଶ୍ଚ, ସେହି କାରଣରୁହିଁ ସେମାନଙ୍କ ଉପରେ ପ୍ରଭୂତ ପ୍ରଭାବ ପକାଇ ପାରିବା ସମ୍ଭବ ହୁଏ; କାରଣ ତାହା ତଥାପି କୋମଳ ହୋଇ ରହିଥାଏ, ଦୃଢ଼ ଦାନା ବାନ୍ଧି ନ ଥାଏ । ଏହି କଥାଟି ଆମର ବେଶ୍ ଦୃଷ୍ଟିଗୋଚର ହୋଇପାରିବ । ତାହା ଭିତରେ ଏକ ନମନଶୀଳ ପଦାର୍ଥ ରହିଥାଏ, ସତେଅବା ଲହୁଣି ପରି ଏକ ନମନୀୟ ପଦାର୍ଥ ରହିଥାଏ । ମାତ୍ର, ସେମାନଙ୍କୁ ଯେତେବେଳେ କୋଡ଼ିଏ କିଂବା ପଚିଶି ବର୍ଷ ବୟସ ହୋଇଯାଏ, ସେତେବେଳେ ସେମାନଙ୍କର ସ୍ୱଭାବ ଏକ ସ୍ଥାୟୀ ରୂପ ଧାରଣ କରି ଆସେ, ସେମାନଙ୍କର ଚରିତ୍ର ଏକ ସ୍ଥାୟୀ ଢଗ ଅନୁସରଣ କରେ । ଏବଂ ସେତେବେଳେ ଦୋଷଗୁଡ଼ିକୁ ନିବୃତ୍ତ କରି ରଖିବା ଅପେକ୍ଷା

*"କେତେକ କ୍ଷେତ୍ରରେ ଏହି ଶିକ୍ଷା ଅନେକଙ୍କୁ ବ୍ୟକ୍ତ କରି ଅଣୁଥିବା ଗତିସ୍ପନ୍ଦନଗୁଡ଼ିକୁ ପ୍ରୋତ୍ସାହିତ କରି ଅଣିବ; ମାତ୍ର ଅନ୍ୟମାନଙ୍କ କ୍ଷେତ୍ରରେ ତାନ୍ତ୍ରିକୁ ବ୍ୟକ୍ତ କରି ଅଣୁଥିବା ଗତିସ୍ପନ୍ଦନଗୁଡ଼ିକୁ ମଧ୍ୟ ବ୍ୟକ୍ତ କରି ଅଣୁଥିବ । ଯଦି ପରିବେଶ ଓ ପରିସ୍ଥିତି ଅନୁକୂଳ ଥାଏ, ତେବେ ତାନ୍ତ୍ରିକୁ ଗୌଣ କରି ଆଲୋକର ଅଭିବୃଦ୍ଧି ଘଟିବ; ତା' ନ ହେଲେ ଏହାର ବିପରୀତ ବଥାହିଁ ଘଟୁଥିବ । ଏବଂ, ଏପରି ଭାବରେ, ପ୍ରକୃତିର ଇଚ୍ଛା ଓ ଭୌତିକ ତଥା ପ୍ରାଣିକ ଜୀବନର ନିର୍ଦ୍ଧାରଣ ଅନୁସାରେ ବ୍ୟକ୍ତିର ଚରିତ୍ର କ୍ରମଶଃ ଦାନାବାନ୍ଧି ଅସିବାରେ ଲାଗିଥିବ । ଅବଶ୍ୟ ଯଦି ଏକ ଉଚ୍ଚତର ଉପାଦାନର ବା ଏକ ସଚେତନ ଇଚ୍ଛାର ପ୍ରବେଶ ଘଟିବ, ତା'ହେଲେ ଅନ୍ୟ ପ୍ରକାରର କଥା ହେବ । ସେହି ଇଚ୍ଛା ପ୍ରକୃତିକୁ ତା'ର ଖିଅାଲମାର୍ଗଗୁଡ଼ାକୁ ଅନୁସରଣ କରିବାକୁ ବାଟ ଛାଡ଼ିଦେବା ଲାଗି ମନା କରିଦେବ ଏବଂ ସେହି କ୍ଷେତ୍ରରେ ସ୍ଥାନାପନ୍ନ ଭାବରେ ଏକ ନ୍ୟାୟସଙ୍ଗତ ଓ ସ୍ପଷ୍ଟଦୃଷ୍ଟିସମ୍ପନ୍ନ ଶୃଙ୍ଖଳାର ପ୍ରତିଷ୍ଠା କରିଇ ଅଣିବ । ଏହି ସଚେତନ ଇଚ୍ଛାକୁହିଁ ଅମେ ଶିକ୍ଷାର ଏକ ଯୁକ୍ତିସଙ୍ଗତ ପ୍ରଣାଳୀ ବୋଲି ବୁଝିଥାଉ ।"

'oaob.nitrkl.ac.in' images reprocessed

ସେଗୁଡ଼ିକର ସଂଶୋଧନ ଆବଶ୍ୟକ ହୋଇଥାଏ । ତାହା ହେଉଛି ଆଉ ଗୋଟିଏ ବିଷୟ । ଯଦି ଆମେ ପିଲମାନଙ୍କୁ ଏପରି ଏକ ଶିକ୍ଷା ଦେବାକୁ ଇଚ୍ଛା କରୁଥିବା, ଯାହା ଦ୍ୱାରା କି ମନ୍ଦ ଅଭ୍ୟାସଗୁଡ଼ିକୁ ଗଠିତ ହେବାରୁ ନିବୃତ୍ତ କରି ରଖାଯାଇ ପାରିବ ବା ମନ୍ଦ ପ୍ରବୃତ୍ତିଗୁଡ଼ିକର ଅନୁଧାବନକୁ ମଧ୍ୟ ବନ୍ଦ କରି ରଖାଯାଇ ପାରିବ, ଏପରି ଏକ ଶିକ୍ଷା, ଯାହାକି ପିଲମାନଙ୍କୁ ସର୍ବଦା କେବଳ ଉଚିତ ମାର୍ଗରେହିଁ ପରିଚାଳିତ କରି ନେଉଥିବ, ତେବେ ସେମାନେ ସାନ ଥିବାବେଳେ ଯାଇଁ ସେକଥା ସମ୍ଭବ ହେବ । ଯେତେବେଳେ ସେମାନେ ବଡ଼ ହୋଇଯିବେ, ସେତେବେଳେ ତାହା କଠିନ ହୋଇପଡ଼ିବ । ଅନେକ ସମୟରେ ବସ୍ତୁଗୁଡ଼ିକୁ ବଦଳାଇ ପାରିବା ଲାଗି ସେଗୁଡ଼ିକୁ ଭାଙ୍ଗିଦେବା ବି ଦରକାର ହୋଇଥାଏ : ଯେଉଁମାନେ ମୋଟେ ଅଗ୍ରସର ହେବାକୁ ଇଚ୍ଛା କରୁ ନ ଥାନ୍ତି, ଯେଉଁମାନେ ଗୋଟିଏ ଜାଗାରେ ଗଣ୍ଠି ପଡ଼ି ରହିଯାଇଥାନ୍ତି ଓ ରହିବାରେ ଲାଗିଥାନ୍ତି ଏବଂ ଯେଉଁମାନେ ସକଳ ଶକ୍ତି ପ୍ରୟୋଗ କରି ଆପଣାର କ୍ଷୁଦ୍ର ଅଭ୍ୟାସଗୁଡ଼ିକ ଭିତରେହିଁ ଲାଖି ରହିଯାଇଥାନ୍ତି, ସେମାନଙ୍କୁ ବଦଳାଇ ପାରିବାକୁ ହେଲେ ସେମାନଙ୍କୁ ଭାଙ୍ଗିଦେବାହିଁ ଆବଶ୍ୟକ ହୋଇଥାଏ । ସାନମାନେ ନମନୀୟ ହୋଇ ରହିଥିବାରୁ ସେମାନଙ୍କର ମତକୁ ବଦଳାଇ ଦେବା ସମ୍ଭବ ହୁଏ, ସେମାନଙ୍କର ଅଗ୍ରଗତି କରାଇ ହୁଏ; ଆଗାମୀ କାଲି ଆଜିର ତୁଳନାରେ ଯେକୌଣସି କାର୍ଯ୍ୟକୁ ଆହୁରି ଅଧିକ ଭଲ ଭାବରେ କରି ଅବଶ୍ୟ ଦେଖାଇ ଦେବାକୁ ହେବ ବୋଲି ସେମାନଙ୍କ ମନରେ ଏକ ବୋଧ ବି ଜାଗ୍ରତ କରି ଆଣିବା ସମ୍ଭବ ହୁଏ ।

ମନ୍ଦ ଅଭ୍ୟାସଗୁଡ଼ିକ, ଉଦାହରଣସ୍ୱରୂପ ଜିନିଷଗୁଡ଼ିକୁ ଶୃଙ୍ଖଳିତ କରି ନ ରଖିବାର ମନ୍ଦ ଅଭ୍ୟାସଟି, — ଏସବୁ କ'ଣ ପ୍ରାଣିକ ହେତୁ ହୋଇଥାଏ ?

ତାହା ସମ୍ପୃକ୍ତ ଅବସ୍ଥାଟି ଉପରେ ନିର୍ଭର କରେ । ଉଦାହରଣସ୍ୱରୂପ, ଯେଉଁ ପିଲମାନଙ୍କ ଜୀବନରେ କୌଣସି ଶୃଙ୍ଖଳା ନ ଥାଏ, ଯେଉଁମାନେ ନିଜର ଜିନିଷ-ଗୁଡ଼ିକୁ ସହିତ ସହିତ ରଖି ପାରନ୍ତି ନାହିଁ ଓ ତେଣୁ ସେଗୁଡ଼ିକୁ ହଜାଇ ଦିଅନ୍ତି ଅଥବା ନଷ୍ଟ କରିଦିଅନ୍ତି, — ଏଇଟି ପଛରେ ତିନୋଟି କାରଣ ରହିଥାଏ । ଅଧିକାଂଶ ସମୟରେ ପିଲଟି ଭିତରେହିଁ ପ୍ରାଣିକ ସାମର୍ଥ୍ୟର ଅଭାବ ରହିଥାଏ । ସେହିପରି ହୋଇଥିବା ପିଲ ଆପଣାର ଜିନିଷଗୁଡ଼ିକୁ ଆଦୌ ସଜାଡ଼ି ସହିତ ରଖିପାରେ ନାହିଁ ଏବଂ ଏହା ସବୁବେଳେ ପ୍ରାଣିକ ସାମର୍ଥ୍ୟର ଏକ ଅଭାବରହିଁ ସୂଚନା ଦେଇଥାଏ । ଦ୍ୱିତୀୟ କାରଣ ହେଉଛି, ପିଲ ଭିତରେ ବାସ୍ତବ ଜୀବନ ପ୍ରତି, ବସ୍ତୁଗୁଡ଼ିକର ଜୀବନ ପ୍ରତି କୌଣସି ଆଗ୍ରହ ନ ଥାଏ, ଏବଂ ତେଣୁ ତାହାର

'oaob.nitrkl.ac.in' images reprocessed

କୌଣସି ଶୃଙ୍ଖଳା ନଥାଏ ଓ ସିଏ ଆପଣାକୁ ଆଦୌ କୌଣସି ଶୃଙ୍ଖଳାରେ ପକାଏ ନାହିଁ । ଉଦାହରଣସ୍ୱରୂପ, ଲୁଗାପଟା ବଦଳାବା ସମୟରେ ପିଲାମାନେ ନିଜର ଲୁଗାପଟାକୁ ଘରଆଡ଼ଯାକ ପକାଇ ଥାଆନ୍ତି; ବା ତା' ନ ହେଲେ, ଖେଳ ସରିଗଲେ ଖେଳନାଗୁଡ଼ାକୁ ମଧ୍ୟ ଯେମିତି ସେମିତି ଘରଆଡ଼େ ପକାଇ ଦେଇ ଚାଲିଯାଆନ୍ତି । ଘରକୁ ଦିଆଯାଇଥିବା ପାଠକୁ କରିସାରିଲେ ସବୁକିଛୁ ସେହିପରି ଯେଉଁଠି ସେଇଠି ପଡ଼ି ରହିଥାଏ; କଲମ ଗୋଟାଏ ପାଖରେ ପଡ଼ିଥାଏ ତ ଖାତା ଆଉଗୋଟାଏ ପାଖରେ ପଡ଼ିଥାଏ; ବହି ଆଉ ଗୋଟାଏ ପାଖକୁ ପଡ଼ିଥାଏ ଏବଂ ତା'ପରେ ସବୁକିଛୁ ହଜି ବି ଯାଉଥାଏ । ଦୁର୍ଭାଗ୍ୟର କଥା ଯେ, ଏଠି ସ୍କୁଲରେ ମଧ୍ୟ ଅଧିକ ସଂଖ୍ୟକ ପିଲା ଠିକ୍ ସେହିପରି କରନ୍ତି । ସେମାନେ ସବୁକିଛୁ ହଜାଇ ଦିଅନ୍ତି । ମୁଁ ଏପରି ଖାତାମାନଙ୍କୁ ଦେଖିଛି, ଯେଉଁମାନଙ୍କୁ କି ରାତିସାରା ଏକ ଫୁଲକୁଣ୍ଡ ଭିତରେ ପଡ଼ି ରହିବାକୁ ହୋଇଛି ଏବଂ ସକାଳକୁ ବର୍ଷା ହେବାରୁ ତାହା ମେଞ୍ଚାଏ କାଗଜରେ ପରିଣତ ହୋଇଯାଇଛି ! ସେମାନଙ୍କୁ ଖୋଜି ପାଇବା ବେଳକୁ ସେମାନେ ଓଦା ହୋଇ କାଦୁଅ ପରି ହୋଇଯାଇଛନ୍ତି । ମାନ୍ତ ଏପରି ଅବଶ୍ୟ କ୍ୱଚିତ୍ ହୋଇଥାଏ । ପେନ୍‌ସିଲ୍‌ସବୁ ମଧ୍ୟ ଏହିପରି ଭାବରେ ହଜିଯିବା ପରେ ସଂଗୃହୀତ ହୋଇଥିବା ପୁଳାଏ ପେନ୍‌ସିଲ୍ ଓ କଲମ ମଧ୍ୟ ମୋ' ପାଖରେ ଗଚ୍ଛିତ ହୋଇ ରହିଛି । ଏହିସବୁ ସ୍ୱଭାବକୁ ସମ୍ପୂର୍ଣ୍ଣ ଭାବରେ ଶୃଙ୍ଖଳାହୀନ ବୋଲିହିଁ କୁହାଯିବ । ସେହିସବୁ ସ୍ୱଭାବରେ ଆଦୌ କୌଣସି ପ୍ରଣାଳୀ ନାହିଁ, — ଏବଂ ସେମାନଙ୍କ ନିଜ ଭିତରେ ଆଦୌ କୌଣସି ବାଗ ନାହିଁ କି ଢଙ୍ଗ ନାହିଁ । ଏବଂ, ଯେଉଁ ପଦାର୍ଥଗୁଡ଼ିକୁ ସେମାନେ ଘୃଣା କରୁଛନ୍ତି, ଶ୍ରୀଅରବିନ୍ଦଙ୍କ ଭାଷାରେ ସେମାନେ ସେଗୁଡ଼ିକୁ ରଖିବା ଲାଗି ମଧ୍ୟ ମୋଟେ ଯୋଗ୍ୟ ନୁହନ୍ତି । ଯେଉଁ ଲୋକମାନେ ଯତ୍ନର ସହିତ ପଦାର୍ଥଗୁଡ଼ିକର ବ୍ୟବହାର କରିପାରନ୍ତି ନାହିଁ, ସେଗୁଡ଼ିକୁ ରଖିବା ଲାଗି ସେମାନଙ୍କର କୌଣସି ଯୋଗ୍ୟତା ନାହିଁ । ଶ୍ରୀଅରବିନ୍ଦ ଆପଣାର ପତ୍ରାବଳୀରେ ଏକଥା ବହୁବାର ଲେଖିଛନ୍ତି । ସିଏ କହିଛନ୍ତି ଯେ, ଯଦି ତୁମେ ଭୌତିକ ବସ୍ତୁ-ଗୁଡ଼ିକର ଯତ୍ନନେଇ ଜାଣି ନ ଥାଅ, ତେବେ ସେଗୁଡ଼ିକର ଅଧିକାରୀ ହେବା ଲାଗି ମଧ୍ୟ ତୁମର ପ୍ରକୃତରେ କୌଣସି ଯୋଗ୍ୟତା ନାହିଁ । ବସ୍ତୁତଃ, ଏଥିରୁ ଏକ ପ୍ରକାରର ସ୍ୱାର୍ଥପରତାରହିଁ ପରିଚୟ ମିଳିଥାଏ, ସମ୍ପୃକ୍ତ ବ୍ୟକ୍ତିଟି ଭିତରେ କେଉଁଠି କ'ଣ ଅତି ଇତସ୍ତତଃ ହୋଇ ରହିଛି ବୋଲି ସୂଚନା ମିଳିଥାଏ, ଏବଂ ଏହା ଆଦୌ ଏକ ଉତ୍ତମ ସଙ୍କେତ ନୁହେଁ । ଏବଂ ପରେ ଯେତେବେଳେ ସେମାନେ ବଡ଼ ହୁଅନ୍ତି, ଏହି ବ୍ୟକ୍ତିମାନେ ଗୋଟିଏ ଆଲମାରିକୁ ବାଗସାଗରେ ରଖିପାରନ୍ତି ନାହିଁ, ଗୋଟାଏ ଟେବୁଲ୍ ଡ୍ରୟରକୁ ମଧ୍ୟ ଠିକ୍ ଭାବରେ ରଖିପାରନ୍ତି ନାହିଁ । ସେମାନେ ଯେଉଁ କୋଠରିରେ ବାସ କରନ୍ତି, ସେଇଟା ହୁଏତ ବାହାରୁ ଭାରି ପରିଷ୍କାର ଓ

'oaob.nitrkl.ac.in' images reprocessed

ପରିଚ୍ଛନ୍ନ ହୋଇ ଦେଖାଯାଉଥିବ । ମାତ୍ର ତୁମେ ସେଠାରେ ଯଦି ଗୋଟିଏ ଆଲମାରି କିଂବା ଗୋଟିଏ ଡ୍ରୟର ଯାଇ ଖୋଲିଦେବ, ତେବେ ହୁଏତ ଗୋଟାଏ ସଂଗ୍ରାମକ୍ଷେତ୍ରହିଁ ଦେଖିବାକୁ ପାଇବ ! ସବୁକିଛି ଅସ୍ତବ୍ୟସ୍ତ ହୋଇ ପଡ଼ିଥିବ । ତୁମେ ସବୁକିଛି ଗୋଳିଆଘଣ୍ଟା ହୋଇ ରହିଥିବାର ଦେଖିବାକୁ ପାଇବ । କିଛିହେଲେ ସଜଡ଼ା ହୋଇ ରହି ନ ଥିବ । ଅତ୍ୟନ୍ତ ଧୀର ଓ ସ୍ଥିର ମୁଣ୍ଡଟିଏ ବହନ କରୁଥିବା ଏପରି ଜଣେ ଜଣେ ମଣିଷ ଥାଆନ୍ତି, ଯେଉଁଠାରେ କି ସେମାନଙ୍କର ବାହ୍ୟ ବସ୍ତୁ-ଗୁଡ଼ାକ ପରି ବିଚାରଗୁଡ଼ାକ ମଧ୍ୟ ସମାନ ଅବସ୍ଥାର ହୋଇ ରହିଥାନ୍ତି । ସେମାନେ ନିଜର ବିଚାରଗୁଡ଼ିକୁ କେବେହେଲେ ଶୃଙ୍ଖଳିତ କରି ନ ଥାନ୍ତି । ସେମାନେ ସେଗୁଡ଼ିକୁ ଆଦୌ ସଜାଡ଼ି ରଖି ନ ଥାନ୍ତି । ତାଙ୍କ ମୁଣ୍ଡ ଭିତରଟା ସତେଅବା ଗୋଟାଏ ଜଙ୍ଗଲ ହୋଇ ପଡ଼ିଥାଏ । ଏବଂ ତାହାହିଁ ଏକ ସୁନିଶ୍ଚିତ ସଙ୍କେତ ଆଣି ଦେଇ ଯାଉଥାଏ ଯେ,—ମୁଁ କେବେହେଲେ ଏହି ନିୟମର ଏକ ବ୍ୟତିକ୍ରମ ଦେଖି ନାହିଁ, — ଯେଉଁ ଲୋକମାନେ ଆପଣାର ଜିନିଷପତ୍ର ଶୃଙ୍ଖଳାରେ ରଖିବାକୁ ଶିଖି ନାହାନ୍ତି, — ସେମାନଙ୍କ ମୁଣ୍ଡ ଭିତରେ ରହିଥିବା ବିଚାରଗୁଡ଼ାକ ମଧ୍ୟ ସେହିପରି ଗୋଳମାଳିଆ ହୋଇପଡ଼ି ରହିଥାଏ,—ସବୁବେଳେ ସେହିପରି ହୋଇ ରହିଥାଏ । ସେମାନେ ସମସ୍ତେ ଏକାଠି ଗୋଟାଏ ଗଦା ହୋଇ ରହିଥାନ୍ତି,—ଏକାନ୍ତ ପରସ୍ପର ବିରୁଦ୍ଧ ବିଚାରଗୁଡ଼ାକୁ ଏକାଠି ଗଦାକରି ରଖି ଦିଆଯାଇଥାଏ । ମାତ୍ର କୌଣସି ଏକ ଉଚିତର ସମନ୍ୱୟ ମଧ୍ୟଦେଇ ସେଗୁଡ଼ିକୁ ସେପରି ରଖାଯାଇଥାଏ ବୋଲି ତୁମେ କେବେହେଲେ ବିଶ୍ୱାସ କରିବ ନାହିଁ : କେବଳ ଏକ ବିଶୃଙ୍ଖଳା ହେତୁ ଏବଂ ଆପଣାର ବିଚାରଗୁଡ଼ିକୁ ସଂଗଠିତ କରି ରଖିବାରେ ଏକ ଅସମର୍ଥତା ହେତୁହିଁ ତାହା ସେହିପରି ହୋଇ ରହିଥାଏ । ଯଦି ତୁମେ ଜଣେ ଜଣେ ଏପରି ମଣିଷଙ୍କର କୋଠରି ଭିତରକୁ ପ୍ରବେଶ କରିପାରିବ ଏବଂ ସେମାନଙ୍କର ଟେବୁଲ୍ ଡ୍ରୟର ବା ଆଲମାରି ଖୋଲି ଦେଖିବାକୁ ଆରମ୍ଭ କରିବ, ତେବେ ତୁମେ ମାତ୍ର ଦଶ ମିନିଟ୍ ସକାଶେ ମଧ୍ୟ ସେମାନଙ୍କ ସହିତ କୌଣସି କଥାବାର୍ତ୍ତା କରିବାର ଆବଶ୍ୟକତା ଆଦୌ ଅନୁଭବ କରିବ ନାହିଁ । ସେସବୁ କେଉଁ ଅବସ୍ଥାରେ ଯେ ରହିଥିବେ, ତୁମେ ସେକଥା ଜାଣିପାରୁଛ, ନୁହେଁ କି ?

ଅନ୍ୟ ପକ୍ଷରେ, ଜଣେ ଏପରି ବ୍ୟକ୍ତି ଥିଲେ (କିଏ, ସେକଥା ମୁଁ ପରେ କହିବି), ଯାହାଙ୍କ ପ୍ରକୋଷ୍ଠରେ କି ଶହଶହ ବହି ରହିଥିଲା, ଅଗଣିତ କେତେ କେତେ କାଗଜ ରହିଥିଲା, ଟିପାଖାତା ଓ ଆହୁରି କେତେ ପ୍ରକାରର ଜିନିଷ ରହିଥିଲା; ଏବଂ ତେଣୁ ସେହି ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରି ତୁମେ ଚାରିଆଡ଼େ କେବଳ ବହି ଆଉ କାଗଜହିଁ ଦେଖିବାକୁ ପାଉଥିଲ—ସର୍ବତ୍ର ଏହିସବୁ ପଦାର୍ଥର ଗୋଟାଏ ଗୋଟାଏ ଗଦା ଦେଖିବାକୁ ପାଉଥିଲ । ସବୁଆଡ଼େ ଏହିପରି ଭାବରେ

'oaob.nitrkl.ac.in' images reprocessed

ମୂର୍ତ୍ତିହୋଇ ରହିଥିଲା । ମାତ୍ର, ଯଦି ଦୁର୍ଭାଗ୍ୟବଶତଃ ତୁମେ ସେଠାରେ ଏଡ଼େ ଟିକିଏ ଖଣ୍ଡେ କାଗଜକୁ ତା'ର ଉଚିତ ସ୍ଥାନଟିରୁ ଉଠାଇ ନେଇ ଆଉ କେଉଁଠାରେ ରଖିଦେଉଥିଲ, ତେବେ ସିଏ ତତ୍‌କ୍ଷଣାତ୍ ସେକଥା ଜାଣିପାରୁଥିଲେ ଓ ତୁମକୁ ପଚାରୁଥିଲେ, "ମୋ' ଜିନିଷଗୁଡ଼ିକରେ କିଏ ଏପରି ହାତ ଲଗାଇଲା ?" ଘର ଭିତରକୁ ପ୍ରବେଶ କଲା ମାତ୍ରକେ ତୁମ ଆଖି ଆଗରେ ତୁମେ ଏକାବେଳେକେ ଏତେଗୁଡ଼ାଏ କଥା ଦେଖୁଥିଲ ଯେ ତୁମେ ସତେଅବା ବଣା ହୋଇଯିବା ପରି ଅନୁଭବ କରୁଥିଲ । ମାତ୍ର ତଥାପି ସେଠାରେ ପ୍ରତ୍ୟେକ ଜିନିଷ ତା'ର ଆପଣା ସ୍ଥାନରେହିଁ ରହିଥିଲା । ଏବଂ, ଏହି କଥାଟିକୁ ଏପରି ସଚେତନ ଭାବରେ କରାଯାଉ ଥିଲା ଯେ, ଯଦି ସେଥିରୁ ଖଣ୍ଡିଏ ବି କାଗଜ ସ୍ଥାନଚ୍ୟୁତ ହୋଇଯାଉଥିଲା,— ଉଦାହରଣସ୍ୱରୂପ କ'ଣ କିଛି ଟିପା ହୋଇଥିବା କାଗଜ ଖଣ୍ଡେ, ଶିଶିଟିଏ ବା ସେହିପରି ଆଉ କୌଣସି ଜିନିଷକୁ ଯଦି ଗୋଟିଏ ଜାଗାରୁ ନଆହୋଇ ଭଲକରି ସଜାଡ଼ି ରଖିବାର ଅଭିପ୍ରାୟରେ ଆଉ ଗୋଟିଏ ସ୍ଥାନରେ ରଖିଦିଆ ଯାଉଥିଲା,— ତେବେ ସିଏ କହୁଥିଲେ, "ତୁମେ ମୋ' ଜିନିଷଗୁଡ଼ିକରେ ନିଶ୍ଚୟ ହାତ ଲଗାଇଛ; ତୁମେ ସେଗୁଡ଼ିକୁ ଗୋଟିଏ ଜାଗାରୁ ନେଇ ଆଉଗୋଟିଏ ଜାଗାରେ ରଖିଛ ଏବଂ ଏହିପରି ଭାବରେ ମୋ' ଜିନିଷଗୁଡ଼ିକରେ ବିଶୃଙ୍ଖଳା ଘଟାଇଛ ।" କହିବା ବାହୁଲ୍ୟ, ଶ୍ରୀଅରବିନ୍ଦହିଁ ଏହିପରି କହୁଥିଲେ । ଏହାର ଅର୍ଥ ହେଉଛି ଯେ ତୁମେ କଦାପି ଶୃଙ୍ଖଳାକୁ ଅଳସତା ସହିତ ଏକାଠି ଗୋଳାଇ ମିଶାଇ ଦେବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମର ପ୍ରାୟ ଡଜନେମାତ୍ର ବହି ଅଛି ଓ ଅତି ଅଳ୍ପ ସଂଖ୍ୟାରେ ମାତ୍ର କେତୋଟି ଜିନିଷ ରହିଛି, ତେବେ ସେଗୁଡ଼ିକୁ ଭାରି ସହଜରେ ଶୃଙ୍ଖଳିତ କରି ରଖାଯାଇ ପାରିବ । ମାତ୍ର, ଅଗଣିତ ବହୁସଂଖ୍ୟକ ଜିନିଷକୁ ମଧ୍ୟ ନ୍ୟାୟସଙ୍ଗତ, ସଚେତନ ଏବଂ ବୁଦ୍ଧିମାନ୍ ଭାବରେ ଶୃଙ୍ଖଳିତ କରି ରଖିବାରେ ସଫଳତା ହାସଲ କରିବାକୁ ପଡ଼ିବ । ସେଥିଲାଗି ସଂଗଠନର ଏକ ସାମର୍ଥ୍ୟ ଅବଶ୍ୟ ରହିଥିବା ଦରକାର ।

ଅବଶ୍ୟ, ଯଦି କେହି ଅପୁଷ୍ଟ ଥାଏ, ଯଦି ଏହି କାମ ଲାଗି ତା'ର ଆଦୌ କୌଣସି ଦକ୍ଷତା ନଥାଏ, ତେବେ ତାହା ଏକ ଅନ୍ୟକଥା ହେବ । ତଥାପି, ଏଠାରେ ମଧ୍ୟ କେତେକ ସୀମା ନିଶ୍ଚୟ ରହିବ । ମୁଁ ଏପରି କେତେକ ଅପୁଷ୍ଟ ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି ତୁମକୁ କହିପାରୁଥିଲେ, "ଆପଣ ଏହି ଡ୍ରୟର୍‌ଟି ଖୋଲିଲେ ପଚପଟେ ବାଆଁ କ'ଣରେ ଅମୁକ ଜିନିଷ ତଳେ ଅମୁକ ଜିନିଷଟିକୁ ଦେଖିବାକୁ ପାଇବେ ।" ନିଜେ ବିଛଣାରୁ ଉଠି ଜିନିଷଟିକୁ ଆଣିବା ଲାଗି ହୁଏତ ସେହି ବ୍ୟକ୍ତିଙ୍କର ଶକ୍ତି ନ ଥିଲା; ମାତ୍ର ଜିନିଷଟି ଠିକ୍ କେଉଁଠାରେ ରହିଛି, ସେକଥାଟିକୁ ସିଏ ସମ୍ପୂର୍ଣ୍ଣ ନିର୍ଭୁଲ୍ ଭାବରେ ଜାଣିଥିଲେ । ମାତ୍ର, ସେକଥା ଯାହା

'oaob.nitrkl.ac.in' images reprocessed

ହେଉ ପଛକେ, ସର୍ବୋତ୍ତମ କଥା ହେଉଛି ଯେ ଏକ ଶୃଙ୍ଖଳା ଅବଶ୍ୟ ରହିଥିବ,— ଉଦାହରଣସ୍ୱରୂପ ଲାଇବ୍ରେରୀମାନଙ୍କରେ, ଯେଉଁଠାରେ କି ଶହଶହ ବା ହଜାର ହଜାର ବହି ରହିଥାଏ, ମାତ୍ର ସବୁକିଛି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀବିଭାଗ ଅନୁସାରେ ରହିଥାଏ (ଏଇଟା ସ୍ପଷ୍ଟକଥା ଯେ ଜଣେ ମଣିଷ କଦାପି ତାହା କରେ ନାହିଁ), ମାତ୍ର, ଏହା ଏପରି ଗୋଟିଏ କାମ, ଯେଉଁଠାରେ କି ସବୁକଥା ଏଡ଼େ ଚମତ୍କାର ଶ୍ରେଣୀବିଭାଗ ଅନୁସାରେ ରଖାହୋଇଥାଏ ଯେ, ଯାବତୀୟ ଜଟିଳତା ସତ୍ତ୍ୱେ, ଯଦି ତୁମେ ଗୋଟିଏ କାର୍ଡ଼ ସାଙ୍ଗରେ ନେଇ ଆସିବ ଓ "ମୋର ଏହି ବହିଟି ଦରକାର" ବୋଲି କହିବ, ତେବେ ପନ୍ଦର ମିନିଟ ପରେ ବହିଟି ତୁମପାଖରେ ଆସି ପହଞ୍ଚି ଯାଇଥିବ, ବେଳେବେଳେ ପାଞ୍ଚ ମିନିଟ ଭିତରେ ବି ତାହା ହୋଇପାରୁଥିବ । ତାହାହିଁ ସଂଗଠନ । ମାତ୍ର ତଥାପି, ଯେକୌଣସି ଲାଇବ୍ରେରୀରେ ବହିଗୁଡ଼ାକ କୋଠରି କୋଠରି ଭର୍ତ୍ତି ହୋଇ ରହିଥାଆନ୍ତି । ମାତ୍ର ଏକତ୍ର ବହୁତ ଲୋକଙ୍କର ପୂର୍ଣ୍ଣ ସଂଗଠିତ କାର୍ଯ୍ୟ ଫଳରେ ଏସବୁ ସମ୍ଭବ ହୋଇଥାଏ, ପ୍ରଶିକ୍ଷିତମାନଙ୍କର ସଂଗଠନ-ସାମର୍ଥ୍ୟ ଫଳରେ ତାହା ହୋଇଥାଏ । ମାତ୍ର, ଆମ ନିଜ ଜୀବନରେ, ଆମେ ପ୍ରତ୍ୟେକେ ଆପଣାର ଜିନିଷଗୁଡ଼ିକୁ ସେହିପରି ଭାବରେ ସଂଗଠିତ କରିରଖିବା — ଆପଣାର ବିଚାରଗୁଡ଼ିକୁ ମଧ୍ୟ ସଂଗଠିତ କରି ରଖିବା,—ସେଗୁଡ଼ିକ ଠିକ୍ କେଉଁଠି ଅଛନ୍ତି ସେକଥା ନିର୍ଭୁଲ୍ ଭାବରେ ଜାଣିଥିବା ଓ ସିଧା ସେଗୁଡ଼ିକ ପାଖକୁ ଚାଲିଯାଇ ପାରିବା । କାରଣ ଆମର ସଂଗଠନ ଏକ ନ୍ୟାୟୋଚିତ ପଦ୍ଧତିରେ କରିଯାଇଥିବ । ଏହି ନ୍ୟାୟ ହେଉଛି ତୁମ ନିଜର ନ୍ୟାୟ,—ତାହା ଯେ ଠିକ୍ ତୁମ ପଡ଼ୋଶୀର ନ୍ୟାୟ ପରି ହୋଇଥିବ, ସେକଥା ଆଦୌ ନୁହେଁ । ତାହା ହେଉଛି ତୁମ ନିଜର ନ୍ୟାୟ । ମାତ୍ର, ତୁମର ସଂଗଠନଟି ନ୍ୟାୟୋଚିତ ଭାବରେ କରିହୋଇଥିବାରୁ, କୌଣସି ଜିନିଷ ଠିକ୍ କେଉଁଠାରେ ରହିଛି, ତୁମେ ସେକଥା ସବୁବେଳେ ଜାଣିଥିବ, ଏବଂ, ମୁଁ ଯେପରି କହୁଥିଲି, ଯଦି ସେହି ଜିନିଷଟିକୁ ତା' ଜାଗାରୁ ନେଇ ଅନ୍ୟ ଏକ ଜାଗାରେ ରଖି ଦିଆଯାଏ, ତେବେ ତୁମେ ତତ୍କ୍ଷଣାତ୍ ସେକଥା ଜାଣିପାରିବ । ଏବଂ, ଯେଉଁମାନେ ସେକଥା କରି ପାରୁଥିବେ, ସେମାନେ ସାଧାରଣତଃ ସେମାନଙ୍କର ବିଚାରଗୁଡ଼ିକୁ ମଧ୍ୟ ଶୃଙ୍ଖଳିତ କରି ରଖି ପାରିଥିବେ, ଆପଣାର ଚରିତ୍ରକୁ ମଧ୍ୟ ସଂଗଠିତ କରିପାରିବେ ଓ ପରିଶେଷରେ ଆପଣାର କ୍ରିୟାଶୀଳତାଗୁଡ଼ିକୁ ବି ନିୟନ୍ତ୍ରଣରେ ରଖିପାରିବେ । ଏବଂ ତା'ପରେ, ଯଦି ଏହିପରି ଭାବରେ ତୁମର ଅଗ୍ରଗତି ହେବାରେ ଲାଗିଥାଏ, ତେବେ ତୁମେ ଆପଣା ଭୌତିକ ଜୀବନଟିକୁ ନିଜେ ଶାସନ କରିବାକୁ ମଧ୍ୟ ସମର୍ଥ ହୋଇଯିବ; ଆପଣାର ଶାରୀରିକ ଗତିସ୍ପନ୍ଦନଗୁଡ଼ିକ ଉପରେ ତୁମର ଏକ ନିୟନ୍ତ୍ରଣ ଆସିବାକୁ ଆରମ୍ଭ କରିବ । ଯଦି ତୁମେ ନିଜର ଜୀବନକୁ ଏହିପରି ଭାବରେ ଗ୍ରହଣ

'oaob.nitrkl.ac.in' images reprocessed

କରିନେଇପାରିବ, ତେବେ ତାହା ତୁମ ଲାଗି ପ୍ରକୃତରେ ବଡ଼ ଆଗ୍ରହୋଦ୍ଦୀପକ ହୋଇ ରହିବ। ମାତ୍ର, ଯଦି ଜଣେ ବ୍ୟକ୍ତି ଅନ୍ୟ ପକ୍ଷରେ ଏକ ବିଶୃଙ୍ଖଳା ଓ ବିଭ୍ରାନ୍ତି ମଧ୍ୟରେ ବାସ କରୁଥିବ, ଅନ୍ତର୍ଗତ ତଥା ବହିର୍ଗତ ଏପରି ଏକ ଅରାଜକତା ମଧ୍ୟରେ ରହିଥିବ, ଯେଉଁଥିରେ କି ଯାବତୀୟ ସବୁକିଛି ଏକାଠି ଗୋଳାଆମିଶା ହୋଇ ରହିଥିବ, ଯଦି ସିଏ ଆଦୌ କୌଣସି ବିଷୟରେ ସଚେତନ ନ ଥିବ ଏବଂ ଆହୁରି କମ୍ ପରିମାଣରେହିଁ ବସ୍ତୁଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ହାସଲ କରି ପାରିଥିବ, ତେବେ ଏହାକୁ ଆଦୌ ଜୀବନବଞ୍ଚିବା ବୋଲି କୁହାଯିବ ନାହିଁ। ଏହାକୁ କଦାପି ଜୀବନବଞ୍ଚିବା ବୋଲି କୁହାଯିବ ନାହିଁ, ତାହାକୁ ଅଚେତନାର ଏକ ସାଗର ଭିତରେହିଁ ବାସ କରିବା ବୋଲି କୁହାଯିବ। ସେହି ସାଗର ଭିତରେ ପଡ଼ି ସିଏ ଢେଉଗୁଡ଼ିକ ଦ୍ୱାରା ଏଣେତେଣେ କେବଳ ଆନ୍ଦୋଳିତ ହେବାରେ ଲାଗିଥିବ, କେବଳ ସୁଅଗୁଡ଼ାକର ମୁହଁରେ ଭାସି ଚାଲି ଯାଉଥିବ,—କେଉଁଠି ପଥରରେ ଯାଇ ଧକ୍କା ବାଜିବ,—ପୁଣି ଏକ ଢେଉ ଆସି ତାକୁ କବଳଗତ କରିନେବ ଏବଂ ପୁଣି ଆଉଗୋଟାଏ ପଥର ଉପରେ ଯାଇ ବାଡ଼େଇ ହୋଇ ଯାଉଥିବ। ଏବଂ ଏହିପରି ଭାବରେ କେତେ କ୍ଷତବିକ୍ଷତ ହେଉଥିବ, କେତେ ମାଡ଼ ଖାଉଥିବ ଓ କେତେ ଧକ୍କା ଖାଇବାରେ ଲାଗିଥିବ। ଏବଂ ସେତେବେଳେ ଯଦି ତୁମକୁ କେହି "ଏପରି କାହିଁକି ହେଲ ?" ବୋଲି ପଚାରୁଥିବ, ସେତେବେଳେ ତୁମେ ଉତ୍ତର ଦେଇ "କେଜାଣି" ବୋଲି କହୁଥିବ। "ତୁମେ କାହିଁକି ଏପରି କଲ ?"—"କେଜାଣି ?"—"ତୁମେ ଏପରି କାହିଁକି ଭାବିଲ ?"—"କେଜାଣି ?" —"ତୁମେ ଏପରି କାହିଁକି କରିବାକୁ ଗଲ ?"—"କେଜାଣି ?" ସବୁବେଳେ ଖାଲି ସେଇ "କେଜାଣି ?" ବୋଲି ଉତ୍ତର ଦେଉଥିବ।

ମର୍ମତଃ ଜୀବନ ବଞ୍ଚିବାର କେବଳ ଗୋଟିଏମାତ୍ର ଯଥାର୍ଥ କାରଣ ରହିଛି : ଏହି କାରଣଟି ହେଉଛି ନିଜକୁ ଜାଣିବା। ଶିକ୍ଷା କରିବାକୁହିଁ ଆମେ ଏହି ଜଗତରେ ରହିଛୁ—ଆମେ ପ୍ରକୃତରେ କ'ଣ, ଆମେ କାହିଁକି ଏହି ପୃଥିବୀକୁ ଆସିଛୁ, ଏବଂ ଏଠାରେ ଆମକୁ ପ୍ରକୃତରେ କ'ଣ କରିବାକୁ ହେବ,—ଏହିସବୁ ଶିକ୍ଷା କରିବା ଲାଗି ଆମେ ପୃଥିବୀରେ ରହିଛୁ। ଯଦି ଆମେ ସେହି ଜ୍ଞାନଟିକୁ ହାସଲ ନ କଲୁ, ତେବେ ଆମର ଜୀବନକୁ ସମ୍ପୂର୍ଣ୍ଣ ଫମ୍ପା ବୋଲିହିଁ କହିବାକୁ ହେବ,—ଆମ ନିଜ ଲାଗି ଫମ୍ପା ଓ ଅନ୍ୟମାନଙ୍କ ଲାଗି ମଧ୍ୟ ଫମ୍ପା।

ଏବଂ ସାଧାରଣତଃ, ଶୀଘ୍ର ଆରମ୍ଭ କରିବା ଦ୍ୱାରାହିଁ ଅଧିକ ଭଲ ହେବ,—କାରଣ ଆମର ପ୍ରକୃତରେ ଅନେକ କିଛି ଶିଖିବାକୁ ରହିଛି। ଜୀବନ ପ୍ରକୃତରେ ଯେମିତି, ଏହି ଜଗତ ପ୍ରକୃତରେ ଯେମିତି, ଯଦି ଆମେ ସେକଥା ଶିକ୍ଷାକରିବାକୁ ମନ କରୁଥିବା, ଯଦି ଆମେ ଜୀବନର କାହିଁକି ଓ କିପରିକୁ ଯଥାର୍ଥ ଭାବରେ ଶିକ୍ଷା

'oaob.nitrkl.ac.in' images reprocessed

କରିବାକୁ ଗ୍ରହଁ ଥିବା, ତେବେ ଆମେ ଅତି ପିଲା ବୟସରୁ ତାହାକୁ ଆରମ୍ଭ କରିପାରିବା, ଅତି ସାନ ଅବସ୍ଥାରୁ, ପାଞ୍ଚ ବର୍ଷ ବେଳୁ ମଧ୍ୟ ଆରମ୍ଭ କରିପାରିବା । ଏବଂ ତା'ପରେ, ଆମକୁ ଶହେ ବର୍ଷ ବୟସ ହୋଇଥିବା ସମୟରେ ମଧ୍ୟ ଆମେ ତଥାପି ଶିକ୍ଷା କରିବା ଲାଗି ସମର୍ଥ ହୋଇ ରହିଥିବା । ତେଣୁ ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ । ଏବଂ ଏପରି ହେଲେ ଆମେ ସତତ ନୂଆ ନୂଆ ଜ୍ଞାନଲାଭ ଦ୍ୱାରା ବିସ୍ମିତ ହେବାରେ ଲାଗିଥିବା, ଆମେ ଆଗରୁ ଜାଣି ନ ଥିବା କିଛି ନା କିଛି ସତତ ଅବଶ୍ୟ ଶିକ୍ଷା କରିବାରେ ଲାଗିଥିବା । ଆମର ଆଗରୁ ହୋଇ ନ ଥିବା କେତେ କେତେ ଅନୁଭୂତିର ସତତ ସମ୍ମୁଖୀନ ହେଉଥିବା,—ଯାହା ବିଷୟରେ ଆମେ ଏତେ ଦିନଯାଏ ଅଜ୍ଞାନ ହୋଇ ରହିଥିଲୁ, ସତତ ତାହାକୁ ଆବିଷ୍କାର କରିବାରେ ଲାଗିଥିବା । ଏହା ନିଶ୍ଚିତ ଭାବରେ ଭାରି ଆଗ୍ରହୋଦ୍ଦୀପକ । ଏବଂ ଆମେ ଯେତିକି ଯେତିକି ଅଧିକ ଜାଣୁଥିବା, ଆମର ଯେ ଯାବତୀୟ ଜିନିଷ ତଥାପି ଶିକ୍ଷା କରିବାର ଅଛି, ଆମେ ଏହି ବିଷୟରେ ସେତିକି ଅଧିକ ସଜ୍ଞାନ ହେବାରେ ଲାଗିଥିବା । ମୁଁ ପ୍ରକୃତରେ କହିପାରିବି ଯେ କେବଳ ବୋକା ମଣିଷମାନେହିଁ ସବୁକିଛି ଜାଣିଛନ୍ତି ବୋଲି ବିଶ୍ୱାସ କରୁଥାନ୍ତି । ଯେତେବେଳେ କେହି ତୁମ ପାଖକୁ ଆସି "ମୁଁ ସେସବୁ ଜାଣେ ! ମୁଁ ସବୁକିଛି ଜାଣେ !" ବୋଲି କହିବାକୁ ଆରମ୍ଭ କରେ, ସେତେବେଳେ ସେହି କଥାରିହିଁ ଏକ ନିଶ୍ଚିତ ସଙ୍କେତ ପ୍ରାପ୍ତ ହୋଇଯାଏ । ସେହି ଲୋକଟିର ଅସଲ ପରିଚୟ ତତ୍‌କ୍ଷଣାତ୍ ମିଳିଯାଏ ।

ଆପଣ କହିଛନ୍ତି : "ପ୍ରତ୍ୟେକ ବ୍ୟକ୍ତି ଭିତରେ···ସ୍ୱଭାବର ଦୁଇଟି ବିପରୀତ ପ୍ରବୃତ୍ତି ଏକାଠି ହୋଇ ରହିଛି ··· ସେହି ଦୁଇଟିଯାକ ପ୍ରବୃତ୍ତି ହେଉଛି ସେହି ଗୋଟିଏ ବସ୍ତୁର ଆଲୋକପାଖ ଓ ଛାଇପାଖ ପରି ।"*

ବିଷୟଗୁଡ଼ିକ କାହିଁକି ଏପରି ଭାବରେ ତିଆରି ହୋଇ ରହିଛି ? ଖାଲି ଆଲୋକଟିକୁ ଲାଭ କରିବା କ'ଣ ସମ୍ଭବ ହୋଇପାରନ୍ତା ନାହିଁ ।

*"···ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅନେକ ପରିମାଣରେ ସ୍ୱଭାବଗତ ଦୁଇଟିଯାକ ବିପରୀତ ପ୍ରବୃତ୍ତି ନିହିତ ହୋଇ ରହିଛି, ବିଶେଷ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ଭିତରେ ଏହା ଅଧିକ ସୁନିର୍ଦ୍ଦିଷ୍ଟ ଭାବରେ ରହିଛି । ଦୁଇଟିଯାକ ପ୍ରାୟ ସମାନ ଅନୁପାତରେ ରହିଛି, ସେହି ଗୋଟାଏ କୌଣସି ବସ୍ତୁର ଆଲୋକପାଖ ଓ ଛାଇପାଖ ପରି ସତେଅବା ଅବସ୍ଥିତ ରହିଛି । ଏହିପରି ଭାବରେ ଅତ୍ୟନ୍ତ ପରିମାଣରେ ଉଦାରତାର ଆଚରଣ କରିପାରୁଥିବା ଜଣେ ବ୍ୟକ୍ତିର

'oaob.nitrkl.ac.in' images reprocessed

ହଁ, ଗ୍ରନ୍ଥିଟିକୁ ନିକାଲି ଦେଇ ପାରିଲେ ଯାଇ ତାହା ସମ୍ଭବ ହେବ । ମାତ୍ର ତାହାକୁ ନିକାଲି ଦେବାକୁହିଁ ପଡ଼ିବ । ସେକଥା ଆପଣାଛାଏଁ କଦାପି ହୋଇଯିବ ନାହିଁ । ବର୍ତ୍ତମାନର ପୃଥିବୀ ଏକ ମିଶ୍ରିତ ଅବସ୍ଥାରେ ରହିଛି । ଏଠାରେ ତୁମେ ଏପରି କୌଣସି ବସ୍ତୁ ଲାଭ କରି ପାରିବ ନାହିଁ, ଯାହାକି ଗୋଟିଏ ପାଖରୁ ଆଲୋକ ଲାଭ କରୁଛି ମାତ୍ର ଅନ୍ୟ ପାଖଟିରେ ତାହାର ଆଦୌ କୌଣସି ଗ୍ରନ୍ଥି ପଡ଼ି ନାହିଁ । ପରିସ୍ଥିତି ସେହିପରି ହୋଇ ରହିଛି, ଏବଂ ବସ୍ତୁତଃ ଗ୍ରନ୍ଥିଗୁଡ଼ିକ ସକାଶେହିଁ ତୁମେ ଆଲୋକଗୁଡ଼ିକୁ ଦେଖିବାକୁ ସମର୍ଥ ହେଉଛ । ପୃଥିବୀ ଠିକ୍ ସେହିଭଳି ହୋଇ ରହିଛି, ଏବଂ କେବଳ ଆଲୋକରହିଁ ଅଧିକାରୀ ହୋଇପାରିବାକୁ ହେଲେ ଆମକୁ ସୁନିଶ୍ଚିତ ଭାବରେ ଗ୍ରନ୍ଥୀକୁ ବିଲୁପ୍ତ କରିଦେବା ଲାଗି ଆବଶ୍ୟକ ହେଉଥିବା ସେହି ସମ୍ପୂର୍ଣ୍ଣ ଶୃଙ୍ଖଳାଟିର ମଧ୍ୟଦେଇ ଗତି କରିବାକୁ ପଡ଼ିବ । ଏହାକୁହିଁ ମୁଁ କିଞ୍ଚିତ୍ ଅଧିକ ବିଶଦ ଭାବରେ ବୁଝାଇକରି କହୁଛି; ମୁଁ କହୁଛି ଯେ, ତୁମେ ଯାହା ସାଧନ କରିବା ଲାଗି ଏହି ସଂସାରକୁ ଆସିଛ, ତାହାର ଉପଲବ୍ଧି କରିବାକୁ ହେଲେ ଆପଣାର ସ୍ୱଭାବ ମଧ୍ୟରେ ତୁମକୁ ଯାହା ଉପରେ ବିଜୟ ହାସଲ କରିବାକୁ ହେବ, ଏହି ଗ୍ରନ୍ଥି ହେଉଛି ତାହାରି ଏକ ସଙ୍କେତ ପରି । ଯଦି ତୁମର ପ୍ରକୃତିରେ ଏକ ଭୂମିକା ଗ୍ରହଣ କରିବାକୁ ରହିଥାଏ, ଏକ ଲକ୍ଷ୍ୟ ବା ବ୍ରତ ପୂର୍ଣ୍ଣ କରିବାକୁ ଥାଏ, ତେବେ ତାହାର ଉପଲବ୍ଧିରେ ଯେଉଁଟି ସର୍ବପ୍ରଧାନ ବାଧା ଓ ଅନ୍ତରାୟ ହୋଇ ରହିଛି, ତୁମେ ସର୍ବଦା ନିଜ ଭିତରେହିଁ ସେହି ବାଧାଟିକୁ ବହନ କରିବାରେ ଲାଗିଥିବ, ଯେପରିକି ତୁମେ ହାସଲ କରିବାକୁ ରହିଥିବା ବିଜୟଟି ସର୍ବଦା ତୁମର ସମ୍ମୁଖ ଭିତରେହିଁ ରହିଥିବ । ଯଦି ଏହି ପୃଥିବୀରେ ସର୍ବତ୍ର ଅବସ୍ଥିତ ରହିଥିବା କୌଣସି ଏକ ବାଧା ବା ଅସୁବିଧା ବିରୁଦ୍ଧରେ ଯୁଦ୍ଧ କରିବାକୁ ଥାଏ, ତେବେ ସେହି ଯୁଦ୍ଧ ଅତ୍ୟନ୍ତ କଠୋର ହେବ (ସେତେବେଳେ ତୁମ ଭିତରେ ଏକ ଅତ୍ୟନ୍ତ

ସ୍ୱଭାବରେ ଏକ ଅନମନୀୟ ଲୋଭସକ୍ତତା ଉଦୟ ହୋଇ ଆସୁଛି, ଜଣେ ସାହସୀ ବ୍ୟକ୍ତି ଆପଣା ସତ୍ତାର କୌଣସି ଏକ ଅଂଶରେ ଭୀରୁ ପରି ଆଚରଣ କରୁଛି ଏବଂ ଜଣେ ଭଲ ମନୁଷ୍ୟ ହଠାତ୍ ନାନା ଦୁଷ୍ଟ ଆବେଗର ବଶବର୍ତ୍ତୀ ହୋଇପଡୁଛି । ଏହିପରି ଭାବରେ ଜୀବନ ଯେ ପ୍ରତ୍ୟେକ ବ୍ୟକ୍ତିକୁ କେବଳ ଏକ ଆଦର୍ଶକୁ ଅଭିବ୍ୟକ୍ତ କରିବାର ସାମର୍ଥ୍ୟ ପ୍ରଦାନ କରି ରଖିଛି ତା' ନୁହେଁ, ମାତ୍ର ତା' ଭିତରେ ଏପରି ବିପରୀତ ଉପାଦାନ ମଧ୍ୟ ସଂଚିତ କରି ରଖିଛି; ଯାହାକି ଉକ୍ତ ଉପଲବ୍ଧିଟିକୁ ସମ୍ଭବ କରିପାରିବା ଲାଗି ତାକୁ ଯେଉଁ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଡ଼ିବ ଓ ଯେଉଁ ବିଜୟଟିକୁ ହାସଲ କରିବାକୁ ପଡ଼ିବ, ଏକ ମୂର୍ତ୍ତ ଭାବରେ ସେଗୁଡ଼ିକର ପ୍ରତିନିଧିତ୍ୱ କରିପାରୁଛି । ପରିଣାମତଃ, ସମଗ୍ର ଜୀବନକୁ ଏହିପରି ଭାବରେ ଏକ ଶିକ୍ଷା ବୋଲି ବୁଝାଯିବ : ଆମେ ଅଳ୍ପବହୁତ ସଚେତନ ଭାବରେ ଯାହାର ଅନୁଧାବନ କରିପାରିବା, ଅଳ୍ପବହୁତ ସଫଳ ହୋଇ ଆମେ ଯାହାକୁ ଲାଭ କରିପାରିବା ।"

'oaob.nitrkl.ac.in' images reprocessed

ପରିବ୍ୟାପ୍ତ ଚେତନା ଏବଂ ଅତ୍ୟନ୍ତ ବୃହତ୍ ଏକ ଶକ୍ତିମତ୍ତା ରହିବା ଆବଶ୍ୟକ ହେବ); ମାତ୍ର, ଯେଉଁ ତ୍ରୁଟି ବା ଦୋଷଟି ଉପରେ ତୁମକୁ ବିଜୟ ହାସଲ କରିବାକୁ ପଡ଼ିବ, ଯଦି ତୁମେ ତାହାକୁ ନିଜର ସ୍ୱଭାବ ଭିତରେହିଁ ବହନ କରୁଥାଅ, ତେବେ ତାହା ସେଇଟି ତୁମର ପରିବେଶ ଭିତରେହିଁ ରହିଥିବ । ତୁମେ ସେହି ବସ୍ତୁଟିର ପରିଣାମଗୁଡ଼ିକୁ ସର୍ବଦା ଦେଖିପାରୁଥିବ ଏବଂ ତେଣୁ ସେଇଟି ସହିତ ପ୍ରତ୍ୟକ୍ଷ ଭାବରେ ମଧ୍ୟ ଲଢ଼ାଇ କରିପାରିବ, ତା' ସହିତ ତତ୍କ୍ଷଣାତ୍ ଲଢ଼ାଇ କରିପାରିବ । ଏହି ବ୍ୟବସ୍ଥାଟିକୁ ବ୍ୟାବହାରିକ ଦୃଷ୍ଟିରୁ ପ୍ରକୃତରେ ଏକ ଯଥାର୍ଥ ବ୍ୟବସ୍ଥା ବୋଲି କୁହାଯିବ ।

"The Evil Persona"ର ଶୀର୍ଷକରେ ଶ୍ରୀଅରବିନ୍ଦ ଲେଖିଥିବା ସେହି ଚିଠିଟିକୁ ତୁମେମାନେ ବୁଲେଟିନ୍‌ରେ ଦେଖି ନାହିଁ କି ? ଏହା ସେହି ବୁଲେଟିନ୍‌ରେ ଅଛି । ଏହି କଥାଟିକୁ ସେଥିରେ ଅତ୍ୟନ୍ତ ଉତ୍ତମ ଭାବରେ ବ୍ୟାଖ୍ୟା କରିଦିଆଯାଇଛି ।*

## * The Evil Persona

"ତୁମେ 'ଇଭିଲ୍ ପର୍‌ସନା' ବିଷୟରେ ଯାହା କହିଛ, ମୁଁ ତାକୁ ଅତ୍ୟନ୍ତ ଆଗ୍ରହ ସହକାରେ ପାଠକରିଛି, କାରଣ ତାହା ଅତ୍ୟନ୍ତ ଯଗତ ଭାବରେ ମୋର ଏହି ଅନୁଭବଟିକୁ ଦୃଢ଼ କରିଦେଉଛି ଯେ କାର୍ଯ୍ୟଟିକୁ ସାଧନ କରିବା ଲାଗି ପ୍ରଭୂତ ଯୋଗ୍ୟତା ରଖିଥିବା ଜଣେ ବ୍ୟକ୍ତିର — ସର୍ବଦା ବା ପ୍ରାୟ ସର୍ବଦା — ଏସବୁ କ୍ଷେତ୍ରରେ କୌଣସି ଅତି ଅନମନୀୟ ନିୟମଟାଏ କରି ଥୋଇଦେବା ସମ୍ଭବତଃ ମୋଟେ ଉଚିତ ହେବ ନାହିଁ— ତା' ସହିତ ସଲଗ୍ନ ହୋଇ ରହିଥିବା ଆଉଗୋଟିଏ ସତ୍ତା ମଧ୍ୟ ରହିଛି, ଯାହାକ କରିବାକୁ ରହିଥିବା କାର୍ଯ୍ୟଟିର ମୂଳଭୂତ ଭାବରେ ପ୍ରତିନିଧିତ୍ୱ କରୁଥିବା ବସ୍ତୁଟିର ପ୍ରତ୍ୟକ୍ଷ ଭାବରେ ବିରୋଧ କରୁଛି । କିଂବା, ଯଦି ସେଇଟି ଆରମ୍ଭରେ ସେଠାରେ ରହି ନାହିଁ ବା ତା'ର ବ୍ୟକ୍ତିତ୍ୱ ସହିତ ବାନ୍ଧିହୋଇ ରହି ନାହିଁ, ତେବେ ଉପଲବ୍ଧି ଲାଗି କ୍ରିୟାଶୀଳ ହେବାକୁ ଆରମ୍ଭକଲା ମାତ୍ରକେ ଏହିପରି ଏକ ଶକ୍ତି ତାର ପରିବେଶ ମଧ୍ୟରେ ଆସି ପ୍ରବେଶ କରୁଛି । ବିରୋଧ କରିବା, ବାଟରେ ବାଧା ଏବଂ ଅନୁଚିତ ଅବସ୍ଥାମାନ ସୃଷ୍ଟିକରିବା ବା ଗୋଟିଏ ଶବ୍ଦରେ କହିଲେ, ସିଏ ଆରମ୍ଭ କରିଥିବା କାର୍ଯ୍ୟଟିର ସମଗ୍ର ସମସ୍ୟାଟିକୁ ତା ଆଗରେ ଆଣି ଉପସ୍ଥାପିତ କରିଦେବାହିଁ ସେହି ଶକ୍ତିର କାର୍ଯ୍ୟ ହୋଇ ରହିଥିଲା ପରି ବୋଧ ହେଉଛି । ହୁଏତ ବୋଧ ହେଉଛି ଯେ, ପୂର୍ବନିର୍ଦ୍ଧାରିତ ଯନ୍ତ୍ରଟି ବାଧାଟିକୁ ନିଜର ବାଧାରେ ପରିଣତ କରିନେବା ବ୍ୟତୀତ ଅନ୍ୟ କୌଣସି ଉପାୟରେ (ବସ୍ତୁଗୁଡ଼ିକର ଗୂଢ଼ ବିଧାନଟି ଅନୁସାରେ) ସମସ୍ୟାଟି ପ୍ରକୃତରେ ଆଦୌ ସମାହିତ ହୋଇପାରୁ ନ ଥାନ୍ତା । ଏହାର ସାହାଯ୍ୟରେହିଁ ଆମେ ଉପରକୁ ଭାରି ଅସୁବିଧାରେ ପକାଇ ଦେଉଥିବା ପରି ମନେ ହେଉଥିବା ଅନେକ ବସ୍ତୁର ବ୍ୟାଖ୍ୟା ପାଇଯାଇ ପାରିବା ।"

(ଯୋଗ-ପତ୍ରାବଳୀ, ଶତବାର୍ଷିକୀ ସଂସ୍କରଣ, ୨୪ଶ ଖଣ୍ଡ, ପୃଷ୍ଠା–୧୬୬୦)

'oaob.nitrkl.ac.in' images reprocessed

# ୧୦ ଫେବୃଆରୀ, ୧୯୫୪

"ମାନସିକ ଶିକ୍ଷା" ନାମରେ ମାଆ ଲେଖିଥିବା ଏକ ପ୍ରବନ୍ଧ ଉପରେ ଏହି ପ୍ରବଚନଟି ଆଧାରିତ ।

କେଉଁ ପ୍ରଣାଳୀରେ "ସଂପ୍ରସାରଣ ଏବଂ ପ୍ରଶସ୍ତୀକରଣର ସାମର୍ଥ୍ୟ"-ଗୁଡ଼ିକୁ ବଢ଼ାଇବା ସମ୍ଭବ ହେବ ?

ସେଠାରେ ମୁଁ କହୁଛି ଯେ ନାନା କ୍ଷେତ୍ରର ଅନେକ ବିଷୟର ଅଧ୍ୟୟନ କରିବାକୁ ପଡ଼ିବ । ଉଦାହରଣସ୍ୱରୂପ, ଯଦି ତୁମେ ସ୍କୁଲକୁ ଯାଉଥିବ, ତେବେ ସେଠାରେ ସମ୍ଭବ ସକଳ ବିଷୟର ଅଧ୍ୟୟନ କରିବାକୁ ପଡ଼ିବ । ଯଦି ତୁମେ ଘରେ ରହି ପଢୁଥାଅ, ତେବେ କେବଳ ଗୋଟିଏ ବିଷୟ ଆଦୌ ପଢ଼ିବ ନାହିଁ, ମାତ୍ର ଭିନ୍ନ ଭିନ୍ନ ଯାବତୀୟ ପ୍ରକାରର ବିଷୟ ପଢ଼ିବ ।

ମାତ୍ର ମାଆ, ସ୍କୁଲରେ ତ ଗୁଡ଼ାଏ ବିଷୟ ନେବା ମୋଟେ ସମ୍ଭବ ହେବ ନାହିଁ । ଆମକୁ ତ କୌଣସି ଏକ ବିଶେଷ ବିଷୟରେ ଅଧିକ ଜ୍ଞାନ ହାସଲ କରିବାକୁ ହେବ ।

ହଁ, ହଁ, ସେକଥା ମୁଁ ଶୁଣିଛି, ବିଶେଷତଃ ତୁମ ଶିକ୍ଷକମାନଙ୍କଠାରୁ ଶୁଣିଛି । ସେଥିରେ ମୁଁ ଆଦୌ ଏକମତ ନୁହେଁ । ଏବଂ ଏହି କଥାଟିକୁ ମୁଁ ଭରି ଭଲ କରି ଜାଣିଛି, ଏହି କଥାଟିକୁ ମୋ ଆଗରେ ବାରବାର କୁହାଯାଉଛି : ଯଦି କୌଣସି ବିଷୟକୁ ଯଥାର୍ଥ ଭାବରେ ଅଧ୍ୟୟନ କରିବାକୁ ହୁଏ, ତେବେ ତୁମକୁ ସେହି ବିଷୟରେ ବିଶେଷ ଜ୍ଞାନ ହାସଲ କରିବାକୁ ପଡ଼ିବ । କ୍ରୀଡ଼ା ଓ ବ୍ୟାୟାମ ବେଳକୁ ମଧ୍ୟ ସେହି କଥା କୁହାଯାଉଛି । ଜୀବନରେ ପ୍ରତ୍ୟେକ ବିଷୟ ଲାଗି କୁଆଡ଼େ ଠିକ୍ ସେହିକଥା । ଏହି କଥାଟି କୁହାଯାଉଛି ଓ ବାରବାର କୁହାଯାଉଛି ଏବଂ ଏହାକୁ ପ୍ରମାଣ କରି ଦେଖାଇଦେଇ ପାରିବା ଲୋକ ମଧ୍ୟ ରହିଛନ୍ତି : କୌଣସି ବିଷୟକୁ ଭଲଭାବରେ କରି ପାରିବାକୁ ହେଲେ ତାହାର ବିଶେଷ ଜ୍ଞାନ ହାସଲ କରିବାକୁ ପଡ଼ିବ । କେବଳ ସେଇଟିକୁ କରିବାକୁ ହେବ, ଆପଣାକୁ ସେଇଟିରେହିଁ ସଂକେନ୍ଦ୍ରିତ କରି ରଖିବାକୁ ପଡ଼ିବ । ଯଦି ଭଲ ଦାର୍ଶନିକ ହେବାକୁ ଚାହୁଁଥିବ, ତେବେ କେବଳ ଦର୍ଶନଶାସ୍ତ୍ର ଅଧ୍ୟୟନ କରିବାକୁ ହେବ; ଯଦି ଜଣେ ଭଲ ରସାୟନବିତ୍ ହେବାକୁ ଇଚ୍ଛା କରୁଥିବ, ତେବେ କେବଳ ରସାୟନଶାସ୍ତ୍ର ଅଧ୍ୟୟନ

'oaob.nitrkl.ac.in' images reprocessed

କରିବାକୁ ପଡ଼ିବ । ଭଲ ଟେନିସ୍-ଖେଳାଳି ହେବାକୁ ଇଚ୍ଛା କରୁଥିଲେ କେବଳ ଟେନିସ୍ ଖେଳିବାକୁ ପଡ଼ିବ । ଏହି ବିଷୟରେ ମୁଁ କେବଳ ଏତିକି କହି ପାରିବି ଯେ, ମୁଁ ଆଦୌ ସେପରି ଭାବୁ ନାହିଁ । ଏହି ବିଷୟରେ ମୋର ଭିନ୍ନ ଅଭିଜ୍ଞତା ରହିଛି । ମୁଁ ବିଶ୍ୱାସ କରୁଛି ଯେ କେତେକ ସାଧାରଣ ସାମର୍ଥ୍ୟ ରହିଛି ଏବଂ, କୌଣସି ଗୋଟିଏ ବିଷୟରେ ବିଶେଷ ଜ୍ଞାନ ହାସଲ କରିବା ପୂର୍ବରୁ ଏହିସବୁ ସାମର୍ଥ୍ୟ ଅର୍ଜନ କରିବାକୁ ମୁଁ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରୁଛି । ଅବଶ୍ୟ ଶ୍ରୀଯୁକ୍ତ ଓ ଶ୍ରୀମତୀ କ୍ୟୁରିଙ୍କ କ୍ଷେତ୍ରରେ ତାହା ସ୍ପଷ୍ଟତଃ ଏକ ଭିନ୍ନ କଥାହିଁ ହେବ । କ୍ୟୁରି-ଦମ୍ପତି ଏକ ନିର୍ଦ୍ଦିଷ୍ଟ ବିଜ୍ଞାନର ବିକାଶ କରାଇବାକୁ ଇଚ୍ଛା କରୁଥିଲେ, ନୂତନ କରି କିଛି ଆବିଷ୍କାର କରିବେ ବୋଲି ମନ କରୁଥିଲେ ଏବଂ ତେଣୁ ସେମାନଙ୍କୁ ସେହି ବିଜ୍ଞାନଟି ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖିବାକୁ ପଡ଼ିଥିଲା । ମାତ୍ର ସେହି ନୂତନ ଆବିଷ୍କାରଟି କରିବା ପର୍ଯ୍ୟନ୍ତହିଁ ସେମାନେ ସେପରି କରିଥିଲେ; ଏବଂ ଆବିଷ୍କାରଟିକୁ କରିସାରିବା ପରେ ଆପଣାର ମନଃକ୍ଷେତ୍ରକୁ ଆହୁରି ଅଧିକ ପ୍ରଶସ୍ତ କରିଦେବାରୁ କେହି ସେମାନଙ୍କୁ ବାଧା ଦେଇ ମୋଟେ ଅଟକାଇ ରଖିପାରି ନ ଥିଲା ।

ମୁଁ ଏହି କଥାଟିକୁ ମୋ ପିଲାଦିନରୁ ଶୁଣି ଆସିଛି, ଏବଂ ମୁଁ ବିଶ୍ୱାସ କରୁଛି ଯେ, ମୋର ପ୍ରପିତାମହ ଓ ପ୍ରପିତାମହୀମାନେ ମଧ୍ୟ ଠିକ୍ ସେହିକଥା ଶୁଣିଥିଲେ,—ଏବଂ ଆବହମାନ କାଳରୁ ଠିକ୍ ଏହି କଥାଟିରହିଁ ପ୍ରଚାର ହୋଇ ଆସିଛି ଯେ, ଯଦି ତୁମେ କୌଣସି ବିଷୟରେ ସଫଳତା ହାସଲ କରିବାକୁ ଇଚ୍ଛା କରୁଛ, ତେବେ ତୁମକୁ କେବଳ ସେହି କାର୍ଯ୍ୟଟିକୁହିଁ କରିବାକୁ ପଡ଼ିବ । ଏବଂ, ନିଜ ବିଷୟରେ କହିବାକୁ ଗଲେ, ମୁଁ ଏକାବେଳେକେ ଭିନ୍ନ ଭିନ୍ନ ଅନେକ କଥା କରୁଥିଲି ବୋଲି ମୋତେ ସବୁବେଳେ ଗାଳି ଖାଇବାକୁ ପଡ଼ୁଥିଲା ! ଏବଂ ମୋତେ ଭର୍ତ୍ସନା କରି ସର୍ବଦା କୁହାଯାଉଥିଲା ଯେ ମୁଁ କେବେହେଲେ କୌଣସି ବିଷୟରେ ଉତ୍ତମ ଯୋଗ୍ୟତା ହାସଲ କରି ପାରିବି ନାହିଁ । ମୁଁ ପାଠ ପଢ଼ୁଥିଲି, ଚିତ୍ର ଆଙ୍କୁଥିଲି, ସଙ୍ଗୀତଚର୍ଚ୍ଚା କରୁଥିଲି, ଏବଂ ତା'ଛଡ଼ା ଆହୁରି ଅନ୍ୟ କେତେକ ବିଷୟକୁ ନେଇ ମଧ୍ୟ ବ୍ୟସ୍ତ ରହୁଥିଲି । ଏବଂ, ମୋତେ କୁହାଯାଉଥିଲା ଯେ ମୁଁ ଆଦୌ ଖୁବ୍ ବେଶୀ ହେଲା ପରି ସଙ୍ଗୀତ-ବିଦ୍ୟା ଶିଖି ପାରିବି ନାହିଁ, ଚିତ୍ରବିଦ୍ୟାରେ ମଧ୍ୟ ସେପରି କୌଣସି ଯୋଗ୍ୟ ନୈପୁଣ୍ୟ ହାସଲ କରିପାରିବି ନାହିଁ ଏବଂ ମୋର ଅଧ୍ୟୟନଗୁଡ଼ାକ ମଧ୍ୟ କେବଳ ଅସମ୍ପୂର୍ଣ୍ଣ ହୋଇହିଁ ରହିଯିବ । ହୁଏତ ଏହା ଏକ ସତକଥା, ମାତ୍ର ତଥାପି ଏପରି ହେବାରେ ଯେ ଅନେକ ଭଲ ଫଳ ମଧ୍ୟ ରହିଛି, ମୁଁ ସେହି କଥାଟିକୁ ଆବିଷ୍କାର କରି ପାରିଛି । ମୁଁ ଯେଉଁ ଭଲ ଫଳଗୁଡ଼ିକ ବିଷୟରେ କହୁଛି,—ଠିକ୍ ସେହି ଭଲ ଫଳଗୁଡ଼ିକ,—ଏହି ପ୍ରଶସ୍ତ ହୋଇଯିବାର, ଆପଣାର ମନକୁ ନିମଜ୍ଜାସ୍ତ

'oaob.nitrkl.ac.in' images reprocessed

କରି ରଖିବାର ଓ ଅଧିକ ବୋଧଶକ୍ତି ଅର୍ଜନ କରିବାର ଭଲ ଫଳ । ଏକଥା ସମ୍ପୂର୍ଣ୍ଣ ସତ ଯେ, ଯଦି ମୁଁ ସଙ୍ଗୀତରେ ଜଣେ ପ୍ରଥମ ଶ୍ରେଣୀର ଓସ୍ତାଦ ହେବାକୁ ଏବଂ ସଙ୍ଗୀତାନୁଷ୍ଠାନଗୁଡ଼ିକରେ ଅଂଶଗ୍ରହଣ କରିବାକୁ ଆକାଙ୍କ୍ଷା ରଖିଥାନ୍ତି, ତେବେ ସେମାନେ ଯାହା କହୁଥିଲେ, ମୋର ସେହିପରି କରିବା ଆବଶ୍ୟକ ହୋଇଥାନ୍ତା । ଚିତ୍ରଆଙ୍କିବା ବିଷୟରେ କହିବାକୁ ଗଲେ, ଯଦି ମୁଁ ଏହି ଯୁଗର ବିଖ୍ୟାତ ଚିତ୍ରକାରଙ୍କ ମଧ୍ୟରେ ଜଣେ ହେବାକୁ ମନ କରିଥାନ୍ତି, ତେବେ ସେହିପରି କରିବାହିଁ ଆବଶ୍ୟକ ହୋଇଥାନ୍ତା । ସେକଥା ବେଶ୍ ଭଲ ଭାବରେ ବୁଝିହେଉଛି । ମାତ୍ର ତଥାପି, ତାହା ହେଉଛି କେବଳ ଗୋଟିଏ ଦୃଷ୍ଟିକୋଣ । ବିଖ୍ୟାତତମ କଳାକାର ଅଥବା ବିଖ୍ୟାତତମ ସଙ୍ଗୀତଜ୍ଞ ହେବା ଲାଗି ମୁଁ ଆଦୌ କୌଣସି ପ୍ରୟୋଜନ ରହିଥିବାର ଦେଖୁ ନାହିଁ । ସେଇଟା ମୋତେ ସର୍ବଦାହିଁ ଏକ ବୃଥା ଦମ୍ଭ ବୋଲି ମନେ ହୋଇଛି । ଏବଂ ତା'ପରେ, ଏହା ହେଉଛି ବ୍ୟକ୍ତିଗତ ମତରହିଁ ଏକ ପ୍ରଶ୍ନ ।...

ଅନ୍ୟ କଥାଟିର କେବଳ ଗୋଟିଏ ମାତ୍ର ଦୃଷ୍ଟାନ୍ତ ରହିଛି; ସେହି ଦୃଷ୍ଟାନ୍ତଟି ହେଉଛି, ଯେତେବେଳେ ଜଣେ କୌଣସି ଏକ ନୂତନ ଆବିଷ୍କାର କରିବାକୁ ମନ କରୁଥିବ । ସେହି କ୍ଷେତ୍ରରେ ଆପଣାର ସମସ୍ତ ପ୍ରୟାସକୁ ସ୍ପଷ୍ଟତଃ ସେହି ଗୋଟିକ ଲାଗି ଉତ୍ସର୍ଗ କରିବାକୁ ପଡ଼ିବ । ମାତ୍ର ତାହା ଯେ ସାରା ଜୀବନ ପାଇଁ ଲାଗିରହିଥିବ, ସେକଥା ଆଦୌ ନୁହେଁ । ଅବଶ୍ୟ, କ୍ୟୁରି-ଦମ୍ପତି ଆପଣା ଲାଗି ଯେଉଁଭଳି ଏକ ବିଷୟ ବାଛୁଥିଲେ, ସେଭଳି କଷ୍ଟକର ବିଷୟଟିଏ ବାଛିଲେ ତାହା ନିଶ୍ଚୟ ଅନ୍ୟକଥା ହେବ । ତଥାପି ଗୋଟିଏ ସମୟ ଆସିଲା, ଯେତେବେଳେ କି ସେମାନେ ସେହି ଆବିଷ୍କାରଟିକୁ କରି ପାରିଲେ,—ସେମାନେ ତାହାକୁ ଅତିକ୍ରମ କରି ବି ଯାଇପାରିଲେ ।

ତଥାପି, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ, ଏପରି ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ଭାରସାମ୍ୟକୁ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟରୁ ଅପସାରିତ କରି ନେଇଯାଆନ୍ତି ଓ ତା'ପରେ ଯାଇ ଆଉ ଗୋଟିଏ କାର୍ଯ୍ୟ ହାତକୁ ନିଅନ୍ତି । ଏପରି ବିଖ୍ୟାତ ସଙ୍ଗୀତଜ୍ଞ, କଳାକାର ତଥା ବୈଜ୍ଞାନିକମାନଙ୍କର ସର୍ବଦା ଉଦାହରଣ ଦିଆ ଯାଇଥାଏ, ଯେଉଁମାନଙ୍କ ଭିତରେ କି ଗୋଟାଏ ପ୍ରକାରର ଉନ୍ମାଦ ବା ଏକ ଦିଗ୍-ପରିବର୍ତ୍ତନ ରହିଥାଏ । ତୁମେ ସମ୍ଭବତଃ ଆଁ ଗ୍ର'ଙ୍କର ବେହେଲା ବଜାଇବା କଥା ଶୁଣିଛ । ଆଁ ଗ୍ର କଳାକାର ଥିଲେ, ସିଏ ଛବି ଆଙ୍କୁଥିଲେ; ତାଙ୍କ ଭିତରେ ପ୍ରତିଭାର ଆଦୌ କୌଣସି ଅଭାବ ନ ଥିଲା, ଏବଂ ଯେତେବେଳେ ସେ କିଛି ଖାଲି ସମୟ ପାଉଥିଲେ, ସେତେବେଳେ ସେ ବେହେଲା ବାଦନ କରୁଥିଲେ । ଏବଂ, ତାଙ୍କର ଚିତ୍ରକାରିତାଠାରୁ ତାଙ୍କର ବେହେଲା ବଜାଇବାହିଁ ତାଙ୍କ ଲାଗି ଅଧିକ

'oaob.nitrkl.ac.in' images reprocessed

ଆଗ୍ରହପୂର୍ଣ୍ଣ ହୋଇ ରହିଥିଲା । ଆପଣାର ଚକ୍ରଗୁଡ଼ିକୁ ସିଏ ଅତ୍ୟନ୍ତ ସୁଦକ୍ଷତାର ସହିତ କରୁଥିଲେ ଏବଂ ସେଥିଲାଗି ତାଙ୍କର ଅପେକ୍ଷାକୃତ କମ୍ ଆଗ୍ରହ ଥିଲା । ମାତ୍ର ମୁଁ ଭାବୁଛି ଯେ, ତାଙ୍କ ଲାଗି ଏକ ଭାରସାମ୍ୟର ପ୍ରୟୋଜନ ରହିଥିଲା ବୋଲିହିଁ ସେହିଭଳି ଘଟିଥିଲା । ମନୁଷ୍ୟମନର ଏହି ସାଧାରଣ କ୍ରିୟାଶୀଳତାର କ୍ଷେତ୍ରରେ ଆପଣାର କୌଣସି ଲକ୍ଷ୍ୟ ହାସଲ କରିବା ସକାଶେ ଗୋଟିଏ ବିଷୟରେହିଁ ଆପଣାକୁ ସଂକେନ୍ଦ୍ରିତ କରି ରଖିବାର ଅତ୍ୟନ୍ତ ପ୍ରୟୋଜନ ରହିଛି । ମାତ୍ର ଏପରି ଆଉ ଏକ କ୍ରିୟାଶୀଳତା ମଧ୍ୟ ହାସଲ କରାଯାଇ ପାରିବ, ଯାହାକି ଅପେକ୍ଷାକୃତ ଅଧିକ ପୂର୍ଣ୍ଣ ହୋଇଥିବ, ଅଧିକ ସୂକ୍ଷ୍ମ ମଧ୍ୟ ହୋଇଥିବ । ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଶାରୀରିକ ଜୀବନର କ୍ଷେତ୍ରରେ ଜଣେ ସୀମାବଦ୍ଧ ହୋଇ ରହିବାକୁ ଅବଶ୍ୟ ବାଧ୍ୟ ହେବ, କାରଣ ସେହି କ୍ଷେତ୍ରର ଜୀବନରେ ତାକୁ ଅନେକ ପରିମାଣରେ କାଳ ଓ ଦେଶ ଉପରେ ନିର୍ଭର କରି ରହିବାକୁ ପଡ଼ୁଥିବ, ଏବଂ ବିଶେଷ ସଂକେନ୍ଦ୍ରଣ ବ୍ୟତୀତ ସେହି କ୍ଷେତ୍ରରେ କୌଣସି ବଡ଼ କଥା ହାସଲ କରିବା ମଧ୍ୟ କଷ୍ଟକର ହୋଇ ରହିଥିବ । ମାତ୍ର, ଯଦି ଆମେ ଏକ ଉଚ୍ଚତର ଏବଂ ଗଭୀରତର ଜୀବନ ବଞ୍ଚିବାକୁ ଇଚ୍ଛା କରୁଥିବା, ତେବେ ମୁଁ ଭାବୁଛି ଯେ, ଆପଣାକୁ ସୀମିତ କରି ବାନ୍ଧି ରଖିବା ଅପେକ୍ଷା ଅନ୍ୟ ମାର୍ଗଗୁଡ଼ିକରେହିଁ ଆମେ ସମ୍ଭବତଃ ଅନେକ ଅଧିକ ବୃହତ୍ତ କେତେକେତେ ସାମର୍ଥ୍ୟ ହାସଲ କରିବାରେ ଯୋଗ୍ୟ ହୋଇପାରିବା । ଆପଣାର ସୀମାଗୁଡ଼ିକ ମଧ୍ୟରୁ ନିଷ୍କୃତି ଲାଭ କରିବାରେ ପ୍ରକୃତରେ ପ୍ରଭୂତ ଲାଭ ରହିଛି; କୌଣସି ନିର୍ଦ୍ଦିଷ୍ଟ କର୍ମର ଉପଲବ୍ଧି ଦୃଷ୍ଟିରୁ ନ ହେଲେ ମଧ୍ୟ ଅନ୍ତତଃ ଆଧ୍ୟାତ୍ମିକ ଉପଲବ୍ଧି ଦୃଷ୍ଟିରୁ ଅନେକ ଅନେକ ଲାଭ ନିଶ୍ଚୟ ରହିଛି ।

ଆମେ ଅନେକ ବିଷୟକୁ ଭୁଲିଯାଉଁ କାହିଁକି ?

ହଁ, ମୁଁ ଭାବୁଛି ଏହା ପଛରେ ଏକାଧିକ କାରଣ ରହିଛି । ପ୍ରଥମ କାରଣଟି ହେଉଛି, ଆମେ ମନେ ରଖିବା ସକାଶେ ଆମ ସ୍ମରଣଶକ୍ତିକୁହିଁ କାମରେ ଲଗାଇଥାଉ । ସ୍ମରଣଶକ୍ତି ହେଉଛି ଏକ ମାନସିକ ସାଧନ ଏବଂ ତାହା ମସ୍ତିଷ୍କର ଗଠନ ଉପରେହିଁ ସର୍ବଦା ନିର୍ଭର କରି ରହିଥାଏ । କ୍ଷୟପ୍ରାପ୍ତ ହେବାକୁ ଆରମ୍ଭ ନ କରିଥିବା ପର୍ଯ୍ୟନ୍ତ ତୁମର ମସ୍ତିଷ୍କ ସତତ ଅଭିବୃଦ୍ଧି ଲାଭ କରିବାରେ ଲାଗିଛି; ମାତ୍ର ତଥାପି ଏହାର ଅଭିବୃଦ୍ଧି ଏକ ଅନେକ, ଅନେକ ଦୀର୍ଘକାଳ ଯାଏ ଅବ୍ୟାହତ ରହିପାରିବ, ଶରୀରର ଅଭିବୃଦ୍ଧି ତୁଳନାରେ ଅନେକ ଅଧିକ କାଳ ଯାଏ ଅବ୍ୟାହତ ରହିପାରିବ । ଏବଂ, ଏହି ଅଭିବୃଦ୍ଧିର ପ୍ରକ୍ରିୟାଟି ମଧ୍ୟରେ ସ୍ପଷ୍ଟତଃ କେତେକ ବସ୍ତୁ ଅନ୍ୟ କେତେକ ବସ୍ତୁର ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ ହେବାରେ ଲାଗିଥିବ । ଏବଂ ମାନସିକ ଯନ୍ତ୍ରଟି ବିକାଶ ଲାଭ କରୁଥିବା ସଙ୍ଗେ ସଙ୍ଗେ, ବିକାଶର ପ୍ରକ୍ରିୟାଟିରେ

'oaob.nitrkl.ac.in' images reprocessed

ଯେଉଁସବୁ ବସ୍ତୁ ଆପଣା ଉପଯୋଗିତାର ଅବଧିଟିକୁ ପାର ହୋଇସାରିଥିବେ ଅଥବା ଆପଣାର ଅସ୍ଥାୟୀ କାର୍ଯ୍ୟକାଳଟିକୁ ପୂର୍ଣ୍ଣ କରିସାରିଥିବେ, ପରିଣାମଟିକୁ ଘଟିବା ସକାଶେ ବାଟ ଛାଡ଼ିଦେବା ଲାଗି ସେଗୁଡ଼ିକୁ ହୁଏତ ଅପସାରିତ ହୋଇ-ଯିବାକୁ ପଡ଼ିବ। ତେଣୁ, ତୁମେ ଯାହାକିଛି ଜାଣିଲ, ସେହି ସବୁକିଛିର ପରିଣାମ ବିଦ୍ୟମାନ ରହିଥିବ ଓ ଆପଣା ଭିତରେ ଅବସ୍ଥାନ କରୁଥିବ ସତ, ମାତ୍ର ସେଠାରେ ପହଞ୍ଚିବା ଲାଗି ତୁମକୁ ଯେଉଁ ପଥଟି ଅତିକ୍ରମ କରି ଆସିବାକୁ ହୋଇଛି, ହୁଏତ ସେଇଟି ସମ୍ପୂର୍ଣ୍ଣ ଭାବରେ ଅସ୍ପଷ୍ଟ ହୋଇ ରହି ଯାଉଥିବ। ଅର୍ଥାତ୍, ସ୍ମରଣଶକ୍ତି ସୁସ୍ଥିରରୂପେ କ୍ରିୟାଶୀଳ ହୋଇ ରହିବାର ଅର୍ଥ ହେଉଛି ଯେ, ତୁମେ କେବଳ ପରିଣାମଗୁଡ଼ିକୁହିଁ ସ୍ମରଣ ରଖିଥିବ, ଯେପରିକି ଅଗ୍ରସର ହେବା ଲାଗି ଏବଂ ଏକ ନୂତନ ରଚନା ଲାଗି ତୁମେ ଆବଶ୍ୟକ ଉପାଦାନଗୁଡ଼ିକୁ ହାସଲ୍ କରିବାରେ ସମର୍ଥ ହୋଇପାରିବ। ବସ୍ତୁଗୁଡ଼ିକୁ ଅନମ୍ୟ ଭାବରେ ମୁଣ୍ଡ ଭିତରେ କେବଳ ଧାରଣ କରି ରଖିବା ଅପେକ୍ଷା ସେହି କଥାଟି ହେଉଛି ଅଧିକ ମହତ୍ତ୍ୱପୂର୍ଣ୍ଣ।

ପୁନଶ୍ଚ, ଏହାର ଏକ ଅନ୍ୟ ଦିଗ ମଧ୍ୟ ରହିଛି। ମାନସିକ ସ୍ମରଣଶକ୍ତିକୁ ଏକ ଦୋଷଯୁକ୍ତ ବସ୍ତୁ ବୋଲି ବିଚାର କରିବାକୁ ହେବ, ଏବଂ ତାହାର ବାହାରେ ମଧ୍ୟ ଚେତନାର କେତେକେତେ ସ୍ଥିତି ଅବଶ୍ୟ ବିଦ୍ୟମାନ ରହିଛି। ଆମେ ଯେତେବେଳେ ଚେତନାର ଯେଉଁ ସ୍ଥିତିଟିରେ ଥାଉ, ତାହା ସେତେବେଳେ ସେହି ମୁହୂର୍ତ୍ତିଟିର ଯାବତୀୟ ବିଷୟଗୁଡ଼ିକୁ ଲିପିବଦ୍ଧ କରି ରଖିବାରେ ଲାଗିଥାଏ। ତୁମର ଚେତନା ଯଦି ନିର୍ମଳ, ପ୍ରଶସ୍ତ ଏବଂ ଶକ୍ତିଶାଳୀ ହୋଇ ରହିଥାଏ, ତେବେ ତୁମେ ଯେତେବେଳେ ଇଚ୍ଛା କରିବ, ସେତେବେଳେ ସେହି ମୁହୂର୍ତ୍ତିଟିରେ ମଧ୍ୟ ସକେନ୍ଦ୍ରଣ ଦ୍ୱାରା, ପୂର୍ବରୁ ଯେକୌଣସି ସମୟରେ ଯାହାକିଛି କରିଛ, ଚିନ୍ତା କରିଛ ଦେଖିଛ ଅଥବା ପର୍ଯ୍ୟବେକ୍ଷଣ କରିଛ, ତାହାକୁ ତୁମର ସକ୍ରିୟ ଚେତନା ମଧ୍ୟକୁ ଅବଶ୍ୟ ଆବାହନ କରିଆଣି ପାରିବ; ଆପଣା ଭିତରେ ସେହି ଚେତନାସ୍ଥିତିର ପୁନଃସୃଜନ ଦ୍ୱାରା ତୁମେ ଏହି ସବୁକିଛିକୁ ସ୍ମରଣ କରିପାରିବ। ଏବଂ ସେଇଟିକୁ ତୁମେ କେବେହେଲେ ଭୁଲିଯିବ ନାହିଁ। ତୁମେ ହଜାର ବର୍ଷ ବଞ୍ଚିଲେ ମଧ୍ୟ ତାହା ତୁମର ତଥାପି ମନେ ରହିଥିବ। ତେଣୁ, ଯଦି ତୁମେ ଭୁଲିଯିବାକୁ ପ୍ରକୃତରେ ଇଚ୍ଛା କରୁ ନ ଥାଅ, ତେବେ ତୁମର ମାନସିକ ସ୍ମୃତିଶକ୍ତି ନୁହେଁ—ତୁମର ଚେତନାହିଁ ତାହାକୁ ମନେ ରଖିପାରିବ। ତୁମର ମାନସିକ ସ୍ମୃତିସାମର୍ଥ୍ୟ ଅଗତ୍ୟା ଅପସାରିତ ହୋଇଯିବ, ଅସ୍ପଷ୍ଟ ହୋଇ ରହିବ ଏବଂ ପୁରାତନ ବିଷୟଗୁଡ଼ିକର ସ୍ଥାନାପନ୍ନ ଭାବରେ ନୂତନ ବିଷୟଗୁଡ଼ିକର ପ୍ରତିଷ୍ଠା ହେବ। ମାତ୍ର, ଯେଉଁସବୁ ବିଷୟରେ ତୁମେ ସଚେତନ ଥିବ, ତୁମେ ସେଗୁଡ଼ିକୁ କେବେହେଲେ ଭୁଲିବ ନାହିଁ। ତୁମକୁ କେବଳ ସେହି ଚେତନାସ୍ଥିତିଟିକୁ ପୁନର୍ବାର ଆବାହନ କରି ଆଣିବାକୁ ପଡ଼ିବ,

'oaob.nitrkl.ac.in' images reprocessed

ଓ ତେବେ ସବୁକିଛୁ ମନେ ପଡ଼ିଯିବ । ଏହିପରି ଭାବରେ ଜଣେ ହଜାର ହଜାର ବର୍ଷ ପୂର୍ବେ ବଞ୍ଚିଥିବା ପରିସ୍ଥିତିଗୁଡ଼ିକର ସ୍ମରଣ କରିପାରିବ । ଅବିକଳ ସେହି ଚେତନାଟିକୁ ଆବାହନ କରି ଆଣିପାରିଲେ ତାହା ସମ୍ଭବ ହେବ । ଏହିପରି ଭାବରେ ପୂର୍ବଜନ୍ମର କଥାଗୁଡ଼ିକୁ ମଧ୍ୟ ମନେ କରିହେବ । ତାହା କଦାପି ଅନ୍ତର୍ହିତ ହୋଇଯିବ ନାହିଁ । ଅତି ପିଲା ବୟସରେ ତୁମେ ସ୍ଥୂଳ ଜୀବନସ୍ତରରେ କ'ଣ ସବୁ କରିଥିଲ, ସେକଥା ତୁମର ଆଉ ମୋଟେ ମନେ ରହି ନ ଥିଲେ ମଧ୍ୟ ଏଇଟି କଦାପି ଅନ୍ତର୍ହିତ ହୋଇଯିବ ନାହିଁ । ତୁମକୁ ଏପରି ଅନେକ କଥା କୁହା ହୋଇଥିବ, ଯାହାକି ତୁମର ମୋଟେ ମନେ ନ ଥିବ । ତାହା ପ୍ରାୟ ସଙ୍ଗେ ସଙ୍ଗେ ପାସୋରି ହୋଇ ଯାଉଥିବ । କାରଣ ମସ୍ତିଷ୍କର ଭୂମିରେ ସର୍ବଦା ଏକ ପରିବର୍ତ୍ତନ ଘଟିବାରେ ଲାଗିଛି ଏବଂ ଅଧିକ ଦୁର୍ବଳ ହୋଇ ପଡ଼ିଥିବା କେତେକ କୋଷର ସ୍ଥାନାପନ୍ନ ଭାବରେ ଅପେକ୍ଷାକୃତ ଅଧିକ ସବଳ କୋଷମାନଙ୍କର ଆଗମନ ଘଟୁଛି,—ଅନ୍ୟ ସମ୍ମିଳନଗୁଡ଼ିକର ଓ ମସ୍ତିଷ୍କଗତ ଅନ୍ୟ ସଂଗଠନଗୁଡ଼ିକର ଆଗମନ ଘଟୁଛି । ତେଣୁ ସେଠାରେ ଆଗରୁ ଯାହା ରହିଥିଲା, ତାହା ଲିଭିଯାଉଛି ଅଥବା ବିକୃତ ହୋଇଯାଉଛି ।

ହଜାର ହଜାର ବର୍ଷ ପୂର୍ବେ ଘଟିଥିବା ବିଷୟଗୁଡ଼ିକୁ ମଧ୍ୟ ମନେ କରିହେବ !

ହଁ, ଯଦି ତୁମେ ସେହି ନିର୍ଦ୍ଦିଷ୍ଟ ସ୍ଥାନଟିକୁ ଯାଇପାରିବ, ଯଦି ହଜାର ହଜାର ବର୍ଷ ପୂର୍ବେ ଅବସ୍ଥିତ ଥିବା ସେହି ସ୍ଥାନଟି ସହିତ ତୁମେ ଏକ ସଂସ୍ପର୍ଶରେ ଯାଇ ପ୍ରବିଷ୍ଟ ହୋଇପାରିବ । ଏବଂ, ପୁନଶ୍ଚ (ଏକଥା ମୁଁ କେଉଁଠି ଆଗରୁ ଲେଖିଛି ବୋଲି ଭାବୁଛି), ଏହି ପୃଥ୍ୱୀଚେତନାର ମଧ୍ୟ ଏକ ଲିପିବଦ୍ଧ ବିବରଣ ରହିଛି ଏବଂ ଯଦି ତୁମେ ସେହି ସ୍ଥାନଟିରେ ଯାଇ ପହଞ୍ଚି ପାରିବାର ବିଦ୍ୟାଟିକୁ ଜାଣିଥିବ, ତେବେ ତୁମେ ଯେ କେବଳ ଆପଣା ଜୀବନଟିକୁ ସ୍ମରଣ କରିପାରିବ, ତାହା ନୁହେଁ, ମାତ୍ର ସେତେବେଳେ ଭୂପୃଷ୍ଠରେ ଘଟିଥିବା ଯାବତୀୟ କଥାକୁ ମଧ୍ୟ ସ୍ମରଣ କରିପାରିବ । ତାହା ସେହିଠାରେ ଲିପିବଦ୍ଧ ହୋଇ ରହିଛି, ଏବଂ ଏହା ହେଉଛି ଏକ ଚେତନାର ବିଷୟ ।

ମାତ୍ର ତଥାପି ମନେ ପକାଇ ହେବ କିପରି ?··· କାରଣ, ଶରୀରର ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ମନ ବି ···

ତାହା କିପରି ସମ୍ଭବ ହେବ, ମୁଁ ବର୍ତ୍ତମାନ ସେହିକଥାହିଁ କହୁଥିଲି । ତୁମେ ମୋ କଥାକୁ ପ୍ରକୃତରେ ଶୁଣି ପାରିଲ ନାହିଁ । ମୁଁ କହୁଥିଲି ଯେ, ଯଦି କେବଳ

'oaob.nitrkl.ac.in' images reprocessed

ମାନସିକ ସ୍ତରରେ ମନେ ରଖାଯାଇଥାଏ, ତେବେ ତାହାର ଏକ ଅପସାରଣ ଘଟିବ । ଏପରିକି, ତୁମର ଏହି ଜନ୍ମରେ କୋଡ଼ିଏ, ତିରିଶି କିଂବା ଚାଳିଶି ବର୍ଷ ପୂର୍ବରୁ ଘଟିଥିବା ଘଟଣାଗୁଡ଼ିକୁ ମଧ୍ୟ ତୁମେ ଆଦୌ ମନେପକାଇ ପାରିବ ନାହିଁ । ମାତ୍ର ଏକ ଚେତନାର ଭୂମି ଏବଂ ଏକ ମନୋଭୂମି କଦାପି ସେହି ଗୋଟିଏ କଥା ନୁହନ୍ତି । ଏଇଟିର ମାନସିକ ସ୍ଥିତି ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ । ବସ୍ତୁତଃ, ଶରୀରର ବିଲୟନ ଘଟିବା ସଙ୍ଗେ ସଙ୍ଗେ ଅଧିକାଂଶ ମନ ମଧ୍ୟ ବିଲୁପ୍ତ ହୋଇ ଯାଆନ୍ତି; ଅବଶ୍ୟ ଯେତେବେଳେ ଏକ ଅତ୍ୟନ୍ତ ସୁଗଠିତ ବିଶେଷ ମନୋରଚନା ସମ୍ଭବ ହୋଇପାରିଥାଏ, ଏକ ଅତ୍ୟନ୍ତ "ସସକ୍ତଶୀଳ" ଓ ଅତ୍ୟନ୍ତ ସୁସଂଗଠିତ ମନୋରଚନା ସମ୍ଭବ ହୋଇଥାଏ, ସେତେବେଳେ ସେହି କ୍ଷେତ୍ରରେ ତାହା ଅଧିକ ସ୍ଥାୟୀ ହୋଇପାରେ । ମାତ୍ର ସେପରି ଅତ୍ୟନ୍ତ କ୍ୱଚିତ୍ ଘଟେ । କେବଳ ଅତ୍ୟନ୍ତ ବିଶେଷ ବ୍ୟତିକ୍ରମଗୁଡ଼ିକର କ୍ଷେତ୍ରରେ ତାହା ଘଟେ । ମାତ୍ର ଚେତନା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ ବସ୍ତୁ । ଚେତନା ଏକ ଚିରନ୍ତନ ସ୍ଥିତି । ଚେତନାର ସ୍ଥିତି ହେଉଛି ଏକ ଚିରନ୍ତନ ସ୍ଥିତି । ଏହି ବିଶାଳ ସୃଷ୍ଟି ଚେତନାରୁହିଁ ସମ୍ଭୂତ ହୋଇଛି; ଯଦି ଚେତନାକୁ ପ୍ରତ୍ୟାହୃତ କରି ନିଆଯାଏ, ତେବେ ଆଉ ମୋଟେ କୌଣସି ସୃଷ୍ଟି ସମ୍ଭବ ହେବ ନାହିଁ । ଏବଂ, ଯଦି ତୁମେ ସେହି ଚେତନା ସହିତ ଆପଣାର ସମ୍ପର୍କ ଘଟାଇ ପାରିବ, ତେବେ ତୁମେ ସୃଜନର ସମଗ୍ର ଇତିହାସଟିକୁହିଁ ଆବିଷ୍କାର କରିପାରିବ । କାରଣ ଏହି ଚେତନାରୁହିଁ ସୃଷ୍ଟିର ଉଦ୍‌ଭବ ହୋଇଛି । ଚେତନା ହେଉଛି ଚିରନ୍ତନ ।

ମାଆ, ଅନେକ ସମୟରେ ନାନା ଅପ୍ରୀତିକର ଭାବନା ଆସି ଭାରି ବାଧା ସୃଷ୍ଟି କରୁଛି । ସେଗୁଡ଼ାକରୁ ନିଷ୍କୃତି ମିଳିପାରିବ କିପରି ?

ଏଥିପାଇଁ ଏକାଧିକ ଉପାୟ ରହିଛି । ସାଧାରଣତଃ, ମାତ୍ର ଏହା ସଂପୃକ୍ତ ବ୍ୟକ୍ତିମାନଙ୍କ ଉପରେହିଁ ନିର୍ଭର କରିଥାଏ,—ସାଧାରଣତଃ, କିଛି ଅନ୍ୟକଥା ଚିନ୍ତା କରିବା ହେଉଛି ସହଜତମ ଉପାୟ । ଅର୍ଥାତ୍, ଏପରି ଗୋଟିଏ ବିଷୟ ଉପରେ ଆପଣାର ମନୋଯୋଗକୁ ସକେନ୍ଦ୍ରିତ କରି ରଖିବ, ଯାହାରକି ସେହି ଅପ୍ରୀତିକର ଭାବନାଟି ସହିତ ମୋଟେ କୌଣସି ସମ୍ବନ୍ଧ ନ ଥିବ, ତାହା ସହିତ ଏହାର ଆଦୌ କୌଣସି ସୂତ୍ର ଲାଗି ନ ଥିବ । ହୁଏତ କିଛି ପଢ଼ିବସିବ ଅଥବା ଗୋଟାଏ କିଛି କାମରେ ମନଦେବ । ସାଧାରଣତଃ କିଛି ସୃଜନାତ୍ମକ କାର୍ଯ୍ୟରେ ଆପଣାକୁ ନିୟୋଜିତ କରି ରଖିବ । ଉଦାହରଣସ୍ୱରୂପ, ଯେଉଁମାନେ ଲେଖାଲେଖି କରନ୍ତି, ଯେତେବେଳେ ସେମାନେ ଲେଖିବାରେ ନିୟୋଜିତ ହୋଇ ରହିଥାନ୍ତି (ଜଣେ ଉପନ୍ୟାସକାରଙ୍କ ଦୃଷ୍ଟାନ୍ତ ଗ୍ରହଣ କରାଯାଉ), ସେତେବେଳେ ସିଏ ଲେଖାରେ

'oaob.nitrkl.ac.in' images reprocessed

ନିୟୋଜିତ ରହିଥାଆନ୍ତି, ସେତେବେଳେ ତାଙ୍କଠାରୁ ଅନ୍ୟ ସକଳ ଭାବନା ଅନ୍ତର୍ହିତ ହୋଇ ରହିଥାଏ, କାରଣ ସିଏ ଯାହା କରୁଥାଆନ୍ତି, ତାହାକୁ ନେଇହିଁ ସକେନ୍ଦ୍ରିତ ହୋଇ ରହିଥାନ୍ତି । ଲେଖିବା କାମଟି ଶେଷ ହୋଇଗଲେ, ଯଦି ତାଙ୍କ ଭିତରେ କୌଣସି ନିୟନ୍ତ୍ରଣ-ଶକ୍ତି ନ ଥାଏ, ସେତେବେଳେ ଅନ୍ୟ ଭାବନାଗୁଡ଼ାକ ଆସି ପହଞ୍ଚି ଯାଆନ୍ତି । ମାତ୍ର ଠିକ୍ ଯେତେବେଳେ କୌଣସି ଭାବନା ଆସି ଆକ୍ରମଣ କରିବାକୁ ଲାଗେ, ସେତେବେଳେ କୌଣସି ଏକ ସୃଜନାତ୍ମକ କାର୍ଯ୍ୟରେ ମନୋନିବେଶ କରିବା ଲାଗି ଚେଷ୍ଟା କରିଯାଇ ପାରିବ । ଉଦାହରଣସ୍ୱରୂପ, ଜଣେ ବୈଜ୍ଞାନିକ ଗବେଷଣା ସମ୍ପର୍କୀୟ କୌଣସି କାର୍ଯ୍ୟରେ ମନଦେବ, କିଛି ଆବିଷ୍କାର କରିପାରିବା ଲାଗି ହୁଏତ ଏକ ବିଶେଷ ଅଧ୍ୟୟନରେ ମନୋନିବେଶ କରିବ, ନିଜକୁ ନିମଗ୍ନ କରି ରଖିପାରିବା ଭଳି କୌଣସି କାର୍ଯ୍ୟରେ ମନୋନିବେଶ କରିବ । ତାହା ହେଉଛି ସବୁଠାରୁ ସହଜ ଉପାୟ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ଆପଣାର ଭାବନାଗୁଡ଼ିକୁ ନିୟନ୍ତ୍ରଣରେ ରଖିବାର ଏକ ପ୍ରୟାସ ଆରମ୍ଭ କରି ସାରିଲେଣି, ସେମାନେ ଏହି କ୍ଷେତ୍ରରେ ଏକ ପ୍ରତ୍ୟାଖ୍ୟାନ-କ୍ରିୟାର ପ୍ରୟୋଗ କରିବେ, ଯତେଅବା କୌଣସି ସ୍ଥୂଳ ବସ୍ତୁକୁ ଆଡ଼େଇଦେବା ପରି ସେମାନେ ଆପଣାର ଭାବନାଟିକୁ ମଧ୍ୟ ଆଡ଼େଇ ଦୂରକୁ ଠେଲିଦେବେ । ମାତ୍ର ତାହା କରିପାରିବା ଅଧିକ କଷ୍ଟକର ଏବଂ ସେଥିଲାଗି ଏକ ବୃହତ୍ତର ନିୟନ୍ତ୍ରଣ-ଶକ୍ତିର ଆବଶ୍ୟକତା ରହିଥାଏ । ଯଦି କାହା ଦ୍ୱାରା ଏଭଳି କରିବା ସମ୍ଭବ ହୁଏ, ତେବେ ଏହା ଅଧିକ କ୍ରିୟାଶୀଳତାର ପରିଚୟ ଦେଇପାରିବ; କାରଣ, ସେହି ଗଛିଷ୍ଟନିକ ଅର୍ଥାତ୍ ଭାବନାଟିକୁ ପ୍ରତ୍ୟାଖ୍ୟାନ କରିପାରିଲେ, ଯଦି ତୁମେ ତାହାକୁ ସତତ, ଫଳପ୍ରଦ ଭାବରେ ଓ ବାରବାର ଘଉଡ଼ାଇ ଦେଇ ପାରୁଥିବ, ତେବେ ପରିଶେଷରେ ତାହା ତୁମ ପାଖକୁ ଆଉ ମୋଟେ ଫେରି ଆସିବ ନାହିଁ । ମାତ୍ର, ଅନ୍ୟ କ୍ଷେତ୍ରଟିରେ ତାହା ବାରବାର ଆସିବାରେ ଲାଗିଥିବ । ଏହିପରି ଭାବରେ ଏହି ଦୁଇଟି ଉପାୟ ରହିଛି ।

ତୃତୀୟ ଉପାୟଟି ହେଉଛି ଊର୍ଦ୍ଧ୍ୱଦେଶରୁ ଯଥେଷ୍ଟ ପରିମାଣରେ ବୃହତ୍ତର ଏପରି ଏକ ଆଲୋକର ଅବତରଣ ଘଟାଇବାକୁ ସମର୍ଥ ହେବା, ଯାହାକି ଗଭୀରତର ଅର୍ଥରେ ଏକ "ନେତି" ଭାବରେ କାର୍ଯ୍ୟ କରିପାରିବ । ଅର୍ଥାତ୍, ଆସୁଥିବା ଭାବନାଟି ଯଦି ଗୋଟିଏ କାଳମାମସ୍ଥ ଭାବନା ହୋଇଥିବ (ଏବଂ ବିଶେଷତଃ ଯଦି ତାହା ତୁମର ଅବଚେତନ ଅଥବା ଅଚେତନାରୁ ଆସୁଥିବ ଏବଂ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ରହିଥିବ) । ତେବେ, ଊର୍ଦ୍ଧ୍ୱଦେଶରୁ ଏକ ଯଥାର୍ଥ ଜ୍ଞାନର ଆଲୋକକୁ ଅର୍ଥାତ୍ ଉଚ୍ଚତର ଶକ୍ତିକୁ ଅବତୀର୍ଣ୍ଣ କରି ଆଣାଇ ପାରିଲେ ଓ ସେହି ଆଲୋକକୁ ଭାବନାଟି ଉପରେ ଅବସ୍ଥାପିତ କରି ରଖି ପାରିଲେ, ସେଇଟିର ବିଲୟନ

'oaob.nitrkl.ac.in' images reprocessed

ସମ୍ଭବ ହେବ, ବା ସେଇଟି ସନ୍ଦୀପିତ ହୋଇଯିବ ଅଥବା ସେଥିରେ ହୁଏତ ଏକ ରୂପାନ୍ତର ଘଟିବ । ଏଇଟି ହେଉଛି ସର୍ବଶ୍ରେଷ୍ଠ ଉପାୟ । ଏଇଟି କିନ୍ତୁ ଅଧିକ କଷ୍ଟକର । ମାତ୍ର ଏହାକୁ କରିପାରିବା ଅବଶ୍ୟ ସମ୍ଭବ ଏବଂ ଯଦି କେହି ସେପରି କରିପାରିବ, ତେବେ ସିଏ ସମ୍ପୂର୍ଣ୍ଣ ଭାବରେ ବ୍ୟାଧିମୁକ୍ତ ହୋଇଯିବ;—କେବଳ ଯେ ସେହି ଭାବନାଟି ଆଉ ମୋଟେ ଆସିବ ନାହିଁ ସେତିକି ନୁହେଁ, ତାହାର ପ୍ରକୃତ କାରଣଟି ମଧ୍ୟ ଦୂରୀଭୂତ ହୋଇଯିବ ।

ଏକ ଅନ୍ୟ କିଛୁ ବିଷୟରେ ଭାବିବା ହେଉଛି ପ୍ରଥମ ସୋପାନ (ମାତ୍ର ଏଥିରେ ଏଇଟି ଅନନ୍ତ କାଳ ଲାଗି ବାରବାର ଆସିବାରେ ଲାଗିଥିବ); ଭାବନାଟି ସହିତ ଯୁଦ୍ଧ କରିବା ହେଉଛି ଦ୍ୱିତୀୟ ସୋପାନ, ଓ ରୂପାନ୍ତର ତୃତୀୟ ସୋପାନ । ଯେତେବେଳେ ଆମେ ଏହି ତୃତୀୟ ସୋପାନଟିରେ ଯାଇ ପହଞ୍ଚି ପାରିବା, ସେତେବେଳେ କେବଳ ଯେ ବ୍ୟାଧିଟି ଆମକୁ ଛାଡ଼ି ଚାଲି ଯାଇଥିବ ତା' ନୁହେଁ, ମାତ୍ର ତଦ୍ୱାରା ଆମେ ଏକ ସ୍ଥାୟୀ ଅଗ୍ରଗତି ମଧ୍ୟ ହାସଲ କରି ପାରିଥିବା ।

'oaob.nitrkl.ac.in' images reprocessed

# ୧୭ ଫେବୃଆରୀ ୧୯୫୪

**ମାଆଙ୍କ ଦ୍ୱାରା ଲିଖିତ "ଚୈତ୍ୟ ଶିକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା" ପ୍ରବନ୍ଧଟି ଉପରେ ଏହି ପ୍ରବଚନଟି ଆଧାରିତ ।**

ଚୈତ୍ୟ ଭାଗଟି ସହିତ ଥରେ ସତ୍ତାର ସମ୍ପର୍କସ୍ଥାପନ ହୋଇଯିବା ପରେ ଚୈତ୍ୟ ଭାଗଟି ପୁନର୍ବାର କାହିଁକି ଆପଣାକୁ ଲୁଚାଇ ରଖିବାକୁ ଯାଏ ?

**ପ୍ରକୃତରେ ଚୈତ୍ୟ ଭାଗଟି ଆପଣାକୁ ଆଦୌ ଲୁଚାଇ ରଖି ନ ଥାଏ, ପ୍ରକୃତ କଥା ହେଉଛି, ସ୍ୱୟଂ ସତ୍ତାହିଁ ଆପଣାର ସାଧାରଣ ଚେତନାର ଭୂମିଟିକୁ ପୁନର୍ବାର ଫେରି ଆସିଥାଏ ! ତାହା ପକ୍ଷରେ ଆପଣାର ସର୍ବୋଚ୍ଚ ସ୍ଥିତିଟିରେ ରହିବା ପ୍ରକୃତରେ ଭାରି କଷ୍ଟକର ହୋଇପଡ଼େ । ସେଇଥିପାଇଁ ତଳକୁ ଖସି ଆସିବାକୁ ପଡ଼େ, ପୁଣି ଯେଉଁଠି ଥିଲ ସେଇଠିକି । କେବଳ ଏତିକି ହୁଏ ଯେ, ଦ୍ୱିତୀୟ ଥର ବେଳକୁ ଆବିଷ୍କାରର ପ୍ରକ୍ରିୟାଟି ଅପେକ୍ଷାକୃତ ଅଧିକ ସହଜ ହୋଇଥାଏ । ଏବଂ, ପ୍ରତ୍ୟେକଥର ବାଟଟି ଅଧିକରୁ ଅଧିକ ସହଜ ହେବାରେ ଲାଗିଥାଏ ଏବଂ ଶେଷରେ ଆଉ ମୋଟେ ତଳକୁ ଖସିପଡ଼ିବାକୁ ହୁଏ ନାହିଁ ।**

ମାଆ, ଏଇ ଅଂଶଟିକୁ ମୁଁ ଭଲ କରି ବୁଝିପାରୁ ନାହିଁ : "ସାଧାରଣତଃ ଏହି ଆବିଷ୍କାରଟି (ଜଣକର ତା'ନିଜ ଭିତରେ ରହିଥିବା ସେହି ଶାଶ୍ୱତ ତତ୍ତ୍ୱର) ଏକ ଅନ୍ତର୍ଗତ ଏକାତ୍ମକତାର ଅନୁଭବ, ଏକ ଧର୍ମାନୁପ୍ରେରିତ ଜୀବନ ସହିତ ସଂଯୁକ୍ତ ହୋଇ ରହିଥାଏ, କାରଣ ମୁଖ୍ୟତଃ ଧର୍ମଗୁଡ଼ିକହିଁ ଜୀବନର ଏହି ଦିଗ୍-ବିକାଶଟି ସହିତ ସମ୍ପୃକ୍ତ କରି ରଖି ଆସିଛନ୍ତି । ମାତ୍ର ଏପରି ଯେ ସବୁକ୍ଷେତ୍ରରେ ଅବଶ୍ୟ ହେବ, ସେକଥା ଆଦୌ ନୁହେଁ : ପରମେଶ୍ୱରଙ୍କର ବିଷୟରେ ଏକ ଅଦୃଶ୍ୟ ସାନ୍ନିଧ୍ୟର ଧାରଣାଟି ସ୍ଥାନରେ ହୁଏତ ସତ୍ୟର ଏକ ଦର୍ଶନାତ୍ମକ ଧାରଣା ସେହି କ୍ଷେତ୍ରରେ ଉପସ୍ଥିତ ଥାଇପାରେ ଏବଂ ତଥାପି ତଦୁପଲବ୍ଧ ଆବିଷ୍କାରଟି ମୂଳତଃ ସେହି ଏକାପରି ହୋଇପାରେ, କିନ୍ତୁ ସେଇଟି

'oaob.nitrkl.ac.in' images reprocessed

> ପର୍ଯ୍ୟନ୍ତ ପରିଗୃହୀତ କରି ନେଉଥିବା ମାର୍ଗଟିକୁ ହୁଏତ ଆଦୌ କୌଣସି ପ୍ରକାରେ ସାଳିସି କରିବାକୁ ଇଚ୍ଛା କରୁ ନ ଥିବା ଜଣେ ପ୍ରତ୍ୟକ୍ଷବାଦୀ ମଧ୍ୟ ଗ୍ରହଣ କରି ନେଇପାରେ ।"

ଏଥିରୁ ଠିକ୍ କେଉଁ କଥାଟିକୁ ତୁମେ ବୁଝିପାରୁ ନାହଁ ? ସେଥିରେ ମୁଁ ଏଇଆ କହିବାକୁ ଇଚ୍ଛା କରିଛି ଯେ, ଆମେ ଯାହାକିଛି ଭାବୁ, ତାହାର ପ୍ରକୃତରେ ଅଦୌ ଖୁବ୍‌ବେଶୀ ତାତ୍ପର୍ଯ୍ୟ ନାହିଁ, କାରଣ, ଯେଉଁ ପରିବେଶଟି ମଧ୍ୟରେ ଆମର ଜନ୍ମ ହୋଇଛି ଏବଂ ଆମେ ଯେଉଁପରି ଶିକ୍ଷା ପ୍ରାପ୍ତ ହୋଇଛୁ, ଆମର ଭାବନାର ନିର୍ମାଣ ପ୍ରକୃତରେ ତାହାରି ଦ୍ୱାରା ହୋଇଛି,—ମାତ୍ର ଏହି କଥାଟିକୁ ଏକାଧିକ ଅନ୍ୟ ଭାବରେ ମଧ୍ୟ କୁହାଯାଇ ପାରିବ । ଏବଂ ତୁମେ ସେହି କଥାଗୁଡ଼ିକୁ ଯାବତୀୟ ଢଙ୍ଗରେ ଅବଶ୍ୟ କହିପାରିବ : ତଥାପି ସେଗୁଡ଼ିକ ପ୍ରକୃତରେ ଯାହା, ଠିକ୍ ତାହାହିଁ ହୋଇ ରହିଥିବେ । ତୁମେ ସେଥିରୁ ଠିକ୍ କେଉଁ କଥାଟିକୁ ବୁଝିପାରୁ ନାହଁ ?

> ପରମେଶ୍ୱରଙ୍କ ବିଷୟରେ ଏକ ଅଦୃଶ୍ୟ ସାନ୍ନିଧ୍ୟର ଧାରଣାଟି ସ୍ଥାନରେ ବିକଳ୍ପ ଭାବରେ ଯଦି ଏକ ଅଧିକ ଦର୍ଶନାତ୍ମକ ଧାରଣାକୁ ଗ୍ରହଣ କରାଯାଏ· ·

"ପରମେଶ୍ୱର" ଶବ୍ଦଟିକୁ ତୁମେ କେଉଁ ଅର୍ଥରେ ବୁଝୁଛ, ଏଠାରେ ସବୁକିଛି ତାହାରି ଉପରେହିଁ ନିର୍ଭର କରୁଛି । ଏହା ଏପରି ଗୋଟିଏ ଶବ୍ଦ (ମୁଁ ତୁମକୁ ଏକଥା ଗ୍ରରି କି ପାଞ୍ଚଥର କହି ସାରିଥିବି), ଯାହାକୁ କି ଆମେ ଏପରି ଏକ "କଥା"ର ଅର୍ଥରେ ବ୍ୟବହାର କରିଥାଉ, ଯାହାକୁ କି ଆମେ ଜାଣି ନ ଥାଉ ଅଥଚ ଉପଲବ୍ଧି କରିବା ଲାଗି ଚେଷ୍ଟା କରୁଥାଉ । ହଁ, ଯଦି ତୁମକୁ ଏକ ଧର୍ମଗତ ଶିକ୍ଷା ପ୍ରାପ୍ତ ହୋଇଥାଏ, ତେବେ ତୁମେ ତାହାକୁ "ପରମେଶ୍ୱର" ବୋଲି କହିବାରେ ଅଭ୍ୟସ୍ତ ହୋଇ ଯାଇଥାଅ । ମାତ୍ର ଯଦି ତୁମର ଶିକ୍ଷା ଅଧିକତର ପରିମାଣରେ ଏକ ପ୍ରତ୍ୟକ୍ଷବାଦୀ ଶିକ୍ଷା ହୋଇଥାଏ ଅଥବା ଏକ ଦର୍ଶନାତ୍ମକ ଶିକ୍ଷା ବି ହୋଇଥାଏ, ତେବେ ତୁମେ ସେହି କଥାଟିକୁ ଯାବତୀୟ ପ୍ରକାରର ନାମ ଦ୍ୱାରା ବର୍ଣ୍ଣନା କରିଥାଅ ଏବଂ ତଥାପି, ତାହାହିଁ ଯେ ସର୍ବୋଚ୍ଚ ସତ୍ୟ, ଯୁଗପତ୍ ଭାବରେ ତୁମ ଭିତରେ ଏହି ଧାରଣାଟି ମଧ୍ୟ ଅବସ୍ଥାନ କରୁ ଥାଇପାରେ । ଆମେ ଯେତେବେଳେ ପରମେଶ୍ୱର ବିଷୟରେ କିଛି ବର୍ଣ୍ଣନା କରି କହିବାକୁ ଇଚ୍ଛା କରୁ, ସେତେବେଳେ ଆମେ ଏପରି ଅନେକ କଥାକୁ ଆଣି କାମରେ ଲଗାଇବାକୁ ବାଧ୍ୟ ହୋଇଥାଉ, ଯାହା ଭିତରକୁ କି ଆମ ଚେତନାର ଆଦୌ କୌଣସି ପ୍ରବେଶ ନ ଥାଏ । ଏବଂ, ଯାହାକି ଆମର

'oaob.nitrkl.ac.in' images reprocessed

ଯାବତୀୟ ଜାଣିବା, ବୁଝିବା ବା ହୋଇପାରିବାର ସେ ପାଖରେ ଯାଇ ଅବସ୍ଥିତ ରହିଛି,—ବୁଝିପାରିବା ପାଇଁ ତାହା ଆମ ଲାଗି ବହୁଦୂରବର୍ତ୍ତୀ ହୋଇ ରହିଥାଏ,— ଆମେ ତାହାଙ୍କୁହିଁ ପରମେଶ୍ୱର ବୋଲି କହିଥାଉଁ । କେବଳ କେତୋଟି ଧର୍ମରେ (ହଁ, ଏପରି କେତେ ଧର୍ମ ଅଛନ୍ତି) ସେହି ଈଶ୍ୱରଭାବନାକୁ ଏକ ନିର୍ଦ୍ଦିଷ୍ଟ ଆକାରରେ ଅଭିହିତ କରିଥାନ୍ତି; ବେଳେବେଳେ ତାଙ୍କୁ ଏକାଧିକ ଆକାର ବି ଦେଇଥାନ୍ତି ଏବଂ ଏହିପରି ଭାବରେ ସେମାନଙ୍କର ଏକାଧିକ ଈଶ୍ୱର ମଧ୍ୟ ରହିଥାନ୍ତି; ବେଳେବେଳେ ଗୋଟିଏ ଆକାର ଦେଇଥାନ୍ତି ଏବଂ ତେଣୁ ସେମାନଙ୍କ ପାଖରେ କେବଳ ଗୋଟିଏ ଈଶ୍ୱର ରହିଥାନ୍ତି; ମାତ୍ର ଏଗୁଡ଼ାକ ହେଉଛି କେବଳ ମଣିଷରହିଁ ରଚନା । ଅବଶ୍ୟ "କିଛି" ଅବସ୍ଥିତ ରହିଛି, ଏପରି ଏକ ସତ୍ୟ ରହିଛି, ଯାହାକୁ କି ଆମେ ଆଦୌ ବ୍ୟକ୍ତ କରିପାରୁ ନାହୁଁ, ମାତ୍ର ଏକ ସାଧନା ଦ୍ୱାରା ଆମେ ଯାହାଙ୍କ ସହିତ ଅବଶ୍ୟ ସମ୍ପର୍କ ସ୍ଥାପନ କରିପାରିବା । ଏଇଟି ସହିତ ଏକାତ୍ମକ ବି ହୋଇପାରିବା । ଏବଂ ସେହି ଏକାତ୍ମକତା ସ୍ଥାପିତ ହୋଇଯିବା ପରେ ଆମେ ତାହାର ପରିଚୟ ବି ପାଇପାରିବା । ତଥାପି ବ୍ୟକ୍ତ କରିପାରିବା ନାହିଁ, କାରଣ ଶବ୍ଦଗୁଡ଼ାକ ତାହାକୁ ମୋଟେ ବ୍ୟକ୍ତ କରିପାରିବେ ନାହିଁ । ତେଣୁ, ଯଦି ତୁମେ ଗୋଟିଏ ପ୍ରକାରର ଶବ୍ଦାବଳୀର ସାହାଯ୍ୟ ନେଉଥାଅ, ଯଦି ତୁମ ଭିତରେ ଏକ ନିର୍ଦ୍ଦିଷ୍ଟ ମାନସିକ ପ୍ରତ୍ୟୟ ରହିଥାଏ, ତେବେ ତୁମେ ସର୍ବଦା ସେହି ପ୍ରତ୍ୟୟଟିର ଅନୁରୂପ ଏକ ଶବ୍ଦାବଳୀକୁହିଁ ବ୍ୟବହାର କରୁଥିବ । ଯଦି ତୁମେ ଆଉ ପ୍ରକାରେ ଶବ୍ଦର ବ୍ୟବହାର କରି ବ୍ୟକ୍ତ କରୁଥିବା ଆଉଗୋଟିଏ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥାଅ, ତେବେ ତୁମେ ସେହି ବସ୍ତୁଟିକୁ ଆଉଗୋଟିଏ ପ୍ରକାରେ ବର୍ଣ୍ଣନା କରି କହିବ ଓ ଏପରିକି ଆଉଗୋଟାଏ ପ୍ରକାରେ ବି ଭାବିବ । ତୁମକୁ ମୁଁ ଏହି ଯଥାର୍ଥ ଧାରଣାଟି ଆଣିଦେଇ ପାରିବାକୁ ଏସବୁ କଥା କହୁଛି ଯେ, ଏପରି ଏକ ବସ୍ତୁ ରହିଛି, ଯାହାକୁ କି ଆଦୌ ସମ୍ପୂର୍ଣ୍ଣ ଭାବରେ ବୁଝିହେବ ନାହିଁ—ଭାବନା ଦ୍ୱାରା ବୁଝିହେବ ନାହିଁ,—ମାତ୍ର ତଥାପି ଯିଏ ଅବଶ୍ୟ ଅବସ୍ଥିତ ରହିଛି । ମାତ୍ର ତୁମେ ତାହାକୁ ଯେଉଁ ଅଭିଧା ଦେଇ ବୁଝୁଛ, ତାହାର ଆଦୌ କୌଣସି ମହତ୍ତ୍ୱ ନାହିଁ, ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ, ତାହା ଅବଶ୍ୟ ରହିଛି । ତେଣୁ, ଏଇଟି ସହିତ ସମ୍ପର୍କରେ ଆସିବା, ଆମ ଲାଗି କେବଳ ଏହି ଗୋଟିଏ କର୍ତ୍ତବ୍ୟ ରହିଛି । —ତାହାକୁ ଏକ ନିର୍ଦ୍ଦିଷ୍ଟ ନାମ ଦେବା ନୁହେଁ ବା ତାହାକୁ ଏକ ବର୍ଣ୍ଣନା ଦେବା ବି ନୁହେଁ । ବସ୍ତୁତଃ, ତାହାକୁ ଏକ ନିର୍ଦ୍ଦିଷ୍ଟ ନାମ ଦେବାରେ କିଂବା ବର୍ଣ୍ଣନା କରିବାରେ କ୍ୱଚିତ୍ କୌଣସି ଉପ-ଯୋଗିତା ରହିଛି । ଆମକୁ ସମ୍ପର୍କରେ ଆସିବା ଲାଗି ଚେଷ୍ଟା କରିବାକୁ ହେବ, ତା'ରି ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖିବାକୁ ହେବ, ବଞ୍ଚିବାକୁ ହେବ, ସେହି ସତ୍ୟଟିକୁ ବଞ୍ଚିବାକୁ ହେବ; ଏବଂ, ଅସଲ ଅନୁଭୂତିଟିକୁ ଲାଭ କରିବା ପରେ, ତୁମେ

'oaob.nitrkl.ac.in' images reprocessed

ତାହାକୁ ଯେଉଁ ନାମ ଦିଅ ନା କାହିଁକି, ତାହାର ଆଦୌ କୌଣସି ମହତ୍ତ୍ୱ ରହିବ ନାହିଁ । କେବଳ ଅନୁଭବରହିଁ ମହତ୍ତ୍ୱ ରହିଛି । ଏବଂ ଯେତେବେଳେ ଲୋକମାନେ ଅନୁଭବଟିକୁ କୌଣସି ଏକ ନିର୍ଦ୍ଦିଷ୍ଟ ଅଭିବ୍ୟକ୍ତି ସହିତ ଯୋଡ଼ି ରଖିବାକୁ ମନ କରନ୍ତି,—ଏବଂ ସେମାନେ ଏପରି ସଙ୍କୀର୍ଣ୍ଣ ଭାବରେ ତାହା କରନ୍ତି ଏବଂ ତାହାକୁ ଏପରି ବିଚ୍ଛିନ୍ନ ଭାବରେ କାଳ ପକାଇବାକୁ ଇଚ୍ଛା କରନ୍ତି ଯେ କେବଳ ଏହି ସୂତ୍ରଟି ବ୍ୟତୀତ ସେହି କ୍ଷେତ୍ରରେ ପ୍ରକୃତରେ ଆଉ କିଛିହେଲେ ନ ଥାଏ,—ସେତେବେଳେ ତାହାକୁ ଏକ ଅପକର୍ଷ ବୋଲି କୁହାଯାଇ ପାରିବ । ଆମକୁ ଯାବତୀୟ ସମ୍ଭାବ୍ୟ ମାର୍ଗରେ, ଯାବତୀୟ ଅବସରରେ ଓ ଯାବତୀୟ ରଚନା ତଥା ବିରଚନାର ମାଧ୍ୟମରେ ସେହି ସତ୍ୟଟିକୁ ଅବଶ୍ୟ ବଞ୍ଚି ପାରିବାକୁ ପଡ଼ିବ; ସେଇଟିକୁ ଜୀବନରେ ବଞ୍ଚିବାକୁ ପଡ଼ିବ, କାରଣ ବସ୍ତୁତଃ ତାହାହିଁ ଏକମାତ୍ର ସତ୍ୟ, ତାହାହିଁ ସର୍ବୋଚ୍ଚ ମଙ୍ଗଳର କାରଣ, ତାହାହିଁ ସର୍ବଶକ୍ତିମାନ୍ ଓ ସର୍ବଜ୍ଞାତା, ତାହାହିଁ··· ହିଁ, ଆମେ ତାହାକୁ ଜୀବନରେ ବଞ୍ଚି ପାରିବା, ମାତ୍ର ତାହାକୁ କଥାରେ ମୋଟେ ବର୍ଣ୍ଣନା କରିପାରିବା ନାହିଁ । ଏବଂ, କଥାରେ ବର୍ଣ୍ଣନା କରି କହିଲେ ମଧ୍ୟ, ଆମେ ଯାହାକିଛି କହୁ ନା କାହିଁକି, ତାହାର ଆଦୌ ସେତେ ବଡ଼ କୌଣସି ମହତ୍ତ୍ୱ ନ ଥାଏ । ଆମେ କେବଳ ଗୋଟିଏ ପ୍ରକାରରେହିଁ ତାହାର ବର୍ଣ୍ଣନା କରିଥାଉ,—ଆମ କହିବା ଦ୍ୱାରା କେବଳ ସେତିକି ବ୍ୟତୀତ ଆଉ କଦାପି କିଛି ହୁଏ ନାହିଁ । ଦାର୍ଶନିକ ଓ ଏପରି ଅନ୍ୟ ବ୍ୟକ୍ତିମାନଙ୍କର ଗୋଟାଏ ସମ୍ପୂର୍ଣ୍ଣ ପଂକ୍ତି ରହିଛି, ଯେଉଁମାନେ କି ଈଶ୍ୱର-ଧାରଣାର ସ୍ଥାନାପନ୍ନ ଭାବରେ ଏକ ନୈର୍ବ୍ୟକ୍ତିକ ପରମ କଳ୍ପନା ବା ଏକ ପରମ ସତ୍ୟର କଳ୍ପନାକୁ ଆଣି ଥୋଇବାକୁ ଚେଷ୍ଟା କରିଛନ୍ତି, ନ୍ୟାୟର ଏକ କଳ୍ପନା କରିଛନ୍ତି ଅଥବା ଏପରିକି ପ୍ରଗତିର, ନିରନ୍ତର ପ୍ରଗତି କରିବାରେ ଲାଗିଥିବା କୌଣସି ଏକ ବସ୍ତୁର ଧାରଣାକୁ ଆଣି ଥୋଇଛନ୍ତି । ମାତ୍ର, ସେହି ବସ୍ତୁଟି ସହିତ ଏକାତ୍ମକତା ଅର୍ଜନ କରିବା ଲାଗି ଯାହା ଭିତରେ ଏକ ସାମର୍ଥ୍ୟ ରହିଛି, ତା'ପାଇଁ ସେହିସବୁ କୁହାଯାଇଥିବା କଥାର ବିଶେଷ କିଛି ଗୁରୁତ୍ୱ ନାହିଁ । ବେଳେବେଳେ ଜଣେ ବ୍ୟକ୍ତି ପୂରା ଗୋଟାଏ ଦର୍ଶନବହି ପଢ଼ିଲେ ମଧ୍ୟ ହୁଏତ ଏକ ପାଦ ବି ଅଧିକ ଆଗକୁ ଯାଇପାରେ ନାହିଁ । ବେଳେବେଳେ କେଡ଼େ ଉତ୍ସାହ ଓ ନିଷ୍ଠାରେ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମର ଅନୁଗାମୀ ହୋଇ ରହିଥିଲେ ମଧ୍ୟ ତଥାପି କୌଣସି ଅଗ୍ରଗତି ସମ୍ଭବ ହୁଏ ନାହିଁ । ଏପରି ଅନେକ ଲୋକଙ୍କର ଦୃଷ୍ଟାନ୍ତ ରହିଛି (ଏହି କ୍ଷେତ୍ରରେ କେତେକେତେ ସୁବିଦିତ ଦୃଷ୍ଟାନ୍ତମାନ ଅଛି) ଯେଉଁମାନେ କି କେଡ଼େ ନିମ୍ନ ସ୍ତରର ଶାରୀରିକ ଶ୍ରମମାନ କରୁଥିଲେ, ହୁଏତ କିଏ ମୋଚି ହୋଇ ପୁରୁଣା ଜୋତାଗୁଡ଼ିକର ମରାମତି କରୁଥିଲା,—ଏବଂ ତାହାର ଏକ ଅନୁଭୂତି ହୋଇପାରିଥିଲା । ଆମେ ଯେ ବିଷୟରେ ଯାହା ଭାବିପାରିବା ଅଥବା

'oaob.nitrkl.ac.in' images reprocessed

ଚନ୍ତା କରିପାରିବା, ତାହା ପ୍ରକୃତରେ ତାହାର ଆନ୍ତରିକ ସେପାଖରେ ରହିଛି । ଏକ ପରମ ଦାନ ହିସାବରେ ତାହା ଅବସ୍ଥିତ ରହିଛି, ତାହାହିଁ ସମ୍ପୂର୍ଣ୍ଣ କଥା । ଏବଂ ଜୀବନରେ ତା'ର ଉପଲବ୍ଧି—କେବଳ ସେହି କଥାଟିରହିଁ ପ୍ରୟୋଜନ ରହିଛି,—ଏହା ସହିତ ଏକାତ୍ମକତା ଲାଭ କରିବାରେ ସଫଳ ହେବା ଏବଂ ତାହାକୁ ଆପଣା ଜୀବନରେ ବଞ୍ଚିବା,—କେବଳ ଏତକର ପ୍ରୟୋଜନ ରହିଛି । ବେଳେବେଳେ ତୁମେ କୌଣସି ପୁସ୍ତକରେ ହୁଏତ ମାତ୍ର ଧାଡ଼ିଟିଏ ପାଠ କରିଥାଅ ଏବଂ ତାହାହିଁ ତୁମକୁ ସେହି ଯଥାର୍ଥ ସ୍ଥାନକୁ ପରିଚାଳିତ କରି ନେଇଯାଏ । ବେଳେବେଳେ ତୁମେ କୌଣସି ଦର୍ଶନ ଅଥବା ଧର୍ମର ସବୁଯାକ ଗ୍ରନ୍ଥ ପାଠ କରିସାରିବା ପରେ ମଧ୍ୟ ସେଗୁଡ଼ାକ ତୁମକୁ ଆଦୌ କେଉଁଠାରେ ହେଲେ ପହୁଞ୍ଚାଇ ପାରନ୍ତି ନାହିଁ । ଅବଶ୍ୟ ଏପରି ଲୋକମାନେ ବି ଅଛନ୍ତି, ଦର୍ଶନଶାସ୍ତ୍ର ପାଠ କରିବାରୁ ଯେଉଁମାନେ ଅଗ୍ରଗତି କରିବା ଲାଗି ସାହାଯ୍ୟ ଲାଭ କରିଥାନ୍ତି । ମାତ୍ର ଏଗୁଡ଼ାକ ମୋଟେ ସର୍ବପ୍ରଥମ କଥା ନୁହେଁ । କେବଳ ଗୋଟିଏ କଥା ମହତ୍ତ୍ୱପୂର୍ଣ୍ଣ : ସେଇଟି ହେଉଛି ଏକ ନିଷ୍ଠାପର ଓ ଅବିଚଳ ଇଚ୍ଛା, କାରଣ ଏସବୁ ଜିନିଷ କେବେହେଲେ ଏକ ଆଖିପିଛୁଳାକେ ଉପଲବ୍ଧ ହୋଇଯାଏ ନାହିଁ । ତେଣୁ ଅବାରିତ ଭାବରେ ଚେଷ୍ଟା କରିବାକୁ ହୁଏ । ମୋଟେ ଅଗ୍ରଗତି ହେଉ ନାହିଁ ବୋଲି ଯେତେବେଳେ ଧାରଣା ହେଉଛି, ସେତେବେଳେ ଆଦୌ ନିରୁତ୍ସାହିତ ହୋଇପଡ଼ିବାକୁ ବି ହେବ ନାହିଁ । ପ୍ରକୃତି ମଧ୍ୟରେ ଥିବା ଠିକ୍ କେଉଁ ବସ୍ତୁଟି ବିରୋଧ କରିବାରେ ଲାଗିଛି, ଆଗ ସେଇଟିକୁ ଖୋଜି ବାହାର କରିବାର ଚେଷ୍ଟା କରିବାକୁ ହେବ ଏବଂ ତା'ପରେ ଆବଶ୍ୟକ ଅଗ୍ରଗତିଟିକୁ ହାସଲ କରିବାକୁ ପଡ଼ିବ । ଏବଂ ତତ୍‌କ୍ଷଣାତ୍ ଅଗ୍ରସର ହେବା ଆରମ୍ଭ ହୋଇଯିବ । ଏବଂ, ପଥଶେଷରେ ଯାଇ ପହଞ୍ଚି ତୁମେ ଏକ ଅନୁଭୂତି ଲାଭ କରିବ । ଏବଂ, ଏହି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କଥାଟି ହେଉଛି ଯେ, ଯେଉଁ ଲୋକମାନେ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ମାର୍ଗରେ ଯାତ୍ରା କରିଛନ୍ତି, ସବୁଠାରୁ ବଡ଼ ଆସ୍ତିକ ଅପେକ୍ଷା ସବୁଠାରୁ ବଡ଼ ନାସ୍ତିକ ପର୍ଯ୍ୟନ୍ତ, ଏପରିକି ଜଡ଼ବାଦୀ ପର୍ଯ୍ୟନ୍ତ, ଯେଉଁମାନଙ୍କର ସମ୍ପୂର୍ଣ୍ଣ ଭିନ୍ନଭିନ୍ନ ମନୋଗତ ବିରଚନାମାନ ରହିଛି, ସେମାନେ ସମସ୍ତେ ସେହି ଉପଲବ୍ଧିରେ ଆସି ଉପନୀତ ହୋଇଛନ୍ତି ଓ ସେହି ଗୋଟିଏ ଅନୁଭବକୁ ଲାଭ କରିଛନ୍ତି । କାରଣ ତାହାହିଁ ସତ୍ୟ—ତାହାହିଁ ବାସ୍ତବ, ତାହାହିଁ ସମ୍ପୂର୍ଣ୍ଣ ପ୍ରକୃତ ସତ୍ୟ । ଏବଂ ଅତ୍ୟନ୍ତ ସହଜ ଭାବରେ ଏହା କେବଳ ତାହାହିଁ । ତାହାକୁ ବର୍ଣ୍ଣନା କରିବାକୁ ଯାଇ ମୁଁ ଆଉ ଅଧିକ କିଛି କହେ ନାହିଁ । ତୁମେ କେଉଁ ମାର୍ଗରେ ତାଙ୍କର ବର୍ଣ୍ଣନା କରି କହିଲ, ତାହା ଆଦୌ ମହତ୍ତ୍ୱପୂର୍ଣ୍ଣ ନୁହେଁ; ଯଥାର୍ଥରେ ମହତ୍ତ୍ୱପୂର୍ଣ୍ଣ ହେଉଛି ଯେ ତୁମେ ଗୋଟିଏ ମାର୍ଗରେ ନିକେ ଯିବ,

'oaob.nitrkl.ac.in' images reprocessed

ତୁମ ନିଜ ମାର୍ଗଟିରେ ଗଢ଼ କରିବ,—ସେହି ମାର୍ଗ ଯେଉଁ ମାର୍ଗଟି ହେଉ ପଛକେ, —ହିଁ, ସେଇଟି ପାଇଁବା ଲାଗି ତୁମକୁ ସେହି କଥାଟିହିଁ କରିବାକୁ ପଡ଼ିବ ।

ଆପଣ ଦେଇଥିବା ଚୈତ୍ୟର ବ୍ୟାଖ୍ୟାଟିକୁ ବି ମୁଁ ବୁଝିପାରିଲି ନାହିଁ :" ଉଦାହରଣସ୍ୱରୂପ, ଆମେ ହୁଏତ କହିପାରିବା ଯେ, ଗୋଟିଏ ବ୍ୟକ୍ତିସତ୍ତା ଯାହାକିଛି ସର୍ଜନା କରୁଛି, ଯାବତୀୟ ଅଭିବ୍ୟକ୍ତିର ସର୍ବମୂଳ ଉତ୍ସରେ ଅନ୍ତର୍ନିହିତ ହୋଇ ରହିଥିବା ଅଗଣିତ ସମ୍ଭାବନାଗୁଡ଼ିକ ମଧ୍ୟରୁ କୌଣସି ଗୋଟିକୁ କାଳ ଏବଂ ଦେଶର ଭୂମି ଉପରେ ପ୍ରକ୍ଷେପିତ କରିହିଁ ସିଏ ତାହା କରିପାରୁଛି । ସେହି ମୂଳ ଉତ୍ସଟି ସେହି ଗୋଟିଏ ବିଶ୍ୱଚେତନାକୁ ମାଧ୍ୟମରୂପେ ବ୍ୟବହାର କରି କୌଣସି ଏକ ବ୍ୟକ୍ତିସତ୍ତାର ବିଧାନ ଅଥବା ସତ୍ୟ ମଧ୍ୟରେ ଆସି ମୂର୍ତ୍ତି ଆକାର ଗ୍ରହଣ କରୁଛି ଏବଂ, ଏହିପରି ଭାବରେ, ଏକ ଉତ୍ତରୋତ୍ତର ବିକାଶର ପ୍ରକ୍ରିୟା ମଧ୍ୟଦେଇ ତାହାର ଆତ୍ମା ଅର୍ଥାତ୍ ଚୈତ୍ୟ ସତ୍ତାରେ ପରିଣତ ହୋଇଯାଉଛି ।"

ଏହି କଥାଟିରେ କିଛିତ୍ ଦାର୍ଶନିକତା ରହିଯାଇଛି ।···ଯାହା ବ୍ୟକ୍ତିକେନ୍ଦ୍ରିକ ଓ ଯାହା ବସ୍ତୁକେନ୍ଦ୍ରିକ,—ଏହି ଦୁଇଟି ମଧ୍ୟରେ ରହିଥିବା ପ୍ରଭେଦଟିକୁ ତୁମେ ଜାଣିଛ ତ ? ହିଁ, ନିଶ୍ଚୟ ଜାଣିଥିବ । ତେବେ, ଆମେ ଯେଉଁ ପରମସତ୍ୟଟିର କଥା ପକାଇଥିଲୁ, ତୁମେ ଠିକ୍ ସେହି ସତ୍ୟଟିକୁ କଳ୍ପନା କରିବାକୁ ଚେଷ୍ଟା କର । ସେହି ସତ୍ୟ ଯାବତୀୟ ବସ୍ତୁର ଉତ୍ସରୂପେ ଅବସ୍ଥିତ ରହିଛି, ବ୍ୟକ୍ତିକେନ୍ଦ୍ରିକ ସ୍ତରରୁ ତାହା ବସ୍ତୁକେନ୍ଦ୍ରିକ ସ୍ତରକୁ ଅତିକ୍ରମ କରିଯିବାରେ ଲାଗିଛି । ଅର୍ଥାତ୍, ଯାହା ଭିତରେ ରହିଥିଲା, ତାହା ସତେଅବା ବାହାରକୁ ପ୍ରକ୍ଷେପିତ ହୋଇଯାଉଛି । ତାହା ସେହି ଗୋଟିଏ ପଦାର୍ଥ ହୋଇ ରହିଛି : କେବଳ ତାହାର ଅବସ୍ଥାଟିରେ ଯାହା ପରିବର୍ତ୍ତନ ଘଟୁଛି । ଏବଂ, ଏହିପରି ଭାବରେ ଏଇଟି ଭିତରେ ବିଶ୍ୱ-ବିଷୟଗତ ଅସ୍ତିତ୍ୱର ଯାବତୀୟ ସମ୍ଭାବନା ଅନ୍ତର୍ଗତ ହୋଇ ରହିଛି; ଭିତରେ ସେଗୁଡ଼ିକ ଅପ୍ରକଟ ଓ ଅନଭିବ୍ୟକ୍ତ ଅବସ୍ଥାରେ ଅଛନ୍ତି ଓ ବାହାରେ ପ୍ରକ୍ଷେପିତ ହୋଇ ରହିଛନ୍ତି,—ସିନେମାର ପର୍ଦ୍ଦା ଉପରେ ଛବିଟିଏ ପ୍ରକ୍ଷେପିତ ହୋଇ ରହିଥିବା ପରି ପ୍ରକ୍ଷେପିତ ହୋଇ ରହିଛନ୍ତି । ଆମେ ତାହାକୁ ଆମ ଆଖି ଆଗରେ ଦେଖିବାକୁ ପାଉଛୁ । ଏବଂ, ଭିତରେ ଏକଦା ଏକ ସମ୍ଭାବନା ରୂପେ ଅବସ୍ଥିତ ରହିଥିବା ପ୍ରତ୍ୟେକ ଉପାଦାନ ବା ବିଧାନ ଏହିପରି ଭାବରେ ଉପଲବ୍ଧିର ଏକ ବିଧାନରେ ପରିଣତ ହୋଇଯାଉଛି । ଏବଂ ଏହି ପ୍ରତ୍ୟେକଟି ସମ୍ଭାବନା କୌଣସି ନା କୌଣସି

'oaob.nitrkl.ac.in' images reprocessed

ବସ୍ତୁର ବାସ୍ତବ ସତ୍ତାରେହିଁ ପରିଣତ ହୋଇଯାଉଛି । ତାହାକୁ ତୁମେ ଏକ ବ୍ୟକ୍ତିସତ୍ତା ବୋଲି କହିପାର, ବାହାରେ ବିଶ୍ୱର କ୍ଷେତ୍ରରେ ଅବସ୍ଥିତ ରହିଥିବା ଗୋଟିଏ ବସ୍ତୁ ବୋଲି ମଧ୍ୟ କହିପାର । ଏବଂ, ଠିକ୍ ଏହି ବିଧାନଟିହିଁ ଚୈତ୍ୟସତ୍ତାର କେନ୍ଦ୍ରଟିର ମୂଳ ଉତ୍ସ ହୋଇ କାର୍ଯ୍ୟ କରୁଛି । ସତ୍ତାର ସତ୍ୟ ବା ସତ୍ତାର ବିଧାନ ରୂପେ କାର୍ଯ୍ୟ କରୁଛି । ବୁଦ୍ଧ ତାହାକୁ ଧର୍ମ ବୋଲି କହିଛନ୍ତି । ଏହାହିଁ ସତ୍ତାର ଯଥାର୍ଥ ସତ୍ୟ । ପୁଣି ଏହାହିଁ ତାହାକୁ ତାହାର ମୂଳଟି ସହିତ ଅବିନାଶୀ ଭାବରେ ବାନ୍ଧି ରଖିଛି । ଏବଂ ଆମେ ତାହାକୁହିଁ ଚୈତ୍ୟ ସତ୍ତାର ଆରମ୍ଭବିନ୍ଦୁ ବୋଲି ଜାଣି ରଖିବା । ଏବଂ, ସେହି କାରଣରୁ, ତାହା ପରଦା ଉପରର ଚଳଚ୍ଚିତ୍ର ଭଳି ବିକଶିତ ହୋଇ ଆସୁଥିବା ସମୟରେ ମଧ୍ୟ ଅଭିବ୍ୟକ୍ତିର କ୍ଷେତ୍ରରେ ପ୍ରବେଶ କରି ଅଧିକରୁ ଅଧିକ ଜଟିଳ ଏବଂ ସୁନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିବାରେ ଲାଗିଥାଏ । ମାତ୍ର ସେହି ଆକାରର ମୂଳ ସତ୍ୟଟି ହେଉଛି କେବଳ ଗୋଟିଏ, ତାହା ସେହି ଏକ ଓ ପରମ ଅଦ୍ୱିତୀୟ ହୋଇ ରହିବାକୁ ବାଧ୍ୟ । ଏବଂ ଏହି ଯାବତୀୟ ଏକକଗୁଡ଼ିକ ଏକାନ୍ତ ସଂବଦ୍ଧ ଓ ସଂଯୁକ୍ତ ହୋଇ କେବଳ ସେହି ପରମ ଅଦ୍ୱିତୀୟଙ୍କୁହିଁ ପ୍ରକଟ କରିଦେଉଥାନ୍ତି ।

ବର୍ତ୍ତମାନ ବୁଝିବା ଟିକିଏ ସହଜ ହେଲି ତ ? .. (ପିଲଟି ଆଡ଼କୁ ଅନାଇ) ଏହା ହୁଏତ ଆହୁରି ଅଧିକ କଷ୍ଟକର ହୋଇଗଲା । ମାତ୍ର, ଯାହା ହେଉ ପଛକେ, ଏଠାରେ ମୁଁ ଠିକ୍ ତାହାହିଁ କହୁଛି ।

> ମାଆ, ଆପଣ କହିଛନ୍ତି : "ଆରାମ, ସନ୍ତୋଷ, ଉପଭୋଗ ଏବଂ ସୁଖ ଲାଗି ଯାବତୀୟ ବ୍ୟକ୍ତିଗତ ଚେଷ୍ଟାକୁ ପରିହାର କର । କେବଳ ଅଗ୍ରଗତି ଲାଗିହିଁ ଏକ ଜଳନ୍ତା ନିଆଁରେ ପରିଣତ ହୋଇଯାଅ; ତୁମ ଜୀବନରେ ଯାହାକିଛି ଆସୁଛି, ତାହାକୁ ଆପଣାର ଅଗ୍ରଗତିରେ କେବଳ ଏକ ସହାୟକ ରୂପେହିଁ ଗ୍ରହଣ କର, ଏବଂ ଯାହାକିଛି ଅଗ୍ରଗତି କରିବା ଆବଶ୍ୟକ, କୌଣସି କାଳବିଳମ୍ବ ନ କରି ତାହାକୁ ହାସଲ କର ।"

ହଁ, ସେକଥା ତ ଭାରି ସହଜରେ ବୁଝି ହୋଇ ଯାଉଛି ! ସେଥିରେ ତ ନ ବୁଝି ପାରିଲାଭଳି ମୋଟେ କିଛି ନାହିଁ !

> ମାଆ, ମୁଁ ଯଦି ଉଦାହରଣସ୍ୱରୂପ, କ୍ରୀଡ଼ାର କ୍ଷେତ୍ରରେ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଏ, ତେବେ ତାହାକୁ ବି ତ ଏକ ବ୍ୟକ୍ତିଗତ ଅଗ୍ରଗତି ବୋଲିହିଁ କୁହାଯିବ, ନୁହେଁ ?

'oaob.nitrkl.ac.in' images reprocessed

କ'ଣ କହିଲ ? କ୍ରୀଡ଼ାର କ୍ଷେତ୍ରରେ ? ନାହିଁ,—ତୁମେ ଯାହାକିଛି ଇଚ୍ଛା କରୁଛ, ତାହାର ମୂଲ୍ୟ ତୁମର ଲକ୍ଷ୍ୟଟି ଉପରେହିଁ ନିର୍ଭର କରିବ । ଯଦି ସଫଳ ହେବାକୁ, ଖ୍ୟାତି ଅର୍ଜନ କରିବାକୁ ଓ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପାରଦର୍ଶିତା ଦେଖାଇବାକୁ ବା ସେହିପରି ଯାବତୀୟ ଧାରଣାକୁ ତୁମେ ନିଜର ଲକ୍ଷ୍ୟରୂପେ ଗ୍ରହଣ କରିଥାଅ, ତେବେ ତାହା ଅତ୍ୟନ୍ତ ଅହଂକେନ୍ଦ୍ରିକ ଓ ଏକାନ୍ତ ବ୍ୟକ୍ତିଗତ ହୋଇଯିବ ଏବଂ ତଦ୍ୱାରା ତୁମେ କେବେହେଲେ ଅଗ୍ରଗତି କରିପାରିବ ନାହିଁ ।—ହଁ, ତୁମେ ଅଗ୍ରଗତି କରୁଥିବ ସତ, ମାତ୍ର ତାହା ତୁମକୁ ଆଦୌ କୌଣସି ଲକ୍ଷ୍ୟସ୍ଥଳରେ ନେଇ କଦାପି ପହଞ୍ଚାଇପାରିବ ନାହିଁ । ମାତ୍ର, ଯଦି ତୁମେ ସେହି ପରମ ପ୍ରଭୁଙ୍କ ପ୍ରତି ଆପଣାକୁ ଉନ୍ମୋଚିତ କରି ରଖିବାର, ଭୌତିକ ସ୍ତରରେ ମଧ୍ୟ ନିଜକୁ ଉନ୍ମୋଚିତ କରି ରଖିବାର, ତାଙ୍କର ଯନ୍ତ୍ରରୂପେ ତାହାଙ୍କୁହିଁ ଅଭିବ୍ୟକ୍ତ କରିବାର ବିଚାର ନେଇ ଏହି କାର୍ଯ୍ୟଟିକୁ କରିବ, ତେବେ ତାହା ଅତ୍ୟନ୍ତ ଫଳପ୍ରଦ ହୋଇପାରିବ । ବୁଝିଲ ?

ହଁ, ବୁଝିପାରିଲି ।

ସ୍ଥୂଳ ବିଷୟଗୁଡ଼ିକ ଯେ ସର୍ବଦା ମାନସିକ ବା ସଂବେଗଗତ ବିଷୟଗୁଡ଼ିକର ତୁଳନାରେ ଅଧିକ ଅହଂକେନ୍ଦ୍ରିକ ହେବାକୁ ବାଧ୍ୟ ହେବେ, ସେକଥା ଆଦୌ ନୁହେଁ । ତାହା ଆଦୌ ପ୍ରକୃତ କଥା ନୁହେଁ । ବରଂ ଅଧିକାଂଶ ସମୟରେ ଭୌତିକ ବିଷୟଗୁଡ଼ିକ ଅପେକ୍ଷାକୃତ ଅନେକ କମ୍ ଅହଂକେନ୍ଦ୍ରିକ ହୋଇଥାନ୍ତି । ଭୌତିକତା ସହିତ ଅହଂକେନ୍ଦ୍ରିକତାର କୌଣସି ସମ୍ପର୍କ ନାହିଁ,—ଆମେ ଭିତରେ ଠିକ୍ କେଉଁ ଦୃଷ୍ଟିକୋଣଟି ରଖିଛୁ, ଅହଂକେନ୍ଦ୍ରିକତାର ତାହାର ସହିତ ସମ୍ବନ୍ଧ ରହିଛି । ତୁମେ କେଉଁ କ୍ଷେତ୍ରରେ ନିଜକୁ ଅଭିନିବେଶିତ କରି ରଖିଛ, ଏହା ମୋଟେ ସେକଥା ଉପରେ ନିର୍ଭର କରେ ନାହିଁ । ଏହା ତୁମର ଦୃଷ୍ଟିକୋଣଟି ଉପରେହିଁ ନିର୍ଭର କରେ । ତୁମେ କ'ଣ ସବୁ କରୁଛ, ତାହା ଉପରେ ନିର୍ଭର କରେ ନାହିଁ; ତୁମେ ଠିକ୍ କିପରି ଭାବରେ ସେଗୁଡ଼ିକ କରୁଛ, ତାହାର ଉପରେହିଁ ନିର୍ଭର କରେ ।

ମାଆ, ଆପଣ କହିଛନ୍ତି : "ଭୌତିକ ଘଟଣାମାନ ଉପରୁ ଯେପରି ବୋଲି ଦେଖାଯାଉଥାନ୍ତି, ସେଗୁଡ଼ିକୁ ତୁମେ ମୋଟେ ସେପରି ବୋଲି ଗ୍ରହଣ କରିବ ନାହିଁ । ଏକାବେଳେକେ ଭିନ୍ନ ଆଉ ଗୋଟିଏ ବିଷୟକୁ ବ୍ୟକ୍ତ କରିବା ଲାଗି ସେଗୁଡ଼ିକ ସର୍ବଦା ଏକ ଅକୁଶଳ ପ୍ରଚେଷ୍ଟା ହୋଇ ରହିଥାନ୍ତି । ଯାହା ଅସଲ ବସ୍ତୁ, ତାହା

'oaob.nitrkl.ac.in' images reprocessed

ଆମର ଏହି ଉପରିଭାଗୀୟ ବୋଧଶକ୍ତି ପାଖରେ ଆଦୌ ଧରା ଦିଏ ନାହିଁ ।" ମାତ୍ର ମାଆ, ଏପରି କୁହାଯାଇଥାଏ ଯେ, ଆଦୌ କେତେବେଳେ ହେଲେ ବି ନିରାଶବାଦୀ ହେବା ଉଚିତ ନୁହେଁ; ଏବଂ ଆପଣ ଏଠାରେ କହିଛନ୍ତି, "ସେଗୁଡ଼ିକୁ ସବୁବେଳେ ଏକ ଅକୁଶଳ ପ୍ରଚେଷ୍ଟା ବୋଲି କୁହାଯିବ..."

ଏହି କଥାଟିର ଅର୍ଥ ହେଉଛି ଯେ, ଭୌତିକ ଜଗତଟି ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସେହି ଅବସ୍ଥାରେ, ତା'ର ପଶ୍ଚାତ୍ ଭାଗରେ ଅବସ୍ଥିତ ରହିଥିବା ସତ୍ୟଟିକୁ ବ୍ୟକ୍ତ କରି ପାରିବାରେ ତାହା ପ୍ରକୃତରେ ଏକାନ୍ତ ଅସମର୍ଥ ହୋଇ ରହିଛି । ଏହା କଦାପି ଅନ୍ୟ ପ୍ରକାର ହୋଇ ନ ଥାନ୍ତା । ମୁଁ ଭାବୁଛି, ଏହି କଥାଟିକୁ ବୁଝିପାରିବାକୁ ଆମର ଆଦୌ କୌଣସି ଗମ୍ଭୀର ମନନ କରିବାର ପ୍ରୟୋଜନ ନାହିଁ । ଅବଶ୍ୟ ଏପରି ବ୍ୟକ୍ତିମାନେ ବି ଅଛନ୍ତି... ହଁ, "ଚତୁର୍ବିଧ ତପସ୍ୟା" ପ୍ରକରଣରେ ମୁଁ ଏଭଳି ବ୍ୟକ୍ତିମାନଙ୍କ ବିଷୟରେ କହିଛି, ଯେଉଁମାନେ ଜୀବନ ସହିତ ସମ୍ପୂର୍ଣ୍ଣ ଚମତ୍କାର ଭାବରେ ଅନୁକୂଳିତ ହୋଇ ରହିଥାନ୍ତି ଏବଂ ସବୁକିଛିକୁ ଅଦ୍ଭୁତ ବୋଲି ପ୍ରତ୍ୟକ୍ଷ କରିଥାନ୍ତି । ମାତ୍ର ମୁଁ ଏପର୍ଯ୍ୟନ୍ତ ଏଭଳି ବ୍ୟକ୍ତି-ମାନଙ୍କୁ ଅନେକ ସଂଖ୍ୟାରେ ଦେଖି ନାହିଁ, ଯେଉଁମାନେ କି ସେମାନଙ୍କ ଜୀବନସାରା ଏହିପରି ବିଶ୍ୱାସ କରି ରହିପାରିବେ । ମୁଁ ଆଶାବାଦୀମାନଙ୍କର କଥା କହୁଛି— ସୁସ୍ଥ ଓ ତରୁଣ ହୋଇ ରହିଥିବା ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ବେଶ୍ ଆଶାବାଦୀ ହୋଇ ରହିଥାଏ; ଏବଂ ତା'ପରେ ବଳ ଓ ସ୍ୱାସ୍ଥ୍ୟରେ ହାନି ଘଟିବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ସେହି ଆଶାବାଦ କୁଆଡ଼େ ଅନ୍ତର୍ହିତ ହୋଇଯାଏ । ମାତ୍ର ତଥାପି, ଯଦି କୌଣସି ବ୍ୟକ୍ତିର ଭିତରେ କିଞ୍ଚିତ୍ ପରିମାଣରେ ବୋଧଶକ୍ତି ଓ ଅବବୋଧ-ସାମର୍ଥ୍ୟ ରହିଥାଏ, ତେବେ ସିଏ ଏହି କଥାଟିକୁ ଖୁବ୍ ସହଜରେ ଦେଖିବାକୁ ପାଏ ଯେ, ଏହି ପୃଥିବୀ ଆଦୌ ଏକ ସର୍ବୋତ୍ତମ ପୃଥିବୀ ନୁହେଁ ଓ ଏଠାରେ ସବୁକଥା କଦାପି ଆମର ସର୍ବୋତ୍ତମ ଉଦ୍ଦେଶ୍ୟସାଧନ ଲାଗି ପ୍ରଦତ୍ତ ହୋଇରହି ନାହିଁ । କାରଣ ଯଦି ତୁମେ ଆରାମରେ ରହିଥାଅ ଓ ତୁମର ଯାବତୀୟ ଆବଶ୍ୟକତାକୁ ପୂରଣ କରି ଦେଉଥିବା ପଦାର୍ଥମାନ ତୁମ ପାଖରେ ମହଜୁଦ ହୋଇ ରହିଥାଏ, ଯଦି ତୁମେ ସୁଖରେ କାଳାତିପାତ କରୁଥାଅ ଓ ତୁମର ମୋଟେ କୌଣସି ଚିନ୍ତା ନ ଥାଏ, ତାହାର ଅର୍ଥ ଆଦୌ ନୁହେଁ ଯେ, ଆଉରି ଲକ୍ଷ ଲକ୍ଷ ସତ୍ତା ସମ୍ପୂର୍ଣ୍ଣ ଯନ୍ତ୍ରଣାଦାୟକ ଓ ଦୁଃଖପୂର୍ଣ୍ଣ ନାନା ସ୍ଥିତି ମଧ୍ୟରେ ସନ୍ତାପିତ ହୋଇ ରହି ନାହାନ୍ତି । ପୁନଶ୍ଚ, କେବଳ ଆପଣା ବିଷୟରେହିଁ ଚିନ୍ତା କରିବା ହୁଏତ ଭାରି ସହଜ ହୋଇପାରେ । ମାତ୍ର ତାହାକୁ ଆଦୌ ଏକ ସମୁଚିତ କଥା ବୋଲି କୁହାଯାଇ ପାରିବ ନାହିଁ । ମୁଁ

'oaob.nitrkl.ac.in' images reprocessed

ଏପରି ଅନେକ ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି ଅତ୍ୟନ୍ତ ଧନସମ୍ପନ୍ନ ହୋଇ ରହିଥିଲେ ଏବଂ ସମ୍ପୂର୍ଣ୍ଣ ନିଃସ୍ୱ ଅଥବା ଅଭାବଗ୍ରସ୍ତ ଲୋକମାନଙ୍କର ସମ୍ପର୍କରେ ଆସିବା ସେମାନଙ୍କ ଜୀବନରେ କେବେହେଲେ ଘଟି ନ ଥିଲା । ଏବଂ ସେଗୁଡ଼ାକ ସେମାନଙ୍କ ଲାଗି ଏକ ଅଭାବନୀୟ ବସ୍ତୁ ହୋଇ ରହିଥିଲା । ମୁଁ ଏପରି ଜଣେ ମହିଳାଙ୍କୁ ଜାଣିଥିଲି (ଏପରି ଅନେକ ମହିଳାଙ୍କୁ ମୁଁ ଜାଣିଛି) ଯିଏ କି ଏକ ସୁରମ୍ୟ ଗୃହରେ ବାସ କରୁଥିଲେ,—ସେବା ଖଟିବାକୁ ତାଙ୍କ ପାଖରେ ଅନେକ ଭୃତ୍ୟ ରହିଥିଲେ ଓ ତାଙ୍କ ଲାଗି ଯାବତୀୟ ଆରାମ ଉପଲବ୍ଧ ହୋଇ ରହିଥିଲା—ସିଏ ସର୍ବଦା ଏହିପରି ଭାବରେହିଁ ରହି ଆସିଥିଲେ ଏବଂ କେବଳ ସୁଖମୟ ପରିସ୍ଥିତି ବ୍ୟତୀତ ଅନ୍ୟ କୌଣସି ପ୍ରକାର ପରିସ୍ଥିତି ସହିତ ତାଙ୍କର ଆଦୌ ପରିଚୟ ନ ଥିଲା,—ଦିନେ ତାଙ୍କ ସହିତ ମୁଁ ଆଉଜଣଙ୍କ ବିଷୟରେ କିଛି କଥାବାର୍ତ୍ତା ହେଉଥିଲି,—ସେହି ଅନ୍ୟ ବ୍ୟକ୍ତିଜଣଙ୍କର ଅନେକ ଯୋଗ୍ୟତା ଏବଂ ପ୍ରତିଭା ରହିଥିଲା ସତ, ମାତ୍ର ସିଏ ଜଣେ ନିଃସ୍ୱ ବ୍ୟକ୍ତି ଥିଲେ, ତାଙ୍କ ପାଖରେ ଆପଣାର ଭୋଜନ ଲାଗି ମଧ୍ୟ ଯଥେଷ୍ଟ ସମ୍ବଳ ନ ଥିଲା,—ତାଙ୍କୁ ସାହାଯ୍ୟ କରିବା ଲାଗି ମୁଁ ଏହି ମହିଳାଙ୍କୁ ଅନୁରୋଧ କରିଥିଲି । ଅର୍ଥ ସାହାଯ୍ୟ ନୁହେଁ, କାରଣ ସିଏ କୌଣସି ଅର୍ଥସାହାଯ୍ୟ ଗ୍ରହଣ କରି ନ ଆନ୍ତେ । ମାତ୍ର ତାଙ୍କୁ କୌଣସି କାମ ଦିଆଇଦେବା ଲାଗି କିଂବା କିଛିଦିନ ସକାଶେ ତାଙ୍କୁ ଆଣି ନିଜ ପାଖରେ ରହିବାକୁ ଦେବା ଲାଗି (କାରଣ ତାଙ୍କର ମନ ଏକ ଦାର୍ଶନିକ ସ୍ୱଭାବର ଥିଲା ଓ ସିଏ ସେହି ବୌଦ୍ଧିକ ସ୍ତରରେ ତାଙ୍କୁ ନିଶ୍ଚୟ ସାହାଯ୍ୟ କରିପାରିଆନ୍ତେ) ମୁଁ ତାଙ୍କୁ ଅନୁରୋଧ କରିଥିଲି । ତେଣୁ ତାଙ୍କୁ କହିଲି : "ଆପଣ ତ ଜାଣିଥିବେ, ସିଏ ସର୍ବଦା ପେଟ ପୂରାଇ ଖାଇବାକୁ ବି ପାଆନ୍ତି ନାହିଁ ।" ମୁଁ ବେଶ୍ ଲକ୍ଷ୍ୟ କରିପାରିଲି ଯେ ସେ ମୋ' କଥା କିଛି ବୁଝିପାରିଲେ ନାହିଁ । ମୁଁ କହିଲି : "ଆପଣାର ଆହାରସାମଗ୍ରୀ କିଣିପାରିବା ଲାଗି ତାଙ୍କ ପାଖରେ ସବୁବେଳେ ମୋଟେ ଯଥେଷ୍ଟ ପଇସା ନ ଥାଏ । ରୁଟି ଓ ଅନ୍ୟାନ୍ୟ ଖାଦ୍ୟପଦାର୍ଥ କିଣିବାକୁ ପଇସା ନ ଥାଏ ।"—"କିନ୍ତୁ ତା'ବୋଲି କ'ଣ ରୋଷେଇଘରେ ବି କିଛି ରୁଟି ଓ ଖାଦ୍ୟପଦାର୍ଥ ରହି ନ ଥାଏ ?" ସେ ଉତ୍ତର ଦେଲେ । (ସମସ୍ତେ ହସିଲେ) ଏବଂ ସିଏ ଭାରି ସ୍ୱାଭାବିକ ଭାବରେ ଏହି କଥାଟିକୁ କହିଥିଲେ ।

'oaob.nitrkl.ac.in' images reprocessed

# ୨୪ ଫେବୃଆରୀ ୧୯୫୪

**ମାଆ ଲେଖିଥିବା "ଚୈତ୍ୟ ଶିକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା" ନାମକ ଏକ ପ୍ରବନ୍ଧ ଉପରେ ଏହି ପ୍ରବଚନଟି ଆଧାରିତ ।**

ମାଆ, ଆପଣ ଏହି ପ୍ରବନ୍ଧଟିରେ କହିଛନ୍ତି : "ଆକାରର ସୀମାଗତ ହୋଇ ରହିଥିବା ଏକ ଭୂମିରୁ ଏକ ନୂତନ ଶକ୍ତିକୁ ଉଦବୋଧିତ କରି ଅଣାଯାଇ ପାରିବ, ଚେତନାର ଏପରି ଏକ ଶକ୍ତିର ଆବାହନ ସମ୍ଭବ ହେବ, ଯାହାର କି ଏବେ ମଧ୍ୟ ଅଭିବ୍ୟକ୍ତି ଘଟି ନାହିଁ ଏବଂ ଯାହାକି ଆବିର୍ଭୂତ ହୋଇ ବସ୍ତୁଚୟର ଗତିପଥକୁ ବଦଳାଇ ଦେବାକୁ ଏବଂ ଏକ ନୂତନ ପୃଥିବୀକୁ ଜନ୍ମ ଦେବାକୁ ଅବଶ୍ୟ ସମର୍ଥ ହେବ ।" ଏଠାରେ ଆପଣ ଯେଉଁ ଶକ୍ତିର କଥା କହୁଛନ୍ତି, ତାହାହିଁ କ'ଣ ପରମ ଦିବ୍ୟସତ୍ତା ?

**ପରମ ଦିବ୍ୟସତ୍ତା କହିଲେ ତୁମେ ତାହାକୁ କ'ଣ ବୁଝୁଛ ? ପରମ ଦିବ୍ୟସତ୍ତାଙ୍କ ବିଷୟରେ ତୁମର ସଂଜ୍ଞା କ'ଣ କହିଲ ! ଏଠାରେ ଆଉଥରେ ମଧ୍ୟ ଆମର ସେହି ବିଷୟଟିର ଚର୍ଚ୍ଚା ହୋଇଥିଲା ।**

ଏହି ପୃଥିବୀପୃଷ୍ଠରେ ଯାହାକିଛି ରହିଛି, ସେହି ସବୁଯାକ କ'ଣ ଦିବ୍ୟ ପରମସତ୍ତାଙ୍କର ଅଭିବ୍ୟକ୍ତି ?

**ନାଇଁ, ତୁମେ ପରମ ଦିବ୍ୟସତ୍ତା କହିଲେ କ'ଣ ବୁଝୁଛ, ମୁଁ ତୁମକୁ ସେଇ କଥାଟି ପଚାରୁଛି । ଦିବ୍ୟ ପରମସତ୍ତାଙ୍କ ବିଷୟରେ ତୁମର ନିଶ୍ଚୟ ଏକ ଧାରଣା ରହିଥିବ, ନୁହେଁ କି ? ଯେତେବେଳେ ତୁମେ "ଦିବ୍ୟ ପରମସତ୍ତା" ବୋଲି କହୁଛ, ସେତେବେଳେ ତୁମେ ତଦ୍ୱାରା କ'ଣ ବୁଝୁଛ ?**

ମୁଁ ପରମ ସୃଷ୍ଟିକର୍ତ୍ତାଙ୍କୁ ବୁଝୁଛି ।

**ସେଇଟା ତ ଗୋଟାଏ ଶବ୍ଦମାତ୍ର । ପରମ ସୃଷ୍ଟିକର୍ତ୍ତା !!!**

**ଆମ ଭିତରେ ରହିଥିବା ଦିବ୍ୟ ପରମସତ୍ତାଙ୍କ ସହିତ ଆମକୁ ଏକାତ୍ମକ**

'oaob.nitrkl.ac.in' images reprocessed

ହେବାକୁ ପଡ଼ିବ ବୋଲି ମୁଁ କେଉଁଠାରେ କହିଛି ? ସମ୍ଭବତଃ ବୁଲେଟିନ୍‌ରେ କେଉଁଠି କହିଛି । ତୁମର ମନେ ଅଛି କି ?

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ମୁଁ ଆଗରୁ ବହୁବାର ତୁମମାନଙ୍କୁ କହିସାରିଛି ଯେ ଏକ ଉତ୍ତରୋତ୍ତର ଧାରାରେହିଁ ଦିବ୍ୟ ପରମସତ୍ତାଙ୍କର ଅଭିବ୍ୟକ୍ତି ଘଟି ଆସିଛି ଏବଂ ସେହି ଅଭିବ୍ୟକ୍ତି ଚିରକାଳ ଲାଗି ସେହି ଉତ୍ତରୋତ୍ତର ଧାରାରେହିଁ ଲାଗି ରହିଥିବ । ପୁନଶ୍ଚ, କୌଣସି ଏକ ନିର୍ଦ୍ଦିଷ୍ଟ ଯୁଗପର୍ଯ୍ୟାୟରେ ଯାହାକିଛି ଅଭିବ୍ୟକ୍ତ ହେବ, ତାହାକୁ ପରବର୍ତ୍ତୀ ଯୁଗପର୍ଯ୍ୟାୟଟିରେ ଅଭିବ୍ୟକ୍ତ ହେବାକୁ ଯାଉଥିବା କୌଣସି ବସ୍ତୁର କେବଳ ଏକ ଆରମ୍ଭରୂପେହିଁ ଗ୍ରହଣ କରିବାକୁ ପଡ଼ିବ । ତେଣୁ, ଯଦି କୌଣସି ବ୍ୟକ୍ତି ସୃଷ୍ଟିର ସର୍ବୋଚ୍ଚ ଶିଖରରେ ଯାଇ ଉପନୀତ ହୋଇ ପାରୁଛି, ତେବେ ତଦ୍ୱାରା ସିଏ ଅବଶ୍ୟ ଏପରି ଏକ ସମ୍ଭାବନା ପାଖରେ ଯାଇ ପହଞ୍ଚୁଛି, ଯାହାର କି ଏବେ ମଧ୍ୟ ଅଭିବ୍ୟକ୍ତି ଘଟି ନାହିଁ, ମାତ୍ର ଯାହାର ଅଭିବ୍ୟକ୍ତି ଘଟିବାକୁହିଁ ଯାଉଛି । କାରଣ, ସର୍ବଦା କେବଳ ନୂତନ ଉପାଦାନଗୁଡ଼ିକରହିଁ ଅଭିବ୍ୟକ୍ତି ହେବାରେ ଲାଗିଛି । ମୁଁ ଠିକ୍ ସେହି କଥାଟିହିଁ କହୁଛି । ମୁଁ କହୁଛି ଯେ, ଯଦି ଜଣେ ବ୍ୟକ୍ତି ଚେତନାର ସର୍ବୋଚ୍ଚ ଶିଖରରେ ଯାଇ ପହଞ୍ଚିପାରିଛି ଓ ବର୍ତ୍ତମାନ ପର୍ଯ୍ୟନ୍ତ ଅଭିବ୍ୟକ୍ତ ହୋଇଥିବା ଆକାରଗୁଡ଼ିକର ସୀମାଅତିକ୍ରମ କରିଯାଉଛି, ତେବେ ତାହାକୁ ଅବଶ୍ୟ ଏକ ଶକ୍ତିର ସଂସ୍ପର୍ଶରେହିଁ ଆସିବାକୁ ପଡ଼ିବ; ସିଏ ଏପରି ଏକ ସତ୍ୟର ସଂସ୍ପର୍ଶ ମଧ୍ୟକୁ ଆସିବ, ଯାହାକି ଏବେସୁଦ୍ଧା ଅଭିବ୍ୟକ୍ତ ହୋଇ ନାହିଁ, ମାତ୍ର ଯାହାର ଅଭିବ୍ୟକ୍ତି ଘଟିବାକୁ ଯାଉଛି । ଏବଂ, ଚେତନାର ଏହି ଶିଖରଟିକୁ କଦାପି ସର୍ବଶେଷ ଶିଖର ବୋଲି କୁହାଯିବ ନାହିଁ, କାରଣ ଏକଦା ଯେଉଁଠାରେ ଉପନୀତ ହେବା ସମ୍ଭବ ହୋଇଛି ଏବଂ ଯାହା ଚେତନାର ଚୂଡ଼ାନ୍ତ ସୀମା ବୋଲି ପ୍ରତୀତ ହେଉଥିଲା, ତାହା କେବଳ ଏକ ସୋପାନ ପରିହିଁ କାର୍ଯ୍ୟ କରିବ, ଯେପରିକି, ଆଉ ଏକ ପରବର୍ତ୍ତୀ ଦିବସରେ, ପରବର୍ତ୍ତୀ ପର୍ଯ୍ୟାୟ ଅଥବା ପରବର୍ତ୍ତୀ ଯୁଗରେ ହୁଏତ ଆହୁରି ଏକ ବସ୍ତୁର ଅଭିବ୍ୟକ୍ତି ଘଟିବ, ଯାହାକି ଏବେଯାଏ ସୀମାୟିତ ହୋଇ ରହିଥିଲା ଓ ସେତେବେଳେ ଅଭିବ୍ୟକ୍ତି ଲାଗି ପ୍ରସ୍ତୁତ ହୋଇ ନ ଥିଲା, ଅଭିବ୍ୟକ୍ତ ହେବାର ଗାର ପାଖରେ ଆସି ପହଞ୍ଚିପାରି ନ ଥିଲା ।

*ବିଷାଦର ଅବସ୍ଥାଗୁଡ଼ିକ ଉପରେ ନିୟନ୍ତ୍ରଣ ହାସଲ କରାଯାଇ ପାରିବ କିପରି ?*

ହଁ, ସେଥିପାଇଁ ଗୋଟିଏ ଅତି ସହଜ ଉପାୟ ରହିଛି । ସାଧାରଣତଃ ପ୍ରାଣିକ ସ୍ତରରେହିଁ ବିଷାଦ ଜନ୍ମଗ୍ରହଣ କରିଥାଏ; ଏବଂ ସେହି ପ୍ରାଣିକ ଭୂମିରେହିଁ

'oaob.nitrkl.ac.in' images reprocessed

ଚେତନାକୁ ଅବସ୍ଥାପିତ କରି ରଖିଥିବା ବେଳେ ଓ ସେହି ପ୍ରାଣିକରେ ଅବସ୍ଥାନ କରୁଥିବା ସମୟରେହିଁ ବିଷାଦ ଆମ ଉପରେ ଆସି ପ୍ରତିପତ୍ତି ବିସ୍ତାର କରିବାକୁ ସମର୍ଥ ହୋଇଥାଏ । ତେଣୁ ଆମକୁ କେବଳ ପ୍ରାଣିକ ମଧ୍ୟରୁ ବାହାରି ଆସିବାକୁ ପଡ଼ିବ ଓ ଏକ ଗଭୀରତର ଚେତନାରେ ପ୍ରବେଶ କରିବାକୁ ପଡ଼ିବ, — ତାହାହିଁ ଉପାୟ । ଏପରିକି ଉଚ୍ଚତର ମନ, ଆଲୋକିତ ଉଚ୍ଚତର ମନ ଓ ଉଚ୍ଚତମ ଭାବନା-ଗୁଡ଼ିକର ମଧ୍ୟ ବିଷାଦକୁ କାଢ଼ି ବାହାର କରିଦେବାର ଶକ୍ତି ରହିଛି । ଏପରିକି, ଭାବନାର ସର୍ବୋଚ୍ଚ ଭୂମିଗୁଡ଼ିକରେ ଯାଇ ଅବସ୍ଥାନ କରିପାରିଲେ ସାଧାରଣ ସକଳ ବିଷାଦଭାବ ଅନ୍ତର୍ହିତ ହୋଇଯାଇଥାଏ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଯଦି ଆମେ ଚୈତ୍ୟ ମଧ୍ୟରେ ଯାଇ ଆଶ୍ରୟ ଗ୍ରହଣ କରିପାରିବା, ତେବେ ବିଷାଦ ଲାଗି ଆଉ ଆଦୌ ଅବକାଶ ରହିବ ନାହିଁ ।

ଦୁଇଟି କାରଣରୁ ବିଷାଦର ସମ୍ଭାବନା ଥାଇପାରେ : ଗୋଟିଏ ହେଉଛି ପ୍ରାଣିକ ପରିତୃପ୍ତିର ଅଭାବରୁ ଓ ଆଉଗୋଟିଏ ହେଉଛି ଶରୀରରେ ଅନୁଭୂତ ହେଉଥିବା ଅତିରିକ୍ତ ପରିମାଣର ଏକ ସ୍ନାୟୁଗତ କ୍ଳାନ୍ତି । ଏହି ଶାରୀରିକ କ୍ଳାନ୍ତିରୁ ଉପୁଜୁଥିବା ବିଷାଦକୁ ଅପେକ୍ଷାକୃତ ଅଧିକ ସହଜରେ ଦୂର କରାଯାଇପାରେ : ବିଶ୍ରାମ ଗ୍ରହଣ କରିବା ଦ୍ୱାରାହିଁ ଏହା ସମ୍ଭବ ହୋଇଯିବ । ସେତେବେଳେ ବିଛଣାକୁ ଯାଇ ଶୋଇପଡ଼ିବାକୁ ହୁଏ, ପୁଣି ଭଲ ଲାଗିବା ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ହୁଏ; ଅଥବା ବିଶ୍ରାମ ନେବାକୁ ହୁଏ, ସ୍ୱପ୍ନ ଦେଖିବାକୁ ହୁଏ ଏବଂ ପଡ଼ି ରହିବାକୁ ହୁଏ । ପ୍ରାଣିକ ସ୍ତରର ଅତୃପ୍ତିବୋଧ ଅପେକ୍ଷାକୃତ ଅଧିକ ସହଜରେ ଜନ୍ମଲାଭ କରିଥାଏ ଏବଂ ସାଧାରଣତଃ ଆପଣାର ବିବେକ ଦ୍ୱାରାହିଁ ତାହାର ସମ୍ମୁଖୀନ ହେବାକୁ ହୋଇଥାଏ, ବିଷାଦର କାରଣଟିକୁ ଖୋଜି ବାହାର କରିବାକୁ ପଡ଼େ,—ପ୍ରାଣିକସ୍ତରର ଏହି ଅତୃପ୍ତିବୋଧଟି କେଉଁ କାରଣରୁ ଉପୁଜୁଛି, ତା'ର ନିର୍ଣ୍ଣୟ କରିବାକୁ ହୁଏ । ଏବଂ ତା'ପରେ ସେଇଟି ଉପରେ ସିଧା ଓ ମୁହାଁମୁହିଁ ଦୃଷ୍ଟିପାତ କରିବାକୁ ହୁଏ ଏବଂ ଆପଣାର ଅନ୍ତର୍ଗତ ପ୍ରକୃତ ଆକାଙ୍କ୍ଷାଟି ସହିତ ତାହାର ଆଦୌ କୌଣସି ସମ୍ବନ୍ଧ ରହିଛି କି ନାହିଁ ଅଥବା ତାହା କେବଳ ଏକ ସାଧାରଣ ଗତିସ୍ପନ୍ଦନରୂପେ ଆସିଦେଖାଦେଇଛି, ନିଜକୁ ସେହି ପ୍ରଶ୍ନଟିକୁ ପଚାରିବାକୁ ହୋଇଥାଏ । ସାଧାରଣତଃ ଏହାହିଁ ଆବିଷ୍କୃତ ହୋଇଥାଏ ଯେ, ସେଇଟିର ଆମର ଅନ୍ତର୍ଗତ ପ୍ରକୃତ ଆକାଙ୍କ୍ଷାଟି ସହିତ ଆଦୌ କୌଣସି ସମ୍ବନ୍ଧ ନ ଥାଏ; ଏକଥା ମଧ୍ୟ ଜଣାପଡ଼ିଥାଏ ଯେ, ସେଇଟିକୁ ଭାରି ସହଜରେ ଅତିକ୍ରମ କରି ଆଗକୁ ଚାଲି ଯାଇହେବ ଏବଂ ଆପଣାର ସାଧାରଣ ଜୀବନ-ସଞ୍ଚରଣଟିକୁ ପୁଣି ଆରମ୍ଭ କରାଯାଇ ପାରିବ । ଯଦି ସେତିକରେ କାର୍ଯ୍ୟ ସାଧିତ ନ ହୁଏ, ତେବେ ଆମକୁ ଆହୁରି ଅଧିକ ଗଭୀରକୁ ଯିବାକୁ ପଡ଼େ ଓ ଏହିପରି ଭାବରେ ଗତି କରି ଆମକୁ ଚୈତ୍ୟ-ସତ୍ୟାର

'oaob.nitrkl.ac.in' images reprocessed

ସ୍ପର୍ଶଟି ଉପଲବ୍ଧ ହୋଇ ଯାଇଥାଏ । ତା’ପରେ ସେହି ଚୈତ୍ୟସତ୍ୟଙ୍କୁ କେବଳ ବିଷାଦର ଜିନିଷଟିର ସଂସ୍ପର୍ଶରେ ଆଣି ରଖିଦେବାକୁ ହୁଏ ଏବଂ ତା’ପରେ ତତ୍‌କ୍ଷଣାତ୍ ସକଳ ବିଷାଦ ଦୂର ହୋଇଯାଏ ଓ ପବନରେ ମିଳାଇଯାଏ ।

ସେହି ପ୍ରାଣିକ ଭୂମିରେ ସଂଗ୍ରାମକରି ତାହାକୁ ପରାଭୂତ କରିବା ବିଷୟରେ କହିବାକୁ ଗଲେ, — ହଁ, ଅନେକ ମଣିଷ ଜଣେଜଣେ ଉତ୍ତମ ଯୋଦ୍ଧା ହୋଇ ଆଗରୁ ତିଆରି ହୋଇଥାନ୍ତି ଓ ଆପଣାର ପ୍ରାଣିକ ସହିତ ସଂଗ୍ରାମ କରିବାକୁ ଭଲ ମଧ୍ୟ ପାଆନ୍ତି,—ମାତ୍ର, ସତ କଥା କହିବାକୁ ଗଲେ, ତାହା କରିପାରିବା ପ୍ରକୃତରେ ଅନେକ ଅଧିକ କଷ୍ଟସାଧ୍ୟ ହୋଇଥାଏ ।

ଥରେ ପୁରୋଭାଗକୁ ଆସିସାରିବା ପରେ ଚୈତ୍ୟସତ୍ତା ଆପଣାକୁ ପୁନର୍ବାର ପ୍ରତ୍ୟାହୃତ କରିନେଇ ଯାଇପାରେ କି ?

ହଁ । ସାଧାରଣତଃ ଏକାଦିକ୍ରମେ ଏକାତ୍ମକତା ଲାଭ କରିବାର କେତୋଟି ଅନୁଭୂତି ଉପଲବ୍ଧ ହୋଇଥାଏ । ସେଗୁଡ଼ିକ ପ୍ରଥମରେ ଅତ୍ୟନ୍ତ ପ୍ରଗାଢ଼ ହୋଇ ରହିଥାନ୍ତି, ମାତ୍ର ତା’ପରେ କ୍ରମେ କ୍ଷୀଣତର ହୋଇ ଆସୁଥାନ୍ତି ଏବଂ ଦିନେ ସେଗୁଡ଼ିକ ପ୍ରକୃତରେ ଅନ୍ତର୍ହିତ ହୋଇ ଯାଇଥିବାର ଦେଖିବାକୁ ମିଳେ । ତୁମେ ତଥାପି ସେଥିରେ ଆଦୌ ବିଚଳିତ ହୋଇପଡ଼ିବ ନାହିଁ, କାରଣ ଏହି ଘଟନା ପ୍ରାୟ ସଚରାଚର ଘଟିଥାଏ । ମାତ୍ର ପରବର୍ତ୍ତୀ ଥରକୁ — ଦ୍ୱିତୀୟ ଥରକୁ — ଅପେକ୍ଷାକୃତ ଅଧିକ ସହଜରେହିଁ ସେହି ସଂସ୍ପର୍ଶଟି ଘଟିଥାଏ । ଏବଂ ତା’ପରେ ଅଚିରେ ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଅଭିନିବିଷ୍ଟ ହୋଇ ଅଭୀପ୍ସା କରିବା ସଙ୍ଗେସଙ୍ଗେହିଁ ସଂସ୍ପର୍ଶଟି ଉପଲବ୍ଧ ହୋଇଯାଏ । ତାହାକୁ ନିରନ୍ତର ଧାରଣ କରି ରଖିବାର ସାମର୍ଥ୍ୟଟି ହୁଏତ ସମ୍ଭବ ନ ହୋଇପାରେ, ମାତ୍ର ଆକାଙ୍‌କ୍ଷା କଲାମାତ୍ରକେହିଁ ତାହା ଉପଲବ୍ଧ ହୋଇଥାଏ । ତା’ପରେ, ସେହି ମୁହୂର୍ତ୍ତଟିଠାରୁ ସବୁକଥା ଭାରି ସହଜ ହୋଇଯାଏ । ଯେତେବେଳେ କୌଣସି ଅସୁବିଧା ଆସି ପହଞ୍ଚିବା ପରି ଅନୁଭବ ହୁଏ ଅଥବା ଏକ ସମସ୍ୟା ସମାହିତ ହେବାକୁ ରହିଥାଏ, ଯେତେବେଳେ ଅଗ୍ରଗତି କରିବାର ଅଭିଳାଷ ଜନ୍ମେ, ଏକ ବିଷାଦ ଭାବକୁ ଅତିକ୍ରମ କରିବାକୁ ରହିଥାଏ କିଂବା କୌଣସି ପ୍ରତିବନ୍ଧକକୁ ଡେଇଁଯିବାର ଥାଏ ଅଥବା ତା’ ନ ହେଲେ କେବଳ ଏକାତ୍ମ ହୋଇ ରହିବାର ଆନନ୍ଦଟି ସକାଶେ ମଧ୍ୟ (କାରଣ, ସେହି ଅନୁଭବ ପ୍ରକୃତରେ ଏକ ମୂର୍ତ୍ତ ଆନନ୍ଦ ଆଣି ଦେଇଯାଇଥାଏ; ଏକାତ୍ମକ ହୋଇ ରହିଥିବା ମୁହୂର୍ତ୍ତଟିରେ ଆମେ ପ୍ରକୃତରେ ଏକ ବିପୁଳ, ଅତ୍ୟନ୍ତ ବିପୁଳ ଆନନ୍ଦର ଅନୁଭବ କରିଥାଉ), ତେବେ ଯେକୌଣସି

'oaob.nitrkl.ac.in' images reprocessed

ମୁହୂର୍ତ୍ତରେ ମଧ୍ୟ ଆମକୁ କେବଳ ଟିକିଏ ଅଟକି ରହିବାକୁ ହୁଏ, କିଛି ସମୟ ଲାଗି ଅଭିନିବିଷ୍ଟ ହେବାକୁ ହୁଏ ଏବଂ ଅଭୀପ୍ସା କରିବାକୁ ହୁଏ ଏବଂ ତା'ପରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସଂସ୍ପର୍ଶଟିର ପ୍ରତିଷ୍ଠା ହୋଇଯାଏ ଏବଂ ସମାହିତ ହେବାକୁ ଥିବା ଯାବତୀୟ ସମସ୍ୟାର ସମାଧାନ ସମ୍ଭବ ହୁଏ । ତେଣୁ କେବଳ ଅଭିନିବିଷ୍ଟ ହୋଇ ରହିବାକୁ ହୁଏ, — ମୁହୂର୍ତ୍ତେ ବସି ନିଜକୁ ଅଭିନିବେଶିତ କରି ରଖିବାକୁ ହୁଏ — ଏହିପରି ଭାବରେ ଅଭୀପ୍ସା କରିବାକୁ ହୁଏ, ଏବଂ ତା'ପରେ ତତ୍‌କ୍ଷଣାତ୍ ସଂସ୍ପର୍ଶଟିର ପ୍ରତିଷ୍ଠା ହୋଇଯାଏ ।

ମୁଁ ଯେପରି କହୁଥିଲି, ଏପରି ଏକ ସମୟ ଆସି ପହଞ୍ଚେ, ଯେତେବେଳେ କି ତାହା ତୁମକୁ ଆଉ ମୋଟେ ଛାଡ଼ିକରି ଚାଲିଯାଏ ନାହିଁ; ସେତେବେଳେ ତାହା ତୁମ ଚେତନାର ଗଭୀରରେ ଆସି ଅବସ୍ଥାନ କରେ ଓ ତୁମର ଯାବତୀୟ କାର୍ଯ୍ୟରେ ତୁମର ସହାୟକ ହୋଇ ରହିଥାଏ ଓ ତାହା ସହିତ ତୁମର ସଂସ୍ପର୍ଶଟି କେବେହେଲେ ହାତଛଡ଼ା ହୋଇଯାଏ ନାହିଁ । ସେତେବେଳେ ଅନେକ କିଛି ଅନ୍ତର୍ହିତ ହୋଇଯାଏ । ଉଦାହରଣସ୍ୱରୂପ, ବିଷାଦ ଅନ୍ତର୍ହିତ ହୋଇଯାଏ, ଅସନ୍ତୋଷ, ବିଦ୍ରୋହ, ଅବସାଦଭାବ, ବିଷାଦ ପ୍ରଭୃତି ଯାବତୀୟ ଅସୁବିଧା ଦୂର ହୋଇଯାଏ । ଏବଂ, ଆମେ ଯେପରି କହୁଥିଲୁ, ଆମର ବିବେକ ଭିତରକୁ ଫେରି ଆସିବା ଯଦି ଆମର ଅଭ୍ୟାସରେ ପଡ଼ିଯାଏ, ଏବଂ ଯଦି ଆପଣାର ଚୈତ୍ୟଚେତନାର ପରଦା ଉପରେ ଆମେ ଯାବତୀୟ ପରିସ୍ଥିତି, ଘଟନା, ଆମର ଯାବତୀୟ ଧାରଣା, ଜ୍ଞାନ ଓ ଆଉ ସବୁକିଛିକୁ ଦେଖିବା ଲାଗି ସମର୍ଥ ହେଉ, ସେତେବେଳେ ଆମେ ତାହାକୁହିଁ ଦେଖୁ ଏବଂ ତଦ୍ୱାରା ଆମର ପ୍ରତ୍ୟେକ କାର୍ଯ୍ୟରେ ଆମକୁ ଏକ ପଥପ୍ରଦର୍ଶକ ମଧ୍ୟ ଉପଲବ୍ଧ ହୋଇଯାଏ । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହା ଆସିବାକୁ ଅତି ଦୀର୍ଘ ସମୟ ଲାଗିଥାଏ ।

ଆପଣାକୁ ଜୀବନରୁ ପ୍ରତ୍ୟାହୃତ କରିନେଇ ସେହି ପରମ ଅବ୍ୟକ୍ତଙ୍କ ସହିତ ଏକାତ୍ମକ ହୋଇ ରହିବା; — କେବଳ ଯାବତୀୟ ଅହଂବାଦିତାରୁ ଆପଣାକୁ ମୁକ୍ତ କରି ରଖିବାକୁ ନୁହେଁ, ପରନ୍ତୁ ସଂପୂର୍ଣ୍ଣ ଭାବରେ ଅହଂଶୂନ୍ୟ ହୋଇ ରହିବା ଲାଗି କ'ଣ ଏହା ଅତ୍ୟାବଶ୍ୟକ ନୁହେଁ କି ?

ଅବଶ୍ୟ ଆବଶ୍ୟକ ।

ମାତ୍ର, ପରମ ଅବ୍ୟକ୍ତଙ୍କ ସହ ଏହି ଏକାତ୍ମକ ହୋଇ ରହିବାକୁ ଇଚ୍ଛା କରିବା ଓ ଏହି ପୃଥିବୀକୁ ଦୁଃଖ ଭିତରେ ସନ୍ତପ୍ତ ହୋଇ

'oaob.nitrkl.ac.in' images reprocessed

ରହିବାକୁ ଛାଡ଼ିଦେବା,—ଏହି ଦୃଷ୍ଟିକୋଣଟି କ'ଣ ଏକ ସ୍ୱାର୍ଥପରତା ନୁହେଁ କି ?

ହଁ । ଏବଂ, ତା'ପରେ ଯେଉଁ ଘଟଣାଟି ଘଟେ, ତାହା ପ୍ରକୃତରେ ଖୁବ ଉଲ୍ଲେଖଯୋଗ୍ୟ । ଏଥିରେ ସର୍ବଦା ସେହି ଗୋଟିଏ ପରିଣାମହିଁ ଘଟିଥାଏ : ଯେଉଁମାନେ ସେପରି କରିଥାନ୍ତି, ସେମାନେ ଶେଷ ମୁହୂର୍ତ୍ତରେ ସତେଅବା ଏପରି ଗୋଟିଏ ସୂଚନା ବି ପାଇଥାନ୍ତି ଯେ ସେମାନଙ୍କୁ ପୁନର୍ବାର ଏହି ପୃଥିବୀକୁ ଫେରି ଆସିବାକୁ ହେବ ଓ ଆପଣାର କାର୍ଯ୍ୟ କରିବାକୁ ହେବ । ସତେଅବା ଏହିପରି ଘଟିଥାଏ ଯେ, ଦ୍ୱାରଦେଶରେ ଯାଇ ପହଞ୍ଚି ସେତେବେଳେ ସେମାନଙ୍କୁ ଏହିପରି ଏକ ନିର୍ଦ୍ଦେଶ ଶୁଣିବାକୁ ମିଳେ,—"ନାଇଁ, ନାଇଁ, ଏବେ ମଧ୍ୟ ସମୟ ହୋଇ ନାହିଁ,—ତୁମକୁ ଫେରି ଯିବାକୁ ହେବ ଓ କାର୍ଯ୍ୟ କରିବାକୁ ହେବ । ଯେତେବେଳେ ପୃଥିବୀ ପ୍ରସ୍ତୁତ ହୋଇଯିବ, ତେବେଯାଇ ଏହାକୁ ଏକ ଉଚିତ କର୍ତ୍ତବ୍ୟ ବୋଲି କୁହାଯିବ ।"

ଏହା ସତ କଥା ଯେ ସମ୍ମୁଖରେ ଅସୁବିଧା ରହିଥିବାର ଦେଖି ଆପଣାକୁ ପ୍ରତ୍ୟାହୃତ କରି ନେଇଯିବାର ଏହି ଦୃଷ୍ଟିକୋଣଟି ଏକ ଚରମ ସ୍ୱାର୍ଥପରତାର ପରିଚାୟକ । ତୁମକୁ କୁହାଯାଇଛି, "ତୁମେ ଏହି କାର୍ଯ୍ୟଟିକୁ କର, ଏବଂ ତା'ପରେ ଯେତେବେଳେ ଅନ୍ୟ ସମସ୍ତେ ଏହିପରି କରିବେ, ସେତେବେଳେ ସମଗ୍ର ପୃଥିବୀ କଲ୍ୟାଣ ମଧ୍ୟରେ ବାସ କରିବ ।" ମାତ୍ର ମନୁଷ୍ୟସମାଜର କେବଳ ଅତି ଅଳ୍ପ କେତେଜଣ ବ୍ୟକ୍ତି ଏକଥାଟିକୁ କରିବା ଲାଗି ପ୍ରସ୍ତୁତ ଥାଆନ୍ତି । ଏବଂ, ଠିକ୍ ଏହିମାନେହିଁ ପୃଥିବୀର ସର୍ବୋତ୍ତମ ଉପଯୋଗୀ ବୋଲି ପ୍ରମାଣିତ ହୋଇପାରିବେ, କାରଣ ଅନ୍ୟମାନଙ୍କ ତୁଳନାରେ ସେହିମାନଙ୍କରହିଁ ବସ୍ତୁଗୁଡ଼ିକ ବିଷୟରେ ଅଧିକ ସମୁଚିତ ଜ୍ଞାନ ରହିଛି, ସେମାନେ ଅନେକ ବାଧା ଓ ଅସୁବିଧାକୁ ପାରି ହୋଇ ଆସିଛନ୍ତି ଏବଂ ଯେଉଁସବୁ ସ୍ଥାନରେ ଅନ୍ୟମାନେ ଅସମର୍ଥ ବୋଲି ପ୍ରତିପାଦିତ ହେବେ, ସେହିସବୁ ସ୍ଥାନରେହିଁ ସେମାନେ ସେହି ଅନ୍ୟମାନଙ୍କର ସହାୟତା କରି ପାରିବେ । ମାତ୍ର ଏହି ସମଗ୍ର ମନୁଷ୍ୟସମୂହ ଏହି ବିପୁଳ ମନୁଷ୍ୟସମୂହ··· କାରଣ, ଯେତେବେଳେ କେତେକ ବ୍ୟକ୍ତି ସଫଳ ହୋଇଯିବେ,—ଏପରିକି ଅଳ୍ପ କେତେ ଶହ ବ୍ୟକ୍ତି,—ସେତେବେଳେ ଆମେ ହୁଏତ ଭାବିବାକୁ ଇଚ୍ଛା କରିବା ଯେ ଏହା ଦ୍ୱାରା "ମନୁଷ୍ୟଜାତି" ସଫଳ ହୋଇଗଲା । ମାତ୍ର, ପ୍ରକୃତ କଥା କହିବାକୁ ଗଲେ, ଏହାକୁ ସମଗ୍ର ମନୁଷ୍ୟସମୂହର କେବଳ ଗୋଟିଏ ପ୍ରକାରର ଏକ ବିଶିଷ୍ଟ ବର୍ଗ ବୋଲି କହିବାକୁ ହେବ, କେବଳ ନିର୍ବାଚିତ କେତେଜଣ ବୋଲି କୁହାଯାଇ ପାରିବ । ସେତେବେଳେ ବିପୁଳ ମନୁଷ୍ୟସମୂହର—ସମଗ୍ର ପୃଥିବୀରେ ବାସ

'oaob.nitrkl.ac.in' images reprocessed

କରୁଥିବା ସବୁ ମନୁଷ୍ୟଙ୍କର—କେବଳ ଭାରତବର୍ଷରେହିଁ ତ ଏକ ବିପୁଳ ଓ ଅଧିକାଂଶ ଜନସମୂହ ବାସ କରୁଛନ୍ତି—ସେମାନେ ଗାଆଁମାନଙ୍କରେ ବାସ କରୁଛନ୍ତି, ମଫସଲରେ ଅଛନ୍ତି, ସେମାନେ ଯେ ମୁକ୍ତି ଲାଗି ଏକ ପ୍ରୟାସ କରିବେ, ଏକ ଆଧ୍ୟାତ୍ମିକ ଜୀବନ ଯାପନ କରିବା ନିମନ୍ତେ ପୃଥିବୀକୁ ପରିତ୍ୟାଗ କରି ବାହାରି ଆସିବେ, ସେକଥାର ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ଆପଣା ସମ୍ବନ୍ଧରେ ସଚେତନ ହେବା ଲାଗି ସେମାନଙ୍କ ପାଖରେ ଆବଶ୍ୟକ ସମୟଟି ଉପଲବ୍ଧ ହୋଇ ରହି ନାହିଁ ! ସେମାନେ କେବଳ ଯେଉଁଠି ସେଇଠି ପଡ଼ି ରହିଛନ୍ତି, ଯୁଆଳିରେ ବଳଦ ବନ୍ଧା ହୋଇଥିଲା ପରି ଆପଣାର କାର୍ଯ୍ୟଗୁଡ଼ାକ ଭିତରେ ବାନ୍ଧିହୋଇ ରହିଛନ୍ତି । ସେମାନେ ଏପରି ଗୋଟିଏ ଅଭ୍ୟସ୍ତ ଗୁଳା ଭିତରେ ଆତଯାତ ହେଉଛନ୍ତି, ଯେଉଁଠି ଭିତରୁ ବାହାରି ଆସିବାକୁ ସେମାନଙ୍କର ସାଧାରଣତଃ କୌଣସି ସାମର୍ଥ୍ୟ ନାହିଁ । ତେଣୁ ସେମାନଙ୍କୁ କଦାପି "ମୁଁ ଯେପରି କରୁଛି, ତୁମେ ମଧ୍ୟ ସେହିପରି କର ଏବଂ ତା'ହେଲେ ସବୁକିଛି ଠିକ୍ ହୋଇଯିବ" ବୋଲି କୁହାଯାଇ ପାରିବ ନାହିଁ । କାରଣ, "ମୁଁ ଯେପରି କରୁଛି"ର ଏହି କ୍ଷେତ୍ରରେ ମୋଟେ କୌଣସି ଅର୍ଥ ନାହିଁ । ସମ୍ଭବତଃ କେବଳ ମାତ୍ର କେତେ ଶହ ମଣିଷ ଥିବେ, ଯେଉଁମାନେ କି ସେକଥା କରିପାରିବେ । ତା'ଠାରୁ ଅଧିକ ଲୋକ କଦାପି କରିପାରିବେ ନାହିଁ ।

ଶରୀର କ୍ଳାନ୍ତ ହୋଇପଡ଼େ କାହିଁକି ? ଆମର ଏଠାରେ ତ ଅଳ୍ପ-ବହୁତ ପରିମାଣରେ ନିୟମିତ କାର୍ଯ୍ୟକଳାପମାନ ରହିଛି; ମାତ୍ର ଦିନେଦିନେ ଆମକୁ ଶକ୍ତିରେ ଭରପୂର ହୋଇ ରହିଥିବା ପରି ଲାଗୁଛି ଓ ତା'ପରଦିନ ଆମେ ତଥାପି କ୍ଳାନ୍ତ ହୋଇପଡ଼ୁଛୁ ।

ଭିତରେ କେଉଁଠି ଏକ ଅସମତାବସ୍ଥା ଜନ୍ମଲାଭ କରୁଥିବା ହେତୁ ସାଧାରଣତଃ ଏପରି ହୋଇଥାଏ । ଏହା ପଛରେ ହୁଏତ ଅନେକ କାରଣ ଥାଇପାରେ ମାତ୍ର ସେହି ସବୁର ସାରମର୍ମ ହେଉଛି : ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ମଧ୍ୟରେ ଏକ ପ୍ରକାରର ଅସମତାବସ୍ଥା ଆସି ଦେଖା ଦେଇଥାଏ । ପୁନଶ୍ଚ, ଏକଥା ମଧ୍ୟ ସମ୍ଭବ ହୋଇପାରେ ଯେ, ଯେଉଁଦିନ ଆମ ଭିତରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଶକ୍ତି ରହିଥାଏ, ଆମେ ତାହାକୁ ଅତିରିକ୍ତ ପରିମାଣରେ ଖରଚ କରିପକାଉ । ଅବଶ୍ୟ ସାନ ପିଲାମାନଙ୍କ କ୍ଷେତ୍ରରେ ସେକଥା ମୋଟେ ଘଟେ ନାହିଁ । ସମ୍ପୂର୍ଣ୍ଣ ଅବସନ୍ନ ହୋଇପଡ଼ିବା ପର୍ଯ୍ୟନ୍ତ ପିଲାମାନେ ଆପଣାର ଶକ୍ତିକୁ କାମରେ ଲଗାଉଥାନ୍ତି । ଆମେ ଗୋଟିଏ ପିଲାକୁ ସକ୍ରିୟ ହୋଇ ରହିଥିବାର ଦେଖି ଏ ତା'ପରେ ହଠାତ୍

'oaob.nitrkl.ac.in' images reprocessed

ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ସିଏ ନିଘୋଡ଼ ନିଦରେ ଶୋଇପଡ଼େ । ପିଲାଟି ଖେଳିଥାଏ, ଯାଉଥାଏ ଆସୁଥାଏ, ଦଉଡ଼ୁଥାଏ; ଏବଂ ତା'ପରେ ହଠାତ୍ ସବୁ ବନ୍ଦ ହୋଇଯାଏ, ତାକୁ ନିଦ ମାଡ଼ିଆସେ ଓ ସିଏ ତତ୍‌କ୍ଷଣାତ୍ ଶୋଇପଡ଼େ । ଏବଂ ଏହିପରି ଭାବରେହିଁ ସିଏ ସାନରୁ ବଡ଼ ହୁଏ, କ୍ରମଶଃ ଅଧିକରୁ ଅଧିକ ବଳବାନ୍ ହେବାରେ ଲାଗିଥାଏ । ତେଣୁ, ଶକ୍ତି ବ୍ୟୟିତ ହେବା ଯୋଗୁଁ ଯେ ତୁମର ଅନିଷ୍ଟ ହୁଏ, ସେକଥା ଆଦୌ ନୁହେଁ । ଯେଉଁ ଶକ୍ତି ବ୍ୟୟିତ ହୋଇଥାଏ, ଆବଶ୍ୟକ ବିଶ୍ରାମ ଦ୍ୱାରା ତାହାର କ୍ଷତିପୂରଣ ହୋଇଯାଏ । —ଏହିପରି ଭାବରେ ତାହା ଚମତ୍କାର ଭାବରେ ସୁଧାରି ହୋଇ ଯାଉଥାଏ । ନାହିଁ, —ଏକ ଅସମତାବସ୍ଥାରୁହିଁ କ୍ଲାନ୍ତି ଆସେ : ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ମଧ୍ୟରେ ଯେଉଁ ସମତାବସ୍ଥା ରହିଥାଏ, ତାହା ଯଥାନୁରୂପ ନ ହେଲେ କ୍ଲାନ୍ତି ଆସିଥାଏ ।

..

ଲୋକମାନେ ଭାବନ୍ତି-ଯେ, ସେମାନେ ଯାହାକିଛି କରି ଆସୁଛନ୍ତି, ଅବିଚ୍ଛିନ୍ନ ଭାବରେ ସେମାନଙ୍କୁ କେବଳ ତାହାକୁହିଁ କରିଯିବାକୁ ପଡ଼ିବ, ଅଥବା, ଅପରିବର୍ତ୍ତିତ ଭାବରେ ସେମାନଙ୍କୁ ଚେତନାର ସେହି ଗୋଟିଏ ସ୍ଥିତିରେହିଁ ରହିବାକୁ ପଡ଼ିବ, ଦିନ ପରେ ଦିନ କେବଳ ନିଜର କ୍ଷୁଦ୍ର କର୍ମଟିକୁ କରିଯିବାକୁ ପଡ଼ିବ ଏବଂ ତା'ହେଲେ ସବୁକିଛି ଠିକଣା ଭାବରେ ଚାଲିବାରେ ଲାଗିଥିବ । ମାତ୍ର, ସେପରି ମୋଟେ ହୁଏ ନାହିଁ । ହଠାତ୍ ଥାଏ ଥାଏ, କୌଣସି ନା କୌଣସି କାରଣରୁ, ସତ୍ତାର ଗୋଟିଏ ଅଂଶ—ତୁମର ଅନୁଭବଗୁଡ଼ିକ, ଭାବନାଗୁଡ଼ିକ ଅଥବା ତୁମର ପ୍ରାଣିକ ଅଂଶଟି—ହୁଏତ ଏକ ଅଗ୍ରଗତି ହାସଲ କରେ, କୌଣସି ନା କୌଣସି ଏକ ବସ୍ତୁର ଆବିଷ୍କାର କରିଥାଏ, ଏକ ଆଲୋକର ଅଧିକାରୀ ହୋଇଥାଏ ଓ ଆଗକୁ ଚାଲିଯାଏ । ଅଗ୍ରଗତିର ମାର୍ଗରେ ତାହା ଏକ ଲମ୍ଫ ପ୍ରଦାନ କରେ । ଅବଶିଷ୍ଟ ଆଉ ଅଂଶଗୁଡ଼ିକ ପଛରେ ପଡ଼ିଥାନ୍ତି । ଏହାରି ଦ୍ୱାରା ଏକ ଅସମତାବସ୍ଥାର ସୃଷ୍ଟି ହୁଏ । ତାହାହିଁ ତୁମକୁ ଭାରି କ୍ଲାନ୍ତ କରି ପକାଇବା ଲାଗି ଯଥେଷ୍ଟ ହୁଏ । ମାତ୍ର ତାହାକୁ ବସ୍ତୁତଃ ଆଦୌ କ୍ଲାନ୍ତି ବୋଲି କୁହାଯିବ ନାହିଁ : ଏହା ଏପରି ଗୋଟିଏ ସ୍ଥିତି, ଯାହାକି ତୁମକୁ ସ୍ଥିର ହୋଇଯିବାକୁ ଇଚ୍ଛା କରିବାକୁ ପ୍ରବର୍ତ୍ତାଏ, ଅଭିନିବେଶିତ ଭାବରେ ନିଜ ଭିତରେ ଅବସ୍ଥାନ କରି ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ମଧ୍ୟରେ କ୍ରମେ ଏକ ନୂତନ ସମଞ୍ଜସ ଅବସ୍ଥାର ନିର୍ମାଣ କରି ଆଣିବା ଲାଗି ପ୍ରେରଣା ଦିଏ । ଏବଂ, ତେଣୁ, ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ କୌଣସି ନା କୌଣସି ପ୍ରକାରର ଏକ ବିଶ୍ରାମ ଗ୍ରହଣ କରିବା ଅତ୍ୟାବଶ୍ୟକ ହୋଇପଡ଼େ; ଆମେ ଯାହା ଶିଖିଲୁ, ତାହାର ପରିପାଚନ ଲାଗି ଓ ଆମ ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ମଧ୍ୟରେ ଏକ ସମଞ୍ଜସୀକରଣ ସମ୍ଭବ କରାଇବା ଲାଗି ଏହି ବିଶ୍ରାମ ଅତ୍ୟାବଶ୍ୟକ ହୋଇଥାଏ ।

'oaob.nitrkl.ac.in' images reprocessed

ତା'ପରେ, ତୁମେ ଅବଶ୍ୟ ଜାଣିଥିବ, ଶରୀରର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମନୁଷ୍ୟମାନେ ପ୍ରକୃତରେ ଏକ ଭୟଙ୍କର ଅଜ୍ଞାନ ମଧ୍ୟରେ ବୁଡ଼ିକରି ରହିଥାନ୍ତି । ସେମାନେ ନିର୍ଦ୍ଦିଷ୍ଟ ଭାବରେ କହି ବି ପାରନ୍ତି ନାହିଁ··· ଉଦାହରଣସ୍ୱରୂପ ପ୍ରତ୍ୟେକ ଥର ଖାଦ୍ୟ ଗ୍ରହଣ କରିବା ସମୟରେ, ତୁମ ଶରୀର ଠିକ୍ କେତେ ପରିମାଣର ଓ କେଉଁ ପ୍ରକାରର ଖାଦ୍ୟ ଆବଶ୍ୟକ କରୁଥାଏ, ତୁମେ ସେକଥା ନିର୍ଦ୍ଦିଷ୍ଟ ଭାବରେ କହିପାରିବ କି ? —କେବଳ ସେତିକି ଓ ତା'ଠାରୁ ମୋଟେ ବେଶୀ ନୁହେଁ ବୋଲି କହିପାରିବ କି ? କେତେ ପରିମାଣରେ ଖାଇବାକୁ ହେବ, ଓ କେତେବେଳେ ଖାଇବାକୁ ହେବ ବୋଲି କହିପାରିବ କି ? ଏ ବିଷୟରେ··· ତୁମେ ମୋଟେ କିଛି ଜାଣି ନ ଥାଅ, ଏ ବିଷୟରେ ତୁମର କେବଳ ଏକ ଅସ୍ପଷ୍ଟ ଧାରଣା ରହିଥାଏ, ଗୋଟାଏ ପ୍ରକାରର କିଛି କଳ୍ପନା ରହିଥାଏ, ଅନୁମାନ ରହିଥାଏ ଅଥବା ସ୍ଥୂଳ ମତହିଁ ରହିଥାଏ ··ଏହି ସବୁକିଛିର ପ୍ରକୃତ ଜ୍ଞାନଟି ସହିତ ଆଦୌ କୌଣସି ସମ୍ବନ୍ଧ ନ ଥାଏ । ମାତ୍ର ସେହି ସୁନିର୍ଦ୍ଦିଷ୍ଟ ଜ୍ଞାନ କଥାଟି : "ମୁଁ ଠିକ୍ ଏହି ଖାଦ୍ୟହିଁ ଖାଇବି, ଠିକ୍ ଏତିକି ଖାଇବି"—ବାସ୍, ଏତିକି କଥା । "ମୋ' ଶରୀର ଏହାହିଁ ଆବଶ୍ୟକ କରୁଛି" । ହଁ, ଏକଥା କହିପାରିବା ଅବଶ୍ୟ ସମ୍ଭବ । ଏପରି ଗୋଟିଏ ସମୟ ଆସେ, ଯେତେବେଳେ କି ସେକଥା ଅତ୍ୟନ୍ତ ପରିଷ୍କାର ଭାବରେ ଜଣାପଡ଼ିଯାଏ । ମାତ୍ର ସେଥିଲାଗି ବର୍ଷ ବର୍ଷର ଶ୍ରମ ଦରକାର ହୁଏ, ବର୍ଷ ବର୍ଷର ପ୍ରୟାସ ଦରକାର ହୁଏ ଏବଂ ସେଥିଲାଗି ପ୍ରାୟ କୌଣସି ମାନସିକ ହସ୍ତକ୍ଷେପ ଦରକାର ହୁଏ ନାହିଁ । କେବଳ ଏକ ଚେତନା ଆବଶ୍ୟକ ହୁଏ, ଯାହାକି ସୂକ୍ଷ୍ମଭାବରେ ରୂପାନ୍ତରୀକରଣ ଏବଂ ଅଗ୍ରଗତି ମଧ୍ୟରେ ଏକ ସଂଯୋଗସୂତ୍ରର ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଯାଏ । ଏବଂ, ଆପଣାର ଶରୀର ସକାଶେ ଠିକ୍ କେତେ ପରିମାଣର ଶାରୀରିକ ପ୍ରୟାସ ଦରକାର, କେତେ ପରିମାଣରେ ମାନସିକ ସଞ୍ଚିତଶକ୍ତିର ବ୍ୟୟ ଏବଂ ପୁନଃସଂଗ୍ରହ ଦରକାର, ଯାହା ଗ୍ରହଣ କରାଯାଉଛି ଓ ଯାହା ଖର୍ଚ୍ଚ ହୋଇଯାଉଛି, ଦୁଇଟି ଭିତରେ ଠିକ୍ କେଉଁ ଅନୁପାତଟି ରହିବା ଉଚିତ, ଭାଙ୍ଗି ଯାଇଥିବା ସମତାବସ୍ଥାଟିର ପୁନଃପ୍ରତିଷ୍ଠା ଲାଗି ଶକ୍ତିଚୟର କେଉଁଭଳି ଉପଯୋଗ କରିବାକୁ ପଡ଼ିବ, ପଛରେ ପଡ଼ିଯାଇଥିବା କୋଷଗୁଡ଼ିକୁ କିପରି ଅଗ୍ରସର କରାଇନେବାକୁ ହେବ, ଏକ ଉଚିତର ଅଗ୍ରଗତି ସମ୍ଭବ କରିବା ଲାଗି କେଉଁସବୁ ପରିବେଶର ସୃଷ୍ଟି କରିବାକୁ ହେବ,—ଏହି କଥାଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଜାଣିବା ପ୍ରକୃତରେ ଏକ ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ମାତ୍ର, ଆପଣାର ଶରୀରକ୍ଷେତ୍ରରେ ଏକ ରୂପାନ୍ତର ସମ୍ଭବ କରିବାକୁ ହେଲେ ଠିକ୍ ସେହି କଥାଗୁଡ଼ିକହିଁ ସମ୍ଭବ କରିବାକୁ ପଡ଼ିବ । ପ୍ରଥମ କଥା ହେଉଛି, ତାହାକୁ ଅନ୍ତର୍ଗତ ଚେତନାଟି ସହିତ ପୂର୍ଣ୍ଣ ସମଞ୍ଜସ କରି ରଖିବାକୁ ପଡ଼ିବ । ଏବଂ, ସେହି କଥାଟିକୁ କରିପାରିବାକୁ

'oaob.nitrkl.ac.in' images reprocessed

ହେଲେ, ପ୍ରତ୍ୟେକ କୋଷର କ୍ଷେତ୍ରରେ ଅର୍ଥାତ୍ ଶରୀରାଙ୍ଗଗୁଡ଼ିକର ପ୍ରତ୍ୟେକ କ୍ଷୁଦ୍ର କ୍ଷୁଦ୍ର କ୍ରିୟାରେ ଏବଂ ପ୍ରତ୍ୟେକ ସଞ୍ଚଳନର କ୍ଷେତ୍ରରେ ମଧ୍ୟ ସେହି କାର୍ଯ୍ୟଟିକୁ କରିବାକୁ ପଡ଼ିବ । କେବଳ ଏହି କାର୍ଯ୍ୟଟି କରିବା ଲାଗି ହୁଏତ ଆଉ ସବୁକାର୍ଯ୍ୟ ଛାଡ଼ି, ଦିନରାତି ବ୍ୟସ୍ତ ରହିବାକୁ ପଡ଼ିବ । ···ମାତ୍ର ଏହି ପ୍ରୟାସଟି ଆଦୌ ଅବିଚ୍ଛିନ୍ନ ରହିପାରେ ନାହିଁ, ଏବଂ ସର୍ବୋପରି, ଅଭିନିବେଶ ଅବିଚ୍ଛିନ୍ନ ରହିପାରେ ନାହିଁ, ଅଥବା ଅନ୍ତର୍ଗତ ଦୃଷ୍ଟିଟି ମଧ୍ୟ ଅବିଚ୍ଛିନ୍ନ ହୋଇ ରହିପାରେ ନାହିଁ ।

ତୁମକୁ ମୁଁ ବେଶ୍ ଉପରଠାଉରିଆ କରି ଗୋଟିଏ ପ୍ରଶ୍ନ ପଚାରୁଛି : ଜଣେ ବ୍ୟକ୍ତି ଠିକ୍ କେତେ ପରିମାଣର ଖାଦ୍ୟ ଖାଇବ, ଏକ ନିର୍ଦ୍ଦିଷ୍ଟ ସମୟରେ କ'ଣ ସବୁ ଖାଦ୍ୟ ଖିଆଯାଇ ପାରିବ, କେଉଁ ସମୟରେ ଖାଦ୍ୟ ଗ୍ରହଣ କରିବାକୁ ହେବ ଓ ତା'ପରେ ପୁଣି କେଉଁ ସମୟରେ ଖାଦ୍ୟ ଗ୍ରହଣ କରାଯିବ, ଏକଥା ଯେ ଜାଣିବା ପ୍ରକୃତରେ ସମ୍ଭବ, ସେକଥା ତୁମକୁ ଭାରି ଆଶ୍ଚର୍ଯ୍ୟଜନକ ବୋଧ ହେଉଛି । ହଁ, ତାହାକୁ ସମସ୍ତ ସମସ୍ୟାଟିର ସମ୍ପୂର୍ଣ୍ଣ ଏକ ଉପରଠାଉରିଆ ଅଂଶ ବୋଲିହିଁ କୁହାଯିବ; ତଥାପି, ଏସବୁ ଯେପରି ଅବତରଣ କରିବାକୁ ଯାଉଥିବା ସେହି ମହାନ୍ ଶକ୍ତିଟି ଉଦ୍ଦେଶ୍ୟରେ ଆପଣାର ଅନୁମୋଦନ ଜଣାଇପାରିବ, ଯଦି ସେଥିଲାଗି ତୁମେ କୋଷଗୁଡ଼ିକର ସଂଯୋଜନ ଓ ଅନ୍ତର୍ଗତ ସଂଗଠନର କ୍ଷେତ୍ରରେ ପ୍ରବିଷ୍ଟ ହେବାକୁ ସମର୍ଥ ହୁଅ · ପ୍ରଥମ ପ୍ରଶ୍ନଟି ହେଉଛି, ତୁମେ ତୁମ ଦେହସ୍ଥ କୋଷଗୁଡ଼ିକ ସମ୍ବନ୍ଧରେ ଓ ସେଗୁଡ଼ିକର ବିଭିନ୍ନ ଲକ୍ଷଣ, କ୍ରିୟାକଳାପ, ସେମାନଙ୍କର ଗ୍ରହଣଶୀଳତାର ମାତ୍ରା, କ'ଣ ସୁସ୍ଥ ଅବସ୍ଥାରେ ଅଛି ଓ କ'ଣ ସୁସ୍ଥ ଅବସ୍ଥାରେ ନାହିଁ, ଏସବୁ ବିଷୟରେ ତୁମେ ପ୍ରକୃତରେ ସଚେତନ ହୋଇ ରହିଛ କି ? ଯେତେବେଳେ ତୁମେ କ୍ଲାନ୍ତ ହୋଇପଡ଼ୁଛ, ତୁମେ କାହିଁକି ଯେ କ୍ଲାନ୍ତ ହୋଇପଡ଼ିଲ, ସେତେବେଳେ ନିର୍ଭୁଲ ଭାବରେ ସେକଥା କହିଦେଇ ପାରିବ କି ? ଯେତେବେଳେ କେଉଁଠି କିଛି ବିଗିଡ଼ି ଯାଉଛି, ସେତେବେଳେ ତୁମେ "ମୁଁ ଏଇଥିଲାଗି କଷ୍ଟ କ୍ଲେଶ କରୁଛି" ବୋଲି କହି ପାରିବ କି ?··· ମଣିଷମାନେ ଡାକ୍ତରଙ୍କ ପାଖକୁ କାହିଁକି ଦଉଡ଼ି ଯାଆନ୍ତି ? କାରଣ ସେମାନେ ଏହିପରି ଏକ ଭ୍ରମ ଭିତରେ ରହିଥାନ୍ତି ଯେ, ଆପଣାର ଶରୀର ଭିତରକୁ ଅନାଇ ସେଠାରେ ପ୍ରକୃତରେ କ'ଣ ହେଉଛି ବା ନ ହେଉଛି, ସେକଥା ସେମାନଙ୍କ ଅପେକ୍ଷା ଡାକ୍ତରହିଁ ଅଧିକ ଭଲ ଭାବରେ ନିଶ୍ଚୟ ଜାଣିଛନ୍ତି। ଏହା ପଛରେ ଆଦୌ ସେପରି କୌଣସି ଯୁକ୍ତି ନାହିଁ, ମାତ୍ର ତଥାପି ତାହାହିଁ ଅଭ୍ୟାସରେ ଆସି ପଡ଼ିଯାଇଛି ! ମାତ୍ର ନିଜ ନିଜ ବିଷୟରେ କହିବାକୁ ଗଲେ, କିଏ ସକାରାତ୍ମକ ଭାବରେ ଆପଣା ଭିତରକୁ ନିର୍ଭୁଲ ଭାବେ ଅନାଇ ଦେଖିପାରିବ ଓ ଠିକ୍ କେଉଁଠି ବିଗିଡ଼ି ଯାଇଛି, କାହିଁକି ବା କିପରି ଗୋଳମାଳ ହୋଇଯାଇଛି, ସେହି କଥାଟିକୁ

'oaob.nitrkl.ac.in' images reprocessed

ଠିକ୍ ଠିକ୍ କହିଦେଇ ପାରିବ ? ଏବଂ, ଏହି ସବୁକିଛି କହିଲେ କେବଳ ପର୍ଯ୍ୟବେକ୍ଷଣର ଏକ କାର୍ଯ୍ୟକୁହିଁ ବୁଝାଉଛି; ସେହି କଥାଟିକୁ ଜାଣିବା ପରେ, ବିଗିଡ଼ି ଯାଇଥିବା କଥାଟିକୁ ପୁନର୍ବାର ସଜାଡ଼ି ଆଣିବା ଲାଗି ଯାହା କରିବା ଆବଶ୍ୟକ, ସେଇଟିକୁ ଅବଶ୍ୟ କରିବାକୁ ହେବ, ଏବଂ ତାହା କରିପାରିବା ଆହୁରି ଅଧିକ କଷ୍ଟକର ।

ଏବଂ, ଏହାହିଁ ହେଉଛି ଶରୀରର ରୂପାନ୍ତର-ସାଧନର କ୍ଷେତ୍ରରେ ଆମର ସର୍ବପ୍ରଥମ ପାଠ । ବୁଝିଲ ?

'oaob.nitrkl.ac.in' images reprocessed

# ୩ ମାର୍ଚ୍ଚ ୧୯୫୪

*"ମୃତ୍ୟୁ-ଭୟ ଓ ତାହାକୁ ଜୟ କରିବାର ଶ୍ରେଷ୍ଠ ଉପାୟ" ବୋଲି ମାଆ ଯେଉଁ ପ୍ରବନ୍ଧଟି ଲେଖିଥିଲେ, ଏହି ପ୍ରବଚନଟି ତାହାରି ଉପରେ ଆଧାରିତ ।*

ମାଆ, ମୁଁ ଶେଷରେ ଏହି ଶେଷ ଭାଗଟିକୁ ମୋଟେ ବୁଝି ପାରିଲି ନାହିଁ; "ମୃତ୍ୟୁର ଭୟକୁ ଜୟ କରିବାର ତଥାପି ଆଉଗୋଟିଏ ଉପାୟ ରହିଛି, ମାତ୍ର ତାହା ପ୍ରକୃତରେ ଏତେ କମ୍ ସଂଖ୍ୟକ ବ୍ୟକ୍ତି କରିବାକୁ ସମର୍ଥ ହୁଅନ୍ତି ଯେ, ଏଠାରେ ସେଇଟିକୁ ସମସ୍ତଙ୍କର କେବଳ ଜାଣିବା ସକାଶେହିଁ ପ୍ରଦତ୍ତ ହେଉଛି । ଏହି ଉପାୟଟି ହେଉଛି, ସ୍ୱେଚ୍ଛାରେ ମୃତ୍ୟୁର ରାଜ୍ୟ ମଧ୍ୟରେ ପ୍ରବିଷ୍ଟ ହେବା, ନିଜେ ବଞ୍ଚିଥିଲା ବେଳେ ସଚେତନ ଭାବରେ ମୃତ୍ୟୁରାଜ୍ୟରେ ପ୍ରବେଶ କରିବା,—ଏବଂ ତା'ପରେ ସେହି ରାଜ୍ୟରୁ ଫେରି ଆସିବା ଓ ପୁନର୍ବାର ସ୍ଥୂଳ ଶରୀର ମଧ୍ୟରେ ପ୍ରବେଶ କରିବା ଏବଂ ପୂର୍ଣ୍ଣ ଜ୍ଞାନରେ ପାର୍ଥିବ ଜୀବନର ଗତିପଥଟିକୁ ପୁନରତିକ୍ରମ କରିବା । ମାତ୍ର ସେଥିଲାଗି ପ୍ରକୃତରେ ସମୁଚିତ ଭାବରେ ଦୀକ୍ଷିତ ହୋଇ ଜଣେ ସାଧକ ହୋଇପାରିବା ଉଚିତ ।"

ତୁମେ କ'ଣ କହିବାକୁ ଇଚ୍ଛା କରୁଛ ? ଏହି କଥା ଦ୍ୱାରା ମୁଁ କ'ଣ କହିବାକୁ ଇଚ୍ଛା କରୁଥିଲି, ସେକଥା ତୁମେ ବୁଝିପାରି ନାହିଁ ? ···ଏଥିରେ ମୁଁ ମୋଟେ ଆଶ୍ଚର୍ଯ୍ୟ ହୋଇଯାଉ ନାହିଁ । ଆଉ କେହି ଏକଥା ବୁଝି ପାରିଛନ୍ତି କି ?

ଏହି ରାଜ୍ୟଟି ବିଷୟରେ ତୁମମାନଙ୍କ ଆଗରେ କିଛି କହିବାରୁ ମୁଁ ନିଜକୁ କ୍ଷାନ୍ତ କରି ରଖିଛି, କାରଣ ଏହି ବିଷୟଟି ମଧ୍ୟରେ ପ୍ରବେଶ କରିପାରିବା ପୂର୍ବରୁ ଆପଣା ସମ୍ବନ୍ଧରେ ଅତ୍ୟନ୍ତ ସଚେତନ ହେବାକୁ ପଡ଼ିବ, ଆପଣାର ଯାବତୀୟ ପ୍ରତିକ୍ରିୟା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିବାକୁ ପଡ଼ିବ ଓ ସକଳ ଭୟର ଊର୍ଦ୍ଧ୍ୱକୁ ଉଠିଯିବାକୁ ପଡ଼ିବ । ଆହୁରି ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, ଏହା ମଧ୍ୟରେ ପ୍ରବେଶ କରିବାକୁ ହେଲେ ଯାବତୀୟ ଭୟର ସମ୍ଭାବନାର ବି ଉପରକୁ ଯିବାକୁ ପଡ଼ିବ । ଏହା ଏପରି ଗୋଟିଏ ଜ୍ଞାନ, ଯାହାକୁ କି ଆଧୁନିକ ଜଗତରେ

'oaob.nitrkl.ac.in' images reprocessed

କୃତତ୍ତ୍ୱ ବିଜ୍ଞାନସମ୍ମତ ବୋଲି ସ୍ୱୀକାର କରାଯାଇଥାଏ । ମାତ୍ର ଏହା ପ୍ରକୃତରେ ଏକ ବିଜ୍ଞାନପ୍ରସୂତ ଜ୍ଞାନ, କାରଣ ଏଥିରେ ଏହାର ସୁନିର୍ଦ୍ଦିଷ୍ଟ ପ୍ରକ୍ରିୟାମାନ ରହିଛି, ଏବଂ ଯଦି ଉପଯୁକ୍ତ ପରିବେଶଗୁଡ଼ିକୁ ନିର୍ଭୁଲ ଭାବରେ ପୁନଃସମ୍ଭବ କରାଯାଇ ପାରିବ, ତେବେ ଆମକୁ ସେହି ସମାନ ଫଳଗୁଡ଼ିକ ଅବଶ୍ୟ ଉପଲବ୍ଧ ହେବ । ଏହା ହେଉଛି ଏକ ପ୍ରଗତିଧର୍ମୀ ବିଜ୍ଞାନ, ଜଣେ ଇଚ୍ଛା କଲେ ତାହାର ଅବଶ୍ୟ ଅନୁଶୀଳନ କରିପାରିବ, ବେଶ୍ ନିୟମିତ ଭାବରେ ଅଗ୍ରଗତି ମଧ୍ୟ କରିପାରିବ । ଆଧୁନିକ କାଳରେ ବିଜ୍ଞାନ ବୋଲି ସ୍ୱୀକୃତ ହେଉଥିବା ପ୍ରତ୍ୟେକ ବିଜ୍ଞାନ ପରି ଏଥିରେ ମଧ୍ୟ ଆପଣାର ଯୁକ୍ତିସମ୍ମତ ଅନୁଶୀଳନ-ଧାରାମାନ ରହିଛି । ମାତ୍ର ଏହି ବିଜ୍ଞାନଟି ଏପରି ଏକ ସତ୍ୟ ବା ଏପରି କେତେକ ସତ୍ୟର ଆଲୋଚନା କରିବାକୁ ଆଗ୍ରହ ରଖିଥାଏ, ସ୍ଥୂଳତମ ଭୌତିକତାର ରାଜ୍ୟଗୁଡ଼ିକରେ ଯାହା ଲାଗି କି ଆଦୌ କୌଣସି ସ୍ଥାନ ନ ଥାଏ । ତେଣୁ ସେ ରାଜ୍ୟଟି ବିଷୟରେ ଯଥାର୍ଥ ଭାବରେ ସଚେତନ ହୋଇପାରିବାକୁ ହେଲେ ଜଣେ ବ୍ୟକ୍ତି ପାଖରେ ବିଶେଷ କେତୋଟି ସାମର୍ଥ୍ୟ ରହିଥିବାର ଓ ସିଏ ଏକ ବିଶେଷ ମାର୍ଗରେ ଆପଣାକୁ ବିକଶିତ କରି ଆଣିଥିବାର ଆବଶ୍ୟକତା ରହିଥାଏ । କାରଣ ତାହା ଆମର ଏହି ନିତ୍ୟନୈମିତ୍ତିକ ଇନ୍ଦ୍ରିୟବୋଧର ସୀମାଗୁଡ଼ିକରେ ଆଦୌ ଧରାଦିଏ ନାହିଁ ।

ଆମର କେତେକ ସୂକ୍ଷ୍ମ ଇନ୍ଦ୍ରିୟ ଥାଆନ୍ତି; ଆମର ଯେପରି ଏକ ଭୌତିକ ଶରୀର ରହିଥାଏ, ସେହିପରି ଆହୁରି କେତେକ ସୂକ୍ଷ୍ମ ଶରୀର ମଧ୍ୟ ରହିଥାନ୍ତି, ଯେଉଁଗୁଡ଼ିକରେ କି ସ୍ୱକୀୟ ଇନ୍ଦ୍ରିୟମାନ ରହିଥାଏ; ଆହୁରି ଅଧିକ ପରିମାଣରେ ପରିମାର୍ଜିତ ଇନ୍ଦ୍ରିୟମାନ ରହିଥାଏ, ଆମର ଏହି ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର ତୁଳନାରେ ଆହୁରି ଅଧିକ ସୁନିର୍ଣ୍ଣିତ ଏବଂ ଆହୁରି ଅଧିକ ଶକ୍ତିଶାଳୀ ଇନ୍ଦ୍ରିୟମାନ ରହିଥାଏ । ମାତ୍ର, ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଆଧୁନିକ ଶିକ୍ଷାବ୍ୟବସ୍ଥାରେ ଏହିସବୁ କ୍ଷେତ୍ରକୁ ନେଇ କାର୍ଯ୍ୟ କରିବା ଆଦୌ ଏକ ରୀତି ବୋଲି ଗୃହୀତ ହୋଇ ନ ଥିବାରୁ, ଏଗୁଡ଼ିକ ସାଧାରଣତଃ ଆମର ଏହି ନିତ୍ୟନୈମିତ୍ତିକ ଜ୍ଞାନର ଗାରଗୁଡ଼ିକ ମଧ୍ୟରେ ମୋଟେ ଧରା ଦେଇ ନ ଥାନ୍ତି । ତଥାପି ସାନ ପିଲାମାନେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ବହୁ ପରିମାଣରେ ଏହି ରାଜ୍ୟରେହିଁ ବାସ କରୁଥାନ୍ତି । ସେମାନେ ଏପରି ଅନେକ ବସ୍ତୁକୁ ଦେଖିପାରନ୍ତି, ଯାହାକି ଭୌତିକ ପଦାର୍ଥଗୁଡ଼ିକ ପରି ସେମାନଙ୍କୁ ବାସ୍ତବ ହୋଇ ଦିଶୁଥାଏ, ସେମାନେ ସେଗୁଡ଼ିକ ବିଷୟରେ କେତେ କଥା କହନ୍ତି, — ଏବଂ ସେମାନଙ୍କୁ ସାଧାରଣତଃ ଏହି କଥା କୁହାଯାଇଥାଏ ଯେ ସେମାନେ ହେଉଛନ୍ତି ପ୍ରକୃତରେ ଭାରି ନିର୍ବୋଧ, କାରଣ ସେମାନେ ଏପରି ବସ୍ତୁଗୁଡ଼ିକର କଥା କହନ୍ତି, ଯାହାକୁ କି ଅନ୍ୟମାନେ ଦେଖିପାରୁ ନ ଥାନ୍ତି ମାତ୍ର ଯାହାକି, ଅନ୍ୟ-

'oaob.nitrkl.ac.in' images reprocessed

ମାନେ ଦେଖିପାରୁଥିବା ପ୍ରତ୍ୟେକ ଜିନିଷ ପରି ସେମାନଙ୍କ ଲାଗି ସତ୍ୟ, ମୂର୍ତ୍ତ ଓ ବାସ୍ତବ ହୋଇ ରହିଥାଏ । ସେମାନଙ୍କର ସ୍ୱପ୍ନଗୁଡ଼ିକ ମଧ୍ୟରେ ଏକ ପ୍ରଗାଢ଼ତା ରହିଥାଏ ଓ ସେମାନଙ୍କ ଜୀବନରେ ସେଗୁଡ଼ିକର ଏକ ପ୍ରଧାନ ମହତ୍ତ୍ୱ ରହିଥାଏ ଏବଂ କେବଳ ମାନସିକ ଅଭିବୃଦ୍ଧି ଅଧିକରୁ ଅଧିକ ପ୍ରଗାଢ଼ ହେବା ସହିତ ସେହିସବୁ ସାମର୍ଥ୍ୟ ଊଣା ହୋଇ ଯାଉଥାଏ । ମାତ୍ର, ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କୁ କି ଏକ ସ୍ୱତଃସ୍ଫୂର୍ତ୍ତ ବିକାଶର ସାମର୍ଥ୍ୟନେଇ ଜନ୍ମ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥାଏ, ସେମାନଙ୍କର ଅନ୍ତର୍ଗତ ଇନ୍ଦ୍ରିୟଗୁଡ଼ିକ ମହଜୁଦ ହୋଇ ରହିଥାନ୍ତି ଓ ସଂସାରରେ କିଛିହେଲେ ସେମାନଙ୍କୁ ଜାଗ୍ରତ ହୋଇ ରହିବାରୁ ବଞ୍ଚିତ କରି ରଖିପାରେ ନାହିଁ । ଯଦି ଉଚିତ ସମୟରେ ଏହି ବ୍ୟକ୍ତିମାନଙ୍କର ଏପରି ଜଣେ ମନୁଷ୍ୟ ସହିତ ଭେଟ ହୁଏ, ଯିଏକି ସେମାନଙ୍କୁ ଏକ ବିଧିବଦ୍ଧ ବିକାଶର ପ୍ରକ୍ରିୟାରେ ସାହାଯ୍ୟ କରିବାକୁ ସମର୍ଥ ହୁଏ, ତେବେ ଏହି ଗୂଢ଼ବିଦ୍ୟାର ଜଗତଟିକୁ ଅଧ୍ୟୟନ ଓ ଆବିଷ୍କାର କରିବାରେ ସେମାନେ ହୁଏତ ଗୋଟିଏ ଗୋଟିଏ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ନିମିତ୍ତରୂପେ ବ୍ୟବହୃତ ହୋଇପାରନ୍ତି । ସକଳ ଯୁଗରେ ଦୀକ୍ଷାଦାନର ଏପରି ଅନେକ କେନ୍ଦ୍ର ରହି ଆସିଛନ୍ତି, ଯେଉଁମାନେ କି ଏହି ବିଶେଷ ଭାବରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଶିଷ୍ୟରୂପେ ଗ୍ରହଣ କରିଛନ୍ତି ଏବଂ ଏହି ପ୍ରକାରର ବିଜ୍ଞାନରେ ସେମାନଙ୍କୁ ପ୍ରଶିକ୍ଷିତ କରାଇଛନ୍ତି । ଏହି ବିଦ୍ୟାକେନ୍ଦ୍ରଗୁଡ଼ିକ ସର୍ବଦା ଅଳ୍ପବହୁତ ପରିମାଣରେ ଆପଣାକୁ ଗୋପ୍ୟ କରି ରଖିଛନ୍ତି, କାରଣ ସାଧାରଣ ସ୍ତରର ଲୋକମାନେ ସେମାନଙ୍କର ସୀମା ବାହାରେ ରହିଥିବା ଏହିସବୁ ସାମର୍ଥ୍ୟଗୁଡ଼ିକ ପ୍ରତି ଭାରି ଅସହିଷ୍ଣୁତା ପ୍ରକଟ କରି ଆସିଛନ୍ତି ଏବଂ ସେମାନଙ୍କର ପଥରେ ନାନାପ୍ରକାର ବାଧା ସୃଷ୍ଟି କରିଛନ୍ତି । ମାତ୍ର ମନୁଷ୍ୟଜାତିର ଇତିହାସରେ କେତେକ ଉତ୍ତମ କାଳ ମଧ୍ୟ ରହିଆସିଛି, ଯେତେବେଳେ କି ଏହି ବିଦ୍ୟାକେନ୍ଦ୍ରଗୁଡ଼ିକୁ ସ୍ୱୀକୃତି ମିଳିଛି, ସହାନୁଭୂତି ଓ ସମ୍ମାନ ମଧ୍ୟ ପ୍ରାପ୍ତ ହୋଇଛି । ଏଠାରେ ଦୃଷ୍ଟାନ୍ତରୂପେ ପ୍ରାଚୀନ ମିଶର, ପ୍ରାଚୀନ ଖାଲ୍‌ଦେଆ, ପ୍ରାଚୀନ ଭାରତ ଏବଂ ଏପରିକି ଆଂଶିକ ଭାବରେ ପ୍ରାଚୀନ ଗ୍ରୀସ୍ ଓ ରୋମ୍‌କୁ ମଧ୍ୟ ଗ୍ରହଣ କରାଯାଇପାରେ । ଦୀକ୍ଷା ଦେବାର ବିଦ୍ୟାକେନ୍ଦ୍ରମାନ ହୁଏତ ସବୁ ଯୁଗରେ ଥିଲେ, ମଧ୍ୟକାଳୀନ ଇଉରୋପରେ ମଧ୍ୟ ଥିଲେ, ମାତ୍ର ସେମାନେ ଅତ୍ୟନ୍ତ ସାବଧାନତା ସହକାରେ ଆପଣାକୁ ଗୋପ୍ୟ କରି ରଖିଥିଲେ, କାରଣ ସ୍ୱୀକୃତ ଖ୍ରୀଷ୍ଟିଆନ୍ ଧର୍ମ ସେମାନଙ୍କର ପଛେ ପଛେ ଲାଗିରହିଥିଲା ଓ ସେମାନଙ୍କୁ ଶାସ୍ତି ମଧ୍ୟ ଦେଉଥିଲା । ଏବଂ ଯଦି ଦୈବାତ୍ ଅମୁକ ଅମୁକ ଲୋକମାନେ ଏହିସବୁ ଗୂଢ଼ ବିଜ୍ଞାନର ଅନୁଶୀଳନ କରୁଛନ୍ତି ବୋଲି ଜଣାପଡ଼ି ଯାଉଥିଲା, ତେବେ ସେମାନଙ୍କୁ ଗୁଣିଆ ବୋଲି କହି ଖୁଣ୍ଟରେ ବାନ୍ଧି ଜିଅନ୍ତା ପୋଡ଼ି ଦିଆଯାଉଥିଲା !···ଆମର ଏହି ଯୁଗରେ ଏହି ଜ୍ଞାନ ପ୍ରାପ୍ତ

'oaob.nitrkl.ac.in' images reprocessed

ଲୁପ୍ତ ହୋଇ ଗଲଣି; କେବଳ ଅତି ଅଳ୍ପସଂଖ୍ୟକ କେତେ ଲୋକ ତାହାର ଅନୁଶୀଳନ କରୁଛନ୍ତି । ମାତ୍ର, ମାନସିକ ଅଭିବୃଦ୍ଧି ସଙ୍ଗେସଙ୍ଗେ ତାହା ପ୍ରତି ରହିଥିବା ଅସହିଷ୍ଣୁତା ମଧ୍ୟ ଲୁପ୍ତ ହୋଇଯାଇଛି । ଲୋକମାନେ ଏହିସବୁ ବିଷୟକୁ ଖୁବ୍ ବେଶୀ ପସନ୍ଦ କରୁ ନାହାନ୍ତି ସତ, — ସେମାନେ ସେଗୁଡ଼ିକ ଦ୍ୱାରା ଅସ୍ୱସ୍ତି ଅନୁଭବ କରୁଛନ୍ତି ଓ ସେଗୁଡ଼ିକ ପ୍ରତି ବିରକ୍ତି ପ୍ରକାଶ କରୁଛନ୍ତି, — ମାତ୍ର ତଥାପି ଏକଥା ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି ଯେ, ଏହିସବୁ ବିଷୟର ଅନୁଶୀଳନ କରିବା ଆଦୌ ଏକ ଅପରାଧ ନୁହେଁ; ଏବଂ, ଯେଉଁମାନେ ଗୂଢ଼ବିଦ୍ୟାର ଅନୁଶୀଳନ କରୁଛନ୍ତି, ସେମାନଙ୍କୁ ଆଉ ମୋଟେ ବାନ୍ଧିକରି ପୋଡ଼ି ଦିଆଯାଉ ନାହିଁ ଅଥବା ବନ୍ଦିଶାଳାରେ ନେଇ ରଖାଯାଉ ନାହିଁ । କେବଳ ଏତିକି କଥା ଯେ, ଏହି କ୍ଷେତ୍ରରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଏହି ବିଦ୍ୟା ବିଷୟରେ ସବୁକିଛି ଜାଣିଛନ୍ତି ବୋଲି ଦାବି କରନ୍ତି ଓ ପ୍ରକୃତରେ ଅତି କମ୍ ସଂଖ୍ୟକ ବ୍ୟକ୍ତି ଏହି ବିଦ୍ୟାକୁ ଜାଣିଛନ୍ତି । ସେକଥା ଯାହା ହୋଇଥାଉ ପଛକେ, ମୁଁ ତୁମମାନଙ୍କୁ ଆରମ୍ଭରେ ଯେପରି କହିଲି, ଏହି ବିଦ୍ୟାର ଅଧ୍ୟୟନ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ଆମକୁ ଆମ ନିଜ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ହାସଲ କରିବାକୁ ପଡ଼ିବ, ଏକ ପ୍ରକାରର ଆତ୍ମ-ଅସ୍ୱୀକରଣ ଅର୍ଜନ କରିବାକୁ ପଡ଼ିବ, ଆମେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଥିବା, ଅହଂଶୂନ୍ୟ ହୋଇ ଯାଇଥିବା, ନିଷ୍କାମ ହୋଇପାରିଥିବା ଏବଂ ଆମ ଭିତରେ ଆପଣାକୁ ଉତ୍ସର୍ଗ କରି ରଖିବାର ଏପରି ଏକ ଭାବ ରହିଥିବ, ଯାହା ଦ୍ୱାରା କି ବିପତ୍ତିଶୂନ୍ୟ ଭାବରେ ଆମେ ସେହି ବିଦ୍ୟାଟିର ଅନୁଶୀଳନ ଓ ଅଭ୍ୟାସ କରି-ପାରିବା । କାରଣ, ଯଦି ତୁମ ଭିତରେ ଯାବତୀୟ ପ୍ରକାରର ଅହଂବାଦୀ ବା ବାସନାପ୍ରବଳ ବୃତ୍ତି ବଳବତ୍ତର ହୋଇ ରହିଥିବ, ଯଦି ତୁମେ ବାସନା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ, ତେବେ ଏହି ବିଜ୍ଞାନଟିର ଅଭ୍ୟାସ କରିବା ଦ୍ୱାରା ତୁମେ ଅବଶ୍ୟ ଏପରି ଅନେକ ପ୍ରମାଦ ଭିତରେ ଯାଇ ପଡ଼ିବ, ଯାହାର ପରିଣାମ କି ହୁଏତ ଜୀବନଘାତୀ ହୋଇଯାଉଥିବ । ମୁଁ ମୂଳରେ ଯେପରି କହିଛି, ଏହି କ୍ଷେତ୍ରରେ ଆମ ଭିତରେ ଏପରି ଏକ ନିର୍ଭୀକତା ରହିଥିବାକୁହିଁ ମୁଁ ଏକାନ୍ତ ଅପରିହାର୍ଯ୍ୟ ଗୋଟିଏ ସର୍ତ୍ତ ବୋଲି କହିବି, ଯାହାକି ତୁମ ଭିତରେ କୌଣସି ଭୟକୁ ପ୍ରବେଶ କରିବା ଲାଗି ଆଦୌ ବାଟ ଛାଡ଼ିଦେବ ନାହିଁ । କାରଣ, ଅନେକ ସମୟରେ ଏହି କଥାଟି କୁହାଯାଇଛି ଓ ଏହି କଥାଟି ସମ୍ପୂର୍ଣ୍ଣ ସତ୍ୟ ଯେ, ଯେତେବେଳେ ତୁମେ ସେହି ଅଦୃଶ୍ୟ ରାଜ୍ୟଟି ଭିତରେ ଯାଇ ପ୍ରବେଶ କରିବ, ସେତେବେଳେ ତୁମକୁ ସର୍ବ-ପ୍ରଥମେ ଯେଉଁସବୁର ସମ୍ମୁଖୀନ ହେବାକୁ ପଡ଼ିବ, ଯେଗୁଡ଼ିକ ପ୍ରକୃତରେ ଭାରି ଭୟ ପ୍ରଦର୍ଶନ କରୁଥିବେ । ତୁମ ଭିତରେ ଯଦି ଆଦୌ କୌଣସି ଭୟ ନ ଥିବ, ତେବେ ତଦ୍ୱାରା କୌଣସି ବିପଦର ସୃଷ୍ଟି ହେବ ନାହିଁ, କିନ୍ତୁ ତୁମ ଭିତରେ ଏତେ ଟିକିଏ

'oaob.nitrkl.ac.in' images reprocessed

ବି ଭୟ କେଉଁଠି ରହିଥିଲେ, ଅବଶ୍ୟ ବିପଦ ପଡ଼ିବ । ତେଣୁ ଏହି ବିଜ୍ଞାନର ଅଭ୍ୟାସ କରିବା ଲାଗି କାହାରିକୁ ଅନୁମତି ଦିଆଯିବା ପୂର୍ବରୁ, ଏକ ଦୀର୍ଘସମୟ ଲାଗି ଅନେକ ସମୟରେ ବର୍ଷବର୍ଷ ସକାଶେ, ନୂତନ ଅଧ୍ୟୟନକାରୀଙ୍କୁ ଏକ ଶୃଙ୍ଖଳାର ମଧ୍ୟ ଦେଇ ଯିବାକୁ ପଡ଼ୁଥିଲା; ସିଏ ଯେ ଏତେଟିକିଏ ଭୟ ଅନୁଭବ ନ କରି ଓ ମୋଟେ କୌଣସି ବିପଦର ସମ୍ମୁଖୀନ ନ ହୋଇ ଏହି ବିଦ୍ୟାଟିର ଅଭ୍ୟାସ କରିପାରିବ, ସେହି ଶୃଙ୍ଖଳା ତାକୁ ଏହିଭଳି ଗୋଟିଏ ନିର୍ଭର ଓ ପ୍ରତିଶ୍ରୁତି ଦେଇ ପାରୁଥିଲା । ଏବଂ ସେହି କାରଣରୁହିଁ ମୁଁ ତୁମମାନଙ୍କୁ ଏହି ବିଷୟରେ କେବେ-ହେଲେ କିଛି କହି ନାହିଁ । ଏହି ଲେଖାଟି ଆଦୌ ବିଶେଷ ଭାବରେ ତୁମମାନଙ୍କ ଲାଗି ଉଦ୍ଦିଷ୍ଟ ନ ଥିଲା; ଆମ ବୁଲେଟିନ୍ ତ ସାରା ପୃଥିବୀରେ ସବୁଆଡ଼କୁ ଯାଉଛି ଏବଂ ତାହା ନିଶ୍ଚୟ ଏଠିସେଠି ଏପରି ଲୋକଙ୍କ ହାତରେ ଯାଇ ପଡ଼ୁଥିବ, ଯେଉଁ-ମାନେ କି ସେହି ବିଦ୍ୟା ଲାଗି ପ୍ରକୃତରେ ପ୍ରସ୍ତୁତ ଅଛନ୍ତି । ମାତ୍ର ତଥାପି, ତାହା ଲିଖିତ ଆକାରରେ ପ୍ରକାଶ ପାଇଥିବାରୁ ମୁଁ ଆଜି ସନ୍ଧ୍ୟାରେ ତୁମମାନଙ୍କୁ ସେହି ବିଷୟରେ କେତେକ କଥା କହୁଛି । ଏବଂ ତୁମମାନଙ୍କୁ କହୁଛି ଯେ, ଯଦି ତୁମମାନଙ୍କ ମଧ୍ୟରୁ ଏଥିଲାଗି କାହାରି ଏକ ସ୍ୱତନ୍ତ୍ର ଆଗ୍ରହ ଓ ପ୍ରବୃତ୍ତି ରହିଥାଏ ଓ ଯଦି କେହି ସକଳ ଦୁର୍ବଳତା, ଅହଂବାଦିତା ଏବଂ ଭୟକୁ ଅତିକ୍ରମ କରିଯିବା ଲାଗି ପ୍ରକୃତରେ ପ୍ରସ୍ତୁତ ଥାଏ, ତେବେ ମୁଁ ମଧ୍ୟ ତାକୁ ସେହି ବିଦ୍ୟାର ମାର୍ଗରେ ସାହାଯ୍ୟ କରିବାକୁ ଏବଂ ତାକୁ ଏହିସବୁ ରହସ୍ୟ ସହିତ ପରିଚିତ କରିଦେବାକୁ ପ୍ରସ୍ତୁତ ଅଛି । ବୁଝିଲ ?

ମାତ୍ର, ମୋତେ ଏହି ଦାୟିତ୍ୱଟିକୁ ଗ୍ରହଣ କରିବାକୁ ହେଲେ ତୁମମାନଙ୍କୁ ମଧ୍ୟ ଆଉ ଟିକିଏ ଅଧିକ ପାକଳ ହେବାକୁ ପଡ଼ିବ ।

ମାଆ, ଆମେ ପ୍ରକୃତରେ କେବେ ପ୍ରସ୍ତୁତ ହୋଇପାରିବୁ ?

ହେ ମୋର ଶିଶୁଗଣ ! ସେଇଟା ତୁମମାନଙ୍କ ଉପରେହିଁ ନିର୍ଭର କରିବ । ମୁଁ ତ ବାରବର୍ଷ ହୋଇଥିବା ବେଳେ ଗୂଢ଼ବିଦ୍ୟାର ଅଭ୍ୟାସ କରିଥିଲି । ମାତ୍ର, ଏକଥା ମଧ୍ୟ ସତ ଯେ, ମୋ' ଭିତରେ ସେତେବେଳେ କୌଣସି ଭୟ ନ ଥିଲା, ମୁଁ ଆଦୌ କୌଣସି କଥାକୁ ଭୟ କରୁ ନ ଥିଲି । ଜଣେ ତା'ର ଶରୀର ଭିତରୁ ବାହାରକୁ ବାହାରି ଚାଲିଯାଏ ସତ, ମାତ୍ର ପ୍ରାୟ ଏକ ଅଦୃଶ୍ୟ ସୂତା ପରି କୌଣସି ଏକ ପଦାର୍ଥ ଦ୍ୱାରା ସିଏ ତଥାପି ବାନ୍ଧି ହୋଇ ରହିଥାଏ । ସୂତାଟିକୁ କାଟିଦେଲେ ସବୁ ସରିଯାଏ । ଜୀବନର ବି ଶେଷ ଆସି ପହଞ୍ଚିଯାଏ । ଜଣେ ବାହାରକୁ ବାହାରି ଚାଲିଯାଏ ଏବଂ ତା'ପରେ ସିଏ ପ୍ରବେଶ କରିଥିବା ପୃଥିବୀଟିକୁ ଦେଖିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରେ । ଏବଂ, ମୁଁ ଆଗରୁ ଯେପରି କହିଲି, ସିଏ ଦେଖିଥିବା ପ୍ରଥମ ବସ୍ତୁଗୁଡ଼ିକ ତା'ଲାଗି ସାଧାରଣତଃ ଖୁବ ଶ୍ରୀତିଦାୟକ ହୋଇଥାନ୍ତି । କାରଣ, ତୁମ ଲାଗି ପବନ ଗୋଟାସୁଦ୍ଧା ଶୂନ୍ୟ ହୋଇ ଦେଖାଯାଏ, ପବନ ଭିତରେ ଆଦୌ କିଛିହେଲେ ନ ଥାଏ,—ତୁମେ କିଛି ନୀଳବର୍ଣ୍ଣ ଅଥବା ଶ୍ୱେତବର୍ଣ୍ଣ ହୋଇ ରହିଥିବାର ଦେଖିବାକୁ ଆରମ୍ଭ କର, ମେଘମାନଙ୍କୁ ଦେଖ, ସୂର୍ଯ୍ୟକିରଣକୁ ଦେଖ,—ଏବଂ ସବୁକିଛି ଖୁବସୁନ୍ଦର ହୋଇ ଦେଖାଯାଉଥାଏ । ମାତ୍ର ଯେତେବେଳେ ତୁମେ ଅନ୍ୟ ଦୃଶ୍ୟକୁ ଦେଖିବାକୁ ଆରମ୍ଭ କର, ସେତେବେଳେ ଦେଖିବାକୁ ଲାଗ ଯେ, ସେହି ପବନର ଦେହଟା ବି ଏପରି ଅଗଣିତ ନାନା ଆକାରରେ ଭର୍ତ୍ତି ହୋଇ ରହିଛି; ସେହି ଆକାରଗୁଡ଼ିକ ନାନା ବାସନା ଏବଂ ମାନସିକ ବିକାରର ଅବଶେଷ ଭାବରେ ଅବସ୍ଥିତ ହୋଇ ରହିଥାନ୍ତି । ତୁମେ ଦେଖିବାକୁ ଲାଗ ଯେ ସେଗୁଡ଼ାକ ପବନ ଭିତରେ ପୁଳା ପୁଳା ହୋଇ ଘୂରି ବୁଲିବାରେ ଲାଗିଛନ୍ତି ଏବଂ ଏହା ସର୍ବଦା କଦାପି ଏକ ସୁନ୍ଦର ଦୃଶ୍ୟ ବୋଲି ବୋଧ ହେବ ନାହିଁ । ବେଳେବେଳେ ତାହା ଅତ୍ୟନ୍ତ କୁତ୍ସିତ ବୋଲି ବି ବୋଧ ହୋଇଥାଏ । ତାହା ତୁମ ଉପରେ ଆକ୍ରମଣ କରିବାକୁ ଆସେ, ତୁମ ଆଡ଼କୁ ମାଡ଼ିଆସେ, ତୁମ ଉପରେ ଲଦି ହୋଇ ପଡ଼ିବାପରି ହେଉଥାଏ ଓ ତୁମକୁ ଆକ୍ରମଣ କରେ । ଏବଂ ଯଦି ତୁମେ ସେଥିରେ ଭୀତ ହୋଇପଡ଼, ତେବେ ତାହା ଏକାବେଳେକେ ବିକରାଳ ରୂପମାନ ଧାରଣ କରେ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ତଥାପି ବିଚଳିତ ହୋଇ ନ ପଡ଼, ଯଦି କେବଳ ଏକ ସୁସ୍ଥ ଉତ୍କଣ୍ଠାର ଭାବ ନେଇ ତୁମେ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିପାର, ତେବେ ନିଶ୍ଚିତ ଭାବରେ ବୁଝିବାକୁ ଆରମ୍ଭ କର ଯେ, ଏହା କଦାପି ମୋଟେ ଏତେ ଭୟଙ୍କର ନୁହେଁ ।

ଏହି ବିଷୟରେ ମୁଁ ତୁମମାନଙ୍କୁ ସାନ ଗପଟିଏ କହିପାରିବି ।

ମୁଁ ଡେନ୍‌ମାର୍କ ଦେଶର ଜଣେ ଶିଳ୍ପୀଙ୍କୁ ଜାଣିଥିଲି, ଯାହାଙ୍କର କିଛି ବେଶ୍ ପ୍ରତିଭା ରହିଥିଲା ଓ ସିଏ ଗୁହ୍ୟବିଦ୍ୟା ଶିକ୍ଷା କରିବା ସକାଶେ ଇଚ୍ଛା କରିଥିଲେ । ତୁମେମାନେ ଜାଣିଥିବ, ସିଏ ଏଠାକୁ ଆସିଥିଲେ, ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ କରିଥିଲେ, ଏପରିକି ନିଜେ ତାଙ୍କର ଛବିଟିଏ ମଧ୍ୟ ଆଙ୍କିଥିଲେ । ସେତେବେଳେ ବିଶ୍ୱଯୁଦ୍ଧ ଲାଗିଥିଲା ଓ ଯେତେବେଳେ ସିଏ ଫ୍ରାନ୍ସକୁ ଫେରି ଆସିଥିଲେ, ସେତେବେଳେ ମୁଁ ତାଙ୍କୁ ଏହି ଗୁହ୍ୟବିଦ୍ୟାର ବିଜ୍ଞାନରୁ କିଛିତ୍ତ ଶିକ୍ଷା ଦିଏଁ ବୋଲି ଏକ ଇଚ୍ଛା ପ୍ରକାଶ କରିଥିଲେ । ମୁଁ ତାଙ୍କୁ ଶରୀର ଭିତରୁ କିପରି ବାହାରକୁ ବାହାରି ଚାଲିଯାଇ ହୁଏ, ସେକଥା ଆଦି ଶିଖାଇଥିଲି, ଯାବତୀୟ ନିୟନ୍ତ୍ରଣ ବିଷୟରେ ମଧ୍ୟ ଶିଖାଇଥିଲି । ଏବଂ ମୁଁ ତାଙ୍କୁ କହିଥିଲି ଯେ, ସର୍ବୋପରି

'oaob.nitrkl.ac.in' images reprocessed

ଏହି କ୍ଷେତ୍ରରେ ସର୍ବପ୍ରଥମ କଥାଟି ହେଉଛି ଯେ, ତାଙ୍କ ଭିତରେ ଆଦୌ କୌଣସି ଭୟ ରହିବ ନାହିଁ । ତା'ପରେ ଦିନେ ସିଏ ମୋ'ପାଖକୁ ଆସି ପୂର୍ବଦିନ ରାତିରେ ଗୋଟିଏ ସ୍ୱପ୍ନ ଦେଖିଥିବାର କଥା କହିଲେ । ମାତ୍ର, ତାହା ପ୍ରକୃତରେ ମୋଟେ ସ୍ୱପ୍ନ ନ ଥିଲା; କାରଣ, ମୁଁ ଆଗରୁ ଯେପରି ତୁମମାନଙ୍କୁ କହିଛି, ସିଏ ଆପଣାର ଶରୀର ଭିତରୁ ବାହାରକୁ ବାହାରି ଯାଇ ପାରିବା ବିଷୟରେ କିଛିକିଛି ଶିକ୍ଷା କରିଥିଲେ ଏବଂ ସଚେତନ ଭାବରେ ନିଜ ଶରୀରରୁ ବାହାରକୁ ବାହାରି ଯାଇଥିଲେ । ଏବଂ, ନିଜ ଶରୀରରୁ ବାହାରକୁ ବାହାରିଯାଇ ସାରିବା ପରେ, ତାଙ୍କର ଚତୁର୍ଦ୍ଦିଗରେ କ'ଣସବୁ ଦେଖିବାକୁ ରହିଛି, ସିଏ ସେହିସବୁକୁ ଅନାଇ ଦେଖୁଥିଲେ, ଯେତେବେଳେ କି ସିଏ ହଠାତ୍ ଗୋଟାଏ ପରାକ୍ରମୀ ମହାବଳ ବାଘକୁ ତାଙ୍କ ଆଡ଼କୁ ମାଡ଼ି ଆସୁଥିବାର ଦେଖିବାକୁ ପାଇଲେ, ଅତ୍ୟନ୍ତ ଶତ୍ରୁଭାବ ଅଭିପ୍ରାୟଯୁକ୍ତଭାବେ ସନ୍ଧିତ ସେ ତାଙ୍କର ସମୀପବର୍ତ୍ତୀ ହୋଇ ଆସୁଥିବାର ଦେଖିବାକୁ ପାଇଲେ । …ସିଏ ଯେ ମୋଟେ କୌଣସି ପ୍ରକାରେ ଭୀତ ହୋଇ-ପଡ଼ିବେ ନାହିଁ, ମୋର ତାଙ୍କୁ କହିଥିବା ଏହି କଥାଟିକୁ ସିଏ ସ୍ମରଣ କଲେ ଏବଂ ତେଣୁ ମନେ ମନେ କହିବାକୁ ଲାଗିଲେ, "ବିପଦ ବୋଲି ଆଦୌ କିଛି ନାହିଁ, ମୁଁ ସୁରକ୍ଷିତ ହୋଇ ରହିଛି, ତେଣୁ ମୋ'ଲାଗି ଆଦୌ କୌଣସି ପ୍ରମାଦ ଘଟିବ ନାହିଁ, —ମୁଁ ସୁରକ୍ଷାଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ହୋଇ ରହିଛି" । ଏବଂ, ସେହିପରି ଭାବରେ, ମୋଟେ କୌଣସି ଭୟ ନ କରି ସିଏ ବାଘ ଆଡ଼କୁ ସେହିପରି ଭାବରେ ଚାହିଁ ରହିଲେ । ସିଏ ବାଘଟି ଆଡ଼କୁ ସେହିପରି ଚାହିଁ ରହିଥାନ୍ତି । ଏହି ସମୟରେ ବାଘଟି ହଠାତ୍ ଆକାରରେ ସାନ ଓ ଆହୁରି ସାନ ହୋଇଯିବାକୁ ଆରମ୍ଭ କଲା ଏବଂ ଶେଷରେ—ଗୋଟିଏ ସାନ ବିରାଡ଼ିରେ ପରିଣତ ହୋଇଗଲା ।

(ସମସ୍ତେ ହସିଲେ)

ବାଘ ପ୍ରକୃତରେ କ'ଣ ସୂଚିତ କରିଦେଉଥିଲା ?

ତାହା ସମ୍ଭବତଃ…ସେଦିନ ସିଏ ଜଣକ ଉପରେ ଭାରି କ୍ରୋଧ ପ୍ରକାଶ କରିଥିଲେ, ଆପଣାର ସ୍ୱାଭାବିକ ସ୍ଥିରତାକୁ ହରାଇ ବସି ଖରାପ ଚିନ୍ତାମାନ କରିଥିଲେ । ସେହି ବ୍ୟକ୍ତିର ଜୀବନରେ ଅତ୍ୟନ୍ତ ଅପ୍ରୀତିକର କିଛି ଘଟିବ ବୋଲି ସିଏ ଆଶା ମଧ୍ୟ କରିଥିଲେ । ଗୂଢ଼ବିଦ୍ୟାରେ କଥା "ଓଲଟିବାର" ଗୋଟିଏ ରୀତି ରହିଛି । ତୁମେ ଏକ ମନ୍ଦ ଭାବନାକୁ ନିଜ ଭିତରୁ ବାହାରକୁ ପ୍ରେରିତ କଲ,—ତେବେ ତାହା ଏକ ଆକ୍ରମଣ ରୂପେ ଶେଷକୁ ତୁମରି ପାଖକୁହିଁ ବାହୁଡ଼ି ଆସିବ । ଖାସ ଏହି କାରଣରୁହିଁ ତୁମକୁ ଆପଣାର ଅନୁଭବ, ଅବବୋଧ ଓ ଭାବନାଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ ଅର୍ଜନ କରିବାକୁ ହେବ । କାରଣ, ଯଦି ତୁମେ

'oaob.nitrkl.ac.in' images reprocessed

ଆଉ କାହାରି ଉପରେ ରାଗିବ ଅଥବା, ଆହୁରି ଆଗକୁ ଯାଇ, ଯଦି ତୁମେ କାହାରି ମନ୍ଦଚିନ୍ତା କରିବ, ତେବେ ସେହି ବ୍ୟକ୍ତି ଏକାବେଳେକେ ପ୍ରଚଣ୍ଡ ହୋଇ ତୁମକୁ ଆକ୍ରମଣ କରିବା ଲାଗି ତୁମ ଆଡ଼କୁ ମାଡ଼ି ଆସୁଥିବାର ତୁମେ ସ୍ୱପ୍ନରେ ଦେଖିବାକୁ ପାଇବ । ଏବଂ, ଏସବୁ ବିଷୟରେ ଯଦି ତୁମର କୌଣସି ଜ୍ଞାନ ନ ଥିବ, ତେବେ ତୁମେ କହିବ, "ନାହିଁକି, ମୁଁ ତ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଭାବରେ ସେହି ଲୋକଟି ଉପରେ କ୍ରୋଧ ପ୍ରକାଶ କରିଥିଲି !" ମାତ୍ର ବସ୍ତୁତଃ, ସେକଥା ଆଦୌ ସେପରି ନୁହେଁ । ତୁମର ନିଜ ଭାବନାଟିହିଁ ଲେଉଟି କରି ତୁମ ଉପରକୁ ଆସିଥାଏ । ଏବଂ, ଘଟିଥିବା ଏହିସବୁ ଘଟଣା ବିଷୟରେ ହୁଏତ ସେହି ଅନ୍ୟ ଲୋକଟି ମୋଟେ ଅବହିତ ହୋଇ ନ ଥାଏ । କାରଣ,—ଏହାକୁ ଗୂଢ଼ବିଦ୍ୟାରେ ଏକ ସାଧାରଣ ନିୟମ ବୋଲି ଗ୍ରହଣ କରିବାକୁ ହେବ,—ଯଦି ତୁମେ ନିଜେ କୌଣସି କଳ୍ପନା କରିବ, କୌଣସି ଅନ୍ୟ ବ୍ୟକ୍ତି ଏକ ଦୁର୍ଘଟଣା ବା ଅପ୍ରୀତିକର ସେହିପରି ଆଉ-କିଛିର ସମ୍ମୁଖୀନ ହେବ ବୋଲି ତୁମେ ଯଦି ମନ ଭିତରେ କଳ୍ପନାଟିଏ କରିଥିବ ଏବଂ ସେହି କଳ୍ପନାଟିକୁ ତୁମେ ବାହାରକୁ ବି ପ୍ରେରଣ କରିବ, ଏବଂ, ଯଦି ଘଟଣାବଶତଃ ସେହି ବ୍ୟକ୍ତିଟି ଏକ ଅତ୍ୟନ୍ତ ଉଚ୍ଚ ଚେତନାର ହୋଇଥାଏ, ଯଦି ସିଏ ଆଦୌ କାହାର କୌଣସି ମନ୍ଦ ପାଞ୍ଚୁ ନ ଥାଏ, ଯଦି ସିଏ ଏହି ବିଷୟରେ ଏକାନ୍ତ ଉଦାସୀନ ଏବଂ ନିରାଗ୍ରହ ହୋଇ ରହିଥାଏ, ତେବେ, ତୁମର କଳ୍ପନାଟି ତା'ର ପରିବେଶଟି ମଧ୍ୟକୁ ଆସି ତା'ଭିତରେ ପ୍ରବେଶ କରିବା ପରିବର୍ତ୍ତେ ଓଲଟି ସେହି କଳ୍ପନାଟିକୁ ପ୍ରେରଣ କରିଥିବା ତୁମ ପାଖକୁହିଁ ପୁନର୍ବାର ଲେଉଟି ଆସିବ । ଏହିପରି ଭାବରେ କେତେ କେତେ ସାଂଘାତିକ ଦୁର୍ଘଟଣାମାନ ଘଟିଥିବାର ଦୃଷ୍ଟାନ୍ତ ରହିଛି । ଏପରି କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଥିଲେ ଯେଉଁମାନେ କି ଗୁଣିଗାରେଡ଼ି ବୋଲି କୁହାଯାଉଥିବା ଗୂଢ଼ବିଦ୍ୟାର ସେହି ଅତି ନିମ୍ନସ୍ତରୀୟ ବିଭୂତିଗୁଡ଼ାକୁହିଁ ଅଭ୍ୟାସ କରୁଥିଲେ ଏବଂ କୌଣସି ଜଣେ ବ୍ୟକ୍ତି ବିରୁଦ୍ଧରେ ଗୁଣିବଳରେ କଳ୍ପନାମାନ କରୁଥିଲେ । ମାତ୍ର ଏହି ଦ୍ୱିତୀୟ ବ୍ୟକ୍ତି ଏହିସବୁରୁ ଅନେକ ଊର୍ଦ୍ଧ୍ୱରେ ରହିଥିଲେ ଏବଂ ସେହି କଳ୍ପନାଗୁଡ଼ାକ ତାଙ୍କୁ ସ୍ପର୍ଶ ବି କରିପାରୁ ନ ଥିଲା । ତେଣୁ ସେଗୁଡ଼ିକ ପୁନର୍ବାର ପୁଣି ସେହି ବ୍ୟକ୍ତିମାନଙ୍କ ପାଖକୁ ଫେରି ଆସୁଥିଲେ ଓ ସେମାନଙ୍କ ଲାଗି ଜୀବନଘାତୀ ହେଉଥିଲେ । ଯଦି ସେମାନେ ମୃତ୍ୟୁ ଘଟୁ ବୋଲି କଳ୍ପନା କରିଥିଲେ, ତେବେ ସେମାନେ ହୁଏତ ସ୍ୱୟଂ ମୃତ୍ୟୁମୁଖରେ ଯାଇ ପଡ଼ୁଥିଲେ ।

ଶ୍ରୀଅରବିନ୍ଦ ରହୁଥିବା ଘରେ ଏକଦା ପଡ଼ୁଥିବା ଢେଲାଗୁଡ଼ିକର କାହାଣୀଟି ତୁମର ମନେ ଅଛି କି ନାହିଁ କେଜାଣି ! ସେକଥା ସମସ୍ତଙ୍କୁ ଜଣାଥିବ, ତେଣୁ ଏଠାରେ ମୁଁ ତାହାକୁ ଆଉ କହିବାକୁ ଯାଉ ନାହିଁ ।

'oaob.nitrkl.ac.in' images reprocessed

ଅନିଷ୍ଟ ଘଟାଇ ସାରିବା ପରେ ଏହି କଳ୍ପନାଟିରେ ପୁଣି କି ଦଶା ହୁଏ ? ସେଇଟି କ'ଣ ସେହିପରି ହୋଇ ରହିଥାଏ ?

ନାହିଁ । ଯେତେବେଳେ ଏହି କିସମର ଗୋଟିଏ କଳ୍ପନା ଆପଣାକୁ କାର୍ଯ୍ୟକାରୀ କରେ, ସେତେବେଳେ ତାହା ନିଜକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପ୍ରେରିତ କରିଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେହିଁ ତାହା ତିଆରି ହୋଇଥାଏ । ଏହା କାର୍ଯ୍ୟ କରେ ଓ ସେହି କାର୍ଯ୍ୟଟି ହୋଇଗଲା ପରେ ତାହା ଅନ୍ତର୍ହିତ ହୋଇଯାଏ, ତାହାର ସ୍ଥିତି ରହିବା ଲାଗି ତା'ପରେ ଆଉ କୌଣସି କାରଣ ନ ଥାଏ । ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଲାଗିହିଁ ତାହା ତିଆରି ହୋଇଥିଲା । କାର୍ଯ୍ୟଟି ସମ୍ପନ୍ନ ହୋଇ ସାରିବା ପରେ ସେହି କଳ୍ପନାଟି ମଧ୍ୟ ଶେଷ ହୋଇଯାଏ । ଆହୁରି ଅନ୍ୟ କେତେକ ପ୍ରକାରର କଳ୍ପନା ଅଛନ୍ତି, ଯେଉଁମାନେ କି ଅଳ୍ପବହୁତ ଅଧିକ ସ୍ଥାୟୀ ହୋଇ ରହନ୍ତି । ମୁଁ ତ କହୁଛି ଯେ ଗୂଢ଼ବିଦ୍ୟା ହେଉଛି ଏକ ବିଜ୍ଞାନ,—ତୁମେ କ'ଣ ଘଣ୍ଟାକ ଭିତରେ କେବେ ରସାୟନ-ବିଜ୍ଞାନକୁ ଶିକ୍ଷା କରିପାରିବ ? ମାତ୍ର ତଥାପି, ସେପରି ଏକ କ୍ଷେତ୍ରରେ, ଯେତେବେଳେ କଳ୍ପନାଟି ଲେଉଟି ଆସି ତାହାକୁ ପ୍ରେରଣ କରିଥିବା ବ୍ୟକ୍ତିଟି ଉପରେ ଆଘାତ କରେ, ସେତେବେଳେ ତାହା ସେଇଥିରେ ସରିଯାଏ । ତାହାର କାର୍ଯ୍ୟଟି ସମ୍ପନ୍ନ ହୋଇଯାଏ ଏବଂ ତାହା ସେଇଥିରେ ଶେଷ ହୋଇଯାଏ ।

ସେହି ଝେଙ୍କା ପଡ଼ିବାର ଗପଟିକୁ ସମସ୍ତେ ଜାଣି ନାହାନ୍ତି···ଆପଣ କେବଳ ସାନ ପିଲାମାନଙ୍କ ଆଗରେ ଏକଦା ଗପଟିକୁ କହିଥିଲେ ।

ମୁଁ ସାନ ପିଲାମାନଙ୍କୁ ଗପଟିକୁ କହିଥିଲି···

ହଁ, ମାତ୍ର ସେତେବେଳେ ବଡ଼ମାନେ ସେଠି ନ ଥିଲେ ।

(ସମସ୍ତେ ହସିଲେ)

ବର୍ତ୍ତମାନ ନଅଟା ବାଜିଲାଣି । ତୁମମାନଙ୍କର ଆଉକିଛି ପଚାରିବାର ଅଛି ? ଯଦି ମୁଁ ତୁମମାନଙ୍କୁ ସେହି ଗପଟି କହେ···

ଗପ କହିବେ ବୋଲି ଆପଣ ଆଜି ସକାଳେ ଆମକୁ କହିଛନ୍ତି···

ହଁ । ମୁଁ ଆଉଗୋଟାଏ ଗପ କହିବି ବୋଲି ଭାବିଥିଲି । ତୁମମାନଙ୍କୁ ମୁଁ ଆଉ କେତେ ଗପ କହିପାରିବି ?

'oaob.nitrkl.ac.in' images reprocessed

ଆଉ ଗପଟି ଭାରି ସାନ ଗପଟିଏ । ଏବଂ ଭାରି ଆଗ୍ରହୋଦ୍ଦୀପକ । ଏହି ଗପଟି ଆପଣାକୁ ଉଦ୍ଧୃରୂପୀ ବୈଜ୍ଞାନିକରୁ ଆରୋଗ୍ୟ କରିବା ବିଷୟରେ । (ସମ୍ଭବତଃ ପବିତ୍ର ଗପଟିର ନାଆଁ ଜାଣିଛନ୍ତି)···ଏକଦା ଜଣେ ଫରାସୀ ବୈଜ୍ଞାନିକ ଗୋଟିଏ ବହି ଲେଖିଥିଲେ, ଯେଉଁଥିରେ କି ସିଏ 'ବୃକ୍ଷମାନଙ୍କର ବଗିଚା'ରେ ହୋଇଥିବା ଆପଣାର ଅଭିଜ୍ଞତାଗୁଡ଼ିକୁ ବର୍ଣ୍ଣନା କରିଥିଲେ । ପ୍ରତିକ୍ରିୟାଗୁଡ଼ାକ ଉପରେ ବୁଦ୍ଧିଯୁକ୍ତ କେତେଦୂର ଏକ ପ୍ରଭାବ ପକାଇ ପାରିବ, ସିଏ ସେହିକଥା ଜାଣିବାକୁ ଇଚ୍ଛା କରିଥିଲେ । ତାଙ୍କ ନାଆଁ ମୁଁ କେତେ ବର୍ଷ ପର୍ଯ୍ୟନ୍ତ ଜାଣିଥିଲି,—ମାତ୍ର ବର୍ତ୍ତମାନ ଆଉ ମନେ ନାହିଁ । ନାଆଁ ଭୁଲିଯାଇଛି, ମାତ୍ର ଗପଟି ମନେ ରହିଯାଇଛି । ସିଏ ଜଣେ ବିଖ୍ୟାତ ବୈଜ୍ଞାନିକ ଥିଲେ ଏବଂ ଆପଣାର ପରୀକ୍ଷାଟି ବିଷୟରେ ଗୋଟିଏ ବହି ଲେଖିଥିଲେ । ତାହାକୁ ଏକ ଦୃଷ୍ଟାନ୍ତ ହିସାବରେ ଅନେକ ସମୟରେ ଉଦ୍ଧୃତ କରାଯାଏ । ବୁଦ୍ଧିର ଯୁକ୍ତି ଅର୍ଥାତ୍ ସ୍ୱଚ୍ଛ ଜ୍ଞାନରୁ ପ୍ରସୂତ ହେଉଥିବା ବୁଦ୍ଧି କେତେଦୂର ପ୍ରତିକ୍ରିୟାଗୁଡ଼ିକୁ, ଅର୍ଥାତ୍ ଅବଚେତନ ମଧ୍ୟରୁ ସ୍ୱତଃସ୍ଫୂର୍ତ୍ତି ଭାବରେ ପ୍ରକଟ ହୋଇ ଆସୁଥିବା ଶରୀରସ୍ପନ୍ଦନ ବା ପ୍ରତିକ୍ରିୟାଗୁଡ଼ିକୁ କେତେଦୂର ପ୍ରଭାବିତ କରିଥାଏ, ସେହି କଥାଟି ଜାଣିବା ଲାଗି ତାଙ୍କର ଅତ୍ୟନ୍ତ ଆଗ୍ରହ ଥିଲା ଓ ସିଏ ଏହି ବିଷୟରେ ଆପଣାର ଏକ ପ୍ରୟୋଗ କରିଥିଲେ : ସିଏ ପ୍ୟାରିସ୍ ସହରରେ ଥିବା 'ବୃକ୍ଷମାନଙ୍କର ଉଦ୍ୟାନ'କୁ ଯାଇଥିଲେ; ସେଠାରେ କେବଳ ବୃକ୍ଷମାନେ ଯେ ଥିଲେ ତା' ନୁହେଁ, ଅନ୍ୟାନ୍ୟ ପ୍ରାଣୀ ମଧ୍ୟ ରହିଥିଲେ । ଏହି ପ୍ରାଣୀମାନଙ୍କ ମଧ୍ୟରେ ବୃହଦାକାର ସର୍ପମାନେ ବି ଥିଲେ । ସେଥିମଧ୍ୟରୁ ଏପରି ଗୋଟିଏ ସାପ ଥିଲା (ମୁଁ ସେହି ସାପଟିକୁ ଜାଣିଥିଲି), ଯିଏ କି ଆପଣାର ବଦ୍‌ସ୍ୱଭାବ ଲାଗି ସମସ୍ତଙ୍କ ପାଖରେ ପରିଚିତ ଥିଲା । ଅର୍ଥାତ୍, ତାକୁ ଭାରି ସହଜରେ ରାଗାଇ ଦେଇ ହେଉଥିଲା । ସାପଟି ଆକାରରେ ଭାରି ବଡ଼ ଥିଲା, ଭାରି ସୁନ୍ଦର ବି ଥିଲା । କଳା ରଙ୍ଗର ଥିଲା । ସିଏ ସ୍ୱଭାବତଃ ସମସ୍ତଙ୍କୁ ଆକ୍ରମଣ କରିବାକୁ ଧାଇଁଆସେ ବୋଲି ସାପର ରଖାଳି ସେହି ବୈଜ୍ଞାନିକଙ୍କୁ ଆଗରୁ କହିଥିଲେ । ଏହିସବୁ ସାପଙ୍କୁ କାଚର ବଡ଼ ବଡ଼ ବାକ୍‌ସରେ ବନ୍ଦ କରି ରଖାଯାଇଥାଏ; ଯେପରି କୌଣସି ଦୁର୍ଘଟଣା ନ ଘଟିବ ସେଥିଲାଗି ଭାରି ମୋଟା କାଚରେ ବାକ୍‌ସଗୁଡ଼ିକ ତିଆରି ହୋଇଥାଏ । କେଉଁସବୁ ଦୁର୍ଘଟଣା ଘଟିପାରେ, ତୁମେମାନେ ତାହା ଅବଶ୍ୟ କଳ୍ପନା କରି ପାରୁଥିବ । ଥରେ, ସାପଟି ଭୋକିଲା ଥିବାବେଳେ (ସାପଟି କିଛି ଖାଇ ନ ଥିଲା; ସାପମାନେ ଖାଇସାରିଲେ ଶୋଇବାକୁ ଚାଲିଯାଆନ୍ତି) ବୈଜ୍ଞାନିକ ତା' ବାକ୍‌ସ ପାଖକୁ ଗଲେ । କିଛି ନ ଖାଇଥିବାରୁ ସାପଟି ଭାରି ସକ୍ରିୟ ହୋଇ ରହିଥାଏ । ବୈଜ୍ଞାନିକ ବାକ୍‌ସଟି ଆଗରେ ଯାଇ ଛିଡ଼ା ହେଲେ, କାଚର ଅତି ପାଖରେ ଯାଇ ଛିଡ଼ା ହେଲେ ଓ ସାପଟିକୁ ଉତ୍ତେଜିତ କରିବାକୁ ଲାଗିଲେ ।

'oaob.nitrkl.ac.in' images reprocessed

ଏଥିପାଇଁ ସିଏ ଠିକ୍ କ'ଣ କରିଥିଲେ, ସେକଥା ମୋର ମନେ ନାହିଁ । କ୍ରମେ ସାପର କ୍ରୋଧ ଆସିଲା । ତା'ପରେ ସେ ଉପରକୁ ଉଠିଗଲା ଓ ଖୋଲା ଯାଇଥିବା ଏକ ସ୍ପ୍ରିଙ୍ଗ୍ ପରି କାଚ ଉପରେ ଦଂଶନ କରିବାକୁ ଲାଗିଲା । ଯେଉଁଠି କାଚର ଆରପାଖରେ ଭଦ୍ରଲୋକଙ୍କର ମୁହଁ ରହିଥିଲା, ସାପଟି ଠିକ୍ ତାହାରି ଉଦ୍ଦେଶ୍ୟରେ ଦଂଶନ କରିବାକୁ ଆରମ୍ଭ କଲା । ଏବଂ ଭଦ୍ରଲୋକ ଜଣକ ଡେଇଁପଡ଼ି ପଛକୁ ହଟି ଆସିଲେ । ଅବଶ୍ୟ ସିଏ ଭଲ କରି ଜାଣିଥିଲେ ଯେ ମଝିରେ କାଚଟି ରହିଛି ଓ ସାପର ଦଂଶନ ଦ୍ୱାରା ତାଙ୍କର କଦାପି କିଛି ଅନିଷ୍ଟ ହେବ ନାହିଁ । ଏହି ଭାବେ ସେ ଏକାଧିକ ବାର ପ୍ରୟୋଗଟିକୁ କରିଥିଲେ, ତଥାପି ସିଏ ଥରକ ପାଇଁ ମଧ୍ୟ ଡେଇଁକରି ହଟି ଆସିବାର ଆପଣାର ସେହି କ୍ରିୟାଟିକୁ ସଂବରଣ କରିପାରି ନ ଥିଲେ । ସିଏ ପଛକୁ ହଟି ଆସୁଥିଲେ, ସାପଟି ଡେଇଁବା ମାତ୍ରକେ ସିଏ ସବୁଥର ପଛକୁ ହଟି ଆସୁଥିଲେ ! (ସମସ୍ତେ ହସିଲେ)

ସିଏ ଏହିପରି ଭାବରେ ଆପଣାର ପ୍ରୟୋଗଟିକୁ ବର୍ଣ୍ଣନା କରିଛନ୍ତି । ମାତ୍ର ଏହି କ୍ଷେତ୍ରରେ ତାଙ୍କଠାରେ ଜ୍ଞାନର ଗୋଟିଏ ଉପାଦାନର ଅଭାବ ରହିଥିଲା, କାରଣ ସିଏ ଏକଥାଟିକୁ ଜାଣି ନ ଥିଲେ ଯେ ସାପର ଅଙ୍ଗଗ୍ଭଳନା ସହିତ ତା'ର ସ୍ନାୟୁଗତ ଶକ୍ତିର ପ୍ରାଣିକ ପ୍ରକ୍ଷେପଣଟି ମଧ୍ୟ ସର୍ବଦା ସମ୍ବନ୍ଧ ହୋଇ ରହିଥିଲା ଏବଂ ପ୍ରକୃତରେ ତାହାହିଁ ତାଙ୍କୁ ପ୍ରଭାବିତ କରୁଥିଲା । ଏଇଥିପାଇଁ ସିଏ ପଛକୁ ହଟି ଆସୁଥିଲେ । ଯେଉଁଠି ସେଇଠି ରହିବାକୁ ବୃଥା ଚେଷ୍ଟା କରୁଥିଲେ ଓ ଆପଣାକୁ ପ୍ରବର୍ତ୍ତାଇବା ପରି କହୁଥିଲେ, "ଏଥିରେ ପୁଣି ବିପଦ ଘଟିବାର କ'ଣ ଅଛି ? ମଝିରେ କାଚ ଅଛି, ତେଣୁ ମୋର ଆଦୌ କିଛି ହେବ ନାହିଁ । ତେବେ ମୁଁ ଏପରି ପଛକୁ ହଟିଆସୁଛି କାହିଁକି ?" (ସମସ୍ତେ ହସି ଉଠିଲେ) ବସ୍ତୁତଃ ତାହାହିଁ ତାଙ୍କୁ ସଞ୍ଚାଳିତ କରୁଥିଲା ଓ ସିଏ ଆଶଙ୍କିତ ହୋଇ ଡେଇଁପଡ଼ି ପଛକୁ ହଟି ଆସୁଥିଲେ ।

ଏଥର ହେଲା ! ଆଜି ଏଇଠି ଥାଉ । ତୁମମାନଙ୍କ ସହିତ ପୁନର୍ବାର ଦେଖା ହେବ । ଟେକା ପଢ଼ିବାର ଗପ ଆଉଦିନକୁ ରହିଲା । ଆଜି ଅନେକ ଡେରି ହୋଇଗଲାଣି ।

'oaob.nitrkl.ac.in' images reprocessed

# ୧୦ ମାର୍ଚ୍ଚ ୧୯୫୪

"ମୃତ୍ୟୁ ପ୍ରତି ଭୟ ଓ ତାହାକୁ ଜୟ କରିବାର ଚାରିଗୋଟି ଉପାୟ" ଶୀର୍ଷକରେ ମାଆ ଲେଖିଥିବା ପ୍ରବନ୍ଧଟି ଉପରେ ଏହି ପ୍ରବଚନଟି ଆଧାରିତ ।

ଠିକ୍ ବର୍ତ୍ତମାନ ସମୟରେ ଆପଣ କାହିଁକି "ମୃତ୍ୟୁ ପ୍ରତି ଭୟ" ବିଷୟରେ ଏହି ପ୍ରବନ୍ଧଟି ଲେଖିଲେ ?

କାରଣ ଏହି କଥାଟିକୁ କହିବା ଆବଶ୍ୟକ ପଡ଼ୁଥିଲା ।

ମାଆ ଆପଣ ତ ଆଜି ପର୍ଯ୍ୟନ୍ତ ଏବିଷୟରେ କିଛି କହି ନ ଥିଲେ, ତେବେ ବର୍ତ୍ତମାନ କାହିଁକି କହୁଛନ୍ତି ?

ମୁଁ ଏପର୍ଯ୍ୟନ୍ତ ନ କହିଥିବା ଅନେକ କଥା ତ ରହିଛି ! ଗୋଟାଏ କେଉଁଦିନ ତ ଆରମ୍ଭ କରିବାକୁ ବି ପଡ଼ିବ ! ଏପର୍ଯ୍ୟନ୍ତ ସେହି ବିଷୟରେ କିଛି କହିବା ଲାଗି କୌଣସି ଯଥାର୍ଥ ଅବସର ଆସି ଜୁଟିଥିଲା ବୋଲି ମୁଁ ଭାବୁ ନାହିଁ ବା ମୋ'ର ସେପରି ଧାରଣା ହେଉ ନାହିଁ । ସମ୍ଭବତଃ ଏକ ଅଭିଜ୍ଞତାର ଫଳସ୍ୱରୂପହିଁ ସେହି ଅବସରଟି ଆସି ପହଞ୍ଚିଲା । ···ହଁ, ମୁଁ ପରେ ଭାବିଲି ଯେ, ଲୋକମାନେ ତା' ମଧ୍ୟରେ ଏକ ବିଶେଷ ତାତ୍ପର୍ଯ୍ୟ ରହିଥିବାର ଦେଖିବାକୁ ପାଇବେ, ମାତ୍ର ସେଥିରେ ସେପରି କୌଣସି ତାତ୍ପର୍ଯ୍ୟ ନାହିଁ ! (ସମସ୍ତେ ହସିଲେ) ହୁଏତ ତୁମମାନଙ୍କ ଭିତରେ ସେହିପରି କୌଣସି ଏକ କଥା ରହିଛି ।

ମୁଁ ଗୋଟିଏ କଥା ବେଶ୍ ଦେଖିବାକୁ ପାଉଛି ଯେ, ଯେତେବେଳେ ଆଶ୍ରମରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟୁଛି, ସେତେବେଳେ ପ୍ରତ୍ୟେକଥର ଅନେକ ବ୍ୟକ୍ତି ଆତଙ୍କିତ ହୋଇପଡ଼ୁଛନ୍ତି । ସେହି କଥାଟା ମୋତେ ଖୁବ ଭଲ ଲାଗୁଛି ବୋଲି ମୁଁ ଆଦୌ କହିପାରିବି ନାହିଁ । ସମ୍ଭବତଃ ସେହି କାରଣରୁହିଁ ମୁଁ ଏହି ପ୍ରବନ୍ଧଟିକୁ ଲେଖିଥିଲି । କାରଣ, ପ୍ରକୃତ କଥା କହିବାକୁ ଗଲେ ବର୍ତ୍ତମାନ ଆମକୁ ଯେକୌଣସି ପ୍ରକାରେ ଏଥିରୁ—ଏହି ଗୋଟାଏ ପ୍ରକାରର ହୃତ୍କମ୍ପନରୁ ମୁକ୍ତ ହୋଇ ଅବଶ୍ୟ ବାହାରି ଆସିବା ଉଚିତ । ମୋ'ର ମନେ ପଡ଼ୁଛି, ଯେତେବେଳେ ପ୍ରଥମ ଥର ପାଇଁ ଆଶ୍ରମରେ ଜଣେ କାହାର ମୃତ୍ୟୁ ଘଟିଥିଲା, ସେତେବେଳେ ସତକୁ ସତ ଏକ ଆତଙ୍କ ସୃଷ୍ଟି ହୋଇ ଯାଇଥିଲା । ମୁଁ ଏହି ପ୍ରକାରର

'oaob.nitrkl.ac.in' images reprocessed

ବହୁସଂଖ୍ୟକ ଲୋକଙ୍କୁ ଜାଣିଛୁ, ମାତ୍ର ଏଠାରେ ସେମାନଙ୍କର ନାମୋଲ୍ଲେଖ କରୁ ନାହିଁ । ସେମାନେ ଏହିପରି ଏକ ଧାରଣା ନେଇ ଏଠାକୁ ଆସିଥିଲେ (ସେମାନେ ସେତେବେଳକୁ ବେଶ୍ ବୁଢ଼ା ହୋଇ ଆସି ସାରିଥିଲେ) ଯେ ସେମାନେ ଏଠି ଆଶ୍ରମରେ ରହୁଥିବାରୁ କଦାପି ମୃତ୍ୟୁର ସମ୍ମୁଖୀନ ହେବେ ନାହିଁ । ଏଇଟା ହେଉଛି ଏକ ପୁରାତନ ଧାରଣା, ଦୀର୍ଘ ଅନେକ କାଳ ପୂର୍ବର ଧାରଣା । ଯେତେବେଳେ ଏଠାରେ ପ୍ରଥମଥର ଲାଗି ଜଣକର ମୃତ୍ୟୁ ଘଟିଲା, ସେତେବେଳେ ପ୍ରକୃତରେ ଏକ ଆତଙ୍କର ସୃଷ୍ଟି ହୋଇ ଯାଇଥିଲା । ଆମ ପାଖରେ ଗଦା ଗଦା ଚିଠି ଆସି ପହଞ୍ଚିଲା ଓ ସେଗୁଡ଼ିକରେ ଲେଖା ହୋଇଥିଲା : "ଏକଥା ସମ୍ଭବ ହେଲା କିପରି ? ତେବେ ଆମେ ଏଠାରେ ବି ଆଦୌ ନିରାପଦ ହୋଇ ରହୁ ନାହୁଁ !" ମୁଁ ସେତେବେଳେ ସେମାନଙ୍କୁ ଏହିକଥା କହିବାକୁ ବାଧ ହୋଇଥିଲି ଯେ, ଅମର ଜୀବନ ଲାଭ କରିବା ହେଉଛି ଅତ୍ୟନ୍ତ ସାଧନାସାପେକ୍ଷ; କେବଳ ସାଧନାସାପେକ୍ଷ ନୁହେଁ, ମାତ୍ର ଏଥିଲାଗି ଆମକୁ ଏତେ ଅଧିକ ଜିନିଷକୁ ବର୍ଜନ କରିବାକୁ ପଡ଼ିବ ଯେ, ପ୍ରତିବାଦ କରୁଥିବା ବ୍ୟକ୍ତିମାନଙ୍କ ଭିତରେ ଏପରି ଜଣେ ବ୍ୟକ୍ତି ମଧ୍ୟ ନାହାନ୍ତି ଯିଏକି ଏହି ଅମର ଜୀବନଟିକୁ ଲାଭ କରିବା ସକାଶେ ଆପଣାର ଆସକ୍ତିଗୁଡ଼ିକୁ ତ୍ୟାଗ କରିପାରିବେ । ଅର୍ଥାତ୍, ସେଗୁଡ଼ିକର ବର୍ଜନ କରି ଜୀବନରେ ଅମରତ୍ୱ ଲାଭ କରିବା ଅପେକ୍ଷା ସେମାନେ ବରଂ ମରିବାକୁ ଓ ଆପଣାର ପୁରାତନ ଅଭ୍ୟାସଗୁଡ଼ିକୁ ବଜାୟ ରଖିବାକୁହିଁ ଶ୍ରେୟସ୍କର ବୋଲି ବିଚାର କରିବେ ! ସେଥିଲାଗି ଅନେକ କିଛିକୁ ବର୍ଜନ କରି ଆସିବାକୁ ପଡ଼ିବ···ସେହି ପ୍ରବନ୍ଧଟିରେ ମୁଁ କେବଳ ଏତିକି ମାତ୍ର ଉଲ୍ଲେଖ କରିଛି, ମାତ୍ର ପ୍ରକୃତରେ ତା'ଠାରୁ ଆହୁରି ଅନେକ ଅଧିକ ଜିନିଷ ମଧ୍ୟ ରହିଛି । ସାଧାରଣତଃ ଆମର ଯାବତୀୟ କ୍ଷୁଦ୍ର ତୃପ୍ତିବିଧାନଗୁଡ଼ିକ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ, — ଏହି ଯାବତୀୟ ପ୍ରକାରର ତୃପ୍ତିବିଧାନକୁ ଛାଡ଼ିବାକୁ ହେବ । ସେତେବେଳେ ମୁଁ କାହାକୁ ଏକଥା ମଧ୍ୟ କହୁଥିବାର ମନେ ପଡ଼ୁଛି,— ତାହା ଅନେକ ଦିନ ତଳର କଥା ହୋଇଗଲାଣି,—ଯେ ଶରୀରରେ ଏକ ରୂପାନ୍ତର ଘଟିବାର ଏକ ସମ୍ଭାବନା ରହିଛି । ଏବଂ ସେତେବେଳେ ତାଙ୍କୁ ମୁଁ ଏହି କଥା କହିଥିଲି ଯେ, ତାହାଫଳରେ ଏହିପରି ହେବ ଯେ ସେତେବେଳେ ଆଉ ଖାଦ୍ୟ-ଗ୍ରହଣ କରିବାକୁ ପଡ଼ିବ ନାହିଁ; ସେତେବେଳେ ବିଶ୍ୱଗତ ଶକ୍ତିଚୟ ଅଥବା ତା' ନ ହେଲେ ଦିବ୍ୟ ପରମସତ୍ତାଙ୍କଠାରୁହିଁ ସିଧା ବ୍ୟଷ୍ଟିଗତଶକ୍ତିର ପୁନଃପୂରଣ କରାଯାଇ ପାରିବ ବୋଲି ମୁଁ ତାଙ୍କୁ କହିଥିଲି । ଏବଂ ମୋ କଥା ଶୁଣି ଖୁବ ବିଚଳିତ ହୋଇ ପଡ଼ି ସେହି ବ୍ୟକ୍ତି ଉତ୍ତର ଦେଇ କହିଥିଲେ, "ତେବେ ଯେଉଁସବୁ ଉତ୍ତମ ଖାଦ୍ୟ ଆମେ ବର୍ତ୍ତମାନ ଖାଉଛୁ, ସେସବୁକୁ ଛାଡ଼ିଦେବାକୁ ପଡ଼ିବ !" (ସମସ୍ତେ ହସିଲେ) ଏଥର ବୁଝିଲ ?

'oaob.nitrkl.ac.in' images reprocessed

ଆମେ ଅମରତ୍ୱ ଲାଭ କଲେ ସୃଷ୍ଟି ପ୍ରକ୍ରିୟା ବନ୍ଦ ହୋଇଯିବ କି ?

କେଉଁ ସୃଷ୍ଟିପ୍ରକ୍ରିୟା ।

ମନୁଷ୍ୟମାନେ ଜନ୍ମ ହେବାର ପ୍ରକ୍ରିୟା ।

ହଁ ଅବଶ୍ୟ ବନ୍ଦ ହୋଇଯିବ । ଏପରିକି ଆମେ ଅମରତ୍ୱ ଲାଭ କରିବାର ବହୁ ପୂର୍ବରୁ ତାହା ବନ୍ଦ ହୋଇଯିବ । ଯଦି କୌଣସି ବ୍ୟକ୍ତି ଆପଣାର ରୂପାନ୍ତର ଘଟାଇବାକୁ ସାମାନ୍ୟ ବି ଇଚ୍ଛା କରିବ, ତେବେ ସର୍ବପ୍ରଥମେ ଏଇଟି ଅବଶ୍ୟ ବନ୍ଦ ହୋଇଯିବ । ଏକଥା ମୁଁ ଆଉ କେଉଁଠି ମଧ୍ୟ କହିଛି, ମାତ୍ର···

ଭୟ କ'ଣ ମୃତ୍ୟୁର ଏକମାତ୍ର କାରଣ ?

ନା — ସେକଥା ମୋଟେ ନୁହେଁ । ଏବଂ ମୁଁ ସେକଥା କେବେହେଲେ କହି ନାହିଁ । ମୁଁ କହିଛି ଯେ ଯଦି କୌଣସି ବ୍ୟକ୍ତି ମୃତ୍ୟୁ ଉପରେ ଜୟଲାଭ କରିବାକୁ ଇଚ୍ଛା କରିବ, ତେବେ ତାକୁ ଏହି ବାଟରେ ଏକ ସର୍ବପ୍ରଥମ ପଦକ୍ଷେପ ରୂପେ ମୃତ୍ୟୁଭୟ ପରିହାର କରିବାକୁ ପଡ଼ିବ । ଏଇଟି ଏକାବେଳେକେ ଏକ ଭିନ୍ନ କଥା । ମାତ୍ର, ଭୟହିଁ ମୃତ୍ୟୁର କାରଣ ବୋଲି ମୁଁ କହି ନାହିଁ ।

ଆପଣ କହିଛନ୍ତି : "ଜଣେ ଇଚ୍ଛା କଲେ ମୃତ୍ୟୁର ମୁହୂର୍ତ୍ତଟିକୁ ତ୍ୱରାନ୍ୱିତ କରିପାରିବ ନାହିଁ କିଂବା ବିଳମ୍ବିତ ବି କରିପାରିବ ନାହିଁ ।" ମାତ୍ର ଅଗ୍ରଗତି ବନ୍ଦ ହୋଇଗଲେହିଁ ମୃତ୍ୟୁର ସମ୍ମୁଖୀନ ହେବାକୁ ହୋଇଥାଏ । ତେଣୁ, ଯଦି ଅଗ୍ରଗତି ଅବିଚ୍ଛିନ୍ନ ରହିଥିବ, ତେବେ ମୃତ୍ୟୁର କ୍ଷଣଟିକୁ ଘୁଞ୍ଚାଇ ଦିଆଯାଇପାରିବ । ଅଥବା, ଏହାର କ'ଣ ଏପରି ଅର୍ଥ ହେବ ଯେ, ଜଣେ ବ୍ୟକ୍ତି ଜନ୍ମଲାଭ କରିବା ସମୟରୁହିଁ ସିଏ ମରିବାର ନିର୍ଦ୍ଦିଷ୍ଟ ଦିନ ଓ ମୁହୂର୍ତ୍ତଟି ମଧ୍ୟ ପୂର୍ବନିର୍ଦ୍ଧାରିତ ହୋଇ ରହିଥାଏ ।

ନାଇଁ, ସେପରି ହୁଏ ନାହିଁ । ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ କଥା ଓ ଏକ ଅନ୍ୟ ଭୂମିର କଥା । ମୁଁ ଆଉଗୋଟିଏ ସ୍ଥାନରେ ଆଗରୁ ଲେଖିଛି ଯେ, କେବଳ ମରିବା ଲାଗି ଆପଣାର ସମ୍ମତି ଦେଲେ ଯାଇ ଜଣେ ବ୍ୟକ୍ତିର ମୃତ୍ୟୁ ହୁଏ;—ମୁଁ ଏଠାରେ ଯାହା କହିଛି, ତାହା ସେହି କଥାଟିର ଖଣ୍ଡନ କରୁଥିବା ପରି ମନେ ହେଉଥିବ । ମାତ୍ର ଏଇଟି ହେଉଛି ସତକଥା । ମୋ'ର ବିଶ୍ୱାସ

'oaob.nitrkl.ac.in' images reprocessed

ହେଉଛୁ, ମୁଁ ଆଗରୁ ମଧ୍ୟ ତୁମକୁ ଏହି କଥାଟିକୁ କହିଛି । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଆଗରୁ କୌଣସି ଅବସରରେ ନିଶ୍ଚୟ ଲେଖିଛି । ଏହି କ୍ଷେତ୍ରରେ ଦୁଇଗୋଟି ଦୃଷ୍ଟିକୋଣ ରହିଛି । ଏଠାରେ ମୁଁ କେବଳ ଏକ ସାଧାରଣ, ଭୌତିକ ଦୃଷ୍ଟିକୋଣରୁ, ଭୌତିକ ଚେତନାର ଦୃଷ୍ଟିକୋଣରୁହିଁ ଏପରି କହୁଛି । ମାତ୍ର ମୁଁ ଅନ୍ୟତ୍ର କେଉଁଠି ଏକଥା ମଧ୍ୟ ବୁଝାଇ କହିଛି ଯେ ଆମ ସତ୍ତାରେ ସତେଅବା ନିୟତିବାଦର ଦୁଇଟି ସ୍ତର ଅବସ୍ଥିତ ରହିଛି । ଆମ ଭୌତିକ ଅସ୍ତିତ୍ୱର ଏକ ନିୟତିବାଦ ରହିଛି; ପ୍ରାଣିକର ଏକ ନିୟତିବାଦ ରହିଛି, ମନୋଭୂମିର ମଧ୍ୟ ଏକ ନିୟତିବାଦ ରହିଛି; ଉଚ୍ଚତର ମନର ତଥା ଚୈତ୍ୟର ଏକ ନିୟତିବାଦ ରହିଛି । ଏବଂ ତା'ପରେ ଆହୁରି ଉଚ୍ଚତର ଭୂମିଗୁଡ଼ିକର ବି ସ୍ୱକୀୟ ନିୟତିବାଦମାନ ରହିଛି । ଅତିମାନସ ଭୂମିର ମଧ୍ୟ ଏକ ନିୟତିବାଦ ରହିଛି । ଏବଂ ପ୍ରତ୍ୟେକ ବ୍ୟକ୍ତିର ନିୟତିବାଦ ଏହି ଯାବତୀୟ ନିୟତିବାଦର ଏକ ଏକତ୍ର-ସମ୍ମିଳନରୁହିଁ ଉତ୍ପନ୍ନ ହୋଇ ଆସିଥାଏ । (ଏହି କଥାଟିକୁ ମୁଁ ନିଶ୍ଚୟ ଆଉ କେଉଁଠାରେ ଲେଖିଛି) ଉଦାହରଣସ୍ୱରୂପ, ଯଦି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ, ଯେତେବେଳେ କି ତୁମର ସମଗ୍ର ଭୌତିକ ନିୟତିବାଦ ତୁମ ଲାଗି ଅନିବାର୍ଯ୍ୟ ଭାବରେ ମୃତ୍ୟୁକୁହିଁ ବହନ କରି ଆଣୁଥାଏ, ଯଦି ସେତେବେଳେ ତୁମେ ଏକ ଅତ୍ୟନ୍ତ ଉଚ୍ଚତର ଭୂମିର, ଉଦାହରଣସ୍ୱରୂପ ଅତିମାନସିକ ଭୂମିର ନିୟତିବାଦ ମଧ୍ୟରେ ତତ୍‌କ୍ଷଣାତ୍ ଯାଇ ପ୍ରବେଶ କରିପାର ଏବଂ ଦୁଇ ଭୂମିକୁ ଏକତ୍ର ସଂଯୁକ୍ତ କରିପାରିବାରେ ସମର୍ଥ ହୁଅ, ତେବେ ସେତେବେଳେ ତୁମେ ସେହି ମୁହୂର୍ତ୍ତରେହିଁ ତୁମର ଭୌତିକ ନିୟତିବାଦକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବାକୁ ମଧ୍ୟ ସମର୍ଥ ହୋଇଯାଅ । ଭୌତିକ ନିୟତିବାଦ ଦ୍ୱାରା ନିର୍ଦ୍ଧାରିତ ହୋଇ ସାରିଥିବା ମୃତ୍ୟୁ ସେତେବେଳେ ବିଲୁପ୍ତ ହୁଏ, ପରିବେଶଗୁଡ଼ାକ ବଦଳିଯାଏ ଏବଂ ପଛକୁ ହଟିଯାଏ ।

ସେହି ପ୍ରବନ୍ଧରେ ମୁଁ ଆଦୌ ଏହି କଥା କହି ନାହିଁ । ସେଠାରେ ମୁଁ ଏକ ସମ୍ପୂର୍ଣ୍ଣ ଭୌତିକ ଦୃଷ୍ଟିକୋଣରୁ ଯାହାକିଛି କହିଛି । ସେଠାରେ ମୁଁ ବ୍ୟକ୍ତିମାନଙ୍କର ଉଦାହରଣ ଦେଇଛି (ଯେଉଁ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ଏହି ଜଡ଼ସ୍ଥ ଚେତନାରେ, ଅର୍ଥାତ୍ ମାନସିକ, ପ୍ରାଣିକ ଓ ଭୌତିକର ସମାହାରରେ ଗଢ଼ା ହୋଇଥିବା ଭୌତିକ ଚେତନାରେହିଁ ବାସ କରୁଥିଲେ), ସେହି ବ୍ୟକ୍ତିମାନେ ପଚିଶ ବର୍ଷ ବୟସ ହେବା ବେଳରୁହିଁ ମରିବାକୁ ଇଚ୍ଛା କରୁଥିଲେ ମାତ୍ର ପ୍ରକୃତରେ ସତାଶୀ ବର୍ଷ ହେବା ପର୍ଯ୍ୟନ୍ତ ବଞ୍ଚି ରହିଲେ ! ମୋ' ପାଖରେ ତାହାର ଏକ ଦୃଷ୍ଟାନ୍ତ ରହିଥିଲା । ତାହାର ଠିକ୍ ଏକ ଓଲଟା ଦୃଷ୍ଟାନ୍ତ ମଧ୍ୟ ରହିଥିଲା, ଯେଉଁଠି କି ଜଣେ ବ୍ୟକ୍ତି ଅତ୍ୟନ୍ତ ବ୍ୟଗ୍ର ଭାବରେ ଦୀର୍ଘ

'oaob.nitrkl.ac.in' images reprocessed

କାଳ ବଞ୍ଚିବା ଲାଗି ଇଚ୍ଛା କରୁଥିଲେ, ତାଙ୍କର ଅତି ମହତ୍ତ୍ୱପୂର୍ଣ୍ଣ ଅନେକ କାର୍ଯ୍ୟ ରହିଛି ବୋଲି ଓ ତେଣୁ ତାଙ୍କର ଆଦୌ ମରିବା ଉଚିତ ହେବ ନାହିଁ ବୋଲି ଭାବୁଥିଲେ ଏବଂ ସେଥିଲାଗି ଯାବତୀୟ ପ୍ରକାରର ପ୍ରତିକାର-ବ୍ୟବସ୍ଥା ଗ୍ରହଣ କରୁଥିଲେ। ମାତ୍ର ସିଏ ତଥାପି ମୃତ୍ୟୁର ସମ୍ମୁଖୀନ ହେଲେ। ହୁଏତ ଏପରି ଦୃଷ୍ଟାନ୍ତମାନ ଥାଇପାରେ, ଯେଉଁଗୁଡ଼ିକ କି ପରସ୍ପରବିରୋଧୀ ପରି ମନେ ହେଉଥାଏ, ମାତ୍ର ତାହା କେବଳ ବାହାରକୁହିଁ ସେଭଳି ଦେଖାଯାଏ। ଏହି ଯାବତୀୟ ଦୃଷ୍ଟାନ୍ତ ପଛରେ ଗୋଟିଏ ଗୋଟିଏ ବ୍ୟାଖ୍ୟା ଅବଶ୍ୟ ଅଛି, ସେଗୁଡ଼ିକ ଭିନ୍ନଭିନ୍ନ ବିଧାନର ଅନୁସରଣ କରୁଛନ୍ତି। ଏଠାରେ ମୁଁ ସମ୍ପୂର୍ଣ୍ଣ ଭାବରେ ଏକ ଭୌତିକ ଦୃଷ୍ଟିକୋଣରୁହିଁ କଥାଟିର ବିଚାର କରିଛି।

ଏକ ଉଚ୍ଚତର ନିୟତିବାଦକୁ ଆସି ହସ୍ତକ୍ଷେପ କରିବା ଲାଗି ବାଟ ଛାଡ଼ି ନ ଦେବା ପର୍ଯ୍ୟନ୍ତ ତୁମେ ଆଦୌ କିଛି ହେଲେ ବଦଳାଇ ପାରିବ ନାହିଁ। ଆପଣାର ଭୌତିକ ନିୟତିବାଦକୁ ବଦଳାଇବାକୁ ହେଲେ ଏହାହିଁ ଏକମାତ୍ର ବାଟ। ଯଦି ତୁମେ ନିଜର ଭୌତିକ ଚେତନାରେ ରହିଥିବ ଓ ଆପଣାର ନିୟତିବାଦକୁ ବଦଳାଇବା ଲାଗି ଇଚ୍ଛା କରୁଥିବ, ତେବେ ତୁମେ କଦାପି···ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ମୁଁ ଏପରି ଜଣେ ବାଳକକୁ ଜାଣିଥିଲି, ଯାହାକୁ କି ସିଏ ବନ୍ଧୁକର ଗୁଳିରେ ମୃତ୍ୟୁର ସମ୍ମୁଖୀନ ହେବ ବୋଲି କୁହାଯାଇଥିଲା (ତୁମେ ତ ଜାଣିଛ, ଯୁଦ୍ଧକ୍ଷେତ୍ରରେ ମରିବା କେଡ଼େ ସହଜ), ଏପରିକି ତାକୁ ଗୋଟିଏ ସମ୍ଭାବ୍ୟ ତାରିଖ ବିଷୟରେ ମଧ୍ୟ କହିଦିଆଯାଇଥିଲା। ଏବଂ ସେକଥା ଶୁଣି ସିଏ ଏପରି ସନ୍ତାପ ଭିତରେ ଯାଇ ପଡ଼ିଗଲା ଯେ ଦୀର୍ଘକାଳ ପାଇଁ ଆପଣା ଲାଗି ସିଏ ଏକ ଛୁଟି ମଞ୍ଜୁର କରାଇ ଆଣିଲା। ଛୁଟିରେ ସିଏ ପ୍ୟାରିସ୍ ସହରକୁ ଆସିଲା। ସିଏ ସୈନ୍ୟବାହିନୀରେ ଜଣେ ଅଫିସର ରୂପେ କାର୍ଯ୍ୟ କରୁଥିଲା ଓ ନିଜର ପିସ୍ତଲଟି ସବୁବେଳେ ନିଜ ପକେଟରେ ରଖୁଥିଲା। ଥରେ ଗୋଟିଏ ଟ୍ରାମ୍‌ଗାଡ଼ିରୁ ତଳକୁ ଡେଇଁ ଡେଇଁ ସେ ତଳେ ପଡ଼ି ଯାଇଥିଲା ଏବଂ ସେହି ଅବସରରେ ପିସ୍ତଲରୁ ଗୁଳି ଫୁଟି ସେହି ସ୍ଥାନରେହିଁ ତା'ର ମୃତ୍ୟୁ ଘଟିଲା। ସିଏ ମୋଟେ ରକ୍ଷା ପାଇପାରିଲା ନାହିଁ।

ମୁଁ ତୁମମାନଙ୍କୁ ଏପରି ଅନେକ ଉଦାହରଣ ଦେଇପାରିବି। ମାତ୍ର ଏହି ସବୁଯାକ କେବଳ ସେହି ଗୋଟିଏ ଭୂମିର — ପୁଣି ସେହି ଭୌତିକ ଭୂମିରହିଁ ଘଟଣା। ବିଶୁଦ୍ଧ ଭାବରେ ସେହି ଜଡ଼, ମାନସିକ ଓ ପ୍ରାଣିକ ଭୂମିର ଘଟଣା। କେବଳ ଏକ ଉଚ୍ଚତର ଜ୍ଞାନ ଦ୍ୱାରା, ଉଚ୍ଚତର ଭୂମିଗୁଡ଼ିକ ସହିତ ଏକ ସମ୍ପର୍କ ଘଟିବା ଦ୍ୱାରା ଏବଂ ସେହି ଉଚ୍ଚତର ଭୂମିଗୁଡ଼ିକର ଜଡ଼ର ଭୂମିକୁ ଏକ ଅବତରଣ ଘଟିବା ଦ୍ୱାରାହିଁ ପରିବେଶଗୁଡ଼ିକରେ ପରିବର୍ତ୍ତନ ଘଟିବା ସମ୍ଭବ ହେବ। ଏବଂ,

'oaob.nitrkl.ac.in' images reprocessed

ଯଦି କୌଣସି ବ୍ୟକ୍ତି ଅତିମାନସ ଭୂମିକୁ ସ୍ଥାୟୀ ଭାବରେ ଏହି ଭୌତିକ ଜୀବନ ଭିତରକୁ ଅବତରଣ କରାଇ ଆଣିବାରେ ସଫଳତା ଲାଭ କରେ, ତେବେଯାଇ ଭୌତିକ ଜୀବନରେ ଏକ ରୂପାନ୍ତର ସମ୍ଭବ ହେବ, ଅର୍ଥାତ୍, ସେତେବେଳେ ତାହା ସମ୍ପୂର୍ଣ୍ଣ ଭାବରେ ବଦଳିଯିବ । ମାତ୍ର ସେଥିରେ ଏହି ସର୍ତ୍ତଟି ଅବଶ୍ୟ ରହିଥିବ । ସେହି ପ୍ରବନ୍ଧଟିରେ ମୁଁ ଏକଥାର କୌଣସି ଆଲୋଚନା କରି ନାହିଁ । ତାହା ହେଉଛି ଏକ ଅନ୍ୟ ବିଷୟ ।

ଆଉ କିଛି ପଚାରିବାକୁ ଅଛି କି ?

ଜଣେ ବ୍ୟକ୍ତି ଭୀତ ହୋଇପଡ଼େ କାହିଁକି ?

ଏହି ବିଷୟରେ ମୋତେ କୁହାଯାଇଛି ଯେ,—ଏକ ଅତ୍ୟନ୍ତ ପ୍ରାଚୀନ ପରମ୍ପରାରେ ଏହି ଶିକ୍ଷା ଦିଆଯାଇଛି,—ପ୍ରତିକୂଳ ଶକ୍ତିମାନଙ୍କର ପ୍ରଭାବରୁହିଁ ପୃଥିବୀରେ ଭୟର ସୃଷ୍ଟି ହୋଇଛି, କାରଣ ସେମାନେ ଠିକ୍ ଏହିପରି ଭାବରେହିଁ ମନୁଷ୍ୟମାନଙ୍କ ଉପରେ ଆପଣାର କ୍ରିୟା କରିଥାନ୍ତି । ମାତ୍ର ଇତର ପ୍ରାଣୀମାନେ ବି ତ ଭୟ କରନ୍ତି । ତେଣୁ ତଦ୍ଦ୍ୱାରା ସେହି ଯୁକ୍ତିଟି ନିଶ୍ଚୟ କିଛିଟା ଦୁର୍ବଳ ହୋଇ ପଡ଼ୁଛି, କାରଣ ମୁଁ ଆଦୌ ବିଶ୍ୱାସ କରୁ ନାହିଁ ଯେ, ଇତର ପ୍ରାଣୀମାନଙ୍କ ଭିତରେ ଭୟର ସୃଷ୍ଟି କରିବାରେ ପ୍ରତିକୂଳ ସତ୍ତାମାନଙ୍କର କୌଣସି ନିର୍ଦ୍ଦିଷ୍ଟ ସ୍ୱାର୍ଥ ରହିଥିବ ।

ଭୟ ହେଉଛି ଅଚେତନାର ଏକ ବ୍ୟାପାର । ଏହା ହେଉଛି ଏକ ପ୍ରକାରର ମନଃକ୍ଷୋଭ, ଯାହାକି ଅଜ୍ଞାନରୁ ଉଦ୍‌ଭୂତ ହୋଇ ଆସିଥାଏ । ଆମକୁ କୌଣସି ଏକ ବସ୍ତୁର ଅସଲ ସ୍ୱଭାବଟି ବିଷୟରେ କିଛି ଜଣା ନ ଥାଏ, ତାହାର ପ୍ରଭାବ ବିଷୟରେ କିଛି ଜଣା ନ ଥାଏ; କ'ଣ ଘଟିବାକୁ ଯାଉଛି, ସିଏ ସେବିଷୟରେ କିଛି ଜାଣି ନ ଥାଏ,— ଆପଣାର କାର୍ଯ୍ୟଗୁଡ଼ିକର ପରିଣାମ ବିଷୟରେ ତାକୁ କିଛି ଜଣା ନ ଥାଏ, ଏହିପରି ସେ ବହୁ ବିଷୟରେ ଅଜ୍ଞାନ ହୋଇ ରହିଥାଏ । ଏବଂ ଏହି ଅଜ୍ଞାନରୁହିଁ ଭୟ ଜାତ ହୁଏ । ଜଣେ ବ୍ୟକ୍ତି ଯାହା ଜାଣି ନ ଥାଏ, ସିଏ ତାହାକୁହିଁ ଭୟ କରେ । ଗୋଟିଏ ସାନ ପିଲାର କଥା ନିଆଯାଉ; ଯଦି ସିଏ ଜାଣି ନ ଥିବା ଜଣେ ବ୍ୟକ୍ତିପାଖକୁ ତାକୁ ନିଆଯାଏ (ଅନ୍ତର୍ଗତ ଚେତନାର ଜାଗ୍ରତ ଘଟିଥିବା କୌଣସି ପିଲାର କଥା ମୁଁ କହୁ ନାହିଁ, ମୁଁ ଜଣେ ସାଧାରଣ ପିଲାର କଥା କହୁଛି), ତାକୁ ତୁମେ ସିଏ ଚିହ୍ନି ନ ଥିବା ଜଣେ ବ୍ୟକ୍ତି ପାଖକୁ ନେଇଗଲ, ତେବେ ସିଏ ସର୍ବପ୍ରଥମେ ଭୟର ଏକ ପ୍ରତିକ୍ରିୟା ଦେଖାଇବ । ଏପରି ପିଲା ଖୁବ୍ କ୍ୱଚିତ୍ ରହିଥିବେ,—ଏବଂ ସେମାନଙ୍କ ଭିତରେ ଏକ ଅନ୍ୟ ଚେତନା ରହିଥିବ,—ଯେଉଁମାନେ କି ଅତ୍ୟନ୍ତ ସାହସୀ ହୋଇଥିବେ । ହୁଏତ

'oaob.nitrkl.ac.in' images reprocessed

ଏହା ଏକ ଆଶଙ୍କାର ମିଶ୍ରଣ ହୋଇପାରେ, ଗୋଟାଏ ପ୍ରକାରର ସହଜାତ ପ୍ରବୃତ୍ତି ବି ହୋଇପାରେ । କୌଣସି ଏକ ବସ୍ତୁ ବିପଜ୍ଜନକ ହୋଇଥିବ ବୋଲି ଯେତେବେଳେ ଅତ୍ୟନ୍ତ ସହଜାତ ଭାବରେ ଏକ ଅନୁଭୂତ ହୋଇଥାଏ ଓ ତା'ର ପ୍ରତିକାର ଲାଗି ହାତରେ କୌଣସି ଉପାୟ ନ ଥାଏ, ସେଥିରୁ ରକ୍ଷା ପାଇବାକୁ ହେଲେ ଯାହା କରିବାକୁ ହେବ, ଯେତେବେଳେ ସେବିଷୟରେ କିଛି ଜଣା ନ ଥାଏ, ସେତେବେଳେ ଜଣେ ଭୀତ ହୋଇପଡ଼େ । ମୁଁ ଭାବୁଛି, ଭୟ ଅନୁଭବ କରିବାର ଅଗଣିତ ଅନେକ କାରଣ ରହିଛି । ମାତ୍ର ସକଳ କ୍ଷେତ୍ରରେ ତାହା ଅଚେତନାରୁହିଁ ଜନ୍ମଲାଭ କରିଥାଏ ।

. ଜ୍ଞାନସମ୍ପନ୍ନର କୌଣସି ଭୟ ନ ଥାଏ । ଯାହା ସମ୍ପୂର୍ଣ୍ଣ ଭାବରେ ଜାଗ୍ରତ ଥାଏ, ସମ୍ପୂର୍ଣ୍ଣ ସଚେତନ ଓ ଜ୍ଞାନସମ୍ପନ୍ନ ହୋଇ ରହିଥାଏ, ତାହାର କୌଣସି ଭୟ ନ ଥାଏ । କେବଳ ଅନ୍ଧାର ଭିତରେ ରହିଥିବା ଯାବତୀୟ ବସ୍ତୁରହିଁ ଭୟ ରହିଥାଏ ।

ଆମେ ଯାହାକୁ ଭୟ କରୁଛୁ, ସାହସର ସହିତ ତାହାର ସମ୍ମୁଖୀନ ହେବା —ତାହାହିଁ ହେଉଛି ଭୟର ବୃହତ୍ତ ପ୍ରତିକାରଗୁଡ଼ିକ ମଧ୍ୟରୁ ଗୋଟିଏ । ଯେଉଁ ବିପଦଟି ପ୍ରତି ଆମର ଭୟ ରହିଛି, ଆମକୁ ତାହାର ସାମନାସାମନି ଆଣି ରଖି ଦିଆଗଲେ ଆମେ ଆଉ କଦାପି ତାକୁ ଭୟ କରିବା ନାହିଁ । ଭୟ କୁଆଡ଼େ ଅନ୍ତର୍ହିତ ହୋଇଯିବ । ଯୋଗସାଧନାର ଦୃଷ୍ଟିରୁ ବିଚାର କରି ଦେଖିଲେ, ସେଥିରେ ଏହି ଆରୋଗ୍ୟଟିରହିଁ ପରାମର୍ଶ ଦିଆ ଯାଇଥାଏ । ପ୍ରାଚୀନ ଦୀକ୍ଷାପରମ୍ପରାମାନଙ୍କରେ, ବିଶେଷତଃ ପ୍ରାଚୀନ ମିଶରରେ,—ମୁଁ ତୁମମାନଙ୍କୁ ଗତଥର ଯେପରି କହୁଥିଲି,— ଗୂଢ଼ବିଦ୍ୟାର ଅନୁଶୀଳନ କରିବା ଲାଗି ମୃତ୍ୟୁର ଭୟକୁ ନିଜ ଭିତରୁ ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ କରିଦେବାକୁ ଅତ୍ୟାବଶ୍ୟକ ବୋଲି ବିଚାର କରାଯାଉଥିଲା । ହଁ, ଏକ ବିଧି ହିସାବରେ ନବଦୀକ୍ଷିତକୁ ଏକ ଶବାଧାର ମଧ୍ୟରେ ନେଇ ରଖି ଦିଆଯାଉଥିଲା ଓ ସତେଯେପରି ତା'ର ମଧ୍ୟ ମୃତ୍ୟୁ ଘଟିଛି, ସେହିପରି ଭାବରେ ତାକୁ ସେଠାରେ କିଛିଦିନ ଲାଗି ରଖାଯାଉଥିଲା । ଏଥିରେ ଆଦୌ ସନ୍ଦେହ ନାହିଁ ଯେ ମରିବା ଲାଗି ତାକୁ କଦାପି ସେଥିରେ ନେଇ ଭର୍ତ୍ତିକରି ଦିଆଯାଉ ନ ଥିଲା, ଶ୍ୱାସକଷ୍ଟ ବା ଅଣନିଃଶ୍ୱାସୀ ହୋଇ ମରିବାକୁ ମୋଟେ ଛାଡ଼ି ଦିଆଯାଉ ନ ଥିଲା । ମାତ୍ର ତଥାପି ସିଏ ସତେଅବା ଜଣେ ମୃତ ବ୍ୟକ୍ତି ପରି ତାହାର ଭିତରେ ପଡ଼ି ରହୁଥିଲା । ମନେ ହେଉଛି, ତାହାଦ୍ୱାରା ତାହାର ଯାବତୀୟ ଭୟରୁ ଆରୋଗ୍ୟବିଧାନ ହୋଇଯାଉଥିଲା ।

ଭୟ ପ୍ରବେଶ କରିବାକୁ ଖୋଜୁଁଥିଲା ବେଳେ ଯଦି ଆମେ ତା' ଉପରେ ଆଣି ଚେତନା, ଜ୍ଞାନ, ଶକ୍ତି ଓ ଆଲୋକକୁ ଥୋଇଦେବାରେ ସଫଳ ହେବା, ତେବେ

'oaob.nitrkl.ac.in' images reprocessed

ଭୟ ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ ହୋଇଯିବ । ଖ୍ରୀଷ୍ଟିଆନ୍ ଧର୍ମ ବସ୍ତୁତଃ ଏହିକଥା କହିଥାଏ ଯେ, ଇଡେନ୍‌ର ଉଦ୍ୟାନରୁ ଆମେ ପ୍ରଲୁବ୍ଧ ହୋଇ ଫଳଟିକୁ ଖାଇଥିବାରୁହିଁ ଆମେ ଭୟର ଶିକାର ହେବାରେ ଲାଗିଛୁ । ଅର୍ଥାତ୍ ଜ୍ଞାନ ସହିତ ଭୟ ପୃଥିବୀରେ ପ୍ରବେଶ କଲା । ଏବଂ ଏହି ଭୟହିଁ ପୃଥିବୀରେ ସକଳ ମଣିଷଙ୍କ ଲାଗି ସକଳ ଜୀବନର ଶାସକ ହୋଇରହିଛି । ଏଠାରେ ମୁଁ କେବଳ ମୋ'ର ସେହି ପୂର୍ବ ଯୁକ୍ତିଟିର ପୁନରାବୃତ୍ତି କରି କହିବି ଯେ ଇତରପ୍ରାଣୀମାନଙ୍କ ଭିତରେ ବି ଭୟ ରହିଛି । ଇତରପ୍ରାଣୀ ତ କୌଣସି ପାପ କରି ନାହାନ୍ତି, ସେମାନେ ତ ନିଷିଦ୍ଧ ଫଳଟିକୁ ଖାଇ ନାହାନ୍ତି,—ତେଣୁ ସେମାନଙ୍କ ଭିତରେ ତ କୌଣସି ଭୟ ରହିବା ଉଚିତ ନୁହେଁ ! ଏକ ଅର୍ଦ୍ଧଚେତନାହିଁ ଗୋଟାଏ ପ୍ରକାରର ଅଜ୍ଞାନପ୍ରଣୋଦିତ ସହଜାତ ପ୍ରବୃତ୍ତି ସହିତ ଏକତ୍ର ସଂଯୁକ୍ତ ହୋଇ ଏକ ବିପଦକୁ ସୂଚିତ କରି ଦେଇଥାଏ ଓ ସେତେବେଳେ ତାହାର ପ୍ରତିକାର ବିଷୟରେ ମଧ୍ୟ କିଛି ଜଣା ନ ଥାଏ । ଅବଶ୍ୟ ଏହା ଏକ ନିଶ୍ଚିତ କଥା ଯେ, ପ୍ରତିକୂଳ ନାନା ସତ୍ତା, ଦିବ୍ୟ କାର୍ଯ୍ୟଟି ବିରୁଦ୍ଧରେ ପ୍ରାଣିକ ଜଗତ ମଧ୍ୟରେ ବାସ କରୁଥିବା ସେହିସବୁ ସତ୍ତା ଏହି ଭୟକୁ ବ୍ୟାପକ ଭାବରେ କାର୍ଯ୍ୟରେ ଲଗାଇଥାନ୍ତି । ତାହାରି ମାଧ୍ୟମରେହିଁ ମନୁଷ୍ୟମାନଙ୍କ ଉପରେ ସେମାନଙ୍କର ସବୁଠାରୁ ଅଧିକ ଅଧିକାର ରହିଥାଏ । ପୁନଶ୍ଚ, କେବଳ ସେହିମାନେ କଦାପି ସବୁ କରନ୍ତି ନାହିଁ । ଏତଦ୍ ବ୍ୟତୀତ ଠିକ୍ ସେହି ଜାତିର ଯାବତୀୟ ରାଜନୀତିକ ଓ ଧର୍ମକ୍ଷେତ୍ରଗତ ସାଧନଗୁଡ଼ିକ ମଧ୍ୟ ମହଜୁଦ ହୋଇ ରହିଥାନ୍ତି । ଏପରି ଏକାଧିକ ଧର୍ମ ଅଛନ୍ତି, ଯେଉଁମାନେ କି ସମ୍ପୂର୍ଣ୍ଣ ଭାବରେ ମୃତ୍ୟୁର ଭୟ ଦେଖାଇ, ତା'ପରେ ଆହୁରି କ'ଣ ସବୁ ଘଟିବ ଓ ସେମାନଙ୍କ ଦ୍ୱାରା ଆଦିଷ୍ଟ ନିୟମଗୁଡ଼ାକୁ ତୁମେ ଅନ୍ଧ ଭାବରେ ପାଳନ ନ କଲେ ମୃତ୍ୟୁ ପରେ ତୁମ ଲାଗି ଯେଉଁସବୁ ଦୁର୍ବିପାକ ଅପେକ୍ଷା କରି ରହିଛି, ସେହିଗୁଡ଼ାକର ଉଲୁଗୁଣା ଦେଇ ଆପଣାର ଅନୁଗାମୀମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ରହିଥାନ୍ତି ।

ଏକ ବିଦ୍ୱେଷ ଭାବନାରୁ ଅର୍ଥାତ୍ କୌଣସି ବସ୍ତୁ ସହିତ ଏକ ସମ୍ବନ୍ଧସ୍ଥାପନ କରି ପାରିବାର ଅଭାବରୁ ମଧ୍ୟ ଭୟର ଉଦ୍‌ଭବ ହୋଇପାରେ । କେତେକ ବ୍ୟକ୍ତି ନିଆଁକୁ ବିଶେଷ ଭାବରେ ଭୟ କରନ୍ତି, କେହି କେହି ପାଣିକୁ ଭୟ କରନ୍ତି, ଆହୁରି କେହି କେହି କୌଣସି ଏକ ପ୍ରାଣୀ ପ୍ରତି ଏକ ବିଶେଷ ଭୟଭାବନା ରଖିଥାନ୍ତି । ପ୍ରାଣିକ ସ୍ପନ୍ଦନଗୁଡ଼ିକର କ୍ଷେତ୍ରରେ ଏକ ଅସମଞ୍ଜସତା ରହିଥିଲେ ସେପରି ହୋଇଥାଏ । ଏବଂ ତା'ପରେ ତାହା ଏହି ଶରୀରଚେତନାର କ୍ଷେତ୍ରରେ ଭୟରୂପେ ପ୍ରକଟ ହୋଇଥାଏ । ଶରୀରରୂପୀ ବସ୍ତୁଟି ଅତ୍ୟନ୍ତ ଭୟଙ୍କର ଭାବରେ ଅଚେତନ ହୋଇ ରହିଥାଏ, ତା' ଭିତରେ ଏତେ ଟିକିଏ ଚେତନାର ବି ସଞ୍ଚାର

'oaob.nitrkl.ac.in' images reprocessed

ଘଟାଇବାକୁ ହେଲେ ପ୍ରକୃତରେ କେତେ କ'ଣ କରିବାକୁ ନ ପଡ଼େ ! ଅଭ୍ୟାସର ବଶବର୍ତ୍ତୀ ହୋଇ ଏହା ଯନ୍ତ୍ରବତ୍ ଆଚଯାତ ହେବାରେ ଲାଗିଥାଏ । ଅତ୍ୟନ୍ତ ଭୟଙ୍କର ଭାବରେ ଅଚେତନ ହୋଇ ରହିଥାଏ ।

ହେଲା । ତା'ପରେ ?

"ମୃତ୍ୟୁର କ୍ଷଣଟି ସେହି କାରଣରୁ ଅଖଣ୍ଡନୀୟ ଭାବରେ ପୂର୍ବ-ନିର୍ଦ୍ଧାରିତ ହୋଇ ରହିଥିବା ପରି ବୋଧ ହେଉଥାଏ । ମାତ୍ର ଅଳ୍ପ କେତେକ ବ୍ୟକ୍ତି ଏହି କ୍ଷେତ୍ରରେ ବ୍ୟତିକ୍ରମ ହୋଇ ରହିଥାନ୍ତି, ଯେଉଁମାନଙ୍କର କି ଏକ ବିଶେଷ ଶକ୍ତି ରହିଥାଏ । ସାଧାରଣ ଭାବରେ ବିଗୃହ କଲେ ମନୁଷ୍ୟଜାତି ଭିତରେ ତାହା ଦେଖିବାକୁ ମିଳେ ନାହିଁ ।"

ମୁଁ ବର୍ତ୍ତମାନ ଠିକ୍ ସେହି କଥାଟିକୁହିଁ ବୁଝାଇ କହିଲି । ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ଭୌତିକ ନିୟତିବାଦର କ୍ଷେତ୍ରକୁ ଆଉ ଏକ ଅନ୍ୟ ନିୟତିବାଦକୁ ଅବତୀର୍ଣ୍ଣ କରାଇ ଆଣିବାରେ ସମର୍ଥ ହୁଅନ୍ତି । ସେମାନେ ମୃତ୍ୟୁର ମୁହୂର୍ତ୍ତିଟିକୁ ବଦଳାଇଦେଇ ପାରନ୍ତି । ମୁଁ ବର୍ତ୍ତମାନ ଠିକ୍ ଏହି କଥାଟିକୁହିଁ ବିଶଦ ଭାବରେ ବୁଝାଇ କହୁଥିଲି । ଭୌତିକ ଚେତନାର କ୍ଷେତ୍ରକୁ ଏକ ଉଚ୍ଚତର ଚେତନାକୁ ଅବତୀର୍ଣ୍ଣ କରାଇ ଆଣିବାରେହିଁ ସେହି ସାମର୍ଥ୍ୟ ନିହିତ ହୋଇ ରହିଛି । ଉଚ୍ଚତର ଚେତନାଟି ସହିତ ଏକ ଉଚ୍ଚତର ନିୟତିବାଦର ମଧ୍ୟ ଅବତରଣ ହୋଇଥାଏ, ଯାହାକି ଭୌତିକ କ୍ଷେତ୍ରର ନିୟତିବାଦକୁ ବଦଳାଇ ଦିଏ । ଏବଂ ଏହି ସାମର୍ଥ୍ୟ ଅଧିକାଂଶ ବ୍ୟକ୍ତିଙ୍କ ଭିତରେ ନ ଥାଏ । ଅତି ଅଳ୍ପ ଲୋକ ଏହା କରିପାରନ୍ତି ବୋଲି ମୁଁ କହୁଛି । ପ୍ରକୃତରେ ଅତ୍ୟନ୍ତ, ଅତ୍ୟନ୍ତ ଅଳ୍ପସଂଖ୍ୟକ ଲୋକ ତାହା କରିପାରନ୍ତି ।

ଆପଣ କହିଛନ୍ତି, ଶେଷ ପ୍ରଣାଳୀଟି ହେଉଛି ଯେ, ଆମେ ଇଚ୍ଛାକୃତ ଭାବରେ ଏହି ଜୀବିତ ଅବସ୍ଥାରେ ମଧ୍ୟ ସଚେତନ ହୋଇ ମୃତ୍ୟୁର ରାଜ୍ୟ ଭିତରେ ପ୍ରବେଶ କରି ପାରିବା···

ହଁ ।

ସଚେତନ ଭାବରେ ମୃତ୍ୟୁ ମଧ୍ୟରେ ପ୍ରବେଶ କରିବା ଏବଂ ସଚେତନ ଭାବରେ ନିଜ ଶରୀରରୁ ବାହାରି ବାହାରକୁ ଚାଲିଯିବା ମଧ୍ୟରେ କି

'oaob.nitrkl.ac.in' images reprocessed

ପାର୍ଥକ୍ୟ ରହିଛି ? ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ନିଜ ଶରୀରରୁ ବାହାରି ବାହାରକୁ ଚାଲିଯାଇ ପାରନ୍ତି । ନୁହେଁ କି ?

ହଁ, ପାରନ୍ତି । ମାତ୍ର ସେମାନେ ସମସ୍ତେ ମୃତ୍ୟୁର ଜଗତଟି ମଧ୍ୟରେ ପ୍ରବେଶ କରିପାରନ୍ତି ନାହିଁ ।

ଶରୀରରୁ ବାହାରି ବାହାରକୁ ଚାଲିଯିବା ପରେ ଏହି କ୍ଷେତ୍ରରେ ମଧ୍ୟ ସେହି ସମାନ ପ୍ରଣାଳୀ ଗ୍ରହଣ କରିବାକୁ ପଡ଼ିଥାଏ ?

ହଁ, ମାତ୍ର ତାହା କେବଳ ଆରମ୍ଭମାତ୍ର । ଆପଣ ଶରୀରରୁ ବାହାରକୁ ବାହାରିଯାଇ ପାରିବା ଶିକ୍ଷା କରିବାରୁହିଁ ଆରମ୍ଭ କରିବାକୁ ପଡ଼ିଥାଏ । ଅନେକ ଲୋକ ଅଛନ୍ତି ଯେଉଁମାନେ କି ଶୋଇଥିବା ସମୟରେ ଶରୀରଭିତରୁ ବାହାରକୁ ଚାଲି ଯାଇଥାନ୍ତି । ସେମାନେ ଏହି କାର୍ଯ୍ୟଟିକୁ ଅଳ୍ପବହୁତ ସଚେତନ ଭାବରେ କରିଥାନ୍ତି, ମାତ୍ର ଅଧିକାଂଶ ବ୍ୟକ୍ତି ଅସଚେତନ ଭାବରେହିଁ ତାହା କରନ୍ତି । ତଥାପି ଅଳ୍ପ କେତେଜଣ ସଚେତନ ରହି କରିପାରନ୍ତି । ସେମାନେ ଶରୀର ଭିତରୁ ବାହାରି ବାହାରକୁ ଚାଲିଯାଆନ୍ତି ସତ, ମାତ୍ର ତଥାପି ଏହି ଭୌତିକ ଜଗତ ମଧ୍ୟରେ ରହିଥାନ୍ତି । ଖୁବ୍ ବେଶୀ ହେଲେ କୌଣସି ନା କୌଣସି ପ୍ରକାରର ଏକ ମାନସିକ ଭୂମିରେ ଯାଇ ପ୍ରବିଷ୍ଟ ହୋଇ ପାରନ୍ତି, ମାତ୍ର ମୃତ୍ୟୁର ଜଗତ ମଧ୍ୟରେ ପ୍ରବେଶ କରିପାରନ୍ତି ନାହିଁ ।

କେତେକ ବ୍ୟକ୍ତି ସେଠାକୁ ମଧ୍ୟ ଯାଇପାରନ୍ତି, ମାତ୍ର ତଥାପି, ପ୍ରକ୍ରିୟାଟିକୁ ସମ୍ପୂର୍ଣ୍ଣ କରିବାକୁ ହେଲେ···ତୁମକୁ ଏହି କଥାଟିକୁ ଜାଣି ରଖିବାକୁ ହେବ ଯେ, ଜଣେ ବ୍ୟକ୍ତି ଯେତେବେଳେ ଆପଣାର ଶରୀର ଭିତରୁ ବାହାରି ବାହାରକୁ ଚାଲିଯାଏ, ସେତେବେଳେ ସିଏ ତଥାପି କେତୋଟି ଡୋର ଦ୍ୱାରା ଶରୀର ସହିତ ବାନ୍ଧହୋଇ ରହିଥାଏ—ସେଗୁଡ଼ିକୁ ଠିକ୍ କ'ଣ ବୋଲି କୁହାଯାଇ ପାରିବ ?—ସେହି ଡୋରଗୁଡ଼ିକ ପ୍ରାଣିକ ହୋଇପାରେ, ମାନସିକ ଡୋର ହୋଇପାରେ, ଚୈତ୍ୟିକ ଡୋର ମଧ୍ୟ ହୋଇପାରେ । ଜଣେ ବ୍ୟକ୍ତି ଶରୀର ଭିତରୁ ବାହାରି ବାହାରକୁ ଚାଲିଯିବା ସମୟରେ ଯାବତୀୟ ପ୍ରକାରର ଅନ୍ୟାନ୍ୟ ବସ୍ତୁ ମଧ୍ୟ ଶରୀର ଭିତରୁ ବାହାରକୁ ଚାଲି ଯାଇପାରେ । ସାଧାରଣତଃ ଏହି ପ୍ରକ୍ରିୟାରେ ମନ ବା ଉଚ୍ଚତର ପ୍ରାଣିକ ପରି ବେଶ୍ ସୂକ୍ଷ୍ମ ହୋଇ ରହିଥିବା କୌଣସି ଉପାଦାନ ବାହାରକୁ ଚାଲି ଯାଇପାରେ । ତଥାପି ଅନେକ କିଛି ଶରୀରର ଭିତରେ ରହିଥାଏ; ଶରୀର ଯେପରି କୌଣସି ଆତ୍ମବିସ୍ମୃତି ମଧ୍ୟରେ ପ୍ରବିଷ୍ଟ ହୋଇ ନିଜକୁ ହଜାଇ ନଦେବ, ସେଥିଲାଗି ଯଥେଷ୍ଟ ଉପାଦାନ ରହିଥାଏ । ଶୋଇଥିବା ବ୍ୟକ୍ତିମାନଙ୍କ

'oaob.nitrkl.ac.in' images reprocessed

ଭିତରେ ଏପରି ଅନେକ ଅଛନ୍ତି, ଯେଉଁମାନେ କି ଶୋଇଥିବା ଅବସ୍ଥାରେ ଅନେକ ସମୟରେ ଏଣେତେଣେ ବିଚରଣ କରିବାରେ ଲାଗିଥାନ୍ତି : ସେମାନଙ୍କ ସତ୍ତାର ଗୋଟିଏ ଅଂଶ ଶରୀର ଭିତରୁ ବାହାରେ ପ୍ରକ୍ଷେପିତ ହୋଇ ରହିଥାଏ ସତ, ମାତ୍ର ସେମାନଙ୍କ ପ୍ରାଣିକ ସତ୍ତାର ସ୍ଥୂଳତମ ଅଂଶଟି ସେହି ଶରୀର ମଧ୍ୟରେହିଁ ରହିଥାଏ । ଏବଂ ତାହାର ଭିତରେ ରହିଥିବା ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବରେ ଶରୀରର ଜଗତ ମଧ୍ୟରେହିଁ ରହିଥାଏ । ସର୍ବପ୍ରଥମ କଥା ହେଉଛି, ମୃତ୍ୟୁ ସମୟରେ ଠିକ୍ ଯେଉଁ ଅଂଶଟି ଶରୀରକୁ ତ୍ୟାଗ କରି ବାହାରକୁ ଚାଲିଯାଏ, ସେଇଟିକୁ ଶରୀରଠାରୁ ଅସଂଲଗ୍ନ କରିପାରିବା ଆଦୌ ସହଜ ନୁହେଁ । ଏଥିଲାଗି କଠିନ ସାଧନା ଆବଶ୍ୟକ ଏବଂ ସେହି ସାଧନାକୁ ଦୀର୍ଘକାଳ କରିବାକୁ ହୁଏ । ମୃତ୍ୟୁ ସମୟରେ ଯେଉଁସବୁ ଅଂଶ ବାହାରି ଚାଲିଯାଏ, ସେହି ଯାବତୀୟ ଭାଗକୁ ଶରୀର ମଧ୍ୟରୁ ବାହାରକୁ ବାହାର କରି ନେବାରେ ସଫଳ ହୋଇପାରିବା ଲାଗି ତାହାକୁ ବାହାର କରିନେଇ ଏକ ବାହ୍ୟ ମୂର୍ତ୍ତି ରୂପ ଦେବାର ସମ୍ପୂର୍ଣ୍ଣ ପ୍ରକ୍ରିୟାର ଅଭ୍ୟାସ କରିବାକୁ ପଡ଼େ । ଏବଂ ଏହି କ୍ଷେତ୍ରରେ ଶରୀର ଏକ ସ୍ତମ୍ଭିତ ଅବସ୍ଥା ମଧ୍ୟରେ ଯାଇ ପ୍ରବେଶ କରିଥାଏ । ଜଣେ ବ୍ୟକ୍ତି ମଲା ସମୟରେ ଶରୀର ଯେଉଁ ଅବସ୍ଥାରେ ଥିବାର ଦେଖାଯାଏ, ଶରୀରକୁ ସେହିପରି ଏକ ଅବସ୍ଥା ମଧ୍ୟରେ ପ୍ରବିଷ୍ଟ ହେବାକୁ ପଡ଼େ । ଏପରିକି ତାହା ଅତ୍ୟନ୍ତ ସତ୍ୱରତା ସହିତ ସମ୍ପୂର୍ଣ୍ଣ ଭାବରେ ଭାରି କଠିନ ହୋଇଯାଏ । ହଁ, ଆମକୁ ଏହି କଥାଟିକୁ ଶିକ୍ଷା କରିବାକୁ ହୁଏ, ମାତ୍ର ଏହା କରିବା ଆଦୌ ଖୁବ୍ ସହଜ ନୁହେଁ । ଏବଂ ଯଦି ଏହି ପ୍ରଣାଳୀଟିକୁ ଆମେ ସମ୍ପୂର୍ଣ୍ଣ ଭାବରେ ଶିକ୍ଷା କରିବାକୁ ଇଚ୍ଛା କରୁଥାଉ, ତେବେ, ଯେପରି ଆଉକିଛି ଘଟଣା ଘଟି ନ ଯାଏ, ସେଥିଲାଗି ଆଉଜଣେ ମଣିଷକୁ ସର୍ବଦା ସେଠାରେ ଉପସ୍ଥିତ ରହି ସବୁକଥା ଦେଖୁଥିବା ଆବଶ୍ୟକ ହୋଇଥାଏ । ଆମେ ଏକା ଏକା କଦାପି ଏହି କଥାଟିକୁ କରି ପାରିବା ନାହିଁ । ଶରୀରକୁ ଜଗି ରହି ଦେଖିବା ଲାଗି ଆଉଜଣେ ବ୍ୟକ୍ତିକୁ ଅବଶ୍ୟ ରହିବାକୁ ପଡ଼େ ।

ମାତ୍ର, ଏହି ସବୁକିଛି ସମ୍ପାଦିତ ହୋଇପାରିଲେ ମଧ୍ୟ, ମୁଁ ଯେଉଁ ଅନୁଭୂତିର କଥା କହୁଛି, ଠିକ୍ ସେଇଟି ଆଦୌ ଉପଲବ୍ଧ ହୋଇପାରେ ନାହିଁ । ମୁଁ ଯେଉଁ ଅନୁଭୂତିର କଥା କହୁଛି, ତାହାକୁ ଲାଭ କରିବା ଆହୁରି ଅଧିକ କଷ୍ଟକର । ଥରେ ଆପଣାର ଶରୀର ମଧ୍ୟରୁ ବାହାରକୁ ବାହାରିଯିବା ଓ ଶରୀରକୁ ଏକ ସ୍ତମ୍ଭିତ ଅବସ୍ଥାରେ ଛାଡ଼ିଯାଇ ପାରିବା ସମ୍ଭବ ହୋଇଗଲେ ଯାଇ ସବୁଯାକ ଡୋରି ଛିଣ୍ଡାଇ ଦିଆ ଯାଇପାରେ । କେବଳ ସେତିକବେଳେ ପ୍ରକୃତରେ ମୃତ୍ୟୁରହିଁ ଏକ ସ୍ଥିତି ସମ୍ଭବ ହୋଇପାରେ; ଅର୍ଥାତ୍ ସେତେବେଳେ ଆଉ କୌଣସି

'oaob.nitrkl.ac.in' images reprocessed

ହୃତ୍‌ସ୍ପନ୍ଦନ ହୁଏ ନାହିଁ । ମାତ୍ର, "ଆକାରର ଜୀବନ"ଟି ତଥାପି ବିଦ୍ୟମାନ ରହିଥିବାରୁ ଓ କୌଣସି ଆକସ୍ମିକ ଘଟନା ଫଳରେ ଆମେ ଆମ ଶରୀରକୁ ଛାଡ଼ି ବାହାରକୁ ଯାଇ ନ ଥିବାରୁ ଓ କେବଳ ଜ୍ଞାନ ଓ ଶକ୍ତି ଦ୍ୱାରା ସବଳୀତ ହୋଇ ଆମେ ଆପଣାର ଇଚ୍ଛାର ପ୍ରୟୋଗ କରି ଏହି କାର୍ଯ୍ୟଟିକୁ କରିଥିବାରୁ ଆମେ ଇଚ୍ଛା କଲେ ପୁଣି ଶରୀର ଭିତରକୁ ଲେଉଟି ବି ଆସିପାରୁ, ସମ୍ବନ୍ଧଟିର ପୁନଃପ୍ରତିଷ୍ଠା କରି ପୁନର୍ବାର ଆମ ନିଜ ଇଚ୍ଛା ଅନୁସାରେ ନିଜ ଶରୀର ମଧ୍ୟକୁ ଅବଶ୍ୟ ଫେରି ଆସିପାରୁ । ଏସବୁ କରିବା ଆଦୌ ଏକ ଆରାମଦାୟକ କାର୍ଯ୍ୟ ନୁହେଁ,—ସମସ୍ତ ବିଷୟଟି ପ୍ରକୃତରେ ଏକ କଷ୍ଟକର ବିଷୟ । କାଗଜ ଉପରେ ଲେଖିଦେଲ ବେଳେ ତାହା ହୁଏତ ମୋଟେ କିଛି ନୁହେଁ ପରି ବୋଧ ହୋଇପାରେ । ମାତ୍ର ତାହା ପ୍ରକୃତରେ ଆଦୌ ସହଜ ନୁହେଁ ।

ଆପଣ ଏଠାରେ କହିଛନ୍ତି : "କେବଳ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ଏହା କରିପାରିବେ ।" ତେଣୁ ତାହାର ଅର୍ଥ ହେଉଛି, ଏପରି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଏହା କରି ପାରିଛନ୍ତି । ଅର୍ଥାତ୍ ସେମାନେ ଅମରତ୍ୱ ଲାଭ କରିଛନ୍ତି । ମାତ୍ର ଏପର୍ଯ୍ୟନ୍ତ ତ...

ଅମରତ୍ୱ ଲାଭ କରିଛନ୍ତି ! ଏହାକୁ ଅମରତ୍ୱର ଅବସ୍ଥା ବୋଲି ମୁଁ ଆଦୌ କହି ନାହିଁ । ସେମାନେ ଯେ ଯାବତୀୟ ମୃତ୍ୟୁ ଭୟରୁ ମୁକ୍ତ ରହିପାରିଛନ୍ତି, ମୁଁ କେବଳ ଏତିକି କହୁଛି । ଏହା ହେଉଛି ସମ୍ପୂର୍ଣ୍ଣ ଏକ ଭିନ୍ନ କଥା ।

ମାତ୍ର ସେମାନେ ମୃତ୍ୟୁଜଗତରେ ପ୍ରବେଶ କରନ୍ତି; ନୁହେଁ ?

ହଁ, ମାତ୍ର ସେହି ମୁହୂର୍ତ୍ତରେ ଶରୀର ଉତ୍ତମ ଅବସ୍ଥାରେ ରହିଥାଏ । ଶରୀର ତା'ର ସକଳ ଶୃଙ୍ଖଳା ସହିତ ଅବସ୍ଥିତ ରହିଥାଏ ଏବଂ ତାହାକୁ ପୁନର୍ବାର ଫେରି ପାଇ ହୁଏ । ଏଠାରେ ସେହିପରି ଦୀର୍ଘ କାଳ ଲାଗି ବାହାରେ ଅବସ୍ଥାନ କରିବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ ।

ମାତ୍ର ସେମାନଙ୍କର ଯେତେବେଳେ ଏହି ଅଭିଜ୍ଞତାଟି ହୋଇଛି, ତେଣୁ, ପ୍ରକୃତରେ ମରଣର ସମ୍ମୁଖୀନ ହେଉଥିବା ସମୟରେ ସେମାନେ କ'ଣ ପୁନର୍ବାର ସେହି କଥାଟିକୁ ପ୍ରୟୋଗ କରି ଦେଖନ୍ତି ନାହିଁ ?

ହଁ, ଯଦି ସେମାନଙ୍କର ଶରୀର ଉତ୍ତମ ଅବସ୍ଥାରେ ରହିଥାଏ । କିନ୍ତୁ ସାଧାରଣତଃ ଏପରି ଘଟେ ଯେ, ମୃତ୍ୟୁ ହୋଇଯିବା ପରେ ଶରୀରରେ ମଧ୍ୟ କିଛି

'oaob.nitrkl.ac.in' images reprocessed

ଘଟନା ଘଟିଯାଇଥାଏ, ଏକଥା ତୁମେ ଜାଣ । ଶରୀରରୁ କୌଣସି ଉପାଦାନ ସାଂଘାତିକ ଭାବରେ ଏକାବେଳେକେ ବାହାରିଯାଇଥାଏ । ମାତ୍ର ତଥାପି, ଏକଥା ମଧ୍ୟ ଏପର୍ଯ୍ୟନ୍ତ ନିଶ୍ଚିତ ଭାବରେ ପ୍ରମାଣିତ ହୋଇ ନାହିଁ ଯେ, ଶରୀର ଭିତରୁ ବାହାର ବାହାରକୁ ବାହାରିଯିବା ପରେ, ଯାହା ବାହାରି ଯାଇଛି, ତାହାକୁ ପୁନର୍ବାର ଫେରାଇ ପାରିବାର ସାମର୍ଥ୍ୟ ମଧ୍ୟ ବ୍ୟକ୍ତି ପାଖରେ କଦାପି ରହିବ ନାହିଁ । ଅବଶ୍ୟ ଠିକ୍ ହୃତ୍‌ପିଣ୍ଡ ଉପରେ ଗୁଳିମାଡ଼ ବସିଥିଲେ କିଂବା ମୁଣ୍ଡଟା ଏକାବେଳେକେ କଟି ଅଲଗା ହୋଇଯାଇଥିଲେ ସେହିସବୁ ଅତ୍ୟନ୍ତ ସାଂଘାତିକ କ୍ଷେତ୍ରରେ ତାହା ଆଦୌ ସମ୍ଭବ ହେବ ନାହିଁ । ତାହାକୁ ଅତ୍ୟନ୍ତ ସାଂଘାତିକ ବୋଲି ଗ୍ରହଣ କରିବାକୁ ହେବ, ମାତ୍ର ଯଦି ଶରୀରଟା ଅଖଣ୍ଡ ହୋଇ ରହିଥାଏ, ଯଦି କେବଳ ଏକ ଅସମତାବସ୍ଥାରହିଁ ସୃଷ୍ଟି ହୋଇଥାଏ, ତେବେ ସମତାବସ୍ଥାର ଅବଶ୍ୟ ପୁନଃପ୍ରତିଷ୍ଠା କରାଯାଇ ପାରିବ ।

ମାଆ, ଯଦି ସମ୍ବନ୍ଧସୂତ୍ରଗୁଡ଼ିକ ଛିଡ଼ିଯାଏ ତେବେ କ'ଣ ହୁଏ ?

ସମ୍ବନ୍ଧସୂତ୍ରଗୁଡ଼ିକ ଛିଡ଼ିଗଲେ ? —ତା'ପରେ ମୃତ୍ୟୁ ହୁଏ ।

ମାତ୍ର ଯେଉଁ ଅଂଶଟି ଶରୀର ଭିତରୁ ବାହାରକୁ ଚାଲିଯାଇଥାଏ ?

ଯଦି ତାହା ସଚେତନ ଥାଏ, ତେବେ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହେ । ତା'ପରେ ତାହାର ଏକ ସ୍ୱାଧୀନ ଅସ୍ତିତ୍ୱ ବଜାୟ ରହେ । ଏହା ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହେ । ସୂତ୍ର ଛିଡ଼ିଥାଉ ଅଥବା ନ ଛିଡ଼ିଥାଉ ପଛକେ ତଦ୍ୱାରା ଏହାର ଜୀବନରେ ଆଦୌ କୌଣସି ପରିବର୍ତ୍ତନ ଘଟେ ନାହିଁ । ଏହା ତାହାକୁ ଅଧିକ ଚେତନା ଆଣି ଦିଏ ନାହିଁ ଅଥବା ତାହା ମଧ୍ୟରୁ ଚେତନା କାଢ଼ି ବି ନିଏ ନାହିଁ । ଏହା ପାଖରେ ଯେଉଁ ଚେତନା ଥାଏ, ଯେଉଁ ଜ୍ଞାନ ଥାଏ ଓ ଯେଉଁ ଶକ୍ତି ଥାଏ, ସେଗୁଡ଼ିକୁ ତାହା ସେହିପରି ଧାରଣ କରି ରଖେ । ଯିଏ ଏହି କାର୍ଯ୍ୟଟିକୁ କରିବାକୁ ସମର୍ଥ ହୁଏ, ତାକୁ କଦାପି ଦେହ ଉପରେ ନିର୍ଭର କରି ରହିବାକୁ ହୁଏ ନାହିଁ । ଅର୍ଥାତ୍, ଚେତନାଯୁକ୍ତ ହୋଇ ରହିବାକୁ ତାକୁ ଆଦୌ—ଆଦୌ ଶରୀର ଉପରେ ନିର୍ଭର କରିବାକୁ ପଡ଼େ ନାହିଁ । ତାହାର ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇ ରହିଥିବା ଏକ ଚେତନା ରହିଥାଏ ।

"ମୃତ୍ୟୁର ରାଜ୍ୟ" କହିଲେ କ'ଣ ବୁଝାଏ ?

ପ୍ରତ୍ୟେକ ଧର୍ମରେ ଏହି ବିଷୟରେ ଭିନ୍ନ ଭିନ୍ନ କଥା କୁହାଯାଇଛି । ଗ୍ରୀକ୍‌ମାନେ ଏହାକୁ Elysium (ସ୍ୱର୍ଗଧାମ) ବୋଲି କହିଛନ୍ତି, "ନୌକା"ରେ

'oaob.nitrkl.ac.in' images reprocessed

ନଦୀଟିଏ ପାର ହୋଇ ଏହି ରାଜ୍ୟକୁ ଯିବାକୁ ହୁଏ । ସେହି ସ୍ୱର୍ଗଧାମରେ ସକଳ ଆନନ୍ଦଲୋକ ରହିଛି, ସକଳ ନର୍କ ମଧ୍ୟ ରହିଛି ।

ନାଇଁ,—ଧର୍ମମାନଙ୍କରେ ଆଦୌ ନୁହେଁ ।

ଆପଣାର ଶରୀରକୁ ଛାଡ଼ି ଚାଲିଯିବାର ମୁହୂର୍ତ୍ତିରେ ଯେଉଁ ସ୍ଥୂଳତମ ପ୍ରାଣିକ ମଧ୍ୟକୁ ଜଣେ ବ୍ୟକ୍ତି ପ୍ରକ୍ଷେପିତ ହୋଇ ଚାଲିଯାଏ, ତାହାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ସାଧାରଣତଃ "ମୃତ୍ୟୁର ରାଜ୍ୟ" ବୋଲି ଅଭିହିତ କରା ଯାଇଥାଏ । ଜଣେ ବ୍ୟକ୍ତିର ଜୀବନର ଯେଉଁ ଅଂଶଟି—ଏହାକୁ ଠିକ୍ କଉଜ ଶବ୍ଦ ଦେଇ ବ୍ୟକ୍ତ କରି ହେବ ? —ସାଧାରଣତଃ ସବୁଠାରୁ ଅଧିକ ସଚେତନ ହୋଇ ରହିଥାଏ, ମୃତ୍ୟୁ ସମୟରେ ସେହି ଅଂଶଟିରହିଁ ଏକ ପ୍ରକ୍ଷେପଣ ହୋଇଥାଏ । ଏବଂ, ସେହି ସ୍ଥୂଳ ପ୍ରାଣିକର ଅଞ୍ଚଳଟି ଭାରି ଅନ୍ଧକାରମୟ ହୋଇ ରହିଥାଏ, କେନ୍ଦ୍ରରେ ନାନା ବାସନାକୁ ବହନ କରି ରହିଥିବା ନାନା ପ୍ରତିକୃତି ବିରଚନା ଓ ଏପରିକି ପ୍ରତିକୃତି ନାନା ଇଚ୍ଛାରେ ପୂର୍ଣ୍ଣ ହୋଇ ରହିଥାଏ । ଏବଂ ଏଗୁଡ଼ିକ ଗୋଟିଏ ଗୋଟିଏ ଅତ୍ୟନ୍ତ ମୌଳିକ ଏକକ ରୂପେ ଅବସ୍ଥିତ ରହିଥାନ୍ତି, ସେମାନଙ୍କର ଜୀବନ ଅତ୍ୟନ୍ତ ପରିମାଣରେ ଖଣ୍ଡିତ ହୋଇ ରହିଥାଏ ଓ ସତେଅବା ଭୂତମାନଙ୍କ ପରି, ମନୁଷ୍ୟ-ମାନେ ଯାହାକିଛି ଫୋପାଡ଼ି ଦିଅନ୍ତି, ସେମାନେ ସେଇଆକୁ ଖାଇ ଜୀବନଧାରଣ କରନ୍ତି । ଏବଂ ତେଣୁ, ସେହି ମୁହୂର୍ତ୍ତିରେ, ମୃତ୍ୟୁର ସେହି ଆଘାତଟିର ଫଳସ୍ୱରୂପ, —କାରଣ ଅତି ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ଏକ ଆଘାତ ନ ପାଇ ମୃତ୍ୟୁ ଭିତରେ ପ୍ରବେଶ କରନ୍ତି, ବିଷୟଟିର ପୂର୍ଣ୍ଣ ଜ୍ଞାନ ସହିତ ସଚେତନ ଭାବରେ ଇହଲୋକ ତ୍ୟାଗ କରନ୍ତି, ଏପରି ବ୍ୟକ୍ତି ଆଦୌ ଅଧିକ ସଂଖ୍ୟାରେ ନ ଥାନ୍ତି । —ସାଧାରଣତଃ ଏହା ଏକ ଆକସ୍ମିକ ଘଟନାର ଆକାରରେ ଘଟିଥାଏ, ଜୀବନର ସର୍ବଶେଷ ଆକସ୍ମିକ ଘଟନାରୂପେ ଘଟିଥାଏ । ହଁ, ମୃତ୍ୟୁର ଆଘାତଟି ଆସି ବାଜିବା ସଙ୍ଗେ-ସଙ୍ଗେ ସେହି ଏକକଗୁଡ଼ିକ ବାହାରି ଚାଲି ଯାଉଥିବା ପ୍ରାଣିକତା ଉପରକୁହିଁ ଧାଇଁ ଆସନ୍ତି ଓ ତାହାକୁହିଁ ଖାଇ ବଞ୍ଚନ୍ତି । ବ୍ୟକ୍ତି ବଞ୍ଚିଥିବା ଯାଏ ସେମାନେ ତାକୁ ଛୁଇଁପାରନ୍ତି ନାହିଁ । କାରଣ, ତୁମେମାନେ ସମସ୍ତେ କେବେ ନା କେବେ ଏକ ଦୁଃସ୍ୱପ୍ନ ଦେଖିଥିବ, ଯେତେବେଳେ କି ସ୍ଥିତିଟି ଅତ୍ୟନ୍ତ ଭୟଙ୍କର ହେବାକୁ ବସିଲେ, ତୁମର ନିଦ ହଠାତ୍ ଭାଙ୍ଗିଯାଏ—ତୁମେ ପୁନର୍ବାର ତୁମର ଶରୀର ମଧ୍ୟକୁ ଫେରିଆସ, କାରଣ ଶରୀରହିଁ ତୁମର ସୁରକ୍ଷାପ୍ରାଚୀର ହୋଇ ରହିଥାଏ । ଶାରୀରିକ ଭୂମିରେ ସେମାନେ ତୁମର ଆଦୌ କିଛି କରିପାରନ୍ତି ନାହିଁ, ମାତ୍ର ଯେତେବେଳେ ତୁମେ ଏହି ଶରୀରଭୂମିର ସମ୍ପୂର୍ଣ୍ଣ ବାହାରେ ରହିଥାଅ (ଏବଂ; ଏପରିକି ମୁଁ କହିଥିବା ଏହି ସେତୁଟି ମଧ୍ୟ ତୁମେ ଶରୀର ଛାଡ଼ି ଚାଲିଗଲା ପରେ କେତେକ ପରିମାଣରେ ଏକ

'oaob.nitrkl.ac.in' images reprocessed

ସୁରକ୍ଷାରୂପେ କାର୍ଯ୍ୟ କରିଥାଏ), ମାତ୍ର ଯଦି ସକଳ ପ୍ରକାରର ସେତୁ ବା ସଂଲଗ୍ନତା କଟିଯାଇଥାଏ ଏବଂ ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ଶରୀରବିହୀନ ହୋଇ ରହିଥାଅ,— ଅବଶ୍ୟ ଯଦି ତୁମେ କୌଣସି ବିଶେଷ ପରିସ୍ଥିତିର ସୁଯୋଗ ନିଅ, ତେବେ ହୁଏତ ଅନ୍ୟପ୍ରକାର ଘଟିପାରେ—ଉଦାହରଣସ୍ୱରୂପ ସେତେବେଳେ ବଞ୍ଚି ରହିଥିବା ଅନ୍ୟମାନେ ଯଦି ଜଣେ ବ୍ୟକ୍ତିକୁ ଭାରି ଭଲ ପାଉଥାନ୍ତି·· ଯଦି ସେହି ମୁହୂର୍ତ୍ତରେ ତାକୁ ଏତେ ଭଲ ପାଉଥିବା ଲୋକମାନେ ଆପଣାର ଭାବନା ଓ ଭଲ ପାଇବାକୁ ବିଦାୟ ନେଇ ଯାଇଥିବା ବ୍ୟକ୍ତିଟି ଉପରେ ସଂକେନ୍ଦ୍ରିତ କରି ରଖନ୍ତି, ତେବେ ସିଏ ତଦ୍ଦ୍ୱାରା ତାହାର ଭିତରେ ଏକ ଆଶ୍ରୟ ପାଇଯାଏ ଏବଂ ସେହି ଆଶ୍ରୟ ତାକୁ ଉକ୍ତ ଏକକମାନଙ୍କ କବଳରୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ କରି ରଖିପାରେ। ମାତ୍ର, ତା'ପ୍ରତି ଆଦୌ କାହାରି କୌଣସି ବିଶେଷ ଅନୁରକ୍ତି ନ ଥିବା ଜଣେ ବ୍ୟକ୍ତି ଯେତେବେଳେ ମୃତ୍ୟୁ ମଧ୍ୟକୁ ପ୍ରବେଶ କରେ, ସେତେବେଳେ, ସିଏ ଯେଉଁମାନଙ୍କର ଅନିଷ୍ଟ କରିଛି ଓ ଯେଉଁମାନେ ତାକୁ ଆଦୌ ଭଲ ପାଆନ୍ତି ନାହିଁ, ସେହିପରି ଲୋକଙ୍କ ଦ୍ୱାରା ପରିବେଷ୍ଟିତ ରହିଥିବାରୁ ଅଥବା ଭୟଙ୍କର ଭାବରେ ଅଚେତନ ଏକ ଭୂମିରେ ବାସ କରୁଥିବା ଲୋକମାନେ ତାକୁ ଘେରି ରହିଥିବାରୁ, ସିଏ ଗୋଟା ସୁଦ୍ଧା ସେହି ଶକ୍ତିଗୁଡ଼ିକର କବଳରେ ଯାଇ ପଡ଼ିଯାଏ। ଏବଂ ସେହି ଅନୁଭବଟିକୁ ସହ୍ୟ କରିବା ପ୍ରକୃତରେ ଭାରି କଷ୍ଟକର ହୋଇପଡ଼େ। ଯେଉଁସବୁ ବସ୍ତୁ ସେମାନଙ୍କର ରାଜ୍ୟର ଅନ୍ତର୍ଗତ ହୋଇ ରହିଛି, ସେତକ ବ୍ୟତୀତ ସେମାନେ ଆଉ କୌଣସି ବସ୍ତୁକୁ ସ୍ପର୍ଶ ବି କରିପାରନ୍ତି ନାହିଁ, ଅର୍ଥାତ୍, ସେମାନେ କେବଳ ସ୍ଥୂଳତମ ପ୍ରାଣିକଟାକୁହିଁ ସ୍ପର୍ଶ କରିପାରନ୍ତି,—ଉଚ୍ଚତର ପ୍ରାଣିକ ସେମାନଙ୍କ ପାଖରେ ଆଦୌ ଧରାଦିଏ ନାହିଁ, ସେମାନେ ସେଠାରେ କିଛି କରିପାରନ୍ତି ନାହିଁ। ଏବଂ, ଏହିପରି ଭାବରେ ସ୍ଥୂଳ ଭୌତିକଟି ବାହାରି ଚାଲିଯାଏ, ମାତ୍ର ଅନ୍ୟଟି ରହିଯାଇଥାଏ। ଏବଂ ଏହି ଉଚ୍ଚତର ପ୍ରାଣିକକୁ ଅନ୍ୟ ନାନା ବିପଦଗୁଡ଼ିକ ଦ୍ୱାରା ଆକ୍ରାନ୍ତ ହେବାକୁ ପଡ଼ିଥାଏ, କେବଳ ତାହାହିଁ ଆକ୍ରାନ୍ତ ହୁଏ। ଏବଂ, ଏଇଟି ଅନ୍ତର୍ହିତ ହୋଇଗଲେ ମଧ୍ୟ ତଥାପି ମନ ବାକି ରହିଯାଇଥାଏ। ମାତ୍ର ଏହି ସବୁକିଛିର ପଛରେ ଚୈତ୍ୟ ସତ୍ତା ଅବସ୍ଥିତ ରହିଥାଏ, ଯାହାକୁ କି କେହି ଛୁଇଁପାରନ୍ତି ନାହିଁ; ତାହା ସମ୍ଭାବ୍ୟ ଯାବତୀୟ ଆକ୍ରମଣର ଊର୍ଦ୍ଧ୍ୱରେ ରହିଥାଏ ଏବଂ ତାହା ବସ୍ତୁତଃ ତା'ର ଯେଉଁଠାକୁ ଇଚ୍ଛା ସେଠାକୁ ଯାଇପାରିବା ଲାଗି ମୁକ୍ତ ହୋଇ ରହିଥାଏ। ସାଧାରଣତଃ— ଯଦି ତାହା ପାଖରେ କୌଣସି ବିଶେଷ ସୁଯୋଗ ରହିଥାଏ ଏବଂ ଯଦି ତାହା ପୂର୍ଣ୍ଣ ବିକାଶର ଏକ ଅବସ୍ଥାକୁ ପ୍ରାପ୍ତ ହୋଇସାରିଥାଏ, ତେବେ ଏଥିରେ ଏକ ବ୍ୟତିକ୍ରମ ଘଟିଥାଏ,—ତାହା ଚୈତ୍ୟ ଜଗତମାନଙ୍କରେ ବିଶ୍ରାମ ନେବା ଲାଗି ଚାଲିଯାଏ। ସେଠାରେ ତାହା ଗୋଟିଏ ପ୍ରକାରର ଉଲ୍ଲାସମୟ ଧ୍ୟାନାବସ୍ଥା ମଧ୍ୟକୁ ପ୍ରବେଶ

'oaob.nitrkl.ac.in' images reprocessed

କରେ ଏବଂ ସେହିଠାରେହିଁ ଅବସ୍ଥିତ ରହେ । ସେଠାରେ ତାହା ଆପଣାର ପ୍ରାପ୍ତ ଯାବତୀୟ ଅଭିଜ୍ଞତାଗୁଡ଼ିକର ପରିପାଚନ କରୁଥାଏ, ଏବଂ ଯେତେବେଳେ ତାହାର ସେହି ପରିପାଚନ ଏବଂ ବିଶ୍ରାମର ପର୍ଯ୍ୟାୟଟି ସମାପ୍ତ ହୁଏ, ସେତେବେଳେ ତାହା ପୁନର୍ବାର ଏକ ନୂତନ ଜୀବନ ଲାଗି ଜନ୍ମକୁ ଆସିବା ପାଇଁ ପ୍ରସ୍ତୁତ ହେବାକୁ ଆରମ୍ଭ କରେ । ସେହି ସତ୍ତାକୁ ଆଦୌ କିଛିହେଲେ ସ୍ପର୍ଶ କରିପାରେ ନାହିଁ । ମାତ୍ର ଏତେ ଅଳ୍ପ ଲୋକ ଆପଣାର ଚୈତ୍ୟସତ୍ତାଟି ବିଷୟରେ ସଚେତନ ଥାଆନ୍ତି ଯେ, ଆମେ ଜାଣିଥିବା ଅମୁକ ବ୍ୟକ୍ତିଟି ଏପରି ହୋଇଥିବ ବୋଲି କହିବା କ୍ୱଚିତ୍ ସମ୍ଭବ ହୁଏ । କାରଣ, ଲୋକମାନଙ୍କୁ ଆମେ ସାଧାରଣତଃ ଯେଉଁପରି ଭାବରେ ଜାଣିଥାଉ, ସେହି ଅନୁସାରେ ସେମାନେ କେଉଁ ଉପାଦାନଗୁଡ଼ିକ ଦ୍ୱାରା ତିଆରି ହୋଇଥାନ୍ତି କହିଲ ? —ସେମାନେ ଆପଣାର ଯାବତୀୟ ଜଡ଼ଗ୍ରନ୍ଥିସ୍ଥ ସ୍ଥୂଳାନୁଭୂତି, ଆପଣାର ଯାବତୀୟ ପ୍ରାଣଗତଶ୍ରେୟ ପ୍ରତିକ୍ରିୟା ଓ ଆପଣାର ଯାବତୀୟ ମନୋଭୂମିଗତ ବିରଚନା ଦ୍ୱାରାହିଁ ତିଆରି ହୋଇ ରହିଥାନ୍ତି, ଅର୍ଥାତ୍ ଆପଣାର ଶରୀର, ଚରିତ୍ର ଓ ଭାବନାଗୁଡ଼ିକ ଦ୍ୱାରା ତିଆରି ହୋଇଥାନ୍ତି,—ଏବଂ କେବଳ ଏହିଗୁଡ଼ାକୁ ନେଇହିଁ ଆମ ଲାଗି ଏକ ମନୁଷ୍ୟସତ୍ତା ତିଆରି ହୋଇ ରହିଥାଏ ! ଯଦି ଏହି ସବୁକିଛି ଚୈତ୍ୟସତ୍ତାକୁ କେନ୍ଦ୍ର କରି ସଂଗଠିତ ଏବଂ ସକେନ୍ଦ୍ରିତ ହୋଇ ରହି ନ ଥାଏ ଏବଂ ସେହି ଅନୁସାରେ ଚୈତ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ଐକ୍ୟବଦ୍ଧ ହୋଇ ରହି ନ ଥାଏ, ତେବେ ମୃତ୍ୟୁ ପରେ ସେସବୁ ଆଦୌ ଅବଶିଷ୍ଟ ରହିପାରେ ନାହିଁ । ତା' ନ ହେଲେ ଏହିସବୁ ଯାବତୀୟ ସମ୍ମିଶ୍ରଣ ଭୁଆଡ଼େ ଭାଙ୍ଗିରୁଜି ଯାଏ ଏବଂ କେବଳ ଚୈତ୍ୟସତ୍ତାହିଁ ଅବଶେଷ ହୋଇ ରହିଥାଏ; ବେଳେବେଳେ କେବଳ ଏକ ଅଗ୍ନିଶିଖା ପରି ଅବଶିଷ୍ଟ ରହିଥାଏ ଏବଂ ବେଳେବେଳେ ଏକ ପୂର୍ଣ୍ଣସଚେତନ ସତ୍ତା ପରି ମଧ୍ୟ ଅବଶିଷ୍ଟ ରହିଥାଏ ।

ଅବଶ୍ୟ ଏଇଟା ହେଉଛି ସାଧାରଣ ନିୟମ । ପ୍ରାଣିକ ଜଗତରେ ଏହି ଯାବତୀୟ ବିପଦକୁ ଅତିକ୍ରମ କରିଯିବାକୁ ସତେଅବା "ସୁରକ୍ଷିତ ପଥ"ଗୁଡ଼ିକ ପରି ସେଗୁଡ଼ିକ ତିଆରି ହୋଇ ରହିଥାଏ । ଏପରି କେତେକ ପରିବେଶ ଅର୍ଥାତ୍ ଲୋକମାନେ ରହିଥାନ୍ତି, ଯେଉଁମାନେ କି ଦେହତ୍ୟାଗ କରୁଥିବା ବ୍ୟକ୍ତିମାନଙ୍କୁ ଗ୍ରହଣ କରିନଅନ୍ତି, ସେମାନଙ୍କୁ ଆଶ୍ରୟ ଦିଅନ୍ତି, ସୁରକ୍ଷା ଯୋଗାଇ ଦିଅନ୍ତି । ଏହା ବ୍ୟତୀତ ସେହି କ୍ଷେତ୍ରରେ ଯାବତୀୟ ଅନ୍ୟ ପରିବେଶ ମଧ୍ୟ ମହଜୁଦ ରହିଥାଏ । ବର୍ତ୍ତମାନ ମୁଁ ତୁମମାନଙ୍କୁ ମରୁଥିବା ବ୍ୟକ୍ତିମାନଙ୍କର କେବଳ ସାଧାରଣତଃ ଘଟୁଥିବା ଅବସ୍ଥା ବିଷୟରେହିଁ କହିଲି, ସାଧାରଣ ମଣିଷଙ୍କ ବିଷୟରେ କହିଲି । ମାତ୍ର, କିନ୍ତୁ ଉଚ୍ଚତର ସ୍ତରର ମନୁଷ୍ୟମାନଙ୍କର କ୍ଷେତ୍ରକୁ ଆସିବାମାତ୍ରକେ ଏହି ଯାବତୀୟ ପରିବେଶ ଅଲଗା ହୋଇଯାଇଥାଏ । ସତ୍ତା ଭିତରେ କୌଣସି ବିଶେଷ ଉଚ୍ଚତର

'oaob.nitrkl.ac.in' images reprocessed

ବିକାଶ ସମ୍ଭବ ହୋଇ-ନ ଥିଲେ ଏହି ସାଧାରଣ ନିୟମଟିହିଁ କାର୍ଯ୍ୟକାରୀ ହୋଇ ରହିଥାଏ । କେତେକ ବ୍ୟକ୍ତି ଆପଣାର ସତ୍ତା ମଧ୍ୟରେ ଏତେ ସମଗ୍ର ଭାବରେ ଏକ ସଂବଦ୍ଧତା ସମ୍ଭବ କରିପାରିଥାନ୍ତି ଯେ, ସେମାନଙ୍କୁ ଆଉ ଆଦୌ ଶରୀର ଉପରେ ନିର୍ଭର କରିବାକୁ ପଡ଼େ ନାହିଁ; ଶରୀର ଥାଉ ବା ନଥାଉ, ତାହା ଉପରେ ମୋଟେ ନିର୍ଭର କରିବାକୁ ପଡ଼େ ନାହିଁ ।

ମାତ୍ର ଏହିସବୁ ବିକାଶ କେବଳ ସେମିତି ଭାବରେ ସମ୍ଭବ ହୋଇଯାଏ ନାହିଁ, ଖାଲି କେତେଥର ସେହି ବିଷୟରେ ଚିନ୍ତା କଲେ, 'ଆହୁରି କମ୍ ଥର ସେଥିଲାଗି ଏକ ବାସନା ରଖିଥିଲେ ଏବଂ ଅଧିକାଂଶ ସମୟରେ ସେହି ବିଷୟରେ ବିସ୍ମୃତ ହୋଇ ରହିଥିଲେ ତାହା କଦାପି ସମ୍ଭବ ହୁଏ ନାହିଁ । ନା—ସେଭଳି ଭାବରେ ତାହା ଆଦୌ ଘଟେ ନାହିଁ । ମୁଁ ତ ଏହାକୁ ଏକ ସାଧନା ବୋଲି କହିବି,—କଠିନତମ ଆଧ୍ୟାତ୍ମିକ ସାଧନାଗୁଡ଼ିକ ପରି ଏକ ଅତି କଠିନ ସାଧନା ବୋଲି କହିବି । ···ମୂଳତଃ ଏଇଟି ସକାଶେହିଁ ଆମେ ଏହି ପୃଥିବୀରେ ଜୀବନ-ଧାରଣ କରି ରହିଛୁ । ପ୍ରକୃତ କଥା କହିବାକୁ ଗଲେ, ଠିକ୍ ଏହି ଲକ୍ଷ୍ୟଟିର ସାଧନ ଲାଗିହିଁ ମନୁଷ୍ୟମାନଙ୍କର ସୃଷ୍ଟି ହୋଇଥିଲା, ଠିକ୍ ସେହି କାର୍ଯ୍ୟଟି କରିବା ଲାଗି ସେମାନଙ୍କୁ ତିଆରି କରାଯାଇଥିଲା । ସେମାନେ ତାହା କରିବା ଲାଗି ଅସମ୍ମତି ପ୍ରକାଶ କରୁଛନ୍ତି ବୋଲି ସମ୍ଭବତଃ ପୃଥିବୀରେ ଏତେବେଶୀ ଅରାଜକତା ଭର୍ତ୍ତି ହୋଇ ରହିଛି । ସେମାନେ ଯଦି ଯଥାର୍ଥ ଭାବରେ ସେହି କାର୍ଯ୍ୟଟିକୁ କରୁଆନ୍ତେ, ତେବେ ସବୁକିଛି କେତେ ଅଧିକ ଭଲ ଭାବରେ ଗତି କରିପାରନ୍ତା !

ନଅଟା ବାଜି କୋଡ଼ିଏ ମିନିଟ୍ ହେଲାଣି । ଯଦି କୌଣସି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ପ୍ରଶ୍ନ ପଚାରିବାକୁ ରହିଥାଏ, ତେବେ ତୁମେ ଅବଶ୍ୟ ପଚାରି ପାର ।

ଆପଣ ଆମକୁ ତେଲି ପଡ଼ିବାର କାହାଣୀ କହିବେ ବୋଲି କହିଥିଲେ ।

ଏଇଟି ଏକ ଅନ୍ୟ ରାଜ୍ୟର କଥା । ତାହା ମୃତ୍ୟୁରାଜ୍ୟର କଥା ନୁହେଁ; ସୂକ୍ଷ୍ମ ପ୍ରାଣିକ ରାଜ୍ୟର ଏକ କଥା । ଏହି ସୂକ୍ଷ୍ମତମ ପ୍ରାଣିକହିଁ ସ୍ଥୂଳ ଓ ଭୌତିକ ଭୂମିର ନିୟନ୍ତ୍ରଣ କରୁଛି, ଏହି ସୂକ୍ଷ୍ମ ଭୌତିକ ଭୌତିକର ପଶ୍ଚାତରେ ଅବସ୍ଥିତ ରହିଛି ।

'oaob.nitrkl.ac.in' images reprocessed

ଏକଦା ଆମେ ଅତିଥିଭବନରେ* ବାସ କରୁଥିଲୁ । ଶ୍ରୀଅରବିନ୍ଦ ପ୍ରଥମ ମହଲାରେ ରହୁଥାନ୍ତି; ପିଲାଙ୍କ ଛାତ୍ରାବାସରେ ବର୍ତ୍ତମାନ ଯେଉଁ କୋଠରିଟି ଧ୍ୟାନ-ପ୍ରକୋଷ୍ଠ ରୂପେ ବ୍ୟବହୃତ ହେଉଛି, ସିଏ ଶେଷମୁଣ୍ଡର ସେହି କୋଠରିଟିରେ ରହୁଥାନ୍ତି । ମୋ'ର ମନେ ହେଉଛି, ସେଠାରେ ଲଗାଲଗି ହୋଇ ଦୁଇଟି କୋଠରି ରହିଛି । ସେତେବେଳେ ଗୋଟିଏ ସ୍ନାନାଗାରରୂପେ ବ୍ୟବହୃତ ହେଉଥିଲା ଓ ବର୍ତ୍ତମାନ ଏକ ସାଧାରଣ କୋଠରିରୂପେ ବ୍ୟବହୃତ ହେଉଛି । ଏବଂ, ତା'ପାଖରେ ଥିବା କୋଠରିଟି ମୋ' କୋଠରି ଥିଲା । ଅର୍ଥାତ୍ ଗୋଟିଏ ସ୍ନାନାଗାର ଥିଲା ଓ ଆଉ ଗୋଟିଏ ସାଧାରଣ କୋଠରି ଥିଲା । ଶ୍ରୀଅରବିନ୍ଦ ଗୋଟିଏ ପାଖରେ ରହୁଥିଲେ ।

ସେତେବେଳେ ସେହି ଘରେ ଆମେ କେତେଜଣ ବାସ କରୁଥିଲୁ ? ···ଅମୃତ ଥିଲେ (ଶିଷ୍ୟଙ୍କ ଆଡ଼କୁ ଅନାଇ), ଅମୃତ, ତୁମେ ଥିଲ ନା ? ତୁମର ସେହି ଦିନଟି କଥା ମନେଅଛି ? (ସମସ୍ତେ ହସିଲେ) ଆମର ବାଟେଲ୍ ନାମକ ଜଣେ ଫ୍ରେଞ୍ଚେଇଆ ଥିଲା । ସିଏ ସ୍ୱଭାବରେ ବେଶ୍ ବଦରାଗୀ ଥିଲା ଏବଂ ତା'ର କାମରେ କିଏ ତାକୁ କ'ଣ ନିନ୍ଦା କରି କହୁ ବୋଲି ସିଏ ମୋଟେ ଇଚ୍ଛା କରୁ ନ ଥିଲା । ଏବଂ, ତା'ର କେତେକ ମୁସଲମାନ ଗୁଣିଆଙ୍କ ସହିତ ସମ୍ପର୍କ ବି ରହିଥିଲା । ସେମାନଙ୍କ ପାଖରେ ଗୁଣିଗାରେଡ଼ିର ଗୋଟିଏ ପୁସ୍ତକ ଥିଲା ଏବଂ ସେମାନେ ଗୁଣିଗାରେଡ଼ିର କିଛି ଅଭ୍ୟାସ ମଧ୍ୟ କରୁଥିଲେ । ଦିନେ ଏହି ଫ୍ରେଞ୍ଚେଇଆ ଗୋଟାଏ କ'ଣ ଖରାପ ଭୁଲ୍ କାମ କରିଥିଲା ଓ ଖୁବ୍ ଗାଳି ଖାଇଥିଲା । ଦତ୍ତାଙ୍କ ସହିତ ତୁମର ସେତେବେଳେ ପରିଚୟ ଥିଲା କି ନାହିଁ କେଜାଣି, ସେଇ ଦତ୍ତା ତାକୁ ଗାଳି ଦେଇଥିଲେ ଏବଂ ସେଥିରେ ସେ ଅତ୍ୟନ୍ତ ଉତ୍କ୍ଷିପ୍ତ ହୋଇପଡ଼ିଥିଲା । ସିଏ ଆମକୁ କେତେ ପ୍ରକାର ଭୟ ଦେଖାଇଥିଲା ଏବଂ କହିଥିଲା, "ଆପଣମାନେ ଦେଖିବେ, ଆପଣମାନେ ଏହି ଘର ଛାଡ଼ି ଚାଲିଯିବାକୁ ବାଧ୍ୟ ହେବେ ।" ଆମେ ତା'ର ସେହି କଥାରେ କୌଣସି କର୍ଣ୍ଣପାତ କରି ନ ଥିଲୁ ।

ବୋଧହୁଏ ତା'ର ଦୁଇ ତିନିଦିନ ପରେ କେହି ଆସି ମୋତେ ଖବର ଦେଲେ ଯେ ଦୁଆରେ ବାହାରୁ ଢେଲା ପଡ଼ୁଛି । ମୋଟେ ତିନିଗୋଟି ଢେଲା ପଡ଼ିଥିଲା : ଇଟାର ଢେଲା ତିନି ଗୋଟି । ପାଖ ଘରୁ କିଏ ଏପରି ଢେଲା ପକାଉଛି

*୧୯୧୦ଠାରୁ ୧୯୧୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଅତିଥିଭବନରେ (୪୧ ରୁ ଫ୍ରାଁସୋଆ ମାର୍ତ୍ତ)ରେ ବାସ କରୁଥିଲେ । ମାଅ ବର୍ଣ୍ଣନା କରିଥିବା କାହାଣୀଟି ୧୯୧୦ ନଭେମ୍ବରରେ ଏହିଠାରେହିଁ ଘଟିଥିଲା । ଡିସେମ୍ବର ମାସ ଅଧାରେ କୌଣସି ସମୟରେ ଘଟିଥିଲା ।

'oaob.nitrkl.ac.in' images reprocessed

ଆମେ ସେକଥା ଭାବି ବେଶ୍ ବିସ୍ମିତ ହେଲୁ । ସାଧାରଣତଃ ଆମେ ପିଲମାନଙ୍କୁ ଯାହା କରିବା ବିଷୟରେ ବାରଣ କରିଥାଉ, ବର୍ତ୍ତମାନ ଆମେ ଠିକ୍ ସେହିକଥା କଲୁ : କାଳେ କେଉଁଠି କେହି ଥିବ, ଢେଲା କିଂବା ଆଉକିଛି ରଖା ହୋଇଥିବ, ତାହା ଦେଖିବା ଲାଗି ଆମେ କାନ୍ଥ ଓ ଛାତ ସବୁଆଡ଼େ ବୁଲିଆସିଲୁ । ଆମେ କିଛି ଦେଖିବାକୁ ପାଇଲୁ ନାହିଁ ।

ମୋର ଯେତେଦୂର ମନେ ପଡ଼ୁଛି, ଉପରଓଳି ଚାରିଟା ଓ ପାଞ୍ଚଟା ଭିତରେ ଏହି ଢେଲା ପଡ଼ିଥିଲା । ସନ୍ଧ୍ୟା ବୁଡ଼ି ଆସୁଥିବା ସଙ୍ଗେ ସଙ୍ଗେ ଢେଲାର ସଂଖ୍ୟା ବୃଦ୍ଧି ପାଇଥିଲା । ତହିଁ ଆରଦିନ ଆହୁରି ଅଧିକ ଢେଲା ପଡ଼ିଲା । ସେଗୁଡ଼ାକ ବିଶେଷ କରି ରୋଷେଇଘର କବାଟ ଉପରେ ଆସି ବାଜୁଥିଲା ଓ ଗୋଟିଏ ଢେଲା ଦତ୍ତାଙ୍କର ବାହୁରେ ଆସି ବାଜିଥିଲା । ସେତେବେଳେ ସେ ଅଗଣା ହୋଇ କୁଆଡ଼େ ଯାଉଥିଲେ । କ୍ରମେ ଢେଲାର ସଂଖ୍ୟା ଅତ୍ୟଧିକ ପରିମାଣରେ ବଢ଼ିଗଲା । ସେଇ ବିଷୟରେ ସମସ୍ତଙ୍କର ଉତ୍କଣ୍ଠା ମଧ୍ୟ ବଢ଼ିବାରେ ଲାଗିଥାଏ । ଏବଂ, ଉତ୍କଣ୍ଠା ବଢ଼ୁଥିବା ସଙ୍ଗେ ସଙ୍ଗେ ସତେଅବା ତାହାରି ପ୍ରଭାବରେ ଢେଲାର ସଂଖ୍ୟା ମଧ୍ୟ ବହୁଗୁଣିତ ହୋଇଯାଉଥିଲା । ଏବଂ କ୍ରମେ ଏକାବେଳେକେ ବିଭିନ୍ନ ଦିଗରୁ ଢେଲା ପଡ଼ିବାକୁ ଲାଗିଲା, କବାଟ ବା ଝରକା ନ ଥିବା ଜାଗାମାନଙ୍କରେ ବି ପଡ଼ିଲା । ସେତେବେଳେ ଗୋଟିଏ ଶିଡ଼ିବାଟ ଥିଲା, ମାତ୍ର ସେଥିରେ କୌଣସି ଦୁଆର ନ ଥିଲା । କେବଳ ସାନ ଝରକାଟିଏ ଥିଲା । ଏବଂ ଢେଲାଗୁଡ଼ାକ ଏହିପରି ଭାବରେ (ମାଆ ଅନୁଲମ୍ବ ଗତିରେ ଇଙ୍ଗିତ କଲେ) ଶିଡ଼ି ଉପରେ ଆସି ପଡ଼ୁଥିଲା । ସେଗୁଡ଼ାକ ଝରକା ବାଟେ ଆସୁଥିଲେ ଏପରି ଭାବରେ (ତିର୍ଯ୍ୟକ୍ ଗତିର ଇଙ୍ଗିତ) ଆସୁଥାନ୍ତା । ମାତ୍ର ସେଗୁଡ଼ାକ ସିଧା ଭାବରେ ଉପରୁ ପଡ଼ିବାରେ ଲାଗିଥିଲେ । ତେଣୁ ମୁଁ ଭାବୁଛି, ଏହି ପ୍ରସଙ୍ଗଟିକୁ ନେଇ କ୍ରମେ ସମସ୍ତେ ଉତ୍କଣ୍ଠିତ ହୋଇ ଉଠିଥିଲେ । ହଁ, ଏଠାରେ ମୋ'ର କହିରଖିବା ଉଚିତ ଯେ, ଏଇ ବାବର୍ଚ୍ଚି ଆମକୁ ଖବର ଦେଇ ପଠାଇଥିଲା ଯେ ଗତ ଦୁଇଦିନ ହେଲା ତା'ର ଦେହ ମୋଟେ ଭଲ ନାହିଁ,—ଢେଲା ପଡ଼ିବା ଦିନଠାରୁହିଁ ତା'ର ଦେହ ଭଲ ନ ଥିଲା ଏବଂ ତେଣୁ ସେ କାମ କରିବାକୁ ଆସି ନ ଥିଲା । ମାତ୍ର ଆପଣାର ସହକାରୀକୁ ସିଏ ଆମ ପାଖରେ ରଖି ଯାଇଥିଲା । ପ୍ରାୟ ତେର ଚଉଦ ବର୍ଷର ସାନ ପୁଅପିଲାଟିଏ, ବେଶ୍ ମୋଟାସୋଟା,—ଭାରି ନିର୍ଜୀବ ପରି ଦେଖାଯାଏ, କିଞ୍ଚିତ୍ ପରିମାଣରେ ଚୁପ୍‌ଚାପ୍ ହୋଇ ରହେ,—ସମ୍ଭବତଃ ମୁଣ୍ଡରେ ଟିକିଏ କମ୍ ବୁଦ୍ଧି ଥାଏ ବୋଲି ଏପରି ହୁଏ । ଏବଂ ଆମେ ଦେଖିବାକୁ ପାଇଲୁ ଯେ, ଯେତେବେଳେ ଏହି ବାଳକଟି ବୁଲାଚଲା କରୁଥିଲା, ସେତେବେଳେ ସିଏ ଯେଉଁଠାକୁ ଯାଉଥିଲା, ସେଠାରେ ଅଧିକ ପରିମାଣରେ ଢେଲା ପଡ଼ୁଥିଲା । ସେଠାରେ ଯେଉଁ ଯୁବକମାନେ ବାସ କରୁଥିଲେ,

'oaob.nitrkl.ac.in' images reprocessed

—ଅମୃତ ମଧ୍ୟ ସେମାନଙ୍କ ମଧ୍ୟରେ ଥିଲେ,—ସେମାନେ ବାଳକଟିକୁ ଗୋଟିଏ ଘରେ ବନ୍ଦ କରିଦେଲେ, ସବୁଯାକ କବାଟ ଓ ଝରକା ବନ୍ଦ କରି ଦିଆଗଲା; ପ୍ରେତାତ୍ମବାଦୀମାନଙ୍କ ପରି କେତେକ ପରୀକ୍ଷା ବି ସେମାନେ ଆରମ୍ଭ କରିଦେଲେ (ସମବେତ ହୋଇ ବସିଲେ) : "ସବୁ କବାଟ ବନ୍ଦ କରିଦିଅ, ସବୁ ଝରକା ବି ବନ୍ଦ କରିଦିଅ ।" ଏବଂ, ସେହି ବାଳକ ଘର ଭିତରେ ବନ୍ଦ ହୋଇ ରହିଲା ଓ ଢେଲାଯାକ ସବୁ ଆସି ସେଇଠି ପଡ଼ିବାକୁ ଲାଗିଲା । ତେଣେ ସବୁଯାକ କବାଟ ଓ ଝରକା ବନ୍ଦ ହୋଇ ରହିଥାଏ ! ଅଧିକରୁ ଅଧିକ ଢେଲା ପଡ଼ିବାରେ ଲାଗିଥାଏ, ଶେଷରେ ଢେଲା ବାଜି ବାଳକଟିର ଗୋଡ଼ରେ ଆଘାତ ହେଲା । ତା'ପରେ କଥାଟା ଅନେକ ଦୂର ଗ୍ଳଲିଯାଉଛି ବୋଲି ସେମାନେ ଭାବିବାକୁ ଲାଗିଲେ ।

ମୁଁ ଶ୍ରୀଅରବିନ୍ଦଙ୍କ ପାଖରେ ଥାଏ : ଆମେ ଚୁପ୍ ହୋଇ କାର୍ଯ୍ୟ କରୁଥାଉ, ଏକାଗ୍ର ଧ୍ୟାନ କରୁଥାଉ । ପିଲାମାନେ ଲୁଚି ଲୁଚି ଯାହାସବୁ ଘଟୁଥିଲା, ସେସବୁ ଅନାଇ ଦେଖିଲେ ଏବଂ ଆମକୁ ସାବଧାନ ବି କରିଦେଲେ, କାରଣ, ଘଟନାଟି ଯେ କ୍ରମେ ଭୟଙ୍କର ଆକାର ଧାରଣ କରୁଥିଲା, ଆମକୁ ସେହି କଥାଟି ଯାଇ କହିଦେବା ଲାଗି ହୁଏତ ସମୟ ଆସି ପହଞ୍ଚି ଯାଇଥିଲା । ମୁଁ ସଙ୍ଗେ ସଙ୍ଗେ ପ୍ରକୃତ ଘଟନାଟିକୁ ବୁଝିପାରିଥିଲି ।

ତୁମମାନଙ୍କୁ ଏଠାରେ କହିରଖିବା ଉଚିତ ଯେ ଏକ ସାଧାରଣ, ସ୍ଥୂଳ ବ୍ୟାଖ୍ୟାର ଯାବତୀୟ ସମ୍ଭାବନାକୁ ଅନୁସନ୍ଧାନ କରି ଦେଖିବାକୁ ଆମେ ଆଗରୁ ଏକ ଚେଷ୍ଟା କରିସାରିଥିଲୁ । ପୁଲିସ୍ ଡାକି ଆମ ଉପରେ କେହି ଢେଲା ପକାଉଛି ବୋଲି ସମ୍ବାଦ ଦେଇସାରିଥିଲୁ ଏବଂ ସେମାନେ ନିଜେ ଆସି କ'ଣ ଘଟୁଛି ଦେଖିବା ଲାଗି ଅତିଶୟ ଇଚ୍ଛା ପ୍ରକାଶ କରିଥିଲେ । ତେଣୁ ଜଣେ ପୁଲିସ୍ ଲୋକ ସାଙ୍ଗେସାଙ୍ଗେ ଆମକୁ କହିଲେ,—ସିଏ ଜଣେ ବେଶ୍ ଖୁବ୍ ଭଲ ଲୋକ ଥିଲେ : "ଆପଣଙ୍କର ଏଠି ବାତେଲା ହେଉଥିଲା ହୋଇଅଛି ନା ? ତେବେ ଆମେ ଜାଣିଲୁ ପ୍ରକୃତରେ ଏସବୁ କାହିଁକି ଘଟୁଛି !" ତା'ପରେ ସିଏ ଗୁଳି ଭରିଥିବା ଗୋଟିଏ ପିସ୍ତଲ ଧରି ଅଗଣା ଭିତରକୁ ଯାଇ ଅପେକ୍ଷା କରି ରହିଲେ । ତା'ପରେ ଆଉ ଗୋଟିଏ ବୋଲି ଢେଲା ପଡ଼ିଲା ନାହିଁ । ସେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କ ସହିତ ଛାତ ଉପରେ ଥିଲି; ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି, "ଏଇଟା ଭାରି ଖରାପ କଥା ହେଲା, ଆମେ ପୁଲିସକୁ ଯାଇ ଡାକି ଆଣିଲୁ ଓ ଢେଲା ପଡ଼ିବା ବନ୍ଦ ହୋଇଗଲା ! ଏଇଟି ଭାରି ବିରକ୍ତିକର କଥା, କାରଣ ଏହାଦ୍ୱାରା ସିଏ ଭାବିବ ଯେ ଆମେ ଆଦୌ ସତ କଥା କହୁ ନାହୁଁ, କାରଣ ବର୍ତ୍ତମାନ କୌଣସି ଢେଲା ପଡ଼ୁ ନାହିଁ ।" ସଙ୍ଗେସଙ୍ଗେ ପୁଣି ଢେଲା ପଡ଼ିବାକୁ ଲାଗିଲା ।

'oaob.nitrkl.ac.in' images reprocessed

ତୁମମାନଙ୍କର ଜାଣିବା ଉଚିତ ଯେ ଗୁଡ଼ଠାରୁ ବେଶ୍ ଦୂରରେ ଢେଲମାନ ପଡ଼ୁଥିଲା ଏବଂ ଗୋଟିଏ ବି ଢେଲା ଆମମାନଙ୍କ ପାଖରେ ଆସି ପଡ଼ୁ ନ ଥିଲା ।

ତେଣୁ ପୁଲିସ୍ ଜଣକ କହିଲେ, "ମୋର ଏଠାରେ ରହିବା ଦ୍ୱାରା ଆଦୌ କୌଣସି ଫଳ ହେବ ନାହିଁ । ମୁଁ ପ୍ରକୃତ କଥା ବେଶ୍ ଜାଣିପାରୁଛି, ବାଡେଲ ଆପଣଙ୍କ ବିରୁଦ୍ଧରେ ଏହି କାଣ୍ଡଟିକୁ କରୁଛି । ବର୍ତ୍ତମାନ ମୁଁ ଯାଉଛି ।"

ତା'ପରେ ଯାଇ ଆମେ ବାଳକଟିକୁ ଘରଭିତରେ ବନ୍ଦ କରି ରଖିବାର ପ୍ରସ୍ତୋଗଟିକୁ କରିଥିଲୁ ଏବଂ ତା'ପରେ ଢେଲଗୁଡ଼ିକ ଆସି ବନ୍ଦ ହୋଇଥିବା ସେହି ଘରେ ପଡ଼ିବାକୁ ଲାଗିଲା । ବାଳକଟି ଢେଲା ବାଜି ଆହତ ହୋଇଛି ବୋଲି ମୁଁ ଖବର ପାଇଲି । ତା'ପରେ ମୁଁ କହିଲି, "ବାଳକଟିକୁ ସଙ୍ଗେସଙ୍ଗେ ସେହି ଘର ଭିତରୁ ବାହାର କରିଦିଅ । ତାକୁ ଆଉ ଗୋଟିଏ କୋଠରିକୁ କିଂବା ଆଉ କେଉଁଠାକୁ ପଠାଇଦିଅ । ତା'ର ଯାବତୀୟ ଯତ୍ନ ନିଅ । ମାତ୍ର ତାକୁ ଏଠାରେ ମୋଟେ ରଖ ନାହିଁ ଏବଂ ଏହି ବିଷୟରେ ଆଉ କିଛିହେଲେ କର ନାହିଁ । କିଛି ନ କରି ଚୁପ୍ ହୋଇ ରହ ଓ ମୋଟେ ଭୟ କର ନାହିଁ ।" ମୁଁ ଶ୍ରୀଅରବିନ୍ଦଙ୍କ ସହିତ କୋଠରି ଭିତରେ ଥିଲି ଓ ମୁଁ ଭାବିଲି, ପ୍ରକୃତ ଘଟଣାଟି କ'ଣ ଆମେ ଏଥର ଦେଖିବା । ମୁଁ ଧ୍ୟାନସ୍ଥ ହେଲି ଏବଂ ତାଙ୍କୁ ଟିକିଏ ଆବାହନ କରି କହିଲି, "ବର୍ତ୍ତମାନ କିଏ ଆମ ଉପରକୁ ଢେଲା ପକାଉଛି, ଆମକୁ ତାହା ଦେଖିବାକୁ ହେବ । ଆପଣଙ୍କୁ ଆସିବାକୁ ହେବ ଏବଂ, କିଏ ଢେଲା ପକାଉଛି ସେକଥା କହିବାକୁ ହେବ ।"···ମୁଁ ପ୍ରାଣିକସ୍ତରର ତିନୋଟି ରୂପ ଦେଖିବାକୁ ପାଇଲି,— ସେହି ସାନସାନ ରୂପଗୁଡ଼ିକ, ଯେଉଁମାନଙ୍କର କି ଆଦୌ କୌଣସି ବଳ ନ ଥାଏ ଏବଂ, କେବଳ ଗୋଟିଏ କାମ କରିବା ଲାଗି ଯେତିକି ଚେତନା ମଧ୍ୟରେ ଆବଦ୍ଧ ହୋଇ ରହିବା ଆବଶ୍ୟକ ସେତିକି ମାତ୍ର ଚେତନା ରହିଥାଏ ।—ତାହାକୁ ଆଦୌ କୌଣସି ଚେତନା ବୋଲି କୁହାଯିବ ନାହିଁ । ମାତ୍ର ଏମାନେ ଗୁଣିଆମାନଙ୍କର ବୋଲ ମାନନ୍ତି । ଗୁଣିଆମାନେ ଗୁଣି କଲାବେଳେ ସେମାନଙ୍କୁ ଆସିବାକୁ ଆଦେଶ ଦିଅନ୍ତି ଓ ସେମାନଙ୍କୁ ବୋଲମାନିବାକୁ ବାଧ୍ୟ କରନ୍ତି । ଏଥିଲାଗି କେତୋଟି ସଙ୍କେତ ଓ କେତୋଟି ଶବ୍ଦର ବ୍ୟବହାର କରାଯାଏ । ତେଣୁ, ସେମାନେ ଆସି ପହଞ୍ଚିଲେ,—ସେମାନେ ଭୀତ ହୋଇ ରହିଥିଲେ, ଖୁବ ଭୀତ ହୋଇ ରହିଥିଲେ ! ମୁଁ ସେମାନଙ୍କୁ କହିଲି, "ମାତ୍ର ତୁମେସବୁ ଏପରି ଢେଲା ପକାଉଛ କାହିଁକି ? ଏହି ମନ୍ଦ ଖେଳ ଖେଳିବାର ଉଦ୍ଦେଶ୍ୟ କ'ଣ କହିଲ ?" ସେମାନେ ଉତ୍ତର ଦେଲେ, "ଆମକୁ ବାଧ୍ୟ କରାଯାଉଛି, ଆମକୁ ବାଧ୍ୟ କରାଯାଉଛି । ···(ସମସ୍ତେ ହସିଲେ) ଏଥିରେ

'oaob.nitrkl.ac.in' images reprocessed

ଆମର କିଛି ଦୋଷ ନାହିଁ । ଆମକୁ ଏପରି କରିବାକୁ ଆଦେଶ ଦିଆଯାଇଛି । ଆମର କିଛିହେଲେ ଦୋଷ ନାହିଁ ।”

ମୋତେ ସେତେବେଳକୁ ଭାରି ହସ ମାଡ଼ୁଥାଏ, ମାତ୍ର ମୁଁ ତଥାପି ମୁହଁଟାକୁ ଗମ୍ଭୀର କରି ରଖିବାକୁ ଚେଷ୍ଟା କଲି ଓ ସେମାନଙ୍କୁ କହିଲି, “ମାତ୍ର ଏସବୁ କାଣ୍ଡ ବନ୍ଦ କରିବାକୁ ପଡ଼ିବ, ବୁଝିଲ ?” ତା’ପରେ ସେମାନେ ମୋତେ କହିଲେ, “ଆପଣ କ’ଣ ଆମକୁ ରଖିବାକୁ ମନ କରିବେ ନାହିଁ ? ଆପଣ ଆମକୁ ଯାହା ଯାହା କହିବେ, ଆମେ ନିଶ୍ଚୟ କରିବୁ ।” ମୁଁ ଭାବିଲି, “ଆଚ୍ଛା, ସେହିପରି କରି ଦେଖାଯାଉ, ସମ୍ଭବତଃ ଏହା ବି ଏକ ବେଶ୍ ଆଗ୍ରହୋଦ୍ଦୀପକ କଥା ହେବ ।” ମୁଁ ସେମାନଙ୍କୁ କହିଲି, “ମାତ୍ର ତୁମେସବୁ କି କାମ କରି ପାରିବ ?” “ଆମକୁ ଢେଲା ପକାଇ ଆସେ ।” (ସମସ୍ତେ ହସିଲେ) “ସେଥିରେ ମୋର ଆଦୌ କୌଣସି ଆଗ୍ରହ ନାହିଁ । ମୁଁ କାହାରିକୁ ଢେଲା ପକାଇବାକୁ ମୋଟେ ଇଚ୍ଛା କରେ ନାହିଁ··· ମାତ୍ର ତୁମେ ସମ୍ଭବତଃ ମୋ’ଲାଗି ଫୁଲ ଆଣି ଦେଇ ପାରିବ ? ମୋ’ଲାଗି କିଛି ଗୋଲାପଫୁଲ ଆଣି ପାରିବ ?” ତା’ପରେ ସେମାନେ ଭାରି ଅସହାୟ ଭାବରେ ପରସ୍ପର ଆଡ଼କୁ ଅନାଇଲେ ଓ ଉତ୍ତର ଦେଲେ, “ନାଇଁ, ଆମକୁ ସେସବୁ କଥା ମୋଟେ ଆସିବ ନାହିଁ । ଆମେ ମୋଟେ ସେସବୁ କଥା ଶିଖି ନାହୁଁ ।” ମୁଁ କହିଲି, “ତେବେ ତୁମମାନଙ୍କଠାରୁ ମୋ’ର କିଛି ଲୋଡ଼ା ନାହିଁ; ତୁମେମାନେ ଯାଅ । ଏବଂ ସାବଧାନ, ଏଠାକୁ ଆଉ କଦାପି ଆସିବ ନାହିଁ, ତା’ ନ ହେଲେ ତୁମମାନଙ୍କର ଭାରିଖରାପ ହେବ !” ସେମାନେ ଦଉଡ଼ି ପଳାଇଗଲେ ଓ ପୁନର୍ବାର କେବେ ଆସି ନ ଥିଲେ ।

ଏହି ପ୍ରସଙ୍ଗରେ ମୁଁ ଗୋଟିଏ କଥା ଲକ୍ଷ୍ୟ କରି ଦେଖିଥିଲି । ଢେଲାଗୁଡ଼ିକ କେବଳ ଛାତର ପଠନ ତଳକୁହିଁ ପଡ଼ୁଥିଲା । ଛାତଠାରୁ ତଳକୁହିଁ ଆମେ ଢେଲା ପଡ଼ୁଥିବାର ଦେଖିବାକୁ ପାଉଥିଲୁ । କେବଳ ଛାତ ପର୍ଯ୍ୟନ୍ତ, ତା’ ଉପରକୁ ଆଦୌ କୌଣସି ଢେଲା ପଡ଼ୁନଥିଲା । ଅର୍ଥାତ୍, ସତେଅବା କୌଣସି ଯାନ୍ତ୍ରିକ ନିୟମ ମାନି ଏସବୁ ହେଉଥିଲା । ବାହାରେ ଶୂନ୍ୟମଣ୍ଡଳରେ ଆମେ କିଛିହେଲେ କେବେ ଦେଖିନଥିଲୁ । ସେହି ଘରଟିର ବାତାବରଣଟିରେହିଁ ଢେଲାଗୁଡ଼ିକ ଆକାର ଧାରଣ କରୁଥିଲେ ଓ ପଡ଼ିବାରେ ଲାଗିଥିଲେ ।

ଏବଂ, ଘଟନାଟିକୁ ସମ୍ପୂର୍ଣ୍ଣକରି କହିବାକୁ ଗଲେ, ତହିଁ ଆରଦିନ ସକାଳେ, — ଏସବୁ କଥା ସନ୍ଧ୍ୟାବେଳେ ଘଟିଥିଲା — ତହିଁ ଆରଦିନ ସକାଳେ ମୁଁ ସ୍ନେଷେଇଘର ଦେଖିବାକୁ ଆସିଥିଲି — ସ୍ନେଷେଇଘର ଭିତରେ କେତୋଟି ଖୁଣ୍ଟ ଥିଲା । ଗୋଟିଏ ଖୁଣ୍ଟ ଉପରେ ଭାରି ବଙ୍କା ଟଙ୍କା ଗାରରେ ସତେଅବା

'oaob.nitrkl.ac.in' images reprocessed

ଅଙ୍ଗାର ଦ୍ୱାରା କେତୋଟି ଅକ୍ଷର-ସଙ୍କେତ ଲେଖାହୋଇ ରହିଥିଲା । ସେହି ସଙ୍କେତଗୁଡ଼ିକୁ ମୁଁ ଆଦୌ ମନେ ରଖି ନାହିଁ । ହଁ, ତାମିଲ ଭାଷାରେ ବି କେତୋଟି ଶବ୍ଦ ଲେଖା ହୋଇଥିଲା । ମୁଁ ଯତ୍ନର ସହିତ ସେଗୁଡ଼ିକୁ ପୋଛି ଲିଭାଇଦେଲି ଓ କିଛି ସମୟ ପାଇଁ ପ୍ରାର୍ଥନା କଲି । ସେଇଠାରେହିଁ ସେହି କୌତୁକ ନାଟକର ସମାପ୍ତି ଘଟିଥିଲା ।

ଅବଶ୍ୟ ସମ୍ପୂର୍ଣ୍ଣ ଭାବରେ ତଥାପି ସମାପ୍ତ ହୋଇ ନ ଥିଲା । ବାଚେଲ୍‌ର ଝିଅ ସେହି ଘରେ ପରିଚାରିକା ହୋଇ ରହିଥିଲା । ସିଏ ସେଦିନ ଉପରଓଳି ସହଳ ସହଳ ଆସି ଭାରି ଭୟାକୁଳ ଭାବରେ କହିବାକୁ ଲାଗିଲା, "ବାପା ଡାକ୍ତର-ଖାନାକୁ ଯାଇଛନ୍ତି, ତାଙ୍କର ଆଉ ବଞ୍ଚିବାର ଆଶା ନାହିଁ । ଆଜି ସକାଳେ ତାଙ୍କର କ'ଣ ହେଲା କେଜାଣି, ସିଏ ହଠାତ୍ ଭାରି ଅସୁସ୍ଥ ହୋଇ ପଡ଼ିଲେ । ତାଙ୍କର ଜୀବନ ବାହାରି ଯିବାପରି ହେଲା । ତା'ପରେ ତାଙ୍କୁ ଡାକ୍ତରଖାନାକୁ ନିଆଗଲା । କାଲେ କ'ଣ ହୋଇଯିବ, ସେଥିପାଇଁ ମୋତେ ଭାରି ଡର ମାଡ଼ୁଛି ।" ମୁଁ ପ୍ରକୃତ ଘଟଣାଟିକୁ ବୁଝିନେଇ ପାରିଲି । ଶ୍ରୀଅରବିନ୍ଦଙ୍କ ପାଖକୁ ଯାଇ କହିଲି, "ଆପଣ ଜାଣିବେଣି, ବାଚେଲ ଡାକ୍ତରଖାନାକୁ ଯାଇଛି । ତା'ର ଆଉ ବଞ୍ଚିବାର ଆଶା ନାହିଁ ।" ଏକଥା ଶୁଣି ଶ୍ରୀଅରବିନ୍ଦ ମୋ' ଆଡ଼କୁ ଅନାଇଲେ ଓ ଈଷତ୍ ହସି କହିଲେ, "ଆଚ୍ଛା, କେବଳ କେତେଟା ଢେଲା ସକାଶେ ଏତେ ବେଶୀ ଭୋଗିବାକୁ ପଡ଼ିଲା !" (ସମସ୍ତେ ହସିଲେ)

ସେହି ସନ୍ଧ୍ୟାରେ ବାଚେଲର ଦେହ ଭଲ ହୋଇଗଲା । ମାତ୍ର ସିଏ ତା'ର ପୂର୍ବ କୀର୍ତ୍ତିଗୁଡ଼ାକୁ ପୁନର୍ବାର ଆଉ ମୋଟେ କରି ନ ଥିଲା ।

ଢେଲାଗୁଡ଼ିକୁ ଦେଖିହେଲା କିପରି ?

ତାହାହିଁ ଏକ ଉଲ୍ଲେଖଯୋଗ୍ୟ କଥା । ଏଭଳି ସତ୍ତ୍ୱମାନେ ଅଛନ୍ତି, ଯେଉଁ-ମାନଙ୍କର କି ବସ୍ତୁଗୁଡ଼ିକୁ ଅଦୃଶ୍ୟ କରିଦେବାର ଓ ଦୃଶ୍ୟ କରିବାର ଶକ୍ତି ରହିଛି । ଢେଲାଗୁଡ଼ିକ ସାଧାରଣ ଇଟାଖଣ୍ଡ ବ୍ୟତୀତ ଆଉ କିଛି ନ ଥିଲା, ମାତ୍ର କେବଳ ଗୁଣିକାମ କରୁଥିବା ଆୟତନଟି ମଧ୍ୟରେହିଁ ସେଗୁଡ଼ିକ ଦୃଶ୍ୟ ହେଉଥିଲା । ଏହି ଘରଟି ସକାଶେ ଗୁଣିଟିର ପ୍ରୟୋଗ ହୋଇଥିଲା, ବିଶେଷ କରି ଅଗଣାକୁ ଲକ୍ଷ୍ୟ କରି ପ୍ରୟୋଗ ହୋଇଥିଲା ଏବଂ ପ୍ରାଣିକ ଶକ୍ତିଗୁଡ଼ିକର କାର୍ଯ୍ୟଟି ଆପଣାକୁ କେବଳ ସେହିଠାରେହିଁ ପ୍ରୟୋଗ କରୁଥିଲା । ତେଣୁ, ଯେତେବେଳେ ମୁଁ ସେହି ବାଳକକୁ ସେଘରୁ କାଢ଼ି ଅନ୍ୟତ୍ର ପଠାଇଦେଲି, ତା'ପରେ ତା'ଦେହରେ ଆଉ ଗୋଟିଏ ଢେଲା ବି ବାଜିଲା ନାହିଁ । ଗୁଣିର ସାଧନାଟି ବିଶେଷ ଭାବରେ ଏହି ଘରଟି ଲାଗି

'oaob.nitrkl.ac.in' images reprocessed

ହୋଇଥିଲା । ଏବଂ ତେଣୁ ଢେଲଗୁଡ଼ିକ ଏହି ଘରର ଅଗଣାରେହିଁ ଦୃଶ୍ୟ ରୂପ ଧାରଣ କରୁଥିଲେ । ଏବଂ, ବିଶେଷ କରି ଦତ୍ତା ବିରୁଦ୍ଧରେ ଏସବୁ ଉଦ୍ଦିଷ୍ଟ ହୋଇ-ଥିବାରୁହିଁ ତା'ର ବାହୁରେ ଆସି ଗୋଟିଏ ଢେଲା ବାଜିଥିଲା ।

ଏହି କ୍ଷେତ୍ରରେ ଆଉ ଗୋଟିଏ କଥା ବି ଥିଲା ··· ହଁ, ବାଡେଲ କେଉଁ ଗୁଣିଆ ପାଖକୁ ଯାଇଥିଲା, ଆମେ ପରେ ସେକଥା ଜାଣିବାକୁ ପାଇଲୁ । ସିଏ ଯେଉଁ ଗୁଣିଆ ପାଖକୁ ଯାଇଥିଲା, ତାକୁ ଏଠାରେ ସମସ୍ତେ ଭଲ ଭାବରେ ଜାଣନ୍ତି । ସିଏ ଗୁଣିଆ ପାଖରେ ଯାଇ କହିଥିଲା ଯେ, ଆମେ କପରି ଏହି ଘରଟି ଛାଡ଼ି ଅନ୍ୟ କେଉଁଠାକୁ ଗୁଳିଯିବୁ, ନିର୍ଦ୍ଦିଷ୍ଟ ଭାବରେ ସିଏ ସେହି କଥା ଇଚ୍ଛା କରୁଥିଲା । ସିଏ ଏପରି କାହିଁକି ଗୃହୁଁଥିଲା କେଜାଣି ? ସିଏ କ୍ରୋଧରେ ଉନ୍ମତ୍ତ ହୋଇଯାଇଥିଲା । ତେଣୁ ଏହି ଘର ଉପରେ ଢେଲା ପଡ଼ୁ ବୋଲି ଗୁଣିଆକୁ ଅନୁରୋଧ କରି କହିଥିଲା । ଗୁଣିଆ ତାକୁ କହିଲା, " ମାତ୍ର ସେଠାରେ ତ ଶ୍ରୀଅରବିନ୍ଦ ବାସ କରୁଛନ୍ତି ।" ସିଏ ଉତ୍ତର ଦେଲା, "ହଁ ।" "ନାଁଇଁ, ନାଇଁ, ମୁଁ ଏହି କାମରେ ମୋଟେ ପଶିବି ନାହିଁ । ତୁ ଯାହା କରିବାର କର, ମୁଁ ମୋଟେ ତା'ଭିତରେ ପଶିବି ନାହିଁ ।" ତା'ପରେ ବାଡେଲ ଭାରି ଜିଦ୍ କରି କହିଥିଲା, ଏପରିକି ତାକୁ ଏହି କାର୍ଯ୍ୟଟି ଲାଗି ଅଧିକ ପଇସା ଦେବାକୁ କହିଲା, ଅଧିକ ପାରିଶ୍ରମିକ ପ୍ରତିଶ୍ରୁତି ଦେଲା । ଗୁଣିଆ କହିଲା, "ତେବେ ଶୁଣ । ଆମେ ଗୋଟିଏ ନିୟମ କରିଦେବା । ଶ୍ରୀଅରବିନ୍ଦଙ୍କ ଘରପାଖରେ ପଚିଶି ମିଟର ଆବାକ୍ସରେ କୌଣସି ଢେଲା ପଡ଼ିବ ନାହିଁ ।" ବୋଧହୁଏ ସିଏ କୋଡ଼ିଏ ମିଟର କି ପଚିଶି ମିଟର ବୋଲି କହିଥିଲା । "ସବୁବେଳେ ଢେଲା ଓ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ପଚିଶି ମିଟର ଦୂରତା ଅବଶ୍ୟ ରହିଥିବ ।" ଏବଂ ସିଏ ସେହି ଅନୁସାରେ ଗୁଣିର ନିୟମଟିକୁ ନିର୍ଦ୍ଧାରିତ କରିଥିଲା । ଏବଂ ସେହି କାରଣରୁ ଆମର ନିକଟବର୍ତ୍ତୀ ହୋଇ ଗୋଟିଏ ଢେଲା ବି ପଡ଼ି ନ ଥିଲା । ସବୁଯାକ ଢେଲା ଅଗଣାର ସେମୁଣ୍ଡକୁ ଯାଇ ପଡ଼ୁଥିଲା ।

ସେମାନେ ଏସବୁ କରି ଜାଣନ୍ତି, ଏସବୁ କଥା ସେମାନଙ୍କର ବହିରେ ଲେଖା ହୋଇଛି । ଏହିସବୁ ଶବ୍ଦ ଏବଂ ବିଶେଷ ଉପସ୍ଥରର ଏକ ନିର୍ଦ୍ଦିଷ୍ଟ ଶକ୍ତି ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ଏସବୁ କଥା କରୁଛନ୍ତି, ସେମାନଙ୍କ ଭିତରେ ଏକ ପ୍ରାଣିକ ସ୍ତରର କ୍ଷମତା ରହିଛି । ଏଥିରେ ଏକ ପ୍ରାଣିକ ସାମର୍ଥ୍ୟର ଆବଶ୍ୟକତା ରହିଥାଏ, — ଟିକିଏ ମାନସିକ ଶକ୍ତିର ବି ଆବଶ୍ୟକତା ରହିଥାଏ, ମାତ୍ର ବେଶୀ ନୁହେଁ, ଅତି ଅଳ୍ପ ପରିମାଣର — ମାତ୍ର ଏହିସବୁ ସାନସାନ ସତ୍ତିଗୁଡ଼ାକୁ ଅଧୀନରେ ରଖିବା ଲାଗି ବେଶ୍ ଏକ ଶକ୍ତିଶାଳୀ ପ୍ରାଣିକ ସାମର୍ଥ୍ୟ ଆବଶ୍ୟକ ହୋଇଥାଏ । ତେବେଯାଇ ସେଗୁଡ଼ିକ ଉପରେ ଶାସନ

'oaob.nitrkl.ac.in' images reprocessed

କରନ୍ତିଏ । ଏବଂ, ପ୍ରକୃତରେ ଭୟର ମାଧ୍ୟମରେହିଁ ଏହି ବ୍ୟକ୍ତିମାନେ ସେମାନଙ୍କ ଉପରେ ଶାସନ କରନ୍ତି, କାରଣ ସେମାନଙ୍କୁ ବିଲୁପ୍ତ କରିଦେବାର ଶକ୍ତି ମଧ୍ୟ ଏମାନଙ୍କ ହାତରେ ରହିଥାଏ । ତେଣୁ ଏହି ନିମିତ୍ତମାନେ ସେହି ବ୍ୟକ୍ତିମାନଙ୍କୁ ଖୁବ ଭୟ କରନ୍ତି । ମାତ୍ର, ଏହି ଯାବତୀୟ ରୂପ ଓ ଯାବତୀୟ ନିମିତ୍ତ ଉପରେ ସେହି ପ୍ରକୃତ ଶୁଦ୍ଧ ଆଲୋକର, ସେହି ଶୁଦ୍ଧ ଓ ଶୁଭ୍ର ଆଲୋକର, ରଚନାଧର୍ମୀ ସେହି ସର୍ବୋଚ୍ଚ ଆଲୋକରୂପୀ ଶୁଦ୍ଧ ଆଲୋକର କେବଳ ଗୋଟାଏ ବିନ୍ଦୁ ନେଇ ପକାଇଦେବାହିଁ ଆବଶ୍ୟକ ହୋଇଥାଏ । ସେଇଥିରେହିଁ ସେମାନେ ବିଲୟ ଲଭିଥାନ୍ତି; ସତେଯେପରି ଆଦୌ କେଉଁଠି କିଛିହେଲେ ନ ଥିଲି, ଠିକ୍ ସେହିପରି ଭାବରେ ବିଲୟ ଲଭନ୍ତି । ମାତ୍ର ତଥାପି ଏହାକୁ ଏକ ଧ୍ୱଂସସାଧନାର ଶକ୍ତି ବୋଲି ଆଦୌ କୁହାଯିବ ନାହିଁ । ଏହା ହେଉଛି ଏକ ନିର୍ମାଣ ଓ ସଂରଚନର ଶକ୍ତି; ମାତ୍ର ଏହା ସେମାନଙ୍କ ସ୍ୱଭାବର ଏତେଦୂର ଅଧିକ ବିରୋଧୀ ହୋଇ ରହିଥାନ୍ତି ଯେ ଏହାର ସମ୍ମୁଖରେ କୁଆଡ଼େ ବିଲୀନ ହୋଇଯାଆନ୍ତି । ସେମାନେ ଠିକ୍ ଏଇଟିକୁହିଁ ଭୟ କରୁଥିଲେ । ଏହି ଶୁଦ୍ଧ, ଶୁଭ୍ର ଆଲୋକଟିକୁ ଦେଖାଇ ମୁଁ ସେମାନଙ୍କୁ ଡାକି ଆଣିଥିଲି । ମୁଁ ସେମାନଙ୍କୁ କହିଥିଲି, "ଏହି ଆଲୋକଟିକୁ ଦେଖ । ଏଠାକୁ ଆସ !" ମାତ୍ର ସେମାନେ ଯାହା କହିଲେ ତାହା ପ୍ରକୃତରେ ଖୁବ୍ ପ୍ରାଣସ୍ପର୍ଶୀ : "ଆପଣ ଯାହା ଚାହିଁବେ, ଆମେ ତାହା କରିବାକୁ ପ୍ରସ୍ତୁତ ଅଛୁ ।" ମୁଁ କହିଲି, "ଆଚ୍ଛା, ତେବେ ତୁମେମାନେ କ'ଣ କରିପାରିବ ?"—"ଆମେ ତେଲ ପକାଇ ପାରିବୁ !"

(ସମସ୍ତେ ହସିଲେ)

# ୧୭ ମାର୍ଚ୍ଚ ୧୯୫୪

ମାଅଙ୍କ ଦ୍ୱାରା ଲିଖିତ "ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି" ପ୍ରଥମଭାଗ, ପ୍ରବନ୍ଧଟି ଉପରେ ଏହି ପ୍ରବଚନଟି ଆଧାରିତ ।

ଆପଣ ଏଠାରେ କହିଛନ୍ତି : "ପରମ-ଅଧ୍ୟାତ୍ମ ଆତ୍ମକୁ ଆପଣାର ପଳାୟନ ପଥରେ ଯେପରି ଶରୀର ଆଉ ମୋଟେ ଏକ ପ୍ରତିବନ୍ଧକ ହୋଇ ଛିଡ଼ା ନ ହେବ, ସେଇଥିଲାଗି ଯାବତୀୟ ବୋଧଶକ୍ତିର ବିଲୋପସାଧନ କରିବାହିଁ ଏହିସବୁ (ବୈରାଗ୍ୟପ୍ରଧାନ) ସାଧନାର ସ୍ୱୀକୃତ ଉଦ୍ଦେଶ୍ୟ ହୋଇ ରହିଥାଏ ।"

ପୁରାତନ ଆଧ୍ୟାତ୍ମିକ ସିଦ୍ଧାନ୍ତ ଓ ମତଗୁଡ଼ିକ ଅନୁସାରେ ଶରୀରକୁ ସର୍ବଦା ରୂପାନ୍ତର ଲାଗି ଏକାନ୍ତ ଅସମର୍ଥ ବୋଲି ବିଚାର କରାଯାଉଥିଲା, ଶରୀରକୁ କେବଳ ପଥରେ ପ୍ରତିବନ୍ଧକ ପରି ଠିଆ ହୋଇଥିବା ଏକ ନିର୍ଜୀବ ଏବଂ ନିରର୍ଥକ କୌଣସି ବସ୍ତୁ ବୋଲି କୁହାଯାଉଥିଲା । ତେଣୁ ଆତ୍ମାକୁ ସେହି ଶରୀର ଭିତରୁ ବାହାରି ଚାଲିଯିବା ଲାଗି ଯୋଗ୍ୟ କରିବାକୁ ଅସଲ କର୍ତ୍ତବ୍ୟ ବୋଲି ବିଚାର କରାଯାଉଥିଲା, ଯେପରିକି, ଏହିପରି ଭାବରେ ମୁକ୍ତ ହୋଇ ତାହା ଆପଣାର ସମ୍ଭାବ୍ୟ ଯାବତୀୟ ଅନୁଭୂତିକୁ ଲାଭ କରିପାରିବ । ତେଣୁ, ଶରୀର ମଧ୍ୟରୁ ତାହାର ଜୀବନୀଶକ୍ତି ଓ ବଳସାମର୍ଥ୍ୟକୁ ବାହାର କରିନେବା ପାଇଁ ଓ ସତେଅବା କୌଣସି ଏକାନ୍ତ ଉପଯୋଗିତାହୀନ ଏକ ବସ୍ତୁ ପରି ତାହାକୁ ଅତ୍ୟନ୍ତ ସ୍ଥିର ଓ ଇଚ୍ଛାହୀନ କରି ରଖିବା ପାଇଁହିଁ ସେମାନେ ଶରୀରକୁ ଯଥାସମ୍ଭବ ଅଧିକ କଷ୍ଟଦେବାକୁ ଉଚିତ ମନେ କରୁଥିଲେ ।

ଦୈହିକ ଚେତନାକୁ ସେମାନେ କେବଳ ସମ୍ପୂର୍ଣ୍ଣ ପରିହାରର ବସ୍ତୁ ବୋଲି ବିଚାର କରୁଥିଲେ ।

ସେହି ବାକ୍ୟରେ ଏହି କଥାହିଁ କୁହାଯାଇଛି । ସେମାନେ ସ୍ୱୟଂ ଯେପରି କହିଛନ୍ତି, ଏଠାରେ ମୁଁ ଠିକ୍ ସେହିପରି କହୁଛି । ନିଜକୁ ମୁଁ ସେହିମାନଙ୍କର ସ୍ଥାନରେ ରଖି ଏକଥା କହୁଛି ।

'oaob.nitrkl.ac.in' images reprocessed

ଗତ ଥର ମୂଳ ପାଠଟିରେ ଏହିପରି ଲେଖା ହୋଇଥିଲି : "ସେମାନେ (ପରମେଶ୍ୱରଙ୍କଠାରେ, ସେମାନଙ୍କର ପରମେଶ୍ୱରଙ୍କ-ଠାରେ ଯେଉଁମାନଙ୍କର ବିଶ୍ୱାସ ଅଛି) ସମ୍ପୂର୍ଣ୍ଣ ଭାବରେ କେବଳ ତାଙ୍କର ହୋଇରହିଥାନ୍ତି । ସେମାନଙ୍କ ଜୀବନର ଯାବତୀୟ ଘଟନା ସେହି ଦିବ୍ୟ ଇଚ୍ଛାରହିଁ ଏକ ଅଭିବ୍ୟକ୍ତି ପରି ହୋଇ ରହିଥାଏ ଏବଂ ସେମାନେ ତାହାକୁ ଯେ କେବଳ ଏକ ଆପତ୍ତିହୀନ ଆନୁଗତ୍ୟ ସହିତ ଗ୍ରହଣ କରନ୍ତି, ତା' ନୁହେଁ, ସେମାନେ ତାକୁ କୃତଜ୍ଞତା ସହିତ ମଧ୍ୟ ଗ୍ରହଣ କରି ନେଇଥାନ୍ତି । କାରଣ, ସେମାନଙ୍କର ଏହିପରି ଏକ ଦୃଢ଼ ବିଶ୍ୱାସ ରହିଥାଏ ଯେ, ସେମାନଙ୍କ ଜୀବନରେ ଯାହାକିଛି ଘଟୁଛି, ତାହା ସର୍ବଦା ସେମାନଙ୍କର ମଙ୍ଗଳ ନିମନ୍ତେହିଁ ଘଟୁଛି ।"

ଆପତ୍ତିହୀନ ଆନୁଗତ୍ୟ ଏବଂ କୃତଜ୍ଞତା ସହିତ ଆନୁଗତ୍ୟ, — ଏହି ଦୁଇଟି ମଧ୍ୟରେ ପ୍ରଭେଦ କ'ଣ ?

ଆପତ୍ତିହୀନ ଆନୁଗତ୍ୟ ଏବଂ କୃତଜ୍ଞତା ସହିତ ଆନୁଗତ୍ୟ ମଧ୍ୟରେ ?··· ଯେତେବେଳେ ତୁମ ଲାଗି କୌଣସି ଆଦେଶ ଆସୁଛି, ସେତେବେଳେ ତୁମେ ଉଦାସୀନ ଭାବରେ ତାହାକୁ ଗ୍ରହଣ କରିପାର, କାରଣ ତୁମେ ମାନି ନେବା ଲାଗିହିଁ ଆଗରୁ ସଂକଳ୍ପ କରିସାରିଛ । ତେଣୁ, ସେହି ଆଦେଶଟିକୁ କାର୍ଯ୍ୟକାରୀ କରିବା ସମୟରେ ତୁମେ ମୋଟେ କୌଣସି ଆନନ୍ଦ ଅଥବା ସୁଖ ଅନୁଭବ କରିପାର ନାହିଁ; ଅତ୍ୟନ୍ତ ନୀରସ ଭାବରେ ଏବଂ ଉପର ମନର ସମ୍ମତି ସହିତ ତୁମେ ଆଦେଶଟିକୁ ପାଳନ କରିଥାଅ ଏବଂ ମନେମନେ କହୁଥାଅ, "ମୋତେ ଏହି କାର୍ଯ୍ୟଟିକୁ କରିବା ଲାଗି କୁହାଯାଇଥିଲା ବୋଲି ମୁଁ ଏହି କାର୍ଯ୍ୟଟିକୁ କରୁଛି ।" ଏହାର ଅର୍ଥ ହେଉଛି ଯେ, ତୁମେ ଯାହା କରିବ ବୋଲି ଆଦେଶ ଦିଆଯାଇଛି, ତୁମେ ତାହାକୁ ବୁଝିବା ସକାଶେ କୌଣସି ଚେଷ୍ଟା କର ନାହିଁ କିଂବା ନିଜର ସମ୍ପୂର୍ଣ୍ଣ ଇଚ୍ଛା ସହିତ ସେଇଟି ପ୍ରତି ଅନୁଗତ ରହିବା ପାଇଁ ମଧ୍ୟ ପ୍ରୟାସ କର ନାହିଁ । ଏହା ହେଉଛି ଉଦାସୀନ ଆନୁଗତ୍ୟ । ତୁମେ ଆପଣାର ଭାଗ୍ୟଟିକୁ ସ୍ୱୀକାର କରି ନିଅ, ଏବଂ, ତୁମେ ଯେକୌଣସି ଆପତ୍ତି କଲ ନାହିଁ, ଆପତ୍ତି ନ କରିବାକୁ ନିଷ୍ପତ୍ତି କରିନେଇଛ ବୋଲିହିଁ ତାହା କଲ ନାହିଁ । ଯଦି ସେପରି ଏକ ନିଷ୍ପତ୍ତି ନ କରିଥାନ୍ତ, ତେବେ ନିଶ୍ଚୟ ଆପତ୍ତି କରିଥାନ୍ତ ।

'oaob.nitrkl.ac.in' images reprocessed

ଆଉ ଉଦାହରଣଟି ହେଉଛି ଯେ, ତୁମକୁ କାହିଁକି ଏଭଳି ଏକ ଆଦେଶ ଦିଆଯାଇଛି, ତୁମେ ତାହା ସମ୍ପୂର୍ଣ୍ଣ ଭାବରେ ବୁଝିଛ, ତାହାର ଅନ୍ତର୍ଗତ ମୂଲ୍ୟକୁ ହୃଦୟଙ୍ଗମ କରିଛ ଏବଂ ଆପଣାର ପୂର୍ଣ୍ଣ ଶକ୍ତି ପ୍ରୟୋଗ କରି ତୁମକୁ ଯାହା ଆଦିଷ୍ଟ ହୋଇଛି, ସେଇଟିକୁ ପାଳନ କରିବା ପାଇଁ ଇଚ୍ଛା କରୁଛ । ତୁମେ ଭଲ କରି ଜାଣିଛ ଯେ ଏହା ନିଶ୍ଚିତ ଭାବରେ ତୁମକୁ ଭଗବାନ ପରମସତ୍ତାଙ୍କର ଅଧିକ ନିକଟବର୍ତ୍ତୀ କରି ଆଣିବ ଏବଂ ତୁମକୁ ପୂର୍ଣ୍ଣ ସନ୍ତୋଷ ମଧ୍ୟ ଦେବ । ଏବଂ, ସେଥିଲାଗି ତୁମେ ଆନନ୍ଦରେ ସେହି କାର୍ଯ୍ୟଟିକୁ କରୁଛ । ତେଣୁ ତୁମକୁ ଭାରି ଖୁସି ଲାଗୁଛି, ଭାରି ସନ୍ତୋଷ ଆସୁଛି ଏବଂ ତୁମେ ସହଯୋଗ କରିପାରୁଛ । ତାହାହିଁ ଏକ ବୃହତ୍ ପାର୍ଥକ୍ୟ ସମ୍ଭବ କରିପାରୁଛି ।

ଆପତ୍ତିହୀନ ଆନୁଗତ୍ୟ ଦ୍ୱାରା ବି କ'ଣ ଖୁସି ଲାଗେ ନାହିଁ ?

ସେହି କ୍ଷେତ୍ରରେ ସାଧାରଣତଃ ନିଜକୁ ନେଇ ଗର୍ବ କରୁଥିବା ପରି ମନେ ହୁଏ । ବେଶ୍ ଦମ୍ଭ ଆମେ, ମୁଁ ଭାରି ମହତ୍ତ୍ୱପୂର୍ଣ୍ଣ ଗୋଟାଏ କିଛି କରୁଛି ବୋଲି ନିଜକୁ କହିବାକୁ ମନ ହୁଏ । କୌଣସି ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ ନାହିଁ, ବୁଝିବା ଲାଗି ବି ଆଦୌ କୌଣସି ଚେଷ୍ଟା କରାଯାଏ ନାହିଁ । କେବଳ ଆଦେଶର ପାଳନ କରାଯାଏ; ଏବଂ, ଉଦାସୀନ ଭାବରେ ଆଦେଶର ପାଳନ କରାଯାଏ । ଆଦେଶଟିକୁ ପାଳନ କରିବା ଦ୍ୱାରା ଭଲ ହେବ କି ମନ୍ଦ ହେବ, ସେକଥା ମଧ୍ୟ ପଚରାଯାଏ ନାହିଁ । କାରଣ ଆପଣାକୁ ଭାରି ବଡ଼ ପରି ମନେ ହେଉଥାଏ । ଗର୍ବରେ ଫାଟି ପଡ଼ିବା ପରି ଲାଗୁଥାଏ । ଏଠାରେ ସେହି ପ୍ରକାରର ବହୁ ବ୍ୟକ୍ତି ରହିଛନ୍ତି ।

ତେବେ ଏହା ମୋଟେ ଯଥାର୍ଥ ଆନୁଗତ୍ୟ ନୁହେଁ, ନୁହେଁ କି ? ମୁଁ ଭାବୁଛି ଅନ୍ୟଟି ଏହାଠାରୁ ଅଧିକ ଭଲ । ମୁଁ ଗୋଟିଏ କାର୍ଯ୍ୟ କାହିଁକି କରୁଛି, ଏହି କ୍ଷେତ୍ରରେ ଅନ୍ତତଃ ସେଇଟି ବୁଝି ହେଉଥାଏ ଓ ସେଥିରୁ ଏକ ସନ୍ତୋଷ ମିଳୁଥାଏ । ତେଣୁ ତାହାକୁ କରିବାରେ ଆନନ୍ଦ ମିଳେ ଓ ତାହା କରିବା ଦ୍ୱାରା ଆପଣାର ବଳ ମଧ୍ୟ ବୃଦ୍ଧି ପାଇଲା ଭଳି ଅନୁଭବ ହୁଏ । ମାତ୍ର ପ୍ରଥମ କ୍ଷେତ୍ରରେ ଆପଣାର ମୁଣ୍ଡକୁ ଅଧିକରୁ ଅଧିକ ତଳକୁ ନୁଆଁଇ ଆଣିବା ପରି ଲାଗୁଥାଏ । କୌଣସି ଏକ ସ୍ୱେଚ୍ଛାଚାରୀ କର୍ତ୍ତୃତ୍ୱର କବଳରେ ପଡ଼ି ତାହାର ସର୍ବଶକ୍ତିଶାଳିତା ଦ୍ୱାରାହିଁ ସତେଅବା ବଡ଼ ଅସହାୟ ଭାବରେ ପେଷିହୋଇ ଯାଉଥିବା ପରି ମନେ ହେଉଥାଏ ।

ମନ୍ଦିରମାନଙ୍କରେ ଲୋକେ ଈଶ୍ୱରଙ୍କୁ ଜୀବବଳି ଦିଅନ୍ତି । ଏହାକୁ ନୃଶଂସତା ବୋଲି କୁହାଯାଇ ପାରିବ କି ?

'oaob.nitrkl.ac.in' images reprocessed

ନୃଶଂସତା ଅପେକ୍ଷା ବରଂ ଅଧିକ ପରିମାଣରେ ଏକ ଅଜ୍ଞାନତା ଏବଂ ଅଚେତନତା ବୋଲି ବୁଝାଯିବ । ସେମାନେ ନିଷ୍ଠୁର ବୋଲି ଯେ ଏପରି କରନ୍ତି, ସେକଥା ଆଦୌ ନୁହେଁ,—ଅବଶ୍ୟ ଏହି କ୍ଷେତ୍ରରେ ଅନେକ ବ୍ୟତିକ୍ରମ ମଧ୍ୟ ରହିଥାଏ,—ମାତ୍ର ତଥାପି, ସାଧାରଣ ଭାବରେ କହିବାକୁ ଗଲେ, ସେମାନେ ପ୍ରାଣୀ-ବଧ କରିବା ଦ୍ୱାରା ଯେ ଏକ ବିଶେଷ ଆନନ୍ଦ ଅନୁଭବ କରନ୍ତି, ପ୍ରକୃତରେ ତାହା ନୁହେଁ, ମାତ୍ର ସେମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଦେବତାଙ୍କୁ ଖୁବ ଭୟ କରୁଥାନ୍ତି ଏବଂ ଭାବନ୍ତି ଯେ ଏହିପରି ଜୀବବଧଟିଏ କରି ସେମାନେ ତାଙ୍କର ପ୍ରସନ୍ନତା ଲାଭ କରିପାରିବେ ।

ଏଠାରୁ ଅତି ନିକଟରେ ଆରମ୍ପଟନମ୍‌ଠାରେ ସମୁଦ୍ର କୂଳରେ କେଉଁଟ-ମାନଙ୍କର ଗୋଟିଏ ମନ୍ଦିର ଅଛି । ମୁଁ ଭାବୁଛି, ଯଦି ତୁମେ ପ୍ରଥମେ ଆରଥାନ୍‌କୁପ୍‌ପମ୍ ପର୍ଯ୍ୟନ୍ତ ଯାଇ ସେଠାରୁ ବାଆଁ ଆଡ଼କୁ ଭାଙ୍ଗି ସମୁଦ୍ର କୂଳ ଆଡ଼କୁ ଯାଅ, ତେବେ ସେ ରାସ୍ତାର ଶେଷରେ ମନ୍ଦିରଟିଏ ଦେଖିବାକୁ ପାଇବ । ଏହା ଏକ ଅଦ୍‌ଭୁତ ଦେବତାଙ୍କର ମନ୍ଦିର । ...ସିଏ ହେଉଛନ୍ତି କାଳୀଙ୍କ ଜାତିର କୌଣସି ଏକ ଦେବତା । ଏହି କାଳୀଙ୍କ ବିଷୟରେ ଅସାଧାରଣ କାହାଣୀମାନ କୁହା ହୋଇଥାଏ; ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସେଠାରେ ସେହି ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ କେତେ ନା କେତେ କୁକୁଡ଼ା ବଳି ଦିଆହୁଏ । ଥରେ ମୁଁ ସେହି ମନ୍ଦିରକୁ ଯାଇଥିଲି—ଖୁବ୍ ସମ୍ଭବ ବଳି ପଡ଼ିବା ଉତ୍ସବଟିର ପରଦିନ ମୁଁ ସେଠାକୁ ଯାଇଥିଲି: ବାଲି ଉପରେ କୁକୁଡ଼ାପରଗୁଡ଼ାକ ଏଣେତେଣେ ଜମା ହୋଇଥାଏ,—ଏବଂ, ସର୍ବୋପରି, ସେହି ସ୍ଥାନରେ ଏକ ଲୋମହର୍ଷଣକାରୀ ଭୟ ଏବଂ ପୂର୍ଣ୍ଣ ଅଜ୍ଞାନତାର ଏକ ବାତାବରଣ ସୃଜନ୍ତି କରୁଥାଏ, ଏବଂ, (ପ୍ରକୃତ ବିଷୟଟି ମୋତେ ଆଦୌ ଜଣା ନାହିଁ—ସେହି କୁକୁଡ଼ାଗୁଡ଼ିକୁ କିଏ ଖାଏ ? ସିଏ କୁକୁଡ଼ା ମାରେ ସିଏ ଖାଏ ନା ପୂଜାରୀମାନେ ଖାଆନ୍ତି—ମାତ୍ର ଏଠାରେ ତ କେତେ ନା କେତେ କୁକୁଡ଼ା ମରି ହେଉଥିଲେ ! ତେଣୁ ଯଦି ପୂଜାରୀମାନେ ସବୁଯାକ କୁକୁଡ଼ା ଖାଉଥିବେ, ତେବେ ସେମାନେ ଅବଶ୍ୟ ବେମାର ହୋଇଯାଉଥିବେ ! ତେଣୁ କୁକୁଡ଼ାବଳି ଦେଉଥିବା ଲୋକମାନେ ମଧ୍ୟ ସମ୍ଭବତଃ ସେଗୁଡ଼ିକୁ ଖାଉଥିବେ), ସେଠାରେ ଲୋଭସକ୍ତତାର ଏକ ବାତାବରଣ ରହିଥିଲା; ଖାଲି ଲୋଭସକ୍ତତା ନୁହେଁ, ପେଟପୂଜିଆର ବି ଏକ ବାତାବରଣ ଭର୍ତ୍ତି ହୋଇ ରହିଥିଲା । ଏପରି ଲୋକମାନେ, ଯେଉଁମାନେ କେବଳ ଖାଇବା କଥାହିଁ ଭାବନ୍ତି, ସେହିମାନଙ୍କର ଆସକ୍ତତାହିଁ ବାତାବରଣରେ ପୂର୍ଣ୍ଣ ହୋଇ ରହିଥିଲା । ଏବଂ ସେଠାରେ ଥିବା କାଳୀ ମରି ହେଉଥିବା ବିଚରା କୁକୁଡ଼ାମାନଙ୍କର ପ୍ରାଣିକ ଶକ୍ତିଗୁଡ଼ିକର ଭୋଜ୍ୟ ଦ୍ୱାରାହିଁ ବିଶେଷ ପରିତୃପ୍ତି ଲାଭ କରୁଥିଲେ । ସେହି କୁକୁଡ଼ାଗୁଡ଼ିକୁ ଶହ ଶହ ସଂଖ୍ୟାରେ

'oaob.nitrkl.ac.in' images reprocessed

ବଧ କରାଯାଉଥିଲା ଓ ପ୍ରତ୍ୟେକ କୁକୁଡ଼ାର ବେକ କଟା ହେଉଥିବା ବେଳେ ତା' ଭିତରୁ ଏକ କ୍ଷୁଦ୍ର ପ୍ରାଣଶକ୍ତିଟିଏ ନିର୍ଗତ ହୋଇ ଯାଉଥିଲା ଏବଂ କାଳୀ ସେହିଗୁଡ଼ିକୁହିଁ ଭୋଜ୍ୟ ରୂପେ ଗ୍ରହଣ କରୁଥିଲେ । ଏହିସବୁ ଭୋଜ୍ୟ ଲାଭ କରି ସିଏ କେଡ଼େ ଖୁସୀ ହୋଇ ରହୁଥିଲେ । ଏବଂ ଅତ୍ୟନ୍ତ ସ୍ପଷ୍ଟ ଭାବରେ—ଏହାକୁ ନୃଶଂସତା ବୋଲି କୁହାଯାଇ ପାରିବ କି ନାହିଁ ମୁଁ ଜାଣେ ନାହିଁ, ବରଂ ଲୋଭସକ୍ତତା ବୋଲିହିଁ କୁହାଯିବ—ନାନା ପ୍ରାଣିକ ଶକ୍ତିର ଲୋଭସକ୍ତତା ରହିଥିଲା, ଏକ ଅତ୍ୟନ୍ତ ଅଚେତନ ପ୍ରାଣିକ ଶକ୍ତିର ଲୋଭସକ୍ତତା ରହିଥିଲା; କାରଣ ଏହି ବିଚରା କୁକୁଡ଼ାମାନଙ୍କର ଖୁବ୍ ସଚେତନ ବୋଲି କହିବାଭଳି ପ୍ରକୃତରେ କ'ଣ ଅଛି ? ଏବଂ, ଯେଉଁ ସମଗ୍ର ବ୍ୟାପାରଟି ସେଠାରେ ଅତ୍ୟନ୍ତ ନିମ୍ନ ସ୍ତରର, ଅତ୍ୟନ୍ତ ଗ୍ରାମ୍ୟ, ଅତ୍ୟନ୍ତ ଅଚେତନ ଓ ଯନ୍ତ୍ରଣାଦାୟକ ବାତାବରଣ ସୃଷ୍ଟି କରି ରଖିଥିଲା, ତଥାପି ତାହାକୁ ଜଘନ୍ୟ ନୃଶଂସତାର ଏକ ବାତାବରଣ ବୋଲି କୁହାଯାଇ ପାରିବ ନାହିଁ । ତେଣୁ, ଏହି ବଳିଟି ନୃଶଂସତା ସକାଶେ ପ୍ରଚଳିତ ହୋଇ ରହିଛି ବୋଲି ଆମେ କହିବା ନାହିଁ । ମୁଁ ଆଦୌ ସେପରି ବିଚାର କରୁ ନାହିଁ । ଯଦି ଏହି ଲୋକମାନଙ୍କୁ ନିଜେ ପାଳିଥିବା ଓ ଯତ୍ନ କରି ବଢ଼ାଇଥିବା ଛେଳିଛୁଆଟିଏ କିଂବା ମେଣ୍ଢାଛୁଆଟିଏ ବଳି ଦେବାକୁ ପଡ଼ୁଥାନ୍ତା, ତେବେ ସେମାନଙ୍କ ମଧ୍ୟରୁ କେତେକ ସେଥିରେ କିଞ୍ଚିତ୍ ଦୁଃଖ ବି ଅନୁଭବ କରୁଥାନ୍ତେ । ତେଣୁ ଏହାକୁ ବରଂ ଏକ ବୃହତ୍ ଅଚେତନା ଓ ବୃହତ୍ ଭୟର ବ୍ୟାପାର ବୋଲି କୁହଯାଇ ପାରିବ । ହଁ, ଭୟ ! ଧର୍ମ ଭିତରେ ପ୍ରକୃତରେ କେତେ ନା କେତେ ଭୟ ଭର୍ତ୍ତି ହୋଇ ନ ରହିଛି ! ହଁ, ସେହି ଭୟ,—"ଯଦି ମୁଁ ଏଇଟା ବା ସେଇଟା ନ କରିବି, ଯଦି ମୁଁ ତିନନେ କୁକୁଡ଼ାଙ୍କର ବେକ ନ କାଟିବି, ତେବେ ସାରା ଜୀବନ ବା ଅନ୍ତତଃ ଏହି ସାରା ବର୍ଷଟା ମୋ ଜୀବନରେ ଭୟଙ୍କର ଘଟଣାମାନ ଘଟିବାରେ ଲାଗିଥିବ । ମୋ ପିଲାମାନେ ବେମାର ହେବେ, ମୋ'ର ଚାକିରି ଚାଲିଯିବ, ଜୀବିକାର୍ଜନ ଲାଗି ମୋ ପାଖରେ ଆଉ କୌଣସି ଉପାୟ ରହିବ ନାହିଁ, ମୋ ଜୀବନରେ ଅତ୍ୟନ୍ତ ଦୁଃଖଦାୟକ କେତେ ନା କେତେ କଥା ଘଟିବ ।" ···ତେଣୁ, ଚାଲ, ଏହି ତିନନେ କୁକୁଡ଼ାଙ୍କୁ ଦେବତାଙ୍କ ପାଖରେ ବଳି ଦେବା । ମାତ୍ର, ହତ୍ୟା କରିବାର ବାସନାରୁ ଯେ ଏହି ହତ୍ୟା କରାଯାଏ, ସେକଥା ଆଦୌ ନୁହେଁ । ନୃଶଂସତା ହେତୁ ଏପରି କରାଯାଏ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଏକଥା ଅଜ୍ଞାନତା ବଶତଃହିଁ ହୋଇଥାଏ ।

ଆପଣ ସେହି କାଳୀଙ୍କୁ ଦେଖିବାକୁ ଯାଇଥିଲା ବେଳେ କାଳୀ କ'ଣ କଲେ ?

ତୁମେ ସବୁକଥା ଜାଣିଛ, ନୁହେଁ ? ...ମୁଁ ବାଟ ଦେଖି ନ ଥିଲି; ମାତ୍ର ଆରଆନ୍‌କୁପ୍‌ପମ୍‌ ଓ ସେହି ମନ୍ଦିର ଭିତରେ ଗୋଟିଏ ସାନ ରାସ୍ତା ରହିଛି । ସେଦିନ ମୁଁ ଅଧବାଟରେ ମୋ କାର୍‌ ଭିତରେ ଶାନ୍ତ ହୋଇ ବସି ରହିଥିଲି । ମୋତେ ଆଦୌ କିଛି ଜଣା ନ ଥିଲା,—ସେହି କାଳୀ, ସେଠାରେ ବଳି ଦିଆଯାଉଥିବା କୁକୁଡ଼ା ବା ଆଉ କୌଣସି ବିଷୟରେ ମୁଁ କିଛି ଜାଣି ନ ଥିଲି । ମୁଁ ସେହିପରି କାର୍‌ ଭିତରେ ବସି ରହିଥିବା ବେଳେ ହଠାତ୍‌ ଗୋଟିଏ କୃଷ୍ଣବର୍ଣ୍ଣ ସତ୍ତ୍ୱ ମୋ ପାଖରେ ଆସି ପହଞ୍ଚିଲା,—ତା'ର ବାଳଗୁଡ଼ାକ ଖୁବ ଅସ୍ତବ୍ୟସ୍ତ ହୋଇ ପଡ଼ିଥାଏ । ସିଏ ମୋ ସହିତ ଗୋଟିଏ ଚୁକ୍ତି କରିବାକୁ ଇଚ୍ଛା କଲା । ମୋତେ ପ୍ରସନ୍ନ କରିବାର ଏକ ମୁଦ୍ରାରେ କହିବାକୁ ଲାଗିଲା,"ଆପଣ ଯଦି ମୋତେ ପାଳନ୍ତେ ଓ ମୋତେ ସାହାଯ୍ୟ କରନ୍ତେ, ତେବେ ଏଠାକୁ କେତେ ନା କେତେଲୋକ ନ ଆସନ୍ତେ, ଏହି ସ୍ଥାନଟି ଏକ କେଡ଼େ ଗୌରବମୟ ସ୍ଥାନରେ ପରିଣତ ହୋଇ ନ ପାରନ୍ତା !" ସେହି କ୍ଷୁଦ୍ରାକୃତି ସତ୍ତ୍ୱଟି ପ୍ରାୟ ହାସ୍ୟୋଦ୍ରେକ କଲାପରି ହୋଇଥାଏ । ଦେଖିବାକୁ କଳା, ସମ୍ପୂର୍ଣ୍ଣ ଭାବରେ ଅବିନ୍ୟସ୍ତ, ଖୁବ ପତଳା, ଖୁବ୍‌ ଭଲରେ ଅଛି ବୋଲି ଆଦୌ ମନେହେଉ ନ ଥାଏ ! ମୁଁ ପରେ ଶୁଣିଥିଲି,—ଠିକ୍‌ କାହାଣୀଟି ମୋତେ ମୋଟେ ଜଣା ନାହିଁ, ତେଣୁ କହିପାରୁ ନାହିଁ,—ମୁଁ ଶୁଣିଥିଲି ଯେ ତାଙ୍କ ଉପରେ କୌଣସି ଏକ ଦୁର୍ଗତି ପଡ଼ିଥିଲା । ତାଙ୍କର ମସ୍ତକ ଛେଦ କରାଯାଇଥିଲା, ନୁହେଁ ? ଠିକ୍‌ ସେହିପରି କୌଣସି ଘଟନା (ଜଣେ ଶିଷ୍ୟଙ୍କ ଉଦ୍ଦେଶ୍ୟରେ) ଅମୃତ ବାରମ୍‌ପଟନମ୍‌ର କାଳୀଙ୍କ ବିଷୟରେ ତୁମେ କିଛି ଜାଣିଛ ? ...ନା, ଜାଣି ନାହିଁ । ମୁଁ ଜଣେ କାହାରଠାରୁ କଥାଟିକୁ ଶୁଣିଛି,—ସେ ଯାହାହେଉ ପଛକେ, ତାହା ଆଦୌ ଏକ ଆଗ୍ରହୋଦ୍ଦୀପକ କାହାଣୀ ନୁହେଁ । ସେହି କାଳୀଙ୍କୁ ଖୁବ ଭାଗ୍ୟହୀନା ବୋଲି କହିବାକୁ ହେବ । ମୁଁ ତାଙ୍କୁ ଶାନ୍ତ ହେବାକୁ କହିଲି; ସିଏ ମୋ'ଠାରୁ ପ୍ରକୃତରେ କି ସାହାଯ୍ୟ ଚାହୁଁଛନ୍ତି, ମୁଁ ତାହା ବୁଝିପାରୁ ନାହିଁ ବୋଲି ତାଙ୍କୁ କହିଲି; ମୁଁ କହିଲି...ମୁଁ କହିଲି ଯେ ଯଦି ତାଙ୍କ ଭିତରେ ଯଥାର୍ଥ ଅଭୀପ୍ସା ରହିଥିବ, ତେବେ ସେହି ଅଭୀପ୍ସାର ନିଶ୍ଚୟ ଏକ ଉତ୍ତର ମିଳିବ । ତା'ପରେ କିଛି କ୍ଷଣ ପରେ ଆମେ ମନ୍ଦିରରେ ଯାଇ ପହଞ୍ଚିଲୁ । ସେତେବେଳେ ଯାଇ ମୁଁ ବୁଝିବାକୁ ଆରମ୍ଭ କଲି ଯେ ସ୍ୱାଙ୍କର ଉଦ୍ଦେଶ୍ୟରେହିଁ ସେହି ମନ୍ଦିରଟି ତିଆରି କରାହୋଇଥିଲା । ତା'ପରେ ଝାଉଁଗଛଗୁଡ଼ିକର ଗ୍ରୁଇରେ ଆମେ ସମୁଦ୍ରକୂଳ ଆଡ଼େ ଏକାଠି ବୁଲିଗଲୁ ଏବଂ ସେଠାରେ କୁକୁଡ଼ାପର, ରକ୍ତଦାଗ ଓ ପୂରା ନିଭି ନ ଥିବା ନିଆଁ ଦେଖିବାକୁ ପାଇଲୁ । ସେହି ନିଆଁ ଉପରେ ଲୋକମାନେ ନିଶ୍ଚୟ କୁକୁଡ଼ାମାନଙ୍କୁ ରାନ୍ଧିଥିଲେ । ଏବଂ ସେତେବେଳେ ଆମେ କାହାଣୀଟି ବିଷୟରେ ପ୍ରଶ୍ନମାନ କରିଥିଲୁ । ସେତେବେଳେ ଯାଇ ମୁଁ ସେହି କାଳୀଙ୍କର ସବୁକଥା ଜାଣିବାକୁ

'oaob.nitrkl.ac.in' images reprocessed

ପାଇଲି, ଏବଂ, ସେହି ପର୍ବଟି ସକାଶେ କିପରି ବହୁଳ ସଂଖ୍ୟାରେ କୁକୁଡ଼ାମାନ ମରିହୋଇଥିଲେ, ମୁଁ ସେହି କଥାଟିକୁ ମଧ୍ୟ ଜାଣିବାକୁ ପାଇଲି ।

ତେଣୁ, ଏଇଟାହିଁ ପ୍ରକୃତ କଥା । ମୁଁ ଆଦୌ ବିଶ୍ୱାସ କରୁ ନାହିଁ ଯେ କୁକୁଡ଼ାମାନଙ୍କୁ ବଳି ଦିଆଯିବାର ଦେଖି ସେହି ପ୍ରାଣୀ ପ୍ରକୃତରେ ଖୁବ୍ ବେଶୀ ସନ୍ତୋଷ ଅନୁଭବ କରୁଥିବ । ସେବିଷୟରେ ମୁଁ କିଛି ଜାଣି ନାହିଁ । ମୁଁ ଯେପରି କହୁଥିଲି, ବଳି ଦିଆଯାଉଥିବା କୁକୁଡ଼ାଟିରୁ ଯେଉଁ ପ୍ରାଣଶକ୍ତି ନିର୍ଗତ ହୋଇ ଆସୁଥିଲା, ତାହାକୁ ଜଳେ ଗ୍ରହଣ କରିନେବାହିଁ ତାଙ୍କର ଏକମାତ୍ର ପ୍ରାପ୍ତ ଲାଭ ହୋଇ ରହୁଥିଲା । ମାତ୍ର ଏକଥା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଯାଉଥିଲା ଯେ, ସେଠାରେ ଏଡ଼େ ବିରାଟ ଜନସମାଗମ ଦେଖି ସେଥିରୁ ସେ ଅତୀବ ତୃପ୍ତି ଲାଭ କରୁଥିଲେ । ସେଠାକୁ ଯେତେ ଅଧିକ ଲୋକ ଆସୁଥିଲେ ଓ ସେଠାରେ ଯେତେ ଅଧିକ କୁକୁଡ଼ା ମରିହେଉଥିଲା, ତାହା ସଫଳତାର ସେତିକ ଅଧିକ ସଙ୍କେତ ଦେଇ ଯାଉଥିଲା । ଏଥିରୁ ପ୍ରମାଣିତ ହୋଇ ଯାଉଥିଲା ଯେ ସିଏ ଏକ ଅତ୍ୟନ୍ତ ମହତ୍ତ୍ୱ-ସମ୍ପନ୍ନ ଜଣେ ବ୍ୟକ୍ତିରେ ପରିଣତ ହୋଇପାରିଛନ୍ତି । ଏବଂ ତେଣୁ ଏକ ଅତ୍ୟନ୍ତ ସରଳ ହୃଦୟରେ ସିଏ ମୋ'ପାଖକୁ ସାହାଯ୍ୟ ପ୍ରାର୍ଥନା କରି ଆସିଥିଲେ । ସିଏ ମୋତେ କହୁଥିଲେ ଯେ, ଯଦି ମୁଁ ତାଙ୍କୁ ସାହାଯ୍ୟ କରିବି ଏବଂ ମୋ ପ୍ରଣଶକ୍ତି ଏବଂ ପ୍ରାଣପ୍ରାଚୁର୍ଯ୍ୟ ଉପସ୍ଥିତିରୁ ତାଙ୍କୁ କିଛିଅଂଶ ଦେବାପାଇଁ ଇଚ୍ଛା କରିବି, ତେବେ ସେଠାକୁ ଆହୁରି ଅଧିକ ଲୋକ ଆସିବେ ଓ ସେଠାରେ ଆହୁରି ଅଧିକ କୁକୁଡ଼ା ବଳି ମରା ପଡ଼ିବେ ! ତେବେ ତାହା ପ୍ରକୃତରେ ଏକ ଅତି ବୃହତ୍ତ ସଫଳତା ହୋଇପାରିବ । ମୁଁ ଉତ୍ତର ଦେଇ କହିଥିଲି ଯେ, ବର୍ତ୍ତମାନ ଯେପରି ଚାଲିଛି, ତାହାହିଁ ଯଥେଷ୍ଟ ଏବଂ ସେଇଥିରେହିଁ ତାଙ୍କର ତୃପ୍ତ ହୋଇ ରହିବା ଉଚିତ ।

ମାଆ, ସିଏ କେଉଁ ଭୂମିର ସତ୍ତା ?

ସ୍ଥୂଳତମ ଭୌତିକ ସ୍ତରର ।

ତାଙ୍କୁ କାଳୀ ବୋଲି କାହିଁକି କୁହାଯାଉଛି ?

ସେକଥା ମୁଁ କହି ପାରିବି ନାହିଁ । ସିଏ ହେଉଛନ୍ତି ବିଭିନ୍ନ ପ୍ରକାରର କାଳୀମାନଙ୍କ ଭିତରୁ ଗୋଟିଏ । ମୋର ଅସ୍ପଷ୍ଟ ଭାବରେ ଏକ ଧାରଣା ହୋଇଛି ଯେ, ତାଙ୍କର ମସ୍ତକ ଛିନ୍ନ ହୋଇ ରହିଥିଲା ଓ ସିଏ ବେକ ପର୍ଯ୍ୟନ୍ତ ମାଟି ଭିତରେ ପୋତା ହୋଇ ରହିଥିଲେ ବା ଆଉ କ'ଣ ଗୋଟାଏ ହୋଇଥିଲା । ଠିକ୍ ସେହିପରି କିଛି ଘଟିଥିଲା । ଏପରି ଗୋଟିଏ ମନ୍ତ୍ରକର ଏକ କାହାଣୀ ରହିଛି, ଯାହାକି ବାଲି ଭିତରକୁ ବାହାରକୁ ବାହାରି ରହିଥାଏ, ଯାହା ବେକ ପର୍ଯ୍ୟନ୍ତ ପୋତି ହୋଇ

'oaob.nitrkl.ac.in' images reprocessed

ରହିଥାଏ । ମାତ୍ର, ଏହି ଦେଶରେ ଯାହାକୁ ପଚାରିଲେ ବି ସିଏ ତୁମକୁ ସେହି କାହାଣୀଟି କହିଦେଇ ପାରିବ । ମୋର ସେହି କାହାଣୀଟି ମୋଟେ ମନେ ନାହିଁ । ଏଇଟି ହେଉଛି କାଳୀଙ୍କର ଗୋଟିଏ ରୂପ—କାଳୀଙ୍କର ତ ଅଗଣିତ କେତେ ନା କେତେ ରୂପ ରହିଛି । ପ୍ରତ୍ୟେକ କାଳୀ-ବିଶ୍ୱାସୀ ବ୍ୟକ୍ତିର କାଳୀ ବିଷୟରେ ନିଜସ୍ୱ କଳ୍ପନାମାନ ରହିଛି । କୌଣସି ଏକ ନିର୍ଦ୍ଦିଷ୍ଟ କାଳୀ ସହିତ ସମ୍ବନ୍ଧ ବି ରହିଛି । ବେଳେବେଳେ ସିଏ ସେମାନଙ୍କର ଆପଣାର କାଳୀ ହୋଇ ରହିଥାନ୍ତି : ଗୋଟିଏ ଗୋଟିଏ ପରିବାରର ବି କାଳୀ ଅଛନ୍ତି—ଏହିପରି ପରିବାର-କାଳୀ—କେତେ ନା କେତେ ସଂଖ୍ୟାରେ ରହିଛନ୍ତି । ମୁଁ ଏପରି କେତେକ ପରିବାରଙ୍କୁ ଜାଣେ, ଯେଉଁମାନେ କି ପାରିବାରିକ ଦେବତା ରୂପେ ଅତି ବିପଜ୍ଜନକ କାଳୀମାନଙ୍କର ପୂଜା କରନ୍ତି । ସେହି କାଳୀମାନେ ଯାହା ଇଚ୍ଛା କରୁଛନ୍ତି, ଯଦି ସେମାନଙ୍କ ଲାଗି ତାହା କରାଯାଇ ନ ପାରିଲା, ତେବେ ସେହି ପରିବାରର ବ୍ୟକ୍ତିମାନଙ୍କ ଉପରେ ନିଶ୍ଚୟ କୌଣସି ନା କୌଣସି ଦୁର୍ଘଟ ଆସି ପଡ଼ିଥାଏ । ଏହାକୁ ପ୍ରକୃତରେ ଏକ ଅତ୍ୟନ୍ତ କଠୋର କଳ୍ପନା ଓ ମନୋରଚନା ବୋଲି କହିବାକୁ ହେବ । ମୁଁ ଭାବୁଛି, ସ୍ୱୟଂ କାଳୀଙ୍କ ଅପେକ୍ଷା ସେହି ପରିବାରର ବ୍ୟକ୍ତିମାନେହିଁ ସେଥିଲାଗି ଅଧିକ ପରିମାଣରେ ଦାୟୀ । ଏବଂ ମୁଁ ଏପରି ଲୋକମାନଙ୍କୁ ମଧ୍ୟ ଜାଣିଛି, ଯେଉଁମାନେ କି, ସେହିପରି ଏକ ଦୁର୍ଘଟ ଅର୍ଥାତ୍ ପରିବାର ଉପରେ ଏକ ବିପତ୍ତି ଆସି ପଡ଼ିଥିଲେ—ଉଦାହରଣସ୍ୱରୂପ ପରିବାରରେ କାହାର ମୃତ୍ୟୁ ଘଟିଲେ—ସେମାନେ କାଳୀଙ୍କର ମୂର୍ତ୍ତିଟିକୁ ନେଇ ଗଙ୍ଗାନଦୀକୁ ଫିଙ୍ଗିଦେଇ ଆସୁଥିଲେ ।

ଏହି କାଳୀଙ୍କର ମହାକାଳୀଙ୍କ ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ, ନୁହେଁ କି ?

ନାହିଁ, କୌଣସି ସମ୍ବନ୍ଧ ନାହିଁ । ମନୁଷ୍ୟର ମନ ସହିତ ଏହି କାଳୀଙ୍କର ଏକ ଘନିଷ୍ଠ ସମ୍ପର୍କ ରହିଛି । ମୁଁ ଭାବୁଛି ଏମାନେ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ମନୁଷ୍ୟର ମନ ଦ୍ୱାରାହିଁ ରଚିତ ହୋଇଥାନ୍ତି । ···ମାତ୍ର ମୁଁ ଏକଥା ଜାଣିବାକୁ ପାଇଛି ଯେ, ଜଣେ ପ୍ରକୃତ ଗଣପତି ଅଛନ୍ତି । ମୁଁ ଆଗରୁ ଏକଥା ବିଶ୍ୱାସ କରୁ ନ ଥିଲି । ମୁଁ ଏହାକୁ ବିଶୁଦ୍ଧ ଭାବରେ ଏକ ମନୁଷ୍ୟକୃତ ରଚନା ବୋଲି ମନେ କରୁଥିଲି । ହାତୀର ମୁଣ୍ଡକୁ ନେଇ ଯୋଡ଼ିବା ବିଷୟରେ ସେହିପରି ଏକ କାହାଣୀ ରହିଛି ନା ? ମାତ୍ର ସେଭଳି ସତ୍ତାଟିଏ ଅବଶ୍ୟ ଅଛି । ମୁଁ ତାହାକୁ ଦେଖିବାକୁ ପାଇଛି, ତାହା ଏକ ଜୀବନ୍ତ ସତ୍ତା ଓ ଆଦୌ ଏକ ମନୋରଚନା ନୁହେଁ । ଠିକ୍ ସେହିପରି ଭାବରେ ଏକ କୃଷ୍ଣବର୍ଣ୍ଣ କାଳୀ ମଧ୍ୟ ରହିଛନ୍ତି, ତାଙ୍କର ବେକରେ ମୁଣ୍ଡମାଳ ଲମ୍ବିକରି ରହିଛି ଏବଂ ତାଙ୍କର ଜିହ୍ୱା ଲହଲହ ହୋଇ ବାହାରକୁ ବାହାରିଛି । ମୁଁ ତାଙ୍କୁ

'oaob.nitrkl.ac.in' images reprocessed

ଦେଖିଛି । ପରେ ମୁଁ ତାଙ୍କୁ ମୋ କୋଠରି ଭିତରେ ପ୍ରବେଶ କରୁଥିବାର ଦେଖିଥିଲି । ତାଙ୍କର ଆଖିଦୁଇଟା ଏଡ଼େ ଏଡ଼େ ହୋଇ ଦିଶୁଥିଲା । ତେଣୁ ସିଏ ଯେ ଅଛନ୍ତି, ସେବିଷୟରେ ମୋର କୌଣସି ସନ୍ଦେହ ନାହିଁ । ଏବଂ ଏହାକୁ ମୁଁ ଆଦୌ ଏକ ମନୁଷ୍ୟକୃତ ରଚନାରୂପେ ଦେଖି ନ ଥିଲି, ତାହାକୁ ମୁଁ ଗୋଟିଏ ସତ୍ତାରୂପେ ଦେଖିଥିଲି, ଏକ ପ୍ରକୃତ ସତ୍ତାରୂପେ ଦେଖିଥିଲି । ହଁ, ଅବଶ୍ୟ ଏପରି ସମ୍ଭବ ହୋଇପାରେ ଯେ, ମଣିଷର ଭାବନା କାଳକ୍ରମେ ଏଇଟି ସହିତ ଆଉକିଛି ଟିକିନିଖି ବିଷୟ ଆଣି ଯୋଡ଼ି ଦେଇଛି । ତଥାପି ସେହି ସତ୍ତାକୁ ମୁଁ ଏକ ପ୍ରକୃତ ସତ୍ତାରୂପେ ଦେଖିଥିଲି । ଗୋଟାସୁଦ୍ଧା କେବଳ ଏକ ମନୋରଚନା ରୂପେ ଆଦୌ ଦେଖି ନ ଥିଲି ।

ସେହି କୃଷ୍ଣବର୍ଣ୍ଣ କାଳୀ କ'ଣ କରନ୍ତି ?

ମୁଁ ଭାବୁଛି, ସିଏ ନାନାବିଧ ଅପଘଟଣାମାନ ଘଟାନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଧ୍ୱଂସ କରିଦେବାରେ ସିଏ ବହୁତ ଆନନ୍ଦ ଲାଭ କରନ୍ତି ।

ସେଇ କାଳୀଟି,—ତାହା ପ୍ରଥମ ମହାଯୁଦ୍ଧ ସମୟର କଥା, ପ୍ରଥମ ମହାଯୁଦ୍ଧର ପ୍ରଥମ କାଳଟିର କଥା । ମୁଁ ସେତେବେଳେ ଏଇଠି ଥାଏ । ଦ୍ୟୁପ୍ଲେ ଷ୍ଟ୍ରୀଟ୍‌ରେ ଥିବା 'ଦ୍ୟୁପ୍ଲେ ଭବନ'ରେ ରହୁଥାଏ । ସେହି ଘରର ଖୋଲା ଛାତ ଉପରୁ ଶ୍ରୀଅରବିନ୍ଦଙ୍କର କୋଠରିଟି ସଫା ଦିଶୁଥାଏ, 'ଅତିଥି ଭବନ'ରେ ଥିବା ତାଙ୍କର କୋଠରିଟି । ଶ୍ରୀଅରବିନ୍ଦ ସେଇଠାରେ ରହୁଥାନ୍ତି । ତାଙ୍କର ଦୁଇଟି କୋଠରି ଥାଏ, ଏହି ଖୋଲା ଛାତଟି ମଧ୍ୟ ଥାଏ । ଏବଂ ଦ୍ୟୁପ୍ଲେ ଭବନର ଖୋଲା ଛାତରୁ ଅତିଥି ଭବନର ଖୋଲା ଛାତଟି ସମ୍ପୂର୍ଣ୍ଣ ଭାବରେ ଦୃଷ୍ଟିଗୋଚର ହେଉଥାଏ । ବର୍ତ୍ତମାନ ସେଠାରୁ ତାହା ଦେଖାଯାଉଛି କି ନାହିଁ କେଜାଣି ? ତାହା ମଝିରେ ରହିଥିବା ଘରଗୁଡ଼ିକ ଉପରେ ନିର୍ଭର କରୁଛି । ମାତ୍ର ସେତେବେଳେ ଦେଖା-ଯାଉଥିଲା । ଏବଂ ମୁଁ ପ୍ରତିଦିନ ସକାଳେ ଶ୍ରୀଅରବିନ୍ଦଙ୍କ କୋଠରିଟି ଆଡ଼କୁ ମୁହଁ କରି ସେହି ଖୋଲାଛାତ ଉପରେ ଧ୍ୟାନ କରି ବସୁଥିଲି । ସେଦିନ ମୁଁ ମୋ କୋଠରି ଭିତରେ ଥାଏ, ମାତ୍ର ଗୋଟିଏ ସାନ ଝରକା ଦେଇ ଶ୍ରୀଅରବିନ୍ଦଙ୍କ କୋଠରି ଆଡ଼କୁ ଅନାଇଥାଏ । ମୁଁ ଧ୍ୟାନସ୍ଥ ହୋଇ ରହିଥାଏ, ମାତ୍ର ଆଖିଦୁଇଟି ପୂରା ଖୋଲା ଥାଆନ୍ତି । ସେତିକିବେଳେ ଏହି କାଳୀଙ୍କୁ ମୋର କୋଠରି ଭିତରକୁ ପ୍ରବେଶ କରୁଥିବାର ଦେଖିପାରିଲି । ମୁଁ ପଚାରିଲି, "ତୁମର ଏଠି କି କାମ ଅଛି ?" ମାତ୍ର ସେତେବେଳେ ସିଏ ନାଚିବାରେ ଲାଗିଥାନ୍ତି, ଜଙ୍ଗଲ ଓ ବର୍ବର ଭାବରେ ନାଚିବାରେ ଲାଗିଥାନ୍ତି । ମୋତେ କହିଲେ, "ପ୍ୟାରିସ୍ ସହରକୁ ସେମାନେ ଅଧିକାର କରି ନେଲେଣି, ଏଥର ପ୍ୟାରିସ୍ ସହର ଧ୍ୱଂସ ହୋଇଯିବ ।" ସେତେବେଳେ

'oaob.nitrkl.ac.in' images reprocessed

ଆମେ କୌଣସି ଖବର ପାଇପାରୁ ନ ଥିଲୁ, ଯୁଦ୍ଧ ସେଇମାତ୍ର ଆରମ୍ଭ ହେବାକୁ ଯାଉଥାଏ । ମୁଁ ଧ୍ୟାନସ୍ଥ ହୋଇ ରହିଥିଲି । ତାଙ୍କ ଆଡ଼କୁ ମୁହଁ କରି କହିଲି, "ନା—ପ୍ୟାରିସ୍ କଦାପି ଅଧିକୃତ ହେବ ନାହିଁ, କଦାପି ଧ୍ୱଂସ ହୋଇଯିବ ନାହିଁ ।" ବର୍ତ୍ତମାନ ଯେପରି କହୁଛି, ଠିକ୍ ସେହିପରି ଭାବରେ କହିଲି, ମାତ୍ର ଟିକିଏ ଦୃଢ଼ କଣ୍ଠରେ କହିଲି । ସିଏ ଖତେଇ ହେଲାପରି ମୁହଁ କଲେ ଓ ସେଠାରୁ ଚାଲିଗଲେ । ଏବଂ ତହିଁ ଆରଦିନ "ଖବର" ଆସି ପହଞ୍ଚିଲା । ସେସମୟରେ ରେଡ଼ିଓ ଆସି ନ ଥିଲା, ଆମକୁ କେବଳ ତାରବାର୍ତ୍ତାର "ଖବର"ହିଁ ମିଳୁଥିଲା । ସେଗୁଡ଼ିକର ଘୋଷଣାକୁ ଲିଖିତ ଆକାରରେ ସରକାରୀ ଭବନର ଫାଟକ ଉପରେ ମାରିଦିଆ ହେଉଥିଲା । ଆମେ ସମ୍ବାଦ ପାଇଲୁ ଯେ ଜର୍ମାନ୍‌ମାନେ ପ୍ୟାରିସ୍ ଆଡ଼କୁ ମାଡ଼ି ଆସୁଛନ୍ତି ଏବଂ ପ୍ୟାରିସ୍‌କୁ ରକ୍ଷା କରିବା ଲାଗି କୌଣସି ବ୍ୟବସ୍ଥା ହୋଇ ନାହିଁ । ବାଟ ସମ୍ପୂର୍ଣ୍ଣ ଭାବରେ ଖୋଲା ରହିଛି । ଆଉ ମାତ୍ର କେତେ କିଲୋମିଟର ଅଗ୍ରସର ହୋଇ ଆସିଲେ ସେମାନେ ସହର ଭିତରେ ପ୍ରବେଶ କରିପାରିବେ । ମାତ୍ର, ସେମାନେ ଯେତେବେଳେ ଦେଖିଲେ, ରାସ୍ତା ଖୋଲା ରହିଛି ଓ ସେମାନଙ୍କର ଗତିରୋଧ କରିବାକୁ କୋଉଠି କେହି ନାହାନ୍ତି, ସେତେବେଳେ ସେମାନଙ୍କର ଆଉ କୌଣସି ସନ୍ଦେହ ରହିଲା ନାହିଁ ଯେ, ଫରାସୀ ପକ୍ଷ ଗୁପ୍ତ ଭାବରେ ଅପେକ୍ଷା କରି ରହିଛନ୍ତି ଏବଂ ସେମାନଙ୍କୁ ଘେର ଭିତରେ ପକାଇଦେବା ସକାଶେ ଏକ ଷଡ଼୍‌ଯନ୍ତ୍ର ହୋଇଛି । ତେଣୁ ସେମାନେ ଗତି ବଦଳାଇ ଦେଲେ ଓ ପଛକୁ ଲେଉଟି ଚାଲିଗଲେ ! (ସମସ୍ତେ ହସିଲେ) ଏବଂ ଯେତେବେଳେ ଫରାସୀ ସୈନ୍ୟବାହିନୀ ସେକଥା ଦେଖିଲେ, ସେତେବେଳେ ସେମାନେ ଅବଶ୍ୟ ପଛରେ ଗୋଡ଼ାଇ ସେମାନଙ୍କୁ ଧରିଲେ ଏବଂ ଏହିପରି ଭାବରେ ଏକ ସଂଗ୍ରାମ ଆରମ୍ଭ ହୋଇଗଲା । ଏହା ଏକ ମୀମାଂସକ ସଂଗ୍ରାମରେ ପରିଣତ ହୋଇଥିଲା ଏବଂ ସେମାନଙ୍କର ଗତିରୋଧ କରାଯାଇ ପାରିଥିଲା । ହଁ, ପ୍ରକୃତରେ ସେହିକଥା ଘଟିଥିଲା । ତାହା ଏହିପରି ଏକ ଆକାର ଧାରଣ କରିଥିଲା । ମୁଁ ଯେତେବେଳେ କାଳୀଙ୍କୁ "ନାହିଁ" ବୋଲି କହିଲି, ସେତେବେଳେ ସେମାନେ ଆତଙ୍କିତ ହୋଇ ଉଠିଥିଲେ । ସେମାନେ ପଛକୁ ହଟିଗଲେ । ନଚେତ୍, ଯଦି ସେମାନେ ସେହିପରି ଅଧିକରୁ ଅଧିକ ଅଗ୍ରସର ହୋଇ ଆସିଥାନ୍ତେ, ତେବେ ସବୁ ସରି ଯାଇଥାନ୍ତା ।

ମହାକାଳୀଙ୍କର ସ୍ୱରୂପ କ'ଣ ?

ଏହା ଅତିଭଲ କଥା, ହେ ମୋର ଶିଶୁଗଣ, ତୁମେମାନେ ଥରେ ତାଙ୍କ ଦର୍ଶନ ପାଇଲେ ତେବେଯାଇ ମୋତେ କହିବ । ମହାକାଳୀ ମୋଟେ ଏକାଳୀ ପରି ନୁହନ୍ତି । ତାଙ୍କ ବିଷୟରେ ମୁଁ କେବଳ ଏତିକି କହିପାରିବି ଯେ, ସିଏ ଆଦୌ

'oaob.nitrkl.ac.in' images reprocessed

କୃଷ୍ଣବର୍ଣ୍ଣା ନୁହନ୍ତି, ସିଏ ମୋଟେ ବାହାରକୁ ଏତେ ବଡ଼ ଜିଭ ବାହାର କରି ନ ଥାନ୍ତି ଏବଂ ତାଙ୍କ বେକରେ ମଧ୍ୟ କୌଣସି ମୁଣ୍ଡମାଳ ପଡ଼ି ନ ଥାଏ ।

> ଆପଣ ଏଠାରେ କହିଛନ୍ତି : "ସାଧୁମାନେ ଯେ କଣ୍ଟା ଉପରେ ଶୋଇବାକୁ ସାଧନା ବୋଲି ଆଚରଣ କରନ୍ତି ବା ଏକାନ୍ତବାସୀ ଖ୍ରୀଷ୍ଟିଆନ୍ ସାଧକମାନେ ଯେ ଆପଣା ଦେହରେ ଗୁଣ୍ଠ ମାରି ହୁଅନ୍ତି ଓ ବାଳଭଆର ପୋଷାକକୁ କାମିଜ କରି ପିନ୍ଧନ୍ତି, ତାହା ପଛରେ ଅଳ୍ପବହୁତ ପରିମାଣରେ ପରପୀଡ଼ନ-ରତିର ଏକ ପ୍ରବୃତ୍ତି ପ୍ରଚ୍ଛନ୍ନ ହୋଇ ରହିଥାଏ । ସେହିପରି ଏକ ପ୍ରବୃତ୍ତି ପ୍ରକୃତରେ ରହିଛି ବୋଲି ଅବଶ୍ୟ କେହି ସ୍ୱୀକାର କରନ୍ତି ନାହିଁ ଅଥବା ତାହାକୁ ପ୍ରମାଣ କରାଯାଇ ପାରେ ନାହିଁ । ନାନାବିଧ ହିଂସ୍ର ମତଲବ ପାଇଁ ଏହା ଏକ ଅସ୍ୱାସ୍ଥ୍ୟକର ଆଗ୍ରହ ବା ଏକ ଅବଚେତନ ସ୍ତରର ଆବଶ୍ୟକତାକୁ ସୂଚିତ କରି ଦେଉଥାଏ ।"

ତୁମେ ତ ଜାଣିଥିବ, ଅନେକ ବୈରାଗୀ ସାଧୁ ଅଛନ୍ତି ଯେଉଁମାନେ କି କଣ୍ଟାକୁ ବିଛଣା କରି ଶୁଅନ୍ତି । ତୁମେମାନେ କ'ଣ ଏପରି ବ୍ୟକ୍ତିମାନଙ୍କୁ କେବେ-ହେଲେ ଦେଖି ନାହିଁ ? ମୁଁ କିନ୍ତୁ ଏଗୁଡ଼ିକ ବିଷୟରେ କେତେକ ଫଟୋ ଦେଖିଛି । ସେମାନେ ପ୍ରକୃତରେ ଏହିପରି ଏକ ଆଚରଣ କରନ୍ତି ଓ କଣ୍ଟା ବିଛାଇ ତାହାରି ଉପରେ ଶୁଅନ୍ତି । ଏପରିକି ଏଇ ଅଳ୍ପଦିନ ପୂର୍ବେ ମଧ୍ୟ ମୁଁ ସେହିପରି ଗୋଟିଏ ଫଟୋ ଦେଖିଥିଲି । ସେମାନେ ଏପରି କରନ୍ତି, କାରଣ ··· ଆପଣାର ସନ୍ଥପଣର ପ୍ରମାଣ ଦେବାକୁ ସେମାନେ ସେପରି ଯେ କରନ୍ତି, ମୁଁ ସେକଥା କହିପାରିବି ନାହିଁ । ପୁନଶ୍ଚ, ଯେତେବେଳେ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରି ସେମାନେ ତାହା କରନ୍ତି, ସେତେବେଳେ ସର୍ବଦା ସନ୍ଦେହ ହୁଏ ଯେ, ସେମାନେ ଟିକିଏ ଦେଖାଇହେବା ପାଇଁ ସେପରି କରିଥାନ୍ତି । ତଥାପି ହୁଏତ ଏପରି କେତେକ ବି ଥାଆନ୍ତି, ଯେଉଁମାନେ କି ଆନ୍ତରିକତା ସହିତ ତାହା କରିପାରନ୍ତି; ଅର୍ଥାତ୍, ଦେଖାଇବା ଲାଗି ସେଗୁଡ଼ାକୁ କରନ୍ତି ନାହିଁ । ସେମାନେ ଏସବୁ କାହିଁକି କରୁଛନ୍ତି ବୋଲି ଯଦି ସେମାନଙ୍କୁ ପଚରାଯାଏ, ତେବେ ସେମାନେ ଉତ୍ତର ଦେଇ କହନ୍ତି ଯେ, ସେମାନେ ଯେ ଶରୀରଠାରୁ ସମ୍ପୂର୍ଣ୍ଣ ନିରାସକ୍ତ ହୋଇ ରହିପାରୁଛନ୍ତି, ଆପଣାକୁ ତାହାରି ପ୍ରମାଣ ଦେବା ଲାଗି ସେମାନେ ସେପରି କରନ୍ତି । ଆହୁରି କେତେକ ଅଛନ୍ତି, ଯେଉଁମାନେ କି ଆହୁରି ପାଦେ ଆଗକୁ ଯାଇଥାନ୍ତି । ସେମାନେ କହନ୍ତି ଯେ, ଚୈତ୍ୟସତ୍ତ୍ୱକୁ ବନ୍ଧନ ଭିତରୁ ମୁକ୍ତ କରି ଆଣିବାକୁ ହେଲେ ଶରୀରକୁ କଷ୍ଟ ଦେବାକୁହିଁ

'oaob.nitrkl.ac.in' images reprocessed

ପଡ଼ିବ । ମୋତେ ପଚାରିଲେ ମୁଁ ଏହି ବିଷୟରେ କହିବ ଯେ, ଏସବୁ କରିବା ପଛରେ କଷ୍ଟ ସହନ ସକାଶେ ଏକ ପ୍ରାଣିକ ସ୍ତରର ପ୍ରଲୋଭନ ରହିଥାଏ, ଯାହାକି ଶରୀର ଉପରେ ସେହି କଷ୍ଟସହନକୁ ଆଣି ଲଦିଦେବାକୁ ଇଚ୍ଛା କରୁଥାଏ, କାରଣ ପ୍ରାଣିକ ଆକାଙ୍କ୍ଷାଟି ଧର୍ମତଃ କଷ୍ଟ ସହିବା ମଧ୍ୟରେହିଁ ଏକ ବିକୃତ ପ୍ରକାରର ଆନନ୍ଦ ଅନୁଭବ କରିଥାଏ । ମୁଁ ଏପରି ପିଲାମାନଙ୍କୁ ଜାଣିଛି, ଯେଉଁମାନେ କି ଦେହର କୌଣସି ନା କୌଣସି ସ୍ଥାନରେ ଏକ ଆଘାତ ପାଇଥିଲେ ଏବଂ ଆଘାତଟା ଯେପରି ଆହୁରି ଅଧିକ ତୀବ୍ର ଭାବରେ ଅନୁଭୂତ ହୋଇପାରିବ, ସେଥିଲାଗି ଆହତ ସ୍ଥାନଟିକୁ ସେମାନେ ଯଥାସମ୍ଭବ ଅଧିକ ଜୋର୍‌ରେ ଚିପିବାକୁ ଭଲ ପାଉଥିଲେ । ଏବଂ ସେମାନଙ୍କୁ ଏଥିରେ ବେଶ୍ ଆନନ୍ଦ ବି ମିଳୁଥିଲା । ମୁଁ ଏପରି କରୁଥିବା ଅନେକ ବୟସ୍କ ଲୋକଙ୍କୁ ମଧ୍ୟ ଜାଣିଛି । ନୈତିକ ଦୃଷ୍ଟିରୁ ଦେଖିଲେ, ଏହା ଏକ ସର୍ବଜନ-ବିଦିତ କଥା । ମୁଁ ଅନେକ ସମୟରେ ଲୋକମାନଙ୍କୁ କହିଛି, "ଆପଣମାନେ ଦୁଃଖ ପାଉଛନ୍ତି, କାରଣ ଆପଣମାନେ ଦୁଃଖ ପାଇବାକୁ ଇଚ୍ଛା ବି କରୁଛନ୍ତି । କଷ୍ଟ ସହିବାକୁ ଭଲ ଲାଗୁଛି ବୋଲି ଆପଣମାନେ କଷ୍ଟ ସହୁଛନ୍ତି; ତା' ନ ହେଲେ ଆପଣମାନେ ମୋଟେ କଷ୍ଟ ସହନ୍ତେ ନାହିଁ ।" ଏଭଳି ବ୍ୟାପାରଗୁଡ଼ିକ ମୁଁ ଅସ୍ୱାସ୍ଥ୍ୟକର ବୋଲି କହିଥାଏ, କାରଣ ଏହା ହେଉଛି ସମଞ୍ଜସତାର ବିରୋଧୀ, ସୌନ୍ଦର୍ଯ୍ୟର ବିରୋଧୀ । କୌଣସି କଥାକୁ ତୀବ୍ର ଭାବରେ ଅନୁଭବ କରିବା ଲାଗି ଏକ ବ୍ୟାଧିତ ଆବଶ୍ୟକତା ଜନ୍ମିଲେ ଯାଇ ସେପରି ଘଟିଥାଏ ।

ତୁମେମାନେ ଜାଣିଛ କି ନାହିଁ ମୋତେ ଜଣା ନାହିଁ, ମାତ୍ର ଚୀନ ହେଉଛି ଏପରି ଗୋଟିଏ ଦେଶ, ଯେଉଁଠାରେ କି ଅତ୍ୟନ୍ତ ଭୟପ୍ରଦାନକାରୀ ଅତ୍ୟାଚାରୀଙ୍କ ଉତ୍ପୀଡ଼ନଗୁଡ଼ିକର ଉଦ୍ଭାବନ ହୋଇଛି । ଜାପାନରେ ଥିଲାବେଳେ ମୁଁ ଜଣେ ଜାପାନବାସୀଙ୍କୁ ଏହାର କାରଣ ପଚାରିଥିଲି । ସିଏ ଚୀନାମାନଙ୍କୁ ଖୁବ ଭଲ ପାଉଥିଲେ (ଏହା କ୍ୱଚିତ୍ତ ଦେଖାଯାଏ) ଏବଂ ସବୁବେଳେ ଚୀନଦେଶର ଖୁବ ପ୍ରଶଂସା କରୁଥିଲେ । ସିଏ କହିଲେ, ଏହାର କାରଣ ହେଉଛି ଯେ ଜାପାନୀମାନଙ୍କ ସମେତ ସୁଦୂର ପ୍ରାଚ୍ୟର ସବୁଜାତିଙ୍କ ଭିତରେ ସମ୍ବେଦନଶୀଳତାର କ୍ଷେତ୍ରଟି ଖୁବ ଅମାର୍ଜିତ ହୋଇ ରହିଛି । ସେମାନେ ଖୁବ କମ୍ ଅନୁଭବ କରିପାରନ୍ତି; କଷ୍ଟ ପାଇବା ଅତିରିକ୍ତ ପରିମାଣରେ ତୀବ୍ର ନ ହେଲେ ସେମାନେ ଆଦୌ କିଛି ଅନୁଭବ କରିପାରନ୍ତି ନାହିଁ । ତେଣୁ, ଅତି ଉତ୍କଟ କଷ୍ଟ ସହିବାର ଅବସରମାନ ଉଦ୍‌ଭାବନ କରିବା ଲାଗି ନିଜର ବୁଦ୍ଧି ଖଟାଇବାକୁ ସେମାନେ ସର୍ବଦା ବାଧ୍ୟ ହୋଇ ରହିଥାନ୍ତି ।" ହଁ, ଏହି ଯେଉଁ ବ୍ୟକ୍ତିମାନେ ଅଜ୍ଞାନ ଭିତରେ ଥାଆନ୍ତି—ସେମାନେ ଯେତିକି ଅଧିକ ଅଜ୍ଞାନ ହୋଇ ରହିଥାନ୍ତି, ସେତିକି ତାମସିକ ବି ହୋଇଥାଆନ୍ତି, ସେମାନଙ୍କର ସମ୍ବେଦନଶୀଳତା ସେତିକି ଦରୁଡ଼ା ହୋଇଯାଇଥାଏ ଏବଂ, ତେଣୁ

'oaob.nitrkl.ac.in' images reprocessed

କିଛି ଅନୁଭବ କରିପାରିବା ଲାଗି ସେମାନେ ସେତିକି ଅଧିକ ପରିମାଣରେ ତୀବ୍ର ଅନୁଭୂତିଗୁଡ଼ିକୁ ମଧ୍ୟ ଆବଶ୍ୟକ କରୁଥାନ୍ତି । ଏବଂ ଏହାହିଁ ସାଧାରଣତଃ ମଣିଷ-ମାନଙ୍କୁ ନୃଶଂସ କରିଦିଏ, କାରଣ ନୃଶଂସ ହେବା ଦ୍ୱାରାହିଁ ତୀବ୍ର ଅନୁଭୂତିଗୁଡ଼ିକର ସମ୍ଭାବନା ବୃଦ୍ଧି ପାଇଥାଏ । କାହାରି ଉପରେ ଲଦି ଦିଆଯାଇଥିବା କଷ୍ଟସହିବା ଦ୍ୱାରା ସ୍ନାୟୁଗୁଡ଼ିକର କ୍ଷେତ୍ରରେ ଯେଉଁ ଉଦ୍‌ବେଳନ ସୃଷ୍ଟି ହୋଇଥାଏ, ତାହାହିଁ ଏକ ସମ୍ବେଦନ ଆଣିଦିଏ ଏବଂ ନିଜେ ଅନୁଭବ କରିପାରିବାକୁ ସେମାନେ ତାହାକୁ ଆବଶ୍ୟକ କରିଥାନ୍ତି । ତା' ନ ହେଲେ କିଛିହେଲେ ଅନୁଭବ କରିପାରନ୍ତି ନାହିଁ । ଏବଂ ସେହି କାରଣରୁହିଁ ଗୋଟାଏ ଗୋଟାଏ ସମ୍ପୂର୍ଣ୍ଣ ଗୋଷ୍ଠୀ ବା ଜାତି ବିଶେଷ ଭାବରେ ନୃଶଂସ ହୋଇ ରହିଥାନ୍ତି । ସେମାନେ ବଡ଼ ଅଚେତନ ଅବସ୍ଥାରେ ଥାଆନ୍ତି, ପ୍ରାଣିକ ସ୍ତରରେ ଅଚେତନ ହୋଇ ରହିଥାନ୍ତି ! ହୁଏତ ମାନସିକ ବା ଅନ୍ୟ କୌଣସି ସ୍ତରରେ ଆଦୌ ଅଚେତନ ନ ଥାନ୍ତି, ମାତ୍ର ପ୍ରାଣିକ ଅଥବା ଶାରୀରିକ ସ୍ତରରେ ଅଚେତନ ରହିଥାନ୍ତି । ସର୍ବୋପରି ଶାରୀରିକ ସ୍ତରରେ ଅଚେତନ ରହିଥାନ୍ତି ।

ଯେଉଁମାନଙ୍କ ଭିତରେ ଏକ ସୌନ୍ଦର୍ଯ୍ୟବୋଧ ରହିଛି, ସେମାନେ ବି ନିଷ୍ଠୁର ହୋଇପାରିବେ କି ?

ତାହା ହେଉଛି ଏକ ମନୋବୈଜ୍ଞାନିକ ସମସ୍ୟା । ସେହି ବ୍ୟକ୍ତିମାନଙ୍କର ସୌନ୍ଦର୍ଯ୍ୟବୋଧଟି ଠିକ୍ କାହା ଲାଗି ରହିଛି, ଏହା ସେହିକଥା ଉପରେହିଁ ନିର୍ଭର କରିବ । ସୌନ୍ଦର୍ଯ୍ୟ ପ୍ରତି ଏକ ଭୌତିକ ବୋଧ ରହିପାରେ, ଏକ ପ୍ରାଣିକ ତଥା ମାନସିକ ବୋଧ ବି ରହିପାରେ । ଯଦି ସୌନ୍ଦର୍ଯ୍ୟ ପ୍ରତି ଏକ ନୀତି-ଅନୁପ୍ରେରିତ ବୋଧ ରହିଥାଏ, ଯଦି ଏକ ନୈତିକ ସୌନ୍ଦର୍ଯ୍ୟ ଓ ଉଚ୍ଚତାର ବୋଧ ରହିଥାଏ, ତେବେ ଜଣେ ବ୍ୟକ୍ତି କେବେହେଲେ ନିଷ୍ଠୁର ହେବ ନାହିଁ । ସିଏ ଯାବତୀୟ ପରିସ୍ଥିତିରେହିଁ ଉଦାର ହେବ, ବିଶାଳହୃଦୟ ହେବ । ମାତ୍ର ମଣିଷମାନେ ଭିନ୍ନ ଭିନ୍ନ ନାନା ଖଣ୍ଡ ଓ ଉପାଦାନରେ ଗଢ଼ା ହୋଇଥିବାରୁ···ଉଦାହରଣସ୍ୱରୂପ, ମୁଁ ମୋ ଜାଣିଥିବା ସବୁ କଳାକାରଙ୍କ ବିଷୟରେ ଭାବୁଥିଲି—ମୁଁ ଗତ ଶତାବ୍ଦୀର ଓ ଏହି ଶତାବ୍ଦୀର ଆରମ୍ଭବେଳର ସବୁ କଳାକାରଙ୍କୁ ଜାଣିଥିଲି ଏବଂ ସେମାନଙ୍କ ଭିତରେ ଯଥାର୍ଥରେ ଏକ ସୌନ୍ଦର୍ଯ୍ୟବୋଧ ରହିଥିଲା । ମାତ୍ର, ନୈତିକ କ୍ଷେତ୍ରରେ, ସେମାନଙ୍କ ଭିତରୁ କେତେଜଣ ଭାରି ନୃଶଂସ ଥିଲେ । ଯେତେବେଳେ ଜଣେ କଳାକାର ତାଙ୍କ କଳାକାରିତାକୁ ନେଇ ବ୍ୟସ୍ତ ରହିଥିଲେ, ସିଏ ସେତେବେଳେ ଏକ ବିଭବପୂର୍ଣ୍ଣ ସୌନ୍ଦର୍ଯ୍ୟ ମଧ୍ୟରେ ବାସ କରୁଥିଲେ, ମାତ୍ର ଯେତେବେଳେ ତୁମେ ତାଙ୍କୁ ତାଙ୍କ ଘରେ ଅବଲୋକନ କରିବାକୁ ଯାଉଥିଲ, ସେତେବେଳେ ବେଶ୍

'oaob.nitrkl.ac.in' images reprocessed

ଜଣାପଡ଼ି ଯାଉଥିଲା ଯେ ନିଜ ଭିତରର କଳାକାରଟି ସତ୍ୟତଃ ପ୍ରକୃତରେ ତାଙ୍କର ଖୁବ କମ୍ ସମ୍ପର୍କ ରହିଛି ଏବଂ ସାଧାରଣତଃ ସିଏ ସେଠାରେ ଖୁବ ଅବଜ୍ଞିଆ ଓ ଖୁବ ସାଧାରଣ ହୋଇ ରହିଛନ୍ତି । ସେମାନଙ୍କ ଭିତରୁ ଅନେକେ ଯେ ଏହିପରି ହୋଇ ରହିଥିଲେ, ମୋର ସେବିଷୟରେ କୌଣସି ସନ୍ଦେହ ନାହିଁ । ମାତ୍ର ଯେଉଁମାନେ ଅବିଭାଜିତ ହୋଇ ରହିଥିଲେ, ଅର୍ଥାତ୍ ଆପଣାର କଳାକୁ ଜୀବନରେ ମଧ୍ୟ ବଞ୍ଚିଥିଲେ, ସେମାନେ ସେପରି ମୋଟେ କରୁ ନ ଥିଲେ । ସେମାନେ ଉଦାର ଥିଲେ, ଉତ୍ତମ ମଧ୍ୟ ଥିଲେ ।

ବ୍ରେଡିନ୍ ଏକଦା ମୋତେ କହିଥିବା ଏକ ବଡ଼ ଆଗ୍ରହୋଦ୍ଦୀପକ କାହାଣୀଟିଏ ମୋର ମନେ ପଡ଼ୁଛି । ତୁମେମାନେ ସମସ୍ତେ ବ୍ରେଡିନ୍‌ଙ୍କୁ ଜାଣିଥିବ, —ମଣିଷ ବ୍ରେଡିନ୍‌ଙ୍କୁ ନୁହେଁ, ମାତ୍ର ତାଙ୍କର କୃତିଗୁଡ଼ିକୁ ଅବଶ୍ୟ ଜାଣିଥିବ । ବ୍ରେଡିନ୍ ଦିନେ ମୋତେ ଏକ ପ୍ରଶ୍ନ ପଚାରିଥିଲେ । ସିଏ ପଚାରିଥିଲେ, "କ'ଣ ଉପାୟ କଲେ ଦୁଇଜଣ ନାରୀଙ୍କୁ ପରସ୍ପର ପ୍ରତି ଈର୍ଷାନ୍ୱିତ ହେବାରୁ ନିବୃତ୍ତ କରାଯାଇ ପାରିବ ?" (ସମସ୍ତେ ହସିଲେ) ମୁଁ ଉତ୍ତର ଦେଲି, "ଏଇଟି ପ୍ରକୃତରେ ଏକ ସମସ୍ୟା । ମାତ୍ର ଆପଣ ମୋତେ କାହିଁକି ଏପରି ପ୍ରଶ୍ନଟିଏ ପଚାରୁଛନ୍ତି କହିଲେ !" ତା'ପରେ ସେ କହିଲେ, "କଥାଟି ହେଉଛି; ମୋର କୌଣସି ମୂର୍ତ୍ତିକୁ ମୁଁ ପଥରରେ ତିଆରି କରିବା ବା ବ୍ରୋଞ୍ଜ୍‌ରେ ଢାଳିବା ପୂର୍ବରୁ ମୁଁ ତାକୁ ପ୍ରଥମେ ମାଟିରେ ତିଆରି କରେ । ଅନ୍ତତଃ ଅଧିକାଂଶ ମୂର୍ତ୍ତିକୁ ମୁଁ ଏହିପରି କରିଥାଏ । ଏବଂ ଫଳରେ ଏହିପରି ଏକ ଘଟଣା ଘଟେ : ବେଳେବେଳେ ମୁଁ ଦିନେ ଦୁଇଦିନ ସକାଶେ ବାହାରକୁ ଚାଲିଯାଏ । ମାଟିର ମୂର୍ତ୍ତିଗୁଡ଼ିକୁ ମୁଁ ଓଦାକନାରେ ଘୋଡ଼ାଇ ଦେଇ ଯାଇଥାଏ; କାରଣ, ଯଦି ସେଗୁଡ଼ିକ ଶୁଖିଯାଏ, ତେବେ ମାଟିରେ ଫାଟ ହୋଇଯାଏ ଏବଂ ଫଳରେ ମୋ'ର ସବୁ କାମ ମାଟି ହୋଇଯାଏ । ମୋତେ ପୁଣିଥରେ ମୂଳରୁ ତିଆରି କରିବାକୁ ପଡ଼େ ।" ମୂର୍ତ୍ତିଗଢ଼ାଳି ସମସ୍ତେ ଏକଥା ଜାଣନ୍ତି । ଏବଂ ବିଚରା ବ୍ରେଡିନ୍‌ଙ୍କ ଭାଗ୍ୟରେ ଥରେ ଏହିକଥା ଘଟିଥିଲା : ତାଙ୍କର ନିଜ ପତ୍ନୀ ଥିଲେ ଓ ମୂର୍ତ୍ତିଗୁଡ଼ିକ ପାଇଁ ଅଧିକାଂଶ ସମୟରେ ବ୍ୟବହୃତ ହେଉଥିବା ଜଣେ ମଡେଲ ମଧ୍ୟ ଥିଲେ, ସିଏକି···ଘର ଭିତରେ ଅତି ଘନିଷ୍ଠ ହୋଇ ଯାଇଥିଲେ;—ଯେତେବେଳେ ଇଚ୍ଛା ସେତେବେଳେ ଆସି ପହଞ୍ଚି ଯାଉଥିଲେ । ବ୍ରେଡିନ୍ ଆପଣାର ମୂର୍ତ୍ତିଗୁଡ଼ିକ ପାଇଁ ତାଙ୍କୁ ମଡେଲ୍‌ରୂପେ ବ୍ୟବହାର କରୁଥିଲେ । ଏବଂ, ପତ୍ନୀ ଆପଣାର ପତ୍ନିତ୍ୱ ପ୍ରଦର୍ଶନ କରିବାକୁ ଇଚ୍ଛା କଲେ । ବ୍ରେଡିନ୍ ବାହାରକୁ ଯାଇଥିବା ସମୟରେ ସିଏ ସବୁଦିନେ ବଡ଼ସକାଳେ ଷ୍ଟୁଡିଓ ଭିତରକୁ ଆସି ଗୁଡ଼ା ହୋଇଥିବା କନା ଉପରେ ପାଣି ଦେଉଥିଲେ, ଗଢ଼ାହୋଇ ରହିଥିବା

'oaob.nitrkl.ac.in' images reprocessed

ମୂର୍ତ୍ତି ଓ ମୁଣ୍ଡଗୁଡ଼ିକ ଉପରେ ପାଣି ଛିଞ୍ଚି ଦେଉଥିଲେ । ମୂର୍ତ୍ତିଗୁଡ଼ିକ ଓଦାକନାରେ ଗୁଡ଼ିଆ ହୋଇ ରହିଥିଲା । ଗଛ ଉପରେ ପାଣି ଛିଞ୍ଚିଲା ପରି ସେଗୁଡ଼ିକ ଉପରେ ପାଣି ଦେବାକୁ ହେଉଥିଲା । ତେଣୁ ସିଏ ଆସି ପାଣି ଛିଞ୍ଚି ଦେଉଥିଲେ । ଏବଂ ତା'ପରେ, ଅଳ୍ପ ସମୟ ପରେ, ପ୍ରାୟ ଦୁଇ ତିନି ଘଣ୍ଟା ପରେ ମଡେଲ୍ ଆସି ଷ୍ଟୁଡ଼ିଓରେ ପହଞ୍ଚୁଥିଲେ । ତାଙ୍କ ପାଖରେ ଷ୍ଟୁଡ଼ିଓର ଚାବି ଥିଲା । ସିଏ ଷ୍ଟୁଡ଼ିଓ ଖୋଲି ଭିତରକୁ ଯାଉଥିଲେ ଓ ମୂର୍ତ୍ତିଗୁଡ଼ିକ ଉପରେ ପାଣି ପକାଉଥିଲେ । ମୂର୍ତ୍ତିଗୁଡ଼ିକ ଉପରେ ଆଗରୁ ପାଣି ପଡ଼ିସାରିଛି ବୋଲି ଭଲ କରି ଦେଖି ପାରୁଥିଲେ ମଧ୍ୟ ସିଏ ତାଙ୍କ କାରିଗରଙ୍କର ମୂର୍ତ୍ତିଗୁଡ଼ିକର ଉଚିତ ଯତ୍ନ ନେବାର ଅଧିକାରଟିକୁ କାର୍ଯ୍ୟକାରୀ କରୁଥିଲେ,—ଏବଂ ତେଣୁ ମୂର୍ତ୍ତିଗୁଡ଼ିକ ଉପରେ ପାଣି ଦେଉଥିଲେ । ରୋଡ଼ିନ୍ ମୋତେ କହିଲେ, "ଏହାର ଫଳ ଏହାହିଁ ହେଉଥିଲା ଯେ, ଯେତେବେଳେ ମୁଁ ଘରକୁ ଫେରୁଥିଲି, ମୋ' ମୂର୍ତ୍ତିଗୁଡ଼ିକ କାଦୁଅ ହୋଇ ବହିଯିବାକୁ ଆରମ୍ଭ କରୁଥିଲେ ଏବଂ ମୋ'ର ଗଢ଼ା ବସ୍ତୁଗୁଡ଼ିକ ଆଉ ମୋଟେ ଯେପରି ରହିବା କଥା ସେପରି ରହିପାରୁ ନ ଥିଲା ।

ସେତେବେଳକୁ ରୋଡ଼ିନ୍ ବୁଢ଼ା ହୋଇ ଯାଇଥିଲେ । ତାଙ୍କର ମହିମା ସୁବିଦିତ ଥିଲା । ଗ୍ରୀସ୍‌ର ବନଦେବତା ପରି ତାଙ୍କର ମୁଣ୍ଡଟି ମଧ୍ୟ ବନଦେବତାଙ୍କ ମୁଣ୍ଡପରି ଦିଶୁଥିଲା । ଦେଖିବାକୁ ବାଙ୍ଗରା, ବଳହେଲା ପରି ଜାଦା ମୋଟାସୋଟା ଦେହ,—ଆଖିଗୁଡ଼ିକର ବୁଦ୍ଧିମତ୍ତା ପ୍ରକଟ ହୋଇ ଉଠୁଥାଏ । ସିଏ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭାବରେ ବ୍ୟଙ୍ଗପରିପୂର୍ଣ୍ଣ ଥିଲେ ଓ କହିଥିଲେ...ସିଏ ଏହି କାଣ୍ଡ ଦେଖି କେବଳ ହସି ଦେଉଥିଲେ; ତଥାପି ତାଙ୍କର ମୂର୍ତ୍ତିଗୁଡ଼ିକୁ ଅକ୍ଷୁଣ୍ଣ ଦେଖି-ପାରୁଥିଲେ ସିଏ ନିଶ୍ଚୟ ଅଧିକ ସୁଖୀ ହେଉଥାନ୍ତେ !

ଆପଣ ତାଙ୍କୁ କି ଉତ୍ତର ଦେଇଥିଲେ ? (ସମସ୍ତେ ହସିଲେ)

କ'ଣ ଉତ୍ତର ଦେଲି ମନେ ନାହିଁ । (ସମସ୍ତେ ହସିଲେ) ସମ୍ଭବତଃ କ'ଣ ଗୋଟାଏ ଅଣ୍ଡା କଥା କହି ମୁଁ ଉତ୍ତର ଦେଇଥିଲି । ନାହିଁ ନାହିଁ, ମୋର ଗୋଟାଏ କଥା ମନେ ଅଛି । ମୁଁ ତାଙ୍କୁ ପଚାରିଥିଲି, "ମାତ୍ର କହିଦେଉ ନାହାନ୍ତି କାହିଁକି ଯେ ଅମୁକ ଜଣକହିଁ ମୂର୍ତ୍ତିଗୁଡ଼ିକ ଉପରେ ପାଣି ଦେବେ ?" ମୋ କଥା ଶୁଣି ସିଏ ତାଙ୍କ ଚଢାମୁଣ୍ଡର ବାଳ କେଇଟିକୁ ଟାଣିଦେଇ ଉତ୍ତର ଦେଲେ, "ମାତ୍ର ତା'ହେଲେ ତ ସାଙ୍ଘାତିକ ଝୁଞ୍ଚ ବାହାର କରି ଏକ ଯୁଦ୍ଧ ଆରମ୍ଭ ହୋଇଯିବ !" (ସମସ୍ତେ ହସିଲେ)

ବୁଝିଲ ? ଆଚ୍ଛା, ସେତିକି ଆଉ;—ଶୁଭରାତ୍ରି ।

'oaob.nitrkl.ac.in' images reprocessed

# ୨୪ ମାର୍ଚ୍ଚ ୧୯୫୪

*ମାଙ୍କ ଦ୍ୱାରା ଲିଖିତ "ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି" ପ୍ରଥମ ଭାଗ ପ୍ରବନ୍ଧ ଉପରେ ଏହି ପ୍ରବଚନଟି ଆଧାରିତ ।*

ଯଦି କେଉଁଦିନ ଅତ୍ୟଧିକ ଖାଇବା ହୋଇଥାଏ, ତେବେ ସେଦିନ ନାନା ଦୁଃସ୍ୱପ୍ନ ଦ୍ୱାରା ରାତିଟାଯାକ ନିଦ ଏପରି ବାଧାପ୍ରାପ୍ତ ହୁଏ କାହିଁକି ?

କାରଣ ସ୍ୱପ୍ନ ଓ ପାକସ୍ଥଳୀର ଅବସ୍ଥା ଭିତରେ ସବୁବେଳେ ଏକ ଘନିଷ୍ଠ ସମ୍ବନ୍ଧ ରହିଥାଏ । ଏହି ବିଷୟରେ ଅନେକ ପର୍ଯ୍ୟବେକ୍ଷଣ କରାଯାଇଛି ଓ ଏହିକଥା ଜାଣିବାକୁ ମିଳିଛି ଯେ, ଆମେ ଭୋଜନ କରୁଥିବା ଆହାରଟି ଅନୁସାରେହିଁ ଆମେ ଦେଖୁଥିବା ସ୍ୱପ୍ନଗୁଡ଼ିକ ମଧ୍ୟ ଗୋଟିଏ ଅଥବା ଅନ୍ୟ ପ୍ରକାରର ହୋଇଥାନ୍ତି; ଏବଂ, ଯଦି ଆମେ ଖାଇଥିବା ଖାଦ୍ୟ କଷ୍ଟରେ ହଜମ ହୁଏ, ତେବେ ସ୍ୱପ୍ନ ସେହି କ୍ଷେତ୍ର-ଗୁଡ଼ିକରେ ଏକ ଦୁଃସ୍ୱପ୍ନରେହିଁ ପରିଣତ ହୋଇଥାଏ । ସେହି ଦୁଃସ୍ୱପ୍ନଗୁଡ଼ିକର ଆଦୌ କୌଣସି ବାସ୍ତବତା ନ ଥାଏ ସତ, ମାତ୍ର ସେଗୁଡ଼ିକ ତଥାପି ଗୋଟିଏ ଗୋଟିଏ ଦୁଃସ୍ୱପ୍ନ ହୋଇ ରହିଥାନ୍ତି ଏବଂ ଅତ୍ୟନ୍ତ ଅପ୍ରୀତିକର ହୋଇଥାନ୍ତି—ବାଧ ବଳେଇ ପ୍ରକୃତ ଦେଖିବାର ନାନା ଅପ୍ରୀତିକର କଥାର ସମ୍ମୁଖୀନ କରାଇଥାନ୍ତି । ଉଦାହରଣସ୍ୱରୂପ, ତୁମେ ଏକ ବିରାଟ ବିପଦର ସମ୍ମୁଖୀନ ହେଲ ଓ ତେଣୁ ତୁମକୁ ତରତର ହୋଇ ଲୁଗା ପିନ୍ଧି କୁଆଡ଼େ ସାଙ୍ଗେ ସାଙ୍ଗେ ପଳାଇଯିବାକୁ ହେବ । ଏବଂ, ଅବସ୍ଥା ଏପରି ହେବ ଯେ, ତୁମେ ପ୍ରକୃତରେ ଲୁଗା ପିନ୍ଧିପାରୁ ନ ଥିବ, ଯେତେ ଚେଷ୍ଟା କରୁଥିଲେ ମଧ୍ୟ ତଥାପି ନିଜର ପରିଧାନଗୁଡ଼ିକୁ ଦେହରେ ଲଗାଇପାରୁ ନ ଥିବ । ହୁଏତ ସେଗୁଡ଼ିକୁ ଆଉ ମୋଟେ ଖୋଜି ପାଉ ନ ଥିବ, ଓ ଯଦି ଜୋତା ପିନ୍ଧିବାକୁ ଯିବ, ତେବେ ସେଗୁଡ଼ିକ ତୁମର ଗୋଡ଼କୁ ମୋଟେ ହେଉ ନ ଥିବେ; ଯଦି ଶୀଘ୍ର ଶୀଘ୍ର କୁଆଡ଼େ ଚାଲିଯିବାକୁ ଇଚ୍ଛା କରୁଥିବ, ତେବେ ତୁମର ଗୋଡ଼ଗୁଡ଼ାକ ଆଉ ମୋଟେ ଉଠିବାକୁ ଇଚ୍ଛା କରୁ ନ ଥିବେ । ଗୋଡ଼ ଦୁଇଟା ଅଚଳ ହୋଇ ରହିଥିବେ ଏବଂ ତୁମେ ଯେଉଁଠି ସେଇଠି ଛିଡ଼ା ହୋଇ ଆଗକୁ ଯିବାକୁ ପ୍ରାଣପଣେ ଚେଷ୍ଟା କରୁଥିବ, ମାତ୍ର ତଥାପି ଯାଇପାରୁ ନ ଥିବ । ପାକସ୍ଥଳୀରେ ଗୋଳମାଳ ଘଟିଲେ ସାଧାରଣତଃ ଏହିଭଳି ଦୁଃସ୍ୱପ୍ନ ଦେଖିବାକୁ ପଡ଼ିଥାଏ ।

'oaob.nitrkl.ac.in' images reprocessed

ଧୂମପାନ ଓ ସୁରାଭ୍ୟାସ ଫଳରେ ସ୍ମୃତିଶକ୍ତି ଓ ଇଚ୍ଛାଶକ୍ତି ନଷ୍ଟ ହୋଇଯାଆନ୍ତି କାହିଁକି ?

କାହିଁକି ? କାରଣ ସେଗୁଡ଼ିକ ଦ୍ୱାରା ତାହାହିଁ ହୋଇଥାଏ । ଏହାର ଆଉ କୌଣସି ନୈତିକ କାରଣ ନାହିଁ । ଏହା ପ୍ରକୃତିରେ ଘଟେ । ସୁରାଭିତରେ ବିଷ ରହିଥାଏ, ଧୂଆଁରେ ମଧ୍ୟ ବିଷ ରହିଥାଏ; ଏବଂ ସେହି ବିଷସବୁ ଶରୀରର କୋଷ ଭିତରେ ପ୍ରବେଶ କରି ସେଗୁଡ଼ିକୁ ନଷ୍ଟ କରି ଦିଅନ୍ତି । ସୁରା ପ୍ରକୃତିରେ ଦେହ ଭିତରୁ ମୋଟେ ନିଷ୍କାସିତ ହୋଇପାରେ ନାହିଁ; ତାହା ମସ୍ତିଷ୍କର କୌଣସି ଏକ ଅଂଶରେ ସଂଗୃହୀତ ହୋଇ ରହିଯାଏ ଏବଂ ତା'ପରେ, ସେଠାରେ ଯାଇ ଜମା ହେବା ପରେ, ସେହି କୋଷଗୁଡ଼ିକ ଆଉ ମୋଟେ କାର୍ଯ୍ୟ କରିପାରନ୍ତି ନାହିଁ । ଏହି କାରଣରୁ ଅନେକ ବ୍ୟକ୍ତି ପାଗଳ ବି ହୋଇ ଯାଆନ୍ତି, ତାହାକୁହିଁ ବ୍ୟାଧିଶାସ୍ତ୍ରରେ "କମ୍ପୋନ୍ମାଦ" ବୋଲି କୁହାଯାଏ । ଅତିରିକ୍ତ ସୁରାପାନ ଫଳରେ ତାହା ହୋଇଥାଏ; ପାନ କରୁଥିବା ସୁରା ହଜମ ହୋଇପାରେ ନାହିଁ ଓ ତେଣୁ ଏହିପରି ଭାବରେ ମସ୍ତିଷ୍କ ଭିତରେ କେଉଁଠି ଗୋଟାଏ ଜାଗାରେ ଯାଇ ଜମା ହୋଇ ରହିଯାଏ । ଏବଂ ତାହା ଏପରି ଉଗ୍ର ଭାବରେ ବି କାର୍ଯ୍ୟ କରେ ଯେ··· ଉଦାହରଣସ୍ୱରୂପ, ଫ୍ରାନ୍‌ସରେ ଗୋଟିଏ ପ୍ରଦେଶ ରହିଛି, ଯେଉଁଠାରେ କି ସୁରାର ଉତ୍ପାଦନ ହୁଏ,—ସେହି ସୁରାରେ ବେଶ୍ କମ୍ ଅଂଶରେ ମଦ୍ୟସାର ରହିଥାଏ : ବୋଧହୁଏ ଶତକଡ଼ା ତିନି କି ପାଞ୍ଚ ଭାଗ ରହିଥାଏ, ଅତ୍ୟନ୍ତ କମ୍ ଅନୁପାତରେ ରହିଥାଏ । ଏବଂ, ସେହି ପ୍ରଦେଶର ଲୋକମାନେ ସେହି ମଦ୍ୟକୁ ପ୍ରସ୍ତୁତ କରୁଥିବାରୁ ତାହାକୁ ସତେଅବା ପାଣିପରି ପିଇଯାଆନ୍ତି । ସେମାନେ ତାହାକୁ ନିରୁତା ଭାବରେ ପିଅନ୍ତି ଓ କିଛିଦିନ ପିଇବା ପରେ ବେମାର ହୁଅନ୍ତି । ସେମାନଙ୍କ ମସ୍ତିଷ୍କ ନାନା ଭାବେ ରୋଗଗ୍ରସ୍ତ ହୁଏ । ମୁଁ ଏହିଭଳି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର କି ମସ୍ତିଷ୍କ ରୋଗଗ୍ରସ୍ତ ହୋଇପଡ଼ିଥିଲା ଓ ଆଉ ମୋଟେ କାର୍ଯ୍ୟ କରୁ ନ ଥିଲା । ତା'ପରେ ଧୂମପାନ,—ନିକୋଟିନ୍ ଏକ ଅତି କ୍ଷତିକାରକ ବିଷ । ଏହି ବିଷ କୋଷଗୁଡ଼ିକୁ ଧ୍ୱଂସ କରିଦିଏ । ସେହି ବିଷ ଭାରି ଧୀରେ ଧୀରେ କାର୍ଯ୍ୟ କରେ ବୋଲି ମୁଁ କହୁଛି, କାରଣ, କେବଳ ପ୍ରଥମଥର ପାଇଁ ଧୂମପାନ କରୁଥିବା ବ୍ୟକ୍ତି ଆଉ କେବେହେଲେ ଧୂମପାନକାରୀ ତାହାକୁ ସଙ୍ଗେ ସଙ୍ଗେ ଅନୁଭବ କରିପାରେ ନାହିଁ ଏବଂ ତାହା ତାକୁ ଭାରି ଅସୁସ୍ଥ କରିପକାଏ । ଏବଂ ଏଥିରୁ ତୁମର ହୃଦୟଙ୍ଗମ କରିବା ଉଚିତ ଯେ, ଏହି ଅଭ୍ୟାସଟିକୁ କରିବା ମୋଟେ ଉଚିତ ନୁହେଁ । ମାତ୍ର, ଲୋକମାନେ ଅତ୍ୟନ୍ତ ନିର୍ବୋଧ ଭାବରେ ସେହି ଅଭ୍ୟାସଟିକୁ କେବଳ ଏକ ଦୁର୍ବଳତା ବୋଲି ଭାବନ୍ତି ଏବଂ ବିଷଟି ଦେହସୁଦ୍ଧା ହୋଇଯିବା

'oaob.nitrkl.ac.in' images reprocessed

ପର୍ଯ୍ୟନ୍ତ ଧୂମପାନ କରିବାରେ ଲାଗିଥାନ୍ତି । ତା'ପରେ ଶରୀର ମଧ୍ୟ ଆଉ କୌଣସି ପ୍ରତିକ୍ରିୟା ଦେଖାଏ ନାହିଁ । କୌଣସି ପ୍ରତିକ୍ରିୟା ନ ଦେଖାଇ ଶରୀର ନିଜକୁ ନଷ୍ଟ ହେବାକୁ ଛାଡ଼ିଦିଏ : ରୁ ପ୍ରତିକ୍ରିୟାରୁ ମୁକ୍ତ ହୋଇ ରହି ।

ଏହା ଶାରୀରିକ କ୍ଷେତ୍ରରେ ଯେପରି କ୍ଷତିକାରକ, ନୈତିକ କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି କ୍ଷତିକାରକ । ଯାହା ତୁମର କରିବା ଉଚିତ ନୁହେଁ, ଯେତେବେଳେ ତୁମେ ସେହି କାର୍ଯ୍ୟଟିକୁହିଁ କରୁଥାଅ ଏବଂ ତୁମର ଚୈତ୍ୟବିବେକଟି ଆପଣାର କ୍ଷୀଣ କଣ୍ଠରେ ତୁମକୁ ତାହା ନ କରିବା ଲାଗି କହୁଥିଲେ ମଧ୍ୟ ଯଦି ତୁମେ ତଥାପି ତାହା କରିବାରେ ଲାଗିଥାଅ, ତେବେ କିଛି କାଳ ପରେ ସିଏ ଆଉ ତୁମକୁ କିଛିହେଲେ ବି କହିବ ନାହିଁ ଏବଂ ତେଣୁ, ତୁମର ମନ୍ଦ କାର୍ଯ୍ୟଗୁଡ଼ିକ ଲାଗି ତୁମେ ଅନ୍ତର୍ଗତ ଭାବରେ ଆଉ ଆଦୌ କୌଣସି ପ୍ରତିକ୍ରିୟା ପ୍ରକାଶ କରିବ ନାହିଁ । କାରଣ, ତାହା ଯେତେବେଳେ ତୁମକୁ କିଛି କହିବାକୁ ଚେଷ୍ଟା କରୁଥିଲା, ସେତେବେଳେ ତୁମେ ତା' କଥା ଶୁଣିବାକୁ ଏକାବେଳେକେ ନାସ୍ତି କରିଦେଲ । ଏବଂ ତା'ପରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମେ ଖରାପରୁ ଆହୁରି ଅଧିକ ଖରାପକୁ ଗତି କରିବାରେ ଲାଗ ଏବଂ ଶେଷରେ ଗାତ ଭିତରେ ଯାଇ ପଡ଼ିଯାଅ । ଧୂମପାନ ବେଳକୁ ଠିକ୍ ସେହିକଥା ଘଟିଥାଏ : ସର୍ବପ୍ରଥମ ଥର ବେଳକୁ ଶରୀର ଅତ୍ୟନ୍ତ ତୀବ୍ର ଭାବରେ ପ୍ରତିକ୍ରିୟା ବ୍ୟକ୍ତ କରେ, ବାନ୍ତି ହେବାକୁ ଲାଗେ ଓ ଶରୀର ତୁମକୁ କହୁଥାଏ, "ମୁଁ କଦାପି ଏହାକୁ ଗ୍ରହଣ କରିବାକୁ ଚାହୁଁ ନାହିଁ ।" ତୁମେ ଆପଣାର ମାନସିକ ଓ ପ୍ରାଣିକ ନିର୍ବୋଧତା ଦ୍ୱାରା ତାକୁ ସେଥିଲାଗି ବାଧ୍ୟ କରିବାରେ ଲାଗିଥାଅ, ତାକୁ ତାହାହିଁ କରିବା ଲାଗି ବାଧ୍ୟ କର । ତା'ପରେ ସିଏ ଆଉ ଆଦୌ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରେ ନାହିଁ ଏବଂ ଆପେ ଗୋଟାସୁଦ୍ଧା ଶରୀର ପଚି ନଷ୍ଟ ହୋଇଯିବା ପର୍ଯ୍ୟନ୍ତ ଆପଣାକୁ କ୍ରମଶଃ ବିଷଗ୍ରସ୍ତ କରିବାରେ ଲାଗିଥାଏ । ଶରୀରର କର୍ମକ୍ଷମତା ହ୍ରାସ ହୋଇ ଯାଉଥାଏ; ସ୍ନାୟୁଗୁଡ଼ିକ ଆକ୍ରାନ୍ତ ହୋଇପଡ଼ନ୍ତି, ଆକ୍ରାନ୍ତ ହୋଇ ପଡ଼ିବାରୁ ଇଚ୍ଛାଶକ୍ତିର ସଞ୍ଚରଣ ଘଟାଇବା ଲାଗି ସେମାନଙ୍କର ଆଉ କୌଣସି ବଳ ରହେ ନାହିଁ । ଏବଂ ଶେଷରେ ଲୋକେ ଥରଥର ହୋଇ କମ୍ପିବାକୁ ଆରମ୍ଭ କରନ୍ତି, ସେମାନଙ୍କର ଯାବତୀୟ ଗତିରେ ସ୍ନାୟୁଦୌର୍ବଲ୍ୟ ଆସି ପହଞ୍ଚେ । ଏପରି ବେଶି କେତୋଟି ଦୃଷ୍ଟାନ୍ତ ଦେଖିବାକୁ ମିଳିବ ଏବଂ ସେମାନଙ୍କୁ ଖୋଜି ପାଇବା ଲାଗି ଆଦୌ ବହୁତ ଦୂର ଯିବାକୁ ପଡ଼ିବ ନାହିଁ । ଏବଂ, କେବଳ ସୀମାତିରିକ୍ତତା ହେତୁହିଁ ସେମାନେ ସେହିପରି ହୋଇ ରହିଥାନ୍ତି । ସେମାନେ ମଦ୍ୟପାନ ଓ ଧୂମପାନରେ ସୀମା ଲଂଘନ କରି ଯାଇଥାନ୍ତି । ଏବଂ କୌଣସି ପଦାର୍ଥ ଉଠାଇ ଧରିବା ସମୟରେ ସେମାନଙ୍କର ହାତ କମ୍ପିବାକୁ ଲାଗୁଥାଏ

'oaob.nitrkl.ac.in' images reprocessed

(ମାଆ ସେହିପରି ଭଙ୍ଗୀ କରି ଦେଖାଇଦେଲେ) । ଏହାର ଫଳରେହିଁ ସେହି ଦଶାଟିକୁ ଭୋଗିବାକୁ ପଡ଼େ ।

ଅନେକ ବ୍ୟକ୍ତିଙ୍କର ଏକ ସୁବିକଶିତ ଶରୀର ରହିଥାଏ, ମାତ୍ର ସେମାନେ ଏଣେ ଭାରି ଭୟକାତର ସ୍ୱଭାବର ହୁଅନ୍ତି । ଏଭଳି କାହିଁକି ହୁଏ ?

ଏହା ସାଧାରଣତଃ ··· ହୁଏତ ସେମାନଙ୍କର ପ୍ରାଣିକ ଗଠନଟି ଭାରି ଦୁର୍ବଳ ହୋଇ ରହିଥାଏ । ସେମାନଙ୍କର ସ୍ନାୟୁଗୁଡ଼ିକ ଦୁର୍ବଳ ଥାଇପାରେ, ସ୍ନାୟୁକ୍ଷେତ୍ରର କ୍ରିୟାଶୀଳତା ଦୁର୍ବଳ ହୋଇପାରେ । ହୁଏତ ସେହି କାରଣରୁ ଏପରି ହୋଇପାରେ, ଅଥବା ସମ୍ଭବତଃ ଜନ୍ମରୁହିଁ ଏକ ଅନସ୍ଥମ ରହି-ଯାଇଥିବାରୁ ସେପରି ହୁଏ । ମାତ୍ର ଏକ ମାନସିକ ଦୁର୍ବଳତା ହେତୁ ମଧ୍ୟ ତାହା ଘଟିପାରେ; କାରଣ ଏକ ସୁସ୍ଥ ଶରୀରର ସ୍ନାୟୁସମୂହ ଭାରି ଶକ୍ତିଯୁକ୍ତ ହୋଇ ରହିଥିଲେ ମଧ୍ୟ, ଯଥାର୍ଥରେ କାର୍ଯ୍ୟକ୍ଷମ ସ୍ନାୟୁଗୁଡ଼ିକୁ ହାସଲ କରିବା ଲାଗି ଆମର ଭାବନାଗୁଡ଼ିକ ମଧ୍ୟ ସୁସ୍ଥ ହୋଇଥିବା ଏକାନ୍ତ ଆବଶ୍ୟକ । ଯଦି ତୁମର ଭାବନା ସୁସ୍ଥ ହୋଇ ନ ଥାଏ, ଯଦି ତୁମର ଅନୁଭୂତି ଓ ଭାବନାଗୁଡ଼ାକ ପ୍ରକୃତରେ ମନ୍ଦ ହୋଇଥା'ନ୍ତି, ତେବେ ତାହା ଫଳରେ ତୁମର ସ୍ନାୟୁଗୁଡ଼ିକ ମଧ୍ୟ ଭାରି ଖରାପ ହୋଇଯାଆନ୍ତି, — ତା'ଠାରୁ ଆହୁରି ନିକୃଷ୍ଟ ଅବସ୍ଥାରେ ଆସି ରହିଥାନ୍ତି । ଉଦାହରଣସ୍ୱରୂପ, ଯେଉଁମାନେ ନିଜ ମନ ଭିତରେ ଯାବତୀୟ ପ୍ରକାରର ଅସ୍ୱାସ୍ଥ୍ୟକର କଳ୍ପନାକୁ ସ୍ଥାନ ଦେବାରେ ଲାଗିଥାନ୍ତି, ଯେଉଁମାନେ ଅସ୍ୱାସ୍ଥ୍ୟକର ବିଷୟ ପାଠ କରନ୍ତି ଓ ଅସୁସ୍ଥ କଥାବାର୍ତ୍ତାଗୁଡ଼ାକୁ ଭଲ ପାଆନ୍ତି, — ଏହିଭଳି କେତେ କ'ଣ ରହିଛି, କେତେନା କେତେ ରହିଛି, — ସେମାନେ ହୁଏତ ଏପରି ଏକ ଅବସ୍ଥାରେ ଆସି ପହଞ୍ଚନ୍ତି ଯେ, ନିଜ ସ୍ନାୟୁଗୁଡ଼ିକ ଉପରେ ସେମାନଙ୍କର ଆଉ କୌଣସି ଅଖ୍ତିଆର ରହେ ନାହିଁ । ସ୍ନାୟୁଗୁଡ଼ିକର କ୍ଷେତ୍ରରେ ସେମାନେ ଅତ୍ୟନ୍ତ କ୍ଷୀଣବଳ ହୋଇ ପଡ଼ନ୍ତି ଓ ହୁଏତ ତେଣେ ସେମାନଙ୍କର ଶରୀର ଅତ୍ୟୁତ୍ତମ ଅବସ୍ଥାରେ ରହିଥାଏ ଓ ଭାରି ସୁସ୍ଥ ଥାଏ । ଅସ୍ୱାସ୍ଥ୍ୟକର କଥାବାର୍ତ୍ତା ଓ ଅସ୍ୱାସ୍ଥ୍ୟକର ଅଧ୍ୟୟନ ମୋ' ମତରେ ଏହି ଦୁଇଟିଠାରୁ ଆଉ ଅଧିକ ଖରାପ କଥା ଆଉ କିଛି ହେଲେ ନାହିଁ; ଏବଂ, ଯେତେବେଳେ ତୁମେ ପ୍ରକୃତରେ ସାଧନା କରୁଥାଅ, ଯେତେବେଳେ ଅଗ୍ରସର ହେବା ଲାଗି ପ୍ରକୃତରେ ଇଚ୍ଛା କରୁଥାଅ, ସେତେବେଳେ ଏହି କଥା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଇଥାଅ ଯେ, ଯେତେ କମ୍ ହେଲେ ମଧ୍ୟ ଯେତେବେଳେ ତୁମେ ନିରର୍ଥକ କଥାମାନ କହୁଛ, ସେତେବେଳେ ସଙ୍ଗେ ସଙ୍ଗେ ଏକ ଭୟଙ୍କର ଅପ୍ରସ୍ତୁତା ତୁମକୁ ଅଧିକାର

'oaob.nitrkl.ac.in' images reprocessed

କରି ନେଉଛୁ; ତୁମେ ଅନୁଭବ କରୁଛ ସତେଯେପରି ତୁମ ମସ୍ତିଷ୍କର ସନ୍ଧୁଯାକ ସ୍ନାୟୁକୁ କିଏ ଏକାବେଳେକେ ଟାଣି ନେଇଯିବାରେ ଲାଗିଛି ଓ ସେଠାରେ ସତେଅବା କିଏ ଖୁବ ଜୋରରେ ମୋଡ଼ି ପକାଇବାରେ (ଅନୁରୂପ ଭଙ୍ଗୀ) ଲାଗିଛି । ତାହା ତୁମକୁ ଆଘାତ ଦେଉଛି, ତୁମେ ଭିତରେ ଏକ ବୃହତ୍ ଶୂନ୍ୟତା ଅନୁଭବ କରୁଛ, ତୁମର ଗ୍ରୀବା ପୋଡ଼ିଲାପରି ଲାଗୁଛି, — ସତେଯେପରି ତୁମେ କ'ଣ ଖୁବ ଖରାପ କୌଣସି ପଦାର୍ଥ ଆହାର କରିଛ; — ନିରର୍ଥକ ଭାବରେ କେତେକ କଥା କହୁଥିବାରୁହିଁ ତୁମକୁ ଏହି ସବୁକିଛି ଭୋଗ କରିବାକୁ ପଡ଼ୁଛି । ପୁଣି, ଏକଥାଟିର ମଧ୍ୟ ଏକ ସୁନିଶ୍ଚିତ ସୂଚନା ମିଳିଯାଉଛି : ଅସ୍ୱସ୍ତି ଆରମ୍ଭ ହେବା ସଙ୍ଗେ ସଙ୍ଗେ ତୁମେ ଭଲକରି ଜାଣିପାରୁଛ ଯେ ଏଥର ଏଗୁଡ଼ାକୁ ବନ୍ଦ କରିବାକୁ ହେବ : "ବର୍ତ୍ତମାନ ଏହା ଏଇଠାରୁହିଁ ବନ୍ଦ ହେଉ" । ମାତ୍ର, ଅଧିକାଂଶ ବ୍ୟକ୍ତି ଏତେ ଅଧିକ ପରିମାଣରେ ଅଚେତନ ହୋଇ ରହିଥାନ୍ତି ଯେ ସେମାନେ ଏଥିପ୍ରତି ଦୃଷ୍ଟି ବି ଦେଇପାରନ୍ତି ନାହିଁ, ଏବଂ ଆପଣାର ବିକୃତ ଇଚ୍ଛାଟି ଦ୍ୱାରା ପ୍ରବୃତ୍ତ ହୋଇ ସେମାନଙ୍କର ସମଗ୍ର ବ୍ୟବସ୍ଥାଟି ଯାହା ନ କରିବା ଉଚିତ, ତାହାକୁ ସେମାନେ ସେହି କାର୍ଯ୍ୟଟିକୁ କରିବା ଲାଗି ବାଧ୍ୟ କରିଥାନ୍ତି । ଫଳରେ, ବ୍ୟବସ୍ଥାଟି ମଧ୍ୟ ଶାନ୍ତ ଭାବରେ ସେହିସବୁ କଥା ମାନିଯାଏ ଓ କ୍ରମଶଃ ବିଗିଡ଼ିବାକୁ ଆରମ୍ଭ କରେ । ଠିକ୍ ଏହିପରି ଭାବରେ ଦୃଶ୍ୟ ଭାବରେ କୌଣସି ପ୍ରତିକ୍ରିୟା ନ ଦେଖାଉଥିଲେ ମଧ୍ୟ ବିଗିଡ଼ି ଯିବାରେ ଲାଗିଥାଏ ।

ସେହି ବିଷୟଟିରୁ ମୁଁ ଏହି ଅଂଶଟି ବୁଝିପାରିଲି ନାହିଁ : "ଯେଉଁମାନେ ଅଗ୍ରଗତି କରିବା ଲାଗି ଇଚ୍ଛା କରୁଛନ୍ତି, ସେମାନେ ଆତ୍ମସଂଯମକୁ ଅବଶ୍ୟ ଏକ ନିୟମରୂପେ ଗ୍ରହଣ କରିବେ । ମାତ୍ର ଯେଉଁମାନେ ବିଶେଷ କରି ଅତିମାନସ ଅଭିବ୍ୟକ୍ତି ଲାଗି ଆପଣାକୁ ପ୍ରସ୍ତୁତ କରିବାକୁ ଇଚ୍ଛା କରୁଛନ୍ତି, ଏହି ଆତ୍ମସଂଯମ ଜାଗାରେ ସେମାନେ ଏକ ପୂର୍ଣ୍ଣ ଅପରିଗ୍ରହ ଆଚରଣ କରିବେ । କୌଣସି ପ୍ରକାର ବଳପ୍ରୟୋଗ ଅଥବା ଅବଦମନ ଦ୍ୱାରା ସେହି ଅପରିଗ୍ରହ ସମ୍ଭବ ହୋଇ ନ ଥିବ, ମାତ୍ର ସତେଅବା ଏକ ଅନ୍ତର୍ଗତ ରସାୟନ-ଯାଦୁ ଦ୍ୱାରା ତାହା ହୋଇପାରିଥିବ, ଯାହାଫଳରେ ଜନସାଧାରଣଙ୍କ କ୍ଷେତ୍ରରେ ଯେଉଁ ଶକ୍ତି ସନ୍ତାନୋତ୍ପାଦନ ଲାଗି ବ୍ୟୟିତ ହୋଇଥାଏ, ତାହା ଅଗ୍ରଗତି ଏବଂ ପୂର୍ଣ୍ଣ ରୂପାନ୍ତର ଲାଗି କାର୍ଯ୍ୟରେ ଲାଗି ପାରୁଥିବା ନାନା ଅନ୍ୟଶକ୍ତିକୁ ପରିବର୍ତ୍ତିତ ହୋଇ ଯାଇପାରିବ ।"

'oaob.nitrkl.ac.in' images reprocessed

ଏହା ଭାରତବର୍ଷରେ ଯୋଗ ସାଧନା-ପଦ୍ଧତିରେ ବେଶ୍ ଜଣାଶୁଣା କଥା । ଜଣେ ଯେତେବେଳେ ଶକ୍ତିଗୁଡ଼ିକ ବିଷୟରେ ସଚେତନ ହେବାକୁ ଆରମ୍ଭ କରେ ଏବଂ ସେମାନଙ୍କ ଉପରେ ନିଜର ନିୟନ୍ତ୍ରଣ ସ୍ଥାପନ କରିଥାଏ ସେତେବେଳେ ସେ ଏହା ବୁଝିପାରେ । ଶକ୍ତିଗୁଡ଼ିକ ସଂକେନ୍ଦ୍ରିତ ହୋଇ ରହିଥିବା ବିଭିନ୍ନ "ଚକ୍ର"-ଗୁଡ଼ିକ ବିଷୟରେ ରହିଥିବା ତତ୍ତ୍ୱଟି ବିଷୟରେ ତୁମେ ଅବଶ୍ୟ ଜାଣ, ନୁହେଁ କି ? ସାଧାରଣତଃ ଏଭଳି ପାଞ୍ଚଟି ଚକ୍ର ରହିଛି ବୋଲି କୁହାଯାଇଥାଏ । ମାତ୍ର ତାହାର ପ୍ରକୃତ ସଂଖ୍ୟା ହେଉଛି ସାତଟି ବା ଏପରିକି ବାରଟି । ସଂଖ୍ୟା ଯେତୋଟି ହୋଇଥାଉ ପଛକେ, ଏହିସବୁ କେନ୍ଦ୍ରରେ ଶକ୍ତିଗୁଡ଼ିକ ସଂଗୃହୀତ ହୋଇ ରହିଥାଏ ଏବଂ ସେହି ଶକ୍ତିଗୁଡ଼ିକ କେତୋଟି ନିର୍ଦ୍ଦିଷ୍ଟ କ୍ରିୟାଶୀଳତାକୁ ନିୟନ୍ତ୍ରଣ କରୁଥାନ୍ତି । ଏହିପରି ଭାବରେ, ଲିଙ୍ଗଚକ୍ରରେ ଏକ ଶକ୍ତିସଂଗ୍ରହଣ ସଂଘଟିତ ହୋଇଥାଏ, ଅନେକ ଶକ୍ତି ସଂଗୃହୀତ ହୋଇ ରହିଥାଏ, ଏବଂ ଯେଉଁମାନେ ଏହି ଶକ୍ତିଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରିଥାନ୍ତି, ସେମାନେ ସ୍ୱୟଂ ତାହାର ପରିଚାଳକ ହେବାରେ ସଫଳ ହୁଅନ୍ତି, ସେଗୁଡ଼ିକୁ ଊର୍ଦ୍ଧ୍ୱକୁ ଉଠାଇ ଆଣି ପାରନ୍ତି ଏବଂ ଏଠାରେ ନେଇ ସ୍ଥାପିତ କରନ୍ତି (ମାଆ ବକ୍ଷ-କେନ୍ଦ୍ରଟିକୁ ନିର୍ଦ୍ଦେଶ କରି ଦେଖାଇଦେଲେ) । ଏବଂ ଏଠାରେ ଅଗ୍ରଗତିର ଶକ୍ତିଚୟ କେନ୍ଦ୍ରିତ ହୋଇ ରହିଥାଏ । ଏହାକୁ ଅଗ୍ନିଙ୍କର ସ୍ଥାନ ବୋଲି କୁହାଯାଏ;—ମାତ୍ର ଏଗୁଡ଼ିକ ହେଉଛି ଅଗ୍ରଗତିର ଶକ୍ତି, ଏଠାରେ ଅଗ୍ରଗତିର ଇଚ୍ଛାଟି ଅବସ୍ଥିତ ରହିଥାଏ । ତେଣୁ ଲିଙ୍ଗକେନ୍ଦ୍ରରେ ସଂକେନ୍ଦ୍ରିତ ହୋଇ ରହିଥିବା ଶକ୍ତିଚୟକୁ ଊର୍ଦ୍ଧ୍ୱକୁ ଆକର୍ଷିତ କରି ନିଆହୁଏ ଏବଂ ଏହିଠାରେ ଅବସ୍ଥାପିତ କରି ରଖାଯାଏ । ଏବଂ ସେଗୁଡ଼ିକ ପ୍ରଭୂତ ଭାବରେ ବୃଦ୍ଧି ପାଇବାରେ ଲାଗିଥାନ୍ତି, ଯେପରିକି ଲିଙ୍ଗକେନ୍ଦ୍ରଟି ସମ୍ପୂର୍ଣ୍ଣ ଭାବରେ ଶାନ୍ତ, ସ୍ଥିର ଓ ଅବିଚଳ ହୋଇରହିଥାଏ ।

ମେରୁଦଣ୍ଡର ମୂଳରେ ସୁପ୍ତ ହୋଇ ରହିଥିବା କୁଣ୍ଡଳିନୀଙ୍କୁ "ଜାଗ୍ରତ" କରି ମେରୁଦଣ୍ଡ ମଧ୍ୟରେ ଅବସ୍ଥିତ ବିଭିନ୍ନ ଚକ୍ରକୁ ଉନ୍ମୋଚିତ କରିନେବାକୁହିଁ ସାଧାରଣ ସାଧନାରେ ଏହିସବୁ ଶକ୍ତିକୁ ନିୟନ୍ତ୍ରିତ କରିବା ବୋଲି କୁହାଯାଇଥାଏ । ତାହାର ଫଳରେ କେନ୍ଦ୍ରଗୁଡ଼ିକ ଜାଗ୍ରତ ହୁଅନ୍ତି, ଉନ୍ମୋଚିତ ହୁଅନ୍ତି, ଜାଗ୍ରତ କରାନ୍ତି ଏବଂ ଗୋଟିକ ପରେ ଗୋଟିଏ କରି ମସ୍ତକ ପର୍ଯ୍ୟନ୍ତ ସେଗୁଡ଼ିକୁ ଗତିଶୀଳ କରାଇ ଦିଅନ୍ତି । ଏବଂ ସେହିଠାରୁହିଁ ସେଗୁଡ଼ିକୁ ବିଚ୍ଛୁରିତକରି ଦିଅନ୍ତି । ଏବଂ, ଯେତେବେଳେ ଏଡିକ କରିବାରେ ସଫଳତା ମିଳିଯାଏ (ଏଇଟି ହେଉଛି ପ୍ରଥମ ସାଧନା), ଯେତେବେଳେ କୁଣ୍ଡଳିନୀ ଜାଗ୍ରତ ହୋଇଯାଏ, ସେତେବେଳେ ତା'ପରେ ତାହାର ଅଧିକାରୀ ହେବାକୁ ହୁଏ, ତାହାକୁ ପରିଚାଳିତ ଓ ବିକଶିତ କରାଇ ନେବାକୁ ପଡ଼େ, ସକଳ କେନ୍ଦ୍ରକୁ ପରିଚାଳିତ କରି ନେଇପାରିବାକୁ ହୁଏ ଓ ତାହାର ଦ୍ୱାରାହିଁ ସକଳ କେନ୍ଦ୍ରକୁ

'oaob.nitrkl.ac.in' images reprocessed

ଜାଗ୍ରତ କରି ଦିଆଯାଏ । ଏପରିକି ସାମ୍ୟତ ହୋଇଗଲେ ବ୍ୟକ୍ତି ଆପଣାର କ୍ରିୟାଶୀଳତା ଉପରେ ପୂର୍ଣ୍ଣ ଅଧିକାର ପ୍ରାପ୍ତ ହୁଏ । ସେହି ଅଧିକାରଟି ପ୍ରାପ୍ତ ହୋଇଗଲେ, ଯେଉଁସବୁ ସ୍ଥାନରେ ଶକ୍ତିଗୁଡିକର କୌଣସି ଆବଶ୍ୟକତା ନାହିଁ, ସେଗୁଡ଼ିକୁ ସେଠାରେ ସେହିପରି ଛାଡିଦେବା ପରିବର୍ତ୍ତେ ସେଗୁଡ଼ିକୁ ଉପରକୁ ଆକର୍ଷିତ କରି ଆଣିବାକୁ ହୁଏ ଏବଂ ସେଗୁଡ଼ିକ ଯେଉଁଠାରେ ପ୍ରକୃତରେ କାର୍ଯ୍ୟରେ ଲାଗିବେ, ସେଗୁଡ଼ିକୁ ସେହିସବୁ ସ୍ଥାନରେହିଁ ଅବସ୍ଥାପିତ କରାଇବାକୁ ହୋଇଥାଏ । ଏହିପରି ଭାବରେ ସେଗୁଡ଼ିକୁ ଅଗ୍ରଗତି ଲାଗି, ରୂପାନ୍ତର ଲାଗି କାର୍ଯ୍ୟରେ ଲଗାଯାଏ ।

ଏହି ସବୁକିଛି ହେଉଛି ଆଲୋକନ, ଅଧ୍ୟବସାୟ ଓ ଧୈର୍ଯ୍ୟର ସହିତ କରାଯାଉଥିବା ଏକ ସାଧନାର ଫଳ । ଅନ୍ୟ ଯାବତୀୟ ବିଷୟରେ ଭାବୁଥିଲା ବେଳେ ବା ଇତସ୍ତତଃ ଖେଳି ବୁଲୁଥିଲା ବେଳେ ଏଗୁଡ଼ିକୁ ସେଇ୍ୟଧି ଉପେକ୍ଷାଯୁକ୍ତ ଭାବରେ ମୋଟେ କରାଯାଏ ନାହିଁ । ଏଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ସାଧନା । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହାର କ୍ରିୟାଶୀଳତା ଉପରେ ନଜର କରୁଁକରୁଁ ଆସିଗଲେ ତାହା ଅତ୍ୟନ୍ତ ଆକର୍ଷକ ହେବାକୁ ଆରମ୍ଭ କରେ । ମାତ୍ର ଯାହାସବୁ କରିବା ଆବଶ୍ୟକ, ତାହା ନ କରି ଏସବୁ ଆଦୌ ଇଚ୍ଛା କଲା ମାତ୍ରକେ କଦାପି ହୋଇଯାଏ ନାହିଁ ।

ଥରେ ଆପଣ କହିଥିଲେ ଯେ ମନୁଷ୍ୟସ୍ତରକୁ ଆସି ପ୍ରେମ ବିକୃତ ହୋଇଯାଇଛି ଓ ମନୁଷ୍ୟମାନେ ତାହାକୁ ବିକୃତ କରି ଦେଇଛନ୍ତି । ତେବେ ଏହି ପ୍ରେମର ଆଦି ଅବସ୍ଥା କପରି ଥିଲା ?

କ'ଣ କହିଲ ?

ମନୁଷ୍ୟର ଏହି ପ୍ରେମ ।

ମନୁଷ୍ୟର ପ୍ରେମ ? କାହିଁକି, ମୁଁ କ'ଣ ଏକଥା ଆଗରୁ କହି ନାହିଁ ? ସବା ମୂଳରେ ପ୍ରେମ ପରମ ପ୍ରେମର ଅବସ୍ଥାରେ ରହିଥିଲା । ଯେତେବେଳେ ତାହା ମନୁଷ୍ୟର ସ୍ତରକୁ ଖସିଆସେ, ସେତେବେଳେ ତାହା କପରି ହୁଏ, ମୁଁ ସେବିଷୟରେ ବର୍ଣ୍ଣନା କରିଛି । ଆପଣାର ସର୍ବମୂଳ ଅବସ୍ଥାରେ ପ୍ରେମ ଦିବ୍ୟ ପ୍ରେମହିଁ ହୋଇ ରହିଥାଏ । ମନୁଷ୍ୟ-ସ୍ତରର ପ୍ରେମ, ଅର୍ଥାତ୍ ମନୁଷ୍ୟ ସ୍ତରକୁ ଆସି ଏହି ପ୍ରେମ ବିକୃତ ହୋଇଯାଏ । କଦାକାର ହୋଇଯାଏ । କେବଳ ଦିବ୍ୟ ପ୍ରେମହିଁ ଶୁଦ୍ଧ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଆତ୍ମବିକାଶ ଲାଗି ଇନ୍ଦ୍ରିୟଗୁଡ଼ିକୁ କିପରି କାମରେ ଲଗାଯାଇ ପାରିବ ?

ଇନ୍ଦ୍ରିୟବୋଧଗୁଡ଼ିକର ମାଧ୍ୟମରେ ବିକାଶ ସାଧନ ? ଏଇଟାର ତ ବର୍ତ୍ତମାନ ଖୁବ ପ୍ରଚଳନ ରହିଛି ।

ଏହାର ଖୁବ୍ ପ୍ରଚଳନ ରହିଛି । ପିଲାମାନଙ୍କର ପର୍ଯ୍ୟବେକ୍ଷଣଶକ୍ତି, କୌଣସି ନିଷ୍ପତ୍ତି ବା ନିର୍ବାଚନରେ ଆସି ପହଞ୍ଚିବାର ତୀକ୍ଷ୍ଣତା, ଆଖିରେ ଦେଖି ଚିହ୍ନି-ପାରିବାର ସାମର୍ଥ୍ୟ ଓ କୌଣସି ବସ୍ତୁକୁ ଯଥାର୍ଥରେ ଗ୍ରହଣ କରିବାର ଦକ୍ଷତା ପ୍ରଭୃତିର ବିକାଶ କରାଇ ଆଣିବା ଉଦ୍ଦେଶ୍ୟରେ ଏବେ ଶିକ୍ଷାଳୟମାନଙ୍କରେ କେତେକେତେ ଉପାୟ ଓ ଶୃଙ୍ଖଳାର ଉଦ୍ଭାବନ ହେଲାଣି । ପିଲାମାନଙ୍କୁ ସେସବୁ ଶିଖାଇବା ଲାଗି ଏବେ ସେମାନଙ୍କ ଲାଗି ଅନେକପ୍ରକାର କ୍ରୀଡ଼ାର ଜୁଆଣ ହେଲାଣି । ଶ୍ରବଣଶକ୍ତିର ବିକାଶ ହୋଇପାରିବ, ଘ୍ରାଣ ଓ ଦୃଷ୍ଟିଶକ୍ତିର ବି ବିକାଶ କରାଯାଇ ପାରିବ,—ଏଗୁଡ଼ିକୁ ବିଧିବଦ୍ଧ ଭାବରେ ବିକଶିତ କରାଇ ଅଣାଯାଇ ପାରିବ । ଯଦି, କେବଳ ଆପଣାର ଇନ୍ଦ୍ରିୟବୋଧଗୁଡ଼ିକର ଭୂମିରେ ଜୀବନକୁ ନ ବଞ୍ଚି,—ଏଇଟା "ଭଲ ଲାଗୁଛି" ବା ଏଇଟା "ଭଲ ଲାଗୁ ନାହିଁ", ଏଇଟା "ଭଲ" ବା ଏଇଟା "ମନ୍ଦ" ପ୍ରଭୃତି ଯେଉଁସବୁ ବିଷୟ ସମ୍ପୂର୍ଣ୍ଣ ଭାବରେ କୌଣସି କାମରେ ଲାଗିପାରେ ନାହିଁ,—ଯଦି ଆମେ ସ୍ପନ୍ଦନଗୁଡ଼ିକୁ କଳିବାରେ, ମାପିବାରେ, ତୁଳନା କରିବାରେ, ଲିପିବଦ୍ଧ କରି ରଖିବାରେ ଏବଂ ବିଶଦ ଭାବରେ ଅଧ୍ୟୟନ କରିବାରେ ସଫଳ ହୋଇ ପାରିବା··· । ତୁମେ ଜାଣି ପାରୁଥିବ, ମନୁଷ୍ୟମାନେ ସଚେତଥବା ଅନ୍ୟ-ମାନଙ୍କ ପରି ଜୀବନକୁ ବଞ୍ଚୁଆନ୍ତି, ସର୍ବଦା ସମ୍ପୂର୍ଣ୍ଣ ଭାବରେ ଅଚେତନପ୍ରାୟ ହୋଇ ରହିଆନ୍ତି ଏବଂ ଯାବତୀୟ ଇନ୍ଦ୍ରିୟବୋଧ ଓ ପ୍ରତିକ୍ରିୟା ତଥା ଯାବତୀୟ ପ୍ରବଳାବେଗ ଭିତରେ ପ୍ରବିଷ୍ଟ ହେବାରେ ଲାଗିଆନ୍ତି । ଏବଂ ତେଣୁ ଏଇଟା ସୁଖକର, ଏଇଟା ସୁଖକର ନୁହେଁ, ଏହା ଭଲ ଲାଗୁଛି, ଏଇଟା ଭଲ ଲାଗୁ ନାହିଁ, —ଏହିପରି ଭାବରେହିଁ ମତବ୍ୟକ୍ତ କରିବାରେ ଲାଗିଆନ୍ତି । ତେବେ ସେସବୁ ପ୍ରକୃତରେ କ'ଣ ? ସେଥିରେ ପ୍ରକୃତରେ କି ଅର୍ଥ ରହିଥାଏ ? —ସେଗୁଡ଼ାକରେ କୌଣସି ଅର୍ଥ ନ ଥାଏ । ଆମକୁ ମୂଲ୍ୟାୟନର ସମର୍ଥ ହେବାକୁ ପଡ଼ିବ, କଳନା କରିବାର, ବିଚାର କରିବାର, ତୁଳନା କରିବାର, ଲିପିବଦ୍ଧ କରି ରଖିବାର ଓ ସେହି ସ୍ପନ୍ଦନଗୁଡ଼ିକର ସମ୍ପୂର୍ଣ୍ଣ ମୂଲ୍ୟକୁ ଯଥାର୍ଥ ଭାବରେ ଓ ବୈଜ୍ଞାନିକ ଭାବରେ ଜାଣିବାକୁ ପଡ଼ିବ; ବିଭିନ୍ନ ପଦାର୍ଥ ମଧ୍ୟରେ ଯେଉଁସବୁ ସମ୍ବନ୍ଧ ରହିଛି, ତାହାକୁ ଜାଣିବାକୁ ପଡ଼ିବ । ଏହି ସବୁକିଛିକୁ ଅଧ୍ୟୟନ କରିବାକୁ ହେବ । ଉଦାହରଣସ୍ୱରୂପ ସକଳ ଇନ୍ଦ୍ରିୟବୋଧ ଓ ସେଥିରୁ ନିଷ୍ପନ୍ନ ଯାବତୀୟ ପ୍ରତିକ୍ରିୟାକୁ ଅଧ୍ୟୟନ

'oaob.nitrkl.ac.in' images reprocessed

କରିବାକୁ ହେବ, ଇନ୍ଦ୍ରିୟବୋଧଠାରୁ ମସ୍ତିଷ୍କ ପର୍ଯ୍ୟନ୍ତ ଯାବତୀୟ ଗତିଶୀଳତାକୁ ଅନୁସରଣ କରିବାକୁ ହେବ ଏବଂ ତା'ପରେ ହେଉଥିବା ଅନୁସନ୍ଧାନଟିକୁ ମଧ୍ୟ ମସ୍ତିଷ୍କଠାରୁ ଇନ୍ଦ୍ରିୟବୋଧଗୁଡ଼ିକର ଭୂମି ପର୍ଯ୍ୟନ୍ତ ଅନୁସରଣ କରିବାକୁ ପଡ଼ିବ । ଏବଂ ଏହିପରି ଭାବରେ ଆପଣାର ଇଚ୍ଛା ଉପରେ ଏକ ନିୟନ୍ତ୍ରଣ ହାସଲ କରିବା ସମ୍ଭବ ହୋଇଯିବ, ଆପଣାର ଇନ୍ଦ୍ରିୟବୋଧଗୁଡ଼ିକ ଉପରେ ମଧ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆସିଯିବ । ଏହି ନିୟନ୍ତ୍ରଣ ଏତେଦୂର ସମ୍ଭବ ହୋଇଯିବ ଯେ, ଯଦି କୌଣସି ବିଷୟକୁ ଆମେ ଅନୁଭବ କରିବାକୁ ଇଚ୍ଛା ନ କରୁଥିବା, ତେବେ ଆପଣାର ଇଚ୍ଛା ସାହାଯ୍ୟରେ ଆମେ ସେଇଟିକୁ ଅବଶ୍ୟ ଛାଡ଼ିଦେଇ ଚାଲିଯାଇ ପାରିବା । ତା'ପରେ ଆମକୁ ଆଉ ସେଇଟିକୁ କଦାପି ଅନୁଭବ କରିବାକୁ ପଡ଼ିବ ନାହିଁ । ଏହି ପ୍ରକାରର ଏହିପରି କେତେକେତେ ଶୃଙ୍ଖଳା ରହିଛି । ସେଗୁଡ଼ିକ ମଧ୍ୟରୁ କେତେକ ଜୀବନସାରା ତୁମ ସହିତ ରହିଥିବ, ଏବଂ ଉତ୍ତମ ରୂପେ ଅନୁସୃତ ହୋଇ ପାରୁଥିଲେ, ତୁମ ଜୀବନରେ ମୁହୂର୍ତ୍ତଟିଏ ମଧ୍ୟ କଦାପି ନଷ୍ଟ ହୋଇ ଯାଉ ନ ଥିବ ଓ ତୁମେ ସର୍ବଦା ଆଗ୍ରହ ଓ ଉତ୍ସାହରେ ପରିପୂର୍ଣ୍ଣ ହୋଇ ରହିଥିବ । ସେତେବେଳେ ଅନ୍ୟ ଆବେଗ-ଗୁଡ଼ାକ ଲାଗି ତୁମର ଆଉ କୌଣସି ସମୟ ନ ଥିବ, ତୁମର ଯାବତୀୟ ଅନ୍ୟ ଆବେଗ ଏହାଦ୍ୱାରା ଅନ୍ତର୍ହିତ ହୋଇଯିବ । ଏହିସବୁ ଅଧ୍ୟୟନରେ ଏକ ବୈଜ୍ଞାନିକ ଆଚରଣର ସ୍ତରକୁ ଆସିଯାଇ ପାରିଲେ, ତୁମେ ଆଉ କଦାପି ଖଣ୍ଡେ ସୋଲ ପରି ଏଣେ ତେଣେ ଭାସିବୁଲିବ ନାହିଁ ; ଗୋଟିଏ ଢେଉ ତୁମକୁ ଏଣିକି ଠେଲି ଆଣୁଥିବ ଓ ଆଉଗୋଟିଏ ଢେଉ ତେଣିକି ଠେଲି ନେଇ ଯାଉଥିବ,—ଏଭଳି କେବେ-ହେଲେ ହେବ ନାହିଁ । ପ୍ରକୃତି ଭିତରେ ଏକ ଚପଳତାର ଗତିକ୍ରିୟା ରହିଛି । ପ୍ରକୃତରେ ଏହି ପ୍ରକୃତି ମନୁଷ୍ୟମାନଙ୍କ ସହିତ କେତେ ପ୍ରକାରେ ଖେଳ ନ ଖେଳେ ! ତୁମେ ଯେତେବେଳେ ଏହାର ସ୍ୱରୂପଟିକୁ ବୁଝିବାକୁ ଆରମ୍ଭ କରିବ, ସେତେବେଳେ ଅବଶ୍ୟ ବିଦ୍ରୋହ କରି ଉଠିବ । ମନୁଷ୍ୟମାନେ ଯେ କିପରି ବିଦ୍ରୋହ ନ କରନ୍ତି, ମୁଁ ସେକଥା ମୋଟେ ବୁଝିପାରେ ନାହିଁ । ···ପ୍ରକୃତି ବାସନାର ଗୋଟିଏ ତରଙ୍ଗକୁ ପ୍ରେରଣ କରେ ଏବଂ ମନୁଷ୍ୟମାନେ ମେଣ୍ଢାଙ୍କ ପରି ଆପଣାର ବାସନାଗୁଡ଼ିକ ପଛରେ ଧାଇଁବାକୁ ଆରମ୍ଭ କରି ଦିଅନ୍ତି । ପ୍ରକୃତି ହିଂସ୍ରତାର ଏକ ତରଙ୍ଗକୁ ପ୍ରେରଣ କରେ, ଏବଂ ସେମାନେ ପୁଣି ମେଣ୍ଢାଙ୍କ ପରି ହିଂସ୍ର ହୋଇ ଜୀବନ ବଞ୍ଚିବାରେ ଲାଗିଯାଆନ୍ତି । ଏହିପରି ଭାବରେ ପ୍ରତ୍ୟେକ କ୍ଷେତ୍ରରେ ଲାଗି ରହିଆଏ । କ୍ରୋଧ କେବଳ ଏଥିକି ଟିକିଏ ମାତ୍ରାରେ ଇଙ୍ଗିତଟିଏ ଦେଇଦିଏ ଏବଂ ତା'ପରେ ସମସ୍ତେ କ୍ରୋଧରେ ଏକାବେଳେକେ ଉନ୍ମତ୍ତ ହୋଇ ଉଠନ୍ତି । କେବଳ ଇଙ୍ଗିତଟିଏହିଁ ଦେବାକୁ ପଡ଼େ—ଆପଣା ଖିଆଲର ଏକ ଇଙ୍ଗିତ ଦେବାକୁ ପଡ଼େ—ଏବଂ ମନୁଷ୍ୟମାନେ ପଲପଲ ହୋଇ ତାହାର ପଛରେ ଧାଇଁ

'oaob.nitrkl.ac.in' images reprocessed

ଯାଆନ୍ତି । ଅଥବା, ତାହା ଜଣକ ପାଖରୁ ଆଉଜଣକ ପାଖକୁ ସଞ୍ଚରିତ ହେବାରେ ଲାଗିଥାଏ । ସେମାନେ ଏହାର କାରଣଟିକୁ ମୋଟେ ଠଉରାଇ ପାରନ୍ତି ନାହିଁ । ସେମାନଙ୍କୁ ଯଦି "ଏପରି କାହିଁକି ହେଲା ?" ବୋଲି ପଚରାଯାଏ, ତେବେ ସେମାନେ ଉତ୍ତର ଦିଅନ୍ତି, "କେଜାଣି କାହିଁକି ମୁଁ ହଠାତ୍ ଭାରି ରାଗିଗଲି । ହଠାତ୍ ବାସନାର କବଳରେ ଯାଇ ପଡ଼ିଗଲି ।" ଏହା ଭାରି ଲଜ୍ଜାର କଥା ।

ଆଚ୍ଛା, ଶୁଭରାତ୍ରି ।

'oaob.nitrkl.ac.in' images reprocessed

# ୩୧ ମାର୍ଚ୍ଚ ୧୯୫୪

**ମାଙ୍କ ଦ୍ୱାରା ଲିଖିତ "ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି" ପ୍ରବନ୍ଧ (ପ୍ରଥମ ଭାଗ)ଟି ଉପରେ ଏହି ପ୍ରବଚନଟି ଆଧାରିତ ।**

"...ପ୍ରାଣିକର ଅସ୍ତିତ୍ୱ ପଛରେ ତିନୋଟି ଉତ୍ସ କାରଣରୂପେ କାର୍ଯ୍ୟ କରିଥାଏ । ସବୁଠାରୁ ଅଧିକ ସହଜରେ ପ୍ରାପ୍ତ ହେଉଥିବା ଉତ୍ସଟି ନିମ୍ନରୁ ଆସିଥାଏ, ଆମର ଇନ୍ଦ୍ରିୟାନୁଭବଗୁଡ଼ିକର ମାଧ୍ୟମରେ ଭୌତିକ ଶକ୍ତିଗୁଡ଼ିକ ମଧ୍ୟରୁ ଆସିଥାଏ ।

"ଦ୍ୱିତୀୟଟି ପ୍ରାଣିକର ଆପଣା ଭୂମିରେହିଁ ଅବସ୍ଥିତ ରହିଥାଏ । ଯେତେବେଳେ ପ୍ରାଣିକ ଯଥେଷ୍ଟ ପରିମାଣରେ ବିସ୍ତାରଯୁକ୍ତ ଓ ଗ୍ରହଣଶୀଳ ହୋଇପାରେ, ସେତେବେଳେ ବିଶ୍ୱପ୍ରାଣିକ ଶକ୍ତିଗୁଡ଼ିକ ସହିତ ସଂସ୍ପର୍ଶରେ ଆସିବା ଦ୍ୱାରାହିଁ ତାହା ସମ୍ଭବ ହୁଏ ।

"କେବଳ ଅଗ୍ରଗତି ଲାଗି ଏକ ବିପୁଳ ଅଭୀପ୍ସା ସମ୍ଭବ ହୋଇ ପାରିଲେ ଯାଇ ଏହା ସାଧାରଣତଃ ତୃତୀୟଟି ଲାଗି ଆପଣାକୁ ଉନ୍ମୋଚିତ କରି ଦେଇଥାଏ । ତାହା ଊର୍ଦ୍ଧ୍ୱରୁ ଆସେ, ଆଧ୍ୟାତ୍ମିକ ଶକ୍ତି ତଥା ଅନୁପ୍ରେରଣାର ସଞ୍ଚରଣ ଏବଂ ସମାବେଶନ ଦ୍ୱାରାହିଁ ତାହାର ଆଗମନ ହୋଇଥାଏ ।"

ମାଆ, ଏଠାରେ ମୁଁ ଠିକ୍ ଭାବରେ ବୁଝି ପାରିଲି ନାହିଁ । ଆପଣ କହିଛନ୍ତି : "...ଆଧ୍ୟାତ୍ମିକ ଶକ୍ତି ତଥା ଅନୁପ୍ରେରଣାର ସଂଚରଣ ଏବଂ ସମାବେଶନ ଦ୍ୱାରାହିଁ ଊର୍ଦ୍ଧ୍ୱରୁ ତାହା ଅଗ୍ରଗତି ଲାଗି ଏକ ବିପୁଳ ଅଭୀପ୍ସାର ଅଧିକାର ଲାଭ କରିଥାଏ ।"

**ତୁମେ କେଉଁ କଥାଟିକୁ ବୁଝିପାରିଲ ନାହିଁ ?**

ମାଆ, ମୁଁ ତାହାର ଅର୍ଥ ବୁଝିପାରିଲି ନାହିଁ ।

'oaob.nitrkl.ac.in' images reprocessed

ତୁମେ ବାକ୍ୟଟିକୁ ଭୁଲ ଭାବରେ ଭାଙ୍ଗି ଦେଉଛ ବୋଲି ଏପରି ହେଉଛି । (ମା'ଆ ନକେ ବିଷୟସୂଚିକୁ ଅନାଇ ଦେଖିଲେ)

ଏଠାରେ ତିନୋଟି ଉତ୍ସର କଥା କୁହାଯାଇଛି । ତୃତୀୟ ଉତ୍ସଟି ଲୋକମାନଙ୍କ ଲାଗି ସାଧାରଣତଃ ଅନୁନ୍ମୋଚିତ ହୋଇ ରହିଥାଏ । କେବଳ ବିପୁଳ ଅଭୀପ୍ସାର ମୁହୂର୍ତ୍ତଗୁଡ଼ିକରେହିଁ ତାହା ସେମାନଙ୍କ ପାଖକୁ ଆସିଥାଏ । ଯେତେ-ବେଳେ ସେମାନେ ଏକ ବୃହତ୍ ଅଭୀପ୍ସାର ଅଧିକାରୀ ହୁଅନ୍ତି ଏବଂ ଉଚ୍ଚତର ଶକ୍ତିଗୁଡ଼ିକ ଆଡ଼କୁ ଆପଣାକୁ ଉନ୍ମୋଳିତ କରି ନେଇଯାଇ ପାରନ୍ତି, କେବଳ ସେତିକବେଳେହିଁ ପ୍ରାଣିକ ଏହି ଉଚ୍ଚତର ଶକ୍ତିଗୁଡ଼ିକୁ ଆପଣା ଭିତରକୁ ଗ୍ରହଣ କରି ନେବା ଲାଗି ସମର୍ଥ ହୁଏ । ଏବଂ ସେତେବେଳେ ଯାଇ ତାହା ଏଇଟି ଲାଗି ଅମିତ ଶକ୍ତିର ଉତ୍ସରୂପେ କାର୍ଯ୍ୟ କରିଥାଏ । ମାତ୍ର ଆପଣାର ଏହି ସାଧାରଣ ଅଭ୍ୟସ୍ତ ଜୀବନର ଭୂମିରେ ଏହା ଏହିସବୁ ଶକ୍ତି ସହିତ ଆଦୌ ସଂସ୍ପର୍ଶରେ ଆସିପାରେ ନାହିଁ । ଏହା ରୂପାନ୍ତରିତ ହୋଇପାରିଲେ ହୁଏତ ଏକ ଅନ୍ୟପ୍ରକାର କଥା ହୋଇଥାଏ । ମାତ୍ର ଏଠାରେ ମୁଁ ସାଧାରଣ ଜୀବନର ସେହି ସାଧାରଣ ପ୍ରାଣିକ ଭୂମିଟି ବିଷୟରେହିଁ କହୁଛି । ସେଇଟି ଉଚ୍ଚତର ଶକ୍ତିଗୁଡ଼ିକର ଏହି ଉତ୍ସଟି ଆଡ଼କୁ ଆଦୌ ଉନ୍ମୋଚିତ ହୋଇ ରହି ନ ଥାଏ ଏବଂ ତାହା ଲାଗି ଏହାର ପ୍ରାପ୍ତି ଆଦୌ କୌଣସି ଅସ୍ତିତ୍ୱ ମଧ୍ୟ ନ ଥାଏ । ବୃହତ୍‌ସଂଖ୍ୟକ ବିପୁଳ ଜନଗଣଙ୍କ ପାଇଁ ସେମାନଙ୍କର ଯାବତୀୟ ପ୍ରାଣିକ ଶକ୍ତି ତଳୁହିଁ ଆସିଥାଏ, ଏହି ପୃଥିବୀରୁ ଆସେ, ଅନ୍ନରୁ ଆସେ ଏବଂ ଯାବତୀୟ ଇନ୍ଦ୍ରିୟାନୁଭବରୁ ଆସିଥାଏ । ଅନ୍ନରୁ ଆସେ······ ସେମାନେ ଅନ୍ନରୁହିଁ ଆପଣାର ପ୍ରାଣିକ ଶକ୍ତିକୁ ଆହରଣ କରିଥାନ୍ତି, ଏବଂ ସେମାନେ ·· ଏବଂ ଦେଖିବା, ଶୁଣିବା, ଛୁଇଁବା ଓ ଅନୁଭବ କରିବାର ମାଧ୍ୟମରେହିଁ ସେମାନେ ଜଡ଼ ମଧ୍ୟରେ ରହିଥିବା ଶକ୍ତିଟିର ସଂସ୍ପର୍ଶରେ ଆସିଥାନ୍ତି । ସେମାନେ ସେଗୁଡ଼ିକୁ ଏହିପରି ଭାବରେହିଁ ଆହରଣ କରନ୍ତି । ଏହାହିଁ ସେମାନଙ୍କର ନିତିଦିନର ଆହାର ହୋଇ ରହିଥାଏ ।

ମାତ୍ର, କେତେକ ବ୍ୟକ୍ତିଙ୍କର ଏକ ସୁବିକଶିତ ପ୍ରାଣିକ ଭୂମି ରହିଥାଏ ଓ ତାହାକୁ ସେମାନେ ଏକ ଶୃଙ୍ଖଳାର ଅଧୀନ କରି ରଖିଥାନ୍ତି । ଏବଂ, ସେମାନଙ୍କ ଭିତରେ ବିପୁଳତାର ଏକ ବୋଧ ମଧ୍ୟ ରହିଥାଏ ଓ ସେମାନେ ବିଶ୍ୱ ଓ ବିଶ୍ୱଗତ ଶକ୍ତିଚୟର ଗତିସ୍ପନ୍ଦନଗୁଡ଼ିକର ସଂସ୍ପର୍ଶ ବି ଲାଭ କରିଥାନ୍ତି । ଏବଂ ସେହିମାନେହିଁ ଗ୍ରହଣ କରିପାରନ୍ତି,···ଏକ ଆବାହନ ଦ୍ୱାରା ସେମାନେ ତାହାକୁ ଗ୍ରହଣ କରି-ପାରନ୍ତି···ସେମାନେ ବିଶ୍ୱଗତ ପ୍ରାଣଶକ୍ତିଗୁଡ଼ିକୁ ଗ୍ରହଣ କରିପାରନ୍ତି; ସେହି ଶକ୍ତିଚୟ ସେହି ବ୍ୟକ୍ତିମାନଙ୍କ ଭିତରେ ପ୍ରବେଶ କରି ସେମାନେ ଆବଶ୍ୟକ କରୁଥିବା ଶକ୍ତିର ମାତ୍ରାରେ ଏକ ପୁନର୍ନବୀକରଣ ସମ୍ଭବ କରାଇଥାନ୍ତି ।

'oaob.nitrkl.ac.in' images reprocessed

ଆହୁରି ଅନ୍ୟମାନେ ଅଛନ୍ତି, ଏମାନଙ୍କର ସଂଖ୍ୟା ଅତ୍ୟନ୍ତ ଅଳ୍ପ, ଅତ୍ୟନ୍ତ ବିରଳ,—ଅଥବା ଏପରି ହୋଇପାରେ ଯେ ସେମାନଙ୍କର ବ୍ୟକ୍ତିଗତ ଜୀବନର କେତୋଟି ଅତି ବିରଳ ମୁହୂର୍ତ୍ତରେହିଁ ତାହା ଘଟିଥାଏ,—ଯେଉଁମାନଙ୍କର କି ଉଚ୍ଚତର ଚେତନା ଲାଗି ଏକ ଅଭୀପ୍ସା ରହିଥାଏ । ଉଚ୍ଚତର ଶକ୍ତି ଓ ଉଚ୍ଚତର ଜ୍ଞାନ ଲାଗି ଅଭୀପ୍ସା ରହିଥାଏ ଏବଂ ତାହାରି ଆବାହନ କରି ସେମାନେ ଉଚ୍ଚତର ଭୂମିଗୁଡ଼ିକର ଶକ୍ତିସମୂହକୁ ଆପଣା ମଧ୍ୟକୁ ଆକର୍ଷିତ କରି ଆଣିପାରନ୍ତି । ଏବଂ ଏହିପରି ଭାବରେ ତାହା ସେମାନଙ୍କ ମଧ୍ୟରେ ଏକ ବିଶେଷ ମୂଲ୍ୟର ଅତି ବିଶେଷ ଶକ୍ତିମାନଙ୍କର ପୁନର୍ନବୀକରଣ ଘଟାଇବାରେ ସମର୍ଥ ହୋଇଥାଏ ।

ମାତ୍ର ଜଣେ ଯଦି ଯୋଗସାଧନା ନ କରୁଥାଏ ବା କୌଣସି ଏକ ନିୟମିତ ଶୃଙ୍ଖଳାର ପାଳନ ନ କରୁଥାଏ, ତେବେ ଅଧିକାଂଶ ସମୟରେ ସିଏ ଏହି ଉତ୍ସଟି ସହିତ ଆଦୌ କୌଣସି ସମ୍ବନ୍ଧ ସ୍ଥାପନ କରିପାରେ ନାହିଁ । ତେଣୁ ତାକୁ ତା'ର ଆପଣା ସ୍ତରରୁ ଅଥବା ନିମ୍ନତର ଭୂମିଟିରୁହିଁ ଶକ୍ତିର ଆହରଣ କରିବାକୁ ହୋଇଥାଏ ।

> ଆପଣ କହିଛନ୍ତି : "ଜ୍ଞାନ ଓ ଶିକ୍ଷାଗ୍ରହଣ ନିମନ୍ତେ ଇନ୍ଦ୍ରିୟାନୁଭବଗୁଡ଼ିକ ଏକ ଚମତ୍କାର ସାଧନରୂପେ କାର୍ଯ୍ୟ କରିଥାନ୍ତି ।" ଏହା କିପରି ସମ୍ଭବ ହୁଏ ?

କିପରି ସମ୍ଭବ ହୁଏ ? ମାତ୍ର ଏହି ଇନ୍ଦ୍ରିୟାନୁଭବଗୁଡ଼ିକଦେଇ ତ ତୁମେ ଯାହାକିଛି ଶିକ୍ଷା କରିଥାଅ : ଦେଖିବା ଦ୍ୱାରା, ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ଓ ଶୁଣିବା ଦ୍ୱାରାହିଁ ଶିକ୍ଷା କରିଥାଅ । ଶ୍ରେଣୀର ପାଠ ତୁମର ଇନ୍ଦ୍ରିୟାନୁଭବର ଶକ୍ତିଗୁଡ଼ିକୁ ବିକଶିତ କରାଇଆଣେ, ଅଧ୍ୟୟନ ଦ୍ୱାରା ତାହା ବିକଶିତ ହୋଇଥାଏ; ଏହି ଇନ୍ଦ୍ରିୟାନୁଭବଗୁଡ଼ିକର ମାଧ୍ୟମରେହିଁ ତୁମର ମନ ଯାବତୀୟ ବସ୍ତୁକୁ ଗ୍ରହଣ କରିପାରେ । ଇନ୍ଦ୍ରିୟଗୁଡ଼ିକର ଶିକ୍ଷା ଦ୍ୱାରାହିଁ ଜଣେ ବ୍ୟକ୍ତିର ସାଧାରଣ ଶିକ୍ଷାର ଅଭିବୃଦ୍ଧି ସାହାଯ୍ୟପ୍ରାପ୍ତ ହୋଇଥାଏ । ଯଦି ତୁମେ ଉତ୍ତମ ଓ ନିର୍ଭୁଲ ଭାବରେ ଦେଖି ଶିଖିଥାଅ, ଉତ୍ତମ ଭାବରେ ଶୁଣି ଶିଖିପାର, ବସ୍ତୁଗୁଡ଼ିକର ସ୍ୱଭାବ ଜାଣିବା ପାଇଁ ଯଦି ତୁମେ ଆପଣାର ସ୍ପର୍ଶଶକ୍ତି ଦ୍ୱାରା ଉଚିତ ଶିକ୍ଷା ଲାଭ କର, ଆପଣାର ଘ୍ରାଣେନ୍ଦ୍ରିୟ ଦ୍ୱାରା ଯଦି ବିଭିନ୍ନ ଗନ୍ଧ ମଧ୍ୟରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଜାଣିଶିଖ, —ତେବେ ଏଗୁଡ଼ିକ ତୁମ ଶିକ୍ଷାରେ ଗୋଟିଏ ଗୋଟିଏ ଶକ୍ତିଶାଳୀ ମାଧ୍ୟମରୂପେ କାର୍ଯ୍ୟ କରିଥାନ୍ତି । ବସ୍ତୁତଃ, ଏହିପରି ଭାବରେ ପର୍ଯ୍ୟବେକ୍ଷଣର ଗୋଟିଏ ଗୋଟିଏ ସାଧନରୂପେ, ନିୟନ୍ତ୍ରଣ ତଥା ଜ୍ଞାନଲାଭର ସାଧନରୂପେହିଁ ସେଗୁଡ଼ିକର ବ୍ୟବହାର

'oaob.nitrkl.ac.in' images reprocessed

ହୋଇପାରିବା ଉଚିତ । ଯଦି ବ୍ୟକ୍ତିର ବିକାଶ ଯଥେଷ୍ଟ ପରିମାଣରେ ହୋଇପାରିଥାଏ, ତେବେ ଦେଖିବା ଦ୍ୱାରହିଁ ସିଏ ବସ୍ତୁଗୁଡ଼ିକର ସ୍ୱଭାବକୁ ଜାଣି ପାରିବ; ଘ୍ରାଣେନ୍ଦ୍ରିୟ ଦ୍ୱାରା ମଧ୍ୟ ସେ ବିଭିନ୍ନ ବସ୍ତୁର ମୂଲ୍ୟକୁ ଓ ଭିନ୍ନ ଭିନ୍ନ ପ୍ରକୃତିକୁ ଜାଣି ପାରିବ; ସ୍ପର୍ଶ ଦ୍ୱାରା ସିଏ ବସ୍ତୁଗୁଡ଼ିକୁ ଚିହ୍ନିପାରିବ । ଏହା ହେଉଛି ଶିକ୍ଷାର ଏକ ବିଷୟ; ଅର୍ଥାତ୍ ଏଥିଲାଗି ପ୍ରୟାସ କରିବାକୁ ପଡ଼ିଥାଏ ।

ଉଦାହରଣସ୍ୱରୂପ, ସାଧାରଣ ମଣିଷଙ୍କର ଦୃଷ୍ଟିଶକ୍ତି ଏବଂ କଳାକାରମାନଙ୍କର ଦୃଷ୍ଟିଶକ୍ତି ମଧ୍ୟରେ ସର୍ବଦା ଏକ ବୃହତ୍ ତାରତମ୍ୟ ରହିଥାଏ । କଳାକାରମାନଙ୍କର ବସ୍ତୁଗୁଡ଼ିକର ଦେଖିବାର ପଦ୍ଧତି ସାଧାରଣ ମଣିଷମାନଙ୍କର ପଦ୍ଧତି ଅପେକ୍ଷା ଅଧିକ ସଚେତନ ଓ ଅଧିକ ସମ୍ପୂର୍ଣ୍ଣ ହୋଇ ରହିଥାଏ । ଯେତେବେଳେ ଆପଣାର ଦୃଷ୍ଟିଶକ୍ତିକୁ ଆମେ ସମୁଚିତ ଶିକ୍ଷା ଦେଇ ନ ଥାଉ, ସେତେବେଳେ ଆମେ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ସବୁକିଛି ଦେଖୁ, ମୋଟେ ନିର୍ଭୁଲ ଭାବରେ ଦେଖିପାରୁ ନାହିଁ, ଏବଂ ଏକ ନିର୍ଭୁଲ ଦୃଷ୍ଟି ପରିବର୍ତ୍ତେ ଆମର ବିଭିନ୍ନ ବସ୍ତୁ ସମ୍ବନ୍ଧରେ କେବଳ ମୋଟାମୋଟି ଏକ ଧାରଣାହିଁ ରହିଥାଏ । ମାତ୍ର ଯେତେବେଳେ ଜଣେ କଳାକାର କୌଣସି ବସ୍ତୁକୁ ଦେଖେ ଏବଂ ଆପଣାର ଆଖିକୁ ଯଥାର୍ଥ ଭାବରେ ଶିକ୍ଷିତ କରି ପାରିଥାଏ, — ଉଦାହରଣସ୍ୱରୂପ, ଯେତେବେଳେ ସିଏ କୌଣସି ଆକୃତିକୁ ଦେଖୁଥାଏ, ସେତେବେଳେ କେବଳ ଏକ ଆକାର, ଏକ ଆକାର ଦେଖିବାକୁ ପ୍ରବୃତ୍ତ ହେଉଥିବା ଏକ ସାଧାରଣ ଧାରଣା, — ସେତେବେଳେ ସିଏ କେବଳ ଏତିକି କହିବାକୁ ସମର୍ଥ ହୁଏ ଯେ ଏହି ଲୋକଟି ସିଏ ଯାହା ଦେଖୁଛି, ଠିକ୍ ତାହାର ପରି ଦେଖାଯାଉଛି ଅଥବା ତାହାପରି ମୋଟେ ଦେଖାଯାଉ ନାହିଁ — ଦେଖିବା ପରିବର୍ତ୍ତେହିଁ ଆକୃତିଟିର ସମଗ୍ର ଗଠନଟିକୁ ନିର୍ଭୁଲ ଭାବରେ ଦେଖିଥାଏ, ବିଭିନ୍ନ ଅଂଶଗୁଡ଼ିକ ମଧ୍ୟରେ ରହିଥିବା ଅନୁପାତଗୁଡ଼ିକୁ ଦେଖେ, ସେହି ଆକୃତିଟିରେ ସୁସମଞ୍ଜସତା ରହିଛି କି ନାହିଁ ଏବଂ ଯଦି ରହିଛି କାହିଁକି ରହିଛି ଏବଂ ତାହାକୁ କେଉଁ ପ୍ରରୂପର ବା ପ୍ରକାରର ବୋଲି କୁହାଯାଇ ପାରିବ, — ଥରେମାତ୍ର ଦୃଷ୍ଟି ପକାଇ ସିଏ ଏହି ଯାବତୀୟ କଥାକୁ ଅବଲୋକନ କରିପାରେ; ବିଭିନ୍ନ ଆକାରଗୁଡ଼ିକ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକୁ ଦେଖୁଥିବା ପରି ସିଏ ଥରେମାତ୍ର ଦେଖି ସବୁକିଛି କହିଦେଇପାରେ ।

ବସ୍ତୁଗୁଡ଼ିକୁ ନିର୍ଭୁଲ ଭାବରେ ଦେଖିବା ଲାଗି ନିଜର ଆଖିକୁ ଉଚିତ ପ୍ରକାରେ ଶିକ୍ଷା ଦେଇ ରଖିଥିଲେ ତୁମେ ଏକଥା ଅବଶ୍ୟ କରିପାରିବ । ଏହା ହେଉଛି ଏକ ଅଭ୍ୟାସ, ଯାହାକୁ କି ତୁମେ ଖୁବ ସହଜରେ କରି ପାରିବ ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ତୁମେ କୌଣସି ବାକ୍ସ ଭିତରେ କୌଣସି ଏକ ବସ୍ତୁ ଅଥବା କେତୋଟି ବସ୍ତୁ ରଖିବାକୁ ଯାଉଛ । ଏଥିଲାଗି ଠିକ୍ କ'ଣ କରିବା ଆବଶ୍ୟକ, ତାହାକୁ ନିର୍ଭୁଲ ଭାବରେ ଜାଣିବା ଲାଗି ଜଣେ ସାଧାରଣ ବ୍ୟକ୍ତି ଫିତାଟିଏ ଆବଶ୍ୟକ କରିବ ଓ ଫିତା ନେଇ ସେହି ବାକ୍ସକୁ ମାପିବାକୁ ଯିବ । ଆପଣାର ଆଖିକୁ ପ୍ରଶିକ୍ଷିତ କରି ପାରିଥିବା ବ୍ୟକ୍ତି ଆଗ ବାକ୍ସ ଭିତରେ ରଖିବାକୁ ରହିଥିବା ବସ୍ତୁଗୁଡ଼ିକୁ ଭଲଭାବରେ ଦେଖିନେବ ଏବଂ ତା'ପରେ ଥରେ ଆଖି ବୁଲେଇ ଆଣିବା ଦ୍ୱାରାହିଁ ସେଗୁଡ଼ିକ ଲାଗି ଠିକ୍ କେଉଁ ବାକ୍ସଟି ଦରକାର, ସେକଥା ସ୍ଥିର କରିନେଇ ପାରିବ । କିଂବା, ସମ୍ଭବତଃ ଯଦି କୌଣସି ତରଳ ପଦାର୍ଥକୁ ଏକ ପାତ୍ରରେ ଢାଳିବାର ଥାଏ, ତେବେ ସିଏ ସେଥିଲାଗି ଆବଶ୍ୟକ ବୋତଲଟିର ଆକାରକୁ ମଧ୍ୟ ସହଜରେ ଠଉରାଇନେଇ ପାରିବ, କାରଣ ତା'ର ଆଖି ସେହିପରି ମାପି ପାରିବାରେ ପୂର୍ବରୁହିଁ ଅଭ୍ୟସ୍ତ ହୋଇ ରହିଥିବ ଏବଂ ତେଣୁ ବସ୍ତୁଟିକୁ ଦେଖିଲା ମାତ୍ରକେହିଁ ସିଏ ବୋତଲଟିର ପ୍ରକୃତ ଆକାରଟିକୁ ଅବଶ୍ୟ ଜାଣିନେଇ ପାରିବ । ଉଦାହରଣସ୍ୱରୂପ, ଆଉଗୋଟିଏ ଦୃଷ୍ଟାନ୍ତ ବି ଗ୍ରହଣ କରାଯାଉ : କାହା ଆଙ୍ଗୁଠିରେ ତୁମେ ମୁଦିଟିଏ ପିନ୍ଧାଇ ଦେବାକୁ ଯାଉଛ । ସାଧାରଣ ବ୍ୟକ୍ତିମାନେ ପ୍ରାୟ ତରବରିଆ ଭାବରେ ମୁଦିଗୁଡ଼ିକୁ ନେଇ ଆଙ୍ଗୁଠିଗୁଡ଼ିକରେ ଗୋଟି ଗୋଟି କରି ପରୀକ୍ଷା କରିବାରେ ଲାଗିଯାଆନ୍ତି ଏବଂ ଏହିପରି ଭାବରେହିଁ ଆକାର ଅନୁସାରେ ମୁଦିଟିଏ ପାଇଥାନ୍ତି । ମାତ୍ର ଯିଏ ଆପଣାର ଆଖିଗୁଡ଼ିକୁ ଯଥାର୍ଥ ଶିକ୍ଷା ଦେଇଥାଏ, ସିଏ ଆଗ ଆଙ୍ଗୁଠିଟିକୁ ଦେଖେ ଓ ତା'ପରେ ମୁଦିଗୁଡ଼ିକୁ ଦେଖେ; ସିଏ କେବେହେଲେ ଧୋକାରେ ପଡ଼େ ନାହିଁ ଓ ଆଙ୍ଗୁଠିକୁ ଯେଉଁ ମୁଦିଟି ଠିକ୍ ହେବ, ଆଦୌ କୌଣସି ଭୁଲ୍ ନ କରି ସଙ୍ଗେ ସଙ୍ଗେ ସେଇଟିକୁ ବାଛି ନେଇପାରେ । ଏବଂ, ଆଖିଗୁଡ଼ିକ ପରି ଆମର କାନଗୁଡ଼ିକୁ ମଧ୍ୟ ସେହିପରି ପ୍ରଶିକ୍ଷିତ କରାଯାଇ ପାରିବ ଏବଂ ତଦ୍ଦ୍ୱାରା ଶବ୍ଦଗୁଡ଼ିକ ମଧ୍ୟରେ ଓ ଶବ୍ଦର ଗୁଣାତ୍ମକତାଗୁଡ଼ିକ ମଧ୍ୟରେ ରହିଥିବା ତାରତମ୍ୟକୁ ଜାଣିବା ସମ୍ଭବ ହେବ । ଆମର ଘ୍ରାଣେନ୍ଦ୍ରିୟକୁ ମଧ୍ୟ ସେହି ଶିକ୍ଷା ଦେଇହେବ ଏବଂ ତଦ୍ଦ୍ୱାରା ଆମେ ବିଭିନ୍ନ ଗନ୍ଧ ଓ ଗନ୍ଧର ଭିନ୍ନ ଭିନ୍ନ ଗୁଣାତ୍ମକତା ମଧ୍ୟରେ ରହିଥିବା ତାରତମ୍ୟଗୁଡ଼ିକୁ ମଧ୍ୟ ଜାଣିବାରେ ସମର୍ଥ ହେବା । ସ୍ୱାଦର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ସମ୍ଭବ କରିହେବ ।

ଏବଂ, ଅଧ୍ୟୟନର ଧାରଣା ନେଇ, ଅର୍ଥାତ୍ ବସ୍ତୁଗୁଡ଼ିକୁ ନିର୍ଭୁଲ ଭାବରେ ପ୍ରତ୍ୟକ୍ଷ କରିବାର ଏବଂ ସେଗୁଡ଼ିକ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକୁ ଜାଣିବାର ଆବଶ୍ୟକ ସାମର୍ଥ୍ୟକୁ ବିକଶିତ କରାଇ ଆଣିବାର ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ଯଦି ଆମେ ସେଗୁଡ଼ିକର ନିକଟବର୍ତ୍ତୀ ହୋଇପାରିବା, ତେବେ, କେବଳ ଇନ୍ଦ୍ରିୟ ଅନୁଭବଗୁଡ଼ିକ ସକାଶେହିଁ ଇନ୍ଦ୍ରିୟାନୁଭବ ଲାଭ କରିବା ପାଇଁ ଜୀବନ ନ ବଞ୍ଚି

'oaob.nitrkl.ac.in' images reprocessed

(ଅର୍ଥାତ୍, "ଏଇଟା ଖାଇ ଭଲ ଲାଗୁଛି" ବା "ଏଇଟା ଭଲ ଲାଗୁ ନାହିଁ," "ଏଇଟା ଭଲ" ବା "ଏଇଟା ଭଲ ନୁହେଁ" ଏବଂ ଏହି ପ୍ରକାରର ଯାବତୀୟ ନିର୍ବୋଧତା) ଆମେ ବସ୍ତୁଗୁଡ଼ିକର ଗୁଣ ବିଷୟରେ ଜ୍ଞାନ ଲାଭ କରି ପାରିବା, ଇନ୍ଦ୍ରିୟଗୁଡ଼ିକର ଅଧ୍ୟୟନ ସାହାଯ୍ୟରେ ବସ୍ତୁଗୁଡ଼ିକର ବ୍ୟବହାର ଓ ସେଗୁଡ଼ିକ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକ ବିଷୟରେ ବି ଜ୍ଞାନ ଅର୍ଜନ କରିପାରିବା । ଏହାଦ୍ୱାରା ଆମେ ସମ୍ପୂର୍ଣ୍ଣ ସଚେତନ ଭାବରେହିଁ ଜଗତ ସହିତ ଏକ ସଂସ୍ପର୍ଶ ସମ୍ଭବ କରି ପାରିବା । ଯାବତୀୟ ବସ୍ତୁର କ୍ଷେତ୍ରରେ କ୍ଷୁଦ୍ରତମ ଜିନିଷଟିକୁ ମଧ୍ୟ...

ଉଦାହରଣସ୍ୱରୂପ, ତୁମକୁ ଘରେ ରାନ୍ଧିବାକୁ ପଡ଼ିଲା ଏବଂ ତୁମେ ଭଲ କରି କିଛି ଖାଇବା ଜିନିଷ ପ୍ରସ୍ତୁତ କରିବାକୁ ଇଚ୍ଛା କରୁଛ । ଏବଂ, ଯଦି ତୁମର ଇନ୍ଦ୍ରିୟମାନେ କୌଣସି ପ୍ରଶିକ୍ଷଣ ଲାଭକରି ନ ଥାନ୍ତି, ତେବେ ତୁମକୁ ଏଥିରୁ ଟିକିଏ ପରୀକ୍ଷା କରି ଦେଖିବାକୁ ହେବ ତ ପୁଣି ସେଥିରୁ ଟିକିଏ ପରୀକ୍ଷା କରି ଦେଖିବାକୁ ପଡ଼ୁଥିବ, ଚାଖିକରି ପୁଣି ସଂଶୋଧନ କରିବାକୁ ପଡ଼ୁଥିବ ଓ ସବୁ ବ୍ୟବସ୍ଥା କରିବାକୁ ପଡ଼ୁଥିବ । ମାତ୍ର ଯଦି ତୁମର ସ୍ୱାଦଜ୍ଞାନ ଆଗରୁ ପ୍ରଶିକ୍ଷିତ ହୋଇ ରହିଥାଏ,—ସ୍ୱାଦଶକ୍ତି ଓ ଘ୍ରାଣଶକ୍ତି ଦୁଇଟିଯାକ; ଏହି ଦୁଇଟିଯାକ ପରସ୍ପରର ଅତି ନିକଟବର୍ତ୍ତୀ ହୋଇ ରହିଥାନ୍ତି ଓ ପରସ୍ପରର ଅବଶ୍ୟ ପରିପୂରକ ହୋଇପାରିବା ଉଚିତ,—ତେବେ ତୁମେ କେଉଁ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିବାକୁ ଯାଉଛ, ତୁମେ ସେକଥା ଅବଶ୍ୟ ଜାଣିପାରିବ । ତୁମେ ରାନ୍ଧୁଥିବା ଜିନିଷଟିର ଗନ୍ଧ ପାଇ-ପାରିବ ଏବଂ ସେହି ଗନ୍ଧରୁ ଏବଂ ବସ୍ତୁଟିର ସ୍ୱଭାବରୁ, ସ୍ୱାଦଟିକୁ ସମ୍ପୂର୍ଣ୍ଣ ଭାବରେ ଆଣି ପାରିବାକୁ ତୁମକୁ ସେଥିରେ ଆଉ କି ଜିନିଷ ପକାଇବାକୁ ହେବ, ସେକଥା ତୁମେ ନିର୍ଭୁଲ ଭାବରେ ଜାଣିପାରିବ । ଏଥିରେ ବା ସେଥିରେ ତୁମେ କ'ଣସବୁ ପକାଇବ, ସେଥିରେ କ'ଣସବୁ ଜିନିଷ ଦେବାକୁ ହେବ ଯାହାଫଳରେ କି ସବୁ ପୂର୍ଣ୍ଣରୂପେ ଏକାଠି ମିଶିଯାଇ ପାରିବ,—ସେକଥା ତୁମେ ଯଥାର୍ଥ ଭାବରେ ଜାଣିପାରିବ । ଉଦାହରଣସ୍ୱରୂପ, ବିଭିନ୍ନ ପ୍ରକାରର ପରିବା ବା ବସ୍ତୁଗୁଡିକର ବିଭିନ୍ନ ସ୍ୱାଦ ଏକାଠି ମିଶି ଯେପରି ଗୋଟିଏ ସମ୍ପୂର୍ଣ୍ଣ ସ୍ୱାଦ ସମ୍ଭବ କରି ପାରିବେ, ତୁମେ ସେକଥାଟିକୁ ଜାଣି ପାରିବ । ତେବେ ତୁମକୁ ପ୍ରତି ତିନି ମିନିଟ୍‌ରେ ଥରେ ଘାଣ୍ଟି ଚାଖିବାକୁ ପଡ଼ିବ ନାହିଁ ଓ ତଦ୍ଦ୍ୱାରା ତୁମେ ଲୁଣ ବା ମସଲା ଠିକ୍ ପରିମାଣରେ ଦେଇଛ କି ନାହିଁ, ଯଥେଷ୍ଟ ଘିଅ ପକାଇଛ କି ନାହିଁ, ସେକଥା ଜାଣିବାକୁ ପଡ଼ିବ ନାହିଁ ଅଥଚ ତୁମର ରନ୍ଧାଟି ପ୍ରସ୍ତୁତ ହୋଇଯିବ । ...ଯାହାକିଛି କରିବା ଆବଶ୍ୟକ, ତୁମେ ନିର୍ଭୁଲ ଭାବରେ ସେଗୁଡ଼ିକୁ ଜାଣିଥିବ ଏବଂ ଆଦୌ କୌଣସି ଭୁଲ ନ କରି ତୁମେ ତାହା ନିଷ୍ପନ୍ନ କରିପାରିବ ।

'oaob.nitrkl.ac.in' images reprocessed

ଘ୍ରାଣ ବେଳକୁ ମଧ୍ୟ ଠିକ୍ ସେହି କଥା । ଯଦି ତୁମେ ଆପଣାର ଘ୍ରାଣେନ୍ଦ୍ରିୟକୁ ଯଥାର୍ଥ ପ୍ରଶିକ୍ଷଣ ଦେଇଥିବ, ତେବେ ତୁମେ ଯଥାର୍ଥ ଅନୁପାତରେ ଜିନିଷଗୁଡ଼ିକୁ ଏକାଠି ମିଶାଇ ପାରିବ, ତୁମେ ଭିନ୍ନ ଭିନ୍ନ ଦ୍ରବ୍ୟର ଗୁଣଗୁଡ଼ିକୁ ଜାଣିପାରିବ । ଉଦାହରଣସ୍ୱରୂପ, ଗୋଟିଏ ଅତରର ବାସକୁ ଯଥାର୍ଥ ଭାବରେ ଠାବକରି ପାରିବ, ଆଉ କେଉଁ ଅତର ସହିତ···ଫୁଲଗୁଡ଼ିକର ଉଦାହରଣ ନିଆଯାଉ । ଏପରି ଅନେକ ବାସ ରହିଛି, ଯେଉଁଗୁଡ଼ିକ ପରସ୍ପର ସହିତ ଆଦୌ ମିଶନ୍ତି ନାହିଁ । ସେଗୁଡ଼ିକୁ ଯଦି ତୁମେ ଏକାଠି ମିଶାଇଦେବ, ତେବେ ସେଥିରୁ ଏପରି ଆଉ ଗୋଟିଏ ଜିନିଷ ସୃଷ୍ଟି ହେବ, ଯାହାକୁ କି ଶୁଙ୍ଘିଲା ବେଳକୁ ଭାରି ଅଖାଡ଼ୁଆ ଲାଗିବ, ଯାହା ଭିତରେ ଆଦୌ କୌଣସି ସମଞ୍ଜସତା ନ ଥିବ, କୌଣସି ଏକତା ନ ଥିବ । ମାତ୍ର ତୁମର ଘ୍ରାଣଶକ୍ତି ଯଦି ଯଥାର୍ଥ ଭାବରେ ପ୍ରଶିକ୍ଷିତ ହୋଇଥିବ, ତେବେ ଗୋଟିଏ ନିର୍ଦ୍ଦିଷ୍ଟ ଗନ୍ଧ ଆସି ତୁମ ନାକରେ ବାଜିବା ସଙ୍ଗେ ସଙ୍ଗେ ତୁମେ ସେଇଟି ସହିତ ଆଉ କେଉଁସବୁ ଗନ୍ଧ ଯଥାର୍ଥ ସହିତ ଏକାଠି ମିଶିପାରିବ, ସେକଥା ତୁମେ ନିର୍ଭୁଲ ଭାବରେ କହିଦେଇ ପାରିବ । ଏବଂ, ପରସ୍ପର ସହିତ ଯଥାର୍ଥ ଭାବରେ ଏକତ୍ର ମିଶି ପାରୁଥିବା ବସ୍ତୁଗୁଡ଼ିକୁ ତୁମେ ଏକତ୍ର କରାଇ ଆଣିପାରିବ ।

ରଙ୍ଗର କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । ରଙ୍ଗଗୁଡ଼ିକ ସମ୍ବନ୍ଧରେ ଶିକ୍ଷା ଦେବାର ଏକ ବିରାଟ ପରିସର ରହିଛି । ରଙ୍ଗରେ ରହିଥିବା ଟିକିନିଖି ବିଭିନ୍ନତା ଓ ତାହାର ଗଠନ ଭିତରେ ରହିଥିବା ଜଟିଳତା, ଏହି ଦୁଇଟି ଦୃଷ୍ଟିରୁ ତାହାର ଶିକ୍ଷା ଦିଆଯାଇପାରିବ । ରଙ୍ଗଗୁଡ଼ିକ ମଧ୍ୟରେ ରହିଥିବା ଭେଦକୁ ନିରୂପଣ କରିବା, ପ୍ରତ୍ୟେକ ରଙ୍ଗ କେଉଁ ପରିବାରର ଅନ୍ତର୍ଭୁକ୍ତ, ସେକଥା ନିର୍ଣ୍ଣୟ କରିବା ଏବଂ ରଙ୍ଗରୁ କେଉଁ ପ୍ରକାରର ସମଞ୍ଜସତା ସୃଷ୍ଟି କରାଯାଇ ପାରିବ, ଯଦି ଏଗୁଡ଼ିକୁ ତୁମେ ଶିକ୍ଷା କରିପାରିବ,—ତୁମେ ଏଗୁଡ଼ିକ ଅବଶ୍ୟ ଜାଣିପାରିବ, ସେହି ଏକା ଉପାୟରେହିଁ ଜାଣିପାରିବ । ଆକାରଟିକୁ ମନେ ରଖୁଥିବା ଭଳି ତୁମେ ରଙ୍ଗକୁ ମଧ୍ୟ ମନେ ରଖିବ । ତୁମେ ଗୋଟିଏ ରଙ୍ଗର ବସ୍ତୁକୁ ଆଉ ଗୋଟିଏ ରଙ୍ଗର ବସ୍ତୁଗୁଡ଼ିକ ସହିତ ସଜାଇ ରଖିବାକୁ ଇଚ୍ଛା କରୁଛ; ଉଦାହରଣସ୍ୱରୂପ ତୁମେ ଦୁଇଟି ପଦାର୍ଥକୁ ରଙ୍ଗ ଅନୁସାରେ ଖାପ ଖୁଆଇବାକୁ ଇଚ୍ଛା କରୁଛ । ଗୋଟିଏ ଜାମା ସହିତ ଗୋଟିଏ ଲୁଗାକୁ କିଂବା···ଏହା ଯେକୌଣସି ପଦାର୍ଥର କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇପାରେ । ଅଥବା, ଗୋଟିଏ ପ୍ରକାରର କନାକୁ ଆଉଗୋଟିଏ ପ୍ରକାରର କନା ସହିତ ଖାପ ଖୁଆଇ ରଖିବାକୁ ଇଚ୍ଛା କରୁଛ । ସାଧାରଣତଃ ଲୋକମାନଙ୍କୁ ଗୋଟିଏ ପ୍ରକାରର କନାକୁ ନେଇ ଆଉ ଅନ୍ୟପ୍ରକାରର କନାଗୁଡ଼ିକ ସହିତ

'oaob.nitrkl.ac.in' images reprocessed

ତୁଳନା କରିବାକୁ ପଡ଼ୁଥାଏ । ଏବଂ ଏହିପରି ଭାବରେ ଅନେକ ପ୍ରକାରେ ପରୀକ୍ଷା କରି ଦେଖିଲା ପରେ, ଯଦି ତୁମେ ଅତି ପରିମାଣରେ ସ୍ଥୂଳ ମନର ହୋଇ ନ ଥାଅ, ତେବେ ଶେଷରେ ଉଚିତ ଜନାଟିକୁ ଖୋଜି ବାହାର କରିବାରେ ସମର୍ଥ ହୁଅ । ମାତ୍ର ଯଦି ରଙ୍ଗ ବିଷୟରେ ତୁମର ଏକ ଯଥାର୍ଥ ପ୍ରଶିକ୍ଷଣ ରହିଥାଏ, ତେବେ ତୁମକୁ କେବଳ ଥରଟି ପାଇଁ ରଙ୍ଗଟିକୁ ଦେଖିଦେବାକୁ ହୁଏ ଏବଂ ତା'ପରେ ସିଧା ଯାଇ ତୁମେ ତାହା ସହିତ ଖାପ ଖାଉଥିବା ଅନ୍ୟ ରଙ୍ଗଟିକୁ ବି ବାହାର କରି-ନେଇପାର । ଏହି ବିଷୟରେ ତୁମକୁ ମୋଟେ କୌଣସି ପ୍ରକାରେ ଅତମତ ହେବାକୁ ପଡ଼େ ନାହିଁ; କାରଣ ଏହି ରଙ୍ଗଟିର ସ୍ୱଭାବଟି ତୁମର ନିର୍ଭୁଲ ଭାବରେ ମନେଥାଏ ଏବଂ ତୁମେ ତାହା ସହିତ ମିଶୁଥିବା ଆଉଗୋଟିଏ ରଙ୍ଗକୁ ଅତି ସହଜରେ ବାହାର କରି ନେଇପାର ।

ମାତ୍ର, ଆପଣାକୁ ଶିକ୍ଷିତ କରାଇ ଆଣିବା ପାଇଁ ତୁମେ କେତେ ନା! କେତେ ପ୍ରକାରର···ଖେଳ ଉଦ୍‌ଭାବନ କରିପାରିବ, ନୁହେଁ କି ? ତୁମ ପାଖରେ କେତେ ପ୍ରକାରର ବସ୍ତୁ ଥିବ, ସେଥିରୁ ତୁମେ ଯେକୌଣସିଟିକୁ ନେଇପାର—ବିଭିନ୍ନ ରଙ୍ଗର ଜନା ନେଇପାର, ଯାହା ମନ ତାହା ନେଇପାର; ରିବନ୍, କାଗଜ ବି ନେଇପାର । ତା'ପରେ ଗୋଟିଏ ଅନୁକ୍ରମ ତିଆରି କରିବା ଲାଗି ତୁମେ ସେଗୁଡ଼ିକୁ ସଜାଇ କରି ରଖିବ ଏବଂ ସେଗୁଡ଼ିକ କାହାପରେ କିଏ ରହିବ, ସେକଥାଟିକୁ ତୁମେ ଦେଖିବାକୁ ପାଇବ । ଏଇଟି ପାଖରେ ଏଥିଭିତରୁ ଠିକ୍ କେଉଁଟି ରହିବ ? ଏହିପରି ଭାବରେ ସେଗୁଡ଼ିକୁ ସଜାଇବାକୁ ପଡ଼ିବ । ଏବଂ, ତୁମେ ଏପରି ଭାବରେ ଗୋଟିଏ ଅବ୍ୟାହତ କ୍ରମ ତିଆରି କରିନେଇ ପାରିବ ଯେ, ସେଗୁଡ଼ିକ ମଧ୍ୟରୁ କୌଣସିଟି ଖାପଛଡ଼ା ହୋଇ ରହିଗଲା ବୋଲି ଆଦୌ ଚକ୍ଷୁରେ ଜଣା ନ ଥିବ ଏବଂ ତୁମେ ଦୃଷ୍ଟିଗୁଡ଼ିକୁ ରଙ୍ଗକ୍ରମର ଗୋଟିଏ ପ୍ରାନ୍ତରୁ ଆଉଗୋଟିଏ ପ୍ରାନ୍ତକୁ ନିଷ୍ଟୟ ଚାଲିଯାଇ ପାରୁଥିବ ।

ଏହିପରି ଭାବରେ ସେକଥା କରିବା ପାଇଁ ତୁମପାଖରେ ଅଗଣିତ କେତେ ନା କେତେ ସୁଯୋଗ ରହିଛି । ଆମେ ସେଗୁଡ଼ିକୁ କାମରେ ଲଗାଉ ନାହିଁ । ମାତ୍ର ଯଦି ଶିକ୍ଷାର ଦୃଷ୍ଟିକୋଣରୁ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରାଯାଏ, ତେବେ ଆପଣାକୁ ଶିକ୍ଷାଦେବା ଲାଗି ତୁମ ପାଖରେ ସର୍ବଦା ଏକ ସୁଯୋଗ ଆସି ଉପସ୍ଥିତ ହୋଇଯାଇ ପାରୁଥିବ, ସର୍ବଦା ଆସି ଉପସ୍ଥିତ ହେଉଥିବ । ମୋର ମନେ ହେଉଛି, ଲୋକମାନେ ସ୍ୱାଦନିରୂପଣ କରିବାର କ୍ଷେତ୍ରରେ ଭୟଙ୍କର ଭୁଲ୍‌ମାନ କରିଥାନ୍ତି । ଏକ କଳାତ୍ମକ ସମନ୍ୱୟତାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସେମାନେ ପ୍ରକୃତରେ ଏକ ଅରାଜକତା ମଧ୍ୟରେହିଁ ବାସ କରୁଥାନ୍ତି ! ଏଠାରେ

'oaob.nitrkl.ac.in' images reprocessed

ରଙ୍ଗଗୁଡ଼ିକ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକର କଥା ବିଚାର କରାଯାଉ,—ରଙ୍ଗ ବ୍ୟତୀତ ଆହୁରି ଅନେକ ବିଷୟ ବି ରହିଛି,—ଆକାରଗତ ସମ୍ବନ୍ଧର କ୍ଷେତ୍ରଟି ମଧ୍ୟ ରହିଛି, ସେହି କ୍ଷେତ୍ରଟି ଆହୁରି ଅଧିକ ଜଟିଳ,—ମାତ୍ର ଏଠାରେ ରଙ୍ଗଗୁଡ଼ିକର ସମ୍ବନ୍ଧ ବିଷୟରେ ଆଲୋଚନା କରାଯାଉ : ତୁମେ କୌଣସି ଏକ ରଙ୍ଗ ନେଇ ତାକୁ ଆଉଗୋଟିଏ ରଙ୍ଗ ପାଖରେ ରଖିଲ । ଏବଂ, ସେହି କ୍ଷେତ୍ରରେ ଏପରି ହୋଇପାରେ ଯେ, ଏହି ଦୁଇଟି ରଙ୍ଗ ମୋଟେ ଗୋଟିଏ ଗୋଷ୍ଠୀର ନୁହନ୍ତି । ତେବେ, ତୁମର ଯଦି ଏବିଷୟରେ କୌଣସି ତାଲିମ ନ ଥାଏ, ତୁମେ ଏହି ପାର୍ଥକ୍ୟଟିକୁ ହୁଏତ ଜାଣି ବି ପାରିବ ନାହିଁ । ବେଳେବେଳେ ତୁମେ କହିବ, "ନା —ଏହି ରଙ୍ଗଟା ଆଦୌ ସୁନ୍ଦର ନୁହେଁ ।" ମାତ୍ର, କାହିଁକି ସୁନ୍ଦର ନୁହେଁ, ତୁମେ ସେବିଷୟରେ କିଛି ଜାଣି ନାହିଁ, କାରଣଟି ବିଷୟରେ ତୁମେ ଆଦୌ ସଚେତନ ହୋଇପାରି ନାହିଁ । ମାତ୍ର ଯଦି ତୁମର ଯଥେଷ୍ଟ ତାଲିମ ରହିଥିବ, ଯଦି ତୁମେ ନିଜର ଆଖିକୁ ଯଥାର୍ଥ ଶିକ୍ଷା ଦେଇଥିବ, ତେବେ ପ୍ରଥମତଃ, ତୁମେ କଦାପି ଏପରି ଭୁଲ୍ କରିବ ନାହିଁ; ଯେଉଁ ଦୁଇଟି ରଙ୍ଗ ପରସ୍ପର ସହିତ ଆଦୌ ଖାପ ଖାଉ ନାହାନ୍ତି, ତୁମେ ସେହି ଦୁଇଟିକୁ ମୋଟେ ପାଖାପାଖି ଆଣି ରଖିବ ନାହିଁ । ତଥାପି ଯଦି ଦୈବାତ୍. ଆଉ କାହାରି ସକାଶେ ତୁମେ ପରସ୍ପର ସହିତ ଆଦୌ ଖାପ ଖାଉ ନ ଥିବା ଦୁଇଟି ପଦାର୍ଥକୁ ଏକତ୍ର ରହିଥିବାର ଦେଖିବାକୁ ପାଇବ, ତେବେ ତୁମର କଦାପି "ଏହା ସୁନ୍ଦର ନୁହେଁ, ଏହା ମୋଟେ ଭଲ ନୁହେଁ" ବୋଲି କହିବାର ସେହି ଅସ୍ପଷ୍ଟ ଅନୁଭବଟି ହେବ ନାହିଁ,—ହଁ, ବଡ଼ ଅସ୍ପଷ୍ଟ ଭାବରେ ଏକ ଅନୁଭବ,—ଅର୍ଥାତ୍ ଗୋଟିଏ ଜିନିଷ କାହିଁକି ସୁନ୍ଦର ନୁହେଁ ଅଥବା କାହିଁକି ସୁଖକର ନୁହେଁ, ତୁମେ ମୋଟେ ତାହାର କାରଣ ଜାଣି ନ ଥିବ । ଏପରି ହୁଏ, କାରଣ ଗୋଟିଏ ରଙ୍ଗ ଗୋଟିଏ ଗୋଷ୍ଠୀର ଓ ଆଉ ଗୋଟିଏ ରଙ୍ଗ ଆଉଗୋଟିଏ ଗୋଷ୍ଠୀର ହୋଇ ରହିଥାଏ । ଏବଂ, ମଧ୍ୟବର୍ତ୍ତୀ ସଂଯୋଜକ କୌଣସି ରଙ୍ଗର ସାହାଯ୍ୟ ନ ନେଇ ଯଦି ତୁମେ ଏହି ଦୁଇ ଗୋଷ୍ଠୀର ରଙ୍ଗକୁ ଏକାଠି ଆଣି ରଖିବା ପାଇଁ ଚେଷ୍ଟା କର, ତେବେ ସେଗୁଡ଼ିକ ପରସ୍ପର ସହିତ ମୋଟେ ମିଶନ୍ତି ନାହିଁ । ମାତ୍ର ତୁମେ ତତ୍‌କ୍ଷଣାତ୍ ପ୍ରତିକାରଟିକୁ ବାହାର କରିପାରିବ, କାରଣ ପ୍ରକୃତ ଭୁଲ୍‌ଟି ଯେ ଠିକ୍ କେଉଁଠି ରହିଛି, ସେକଥା ତୁମେ ଭଲକରି ଜାଣିଛ ।

ଏବଂ, ଆକାରର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଧ୍ୟ ଏହି କ୍ଷେତ୍ରରେ ଠିକ୍ ସେଇଆ ଘଟିଥାଏ । ତୁମେ ଗୋଟିଏ କୋଠରୀରେ ସବୁ ଜିନିଷକୁ ସଜାଡ଼ି କରି ରଖୁଛ । ତୁମେ ଯେକୌଣସି ଜିନିଷକୁ ଯେକୌଣସି ସ୍ଥାନରେ ନେଇ ରଖିଦେଉଛ, ଏବଂ ତା'ପରେ ସମଞ୍ଜସତା ବିଷୟରେ ଏକ ଯଥାର୍ଥ ବୋଧ ରହିଥିବା

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତି ସେହି କୋଠରି ଭିତରେ ଆସି ପ୍ରବେଶ କରିବାମାତ୍ରକେ ତାକୁ ଖାରି ଅଡ଼ୁଆ ଲାଗୁଛି । ସିଏ ସତେଅବା ଗୋଟାଏ ଅରାଜକତା ଭିତରେ ପଶିଗଲା ପରିହିଁ ଅନୁଭବ କରୁଛି । ମାତ୍ର, ଯଦି ତୁମର ରଙ୍ଗ ଓ ଆକାର ବିଷୟରେ ଏକ ଯଥାର୍ଥବୋଧ ରହିଥାଏ, ତା'ସହିତ ତୁମକୁ ଶୃଙ୍ଖଳା ଏବଂ ସଂଗଠନର ଏକ ବୋଧକୁ ନେଇ ମଧ୍ୟ ମିଶାଇ ରଖିବାକୁ ହେବ; ମାତ୍ର ତଥାପି, ଶୃଙ୍ଖଳା ଏବଂ ସଂଗଠନ ବିଷୟରେ ଏହି ପ୍ରୟୋଜନବାଧୀ ବୋଧଟି ନ ଥାଇ ଯଦି ଆକାର ବିଷୟରେ ବି ତୁମର ଏକ ଯଥାର୍ଥ ବୋଧ ରହିଥାଏ,—ଯେଉଁ ଆକାରଗୁଡ଼ିକ ପରସ୍ପରର ଅନୁପୂରକ ହୋଇପାରିବେ ଏବଂ ପରସ୍ପର ସହିତ ସମଞ୍ଜସ ଭାବରେ ରହିପାରିବେ,—ଯଦି ତୁମକୁ ଗୋଟିଏ କୋଠରିକୁ ସଜାଇ ରଖିବାକୁ ପଡ଼େ ଏବଂ ଯଦି ତୁମ ପାଖରେ ମାତ୍ର ତିନୋଟି ଜିନିଷହିଁ ରହିଥାଏ, ତେବେ ସେଗୁଡ଼ିକୁ ନେଇ ତୁମେ ଉଚିତ ସ୍ଥାନରେ ଜିନିଷସବୁ ସଜାଇ କରି ରଖିପାରିବ । ମାତ୍ର ଅନେକ ଲୋକ ଏହି କଥାଟିକୁ ଜାଣି ନ ଥାନ୍ତି, ସେମାନେ ଏହି କ୍ଷେତ୍ରରେ ମୋଟେ କୌଣସି ପାର୍ଥକ୍ୟ ଦେଖିପାରନ୍ତି ନାହିଁ । ସେମାନେ କେବଳ ଗୋଟିଏ କଥାହିଁ ଭାବନ୍ତି : "ଏଇଟିକୁ ଏଠାରେ ରଖିଲେ ଓ ସେଇଟିକୁ ସେଠାରେ ରଖିଲେ ଅଧିକ ସୁବିଧାଜନକ ହେବ ।" କିନ୍ତୁ ବେଳେବେଳେ ସେମାନେ ଏତିକ ମଧ୍ୟ ଭାବନ୍ତି ନାହିଁ । ସେମାନେ ଜିନିଷଗୁଡ଼ିକୁ ନେଇ ଯେଉଁଠି ମନ ସେଠି ରଖିଦଅନ୍ତି ।

ମାତ୍ର, ସେହି କାରଣରୁ, ଯେଉଁ କୋଠରିଟିରେ ସେମାନଙ୍କୁ ଦିନର ଅନେକ ଘଣ୍ଟା ରହିବାକୁ ପଡ଼ୁଛି, ତା'ଭିତରେ ପ୍ରବେଶ କଲାବେଳେ ସେମାନେ ସର୍ବଦା ଏକ ଜଙ୍ଗଲ ଓ ଏକ ଅରାଜକତା ଭିତରେ ଆସି ପ୍ରବେଶ କରୁଥାନ୍ତି । ଏବଂ, ସେମାନଙ୍କ ଭିତରେ ଏକ ବୋଧଶକ୍ତି ନ ଥିଲେ ସେମାନେ ସେହି ବିଷୟରେ ଆଦୌ କୌଣସି ପ୍ରକାରେ ସଜ୍ଞାନ ବି ହୋଇପାରନ୍ତି ନାହିଁ. ସେମାନଙ୍କୁ ଏବିଷୟରେ ମୋଟେ ଅଡ଼ୁଆ ଲାଗେ ନାହିଁ । ସେକଥା ଯାହା ହୋଇଥାଉ ପଛକେ, ବାହାରର ଏହି ଅରାଜକତା ସେମାନଙ୍କୁ ଆପଣା ଭିତରେ ଏକ ସମଞ୍ଜସତା ଲାଭ କରିବାରେ ଆଦୌ କୌଣସି ସାହାଯ୍ୟ କରି ନ ଥାଏ; କାରଣ ଯଦି···ମନେକର ତୁମର ଗୋଟିଏ କୋଠରି ଅଛି; ଏହି କୋଠରିଟିର ଏକ ଦୈର୍ଘ୍ୟ ରହିଛି, ଏକ ପ୍ରସ୍ଥ ମଧ୍ୟ ରହିଛି । ଏହି କୋଠରିଟି ଭିତରେ ତୁମକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ଆସବାବ ନେଇ ରଖିବାକୁ ପଡ଼ୁଛି, ଏବଂ ତେଣୁ ତୁମକୁ ଏହି କ୍ଷେତ୍ରରେ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳା ଅନୁସାରେ ସଜାଇ କରି ରଖିବାକୁହିଁ ପଡ଼ିବ । ଉଦାହରଣସ୍ୱରୂପ, ତୁମେ ଦେଖିବ ଯେ ସିଧା-ବଙ୍କା ଧାଡ଼ିର କ୍ଷେତ୍ରରେ ମଧ୍ୟ ଏକ ସମଞ୍ଜସତା ରହିଛି, ଏବଂ ସିଧା-ବଙ୍କା ଧାଡ଼ିର କୌଣସି ବିଚାର ନ କରି ଯଦି ନିତାନ୍ତ ଅସମଞ୍ଜସ ଭାବରେ ଜିନିଷଗୁଡ଼ିକୁ ତୁମେ ସେହି

'oaob.nitrkl.ac.in' images reprocessed

କୋଠରି ଭିତରେ ନେଇ ରଖିବାକୁ ଯାଅ, ତେବେ ତତ୍‌କ୍ଷଣାତ୍ ତୁମର ଧାରଣା ହେବ, ସତେଯେପରି କୋଠରିଟି ଭିତରକୁ ପଶିଯିବାମାତ୍ରକେ ଏକ ବିଶୃଙ୍ଖଳା ଏତେ ପାଟି କରି ତୁମକୁ ଅସ୍ଥିର କରି ପକାଉଛି । ମାତ୍ର କେଉଁଠି ବଙ୍କା ହେବ, କେଉଁଠି କୋଣଟିଏ ରହିବ, କେଉଁଠି ସାନ ଜିନିଷଟିଏ ରହିବ ଓ ଆଉ କେଉଁଠି ବଡ଼ ଜିନିଷଟିଏ ରହିବ, ଯଦି ଏହି କଥାଗୁଡ଼ିକ ତୁମକୁ ଜଣାଥିବ ଓ ତୁମେ ସେହି ଅନୁସାରେ ସବୁକଥାକୁ ଶୃଙ୍ଖଳିତ କରି ରଖିବ,··· ବର୍ତ୍ତମାନ କେବଳ ଗୃହୋପକରଣ ଆସବାବର କଥା ବିଚାର କରାଯାଉ : ସେଗୁଡ଼ିକୁ ତୁମେ ହୁଏତ ଠିକଣା ସ୍ଥାନରେ ନେଇ ରଖିପାରିବ; ଅଥବା ଅଠିକଣା ସ୍ଥାନରେ ନେଇ ରଖିପାରିବ; ଏବଂ, ଏହି କ୍ଷେତ୍ରରେ ଏପରି ହୋଇଥାଏ ଯେ, ତୁମ ଭିତରେ ଏକ ଉତ୍ତମ ରୁଚି ରହିଥାଏ ଓ ତୁମକୁ ଉତ୍ତମ ତାଲିମ ମିଳିଥାଏ, ତେବେ ତୁମର ସଂଗଠନଟିରେ ଯେ କେବଳ ଏକ ସମଞ୍ଜସତା ରହିବ ତା' ନୁହେଁ, ବ୍ୟାବହାରିକ ଦୃଷ୍ଟିରୁ ମଧ୍ୟ ତାହା ସର୍ବୋତ୍ତମ ହେବ । ଅନେକ ମଣିଷ ସାନ ଜାଗାଟାରେ ଗୁଡ଼ାଏ ଜିନିଷ ଆଣି ଗଦାକରି ରଖିଥାନ୍ତି ଏବଂ ସେଗୁଡ଼ାକୁ ଏତେ ଅବିନ୍ୟସ୍ତ ଭାବରେ ରଖିଥାନ୍ତି ଯେ, ଏଇଟା ସେଇଟା ସହିତ ନିଜର ଧକ୍‌କା ନ ବଜାଇ ସେମାନେ ସେହି କୋଠରି ଭିତରେ ଚଳପ୍ରଚଳ ବି ହୋଇପାରନ୍ତି ନାହିଁ ।

ମୁଁ ଏହି ପ୍ରକୃତିର ଅନେକ ଲୋକଙ୍କୁ ଜାଣିଛି । ସେମାନେ ନିଜ ରହିବା ଘରଟି ଭିତରକୁ ଆସି ଏଇଟା ବା ସେଇଟା ସହିତ ସବୁବେଳେ ଧକ୍‌କା ଖାଇବାରେ ଲାଗିଥାନ୍ତି । ଏବଂ ତେଣୁ, ଆପଣାର ଆବଶ୍ୟକ ଯାବତୀୟ ଦ୍ରବ୍ୟକୁ ବ୍ୟବହାର କରିପାରିବା ଲାଗି ସେମାନଙ୍କୁ ସର୍ବଦା ଘର ଭିତରେ ଚକ୍‌କର ବୁଲି ଯାବତୀୟ ପ୍ରକାରର ଅସାଧାରଣ ଭାବରେ ଯା'ଆସ କରିବାକୁ ହେଉଥାଏ । ଏବଂ, ଏବିଷୟରେ ସେମାନେ କେବେହେଲେ କିଛି ଭାବନ୍ତି ନାହିଁ, ସବୁକିଛି ସେହିପରି ମନକୁ ମନ ଘଟିଲା ବୋଲି ଧରିନେଇଥାନ୍ତି···ଅନେକ ଲୋକ ଏହିପରି ଅଚେତନ ହୋଇ ରହିଥାନ୍ତି ଯେ, ଯେତେବେଳେ ସେମାନଙ୍କୁ ପଚରାଯାଏ, "ଏହା ଏମିତି ନାହିଁକି ?" ସେତେବେଳେ ସେମାନେ ଉତ୍ତର ଦିଅନ୍ତି, "ହଁ ସେମିତି ହୋଇଛି, ଏକଥା ସବୁ ଏମିତି ହୁଏ ।" ସେମାନେ ଦୈବାତ୍ କେମିତି ଏମିତି ଘଟିଲା ବୋଲି ମନେ କରିଥାନ୍ତି । ଏବଂ ସେମାନେ ନିଜର ସାରା ଜୀବନଟିକୁ ସେହିପରି "ଦୈବାତ୍" ବଞ୍ଚିଥାନ୍ତି, ସେମାନଙ୍କ ଜୀବନରେ ସବୁକଥା ସେହିପରି ମନକୁ ମନ ଘଟିବାରେ ଲାଗିଥାଏ··· । ମାତ୍ର, ଏହାକୁ ଆମ ଇନ୍ଦ୍ରିୟଗୁଡ଼ିକର କ୍ଷେତ୍ରରେ ଉପଯୁକ୍ତ ଶିକ୍ଷାର ଅଭାବ ବୋଲିହିଁ କୁହାଯିବ । ଯଦି ତୁମେ ଇନ୍ଦ୍ରିୟମାନଙ୍କୁ ଯଥାର୍ଥ ଭାବରେ ଶିକ୍ଷା ଦେଇଥିବ, ତେବେ ସର୍ବପ୍ରଥମେ ତୁମେ ଅବ୍ୟବହିତ ଭାବରେହିଁ "ଏହା ଭଲ ଲାଗୁଛି,

'oaob.nitrkl.ac.in' images reprocessed

ଏହା ଭଲ ଲାଗୁ ନାହିଁ; ଏହା ଭଲ, ଏହା ମନ୍ଦ…ଏଇଟା ପ୍ରକୃତରେ କେତେ ଖରାପ ନ ଲାଗୁଛି !” ପ୍ରକୃତର ସେହି ଅସହ୍ୟ ବ୍ୟାପାରଟିରୁ ଅବଶ୍ୟ ରକ୍ଷା ପାଇଯିବ । ଲୋକେ ଏପରି କାହିଁକି କହନ୍ତି, ସେକଥା ମୋଟେ ବୁଝିହୁଏ ନାହିଁ । ମାତ୍ର ଅବଶ୍ୟ କହୁଥାନ୍ତି । ଏବଂ ତା'ପରେ ହଠାତ୍ “ଆଃ, କେତେ ବଢ଼ିଆ ଲାଗିଲା !” ବୋଲି କହୁଥାନ୍ତି ।

ଏବଂ, ଗୋଟାଏ ପ୍ରକାର ଖାଦ୍ୟକୁ ତୁମେ ବେଶୀ ପରିମାଣରେ ଖାଅ, କାରଣ ତାହା ତୁମକୁ ଭଲ ଲାଗେ । ତା'ପରେ ତୁମର ଦେହ ଖରାପ ହୁଏ । ଅଥବା, ତୁମେ ଗୋଟାଏ ପ୍ରକାରର ଔଷଧ ଖାଇବାକୁ ମୋଟେ ଇଚ୍ଛା କର ନାହିଁ, କାରଣ ତାହା ଭଲ ଲାଗୁ ନ ଥାଏ…ଅନେକ ସମୟରେ ତୁମ ପାଖରେ କୌଣସି ଔଷଧ ମଧ୍ୟ ନ ଥାଏ — ଅର୍ଥାତ୍ ଯାହା ଖାଇଲେ ତୁମର ଉପକାର ହେବ, ସେହି ଜିନିଷଟି ତୁମ ପାଖରେ ନ ଥାଏ । ଅନେକ ସମୟରେ ମୋତେ ଲୋକମାନଙ୍କୁ କହିବାକୁ ହୋଇଥାଏ, “ତୁମେ ଏହି ଔଷଧଟିକୁ ଖାଉ ନାହଁ କାହିଁକି ?”— “ନାଁ, ଏଇଟା ଭାରି ଖରାପ ଲାଗୁଛି ।” ମାତ୍ର ଯଦି ତାହା ଖାଇଲେ ତୁମର ଉପକାର ହେବ, ତେବେ ତାହା ତୁମକୁ ଆଦୌ ଖରାପ ମନେ ହେବା ଉଚିତ ନୁହେଁ । ଯଦି ତୁମେ ସଚେତନ ହୋଇଥାଅ, ତେବେ ତୁମେ ତାହାର ଉପକାରଟିକୁ ଅବଶ୍ୟ ହୃଦୟଙ୍ଗମ କରିପାରୁଥିବ ଏବଂ ତେଣୁ ଔଷଧଟି ତୁମକୁ ଆଉ ମୋଟେ ଖରାପ ଲାଗିବ ନାହିଁ ।

ତୁମ ଇନ୍ଦ୍ରିୟଗୁଡ଼ିକ ବିଷୟରେ ତୁମର ଯଥାର୍ଥ ଜ୍ଞାନ ନ ଥାଏ ବୋଲି ତୁମେ ସେହି କଥାଟିକୁ ଅନୁଭବ କରିପାର ନାହିଁ । ଏହି ଶିକ୍ଷାଟିକୁ ତୁମେ ଏକାବେଳେକେ ସାନ ବେଳରୁ ଆରମ୍ଭ କରିପାରିବ ଓ ଶହେବର୍ଷ ପର୍ଯ୍ୟନ୍ତ ମଧ୍ୟ ତାହାକୁ ଚାଲୁ ରଖିପାରିବ । ଏବଂ ତା'ପରେ, ପ୍ରଥମ କଥା ହେଉଛି, ତୁମ ନିଜ ଭିତରେ ମଧ୍ୟ, ତୁମେ ଆଦୌ ବୁଢ଼ା ହେବ ନାହିଁ, କାରଣ ତୁମକୁ ସବୁବେଳେ ନୂଆ ନୂଆ ଆଗ୍ରହ ଅନୁଭୂତ ହେଉଥିବ ଏବଂ ତୁମେ ସବୁବେଳେ ଅଗ୍ରଗତି କରିବାରେ ଲାଗିଥିବ । ଏବଂ ଶେଷରେ, କେତେ ସମୟ ପରେ, ଏଥିଲାଗି ଆଦୌ ଗୁଡ଼ାଏ ସମୟ ଲାଗିବ ନାହିଁ, ପ୍ରାୟ କୋଡ଼ିଏ ବର୍ଷ ପରେ, ସେଇଟା ଆଦୌ ଗୁଡ଼ାଏ ସମୟ ନୁହେଁ — ତୁମେ ଆପଣାର ଇନ୍ଦ୍ରିୟଗୁଡ଼ିକୁ ଅତ୍ୟନ୍ତ ସଫଳ ଭାବରେ ନ୍ୟାୟଯୁକ୍ତ, ବୁଦ୍ଧିସଙ୍ଗତ ଓ ସହାୟକ ଭାବରେ ବ୍ୟବହାର କରିପାରିବ ଏବଂ ଏହା ତୁମକୁ ଏହି ଜଗତ ସହିତ ବି ସଚେତନ ଭାବରେ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରିପାରିବ । ତା' ନ ହେଲେ ତୁମେ ଅଧାଅନ୍ଧ ମଣିଷଙ୍କ ପରି କେବଳ ଅନ୍ଧାରରେ ଏଣେତେଣେ ବାଡ଼ ବୁଲାଇବାରେ ଲାଗିଥିବ (ମାଆ ଶରୀରର ଭଙ୍ଗୀ କରି ଦେଖାଇ

'oaob.nitrkl.ac.in' images reprocessed

ଦେଲେ), ଆପଣାର ବାଟ ପାଇବାକୁ ଚେଷ୍ଟା କରୁଥିବ ଏବଂ ପ୍ରତ୍ୟେକ ପଦରେ ତୁମକୁ ଏଇଟା ବା ସେଇଟାକୁ ଝୁଣ୍ଟି ତଳେ ପଡ଼ିଯିବାକୁ ହେଉଥିବ । ବା, ହୁଏତ ଏପରି ବି ହେବ ଯେ, ତୁମେ ହୁଏତ ଭୁଲ୍ ବାଟରେ ଯାଉଥିବ ଓ ତେଣୁ ତୁମକୁ ପୁଣି ଥରେ ମୂଳରୁହିଁ ଆରମ୍ଭ କରିବାକୁ ହେବ । ଭୁଲ୍ କରୁଥିବ, ତା'ପରେ ଭୁଲ୍‌ଟିକୁ ସଂଶୋଧନ ବି କରୁଥିବ । ତେଣୁ ତୁମକୁ ଏହି କଥାଟିକୁ ଗୋଟିଏ କ୍ଷୁଦ୍ର ବ୍ୟାୟାମ ପରି କରିବାକୁ ହେବ, ଏବଂ ତାହାକୁ ଯେକୌଣସି ସମୟରେ···"ଏପରି କାହିଁକି ହେଲା ? ତୁମେ ଏପରି କାହିଁକି କଲ ?" — "ମୁଁ ଜାଣେ ନାହିଁ ।" — "ଏହାକୁ ତୁମେ ଏପରି ଭାବରେ କାହିଁକି ସଜାଡ଼ି ରଖିଛ ?"—"ମୁଁ ଜାଣେ ନାହିଁ ।" ଯଦି ତୁମେ ଅନ୍ତତଃ ଆପଣା ପାଖରେ ସାଧୁ ହୋଇପାରୁଥିବ, ତେବେ ଦିନକୁ ନିଜ ପାଖରେ ତୁମକୁ ଅନ୍ତତଃ ଶହେଥର "ମୁଁ ଜାଣେ ନାହିଁ" ବୋଲି କହିବାକୁ ପଡ଼ୁଥିବ ।

ସଚେତନ ଭାବରେ ଓ ଆପଣାର ନିଷ୍ପତ୍ତି ଦ୍ୱାରାହିଁ ପରିଚାଳିତ ହୋଇ ସବୁକଥା କରିପାରୁଥିବା ଓ ଏକ ଅନ୍ତର୍ଗତ ରୁଚିବୋଧ ଏବଂ ସମଞ୍ଜସତାର ଜ୍ଞାନ ସହିତ ସମ୍ପୂର୍ଣ୍ଣ ତାଳ ରଖି ସବୁକିଛି କରୁଥିବା ମଣିଷ ଶହେଜଣରେ ଜଣେ ମଧ୍ୟ ଅଛନ୍ତି ବୋଲି କାହିଁ ମୁଁ ମୋଟେ ଭାବୁ ନାହିଁ । ଏପରି ବ୍ୟକ୍ତି ଅବଶ୍ୟ ଅଛନ୍ତି, ମାତ୍ର ସେମାନେ ମୋଟେ ଅନେକ ସଂଖ୍ୟାରେ ନାହାନ୍ତି । ଏବଂ ଯେଉଁମାନଙ୍କର ଏକ ଅନ୍ତର୍ଗତ ରୁଚି ରହିଛି (ଅନ୍ତର୍ଗତ ରୁଚି ରହିଥିବା ବ୍ୟକ୍ତି ଅବଶ୍ୟ ଅଛନ୍ତି,—ଜନ୍ମରୁହିଁ ସେମାନଙ୍କର ଇନ୍ଦ୍ରିୟଗୁଡ଼ିକ ସୁମାର୍ଜିତ ହୋଇ ରହିଛି—ସେମାନଙ୍କୁ ସର୍ବଦା ଆପଣାର ପିତାମାତାଙ୍କ ପାଖରେ କୃତଜ୍ଞ ହୋଇ ରହିବାକୁ ହେବ, କାରଣ ଏହା ଅତ୍ୟନ୍ତ କ୍ୱଚିତ୍ ଦୃଷ୍ଟିଗୋଚର ହୁଏ ଏବଂ ସେମାନେ ନିଶ୍ଚୟ ଏକ ସୁବେଳାରେ ଜନ୍ମଗ୍ରହଣ କରିଥିବେ), ସେମାନେ ମଧ୍ୟ ଯଥାର୍ଥ ଶିକ୍ଷା ଦ୍ୱାରା ଏକ ଅସାଧାରଣ ପରିପୂର୍ଣ୍ଣତା ଅର୍ଜନ କରିପାରିବେ । ପର୍ଯ୍ୟବେକ୍ଷଣର ସାମର୍ଥ୍ୟଟିକୁ ବିକଶିତ କରିପାରିବା ଲାଗି ସେମାନେ ଏବେ, ଏହା ବର୍ତ୍ତମାନ ଖୁବ୍ ଚଳିଲାଣି,—ଲୋକମାନେ ନିର୍ଦ୍ଦିଷ୍ଟ ବ୍ୟାୟାମମାନ କଲେଣି । ମୁଁ ଭାବୁଛି,···ତୁମମାନଙ୍କ ମଧ୍ୟ ସେହିସବୁ ବ୍ୟାୟାମ ଏଠାରେ କରିବାକୁ ପଡ଼ୁଛି କି ନାହିଁ, ମୋତେ ସେକଥା ଜଣା ନାହିଁ । ଲୋକେ ବିଭିନ୍ନ ପ୍ରକାରର ବିଭିନ୍ନ ବ୍ୟାୟାମ କରୁଛନ୍ତି । ଉଦାହରଣସ୍ୱରୂପ, ଗୋଟିଏ ଟେବୁଲ୍ ଉପରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ କେତୋଟି ଜିନିଷକୁ ନେଇ ସଜାଇ ରଖିବା,— ସେହିପରି କେତେପ୍ରକାର କଥା କରୁଛନ୍ତି । ତା'ପରେ ଶିକ୍ଷାର୍ଥୀମାନେ ଭିତରକୁ ଆସନ୍ତି—କେତେକ ନିର୍ଦ୍ଦିଷ୍ଟ ଜିନିଷକୁ କେତୋଟି ନିର୍ଦ୍ଦିଷ୍ଟ ସ୍ଥାନରେ ନେଇ ରଖା ହୋଇଥାଏ : ସେମାନେ ଭିତରକୁ ଆସନ୍ତି, ସେଠାରେ କେତେ ସେକେଣ୍ଡ ପାଇଁ ରହନ୍ତି ଓ

'oaob.nitrkl.ac.in' images reprocessed

ତା'ପରେ ପୁଣି ବାହାରକୁ ଚାଲିଯାନ୍ତି । ଏବଂ ତା'ପରେ, ଟେବୁଲ୍ ଉପରେ କ'ଣ କ'ଣ ଜିନିଷ ରଖା ହୋଇଥିଲା, ସେମାନଙ୍କୁ ସେହିକଥା ପଚରାଯାଏ । କିଏ ପ୍ରକୃତରେ ଜିନିଷଗୁଡ଼ିକୁ ଦେଖିଛି, ବର୍ତ୍ତମାନ ଅତ୍ୟନ୍ତ ଆଗ୍ରହର ସହିତ ସେହି କଥାର ପରୀକ୍ଷା ହୁଏ । ସେମାନଙ୍କୁ ଯେ ନିଶ୍ଚୟ କିଛି ଦେଖିବାକୁ ହେବ, ପିଲାମାନେ ସେକଥା ଅବଶ୍ୟ ଜାଣିଥାନ୍ତି । ଏକଥା ସେମାନଙ୍କୁ ଆଗରୁ କୁହା ବି ଯାଇଥାଏ । ତେଣୁ ମୋଟେ ହଠାତ୍ କିଛି ପଚରାଯାଏ ନାହିଁ । "ତୁମମାନଙ୍କୁ ଚାହିଁ ଦେଖିବାକୁ ହେବ" ବୋଲି ଆଗରୁ ଜଣାଇ ଦିଆଯାଇଥାଏ, ପୂର୍ବରୁ କହି ଦିଆଯାଇଥାଏ ।

ତେଣୁ, ଟେବୁଲ୍ ଉପରେ କେତୋଟି ଜିନିଷ ଥିଲି ଓ କେଉଁ କେଉଁଠାରେ ଥିଲି, ଯେଉଁମାନେ ସେକଥା କହିଦେଇ ପାରନ୍ତି, ସେମାନେ ସର୍ବୋତ୍ତମ ବୋଲି ପ୍ରମାଣିତ ହୁଅନ୍ତି । ମାତ୍ର ତୁମେ ଏକ ଅଭ୍ୟାସ ହିସାବରେ ଏହି କଥାଟିକୁ ନିଜେ ବି କରିପାରିବ । ଏହା ପ୍ରକୃତରେ ଖୁବ ଆଗ୍ରହୋଦ୍ଦୀପକ । ମନେକର ତୁମେ କେଉଁଠାକୁ ଯାଇଛ ··· ହୁଏତ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲ ଓ କିଛି ସମୟ ପରେ ସେଠାରୁ ବାହାରକୁ ଆସି ନିଜକୁ ପଚାରିଲ, "ଆସବାବଗୁଡ଼ିକ କେଉଁଠାରେ ଥିଲା, ସେସବୁ କିପରି ସଜା ହୋଇ ରହିଥିଲା, ଟେବୁଲ୍ ଉପରେ କ'ଣସବୁ ରଖା ହୋଇଥିଲା ?" ତୁମେ ସେଗୁଡ଼ିକୁ ମନେ ରଖିଛ କି ନାହିଁ, ସ୍ପଷ୍ଟ ଭାବରେ ପର୍ଯ୍ୟବେକ୍ଷଣ କରିପାରିଛ କି ନାହିଁ, ବର୍ତ୍ତମାନ ତାହା ଜାଣିପାରିବ । ପର୍ଦ୍ଦାଗୁଡ଼ିକ କେଉଁ ରଙ୍ଗର ଥିଲା ? ଗଦିଗୁଡ଼ିକର କି ରଙ୍ଗ ଥିଲା ? ଏହିପରି ଅନେକ ପ୍ରକାରର କଥା, — ଏହା ପ୍ରକୃତରେ ଗୋଟିଏ ଅସରନ୍ତି କ୍ଷେତ୍ର ।

ଯେତେବେଳେ ଇନ୍ଦ୍ରିୟଗୁଡ଼ିକ ତାହା ନ କରି ପାରିବେ ?

ତେବେ ତୁମକୁ ତୁମ ଇନ୍ଦ୍ରିୟକୁ ତାଲିମ ଦେବାକୁ ପଡ଼ିବ ।

ମୁଁ କହୁଥିଲି, ଯେତେବେଳେ ଇନ୍ଦ୍ରିୟମାନେ ଖୁବ୍ ଭଲ ଭାବରେ କାମ କରୁ ନ ଥିବେ ।

ତୁମେ ସେଗୁଡ଼ିକର ବିକାଶ କରାଇବ । ତୁମେ ଅବଶ୍ୟ ସେଗୁଡ଼ିକର ବିକାଶ କରାଇ ପାରିବ । ଆମେ ବିଧିବଦ୍ଧ ଭାବରେ ସବୁକିଛିର ବିକାଶ କରାଇ ପାରିବା । ଏଇଟି ଆଉ ଗୋଟିଏ କଥା, — ଭାଗ୍ୟ ପାଖରେ ଏହିପରି ଭାବରେ ନତମସ୍ତକ ହୋଇ ରହିବା । "ମୋ ଆଖିଗୁଡ଼ିକ ଖୁବ ଖରାପ ! ମୋ' ନାକ ମୋଟେ କାମ କରୁ ନାହିଁ, — ମୋ କାନଗୁଡ଼ାକ ଆଉ କୌଣସି କାମରେ ଲାଗିଲେ ନାହିଁ !" ଆହୁରି ଅଧିକ ଖରାପ କଥା ହେଉଛି ଯେ, ଆମେ "ମୋ ଆଖିଗୁଡ଼ାକ ଖରାପ ହୋଇଗଲେଣି" ବୋଲି ବାରଂବାର କହି ସମୟ ନଷ୍ଟ

'oaob.nitrkl.ac.in' images reprocessed

କରିବାରେ ଲାଗିଥାଉ । ତେଣୁ ତାହା ଅଧିକରୁ ଅଧିକ ଖରାପ ହେବାରେ ଲାଗିଥାଏ । ଯଦି ଏହି କ୍ଷେତ୍ରରେ — ହଁ, ଏପରି କେତେକ ଲୋକ ଥାଇପାରନ୍ତି, ଯେଉଁମାନଙ୍କର କି ଜନ୍ମରୁ ଆଖି ନ ଥାଏ । ଅବଶ୍ୟ ସେହି କ୍ଷେତ୍ରରେ ଆଉ ଆଶା କରିବାକୁ କିଛି ନାହିଁ, ସେଥିରେ ଆଉ କୌଣସି ସଂଶୋଧନ କରାଯାଇ ପାରିବ ନାହିଁ । ମାତ୍ର ଯେଉଁମାନଙ୍କର କେବଳ ··· ଅଧିକାଂଶ ମନୁଷ୍ୟଙ୍କର ଏପରି ଗୋଟିଏ ଅଙ୍ଗ ରହିଛି, ଯାହାକି ଖରାପ ହୋଇଯାଇଛି; ଏହାର କାରଣ ହେଉଛି ଯେ, ସେହି ଅଙ୍ଗଟିକୁ କିପରି ଉଚିତ ଭାବରେ ବ୍ୟବହାର କରିବାକୁ ହୁଏ, ସେକଥା ସେମାନଙ୍କୁ ମୋଟେ ଜଣା ନ ଥିଲା । କାରଣ, ସେମାନଙ୍କର ଶୈଶବକାଳରୁହିଁ ସେମାନେ ସେହି ଅଙ୍ଗକୁ ଯଥାର୍ଥ ଭାବରେ ବ୍ୟବହାର କରି ନାହାନ୍ତି । ଏବଂ ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥାଟିରେ ନିଶ୍ଚୟ ଅନେକ ଉନ୍ନତି କରାଯାଇ ପାରିବ,— ଏହା ଯଥୋଚିତ ଶିକ୍ଷା ଦ୍ୱାରା ସମ୍ଭବ ହେବ; ଏହିପରି ଉନ୍ନତି କରାଯାଇ ପାରିଲେ ସଂପୃକ୍ତ ଅଙ୍ଗଗୁଡ଼ିକ ଯଥେଷ୍ଟ ପରିମାଣରେ ପୁନର୍ବାର କାର୍ଯ୍ୟକ୍ଷମ ହୋଇପାରିବ ।

ଅବଶ୍ୟ ତୁମେମାନେ କହିବାକୁ ଇଚ୍ଛା କରିବ ଯେ, ଏପରି ଲୋକ ଅଛନ୍ତି ଯେଉଁମାନଙ୍କର ଗୋଡ଼ ନାହିଁ ବା ଆଙ୍ଗୁଠି ନାହିଁ ବା···ଏକଥା ହେବା ଅବଶ୍ୟ ସମ୍ଭବ; ମାତ୍ର ମୁଁ ସେମାନଙ୍କୁ "ତୁମେ ତୁମର ଗୋଡ଼ଗୁଡ଼ିକୁ ଅଥବା ଆଙ୍ଗୁଠିଗୁଡ଼ିକୁ କାମରେ ଲଗାଅ" ବୋଲି କଦାପି କହିବ ନାହିଁ । ମୁଁ ଆଦୌ ଏତେଦୂର ଅବିବେକୀ ନୁହେଁ । ମାତ୍ର ମୁଁ ଭାବୁଛି ଯେ, ଯଦି ଆମେ ପିଲାମାନଙ୍କୁ ସେମାନଙ୍କର ପିଲାଦିନରୁହିଁ ସଜାଡ଼ିବାକୁ ଚେଷ୍ଟା କରିବା, ତେବେ ସେମାନଙ୍କ ଭିତରୁ ଏପରି ଅନେକ ଅଳ୍ପସଂଖ୍ୟକ ପିଲା ରହିବେ, ଯେଉଁମାନେ କି ଏକ ସାଧାରଣ ସ୍ତରକୁ ଆସି ପାରିଲା ଭଳି ସଜାଡ଼ାଯାଇ ପାରିବେ ନାହିଁ । ସେମାନଙ୍କୁ ବିଚକ୍ଷଣ ବା ପୂର୍ଣ୍ଣଦକ୍ଷ କରାଯାଇ ନ ପାରେ, ତଥାପି ସାଧାରଣ ସ୍ତରକୁ ଅବଶ୍ୟ ଅଣାଯାଇ ପାରିବ । ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ସେମାନଙ୍କ ଜୀବନରେ ଦୁର୍ଘଟଣାମାନ ଘଟିପାରେ, ତାହା ହେଉଛି ଏକ ଅନ୍ୟ କଥା । ମାତ୍ର ସେହିଭଳି କୌଣସି ଦୁର୍ଘଟଣା ଘଟିଲେ ମଧ୍ୟ ତଥାପି ତାହାର ସାଂଘାତିକ ପରିଣାମକୁ ଅବଶ୍ୟ ହ୍ରାସ କରାଯାଇ ପାରିବ, ଯଥାସମୟରେ ଯଥୋଚିତ ଶିକ୍ଷା ଦ୍ୱାରା ତାହାର କୁଫଳକୁ ଅବଶ୍ୟ ଲାଘବ କରାଯାଇ ପାରିବ । ତୁମେ ବୁଝିପାରୁଥିବ ଏହା ହେଉଛି ଜଙ୍ଗଲ ଓ ଆଦିମ ଅରଣ୍ୟ ଏବଂ ସୁକର୍ଷିତ ଏକ ଉଦ୍ୟାନ ମଧ୍ୟରେ ରହିଥିବା ପାର୍ଥକ୍ୟଟି ପରି ଏକ ବ୍ୟାପାର । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଙ୍ଗଲ ଓ ଆଦିମ ଅରଣ୍ୟର ଏକ ନିଜସ୍ୱ ସୌନ୍ଦର୍ଯ୍ୟ ଅବଶ୍ୟ ଥାଇପାରେ, ତଥାପି ତାହାକୁ ଏକ ଅରାଜକତା ବୋଲି କୁହାଯିବ । ସେହି ସୌନ୍ଦର୍ଯ୍ୟ ହେଉଛି ଅରାଜକତାର ସୌନ୍ଦର୍ଯ୍ୟ । ଅନ୍ୟପକ୍ଷରେ, ତୁମର ଗୋଟିଏ ସୁକର୍ଷିତ ଉଦ୍ୟାନ ରହିଛି ବୋଲି ମନେ କରାଯାଉ । ସେଠାରେ

'oaob.nitrkl.ac.in' images reprocessed

ଏକ ନିର୍ଦ୍ଦିଷ୍ଟ ସ୍ଥାନାୟତନ ମଧ୍ୟରେ ଉଦାହରଣସ୍ୱରୂପ ତୁମର ଯାବତୀୟ ପ୍ରକାରର ଫୁଲ୍ ରହିଛି ଏବଂ ସେଠାରେ ତୁମେ ଯଥାସମ୍ଭବ ଅଧିକ କଥା ଉତ୍ପାଦନ କରି-ପାରୁଛ । ମନୁଷ୍ୟର ଶରୀର ବେଳକୁ ମଧ୍ୟ ଠିକ୍ ସେହିକଥା । ତାହା ଯେପରି ଇଚ୍ଛା କରୁଛି, ଯଦି ତାହାକୁ ସେହିପରି ବଢ଼ିବାକୁ ଛାଡ଼ିଦିଆଯାଏ, ତେବେ ତାହା ବଣ-ଜଙ୍ଗଲ୍ ବା ଆଦିମ ଅରଣ୍ୟ ପରି ହୋଇଯିବ । ମାତ୍ର ଯଦି ତୁମେ ଆରମ୍ଭ-କାଳରୁହିଁ ତାହାର ଉତ୍ତମ ଯତ୍ନ ନେଇପାରିବ, ତେବେ ତାହା ଅବଶ୍ୟ ଏକ ସୁନ୍ଦର ଉଦ୍ୟାନରେ ପରିଣତ ହୋଇପାରିବ । ଏବଂ, ତଥାପି ଉଦ୍ୟାନଗୁଡ଼ିକ ସେହି ଏକାଭଳି ହୋଇ ରହିଥିବେ । ତୁମକୁ ଭୂମିଟିର ମୂଳ ସ୍ୱଭାବରେ କେହି ଆଦୌ କୌଣସି ପରିବର୍ତ୍ତନ ଘଟାଇବାକୁ ମୋଟେ କହୁ ନାହିଁ । ତୁମକୁ କେବଳ ତାହାର କର୍ଷଣ କରିବାକୁହିଁ କୁହାଯାଉଛି । ସିଏ ତା' ଆପଣା ବାଟରେ ଯାଇ ଯେପରି ବିଶୃଙ୍ଖଳାର ଶିକାର ନ ହୁଏ, ସେଥିଲାଗି ତାହାର କର୍ଷଣ କରିବାକୁ କୁହାଯାଉଛି ।

ଅବଶ୍ୟ କେତେକ ଲୋକ ଆସି ତୁମକୁ ଏପରି ମଧ୍ୟ କହିବେ, "ବଣ ଜଙ୍ଗଲର ପ୍ରକୃତରେ କେତେ ଶୋଭା, ଏହା ଉଦ୍ୟାନଠାରୁ ଅଧିକ ସୁନ୍ଦର ।" ଏହା ସମ୍ପୂର୍ଣ୍ଣ ଭାବରେ ଜଣେ ବ୍ୟକ୍ତିର ଦୃଷ୍ଟି ଉପରେ ନିର୍ଭର କରୁଛି; ମାତ୍ର ତା'ହେଲେ ଆମ ଶିକ୍ଷା ବିଷୟରେ ଆଉ କୌଣସି କଥା କହିବା ନାହିଁ । କାରଣ, ତା'ପରେ ଶିକ୍ଷାର ଆଉ କୌଣସି ମୂଲ୍ୟ ମୋଟେ ରହିବ ନାହିଁ । ଆମେ ଆଉ ଆତ୍ମ-କର୍ତ୍ତୃତ୍ୱ ବିଷୟରେ ବି କିଛି କହିବା ନାହିଁ । କାରଣ, ତା'ପରେ ତାହାର ମଧ୍ୟ କୌଣସି ମୂଲ୍ୟ ରହିବ ନାହିଁ । ତେବେ ଆମେ ଆଉ ଶୃଙ୍ଖଳା ବିଷୟରେ ଆଦୌ କିଛି କହିବା ନାହିଁ, ଯୋଗ ବିଷୟରେ ମଧ୍ୟ ଆଉ କାହିଁକି କ'ଣ କହିବାକୁ ଯିବା ? ପ୍ରକୃତି ଯେପରି ଇଚ୍ଛା କରୁଛି, ଆମେ ତାକୁ ସେହିପରି ବାଟରେ ଯିବାକୁହିଁ ଛାଡ଼ିଦେବା । ଏହାଦ୍ୱାରା ପ୍ରକୃତିକୁ ଅବଶ୍ୟ କୌତୁକ ଲାଗିବ, ମାତ୍ର କେତେକ ବ୍ୟକ୍ତିଙ୍କୁ ମୋଟେ କୌତୁକ ଲାଗିବ ନାହିଁ । ତେଣୁ ଏମାନେ ଅନ୍ୟପ୍ରକାର କିଛି କରିବାକୁ ଅବଶ୍ୟ ମନ କରିବେ । ଯେଉଁମାନଙ୍କୁ ଏଥିରେ କୌତୁକ ମିଳୁଛି, ସେମାନେ ଇଚ୍ଛା କଲେ ସେହି ବାଟରେ ଅବଶ୍ୟ ଯାଆନ୍ତୁ ; ମାତ୍ର ଯେଉଁମାନଙ୍କୁ ଏଥିରେ ଆଦୌ କୌଣସି କୌତୁକ ଲାଗୁ ନାହିଁ, ସେମାନଙ୍କ ଲାଗି ମଧ୍ୟ ଅନ୍ୟପ୍ରକାରେ ଆଚରଣ କରିବାର ଅଧିକାର ରହିଥିବା ଉଚିତ । ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ କି ସବୁକଥା ସମ୍ପୂର୍ଣ୍ଣ ଉତ୍ତମ ଭାବରେ ଘଟିଛି ବୋଲି ଅନୁଭବ କରିଥାନ୍ତି । ବେଶ୍ ଅପ୍ରୀତିକର ହୋଇ ସେମାନଙ୍କ ଜୀବନରେ କିଛି ଘଟିବା ପର୍ଯ୍ୟନ୍ତ ସେମାନେ ଏହିପରି ଅନୁଭବ କରୁଥାନ୍ତି । ଏବଂ, ସେତିକିବେଳେ ଯାଇ ସେମାନଙ୍କର କ୍ଷୁଦ୍ର ଅହଂଟି କହିବାକୁ ଆରମ୍ଭ କରେ, "ଏଥର ଜାଣିଲି । ମୁଁ ଆଗରୁ ଯେପରି ଭାବୁଥିଲି, ବ୍ୟାପାରଗୁଡ଼ାକ ମୋଟେ

ସେପରି ଭଲ ନୁହେଁ ।” ତଥାପି କେତେକ ଲୋକ ବେଶ୍ କେତେ ସମୟ ପର୍ଯ୍ୟନ୍ତ କହୁଥାନ୍ତି, “ନାଇଁ, ମୁଁ ପୃଥିବୀକୁ ଆଦୌ କୌଣସି ଦୋଷ ଦେବି ନାହିଁ । ଏଇଟା ବି କମ୍ ଚିତ୍ତାକର୍ଷକ ଆଦୌ ନୁହେଁ ।” ସେମାନେ ସେମାନଙ୍କର ପୃଥିବୀକୁ ନେଇ ଆନନ୍ଦ ଲାଭ କରୁଥାନ୍ତି । ମାତ୍ର, ଅନ୍ୟ ପକ୍ଷରେ, ଯଦି ଆମେ ଏହି ପୃଥିବୀକୁ ନେଇ ଗୋଟିଏ କିଛି ରୂପେ ତିଆରି କରିବାକୁ ଇଚ୍ଛା କରୁଥାଉ, ତେବେ ଆମକୁ ଆମ ଉଦ୍ୟାନଟିର କର୍ଷଣ କରିବାକୁହିଁ ପଡ଼ିବ । ବୁଝିଲ ?

ମାଆ, ଏହି କ୍ଲାସରେ ପ୍ରଶ୍ନମାନ ପଚାରିବାକୁ ଆମକୁ ଅନେକ କହିଥାନ୍ତି । ମାତ୍ର ଯଦି ପ୍ରଶ୍ନଗୁଡ଼ିକ ପ୍ରକୃତରେ ଆମର ହୋଇ ନ ଥାଏ, ତେବେ ସେହି କ୍ଷେତ୍ରରେ ଆମର କ’ଣ କରିବା ଉଚିତ ?

ଆଚ୍ଛା, ତୁମେ ଇଚ୍ଛାକଲେ ଗୋଟିଏ ପ୍ରଶ୍ନ ପଚାରି ପାରିବ । ···ଯଦି ତାହା ଆଗ୍ରହୋଦ୍ଦୀପକ ହୋଇଥାଏ, ତେବେ ମୁଁ ତାହାର ଉତ୍ତର ଦେବି । ଯଦି ନ ହୋଇଥାଏ, ତେବେ ଆମେ ସେଇଟିକୁ ମୋଟେ ଆଲୋଚନା କରିବା ନାହିଁ । ପ୍ରଶ୍ନଟି କ’ଣ କହିଲ ? ଗୋଟିଏ ଉଦାହରଣ ଦିଅ ।

ନା, ମା,—ଆଜି ନୁହେଁ ।

(ଆଉ ଗୋଟିଏ ପିଲା) ଅଧିକାଂଶ ସମୟରେ ଠିକ୍ ଏହିପରି ହୋଇଥାଏ ।

(ଆଉଗୋଟିଏ ପିଲା) ଉତ୍ତର ଭାରତରେ ଗୋଟିଏ ଗଧିଆ ଗୋଟିଏ ପିଲାକୁ ଲାଳନପାଳନ କରିଥିଲା ।

କ’ଣ, କ’ଣ ?

ଗୋଟିଏ ଗଧିଆ ଲାଳନପାଳନ କରିଥିଲା ।

ହଁ, ମୁଁ ସେହି ବିଷୟରେ କେତୋଟି ଫଟୋ ଦେଖିଛି ।

ଏହା ସମ୍ଭବ ହେଲା କିପରି ?

କିପରି ସମ୍ଭବ ହେଲା ? ମାତ୍ର ମୁଁ ଏ ବିଷୟରେ ସବୁକଥା ଜାଣି ନାହିଁ । ଏହି ଦୁଃସାହସିକ ବିଷୟରେ ମୋତେ କିଛି ଜଣା ନାହିଁ । ସେହି ବିଷୟରେ କେବଳ ଗୋଟିଏ ଫଟୋ ଦେଖିଛି । ମାତ୍ର ତାକୁ ଦେଖି ମୁଁ ବିଶେଷ କୌଣସି ଆଗ୍ରହ ଅନୁଭବ କରି ନ ଥିଲି ଏବଂ ଭାବିଲି ଯେ ଆଦୌ ଆଗ୍ରହୋଦ୍ଦୀପକ ହୋଇ ନ

'oaob.nitrkl.ac.in' images reprocessed

ଥିବା ଏଇ କଥାଟିକୁ ନେଇ ଗୁଡ଼ାଏ ଲୋକ ଖୁବ ପାଟି କରୁଛନ୍ତି । ସେହି ପିଲାଟି ଅତି ବିକରାଳ ହୋଇ ବଢ଼ିଥିଲା । ସେ ଗୋଟାଏ କ୍ଷୁଦ୍ରାକୃତି ରାକ୍ଷସ ପରି ହୋଇଥିଲା । ବାସ୍, ସେତିକି ।

> ପିଲାଟି ଜନ୍ମଗ୍ରହଣ କରିବା ପୂର୍ବରୁ ତା'ଭିତରେ ଯେଉଁ ଚୈତ୍ୟସତ୍ତ୍ୱ ଅବତୀର୍ଣ୍ଣ ହୋଇଥିଲା, ତାହା ସମ୍ଭବତଃ କିଛି ଅଭିଜ୍ଞତା ଲାଭ କରିବାକୁ ଇଚ୍ଛା କରିଥିଲା, ନୁହେଁ ? ମାତ୍ର ଏହାର ଜନ୍ମକ୍ଷଣରୁ ଯେ ଏଭଳି ଏକ ଦୁର୍ଘଟନା ଘଟିଲା,··· ତାହାର ପରିଣାମ ପୁଣି କ'ଣ ହେବ ?

ହୁଏତ ସିଏ ନିଜେହିଁ ଏହିପରି ଗୋଟିଏ ଘଟନା ଘଟୁ ବୋଲି ଇଚ୍ଛା କରିଥିଲା, ସେ ବିଷୟରେ ତୁମେ କ'ଣ ଜାଣିଛ ? ଏହିଭଳି ଏକ ଅଭିଜ୍ଞତା ଲାଭ କରିବାକୁହିଁ ହୁଏତ କେବଳ ଏକ ବାସନା ଜାତ ହୋଇଥିଲା । ମୁଁ କିଛି କହିପାରୁ ନାହିଁ । ମୁଁ ଫଟୋଟିକୁ ଦେଖିଥିଲି ··· ସେଠାରେ ଏକ ଚୈତ୍ୟ ସତ୍ତ୍ୱ ଖୁବ୍ ବେଶୀ ପରିମାଣରେ ରହିଛି ବୋଲି ଆଦୌ ଦେଖି ପାରିଲି ନାହିଁ । (ସମସ୍ତେ ହସିଲେ) ଏହା ପ୍ରକୃତରେ ଏକ ଆଦିମ ଓ ଅଳ୍ପବିକଶିତ ବସ୍ତୁଟିଏ ହୋଇ ରହିଥିଲା । ଏପରି ଏକ ସମ୍ଭାବନା ରହିଥିଲା, ଯାହାର କି ହୁଏତ ଶତାବ୍ଦୀ ଶତାବ୍ଦୀ ପରେ ଯାଇ ପୂର୍ଣ୍ଣୋପଲବ୍ଧି ହୋଇ ପାରିବ । ତଥାପି, ଏହାକୁ ଅଭିଜ୍ଞତା ଲାଭ କରିବାକୁ ଇଚ୍ଛା କରୁଥିବା ଏକ ସଚେତନ ଚୈତ୍ୟ ସତ୍ତ୍ୱ ବୋଲି ଧରି ନିଆଗଲେ ମଧ୍ୟ, ସମ୍ଭବତଃ ଏହା ଏହିପରି ହେବାକୁହିଁ ଇଚ୍ଛା କରୁଥିଲା, ହୁଏତ ତାହା ନିଜକୁ ଏହିପରି ପ୍ରଶ୍ନ କରିଥିଲା : "ଯଦି କୌଣସି ନାରୀ ବଦଳରେ ଗୋଟିଏ ଗଧିଆ ପାଖରେ ଲାଳନପାଳନ ସମ୍ଭବ ହୁଏ, ତେବେ ସେଥିରୁ କେଉଁ ପ୍ରକାରର ଅନୁଭୂତି ମିଳେ ?" ଏହାକୁ ଖୁବ୍ ବେଶୀ ରୋମାଞ୍ଚକର ବୋଲି ଆଦୌ କହିବା ଉଚିତ ନୁହେଁ; ତଥାପି, ସମ୍ଭବତଃ ଏହା ଏପରି ଏକ ବ୍ୟକ୍ତି ଥିଲା, ଯିଏକି ରୋମ୍ ସାମ୍ରାଜ୍ୟ ପ୍ରତିଷ୍ଠିତ ହେବାର ଇତିହାସ ବିଷୟରେ ଅତ୍ୟନ୍ତ ବିସ୍ମିତ ହୋଇ ଯାଇଥିଲା, ଏବଂ ଯଦି, ତାହା ପ୍ରକୃତରେ ସତ ହୋଇଥାଏ, ତେବେ ତାହାକୁ ଅନୁଭବ କଲେ କିପରି ଲାଗିବ ବୋଲି ଦେଖିବାକୁ ଏକ କୌତୂହଳ ପ୍ରକାଶ କରିଥିଲା । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଏଥିରେ ମୋଟେ ସଫଳତା ମିଳି ନ ଥିଲା । ଏହି ସତ କାହାଣୀଟି ଅପେକ୍ଷା କିପ୍‌ଲିଙ୍ଗ୍‌ଙ୍କର ଗପଗୁଡ଼ାକ ହୁଏତ ଅପେକ୍ଷାକୃତ ଅଧିକ ଆଗ୍ରହୋଦ୍ଦୀପକ । ସେହି ଗପରେ ସାନ ପିଲାଟି ଗୋଟିଏ ଗଧିଆ ଦ୍ୱାରା ପାଳିତ ହୋଇଥିଲା । ତା ନାଁ ମୌଗ୍ଲି ଥିଲା, ନୁହେଁ ? ମାତ୍ର ସେ ଅନ୍ତତଃ ଗୋଟିଏ ଭଲ ପିଲା ଥିଲା, ଉତ୍ତମ ଆଚରଣ କରୁଥିଲା । ମାତ୍ର ଏହି ପିଲାଟି ତ ପ୍ରକୃତରେ ଏକ

'oaob.nitrkl.ac.in' images reprocessed

ଭୟାନକ ବସ୍ତୁ ହୋଇ ରହିଛି ! ଏହା ··· ଏହି କଥାଟି ଆଦୌ ଆଗ୍ରହୋଦ୍ଦୀପକ ନୁହେଁ । ଲୋକେ କ'ଣ ତୁମକୁ ଏହିପରି ପ୍ରଶ୍ନମାନ ପଚାରନ୍ତି ? ଏହି ପ୍ରକାରର ?

ନାଇଁ, ସବୁବେଳେ ପଚାରନ୍ତି ନାହିଁ ।

ଏହାଠାରୁ ଅଧିକ ଭଲ କୌଣସି ପ୍ରଶ୍ନ ?

ହଁ ।

ମାତ୍ର ଆଜ ସେପରି କୌଣସି ପ୍ରଶ୍ନ ପଚାରିବାକୁ ନାହିଁ ? ନୁହେଁ ? ତେବେ ଆଜ ଏହିଠାରେ ବନ୍ଦ ଥାଉ । ପୁନର୍ଦର୍ଶନାୟ ।

'oaob.nitrkl.ac.in' images reprocessed

# ୭ ଏପ୍ରିଲ୍ ୧୯୫୪

**ମାଆଙ୍କ ଦ୍ୱାରା ଲିଖିତ "ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି" ପ୍ରବନ୍ଧ (ଦ୍ୱିତୀୟ ଭାଗ)ଟି ଉପରେ ଏହି ପ୍ରବଚନଟି ଆଧାରିତ ।**

"ଯେତେବେଳେ କୌଣସି ଭାବନାକୁ ବାକ୍ୟରେ ପ୍ରକାଶ କରାଯାଏ, ସେତେବେଳେ ଶବ୍ଦଗୁଡ଼ିକରେ ରହିଥିବା ସ୍ପନ୍ଦନର ସେହି ଭାବନାଟି ସହିତ ସ୍ଥୂଳତମ ଭୌତିକ ଉପାଦାନର ଏକ ସମ୍ପର୍କ ଘଟାଇବା ଲାଗି ପ୍ରଭୂତ ଶକ୍ତି ରହିଥାଏ । ତାହାର ଫଳରେ ଭାବନାକୁ ଏକ ମୂର୍ତ୍ତି ଏବଂ ଫଳପ୍ରଦାୟକ ବାସ୍ତବବୋଧ ପ୍ରାପ୍ତ ହୋଇଥାଏ । ତେଣୁ ଆମେ କୌଣସି ବ୍ୟକ୍ତି ଅଥବା ବସ୍ତୁଚୟର କଦାପି ନିନ୍ଦା କରିବା ନାହିଁ କିଂବା ଏହି ପୃଥିବୀରେ ଦିବ୍ୟ ଉପଲବ୍ଧିର ଅଗ୍ରଗତିରେ ବିରୋଧ ସୃଷ୍ଟି କରୁଥିବା କୌଣସି କଥା କେବେହେଲେ କହିବା ନାହିଁ । ଏହାକୁ ଏକ ଅଲଙ୍ଘନୀୟ ସାଧାରଣ ନିୟମରୂପେ ଗ୍ରହଣ କରିବାକୁ ହେବ । ତଥାପି ଏଥିରେ ଗୋଟିଏ ବ୍ୟତିକ୍ରମ ଅବଶ୍ୟ ରହିଛି । ତୁମେ ଯାହାର ସମାଲୋଚନା କରୁଛ, ସେହି ଗତିସ୍ପନ୍ଦନ ଅଥବା ବସ୍ତୁଗୁଡ଼ିକର ବିଲୋପସାଧନ ଅଥବା ରୂପାନ୍ତରୀକରଣ ଲାଗି ତୁମ ଭିତରେ ଯୁଗପତ୍ ଭାବରେ ଯଦି କୌଣସି ସଚେତନ ଶକ୍ତି ଏବଂ ସକ୍ରିୟ ଇଚ୍ଛା ଉପସ୍ଥିତ ନ ଥାଏ, ତେବେ ତୁମର ଆଦୌ କୌଣସି ବିଷୟରେ ସମାଲୋଚନା କରିବା ଉଚିତ ହେବ ନାହିଁ । କାରଣ, ଏହି ସଚେତନ ଶକ୍ତି ଏବଂ ସକ୍ରିୟ ଇଚ୍ଛାରହିଁ ଜଡ଼ ମଧ୍ୟରେ ପ୍ରତିକ୍ରିୟା ବ୍ୟକ୍ତ କରିବାର, ଅନୁଚିତ ସ୍ପନ୍ଦନଟିକୁ ଅନୁମତି ନ ଦେବାର ତଥା ପରିଶେଷରେ, ଭୌତିକ ଭୂମିରେ ଆପଣାକୁ ବ୍ୟକ୍ତ କରିବାରେ ଯେପରି ତାହା ପକ୍ଷରେ ଅସମ୍ଭବ ହୋଇଯିବ, ସେଥିଲାଗି ତାହାର ସଂଶୋଧନ କରିବାର ସମ୍ଭାବନାଟିକୁ ସଞ୍ଚାରିତ କରି ଆଣିବାର କୌଣସି ସାମର୍ଥ୍ୟ ରହିଥିବ ।

'oaob.nitrkl.ac.in' images reprocessed

ଯେଉଁ ବ୍ୟକ୍ତି ବିଜ୍ଞାନମୟ ଭୂମିରେ ବିଚରଣ କରିପାରେ ଏବଂ ଯାହାର ମାନସିକ ସାମର୍ଥ୍ୟଗୁଡ଼ିକରେ ଚିନ୍ମୟତାର ଆଲୋକ ତଥା ସତ୍ୟର ଶକ୍ତି ଅବସ୍ଥାନ କରୁଥାଏ, କେବଳ ତାହାରି ଦ୍ୱାରାହିଁ ଏହି କାର୍ଯ୍ୟଟିକୁ ବିପଦ୍-ମୁକ୍ତ ଭାବରେ କରିପାରିବା ସମ୍ଭବ ହୋଇପାରେ ।"

"ବିଜ୍ଞାନମୟ ଭୂମି" କହିଲେ ପ୍ରକୃତରେ କ'ଣ ବୁଝାଏ ?

**ଅତିମାନସ ବିଷୟରେ କହିବା ପାଇଁ ଏହା ହେଉଛି ଅନ୍ୟ ଗୋଟିଏ ମାର୍ଗ । ବିଜ୍ଞାନମୟ—ଏହା ସେହି ମହାନ୍ ଜ୍ଞାନ, ମାତ୍ର ଯଥାର୍ଥ ଜ୍ଞାନକୁହିଁ ବୁଝାଏ । ଏହାକୁ ଅତିମାନସ ଭୂମିଗୁଡ଼ିକର ଜ୍ଞାନଗତ ବିଭବ ବୋଲି କୁହାଯାଇ ପାରିବ ।**

"ଏତେ ବଡ଼ ପାଟିରେ କଥା କହି ଆପଣାକୁ ବାରବାର ଏକାବେଳେକେ ବାହାରେ ଆଣି ନିକ୍ଷିପ୍ତ କରି ନ ଦେବାର ଅଭ୍ୟାସଟିକୁ ଅନୁଶୀଳନ କରିବାକୁ ହେବ; — ତା'ହେଲେ ତୁମେ ଦେଖିବାକୁ ପାଇବ ଯେ, ତୁମ ତଥା ଅନ୍ୟମାନଙ୍କ ଭିତରେ କ୍ରମଶଃ ଏକ ଅନ୍ତର୍ଗତ ବୋଧସମ୍ବନ୍ଧ ପ୍ରତିଷ୍ଠିତ ହେବାରେ ଲାଗିଛି; ସେପରି ହୋଇପାରିଲେ ତୁମେମାନେ ଆପଣା ମଧ୍ୟରେ ଯେପରି ଭାବରେ ଭାବର ଆଦାନପ୍ରଦାନ କରିପାରିବ, ସେଥିରେ ତୁମମାନଙ୍କୁ ସବୁଠାରୁ କମ୍ ଶବ୍ଦ ଉଚ୍ଚାରଣ କରିବାକୁ ହେବ ଅଥବା ଏପରିକି ଆଦୌ କୌଣସି ଶବ୍ଦ ବ୍ୟବହାର କରିବାକୁ ପଡ଼ିବ ନାହିଁ ।" ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ସକଳ କ୍ଷେତ୍ରରେ, ଏପରିକି ଭୌତିକ ବସ୍ତୁଗୁଡ଼ିକର କ୍ଷେତ୍ରରେ ମଧ୍ୟ କ'ଣ ଏକ ଅନ୍ତର୍ଗତ ବୋଧସମ୍ବନ୍ଧର ପ୍ରତିଷ୍ଠା ହୋଇପାରିବ ?

**ଆଚ୍ଛା ! ...ମାତ୍ର ତୁମେ ଠିକ୍ କ'ଣ ଜାଣିବାକୁ ଇଚ୍ଛା କରୁଛ ?**

ଏହି ଅନ୍ତର୍ଗତ ବୋଧସମ୍ବନ୍ଧ ପ୍ରତିଷ୍ଠିତ ହୋଇପାରିବ କି ନାହିଁ ।

**ହଁ, ହୋଇପାରିବ । କେବଳ ଗୋଟିଏ ମନର ଆଉ ଗୋଟିଏ ମନ ସହିତ ସମ୍ପର୍କ ସ୍ଥାପନ କରିବାରେ ଶବ୍ଦମାନେ ସାଧନରୂପେ କାର୍ଯ୍ୟ କରିଥାନ୍ତି । ଏହାହିଁ ସେହି ଶବ୍ଦଗୁଡ଼ିକର ଏକମାତ୍ର ଔଚିତ୍ୟ ହୋଇ ରହିଥାଏ । ମାତ୍ର ଯଦି ମନ**

'oaob.nitrkl.ac.in' images reprocessed

ଯଥେଷ୍ଟ ପରିମାଣରେ ପରିଚ୍ଛନ୍ନ ଓ ଶକ୍ତିଯୁକ୍ତ ହୋଇ ରହିଥାଏ ଏବଂ ଆଦୌ କୌଣସି ଶବ୍ଦର ସାହାଯ୍ୟ ନ ନେଇ ସମ୍ବନ୍ଧ ସ୍ଥାପନ କରିପାରେ, ତେବେ ସେହି କ୍ଷେତ୍ରରେ ତାହା ଅଧିକ ଭଲ ଭାବରେ ସମ୍ପର୍କ ସ୍ଥାପନ କରିବା ଲାଗି ସମର୍ଥ ହୁଏ, ଆହୁରି ଅଧିକ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ତାହା କରିପାରେ । ସେତେବେଳେ ଏହି ଶବ୍ଦଗୁଡ଼ିକର ଆଉ କୌଣସି ପ୍ରୟୋଜନ ନ ଥାଏ ।

ସମ୍ପୂର୍ଣ୍ଣ ଭାବେ ଭୌତିକ ବସ୍ତୁଗୁଡ଼ିକର କ୍ଷେତ୍ରରେ ମଧ୍ୟ ?

ହଁ, ଏକଥାଟିକୁ ପରୀକ୍ଷା କରି ବି ଦେଖାଯାଇପାରେ । ଉଦାହରଣସ୍ୱରୂପ, ଯେତେବେଳେ ଦୁଇଜଣ ବ୍ୟକ୍ତି ଆପଣାର ମନକୁ ପରସ୍ପର ସହିତ ସମ୍ପୂର୍ଣ୍ଣ ଭାବରେ ମିଳାଇକରି ରଖିଥାନ୍ତି, ସେତେବେଳେ ଜଣେ ଯଦି "ଏହି ପଦାର୍ଥଟି ସେଠାରେ ନ ରହି ଏଠାରେ ରହିବା ଉଚିତ" ବୋଲି ଚିନ୍ତା କରେ, ତେବେ ଅନ୍ୟଜଣକ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେହି ପଦାର୍ଥଟିକୁ ଖୋଜିବାରେ ଲାଗିଯାଏ ଓ ତାହାକୁ ଆଣି ଯଥାସ୍ଥାନରେ ରଖିଦିଏ । ସିଏ ଅତ୍ୟନ୍ତ ସ୍ପଷ୍ଟ ଭାବରେ କଥାଟିକୁ ବୁଝିପାରେ, ସେଥିଲାଗି ତାହାକୁ ଆଦୌ କିଛି କହିବାକୁ ପଡ଼େ ନାହିଁ । ଅଥବା, ଜଣେ ହୁଏତ "ବର୍ତ୍ତମାନ ବାହାରକୁ ଯିବାର ସମୟ ହେଲାଣି" କିଂବା "ମୋର ବର୍ତ୍ତମାନ ଅମୁକ ଜିନିଷଟି ଦରକାର" ବୋଲି ଚିନ୍ତା କରେ, ଏବଂ ଅନ୍ୟଜଣକ ସମ୍ପୂର୍ଣ୍ଣ ଭାବରେ ସେଗୁଡ଼ିକୁ ବୁଝିପାରେ ଓ ସେଥିଲାଗି ତାହାକୁ ଆଦୌ କିଛି କହିବାକୁ ପଡ଼େ ନାହିଁ । ଏତେ ଅଧିକ ଦୂର ଯାଇପାରିବା ପୂର୍ବରୁ ମଧ୍ୟ ଗୋଟିଏ କଥା ଅଧିକାଂଶ ସମୟରେ ଘଟିଥାଏ,—ଯେଉଁ ବ୍ୟକ୍ତିମାନେ ଆପଣା ଉପରେ ଏକ ନିୟନ୍ତ୍ରଣ ରକ୍ଷିଥାନ୍ତି ଓ ସଚେତନ ଥାଆନ୍ତି,—ଏକତ୍ର ବି ରହୁଥାନ୍ତି, ଏଠାରେ ମୁଁ ସେହିମାନଙ୍କର କଥା କହୁଛି,—ଜଣେ ପ୍ରଶ୍ନଟିଏ ପଚାରିବା ପୂର୍ବରୁ ମଧ୍ୟ ଆଉଜଣେ ସେହି ପ୍ରଶ୍ନଟିର ଉତ୍ତର ଦେଇଦିଏ । ପ୍ରଶ୍ନଟି ତା' ମନ ଭିତରେ ଥାଏ, ଏବଂ ଅନ୍ୟଜଣକ ଉତ୍ତର ଦେଇ କହେ, "ହଁ, ହଁ, କଥାଟି ପ୍ରକୃତରେ ଏହିପରି, ସେହି କାର୍ଯ୍ୟଟି ପ୍ରକୃତରେ କରାଯାଇ ନାହିଁ । ଅନ୍ୟ ବ୍ୟକ୍ତିଟି ଆଦୌ କିଛି ପଚାରି ନାହିଁ, ମାତ୍ର ଏହି ବ୍ୟକ୍ତିଟି ଶୁଣିପାରୁଛି, ବୁଝିପାରୁଛି ଏବଂ ବାର୍ତ୍ତାଟିକୁ ଅବଶ୍ୟ ପାଇପାରୁଛି । ଏପରି ଅନେକ ସମୟରେ ଘଟିଥାଏ, ନୁହେଁ ? ଏବଂ, ଯେଉଁସବୁ କ୍ଷେତ୍ରରେ ଶବ୍ଦର ସାହାଯ୍ୟରେ କିଛି କହିବାକୁ ପଡ଼େ, ସେଠାରେ ମଧ୍ୟ ଦଶଟି ଶବ୍ଦ ଉଚ୍ଚାରଣ କରିବା ପରିବର୍ତ୍ତେ ତୁମେ ମୋଟେ ଗୋଟିଏ ଶବ୍ଦ କହି ଏବଂ ତାହାହିଁ ଯଥେଷ୍ଟ ହୁଏ; ଅବଶିଷ୍ଟ ସବୁକିଛି ବୋଧଗମ୍ୟ ହୋଇଯାଏ, ଜାଣି ହୁଏ । ଏବଂ ଏହିପରି ପ୍ରତ୍ୟକ୍ଷ ଭାବରେ ସମ୍ବନ୍ଧ ସ୍ଥାପନ କରିବାର ଏହି ଅଭିଜ୍ଞତାଟିକୁ ଖୁବ ସହଜରେ ଲାଭ କରାଯାଇପାରେ । ଯଦି ତୁମେ ଜଣେ ନୂତନ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହେଉଛ

'oaob.nitrkl.ac.in' images reprocessed

ଓ ଯଦି ତାଙ୍କ ସହିତ ତୁମର ଏକ ଯଥେଷ୍ଟ ପରିମାଣର ମନୋଗତ ସମ୍ପର୍କ ସମ୍ଭବ ହୋଇ ନାହିଁ, ତେବେ ସିଏ ଏପରି ଗୁଡ଼ିଏ ଶବ୍ଦର ବ୍ୟବହାର କରି ତୁମ ସହିତ କଥା କହିବେ, ଯାହାକୁ କି ତୁମେ ସର୍ବଦା ଏକ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହାର କରିବାରେ ଅଭ୍ୟସ୍ତ ହୋଇ ଆସିଛ ଏବଂ ତେଣୁ ତୁମେ ତାଙ୍କ କଥାକୁ ବର୍ତ୍ତମାନ ମୋଟେ ବୁଝିପାରିବ ନାହିଁ; ସତେଅବା ତୁମେ ଦୁହେଁ ମୋଟେ ଏକା ଭାଷାରେ କଥା ହେଉ ନାହଁ, ଏହି କ୍ଷେତ୍ରରେ ପ୍ରାୟ ସେହିପରି ମନେହେବ । ମାତ୍ର, କିଛିକାଳ ପରେ, ତୁମେ ଦୁଇଜଣ ପରସ୍ପରକୁ ଏକାଧିକବାର ଭେଟିବା ପରେ ଏବଂ ଦୁହିଁଙ୍କର ମନଭିତରେ ପରସ୍ପର ସହିତ ଏକ ମେଳ ଆସିଯିବା ପରେ ଯାଇ ତୁମେ ଦୁହେଁ ପରସ୍ପରକୁ ବୁଝିବାକୁ ଆରମ୍ଭ କରିବ ।

ବସ୍ତୁତଃ, ଯାହା ଯଥାର୍ଥରେ ଶବ୍ଦାତୀତ ହୋଇ ରହିଥାଏ, ଶବ୍ଦମାନେ ତାହାକୁ ପ୍ରକାଶ କରିବା ଲାଗି ଏକ ମାଧ୍ୟମରୂପେହିଁ କାର୍ଯ୍ୟ କରିଥାନ୍ତି । ମାତ୍ର, ଯେଉଁମାନଙ୍କ ପାଖରେ ସେଥିପାଇଁ ଯଥେଷ୍ଟ ପରିମାଣରେ ବିକଶିତ ଏବଂ ଯଥାର୍ଥ ସାଧନ ରହିଛି, ସେଠାରେ କଥାଗୁଡ଼ିକ ଶବ୍ଦର କୌଣସି ସାହାଯ୍ୟ ବିନା ପ୍ରକାଶିତ ହୋଇପାରନ୍ତି । ଯେତେବେଳେ ଜଣେ ଯଥାର୍ଥରେ ଭାବନାର ରାଜ୍ୟରେ ବିଚରଣ କରୁଥାଏ, ସେତେବେଳେ ଶବ୍ଦମାନେ ଅର୍ଥଟିକୁ ହ୍ରାସ କରି ପକାନ୍ତି ; ତାହାକୁ ସଙ୍କୀର୍ଣ୍ଣ କରି ଆଣନ୍ତି, ସୀମିତ କରି ପକାନ୍ତି, ତାହାର ଶକ୍ତି ହରଣ କରନ୍ତି । ଯେଉଁ ଭାବନାକୁ ଅପରୋକ୍ଷ ଭାବରେ ପ୍ରକ୍ଷେପିତ କରାଯାଇ ପାରୁଛି, ତାହା ଶବ୍ଦ ସାହାଯ୍ୟରେ ପ୍ରକାଶ କରାଯାଉଥିବା ଭାବନା ଅପେକ୍ଷା ଅନେକ ଅଧିକ ଶକ୍ତିଶାଳୀ ହୋଇଥାଏ । ଶବ୍ଦଗୁଡ଼ିକ ତାହାର ନମନୀୟତା ତଥା ଯଥାର୍ଥ ଶକ୍ତିକୁ କମ୍ କରି ଦିଅନ୍ତି, ସୀମିତ କରି ଆଣନ୍ତି, କଠିନ କରିପକାନ୍ତି ଓ ଅପହରଣ କରି ନେଇଥାନ୍ତି,—ତାହାର ଜୀବନଟିକୁହିଁ କାଢ଼ି ନେଇଥାନ୍ତି । କେବଳ ମନୁଷ୍ୟ ପାଖରେ ରହିଥିବା ସାଧନଟି ସମୁଚିତ ଭାବରେ ଅନୁକୂଳିତ ହୋଇ ରହି ନ ଥିବାରୁହିଁ ଆମେ ଶବ୍ଦଗୁଡ଼ିକର ସାହାଯ୍ୟ ନ ନେଇ ଭାବନାର ପ୍ରସାରଣ କରିବାକୁ ସମର୍ଥ ହେଉ ନାହିଁ । ଯଦି ଯନ୍ତ୍ରଗୁଡ଼ିକୁ ଅତ୍ୟୁତ୍ତମ ଭାବରେ ଅନୁକୂଳିତ କରି ରଖା ଯାଇଥାନ୍ତା, ତେବେ ବନମାନ ଆମକୁ ହୁଏତ ଦଶଟି ଶବ୍ଦ ବି ଉଚ୍ଚାରଣ କରିବାକୁ ପଡ଼ନ୍ତା ନାହିଁ, ତଥାପି ଆମକୁ ସମସ୍ତେ ସବୁବେଳେ ଅବଶ୍ୟ ବୁଝି ପାରୁଥାନ୍ତେ ।

ମୁଁ ଏହି କଥାଟିକୁ ବୁଝିପାରୁ ନାହିଁ : ଆପଣ କହିଛନ୍ତି, "ବିଶ୍ବର ଏବଂ ଜ୍ଞାନର ଏହି ସଦନଟି ଭିତରେ ମଧ୍ୟ ମନୁଷ୍ୟ ତା' ସ୍ୱପ୍ରତ୍ୟୟର ଉଗ୍ରତାଟିକୁ ଆଣି ପୂରାଇ ଦେଇଛି, ତା'ର ଅନମନୀୟତା-ଜନିତ ନାନା ଅସହିଷ୍ଣୁତାକୁ ଆଣି ପୂରାଇ ଦେଇଛି

'oaob.nitrkl.ac.in' images reprocessed

ଏବଂ ତା' ଆପଣାର ଅଭିରୁଚିଗୁଡ଼ାକର ବେଳ ଆବେଗଗୁଡ଼ାକୁ ଆଣି ଭର୍ତ୍ତି କରିଦେଇଛି ।"

ହଁ, ମାତ୍ର ଏଥିରେ କେଉଁ କଥାଟିକୁ ତୁମେ ବୁଝିପାରୁ ନାହଁ ? ଏହି କଥା ତ ସବୁକାଳରେହିଁ ଘଟିଥାଏ ।

ଆଉ କିଛି ପ୍ରଶ୍ନ ନାହିଁ ? ତୁମମାନଙ୍କର କ'ଣ କୌଣସି ସାହସ ନାହିଁ ?

ହଁ, ମୋର ସାହସ ଅଛି । ମାତ୍ର ପଚାରିବାକୁ କୌଣସି ପ୍ରଶ୍ନ ନାହିଁ ।

(ଆଉଜଣେ ପିଲା) ମାଆ, ଏପରି ହୋଇପାରେ କି, ଯଦି ଜଣେ ବ୍ୟକ୍ତି ଖୁବ୍ ଗୁଡ଼ାଏ ଆଗକୁ ଯାଇ ନ ପାରିଲେ ମଧ୍ୟ ତଥାପି ଗୁଡ଼ାଏ ପଛକୁ ବି ଚାଲି ଆସିବାକୁ ବାଧ୍ୟ ହୁଏ ନାହିଁ ?*

ମୁଁ କେବଳ ଏତିକି କହୁଛି ଯେ ଜଣେ କଦାପି ସେହି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରିବ ନାହିଁ । ତୁମେ "ଖୁବ୍‌ଗୁଡ଼ାଏ ଆଗକୁ ଯାଇପାରେ ନାହିଁ" ବୋଲି କହୁଛ,—ମାତ୍ର ଜଣେ ବ୍ୟକ୍ତି କେବଳ ଏତେ ଟିକିଏ ବି ତ ଆଗକୁ ଯାଇପାରିବ । ଏବଂ, ପଛକୁ ଖସି ନ ଆସିବା ଲାଗି ତାହାହିଁ ଯଥେଷ୍ଟ ହେବ । ଏବଂ ଯଦି ତୁମେ ସର୍ବଦା ସାବଧାନ ରହି ନ ପାରିବ, ପ୍ରତ୍ୟେକ ମଣିଷ ଏକାବେଳେକେ ଅନେକ ଖଣ୍ଡରେ ତିଆରି ହୋଇଥିବାରୁ, ଯଦି ତୁମେ ପଛରେ ପଡ଼ି ଯାଉଥିବା ଅଂଶଗୁଡ଼ିକୁ ସାଙ୍ଗରେ ଟାଣି ଆଗକୁ ନେବାରେ ମୋଟେ ଅଭ୍ୟସ୍ତ ନ ଥିବ, ତେବେ ସିଏ ହୁଏତ ଗୋଟିଏ ପାଖରେ ଆଗକୁ ଯାଉଥିବ ସତ, ମାତ୍ର ଅନ୍ୟ ପାଖରେ ପଛକୁ ହଟିବାରେ ଲାଗିଥିବ । ଏପରି ଅବଶ୍ୟ ଘଟେ । ଏବଂ, ସେହି କ୍ଷେତ୍ରରେ ମୋଟ ପରିମାଣଟି ମଧ୍ୟ ଆଦୌ ଖୁବ୍‌ବେଶୀ ସନ୍ତୋଷଜନକ ହୋଇପାରେ ନାହିଁ ।

ସାଧାରଣ ଜୀବନରେ, ସାଧାରଣ ଲୋକମାନଙ୍କର ଜୀବନରେ, ଏକଥା ସବୁବେଳେ ଘଟିଥାଏ । ଉଦାହରଣସ୍ୱରୂପ, ଏପରି ଜଣେ ବ୍ୟକ୍ତିର କଥା ବିଚାର କରାଯାଉ, ସିଏ କି ଅଧ୍ୟୟନ କରୁଛନ୍ତି, କାର୍ଯ୍ୟ କରୁଛନ୍ତି—ମନେକର ଜଣେ ବୈଜ୍ଞାନିକ ନାନା ଉଦ୍‌ଭାବନ କରିବାରେ ଲାଗିଛନ୍ତି । ସିଏ ତାଙ୍କର ଅଧ୍ୟୟନରେ ଅଗ୍ରଗତି କରୁଥାନ୍ତି, ଅଧିକରୁ ଅ·କ ଜ୍ଞାନ ଅର୍ଜନ କରୁଥାନ୍ତି । ମାତ୍ର,

*"ପ୍ରକୃତି ମଧ୍ୟରେ ସବୁକିଛି ଗତିଶୀଳ ହୋଇ ରହିଛି; ତେଣୁ ଯାହା ଅଗ୍ରଗତି କରି ନ ପାରୁଛି, ତାହା ପଛକୁ ଖସି ଆସିବାକୁ ଅବଶ୍ୟ ବାଧ୍ୟ ହେଉଛି ।"

'oaob.nitrkl.ac.in' images reprocessed

ଯେହେତୁ ସିଏ ନିଜର ଅନ୍ତର୍ଗତ ଜୀବନ ବା ବ୍ୟକ୍ତିଗତ ଜୀବନ ଅଥବା ବାହ୍ୟ ଜୀବନର କୌଣସି ଯତ୍ନ ନିଅନ୍ତି ନାହିଁ, ତାହା ଫଳରେ ହୁଏତ ଅଧିକରୁ ଅଧିକ ପରିମାଣରେ ପଛରେ ପଡ଼ିଯାଆନ୍ତି, ଅଚେତନ ହୋଇପଡ଼ନ୍ତି ବା ଏପରିକି ଅନେକ ଅବାଞ୍ଛିତ ଅଭ୍ୟାସ ଦ୍ୱାରା ଗ୍ରସ୍ତ ହୋଇପଡ଼ନ୍ତି । ତାଙ୍କ ବୈଜ୍ଞାନିକ କାର୍ଯ୍ୟଟିର ଦୃଷ୍ଟିରୁ ସିଏ ଅଗ୍ରଗତି କରୁଥିଲେ ମଧ୍ୟ ଜଣେ ମନୁଷ୍ୟ ହିସାବରେ ତାଙ୍କର ଜୀବନକୁ ସିଏ ସମ୍ପୂର୍ଣ୍ଣ ଭାବରେ ଦୁଃଖକର କରି ରଖିଥାନ୍ତି । ଏପରି ଘଟଣା ଅଧିକାଂଶ ସମୟରେ ଘଟିଥାଏ । ଏବଂ, ଯେକୌଣସି ବ୍ୟକ୍ତି ବିଷୟରେ କହିବାକୁ ଗଲେ, ଯଦି ସିଏ ଉତ୍ତମ ଯତ୍ନ ନ ନିଅନ୍ତି, ତେବେ ତାଙ୍କର ଗୋଟିଏ ଅଂଶ ହୁଏତ ଅଗ୍ରଗତି କରିବାରେ ଲାଗିଥାଏ ଏବଂ ଆଉଗୋଟିଏ ଅଂଶ ପଛକୁ ପଛକୁ ଯିବାରେ ଲାଗିଥାଏ । ଯଦି ଏହି ବିଷୟରେ ସତର୍କ ଦୃଷ୍ଟି ରଖା ନ ଯାଏ, ଯଦି ଆପଣାର ଗତିଷ୍ଠାନଗୁଡ଼ିକ ଅନ୍ଧାରରେ ନ ରହେ, ପ୍ରାଣିକ ଯେପରି ଆପଣାର ମନମୁଖୀ ମାର୍ଗରେ ଆଗକୁ ଆଗକୁ ମାଡ଼ିଯିବାର ସୁଯୋଗ ନ ପାଇବ, ଯଦି ସେଥିଲାଗି ବିଶେଷ ଯତ୍ନ ନିଆ ନ ଯାଏ, ତେବେ ସମ୍ପୃକ୍ତ ବ୍ୟକ୍ତିଜଣକ ହୁଏତ ଦିନେ ହଠାତ୍ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବେ ଯେ, ତାଙ୍କଭିତରେ ଅନେକ ମନ୍ଦ ଅଭ୍ୟାସ ଆସି ପଶିଗଲାଣି ଏବଂ, ତାଙ୍କର ମାନସିକ ଅଂଶଟି ଅଭୀପ୍ସା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ଓ ଜ୍ଞାନଦିଗରେ ଅଗ୍ରଗତି କରିବାରେ ଲାଗିଥିଲେ ମଧ୍ୟ, ଏପରିକି ତାଙ୍କ ଆଧ୍ୟାତ୍ମିକ ଜୀବନରେ ବି ଏକ ଅଗ୍ରଗତି ହେଉଥିଲେ ମଧ୍ୟ ସିଏ ପ୍ରକୃତରେ ଏକ ଅତ୍ୟନ୍ତ କୁତ୍ସିତ ମାର୍ଗରେ ଯିବାରେ ଲାଗିଛନ୍ତି । ଯଦି ସମୁଚିତ ଦୃଷ୍ଟି ଦିଆ ନ ଯାଏ, ତେବେ ସବୁକିଛୁ ଖସି ଖସି ଯାଇ ଖୁବ୍ ସହଜରେ ଗାତ ଭିତରେ ପଶିବାକୁ ଆରମ୍ଭ କରେ : ହୁଏତ କେଉଁଠି ଏକ ଭୁଲ୍ ପଦକ୍ଷେପ ନିଆଯାଏ, ତା'ପରେ ଗୋଡ଼ ଖସିଯାଏ । ଏବଂ ତା'ପରେ ହଠାତ୍ ଏକାବେଳେକେ ଗାତର ଗର୍ଭରେ ଯାଇ ଧକ୍କା ଲାଗିଯାଏ । ସେତେବେଳେ ଆମେ ନିଜକୁ "ମାତ୍ର ଏପରି କିପରି ହେଲା ? କ'ଣ ଘଟିଲାରୁ ଏପରି ହେଲା ?" ବୋଲି ପଚାରିବାକୁ ଆରମ୍ଭ କରୁ । କେବଳ ଭୁଲ୍ ପଦକ୍ଷେପଟି ସକାଶେ ଏପରି ଘଟିଲା : ତୁମେ ସାବଧାନ ହୋଇପାରିଲ ନାହିଁ, ତୁମ ସତ୍ତାର ସେହି ଅଂଶଟିକୁ ତୁମକୁ ତା' ନିଜ ଗର୍ତ୍ତଟି ଭିତରକୁ ଟାଣି ନେବାକୁ ତୁମେ ବାଟ ଛାଡ଼ିଦେଲ, କାରଣ ତୁମେ ତାକୁ ତା' ରାସ୍ତା ଉପରୁ ବାହାରକୁ ନିକାଳି ଦେଇ ପାରିଲ ନାହିଁ, ତୁମର ଅନୁଗମନ କରିବାକୁ ତାକୁ ବାଧ୍ୟ କରିପାରିଲ ନାହିଁ ଏବଂ ତେଣୁ ବର୍ତ୍ତମାନ ତାହା ଓଲଟି ତୁମକୁ ତା' ନିଜ ସହିତ ଟାଣିବାରେ ଲାଗିଛି ।

ଯଦି ଆମେ ଏକ ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଇଚ୍ଛା କରୁଥିବା, ତେବେ ଏପରି ଢନଚଉଠ କ୍ଷେତ୍ରରେ ଶୋଇ ରହିଲେ ଆଦୌ ଚଳିବ ନାହିଁ ।

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଜାଗ୍ରତ ଏବଂ ଅତ୍ୟନ୍ତ ମନୋଯୋଗୀ ହୋଇ ରହିବା ଆବଶ୍ୟକ ହେବ, କାରଣ ତା' ନ ହେଲେ ତୁମେ କୌଣସି ନଦୀରେ ବା ଭୟଙ୍କର ସ୍ରୋତସଙ୍କୁଳ ଏକ ବୃହତ୍ ସାଗରରେ ସାନ ଡଙ୍ଗାଟିଏ ପରି ଆକର୍ଷିତ ହେବାରେ ଲାଗିଥିବ; ଏବଂ, ଯଦି ତୁମେ ସାବଧାନ ନ ରହ, ଏହିସବୁ ସ୍ରୋତ ପ୍ରତି କୌଣସି ଦୃଷ୍ଟି ନ ଦିଅ, ଯଦି ଆରାମରେ ପଡ଼ିରହ ଓ ଆପଣାର ସତର୍କ ଦୃଷ୍ଟିକୁ ଶିଥିଳ କରିପକାଅ, ତେବେ ଦିନେ ହଠାତ୍ ତୁମେ ଏହିକଥା ଦେଖିବାକୁ ଆରମ୍ଭ କରିବ- ଯେ, ତୁମେ ଯେଉଁଠାରୁ ଯାତ୍ରା ଆରମ୍ଭ କରିବାକୁ ଇଚ୍ଛା କରିଥିଲ, ବର୍ତ୍ତମାନ ତୁମେ ତାହାର ଠିକ୍ ଓଲଟା ପାଖରେ ଯାଇ ରହିଛ ! ଅତ୍ୟନ୍ତ ସ୍ୱଭାବସିଦ୍ଧ ଭାବରେ ତୁମେ ସେହି ମୁଅରେ ଭାସି ଭାସି ଆଉ କୁଆଡ଼େ ଚାଲିଯାଇଛ । ସେତେବେଳେ ହୁଏତ ତୁମେ ଏପରି କହୁଥିବ : "ମୁଁ ତ ସେଠାକୁ ଯିବା ଲାଗି ଇଚ୍ଛା କରିଥିଲି, ତେବେ ପୁଣି ଏଠାରେ ଆସି ପହଞ୍ଚିଲି କିପରି ?"

ଠିକ୍ ଏହିଭଳି ଘଟିଥାଏ ।

ସାଧାରଣ ଜୀବନରେ ଏହା ସବୁବେଳେ ଘଟେ । କେବଳ, ତୁମେ ଅବଶ୍ୟ ଜାଣିଥିବ, ସାଧାରଣ ଜୀବନରେ ଆମେ କହିବାରେ ଲାଗିଥାଉ, "ପରିସ୍ଥିତି ଏପରି କଲା, ଭାଗ୍ୟ ଏପରି କଲା, ମୋ'ର ଭାଗ୍ୟ ଖରାପ ହୋଇଥିବାରୁ ଏକଥା ହେଲା, ସେମାନଙ୍କ ଦୋଷରୁ ମୁଁ ଏହି ଦଶାରେ ପଡ଼ିଲି," ଅଥବା "ମୋର ଭାଗ୍ୟ ପ୍ରକୃତରେ ଭାରି ଖରାପ ।" ଏସବୁ କହିବା ପ୍ରକୃତରେ ଭାରି, ଭାରି, ଭାରି ସୁବିଧାଜନକ । ଆମେ ସବୁକିଛିକୁ ଆବରଣ ତଳେ ନେଇ ରଖିଥିବା ଏବଂ ଆଶଙ୍କା କରୁଥିବା ଯେ ... ହଁ, ଆମ ଜୀବନରେ ସୁସମୟ କ୍ଷଣମାନ ଆସେ, ଓ ତା'ପରେ ମନ୍ଦକ୍ଷଣଗୁଡ଼ିକ ମଧ୍ୟ ଆସେ, ଏବଂ ପରିଶେଷରେ — ଆଃ, ସେ ଯାହାହେଉ, ପରିଶେଷରେ ଗାତରେ ଯାଇ ପଡ଼ିବାକୁ ହୁଏ । କାରଣ ପ୍ରତ୍ୟେକ ବ୍ୟକ୍ତିହିଁ ଏହିପରି ଭାବରେ ଗାତ ଭିତରେ ଯାଇ ପଡ଼ିଯାଏ, ଏବଂ, ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ସେହିପରି ଏକ ଘଟନା ଘଟିବ ବୋଲି ଆଶଙ୍କା କରୁଥାଉ ! ତେଣୁ, ଆମେ ଏବିଷୟରେ କୌଣସି ଚିନ୍ତା କରୁ ନାହିଁ, ବା ହୁଏତ ସ୍ୱଳ୍ପହିଁ ଚିନ୍ତା କରିବାରେ ଲାଗିଥାଉଁ, — ଦୁଇଟାଯାକ ସେଇ ଗୋଟିଏ କଥା । ଅର୍ଥାତ୍, ଆମେ ଅଚେତନ ଥାଉ, ଅଚେତନ ଭାବରେହିଁ ଜୀବନ ବଞ୍ଚୁ, ଏବଂ ଯାହାକିଛି ଘଟେ, ସେଥିଲାଗି ଅନ୍ୟମାନଙ୍କ ଉପରେ ଓ ପରିସ୍ଥିତିଗୁଡ଼ାକ ଉପରେହିଁ ସବୁଯାକ ଦୋଷ ନେଇ ଠେଲି ଦେବାରେ ଲାଗିଥାଉ । ମାତ୍ର ଆମେ ନିଜକୁ ଏକଥା କେବେହେଲେ କହୁନାହିଁ : "ନାହିଁ, ନାହିଁ, ଏକଥା କେବଳ ମୋ'ର ଦୋଷରୁହିଁ ହେଲା ।" ... ଏପରି ଆରମ୍ଭ କରିବାକୁ ହେଲେ ଏକ ପ୍ରଶସ୍ତ ଚେତନାର ପ୍ରୟୋଜନ ରହିଛି । ଏପରିକି ଯେଉଁମାନେ ଆପଣାକୁ ସଚେତନ

'oaob.nitrkl.ac.in' images reprocessed

ବୋଲି କହୁଥା'ନ୍ତି, ସେମାନଙ୍କ ଭିତରେ ମଧ୍ୟ ଏପରି ଅଧିକ ସଂଖ୍ୟକ ବ୍ୟକ୍ତି ଆଦୌ ନ ଥାନ୍ତି, ଯେଉଁମାନେ କି ଯଥେଷ୍ଟ ସ୍ପଷ୍ଟ ଭାବରେ ସବୁକଥା ଦେଖିପାରନ୍ତି ଓ ସେମାନେ ପ୍ରକୃତରେ ଯାହା, କେବଳ ସେଇଥିରୁହିଁ ସେମାନଙ୍କର ଜୀବନରେ ଘଟୁଥିବା ଯାବତୀୟ ଘଟନା ଘଟୁଛି ଓ ଆଉ ମୋଟେ ଅନ୍ୟ କୌଣସି କାରଣରୁ ଘଟୁ ନାହିଁ ବୋଲି ସଜ୍ଞାନ ହୋଇ ରହୁଥାନ୍ତି । ସେମାନେ ସବୁବେଳେ କହନ୍ତି, "ସେହି ଅନ୍ୟ ବ୍ୟକ୍ତିଟି ଭୁଲ୍ କଲା, ପରିସ୍ଥିତିଗୁଡ଼ାକ ଅନୁକୂଳ ହେଲେ ନାହିଁ; ଓ, ଏପରି ପ୍ରକୃତରେ କାହିଁକି ଘଟିଲା ?"—ଯଦି, ତୁମେ ପ୍ରକୃତରେ ଯାହା, ସେପରି ମୋଟେ ହୋଇ ନ ଥାନ୍ତ, ତେବେ ଘଟଣାଟି ମଧ୍ୟ ଆଦୌ ଏପରି ଭାବରେ ଘଟି ନ ଥାନ୍ତା । ତେବେ ତାହା ଅନ୍ୟପ୍ରକାରେ ଘଟିଥାନ୍ତା ।

ଆପଣାର ପ୍ରକୃତ ଇନ୍ଦ୍ରିୟାନୁଭବଗୁଡ଼ିକୁ, ଅନୁଭୂତିକୁ, ଭାବଗୁଡ଼ିକୁ ଓ ଆପଣାର ସଦିଚ୍ଛାକୁ ଆମେ ଶବ୍ଦ ଦ୍ୱାରା ବ୍ୟକ୍ତ କରିଥାଉଁ । ମାତ୍ର, ଆମକୁ କେହି ନ ପଚାରିବା ପର୍ଯ୍ୟନ୍ତ ଆପଣାକୁ ଶବ୍ଦ ଦ୍ୱାରା ବ୍ୟକ୍ତ କରିବା ପ୍ରକୃତରେ ଆବଶ୍ୟକ କି ?

ନା—ମୋଟେ ଆବଶ୍ୟକ ନୁହେଁ । ଏଇଟି ମଧ୍ୟ କେବଳ ଏକ ଖରାପ ଅଭ୍ୟାସ । ଏବର୍ଷ ଜାନୁଆରୀ ପହିଲା ଦିନ ମୁଁ ଠିକ୍ ସେହିପରି ଗୋଟିଏ କଥା ଲେଖିଥିଲି : "ଗର୍ବ କର ନାହିଁ, କୌଣସି ବିଷୟରେ ମଧ୍ୟ ଗର୍ବିତ ଭାବରେ ଦେଖାଇ ହୁଅ ନାହିଁ । ତୁମର କାର୍ଯ୍ୟଗୁଡ଼ିକ ଦ୍ୱାରାହିଁ ତୁମର ସବୁକିଛି କଥା ବ୍ୟକ୍ତ ହୋଇପାରିବା ସମ୍ଭବ ହେଉ ।"* ଏହା ଠିକ୍ ସେହିପରି ଗୋଟିଏ କଥା । ଏପରି କହିବାରେ ଆଦୌ କୌଣସି ପ୍ରୟୋଜନ ନାହିଁ, "ମୋର ପ୍ରକୃତରେ ତୁମ ଲାଗି କେତେ ବଡ଼ ସଦିଚ୍ଛା ରହିଛି ଏବଂ ମୁଁ ପ୍ରକୃତରେ ଏତେ ଅଧିକ କରିବାକୁ ଇଚ୍ଛା କରୁଛି ଓ ମୁଁ..." ଯାହା କହୁଛ, ତାହାକୁ କରି ଦେଖାଇଦିଅ । ବାସ୍, ତାହାହିଁ ସବୁକିଛି ହେବ ।

ମାଆ, ଯେତେବେଳେ ଆମେ କିଛି ଚିନ୍ତା କରୁଛୁ, ଯେତେବେଳେ କୌଣସି ଏକ ବିଚାରର ଅନୁସରଣ କରୁଛୁ, ସେତେବେଳେ ଆମେ ସ୍ୱଗତ ଭାବରେହିଁ ଯାହାକିଛି କହୁଛୁ, ପାଟି କରି ଆଦୌ କିଛି କହୁ ନାହୁଁ; ମାତ୍ର ଏହାର କ'ଣ ଏପରି ଅର୍ଥ ହେବା ଉଚିତ

*୧୯୬୪ର ନବବର୍ଷ ଉପଲକ୍ଷେ ସନ୍ଦେଶ : "ହେ ମୋ'ର ପ୍ରଭୁ, ଏହାହିଁ ସମସ୍ତଙ୍କ ଲାଗି ଆପଣଙ୍କର ଏବର୍ଷର ପରାମର୍ଶ : "କୌଣସି ବିଷୟରେ ଗର୍ବିତ ଭାବରେ ଦେଖାଇହୁଅ ନାହିଁ । ତୁମର କାର୍ଯ୍ୟଗୁଡ଼ିକହିଁ ତୁମର ସବୁକିଛି କଥାକୁ ବ୍ୟକ୍ତ କରିପାରୁ !"

'oaob.nitrkl.ac.in' images reprocessed

ଯେ ଆମର ଭାବନା ଲାଗି ଏହି ଅନ୍ତର୍ଗତ ଜଗତଟିର ଏକାନ୍ତ ପ୍ରୟୋଜନ ରହିଛି ? କେବଳ ଶବ୍ଦକୁ ବାଦ୍ ଦେଇହିଁ କ'ଣ ଭାବନାର ଯାହାକିଛି ଅସ୍ତିତ୍ୱ ରହିଛି ?

ଏହାର ଅର୍ଥ ହେଉଛି ଯେ, ଆମେ ଏପର୍ଯ୍ୟନ୍ତ ବସ୍ତୁରର ଯଥାର୍ଥ କ୍ଷେତ୍ରଟିକୁ ମୋଟେ ସ୍ପର୍ଶ କରିପାରୁ ନାହୁଁ । ଭାବନାର କ୍ଷେତ୍ରରେ ଶବ୍ଦର କୌଣସି ସ୍ଥାନ ନାହିଁ । ସେଠାରେ କେବଳ ଚେତନାର ସ୍ଥିତିଗୁଡ଼ିକହିଁ ରହିଛନ୍ତି ।

'ପରମ ଶବ୍ଦ' କହିଲେ ପ୍ରକୃତରେ କ'ଣ ବୁଝାଏ ?

ସେଇଟି ଏକ ଅନ୍ୟ କଥା । ପରମ ଶବ୍ଦ—ଏହା ଉଚ୍ଚାରିତ କଥା ଓ ଉଚ୍ଚାରିତ ଶବ୍ଦଗୁଡ଼ିକୁ ଆଦୌ ବୁଝାଏ ନାହିଁ । ଏପରି ପ୍ରାଚୀନ ପରମ୍ପରାମାନ ରହିଛି, ଯେଉଁଥିରେ କି "ଆଲୋକ ପ୍ରକାଶିତ ହେଉ ବୋଲି କୁହାଗଲା ଏବଂ ଆଲୋକ ପ୍ରକାଶିତ ହେଲା" ବୋଲି କୁହାଯାଇଛି । ପରମ ଶବ୍ଦ ହେଉଛି ମନ୍ତ୍ରର ସମବାଚୀ । ମାତ୍ର ଏହା ସମ୍ପୂର୍ଣ୍ଣ ଭାବରେ ଏକ ବିଶେଷ ବସ୍ତୁ । ଯେତେବେଳେ ଇଚ୍ଛା ଆପଣାକୁ ଚିନ୍ମୟତାରେ ସୁପ୍ରତିଷ୍ଠିତ କରି ଜଡ଼ ମଧ୍ୟରେ ପ୍ରବେଶ କରିବାକୁ ଓ ପ୍ରତ୍ୟକ୍ଷ ଭାବରେ ଜଡ ଉପରେ କାର୍ଯ୍ୟ କରିବାକୁ ଇଚ୍ଛା କରେ, ଯେପରିକି ତାହା ଶବ୍ଦଟିକୁ ପ୍ରକୃତରେ କାର୍ଯ୍ୟରେ ଲଗାଇପାରେ, ଏହା ସେତିକିବେଳେ ସମ୍ଭବ ହୁଏ । କେବଳ ଶବ୍ଦଟିକୁ ନୁହେଁ, ଧ୍ୱନିକୁ ଅର୍ଥାତ୍ ଧ୍ୱନିର ସ୍ପନ୍ଦନଟିକୁ କାର୍ଯ୍ୟରେ ଲଗାଇବାକୁ ଇଚ୍ଛା କରେ—ଜଡ ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଇଚ୍ଛା କରେ, ଜଡ଼ ମଧ୍ୟରେହିଁ କାର୍ଯ୍ୟ କରିବାକୁ ଇଚ୍ଛା କରେ । ଏହା ଠିକ ବିପରୀତ ଗତିସ୍ପନ୍ଦନଟିକୁ ବୁଝାଏ । ତୁମେ ପ୍ରଥମେ ଶବ୍ଦ ଦ୍ୱାରା ଉଚ୍ଚାରିତ ଭାବନାର ରାଜ୍ୟରେ ଅବସ୍ଥାନ କରୁଥାଅ, ତା'ପରେ ତୁମେ ସେଠାରୁ ଆହୁରି ଉଚ୍ଚକୁ ଉଠିଯାଇପାର ଓ ନୀରବତା ଦ୍ୱାରା ଆବୃତ ହୋଇ ରହିଥିବା ବସ୍ତୁରଟିର ଅଭିବ୍ୟକ୍ତିକୁ ଲାଭ କରିପାର; ସେଠାରୁ ମଧ୍ୟ ପୁନର୍ବାର ଆହୁରି ଅଧିକ ଉଚ୍ଚକୁ ଉଠିଯାଇପାର ଏବଂ ସେହି ପରମଶକ୍ତିକୁ ଲାଭ କରିପାର । ସେହି ପରମଶକ୍ତିହିଁ ପରମ ଚେତନା, ଯାହାକି ସେହି ଭାବନାଟିର ଅସଲ ଉତ୍ସ ହୋଇ ରହିଥାଏ । ତେଣୁ, କେବଳ ମୂର୍ତ୍ତିବନ୍ତ ହୋଇ ରହିଥିବା—ଅଭିବ୍ୟକ୍ତ ହୋଇଥିବା ଓ ସୂତ୍ରବଦ୍ଧ ହୋଇ ରହିଥିବା କୌଣସି ଏକ ବସ୍ତୁ ହୋଇ ରହିବା ପରିବର୍ତ୍ତେ ତାହା ଏକ ସମଗ୍ର ଚେତନାରେ ରୂପାନ୍ତରିତ ହୋଇଯାଏ । ଅର୍ଥାତ୍ ତୁମେ ପଶ୍ଚାତ୍-ଆରୋହଣ କରି ସିଧା ସେହି ଉତ୍ପତ୍ତି ପାଖକୁହିଁ ଚାଲି ଯାଇଥାଅ । ଥରେ ଏହି ଯଥାର୍ଥ ଆଲୋକଟିକୁ ଲାଭ କରିପାରିଲେ, ଏହି ଯଥାର୍ଥ ଚେତନାର ଅଧିକାରୀ ହୋଇପାରିଲେ ଏବଂ କୌଣସି ଏକ ପରିଣାମ ଘଟାଇବାର

'oaob.nitrkl.ac.in' images reprocessed

ଉଦ୍ଦେଶ୍ୟରେ ଜଡ଼ ଉପରେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କଲେ, ସେଠାରୁ ତୁମର ସେହି ଇଚ୍ଛାଟି ଭୂମିପରେ ଭୂମି ଅବତରଣ କରି ତଳକୁ ଚାଲିଆସେ ଓ ଅଧିକରୁ ଅଧିକ ଜଡ଼ବତ୍ ହୋଇ ଆସିବା ସଙ୍ଗେ ସଙ୍ଗେ ତାହା ଆପଣାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଶବ୍ଦର ସାହାଯ୍ୟରେ ବ୍ୟକ୍ତ କରିଆଣେ, ଏପରିକି ଗୋଟିଏ ଶବ୍ଦରେ ବି ନିଜକୁ ବ୍ୟକ୍ତ କରିଥାଏ; ଏବଂ ଯେତେବେଳେ ଏହି କ୍ରମରେ ତାହା ଜଡ଼ର ଭୂମିକୁ ମଧ୍ୟ ସ୍ପର୍ଶ କରେ, ସେତେବେଳେ କେବଳ ଏକ ନୀରବ ଶବ୍ଦ ହୋଇ ନ ରହି ତାହା ଧ୍ୱନି ଦ୍ୱାରା ସୁସ୍ପଷ୍ଟ ଏକ ଶବ୍ଦରେ ପରିଣତ ହୁଏ : ଏକ ସ୍ପନ୍ଦନରେ ପରିଣତ ହୁଏ, ଯାହାକି ପ୍ରତ୍ୟକ୍ଷ ଭାବରେ ଜଡ଼ ଉପରେ କାର୍ଯ୍ୟ କରିପାରେ । ମାତ୍ର, ପୁନର୍ବାର ଓହ୍ଲାଇ ଆସି ପାରିବା ସକାଶେ ଆମର ପ୍ରଥମେ ଉଚ୍ଚକୁ ଉଠିଯାଇଥିବା ସେହି ଊର୍ଦ୍ଧ୍ୱ ଭୂମିକୁ ଯାଇ ପାରିଥିବା ଉଚିତ । ଅବତରଣ କରି ଏହି କାର୍ଯ୍ୟଟିକୁ କରିବା ପୂର୍ବରୁ ଆମର ସେହି ନୀରବ ସଚେତନତାର ଭୂମିରେ ଯାଇ ଉପନୀତ ହୋଇପାରିଥିବା ଉଚିତ । ଏହା ସେହି ଊର୍ଦ୍ଧ୍ୱରୁହିଁ ଆସିବା ଉଚିତ, ଏହି ଶବ୍ଦର ଅସଲ ଉତ୍ସ ସେହି ଊର୍ଦ୍ଧ୍ୱରେହିଁ ଅବସ୍ଥିତ ରହିଥିବା ଉଚିତ, କୌଣସି ମଧ୍ୟବର୍ତ୍ତୀ ଭୂମିରେ ରହିଥିବା ଆଦୌ ଉଚିତ ନୁହେଁ । ତେବେଯାଇ ତାହା ପରମଶବ୍ଦ ହୋଇପାରିବ । ଏବଂ, ମୁଁ ଯାହା ସବୁ କହୁଛି, ଆମର ତାହାହିଁ କରିପାରିବା ଉଚିତ —ଏହା ଆଦୌ ଏକ ସହଜ କଥା ନୁହେଁ ।

ମୁଁ ସେଥିରେ (ମା'ଆ "ଚତୁର୍ବିଧ ତପସ୍ୟା"କୁ ଦେଖାଇଦେଲେ) ଯେଉଁ କଥା କହୁଛି, ତାହା ହେଉଛି ଯେ, ଆମକୁ ଯଥାର୍ଥ ଦୃଷ୍ଟିକୋଣଟି ରଖିବାକୁ ପଡ଼ିବ ଏବଂ ଆମର ମନୋଗତ ଭୂମିରେ ସଂପୂର୍ଣ୍ଣ ଭାବରେ ନୀରବ ହୋଇଯିବାକୁ ହେବ : ଏହି ଦୃଷ୍ଟିକୋଣଟିକୁ ଶବ୍ଦ ଦେଇ ପ୍ରକାଶ କରାଯାଇ ପାରିବ ନାହିଁ, ସୂତ୍ରବଦ୍ଧ ଭାବନା ଦ୍ୱାରା ବି ପ୍ରକାଶ କରାଯାଇ ପାରିବ ନାହିଁ, ମାତ୍ର ଚେତନାର ଏକ ସଜୀବ ସ୍ଥିତି ଦ୍ୱାରାହିଁ ପ୍ରକାଶ କରାଯାଇ ପାରିବ । ଏହା ହେଉଛି ପ୍ରକୃତରେ ଅଭୀପ୍ସାରହିଁ ଏକ ଦୃଷ୍ଟିକୋଣ । ତାହାକୁ ମୁଁ ଶବ୍ଦର ସାହାଯ୍ୟରେ ଲେଖିବାକୁ ବାଧ୍ୟ ହେଉଛି, କାରଣ ମୋତେ ତାହାକୁ ଖଣ୍ଡେ କାଗଜ ଉପରେ ଲେଖିବାକୁ ପଡ଼ୁଛି (ଏବଂ ତେଣୁ ଏହିସବୁ କଥାର ତନଚଉଠ ଶକ୍ତିଶାଳିତା ନଷ୍ଟ ହୋଇଯାଉଛି), ମାତ୍ର ତଥାପି ତା' ନ ହେଲେ ଏହା ମୋଟେ କାହାରି ପକ୍ଷରେ ଗ୍ରହଣୀୟ ହୋଇପାରିବ ନାହିଁ; ଯଦି ମୁଁ ତୁମମାନଙ୍କୁ ଖଣ୍ଡେ ଖାଲି କାଗଜ ବଢ଼ାଇ ଦିଅନ୍ତି, ତେବେ ମୁଁ ପ୍ରକୃତରେ ସେଥିରେ କ'ଣସବୁ ଲିପିବଦ୍ଧ କଲି, ତୁମେମାନେ ମୋଟେ ସେକଥା ଜାଣି ପାରନ୍ତ ନାହିଁ । ତେଣୁ ମୁଁ ତାହାକୁ ଶବ୍ଦଦେଇ କହିବାକୁ ବାଧ୍ୟ ହେଉଛି ।

'oaob.nitrkl.ac.in' images reprocessed

ସମସ୍ତଙ୍କ ଲାଗି ଏପରି ଏକ ଅଭୀପ୍ସା, ଯାହା ମୂଳତଃ ସତ୍ୟ ହୋଇଥିବ, ପ୍ରକୃତ ହୋଇଥିବ, ସମ୍ପୂର୍ଣ୍ଣ ବି ହୋଇଥିବ । ଏବଂ ସେହି ଅଭୀପ୍ସା ଶବ୍ଦଜାଲରୁ ମୁକ୍ତ ହୋଇ ରହିପାରୁଥିବ, କେବଳ ଏକ ନୀରବ ଦୃଷ୍ଟିକୋଣ ହୋଇ ରହିଥିବ, ମାତ୍ର ତଥାପି ସମ୍ପୂର୍ଣ୍ଣ ଭାବରେ ପ୍ରଗାଢ଼ ଓ ଅବିଚଳ ହୋଇ ରହିଥିବ । ତାହାର ଆୟତନ ମଧ୍ୟରେ ପ୍ରବେଶ କରି ତାହାକୁ କୌଣସି ପ୍ରକାରେ ବ୍ୟାଘାତପ୍ରାପ୍ତ କରିବାକୁ କୌଣସି ଗୋଟିଏ ଶବ୍ଦକୁ ମଧ୍ୟ କଦାପି ଅନୁମତି ଦିଆଯିବ ନାହିଁ । ଏହା ଅଭୀପ୍ସାଗତ ସ୍ପନ୍ଦନର ଏକ ସ୍ତମ୍ଭ ସଦୃଶ ହୋଇ ରହିଥିବ, ଯାହାକୁ କି କିଛିହେଲେ ସ୍ପର୍ଶ କରି ପାରିବ ନାହିଁ—ଏକ ସମଗ୍ର ନୀରବତା ମଧ୍ୟରେ ତାହା ଅବସ୍ଥାନ କରୁଥିବ —ଏବଂ, ସେଥିରେ, ଯଦି କାହାର ଅବତରଣ ଘଟିବ, ଯାହା ତଳକୁ ଓହ୍ଲାଇ ଆସୁଥିବ (ତାହା ତୁମର ମନୋଭୂମିରେ ଶବ୍ଦର ପରିଧାନ ଗ୍ରହଣ କରିବ ଏବଂ ତୁମ ମୁଖରେ ଶବ୍ଦ ହୋଇ ଉଚ୍ଚାରିତ ହେବ), ତାହା କେବଳ ସେହି ପରମ ଶବ୍ଦହିଁ ହୋଇଥିବ । ମାତ୍ର, ତା'ଠାରୁ କମ୍ କୌଣସି କଥାରେ ବି କାର୍ଯ୍ୟ ଚଳିବ ନାହିଁ ।

ଏଥର ବୁଝିପାରିବ । ପୁନର୍ଦର୍ଶନାୟ । ଶୁଭରାତ୍ରି ।

'oaob.nitrkl.ac.in' images reprocessed

# ୨୪ ଏପ୍ରିଲ ୧୯୫୪

ମାଆଙ୍କ ଦ୍ୱାରା ଲିଖିତ "ଚତୁର୍ବିଧ ତପସ୍ୟା ଓ ଚତୁର୍ବିଧ ମୁକ୍ତି," ୩ୟ ଭାଗ, ପ୍ରବନ୍ଧ ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ମୁଁ ଏହି ଅଂଶଟିକୁ ବୁଝିପାରିଲି ନାହିଁ : "ଏହି ଅଭିବ୍ୟକ୍ତିର ପ୍ରାରମ୍ଭ କାଳରେ, ଏହାର ମୂଳସ୍ଥ ସେହି ଶୁଦ୍ଧ ଅବସ୍ଥାଟିରେ, ପ୍ରେମ ମଧ୍ୟରେ ଦୁଇଟି ଗତିସ୍ପନ୍ଦନ ରହିଥାଏ, ସମ୍ପୂର୍ଣ୍ଣ ଏକତ୍ୱର ଉପଲବ୍ଧି ଲାଗି ରହିଥିବା ସେହି ବାସନାରେ ଅନୁପୂରକ ଦୁଇଟି ଧ୍ରୁବ ରହିଥାଏ : ଗୋଟିଏ ପାଖରେ ଆକର୍ଷଣର ସେହି ସର୍ବୋଚ୍ଚ ଶକ୍ତି ଏବଂ ଅନ୍ୟ ପାଖରେ ସମ୍ପୂର୍ଣ୍ଣ ଆତ୍ମନିବେଦନ ଲାଗି ଏକ ଅପ୍ରତିରୋଧ ଆବଶ୍ୟକତା ।"

ସେଥିରେ ବୁଝିବା ଲାଗି ମୋଟେ କିଛି ନାହିଁ; ତାହା ହେଉଛି ଏକ ସତ୍ୟ । ତୁମେ କ'ଣ "ଆକର୍ଷଣର ଶକ୍ତି" କହିଲେ କ'ଣ ବୁଝାଏ, ସେକଥା ଜାଣି ନାହିଁ ? "ଆତ୍ମନିବେଦନର ଆବଶ୍ୟକତା" କହିଲେ କ'ଣ ବୁଝାଏ, ସେକଥାଟିକୁ ଜାଣି ନାହିଁ ? ···ଆଚ୍ଛା, ତୁମେ ଦୁଇଟିଯାକକୁ ନେଇ ପରସ୍ପରର ସାମନାସାମନି କରି ରଖିବାକୁ ଚେଷ୍ଟାକର, ଏବଂ ଯେତେବେଳେ ଦୁଇଟିଯାକ ଏକତ୍ର ସମ୍ମିଳିତ ହୋଇଆସିବେ, ସେତେବେଳେ ସେଇଥିରୁହିଁ ପ୍ରେମର ସୃଷ୍ଟି ହେବ । ଏହି କଥାଟି ପ୍ରକୃତରେ କେତେ ସରଳ । ଯଦି ତୁମେ ଏପରି ବୁଝିବାକୁ ଇଚ୍ଛା କରିବ, ତେବେ ଏହା ହେଉଛି ସେହି ଗୋଟିଏ ପଦକର ଏପାଖ ଆଉ ସେପାଖ ପରି । ମାତ୍ର ପ୍ରକୃତରେ ତାହା ଏପାଖ ଓ ସେପାଖ ପରି ଆଦୌ ନୁହେଁ । ଏହି ଦୁଇଟିଯାକ ବସ୍ତୁ ସ୍ୱଭାବତଃ ପରସ୍ପର ସହିତ ଆସି ସମ୍ମିଳିତ ହୋଇଯିବା ପାଇଁ ଅଭିପ୍ରେତ ହୋଇ ରହିଛନ୍ତି, ଏବଂ ଏହି ସମ୍ମିଳନର ମାଧ୍ୟମରେହିଁ ପ୍ରେମ ଆପଣାର ବାହ୍ୟ ଅଭିବ୍ୟକ୍ତିର କ୍ଷେତ୍ରରେ ଜନ୍ମଗ୍ରହଣ କରିପାରୁଛି ।

ଆପଣ ତା'ପରେ କହିଛନ୍ତି : "ବ୍ୟକ୍ତିର ଭୂମିକୁ ଆସି ଯେତେ-ବେଳେ ଚେତନା ଆପଣାର ମୂଳ ଉତ୍ସଟିରୁ ବିଚ୍ୟୁତ ହୋଇ-

'oaob.nitrkl.ac.in' images reprocessed

ପଡ଼ିଲା ଏବଂ ଅଚେତନାରେ ପରିଣତ ହେଲା, ସେତେବେଳେ ସୃଷ୍ଟ ହୋଇଥିବା ବ୍ୟବଧାନଟି ଉପରେ ପ୍ରେମ ବ୍ୟତୀତ ଆଉ ଅନ୍ୟ କୌଣସି ଗତିସ୍ପନ୍ଦନହିଁ ଅଧିକ ଭଲ ଭାବରେ ଗୋଟିଏ ସେତୁର ସ୍ଥାପନା କରିପାରି ନ ଥାନ୍ତା ।”

ହିଁ, କାରଣ ଯେଉଁ ମୁହୂର୍ତ୍ତରେ ବ୍ୟକ୍ତିଚେତନା ଦିବ୍ୟ ପରମଚେତନାରୁ ବିଚ୍ୟୁତ ହେଲା, ସେତେବେଳେ ତାହା ଆପଣାର ଦିବ୍ୟ ମୂଳଟି ମଧ୍ୟରୁ ଉଦ୍‌ଗତ ହୋଇ ଆସିଲା, ସେତେବେଳେ ସେଥିରୁ ବିଚ୍ଛିନ୍ନ ହୋଇ ଆସିବାର ଏକ ବୋଧ ଜାତ ହୋଇଥିଲା । ଯେଉଁ ମୁହୂର୍ତ୍ତରେ ବ୍ୟକ୍ତିଚେତନା ସେହି ଅନ୍ୟଟିର ଅନୁଗମନ କରିପାରିଲା ନାହିଁ, ସେତେବେଳେ ତାହା ଦିବ୍ୟ ପରମଚେତନାର ଗତିସ୍ପନ୍ଦନ ସହିତ ଆଉ ଏକତ୍ୱଯୁକ୍ତ ହୋଇ ରହିପାରିଲା ନାହିଁ, ସେତେବେଳେ ସେଇଥିରୁ ଏକ ବିୟୋଜନ ଜାତ ହେଲା । ଦିବ୍ୟ ପରମଚେତନା ଆପଣା ଗତିସ୍ପନ୍ଦନଟିକୁହିଁ ଅନୁସରଣ କରିବାରେ ଲାଗିଛି, ଏବଂ ଯଦି ବ୍ୟକ୍ତିଚେତନା ତାହା ସହିତ ଯୁକ୍ତ ହୋଇ ରହିପାରୁ ନାହିଁ ଓ ତାହାର ଅନୁଗମନ କରୁ ନାହିଁ, ଅଥବା ଆପଣାର ଗତିପଥକୁ ବଦଳାଇ ଦେଉଛି ବା ବାଟରେ ଆପଣାର ଗତିକୁ ଧୀର କରି ଆଣୁଛି, ତଦ୍ୱାରା ଏକ ବିୟୋଜନ ସଂଘଟିତ ହେଉଛି । ଏବଂ ଏହି ବିୟୋଜିତ ହୋଇ ପଡ଼ିବାରୁହିଁ ଯାବତୀୟ ଦୁର୍ଗତି ନିଷ୍ପନ୍ନ ହେଉଛି । ବ୍ୟକ୍ତିଚେତନାର ଏହି ବିଚ୍ଛିନ୍ନ ହୋଇପଡ଼ିବାରୁହିଁ ବିଶ୍ୱର ଯାବତୀୟ ଦୁଃଖ ଜନ୍ମଲାଭ କରୁଛି । କୌଣସି ଏକ କାରଣରୁ ବ୍ୟକ୍ତିଚେତନା ଆପଣାର ଉତ୍ସସ୍ୱରୂପ ଏହି ମୂଳ ପରମଚେତନା ସହିତ ଏକାଠି ହୋଇ ରହିପାରିଲା ନାହିଁ ଏବଂ ତା’ଠାରୁ ବିଚ୍ଛିନ୍ନ ହୋଇଗଲା । ବିଚ୍ଛିନ୍ନ ହୋଇଗଲା··· ଇଚ୍ଛାକୃତ ଭାବରେ ଯେ ଆପଣାକୁ ବିଚ୍ଛିନ୍ନ କରିନେଲା ତା’ ନୁହେଁ, ମାତ୍ର ଯୁକ୍ତ ହୋଇ ରହିଲା ନାହିଁ । ତେଣୁ, ଯୁକ୍ତ ହୋଇ ନ ରହିବାରୁହିଁ ଯେତେବେଳେ ଦିବ୍ୟ ପରମଚେତନା ଏକ ନିର୍ଦ୍ଦିଷ୍ଟ ଗତିସ୍ପନ୍ଦନର ଅନୁସରଣ କଲା, ତାହା ଆଉ ଗୋଟିଏ ଗତିସ୍ପନ୍ଦନକୁ ଅନୁସରଣ କରିବାକୁ ଲାଗିଲା, ଏବଂ ଏହିପରି ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ସେମାନେ ପରସ୍ପରଠାରୁ ଅଧିକରୁ ଅଧିକ ଦୂରବର୍ତ୍ତୀ ହେବାକୁ ଆରମ୍ଭ କଲେ । ଏଠାରେ ଗୋଟିଏ ଉଦାହରଣ ଦେଇ ଦେଖାଯାଉ : ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଗତି ଏବଂ ନିର୍ଦ୍ଦିଷ୍ଟ ବେଗରେ ଆଗକୁ ଯାଉଛି, ଏବଂ ଆଉ ଜଣେ ବ୍ୟକ୍ତି, ତା’ ସହିତ ଏକାଠି ହୋଇ ନ ରହିଥିବାରୁ ତାକୁ ଅନୁସରଣ କରିପାରୁ ନାହିଁ ଏବଂ ଫଳରେ କ୍ରମଶଃ ଅଧିକରୁ ଅଧିକ ପଛରେ ପଡ଼ିଯାଉଛି, ଅତ୍ୟନ୍ତ ଦୂରବର୍ତ୍ତୀ ହୋଇ ରହୁଛି । ପ୍ରଥମ ବ୍ୟକ୍ତି ଅନେକ ଆଗକୁ ଚାଲିଯାଉଛି ଓ ଦ୍ୱିତୀୟ ବ୍ୟକ୍ତି ଅନେକ ପଛରେ ପଡ଼ିଯାଉଛି । ପ୍ରଥମ ଜଣକ ଉଡ଼ି ଚାଲିଯାଉଥିବା–

'oaob.nitrkl.ac.in' images reprocessed

ବେଳେ ଦ୍ୱିତୀୟ ଜଣକ ଗ୍ରେଟେଇ ଗ୍ରେଟେଇ ଯିବାରେ ଲାଗିଛି । ଇଏ ଗୋଟିଏ ପାଦ ଆଗକୁ ପକାଇଲା ବେଳକୁ ସିଏ ତିଆଁ ମାରି କେତେ ଆଗକୁ ଚାଲିଯାଉଛି । ଏହିପରି ବ୍ୟବଧାନଟି ଅଧିକରୁଅଧିକ ହେବାରେ ଲାଗୁଛି । ଏବଂ, ଏହି ବିଚ୍ଛେଦଟିହିଁ ଅବଶିଷ୍ଟ ଯାବତୀୟ ବିଚ୍ଛେଦକୁ ସୃଷ୍ଟି କରିଛି, ଏବଂ ଏହି ସବୁଯାକ ବିଚ୍ଛେଦ ଓ ବ୍ୟବଧାନ ଏକାଠି ମିଶି ଏହି ବିଶ୍ୱମୟ ଦୁଃଖକୁ ଜନ୍ମ ଦେଇଛନ୍ତି । ବା, ଅତି କମ୍‌ରେ ଆମର ଜ୍ଞାତ ଏହି ପୃଥିବୀସ୍ଥ ସକଳ ଦୁଃଖର କାରଣ ହୋଇଛନ୍ତି । ଚେତନାର ବିଚ୍ଛିନ୍ନ ହେବାରୁ ତାହା ଆରମ୍ଭ ହୋଇଛି ଏବଂ ତାହାରି ପରିଣାମସ୍ୱରୂପ ପୃଥିବୀ ମଧ୍ୟରେ ବିଚ୍ଛେଦ ସୃଷ୍ଟି ହୋଇଛି, ଜଡ଼ର ଉପାଦାନଗୁଡ଼ିକ ମଧ୍ୟରେ ବିଚ୍ଛେଦ ସୃଷ୍ଟି ହୋଇଛି । ଏହା ଚେତନାର ବିଭାଜନରୁ ଆରମ୍ଭ ହୋଇଛି ଏବଂ ଆମେ ଏଠାରେ ଯେଉଁ ବିଭାଜନଟିକୁ ପ୍ରତ୍ୟକ୍ଷ କରୁଛୁ, ତାହା ସେଇଟିର ପରିଣାମ-ସ୍ୱରୂପହିଁ ଘଟିଛି (ମାଆ ତାଙ୍କର ଚତୁର୍ଦିଗରେ ଥିବା ସମସ୍ତଙ୍କୁ ଦେଖାଇଦେଲେ) । ଏଠି ହଜାର ହଜାର ବସ୍ତୁ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଛି ଏବଂ ସେହି କାରଣରୁହିଁ ଏହି ଯାବତୀୟ ଦୁର୍ଗତି ଓ ଦୁଃଖ ଜନ୍ମଲାଭ କରିଛି । ଯଦି ସେମାନେ ଚେତନାର ଭୂମିରେ ମିଳିତ ହୋଇ ରହିଥାନ୍ତେ, ତେବେ ଏହି ଦୁଃଖର କୌଣସି ଅବକାଶହିଁ ନ ଥାନ୍ତା । ମାତ୍ର ଚେତନା ଅଲଗା ହୋଇଯିବାରୁ, ଚେତନାର ଏହି ବିଚ୍ଛେଦ ଆକାରର ଭୂମିରେ ମଧ୍ୟ ଏକ ବିଚ୍ଛେଦ ସୃଷ୍ଟି କଲା ଏବଂ ଆକାରଗୁଡ଼ିକର ବିଚ୍ଛେଦ ଏହି ଯାବତୀୟ ଦୁଃଖକୁ ଜନ୍ମ ଦେଲା ।

ଯଦି ସେହି ଏକତ୍ୱବୋଧର ପୁନଃପ୍ରତିଷ୍ଠା ହୋଇପାରନ୍ତା, ତେବେ ଏହି ଯାବତୀୟ ଦୁଃଖର ଅବସାନ ହୁଅନ୍ତା ।

ପ୍ରକୃତିର ରୂପାନ୍ତର ଘଟିବା ପୂର୍ବରୁ ଜଣେ ବ୍ୟକ୍ତି ଆଉ ଜଣକୁ ଯଥାର୍ଥରେ ଭଲ ପାଇପାରିବ କି ?

ଆଉ ଜଣକୁ ଭଲ ପାଇପାରିବ ? ସେହି ପ୍ରବନ୍ଧରେ ମୁଁ କହିଛି ଯେ ସେକଥା ଆଦୌ ସମ୍ଭବ ନୁହେଁ । ମୁଁ କହିଛି ଯେ, ପ୍ରେମର ପ୍ରକୃତ ପରିଚୟ ଲାଭ କରିବାକୁ ହେଲେ ଆମକୁ ଦିବ୍ୟ ପରମସତ୍ତାଙ୍କୁହିଁ ପ୍ରେମ କରିପାରିବାକୁ ହେବ । ତେବେଯାଇ ପ୍ରେମର ଯଥାର୍ଥ ପରିଚୟ ପାଇବାର ଏକ ସମ୍ଭାବନା ରହିବ । ମୁଁ କହିଛି ଯେ, ଆମେ ଯେଉଁ ବସ୍ତୁଟିକୁ ଭଲ ପାଉ, ଆମେ ତାହାରି ସଦୃଶ ହେବା ଲାଗି ଆପଣାକୁ ପରିଚାଳିତ କରିନେଉ । ତେଣୁ, ଯଦି ଆମେ ଦିବ୍ୟ ପରମସତ୍ତାଙ୍କୁ ଭଲ ପାଉଥାଉ, ତେବେ କ୍ରମଶଃ, ଏହି ଭଲ ପାଇବାର ପ୍ରକ୍ରିୟାଟି ମଧ୍ୟଦେଇ ଆମେ ଅଧିକରୁ ଅଧିକ ପରିମାଣରେ ସେହି ଦିବ୍ୟ ପରମସତ୍ତାଙ୍କ ସଦୃଶ ହେବାରେହିଁ ଲାଗିଥାଉ, ଏବଂ ତା'ପରେ ଆମେ ଦିବ୍ୟ ପ୍ରେମ ସହିତ ମଧ୍ୟ ଏକ ହୋଇପାରୁ ଏବଂ

'oaob.nitrkl.ac.in' images reprocessed

ତାହାର ଯଥାର୍ଥ ପରିଚୟଟିକୁ ଲାଭ କରୁ । ତା' ନ ହେଲେ ସେକଥା ମୋଟେ ସମ୍ଭବ ହୁଏ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ପରସ୍ପର ପ୍ରତି ଯେଉଁ ପ୍ରେମ ରହିଥାଏ, ତାହା ଯେଉଁ ପ୍ରକାରର ହୋଇଥାଉ ନା କାହିଁକି, ତାହା ସର୍ବଦା ଅଜ୍ଞାନ ଦ୍ୱାରାହିଁ ନିର୍ମିତ ହୋଇଥାଏ, ସେଥିରେ ଘନିଷ୍ଠତାର ଅଭାବ ରହିଥାଏ, ଦୁର୍ବଳତା ରହିଥାଏ ଓ ବିଚ୍ଛେଦର ସେହି ଦାରୁଣ ବୋଧଟି ମଧ୍ୟ ରହିଥାଏ । ଏହା ଏପରି ଏକ ଘଟଣା ପରି ଘଟିଥାଏ, ସତେଯେପରି ଆମ ଭିତରେ ଏକ ପରମମହିମାର ସାନ୍ନିଧ୍ୟ ମଧ୍ୟରେ ପ୍ରବେଶ କରିବା ଲାଗି ବାସନାଟିଏ ଜନ୍ମିଲା ଏବଂ ସେହି ଉଦ୍ଦେଶ୍ୟରେ କରାଯାଇଥିବା ଆମର ସର୍ବପ୍ରଥମ କାର୍ଯ୍ୟସ୍ୱରୂପ ଆମେ ସେହି ପରମମହିମା ଏବଂ ଆମ ଭିତରେ ମଝିରେ ଗୋଟିଏ ପରଦା ନେଇ ଟାଙ୍ଗି ଦେଲୁ, ଦୁଇଟି ପରଦା ନେଇ ଟାଙ୍ଗିଦେଲୁ ଓ ତିନୋଟି ପରଦା ନେଇ ଟାଙ୍ଗିଦେଲୁ । ଏବଂ, ତାହା ଫଳରେ ସେହି ମହିମା ସମ୍ବନ୍ଧରେ ଆମର ଯେତେବେଳେ କେବଳ ଏକ ଅସ୍ପଷ୍ଟ ପରିଚୟହିଁ ଘଟିଲା ଓ ତାହାର ପ୍ରକୃତ ସ୍ୱରୂପଟି ସହିତ ଆମର ଆଦୌ କୌଣସି ପରିଚୟ ହେଲା ନାହିଁ, ସେତେବେଳେ ଆମେ ଭାରି ଆଶ୍ଚର୍ଯ୍ୟ ହୋଇ-ପଡ଼ିଲୁ । ତେଣୁ ସର୍ବପ୍ରଥମ କର୍ତ୍ତବ୍ୟଟି ହେଉଛି ଯେ ଆମେ ଏହି ପର୍ଦ୍ଦାଗୁଡ଼ିକୁ ଦୂର କରିଦେବା, ସବୁଯାକ ପର୍ଦ୍ଦା ଦୂର କରିଦେବା, ତାହାରି ମଧ୍ୟରେ ପ୍ରବେଶ କରିବା ଏବଂ ଆପଣାକୁ ସେହି ପରମମହିମାର ସାନ୍ନିଧ୍ୟ ଭିତରେହିଁ ଆବିଷ୍କାର କରିବା । ତେବେଯାଇ ସେହି ପରମମହିମାର ପ୍ରକୃତ ପରିଚୟ ପ୍ରାପ୍ତ ହୋଇପାରିବ । ମାତ୍ର ଯଦି ତୁମେ ତାଙ୍କ ଓ ତୁମ ଭିତରେ ଆବରଣ ପରେ ଆବରଣ ନେଇ ରଖିବାରେ ତତ୍ପର ହୋଇ ରହିବ, ତେବେ ତୁମେ କଦାପି ତାହାର ଦର୍ଶନ ଲାଭ କରିପାରିବ ନାହିଁ । ହୁଏତ କେବଳ "ହଁ, ଏଠାରେ ନିଶ୍ଚୟ କିଛି ବିଦ୍ୟମାନ ରହିଛି" ବୋଲି ଏକ ଅସ୍ପଷ୍ଟ ଅନୁଭବ ହେଉଥିବ ସତ, ମାତ୍ର ଆଉ ଅଧିକ କିଛି ହେବ ନାହିଁ ।

ଅତି ସ୍ୱାଭାବିକ କଥା ଯେ, ଏପରି ଅନେକ ସଂଖ୍ୟକ ଯାବତୀୟ ଲୋକ ଅଛନ୍ତି ଯେଉଁମାନେ କି ସେହି ପରମମହିମା ଲାଗି ଆଦୌ କୌଣସି ଖାତିର କରନ୍ତି ନାହିଁ, ମୁହଁ ମୋଡ଼ି ତା'ପାଖରୁ ଚାଲି ଆସନ୍ତି ଏବଂ ଆପଣାର ଅନ୍ଧ ପ୍ରବୃତ୍ତିଗୁଡ଼ାକ ମଧ୍ୟରେହିଁ ଜୀବନ ବଞ୍ଚି ଥାଆନ୍ତି । ସେମାନେ ଠିକ୍ ପଶୁଙ୍କ ପରି ହୋଇ ରହିଥାଆନ୍ତି, କିନ୍ତୁ ସମ୍ପୂର୍ଣ୍ଣତା ଲାଭ କରିଥିବା ପଶୁଙ୍କ ପରି ଜୀବନ ବଞ୍ଚି ଥାଆନ୍ତି । ଆମେ ଏମାନଙ୍କ ବିଷୟରେ କୌଣସି ଆଲୋଚନା କରିବା ନାହିଁ । ସେମାନେ ଯାହା କରିବାକୁ ଭଲ ପାଉଛନ୍ତି, ଆମେ ସେମାନଙ୍କୁ ତାହାହିଁ କରିବାକୁ ଛାଡ଼ିଦେବା । ସେଥିରେ ଆଦୌ କୌଣସି ମହତ୍ତ୍ୱ ନାହିଁ । ସେମାନେ ଆମର କିଛି କରିବେ ନାହିଁ । ମୁଁ ସେମାନଙ୍କ ଲାଗି ଏହି ବିଷୟଗୁଡ଼ିକୁ ମୋଟେ ଲେଖି ନାହିଁ ।

'oaob.nitrkl.ac.in' images reprocessed

କିପରି ଯଥାର୍ଥରେ ଭଲ ପାଇବାକୁ ହୁଏ, ସେହି କଥାଟିକୁ ଜାଣିବାକୁ ହେଲେ ପ୍ରକୃତିରେ କ'ଣ ଏକ ରୂପାନ୍ତର ଘଟାଇବା ଆବଶ୍ୟକ ହେବ ?

ତୁମର ଚେତନାରେ ଯେତିକି ରୂପାନ୍ତର ସମ୍ଭବ ହୋଇଥିବ, ତୁମ ଭଲ ପାଇବା ମଧ୍ୟରେ ସେହି ଅନୁପାତରେହିଁ ଏକ ଗୁଣାତ୍ମକତା ରହିବ ।

ମୁଁ ବୁଝିପାରିଲି ନାହିଁ ।

ଏହି କଥାଟି ଏତେ ସହଜ ଯେ, ଗୋଟିଏ ସାନ ପିଲା ବି ଏହାକୁ ବୁଝିପାରିବ । ଯଦି ତୁମ ଭିତରେ ଗୋଟାଏ ପଶୁର ଚେତନା ରହିଥାଏ, ତୁମେ ଠିକ୍ ଗୋଟାଏ ପଶୁପରି ଭଲ ପାଇବ । ଯଦି ତୁମ ଚେତନା ଜଣେ ସାଧାରଣ ମଣିଷର ଚେତନା ପରି ହୋଇଥାଏ, ତେବେ ତୁମେ ଜଣେ ସାଧାରଣ ମଣିଷ ପରିହିଁ ଭଲ ପାଇବ । ଯଦି ତୁମ ଭିତରେ ଏକ ବିଶିଷ୍ଟ ସତ୍ତାର ଚେତନା ରହିଥାଏ, ତେବେ ତୁମେ ଗୋଟିଏ ବିଶିଷ୍ଟ ସତ୍ତାପରି ଭଲ ପାଇବ; ଏବଂ ଯଦି ତୁମର ଚେତନା ଏକ ଦେବତାର ଚେତନା ହୋଇଥାଏ, ତେବେ ତୁମେ ଗୋଟିଏ ଦେବତା ପରି ଭଲ ପାଇବ । ଏହା ବୁଝିବା ଅତ୍ୟନ୍ତ ସହଜ । ମୁଁ ଠିକ୍ ସେହିକଥାହିଁ କହୁଛି । ଏବଂ ତେଣୁ, ଯଦି ଅଗ୍ରଗତି ଏବଂ ଅନ୍ତର୍ଗତ ରୂପାନ୍ତର ଲାଗି ଏକ ପ୍ରଚେଷ୍ଟା ଦ୍ୱାରା, ଅଭୀପ୍ସା ଏବଂ ଅଭିବୃଦ୍ଧି-ସାଧନ ଦ୍ୱାରା ତୁମେ ଗୋଟିଏ ଚେତନାରୁ ଆଉଗୋଟିଏ ଚେତନାକୁ ଅତିକ୍ରମ କରିଯାଇ ପାରିବ ଏବଂ ତୁମର ଚେତନା ଉତ୍ତରୋତ୍ତର ଭାବରେ ଅଧିକ ବ୍ୟାପ୍ତିଯୁକ୍ତ ହେବାରେ ଲାଗିଥିବ, ତେବେ ତୁମେ ଅନୁଭବ କରୁଥିବା ପ୍ରେମ ମଧ୍ୟ ସେହିପରି ଉତ୍ତରୋତ୍ତର ଭାବରେ ବ୍ୟାପ୍ତିଯୁକ୍ତ ହେଉଥିବ । ଏହା ବୁଝିବା ଏକାବେଳକେ ସହଜ !

ତୁମେ ଯଥାସମ୍ଭବ ଅଧିକ ବିଶୁଦ୍ଧ କିଛି ଜଳ ସଂଗ୍ରହ କରି ରଖିଛ, ସ୍ୱଚ୍ଛ ପଥର ଭିତରେ ରହିଥିବା ସେହି ଜଳକୁ ଆଣି ତୁମେ ତାହାକୁ ବେଶ୍ ବଡ଼ ଗୋଟିଏ ପାତ୍ରରେ ସଂଗ୍ରହ କରି ରଖିଛ; ମାତ୍ର ସେହି ପାତ୍ରରେ ଟିକିଏ କର୍ଦ୍ଦମ କେଉଁଠି ରହିଛି, ବା ଗୁଣ୍ଡାଏ ତଥା ଅତି ମାତ୍ରାରେ କର୍ଦ୍ଦମ ରହିଛି । ଏବଂ, ଏହି କ୍ଷେତ୍ରରେ ତୁମେ କଦାପି କହି ପାରିବ ନାହିଁ ଯେ ତୁମେ ବାହାରୁ ଯେଉଁ ଜଳ ଆଣି ପାତ୍ରରେ ରଖିଥିଲ, ପାତ୍ରଟିରେ ବର୍ତ୍ତମାନ ଠିକ୍ ସେହି ଜଳହିଁ ରହିଛି । ତଥାପି ପାତ୍ରରେ ସେହି ଜଳହିଁ ରହିଛି, କେବଳ ତୁମେ ନିଜର ପାତ୍ରଟିରେ ତାହାକୁ ଏପରି ନାନାବିଧ ପଦାର୍ଥ ସହିତ ମିଶ୍ରିତ କରି ପକାଇଛ ଯେ ଏହା ଆଉ ବର୍ତ୍ତମାନ ସେହି ପୂର୍ବ ଜଳର ସଦୃଶ ହୋଇ ରହି ନାହିଁ ! ସେହିପରି ପ୍ରେମ

'oaob.nitrkl.ac.in' images reprocessed

ମର୍ମତଃ ଏକ ସମ୍ପୂର୍ଣ୍ଣ ଶୁଦ୍ଧ, ସ୍ୱଚ୍ଛ ଓ ନିର୍ଦ୍ଦୋଷ ପଦାର୍ଥ ହୋଇ ରହିଥାଏ । ମନୁଷ୍ୟର ଚେତନାକୁ ଆସି ତାହା ବେଶ୍ ଅନେକ ପରିମାଣରେ କର୍ଦ୍ଦମ ସହିତ ଏକାଠି ମିଶି କର୍ଦ୍ଦମାକ୍ତ ହୋଇଯାଏ । ଏବଂ, କର୍ଦ୍ଦମର ପରିମାଣଟି ଅନୁସାରେ ତାହା ଅଧିକରୁ ଅଧିକ କର୍ଦ୍ଦମାକ୍ତ ହେବାରେ ଲାଗିଥାଏ ।

କଥିତ ଅଛି ଯେ ଗିଳିବା ଲାଗି ବାଘର ଆବଶ୍ୟକତା ହେଉଛି ଏହି ପୃଥିବୀରେ ପ୍ରେମର ଏକ ସର୍ବପ୍ରଥମ ଅଭିବ୍ୟକ୍ତି । ମୁଁ ଭାବୁଛି, ବାଘ ଆସିବାର ବହୁ ପୂର୍ବରୁ ଗଭୀର ସମୁଦ୍ରରେ ଏପରି ଅନେକ ଆଦିମ ଜୀବ ବାସ କରୁଥିଲେ, ଯେଉଁମାନଙ୍କର ଚିଳିବାହିଁ ଏକମାତ୍ର କାର୍ଯ୍ୟ ହୋଇ ରହିଥିଲା । ସେମାନଙ୍କର କେବଳ ପାକସ୍ଥଳୀଟିଏ ଥିଲା ଏବଂ ସେମାନେ କେବଳ ଏକ ପାକସ୍ଥଳୀ ରୂପରେହିଁ ଜୀବନଧାରଣ କରୁଥିଲେ । ତେଣୁ କେବଳ ଗିଳିବାରେହିଁ ଲାଗିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପ୍ରେମର ଶକ୍ତି ଜଡ ମଧ୍ୟରେ ପ୍ରବେଶ କରିବାର ଏକ ସର୍ବପ୍ରଥମ ପରିଣାମ ରୂପେହିଁ ତାହା ଆପଣାକୁ ପ୍ରକଟ କରିଥିଲା । କାରଣ, ତା'ପୂର୍ବରୁ ଆଉ କିଛିହେଲେ ନ ଥିଲା, କେବଳ ଅଚେତନା ପରିପୂର୍ଣ୍ଣ ହୋଇ ରହିଥିଲା,—କୌଣସି ଗତିଶୀଳତା ନ ଥିଲା, କୌଣସି ଆନ୍ଦୋଳନହିଁ ନ ଥିଲା । ପ୍ରେମର ସଞ୍ଚାରରୁହିଁ ଗତିର ସ୍ପନ୍ଦନ ହେଲା : ଚେତନା ଜାଗ୍ରତ ହେଲା ଏବଂ ରୂପାନ୍ତର ସମ୍ଭବ ହେଲା । ଏପରି କୁହାଯାଇ ପାରିବ ଯେ, ତାହା ଫଳରେ ଯେଉଁ ପ୍ରଥମ ଆକୃତିମାନ ଜନ୍ମଲାଭ କଲେ, ସେହିଗୁଡ଼ିକହିଁ ଜଡ଼ ଭିତରେ ପ୍ରେମର ପ୍ରଥମ ଅଭିବ୍ୟକ୍ତି ରୂପେ ପ୍ରକଟ ହେଲେ । ତେବେ ଆମେ ଏହି ଗିଳିବାର ଆବଶ୍ୟକତାରୁ ଆରମ୍ଭ କରି,—ସେତେବେଳେ ଏହାହିଁ ଏକମାତ୍ର ଚେତନା ହୋଇ ରହିଥିଲା,—ଗିଳିବାର ଅର୍ଥାତ୍ ଯୁକ୍ତ ହେବାର ଏକ ଆବଶ୍ୟକତାରୁ ଆରମ୍ଭ କରି ସିଧା··· ତୁମେମାନେ ମୋତେ କ୍ଷମା କରିବ, ପ୍ରେମ ଏହି ପୃଥିବୀର ଗୋଟିଏ ଶକ୍ତି ବୋଲି ଆମେ କହିଥାଉ—ବସ୍ତୁଗୁଡ଼ିକ ସହିତ ଯୁକ୍ତ ହେବା ଲାଗି ଏହା ହେଉଛି ଏକ ଆଦିମ ଉପାୟ;—ମାତ୍ର ଏହା ହେଉଛି ଏକ ବଡ଼ ଅଶୋଧିତ ଉପାୟ : ଗୋଟିଏ ଆଉ-ଗୋଟିକୁ ଗିଳିଦିଏ ଏବଂ ଉଦରସ୍ଥ କରିପକାଏ; ଏଥିରେ କୌଣସି ସନ୍ଦେହ ନାହିଁ ଯେ ବାଘ ଏଥିରୁ ଅନେକ ଆନନ୍ଦ ପାଇଥାଏ । ତେଣୁ ଆନନ୍ଦ ଅବଶ୍ୟ ମିଳେ ଏବଂ ତାହାକୁ ଆମେ ଭଲ ପାଇବାର ଏକ ଉନ୍ନତ ସମ୍ପ୍ରସାରଣ ବୋଲି ନିଶ୍ଚୟ କହିପାରିବା । ମାତ୍ର ତୁମେ ଆହୁରି ଉପରକୁ ଯାଇପାରିବ ଏବଂ ଏହିପରି ଭାବରେ ମନୁଷ୍ୟପ୍ରାଣୀ-ମାନଙ୍କର ଜୀବନରେ ଘଟୁଥିବା ପ୍ରେମର ଏକ ଅତ୍ୟୁଚ୍ଚ ଅଭିବ୍ୟକ୍ତିରେ ଯାଇ ଉପନୀତ ହୋଇ ପାରିବ : ଯାହାକୁ ସିଏ ଭଲ ପାଉଛି, ତାହାରି ଉଦ୍ଦେଶ୍ୟରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇଦେବା;—ଅର୍ଥାତ୍, ନିଜର ଦେଶ ପାଇଁ ମୃତ୍ୟୁବରଣ କରିବା

'oaob.nitrkl.ac.in' images reprocessed

ବା ଆଉଜଣକର ଜୀବନରକ୍ଷା ସକାଶେ ନିଜ ଜୀବନକୁ ବଳି ଦେବା । ଏହିପରି ଆହୁରି କେତେ କେତେ ଦୃଷ୍ଟାନ୍ତ ରହିଛି । ତାହାକୁ ଅବଶ୍ୟ ଏକ ବେଶ୍ ଉଚ୍ଚସ୍ତରର ଭଲ ପାଇବା ବୋଲି କୁହାଯିବ । ମାତ୍ର ଏଥିରେ ତଥାପି କିଞ୍ଚିତ୍ କର୍ଦ୍ଦମ ମିଶ୍ରିତ ହୋଇ ରହିଛି । ଏହା କଦାପି ସର୍ବୋଚ୍ଚ ସ୍ତରର ନୁହେଁ, ତଥାପି ଏହା ଆଦୌ କମ୍ ଉଚ୍ଚ ସ୍ତରର ବି ନୁହେଁ । ଏବଂ ତୁମେ ମନ୍ଦିରେ ରହିଥିବା ସୋପାନଗୁଡ଼ିକୁ ଅବଶ୍ୟ ପ୍ରତ୍ୟକ୍ଷ କରି ପାରୁଥିବ, ନୁହେଁ କି ? ମାତ୍ର ଏଠାରୁ ମଧ୍ୟ ଆହୁରି ଅନେକ ଊର୍ଦ୍ଧ୍ୱକୁ ଆରୋହଣ କରିବାକୁ ପଡ଼ିବ ଏବଂ ତେବେଯାଇ ତାହାର ଯଥାର୍ଥ ଅଭିବ୍ୟକ୍ତି-ସ୍ତରରେ ଯାଇ ପହଞ୍ଚି ହେବ । ମୁଁ ଯେଉଁ ସ୍ତରଟିର ବର୍ଣ୍ଣନା କରୁଛି, ଯାହା ଆରୋହଣପଥର ଶିଖର ଦେଶରେ ଅବସ୍ଥିତ ରହିଛି, ସେହିଠାରେ ପହଞ୍ଚି ହେବ । ମୋ' କହିଥିବା କଥାଗୁଡ଼ିକୁ ମୁଁ ଆଦୌ ଖଣ୍ଡନ କରିପକାଇବି ନାହିଁ (ମାଆ ତାଙ୍କ "ଚତୁର୍ବିଧ ତପସ୍ୟା" ବହିଟିକୁ ହାତରେ ଧରି ପଢ଼ିଲେ) :

> "ପ୍ରେମ ହେଉଛି ଯଥାର୍ଥ ଅର୍ଥରେ ଏକାତ୍ମକ ହୋଇଯିବାର ଆନନ୍ଦ । ପୂର୍ଣ୍ଣ ସମ୍ମିଳନର ଆନନ୍ଦରେହିଁ ତାହା ଆପଣାକୁ ଅଭିବ୍ୟକ୍ତ କରିଥାଏ ।"

ସର୍ବପ୍ରଥମେ, ପ୍ରେମର ସଂଚରଣ ଘଟିବା ପୂର୍ବରୁ, ଏପରି ଏକ ବସ୍ତୁର ଆବିର୍ଭାବ ହୁଏ, ଯାହାକୁ କି ସ୍ଥୂଳ ଭାବରେ ଆମେ "ଏକାତ୍ମ ହେବାର ଆନନ୍ଦ" ବୋଲି କହି ପାରିବା । ତାହାକୁ କଳ୍ପନା କରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର, କାରଣ ବିପରୀତ କଳ୍ପନାଗୁଡ଼ିକର ସାହାଯ୍ୟ ନ ନେଇ ମନୁଷ୍ୟର ଭାବନା ଆଦୌ କୌଣସି ବସ୍ତୁର କଳ୍ପନା କରିପାରିବ ନାହିଁ । ମାତ୍ର, ପୁନର୍ବାର ଆପଣାର ପ୍ରଥମ ମୂଳଟିକୁ ବାହୁଡ଼ି ଆସିବାକୁହିଁ ଯେତେବେଳେ ପ୍ରେମ ଏକ ଆରୋହଣ-କ୍ରମରେ ସମସ୍ତ ବିଶ୍ୱର ପରିକ୍ରମା କରିସାରେ, କେବଳ ସେତିକିବେଳେ ଯାଇ ତାହା ଆପଣାର ସର୍ବୋଚ୍ଚ ପର୍ଯ୍ୟାୟରେ ଉପନୀତ ହୋଇଥାଏ । ସେତେବେଳେ ତାହା ଆପଣାର ଲବ୍ଧ ସକଳ ଅଭିଜ୍ଞତା ଦ୍ୱାରା ସମ୍ପନ୍ନ ହୋଇ ରହିଥାଏ ଏବଂ ପୁନର୍ବାର ଆପଣାର ଆରମ୍ଭ ବିନ୍ଦୁଟିକୁ ବାହୁଡ଼ି ଆସେ । ଏପରି କିଛି ଅଧିକ ପୁଞ୍ଜି ସହିତ ତାହା ଆପଣାର ଆରମ୍ଭ ବିନ୍ଦୁକୁ ଫେରିଆସେ, ଯାହାକି ଯାତ୍ରା ଆରମ୍ଭ କରିବା ପୂର୍ବରୁ ତା'ପାଖରେ ଆଦୌ ନ ଥିଲା । ସେହି ଅଧିକ ପୁଞ୍ଜିଟି ହେଉଛି ତାହାର ବିଶ୍ୱ-ଅଭିଜ୍ଞତା । ଏବଂ ମୂଳତଃ ଏହାହିଁ ହେଉଛି ସୃଷ୍ଟିର ଯଥାର୍ଥ ଔଚିତ୍ୟ । ତାହାର କାରଣ ହେଉଛି ଯେ, ଯଦି ଚେତନା ଆପଣାକୁ ଏକ ସୃଷ୍ଟି ମଧ୍ୟରେ ଅଭିବ୍ୟକ୍ତ କରି ନ ଆନ୍ତା, ତେବେ ତାହା ବର୍ତ୍ତମାନ ଯେପରି ହୋଇ ରହିଛି, ସେପରି କଦାପି ହୋଇପାରି ନ ଥାନ୍ତା । ମାତ୍ର, ସୃଷ୍ଟି ମଧ୍ୟରୁ ଏହି ପ୍ରତ୍ୟାବର୍ତ୍ତନ,—

'oaob.nitrkl.ac.in' images reprocessed

ସ୍ମରଣ ରହିବା ଉଚିତ ଯେ ଏହା ଆଦୌ କାଳର କୌଣସି ଆୟତନ ମଧ୍ୟରେ ସଂଘଟିତ ହୁଏ ନାହିଁ,—ଏହାର କଳ୍ପନା କରିପାରିବା ଅତ୍ୟନ୍ତ କଷ୍ଟକର । କାରଣ ଆମେ କାଳର କଳ୍ପନା କରୁ, ଦେଶସ୍ଥତାର କଳ୍ପନା କରୁ ଏବଂ ଆମ ଲାଗି ଯାବତୀୟ ବସ୍ତୁ ପରସ୍ପରର ପୂର୍ବାପର ହୋଇ ରହିଥାନ୍ତି;—ଗୋଟିକ ପଛରେ ଗୋଟିଏ କରି ଆସିବାରେ ଲାଗିଥାନ୍ତି । ମାତ୍ର ଯଦି ଏପରି ଏକ ସମଗ୍ର ଗତିସ୍ପନ୍ଦନର କଳ୍ପନା କରିବା ସମ୍ଭବ ହୁଅନ୍ତା ଯାହାକି ସବୁକିଛିକୁ ନିଜ ମଧ୍ୟରେ ଅନ୍ତର୍ଭୁକ୍ତ କରି ରଖିଥାନ୍ତା ଏବଂ ଯୁଗପତ୍ ଭାବରେ ଆପଣାର ଆରମ୍ଭ ଓ ଶେଷ ହୋଇପାରୁଥାନ୍ତା, ତେବେ ଏହି ପ୍ରତ୍ୟାବର୍ତ୍ତନ, ଯେଉଁ ପ୍ରତ୍ୟାବର୍ତ୍ତନ କି ଆଦୌ କାଳର କୌଣସି ଭୂମି ଉପରେ ଘଟୁ ନ ଥାନ୍ତା, ଯାହା କେବଳ ଏକ ଚେତନାର ଭୂମି ଉପରେହିଁ ଘଟୁଥାଆନ୍ତା,—ଏହି କଥାଟିକୁ ମୁଁ ତୁମମାନଙ୍କୁ କିପରି ବୁଝାଇ କହିପାରିବି ? —ପ୍ରେମର ଆପଣାର ଯଥାର୍ଥ ମୂଳକୁ ଏହି ପ୍ରତ୍ୟାବର୍ତ୍ତନ,—ତାହା କେବଳ ଯୁକ୍ତ ହୋଇ ରହିବାର ଏକ ଆନନ୍ଦ ହେବା ପରିବର୍ତ୍ତେ ସମ୍ମିଳନଜନିତ ଏକ ଉଲ୍ଲାସରେ ପରିଣତ ହୋଇଥାଏ,—ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ସେହି କଥାଟି ଉପରେ ଏକ ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଅବଲୋକନ କଲେ, ସେହି କ୍ଷେତ୍ରରେ ଚେତନାର ଏକ ସମୃଦ୍ଧି ସଂଘଟିତ ହୋଇଥାଏ, ଯାହାକି ଏହି ବିଶ୍ୱରେ ଉପଲବ୍ଧ ହୋଇଥିବା ଅଭିଜ୍ଞତାରୁହିଁ ସମ୍ଭବ ହୁଏ । ଅର୍ଥାତ୍, ଚେତନାର କ୍ଷେତ୍ରରେ ଏକ ଉପାଦାନଗତ ସମୃଦ୍ଧି ଏବଂ ଏକ ପ୍ରାଚୁର୍ଯ୍ୟ ଉପଲବ୍ଧ ହୋଇଥାଏ । ଯଦି ପ୍ରକଟ ଅବସ୍ଥାରେ କୌଣସି ବିଶ୍ୱ ବିଦ୍ୟମାନ ନ ଥାନ୍ତା, ତେବେ ସେହି କଥାଟି ମୋଟେ ହୋଇପାରନ୍ତା ନାହିଁ । ଏବଂ ଯଥାର୍ଥରେ ତାହାହିଁ ସୃଷ୍ଟିତତ୍ତ୍ୱର ସର୍ବାଧିକ ଯୁକ୍ତିସଙ୍ଗତ ସ୍ପଷ୍ଟୀକରଣ ଓ ସର୍ବାଧିକ ଯୁକ୍ତିସଙ୍ଗତ କାରଣ ମଧ୍ୟ ।

ମାଆ, ଏହି ବାକ୍ୟଟିର ଅର୍ଥ କ'ଣ ହେବ, ମୋତେ କହିଦିଅନ୍ତୁ : "ଆପଣାର ଅହଂ ଦ୍ୱାରା ବନ୍ଦୀ ହୋଇ ରହିଥିବା ସଂକୀର୍ଣ୍ଣ ସୀମା-ଗୁଡ଼ିକୁ ଭାଙ୍ଗି ଜଣେ ବ୍ୟକ୍ତି ସେତେଥର ଆପଣାକୁ ମୁକ୍ତ କରେ ଏବଂ ମୁକ୍ତ ବାୟୁ ମଧ୍ୟକୁ ବାହାରିଆସେ, ଆଉଜଣେ ମନୁଷ୍ୟ ପାଇଁ ତା'ର ପରିବାର ପାଇଁ, ତା'ର ଦେଶ ବା ତା'ର ଧର୍ମ ପାଇଁ ସିଏ ଯେତେବେଳେ ଆପଣାକୁ ଉତ୍ସର୍ଗ କରିଦେଇ ଏହିପରି ମୁକ୍ତି ଲାଭ କରେ, ସେତେବେଳେ ଏହି ଆତ୍ମ-ବିସ୍ମରଣରେହିଁ ସିଏ ପ୍ରେମଜନିତ ଚମତ୍କାର ଆନନ୍ଦଟିର ଏକ ପୂର୍ବସ୍ୱାଦ ଲାଭ କରିଥାଏ; ଏବଂ ଏହା ତାକୁ ଏହିପରି ଏକ ଅନୁଭବ ଆଣିଦିଏ ଯେ, ସିଏ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର ସମ୍ପର୍କରେ ଆସିବାକୁହିଁ ସମର୍ଥ ହୋଇଛି ।

'oaob.nitrkl.ac.in' images reprocessed

ମାତ୍ର, ଅଧିକାଂଶ ସମୟରେ ଏହି ସଂପର୍କ ଲଭ କେବଳ ଏକ ଅସ୍ଥାୟୀ ସଂପର୍କ ହୋଇ ରହିଥାଏ, କାରଣ ମନୁଷ୍ୟସତ୍ତାର ଭୂମିରେ ପ୍ରେମ ତତ୍‌କ୍ଷଣାତ୍ ନିମ୍ନତର ଅହଂପ୍ରେରିତ ନାନା ଗତିସ୍ପନ୍ଦନ ସହିତ ଏକତ୍ର ସମିଶ୍ରିତ ହୋଇଯାଏ । ସେହି ସମିଶ୍ରଣ ତାହାକୁ ଦୂଷିତ କରିପକାଏ ଏବଂ ସେଥିରୁ ତାହାର ଶୁଦ୍ଧତାର ଶକ୍ତିକୁ ଅପହରଣ କରି ନେଇଯାଏ । ମାତ୍ର, ଏହା ତଥାପି ଶୁଦ୍ଧ ହୋଇ ରହୁଥିଲେ ମଧ୍ୟ ଦିବ୍ୟ ଅସ୍ତିତ୍ୱ ସହିତ ତାହାର ଏହି ସମ୍ପର୍କ ମୋଟେ ସ୍ଥାୟୀ ହୋଇ ରହିପାରନ୍ତା ନାହିଁ, କାରଣ ପ୍ରେମ ହେଉଛି ପରମ ଦିବ୍ୟ-ସତ୍ତାଙ୍କର କେବଳ ଗୋଟିଏମାତ୍ର ବିଭବ, — ତାହା ଏପରି ଏକ ବିଭବ, ଯାହାକୁ କି ଅନ୍ୟ ସକଳ ବିଭବ ପରି ଯାବତୀୟ ବିକୃତିର କବଳରେ ପଡ଼ିବାକୁ ହୋଇଛି ।"

ତୁମେ ଏଥିରୁ କେଉଁଟିକୁ ବୁଝିପାରିଲ ନାହିଁ ? ଏହି ବିଶ୍ୱ ଓ ଜଗତ ବର୍ତ୍ତମାନ ଯେଉଁଭଳି ଅବସ୍ଥାରେ ଅଛି, ସେହି କାରଣରୁ ତାହା ଦିବ୍ୟ ପରମସତ୍ତାଙ୍କର ଏକ ବିକୃତ ପ୍ରତିଫଳନ କରୁଛି, ତୁମେ ଏହି କଥାଟିକୁ ବୁଝି ପାରିଲ ନାହିଁ ? ଜଗତ ବର୍ତ୍ତମାନ ଯେପରି ସ୍ଥିତିରେ ରହିଛି, ତାହା ଯେଉଁ ଚେତନାର ଭୂମିରେ ଅବସ୍ଥାନ କରୁଛି, ତାହା ଦିବ୍ୟ ପରମସତ୍ତାଙ୍କର ଏକ ବିକୃତ ପ୍ରତିଫଳନ ହୋଇ ରହିଛି ଏବଂ ଏଠାରେ ପ୍ରେମ ମଧ୍ୟ ଦିବ୍ୟ ପରମସତ୍ତାଙ୍କର ଏକ ବିକୃତ ପ୍ରତିଫଳନ ହୋଇରହିଛି । ତେଣୁ, ଏହି ରୂପାୟିତ ଜଗତ ମଧ୍ୟରେ ତୁମର ପ୍ରେମ ଯଥାସମ୍ଭବ ଅଧିକ ପରିମାଣରେ ଶୁଦ୍ଧ ହୋଇ ରହିପାରିଲେ ମଧ୍ୟ, ତାହା ତୁମକୁ ଦିବ୍ୟ ପରମସତ୍ତାଙ୍କ ସହିତ କଦାପି ଏକ ସ୍ଥାୟୀ ସମ୍ପର୍କର ଭୂମିରେ ରଖିପାରିବ ନାହିଁ । ଅବଶ୍ୟ, ଏହି ସବୁକିଛିରେ ଏକ ରୂପାନ୍ତର ଘଟିଲେ ତାହା ଅନ୍ୟପ୍ରକାର କଥା ହେବ । କାରଣ, ଏହା ମଧ୍ୟ ଅନ୍ୟ ସବୁକିଛି ପରି ବିକୃତ ହୋଇଯାଇଛି । କାରଣ, ଏକଥା ମଧ୍ୟ କହି ରଖିବା ଉଚିତ ଯେ, ଏହି ପୃଥିବୀରେ ଯେଉଁ ଶୁଦ୍ଧତାର କଳ୍ପନା କରିଯାଇ ପାରିବ, ତାହା ନିଶ୍ଚିତ ଭାବରେ ଦିବ୍ୟ ଶୁଦ୍ଧତାର କଦାପି ସମବାଚୀ ହେବ ନାହିଁ । ଖୁବ୍ ବେଶୀ ହେଲେ ତାହା ଏକ ପ୍ରାୟସାଦୃଶ୍ୟଟିଏ ହୋଇପାରିବ ।

ମାଆ, ପିଲାମାନଙ୍କ ପ୍ରତି ମାଆବାପାଙ୍କର ଯେଉଁ ପ୍ରେମ ଥାଏ, ସେଇଟି କେଉଁ ପ୍ରକାରର ?

'oaob.nitrkl.ac.in' images reprocessed

କେଉଁ ପ୍ରକାରର ? ସେଇଟି ମଧ୍ୟ ମାନବସୁଲଭ ପ୍ରେମ, ନୁହେଁ କି ? ଯାବତୀୟ ମାନବସୁଲଭ ପ୍ରେମ ପରି ସେଇଟି ମଧ୍ୟ ଅତି ଭୟଙ୍କର ଭାବରେ ଯାବତୀୟ ପ୍ରକାରର ବସ୍ତୁରେ ମିଶ୍ରିତ ହୋଇ ରହିଥାଏ । ସମ୍ପତ୍ତି ପରି ଆବୋରି ରହିବାର ଏକ ଆବଶ୍ୟକତା ରହିଥାଏ ଏବଂ ଏକ ଅତ୍ୟନ୍ତ ଅନମନୀୟ ଅହଂକେନ୍ଦ୍ରିକତା ମଧ୍ୟ ରହିଥାଏ । ମୁଁ ତୁମକୁ ସର୍ବପ୍ରଥମେ ଅବଶ୍ୟ କହିରଖିବି ଯେ, ଜଣେ ମାଆର ତା'ର ପିଲମାନଙ୍କ ପ୍ରତି ରହିଥିବା ପ୍ରେମ ବିଷୟରେ କେତେ କାଳରୁ ଏକ ଚମତ୍କାର ଚିତ୍ର କଳ୍ପିତ ହୋଇ ରହିଛି···କେତେ ବହି ଲେଖାଯାଇଛି ଏବଂ କେତେ ଚମତ୍କାର କଥାମାନ ବି କୁହାଯାଇଛି । ମୁଁ ତୁମକୁ ଅତ୍ୟନ୍ତ ନିଶ୍ଚିତ ଭାବରେ କହିପାରିବି ଯେ, ବଡ଼ିଆ ବଡ଼ିଆ ବାକ୍ୟରେ ଓ ଶବ୍ଦରେ ଏହି ବିଷୟରେ କେତେ କ'ଣ କହିପାରିବାର ସାମର୍ଥ୍ୟଟିକୁ ଛାଡ଼ିଦେଲେ, ଉଚ୍ଚତର ସ୍ତରର ଇତର ପ୍ରାଣୀମାନଙ୍କର, ଏଠାରେ ଦୃଷ୍ଟାନ୍ତରୂପେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଗ୍ରହଣ କରାଯାଇପାରେ, ସେମାନଙ୍କ ସନ୍ତାନମାନଙ୍କ ଲାଗି ଯେଉଁ ପ୍ରେମ ରହିଥାଏ, ମନୁଷ୍ୟମାନଙ୍କର ସ୍ତରରେ ମଧ୍ୟ ଠିକ୍ ସେହି ପ୍ରକାରର ଏକ ପ୍ରେମ ରହିଥାଏ । ଠିକ୍ ସେହିପରି ନିଷ୍ଠା ଓ ଶ୍ରଦ୍ଧା ଥାଏ, ସେହି ଆତ୍ମବିସ୍ମରଣ ଏବଂ ଆତ୍ମତ୍ୟାଗ ରହିଥାଏ, ଛୁଆମାନଙ୍କୁ ଉଚିତ ଶିକ୍ଷା ଦେବା ଲାଗି ସେହି ବ୍ୟଗ୍ରତା, ଠିକ୍ ସେହିପରି ଧୈର୍ଯ୍ୟ ରହିଥାଏ, ସମାନ ପ୍ରକାରର ···ଏହି କ୍ଷେତ୍ରରେ ମୁଁ କେତେକେତେ ଅଦ୍ଭୁତ ଦୃଷ୍ଟାନ୍ତର ପରିଚୟ ପାଇଛି ଏବଂ ଯଦି କେହି ସେଗୁଡ଼ିକୁ ଲେଖି ରଖିଥାନ୍ତା ଓ ଗୋଟିଏ ବିଶେଷ ବିଷୟରେ କୁହା ନ ହୋଇ ଯଦି ତାହାକୁ ଜଣେ ନାରୀର କ୍ଷେତ୍ରରେ ପ୍ରୟୋଗ କରା ଯାଇଥାନ୍ତା, ତେବେ ତଦ୍ଦ୍ୱାରା କେଡ଼େ ବଡ଼ିଆ ଉପନ୍ୟାସମାନ ଲେଖାହୋଇ ସରିଥାନ୍ତା ଏବଂ ତାକୁ ପଢ଼ି ଲୋକମାନେ କହିଥାନ୍ତେ : "କେଡ଼େ ଅଦ୍ଭୁତ ଦୃଷ୍ଟାନ୍ତ ! ଆପଣାର ଜନନୀ ପ୍ରେମରେ ଏହି ନାରୀମାନେ ପ୍ରକୃତରେ ଆପଣାକୁ କେଡ଼େ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେଇ ନାହାନ୍ତି !" ଠିକ୍ ଏହିପରି ଦେଖିବାକୁ ମିଳିବ । ପାର୍ଥକ୍ୟ ଏତିକି ଯେ ବିଗିଡ଼ିମାନେ ଚମତ୍କାର ଭାଷା ଦେଇ ଏହି କଥାଟିକୁ କଦାପି କହି ପାରିବେ ନାହିଁ । ବାସ୍, ଏତିକି ପାର୍ଥକ୍ୟ । ସେମାନେ ବହି ଲେଖିପାରିବେ ନାହିଁ କି ବକ୍ତୃତା ଦେଇପାରିବେ ନାହିଁ, ତାହାହିଁ ଏକମାତ୍ର ପାର୍ଥକ୍ୟ । ମାତ୍ର ମୁଁ ଏକାନ୍ତ ବିସ୍ମୟକର ଦୃଷ୍ଟାନ୍ତମାନ ଦେଖିଛି । ସେହି ପ୍ରକାରର ଆତ୍ମଦାନ ଏବଂ ଆତ୍ମ-ଅପସାରଣର ଦୃଷ୍ଟାନ୍ତ ଦେଖିଛି,—ପ୍ରେମର ପ୍ରଥମ ଉଦ୍ରେକ ହେବା ମାତ୍ରକେ ହିଁ ସେହି ଆତ୍ମ-ଅପସାରଣ ସମ୍ଭବ ହୋଇଥାଏ । ମାତ୍ର ମନୁଷ୍ୟମାନେ···ମୋ'ର ଅଧ୍ୟୟନରୁ ମୁଁ ଯାହାକିଛି ଜାଣିବାକୁ ପାଇଛି, ମୁଁ ସେଥିରୁ ପ୍ରକୃତରେ ବିଶ୍ୱାସ କରୁଛି ଯେ, ସମ୍ଭବତଃ ଇତରପ୍ରାଣୀମାନଙ୍କର ଜୀବନରେ ଏହି କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ଶୁଦ୍ଧତା ରହିଛି । କାରଣ

'oaob.nitrkl.ac.in' images reprocessed

ଇତରପ୍ରାଣୀମାନଙ୍କର ସ୍ୱଭାବଶକ୍ତି ନାହିଁ । ମାତ୍ର, ମନୁଷ୍ୟମାନଙ୍କ ଭିତରେ ଯେଉଁ ମାନସିକ ବଳ ଓ ସାମର୍ଥ୍ୟ ରହିଛି, ମନନ କରିବାର; ଯୁକ୍ତି ଓ ବିଶ୍ଳେଷଣ କରିବାର ଏବଂ ଅଧ୍ୟୟନ କରିବାର ଯେଉଁସବୁ କ୍ଷମତା ରହିଛି, ତାହାରି ଫଳରେହିଁ ସେମାନେ ଆପଣାର କମନୀୟତମ ପ୍ରବୃତ୍ତିଗୁଡ଼ିକୁ ମଧ୍ୟ ନଷ୍ଟ କରିଦେଇଥାନ୍ତି । ସେମାନେ ହିସାବ କରିବାରେ ଲାଗିଯାନ୍ତି, ଯୁକ୍ତି କରନ୍ତି, ସନ୍ଦେହ କରନ୍ତି, ସବୁକଥାକୁ ଗଚ୍ଛିକରି ରଖିବାକୁ ଚେଷ୍ଟା କରୁଥାନ୍ତି ।

ମାତାପିତାଙ୍କର ଉଦାହରଣ ନିଆଯାଉ । ତୁମ ଚେତନାର ସ୍ତରରେ ରହିଥିବା ହୁଏତ ଅନେକ ଭ୍ରମ ଅପସାରିତ ହୋଇଯିବାର ଆଶଙ୍କା ରହିଥିଲେ ମଧ୍ୟ ବର୍ତ୍ତମାନ ମୁଁ ତୁମମାନଙ୍କୁ ଆପଣାର ସନ୍ତାନ ପ୍ରତି ଜଣେ ମାଆର ରହିଥିବା ପ୍ରେମର ପ୍ରକୃତ ଉତ୍ସଟିର କଥା କହିବି । ଆପଣାର ସନ୍ତାନଟି ଆପଣାର ଉପାଦାନ ଦେଇ ଗଠିତ ହୋଇଥିବାରୁ, — ଏବଂ ବେଶ୍ ଏକ ଦୀର୍ଘ ସମୟ ଲାଗି, ଅପେକ୍ଷାକୃତ ଭାବରେ ବେଶ୍ ଦୀର୍ଘ ଏକ ସମୟ ଲାଗି ମାଆ ଆଉ ତା'ର ସେହି ସନ୍ତାନ ମଧ୍ୟରେ ରହିଥିବା ସେହି ସ୍ଥୂଳ, ଉପାଦାନଗତ ସମ୍ବନ୍ଧଟି ଅତ୍ୟନ୍ତ ପରିମାଣରେ ନିକଟ ହୋଇ ରହିଥିବାରୁ, — ସତେଯେପରି ତା'ଦେହର ଖଣ୍ଡେ ମାଂସକୁ ତା' ଦେହ ଭିତରୁ ବାହାର କରି କିଞ୍ଚିତ୍ ଦୂରରେ ବାହାରେ ରଖି ଦିଆଯାଇଥାଏ, — ଏବଂ, ସେହି ବନ୍ଧନଟି ସଂପୂର୍ଣ୍ଣ ଭାବରେ କାଟି ହୋଇଯିବାକୁ ମଧ୍ୟ ବେଶ୍ ଅନେକ ସମୟ ଲାଗିଥାଏ । ଏହାକୁ ଟଗାଟାଏ ପ୍ରକାରର ବନ୍ଧନ ବୋଲିହିଁ କୁହାଯିବ, ଏକ ସୂକ୍ଷ୍ମ ଇନ୍ଦ୍ରିୟଗତ ବୋଧ ବୋଲି ମଧ୍ୟ କୁହାଯିବ, ଏବଂ ତାହାରି ଫଳରେହିଁ, ପିଲା ଯାହା ଅନୁଭବ କରେ, ମାଆ ମଧ୍ୟ ଠିକ୍ ତାହାହିଁ ଅନୁଭବ କରିଥାଏ, ତାକୁ ସତେଯେପରି ତା' ନିଜ ଭିତରେ ସେହି କଥାଟିକୁ ଅନୁଭବ କରୁଥିବା ପରି ଲାଗୁଥାଏ । ସନ୍ତାନ ପ୍ରତି ମାଆର ଯେଉଁ ଅନୁରକ୍ତି ରହିଥାଏ, ଏହାକୁହିଁ ତାହାର ସ୍ଥୂଳ ଆଧାର ବୋଲି କୁହାଯାଇ ପାରିବ । ଏହାକୁ ସ୍ଥୂଳ ଏକାତ୍ମକତାର ଆଧାର ବୋଲି କୁହାଯିବ, କେବଳ ତାହାହିଁ କୁହାଯାଇ ପାରିବ । ଅନୁଭବ ଯାଇ ତାହାର ଅନେକ ପରେ ଆସେ (ତାହା ହୁଏତ କିଞ୍ଚିତ୍ ଆଗରୁ ଆସିପାରେ, ମାତ୍ର ତାହା ସ୍ଥଳବିଶେଷରେ ସେହି ଲୋକଙ୍କ ଉପରେହିଁ ନିର୍ଭର କରେ), ମାତ୍ର ମୁଁ ଏଠାରେ ଅଧିକାଂଶ ସ୍ଥଳରେ ଯାହା ହୁଏ, ସେହି କଥାହିଁ କହୁଛି । ପ୍ରକୃତ ଅନୁଭବର ପର୍ଯ୍ୟାୟଟି କେବଳ ଅନେକ ପରେ ଆସେ, ଏବଂ ତାହା ପ୍ରସୀମିତ ବି ହୋଇ ରହିଥାଏ । ଏହି କ୍ଷେତ୍ରରେ କେତେ କ'ଣ ଘଟଣା ଘଟିଥାଏ,···ଏହି ବିଷୟରେ ମୁଁ ତୁମମାନଙ୍କୁ ଘଣ୍ଟା ଘଣ୍ଟା ଧରି କେତେ କ'ଣ କହିପାରିବି । ମାତ୍ର ତଥାପି ଏହାକୁ ପ୍ରେମ ସହିତ ଆଦୌ, ଏକତ୍ର ଗୋଳାଆମିଶା କରି ଦିଆଯିବା ଉଚିତ ନୁହେଁ । ଏହାକୁ ଏକ

'oaob.nitrkl.ac.in' images reprocessed

ଭୌତିକ ପ୍ରକାର ଏକାତ୍ମକତା ବୋଲି କୁହାଯିବ, ଯାହା ଦ୍ୱାରା କି, ସନ୍ତାନ ଯେପରି ଅନୁଭବ କରୁଛି, ଜଣେ ମାଆ ଅତ୍ୟନ୍ତ ଘନିଷ୍ଠ ଭାବରେ ତାହାକୁ ଅନୁଭବହିଁ କରିଥାଏ, ଅତ୍ୟନ୍ତ ମୂର୍ତ୍ତ ଓ ସାକାର ଭାବରେ ଅନୁଭବ କରେ । ସନ୍ତାନକୁ ହଠାତ୍ କୌଣସି ଆଘାତ ବାଜିଲେ ମାଆକୁ ମଧ୍ୟ ଆଘାତ ବାଜେ । ଅନ୍ତତଃ ଦୁଇମାସ ପର୍ଯ୍ୟନ୍ତ ଏହିପରି ହୁଏ ।

ଏହାହିଁ ଭିତ୍ତି । ଏହା ବ୍ୟତୀତ ଆଉ ଯାହା ରହିଲା, ତାହା ମନୁଷ୍ୟ-ମାନଙ୍କର ସ୍ୱଭାବରୁ ଆସିଥାଏ । ସେମାନଙ୍କର ବିକାଶଗତ ସ୍ଥିତିରୁ ଆସେ, ଚେତନାରୁ ଆସେ, ଶିକ୍ଷା ଏବଂ ଅନୁଭବ ଶକ୍ତିରୁ ଆସିଥାଏ । ଏହିସବୁ ସେହି ପ୍ରଥମଟି ସହିତ ଯାଇ ମିଶ୍ରିତ ହୁଏ । ଏବଂ, ତା'ପରେ ସେହି କ୍ଷେତ୍ରରେ ଯାବତୀୟ ସାମୂହିକ ଜୀବନଗତ ପ୍ରବର୍ତ୍ତନା ଓ ପ୍ରେରଣାଗୁଡ଼ିକ ମଧ୍ୟ ରହିଥାଏ, ଯେଉଁଗୁଡ଼ିକ ମିଶି ସେହି ଉପନ୍ୟାସଗୁଡ଼ିକର ରଚନା ହୋଇଥାଏ — କାରଣ ଲୋକମାନେ ଉପନ୍ୟାସ ଲେଖିବାରେ ଅତ୍ୟନ୍ତ ସିଦ୍ଧହସ୍ତ ହୋଇ ଉଠିଥାଉ ହୋଇଥାନ୍ତି । ସେମାନେ ଯାବତୀୟ ବିଷୟରେ ଉପନ୍ୟାସ ଲେଖିପାରନ୍ତି । ଆପଣାର ମନଟାକୁ କାମରେ ଲଗାଇ ସେମାନେ ଅଶେଷ କଳ୍ପନାସୌଧଗୁଡ଼ିକର ନିର୍ମାଣ କରି ରଖିଥାନ୍ତି, ସେହି କଳ୍ପନାଗୁଡ଼ିକ ବାୟୁମଣ୍ଡଳରେ ଘୂରି ବୁଲୁଥାଏ ଏବଂ ସେଗୁଡ଼ିକୁ ସେଇଠାରୁହିଁ ଧରି ଅଣାଯାଏ । ତେଣୁ ଗୋଟିଏ ପ୍ରକାରର ଲୋକମାନେ ଗୋଟିଏ ପ୍ରକାରର କଳ୍ପନା-ଗୁଡ଼ିକୁ ଆହରଣ କରିଥାନ୍ତି, ଆଉ ଗୋଟିଏ ପ୍ରକାରର ଲୋକେ ଆଉ ଗୋଟିଏ ପ୍ରକାର କଳ୍ପନା ଆହରଣ କରନ୍ତି । ଏବଂ, ମନୁଷ୍ୟର କଳ୍ପନାଶକ୍ତି ତାକୁ ଆଗକୁ ଠେଲି ନେଇ ଯିବାର ଏକ ସାଧନରୂପେ କାର୍ଯ୍ୟ କରୁଥିବାରୁ, କଳ୍ପନା ଦ୍ୱାରା ପ୍ରେରିତ ହୋଇ ସିଏ ସକ୍ରିୟ ହେବାକୁ ଆରମ୍ଭ କରେ ଏବଂ ତା'ପରେ ଜୀବନରେ ଗୋଟିଏ ଉପନ୍ୟାସ ବଞ୍ଚିବା ମଧ୍ୟ ସମ୍ଭବ ହୋଇଯାଏ,—ତା'ଭିତରେ ଏତେ ଟିକିଏ କଳ୍ପନାଶକ୍ତି ରହିଥିଲେ ସିଏ ସେହିପରିହିଁ ହୋଇଯାଏ । ···ଯଥାର୍ଥ ଚେତନା ସହିତ ଏହାର ଆଦୌ କୌଣସି ସମ୍ପର୍କ ନାହିଁ, ଚୈତ୍ୟସତ୍ତା ସହିତ ବି ମୋଟେ କୌଣସି ସମ୍ପର୍କ ନାହିଁ । ମାତ୍ର ଲୋକମାନେ କେତେ ଅଳଙ୍କାର ଲଗାଇ ତୁମ ଆଗରେ ସେହିସବୁ କାହାଣୀହିଁ କହିବାକୁ ଆସିଥାନ୍ତି, — ସେମାନଙ୍କର ଉଡ଼ି ବୁଲୁଥିବା କଳ୍ପନା ଭିତରେ ଯାହା ଥାଏ, ତୁମକୁ ତାହାହିଁ କହିବାକୁ ଆସନ୍ତି । ଯଦି କେହି ପ୍ରକୃତରେ ଦେଖିପାରନ୍ତା, ସର୍ବତ୍ର ଘୂରି ବୁଲୁଥିବା ଓ ତୁମକୁ ସଞ୍ଚାଳିତ କରି ରଖିଥିବା ଏବଂ ତୁମକୁ ନାନା ଅନୁଭବ, ନାନା ଭାବନା ଓ ନାନା କ୍ରିୟାଶୀଳତା ମଧ୍ୟରେ ପ୍ରେରିତ କରି ନେଉଥିବା ସେହି ମନର ଅର୍ଥାତ୍ ଭୌତିକ ମନର ବାୟୁମଣ୍ଡଳଟିକୁ ଯଦି ତୁମେ ଦେଖିବାକୁ ସମର୍ଥ ହୁଅନ୍ତ, ତେବେ ଆପଣାର ବ୍ୟକ୍ତିବୃତ୍ତି ବିଷୟରେ ରହିଥିବା ତୁମର କେତେକେତେ ଭ୍ରମ ତୁମକୁ ହରାଇବାକୁହିଁ

'oaob.nitrkl.ac.in' images reprocessed

ପଡ଼ନ୍ତା । ମାତ୍ର ବସ୍ତୁତଃ ଠିକ୍ ସେହିପରିହିଁ ହୋଇଥାଏ । ଆମକୁ ଜଣାଥାଉ ଅଥବା ନ ଥାଉ ପଛକେ, ଠିକ୍ ସେହିପରି ଘଟେ ।

ଏହି ପୃଥିବୀପୃଷ୍ଠରେ କେତେକେତେ ଆତ୍ମା ରହିଛନ୍ତି, କେତେ ମନୁଷ୍ୟସତ୍ତ୍ୱ ବାସ କରୁଛନ୍ତି ।...ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନଙ୍କର ସଂସ୍କୃତି ବୋଲି କିଛି ରହିଛି, ବିକାଶର ଏକ ମାତ୍ରା ରହିଛି ଓ କିଞ୍ଚିତ୍ ପରିମାଣରେ ଯେଉଁମାନେ ଆପଣାର ଏକ ବ୍ୟକ୍ତିତ୍ୱବୋଧ ହାସଲ କରିପାରିଛନ୍ତି, ସେମାନେ ସାଧାରଣତଃ ପରସ୍ପର ସହିତ ଗୋଷ୍ଠୀ ବାନ୍ଧିଥାନ୍ତି : ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ସେମାନେ ଏକାଠି ହୁଅନ୍ତି ଓ ଗୋଷ୍ଠୀଗୁଡ଼ିକର ଗଠନ କରନ୍ତି । ଏବଂ ସେହି କାରଣରୁ, ଦେଶ ଓ କାଳ ଦ୍ୱାରା ନିର୍ଦ୍ଦିଷ୍ଟ ହେଉଥିବା ଆମର ଏହି ଜୀବନଭୂମିରେ ସଂସ୍କୃତିବିଶିଷ୍ଟ ସତ୍ତ୍ୱମାନଙ୍କର ଏପରି ଏକ ସଂଖ୍ୟା, — ତାହା ଅତିବେଶୀ ନ ହେଲେ ମଧ୍ୟ ତଥାପି ତାହାକୁ ବେଶ୍ ଯଥେଷ୍ଟ ବଡ଼ ବୋଲି କୁହାଯାଇପାରିବ—ଯେଉଁମାନେ କି ପରସ୍ପର ସହିତ ଏକତ୍ର ବାସ କରୁଛନ୍ତି; ମାତ୍ର ସେଥିରୁ ଏଭଳି ଏକ ବିଶ୍ୱାସ କରିବା ଆଦୌ ଉଚିତ ହେବ ନାହିଁ ଯେ ତାହାକୁହିଁ ଆମେ ମନୁଷ୍ୟସତ୍ତ୍ୱର ଉପଯୁକ୍ତ ସଂସ୍କୃତି ତଥା ବିକାଶର ପ୍ରକୃତ ଅନୁପାତ ବୋଲି କହିପାରିବା । ଏହାକୁ କେବଳ ଗୋଟାଏ ପ୍ରକାରର ଫେଣ ବୋଲି କୁହାଯାଇ ପାରିବ ଓ ତାହା କେବଳ ଉପରିସ୍ତରରେହିଁ ରହିଛି । ଏବଂ, ଏହିମାନଙ୍କ ଭିତରେ ମଧ୍ୟ, ନିର୍ବାଚିତ ଏହି ସତ୍ତ୍ୱମାନଙ୍କ ଭିତରେ ବି, ହୁଏତ ହଜାରକ ମଧ୍ୟରେ କ୍ୱଚିତ୍ ଜଣେ ମନୁଷ୍ୟ ରହିଛି ଯାହାକୁ କି ଯଥାର୍ଥରେ ଏକ ବ୍ୟକ୍ତିସତ୍ତ୍ୱ ବୋଲି କୁହାଯାଇ ପାରିବ । ଏପରି ଏକ ବ୍ୟକ୍ତିସତ୍ତ୍ୱ, ଯିଏ କି ଆପଣା ସମ୍ବନ୍ଧରେ ସଚେତନ ରହିଥିବ, ଆପଣାର ଚୈତ୍ୟସତ୍ତ୍ୱ ସହିତ ଯୁକ୍ତ ରହିଥିବ, ଆପଣାର ଅନ୍ତର୍ଗତ ବିଧାନଟି ଦ୍ୱାରା ପରିଚାଳିତ ହେଉଥିବ ଏବଂ ତେଣୁ, ସମ୍ପୂର୍ଣ୍ଣ ଭାବରେ ନ ହେଲେ ମଧ୍ୟ ବାହ୍ୟ ପ୍ରଭାବଗୁଡ଼ିକରୁ ପ୍ରାୟ ମୁକ୍ତ ହୋଇ ରହିଥିବ । କାରଣ, ନିଜେ ସଚେତନ ହୋଇଥିବାରୁ, ଯେତେବେଳେ ସେହି ପ୍ରଭାବଗୁଡ଼ିକ ତା'ପାଖକୁ ଆସୁଥିବ, ସେଗୁଡ଼ିକୁ ସିଏ ଅବଶ୍ୟ ଦେଖିପାରୁଥିବ । ଯେଉଁଗୁଡ଼ିକ ତାକୁ ତା'ର ଅନ୍ତର୍ଗତ ବିକାଶ ଏବଂ ସ୍ୱାଭାବିକ ଅଭିବୃଦ୍ଧି ସହିତ ସମଞ୍ଜସତା ରଖିଥିବା ପରି ବୋଧ ହେଉଥିବ, ସେଗୁଡ଼ିକୁ ସିଏ ଗ୍ରହଣ କରୁଥିବ; ଯେଉଁଗୁଡ଼ିକ ତାହାର ବିରୋଧୀ ବୋଲି ମନେ ହେଉଥିବ, ସିଏ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିପାରୁଥିବ । ଏବଂ ଏହିପରି ଭାବରେ, ଏକ ଅରାଜକତା ବା ସୁନିର୍ଦ୍ଦିଷ୍ଟ ଭାବରେ ଏକ ଭୟାନକ ବିମିଶ୍ରଣ ହୋଇ ରହିବା ପରିବର୍ତ୍ତେ ସେମାନେ ସଂଗଠିତ ସତ୍ତ୍ୱପରି ଜୀବନ ଧାରଣ କରୁଥାନ୍ତି, ଆପଣା ସମ୍ବନ୍ଧରେ ସଚେତନ ହୋଇ ରହିଥିବା ଜଣେ ଜଣେ ବ୍ୟକ୍ତି ପରି ବଞ୍ଚୁଥାନ୍ତି;

'oaob.nitrkl.ac.in' images reprocessed

ସେମାନେ ଠିକ୍ କେଉଁଠାକୁ ଯିବା ଲାଗି ଚାହୁଁଛନ୍ତି ଓ କପରି ଯିବାକୁ ଚାହୁଁଥାନ୍ତି, ସେହି କଥାଟିକୁ ଭଲ କରି ଜାଣି ସେମାନେ ଜୀବନରେ ବାଟ ଚାଲୁଥାନ୍ତି ।

ଏହିମାନଙ୍କୁ ତୁମେ ହୁଏତ ଯଥାର୍ଥରେ ମଣିଷ ବୋଲି କହିପାରିବ । ଅର୍ଥାତ୍, ମନୁଷ୍ୟର ଭୂମିରେ ପ୍ରକୃତ ସର୍ବୋତ୍ତମ ଭାବରେ ଯାହା ସମ୍ଭବ କରିପାରନ୍ତି। ସେମାନେ ତାହାର ନିଦର୍ଶନ ହୋଇ ରହିଥାନ୍ତି । ସେମାନେ ତଥାପି ମନୁଷ୍ୟ ସ୍ତରରେ ଥାଆନ୍ତି । ମାତ୍ର ଏହା ହେଉଛି ମନୁଷ୍ୟ ହିସାବରେ ଏକ ଶିଖରସ୍ତରର ନମୁନା । ସେମାନେ ଆହୁରି କିଛି ହେବେ ବୋଲି ପ୍ରସ୍ତୁତ ହୋଇ ରହିଥାନ୍ତି । ମାତ୍ର ସେହି ସ୍ତରକୁ ନ ଆସି ପାରିଥିଲେ ଜଣେ ମଣିଷକୁ ପ୍ରକୃତରେ ଅଧିକତର ପରିମାଣରେ ଏକ ଇତରପ୍ରାଣୀ ବୋଲି କହିବାକୁ ପଡ଼ିବ ଓ ସିଏ ମନୁଷ୍ୟ ହେବାର କେବଳ ଏକ ନଗଣ୍ୟ ଆରମ୍ଭ ସ୍ତରରେ ରହିଛି ବୋଲି କୁହାଯିବ । କେବଳ ତାହାଙ୍କୁହିଁ ଯଥାର୍ଥ ମନୁଷ୍ୟ ବୋଲି କୁହାଯିବ । ଏଥର ତୁମେ ବୁଝିପାରୁଥିବ ଯେ, ତୁମକୁ କେବଳ ଆପଣା ଭିତରକୁ ଅବଲୋକନ କରିବାକୁ ପଡ଼ିବ ଓ ତେବେଯାଇ ତୁମେ ଜାଣିପାରିବ ।... ତୁମେସବୁ ପ୍ରକୃତରେ ମଣିଷ କି ନୁହଁ, ସେକଥା ଜାଣିପାରିବ ।

ପୁନର୍ଦର୍ଶନାୟ ।

ତୁମେମାନେ ପ୍ରକୃତରେ ସେହିପରି ହେବ, ସେହି ଆଶାଟି ପୋଷଣ କରିହିଁ ମୁଁ ଏକଥା କହୁଛି ।

'oaob.nitrkl.ac.in' images reprocessed

# ୨୧ ଏପ୍ରିଲ୍ ୧୯୫୪

*ମା ଆଜଠାରୁ ଶ୍ରୀଅରବିନ୍ଦଙ୍କ ଲିଖିତ 'ଯୋଗର ଉପାଦାନ' ଗ୍ରନ୍ଥର ପାଠ ଆରମ୍ଭକରିଥିଲେ । ୧୯୩୩ ଓ ୧୯୩୬ ମଧ୍ୟରେ ଶ୍ରୀଅରବିନ୍ଦଙ୍କୁ ଯୋଗସମ୍ବନ୍ଧୀୟ ଯେଉଁସବୁ ମୌଳିକ ପ୍ରଶ୍ନ ପଚରା ଯାଉଥିଲା, ଗ୍ରନ୍ଥଟିରେ ତାହାର ଉତ୍ତରଗୁଡ଼ିକ ସନ୍ନିବେଶିତ ହୋଇ ରହିଛି ।*

*ନିମ୍ନଲିଖିତ ପ୍ରବଚନଟି ସେହି ଗ୍ରନ୍ଥର ପ୍ରଥମ ଅଧ୍ୟାୟ "ଆହ୍ୱାନ ଏବଂ ଯୋଗ୍ୟତା" ଓ ଦ୍ୱିତୀୟ ଅଧ୍ୟାୟ "ଯଥାର୍ଥ ଭିତ୍ତି" ଉପରେ ଆଧାରିତ ।*

ତୁମେମାନେ କେତୋଟି ପ୍ରଶ୍ନ ପଚାରିଥିଲ । ବର୍ତ୍ତମାନ ତୁମେମାନେ ତୁମର ସେହି ପ୍ରଶ୍ନଗୁଡ଼ିକ ବିଷୟରେ ଆଉ କେତୋଟି ପ୍ରଶ୍ନ ପଚାରିବ, ନୁହେଁ ?

ମାଆ, ଏଠାରେ ଲିଖିତ ଅଛି : ଆମ ଯୋଗରେ ଆପଣାର ଭୌତିକ ଚେତନାରେ ଏବଂ ଅତିମାନସ ଭୂମିରେ (ଦିବ୍ୟ ପରମ-ସତ୍ତ୍ୱଙ୍କ ସହିତ) ଯୁକ୍ତ ହେବା ହେଉଛି ଆମର ଲକ୍ଷ୍ୟ ।" —ତେବେ ଭୌତିକ ଚେତନା ଦିବ୍ୟ ପରମସତ୍ତ୍ୱଙ୍କ ସହିତ ଯୁକ୍ତ ହୋଇ-ପାରିଲେ କ'ଣ ତା'ପରେ ଯାଇ ରୂପାନ୍ତର ସମ୍ଭବ ହୋଇଯାଏ ?

ହଁ, ତା'ପରେ ଯାଇ ସମ୍ଭବ ହୁଏ; ମାତ୍ର ସଙ୍ଗେ ସଙ୍ଗେ ସମ୍ଭବ ହୋଇଯାଏ ନାହିଁ । ଭୌତିକ ଚେତନା ମଧ୍ୟକୁ ଦିବ୍ୟ ପରମସତ୍ତ୍ୱଙ୍କର ଅବତରଣ ଘଟିପାରିଲେ ଯାଇ—ବା, ବରଂ ଆହୁରି ଅଧିକ ଯଥାର୍ଥ ଭାବରେ ଏପରି କୁହାଯାଇ ପାରିବ,—ଭୌତିକ ଚେତନା ଯଦି ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତ୍ୱଙ୍କ ଲାଗି ଗ୍ରହଣଶୀଳ ହୋଇ ରହିଥିବ—ତେବେ ତା'ପରେ ରୂପାନ୍ତର ସ୍ୱଭାବତଃ ସମ୍ଭବ ହୋଇପାରିବ । ମାତ୍ର, କୌଣସି କୁହୁକବାଡ଼ି ବୁଲାଇଦେବା ଦ୍ୱାରା କଦାପି କୌଣସି ରୂପାନ୍ତର ସମ୍ଭବ ହେବ ନାହିଁ । ଏଥିଲାଗି ସମୟ ଲାଗେ ଓ ଏହା ଉତ୍ତରୋତ୍ତର ଭାବରେ ହେଉଥାଏ ।

ମାତ୍ର ଭୌତିକ ଚେତନା ଥରେ ଯୁକ୍ତ ହୋଇପାରିଲେ ଏହା ଅବଶ୍ୟ ସମ୍ଭବ ହୁଏ, ନୁହେଁ ?

'oaob.nitrkl.ac.in' images reprocessed

ତୁମକୁ ମୁଁ ଏବିଷୟରେ ଟିକିଏ ପରେ କହିବି !

କାରଣ, ଯଦି ସେତିକି ହେଉଥାଏ, ତେବେ ତାହାକୁ ତ ସର୍ବଶେଷ ଲକ୍ଷ୍ୟ ବୋଲି ଆଦୌ କୁହାଯାଇ ପାରିବ ନାହିଁ !* ଯଦି ତା'ପରେ ରୂପାନ୍ତର ମଧ୍ୟ ସମ୍ଭବ ନ ହୁଏ !

ନାଇଁ । ଆମେ ଯାହାକୁ ସର୍ବଶେଷ ଲକ୍ଷ୍ୟ ବୋଲି କହିଥାଉ, ଏହା ସେଇଟି ଆଦୌ ନୁହେଁ । ମାତ୍ର ରୂପାନ୍ତର ତା'ପରେ ଅବଶ୍ୟ ଆସିବ, ସ୍ୱୟଂସିଦ୍ଧ ଭାବରେହିଁ ଆସିବ । ମାତ୍ର ଏଠାରେ ମୁଁ ସମଗ୍ରତାର ଭିନ୍ନ ଭିନ୍ନ ମାତ୍ରା ବିଷୟରେ କହୁଛି ଅର୍ଥାତ୍ ସଂପୂର୍ଣ୍ଣତାର ଭିନ୍ନ ଭିନ୍ନ ମାତ୍ରା ବିଷୟରେ କହୁଛି । ଏହି ରୂପାନ୍ତରର ବି ସମ୍ଭବତଃ ଅନେକ ସ୍ତର ରହିଛି, ତେଣୁ ସେହି ସଂପୂର୍ଣ୍ଣତା ସଂପୂର୍ଣ୍ଣ ଭାବରେ ଆସିବ ବୋଲି କଦାପି ନିଶ୍ଚିତ ଭାବରେ କୁହାଯାଇ ପାରିବ ନାହିଁ । ଏଣୁ, ଆମେ ଏହିପରି ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ରୂପାନ୍ତରର କଥା କହିଥାଉ; ଏହା ଆମକୁ ଏପରି ଏକ ଧାରଣା ଦେଇଯାଇଥାଏ ଯେ, ଯାହା ଘଟିବାକୁ ଯାଉଛି, ତାହା ସ୍ୱୟଂ ଆପଣାକୁ ସର୍ବୋତ୍ତମ ଭାବରେ ପ୍ରତିଷ୍ଠିତ କରି ଆଣିବ;—ମୁଁ ଭାବୁଛି ଯେ ତାହା କ୍ରମଶଃ ସେହି ସ୍ତରରେ ଆସି ପହଞ୍ଚେ । ଯଦି ଆମର ଏହି ପଥରେ କୌଣସି ବାଧା ଥାଏ, ତେବେ ସେହି ବାଧାଗୁଡ଼ିକ ଅନ୍ତର୍ହିତ ହୋଇଯିବ; ଯେଉଁମାନେ ଅସୁସ୍ଥ ଅଛନ୍ତି, ସେମାନଙ୍କର ଅସୁସ୍ଥତା ଦୂର ହୋଇଯିବ; ଏବଂ ପୁନଶ୍ଚ ଯଦି ଭୌତିକ ସ୍ତରରେ କୌଣସି ଅଭାବ ଥାଏ, ତେବେ ସେହି ଅଭାବଗୁଡ଼ିକ ମଧ୍ୟ ଅନ୍ତର୍ହିତ ହୋଇଯିବ । ଏହିପରି ଭାବରେ ସବୁକିଛି ହେବ । ମାତ୍ର ସବୁକିଛି ଭାରି ଅସ୍ପଷ୍ଟ ହୋଇ ରହିଛି, କେବଳ ଏକ ଧାରଣା ଆକାରରେ ରହିଛି ।

ଏହି କ୍ଷେତ୍ରରେ ଏକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ କଥା ରହିଛି : କୌଣସି ବସ୍ତୁ ଠିକ୍ ଉପଲବ୍ଧ ହେବାର ଅବସ୍ଥାରେ ଆସି ନ ପହଞ୍ଚିବା ପର୍ଯ୍ୟନ୍ତ ଭୌତିକ ଅର୍ଥାତ୍ ଦେହର ଚେତନା ସୁନିର୍ଦ୍ଦିଷ୍ଟ ଏବଂ ବିଶଦ ଭାବରେ ସେହି ବିଷୟରେ ଆଦୌ କିଛି ଜାଣିପାରେ ନାହିଁ । ଏବଂ, ଉଦାହରଣସ୍ୱରୂପ, ଯେତେବେଳେ ପ୍ରକ୍ରିୟାଟି, ଅର୍ଥାତ୍, ଗତିସ୍ପନ୍ଦନ ଏବଂ ରୂପାନ୍ତରଗୁଡ଼ିକର ଠିକ୍ କେଉଁ ପୂର୍ବାପର କ୍ରମରେ ସମଗ୍ର ରୂପାନ୍ତରଟି ଯେ ସମ୍ଭବ ହେବାକୁ ଯାଉଛି,—ଅନ୍ୟଭାଷାରେ କହିଲେ, ତାହା ଠିକ୍ କେଉଁ ଧାରାରେ ଓ କେଉଁ ମାର୍ଗରେ ସଂଘଟିତ ହେବାକୁ ଯାଉଛି, ସେହି ପ୍ରକ୍ରିୟାଟି ଯେତେବେଳେ ବୋଧଗମ୍ୟ ହୋଇଯାଏ, ସେତେବେଳେ

*"ଦିବ୍ୟ ପରମସତ୍ତ୍ୱଙ୍କ ସହିତ ସଂପୂର୍ଣ୍ଣ ଭାବରେ ଯୁକ୍ତ ହେବା,— ତାହାହିଁ ସର୍ବଶେଷ ଲକ୍ଷ୍ୟ ।"

'oaob.nitrkl.ac.in' images reprocessed

ତାହାକୁହିଁ ଏହାର ଏକ ସୁନିଶ୍ଚିତ ସଙ୍କେତ ବୋଲି ବୁଝାଯାଇ ପାରିବ । ସର୍ବପ୍ରଥମେ କ'ଣ ଘଟିବ ? ତା'ପରେ କ'ଣ ଘଟିବ ? —ଏହି ସବୁକିଛୁ ଯେତେବେଳେ ବିଶଦ ଭାବରେ ବୋଧଗମ୍ୟ ହୋଇଯିବ । ଯେତେବେଳେ ଏକ ପ୍ରକ୍ରିୟାର ବିଶଦ କ୍ରମଗୁଡ଼ିକ ନିର୍ଭୁଲ ଭାବରେ ଦୃଷ୍ଟିଗୋଚର ହେବ, ସେତେବେଳେ ସେଇଥିରୁ ବୁଝିବାକୁ ହେବ ଯେ ଏଇଟି ଅଚିରେହିଁ ଉପଲବ୍ଧ ହେବାକୁ ଯାଉଛି ।

ସମଗ୍ରଟିକୁ ଦେଖିବାକୁ ସମର୍ଥ ହେବା ଅବଶ୍ୟ ସମ୍ଭବ । ଉଦାହରଣସ୍ୱରୂପ, ଏହା ଅତ୍ୟନ୍ତ ସୁନିଶ୍ଚିତ ଯେ, ଶରୀର-ଚେତନାର ରୂପାନ୍ତର ସର୍ବପ୍ରଥମେ ଘଟିବ; ତା'ପରେ ଶରୀରର ଯାବତୀୟ ଗତିକ୍ରିୟା ଉପରେ ଏକ କର୍ତ୍ତୃତ୍ୱ ଓ ନିୟନ୍ତ୍ରଣ ଅର୍ଜନ କରିବା ସମ୍ଭବ ହେବ, ଏହି କର୍ତ୍ତୃତ୍ୱରେ ଏକ କ୍ରମପରିବର୍ତ୍ତନ ଘଟୁଥିବ (ଏହିଠାରୁ କଥାଟି ଅଧିକ ଅସ୍ପଷ୍ଟ ହେବାକୁ ଆରମ୍ଭ କରୁଛି), କ୍ରମଶଃ ସ୍ୱୟଂ ଗତିକ୍ରିୟାଟିରେହିଁ ଏକ ପ୍ରକାରର ପରିବର୍ତ୍ତନ ସଂଘଟିତ ହେବ : ଅଦଳବଦଳ ହେଉଥିବ ଓ ପରିବର୍ତ୍ତନ ଘଟୁଥିବ । ଏହା ସୁନିଶ୍ଚିତ ଭାବରେ ଘଟିବ । ମାତ୍ର, ଯାହା ସବା ଶେଷକୁ ଘଟିବ, ଶରୀରର ଅଙ୍ଗଗୁଡ଼ିକ ବି ରୂପାନ୍ତରିତ ହୋଇଯିବେ ଅର୍ଥାତ୍ ଯାବତୀୟ ଶରୀରାଙ୍ଗର ସ୍ଥାନାପନ୍ନ ଭାବରେ ବିଭିନ୍ନ ଗୁଣ ଓ ପ୍ରକାରର ଶକ୍ତି-ସଂକେନ୍ଦ୍ରଣର (ଶକ୍ତିଗୁଡ଼ିକର ସଂକେନ୍ଦ୍ରଣ ଏବଂ ସକ୍ରିୟତା) ଏକାଧିକ ବିକଳ୍ପ-କେନ୍ଦ୍ର ପ୍ରତିଷ୍ଠିତ ହେବ ବୋଲି ଶ୍ରୀଅରବିନ୍ଦ ଆପଣାର ଗୋଟିଏ ଲେଖାରେ* ଯାହା କହିଛନ୍ତି, ସିଏ ଆହୁରି ଅନେକ ଦୂରରେ ଯାଇ ରହିଛି, ଏପରି ଏକ ବସ୍ତୁ ହୋଇ ରହିଛି···ଯାହାକୁ ସମ୍ପାଦିତ କରିବାର ସାଧନଗୁଡ଼ିକହିଁ ବର୍ତ୍ତମାନ ବୋଧଗମ୍ୟ ହେବ ନାହିଁ । ଏଠାରେ, ହୃଦ୍‌ଯନ୍ତ୍ରକୁ ଦୃଷ୍ଟାନ୍ତରୂପେ ନିଆଯାଉ : ସମଗ୍ର ଶରୀରରେ ରକ୍ତର ପ୍ରବାହନ କରାଇବା ହେଉଛି ହୃଦ୍‌ଯନ୍ତ୍ରର ପ୍ରଧାନ କ୍ରିୟା, ଏବଂ, କିପରି ଭାବରେ ଏହି କ୍ରିୟାଟିର ସ୍ଥାନାପନ୍ନ ଭାବରେ ଶକ୍ତିର ଏକ ସଂକେନ୍ଦ୍ରଣର ପ୍ରତିଷ୍ଠା ହୋଇ ପାରିବ ? ଏକ ପ୍ରକାରର ଶକ୍ତି କାର୍ଯ୍ୟକାରୀ ହେବା ଫଳରେ ରକ୍ତର ଏକ ବିକଳ୍ପ ସମ୍ଭବ ହୋଇ ପାରିବ ? ଏହିପରି ଏଠାରେ ଯାବତୀୟ ପ୍ରଶ୍ନର ଉତ୍ଥାପନ ହେବ । ଶକ୍ତିଗୁଡ଼ିକର ଏକ ଅନ୍ୟପ୍ରକାର ସଂକେନ୍ଦ୍ରଣ ଦ୍ୱାରା ଫୁସ୍‌ଫୁସର ଏକ ବିକଳ୍ପ ସମ୍ଭବ ହେବ କିପରି,—ସେହି ଶକ୍ତି କିପରି ଶକ୍ତି, ସେହିସବୁ ସ୍ପନ୍ଦନ କେଉଁ ପ୍ରକାରର ସ୍ପନ୍ଦନ,—ଏବଂ ତାହା କିପରି ଭାବରେ ସମ୍ଭବ ହେବ ? ···ଏହି ସବୁକିଛୁ ବ୍ୟାପାର ଅନେକ ପରେ ବୋଧଗମ୍ୟ ହୋଇ ପାରିବ । ଏହା ବର୍ତ୍ତମାନ ଉପଲବ୍ଧ ହେବ ନାହିଁ । ଆମେ ଏହାର ଏକ ଆଭାସ ପାଇପାରିବା, ଏବିଷୟରେ କିଛି ପୂର୍ବେଦୃଷ୍ଟି ଲାଭ କରିପାରିବା ସତ, ମାତ୍ର···

*"ଦିବ୍ୟ ଶରୀର", ଶତବାର୍ଷିକୀ ଗ୍ରନ୍ଥ, ୧୭ଶ ଖଣ୍ଡ, ପୃଷ୍ଠା ୨୦–୪୦

'oaob.nitrkl.ac.in' images reprocessed

ଶରୀରର କ୍ଷେତ୍ରରେ, ଜାଣିବା ହେଉଛି କାର୍ଯ୍ୟରେ ପରିଣତ କରିବାର ସାମର୍ଥ୍ୟ ହାସଲ କରିବା । ମୋ'ର ହଠାତ୍ ଯେଉଁ ଉଦାହରଣଟି ମନେ ପଡ଼ୁଛି, ମୁଁ ବର୍ତ୍ତମାନ ତୁମମାନଙ୍କୁ ସେହି ଉଦାହରଣଟି ଦେବି । ଜିମ୍‌ନାଷ୍ଟିକ୍ କଲାବେଳେ ଗତି ଓ କ୍ରିୟାଗୁଡ଼ିକ କିପରି ଭାବରେ ହୁଏ, କେବଳ ଜିମ୍‌ନାଷ୍ଟିକ୍ କରୁଥିବା ସମୟରେହିଁ ତାହା ଜାଣିବା ସମ୍ଭବ ହୁଏ । ଯେତେବେଳେ ତୁମେ ଏହାକୁ ଭଲ ଭାବରେ କରିଆସ, ସେତେବେଳେ ଯାଇ ତୁମେ ତାହାକୁ ଜାଣିବାରେ ସମର୍ଥ ହୁଅ, ବୁଝିପାର; ମାତ୍ର ତା'ପୂର୍ବରୁ ସେକଥା ମୋଟେ ସମ୍ଭବ ହୁଏ ନାହିଁ । ତେଣୁ କାର୍ଯ୍ୟରେ କରିପାରିବାର ଶକ୍ତି,—ତାହାହିଁ ଶାରୀରିକ ଜ୍ଞାନ । ଏବଂ ଏହି ସତ୍ୟଟି ସକଳ କ୍ଷେତ୍ରରେ ପ୍ରଯୁଜ୍ୟ, ରୂପାନ୍ତରର କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ।

ଏହି କଥାଟି ପ୍ରକୃତରେ କିପରି ଘଟିବାକୁ ଯାଉଛି, ପୂର୍ଣ୍ଣ ଜ୍ଞାନ ସହିତ ତାହା କହି ପାରିବା ଲାଗି ବର୍ତ୍ତମାନ ଆହୁରି କେତେ ବର୍ଷ ଲାଗିବ । ମାତ୍ର ମୁଁ ତୁମମାନଙ୍କୁ ଏବେ କେବଳ ଏତିକି କହିପାରିବି ଯେ, ସେହି ପ୍ରକ୍ରିୟାଟି ବର୍ତ୍ତମାନ ଆରମ୍ଭ ହୋଇ ଗଲାଣି । ଆଗାମୀ ଏପ୍ରିଲ ୨୪ ତାରିଖରେ ବାହାରିବାକୁ ଥିବା ବୁଲେଟିନ୍‌ର ସଂଖ୍ୟାଟିକୁ ତୁମେମାନେ ମନୋଯୋଗ ସହିତ ପାଠକରିବ, ସେଥିରୁ ଦେଖିବାକୁ ପାଇବ ଯେ ପ୍ରକ୍ରିୟାଟି ଆରମ୍ଭ ହୋଇଗଲାଣି । ତଥାପି, ଏହାର ପ୍ରକୃତ ଅର୍ଥଟିକୁ ମୁଁ ତୁମମାନଙ୍କୁ ବ୍ୟାଖ୍ୟା କରି କହିପାରିବି କି ନାହିଁ, ବସ୍ତୁତଃ ସେକଥା ପରେ ଦେଖାଯିବ । ବୁଝିଲ ?

ଆଉ କୌଣସି ପ୍ରଶ୍ନ ?

> ମାଆ, "ପରେ" ଅର୍ଥାତ୍ ଠିକ୍ କେତେବେଳେ ? ଆପଣ କେବେ ଏହାକୁ ବ୍ୟାଖ୍ୟା କରି କହିବେ ?

କେବେ ବ୍ୟାଖ୍ୟା କରି କହିବି ? ମୁଁ ସେକଥା କହି ପାରିବି ନାହିଁ ।

> "ସାଧନାରେ ସକ୍ରିୟତା ଓ ନିଷ୍କ୍ରିୟତାର ପ୍ରକୃତ ଅର୍ଥ,"—ମୁଁ ଏହି କଥାଟିକୁ ଭଲଭାବରେ ବୁଝିପାରିଲି ନାହିଁ ।

ସକ୍ରିୟତା ଓ ନିଷ୍କ୍ରିୟତା କହିଲେ କ'ଣ ବୁଝାଏ, ସେକଥା ତୁମେ ଜାଣି ନାହଁ ? ତୁମେ ଏହି ଶବ୍ଦ ଦୁଇଟିର ଅର୍ଥ ଜାଣିଛ ?

> ହଁ ।

ଜାଣିଛ ? ତେବେ ତୁମେ ସକ୍ରିୟ ଅଛ ବୋଲି କହିଲେ ତାହାକୁ ଆମେ କି ଅର୍ଥରେ ବୁଝିବା ?

'oaob.nitrkl.ac.in' images reprocessed

ମୁଁ ଯେତେବେଳେ କାର୍ଯ୍ୟ କରୁଛି ।

କାର୍ଯ୍ୟ କରୁଛ ? ଠିକ୍ କଥା । ମାତ୍ର ଯେତେବେଳେ ନିଷ୍କ୍ରିୟ ହୋଇ ରହିଛ, ଯେତେବେଳେ ଶୋଇଛ ? (ସମସ୍ତେ ହସିଲେ)

ମୁଁ ଯେତେବେଳେ ଅଳସୁଆ ହୋଇ ରହିଥାଏ, ଯେତେବେଳେ ମୁଁ କିଛି କରିପାରେ ନାହିଁ···

ନାହିଁ, ହେ ମୋର ଶିଶୁ, ସେକଥା ମୋଟେ ନୁହେଁ । ନିଷ୍କ୍ରିୟତା କହିଲେ ମୋଟେ ଆଳସ୍ୟକୁ ବୁଝାଏ ନାହିଁ । ଯେତେବେଳେ ତୁମେ ଆପଣାର ଶକ୍ତିକୁ ବାହାରକୁ ନିକ୍ଷିପ୍ତ କରିଦିଅ, ଅର୍ଥାତ୍ ଯେତେବେଳେ ତୁମ ପାଖରୁ କୌଣସି ଉପାଦାନ ନିର୍ଗତ ହୋଇ ଆସୁଥାଏ—ଏକ ଗତିସ୍ପନ୍ଦନ ରୂପେ, ଏକ ଭାବନା ବା ଏକ ଅନୁଭବ ରୂପେ—ଯେତେବେଳେ ତୁମ ଭିତରୁ କିଛି ନିର୍ଗତ ହୋଇ ଅନ୍ୟମାନଙ୍କ ପାଖକୁ ବା ଜଗତ ଭିତରକୁ ଗତି କରୁଥାଏ, ସେତେବେଳେ ତାହାକୁ ଏକ ସକ୍ରିୟ ଗତିସ୍ପନ୍ଦନ ବୋଲି କୁହାଯିବ । ଯେତେବେଳେ ତୁମେ କେବଳ ଆପେ ହୋଇ ରହିଥିବ, ଏହିପରି ଭାବରେ ଖୋଲା ହୋଇ ରହିଥିବ ଓ ଯାହାକିଛି ବାହାରୁ ଆସୁଛି, କେବଳ ତାହାକୁହିଁ ଗ୍ରହଣ କରି ନେଉଥିବ, ସେତେବେଳେ ତାହାକୁହିଁ ନିଷ୍କ୍ରିୟତା ବୋଲି କୁହାଯିବ । ତୁମେ କୌଣସି କାର୍ଯ୍ୟ କରୁଛ କି ସ୍ଥିର ହୋଇ ବସିଛ, ଏହି କଥାଟି ତାହା ଉପରେ ଆଦୌ ନିର୍ଭର କରିବ ନାହିଁ । ଏହା ଆଦୌ ସେପରି ନୁହେଁ । ସକ୍ରିୟ ହେବାର ଅର୍ଥ ହେଉଛି ତୁମ ଭିତରେ ରହିଥିବା ଚେତନାକୁ, ଶକ୍ତିକୁ ଅଥବା ଗତିସ୍ପନ୍ଦନକୁ ବାହାର ଆଡ଼କୁ ନିକ୍ଷେପ କରିବା । ନିଷ୍କ୍ରିୟତାର ଅର୍ଥ ହେଉଛି ନିଶ୍ଚଳ ହୋଇ ରହିବା ଏବଂ ଯାହା ବାହାରୁ ଆସୁଛି, ତାହାକୁ ଗ୍ରହଣ କରିବା । ଏଠାରେ ସେହିପରିହିଁ କୁହାଯାଇଛି··· କ'ଣ କୁହାଯାଇଛି ମୋର ମନେ ନାହିଁ··· (ମାଆ ପୁସ୍ତକଟିର ପୃଷ୍ଠା ଓଲଟାଇବାକୁ ଲାଗିଲେ) ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ! "ଅଭୀପ୍ସାର ସକ୍ରିୟତା,"— ତାହାର ଅର୍ଥ ହେଉଛି ଯେ ତୁମର ଅଭୀପ୍ସା ତୁମ ଭିତରୁ ବାହାରି ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଉତ୍ତୋଳିତ ହୋଇଯାଉଛି । ତୁମର ତପସ୍ୟାରେ ଏହା ହେଉଛି, ତୁମେ ଆଚରଣ କରୁଥିବା ଶୃଙ୍ଖଳାଟିରେ ହେଉଛି; ଏବଂ ଯେତେ-ବେଳେ ଏହି କ୍ଷେତ୍ରରେ ତୁମ ସାଧନାର ପ୍ରତିକୂଳ ହେଉଥିବା ଶକ୍ତିଗୁଡ଼ିକ ଆସି ଉପସ୍ଥିତ ହେଉଛନ୍ତି, ସେତେବେଳେ ତୁମେ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଦେଉଛ । ଏହା ହେଉଛି ସକ୍ରିୟତାର ଗତିସ୍ପନ୍ଦନ ।

ମାତ୍ର, ଯଦି ତୁମେ ଯଥାର୍ଥ ପ୍ରେରଣା, ଯଥାର୍ଥ ମାର୍ଗଦର୍ଶନ ଓ ମାର୍ଗ-ଦର୍ଶକଙ୍କୁ ଲାଭ କରିବାକୁ ଇଚ୍ଛା କରୁଥାଅ, ଯଦି ତୁମେ ଯଥାର୍ଥ ଶକ୍ତିର ଅଧିକାରୀ

'oaob.nitrkl.ac.in' images reprocessed

ହେବାକୁ, ଯେଉଁ ଶକ୍ତି ତୁମର ମାର୍ଗଦର୍ଶକ ହୋଇ ରହିବ ଏବଂ ତୁମକୁ ଯଥାର୍ଥ କ୍ରିୟା ଲାଗି ଯୋଗ୍ୟ କରି ତିଆରି କରିବ, ଯଦି ତୁମେ ସେହି ଶକ୍ତିଟିକୁ ହାସଲ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ଆଉ ହଲଚଲ ହେବାକୁ ପଡ଼ିବ ନାହିଁ । ଏହାର ଅର୍ଥ ନୁହେଁ ଯେ ତୁମେ ଏଠାକୁ ବା ସେଠାକୁ ଯିବା ବନ୍ଦ କରିଦେବ; ମାତ୍ର ତୁମ ଭିତରୁ ଆଉ କିଛିହେଲେ ବାହାରକୁ ବାହାରୁ ନ ଥିବ ଏବଂ ଅନ୍ୟ ପକ୍ଷରେ, ତୁମେ ନିଷ୍ପନ୍ଦପ୍ରାୟ ହୋଇ ରହିଥିବ, ମାତ୍ର ଉନ୍ମୁକ୍ତ ହୋଇ ରହିଥିବ ଏବଂ ସେହି ମହାନ୍ ଶକ୍ତି ତୁମ ଭିତରେ ଆସି ପ୍ରବେଶ କରିବାକୁ ଅପେକ୍ଷା କରି ରହିଥିବ ଏବଂ ତା'ପରେ ଯାହା ତୁମ ଭିତରକୁ ଆସୁଛି, ତାହାକୁ ଗ୍ରହଣ କରିପାରିବା ଲାଗି ତୁମେ ଆପଣାକୁ ଯଥାସମ୍ଭବ ଅଧିକ ପ୍ରଶସ୍ତ ଭାବରେ ଉନ୍ମୋଚିତ କରି ରଖିବ । ଏବଂ ସେହି କାର୍ଯ୍ୟଟି ହେଉଛି : ବାହାରକୁ ନିର୍ଗତ ହୋଇ ଯାଉଥିବା ସ୍ପନ୍ଦନଗୁଡ଼ିକର ବଦଳରେ ଏକ ପ୍ରକାରର ଅବିଚଳ ସ୍ଥିରତା ରାଜତ୍ୱ କରୁଥିବ, ମାତ୍ର ସବୁକିଛି ସମ୍ପୂର୍ଣ୍ଣ ଭାବରେ ଉନ୍ମୁକ୍ତ ହୋଇ ରହିଥିବ; ସତେଯେପରି ଏହିପରି ଭାବରେ ତୁମେ ସେହି ଶକ୍ତିଟି ଉଦ୍ଦେଶ୍ୟରେ ଆପଣାର ସକଳ ଲୋମକୂପକୁ ଉନ୍ମୁକ୍ତ କରିଦେଇଛ, ଯେଉଁ ଶକ୍ତି କି ଅବଶ୍ୟ ତୁମ ଭିତରକୁ ଅବତୀର୍ଣ୍ଣ ହୋଇ ଆସିବ ଓ ତୁମର କ୍ରିୟା ତଥା ତୁମର ଚେତନାକୁ ରୂପାନ୍ତରିତ କରିଦେବ ।

ଗ୍ରହଣଶୀଳତା ହେଉଛି ଏକ ମନୋହର ନିଷ୍କ୍ରିୟତାର ପରିଣାମ ।

**କିନ୍ତୁ ମାଆ, ନିଷ୍କ୍ରିୟ ହୋଇପାରିବା ସକାଶେ ମଧ୍ୟ ଏକ ପ୍ରୟାସ କରିବାକୁ ହୁଏ, ନୁହେଁ କି ?**

ଅବଶ୍ୟ ଯେ କରିବାକୁ ହୁଏ, ସେକଥା କଦାପି ନୁହେଁ । ସବୁକିଛି ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରେ । ଏକ ପ୍ରୟାସ କରିବାକୁ ହେବ ? ···ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ବିଷୟରେ ଭାବିବାକୁ ପଡ଼ିବ, ସେଥିଲାଗି ଇଚ୍ଛା ବି କରିବାକୁ ପଡ଼ିବ । ମାତ୍ର ଦୁଇଟିଯାକ ଏକାବେଳେକେ ମଧ୍ୟ ସମ୍ଭବ ହୋଇପାରେ; ଏପରି ଗୋଟିଏ କ୍ଷଣ ଆସି ପହଞ୍ଚେ ଯେତେବେଳେ କି ଅଭୀପ୍ସା ଏବଂ ଅକ୍ରିୟତା ଦୁଇଟିଯାକ କେବଳ ପୂର୍ବାପର ହୋଇ ଯେ ସମ୍ଭବ ହେବେ ତା' ନୁହେଁ, ଯୁଗପତ୍ ଭାବରେ ମଧ୍ୟ ସମ୍ଭବ ହୋଇ ପାରିବେ । ତୁମେ ଯୁଗପତ୍ ଭାବରେ ଅଭୀପ୍ସାର ଏକ ସ୍ଥିତିରେ ରହିପାରିବ, କୌଣସି ବସ୍ତୁର ଅବତରଣ ଘଟାଇବାକୁ ତାହାର ଆବାହନ କରୁଥିବା ଏକ ଇଚ୍ଛାକୁ ସମ୍ଭବ କରି ପାରିବ,—ଆପଣାକୁ ଉନ୍ମୋଚିତ କରିଦେବାକୁ ଏବଂ ଗ୍ରହଣ କରିବାକୁ ଇଚ୍ଛା କରିପାରିବ,—ଏବଂ ସେହି ସମ୍ପୂର୍ଣ୍ଣ ଅନ୍ତର୍ଗତ ସ୍ଥିରତାର ଅବସ୍ଥାରେ ମଧ୍ୟ ରହି ପାରୁଥିବ, ଯାହାକି ପୂର୍ଣ୍ଣ ପ୍ରବେଶ ଲାଗି ବାଟ ଛାଡ଼ିଦେଇଥାଏ; କାରଣ ଠିକ୍

'oaob.nitrkl.ac.in' images reprocessed

ଏହିପରି ଏକ ସ୍ଥିର ଅବସ୍ଥାରେହିଁ ତୁମେ ଆପଣା ଭିତରେ ସେହି ପ୍ରବେଶକୁ ସମ୍ଭବ କରିପାରିବ, ସେହି ଅବସ୍ଥାରେହିଁ ପରମ ଶକ୍ତିମନ୍ତ୍ର ତୁମ ଭିତରକୁ ଭେଦ କରିଯାଇ ପାରିବ । ହଁ, ଦୁଇଟିଯାକ ଅବଶ୍ୟ ଯୁଗପତ୍ ଭାବରେ ସମ୍ଭବ ହେବ, ଏବଂ ଗୋଟିଏ ଅନ୍ୟଟିର ପଥରେ କଦାପି ବାଧା ହୋଇ ଠିଆହେବ ନାହିଁ । ଅଥବା, ଏହି ଦୁଇଟିଯାକ ସ୍ଥିତି ପରସ୍ପର ଲାଗି ଏପରି ଘନିଷ୍ଠ ଭାବରେ ବାନ୍ଧି ହୋଇ ରହିଥିବେ ଯେ, ସେମାନଙ୍କ ମଧ୍ୟରେ ଏକ ଭେଦ ରହିଛି ବୋଲି କ୍ୱଚିତ୍ ଅନୁଭବ କରିହେଉଥିବ । ମାତ୍ର, ଜଣେ ବ୍ୟକ୍ତି ପକ୍ଷରେ ଏହି ଦୁଇଟିଯାକ ହେବା ଅବଶ୍ୟ ସମ୍ଭବ ହେବ,—ସିଏ ଏକ ପକ୍ଷରେ ଅଗ୍ନିପ୍ରସାର ଏକ ଊର୍ଦ୍ଧ୍ୱଗାମୀ ଶିଖା ହୋଇ ରହିପାରିବ, ଏବଂ ଯୁଗପତ୍ ଭାବରେ, ସେହି ଶିଖା ତା'ଲାଗି ସତେଅବା ଏକ ପାତ୍ର, ଏକ ବୃହତ୍ ପାତ୍ର ହୋଇ ରହିଥିବ ଏବଂ ଯାହା ଊର୍ଦ୍ଧ୍ୱରୁ ଅବତରଣ କରି ଆସୁଥିବ, ତାହାକୁ ଗ୍ରହଣ କରିବା ନିମନ୍ତେ ଆପଣାକୁ ଉନ୍ମୋଚିତ କରି ରଖିଥିବ ।

ଏବଂ, ଦୁଇଟିଯାକ କଥା ଏକାସମୟରେ ହୋଇପାରିବ । ଏବଂ ଆମେ ଯେତେବେଳେ ଏକାବେଳେକେ ଏହି ଦୁଇଟିଯାକର ଅଧିକାରୀ ହୋଇପାରିବା, ସେତେବେଳେ ଆମେ ଯେତେବେଳେ ଯାହା କରୁଥିବା ପଛକେ, ସର୍ବଦାହିଁ ସେହି ଦୁଇଟିଯାକକୁ ଧରିରଖି ପାରିବା ଲାଗି ସମର୍ଥ ହେଉଥିବା । ଏହି କ୍ଷେତ୍ରରେ ହୁଏତ ଚେତନାର କ୍ଷେତ୍ରରେ କିଛିତ୍ ପରିମାଣରେ ଅର୍ଥାତ୍ 'ପ୍ରାୟ ଦୃଶ୍ୟ ନ ହେଲା ପରି ଏକ ବିସ୍ଥାପନ ଘଟିପାରେ, ଯାହାକି ପ୍ରଥମେ ସେହି ଶିଖାଟି ବିଷୟରେ ସଜ୍ଞାନ ହେଉଥିବ ଏବଂ ତା'ପରେ ଯାଇ ଗ୍ରହଣ କରିବା ଲାଗି ଉନ୍ମୋଚିତ ହୋଇ ରହିଥିବା ପାତ୍ରଟି ବିଷୟରେ ସଜ୍ଞାନ ହେଉଥିବ । ଯାହା ପରିପୂର୍ଣ୍ଣ ହେବା ଲାଗି ବାସନା ରଖିଛି ଏବଂ ଯାହାଦ୍ୱାରା ଏହି ପାତ୍ରଟି ପୂର୍ଣ୍ଣ ହୋଇପାରିବ, ତାହାକୁହିଁ ନିମ୍ନକୁ ଆବାହନ କରି ଆଣିବାକୁ ଯେଉଁ ଶିଖାଟି ଊର୍ଦ୍ଧ୍ୱକୁ ଉଠିବାରେ ଲାଗିଛି,—ଦୁଇଟି ମଧ୍ୟରେ ଏକ ପୂର୍ବାପରବୋଧ ଆଣି ଦେଉଥିବା ଏକ ଗତିର ସଞ୍ଚାରଣ ହେବାରେ ଲାଗିଥିବ; ଏବଂ ଏହି ଦୁଇଟିଯାକ ଗତି ପରସ୍ପରର ଏତେ ସନ୍ନିକଟ ହୋଇ ରହିଥିବେ ଯେ ଦୁଇଟିଯାକ ସତେଅବା ଏକାବେଳେକେ ସଂଘଟିତ ହେଉଥିବା ପରି ବୋଧ ହେବାରେ ଲାଗିଥିବ ।

(ମାଆ ନୀରବ ରହିଲେ)

ଶରୀର ରୂପାନ୍ତର ଲାଗି ପ୍ରସ୍ତୁତ ହୋଇ ଆସୁଥିବା ସଙ୍ଗେ ସଙ୍ଗେ ଆମେ କ୍ରମଶଃ ଏହି କଥାଟିକୁ ଆବିଷ୍କାର କରିବାକୁ ସମର୍ଥ ହେଉଥିବା । ଏହାକୁ ପ୍ରକୃତରେ ଏକ ଚମତ୍କାର ଯନ୍ତ୍ର ବୋଲି କୁହାଯାଇ ପାରିବ, କାରଣ ତାହା ଯୁଗପତ୍ ଭାବରେ

'oaob.nitrkl.ac.in' images reprocessed

ଏହି ଦୁଇଟିଯାକ ବିପରୀତ କଥାକୁହିଁ ଅନୁଭବ କରିବାରେ ସମର୍ଥ ହୋଇଥାଏ । ଏହି ଶରୀର-ଚେତନାର ଏପରି ଏକ ନିର୍ଦ୍ଦିଷ୍ଟ ସ୍ଥିତି ରହିଛି, ଯାହାକି ବିଭିନ୍ନ ବସ୍ତୁକୁ ଏକତ୍ର କରି ଆଣିପାରେ, ଅନ୍ୟ ନାନା ଚେତନାରେ ଅଲଗା ଅଲଗା ଏକ ପୂର୍ବାପର ସମ୍ବନ୍ଧରେ ରହିଥିବା ଓ ଏପରିକି ଆହୁରି କେତେକ ସ୍ଥିତିରେ ପରସ୍ପରର ବିରୋଧ କରୁଥିବା ବସ୍ତୁଗୁଡ଼ିକୁ ଗୋଟିଏ ସମଗ୍ର ଭିତରକୁ ଏକାଠି କରି ଆଣିଥାଏ । ମାତ୍ର. ଯଦି ପ୍ରାଣିକ ଏବଂ ମାନସିକ କ୍ଷେତ୍ରରେ ଆମେ ସେହି ସ୍ଥିତିରେ ଯାଇ ପହଞ୍ଚି ପାରିଥିବା ଓ ପରସ୍ପରର ବିରୋଧୀ ହୋଇ ରହିଥିବା ଉପାଦାନଗୁଡ଼ିକୁ ଏକ ସମଞ୍ଜସତା ମଧ୍ୟରେ ଅନ୍ତର୍ଗତ କରି ଆଣିବାକୁ (ତାହା ଏକାନ୍ତ ଅପରିହାର୍ଯ୍ୟ) ଯଥେଷ୍ଟ ପରିମାଣରେ ଏକ ବିକାଶ ହାସଲ୍ କରି ପାରିଥିବା, ଯେତେବେଳେ ଆମେ ଏହି କାର୍ଯ୍ୟଟିକୁ କରିବାରେ ସଫଳ ହୋଇ ପାରୁଥିବା,—ଏଭଳି ଅନେକ ମୁହୂର୍ତ୍ତ ଥାଏ, ଯେତେବେଳେ ଏଇଟି ପୂର୍ବାପର ଭାବରେ ଘଟୁଥାଏ, ଅର୍ଥାତ୍ ସେତେବେଳେ ଆଗ ଗୋଟିଏ ଆସୁଥାଏ ଏବଂ ତା'ପରେ ଯାଇ ଆଉ ଗୋଟିଏ ଆସୁଥାଏ,—ମାତ୍ର ଶରୀରର ଚେତନା ମଧ୍ୟରେ ଏପରି ଏକ ଚମତ୍କାର କଥା ଘଟୁଥାଏ ଯେ, ଏହା ଯୁଗପତ୍ ଭାବରେ ସକଳ ବସ୍ତୁକୁ ଅନୁଭବ କରିପାରେ (ଏଠାରେ "ଅନୁଭବ କରିପାରେ" ବୋଲି କୁହାଯାଇ ପାରିବ କି ?— "ପ୍ରତ୍ୟକ୍ଷ କରେ"—"ସଜ୍ଞାନ ହୁଏ" କଥାଟି ଦ୍ୱାରା ତାହା ସର୍ବୋତ୍ତମ ଭାବରେ ବ୍ୟକ୍ତ ହୋଇ ପାରିବ), ସତେଯେପରି ତୁମେ ଏକାବେଳେକେ ଗରମ ଓ ଥଣ୍ଡା ଉଭୟ ହୋଇ ରହିଛ, ସତେଯେପରି ଏକାବେଳେକେ ସକ୍ରିୟ ହୋଇ ରହିଛ ଓ ନିଷ୍କ୍ରିୟ ବି ହୋଇ ରହିଛ । ଏବଂ ତୁମେ ସବୁକିଛୁର କ୍ଷେତ୍ରରେ ଠିକ୍ ଏହିଭଳି ସଜ୍ଞାନ ହୋଇ ରହିଥାଅ । ସେତେବେଳେ କୋଷଗୁଡ଼ିକ ମଧ୍ୟରେ ହେଉଥିବା ଯାବତୀୟ ଗତିସ୍ପନ୍ଦନର ସମଗ୍ରତାଟି ତୁମର ବୋଧଗମ୍ୟ ହେବାକୁ ଆରମ୍ଭ କରେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଅନୁଭୂତିଟିକୁ ଅପେକ୍ଷାକୃତ ଏକ ଅଧିକ ମୂର୍ତ୍ତ ସ୍ତରର ଅନୁଭୂତି ବୋଲି କୁହାଯିବ, ମାତ୍ର ସତ୍ତାର ଅନ୍ୟାନ୍ୟ ଅଂଶଗୁଡ଼ିକର ତୁଳନାରେ ଶରୀର ମଧ୍ୟରେହିଁ ତାହା ଅନେକ ଅଧିକ ପୂର୍ଣ୍ଣତାପ୍ରାପ୍ତ ହୋଇଥାଏ । ଏହାର ଅର୍ଥ ହେଉଛି ଯେ, ଯଦି ସବୁକିଛି ଏହିପରି ଭାବରେ ଅବଚ୍ଛିନ୍ନ ହୋଇ ଗତି କରେ, ସେତେବେଳେ ତାହାର ଦ୍ୱାରା ଆମକୁ ଏହି କଥାଟିର ପ୍ରମାଣ ମିଳିଯିବ ଯେ ଏହି ଭୌତିକ ସ୍ତରର ଜଡ଼ଯନ୍ତ୍ରଟି ହେଉଛି ସକଳ ଯନ୍ତ୍ର ଅପେକ୍ଷା ଅଧିକ ସମ୍ପୂର୍ଣ୍ଣ ଓ ଅଧିକ ସମର୍ଥ । ଏବଂ ସମ୍ଭବତଃ ସେହି କାରଣରୁହିଁ ଏହାର ରୂପାନ୍ତର ଘଟାଇବା ସବୁଠାରୁ ଅଧିକ କଷ୍ଟସାଧ୍ୟ, ଏହି କ୍ଷେତ୍ରରେ ଏକ ପରିପୂର୍ଣ୍ଣତା ହାସଲ କରିବା ସବୁଠାରୁ ଅଧିକ ଆୟାସକର । ମାତ୍ର ଅନ୍ୟ ସକଳ ଯନ୍ତ୍ର ଅପେକ୍ଷା ଏହାର ମଧ୍ୟରେହିଁ ପରିପୂର୍ଣ୍ଣତା ହାସଲ କରିବା ଲାଗି ସର୍ବାଧିକ ସାମର୍ଥ୍ୟ ରହିଛି ।

'oaob.nitrkl.ac.in' images reprocessed

ଆଜି ପାଇଁ ଏତିକି ଯଥେଷ୍ଟ ହେବ, ନୁହେଁ ?

ତେଣୁ, ଶିଶୁ ମୋର, ଯଦି ଆମେ ଏହି ଗତିରେ ଅଗ୍ରସର ହେବା, ତେବେ ଆମେ ତିନି ଗୁଟିଏ ପାଠରେ ବହିଟିକୁ ଶେଷ କରିଦେଇ ପାରିବା । ଏବଂ, ଏଇଟିପରେ ଆମକୁ କେଉଁ ବହିଟିକୁ ଆରମ୍ଭ କରିବାକୁ ହେବ, ଆମେ ସେଇଟି ବିଷୟରେ ମଧ୍ୟ ଚର୍ଚ୍ଚା କରିବା ।...

ମାଆ, ଆମେ "ମାଆ" ବହିଟିକୁ ଆରମ୍ଭ କରିବା ।

ତୁମେମାନେ "ମାଆ" ବହିଟିକୁ ଆରମ୍ଭ କରିବାକୁ ଇଚ୍ଛା କରୁଛ ? ଆଚ୍ଛା, ତେବେ ଆମେ "ମାଆ" ବହିଟିକୁହିଁ ଆରମ୍ଭ କରିବା । ସେଇଆ ଠିକ୍ ହେଲା ।

ଶୁଭରାତ୍ରି ।

'oaob.nitrkl.ac.in' images reprocessed

# ୨୮ ଏପ୍ରିଲ୍ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ତୃତୀୟ ଅଧ୍ୟାୟରେ ଥିବା "ଅଭୀପ୍ସା" ବିଷୟଟି ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, "ତୀବ୍ର ପ୍ରତିରୋଧ" ର ଅର୍ଥ କ'ଣ ?

ତୀବ୍ର ? ଏଠାରେ ଶବ୍ଦଟିକୁ ଏକ ପ୍ରତୀକାତ୍ମକ ଅର୍ଥରେ ବ୍ୟବହାର କରାଯାଇଛି । ଏହି ଶବ୍ଦଟି ଦ୍ୱାରା କୌଣସି ଏକ ତୀକ୍ଷ୍ଣ ବସ୍ତୁର ବର୍ଣ୍ଣନା କରାଯାଇଥାଏ, ନୁହେଁ ?— ଏବଂ ସମ୍ଭବତଃ ତୀବ୍ର ପ୍ରତିରୋଧ କହିଲେ ଏପରି ଏକ ଆକ୍ରମକ, ତୀକ୍ଷ୍ଣ ପ୍ରତିରୋଧକୁ ବୁଝାଏ ଯାହାକି ସରୁଥିବା ମୁନିଆ ନଖ ପରି ଭିତରକୁ ଗଳି ଯାଉଥାଏ ।

ଏହି ପ୍ରଶ୍ନଟିର ଉତ୍ତରଟିକୁ ମୁଁ ଖୁବ୍ ଭଲ ଭାବରେ ବୁଝିପାରି ନାହିଁ : "ଆପଣା ଆପଣାର ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ସାଧକଙ୍କର କ୍ଷେତ୍ରରେ ଅଭୀପ୍ସାର ଶକ୍ତି ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ କି ?"*

ଆଚ୍ଛା, ବୁଝିଲି ।

ମୁଁ ଭାବୁଛି, ଏଠାରେ ପ୍ରଶ୍ନଟିକୁ ମୋଟେ ଭଲ ଭାବରେ ପଚରା ହୋଇ ନାହିଁ । ମୁଁ ଭାବୁଛି, ପ୍ରଶ୍ନଟିକୁ ପଚାରିଥିବା ବ୍ୟକ୍ତି "ଅଭୀପ୍ସାର ପ୍ରଭାବ" ବୋଲି କହିବାକୁ ଇଚ୍ଛା କରୁଥିଲେ ଓ କହିଲାବେଳେ "ଶକ୍ତି" ବୋଲି କହିଦେଲେ । ଅର୍ଥାତ୍, ବ୍ୟକ୍ତି ଯିଏ ହୋଇଥାଉ ନା କାହିଁକି, ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅଭୀପ୍ସାର ଶକ୍ତି ସମାନ ଭାବରେ କାର୍ଯ୍ୟ କରିଥାଏ । ମାତ୍ର ସେହି ଅଭୀପ୍ସାର ପ୍ରଭାବ ଭିନ୍ନ ଭିନ୍ନ ହୁଏ । କାରଣ ଅଭୀପ୍ସା ହେଉଛି କେବଳ ଅଭୀପ୍ସା : ଯଦି ତୁମର ଅଭୀପ୍ସା ରହିଥାଏ, ତେବେ ସ୍ୱୟଂ ତାହାରି ମଧ୍ୟରେହିଁ ଏକ ଶକ୍ତି ରହିଥାଏ । ମାତ୍ର, ଏହି

*ଶ୍ରୀଅରବିନ୍ଦ ପ୍ରଶ୍ନଟିର ଏହିପରି ଉତ୍ତର ଦେଇଥିଲେ : "ନା—ଅଭୀପ୍ସା ସମସ୍ତଙ୍କ ଭିତରେ ସେହିଏକା ଶକ୍ତି ସହ କାର୍ଯ୍ୟ କରିଥାଏ; ଏହି କ୍ଷେତ୍ରରେ କେବଳ ଶୁଦ୍ଧତାରେ ଫରକ ରହିଥାଏ, ପ୍ରଗାଢ଼ତାରେ ଫରକ ଥାଏ, ଅଭୀପ୍ସିତ ବସ୍ତୁରେ ଫରକ ରହିଥାଏ ।

'oaob.nitrkl.ac.in' images reprocessed

ଅଭୀପ୍ସା ଏକ ପ୍ରତ୍ୟୁତ୍ତରକୁ ନିମ୍ନଦେଶକୁ ଆବାହନ କରି ଆଣିଥାଏ, ଏବଂ ସେହି ପ୍ରତ୍ୟୁତ୍ତର ଅର୍ଥାତ୍ ଅଭୀପ୍ସାର ଫଳସ୍ୱରୂପ ସମ୍ଭବ ହେଉଥିବା ପ୍ରଭାବଟି ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରୁଥାଏ, କାରଣ ତାହା ସେହି ବ୍ୟକ୍ତିର ଗ୍ରହଣଶୀଳତା ଉପରେହିଁ ନିର୍ଭର କରୁଥାଏ । ମୁଁ ଏହି ପ୍ରକାରର ଅନେକ ଲୋକଙ୍କୁ ଜାଣିଛି : ସେମାନେ କହନ୍ତି, "ହାୟ, ମୁଁ ସତତ ଅଭୀପ୍ସା କରିବାରେ ଲାଗିଛି, କିନ୍ତୁ ତଥାପି ମୁଁ କିଛି ପାଇପାରୁ ନାହିଁ ।" ସେମାନେ ଯେ ଆଦୌ କିଛି ପାଇବେ ନାହିଁ, ତାହା ସମ୍ପୂର୍ଣ୍ଣ ଅସମ୍ଭବ । ଅର୍ଥାତ୍, ଏକ ଉତ୍ତର ଆସିବହିଁ ଆସିବ । ମାତ୍ର ହୁଏତ ସେହିମାନେହିଁ ତାହାକୁ ଗ୍ରହଣ କରିପାରନ୍ତି ନାହିଁ । ଉତ୍ତର ଆସେ, ମାତ୍ର ସେମାନେ ଗ୍ରହଣଶୀଳ ହୋଇ ରହି ନ ଥାନ୍ତି, ତେଣୁ ସେମାନେ କିଛିହେଲେ ପାଇପାରନ୍ତି ନାହିଁ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର କି ଅନେକ ପରିମାଣରେ ଅଭୀପ୍ସା ରହିଥାଏ । ସେମାନେ ଶକ୍ତିର ଆବାହନ କରନ୍ତି । ଶକ୍ତି ସେମାନଙ୍କ ପାଖକୁ ଆସେ,—ଏପରିକି ତାହା ସେମାନଙ୍କ ଭିତରକୁ ଗଭୀର ଭାବରେ ପ୍ରବେଶ ମଧ୍ୟ କରେ,—ମାତ୍ର ସେମାନେ ଏତେବେଶୀ ପରିମାଣରେ ଅଚେତନ ହୋଇ ରହିଥାନ୍ତି ଯେ, ସେମାନେ ସେକଥା ଜାଣି ବି ପାରନ୍ତି ନାହିଁ । ସେକଥା ପ୍ରକୃତରେ ଅଧିକାଂଶ ସମୟରେ ଘଟିଥାଏ । ସେମାନଙ୍କ ମଧ୍ୟରେ ରହିଥିବା ଅଚେତନାର ଏହି ସ୍ଥିତିଟିହିଁ ସେମାନଙ୍କ ମଧ୍ୟକୁ ପ୍ରବେଶ କରୁଥିବା ଶକ୍ତିଟିକୁ ଅନୁଭବ କରିପାରିବାରୁ ମଧ୍ୟ ସେମାନଙ୍କୁ ବଞ୍ଚିତ କରି ରଖେ । ଶକ୍ତି ସେମାନଙ୍କ ଭିତରେ ପ୍ରବେଶ କରି ଆପଣାର କାର୍ଯ୍ୟ କରୁଥାଏ । ମୁଁ ଏପରି ବ୍ୟକ୍ତିମାନଙ୍କୁ ଜାଣିଛି, ଯେଉଁମାନଙ୍କର କି କ୍ରମଶଃ ଏକ ରୂପାନ୍ତର ଘଟିବାରେ ଲାଗିଥିଲା, ମାତ୍ର ତଥାପି ସେମାନେ ଏତେବେଶୀ ଅଚେତନ ହୋଇ ରହିଥିଲେ ଯେ, ସେମାନଙ୍କର ସେହି ବିଷୟରେ ଆଦୌ କୌଣସି ସଜ୍ଞାନତା ବି ନ ଥିଲା । ଚେତନା ପରେ ଆସେ,—ଅନେକ ପରେ ଯାଇ ଆସେ । ଅନ୍ୟ ପକ୍ଷରେ, ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଅପେକ୍ଷାକୃତ ଅଧିକ ନିର୍ଦ୍ଦିଷ୍ଟ ହୋଇ ରହିଥାନ୍ତି, ଅର୍ଥାତ୍ ଅଧିକ ଉନ୍ମୁକ୍ତ ଓ ଅଧିକ ମନୋଯୋଗୀ ହୋଇ ରହିଥାନ୍ତି; ଏବଂ, ଏକ ସାମାନ୍ୟ ପରିମାଣରେ ବି ସେମାନଙ୍କ ଭିତରେ ଶକ୍ତିର ସଞ୍ଚାର ହେଲେ ମଧ୍ୟ ସେମାନେ ତତ୍କ୍ଷଣାତ୍ ସେହି ବିଷୟରେ ସଜ୍ଞାନ ହୁଅନ୍ତି ଓ ତାହାକୁ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟରେ ଲଗାଇ ପାରନ୍ତି ।

ଯେତେବେଳେ ତୁମ ଭିତରେ ଏକ ଅଭୀପ୍ସା ରହିଥାଏ, ଏକ ଅତ୍ୟନ୍ତ ସକ୍ରିୟ ଅଭୀପ୍ସା ରହିଥାଏ, ସେତେବେଳେ ସେହି ଅଭୀପ୍ସା ଯେ ଆପଣାର କାର୍ଯ୍ୟଟିକୁ ଅବଶ୍ୟ କରିବ, ସେଥିରେ ଆଦୌ କୌଣସି ସନ୍ଦେହ ନ ଥାଏ । ତୁମେ ଯେଉଁ ଉତ୍ତରଟିକୁ ପାଇବା ଲାଗି ଅଭୀପ୍ସା କରିଛ, ତାହା ସେହି ଉତ୍ତରଟିକୁ

'oaob.nitrkl.ac.in' images reprocessed

ଅବଶ୍ୟ ନିମ୍ନକୁ ଆବାହନ କରି ଆଣିବ । ମାତ୍ର ଯଦି ତୁମେ ପରେ ଆଉ କିଛି ଚିନ୍ତା କରିବାକୁ ଆରମ୍ଭ କର, ବା ଯଦି ତୁମେ ମନୋଯୋଗୀ ହୋଇ ଅଥବା ଗ୍ରହଣଶୀଳ ହୋଇ ନ ରହିଥାଅ, ତେବେ ତୁମର ଅଭୀପ୍ସା ଏକ ଉତ୍ତର ପ୍ରକୃତରେ ପାଇଛି ବୋଲି ତୁମର ଦୃଷ୍ଟିଗୋଚର ବି ହୋଇପାରେ ନାହିଁ । ଏପରି କଥା ଅନେକ ସମୟରେ ଘଟେ । ତେଣୁ ଲୋକମାନେ ଅଭିଯୋଗ କରିବାରେ ଲାଗିଥାନ୍ତି : "ମୁଁ ଅଭୀପ୍ସା କରୁଛି, ଅଥଚ କିଛି ପାଇ ନାହିଁ । ମୁଁ ଆଦୌ କୌଣସି ଉତ୍ତର ପାଇ ନାହିଁ !" ମାତ୍ର ଅସଲ କଥା ହେଉଛି, ତୁମେ ଅବଶ୍ୟ ଉତ୍ତର ପାଉଛ, ମାତ୍ର ସେହି ବିଷୟରେ ତୁମର କୌଣସି ସଜ୍ଞାନତା ନାହିଁ, କାରଣ ତୁମେ ଏହି ପ୍ରକାରେହିଁ ସନ୍ଦିଗ୍ଧ ହୋଇ ରହିଛ, ଗୋଟାଏ ମେସିନ୍ ଚକ ପରି ଖାଲି ଘର୍ ଘର୍ ହୋଇ ବୁଲିବାରେ ଲାଗିଛ ।

**ମାଆ, ପ୍ରକୃତି ପରି ପୁରୁଷ କ'ଣ କେବେହେଲେ କୌଣସି ଭୁଲ୍ କରନ୍ତି ନାହିଁ ?**

ତାହା ଜଣେ ବ୍ୟକ୍ତିର ଦୃଷ୍ଟିକୋଣ ଉପରେ ନିର୍ଭର କରେ···ମୁଁ ସେବିଷୟରେ କିଛି ଜାଣି ନାହିଁ ।

**ମାଆ, ଯଦି ଜଣେ ବ୍ୟକ୍ତି ମଧ୍ୟରେ ଏପରି ଗୋଟିଏ ଅଂଶ ରହିଥାଏ ଯାହାକି ଉନ୍ମୋଚିତ ହୋଇ ନ ଥାଏ, ତେବେ ଅଭୀପ୍ସାର କେଉଁ ପ୍ରଣାଳୀ ଦ୍ୱାରା ତାହାର ଉନ୍ମୋଚନ ସମ୍ଭବ ହୋଇ ପାରିବ ?**

ତୁମେ ସେହି ଅଂଶଟିର ଉନ୍ମୋଚନ ଲାଗି ଅଭୀପ୍ସା କରିବ । ତୁମର ଯେଉଁ ଅଂଶଟି ଉନ୍ମୋଚିତ ହୋଇ ସାରିଛି, ସେହି ଅଂଶ ଅନ୍ୟ ଅଂଶଟିର ଉନ୍ମୋଚନ ଲାଗି ଅଭୀପ୍ସା କରୁ । ତେବେ କିଛି କାଳ ପରେ ସେହି ଅଂଶଟି ମଧ୍ୟ ଉନ୍ମୋଚିତ ହୋଇ ଆସିବ । ତେଣୁ ଉଦ୍ୟମ କରିବାକୁ ହେବ, ଅନବରତ ଉଦ୍ୟମ କରିବାକୁ ହେବ । ତାହାହିଁ ଏକମାତ୍ର ପ୍ରଣାଳୀ । ଏପରି ଗୋଟାଏ ବସ୍ତୁ ରହିଥାଏ, ଯାହାକି ଉନ୍ମୋଚନ ଲାଗି ମୋଟେ ଇଚ୍ଛା କରୁ ନ ଥାଏ, ତାହା ତୀବ୍ର ପ୍ରତିରୋଧ କରିବାରେ ଲାଗିଥାଏ, ମୋଟେ ଇଚ୍ଛା କରୁ ନ ଥାଏ । ସତେ ଅବା କୌଣସି ଅଜଟ ପିଲା ପରି କହିବାରେ ଲାଗିଥାଏ : "ମୁଁ ମୋଟେ ଏସବୁ ଇଚ୍ଛା କରୁ ନାହିଁ, ମୁଁ ଯାହା ଅଛି ତାହାହିଁ ରହିବାକୁ ଚାହୁଁଛି । ଏତେଟିକିଏ ବି ପୁଣି ଆଗକୁ ଯିବାକୁ ଚାହୁଁନାହିଁ ।" କାରଣ, ସେପରି କରିବାକୁ ତା'ର ସାହସ ମଧ୍ୟ ନ ଥାଏ । "ମୁଁ ଯେତିକିରେ ଅଛି, ମୋର ସେତିକିରେ ସନ୍ତୋଷ," କାରଣ ଆଉ ଅଧିକ ହେବାକୁ ତା' ଭିତରେ କୌଣସି ସାହସ ନ ଥାଏ । ମାତ୍ର, ଅସଲ କଥା ହେଉଛି, ଏହା

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଭାବରେ ଆତ୍ମ-ସନ୍ତୁଷ୍ଟ ହୋଇ ରହିଥାଏ, ଏତେଟିକିଏ ବି ହଲଚଲ ହେବାକୁ ଇଚ୍ଛା କରୁ ନ ଥାଏ ।

ମାତ୍ର ଜଣେ ବ୍ୟକ୍ତି ଯେତେବେଳେ ଅଭୀପ୍‌ସା କରିବାକୁ ଇଚ୍ଛା କରେ, ସେତେବେଳେ, ତା'ର କେଉଁ ଅଂଶଟି ଯେ ତାହା ଚାହୁଁ ନାହିଁ, ସେକଥା କ'ଣ ତା'ର ଜାଣିବା ଉଚିତ ନୁହେଁ ?

ହଁ, ନିଶ୍ଚୟ ଜାଣିବା ଉଚିତ । ମାତ୍ର ଯଦି ଭିତରେ ଆନ୍ତରିକତା ରହିଥିବ, ସେକଥା ସିଏ ଅବଶ୍ୟ ଜାଣିପାରିବ । ଯଦି ଆନ୍ତରିକତା ସହିତ ସିଏ ଆପଣା ଆଡ଼କୁ ଅନାଇ ଦେଖିପାରିବ, ସେତେବେଳେ ସିଏ ଅବଶ୍ୟ ଜାଣି ପାରିବ । ମାତ୍ର, ସିଏ ଏକାବେଳେକେ ଦୁଇ ପ୍ରକାର ହୋଇ ରହିଥିଲେ ମୋଟେ ଜାଣିପାରିବ ନାହିଁ । ସିଏ ନିଜ ଆଖି ଦୁଇଟାକୁ ବୁଜି ଦେଉଥିବ, ଆର ପାଖକୁ ମୁହଁ ବୁଲାଇ ଦେଉଥିବ, ଏପାଖକୁ ଅନାଉ ବି ନ ଥିବ ଏବଂ କହୁଥିବ, "କାହିଁ, କୋଉଠି ଅଛି ?" ମାତ୍ର ଯଦି ଜଣେ ସିଧା ହୋଇ ନିଜ ଆଡ଼କୁ ଅନାଇ ଦେଖି ପାରିବ, ତେବେ ତାହା ଯେ କୋଉଠି ଅଛି, ତାହା ସିଏ ଅତ୍ୟନ୍ତ ଉତ୍ତମ ଭାବରେ ଜାଣିପାରିବ । ସିଏ ଦେଖିପାରିବ ଯେ ସେଇଟି ଗୋଟିଏ କଣରେ କୌଣସିଠାରେ ଭାରି ଚମତ୍କାର ଭାବରେ ଲୁଚିକରି ରହିଛି, ଆପଣା ଉପରେ ଆପେ ଗୁଡ଼ାଇ ହୋଇ ରହିଛି, ବନ୍ଦ ହୋଇ ରହିଛି, ଆପଣାକୁ ଆଦୌ ଦୃଷ୍ଟିଗୋଚର ହେବାକୁ ଦେଉ ନାହିଁ । ମାତ୍ର ତା'ପରେ, ଯେତେବେଳେ ତୁମେ ଯାଇ ତା' ଉପରେ ସିଧା ଆଲୁଅଟିଏ ପକାଇବାକୁ ଆରମ୍ଭ କରିବ, ସେତେବେଳେ ତାହା ତତ୍‌କ୍ଷଣାତ୍ ଆଘାତ କରିବାକୁ ବାହାରିବ, ନୁହେଁ ?

ମାଆ, ଗ୍ରହଣଶୀଳତା କାହା ଉପରେ ନିର୍ଭର କରେ ?

ତାହା ସର୍ବପ୍ରଥମେ ତୁମର ଆନ୍ତରିକତା ଉପରେ ନିର୍ଭର କରେ । ତୁମେ ପ୍ରକୃତରେ ତାକୁ ଗ୍ରହଣ କରିବାକୁ ଇଚ୍ଛା କରୁଛ କି ନାହିଁ, ତାହାରି ଉପରେ ନିର୍ଭର କରେ । ଏବଂ ତା'ପରେ,—ମୁଁ ଭାବୁଛି, ଏହି କ୍ଷେତ୍ରରେ ଆନ୍ତରିକତା ଏବଂ ବିନମ୍ରତା ହେଉଛନ୍ତି ଦୁଇଟି ସର୍ବପ୍ରଧାନ ଆବଶ୍ୟକତା । ଗର୍ବ ଓ ମିଥ୍ୟା-ଅଭିମାନ ପରି ଆଉ କିଛିହେଲେ ତୁମକୁ ଏତେ ଅଧିକ ପରିମାଣରେ କଳାକରି ରଖି ନ ଥାଏ । ଆତ୍ମସନ୍ତୁଷ୍ଟ ହୋଇ ରହିଥିବା ସମୟରେ ତୁମ ଭିତରେ ଏଭଳି ଗୋଟିଏ ପ୍ରକାରର ମିଥ୍ୟାଭିମାନ ରହିଥାଏ, ଯାହାର ଶିକ୍ଷାରେ ପଡ଼ି, ତୁମ ଭିତରେ ଯେ ପ୍ରକୃତରେ କୌଣସି ଏକ ବସ୍ତୁର ଅଭାବ ରହିଛି, ତୁମେ ସେକଥା ସ୍ୱୀକାର କରିବାକୁହିଁ ଆଦୌ ଇଚ୍ଛା କର ନାହିଁ । ତୁମେ କେତେକେ ଭୁଲ୍ ବି କରୁଛ, ତୁମ ଭିତରେ

'oaob.nitrkl.ac.in' images reprocessed

ଅପୂର୍ଣ୍ଣତା ରହିଛି, ଦୋଷ ରହିଛି,—ଏସବୁ ସ୍ୱୀକାର କରିବାକୁ ବି ମନ କର ନାହିଁ । ଏହିପରି ଭାବରେ ତୁମର ସ୍ୱଭାବ ଭିତରେ ରହିଥିବା ଏକ ଉପାଦାନ କଠିନ ହୋଇଯାଏ ଓ ମୋଟେ ସ୍ୱୀକାର କରିବାକୁ ଇଚ୍ଛା କରେ ନାହିଁ,—ତାହାହିଁ ତୁମକୁ ଗ୍ରହଣଶୀଳ ହେବା ଲାଗି ଅନୁପଯୁକ୍ତ କରି ରଖିଥାଏ । ଏହି କ୍ଷେତ୍ରରେ ତୁମକୁ ଅବଶ୍ୟ କେବଳ ପ୍ରୟାସ କରିବାକୁହିଁ ପଡ଼ିବ ଏବଂ ଅନୁଭୂତିଟିକୁ ଲାଭ କରିବାକୁ ପଡ଼ିବ । ଯଦି, ତୁମ ଇଚ୍ଛାଶକ୍ତିର ଏକ ପ୍ରୟାସ ଦ୍ୱାରା ତୁମେ ଆପଣା ସତ୍ତ୍ୱର ଏକ ସାମାନ୍ୟ ଅଂଶକୁ ମଧ୍ୟ "ହଁ, ମୋ'ର ଭୁଲ୍ ହୋଇଛି, ମୋ'ର ସେପରି ହେବା ଆଦୌ ଉଚିତ ନୁହେଁ, ସେପରି କରିବା ଉଚିତ ନୁହେଁ କି ସେପରି ଅନୁଭବ କରିବା ଉଚିତ ନୁହେଁ—ହଁ, ଏହା ପ୍ରକୃତରେ ଏକ ଦୋଷ" ବୋଲି ସ୍ୱୀକାର କରିବା ଲାଗି ମନାଇନେଇ ପାରିବ, ଯଦି ତାହା ପ୍ରକୃତରେ ସେହିଭଳି ସ୍ୱୀକାର କରିପାରିବ, ତେବେ ପ୍ରଥମେ, ମୁଁ ବର୍ତ୍ତମାନ ଯେପରି କହୁଥିଲି, ତାହା ତୁମକୁ ଖୁବ ଜୋରରେ ଆଘାତ କରିବାକୁ ଆରମ୍ଭ କରିବ; ମାତ୍ର, ଯେତେବେଳେ ତୁମେ ସେଥିରେ ଦୃଢ଼ ହୋଇ ରହିବ, ସେହି ସ୍ୱୀକୃତିଟି ସମ୍ଭବ ହେବା ପର୍ଯ୍ୟନ୍ତ ଦୃଢ଼ ହୋଇ ରହିବ, ତେବେ ତାହା ତତ୍‌କ୍ଷଣାତ୍ ଉନ୍ମୋଚିତ ହୋଇଯିବ,—ତାହା ପ୍ରକୃତରେ ଖୋଲିଯିବ ଏବଂ ଖୁବ ଆଶ୍ଚର୍ଯ୍ୟଜନକ ଭାବରେ ତା'ଭିତରେ ଆଲୋକର ଏକ ପ୍ଳାବନ ଆସି ପ୍ରବିଷ୍ଟ ହେବ, ଏବଂ ତା'ପରେ ତୁମେ ଏତେ ଅଧିକ ପରିମାଣର ଖୁସୀ ଓ ଆନନ୍ଦ ଅନୁଭବ କରିବ ଯେ, ତୁମେ ଆପଣାକୁ ପଚାରି ବସିବ, "ମୁଁ ପ୍ରକୃତରେ କେଉଁ ନିର୍ବୋଧତାର ବଶବର୍ତ୍ତୀ ହୋଇ କାହିଁକି ଏତେ ବେଳଯାଏ ପ୍ରତିରୋଧ କରିବାରେ ଲାଗିଥିଲି ?"

ମାତ୍ର ଜଣେ ଯେତେବେଳେ ଏହିପରି ଆତ୍ମ-ସନ୍ତୁଷ୍ଟ ହୋଇ ରହିଥିବ ସେତେବେଳେ ସିଏ ଆଦୌ କୌଣସି ଅଭୀପ୍‌ସା କରିପାରିବ କି ?

ତୁମେ କ'ଣ ଏକଥା ଜାଣି ନାହଁ ଯେ କୌଣସି ବ୍ୟକ୍ତି କେବଳ ଗୋଟିଏ ଉପାଦାନରେହିଁ ମୋଟେ ଗୋଟାହୋଇ ଗଢ଼ାହୋଇ ନାହିଁ ? ସତ୍ତ୍ୱ ଭିତରେ ଏପରି ଏକ ଉପାଦାନ ରହିଥିବ ଯାହାକି ଅଭୀପ୍‌ସା କରିପାରିବ । ସତ୍ତ୍ୱ ମଧ୍ୟରେ ସର୍ବଦା ଏପରି ଏକ ଉପାଦାନ ରହିଥିବ, ଯାହାକି, କ'ଣ ପ୍ରକୃତରେ ଉଚିତ ନୁହେଁ, ଠିକ୍ ସେହି ବିଷୟରେ ସଚେତନତା ରଖିଥିବ । ବେଳେବେଳେ ତାହା ଅତ୍ୟନ୍ତ ଅସ୍ପଷ୍ଟ ଏବଂ ଅନିଶ୍ଚିତ ଭାବରେ ରହିଥିବ ସତ, ତଥାପି ଯଥେଷ୍ଟ ଭାବରେ ଏତିକି ବିଷୟରେ ସଚେତନ ହୋଇପାରୁଥିବ ଯେ ଯାହାକିଛି ହେଲେ ମଧ୍ୟ ମୁଁ ମୋଟେ ଦୋଷଯୁକ୍ତ ହୋଇ ରହି ନାହିଁ ଓ ଯାହା ଯେତିକି ଅଛି, ତାହା

'oaob.nitrkl.ac.in' images reprocessed

ତା' ଅପେକ୍ଷା ନିଶ୍ଚୟ ଅଧିକ ଭଲ ହୋଇପାରିବ । ସେତିକ ହୋଇପାରିଲେହିଁ ଯଥେଷ୍ଟ ହେବ । ତେବେ ସେହି ଅଂଶଟି ମଧ୍ୟ ଅଭୀପ୍ସା କରିପାରିବ ।

ପୁରୁଷ ଓ ପ୍ରକୃତିର କାର୍ଯ୍ୟ କ'ଣ ?

ତେବେ ମୋତେ ଆଉଥରେ ଏହି ଧାରଣାଟିକୁ ଦେବାକୁ ପଡ଼ିବ ଯେ ମୋତେ ପ୍ରକୃତରେ କିଛି ଜଣା ନାହିଁ । (ନଳିନୀଙ୍କ ଆଡ଼କୁ ଅନାଇ) ନଳିନୀ, ତୁମେ ବୁଝାଇ କହିଦିଅ । (ସମସ୍ତେ ହସିଲେ) ମୋ' ବିଷୟରେ କହିବାକୁ ଗଲେ, ମୁଁ ଏସବୁ କିଛିହେଲେ ବୁଝିପାରେ ନାହିଁ । ମୋ'ଲାଗି ଅନ୍ତର୍ଗତ ଅଭିଜ୍ଞତା ସହିତ ଏହାର କୌଣସି ମେଳ ନାହିଁ । ମୁଁ କେବେ ଏପରି ଅଭିଜ୍ଞତା ଲାଭ କରି ନାହିଁ । ତେଣୁ, ଏବିଷୟରେ ମୁଁ କିଛି କହିପାରିବ ନାହିଁ ।

ମାଆ ଜାଣି ନାହାନ୍ତି ବୋଲି ଯଦି ସ୍ୱୟଂ ମାଆ କହୁଛନ୍ତି, ତେବେ ମୁଁ ବି କହିବି ଯେ, ଏବିଷୟରେ ମୋର କୌଣସି ଜ୍ଞାନ ନାହିଁ ।

(ସମସ୍ତେ ହସିଲେ)

ଏହି ନାମର ଭାରତୀୟ କଳ୍ପନାଟିକୁ ମୁଁ ସିଦ୍ଧାନ୍ତ ଭାବରେ ଜାଣିଛି, ଏବଂ ତାହାକୁ ଜାଣିବାକୁ ହେଲେ ପୁସ୍ତକଗୁଡ଼ିକର ଅଧ୍ୟୟନହିଁ ଯଥେଷ୍ଟ ହେବ । ମାତ୍ର ତାହାକୁ ତ ପ୍ରକୃତରେ ଜାଣିବା ବୋଲି କୁହାଯିବ ନାହିଁ ! ମୁଁ ଯାହାସବୁ ଅଭିଜ୍ଞତାରୁ ଜାଣିଛି, କେବଳ ସେହିଗୁଡ଼ିକ ବିଷୟରେହିଁ ମୁଁ ତୁମମାନଙ୍କୁ କହିପାରିବ । ହଁ, ମୋ' ଭିତରେ ଥିବା କୌଣସି ଉପାଦାନ ସହିତ ତାହାର ମେଳ ନାହିଁ । ମୋର ସେହି ଅଭିଜ୍ଞତାଟି ମୋଟେ ହୋଇ ନାହିଁ । ମୋ'ଭିତରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏପରି ଜଣେ ଶୁଦ୍ଧ ସାକ୍ଷୀର ଅନୁଭବ ହୋଇଛି, ଯିଏକି ସକଳ ବସ୍ତୁକୁ ଅନାଇ ଦେଖିବାରେ ଲାଗିଛନ୍ତି ମାତ୍ର ସକଳ ବସ୍ତୁରୁ ଅଲିପ୍ତ ହୋଇ ରହିଛନ୍ତି, ଯିଏ ସବୁକିଛି ଜାଣିଛନ୍ତି ଏବଂ ନିଶ୍ଚଳ ହୋଇ ରହିଛନ୍ତି, ଯିଏ ସବୁକିଛିକୁ କାର୍ଯ୍ୟାନ୍ୱିତ ହେବାର ଅନୁମତି ଦେଉଛନ୍ତି ଏବଂ ଯିଏ... ମୋ'ର ଏପରି ଏକ ଇଚ୍ଛାରୂପୀ ଶକ୍ତିର ଅଭିଜ୍ଞତା ମଧ୍ୟ ହୋଇଛି, ଯାହାକି ସବୁକିଛି ନିଷ୍ପତ୍ତି କରୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପ୍ରତ୍ୟେକ ବ୍ୟକ୍ତିର ଏକ' ଚଳମାନ ଶକ୍ତିର ଅନୁଭୂତି ରହିଛି—ସେହି ଶକ୍ତି ପ୍ରକୃତି ମଧ୍ୟରେ ରହିଛି, ପ୍ରଚ୍ଛନ୍ନ ହୋଇ ରହିଛି, ଇତ୍ୟାଦି, ଇତ୍ୟାଦି—ସମସ୍ତଙ୍କର ସେହି ଅନୁଭୂତିଟି ରହିଛି । ମାତ୍ର ମଝିରେ ଏତେ ସ୍ପଷ୍ଟ ଭାବରେ ଗୋଟାଏ ବିଭାଜନ-ଗାର ଟାଣିଦେଇ ଗୋଟିକୁ ପୁରୁଷ ବା ପୁଂ ବୋଲି କହିବା ଓ ଅନ୍ୟଟିକୁ ପ୍ରକୃତି ବା ସ୍ତ୍ରୀ ବୋଲି କହିବା,—ନା, ମୁଁ ସେଥିରେ କଦାପି ଏକମତ ହୋଇପାରିବ ନାହିଁ । ମୁଁ ସେହି କଥାରେ ସର୍ବଦା ଆପତ୍ତି କରି

'oaob.nitrkl.ac.in' images reprocessed

ଆସିଛୁ ଏବଂ ସର୍ବଦା ଆପତ୍ତି କରୁଥିବି । ଏବଂ ସେହି କାରଣରୁ, ସେବିଷୟରେ କିଛି ନ କହିବାକୁହିଁ ମୁଁ ଅଧିକ ଉଚିତ ବୋଲି ମନେ କରୁଛି ।

ମୋତେ ଏହି ଶବ୍ଦଟି ଏକ ଏସୀୟ ଶବ୍ଦ ପରି ମନେ ହେଉଛି, ବା ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ଭାରତୀୟ ବୋଲିହିଁ ବୋଧ ହେଉଛି । ପ୍ରାଚୀନ କାଲ୍‌ଡେଆର କଳ୍ପନାରେ ଏକ ଅଦ୍ୱିତୀୟ ପୁଂ-ଈଶ୍ୱରଙ୍କର ଉଲ୍ଲେଖ ରହିଛି । ତାହାହିଁ ପରେ ଖ୍ରୀଷ୍ଟିଆନ୍ ଧର୍ମର ପରମେଶ୍ୱର-କଳ୍ପନାରେ ପରିଣତ ହୋଇଛି । ମୁଁ ଭାବୁଛି (ମୋତେ ସମସ୍ତେ କ୍ଷମା କରିବେ), ଏହି କଥାଟି କିଞ୍ଚିତ୍ ପରିମାଣରେ ବିକୃତ ହୋଇ ଯାଇଥିବା ଏକ ପୁରୁଷ ମନୋବୃତ୍ତିରୁ ଉତ୍ପନ୍ନ ହୋଇଛି । ବିଷୟଟି ସମ୍ବନ୍ଧରେ ମୁଁ ଏହିପରି ଅନୁଭବ କରୁଛି । ଏବଂ, ଯଦି ତୁମେ ମୋତେ ପଚାରି ନ ଥାନ୍ତ, ତେବେ ମୁଁ ତୁମକୁ ଏବିଷୟରେ ଆଦୌ କିଛି କହି ନ ଥାନ୍ତି !

ମାଆ, ଆପଣ କହିଲେ ଯେ, ଏକ ନିଶ୍ଚଳ ଶୁଦ୍ଧ ସାକ୍ଷୀଙ୍କ ବିଷୟରେ ଆପଣଙ୍କର ଏକ ସୁସ୍ପଷ୍ଟ ଅନୁଭବ ରହିଛି । ତେବେ, ତାହାଙ୍କୁହିଁ ତ ପୁରୁଷ ବୋଲି କୁହାଯିବ !

ସେକଥା ବି ମୋତେ ଜଣା ନାହିଁ । (ସମସ୍ତେ ହସିଲେ) ତୁମେ ଇଚ୍ଛା କଲେ ତାହାକୁ ପୁରୁଷ ବୋଲି କହିପାରିବ । ମାତ୍ର ସେଥିରେ ଖାସ୍ ପୁରୁଷ ହୋଇ କ'ଣ ରହିଛି, ମୁଁ ସେକଥା ଆବିଷ୍କାର କରିପାରି ନାହିଁ । ତୁମେ ବୁଝିପାରୁଥିବ··· ମୁଁ ଯେଉଁଟିରେ ଆପତ୍ତି କରୁଛି, ତାହା ହେଉଛି ଏହି ପୁଂ-ଉପାଦାନ ଓ ସ୍ତ୍ରୀ-ଉପାଦାନ । ମୋତେ ଏହା ମୋଟେ ଠିକ୍ ବୋଲି ଲାଗୁ ନାହିଁ ଏବଂ ମୁଁ ସବୁବେଳେ କହିବି ଯେ ଏହା ଆଦୌ ଠିକ୍ ନୁହେଁ । ଗୋଟାଏ ଉପାଦାନ ଏପରି ଓ ଆଉ ଗୋଟାଏ ଉପାଦାନ ସେପରି (ମାଆ ନିଜ ହାତକୁ ଗୋଟିଏ ପାଖରୁ ଆଉଗୋଟିଏ ପାଖକୁ ସଞ୍ଚାଳିତ କରିନେଲେ), ଗୋଟିଏ କ୍ରିୟା ଏପରି ହେଉଛି ଓ ଆଉଗୋଟିଏ କ୍ରିୟା ସେପରି ହେଉଛି ସତ, ମାତ୍ର ସେଥିଲାଗି ଗୋଟିଏ ପୁଂ ହେବ ଓ ଆଉଗୋଟିଏ ସ୍ତ୍ରୀ ହେବ ବୋଲି ତୁମେ କାହିଁକି ଇଚ୍ଛା କରୁଛ ? ଏହା ଆଦୌ ସେପରି ନୁହେଁ । ଏହି ପୁରୁଷ-ସ୍ତ୍ରୀ ବ୍ୟାପାର, ଏହା ହେଉଛି ପ୍ରକୃତିର ଏକ ଲୀଳା, ପ୍ରକୃତି ଏହି ଜଗତରେ ସେହିପରି ଭାବରେ ଏକ ବ୍ୟବସ୍ଥା କରି ରଖିଛି । ତେଣୁ ମୁଁ ତୁମକୁ ବର୍ତ୍ତମାନ ଏହିପରି କହିବି ଯେ, ଯେତେବେଳେ ତୁମେ ଊର୍ଦ୍ଧ୍ୱରୁ ନିମ୍ନକୁ ଅବତରଣ କରୁଛ, ସେତେବେଳେ ସେହି କ୍ଷେତ୍ରରେ ପୁରୁଷ ବୋଲି କିଛି ନାହିଁ କିମ୍ବା ସ୍ତ୍ରୀ ବୋଲି ବି କିଛି ନାହିଁ,—ସେସବୁ ନିରର୍ଥକ କଥା କିଛିହେଲେ ନାହିଁ । ଯେତେବେଳେ ତୁମେ ଓହ୍ଲାଇ ଏହି ତଳେ ଆସି ପହଞ୍ଚୁଛ, ସେତେବେଳେ ତାହା

'oaob.nitrkl.ac.in' images reprocessed

ଏକ ବାସ୍ତବ ପଦାର୍ଥରେ ପରିଣତ ହେବାକୁ ଆରମ୍ଭ କରୁଛୁ । ସେତେବେଳେ ତୁମେ କହିବାକୁ ଆରମ୍ଭ କରୁଛ, "ହଁ, ହଁ, ପ୍ରକୃତିହିଁ ବସ୍ତୁଗୁଡ଼ିକୁ ସେହିପରି ସ୍ୱବରେ ତିଆରି କରିଛି ।" ସମ୍ପୂର୍ଣ୍ଣ ଠିକ୍ କଥା ! ମାତ୍ର ମୁଁ କେବଳ ଏତିକି କହୁଛି ଯେ, ଏହିସବୁ କଳ୍ପନା—ଠିକ୍ ଏହି କଳ୍ପନାଗୁଡ଼ିକ, ଯାହାକି ଗୋଟିଏ ଉପାଦାନକୁ ପୁରୁଷ କରି ଓ ଆଉଗୋଟିଏ ଉପାଦାନକୁ ସ୍ତ୍ରୀ କରି ଥୋଇଦେଉଛି,—ଏହି କଳ୍ପନାଟି ଏହି ଜନ୍ମରୁ ଆସିଛି, ଅର୍ଥାତ୍ ତାହା ମନୁଷ୍ୟର ମସ୍ତିଷ୍କରୁ ଜନ୍ମଲାଭ କରିଛି; ପୁରୁଷ ଓ ସ୍ତ୍ରୀ ବୋଲି ଅଲଗା କଳ୍ପନା ଆରବା ବ୍ୟତୀତ ମଣିଷର ମୁଣ୍ଡରୁ ଆଉ ଅନ୍ୟ କ'ଣ ସମ୍ଭବ ହୋଇ ପାରନ୍ତା ? କାରଣ ମନୁଷ୍ୟ ବର୍ତ୍ତମାନ ମଧ୍ୟ ଗୋଟାଏ ପ୍ରାଣୀ ହୋଇ ରହିଛି । ମୋ' କଥା ବୁଝିଲ ? ଏବଂ ମୁଁ ଠିକ ସେହିକଥା ଅନୁଭବ କରୁଛି,—ମୁଁ ସର୍ବଦା ତାହାହିଁ ଅନୁଭବ କରି ଆସିଛି; ମୁଁ ମୂଳରୁହିଁ ତାହା କହୁଛି ଏବଂ ଶେଷ ପର୍ଯ୍ୟନ୍ତ ବାରବାର ଠିକ୍ ସେହିକଥା କହୁଥିବି । ଏବଂ, ମୁଁ ଏପରି କହେ ବୋଲି ଯଦି ତୁମେ ଇଚ୍ଛା କରୁ ନ ଥାଅ, ତେବେ ମୋ' ସହିତ ଏହି ବିଷୟରେ କେବେହେଲେ କିଛି କଥା ପକାଇବ ନାହିଁ । (ସମସ୍ତେ ହସିଲେ) ବୁଝିଲ ?

ଶୁଭ ରାତ୍ରି ।

## ୫ ମଇ ୧୯୫୪

*ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ଚତୁର୍ଥ ଅଧ୍ୟାୟ "ଆନ୍ତରିକତା" ଏବଂ ପଞ୍ଚମ ଅଧ୍ୟାୟ "ବିଶ୍ୱାସ" ଉପରେ ଏହି ପ୍ରବଚନଟି ଆଧାରିତ ।*

"ପ୍ରଶ୍ନ : ଅତିମାନସ ପରମସତ୍ୟର ଉପଲବ୍ଧି ହେବା ପର୍ଯ୍ୟନ୍ତ ଏହି ପଥକୁ ଅବଲମ୍ବନ କରି ରହିବାର ସମୁଚିତ ଦୃଷ୍ଟିକୋଣଟି କଣ ?

ଉତ୍ତର : ଏହା ହେଉଛି ଏକ ଚୈତ୍ୟ ପରିବେଶ ତଥା ଆନ୍ତରିକତା ଏବଂ ମାଆଙ୍କଠାରେ ଭକ୍ତି ।"

"ଚୈତ୍ୟ ପରିବେଶ" କହିଲେ କ'ଣ ବୁଝାଉଛି ?

ଚୈତ୍ୟ ପରିବେଶ ? ତାହାର ଅର୍ଥ ହେଉଛି ଆପଣାର ଚୈତ୍ୟସତ୍ତା ସହିତ ସମ୍ବନ୍ଧସ୍ଥାପନ, ଅର୍ଥାତ୍‌ ଆପଣାର ଚୈତ୍ୟସତ୍ତା ଦ୍ୱାରାହିଁ ପରିଚାଳିତ ହେବା ।

ମାଆ, ନିଷ୍ଠା, ବିଶ୍ୱାସ ଓ ଆତ୍ମ-ପ୍ରତ୍ୟୟ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ମୁଁ ପରିଷ୍କାର ଭାବରେ ବୁଝିପାରୁ ନାହିଁ ।

ମାତ୍ର ଶ୍ରୀଅରବିନ୍ଦ ତ ଏଠାରେ ସେଗୁଡ଼ିକୁ ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରିଦେଇଛନ୍ତି । ଯଦି ତୁମେ ବୁଝି ନ ପାରୁଥାଅ, ତେବେ···

ସିଏ ଲେଖିଛନ୍ତି, "ନିଷ୍ଠା ହେଉଛି ସମଗ୍ର ସତ୍ତାର ଏକ ଅନୁଭୂତି ।"

ହଁ, ସମଗ୍ର ସତ୍ତାର । ନିଷ୍ଠା କହିଲେ ଏକାବେଳେକେ ସମ୍ପୂର୍ଣ୍ଣ ସତ୍ତାକୁହିଁ ବୁଝାଏ । ସିଏ କହିଛନ୍ତି, ବିଶ୍ୱାସ ହେଉଛି ଆମ ମସ୍ତିଷ୍କ ଭିତରେ ଉତ୍ପନ୍ନ ହେଉଥିବା ଏକ ବିଷୟ, ତାହା ସମ୍ପୂର୍ଣ୍ଣ ଭାବରେ ମାନସିକ । ଏବଂ ପ୍ରତ୍ୟୟ ପୁରାପୁରି ଏକ ଅନ୍ୟ ଜିନିଷ । ପ୍ରତ୍ୟୟ, — ଆମ ଜୀବନ ଉପରେ ପ୍ରତ୍ୟୟ ଆଇପାରେ, ଦିବ୍ୟ ପରମ-ସତ୍ତାଙ୍କ ଉପରେ ପ୍ରତ୍ୟୟ ଆଇପାରେ, ଅନ୍ୟ ବ୍ୟକ୍ତିମାନଙ୍କ ଉପରେ ଓ ଆପଣାର ନିଜ ଉପରେ ବି ପ୍ରତ୍ୟୟ ଆଇପାରେ । ଅର୍ଥାତ୍‌, ଏହିପରି ଏକ ଅନୁଭବ

'oaob.nitrkl.ac.in' images reprocessed

ହେଉଥାଏ ଯେ ସବୁକିଛି ନିଶ୍ଚୟ ଆମର ସହାୟକ ହେବ, ଆମେ ଯାହା କରିବାକୁ ଇଚ୍ଛା କରୁଛୁ, ତାହା କରିବାରେ ସହାୟକ ହେବ ।

ନିଷ୍ଠାକୁ ଏପରି ଏକ ନିଶ୍ଚୟତା ବୋଲି କୁହାଯିବ, ଯାହା ପଛରେ କି ଆଦୌ କୌଣସି ପ୍ରମାଣ ନ ଥାଏ ।

ମାଆ, ଏହି ନିଷ୍ଠା କାହା ଉପରେ ନିର୍ଭର କରେ ?

ସମ୍ଭବତଃ ଦିବ୍ୟ ପରମକରୁଣା ଉପରେ । ଅନେକ ବ୍ୟକ୍ତି ଏହାକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଲାଭ କରିଥାନ୍ତି । ଆହୁରି ଅନେକ ଅଛନ୍ତି, ଯେଉଁମାନଙ୍କୁ କି ଏଥିଲାଗି ଅତ୍ୟନ୍ତ ପ୍ରୟାସ କରିବାକୁ ପଡ଼ିଥାଏ ।

ଏହି ନିଷ୍ଠା ବୃଦ୍ଧି ପାଇପାରିବ କିପରି ?

ମୁଁ ଭାବୁଛି, ଅଭୀପ୍ସା ଦ୍ୱାରା ବୃଦ୍ଧି ପାଇବ । କେତେକ ବ୍ୟକ୍ତି ଅତି ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା ଲାଭ କରିଥାନ୍ତି·· ତୁମେ ଜାଣିଛ, ଏହି ନିଷ୍ଠା ନ ଥିଲେ ପ୍ରାର୍ଥନା କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ; ମାତ୍ର, ଯଦି ଆମେ ଏହି ପ୍ରାର୍ଥନାକୁ ଆମ ଭିତରେ ନିଷ୍ଠା ବଢ଼ାଇବାର ଏକ ସାଧନରେ ପରିଣତ କରିପାରୁ, ଅଥବା ନିଷ୍ଠାର ଅର୍ଜନ ଲାଗି ଯଦି ଅଭୀପ୍ସା କରିପାରୁ ଅର୍ଥାତ୍ ଏକ ଅଭୀପ୍ସାର ଅଧିକାରୀ ହୋଇପାରୁ···ଏହି ସବୁକିଛି ସାମର୍ଥ୍ୟକୁ ଅର୍ଜନ କରିପାରିବା ସକାଶେ ଏକ ପ୍ରୟାସ କରିବାକୁହିଁ ପଡ଼ିଥାଏ । ଯଦି ଆମ ପାଖରେ ଯେଉଁ ପଦାର୍ଥଟି ନାହିଁ ଆମେ ତାହାକୁ ଲାଭ କରିବାକୁ ଇଚ୍ଛା କରୁଥାଉଁ, ତେବେ ସେଥିଲାଗି ଅବିଚ୍ଛିନ୍ନ ଭାବରେ ଅନେକ, ଅନେକ, ଅନେକ ପ୍ରୟାସ ଆବଶ୍ୟକ ହୋଇଥାଏ, ଏକ ସତତ ଅଭୀପ୍ସା, ଏକ ଅବିଚଳିତ ଇଚ୍ଛା ଓ ସକଳ ମୁହୂର୍ତ୍ତରେ ଏକ ଆନ୍ତରିକତା ଆବଶ୍ୟକ ହୋଇଥାଏ । ତେବେ ଯାଇ ତାହା ଆସିବ ବୋଲି ନିଶ୍ଚିତ ହୋଇହୁଏ । ଏହା ହୁଏତ ଗୋଟାଏ ସେକେଣ୍ଡ୍‌ରେ ମଧ୍ୟ ସମ୍ଭବ ହୋଇପାରେ । ଅନେକ ବ୍ୟକ୍ତିଙ୍କ ପାଖରେ ତାହା ଅବଶ୍ୟ ଥାଏ; ମାତ୍ର ସେମାନଙ୍କ ଭିତରେ ଏପରି ଅନେକ ବିପରୀତଧର୍ମୀ ନିମ୍ନସ୍ପନ୍ଦନ ମଧ୍ୟ ରହିଥାନ୍ତି, ଯେଉଁମାନେ କି ବାରବାର ଆସି ଆକ୍ରମଣ କରିବାରେ ଲାଗିଥାନ୍ତି । ଯଦି ଏହି ବ୍ୟକ୍ତିମାନଙ୍କର ଇଚ୍ଛାଶକ୍ତି ଯଥାର୍ଥରେ ଆନ୍ତରିକତାଯୁକ୍ତ ହୋଇ ରହିଥାଏ, ତେବେ ସେମାନେ ଆପଣାର ନିଷ୍ଠାକୁ ସେହି ଆକ୍ରମଣଗୁଡ଼ିକର ହାତରୁ ଅବଶ୍ୟ ସୁରକ୍ଷିତ କରି ରଖିପାରନ୍ତି ଏବଂ ଆକ୍ରମଣଗୁଡ଼ିକୁ ପ୍ରତିହତ କରିଦିଅନ୍ତି । ଆହୁରି ଅନେକ ମନୀଷୀ କେତେ ସଂଶୟର ପୋଷଣ କରନ୍ତି, କାରଣ ସଂଶୟ କରିବାହିଁ ସେମାନଙ୍କ ଲାଗି ଗୋଟାଏ ସହଜ ପରି ହୋଇ ରହିଥାଏ, — ଏଇଟିଠାରୁ ଅତି ଅଧିକ ସାଂଘାତିକ କଥା କିଛି ନାହିଁ । ଏହା ଦ୍ୱାରା ସତେଅବା ପୋକକୁ ନେଇ

'oaob.nitrkl.ac.in' images reprocessed

ଫଳଟି ଭିତରେ ଭର୍ତ୍ତି କରି ଦିଆଯାଇଥାଏ; ଏବଂ ତାହାର ପରିଣାମସ୍ୱରୂପ ପୋକ ତାହାକୁ ସମ୍ପୂର୍ଣ୍ଣ ଭାବରେ ଖାଇଯାଏ। ଏହାର ଅର୍ଥ ହେଉଛି ଯେ, ଯେତେବେଳେ ଏହିପରି ଏକ କ୍ରିୟା ଆରମ୍ଭ ହୋଇଯାଏ,— ଏହି କ୍ରିୟା ସର୍ବପ୍ରଥମେ ମନ ଭିତରେହିଁ ଆରମ୍ଭ ହୁଏ, ସେତେବେଳେ ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯେ ଆମେ ଅତ୍ୟନ୍ତ ସାହସର ସହିତ ତାହା ଆମ ଭିତରେ ଆସି ପଶିବାକୁ ସିଧା ମନା କରିଦେବା। ପ୍ରକୃତରେ କ'ଣ ଘଟିବାକୁ ଯାଉଛି, ତାହାକୁ ଦେଖିବାରେ ଲାଗିଥିବା ଓ ସେଥିରୁ ଏକ ଆନନ୍ଦ ପାଇବା,— ଏଇଟାକୁ କଦାପି ଆମର ଉଚିତ କାର୍ଯ୍ୟ ବୋଲି ବୁଝାଯିବ ନାହିଁ। ସେଭଳି ଏକ ଆଗ୍ରହକୁ ପ୍ରକୃତରେ ଭାରି ଭୟଙ୍କର ଭାବରେ ବିପଜ୍ଜନକ ବୋଲି ବୁଝାଯିବ।

ଯେଉଁମାନଙ୍କର ହୃଦୟ ସରଳ, ଯେଉଁମାନଙ୍କ ହୃଦୟରେ ଆନ୍ତରିକତା ଏବଂ ସାଧୁତା ରହିଥାଏ ଓ ବୁଦ୍ଧିଗତ କୌଣସି ଜଟିଳତା ନ ଥାଏ, ସେମାନଙ୍କ ତୁଳନାରେ ସମ୍ଭବତଃ ବୁଦ୍ଧି-ଆଶ୍ରୟୀମାନଙ୍କ ଲାଗି ଯଥାର୍ଥ ନିଷ୍ଠାର ଅଧିକାରୀ ହେବା ଅଧିକ କଷ୍ଟକର ହୋଇଥାଏ। ମାତ୍ର ମୁଁ ଭାବୁଛି, ଯଦି ଜଣେ ବୁଦ୍ଧିପ୍ରଧାନ ବ୍ୟକ୍ତି ଭିତରେ ନିଷ୍ଠା ରହିଥାଏ, ତେବେ ତାହା ପ୍ରକୃତରେ ଭାରି ଶକ୍ତିଶାଳୀ ହୋଇଥାଏ ଏବଂ ତଦ୍ଦ୍ୱାରା ପ୍ରକୃତରେ ଅନେକ ଅସାଧ୍ୟ ସାଧନ ମଧ୍ୟ ସମ୍ଭବ ହୋଇଯାଏ।

ମାଆ, ସଂକଳ୍ପ କେଉଁଠାରୁ ଆସେ ?

ଯେଉଁମାନଙ୍କ ଭିତରେ ଏକ ଇଚ୍ଛାଶକ୍ତି ରହିଥାଏ ଏବଂ ଯେଉଁମାନେ ସେହି ଇଚ୍ଛାଶକ୍ତିକୁ ଆପଣାର ଯାବତୀୟ କାର୍ଯ୍ୟରେ ଆଣି ପ୍ରୟୋଗ କରି ପାରନ୍ତି, ସଂକଳ୍ପ ସାଧାରଣତଃ ସେହିମାନଙ୍କଠାରେ ସମ୍ଭବ ହୁଏ।

ଯଦି ଜଣେ ବ୍ୟକ୍ତିର ଦିବ୍ୟ ପରମସତ୍ତାଙ୍କଠାରେ ନିଷ୍ଠା ଓ ଆସ୍ଥା ଉଭୟ ରହିପାରେ, ତେବେ ନିଷ୍ଠା ଓ ଆସ୍ଥା ଦୁଇଟି ଭିତରେ ପୁଣି କି ଫରକ ରହିବ ?

ନିଷ୍ଠାକୁ ଆମେ ଅନେକ ଅଧିକ ସମଗ୍ର ହୋଇ ରହିଥିବା ଏକ ବସ୍ତୁ ବୋଲି କହିବା — ଶ୍ରୀଅରବିନ୍ଦ ସେହିକଥା ଲେଖିଛନ୍ତି, — ଆସ୍ଥାଠାରୁ ନିଷ୍ଠା ଅଧିକ ସମଗ୍ର ଓ ଅଧିକ ସମ୍ପୂର୍ଣ୍ଣ। ଉଦାହରଣସ୍ୱରୂପ, ତୁମର ଦିବ୍ୟ ପରମସତ୍ତାଙ୍କ ଉପରେ ଆସ୍ଥା ରହିଛି, ଅର୍ଥାତ୍ ତୁମର ଦୃଢ଼ ପ୍ରତ୍ୟୟ ରହିଛି ଯେ, ତାଙ୍କଠାରୁ ଯାହାକିଛି ଆସିବ, ତାହା ସର୍ବଦା ତୁମ ଲାଗି କେବଳ ସର୍ବୋତ୍ତମହିଁ ହେବ। ଅର୍ଥାତ୍, ସିଏ ଯାହା ନିଷ୍ପତ୍ତି କରିବେ ଏବଂ ତୁମ ଲାଗି ସିଏ ଯେଉଁ ଅଭିଜ୍ଞତାକୁ ପ୍ରେରଣ କରିବେ ବା ତୁମକୁ ନେଇ ଯେଉଁ ପରିସ୍ଥିତିରେ ରଖିବେ, ତାହା ତୁମ ଲାଗି ସର୍ବଦା ସର୍ବୋତ୍ତମହିଁ

'oaob.nitrkl.ac.in' images reprocessed

ହୋଇ ରହିଥିବ । ଏଇଟି ହେଉଛି ଆସ୍ଥା । ମାତ୍ର ନିଷ୍ଠା — ନିଷ୍ଠା ହେଉଛି ପରମେଶ୍ୱର ରହିଛନ୍ତି ବୋଲି ଏକ ଅବିଚଳ ସୁନିଶ୍ଚିତତା — ଏହି ନିଷ୍ଠା ତୁମର ସମସ୍ତ ସତ୍ତାକୁହିଁ ଆବୋରି କରି ଧରିଥାଏ । କେବଳ ମାନସିକ, ଚୈତ୍ୟ ଅଥବା ପ୍ରାଣିକ ସତ୍ତା ନୁହେଁ : ତୁମର ସମଗ୍ର ସତ୍ତାହିଁ ସମ୍ପୂର୍ଣ୍ଣ ଭାବରେ ସେହି ନିଷ୍ଠାର ଅଧିକାରୀ ହୋଇ ରହିଥାଏ । ନିଷ୍ଠା ତୁମକୁ ଏକାବେଳେକେ ସିଧା ଅନୁଭୂତି ମଧ୍ୟକୁ ପରିଚାଳିତ କରିନିଏ ।

ଆସ୍ଥା କି କ'ଣ ସମଗ୍ର ଓ ସମ୍ପୂର୍ଣ୍ଣ ହୋଇପାରିବ ?

ଅନିବାର୍ଯ୍ୟତଃ ଆଦୌ ନୁହେଁ । ହଁ, ଦୁଇଟି ମଧ୍ୟରେ କିଛିତ୍ ପାର୍ଥକ୍ୟ ଅବଶ୍ୟ ରହିଛି । ମୁଁ ଠିକ୍ କରି କହିପାରୁ ନାହିଁ, ମାତ୍ର ଦୁଇଟିଯାକ କଦାପି ଏକା ଜିନିଷ ନୁହନ୍ତି ।

ଜଣେ ବ୍ୟକ୍ତି ଆପଣାକୁ ଦିବ୍ୟ କର୍ମ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେଇଛି, ସେହି କର୍ମରେ ତା'ର ନିଷ୍ଠା ରହିଛି; କେବଳ ତାହା ଯେ ସମ୍ଭବ, ସେତିକିରେ ନିଷ୍ଠା ନୁହେଁ; ଏବଂ କେବଳ ତାହାହିଁ ଯେ ଏକମାତ୍ର ଯଥାର୍ଥ କଥା ଏବଂ ତାହାହିଁ ଅବଶ୍ୟ ବଞ୍ଚି ରହିବ ବୋଲି ଏକ ଗଭୀର ବିଶ୍ୱାସ ବା ନିଷ୍ଠା ରହିଛି ଏବଂ ସିଏ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ତାହାରି ଲାଗି ଉତ୍ସର୍ଗୀକୃତ କରି ରଖିଛି; ଏହା ଦ୍ୱାରା କ'ଣ ମିଳିବ ବା ଘଟିବ, ସିଏ ସେବିଷୟରେ ଆଦୌ କିଛି ପଚାରୁ ନାହିଁ । ଏବଂ ଏହିପରି ଭାବରେ, ସେଇଥିରେ ବା ତାହାରି ଉପରେହିଁ ଏକ ସୁନିଶ୍ଚିତତା ସ୍ଥାପନ କରାଯାଇପାରେ; ସିଏ ଯେ ଅବଶ୍ୟ ସେହି କାର୍ଯ୍ୟଟିକୁ ସାଧନ କରିପାରିବ, ଅର୍ଥାତ୍, ଆପଣାକୁ ସେଥିଲାଗି ଉତ୍ସର୍ଗୀକୃତ କରି ରଖିଛି ବୋଲି ସିଏ ଯେ ସେଥିରେ ଅଂଶଗ୍ରହଣ କରିପାରିବ ଏବଂ ସେଇଟିକୁ କରିପାରିବ, ଏହିପରି ଏକ ପ୍ରତ୍ୟୟ ସ୍ଥାପନ କରାଯାଇପାରେ । ଏପରି ଏକ ପ୍ରତ୍ୟୟ ଯେ, ସିଏ ଯାହା କରିବାକୁ ଯାଉଛି ବା କରିବାକୁ ଇଚ୍ଛା କରୁଛି, ତାହାକୁ ସିଏ ପ୍ରକୃତରେ କରିପାରିବ; ସିଏ ଯେଉଁ ଉପଲବ୍ଧିଟିକୁ ହାସଲ କରିବାକୁ ଯାଉଛି, ସେଇଟିକୁ ସିଏ ନିଶ୍ଚୟ ହାସଲ କରିପାରିବ । ପ୍ରଥମଟି ଆଦୌ କୌଣସି ପ୍ରଶ୍ନ ପଚାରେ ନାହିଁ, ଫଳଗୁଡ଼ାକ ବିଷୟରେ କୌଣସି ଚିନ୍ତା କରେ ନାହିଁ, କେବଳ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେଇଥାଏ, — ଆପଣାକୁ ଉତ୍ସର୍ଗ କରିଦିଏ ଏବଂ ତାହାହିଁ ତା' ଲାଗି ଯଥେଷ୍ଟ ହୋଇ ରହିଥାଏ । ଏହା ଏପରି ଗୋଟିଏ ଜିନିଷ, ଯାହାକି ତାକୁ ସମ୍ପୂର୍ଣ୍ଣ ଭାବରେ ନିମଗ୍ନ କରି ରଖିଥାଏ । ଆରଟିକୁ ହୁଏତ ବାହାରୁ ଆଣି ତା' ଉପରେ ଆରୋପିତ କରାଯାଇପାରେ । ପ୍ରତ୍ୟୟ କରୁଥାଏ : "ହଁ, ମୁଁ ଅଂଶଗ୍ରହଣ କରିବି, ମୁଁ ଯାହା ଉପଲବ୍ଧି କରିବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରୁଛି, ତାହାକୁ ଉପଲବ୍ଧି କରିବି, ଏହି କାର୍ଯ୍ୟଟିରେ ମୁଁ ନିଶ୍ଚୟ ଅଂଶଗ୍ରହଣ କରିବି ।" ମାତ୍ର ଆଉଟି, ଅର୍ଥାତ୍ ନିଷ୍ଠା ଆପଣାକୁ ଦିବ୍ୟ ପରମସତ୍ତାଙ୍କଠାରେହିଁ ରହିଥିବା ଏକ ଗଭୀର ବିଶ୍ୱାସରେ ପରିଣତ କରି ରଖିଥାଏ, ସେହି ଦିବ୍ୟ ପରମସତ୍ତାହିଁ ସବୁକିଛି, ସେଇସବୁ କରିପାରିବେ ଓ ସବୁ କରୁଛନ୍ତି ବୋଲି ମାନୁଥାଏ··· ତାହାଙ୍କୁହିଁ ଏକମାତ୍ର ଅସ୍ତିତ୍ୱ ବୋଲି ମାନେ, — ଏବଂ ଏହି ନିଷ୍ଠାଯୁକ୍ତ ବ୍ୟକ୍ତି ଆପଣାକୁ ଏହି ବିଶ୍ୱାସ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିଥାଏ, ଦିବ୍ୟ ପରମସତ୍ତାଙ୍କ ପାଖରେ ସମର୍ପିତ କରି ରଖିଥାଏ । ଏହାହିଁ ତା'ଲାଗି ସବୁକିଛି ହୋଇ ରହିଥାଏ । ଦିବ୍ୟ ପରମସତ୍ତା ଅଛନ୍ତି ବୋଲି ତା'ର ଗଭୀର ବିଶ୍ୱାସ ଥାଏ ଓ ସିଏ ଆପଣାକୁ ସମର୍ପିତ କରି ରଖିଥାଏ । ଏବଂ ଏଇଟି ଉପରେ ସିଏ ଅବଶ୍ୟ ଏକ ଆସ୍ଥା ଆରୋପିତ କରି ରଖିପାରିବ ଯେ ଦିବ୍ୟ ପରମସତ୍ତାଙ୍କ ସହିତ ତା'ର ଏହି ଯେଉଁ ସମ୍ବନ୍ଧ ରହିଛି, ତାଙ୍କଠାରେ ଯେଉଁ ଗଭୀର ବିଶ୍ୱାସ ରହିଛି, ତାହା ଏପରି ଭାବରେ କାର୍ଯ୍ୟ କରିବ ଯେ, ତା'ର ଜୀବନରେ ଯାହାକିଛି ଘଟିବ — ତାହା ଯାହା ହୋଇଥାଉ ପଛକେ, — ତା'ର ଜୀବନରେ ଯାହାକିଛି ଘଟୁଥିବ, ତାହା ଯେ କେବଳ ସେହି ଦିବ୍ୟ ଇଚ୍ଛାକୁହିଁ ଅଭିବ୍ୟକ୍ତ କରି ଦେଉଥିବ, ସେତିକି ନୁହେଁ (ସେଇଟି ତ ଅବଶ୍ୟ ହେବ), ମାତ୍ର ତାହାହିଁ ତା'ଲାଗି ସମ୍ଭାବ୍ୟ ସର୍ବୋତ୍ତମ ହୋଇ ମଧ୍ୟ ରହିଥିବ । ଏପରି ଏକ ଆସ୍ଥା ରହିଥିବ ଯେ, ତା' ଜୀବନରେ ଏହାଠାରୁ ଅଧିକ ଭଲ କଦାପି କିଛିହେଲେ ବି ଘଟି ନ ଥାନ୍ତା, କାରଣ ଯାହାକିଛି ଘଟୁଛି, ତାହାକୁ ତା' ପାଇଁ କେବଳ ସେହି ଦିବ୍ୟ ପରମସତ୍ତାହିଁ ଘଟାଇବାରେ ଲାଗିଛନ୍ତି । ଅବଶ୍ୟ ଏହି ଦୃଷ୍ଟିକୋଣକୁ ଅନିବାର୍ଯ୍ୟତଃ ନିଷ୍ଠାର ଏକ ଅଙ୍ଗ ବୋଲି କୁହାଯାଇ ପାରିବ ନାହିଁ; କାରଣ ନିଷ୍ଠା କେବେହେଲେ କିଛି ପ୍ରଶ୍ନ କରେ ନାହିଁ, ଏହି ଆତ୍ମୋତ୍ସର୍ଗର ଫଳ କ'ଣ ହେବ ବା ନ ହେବ, ସେବିଷୟରେ ଆଦୌ କୌଣସି ପ୍ରଶ୍ନ କରେ ନାହିଁ । ତାହା ଆପଣାକୁ ଦେଇଦିଏ ଓ ତାହାକୁହିଁ ସବୁକିଛି ବୋଲି ଜାଣେ । ମାତ୍ର, ପ୍ରତ୍ୟୟ ହୁଏତ ଏହି କ୍ଷେତ୍ରକୁ ଆସି ଏଭଳି ପ୍ରଶ୍ନ କରିପାରେ, "ହଁ, ଏହାର ପରିଣାମ ଏହିପରି ହେବାକୁ ଯାଉଛି ।" ଏବଂ ଏହା ହେଉଛି ଏକ ନିର୍ଭେଳ ସତ-କଥା,—ଅର୍ଥାତ୍, ଆମେ ଯେଉଁ ମୁହୂର୍ତ୍ତରେ ନିଜକୁ ନେଇ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ଉତ୍ସର୍ଗ କରିଦେଉ, ଆଦୌ କୌଣସି ପ୍ରକାର ହିସାବ ବା ଗଣନା ନ କରି ବା କୌଣସି ପ୍ରକାର ଦରଦାମ୍ ନ କରି ନିଜକୁ ଏକ ପୂର୍ଣ୍ଣ ବିଶ୍ୱାସରେ ସମର୍ପିତ କରିଦେଉ,—କେବଳ ଆପଣାକୁ ସମର୍ପଣ କରିଦେଉ, ଏହାପରେ କ'ଣ ହେବ ବା ନ ହେବ, ସେବିଷୟରେ ଆଦୌ କିଛି ଚିନ୍ତା କରୁ ନାହିଁ ! "ସେକଥା ମୁଁ କାହିଁକି ଚିନ୍ତା କରିବି, ମୁଁ କେବଳ ଆପଣାକୁ ଦେଇଦେବି" — ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସକଳ

'oaob.nitrkl.ac.in' images reprocessed

ପରିସ୍ଥିତିରେ ଓ ସର୍ବକ୍ଷଣରେ ତୁମ ଲାଗି କେବଳ ସର୍ବୋତ୍ତମହିଁ ଘଟିବ...ସର୍ବୋତ୍ତମ କହିଲେ ତୁମେ ଯେପରି କଳ୍ପନା କରୁଛ ସେପରି ନୁହେଁ (ପ୍ରକୃତରେ, ସ୍ୱଭାବନା ଏସବୁ ବିଷୟରେ କିଛି ଜାଣେ ନାହିଁ), ମାତ୍ର ଯାହା ପ୍ରକୃତରେ ସର୍ବୋତ୍ତମ, ତାହାହିଁ ଘଟିବ । ହଁ, ସତ୍ତାର ଗୋଟିଏ ଅଂଶ ହୁଏତ ଏ ବିଷୟରେ ସଜ୍ଞାନ ହୋଇପାରିବ ଏବଂ ଏହି ଆସ୍ଥାଟିକୁ ପୋଷଣ କରିପାରିବ । ଏହାକୁ ଆମେ ନିଷ୍ଠା ବା ବିଶ୍ୱାସ ସହିତ ଯୋଡ଼ା ହୋଇଥିବା ଗୋଟିଏ କଥା ବୋଲି ଗ୍ରହଣ କରିପାରିବା । ଏହି ବିଶ୍ୱାସ ତାହାକୁ ଅଧିକ ବଳ ଆଣି ଦେବ, ଏପରି ଏକ ବଳ ଆଣି ଦେବ,— ଏହାକୁ ମୁଁ ଶବ୍ଦରେ କିପରି ପ୍ରକାଶ କରି କହିପାରିବି ? —ଯାହାକି ସମଗ୍ର ଭାବରେ ଗ୍ରହଣ କରିନେଇ ପାରୁଥିବ ଏବଂ ଯାହାକିଛି ଘଟୁଥିବ, ତାହାର ସର୍ବୋତ୍ତମ ବିନିଯୋଗ କରିପାରୁଥିବ ।

ଏପରି ଏକ ସ୍ଥିତି ରହିଛି, ଯେତେବେଳେ ଏହି କଥାଟିର ଉପଲବ୍ଧି ହୋଇଥାଏ ଯେ, ଜୀବନର ଯାବତୀୟ ବିଷୟର, ଯାବତୀୟ ପରିସ୍ଥିତିର, ଯାବତୀୟ ସମ୍ବରର ତଥା ଯାବତୀୟ କାର୍ଯ୍ୟର ଯେଉଁ ପ୍ରଭାବ ଚେତନା ଉପରେ ଆସି ପଡ଼ୁଛି, ତାହା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଏହିଗୁଡ଼ିକ ପ୍ରତି ରହିଥିବା ଆମର ଦୃଷ୍ଟିକୋଣଟି ଉପରେହିଁ ନିର୍ଭର କରିଥାଏ । ଏପରି ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ କି ଆମେ ଏଭଳି ଉପଲବ୍ଧି କରିବା ଲାଗି ଯଥେଷ୍ଟ ପରିମାଣରେ ସଚେତନ ହୋଇଥାଉ ଯେ, କୌଣସି ବସ୍ତୁ ପ୍ରକୃତରେ ସ୍ୱଭାବତଃ ଭଲ ନୁହେଁ କି ସ୍ୱଭାବତଃ ମନ୍ଦ ନୁହେଁ : ସେଗୁଡ଼ିକ ସହିତ ଆମର ଯେଉଁଭଳି ସମ୍ବନ୍ଧ ରହିଛି, କେବଳ ସେହି ଅନୁସାରେହିଁ ସେଗୁଡ଼ିକ ଆମ ଲାଗି ଭଲ ଅଥବା ମନ୍ଦ; ଆମର ସେଗୁଡ଼ିକ ପ୍ରତି ଯେଉଁଭଳି ଦୃଷ୍ଟିକୋଣ ରହିଛି, ଆମ ଉପରେ ସେଗୁଡ଼ିକର ପ୍ରଭାବ ସମ୍ପୂର୍ଣ୍ଣତଃ ତାହାରି ଉପରେହିଁ ନିର୍ଭର କରିଥାଏ । ସେହି ଗୋଟିଏ ବସ୍ତୁକୁ, ଏକାବେଳେକେ ସେହି ଗୋଟିଏ ବସ୍ତୁକୁ ଯଦି ଆମେ ପରମେଶ୍ୱରଙ୍କର ଏକ ଦାନ ରୂପେ ଗ୍ରହଣ କରୁ, ଯଦି ଆମେ ତାହାକୁ ଦିବ୍ୟ କରୁଣାରୂପେ ଏବଂ ସେହି ପରିପୂର୍ଣ୍ଣ ପରମ ସମଞ୍ଜସତାର ପରିଣାମ-ରୂପେ ଗ୍ରହଣ କରିପାରୁ, ତେବେ ତାହା ଆମକୁ ଅଧିକ ସଚେତନ ହେବାରେ ସାହାଯ୍ୟ କରିବ, ଆମକୁ ଅଧିକ ବଳ ଆଣିଦେବ, ଅଧିକ ସତ୍ୟଯୁକ୍ତ କରି ରଖିବ । ମାତ୍ର, ଯଦି ଠିକ୍ ସେହି ପରିସ୍ଥିତିକୁ ଆମେ ଅଦୃଷ୍ଟର ଏକ ଆଘାତରୂପେ ବା ଆମକୁ ଆକ୍ରାନ୍ତ କରିବାକୁ ଇଚ୍ଛା କରୁଥିବା ଏକ ମନ୍ଦ ଶକ୍ତିରୂପେ ଗ୍ରହଣ କରୁ, ତେବେ ତାହା ଆମକୁ ସଙ୍କୁଚିତ କରି ପକାଇବ, ଆମକୁ ଆଶାଶୂନ୍ୟ କରିଦେବ ଏବଂ ଆମ ପାଖରୁ ସକଳ ଚେତନା, ସକଳ ବଳ ଓ ସକଳ ସମଞ୍ଜସତାକୁ ଅପହରଣ କରି ନେଇଯିବ । ଏବଂ ପରିସ୍ଥିତି ଅବିକଳ ସେହି ଗୋଟିଏ ହୋଇ ରହିଥିବ । ମୁଁ ଇଚ୍ଛା କରୁଛି ଯେ ତୁମ ସମସ୍ତଙ୍କର ସେହି ଅଭିଜ୍ଞତାଟି ହେଉ; କାରଣ

'oaob.nitrkl.ac.in' images reprocessed

ଯେତେବେଳେ ତୁମମାନଙ୍କର ଏହି ଅଭିଜ୍ଞତାଟି ହୋଇଯିବ, ସେତେବେଳେ ତୁମେ ଆପେ ଆପଣାର କର୍ତ୍ତାରୂପେ ପ୍ରତିଷ୍ଠିତ ହେବ । କେବଳ ଆପଣାର କର୍ତ୍ତା ନୁହେଁ, ମାତ୍ର ତୁମେ ଯାହାକିଛି ସହିତ ସମ୍ବନ୍ଧିତ ହୋଇ ରହିଥିବ, ତୁମ ଜୀବନର ସେହି ଯାବତୀୟ ପରିସ୍ଥିତିର କର୍ତ୍ତା ହୋଇ ରହିଥିବ । ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ତୁମେ ଗ୍ରହଣ କରୁଥିବା ଦୃଷ୍ଟିକୋଣଟି ଉପରେ ନିର୍ଭର କରିବ । ଏହି ଅଭିଜ୍ଞତାକୁ କେବଳ ତୁମର ମସ୍ତିଷ୍କ ଭିତରେ ଘଟୁଥିବା ଏକ ଅଭିଜ୍ଞତା ବୋଲି ଆଦୌ ବୁଝାଯିବ ନାହିଁ । ଅବଶ୍ୟ ଏହା ସତ ଯେ, ସେହିଠାରୁହିଁ ଏହାର ପ୍ରଥମ ସଞ୍ଚାର ହେବ; ମାତ୍ର ଏହି ଅଭିଜ୍ଞତା ତୁମର ଶରୀର କ୍ଷେତ୍ରରେ ମଧ୍ୟ ଘଟିପାରିବ । ଏପରି ଅଧିକ ଭାବରେ ଘଟିବ ଯେ,—ଏହା ଏପରି ଏକ ଉପଲବ୍ଧି, ଯାହା ପାଇଁ କି ଅତ୍ୟନ୍ତ ସ୍ୱାଭାବିକ ଭାବରେ ପ୍ରଭୂତ ପ୍ରସ୍ତୁତିର ଆବଶ୍ୟକତା ରହିଛି, ଜଡ଼ ମଧ୍ୟରେ ପ୍ରଭୂତ ଅଭିନିବେଶ, ଆତ୍ମକର୍ତ୍ତୃତ୍ୱ ଓ ପ୍ରଭୂତ ଚେତନାକୁ ଆଣି ପ୍ରବିଷ୍ଟ କରାଇବାର ଆବଶ୍ୟକତା ରହିଛି । ମାତ୍ର ତାହାର ପରିଣାମସ୍ୱରୂପ, ତୁମର ଶରୀର ଯେଉଁପରି ଭାବରେ ବାହାରୁ ଆଘାତଗୁଡ଼ିକୁ ଗ୍ରହଣ କରିପାରୁଥିବ, ତାହାର ଅନୁସାରେହିଁ ଉପଲବ୍ଧ ଫଳଟି ହୁଏତ ଅନ୍ୟପ୍ରକାରେ ହେବାରେ ଲାଗିଥିବ । ଏବଂ, ସେହି କ୍ଷେତ୍ରରେ ଏକ ପରିପୂର୍ଣ୍ଣତା ଲାଭ କରିପାରିଲେ ତୁମେ ଯାବତୀୟ ଆକସ୍ମିକତା ଓ ଯାବତୀୟ ଘଟନା ଉପରେ ସ୍ୱୟଂକର୍ତ୍ତା ହୋଇ ରହିପାରିବ । ଏପରି ଘଟିବ ବୋଲି ମୁଁ ଅବଶ୍ୟ ଆଶା କରୁଛି । ଏହା ଅବଶ୍ୟ ସମ୍ଭବ । କେବଳ ଯେ ସମ୍ଭବ ତା' ନୁହେଁ, ଏହା ସୁନିଶ୍ଚିତ । ଏଥିଲାଗି ଆଗକୁ କେବଳ ଗୋଟିଏ ପାଦ ପକାଇବାକୁ ହେବ । ଅର୍ଥାତ୍, ତୁମର ଏହି ଯେଉଁ ଶକ୍ତିଟି ମନଃସ୍ତରରେ ସମ୍ପୂର୍ଣ୍ଣ ଭାବରେ ଓ ଅଖଣ୍ଡନୀୟ ଭାବରେ ଉପଲବ୍ଧ ହୋଇସାରିଛି, ତୁମକୁ ସେଇଟିକୁ ପରିସ୍ଥିତିଗୁଡ଼ିକ ଉପରେ ମଧ୍ୟ ଏପରି ଭାବରେ କାର୍ଯ୍ୟକାରୀ କରିପାରିବାକୁ ହେବ ଯେ, ତାହା ଫଳରେ ତୁମ ଉପରେ ସେହି ପରିସ୍ଥିତିଗୁଡ଼ିକର ହେଉଥିବା କ୍ରିୟାଟି ସମ୍ପୂର୍ଣ୍ଣ ଭାବରେ ବଦଳିଯିବ; ସେହି ଶକ୍ତି ଜଡ଼ ମଧ୍ୟକୁ ଅବତରଣ କରି ଆସିପାରିବ, ଏକାବେଳେକେ ଏହି ଭୌତିକ ଉପାଦାନଟି ମଧ୍ୟରେ ଆସି ପ୍ରବେଶ କରିପାରିବ, ଦେହର କୋଷଗୁଡ଼ିକ ମଧ୍ୟରେ ପ୍ରବିଷ୍ଟ ହେବ ଏବଂ ଚତୁଃପାର୍ଶ୍ୱର ବସ୍ତୁଗୁଡ଼ିକ ସହିତ ରହିଥିବା ସମ୍ବନ୍ଧକ୍ଷେତ୍ରରେ ତୁମ ଶରୀରକୁ ମଧ୍ୟ ସେହି ଶକ୍ତିଟିକୁ ଆଣି ପ୍ରଦାନ କରିପାରିବ ।

ଏହା କେବଳ ଏକ ବିଶ୍ୱାସ ନୁହେଁ, ଏହା ଏକ ନିଶ୍ଚୟତା । ଆମ ଅଭିଜ୍ଞତାରୁ ଉପଲବ୍ଧ ହେଉଥିବା ଏକ ନିଶ୍ଚୟତା ।

ଏହି ଅଭିଜ୍ଞତା କେବଳ ଏକ ସମଗ୍ର ଅଭିଜ୍ଞତା ନୁହେଁ, ଏହା ଏକ ବାସ୍ତବ ଅଭିଜ୍ଞତା ।

'oaob.nitrkl.ac.in' images reprocessed

ଏହା ଭ୍ରମ ଆଗରେ କେତେକେତେ ନୂତନ ଦିଗ୍‌ବଳୟକୁ ଉନ୍ମୋଚିତ କରି ଦେଇଯିବ । ରୂପାନ୍ତରର ମାର୍ଗରେ ଆମେ ଏହାକୁ ଗୋଟିଏ ପାଦ ଆଗକୁ ବୋଲି କହିବା ।

ଏଥିରୁ ନ୍ୟାଯ୍ୟତଃ ଏହି ସିଦ୍ଧାନ୍ତଟି ବାହାରୁଛି ଯେ, ଜଗତରେ କୌଣସି କିଛିହେଲେ ଆଦୌ ଅସମ୍ଭବ ନୁହେଁ । ଆମେହିଁ ଏହିସବୁ କ୍ଷେତ୍ରରେ ଯାବତୀୟ ଅନ୍ତରାୟକୁ ଆଣି ରଖିଦେଇଥାଉଁ । ଆମେ ସର୍ବଦା କହିବାରେ ଲାଗିଥାଉଁ, "ସେଇଟା ସମ୍ଭବ, ସେହି ଅନ୍ୟଟା ସମ୍ଭବ ନୁହେଁ । ହଁ, ଏଇଟା'କୁ କରାଯାଇ ପାରିବ, ସେଇଟାକୁ କରାଯାଇ ପାରିବ ନାହିଁ । ହଁ, ଏଇଟା ସତ, ଏଇଟା ସାଧ୍ୟ, ଏଇଟାକୁ ତ କରାଯାଉଛି; ମାତ୍ର ସେଇଟା ସମ୍ପୂର୍ଣ୍ଣ ଅସମ୍ଭବ ।" ଆମେ ନିଜେହିଁ ସର୍ବଦା ଆପଣାକୁ ସୀମିତାଗୁଡ଼ିକର ଅର୍ଗଳ ଉପରେ ଆମ ନିଜ ସୀମାଗୁଡ଼ିକର କାରାଗାର ଭିତରେ ନେଇ ପକାଇ ଦେଇଥାଉଁ, ଆମର ଏହି କଡ଼ବନ୍ତ, ସଙ୍କୀର୍ଣ୍ଣ ଓ ଅଜ୍ଞାନତାମୟ ବୋଧର ବାଡ଼ଟି ଭିତରେ ନେଇ ପକାଇ ଦେଇଥାଉଁ, ଯାହାକି ଜୀବନର ଅସଲ ବିଧାନଗୁଡ଼ିକ ବିଷୟରେ ମୋଟେ କିଛି ଜାଣି ନ ଥାଏ । ଜୀବନର ବିଧାନଗୁଡ଼ିକ ଯାହା ହୋଇଥିବ ବୋଲି ଆମେ ଭାବିଥାଉଁ, ସେଗୁଡ଼ିକ ଆଦୌ ସେପରି ନୁହନ୍ତି; ସବୁଠାରୁ ଅଧିକ ବୁଦ୍ଧିଆ ବ୍ୟକ୍ତିମାନେ ସେଗୁଡ଼ିକ ଯାହା ହୋଇଥିବ ବୋଲି ଭାବନ୍ତି, ସେଗୁଡ଼ିକ ଆଦୌ ସେପରି ନୁହନ୍ତି । ସେଗୁଡ଼ିକ ଏହାଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ । ଆଗକୁ ପାଦଟିଏ ପକାଇବା ମାତ୍ରକେ,— ବିଶେଷତଃ ଅସଲ ମାର୍ଗଟି ଉପରେ ପ୍ରଥମ ପଦକ୍ଷେପଟିକୁ ଗ୍ରହଣ କରିବା ମାତ୍ରକେ, ଆମେ ତାହା ଆବିଷ୍କାର କରିବାକୁ ଆରମ୍ଭ କରିଥାଉଁ ।

ମାଆ, ଏଠାରେ ଲେଖା ହୋଇଛି :

"ପ୍ରଶ୍ନ : ଦିବ୍ୟ ପରମସତ୍ତାଙ୍କ ଆଗରେ ଏବଂ ଅନ୍ୟମାନଙ୍କ ଆଗରେ ଆପଣାର ଦୁର୍ବଳତା ତଥା ଦୋଷଗୁଡ଼ିକୁ ସ୍ୱୀକାର କରି ଆସିବା ଆନ୍ତରିକତାର ପରିଚାୟକ କି ?

"ଉତ୍ତର : ଅନ୍ୟମାନଙ୍କ ଆଗରେ କାହିଁକି ସ୍ୱୀକାର କରିବ ? କେବଳ ଦିବ୍ୟ ପରମସତ୍ତାଙ୍କ ଆଗରେହିଁ ସ୍ୱୀକାର କରିବାକୁ ପଡ଼ିବ ।

"ପ୍ରଶ୍ନ : ମାତ୍ର ଯଦି କୌଣସି ବ୍ୟକ୍ତି ପ୍ରତି ମୁଁ ଏକ ଅନ୍ୟାୟ ବା ଅନୁଚିତ କାର୍ଯ୍ୟ କଲି, ତେବେ ତାହାକୁ ସେହି ବ୍ୟକ୍ତି ପାଖରେ

'oaob.nitrkl.ac.in' images reprocessed

ସ୍ୱୀକାର କରି ଆସିବା ମୋର କର୍ତ୍ତବ୍ୟ ନୁହେଁ କି ? କେବଳ ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ସ୍ୱୀକାର କରିବା କ'ଣ ଯଥେଷ୍ଟ ହୋଇଯିବ ?'

"ଉତ୍ତର : ଯଦି ସେଥିରେ ଅନ୍ୟମାନଙ୍କ ପ୍ରତି ବି କଷ୍ଟ କରା ଯାଇଥିବ, ତେବେ ତୁମେ ଅବଶ୍ୟ ତାହା କରିପାରିବ ।"

ସେଥିରେ କୌଣସି କ୍ଷତି ହେବ ନାହିଁ । ଯଦି ସେଥିରେ ତୁମକୁ ସୁଖ ମିଳୁଥାଏ, ତେବେ ତୁମେ ଅବଶ୍ୟ ତାହା କରିପାରିବ । ମୂଳତଃ, ଯଦି ତଦ୍ୱାରା ତୁମେ ଶାନ୍ତ ହୋଇଯାଇପାର ଓ ଅଗ୍ରଗତି ଲାଗି ସାହାଯ୍ୟ ପାଅ, ଅଗ୍ରଗତି କରିବାକୁ ହେଲେ ଏପରି ଅବଶ୍ୟ କରିବାକୁ ହେବ ବୋଲି ଯଦି ତୁମେ ଅନୁଭବ କରୁଥାଅ, ତେବେ ତାହା ଅତ୍ୟନ୍ତ ଉତ୍ତମ କଥା ହେବ ।

ମାଆ, ଏପରି ବି କ'ଣ ସମ୍ଭବ ହୋଇପାରେ ଯେ, ଜଣେ ବ୍ୟକ୍ତି ଭିତରେ ଆଦୌ କୌଣସି ନିଷ୍ଠା ନ ଥିବ, ମାତ୍ର ସେବିଷୟରେ ସିଏ ଆଦୌ କୌଣସି ପ୍ରକାରେ ସଚେତନହିଁ ନ ଥିବ ?

ମୁଁ ଭାବୁଛି, ଏପରି ଏକ କ୍ଷେତ୍ରରେ, ସେହି ବ୍ୟକ୍ତିକୁ ଜଣେ ଦୁଷ୍ଟ ବ୍ୟକ୍ତି ବୋଲି କୁହାଯିବ । କାରଣ, ତା'ର କୌଣସି ନିଷ୍ଠା ନାହିଁ ବୋଲି ଯଦି ଜଣେ ବ୍ୟକ୍ତି ଜାଣିଥିବ ମାତ୍ର ତଥାପି ଯଦି ସିଏ ନିଷ୍ଠାହୀନ ହୋଇ ରହିବାରେ ଲାଗିଥିବ, ତେବେ ତାହାକୁ କେବଳ ଦୁଷ୍ଟତା ବୋଲିହିଁ କୁହାଯିବ, ନୁହେଁ କି ? ଏହାର ଅର୍ଥ ହେଉଛି ଯେ ସେହି ବ୍ୟକ୍ତିର ଅଭିପ୍ରାୟଗୁଡ଼ିକହିଁ ଖରାପ, ତା' ନ ହୋଇଥିଲେ ସିଏ ତଥାପି କାହିଁକି ନିଷ୍ଠାହୀନ ହୋଇ ରହିଛି ?

ଯଦି ଜଣେ ଏବିଷୟରେ ସଚେତନ ନ ଥିବ ବୋଲି ମୁଁ କହିଲି ।

ତେବେ ଜଣେ ବ୍ୟକ୍ତି କିପରି ଏକାବେଳେକେ ସଚେତନ ଓ ଅସଚେତନ ଉଭୟ ହୋଇପାରିବ ? ଏଇଟା କଦାପି ସମ୍ଭବ ହେବ ନାହିଁ । ଯଦି ଜଣେ ବ୍ୟକ୍ତି ତା'ର ନିଷ୍ଠାହୀନତା ବିଷୟରେ ସଚେତନ, ତେବେ ତାହାକୁ କଦାପି ଅସଚେତନ ବୋଲି କୁହାଯାଇ ପାରିବ ନାହିଁ । ଏହା ଆଦୌ ସମ୍ଭବ ନୁହେଁ । ଦୁଇଟାଯାକ ମୋଟେ ଏକାବେଳେକେ ସମ୍ଭବ ହେବ ନାହିଁ ।

ମାତ୍ର, ଯଦି ଜଣେ ବ୍ୟକ୍ତି ନିଷ୍ଠାହୀନ ହୋଇଥିବ; କିନ୍ତୁ ପ୍ରକୃତରେ କେଉଁ କ୍ଷେତ୍ରରେ ତା'ର ଏଇ ନିଷ୍ଠାହୀନତା ରହିଛି, ସେକଥା ଜାଣି ନ ଥିବ ?

'oaob.nitrkl.ac.in' images reprocessed

ଜାଣି ନ ଥିବ ? ... ତାହାର କାରଣ ହେଉଛି ଯେ, ତା' ଭିତରେ ଯଥେଷ୍ଟ ନିଷ୍ଠା ନ ଥିବ । ଏବଂ କେବେହେଲେ ଆପଣା ଆଡ଼କୁ ଅନାଇ ଦେଖୁ ନ ଥିବ । କାରଣ, ଏକଥା ମୁଁ ପ୍ରତିଶ୍ରୁତି ଦେଇ କହିପାରିବି, ତୁମ ଭିତରେ ନିଷ୍ଠାର ଅଭାବ ରହିଛି ବୋଲି ଯଦି ତୁମେ ପ୍ରକୃତରେ ସଚେତନ ଥିବ, ତେବେ ଠିକ୍ କେଉଁ କ୍ଷେତ୍ରରେ ତୁମର ସେହି ଅଭାବଟି ରହିଛି, ତୁମେ ସେ କଥା ଅବଶ୍ୟ ଜାଣିଥିବ । ତା' ନ ହେଲେ ନିଜର ନିଷ୍ଠାହୀନତା ବିଷୟରେ ତୁମେ ସଜ୍ଞାନ ବୋଲି ଆଦୌ କୁହାଯିବ ନାହିଁ । ଉଦାହରଣସ୍ୱରୂପ, କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଜଣେ ଜାଣିଛି ଯେ ତା'ର ଏହିପରି କରିବା ଉଚିତ ହେବ : "ଏକଥା କରିବା ମୋର ଅବଶ୍ୟ ଉଚିତ;" ମାତ୍ର ସିଏ ତଥାପି ସେକଥା କରିବା ଲାଗି ଇଚ୍ଛା କରୁ ନ ଥିବ । ଏବଂ ତା'ପରେ, ନିଜ ଭିତରେ ନିଜକୁ ଠକିବାର ବି ଗୋଟିଏ ବାଟ ମିଳିଯିବ, ସେହି କାର୍ଯ୍ୟଟିକୁ ନ କରିବାର ଏକ ବାଟ ମିଳିଯିବ, କାରଣ ସେହି କାର୍ଯ୍ୟଟିକୁ ସିଏ କରିବା ପାଇଁ ଆଦୌ ଇଚ୍ଛା କରୁ ନ ଥିବ । —ଏଭଳି ଅନେକ ସମୟରେ ଘଟିଥାଏ । (ସମସ୍ତେ ହସିଲେ) ଏବଂ ସେତେବେଳେ, ତୁମେ ଯାହା କରିବ ବୋଲି ଇଚ୍ଛା କରୁଛ, ତାହାକୁ ନ କରିବା ସକାଶେ ଗୋଟାଏ ବାହାନା ଖୋଜି ପାଇବାକୁ ତୁମେ ଯେତେବେଳେ ନିଜ ଭିତରେ ଏହି କ୍ଷୁଦ୍ର ଆୟୋଜନଟିକୁ କରିବାରେ ଲାଗିଥିବ, ସେତେବେଳେ ଯଦି ତୁମ ନିଜ ଭିତରେ ନିଷ୍ଠାର ଅଭାବ ରହିଛି ବୋଲି ତୁମେ ସଚେତନ ହେବାକୁ ଆରମ୍ଭ କରିବ ଏବଂ ତଥାପି ବାହାନା ଖୋଜିବାର ଆୟୋଜନଟିକୁ ବି କରିବାରେ ଲାଗିଥିବ, ତେବେ ତାହାର ଅର୍ଥ ହେବ ଯେ ତୁମ ଭିତରେ ଅନେକ ବିକୃତି ଭରି ରହିଛି । ମୋତେ ପଚାରିଲେ, ମୁଁ ଏହାକୁ ଏକ ଦୁଷ୍ଟତା ବୋଲି କହିବି, ଖରାପ ବୋଲି କହିବି । ମାତ୍ର ନିଜ ଭିତରେ ନିଷ୍ଠାର ଅଭାବ ରହିଛି ବୋଲି ଯଦି ତୁମେ ପ୍ରକୃତରେ ଉପଲବ୍ଧି କରୁଛ, ତାହାର ଅର୍ଥ ହେଉଛି ଯେ ତୁମର ଏହି ଅଭାବଟି ବିଷୟରେ ତୁମର ଏକ ସଚେତନତା ଆସିଛି, ଏବଂ ସେତେବେଳେ ତୁମେ "ମୋ' ଭିତରେ ନିଷ୍ଠାର ଅଭାବ ବିଷୟରେ ମୁଁ ସଚେତନ ନୁହେଁ" ବୋଲି କିପରି କହିପାରିବ ? ...ଶେଷରେ ନବେଥର ଆମେ ଅଜାଣତରେ ଠିକ୍ ଏହିପରି କରିଥାଉଁ । ବସ୍ତୁତଃ ତାହାହିଁ ହେଉଛି ଅସଲ ଦୁର୍ଗତି । ସେହି ଦୁର୍ଗତିଟି ହେଉଛି ଯେ ଆମେ କେଡ଼େ ସହଜରେ ଆପଣାକୁ ଠକିଦେଇ ବସିଥାଉଁ, ଆମେ ଯାହା କରିବା ଲାଗି ପ୍ରକୃତରେ ଇଚ୍ଛା କରୁ ନାହୁଁ, ତାହାକୁ ନ କରିବା ସକାଶେ କେଡ଼େ ସୁନ୍ଦର କୌଶଳମାନ ବାହାର କରିବାରେ ଲାଗିଥାଉଁ; ଅଥବା, ଓଲଟା ଭାବରେ କହିଲେ, କୌଣସି ଏକ କାର୍ଯ୍ୟ ଆମର ଆଦୌ କରିବା ଉଚିତ ନୁହେଁ ବୋଲି ଭଲ କରି ଜାଣିଥିଲେ ମଧ୍ୟ ଆମେ ସେଇଟାକୁହିଁ କରିବା ଲାଗି ଇଚ୍ଛା କରୁଥିବାରୁ

'oaob.nitrkl.ac.in' images reprocessed

ସେଇଟାକୁ ପ୍ରକୃତରେ କରିବା ସକାଶେ କେତେ କୌଶଳ ବାହାର କରିବାରେ ଲାଗିଥାଉ । ଦୁଇଟିଯାକ ସେହି ଗୋଟିଏ କଥା । ତେଣୁ, ସେଥିପାଇଁ ତୁମେ କେତେକେତେ ଉତ୍ତମ କାରଣ ଖୋଜି ବାହାର କରୁଥାଅ, ଏବଂ ଦୁର୍ଭାଗ୍ୟବଶତଃ, ମୁଁ ଯେପରି କହୁଥିଲି, ଅଧିକାଂଶ ମଣିଷ ଏପରି ଭାବରେ ଚେତନାବିଚ୍ୟୁତ ହୋଇ ରହିଥାନ୍ତି ଯେ, ଏହାକୁ ହୃଦୟଙ୍ଗମ ନ କରି ମଧ୍ୟ ସେମାନେ ଏକଥାଟିକୁ କରିବାରେ ଲାଗିଥାନ୍ତି । ସେମାନେ ଆପଣାକୁ ଖରା ନିଷ୍ଠାପର ବୋଲି ଭାବନ୍ତି : "ନାଇଁ, ସତ କଥା କହୁଛି, ମୋ'ର ଏହି କାର୍ଯ୍ୟଟିକୁ କରିବାକୁ ଥିଲି ବୋଲି ମୁଁ ପ୍ରକୃତରେ ଭାବିଥିଲି ।" —କେଉଁ ନିର୍ଭାନ୍ତ ଭାବରେ ସେମାନେ ଏହିଭଳି କହିବାରେ ଲାଗିଥାନ୍ତି । ମାତ୍ର, ସେମାନେ ଏପରି କରନ୍ତି, କାରଣ ସେମାନଙ୍କ ଭିତରେ ଯଥାର୍ଥ ନିଷ୍ଠା ନ ଥାଏ, ଏକଥା ମୋଟେ ନୁହେଁ ଯେ ସେମାନେ ଏବିଷୟରେ ଅସଚେତନ ଥାଆନ୍ତି । ମାତ୍ର, ଯାହାସବୁ ଭିତରେ ଘଟୁଥାଏ, ସେବିଷୟରେ ସାମାନ୍ୟ ପରିମାଣରେ ମଧ୍ୟ ସଚେତନ ହୋଇପାରିଲେ ଖେଳୁଥିବା ଏହି କ୍ଷୁଦ୍ର କୌଶଳଟିକୁ ଆମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ସମର୍ଥ ହେଉଁ; ଆମେ ପ୍ରକୃତରେ ଯାହା କରିବୁ ବୋଲି ଇଚ୍ଛା କରିଥିଲୁ, ତାହାହିଁ କରିବା ସକାଶେ ସୁଚତୁର ଭାବରେ ଗୋଟାଏ ଚମତ୍କାର ବାହାନା ଖୋଜି ବାହାର କରିବାରେ ଆମେ କପରି କେତେ କୁଆଡ଼େ ବୁଲିବାରେ ଲାଗିଥିଲୁ ଓ ଶେଷରେ ସେହିପରି ଗୋଟିଏ ବାହାନାକୁ ଆବିଷ୍କାର କରିପାରିଲୁ,—ତାହା ଅତ୍ୟନ୍ତ ଭଲ ଭାବରେ ଦେଖିବାକୁ ପାଉଁ । ଏହି କାର୍ଯ୍ୟଟି ଆମର କରିବା ଉଚିତ ନୁହେଁ ବୋଲି ଅତ୍ୟନ୍ତ ଭଲ କରି ଜାଣିଥିଲେ ମଧ୍ୟ ଆମେ ସେହିପରି କରିବାରେ ଲାଗିଥିଲୁ । ଏହିପରି ଏହି କ୍ଷେତ୍ରରେ ଦୁଇଟିଯାକ ଏକତ୍ର ହୋଇ ରହିଥାନ୍ତି : ଅଚେତନା ଏବଂ ନିଷ୍ଠାହୀନତା ମଧ୍ୟରେ, ନିଷ୍ଠାହୀନତା ଏବଂ ଅଚେତନା ମଧ୍ୟରେ ଏହିପରି ଖେଳ ଲାଗି ରହିଥାଏ । ମାତ୍ର ଯଦି ତୁମେ "ମୁଁ ମୋ'ର ନିଷ୍ଠାହୀନତା ବିଷୟରେ ସଚେତନ ରହିଛି" ବୋଲି ମୋତେ ଆସି କହିବ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମ ସମ୍ମୁଖରେ ଏହି ସତ୍ୟଟି ଆସି ଦଣ୍ଡାୟମାନ ହେବ : ଅନ୍ଧାର ଭିତରେ ରହିବାକୁହିଁ ତୁମେ ନିଷ୍ପତ୍ତି କରିଛ ନା ପ୍ରକୃତରେ ଅଗ୍ରଗତି କରିବାକୁ ଇଚ୍ଛା କରୁଛ ? ଏହି କ୍ଷେତ୍ରରେ ସେହି ସମସ୍ୟାଟିହିଁ ଆସି ପହଞ୍ଚିବ । ଯଦି ଆପଣାର ନିଷ୍ଠାହୀନତା ବିଷୟରେ ତୁମେ ପ୍ରକୃତରେ ସଚେତନ ହୋଇଥିବ, ତେବେ ତୁମ ଲାଗି କେବଳ ଗୋଟିଏ କଥାହିଁ କରିବାକୁ ରହିଥିବ : ତୁମେ ତପ୍ତ ଲୁହା ନେଇ ତା'ଉପରେ ଲଗାଇଦେବ ଏବଂ ଆପଣାକୁ ନିଷ୍ଠାଯୁକ୍ତ କରି ଗଢ଼ିବ । ହଁ ତୁମେ ଠିକ୍ ସେହିପରି ଅନୁଭବ କରିବ । ପାଚି ଲାଲ ହୋଇ ରହିଥିବା ତପ୍ତ ଲୁହା ନେବ : ତାହା

'oaob.nitrkl.ac.in' images reprocessed

ଚମତ୍କାର ଭାବରେ ପୋଡିଦେଇ ପରେ । ଏବଂ ତା'ପରେ···ତାହା ଗୁଏଁ କରି ଯାଇ ଲାଗିଯିବ ! ···ତାହାହିଁ ଉପାୟ ।

ତାହା ମୁହୂର୍ତ୍ତିକ ପାଇଁ କଷ୍ଟକର ଆଘାତ ଦେବ, ମାତ୍ର ତା'ପରେ ଆମେ ଯଥାର୍ଥରେ ଶାନ୍ତ ହୋଇଯାଇ ପାରିବା ।

ମାଆ, ଆପଣ ଲେଖିଛନ୍ତି : "ନିଷ୍ଠାପରତାହିଁ ଦିବ୍ୟ ତୋରଣ-ଗୁଡ଼ିକର ଗୁପ୍ତ କାଠି ।" ଏହି କଥାଟିର ଅର୍ଥ କ'ଣ ?

ଏକ ସାହିତ୍ୟିକ ଅଳଙ୍କାର ଦେଇ କଥାଟି କୁହାଯାଇଛି । କଳ୍ପନାତ୍ମକ ଅଳଙ୍କାର ଲଗାଇ ସାହିତ୍ୟିକ ଭାବରେ ଏହି କଥାଟିକୁ ବ୍ୟକ୍ତ କରାଯାଇଛି ଯେ ନିଷ୍ଠା ବା ଆନ୍ତରିକତା ଦ୍ୱାରା ଆମେ ସବୁକିଛି ଲାଭ କରିପାରିବା, ଏପରିକି ଦିବ୍ୟ ପରମସତ୍ତାଙ୍କୁ ମଧ୍ୟ ଲାଭ କରିପାରିବା । ଦୁଆରଟିଏ ଖୋଲିବାକୁ ଇଚ୍ଛା କରୁଥିଲେ ସେଥିଲାଗି ଚାବିଟିଏ ଲୋଡ଼ା ହୁଏ, ନୁହେଁ କି ? ଏବଂ, ମଝିରେ ଯେଉଁ ଦ୍ୱାରଟି ତୁମକୁ ଦିବ୍ୟ ପରମସତ୍ତାଙ୍କଠାରୁ ଅଲଗା କରି ରଖିଛି, ସେଥିରେ ଆନ୍ତରିକତାହିଁ ଚାବି ପରି କାର୍ଯ୍ୟ କରିବ । ତାହାହିଁ ଦ୍ୱାର ଖୋଲିଦେବ ଓ ଭିତରକୁ ବାଟ ଦେଖାଇଦେବ । ବୁଝିଲ ?

ଶୁଭରାତ୍ରି ।

'oaob.nitrkl.ac.in' images reprocessed

## ୨୬ ମଇ, ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ୭ମ ଅଧ୍ୟାୟ, "ସମର୍ପଣ" ଉପରେ ଏହି ପ୍ରବଚନଟି ଆଧାରିତ ।

"ପ୍ରଶ୍ନ : ଯଦି ପୁରୁଷ ମାତୃକରୁଣା କ୍ରିୟାଶୀଳ ହେବା ଲାଗି ଆପଣାର ସମ୍ମତି ଦେଉ ନ ଥାଏ, ତେବେ ତାହା ଅନ୍ୟ ସତ୍ତାଗୁଡ଼ିକୁ ମଧ୍ୟ କ'ଣ ରୂପାନ୍ତର ନିମନ୍ତେ ସେହି ମାତୃକରୁଣାକୁ ଗ୍ରହଣ କରିବାରୁ ଅଥବା ଅନୁଭବ କରିବାରୁ ନିବୃତ୍ତ କରି ରଖିପାରେ କି ?

"ଉତ୍ତର : ନାହିଁ । ପୁରୁଷ ଅନେକ ସମୟରେ ଆପଣାକୁ ପ୍ରତ୍ୟାହୃତ କରିନିଏ ଏବଂ ଆପଣାର ସ୍ଥାନାପନ୍ନ ଭାବରେ ଅନ୍ୟ ସତ୍ତାମାନଙ୍କୁ ସମ୍ମତି ଦେବା ଲାଗି ବା ଅନୁଭବ କରିବା ଲାଗି ବାଟ ଛାଡ଼ିଦିଏ ।"

ଏଠାରେ ଯିଏ ପୁରୁଷ କହୁଛନ୍ତି ଠିକ୍ କ'ଣ ବୁଝୁଛନ୍ତି ? ...ଅହଂକୁ ?

(ନୀରବ) ନା — ଏଠାରେ ଏହା ସଚେତନ ସତ୍ତାକୁ ବୁଝାଉଛି । ଗୋଟିଏ ସତ୍ତା, ଆଉଟି ସମ୍ମତି । ଚେତନ ସତ୍ତା ହେଉଛି ପୁରୁଷ, ସମ୍ମତି ଦେଉଛି ପ୍ରକୃତି ।

ମା, ତେବେ ଅନ୍ତର୍ଗତ ପ୍ରତ୍ୟେକ ସତ୍ତାର କ'ଣ ଏକ ପୁରୁଷ ରହିଛି ? ନା ପ୍ରତ୍ୟେକ ସତ୍ତାରେ ସେହି ଗୋଟିଏ ପୁରୁଷ ଅବସ୍ଥାନ କରୁଛି ?

(ନୀରବ) ସତ୍ତାର ପ୍ରତ୍ୟେକ ଅଂଶରେ : ଅର୍ଥାତ୍, ଏକ ପ୍ରାଣିକ ପୁରୁଷ ରହିଛି, ଏକ ମାନସିକ ପୁରୁଷ ଅଛି, ଏକ ଶାରୀରିକ ପୁରୁଷ ବି ରହିଛି...

ଆତ୍ମା ଯାହାକୁ ଚେତନା ବୋଲି କହୁ ?

ହଁ, ଚେତନାମୟ ସତ୍ତା

'oaob.nitrkl.ac.in' images reprocessed

ଆପଣା ଅବଚ୍ଛିନ୍ନତାର ଭୂମି ଉପରେ ସେହି ଚେତନାମୟ ସତ୍ତା ?

ହଁ ।

ମାତ୍ର ଅନ୍ତରସ୍ଥ ଚେତନସତ୍ତା ସମ୍ବନ୍ଧ ନ ଦେଉଥିବା ପର୍ଯ୍ୟନ୍ତ କୌଣସି ସାଧନା ସମ୍ଭବ ହେବ କିପରି ? କାରଣ, ମୋତେ ଲାଗୁଛି ଯେ, ଏହି ସତ୍ତାକୁହିଁ ସାଧନା ଆରମ୍ଭ କରିବା ଲାଗି ଏକ ସଂକଳ୍ପ ନେବାକୁ ହୋଇଥାଏ ।

ହଁ ।

(ପିଲମାନଙ୍କୁ ଉଦ୍ଦେଶ୍ୟ କରି) ବାଃ, ବର୍ତ୍ତମାନ ତ ମୁଁ ପ୍ରଶ୍ନମାନ **ପଢ଼ୁଛି** !

(ଜଣେ ପିଲା) ମାଆ, ଏଠାରେ ଏହି ପ୍ରଶ୍ନଟି ପଚରାଯାଇଛି : "କେଉଁ ସଙ୍କେତରୁ ଆମକୁ ଏପରି ସୂଚନା ମିଳିପାରିବ ଯେ, ଦିବ୍ୟ ପରମସତ୍ତାଙ୍କ ନିକଟରେ ଆପଣାକୁ ନେଇ ସମର୍ପିତ କରିଦେବା ଲାଗି ସାଧକ ମଧ୍ୟରେ ଯେଉଁ ସଂକଳ୍ପ ରହିଥିଲା, ଏଥର ତା' ଜୀବନରେ ତାହାର ଏକ ପ୍ରକୃତ ଫଳ ଫଳିବାକୁ ଆରମ୍ଭ କଲାଣି ?" ଶ୍ରୀଅରବିନ୍ଦ ଉତ୍ତର ଦେଇ କହୁଛନ୍ତି : "ସେହି ସଙ୍କେତଟି ହେଉଛି ଯେ, ସିଏ ଆଦୌ କୌଣସି ପ୍ରଶ୍ନ, ବିଦ୍ରୋହ ବା ଦାବି ନ କରି ଏବଂ କୌଣସି ସର୍ତ୍ତ ନ ରଖି ସମ୍ପୂର୍ଣ୍ଣ ଭାବରେ ଅନୁଗତ ହୋଇ ରହୁଛି ଏବଂ ଦିବ୍ୟ ଯାବତୀୟ ପ୍ରଭାବ ପ୍ରତି ଆପଣାର ଅନୁସ୍ପନ୍ଦନ ଜଣାଇ ପାରୁଛି; ଯାହାକିଛି ସେହି ଦିବ୍ୟ ପରମସତ୍ତାଙ୍କଠାରୁ ନ ଆସୁଛି ତାହାକୁ ସିଏ ପ୍ରତ୍ୟାଖ୍ୟାନ କରି ପାରୁଛି ।"

ଏହାକୁ ଏକ ଉପେକ୍ଷାମୂଳକ ସମର୍ପଣ ବୋଲି କୁହାଯିବ ନାହିଁ କି ?

ଉପେକ୍ଷାମୂଳକ ? "ଉପେକ୍ଷାମୂଳକ"ର ଅର୍ଥ କ'ଣ ?

ନିଷ୍କ୍ରିୟ !

ମୁଁ ତୁମ କଥାଟିର ଠିକ୍ ଅର୍ଥ କ'ଣ ତାହା ଜାଣିପାରୁ ନାହିଁ । ଜଣେ ସାଧକର ସମର୍ପଣ ପରିପୂର୍ଣ୍ଣ ହେଲା ବୋଲି କେଉଁ ସଙ୍କେତରୁ ଜଣା ପଡ଼ିବ, ଏଠାରେ ସିଏ ତାହାହିଁ ଜାଣିବାକୁ ଇଚ୍ଛା କରୁଛି । ଏଠାରେ ସକ୍ରିୟ ଅଥବା ନିଷ୍କ୍ରିୟ

'oaob.nitrkl.ac.in' images reprocessed

ସମର୍ପଣରେ କୌଣସି ପ୍ରଶ୍ନ ଉତ୍ଥାପିତ ହେଉ ନାହିଁ । ଶ୍ରୀଅରବିନ୍ଦ କହୁଛନ୍ତି ଯେ ସମର୍ପଣ କରିବାର ସଂକଳ୍ପ ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ପରିଣାମ ସମ୍ଭବ ହୋଇଥାଏ । ପ୍ରଥମ ପରିଣାମଟି ହେଉଛି ଯେ, ଆଦୌ କୌଣସି ପ୍ରଶ୍ନ ନ କରି ସେତେବେଳେ ସମ୍ପୂର୍ଣ୍ଣ ଅନୁଗତ ହୋଇ ରହିହୁଏ । ଏବଂ ଦ୍ୱିତୀୟ ପରିଣାମଟି ହେଉଛି, କେବଳ ଦିବ୍ୟ ପରମସତ୍ତାଙ୍କଠାରୁ ଆସୁଥିବା ପ୍ରଭାବଗୁଡ଼ିକ ବ୍ୟତୀତ ଆଉ ଯାବତୀୟ ପ୍ରଭାବକୁ ପ୍ରତ୍ୟାଖ୍ୟାନ କରିପାରିବା ଲାଗି ଏକ ଶକ୍ତି ଆସେ । ଏଗୁଡ଼ିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପରିଣାମ । ଯେତେବେଳେ ଏଗୁଡ଼ିକ ହାସଲ୍ ହୋଇଯାଏ, ସେତେବେଳେ ଅନେକ ଅଗ୍ରଗତି ହୋଇଗଲାଣି ବୋଲି କୁହାଯାଇ ପାରିବ ।

କେଉଁ ପ୍ରଭାବ ଦିବ୍ୟ ପରମସତ୍ତାଙ୍କଠାରୁ ଆସୁଛି ଓ କେଉଁ ପ୍ରଭାବ ତାଙ୍କଠାରୁ ନ ଆସି ଆଉ ଅନ୍ୟ କେଉଁଠାରୁ ଆସୁଛି, ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ନିରୂପଣ କରିବା ତୁମକୁ ଜଣାଅଛି କି ? ···ଯେତେବେଳେ ତୁମେ ନିଜ ଭିତରେ କୌଣସି ଆବେଗ ଅନୁଭବ କରୁଛ, ସେତେବେଳେ ତାହା ଦିବ୍ୟ ପରମସତ୍ତାଙ୍କ-ଠାରୁ ଆସୁଛି ଅଥବା ଅନ୍ୟ କେଉଁଠାରୁ ଆସୁଛି, ତୁମେ ସେକଥା କହିପାରିବ କି ?

କିଞ୍ଚିତ୍ ପରିମାଣରେ କହିପାରିବି ।

କିଞ୍ଚିତ୍ ପରିମାଣରେ ! ଭାରି ଭଲ କଥା,—ତେବେ ଏହାର କାହିଁକି ଓ କିପରି ବିଷୟରେ କିଛି କହିଲ ! ···ତାହା ନିଶ୍ଚୟ ଭାରି ଆଗ୍ରହୋଦ୍ଦୀପକ ହେବ ।

ବେଳେବେଳେ, ସକାଳେ ଅଥବା ଦି'ପହରେ ଯେତେବେଳେ ମୁଁ ନିଦରୁ ଉଠେ, ସେତେବେଳେ ମୋତେ କେହିଜଣେ ସତେଅବା "ସମୟ ବିତିଯାଉଛି, ତୋତେ ଶୀଘ୍ର ଶୀଘ୍ର ସବୁକିଛି କରିବାକୁ ହେବ" ବୋଲି କହୁଥିବାର ମୁଁ ଅନୁଭବ କରେ ।

ତା'ପରେ କ'ଣ ହୁଏ ? ···କେହିଜଣେ ? ···ଅର୍ଥାତ୍ ଜଣେ ବ୍ୟକ୍ତି ତୁମକୁ "ଶୀଘ୍ର ଉଠି ନିଜର କାମ କର" ବୋଲି କହୁଥିବାର ତୁମେ ଅନୁଭବ କର ?

ନାହିଁ, ଜଣେ ବ୍ୟକ୍ତି ନୁହନ୍ତି ।

କୌଣସି ଏକ ପ୍ରଭାବ ?

ହଁ ।

କିନ୍ତୁ ତାହା କେଉଁଠାରୁ ଆସେ, ତୁମେ ଜାଣିଥାଅ କି ? ···ତାହା କେଉଁଠାରୁ ଆସେ ତୁମେ ଜାଣିଛ ?

'oaob.nitrkl.ac.in' images reprocessed

ଏଥିରେ ଖରାପ କିଛି ନ ଥାଏ । ମୁଁ ଭାବୁଛି ଏଥିରେ କିଛିହେଲେ ଖରାପ ନ ଥାଏ । ତେଣୁ ଏହା ଅବଶ୍ୟ ଦିବ୍ୟ ପରମସତ୍ତାଙ୍କଠାରୁ ଆସୁଥିବ ।

ବାଃ—ଭାରି ଚମତ୍କାର ବ୍ୟାଖ୍ୟା ! ଉଦାହରଣସ୍ୱରୂପ, ଯଦି ତୁମର ମନ ଭିତରେ ଏହିପରି ଏକ କଳ୍ପନା କିଂବା ଧାରଣା ରହିଛି ଯେ ତୁମର ଆଦୌ ଅଳସୁଆ ହେବା ଉଚିତ ନୁହେଁ ଓ ସର୍ବଦା କାର୍ଯ୍ୟ କରିବା ଉଚିତ—ଏପରି ଧାରଣା ରହିଛି ଯେ ତୁମେ ସମୟାନୁବର୍ତ୍ତୀ ହେବ ଓ ଶୋଇ ଶୋଇ ନିଜର ସମୟକୁ ନଷ୍ଟ କରିଦେବ ନାହିଁ,—ତେବେ ତୁମେ ଉଠିବା ସମୟରେ ଏହି ଧାରଣା ବା କଳ୍ପନା ତୁମ ଭିତରେ ଜାଗ୍ରତ ହୋଇପାରିବା ସକାଶେ ଏହାହିଁ ଯଥେଷ୍ଟ ହେବ (କାରଣ ତୁମ ମନର ଗୋଟିଏ ଅଂଶହିଁ ତ ପ୍ରକୃତିରେ ଜାଗ୍ରତ ହୋଇ ରହିଥିବ) । ତାହା ଏକ ପ୍ରସ୍ତାବ ପରି ତୁମ ଭିତରେ ଜାଗ୍ରତ ହେବ ଓ ତୁମକୁ କହୁଥିବ, "ଶୀଘ୍ର ଉଠ, ଚାଲ କାମ କରିବା,—ଆଉ ଅଳସୁଆ ହୋଇ ପଡ଼ିରହ ନାହିଁ !" ମାତ୍ର ଏହି କ୍ଷେତ୍ରରେ ଖୁବ୍ ସମ୍ଭବ ତୁମ ଭିତରର କେବଳ ଗୋଟିଏ ଅଂଶହିଁ ଆଉଗୋଟିଏ ଅଂଶ ଉପରେ କାର୍ଯ୍ୟ କରିବାକୁ ଚେଷ୍ଟା କରୁଥିବ । ଅଥବା, ଯଦି ତୁମର କ୍ଲାସ୍‌କୁ ଯିବାର ଥିବ କିଂବା ଆଉଜଣକ ସହିତ ଏକତ୍ର କୌଣସି କାର୍ଯ୍ୟ କରିବାକୁ ରହିଥିବ, ତେବେ ସେହି ଅନ୍ୟ ବ୍ୟକ୍ତିଟିର ସକ୍ରିୟ ଭାବନା ହୁଏତ କହିବାରେ ଲାଗିଥିବ, "ହୁଏତ ସିଏ ଏପର୍ଯ୍ୟନ୍ତ ଶୋଇଥିବେ ଏବଂ ତେଣୁ ତାଙ୍କର ଆସିବାରେ ନିଶ୍ଚୟ ଡେରି ହେବ ।" —ତାହାହିଁ ଯଥେଷ୍ଟ ହେବ । ତେଣୁ, ଏହି କଥାଟିର ସମ୍ଭବତଃ ଏକ ଭଲ ଦିଗ ରହିଛି ଏବଂ ତାହା ତୁମର କାର୍ଯ୍ୟକଳାପରେ ଏକ ନିୟନ୍ତ୍ରଣରୂପେ କାର୍ଯ୍ୟ କରିବା ଲାଗି ଅବଶ୍ୟ ସହାୟକ ହେବ । ମାତ୍ର ତା'ବୋଲି ଯେ ତାହା ଦିବ୍ୟ ପରମସତ୍ତାଙ୍କଠାରୁ ତୁମ ପାଖକୁ ପ୍ରେରିତ ହୋଇ ଆସୁଛି, ତାହା କଦାପି କୁହାଯାଇ ପାରିବ ନାହିଁ । ତୁମେ କୌଣସି କଥାକୁ ଭଲ ବୋଲି ଜାଣୁଛ ଏବଂ ସେହି କାରଣରୁହିଁ ତାହା ଦିବ୍ୟ ପରମସତ୍ତାଙ୍କଠାରୁହିଁ ତୁମ ପାଖକୁ ଆସୁଛି,—ଏହା ଅନେକ ସମୟରେ ତୁମକୁ ନାନା ଭୟଙ୍କର ପ୍ରମାଦ ଭିତରକୁ ପରିଚାଳିତ ବି କରିନେଇପାରେ ।

ତେଣୁ, ଆମେ ଏହିପରି ଭାବରେହିଁ ବସ୍ତୁଗୁଡ଼ିକୁ ବୁଝିବାକୁ କୌଣସି ଚେଷ୍ଟା କରିବା ନାହିଁ । ଏହି ପ୍ରକାରର ଚେତନାବୋଧ ଦ୍ୱାରା ଏହି ସ୍ତରରେ କିଛି ବୁଝିବାକୁ ଚେଷ୍ଟା କରିବା ନାହିଁ । କୌଣସି ଏକ ସ୍ପନ୍ଦନର ତାତ୍ପର୍ଯ୍ୟକୁ ସ୍ପଷ୍ଟ ଭାବରେ ବୁଝିପାରିବା ଲାଗି ଆମ ଭିତରେ ଯଥେଷ୍ଟ ପରିମାଣରେ ସୂକ୍ଷ୍ମ ଓ ଶୋଧନଯୁକ୍ତ ଏକ ସମ୍ବେଦନ-ସାମର୍ଥ୍ୟ ରହିଥିଲେହିଁ ଏହା ସମ୍ଭବ ହୋଇଥାଏ; ମାନସିକ,

'oaob.nitrkl.ac.in' images reprocessed

ଶାରୀରିକ ଓ ଏପରିକି ଚୈତ୍ୟ,—ଯେଉଁ ସ୍ତରର ହେଉ ପଛକେ, ବାହ୍ୟ କ୍ରିୟାଶୀଳତାଗୁଡ଼ିକ ମଧ୍ୟରୁ ଆସୁଥିବା ଯାବତୀୟ ସ୍ପନ୍ଦନର ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ଗୁଣ ରହିଥାଏ, ମାତ୍ର ଦିବ୍ୟ ପ୍ରଭାବ ଦ୍ୱାରା ପ୍ରେରିତ ହୋଇ ଯାହାକିଛି ଆମ ପାଖକୁ ଆସେ, ତାହାର ପ୍ରକୃତି ଓ ତାହାର ଗୁଣ ଏହାଠାରୁ ସମ୍ପୂର୍ଣ୍ଣ ଭାବରେ ଅନ୍ୟ ପ୍ରକାରର । ଏହି ପ୍ରଭେଦଟିକୁ ଜାଣିପାରିବା ସକାଶେ ଆମ ପାଖରେ ପ୍ରଥମତଃ ଦୁଇଟିଯାକରହିଁ ଅନୁଭୂତି ରହିଥିବା ଉଚିତ ହେବ; ଏବଂ, ଦୁଇଟିଯାକର ଅନୁଭୂତି ଉପଲବ୍ଧ ହେବା ପରେ ମଧ୍ୟ, ଆମକୁ ଅତ୍ୟନ୍ତ ସ୍ଥିର ହୋଇପାରିବାକୁ ହେବ, ଅତ୍ୟନ୍ତ ମନୋଯୋଗୀ ହୋଇ ରହିବାକୁ ହେବ, ବସ୍ତୁତଃ ଭିତରେ ଅତ୍ୟନ୍ତ ସ୍ଥିର ହୋଇଯିବାକୁ ହେବ,—ତେବେଯାଇ ଆଦୌ କୌଣସି ପ୍ରମାଦ ଭିତରେ ନ ପଡ଼ି ଆମେ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିର ନିରୂପଣ କରିପାରିବା । ଯଦି ସେତିକିବେଳେ ତୁମର ସନ୍ଦିଗ୍ଧ ଭାବନା ଏକ ବାଧା ହୋଇ ମଝିରେ ଛିଡ଼ା ହୋଇ ରହିବାକୁ ଆସେ, ତେବେ ଆଉ ମୋଟେ କିଛି ହୋଇପାରିବ ନାହିଁ ଓ ତା'ପରେ ତୁମେ ଆଉ ସ୍ପଷ୍ଟ ଭାବରେ ସେହି ପାର୍ଥକ୍ୟଟିକୁ କଦାପି ନିରୂପଣ କରିପାରିବ ନାହିଁ; ତା'ପରେ ତୁମେ ନାନା ପ୍ରଶ୍ନ କରିବାକୁ ଆରମ୍ଭ କରିବ । ଏବଂ ତା'ପରେ, ଭଲ ଆଉ ମନ୍ଦ ବିଷୟରେ ତୁମ ଭିତରେ ଯେଉଁ ଧାରଣା ରହିଛି, ତାହାକୁହିଁ କାମରେ ଲଗାଇ ତୁମେ ସେହି ସ୍ପନ୍ଦନଟି ଦିବ୍ୟ ପରମସତ୍ତାଙ୍କଠାରୁ ଆସୁଛି କି ନାହିଁ, ସେହି କଥାଟିର ବିଚାର କରିବାକୁ ଆରମ୍ଭ କରିଦେବ । ତାହା ଅତ୍ୟନ୍ତ ଅବାନ୍ତର ହେବ, ଏହାଦ୍ୱାରା ପାର୍ଥକ୍ୟ-ନିରୂପଣ ଆଦୌ ସମ୍ଭବ ହେବ ନାହିଁ ।

ଏପରିକି, ଏହି ଦୁଇଟିଯାକ ଅନୁଭୂତି ଉପଲବ୍ଧ ହେଉଥିଲେ ମଧ୍ୟ ଏବଂ ତୁମେ ଦୁଇଟି ମଧ୍ୟରେ ଏକ ଭେଦନିରୂପଣ କରିପାରୁଥିଲେ ମଧ୍ୟ, ତୁମକୁ ତଥାପି ଅନେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ଏବଂ ଏପରି ଏକ ନିୟନ୍ତ୍ରଣ ରଖିବାକୁ ପଡ଼ିବ ଯେପରିକି ତୁମେ ଆଦୌ କୌଣସି ଭୁଲ୍ କରୁ ନାହଁ ବୋଲି ସୁନିଶ୍ଚିତ ରହିପାରିବ । କେବଳ ଆପଣାର ଚୈତ୍ୟ-ଦ୍ୱାରଟିକୁ ଉନ୍ମୋଚିତ କରିଦେଇ ପାରିଲେହିଁ ଓ ସେହି ଚୈତ୍ୟ ମଧ୍ୟରେ ପ୍ରବେଶ କରି ଦିବ୍ୟ ପରମସତ୍ତାଙ୍କ ସହିତ ସେହି ସମ୍ପୂର୍ଣ୍ଣ, ସମଗ୍ର ଏବଂ ନିର୍ବିଶେଷ ସଂସ୍ପର୍ଶଟିକୁ ଲାଭ କରିପାରିଲେ ଯାଇ, —ଯେତେବେଳେ କି ତୁମର ସତେଅବା ଏକ ନବଜନ୍ମ ଲାଭ କରିଥିବାର ଅନୁଭବ ହେଉଥିବ, ଯେତେବେଳେ ତୁମେ ଅନ୍ୟ ଏକ ସତ୍ତାରେ ପରିଣତ ହୋଇଯାଇଥିବ, କଦାପି ସେହି ପୂର୍ବ ଆଖିରେ ଆଉ କିଛି ହେଲେ ଦେଖୁ ନ ଥିବ ବା ସେହି ପୂର୍ବ ରୀତିରେ ଆଉ କିଛିହେଲେ ଅନୁଭବ କରୁ ନ ଥିବ, ତେବେଯାଇ ଅନ୍ତରଙ୍ଗ ଭାବରେ ଜାଣିପାରିବ, — ଦିବ୍ୟ ଜୀବନ କହିଲେ ଯେ ପ୍ରକୃତରେ କ'ଣ ବୁଝାଏ, ସେକଥାକୁ ଗଭୀର ଓ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ ସମର୍ଥ ହେବ । ଏବଂ ତା'ପରେ

'oaob.nitrkl.ac.in' images reprocessed

ମଧ୍ୟ, ଯଦି ଦୁଆରଟି ପୁନର୍ବାର ବନ୍ଦ ହୋଇଯାଏ, ତେବେ ଆମେ ଆମ ସୃଷ୍ଟିକୁ ମଧ୍ୟ ଯଥାଯଥ ଭାବରେ ପରିଶୁଦ୍ଧ କରି ରଖି ପାରୁଥିବା । ଏବଂ, ଏହିପରି ଭାବରେହିଁ ଏହାର ସନ୍ଧାନ ମିଳିବ । ତା'ପରେ ଭୁଲ୍ କରିବା ଅସମ୍ଭବ ହୋଇପଡ଼ିବ । ଏହା ଏକାବେଳେକେ ଏକ ଅନ୍ୟ କଥା, ଏହାର ଆଦୌ କୌଣସି ତୁଳନା କରାଯାଇ ପାରିବ ନାହିଁ । ଏଇଟି ସହିତ ଆଉ କାହାର କୌଣସି ତୁଳନା ହୋଇପାରିବ ନାହିଁ । ଏହା ଅସାଧାରଣ, ଅନନ୍ୟ । ସେଇଥିପାଇଁ, ମୁଁ ତୁମକୁ "ତୁମେ ପାର୍ଥକ୍ୟଟିକୁ ନିରୂପଣ କରିପାରିବ ?" ବୋଲି ପଚାରୁଥିଲି । କାରଣ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମମାନଙ୍କ ମଧ୍ୟରୁ କାହାରି ଏହି ଅନୁଭୂତିଟି ରହିଥିବ, ତେବେ ଦିବ୍ୟ ପରମସତ୍ତାଙ୍କଠାରୁ ପ୍ରକୃତରେ କେଉଁଟି ଯେ ଆସୁଛି, ସିଏ ଏହିପରି ଭାବରେ ସେହି କଥାଟିକୁ ଜାଣିପାରିବ; ଏବଂ, ଏହା ମଧ୍ୟ ଅତ୍ୟନ୍ତ ସୁନିଶ୍ଚିତ ଯେ ଦିବ୍ୟ ପରମସତ୍ତାଙ୍କଠାରୁ ଯାହା ଆସୁଛି, ନିଃସନ୍ଦିଗ୍ଧ ଭାବରେ ତାହା ଜାଣିବାକୁ ସମର୍ଥ ହେବା ପରେ, ତାଙ୍କଠାରୁ ଯାହାକିଛି ନ ଆସୁଛି, ସିଏ ଅବଶ୍ୟ ଜାଣିପାରିବ । ମୁଁ ସେହି କାରଣରୁହିଁ ତୁମକୁ ସେହି ପ୍ରଶ୍ନଟି ପଚାରିଥିଲି । କାରଣ, ମୁଁ ପ୍ରକୃତରେ ଭାରି ଖୁସୀ ହୋଇଥାନ୍ତି, ଯଦି ତୁମମାନଙ୍କ ଭିତରୁ କେହି ଯଥାର୍ଥ ଆନ୍ତରିକତା ସହିତ ମୋତେ କହି ପାରିଥାନ୍ତା, "ମୋର ସେହି ଅନୁଭବଟି ହୋଇଛି ଏବଂ ମୁଁ ପ୍ରକୃତରେ ଜାଣିଛି ।" ମାତ୍ର, କେବଳ ସେହି ଅନୁଭବଟି ହୋଇସାରିବା ପରେ ଯାଇ ଜଣେ ଜାଣିପାରେ, ତା'ପୂର୍ବରୁ କିଛି ଜାଣି ନ ଥାଏ । ସେଥିଲାଗି, ଯଦି କେହି ପ୍ରକୃତରେ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଏ, ତେବେ ତାକୁ ପ୍ରତ୍ୟେକ ପଦକ୍ଷେପରେହିଁ ଯଥାର୍ଥ ଭାବରେ ଅନୁସନ୍ଧାନ କରିବାକୁ ପଡ଼ିବ, ପ୍ରଭାବଟି ଯେ କେଉଁଠାରୁ ଆସୁଛି, ସେବିଷୟରେ ନିଶ୍ଚିତ ହେବାକୁ ପଡ଼ିବ : "ଏହି ସଙ୍କେତଟି ମୋ' ପାଖକୁ କାହାଠାରୁ ଆସିଲା ? ଏହା କ'ଣ ମୋ ସତ୍ତାର ଏକ ଅଂଶ କି ? ଏହାକୁ କୌଣସି ବାହ୍ୟ ବସ୍ତୁ ବୋଲି କୁହାଯିବ କି ? ଏହା କ'ଣ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କଠାରୁହିଁ ଆସୁଛି ?"

ମାତ୍ର ସେହି ଅନୁଭୂତିଟିକୁ ଲାଭ କରିବା ପୂର୍ବରୁ ଜଣେ କଦାପି କେବଳ ତା' ଆପଣା ଉପରେ ନିର୍ଭର କରିହିଁ ବିଚାର କରିପାରିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଆମର ସମର୍ପଣ ଯଥାର୍ଥରେ ନିଷ୍ଠାପୂର୍ଣ୍ଣ ହୋଇଥିବ ଏବଂ ଯଦି ତା' ମଧ୍ୟରେ ଦିବ୍ୟ ପରମସତ୍ତାଙ୍କ ଲାଗି ଏହି ସମଗ୍ର ଆତ୍ମଦାନର ଦୃଷ୍ଟିକୋଣଟି ଅବିଚଳିତ ଭାବରେ ରହିଥିବ, — ଅର୍ଥାତ୍ ଯଦି ସିଏ ସର୍ବଦା "ହେ ପ୍ରଭୁ, କେବଳ ଆପଣଙ୍କର ଇଚ୍ଛାହିଁ କାର୍ଯ୍ୟକାରୀ ହେଉ" ବୋଲି ଏକ ଦୃଷ୍ଟିକୋଣ ରହିଥିବ, ତେବେ ସିଏ ଅଜାଣତରେ, ସବୁକଥାକୁ ନ ବୁଝି ମଧ୍ୟ ପ୍ରସ୍ତୁତ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଯାହା କରିବା ଉଚିତ, କେବଳ ତାହାକୁହିଁ ବାଛିନେଇ

'oaob.nitrkl.ac.in' images reprocessed

ପାରିବ ଏବଂ, ଯାହା କରିବା ଅନୁଚିତ, ତାହାକୁ ପ୍ରତ୍ୟାଖ୍ୟାନ କରିପାରିବ । ମାତ୍ର ତା' ଲାଗି ଏହା ଏକ ସହଜାତ ପ୍ରବୃତ୍ତି ହୋଇ ରହିବ, ପ୍ରାୟ ଏକ ସ୍ୱତଃସ୍ଫୂର୍ତ୍ତି କ୍ରିୟାହିଁ ହୋଇ ରହିବ । ତୁମର ସମର୍ପଣ ପରିପୂର୍ଣ୍ଣ ହୋଇପାରିଥିଲେ ତାହା ଅବଶ୍ୟ ହେବ । ଏବଂ ଏହାକୁହିଁ ସମର୍ପଣରୁ ଉପଲବ୍ଧ ହେଉଥିବା ସେହି ବିଶେଷ ସୁବିଧାଟି ବୋଲି କୁହାଯାଇ ପାରିବ; କାରଣ ଏହାଦ୍ୱାରା ତୁମେ ସମ୍ପୂର୍ଣ୍ଣ ସ୍ୱୟଂକ୍ରିୟ ଭାବରେ ସବୁକିଛୁ ଜାଣିବା ପୂର୍ବରୁହିଁ ଉଚିତ କାର୍ଯ୍ୟଟିକୁ ଉଚିତ ମାର୍ଗରେ ଅବଶ୍ୟ କରିପାରିବ ।

ମାତ୍ର, ତୁମର ଜାଣି ରଖିବା ଉଚିତ, ଶ୍ରୀଅରବିନ୍ଦ ସେଠାରେ ଯେପରି କହିଛନ୍ତି, ତୁମକୁ ଏପରି ଏକ ସମ୍ପୂର୍ଣ୍ଣ ଆନୁଗତ୍ୟର ସ୍ଥିତିରେ ରହିବାକୁ ପଡ଼ିବ, ଯାହାକି କୌଣସି ପ୍ରଶ୍ନ ପଚାରୁ ନ ଥିବ, କୌଣସି ଆଲୋଚନା କରୁ ନ ଥିବ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଆଦେଶପାଳନ କରୁଥିବ; ସିଏ ଯେପରି ପରିଚାଳିତ ହେଉଥିବ, ଠିକ୍ ସେହିପରି ଭାବରେହିଁ କାର୍ଯ୍ୟ କରୁଥିବ । ତୁମର ଭାବନାରେ ଅଥବା ପ୍ରାଣିକ କ୍ଷେତ୍ରରେ ଏପରି କିଛିହେଲେ ନ ଥିବ ଯାହାକି ବିଦ୍ରୋହ କରୁଥିବ, ବିରୋଧୀ ହେଉଥିବ ବା ସଂଶୟ ବ୍ୟକ୍ତ କରୁଥିବ; ଔଚିତ୍ୟ ପ୍ରମାଣ କରିବାକୁ ଚେଷ୍ଟା କରୁଥିବ, ନିଜେ ଠିକ୍ ବୋଲି ନିଜ ପାଖରେ (ଏପରିକି ପରମ ଦିବ୍ୟସତ୍ତାଙ୍କ ପାଖରେ ବି) ପ୍ରମାଣ କରିବାକୁ ଚାହାଁଉଥିବ, ସିଏ ନିଜେ ଯାହା କଲା, ତାହାକୁ ଠିକ୍ ବୋଲି ପ୍ରମାଣ କରି ବସୁଥିବ । ସେହି ସବୁକିଛିକୁ ପରିତ୍ୟାଗ କରିବାକୁ ପଡ଼ିବ ।

ମୂଳତଃ, ତୁମେ ଯେଉଁ ପଥର ଅନୁସରଣ କରୁଥାଅ ପଛକେ, — ତାହା ସମର୍ପଣର ପଥ ହୋଇଥାଉ ଅଥବା ଆତ୍ମୋତ୍ସର୍ଗ କିଂବା ଜ୍ଞାନର ପଥ ହୋଇଥାଉ ପଛକେ, ସେହି ପଥଟି ଏକ ସମ୍ପୂର୍ଣ୍ଣ ପଥରେ ପରିଣତ ହେଉ ବୋଲି ତୁମେ ଇଚ୍ଛା କରୁଥାଅ,—ଏହା ହୋଇପାରିବା ସର୍ବଦା ସମାନ ଭାବରେ କଷ୍ଟକର,—ଏବଂ, ମୋ ଜାଣିବାରେ, ପଥ କେବଳ ଗୋଟିଏ ରହିଛି, କେବଳ ଗୋଟିଏ ମାତ୍ର ପଥ ରହିଛି : ତାହା ହେଉଛି ପରିପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ରହିବାର ପଥ, — କିନ୍ତୁ ପ୍ରକୃତରେ ପରିପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ରହିବାର ପଥ !

ପରିପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ରହିବା କାହାକୁ କହନ୍ତି ଜାଣିଛ ?

ତାହାର ଅର୍ଥ ହେଉଛି,—ଆପଣାକୁ ଠକିବା ଲାଗି କଦାପି କୌଣସି ଚେଷ୍ଟା ନ କରିବା, ତୁମ ସତ୍ତାର କୌଣସି ଗୋଟିଏ ଭାଗକୁ, ଅନ୍ୟ ଭାଗମାନଙ୍କୁ କୌଣସି ପ୍ରକାରେ ପ୍ରବଞ୍ଚିତ କରି ରଖିବା ଲାଗି ଗୋଟାଏ ଉପାୟ ବାହାର କରିବା ଲାଗି ଅନୁମତି ନ ଦେବା, ଆମେ ଯାହା କରିବା ପାଇଁ ଇଚ୍ଛା କରୁଛୁ, ତାହା ଲାଗି ଗୋଟାଏ ବାହାନା ମିଳିଯିବା ପାଇଁ, ଯାହା ଆମେ କରୁଛୁ, ତାହାକୁ ଅନୁକୂଳ ଭାବରେ

'oaob.nitrkl.ac.in' images reprocessed

କଦାପି ବ୍ୟାଖ୍ୟା ନ କରିବା, ଆଗରେ କିଛି ଗୋଟାଏ ଅପ୍ରୀତିକର ଆସି ପହଞ୍ଚିଗଲା ବୋଲି କଦାପି ଆଖିବୁଜି ନ ଦେବା ଏବଂ ଆପଣାକୁ "ସେଇଟା ମୋଟେ ମହତ୍ତ୍ୱପୂର୍ଣ୍ଣ ନୁହେଁ, ଆରଥରକୁ ଏହା ନିଶ୍ଚୟ ଅଧିକ ଭଲ ହେବ" ବୋଲି କହି କୌଣସି ବସ୍ତୁକୁହିଁ କଦାପି ହାତଛଡ଼ା କରିବାକୁ ନ ଦେବା ।

ମାତ୍ର ଏପରି କରିପାରିବା ଅତ୍ୟନ୍ତ କଷ୍ଟକର । ମାତ୍ର ଘଣ୍ଟାଏ ଲାଗି ଚେଷ୍ଟା କଲେ ତୁମେ ଏହା ଯେ କେଡ଼େ କଷ୍ଟକର ସେକଥା ଭଲକରି ଜାଣିପାରିବ । କେବଳ ଘଣ୍ଟାକ ସକାଶେ ସଂପୂର୍ଣ୍ଣ ଭାବରେ ପରିପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହେବାକୁ ଚେଷ୍ଟା କରିବ । କୌଣସି କିଛିକୁ ତୁମର ଆଖି ଏଡ଼ାଇ ଚାଲିଯିବାକୁ ଦେବ ନାହିଁ । ସାରକଥା ହେଉଛି, ତୁମେ ଯାହାକିଛି କରୁଛ, ଯାହାକିଛି ଅନୁଭବ କରୁଛ, ଯାହାକିଛି ଭାବୁଛ ଓ ଯାହାକିଛି ଇଚ୍ଛା କରୁଛ, ତାହା ସଂପୂର୍ଣ୍ଣ ଭାବରେ ସେହି ଦିବ୍ୟ ପରମସତ୍ତାଙ୍କରହିଁ ପ୍ରତୀକ ହୋଇ ରହିଥିବ ।

"ମୁଁ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ ଆଉ କିଛି ଚାହୁଁ ନାହିଁ, କେବଳ ତାଙ୍କରି ବ୍ୟତୀତ ଆଉ କିଛି ଭାବୁ ନାହିଁ; ଯାହା ମୋତେ ତାଙ୍କରି ପାଖକୁ ପରିଚାଳିତ କରି ନେଇଯିବ, କେବଳ ତାହାରି ବ୍ୟତୀତ ମୁଁ ଆଉ କିଛି ହେଲେ କରୁ ନାହିଁ । ସେହି ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ ମୁଁ ଆଉ କିଛିକୁ ବି ଭଲପାଉ ନାହିଁ ।"

ଚେଷ୍ଟା କର, ଅନ୍ତତଃ ପରୀକ୍ଷା କରି ଦେଖିବାକୁ ଚେଷ୍ଟା କର, ମାତ୍ର ଅଧଘଣ୍ଟାଏ ପାଇଁ ଚେଷ୍ଟା କର,—ତେବେ ଜାଣିବ ଏହା କେଡ଼େ କଷ୍ଟକର ! ଏବଂ ସେହି ସମୟରେ ଅତ୍ୟନ୍ତ ସାବଧାନ ହୋଇ ରହିଥାଅ, ଯେପରିକି ସେହି କ୍ଷେତ୍ରରେ ତୁମ ପ୍ରାଣିକର, ମନ ଅଥବା ଭୌତିକର ଏତେ ଟିକିଏ ଅଂଶ ବି ଆଡ଼ମରେ, କେଉଁଠି ପଶ୍ଚାଦ୍‌ଭାଗରେ ଏପରି ଭାବରେ ରହିଯାଇ ନ ଥାଏ, ଯେପରିକି ତାହାକୁ ତୁମେ ଆଦୌ ଦେଖିପାରିବ ନାହିଁ । (ମାଆ ଆପଣାର ହାତ ଦୁଇଟିକୁ ପୃଷ୍ଠଭାଗକୁ ଲୁଚାଇ ଧରିଲେ) । ଏହା ଯେପରି କେବେହେଲେ ନ ହୁଏ ଯେ ସେହି ଅଂଶଟି ସହଯୋଗ କରୁ ନ ଥିବ ଏବଂ ତଥାପି ତୁମେ ସେଇଟିକୁ ମୋଟେ ଦେଖିପାରୁ ନ ଥିବ, — ସେଇଠି କେଉଁଠି ଲୁଚିକରି ବସିଥିବ, ଅଥଚ ତୁମେ ତାହାକୁ ଆବିଷ୍କାର କରିପାରୁ ନ ଥିବ···କିଛି କହୁ ନ ଥିବ, ମାତ୍ର ମୋଟେ ବଦଳୁ ନ ଥିବ, ଆପଣାକୁ ଲୁଚାଇ କରି ରଖିଥିବ । ଏହିପରି କେତେ ନା କେତେ ଅଂଶ ରହିଥିବ ! ଏହିପରି କେତେ ନା କେତେ ଅଂଶ ଆତ୍ମଗୋପନ କରି ରହିଥିବେ ! ତୁମେ ସେହି ଅଂଶଗୁଡ଼ିକୁ ନେଇ ନିଜ ପକେଟ ଭିତରେ ଲୁଚାଇ ରଖିଥାଅ, କାରଣ ହୁଏତ ତୁମେ ସେଗୁଡ଼ିକୁ ଦେଖିବା ଲାଗି ଇଚ୍ଛା କରୁ ନ ଥାଅ ଅଥବା ସେଗୁଡ଼ିକ ତୁମ ପଛକୁ ଚାଲିଯାଇ ସେଇଠି କେଡ଼େ ସୁନ୍ଦର ଭାବରେ ଲୁଚି କରି ରହିଥାନ୍ତି । ତୁମ ପଛ-

'oaob.nitrkl.ac.in' images reprocessed

ଆଡ଼କୁ ଠିକ୍ ମଝି କରି ଲୁଚି ରହିଥାନ୍ତି, ଯେପରିକି ସେମାନଙ୍କୁ ମୋଟେ କେହି ହେଲେ ଦେଖିପାରିବ ନାହିଁ । ତୁମେ ତା'ପରେ ନିଜର ଟର୍ଚ୍ଚଟିକୁ, — ନିଷ୍ଠାର ଟର୍ଚ୍ଚଟିକୁ, ନେଇ ସେଠାକୁ ଯିବ, କୋଣ କୋଣ ବୁଲି ସେଗୁଡ଼ିକୁ ଖୋଜିବାକୁ ଆରମ୍ଭ କରିଦେବ, ସବୁଆଡ଼ ବୁଲି ଅସମ୍ମତ ହୋଇ ରହିଥିବା ଯାବତୀୟ ସ୍ଥାନସ୍ଥାନ କୋଣକୁ ଖୋଜି ଦେଖିବାରେ ଲାଗିବ; ଯେଉଁସବୁ ବସ୍ତୁ "ନାହିଁ" ବୋଲି କହିବାରେ ଲାଗିଥାନ୍ତି ବା ଯେଉଁମାନେ ଏତେଟିକିଏ ଉହୁଙ୍କିବାକୁ ବି ରାଜି ନ ଥାନ୍ତି : "ମୁଁ ମୋଟେ ଏତେ ଟିକିଏ ହେଲେ ଘୁଞ୍ଚିବି ନାହିଁ, ମୋ' ଜାଗାଟିରେ ମୁଁ କେଡ଼େ ଚମତ୍କାର ଭାବରେ ଲାଖି କରି ରହିଯାଇଛି ଏବଂ ମୋତେ କେହିହେଲେ ଏଠାରୁ ହଟାଇପାରିବ ନାହିଁ" ବୋଲି କହୁଥାନ୍ତି ··ସେହି କ୍ଷେତ୍ରରେ ତୁମ ହାତରେ ଆଲୁଅଟିଏ ରହିଥିବ, ତୁମେ ଆଲୁଅଟିକୁ ନେଇ ସେହି ବସ୍ତୁ ଉପରେପ କାଇବ, ସକଳ ବସ୍ତୁ ଉପରେ ନେଇ ପକାଇବ । ସେତେବେଳେ ନିଶ୍ଚୟ ଦେଖିବାକୁ ପାଇବ ଯେ ସେଠାରେ ତୁମର ପୃଷ୍ଠଭାଗରେ ସେହି ବସ୍ତୁଗୁଡ଼ିକ ଅନେକ ସଂଖ୍ୟାରେ ରହିଛନ୍ତି, କେଡ଼େ ସୁନ୍ଦର ଲାଖି କରି ରହିଯାଇଛନ୍ତି ।

ଚେଷ୍ଟା କର, କେବଳ ଘଣ୍ଟାକ ଲାଗି ଚେଷ୍ଟା କର ।

ଆଉ କିଛି ପଚାରିବାକୁ ଅଛି ?

କାହାର ଆଉ କିଛି କହିବାର ନାହିଁ, ନୁହେଁ ?

ତେବେ, ପୁନର୍ଦର୍ଶନାୟ !

'oaob.nitrkl.ac.in' images reprocessed

# ୧୯ ମଇ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ସପ୍ତମ ଅଧ୍ୟାୟ "ପ୍ରେମ" ଉପରେ ଏହି ପ୍ରବଚନଟି ଆଧାରିତ।

ଦିବ୍ୟ ପରମସତ୍ତାଙ୍କ ପ୍ରତି ଏକ ଶୁଦ୍ଧ ଅନୁରାଗ ରଖା ଯାଇପାରେ, ଏକ ଶୁଦ୍ଧ ପ୍ରେମ ବି ରଖାଯାଇପାରେ। ଦୁଇଟି ମଧ୍ୟରେ କି ଫରକ ରହିଛି ?

ଏହି ଶବ୍ଦଗୁଡ଼ିକୁ ତୁମେ ଯେପରି ଅର୍ଥ ଦେଇ ବୁଝିବାକୁ ଚେଷ୍ଟା କରିବ, ତାହା ସେହି କଥାଟି ଉପରେହିଁ ନିର୍ଭର କରେ। ଅନୁରାଗ କହିଲେ ତୁମେ କ'ଣ ବୁଝ, ଏହା ତାହାରି ଉପରେ ନିର୍ଭର କରୁଛି। ମୁଁ ବି ଠିକ୍ କହିପାରୁ ନାହିଁ, ମାତ୍ର ସାଧାରଣତଃ ଅନୁରାଗ କହିଲେ ବ୍ୟକ୍ତିଗତ, ବାହ୍ୟ ତଥା କିଞ୍ଚିତ୍ ଉପର-ସ୍ତରର କୌଣସି ଗୋଟିଏ କଥାକୁ ବୁଝାଇଥାଏ। ଶବ୍ଦଟିକୁ ତୁମେ ନିଜେ ଯେଉଁ ଅର୍ଥ ଦେଇ ବୁଝ, ତାହା ସମ୍ପୂର୍ଣ୍ଣ ଭାବରେ ତାହାରି ଉପରେ ନିର୍ଭର କରୁଥାଏ। ସାଧାରଣତଃ, ଯେତେବେଳେ କେହି "ମୋର ତା'ପ୍ରତି ଅନେକ ଅନୁରାଗ ରହିଛି" ବୋଲି କହେ, ସେତେବେଳେ ତାହାର ଏହି ଅର୍ଥ ହୁଏ ଯେ, ସମ୍ପୃକ୍ତ ବ୍ୟକ୍ତି ମଧ୍ୟରେ ଏକ ଉତ୍ତମ ସମ୍ବେଦନଭାବ ରହିଛି, ଗୋଟାଏ ପ୍ରକାରର ବନ୍ଧୁତାଭାବ ରହିଛି; ମାତ୍ର ସେଥିରେ ଅତ୍ୟନ୍ତ ଗମ୍ଭୀର ଆଦୌ କିଛି ନାହିଁ। ମାତ୍ର ଏହି ଶବ୍ଦଟିକୁ ଏକ ଗମ୍ଭୀର ଅର୍ଥରେ ମଧ୍ୟ ପ୍ରୟୋଗ କରାଯାଇପାରେ। ଆପଣାର ସମଗ୍ର ଶବ୍ଦ-ଭଣ୍ଡାରଟିକୁ ବେଶ୍ ସୁନିର୍ଦ୍ଦିଷ୍ଟ ଭାବରେ ଯଥାର୍ଥ ସଂଜ୍ଞା ଦେଇ ବୁଝି ନ ଥିବା ପର୍ଯ୍ୟନ୍ତ ଶବ୍ଦ ଶବ୍ଦ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ନିରୂପଣ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। କଥା କହୁଥିବା ସମୟରେ ଏପରି ହୁଏ ଯେ, ଯେତେବେଳେ ଜଣେ ବ୍ୟକ୍ତି କିଛି କହିବା ଲାଗି ଇଚ୍ଛା କରେ, ସେତେବେଳେ ଯଦି ସିଏ ଭାବନା ଅବବୋଧ ବା ଜ୍ଞାନଗତ ଏକପ୍ରକାର ପ୍ରଗାଢ଼ତାକୁ ବ୍ୟବହାର କରୁଥିବା ଶବ୍ଦ-ଗୁଡ଼ିକ ମଧ୍ୟରେ ପ୍ରବିଷ୍ଟ କରାଇପାରେ, ତେବେ ଶବ୍ଦଗୁଡ଼ିକ ଦ୍ୱାରା ସିଏ ସେହି ଭାବଟିକୁ — ଯଥାର୍ଥ ଭାବଟିକୁ — ବ୍ୟକ୍ତ କରିବାକୁ ସମର୍ଥ ହୁଏ। ମାତ୍ର, ଯଦି କେବଳ ଏକ ବୌଦ୍ଧିକ ଆଭରଣ ଦ୍ୱାରାହିଁ ଶବ୍ଦଗୁଡ଼ିକର ପ୍ରୟୋଗ କରାଯାଏ, ଅର୍ଥାତ୍, ଯଦି କେବଳ ଇଚ୍ଛା ଅନୁସାରେ ସେଗୁଡ଼ିକର ପ୍ରୟୋଗ କରାଯାଉଥାଏ,

'oaob.nitrkl.ac.in' images reprocessed

ତେବେ "ଯେତେବେଳେ ମୁଁ ଏକଥା କହୁଛି ···" ବୋଲି କହିବା ଆବଶ୍ୟକ ହୁଏ ଏବଂ ତା'ପରେ ଏକ ଦୀର୍ଘ ବ୍ୟାଖ୍ୟା ଦେବାକୁ ପଡ଼େ, ଏକ ସଂଜ୍ଞା ଦେବାକୁ ପଡ଼େ ।

"ଚୈତ୍ୟ ଦୃଷ୍ଟି" କହିଲେ କ'ଣ ବୁଝାଏ ?

ଦୃଷ୍ଟି ? ଭୌତିକ ଦୃଷ୍ଟି କହିଲେ କ'ଣ ବୁଝାଏ, ତୁମେ ସେକଥା ଅବଶ୍ୟ ଜାଣିଥିବ, ନୁହେଁ ?—ଭୌତିକ, ତୁମେ ଏହି ଶବ୍ଦଟିର ଅର୍ଥ ଜାଣିଛ ତ ? ଏବଂ, ଚୈତ୍ୟ ସ୍ତରରେ ମଧ୍ୟ ଠିକ୍ ସେହିକଥା ଘଟିଥାଏ । ଅର୍ଥାତ୍, ଯେତେବେଳେ ସ୍ଥୂଳ ଅଙ୍ଗ ଦ୍ୱାରା କିଛି ଦେଖିବା ପରିବର୍ତ୍ତେ ତୁମେ ଚୈତ୍ୟ ଅଙ୍ଗଗୁଡ଼ିକ ଦ୍ୱାରା ତାହାକୁ ଦେଖିଥାଅ । ଦେଖିବା ସକାଶେ ତୁମର ଆଖିଗୁଡ଼ିକ ରହିଛି, ନୁହେଁ କି ? ଠିକ୍ ସେହିପରି ଚୈତ୍ୟ ସ୍ତରରେ ମଧ୍ୟ ଆଖିମାନେ ରହିଛନ୍ତି, ଏବଂ ସେମାନେ ଚୈତ୍ୟ ସ୍ତରରେହିଁ ଦେଖିପାରନ୍ତି । ଯେତେବେଳେ ଏହା ଦୃଷ୍ଟିଶକ୍ତିର ଉତ୍କର୍ଷ ଉପରେ ନିର୍ଭର ନ କରି ଦର୍ଶନ କରୁଥିବା ସତ୍ତ୍ୱର ତଥା ଅଙ୍ଗଗୁଡ଼ିକର ଅବସ୍ଥା ଉପରେହିଁ ନିର୍ଭର କରୁଥାଏ । ଚୈତ୍ୟ ସ୍ତରରେ, ଅର୍ଥାତ୍ ଚୈତ୍ୟ ଅବସ୍ଥାରେ, ଚୈତ୍ୟ ରାଜ୍ୟଗୁଡ଼ିକରେ ବା ଚୈତ୍ୟ ସତ୍ତ୍ୱରେ କ'ଣସବୁ ଘଟୁଥାଏ, ଚୈତ୍ୟ ଦୃଷ୍ଟି ତାହାହିଁ ଦେଖିବାକୁ ସମର୍ଥ ହୁଏ । ମନଭିତରେ ଯାହାକିଛି ଘଟୁଛି, ମନର ଆଖି ସେଗୁଡ଼ିକୁ ପ୍ରତ୍ୟକ୍ଷ କରିପାରେ : ହଁ, ପ୍ରତ୍ୟକ୍ଷ କରିପାରେ । ଠିକ୍ ସ୍ଥୂଳ ଜଡ଼ସ୍ତରର ଦେଖିବା ଯେମିତି ସେ ଦେଖିବା ମଧ୍ୟ ସେମିତି, ଏହି ଦେଖିବା ହେଉଛି ସମ୍ପୂର୍ଣ୍ଣ ଭୌତିକ ସ୍ତରର ଦେଖିବା ପରି ।

ମାତ୍ର ତୁମର ଜଡ଼-ଆଖିରେ ତୁମେ କଦାପି ଏକ ଚୈତ୍ୟ-ଦୃଷ୍ଟି ସମ୍ଭବ କରିପାରିବ ନାହିଁ । କେବଳ ତୁମର ଚୈତ୍ୟ ଆଖି ଦ୍ୱାରାହିଁ ଚୈତ୍ୟ ଦେଖିବା ସମ୍ଭବ ହେବ । ତୁମେ ଯାହା ଦେଖିଲ, ତାହାକୁ ମନେ ରଖିବାକୁ, ଯାହା ଦେଖିଲ ସେଇଟି ବିଷୟରେ ସଚେତନ ହେବାକୁ ତୁମର ହୁଏତ ଆପଣାର ଚୈତ୍ୟ ସତ୍ତ୍ୱ ସହିତ ଯଥେଷ୍ଟ ପରିମାଣରେ ଏକ ଘନିଷ୍ଠ ସମ୍ବନ୍ଧ ଥାଇପାରେ, ମାତ୍ର ଏହି କ୍ଷେତ୍ରରେ ତୁମର ଭୌତିକ ସତ୍ତ୍ୱ ଆଦୌ କିଛି ଦେଖିପାରିବ ନାହିଁ, ତୁମର ଚୈତ୍ୟସତ୍ତ୍ୱହିଁ ଯାହାକିଛି ଦେଖିବ । ତୁମର ଭୌତିକ ସତ୍ତ୍ୱ ଏକ ଅନ୍ୟପ୍ରକାରେ ଦେଖିଲେ ତାହାହିଁ ଚୈତ୍ୟ ଦେଖିବା ହୋଇଯିବ, ସେକଥା ଆଦୌ ନୁହେଁ; ଏହି କ୍ଷେତ୍ରରେ ତୁମର ଚୈତ୍ୟସତ୍ତ୍ୱହିଁ ଯାହାକିଛି ଦେଖିବ ।

ମାଆ, ଏଠାରେ ଲେଖାହୋଇଛି : "ଦିବ୍ୟ ପରମପ୍ରେମର ପ୍ରଗାଢ଼ତା ସତ୍ତ୍ୱର କୌଣସି ଭାଗରେ ମଧ୍ୟ ଆଦୌ କୌଣସି ବିକ୍ଷୋଭ ସୃଷ୍ଟି କରେ ନାହିଁ ।"

ହଁ ।

'oaob.nitrkl.ac.in' images reprocessed

ମାତ୍ର ଯଦି ଶରୀର ଅତ୍ୟନ୍ତ ଦୁର୍ବଳ ହୋଇ ରହିଥାଏ, ତେବେ ଦିବ୍ୟ ପରମପ୍ରେମର ପ୍ରଗାଢ଼ତା ପ୍ରକୃତରେ ଏକ ବିକ୍ଷୋଭ ସୃଷ୍ଟି କରେ ନାହିଁ କି ?

ଶରୀରରେ ବିକ୍ଷୋଭ ସୃଷ୍ଟି କରେ ? ଦିବ୍ୟ ପରମପ୍ରେମ କାହିଁକି ଶରୀରରେ ବିକ୍ଷୋଭ ସୃଷ୍ଟି କରିବାକୁ ଯିବ ?

ମାତ୍ର ଶରୀର ଯଦି ସେହି ପ୍ରଗାଢ଼ତାକୁ ସହ୍ୟ କରି ନ ପାରେ ?

ତେବେ, ତାହା ସମ୍ଭବତଃ ମୋଟେ ଦିବ୍ୟ ପରମପ୍ରେମ ନୁହେଁ ବୋଲି ଜାଣିବାକୁ ହେବ । ମୁଁ ହୁଏତ ଠିକ୍ ଭାବରେ ବୁଝିପାରୁ ନାହିଁ । ଦିବ୍ୟ ପରମପ୍ରେମର କ୍ଷେତ୍ରରେ ଏହିପରି ଘଟିଥାଏ ଯେ, ଜଣେ ବ୍ୟକ୍ତି ଯେତିକି ସହ୍ୟ କରିପାରିବ, ସିଏ ସ୍ୱତଃପ୍ରେରିତ ଭାବରେ କେବଳ ସେତିକି ଗ୍ରହଣ କରିଥାଏ ।

ଦିବ୍ୟ ପରମପ୍ରେମ ଆପଣାର ସକଳ ପ୍ରଗାଢ଼ତା ସହିତ ସର୍ବଦାହିଁ ବିଦ୍ୟମାନ ଥାଏ, ଏକ ଦୁର୍ଜେୟ ଶକ୍ତିରୂପେ ବିଦ୍ୟମାନ ରହିଥାଏ । ମାତ୍ର ଅଧିକାଂଶ ବ୍ୟକ୍ତି— ପ୍ରାୟ ଶବ୍ଦରେ ଅନେକତ ବ୍ୟକ୍ତି— ସେସବୁ ଆଦୌ କିଛିହେଲେ ଅନୁଭବ କରିପାରନ୍ତି ନାହିଁ ! ସେମାନେ ପ୍ରକୃତରେ ଯାହା ହୋଇ ରହିଥାନ୍ତି, ସେମାନଙ୍କର ଯେତିକି ଗ୍ରହଣ କରିବା ଲାଗି ସାମର୍ଥ୍ୟ ରହିଥାଏ, ସମ୍ପୂର୍ଣ୍ଣତଃ କେବଳ ସେହି ଅନୁପାତରେହିଁ ସେମାନେ ଏହି ବିଷୟରେ ଯାହାକିଛି ଅନୁଭବ କରିପାରନ୍ତି । ଉଦାହରଣସ୍ୱରୂପ, ତୁମେ କଳ୍ପନା କର ଯେ, ତୁମେ ଦିବ୍ୟ ପରମପ୍ରେମ ଦ୍ୱାରା ପୂର୍ଣ୍ଣସ୍ପନ୍ଦିତ ହୋଇ ରହିଥିବା ଏକ ପରିବେଶ ମଧ୍ୟରେ ସତେଅବା ଅବଗାହନ କରିବାରେ ଲାଗିଛ,—ତୁମେ ଏହି ବିଷୟରେ ଏପରିକି ଆଦୌ ସଜ୍ଞାନହିଁ ହୋଇପାରୁ ନାହଁ । ବେଳେବେଳେ, ଅତ୍ୟନ୍ତ ବିରଳ ଭାବରେ, ମାତ୍ର କେତୋଟା ମୁହୂର୍ତ୍ତ ସକାଶେ ତୁମେ ହଠାତ୍, "ଗୋଟାଏ କିଛି" ର ଅନୁଭୂତି ଲାଭ କରିବାକୁ ଆରମ୍ଭ କର । ତା'ପରେ ତୁମେ କହ, "ଦିବ୍ୟ ପରମପ୍ରେମ ପ୍ରକୃତରେ ମୋ'ପାଖକୁ ଆସିଥିଲା ।" କେଡ଼େ ପରିହାସ କଥା କହିଲ ! କେବଳ ଏତିକି ଘଟିଥିଲା ଯେ, କୌଣସି ଏକ କାରଣବଶତଃ ତୁମେ କେବଳ ଏତେ ଟିକିଏମାତ୍ର ଆପଣାକୁ ଉନ୍ମୋଚିତ କରିଦେଇ ପାରିଥିଲ ଏବଂ ତେଣୁ ସେହି ଅନୁଭୂତିଟିକୁ ଲାଭ କରିପାରିଲ । ମାତ୍ର ତାହା ତ ସବୁବେଳେ ବିଦ୍ୟମାନ ରହିଛି, ଦିବ୍ୟ ପରମଚେତନା ପରି ସର୍ବଦାହିଁ ରହିଛି । ସର୍ବଦା ସେହି ଅପରିବର୍ତ୍ତିତ ଭାବରେ ବିଦ୍ୟମାନ ରହିଛି, ଆପଣାର ସମ୍ପୂର୍ଣ୍ଣ ପ୍ରଗାଢ଼ତା ସହିତ ବିଦ୍ୟମାନ ରହିଛି । ମାତ୍ର ଆମେ ତ ତାହା ବିଷୟରେ ସଜ୍ଞାନ ବି ହୋଇପାରୁ ନାହୁଁ; ଅଥବା, ସଜ୍ଞାନ ହେଲେ ବି ଅତ୍ୟନ୍ତ ଅନିୟମିତ ବା ଆକସ୍ମିକ ଭାବରେ ସଜ୍ଞାନ ହୋଇ ପାରୁଛୁ । ହଠାତ୍ ଆମେ ଏକ

'oaob.nitrkl.ac.in' images reprocessed

ପ୍ରସନ୍ନ ଅନୁଭୂତିର ଅବସ୍ଥାକୁ ଆସି ଯାଉଛୁ, ତେଣୁ କିଛି ଅନ୍ୟପ୍ରକାର ଅନୁଭବ କରୁଛୁ ଓ କହୁଛୁ, "ଇଏ ହେଉଛି ଦିବ୍ୟ ପରମଚେତନା, ଦିବ୍ୟ ପରମପ୍ରେମ ମୋ' ପ୍ରତି ପ୍ରସନ୍ନ ହେଲେ, ସିଏ ମୋ' ପାଖକୁ ଆସିଲେ !" ସେପରି କିଛିହେଲେ ଘଟି ନାହିଁ । ବେଳେବେଳେ ସତେଅବା ଗୋଟିଏ ପିନ୍‌କଣ୍ଟାର ମୁନ ପରି ସ୍ଥାନ, ଅତ୍ୟଳ୍ପ ସ୍ଥାନ ବାଟଟିଏ ଖୋଲିଯାଉଛି ଏବଂ ତେଣୁ ସେହି ଶକ୍ତି ଅତ୍ୟଳ୍ପ ସ୍ୱାଭାବିକ ଭାବରେ ଭିତରକୁ ପ୍ରବାହିତ ହୋଇ ଆସୁଛି । କାରଣ, ଏହି କ୍ଷେତ୍ରରେ ଏକ ସକ୍ରିୟ ବାଧାବନ୍ଧଣ ସମ୍ମୁଖ ହେଉଛି; ଗୃହୀତ ହେବାର ଏକ ସମ୍ଭାବନା ଆସି ପହଞ୍ଚିବା ମାତ୍ରକେ ତାହା ଗୃହୀତ ହେବାରେ ଲାଗିଛି । ମାତ୍ର, ଦିବ୍ୟ ଯାବତୀୟ ବସ୍ତୁର କ୍ଷେତ୍ରରେ ମଧ୍ୟ ଠିକ୍ ଏହି କଥାହିଁ ଘଟିଥାଏ । ସେହି ବସ୍ତୁଗୁଡ଼ିକ ସବୁବେଳେ ବିଦ୍ୟମାନ ରହିଥାନ୍ତି,—କେବଳ ଆମେ ସେଗୁଡ଼ିକୁ ଗ୍ରହଣ କରିପାରୁ ନ ଥାଉ, କାରଣ ଆମେ ଆପଣାକୁ କଲିକରି ରଖିଥାଉଁ, ମଝିରେ ପ୍ରତିବନ୍ଧକ ଠିଆ କରି ରଖିଥାଉଁ, ଅଧିକାଂଶ ସମୟରେ ଅନ୍ୟାନ୍ୟ ଯାବତୀୟ ବିଷୟକୁ ନେଇ ବ୍ୟସ୍ତ ହୋଇ ରହିଥାଉଁ । ଅଧିକାଂଶ ସମୟରେ ଆମେ ନିଜକୁ କେବଳ ନିଜ ଦ୍ୱାରାହିଁ ପୂର୍ଣ୍ଣ କରି ରଖିଥାଉଁ । ତେଣୁ, କେବଳ ନିଜ ଦ୍ୱାରାହିଁ ଗୋଟାସୁଦ୍ଧା ପୂର୍ଣ୍ଣ ହୋଇ ରହିଥିବାରୁ, ଆମଭିତରେ ଆଉ ଅନ୍ୟ କୌଣସି ବସ୍ତୁ ସକାଶେ ଆଦୌ କୌଣସି ଜାଗା ନ ଥାଏ । ଅନ୍ୟ କେତେକେତେ ବସ୍ତୁକୁ ନେଇ ଆମେ କେଡ଼େ ସକ୍ରିୟ ଭାବରେ (ମାଆ ହସିକରି କହୁଥାନ୍ତି) ବ୍ୟସ୍ତ ହୋଇ ରହିଥାଉଁ । କେବଳ ବସ୍ତୁଗୁଡ଼ାକ ଦ୍ୱାରାହିଁ ଭର୍ତ୍ତି ହୋଇ ରହିଥାଉଁ, ଦିବ୍ୟ ପରମସତ୍ତାଙ୍କ ଲାଗି ଆଉ କୌଣସି ଜାଗା ନ ଥାଏ ।

ମାତ୍ର ସିଏ ସେଇଠିହିଁ ବିଦ୍ୟମାନ ରହିଥାନ୍ତି ।

ତୁମର ଚତୁର୍ଦ୍ଦିଗରେ ଯେତେଯେତେ ବସ୍ତୁସବୁ ବିଦ୍ୟମାନ ରହିଛନ୍ତି, ଏହା ମଧ୍ୟ ଠିକ୍ ସେହିପରି ଏକ ବସ୍ତୁସବୁ । ସେଗୁଡ଼ିକୁ ତୁମେ ଆଖିରେ ଦେଖିପାର ନାହିଁ । ଦେଖିପାର କି ? ···ନାଇଁ । ବେଳେବେଳେ, ଯେତେବେଳେ ତୁମେ ମାତ୍ର କିଞ୍ଚିତ୍ ପରିମାଣରେ ଅଧିକ ଗ୍ରହଣଶୀଳ ହୋଇ ରହିଥାଅ, କିଂବା ତା' ନ ହେଲେ, ଯେତେବେଳେ ନିଦ୍ରାବସ୍ଥାରେ ତୁମେ ଅପେକ୍ଷାକୃତ କମ୍ ସମ୍ପୂର୍ଣ୍ଣ ଭାବରେ ଆପଣାର ସାନସାନ ବ୍ୟାପାରଗୁଡ଼ାକୁ ନେଇ ବ୍ୟସ୍ତ ରହିଥାଅ, ସେତେବେଳେ ତୁମକୁ କୌଣସି ଏକ ବସ୍ତୁର ଝଲକ ମିଳି ଯାଇଥାଏ ଏବଂ ସେତେବେଳେ ତୁମେ କିଛି ଦେଖିଥାଅ ଓ ଅନୁଭବ ବି କରିଥାଅ । ମାତ୍ର ସାଧାରଣତଃ ଏହିପରି ଘଟେ ଯେ, ତୁମେ ଯେମିତି ପୁନର୍ବାର ନିଜର ଜାଗ୍ରତ ଅବସ୍ଥାକୁ ଫେରିଆସ, ସେହି ସବୁକିଛି ଦେଖିବା ଓ ଅନୁଭବ କରିବା ତତ୍‌କ୍ଷଣାତ୍ ବିଲୁପ୍ତ ହୋଇଯାଇଥାଏ—ପ୍ରଥମତଃ, ତୁମେ ଜାଣିଛ, ତୁମର ସେହି ପ୍ରଚଣ୍ଡ ଅହଂଟି ଦ୍ୱାରା ଏପରି ହୁଏ, ଯିଏକି କେବଳ

'oaob.nitrkl.ac.in' images reprocessed

ଆପଣାଟାକୁ ନେଇହିଁ ଗୋଟାପୁଝା ପୂର୍ଣ୍ଣ ହୋଇ ରହିଥାଏ ଏବଂ ସମଗ୍ର ବିଶ୍ୱଜଗତ କେବଳ ସେହି ଅହଂଟା ଦ୍ୱାରାହିଁ ଆତଯାତ ହେବାରେ ଲାଗିଥାଏ : ତୁମେ ସବାମଝିରେ ରହିଥାଅ ଏବଂ ବିଶ୍ୱଜଗତ ତୁମକୁ କେନ୍ଦ୍ର କରି ବୁଲିବାରେ ଲାଗିଥାଏ । ମନୋଯୋଗ ସହକାରେ ଆପଣା ଆଡ଼କୁ ଦୃଷ୍ଟିପାତ କଲେ ତୁମେ ଏହି କଥାହିଁ ଦେଖିବାକୁ ପାଇବ । ବିଶ୍ୱଜଗତଟି ସମ୍ବନ୍ଧରେ ତୁମର ଯେଉଁ ଦୃଷ୍ଟି ରହିଛି—ଅର୍ଥାତ୍, ତୁମେ ମଝିରେ ରହିଛ ଏବଂ ତୁମ ଚାରିପାଖରେ ତୁମକୁ କେନ୍ଦ୍ର କରି ତାହା ଘୂରିବାରେ ଲାଗିଛି । ତେଣୁ ସେଥିରେ ଆଉ ଅନ୍ୟକୌଣସି ବସ୍ତୁ ଲାଗି କୌଣସି ସ୍ଥାନ ନାହିଁ । ତୁମେ ବିଶ୍ୱଜଗତକୁ ମୋଟେ ଦେଖିପାରୁ ନାହଁ, ବିଶ୍ୱଜଗତ ମଧ୍ୟରେ କେବଳ ସେହି ଆପଣାଟାକୁହିଁ ଦେଖିବାକୁ ପାଉଛ ।

ତେଣୁ, ସର୍ବପ୍ରଥମ କଥା ହେଉଛି, ଏହି ଅହଂ ଭିତରୁ ବାହାରକୁ ବାହାରି ଯିବାରୁହିଁ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ । ପରେ, ତୁମେ ଛୁଟିପାରୁଥିବ, ତାହାକୁ ଅସ୍ତିତ୍ୱର ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଅବସ୍ଥାନ କରିବାକୁ ପଡ଼ିବ । ତେବେ ଯାଇ, ବସ୍ତୁଗୁଡ଼ିକ ପ୍ରକୃତରେ ଯାହା, ତୁମେ ସେଗୁଡ଼ିକୁ ଠିକ୍ ସେହିପରି ଭାବରେ ଦେଖିବାକୁ ଆରମ୍ଭ କରିବ, ଠିକ୍ ଏ ଉପରେ ଆଉ ସେହିଠାରୁହିଁ ସେଗୁଡ଼ିକୁ ଦେଖିପାରିବ । ମାତ୍ର, ବସ୍ତୁଗୁଡ଼ିକ ପ୍ରକୃତରେ ଯେଉଁପରି, ଯଦି ତୁମେ ସେଗୁଡ଼ିକୁ ସେହିପରି ଭାବରେ ଜାଣିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ସଂପୂର୍ଣ୍ଣ ସ୍ୱଚ୍ଛରେ ଏକ ଦର୍ପଣ ପରି ହୋଇଯିବାକୁ ପଡ଼ିବ । ତୁମେ ନୀରବ ହୋଇଯିବ, ଶାନ୍ତ ହୋଇଯିବ, ନିଶ୍ଚଳ ହେବ, ନିରପେକ୍ଷ ହେବ — ତୁମ ଭିତରେ କୌଣସି ଅଗ୍ରରୁଚି ବୋଲି କିଛି ରହିବ ନାହିଁ, ତୁମେ ସମ୍ପୂର୍ଣ୍ଣ ଗ୍ରହଣଶୀଳତାର ଏକ ସ୍ଥିତିରେ ରହିଥିବ । ଏବଂ, ଯଦି ସେହିପରି ହୋଇପାରିବ, ତେବେ ଏକଥା ଅବଶ୍ୟ ଦେଖିବାକୁ ଆରମ୍ଭ କରିବ ଯେ, ଏପରି ଅନେକ ବସ୍ତୁ ଅଛି, ଯାହା ବିଷୟରେ କି ତୁମର ଆଦୌ କୌଣସି ସଜ୍ଞାନତା ନାହିଁ, ମାତ୍ର ଯେଉଁ ବସ୍ତୁଗୁଡ଼ିକ ପକୃତରେ ରହିଛି, ଏବଂ ଏଣିକି ସେହି ବସ୍ତୁଗୁଡ଼ିକହିଁ ତୁମ ଭିତରେ ପରିଦୃଷ୍ଟ ହେବାକୁ ଆରମ୍ଭ କରିବେ ।

ତେବେ ଯାଇ ତୁମେ ଏହିସବୁ ବସ୍ତୁ ମଧ୍ୟରେହିଁ ଅବସ୍ଥିତ ହୋଇ ରହିବାକୁ ସମର୍ଥ ହେବ ଏବଂ, ବିଶ୍ୱଜଗତରେ ତୁମେ ଯେଉଁ କ୍ଷୁଦ୍ର ବନ୍ଦୀଟିଏ ହୋଇ ରହିଛ, ତୁମକୁ ଆଉ ଗୋଟାପୁଝା ତାହାରି ଭିତରେ ମୋଟେ ବନ୍ଦୀ ହୋଇ ରହିବାକୁ ପଡ଼ିବ ନାହିଁ ।

ଆପଣା ଭିତରୁ ବାହାରି ଆସିବା ଲାଗି ଯାବତୀୟ ପ୍ରକାରର ଉପାୟ ରହିଛି । ମାତ୍ର, ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି, ସେଗୁଡ଼ିକୁ ଏଣିକି ସେହିପରି

'oaob.nitrkl.ac.in' images reprocessed

ଖବରେ ଜାଣିବାକୁ ଇଚ୍ଛା କରୁଥିଲ ଏବଂ ତୁମର ନିଜ ଗ୍ରନ୍ଥରେହିଁ ସେଗୁଡ଼ାକୁ ଦେଖିବା ଲାଗି ମୋଟେ ଇଚ୍ଛା କରୁ ନ ଥିଲେ, ଏହି ବାହାର ଆସିବା ତୁମ ଲାଗି ଅବଶ୍ୟ ଅପରିହାର୍ଯ୍ୟ ହୋଇ ରହିଥିବ ।

**ଆପଣା ଅହଂ ଭିତରୁ ବାହାରି ଆସିପାରିବା ଲାଗି ଆମର ଦୃଷ୍ଟିକୋଣ କିପରି ହୋଇଥିବା ଉଚିତ ?**

ଦୃଷ୍ଟିକୋଣ ? ଏହାକୁ ବରଂ ଏକ ଇଚ୍ଛା ବୋଲି କୁହାଯିବ, ନୁହେଁ ? ତୁମକୁ ସେଥିଲାଗି ଇଚ୍ଛାହିଁ କରିବାକୁ ପଡ଼ିବ । ...ଏଥିପାଇଁ କ'ଣ କରିବାକୁ ହେବ, ତୁମେ କ'ଣ ସେହି କଥା ପଚାରୁଛ ?

ଏଥିପାଇଁ ନିଶ୍ଚିତତମ ଉପାୟ ହେଉଛି ଆପଣାକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ଅର୍ପଣ କରିଦେବା । ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କୁ ଆମ ନିଜ ଭିତରକୁ ଟାଣିବ ଲାଗି ଆଦୌ କୌଣସି ଚେଷ୍ଟା କରିବା ନାହିଁ, ମାତ୍ର ଆପଣାକୁ ତାଙ୍କ ପାଖରେ ନେଇ ଅର୍ପଣ କରିଦେବାକୁହିଁ ଚେଷ୍ଟା କରିବା । ତେବେଯାଇ, ଏକ ପ୍ରଥମ ପରିଣାମ ସ୍ୱରୂପେ ଆପଣା ମଧ୍ୟରୁ କିଛିତ୍ ପରିମାଣରେ ବାହାରି ଆସିବା ଲାଗି ଅନ୍ତତଃ ବାଧ୍ୟ ହେବାକୁ ପଡ଼ିବ । ତୁମେ ଜାଣିଥିବ ଯେ, ସାଧାରଣତଃ, ଲୋକେ ଯେତେବେଳେ ଦିବ୍ୟ ପରମସତ୍ତାଙ୍କ କଥା ଭାବନ୍ତି ସେତେବେଳେ ସେମାନେ ସର୍ବପ୍ରଥମେ ଯେତେଦୂର ପାରନ୍ତି, ସେତେ ଅଧିକ ପରିମାଣରେ ତାଙ୍କୁ ଆପଣା ମଧ୍ୟକୁହିଁ "ଟାଣି" ଆଣିବା ସକାଶେ ଚେଷ୍ଟା କରିଥାନ୍ତି । ଏବଂ ତେଣୁ, ସାଧାରଣତଃ ସେମାନେ ଆଦୌ କିଛିହେଲେ ପାଇପାରନ୍ତି ନାହିଁ । ସେମାନେ ତୁମକୁ ଆସି କହନ୍ତି, "ମୁଁ କେତେ ଡାକିଲି, କେତେ ପ୍ରାର୍ଥନା କଲି,—ତଥାପି ମୋତେ ଉତ୍ତର ମିଳିଲା ନାହିଁ । କୌଣସି ଉତ୍ତର ମିଳିଲା ନାହିଁ, କିଛିହେଲେ ଉପଲବ୍ଧି ହେଲା ନାହିଁ ।" ମାତ୍ର ଯଦି ତୁମେ "ତୁମେ ତାଙ୍କ ପାଖରେ ନିଜକୁ ଅର୍ପଣ କରି ଦେଇଥିଲ କି ?" ବୋଲି ପଚାରିବ, ତେବେ ଉତ୍ତର ମିଳିବ "ନାହିଁ, ମୁଁ ତାଙ୍କୁ ନିଜ ଭିତରକୁ ଟାଣି ଆଣିବାକୁ ଚେଷ୍ଟା କରୁଥିଲି ।" —"କିନ୍ତୁ, ଖାସ୍ ସେହି କାରଣରୁହିଁ ତ ତୁମକୁ କିଛି ଉପଲବ୍ଧି ହେଲା ନାହିଁ ।" ତାହା ଯେ ଉପଲବ୍ଧି ହେଲା ନାହିଁ, ସେକଥା ଆଦୌ ନୁହେଁ; ପ୍ରକୃତ କଥା ହେଉଛି ଯେ, ଯେତେବେଳେ ତୁମେ ଉପର ଖବରେ ଟାଣିବାରେ ଲାଗିଥିବ, ସେତେବେଳେ ତୁମେ ଆପଣାର ଅହଂଟି ଭିତରେ ଏତେ ଅଧିକ ପରିମାଣରେ ବନ୍ଦୀ ହୋଇ ରହିଥିବ ଯେ, - ମୁଁ ବର୍ତ୍ତମାନ ଠିକ ସେହିକଥା ତୁମମାନଙ୍କୁ କହୁଥିଲି,—ଯାହା ଗ୍ରହଣ କରିବାକୁ ଥିଲା, ତୁମ ଓ ତାହା ମଧ୍ୟରେ ତାହା ଫଳରେ ଏକ ଏଡ଼େବଡ଼ କାନ୍ଥ ଆସି ଠିଆହୋଇ ରହିବ । ତୁମେ ଆପଣାକୁ ବନ୍ଦିଶାଳା ଭିତରେ ବନ୍ଦୀ କରି ରଖିଥିବ ଏବଂ ସେହି

'oaob.nitrkl.ac.in' images reprocessed

ବନ୍ଧଶାଳା ଭିତରେ ତୁମେ ଆଦୌ କିଛୁ ଅନୁଭବ କରିପାରୁ ନାହିଁ ବୋଲି ଆଶ୍ଚର୍ଯ୍ୟ ହେବାରେ ଲାଗିଥିବ ।

ଖାଲି ତ ବନ୍ଧଶାଳା ନୁହେଁ,—ସେଥିରେ ପୁଣି ଗୁପ୍ତା ଆଲୁଅ ଗୋଟିଏ ହେଲେ ବି ଝରକା ନ ଥିବ ।

ଆପଣାକୁ ବାହାର ଆଡ଼କୁ ନିକ୍ଷିପ୍ତ କରିଦିଅ (ମା'ଆ ନିଜର ଦୁଇହାତକୁ ଖୋଲି ଧରିଲେ), ଆଦୌ କୌଣସି କାର୍ପଣ୍ୟ ନ ରଖି ଆପଣାକୁ ଦେଇଦିଅ, କେବଳ ଆପଣାକୁ ଦେଇଦେବାର ଆନନ୍ଦ ପାଇଁହିଁ ଆପଣାକୁ ଦେଇଦିଅ । ତେବେ ଯାଇ ତୁମେ କିଛି ନା କିଛିଅନୁଭବ କରିପାରିବାର ହୁଏତ ଏକ ସମ୍ଭାବନା ରହିଛି ।

ମାତ୍ର ଯଦି ଅନୁଭବ କରିବାକୁ ଚେଷ୍ଟା କରାଯାଏ···

ଯଦି ଅନୁଭବ କରିବାକୁ ଚେଷ୍ଟା କରାଯାଏ ? ଅନୁଭବ କରିବାକୁ ଚେଷ୍ଟା କରିବା,—ଏଇଟା ବି ତଥାପି ଗୋଟାଏ ଅହଙ୍କାର ନୁହେଁ କି ?···ଏଣେ ଅହଙ୍କାର ରହିଥିବ, ଆଉ ତୁମେ ଅହଂଭିତରୁ ମୁକ୍ତ ହୋଇ ଆସିବାକୁ ଚେଷ୍ଟା କରୁଥିବ,—ଏକଥା ଖୁବ କଷ୍ଟକର ହେବ, ନୁହେଁ କି ? ଦୁଇଟାଯାକ ପରସ୍ପରର ଅନେକ ବିରୋଧୀ ।

"ଅନୁଭବ କରିବାକୁ ଚେଷ୍ଟା କରିବା ?"—ତୁମେ ଏକଥା କାହିଁକି କରିବ ? ତୁମ ନିଜର ସନ୍ତୋଷ ସକାଶେ ?

ଯଦି ଜଣେ ଅନୁଭବ କରିବାକୁ ଚେଷ୍ଟା କରିବ ଯେ, ସିଏ ବୋଲି ପ୍ରକୃତରେ କିଛି ନାହାଁ, କେବଳ ଦିବ୍ୟ ପରମସତ୍ତାହିଁ ରହିଛନ୍ତି, ତେବେ ତାହାକୁ ଅହଂ ଭିତରୁ ବାହାରି ଆସିବାର ଗୋଟିଏ ଉପାୟ ବୋଲି କୁହାଯିବ କି ?

ନିଜେ ବୋଲି କିଛି ନାହିଁ ବୋଲି ଅନୁଭବ କରିବାକୁ ଚେଷ୍ଟା କଲେ ? ଏଇଟା—କେବଳ ମନର ସ୍ତରରେ ଚେଷ୍ଟା କଲେ ଆଦୌ କୌଣସି ସଫଳତା ମିଳିବ କି ନାହିଁ, ମୁଁ ସେକଥା କହିପାରିବି ନାହିଁ । କାରଣ, ଏହା ହେଉଛି ଗୋଟାଏ ପ୍ରକାରର ମାନସିକ ପ୍ରୟାସ । ଏହାଦ୍ୱାରା କେବଳ କେତେଗୁଡ଼ାଏ ମନୋରଚନାହିଁ ସମ୍ଭବ ହୋଇଥାଏ ଏବଂ ଖୁବ୍ ବେଶୀକିଛି ମୋଟେ ଉପଲବ୍ଧି ହୁଏ ନାହିଁ । ନାଇଁ—ପ୍ରକୃତ ଆବଶ୍ୟକତା ହେଉଛି ଯେ, ଆମ ଭିତରେ କିଛି ସ୍ୱତଃସ୍ଫୂର୍ତ୍ତି ହୋଇ ରହିଥିବ, ପ୍ରଗାଢ଼ ଭାବରେ ରହିଥିବ,—ଆମ ସତ୍ତା ମଧ୍ୟରେ ଏକ ଅଗ୍ନି ଶିଖା ପ୍ରଜ୍ୱଳିତ ହୋଇ ରହିଥିବ, ଅଣ୍ଟାପସାର ଏକ ଶିଖା ଜଳୁଥିବ,

'oaob.nitrkl.ac.in' images reprocessed

ଏହିପରି କିଛି ସମ୍ଭବ ହେଉଥିବ···ତାହାକୁ କିପରି ଶବ୍ଦ ଦେଇ କହିହେବ, ମୁଁ ଜାଣିପାରୁ ନାହିଁ ।

ଯଦି ଏକଥାଟି କେବଳ ସେହି ମୁଣ୍ଡ ଭିତରେହିଁ ହେଉଥିବ, ତେବେ ଆଦୌ କିଛି—କିଛିହେଲେ ଘଟିବ ନାହିଁ ।

ଆମେ ଯାହା ଚେଷ୍ଟା କରିବା, ତାହା କେବଳ ମନଃସ୍ତରରହିଁ ଏକ ଚେଷ୍ଟା ହୋଇ ରହିବ । ତାହାକୁ ସ୍ୱତଃସ୍ଫୂର୍ତ୍ତି କରିବାକୁ ହେଲେ କ’ଣ କରିବାକୁ ହେବ ?

କ’ଣ କହିଲ ?

ଆମେ ଯାହା ଚେଷ୍ଟା···

ହଁ, ମୁଁ ତୁମର କଥାଟିକୁ ଭଲ କରି ଶୁଣିଛି । ମାତ୍ର ତୁମେ କାହିଁକି ଏକ ନିୟମ ପରି ଏକଥା କହିଦେଉଛ ଯେ, ଜଣେ ବ୍ୟକ୍ତି ଯାହାକିଛି ଚେଷ୍ଟା କରିବ, ତାହା କେବଳ ମନଃସ୍ତରର ହୋଇ ରହିବାକୁ ବାଧ୍ୟ ହେବ ?

ମାତ୍ର, ତାହାକୁ ସ୍ୱତଃସ୍ଫୂର୍ତ୍ତି କରିବାକୁ ହେଲେ କ’ଣ କରିବାକୁ ପଡ଼ିବ ?

ମୁଁ ଭାବୁଛି, ରୂପାନ୍ତର ଲାଗି କରାଯାଉଥିବା ଏକ ଚେଷ୍ଟା ଏବଂ କିଛି ହାସଲ କରିବା ଉଦ୍ଦେଶ୍ୟରେ କରା ଯାଉଥିବା ଗୋଟାଏ ପ୍ରକାରର ମାନସିକ ବିରଚନା ମଧ୍ୟରେ କେତେ ନା କେତେ ତଫାତ୍ ରହିଛି । ପ୍ରଥମ ଚେଷ୍ଟାଟି ଯଥାର୍ଥରେ ସତ୍ତାର ଚୈତ୍ୟକେନ୍ଦ୍ରଟିରୁହିଁ ଉତ୍ପନ୍ନ ହୋଇ ଆସିଥାଏ ।

ମୁଁ ଠିକ୍ କରି କିଛି କହିପାରୁ ନାହିଁ,—ଆପଣାର ଭାବଗୁଡ଼ିକୁ ବୋଧଗମ୍ୟ କରାଇ ପାରିବା ଏହି କ୍ଷେତ୍ରରେ ଅତ୍ୟନ୍ତ କଷ୍ଟକର । ମାତ୍ର ଯେପର୍ଯ୍ୟନ୍ତ ସବୁକଥା ଏହିପରି ଭାବରେ (ମାଆ ଆପଣାର କପାଳ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କଲେ) ମୁଣ୍ଡ ଭିତରେହିଁ ଆତଯାତ ହେଉଥିବ, ସେତେବେଳ ପର୍ଯ୍ୟନ୍ତ ତାହାର ଆଦୌ କୌଣସି ଶକ୍ତି ନ ଥିବ । ସେତେବେଳେ ଏହାର ଖୁବ୍ କମ୍ ଶକ୍ତି ରହିଥିବ ଓ ତାହା ଅତ୍ୟନ୍ତ ପରିମାଣରେ ସୀମାବଦ୍ଧ ହୋଇ ରହିଥିବ । ଏବଂ ତାହା ଅନୁକ୍ଷଣ ଆପଣାକୁ ମିଥ୍ୟା ବୋଲି ପ୍ରତିପାଦିତ କରିଦେଉଥିବ । ଆମେ ଭାବଆଉଁ ଯେ ଅନେକ ଆୟାସ ସହକାରେ ଅତ୍ୟନ୍ତ କୃତ୍ରିମ ଭାବରେ ଆମେ ଗୋଟିଏ ଇଚ୍ଛାକୁ ସଂଗୃହୀତ କରିପାରୁଛୁ ଏବଂ ତା’ ସଙ୍ଗେ ସଙ୍ଗେ କିଛି ହାତରେ ପାଇବାକୁ ମଧ୍ୟ ଚେଷ୍ଟା କରୁଛୁ,—ଏବଂ ତା’ର ଠିକ୍ ପରବର୍ତ୍ତୀ ମୁହୂର୍ତ୍ତିରେହିଁ ତାହା ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ଅନ୍ତର୍ହିତ ହୋଇଯାଉଛୁ । ଏବଂ ଆମେ ସେହି କଥାଟିକୁ ହୃଦୟଙ୍ଗମ ବି କରିପାରୁ ନାହୁଁ; ଆମେ ଆପଣାକୁ ପଚାରୁଛୁ, "ଏହା ପ୍ରକୃତରେ କିପରି ହେଲା ?"

ମୁଁ ବି କିଛି କହିପାରିବି ନାହିଁ,—ମସ୍ତିଷ୍କର ସାହାଯ୍ୟରେ ଯୋଗର ସାଧନା କରିବା ବସ୍ତୁତଃ ମୋତେ ଅତ୍ୟନ୍ତ କଷ୍ଟସାଧ୍ୟ ହେବ ବୋଲି ବୋଧ ହେଉଛି । —ଅବଶ୍ୟ ଯଦି ଜଣେ କୌଣସି ଯାଦୁର କବଳରେ ପଡ଼ିଥାଏ, ତେବେ ତାହା ଅନ୍ୟ କଥା ହେବ ।

ଇଚ୍ଛାଶକ୍ତିକୁ କଦାପି ମସ୍ତିଷ୍କ ବୋଲି କୁହାଯିବ ନାହିଁ ।

ଇଚ୍ଛାଶକ୍ତି—ମୁଁ ଯାହାକୁ ଇଚ୍ଛାଶକ୍ତି ବୋଲି କହୁଛି—ସେହି ବସ୍ତୁଟି ଏହିଠାରେ (ମାଆ ବକ୍ଷର ମଧ୍ୟସ୍ଥଳକୁ ଦେଖାଇଦେଲେ) ରହିଛି । ତାହାରହିଁ ଏକ କ୍ରିୟାଶକ୍ତି ରହିଛି, ଉପଲବ୍ଧି କରିବାର ସାମର୍ଥ୍ୟ ରହିଛି ।

ଆମେ ସମ୍ପୂର୍ଣ୍ଣତଃ ଆମର ମସ୍ତିଷ୍କ ସାହାଯ୍ୟରେ ଯାହାକିଛି କରୁ, ସେଥିରେ ଅଗଣିତ ନାନା ଅସ୍ଥିରତା ରହିଥାଏ । ଉଦାହରଣସ୍ୱରୂପ, କୌଣସି ଏକ ସିଦ୍ଧାନ୍ତର ନିରୂପଣ କରିବସିବା ମାତ୍ରକେହିଁ ଅନିବାର୍ଯ୍ୟତଃ ସଙ୍ଗେସଙ୍ଗେ ତାହାର ଯାବତୀୟ ବିପରୀତ ଯୁକ୍ତିକୁ ଅଣି ବାଢ଼ିଦେଉଥିବା ବିଷୟଗୁଡ଼ିକ ଆସି ହସ୍ତକ୍ଷେପ କରିବାକୁ ଆରମ୍ଭ କରନ୍ତି । ଏବଂ ଫଳରେ ମନ ପ୍ରକୃତରେ ଆପଣାର ଭାରି କୌଶଳ ଦେଖାଇବାରେ ଲାଗିଥାଏ : ତାହା ଯାହା କିଛିକୁ ବି ପ୍ରମାଣ କରିଦେଇ-ପାରେ, ଯେକୌଣସି ସମ୍ବନ୍ଧରେ ବି ଯୁକ୍ତିଗୁଡ଼ିକୁ ଆଣି ବାଢ଼ିଦେଇପାରେ । ଫଳରେ ଗୋଟିଏ ପାହୁଣ୍ଡ ବି ଆଗକୁ ଯାଇହୁଏ ନାହିଁ । ଏପରିକି, ମୁହୂର୍ତ୍ତିକ ପ୍ରକାଶେ କଳ୍ପିତ ଶକ୍ତି ରହିଥିବା କୌଣସି ଧାରଣା ହାତମୁଠାରେ ଆସି ପଡ଼ି ଯାଉଥିଲେ ମଧ୍ୟ, ଭିତରେ ଏକ ପ୍ରଗାଢ଼ତାର ଅବସ୍ଥା ସ୍ଥାୟୀ ଭାବରେ ସମ୍ଭବ ହୋଇ ନ ପାରିଲେ, ଟିକିଏମାତ୍ର ଶିଥିଳତା ଆସି ପହଞ୍ଚିଯିବା ମାତ୍ରକେ, ସବୁଯାକ ବିପରୀତ ବିଷୟ ତତ୍‌କ୍ଷଣାତ୍ ହାବୁଡ଼ିଯିବାକୁ ଆସନ୍ତି ଏବଂ, ତୁମେ ଭଲ କରି ଜାଣିଛ, ଆପଣା ଅଭିବ୍ୟକ୍ତିର କେତେ ଆକର୍ଷକ ବେଶମାନ ଧାରଣ କରି ଆସି ପହଞ୍ଚିଯାଆନ୍ତି । ତେଣୁ ଏହିପରି ଭାବରେ ଅବିରତ ଏକ ସଂଗ୍ରାମ ଲାଗି ରହିଥାଏ ।

ଏହାର ଆଦୌ କୌଣସି ସମାଧାନ ନାହିଁ ।

ଏହା କିପରି ସ୍ୱତଃସ୍ଫୂର୍ତ୍ତ ହୋଇପାରିବ ବୋଲି ତୁମେ ପଚାରୁଛ ? ଉଦାହରଣସ୍ୱରୂପ, ଆମର ଏହି ଶରୀରର କ୍ଷେତ୍ରରେ ମଧ୍ୟ ଯେତେବେଳେ ଆକ୍ରମଣ ପରି କିଛି ଘଟୁଛି, କୌଣସି ଦୁର୍ଘଟଣା ଘଟୁଛି ବା କୌଣସି ଅସୁସ୍ଥତା ତା' ଭିତରକୁ ଆସି ପ୍ରବେଶ କରିବାକୁ ଚେଷ୍ଟା କରୁଛି, — ଯେତେବେଳେ ଶରୀର ଉପରେ

'oaob.nitrkl.ac.in' images reprocessed

ଏହିପରି ଏକ ଆକ୍ରମଣ ହେଉଛି,— ଯେତେବେଳେ ଆପଣାର ସ୍ୱାଭାବିକ ସ୍ୱତଃସ୍ଫୂର୍ତ୍ତିତାଟିକୁ ବହନ କରି ରଖିଥିବା ଶରୀର ଭିତରେ ସହାୟତାର ପ୍ରାର୍ଥନା କରିବା ଲାଗି ଏକ ପ୍ରେରଣା, ଏକ ଅଭୀପ୍ସା ଓ ଏକ ଇଚ୍ଛା ସ୍ୱତଃପ୍ରେରିତ ଭାବରେ ଜାଗ୍ରତ ହୋଇ ଉଠୁଛି । ମାତ୍ର ଏହି ବ୍ୟାପାରଟି ମସ୍ତିଷ୍କର କ୍ଷେତ୍ରରେ ଯାଇ ପ୍ରବେଶ କରିବା ସଙ୍ଗେସଙ୍ଗେ, ଏହା ଏପରି ସବୁ ବସ୍ତୁର ଆକାର ଗ୍ରହଣ କରୁଛି, ଯେଉଁଗୁଡ଼ିକ ସହିତ କି ଆମେ ଆଗରୁ ଅଭ୍ୟସ୍ତ ହୋଇ ରହିଥାଉଁ : ଫଳରେ ସବୁକିଛି ବୃଥା ହୋଇଯାଏ । ମାତ୍ର, ଶରୀର ପ୍ରକୃତିରେ ଯାହା, ଯଦି ଆମେ ସେହିପରି ଭାବରେହିଁ ତାହାକୁ ଅବଲୋକନ କରିପାରୁ, ତେବେ ତା'ଭିତରେ ଏପରି ଏକ ଉପାଦାନ ରହିଥାଏ, ଯାହାକି ତତ୍‌କ୍ଷଣାତ୍ ଜାଗ୍ରତ ହୋଇଉଠେ ଏବଂ ସାହାଯ୍ୟ ପ୍ରାର୍ଥନା କରେ; ଏବଂ, ଗୋଟିଏ ସାନ ଅବୋଧ ଶିଶୁ ଯେପରି ତା'ର ମାଆକୁ ଡାକିଥାଏ, ଠିକ୍ ସେହିପରି ଏକ ବିଶ୍ୱାସ ଓ ପ୍ରଗାଢ଼ତା ସହିତ ଶରୀର ତାହା କରିଥାଏ । ସତେଅବା ପିଲାଟିଏ ପରି ବା ସେହିପରି ଆଉ କାହାପରି,— କଥା କହି ନ ଜାଣିଥିଲେ ସିଏ ଆଦୌ କିଛି ବି କହେ ନାହିଁ । ମାତ୍ର ଶରୀରକୁ ଠିକ୍ ଏହିପରି ଭାବରେ ତା'ର ଆପଣା ସ୍ୱଭାବ ସହିତ ଛାଡ଼ି ଦିଆହୁଏ,— ମନର ଏହି ସତତ କ୍ରିୟାଶୀଳତାଗୁଡ଼ାକ ତାକୁ ମୋଟେ ଛୁଇଁପାରୁ ନ ଥାଏ···ହଁ, କେବଳ ଏହାହିଁ ହୋଇଥାଏ : କୌଣସି ନା କୌଣସି ବିକ୍ଷୋଭ ଆସି ଉପସ୍ଥିତ ହେବା ମାତ୍ରକେ, ଶରୀର ଭିତରେ ସଙ୍ଗେସଙ୍ଗେ ଏକ ଅଭୀପ୍ସା ଜାତ ହୁଏ, ଏକ ଆବାହନ ଜନ୍ମଗ୍ରହଣ କରେ, ସାହାଯ୍ୟ ଲାଗି ଏକ ପ୍ରାର୍ଥନା ଉଦ୍‌ଗତ ହୋଇଆସେ, ଏବଂ ତାହା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରେ । ବାହାରୁ ଆଦୌ କୌଣସି ହସ୍ତକ୍ଷେପ ହେଉ ନ ଥିଲେ ତାହା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରେ । ସତେ ଯେପରି ତା'ଭିତରେ ଥିବା କୋଷମାନେହିଁ ଏକ ଅଭୀପ୍ସା ଓ ଏକ ଆବାହନ ଦ୍ୱାରା ପ୍ରେରିତ ହୋଇ ଜାଗ୍ରତ ହୋଇ ଉଠିଥାନ୍ତି ।

ଏହି ଶରୀର ଭିତରେ ବହୁମୂଲ୍ୟ ଅନେକ ଅଜ୍ଞାତ ସମ୍ପଦ ସଞ୍ଚିତ ହୋଇ ରହିଛି । ଏହାର କୋଷଗୁଡ଼ିକରେ ଜୀବନର, ଅଭୀପ୍ସାର ତଥା ଅଗ୍ରଗତି କରିବା ଲାଗି ଏକ ଅଦମ୍ୟ ଇଚ୍ଛାର ଏକ ପ୍ରଗାଢ଼ତା ରହିଛି;—ସାଧାରଣତଃ ଏହି ସତ୍ୟଟିକୁ ଆମେ ଉପଲବ୍ଧିହିଁ କରି ନ ଥାଉ । ସମତାବସ୍ଥାର ପୁନଃପ୍ରତିଷ୍ଠା ପାଇଁ ଶରୀରର ଯେପରି କୌଣସି ଅପରୋକ୍ଷ ଇଚ୍ଛା ସମ୍ଭବ ନ ହେବ, ସେଥିଲାଗି ତାହାର ଚେତନାକୁ ମନ ତଥା ପ୍ରାଣିକର କ୍ରିୟା ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ବିକୃତ କରିଦେବାକୁ ପଡ଼ିଥାଏ । ଯେତେବେଳେ ଏହି ଇଚ୍ଛାଟି ଅନୁପସ୍ଥିତ ଥାଏ, ତାହାର ଅର୍ଥ ହେଉଛି ଯେ, ମନ ଏବଂ ପ୍ରାଣିକର ହସ୍ତକ୍ଷେପ ଦ୍ୱାରା ଶରୀର-ଚେତନାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ଦିଆଯାଇଛି । ଯେଉଁ ବ୍ୟକ୍ତିମାନେ ଅଳ୍ପବହୁତ

'oaob.nitrkl.ac.in' images reprocessed

ଅବଚେତନ ଭାବରେ ସଚେତଅବା ଗୋଟାଏ ପ୍ରକାରର ବ୍ୟାଧିତ ଆଗ୍ରହରେ ଆପଣାର ଅସୁସ୍ଥତାଗୁଡ଼ିକୁ ସଚେତଅବା ହୃଦୟସ୍ପର୍ଶିରୂଳା କରି ରଖିଥାନ୍ତି ଓ ତଦ୍ଦ୍ୱାରା ସେଗୁଡ଼ିକ ପ୍ରତି ସେମାନଙ୍କର ଅଧିକ ଆଗ୍ରହ ରହିଥିବାର ପ୍ରମାଣ ମିଳୁଛି ବୋଲି ବାହାନା କରିଥାନ୍ତି, ସେତେବେଳେ ସେମାନଙ୍କର ଶରୀର ପ୍ରକୃତରେ ଏସବୁ କିଛି କରୁ ନ ଥାଏ । ବିଚରା ଶରୀର ! — ଯଥାର୍ଥରେ ଏକ ମାନସିକ ତଥା ପ୍ରାଣିକ ବିକାରମୟତା ସହିତ ସେମାନେ ଏଇଟିକୁ ନେଇ ସେମାନଙ୍କ ଶରୀର ଉପରେ ଲଦି ଦେଇଥାନ୍ତି । ଯଦି ଶରୀରକୁ ତା'ର ଆପଣା ସ୍ୱଭାବ ସହିତ ଛାଡ଼ି ଦିଆଯାଏ, ତେବେ ତାହା ଅଦ୍ଭୁତ ଭାବରେ ଆପଣା ସାମର୍ଥ୍ୟର ପରିଚୟ ଦେଇପାରିବ; କାରଣ, ଶରୀର ଯେ କେବଳ ସମତାବସ୍ଥା ଏବଂ ସୁସ୍ଥତା ଲାଗି ଏକ ଅଭୀପ୍ସା ରଖିଥାଏ ତା'ନୁହେଁ, ଏକ ଭାରସାମ୍ୟର ପୁନଃପ୍ରତିଷ୍ଠା କରିବା ଲାଗି ତା'ଭିତରେ ଆବଶ୍ୟକ ସାମର୍ଥ୍ୟଟି ମଧ୍ୟ ରହିଥାଏ । ଏହିସବୁ ଯାବତୀୟ ଭାବନା, ପ୍ରାଣସ୍ତରୀୟ ପ୍ରତିକ୍ରିୟା ଏବଂ ନୈରାଶ୍ୟ-ଭାବଗୁଡ଼ାକ ଦ୍ୱାରା ଶରୀର ଉପରେ ଆଦୌ କୌଣସି ହସ୍ତକ୍ଷେପ ନ କରି, ତଥାକଥିତ ଯାବତୀୟ ଜ୍ଞାନ, ମାନସିକ ରଚନା ଓ ଭୟଗୁଡ଼ାକ ଦ୍ୱାରା ଯଦି ତା'ଉପରେ କୌଣସି ହସ୍ତକ୍ଷେପ ନ କରି ତାକୁ ଆପଣା ସ୍ୱଭାବ ସହିତ ଛାଡ଼ି ଦିଆଯାଏ, ତେବେ ଆପଣାକୁ ପୁନର୍ବାର ଯଥାର୍ଥ ସ୍ଥିତିକୁ ଫେରାଇ ଆଣିବା ଲାଗି ଯାହା କରିବା ଉଚିତ, ଶରୀର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ତାହା ଅବଶ୍ୟ କରିପାରିବ ।

ଆପଣାର ସ୍ୱାଭାବିକ ସ୍ଥିତିରେ ଶରୀର ସମତାବସ୍ଥାକୁହିଁ ଭଲ ପାଏ, ସମଞ୍ଜସତାକୁ ଭଲ ପାଏ; ସତ୍ତାର ଅନ୍ୟ ଭାଗମାନେହିଁ ସବୁକିଛିକୁ ନଷ୍ଟ କରିଦିଅନ୍ତି ।

ମାଆ, ମନର ଏହି ହସ୍ତକ୍ଷେପ କରିବାକୁ ବନ୍ଦ କରାଯାଇ ପାରିବ କିପରି ?

ସର୍ବପ୍ରଥମେ ସେହିପରି ଇଚ୍ଛା କରିବାକୁ ପଡ଼ିବ; ଏବଂ ଗୁଡ଼ାଏ ପାଟି କରୁଥିବା ଲୋକମାନଙ୍କୁ ଯେପରି କୁହାଯାଇଥାଏ, ତୁମକୁ ମଧ୍ୟ ଠିକ୍ ସେହିପରି କହିବାକୁ ପଡ଼ିବ, "ତୁ ଚୁପ୍ ହୋଇଯା', ତୁ ଚୁପ୍ ହୋଇଯା' — ଚୁପ୍ ହୋଇଯା' !" ଯେତେବେଳେ ମନ ଆପଣାର ଯାବତୀୟ ପ୍ରରୋଚନା ଏବଂ ଯାବତୀୟ କ୍ରିୟାଶୀଳତାକୁ ସାଙ୍ଗରେ ନେଇ ହସ୍ତକ୍ଷେପ କରିବାକୁ ଆସି ପହଞ୍ଚି ଯାଉଥିବ, ସେତେବେଳେ ତୁମକୁ ଏହାହିଁ କରିବାକୁ ପଡ଼ିବ । ତାହାକୁ ନିଶ୍ଚଳ କରି ଆଣିବାକୁ ପଡ଼ିବ, ଶାନ୍ତ କରିଦେବାକୁ ହେବ, ନୀରବ କରିଦେବାକୁ ପଡ଼ିବ । ତା'କଥାକୁ ମୋଟେ ନ ଶୁଣିବା,—ଏହାହିଁ ସର୍ବପ୍ରଥମ କର୍ତ୍ତବ୍ୟ ହୋଇ ରହିଥିବ । ଅଧିକାଂଶ ସମୟରେ ଏହିପରି ହୋଇଥାଏ ଯେ, ଏହି ଯାବତୀୟ ଭାବନା ଓ ଯାବତୀୟ ବସ୍ତୁ ଆସି ପହଞ୍ଚୁଥିବା ମାତ୍ରକେ ଆମେ ସାଧାରଣତଃ ସେଗୁଡ଼ିକୁ

'oaob.nitrkl.ac.in' images reprocessed

ଅନାଇବାରେ ଲଗିଯାଉ, ବୁଝିବାକୁ ବାହାରୁ ଏବଂ ସେଗୁଡ଼ିକର କଥାକୁ ମଧ୍ୟ ଶୁଣିବାକୁ ଚେଷ୍ଟା କରୁ । ତା'ପରେ ସେହି ମୂର୍ଖଟା ମଧ୍ୟ ବିଶ୍ୱାସ କରିବାକୁ ଆରମ୍ଭ କରେ ଯେ ତୁମେ ତା'ବିଷୟରେ ପ୍ରକୃତରେ ଭାରି ଆଗ୍ରହ ପ୍ରକାଶ କରୁଛ : ତା'ପରେ ସିଏ ଆପଣାର କ୍ରିୟାଶୀଳତାକୁ ବଢ଼ାଇବାକୁ ଆରମ୍ଭ କରେ । ତେଣୁ ତୁମେ ଆଦୌ କାନ ଦେବ ନାହିଁ, ଆଦୌ କୌଣସି ଦୃଷ୍ଟି ଦେବ ନାହିଁ । ଯଦି ତାହା ଗୁଡ଼ାଏ ଶବ୍ଦ କରିବାକୁ ଆରମ୍ଭ କରିବ, ତେବେ ତୁମକୁ କହିଦେବାକୁ ପଡ଼ିବ : "ସ୍ଥିର ହୋଇଯା' । ବର୍ତ୍ତମାନ ପୁରାପୂରି ଚୁପ୍ ହୋଇଯା' — ସ୍ଥିର ହୋଇଯା' !" ଏକଥା କହିବେଳେ ତୁମେ ନିଜେ ବି ଖୁବ୍‌ବେଶୀ କୋଳାହଳ କରୁ ନ ଥିବ, ବୁଝିଲ ? ଯେଉଁମାନେ ଏତେ ବଡ଼ ପାଟିରେ "ଚୁପ୍ ରହ" ବୋଲି କହନ୍ତି ଏବଂ ସ୍ୱୟଂ ଏତେବେଶୀ କୋଳାହଳ କରନ୍ତି ଯେ ସେମାନେ ଅନ୍ୟମାନଙ୍କ ଅପେକ୍ଷା ହୁଏତ ଅଧିକ ବିକ୍ଷୋଭପୂର୍ଣ୍ଣ ହୋଇ ରହିଥାନ୍ତି, ତୁମେ କେବେହେଲେ ସେମାନଙ୍କର ଅନୁକରଣ କରିବ ନାହିଁ ।

(ଏତିକିବେଳେ ଟେପ୍ ସରିଯିବାରୁ ଟେପ୍ ବନ୍ଦ ହୋଇଗଲା । ମାଆ ଜଣେ ଶିଷ୍ୟଙ୍କୁ କହିଲେ :) ଆଉ ନୂଆ ଟେପ୍ ଦେବା ଦରକାର ନାହିଁ । ଆଜି ଏଇଠି ସରିଲା । ଏଇଠି ସରିବାକୁହିଁ ଥିଲା ।

ତେଣୁ ପୁନର୍ଦର୍ଶନାୟ, – ଶୁଭରାତ୍ରି !

# ୨୭ ମଇ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ୮ମ ଅଧ୍ୟାୟ "ଚୈତ୍ୟ ଉନ୍ମୋଚନ" ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ଆମେ ଯେଉଁସବୁ ସ୍ୱପ୍ନରେ ଆପଣଙ୍କୁ ଦେଖିଥାଉଁ, ସେଗୁଡ଼ିକ କ'ଣ ସବୁବେଳେ ପ୍ରତୀକାତ୍ମକ ସ୍ୱପ୍ନ ?

ନା — ସବୁବେଳେ ସେପରି ନୁହେଁ । ତାହା ଏକ ବାସ୍ତବ ଘଟଣା ମଧ୍ୟ ହୋଇପାରେ । ଏହାର ଅର୍ଥ ହେଉଛି ଯେ, ଶାରୀରିକ ଭାବରେ ଦେଖିବା ପରିବର୍ତ୍ତିରେ ଜଣେ ବ୍ୟକ୍ତି ସୂକ୍ଷ୍ମ ଭୌତିକ, ପ୍ରାଣିକ ଅଥବା ମାନସିକ ଭୂମିରେ ଦେଖିଥାଏ । ମାତ୍ର ସିଏ ଅବଶ୍ୟ କିଯଦଂଶରେ ମୋତେ ଦର୍ଶନ କରେ : ଉଦାହରଣସ୍ୱରୂପ, ଯଦି ମୁଁ କୌଣସି ବ୍ୟକ୍ତିପାଖକୁ ଏକ ଶକ୍ତି, ଏକ ଭାବନା କିଂବା ଏକ ଗତିସ୍ପନ୍ଦନ ବା ଜିନିଷର ପ୍ରେରଣ କରିଥାଏ, ତେବେ ତାହାର ପରିବେଶଟି ମଧ୍ୟରେ ପ୍ରବେଶ କରି ତାହା ମୋ' ଆକାରଟିକୁ ଗ୍ରହଣ କରିଥାଏ, ତା'ର ମାନସିକ ଚେତନା ମଧ୍ୟରେ ତାହା ମୋର ରୂପଟିକୁ ଗ୍ରହଣ କରିଥାଏ । ତେଣୁ ସିଏ ମୋର ରୂପକୁ ଦେଖେ । ଏହା ଏକ ବାସ୍ତବ କଥା । ମୁଁ ତା' ପାଖକୁ କିଛି ପ୍ରେରଣ କରେ ଓ ସିଏ ସେଇଟିକୁ ଦେଖେ । ଏହା ମୋର ସମ୍ପୂର୍ଣ୍ଣ ସତ୍ତା ଆଦୌ ନୁହେଁ (ସେହି କ୍ଷେତ୍ରରେହିଁ ସମ୍ପୃକ୍ତ ବ୍ୟାଖ୍ୟାଟି ଅଧିକାଂଶ ସମୟରେ ଭୁଲ୍ ହୋଇଥାଏ), ମାତ୍ର ତଥାପି ମୋର କିଯଦଂଶ ଅବଶ୍ୟ ରହିଥାଏ ।

ମାତ୍ର ଏହାର କିଛି ନା କିଛି ତାତ୍ପର୍ଯ୍ୟ ଅବଶ୍ୟ ରହିଛି, ନୁହେଁ କି ?

ଏହାର ଅବଶ୍ୟ ଏକ ତାତ୍ପର୍ଯ୍ୟ ରହିଛି । ଅଧିକାଂଶ ସ୍ଥଳରେ ଏଥିରେ ଏକ ସୁନିର୍ଦ୍ଦିଷ୍ଟ ଲକ୍ଷ୍ୟ ବି ନିହିତ ହୋଇ ରହିଥାଏ : ହୁଏତ ଏହା ଏପରି ହୋଇପାରେ ଯେ ମୁଁ କୌଣସି ବ୍ୟକ୍ତିର ଉଦ୍ଦେଶ୍ୟରେ କିଛି କରିବାକୁ ଇଚ୍ଛା କରୁଛି ଅଥବା ତାକୁ କିଛି କହିବି ବୋଲି ଇଚ୍ଛା କରୁଛି, ଅଥବା ଏପରି ମଧ୍ୟ ହୋଇପାରେ ଯେ ସେହି ବ୍ୟକ୍ତି ମଧ୍ୟରେ ମୁଁ କୌଣସି ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଘଟାଇବାକୁ ଇଚ୍ଛା କରୁଛି, କିଂବା ତାକୁ ତା'ଲାଗି ଆବଶ୍ୟକ କିଛି ଜ୍ଞାନ ପ୍ରଦାନ କରିବାକୁ ଚାହୁଁଛି ଅଥବା, ତା' ନ ହେଲେ, କୌଣସି କିଛିର ବିରୁଦ୍ଧରେ ମୁଁ ଆଉ

'oaob.nitrkl.ac.in' images reprocessed

ତାହାକୁ ତା'ଲାଗି ପହରା ଦିଆଇ ରଖିବାକୁ ଚାହୁଁଛୁ — ତାକୁ ସାବଧାନ ହୋଇ ରହିବାକୁ ବା ସତର୍କତା ଅବଲମ୍ବନ କରି ରହିବାକୁ ଚାହୁଁଛୁ — ବା, ତା' ନ ହେଲେ ବେଳେବେଳେ କୌଣସି ପ୍ରଶ୍ନର ଉତ୍ତର ଦେବା ଲାଗି ମଧ୍ୟ ମୁଁ ତା' ପାଖରେ ଯାଇ ପହଞ୍ଚି ଯାଉଛି ।

ପ୍ରତୀକାତ୍ମକ ସ୍ୱପ୍ନଗୁଡ଼ିକ—...ପ୍ରତୀକାତ୍ମକ ସ୍ୱପ୍ନଗୁଡ଼ିକରେ ସାଧାରଣତଃ ଖୁବ ସଙ୍ଗତି ରହିଥାଏ; ସେଥିରେ ଥିବା ସବୁକଥା ଆମର ମନେ ରହେ, ଏତେଟିକିଏ ଟିକିନିଖି ପର୍ଯ୍ୟନ୍ତ ସବୁକିଛି ମନେ ରହେ; ତାହା ଅଧିକ ଜୀବନ୍ତ ଓ ଅଧିକ ବାସ୍ତବ ପରି ଲାଗେ, ଭୌତିକ ଜୀବନଠାରୁ ଅଧିକ ଘନତାବିଶିଷ୍ଟ ବୋଧ ହୋଇଥାଏ; ଏବଂ ସାଧାରଣତଃ ଲୋକମାନେ କ୍ୱଚିତ୍ ଏଭଳି ସ୍ୱପ୍ନ ଦେଖିଥାନ୍ତି । ଏକ ପ୍ରତୀକାତ୍ମକ ସ୍ୱପ୍ନ ଦେଖିବା ପରେ ବ୍ୟକ୍ତି ସବୁକଥା ମନେ ରଖିଥାଏ, ଟିକିନିଖି କିଛି ହେଲେ ବି ପାସୋରି ଯାଏ ନାହିଁ ଏବଂ ଅନୁଭବ କରୁଥାଏ, ସତେଯେପରି ସିଏ ସେହି ମୁହୂର୍ତ୍ତଗୁଡ଼ିକରେ ଭୌତିକ ପ୍ରକୃତ ଜୀବନଠାରୁ ଏକ ଅନେକ ପରିମାଣରେ ଅଧିକ ଘନତାବିଶିଷ୍ଟ ଏବଂ ପ୍ରକୃତ ଜୀବନହିଁ ବଞ୍ଚିଛି । ଏବଂ ତୁମର ମନ ଉପରେ ତାହାର ଏକ ଗଭୀର ପ୍ରଭାବ ମଧ୍ୟ ପଡ଼ିଥାଏ । ମାତ୍ର, ଏହି ସ୍ୱପ୍ନ ଦେଖିବା ମୋଟେ ଅଧିକ ସମୟରେ ଘଟେ ନାହିଁ । ଖୁବ୍ ବେଶୀ ଆବଶ୍ୟକ ପଡ଼ିଲେ ତାହା ସମ୍ଭବ ହୋଇଥାଏ ।

ନିଜେ ଦେଖିଥିବା କୌଣସି ସ୍ୱପ୍ନକୁ କେହି ବର୍ଣ୍ଣନା କରି କହିବାକୁ ଇଚ୍ଛା କରୁଛି କି ?

ତେବେ ତାହା ଖୁବ ଆଗ୍ରହୋଦ୍ଦୀପକ ହୋଇପାରନ୍ତା । ମୁଁ ତୁମମାନଙ୍କୁ ଗୋଟିଏ ଦୃଷ୍ଟାନ୍ତ ଦେଇ କହିପାରନ୍ତି । ଯଦି ତୁମେ ମୋତେ କୌଣସି ଏକ ସ୍ୱପ୍ନର ବର୍ଣ୍ଣନା ଦେବ, ତେବେ ମୁଁ ତାହାକୁ ତୁମମାନଙ୍କ ଆଗରେ ବ୍ୟାଖ୍ୟା କରିଦେଇ ପାରିବ ।

ମାଆ, ମୋ'ର ଗୋଟିଏ ସ୍ୱପ୍ନର କଥା କହିବାକୁ ଅଛି ।

ଆଚ୍ଛା ! ତୁମର ଗୋଟିଏ ସ୍ୱପ୍ନ ଅଛି । ତା'ହେଲେ କୁହ ।

ଦିନେ, ଆପଣ ଆଶୀର୍ବାଦ ପ୍ରଦାନ କରୁଥିବା ସମୟରେ, ମୁଁ ଆପଣଙ୍କ ପାଖକୁ ଗଲି; ଆପଣ ମୋତେ ବାହୁଭିତରକୁ ଟାଣିନେଲେ ଏବଂ ବେଶ୍ କେତେ ସମୟ ସକାଶେ ମୋତେ ଆଲିଙ୍ଗନ କରିବାକୁ ଲାଗିଲେ ।

ତା'ପରେ କ'ଣ ହେଲା ? ନା ସେତିକିରେ ସରିଗଲା ?

'oaob.nitrkl.ac.in' images reprocessed

ଆପଣ ମୋତେ କିଛି କଥା ବି କହିଲେ, ମାତ୍ର ···

ମାତ୍ର କ'ଣ କହିଲି ତୁମର ଆଉ ମନେ ନାହିଁ ?

ନା ।

(ଆଉଗୋଟିଏ ପିଲା) ମାଆ, ମୁଁ ବେଳେବେଳେ ସ୍ୱପ୍ନରେ ଆପଣଙ୍କୁ କାନ୍ଦିବାର ଦେଖିଛି ।

କ'ଣ ହେଲା ? ମୋତେ କାନ୍ଦୁଥିବାର ଦେଖିଛ ?

ହଁ, ଆପଣଙ୍କୁ କାନ୍ଦୁଥିବାର ଦେଖିଛି ।

ମୁଁ—ମୁଁ କାନ୍ଦୁଥିଲି ? (ସମସ୍ତେ ହସିଲେ)

ହଁ ।

ଆଚ୍ଛା, ଠିକେ ରହ !···କେହି ନିଜେ ଖୁବ ଦୁଃଖୀ ହୋଇ ରହିଥିବା ବେଳେ କାନ୍ଦେ, ନୁହେଁ ?

ବୋଧହୁଏ ସେହିପରି ହୁଏ ।

ସେଇଟା, ପ୍ରକୃତରେ, ଅତ୍ୟନ୍ତ ପ୍ରତୀକାତ୍ମକ । ଏହାର ଯଥାର୍ଥ ତାତ୍ପର୍ଯ୍ୟ ହେଉଛି···ନାହିଁ, ମୁଁ ସେକଥା ପରେ କହିବି । ମାତ୍ର ସାଧାରଣ ଭାବରେ କହିବାକୁ ଗଲେ ଏହାର ଅର୍ଥ ହେଉଛି : ଆମେ ଯେତେଥର ଅସୁଖୀ ଅନୁଭବ କରୁଛୁ, ଆମେ ତଦ୍ୱାରା ଦିବ୍ୟ ପରମସତ୍ତାଙ୍କର ସାମୂହିକ ଦୁଃଖରେ ଆଉ ଏକ ଅଧିକ ଦୁଃଖ ଯୋଗ କରୁଛୁ ।

ଏକ ଗଭୀର କରୁଣାଭାବର ଭୂମିରୁ ଦିବ୍ୟ ପରମସତ୍ତା ଜଡ଼ ମଧ୍ୟରେ କ୍ରିୟା କରିଥାନ୍ତି ଏବଂ ଏହି ଗଭୀର କରୁଣାଭାବ ଜଡ଼ର ସ୍ତରକୁ ଆସି ଏହି ଚୈତ୍ୟ ଦୁଃଖରେ ପରିଣତ ହୋଇ ଯାଇଥାଏ, ଯେଉଁକଥା କି ଏଠାରେ କୁହାଯାଇଛି ।* ଆଜି ସନ୍ଧ୍ୟାବେଳେ ଆମେ ସେହିକଥା ପଢ଼ୁଥିଲେ । ସେତେବେଳେ ସତେଅବା କୌଣସି ବସ୍ତୁ ଠିକ୍ ତା'ର ପ୍ରତିଲୋମ ପରି ହୋଇଯାଏ; ସେହି ଗୋଟିଏ ବସ୍ତୁ ରହିଥାଏ ସତ, ମାତ୍ର ଏହିପରି (ମାଆ ନିଜର ଦୁଇ ହାତକୁ ଯୋଡ଼ିଲେ ଏବଂ ସତେଅବା କ'ଣ ନିବେଦନ କରି ଦେଉଥିବା ପରି ସେଗୁଡ଼ିକୁ ଉନ୍ମୋଚିତ କରିଦେଲେ) ଭାବରେ ପ୍ରତିଲୋମ ହୋଇଯାଏ ।

*ପ୍ରଶ୍ନ : "ଅଳକାଳ ଅତ୍ୟନ୍ତ ତୀବ୍ର ଭାବରେ ମୁଁ ଏକ ଦୁଃଖ ଅନୁଭବ କରୁଛି, ଯାହାଫଳରେ ଲୁହ ମୋ' ଆଖିରୁ ଧାରଧାର ହୋଇ ଲୁହ ବହିଯାଉଛି । ସେଥିରେ ଅହଂର କୌଣସି ଅସ୍ତିତ୍ୱ

'oaob.nitrkl.ac.in' images reprocessed

ହଁ, ଦିବ୍ୟ ପରମସତ୍ତାଙ୍କର ଏହି କରୁଣାର ଭାବ ଚୈତ୍ୟ ଚେତନାରେ ଏକ ଦୁଃଖର ରୂପ ଧାରଣ କରେ । ମାତ୍ର ସେହି ଦୁଃଖରେ କୌଣସି ଅହଂପ୍ରେରଣା ନ ଥାଏ, ବିଶ୍ୱଦୁଃଖ ସହିତ ଏକ ସହାନୁଭୂତି ଦ୍ୱାରା ପ୍ରଣୋଦିତ ହୋଇ ସେଥିରୁ ଉପଲବ୍ଧ ହେଉଥିବା ଏକାତ୍ମକତାର ଅଭିବ୍ୟକ୍ତି ରୂପେହିଁ ସେହି ଦୁଃଖର ଉଦ୍ରେକ ହୋଇଥାଏ । ଏକଥା ମୁଁ ପ୍ରାର୍ଥନା ଓ ଧ୍ୟାନମାଳା (୯ ଜୁଲାଇ, ୧୯୧୮) ରେ କହିଛି । ସେଥିରେ ମୁଁ ମୋ'ର ଗୋଟିଏ ଅନୁଭୂତିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରି କହିଛି, "ମୁଁ କାନ୍ଦିବାକୁ ଲାଗିଲି···ମୋ' ଜୀବନର ମଧୁରତମ ଅଶ୍ରୁଗୁଡ଼ିକ ମୋ'ର ଆଖିଦେଇ ବହିଯିବାକୁ ଲାଗିଲା ।" କାରଣ, ସେତେବେଳେ ମୁଁ ନିଜ ପାଇଁ ଆଦୌ କାନ୍ଦୁ ନ ଥିଲି । ଏଥର ବୁଝିଲ ? ତୁମେମାନେ ତ ଜାଣିଛ, ଅହଂପ୍ରଣୋଦିତ ନାନା କାରଣରୁହିଁ ମନୁଷ୍ୟମାନେ ସର୍ବଦା ଦୁଃଖ ଭୋଗ କରିଥାନ୍ତି, ସେମାନେ ଏହି ମନୁଷ୍ୟର ଭୂମିରେ ସେହିସବୁ ଦୁଃଖ ଭୋଗ କରନ୍ତି । ଏପରିକି ଯେତେବେଳେ, ଉଦାହରଣସ୍ୱରୂପ (ମୁଁ ଏହି କଥାଟିକୁ ଅନେକ ସମୟରେ କହିଛି), ସେମାନେ ଆପଣାର ଜଣେ ପ୍ରିୟ ଲୋକଙ୍କୁ ହରାନ୍ତି, ସେଥିରୁ ଦୁଃଖ ପାଆନ୍ତି ଓ କାନ୍ଦୁଥାନ୍ତି । ସେହି ପ୍ରିୟ ଲୋକଟିର ଯାହା ଘଟିଲା, ସେଥିପାଇଁ କାନ୍ଦନ୍ତି ନାହିଁ, ମାତ୍ର ଅଧିକାଂଶ ସ୍ଥଳରେ, ଶହେରେ ଅନେଶତ କ୍ଷେତ୍ରରେ, ସେହି ଲୋକଟିର କ'ଣ ହେଲା, ସେମାନେ ସେବିଷୟରେ ମୋଟେ କିଛି ଜାଣି ନ ଥାନ୍ତି । ସେହି ଲୋକଟି ସୁଖୀ ହୋଇ ରହିଛି କି ଦୁଃଖରେ ଅଛି, ସିଏ କଷ୍ଟ ଭୋଗ କରୁଛି ଅଥବା ଶାନ୍ତିରେ ଅଛି, ସେବିଷୟରେ କିଛି ଜାଣିବାର ସେମାନଙ୍କର ସାମର୍ଥ୍ୟ ମଧ୍ୟ ନ ଥାଏ; ମାତ୍ର ସେମାନେ ନିଜେ ଅନୁଭବ କରୁଥିବା ବିଚ୍ଛେଦ ହେତୁହିଁ ସେମାନେ ଦୁଃଖୀ ହୁଅନ୍ତି ଓ କାନ୍ଦନ୍ତି, ସେହି ଲୋକଟି ସେମାନଙ୍କ ପାଖରେ ରହିଥିଲା ଓ ତାହା ସେମାନଙ୍କୁ କେତେ ଖୁସୀ ଦେଉଥିଲା ଏବଂ ବର୍ତ୍ତମାନ ସିଏ ସେମାନଙ୍କୁ ଛାଡ଼ି ଚାଲିଗଲା ବୋଲି ସେମାନେ ଦୁଃଖୀ ହୁଅନ୍ତି ଓ କାନ୍ଦନ୍ତି । ଏହିପରି ଭାବରେ, ମନୁଷ୍ୟ ଅନୁଭବ କରୁଥିବା ଦୁଃଖର ପଶ୍ଚାତରେ ଏପରି ଏକ ସ୍ୱାର୍ଥପ୍ରଣୋଦିତ ଭାବ ରହିଥାଏ,—ଅଳ୍ପବହୁତ ସଚେତନ ଭାବରେ ରହିଥାଏ, ଅଳ୍ପବହୁତ—ମୁଁ ଏହାକୁ କିପରି

ବା କିଛି ବିକ୍ଷୋଭ ଥିବାପରି ମୋଟେ ମନେ ହେଉ ନାହିଁ, ବରଂ ଏକ ପ୍ରଶାନ୍ତି ଏବଂ ଶୁଦ୍ଧତା ଓ ଏକ ଗଭୀର ଗାମ୍ଭୀର୍ଯ୍ୟ ନିହିତ ହୋଇ ରହିଛି । ଏହାକୁହିଁ ଚୈତ୍ୟ ଦୁଃଖ ବୋଲି କୁହାଯାଇଥାଏ କି ?

ଉତ୍ତର : ହଁ, ସେହିଭଳି ଏକ ଚୈତ୍ୟ ଦୁଃଖ ଅବଶ୍ୟ ରହିଛି—ମାତ୍ର, ଚୈତ୍ୟ ଅଶ୍ରୁ ଯେ ଅବଶ୍ୟ ଦୁଃଖାଶ୍ରୁ ହେବ, ତାହାର କୌଣସି କାରଣ ନାହିଁ । ଏକ ଭାବାଶ୍ରୁ ବି ରହିଛି, ଆନନ୍ଦାଶ୍ରୁ ମଧ୍ୟ ରହିଛି ।"

'oaob.nitrkl.ac.in' images reprocessed

ଶବ୍ଦରେ ବର୍ଣ୍ଣନା କରି କହିପାରିବି — ସ୍ୱୀକୃତ ଭାବରେ ରହିଥାଏ । ମାତ୍ର ସର୍ବଦା ଠିକ୍ ସେହିପରି ହୋଇ ରହିଥାଏ । ଏପରିକି, ଯେତେବେଳେ ଜଣେ ମଣିଷ ଆଉଜଣେ ମନୁଷ୍ୟର ଦୁର୍ଦ୍ଦଶା ଦେଖି କାନ୍ଦୁଥାଏ, ସେତେବେଳେ ମଧ୍ୟ ସେହି କ୍ଷେତ୍ରରେ ଏକ ମିଶ୍ରଣ ରହିଥାଏ । ଏକ ମିଶ୍ରଣ ଅବଶ୍ୟ ରହିଥାଏ, ମାତ୍ର ଚୈତ୍ୟ ଯେଉଁ ମୁହୂର୍ତ୍ତଠାରୁ ଆପଣାକୁ ନେଇ ସେହି ଦୁଃଖରେ ସମ୍ମିଶ୍ରିତ କରିଦିଏ, ସେତେବେଳେ ସେହି କ୍ଷେତ୍ରରେ ଏକ "ପ୍ରତିଲେମ କରୁଣା"ର ଭାବ ସଞ୍ଚାରିତ ହୁଏ (ଅଳ୍ପ ସମୟ ପୂର୍ବରୁ ମୁଁ ସେହି କଥାଟିକୁ ବୁଝାଇ କହିବାକୁ ଚେଷ୍ଟା କରୁଥିଲି), ତାହା ସତ୍ତ୍ୱଟି ମଧ୍ୟରେ ପ୍ରବେଶ କରେ ଏବଂ, ଯଦି ଜଣେ ବ୍ୟକ୍ତି ଦୁଇଟିଯାକକୁ ପରସ୍ପରଠାରୁ ଅଲଗା କରି ରଖି ସେଇଟି ଉପରେ ଆପଣାକୁ ଅଭିନିବେଶିତ କରି ରଖିପାରେ ଓ ଆପଣାର ଅହଂ ଭିତରୁ ବାହାରି ଆସି ଏହି ପ୍ରତିଲେମ କରୁଣାର ମାଧ୍ୟମରେ ଏଇଟି ସହିତ ଯୁକ୍ତ ହୋଇ ରହିପାରେ, ତେବେ ତଦ୍ୱାରା ସିଏ ଏହି ବିପୁଳ, ବିସ୍ତୃତ, ଶାନ୍ତ, ଶକ୍ତିଶାଳୀ, ଗମ୍ଭୀର ତଥା ପରିପୂର୍ଣ୍ଣ ଶାନ୍ତି ଏବଂ ଏକ ଅନନ୍ତ ମଧୁରତାରେ ପୂର୍ଣ୍ଣ ହୋଇ ରହିଥିବା ସେହି ବୃହତ୍ତର ବିଶ୍ୱ-କରୁଣା ମଧ୍ୟକୁ ଏକ ପ୍ରବେଶ ପାଇଯାଏ ଓ ତାହାର ସଂସ୍ପର୍ଶ ଲଭ କରେ । ଆପଣାର ଦୁଃଖକୁ ଗମ୍ଭୀରତର କରି ଜାଣିଲେ ଓ ସିଧା ତାହାର ହୃଦୟ ମଧ୍ୟରେ ପ୍ରବେଶ କରିପାରିଲେ ଅର୍ଥାତ୍ ଏହି ଅହଂପ୍ରଣୋଦିତ ଏବଂ ବ୍ୟକ୍ତିଗତ ଭାଗଟିର ଆହୁରି ସେପାଖକୁ ଉଠିଯାଇ ଅଧିକ ଗମ୍ଭୀରକୁ ପହଞ୍ଚି ପାରିଲେ ଆମେ ଏକ ବୃହତ୍ତର ସତ୍ୟୋଦ୍‌ଘାଟନର ଦ୍ୱାରକୁ ଖୋଲିଦେଇ ପାରିବା ବୋଲି କହିଲାବେଳେ ମୁଁ ଠିକ୍ ଏହିକଥାହିଁ କହୁଥିଲି । ତାହାର ଆଦୌ ଏପରି ଅର୍ଥ ହେବ ନାହିଁ ଯେ, ତୁମେ ସେହି ଦୁଃଖ ସକାଶେହିଁ ଦୁଃଖକୁ ଲୋଡ଼ିବ; ମାତ୍ର, ଯେତେବେଳେ ଦୁଃଖ ଆସି ଉପସ୍ଥିତ ହୋଇସାରିଥିବ, ଯେତେବେଳେ ତୁମ ଉପରେ ଏକ ଦୁଃଖ ଆସି ପଡ଼ିଥିବ, ସେତେବେଳେ ଯଦି ତୁମେ ନିଜ ଦୁଃଖର ଅହଂବୋଧଟି ମଧ୍ୟରୁ ବାହାରି ଆହୁରି ଉପରକୁ ଉଠିଯାଇ ପାରିବ,—ତା'ଭିତରେ କେଉଁଟି ଅହଂପ୍ରଣୋଦିତ ଅଂଶ, ସର୍ବପ୍ରଥମେ ତାହା ଦେଖିବ,—ପ୍ରକୃତରେ କେଉଁ କଥାଟି ତୁମକୁ ଦୁଃଖ ଦେଉଛି, ତୁମ ଦୁଃଖ ଲାଗି କେଉଁ ଅହଂପ୍ରଣୋଦିତ କାରଣଟି ରହିଛି; ଏବଂ ତା'ପରେ ତାହାରି ଉପରକୁ ଉଠିଯାଇ ଓ ଆହୁରି ସେପାଖକୁ, ଯଥା : ବିଶ୍ୱଗତ କୌଣସି ବସ୍ତୁର ଅଭିମୁଖରେ, ଏକ ଗମ୍ଭୀର ମର୍ମସ୍ଥ ସତ୍ୟର ଅଭିମୁଖରେ ଯାତ୍ରା କରିପାରିବ, ତେବେ ତୁମେ ସର୍ବଦା ସେହି ଅନନ୍ତ ପରମକରୁଣା ମଧ୍ୟରେ ପ୍ରବେଶ କରିବ ଏବଂ ସେଠାରେ ବସ୍ତୁତଃ ଏକ ଚୈତ୍ୟିକ ଦ୍ୱାରହିଁ ଉନ୍ମୋଚିତ ହୋଇଯିବ । ତେଣୁ, ମୋ' ଆଖିରୁ ଲୁହ ବୋହୁଛି ବୋଲି ଯଦି କେବେ କେହି ଦେଖିବାକୁ ପାଇବ, ଯଦି ସେହି ମୁହୂର୍ତ୍ତରେ ସିଏ ସମ୍ପୂର୍ଣ୍ଣ ଭାବରେ ଯୁକ୍ତ ହୋଇ ରହିବାକୁ ଚେଷ୍ଟା

'oaob.nitrkl.ac.in' images reprocessed

କରିବ,—ଅର୍ଥାତ୍, ଏହି ଅସ୍ତ୍ରଗୁଡ଼ିକ ମଧ୍ୟରେ ପ୍ରବେଶ କରି ତାହାର ଭିତରେ ମିଳାଇଯିବାକୁ ଚେଷ୍ଟା କରିବ, ତେବେ ହୁଏତ ତାହାର ଦ୍ୱାରଦେଶ ଦ୍ୱାରଟି ଉନ୍ମୋଚିତ ହୋଇଯିବ। ଦ୍ୱାରଟିକୁ ଖୋଲିଦେଇ ସିଏ ପୂର୍ଣ୍ଣ ଅଭିଜ୍ଞତାଟିକୁ ଲାଭ କରିପାରିବ, ଏକ ଅସାଧାରଣ ଅଭିଜ୍ଞତା ଲାଭ କରିବ ଏବଂ ତୁମର ଚେତନା ଉପରେ ତାହାର ନିଶ୍ଚୟ ଏକ ଅତ୍ୟନ୍ତ ଗଭୀର ପ୍ରଭାବ ପଡ଼ିବ। ସାଧାରଣତଃ ସେହି ପ୍ରଭାବ କଦାପି ଅପସୃତ ହୋଇଯିବ ନାହିଁ। ମାତ୍ର, ଯଦି ଦ୍ୱାରଟି ପୁନର୍ବାର ବନ୍ଦ ହୋଇଯାଏ, ଆପଣାର ନିତ୍ୟନୈମିତ୍ତିକ ଗତାନୁଗତିକତାରେ ତୁମେ ସାଧାରଣତଃ ଯାହା ଥାଅ, ଯଦି ପୁନର୍ବାର ଠିକ୍ ସେହି ଅବସ୍ଥାକୁ ଫେରିଆସ, ତେବେ ସେହି ପ୍ରଭାବଟି ତଥାପି ପଶ୍ଚାଦ୍‌ଭାଗରେ ଅବଶ୍ୟ କେଉଁଠି ନା କେଉଁଠି ରହିଥିବ ଏବଂ ପ୍ରଗାଢ଼ ଅଭିନିବେଶତାର ମୁହୂର୍ତ୍ତଗୁଡ଼ିକରେ ତୁମେ ଅବଶ୍ୟ ସେଠାକୁ ଫେରିଯାଇ ପାରୁଥିବ। ତୁମେ ଅବଶ୍ୟ ସେଠାକୁ ଫେରିଯାଇ ପାରୁଥିବ ଏବଂ ପୁନର୍ବାର ଏକ ଅନନ୍ତ ମଧୁରତା ଓ ବୃହତ୍ ଶାନ୍ତିର ସେହି ବିପୁଳତାକୁ ମଧ୍ୟ ଅନୁଭବ କରି ପାରୁଥିବ। ସେହି ବିପୁଳତା ସବୁକିଛୁ ବୁଝିପାରେ, ମାତ୍ର ତାହାକୁ ସିଏ ବୁଝିଦେଇ କଦାପି ବୁଝେ ନାହିଁ। ଯାବତୀୟ ବସ୍ତୁ ପ୍ରତି ତାହାର ଏକ ସହାନୁଭବ ରହିଥାଏ, ଯାହା ସବୁକିଛୁକୁ ଗ୍ରହଣ କରି ନେଇପାରେ ଏବଂ ତେଣୁ ସବୁକିଛୁର ଦୁଃଖୋପଶମ ବି କରାଇପାରେ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମକୁ ସବୁବେଳେ ସେହି ଗୋଟିଏ କଥାହିଁ କରିବାକୁ ହୁଏ : ଆମକୁ ପରିପୂର୍ଣ୍ଣ ଆନ୍ତରିକତା ସହିତ ଆରୋହଣର କାମନା କରିବାକୁ ପଡ଼େ, କାରଣ ତା' ନ ହେଲେ ଏହା କୌଣସି କାର୍ଯ୍ୟ କରିପାରେ ନାହିଁ। ଯଦି କେବଳ ଅଭିଜ୍ଞତାଟା ପାଇଁହିଁ ଅଭିଜ୍ଞତା ଲାଭ କରିବାକୁ ଇଚ୍ଛା ହେଉଥାଏ, ଏବଂ ତା'ପରେ, ମୁଁ ଆଗରୁ ଯାହାଥିଲି, ଯଦି ପର ମୁହୂର୍ତ୍ତରେ ମୁଁ ପୁନର୍ବାର ତାହାର ଭିତରକୁହିଁ ବାହୁଡ଼ି ଆସୁଥାଏ, ତେବେ ଏହା କୌଣସି କାର୍ଯ୍ୟ କରିପାରେ ନାହିଁ। ମାତ୍ର ଯଦି ଜଣେ ବ୍ୟକ୍ତି ଆନ୍ତରିକତା ସହିତ ଆରୋହଣର କାମନା କରୁଥାଏ, ବାଧାଟିକୁ ଅତିକ୍ରମ କରିଯିବା ଲାଗି ଯଦି ତାହାର ଏକ ଯଥାର୍ଥ ଅଭୀପ୍ସା ରହିଥାଏ,—ଉପରକୁ ଉଠିଯିବାକୁ, ଆପଣା ସୀମାଗୁଡ଼ାକର ଉପରକୁ ଉଠିଯିବାକୁ ଇଚ୍ଛା କରୁଥାଏ, ଯାହାକିଛୁ ତାକୁ ପଛଆଡ଼କୁ ଟାଣିରଖୁଛି, ଯଦି ସିଏ ସେହିସବୁକୁ ପରିହାର କରିବାକୁ ଇଚ୍ଛା କରୁଥାଏ, ସକଳ ସୀମାକୁ ଭାଙ୍ଗି ଯଦି ସିଏ ପଥରୋଧ କରି ରଖୁଥିବା ଯାବତୀୟ ବସ୍ତୁରୁ ଆପଣାକୁ ମୁକ୍ତ ଏବଂ ଶୁଦ୍ଧ ରଖିବାକୁ ଇଚ୍ଛା କରୁଥାଏ, ପୁଣି ସେହି ପୁରୁଣା ପ୍ରମାଦଗୁଡ଼ାକ ଭିତରେ ଆସି ନ ପଡ଼ିବାକୁ ଯଦି ତାହାର ପ୍ରକୃତରେ ପ୍ରଗାଢ଼ ଇଚ୍ଛା ରହିଥାଏ, ଅନ୍ଧକାର ଏବଂ ଅଜ୍ଞାନ ମଧ୍ୟରୁ ବାହାରି ଯିବାକୁ ଓ ଯାହାକିଛୁ ଅତ୍ୟନ୍ତ ପରିମାଣରେ ଏହି ମନୁଷ୍ୟ-ଭୂମିର, ଯାହା

'oaob.nitrkl.ac.in' images reprocessed

କିଛି ଅତ୍ୟନ୍ତ ପରିମାଣରେ କ୍ଷୁଦ୍ର ଏବଂ ଅଜ୍ଞାନ ଦ୍ୱାରା ଗ୍ରସ୍ତ, ସେହି ସବୁକିଛି ମଧ୍ୟରୁ ଉତ୍କ୍ରାନ୍ତ ହୋଇ ଆଲୋକ ମଧ୍ୟକୁ ଉତ୍ତୋଳିତ ହୋଇଯିବାକୁ ଯଦି ଏକ ପ୍ରଗାଢ଼ ଇଚ୍ଛା ରହିଥାଏ, ତେବେଯାଇ ତାହା କାର୍ଯ୍ୟ କରିପାରେ । ହଁ, କାର୍ଯ୍ୟ କରିପାରେ, ଶକ୍ତିଶାଳୀ ଭାବରେ କାର୍ଯ୍ୟ କରିପାରେ । ବେଳେବେଳେ ତାହା ନିର୍ଣ୍ଣାୟକ ଏବଂ ସମଗ୍ର ଭାବରେ ମଧ୍ୟ କାର୍ଯ୍ୟ କରେ । ମାତ୍ର ସେଥିଲାଗି, ସେହି କ୍ଷେତ୍ରରେ ଆଦୌ ଏପରି କିଛି ରହିବା ଉଚିତ ନୁହେଁ ଯାହା ସେହି ପୁରୁଣା ଗତ୍ୟାତ୍ମକତାଗୁଡ଼ାକୁ ଜାବୁଡ଼ି ଧରିଥାଏ, ସେହି ମୁହୂର୍ତ୍ତଟିରେ ଚୁପ୍ ହୋଇ ରହିଯାଏ, ଆପଣାକୁ ଲୁଚାଇ କରି ରଖେ ଏବଂ ତା'ପରେ ପୁନର୍ବାର ମୁହଁ ଦେଖାଇବାକୁ ବାହାରିଆସେ ଓ କହେ, "ହଁ, ହଁ, ତୁମର ଏହି ଅନୁଭବଟି ପ୍ରକୃତରେ ଏକ ଭାରି ଚମତ୍କାର ଅନୁଭୂତି,—ମାତ୍ର ବର୍ତ୍ତମାନ ମୋ' ପାଳି ।" ତା'ପରେ, ଯେତେବେଳେ ଏହିପରି ଘଟିବାକୁ ଆରମ୍ଭ କରେ, ସେତେବେଳେ ମୁଁ ଆଉ କୌଣସି ଉତ୍ତର ଦିଏ ନାହିଁ; କାରଣ ବେଳେବେଳେ ଏହାର ଏକ ପ୍ରତିକ୍ରିୟାସ୍ୱରୂପ ବସ୍ତୁଗୁଡ଼ିକ ଆହୁରି ଅଧିକ ଖରାପ ହୋଇଯାଏ । ସେହି କାରଣରୁ ମୁଁ ବାରଂବାର ସେହି କଥାଟିକୁହିଁ ଫେରିଆସେ ଓ ବାରଂବାର ସେହି ଗୋଟିଏ କଥା କହୁଥାଏ : ଆମକୁ ଯଥାର୍ଥ ଆନ୍ତରିକତା ରଖିବାକୁ ପଡ଼ିବ, ଯଥାର୍ଥରେ ନିଷ୍ଠାଯୁକ୍ତ ହେବାକୁ ପଡ଼ିବ ।

ଯଦି ପ୍ରକୃତରେ ସେହିପରି କିଛି ଅତ୍ୟନ୍ତ ଦୃଢ଼ ଭାବରେ ଜାବୁଡ଼ି ରହିଥାଏ, ତେବେ ତାହାକୁ ଏପରି ସଂପୂର୍ଣ୍ଣ ଭାବରେ କାଢ଼ି ବାହାରକରି ଫିଙ୍ଗିଦେବା ଲାଗି ପ୍ରସ୍ତୁତ ରହିବାକୁ ପଡ଼ିବ, ଯେପରିକି ତା'ର ଆଦୌ କୌଣସି ଚିହ୍ନହିଁ ଅବଶେଷ ହୋଇ ରହିବ ନାହିଁ । ଏହି କାରଣରୁହିଁ ବେଳେ ବେଳେ ଆମେ ସେହି ଗୋଟିଏ ଭୁଲ୍‌କୁ ବାରଂବାର କରିବାରେ ଲାଗିଥାଉ,—ଏବଂ ଶେଷରେ ତଜ୍ଜନିତ କଷ୍ଟଭୋଗ କ୍ରମଶଃ ଯଥେଷ୍ଟ ପରିମାଣରେ ବୃଦ୍ଧିପ୍ରାପ୍ତ ହୁଏ ଏବଂ ଆମକୁ ଏକ ସମଗ୍ର ଆନ୍ତରିକତା ଲାଗି ବାଧ କରେ । ଆମେ ମୋଟେ ସେପରି ଏକ ପଦ୍ଧତିକୁ ନେଇ କୌଣସି ପରୀକ୍ଷା କରିବା ନାହିଁ, ତାହା ଆଦୌ ଭଲ ପଦ୍ଧତି ନୁହେଁ । ଏହା ଭଲ ନୁହେଁ, କାରଣ ଏହା ଅନେକ କିଛିକୁ ନଷ୍ଟ କରିଦିଏ, ଅନେକ ଶକ୍ତି ନଷ୍ଟ କରେ ଏବଂ ମନ୍ଦ ନାନା ସ୍ପନ୍ଦନର ପ୍ରସାର ଘଟାଏ । ମାତ୍ର, ଅନ୍ୟପ୍ରକାର କରିବା ଲାଗି ଯଦି ଆମର ସାମର୍ଥ୍ୟ ନ ଥାଏ, ତେବେ ଦୁଃଖଭୋଗ ତୀବ୍ର ହେବା ଦ୍ୱାରାହିଁ ପରିପୂର୍ଣ୍ଣ ଆନ୍ତରିକତାର ଏକ ଇଚ୍ଛାର ଆବିଷ୍କାର କରିବା ଲାଗି ଏକ ସାମର୍ଥ୍ୟ ଜନ୍ମଲାଭ କରିଥାଏ ।

ଏବଂ ଏପରି ଗୋଟିଏ ମୁହୂର୍ତ୍ତ ଆସେ—ଏହିପରି ମୁହୂର୍ତ୍ତ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଆସେ—ଯେତେବେଳେ କି ପରିପୂର୍ଣ୍ଣ ନିଷ୍ଠାର ଆବଶ୍ୟକତା

'oaob.nitrkl.ac.in' images reprocessed

ଏକ ଚୂଡ଼ାନ୍ତ ମାର୍ଗରୂପେହିଁ ଆସି ଉପସ୍ଥିତ ହୋଇଥାଏ । ଆପଣାର ବ୍ୟକ୍ତିଗତ ଜୀବନରେ, ତଥା ଜଣେ ଯେତେବେଳେ ଏକ ସମୂହ ଭିତରେ ବାସ କରୁଥାଏ, ସେତେବେଳେ ସେହି ସାମୂହିକ ଜୀବନରେ ମଧ୍ୟ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ ଏହିପରି ଏକ ନିଷ୍ପତ୍ତି ଗ୍ରହଣ **କରିବାକୁ ହିଁ ପଡ଼େ,** ଯେତେ-ବେଳେ ବିଶୁଦ୍ଧୀକରଣ **କରିବାକୁହିଁ ପଡ଼ିଥାଏ ।** ବେଳେବେଳେ ତାହା ଅତ୍ୟନ୍ତ ଗମ୍ଭୀର ହୋଇଯାଏ, ସେତେବେଳେ ଗୋଷ୍ଠୀ ଲାଗି ତାହା ଏକ ଜୀବନମରଣର ସମସ୍ୟାରୂପେ ଆସି ଦଣ୍ଡାୟମାନ ହୁଏ : ତାହାକୁ ଏକ ନିର୍ଣ୍ଣାୟକ ଅଗ୍ରଗତି **କରିବାକୁହିଁ ପଡ଼ିଥାଏ**...... ...ତିଷ୍ଠି ରହିବାକୁ ଇଚ୍ଛା ଥିଲେ ତାହା କରିବାକୁ ପଡ଼େ ।

(ମାଆ ନୀରବ ରହିଲେ)

ଆଉ କିଛି ସ୍ୱପ୍ନର କଥା କହିବାକୁ ଅଛି ?

(ପ୍ରଥମ ପିଲାଟି) ମାଆ, ଆପଣ ମୋ' ସ୍ୱପ୍ନଟିର କୌଣସି ବ୍ୟାଖ୍ୟା କଲେ ନାହିଁ ।

ତାହାର ଆଉ କୌଣସି ବ୍ୟାଖ୍ୟା ନାହିଁ । ସେହି ସ୍ୱପ୍ନରେ ତୁମେ ଏପରି କିଛି ଦେଖିଲ, ଯାହା ବିଷୟରେ କି ତୁମର ଭୌତିକ ସତ୍ତାରେ ଆଦୌ କୌଣସି ସଚେତନତା ରହି ନ ଥିଲା । ବାସ୍ ସେତିକି । ବୃହତ୍ତର ଶକ୍ତିଗୁଡ଼ିକ ନିରନ୍ତର ବିଦ୍ୟମାନ ରହିଥାନ୍ତି, କୋମଳ ସ୍ନେହ, ପ୍ରେମ ଓ ସହାୟତା କରିବାର ଇଚ୍ଛା ଦ୍ୱାରା ପୂର୍ଣ୍ଣ ହୋଇ ରହିଥାନ୍ତି । ମାତ୍ର ଆମେ ସେବିଷୟରେ ଆଦୌ ସଜ୍ଞାନ ହୋଇପାରୁ ନାହିଁ, କାରଣ ଆମେ ଏକ ଅତ୍ୟନ୍ତ ସଙ୍କୀର୍ଣ୍ଣ ଓ ଅତ୍ୟନ୍ତ କ୍ଷୁଦ୍ର ଚେତନା ମଧ୍ୟରେ ବାସ କରୁଥାଉ । ଏହି କ୍ଷେତ୍ରରେ ବ୍ୟାଖ୍ୟା କରି କହିବାର କୌଣସି ଆବଶ୍ୟକତା ନାହିଁ, ଏହିସବୁ କଥାର ଆଦୌ କୌଣସି ବ୍ୟାଖ୍ୟା ହୋଇପାରେ ନାହିଁ । ଏହା ଏକ ସତ୍ୟ । ଏକ ଅନୁଭୂତି ହୁଏ, ଏକ ସତ୍ୟ ପ୍ରକଟ ହୁଏ, କିଛି ଘଟେ;—ଏବଂ ତୁମେ ଇଚ୍ଛା କଲେ ତୁମର ମସ୍ତିଷ୍କ ଭିତରେ ତାହାର ଏକ ଅନୁଲିଖନ ମଧ୍ୟ ସଙ୍ଘଟିତ ହୋଇଥାଏ । ନିଦରୁ ଉଠିବା ସମୟରେ ତୁମେ ତୁମ ସ୍ୱପ୍ନର ଏକ ପ୍ରକାରର ବ୍ୟାଖ୍ୟାକୁହିଁ ସ୍ମରଣ ରଖିଥାଅ । ଏପରି ଅତି କ୍ୱଚିତ୍ ଘଟେ ଯେ, ସ୍ୱପ୍ନଟିକୁ ଦେଖୁଥିବା ସମୟରେ ତୁମେ ସଚେତନ ହୋଇ ରହିଥାଅ ଏବଂ ସ୍ୱପ୍ନଟି ପ୍ରକୃତରେ ଯେପରି, ତାହା ବିଷୟରେ ତୁମର ସଚେତନତା ରହିଥାଏ । କାରଣ ସେଥିଲାଗି ରାତିରେ ଅତ୍ୟନ୍ତ ପରିମାଣରେ ଉନ୍ନିଦ୍ର ହୋଇ ରହିବାକୁ ପଡ଼େ, ଆପଣାର ନିଦ୍ରା ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଜାଗ୍ରତ ରହିବାକୁ ପଡ଼େ । ମାତ୍ର ସାଧାରଣତଃ ଏପରି

'oaob.nitrkl.ac.in' images reprocessed

ଘଟି ନ ଥାଏ । ସତ୍ତାର ଗୋଟିଏ ଭାଗ ଅତୀନ୍ଦ୍ରିୟ ଜ୍ଞାନ ଲାଭ କରୁଥାଏ; ଶରୀରରୁ ବାହାର ଚାଲିଯାଇଥିବା ଭାଗଟି ଯେତେବେଳେ ଫେରି ଆସି ପୁନର୍ବାର ଶରୀର ଭିତରେ ପ୍ରବେଶ କରେ, ସେତେବେଳେ ତାହା ଅତୀନ୍ଦ୍ରିୟ ଜ୍ଞାନକୁ ମଧ୍ୟ ସାଙ୍ଗରେ ଧରି ଆସିଥାଏ; ସେତେବେଳେ ମସ୍ତିଷ୍କ ଏହି ଅତୀନ୍ଦ୍ରିୟ ସହିତ ହୋଇଥିବା ସଂସ୍ପର୍ଶକୁ ଗ୍ରହଣ କରେ, ଆପଣାର ନାନା ରୂପକଳ୍ପ, ଶବ୍ଦ, ଧାରଣା, ପ୍ରସ୍ତାବନା ଓ ଭାବସଂବେଗ ଦେଇ ସିଏ ସେଇଟିର ଏକ ତର୍ଜମା କରିନିଏ । ଏବଂ ଯେତେବେଳେ ନିଦ ଭାଙ୍ଗେ, ସେତେବେଳେ ଆମକୁ କେବଳ ଏହାର କିୟଦଂଶହିଁ ଉପଲବ୍ଧ ହୋଇଥାଏ ଏବଂ ତାହାର ସାହାଯ୍ୟରେ ଆମେ ଏକ "ସ୍ୱପ୍ନ"ର ଅନୁରଚନା କରି ନେଇଥାଉଁ । ମାତ୍ର, ଯାହା ପ୍ରକୃତରେ ଘଟିଥିଲା, ଏହାକୁ ତାହାର କେବଳ ଏକ ଅନୁଲିଖନ ବୋଲିହିଁ କହିବାକୁ ହେବ — ପ୍ରଥମଟି ସହିତ ଏହାର ଏକ ସାଧର୍ମ୍ୟ ଓ ସାଦୃଶ୍ୟ ରହିଥାଏ ସତ, ମାତ୍ର ଏକ ସ୍ୱପ୍ନରୂପେ ଆମେ ଯାହା ଗ୍ରହଣ କରିଥିଲୁ, ଏହାକୁ କଦାପି ଠିକ୍ ସେହି କଥା ବୋଲି କୁହାଯିବ ନାହିଁ ।

ସ୍ୱପ୍ନଟିକୁ ସମ୍ଭବ କରାଇଥିବା ତୁମର ରାତ୍ରିକାଳୀନ ଅନୁଭୂତି ମଧ୍ୟରେ ତୁମେ ସେହି ବୃହତ୍ ଶକ୍ତିଗୁଡ଼ିକର ସଂସ୍ପର୍ଶ ଲାଭ କରିଥିଲ, ଯେଉଁଗୁଡ଼ିକ କି ସର୍ବଦା ତୁମକୁ ଆବୃତ କରି ରହିଛନ୍ତି, ତୁମକୁ ସାହାଯ୍ୟ କରୁଛନ୍ତି, ତୁମକୁ ଜୀବିତ ରଖିଛନ୍ତି ଏବଂ···ତୁମେ ବୁଝିପାରୁଛ ନା ? — ଯେଉଁଗୁଡ଼ିକ ଶ୍ରଦ୍ଧା ଓ କୋମଳତାରେ ପୂର୍ଣ୍ଣ ହୋଇ ରହିଛନ୍ତି, ଆଗନ୍ତୁକ ସମସ୍ତଙ୍କର ସହାସ୍ୟତା ଓ ସ୍ୱାଗତ କରୁଛନ୍ତି,—ଯେଉଁ-ଗୁଡ଼ିକ ବସ୍ତୁତଃ ସର୍ବତ୍ର ବିଦ୍ୟମାନ ରହିଛନ୍ତି ଏବଂ ସର୍ବଦା ସକ୍ରିୟ ହୋଇ ଅଛନ୍ତି । ସେହି କାରଣରୁହିଁ ତୁମେ ସେଇଟି ବିଷୟରେ ସଜ୍ଞାନ ହୋଇପାରିଲ । ତୁମେ ଯେତେବେଳେ ନିଦରୁ ଉଠିଲ, ସେତେବେଳେ ତୁମର ଜ୍ଞାତ ରୂପକଳ୍ପଗୁଡ଼ିକର ମାଧ୍ୟମରେ ତାହାର ଏକ ତର୍ଜମା ହୋଇଗଲା, ଅର୍ଥାତ୍, ତୁମେ ମୋତେ ସାକ୍ଷାତ କରିବାକୁ ଆସ, ଆଶୀର୍ବାଦ ଲାଭ କର,—ଏବଂ ସେତେବେଳେ ତୁମେ ଏକ ନୂତନ ଅନୁଭୂତି ଲାଭ କରୁଥିବାରୁ—ଆବୃତ କରି ରଖିଥିବା ଏବଂ ସାହାଯ୍ୟ କରୁଥିବା ଏହି ବୃହତ୍ ଶକ୍ତିର ସଂସ୍ପର୍ଶ ଲାଭ କରୁଥିବାର ଅନୁଭୂତି—ଏହା ତୁମ ଭିତରେ ଏପରି ଏକ ଧାରଣା ଦେବାକୁ ଲାଗିଲା ଯେ ମୁଁ ତୁମକୁ ମୋର ବାହୁବେଢ଼ ଭିତରକୁ ନେଇ-ଯାଉଛି ଓ ତୁମକୁ ଆଲିଙ୍ଗନ କରୁଛି । ଏହିପରି ଭାବରେ ଏହାର ତର୍ଜମା ହୋଇଗଲା । ଯାହା ପ୍ରକୃତରେ ଘଟିଥିଲା, ତାହା ଅବଶ୍ୟ ଘଟିଥିଲା; ମାତ୍ର ତର୍ଜମାଟି ତୁମ ମସ୍ତିଷ୍କ ଭିତରୁ ପ୍ରସୂତ ହୋଇଥିଲା ।

କେତେ ଲୋକ ଅଛନ୍ତି, ଯେଉଁମାନେ କି ରାତ୍ରି ସମୟରେ ମୋତେ ଅତ୍ୟନ୍ତ ହାସ୍ୟକର ନାନା କଥା କରିବାକୁ ବାଧ୍ୟ କରିଥାନ୍ତି । ଯାବତୀୟ ପ୍ରକାରର

'oaob.nitrkl.ac.in' images reprocessed

ଅସାଧାରଣ କଥାମାନ ମୋ କାନକୁ ଆସିଛି । ମାତ୍ର ମୂଳତଃ ସେସବୁ ସବୁବେଳେ ସେହି ଗୋଟିଏ କଥା ହୋଇ ରହିଛି : ପଶ୍ଚାଦ୍‌ଭାଗରେ ଏକ ସତ୍ୟଘଟନା ଅବଶ୍ୟ ରହିଛି, ସେମାନେ କୌଣସି ଏକ ପ୍ରସର୍ଜନ, ଏକ ଶକ୍ତି ବା ଏକ କ୍ରିୟାର ସଂସ୍ପର୍ଶ ଲାଭ କରିଛନ୍ତି । ମୁଁ ବର୍ତ୍ତମାନ ତୁମମାନଙ୍କୁ ଠିକ୍ ସେହି କଥା କହୁଥିଲି ନା ? ମାତ୍ର ତା'ପରେ, ସେମାନଙ୍କର ମସ୍ତିଷ୍କ ଭିତରକୁ ଆସି ଏଭଳି ନାନା ରୂପକଳ୍ପରେ ତର୍ଜମା ହୋଇଗଲା, ଯାହାକି ବେଳେବେଳେ ପ୍ରକୃତରେ ଖୁବ ଆଶ୍ଚର୍ଯ୍ୟଜନକ ବୋଲି ମନେ ହୋଇଥାଏ ! ମାତ୍ର ତାହାକୁ କେବଳ ସେହିମାନଙ୍କର ଗୋଟିଏ ଗୋଟିଏ ତର୍ଜମା ବୋଲିହିଁ ଗ୍ରହଣ କରିବାକୁ ପଡ଼ିବ । ଏବଂ, ସେମାନେ ଯେତେ-ବେଳେ ମୋ'ପାଖକୁ ଆସି ସବୁକଥା କହିବାରେ ଲାଗନ୍ତି, ସେତେବେଳେ ସେଥିରୁ ମୁଁ ସେମାନଙ୍କର ମାନସିକ, ପ୍ରାଣିକ ଓ ଭୌତିକ ଚେତନାଗୁଡ଼ିକରହିଁ ଗୋଟିଏ ଗୋଟିଏ ଅବିକଳ ଚିତ୍ର ପାଇଯାଇଥାଏ । ତର୍ଜମା କରିବାର ପ୍ରକ୍ରିୟାଟି ମଧ୍ୟରେ ଯେଉଁ ବକ୍ରୀକରଣ ଘଟେ, ତାହାହିଁ ମୋ' ପକ୍ଷରେ ସେମାନଙ୍କର ମାନସିକ ସ୍ଥିତିର ପରିଚୟ ପାଇବା ଲାଗି ଯଥେଷ୍ଟ ହୋଇଯାଏ । ଏବଂ ମୁଁ ସେମାନଙ୍କୁ "ତୁମେ ମୋତେ ଆଦୌ ଦେଖି ନ ଥିଲ" ବୋଲି ମୋଟେ କହିପାରେ ନାହିଁ । କାରଣ, ପ୍ରକୃତରେ ମୁହିଁ ତ ଥିଲି । କେବଳ ସେମାନେ ନିଜ ନିଜ ଧାଢରେ ସେଇଟିକୁ ବଦଳାଇ ଦେଲେ ଏବଂ ବେଳେବେଳେ ତାହା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ବୋଲି ମନେ ହେଉଥିଲା । ତଥାପି ଉପସ୍ଥିତ ଏହି ଦୃଷ୍ଟାନ୍ତଟିରେ, ରୂପକଳ୍ପଟି ଖୁବ ବଢ଼ିଆ ବୋଲି ମନେ ହେଉଛି ।

ତେବେ ପିଲାମାନେ ଆଉକିଛି ପଚାରିବାକୁ ଅଛି ?

ମାଆ, ମୁଁ ଗତ ସପ୍ତାହରେ ଗୋଟିଏ ସ୍ୱପ୍ନ ଦେଖିଥିଲି ।

ଆଚ୍ଛା,—କ'ଣ ଦେଖିଥିଲ କହିଲ ?

ଉପରବେଳା ସମୟ । ଝଡ଼ ହୋଇ ବନ୍ଦ ହୋଇଯାଇଥାଏ ଏବଂ ମୁଁ ସମୁଦ୍ରକୂଳରେ ବୁଲୁଥାଏ । ସମୁଦ୍ର ଅନେକ ଦୂରକୁ ପଛକୁ ହଟିଯାଇଥାଏ ଏବଂ ସେଠି ଗୋଟିଏ ଗାଆଁ ଥାଏ, ଯେଉଁଠାରେ କି ମୁଁ ପଥରର କେତୋଟି ଘୋଡ଼ା ଦେଖିବାକୁ ପାଇଲି । ବୋଧହୁଏ ମୋଟ ଚାରୋଟି ଘୋଡ଼ା ଥିଲେ, ଓ ସେଗୁଡ଼ିକ କଳା ମୁଗୁନି ପଥରରେ ଗଢ଼ା ହୋଇଥିଲେ । ସେମାନଙ୍କ ଉପରେ ଗୋଟାଏ ଧଳା ଘୋଡ଼ା ବି ଥିଲା, ବୋଧହୁଏ ତାହା ଧଳା ମର୍ମର-

'oaob.nitrkl.ac.in' images reprocessed

ପଥରରେ ଗଢ଼ା ହୋଇଥିଲା । ଏବଂ ଏହି ଘୋଡ଼ାଟି ନାନାବିଧ ବର୍ଣ୍ଣରେ ଚକମକ କରିବାରେ ଲାଗିଥିଲା ।

ସମୁଦ୍ର ପଛକୁ ଘୁଞ୍ଚି ଚାଲି ଯାଇଥିବା ବେଳେ ତୁମେ ଏପରି ଦେଖିଲ ?

ହଁ ।

ଏଇଟା କ'ଣ ଏକ ସ୍ଥାନୀୟ ସମୁଦ୍ର, ନା ସାଧାରଣ ଭାବରେ ଏକ ସମୁଦ୍ର ? ଅର୍ଥାତ୍, ଯେକୌଣସି ସମୁଦ୍ର, ନା ଏଠାରେ ଥିବା ସମୁଦ୍ର ?

ଏଇଟା ଆମ ଟେନିସ୍ ପଡ଼ିଆ ପାଖରେ ।

ଆଚ୍ଛା, ତୁମେ ତେବେ ଟେନିସ୍ ପଡ଼ିଆରୁ ଏସବୁ ଦେଖୁଥିଲ ?

ହଁ, ମୁଁ ବଡଘରଟିକୁ ବି ଦେଖିପାରୁଥିଲି ।

ବଡଘର । ଗୁଡ଼ାଏଟି କଳା ଘୋଡ଼ା ଓ ଗୋଟିଏ ଧଳା ।

ସଂଖ୍ୟାଟାକୁ ମୁଁ ନିଶ୍ଚିତ କରି କହିପାରୁ ନାହିଁ ।

ଆଚ୍ଛା ।

ଧଳା ଘୋଡ଼ା କେବଳ ଗୋଟିଏ ।

ଅବଶ୍ୟ ଗୋଟିଏ ହୋଇଥିବ ।

ସମ୍ଭବତଃ ଏଥିରୁ ପଣ୍ଡିଚେରୀର ଭବିଷ୍ୟତ ବିଷୟରେ ଏକ ସୂଚନା ମିଳୁଥିଲା । ଘୋଡ଼ାମାନଙ୍କର ପ୍ରକୃତ ସଂଖ୍ୟାଟି ତୁମେ ମନେ ରଖିଲ ନାହିଁ, ତାହା ଦୁର୍ଭାଗ୍ୟର କଥା । ସେଥିରୁ ଏକ ସୂତ୍ରକ ମିଳି ଯାଇଥାନ୍ତା । ଆଗରୁ ଝଡ଼ ହୋଇଥିଲା, ନା ?

ହଁ, ଝଡ଼ ହୋଇଥିଲା ।

ଏବଂ ଝଡ଼ ପରେ ସମୁଦ୍ର ପଛକୁ ହଟି ଯାଇଥିଲା ?

ହଁ ।

ଏହା ଗୋଟିଏ ପ୍ରତୀକାତ୍ମକ ସ୍ୱପ୍ନ ।

ସେତେବେଳେ ଆକାଶ ଅତ୍ୟନ୍ତ ପରିଷ୍କାର ଥିଲା ।

ହଁ, ବୁଝିଲି । ଝଡ଼ ପରେ ଆକାଶ ପରିଷ୍କାର ହିଁ ରହିଥାଏ ।

ମୁଁ ନିଷ୍ପତ୍ତିମୂଳକ ଭାବରେ କିଛି କହିପାରୁ ନାହିଁ, କାରଣ ଏଥିରେ କେତେକ ଜ୍ଞାତବ୍ୟ ବିଷୟର ଅଭାବ ରହିଛି । ତଥାପି, ଏଥିରୁ ସମ୍ଭବତଃ

'oaob.nitrkl.ac.in' images reprocessed

ପଣ୍ଡିଚେରୀର ଭବିଷ୍ୟତ ବିଷୟରେ ଏକ ସୂଚନା ମିଳୁଛି । ଆମେ ଚିନ୍ତା କରି ଦେଖିବା ।

> ମାତା ସ୍ୱପ୍ନଟି ନ ଥିଲେ ମଧ୍ୟ ଆପଣ ତ ପଣ୍ଡିଚେରୀର ଭବିଷ୍ୟତ ବିଷୟରେ କହିଦେଇ ପାରିବେ ।

ସ୍ୱପ୍ନଟି ନ ଥିଲେ ମଧ୍ୟ ? (ସମସ୍ତେ ହସିଲେ) ଆଚ୍ଛା :

ଆଚ୍ଛା, ବର୍ତ୍ତମାନ ଆମେ ଝଡ଼ ଭିତରେ ରହିଛୁ । ସମୁଦ୍ର ପଛକୁ ହଟିଗଲା ପରେ କ'ଣ ହେଉଛି, ସେକଥା ଆମେ ପରେ ଦେଖିପାରିବା । (ସମସ୍ତେ ହସିଲେ)

> (ଆଉଗୋଟିଏ ପିଲା) ମୁଁ ଗୋଟିଏ ସ୍ୱପ୍ନ ଦେଖିଥିଲି, ଯେଉଁଥିରେ କି ମୁଁ ଆଶୀର୍ବାଦ ପାଇଁ ଯାଇଥିଲି ଏବଂ ଆପଣ ମୋତେ ତିନୋଟି ଫୁଲ ଦେଲେ । ପ୍ରଥମେ "ମାନସିକ ସାଧୁତା", ତା'ପରେ "ସମର୍ପଣ" ଓ ସବା ଶେଷରେ ବୋଧହୁଏ "ଶାନ୍ତିପୂର୍ଣ୍ଣ ମନ" ।

ଭାରି ଭଲ କଥା । ଏହାର ଖୁବ୍ ଆବଶ୍ୟକତା ରହିଛି । (ସମସ୍ତେ ହସିଲେ)

ଏହା ସଂପୂର୍ଣ୍ଣ ସତ । ତୁମେ ଘଟଣାଟିକୁ ଠିକ୍ ସେହିପରି ଭାବରେ ଗ୍ରହଣ କରିବ ଓ ଏକ ଶାନ୍ତିପୂର୍ଣ୍ଣ ମନ ସମ୍ଭବ କରିବା ଲାଗି ଏକ ଉଦ୍ୟମ ମଧ୍ୟ କରିବ । ଦେଖିବ, ଯେପରି ମନ ଆପଣାକୁ ସମର୍ପିତ କରି ରଖିବ ଏବଂ ସଂପୂର୍ଣ୍ଣ ଭାବରେ ସାଧୁ ହୋଇ ପାରିବ । ଏହା ଭାରି ଭଲ କଥା, ଏହା ହେଉଛି ଏକ କର୍ତ୍ତବ୍ୟର ସୂଚନା, —ଏବଂ ପରେ ତାହାର ଉପରେ ଅଭିନିବେଶିତ ହୋଇ ରହିବାକୁ ହେବ ।

ଆଚ୍ଛା ପିଲାଏ, ତେବେ ଏଇଠାରେହିଁ ବନ୍ଦ କରିବା ?

ହଁ, ଏଇଠାରେ ବନ୍ଦ କରିବା ବୋଲି ମୁଁ ଭାବୁଛି ।

'oaob.nitrkl.ac.in' images reprocessed

# ୨ ଜୁନ୍ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ନବମ ଅଧ୍ୟାୟ "ଅନୁଭୂତି ଓ ସୂକ୍ଷ୍ମ ଦର୍ଶନ" ଏବଂ ଦଶମ ଅଧ୍ୟାୟ "କର୍ମ" ଉପରେ ଏହି ପ୍ରବଚନଟି ଆଧାରିତ ।

କୌଣସି ପ୍ରଶ୍ନ ନାହିଁ ? ··ଆମେସବୁ ଧ୍ୟାନ କରିବା ବୋଲି ମୁଁ ଏକ ପ୍ରସ୍ତାବ ଦେବାକୁ ଯାଉଥିଲି ।

ଧ୍ୟାନ ନ କରି ପାରିବାର କାରଣମାନ କ'ଣ ?

କାରଣ ହେଉଛି ଯେ ଆମେ ଧ୍ୟାନ କରିବା ଶିକ୍ଷା କରି ନ ଥାଉ ।

ହଁ, ହଠାତ୍ ଦିନେ ଦିନେ ତୁମର "ଆଜି ମୁଁ ନିଶ୍ଚୟ ଧ୍ୟାନ କରିବି" ବୋଲି ଗୋଟାଏ ପ୍ରକାର ଖିଆଲ ହୁଏ । ତୁମେ ଆଗରୁ କେବେହେଲେ ଧ୍ୟାନ କରି ନ ଥାଅ । ତୁମେ ଗୋଟିଏ ଜାଗାରେ ଯାଇ ବସ ଏବଂ ଏଥର ଧ୍ୟାନ ଆରମ୍ଭ କରିବାକୁ ଯାଉଛ ବୋଲି କଳ୍ପନା କର । ମାତ୍ର, ଆମେ ଗଣିତ ଯେପରି ଶିଖୁ, ଯେପରି ପିଆନୋ ବଜାଇ ଶିଖୁ, ଠିକ୍ ସେହିପରି ଆମର ଧ୍ୟାନ କରିବା ମଧ୍ୟ ଶିଖିବା ଉଚିତ । ଯେମିତି ମନ ସେମିତି ଏହାକୁ ମୋଟେ ଶିକ୍ଷା କରିହୁଏ ନାହିଁ । କେବଳ ହାତ ଦୁଇଟିକୁ ପରସ୍ପର ଉପରେ ରଖି ଚକାମାଡ଼ି ବସିଗଲେ ଯେ ତାହାହିଁ ଧ୍ୟାନ ଲଗିବା ଯଥେଷ୍ଟ ହୁଏ, ସେକଥା ଆଦୌ ନୁହେଁ । ତୁମକୁ ଧ୍ୟାନ କରିବା ଶିକ୍ଷା କରିବାକୁହିଁ ପଡ଼ିବ । ଧ୍ୟାନ କରି ପାରିବାକୁ ହେଲେ ଆମକୁ କ'ଣସବୁ କରିବାକୁ ହୁଏ, ସେହି ବିଷୟରେ ସର୍ବତ୍ର ଯାବତୀୟ ପ୍ରକାରର ନିୟମ ନିର୍ଦ୍ଧାରିତ କରି କହିଦିଆଯାଇଛି ।

ଉଦାହରଣସ୍ୱରୂପ, ତୁମେ ପିଲା ଥିଲା ବେଳେ ଯଦି ତୁମକୁ ଜପକରି ବସିବାକୁ ହୁଏ, ସେକଥା ଶିଖାଇ ଦିଆ ଯାଇଥାଏ, ସେତେବେଳେ ତୁମେ କିଛିହେଲେ ଭାବିବ ନାହିଁ, ସ୍ଥିର ହୋଇ ରହିବ ଓ ଅଭିନିବେଶିତ ଭାବରେ ଆପଣାର ଭାବନା-ଗୁଡ଼ିକୁ ଏକତ୍ର କରି ଆଣିବ ବୋଲି ଯଦି ତୁମକୁ ଶିକ୍ଷା ଦିଆଯାଇଥାଏ, ଅଥବା, ଧ୍ୟାନ ବା ତଦନୁରୂପ ଯାବତୀୟ ବିଷୟ ତୁମକୁ ଶିଖାଇ ଦିଆ ଯାଇଥାଏ, ଯଦି ତୁମକୁ ବେଶ୍ ଅଳ୍ପ ବୟସରେ ଜପକରି ସିଧା ହୋଇ ଛିଡ଼ା ହେବାକୁ ହୁଏ, ଜପକରି

'oaob.nitrkl.ac.in' images reprocessed

ଚାଲିବାକୁ, ବସିବାକୁ ବା ଏପରିକି ଖାଇବାକୁ ହୁଏ, ସେସବୁ ଶିକ୍ଷା ଦିଆ ଯାଇଥାଏ, —ଯେତେବେଳେ ତୁମକୁ ଅନେକ କଥା ଶିଖାଇ ଦିଆଯାଇଥାଏ, ମାତ୍ର ସେବିଷୟରେ ତୁମେ ଆଦୌ ସଜ୍ଞାନ ନ ଥାଅ, କାରଣ ତୁମେ ନିତାନ୍ତ ଶିଶୁ ଥିଲାବେଳେ ତୁମକୁ ସେସବୁ ଶିଖାଇ ଦିଆ ହୋଇଥାଏ । ଯଦି ସେହିକାଳବେଳେ ତୁମକୁ ଧ୍ୟାନର ବି ଶିକ୍ଷା ଦିଆ ଯାଇଥାଏ, ତେବେ ପରବର୍ତ୍ତୀ କାଳରେ, ଯେତେବେଳେ ତୁମେ ନିଜେ ଏହିପରି କରିବାକୁ ସ୍ଥିର କରିବ, ସେତେବେଳେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ତୁମେ ହୁଏତ ବସି ଧ୍ୟାନସ୍ଥ ହୋଇପାରିବ । ମାତ୍ର ତୁମକୁ ଏହି କଥାଟି ମୋଟେ ଶିଖାଇ ଦିଆଯାଇ ନ ଥାଏ । ଏଭଳି ଆଦୌ କୌଣସି କଥା ତୁମକୁ ଶିଖାହୁଏ ନାହିଁ । ଏବଂ, ତୁମକୁ ଭାରି ଅଳ୍ପସଂଖ୍ୟକ ବିଷୟହିଁ ଶିକ୍ଷା ଦିଆଯାଇଥାଏ,—ଏପରିକି, କିପରି ଉଚିତ ଭାବରେ ଶୋଇବାକୁ ହୁଏ, ସେକଥା ମଧ୍ୟ ତୁମକୁ କେହି ଶିଖାଇ ନ ଥାନ୍ତି । ଲୋକେ ଭାବନ୍ତି ଯେ ଶୋଇବାକୁ ହେଲେ କେବଳ ବିଛଣା ଉପରେ ଯାଇ ଲମ୍ବିଯିବାକୁ ହେବ ଏବଂ ତା'ପରେ ନିଦ୍ରା ବଳେବଳେ ଆସିଯିବ । ମାତ୍ର ଏକଥା ଆଦୌ ସତ ନୁହେଁ । ଠିକ୍ ଖାଇଶିଖିଲା ପରି ବା ଯେକୌଣସି କାର୍ଯ୍ୟ କରିବାକୁ ଶିକ୍ଷା କରିବା ପରି ଆମକୁ ଯଥାର୍ଥ ଭାବରେ ଶୋଇବା ମଧ୍ୟ ଶିଖିବାକୁ ହୋଇଥାଏ । ଏବଂ ଯଦି ଆମେ ତାହା ଶିଖି ନ ଥାଉ, ତେବେ ଅତ୍ୟନ୍ତ ଅମାର୍ଗରେ ସେହି କଥାଟିକୁ କରିଥାଉ । ଅଥବା, ସେହି କଥାଟିକୁ କରିଶିଖିବା ଲାଗି ଆମକୁ ବର୍ଷ ବର୍ଷ ଲାଗିଯାଏ ଏବଂ ଅମାର୍ଗରେ କରୁଥିବାର ଏହି ଏକାଧିକ ବର୍ଷ ମଧ୍ୟରେ ଯାବତୀୟ ଅପ୍ରୀତିକର ଘଟଣାମାନ ମଧ୍ୟ ଘଟିଥାଏ । କେବଳ ଏହିପରି ଭାବରେ ଅନେକ କଷ୍ଟ ସହି, ଅନେକ ଭୁଲ୍ କରି ଓ କେତେପ୍ରକାର ନିର୍ବୋଧତା ଭିତରକୁ ଖସିଯାଇହିଁ ଆମେ କ୍ରମଶଃ କଥାଟିକୁ ଶିକ୍ଷା କରିବା ଲାଗି ସମର୍ଥ ହେଉ । ଯେତେବେଳେ ଆମେ ବୁଢ଼ା ହୋଇଯାଇଥାଉ, ଆମର ବାଳ ବି ପାଚି ଯାଇଥାଏ—ସେତେବେଳେ ଯାଇ ଉଚିତ ମାର୍ଗରେ କଥାଟିକୁ କରିବାକୁ ଆରମ୍ଭ କରୁ । ମାତ୍ର ଯଦି ତୁମେ ସାନ ପିଲାଟିଏ ହୋଇଥିବା ସମୟରେ ତୁମର ପିତାମାତା ଅଥବା ଅଭିଭାବକମାନେ କଷ୍ଟସ୍ୱୀକାର କରି ତୁମେ କରୁଥିବା କାମଗୁଡ଼ିକୁ ତୁମକୁ ଶିଖାଇଦେଇ ପାରନ୍ତେ, ସେଗୁଡ଼ିକୁ ଯେପରି କରିବା ଉଚିତ, ସେହିପରି ଯଥାର୍ଥ ଭାବରେ କରିବାକୁ ଶିଖାଇ ଦେଉଥାନ୍ତେ, ତେବେ ତାହା ତୁମକୁ ପ୍ରକୃତରେ ଭାରି ସାହାଯ୍ୟ କରନ୍ତା ଓ ତୁମକୁ ଆଉ ଏହି ବର୍ଷ ବର୍ଷ ଧରି କରୁଥିବା ଭୁଲ୍‌ଗୁଡ଼ିକୁ ମୋଟେ କରିବାକୁ ପଡ଼ନ୍ତା ନାହିଁ । ଏବଂ, ତୁମେ ଯେ କେବଳ ଭୁଲ୍‌ଗୁଡ଼ିକୁ କରିବାରେ ଲାଗିଥାଅ, ସେତିକି ନୁହେଁ, ମାତ୍ର ସେଗୁଡ଼ାକ ଭୁଲ୍ ବୋଲି ତୁମକୁ କେହି କହନ୍ତି ବି ନାହିଁ ! ତେଣୁ, ଯେତେବେଳେ ତୁମେ ରୋଗରେ ପଡ଼, କ୍ଲାନ୍ତ ହୋଇଯାଅ, ଯାହା କରିବାକୁ ଇଚ୍ଛା କରୁଛ, ତାହାକୁ କିପରି କରିବ ଜାଣିପାରୁ ନ

'oaob.nitrkl.ac.in' images reprocessed

ଥାଅ, ସେତେବେଳେ ତୁମେ ଭାରି ଆଶ୍ଚର୍ଯ୍ୟ ହୋଇଯାଅ । ମାତ୍ର, ସେସବୁ କଥା ତୁମକୁ କେହିହେଲେ ଶିଖାଇ ନ ଥାନ୍ତି । ଗୋଟିଏ ଗୋଟିଏ ପିଲା ଅଛନ୍ତି, ସେମାନଙ୍କୁ କହୁହେଲେ ଶିକ୍ଷା ଦିଆଯାଇ ନ ଥାଏ, ତେଣୁ ଅତି ସାଧାରଣ କଥାଗୁଡ଼ିକୁ ଶିଖିବାକୁ ମଧ୍ୟ ସେମାନଙ୍କୁ କେତେ ନା କେତେ ବର୍ଷ ସମୟ ଲାଗିଯାଏ । ଏପରିକି ସେହି ସର୍ବପ୍ରଥମ ଅତି ମାମୁଲି କଥାଟି,—କିପରି ପରିଷ୍କାର ରହିବାକୁ ହୁଏ, ସେହି କଥାଟି ଶିଖିବାକୁ ବି ବର୍ଷ ବର୍ଷ ଲାଗିଯାଏ ।

ଏକଥା ସତ ଯେ, ଅନେକ ସମୟରେ ବାପାମାଆମାନେ ନିଜେ ଏ ବିଷୟରେ ଆଦୌ କିଛି ଜାଣି ନ ଥାନ୍ତି ବୋଲି ପିଲାମାନଙ୍କୁ ଶିଖାଇପାରନ୍ତି ନାହିଁ । କାରଣ ସେମାନଙ୍କୁ ମଧ୍ୟ ତାଙ୍କ ସମୟରେ କେହି ଏକଥା ଶିଖାଇ ନ ଥାନ୍ତି । ତେଣୁ ସେମାନେ ଅଜ୍ଞ ହୋଇ ରହିଥାନ୍ତି ··· ଜୀବନ ବଞ୍ଚିବାର ଏକ ଧାରାରେ ଆସି ପହଞ୍ଚିବା ଲାଗି ସେମାନଙ୍କୁ ସାରା ଜୀବନ ସତେଅବା ଖାଲି ଅନ୍ଧାରରେ ଅଣ୍ଡାଳି ହେବାକୁହିଁ ପଡ଼ିଥାଏ । ଏବଂ ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନେ ତୁମ-ମାନଙ୍କୁ ମଧ୍ୟ ବଞ୍ଚିବାର ମାର୍ଗଟିକୁ ଶିଖାଇପାରନ୍ତି ନାହିଁ । କାରଣ ସେମାନେ ସ୍ୱୟଂ ଅଜ୍ଞ ଥାଆନ୍ତି । ଯଦି ତୁମକୁ ଏହିପରି ଭାବରେ ଆପଣା ଉପରେହିଁ ଛାଡ଼ିଦିଆଯାଏ, ତେବେ ତୁମେ ଅବଶ୍ୟ ବୁଝିପାରୁଥିବ ଯେ, ତୁମକୁ ଏଥିଲାଗି ବର୍ଷବର୍ଷ ସମୟ ଲାଗେ, ଅତି ସାଧାରଣ କଥାଟାଏ ଶିଖିବା ଲାଗି ମଧ୍ୟ ବର୍ଷବର୍ଷର ଅଭିଜ୍ଞତା ଦରକାର ହୁଏ; ଏବଂ ସେତେବେଳେ ମଧ୍ୟ ତୁମକୁ ଏବିଷୟରେ କେତେ ନା କେତେ ଚିନ୍ତା କରିବାକୁ ପଡ଼ିଥାଏ । ଚିନ୍ତା ନ କଲେ ଶିକ୍ଷା କରିବା ମଧ୍ୟ ସମ୍ଭବ ହୁଏ ନାହିଁ ।

ଉଚିତ ମାର୍ଗରେ ଜୀବନ ବଞ୍ଚିବା, — ତାହା ହେଉଛି ଏକ କଠିନ କଳା; ଏବଂ, ପିଲା ବୟସରୁ ତାହାକୁ ଶିକ୍ଷା ନ କଲେ ଓ ସେଥିଲାଗି ଏକ ଉଦ୍ୟମ ନ କଲେ ଏହାକୁ କଦାପି ସୁରୁଚିରୂପେ ଶିକ୍ଷା କରାଯାଇ ପାରିବ ନାହିଁ । ଆପଣାର ଶରୀରକୁ ଉତ୍ତମ ଭାବରେ ସୁସ୍ଥ ରଖିବାର ଏହି ଯେଉଁ ସାମାନ୍ୟ କଳାଟି, ଆପଣାର ମନକୁ ଶାନ୍ତ ରଖିବାର ଓ ହୃଦୟରେ ସଦ୍‌ଭାବ ରଖିବାର ଯେଉଁ କଳାଗୁଡ଼ିକ, — ଭଲ ଭାବରେ ବଞ୍ଚିବାକୁ ହେଲେ ଯେଉଁ କଥାଗୁଡ଼ିକ ପ୍ରକୃତରେ ଅପରିହାର୍ଯ୍ୟ,—ଏଠାରେ ମୁଁ ଆରାମଦାୟକ ଭାବରେ ବଞ୍ଚିବା ବା ଚମତ୍କାର ଭାବରେ ବଞ୍ଚିବା ବୋଲି ମୋଟେ କହୁ ନାହିଁ, କେବଳ ଭଲ ଭାବରେ ବଞ୍ଚିବା ବୋଲି କହୁଛି । ମୁଁ ଭାବୁଛି, ଏତିକି କଥା ବି ଆପଣାର ପିଲାମାନଙ୍କୁ ଶିଖାଇବା ନିମିତ୍ତ ଦୃଷ୍ଟି ଦେଉଥିବା ବ୍ୟକ୍ତି ଆଦୌ ଅଧିକ ସଂଖ୍ୟାରେ ନାହାନ୍ତି ।

ଏତିକି ହେଲା ତ ?

'oaob.nitrkl.ac.in' images reprocessed

ମାଆ, ଅଧ୍ୟୟନ ବ୍ୟତୀତ ଆମର ଆଉକିଛି କାର୍ଯ୍ୟ କରିବା ଉଚିତ କି ?

ଆଉ କିଛି କାର୍ଯ୍ୟ ? ସେଇଟା ତୁମ ଉପରେ ନିର୍ଭର କରେ । ଏକଥା ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରେ; ସିଏ କ'ଣ ଚାହୁଁଛି, ତାହାରି ଉପରେ ନିର୍ଭର କରେ । ଯଦି ତୁମେ ସାଧନା କରିବାକୁ ଇଚ୍ଛା କରୁଛ, ତେବେ ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ତେବେ ଅନ୍ତତଃ ଆଂଶିକ ଭାବରେ ତୁମକୁ ଏପରି ଏକ କାର୍ଯ୍ୟ ଗ୍ରହଣ କରିନେବାକୁ ପଡ଼ିବ, ଯାହାକି କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟରେ କରିଯାଉ ନ ଥିବ, ଅର୍ଥାତ୍, କେବଳ ତୁମ ନିଜ ସକାଶେହିଁ ତୁମେ ସେହି କାର୍ଯ୍ୟଟିକୁ କରୁ ନ ଥିବ । ଅଧ୍ୟୟନ କରିବା ଏକ ସମ୍ପୂର୍ଣ୍ଣ ଭଲ କାମ, — ତାହା ଅତ୍ୟନ୍ତ ଆବଶ୍ୟକ, ଏପରିକି ଏକାନ୍ତ ଅପରିହାର୍ଯ୍ୟ; କେବଳ, ଯାହା ମୁଁ କିଞ୍ଚିତ୍ ପୂର୍ବରୁ କହୁଥିଲି, ଅଧ୍ୟୟନ ହେଉଛି ତାହାରି ଏକ ଅଂଶ । ଅର୍ଥାତ୍, ପିଲାବୟସରୁହିଁ ତୁମକୁ ଶିକ୍ଷା ଆରମ୍ଭ କରିଦେବାକୁ ପଡ଼ିବ; କାରଣ, ବୟସ ବେଶୀ ହୋଇଗଲେ, ଅଧ୍ୟୟନ ଅପେକ୍ଷାକୃତ ଅଧିକ କଷ୍ଟକର ବୋଧ ହେବ । ମାତ୍ର, ଏପରି ଗୋଟିଏ ବୟସ ରହିଛି, ଯେତେବେଳେ କି ତୁମକୁ ଅପରିହାର୍ଯ୍ୟ ଯାବତୀୟ ଅଧ୍ୟୟନ ଲାଗି ଏକ ମୂଳଦୁଆ ତିଆରି କରିନେବାକୁ ପଡ଼ିବ, ଏବଂ ଯେତେବେଳେ ତୁମେ ସାଧନା ଆରମ୍ଭ କରିବାକୁ ଇଚ୍ଛା କରିବ, ସେତେବେଳେ ତୁମକୁ ଏପରି କୌଣସି ଏକ କାର୍ଯ୍ୟ କରିବାକୁ ହେବ, ଯାହା ପଛରେ କି ଗୋଟାସୁଦ୍ଧା ବ୍ୟକ୍ତିଗତ କୌଣସି ଉଦ୍ଦେଶ୍ୟ ରହି ନ ଥିବ । ଯେତେବେଳେ କିଞ୍ଚିତ୍ ପରିମାଣରେ ନିଃସ୍ୱାର୍ଥପର କିଛି କାର୍ଯ୍ୟ କରିବାକୁ ହେବ, କାରଣ ଯଦି ସେତେବେଳେ ତୁମେ ଗୋଟାସୁଦ୍ଧା ନିଜ-ଗୁଡ଼ାକୁ ନେଇହିଁ ବ୍ୟସ୍ତ ରହିବ, ତେବେ ତୁମେ କହିଛ ପରି ଗୋଟାଏ ଖୋଳ ଭିତରେ ବନ୍ଦ ହୋଇ ରହିଯିବ ଏବଂ ବିଶ୍ୱଗତ ଶକ୍ତିଚୟ ଲାଗି ଆଉ ମୋଟେ ଉନ୍ମୁକ୍ତ ହୋଇ ରହିପାରିବ ନାହିଁ । ତେଣୁ ତୁମର କାର୍ଯ୍ୟରେ କିଞ୍ଚିତ୍ ନିଃସ୍ୱାର୍ଥପରତା ରହିଥିବ; ତୁମେ ଏପରି ସାନ କାର୍ଯ୍ୟଟିଏ କରୁଥିବ, ଯେଉଁଥିରେ କି ଆଦୌ କୌଣସି ଅହଂପ୍ରଣୋଦିତ ଉଦ୍ଦେଶ୍ୟ ନ ଥିବ । ତେବେ ତାହା ତୁମର କ୍ଷୁଦ୍ର ଅତିକ୍ଷୁଦ୍ର ବ୍ୟକ୍ତିସତ୍ତାଟିରୁ ଭିନ୍ନ ଆଉ ଅନ୍ୟ କିଛି ଉଦ୍ଦେଶ୍ୟରେ ଏକ ଦ୍ୱାର ଉନ୍ମୋଚିତ କରିଦେଇ ପାରିବ ।

ସାଧାରଣତଃ ଆମେ ସତେଅବା ଗୋଟାଏ ଖୋଳପା ଭିତରେ ବନ୍ଦ ହୋଇ ରହିଥାଉଁ ଏବଂ କେବଳ ଏକ ଆତଙ୍କ ଅଥବା ସଂଘର୍ଷର ଆଘାତ ଲାଗିଲେ ଯାଇ ଅନ୍ୟ ଖୋଳପାଗୁଡ଼ିକ ବିଷୟରେ ଏକ ସଜ୍ଞାନତା ଲାଭ କରିଥାଉଁ । ମାତ୍ର ସେହି ଅସଲ ପରିସରୁଣ୍ଣ ବୃହତ୍ ଶକ୍ତି ବିଷୟରେ ଚେତନାଯୁକ୍ତ ହୋଇ

'oaob.nitrkl.ac.in' images reprocessed

ରହିବା, ସତ୍ତ୍ୱଗୁଡ଼ିକର ପରସ୍ପର-ନିର୍ଭରଶୀଳତା ବିଷୟରେ ସଚେତନ ହୋଇ ରହିବା,—ତାହା ସର୍ବଦା ଅତ୍ୟନ୍ତ ବିରଳ ହୋଇ ରହିଥାଏ । ସାଧନାର ଧାରାରେ ଏଇଟି ହେଉଛି ଗୋଟିଏ ଅପରିହାର୍ଯ୍ୟ ସୋପାନ ।

ମାଆ, ଜଣେ ବ୍ୟକ୍ତି କ'ଣ ଦିବ୍ୟ ପରମସତ୍ତ୍ୱଙ୍କ ଲାଗି ଅଧ୍ୟୟନ କରିପାରିବ ନାହିଁ ?

ଅର୍ଥାତ୍ ?

ଜଣେ ନିଜ ପାଇଁ ନୁହେଁ, ମାତ୍ର ସେହି ଦିବ୍ୟ ପରମସତ୍ତ୍ୱଙ୍କ ଲାଗିହିଁ ଅଧ୍ୟୟନ କରିବ, ତାଙ୍କର କର୍ମ ସକାଶେ ଆପଣାକୁ ପ୍ରସ୍ତୁତ କରୁଥିବ ।

ହଁ, ଯଦି ତୁମେ ଏହିପରି ଏକ ଭାବ ନେଇ ଅଧ୍ୟୟନ କରୁଥିବ ଯେ, ଏକ ଯଥାର୍ଥ ନିମିତ୍ତ ହୋଇ ଉଠିପାରି ହେବାକୁହିଁ ତୁମକୁ ଆପଣାର ଯାବତୀୟ ବିକାଶ ସାଧନ କରିବାକୁ ହେବ, ତେବେ ତାହା ସମ୍ଭବ ହେବ । ମାତ୍ର ପ୍ରକୃତ କ୍ଷେତ୍ରରେ ଏକ ଅତ୍ୟନ୍ତ ଭିନ୍ନ ମନୋଭାବର ସହିତ ତାହା କରାଯାଇଥାଏ, ନୁହେଁ କି ?— ଅତ୍ୟନ୍ତ ଭିନ୍ନ ମନୋଭାବର ସହିତ । ସେପରି ହେଲେ ସର୍ବପ୍ରଥମେ ଆଉ ଏହିପରି ଆଦୌ ହୁଏ ନାହିଁ ଯେ, କେତୋଟି ବିଷୟ ତୁମକୁ ଭଲଲାଗେ ଓ ଆଉ କେତୋଟି ବିଷୟ ଭଲ ଲାଗେ ନାହିଁ । ଆଉ ଏପରି କୌଣସି କ୍ଲାସ୍ ରହିବ ନାହିଁ ଯାହା ତୁମକୁ ବିରକ୍ତିକର ବୋଧ ହୁଏ । କେତୋଟି କଥା ତୁମକୁ ସହଜ ଲାଗୁଛି ଓ ଆଉ କେତେକ କଥା କଷ୍ଟକର ଲାଗୁଛି, ମୋଟେ ଏପରି ହୁଏ ନାହିଁ । କେଉଁ ଶିକ୍ଷକ ଭଲ ଲାଗୁଛନ୍ତି ଓ କେଉଁ ଶିକ୍ଷକ ଭଲ ଲାଗୁ ନାହାନ୍ତି, ସେପରି ବି ହୁଏ ନାହିଁ । ଏହି ସବୁକିଛି ଅଚିରେ ପାସୋର ହୋଇଯାଏ । ସେତେବେଳେ ତୁମେ ଏପରି ଏକ ସ୍ଥିତିରେ ଆସି ପ୍ରବେଶ କର, ଯେତେବେଳେ କି, ଯାହାକିଛି ଘଟେ, ତାହାକୁ ତୁମେ ପରମଦିବ୍ୟସତ୍ତ୍ୱଙ୍କ କାର୍ଯ୍ୟ ଲାଗି ନିଜକୁ ପ୍ରସ୍ତୁତ କରି ଶିଖିବାର ମାର୍ଗରେ ଏକ ସୁଯୋଗରୂପେ ଗ୍ରହଣ କରିଥାଅ । ସେତେବେଳେ ସବୁକିଛି ଭଲ ଲାଗେ, ସବୁକିଛି ଆଗ୍ରହୋଦ୍ଦୀପକ ହୋଇଉଠେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ତାହାହିଁ କରୁଥାଅ, ତେବେ ତାହା ଅତ୍ୟନ୍ତ ଉତ୍ତମ କଥା ହେବ ।

ଆପଣ **ବୁଲେଟିନ୍**ରେ "ମନକୁ ଶିକ୍ଷା ଦେବା" ବିଷୟରେ ଯାହା କହିଛନ୍ତି, ତାହାର ଅର୍ଥ ହେଉଛି ଯେ ଆମେ ସେତେବେଳେ ପ୍ରକୃତରେ ସେଇଥିଲାଗିହିଁ ଆପଣାକୁ ଶିକ୍ଷା ଦେଇଥାଉଁ, ସେହି

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତ୍ୱଙ୍କ ଲାଗି ବଞ୍ଚୁଥାଉଁ ଓ ଅଧ୍ୟୟନ କରୁଥାଉଁ । ତେଣୁ ଏହାକୁ ମଧ୍ୟ କ'ଣ ସେଇ ତାଙ୍କର ଗୋଟିଏ କାର୍ଯ୍ୟ ବୋଲି କୁହାଯିବ ନାହିଁ କି ?

ହଁ, ହଁ, ନିଶ୍ଚୟ କୁହାଯିବ । ଯଦି ଏହାକୁ ସେହି ଲକ୍ଷ୍ୟ ରଖି କରାଯାଉଥାଏ, ତେବେ ତାହା ଅତ୍ୟନ୍ତ ଭଲ କଥା ହେବ । ଉଦାହରଣସ୍ୱରୂପ, ଯେତେବେଳେ ଆମେ ଜୀବନର ଗଭୀର ନିୟମଗୁଡ଼ିକୁ ବୁଝିବାକୁ ଇଚ୍ଛା କରୁଛୁ, ଦିବ୍ୟ ପରମସତ୍ତ୍ୱଙ୍କ ଦ୍ୱାରା ପ୍ରେରିତ ସକଳ ସନ୍ଦେଶକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହେବାକୁ ଇଚ୍ଛା କରୁଛୁ, ଏହି ପରମ ବିଶ୍ୱପ୍ରକାଶର ରହସ୍ୟଭେଦ କରିବାକୁ ସମର୍ଥ ହେବା ଲାଗି ଯଦି ଆମର ଅଭିଳାଷ ରହିଥାଏ, ତେବେ ଏହି ସବୁକିଛି ସକାଶେ ଏକ ବିକାଶପ୍ରାପ୍ତ ମନ ରହିଥିବା ଦରକାର, ଯେପରିକି ଆମେ ସେହି ଇଚ୍ଛାଟି ସହିତ ଅଧ୍ୟୟନ କରିପାରିବା । ମାତ୍ର ସେତେବେଳେ ଆଉ ଅଧ୍ୟୟନ ଲାଗି ଆଦୌ କିଛି ବାଛିବାକୁ ପଡ଼ିବ ନାହିଁ; କାରଣ, ସେତେବେଳେ ଯାବତୀୟ ବସ୍ତୁ, ତାହା ଯାହା ହୋଇଥାଉ ପଛକେ, ଜୀବନସ୍ଥ ସାମାନ୍ୟତମ ପରିସ୍ଥିତିଗୁଡ଼ିକ ମଧ୍ୟ ତୁମ ଲାଗି ଜଣେ ଶିକ୍ଷକରୂପେ କାର୍ଯ୍ୟ କରିବ, ସିଏକି ତୁମକୁ କିଛି ନା କିଛି ଅବଶ୍ୟ ଶିକ୍ଷା ଦେଇ ପାରିବେ; ତୁମକୁ ଭାବି ଶିଖାଇବେ, କର୍ମ କରି ଶିଖାଇବେ । ଏପରିକି,—ମୁଁ ଭାବୁଛି ମୁଁ ଏକଥାକୁ ଆଦୌ କୌଣସି ଅତିରଞ୍ଜନ ନ କରି କହୁଛି,—ଏକ ଅଜ୍ଞାନ ଶିଶୁର ଭାବନାଗୁଡ଼ିକ ମଧ୍ୟ ତୁମକୁ ତୁମେ ପୂର୍ବରୁ ବୁଝିପାରି ନ ଥିବା କୌଣସି ଏକ କଥାକୁ ବୁଝିବାରେ ଅବଶ୍ୟ ସାହାଯ୍ୟ କରିପାରିବ । ତୁମର ଦୃଷ୍ଟିକୋଣ ଏକାବେଳେକେ ଅଲଗା ପ୍ରକାରର ହୋଇଯିବ । ସେହି ଦୃଷ୍ଟିକୋଣ ସର୍ବଦା ଏକ ନୂତନ ସତ୍ୟୋଦ୍‌ଘାଟନ ଲାଗି ଅପେକ୍ଷା କରି ରହିଥିବ, ଅଗ୍ରଗତିର ଏକ ସୁଯୋଗ ଲାଗି ଅପେକ୍ଷା କରିଥିବ, ଏକ ଅନୁଚିତ କାର୍ଯ୍ୟର ସଂଶୋଧନ ଲାଗି ଓ ଆଗକୁ ଗୋଟିଏ ପାଦ ପକାଇବା ଲାଗି ଅପେକ୍ଷା କରି ରହିଥିବ । ଅର୍ଥାତ୍‌, ତାହା ପ୍ରକୃତରେ ଗୋଟିଏ ଚୁମ୍ବକ ପରି କାର୍ଯ୍ୟ କରୁଥିବ ଯାହାକି ତୁମର ଚତୁର୍ଦ୍ଦିଗସ୍ଥ ଯାବତୀୟ ପରିବେଶରୁ ଏହି ଅଗ୍ରଗତିଟି ଲାଗି ସୁଯୋଗ ପରେ ସୁଯୋଗକୁ ଆକର୍ଷଣ କରି ଆଣୁଥିବ । ସାମାନ୍ୟ ବସ୍ତୁଗୁଡ଼ିକ ମଧ୍ୟ ତୁମକୁ ଅଗ୍ରଗତି କରିବାର ଉପାୟ ବତାଇ ଦେଇପାରିବେ । ଏବଂ ତୁମଠାରେ ଅଗ୍ରଗତି ଲାଗି ଉପଯୁକ୍ତ ଚେତନା ଓ ଇଚ୍ଛାଟି ରହିଥିବାରୁ ସବୁକିଛି ତୁମ ଲାଗି ଏକ ସୁଯୋଗରୂପେ ଆସି ଆବିର୍ଭୂତ ହେଉଥିବ ଏବଂ ତୁମେ ଏହି ଚେତନା ଓ ପ୍ରଗତି ଲାଗି ରହିଥିବା ତୁମର ଇଚ୍ଛାକୁ ଯାବତୀୟ ବସ୍ତୁ ଉପରେ ପ୍ରକ୍ଷେପିତ କରିପାରୁଥିବ ।

'oaob.nitrkl.ac.in' images reprocessed

ଏବଂ, ଏହା ତୁମ ଲାଗି କେବଳ ଯେ ଉପଯୋଗୀ ହେବ ତା' ନୁହେଁ, ଏହା ତୁମ ଗୃହପାଖରେ ରହୁଥିବା ଓ ତୁମ ସହିତ ଏକ ସମ୍ପର୍କ ରହିଥିବା ଅନ୍ୟମାନଙ୍କ ଲାଗି ମଧ୍ୟ ଉପଯୋଗୀ ହୋଇପାରିବ ।

ବର୍ତ୍ତମାନ ତୁମ କ୍ଲାସ୍ ବିଷୟରେ ଏକ ସାଧାରଣ ପ୍ରଶ୍ନ ଉପରେ ବିଚାର କରାଯାଉ । ଆମର ଏହି ସ୍କୁଲର କ୍ଲାସ୍ ବିଷୟରେ । ଠିକ୍ ଯେପରି ଜଣେ ଶୃଙ୍ଖଳାହୀନ, ଅବାଧ୍ୟ ଓ ଅସଦିଚ୍ଛାପୂର୍ଣ୍ଣ ପିଲା କ୍ଲାସ୍‌ଟିକୁ ଗଣ୍ଡଗୋଳ କରିଦେଇ ପାରିବ—ଏବଂ ସେହି କାରଣରୁ ବେଳେବେଳେ ତାକୁ ବାହାର କରିଦେବାକୁ ପଡ଼ିଥାଏ, କାରଣ କ୍ଲାସ୍‌ରେ ତା'ର ଉପସ୍ଥିତିହିଁ କ୍ଲାସ୍‌କୁ ଏକାବେଳକେ ଗଣ୍ଡଗୋଳିଆ କରିଦେଇ ପାରିବ,—ସେହିପରି ଭାବରେ, ଯଦି କ୍ଲାସ୍‌ରେ ଏପରି ଗୋଟିଏ ପିଲା ଥାଏ ଯାହାର କି ସମ୍ପୂର୍ଣ୍ଣ ଭାବରେ ଏକ ଉଚିତ ଦୃଷ୍ଟିକୋଣ ରହିଛି, ଯାବତୀୟ ପ୍ରସଙ୍ଗରେ ମଧ୍ୟ ଯାହାର ଶିଖିବା ଲାଗି ଏକ ଇଚ୍ଛା ରହିଛି, ଯେପରିକି ଗୋଟିଏ ଶବ୍ଦ ବି ଉଚ୍ଚାରିତ ନ ହେଲେ ଅଥବା ଗୋଟିଏ ସଙ୍କେତ ବି ଦିଆ ନ ଗଲେ ମଧ୍ୟ ସିଏ ଯାବତୀୟ ବ୍ୟାପାରରୁ କିଛି ନା କିଛି ଶିଖିବା ଲାଗି ଏକ ସୁଯୋଗ ବାହାର କରିନେଇ ପାରୁଛି, ତେବେ ତାହାର ଉପସ୍ଥିତି ଅବଶ୍ୟ ଏକ ଉତ୍କଟ ପ୍ରଭାବ ପକାଇବ ଏବଂ ସମଗ୍ର କ୍ଲାସକୁ ମଧ୍ୟ ଶିକ୍ଷାରେ ଅଗ୍ରଗତି କରିବାରେ ନିଶ୍ଚୟ ସାହାଯ୍ୟ କରିବ । ଯଦି ସିଏ ସଚେତନ ଭାବରେ ଶିଖିବାର ଏବଂ ଆପଣାକୁ ସଂଶୋଧନ କରିବାର ଏହି ପ୍ରଗାଢ଼ ଅଭୀପ୍ସା ମଧ୍ୟରେ ରହିଥାଏ, ତେବେ ସେ ଏହି କଥାଟିକୁ ଅନ୍ୟମାନଙ୍କ ମଧ୍ୟକୁ ବି ସଞ୍ଚାରିତ କରିଦେଇ ପାରିବ ।··· ଏକଥା ସତ ଯେ, 'ବର୍ତ୍ତମାନ ବସ୍ତୁଗୁଡ଼ିକର ଅବସ୍ଥା ଯେଉଁଭଳି ରହିଛି, ସେଥିରେ, ଅନୁଚିତ ଦୃଷ୍ଟାନ୍ତଟାରହିଁ ଉଚିତ ଦୃଷ୍ଟାନ୍ତ ତୁଳନାରେ ଅଧିକ ସଂକ୍ରାମକ ଶକ୍ତି ରହିଛି । ଉତ୍ତମ ଦୃଷ୍ଟାନ୍ତଟି ଅପେକ୍ଷା ମନ୍ଦ ଦୃଷ୍ଟାନ୍ତଟିରୁ ପ୍ରେରଣା ଲାଭ କରିବା ସର୍ବଦା ଅଧିକ ସହଜ; ମାତ୍ର ତଥାପି 'ଉତ୍ତମଟିର ବି ଏକ ଆବଶ୍ୟକତା ରହିଛି । ଏବଂ, ଯେଉଁ କ୍ଲାସ୍‌ରେ ଏପରି ଗୋଟିଏ ପିଲା ପ୍ରକୃତରେ ରହିଛି ସିଏକି ଶିକ୍ଷା କରିବାର ଏବଂ ସେଥିଲାଗି ଆପଣାକୁ ଉଦ୍ୟତ କରି ରଖିବାର ଇଚ୍ଛା ନେଇହିଁ କ୍ଲାସରେ ରହିଛି ଏବଂ ସିଏ ଶିକ୍ଷା କରିବାର ପ୍ରତ୍ୟେକ ଅବସରଟି ଲାଗି ମଧ୍ୟ ଗମ୍ଭୀର ଭାବରେ ଆଗ୍ରହୀ ହୋଇ ରହିଛି, ସେହି କ୍ଲାସ୍ ନିଶ୍ଚୟ ଏକ ମହତ୍ତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସମର୍ଥ ହୋଇପାରିବ ।

ତୁମେମାନେ ମଧ୍ୟ ଏହିପରି ସାହାଯ୍ୟ କରିପାରିବ ।

ମାଆ, ଏଠାରେ, କାମ କରୁଥିବା ସମୟରେ, କେତେକ ବ୍ୟକ୍ତି କାହିଁକି ଆପଣାର ଖିଆଲଗୁଡ଼ାକୁହିଁ ଚରିତାର୍ଥ କରିବାକୁ ମନ

'oaob.nitrkl.ac.in' images reprocessed

କରନ୍ତି ଓ ଏହିପରି ଭାବରେ ଅର୍ଥର ବହୁଳ ଅପଚୟ କରନ୍ତି ?

କେବଳ କ'ଣ ଅର୍ଥର ଅପଚୟ ହୁଏ ?

ଅର୍ଥ ଅପେକ୍ଷା ଆହୁରି **ଅନନ୍ତ ଗୁଣରେ,** ଶକ୍ତି ଓ ଚେତନା ନଷ୍ଟ ହୁଏ, ହଜାରଗୁଣ ଅଧିକ **ନଷ୍ଟ** ହୁଏ । ଯଦି ଆଦୌ କିଛି ନଷ୍ଟ ହେଉ ନ ଥାନ୍ତା, ତେବେ ମୁଁ ଭାବୁଛି ଆଶ୍ରମ କଦାପି ଏହିପରି ହୋଇ ରହି ନ ଥାନ୍ତା । ଏଠାରେ ଏପରି ଗୋଟିଏ ହେଲେ ମୁହୂର୍ତ୍ତ ନାହିଁ, ଯେତେବେଳେ କି କିଛି ନା କିଛି ନଷ୍ଟ ନ ହେଉଛି । —ବେଳେବେଳେ ତ ତା'ଠାରୁ ଆହୁରି ଅଧିକ କିଛି ହେଉଛି । ଯଥାସମ୍ଭବ ଅଧିକ ଶକ୍ତି ଓ ଅଧିକ ଚେତନାକୁ ଗ୍ରହଣ କରି ତାହାକୁ ଆପଣାର ବ୍ୟକ୍ତିଗତ ପରିତର୍ପଣରେ ନିୟୋଜିତ କରିବାର ଏକ ଅଭ୍ୟାସ,—ମୁଁ ଭାବୁଛି ଏହା କ୍ୱଚିତ୍ ସଚେତନ ଭାବରେ ରହିଛି,—ଏଠାରେ ରହିଛି । ସେହି କଥାଟି ତ ପ୍ରତ୍ୟେକ ମୁହୂର୍ତ୍ତରେ ଘଟିବାରେ ଲାଗିଛି । ଯଦି ସେହି ସବୁଯାକ ଶକ୍ତି ଓ ସବୁଯାକ ଚେତନା,—ଯାହାକୁ କି ତୁମ ସମସ୍ତଙ୍କ ଉପରେ ଆଣି ସତତ ଅଜାଡ଼ି ଦିଆଯାଉଛି, ଯଦି, ତାହାକୁ ଯଥାର୍ଥ ଲକ୍ଷ୍ୟଟିର ସାଧନରେ ବ୍ୟବହାର କରାଯାଇ ପାରୁଥାନ୍ତା, ଅର୍ଥାତ୍ ଯଦି ତାହାକୁ ଈଶ୍ୱରଙ୍କର କାର୍ଯ୍ୟରେ ଓ ସେହି କାର୍ଯ୍ୟଟି ଲାଗି ପ୍ରସ୍ତୁତ ହେବାରେ ନିୟୋଜିତ କରାଯାଉଥାନ୍ତା, ତେବେ ଆମେ ତ ଏତେବେଳକୁ ମାର୍ଗଟିରେ କେତେ ଆଗକୁ ଯାଇସାରିଥାନ୍ତେ; ବର୍ତ୍ତମାନ ଯେତିକି ଅଗ୍ରସର ହୋଇପାରୁଛୁ, ତା'ଠାରୁ ଆହୁରି କେତେ ଅଧିକ ଅଗ୍ରସର ହୋଇ ସାରିଥାନ୍ତୁ । ମାତ୍ର ପ୍ରତ୍ୟେକ ବ୍ୟକ୍ତି, ଅଳ୍ପବହୁତ ସଚେତନ ଭାବରେ,—ମାତ୍ର, ନିଶ୍ଚିତ ଭାବରେ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହେଲାପରି—ଯଥାସମ୍ଭବ ଅଧିକ ଶକ୍ତି ଓ ଅଧିକ ଚେତନାକୁ ନିଜେ ଗ୍ରହଣ କରିନେଉଛନ୍ତି ଏବଂ ଜଣେ ଯେମିତି ନିଜ ଭିତରେ ସେହି ଶକ୍ତିକୁ ଅନୁଭବ କରିବାକୁ ଆରମ୍ଭ କରୁଛି, ସେମିତି ତାକୁ ନିଜର ବ୍ୟକ୍ତିଗତ ଉଦ୍ଦେଶ୍ୟସାଧନ ଲାଗି ଅର୍ଥାତ୍ ଆପଣାର ତୃପ୍ତିସାଧନ ଲାଗି କାମରେ ଲଗାଉଛି ।

ଏହି ଯେଉଁ ମହାନ୍ ଶକ୍ତି ଏଠାରେ ବିଦ୍ୟମାନ ରହିଛି, ଯାହାକୁ କି ଯାବତୀୟ ଅର୍ଥଶକ୍ତିଠାରୁ ଅନନ୍ତ ଗୁଣରେ ଅଧିକ ବୃହତ୍ ଓ ଅଧିକ ମୂଲ୍ୟବାନ୍ ବୋଲି କୁହାଯିବ, ଏହି ଯେଉଁ ମହାନ୍ ଶକ୍ତି ଏଠାରେ ରହିଛି ଏବଂ ଏକ ଅମିତ ଅଧ୍ୟବସାୟ ଏବଂ ଧୈର୍ଯ୍ୟର ସହିତ ସଚେତନ ଭାବରେ ସତତ ପ୍ରଦତ୍ତ ହେବାରେ ଲାଗିଛି—କେବଳ ଈଶ୍ୱରଙ୍କର କାର୍ଯ୍ୟଟିକୁ ସାଧନ କରିବାର ସେହି **ଗୋଟିଏମାତ୍ର ଉଦ୍ଦେଶ୍ୟ** ଯାହା ପ୍ରଦତ୍ତ ହେଉଛି, ତାହାକୁ ନଷ୍ଟ ନ କରିଦେବା ଲାଗି କିଏ ନ ଭାବୁଛି କହିଲ ? କିଏ ଉପଲବ୍ଧି କରୁଛି ଯେ ଅପଚୟ କରିବା, ଆହୁରି ଅଧିକ

'oaob.nitrkl.ac.in' images reprocessed

ଭଲ ଭାବରେ ବୁଝିବା ଏବଂ ଭଲ ଭାବରେ ବଞ୍ଚିବା ହେଉଛି ଏକ ପବିତ୍ର କର୍ତ୍ତବ୍ୟ ? କାରଣ, ଲୋକେ ତ ଦ୍ରବ୍ୟ ଶକ୍ତିକୁ ଉଦରସାତ୍‌କରି ବସିଛନ୍ତି, ଦ୍ରବ୍ୟ ପରମ-ଚେତନାକୁ ଉଦରସାତ୍‌କରି ବସିଛନ୍ତି ଏବଂ ସେଗୁଡ଼ିକୁ ଆପଣାର ବ୍ୟକ୍ତିଗତ ଓ ସ୍ୱାର୍ଥପର ଉଦ୍ଦେଶ୍ୟଗୁଡ଼ିକର ସାଧନ ଲାଗି ବ୍ୟବହାର କରୁଛନ୍ତି ।

ମାତ୍ର କେତେ ହଜାର ଟଙ୍କା ନଷ୍ଟ ହୋଇଗଲା ବୋଲି ତୁମେ ବିଚଳିତ ହୋଇ ଉଠୁଛ, ମାତ୍ର ଯେତେବେଳେ···ଯେତେବେଳେ ପରମ ଚେତନା ଓ ପରମ ଶକ୍ତିର କେତେକେତେ ସ୍ରୋତକୁ ସେମାନଙ୍କର ଯଥାର୍ଥ ଗତିପଥରୁ ବିଚ୍ୟୁତ କରି ନିଆଯାଉଛି, ସେତେବେଳେ ତ କାହିଁକି ମୋଟେ ବିଚଳିତ ହେଉ ନାହିଁ ?

ତେଣୁ, ଯଦି କୌଣସି ବ୍ୟକ୍ତି ଏହି ପୃଥିବୀପୃଷ୍ଠରେ କୌଣସି ଏକ ଦିବ୍ୟ କର୍ମ କରିବା ପାଇଁ ଇଚ୍ଛା କରୁଥିବ, ତେବେ ତାକୁ କେତେ ନା କେତେ ଧୈର୍ଯ୍ୟ ଏବଂ ସହିଷ୍ଣୁତା ନେଇ ଏହି କ୍ଷେତ୍ରକୁ ଆସିବାକୁ ପଡ଼ିବ । କିପରି ଭାବରେ ଶାଶ୍ୱତତା ମଧ୍ୟରେ ଯେ ନିଜର ଜୀବନ ବଞ୍ଚିବାକୁ ହୁଏ ଏବଂ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସେହି ଚେତନାର ଜାଗରଣ ସମ୍ଭବ ହେବା ପର୍ଯ୍ୟନ୍ତ କିପରି ଅପେକ୍ଷା କରିବାକୁ ହୁଏ, ସେପର୍ଯ୍ୟନ୍ତ ଅପେକ୍ଷା କରିବା, ଯାହାକି ଯଥାର୍ଥ ଐକ୍ୟର ଚେତନା ।

'oaob.nitrkl.ac.in' images reprocessed

# ୯ ଜୁନ୍ ୧୯୫୪

**ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ୧୧ଶ ଅଧ୍ୟାୟ "ରୂପାନ୍ତର" ଉପରେ ଏହି ପ୍ରବଚନଟି ଆଧାରିତ ।**

"ପ୍ରଶ୍ନ : ଜଣେ ସାଧକ ଯେତେବେଳେ କୌଣସି ଆଧ୍ୟାତ୍ମିକ ବ୍ୟଞ୍ଜନା ରହିଥିବା ଏକ ସ୍ୱପ୍ନ ଦେଖେ, ସେତେବେଳେ ଏଥିରୁ ତା'ର ସ୍ୱଭାବ ରୂପାନ୍ତରିତ ହେବାରେ ଲାଗିଛି ବୋଲି ସଙ୍କେତ ମିଳେ ନାହିଁ କି ?

"ଉତ୍ତର : ସବୁବେଳେ ଯେ ସେପରି ହୁଏ, ସେକଥା ଆଦୌ ନୁହେଁ । ଏଥିରୁ ଏତିକି ପ୍ରମାଣ ମିଳେ ଯେ ତାହାର ସାଧାରଣ ଲୋକମାନଙ୍କଠାରୁ ଅଧିକ ଚେତନା ରହିଛି, ମାତ୍ର ସ୍ୱପ୍ନଗୁଡ଼ିକ କଦାପି ସ୍ୱଭାବର ରୂପାନ୍ତର-ସାଧନ କରିପାରନ୍ତି ନାହିଁ ।"

ଗ୍ରନ୍ଥଟିଏ ପଢ଼ିଲେ ବି ତାହା ଆପଣାର ରୂପାନ୍ତର ଘଟାଇବାରେ ତୁମକୁ ସାହାଯ୍ୟ କରିବ । ମାତ୍ର ତା' ବୋଲି ଗ୍ରନ୍ଥଟି ଯେ ତୁମର ରୂପାନ୍ତର ସାଧନ କଲା, ସେକଥା କଦାପି କୁହାଯାଇ ପାରିବ ନାହିଁ । ସ୍ୱପ୍ନ ହୁଏତ ଏକ ସଙ୍କେତ ଦେବ; ତୁମ ଭିତରେ ଯାହାକିଛି ଘଟୁଛି, ତାହାର ଏକ ପ୍ରକୃତ ଚିତ୍ର ତୁମକୁ ଆଣିଦେବ । ତୁମେ ଯେଉଁ ସ୍ଥିତିରେ ରହିଛ, ତୁମ ପରିବେଶଗୁଡ଼ିକ ଯେଉଁ ସ୍ଥିତିରେ ଅଛନ୍ତି, ତାହାର ଏକ ଚିତ୍ର ଦେଇଯିବ ଏବଂ, ସେହିସବୁ ସଙ୍କେତର ସାହାଯ୍ୟରେ ଆପଣାର ରୂପାନ୍ତର ଘଟାଇବା ଲାଗି ଯାହାକିଛି ଆବଶ୍ୟକ, ତୁମେ ସେସବୁକୁ କାର୍ଯ୍ୟକାରୀ କରି ପାରିବ । ମାତ୍ର ସ୍ୱପ୍ନଟି ଦ୍ୱାରାହିଁ ଯେ ତୁମର ରୂପାନ୍ତର ହୋଇଯିବ, ସେକଥା ଆଦୌ ନୁହେଁ ।

ବର୍ତ୍ତମାନ...ସମସ୍ତେ ସର୍ବଦା ସେହି ଏକା କଥାହିଁ କହନ୍ତି...ଜଣେ କ'ଣ କହୁଛି ଓ କ'ଣ କରୁଛି, ଦୁଇଟି ମଧ୍ୟରେ ଅବଶ୍ୟ ଏକ ପାର୍ଥକ୍ୟ ରହିଛି । ଏହି ବାକ୍ୟଟିକୁ ମୁଁ ତୁମମାନଙ୍କ ଆଗରେ ଶହେଥର ବି ପଢ଼ିଦେଇ ପାରିବି । ଏଠାରେ କେତୋଟି ବାକ୍ୟ ରହିଛି...ଏକଥା ମୁଁ ତୁମମାନଙ୍କୁ ଅନେକ ସମୟରେ, ଅନେକ

'oaob.nitrkl.ac.in' images reprocessed

ସମସ୍ତରେ କହୁଛନ୍ତି । ସିଏ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି କଥାଟିକୁ କହୁଛନ୍ତି, ନୁହେଁ ? ଏହି କଥାଗୁଡ଼ିକ କ'ଣ କହିଲି ? (ମାଆ ପୁଣି ପୃଷ୍ଠାଗୁଡ଼ିକୁ ଓଲଟାଇଲେ, ସମ୍ପୃକ୍ତ ବାକ୍ୟଟିକୁ ଖୋଜିବାକୁ ଲାଗିଲେ ।) ମୁଁ ତୁମମାନଙ୍କୁ ସେହି ବାକ୍ୟଟି ଆଉଥରେ କହିଦେବି, ପୁନରାବୃତ୍ତି କରି ଶହେଥର ମଧ୍ୟ କହିପାରିବି; ମାତ୍ର, ତୁମେମାନେ ନିଜେ ଯେପର୍ଯ୍ୟନ୍ତ ଏକ ନିଷ୍ପତ୍ତି ଗ୍ରହଣ ନ କରୁଛ,··· (ହଠାତ୍ ଗୋଟାଏ ଶବ୍ଦ ହେଲା, ଟେପ୍ ରେକର୍ଡର୍ କଡ୍ କରି ଶବ୍ଦ କଲା; ମାଆ ହସିଲେ ଓ ପୁଣି କହିଲେ :) ବର୍ତ୍ତମାନ ଆମେହିଁ ବିଜୁଳିଗୁଡ଼ାକର ସୃଷ୍ଟି କରିବାରେ ଲାଗିଛୁ ! (ସମସ୍ତେ ହସିଲେ) ଏଇଟା କେଉଁଠାରେ ଅଛି କେଜାଣି ? (ଗୋଟିଏ ପିଲାକୁ ଅନାଇ) ତୁମେ ଜାଣିଛ ? (ମାଆ ପୁଣି ପୃଷ୍ଠାଗୁଡ଼ିକୁ ଓଲଟାଇଲେ ଏବଂ ଶେଷରେ ବାକ୍ୟଟିକୁ* ପାଇଲେ ।) ହଁ, ଏଥର ପାଇଲି ।

"ମନ ଆପଣାର ବିଗ୍ରହଗୁଡ଼ିକୁ ଜାବୁଡ଼ିକରି ଧରିଥାଏ !" ମୁଁ ତୁମମାନଙ୍କୁ ଏକଥା କେତେଥର ନ କହିଥିବି ! "ପ୍ରାଣିକ ଆପଣାର ବାସନାଗୁଡ଼ିକରେହିଁ ଅଗ୍ରରୁଚ ରଖିଥାଏ" । ଏବଂ ତା'ପରେ ମନ ପ୍ରାଣିକର ସହାପରାଧୀ ହୋଇ ବାହାରେ ଏବଂ କେତେ ଯୁକ୍ତି ବାହାର କରି ସେହି ବାସନାଗୁଡ଼ିକୁ ସୁରକ୍ଷିତ କରି ରଖିବା ସକାଶେ କୈଫିୟତ୍ ଦେବାରେ ଲାଗିଥାଏ । ସେଗୁଡ଼ିକୁ ଠିକ୍ ବୋଲି କହି କେତେ ବ୍ୟାଖ୍ୟା ମଧ୍ୟ ଦେବାରେ ଲାଗିଥାଏ ଏବଂ ଏହି ସବୁକିଛି କଥା ତା'ପାଇଁ ବି ଉପଯୋଗୀ ହୁଏ । ମୁଁ ଅନେକ ବ୍ୟକ୍ତିଙ୍କୁ ଏପରି କହିବାର ଶୁଣିଛି ଯେ, ବାସନାଗୁଡ଼ିକୁ ଚରିତାର୍ଥ କରିବା ହେଉଛି ସେଗୁଡ଼ିକୁ ମୁକ୍ତ ଲାଭ କରିବାର ସର୍ବୋତ୍ତମ ଉପାୟ । ସେମାନେ ଏହାକୁ ନେଇ ଏକ ସିଦ୍ଧାନ୍ତ କରି ରଖନ୍ତି । ତୁମେ ଆପଣାର ବାସନାଗୁଡ଼ିକୁ ଚରିତାର୍ଥ କରିବାରେ ଲାଗିଥିବ, ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ଅନ୍ୟଗୁଡ଼ିକ ମଧ୍ୟ ଆସି ପହଞ୍ଚି ଯାଉଥିବେ । କାରଣ, ବାସନାଗୁଡ଼ିକର କ୍ଷେତ୍ରରେ—ଗୋଟିଏ ଅପସରି ଯିବାମାତ୍ରକେ ଭାରି ସହଜରେ ତା' ଜାଗାରେ ଆଉଗୋଟିଏ ଆସି ପହଞ୍ଚିଯାଏ; ଏବଂ ତୁମେ ସେହି ନୂତନ ବାସନାଗୁଡ଼ିକୁ ମଧ୍ୟ ଚରିତାର୍ଥ କରିବାକୁ ଆରମ୍ଭ କରିଦିଅ ଏବଂ ମନେମନେ ବିଚାର ରଖିଥାଅ ଯେ

*ଶ୍ରୀଅରବିନ୍ଦ ଲେଖିଥିଲେ ଯେ, ରୂପାନ୍ତରର ପଥରେ ପ୍ରତିବନ୍ଧକ ହୋଇ ଠିଆ ହେଉଥିବା ତିନୋଟି କଥା ମଧ୍ୟରୁ ଗୋଟିଏ ହେଉଛି "ଅହଙ୍କାରିତା — ଯେତେବେଳେ ମନ ଆପଣାର ବିଗ୍ରହଗୁଡ଼ିକୁ ଯାବୁଡ଼ି କରି ଧରିଥାଏ, ଏକ ଯଥାର୍ଥ ସମର୍ପଣ ଅପେକ୍ଷା ପ୍ରାଣିକ ଆପଣାର ବାସନାଗୁଡ଼ିକରେହିଁ ଅଗ୍ରରୁଚ ରଖିଥାଏ ଓ ଭୌତିକ ମଧ୍ୟ ଆପଣାର ଅଭ୍ୟାସଗୁଡ଼ିକ ଛାଡ଼ିବା ଲାଗି ମୋଟେ ସମ୍ମତ ହୁଏ ନାହିଁ ।"

'oaob.nitrkl.ac.in' images reprocessed

ଏହିପରି କରି ତୁମେ ପ୍ରକୃତରେ ବାସନାଗୁଡ଼ିକର କବଳରୁ ମୁକ୍ତ ହେବାକୁ ଯାଉଛ। ସେଥିପାଇଁ ଅନ୍ତତଃ ଶହେଟି ଜନ୍ମ ଦରକାର ପଡ଼ିବ।

ଏବଂ ଶେଷରେ ଏହି ଅଭ୍ୟାସଗୁଡ଼ିକର କଥା। ଏଠାରେ ଗୋଟିଏ ଭାରି ଚମତ୍କାର ବାକ୍ୟାଂଶ ରହିଛି—ମୋତେ ସେଇଟି ଭାରି ଭଲ ଲାଗିଲା। ସେଥିରେ ଶ୍ରୀଅରବିନ୍ଦଙ୍କୁ "ଭୌତିକ ଆପଣାର ଅଭ୍ୟାସଗୁଡ଼ିକୁ ଛାଡ଼ିବା ଲାଗି ମୋଟେ ସମ୍ମତ ହୁଏ ନାହିଁ ର ଅର୍ଥ କ'ଣ ?" ବୋଲି ପଚରା ଯାଇଛି। ଭୌତିକର ସେହି ଅଭ୍ୟାସଗୁଡ଼ିକ ପ୍ରକୃତରେ କ'ଣ, ଯାହାକୁ କି ଫିଙ୍ଗି ବାହାର କରିଦେବାକୁ ହେବ ? ସେଇଟି ହେଉଛି ଖାଦ୍ୟ ଲାଗି ରହିଥିବା ତୁମର ସେହି ଭୟଙ୍କର ଓ ଭୀଷଣ ଅରୁଚିଟି,—ତୁମେ ପିଲାଦିନେ ଯେଉଁ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇ ଯାଇଥିଲ, ତାହାର ବିଷୟରେ ଏକ ଅରୁଚି। ତୁମେ ଯେଉଁ ଦେଶରେ ଜନ୍ମ ହୋଇଛ, ସେହି ଦେଶରେ ତୁମେ ଯେଉଁ ଖାଦ୍ୟ ଖାଉଥିଲ, ତାହାର ପ୍ରତି ରହିଥିବା ତୁମର ଅରୁଚି। ଏଠି ଯେତେବେଳେ ତୁମକୁ ସେହି ଖାଦ୍ୟ ଖାଇବାକୁ ଦିଆଯାଉ ନାହିଁ, ତୁମେ ସତେଅବା ଆଦୌ କିଛି ନ ଖାଇଥିଲା ପରି ଅନୁଭବ କରୁଛ ଏବଂ ଆପଣାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଗଲା ବୋଲି ଭାବୁଛ।

ପ୍ରକୃତ କଥା କ'ଣ ହୋଇଥିବ କେଜାଣି, ମାତ୍ର ମୁଁ ଭାବୁଛି ଯେ, ଆମର ଆଶ୍ରମରେ ଏଠି ହୁଏତ ବାରଜଣ ବ୍ୟକ୍ତି ବି ନାହାନ୍ତି, ଯେଉଁମାନେ କି ଆଶ୍ରମର ଖାଦ୍ୟ ଖାଇ "ଏହି ଖାଦ୍ୟ ଖାଇବାରେ ମୋ'ର ଆଦୌ ଅଭ୍ୟାସ ନାହିଁ, ଏହି ଖାଦ୍ୟ ମୋ' ଦେହରେ ଆଦୌ ଚଳିବ ନାହିଁ" ବୋଲି କହି ନାହାନ୍ତି। ଏବଂ, ଆଶ୍ରମର ଖାଦ୍ୟରେ ରୁଚି ଅନୁଭବ କରୁ ନାହାନ୍ତି ବୋଲି ଆପଣାର ଖାଇବା ନିଜେ ରାନ୍ଧୁଥିବା ବ୍ୟକ୍ତି ଏଠାରେ ଶହଶହ ସଂଖ୍ୟାରେ ନାହାନ୍ତି କି ? (ମାଆ ବହିଟିକୁ ବନ୍ଦ କରି ଟେବୁଲ୍ ତଳକୁ ରଖିଦେଲେ) ଏବଂ ସେମାନେ ପୁଣି ଏହାକୁହିଁ ଉଚିତ ବୋଲି ପ୍ରମାଣ କରିବାକୁ ବି ଚେଷ୍ଟା କରନ୍ତି ! ତେଣୁ, ଏହିପରି ଭାବରେହିଁ ଏହିସବୁ ଖିଆଲ ଆସିବାକୁ ଆରମ୍ଭ କରନ୍ତି ଏବଂ ଲୋକମାନେ କହନ୍ତି, "ଏମିତି ହେଲେ ମୋର ସ୍ୱାସ୍ଥ୍ୟ ଖରାପ ହୋଇଯିବ। ମୁଁ ଏହି ଖାଦ୍ୟକୁ ମୋଟେ ଭଲ କରି ହଜମ କରିପାରୁ ନାହିଁ !" ଏହି ଯାବତୀୟ କଥା କେବଳ ସେମାନଙ୍କର ମୁଣ୍ଡ ଭିତରେହିଁ ରହିଥାଏ। ଏଥିରେ ଏତେଟିକିଏ ହେଲେ ସତ୍ୟ ଆଦୌ ନାହିଁ। ଏତେଟିକିଏ ବି ସତ୍ୟ ନାହିଁ। ଏହା ହେଉଛି ଏକ ଚିରନ୍ତନ ମିଥ୍ୟା-କଥା ଏବଂ ସମସ୍ତେ ତାହାକୁ ଧରିହିଁ ଜୀବନ ବଞ୍ଚୁଥାନ୍ତି। ଏବଂ ଏବିଷୟରେ ମୁଁ ଯାହା ଭାବୁଛି, ସେକଥା ଅବଶ୍ୟ ତୁମମାନଙ୍କୁ କହିବି : ମୁଁ କହିବି ଯେ, ଅନ୍ୟ ଅନେକ ଅନେକ ମନୁଷ୍ୟମାନଙ୍କର ତୁଳନାରେ ତୁମେମାନେ ଏତେଟିକିଏ ବି ଅଧିକ ଅସହାୟ ହୋଇପାରି ନାହଁ।

'oaob.nitrkl.ac.in' images reprocessed

ଯେଉଁ ଅନ୍ଧ, ଅନ୍ଧ, ଅନ୍ଧ ବିରଳ ବ୍ୟକ୍ତିମାନେ ଯେପରି ନୁହନ୍ତି, ସେମାନଙ୍କୁ ମୁଁ ଏକ ବ୍ୟତିକ୍ରମ ବୋଲି ଭାବୁଛି । ସେମାନଙ୍କ ସଂଖ୍ୟାକୁ ତ ଆଙ୍ଗୁଠି ଅଗରେ ବି ଗଣି ଦେଇ ହେବ । ଏବଂ ଅନ୍ୟ ପକ୍ଷରେ ସମସ୍ତେ, ସମସ୍ତେହିଁ ଯୁକ୍ତି ଦେଇ ସେହି କଥାଟି କହିବାରେ ଲାଗିଥାନ୍ତି — "ଆହା, ବିଚ୍ଚରା ମୋ'ର ଏହି ପିଲାଗୁଡ଼ିକ ! ସେମାନେ କେବେହେଲେ ଏପରି ଖାଦ୍ୟ ଖାଇ ନାହାନ୍ତି । ଆମେ ଏଠାରେ ଚଳିବୁ ପୁଣି କପରି ? ଏଠି ଅନ୍ୟ ପ୍ରକାରର ଖାଦ୍ୟ ଖାଇ ସେମାନେ କଦାପି ବଞ୍ଚିରହି ପାରିବେ ନାହିଁ ।" ମାତ୍ର ସେଥିଲାଗି ମୋ ପାଖରେ ଗୋଟିଏ ପ୍ରତିକାରକ ରହିଛି । ତୁମେ ଗୋଟିଏ ଜାହାଜରେ ଅଥବା ରେଲଗାଡ଼ିରେ ଏକାଧିକ ବାର ପୃଥିବୀଯାକ ବୁଲିଆସ, ତୁମେ ପ୍ରତ୍ୟେକ ଦେଶରେ ସେହି ଦେଶର ଖାଦ୍ୟ ଖାଇବାକୁ ଅବଶ୍ୟ ବାଧ୍ୟ ହେବ; ଏବଂ ଏକାଧିକ ଥର ପାଇଁ ଏହିପରି କରିସାରିବା ପରେ ତୁମେ ନିଶ୍ଚୟ ଆପଣାର ନିର୍ବୋଧତାଟିକୁ ବୁଝିପାରିବ । ...ଏହା ପ୍ରକୃତରେ ଏକ ନିର୍ବୋଧତା । ଏହା ହେଉଛି ଏକ ଭୟଙ୍କର ତାମସିକତା । ଏହି କ୍ଷେତ୍ରରେ ବ୍ୟକ୍ତି ଏହିପରି ଭାବରେ (ମାଆ ହସ୍ତସଞ୍ଚାଳନ କରି ଦର୍ଶାଇଦେଲେ) ବାନ୍ଧି ହୋଇ ରହିଥାଏ । ଆପଣାର ଖାଦ୍ୟବିଷୟକ ଅଭ୍ୟାସଗୁଡ଼ାକରେ ବାନ୍ଧି ହୋଇ ରହିଥାଏ ।

ମୋ' ମନରେ ଏବିଷୟରେ ଯାହା ଥିଲା ମୁଁ କହିଦେଲି । ଏଥର ତୁମେମାନେ ଇଚ୍ଛା କଲେ ମୋତେ ପ୍ରଶ୍ନ ପଚାରିପାର ।

(ମାଆ ନୀରବ ରହିଲେ)

କେହି କିଛି ପଚାରିବେ ନାହିଁ ?

> ମାଆ, 'ପ୍ରାର୍ଥନା ଓ ଧ୍ୟାନମାଳା' ରେ ଆପଣ କହିଛନ୍ତି : "ଯାହା ଘଟିବାର ତାହା ଅବଶ୍ୟ ଘଟିବ ।" ତେବେ ଆମେ ବ୍ୟକ୍ତିଗତ ଭାବରେ କୌଣସି ଚେଷ୍ଟା କରିବା କାହିଁକି ?

"ଯାହା ଘଟିବାର ତାହା ଅବଶ୍ୟ ଘଟିବ ?" ମୁଁ କି ଅର୍ଥରେ ସେକଥା କହିଥିଲି ତୁମେ ଜାଣିଛ ?—ମୁଁ କହିଥିଲି ଯେ, ଏହି ପୃଥିବୀର ଆରମ୍ଭକାଳରୁ କେତେକେତେ ଭବିଷ୍ୟବାଣୀ କରାଯାଇଛି ଯେ ଏକ ନୂତନ ପୃଥିବୀ ଓ ନୂତନ ମନୁଷ୍ୟଜାତି ଜନ୍ମଗ୍ରହଣ କରିବ ଏବଂ ଧରାପୃଷ୍ଠରେ ଦିବ୍ୟ ପରମସତ୍ତାଙ୍କର ପ୍ରକାଶ ଘଟିବ : ଏବଂ ତେଣୁ ମୁଁ ତୁମମାନଙ୍କୁ କହୁଛି, ଯାହା ଘଟିବାର ତାହା ଅବଶ୍ୟ ଘଟିବ; ଯାହା ଘଟିବ ବୋଲି ଭବିଷ୍ୟବାଣୀ ହୋଇଛି, ତାହା ନିଶ୍ଚୟ ଘଟିବ ।

'oaob.nitrkl.ac.in' images reprocessed

ଏଥର ବୁଝିଲ ? ଏହାକୁ ଆଦୌ ଏକ କ୍ଷୁଦ୍ର ସ୍ତୁଶଗ୍ରସ୍ତ ମାମୁଲି ଏହି ପାର୍ଥିବ ଭୂମିର ବ୍ୟାଖ୍ୟା ବୋଲି ଗ୍ରହଣ କରିବ ନାହିଁ । ମୋଟେ ସେପରି ଗ୍ରହଣ କରିବ ନାହିଁ ।

(କିଛିକ୍ଷଣ ନୀରବ ରହି) ଆଉ କାହାର କିଛି ପଚାରିବାକୁ ନାହିଁ ? ତେବେ କ'ଣ ଗୋଟାଏ ମାଡ଼ରେ ମୁଁ ତୁମମାନଙ୍କର ଯାବତୀୟ ପ୍ରଶ୍ନର ମୁହଁ ବନ୍ଦ କରିଦେଇଛି ? (ସମସ୍ତେ ହସିଲେ)

ମାଆ, ଯେଉଁମାନେ ଏହି ଭବିଷ୍ୟବାଣୀଟିକୁ କରିଛନ୍ତି, ସେମାନେ କ'ଣ, ସେମାନେ କ'ଣ···

ସେହିମାନେହିଁ ଏହାକୁ ବାସ୍ତବରେ ପରିଣତ କରିବେ । ଯେଉଁମାନେ ଭବିଷ୍ୟବାଣୀ କରିଛନ୍ତି, ସେହିମାନେ ବାସ୍ତବରେ ପରିଣତ କରିବେ ଏବଂ ସେମାନେ ଶତାବ୍ଦୀ ଶତାବ୍ଦୀ ଧରି ସେହି ସକାଶେହିଁ କାର୍ଯ୍ୟ କରି ଆସୁଛନ୍ତି । ସେଇଠୁ କ'ଣ ହେଲା ?

କିନ୍ତୁ ମୁଁ କହିବାକୁ ଚାହୁଁଥିଲି, ଶ୍ରୀଅରବିନ୍ଦଙ୍କର ଯେପରି ଦୃଷ୍ଟି ଥିଲା, ସେମାନଙ୍କର ବି କ'ଣ ଠିକ୍ ସେହିପରି ଦୃଷ୍ଟି ରହିଥିଲା ? ସେମାନେ ବି କ'ଣ ଅତିମାନସ ବିଷୟରେ···

ଯାହା କହିଲି ତୁମେ ଯଦି ସେକଥା ବୁଝି ପାରିଥାନ୍ତ, ତେବେ ଏହି ପ୍ରଶ୍ନଟିକୁ ପଚାରି ନ ଥାନ୍ତ !

ସରିଲା ? ଆମେ ତ ଗଛତଳେ ବସିଛୁ,—ଆମ ଉପରେ ବର୍ଷା ପଡ଼ୁ ନାହିଁ । ବେଶ୍ ଆରାମଦାୟକ ଲାଗୁଛି । ଏହା କିଛି ଜାଣିବା ଲାଗି ତୁମର ବାସନାକୁ ଆଦୌ ଜାଗ୍ରତ କରିଆଣୁ ନାହିଁ, ନୁହେଁ ? ନା ଆଉଥରେ ଦାବନ ଖାଇବ ବୋଲି ତୁମମାନଙ୍କର ଭୟ ହେଉଛି ? (ସମସ୍ତେ ହସିଲେ)

ଚୈତ୍ୟସତ୍ତା କି କାର୍ଯ୍ୟ କରେ ?

ଚୈତ୍ୟସତ୍ତା କି କାର୍ଯ୍ୟ କରେ ? ତାହା କିଛି କାର୍ଯ୍ୟ ଅବଶ୍ୟ କରୁ ବୋଲି ତୁମେ ଇଚ୍ଛା କରୁଛ ? ତୁମେ ପ୍ରକୃତରେ ଠିକ୍ କ'ଣ କହିବାକୁ ଚାହଁ ? ତାହାର କାର୍ଯ୍ୟ କ'ଣ ବୋଲି ପଚାରିବାକୁ ଚାହଁ ? ଆଚ୍ଛା,— ସେହି କଥାଟିର ଏପରି ଉତ୍ତର ଦେଇହେବ,—ଏହା ହେଉଛି ଗୋଟିଏ ଇଲେକ୍‌ଟ୍ରିକ୍ ତାର ଯାହାକି ଜେନେରେଟର୍ ସହିତ ବଲ୍‌ବଟିକୁ ସଲଗ୍ନ କରି ରଖିଛି । ଆଚ୍ଛା, ଯଦି କେହି ବୁଝିପାରିଲ, ତେବେ ମୁଁ ଯାହା କହିଲି ବୁଝାଇ କହିଦିଅ ।

'oaob.nitrkl.ac.in' images reprocessed

ଜେନେରେଟର୍ କ'ଣ ଆଉ ବନ୍ତି କ'ଣ ? (ସମସ୍ତେ ହସିଲେ)

ହଁ, ବୁଝିଲି । ତେବେ, ଜେନେରେଟର୍ କ'ଣ ଆଉ ବଲ୍‌ବଟା ବା କ'ଣ ? ଏଇଟି ଠିକ୍ ଏହିପରି କଥା । ଜେନେରେଟର କ'ଣ ଆଉ ବଲ୍‌ବଟା କ'ଣ ? ବା, ଜେନେରେଟର୍ କିଏ ଆଉ ବଲ୍ବ କିଏ ?—ବରଂ ଏପରି କହିଲେ ଅଧିକ ଠିକ୍ ହେବ ।

ଦିବ୍ୟ ପରମସତ୍ତା ହେଉଛନ୍ତି ଜେନେରେଟର୍ ଏବଂ ଶରୀର ହେଉଛି ବନ୍ତି ।

ହଁ, ଶରୀର, ଏହି ଦୃଶ୍ୟମାନ ଶରୀର ।

ତେଣୁ, ତାହାହିଁ ହେଉଛି ତା'ର କାର୍ଯ୍ୟ । ଏହାର ଅର୍ଥ ହେଉଛି ଯେ, ଯଦି ଜଡ଼ ଭିତରେ କୌଣସି ଚୈତ୍ୟ ନିହିତ ହୋଇ ରହି ନ ଥାନ୍ତା, ତେବେ ଜଡ଼ ଦିବ୍ୟ ପରମସତ୍ତାଙ୍କ ସହିତ ଆଉ କୌଣସି ସିଧା ସମ୍ପର୍କ ସ୍ଥାପନ କରିପାରନ୍ତା ନାହିଁ । ସୁଖର କଥା, ଜଡ଼ ମଧ୍ୟରେ ଏହି ଚୈତ୍ୟ ଉପସ୍ଥିତ ରହିଛି ବୋଲି ଜଡ଼ ଏବଂ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ସିଧା ସମ୍ପର୍କ ସମ୍ଭବ ହୋଇପାରୁଛି ଏବଂ ତେଣୁ ମନୁଷ୍ୟମାନଙ୍କୁ ପ୍ରତ୍ୟେକଙ୍କୁ "ତୁମେ ଦିବ୍ୟ ପରମସତ୍ତାଙ୍କୁ ନିଜ ଭିତରେ ବହନ କରୁଛ ଏବଂ ତେଣୁ ନିଜ ଭିତରକୁ ପ୍ରବେଶ କରିପାରିଲେହିଁ ତୁମେ ସେହି ଦିବ୍ୟ ପରମସତ୍ତାଙ୍କର ଦର୍ଶନ ଲାଭ କରିପାରିବ" ବୋଲି କୁହାଯାଇ ପାରୁଛି । ଏଇଟି ହେଉଛି ମନୁଷ୍ୟସତ୍ତାର କ୍ଷେତ୍ରରେ ବା, ଅଧିକ ଯଥାର୍ଥ ଭାବରେ କହିଲେ, ଏହି ପୃଥିବୀର ଅଧିବାସୀମାନଙ୍କ କ୍ଷେତ୍ରରେ ଏକ ବିଶେଷ ଘଟଣା । ମନୁଷ୍ୟସତ୍ତା ମଧ୍ୟରେ ଚୈତ୍ୟ ଅଧିକ ସଚେତନ ହୋଇପାରୁଛି, ଅଧିକ ଆକାରବିଶିଷ୍ଟ ଓ ପରିପକ୍ୱ ହୋଇପାରୁଛି; ଅଧିକ ସଚେତନ ଏବଂ ଅଧିକ ସ୍ୱତନ୍ତ୍ର ବି ହୋଇପାରୁଛି । ମନୁଷ୍ୟସତ୍ତା ମଧ୍ୟରେ ତାହା ଏକ ବ୍ୟକ୍ତି ଆକୃତିର ଧାରଣ କରୁଛି । ମାତ୍ର ଏହା ହେଉଛି ଏହି ପାର୍ଥିବ କ୍ଷେତ୍ରର ଏକ ବିଶେଷତ୍ୱ । ଏଠାରେ ଏହା ଏକ ବିଶେଷତାକୁ ବହନ କରି ପରିତ୍ରାଣକାରୀ ଭାବରେ ସବୁଠାରୁ ଅଧିକ ଅଚେତନ ଏବଂ ଅସ୍ପଷ୍ଟ ହୋଇ ରହିଥିବା ଜଡ଼ ମଧ୍ୟରେ ପ୍ରତ୍ୟକ୍ଷ ପ୍ରବେଶ କରୁଛି, ଯେପରିକି ତାହା ଏକ ସୋପାନକ୍ରମରେ ସେହି ଦିବ୍ୟ ପରମଚେତନା, ଦିବ୍ୟ ପରମ ଉପସ୍ଥିତି ଏବଂ ପରିଶେଷରେ ସ୍ୱୟଂ ଦିବ୍ୟ ପରମସତ୍ତାଙ୍କ ମଧ୍ୟକୁ ଜାଗ୍ରତ ହୋଇଉଠି ପାରିବ । ଏହି ଚୈତ୍ୟ ଉପାଦାନର ଉପସ୍ଥିତିହିଁ ମନୁଷ୍ୟକୁ ଏକ ବିଶେଷତାଯୁକ୍ତ ସତ୍ତାରେ ପରିଣତ କରି ରଖିଛି—ମନୁଷ୍ୟକୁ ଉଦ୍ଦେଶ୍ୟ କରି ମୁଁ ଏହି କଥାଟିକୁ ଅତି ଅଧିକ ଭାବରେ ଆଦୌ କହିବାକୁ ଇଚ୍ଛାକରୁ ନାହିଁ, କାରଣ ମନୁଷ୍ୟ ତ ଏବେ ଆପଣା

'oaob.nitrkl.ac.in' images reprocessed

ବିଷୟରେ କେତେକ'ଣ ଭାବିବାକୁ ଆରମ୍ଭ କଲଣି; ଆପଣା ବିଷୟରେ ତା'ର ଏପରି ଏକ ଉଚ୍ଚ ମତ ରହିଛି ଯେ, ତାକୁ ଆଉ ଅଧିକ ଉତ୍ସାହିତ କରି କହିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ମାତ୍ର ତଥାପି, ଏହା ହେଉଛି ପ୍ରକୃତରେ ଏକ ସତ କଥା,—ଏହା ଏତେଦୂର ସତ୍ୟ ଯେ, ବିଶ୍ୱବ୍ରହ୍ମାଣ୍ଡର ଅନ୍ୟ ନାନା ଲୋକରେ ବାସ କରୁଥିବା ସତ୍ତ୍ୱମାନେ, ଲୋକମାନେ ସେମାନଙ୍କୁ ଉପଦେବତା ଓ ଏପରିକ ଦେବତା ବୋଲି ମଧ୍ୟ କହିଥାନ୍ତି ଏବଂ ଶ୍ରୀଅରବିନ୍ଦ ସେମାନଙ୍କୁ ଅଧିମାନସ ସ୍ତରର ବୋଲି କହିଛନ୍ତି,—ସେମାନେ ମଧ୍ୟ ଚୈତ୍ୟର ଅନୁଭୂତି ଲାଭ କରିବେ ବୋଲି ଧରିତ୍ରୀପୃଷ୍ଠରେ ଏକ ଭୌତିକ ଶରୀର ଲାଭ କରିବା ପାଇଁ ଉତ୍ସୁକ ହୋଇ ରହିଥାନ୍ତି । କାରଣ ସେମାନଙ୍କର ଚୈତ୍ୟ ସତ୍ତ୍ୱା ବୋଲି କିଛି ନ ଥାଏ । ଏହିସବୁ ସତ୍ତ୍ୱା ଅବଶ୍ୟ ଏପରି ଅନେକ ଗୁଣର ଅଧିକାରୀ ହୋଇ ରହିଥାନ୍ତି, ଯାହାକି ମନୁଷ୍ୟମାନଙ୍କଠାରେ ନ ଥାଏ, ମାତ୍ର ସେମାନଙ୍କଠାରେ ଏହି ଦିବ୍ୟ ଉପସ୍ଥିତି ମୋଟେ ନ ଥାଏ । ଏହି ଦିବ୍ୟ ଉପସ୍ଥିତି ଏକ ସମ୍ପୂର୍ଣ୍ଣ ବିଶେଷ ଗୁଣ ଏବଂ କେବଳ ଏହି ପୃଥିବୀ ବ୍ୟତୀତ ଆଉ କେଉଁଠି ହେଲେ ଏହାର ଅସ୍ତିତ୍ୱ ନାହିଁ । ଉଚ୍ଚତର ମନ, ଅଧିମାନସ ଓ ତତ୍ତ୍ୱର୍ଦ୍ଧ୍ୱ ଅନ୍ୟ ଉଚ୍ଚତର ଲୋକଗୁଡ଼ିକରେ ବାସ କରୁଥିବା ଅଧିବାସୀମାନଙ୍କର କୌଣସି ଚୈତ୍ୟସତ୍ତ୍ୱା ନାହିଁ । ଅବଶ୍ୟ ଏକଥା ସତ ଯେ, ପ୍ରାଣିକ ଲୋକଗୁଡ଼ିକର ସତ୍ତ୍ୱମାନଙ୍କର ମଧ୍ୟ କୌଣସି ଚୈତ୍ୟସତ୍ତ୍ୱା ନାହିଁ । ମାତ୍ର ସେଥିଲାଗି ସେମାନଙ୍କର କୌଣସି ଶୋଚନା ମଧ୍ୟ ନାହିଁ, ସେମାନେ କେବେହେଲେ ଚୈତ୍ୟସତ୍ତ୍ୱା ଲାଗି କୌଣସି ଅଭିଲାଷ କରନ୍ତି ନାହିଁ । ସେମାନଙ୍କ ମଧ୍ୟରେ ଅତି ବିରଳ ଭାବରେ ବ୍ୟତିକ୍ରମ ହୋଇ ମାତ୍ର କେତୋଟି ରହିଥାନ୍ତି, ଯେଉଁମାନେ କି ଦୀକ୍ଷିତ ହେବାକୁ ଇଚ୍ଛା କରୁଥାନ୍ତି ଏବଂ ସେଥିଲାଗି ସେମାନେ ଆଦୌ କୌଣସି କାଳବିଳମ୍ବ ନ କରି ଆପଣାକୁ କ୍ରିୟାଶୀଳ କରନ୍ତି ଓ ସଙ୍ଗେସଙ୍ଗେ ଏକ ଭୌତିକ ଶରୀର ଧାରଣ କରନ୍ତି । ଅନ୍ୟମାନେ ସେଥିଲାଗି ଇଚ୍ଛାହିଁ କରନ୍ତି ନାହିଁ । ସେମାନେ ଏହାକୁ ଏକ ବନ୍ଧନ ବୋଲି ମନେ କରନ୍ତି, ସେମାନେ ଆଦୌ ଇଚ୍ଛା କରୁ ନ ଥିବା ଏକ ବିଧାନ ଭିତରେ ସେମାନଙ୍କୁ ଆୟତ୍ତାଧୀନ କରି ରଖିବାକୁ ଇଚ୍ଛା କରୁଥିବା ଏକ ବସ୍ତୁ ବୋଲି ମନେ କରୁଥାନ୍ତି ।

ମାତ୍ର ବାସ୍ତବରେ ଏହି କଥାହିଁ ଘଟିଥାଏ, ତେଣୁ ମୁଁ ବାଧ୍ୟ ହୋଇ ଏହା ଠିକ୍ ଏହିପରି ବୋଲିହିଁ କହୁଛି । ମୁଁ କହୁଛି ଯେ, ଆପଣା ଭିତରେ ଚୈତ୍ୟ-ସତ୍ତ୍ୱାକୁ ବହନ କରିବା, —ଏହା ହେଉଛି କେବଳ ମନୁଷ୍ୟରହିଁ ଏକ ବିଶେଷ ଗୁଣ, ମାତ୍ର ସତ କଥା କହିବାକୁ ଗଲେ, ସିଏ ଏହି ବିଶେଷତ୍ୱଟିର ମୋଟେ ପୂର୍ଣ୍ଣ ସୁଯୋଗ ଗ୍ରହଣ କରି ନ ଥାଏ । ଏହି ଗୁଣଟିକୁ ସିଏ କଦାପି ଅତ୍ୟନ୍ତ, ଅତ୍ୟନ୍ତ କାମ୍ୟ ଏକ ବସ୍ତୁ ବୋଲି ବିଚାର କରେ ନାହିଁ; ଏହି ଉପସ୍ଥିତିଟି ପ୍ରତି ସେ ଯେଉଁ ଆଚରଣ

'oaob.nitrkl.ac.in' images reprocessed

ଦେଖାଏ, ସେଥିରୁ ଠିକ୍ ତାହାହିଁ ବୋଧ ହୋଇଥାଏ ! ଏଇଟିଠାରୁ ଆପଣାର ମାନସିକ ଧାରଣାଗୁଡ଼ାକୁ ମନୁଷ୍ୟ ଅଧିକ କାମ୍ୟ ବୋଲି ମନେ କରେ, ଆପଣାର ପ୍ରାଣସତ୍ତ୍ୱଗତ ବାସନାଗୁଡ଼ାକୁ ଏବଂ ଭୌତିକ ସ୍ତରର ଅଭ୍ୟାସଗୁଡ଼ିକୁ ଅଧିକ କାମ୍ୟ ବୋଲି ମନେ କରେ ।

ତୁମମାନଙ୍କ ମଧ୍ୟରୁ କେତେଜଣ ବାଇବେଲ୍ ପଢ଼ିଛ, ମୁଁ ସେକଥା ଜାଣି ନାହିଁ; ତାହାକୁ ପଢ଼ିଲା ବେଳେ ଆଦୌ ଆକର୍ଷକ ମନେ ହୁଏ ନାହିଁ; ପୁଣି ସେଇଟା ଏତେବଡ଼ ଗୋଟାଏ ଗ୍ରନ୍ଥ, — ମାତ୍ର ତଥାପି ସେଥିରେ ଏପରି ଗୋଟିଏ ଗପ ରହିଛି, ଯାହାକି ମୋତେ ପିଲାବେଳେ ଖୁବ ଭଲ ଲାଗିଛି । ମୋର ଯେତେ ଦୂର ମନେ ଅଛି, ଏକଦା ଦୁଇଭାଇ ଥିଲେ, ଜଣେ ଏସାଉ ଓ ଆଉ ଜଣେ ଜାକବ୍ । ଥରେ ଏସାଉକୁ ଖୁବ ଭୋକ କଲା, — ଗପରେ ସେଇପରି ଅଛି ନା ? ମୋର ମନେ ହେଉଛି, ଏସାଉ ଜଣେ ଶିକାରୀ ଥିଲା ବା ସେହିପରି ଆଉ କ'ଣ ଗୋଟାଏ ଥିଲା । ଗପରେ ଏହିପରି ଲେଖା ହୋଇଛି । ଘନେ ଘରକୁ ଫେରିବା ବେଳକୁ ତାକୁ ଖୁବ ଭୋକ କରୁଥାଏ । ସେ ଆସି ଜାକବ୍‌କୁ କହିଲା, "ମୋତେ ଖୁବ ଭୋକ କରୁଛି ।" ତାକୁ ଏତେବେଶୀ ଭୋକ କରୁଥିଲା ଯେ ସିଏ ଜାକବ୍‌କୁ କହିଲା, "ଶୁଣ, ତୁ ଯାହା ରାନ୍ଧିଛୁ (ଜାକବ୍ କିଛି ଝୋଳ ତରକାରି ରାନ୍ଧି ରଖିଥିଲା), ଯଦି ମୋତେ ତୁ ସେତକ ଦେବୁ, ତେବେ ମୁଁ ତୋତେ ମୋର ଜନ୍ମଗତ ଅଧିକାରକୁ ଦେଇଦେବି । ଏହି କାହାଣୀଟିକୁ ଆମେ ଇଚ୍ଛା କଲେ କେବଳ ଉପର ଅର୍ଥରେ ବି ବୁଝିପାରିବା ସତ, ମାତ୍ର ଏହାର ଏକ ଅତ୍ୟନ୍ତ ଗଭୀର ଅର୍ଥ ମଧ୍ୟ ରହିଛି । ଏଠାରେ ଜନ୍ମଗତ ଅଧିକାର କହିଲେ ଈଶ୍ୱରଙ୍କର ସନ୍ତାନ ହେବାର ଅଧିକାରକୁ ବୁଝାଉଛି । ଅର୍ଥାତ୍, ଖୁବ ଭୋକ କରୁଥିଲା ବୋଲି ସିଏ ଆପଣାର ଦିବ୍ୟ ଅଧିକାରକୁ ମଧ୍ୟ ଦେବା ଲାଗି ପ୍ରସ୍ତୁତ ହୋଇଯାଇଥିଲା, — ଏକ ଅତ୍ୟନ୍ତ ସ୍ଥୂଳ, ଭୌତିକ ପଦାର୍ଥ ଅର୍ଥାତ୍ ଖାଦ୍ୟ ଲାଗି ସିଏ ଏପରି ପ୍ରସ୍ତୁତ ହୋଇଯାଇଥିଲା । ଏଇଟା ଏକ ପୁରାତନ କାଳର ଗପ, ତଥାପି ଏଥିରେ ଏକ ଶାଶ୍ୱତ ସତକଥା ନିହିତ ହୋଇ ରହିଛି ।

ଆଉକିଛି ପଗ୍ଭର ।

> ମାଆ, ଆଶ୍ରମ ତ ଏଠାରେ କେଉଁଦିନୁ ହେଲାଣି; ମାତ୍ର ଆପଣ କହୁଛନ୍ତି ଯେ, ଯେଉଁ ବ୍ୟକ୍ତିମାନେ ପ୍ରକୃତରେ କିଛି କରିଛନ୍ତି, ଆପଣ ସେମାନଙ୍କୁ ଆଙ୍ଗୁଠି ଅଗରେ ଗଣିଦେଇ ପାରିବେ ।···

ନାହିଁ ନାହିଁ, ମୁଁ ସେକଥା କହି ନ ଥିଲି । (ସମସ୍ତେ ହସିଲେ) ମୁଁ କେବଳ ଖାଦ୍ୟ ବିଷୟରେ କହୁଥିଲି । ମୁଁ ସେହିମାନଙ୍କ କଥା କହୁଥିଲି, ଯେଉଁମାନେ କ

'oaob.nitrkl.ac.in' images reprocessed

ଏଠାକୁ ଆସିଛନ୍ତି ମାତ୍ର କିଛି ଆରମ୍ଭ କରି ନାହାନ୍ତି । ବୁଝିଲ ତ,—ଯେଉଁମାନେ କିଛି···ସେହି କଥାଟି ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ । ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ ଏଠାକୁ ଆସନ୍ତି—ସେମାନଙ୍କ ଭିତରେ ସଦିଚ୍ଛା ପୂର୍ଣ୍ଣ ହୋଇ ରହିଥାଏ, ପୁଣି—ମୋର ମନେ ହେଉଛି ମୁଁ ଏହି ବିଷୟରେ ବୁଲେଟିନ୍‌ରେ ମଧ୍ୟ କେଉଁଠି ଲେଖିଛି—ସେମାନଙ୍କର ସେହି ଶୁଭେଚ୍ଛା ଏପରି ଭାବରେ କୂଳ ଉଛୁଳାଇ ଦେବାପରି ହୋଇ ରହିଥାଏ ଯେ, ସେମାନେ ପହଞ୍ଚିବା ସମୟରେ ସେମାନଙ୍କୁ ଏଠାରେ ସବୁକିଛି ଆଦର୍ଶସ୍ଥାନୀୟ ହୋଇ ରହିଥିବା ପରି ଲାଗେ, ଖାଦ୍ୟ ମଧ୍ୟ ଆଦର୍ଶ ସ୍ଥାନୀୟ ହୋଇ ରହିଥିବା ପରି ଲାଗୁଥାଏ । ଆପଣାର ଚୈତ୍ୟ ଚେତନାରେ ରହିଥିବା ପର୍ଯ୍ୟନ୍ତ ସେମାନେ ଏଠାକାର ଖାଦ୍ୟକୁ ଭାରି ଭଲ ବୋଲି ଅନୁଭବ କରୁଥାନ୍ତି । ମାତ୍ର ଯେଉଁଟି ଯେତେବେଳେ ତଳକୁ ଖସିବାକୁ ଆରମ୍ଭ କରେ, ସେତେବେଳେ ସେମାନଙ୍କର ପୁରାତନ ଅଭ୍ୟାସଗୁଡ଼ାକ ପୁଣି ଉପରକୁ ଉଠିବାକୁ ଆରମ୍ଭ କରନ୍ତି । ବୁଝି ପାରୁଛ ତ, — ଯେତେବେଳେ ଚୈତ୍ୟ ଚେତନା ତଳକୁ ଖସିଆସେ, ସେତେବେଳେ ପୁରୁଣା ଅଭ୍ୟାସଗୁଡ଼ିକ ପୁଣି ଉପରକୁ ଉଠି ଆପଣାର ପୂର୍ବ ସ୍ଥାନଗୁଡ଼ିକୁ ଅଧିକାର କରିବାକୁ ଆରମ୍ଭ କରନ୍ତି । ଏବଂ, ସେମାନେ ସେତେବେଳେ କହନ୍ତି : "ଭାରି ଆଶ୍ଚର୍ଯ୍ୟ କଥା ତ ! ଆଗରୁ ତ କେଡ଼େ ଭଲ ଲାଗୁଥିଲା, କିନ୍ତୁ ବର୍ତ୍ତମାନ ଆଉ ମୋତେ ଭଲ ଲାଗୁ ନାହିଁ; ଏହି ଖାଦ୍ୟ ବର୍ତ୍ତମାନ ଭାରି ଖରାପ ହୋଇ ଗଲାଣି ।" ଏଇଟିକୁ ଆମେ ଏକ ମଧ୍ୟବର୍ତ୍ତୀ ସମୟ ବୋଲି କହିବା, ଏବଂ ପରେ, କିଛିଦିନ ଉତ୍ତାରୁ, ଆପଣା ଆପଣାର ସ୍ୱଭାବ ଅନୁସାରେ ଅଳ୍ପବହୁତ ସଳଜ୍ଜ ଭାବରେ ସେମାନେ କହନ୍ତି (ମାଆ ଫୁସ୍‌ଫୁସ୍ କରି କହିବାପରି କହିଲେ), "ନିଜ ପାଇଁ କିଛି ଅଲଗା ଖାଦ୍ୟ ପ୍ରସ୍ତୁତ କଲେ କିପରି ହୁଅନ୍ତା ? କାରଣ··· କେଜାଣି କାହିଁକି ମୋ'ର ପାକସ୍ଥଳୀ ଏହି ଖାଦ୍ୟକୁ ଆଦୌ ହଜମ କରିପାରୁ ନାହିଁ !" (ସମସ୍ତେ ହସିଲେ) ହଁ, ମୋର କହିବା କଥା ଯେ, ଆଶ୍ରମରେ ବାସ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ,—ମୁଁ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ କରି କହିପାରୁ ନାହିଁ—ମାତ୍ର ଏଠାରେ ଏପରି ଅତ୍ୟନ୍ତ, ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତି ରହିଛନ୍ତି, ଯେଉଁମାନେ କ ସେଭଳି କରି ନାହାନ୍ତି । ଏବଂ ଯେଉଁମାନେ ଆପଣାକୁ "ମୋ ପାଖରେ ଏସବୁର ଆଦୌ କୌଣସି ଫରକ ନାହିଁ, ମୋତେ ଯାହା ଦିଆଯାଉଛି, ମୁଁ ତାହାକୁହିଁ ଖାଉଛି—ଏବଂ ସେବିଷୟରେ ମୋ ମନରେ କୌଣସି କ୍ଷୋଭ ନାହିଁ" ବୋଲି କହିପାରୁଛନ୍ତି, ସେମାନଙ୍କର ସଂଖ୍ୟାକୁ ପ୍ରକୃତରେ ଆଙ୍ଗୁଠି ଅଗରେ ଗଣିକରି କହିଦେଇ ହେବ ।

ଏହି ବିଷୟଟି ଉପରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଷ୍ଟିପାତ କରିପାରିବାକୁ ହେବ, କାରଣ କେତେକ ଲୋକ ମୋତେ କିଛି କହିବାକୁ ସାହସ କରନ୍ତି ନାହିଁ,

'oaob.nitrkl.ac.in' images reprocessed

କେବଳ କିଛିଟା ଅସୁସ୍ଥ ହୋଇ ନ ପଡ଼ିବା ପର୍ଯ୍ୟନ୍ତ କିଂବା ସେମାନଙ୍କର ପେଟ କ'ଣ ହେବା ପର୍ଯ୍ୟନ୍ତ ବା ପେଟ କ'ଣ ହେଉଛି ବୋଲି ଭାବି ଡାକ୍ତରଙ୍କ ପାଖକୁ ନ ଯିବା ପର୍ଯ୍ୟନ୍ତ ଅନେକ ବ୍ୟକ୍ତି ଆଦୌ କିଛି କହିବାକୁ ସାହସ କରନ୍ତି ନାହିଁ । ଡାକ୍ତର ସେମାନଙ୍କୁ କହନ୍ତି, "ଏଇଟା ବା ସେଇଟା ଖାଆନ୍ତୁ, ହୁଏତ ଭଲ ହୋଇଯିବ"—ସେମାନେ ଯେଉଁସବୁ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ଥିଲେ, ସେମାନେ ଠିକ୍ ସେହିଗୁଡ଼ିକୁ ଖାଇବା ଲାଗି ପରାମର୍ଶ ଦିଅନ୍ତି । ଡାକ୍ତର ସେମାନଙ୍କୁ ଏହିକଥା ପଚାରିବାକୁ ଆରମ୍ଭ କରନ୍ତି, "ଆଗରୁ ଆପଣ କ'ଣସବୁ ଖାଉଥିଲେ କହିଲେ ?" (ସମସ୍ତେ ହସିଲେ) "ଆପଣ କ'ଣ ଏହି ପଦାର୍ଥଟିକୁ ଖାଉ ନ ଥିଲେ ?" (ସମସ୍ତେ ହସିଲେ) ସବୁ ଠିକ୍ ଏହିପରି ଭାବରେ ହୁଏ । ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ସେମାନେ ତତ୍‌କ୍ଷଣାତ୍ ଉତ୍ତର ଦିଅନ୍ତି, "ହଁ, ହଁ, ମୁଁ ଭାବୁଛି ତାହାହିଁ ଖାଇଲେ ମୋ'ର ପ୍ରକୃତରେ ଉପକାର ହେବ !" (ସମସ୍ତେ ହସିଲେ)

ତେବେ ? (ମାଆ ପ୍ରଶ୍ନ କରିଥିବା ପିଲାଟି ଆଡ଼କୁ ଅନାଇଲେ)

ମୁଁ କହୁଥିଲି, ତେବେ ସବୁଯାକ ଚେଷ୍ଟାକୁ କ'ଣ କେବଳ ବ୍ୟର୍ଥ ବୋଲି ଜାଣିବାକୁ ହେବ ?

ନା — ମୁଁ ସେପରି ମୋଟେ ଭାବୁ ନାହିଁ । ଖାଦ୍ୟର ପ୍ରଶ୍ନଟି କେବଳ ଗୋଟିଏ ମାତ୍ର ପ୍ରଶ୍ନ । ଏହାକୁ ମୁଁ ଆଦୌ ଏକ ଅପ୍ରଧାନ ପ୍ରଶ୍ନ ବୋଲି କହିବି ନାହିଁ, କାରଣ ଏଥିରୁ ଆହୁରି ଅନେକ କିଛିର ସୂଚନା ମିଳିଯାଉଛି । ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ···ଆମର ସ୍ଥୂଳତମ ଚେତନାଟି ସହିତ ଏହାର ସମ୍ବନ୍ଧ ରହିଛି, ଏବଂ ସେହି ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ତାହା ଅତ୍ୟନ୍ତ ଉତ୍ତମ ଭାବରେ ଏହି ସ୍ଥୂଳ ଭୂମିର ଅବସ୍ଥାଟିକୁ ବ୍ୟକ୍ତ କରିଦେଉଛି । ମାତ୍ର, ବିଚାରା ଏହି ଶରୀର ! ଆମକୁ ଶରୀର ବିଷୟରେ କିଛିଟା ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ, ମାତ୍ର ସେଥିଲାଗି ମୁଁ ମୋଟେ ନିରୁତ୍ସାହିତ ହୋଇଯାଉ ନାହିଁ — ଯଦି କାହା ବିଷୟରେ ନିରୁତ୍ସାହିତ ହେଉଥାନ୍ତି, ତାହା ହେଉଛି ସେହି ପ୍ରାଣିକ ଅଂଶଟି । ହଁ, ପ୍ରକୃତରେ ଆପଣାର ସହାପରାଧୀ ସେହି ମନ ସହିତ ଏକାଠି ମେଣ୍ଟ ବାନ୍ଧି, ଏହି ଦୁଇଟିଯାକ ପାଜି ଏକାଠି ପରସ୍ପରର ସମର୍ଥନରେ, — ସେମାନେ କେତେ ପ୍ରକାର ପେଖନା କରୁଥାନ୍ତି ଏବଂ ଭ୍ରମ ଅସୁବିଧାଗୁଡ଼ିକୁ ଉଚିତ ବୋଲି ପ୍ରମାଣିତ କରାଇବା ପାଇଁ ସେମାନେ ଭ୍ରମ ଆଗରେ ସେଗୁଡ଼ିକର ଏକ ଅତ୍ୟନ୍ତ ଚମତ୍କାର ଚିତ୍ର ଆଣି ଉପସ୍ଥାପିତ କରିଦେଉଥାନ୍ତି । ସେଇଟା ପ୍ରକୃତରେ ଏକ ଭୟଙ୍କର କଥା । ଏହି

'oaob.nitrkl.ac.in' images reprocessed

ଦୃଷ୍ଟିକୋଣରୁ ବିସ୍ତୃତ କରି ଶ୍ରୀଅରବିନ୍ଦ ଗୋଟିଏ ସାନ ନିୟମ ଲେଖିଦେଇ ଯାଇଥିଲେ, ଯାହାକୁ କି ଆମେ କେତେଦିନ ଯାଏ ସବୁସ୍ଥାନରେ ପ୍ରଦର୍ଶିତ କରି ରଖିଥିଲୁ । ମାତ୍ର ମୁଁ ଭାବୁଛି, ବର୍ତ୍ତମାନ ସେଇଟି କୁଆଡେ ଅଦୃଶ୍ୟ ହୋଇ ଯିବଣି ବା ତା' ନ ହେଲେ ଲୋକମାନେ ତାକୁ ଦେଖିଦେଖି ଏପରି ଘଷରା ହୋଇଯିବେଣି ଯେ ବର୍ତ୍ତମାନ ସେଇଟି ଉପରେ ହୁଏତ ଆଉ ଆଖି ବି ପକାଉ ନ ଥିବେ । ସେହି ନିୟମଟି ହେଉଛି : "ଯତେଯେପରି ମାଆ ତୁମ ଆଡକୁ ଅନାଇ ରହିଛନ୍ତି, ତୁମେ ସର୍ବଦା ଠିକ୍ ସେହି ଆଚରଣ କରିବ ।" ଏବଂ ଶ୍ରୀଅରବିନ୍ଦ ତା'ପରେ କହିଥିଲେ, "କାରଣ ସିଏ ପ୍ରକୃତରେ ଅନୁକ୍ଷଣହିଁ ଉପସ୍ଥିତ ରହିଛନ୍ତି ।" ତଥାପି ଏହି ଜଡ଼ ଆଖିଗୁଡ଼ାକ··· "ନା—ନା—ମାଆ ଆଦୌ ଏଠାରେ ନାହାନ୍ତି" — ଏବଂ ତେଣୁ ଯାବତୀୟ କଥାକୁ ଗୁପ୍ତ କରି ରଖିବାହିଁ ସତେଅବା ଏକ ସର୍ବପ୍ରଥମ ପ୍ରବୃତ୍ତିରୂପେ ଆସି ଆବିର୍ଭୂତ ହୁଏ ! ଜଣେ ବ୍ୟକ୍ତି ସାଧାରଣତଃ ମୋ' ଆଗରେ ଯାହା କରନ୍ତେ ନାହିଁ, ସିଏ ଯେ କେବଳ ସେହି କଥାଟିକୁ କରନ୍ତି ତା' ନୁହେଁ, ମାତ୍ର ଶ୍ରୀଅରବିନ୍ଦ ବାକ୍ୟଟିର ଶେଷରେ କହିଥିବା କଥାଟି ଉପରେ ଆଦୌ ବିଶ୍ୱାସ ହେଉ ନ ଥିବାରୁ,—ଅର୍ଥାତ୍ ମୁଁ ଯଶରୀର ଭାବରେ କୌଣସି ସ୍ଥାନରେ ଉପସ୍ଥିତ ନ ଥିଲେ ମଧ୍ୟ ସମ୍ଭବତଃ ତଥାପି ଯାବତୀୟ କଥାକୁ ଜାଣି ପାରୁଛି ବୋଲି ବିଶ୍ୱାସ ହେଉ ନ ଥିବାରୁ ସର୍ବପ୍ରଥମ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ସେମାନେ କଥାଟିକୁ ଲୁଚାଇ ରଖିବାକୁ ମନ କରନ୍ତି; — ଏବଂ ସେହି ବାଟରେ ଗୋଡ଼ ପକାଇବା ମାତ୍ରକେହିଁ ସେମାନେ ସତେଅବା ଗ୍ରେଭି ବାଲି ଭିତରେ ଯାଇ ପଡ଼ିଯାଆନ୍ତି । ତା'ପରେ ତଳକୁ, ଆହୁରି ତଳକୁ ଯିବାରେ ଲାଗିଥାନ୍ତି; ତାହା ତୁମକୁ ଗୋଟାସୁଦ୍ଧା ଆସି ଆବୋରି ପକାଏ, ତୁମକୁ ଗିଳି ପକାଏ, ତୁମକୁ ଏପରି ଭାବରେ ତଳକୁ ତଳକୁ ଟାଣି ନେବାରେ ଲାଗିଥାଏ ଯେ, ତା' କବଳରୁ ମୁକ୍ତ ହୋଇ ବାହାରି ଆସିବା ତା'ପରେ ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ସବୁଠାରୁ ଖରାପ କଥାଟି ହେଉଛି : "ମାଆ କେମିତି ଏହି କଥାଟିକୁ ଜାଣି ନ ପାରନ୍ତେ କି !" ଏବଂ, ଏଣୁ ଏହା ଏହିପରି ଭାବରେ ଆରମ୍ଭ ହୁଏ ଓ ଏଇପରି ଭାବରେ ତାହାର ସମାପ୍ତି ଘଟେ । ମାତ୍ର ମୁଁ ଆଶା କରୁଛି ଯେ ତୁମମାନଙ୍କ ମଧ୍ୟରୁ ବହୁସଂଖ୍ୟକ ବ୍ୟକ୍ତି କଦାପି ମିଛ କହନ୍ତି ନାହିଁ, ମାତ୍ର ତଥାପି, ଏହି ବାଟଟି ଧରି ଯିବାକୁ ଆରମ୍ଭ କଲେ ଶେଷରେ ସେହିଠାରେହିଁ ଯାଇ ପହଞ୍ଚିବାକୁ ହୋଇଥାଏ ! ଏବଂ ତେଣୁ, ଏହା ହେଉଛି ଏପରି ଏକ ନିର୍ବୋଧତା, ଯାହାର କି ଆଦୌ କୌଣସି ପଟାନ୍ତର ନାହିଁ । କାରଣ — ମୁଁ ବର୍ତ୍ତମାନ ତୁମମାନଙ୍କୁ ଗୋଟିଏ କଥା କହିବାକୁ ଯାଉଛି — ଏବଂ ପୂର୍ଣ୍ଣ ବିବେକର ସହିତ ମୁଁ ତୁମମାନଙ୍କୁ ସେକଥା କହିପାରିବି : ସେହି ଘଟଣାଟି ମୋଟେ ନ ଘଟୁ ବୋଲି ତୁମେ ଇଚ୍ଛା କରୁଥିଲେ ମଧ୍ୟ ତାହା ତଥାପି ଅବଶ୍ୟ ଘଟିବ ।

'oaob.nitrkl.ac.in' images reprocessed

ସକାଳେ ଲୋକମାନେ ଆଶୀର୍ବାଦ ଲାଗି ଆସନ୍ତି, ବା ତା' ନ ହେଲେ ରାତରେ ମୁଁ ପରିଦର୍ଶନ କରି ଗୃହଆଡ଼େ ଯାଏ, ସବୁଆଡ଼ ବୁଲିକରି ଦେଖେ, ସମସ୍ତଙ୍କ ପାଖକୁ ଯାଏ । ଉଭୟ କ୍ଷେତ୍ରରେ, ଏପରିକି ଯେତେବେଳେ ସେମାନେ ଫୁଲଟିଏ ପାଇବେ ବୋଲି ଆସନ୍ତି, — ମୋତେ କେବଳ ସେମାନଙ୍କ ଆଡ଼କୁ ଅନାଇ ଦେଖିବାକୁହିଁ ହୁଏ । ସେମାନଙ୍କର ମୁଣ୍ଡ ଗୃହପାଖରେ କିଛି ନା କିଛି ଦୃଷ୍ଟିଗୋଚର ହୋଇଯାଏ ଏବଂ ବେଳେବେଳେ ତାହା ଏତେ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୁଏ ଯେ ସତେଯେପରି ସେମାନେ କହିବାକୁ ଲାଗିଥାନ୍ତି, "ମାଆ ଏହି କଥାଟିକୁ ମୁଁ କଦାପି କହିବ ନାହିଁ ।" ସେମାନେ ମୋତେ ଏହିପରି କହୁଥାନ୍ତି, "ଏଇଟା, ସେଇଟା ବା ଅମୁକଟା ମୁଁ ଆପଣମାନଙ୍କୁ କେବେହେଲେ କହିବ ନାହିଁ;" ବୁଝିଲ ତ, ସେହି କଥାଟିକୁ ମୋତେ କହିବେ ନାହିଁ ବୋଲି କହି ସେମାନେ ମୋତେ ସେଇଟିକୁ ପ୍ରକୃତରେ କହିଦିଅନ୍ତି । "ମୁଁ ଆପଣଙ୍କୁ ଏହି କଥାଟିକୁ କହିବ ନାହିଁ" ବୋଲି କହି ପ୍ରକୃତରେ କହିଦିଅନ୍ତି ।

> ମାଆ, ଯେତେବେଳେ ଆମେ କିଛି କରି ତାହାକୁ ଆପଣଙ୍କଠାରୁ ଲୁଚାଇବାକୁ ଇଚ୍ଛା କରୁଥାଉଁ, ସେତେବେଳେ ଆମେ ଆପଣଙ୍କ ପାଖକୁ ଆସିବାବେଳେ ଆପଣ ସତେଯେପରି କିଛି ଜାଣି ନାହାନ୍ତି, ଠିକ୍ ସେହିପରି ଦେଖାଯାଆନ୍ତି । ଏପରି କାହିଁକି ହୁଏ ?

(ସମସ୍ତେ ହସିଲେ)

(ହସି ହସି) ମୁଁ ଦେଖାଯାଏ ସତେ ଯେପରି···ମୁଁ ଶୁଣେ, ନୁହେଁ ? ମୁଁ ଶୁଣେ ସତେଯେପରି ମୁଁ ମୋଟେ କିଛି ଜାଣି ନାହିଁ, ନୁହେଁ ? ସେପରି କରିବା ପ୍ରକୃତରେ ଭଲ, ଏବଂ ବେଳେବେଳେ ମୁଁ ଭାରି ଉତ୍ସାହିତ ହୋଇ ଶୁଣୁଥିବା ପରି 'ଆଃ' ଏବଂ 'ଓଃ' ବୋଲି କହୁଥାଏ । ସତେଯେପରି କିଛି ଜାଣି ନାହିଁ, ସେହିପରି । ନୁହେଁ ? ମୁଁ ସେପରି ଆଉ ଗୋଟିଏ କାରଣ ପାଇଁ କରେ । ସେକଥାଟିକୁ ତ ମୁଁ ଆଗରୁ କେତେଥର ବୁଝାଇ କହିଦେଇଛି ।

ମୁଁ ଯେତେବେଳେ ଲୋକମାନଙ୍କ ସହିତ ସାକ୍ଷାତ୍ କରୁଥାଏ ଓ ସେମାନଙ୍କୁ ନେଇ ବ୍ୟସ୍ତ ହୋଇ ରହିଥାଏ, ମୁଁ ସେତେବେଳେ, — ଏପରି ସର୍ବଦା ସମ୍ଭବ ହୁଏ ବୋଲି ମୁଁ କଦାପି କହିବ ନାହିଁ, ମାତ୍ର ତଥାପି — ମୁଁ ସେମାନଙ୍କ ଭିତରେ ସେମାନଙ୍କର ଚୈତ୍ୟସତ୍ତାଟିକୁ ଦେଖିପାରିବା ଲାଗି ଚେଷ୍ଟା କରୁଥାଏ; — ସେମାନଙ୍କର ଆଦର୍ଶ, ସେହି ଆଦର୍ଶର ରକ୍ଷା ଲାଗି ସେମାନେ ଯାହା କରିବାକୁ ଇଚ୍ଛା କରୁଛନ୍ତି, ଯାହା ହେବାକୁ ଗ୍ରହୁଁଛନ୍ତି — ମୁଁ ତାହାକୁ ଉପରଭାଗକୁ ଟାଣି ଆଣିବା

'oaob.nitrkl.ac.in' images reprocessed

ଲାଗି ଇଚ୍ଛା କରୁଥାଏ । ମୋର ସବୁକିଛୁ କାର୍ଯ୍ୟ ହେଉଛି କେବଳ ତାହାହିଁ : ମୁଁ ଯାହାକିଛୁ ଦେଖେ, ତାହାକୁ ସର୍ବଦା ବାହାରକୁ ଟାଣି ନେଇ ଆସେ । ଏବଂ, ସେହି କାରଣରୁ, ମୁଁ ସେହି କଥାଟିକୁ କରୁଥିବା ସମୟରେ, — ସେଇଁ କେତେକ କ୍ଷେତ୍ରରେ ଲୋକମାନେ ଆପଣା ବିଷୟରେ କିଞ୍ଚିତ୍ ସଚେତନ ହୋଇ ରହିଥାନ୍ତି, ସେହି କେତୋଟି କ୍ଷେତ୍ରକୁ ଛାଡ଼ିଦେଲେ, ମୁଁ ସେମାନଙ୍କର ବାହ୍ୟ ଚେତନାର ମାତ୍ରାଟି ବିଷୟରେ ସର୍ବଦା ଆଦୌ ନିଶ୍ଚିତ ହୋଇପାରି ନ ଥାଏ; ଏବଂ ଯେତେ-ବେଳେ ମୁଁ କିଛି ପଚାରେ, ସେତେବେଳେ, ସେମାନେ ଯେତିକି ବିଷୟରେ ସଚେତନ ରହିଛନ୍ତି ଓ ମୁଁ ସେମାନଙ୍କ ଭିତରେ ଯାହା ଦେଖୁଛି, ଏହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣିବାକୁହିଁ ମୁଁ ତାହା ପଚାରିଥାଏ । ଏବଂ, ଏହି କଥାଟିକୁ ମୁଁ ନିରନ୍ତର କରିବାରେ ଲାଗିଛି । ମନେହୁଏ, ସତେଯେମିତି ମୁଁ କିଛି ଜାଣେ ନାହିଁ,— ନୁହେଁ ? ମୁଁ "ତୁମେ କ'ଣ ଅନୁଭବ କରୁଛ ? କ'ଣ ଭାବୁଛ ? ତୁମର କ'ଣସବୁ ଅଭିଜ୍ଞତା ହୋଇଛି ?" ପ୍ରଭୃତି ପ୍ରଶ୍ନମାନ ପଚାରିଥାଏ । ତୁମ ଚେତନାର ମାତ୍ରା ବିଷୟରେ ଏକ ସ୍ପଷ୍ଟ ଚିତ୍ର ଲାଭ କରିବାକୁ ମୁଁ ତାହା କରେ ।

ତୁମେ ତୁମ ନିଜ ବିଷୟରେ ଯାହା ଜାଣିଛ ଓ ମୁଁ ତୁମ ସମ୍ବନ୍ଧରେ ଯାହା ଜାଣିଛି,—ଦୁଇଟି ମଧ୍ୟରେ କେତେ ନା କେତେ ତଫାତ୍ ରହିଛି । ତୁମର ଯାହା ହେବା ଉଚିତ,—ଅବଶ୍ୟ ତୁମ ବିଷୟରେ ମୁଁ କେବଳ ଏହି କଥାଟିକୁହିଁ ଜାଣିଛି । ତେଣୁ, ଲୋକମାନେ କିପରି ବୋଲି ଜାଣିବାକୁ ଯାଇ ସମସ୍ତେ ସେମାନଙ୍କୁ ବାହାରୁ ଦେଖିଥାନ୍ତି, ମାତ୍ର ସେଇଟି ହେଉଛି କେବଳ ବାହାରର ବ୍ୟାପାର । ଦୁଇଟି ମଧ୍ୟରେ ପ୍ରାଣିକ ଏବଂ ମନର ରାଜ୍ୟ ଦୁଇଟି ରହିଥାନ୍ତି, ଯାହାକୁ କି ମନୁଷ୍ୟତ୍ୱର ଦୃଷ୍ଟିକୋଣରୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯିବ; ଏବଂ ଠିକ୍ ସେହି ଦୁଇଟି କ୍ଷେତ୍ରରେହିଁ, ପ୍ରତ୍ୟେକ ବ୍ୟକ୍ତିର ଯେପରି ହେବା ଉଚିତ, ତାହାର ଚେତନାଟି ପ୍ରତିଫଳିତ ହୋଇପାରୁଥିବା ଆବଶ୍ୟକ, ଯେପରିକି ସିଏ ତାହାକୁ ପ୍ରକୃତରେ ଉପଲବ୍ଧି ମଧ୍ୟ କରିପାରିବ । ମାତ୍ର, ପ୍ରତ୍ୟେକ ବ୍ୟକ୍ତି ନିଜ ବିଷୟରେ ଯାହା ଜାଣିଛି ଅର୍ଥାତ୍ ଯାହା ତା'ଭିତରେ ସକ୍ରିୟ ଭାବରେ ସଚେତନ ହୋଇ ରହିଛି ଏବଂ ଆପଣାର ସତ୍ତାଗତ ସତ୍ୟର କ୍ଷେତ୍ରରେ ସିଏ ପ୍ରକୃତରେ ଯାହା,— ଦୁଇଟି ମଧ୍ୟରେ କେତେ ନା କେତେ ବ୍ୟବଧାନ ବିଦ୍ୟମାନ ରହିଛି । ଏଇଟି ମୋ' ଲାଗି ଅଧିକ କଷ୍ଟକର ହୋଇପଡ଼େ; ଏହି ମଧ୍ୟବର୍ତ୍ତୀ ରାଜ୍ୟଟି ଭାରି ମେଘାଚ୍ଛାଦିତ ହୋଇ ରହିଥାଏ, ମୋ' ଲାଗି ମିଥ୍ୟାର ଏକ ରାଜ୍ୟ ହୋଇ ରହିଥାଏ । ଇଂରାଜୀରେ 'falsehood' ଏବଂ 'lie' ବୋଲି ଦୁଇଟି ଶବ୍ଦ ରହିଛି । ଏହାକୁ ଆମେ ଅଧିକତର ପରିମାଣରେ ପ୍ରଥମଟି ଅର୍ଥରେ ବୁଝିବା । ଆମେ

'oaob.nitrkl.ac.in' images reprocessed

ମିଛ କହୁ, ଆମେ ସେହି ଅର୍ଥରେ ଏକଥାଟିକୁ ମୋଟେ ବୁଝିବା ନାହିଁ; ମାତ୍ର ଏହାକୁ ପ୍ରକୃତରେ ଏକ ଅସତ୍ୟ-ରାଜ୍ୟ ବୋଲି ବୁଝିବା,—ସତ୍ତାଗତ ସତ୍ୟର ଅନୁଭବଠାରୁ ଏହା ସମ୍ପୂର୍ଣ୍ଣ ଭାବରେ ଭିନ୍ନ । ଏବଂ ତଥାପି, ସିଏ ଠିକ୍ ଏଇଟି ବିଷୟରେହିଁ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥାଏ । ସେମାନେ ପ୍ରକୃତରେ ଯାହା ହେବାକୁ ଚାହୁଁଛନ୍ତି, ଯାହା କରିବାକୁ ଚାହୁଁଛନ୍ତି, ଖୁବ୍ କମ୍ ଲୋକଙ୍କର ସେହି ବିଷୟରେ ଯଥାର୍ଥ ଅନ୍ତର୍ଗତ ବୋଧ ରହିଥାଏ; ଆପଣା ସତ୍ତାର ଅସଲ ସତ୍ୟଟି ବିଷୟରେ ଯଥାର୍ଥ ବୋଧ ରହିଥାଏ । ଏପରି ବ୍ୟକ୍ତି ମୋଟେ ବହୁ ସଂଖ୍ୟାରେ ନାହାନ୍ତି । ବା, ହୁଏତ ଏପରି ହୁଏ ଯେ ସେହି ବୋଧ ବେଳେବେଳେ ଆସେ ଓ ପୁଣି ଆବରଣ ଭିତରକୁ ଚାଲିଯାଏ; ହଠାତ୍ ଝଲସି ଉଠିଲା ପରି ଆସି ଉଭା ହୋଇଯାଏ ଓ ତା'ପରେ ପୁଣି ପର୍ଦ୍ଦା ସେପାଖକୁ ଚାଲିଯାଏ । ତେଣୁ ଏହି ଉପରଭାଗସ୍ଥ ଚେତନାର ସ୍ଥିତିଟି ବିଷୟରେ ଜାଣିବାକୁହିଁ ମୁଁ ସର୍ବଦା ପ୍ରଶ୍ନ କରିଥାଏ,—ଯେଉଁଟିକୁ ମୁଁ ଏକ ଅପ୍ରକୃତ ଓ ଅସତ୍ୟ ଚେତନା ବୋଲି ବିଚାର କରିଥାଏ ।

ତୁମ ଦୈନନ୍ଦିନ ଜୀବନଶୈଳୀର ନିଷ୍ଠୁର ସତ୍ୟ ଏବଂ ତୁମଭିତରୁ ପ୍ରତ୍ୟେକଙ୍କର ପ୍ରକୃତରେ କ'ଣ ହେବା ଉଚିତ ବୋଲି ମୁଁ ମୋ' ଆଗରେ ଯେଉଁ ଚିତ୍ରଟିକୁ ଉନ୍ମୋଳିତ କରି ରଖିଛି, ତା'ଭିତରେ କେତେନା କେତେ ବ୍ୟବଧାନ ଓ ବିରୋଧ ରହିଛି ! ମୋ' ଚେତନାର ସମସ୍ତ ଶକ୍ତି ଦ୍ୱାରା ମୁଁ ସେହି ଚିତ୍ରଟିକୁ ସେଠାରେ ଉନ୍ମୋଳିତ କରି ରଖିଛି, ଯେପରିକି ତୁମେ ସେଇଟିକୁ ପ୍ରକୃତରେ ଉପଲବ୍ଧି କରିପାରିବ,—ଏବଂ ସେହି ଚିତ୍ରଟି ହେଉଛି ତୁମର ପ୍ରକୃତ ରୂପ । ସେଇଟି ମୋଟେ ତୁମର ଏହି ଅଜ୍ଞାନମୟ ସତ୍ତା ନୁହେଁ,—ଏହି ନିର୍ବୋଧ ଏବଂ ନିଷ୍ଠାହୀନ ଓ ବେଳେବେଳେ ଅସାଧୁ ହୋଇ ରହିଥିବା ଏହି ସତ୍ତାଟି ମୋଟେ ନୁହେଁ, ଯାହାକୁ ତୁମେ ନିଜର ରୂପ ବୋଲି ଭ୍ରମରେ କହିବାରେ ଲାଗିଛ ।

ଗୋଟିଏ କଥା ଶୁଣ, ସାଧାରଣ ମାନୁଷୀ-ଧାରଣା ଅନୁସାରେ ମୋତେ ଆଦୌ ତରୁଣ ବୋଲି କୁହାଯିବ ନାହିଁ । ମୋ'ର ବେଶ୍ ବୟସ ହୋଇଗଲାଣି । ମୋ'ର ଅତି ପିଲାବୟସରୁହିଁ ମୁଁ କେବେହେଲେ ବସ୍ତୁଗୁଡ଼ିକୁ ନିରୀକ୍ଷଣ କରି ଦେଖିବାରୁ ଆପଣାକୁ ନିବୃତ୍ତ କରି ରଖି ନାହିଁ । ଅତି ପିଲାବୟସରେ ମୋଟେ କୌଣସି କଥା କହୁ ନ ଥିଲି ବୋଲି ମୁଁ କେତେ ଗାଳି ଖାଉଥିଲି । ମୁଁ କଥା କହୁ ନ ଥିଲି, କାରଣ ଏହିପରି ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କରିବାରେହିଁ ମୋର ସମୟ ଅତିବାହିତ ହୋଇଯାଉଥିଲା । ମୁଁ ସବୁକିଛୁକୁ ଲିପିବଦ୍ଧ କରି ରଖୁଥିଲି, ଯଥାସମ୍ଭବ ସବୁ ଶିକ୍ଷା କରୁଥିଲି ଓ ସେହି

'oaob.nitrkl.ac.in' images reprocessed

ଶିକ୍ଷାରୁ କଦାପି ବିରତ ହେଉ ନ ଥିଲି । ଏବଂ ବର୍ତ୍ତମାନ ମଧ୍ଯ ମୁଁ ଅତ୍ୟନ୍ତ ବିସ୍ମିତ ହୋଇପଡ଼ିଲା ପରି ଅନୁଭବ କରିଥାଏ । ବେଳେବେଳେ ମୁଁ ହଠାତ୍ ଏପରି ନାନା ମିଥ୍ୟାମଯ୍ଯ, ଅସାଧୁତାପୂର୍ଣ୍ଣ ଓ ଅସ୍ପଷ୍ଟ କ୍ରିୟାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ପାଖରେ ଆସି ହାଜିର୍ ହୋଇଯାଏ ଯେ ସେତେବେଳେ ମନକୁ ମନ କହିବାକୁ ଲାଗେ, "ଏକଥା ଆଦୌ ସମ୍ଭବ ନୁହେଁ । ଏପରି ଗୋଟିଏ କଥା କେବେ ସମ୍ଭବ ହୋଇପାରେ ?" ବସ୍ତୁତଃ ଦିନ ପରେ ଦିନ ଏହିପରି ଏବେ ମଧ୍ଯ ମୋତେ ଆସି ହାଜିର୍ ଯାଆନ୍ତି ଏବଂ ମୁଁ "ଏକଥା ଆଦୌ ସମ୍ଭବ ନୁହେଁ, ପୃଥିବୀରେ ଘଟଣାଗୁଡ଼ାକ କ'ଣ ପ୍ରକୃତରେ ଏହିପରି ଘଟେ ?" ବୋଲି ଅନୁଭବ କରୁଥାଏ । ମାତ୍ର ତଥାପି ମୁଁ କେତେ ନା କେତେ ଲୋକଙ୍କର ସମ୍ପର୍କରେ ଆସିଛି, ଅତି ପିଲାଦିନୁହିଁ ଲୋକ-ମାନଙ୍କର ପରିଚୟରେ ଆସିବା ଲାଗି ମୋର ଏକ ଆଗ୍ରହ ଜନ୍ମିଛି । ମୁଁ କେତେ କେତେ ଦେଶ ଦେଖିଛି; ଅନ୍ୟମାନଙ୍କୁ ଯାହା କରିବା ଲାଗି ପରାମର୍ଶ ଦେଇଛି; ସେକଥା ମୁଁ ନିଜେ କରିଛି; ପ୍ରତ୍ୟେକ ଦେଶକୁ ଅତ୍ୟନ୍ତ ଉତ୍ତମ ଭାବରେ ବୁଝିବା ଲାଗି ମୁଁ ସେହି ସେହି ଦେଶର ଜୀବନକୁହିଁ ବଞ୍ଚିଛି, ଏବଂ ଶିକ୍ଷା କରିବାଠାରୁ ମୋ'ର ବାହ୍ୟ ଜୀବନରେ ମୋତେ ଅନ୍ୟ କୌଣସି କଥା କଦାପି ଏପରି ଆକର୍ଷକ ବୋଧ ହୋଇ ନାହିଁ ।

ମାତ୍ର ମୁଁ ତଥାପି ଅନୁଭବ କରୁଛି ଯେ ମୁଁ ପ୍ରକୃତରେ ଆଦୌ କିଛି ଜାଣି ନାହିଁ । ଏହି ପୃଥିବୀରେ ଓ ମନୁଷ୍ୟର ଚେତନାକ୍ଷେତ୍ରରେ ହୁଏତ ଏପରି ଅନେକ କଥା ଘଟିପାରେ, ଯାହାକି ମୋ ଜ୍ଞାନସୀମାର ଅତୀତ ହୋଇ ରହିଛି ! ଏହି ଘଟଣା କିପରି ସମ୍ଭବ ହେବ, ମୋତେ ସେକଥା ଆଦୌ ଜଣା ନାହିଁ । ମୋ' କ୍ଷେତ୍ରରେ ଏପରି ହୋଇଥାଏ ଯେ, ଯେତେବେଳେ ଜଣେ ବ୍ୟକ୍ତି ଏପରି ମିଥ୍ୟାମଯ୍ଯ ହୋଇ ରହିଥାଏ ଯେ ତାକୁ ମୋଟେ ଚିହ୍ନି ବି ହୁଏ ନାହିଁ, ସେତେବେଳେ ମୁଁ ଏହିପରି ଅନୁଭବ କରେ ଯେ, — ମୁଁ ସର୍ବଦା ଏହିପରି ଅନୁଭବ କରିଥାଏ ଯେ ଏହି ଯେଉଁ ସତ୍ୟ ଚେତନାଟି ଆପଣାକୁ ଅଭିବ୍ୟକ୍ତ କରିବାକୁ ଉଦ୍ୟମ କରୁଛି, ତାହା କବଳଗ୍ରସ୍ତ ହୋଇ ରହିଛି ଓ ସମ୍ପୂର୍ଣ୍ଣ ଭାବରେ ବିକୃତ ହୋଇପଡ଼ିଛି । ମାତ୍ର ଜଣେ ବ୍ୟକ୍ତି କିପରି ଏପରି ଗୋଟିଏ ଅବସ୍ଥାରେ ଆସି ପହଞ୍ଚିପାରେ — ମୁଁ ସେହି କଥାଟିକୁ ଏବେ ମଧ୍ଯ ବୁଝିପାରିଲି ନାହିଁ,—କିପରି ଏତେଯାଏ ଆସି ପହଞ୍ଚିପାରେ, ମୁଁ ସେକଥା ବୁଝିପାରିଲି ନାହିଁ ।

ଏଇଟା ପ୍ରକୃତରେ ଏହିପରି ! ମାତ୍ର ତୁମମାନଙ୍କୁ ନିରୁତ୍ସାହିତ କରି ପକାଇବାକୁ ମୁଁ ଆଦୌ ସେକଥା କହୁ ନାହିଁ; ମୁଁ ବେଳେବେଳେ କାହିଁକି ପ୍ରଶ୍ନ ପତ୍ରରେ, ତୁମମାନଙ୍କୁ ସେହି କଥା କହିବା ସକାଶେହିଁ ମୁଁ ଏସବୁ କହୁଛି ।

'oaob.nitrkl.ac.in' images reprocessed

ଗୋଟାଏ ସ୍ଥାନ ଶିଶୁକୁ ମଧ୍ୟ ମୁଁ ପ୍ରଶ୍ନ ପଚାରିପାରେ । ମୁଁ ସର୍ବଦା ଅନୁଭବ କରିଥାଏ ଯେ ଜଣେ ଇଚ୍ଛା କଲେ ଅନୁକ୍ଷଣ କିଛି ନା କିଛି ଶିକ୍ଷା କରିପାରିବ । ଯେତେ ଶିକ୍ଷା କରିସାରିବା ପରେ ମଧ୍ୟ ତଥାପି ଆହୁରି ଶିକ୍ଷା କରିବାକୁ ବାକି ରହିଥାଏ । ମୁଁ ଏହି ଯାବତୀୟ କଥାକୁ ଭଲ ଦେଖୁଥାଏ ଏବଂ ତୁମକୁ ମୁଁ କେତେ ଥର କହିଥିବି ଯେ, ରାତିରେ ଅନ୍ୟମାନେ ଶୋଇଥିବା ସମୟରେ ମୁଁ ଭଲଭଲ ସମସ୍ତଙ୍କୁ ଦେଖିବାକୁ ଯାଏ । ଏଇଟା ଭାରି ସୁବିଧାର କଥା ହୁଏ, କାରଣ ଶୋଇଥିବା ଅବସ୍ଥାରେ, ଜଣେବ୍ୟକ୍ତି ପ୍ରକୃତରେ ଯାହା, ଠିକ୍ ସେହିପରି ଅବସ୍ଥାରେ ରହିଥାଏ । ହଁ, ମୁଁ ଭଲଭଲ ଦେଖେ ଓ ଯାବତୀୟ କଥା ଦେଖିବାକୁ ପାଏ । ଯାହାସବୁ ଦେଖେ, ତୁମେମାନେ କଳ୍ପନା ବି କରିପାରିବ ନାହିଁ । ମାତ୍ର, ମୁଁ ଯାହା ଦେଖିଲି, ତାହାକୁ ପ୍ରକୃତରେ ଠିକ୍ ବୋଲି ଜାଣିବା ଲାଗି ମୋ'ଲାଗି ନାନା ପ୍ରଶ୍ନ, ପ୍ରକୃତରେ ଅନେକ ପ୍ରଶ୍ନ ପଚାରିବା ସମ୍ଭବ ହୋଇଯାଏ । ମୁଁ ବର୍ଷ ବର୍ଷ ଧରି ଏହି କାର୍ଯ୍ୟଟିକୁ କରିଆସିଛି । ଖୁବ୍ ସମ୍ଭବ ୧୯୦୪ ମସିହାରେହିଁ ମୁଁ ଏହିପରି ସଚେତନ ଭାବରେ ରାତିରେ କାମ କରିବାକୁ ଆରମ୍ଭ କଲି । ତାହା ହେଉଛି ପଚାଶ ବର୍ଷ ତଳର କଥା ଏବଂ ଏପର୍ଯ୍ୟନ୍ତ ବି ମୋ'ର ସେହି କାର୍ଯ୍ୟଟି ବନ୍ଦ ହୋଇ ନାହିଁ । ଏବଂ ବର୍ତ୍ତମାନ ମଧ୍ୟ, ମୁଁ ଯାହା ଦେଖିଲି, ତାହା ପ୍ରକୃତରେ ସତ ବୋଲି ସୁନିଶ୍ଚିତ ହୋଇ ପାରିବାକୁ ମୁଁ ସର୍ବଦା ବ୍ୟାବହାରିକ ନାନା ପ୍ରଶ୍ନ ପଚାରିଥାଏ । ଏହିପରି ଭାବରେ ମୁଁ ପରୀକ୍ଷା କରି ଦେଖେ, ଏବଂ ମୁଁ କେବେହେଲେ ଭାବି ନ ଥାଏ (ଏତିକବେଳେ ଟେପ୍‌ରେକର୍ଡ଼ରେ ଗୁଡ଼ାଏ ଶବ୍ଦ ହେଲା ଓ ମା'ଙ୍କର ଦୃଷ୍ଟି ସେହି ଆଡ଼କୁ ଆକର୍ଷିତ ହୋଇଗଲା । ମାଆ ପଚାରିଲେ, "କ'ଣ ସରିଗଲା କି ? ଯନ୍ତ୍ରଟି ଆଉ ମୋଟେ ଆଗକୁ ଯିବାକୁ ମନ କରୁ ନାହିଁ । ତା'ପରେ ମାଆ ପୁଣି ଆରମ୍ଭ କଲେ), ନିଜେ ସବୁକିଛି ଜାଣିଲେ ବୋଲି ସମସ୍ତେ ସାଧାରଣତଃ ଯେପରି ବିଶ୍ୱାସ କରି ବସାଇଥାନ୍ତି, ମୁଁ କେବେହେଲେ ନିଜ ଭିତରୁ ସେପରି ଏକ ନିଶ୍ଚିତ ପ୍ରତ୍ୟୟ ପାଏ ନାହିଁ । ସେମାନେ ତ ଭାବିଥାନ୍ତି ଯେ ସେମାନଙ୍କର କଦାପି ଭୁଲ ହେବ ନାହିଁ, ସେମାନେ ସବୁକିଛି ବୁଝିନେଲେ ବୋଲି ଧରି ନେଇଥାନ୍ତି ।

ଏହି ପୃଥିବୀ ନିରନ୍ତର ଭାବରେ ରୂପାନ୍ତରିତ ହେବାରେ ଲାଗିଛି । ଏପରିକି ଯଦି ମୁଁ ଏହି ପୃଥିବୀରେ ହଜାରେ କି ତା'ଠାରୁ ଆହୁରି ଅଧିକ ବର୍ଷ ବଞ୍ଚିରହେ, ତେବେ ମୋର ଏତେ ଟିକିଏ ସନ୍ଦେହ ନାହିଁ ଯେ ମୋ'ର ତଥାପି କିଛି ନା କିଛି ଶିକ୍ଷା କରିବାକୁ ରହିଥିବ । କାରଣ, ଯାହା ଗତକାଲି ସତ ବୋଲି ଲାଗୁଥିଲା, ତାହା ଆଜିକୁ ଆଉ ସତ ହୋଇ ରହୁ ନାହିଁ ଏବଂ ଯାହା ଆଜି ସତ ବୋଲି ଲାଗୁଛି, ତାହା କାଲିକୁ ମଧ୍ୟ ସତ ହୋଇ ରହିବ ନାହିଁ । ପୃଥିବୀ ଅନବରତ ବଦଳି

'oaob.nitrkl.ac.in' images reprocessed

ଯିବାରେ ଲାଗିଛୁ, ଏବଂ ତେଣୁ ଜଣେ ବ୍ୟକ୍ତି ମଧ୍ୟ ଇଚ୍ଛା କଲେ ଅନବରତ ଶିକ୍ଷା କରି ପାରିବ । ଏବଂ ଆଖିର ହୁଏତ ତାହାହିଁ ହେଉଛି ଏହି ପୃଥିବୀ ପଛରେ ରହିଥିବା ଏକମାତ୍ର ଔଚିତ୍ୟ,—ଆପଣାକୁ ସଂପୂର୍ଣ୍ଣ ଓ ତନ୍ନତନ୍ନ କରି ଜାଣିବା ଲାଗି ଆପଣାକୁ ଏକ ଜ୍ଞାତବ୍ୟ ବିଷୟରେ ପରିଣତ କରିବାରେ ଲାଗିଥିବ । ଏହିପରି ଟିକିନଖି ବିଷୟ ଅନେକ ରହିଛି ଏବଂ ଏହାକୁ ଶିକ୍ଷା କରିବାରେ ଦୀର୍ଘ କାଳ ଅତିବାହିତ ହୋଇଯିବ,—ଏବଂ ସେଗୁଡ଼ିକ ପୁଣି ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେହିଁ ଆମ ଆଗରେ ଆସି ଉଭା ହୋଇ ଯାଉଥିବେ ।

ହଁ, ଏହାହିଁ ପ୍ରକୃତ କଥା । ଟେପ୍‌ଟି ସରିଗଲା, ନା ? କାରଣ ଆମେ ବ ବର୍ତ୍ତମାନ ସାରିବା । ରାତି ଅନେକ ହେଲାଣି ।

ଶୁଭରାତ୍ରି ।

'oaob.nitrkl.ac.in' images reprocessed

# ୨୬ ଜୁନ୍ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଉପାଦାନ" ପୁସ୍ତକର ୧୨ଶ ଅଧ୍ୟାୟ "ବାଧା ଓ ଅଗ୍ରଗତି" ଉପରେ ଏହି ପ୍ରବଚନଟି ଆଧାରିତ ।

"ପ୍ରଶ୍ନ : ଅନ୍ୟମାନଙ୍କ ବିଷୟରେ ଆମେ ଭଲ ଓ ମନ୍ଦ ଯାହାକିଛି ଚିନ୍ତା କରୁ, ତାହା କୌଣସି ପ୍ରକାରରେ ସେମାନଙ୍କୁ ପ୍ରଭାବିତ ଅଥବା ଆକ୍ରାନ୍ତ କରେ କି ?

"ଉତ୍ତର : ହଁ, ଏକ ପ୍ରଭାବ ଅବଶ୍ୟ ପଡ଼େ ।

"ପ୍ର : ଜଣେ ବ୍ୟକ୍ତିର ବାସନା, ସଂଶୟ ପ୍ରଭୃତି ଆଉଜଣେ ବ୍ୟକ୍ତି ମଧ୍ୟରେ ଯାଇ ପ୍ରବେଶ କରିବା ସମ୍ଭବ କି ?

"ଉ : ଯେକୌଣସି କଥାକୁ ଜଣକ ପାଖରୁ ନେଇ ଆଉଜଣକ ଭିତରେ ପ୍ରବିଷ୍ଟ କରି ଦିଆଯାଇ ପାରିବ । ପୃଥିବୀଯାକ ସେହି ଘଟଣା ସତତ ଘଟିବାରେ ଲାଗିଛି ।"

ଏଇଟି ଉପରେ କାହାର ପ୍ରଶ୍ନ ପଚାରିବାକୁ ଅଛି ?

ମାଆ, ଆମେ ଅନ୍ୟସବୁ କଥା ଗ୍ରହଣ କରିପାରୁଥିବା ପରି ଦିବ୍ୟ ପରମସତ୍ତାଙ୍କୁ ଗ୍ରହଣ କରିପାରୁ ନାହୁଁ କାହିଁକି ?

"ଅନ୍ୟ ସବୁକଥା" କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ ?

ପ୍ରଶ୍ନଟି ମୋଟେ ଭଲ ଭାବରେ ପଚରା ହୋଇ ନାହିଁ । ତୁମେ କ'ଣ ଏହି ଅର୍ଥରେ...ଯେଉଁସବୁ ପ୍ରଭାବ ଜଣେ ବ୍ୟକ୍ତି ପାଖରୁ ଯାଇ ଆଉଜଣେ ବ୍ୟକ୍ତି ମଧ୍ୟରେ ପ୍ରବେଶ କରେ, ଏଠାରେ ସେହି ବିଷୟରେ କୁହାଯାଇଛି । ତୁମେ ସେହି ଅର୍ଥରେ ପ୍ରଶ୍ନଟିକୁ ପଚାରିଛ କି ? ଅର୍ଥାତ୍, ଜଣେ ପ୍ରତିବେଶୀର ଅସଦିଚ୍ଛାକୁ ଗ୍ରହଣ କରୁଥିବା ପରି ଜଣେ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କୁ କାହିଁକି ଗ୍ରହଣ କରିପାରୁ ନାହିଁ, ତୁମେ ସେହି କଥା ପଚାରୁଛ କି ?

'oaob.nitrkl.ac.in' images reprocessed

ସେକଥା ସମ୍ଭବ ହେଉ ନାହିଁ, କାରଣ ତାହା ଏକ ଅନ୍ୟ ଭୂମିରେ ଅବସ୍ଥିତ ରହିଛି । ଜଣେ ପ୍ରତିବେଶୀର ସଦିଚ୍ଛା ଅଥବା ଅସଦିଚ୍ଛା ସେହି ଗୋଟିଏ ଭୂମିରେ ଅବସ୍ଥିତ ରହିଛି ସତ, ମାତ୍ର ଦିବ୍ୟ ପରମସତ୍ତା ଏକ ଅନ୍ୟ ପୃଥିବୀରେ ଯାଇ ରହିଛନ୍ତି । ସେହି କାରଣରୁହିଁ ଏକଥା ସମ୍ଭବ ହୋଇପାରୁ ନାହିଁ । ଯଦି ତୁମେ ଏକ ଚିତ୍ରକଳ୍ପ ଦେଇ କଥାଟିକୁ ବୁଝିବା ଲାଗି ଇଚ୍ଛା କରୁଥାଅ : ତୁମ ନିଜ ପରିପ୍ରେକ୍ଷୀରେ ଯାହାକିଛି ଏକ ଅନୁପ୍ରସ୍ଥ ଭୂମିରେ ଅବସ୍ଥିତ ରହିଛି, ତୁମେ ସେଗୁଡ଼ିକୁ ଭାରି ସହଜରେ ଗ୍ରହଣ କରିପାରୁଛ, ମାତ୍ର ଯାହାକିଛି ଅନୁଲମ୍ବ ଭାବରେ ତୁମ ପାଖକୁ ଆସୁଛି, ତାହାକୁ ଗ୍ରହଣ କରିବା ଅନେକ ଅଧିକ ଆୟାସ ସାପେକ୍ଷ । ଏଥିଲାଗି ସର୍ବପ୍ରଥମେ ଊର୍ଦ୍ଧ୍ୱଦିଗକୁ ଅନାଇପାରିବାକୁ ହୁଏ, ଅର୍ଥାତ୍ ଆପଣା ଭିତରକୁ ଅବଲୋକନ କରିବାକୁ ହୁଏ ଏବଂ ତା'ପରେ, ଯାହା ଅବତରଣ କରୁଛି, ଆପଣାକୁ ତାହାର ଆଡ଼କୁ ଉନ୍ମୋଚିତ କରି ରଖିବାକୁ ହୁଏ । ମାତ୍ର, ଅନ୍ୟଟିର କ୍ଷେତ୍ରରେ···ସର୍ବଦା ସେହି ଗୋଟିଏ ପ୍ରକାରେହିଁ ଗତି କରିବାକୁ ପଡ଼ୁଥାଏ । କ'ଣ ବୁଝି ପାରିଲ ନାହିଁ ?

ମାତ୍ର, ଦୁର୍ଭାଗ୍ୟର କଥା ଯେ, ଆରୋହଣ କରି ଉପରକୁ ଉଠିଯିବା ତୁଳନାରେ ତଳକୁ ଖସି ଆସିବା ଓ ତଳେ ଆସି ପଡ଼ିବା ସର୍ବଦା ଅନେକ ଅଧିକ ସହଜରେ ସମ୍ଭବ ହୋଇଥାଏ । ଯେଉଁ ପ୍ରଭାବ ତୁମକୁ ତଳକୁ ଟାଣି ନେଉଛି, ସେଇଟି ପ୍ରତି ଆପଣାର ଅନୁସ୍ପନ୍ଦନ ଜ୍ଞାପନ କରିବା ତୁମକୁ ଉପରକୁ ଆକର୍ଷିତ କରି ନେଉଥିବା ଏକ ଶକ୍ତି ଲାଗି ଅନୁସ୍ପନ୍ଦନ ଜଣାଇବାଠାରୁ ଅନେକ ଅଧିକ ସହଜ । ଉପରକୁ ଚଢ଼ିବା ଅପେକ୍ଷା ତଳକୁ ଖସି ଆସିବା ଅଧିକ ସହଜ ନୁହେଁ କି ? ଯଦି ତୁମେ କୌଣସି ଏକ ସ୍ଥାନରୁ ଗୋଟିଏ ମୁଣ୍ଡିଆ ଉପରକୁ ଚଢ଼ିବା ଲାଗି ଇଚ୍ଛା କରିବ, ତେବେ ତଳକୁ ଖସି ଖସି ଓହ୍ଲାଇଯିବା ଅପେକ୍ଷା ତାହା ନିଶ୍ଚୟ ଅଧିକ କଷ୍ଟକର ହେବ । ନୁହେଁ ?

ମାଆ, ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ହୋଇ ସାରିବା ପରେ କ'ଣ ଶତ୍ରୁ ବୋଲି ଆଉ କେହି ରହିବେ ନାହିଁ ?

ଆଚ୍ଛା ? ଏପରି ପୁଣି କାହିଁକି ହେବ ? ମୁଁ ତ ଭାବୁଛି, ଏହାର ଠିକ୍ ବିପରୀତ କଥାଟାହିଁ ଘଟିବ ।

ତା'ର କାରଣ କ'ଣ ଏଇଆ ଯେ ଏହି ପୃଥିବୀରେ ପ୍ରତିକୂଳ ଶକ୍ତିମାନେ କାର୍ଯ୍ୟ କରୁଛନ୍ତି ?

'oaob.nitrkl.ac.in' images reprocessed

ହଁ, ତାହାହିଁ କାରଣ । ଏହି ପୃଥିବୀରେ ପ୍ରତିକୂଳ ଶକ୍ତି ଭର୍ତ୍ତି ହୋଇ ରହିଛନ୍ତି ଏବଂ ଏପରି ଲୋକମାନେ ମଧ୍ୟ ଭର୍ତ୍ତି ହୋଇ ରହିଛନ୍ତି, ଯେଉଁମାନେ କି ଏହି ପ୍ରତିକୂଳ ଶକ୍ତିଗୁଡ଼ିକୁ ଅନୁମୋଦନ ଜଣାଇବାରେ ଲାଗିଛନ୍ତି । ସାଧାରଣତଃ ଏହିପରି ହୋଇଥାଏ ଯେ, ଆମେ ଯେତିକି ଅଧିକ ପରିମାଣରେ ଦିବ୍ୟ ପରମ-ସତ୍ତାଙ୍କର ଉପଲବ୍ଧି କରୁ, ଆମ ଚତୁର୍ଦ୍ଦିଗରେ ଶତ୍ରୁମାନଙ୍କର ସଂଖ୍ୟା ମଧ୍ୟ ସେତିକି ଅଧିକ ହେବାରେ ଲାଗିଥାଏ ।

ସେମାନେ କ'ଣ ଦିବ୍ୟ ପରମସତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟ କରୁଥାନ୍ତି ?

ହଁ, କରୁଥାନ୍ତି । ଅନ୍ତତଃ ଚେଷ୍ଟା କରୁଥାନ୍ତି । ସେମାନେ ସେଥିରେ ସଫଳ ହୁଅନ୍ତି କି ନାହିଁ ମୁଁ କହିପାରିବି ନାହିଁ, ମାତ୍ର ଚେଷ୍ଟା ଅବଶ୍ୟ କରୁଥାନ୍ତି । ସେମାନେ ଚେଷ୍ଟା କରୁଥାନ୍ତି, ସେମାନେ ସବୁଦିନେ ସେହି ଚେଷ୍ଟା କରି ଆସିଛନ୍ତି ।

ମାତ୍ର ଏପରି ହୁଏ କାହିଁକି ? ଦିବ୍ୟ ପରମସତ୍ତା ତ କେବେହେଲେ କାହାରି କୌଣସି ଅନିଷ୍ଟ କରି ନାହାନ୍ତି !

(ମାଆ ହସି ଉତ୍ତର ଦେଲେ) ତୁମେ କ'ଣ ଭାବୁଛ ଯେ କେହି ଆମର କୌଣସି ଅନିଷ୍ଟ କଲେ ଯାଇ ଆମେ ସେମାନଙ୍କ ବିରୁଦ୍ଧରେ କିଛି କରିବା ପାଇଁ ମନ କରୁ ? ସାଧାରଣତଃ ଏହାର ଠିକ୍ ବିପରୀତଟାହିଁ ଘଟିଥାଏ । ବଳବାନ୍ ଲୋକମାନେ ଦୁର୍ବଳମାନଙ୍କ ବିରୁଦ୍ଧରେ କାହିଁକି ଆପଣାର ଶକ୍ତି ପ୍ରୟୋଗ କରିବାକୁ ଚାହାନ୍ତି, ତୁମେ ସେକଥା କହିପାରିବ କି ? ତାହାର କାରଣ ନୁହେଁ ଯେ ଦୁର୍ବଳମାନେ ସେମାନଙ୍କର କୌଣସି ଅନିଷ୍ଟ କରିଥାନ୍ତି,—ମାତ୍ର ତା'ର କେବଳ ଏହି କାରଣଟି ରହିଥାଏ ଯେ, ସେମାନଙ୍କର ଜୋର ଅଛି ଏବଂ ସେମାନେ ତାହାକୁ ଆପଣାର ଅଭିପ୍ରାୟଗୁଡ଼ାକୁ ସିଦ୍ଧ କରିବା ଲାଗି ବ୍ୟବହାର କରିବାକୁ ଇଚ୍ଛା କରୁଥାନ୍ତି । ସେମାନେ ଦୁର୍ବଳମାନଙ୍କୁ ସେମାନଙ୍କର ଦଳକୁ ମାନିବା ଲାଗି ବାଧ୍ୟ କରିବାକୁ ଇଚ୍ଛା କରୁଥାନ୍ତି; ତେଣୁ ସେମାନଙ୍କୁ ମାରନ୍ତି, ସୁଯୋଗ ପାଇଲେ ସେମାନଙ୍କ ସହିତ ଦୁର୍ବ୍ୟବହାର କରନ୍ତି । ତାହାର କାରଣ ନୁହେଁ ଯେ ଦୁର୍ବଳମାନେ ପ୍ରକୃତରେ କୌଣସି ଭୁଲ୍ କରିଥାନ୍ତି; ତାହାର କାରଣ ହେଉଛି ଯେ, ସେମାନେ ଆପଣାର ବଳକୁ ଆପଣାର ଉଦ୍ଦେଶ୍ୟସିଦ୍ଧି ଲାଗି ବ୍ୟବହାର କରିବାକୁ ଇଚ୍ଛା କରୁଥାନ୍ତି । ଆପଣା ବାସନାଗୁଡ଼ିକୁ ଚରିତାର୍ଥ କରିବା ଲାଗିହିଁ ସେଗୁଡ଼ିକୁ ବ୍ୟବହାର କରିବାକୁ ଇଚ୍ଛା କରୁଥାନ୍ତି ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ମନେକର, ଏହି ବିଶ୍ୱସଂସାରରେ ଏପରି ନାନା ଶକ୍ତି ରହିଛନ୍ତି, ଯେଉଁମାନେ କି ଅନ୍ୟ ଉପରେ ଶାସନ କରିବାରେ ଅଭ୍ୟସ୍ତ ହୋଇ ଆସିଛନ୍ତି; ଏହି ପୃଥିବୀକୁ ଶାସନ କରୁଥିବା କେତେକ ଆସୁରୀ ଶକ୍ତି ଯେପରି ରହିଛନ୍ତି, ଠିକ୍ ସେହିପରି । ସେମାନେ କେବେହେଲେ ଆପଣାର କର୍ତ୍ତୃତ୍ୱ ପରିତ୍ୟାଗ କରିବାକୁ ଚାହାନ୍ତି ନାହିଁ । ତେଣୁ ଯେଉଁମାନେ ସେମାନଙ୍କୁ ଅପସରି ଯିବା ଲାଗି ବାଧ୍ୟ କରିଲଭଳି ଅନ୍ୟଏକ ଶକ୍ତିର ଉପସ୍ଥାପନା କରିବାକୁ ଆସନ୍ତି, ସେହି ଶକ୍ତିଗୁଡ଼ିକ ସେମାନଙ୍କୁ ଆପଣାର ସକଳ ଶକ୍ତି ପ୍ରୟୋଗ କରି ଆକ୍ରମଣ କରିବାକୁ ବାହାରି ପଡ଼ନ୍ତି । ଆପଣାର ଶକ୍ତିକୁ ନାରି ରଖିବାକୁହିଁ ସେମାନେ ତାହା କରନ୍ତି । ମାତ୍ର ତାହାର ଏପରି କାରଣ ନୁହେଁ ଯେ ଏହି ଲୋକମାନେ···ବସ୍ତୁତଃ, ତୁମେ ନିଶ୍ଚୟ ବୁଝିପାରୁଥିବ, ସେମାନେ ଦୁଷ୍ଟ ବା ମନ୍ଦ ବୋଲି ଏପରି କଦାପି ହୁଏ ନାହିଁ । ଏପରି ହୁଏ, କାରଣ, ସେମାନେ ଯେଉଁ ଆଲୋକ ଏବଂ ଶକ୍ତିର ପ୍ରତିନିଧିତ୍ୱ କରୁଥାନ୍ତି, ତାହା ଅନ୍ୟ ଶକ୍ତିମାନେ ପ୍ରତିନିଧିତ୍ୱ କରୁଥିବା ଶକ୍ତିମାନଙ୍କର ଏକାବେଳେକେ ବିପରୀତ ହୋଇ ରହିଥାଏ ।

ମାଆ, ଏପରି କୁହାଯାଇଥାଏ ଯେ ଅସୁରମାନଙ୍କ ଭିତରେ ମଧ୍ୟ ଦିବ୍ୟ ପରମ ସତ୍ତାଙ୍କର କିଞ୍ଚିତ୍ ଅଂଶ ରହିଛି ।

ଅବଶ୍ୟ ରହିଛି !

ତେବେ, ଦିବ୍ୟ ପରମସତ୍ତା ଅସୁର ସହିତ ଯୁଦ୍ଧ କରୁଥିବା ସମୟରେ ଅସୁର ଭିତରେ ରହିଥିବା ଦିବ୍ୟ ପରମସତ୍ତା କ'ଣ କରୁଥାଏ ?

ସିଏ ସେତେବେଳେ ଦିବ୍ୟ ପରମସତ୍ତାଙ୍କ ପାଖକୁ ଫେରିଯାଏ । ତୁମେ ସେହି ଗପଟିକୁ ଜାଣିଛ ନା ? ରାମାୟଣରେ ଯେପରି ବର୍ଣ୍ଣିତ ହୋଇଛି, ଦିବ୍ୟ ପରମସତ୍ତା ତାହାକୁ ପୁନର୍ବାର ଗ୍ରହଣ କରିନିଅନ୍ତି । ଏହି ଅର୍ଥରେ ସେହି କାହାଣୀଟିର ଯଥେଷ୍ଟ ସତ୍ୟତା ରହିଛି ।

ଯଦି ଦିବ୍ୟ ପରମସତ୍ତା ଅସୁରକୁ ଛାଡ଼ି ଚାଲି ଯାଉଥାନ୍ତେ ତେବେ ଅସୁର ମଧ୍ୟ ବିଲୁପ୍ତ ହୋଇଯାଉଥାନ୍ତା, ନୁହେଁ ? —ଯେଉଁ ଦିବ୍ୟ ପରମ ସତ୍ତା ଅସୁର ଭିତରେ ଥାଆନ୍ତି, ମୁଁ ତାଙ୍କର କଥା କହୁଛି ।

ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି ଆପଣାର ଚୈତ୍ୟ-ସତ୍ତାକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ମାତ୍ର ତଥାପି ବିଲୁପ୍ତ ନ ହୋଇ ଜୀବନରେ ରହିଛନ୍ତି । ମାତ୍ର ତଥାପି, ନ୍ୟାୟସଙ୍ଗତ ସଙ୍ଗତି ଦୃଷ୍ଟିରୁ ଏପରି ମନେହେବ ଯେ,

'oaob.nitrkl.ac.in' images reprocessed

ଚୈତ୍ୟସତ୍ତ୍ୱ ନ ଥିବା ଜଣେ ମନୁଷ୍ୟ କଦାପି ବଞ୍ଚିରହି ପାରିବ ନାହିଁ, ତଥାପି ସେମାନେ ବଞ୍ଚି ରହିଆନ୍ତି । ଏବଂ ସମ୍ଭବତଃ ପରିଶେଷରେ ଏହି ଆସୁରି ଶକ୍ତିଗୁଡ଼ିକୁ ପୃଥିବୀରୁ ବିଲୁପ୍ତ କରିଦେବାକୁହିଁ ଏକ ଆବଶ୍ୟକତା ଆସି ପହଞ୍ଚିବ,—ସମ୍ଭବତଃ ଆପଣାର ସମୁଦାୟ ସୃଷ୍ଟିଟିକୁ ଆପଣା ମଧ୍ୟକୁ ପ୍ରତ୍ୟାହୃତ କରି ନେବାକୁ ଦିବ୍ୟ ପରମସତ୍ତ୍ୱଙ୍କ ଲାଗି ଏକ ଆବଶ୍ୟକତା ଆସି ପହଞ୍ଚିବ । କାରଣ, ଏଗୁଡ଼ିକ ତ ସୃଷ୍ଟିର ଏକାବେଳେକେ ମୂଳରେ ଯାଇ ଅବସ୍ଥିତ ରହିଛନ୍ତି ।

ତେବେ, ଦିବ୍ୟ ପରମସତ୍ତ୍ୱ ନିଜକୁ ନିଜ ଭିତରକୁ ପ୍ରତ୍ୟାହୃତ କରି ନ ନେବା ପର୍ଯ୍ୟନ୍ତ ଆଉ କୌଣସି ରୂପାନ୍ତର କ'ଣ ସମ୍ଭବ ହେବ ନାହିଁ ?

ମାତ୍ର, ତାହାକୁ ତ ପ୍ରଳୟ ବୋଲି କୁହାଯିବ ! ଏହା ରୂପାନ୍ତର ହେବ ନାହିଁ, ତଦ୍ୱାରା ଏହି ପୃଥିବୀର ପ୍ରଳୟ ହୋଇଯିବ । ଏପରି କୁହାଯାଇଛି ଯେ ଏପର୍ଯ୍ୟନ୍ତ ଛଅଥର ସୃଷ୍ଟି ହୋଇଛି, ଅର୍ଥାତ୍ ଏହି ବିଶ୍ୱବହ୍ମାଣ୍ଡର ଛଅଥର ବହିଃପ୍ରକାଶ ଘଟିଛି ଏବଂ ବିଶ୍ୱବ୍ରହ୍ମାଣ୍ଡ ଛଅଥର—ଶାସ୍ତ୍ରରେ ଏହିପରି ଏକ ବର୍ଣ୍ଣନା ରହିଛି,—ଦିବ୍ୟ ପରମସତ୍ତ୍ୱଙ୍କ ମଧ୍ୟକୁ ପ୍ରତ୍ୟାବର୍ତ୍ତିତ ହୋଇଯାଇଛି । ମାତ୍ର ଏହାକୁହିଁ ଶେଷ ବୋଲି କୁହାଯାଇଛି । ନିଶ୍ଚିତ ଭାବରେ ଏହା ହେଉଛି ଗୋଟିଏ ପରିଣାମ, ମାତ୍ର ତଥାପି ସମ୍ପୂର୍ଣ୍ଣ ପରିଣାମ ଆଦୌ ନୁହେଁ । ଏପରି ହେବାର କାରଣ ହେଉଛି ଯେ, ସୃଷ୍ଟି ମଧ୍ୟରେ କିଛି ନା କିଛି ଅଭାବ ରହିଥିଲା ଏବଂ ତାହାକୁ ଆଉଥରେ ଅନ୍ୟପ୍ରକାରେ ତିଆରି କରିବା ଲାଗି ପ୍ରତ୍ୟାହୃତ କରିନେବା ଆବଶ୍ୟକ ହେଲା । ଏହିପରି ଭାବରେ କୁହାଯାଉଛି ଯେ ଆମର ଏହି ସୃଷ୍ଟିଟି ହେଉଛି ସପ୍ତମ ସୃଷ୍ଟି, ଏବଂ, ସପ୍ତମ ସୃଷ୍ଟି ହୋଇଥିବାରୁ ଏହାହିଁ ପ୍ରକୃତ ସୃଷ୍ଟି, ଅର୍ଥାତ୍ ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ଏହାକୁ ପ୍ରତ୍ୟାହୃତ କରିନେବା ଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଅର୍ଥାତ୍ ଏହି ସୃଷ୍ଟି ରୂପାନ୍ତରିତ ହେବାରେ ଲାଗିଥିବ, ଏବଂ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ହେବାରେ ଲାଗିଥିବ । ତେଣୁ ଏହାକୁ ପ୍ରତ୍ୟାହୃତ କରିନେବାର ଆଉ କୌଣସି ଆବଶ୍ୟକତା ରହିବ ନାହିଁ ।

ଏପରି ଯାହା କୁହାଯାଇଛି, ତାହା କେତେଦୂର ସତ ? ସେକଥା ପରେ ପ୍ରମାଣିତ ହେବ !

ସେକଥା ପରେ ପ୍ରମାଣିତ ହେବ !

ମାତ୍ର ବିଗତ ଛଅଟି ଥର କ'ଣ ପ୍ରକୃତରେ ସେହିପରି ଘଟିଥିଲା ?

'oaob.nitrkl.ac.in' images reprocessed

ହଁ, ପ୍ରଥମ ଛଅ ଥର ସେହିକଥା ଘଟିଥିଲା । ଏପରିକି ଏହିପରି ଏକ ଆଦେଶ ଦିଆହୋଇ ରହିଛି; ଏକ ଆଦେଶ, ଯେଉଁଥିରେ କ···କାରଣ, କେତୋଟି ବିଶେଷ ଗୁଣକୁ ଆଧାର କରି ପ୍ରତ୍ୟେକ ସୃଷ୍ଟିର ନିର୍ମାଣ ହୋଇଥାଏ ଏବଂ ସେହି ବିଶେଷ ଗୁଣଗୁଡ଼ିକର ଅନୁକ୍ରମଟି ମଧ୍ୟ ପ୍ରଦତ୍ତ ହୋଇ ରହିଛି । ମୋତେ ସେଗୁଡ଼ିକ ଜଣାଅଛି, ସେଗୁଡ଼ିକୁ ମୁଁ କେଉଁଠି ଲେଖି ମଧ୍ୟ ରଖିଛି । ମାତ୍ର ବର୍ତ୍ତମାନ ତାହା ମୋ' ପାଖରେ ନାହିଁ ଓ ତେଣୁ ମୁଁ ତାହାକୁ ତୁମମାନଙ୍କୁ କହିପାରୁ ନାହିଁ । ମନରୁ କହିଲେ ହୁଏତ ଭୁଲ୍ କରି ପକାଇବି । ମାତ୍ର, ସେହି କଥାଟି ଯେଉଁ କାଗଜଟି ଉପରେ ଲେଖାଯାଇଛି, ମୁଁ କୌଣସି ଦିନ ସେଇଟିକୁ ସାଙ୍ଗରେ ଆଣିବି । ମୋ'ର ଏତିକି ମନେ ଅଛି ଯେ, ଏଥର ଯେଉଁ ସୃଷ୍ଟି ହେବାକୁ ଯାଉଛି, ତାହା ସମତାବସ୍ଥା ଉପରେ ଆଧାରିତ ହୋଇ ରହିବ । ମାତ୍ର ଏକ ବିଶେଷ ସମତାବସ୍ଥା ଉପରେ, କାରଣ ଏଇଟି ହେଉଛି ଉତ୍ତରୋତ୍ତର ପୁନର୍ଗଠନ କରିବାରେ, ଲାଗିଥିବା ଏକ ସମତାବସ୍ଥା । ଏହି ସମତାବସ୍ଥା ଏକ ସ୍ଥାଣୁ ସମତାବସ୍ଥା ଆଦୌ ନୁହେଁ, ସ୍ଥାଣୁ ସମତାବସ୍ଥା ହେଉଛି ବର୍ତ୍ତମାନ ବିଦ୍ୟମାନ ରହିଥିବା ସୃଷ୍ଟିଟିର ଗୁଣ ଓ ଲକ୍ଷଣ । ମାତ୍ର ଏଇଟିହିଁ ଯଥାର୍ଥ ସମତାବସ୍ଥା; ସେହି କାରଣରୁହିଁ କୁହାଯାଇଛି ଯେ, ଏହି ସୃଷ୍ଟିରେ, ଯଦି ପ୍ରତ୍ୟେକ ବସ୍ତୁ ତା'ର ଆପଣା ଆପଣା ସ୍ଥାନରେ ଅବସ୍ଥିତ ରହେ, ଅର୍ଥାତ୍ ଏକ ସମ୍ପୂର୍ଣ୍ଣ ଭାରସାମ୍ୟର ଅବସ୍ଥାରେ ଅବସ୍ଥିତ ରହେ, ତେବେ ଏଠାରେ ମନ୍ଦ ବୋଲି ଆଉ କିଛିହେଲେ ରହିବ ନାହିଁ । ମନ୍ଦ କହିଲେ ପ୍ରକୃତରେ କ'ଣ ବୁଝାଏ ? —ମନ୍ଦ କହିଲେ ଏପରି ଗୁଡ଼ିଏ ବସ୍ତୁକୁ ବୁଝାଏ, ଯେଉଁମାନେକି ସମତାବସ୍ଥାରେ ଅବସ୍ଥିତ ନ ଥାନ୍ତି ! ଏପରି କୌଣସି ବସ୍ତୁ ନାହିଁ, ଆମେ ଯାହାକୁ କି ଅନ୍ତର୍ଜାତ ଭାବରେ ମନ୍ଦ ବୋଲି କହିପାରିବା; ଗୋଟିଏ ବସ୍ତୁ ଯେଉଁଠାରେ ରହିଥାଏ, କେବଳ ତାହାହିଁ ଅନେକ ସମୟରେ ଉଚିତ ହୋଇ ନ ଥାଏ, ସେଇଟି ଲାଗି ଭୁଲ୍ ହୋଇ ରହିଥାଏ ।

ତେବେ ଅସୁରମାନଙ୍କର ଯଥାର୍ଥ ସ୍ଥିତି ପୁଣି କେଉଁଠି ?

ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ପୁନଃଗୃହୀତ ହେବା,—ତାହାହିଁ ଅସୁର-ମାନଙ୍କର ଯଥାର୍ଥ ସ୍ଥିତି । ଚାରିଜଣ ବଡ଼ ଅସୁର ରହିଥିଲେ । ଚାରୋଟିଙ୍କ ଭିତରୁ ଦୁଇଟିଙ୍କର ଦୀକ୍ଷାନ୍ତର ହୋଇ ସାରିଛି । ବର୍ତ୍ତମାନ ସେମାନେ ଦିବ୍ୟ କାର୍ଯ୍ୟରେ ଅଂଶଗ୍ରହଣ କରୁଛନ୍ତି । ଅନ୍ୟ ଦୁଇ ଅସୁର ଖୁବ ପ୍ରବଳ ଭାବରେ ପ୍ରତିରୋଧ କରିବାରେ ଲାଗିଛନ୍ତି । ମାତ୍ର ସେମାନେ ଆଉ କେତେଦିନ ଏହିପରି ଭାବରେ ପ୍ରତିରୋଧ କରିପାରିବେ ? ଦେଖାଯାଉ, କେତେଦିନ କରିପାରିବେ । ତେଣୁ ସେମାନଙ୍କୁ ବାଛିବାକୁ ପଡ଼ିବ । ହୁଏତ ସେମାନେ ଦୀକ୍ଷାନ୍ତରିତ ହେବେ ଅର୍ଥାତ୍

'oaob.nitrkl.ac.in' images reprocessed

ସମଗ୍ରଟି ମଧ୍ୟରେ ଆପଣାର ସ୍ଥାନଟିକୁ ଗ୍ରହଣ କରନେଇ ସେହିଠାରେ ଅବସ୍ଥିତ ରହିବେ, ନଚେତ୍ ବିଲୁପ୍ତ ହୋଇଯିବେ, ଅର୍ଥାତ୍ ଆପଣାର ମୂଳ-ଉତ୍ପତ୍ତି ସେମାନଙ୍କୁ ପୁନର୍ବାର ଉଦରସାତ୍ କରନେବ ।

ସେମାନଙ୍କ ମଧ୍ୟରୁ ଗୋଟିଏ ଅସୁର ସାକ୍ଷାତ୍କାର ଲାଗି ପ୍ରାୟ ଏକ ଉଦ୍ୟମ କରିଥିଲା ବୋଲି କୁହାଯିବ, ମାତ୍ର ସଫଳ ହୋଇପାରିଲା ନାହିଁ । ସାକ୍ଷାତ୍କାରର ସମୟ ଆସି ପହଞ୍ଚିଥିବା ବେଳେ ସେହି କାର୍ଯ୍ୟଟି ତାକୁ ଅତ୍ୟନ୍ତ ଅପ୍ରୀତିକର ବୋଧ ହେଲା । ତେଣୁ ସିଏ ତାହାକୁ ଏକ ପରବର୍ତ୍ତୀ ସମୟକୁ ଗଡ଼ାଇ ଦେଇ ଆସିଲା ।

ଆଉଟି କୌଣସି ଉଦ୍ୟମ କରିବାକୁହିଁ ସମ୍ମତ ହେଉ ନାହିଁ । ଏହି ପୃଥିବୀରେ ସିଏ ଗୋଟିଏ ଭାରି, ଭାରି ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ବସିଛି, କାରଣ ଯେଉଁ ଲୋକମାନେ ତାକୁ ଠିକ୍ ଭାବରେ ଚିହ୍ନି ନାହାନ୍ତି, ସେମାନେ ତାକୁ "ସକଳ ଜାତିର ପ୍ରଭୁ" ବୋଲି କହୁଛନ୍ତି । ବସ୍ତୁତଃ, ଅଳ୍ପ ସମୟ ପୂର୍ବରୁ ମୁଁ ଏପରି କେତେଗୁଡ଼ିଏ ଶକ୍ତିଙ୍କର କଥା କହୁଥିଲି, ଯେଉଁମାନେ କି ବର୍ତ୍ତମାନ ଏହି ପୃଥିବୀକୁ ଶାସନ କରିବାରେ ଲାଗିଛନ୍ତି ଏବଂ କୌଣସି ପରିସ୍ଥିତିରେ ମଧ୍ୟ ନିଜର ରାଜପଣକୁ ଛାଡ଼ିବା ଲାଗି ଇଚ୍ଛା କରୁ ନାହାନ୍ତି । ସେମାନେ ସେଥିରେ ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ରହିଛନ୍ତି,—ମାତ୍ର ଏକଥା ମଧ୍ୟ ସତ୍ୟ ନୁହେଁ ଯେ ଦିନେ ନା ଦିନେ ତା'ର ବି ଶେଷ ସମୟ ଆସି ପହଞ୍ଚିବ ବୋଲି ସିଏ ପ୍ରକୃତରେ ଜାଣି ନାହିଁ, ମାତ୍ର ତଥାପି ସିଏ ସେହି ସମୟଟିକୁ ସର୍ବଦା ପଛକୁ ପଛକୁ ଗଡ଼ାଇ ଦେବାରେ ଲାଗିଛି ।

ମାତ୍ର ସେହି ଶକ୍ତିଗୁଡ଼ିକର ଆଦୌ କୌଣସି ମାନବୀୟ ଆୟାମ ବା ପ୍ରସ୍ଥ ନ ଥିବାରୁ, ଏହିପରି ବର୍ତ୍ତମାନ ବେଶ୍ କେତେ କାଳ ପାଇଁ ଚାଲିବ, ନୁହେଁ ? ସେମାନଙ୍କର ପ୍ରଭାବ ଉଦ୍ଦେଶ୍ୟରେ ଅନୁସ୍ପନ୍ଦନ ଜଣାଉଥିବା ଏକ ମନୁଷ୍ୟଚେତନା ଯେପର୍ଯ୍ୟନ୍ତ କେଉଁଠି ନା କେଉଁଠି ମହଜୁଦ ରହିଥିବ, ସେପର୍ଯ୍ୟନ୍ତ ସେଗୁଡ଼ିକ ଅବଶ୍ୟ ରହିବେ । ତେଣୁ ତୁମେମାନେ ଅବଶ୍ୟ ସମସ୍ୟାଟିକୁ ଅନୁମାନ କରି-ପାରୁଥିବ ! ସେମାନେ ବର୍ତ୍ତମାନ ଆଉ ବ୍ୟକ୍ତିମାନଙ୍କର ମାଧ୍ୟମରେ ନୁହେଁ, ଜାତିଗୁଡ଼ିକର ମାଧ୍ୟମରେହିଁ ଆପଣା ପ୍ରଭାବଟିକୁ କାର୍ଯ୍ୟକାରୀ କରିବାରେ ଲାଗିଛନ୍ତି ।

କେଉଁ ଦୁଇ ଶକ୍ତିଙ୍କର ସାକ୍ଷାତ୍କାର ହୋଇସାରିଛି ?

ତୁମେ କ'ଣ ଚାରୋଟିଯାକ ଅସୁରଙ୍କୁ ଜାଣିଛ ?

ନା—ମୁଁ ସେମାନଙ୍କୁ ଜାଣି ନାହିଁ ।

ଏହି ଚାରି ଅସୁରଙ୍କର ଅସଲ ଉତ୍ପତ୍ତିସ୍ଥଳଟିକୁ ତୁମେ ଜାଣିଛ କି ? (ଆଉଜଣେ ପିଲାକୁ) କିଏ ଏକଥା ଜାଣିଛି ?

'oaob.nitrkl.ac.in' images reprocessed

ଆପଣ କ୍ଲାସ୍‌ରେ ଥରେ ଆମକୁ କହିଥିଲେ ।

ହଁ ପ୍ରକୃତରେ କହିଥିଲି । ସେଇଥିପାଇଁ ତ ବର୍ତ୍ତମାନ ସେହି ବିଷୟରେ ପଚାରୁଛି । ମୋ'ର କହିଥିବା କଥାଗୁଡ଼ିକୁ ତୁମେମାନେ ମନେ ରଖିପାର କି ନାହିଁ, ସେଇ କଥା ଜାଣିବାକୁ ପଚାରୁଛି ।

ଆପଣ କହିଥିଲେ ଯେ ଚାରୋଟି ଦିବ୍ୟଶକ୍ତି ରହିଛନ୍ତି : ସେଗୁଡ଼ିକ ହେଲେ ପ୍ରେମ, ଆଲୋକ, ସତ୍ୟ ଏବଂ ଅମୃତତ୍ୱ ।

କ'ଣ କହିଲ ?

(ଆଉଜଣେ ପିଲା, ହସିକରି) ଜୀବନ !

ହଁ ।

ତା'ପରେ ଏହି ଚାରୋଟିଯାକ ଶକ୍ତି ଆପଣାକୁ ଦିବ୍ୟ ପରମସତ୍ତାଙ୍କ-ଠାରୁ ବିଚ୍ଛିନ୍ନ କରି ନେଇଗଲେ ଏବଂ ମିଥ୍ୟାରେ ପରିଣତ ହେଲେ······

ହଁ. ସେହିପରି ଗୋଟିଏ କିଛି ଘଟିଲା । ସେହିପରି ଗୋଟାଏ କିଛି !

ତା'ପରେ ଆଲୋକ ବା ଚେତନା ଅନ୍ଧକାର ଏବଂ ଅଚେତନାରେ ପରିଣତ ହେଲା । ପ୍ରେମ ଓ ଆନନ୍ଦ ଘୃଣା ଏବଂ ଦୁଃଖଭୋଗରେ ପରିଣତ ହେଲେ; ସତ୍ୟ ମିଥ୍ୟାରେ ପରିଣତ ହେଲା, ଜୀବନ ମୃତ୍ୟୁରେ ପରିଣତ ହେଲା । ଏବଂ, ପ୍ରଥମ ଦୁଇଟି···ମାତ୍ର ଦୁଇଟିଯାକ କଦାପି ସମାନ ଅବସ୍ଥାରେ ଅବସ୍ଥିତ ହୋଇ ରହି ନାହାନ୍ତି । ପ୍ରଥମଟିର ସାକ୍ଷାତ୍କାର ହୋଇଛି ଓ ତାହା କାର୍ଯ୍ୟ ମଧ୍ୟ କରୁଛି; ମାତ୍ର ତାହା ଏକ ମନୁଷ୍ୟଶରୀର ଧାରଣ କରିବାକୁ ମୋଟେ ସମ୍ମତ ହେଉନାହିଁ; ସିଏ କହୁଛି ଯେ ଏହାଦ୍ୱାରା ତା'ର କାର୍ଯ୍ୟର ପରିସର ଭାରି ସୀମାବଦ୍ଧ ହୋଇପଡ଼ିବ; ସମ୍ଭବତଃ ସିଏ ଦିନେ ମନୁଷ୍ୟଶରୀର ଧାରଣ କରିବ, ମାତ୍ର ବର୍ତ୍ତମାନ ଅସମ୍ମତ ହୋଇ ରହିଛି । ଦ୍ୱିତୀୟଟିର ସାକ୍ଷାତ୍କାର ହୋଇଯାଇଛି ଓ ଆପଣା ଇଚ୍ଛାରେହିଁ ବିଲୁପ୍ତି ଲଭିଛି । ତାହା ଆପଣାର ଉତ୍ପତ୍ତିସ୍ଥଳରେ ଯାଇ ବିଲୁପ୍ତ ହୋଇଯାଇଛି । ଏବଂ, ଶେଷ ଦୁଇଟି ଭାରି ଚମତ୍କାର ଭାବରେ ପ୍ରତିରୋଧ କରିବାରେ ଲାଗିଛନ୍ତି ।

ମୃତ୍ୟୁରୂପୀ ଅସୁରଟି ଏକ ଅବତାର ଗ୍ରହଣ କରିବାକୁ ଚେଷ୍ଟା କରିଥିଲା । ମାତ୍ର ସାକ୍ଷାତ୍‌ଗତ ହୋଇପାରିଲା ନାହିଁ । ଅବତୀର୍ଣ୍ଣ ହେବାକୁ ଚେଷ୍ଟା କଲା,— ମାତ୍ର ଏପରି ଅତ୍ୟନ୍ତ କ୍ୱଚିତ୍‌ହିଁ ଘଟିଥାଏ । ମାତ୍ର ଏହା ଏକ ଆଂଶିକ ଅବତାର-

'oaob.nitrkl.ac.in' images reprocessed

ଗ୍ରହଣ ହୋଇ ରହିଥିଲା, ଆଦୌ ସମଗ୍ର ହୋଇପାରି ନ ଥିଲା । ମନୁଷ୍ୟର ଶରୀରଗୁଡ଼ିକ ଅତ୍ୟନ୍ତ କ୍ଷୁଦ୍ର, ମନୁଷ୍ୟର ଚେତନାଗୁଡ଼ିକ ମଧ୍ୟ ଭାରି କ୍ଷୁଦ୍ର ।

ବିଶ୍ୱସୃଷ୍ଟିର ଏପରି ନାନା ପ୍ରସର୍ଜନ ରହିଛି, ଯେଉଁଗୁଡ଼ିକ କି କେତେକ ମନୁଷ୍ୟଙ୍କର ଶରୀରରେ ଭାରି ସକ୍ରିୟ ହୋଇ ରହିଥାନ୍ତି । ଏବଂ ଏହି ପୃଥିବୀର ଆଧୁନିକ ଇତିହାସରେ ସେମାନେ ଏକ ବୃହତ୍ ଭୂମିକା ଗ୍ରହଣ କରିଛନ୍ତି ।

ଅସୁରମାନେ କ'ଣ ନିଜ ଭିତରେ କୌଣସି କଳହ କରନ୍ତି ନାହିଁ ?

ହଁ, ହଁ, ଅବଶ୍ୟ କରନ୍ତି ! ଆସୁରିକ ପ୍ରଭାବର ଜାଲରେ ପଡ଼ିଥିବା ମଣିଷମାନଙ୍କ ପରିହିଁ ସେମାନେ କଳହ କରନ୍ତି । ସେମାନେ ନିଜେହିଁ ପରସ୍ପରର ସବୁଠାରୁ ବଡ଼ ଶତ୍ରୁ ହୋଇ ରହିଥାନ୍ତି । ଏହାକୁ ପ୍ରକୃତରେ ଏକ ଶୁଭାଶୀର୍ବାଦ ବୋଲି କହିବାକୁ ହେବ, କାରଣ ସେମାନଙ୍କର ପରସ୍ପର ଭିତରେ ଯଦି ଏକ ଭଲ ବୁଝାମଣା ରହିଥାନ୍ତା, ତେବେ ସବୁକିଛି ଆହୁରି ଅଧିକ କଷ୍ଟକର ହୋଇପଡ଼ନ୍ତା । ସମ୍ଭବତଃ ଏପରି ହେଉଛି, କାରଣ ସମତାବସ୍ଥାର ଏକ ବିଧାନହିଁ ଏହି ପୃଥିବୀକୁ ପରିଚାଳିତ କରିବାରେ ଲାଗିଛି । ସେମାନଙ୍କର ପ୍ରଭାବଶକ୍ତିକୁ ହ୍ରାସ କରିଦେବାକୁହିଁ ଏପରି ଘଟୁଛି । ମାତ୍ର ତଥାପି...

ମିଥ୍ୟାର ଏହି ପ୍ରବୃତ୍ତିର ପ୍ରକୃତରେ ପ୍ରଭୂତ ପ୍ରଭାବ ରହିଛି । ତାହାହିଁ ଏକ ହନନାତ୍ମକ ରୋଗର ପ୍ରବଳ ଶକ୍ତିରେ ଆସି ତୁମକୁ ମାଡ଼ି ବସୁଛି । ତାହା ଅପେକ୍ଷା ଆହୁରି ଅଧିକ ପ୍ରବଳ ଶକ୍ତିରେ !

ମାଆ, ମିଥ୍ୟା ବି କ'ଣ କୌଣସି ପ୍ରକାରେ ରୂପ ଗ୍ରହଣ କରିବାକୁ ଇଚ୍ଛା କରି ନ ଥିଲା ?

ସିଏ ଏହି ପୃଥିବୀକୁ ପ୍ରସର୍ଜନମାନ ପ୍ରେରଣ କରିଥିଲା, ମାତ୍ର ଦୀକ୍ଷାନ୍ତର ଲାଗି ସିଏ ସେପରି କରିଥିଲା ବୋଲି ମୁଁ ଆଦୌ ଭାବୁ ନାହିଁ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସେଥିରେ ସଫଳ ହୋଇପାରିଲା ନାହିଁ ।

ମାତ୍ର ପ୍ରତିକୂଳ ଶକ୍ତିମାନଙ୍କ ସକାଶେ ମନୁଷ୍ୟ କାହିଁକି ଏକ ଆକର୍ଷଣ-କେନ୍ଦ୍ର ହୋଇ ରହିଛି ? ମଣିଷ ପ୍ରକୃତରେ କେଡ଼େ ସୀମିତ !

ହଁ । ଏବଂ ସେମାନେ ସାଧାରଣତଃ କେବଳ ଜଣେ ମଣିଷ ଉପରେ ବି କାର୍ଯ୍ୟ କରନ୍ତି ନାହିଁ । ମାତ୍ର ସେମାନେ ଏହି ପୃଥ୍ୱୀ-ବାତାବରଣଟିକୁ କବଳଗତ କରିନେବାକୁ ଚେଷ୍ଟା କରନ୍ତି; ଏବଂ, ତୁମେ ବୁଝିପାରୁଥିବ, ମଣିଷମାନଙ୍କୁ ଅକ୍ତିଆର

'oaob.nitrkl.ac.in' images reprocessed

କରିପାରନ୍ତି ନାହିଁ ବୋଲି ଏହି ବାତାବରଣକୁ ମଧ୍ୟ ଅସ୍ୱୀକାର କରିପାରନ୍ତି ନାହିଁ । କାରଣ, ଏହି ମନୁଷ୍ୟ ଭିତରେହିଁ ଉଚ୍ଚତମ ପୃଥ୍ୱୀଶକ୍ତି ରୂପାୟିତ ହୋଇ ରହିଥାଏ । ଜଣେ ମନୁଷ୍ୟ-ବ୍ୟକ୍ତିର ଶରୀରକୁ ରୂପାନ୍ତର ଲାଗି ଗ୍ରହଣ କରିବା, ତାହା ହେଉଛି ପ୍ରକୃତରେ ଭାରି···ଏହାର ଉତ୍ତର ଅତ୍ୟନ୍ତ ସହଜ । କାରଣ ହେଉଛି ଯେ, ମନୁଷ୍ୟ ଭିତରେ ଗୋଟିଏ ଚୈତ୍ୟସତ୍ତା ରହିଛି, ଏବଂ ଏପରି କୌଣସି ଅସୁର ନାହିଁ ଯିଏକି ସବୁକାଳ ଲାଗି ଚୈତ୍ୟସତ୍ତାର ପ୍ରଭାବକୁ ପ୍ରତିରୋଧ କରିପାରିବ । ଏପରିକି ସମର୍ପଣ ଲାଗି ଆପଣାର ସମସ୍ତ ଶକ୍ତିକୁ ପ୍ରୟୋଗ କରି ଅସମ୍ମତି ପ୍ରକାଶ କଲେ ମଧ୍ୟ ଓ ଆପଣାକୁ କଷି କରି ବାନ୍ଧି ରଖିବାକୁ ଚେଷ୍ଟା କଲେ ମଧ୍ୟ ସିଏ ତାହା କରିପାରିବ ନାହିଁ । ପ୍ରକୃତରେ ଏହାକୁହିଁ ସେମାନଙ୍କର ଅସ୍ତିତ୍ୱ ମଧ୍ୟରେ ବିଦ୍ୟମାନ ରହିଥିବା ବିରୋଧଟି ବୋଲି ବୁଝାଯିବ ।

ମାଆ, ଶ୍ରୀଅରବିନ୍ଦ କହିଛନ୍ତି ଯେ, ଜଣେ ଚେଷ୍ଟା କଲେ ମାନବୀୟ ପ୍ରେମରୁ ଦିବ୍ୟ ପରମପ୍ରେମର ସୋପାନକୁ ଅତିକ୍ରମ କରିଯାଇ ପାରିବ ।

ଶ୍ରୀଅରବିନ୍ଦ ଭକ୍ତିରୂପେ ଅର୍ଥାତ୍ ଦିବ୍ୟ ପରମସତ୍ତାଙ୍କ ପ୍ରତି ରହିଥିବା ଶ୍ରଦ୍ଧାର ଏକ ଶକ୍ତିରୂପେ ଆପଣାକୁ ପ୍ରକାଶିତ କରୁଥିବା ମାନବୀୟ ପ୍ରେମର କଥା କହିଛନ୍ତି । ସିଏ କହିଛନ୍ତି ଯେ ପ୍ରଥମାବସ୍ଥାରେ ଦିବ୍ୟ ପରମସତ୍ତାଙ୍କ ପ୍ରତି ତୁମର ଭଲ ପାଇବା ଅତ୍ୟନ୍ତ ମନୁଷ୍ୟସ୍ତରରହିଁ ଏକ ଭଲପାଇବା ହୋଇ ରହିଥାଏ ଏବଂ ସେଥିରେ ମନୁଷ୍ୟପ୍ରେମର ଯାବତୀୟ ଲକ୍ଷଣ ଦେଖିବାକୁ ମିଳୁଥାଏ । ଶ୍ରୀଅରବିନ୍ଦ ଏହି କଥାଟିକୁ ଭାରି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ତଥାପି ଯଦି ତୁମେ ଆଦୌ କ୍ଷାନ୍ତ ହୋଇ ନ ଯାଇ ଆବଶ୍ୟକ ଉଦ୍ୟମଟିକୁ କରିପାରିବ, ତେବେ ଏହି ମନୁଷ୍ୟ-ସ୍ତରୀୟ ପ୍ରେମ ତୁମେ ଯାହାକୁ ଭଲ ପାଉଛ, ତାହାରି ସହିତ ଏକାତ୍ମକତା ଲାଭ କରିବାର ମାଧ୍ୟମରେ ଦିବ୍ୟ ପ୍ରେମରେ ରୂପାନ୍ତରିତ ହୋଇଯାଇ ପାରିବା ମଧ୍ୟ ଆଦୌ ଅସମ୍ଭବ ହେବ ନାହିଁ । ସିଏ କଦାପି କହି ନାହାନ୍ତି ଯେ ଦୁଇ ମନୁଷ୍ୟ-ବ୍ୟକ୍ତିମାନଙ୍କ ମଧ୍ୟରେ ରହିଥିବା ପ୍ରେମ ଦିବ୍ୟ ପ୍ରେମକୁ ପରିବର୍ତ୍ତିତ ହୋଇଯାଇ ପାରିବ । ସେକଥା ମୋଟେ କହି ନାହାନ୍ତି । ସବୁବେଳେ ଠିକ୍ ବିପରୀତ କଥାଟିହିଁ କହିଛନ୍ତି । ତୁମେ ଜାଣିଛ, ତାଙ୍କ ଭକ୍ତି ବିଷୟରେ, ଅର୍ଥାତ୍ ଦିବ୍ୟ ପରମସତ୍ତାଙ୍କ ଲାଗି ରହିଥିବା ଜଣେ ସାଧକର ପ୍ରେମ ବିଷୟରେ ପ୍ରଶ୍ନ ପଚାରିଥିବା ଜଣେ ବ୍ୟକ୍ତିଙ୍କ ସନ୍ଦର୍ଭରେ ସିଏ ଏହିକଥା କହିଛନ୍ତି । ପ୍ରଥମାବସ୍ଥାରେ ତୁମର ପ୍ରେମ ସମ୍ପୂର୍ଣ୍ଣ ଭାବରେ ମନୁଷ୍ୟସ୍ତରୀୟ ହୋଇ ରହିଥାଏ—ଏବଂ ସିଏ ତାହାକୁ ସତେଅବା ଏକ ବାଣିଜ୍ୟିକ ପଣ୍ୟବିନିମୟର ସମତୁଲ କରି କହିଛନ୍ତି । ମାତ୍ର ଯଦି ତୁମେ ଅଗ୍ରଗତି

'oaob.nitrkl.ac.in' images reprocessed

କରିବ, ତେବେ ତୁମର ପ୍ରେମ ଦିବ୍ୟ ପ୍ରେମକୁ ଅର୍ଥାତ୍ ଯଥାର୍ଥ ଭକ୍ତିକୁ ପରିବର୍ତ୍ତିତ ହୋଇଯାଇ ପାରିବ ।

> ବେଳେବେଳେ ଆମେ କୌଣସି ଏକ ନିର୍ଦ୍ଦିଷ୍ଟ ଅଧ୍ୟାୟ ପ୍ରତି ବିଶେଷ ଭାବରେ ଅଧିକ ରୁଚି ଦେଖାଇଥାଉ । କାହିଁକି ? ଏଠାରେ ଆନ୍ତରିକତା ଏବଂ ଅଭୀପ୍‌ସା ବିଷୟରେ ରହିଥିବା ଅଧ୍ୟାୟଟିକୁ ଉଦାହରଣ ରୂପେ ଗ୍ରହଣ କରାଯାଇ ପାରିବ ।

ତୁମେ ସେଇଟିକୁ ପାଠ କରିବାର ଆଗ୍ରହ ବିଷୟରେ କହୁଛ ? ସମ୍ଭବତଃ ତାହାର କାରଣ ହେଉଛି ଯେ, ଅଧ୍ୟାୟଟିରେ ଯାହା ରହିଛି, ତାହା ସକାଶେ ତାହାର ଆବଶ୍ୟକତା ରହିଥାଏ ! ଯଦି ତୁମର କୌଣସି ଗୋଟିଏ ବସ୍ତୁ ଲାଗି ଆକର୍ଷଣ ରହିଛି, ସାଧାରଣତଃ ଏହିପରି ହୁଏ ଯେ, ତୁମ ଲାଗି ତାହାକୁ ପାଠ କରିବାର ଏକ ଆବଶ୍ୟକତା ରହିଥାଏ; ଏବଂ, ତୁମ ଲାଗି ଯାହା ବୁଝିବାର ଆବଶ୍ୟକତା ରହିଛି, ତାହାହିଁ ତୁମପାଖରେ ଆସି ଉପସ୍ଥିତ ହୋଇଥାଏ । ସମ୍ପୂର୍ଣ୍ଣ ଭାବରେ ଏକ ସ୍ଥୂଳ ଉପାୟରେ ମଧ୍ୟ, ମୁଁ ଅନେକ ସମୟରେ ତୁମମାନଙ୍କୁ ସେଇଟିକୁ ବତାଇ ଦେଇଛି, ସେଇଟିକୁ କାମରେ ଲଗାଇ ପାରିବ । ତୁମେ ଆପଣାକୁ ଅଭିନିବେଶିତ କରି ଆଣିବ,—ଯଦି ତୁମର କୌଣସି ଅସୁବିଧା ରହିଥାଏ ଅଥବା ତୁମେ ଯଦି କୌଣସି ସାହାଯ୍ୟ ଆବଶ୍ୟକ କରୁଥାଅ, ତେବେ ତୁମେ ଆପଣାକୁ ଅଭିନିବେଶିତ କରି ଆଣିବ ଏବଂ କୌଣସି ବହି ଭିତରେ ଗୋଟିଏ ଚିହ୍ନ ନେଇ ଭର୍ତ୍ତି କରିଦେବ ଏବଂ ଦେଖିବ, ତୁମେ ଯାହା ପଚାରିଥିଲ, ତୁମେ ତାହାର ଉତ୍ତର ଦେଇ ପାରୁଥିବା ଗୋଟିଏ ଜାଗାରେ ଯାଇ ହାବୁଡ଼ିପିବ । ଏଇଟି ହେଉଛି ସବୁଠାରୁ ସ୍ଥୂଳ ଉପାୟ; ମାତ୍ର ଯଦି ତୁମର ମନ ଉଚିତ ଅବସ୍ଥାରେ ରହିଥିବ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଯେତେବେଳେ ତାହା ଶୀର୍ଷକ-ଗୁଡ଼ିକୁ ପଢ଼ିବ, ସେତେବେଳେ ଅବଶ୍ୟ କହିବ, "ମୁଁ ପ୍ରକୃତରେ ଏହାହିଁ ପଢ଼ିବା ଲାଗି ଇଚ୍ଛା କରୁଥିଲି",—ସେହି ବିଷୟଟିରେ କ'ଣ ଅଛି, ତୁମେ ସେତେବେଳେ ସେକଥା ମଧ୍ୟ ମୋଟେ ଜାଣି ନ ଥିବ । ଏପରି ହେବ, କାରଣ ତାହା ଅନୁଭବ କରୁଥିବ ଯେ, ତା'ର ପ୍ରଶ୍ନ ଅଥବା ତା' ଆବଶ୍ୟକତାଟିର ଉତ୍ତର ଦେଇପାରିବାକୁ ହେଲେ ଠିକ୍ ଏହି ବିଷୟଟିକୁହିଁ ପାଠକରିବାକୁ ହେବ ।

ଅଗ୍ରଗତି କରିବା ଲାଗି କୌଣସି ଉଦ୍ୟମ ନ କରିଥିଲେ ମଧ୍ୟ କେତେକ ବ୍ୟକ୍ତିଙ୍କ ପାଖରେ ସେହି ଶକ୍ତିଟି ରହିଥାଏ, ଏବଂ ସେହି କ୍ଷେତ୍ରରେ ସେମାନଙ୍କୁ ବହିଟିଏ ଦେଇ ସର୍ବଦା ଏପରି ଜଣେ ବ୍ୟକ୍ତି ଆସି ଅବଶ୍ୟ ପହଞ୍ଚେ ଏବଂ, ଏପରିକି

'oaob.nitrkl.ac.in' images reprocessed

ପ୍ରକୃତ କାରଣଟିକୁ ନ ଜାଣି କରି ମଧ୍ୟ ସେମାନଙ୍କୁ କହିବାକୁ ଲଗେ, "ଏହି ବହିଟିକୁ ପଢ଼ିବ । ପଢ଼ିବାକୁ ତୁମକୁ ନିଶ୍ଚୟ ଭଲ ଲାଗିବ ।" ଅଥବା, ଏପରି, ବି ହୁଏତ ଘଟିବ ଯେ ସେମାନେ କୌଣସି ଘର ଭିତରକୁ ପ୍ରବେଶ କରି ଟେବୁଲ୍ ଉପରେ ବହିଟିଏ ପଡ଼ିଥିବାର ଦେଖିବାକୁ ପାଇବେ—ଠିକ୍ ସେଇଟିକୁହିଁ ସେମାନେ ପଢ଼ିବାକୁ ଇଚ୍ଛା କରିବେ । ଏକଥା ଅତ୍ୟନ୍ତ ପରିମାଣରେ ଅନ୍ତର୍ଗତ ଅଭୀପ୍ସାର ପ୍ରଗାଢ଼ତା ଉପରେହିଁ ନିର୍ଭର କରୁଥିବ । ଯଦି ତୁମେ ସଚେତନ ଅଭୀପ୍ସାର ଏକ ସ୍ଥିତିରେ ରହିଥିବ, ଯଦି ତୁମଠାରେ ପୂର୍ଣ୍ଣ ଆନ୍ତରିକତା ଥିବ, ତେବେ ତୁମର ଚତୁଃପାର୍ଶ୍ୱରେ ରହିଥିବା ସବୁକିଛି ତୁମକୁ ତୁମର ଅଭୀପ୍ସାରେ ସାହାଯ୍ୟ କରିବାକୁହିଁ ଅନୁକୂଳ ଭାବରେ ବ୍ୟବସ୍ଥିତ ହୋଇଯିବ । ପରୋକ୍ଷ ଅଥବା ପ୍ରତ୍ୟକ୍ଷ ଭାବରେ ସେକଥା ଅବଶ୍ୟ ହେବ, ଅର୍ଥାତ୍, ତୁମେ ଯେପରି ଅଗ୍ରଗତି କରିପାରିବ, ସେଥିଲାଗି ତାହା କୌଣସି ନୂତନ ବସ୍ତୁ ସହିତ ତୁମର ସ୍ପର୍ଶ ଘଟାଇଦେବ ବା, ଯାହା ତୁମକୁ ଗୁଡ଼ି ସ୍ଖଳିଯିବାର କଥା, ତାହାକୁ ତୁମର ସ୍ୱଭାବରୁ ଅପସାରିତ କରି ନେଇଯିବ । ଏହା ପ୍ରକୃତରେ ଏକ ଅତ୍ୟନ୍ତ ଚମତ୍କାର କଥା । ଯଦି ତୁମେ ଯଥାର୍ଥରେ ପ୍ରଗାଢ଼ ଅଭୀପ୍ସାର ଏକ ସ୍ଥିତିରେ ରହିଥାଅ, ତେବେ ଏପରି କୌଣସି ପରିସ୍ଥିତି ନାହିଁ, ଯାହାକି ତୁମକୁ ଏହି ଅଭୀପ୍ସାରେ ସହାୟକ ହେବା ଲାଗି ତୁମ ପାଖକୁ ନ ଆସିବ । ଯତେଯେପରି ଏକ ସମ୍ପୂର୍ଣ୍ଣ ଓ ନିର୍ବିଶେଷ ଚେତନା ତୁମର ଚାରିପାଖରେ ରହି ସକଳ ବସ୍ତୁକୁ ସଂଗଠିତ କରିଦେଇ ପାରୁଛି, ଠିକ୍ ସେହିପରି ସବୁକିଛି ଆସିବାରେ ଲାଗିଥିବ । ମାତ୍ର ତୁମେ ହୁଏତ ତୁମର ବାହ୍ୟ ଅଜ୍ଞାନରେ ଏହାକୁ ଆଦୌ ଚହ୍ନିପାରିବ ନାହିଁ ଏବଂ ଆପଣାକୁ ପ୍ରକଟ କରୁଥିବା ପରିସ୍ଥିତିଗୁଡ଼ିକ ପ୍ରତି ହୁଏତ ପ୍ରଥମେ ପ୍ରତିବାଦ ବି ଜଣାଉଥିବ, ହୁଏତ ଅଭିଯୋଗ କରୁଥିବ ଓ ସେଗୁଡ଼ିକୁ ବଦଳାଇ ଦେବା ଲାଗି ଚେଷ୍ଟା ବି କରୁଥିବ । ମାତ୍ର, କିଛିକାଳ ପରେ, ଯେତେବେଳେ ତୁମେ ଯଥାର୍ଥ କଥାଟିକୁ ଅଧିକ ବୁଝିପାରିବ, ଏବଂ ଯେତେବେଳେ ସେହି ଘଟନାଟି ଓ ତୁମ ଭିତରେ କିଞ୍ଚିତ୍ ଦୂରତା ରହିଥିବ, ସେତେବେଳେ ତୁମେ ଅବଶ୍ୟ ଉପଲବ୍ଧି କରିପାରିବ ଯେ, ଆବଶ୍ୟକ ଅଗ୍ରଗତିଟିକୁ ସମ୍ଭବ କରିବା ଲାଗି ତୁମର ଏହାହିଁ କରିବା ଆବଶ୍ୟକ ଥିଲା । ଏବଂ, ଅସଲ କଥା ହେଉଛି, ଏକ ଇଚ୍ଛା, ଏକ ସର୍ବୋଚ୍ଚ ସଦିଚ୍ଛାହିଁ ତୁମର ଚାରିପାଖରେ ଯାବତୀୟ ବସ୍ତୁକୁ ଏହିପରି ଭାବରେ ସଂଗଠିତ କରିଦେବାରେ ଲାଗିଥାଏ, ଏବଂ ଏପରିକି, ତାହାକୁ ସ୍ୱୀକାର କରି ନ ନେଇ ଯେତେବେଳେ ତୁମେ ଅଭିଯୋଗ ଓ ପ୍ରତିବାଦ ବି କରିବାରେ ଲାଗିଥାଅ, ବିଶେଷ ଭାବରେ ଠିକ୍ ସେହି ମୁହୂର୍ତ୍ତଗୁଡ଼ିକରେହିଁ ତାହା ସବୁଠାରୁ ଅଧିକ ଫଳଦାୟକ ଭାବରେ କାର୍ଯ୍ୟ କରିବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

ମୁଁ ଗୋଟିଏ ଛୋଟିଆ ବାକ୍ୟ ଲେଖିଛି, ଯାହାକି ପରବର୍ତ୍ତୀ ସଂଖ୍ୟା ବୁଲେଟିନ୍‌ରେ ବାହାରିବାକୁ ଯାଉଛି । ସେଥିରେ ପ୍ରାୟ ଏହିପରି ଗୋଟିଏ କଥା ରହିଛି (ଅବିକଳ ଶବ୍ଦଗୁଡ଼ିକୁ ବର୍ତ୍ତମାନ ମୁଁ ମନେପକାଇ ପାରୁ ନାହିଁ)* : ଯଦି ପୂର୍ଣ୍ଣ ସଂପ୍ରତ୍ୟୟର ସହିତ ଦିବ୍ୟ ପରମସତ୍ତାଙ୍କୁ ତୁମେ "ମୁଁ କେବଳ ତୁମକୁ ଚାହେଁ" ବୋଲି କହିପାରିବ, ତେବେ ଦିବ୍ୟ ପରମସତ୍ତା ଯାବତୀୟ ପରିସ୍ଥିତିକୁ ଏପରି ଭାବରେ ବ୍ୟବସ୍ଥିତ କରିଆଣିବେ ଯାହାକି ତୁମେ ଆନ୍ତରିକତାଯୁକ୍ତ ହେବା ଲାଗି ବାଧ୍ୟ ହେବ । ତୁମ ସତ୍ତା ଭିତରେ ଏକ ଉପାଦାନ·· "ମୁଁ କେବଳ ତୁମକୁହିଁ ଚାହୁଁଛି"···ସେହିପରି ଏକ ଅଭୀପ୍ସା···ଏବଂ ତା'ପରେ ଆମେ ଶହେଟା ଅନ୍ୟ କେତେପ୍ରକାରର ଯାଡ଼ୁସାଡ଼ୁର ବି ବାସନା ରଖିବାରେ ଲାଗିଥାଉ, ନୁହେଁ ? ବେଳେବେଳେ କିଛି ନା କିଛି ଆସି ପହଞ୍ଚିଯାଏ,—ସାଧାରଣତଃ, ସବୁକିଛିକୁ ଗୋଳମାଳ କରିଦେବାକୁ ଆସି ପହଞ୍ଚେ —ତାହା ଆସି ପ୍ରତିବନ୍ଧକ ହୋଇ ଛିଡ଼ା ହୁଏ ଏବଂ ତୁମର ଅଭୀପ୍ସାଟିକୁ ଉପଲବ୍ଧି କରିବାରୁ ତୁମକୁ ନିବୃତ୍ତ କରି ରଖେ । ହଁ, ଦିବ୍ୟ ପରମସତ୍ତା ଯେତେବେଳେ ଆସିବେ, ସେତେବେଳେ ସିଏ ଆପଣାକୁ ମୋଟେ ଦେଖାଇହୋଇ ଆସିବେ ନାହିଁ, ସେତେବେଳେ ତୁମେ ମଧ୍ୟ ତାଙ୍କୁ ଦେଖିପାରିବ ନାହିଁ, ତାଙ୍କର କୌଣସି ସଙ୍କେତହିଁ ପାଇପାରିବ ନାହିଁ । ଏବଂ, ଯାବତୀୟ ପରିସ୍ଥିତିକୁ ସିଏ ଏପରି ଭାବରେ ସଂଗଠିତ କରିଆଣିବେ ଯେ, ଯାହାକିଛି ତୁମକୁ ସଂପୂର୍ଣ୍ଣ ଭାବରେ କେବଳ ସେହି ଦିବ୍ୟ ପରମସତ୍ତାଙ୍କରହିଁ ହୋଇ ରହିବାରୁ ନିବୃତ୍ତ କରି ରଖୁଛି, ସେଗୁଡ଼ିକ ତୁମର ପଥରୁ ଅପସାରିତ ହୋଇଯିବ, ସୁନିଶ୍ଚିତ ଭାବରେ ଅପସାରିତ ହୋଇଯିବ । ତା'ପରେ, ଯେତେବେଳେ ସବୁ ବାଧା ଦୂର ହୋଇଯିବ, ସେତେବେଳେ ତୁମେ ଚିତ୍କାର କରିବାକୁ ଆରମ୍ଭ କରିବ, ଅଭିଯୋଗ କରିବାକୁ ଆରମ୍ଭ କରିବ; ମାତ୍ର ପରେ, ଯଦି ତୁମର ଯଥାର୍ଥରେ ଆନ୍ତରିକତା ରହିଥିବ ଏବଂ ଯଦି ତୁମେ ନିଜ ଆଡ଼କୁ ସିଧା ଆଖି ଉପରେ ଯାଇ ଦୃଷ୍ଟିପାତ କରିପାରିବ···ତୁମେ ଦିବ୍ୟ ପରମସତ୍ତାଙ୍କୁ "ମୁଁ କେବଳ ତୁମକୁ ଚାହେଁ" ବୋଲି କହିଥିବ । ତେବେ ସିଏ ତୁମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିବେ ଏବଂ ତାହା ବ୍ୟତୀତ ଆଉ ସବୁକିଛି କୁଆଡ଼େ ଅପସରି ଯିବ । ଏହାକୁ ବସ୍ତୁତଃ ଏକ ଉଚ୍ଚତର କରୁଣା ବୋଲି କୁହାଯିବ । କେବଳ, ତୁମକୁ ପୂର୍ଣ୍ଣ ସଂପ୍ରତ୍ୟୟର ସହିତହିଁ ଏହି କଥାଟିକୁ କହିବାକୁ ହେବ । ମୁଁ ମୋଟେ ଏକଥା କହୁ ନାହିଁ ଯେ ତୁମକୁ ସଂପୂର୍ଣ୍ଣ

*"ଯଦି ତୁମେ ପୂର୍ଣ୍ଣ ଆନ୍ତରିକତାର ସହିତ ଦିବ୍ୟ ପରମସତ୍ତାଙ୍କୁ 'ମୁଁ କେବଳ ତୁମକୁ ଚାହୁଁଛି' ବୋଲି କହିପାରିବ, ତେବେ ସେହି ଦିବ୍ୟ ପରମସତ୍ତା ପରିସ୍ଥିତିଗୁଡ଼ିକୁ ଏପରି ଭାବରେ ବ୍ୟବସ୍ଥିତ କରିଦେବେ ଯେ ତୁମେ ତଦ୍ଦ୍ୱାରା ଆନ୍ତରିକତାଯୁକ୍ତ ହେବାକୁ ବାଧ୍ୟହିଁ ହୋଇଯିବ ।"

'oaob.nitrkl.ac.in' images reprocessed

ଓ ସମଗ୍ର ହୋଇ ସେହି କଥାଟିକୁ କହିବାକୁ ପଡ଼ିବ । କାରଣ, ଯେତେବେଳେ କେହି ସମଗ୍ର ହୋଇ ତାହାକୁ କହିପାରେ, ସେତେବେଳେ ତ କାର୍ଯ୍ୟଟିହିଁ ସିଦ୍ଧ ହୋଇଯାଇଥାଏ । ତେଣୁ, ଏତିକ ଆବଶ୍ୟକ ଯେ, ତୁମ ସତ୍ତାର ଗୋଟିଏ ଅଂଶ, ବସ୍ତୁତଃ ତୁମର କେନ୍ଦ୍ରସ୍ଥ ଇଚ୍ଛାଟିହିଁ ପୂର୍ଣ୍ଣ ସପ୍ରତ୍ୟୟ ସହିତ "ମୁଁ କେବଳ ତୁମକୁ ଚାହେଁ" ବୋଲି କହି ପାରୁଥିବ । କେବଳ ଗୋଟିଏ ଥର କହିବାକୁ ସମର୍ଥ ହେବ, ଏବଂ ତାହାହିଁ ଯଥେଷ୍ଟ ହେବ : ସେସବୁ ସମ୍ଭବ ହେବା ଲାଗି ଅଳ୍ପ ବହୁତ ଅନେକ ସମୟ ଲାଗେ, ବେଳେବେଳେ ଅନେକ ବର୍ଷ ଲାଗିଯାଏ, ତଥାପି ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ସମ୍ଭବ ହୁଏ ।

ମାତ୍ର ଆମ ଭିତରେ ତ କେତେ ନା କେତେ ପ୍ରକାରର ଅପୂର୍ଣ୍ଣତା ପୂର୍ଣ୍ଣ ହୋଇ ରହିଛି !

ଆଚ୍ଛା ! ଯେତିକ ଅଧିକ ଅପୂର୍ଣ୍ଣତା ରହିଥିବ, ସେତିକ ଅଧିକ ସମୟ ଲାଗିବ । ବ୍ୟକ୍ତି ଭିତରେ ଯେତିକ ବେଶୀ ଆସକ୍ତି ରହିଥିବ, ପ୍ରକୃତରେ ସେତିକ ଅଧିକ ସମୟ ଲାଗିବ ।

ମାତ୍ର ତଥାପି ଲକ୍ଷ୍ୟ ହାସଲ ସୁନିଶ୍ଚିତ !

'oaob.nitrkl.ac.in' images reprocessed

# ୨୩ ଜୁନ୍ ୧୯୫୪

ଶ୍ରୀଅରବିନ୍ଦଙ୍କ ଲିଖିତ "ଯୋଗର ଉପାଦାନ" ପୁସ୍ତକର ୧୩ଶ ଅଧ୍ୟାୟ "ଯୌନବାସନା-ଖାଦ୍ୟ-ଶୟନ" ଉପରେ ଏହି ପ୍ରବଚନଟି ଆଧାରିତ ।

"ପ୍ର : ଅଳ୍ପ ଆହାରଗ୍ରହଣ ଇନ୍ଦ୍ରିୟସଂଯମ ଲାଗି ସହାୟକ ହୁଏ କି ?

"ଉ : ନାହିଁ, ଅଳ୍ପାହାର ଦ୍ୱାରା ଇନ୍ଦ୍ରିୟମାନେ କେବଳ ଅଧିକ ଉତ୍ତେଜିତ ହୋଇପଡ଼ୁଥା'ନ୍ତି,—ତେଣୁ ମିତାହାର ହେଉଛି ସର୍ବୋତ୍ତମ । ଉପବାସ କରୁଥିବା ବ୍ୟକ୍ତିମାନେ ଭାରି ସହଜରେ ଉତ୍ତେଜିତ ହୋଇପଡ଼ନ୍ତି ଓ ଅନେକ ସମୟରେ ସେମାନେ ଆପଣାର ଭାରସାମ୍ୟ ହରାଇ ବସିବାର ଆଶଙ୍କା ମଧ୍ୟ ରହିଥାଏ ।

"ପ୍ର : କେବଳ ନିରାମିଷ-ଆହାର ଦ୍ୱାରା ଇନ୍ଦ୍ରିୟସଂଯମ ଲାଗି ସହାୟତା ମିଳେ କି ?

"ଉ : ଆମିଷାହାରୀମାନେ ସମ୍ମୁଖୀନ ହେଉଥିବା କେତେକ ଅସୁବିଧାକୁ ଏମାନେ ଏଡ଼ାଇ ପାରନ୍ତି ସତ, ମାତ୍ର, କେବଳ ଏହାର ଦ୍ୱାରା ଯଥେଷ୍ଟ ଲାଭ ଆଦୌ ହୁଏ ନାହିଁ ।"

**କୌଣସି ପ୍ରଶ୍ନ ପଚାରିବାକୁ ଅଛି ?**

ମାଂସ ଖାଇଲେ କ'ଣ ହୁଏ ?

ମୁଁ ତୁମକୁ ଗୋଟିଏ କାହାଣୀ କହେ ବୋଲି ଚାହୁଁଛ କି ? ମୁଁ ଜଣେ ଭଦ୍ରମହିଳାଙ୍କୁ ଜାଣିଥିଲି । ସିଏ ଯୁଇଜେନ୍‌ର ଲୋକ ଏବଂ ସାଧନା ମଧ୍ୟ କରୁଥିଲେ । ସିଏ ଅଭ୍ୟସ୍ତ ଭାବରେ ନିରାମିଷାହାରୀ ଥିଲେ, ନିଜର ରୁଚି ଓ ନିଜର ଅଭ୍ୟାସ, ଦୁଇଟି ଦ୍ୱାରା ପରିଚାଳିତ ହୋଇ କେବଳ ନିରାମିଷ ଆହାର କରୁଥିଲେ । ଥରେ ତାଙ୍କର କେତେଜଣ ବନ୍ଧୁ ତାଙ୍କୁ ଖାଇବା ଲାଗି ନିମନ୍ତ୍ରଣ କରିଥିଲେ ଏବଂ ସେଥିରେ ତାଙ୍କୁ କୁକୁଡ଼ାମାଂସ ଖାଇବାକୁ ଦେଲେ । ସିଏ ସେହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ଆଦୌ କୌଣସି ନାଟକ କରିବାକୁ ଇଚ୍ଛା ନ କରି କୁକୁଡ଼ାମାଂସ ଖାଇଦେଲେ । ମାତ୍ର ପରେ, ରାତ୍ରରେ ସିଏ ଅନୁଭବ କଲେ ସତେଯେପରି ତାଙ୍କ ନିଜ ମୁଣ୍ଡଟି ଗୋଟିଏ ଟୋକେଇ ଭିତରେ ଦୁଇଖଣ୍ଡ କାଠିବାଡ଼ ଭିତରେ ରହିଛି । ତାହାକୁ ଏତେ ଜୋରରେ କଏ ହଲାଇବାରେ ଲାଗିଛି ଯେ, ତଦ୍ଦ୍ୱାରା ମୁଣ୍ଡଟିର ଅବସ୍ଥା ଅତ୍ୟନ୍ତ ବିକଳ ଓ ଶୋଚନୀୟ ହୋଇପଡ଼ୁଛି । ଏବଂ ସିଏ ତା'ପରେ ଦେଖିଲେ ଯେ ତାଙ୍କର ମୁଣ୍ଡ ତଳକୁ ଝୁଲିକରି ରହିଛି, ଗୋଡ଼ ଦୁଇଟା ଉପରକୁ ଟେକା-ହୋଇଛି, ଏବଂ ଏହିପରି ଅବସ୍ଥାରେ ତାଙ୍କ ଦେହଟାକୁ କେହି ଖୁବ ଜୋର୍‌ରେ ହଲାଇବାରେ ଲାଗିଛି । (ସମସ୍ତେ ହସିଲେ) ତାଙ୍କର ଅବସ୍ଥା ଖୁବ ବିକଳ ହୋଇ-ପଡ଼ିଲା ; ଏବଂ ତା'ପରେ କେହିଜଣେ ଯେପରି ଥିଲା ଥିଲା, ହଠାତ୍ ତାଙ୍କ ଦେହରୁ କ'ଣ ଧରି ଟାଣି ବାହାର କରିବାକୁ ଲାଗିଲା ଏବଂ ସେଥିରୁ ସେ ଭୟଙ୍କର ଆଘାତ ପାଇଲେ । ତା'ପରେ ଛୁରି ଧରି ଆଉଜଣେ ଲୋକ ଆସିଲା ଓ ତାଙ୍କର ମୁଣ୍ଡଟାକୁ ଗଣ୍ଡିରୁ ଅଲଗା କରିଦେଲା । ଭଦ୍ରମହିଳା ଉଠି ବସିଲେ । ମୋତେ ଆସି ସବୁକଥା କହିଲେ । କହିଲେ ଯେ ସିଏ ଆଗରୁ କେବେହେଲେ ଏପରି ଭୟଙ୍କର ସ୍ୱପ୍ନ ଦେଖି ନ ଥିଲେ । ଶୋଇବାକୁ ଯିବା ଆଗରୁ ସିଏ ଆଦୌ କିଛି ଭାବ ନ ଥିଲେ । ତେଣୁ ନିଶ୍ଚୟ କେବଳ ଏତିକ ଘଟିଲା ଯେ ବିଚରା କୁକୁଡ଼ାର ଚେତନାଟି ଯାଇ ତାଙ୍କ ଭିତରେ ପ୍ରବେଶ କରିଥିଲା ଏବଂ, ହାଟକୁ ନିଆଯାଇ, ବିକି ହୋଇ, ପର ଉପଡ଼ା ହୋଇ, ବେକକଟା ହେଲେ କୁକୁଡ଼ାଟିକୁ ଯେଉଁସବୁ କଷ୍ଟ ଭୋଗ କରିବାକୁ ପଡ଼ିଥିଲା, ଆପଣାର ସ୍ୱପ୍ନରେ ତାଙ୍କୁ ଠିକ୍ ସେଇଟିକୁହିଁ ଭୋଗିବାକୁ ପଡ଼ିଲା ।

ଠିକ୍ ସେହିପରିହିଁ ଘଟିଥାଏ । ଅର୍ଥାତ୍, ଅଳ୍ପ ଅଥବା ବହୁତ ଯେଉଁ ଅନୁପାତରେ ହେଉ ପଛକେ, ମାଂସ ଖାଉଥିବା ସମୟରେ ତୁମେ ଯେଉଁ ପ୍ରାଣୀଟିକୁ ଭୋଜନ କରୁଛ, ତା' ଚେତନାର କିୟଦଂଶ ମଧ୍ୟ ତୁମର ଗର୍ଭକୁ ଯାଇଥାଏ । ଏଥିରେ ସେପରି ସାଂଘାତିକ କିଛି ଘଟେ ନାହିଁ ସତ, ମାତ୍ର କେବେହେଲେ ଖୁବ୍‌ବେଶୀ ପ୍ରୀତିକର ମଧ୍ୟ ହୁଏ ନାହିଁ । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପଶୁର ପକ୍ଷରେ ନ ରହି ମଣିଷର ପକ୍ଷରେ ରହିବା ଲାଗି ତାହା ତୁମକୁ କୌଣସି ସାହାଯ୍ୟ କରେ ନାହିଁ । ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ଆଦିମ ମନୁଷ୍ୟମାନେ ଯେଉଁମାନେ କି ଆତ୍ମା ଅପେକ୍ଷା ପଶୁରହିଁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିଲେ, ସେମାନେ ଆପାତତଃ କଞ୍ଚା ମାଂସ ଖାଉଥିଲେ ଏବଂ ରନ୍ଧା ମାଂସ ଅପେକ୍ଷା ତାହା ସେମାନଙ୍କୁ ଅଧିକ ବଳ ଦେଇପାରୁଥିଲା । ସେମାନେ ପଶୁକୁ ମାରୁଥିଲେ, ତା'ର ଦେହକୁ ଫାଡ଼ି ମାଂସ ବାହାର କରୁଥିଲେ ଓ ସେହି ମାଂସକୁ କାମୁଡ଼ି ଖାଉଥିଲେ । ଏବଂ ତଦ୍ଦ୍ୱାରା ସେମାନେ ଖୁବ ବଳୁଆ ହୋଇ ବଢ଼ୁଥିଲେ । ପୁନଶ୍ଚ, ସେହି

'oaob.nitrkl.ac.in' images reprocessed

କାରଣରୁହିଁ ସେମାନଙ୍କର ଅନ୍ତ୍ରନାଳୀରେ ଥିବା ସ୍ଥାନ ଆପେଣ୍ଡିକ୍ସ୍ଟି ସେକାଳରେ ଅପେକ୍ଷାକୃତ ଅନେକ ବଡ଼ ଥିଲା ଓ କଞ୍ଚା ମାଂସକୁ ହଜମ କରିବାର ପ୍ରକ୍ରିୟାରେ ସାହାଯ୍ୟ କରୁଥିଲା । ଏବଂ ତା'ପରେ ମଣିଷ ରାନ୍ଧି ଶିଖିଲା । ରାନ୍ଧି ଖାଇଲେ ଖାଇବା ଜିନିଷ ଅଧିକ ସ୍ୱାଦିଷ୍ଟ ହୁଏ ବୋଲି ଜାଣିଲା ଏବଂ ତା'ପରେ ସିଏ ରନ୍ଧା ମାଂସ ଖାଇଲା । କ୍ରମେ ତା' ଆପେଣ୍ଡିକ୍ସ୍‌ର ଆକାର ମଧ୍ୟ ଗ୍ରେଷ୍ଟ ହୋଇ ଆସିଲା ଏବଂ ଶେଷକୁ ଆଉ ଆଦୌ କୌଣସି କାମରେ ଲାଗିଲା ନାହିଁ । ଏହିପରି ଭାବରେ ବର୍ତ୍ତମାନ ତାହା ଦେହ ଭିତରେ ଏକ ଅନାବଶ୍ୟକ ବୋଝ ପରି ହୋଇ ରହିଛି, ଯାହାକି ବେଳେବେଳେ କୌଣସି ଏକ ଅସୁସ୍ଥତାର ବି କାରଣ ହେଉଛି ।

ମୋ'ର ଏସବୁ କହିବାର ଅଭିପ୍ରାୟ ହେଉଛି ଯେ, ବର୍ତ୍ତମାନ ହୁଏତ ସମୟ ଆସିଲାଣି ଯେତେବେଳେ କି ମନୁଷ୍ୟକୁ ତା'ର ଆହାରରେ ପରିବର୍ତ୍ତନ ଘଟାଇବାକୁ ହେବ ଓ କିଛିଟା କମ୍ ପାଶବିକ କୌଣସି ପଦାର୍ଥକୁ ଆହାରରୂପେ ଗ୍ରହଣ କରିବ । କାରଣ, ସାଧାରଣ କର୍ମମୟତା ଭିତରେ ନିଜର ସାଧାରଣ ଜୀବନଟିକୁ ବଞ୍ଚୁଥିବା ଜଣେ ସାଧାରଣ ମଣିଷ, ସିଏକି ଆପଣାର ଜୀବିକାନିର୍ବାହ କରିବା, ଆପଣାକୁ କର୍ମକ୍ଷମ ରଖିବା ଏବଂ ସମ୍ଭବତଃ ଆପଣା ପରିବାରର ଯତ୍ନ ନେବା ବ୍ୟତୀତ ଆଉ ମୋଟେ କୌଣସି କଥା ଚିନ୍ତା କରୁ ନାହିଁ, ତା'ପାଇଁ ମାଂସାହାର କରିବା ଅବଶ୍ୟ ଭଲ, ଯାହା ମନ ତାହା ଖାଇଲେ ମଧ୍ୟ ତା'ଲାଗି ଆଦୌ ଅନୁଚିତ ହେବ ନାହିଁ । ଯାହାକିଛି ତା' ଦେହରେ ଚଳୁଛି ଓ ତାକୁ ସୁସ୍ଥ ରଖୁଛି, ସିଏ ନିଶ୍ଚୟ ସେସବୁକୁ ଆହାରରୂପେ ଗ୍ରହଣ କରିପାରିବ ।

ମାତ୍ର, ଯଦି ଜଣେ ବ୍ୟକ୍ତି ଏହି ସାଧାରଣ ଜୀବନର ସ୍ତରକୁ ଅତିକ୍ରମ କରି ଏକ ଉଚ୍ଚତର ଜୀବନକୁ ଯିବା ପାଇଁ ଇଚ୍ଛା କରୁଥିବ, ସେତେବେଳେ ଏହି ସମସ୍ୟାଟି ଆହୁରି ଅଧିକ ଆଗ୍ରହୋଦ୍ଦୀପକ ହେବାକୁ ଆରମ୍ଭ କରିବ । ଏବଂ ଯଦି, ଏକ ଉଚ୍ଚତର ଜୀବନ ମଧ୍ୟକୁ ପାଦ ପକାଇ ସାରି ଜଣେ ବ୍ୟକ୍ତି ଆବଶ୍ୟକ ରୂପାନ୍ତରଟି ଲାଗି ଆପଣାକୁ ପ୍ରସ୍ତୁତ କରିବାକୁ ଚାହାଁରିବ, ତେବେ ସେତେବେଳେ ସେହି ସମସ୍ୟାଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଯିବ । କାରଣ, ସେହି କ୍ଷେତ୍ରରେ ଏପରି ଆହାର୍ଯ୍ୟମାନ ଅବଶ୍ୟ ରହିଛି, ଯାହାକି ଶରୀରକୁ ଅଧିକ ସମର୍ଥ ହେବାରେ ସାହାଯ୍ୟ କରିଥାଏ ଓ ଆହୁରି କେତେ ଆହାର୍ଯ୍ୟ ରହିଛି, ଯାହାକି ତାକୁ ସେହି ପଶୁତ୍ୱର ସ୍ତରରେହିଁ ପକାଇ ରଖେ । ମାତ୍ର, କେବଳ ଏହି ନିର୍ଦ୍ଦିଷ୍ଟ ସ୍ଥିତିଟିରେହିଁ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହେବାକୁ ଆରମ୍ଭ କରେ, ଆଗରୁ ଆଦୌ ନୁହେଁ । ଏବଂ ସେହି କ୍ଷଣଟିରେ ଆସି ପହଞ୍ଚିବା ପୂର୍ବରୁ ଆହୁରି ଅନେକ କଥା କରିବାକୁ ରହିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆପଣାର ଶରୀରକୁ ଶୁଦ୍ଧ କରିବା

'oaob.nitrkl.ac.in' images reprocessed

ବିଷୟରେ କିଛି ଚିନ୍ତା କରିବା ପୂର୍ବରୁ ଆଗେ ନିଜର ମନକୁ ଓ ନିଜର ପ୍ରାଣିକକୁ ଶୁଦ୍ଧ କରିପାରିବା ଦ୍ୱାରା ଅଧିକ ଲାଭ ମିଳିଥାଏ । କାରଣ, ଯାବତୀୟ ସତର୍କତା ଅବଲମ୍ବନ କରି, ଆପଣାର ଶରୀରକୁ ଅଧିକ ସମର୍ଥ କରିବାରେ ଯାହା ସାହାଯ୍ୟ କରିବ, କେବଳ ସେତିକି ବ୍ୟତୀତ ଆଉ କିଛି ବି ଗ୍ରହଣ ନ କରିବା ହିସାବରେ ସକଳ ପ୍ରକାରେ ଦେହର ସ୍ତରରେ ଯତ୍ନଶୀଳ ରହିଥିଲେ ମଧ୍ୟ, ଯଦି ତୁମର ମନ ଏବଂ ପ୍ରାଣିକ ବାସନା, ଅଚେତନା, ଅନ୍ଧକାର ଓ ପ୍ରବଳାବେଗ ପ୍ରଭୃତିର ସ୍ଥିତିରେ ଯାଇ ପଡ଼ିରହିଥିବ, ତେବେ ଆଦୌ କୌଣସି ଫଳ ମିଳିବ ନାହିଁ । ତଦ୍ୱାରା କେବଳ ଶରୀର ଦୁର୍ବଳ ହୋଇଯିବ, ଅନ୍ତର୍ଗତ ଜୀବନ ସହିତ ତା'ର ରହିଥିବା ସୂତ୍ରଟି ଛିଣ୍ଡିଯିବ ଏବଂ ଶେଷକୁ ଦିନେ ତାହା ଅସୁସ୍ଥ ବି ହୋଇପଡ଼ିବ ।

ତେଣୁ ପ୍ରଥମେ ଭିତରୁ ଆରମ୍ଭ କରିବାକୁ ହେବ,—ଏକଥା ମୁଁ ଆଗରୁ ଆଉଥରେ ମଧ୍ୟ କହିଥିଲି । ଊର୍ଦ୍ଧ୍ୱରୁ ଆରମ୍ଭ କରିବାକୁ ହେବ; ପ୍ରଥମେ ଉଚ୍ଚତରଟିକୁ ଶୁଦ୍ଧ କରିବାକୁ ହେବ, ତା'ପରେ ଯାଇ ନିମ୍ନତରଟିକୁ ଶୁଦ୍ଧ କରାଯାଇ ପାରିବ । ଅବଶ୍ୟ ତଦ୍ୱାରା ମୁଁ କହୁ ନାହିଁ ଯେ ସବୁ ଦଉଡ଼ି ଛାଡ଼ିଦେଇ ଶରୀରର କ୍ଷେତ୍ରରେ ଯାବତୀୟ ପ୍ରକାରର ଅମାନବୋଚିତ ଧନ୍ଦାରେ ଆପଣାକୁ ବ୍ୟାପୃତ ରଖିବାକୁ ହେବ । ମୁଁ ସେକଥା ଆଦୌ କହୁ ନାହିଁ । ତୁମେ ଯେ ଆପଣାର ବାସନାଗୁଡ଼ିକ ଉପରେ ଆଦୌ କୌଣସି ନିୟନ୍ତ୍ରଣ ପ୍ରୟୋଗ କରିବ ନାହିଁ, ଏହାକୁ ତୁମେମାନେ ମୋଟେ ସେଥିଲାଗି ଏକ ସମର୍ଥକ ପରାମର୍ଶ ବୋଲି ଗ୍ରହଣ କରିବ ନାହିଁ । ଏହା ମୋଟେ ସେକଥା ନୁହେଁ । ମୁଁ କେବଳ ଏତିକି କହୁଛି ଯେ, ଆପଣାର ମନ ଓ ପ୍ରାଣିକର କ୍ଷେତ୍ରରେ ଅନ୍ତତଃ କିଞ୍ଚିତ୍ ପରିମାଣରେ ଶୁଦ୍ଧ ଓ ନିର୍ମଳ ଦେବତାଟିଏ ହୋଇପାରିବା ପୂର୍ବରୁ ତୁମେମାନେ ଶରୀରର କ୍ଷେତ୍ରରେ କଦାପି ଶୁଦ୍ଧ ଓ ନିର୍ମଳ ଦେବତାଟିଏ ହେବାକୁ ଚେଷ୍ଟା କରିବ ନାହିଁ । କାରଣ ସେପରି ହେଲେ ସାଧାରଣ ଧାରାଟିରୁ ତୁମର ଏକ ଅନ୍ୟ ପ୍ରକାରର ପଥଚ୍ୟୁତି ଘଟିବ ଏବଂ ସେହି ନୂତନ ଧାରାଟିକୁ କଦାପି ଏକ ଅଧିକ ଭଲ ଧାରା ବୋଲି କୁହାଯାଇ ପାରିବ ନାହିଁ । ସେଦିନ ଆମର କଥା ପଡ଼ିଥିଲା ଯେ, ଯଥାର୍ଥ ସମତାବସ୍ଥାଟିକୁ ରକ୍ଷା କରିବା ହେଉଛି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା । ଏବଂ, ସେହି ସମତାବସ୍ଥାକୁ ରଖିବାକୁ ହେଲେ ସବୁକିଛିକୁ ଯୁଗପତ୍ ଭାବରେ ଆଗକୁ ଯିବାକୁ ପଡ଼ିବ । ଆପଣାର ଗୋଟିଏ ଅଂଶକୁ ଅନ୍ଧକାର ଭିତରେ ରଖି ଆଉ ଗୋଟିଏ ଅଂଶକୁ ଆଲୋକ ମଧ୍ୟକୁ ଆଣିବା ପାଇଁ ଚେଷ୍ଟା କଲେ ମୋଟେ ହେବ ନାହିଁ । କୌଣସି ଗୋଟିଏ କୋଣ ବି ଯେପରି ଅନ୍ଧାର ଭିତରେ ରହି ନ ଯାଏ, ସେଥିଲାଗି ତୁମକୁ ଅତ୍ୟନ୍ତ ଯତ୍ନଶୀଳ ରହିବାକୁ ପଡ଼ିବ । ତାହାହିଁ ଯଥାର୍ଥ ପ୍ରଣାଳୀ ।

'oaob.nitrkl.ac.in' images reprocessed

ଆଗରୁ ଆଶ୍ରମରେ ଅଣ୍ଡା ଖାଇବା ମନା ଥିଲା କାହିଁକି ?

ଅଣ୍ଡା ଖାଇବା ମନା ଥିଲା ?

ମୁଁ ଭଲକରି ଜାଣି ନାହିଁ । ଆମକୁ ସେହିକଥା କୁହାହୋଇଛି ।

ହଁ, ଲୋକେ ତ କେତେ ପ୍ରକାରର କଥା କହନ୍ତି, ମାତ୍ର ସେମାନେ କହୁଥିବା ସବୁ କଥା ସକାଶେ ମୁଁ କଦାପି ଦାୟୀ ନୁହେଁ ! (ସମସ୍ତେ ହସିଲେ) ସ୍ୱାସ୍ଥ୍ୟ ଦୃଷ୍ଟିରୁ କାହାର ଅଣ୍ଡା ଖାଇବା ଦରକାର ଥିଲା ଏବଂ ମୁଁ ତାକୁ ଅଣ୍ଡା ଦିଆଯିବ ନାହିଁ ବୋଲି କହିଛି, ଏପରି କେବେ ଘଟି ନାହିଁ । ମାତ୍ର ଯଦି ଲୋକେ କେବଳ ଲୋଭ ଅଥବା ସୁଖଲାଳସାର ବଶବର୍ତ୍ତୀ ହୋଇ ମୋତେ କୌଣସି ଜିନିଷ ଦେବାକୁ କହିବେ, ସେତେବେଳେ ମୁଁ ସର୍ବଦା ସେଥିଲାଗି ମନା କରିବି; ଆଗେ ମନା କରୁଥିଲି, ଏବେ ମଧ୍ୟ ମନା କରୁଛି । କେବଳ ସ୍ୱାସ୍ଥ୍ୟର ଆବଶ୍ୟକତା ଦୃଷ୍ଟିରୁ, ଅର୍ଥାତ୍ ଶରୀରରେ ସମତାବସ୍ଥା ରକ୍ଷା କରିବା ସକାଶେହିଁ କେତେକ ଦ୍ରବ୍ୟ ଲାଗି ଅନୁମତି ଦିଆ ଯାଇଥାଏ । ପ୍ରତ୍ୟେକ ଦ୍ରବ୍ୟ ଲାଗି ଅନୁମତି ଦିଆଯାଏ । ମାଂସ ଦରକାର କରୁଥିବା ଜଣେ ବ୍ୟକ୍ତିକୁ ମୁଁ କେବେହେଲେ ମାଂସ ମନାକରି ନାହିଁ । ଏପରି ଅନେକ ଲୋକ ଥିଲେ, ଯେଉଁମାନଙ୍କର ମାଂସ ଖାଇବା ଆବଶ୍ୟକ ଥିଲା ଓ ସେମାନେ ମାଂସ ଖାଉଥିଲେ । ମାତ୍ର, କେବଳ ଏକ ବାସନାର ତୃପ୍ତି କରିବା ଲାଗି ମୋତେ ଯଦି କେହି କୌଣସି ଏକ ଜିନିଷ ଲାଗି ଅନୁରୋଧ କରିବାକୁ ଆସିବ, ତେବେ ମୁଁ ଅବଶ୍ୟ "ନାହିଁ" ବୋଲି କହିବି । ସେହି ଜିନିଷଟି ଯାହା ହୋଇଥାଉ ପଛକେ, ଏପରିକି ଆଇସ୍‌କ୍ରିମ୍ ହୋଇଥାଉ ପଛକେ, ନିଶ୍ଚୟ ମନା କରିବି । (ସମସ୍ତେ ହସିଲେ)

ମାତ୍ର ଅଣ୍ଡା ଖାଇଲାବେଳେ ଜଣେ ବ୍ୟକ୍ତି ତା' ଭିତରେ ରହିଥିବା କୁକୁଡ଼ାଟିକୁ ଖାଏ ନାହିଁ କି ?

ସେତେବେଳେ କୁକୁଡ଼ାର ଚେତନାଟି ଆଦୌ ଗଠିତ ହୋଇ ନ ଥାଏ । ଅବଶ୍ୟ ଏକଥା ସତ ଯେ ଅଣ୍ଡା ଭିତରେ ଛୁଆଟି ଗଠିତ ହୋଇ ଆସିବା ପୂର୍ବରୁହିଁ ଆମକୁ ତାହା ଖାଇବାକୁ ପଡ଼ିବ ।

ମାଆ, ଯଦି ଗୋଟାଏ କୁକୁଡ଼ାର ଯନ୍ତ୍ରଣା ଆମକୁ ଆକ୍ରାନ୍ତ କରି ପାରୁଛି, ତେବେ ଗୋଟାଏ ବିଟ୍‌ରୁଟ୍ କିଂବା ଗାଜରର ଚେତନା ମଧ୍ୟ ସେହି କଥା କରିପାରିବ, ନୁହେଁ କି ?

'oaob.nitrkl.ac.in' images reprocessed

ମୋଟ ଉପରେ ମୁଁ ଭାବୁଛି ଯେ, ଗୋଟାଏ ସାଟିନ୍‌ରୁଟ୍ ଅପେକ୍ଷା ଗୋଟାଏ କୁକୁଡ଼ାର ନିଶ୍ଚୟ ଅଧିକ ଚେତନା ରହିଛି । (ସମସ୍ତେ ହସିଲେ) ମାତ୍ର ଏହି କ୍ଷେତ୍ରରେ ମୁଁ ତୁମକୁ ମୋ' ନିଜ ଅଭିଜ୍ଞତାର କଥା କହିବି । ମୁଁ କେବଳ ଏତିକି ଭାବୁଥିଲି ଯେ ଏହା ହୁଏତ ସାଧାରଣ ଭାବରେ ମୋଟେ ଘଟୁ ନ ଥିବ ।

ଟୋକିଓରେ ବାସ କରୁଥିବା ସମୟରେ ମୋର ବଗିଚାଟିଏ ମଧ୍ୟ ଥିଲା ଓ ମୁଁ ସେଠାରେ ନିଜେ ଅନେକ ପ୍ରକାରର ପନିପରିବା କରୁଥିଲି । ବଗିଚାଟି ବେଶ୍ ବଡ଼ ଥିଲା ଓ ସେଥିରେ ଅନେକ ପ୍ରକାରର ପରିବା ହେଉଥିଲା । ଏବଂ ସକାଳେ ଗଛମାନଙ୍କରେ ପାଣି ଦେବା ପ୍ରଭୃତି କାମ ସାରି ମୁଁ ବଗିଚା ଭିତରକୁ ବୁଲି ଯାଉଥିଲି । ସେଦିନ ରାନ୍ଧିବା ଲାଗି ମୁଁ କେଉଁ ପରିବା ସବୁ ନେବି, ସେହି କଥାଟିକୁ ଠିକ୍ କରିବା ଲାଗି ମୁଁ ସେପରି କରୁଥିଲି । ତୁମେମାନେ ଟିକିଏ କଳ୍ପନା କର, କେତେକ ପରିବା ମୋତେ କହୁଥିଲେ, "ନାହିଁ, ନାହିଁ, ନାହିଁ, ନାହିଁ ।" ଏବଂ ତା'ପରେ ଆଉ କେତେକ ପରିବା ମୋତେ ପାଖକୁ ଡାକୁ ଥିଲେ ଓ ସେମାନଙ୍କୁ ମୁଁ ଅନେକ ଦୂରରୁ ଦେଖି ପାରୁଥିଲି । ସେମାନେ "ମୋତେ ନିଅ, ମୋତେ ନିଅ" ବୋଲି କହୁଥିଲେ । ତେଣୁ ମୋ କାମଟି ଭାରି ସହଜ ହୋଇ ଯାଉଥିଲା, ଏବଂ ଯେଉଁମାନେ ଚାହୁଁଥିଲେ, ମୁଁ କେବଳ ସେହିମାନଙ୍କୁ ଗଛରୁ ଛିଣ୍ଡାଉଥିଲି ଓ ଯେଉଁମାନେ ଚାହୁଁ ନ ଥିଲେ, ସେମାନଙ୍କୁ ମୋଟେ ଛିଣ୍ଡାଉ ନ ଥିଲି । ଏହି ଘଟନା ଏକ ବ୍ୟତିକ୍ରମ ଭାବରେ ଘଟିଛି ବୋଲି ମୁଁ ବିଶ୍ୱାସ କରୁଥିଲି । ମୁଁ ଗଛଗୁଡ଼ିକୁ ଭାରି ଭଲ ପାଉଥିଲି, ସେମାନଙ୍କର ଯତ୍ନ ନେଉଥିଲି, ସେମାନଙ୍କ ମୂଳରେ ପାଣି ଦେଲାବେଳେ ଓ ଘାସ ବାଛୁଥିଲାବେଳେ ସେମାନଙ୍କ ଭିତରେ କେତେ ନା କେତେ ଚେତନାକୁ ନେଇ ପ୍ରବେଶ କରାଇ ଦେଉଥିଲି । ତେଣୁ ମୁଁ ଭାବୁଥିଲି ଯେ ସେମାନଙ୍କ ଭିତରେ ସମ୍ଭବତଃ ଏକ ବିଶେଷ ସାମର୍ଥ୍ୟ ରହିଛି ।

ମାତ୍ର ମୁଁ ଫ୍ରାନ୍‌ସରେ ଥିଲାବେଳେ ମଧ୍ୟ ଠିକ୍ ସେହିକଥା ଘଟିଥିଲା । ଦକ୍ଷିଣ ଫ୍ରାନ୍‌ସରେ ମଧ୍ୟ ମୋ'ର ଗୋଟିଏ ବଗିଚା ଥିଲା । ସେଥିରେ ମୁଁ ମଟରଛୁଇଁ, ମୂଳା, ଗାଜର ପ୍ରଭୃତି କେତେ ପ୍ରକାରର ପରିବା ଲଗାଇଥିଲି । ସେଗୁଡ଼ିକ ମଧ୍ୟରୁ କେତେକଙ୍କର ମନ ଭାରି ଖୁସୀ ଥିଲା, ମୁଁ ସେମାନଙ୍କୁ ତୋଳେ ଓ ଖାଏ ବୋଲି ସେମାନେ ମୋତେ ଅନୁରୋଧ କରି କହୁଥିଲେ; ମାତ୍ର ଆଉକେତେକ "ନାହିଁ ନାହିଁ, ଆମକୁ ତୁମେ ଛୁଅଁ ନା, ଆମକୁ ଛୁଅଁ ନା" ବୋଲି କହୁଥିଲେ । (ସମସ୍ତେ ହସିଲେ)

ମାଆ, ସେମାନେ କାହିଁକି ସେପରି କହୁଥିଲେ ?

'oaob.nitrkl.ac.in' images reprocessed

ହଁ, ମୁଁ ବ ଠିକ୍ ସେହି କଥାଟି ଜାଣିବାକୁ ଚେଷ୍ଟା କରିଥିଲି । ମାତ୍ର ସବୁବେଳେ ମୋତେ ଏକା ପ୍ରକାରର ଫଳ ମିଳୁ ନ ଥିଲା । ବେଳେବେଳେ ଏପରି ଘଟୁଥିଲା ଯେ ଗଛଟି ଖାଇବା ଲାଗି ଆଦୌ ଗ୍ରହଣୀୟ ନ ଥିଲା, — ମୋତେ ଉପଯୁକ୍ତ ନ ଥିଲା, ହୁଏତ ଖୁବ୍ ଟାଣ ଥିଲା, କିଂବା ପିତା ବ ଥିଲା । ତେଣୁ ଖାଇବା ଲାଗି ଉପଯୁକ୍ତ ନ ଥିଲା । ଆଉ ବେଳେବେଳେ ତାହା ଖାଇବା ଲାଗି ଉପଯୁକ୍ତ ହୋଇ ନ ଥିଲା, ତାକୁ ଖାଇବାର ସମୟ ହୋଇ ନ ଥିଲା । ତାହା ମୋତେ ପାକଳ ହୋଇ ନ ଥିଲା । ଦିନେ-ଦୁଇଦିନ ଅପେକ୍ଷା କରିବା ପରେ, ଦିନେ-ଦୁଇଦିନ ପରେ ସିଏ ମୋତେ କହୁଥିଲା, "ମୋତେ ନିଅ, ମୋତେ ନିଅ ମୋତେ ନିଅ !" (ସମସ୍ତେ ହସିଲେ)

ପୁରାତନ କାଳରେ ମୁନିଋଷିମାନେ ଈଶ୍ୱରଙ୍କୁ ଲାଭ କରିବା ସକାଶେ ଶରୀରକୁ ନାନାଭାବରେ ପୀଡ଼ା ଦେଉଥିଲେ !

ହଁ, ମାତ୍ର ସେମାନଙ୍କୁ ମୁନିଋଷି ବୋଲି ମୋତେ କୁହାଯିବ ନାହିଁ । (ସମସ୍ତେ ହସିଲେ) ଏହାଦ୍ୱାରା ଆଦୌ କୌଣସି ଫଳ ହୁଏ ନାହିଁ, କେବଳ ଗନ୍ଧହିଁ ହୁଏ, ଏକ ଆଧ୍ୟାତ୍ମିକ ଗନ୍ଧ ଜାତ ହୁଏ । ବାସ୍ ସେତିକି । ମାତ୍ର ତଦ୍ୱାରା ଈଶ୍ୱରଙ୍କର ଉପଲବ୍ଧି କଦାପି ସମ୍ଭବ ହୁଏ ନାହିଁ ।

ମାତ୍ର, ତଥାପି କୁହାଯାଇଛି ଯେ ସେମାନେ ଉଚ୍ଚତମ କୋଟୀର ସାଧନା କରୁଥିଲେ ଏବଂ ଆପଣାର ଈପ୍ସିତ ଫଳ ଲାଭ କରୁଥିଲେ ।

ହଁ, କୁହାଯାଇଛି । ଏପରି ଅନେକ କଥା କୁହାଯାଇଛି ।

କୁକୁରମାନେ ମଣିଷମାନଙ୍କ ଅପେକ୍ଷା ଅଧିକ ବିଶ୍ୱାସୀ ନୁହନ୍ତି କି ?

ନିଶ୍ଚୟ । କାରଣ ବିଶ୍ୱାସୀ ହେବାହିଁ କୁକୁରମାନଙ୍କ ସ୍ୱଭାବ ଏବଂ ସେମାନଙ୍କ-ଠାରେ ଆଦୌ କୌଣସି ମନୋଗତ ଜଟିଳତା ମଧ୍ୟ ନ ଥାଏ । ମଣିଷଙ୍କ ଭିତରେ ଏହି ମନୋଗତ ଜଟିଳତା ରହିଥାଏ ବୋଲି ସେମାନେ ବିଶ୍ୱାସୀ ହୋଇପାରନ୍ତି ନାହିଁ । ଧୋକାରେ ପଡ଼ିଯିବେ ବୋଲି ଭୟ କରନ୍ତି ଅନେକ ଲୋକ ବିଶ୍ୱାସୀ ହୁଅନ୍ତି ନାହିଁ । ଧୋକାରେ ପଡ଼ିବାର ଅର୍ଥ କ'ଣ, ତୁମକୁ ସେକଥା ଜଣା ଅଛି ତ ? ସେମାନେ ଭାବନ୍ତି ସେମାନେ ଠକାମିରେ ପଡ଼ିଯିବେ, ସେମାନଙ୍କଠାରୁ କିଏ ହୁଏତ ଅନୁଚିତ ଭାବରେ ଲାଭ ଉଠାଇବ । ସେମାନେ ଭୟ କରନ୍ତି ଯେ···ସେମାନଙ୍କର ବିଶ୍ୱାସପ୍ରବଣତା ପଛରେ ଏକ ପ୍ରକାଣ୍ଡ ଅହଂକାରିତା ଅଳ୍ପବହୁତ ପରିମାଣରେ

'oaob.nitrkl.ac.in' images reprocessed

ପ୍ରଚ୍ଛନ୍ନ ହୋଇ ରହିଥାଏ ଏବଂ ସେମାନେ ଅଳ୍ପବହୁତ ସଚେତନ ଭାବରେ ସର୍ବଦା ଦେବା ଓ ପାଇବାର ହିସାବ କରି ମୂଲଚାଲ କରିବାରେ ଲାଗିଥାନ୍ତି । ଜଣେ ବ୍ୟକ୍ତି ଆପଣାକୁ ନେଇ ଆଉଜଣେ ବ୍ୟକ୍ତି ପାଖରେ ଦେଇଦିଏ, ମାତ୍ର ସିଏ ଆପଣା ପାଖରେ ଏହି କଥାଟିକୁ ସଚେତନ ଭାବରେ କହୁଥାଉ ବା ନ କହୁଥାଉ ପଛକେ, ସିଏ ତାହାର ବଦଳରେ ଅବଶ୍ୟ କିଛି ପ୍ରତ୍ୟାଶା କରୁଥାଏ । ତୁମେ ଜଣେ ବିଶ୍ୱାସୀ ମଣିଷ, ମାତ୍ର ତୁମେ ଏକଥା ମଧ୍ୟ ଚାହୁଁଛ ଯେ ଅନ୍ୟମାନେ ମଧ୍ୟ ତୁମପ୍ରତି ବିଶ୍ୱାସୀ ହୁଅନ୍ତୁ;—ଅର୍ଥାତ୍, ସେମାନେ ତୁମର ଯତ୍ନ ନିଅନ୍ତୁ, ତୁମ ସହିତ ବେଶ୍ ମଧୁର ବ୍ୟବହାର କରନ୍ତୁ ଏବଂ ବିଶେଷତଃ ତୁମର ବିଶ୍ୱାସଭାଜନତାରୁ ଆଦୌ କୌଣସି ଫାଇଦା ଉଠାଇବାକୁ ମନ ନ କରନ୍ତୁ । କୁକୁର ଭିତରେ ଏସବୁ କୌଣସି ଜଟିଳତା ନ ଥାଏ । କାରଣ କୁକୁରର ମନ ଅତ୍ୟନ୍ତ ଅଳ୍ପବିକଶିତ ଅବସ୍ଥାରେ ରହିଥାଏ । ମଣିଷଙ୍କ ପରି କୁକୁର ଭିତରେ ଏତେ ଚମତ୍କାର ଭାବରେ ଯୁକ୍ତିମୀମାଂସା କରିବାର ସାମର୍ଥ୍ୟ ନ ଥାଏ । ଏହି ସାମର୍ଥ୍ୟଟି ହେତୁହିଁ ମଣିଷମାନେ କେତେ ନା କେତେ ନିର୍ବୋଧତା କରି ବସିଛନ୍ତି ।

ମାତ୍ର ତା'ବୋଲି ଆମେ ମଣିଷମାନେ ପୁଣି ପଛକୁ ଫେରିଯାଇ କଦାପି କୁକୁର ହୋଇପାରିବା ନାହିଁ । ତେଣୁ ଆମକୁ ଏକ ଉଚ୍ଚତର ମନୁଷ୍ୟ ହେବାକୁ ପଡ଼ିବ ଏବଂ ଏକ ଉଚ୍ଚତର ଭୂମିରେ କୁକୁରର ଏହି ଗୁଣଟିର ଅଧିକାରୀ ହେବାକୁ ପଡ଼ିବ । ଅର୍ଥାତ୍, କୁକୁରର ଏହି ଅର୍ଦ୍ଧସଚେତ ବା ନିଶ୍ଚିତ ଭାବରେ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ଅନ୍ଧମାତ୍ରାରେ ଅନୁପ୍ରେରିତ ଏକ ବିଶ୍ୱାସଭାଜନତା ପରିବର୍ତ୍ତେ,—କୁକୁରକୁ ତ ଏହିପରି ଏକ ଆବଶ୍ୟକତା ଗୋଟାସୁଦ୍ଧା ବାନ୍ଧିକରିହିଁ ରଖିଥାଏ,—ଆମେ ଇଚ୍ଛାକୃତ ଏବଂ ସଚେତନ ଭାବରେହିଁ ବିଶ୍ୱାସଭାଜନ ହେବା ଏବଂ ସବୁଠାରୁ ବଡ଼ କଥା ହେଉଛି ଯେ, ଆମର ଏହି ବିଶ୍ୱାସଭାଜନତା ଭିତରେ ଆଦୌ କୌଣସି ଅହଙ୍କାର ନ ଥିବ । ଏପରି ଗୋଟିଏ ବିନ୍ଦୁ ରହିଛି, ଯେଉଁଠାରେ କି ସବୁଯାକ ଗୁଣ ଆସି ଏକତ୍ର ସମ୍ମିଳିତ ହୋଇ ରହିଥାନ୍ତି । ସେହି ବିନ୍ଦୁଟି ଅହଂର ଅନେକ ସେପାଖରେ । ଆମେ ଯେତେବେଳେ ଏହି ବିଶ୍ୱାସଭାଜନତାକୁ, ଏହି ଭକ୍ତି, ପ୍ରେମ, ଯାବତୀୟ ସେବା ପଛରେ ନିହିତ ରହିଥିବା ଅର୍ଥ ଓ ଏହିପରି ସବୁକିଛିକୁ ଅହଂକାରସୀମାର ଊର୍ଦ୍ଧ୍ୱକୁ ନେଇଯାଇ ପାରିବା, ସେତେବେଳେ ସେମାନେ ଗୋଟିଏ ବିନ୍ଦୁରେ ଯାଇ ପରସ୍ପର ସହିତ ମିଳିତ ହୋଇଯିବେ, ଅର୍ଥାତ୍ ସେତେବେଳେ ସେମାନେ ଆପଣାକୁ କେବଳ ଦେଇ ଦେଉଥିବେ ଓ ତା' ବଦଳରେ ମୋଟେ କିଛି ହେଲେ ପାଇବାକୁ ଆଶାକରୁ ନ ଥିବେ । ଏବଂ ଯଦି ତୁମେ ସେଠାରୁ ଆଉରି ଗୋଟିଏ ପାହାଚ ଉପରକୁ ଉଠିଯାଇ ପାରିବ, ତେବେ ସେତେବେଳେ ତାହାକୁ ଆଉ କୌଣସି କର୍ତ୍ତବ୍ୟାନୁରୋଧ ଅଥବା ତ୍ୟାଗସ୍ୱୀକାରର ଭାବନାରେ ନ କରି ଏକ

'oaob.nitrkl.ac.in' images reprocessed

ଗଭୀର ଆନନ୍ଦଲାଭର ଭାବନାରେହିଁ କରିବ, ଯାହାର ପୁରସ୍କାର କି ତାହାର ନିଜ ଭିତରେହିଁ ନିହିତ ରହିଥିବ, ଯାହା ପ୍ରତିବଦଳରେ ମୋଟେ କିଛୁ ଗ୍ରହଣ ନ ଥିବ, କାରଣ ଆପଣାର ଆନନ୍ଦକୁ ତାହା ନିଜ ଭିତରେହିଁ ବହନ କରୁଥିବ । ମାତ୍ର ସେଥିଲାଗି ତୁମକୁ ଅନେକ ଉପରେ ଯାଇ ପହଞ୍ଚିବାକୁ ପଡ଼ିବ ଏବଂ ଆଉ କଦାପି ପୁନର୍ବାର ଫେରି ଆସିବାକୁ ଇଚ୍ଛା କରୁ ନ ଥିବ, ଯାହାକି ତୁମକୁ ପୁନର୍ବାର ସବା ତଳେ ଆଣି ପକାଇଦେବ । ସେହି ପ୍ରକାରର…ସେହି ପ୍ରକାରର ଏକ ସହାନୁଭୂତି ଅର୍ଥାତ୍ ଆତ୍ମଦୟାରେ, ଯେଉଁଥିରେ କି ଆମେ ଆପଣାର ଓଠ ଧରି ଓ ଆପଣାକୁ ନାନାଭାବେ ଫୁସୁଲାଇ "ଆହା, ବିଚରା ମୁଁ"ବୋଲି କହିବାରେ ଲାଗିଥାଉ, ତାହା ହେଉଛି ପ୍ରକୃତରେ ଏକ ସାଂଘାତିକ କଥା । ଏବଂ ଆମେ ସର୍ବଦା ଠିକ୍ ସେହି କଥାଟିକୁ କରିବାରେ ଲାଗିଥାଉ, ସେବିଷୟରେ କୌଣସି ପ୍ରକାରେ ସଜ୍ଞାନ ନ ହୋଇ ମଧ୍ୟ କରିବାରେ ଲାଗିଥାଉ । ଏହିପରି ଭାବରେ ସବୁକିଛୁକୁ ଆପଣା ଉପରକୁ ଟାଣି ଆଣିବା ଅର୍ଥାତ୍ ଆପଣା ପ୍ରତି ଏକ ଅପମାନକାରୀ ଆତ୍ମଦୟାର ଭାବ ପୋଷଣ କରିବା ଏବଂ ଏକ ଅତ୍ୟନ୍ତ ଦୟାପରବଶ ଭାବ ଦେଖାଇ ଆପଣା ଉଦ୍ଦେଶ୍ୟରେ "ମୋତେ କେହି ବୁଝିଲେ ନାହିଁ, କେହି ଭଲ ପାଇଲେ ନାହିଁ, ଯେପରି ପ୍ରକୃତରେ ଉଚିତ, ମୋ କଥା କେହି ସେପରି ଭାବରେ ମୋଟେ ଭାବିଲେ ନାହିଁ !" ବୋଲି ସତତ କହିବାରେ ଲାଗିଥିବା…ଏହା ପ୍ରକୃତରେ ଭାରି ସାଂଘାତିକ ଏବଂ ଏହା ତୁମକୁ ସିଧା ନେଇ ଗୋଟାଏ ଗାତ ଭିତରେ ପକାଇଦିଏ ।

ଆମେ ଏସବୁକୁ ଡେଇଁ ଆହୁରି ଅନେକ ସେପାଖକୁ ଚାଲିଯାଇ ପାରିଥିବା ଉଚିତ, ଏଗୁଡ଼ାକୁ ଅନେକ ପଛରେ ପକାଇ ଚାଲିଯାଇ ପାରିଥିବା ଉଚିତ,—ଯେପରିକି ଆମକୁ ବିଶ୍ୱାସଭାଜନ ହେବାର ଯଥାର୍ଥ ଆନନ୍ଦଟି ପ୍ରାପ୍ତ ହୋଇପାରିବ, ଆପଣାକୁ ଦେଇଦେବାର ଯଥାର୍ଥ ଆନନ୍ଦଟି ପ୍ରାପ୍ତ ହୋଇ ପାରିବ,—ଯାହାକି କଦାପି କୌଣସି ସକାଶେ ଅପେକ୍ଷା କରେ ନାହିଁ, କୌଣସି କିଛୁ ପାଇଁ ଚିନ୍ତିତହେ ନାହିଁ —ତାହା ଯଥୋଚିତ ଭାବରେ ଗୃହୀତ ହେଉଛି କି ନାହିଁ ବା ଯଥେଷ୍ଟ ଅନୁମୋଦନ ଲାଭ କରୁଛି କି ନାହିଁ, ମୋଟେ ସେଥିଲାଗି ଚିନ୍ତିତହେ ନାହିଁ । ଆମେ ଯାହାକିଛୁ କରୁଛୁ, ତା'ର ବଦଳରେ କିଛିହେଲେ ପ୍ରତ୍ୟାଶା କରୁ ନ ଥିବା, କୌଣସି ବୈରାଗ୍ୟ ଅଥବା ପରିତ୍ୟାଗର ଭାବନାରେ ଆଦୌ କିଛି କରୁ ନ ଥିବା; ମାତ୍ର ଯେଉଁ ଚେତନାଟି ମଧ୍ୟରେ ଆମେ ଅବସ୍ଥିତ ରହିଛୁ, କେବଳ ତାହାର ଆନନ୍ଦଟି ଲାଗିହିଁ ସବୁକିଛି କରୁଥିବା,—ଏବଂ ତାହାହିଁ ଯଥେଷ୍ଟ ହେବ । ଏବଂ, କିଏ ଏସବୁ ବଦଳରେ ଯାହାକିଛି ପାଇପାରିବ, ତାହା ଯାହା ମନ ତାହା ହୋଇଥାଉ ପଛକେ,—ଏଇଟା ହେଉଛି ଏକ ଅନ୍ୟ କଥା,—ଏହା ହେଉଛି

'oaob.nitrkl.ac.in' images reprocessed

ସେଇଟିଠାରୁ ଅନେକ ଅଧିକ ଭଲ । ଦୁଇଟି ମଧ୍ୟରେ ସବୁବେଳେ ବେଶ୍ କେତୋଟି ସୋପାନ ମଧ୍ୟବର୍ତ୍ତୀ ହୋଇ ରହିଛି ।

ମାଆ, ଆପଣ କହିଥିଲେ ଯେ ମଧ୍ୟରାତ୍ରିର ପୂର୍ବର ନିଦ ଆମକୁ ସବୁଠାରୁ ଅଧିକ ବିଶ୍ରାମ ଦେଇଥାଏ···

ହଁ, ଶାସ୍ତ୍ରର ଦୃଷ୍ଟିରୁ ସେକଥା ସତ ।

କାରଣ ?

ମୋ' ବ୍ୟକ୍ତିଗତ ଅଭିଜ୍ଞତାରୁ ମୁଁ ସେକଥା କହିଥିଲି ।···ମାତ୍ର ଏହି ବିଷୟରେ କାରଣ ବୋଲି ଆଦୌ କିଛି ନାହିଁ । ପ୍ରତ୍ୟେକ ବ୍ୟକ୍ତି ଏହି କଥାଟିକୁ ନିଜେ ଆବିଷ୍କାର କରିବ, ବା ଇଚ୍ଛା ନ କଲେ ହୁଏତ ମୋଟେ ଆବିଷ୍କାର କରିବ ନାହିଁ । ମାତ୍ର ଯେଉଁମାନେ ପୃଥ୍ୱୀ-ରସାୟନର ଚର୍ଚ୍ଚା କରନ୍ତି, ସେମାନଙ୍କଠାରୁ ମୁଁ ଶୁଣିଛି ଯେ, ଏପରି କେତେକ ରଶ୍ମି ରହିଛି,—(ପବିତ୍ରଙ୍କ ଆଡ଼କୁ ଅନାଇ) ନୁହେଁ ? ତୁମେ ଜାଣିଥିଲେ ଆମକୁ କହ । ଏପରି କେତେକ ସୂର୍ଯ୍ୟ-ରଶ୍ମି ରହିଛି, ଯେଉଁଗୁଡ଼ିକ କି ମଧ୍ୟରାତ୍ରି ପର୍ଯ୍ୟନ୍ତ ବାୟୁମଣ୍ଡଳରେ ବିଦ୍ୟମାନ ରହିଥାନ୍ତି ଏବଂ ଆହୁରି ଅନ୍ୟ କେତେକ ରଶ୍ମି ରହିଛି, ଯେଉଁଗୁଡ଼ିକ କି ମଧ୍ୟରାତ୍ରି ପରେ ସକ୍ରିୟ ହୁଅନ୍ତି । ଏଗୁଡ଼ିକ ତୁମକୁ ବଳ ଆଣି ଦିଅନ୍ତି ଓ ସେଗୁଡ଼ିକ ତୁମଠାରୁ ବଳ କାଢ଼ିନିଅନ୍ତି । ମାତ୍ର ସେଭଳି ଅନେକ ବସ୍ତୁ ରହିଛି; ମାତ୍ର ଅନ୍ତତଃ ଏତିକି ବିଷୟକୁ ଆମେ ଶୁଣିଛୁ ବା ବହିମାନଙ୍କରୁ ପଢ଼ିଛୁ । ମୁଁ ଯେତିକି ବୁଝିଛି, ତୁମମାନଙ୍କୁ କେବଳ ସେତିକି କହୁଛି,—ମୁଁ ତା'ଠାରୁ ଅଧିକ କିଛି ଜାଣି ନାହିଁ । ଯିଏ ଏହି ବିଷୟଟିରେ ଅଧିକ ପ୍ରବୀଣ, ସିଏ ହୁଏତ ଏହାର ଏକ ପୂର୍ଣ୍ଣତର ବ୍ୟାଖ୍ୟା ଅବଶ୍ୟ ଦେଇପାରନ୍ତା । (ମାଆ ହସି କହିଲେ) ମାତ୍ର ବାସ୍ତବ କ୍ଷେତ୍ରରେ କେତେକ କଥା ଅବଶ୍ୟ ସତ୍ୟ ବୋଲି ପ୍ରମାଣିତ ହୋଇଥାଏ । ମୁଁ ତାହାର କାରଣ ବି ଜାଣେ ନାହିଁ; ସମ୍ଭବତଃ ସେଗୁଡ଼ିକ କେବଳ ବ୍ୟକ୍ତିଗତ ହୋଇ ରହିଥିବା କେତେକ ବିଷୟ । ମାତ୍ର, ଅନ୍ୟମାନଙ୍କଠାରୁ ବି ମୁଁ ଠିକ୍ ଏହିପରି ଏକ ଅଭିଜ୍ଞତା ବିଷୟରେ ଶୁଣିଛି । ଏହାର ଗୋଟିଏ ଉଦାହରଣ ହେଉଛି, ତୁମେ ସମୁଦ୍ର ଭିତରକୁ ଯିବ, ସେଇଠି ପାଣିରେ କେତେ ସମୟ ପାଇଁ ରହିବ ଓ ସେଥିରୁ ତୁମେ ଅନେକ ଶକ୍ତି ଲାଭ କରିବ । ମାତ୍ର ସମୁଦ୍ର ଭିତରକୁ ଯାଇ ଘଣ୍ଟାଏ ତାହାର ଭିତରେ ରହିଲେ ତୁମେ ସେଠାରୁ ବାହାରିବା ବେଳକୁ ଏକାବେଳେକେ ହାଲିଆ ହୋଇ ଯାଇଥିବ ! ଏପରିକି, ଗରମ ପାଣିରେ ଗାଧୋଇବାର କ୍ଷେତ୍ରରେ ମଧ୍ୟ ସେହିକଥା ହୋଇଥାଏ । ତୁମେ ଗରମ ପାଣିରେ ଗାଧୋଇଲେ ଖୁବ କ୍ଲାନ୍ତ ହୋଇପଡ଼ିବ; ମାତ୍ର ଯଦି ଗରମ

'oaob.nitrkl.ac.in' images reprocessed

ପାଣିରେ ମାତ୍ର କେତୋଟି ମୁହୂର୍ତ୍ତ ରହି ବାହାରି ଆସିବ, ତେବେ ଖୁବ ସତେଜ ଅନୁଭବ କରିବ । ମାତ୍ର, ତା'ଭିତରେ ପନ୍ଦର ମିନିଟ ସମୟ ରହିଲେ ବାହାରି ଆସିବା ବେଳକୁ ତୁମର ସବୁଯାକ ବଳ କୁଆଡ଼େ ଚାଲି ଯାଇଥିବା ପରି ଅନୁଭବ କରୁଥିବ,— ତୁମ ଭିତରେ ଆଉ କୌଣସି ଶକ୍ତି ନ ଥିବ,—ତୁମେ ଏକାବେଳେକେ ହାଲିଆ ହୋଇଯାଇଥିବ ।

ମୁଁ ତୁମମାନଙ୍କୁ ଏକଥା କହୁଛି, ମାତ୍ର ତାହାର କାରଣ ବିଷୟରେ ପୂର୍ଣ୍ଣ ଯୋଗ୍ୟତାର ସହିତ ଆଦୌ କିଛି କହିପାରୁ ନାହିଁ । କିନ୍ତୁ କଥାଟି ପ୍ରକୃତରେ ସତ । ଏକଥା ଏହିପରିହିଁ ଘଟିଥାଏ । ମୋ' ନିଜ ଲାଗି ଏହାର ଅବଶ୍ୟ ଏକ ବ୍ୟାଖ୍ୟା ରହିଛି ସତ, ମାତ୍ର ତାହା କେବଳ ମୋ'ର ପାଇଁ ଉପକାରୀ । ଅନ୍ୟମାନଙ୍କ କ୍ଷେତ୍ରରେ ଏହା ମୋଟେ କାର୍ଯ୍ୟକାରୀ ହେବ ନାହିଁ । ତେଣୁ ତାହାର ଆଦୌ କୌଣସି ମୂଲ୍ୟ ନାହିଁ ।

ନିଦ୍ରାର ଯେଉଁ ବିଭିନ୍ନ ଅବସ୍ଥା ବିଷୟରେ ଏଠାରେ କୁହାଯାଇଛି, ଯଦି ଆମେ ଆମର ରାତ୍ରିଗୁଡ଼ିକ ବିଷୟରେ ସଚେତନ ହୋଇପାରିବା, ତେବେ ସେହି ଅବସ୍ଥାଗୁଡ଼ିକୁ ମଧ୍ୟ ଆମେ ମାତ୍ର କେତୋଟି ମିନିଟ୍ ମଧ୍ୟରେ ଅତିକ୍ରମ କରିଯାଇ ପାରିବା । ଏହା କରିବା ସକାଶେ ଘଣ୍ଟା ଘଣ୍ଟା ଶୋଇବାର ଆଦୌ କୌଣସି ପ୍ରୟୋଜନ ନାହିଁ । ସଚେତନ ରହିପାରିଲେ ମାତ୍ର କେତୋଟି ମିନିଟ୍ ମଧ୍ୟରେ ସେହି ଅବସ୍ଥାଗୁଡ଼ିକୁ ଅତିକ୍ରମ କରିଯାଇ ପାରିବା । ଏତିକି କରିପାରିବା ପାଇଁ ଆଦୌ ଘଣ୍ଟା ଘଣ୍ଟା ଧରି ଶୋଇ ରହିବାକୁ ପଡ଼ିବ ନାହିଁ । ସଚେତନ ରହିଥିଲେ ମାତ୍ର କେତେ ମିନିଟ୍ ମଧ୍ୟରେହିଁ ଜଣେ ବ୍ୟକ୍ତି ସେହି ସବୁକିଛିକୁ ଅତିକ୍ରମ କରି ଚାଲିଯାଇ ପାରିବ । ମୂଳରୁ ଆରମ୍ଭ କରି କହିବାକୁ ଗଲେ, ଆପଣାର ରାତ୍ରିଗୁଡ଼ିକ ବିଷୟରେ ସଚେତନ ହୋଇ ପାରିଲେ, ନିଘୋଡ଼ ନିଦରେ ଶୋଇପଡ଼ିବା ପୂର୍ବରୁ, —ସେତେବେଳେ ଦେହର ଶ୍ଲଥନ-ପ୍ରକ୍ରିୟାଟି ଆରମ୍ଭମାତ୍ର ହେଉଥିବ, ସ୍ନାୟୁଗୁଡ଼ିକରେ ଶ୍ଲଥନ ହୋଇ ଆସୁଥିବ—ମୁଁ ତୁମମାନଙ୍କୁ ଆଗରୁ ଏହି କଥାଟିକୁ ବୁଝାଇ କହିସାରିଛି, ଏଥିରେ କେବଳ ଆପଣାର ସ୍ନାୟୁଗୁଡ଼ିକରେ ଶ୍ଲଥନ ଘଟାଇବାକୁ ହୁଏ ଓ ଆପଣାକୁ ଏକାବେଳେକେ ହୁଗାଳି ରଖିଦେବାକୁ ହୁଏ··· ହଁ, ଠିକ୍ ଏହିପରି କରିବାକୁ ହୁଏ—ସେତିକିବେଳେ ସର୍ବପ୍ରଥମ କର୍ତ୍ତବ୍ୟରୂପେ ଅତି ଯତ୍ନର ସହିତ ଆପଣାର ଯାବତୀୟ ମାନସିକ କ୍ରିୟାଶୀଳତାର କ୍ଷେତ୍ରରେ ମଧ୍ୟ ଏକ ଶ୍ଲଥନ ଆଣିବାକୁ ହେବ ଏବଂ ତାହାକୁ ସ୍ଥିର, ଯଥାସମ୍ଭବ ଅଧିକ ସ୍ଥିର କରି ଆଣିବାକୁ ପଡ଼ିବ ଏବଂ ମନ ସମ୍ପୂର୍ଣ୍ଣ ଭାବରେ ସ୍ଥିର ହୋଇ ନ ଯିବା ପର୍ଯ୍ୟନ୍ତ ଆଦୌ ଶୋଇପଡ଼ିବ ନାହିଁ । ତାହାହେଲେ ତୁମକୁ ଆଉ ଅତିମାତ୍ରାରେ କ୍ଳାନ୍ତିକର

'oaob.nitrkl.ac.in' images reprocessed

ସେହି ନିରର୍ଥକ ଉତ୍ତେଜିତ ଅବସ୍ଥାରେ ଦୀର୍ଘ ସମୟ ଅତିବାହିତ କରିବାର କଷ୍ଟ ମଧ୍ୟ ଆଦୌ ଭୋଗିବାକୁ ପଡ଼ିବ ନାହିଁ । ମନର ସଂପୂର୍ଣ୍ଣ ଶିଥିଳନ ଘଟିବ ଏବଂ ସିଏ ସର୍ବପ୍ରଥମେହିଁ ଏକ ପୂର୍ଣ୍ଣ ଶାନ୍ତି ମଧ୍ୟରେ ପ୍ରବିଷ୍ଟ ହୋଇପାରିବ, ଆପଣା ଲାଗି ଏହି ସ୍ଥିତିଟିକୁ ସମ୍ଭବ କରିପାରିଲେ ତୁମର ନିଦ୍ରା ମଧ୍ୟ ତତ୍‌କ୍ଷଣାତ୍ ଶାନ୍ତିମୟ ହୋଇଯାଇ ପାରିବ, ତୁମର ସକଳ ପରିଶ୍ରାନ୍ତିକୁ ଦୂର କରିଦେବ । ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ, ତୁମର ପ୍ରାଣିକ ମଧ୍ୟ ସେତେବେଳେ କୌଣସି ପ୍ରକାରେ ବିକ୍ଷୁବ୍ଧ ହୋଇ ରହି ନ ଥିବ; କାରଣ ତା'ହେଲେ ତାହା ତୁମକୁ ଯାବତୀୟ ପ୍ରକାରର ସ୍ଥାନକୁ ଦଉଡ଼ାଇ ନେବାରେ ଲାଗିଥିବ ଏବଂ ତୁମକୁ ନାନା ମୂର୍ଖତାର କାର୍ଯ୍ୟ କରିବାରେ ବାଧ୍ୟ କରାଉଥିବ । ଫଳରେ ଏଇଆ ହେବ ଯେ, ଶୋଇବାକୁ ଯିବା ପୂର୍ବରୁ ତୁମେ ଯେତିକି କ୍ଳାନ୍ତ ରହିଥିଲ, ନିଦରୁ ଉଠିବା ବେଳକୁ ତା'ଠାରୁ ଆହୁରି ଅଧିକ କ୍ଳାନ୍ତ ଅନୁଭବ କରୁଥିବ ।

ମାତ୍ର, ଯଦି ତୁମେ ସଚେତନ ରହିଥିବ, ତେବେ ଆପଣାର ପ୍ରାଣିକକୁ ଶାନ୍ତ କରି ଆଣିବା ପରେ ତୁମେ ଯେତେବେଳେ ନିଜର ଭୌତିକ ଚେତନା ମଧ୍ୟରୁ ବାହାରି ଆସି ଏକ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଚେତନା ମଧ୍ୟରେ ପ୍ରବେଶ କରିବାକୁ ଆରମ୍ଭ କରିବ, ତେବେ ତୁମେ ନିଜର ପ୍ରାଣକୁ ମଧ୍ୟ ଶୁଆଇ ପକାଇ ପାରିବ ଏବଂ ତାକୁ "ବର୍ତ୍ତମାନ ତୁ ଅତ୍ୟନ୍ତ ସ୍ଥିର ହୋଇଯା, ବର୍ତ୍ତମାନ ବିଶ୍ରାମ କର" ବୋଲି କହିପାରିବ; ଏବଂ ତା'ପରେ, ନିଜର ମାନସିକ କ୍ରିୟାଶୀଳତା ଭିତରେ ପ୍ରବେଶ କରି ତାକୁ ମଧ୍ୟ "ତୁ ବି ବର୍ତ୍ତମାନ ବିଶ୍ରାମ କର, ଏକାବେଳେକେ ସ୍ଥିର ହୋଇଯା" ବୋଲି କହିବ ଏବଂ ତାକୁ ମଧ୍ୟ ଶୁଆଇ ପକାଇବ । ତା'ପରେ ମନ ଭିତରୁ ବାହାରି ଆସି ତୁମେ ଆଉ ଏକ ଉଚ୍ଚତର ରାଜ୍ୟରେ ପ୍ରବେଶ କରିବ ଏବଂ ଯଦି ତୁମ ଭିତରେ ଏକ ଆଗ୍ରହ ଜନ୍ମେ, — ତୁମେ ତ ସର୍ବପ୍ରଥମ ଥର ପାଇଁ ସେଠାରେ ଯାଇ ପହଞ୍ଚିଥିବ, — ତେବେ ତୁମେ ସେଠାରେ ଯାହା ସବୁ ଘଟୁଛି, ସେଗୁଡ଼ିକୁ ଅବଲୋକନ କରିପାରିବ, ସେହି ବିଷୟରେ ଆପଣାର ଅଭିଜ୍ଞତା ଲାଭ କରିବ ଏବଂ ଅନେକ ବିଷୟ ଶିକ୍ଷା କରିପାରିବ;— ବେଳେବେଳେ ଏହିପରି ଭାବରେ ଆଗ୍ରହୋଦ୍ଦୀପକ କେତେ ନା କେତେ ବିଷୟ ଶିକ୍ଷା କରିବାକୁ ମିଳିଥାଏ । ଏବଂ, ଅନେକ ସମୟରେ, ଏହା ଦ୍ୱାରା ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସାଧାରଣ ଅବସ୍ଥା ବିଷୟରେ ମଧ୍ୟ ସଜ୍ଞାନ ହୋଇପାରିବ, ଅନ୍ୟ ବ୍ୟକ୍ତି ଓ ଅନ୍ୟ ନାନା ବସ୍ତୁ ବିଷୟରେ ନାନାବିଧ ଧାରଣା ଅର୍ଜନ କରିପାରିବ । ଏହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ! ଏବଂ ତା'ପରେ, ଏହିପରି ଯଥେଷ୍ଟ ଅଭିଜ୍ଞତା ଲାଭ କରିସାରିବା ପରେ ତୁମେ "ଏଥର ସ୍ଥିର ହୋଇଯା, ଶୋଇପଡ଼, ଆଉ ହଲଚଲ ହୁଅନା" ବୋଲି କହିପାରିବ ଏବଂ ସେଇଟିକୁ ମଧ୍ୟ ଶୁଆଇ ପକାଇ ତଥାପି ଆହୁରି ଅଧିକ ଉଚ୍ଚ ଏକ

'oaob.nitrkl.ac.in' images reprocessed

ଚେତନାର ଭୂମିକୁ ଉନ୍ମୋଳିତ ହୋଇଯାଇ ପାରିବ । ଏହିପରି ଭାବରେ କ୍ରମୋନ୍ମୋଳିତ ହୋଇ ତୁମେ ଏପରି ଏକ ଅବସ୍ଥାରେ ଯାଇ ପହଞ୍ଚିବ, ଯେଉଁଠାରେ କି ତୁମେ ଆକାରର ସୀମାଗୁଡ଼ିକୁ ଯାଇ ସ୍ପର୍ଶ କରିବ, — ଏଠାରେ ମୁଁ ଭୌତିକ ଆକାର କଥା କହୁ ନାହିଁ, -- ତୁମେ ସେତେବେଳେ ଯାବତୀୟ ଆକାରର ସୀମାରେ ଯାଇ ପହଞ୍ଚିଯିବ । ଭୁବନାର ଯାବତୀୟ ଆକୃତିମଣ୍ଡଳଠାରୁ ଏହା ସ୍ପଷ୍ଟତଃ ଆହୁରି ସେପାଖରେ; ଯାବତୀୟ ଆକାର ଏବଂ ସ୍ପନ୍ଦନର ସୀମା ସେପାଖରେ । ସେହି ପୂର୍ଣ୍ଣ ନିରବତାର ଯେଉଁ ଅବସ୍ଥାକୁ ଆମେ ଏଠାରେ ସଚ୍ଚିଦାନନ୍ଦ ବୋଲି କହିବା, ଠିକ୍ ସେହି ଅବସ୍ଥାରେ । ଏବଂ, ଯେତେବେଳେ ତୁମେ ସେଠାରେ ଯାଇ ପହଞ୍ଚିଯିବ, ସେତେବେଳେ ସବୁକିଛୁ ଅଟକି ରହିଯିବ, ଯାବତୀୟ ସ୍ପନ୍ଦନ କୁଆଡ଼େ ବିଲୀନ ହୋଇଯିବ । ଏବଂ ଯଦି ସେଠାରେ ତୁମେ ମାତ୍ର ତିନି ମିନିଟ ପର୍ଯ୍ୟନ୍ତ ବି ଅବସ୍ଥାନ କରିପାରିବ, ତେବେ ସଂପୂର୍ଣ୍ଣ ଭାବରେ ବିଶ୍ରାମ ଲାଭ କରି, ପୁନରୁଜ୍ଜୀବିତ ହୋଇ ଓ ପୂର୍ଣ୍ଣ ଭାବରେ ମଜଭୁତ ହୋଇ ତୁମେ ଆପଣାର ଶରୀର ପାଖକୁ ଫେରି ଆସିବ । ଅନୁଭବ କରୁଥିବ, ସତେ ଯେପରି ତୁମେ ଦୀର୍ଘ ଅନେକ ଘଣ୍ଟା ଶୋଇ ତା'ପରେ ଯାଇ ଉଠିଲ ! ଆମେ ଏହି କଥାଟିକୁ ଶିକ୍ଷା କରିପାରିବା । ଏକଥା ଯେ ଗୋଟାଏ ରାତିରେ ସମ୍ଭବ ହୋଇଯିବ, ମୁଁ ସେକଥା ମୋଟେ କହୁ ନାହିଁ; ଏଥିପାଇଁ କିଞ୍ଚିତ୍ କାର୍ଯ୍ୟ କରିବାକୁ ପଡ଼ିବ ଏବଂ କେତେକ ପରିମାଣରେ ଅବିରତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ । ମାତ୍ର ତଥାପି, ଏହା କରିବା ଲାଗି ଶିକ୍ଷା କରିବାକୁ ପଡ଼ିବ । ଏବଂ, ଯେତେବେଳେ ତୁମେ ଅତ୍ୟନ୍ତ ଚିନ୍ତିତ, କ୍ଲାନ୍ତ ବା ସେହିପରି କିଛି ହୋଇ ରହିଥିବ, ··· ଉଦାହରଣସ୍ୱରୂପ, ଯଦି କୌଣସି ପ୍ରକାରେ ନିକଟରେ ତୁମକୁ ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ତୀବ୍ର ଭାବରେ ଆକ୍ରାନ୍ତ ହେବାକୁ ପଡ଼ିଥିବ ଓ ତଦ୍ଦ୍ୱାରା ଅତ୍ୟନ୍ତ ପରିଶ୍ରାନ୍ତ ହୋଇ ରହିଥିବ, ଯଦି ସେତେବେଳେ ସଚେତନ ଭାବରେ ଏହି ପ୍ରକ୍ରିୟାଟିକୁ ଅନୁସରଣ କରିବ, ତେବେ ମାତ୍ର କେତେ ମିନିଟ୍ ମଧ୍ୟରେହିଁ ସେହି ସବୁକିଛୁ ସମ୍ପୂର୍ଣ୍ଣ ଭାବରେ କୁଆଡେ ଅପସାରିତ ହୋଇଯିବ । ଏହାକୁ ଶିକ୍ଷା କଲେ ପ୍ରକୃତରେ ଅନେକ ଲାଭ ହେବ । କେବଳ ଏତିକି ମନେ ରଖିବ ଯେ ଏଥିଲାଗି ଅନେକ, ଅନେକ ଅଧ୍ୟବସାୟ ଆବଶ୍ୟକ ହେବ । କାରଣ···ଆଚ୍ଛା, ଟିକିଏ ଅପେକ୍ଷା କର, ମୁଁ ଏବିଷୟରେ ତୁମମାନଙ୍କୁ କିଛି ଅଧିକ କଥା କହିବି ।

ଯେତେବେଳେ ମୁଁ ଗୁହ୍ୟବିଦ୍ୟା ଅଧ୍ୟୟନ କରିବାକୁ ଆରମ୍ଭ କଲି, ସେତେବେଳେ ଯାଇ ସଜ୍ଞାନ ହୋଇ ପାରିଲି ଯେ,—ସେତେବେଳେ ମୋର ରାତ୍ରିଗୁଡ଼ିକୁ ସଚେତନ କରିବା ଉଦ୍ଦେଶ୍ୟରେ ମୁଁ ସକ୍ରିୟ ଭାବରେ କିଛି କରିବାକୁ ଆରମ୍ଭ କରୁଥିଲି,—ମୁଁ ସଜ୍ଞାନ ହେବାକୁ ଲାଗିଲି ଯେ, ସୂକ୍ଷ୍ମଭୌତିକ ଏବଂ ସ୍ଥୂଳ-ପ୍ରାଣିକ

'oaob.nitrkl.ac.in' images reprocessed

ଏହି ଦୁଇ ଭୂମିର ମଧ୍ୟଭାଗରେ ଗୋଟିଏ ଅଡ଼ ସ୍ଥାନ କ୍ଷେତ୍ରଟିଏ ରହିଛି, ଯାହାକି ଏହି ଉଭୟ କ୍ରିୟାଶୀଳତା ମଧ୍ୟରେ ଏକ ସଚେତନ ସେତୁ ପରି କାର୍ଯ୍ୟ କରିବା ଲାଗି ଆଦୌ ଯଥେଷ୍ଟ ପରିମାଣରେ ବିକଶିତ ହୋଇପାରି ନାହିଁ । ଫଳରେ, ସ୍ଥୂଳତମ ପ୍ରାଣିକ ଭୂମିଟିର ଚେତନାରେ ଯାହାକିଛି ଘଟୁଛି, ତାହାର ଅବିକଳ ଭାବରେ ସୂକ୍ଷ୍ମତମ ଭୌତିକର ଚେତନାରେ ଆଦୌ କୌଣସି ତର୍ଜମା ସମ୍ଭବ ହେଉ ନାହିଁ । ସେଥିରୁ କେତେକ ଅଂଶ ବାଟରେହିଁ କ୍ଷୟପ୍ରାପ୍ତ ହୋଇଯାଉଛି, କାରଣ, ଏହା — ତାହାକୁ ନିଶ୍ଚୟାତ୍ମକ ଭାବରେ ଆଦୌ ଏକ ଶୂନ୍ୟ ବୋଲି କହିହେବ ନାହିଁ, ମାତ୍ର କେବଳ ଅର୍ଦ୍ଧଚେତନ ହୋଇ ରହିଥିବା ଓ ଯଥେଷ୍ଟ ଭାବରେ ବିକଶିତ ହୋଇପାରି ନ ଥିବା ଏକ ବସ୍ତୁ ବୋଲି କୁହାଯାଇ ପାରିବ । ମୁଁ ଭଲକରି ଜାଣିଲି ଯେ ଏଥିଲାଗି ବାଟ କେବଳ ଗୋଟିଏ ରହିଛି, — ସେଇଟି ହେଉଛି ଯେ, ତାହାକୁ ବିକଶିତ କରାଇ ଆଣିବା ଲାଗି କିଛି କରିବାକୁହିଁ ପଡ଼ିବ । ତେଣୁ ମୁଁ କିଛି କରିବା ଆରମ୍ଭ କରିଦେଲି । ମୁଁ ଭାବୁଛି, ଫେବୃଆରୀ ମାସର କୌଣସି ଏକ ସମୟରେ ଏହା ଘଟିଥିଲା । ମାସେ, ଦୁଇମାସ, ତିନି ମାସ, ଚାରି ମାସ ଗଲା, କୌଣସି ଫଳ ମିଳିଲା ନାହିଁ । ତଥାପି କାର୍ଯ୍ୟ ଚାଲିଥାଏ । ପାଞ୍ଚମାସ, ଛଅମାସ ଗଲା ··· ଜୁଲାଇ ଶେଷ ହେଉଥାଏ ଅଥବା ଅଗଷ୍ଟ ଆରମ୍ଭ ହେଉଥାଏ । ମୁଁ ପ୍ୟାରିସ୍ ଛାଡ଼ିଲି; ଯେଠାରେ ମୁଁ ଯେଉଁ ଘରେ ବାସ କରୁଥିଲି, ସେଠାରୁ ଯାଇ ସହରଠାରୁ ଦୂରରେ ସମୁଦ୍ର କୂଳରେ ଥିବା ଗୋଟିଏ ଛୋଟ ଜାଗାରେ ଯାଇ ବାସ କରିବାକୁ ଲାଗିଲି; ଏପରି କେତେକ ବନ୍ଧୁଙ୍କ ସହିତ ବାସ କଲି, ଯେଉଁମାନଙ୍କର କି ଏକ ବଗିଚା ରହିଥିଲା । ବଗିଚା ଭିତରେ ଘାସର ଲନ୍‌ଟିଏ ଥିଲା,—ଲନ୍ କ'ଣ ତୁମେମାନେ ଜାଣିଛ, ନୁହଁ ? ଘାସ ଲନ୍‌ରେ ଫୁଲଗଛ ଲାଗିଥିଲା, ଚାରିପାଖରେ କେତୋଟି ଗଛ ରହିଥିଲା । ଭାରି ସୁନ୍ଦର ଜାଗାଟିଏ, ଭାରି ଶାନ୍ତ, ଭାରି ନୀରବ । ଦିନେ ମୁଁ ସେହି ଘାସ ଉପରେ ପେଟ ମାଡ଼ି କହୁଣି ଉପରେ ଭରା ଦେଇ ଶୋଇଥିଲି ଏବଂ ଠିକ୍ ସେହି ସମୟରେ ହଠାତ୍ ସେହି ପ୍ରକୃତିର ସମ୍ପୂର୍ଣ୍ଣ ଜୀବନଟି, ସୂକ୍ଷ୍ମ-ଭୌତିକ ଏବଂ ସ୍ଥୂଳତମ-ପ୍ରାଣିକର ମଧ୍ୟବର୍ତ୍ତୀ ହୋଇ ରହିଥିବା ସେହି ସମ୍ପୂର୍ଣ୍ଣ ରାଜ୍ୟଟି,—ଯେଉଁ ରାଜ୍ୟଟି ଉଦ୍ଭିଦମାନଙ୍କ ଭିତରେ ଓ ପ୍ରକୃତିରେ ଅତ୍ୟନ୍ତ ଜୀବନ୍ତ ହୋଇରହିଛି, — ସେହି ସମ୍ପୂର୍ଣ୍ଣ ଭୂମିଟି ତତ୍‌କ୍ଷଣାତ୍ ଉଦ୍‌ଭାସିତ ହୋଇ ଆସିଲା । ତାହାର ଏହି ଆସିବାରେ ଆଦୌ କୌଣସି ପୂର୍ବାପର ପର୍ଯ୍ୟାୟର ଅନୁଭବ ହେଲା ନାହିଁ, ତାହା ସମ୍ପୂର୍ଣ୍ଣ ଜୀବନମୟ, ପ୍ରଗାଢ଼, ସଚେତନ ଏବଂ ଆଶ୍ଚର୍ଯ୍ୟକର ଭାବରେ ଆବିର୍ଭୂତ ହୋଇଉଠିଲା । ଏବଂ ଆଦୌ କିଛି ଫଳ ଦେଇପାରି ନ ଥିବା ଦୀର୍ଘ ଛଅମାସର କାର୍ଯ୍ୟର ପରିଣାମସ୍ୱରୂପ ଏହା ଘଟିଥିଲା । ମୁଁ ଆଗରୁ କିଛିହେଲେ ପ୍ରତ୍ୟକ୍ଷ କରି ନ ଥିଲି; ମାତ୍ର ସେହିପରି ଏକ ସ୍ଥାନ ପରିବେଶ ସମ୍ଭବ ହୋଇଥିଲା ଓ

'oaob.nitrkl.ac.in' images reprocessed

ମୋ'ତେ ସବୁଯାକ ଫଳ ଆସି ମିଳିଗଲା ! ଏହା ଯେତେଯେପରି ଅଣ୍ଡା ଭାଙ୍ଗି ସେଥିରୁ କୁକୁଡ଼ାଛୁଆ ବାହାରକୁ ବାହାରି ଆସିବା ପରି ହୋଇଥିଲା ! କୁକୁଡ଼ାଛୁଆ ଦୀର୍ଘ କାଳ ଅଣ୍ଡା ଭିତରେ ରହିଥାଏ, ଅଥଚ ବାହାରକୁ ମୋଟେ କିଛି ଦେଖାଯାଏ ନାହିଁ । ତା'ପରେ ସବାଶେଷରେ "ଟିକ୍" କରି ଗୋଟିଏ ଶବ୍ଦ ହୁଏ, ସାନ କଣାଟିଏ ହୋଇଯାଏ, ତା'ପରେ ଖୋଳଟି ପୂରା ଫାଟିଯାଏ ଓ କୁକୁଡ଼ାଛୁଆ ବାହାରକୁ ବାହାରି ଆସେ । ତାହାର ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଯାଇଥାଏ, ମାତ୍ର ଏହି ସବୁକିଛି ଏକ ଆକାର ଲାଭ କରିବାକୁ ପ୍ରକୃତରେ ଏତେ ସମୟ ଲାଗେ । ଏକଥାଟି ଏପରି ହୁଏ । ଯେତେବେଳେ ତୁମେ ନିଜ ଭିତରେ କିଛି ପ୍ରସ୍ତୁତ କରି ଆଣିବାକୁ ଇଚ୍ଛା କରୁଥାଅ, ସେତେବେଳେ ଠିକ୍ ଏହିପରି, କୁକୁଡ଼ାଛୁଆ ଅଣ୍ଡା ଫଟାଇ ବାହାରକୁ ବାହାରି ଆସିବା ପରି ଘଟିଥାଏ । ଏଥିଲାଗି ଦୀର୍ଘ ସମୟ ଦରକାର ହୁଏ, — ଏବଂ ସେତେବେଳେ ଆଦୌ କୌଣସି ଫଳ ଫଳୁଥିବା ପରି ଲାଗେ ନାହିଁ । ମାତ୍ର ତୁମେ ଆଦୌ ନିରୁତ୍ସାହିତ ନ ହୋଇ ଆପଣାର ପ୍ରୟାସ ଜାରି ରଖିଥାଅ, ସେଥିରେ ଆଦୌ କୌଣସି ପ୍ରକାରେ ଶିଥିଳ କର ନାହିଁ । ଯେତେଯେପରି ତୁମ ଆଗରେ ଶାଶ୍ୱତକାଳ ପଡ଼ିରହିଛି, ଠିକ୍ ସେହିପରି ଭାବରେ ଉଦ୍ୟମ କରୁଥାଅ । ପୁନଶ୍ଚ, ଯେତେଯେପରି ତୁମେ ଫଳ ବିଷୟରେ କୌଣସି ବିଶେଷ ସ୍ପୃହା ରଖି ନାହଁ ସେହିପରି ଉଦ୍ୟମ କରିବାରେ ଲାଗିଥାଅ । କେବଳ କାର୍ଯ୍ୟଟିକୁ କରିବା ସକାଶେହିଁ କାର୍ଯ୍ୟଟିକୁ କରୁଥାଅ । ଏବଂ ତା'ପରେ; ଦିନେ ହଠାତ୍, ତାହା ଗୋଟାସୁଦ୍ଧା ଫାଟିଯାଏ ଏବଂ ତୁମେ ଆପଣାର ସମ୍ମୁଖରେ ଆପଣା କାର୍ଯ୍ୟର ସମ୍ପୂର୍ଣ୍ଣ ପରିଣାମଟିକୁ ପ୍ରତ୍ୟକ୍ଷ କରିପାର ।

ତୁମେ ଏସବୁ କଥା ବୁଝୁଛ, ନୁହେଁ ? ଏହିପରି ଅତ୍ୟନ୍ତ ସରଳ ଭାବରେ, ଆପଣାର ଗତିବିଧିଗୁଡ଼ିକ ବିଷୟରେ ସଚେତନ ହେବା ସମ୍ବନ୍ଧରେ, ଆପଣାର ନିଦ୍ରାକାଳୀନ କ୍ରିୟାଶୀଳତାଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ଅର୍ଜନ କରିବା ବିଷୟରେ ଏବଂ ଏହି ପ୍ରକାରର ଆଉ ଯାବତୀୟ ବିଷୟରେ ମଧ୍ୟ ଅବଶ୍ୟ କୁହାଯାଇପାରେ; ମାତ୍ର, ବର୍ତ୍ତମାନ ମୁଁ ତୁମମାନଙ୍କ ଆଗରେ ଯେଉଁ ସାନ କାର୍ଯ୍ୟଟି କରିବାକୁ ହେବ ବୋଲି ବର୍ଣ୍ଣନା କରି କହୁଥିଲି, ଏହି କ୍ଷେତ୍ରରେ ଏହିପରି ଅନେକ ସାନ ସାନ କାର୍ଯ୍ୟ ଅବଶ୍ୟ କରିବାକୁ ହୁଏ । ଏହି ଫଳଟିକୁ ପାଇବାକୁ ହେଲେ ଏପରି ଅନେକ କିଛି କରିବା ଆବଶ୍ୟକ ହୋଇଥାଏ । ଗୋଟିଏ କାର୍ଯ୍ୟ ସମ୍ପନ୍ନ ହୋଇଗଲେ, ତୁମେ ଆଉଗୋଟିଏ କରିବାକୁ ରହିଛି ବୋଲି ଉପଲବ୍ଧି କରିଥାଅ; ଏବଂ ଏଇଟି ସାଧ୍ୟ ହୋଇଗଲେ, ଏହାପରେ ତଥାପି ଆଉଗୋଟିଏ ରହିଥିବାର ହୃଦୟଙ୍ଗମ କରିଥାଅ । ଏହିପରି ଭାବରେ ଅଗ୍ରସର ହେଉ ହେଉ ତୁମେ ଶେଷରେ

'oaob.nitrkl.ac.in' images reprocessed

ତେବେ ମୁଁ ଯାହା କହିଲି, ସେଇଟିକୁ ମଧ୍ୟ କରିବାକୁ ସମର୍ଥ ହୁଅ ଏବଂ ଏହିପରି ଭାବରେ ସୋପାନରୁ ସୋପାନକୁ ଅଗ୍ରସର ହୋଇଯାଉଥାଅ । ଏବଂ, ସେହି ସବୁଗୁଡ଼ିକୁ ସ୍ଥିର କରିଆଣି ତୁମେ ଯାବତୀୟ କ୍ରିୟାଶୀଳତା ମଧ୍ୟରୁ ବାହାରକୁ ବାହାରି ଆସ ଏବଂ ସଚେତନ ଭାବରେ ସେହି ସର୍ବୋଚ୍ଚ ବିଶ୍ରାମାବସ୍ଥା ମଧ୍ୟରେ ପ୍ରବିଷ୍ଟ ହୁଅ । ଏହାଦ୍ୱାରା ତୁମେ କରିଥିବା ଶ୍ରମର ଯଥୋପଯୁକ୍ତ ଫଳ ମିଳିଯାଏ ।

ଏଥର ବୁଝିଲ ?

ଆଉକିଛୁ ପ୍ରଶ୍ନ ଅଛୁ ? କୌଣସି ପ୍ରଶ୍ନ ନାହିଁ ?

ତେବେ ଏଇଠାରେ ଶେଷ ।

'oaob.nitrkl.ac.in' images reprocessed

# ୩୦ ଜୁନ୍ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଭିତ୍ତିଭୂମି"
ପୁସ୍ତକର ୧୯ଶ ଅଧ୍ୟାୟ "କେତୋଟି ବ୍ୟାଖ୍ୟା"
ଉପରେ ଏହି ପ୍ରବଚନଟି ଆଧାରିତ ।

"ପ୍ର : ଯୋଗସାଧନାରେ ଗୂଢ଼ବିଦ୍ୟାଗତ ଶକ୍ତିର କେଉଁଠି ସ୍ଥାନ ରହିଛି ?

"ଉ : ଅନ୍ତର୍ଭୌତିକ ଭୂମିଗୁଡ଼ିକରେ ଅବସ୍ଥିତ ରହିଥିବା ସୂକ୍ଷ୍ମ ଶକ୍ତିଗୁଡ଼ିକୁ ଜାଣିବା ଓ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବା,— ଏହା ଯୋଗସାଧନାର ଏକ ଅଙ୍ଗ ।

"ପ୍ର : ଗୂଢ଼ବିଦ୍ୟାଗତ ଉଦ୍ୟମ ଏବଂ ଶକ୍ତିର ଅର୍ଥ କ'ଣ ?

"ଉ : ଏକଥା ସଂପୃକ୍ତ ସନ୍ଦର୍ଭଟି ଉପରେହିଁ ନିର୍ଭର କରିବ । ସାଧାରଣତଃ ଏହାକୁ ଆମେ ପ୍ରକୃତିର ଗୂଢ଼ଶକ୍ତିଗୁଡ଼ିକୁ ବ୍ୟବହାର କରିବାର ସାମର୍ଥ୍ୟ ଏବଂ ଏହିସବୁ ଶକ୍ତିର ମାଧ୍ୟମରେ କରାଯାଉଥିବା ଏକ ଉଦ୍ୟମର ଅର୍ଥରେ ବୁଝିବା । ମାତ୍ର ଆଉଏକ ସନ୍ଦର୍ଭରେ 'ଗୂଢ଼ବିଦ୍ୟା' କହିଲେ ହୁଏତ ଆଉ କୌଣସି ଅନ୍ୟ କଥାକୁ ବୁଝାଇବ ।

"ପ୍ର : ଯୋଗର ପ୍ରତ୍ୟେକ ସାଧକକୁ କ'ଣ ଏହି ଗୂଢ଼ବିଦ୍ୟାଗତ ଉଦ୍ୟମଟିର ମଧ୍ୟଦେଇ ଯିବାକୁ ପଡ଼ିବ ?

"ଉ : ନାହିଁ । ପ୍ରତ୍ୟେକ ସାଧକର ସେହି ସାମର୍ଥ୍ୟ ମଧ୍ୟ ନାହିଁ । ଯେଉଁମାନଙ୍କର ସେହି ସାମର୍ଥ୍ୟ ନାହିଁ, ତାହା ସେମାନଙ୍କୁ ପ୍ରଦତ୍ତ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ ।"

ତାହା ପୁସ୍ତକଟିର ସବା ଶେଷରେ ରହିଛି ।

'oaob.nitrkl.ac.in' images reprocessed

ମାଆ, ଏଠାରେ ଶ୍ରୀଅରବିନ୍ଦ ଗୂଢ଼ବିଦ୍ୟାଗତ ଉଦ୍ୟମ ବିଷୟରେ କହୁଛନ୍ତି; ସିଏ କହୁଛନ୍ତି ଯେ ଯେଉଁମାନଙ୍କର ଏହି ସାମର୍ଥ୍ୟଟି ନାହିଁ, ସେମାନଙ୍କୁ ତାହା ପ୍ରଦତ୍ତ ହେବା ପର୍ଯ୍ୟନ୍ତ ସେମାନେ ଅବଶ୍ୟ ଅପେକ୍ଷା କରିବେ । ଅଭ୍ୟାସ ଦ୍ୱାରା କ'ଣ ସେମାନେ ଏହା ହାସଲ କରିପାରିବେ ନାହିଁ ?

ନା । ତାହାର ଅର୍ଥ ହେଉଛି, ଯଦି ଏହା କୌଣସି ବ୍ୟକ୍ତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବ, ତେବେଯାଇ ଅଭ୍ୟାସ ଦ୍ୱାରା ତାହାର ବିକାଶ କରାଯାଇ ପାରିବ । ମାତ୍ର ଯଦି ଜଣକ ପାଖରେ ଗୂଢ଼ବିଦ୍ୟାଗତ ସେହି ଶକ୍ତିଟି ନ ଥିବ, ତେବେ ସିଏ ହୁଏତ ପଚାଶବର୍ଷ କାଳ ଚେଷ୍ଟା କଲେ ମଧ୍ୟ ଆଦୌ କିଛି ହାସଲ କରିପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି କଦାପି ଗୂଢ଼ବିଦ୍ୟାଗତ ଶକ୍ତିର ଅଧିକାରୀ ହୋଇପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଜଣେ ସଙ୍ଗୀତଜ୍ଞ ହୋଇପାରିବ, ଜଣେ କଳାକାର ବା ଆଉକିଛି ହୋଇ ପାରିବ,—ଏହା ଠିକ୍ ସେହିପରି ଏକ ଆଶା କରିବା ପରି ହେବ । କେତେକ ବ୍ୟକ୍ତି ସେକଥା ହୋଇପାରିବେ, ଆଉ କେତେକ ହୋଇପାରିବେ ନାହିଁ । ଏହା ଅନ୍ତର୍ଗତ ସ୍ୱଭାବ ଉପରେହିଁ ନିର୍ଭର କରିବ ।

ଗୂଢ଼ବିଦ୍ୟାବାଦ ଏବଂ ରହସ୍ୟବାଦ ମଧ୍ୟରେ ଫରକ କ'ଣ ?

ସେମାନେ ଆଦୌ ଗୋଟିଏ କଥା ନୁହନ୍ତି ।

ଆପଣ ରହସ୍ୟ ବୋଧ ଦ୍ୱାରା ଜଣେ ବ୍ୟକ୍ତି ଯାହାକୁ ଏକ ଦିବ୍ୟଶକ୍ତି ବୋଲି ଜାଣୁଛି, ତାହାର ସହିତ ଅଳ୍ପବହୁତ ପରିମାଣରେ ଏକ ସଂବେଗଗତ ସମ୍ବନ୍ଧ ସ୍ଥାପନ କରିବା ହେଉଛି ରହସ୍ୟବାଦ । ଦିବ୍ୟ ପରମସତ୍ତା ଅଥବା ଦିବ୍ୟ ପରମସତ୍ତା ବୋଲି ଅନୁମାନ କରାଯାଉଥିବା କୌଣସି ଅଦୃଶ୍ୟ ବସ୍ତୁ ସହିତ ସେହିପରି ଏକ ଗଭୀର ଭାବରେ ସଂବେଗପ୍ରେରିତ, ଭାବାତ୍ମକ ଏବଂ ଅତ୍ୟନ୍ତ ପ୍ରଗାଢ଼ ସମ୍ବନ୍ଧ ସ୍ଥାପନ କରିବା,—ତାହାହିଁ ରହସ୍ୟବାଦ ।

ଗୂଢ଼ବିଦ୍ୟାବାଦ ବିଷୟରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି, ତାହା ହେଉଛି ଠିକ୍ ସେହିକଥା । ଏହା ହେଉଛି ଅଦୃଶ୍ୟ ଶକ୍ତିଗୁଡ଼ିକ ବିଷୟରେ ଜ୍ଞାନଲାଭ କରିବା ଓ ତାହାକୁ କାମରେ ଲଗାଇବାର ଶକ୍ତି ଅର୍ଜନ କରିବା । ଏହା ହେଉଛି ଗୋଟିଏ ବିଜ୍ଞାନ । ଏହା ସମ୍ପୂର୍ଣ୍ଣ ଭାବରେ ଗୋଟିଏ ବିଜ୍ଞାନ । ମୁଁ ସର୍ବଦା ରସାୟନବିଦ୍ୟା ସହିତ ଗୂଢ଼ବିଦ୍ୟାର ତୁଳନା କରିଥାଏ; କାରଣ, ଭୌତିକ ବସ୍ତୁଗୁଡ଼ିକର କ୍ଷେତ୍ରରେ ରସାୟନବିଦ୍ୟା ଆମକୁ ଯେଉଁ ପ୍ରକାରର ଜ୍ଞାନ ଆଣି ଦେଇଥାଏ, ଗୂଢ଼ବିଦ୍ୟା ମଧ୍ୟ

'oaob.nitrkl.ac.in' images reprocessed

ଠିକ୍ ସେହି ପ୍ରକାରର ଜ୍ଞାନ ଆଣି ଯୋଗାଇ ଦିଏ । ଏହା ହେଉଛି ଅଦୃଶ୍ୟ ଶକ୍ତିଗୁଡ଼ିକ ବିଷୟରେ ଜ୍ଞାନ; ସେଗୁଡ଼ିକର ଭିନ୍ନ ଭିନ୍ନ ସ୍ପନ୍ଦନ, ପରସ୍ପର ମଧ୍ୟରେ ରହିଥିବା ସମ୍ବନ୍ଧ ଏବଂ ସମ୍ମିଳନ,—ସେଗୁଡ଼ିକୁ ଏକତ୍ର କରିବା ଦ୍ୱାରା ସେହି ସମ୍ବନ୍ଧ ଓ ସମ୍ମିଳନ ସମ୍ଭବ ହୋଇଥାଏ । ସେଗୁଡ଼ିକୁ ଅନ୍ତରାଳରୁ ଆଣି କାମରେ ଲଗାଇବା ମଧ୍ୟ ସେହି ବିଦ୍ୟାର ଅନ୍ତର୍ଗତ । ଏହା ସମ୍ପୂର୍ଣ୍ଣ ଭାବରେ ଏକ ବୈଜ୍ଞାନିକ ବ୍ୟାପାର; ଏବଂ ଠିକ୍ ଏକ ବିଜ୍ଞାନ ପରିହିଁ ତାହାକୁ ଶିକ୍ଷା କରାଯିବା ଉଚିତ । ଅର୍ଥାତ୍, ସଂବେଗ ଦ୍ୱାରା ପ୍ରେରିତ ଅଥବା ଅସ୍ପଷ୍ଟ ତଥା ଅନିଶ୍ଚିତ ଏକ ବିଷୟ ହିସାବରେ ଗୂଢ଼ବିଦ୍ୟାର ଆଦୌ କୌଣସି ଅନୁଶୀଳନ ହୋଇପାରିବ ନାହିଁ । ରସାୟନର କ୍ଷେତ୍ରରେ ଆମକୁ ଯେଉଁଭଳି ଅଗ୍ରସର ହେବାକୁ ହୁଏ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିଭଳି ଅଗ୍ରସର ହେବାକୁ ପଡ଼ିବ । ତାହାର ଯାବତୀୟ ନିୟମଗୁଡ଼ିକୁ ଶିଖିବାକୁ ପଡ଼ିବ ଅଥବା, ଯଦି ଶିଖାଇବାର ବ୍ୟକ୍ତି କେହି ନ ଥାନ୍ତି, ତେବେ ସ୍ୱୟଂ ସେଗୁଡ଼ିକୁ ଆବିଷ୍କାର କରିବାକୁ ପଡ଼ିବ । ମାତ୍ର କେବଳ ସ୍ୱଦାସ୍ପୃହରେହିଁ ସେଗୁଡ଼ିକର ଆବିଷ୍କାର କରିବାକୁ ହେବ । ଏଥିରେ କେତୋଟି ଏପରି ସଂଯୋଗ ରହିଛି, ଯାହାକି ଠିକ୍ ରସାୟନ ବିଦ୍ୟାର କେତେକ ସଂଯୋଗ ପରି ସମାନ ପରିମାଣରେ ବିସ୍ଫୋରକ ହୋଇଥାଏ ।

ଏହି ଜୀବନରେ ଗୂଢ଼ବିଦ୍ୟାର ପ୍ରୟୋଜନ ରହିଛି କି ?

ଏ ଜୀବନରେ ? ଜଣେ ବ୍ୟକ୍ତି କ'ଣ କରିବାକୁ ଇଚ୍ଛା କରୁଛି, ସେକଥା ତାହାର ଉପରେହିଁ ନିର୍ଭର କରେ । ଯୋଗସାଧନାର ଜୀବନରେ ଏହାର ପ୍ରୟୋଜନ କ'ଣ ରହିଛି, ତୁମେ ସେହି ଅର୍ଥରେ ପ୍ରଶ୍ନଟିକୁ ପଚାରିଛ କି ? ଆଦୌ କୌଣସି ପ୍ରୟୋଜନ ନାହିଁ । ପୁନଶ୍ଚ, ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଅନେକ ଏପରି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କଠାରେ ଏହି ଶକ୍ତି ଆଦୌ ପ୍ରଦତ୍ତ ହୋଇ ରହି ନ ଥାଏ, ଯେଉଁମାନଙ୍କର ଏହି ବିଷୟରେ କୌଣସି ସାମର୍ଥ୍ୟ ନ ଥାଏ । ବହୁସଂଖ୍ୟକ ବ୍ୟକ୍ତି, ଏହି କ୍ଷେତ୍ରରେ ମାତ୍ର ଏତେଟିକିଏ ଅଭିଜ୍ଞତା ଅର୍ଜନ କରିବା ମାତ୍ରକେ, ଉଦାହରଣସ୍ୱରୂପ, ଆପଣାର ଶରୀର ମଧ୍ୟରୁ ବାହାରକୁ ଚାଲିଆସିବା ଲାଗି ସମର୍ଥ ହେବା ମାତ୍ରକେ, ସେମାନେ ପ୍ରକୃତରେ ଭାରି ଆତଙ୍କଗ୍ରସ୍ତ ହୋଇପଡ଼ିଥାନ୍ତି ଓ ତାହାକୁ ଆରୋଗ୍ୟ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼େ । ବ୍ୟକ୍ତି ମଧ୍ୟରେ ଏକ ଶକ୍ତିଶାଳୀ ଇଚ୍ଛା ଏବଂ ଅନେକ ପରିମାଣରେ ଆତ୍ମକର୍ତ୍ତୃତ୍ୱ ରହିଥିଲେ ଯାଇ ସେହି ଆରୋଗ୍ୟ ସମ୍ଭବ ହୋଇଥାଏ । ମାତ୍ର ଅନେକ ବ୍ୟକ୍ତି ଆପଣା ସତ୍ତାର ବିଭିନ୍ନ ଅବସ୍ଥାକୁ ଆଦୌ ପରସ୍ପରଠାରୁ ବିଚ୍ଛିନ୍ନ କରାଇ ପାରନ୍ତି ନାହିଁ । ବିଚ୍ଛିନ୍ନ କରାଇ ଦେଲେ ସେମାନଙ୍କ ଭିତରେ କିଛି ନା କିଛି ବିଗିଡ଼ି ଯିବାକୁ ଆରମ୍ଭ କରିଥାଏ ।

'oaob.nitrkl.ac.in' images reprocessed

ସେମାନଙ୍କ ଶରୀରକୁ କଷ୍ଟ କ୍ଲେଶ କରିବାକୁ ହୋଇଥାଏ । ମାତ୍ର, ଅନ୍ୟ ପକ୍ଷରେ, ଅନେକ ଲୋକ ଆପଣା ଭିତରୁ ସ୍ୱଚ୍ଛନ୍ଦରେ ବାହାରି ଯାଇ ପାରନ୍ତି, କେତେଆଡ଼େ ବିଚରଣ କରି ପୁନର୍ବାର ନିଜ ଭିତରକୁ ଫେରିଆସି ପାରନ୍ତି । ଏପରି କରିବା ସେମାନଙ୍କ ପକ୍ଷରେ ଅତ୍ୟନ୍ତ ସ୍ୱାଭାବିକ ହୋଇ ରହିଥାଏ । ସାଧାରଣତଃ, କେବଳ ମାନସିକ ସ୍ତରର ଏକ କୌତୂହଳ ନ ହୋଇ ଯେଉଁମାନଙ୍କଠାରେ ଗୁହ୍ୟବିଦ୍ୟା ଏକ ପ୍ରକୃତ ଆଗ୍ରହ ହୋଇ ରହିଥାଏ, ସେମାନଙ୍କୁ ତାହାର ସାମର୍ଥ୍ୟଟି ପ୍ରଦତ୍ତ ମଧ୍ୟ ହୋଇଥାଏ । ସେମାନେ ସେହି କଥାଟିକୁ ଜାଣି ନ ଥାନ୍ତି ସତ, ମାତ୍ର ସେମାନଙ୍କୁ ତାହାର ଶିକ୍ଷା ଦିଆ ଯାଇପାରେ । ମାତ୍ର, ଅତ୍ୟନ୍ତ ସାବଧାନତା ସହିତ ଏଗୁଡ଼ିକର ଅଭ୍ୟାସ କରିବାକୁ ପଡ଼ିଥାଏ । ଉଦାହରଣସ୍ୱରୂପ,—ମୁଁ ତୁମକୁ ଏକ ଉଦାହରଣ ଦେଇ କହିବି,—ଯେତେ କିଞ୍ଚିତ୍ ପରିମାଣରେ ହେଉ ପଛକେ, ଏବଂ କେବଳ ମାନସିକ ସ୍ତରରେହିଁ ଜଣେ ବ୍ୟକ୍ତି ଆପଣା ଶରୀର ଭିତରୁ ବାହାରି ବାହାରକୁ ଯିବା ଲାଗି ସମର୍ଥ ହେବା ମାତ୍ରକେ, ସେହି କାର୍ଯ୍ୟଟିର ନିୟନ୍ତ୍ରଣ କରୁଥିବା ମାନସିକ ଅଂଶଟି ମଧ୍ୟ ଭିତରୁ ବାହାରି ବାହାରକୁ ଚାଲିଯାଏ । ଏବଂ, ମନର ସେହି ଯେଉଁ ସ୍ୱୟଂକ୍ରିୟ ଅଂଶଟି ଯାବତୀୟ ସଞ୍ଚାଳନା ଅଥବା ଗ୍ରନ୍ଥିଗତ କ୍ଷରଣର କାରଣ ହୋଇ ରହିଥାଏ, ସେହି ସମ୍ପୂର୍ଣ୍ଣ ଯାନ୍ତ୍ରିକ ଅଂଶଟି ଚେତନ ତଥା ଚିନ୍ତାଶୀଳ ଅଂଶଟିର ସୁରକ୍ଷା ଏବଂ ନିୟନ୍ତ୍ରଣରୁ ବଞ୍ଚିତ ହୋଇ ରହିଯାଏ । ବାୟୁମଣ୍ଡଳ ଭିତରେ ଏପରି କ୍ଷୁଦ୍ର, ଅତିକ୍ଷୁଦ୍ର ଅଗଣିତ ଉପାଦାନମାନେ ରହିଥାନ୍ତି,—ମାନବୀୟ ନାନା ବିଘଟନରୁହିଁ ଯେଉଁଗୁଡ଼ିକର ଜନ୍ମ ହୋଇଥାଏ; ସେଗୁଡ଼ିକ ଭୌତିକ ସ୍ତରର ଜୀବାଣୁଗୁଡ଼ିକ ପରି ହୋଇ ରହିଥାନ୍ତି, ସେମାନଙ୍କୁ ପ୍ରାଣିକ ସ୍ତରରହିଁ ଏକ ପ୍ରକାରର ଜୀବାଣୁ ବୋଲି କୁହାଯାଇ ପାରିବ । ସେମାନେ ଅପେକ୍ଷାକୃତ ଅଧିକ ଦୃଶ୍ୟମାନ ଅବସ୍ଥାରେ ରହିଥାନ୍ତି ଏବଂ ସେମାନଙ୍କର ନିଜର ଏକ ଇଚ୍ଛା ମଧ୍ୟ ରହିଥାଏ । ସେମାନଙ୍କୁ ହୁଏତ ଦୁଷ୍ଟ ବୋଲି କୁହାଯାଇ ପାରିବ ନାହିଁ ସତ, ମାତ୍ର ସେମାନଙ୍କ ଭିତରେ ଖେଳ ଭାବନା ପୂର୍ଣ୍ଣ ରହିଥାଏ । ସେମାନେ କିଛି ସମୟ ଖୁସିରେ କଟାଇବାକୁ ଚାହୁଁଥାନ୍ତି ଓ ମନୁଷ୍ୟମାନଙ୍କର ଅନିଷ୍ଟ ଘଟାଇ ଏହିପରି ଆନନ୍ଦଲାଭ କରନ୍ତି । ତେଣୁ, ତୁମେ ଯଥେଷ୍ଟ ପରିମାଣରେ ସୁରକ୍ଷିତ ହୋଇ ରହି ନାହଁ ବୋଲି ଦେଖିବା ମାତ୍ରକେ ସେମାନେ ଯାନ୍ତ୍ରିକ ମନଟିକୁ ନିଜ ଅକ୍ତିଆରକୁ ନେଇଯାନ୍ତି ଏବଂ ତୁମ ଉପରକୁ ଯାବତୀୟ ପ୍ରକାରର ଅପ୍ରୀତିକର ବ୍ୟାପାରକୁ ଡାକିନେଇ ଆସନ୍ତି,—ଉଦାହରଣସ୍ୱରୂପ, ଭାବାବେଶ ମଧ୍ୟରେ ରହିଥିବା ସମୟରେ ଅନେକ ବ୍ୟକ୍ତି ଆପଣାର ଜିଭକୁ ଗିଳି ପକାନ୍ତି ଏବଂ ଉଚିତ ଯତ୍ନ ନ ନେଲେ ତଦ୍ଦ୍ୱାରା ସେମାନଙ୍କର ଶ୍ୱାସରୋଧ ହୋଇଯାଏ । ଆହୁରି ଅନେକ ବ୍ୟକ୍ତି ନିଜ ଜିହ୍ୱାକୁ କାମୁଡ଼ି ପକାନ୍ତି; ଅନେକ ସମୟରେ ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ । ଏହିପରି ଆହୁରି

'oaob.nitrkl.ac.in' images reprocessed

ଅନେକ ପ୍ରକାରର ଘଟଣା ଘଟିପାରେ,—ତାହାର ଅର୍ଥ ହେଉଛି ଯେ, ତୁମ ଉପରେ ଦୃଷ୍ଟି ରଖିବାକୁ ପାଖରେ ଆଉ କେହି ନ ଥିଲେ ତୁମ ପକ୍ଷରେ ସାଧାରଣତଃ କୌଣସି ଶବାବେଶ ମଧ୍ୟରେ ପ୍ରବେଶ କରିବା ଆଦୌ ଉଚିତ ହେବ ନାହିଁ । ଏଠାରେ କେବଳ ବାହ୍ୟ ଓ ଶାରୀରିକ ଅର୍ଥରେ ଦୃଷ୍ଟି ରଖିବା କଥା କୁହାଯାଉ ନାହିଁ,—ମାତ୍ର, ଚେତନ ଉପସ୍ଥିତିଟି ଦ୍ୱାରା ସୁରକ୍ଷିତ ହୋଇ ରହି ନ ଥିବା ତୁମର ସ୍ନାୟୁଗତ କେନ୍ଦ୍ରଗୁଡ଼ିକୁ ଏହିସବୁ କ୍ଷୁଦ୍ର ରୋଗାଣୁଗୁଡ଼ିକର କବଳରୁ ରକ୍ଷା କରିବାକୁ ଯେଉଁ ସଚେତନ ସାମର୍ଥ୍ୟ ଦରକାର, ଏଠାରେ ସେହି ସାମର୍ଥ୍ୟଟି ସହିତ ଦୃଷ୍ଟି ରଖିବାର କଥା କୁହାଯାଉଛି । ଏଇଟି ଏକ ସାଧାରଣ ନିୟମ । ଏହାଠାରୁ ଆହୁରି ଅଧିକ ବିପଦମାନ ମଧ୍ୟ ରହିଛି । ଯେତେବେଳେ କୌଣସି ବ୍ୟକ୍ତି ଶାରୀରିକ ଅର୍ଥରେ ଆପଣାର ଶରୀର ଭିତରୁ ବାହାରି ଚାଲିଯାଏ,—ଏବଂ କେବଳ ଏକ ସଂଯୋଜକର ସମ୍ପର୍କ ବ୍ୟତୀତ ଆଉ କିଛିହେଲେ ରହେ ନାହିଁ, କେବଳ ଗୋଟିଏ ଆଲୋକସୂତା ପରି ଏକ ସଂଯୋଜକ ଯାହା ବାହାରକୁ ବାହାରି ଯାଇଛି ଓ ଯାହା ଅବଶେଷ ଭାବରେ ଅବସ୍ଥିତ ରହିଛି, ଦୁଇଟିକୁ ସଂଯୁକ୍ତ କରି ରଖିଥାଏ । ଏହି ସଂଯୋଜକଟି ସୁରକ୍ଷିତ ରହିଥିବା ପର୍ଯ୍ୟନ୍ତ ଆଦୌ କିଛି ଘଟେ ନାହିଁ । ମାତ୍ର, ସେହି ସୁରକ୍ଷାଟି ରହି ନ ଥିଲେ, ସେହି କ୍ଷେତ୍ରରେ ପ୍ରତିକୂଳ ଶକ୍ତିମାନେ ଆସି ହାବୁଡ଼ିଯାଇ ପାରନ୍ତି । ସେମାନଙ୍କ ଭିତରେ କେବଳ ଖଳତାର ଭାବନା ନୁହେଁ, ନାନାବିଧ ଅନିଷ୍ଟ-ଇଚ୍ଛା ମଧ୍ୟ ପୂର୍ଣ୍ଣ ହୋଇ ରହିଥାଏ । ସେହି ପ୍ରତିକୂଳ ଶକ୍ତିମାନେ ଆସି ସୂତାଟିକୁ କାଟି ଦିଅନ୍ତି । ଏବଂ ତା'ପରେ, ସେହି ସୂତାଟି କଟିଯିବା ପରେ ତୁମେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ତୁମ ପକ୍ଷରେ ଆଉ କଦାପି ଶରୀର ମଧ୍ୟକୁ ଫେରି ଆସିବା ସମ୍ଭବ ହୁଏ ନାହିଁ ।

କ'ଣ ପ୍ରାଣ ଚାଲିଯାଏ ?

ହଁ, କିଛି ସମୟ ପରେ । ତାହାର ଅର୍ଥ ହେଉଛି ଯେ ଏହି ସମସ୍ତ ବ୍ୟାପାରଟି ଆଦୌ କେବଳ ଏକ ମଜା କଥା ନୁହେଁ । ଖାଲି ମଜା ଦେଖିବାକୁ ଅଥବା ଆପଣାର ମନୋରଞ୍ଜନ କରିବାକୁ କରି ଯାଉଥିବା ଏକ ବିଷୟ ମଧ୍ୟ ନୁହେଁ । ଏହାକୁ ଯଥାର୍ଥ ରୀତିରେ ଓ ଆବଶ୍ୟକ ପରିବେଶଟି ମଧ୍ୟରେହିଁ ଅବଶ୍ୟ କରିବାକୁ ହୁଏ, ଅତ୍ୟନ୍ତ ଯତ୍ନ ସହକାରେ କରିବାକୁ ହୁଏ । ଏବଂ, ଏହି କ୍ଷେତ୍ରରେ ଆଉଗୋଟିଏ କଥାକୁ ମଧ୍ୟ ସଂପୂର୍ଣ୍ଣ ଭାବରେ ଅତ୍ୟାବଶ୍ୟକ ବୋଲି ଗ୍ରହଣ କରିବାକୁ ହେବ : ଯଦି ତୁମ ଭିତରେ ଏତେ ଟିକିଏ ବି ଭୟ ରହିଥାଏ, ତେବେ ଗୁହ୍ୟବିଦ୍ୟାର ଏହି ବିଜ୍ଞାନକୁ ତୁମେ କଦାପି ସ୍ପର୍ଶ ବି କରିବ ନାହିଁ । ଉଦାହରଣସ୍ୱରୂପ, ଯଦି ତୁମେ ସ୍ୱପ୍ନ ଦେଖିଲାବେଳେ

'oaob.nitrkl.ac.in' images reprocessed

ଉସ୍ତୁଙ୍କର ବିପଦ୍ଭ ଦେଖିଥିବ ଓ ସେଥିରେ ଭୀତ ହୋଇପଡ଼ୁଥିବ, ତେବେ ତୁମର ଗୂଢ଼ବିଦ୍ୟାର ଅଭ୍ୟାସ କରିବା ଆଦୌ ଉଚିତ ହେବ ନାହିଁ । ମାତ୍ର ଯଦି ଅନ୍ୟ ପକ୍ଷରେ ବନ୍ଧୁଟାକୁ ଜନ୍ତୁଙ୍କର ସ୍ୱପ୍ନମାନ ଦେଖିଲେ ମଧ୍ୟ ତୁମେ ତଥାପି ସମ୍ପୂର୍ଣ୍ଣ ଭାବରେ ଅବିଚଳିତ ରହିପାରୁଥିବ, ଏପରିକି ସମସ୍ତ ସମୟରେ ସେଗୁଡ଼ାକରେ ତୁମକୁ ବେଶ୍ ମଜା ଲାଗୁଥିବ ଓ ତୁମ ଭିତରେ ଅତୀବ ଆଗ୍ରହ ସୃଷ୍ଟି କରି ପାରୁଥିବ, ଯଦି ତୁମେ ସେହି ସବୁକିଛୁର ସମ୍ମୁଖୀନ ହୋଇ ପାରୁଥିବ ଏବଂ ଯାବତୀୟ ପରିସ୍ଥିତିରେ ମଧ୍ୟ ସଙ୍କଟଟି ମଧ୍ୟରୁ ବାହାରି ଚାଲିଯିବାର ଉପାୟଟିକୁ ଜାଣିଥିବ, ତେବେ ସେହିଥିରୁହିଁ ତୁମର ସାମର୍ଥ୍ୟ ଅଛି ବୋଲି ଜଣାପଡ଼ିବ ଓ ତୁମେ ସେହିଟିକୁ କରିପାରିବ । କେତେକ ବ୍ୟକ୍ତି ଆପଣାର ସ୍ୱପ୍ନାବସ୍ଥାରେ ଜଣେ ଜଣେ ଅତି ସାହସୀ ଯୋଦ୍ଧାର ପରିଚୟ ଦେଇଥାନ୍ତି । ଶତ୍ରୁର ସମ୍ମୁଖୀନ ହେଲେ ସେମାନଙ୍କୁ ଲଢ଼ିବାର କାଇଦାଟି ମଧ୍ୟ ବେଶ୍ ଭଲ ଭାବରେ ଜଣାଥାଏ । ସେମାନେ ଯେ ଏହିସବୁ କ୍ଷେତ୍ରରେ କେବଳ ଆପଣାକୁ ରକ୍ଷା କରି ଜାଣନ୍ତି ତା' ନୁହେଁ, ସେମାନେ ଜୟଲାଭ ବି କରି ଜାଣନ୍ତି । ସେମାନଙ୍କ ଭିତରେ ଉତ୍ସାହ, ଶକ୍ତି ଏବଂ ସାହସ ଭର୍ତ୍ତି ହୋଇ ରହିଥାଏ । ଏହିମାନଙ୍କୁହିଁ ଗୂଢ଼ବିଦ୍ୟାର ଯଥାର୍ଥ ବିଦ୍ୟାର୍ଥୀ ବୋଲି କୁହାଯାଇ ପାରିବ । ମାତ୍ର, ଯେଉଁମାନେ ମୂଷା ଗାତ ଭିତରକୁ ପଶିଗଲା ପରି ଆପଣାର ଶରୀର ଭିତରକୁ ଦଉଡ଼ି ପଳାଇ ଆସନ୍ତି, ସେମାନଙ୍କର ଏହି ଗୂଢ଼ବିଦ୍ୟାକୁ ମୋଟେ ଛୁଇଁବାକୁ ଯିବା ବି ଉଚିତ ହେବ ନାହିଁ । ଏବଂ, ତା' ସହିତ, ତୁମ ଭିତରେ ଏକାନ୍ତ ଧୈର୍ଯ୍ୟଶକ୍ତି ରହିଥିବା ମଧ୍ୟ ଆବଶ୍ୟକ । କାରଣ, ବିଭିନ୍ନ ଯନ୍ତ୍ରପାତିକୁ ବ୍ୟବହାର କରିଯାଇବା ପାଇଁ ଯେପରି ଅନେକ କଷ୍ଟ ଶିକ୍ଷାଲାଭ କରିବାକୁ ପଡ଼େ, ଯେଉଁ ସାମାନ୍ୟ ହେଲେ ମଧ୍ୟ ଯେପରି କୌଣସି ନୂତନ ବସ୍ତୁର ଆବିଷ୍କାର କରୁଥିବା ସମୟରେ ତୁମକୁ ଦୀର୍ଘ କାଳ ଧରି କାର୍ଯ୍ୟ କରିବାକୁ ପଡ଼େ ଓ ତଥାପି ଆଖିଦୃଶିଆ ହେଲାଭଳି କୌଣସି ଫଳ ଦେଖିବାକୁ ମିଳୁ ନ ଥାଏ, ଠିକ୍ ସେହିପରି ଗୂଢ଼ବିଦ୍ୟାର କ୍ଷେତ୍ରରେ ମଧ୍ୟ ତୁମେ ଏକାଦିକ୍ରମେ ବର୍ଷ ବର୍ଷ ଧରି ଚେଷ୍ଟା କଲେ ମଧ୍ୟ ହୁଏତ ତଥାପି ତୁମର କୌଣସି ଅଭିଜ୍ଞତା ହୋଇପାରେ ନାହିଁ । ପୁଣି, ତାହା ଅତ୍ୟନ୍ତ ପରିମାଣରେ ରସହୀନ ବି ହୋଇପଡ଼େ ଓ କ୍ୱଚିତ୍ ଆଗ୍ରହୋଦ୍ଦୀପକ ହୋଇଥାଏ; ଏବଂ ମନୁଷ୍ୟ ଭିତରେ ସର୍ବଦା ଏପରି ଏକ ଭୌତିକପ୍ରବଣ ମନ ରହିଥାଏ ଯିଏକି ବ୍ୟାବହାରିକ ଓ ପ୍ରତ୍ୟକ୍ଷବାଦୀ ଅର୍ଥରେ ସବୁକିଛୁର ବିଚାର କରେ ଓ ତୁମକୁ କହିବାରେ ଲାଗିଥାଏ, "ତୁ କାହିଁକି ବୃଥା ଚେଷ୍ଟା କରୁଛୁ ? ତୁ ତ ଖୁବ୍ ଭଲ କରି ଦେଖି ପାରୁଛୁ ଯେ ଏହା ଭିତରେ ମୋଟେ କିଛି ନାହିଁ,—ଏଗୁଡ଼ାକ ହେଉଛି କେବଳ କାହାଣୀ, ଯେଉଁଗୁଡ଼ାକ ଲୋକେ ତୋତେ କହିବାରେ ଲାଗିଛନ୍ତି । ତେବେ ତୁ କାହିଁକି ବୃଥା ଏଗୁଡ଼ାକ

କରୁଛୁ ? କେବଳ ସମସ୍ତଗୁଡ଼ାକୁ ନଷ୍ଟ କରି ଦେଉଛୁ । ଏହା ଭିତରେ ଆଦୌ କିଛିହେଲେ ନାହିଁ, ଏଗୁଡ଼ାକ କେବଳ କଳ୍ପନା ମାତ୍ର ।" ବିଶ୍ୱାସସ୍ଥାପନ କରି-ପାରିବା ସକାଶେ ପ୍ରକୃତରେ କିଛି ନ ଥିଲେ ତଥାପି ବିଶ୍ୱାସ ଓ ସପ୍ରତ୍ୟୟ ରଖିବା ଅତ୍ୟନ୍ତ କଷ୍ଟକର ।

ମାଆ, ଯେଉଁମାନଙ୍କର କେବଳ ଏକ ସାଧାରଣ ଚେତନା ରହିଛି, ସେମାନଙ୍କ ସକାଶେ ଧର୍ମର ନିୟମଗୁଡ଼ିକୁ ଆଚରଣ କରିବା କ'ଣ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ?

ଧର୍ମର ନିୟମଗୁଡ଼ିକୁ ଆଚରଣ କରିବା ? ମୁଁ ବୁଝିପାରୁ ନାହିଁ । ଧର୍ମର ନିୟମଗୁଡ଼ିକୁ ଆଚରଣ କରିବା କହିଲେ ତୁମେ କ'ଣ ବୁଝୁଛ ?

ଜପ ପ୍ରଭୃତି ।

ବୁଝିଲି । ତାହା ଯଦି ତୁମକୁ ସାହାଯ୍ୟ କରୁଥାଏ, ତେବେ ତାହା ଭଲ କଥା । ଯଦି ସାହାଯ୍ୟ ନ କରୁଥାଏ, ତେବେ ତାହା କେବଳ···ଏହାକୁ ସମ୍ପୂର୍ଣ୍ଣ ଭାବରେ ଏକ ଆପେକ୍ଷିକ କଥା ବୋଲି କୁହାଯାଇ ପାରିବ । ଏହା ସମ୍ପୂର୍ଣ୍ଣ ଭାବରେ ଏକ ଆପେକ୍ଷିକ କଥା । ତୁମ ଉପରେ ତା'ର ଯେତିକି ପ୍ରଭାବ ପଡ଼େ ଓ ତୁମେ ଯେଉଁ ପରିମାଣରେ ସେଥିରେ ବିଶ୍ୱାସ ରଖିଥାଅ, ସେହି ଅନୁସାରେହିଁ ତାହାର ଏକ ମୂଲ୍ୟ ରହିଥାଏ । ଯଦି ତାହା ତୁମକୁ ଅନ୍ତନିବେଶିତ ହେବାରେ ସାହାଯ୍ୟ କରୁଥାଏ, ତେବେ ତାହା ଏକ ଭଲ କଥା । ଏକ ସାଧାରଣ ଚେତନା ସବୁଦା ଅନ୍ଧବିଶ୍ୱାସ ଦ୍ୱାରା ପ୍ରେରିତ ହୋଇ ତାହାର ଆଚରଣ କରୁଥାଏ । ତାହା ଏପରି ଏକ ଧାରଣା ରଖିଥାଏ : "ଯଦି ମୁଁ ଏକଥା କରେ, ଯଦି ନିର୍ଦ୍ଦିଷ୍ଟ ଦିନରେ ଅପରେ ମନ୍ଦିରକୁ ବା ଗିର୍ଜାକୁ ଯାଏ, ଯଦି ପ୍ରାର୍ଥନା କରେ, ତେବେ ତଦ୍ୱାରା ମୋ' ପାଇଁ କ'ଣ ଗୋଟାଏ ଭାରି ଚମତ୍କାର ହୋଇ ଘଟିବ ।" ଏହା ହେଉଛି ଅନ୍ଧବିଶ୍ୱାସ, ଏହା ପୃଥିବୀସାରା ବ୍ୟାପି ରହିଛି । ମାତ୍ର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହାର ଆଦୌ କୌଣସି ମୂଲ୍ୟ ନାହିଁ ।

ମାଆ, ଉଦାହରଣସ୍ୱରୂପ ବର୍ଷର ଗୋଟିଏ ଗୋଟିଏ ଦିନରେ ଆମେ ଲକ୍ଷ୍ମୀପୂଜା, ମହାକାଳୀପୂଜା ପ୍ରଭୃତି ପାଳନ କରୁ···

କାରଣ ସେସବୁ କରି ତୁମକୁ ଅନେକ ଖୁସି ମିଳିଥାଏ ।

ମାତ୍ର ସେସବୁ ଦିନରେ ଆପଣ ଆମକୁ ଆଶୀର୍ବାଦ ମଧ୍ୟ ଦିଅନ୍ତି !

କାରଣ ସେଥିରେ ମଧ୍ୟ ତୁମେ ଖୁସି ହୁଅ । (ସମସ୍ତେ ହସିଲେ) ନୁହେଁ ?

'oaob.nitrkl.ac.in' images reprocessed

ଆମେ ଖାଲି ଖୁସୀ ହେବୁ ବୋଲି ଆପଣ ଆମକୁ ଆଶୀର୍ବାଦ ଦିଅନ୍ତି ?

ତେବେ ଶୁଣ ! ତାହା ତୁମକୁ ଭଲ ଲାଗେ । "ଖୁସି କରେ ବୋଲି" ମୁଁ କହିଲି । ଏହା ··· ମୁଁ ଟିକେ ଅସମ୍ମାନସୂଚକ କଥା କହିଦେଲି । କିନ୍ତୁ ସେପରି ଲାଗିଥିବାର କାରଣ ହେଉଛି ତୁମେ ସେଥିରେ ସନ୍ତୋଷ ଲାଭ କର ।

ଉଦାହରଣସ୍ୱରୂପ, ମହାକାଳୀ-ଦିବସ···

ହିଁ, ହିଁ, ବେଳେବେଳେ କାଳୀ ଦର୍ଶନ ଆଗରୁ ଆସନ୍ତି, ଦର୍ଶନ ପରେ ଆସନ୍ତି ଅଥବା ବର୍ଷର ଅନ୍ୟ କୌଣସି ସମୟରେ ବି ଆସନ୍ତି । ସିଏ ଯେ ସବୁବର୍ଷ ସେହି ଗୋଟିଏ ଦିନରେ ଆସି ପହଞ୍ଚନ୍ତି, ସେପରି କୌଣସି କଥା ନାହିଁ । ବେଳେ-ବେଳେ ତୁମମାନଙ୍କର ମନ ଖୁସି କରିଦେବା ଲାଗି ମୁଁ ତାଙ୍କୁ କିଛିଟା ପରିମାଣରେ ଡାକି ମଧ୍ୟ ଆଣେ । (ସମସ୍ତେ ହସିଲେ) ମାତ୍ର ସେକଥା ଯାହା ହୋଇଥାଉ ପଛକେ, ମୋର ଏସବୁ କଥାରେ କୌଣସି ବିଶ୍ୱାସ ନ ଥାଏ ।

ଧାର୍ମିକ କଳ୍ପନାଗତ ଯାବତୀୟ ମୂର୍ତ୍ତି ଭିତରେ, ଏପରିକି ସବୁଠାରୁ ଅଧିକ ···ଅର୍ଥାତ୍ ଉଚ୍ଚତମ ଧର୍ମର ଅନ୍ତର୍ଗତ ବୋଲି ବିଚାର କରାଯାଉଥିବା ମୂର୍ତ୍ତିଗୁଡ଼ିକୁ ଦେଖିଲାବେଳେ — ଫ୍ରାନ୍ସରେ ହେଉ, ଅନ୍ୟ ଯେକୌଣସି ଦେଶରେ ହେଉ ଅଥବା ଜାପାନରେ ହେଉ, ସବୁଠାରେ ମୁଁ କଦାପି ସେହି ଏକା ମନ୍ଦିର, ଏକା ଗିର୍ଜା କିଂବା ଏକା ଦେବତାମାନଙ୍କୁ ମୋଟେ ଦେଖି ନ ଥିଲି, ଏବଂ ତଥାପି ସବୁଠାରେ ସେମାନଙ୍କୁ ଦର୍ଶନ କଲାବେଳେ ମୋର ପ୍ରାୟ ସେହି ଗୋଟିଏ ପ୍ରକାରର ଅଭିଜ୍ଞତାହିଁ ହୋଇଥିଲା । ଯାହା ପାର୍ଥକ୍ୟ ଥିଲା, ତାହା ହେଉଛି ଅତି ସାମାନ୍ୟ । ମୁଁ ଦେଖିଥିଲି ଯେ, ସମ୍ପୃକ୍ତ ଧର୍ମସ୍ଥାନଟି ଭିତରେ ଯାହାକିଛି ଶକ୍ତି ସନ୍ନିବିଷ୍ଟ ହୋଇ ରହିଥିଲା, ତାହା ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସୀମାନଙ୍କ ଉପରେ ଅର୍ଥାତ୍ ସେଠାରେ ଉପାସନା କରୁଥିବା ବ୍ୟକ୍ତିମାନଙ୍କର ବିଶ୍ୱାସ ଉପରେହିଁ ନିର୍ଭର କରୁଥିଲା । ଏବଂ, ଶକ୍ତିଟି ଯଥାର୍ଥରେ ଯେପରି ଥିଲା ଓ ଉପାସକମାନେ ସେହି ଶକ୍ତିକୁ ଯେପରି ଭାବରେ ଅନୁଭବ କରୁଥିଲେ, ଦୁଇଟି ମଧ୍ୟରେ ତଥାପି ଏକ ପାର୍ଥକ୍ୟ ରହିଥିଲା । ଉଦାହରଣସ୍ୱରୂପ, ଫ୍ରାନ୍ସର ଗୋଟିଏ ସବୁଠାରୁ ସୁନ୍ଦର କାଥେଡ୍ରାଲ୍‌ରେ ମୁଁ ଦେଖିଥିଲି ଯେ, — କଳା ଓ କାରିଗରିର ଦୃଷ୍ଟିକୋଣରୁ ତାହାକୁ କଳ୍ପନା କରାଯାଇ ପାରୁଥିବା ସବୁଠାରୁ ଅଧିକ ମହିମମୟ ସୌଧ ବୋଲି କୁହାଯାଇ ପାରିବ, — ସେଠାରେ ଏକ ପବିତ୍ରତମ ସ୍ଥଳରେ ମୁଁ ଗୋଟିଏ ପ୍ରକାଣ୍ଡକାୟ ଓ ଶକ୍ତିଶାଳୀ କଳା ବୁଢ଼ିଆଣୀ ଦେଖିବାକୁ ପାଇଥିଲି ।

'oaob.nitrkl.ac.in' images reprocessed

ବୁଢ଼ିଆଣୀଟି ସେଠାରେ ଆପଣାର ଜାଲ୍ ଦ୍ୱାରା ସମସ୍ତ ସ୍ଥାନଟିକୁ ଆବୃତ କରି ରଖିଥିଲା ଏବଂ ସେହି ଜାଲ୍ ଭିତରେ ବସି ଉପାସକ ବ୍ୟକ୍ତିମାନଙ୍କର ଭକ୍ତି ଓ ସେମାନଙ୍କର ପ୍ରାର୍ଥନାଠାରୁ ସଞ୍ଜାତ ହେଉଥିବା ସକଳ ଶକ୍ତିକୁ କବଳଗତ କରି ଗର୍ଭସାତ୍ କରିପକାଉଥିଲା । ତାହା କଦାପି ଏକ ଆନନ୍ଦଦାୟକ ଦୃଶ୍ୟ ନ ଥିଲା; ସେଠାରେ ଉପସ୍ଥିତ ଏବଂ ପ୍ରାର୍ଥନାରତ ବ୍ୟକ୍ତିମାନେ ଏକ ଦିବ୍ୟ ସ୍ପର୍ଶ ଅନୁଭବ କରୁଥିଲେ, ଆପଣାର ପ୍ରାର୍ଥନାରୁ ଯାବତୀୟ ପ୍ରକାରର ବର ଲାଭ କରୁଥିଲେ ଏବଂ ତଥାପି ସେଠାରେ ସେହି ବୁଢ଼ିଆଣୀଟି ମଧ୍ୟ ରହିଥିଲା । ମାତ୍ର, ଉପାସକମାନଙ୍କ ମଧ୍ୟରେ ରହିଥିବା ବିଶ୍ୱାସ ସେହି ମନ୍ଦ ବସ୍ତୁଟିକୁ ସେମାନଙ୍କ ଭିତରେ ଏକ ଉତ୍ତମ ବସ୍ତୁରେ ପରିବର୍ତ୍ତିତ କରିଦେଉଥିଲା; ସେମାନଙ୍କ ଭିତରେ ସେମାନଙ୍କର ବିଶ୍ୱାସ ସଞ୍ଜୀବିତ ହୋଇ ରହିଥିଲା । ତେଣୁ, ଏଥିରେ କୌଣସି ସଂଶୟ ନାହିଁ ଯେ ଯଦି ମୁଁ ସେମାନଙ୍କ ପାଖକୁ ଯାଇ "ଆପଣମାନେ ପ୍ରକୃତରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି ବୋଲି ବିଶ୍ୱାସ କରୁଛନ୍ତି କି ? ଏଠାରେ ଗୋଟିଏ ପ୍ରକାଣ୍ଡକାୟ ଶକ୍ତିଶାଳୀ ବୁଢ଼ିଆଣୀ ରହିଛି, ଯିଏକି ଆପଣମାନଙ୍କର ସକଳ ଶକ୍ତିକୁ ଗର୍ଭସାତ୍ କରିଦେଉଛି" ବୋଲି କହିଆନ୍ତି, ତେବେ ତାହା ପ୍ରକୃତରେ ଆଦୌ ଏକ ସ୍ପୃହଣୀୟ ଭଲ କଥା ହୋଇ ନ ଥାନ୍ତା । ଏବଂ ପ୍ରାୟ ସବୁଠାରେ ଠିକ୍ ଏହିପରି ହିଁ ଘଟିଥାଏ । ସେହିସବୁ ସ୍ଥାନରେ ଏକ ପ୍ରାଣିକ ଶକ୍ତି ରାଜତ୍ୱ କରୁଥାଏ, କାରଣ ଏହି ପ୍ରାଣିକ ସତ୍ତ୍ୱମାନେ ମନୁଷ୍ୟସଂବେଗର ସ୍ପନ୍ଦନଗୁଡ଼ିକୁ ଆହାରରୂପେ ଗ୍ରହଣ କରିବାରେ ଲାଗିଥାନ୍ତି । ଅତି ଅଳ୍ପସଂଖ୍ୟକ ବ୍ୟକ୍ତି, ସେମାନଙ୍କର ସଂଖ୍ୟା ପ୍ରକୃତରେ ଅତି ସାମାନ୍ୟ, — ସେମାନେ ଏକ ଯଥାର୍ଥ ଧର୍ମଭାବନା ନେଇ ଗିର୍ଜା ବା ମନ୍ଦିର ଭିତରକୁ ଯାଆନ୍ତି । ଅର୍ଥାତ୍ ସେମାନେ ପ୍ରାର୍ଥନା କରିବାକୁ ଯାଆନ୍ତି ନାହିଁ ଅଥବା ଈଶ୍ୱରଙ୍କୁ କିଛି ମାଗିବା ସକାଶେ ମଧ୍ୟ ଯାଆନ୍ତି ନାହିଁ; ସେମାନେ ଆପଣାକୁ ଦେଇ ଦେବାକୁ ଯାଆନ୍ତି, କୃତଜ୍ଞତା ପ୍ରକାଶ କରିବାକୁ ଯାଆନ୍ତି, ଅଭୀପ୍ସା ଲାଗି ଯାଆନ୍ତି ଓ ଆତ୍ମଦାନ ଲାଗି ଯାଆନ୍ତି । ସେପରି ବ୍ୟକ୍ତି କ୍ୱଚିତ୍ ହୁଏତ ଲକ୍ଷେ ବା ନିୟୁତରେ ଜଣେ ରହିଥାନ୍ତି । ତେଣୁ ବାତାବରଣଟିକୁ ବଦଳାଇ ଦେବାରେ ସେମାନଙ୍କର କୌଣସି ଶକ୍ତି ନ ଥାଏ । ସମ୍ଭବତଃ ଏତିକି ହୁଏ ଯେ, ଯେତେବେଳେ ସେମାନେ ସେଠାରେ ରହିଥାନ୍ତି, ସେତେବେଳେ ସେମାନେ ନିଜେ ଅତିକ୍ରମ କରିପାରିବାକୁ ସମର୍ଥ ହୁଅନ୍ତି, ବାଡ଼ଗୁଡ଼ାକୁ ଖସିଟି ଆଉ କେଉଁଠାକୁ ଚାଲିଯାଇ ପାରନ୍ତି ଏବଂ ଦିବ୍ୟ କୌଣସି ଏକ ସମ୍ପଦର ସ୍ପର୍ଶ ଲାଭ କରନ୍ତି । ମାତ୍ର ଯେଉଁ ବହୁସଂଖ୍ୟକ ବ୍ୟକ୍ତି ସେଠାକୁ ଅନ୍ଧବିଶ୍ୱାସ, ଅହଂକାରିତା ଏବଂ ଆତ୍ମସ୍ୱାର୍ଥ ହେତୁ ଯାଆନ୍ତି, ସେମାନେ ସେଠାରେ ଏକ ଅନୁରୂପ ବାତାବରଣ ତିଆରି କରିପକାନ୍ତି ଏବଂ ସେହି କାରଣରୁ ହିଁ କୌଣସି ଗିର୍ଜା ବା ମନ୍ଦିର ଭିତରେ ଯାଇ ପ୍ରବେଶ କଲେ ଠିକ୍

'oaob.nitrkl.ac.in' images reprocessed

ସେହିଗୁଡ଼ାକୁହିଁ ନିଶ୍ୱାସ ଦ୍ୱାରା ଗ୍ରହଣ କରୁଥିବା ପରି ମନେ ହେଉଥାଏ । କେବଳ, ଏକ ଅତ୍ୟନ୍ତ ଉତ୍ତମ ଅନୁଭୂତି ନେଇ ସେଠାକୁ ଯାଇଥିବାରୁ ତୁମେ ଆପଣାକୁ ମନେମନେ କହିବାକୁ ଲାଗିଥାଅ, "ବାଃ, ଧ୍ୟାନ ଲାଗି ଏହି ସ୍ଥାନଟି ପ୍ରକୃତରେ କେଡ଼େ ଶାନ୍ତ ଓ କେଡ଼େ ଉପଯୁକ୍ତ ହୋଇ ରହିଛି !"

ଏସବୁ କହୁଥିବାରୁ ମୁଁ ବଡ଼ ଦୁଃଖିତ, ମାତ୍ର ପ୍ରକୃତ ଅବସ୍ଥା ଠିକ୍ ଏହିପରି ହୋଇ ରହିଥାଏ । ମୁଁ ସତକରି କହୁଛି, ମୁଁ ସର୍ବତ୍ର ଜାଣିଶୁଣି କିଞ୍ଚିତ୍ ପରିମାଣରେ ଏହି ପ୍ରୟୋଗଟିକୁ କରି ଦେଖିଛି । ହୁଏତ ବେଳେବେଳେ ମୁଁ ଅତି କ୍ଷୁଦ୍ର ଅନେକ ସ୍ଥାନ ଦେଖିବାକୁ ପାଇଛି, ବେଳେବେଳେ ହୁଏତ ସାନ ଗ୍ରାମଗିର୍ଜାଟିଏ ଦେଖିବାକୁ ପାଇଛି, ଯେଉଁଠାରେ କି ଧ୍ୟାନ ଲାଗି ଗୋଟିଏ ଅତୀବ ଶାନ୍ତ କ୍ଷୁଦ୍ର ସ୍ଥଳଟିଏ ବିଦ୍ୟମାନ ରହିଥିଲା,—ଖୁବ ନିଶ୍ଚଳ, ଖୁବ ନୀରବ,—ଯେଉଁଠାରେ କି କେତେକ ପରିମାଣରେ ଏକ ଅଭୀପ୍ସା ବିଦ୍ୟମାନ ରହିଥିଲା । ମାତ୍ର ଏପରି ଘଟନା ଅତ୍ୟନ୍ତ ବିରଳ ଭାବରେ ଘଟୁଥିଲା । ମୁଁ ଇଟାଲୀର ସୁନ୍ଦର ସୁନ୍ଦର ଗିର୍ଜାଗୁଡ଼ିକୁ ବୁଲି ଦେଖିଛି,—ସେଗୁଡ଼ିକ ଗୋଟିଏ ଗୋଟିଏ କେଡ଼େ ଭବ୍ୟ ଓ ମହିମମୟ ସ୍ଥାନ; ମାତ୍ର ସେଗୁଡ଼ିକ ଏହି ପ୍ରାଣପ୍ରଧାନ ସତ୍ତାମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିଲେ, କେବଳ ଭୟାନକତା ସୃଷ୍ଟି କରୁଥିଲେ । ମୋର ମନେଅଛି, ମୁଁ ଭେନିସ୍ ସହରର ଏକ ମନ୍ଦିରକକ୍ଷରେ ବସି ଚିତ୍ର ଆଙ୍କୁଥିଲି ଏବଂ ମୁଁ ଚିତ୍ର ଆଙ୍କୁଥିବା ସମୟରେ ଦୋଷାବଳୀ ସ୍ୱୀକାର କରିବାର ଗୋଟିଏ ପୀଠିକାରେ ଜଣେ ପାଦ୍ରି ଜଣେ ଦରିଦ୍ରା ରମଣୀର ଦୋଷସ୍ୱୀକାରଗୁଡ଼ିକୁ ଶୁଣିବାରେ ଲାଗିଥିଲେ । ତାହା ପ୍ରକୃତରେ ଗୋଟିଏ ଭୟଙ୍କର ଦୃଶ୍ୟ ହୋଇ ରହିଥିଲା ! ପାଦ୍ରି ଜଣକ କିପରି ମଣିଷ ଥିଲେ, ତାଙ୍କର ନିଜ ଚରିତ୍ର କିପରି ଥିଲା, ସେସବୁ ବିଷୟରେ ମୋତେ କିଛି ଜଣା ନ ଥିଲା । ତାଙ୍କୁ ମୁଁ ଦେଖି ମଧ୍ୟ ପାରୁ ନ ଥିଲି । ସେହି ଦୃଶ୍ୟଟିକୁ ତୁମେମାନେ ନିଶ୍ଚୟ ଅନୁମାନ କରିପାରୁଥିବ, ନୁହେଁ ? ପାଦ୍ରିମାନଙ୍କୁ କେହି ଦେଖିପାରନ୍ତି ନାହିଁ, ସେମାନେ ଗୋଟିଏ ବାକ୍ସ ଭିତରେ ଅନ୍ତରାଳ ହୋଇ ରହିଥାନ୍ତି ଏବଂ ଗୋଟିଏ ଜଳାବାଟେ ସ୍ୱୀକାରୋକ୍ତିଗୁଡ଼ିକୁ ଶ୍ରବଣ କରୁଥାନ୍ତି । ଏପରି ଏକ ଅନ୍ଧକାରମୟ ଏବଂ ଶୋଷଣକାରୀ ଶକ୍ତି ତାଙ୍କ ଉପରେ ତାଙ୍କୁ ଆକ୍ରାନ୍ତ କରି ରହିଥାଏ ଏବଂ ବିଚାରି ସେହି ସ୍ତ୍ରୀଲୋକଟି ଏପରି ଏକ ଭୀତିଦାୟକ ତ୍ରାସାବସ୍ଥା ଭିତରେ ରହିଥାଏ ଯେ, ତାହାକୁ ଦେଖିଲେ ପ୍ରକୃତରେ ଖୁବ ଯନ୍ତ୍ରଣାଦାୟକ ମନେ ହେଉଥିଲା । ଏବଂ ଏହା ଏକ ପବିତ୍ର ବ୍ୟାପାର ବୋଲି ଏମାନେ ସମସ୍ତେ ବିଶ୍ୱାସ କରନ୍ତି ! ମାତ୍ର ଏହାକୁ ନାନା ପ୍ରତିକୂଳ ପ୍ରାଣିକ ଶକ୍ତିମାନଙ୍କର ଏପରି ଏକ ଜାଲ୍ ବୋଲି କୁହାଯିବ ଯେଉଁମାନେ କି ଏହି ସବୁକିଛି ବ୍ୟବସ୍ଥାକୁ ଆପଣାର ଆହାରରୂପେ ଗ୍ରହଣ କରୁଥାନ୍ତି । ପୁଣି ଏକଥା ମଧ୍ୟ ସତ ଯେ, କେବଳ ପ୍ରାଣିକ ସତ୍ତାଗୁଡ଼ିକୁ ଛାଡ଼ିଦେଲେ

'oaob.nitrkl.ac.in' images reprocessed

ଅଦୃଶ୍ୟ ଜଗତ ମଧ୍ୟରେ କ୍ୱଚିତ୍ ଅନ୍ୟ ଏପରି ସତ୍ତ୍ୱ ରହିଛନ୍ତି, ଯେଉଁମାନେ କି ଅନ୍ୟମାନଙ୍କଠାରୁ ପୂଜା ଓ ଉପାସନା ଲାଭ କରିବାକୁ ଭଲ ପାଆନ୍ତି । ମୁଁ ଯେପରି କହୁଥିଲି, ପ୍ରାଣିକ ସତ୍ତ୍ୱମାନେହିଁ ଏସବୁଥିରେ ଖୁବ୍ ପ୍ରୀତି ଅନୁଭବ କରନ୍ତି । ଏବଂ ଅଧିକନ୍ତୁ ତାହା ସେମାନଙ୍କ ଭିତରେ ମହତ୍ତ୍ୱର ଏକ ଧାରଣା ମଧ୍ୟ ଆଣି ଦେଇଥାଏ । ସେମାନେ ଏହା ଦ୍ୱାରା ଗର୍ବରେ ଫୁଲି ଉଠନ୍ତି ଏବଂ ଅଶେଷ ଆନନ୍ଦ ଅନୁଭବ କରନ୍ତି; ଏବଂ ସେମାନଙ୍କୁ ଉପାସନା କରିବା ଲାଗି ଯେତେବେଳେ ପଲେ ମଣିଷ ଆସି ଜୁଟିଯାଆନ୍ତି, ସେତେବେଳେ ସେମାନେ ପରମ ସନ୍ତୋଷ ଲାଭ କରନ୍ତି ।

ମାତ୍ର, ଯଥାର୍ଥରେ ଦିବ୍ୟ ସତ୍ତ୍ୱଗୁଡ଼ିକ ବିଷୟରେ କହିବାକୁ ଗଲେ, ସେମାନେ ଏଇଟି ଉପରେ ଆଦୌ କୌଣସି ମୂଲ୍ୟ ଦିଅନ୍ତି ନାହିଁ । ସେମାନେ କାହାର ପୂଜା ବା ଉପାସନା ପାଇବାକୁ ଭଲ ପାଆନ୍ତି ନାହିଁ । ଏହା ସେମାନଙ୍କୁ ଆଦୌ କୌଣସି ବିଶେଷ ଆନନ୍ଦ ଦେଇପାରେ ନାହିଁ । ସେମାନେ ଏଥିରେ ମଧ୍ୟ ସୁଖୀ ହୁଅନ୍ତି ନାହିଁ, କାରଣ ସେମାନଙ୍କ ଭିତରେ କୌଣସି ଗର୍ବ ନ ଥାଏ । କେବଳ ଏହି ଗର୍ବ ସକାଶେହିଁ ଜଣେ ବ୍ୟକ୍ତି ଅନ୍ୟର ପୂଜା ପାଇବାକୁ ଭଲପାଏ । ଯଦି ତା' ଭିତରେ କୌଣସି ଗର୍ବ ନ ଥାଏ, ତେବେ ସିଏ ଅନ୍ୟର ଉପାସନା ଲାଭ କରିବାକୁ ଆଦୌ ଭଲପାଏ ନାହିଁ । ଏବଂ, ଉଦାହରଣସ୍ୱରୂପ, ଯଦି ସେମାନେ କୌଣସିଠାରେ ଉତ୍ତମ ଅଭିପ୍ରାୟ, ଉତ୍ତମ ଅନୁଭବ, ନିଃସ୍ୱାର୍ଥପରତା କିଂବା ଯଥାର୍ଥ ଉତ୍ସାହରେ କରାଯାଉଥିବା କୌଣସି କାର୍ଯ୍ୟ, ଏକ ଯଥାର୍ଥ ଆନନ୍ଦ ଅର୍ଥାତ୍ ଆଧ୍ୟାତ୍ମିକ ଆନନ୍ଦର ଦୃଷ୍ଟାନ୍ତ ଦେଖିବାକୁ ପାଆନ୍ତି, ତେବେ ଏହି ସତ୍ତ୍ୱମାନେ ପ୍ରାର୍ଥନା, ଉପାସନା ଓ ଯାବତୀୟ ପୂଜା ଅପେକ୍ଷା ଏହିଗୁଡ଼ିକୁହିଁ ଅନନ୍ତ ଗୁଣରେ ଅଧିକ ମୂଲ୍ୟ ଦେଇଥାନ୍ତି ।

ମୁଁ ସୁନିଶ୍ଚିତ ଭାବରେ କହିପାରେ ଯେ ବର୍ତ୍ତମାନ ମୁଁ ତୁମମାନଙ୍କୁ ଯେଉଁ କଥାଟି କହୁଛି, ତାହା ଏକ ଅତ୍ୟନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥା : ଯଦି ତୁମେ କୌଣସି ପ୍ରକୃତ ଦେବତାଙ୍କୁ ଆଣି ଗୋଟିଏ ଆସ୍ଥାନ ଉପରେ ବସାଇଦେବ ଏବଂ ତୁମେ ପୂଜା କରୁଥିବା ପର୍ଯ୍ୟନ୍ତ ତାଙ୍କୁ ସେହିଠାରେ ଅବସ୍ଥିତ ରହିବାକୁ ବାଧ୍ୟ କରିବ, ତେବେ ତୁମକୁ ଏପରି ପୂଜା କରୁଥିବାର ଦେଖିଲେ ତାଙ୍କୁ ବୋଧହୁଏ କିଛିଟା ମଜା ବି ଲାଗିବ ସତ, ମାତ୍ର ସେଥିରୁ ସେ କଦାପି କୌଣସି ସନ୍ତୋଷ ଲାଭ କରିବେ ନାହିଁ । ଆଦୌ କୌଣସି ସନ୍ତୋଷ ପାଇପାରିବେ ନାହିଁ । ତୁମର ପୂଜା ଦ୍ୱାରା ସିଏ ଆପଣାକୁ କଦାପି ତୋଷାମୋଦିତ, ପ୍ରସନ୍ନ ଅଥବା ଗୌରବାନ୍ୱିତ ମନେ କରିବେ ନାହିଁ । ତୁମକୁ ନିଜ ମନ ଭିତରୁ ସେହିସବୁ ଧାରଣାକୁ ପୋଛିପକାଇବାକୁ ହେବ ।

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଏବଂ ଭୌତିକ ଲୋକଗୁଡ଼ିକର ମଧ୍ୟବର୍ତ୍ତୀ ହୋଇ ଏପରି ଏକ ସମ୍ପୂର୍ଣ୍ଣ ରାଜ୍ୟ ରହିଛି, ଯାହାକି ପ୍ରାଣିକ ସତ୍ତାମାନଙ୍କର କରଗତ ହୋଇ ରହିଛି, ଏବଂ ଏହି ରାଜ୍ୟଟିହିଁ ଏହିସବୁ ଯାବତୀୟ ବସ୍ତୁ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି। କାରଣ ଏହିସବୁ ସତ୍ତା ତାହାକୁ ଆହାରରୂପେ ଗ୍ରହଣ କରି ବଞ୍ଚିଛନ୍ତି, ତାହାକୁ ନେଇ କେଡ଼େ ଖୁସୀ ହୋଇ ରହିଛନ୍ତି ଏବଂ ଏହା ସେମାନଙ୍କୁ ସଙ୍ଗେ ସଙ୍ଗେ ଗୋଟାଏ କେଡ଼େ ମହତ୍ତ୍ୱବୋଧ ଆଣି ଦେଇଯାଉଛି। ଏବଂ, ଯେଉଁମାନଙ୍କର ଏହିପରି ସ୍ୱଭାବରେ ସବୁଠାରୁ ଅଧିକ ସଂଖ୍ୟାରେ ବିଶ୍ୱାସୀ ଅନୁଗାମୀ, ଭକ୍ତ ଓ ଉପାସକମାନେ ରହିଛନ୍ତି, ସେମାନେ ସବୁଠାରୁ ଅଧିକ ସୁଖୀ ହୋଇ ରହିଛନ୍ତି, ସବୁଠାରୁ ଅଧିକ ଫୁଲି କରି ରହିଛନ୍ତି। ମାତ୍ର ଆମେ କିପରି କଳ୍ପନା କରିପାରିବା ଯେ ଦେବତାମାନେ ପ୍ରକୃତରେ ଏହିଗୁଡ଼ାକୁହିଁ......ଦେବତାମାନେ—ମୁଁ ଏଠାରେ ଯଥାର୍ଥ ଦେବତାମାନଙ୍କ କଥା କହୁଛି, ଏପରିକି ଅଧିମାନସ ସ୍ତରର ଦେବତାମାନଙ୍କ କଥା କହୁଛି, ସେମାନେ ତଥାପି କିଞ୍ଚିତ୍ ପରିମାଣରେ...ହଁ, କିଞ୍ଚିତ୍ ପରିମାଣରେ ଉତ୍ତମ ହୋଇ ରହିଥିଲେ ମଧ୍ୟ ମନୁଷ୍ୟର ଅନେକ ଦୋଷକୁ ସେମାନେ ଆପଣା ଭିତରେ ବହନ କରୁଥିବା ପରି ବେଶ ମନେ ହେଉଛନ୍ତି। ମାତ୍ର ତଥାପି, ସେହି ଦୋଷମାନ ରହିଥିଲେ ସୁଦ୍ଧା, ସେମାନଙ୍କର ପ୍ରକୃତରେ ଏକ ଉଚ୍ଚତର ଚେତନା ମଧ୍ୟ ରହିଛି,—ତେଣୁ ଏହିସବୁ ପୂଜା ଓ ଉପାସନା ସେମାନଙ୍କୁ ମୋଟେ ଭଲ ଲାଗୁ ନାହିଁ। ପ୍ରକୃତ ଉତ୍ତମ ଗୁଣ, ବୁଦ୍ଧି, ନିଃସ୍ୱାର୍ଥପରତା ଦ୍ୱାରା ଅନୁପ୍ରେରିତ ଏକ କାର୍ଯ୍ୟ, ଅଥବା ଏକ ସୂକ୍ଷ୍ମ ଯଥାର୍ଥ ବୋଧ, କିଂବା ଯଥାର୍ଥରେ ନିଷ୍ଠାଯୁକ୍ତ ଏକ ଅଭୀପ୍ସା— ଏସବୁ ସେମାନଙ୍କ ଲାଗି ଏକ କ୍ଷୁଦ୍ର ଧର୍ମୀୟ ଉତ୍ସବାନୁଷ୍ଠାନଠାରୁ ଅନନ୍ତ ଗୁଣରେ ଅଧିକ ଉଚ୍ଚ ହୋଇ ରହିଛି। ପ୍ରକୃତରେ ଅନେକ ଗୁଣରେ! ଦୁଇଟି ମଧ୍ୟରେ ଆଦୌ କୌଣସି ତୁଳନାହିଁ କରାଯାଇ ପାରିବ ନାହିଁ। ଧର୍ମୀୟ ଉତ୍ସବାନୁଷ୍ଠାନ-ଗୁଡ଼ିକର କଥା କହୁଛ? ଉଦାହରଣସ୍ୱରୂପ, ଏହିଭଳି ଅନେକ ସତ୍ତାଙ୍କୁ କାଳୀ ବୋଲି କୁହାଯାଉଛି,—ଯେଉଁମାନଙ୍କୁ ନାନାବିଧ ଭୟଙ୍କର ରୂପ ପ୍ରଦତ୍ତ ହୋଇ ରହିଛି—ସେମାନଙ୍କ ମଧ୍ୟରୁ କେତେକଙ୍କୁ ଏପରିକି ଘରେ ପ୍ରତିଷ୍ଠା କରି ଗୃହଦେବତା ରୂପେ ପୂଜା କରାଯାଉଛି। ସେମାନେ ପ୍ରକୃତରେ ଏକ ଭୟଙ୍କର ପ୍ରାଣପ୍ରଧାନ ଶକ୍ତିରେ ପୂର୍ଣ୍ଣ ହୋଇ ରହିଛନ୍ତି। ମୁଁ ଏପରି ଅନେକ ବ୍ୟକ୍ତିଙ୍କୁ ଜାଣିଥିଲି, ଯେଉଁମାନେ ଘରେ ପ୍ରତିଷ୍ଠିତ ହୋଇ ରହିଥିବା କାଳୀଙ୍କୁ ଏତେ ଭୟ କରୁଥିଲେ ଯେ, ଏତେ ଟିକିଏ କୌଣସି ଭୁଲ୍ କରିବାକୁ ମଧ୍ୟ ସେମାନେ ପ୍ରକୃତରେ ଭୟକମ୍ପିତ ହୋଇ ଉଠୁଥିଲେ; କାରଣ ବିପତ୍ତିମାନ ଆସି ପଡ଼ିଲାବେଳେ ସେମାନେ ଏସବୁ କାଳୀଙ୍କ ଦ୍ୱାରାହିଁ ପ୍ରେରିତ ହୋଇଛି ବୋଲି ଭାବୁଥିଲେ। ଏହା ପ୍ରକୃତରେ ଏକ ଭୟଙ୍କର ଭାବନା। ଏହି ସତ୍ତାମାନଙ୍କ ସହିତ ମୋ'ର ପରିଚୟ ରହିଛି। ମୁଁ

'oaob.nitrkl.ac.in' images reprocessed

ସେମାନଙ୍କୁ ଭଲ ଭାବରେ ଜାଣିଛୁ । ମାତ୍ର ସେମାନେ ହେଉଛନ୍ତି ପ୍ରାଣିକ ସ୍ତରର ସତ୍ତା । ସେଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ପ୍ରାଣମୟ ଆକୃତି, ଯେଉଁମାନଙ୍କୁ କି ମନୁଷ୍ୟର ଭାବନା ଏକ ଆକାର ପ୍ରଦାନ କରିଛି—ଏବଂ ପ୍ରକୃତରେ କି ଅଦ୍ଭୁତ ଅଦ୍ଭୁତ ରୂପ ପ୍ରଦାନ କରିଛି ! ଏବଂ ମନୁଷ୍ୟମାନେ ଏହିଭଳି ଭୟଙ୍କର ଓ ବୀଭତ୍ସ ରୂପଗୁଡ଼ିକୁ ପୂଜା କରୁଛନ୍ତି ବୋଲି ଯେତେବେଳେ ଭାବିବାକୁ ପଡ଼େ,—ଏବଂ, ଆହୁରି ଅଧିକ ଶୋଚନୀୟ କଥା ହେଉଛି, ବିଶ୍ୱର ଏହି ଦେବତାମାନଙ୍କୁ ଶ୍ରଦ୍ଧାର ସହିତ ବିଶ୍ୱାସ କରିବାକୁ ପ୍ରେରଣା ଦିଆଯାଉଛି ଯେ ଏହା···

ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହା ପ୍ରକୃତରେ ଏକ ଭଲ କଥା ଯେ ଅନ୍ତତଃ କିଛି ସମୟ ପାଇଁ ଲୋକମାନଙ୍କର ଏହି ଧର୍ମୀୟ ବାତାବରଣଟିରୁ ବାହାରକୁ ବାହାରିଯିବା ଉଚିତ;—ଏହି ଯେଉଁ ବାତାବରଣଟି ଭୟ ଦ୍ୱାରା ଏତେବେଶୀ ପୂର୍ଣ୍ଣ ହୋଇ ରହିଛି, ପ୍ରତିକୂଳ ଶକ୍ତିମାନେ ଏହି ପ୍ରକାରର ଯେଉଁ ଅନ୍ଧ, ମିଥ୍ୟାବିଶ୍ୱାସମୟ ସମର୍ପଣର ଏକ ଭୟଙ୍କର ସୁଯୋଗ ନେଇଛନ୍ତି, ସେଥି-ମଧ୍ୟରୁ ବାହାରକୁ ବାହାରିଯିବା ଉଚିତ । ମଣିଷମାନଙ୍କୁ ଅନ୍ଧବିଶ୍ୱାସରୁ ମୁକ୍ତ କରି ଆଣିବା ଲାଗି ଏହିପରି ଏକ ପ୍ରତ୍ୟାଖ୍ୟାନ ଓ ପ୍ରତ୍ୟକ୍ଷବାଦର ସମୟ ପ୍ରକୃତରେ ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି ମନେ ହେଉଛି । ସେଥିରୁ ଏବଂ ସେହି ବୀଭତ୍ସରୂପ ପ୍ରାଣମୟ ଶକ୍ତିମାନଙ୍କର ଏପରି ଅସହାୟ ଭାବରେ ବଶ ହୋଇ ରହିବାର ଅବସ୍ଥାରୁ ବାହାରକୁ ବାହାରି ଆସିପାରିଲେ ଯାଇ ଜଣେ ବ୍ୟକ୍ତି ଯଥାର୍ଥ, ଆଧ୍ୟାତ୍ମିକତାର ଉଚ୍ଚତାଗୁଡ଼ିକୁ ଉଠିଯାଇ ପାରିବ ଏବଂ ସେହି ଭୂମିରେ ପରମ ସତ୍ୟ, ଯଥାର୍ଥ ଚେତନା ତଥା ଯଥାର୍ଥ ଶକ୍ତିର ସହଯୋଗୀ ଏବଂ ଏକ ଯଥାର୍ଥ ଯନ୍ତ୍ର ହେବାକୁ ସମର୍ଥ ହେବ ।

ଆହୁରି ଉଚ୍ଚକୁ ଆରୋହଣ କରିବା ଲାଗି ସମର୍ଥ ହେବା ପୂର୍ବରୁ ଆମକୁ ଏହି ସବୁକିଛିକୁ ଅନେକ, ଅନେକ ପଛରେ ପକାଇଦେଇ ଆସିବାକୁ ପଡ଼ିବ ।

ମାଆ, ସେଦିନ ଆପଣ କହୁଥିଲେ ଯେ ଆପଣ ରାତିରେ ସବୁଠାକୁ ଯାଆନ୍ତି, ନୁହେଁ ? ତେବେ ଆଶ୍ରମରେ ଯାହାକିଛି ଘଟେ, ଆପଣ ତ-ସେହି ସବୁକିଛିକୁ ଜାଣି ପାରୁଥିବେ ।···

ମୁଁ ଜଣେ ପୋଲିସ୍ ପରି କାର୍ଯ୍ୟ କରେ ।

ମାଆ, ତେବେ ଏପରି ଭାବରେ ଆପଣ ଯାହାସବୁ ଜାଣନ୍ତି ଓ ଯାହାସବୁ ବାସ୍ତବରେ ଜାଣନ୍ତି,—ଦୁଇଟି ମଧ୍ୟରେ ପୁଣି କି ପ୍ରଭେଦ

'oaob.nitrkl.ac.in' images reprocessed

ରହିଛି ? ଅର୍ଥାତ୍, ଏକଥା କାହିଁକି ସମସ୍ତଙ୍କ ଲାଗି ଆବଶ୍ୟକ ହେଉଛି ଯେ···

ତୁମେ କ'ଣ ଅନୁମାନ କରୁଛ ଯେ ମୁଁ ସବୁଆଡ଼େ ଯାଇପାରୁଛି ଓ ସବୁକିଛି ଦେଖୁଛି ? ମାତ୍ର ଦୁର୍ଭାଗ୍ୟର କଥା ଯେ, ମୋ'ର କେବଳ ଗୋଟିଏ ମୁଣ୍ଡ ରହିଛି, ଦୁଇଟି ହାତ ଓ ଦୁଇଟି ଗୋଡ଼ ରହିଛି; ଏବଂ ତେଣୁ ତାହା କରିବା ଲାଗି ପ୍ରକୃତରେ ଦୀର୍ଘ ଅନେକ ସମୟ ଲାଗିବ । କେବଳ ଏଣେତେଣେ ଦଉଡ଼ିବାରେହିଁ ମୋର ସବୁଯାକ ସମୟ ଅତିବାହିତ ହୋଇଯିବ ।

ନାଇଁ, ମୁଁ କହୁଥିଲି ଯେ, ଆଶ୍ରମରେ ଯାହାକିଛି ଘଟୁଛି, ଆପଣ ଯେତେବେଳେ ସେସବୁକୁ ଜାଣିପାରୁଛନ୍ତି; ତେବେ ବିଭାଗୀୟ ମୁଖ୍ୟମାନେ ଆପଣଙ୍କ ପାଖକୁ ଆସି ଆଉ ଖବରମାନ ଦେବାର କି ଆବଶ୍ୟକତା ରହିଛି ?

ନାହିଁ, ନାହିଁ, — ଖବର ଦେବାକୁ ସେମାନେ ପ୍ରକୃତରେ ଆସନ୍ତି ନାହିଁ । ସେମାନେ ମୋ'ପାଖକୁ ଆଦେଶ ପାଇବା ପାଇଁ ଆସନ୍ତି । ସେଇଟା ଆଦୌ ଏକା କଥା ନୁହେଁ । ଏବଂ, ଯଦି ମୁଁ ଗୁପ୍ତରେ ସେମାନଙ୍କୁ ଆଦେଶମାନ ଦେଉଥାନ୍ତି, ତେବେ ସେମାନେ ମୋ' କଥାକୁ ଶୁଣିପାରନ୍ତେ ନାହିଁ; କିଂବା, ଦୈବାତ୍ କିଛି ଶୁଣୁଥିଲେ ମଧ୍ୟ ହୁଏତ ଠିକ୍ ଓଲଟା କଥାଟାକୁହିଁ ଶୁଣୁଥାନ୍ତେ ! ଏବଂ ତା'ହେଲେ ଆପଣାର ଖିଆଲ ଅନୁସାରେ ଯାହା ମନ ତାହା କରିବସନ୍ତେ । ନାହିଁ, ନାହିଁ, ସେମାନେ କୌଣସି ଖବର ଆଣି ଦିଅନ୍ତି ନାହିଁ । କାରଣ, ସେମାନଙ୍କର ଯାହାକିଛି କହିବାର ଥାଏ, ତାହା କହିବାକୁ ସେମାନଙ୍କୁ ଖୁବ ଭଲ ଲାଗେ । ଯଦି ମୁଁ ତତ୍‌କ୍ଷଣାତ୍ ସେମାନଙ୍କୁ "ଆଉ ଆଉ, ମୁଁ ସବୁକଥା ଜାଣିଛି" ବୋଲିକହିଥାନ୍ତି··· ବେଳେବେଳେ ମୁଁ ଅବଶ୍ୟ ସେହିପରି କହିଥାଏ, କୌଣସି କାର୍ଯ୍ୟ ପାଇଁ ତରତର ହେଉଥିଲା ବେଳେ ସେକଥା କହିଦେଉଥାଏ । ମାତ୍ର ଏଥିରେ ସେମାନେ ଖୁବ ଆତଙ୍କିତ ହୋଇପଡ଼ନ୍ତି ଏବଂ ଭାବନ୍ତି "ମାଆ କିପରି ଏକଥା ଜାଣିଲେ ? ସେ ତ କେବେ ମୋତେ ଏକଥା ପଚାରି ନାହାନ୍ତି !" ସେମାନେ ଭାବନ୍ତି ଯେ କେବଳ ସେହିମାନେହିଁ ମୋତେ ପ୍ରକୃତ ସମ୍ବାଦଗୁଡ଼ିକ ଆଣି ଦେଇପାରିବେ । ଭାବନ୍ତି ଯେ, ସେମାନେ ମୋତେ ବିଷୟଗୁଡ଼ିକୁ ବୁଝାଇ ନ କହିଲେ ମୁଁ ଆଦୌ କିଛି ଜାଣିବି ନାହିଁ । ସେମାନେ ଏହିପରି ଭାବନ୍ତି, ଏବଂ ତେଣୁ ମୁଁ ସେମାନଙ୍କୁ ମୋତେ ସବୁକଥା ବୁଝାଇ କହିବା ଲାଗି ବାଟ ଛାଡ଼ିଦିଏ । ବେଳେବେଳେ, ଯଦି ସେମାନେ କହିବାକୁ ଦୀର୍ଘ ସମୟ ନିଅନ୍ତି ଓ ମୋ' ପାଖରେ ଯଥେଷ୍ଟ ସମୟ ନ

'oaob.nitrkl.ac.in' images reprocessed

ଥାଏ, ସେତେବେଳେ ମୁଁ, "ହଁ, ଠିକ୍ କଥା, ହଁ, ଠିକ୍ କଥା" ବୋଲି କହୁଥାଏ। ମୁଁ କହେ, "ମୁଁ ସବୁ ଜାଣିଛି। ଏଥର ଅସଲ କଥାଟିକୁ ଆସ, ତୁମେ ପ୍ରକୃତରେ କ'ଣ ଜାଣିବାକୁ ଇଚ୍ଛା କରୁଛ ?" ମାତ୍ର ଏକଥାରେ ସେମାନେ ଘୋର ମର୍ମାହତ ହୋଇପଡ଼ନ୍ତି।

ମାଆ, ଉଦାହରଣସ୍ୱରୂପ, ଜଣେ ଯଦି କିଛି କରିଥାଏ···

ମନ୍ଦ କାର୍ଯ୍ୟ ?

ହଁ।

ଜଣେ ବେଳେବେଳେ ଭଲ କାମ ମଧ୍ୟ କରିଥାଏ, ନୁହେଁ ?

ନା, ଅଧିକାଂଶତଃ ମନ୍ଦ କାର୍ଯ୍ୟ କରିଥାଏ। ସେତେବେଳେ ସିଏ ଭାବେ, "ମାଆ ତ ଏକଥା ଜାଣିଛନ୍ତି।" ତା' ନ ହୋଇ ସିଏ ଆପଣଙ୍କ ପାଖକୁ ଆସି ସେଇଟିକୁ କହି ଦେଉଥିଲେ ଅଧିକ ଭଲ ହେଉ ନ ଥାନ୍ତା କି ?

ହଁ। କାରଣ ଏଠାରେ ··· ମନେ ରଖିବା ଉଚିତ ଯେ ଯଦି ଜଣେ କିଛି ମନ୍ଦ କାର୍ଯ୍ୟ କରିଛି, ଯାହା କରିବା ଉଚିତ ନୁହେଁ ବୋଲି ଜଣେ ଭଲ କରି ଜାଣିଛି ଓ ସେଇପରି କୌଣସି କାର୍ଯ୍ୟ କରିପକାଇଛି; ଉଦାହରଣସ୍ୱରୂପ, ସେତେବେଳେ ଯଦି ସିଏ "ମାଆ ତ ଏକଥା ଜାଣିଛନ୍ତି, ତେଣୁ ମୋର ଆଉ ତାଙ୍କ ପାଖରେ ଏହାକୁ କହିବାର ପ୍ରୟୋଜନ ନାହିଁ" ବୋଲି କହେ, ତେବେ କହିବାକୁ ହେବ ସିଏ ସେଇ କଥାଟିକୁ ଆତ୍ମସାତ୍ କରି ପକାଉଛି। ସିଏ ଅତ୍ୟନ୍ତ ସାବଧାନତାର ସହିତ ତା' ଉପରେ ଗୋଟାଏ ଦ୍ୱାର ବନ୍ଦକରି ଆଣୁଛି ଓ ତା'ପରେ ତାକୁ ନିଜର ହୃଦୟ ଭିତରେ ବା ଆଉ କେଉଁଠି ନେଇ ଲୁଚାଇ ରଖୁଛି। ମାତ୍ର, ଜଣେ ଯଦି ସେସବୁ କଥା ପ୍ରକୃତରେ ନ ଚାହୁଁଛି,···ସିଏ ତଦ୍ଦ୍ୱାରା ଘୋର ଅସ୍ୱସ୍ତି ବୋଧ କରୁଛି, ତା'ଭିତରେ କ'ଣ ଗୋଟାଏ ହଗୁଡ଼ାଇ ହୋଇ ପଡ଼ିଲାପରି ଲାଗୁଛି, ତାହା ଆଦୌ ସୁଖକର ହେଉ ନାହିଁ ··· "ନାଇଁ, ମୁଁ ଏହି କଥାଟିକୁ ନିଶ୍ଚୟ ମାଆଙ୍କ ପାଖରେ ନେଇ କହିଦେବ।" କହିବାକୁ ବାହାରିବା ବେଳେ ସେଥିଲାଗି ଖୁବ୍ ଚେଷ୍ଟା କରିବାକୁ ହେଉଛି, ନୁହେଁ ? ତଣ୍ଟି ପାଖରେ କ'ଣ ଗୋଟାଏ ସବୁକିଛିକୁ ଅଟକାଇ ରଖୁଛି, ଜିଭ ଶୁଖିଯାଉଛି, ଏବଂ, ଉପଯୁକ୍ତ ଶବ୍ଦଗୁଡ଼ିକୁ ଖୋଜି ପାଇବା ବି ଖୁବ୍ କଷ୍ଟକର ହୋଇପଡ଼ୁଛି; — ପ୍ରକୃତ କଥା କହିବାକୁ ଗଲେ, ଏହି କଥାଟି କାପରି କରିବାକୁ ହେବ, ତାହାର ସତେଅବା କୌଣସି ପନ୍ଥାହିଁ ମିଳୁ ନାହିଁ। ମାତ୍ର

'oaob.nitrkl.ac.in' images reprocessed

ବର୍ତ୍ତମାନ ସେଥିଲାଗି ଏକ ସଂକଳ୍ପ କରିସାରିଲା ପରେ, ତୁମକୁ କେତେ ନା କେତେ ଚେଷ୍ଟା କରିବାକୁ ପଡ଼ୁଛି : କେତେ ଚେଷ୍ଟା କରି ତୁମେ ଶବ୍ଦଗୁଡ଼ିକୁ ଗୋଟିଏ ଗୋଟିଏ କରି ବାହାରରୁ ସଂଗୃହୀତ କରି ଆଣୁଛ ଏବଂ ଶେଷରେ କହି ବି ଦେଉଛ, ଏବଂ ଯଥାସମ୍ଭବ ଅଧିକ ନିର୍ଭୁଲ ଭାବରେ ତୁମେ ତାହା କହିବାକୁ ଚେଷ୍ଟା କରୁଛ । ତାହା ଫଳରେ ତୁମ ଭିତରେ ଏତେ ଚଉଡ଼ା ହୋଇ ଦୁଆରଟିଏ ଖୋଲିଯାଉଛି ଏବଂ ତୁମର ଏହି ଆନ୍ତରିକ ପ୍ରୟାସଟି ଦ୍ୱାରାହିଁ ମୁଁ ସିଧା ତୁମର ଚୈତ୍ୟସତ୍ତା ମଧ୍ୟରେ ଯାଇ ପ୍ରବେଶ କରିପାରୁଛି । ଏବଂ, ଭିତରେ ପହଞ୍ଚି ମୁଁ ଆବଶ୍ୟକ ସକଳ ଆଲୋକ, ସକଳ ଶକ୍ତି, ଇଚ୍ଛାଶକ୍ତି, ଚେତନା ଓ ସଂକଳ୍ପକୁ ସେଠାରେ ନେଇ ଅଜାଡ଼ି ଦେଉଛି; ଯାହା ଫଳରେ କି ତୁମେ ଯାହା କରିଥିଲ, ତାହାକୁ ଆଉ ଥରେ କରିବା ଲାଗି ମୋଟେ ସମର୍ଥ ହୋଇପାରୁ ନାହଁ; ଅନେକ କିଛି···ଗୋଟିଏ ପାତ୍ରରେ ଏତେବେଶୀ ଅଜାଡ଼ି ଦେବାକୁ ବସିଲେ ଯେପରି ତାହା ଉଛୁଳି ବାହାରକୁ ବାହାରିଯାଏ—ଅନେକ କିଛି ଉଛୁଳି ବାହାରକୁ ବାହାରିଯାଏ, ତଥାପି ଯେତେ ଅଳ୍ପ ହେଲେ ମଧ୍ୟ ତାହା ରହେ ଏବଂ ତାହାହିଁ କାର୍ଯ୍ୟଟିକୁ ସାଧନ କରେ । ଏବଂ, ତୁମେ ଯଦି ଆଉ ଥରେ ବି ଏହି ପ୍ରୟାସଟିକୁ କରିପାର, ଶେଷକୁ ତୁମେ ଅନୁଭବ କରିବାକୁ ଆରମ୍ଭ କର ଯେ ତୁମର ଆଉ ଅଧିକକିଛି କହିବାକୁ ନାହିଁ, କାରଣ ଆଉ କିଛିହେଲେ ଲୁଚାଇବାକୁ ବି ନାହିଁ, — ତେବେ ତାହା ପ୍ରକୃତରେ ଖୁବ ଭଲ କଥା ହୁଏ ଏବଂ ତୁମେ ଅନେକ ଅଗ୍ରଗତି କରିପାର ।

ମାଆ, କ୍ଲାସ୍‌ରେ ବସି ଆପଣଙ୍କୁ ପ୍ରଶ୍ନ ପଚାରୁଥିବା ସମୟରେ, ବେଳେବେଳେ ସେଗୁଡ଼ିକ ଖୁବ ସହଜସ୍ଫୂର୍ତ୍ତି ଭାବରେ ଆସନ୍ତି, ମାତ୍ର ଆଉ ବେଳେବେଳେ ଆମେ ସେଥିଲାଗି ଖୁବ ସଙ୍କୋଚ···

ଅସଲ କଥା ହେଉଛି, ଅଧିକାଂଶ ପ୍ରଶ୍ନରେ ସମୁଚିତ ଶବ୍ଦଗୁଡ଼ିକର ପ୍ରୟୋଗ ହୋଇ ନ ଥାଏ, କାରଣ, ତୁମେ ଯେ ପ୍ରକୃତରେ କ'ଣ ଜାଣିବାକୁ ଇଚ୍ଛା କରୁଛ, ସେକଥା ତୁମ ନିଜକୁ ବି ଜଣା ନ ଥାଏ । ଅର୍ଥାତ୍, ତୁମେ ଯେଉଁଟି ବିଷୟରେ ଜାଣିବାକୁ ଇଚ୍ଛା କରୁଛ, ସେଇଟି ବିଷୟରେ ତୁମେ ସ୍ପଷ୍ଟ ଭାବରେ ଆଦୌ ସଜ୍ଞାନ ହୋଇ ନ ଥାଅ । ତୁମର ମୁଣ୍ଡ ଭିତରେ ସେତେବେଳେ କେତେକ ଶବ୍ଦ ପୁଞ୍ଜୀଭୂତ ହୋଇ ରହିଥାନ୍ତି ସତ, ମାତ୍ର କୌଣସି ଏକ ବିଷୟର ଚେତନା ଆପଣାକୁ ସ୍ପଷ୍ଟ କରି ଆଣିବାକୁ ପ୍ରକୃତରେ କୌଣସି ଚେଷ୍ଟା କରୁ ନ ଥାଏ । କେବଳ ଶବ୍ଦଗୁଡ଼ିକହିଁ ତୁମ ମସ୍ତିଷ୍କ ଭିତରେ ଏଣେତେଣେ ଆଘାତ କରିବାରେ ଲାଗିଥାନ୍ତି, ସେଗୁଡ଼ାକୁ ତୁମେ ଆଦୌ ଯଥାସ୍ଥାନରେ ନେଇ ସଂଲଗ୍ନ କରି ରଖିପାରୁ ନ ଥାଅ ଏବଂ ତେଣୁ ସେଗୁଡ଼ିକର ଅର୍ଥକୁ ମଧ୍ୟ ମୋଟେ ବୁଝିପାରୁ ନ ଥାଅ । ତେଣୁ, ଯାହା କହିବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରୁଥାଅ, ତାହାକୁ ସହଜରେ କହିପାର ନାହିଁ, କାରଣ ତୁମେ ଆଦୌ କିଛି ଚିନ୍ତାକର ନାହିଁ । ତୁମର କଥା ତୁମର ଭାବନାରୁ ଆଦୌ ନିଷ୍ପନ୍ନ ହୋଇ ଆସୁ ନ ଥାଏ । ତାହା ସତେଅବା ତୁମର ମସ୍ତିଷ୍କ ଭିତରୁ ଯନ୍ତ୍ରଚାଳିତ ଭାବରେ ଆସି ପହଞ୍ଚି ଯାଉଥାଏ । ଆପଣାର ଯେଉଁ ଅଭିଜ୍ଞତାଟିକୁ ତୁମେ ନିର୍ଭୁଲ ଭାବରେ ଶବ୍ଦ ଦ୍ୱାରା ପ୍ରକାଶ କରିବାକୁ ଯାଉଛ ବା ଯେଉଁ ଜ୍ଞାନସାମଗ୍ରୀଟିକୁ ତୁମେ ଆପଣାର ମସ୍ତିଷ୍କ ଭିତରେ ସୁବ୍ୟବସ୍ଥିତ ଭାବରେ ରଖିବାକୁ ଯାଉଛ, ଯଦି ସେବିଷୟରେ ତୁମର ଏକ ସ୍ପଷ୍ଟ ସଙ୍କଳ୍ପତା ରହିଥାଏ, ତେବେ ତୁମେ ତାହାକୁ ଅବଶ୍ୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଶବ୍ଦରେ ପ୍ରକାଶ କରି କହିପାରିବ ଏବଂ ତୁମର ମସ୍ତିଷ୍କ ମଧ୍ୟ ଯୁଗପତ୍ ଭାବରେ ଉତ୍ତରଟିକୁ ପାଇବା ଲାଗି ପ୍ରସ୍ତୁତ ହୋଇ ରହିପାରିବ । ମାତ୍ର ଯଦି, ତୁମଭିତରେ ଶବ୍ଦଗୁଡ଼ିକ ପରସ୍ପର ସହିତ ଆସି କେବଳ ଧକ୍କା ବାଜିବାରେ ଲାଗିଥିବେ,—ଶବ୍ଦମାନେ ସବୁବେଳେ ସେହିପରି ଭାବରେହିଁ ଆସନ୍ତି, ନୁହେଁ ?—ତୁମେ ଢଳ-ଘ୍ରେଟି ଶବ୍ଦକୁ ଏକାଠି ଆଣି ଯୋଡ଼ିଦେଉଥିବ ଏବଂ ସେଇଥିରୁହିଁ ଗୋଠାଏ ବିସ୍ତାରକୁ ଅଗ୍ରସର କରାଇ ନେଉଥିବ···ମୁଁ ସେଗୁଡ଼ିକର ମଧ୍ୟ ଉତ୍ତର ଦିଏ, କାରଣ ମୁଁ ଭାବେ ଯେ ସର୍ବଦା ହୁଏତ କେହିଜଣେ ବ୍ୟକ୍ତି ଥିବ···ମୁଁ ଭାବେ ଯେ ମୋ'ର ଉତ୍ତର କେଉଁଠିହେଲେ କାହାର ମସ୍ତିଷ୍କରେ ବି ଯାଇ ପ୍ରବେଶ କରିବାର ସୁଯୋଗ ପାଇବ । ମାତ୍ର ତା' ନ ହେଲେ, ଅଧିକାଂଶ ସମୟରେ ଏହାହିଁ ହୁଏ ଯେ, ମୁଁ ଯାହାକିଛି କହୁଥାଏ, ମସ୍ତିଷ୍କ ସେହି କଥାକୁ ବୁଝି ବି ନ ଥାଏ । ତୁମେ ଯାହା ପଚାରିବାକୁ ଯାଉଛ, ପଚାରିବା ପୂର୍ବରୁ ସେହି ବିଷୟରେ ତୁମର ଭଲ କରି ଚିନ୍ତା କରିଥିବା ଉଚିତ, ସେଇଟି ଉପରେ ତୁମର ଉତ୍ତମ ଅଭିନିବେଶ ରହିଥିବା ଉଚିତ ଏବଂ ତୁମେ ସେଇଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରୁଥିବା ଉଚିତ । ତା' ନ ହେଲେ, ମନର ଯେଉଁ ଅଂଶଟି ପ୍ରକୃତରେ ବୁଝେ, ତା'ପକ୍ଷରେ କିଛି ପଚାରିବା ଆଦୌ ସମ୍ଭବ ହେବ ନାହିଁ । ସେତେବେଳେ କେବଳ ସେହି ଉପରିଭାଗଟାହିଁ ଯାହାକିଛି ପଚାରୁଥିବ, ଯେଉଁଠାରେ କି ଗୁଡ଼ାଏ ଶବ୍ଦ ଅବିରାମ ଭାବରେ ଖାଲି ଏପାଖ ସେପାଖ ହେବାରେ ଲାଗିଥିବେ,—ସେଗୁଡ଼ାକ ଅଳ୍ପବହୁତ କୌଶଳପୂର୍ଣ୍ଣ ଭାବରେ ପରସ୍ପର ସହିତ ଆସି ଯୋଡ଼ିହୋଇ ଯାଉଥିବେ, ଆସୁଥିବେ, ଯାଉଥିବେ ଓ ଅତିକ୍ରମ କରି ଚାଲି ବି ଯାଉଥିବେ; ଏବଂ ତାହାହିଁ ଯାହାକିଛି କହିବାରେ ଲାଗିଥିବ । ତାହାହିଁ ପ୍ରଶ୍ନ ପଚାରୁଥିବ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା କିଛିହେଲେ ବୁଝୁ ନ ଥିବ ।

ଏପରି କେତେଥର ଘଟିଥିବ ଯେ, ମୁଁ ଗୋଟିଏ କଥା ତୁମମାନଙ୍କୁ କହି ସାରିଛି, ସେହି ଗୋଟିଏ କଥାକୁ କେତେଥର କହିଛି, ଏବଂ ମନେକର ସପ୍ତାହକ

'oaob.nitrkl.ac.in' images reprocessed

ପରେ ଯଦି ମୁଁ ସେହି ବିଷୟରେ ତୁମମାନଙ୍କୁ ପଚାରିବାକୁ ଯାଇଛି, ତେବେ ତୁମର ତାହା ମନେ ରହି ନାହିଁ ବୋଲି ଜଣାଯାଇଛି । ସେହି ଗୋଟିଏ ପ୍ରଶ୍ନକୁ ତୁମେମାନେ ବି ମୋତେ କେତେ ଥର ପଚାରିଛ, ମାତ୍ର ତାହାର ଉତ୍ତରଟିକୁ ଯଥାର୍ଥରେ ବୁଝିବା ଲାଗି ଆବଶ୍ୟକ ସ୍ଥିତିରେ ରହିବା ତୁମମାନଙ୍କ ପକ୍ଷରେ ଆଦୌ ସମ୍ଭବ ହୋଇ ନାହିଁ । ଅର୍ଥାତ୍, ତୁମ ଭିତରେ କିଛିହେଲେ ରହି ନାହିଁ; ଶବ୍ଦଗୁଡ଼ିକ ଆସିଛନ୍ତି ଓ ଚାଲିଯାଇଛନ୍ତି । କେବଳ ତାହାହିଁ ହୋଇଛି । ବେଳେ ବେଳେ ତୁମେମାନେ ଯେପରି ଗୋଟିଏ ପାଠକୁ ମୁଖସ୍ଥ କରି ରଖିଥାଅ : ସେହି ଶବ୍ଦଗୁଡ଼ିକ ତୁମଭିତରକୁ ଆସିଥାନ୍ତି ଓ ପୁଣି ଚାଲି ଯାଇଥାନ୍ତି । କିଛିହେଲେ ଭିତରକୁ ପ୍ରବେଶ କରିପାରେ ନାହିଁ, ଯଥାର୍ଥ ଭାବନାର ଭୂମିରେ କିଛିହେଲେ ଦୃଢ଼ପ୍ରତିଷ୍ଠ ହୋଇ ରହେ ନାହିଁ । ତେଣୁ ତାହାର କୌଣସି ଫଳ ବି ଫଳେ ନାହିଁ ଏବଂ ଆଦୌ କିଛିହେଲେ ବୁଝିବା ସକାଶେ ତାହା କୌଣସି ସାହାଯ୍ୟ ବି କରେ ନାହିଁ । ତାହାର ପ୍ରମାଣ ହେଉଛି : କେତେ ଥର ମୁଁ ତୁମମାନଙ୍କୁ "ଏକଥା ତ ମୁଁ ତୁମମାନଙ୍କୁ ଆଗରୁ କହିଛି" ବୋଲି ନ କହିଛି,—ମାତ୍ର ସେକଥା ବି ତୁମର ମୋଟେ ମନେ ରହି ନାହିଁ !

ଏକଥା ଅନେକ ସମୟରେ ଘଟିଛି, ନୁହେଁ ? —ମାତ୍ର ସାଧାରଣତଃ ଅତି ସାନ ପିଲାମାନଙ୍କ କ୍ଷେତ୍ରରେ ଏପରି ଘଟିଛି,—ତୁମମାନଙ୍କ କ୍ଷେତ୍ରରେ ମଧ୍ୟ ତାହା ବେଳେବେଳେ ଘଟିଛି । ଅର୍ଥାତ୍, କେହି ମୋତେ ଗୋଟିଏ ପ୍ରଶ୍ନ ପଚାରିଛନ୍ତି ଓ ମୁଁ ତାହାର ଉତ୍ତର ଦେଇଛି । ତା'ପରେ ଆଉଜଣେ ବି ମୋତେ ଭିନ୍ନ ଶବ୍ଦରେ ଠିକ୍ ସେହି ପ୍ରଶ୍ନଟିକୁହିଁ ପଚାରିଛନ୍ତି । ମୁଁ ଟିକଏ ଆଗରୁ ଯାହା କହିଥିଲି, ତୁମେ ଯଦି ପ୍ରକୃତରେ ତାହା ଶୁଣିଥାନ୍ତ,—ତୁମେ ବର୍ତ୍ତମାନ ମୋତେ ଯାହା ପଚାରୁଛ, ମୁଁ ପୂର୍ବରୁହିଁ ତାହାର ଉତ୍ତର ଦେଇ ସାରିଛି । ଅର୍ଥାତ୍, ସବୁକିଛି ସେହିପରି ଆସି ପ୍ରବେଶ କରୁଛି ଓ ପୁଣି ବାହାରି ଚାଲିଯାଉଛି, ସମ୍ପୂର୍ଣ୍ଣ ଭାବରେ ସେହି ଉପରଭାଗର ଭାବନାରେହିଁ ଆସୁଛି ଓ ଚାଲିଯାଉଛି । କିଛିହେଲେ ଭିତରେ ପ୍ରବେଶ କରୁ ନାହିଁ ଓ ଏକ ଅନ୍ତର୍ଗତ ବୋଧର ଭୂମିରେ ଆଦୌ ଦୃଢ଼ପ୍ରତିଷ୍ଠ ହୋଇ ରହୁ ନାହିଁ । ସେହି କାରଣରୁହିଁ ତୁମେମାନେ ପ୍ରଶ୍ନ ପଚାରିପାରୁ ନାହଁ : କାରଣ ତୁମେମାନେ ଆଦୌ ଭାବୁ ନାହଁ···କେବଳ ଶବ୍ଦଗୁଡ଼ାକହିଁ ଖେଳିବାରେ ଲାଗିଛନ୍ତି···

ମାଆ, ଏହା ଶେଷ ପ୍ରଶ୍ନଟି : କାଲି ଆମର ସ୍ପୋର୍ଟସ୍ । ତେଣୁ···

ହଁ, ଯଦି ଆମେ ବର୍ଷା ନ ହେଉ ବୋଲି ଅନ୍ଧବିଶ୍ୱାସ ଦ୍ୱାରା ପ୍ରେରିତ ସାନ ପ୍ରାର୍ଥନାଟିଏ କରିପାରନ୍ତେ ! (ସମସ୍ତେ ହସିଲେ) ମାତ୍ର ତୁମେମାନେ ଜାଣିଥିବ,

'oaob.nitrkl.ac.in' images reprocessed

ମେଘରେ, ପବନ ଭିତରେ ସାନସାନ ସତ୍ତ୍ୱମାନେ ରହିଛନ୍ତି । ଏସବୁ ସତ୍ତ୍ୱ ପ୍ରାଣମୟ ରାଜ୍ୟରେ ଅଛନ୍ତି; ସେମାନେ ଆଦୌ ଦୁଷ୍ଟ ନୁହନ୍ତି, ସେମାନେ ଅନେକ ସମୟରେ ଖାଲି ଖେଳପ୍ରିୟ ହୋଇପଡ଼ନ୍ତି । ଅଧିକାଂଶ ସମୟରେ ସେମାନେ ଏକ ଅଧିକ ପରିବ୍ୟାପ୍ତ ଓ ଅଧିକ ସାଧାରଣ ଆୟତନର ପ୍ରାକୃତିକ ବିଧାନଗୁଡ଼ିକୁ ମାନି କରି ଚଳନ୍ତି, ମାତ୍ର ଏହି ସତ୍ତ୍ୱଗୁଡ଼ିକ ମଧ୍ୟରୁ କେତୋଟିଙ୍କର ଅଧା ସ୍ୱାଧୀନତା ରହିଥାଏ ଓ ସେମାନେ ଇଚ୍ଛା କଲେ ସ୍ଥାନୀୟ ବୃଷ୍ଟିପାତ ବି ଘଟାଇପାରନ୍ତି । ସମ୍ଭବତଃ (ମୁଁ କହୁଛି ଯେ ଏହି କ୍ଷୁଦ୍ର ସତ୍ତ୍ୱଗୁଡ଼ିକ ପ୍ରାର୍ଥନାକୁ ଭଲ ପାଆନ୍ତି), ସମ୍ଭବତଃ ଯଦି ଆମେ ସେମାନଙ୍କୁ କହିପାରିବା, "ତୁମକୁ ମୁଁ ପ୍ରାର୍ଥନା କରି କହୁଛି, ତୁମେ ଟିକିଏ ଦୟା କର, କାଲି ଆମର ସ୍ପୋର୍ଟ୍ସ ଆରମ୍ଭ ହେବ, ତୁମେ ଆସି ଆମକୁ ହଇରାଣ କରିବ ନାହିଁ । ଯଦି ମେଘ ବରଷାଇବାକୁ ଇଚ୍ଛା ଥିବ, ତେବେ ଟିକିଏ ସଂଧ୍ୟା ହେବା ପର୍ଯ୍ୟନ୍ତ ଅପେକ୍ଷା କରିବ, ମାତ୍ର ଆମର ଏହି ସାନ ଅନୁଷ୍ଠାନଟି ଚାଲୁଥିବା ବେଳେ ତୁମେ ଆମକୁ ହଇରାଣ କରିବାକୁ ମୋଟେ ଆସିବ ନାହିଁ ।" ସମ୍ଭବତଃ ଏଥିରୁ କୌଣସି ଫଳ ମିଳିପାରେ !

ତୁମର ମନେ ଥିବ, ଥରେ ବର୍ଷା ହେଉ ନ ଥିଲି ବେଳେ, ଲୋକମାନେ କହୁଥିଲେ ଯେ ଆମେ ପ୍ରାର୍ଥନା କଲେ ଅବଶ୍ୟ ବର୍ଷା କରାଇପାରିବା । ଏବଂ ଯେବେ ସେହି କଥାର ପରୀକ୍ଷା କରୁଥିବାବେଳେ ପ୍ରକୃତରେ କେତେ ମଜା ହୋଇ ନ ଥିଲି ···ଆମେ ବୃଷ୍ଟିର ଆବାହନ କଲେ ଏବଂ ବୃଷ୍ଟି ହେଲି । ପ୍ରକୃତରେ ପରେ ବର୍ଷା ହେଲି । ହଁ, ଏହା ଏହିପରିହିଁ ଘଟେ । ଏହା ହେଉଛି ପ୍ରାଣମୟତାର ଏକ ରାଜ୍ୟ ।

ବର୍ତ୍ତମାନ କହ ତୁମର କ'ଣ କହିବାର ଅଛି !

ମାଆ, ଯେଉଁଦିନ ଆମର ବିଶେଷ କୌଣସି ଅନୁଷ୍ଠାନ ଥାଏ, ଆମେ ସେଦିନ ଆପଣଙ୍କୁ ଅନେକ ଡାକୁ । ମାଆ, ଏଇଟା କ'ଣ···

ହଁ, ହଁ, ମୁଁ ଜାଣିଛି ।

ମାଆ, ତେବେ ଆପଣାର ନିଜର କୌଣସି ଉଦ୍ଦେଶ୍ୟକୁ ତୃପ୍ତ କରିବା ସକାଶେ ଆପଣଙ୍କୁ ଡାକିବା ଆଦୌ ଖରାପ ନୁହେଁ ?

ନିଜର କୌଣସି ଉଦ୍ଦେଶ୍ୟ ? ତୁମେ ତ ସେଇଥି ସକାଶେହିଁ ଏଠାରେ ରହିଛ । ସବୁ କାର୍ଯ୍ୟକୁ ଯଥାସମ୍ଭବ ଅଧିକ ଭଲ ଭାବରେ କରି ପାରିବାକୁ ଯଦି ତୁମେ ମୋତେ ଡାକିବାକୁ ମନ କରିବ, ତେବେ ସେଥିରେ ଆଦୌ କୌଣସି ଭୁଲ୍ ହେବ ନାହିଁ । ମାତ୍ର, ଏକଥା ମଧ୍ୟ ସତ ଯେ, ଅନୁଷ୍ଠାନଟି ଶେଷ ହେଲେ ମୁଁ ଯେତେବେଳେ ଘରକୁ ଫେରେ, ସେତେବେଳେ ମୁଁ ଭାରିକ୍ଲାନ୍ତ ହୋଇ ପଡ଼ିଥାଏ ।

'oaob.nitrkl.ac.in' images reprocessed

ଯେତେବେଳେ ମୋତେ ବିଶ୍ରାମ କରିବାକୁ ହୁଏ···ଏହା ମୋତେ ସମ୍ପୂର୍ଣ୍ଣ ଭାବରେ, ବେଳେ ବେଳେ ଅତ୍ୟନ୍ତ ଭୟଙ୍କର ଭାବରେ ଦୁହିଁ ପକାଇଥାଏ । ଡିସେମ୍ବର ପହିଲା ଓ ଦୁଇ ତାରିଖରେ ଆମର ଏଠାରେ ଯେଉଁସବୁ ଅନୁଷ୍ଠାନ ହୁଏ, ବା ଏହିପରି ଆଉ ଯେତେ ଯାହାସବୁ ହୁଏ, ସେସବୁ ମୋତେ ଅତିମାତ୍ରାରେହିଁ ଦୁହିଁ ପକାଇଥାଏ । ଅବଶ୍ୟ କେତେ ସମୟ ପରେ ତାହାର ପୁଣି କ୍ଷତିପୂରଣ ହୋଇଯାଏ । ଏହା ସେପରି କିଛି ମାରାତ୍ମକ ବିଷୟ ନୁହେଁ ସତ, ମାତ୍ର ତାହା ପ୍ରକୃତରେ ଖୁବ୍ କ୍ଳାନ୍ତ କରିପକାଏ ।

ମାତ୍ର ମୋ'ର ସେଥିରେ କୌଣସି ଆପତ୍ତି ନ ଥାଏ । ଓଲଟି ମୁଁ ନିଜେ ତୁମମାନଙ୍କୁ ଯାଇ କହେ, "ପିଲମାନେ, ଯଦି ତୁମେ କିଛି 'କଷ୍ଟକର କାର୍ଯ୍ୟ କରିବାକୁ ଯାଉଥାଅ, ତେବେ ମୋତେ ନିଶ୍ଚୟ ଆବାହନ କରିବ ।" ମାତ୍ର, ପ୍ରତିଯୋଗିତାରେ ପ୍ରଥମ ହେବା ପାଇଁ ବା ଜୟଲାଭ କରିବା ପାଇଁ ନୁହେଁ, ମାତ୍ର ତୁମ ଲାଗି ଯେପରି କୌଣସି ଅପ୍ରୀତିକର ଘଟନା ନ ଘଟେ, ତୁମେମାନେ ମୋତେ ସେଇଥିଲାଗି ଆବାହନ କରିବ । ସବୁକଥା ଯେପରି ଯଥାସମ୍ଭବ ଅଧିକ ସୁରୁଖୁରୁରେ ହୋଇଯାଇ ପାରିବ, ତୁମେମାନେ ମୋତେ ସେଥିଲାଗି ଆବାହନ କରିବ । ଦେଖେଇ ହେବା ପାଇଁ ନୁହେଁ, କୌଣସି କଥାକୁ ସୁରୁଖୁରୁ ଭାବରେ ସମ୍ପନ୍ନ କରି ପାରିବାର ଆନନ୍ଦ ଲାଗିହିଁ ମୋତେ ଆବାହନ କରିବ । ଏବଂ, ସେହି କାର୍ଯ୍ୟଟିକୁ ଏକ ସମର୍ପଣରୂପେ କରିବା ଲାଗି ମଧ୍ୟ ମୋ'ର ଆବାହନ କରି ପାରିବ, ଏବଂ ସେହି କ୍ଷେତ୍ରରେ ଏହା ଅତ୍ୟନ୍ତ ସୁରୁଖୁରୁ ଭାବରେ ସମ୍ପନ୍ନ ହୋଇପାରିବ ।

ମାଆ, ଜାଣିବା ବ୍ୟକ୍ତିଗତ ଆବାହନ କରିବାର କ'ଣ ଆଉ କୌଣସି ବାଟ ନାହିଁ ?

ଅଛି, ମାତ୍ର ତାହା ଆହୁରି ଅଧିକ କଷ୍ଟକର । ହଁ, ଆଉଗୋଟିଏ ବାଟ ଅଛି । ଏକ ଯଥାର୍ଥ ବାଟ ଅଛି···ତାହା ଆହୁରି ଅଧିକ କଷ୍ଟକର ।

ମାତ୍ର ଏହି ବାଟଟି ମଧ୍ୟ ଗୋଟିଏ ଠିକ୍ ବାଟ । ଏହା ବିରୁଦ୍ଧରେ ମୋ'ର ଆଦୌ କିଛି କହିବାର ନାହିଁ, ଏହା ଏକ ଠିକ୍ ବାଟ । ଲୋକମାନଙ୍କ ଆଡ଼କୁ ଅନାଇ ସେମାନଙ୍କର ମୁଣ୍ଡ ଚାରିପାଖରେ ଗୋଟିଏ କ୍ଷୁଦ୍ର କୃଷ୍ଣବର୍ଣ୍ଣ ମେଘଖଣ୍ଡ ବୁଲୁଥିବାର ଦେଖିବା ଅପେକ୍ଷା ଓ ଏକ ଦୁର୍ଘଟନା ବା ସେହିପରି କିଛି ଘଟିବାକୁ ଯାଉଛି ଅନୁଭବ କରିବା ଅପେକ୍ଷା ମୁଁ ବରଂ ଏହାକୁହିଁ ଅଧିକ କାମ୍ୟ ବୋଲି କହିବି । ସେହି କ୍ଷେତ୍ରରେ ସୁରକ୍ଷା ଦେବା ଲାଗି ମୋତେ ତାକୁ ଖୁଣ୍ଟି ଭିତରେ ପ୍ରବେଶ କରିବାକୁ ପଡ଼େ । ସମ୍ପୂର୍ଣ୍ଣ ଭାବରେ ବନ୍ଦ ଓ ଅଚେତନ ହୋଇ ରହିଥିବା

'oaob.nitrkl.ac.in' images reprocessed

ଜଣେ ଲୋକର ସମ୍ମୁଖରେ ଆସି ହାବୁଡ଼ିଯିବା, କେବଳ ସେହି ଜଣକେହିଁ ତାକୁ ରକ୍ଷା କରିପାରିବ ବୋଲି ବିଶ୍ୱାସ କରୁଥିବା ଓ ତଥାପି ଦୁର୍ଘଟନାଟିକୁ ଏଡ଼ିବା ଲାଗି ସମର୍ଥ ହୋଇ ନ ଥିବା ସେହି ବ୍ୟକ୍ତିଟିକୁ ଆସି ହାବୁଡ଼ିଯିବା ଅପେକ୍ଷା ଏଇଟି ନିଶ୍ଚିତଭାବରେ ଅଧିକ ଭଲ । ଏପରି ଅନେକ ସ୍ଥଳରେ ଘଟିଛି । ଏହା ମୋ'ଲାଗି ଅନେକ ଅଧିକ ପରିମାଣରେ ଅପ୍ରୀତିକର ।

ତେଣୁ ବରଂ ଆବାହନ କରାଯିବାହିଁ ଉଚିତ…

ତେବେ, କାଲି ଆଉ ବର୍ଷା ହେବ ନାହିଁ, ନୁହେଁ ?

ପୁନର୍ଦର୍ଶନାୟ ।

'oaob.nitrkl.ac.in' images reprocessed

# ୭ ଜୁଲାଇ ୧୯୫୪

*ଏହି କ୍ଲାସ୍‌ଟିର ଉଦ୍‌ଘାଟନ ପୂର୍ବରୁ ମାଆ ପିଲମାନଙ୍କୁ କହିଥିଲେ ଯେ, ସେମାନେ ଏଥର ଅଧ୍ୟୟନ କରିବାକୁ ଯାଉଥିବା ନୂଆ ବହିଟି (ଶ୍ରୀଅରବିନ୍ଦଙ୍କର "ମାଆ" ବହି) ସମ୍ବନ୍ଧରେ ସିଏ ଏକ ଅଲଗା ଧାରାରେ ଅଗ୍ରସର ହେବାକୁ ଯାଉଛନ୍ତି । ଏଣିକି ସିଏ ନିଜେ ବହିଟିରୁ ବିଭିନ୍ନ ଅଂଶ ପାଠ କରିବେ (ଆଗରୁ ପିଲମାନେ ଯେପରି ପାଠ କରୁଥିଲେ, ସେପରି ନୁହେଁ) । କ୍ଲାସ୍‌ରେ ଯେଉଁ ଅଧ୍ୟାୟଟି ପଠିତ ହେବାକୁ ରହିଥିବ, ପ୍ରତ୍ୟେକ ପିଲା ଆଗରୁ ସେଇଟିକୁ ପଢ଼ି କରି ଆସିଥିବେ ଏବଂ ତାହାର ଆଧାର ଉପରେ ପ୍ରଶ୍ନଟିଏ ତିଆରି କରି ରଖିଥିବେ ।*

*"ମାଆ" ବହିର ପ୍ରଥମ ଅଧ୍ୟାୟଟି ଉପରେ ନିମ୍ନଲିଖିତ ପ୍ରଶ୍ନଟି ଆଧାରିତ ।*

ମାଆ, ଏଠାରେ ଲେଖା ହୋଇଛି : "ଅନ୍ଧକାର ଏବଂ ମିଥ୍ୟା ବିରୁଦ୍ଧରେ ଯୁଦ୍ଧ କରୁଥିବା ସେହି ଅନ୍ତର୍ଗତ ଯୋଦ୍ଧାଟିର ଏକ ସମର୍ପଣ" ।* ଏହି ଅନ୍ତର୍ଗତ ଯୋଦ୍ଧାଟି ପୁଣି କିଏ ?

ଏଠାରେ ନୂତନ ଭାବରେ ଦୀକ୍ଷାଗ୍ରହଣ କରି ସାରିଥିବା ପ୍ରାଣିକ ସତ୍ତାର କଥା କୁହାଯାଇଛି । ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କର ଅଭିମୁଖୀ ହୋଇ ରହିଥିବା ପ୍ରାଣିକ ହେଉଛି ପ୍ରକୃତରେ ଏକ ଯୋଦ୍ଧା ପରି । ଏହା ଦେଖିବାକୁ ମଧ୍ୟ ଠିକ୍ ଜଣେ ଯୋଦ୍ଧା ପରି ଦେଖାଯାଏ । ପ୍ରାଣିକ ହେଉଛି ଶକ୍ତିର ସ୍ଥାନ ଏବଂ ସେହି ଶକ୍ତିବଳରେହିଁ ତାହା ଯୁଦ୍ଧ କରିବା ଲାଗି ଅନୁପ୍ରାଣିତ ହୋଇ ରହିଥାଏ; ପ୍ରାଣିକ ଯୁଦ୍ଧ କରିପାରେ, ବିଜୟଲାଭ କରିପାରେ,—ଏବଂ ଏହାହିଁ ପ୍ରକୃତରେ ସବୁଠାରୁ ଅଧିକ କଷ୍ଟକର, କାରଣ ଯୁଦ୍ଧ କରିବାର ଠିକ୍ ଏହି ଗୁଣଗୁଡ଼ିକହିଁ ପ୍ରାଣିକ ମଧ୍ୟରେ ଏକ ବିଦ୍ରୋହର ଭାବ ସୃଷ୍ଟି କରିଥାନ୍ତି, ସ୍ୱାଧୀନ ହୋଇ ଆପଣାର ଇଚ୍ଛାଟିକୁହିଁ

*ସମ୍ପୂର୍ଣ୍ଣ ବାକ୍ୟଟି ହେଉଛି :

"ଦିବ୍ୟ ଶକ୍ତିର କାର୍ଯ୍ୟ କରିବା ଲାଗି ଏକ ପ୍ରସନ୍ନ, ଶକ୍ତିଶାଳୀ ଏବଂ ସହାୟକ ସମର୍ପଣର ଦାବି କରାଯାଇଥାଏ, ପରମ ସତ୍ୟର ଦୀକ୍ଷା ଗ୍ରହଣ କରିଥିବା ସେହି ସନ୍ଦୀପିତ ଶିଷ୍ୟର ଆନୁଗତ୍ୟ ଦାବି କରାଯାଇଥାଏ, ଅନ୍ଧକାର ଏବଂ ମିଥ୍ୟା ବିରୁଦ୍ଧରେ ଯୁଦ୍ଧ କରୁଥିବା ସେହି ଅନ୍ତର୍ଗତ ଯୋଦ୍ଧାର ଏବଂ ଦିବ୍ୟ ପରମସତ୍ତାଙ୍କର ସେହି ବିଶ୍ୱାସୀ ଭୃତ୍ୟର ଆନୁଗତ୍ୟ ଦାବି କରାଯାଇଥାଏ ।"

'oaob.nitrkl.ac.in' images reprocessed

କାର୍ଯ୍ୟକାରୀ କରିବାର ଅଭିଳାଷର ଏକ ଭାବ ସୃଷ୍ଟି କରିଥାନ୍ତି । ମାତ୍ର ଯଦି ପ୍ରାଣିକ ଯଥାର୍ଥରେ ବୁଝେ ଓ ଆପଣାକୁ ନୂତନ ଭାବରେ ଦୀକ୍ଷିତ କରାଇନିଏ, ଯଦି ତାହା ଆପଣାକୁ ନେଇ ସେହି ଦିବ୍ୟ ପରମଇଚ୍ଛା ପାଖରେ ଯଥାର୍ଥ ଭାବରେ ସମର୍ପିତ କରି ଦେଇପାରେ, ତେବେ, ତା'ଭିତରେ ରହିଥିବା ଏହି ଯୁଦ୍ଧ ଲଢ଼ିବାର ସାମର୍ଥ୍ୟଗୁଡ଼ିକ ନିଜକୁ ଦିବ୍ୟତାର ବିରୋଧ କରୁଥିବା ଶକ୍ତି ଓ ସେଗୁଡ଼ିକର ରୂପାନ୍ତରର ପଥରୋଧ କରି ରଖିଥିବା ଯାବତୀୟ ଅନ୍ଧକାର ବିରୁଦ୍ଧରେ ନେଇ ନିୟୋଜିତ କରି ଦିଅନ୍ତି । ସେମାନେ ସର୍ବଶକ୍ତିମାନ୍ ହୋଇ ରହିଥାନ୍ତି ଏବଂ ଶତ୍ରୁମାନଙ୍କ ଉପରେ ବିଜୟ ହାସଲ କରି ପାରନ୍ତି । ଦିବ୍ୟତା-ବିରୋଧୀ ଶକ୍ତିମାନେ ପ୍ରାଣିକ ଜଗତରେ ବାସ କରୁଥାନ୍ତି; ସେମାନେ ସେହିଠାରୁହିଁ ସ୍ୱାଭାବିକ ଭାବରେ ଭୌତିକ ଜଗତ ମଧ୍ୟକୁ ବ୍ୟାପ୍ତ ହୋଇ ଯାଇଥାନ୍ତି, ମାତ୍ର ସେହି ପ୍ରାଣିକ ଜଗତରେହିଁ ସେମାନଙ୍କର ପ୍ରକୃତ ଆସ୍ଥାନଟି ରହିଥାଏ ଏବଂ କେବଳ ନୂତନ ଭାବରେ ଦୀକ୍ଷିତ ହୋଇଥିବା ପ୍ରାଣିକ ଶକ୍ତିରହିଁ ସେମାନଙ୍କୁ ପରାହତ କରିବାର ଯଥାର୍ଥ ସାମର୍ଥ୍ୟ ରହିଥାଏ । ମାତ୍ର ଏହି ନୂତନ ଭାବରେ ଦୀକ୍ଷିତ ହେବାଟି ହେଉଛି ସବୁଠାରୁ ଅଧିକ କଷ୍ଟକର ।

"ଛଳକପଟ" କାହାକୁ କହନ୍ତି ?

ଛଳକପଟ ? ସେଗୁଡ଼ିକ ଗୋଟିଏ ଗୋଟିଏ କୌଶଳ । ଏହି କୌଶଳ କାହାକୁ କହନ୍ତି ଜାଣିଛ ?—ହଁ, ଛଳକପଟ ହେଉଛି ଠକିଦେବାର ଏକ ଉପାୟ, ଠକିବା ଲାଗି ପ୍ରୟୋଗ କରାଯାଉଥିବା ନାନା ଉପାୟ । ଜଣେ ବ୍ୟକ୍ତି ଯାହା କରିବାକୁ ଯାଉଛି, ଅନ୍ୟମାନଙ୍କୁ ଠକିବା ଉଦ୍ଦେଶ୍ୟରେ ସେଗୁଡ଼ିକୁ ସିଏ ଅନ୍ୟାନ୍ୟ ନାନା ବାହ୍ୟ ଆକୃତି ଭିତରେ ଘୋଡ଼ାଇ ରଖେ, ଲୁଚାଇ ରଖିବାକୁ ଚେଷ୍ଟା କରେ । ଛଳକପଟ ତାହାକୁହିଁ କୁହାଯାଏ ।

ଆଉ "ଅପରିବର୍ତ୍ତନୀୟ ରୂପାନ୍ତର ?"

ଅପରିବର୍ତ୍ତନୀୟ — ଅର୍ଥାତ୍ ଏପରି ଏକ ରୂପାନ୍ତର, ଯାହାପରେ କି ଆଉ ମୋଟେ ପଛକୁ ଫେରିହେବ ନାହିଁ । ଯେଉଁ ରୂପାନ୍ତର ଥରେ ସମ୍ଭବ ହେଲେ ସବୁଦିନକୁ ସ୍ଥାୟୀ ହୋଇ ରହେ ।

ମାଆ, ଏଠାରେ ଲେଖା ହୋଇଛି : "ଏତିକି ଆଦୌ ଯଥେଷ୍ଟ ନୁହେଁ ଯେ, ଚୈତ୍ୟ ଅନୁସ୍ପନ୍ଦନ ଜଣାଇବ, ଉଚ୍ଚତର ମନ ସ୍ୱୀକାର କରିନେବ, ବା ଏପରିକି ନିମ୍ନତର* ପ୍ରାଣିକ ମଧ୍ୟ ବଶ୍ୟତା ସ୍ୱୀକାର

*ଏଠାରେ ଶ୍ରୀଅରବିନ୍ଦ ପ୍ରକୃତରେ "ଅନ୍ତର୍ଗତ" ଶବ୍ଦ ବ୍ୟବହାର କରିଛନ୍ତି । ଫରାସୀ ଅନୁବାଦରେ ଏହି ଶବ୍ଦର ଅନୁବାଦଟି Intèrieurରୁ ଭୁଲ୍‌କ୍ରମେ Inférieur ହୋଇ ଛପା

'oaob.nitrkl.ac.in' images reprocessed

କରିବ ଓ ଅନ୍ତର୍ଗତ ଭୌତିକ ଚେତନା ସେହି ପ୍ରଭାବଟିକୁ ଅନୁଭବ କରି ପାରୁଥିବ ।" ଏହାର କ'ଣ ଏପରି ଅର୍ଥ ହେବ ଯେ, ଉଚ୍ଚତର ପ୍ରାଣିକ ବୋଲି ମଧ୍ୟ ଏକ ସୋପାନ ରହିଛି ?

ହଁ, ଉଚ୍ଚତର ପ୍ରାଣିକ ପକ୍ଷରେ ଏହି ସମର୍ପଣ ସାଧାରଣତଃ କମ୍ କଷ୍ଟକର ହୋଇଥାଏ। କାରଣ ତାହା ମନର ପ୍ରଭାବମଣ୍ଡଳଟି ମଧ୍ୟରେ ରହିଥାଏ ଏବଂ ବେଳେବେଳେ ଚୈତ୍ୟର ପ୍ରଭାବ ମଧ୍ୟ ତାକୁ ସ୍ପର୍ଶ କରିପାରୁଥାଏ। ତେଣୁ ତାହା ଅପେକ୍ଷାକୃତ ଅଧିକ ସହଜରେ ସବୁ ବୁଝିପାରେ। ନିମ୍ନତର ପ୍ରାଣିକ ଅପେକ୍ଷା ଏଇଟିକୁ ନୂତନ ଭାବରେ ଦୀକ୍ଷିତ କରାଇନେବା ଅନେକ ଅଧିକ ସହଜ ହୋଇଥାଏ, — ନିମ୍ନତର ପ୍ରାଣିକକୁ ଆମେ ମୂଳତଃ ବାସନା ଓ ପ୍ରବଳ ଆବେଗ-ଗୁଡ଼ିକୁ ନେଇ ଗଠିତ ହୋଇଥିବା ପ୍ରାଣିକ ବୋଲି କହିପାରିବା। ତେଣୁ, ଶ୍ରୀଅରବିନ୍ଦ କହୁଛନ୍ତି ଯେ ନିମ୍ନତର ପ୍ରାଣିକ ହୁଏତ ବଶ୍ୟତା ସ୍ୱୀକାର କରିପାରେ, ଅର୍ଥାତ୍ କଥା ମାନିବାକୁ ରାଜି ହୋଇଯାଏ, ତାକୁ ଯାହାସବୁ କୁହାଯିବ, ତାହା କରିବାକୁ ରାଜି ହୋଇଯାଏ; ମାତ୍ର ତାହା ତଥାପି ତୃପ୍ତ ହୋଇ ନ ଥାଏ। ଏହା ଆଦୌ ଖୁସି ନ ଥାଏ; ବେଳେବେଳେ ସିଏ ଦୁଃଖ ବି ପାଏ; ଆନୁଗତ୍ୟକୁ ମାନି ନେଇ ତାହା ଆପଣାର ବିଦ୍ରୋହକୁ ଆପଣା ଭିତରକୁ ଟାଣି କରି ନେଇଯାଏ ସତ, ମାତ୍ର ସିଏ ତଥାପି ସହଯୋଗ କରେ ନାହିଁ। ଏବଂ, ପ୍ରାଣିକ ଯଥାର୍ଥ ଶ୍ରଦ୍ଧାର ସହିତ ଖୁସୀ ହୋଇ ସହଯୋଗ ନ କରିଥିବା ପର୍ଯ୍ୟନ୍ତ ଆଦୌ କିଛୁ କରିବା ସମ୍ଭବ ହୁଏ ନାହିଁ। ରୂପାନ୍ତର ବି ସମ୍ଭବ ହୁଏ ନାହିଁ।

ମାଆ, ଏଠାରେ ଲେଖା ହୋଇଛି···

ରହ, ଅପେକ୍ଷା କର, ତୁମର ପାଳି ପରେ ଆସିବ !

ଏଠାରେ ଏକ ଭୁଲ୍ ରହିଯାଇଛି। ଫରାସୀରେ "ନିମ୍ନତର (infèrieur) ପ୍ରାଣିକ" ଅଛି, ମାତ୍ର ଇଂରାଜୀରେ "ଅନ୍ତର୍ଗତ (inner)" ପ୍ରାଣିକ ବୋଲି ରହିଛି।

ଅନ୍ତର୍ଗତ ? ଅନ୍ତର୍ଗତ ପ୍ରାଣିକ ? ମାତ୍ର ଏଠାରେ ସେହି ଭୁଲ୍‌ଟିକୁ ଅତ୍ୟନ୍ତ ଯତ୍ନ ସହକାରେ ଉଦ୍ଧାର ଦିଆଯାଇଛି। ଏଇଟି ଆମ ସଂସ୍କରଣ। (ମାଆ ଅଗ୍ରମ

ହୋଇଥିଲେ। ଏହି ଦ୍ୱିତୀୟ ଶବ୍ଦଟିର ଅର୍ଥ ହେଉଛି "ନିମ୍ନତର"। ଛପାରେ ଭୁଲ୍ ହୋଇଯାଇଥିବାରୁ ଏପରି ହେଲା।

'oaob.nitrkl.ac.in' images reprocessed

ପ୍ରେସରେ ଛପା ହୋଇଥିବା ବହିଟିକୁ ଦେଖାଇଲେ) । ବିଲ୍‌କୁଲ୍ ଠିକ୍ କଥା ! ହଁ, "ଅନ୍ତର୍ଗତ"ହିଁ ଠିକ୍ ହେବ । ଅନ୍ତର୍ଗତ ପ୍ରାଣିକ । ହଁ, ଏଠାରେ "ଅନ୍ତର୍ଗତ"ହିଁ ଠିକ୍ ହେବ, "ଅନ୍ତର୍ଗତ ଭୌତିକ" ଯେମିତି, ସେମିତି "ଅନ୍ତର୍ଗତ ପ୍ରାଣିକ" ବି ହେବ । (ସବୁଯାକ ସଂସ୍କରଣରେ ଏହିପରି ଭୁଲ୍ ହୋଇଛି କି ନାହିଁ ବୋଲି ପଚାରି ପଚାରିଲେ) ସବୁଯାକ ସଂସ୍କରଣରେ intèrieur ଜାଗାରେ infèrieur ହୋଇଛି ବୋଲି ମନେ ହେଉଛି । ମାତ୍ର ଏଇଟି ହେଉଛି ଆମ ସଂସ୍କରଣ, ଆମର ଏଇଟିକୁ ସଂଶୋଧନ କରିଦେବା ଅବଶ୍ୟ ଉଚିତ ଥିଲା । ଏଇଟି ହେଉଛି ଫ୍ରାନ୍‌ସରେ ଛପା ହୋଇଥିବା ସର୍ବପ୍ରଥମ ସଂସ୍କରଣ* । ଏଇଟି ନୁହେଁ, ଏଇଟି, ଏହି ଗ୍ରନ୍ଥଟିହିଁ ଫ୍ରାନ୍‌ସରେ ଛପା ହୋଇଥିଲା । ଅବଶ୍ୟ ଦୁଇଟିଯାକ ଅକ୍ଷରର ପରସ୍ପର ସହିତ ଅନେକ ସାମଞ୍ଜସ୍ୟ ରହିଛି, ନୁହେଁ ? ଇଂରାଜୀରେ t ଆଉ f ପ୍ରାୟ ଏକାପରି ଦିଶନ୍ତି ।

(ଠିକ୍ ବର୍ତ୍ତମାନ କଥା କହୁଥିବା ପିଲାଟିକୁ ଉଦ୍ଦେଶ୍ୟ କରି) ତେବେ ତୁମେ ଭାବୁଛ ଯେ ଆଉ ପ୍ରଶ୍ନଟିକୁ କରିବା ଆବଶ୍ୟକ ହେବ ନାହିଁ ? (ସମସ୍ତେ ହସିଲେ)

(ଆଉଜଣେ ପିଲାକୁ) ତୁମର କିଛି ପଚାରିବାକୁ ନାହିଁ ? କିଛି ନାହିଁ । ତେବେ ପୁଣି ଆର ସପ୍ତାହକୁ ରହିଲା । ଆଜି ମୁଁ କିଛି କହିବି ନାହିଁ, କାରଣ ତୁମକୁ ଆଗରୁ ସମ୍ବାଦ ଦିଆଯାଇ ନାହିଁ । ଆଗରୁ ମୋତେ ଯଥେଷ୍ଟ ସମୟ ମିଳି ନାହିଁ ।

(ଆଉଜଣେ ପିଲାକୁ) ଆଉ ତୁମେ ? ଆଉ ତୁମକୁ କିଛି ପଚାରିବା'କୁ ନାହିଁ ?

(ଆଉଜଣକୁ) ଆଉ ତୁମର ?

> ମୁଁ ଏଠି ଏହି କଥାଟିକୁ ବୁଝିପାରୁ ନାହିଁ : "କାରଣ ଯଦି ଏହା (ପରମ କରୁଣା) ମିଥ୍ୟାର ଦାବିଗୁଡ଼ିକ ସମ୍ମୁଖରେ ବଶ୍ୟତା ସ୍ୱୀକାର କରି ନେଉଥାନ୍ତା, ତେବେ ତାହାର ଅସଲ ଉଦ୍ଦେଶ୍ୟଟିହିଁ ପ୍ରତିହତ ହୋଇଯାଆନ୍ତା ।" ଏହି ଅସଲ ଉଦ୍ଦେଶ୍ୟଟି ପ୍ରତିହତ ହେବାର ଅର୍ଥ କ'ଣ ?

ହଁ, ଏହାର ଅର୍ଥ ହେଉଛି ଯେ ତାହା ଆପଣା କାର୍ଯ୍ୟଟିରହିଁ ବିରୁଦ୍ଧରେ ଯିବ, ନିଜ କାର୍ଯ୍ୟଟିର ବିରୋଧ କରିବ । ପରମ କରୁଣାର ଆଗମନ ଘଟିଛି; ଏବଂ

*Sri Aurobindo : *La Mère*. Les grands Maîtres spirituels dans l'Inde contemporaine, Lyon : E'ditions Derain, 1945.

'oaob.nitrkl.ac.in' images reprocessed

ତାହା ସତ୍ୟର ଉପଲବ୍ଧି ପାଇଁ କାର୍ଯ୍ୟ କରୁଛ । ମାତ୍ର ଯଦି ତାହା ମିଥ୍ୟା ତା'ଉପରେ ଆଣି ଲଦି ଦେଉଥିବା ସର୍ତ୍ତଗୁଡ଼ିକୁ ସ୍ୱୀକାର କରିନେବ, ତେବେ ସିଏ ଆଉ କିଛିହେଲେ କରିପାରିବ ନାହିଁ । ଏବିଷୟରେ ମୁଁ ତୁମମାନଙ୍କୁ ଅଗଣିତ କେତେ ନା କେତେ ଉଦାହରଣ ଦେଇପାରିବି । ଏପରି ଅନେକ ବ୍ୟକ୍ତିଙ୍କର ଉଦାହରଣ ଦେଇପାରିବି, ଯେଉଁମାନେ ଦାବି କରୁଥାନ୍ତି ଯେ ସେମାନଙ୍କ ଦୃଷ୍ଟିରୁ ଯାବତୀୟ ଘଟନାକୁ ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ଭାବରେ ଘଟିବାକୁ ପଡ଼ିବ । ସେମାନେ ପ୍ରାର୍ଥନା କରୁଥାନ୍ତି ଓ ବେଳେବେଳେ ଦାବି ମଧ୍ୟ କରୁଥାନ୍ତି ଯେ ସବୁକଥା ଠିକ୍ ସେହିପରିହିଁ ହେବ; ଏବଂ ସେମାନେ ଯେଉଁଥିଲାଗି ପ୍ରାର୍ଥନା କରୁଥାନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ସତ୍ୟର ବିରୋଧୀ ହୋଇ ରହିଥାଏ । ଏବଂ ଯଦି ପରମକରୁଣା ସେମାନଙ୍କର ଦାବିଟିକୁ ପ୍ରକୃତରେ ମାନି ନେଉଥାନ୍ତି, ତେବେ ତଦ୍ୱାରା ତାହା ଆପଣା ଉଦ୍ଦେଶ୍ୟଟିରହିଁ ବିରୁଦ୍ଧରେ ଯାଆନ୍ତି, ଆପଣା ଉଦ୍ଦେଶ୍ୟଗୁଡ଼ିକୁ ପ୍ରତିହତ କରିଦିଅନ୍ତି, ଅର୍ଥାତ୍ ତାହା ଆପଣା କାର୍ଯ୍ୟ ଏବଂ ଆପଣା ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରନ୍ତି । ପରମ କରୁଣା ସତ୍ୟର ଉପଲବ୍ଧି ଲାଗି ଏହି ଜଗତକୁ ଆସିଛି; ମାତ୍ର ଯଦି ତାହା ମିଥ୍ୟାର ବୋଲ ମାନିବାକୁ ଆରମ୍ଭ କରିବ, ତେବେ ତଦ୍ୱାରା ତାହା ସେହି ସତ୍ୟକୁ ଅସ୍ୱୀକାରହିଁ କଲାପରି ହେବ । ଏବଂ ଲୋକମାନେ ସର୍ବଦା ପରଦାଟାକୁ ନେଇ ଆଗରେ ରଖିବାକୁ ଇଚ୍ଛା କରିଥାନ୍ତି, ଅଧିକାଂଶ ସମୟରେ ଅଜ୍ଞାନତା ଓ ନିର୍ବୋଧତା ହେତୁ ସେମାନେ ଏପରି କରନ୍ତି; ମାତ୍ର ବେଳେବେଳେ ଆପଣାର ଅସଦିଚ୍ଛା ଦ୍ୱାରା ପରିଚାଳିତ ହୋଇ ସେମାନେ ଆପଣା ସର୍ତ୍ତଗୁଡ଼ାକରହିଁ ପରିପୂରଣ ହେଉ ବୋଲି ଜିଦ୍ କରିବାରେ ଲାଗିଥାନ୍ତି, ଆପଣାର ସମର୍ପଣ ବଦଳରେ ସେମାନେ ସହିଦା କରି ବାହାରିଥାନ୍ତି ଏବଂ ସେମାନେ ତାହାହିଁ କରନ୍ତି । ···ହଁ, ଅନେକେ ଅଚେତନ ଭାବରେ ଏହା କରନ୍ତି; ମୁଁ ଯେପରି କହିଲି, ଅଜ୍ଞାନତା ଏବଂ ନିର୍ବୋଧତା ହେତୁ କରନ୍ତି । ଆଉ କେତେକ ଲୋକ ଅଛନ୍ତି, ଯେଉଁମାନେ କି ତାହା ସଚେତନ ଭାବରେ ବି କରିଥାନ୍ତି ଏବଂ ତେଣୁ ସେମାନେ ଆପଣା ସର୍ତ୍ତଗୁଡ଼ିକର ପୂରଣ ହେଉ ବୋଲି ଇଚ୍ଛା କରୁଥାନ୍ତି । ସେମାନେ "ଯଦି ଏପରି ହୁଏ ଓ ସେପରି ହୁଏ" ବୋଲି କହୁଥାନ୍ତି । ଏବଂ ପରିଶେଷରେ ସେମାନେ ଦିବ୍ୟ ପରମସତ୍ତାଙ୍କୁ ମଧ୍ୟ ଏହିପରି କହିଥାନ୍ତି, "ଯଦି ଆପଣ ଏପରି ହେବେ ବା ସେପରି ହେବେ, ଯଦି ଆପଣ ମୋର ସର୍ତ୍ତଗୁଡ଼ିକୁ ପୂରଣ କରିଦେବେ, ତେବେ ମୁଁ ଅବଶ୍ୟ ଆପଣଙ୍କର ବୋଲ ମାନିବି !" ଅବଶ୍ୟ ଠିକ୍ ଏହିପରି ଭାବରେ ସେମାନେ କଥାଟିକୁ କଦାପି କହନ୍ତି ନାହିଁ, କାରଣ ସେପରି କ୍ଷେତ୍ରରେ ତାହା ଅତ୍ୟନ୍ତ ହାସ୍ୟାସ୍ପଦ କଥା ହେଉଥାନ୍ତା, ମାତ୍ର ପ୍ରାୟ ସତତ ସେମାନେ ଠିକ୍ ତାହାହିଁ କରୁଥାନ୍ତି । ସେମାନେ କହୁଥାନ୍ତି, "ହଁ, ଦିବ୍ୟ ପରମସତ୍ତା ଠିକ୍ ଏହିପରି । ଦିବ୍ୟ ପରମସତ୍ତା ଏହି କାର୍ଯ୍ୟଟିକୁ କରନ୍ତି ।

'oaob.nitrkl.ac.in' images reprocessed

ଭଦବ୍ୟ ପରମସତ୍ତାଙ୍କୁ ଏହିପରି ଭାବରେହିଁ ଆପଣାର ଅନୁମୋଦନ ଜଣାଇବାକୁ ପଡ଼ିବ ।" ସେମାନେ ଏହିପରି କହିବାରେ ଲାଗିଥାନ୍ତି, ଏବଂ ସେମାନେ ମୋଟେ ସଜ୍ଞାନ ରହିପାରନ୍ତି ନାହିଁ ଯେ ଏହାଦ୍ୱାରା ସେମାନେ ଭଦବ୍ୟ ପରମସତ୍ତାଙ୍କର କ'ଣ ହେବା ଉଚିତ ଓ କ'ଣ କରିବା ଅନୁଚିତ, ସେହି ବିଷୟରେ କେବଳ ଆପଣାର ଧାରଣାଗୁଡ଼ାକୁ ଓ ବାସନାଗୁଡ଼ାକୁ ତାଙ୍କ ଉପରେ ନେଇ ଲଦିଦେବାରେ ଲାଗିଥାନ୍ତି । ଏବଂ ସେଥିସକାଶେ, ସେମାନେ ଯାହା ଇଚ୍ଛା କରୁଥାନ୍ତି, ଯେତେ-ବେଳେ ଭଦବ୍ୟ ପରମସତ୍ତା ସେକଥା କରନ୍ତି ନାହିଁ ବା ସେମାନେ ଲଦି ଦେଉଥିବା ସର୍ତ୍ତଗୁଡ଼ିକୁ ଆଦୌ ପୂରଣ କରନ୍ତି ନାହିଁ, ସେମାନେ ସେତେବେଳେ କହନ୍ତି, "ତେବେ ଆପଣ ମୋଟେ ଭଦବ୍ୟ ପରମସତ୍ତା ନୁହନ୍ତି ।" (ସମସ୍ତେ ହସିଲେ) କଥାଟା ପ୍ରକୃତରେ ଖୁବ ସହଜ । "ମୁଁ ଯେଉଁ ସର୍ତ୍ତଗୁଡ଼ାକୁ ନେଇ ଲଦି ଦେଉଛୁ, ଆପଣ ସେଗୁଡ଼ିକୁ ପୂରଣ କରୁ ନାହାନ୍ତି । ତେଣୁ ଆପଣ କଦାପି ଭଦବ୍ୟ ପରମସତ୍ତା ନୁହନ୍ତି !" ମାତ୍ର ସେମାନେ ସତତ ଏହିପରି କରିବାରେ ଲାଗିଥାନ୍ତି । ତେଣୁ, ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଏହି ବ୍ୟକ୍ତିମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ଯଦି ଭଦବ୍ୟ ପରମକରୁଣା ସେମାନଙ୍କର ଦାବିଗୁଡ଼ିକ ପାଖରେ ମସ୍ତକ ନତ କରନ୍ତା, ତେବେ ତାହା ସମ୍ପୂର୍ଣ୍ଣ ଭାବରେ ଆପଣା ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରନ୍ତା ଏବଂ ଆପଣାର କାର୍ଯ୍ୟଟିରହିଁ ଧ୍ୱଂସ ଘଟନ୍ତା ।

(ଆଉଗୋଟିଏ ପିଲାକୁ) ତୁମର କିଛି ପଚାରିବାକୁ ଅଛି ?

ମୋ' ପାଳି ଆସି ନାହିଁ । (ସମସ୍ତେ ହସିଲେ)

ବାଃ, ତେବେ ଖୁବ ସହଜ କଥା ! (ମାଆ ହସି କହିଲେ) ତେବେ ବର୍ତ୍ତମାନ କାହା ପାଳି ? ତୁମର ? ତୁମେ କିଛି ପଚାରିବ ?

ଏଠାରେ ଲେଖା ହୋଇଛି : "...ଊର୍ଦ୍ଧ୍ୱରୁ ଅବତରଣ କରୁଥିବା ଏବଂ ନିମ୍ନରୁ ଆପଣାକୁ ଉନ୍ମୋଚିତ କରି ଦେଉଥିବା କେବଳ ଏହି ସର୍ବୋଚ୍ଚ ଅତିମାନସ ଶକ୍ତିହିଁ ବିଜୟୀ ଭାବରେ ଭୌତିକ ପ୍ରକୃତିକୁ ନେଇ କାର୍ଯ୍ୟ କରିପାରିବ ଏବଂ ତାହାର ଅସୁବିଧାଗୁଡ଼ିକୁ ବିନାଶ କରିଦେଇ ପାରିବ ।" ମୁଁ ଶେଷ ଅଂଶଟିକୁ ବୁଝିପାରୁ ନାହିଁ ।

ଠିକ୍ କେଉଁ ଶବ୍ଦଗୁଡ଼ିକୁ ବୁଝିପାରୁ ନାହଁ ?

"ଏବଂ ନିମ୍ନରୁ ଆପଣାକୁ ଉନ୍ମୋଚିତ କରି ଦେଉଥିବା ଏହି ଶକ୍ତି ବିଜୟୀ ଭାବରେ ଭୌତିକ ପ୍ରକୃତିକୁ ନେଇ କାର୍ଯ୍ୟ କରିପାରିବ ।"

'oaob.nitrkl.ac.in' images reprocessed

ବିଜୟୀ ଭାବରେ କାର୍ଯ୍ୟ କରି ପାରିବ !···ତୁମେ ଏହି କଥାଟିର ଅର୍ଥ ବୁଝିପାରୁ ନାହିଁ ? (ପବିତ୍ର ବାକ୍ୟଟିକୁ ଆଉଥରେ ପଢ଼ିଲେ । ପ୍ରଥମ ଥର ତାହାର ଉଚ୍ଚାରଣଗୁଡ଼ିକ ଠିକ୍ ହୋଇ ନ ଥିଲା) ନିମ୍ନରୁ ଆପଣାକୁ ଉନ୍ମୋଚିତ କରି ଦେଉଥିବା—ଅର୍ଥାତ୍, ଊର୍ଦ୍ଧ୍ୱରୁ ଆସୁଥିବା ଗୋଟିଏ ବସ୍ତୁ, ଯାହାକି ଆପଣାକୁ ନିମ୍ନରୁ ଊର୍ଦ୍ଧ୍ୱଆଡ଼କୁ ଧାବିତ କରି ନେଉଛୁ, ଆପଣାର କଥାଟିକୁ କାଟିକାଟି ଚାଲିଯାଉଛୁ, ଏକ ପ୍ରକାର ରାସ୍ତା ତିଆରି କରି ନେଉଛୁ । ଯତେଯେପରି ଜଣେ ବ୍ୟକ୍ତି ଘୋର ଅରଣ୍ୟ ଭିତରେ ପ୍ରବେଶ କରି ଗଛମାନଙ୍କୁ କାଟି ମାର୍ଗଟିଏ ଉନ୍ମୋଚିତ କରି ଆଣୁଛି ! ହଁ, ଏକଥାଟି ମଧ୍ୟ ଠିକ୍ ସେହିପରି,—ଜଡ଼ର ଏହି ନିମ୍ନତର ସ୍ତରଗୁଡ଼ିକରେ ଏକ ପ୍ରତିରୋଧ ରହିଥାଏ; ଏବଂ, ଊର୍ଦ୍ଧ୍ୱରୁ ପଡ଼ୁଥିବା ଚାପଟି ଫଳରେ ଏହା ମାର୍ଗଟିକୁ ଉନ୍ମୋଚିତ କରି ଆଣେ ଏବଂ ସେହି ପ୍ରତିରୋଧ ମଧ୍ୟରେହିଁ ଗୋଟିଏ ବାଟ ଫିଟାଇଦିଏ । ଏବଂ, ତା'ପରେ ଯାହାସବୁ କୁହାଯାଇଛି, ତୁମେ ସେକଥା ବୁଝିପାରୁଛ ତ ?

ନା । "ବିଜୟୀ ଭାବରେ କାର୍ଯ୍ୟ କରି ପାରିବ ।"

"କାର୍ଯ୍ୟ କରିପାରିବ", ଅର୍ଥାତ୍···କାର୍ଯ୍ୟକାରୀ ହୋଇପାରିବ । ଅର୍ଥାତ୍, ଯାହାକି ଭୌତିକ ଜଗତରେ ରହିଥିବା ଯାବତୀୟ ପ୍ରତିରୋଧର ସମ୍ମୁଖୀନ ହୋଇ ପାରିବ । କେବଳ ସେହି ଉଚ୍ଚତମଶକ୍ତିହିଁ ଜଡ଼ସ୍ତରରେ ଥିବା ଅସୁବିଧାଗୁଡ଼ିକୁ ଅତିକ୍ରମ କରିଯାଇ ପାରିବ । ତାହାର ଏହି ଅର୍ଥ ହେବ । କେବଳ ସେହି ଉଚ୍ଚତମ ଶକ୍ତି, ସେହି ସର୍ବୋଚ୍ଚ ଅତିମାନସ ଶକ୍ତି ଦ୍ୱାରା ଭୌତିକ ଜଗତର ଯାବତୀୟ ପ୍ରତିରୋଧ ଓ ଅସୁବିଧାକୁ ଅତିକ୍ରମ କରିବା ସମ୍ଭବ ହେବ । ବର୍ତ୍ତମାନ ବୁଝିଲ ?

ହଁ ।

(ଆଉଗୋଟିଏ ପିଲାକୁ) କିଛି ପଚାରିବାକୁ ନାହିଁ ?

(ଆଉଜଣକୁ) ତୁମର ?

ମାଆ, କୁହାଯାଇଛି : "ତୁମକୁ ଏହି ଭୁଲ୍ ଧାରଣାଟିକୁ ପରିତ୍ୟାଗ କରିବାକୁ ହେବ ଯେ, ଦିବ୍ୟ ପରମ ସାମର୍ଥ୍ୟ ତୁମ ଲାଗି ସବୁକିଛି କରିଦେବ ଏବଂ ସବୁକିଛି କରିଦେବାକୁ ବାଧ୍ୟ ହେବ; ତୁମର ଦାବି ଅନୁସାରେ ତାହା ସବୁକିଛି କରିଦେବ । ଏପରିକି, ସର୍ବୋଚ୍ଚ ପରମସତ୍ତା ଏଥିଲାଗି ରଖିଥିବା ସର୍ତ୍ତଗୁଡ଼ିକୁ ତୁମେ ପୂରଣ ନ କଲେ ମଧ୍ୟ ତାହା ତୁମ ଲାଗି ସବୁ କରିଦେବ ।" ତା'ହେଲେ ···

'oaob.nitrkl.ac.in' images reprocessed

ମାତ୍ର, ତୁମେ ତ ଜାଣିଛ, ଅନେକ ଲୋକଙ୍କୁ ଏପରି ବି କୁହା ହୋଇଥାଏ, "ତୁମକୁ ସମର୍ପଣ କରିବାକୁ ହେବ।" ତା'ପରେ ସେମାନେ ଉତ୍ତର ଦେଇ କହନ୍ତି, "ତେବେ ଆପଣ ମୋର ସମର୍ପଣ ସମ୍ଭବ କରାଇ ଦିଅନ୍ତୁ !" ଏପରି କହିବା ଖୁବ୍ ସହଜ।

ଯେତେବେଳେ ଜଣେ ବ୍ୟକ୍ତି କାହିଁକି ଅଗ୍ରଗତି କରିବା ପାଇଁ ଇଚ୍ଛା କରୁଥାଏ ···

ହଁ !

ଯେତେବେଳେ ସିଏ କେତେ ଚେଷ୍ଟା କରେ, ମାତ୍ର ଦେଖିଥାଏ ଯେ ତା'ଭିତରେ ଏପରି କିଛି ରହିଛି, ଯାହାକି ମୋଟେ ଆଗକୁ ଯିବାକୁ ଚାହୁଁ ନାହିଁ, ଆଦୌ କୌଣସି ଅଗ୍ରଗତି କରିବାକୁ ଇଚ୍ଛା କରୁ ନାହିଁ।

ହଁ, ଅଗ୍ରଗତି କରିବାକୁ।

ଯେତେବେଳେ ଯଦି ଦିବ୍ୟ ପରମସତ୍ତାଙ୍କୁ ଡାକି ଅନୁରୋଧ କରାଯାଏ···

ସାହାଯ୍ୟ କରିବାକୁ ?

ହଁ।

ତାହା ଏକ ସମ୍ପୂର୍ଣ୍ଣ ଭିନ୍ନ କଥା। ସାହାଯ୍ୟ କରିବାକୁ ? ସେକଥା ବେଶ୍ ଠିକ୍ ହେଉଛି। ସିଏ ତ ସାହାଯ୍ୟ କରିବାକୁ ସଦା ବିଦ୍ୟମାନ ଅଛନ୍ତି। ମାତ୍ର ଏଠାରେ ଯାହା କୁହାଯାଇଛି, ସେକଥା ହେଉଛି ଯେ, ଆମେ ଅଳସୁଆ ହୋଇ ବସିଥିବା, କିଛି କରିବା ନାହିଁ, ଏତେ ଟିକିଏ ଚେଷ୍ଟା ମଧ୍ୟ କରିବା ନାହିଁ, — ଏପରିକି ଅଭୀପ୍ସା ବି କରିବା ନାହିଁ, କୌଣସି ଇଚ୍ଛା କରିବା ନାହିଁ ଏବଂ ତା' ପରେ କହୁଥିବା, "ଈଶ୍ୱରହିଁ ମୋ' ଲାଗି ଏକଥା କରିଦେବେ; ଦିବ୍ୟ ପରମସତ୍ତା ମୋ' ପାଇଁ ସବୁକିଛି କରିଦେବେ। ଦିବ୍ୟ ପରମ କରୁଣା ମୋତେ ଅଭୀପ୍ସା ପ୍ରଦାନ କରିବେ। ଯଦି ମୋର ଅଭୀପ୍ସା ଆବଶ୍ୟକ ହୁଏ, ତେବେ ସେଇ ଅଭୀପ୍ସା ଆଣି ଦେଇଯିବେ। ଯଦି ସମର୍ପଣ ଦରକାର ହୁଏ, ତେବେ ସିଏ ତାକୁ ମଧ୍ୟ ଆଣିଦେବେ।" ଏହିପରି ଭାବରେ କହିବାରେ ଲାଗିଥିବା। "ମୁଁ ଆଉ କିଛି କରିବି ନାହିଁ, କେବଳ ନିଷ୍କ୍ରିୟ ଭାବରେ ବସି ରହିଥିବି, ମୋଟେ ହଲଚଲ ହେବି ନାହିଁ, ଆଦୌ କିଛିହେଲେ ଇଚ୍ଛା କରିବି ନାହିଁ।" ହଁ, ଏପରି ଲୋକ ଅଛନ୍ତି,

'oaob.nitrkl.ac.in' images reprocessed

ବହୁତ ସଂଖ୍ୟାରେ ଅଛନ୍ତି । ସେମାନଙ୍କୁ "ଅଭୀପ୍ସା କର" ବୋଲି କୁହାଯାଏ । ସେମାନେ "ମୋତେ ଅଭୀପ୍ସା ଆଣି ଦେଇଯାଆନ୍ତୁ" ବୋଲି ଉତ୍ତର ଦିଅନ୍ତି । ସେମାନଙ୍କୁ "ଉଦାର ହୁଅ" ବୋଲି କୁହାଯାଏ, ସେମାନେ "ଆପଣ ମୋତେ ଉଦାର କରନ୍ତୁ, ମୁଁ ଆପଣଙ୍କୁ ସବୁକିଛି ଦେଇଦେବି" ବୋଲି ଉତ୍ତର ଦିଅନ୍ତି । (ସମସ୍ତେ ହସିଲେ)

ତା'ପରେ ? (ଆଉଜଣେ ପିଲାକୁ) ବର୍ତ୍ତମାନ ତୁମେ ପଚାର !

ମୁଁ ଆଗରୁ ମଧ୍ୟ ଏହି ପ୍ରଶ୍ନଟିକୁ ପଚାରିଥିଲି । ମାଆ, ଏଠାରେ ଫରାସୀ ଭାଷାର ସଂସ୍କରଣରେ "ନିମ୍ନରୁ ମାର୍ଗଟିକୁ ଉନ୍ମୋଚିତ କରି ଆଣିବା" ବୋଲି ଲେଖା ହୋଇଛି, ମାତ୍ର ଇଂରାଜୀ ସଂସ୍କରଣରେ "ମାର୍ଗ" ଶବ୍ଦଟି ନାହିଁ ।

ଆଚ୍ଛା, ଇଂରାଜୀ ସଂସ୍କରଣଟି କାହା ପାଖରେ ଅଛି ?

ମୋ' ପାଖରେ ।

ତୁମର ବହିରୁ ସେହି ଇଂରାଜୀ ବାକ୍ୟଟି ପଢ଼ ।

"...ଏବଂ, ଊର୍ଦ୍ଧ୍ୱରୁ ଅବତରଣ କରି ଆସୁଥିବା ଏବଂ ନିମ୍ନରୁ ଉନ୍ମୋଚିତ ହେଉଥିବା କେବଳ ସେହି ଅତିମାନସ ପରମଶକ୍ତିହିଁ ବିଜୟୀ ଭାବରେ ଭୌତିକ ପ୍ରକୃତିକୁ ନେଇ କାର୍ଯ୍ୟ କରିପାରିବ ଓ ଏହାର ଅସୁବିଧାଗୁଡ଼ିକୁ ବିନାଶ କରିଦେବ ।"

ନିମ୍ନରୁ ଉନ୍ମୋଚିତ ହେଉଥିବା ? (ମାଆ ଦୀର୍ଘକାଳ ନୀରବ ରହିଲେ)

ଏହାର ଏପରି ଅର୍ଥ ହୋଇପାରେ ଯେ, ଜଡ଼ର ହୃଦୟ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଶକ୍ତିଟିକୁ ଆପଣାକୁ ପ୍ରକାଶିତ କରିବା ଲାଗି ଅବସର ପ୍ରଦାନ କରିବା । ଯେଉଁ ଅତିମାନସ ପରମ ଉପସ୍ଥିତି ସକଳ ବସ୍ତୁର କେନ୍ଦ୍ରରେ ବିଦ୍ୟମାନ ରହିଛି, ମାତ୍ର ପ୍ରଚ୍ଛନ୍ନ ହୋଇ ରହିଛି ଓ ଆପଣାକୁ ପ୍ରକାଶିତ କରି ଆଣିପାରୁ ନାହିଁ, ଏଠାରେ ତାହାର ଏକ ଧାରଣା ଦିଆଯାଇଛି । ଏବଂ, ତାହାହିଁ ଊର୍ଦ୍ଧ୍ୱରୁ ଆସୁଥିବା ଶକ୍ତି ଦ୍ୱାରା ଷତେଥିବା ଜାଗ୍ରତ ହୋଇ ଉଠିବ ଏବଂ ଆପଣାକୁ ପ୍ରକାଶିତ କରିଦେବ ।

ଏହାର ଏପରି ଅର୍ଥ ହୋଇପାରିବ, ଅର୍ଥାତ୍, ଏହା ସମ୍ଭବତଃ ଏହି ସତ୍ୟଟିକୁ ବ୍ୟକ୍ତ କରିବାକୁ ଚାହୁଁଥିବ ଯେ, ଠିକ୍ ଗୋଟିଏ ବୃତ୍ତରେ ଯେଉଁଭଳି

'oaob.nitrkl.ac.in' images reprocessed

ହୁଏ, ଦୁଇଟିଯାକ ପ୍ରାନ୍ତ ଆସି ପରସ୍ପର ସହିତ ମିଳିତ ହୋଇଯିବେ, ଆରମ୍ଭଟି ଯାଇ ଶେଷ ସହିତ ସମ୍ମିଳିତ ହୋଇଯିବ । ଏହାର ଏପରି ଏକ ଅର୍ଥ କହାଇପାରେ ।

ପବିତ୍ର : ମାଆ, ଫରାସୀରେ,—ଫରାସୀ ଅନୁବାଦରେ ତାହାହିଁ ଅର୍ଥ ହେବ ।

ଅବଶ୍ୟ ସେହି ଅର୍ଥ ହେବ । କେବଳ ଏତିକି କଥା ଯେ, ଠିକ୍ ଏହିସବୁ ଶବ୍ଦର ପ୍ରୟୋଗ କରି ସେଠାରେ ସେହି କଥାଟିକୁ କୁହା ହୋଇ ନାହିଁ । ବସ୍ତୁତଃ, ଅର୍ଥଟି ହେଉଛି, ଏହାକୁ ଏପରି କିଂବା ଅନ୍ୟକୌଣସି ପରି କୁହାଯାଇଥାଉ ପଛକେ, ଅର୍ଥ ହେଉଛି ଯେ, ଦୁଇଟିଯାକ ପ୍ରାନ୍ତ ଆସି ପରସ୍ପର ସହିତ ମିଳିତ ହୋଇଯିବେ, ସଂଯୁକ୍ତ ହେବେ;—ଜଡ଼ ମଧ୍ୟରେ ଯେଉଁ ସର୍ବୋଚ୍ଚ ସତ୍ତା ରହିଛି ଏବଂ ଜଡ଼ ବାହାରେ ଯେଉଁ ସର୍ବୋଚ୍ଚ ସତ୍ତା ରହିଛି,—ଦୁହେଁ ସମ୍ମିଳିତ ହେବେ ଏବଂ ସଂଯୁକ୍ତ ହୋଇଯିବେ । ଏହାହିଁ ହେଉଛି ତାହାର ଅର୍ଥ । ଉଭୟ କ୍ଷେତ୍ରରେ ଏହି ଗୋଟିଏ ଅର୍ଥ ପ୍ରକାଶ ପାଉଛି ।

ମାଆ, "ଜଡ଼ବତ୍ ନିଷ୍କ୍ରିୟତା"ର ଅର୍ଥ କ'ଣ ?

ଜଡ଼ବତ୍ ନିଷ୍କ୍ରିୟତା ? ଏହାର ଅର୍ଥ ହେଉଛି···ସେଦିନ ନିଷ୍କ୍ରିୟତା ବିଷୟରେ ଆମର କଥା ପଡ଼ିଥିଲା, ନୁହେଁ ? ନିଷ୍କ୍ରିୟତା ହେଉଛି ଯାହା କ୍ରିୟାଶୀଳ ହୋଇ ରହି ନ ଥାଏ, ଅଚଳ ରହିଥାଏ, କୌଣସି କାର୍ଯ୍ୟ କରେ ନାହିଁ, ସେଥିରେ କୌଣସି ସ୍ପନ୍ଦନ ନ ଥାଏ, ଅନୁସ୍ପନ୍ଦନ ବି ନ ଥାଏ । ଏବଂ ଜଡ଼ବତ୍ ନିଷ୍କ୍ରିୟତାର ମଧ୍ୟ ଠିକ୍ ସେହି ଅର୍ଥ,—ଯାହା ସମ୍ପୂର୍ଣ୍ଣ ଭାବରେ ଅଚେତନ, ଅକ୍ରିୟ, ଯାହା କୌଣସି ଅନୁସ୍ପନ୍ଦନ ବ୍ୟକ୍ତ କରେ ନାହିଁ; ମାତ୍ର ସେଦିନ ଆମେ ଏପରି ଏକ ନିଷ୍କ୍ରିୟତାର ଆଲୋଚନା କରୁଥିଲୁ, ଯାହାକି ଅନୁସ୍ପନ୍ଦନ ଜଣାଏ, ଯାହା ଆପଣାକୁ ଉନ୍ମୋଚିତ କରିଦିଏ ଓ ଗ୍ରହଣଶୀଳ ହୋଇ ରହିଥାଏ ସତ, ମାତ୍ର ତଥାପି ସଚଳ ହୁଏ ନାହିଁ, କୌଣସି କାର୍ଯ୍ୟ କରେ ନାହିଁ, ଯାହାକି·· ଆମେ ଏହି ନିଷ୍କ୍ରିୟତାକୁ କ୍ରିୟାଶୀଳତାର ବିପରୀତ ବୋଲି ଗ୍ରହଣ କରିବା,—ଏହା ଏପରି ଏକ ସ୍ଥିତି, ଯାହାକି କ୍ରିୟା କରେ ନାହିଁ, ମାତ୍ର ଗ୍ରହଣଶୀଳ ହୋଇ ରହିଥାଏ ଏବଂ ଗ୍ରହଣ କରୁଥାଏ ।

ମାତ୍ର ଏକ ଜଡ଼ବତ୍ ନିଷ୍କ୍ରିୟତା ହେଉଛି ଏପରି ଏକ ନିଷ୍କ୍ରିୟତା, ଯାହାକି କିଛି ଗ୍ରହଣ କରେ ନାହିଁ, ଖାଲି ପଥର ପରି ହୋଇ ରହିଥାଏ; ଉଦାହରଣସ୍ୱରୂପ, ପଥର ଭିତରେ ଏକ ଜଡ଼ବତ୍ ନିଷ୍କ୍ରିୟତା ରହିଛି ବୋଲି ଆମେ କହୁ, ନୁହେଁ

'oaob.nitrkl.ac.in' images reprocessed

କି ? ···ମାଟି ବା ବାଲିର କ୍ଷେତ୍ରରେ ମଧ୍ୟ ସେହିପରି । ମାତ୍ର ସେକଥା ସମ୍ପୂର୍ଣ୍ଣ ଭାବରେ ଠିକ୍ ନୁହେଁ, କାରଣ ଏପରି କୌଣସି ବସ୍ତୁ ନାହିଁ, ଯାହାକି ଶକ୍ତିଗୁଡ଼ିକ ଲାଗି ଅନ୍ତତଃ କିଛିଟା ପରିମାଣରେ ଗ୍ରହଣଶୀଳ ହୋଇ ରହି ନ ଥାଏ । କିନ୍ତୁ ତଥାପି, ଆମେ ଅଚେତନ ବୋଲି କହୁଥିବା ଗୋଟିଏ ସ୍ଥିତି ଆଡ଼କୁ ଆମେ ଯେତିକି ଅଧିକ ଅଗ୍ରସର ହେବାରେ ଲାଗିଥାଉ, ତାହା ଯୁଗପତ୍ ଭାବରେ ସେତିକି ଅଧିକ ଜଡ଼ବତ୍ ଓ ସେତିକି ଅଧିକ ନିଷ୍କ୍ରିୟ ହେବାରେ ଲାଗିଥାଏ । ଏଥର ବୁଝିଲ ?

ମାଆ, ଆମେ କିପରି ପ୍ରସନ୍ନତା ସହିତ ସମର୍ପିତ ହୋଇ ରହି ପାରିବା ?

ତେବେ ଏଥିରେ ଆନ୍ତରିକତା ରହିଥିବ । ଯଦି ପ୍ରକୃତ ଆନ୍ତରିକତା ରହିଥିବ, ତେବେ ତାହା ଅବଶ୍ୟ ପ୍ରସନ୍ନ ବି ହୋଇ ପାରିବ । ମାତ୍ର ଯେତେବେଳ ପର୍ଯ୍ୟନ୍ତ ଆନ୍ତରିକତା ନ ଥିବ,—ତୁମେ କଥାଟିକୁ ଅନ୍ୟଆଡ଼ୁ ବି କହି ପାରିବ,—ଯେପର୍ଯ୍ୟନ୍ତ ସେଥିରେ ଏକ ପ୍ରସନ୍ନତା ନ ଥିବ, ସେପର୍ଯ୍ୟନ୍ତ ଯେ ସେଥିରେ ପୂର୍ଣ୍ଣ ଆନ୍ତରିକତା ମଧ୍ୟ କଦାପି ନାହିଁ, ତୁମେ ସେବିଷୟରେ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇପାରିବ । କାରଣ, ସମ୍ପୂର୍ଣ୍ଣ ଆନ୍ତରିକତା ରହିଥିଲେ ସେଥିରେ ସତତ ପ୍ରସନ୍ନତା ମଧ୍ୟ ରହିଥିବ । ଯଦି ପ୍ରସନ୍ନତା ନ ଥାଏ, ତେବେ ତାହାର ଅର୍ଥ ହେବ ଯେ, ସେଥିରେ ଏପରି ଏକ ଉପାଦାନ ରହିଛି, ଯାହାକି ତାକୁ ପଛକୁ ଟାଣି ରଖୁଛି, ଯାହାକି ବସ୍ତୁଗୁଡ଼ିକ ଅନ୍ୟପ୍ରକାରେ ହେଉ ବୋଲି ମନ କରୁଛି, ଯାହାର କି ନିଜର ବୋଲି ଗୋଟିଏ ସ୍ୱତନ୍ତ୍ର ଇଚ୍ଛା ରହିଛି,—ଏକ ସ୍ୱତନ୍ତ୍ର ବାସନା ରହିଛି, ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଛି;—ଏବଂ ଯାହାକି ଆଦୌ ତୃପ୍ତ ହୋଇପାରୁ ନାହିଁ ଏବଂ ତେଣୁ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ ବି କରିପାରୁ ନାହିଁ । ଆପଣାର ସମର୍ପଣରେ ସିଏ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇପାରୁ ନାହିଁ । ମାତ୍ର ସମର୍ପଣରେ ସମ୍ପୂର୍ଣ୍ଣ ନିଷ୍ଠା ରହିଥିଲେ, ଆମେ ସମ୍ପୂର୍ଣ୍ଣ ଭାବରେ ପ୍ରସନ୍ନ ମଧ୍ୟ ରହି ପାରୁଥିବା, ଅତ୍ୟନ୍ତ ସ୍ୱାଭାବିକ ଭାବରେ ପ୍ରସନ୍ନ ରହି ପାରୁଥିବା । ବରଂ ଏପରି କୁହାଯିବ ଯେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକ ଅନିର୍ବଚନୀୟ ପ୍ରସନ୍ନତା ଅନୁଭବ କରି ପାରୁଥିବା । ତେଣୁ, ଏହି ଅନିର୍ବଚନୀୟ ପ୍ରସନ୍ନତା ସମ୍ଭବ ହୋଇ ନ ଥିବା ପର୍ଯ୍ୟନ୍ତ, ଏହା ଏକ ନିଶ୍ଚିତ ସଙ୍କେତ ଦେଇ ଯାଉଥିବ ଯେ ତୁମଠାରେ ଆନ୍ତରିକତାର ଅଭାବ ରହିଛି,—ତୁମଭିତରେ ଏପରି କିଛି ରହିଛି ଓ ତୁମ ସତ୍ତା ମଧ୍ୟରେ ଏପରି ଗୋଟିଏ ଅଂଶ ରହିଛି, ଯାହାକି ନିଷ୍ଠାଯୁକ୍ତ ହୋଇପାରି ନାହିଁ ।

ମାଆ, ଆମେ ସେହି ଅଂଶଟିର ସନ୍ଧାନ ପାଇବା କିପରି ?

'oaob.nitrkl.ac.in' images reprocessed

ଅଭୀପ୍ସା କରିବାକୁ ହେବ, ଅବିରତ ପ୍ରୟାସ କରିବାକୁ ହେବ, ଆଲୋକଟିକୁ ନେଇ ତାହା ଉପରେ ପ୍ରତିଫଳିତ କରିବାକୁ ପଡ଼ିବ, ଆବଶ୍ୟକ ହେଲେ ପ୍ରାର୍ଥନା କରିବାକୁ ପଡ଼ିବ । ସନ୍ଧାନ ପାଇବାର ଅନେକ ଉପାୟ ରହିଛି । ଏଥିଲାଗି ବେଳେବେଳେ ଶଲ୍ୟୋପଚାର ବି ଆବଶ୍ୟକ ହୋଇଥାଏ,—କ୍ଷତସ୍ଥାନଟି ଉପରେ ନିଆଁରେ ପାଚିକରି ରହିଥିବା ଖଣ୍ଡେ ଲୁହାକୁ ନେଇ ରଖିଦେବାକୁ ହୁଏ; କେଉଁଠି ଗୋଟାଏ କୁତ୍ସିତ ଘାଆ ମୋଟେ ଫାଟିବାକୁ ଚାହୁଁ ନ ଥିଲେ ଯେପରି କରିବାକୁ ହୁଏ, ଠିକ୍ ସେହିପରି ।

(ଆଉ ଜଣେ ପିଲାକୁ) ତୁମେ କିଛି କହୁଥିଲ କି ?

ନାଇଁ, ବର୍ତ୍ତମାନ ମୋ'ର ପାଳି ନ ଥିଲା ।

(ମାଆ ହସିକରି କହିଲେ) ଆଚ୍ଛା, ତୁମର ପାଳି ନ ଥିଲା ! (ସମସ୍ତେ ହସିଲେ) ସେଇଥି ସକାଶେ···

ଏଠାରେ କୁହାଯାଇଛି : ସର୍ବୋଚ୍ଚ ସତ୍ତା ଦାବି କରନ୍ତି ଯେ ତୁମେ ଆପଣାକୁ ନେଇ ତାଙ୍କର ପାଖରେ ସମର୍ପିତ କରିଦିଅ । ମାତ୍ର ତାହାକୁ ସିଏ ତୁମ ଉପରେ କଦାପି ଲଦି ଦେବାକୁ ଇଚ୍ଛା କରନ୍ତି ନାହିଁ । ତେଣୁ ତୁମେ ସର୍ବଦା ସ୍ୱଚ୍ଛନ୍ଦ ହୋଇ ରହିଥାଅ, —ଏବଂ ପରିଶେଷରେ ସେହି ଅପରିବର୍ତ୍ତନୀୟ ରୂପାନ୍ତରର ବେଳ ଆସି ପହଞ୍ଚିଯାଏ । ସେତେବେଳେ ତୁମକୁ ପରମ ଦିବ୍ୟସତ୍ତାଙ୍କୁ ହୁଏତ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିବାକୁ ହୁଏ ଅଥବା ଆପଣା ଆତ୍ମଦାନର ସ୍ମରଣ କରିବାକୁ ହୁଏ···"

ହଁ, ଏହି କଥାଟି ପ୍ରତ୍ୟେକ ମୁହୂର୍ତ୍ତରେ ଘଟେ ।

(ପିଲାଟି ଶେଷ ବାକ୍ୟାଂଶଟିର ପୁନରାବୃତ୍ତି କରି କହିଲା) "ପରମ ଦିବ୍ୟସତ୍ତାଙ୍କୁ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିବାକୁ ହୁଏ"— "ଅସ୍ୱୀକାର କରିବା"ର ଅର୍ଥ କ'ଣ ?

ଅସ୍ୱୀକାର କରିବାର ଅର୍ଥ ? ମୁଁ ବର୍ତ୍ତମାନ ଠିକ୍ ସେହିକଥା କହୁଥିଲି । ସେମାନେ ନିଜେ ଯାହା ଇଚ୍ଛା କରୁଛନ୍ତି, ପରମ ଦିବ୍ୟସତ୍ତା ତାହା ଇଚ୍ଛା କରୁ ନାହାନ୍ତି; ଅଥବା, ସେମାନଙ୍କର ନିଜ ଇଚ୍ଛାଟିକୁ ପରମ ଦିବ୍ୟସତ୍ତା ଆଦୌ ପୂରଣ କରୁ ନାହାନ୍ତି ବୋଲି ଲୋକେ ଯେତେବେଳେ ଜାଣିପାରନ୍ତି, ସେତେବେଳେ ତାଙ୍କ

'oaob.nitrkl.ac.in' images reprocessed

ସେମାନେ ଅସ୍ୱୀକାର କରନ୍ତି । ସେମାନେ କହନ୍ତି, "ଇଏ ପରମ ଦ୍ରବ୍ୟସତ୍ତା ଆଦୌ ନୁହନ୍ତି ।" ବା, ତା' ନ ହେଲେ, ଆଉ ଅନ୍ୟମାନେ ବି ଥାଆନ୍ତି, ଯେଉଁମାନେ କି ଆହୁରି ଟିକିଏ ଅଧିକ ଦୂର ଯାଇଥାନ୍ତି । ସେମାନେ କହନ୍ତି, "ପରମ ଦ୍ରବ୍ୟସତ୍ତା ବୋଲି କେଉଁଠି କିଛିହେଲେ ନାହିଁ । ତାଙ୍କର କୌଣସି ଅସ୍ତିତ୍ୱ ନାହିଁ, କାରଣ ତାଙ୍କଠାରେ ଆଦୌ କୌଣସି ସଙ୍ଗତି..." ପରମ ଦ୍ରବ୍ୟସତ୍ତା ବୋଲି କେଉଁଠି କିଛି ରହିଲେ ପ୍ରକୃତରେ ଖୁବ୍ ଅଡୁଆ ହୁଏ । ତେଣୁ ଏପରି କୌଣସି ବସ୍ତୁ ନାହିଁ ବୋଲି ସେମାନେ କହିବାରେ ଲାଗିଥାନ୍ତି ।

ମାଆ, "ଜଡ଼ବତ୍ ସ୍ୱଚାଳିତ ଯନ୍‌ତ୍ର"ର ଅର୍ଥ କ'ଣ ?

ସ୍ୱଚାଳିତ ଯନ୍ତ୍ର — ଜଡ଼ବତ୍ ନିଷ୍କ୍ରିୟତା ଅପେକ୍ଷା ଏହାକୁ ଟିକିଏ ଅଧିକ ବୋଲି ବୁଝିବାକୁ ହେବ । ସ୍ୱଚାଳିତ ଯନ୍ତ୍ର, — ଏହା ହେଉଛି ଠିକ୍ ଏକ ଯନ୍ତ୍ରପରି ଆପଣାକୁ ଚାଳିତ କରି ନେଉଥିବା । ଏବଂ "ଜଡ଼ବତ୍"ର ଅର୍ଥ ହେଉଛି ଅଚେତନ । ତେଣୁ ଏହା ଏକ ଅଚେତନ, ଯନ୍ତ୍ରବତ୍ ଗତିକୁ ବୁଝାଇବ, ଏପରି ଏକ ବସ୍ତୁକୁ ବୁଝାଇବ, ଯାହାର କୌଣସି ଆତ୍ମା ନାହିଁ, କୌଣସି ଅନ୍ତର୍ଗତ ପ୍ରାଣବତ୍ତା ନାହିଁ, କୌଣସି ଇଚ୍ଛା ନାହିଁ ବା ଆବେଗ ନାହିଁ, ଯାହାକି କେବଳ ଏକ ଯନ୍ତ୍ର ହୋଇ ରହିଛି, ଯାହାର ଆଦୌ କୌଣସି ଚେତନା ନାହିଁ । ଏବଂ ତାହା ଜଡ଼ବତ୍ ହୋଇ ରହିଛି, ଯାବତୀୟ ଚେତନା ଓ ଗ୍ରହଣଶୀଳତାରୁ ସମ୍ପୂର୍ଣ୍ଣ ଭାବରେ ବର୍ଜିତ ହୋଇରହିଛି । ଏହା ତଥାପି...ମୁଁ ମୋଟେ ଭାବିପାରୁ ନାହିଁ ଯେ ଗୋଟାଏ ଘଣ୍ଟାକୁ ମଧ୍ୟ ଗୋଟାଏ ଜଡ଼ବତ୍ ସ୍ୱଚାଳିତ ଯନ୍ତ୍ର ବୋଲି କୁହାଯିବ । ଘଣ୍ଟାର ମଧ୍ୟ ଆତ୍ମା ଭଳି କୌଣସି ଏକ ପଦାର୍ଥ ରହିଛି । ଏକ ସୁନିର୍ମିତ ଯନ୍ତ୍ରର ଅବଶ୍ୟ ଆତ୍ମା ପରି କୌଣସି ଏକ ପଦାର୍ଥ ରହିଥାଏ; ତାହା ଅନୁସ୍ପନ୍ଦନ ଜଣାଏ, ତାହାର ଏକ ନିର୍ଦ୍ଦିଷ୍ଟ ଗ୍ରହଣଶୀଳତା ରହିଥାଏ । ମାତ୍ର ସେହି ଅନ୍ୟଟିର ଆଦୌ କୌଣସି ଗ୍ରହଣଶୀଳତା ନ'ଥାଏ, କୌଣସି ଚେତନା ନ ଥାଏ, ସେତେବେଳେ ତାହା କେବଳ ଏହିପରି ଏକ ଯନ୍ତ୍ର ହୋଇ ରହିଥାଏ; ଯାହାକୁ କି ବାରବାର ଚାବି ଦେବାକୁ ପଡ଼େ ଓ ଯାହା ଏହିଭଳି ହୋଇ ରହିଥାଏ (ମାଆ ଏକ ଯନ୍ତ୍ରବତ୍ ଚାଳିତ ହେବାର ସଙ୍କେତ ଦେଇ ଦେଖାଇଦେଲେ), — କାହିଁକି ବା କିପରି ବିଷୟରେ ଆଦୌ କିଛି ନ ଜାଣି ଏହିପରି ହୋଇ ରହିଥାଏ ।

ମାଆ, "ସହାୟକ ସମର୍ପଣ"ର ଅର୍ଥ କ'ଣ ?

ସମର୍ପଣ ... ତାହା ଆଉ କ'ଣ ସହାୟଶୂନ୍ୟ ହୋଇଥାଏ ? (ସମସ୍ତେ ହସିଲେ) ଏହା କଦାପି ତାହା ହୋଇପାରିବ ନାହିଁ । ସହାୟକ ସମର୍ପଣ କହିଲେ

'oaob.nitrkl.ac.in' images reprocessed

କ'ଣ ବୁଝାଏ, ଆମେ ସମସ୍ତେ ସେକଥା ଜାଣିଛୁ । ନୁହେଁ କି ? ଏକ ସହାସ୍ୟପ୍ରଦାନକାରୀ ସମର୍ପଣ ।

ପାଠଟି କେଉଁଠି ଅଛ କହିଲ ? ସହାସ୍ୟବର୍ଜିତ ସମର୍ପଣ ବୋଲି ମୋତେ କୁହାଯାଇପାରିବ ନାହିଁ । (ସମସ୍ତେ ହସିଲେ) (ମାଆ ବହିର ସେହି ଅଂଶଟିକୁ ଦେଖିବାକୁ ଲାଗିଲେ ।)

ସହାସ୍ୟକ,—ଏହା କଦାପି ସହାସ୍ୟବର୍ଜିତ ହୋଇପାରିବ ନାହିଁ । (ସମସ୍ତେ ହସିଲେ)

ମୁଁ ଯେପରି କହୁଥିଲି, ଏକ ପ୍ରସନ୍ନ ସମର୍ପଣ । ଏକ ବଳିଷ୍ଠ ସମର୍ପଣ, ଦୁର୍ବଳ ସମର୍ପଣ ନୁହେଁ କି ଶକ୍ତିହୀନ ସମର୍ପଣ ନୁହେଁ । ସବଳ, ଶକ୍ତିଯୁକ୍ତ ଏବଂ ସହାସ୍ୟପ୍ରଦାୟକ, ଅର୍ଥାତ୍ ଯାହା କ୍ରିୟାଶୀଳ ହୋଇ ରହିଥାଏ, ସକ୍ରିୟ ଥାଏ ଏବଂ ଫଳଦାୟକ ହୁଏ । ଏକ ସମର୍ପଣ, ଯାହା ଆପଣାକୁ ଉପଯୋଗୀ କରାଏ; ଉଦାହରଣସ୍ୱରୂପ, ଯାହା କର୍ମରେ ସହଯୋଗ କରେ, ଅଗ୍ରଗତିରେ ସହଯୋଗ କରେ । ଏଇଟି ହେଉଛି ଜଡ଼ବତ୍ ସ୍ୱଚାଳିତ ଯନ୍ତ୍ରର ବିପରୀତ, ଗୋଟାପୁରା ବିପରୀତ ।

ମାଆ, "ଦିବ୍ୟଶକ୍ତି ଲାଗି ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚିତ କରିଦେବା"ର ଅର୍ଥ କ'ଣ ?

ଏଠାରେ "ଆତ୍ମ-ଉନ୍ମୋଚନ" ଜାଗାରେ ଗ୍ରହଣଶୀଳତା ବୋଲି କୁହାଯାଇଅଛି । ଏହା ଏପରି ଏକ ବସ୍ତୁକୁ ବୁଝାଏ, ଯାହାକି ଗ୍ରହଣ କରିବା ନିମିତ୍ତ ଆପଣାକୁ ଉନ୍ମୋଚିତ କରିଦେଇଛି । ଏବଂ, ପ୍ରତ୍ୟେକ ଦିଗରୁ ଓ ପ୍ରତ୍ୟେକଠାରୁ ଉନ୍ମୋଚିତ ରହି ଗ୍ରହଣ କରିବା ପରିବର୍ତ୍ତେ, ସାଧାରଣତଃ ତାହାହିଁ ଘଟିଥାଏ,—ତୁମେ କେବଳ ଦିବ୍ୟଶକ୍ତିକୁ ଗ୍ରହଣ କରିବା ଲାଗି କେବଳ ସେହି ଦିବ୍ୟ ପରମସତ୍ତାଙ୍କ ଲାଗିହିଁ ଉନ୍ମୋଚିତ ହୋଇ ରହିବ । ଲୋକମାନେ ସାଧାରଣତଃ ଯେପରି କରିଥାନ୍ତି, ଏହା ହେଉଛି ତାହାର ସମ୍ପୂର୍ଣ୍ଣ ଓଲଟା । ସେମାନେ ସର୍ବଦା ଉପରକୁଗଡ଼ାରେହିଁ ଉନ୍ମୋଚିତ ହୋଇ ରହିଥାନ୍ତି, ସକଳ ଦିଗରୁ ସବୁଯାକ ପ୍ରଭାବକୁ ଗ୍ରହଣ କରିବାରେ ଲାଗିଥାନ୍ତି । ଏହା ଫଳରେ ଆମେ ଯାହାକୁ ପନ୍ଦରଘାଣ୍ଟ ବୋଲି କହୁ (ମାଆ ହସିଲେ), ସେମାନଙ୍କ ଭିତରେ ସେହିପରି ଏକ ସ୍ଥିତି ଉତ୍ପନ୍ନ ହୋଇ ରହିଥାଏ । ଯାବତୀୟ ପ୍ରକାରର ବିରୋଧୀ ଗତିସ୍ପନ୍ଦନ ଏକାଠି ଗୋଟାଏ ଘାଣ୍ଟ ତିଆରି କରି ରହିଥାନ୍ତି ଓ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେଥିରୁ ଅଗଣିତ ଅସୁବିଧାର ଜନ୍ମ ହୋଇଥାଏ । ତେଣୁ, ଏଠାରେ

'oaob.nitrkl.ac.in' images reprocessed

ତୁମକୁ କେବଳ ସେହି ପରମ ଦିବ୍ୟସତ୍ତାଙ୍କ ଆଡ଼କୁହିଁ ଆପଣାକୁ ଉନ୍ମୋଚିତ କରି ରଖିବାକୁ ପରାମର୍ଶ ଦିଆଯାଉଛି, ଆଉ ସବୁକିଛିକୁ ପ୍ରତ୍ୟାଖ୍ୟାନ କରି କେବଳ ସେହି ଦିବ୍ୟଶକ୍ତିକୁ ଗ୍ରହଣ କରିବାର ପରାମର୍ଶ ଦିଆଯାଉଛି । ଏହାଦ୍ୱାରା ଯାବତୀୟ ଅସୁବିଧା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ହ୍ରାସ ହୋଇଯାଏ । କେବଳ ଗୋଟିଏ କଥା କଷ୍ଟକର ହୋଇ ରହିଥାଏ । ସେଇଟି ହେଉଛି···ଏକଥା କରିବା ଅବଶ୍ୟ ସମ୍ଭବ, ଏବଂ ଜଣେ ବ୍ୟକ୍ତି ଏକ ସମଗ୍ର ରସାୟନ-କୁଣ୍ଡଳର ଅଧିକାରୀ ହୋଇ ରହି ନ ଥିଲେ ଲୋକମାନଙ୍କର ସମ୍ପର୍କରେ ଆସିବା, ସେମାନଙ୍କ ସହିତ କଥାବାର୍ତ୍ତା କରିବା, ଉଦାହରଣସ୍ୱରୂପ ସେମାନଙ୍କଠାରୁ କୌଣସି କଥା ଗ୍ରହଣ କରିବାକୁ ବାଧ୍ୟ ନ ହୋଇ ସେମାନଙ୍କ ସହିତ ଯାବତୀୟ ପ୍ରକାରର ସୂତ୍ର ଲଗାଇ ରଖିବା,—ଏହି କଥାଟି ପ୍ରକୃତରେ ବଡ଼ କଷ୍ଟକର ହୋଇଥାଏ । ଏହା ଅତ୍ୟନ୍ତ କଷ୍ଟକର । ଯଦି ଜଣେ, ···ଯଦି ଜଣେ ଏପରି ଏକ ବାୟୁମଣ୍ଡଳ ଭିତରେ ବାସ କରୁଥାଏ, ଯାହାକି ପ୍ରତେଅବା ଗୋଟିଏ ଫିଲ୍ଟର୍ ପରି କାର୍ଯ୍ୟ କରୁଥାଏ,—ତେବେ ବାହାରୁ ଯାହାକିଛି ଆସେ, ତାହା ତୁମ ଭିତରକୁ ଆସି ତୁମକୁ ସ୍ପର୍ଶ କରିବା ପୂର୍ବରୁ ସେହି ଫିଲ୍ଟର୍ ଦ୍ୱାରା ଛାଣିହୋଇ ଆସିଥାଏ । ମାତ୍ର ଏହା ଅତୀବ କଷ୍ଟକର । ଏଥିଲାଗି ଏକ ଅତିପ୍ରଶସ୍ତ ଅଭିଜ୍ଞତା ରହିଥିବା ଆବଶ୍ୟକ । ତେଣୁ, ଏପରି ମଧ୍ୟ ଘଟିଲା ଯେ, ଯେଉଁ ବ୍ୟକ୍ତିମାନେ ସହଜତମ ମାର୍ଗରେ ଯିବାକୁ ଇଚ୍ଛା କରୁଥିଲେ, ସେମାନେ ନିର୍ଜନତା ମଧ୍ୟକୁ ଚାଲିଗଲେ, ଏକାନ୍ତରେ କୌଣସି ଗଛମୂଳରେ ବସିଲେ, ଆଉ କୌଣସି କଥା କହିଲେ ନାହିଁ କି କାହାରି ସହିତ ଭେଟ ହେଲେ ନାହିଁ । କାରଣ, ଏହାଦ୍ୱାରା ଅବାଞ୍ଛିତ ଅନେକ ସମ୍ପର୍କ-ବିନିମୟରେ ଅବଶ୍ୟ ହ୍ରାସ ଘଟିଥାଏ । ଏହି କ୍ଷେତ୍ରରେ କେବଳ ଏତିକି ପରିଲକ୍ଷିତ ହୋଇଛି ଯେ, ଏହି ବ୍ୟକ୍ତିମାନେ ଅତ୍ୟନ୍ତ ପରିମାଣରେ କ୍ଷୁଦ୍ର ଇତରପ୍ରାଣୀ ଓ ଉଦ୍ଭିଦମାନଙ୍କର ଜୀବନ ବିଷୟରେ ଆଗ୍ରହୀ ହୋଇ ପଡ଼ିଛନ୍ତି; କାରଣ ଆଦୌ କାହାରି ସହିତ କୌଣସି ସମ୍ପର୍କ ଅଥବା ଆଦାନପ୍ରଦାନ ନ ରଖିବା,—ତାହା ପ୍ରକୃତରେ ବଡ଼ କଷ୍ଟକର । ତେଣୁ ସଚୋଟ ଭାବରେ ସମସ୍ୟାଟିର ସମ୍ମୁଖୀନ ହେବା ଏବଂ, ଏପରି ଏକ ବାୟୁମଣ୍ଡଳ ଦ୍ୱାରା ପରିବେଷ୍ଟିତ ହୋଇ ରହିଥିବା, ଯାହାକି ଏପରି ସମଗ୍ର ଭାବରେ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଅଭିନିବେଶିତ ହୋଇ ରହିଥିବ ଯେ, ଏହି ବାୟୁମଣ୍ଡଳ ମଧ୍ୟଦେଇ ଯାହାକିଛି ଆସୁଥିବ, ତାହା ସେହି ଆସିବା ବାଟରେହିଁ ଛାଣି ହୋଇ ଯାଉଥିବ,—ଏପରି ହେବାହିଁ ସବୁବେଳେ ଅଧିକ ଭଲ ବୋଲି କୁହାଯିବ ।

ପୁଣି ତା'ପରେ, ଏହି କଥାଟି ବି ହୋଇସାରିବା ପରେ, ତଥାପି ଖାଦ୍ୟର ସମସ୍ୟାଟି ଅସମାହିତ ହୋଇ ରହିଥିବ; ବଞ୍ଚି ରହିବା ସକାଶେ ଆମ ଶରୀର ଯେତେ ଦିନଯାଏ ବାହାରୁ କୌଣସି ପଦାର୍ଥ ଗ୍ରହଣ କରିବାକୁ ବାଧ୍ୟ ହେଉଥିବ,

'oaob.nitrkl.ac.in' images reprocessed

ସେତେ ବେଳେ ଯାଏ ତାହାକୁ ପ୍ରଚୁର ପରିମାଣରେ ନାନା ଜଡ଼ବସ୍ତୁ ଅଚେତନ ଶକ୍ତିକୁ ବା ହୁଏତ ଏକ ଅବାଞ୍ଛିତ ଚେତନାକୁ ବହନ କରୁଥିବା କୌଣସି ପଦାର୍ଥକୁ ଗ୍ରହଣ କରିବାକୁ ପଡ଼ୁଥିବ ଏବଂ ସେହି ପରିଣାମଗତ ପ୍ରତିକ୍ରିୟାଗୁଡ଼ିକ ପ୍ରକାଶ ପାଉଛି ତା'ର ଶରୀର ମଧ୍ୟରେହିଁ ହେଉଥିବ। ଖାଦ୍ୟ ସହିତ ଆମ ଭିତରେ ପ୍ରବେଶ କରୁଥିବା ଚେତନାର ନାନା ପ୍ରକାର ବିଷୟରେ ଆମେ ଆଲୋଚନା କରୁଥିଲୁ;—ମାତ୍ର ଖାଦ୍ୟ ସହିତ ଏକ ଅଚେତନା ମଧ୍ୟ ଆମ ଭିତରେ ଯାଇ ପ୍ରବେଶ କରିଥାଏ,—ବେଶ୍ ଅନେକ ପରିମାଣରେ ପ୍ରବେଶ କରିଥାଏ। ଏବଂ, ସେହି କାରଣରୁହିଁ, ଅନେକ ଯୋଗମାର୍ଗରେ ଖାଇବାକୁ ଦିବା ପୂର୍ବରୁ ଆପଣାର ଖାଦ୍ୟକୁ ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଦେବା ଲାଗି ପରାମର୍ଶ ଦିଆଯାଇଥିଲା (ମାଆ ସମର୍ପଣର ଏକ ମୁଦ୍ରାରେ ହାତ ଦୁଇଟିକୁ ଯୋଡ଼ିଦେଲେ, ପାପୁଲି ଦୁଇଟିକୁ ଖୋଲି ଧରିଲେ)। ଏଥିରେ ଖାଦ୍ୟଗ୍ରହଣ ପୂର୍ବରୁ ଦିବ୍ୟ ପରମସତ୍ତାଙ୍କୁ ସେହି ଖାଦ୍ୟ ମଧ୍ୟକୁ ଅବତରଣ କରି ଆସିବା ଲାଗି ଆବାହନ କରାଯାଇଥାଏ। ସେହି ଖାଦ୍ୟକୁ ତାହାଙ୍କୁହିଁ ଅର୍ପଣ କରାଯାଏ, ଅର୍ଥାତ୍ ତାହାକୁ ତାଙ୍କର ସଂସ୍ପର୍ଶ ମଧ୍ୟରେ ଆଣି ଉପସ୍ଥାପିତ କରାଯାଏ, ଯେପରିକି ସେହି ଦିବ୍ୟ ପ୍ରଭାବଟି ମଧ୍ୟରେ ରହିହିଁ ଆମେ ଆମର ଖାଦ୍ୟକୁ ଗ୍ରହଣ କରିପାରିବା। ଏଥିରେ ଅନେକ ଉପକାର ମିଳିଥାଏ, ଏହା ଗୋଟିଏ ଅତ୍ୟନ୍ତ ଉତ୍ତମ ବିଧି। ଏଇଟିକୁ ଯଥାର୍ଥ ଭାବରେ କରି ଜାଣିଲେ, ଏଥିରୁ ଅନେକ ଉପକାର ମିଳେ, ଏହାଦ୍ୱାରା ଆମ ଲାଗି କରିବାକୁ ରହିଥିବା ସେହି ଅନ୍ତର୍ଗତ ରୂପାନ୍ତରର କାର୍ଯ୍ୟଟି ଅନେକ ପରିମାଣରେ ଲାଘବ ହୋଇଯାଇଥାଏ। ମାତ୍ର, ସ୍ମରଣ ରଖିବାକୁ ହେବ ଯେ, ବର୍ତ୍ତମାନ ଏହି ପୃଥିବୀ ଯେପରି ଅବସ୍ଥାରେ ରହିଛି, ସେଥିରେ ଆମେ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ ହୋଇ ରହିଛୁ। ଏଠି ଆମେ ଯେଉଁ ବାୟୁକୁ ନିଃଶ୍ୱାସରେ ଗ୍ରହଣ କରୁଛୁ, ତା'ସହିତ ଆମକୁ ଅଗଣିତ କେତେକେତେ ସ୍ପନ୍ଦନକୁ ମଧ୍ୟ ଗ୍ରହଣ କରିବାକୁ ହେଉଛି; ଯାବତୀୟ ପ୍ରକାରର ଗତିସ୍ପନ୍ଦନ ଓ ଯାବତୀୟ ପ୍ରକାରର ବ୍ୟକ୍ତି ସେହି ସ୍ପନ୍ଦନଗୁଡ଼ିକୁ ସୃଷ୍ଟି କରିବାରେ ଲାଗିଛନ୍ତି ଏବଂ ତଥାପି, ଯଥାର୍ଥ ସ୍ଥିତିରେ ରହିପାରିବାକୁ ହେଲେ, ତୁମକୁ ସତତ ଗୋଟିଏ ଫିଲ୍‌ଟର୍ ପରି କାର୍ଯ୍ୟ କରିବାକୁ ପଡ଼ିବ,—ମୁଁ ଯେପରି କହୁଥିଲି, ସେହିପରି କରିବାକୁ ପଡ଼ିବ। ଅର୍ଥାତ୍, ଅବାଞ୍ଛିତ କିଛିହେଲେ ତୁମ ଭିତରକୁ ପ୍ରବେଶ କରିବା ଲାଗି ବାଟ ପାଇବ ନାହିଁ। ଯେପରି ସଂକ୍ରାମିତ ହୋଇ ରହିଥିବା ଅଞ୍ଚଳଗୁଡ଼ିକୁ ଗଲାବେଳେ, ଯେପରିକି ଆମ ଭିତରେ ପ୍ରବେଶ କରିବା ପୂର୍ବରୁ ଆମେ ଗ୍ରହଣ କରୁଥିବା ବାୟୁ ଶୋଧିତ ହୋଇପାରିବ, ସେଥିଲାଗି ମୁହଁ ଉପରେ ଆମକୁ କିଛି ବାନ୍ଧି ରଖିବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମଧ୍ୟ ସେହିପରି କିଛି କରିବାକୁ ପଡ଼ିବ। ଆମ ଗୁରୁପାଖରେ ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମଗ୍ର

'oaob.nitrkl.ac.in' images reprocessed

ଭାବରେ ସମର୍ପିତ କରି ରଖିଥିବାର ଏପରି ଏକ ପ୍ରଗାଢ଼ ବାୟୁମଣ୍ଡଳ ରହିଥିବ ଯେ, ଆମ ଚାରିପାଖରେ ତାହା ଏପରି ଘନ ଭାବରେ ରହିଥିବ ଯେ, ତା'ଭିତର ଦେଇ ଯାହାକିଛି ବାହାରୁ ଆସୁଥିବ, ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଛାଣି ହୋଇ ଯାଉଥିବ । ଏହା ନିଶ୍ଚିତ ଭାବରେ ଆମ ଜୀବନରେ ଅତ୍ୟନ୍ତ ଦରକାର, କାରଣ— ଆମେ ଏଇଟି ବିଷୟରେ ବି ଆଲୋଚନା କରିଛୁ,—ସଂସାରରେ ମନ୍ଦ ଭାବନାମାନ ରହିଛି, ମନ୍ଦ ଇଚ୍ଛାସବୁ ରହିଛି, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ତୁମର ଅହିତ କାମନା କରୁଛନ୍ତି, ଯେଉଁମାନେ କି ତୁମ ଲାଗି ଅନୁରୂପ କେତେକ'ଣ ରଚନା କରି ଥୋଇ ଦେଉଛନ୍ତି । ବାୟୁମଣ୍ଡଳ ଭିତରେ ଯାବତୀୟ ପ୍ରକାରର ସମ୍ପୂର୍ଣ୍ଣ ଭାବରେ ଅବାଞ୍ଛିତ ବସ୍ତୁ ଭର୍ତ୍ତି ହୋଇ ରହିଛି । ଏବଂ ତେଣୁ, ଯଦି ଆମକୁ ସତତ ସତର୍କ ରହିବାକୁ ପଡ଼େ ଓ ସବୁଆଡ଼କୁ ସାବଧାନତା ସହିତ ଚାହିଁ ଦେଖିବାକୁ ପଡେ, ତେବେ ଆମକୁ କେବଳ ଗୋଟିଏ କଥାହିଁ ଚିନ୍ତା କରିବାକୁ ପଡ଼ିବ,— ଏସବୁଥିରୁ ଆମେ ନିଜକୁ କିପରି ସୁରକ୍ଷିତ କରି ରଖିବା, ଆମକୁ ସେହି କଥା ଚିନ୍ତା କରିବାକୁ ପଡ଼ିବ । ମାତ୍ର, ପ୍ରଥମ କଥା ହେଉଛି ଯେ, ଏହା କରିବା ଭାରି କ୍ଲାନ୍ତିକର, ଏବଂ ତା'ପରେ, ଏଥିଲାଗି ଗୁଡ଼ାଏ ସମୟ ନଷ୍ଟ ବି କରିବାକୁ ପଡ଼ିଥାଏ । ମାତ୍ର, ଯଦି ତୁମେ ଆପଣାକୁ ଏହିପରି ଭାବରେ ଆଚ୍ଛାଦିତ କରି ରଖିଥିବ, ସମ୍ପୂର୍ଣ୍ଣ ଭାବରେ ଏକ ପ୍ରସନ୍ନ ଓ ସମଗ୍ର ଭାବରେ ନିଷ୍ଠାଯୁକ୍ତ ଏକ ସମର୍ପଣର ଏହି ଆଲୋକଟି ଦ୍ୱାରା ଆପଣାକୁ ଆବେଷ୍ଟିତ କରି ରଖି ପାରୁଥିବ, ତେବେ ତାହା ତୁମ ଲାଗି ଅବଶ୍ୟ ଏକ ଅଦ୍ଭୁତ ଫିଲ୍ଟର୍ ପରି କାର୍ଯ୍ୟ କରିବ । ଯାହାକିଛି ପୂର୍ଣ୍ଣ ଭାବରେ ଅବାଞ୍ଛିତ ଓ ଅସଦିଚ୍ଛାପୂର୍ଣ୍ଣ ହୋଇ ରହିଥିବ, ତାହା କଦାପି ତୁମ ଭିତରେ ଠିକ୍ ସେହିପରି ଭାବରେ ପ୍ରବେଶ କରିପାରିବ ନାହିଁ । ତେଣୁ, ଏହିସବୁ ପଦାର୍ଥ ଯେଉଁଠାରୁ ଆସିଥିବେ, ସ୍ୱାଭାବିକ ଭାବରେ ସେମାନେ ପୁଣି ସେଠାକୁହିଁ ଫେରିଯିବେ । ଯଦି ତୁମ ବିରୁଦ୍ଧରେ କୌଣସି ସଚେତନ ଅସଦିଚ୍ଛା କାର୍ଯ୍ୟ କରୁଥିବ, ତେବେ ତାହା ଆସୁଥିବ ସତ, ମାତ୍ର ତୁମ ଭିତରକୁ ଆଦୌ ପ୍ରବେଶ କରିପାରୁ ନ ଥିବ । ତା'ଲାଗି କବାଟ ବନ୍ଦ ହୋଇ ରହିଥିବ, କାରଣ କେବଳ ଦିବ୍ୟ ବସ୍ତୁଗୁଡ଼ିକ ଲାଗିହିଁ ତାହା ଖୋଲା ରହିଥିବ । ଆଉ ଅନ୍ୟ କୌଣସି ବସ୍ତୁ ଲାଗି ଖୋଲା ନ ଥିବ । ତେଣୁ, ସେହି ଅସତ୍-ଇଚ୍ଛା ଯେଉଁ ମୂଳ ସ୍ଥାନଟିରୁ ଆସିଥିବ, କୌଣସି କୋଳାହଳ ନ କରି ତାହା ପୁଣି ସେହି ସ୍ଥାନକୁ ଫେରି ଚାଲିଯିବ ।

ମାତ୍ର ଏହି ସବୁକିଛି ହେଉଛି···ଗୋଟିଏ ପ୍ରକାରର ଅଧ୍ୟୟନ ଏବଂ ବିଜ୍ଞାନ ଦ୍ୱାରା ଆମେ ସେସବୁ କରିବାକୁ ଶିକ୍ଷା କରିପାରିବା । ମାତ୍ର ଯଦି ଆମର ଅଭୀପ୍ସା ଏବଂ ସମର୍ପଣ ପୂର୍ଣ୍ଣ ଓ ସମଗ୍ର ହୋଇପାରିଥାଏ, ତେବେ ଅଧ୍ୟୟନ ଓ ବିଜ୍ଞାନ ବ୍ୟତୀତ ମଧ୍ୟ ସେସବୁ କରାଯାଇପାରିବ । ଯଦି ଅଭୀପ୍ସା ଓ ସମର୍ପଣ ସମଗ୍ର

'oaob.nitrkl.ac.in' images reprocessed

ହୋଇଥାଏ, ତେବେ ତାହାକୁ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ କରାଯାଇପାରିବ। ମାତ୍ର, ସେଗୁଡ଼ିକ ଯେ ପ୍ରକୃତରେ ସମଗ୍ର, ସେକଥା ତୁମକୁ ଅବଶ୍ୟ ଦେଖିବାକୁ ପଡ଼ିବ; ଏବଂ ପୁନଶ୍ଚ, ମୁଁ ବର୍ତ୍ତମାନ ଯେପରି କହୁଥିଲି, ତୁମେ ଏହି ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଜ୍ଞାନ ମଧ୍ୟ ହୋଇପାରିବ, କାରଣ, ଯେଉଁ ମୁହୂର୍ତ୍ତରେ ସେଗୁଡ଼ିକ ସମଗ୍ର ହୋଇ ରହି ନ ପାରିବେ, ତୁମେ ସେହି ମୁହୂର୍ତ୍ତଠାରୁ ଆଉ ମୋଟେ ସୁଖୀ ହୋଇ ରହିପାରିବ ନାହିଁ। ତୁମକୁ ଭାରି ଅସ୍ୱସ୍ତି ଲାଗିବ, ଭାରି ଦୁର୍ଗତ ଲାଗିବ, ବିରସ ଲାଗିବ, ଏକ୍ଷତ୍ତ ଅସୁଖୀ ମଧ୍ୟ ଲାଗିବ : "ଆଜି ସବୁକଥା ଆଦୌ ସୁଖକର ମନେ ହେଉ ନାହିଁ। ସେସବୁ କାଲି ଯେପରି ଥିଲେ, ଆଜି ଠିକ୍ ସେହିପରି ହୋଇ ରହିଛନ୍ତି; କାଲି ସେସବୁ କେତେ ଅଦ୍ଭୁତ ଲାଗୁଥିଲେ, କିନ୍ତୁ ଆଜି ଆଦୌ ସୁଖକର ଲାଗୁ ନାହାନ୍ତି।"—ଏପରି କାହିଁକି ହେଲା ? କାରଣ କାଲି ତୁମେ ଏକ ପରିପୂର୍ଣ୍ଣ ସମର୍ପଣର ଅବସ୍ଥାରେ ରହିଥିଲ, ଅଳ୍ପବହୁତ ପୂର୍ଣ୍ଣତାଯୁକ୍ତ ହୋଇ ରହିଥିଲ — ଏବଂ ଆଜି ଆଉ ସେପରି ହୋଇ ରହିପାରିଲ ନାହିଁ। ତେଣୁ କାଲି ତୁମକୁ ଯାହା ଏଡ଼େ ସୁନ୍ଦର ଲାଗୁଥିଲା, ଆଜି ଆଉ ମୋଟେ ସୁନ୍ଦର ବୋଲି ମନେ ହେଲା ନାହିଁ। କାଲି ତୁମ ଭିତରେ ଯେଉଁ ଆନନ୍ଦ ଥିଲା, ଯେଉଁ ବିଶ୍ୱାସ ଥିଲା, ସବୁକିଛି ଶୁଭ ହୋଇ ରହିବ ଓ ସେହି ମହାନ୍ କାର୍ଯ୍ୟଟି ଅବଶ୍ୟ ସାଧିତ ହେବ ବୋଲି ଯେଉଁ ସୁନିଶ୍ଚିତତା ରହିଥିଲା,—ସେହି ସବୁକିଛି ଆଜି ଆଚ୍ଛନ୍ନ ହୋଇ ରହିଗଲା, ତାହା ସ୍ଥାନରେ ଏକ ସଂଶୟ ଆସି ତୁମକୁ ଅଧିକାର କରିନେଲା ଏବଂ ଏକ ଅସନ୍ତୋଷ ମଧ୍ୟ ତୁମ ଭିତରେ ଆସି ପ୍ରବେଶ କଲା : "କିଛିହେଲେ ମୋଟେ ସୁନ୍ଦର ନୁହେଁ, ଏହି ପୃଥିବୀଟି ଭାରି ଅସୁନ୍ଦର, ଲୋକମାନେ ମଧ୍ୟ ମୋଟେ ସୁଖଦାୟକ ନୁହନ୍ତି।" ବେଳେବେଳେ ଏହି ଭାବ ଆହୁରି ଲମ୍ବି ଏପର୍ଯ୍ୟନ୍ତ ବି ଚାଲି ଯାଇଥାଏ : "ଏହି ଖାଇବା ମୋଟେ ଭଲ ନୁହେଁ, କାଲି ତ କେଡ଼େ ବଢ଼ିଆ ଲାଗୁଥିଲା।" ତୁମେ କାଲି ଯାହା ଖାଇଥିଲ, ଆଜି ମଧ୍ୟ ସେଇଆ ଖାଉଛ, ମାତ୍ର ଆଜି ତାହା ମୋଟେ ଭଲ ଲାଗୁ ନାହିଁ। ଏହାହିଁ ପରିମାପକ ! ଏପରି ହେବାର ଦେଖିଲେ ତୁମେ ନିଜକୁ ତତ୍‌କ୍ଷଣାତ୍ କହିଦେଇପାରିବ ଯେ, ତୁମ ଭିତରେ କେଉଁଠି ନା କେଉଁଠି ଏକ ନିଷ୍ଠାହୀନତା ଆସି ପଶିଯାଇଛି। ଏହା ଜାଣିବା ଭାରି ସହଜ, ସେଥିଲାଗି ତୁମେ ଜଣେ ବଡ଼ ଜ୍ଞାନୀ ହୋଇଥିବା ଆଦୌ ଆବଶ୍ୟକ ନୁହେଁ; କାରଣ, ଶ୍ରୀଅରବିନ୍ଦ ଯେପରି ତାଙ୍କର "ଯୋଗର ଉପାଦାନ" ପୁସ୍ତକରେ କହିଛନ୍ତି : ଜଣେ ବ୍ୟକ୍ତି ସୁଖୀ ଅଛି ବା ସୁଖୀ ନାହିଁ, ସନ୍ତୁଷ୍ଟ ଅଛି ବା ଅସନ୍ତୁଷ୍ଟ ଅଛି, ସେକଥା ସିଏ ବେଶ୍ ଜାଣିପାରେ। ସେଥିଲାଗି ନିଜକୁ ପଚାରିବାକୁ ପଡ଼େ ନାହିଁ, କୌଣସି ଜଟିଳ ପ୍ରଶ୍ନ କରିବାକୁ ଆଦୌ ପଡ଼େ ନାହିଁ। ସିଏ ସେକଥା ଜାଣିପାରେ ! ହଁ, ଏହା ପ୍ରକୃତରେ ଭାରି ସରଳ।

'oaob.nitrkl.ac.in' images reprocessed

ତୁମକୁ ଅସୁଖୀ ବୋଧ ହେବା ସଙ୍ଗେ ସଙ୍ଗେ, ତୁମେ ହୁଏତ ତାହାର ତଳକୁ ଆଖି ବୁଜି ଲେଖିଦେଇ ପାରିବ : "ମୋର ନିଷ୍ଠାରେ ଅଭାବ ରହିଛି ।" ଏହି ଦୁଇଟି ବାକ୍ୟ ସର୍ବଦା ଏକାଠି ଆଆନ୍ତି :

"ମୋତେ ସୁଖକର ଲାଗୁ ନାହିଁ ।"

"ମୋ' ଭିତରେ ନିଷ୍ଠାର ଅଭାବ ରହିଛି ।"

ତେବେ କେଉଁଠାରେ କ'ଣ ବିଗିଡ଼ି ଯାଇଥାଏ ? ତା'ପରେ ଟିକିଏ ଦୃଷ୍ଟି ପକାଇ ନେବାକୁ ହୁଏ,—ସେଇଟାକୁ ଭାରି ସହଜରେ ଆବିଷ୍କାର କରି ହୁଏ...

ଏଥର ବୁଝିଲ ? ଆଉ କିଛି ପଚାରିବାକୁ ଅଛି ?

ସବୁ ପ୍ରଶ୍ନ ସରିଲା ନା ଆଉ କିଛି ବାକି ଅଛି ?

(ଜଣେ ପିଲାକୁ) ତୁମେ ତ ତୁମର ପ୍ରଶ୍ନଟିକୁ ଏପର୍ଯ୍ୟନ୍ତ ପଚାରି ନାହିଁ, ପଚାରୁଛ କି ?

ମାଆ, ଶ୍ରୀଅରବିନ୍ଦ ତାଙ୍କ ପତ୍ରାବଳୀରେ କେଉଁଠି ହେଲେ* କହିଛନ୍ତି, ପରମକରୁଣା କେବେହେଲେ ପୁଣ୍ୟବାନ୍‌କୁ ବାଛି ପାପୀକୁ ପ୍ରତ୍ୟାଖ୍ୟାନ କରେ ନାହିଁ । ତାହାର ଏକ ନିଜସ୍ୱ ବିବେକ ରହିଛି ଯେ ତାହାର ମନ ବିବେକଠାରୁ ସଂପୂର୍ଣ୍ଣ ଭିନ୍ନ । ସେହି କାରଣରୁହିଁ ପରମ କରୁଣା ସନ୍ଥ ଅଗଷ୍ଟିନ୍‌ଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ଆସିଥିଲା । ତେବେ ଶ୍ରୀଅରବିନ୍ଦ କାହିଁକି ଏଠାରେ ଏପରି କହିଛନ୍ତି : "ମାତ୍ର କେବଳ ଆଲୋକ ଏବଂ ସତ୍ୟର ପରିବେଶ ମଧ୍ୟରେହିଁ ସର୍ବୋଚ୍ଚ ପରମକରୁଣା ଆପଣାର କାର୍ଯ୍ୟ କରିପାରିବ ।..."?

ହଁ, ମୁଁ ସେଇଟିକୁ ଦେଖିଛି । ସେଇଟିକୁ ପଢ଼ିବା ସମୟରେ ମୁଁ ଏହି ବିଷୟରେ ଭାବିଥିଲି ।

ମୁଁ ଏବିଷୟରେ ଭାବିଥିଲି । ମୁଁ ଭାବୁଛି, ସିଏ ବାକ୍ୟଟିକୁ ଏହିପରି ଭାବରେ ଲେଖିଲେ, ଯେପରିକି ସେଇଟିକୁ ଅଧିକ ସହଜ ଭାବରେ ବୁଝିହେବ । ମାତ୍ର ବସ୍ତୁତଃ ଏହାଦ୍ୱାରା ସିଏ ଯାହା ଭାବୁଥିଲେ, ଏଠାରେ ସେ ତାହାକୁ କହି ଦେଇଛନ୍ତି : ତୁମେ ନିଜେହିଁ ପରମ କରୁଣାକୁ ପ୍ରତ୍ୟାଖ୍ୟାନ କରୁଛ,...ଏକଥା ସତ

*ଯୋଗ-ପତ୍ରାବଳୀ, ଶତବାର୍ଷିକୀ ସଂସ୍କରଣ, ୨୩ଶ ଖଣ୍ଡ, ପୃଷ୍ଠା—୭୦୧

'oaob.nitrkl.ac.in' images reprocessed

ନୁହେଁ କି ? ସିଏ କହୁଛନ୍ତି—ସେଇଟି କେଉଁଠାରେ ଅଛି, କେଉଁ ପୃଷ୍ଠାରେ ଅଛି ? ଷଷ୍ଠ ପୃଷ୍ଠାରେ, ନୁହେଁ ? ହଁ, "ତୁମେ ଆପଣା ଭିତରୁ ପରମ କରୁଣାକୁ ଠେଲି ବାହାର କରିଦିଅ," ହଁ, "ତୁମେ ନିଜେହିଁ ପରମ କରୁଣାକୁ ଆପଣା ଭିତରୁ ଠେଲି ବାହାର କରିଦିଅ ।" ନାହିଁ, ନାହିଁ,—ସେପରି ନୁହେଁ, ଏହା··· (ପିଲାଟି ପଢ଼ିବାକୁ ଆରମ୍ଭ କଲା : "ପରମ କରୁଣା···") ନା—ତା'ପରେ ଯାହା ଲେଖା ହୋଇଛି··· "ଏହା କଦାପି କାର୍ଯ୍ୟ କରିବ ନାହିଁ···"(ଆଉ ଜଣେ ପିଲାକୁ) ଆମେ ଏହି କଥାହିଁ ବୁଝାଇ କହୁଛୁ । ସେଇଟି ଆଉ ଗୋଟିଏ ଅନ୍ୟ କଥା । ମୁଁ ଏହିପରିହିଁ ବ୍ୟାଖ୍ୟାକରି ଦେଇଛି : ତୁମେ ପରମକରୁଣାକୁ ତୁମ ନିଜ ପାଇଁ କିଛି କରିଦେବା ପାଇଁ କହ, ମାତ୍ର ତୁମେ ଯାହା କହୁଥାଅ, ତାହା ହେଉଛି ଏକ ମିଥ୍ୟା । ପରମକରୁଣା ସେଇଟିକୁ କଦାପି କରିବ ନାହିଁ; କାରଣ ତାହା ଯାହାକିଛି କରିବ, କେବଳ ସତ୍ୟରେ ଅବସ୍ଥିତ ରହିହିଁ କରିବ ।

ତେବେ ତାହା ପାପୀକୁ ମଧ୍ୟ ସାହାଯ୍ୟ କରିବାକୁ କିପରି ଆସିବ ?

ପାପୀକୁ ତାହା କଦାପି ପାପୀ ହୋଇ ରହିବାକୁ ସାହାଯ୍ୟ କରିବ ନାହିଁ ! ଆପଣାର ପାପକୁ ପରିତ୍ୟାଗ କରିବା ଲାଗିହିଁ ତାହା ପାପୀକୁ ସାହାଯ୍ୟ କରିବ; ଅର୍ଥାତ୍, ତାହା କଦାପି "ମୁଁ ତୋ'ଲାଗି କିଛି କରିବ ନାହିଁ" ବୋଲି କହି ପାପୀକୁ ଠେଲି ବାହାର କରିଦେବ ନାହିଁ । ପରମ କରୁଣା ତା'ପାଖରେ ସର୍ବଦାହିଁ ରହିଥିବ, ଏପରିକି ସିଏ ପାପ କରୁଥିବା ସମୟରେ ମଧ୍ୟ ତା'ପାଖରେ ଥିବ, ପାପ ଭିତରୁ ବାହାରକୁ ବାହାରି ଆସିବା ପାଇଁ ତାକୁ ସାହାଯ୍ୟ କରିବାକୁ ତା'ପାଖରେ ରହିଥିବ; ମାତ୍ର, ସିଏ ପାପ କରିବାରେ ଲାଗିଥାଉ, ଏଥିପାଇଁ ସାହାଯ୍ୟ କରିବାକୁ କଦାପି ନ ଥିବ ।

"ତୁମେ ଜଣେ ଖରାପ ବ୍ୟକ୍ତି ଓ ତେଣୁ ମୁଁ ତୁମର କୌଣସି ଯତ୍ନ ନେବି ନାହିଁ, ତୁମକୁ ମୁଁ ମୋ'ଠାରୁ ଅନେକ ଦୂରକୁ ଫୋପାଡ଼ି ଦେବି; ଏବଂ, ତୁମର ଯାହାକିଛି ହେଉ ବା ଯାହାକିଛି ଘଟୁ ପଛକେ, ସେଥିରେ ମୋ'ର କିଛିହେଲେ ଯିବ ଆସିବ ନାହିଁ" ବୋଲି କହିବା ଓ ଏହି କଥାଟି ଭିତରେ ପ୍ରକୃତରେ ଅନେକ ପାର୍ଥକ୍ୟ ରହିଛି । ଏଇଟା ତ ଗୋଟାଏ ସାଧାରଣ ଧାରଣା । ଜଣେ ବ୍ୟକ୍ତି ହୁଏତ "ଭଗବାନ ମୋତେ ପରିତ୍ୟାଗ କରିଛନ୍ତି" ବୋଲି କହୁଥାଏ, ମାତ୍ର ପ୍ରକୃତରେ ସେକଥା ନୁହେଁ । ତୁମେ ସେହି ପରମ କରୁଣାକୁ ଅନୁଭବ କରି ନ ପାରୁଥାଅ ପଛକେ, ମାତ୍ର ତାହା ନିରନ୍ତର ବର୍ତ୍ତମାନ ରହିଥାଏ,—ଏପରିକି ମହାପାପୀଙ୍କଠାରୁ ଆହୁରି ଅଧିକ ମହାପାପୀଙ୍କ ପାଖରେ ମଧ୍ୟ ତାହା ରହିଥାଏ; ପରିବର୍ତ୍ତନ ଲାଗି ତାକୁ ସାହାଯ୍ୟ କରିବାକୁ, ସିଏ ଇଚ୍ଛା କରୁଥିଲେ ତାକୁ ତା'ର ଅପରାଧ- ଏବଂ ପାପକୁ

'oaob.nitrkl.ac.in' images reprocessed

ଅଗ୍ରେଶ୍ୟ କରାଇ ଆଣିବାକୁ ସିଏ ସର୍ବଦା ବିଦ୍ୟମାନ ରହିଥାଏ । ସିଏ ତାକୁ କେବେହେଲେ ପରିତ୍ୟାଗ କରିବ ନାହିଁ, ମାତ୍ର ପାପ କରିବା ଲାଗି ତାକୁ କୌଣସି ସାହାଯ୍ୟ ମଧ୍ୟ କରିବ ନାହିଁ । ତେବେ ତାହା ଆଉ ପରମକରୁଣା ହୋଇ ରହିପାରିବ ନାହିଁ । ପାର୍ଥକ୍ୟଟିକୁ ବୁଝି ପାରୁଛ ତ ?

ମାତ୍ର ଏଠାରେ ଏପରି ଗୋଟିଏ ବାକ୍ୟ ରହିଛି ଯାହାକ···ହଁ, ପାଇଲି, ଏହି କଥାଟି ସମ୍ପୂର୍ଣ୍ଣ ଭାବରେ ସତ : "ତୁମେ ନିଜେହିଁ ଦିବ୍ୟ ପରମ କରୁଣାକୁ ନିଜ ପାଖରୁ ଦୂରକୁ ଠେଲି ଦେଉଛ ।" ଏବଂ ତା'ପରେ···(ଏତିକିବେଳେ ଆଲୁଅ ଜଳାଇ ଦେବାକୁ ସୁଇଚ ଟିପିବାକୁ ପଡ଼ିଲା, ଫଳରେ ମାଇକ୍‌ରେ କଡ଼୍ କରି ଶବ୍ଦ ହେଲା । ମାଆ ଟିକିଏ ବିସ୍ମିତ ହୋଇ ପଡ଼ିଲା ପରି ଦେଖାଗଲେ ଏବଂ ତା'ପରେ ବାକ୍ୟଟିକୁ ପାଇବା ଲାଗି ବହିର ପୃଷ୍ଠାଗୁଡ଼ିକୁ ଓଲଟାଇବାକୁ ଲାଗିଲେ ।) ମୁଁ ସେଇଟି ଏଇଠି ଥିବ ବୋଲି ଭାବିଥିଲି···(ସିଏ ବାକ୍ୟଟିକୁ ପାଇଗଲେ ଓ ପଢ଼ିବାକୁ ଲାଗିଲେ) "ତା'ହେଲେ", ହଁ, ପାଇଲି, "···ତୁମେ ସର୍ବଦା ନାନା ଆକ୍ରମଣ ଲାଗି ଉନ୍ମୁକ୍ତ ହୋଇ ରହିଥିବ ଏବଂ ପରମକରୁଣା ମଧ୍ୟ ତୁମପାଖରୁ ହଟି ହଟି ଚାଲି ଯାଉଥିବ ।" ବୁଝିଲ, ଏଇଟି···(ମାଆ ନୀରବ ରହିଲେ) ପ୍ରକୃତରେ ପରମକରୁଣା ତୁମକୁ ଛାଡ଼ି ଚାଲିଯାଏ ନାହିଁ, ତୁମେ ନିଜେହିଁ ପରମ କରୁଣାକୁ ଛାଡ଼ି ଦୂରକୁ ଚାଲିଆସ । ଏହିପରି ଏକ ଅନୁଭୂତି ହୋଇଥାଏ, ଏବଂ ଏକ ପ୍ରକୃତ କଥା ଆପଣାକୁ ବ୍ୟକ୍ତ କରିଥାଏ । କାରଣ, ବାକ୍ୟଟିରେ···ଏହା ପୂର୍ବରୁ ରହିଥିବା ଗୋଟିଏ ବାକ୍ୟରେ ଅଛି : "ତୁମେ ନିଜେହିଁ ପରମ କରୁଣାକୁ ନିଜ ପାଖରୁ ଠେଲି ବାହାର କରିଦେଉଛ ।" ତାହାହିଁ ପ୍ରକୃତ କଥା । ତୁମେ ନିଜେହିଁ ପରମ କରୁଣାକୁ ନିଜ ପାଖରୁ ତଡ଼ି ବାହାର କରି ଦେଉଛ । ମାତ୍ର ତାହାକୁ ତଡ଼ି ବାହାର କରି ଦେଇସାରିଲା ପରେ ତୁମର ଏହିପରି ଏକ ଧାରଣା ହେଉଛି ଯେ, ତାହା ତୁମକୁ ପରିତ୍ୟାଗ କରି ଚାଲିଯାଇଛି; ମାତ୍ର ପ୍ରକୃତ କଥାଟି ହେଉଛି ଏହିପରି : "ତେବେ ତୁମେ ସତତ ନାନା ଆକ୍ରମଣ ଲାଗି ଉନ୍ମୁକ୍ତ ହୋଇ ରହିବ ଏବଂ ପରମ କରୁଣା ତୁମଠାରୁ ହଟି ଦୂରକୁ ଚାଲିଯିବ ।" ଏହା ପ୍ରକୃତରେ ସତ୍ୟ ନୁହେଁ ଯେ ସିଏ ତୁମକୁ ଛାଡ଼ି ଚାଲିଯିବ, ତୁମର କେବଳ ଏହିପରି ଗୋଟାଏ ଧାରଣା ହେଉଛି ଯେ ତାହା ତୁମକୁ ଛାଡ଼ି ଚାଲିଯାଉଛି ।

ଏଇଟିକୁ ପଢ଼ିଲାବେଳେ ମୁଁ ଏକଥା ଜାଣିଲି । ଇଂରାଜୀରେ କିପରି ଲେଖା ହୋଇଛି, ମୁଁ ସେକଥା ଜାଣି ନାହିଁ । ଏଠାରେ ସାତ ପୃଷ୍ଠାରେ ଏହା ଲେଖା ହୋଇଛି । ମୁଁ ଠିକ କହିପାରୁ ନାହିଁ, ମାତ୍ର ଭାବୁଛି ଯେ ଇଂରାଜୀରେ ମଧ୍ୟ ତାହା

'oaob.nitrkl.ac.in' images reprocessed

ପ୍ରାୟ ସେଣ୍ଟପଲ ଏକ ପୃଷ୍ଠାରେ ରହିଥିବ : "ଯଦି ତୁମେ ସତ୍ୟର ଆବାହନ କରିବ…", ପ୍ରାୟ ସେଣ୍ଟପଲ କହନ୍ତି ।

(ଜଣେ କେହି ଇଂରାଜୀ ବହିରେ ସେହି ଆବଶ୍ୟକ ବାକ୍ୟଟିକୁ ଖୋଜି ପାଇଲେ ଓ ପଢ଼ିବାକୁ ଲାଗିଲେ : "ପରମ କରୁଣା ତୁମପାଖରୁ ହଟି ଚାଲିଯିବ" ।)

ହଁ, ହଁ, "ତୁମପାଖରୁ ହଟି ଚାଲିଯିବ"…"ତେବେ ତୁମେ ନରକର ନାନା ଆକ୍ରମଣ ଲାଗି ଉନ୍ମୁକ୍ତ ହୋଇ ରହିଥିବ ଏବଂ ପରମ କରୁଣା ତୁମଠାରୁ ହଟି ଦୂରକୁ ଚାଲିଯିବ ।"

ଏହା ଏକ ଧାରଣାକୁହିଁ ବ୍ୟକ୍ତ କରୁଛି । ମାତ୍ର ପ୍ରକୃତରେ ପରମ କରୁଣା ଆପଣାକୁ ଆଦୌ ଅପସରାଇ ନେଇଯାଏ ନାହିଁ । କାରଣ ଏଠାରେ ଲେଖା ହୋଇଛି, ଠିକ୍ ଟିକିଏ ଉପରକୁ, "ତେଣୁ ତୁମେ ପରମ କରୁଣାକୁ କଦାପି ଦୋଷ ଦେଇ ପାରିବ ନାହିଁ,"—ତୁମେ ନିଜେହିଁ ତାକୁ ଆପଣା ପାଖରୁ ତଡ଼ି ବାହାର କରିଦିଅ ।

ଗୋଟିଏ କ୍ଷେତ୍ରରେ ସିଏ ପରମ କରୁଣାର ସ୍ଥାନରେ ରହି କହୁଛନ୍ତି ଓ ଆଉଗୋଟିଏ କ୍ଷେତ୍ରରେ "ପରମ କରୁଣା ମୋତେ ପରିତ୍ୟାଗ କରି ଚାଲିଗଲା" ବୋଲି କହୁଥିବା ବ୍ୟକ୍ତିର ସ୍ଥାନରେ ରହି କହୁଛନ୍ତି । ମାତ୍ର ପ୍ରକୃତରେ ପରମ କରୁଣା କଦାପି ଘୁଞ୍ଚି ଚାଲିଯାଉ ନାହିଁ, ସିଏ ନିଜେ ତାକୁ ତଡ଼ି ବାହାର କରି ଦେଉଛି, ଅର୍ଥାତ୍ ପରମ କରୁଣା ଏବଂ ନିଜ ଭିତରେ ସିଏ ଏକ ଦୂରତା ଆଣି ରଖିଦେଉଛି । ଏପରିକି "ତଡ଼ି ବାହାର କରିଦେଉଛି" ବୋଲି କହିବା ଦ୍ୱାରା ମଧ୍ୟ ଠିକ୍ ଯଥାର୍ଥ ତଥ୍ୟଟି ମୋଟେ ପ୍ରକଟ ହେଉ ନାହିଁ; ତୁମେ ବେଶ୍ ବୁଝି ପାରିବ, ଏହା—ଏହା କୌଣସି ଦାର୍ଶନିକ ପାଖକୁ ଆଦୌ ଲେଖା ହୋଇ ନାହିଁ ଏବଂ ମୋଟେ ଏକ ଦାର୍ଶନିକ ଧାରାରେ ଲେଖାହୋଇ ନାହିଁ । ଗୋଟିଏ କ୍ଷେତ୍ରରେ ସିଏ ଏହି ନିର୍ଦ୍ଦିଷ୍ଟ ଦୃଷ୍ଟିକୁ ଗ୍ରହଣ କରିଛନ୍ତି, ମାତ୍ର ତଥାପି ଘଟଣାଟି ସେହି ଏକା ଘଟଣା ହୋଇ ରହିଛି । ଅର୍ଥାତ୍, ପରମ କରୁଣା ଏବଂ ବ୍ୟକ୍ତି ମଧ୍ୟରେ ଏକ ମାନସିକ ଦୂରତାର ସୃଷ୍ଟି ହୋଇଯାଉଛି । ଏବଂ ଏହି ମାନସିକ ଦୂରତା ସକାଶେ ବ୍ୟକ୍ତି ଆଉ ପରମ କରୁଣାକୁ ଗ୍ରହଣ କରିପାରୁ ନାହିଁ ଏବଂ ପରମ କରୁଣା ଆଉ ତା'ପାଖରେ ନାହିଁ ବୋଲି ଅନୁଭବ କରୁଛି । ମାତ୍ର ଏହା ଯଥାର୍ଥରେ ତା'ପାଖରେ ରହିଛି; କେବଳ, ସିଏ ଦୁଇଟି ଭିତରେ ଏହି ଦୂରତାଟିକୁ ପ୍ରତିଷ୍ଠା କରି ପକାଇ ଥିବାରୁ ସିଏ ଆଉ ତାହାକୁ ଅନୁଭବ କରିପାରୁ ନାହିଁ । ଏହାହିଁ ପ୍ରକୃତ ଘଟଣା । ପ୍ରକୃତରେ ପରମ କରୁଣା ଆଦୌ ଘୁଞ୍ଚି ଚାଲିଯାଉ ନାହିଁ । ଏକଥା ମଧ୍ୟ ଠିକ୍

'oaob.nitrkl.ac.in' images reprocessed

ନୁହେଁ ଯେ ସେହି ବ୍ୟକ୍ତି ଭିତରେ ତାହାକୁ ତଡ଼ି ବାହାର କରିଦେବାର ସାମର୍ଥ୍ୟ ବି ରହିଛି । କାରଣ ଯଦି ପରମ କରୁଣା ସ୍ୱୟଂ ଖୋଲିଯିବାକୁ ଇଚ୍ଛା ନ କରେ, ତେବେ ସଂପୃକ୍ତ ବ୍ୟକ୍ତିଜଣକ ଯେତେ ଚେଷ୍ଟା କଲେ ମଧ୍ୟ ସିଏ କଦାପି ଖୋଲିଯିବ ନାହିଁ । ମାତ୍ର ସିଏ ନିଜେହିଁ ପରମ କରୁଣାକୁ ଅନୁଭବ କରିବା ଲାଗି ଓ ତାହାର ପ୍ରଭାବଟିକୁ ଗ୍ରହଣ କରିପାରିବା ଲାଗି ନିଜକୁ ଅସମର୍ଥ କରିପକାଉଛି । ପରମ କରୁଣା ଓ ନିଜ ଭିତରେ ସିଏ ଏକ ମାନସିକ ପ୍ରାଚୀର ଆଣି ଠିଆ କରି ରଖୁଛି ।

ଏଥର ବୁଝିଲ ? ମୁଁ ଭାବୁଛି, ଆଜି ସନ୍ଧ୍ୟା ପାଇଁ ଏତିକି ଯଥେଷ୍ଟ ହେବ ।

ଶୁଭରାତ୍ରି ।

'oaob.nitrkl.ac.in' images reprocessed

# ୨୪ ଜୁଲାଇ ୧.୯୫୪

ଫରାସୀ ଗଣରାଜ୍ୟ ଦିବସ ପାଳନ ଉପଲକ୍ଷେ ଉଡ଼ ଯାଉଥିବା ଅଟପଡ଼ାକର ଶବ୍ଦ ଯୋଗୁଁ ଏହି ପ୍ରବଚନକୁ ମୋଟେ ଭଲ ଭାବରେ ରେକର୍ଡ଼୍ କରାଯାଇ ପାରି ନ ଥିଲା ।

ଏହି ପ୍ରବଚନଟି ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମା" ବହିର ଦ୍ୱିତୀୟ ଅଧ୍ୟାୟ ଉପରେ ଆଧାରିତ ।

ମାଆ, ଶ୍ରୀଅରବିନ୍ଦ ଦିବ୍ୟ ପରମସତ୍ତା ଓ ଶକ୍ତିଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଅଛି ବୋଲି କହୁଛନ୍ତି କି ? ଏଠାରେ ସିଏ "ଆପଣାକୁ, ଆପଣା ବୋଲି ସବୁକିଛିକୁ, ଆପଣାର ସକଳ କିଛିକୁ ଓ ଆପଣା ଚେତନାର ପ୍ରତ୍ୟେକ ଭୂମିକୁ ଓ ସକଳ ଗତିସ୍ପନ୍ଦନକୁ ଦିବ୍ୟ ପରମସତ୍ତା ଓ ପରମା ଶକ୍ତିଙ୍କ ପାଖରେ ସମର୍ପଣ କରିଦେବା" ବିଷୟରେ କହୁଛନ୍ତି ।

ସିଏ ଦିବ୍ୟ ପରମସତ୍ତାଙ୍କୁ ସର୍ବୋଚ୍ଚ ସତ୍ତା ବୋଲି କହୁଛନ୍ତି । ସେଇ ହେଉଛନ୍ତି ଆଦିମୂଳ । ସିଏ ଏହିପରି କହୁଛନ୍ତି, ନୁହେଁ ? ମୁଁ ଭାବୁଛି, ଏହି ଅଧ୍ୟାୟର ମୂଳରେ ସେ କହୁଛନ୍ତି, "ଦିବ୍ୟ ପରମସତ୍ତା···"

(ପିଲାଟି ବହିରୁ ପଢ଼ି ଶୁଣାଇଲା) "···ତାଙ୍କର ଶକ୍ତି ଜରିଆରେ ସିଏ ସକଳ କର୍ମର ପଶ୍ଚାତରେ ରହିଛନ୍ତି···"*

ଶକ୍ତି କହିଲେ ଶ୍ରୀଅରବିନ୍ଦ କ୍ରିୟାତ୍ମିକା ଶକ୍ତିକୁ ବୁଝୁଛନ୍ତି । ସୃଷ୍ଟିକାରିଣୀ ପରମଚେତନାକୁ ବୁଝୁଛନ୍ତି ।

"ସମର୍ପଣ" ଓ "ଚେତନାର ପ୍ରତ୍ୟେକ ଭୂମି,"—ଏଗୁଡ଼ିକର ଅର୍ଥ କ'ଣ ?

*ସମ୍ପୂର୍ଣ୍ଣ ବାକ୍ୟଟି ହେଉଛି : "ଏହି ବିଶ୍ୱବ୍ରହ୍ମାଣ୍ଡରେ ଯାହାକିଛି ହେଉଛି, ଆପଣାର ଶକ୍ତି ଜରିଆରେ ସିଏ ସବୁକିଛି କାର୍ଯ୍ୟର ପଶ୍ଚାତରେ ରହିଛନ୍ତି; ମାତ୍ର ସିଏ ତାଙ୍କର ଯୋଗମାୟାଙ୍କ ଦ୍ୱାରା ଆଚ୍ଛାଦିତ ହୋଇ ରହିଛନ୍ତି । ଏବଂ ଜୀବର ଅହଂ ମଧ୍ୟଦେଇ ନିମ୍ନ ପ୍ରକୃତିର ଭୂମିରେ କାର୍ଯ୍ୟ କରୁଛନ୍ତି ।"

'oaob.nitrkl.ac.in' images reprocessed

ଏହାର ଅର୍ଥ ହେଉଛି ଶାରୀରିକର ସମର୍ପଣ, ପ୍ରାଣିକର ସମର୍ପଣ, ମନର ସମର୍ପଣ ଓ ଚୈତ୍ୟର ସମର୍ପଣ । ଏବଂ ଯଦି ତୁମେ ତୁମ ସତ୍ତାର ଅନ୍ୟ ଭାଗଗୁଡ଼ିକ ବିଷୟରେ ମଧ୍ୟ ସଚେତନ ହୋଇ ରହିଥାଅ, …ସର୍ବପ୍ରଥମେ ତୁମକୁ ତୁମ ସତ୍ତାର ବିଭିନ୍ନ ଭାଗଗୁଡ଼ିକ ମଧ୍ୟରେ ରହିଥିବା ଭେଦଗୁଡ଼ିକୁ ନିରୂପଣ କରିବା ଲାଗି ସମର୍ଥ ହେବାକୁ ହେବ, ଏବଂ ତା'ପରେ, ସ୍ପଷ୍ଟ ଭାବରେ ସେହି ଭେଦନିରୂପଣଟିକୁ କରିପାରିବା ପରେ, ତୁମେ ସେଗୁଡ଼ିକୁ ଗୋଟି ଗୋଟି କରି ନେଇ ସମର୍ପଣ କରିଦେବ ।

"ଯୋଗମାୟା"ର ଅର୍ଥ କ'ଣ ?

ଯୋଗମାୟା ? ମାୟା, ଠିକ୍ କେଉଁ ଅର୍ଥରେ ସିଏ ଏହି କଥାଟିକୁ ବ୍ୟବହାର କରିଛନ୍ତି, ମୁଁ ସେକଥା କହିପାରୁ ନାହିଁ,—ବାହ୍ୟତମ ଅଭିବ୍ୟକ୍ତିର ଅର୍ଥରେ ନା ଆଉ କେଉଁ ଅର୍ଥରେ ବ୍ୟବହାର କରିଛନ୍ତି… ସିଏ କ'ଣ ପ୍ରକୃତରେ ଯୋଗମାୟା ବିଷୟରେ କହିଛନ୍ତି ?

(ଜଣେ ପିଲା ବାକ୍ୟାଂଶଟିର ଶେଷ ଭାଗଟିକୁ ପଢ଼ିଲା) "…ସିଏ ଆପଣାର ଯୋଗମାୟା ଦ୍ୱାରା ଆଚ୍ଛାଦିତ ହୋଇ ରହିଛନ୍ତି…"

ହଁ, ଅର୍ଥାତ୍ ବାହ୍ୟ ଅଭିବ୍ୟକ୍ତିଟି ଦ୍ୱାରା ଆଚ୍ଛାଦିତ ହୋଇ ରହିଛନ୍ତି । ଏହାର ପ୍ରକୃତରେ ଏହିପରି ଅର୍ଥ ହେବ, ଆମେ ଏହାକୁ ବିଶ୍ୱଜଗତର ବାହ୍ୟରୂପ ଅର୍ଥରେ ବୁଝିବା; ଏବଂ ଜୀବ, ଅର୍ଥାତ୍ ବ୍ୟକ୍ତିସତ୍ତାର ଅହଂ ଅର୍ଥରେ ମଧ୍ୟ ବୁଝିବା ।

ସିଏ "ଜୀବର ଅହଂ ମଧ୍ୟ ଦେଇ କାର୍ଯ୍ୟ କରୁଛନ୍ତି ।"

ହଁ, ଦୁଇଟିର ଏକା ଅର୍ଥ । ହଁ, "ମଧ୍ୟଦେଇ"—ଅର୍ଥାତ୍ ସେଠାରେ ଅହଂ ବିଦ୍ୟମାନ ରହିଛି ।

ମାଆ, ଏଠାରେ ଲେଖା ହୋଇଛି : "ନିମ୍ନତର ପ୍ରକୃତି ଯେପର୍ଯ୍ୟନ୍ତ କ୍ରିୟାଶୀଳ ହୋଇ ରହିଥିବ, ସେପର୍ଯ୍ୟନ୍ତ ସାଧକର ବ୍ୟକ୍ତିଗତ ଚେଷ୍ଟା ଲାଗି ଆବଶ୍ୟକତା ରହିଥିବ ।" ମୁଁ ଏଠାରେ ଥିବା "ନିମ୍ନତର ପ୍ରକୃତି ଯେପର୍ଯ୍ୟନ୍ତ କ୍ରିୟାଶୀଳ ହୋଇ ରହିଥିବ" କଥାଟିକୁ ବୁଝିପାରିଲି ନାହିଁ । ଏହା କିପରି ହେବ ?

ନିମ୍ନତର ପ୍ରକୃତି ସାଧାରଣତଃ ସର୍ବଦାହିଁ କ୍ରିୟାଶୀଳ ହୋଇ ରହିଥାଏ । କେବଳ ସମ୍ପୂର୍ଣ୍ଣ ସମର୍ପଣ ସମ୍ଭବ ହେଲେ ଯାଇ ତାହାର ସକ୍ରିୟତା ବନ୍ଦ ହୁଏ ।

'oaob.nitrkl.ac.in' images reprocessed

ଯେତେବେଳେ ଜଣେ ବ୍ୟକ୍ତି ଆପଣାର ଅନ୍ତରର ଚେତନାରେ ବାସ କରୁ ନ ଥାଏ, ସେତେବେଳେ ସିଏ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରି ଦେଇଥାଏ, ସେତେବେଳେ ଆଉ ଅନ୍ତରର ପ୍ରକୃତ ସମ୍ପର୍କ ହୋଇପାରେ ନାହିଁ । ମାତ୍ର ତାହା ସମ୍ପର୍କ ହୋଇ ରହିଥିବା ପର୍ଯ୍ୟନ୍ତ ବ୍ୟକ୍ତିଗତ ପ୍ରୟାସ ଆବଶ୍ୟକ ହୁଏ ।

ବସ୍ତୁତଃ, ନିଜର ସତ୍ତାକୁ ଏକ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ଭାବିବାର ଏକ ଚେତନା ରହିଥିବା ପର୍ଯ୍ୟନ୍ତ ବ୍ୟକ୍ତିଗତ ପ୍ରୟାସ ଅବଶ୍ୟ କରିବାକୁ ପଡ଼ିଥାଏ । ପୃଥକ୍ ବା ସ୍ୱତନ୍ତ୍ର ହୋଇ ରହିଥିବାର ଚେତନାଟି ଯେତେବେଳେ ଅପସାରିତ ହୋଇଯାଏ, ସେତେବେଳେ ବ୍ୟକ୍ତି ନିଜକୁ ସମ୍ପୂର୍ଣ୍ଣ ଭାବରେ କେବଳ ଯେ ସମର୍ପିତ କରି ଦେଇଥାଏ ତା' ନୁହେଁ, ମାତ୍ର, ଯେତେବେଳେ ସିଏ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ମିଳିତ ହୋଇ ରହିଥାଏ, ସେତେବେଳେ ବ୍ୟକ୍ତିଗତ ପ୍ରୟାସର ମଧ୍ୟ ଆଉ କୌଣସି ଆବଶ୍ୟକତା ରହେ ନାହିଁ । ମାତ୍ର ଯେପର୍ଯ୍ୟନ୍ତ ନିଜେ ଏକ ପୃଥକ୍ ସତ୍ତା ବୋଲି ଅନୁଭବ ରହିଥାଏ, ସେପର୍ଯ୍ୟନ୍ତ ଏକ ବ୍ୟକ୍ତିଗତ ପ୍ରୟାସର ଅବଶ୍ୟ ଆବଶ୍ୟକତା ରହିଥାଏ । ଶ୍ରୀଅରବିନ୍ଦ ଏହାକୁହିଁ ଅନ୍ତରର ଚେତନାର ନିଷ୍କ୍ରିୟାଶୀଳତା ବୋଲି କହିଛନ୍ତି ।

(ମାଆ ନୀରବ ରହିଲେ)

ସତ କହିବାକୁ ଆମକୁ ଏତେ ଡର ମାଡ଼େ କାହିଁକି ?

ହଁ, କାହିଁକି ? ମୁଁ ବି ପଚାରୁଛି, କାହିଁକି ? ମୁଁ ସେହି କାରଣଟିକୁ ଜାଣିବାକୁ ପ୍ରକୃତରେ ଭାରି ଇଚ୍ଛା କରୁଛି ! ମାତ୍ର ବାସ୍ତବ କ୍ଷେତ୍ରରେ ଠିକ୍ ସେହିପରି ହୋଇଥାଏ । ସବୁକଥା ଠିକ୍ ସେହିପରି ହୋଇ ରହିଛି । ମୁଁ ଭାବୁଛି, ଏହାର ମୁଖ୍ୟ କାରଣ ହେଉଛି ଯେ, ଆପଣାର ଏହି ବାହ୍ୟ ଏବଂ ବ୍ୟକ୍ତିଗତ ଆକାରର କ୍ଷେତ୍ରରେ ପ୍ରକୃତି ମୋଟେ ବଦଳିବାକୁ ଇଚ୍ଛା କରୁ ନ ଥାଏ । ତାହା ମୋଟେ ବଦଳିବାକୁ ଚାହୁଁ ନ ଥାଏ; ତେଣୁ, ତୁମେ ବଦଳିଯାଅ ବୋଲି ଯିଏ ଆଗ୍ରହ ରଖିଛି, ସେହି ଶକ୍ତି ପ୍ରତି ପ୍ରକୃତି ଶତ୍ରୁତା ଆଚରଣ କରେ, ସତ୍ୟ ପାଖରେ ଶତ୍ରୁତା ଆଚରଣ କରେ !

(ସେତିକିବେଳେ ଆତସବାଜିର ଡୁ ଡୁ ଶବ୍ଦ ଆସି ସବୁ କମ୍ପାଇଦେଲା, ସେଥିରେ ଆଉ ଯାବତୀୟ ଶବ୍ଦ ବୁଡ଼ିଯାଇ ପୋତି ହୋଇଗଲା ! ମାଆ ଈଷତ୍ ହସି ମନ୍ତବ୍ୟ ପ୍ରକାଶ କଲେ :)

ଭାରି ବଢ଼ିଆ କଥା ହେଲା । ବର୍ତ୍ତମାନ ଆମେ ଯାହାକିଛି କହିବା, ତାହାର ମଝିରେ ମଝିରେ ଏହିପରି ବେଶ୍ ଶବ୍ଦ ହେଉଥିବ । (ବିଶ୍ୱନାଥଙ୍କୁ ଲକ୍ଷ୍ୟ କରି)

'oaob.nitrkl.ac.in' images reprocessed

ତୁମେ ବର୍ତ୍ତମାନ ରେକର୍ଡିଂ ବନ୍ଦ କରିଦେଇ ପାର, ଆମେ ବାଣର ଶବ୍ଦଗୁଡ଼ାକୁ ମୋଟେ ରେକର୍ଡ କରିବାକୁ ଚାହୁଁ ନାହୁଁ । (ସମସ୍ତେ ହସିଲେ)

"ଏକ ତାମସିକ ସମର୍ପଣ, ଯାହାକି ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ଅସମ୍ମତ ହୋଇ ରହିଥାଏ"—ଯଦି ସର୍ତ୍ତଗୁଡ଼ିକର ପୂରଣ କରିବାକୁ ତାହା ଅସମ୍ମତ ହୋଇ ରହିଥାଏ, ତେବେ ତା'ହେଲେ ତାକୁ ତ ମୋଟେ ସମର୍ପଣ ବୋଲି କୁହାଯିବ ନାହିଁ, କୁହାଯାଇ ପାରିବ କି ?

ସମ୍ପୂର୍ଣ୍ଣ ଠିକ୍ କଥା । ମାତ୍ର ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ସମର୍ପଣ କରି ସାରିଛନ୍ତି ବୋଲି ଭାବିଥାନ୍ତି ଓ ତୁମକୁ ଆସି କହନ୍ତି, "ମୁଁ ଆଉ ନିଜେ କୌଣସି କାର୍ଯ୍ୟ କରୁ ନାହିଁ, ମୁଁ ଦିବ୍ୟ ପରମସତ୍ତାଙ୍କ ହାତରେ ଆପଣାକୁ ସମର୍ପଣ କରିଦେଇଛି, ବର୍ତ୍ତମାନ ତ ସେହି ଦିବ୍ୟ ପରମସତ୍ତାଙ୍କରହିଁ ମୋ' ଲାଗି ସବୁକିଛି କରିବା କଥା ।" ସେମାନେ ଏଇଟାକୁହିଁ ସମର୍ପଣ ବୋଲି କହନ୍ତି···ଅର୍ଥାତ୍ ସେମାନେ ତାକୁ ଆଳସ୍ୟର ଓ ତାମସିକତାରହିଁ ଏକ ପ୍ରେରଣା ବୋଲି ଭାବନ୍ତି, ଯାହାକି ଆଦୌ କୌଣସି ପ୍ରୟାସ କରିବା ଲାଗି ଇଚ୍ଛା କରୁ ନ ଥାଏ ଏବଂ ଦିବ୍ୟ ପରମସତ୍ତାହିଁ ତା'ଲାଗି ସବୁକିଛି କରିଦେବେ ବୋଲି ଖାଲି ଅଭିଳାଷ ରଖିଥାଏ । କାରଣ ତାହା ହେଉଛି ଅନେକ ଅଧିକ ଆରାମଦାୟକ !

"ହୃଦୟର ଅନ୍ୱେଷଣ" କହିଲେ କ'ଣ ବୁଝାଏ ?

ହୃଦୟର ଅନ୍ୱେଷଣ—ଆମର ସଂବେଗମୟ ସତ୍ତା ଉଦ୍ୟମ କରୁଥାଏ ଯେ···

(ଛାତ୍ରାବାସର ପିଲାମାନେ ଛାତ ଉପରୁ ବାଣମରା ଦେଖି ଏତେ ଜୋରରେ ଚିତ୍କାର କରି ଉଠୁଥିଲେ ଯେ, ଏଣେ କ୍ଲାସ୍‌ରେ ଅତ୍ୟନ୍ତ ବାଧା ଅନୁଭୂତ ହେଲା ।)

ଏଠାରୁ ଆମକୁ କିଛି ଦେଖା ଯାଉ ନାହିଁ···ଅନ୍ୟପାଖରେ ଏସବୁ ହେଉଛି, ନୁହେଁ ? ଆମେ କେବଳ ଶବ୍ଦଟାକୁହିଁ ଶୁଣିପାରୁଛୁ ।

"ଅନ୍ୱେଷଣ"ର ଅର୍ଥ ହେଉଛି ଭାବାତ୍ମକ କେନ୍ଦ୍ରଟି ସଂବେଗର ଭୂମି ଉପରେ ଦିବ୍ୟ ପରମସତ୍ତାଙ୍କ ସହିତ ଏକ ସମ୍ପର୍କ ଲାଭ କରିବାକୁ ଚେଷ୍ଟା କରୁଛି ।

(ସେହିପରି ଶବ୍ଦମାନ ହେବାରେ ଲାଗିଲା ଏବଂ ମାଆ ପୁନର୍ବାର ବିଶ୍ୱନାଥଙ୍କୁ କହିଲେ) ମୁଁ ଭାବୁଛି, ତୁମେ ଏଥର ବନ୍ଦ କରିଦିଅ ।

(ଗୋଟିଏ ପିଲା) ନାଇଁ ମାଆ, ଆମେ ବନ୍ଦ କରିବା ନାହିଁ ।

'oaob.nitrkl.ac.in' images reprocessed

ମୁଁ ତ କଥା ବି କହିପାରୁ ନାହିଁ । (ଆଉ ଗୋଟିଏ ପିଲାକୁ) ତେବେ ବର୍ତ୍ତମାନ ଆଉ କ'ଣ ପଚାରିବାର ଅଛି ?

ଆମେ ସବୁବେଳେ ନିରର୍ଥକ କଥାବାର୍ତ୍ତାରେ ସମୟ କଟାଇ ଦେବାକୁ ଏତେ ଆଗଭର ହୋଇଯାଉ କାହିଁକି ? ଆମେ ନିରର୍ଥକ ଭାବରେ କଥା କହିବାକୁ ଏତେ ମନ କରୁ କାହିଁକି ?

ଲୋକମାନେ ନିରର୍ଥକ ଭାବରେ କାହିଁକି ଏତେ ଗପସପ କରନ୍ତି ? ହଁ, ତା'ପଛରେ ହୁଏତ ଏପରି ଏକ କାରଣ ରହିଥାଏ ଯେ, ଶବ୍ଦର ଧ୍ୱନିର ରଚନା କରି ପାରୁଥିବାରୁ ମଣିଷ ପ୍ରାୟ ସହଜାତ ଭାବରେହିଁ ଭାରି ଗର୍ବ ଅନୁଭବ କରୁଥାଏ । ସିଏ ଭାବେ ଯେ ସିଏ ହେଉଛି ଏହି ପୃଥିବୀପୃଷ୍ଠରେ ସର୍ବପ୍ରଥମ ପ୍ରାଣୀ, ଯିଏକି କଥା କହି ପାରିଲା, ଯିଏକି ସ୍ପଷ୍ଟ ଭାବରେ ଧ୍ୱନିଗୁଡ଼ିକୁ ନିଷ୍ପନ୍ନ କରିବାରେ ସମର୍ଥ ହେଲା । ତେଣୁ, ଏହା ହେଉଛି ଗୋଟାଏ ପ୍ରକାରର···ଏହା ହେଉଛି ଏପରି ଏକ ପିଲାର ଆଚରଣ ପରି, ଯିଏକି ହାତରେ ଗୋଟାଏ ନୂଆ ଖେଳନା ପାଇଛି ଓ ସେଇଟାକୁ ନେଇ ମନବୋଧ ହେଲା ପର୍ଯ୍ୟନ୍ତ ଖେଳିବା ସକାଶେ ଇଚ୍ଛା କରୁଛି । ଏହି ଧରଣୀ ପୃଷ୍ଠରେ ମନୁଷ୍ୟହିଁ ଏକମାତ୍ର ଏପରି ପ୍ରାଣୀ ଯିଏକି ସ୍ପଷ୍ଟ ଭାବରେ ନାନା ଧ୍ୱନି କରିପାରେ, ତେଣୁ ସିଏ ତା'ର ସେହି ଧ୍ୱନିଗୁଡ଼ାକୁ ନେଇ ଖେଳିବାରେ ଲାଗିଥାଏ । ବୁଝିଲ, ମୁଁ ଭାବୁଛି ଏହା ହେଉଛି ସେହିପରି···

ଏବଂ ତା'ସହିତ ଯାବତୀୟ ପ୍ରକାରର ନିର୍ବୋଧତା ମଧ୍ୟ ଯୁକ୍ତ ହୋଇ ରହିଛି । ତୁମେ ଜାଣିଥିବ, ମୁଁ ଥରେ କହିଥିଲି ଯେ କେତେକ ଲୋକ କିଛି କଥା କହିବାକୁ ଆରମ୍ଭ କରିପାରିଲେ ଯାଇ ହୁଏତ କିଛି ନା କିଛି ଭାବିବା ପାଇଁ ସମର୍ଥ ହୁଅନ୍ତି । ···କଥା ନ କହୁଥିବା ସମୟରେ ସେମାନେ ମୋଟେ କିଛି ଭାବି ପାରନ୍ତି ନାହିଁ । ସେମାନେ ନୀରବ ହୋଇ ରହିଥିବା ସମୟରେ କିଛି ଭାବିପାରନ୍ତି ନାହିଁ, ଏବଂ ତେଣୁ କଥା କହିବାର ଅଭ୍ୟାସଟିକୁ ଆଦରି ନେଇଥାନ୍ତି । ମାତ୍ର ଜଣେ ବ୍ୟକ୍ତିର ବିକାଶ ଯେତିକି ଅଧିକ ମାତ୍ରାରେ ହୋଇଥାଏ, ତାହାର ବୁଦ୍ଧିରେ ମଧ୍ୟ ସେତିକି ଅଧିକ ବିକାଶ ହୋଇଥାଏ ଏବଂ ଆପଣାକୁ କଥା ଦ୍ୱାରା ବ୍ୟକ୍ତ କରିବାର ଆବଶ୍ୟକତାଟି ତା'ଲାଗି ସେତିକି କମ୍ ପରିମାଣରେ ରହିଥାଏ । ସର୍ବଦା କେବଳ ଏକ ଅନୁଚ୍ଚ ସ୍ତରରେ ରହିଥିଲେହିଁ କଥା କହିବାର ଏକ ପ୍ରୟୋଜନ ରହିଥାଏ । ଏବଂ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଯିଏ ଅତ୍ୟନ୍ତ ସଚେତନ ରହିଥାଏ, ଯାହାର ମନ ଓ ବୁଦ୍ଧିରେ ଅନେକ ବିକାଶ ସମ୍ଭବ ହୋଇଥାଏ, ସିଏ କେବଳ ପ୍ରୟୋଜନ ସମୟରେହିଁ କଥା କହେ । ସିଏ କଦାପି ନିରର୍ଥକ ଭାବରେ ଶବ୍ଦଗୁଡ଼ାକର

'oaob.nitrkl.ac.in' images reprocessed

ବ୍ୟବହାର କରେ ନାହିଁ । ସାମାଜିକ ମାନଦଣ୍ଡରେ ଆମେ ଏହି ବ୍ୟାପାରଟିକୁ ଏହିପରି ଭାବରେ କଳନା କରିପାରିବା...ଗୋଟିଏ ସୋପାନ କ୍ରମରେ ଏକା-ବେଳେକେ ସବାତଳେ ରହିଥିବା ଲୋକମାନଙ୍କର କଥା ବିଚାର କରିଯାଉ : ସେମାନେ ସବୁଠାରୁ ଅଧିକ କଥା କହନ୍ତି, କଥା କହି ଆପଣାର ସମସ୍ତ ବିତାଇ ଦିଅନ୍ତି । ସେମାନଙ୍କର କଥା କେବେହେଲେ ବନ୍ଦ ହୋଇପାରେ ନାହିଁ । ସେମାନଙ୍କର ଅନୁଭବରେ ଯାହାକିଛି ଘଟେ, ସେମାନେ ତାହାକୁ ତତ୍‌କ୍ଷଣାତ୍ ଶବ୍ଦରେ ପ୍ରକାଶ କରି କହି ଦେଉଥାନ୍ତି । ମାତ୍ର, ଜଣେ ବ୍ୟକ୍ତି ଯେତିକି ଅଧିକ ପରିମାଣରେ ବିକାଶରେ ଅଗ୍ରଗତି କରିଥାଏ ଏବଂ ବିବର୍ତ୍ତନର ସ୍ତରାନୁକ୍ରମରେ ଏକ ଉଚ୍ଚତର ସ୍ଥାନରେ ଯାଇ ପହଞ୍ଚିଥାଏ, ସିଏ କଥା କହିବା ସକାଶେ ସେତିକି କମ୍ ପ୍ରୟୋଜନ ଅନୁଭବ କରିଥାଏ ।

ଦୁଇଟି କାରଣରୁ ଏହା ହୁଏ : ପ୍ରଥମତଃ, ଏହା ହେଉଛି ଏକ ନୂତନ ସାମର୍ଥ୍ୟ, ଯାହାର କି ଯେକୌଣସି ନୂତନ ସାମର୍ଥ୍ୟ ପରି ପ୍ରାପ୍ତ ସ୍ୱାଭାବିକ ଏବଂ ସହଜାତ ଭାବରେ ଏକ ଆକର୍ଷଣ ମଧ୍ୟ ରହିଛି; ଦ୍ୱିତୀୟତଃ, ଆପଣାର ଭାବନା ବିଷୟରେ ସଜ୍ଞାନ ହୋଇ ରହିବାରେ ଏହା ତୁମକୁ ସାହାଯ୍ୟ କରିଥାଏ । ତା' ନ ହେଲେ କିଛି ଭାବିହୁଏ ନାହିଁ, ଶବ୍ଦ ଦେଇ ବଡ଼ ପାଟିରେ ବ୍ୟକ୍ତ ନ କଲା ପର୍ଯ୍ୟନ୍ତ ଆପଣାର ଭାବନାଗୁଡ଼ିକୁ ମୋଟେ ସୂତ୍ରବଦ୍ଧ କରି ହେଉ ନ ଥାଏ... ଏମାନଙ୍କ ବ୍ୟତୀତ ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେକି ଆପଣାର ଗୃହୀତ ଧନ୍ଦାଟିର ପ୍ରୟୋଜନରେ ପଡ଼ି କଥା କହୁଥା'ନ୍ତି—ଅର୍ଥାତ୍ ଯେଉଁମାନେ ଅଭ୍ୟାସଗତ ଭାବରେ ବକ୍ତୃତା ଦିଅନ୍ତି, ରାଜନୀତିକ ଭାଷଣମାନ ଦେଉଥାନ୍ତି, ଅଥବା ପାଠ ପଢ଼ାନ୍ତି, କ୍ଲାସ୍ ନିଅନ୍ତି । —ଏମାନଙ୍କଠାରୁ ଏକ ବ୍ୟତିକ୍ରମ ରୂପେ ଏପରି ଅନେକ ବ୍ୟକ୍ତି ବି ଅଛନ୍ତି, ଯେଉଁମାନେ କି ସୁନିଶ୍ଚିତ ଭାବରେ ଏକାବେଳେକେ ବୁଦ୍ଧିମାନ ହୋଇଥାନ୍ତି ଓ ଗୁଡ଼ାଏ କଥା ମଧ୍ୟ କହନ୍ତି । ମାତ୍ର ସାଧାରଣତଃ ଏହିପରି ହୁଏ ଯେ, ଯେଉଁମାନେ ଯେତେ ଅଧିକ କଥା କହନ୍ତି, ସେମାନଙ୍କର ବୁଦ୍ଧିରେ ସେତେ କମ୍ ବିକାଶ ହୋଇଥାଏ !

କଥା କହିବାରୁ ବିରତ ହୋଇ ରହିବା ଲାଗି କ'ଣ କରିବା ଉଚିତ ?

ଚିନ୍ତା କରିବା ଉଚିତ । କେବଳ ଆଉ ଟିକିଏ ଅଧିକ ପରିମାଣରେ ମନନ ଦିଗରେ ମନ ଦେବା ଉଚିତ । କିଛି କହିବା ପୂର୍ବରୁ ସେହି ବିଷୟରେ ଚିନ୍ତା

'oaob.nitrkl.ac.in' images reprocessed

କରିବାର ଅଭ୍ୟାସଟିଏ ସମ୍ଭବ କରିପାରିଲେ, ତୁମେ ନିଜର ଅନ୍ତତଃ ଅଧେ କଥା କହିବାକୁ ନିଷ୍କୃତି ଲାଭ କରିପାରିବ । କଥା କହିବା ପୂର୍ବରୁ ଚିନ୍ତା କରିବା ଏବଂ, ଯାହା ତୁମକୁ ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେ ହେଉଛି, କେବଳ ସେତିକକହିଁ କହିବା — ତେବେ ତୁମେ ଅଚିରେ ଏବିଷୟରେ ସଜ୍ଞାନ ହୋଇପାରିବ ଯେ, ଏପରି ଖୁବ୍ କମ୍ ଶବ୍ଦ ରହିଛନ୍ତି, ଯେଉଁମାନଙ୍କୁ ପ୍ରକୃତରେ ଅପରିହାର୍ଯ୍ୟ ବୋଲି କୁହାଯାଇପାରିବ । ଅବଶ୍ୟ, ବ୍ୟାବହାରିକ ଦୃଷ୍ଟିକୋଣରୁ ଏଥିରେ ଏକ ବ୍ୟତିକ୍ରମ ଅବଶ୍ୟ ରହିବ । ଉଦାହରଣସ୍ୱରୂପ, କାମ କଲାବେଳେ, ବିଶେଷତଃ ଆଉଜଣେ ବ୍ୟକ୍ତିଙ୍କ ସହିତ ଏକାଠି କାମ କରୁଥିବା ସମୟରେ କେତେକ ଶବ୍ଦ ବ୍ୟବହାର କରିବାକୁ ବାଧ୍ୟ ହେବାକୁ ପଡ଼ିବ : "ଏଇଟା କର", "ସେଇଟା ଦିଅ" ବା "ଏପରି, କିଂବା ସେପରି ।" ମାତ୍ର ଏହି କ୍ଷେତ୍ରରେ ମଧ୍ୟ ବ୍ୟବହୃତ ଶବ୍ଦଗୁଡ଼ିକୁ ଏକ ସର୍ବନିମ୍ନ ସ୍ତରରେ ନେଇ ରଖାଯାଇ ପାରିବ । ତା' ନ ହେଲେ, ଦେଖୁଛ ତ ? ··· (ପୁଣି ଗୋଟାଏ ବାଣ ଫୋଟା' କରି ଶବ୍ଦ କଲା) ଏଗୁଡ଼ିକ ଉଡ଼ନ୍ତା ଆଳଆ ! ସେମାନେ ଅନେକ ଦୂରକୁ ଯାଇ ପାରନ୍ତି । ଏସବୁ କେତେ ବେଳଯାଏ ଚାଲିବ ?

ଅଧଘଣ୍ଟାଏ ।

(ଆଉଗୋଟିଏ ପିଲା) ଦଶଟା ଯାଏ ।

ଦଶଟାଯାଏ ! ···ତେବେ ମୁଁ ପୁଣି ଆରମ୍ଭ କରୁଛି !

କାହାର ପ୍ରଶ୍ନ ପଚାରିବାକୁ ଅଛି ? ବର୍ତ୍ତମାନ କାହାର ପାଳି ?

ମାଆ, ଅନେକ ସମୟରେ ସତ୍ୟକୁ ସତ୍ୟ ବୋଲି ଜାଣିହୁଏ, ମାତ୍ର ତଥାପି ସନ୍ଦେହ ହେଉଥାଏ । ଏହି ସନ୍ଦେହ କ'ଣ ପାଇଁ ହୁଏ ?

(ଖୁବ ଜୋରରେ ଶବ୍ଦ ହେଲା । କିଛି ଶୁଣାଗଲା ନାହିଁ ।)

କ'ଣ କହିଲ ? ଅତ୍ୟନ୍ତ ସ୍ପଷ୍ଟ ସ୍ୱରରେ କୁହ । ତଦ୍ୱାରା ଭଲ କସରତ ମଧ୍ୟ ହେବ । (ସମସ୍ତେ ହସିଲେ)

ଆମେ ଗୋଟିଏ କଥାକୁ ସତ୍ୟ ବୋଲି ଜାଣୁ ସତ, ମାତ୍ର ତଥାପି ସନ୍ଦେହ କରୁ । ସତ୍ୟକୁ ସନ୍ଦେହ କରିବାର କାରଣ କ'ଣ ?

ଉତ୍ତର ଅତି ସାଧାରଣ । ଆମେ ବୋକା ବୋଲି ଏପରି କରୁ ! (ସମସ୍ତେ ହସିଲେ)

'oaob.nitrkl.ac.in' images reprocessed

ମାତ୍ର ସତ କଥା ହେଉଛି ଯେ, ଭୌତିକ ମନ ପ୍ରକୃତରେ ଗୋଟାସୁଦ୍ଧା ନିର୍ବୋଧ ହୋଇ ରହିଥାଏ ! ଏହି କଥାଟିକୁ ତୁମେ ଖୁବ୍ ସହଜରେ ପ୍ରମାଣ କରିଦେଇ ପାରିବ । ଏକ ପ୍ରକାରର ନିୟନ୍ତ୍ରଣ ରୂପେ ସମ୍ଭବତଃ ଏହାର ରଚନା ହୋଇଥାଏ; ଯାବତୀୟ କଥା ଯେପରି ଭାବରେ ହେବା ଉଚିତ, ସେଗୁଡ଼ିକୁ ଠିକ୍ ସେହିପରି ଭାବରେ କରାଗଲା ବୋଲି ନିଶ୍ଚିତ ହୋଇ ରହିପାରିବାକୁହିଁ ଏହାର ରଚନା ହୋଇଥାଏ । ମୁଁ ଭାବୁଛି, ଏହାହିଁ ହେଉଛି ତାହାର ନିତ୍ୟନୈମିତ୍ତିକ ପ୍ରକୃତ କାର୍ଯ୍ୟ ...ମାତ୍ର ଏହା ସବୁକିଛିକୁ ସନ୍ଦେହ କରିବାର ଏକ ଅଭ୍ୟାସରେ ମଧ୍ୟ ପଡ଼ିଯାଇଛି ।

ମୋର ମନେ ହେଉଛି, ମୁଁ ତୁମମାନଙ୍କୁ ଥରେ କରିଥିବା ସେହି କ୍ଷୁଦ୍ର ପ୍ରୟୋଗଟିର ବିଷୟରେ ଆଗରୁ କହିସାରିଛି । ସେଦିନ ମୁଁ ମୋର ଯାବତୀୟ ନିୟନ୍ତ୍ରଣକୁ ଉଠାଇନେଲି ଏବଂ ଏହି ଭୌତିକ ମନର ହାତରେହିଁ ସେହି ନିୟନ୍ତ୍ରଣକୁ ଛାଡ଼ିଦେଲି । ଯେଉଁ ଭୌତିକ ମନ ସନ୍ଦେହ କରେ, ତାହାରି ହାତରେ । ଏହିପରି ଭାବରେ ମୁଁ ନିମ୍ନଲିଖିତ ପ୍ରୟୋଗଟିକୁ କଲି : ଗୋଟିଏ କୋଠରି ଭିତରକୁ ଗଲି, ତା'ପରେ କୋଠରି ଭିତରୁ ବାହାରି ଆସିଲି ଏବଂ କବାଟ ବନ୍ଦ କରିଦେଲି । କବାଟ ବନ୍ଦ କରିଦେବାକୁ ମୁଁ ଆଗରୁ ସ୍ଥିର କରିଥିଲି; ଏବଂ ତା'ପରେ ଯେତେବେଳେ ମୁଁ ଆଉ ଗୋଟିଏ କୋଠରିକୁ ଗଲି, ସେତେ-ବେଳେ ଏହି ମନ, ଏହି ଜଡ଼ସ୍ଥ ଭୌତିକ ମନଟି କହିବାକୁ ଲାଗିଲା, "ତୁ ପ୍ରକୃତରେ କବାଟ ବନ୍ଦ କରି ଆସିଲୁ ତ ?" ଏଥିରେ ମୁଁ ଆଦୌ କୌଣସି ନିୟନ୍ତ୍ରଣ ପ୍ରୟୋଗ କଲି ନାହିଁ । ମୁଁ ଉତ୍ତର ଦେଲି, "ଅଚ୍ଛା ହେଉ, ମୁଁ ତୋ କଥା ମାନିବି ।" ମୁଁ ଫେରିଯାଇ ପୁଣି ଦେଖିଲି । ଦେଖିଲି କବାଟ ବନ୍ଦ ହୋଇଛି, ମୁଁ ଫେରିଆସିଲି । କବାଟଟି ପୁନର୍ବାର ଆଢ଼ୁଆଳ ହୋଇଯିବା ସଙ୍ଗେସଙ୍ଗେ ସିଏ ମୋତେ କହିଲା, "ଭଲ କରି ଦେଖିଲୁ ତ ? ତେଣୁ ମୁଁ ପୁଣିଥରେ ଫେରିଲି... ଏହିପରି କେତେ ଥର ବୁଲିବାପରେ ମୁଁ ସ୍ଥିର କଲି : "ଏଥର ଯଥେଷ୍ଟ ହେଲା, ନୁହେଁ ? କବାଟ ବନ୍ଦ ହୋଇଥାଉ କି ନ ହୋଇଥାଉ, ମୁଁ ଆଉ ମୋଟେ ଫେରିଯାଇ ତାହା ଦେଖିବି ନାହିଁ ।" ନଚେତ୍ ଏମିତି ସେଦିନ ଦିନତମାମ ବୁଲିଥାନ୍ତି । ଏହା ଏହିପରି ଭାବରେହିଁ ରଚିତ ହୋଇ ରହିଛି । କେବଳ ଏକ ଉଚ୍ଚତର ମନ ଅର୍ଥାତ୍ ବୁଦ୍ଧି ଦ୍ୱାରା ପରିଚାଳିତ ହେଉଥିବା ମନ ତାହାକୁ "ଚୁପ୍ ରହ" ବୋଲି କହିଲେ ଯାଇ ତାହା ବନ୍ଦ ହୋଇଯାଏ । ତା' ନ ହେଲେ ତାହା ଅନିର୍ଦ୍ଦିଷ୍ଟ କାଳ ପାଇଁ ଲାଗି ରହିଥାଏ । ... ତେଣୁ, ଯଦି ଦୁର୍ଭାଗ୍ୟବଶତଃ ତୁମେ ସେଇଟି ପାଖରେହିଁ ବନ୍ଦ ହୋଇ ରହିଥାଅ, ଅର୍ଥାତ୍ ଏହି ଭୌତିକ ମନ ଉପରେ କେନ୍ଦ୍ରିତ ହୋଇ ରହିଥାଅ, ତେବେ ଉଚ୍ଚତର ସ୍ତରରେ ଅବସ୍ଥିତ ଯେଉଁସବୁ

'oaob.nitrkl.ac.in' images reprocessed

ବସ୍ତୁକୁ ତୁମେ ସମ୍ପୂର୍ଣ୍ଣ ସତ୍ୟ ବୋଲି ଜାଣିଥାଅ, ଏପରିକ ଯେଉଁସବୁ ବସ୍ତୁର ସପକ୍ଷରେ ତୁମ ପାଖରେ ସାକାର ପ୍ରମାଣ ବି ରହିଥାଏ, — ଜବାଇ ବନ୍ଦ କରିବାକୁ ଏହାର ଏକ ଦୃଷ୍ଟାନ୍ତ ରୂପେ ନିଅଯାଇପାରେ, ତାହା ତଥାପି ସନ୍ଦେହ କରିବାକୁ ଲାଗେ, ସନ୍ଦେହହିଁ କରୁଥାଏ, କାରଣ ସେହି ସନ୍ଦେହରେହିଁ ତାହାର ରଚନା ହୋଇଥାଏ। ତାହା ତୁମକୁ ସର୍ବଦାହିଁ କହୁଥିବ, "ଏକଥା ସତ ବୋଲି ତୁ ସମ୍ପୂର୍ଣ୍ଣ ନିଶ୍ଚିତ ତ ?···ଏହା କେବଳ ତୋର ଗୋଟାଏ ଧାରଣା ନୁହେଁ ତ ?··· ଏହା ସେହିପରି ହୋଇଥିବ ବୋଲି ତୁ କେବଳ ଅନୁମାନ କରୁ ନାହୁଁ ତ ?" ଏବଂ, ତାହାକୁ ଚୁପ୍ ହୋଇଯିବା ସକାଶେ ଓ ନୀରବ ରହିବା ସକାଶେ ଶିକ୍ଷା ନ ଦେଇଥିବା ପର୍ଯ୍ୟନ୍ତ ଏହା ଠିକ୍ ସେହିପରି ହୋଇ ରହିଥିବ।

"ସ୍ମରଣ ରଖିଥାଅ ଯେ ଏକ ତାମସିକ ସମର୍ପଣ ସତ୍ତିଗୁଡ଼ିକୁ ପୂରଣ କରିବା ଲାଗି ମୋଟେ ସମ୍ମତ ହେଉ ନ ଥିବ ଏବଂ ସ୍ୱୟଂ ଈଶ୍ୱରଙ୍କୁହିଁ ସବୁକିଛି କରିଦେବା ଲାଗି ଆବାହନ କରିବାରେ ଲାଗିଥିବ।"···

ହଁ, ଆମେ ତ ବର୍ତ୍ତମାନ ଠିକ୍ ସେହି ବିଷୟରେହିଁ କଥା ପକାଇଥିଲୁଁ ! ମୁଁ ଏହି ପ୍ରଶ୍ନଟିର ଉତ୍ତର ଦେଇସାରିଛି। ମୋତେ କେହି ଏହି ପ୍ରଶ୍ନଟିକୁ ପଚାରିଲେ ···ଏବଂ ମୁଁ ଉତ୍ତର ଦେଲି···

ସ୍ୱୟଂ ଦିବ୍ୟ ପରମସତ୍ତାଙ୍କୁ କିପରି ସାଧନା ବୋଲି କୁହାଯାଇ ପାରିବ ?*

କାରଣ ଦିବ୍ୟ ପରମସତ୍ତାହିଁ ସତ୍ତା ଭିତରେ ରହି ସାଧନା କରୁଥାନ୍ତି। ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ ସାଧନା ସମ୍ଭବ ନୁହେଁ। କେବଳ କଥା ଏତିକ ଯେ, ତୁମେ ଏ ବିଷୟରେ କିଛି ଜାଣି ନ ଥାଅ,···ତୁମେ ଭାବ, — ତୁମେ ଭ୍ରମ ଭିତରେ ରହି ଭାବୁଥାଅ ଯେ ତୁମେ ନିଜେ ସାଧନା କରୁଛ। ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମର ଏହି ଭ୍ରମଟି ରହିଥିବା ପର୍ଯ୍ୟନ୍ତ ତୁମକୁ ଏକ ପ୍ରୟାସ କରିବାକୁ ପଡ଼େ; ମାତ୍ର ପ୍ରକୃତ କଥା ହେଉଛି ଯେ, ତୁମ ଭିତରେ ରହି ଦିବ୍ୟ ପରମସତ୍ତାହିଁ ସାଧନା କରିବାରେ ଲାଗିଥାନ୍ତି ଏବଂ ତାଙ୍କ ବ୍ୟତୀତ ଆଦୌ କୌଣସି ସାଧନା ସମ୍ଭବ ହୁଏ ନାହିଁ।

*"ଯୋଗମାର୍ଗରେ ସେହି ଦିବ୍ୟ ପରମସତ୍ତା ମଧ୍ୟ ସାଧକ ଏବଂ ସାଧନା।"

'oaob.nitrkl.ac.in' images reprocessed

ଏଠାରେ ଲେଖା ହୋଇଛି : "ଦିବ୍ୟ ପରମସତ୍ତା···ହେଉଛନ୍ତି ସାଧକ ଓ ସାଧନା ।"

ହଁ, ସେଇ ହେଉଛନ୍ତି ସବୁ, ନୁହେଁ ?

ହଁ ।

(ଆଉଗୋଟିଏ ପିଲା) ମାଆ, ତେବେ ବ୍ୟକ୍ତିଗତ ପ୍ରଚେଷ୍ଟାର ଆଉ କି ପ୍ରୟୋଜନ ରହିଲା ? ଯଦି ନିଜେ ଦିବ୍ୟ ପରମସତ୍ତାହିଁ ସାଧନା କରୁଛନ୍ତି, ତେବେ ସେହିଁ ତାହାକୁ କରନ୍ତୁ; ତେବେ ଆଉ ବ୍ୟକ୍ତିଗତ ପ୍ରଚେଷ୍ଟା ଲାଗି ଅବସର ରହିଲା କେଉଁଠି ?

ହଁ, ଆପଣାର ଆଳସ୍ୟ ଦ୍ୱାରା ପ୍ରେରିତ ହୋଇ ଲୋକେ ଠିକ୍ ଏହି କଥାହିଁ କହିଥା'ନ୍ତି ! ମାତ୍ର ତୁମେ ଅଳସୁଆ ହୋଇ ନ ଥିଲେ କଦାପି ତାହା କହିବ ନାହିଁ । (ସମସ୍ତେ ହସିଲେ)

ବ୍ୟକ୍ତିଗତ ପ୍ରଚେଷ୍ଟା କହିଲେ କ'ଣ ବୁଝାଏ ?

ଯେଉଁ ପ୍ରଚେଷ୍ଟା ଆପଣାକୁ ବ୍ୟକ୍ତିଗତ ବୋଲି ଭାବୁଥାଏ । ତୁମେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ତୁମ ଭିତରେ ଏକ ବୋଧ ରହିଥାଏ । ତୁମେ ହେଉଛ କେବଳ ସେହି ଦିବ୍ୟ ପରମସତ୍ତା ଓ ତାଙ୍କର ବ୍ୟତୀତ ଆଉ କିଛି ନୁହଁ — ତୁମେ ଏକଥା ଅନୁଭବ କରୁଛ କି ? ନାହିଁ—ମୋଟେ କରୁ ନାହଁ ! (ସମସ୍ତେ ହସିଲେ) ମାତ୍ର, ଦିବ୍ୟ ପରମସତ୍ତା କହିଲେ ଏହାକୁହିଁ ବୁଝାଏ ··· ଯଥାର୍ଥ ଭାବରେ କହିବାକୁ ଗଲେ, ତୁମେ ଯେପର୍ଯ୍ୟନ୍ତ ନିଜକୁ ମନୋଜ ବୋଲି ଅନୁଭବ କରୁଛ, ସେପର୍ଯ୍ୟନ୍ତ ମନୋଜକୁ ଅବଶ୍ୟ ଏକ ପ୍ରଚେଷ୍ଟା କରିବାକୁ ପଡ଼ିବ । ମାତ୍ର, ଯଦି ତୁମେ ମନୋଜ ବୋଲି ରହିଥିବା ଧାରଣାରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରି ଆଣିପାରିବ, ତେବେ ତା'ପରେ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ ଆଦୌ କିଛି ହେଲେ ରହିବ ନାହିଁ, ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ସେହି ଦିବ୍ୟ ପରମସତ୍ତାହିଁ ପ୍ରଚେଷ୍ଟାଟିକୁ କରିବେ ! ମାତ୍ର ଯେପର୍ଯ୍ୟନ୍ତ ଏହି ମନୋଜଟି ରହିଥିବ, ସେପର୍ଯ୍ୟନ୍ତ ମନୋଜକୁହିଁ ସେହି ପ୍ରଚେଷ୍ଟା କରିବାକୁ ପଡ଼ିବ ।

ମାତ୍ର ମନୋଜ ଚେଷ୍ଟା କରୁଥିବା ସମୟରେ ମଧ୍ୟ ମନୋଜ ଭିତରେ ରହିଥିବା ଦିବ୍ୟ ପରମସତ୍ତାହିଁ ସେହି ଚେଷ୍ଟାଟିକୁ କରୁଥାନ୍ତି !

ହଁ ଏଇତ କରୁଥାନ୍ତି, ମାତ୍ର ମନୋଜ ସେ ବିଷୟରେ କିଛି ଜାଣି ନଥାଏ !··· (ସମସ୍ତେ ହସିଲେ) ମୁଁ କେବଳ ଏତିକି କହିବ ଯେ, ଦିବ୍ୟ ପରମସତ୍ତା ବୋଲି

'oaob.nitrkl.ac.in' images reprocessed

ସତ କିଛି ନ ଆନ୍ତେ, ତେବେ ମନୋଜ ମଧ୍ୟ ଆଦୌ କୌଣସି ଚେଷ୍ଟା କରି ପାରନ୍ତା ନାହିଁ । ମାତ୍ର ମନୋଜ ଉଆପି ସେକଥା ଜାଣି ପାରିବାର ସ୍ଥିତିରେ ଆସି ପହଞ୍ଚି ନାହିଁ, ତେଣୁ ସିଏ କାଣୁଛି ଯେ ପ୍ରକୃତରେ ସେଇ ଯାହାକିଛି ଚେଷ୍ଟା କରୁଛି ।

ମାତ୍ର ବର୍ତ୍ତମାନ ଆପଣ ମୋତେ ସେକଥାଟିକୁ କହିଲେ ! ଆଜି ମୁଁ ଜାଣିଲି । ତେଣୁ…

(ସଙ୍ଗେ ସଙ୍ଗେ) ହଁ ହଁ…ହଁ ହଁ… ହଁ ହଁ ! (ସମସ୍ତେ ହସିଲେ) ମାନସିକ ଜ୍ଞାନ ଆଦୌ ଯଥେଷ୍ଟ ନୁହେଁ, ତୁମକୁ ଏବିଷୟରେ ପ୍ରକୃତ ଅଭିଜ୍ଞତା ଲାଭ କରିବାକୁ ହେବ । ତା' ନ ହେଲେ, ଆମ ସମସ୍ତଙ୍କର କୋଉ କାଳରୁ ରୂପାନ୍ତର ହୋଇ ସାରନ୍ତାଣି, କାରଣ କୋଉ କାଳରୁ ଆମେ ଏକଥା ଜାଣିଲୁଣି ଯେ, ରୂପାନ୍ତର ଅବଶ୍ୟ ଆସିବହିଁ ଆସିବ । (ସମସ୍ତେ ହସିଲେ)

ସରଳ ? ଆଚ୍ଛା ପରବର !

ମାଆ, ଆତ୍ମଦାନ, ଉତ୍ସର୍ଗ ଓ ସମର୍ପଣ ଭିତରେ କି ପ୍ରଭେଦ ରହିଛି ?

ଆତ୍ମଦାନ, ଉତ୍ସର୍ଗ ଓ ସମର୍ପଣ ଭିତରେ ? ମୋ'ର ମନେ ହେଉଛି, ଏକଥା ଆମେ ଆଉ କେଉଁଠାରେ ମଧ୍ୟ ପଢ଼ିଛୁ, ନୁହେଁ ? ସେଠାରେ ଗୋଟାଏ ପ୍ରକାରର କୌଣସି ବ୍ୟାଖ୍ୟା ମଧ୍ୟ ଦିଆ ଯାଇଥିଲା, ନୁହେଁ ? ଆଗରୁ ଏକଥାର ଆଲୋଚନା ହୋଇସାରିଛି । 'ଯୋଗର ଉପାଦାନ'ରେ ମଧ୍ୟ ଏକଥା ଥିଲା । କେହି ଏବିଷୟରେ ପ୍ରଶ୍ନଟିଏ ପଚାରିଥିଲେ ଓ ଏହି ପୁସ୍ତକରେ ତାହାର ଉତ୍ତର ଦିଆ ଯାଇଥିଲା । ଏଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ଶ୍ରୀଅରବିନ୍ଦ ଉତ୍ତର ଦେଇଛନ୍ତି । ତେଣୁ, ଯଦି ତୁମେ…

ସେଇଟି ବିଶ୍ୱାସ ବିଷୟରେ ।

ଆଚ୍ଛା ? 'ଯୋଗର ଉପାଦାନ' ପୁସ୍ତକରେ । ନୁହେଁ ?

'ଯୋଗର ଉପାଦାନ'ରେ ଆସ୍ଥା, ପୂର୍ଣ୍ଣପ୍ରତ୍ୟୟ ଓ ବିଶ୍ୱାସ ମଧ୍ୟରେ ରହିଥିବା ପାର୍ଥକ୍ୟର ଚର୍ଚ୍ଚା ହୋଇଥିଲା ।

ଆଚ୍ଛା,—ଏହି ତିନୋଟି ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ! ସମର୍ପଣ, ଉତ୍ସର୍ଗ ଓ ଆତ୍ମଦାନ ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ନୁହେଁ ? ମାତ୍ର ମୁଁ ଏକଥାଟିକୁ କୌଣସି ସ୍ଥାନରେ ପଢ଼ିଛି ।

'oaob.nitrkl.ac.in' images reprocessed

ମାଆ, ପାରୁଲ କହୁଛି ଯେ ସିଏ ଥରେ ଏହି ପ୍ରଶ୍ନଟିକୁ ପଚାରିଥିଲା ।

(ଆଉଜଣେ ପିଲା) ଏହା 'ପ୍ରାର୍ଥନା ଓ ଧ୍ୟାନମାଳା'ରେ ଥିଲା ।

ଆଚ୍ଛା, 'ପ୍ରାର୍ଥନା ଓ ଧ୍ୟାନମାଳା'ରେ ଥିଲା ?

ହଁ, ମାଆ ।

ଆଚ୍ଛା, ତେବେ ସେତେବେଳେ ମୁଁ ତୁମମାନଙ୍କୁ କ'ଣ କହିଥିଲି ? ଏହା ପ୍ରକୃତରେ ବେଶ୍ ଆଗ୍ରହୋଦ୍ଦୀପକ ହେଲାପରି ମନେ ହେଉଛି ! (ସମସ୍ତେ ହସିଲେ) ମୁଁ କ'ଣ କହିଥିଲି କି ?

(ମାଆ ଦୀର୍ଘକାଳ ନୀରବ ରହିଲେ)

ପବିତ୍ର : ଆମେ "ନିବେଦନ" ଶବ୍ଦଟିକୁ ବି ଯୋଡ଼ିଦେଇ ପାରିବା !

ମୁଁ ଭାବୁଛି, ଏହି ସବୁଗୁଡ଼ିକର ପ୍ରାୟ ଏକା ଅର୍ଥ । ଏଗୁଡ଼ିକ ମଧ୍ୟରେ ହୁଏତ କିଛିଟା ଅନ୍ତର ରହିଛି ସିନା, ମାତ୍ର କୌଣସି ପାର୍ଥକ୍ୟ ନାହିଁ । କାରଣ, ଗୋଟିଏ ବାକ୍ୟରେ ବ୍ୟବହାର କରି କହିଲାବେଳେ ଆମେ ଗୋଟିଏ ଶବ୍ଦ ଜାଗାରେ ଆଉ ଗୋଟିଏ ଶବ୍ଦକୁ ମଧ୍ୟ ବେଶ୍ କହିପାରିବା । ବାକ୍ୟଟି କିପରି ଶୁଣାଯାଉଛି ଏବଂ କେଉଁ ଶବ୍ଦଟି ସେଥିରେ ସର୍ବାଧିକ ପରିମାଣରେ ଖାପ ଖାଉଛି, ଏକଥା ତାହାରି ଉପରେ ନିର୍ଭର କରିବ । ଏହା ଏକ ସାହିତ୍ୟଗତ ସମସ୍ୟା । ଆମେ ଇଚ୍ଛା କଲେ ଏଗୁଡ଼ିକ ମଧ୍ୟରେ ଏକ ପାର୍ଥକ୍ୟ ଦେଖିବାକୁ ପାଇବା । ମାତ୍ର, ଏହି ଶବ୍ଦଗୁଡ଼ିକ ଦେଇ ଆମେ ପ୍ରକୃତରେ ଯେଉଁ ଅର୍ଥ ପ୍ରକାଶ କରିବାକୁ ଇଚ୍ଛା କରୁଥିବା, ଏସବୁ ତାହାରି ଉପରେ ନିର୍ଭର କରିବ ।

ମୁଁ କହିଥିଲି, ନୁହେଁ କି ? —ବଶ୍ୟତା-ସ୍ୱୀକାର କରିବା ଆଦୌ ଏକ ଉତ୍ତମ ଶବ୍ଦ ନୁହେଁ । ଫରାସୀରେ ଆମେ soumission ଶବ୍ଦଟିକୁ "ସମର୍ପଣ" ଅର୍ଥରେ ବ୍ୟବହାର କରିଥାଉ । କାରଣ ଇଂରାଜୀ surrenderର କୌଣସି ଫରାସୀ ପ୍ରତିଶବ୍ଦ ନାହିଁ । 'soumission'ରେ ସର୍ବଦା ଏପରି କିଛି ଧାରଣା ମିଳେ,ଯାହାକି କୁଣ୍ଠାର ସହିତ ଗ୍ରହଣ କଲାପରି ମନେ ହେଉଥାଏ, ଯାହାକି ସମ୍ପୂର୍ଣ୍ଣ ଭାବରେ ସମର୍ଥନ ଜଣାଉ ନ ଥାଏ ଓ ସମ୍ପୂର୍ଣ୍ଣ ଭାବରେ ସହଯୋଗ ବି କରୁ ନ ଥାଏ । ତେଣୁ 'ସମର୍ପଣ' ଅର୍ଥରେ ବ୍ୟବହାର କଲାବେଳେ ଏହି ଶବ୍ଦରେ କିଛି ପାର୍ଥକ୍ୟ ଅବଶ୍ୟ ରହିଯାଏ । ସମର୍ପଣର ଅର୍ଥ ହେଉଛି ସମ୍ପୂର୍ଣ୍ଣ ଭାବରେ ଅବଲମ୍ବନ କରି ରହିବା । ଅର୍ଥାତ୍, ଆମେ ଫରାସୀ ଭାଷାରେ soumission ଶବ୍ଦ ବ୍ୟବହାର କରୁଥିଲେ ମଧ୍ୟ ଏହା ମୋଟେ ଏକ ଉତ୍ତମ ଶବ୍ଦ ନୁହେଁ ।

'oaob.nitrkl.ac.in' images reprocessed

(ମାଆ ନୀରବ ରହିଲେ)

କଥାରେ ଯେପରି କୁହା ଯାଇଥାଏ, ଜିଭରୁ ଶିରା କାଢ଼ିବାକୁ ମନ କଲେ, ଆମେ ଆତ୍ମ-ଦାନ, ଉତ୍ସର୍ଗ ଏବଂ ଆତ୍ମନିବେଦନ ମଧ୍ୟରେ ନିଶ୍ଚୟ ଏକ ଭେଦ ନିରୂପଣ କରି ପାରିବା । ଏଗୁଡ଼ିକ ହେଉଛି ତିନୋଟି...ସେଗୁଡ଼ିକୁ ଆମେ ତିନୋଟି ପର୍ଯ୍ୟାୟ ଅର୍ଥରେ ବି ବୁଝିପାରିବା । ମାତ୍ର, ଜଟିଳତା ସୃଷ୍ଟି କରିବାକୁ ଇଚ୍ଛା ଥିଲେହିଁ ଆମେ କେବଳ ସେହି ଦିଗରେ ମନ କରିବାକୁ ଯିବା; କାରଣ ମୁଁ ଯେପରି କହୁଥିଲି, ଲେଖିବା ସମୟରେ ଆମେ ବ୍ୟବହୃତ ବାକ୍ୟଟିର ଛନ୍ଦ ଅନୁସାରେ ଏଥିମଧ୍ୟରୁ ଯେକୌଣସି ଶବ୍ଦକୁ ଅନ୍ୟ କୌଣସିଟିର ସ୍ଥାନାପନ୍ନ ରୂପେ ଅବଶ୍ୟ ବ୍ୟବହାର କରିପାରିବା । ଏବଂ ତଦ୍ଦ୍ୱାରା ଅର୍ଥରେ ଆଦୌ କୌଣସି ଅଦଳବଦଳ ହୋଇଯିବ ନାହିଁ । କାରଣ, ଯଦି ତୁମେ ପ୍ରକୃତରେ ଏକ ଭେଦ ଦେଖିବାକୁ ଇଚ୍ଛା କରୁଥାଅ, ତେବେ ସେଥିଲାଗି ତୁମକୁ ନାନା ବିଶେଷଣ-ପଦର ସାହାଯ୍ୟ ଗ୍ରହଣ କରିବାକୁ ପଡ଼ିବ, ନୁହେଁ ? ...ବର୍ତ୍ତମାନ ଖାଲି ସେହି ଶବ୍ଦଗୁଡ଼ିକର, "ଆତ୍ମଦାନ, ଉତ୍ସର୍ଗ ଓ ଆତ୍ମ-ନିବେଦନ"ର ବିଚାର କରାଯାଉ । ଯଦି ତୁମେ ଅବଶ୍ୟ ଏକ ଭେଦ ବାହାର କରିବାକୁ ମନ କରୁଥିବ, ତେବେ ତୁମକୁ "ଏକ ସମଗ୍ର ଉତ୍ସର୍ଗ" ଓ "ଏକ ଆଂଶିକ ଆତ୍ମଦାନ" ବୋଲି କହିବାକୁ ହେବ । ଅର୍ଥାତ୍, ତୁମକୁ ଏହିପରି ବିଶେଷଣ-ପଦଗୁଡ଼ିକର ବ୍ୟବହାର କରିବାକୁହିଁ ପଡ଼ିବ । ସେଗୁଡ଼ିକ ହେଉଛନ୍ତି ପରସ୍ପରର ପ୍ରତିଶବ୍ଦ ।

ଏହି ପ୍ରଶ୍ନଟି କିଏ ପଚାରିଥିଲ ? ତୁମେ ? ଉତ୍ତର ହେଉଛି, ତାହା ତୁମେ ଲେଖିବାକୁ ଯାଉଥିବା ବାକ୍ୟଟି ଉପରେହିଁ ନିର୍ଭର କରିବ । ସେହି ଅନୁସାରେ ତୁମେ ଏହି ଶବ୍ଦଟିକୁ ଅଥବା ସେହି ଶବ୍ଦଟିକୁ ବ୍ୟବହାର କରିବ । ମାତ୍ର ତୁମକୁ ଅବଶ୍ୟ ଜାଣି ରଖିବାକୁ ହେବ ଯେ, "soumission" ଶବ୍ଦଟିରୁ ଆମକୁ ଆବଶ୍ୟକ ଅର୍ଥଟି ମୋଟେ ମିଳୁ ନାହିଁ । soumission କୁ submission ସହିତ ତୁଳନା କରି ଦେଖିଲେ ଜଣାଯିବ ଯେ, ଏହି ଦୁଇ ଶବ୍ଦ ମଧ୍ୟରେ ଯେଉଁ ପାର୍ଥକ୍ୟଟି ରହିଛି, ସମ୍ଭବତଃ ଟିକିଏ ଅଧିକ ନରମ ଅର୍ଥରେ ଆଜ୍ଞାପାଳନ ଏବଂ ସହଯୋଗ ମଧ୍ୟରେ ସେହି ପାର୍ଥକ୍ୟ ରହିଛି । ଗୋଟିଏ କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ଅବଲମ୍ବନକୁ ବୁଝାଉଛି, ଏବଂ ଆରଟି ଏକ ସ୍ୱୀକାର କରି ନେବାକୁ ବୁଝାଉଛି, ଯାହାକି ତଥାପି ଆପଣାକୁ କୁଣ୍ଠିତ କରି ରଖିଛି; ସତେ ଯେପରି ଆଉ ଅନ୍ୟ କିଛି କରିପାରୁ ନାହିଁ ବୋଲି ତାହା ବାଧ୍ୟ ହୋଇ ସ୍ୱୀକାର କରିନେଉଛି, ମାତ୍ର ସମ୍ପୂର୍ଣ୍ଣ ଭାବରେ ମୋଟେ ସହଯୋଗ କରିପାରୁ ନାହିଁ । ...ଏଠାରେ ସମ୍ପୂର୍ଣ୍ଣ ଭାବରେ ଅବଲମ୍ବନ କରି ରହିବା ଆଦୌ ସମ୍ଭବ ହେଉ ନାହିଁ ।

'oaob.nitrkl.ac.in' images reprocessed

ଆଉ କିଛି ପ୍ରଶ୍ନ ଅଛି ?

> ମାଆ, ଗତଥର ଆପଣ କହିଥିଲେ ଯେ, ପଥରମାନଙ୍କର ଏକ ଗ୍ରହଣଶୀଳତା ରହିଛି ।

ହଁ ।

> କିଭଳି ଗ୍ରହଣଶୀଳତା ?

ତାହାକୁ ଆମେ ହୁଏତ ସଂବେଦନଶୀଳତାର ସମବାଚୀ କୌଣସି ଏକ ସାମର୍ଥ୍ୟ ରୂପେ ବୁଝିବା । ଉଦାହରଣସ୍ୱରୂପ, ଯଦି ତୁମପାଖରେ କୌଣସି ଗୋଟିଏ ମୂଲ୍ୟବାନ୍ ପଥର ରହିଛି,—ଅବଶ୍ୟ ଏକଥା ଠିକ୍ ଯେ ସାଧାରଣ ପଥର ତୁଳନାରେ ମୂଲ୍ୟବାନ୍ ପଥରଗୁଡ଼ିକର ଏକ ସଂପୂର୍ଣ୍ଣତର ଗଠନ ରହିଛି ଏବଂ ସଂପୂର୍ଣ୍ଣତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଚେତନାରେ ମଧ୍ୟ ବୃଦ୍ଧି ଘଟିଥାଏ,—ମାତ୍ର ଯଦି ତୁମେ ଏକ ମୂଲ୍ୟବାନ୍ ପଥରକୁ ଦୃଷ୍ଟାନ୍ତରୂପେ ଗ୍ରହଣ କରିବ, ତେବେ ତୁମେ ସେଥିରେ ଚେତନା ଓ ଶକ୍ତିକୁ ସଞ୍ଚାରିତ କରି ଆଣିପାରିବ । ତୁମେ ତା'ଭିତରେ ଶକ୍ତିର ପ୍ରତିଷ୍ଠାପନା କରିପାରିବ, ଶକ୍ତିକୁ ଠୁଳ କରି ଆଣିପାରିବ । ତେଣୁ ତାହା ନିଶ୍ଚୟ ଗ୍ରହଣଶୀଳ, ତା' ନ ହେଲେ ତାହା ଶକ୍ତିକୁ ଆଦୌ ଗ୍ରହଣ କରିପାରନ୍ତା ନାହିଁ, ଆଦୌ ଶକ୍ତିକୁ ଧାରଣ ବି କରିପାରନ୍ତା ନାହିଁ । ତୁମେ ତା'ଭିତରେ ଶକ୍ତିର ସଞ୍ଚାରଣ କରାଇ ପାରୁଛ । ଇଲେକ୍‌ଟ୍ରିକ୍ ବ୍ୟାଟେରୀରେ ଶକ୍ତିର ସଞ୍ଚାରଣ ଘଟାଇ ପାରିଲା ପରି ତୁମେ ଖଣ୍ଡେ ପଥରରେ ଶକ୍ତିର ସଞ୍ଚାରଣ ଘଟାଇ ପାରୁଛ, ଖଣ୍ଡେ ପଥର ଭିତରେ ଶକ୍ତି ଆନୟନ କରିପାରୁଛ; ପଥରଟି ସେହି ଶକ୍ତିକୁ ଧାରଣ କରିପାରୁଛି ଓ ତାହାକୁ ଆଉଜଣେ ବ୍ୟକ୍ତି ମଧ୍ୟକୁ ବି ସଞ୍ଚାରିତ କରିଦେଇ ପାରୁଛି । ତେଣୁ ଏହି ପଥରଟିର ଏକ ଗ୍ରହଣଶୀଳତା ଅବଶ୍ୟ ରହିଛି । ନ ହେଲେ ତାହା ଏକଥା ଆଦୌ କରିପାରନ୍ତା ନାହିଁ ।

ଫୁଲମାନେ ଅତ୍ୟନ୍ତ ଗ୍ରହଣଶୀଳ । ଯେଉଁସବୁ ଫୁଲ ସହିତ ମୁଁ ଏକ ଅନ୍ତର୍ଗତ ତାତ୍ପର୍ଯ୍ୟ ଆଣି ଯୁକ୍ତ କରିଦେଇଛି, ସେଗୁଡ଼ିକ ମୁଁ ସେମାନଙ୍କ ଭିତରେ ଆଣି ପ୍ରତିଷ୍ଠାପିତ କରିଥିବା ଠିକ୍ ସେହି ଶକ୍ତିଟିକୁ ଗ୍ରହଣ କରନ୍ତି ଓ ସଞ୍ଚାରିତ ବି କରି ଦେଇପାରନ୍ତି । ଲୋକମାନେ ତାହା ସର୍ବଦା ଗ୍ରହଣ କରିପାରନ୍ତି ନାହିଁ, କାରଣ ସେମାନେ ଫୁଲଠାରୁ କମ୍ ଗ୍ରହଣଶୀଳ ହୋଇ ରହିଥାନ୍ତି ଏବଂ ଆପଣାର ଅଚେତନା ଏବଂ ଗ୍ରହଣଶୀଳତାର ଅଭାବରୁହିଁ ସେମାନେ ଆପଣା ଭିତରେ ସଂରକ୍ଷିତ ରହିଥିବା ଶକ୍ତିକୁ ନଷ୍ଟ କରି ଦିଅନ୍ତି । ମାତ୍ର ସେହି ଶକ୍ତି ତଥାପି ରହିଥାଏ ଏବଂ ଫୁଲ ତାହାକୁ ଅତି ଚମତ୍କାର ଭାବରେ ଗ୍ରହଣ କରିପାରେ ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଅନେକ କାଳ ପୂର୍ବରୁ ମୁଁ ଏକଥା ଜାଣିଥିଲି । ପଚିଶ ବର୍ଷ ପୂର୍ବେ ...ଯେଉଁ ଗୂଢ଼ବିଦ୍ୟାବିତ୍ ପରେ ମୋତେ ଦୁଇବର୍ଷ ପର୍ଯ୍ୟନ୍ତ ଗୂଢ଼ବିଦ୍ୟା ବିଷୟରେ ଶିକ୍ଷା ଦେଇଥିଲେ, ତାଙ୍କଠାରୁ । ତାଙ୍କର ସ୍ତ୍ରୀ'ଙ୍କଠାରେ ଅତୀନ୍ଦ୍ରିୟ-ଦର୍ଶନର ଅଦ୍ଭୁତ ସାମର୍ଥ୍ୟ ରହିଥିଲା ଏବଂ ତାଙ୍କର ଏହି ଶକ୍ତି ସଞ୍ଚାରଣର ଏକ ପୂର୍ଣ୍ଣ ବିଚକ୍ଷଣ ଦକ୍ଷତା ରହିଥିଲା । ସେମାନେ ତ୍ଲେମ୍‌ସେନ୍‌ଠାରେ ବାସ କରୁଥିଲେ । ମୁଁ ପାରିସ୍‌ରେ ରହୁଥିଲି । ସେମାନଙ୍କ ସହିତ ମୋ'ର ପତ୍ରବ୍ୟବହାର ଥିଲା । ସେମାନଙ୍କ ସହିତ ମୋର କେବେ ସାକ୍ଷାତ୍ ହୋଇ ନ ଥିଲା । ସେତିକବେଳେ ଥରେ ସିଏ ମୋ'ପାଖକୁ ଚିଠି ଭିତରେ ଡାଲିମ୍ବ ଫୁଲର କେତୋଟି ପାଖୁଡ଼ା ପଠାଇଥିଲେ । ଏହାର ତାତ୍ପର୍ଯ୍ୟ ହେଉଛି "ଦିବ୍ୟ ପରମସତ୍ତାଙ୍କର ପ୍ରେମ ।" ସେତେବେଳେ ମୁଁ ସେହି ଫୁଲଟିକୁ ଏହି ତାତ୍ପର୍ଯ୍ୟଟି ଦେଇ ନ ଥିଲି । ସିଏ ମୋପାଖକୁ ଏହି ଡାଲିମ୍ବଫୁଲର ପାଖୁଡ଼ା ପଠାଇ ଦେଇଥିଲେ ଏବଂ ଲେଖି ପଠାଇଥିଲେ ଯେ, ଏଗୁଡ଼ିକ ତାଙ୍କର ସୁରକ୍ଷା ଓ ଶକ୍ତିକୁ ମୋ'ପାଖକୁ ଅବଶ୍ୟ ବହନ କରିନେବ ।

ସେତେବେଳେ ମୁଁ ମୋ'ର ଘଣ୍ଟିଟିକୁ ଗୋଟିଏ ଚେନ୍‌ରେ ଲଗାଇ ପିନ୍ଧୁଥିଲି । ସେତେବେଳକୁ ହାତବନ୍ଧା ଘଣ୍ଟା ବାହାରି ନ ଥିଲା ବା ଅତ୍ୟନ୍ତ କମ୍ ସଂଖ୍ୟାରେ ଦେଖିବାକୁ ମିଳୁଥିଲା । ଏହାଛଡ଼ା ମୋ'ପାଖରେ ଅଷ୍ଟାଦଶ ଶତାବ୍ଦୀର ଏକ ଆବର୍ଦ୍ଧକ କାଚଖଣ୍ଡ ମଧ୍ୟ ରହିଥିଲା । ...ଖୁବ ଶ୍ରେଷ୍ଠ କାଚଖଣ୍ଡଟିଏ, ପ୍ରାୟ ଏତିକ ହେବ (ମାଆ ସଙ୍କେତ କରି ଦେଖାଇଲେ)...ଏବଂ ସେଥିରେ ଦୁଇଟି ଲେନ୍‌ସ୍ ଥିଲା; ଯାବତୀୟ ପଢ଼ିବା ଚଷମାରେ ଯେପରି ଥାଏ, ଠିକ ସେହିପରି । ଦୁଇଟିଯାକ ଲେନ୍‌ସ୍ ଏକ ସାନ ସୁନା ଫ୍ରେମ୍‌ରେ ବନ୍ଧା ହୋଇଥିଲା ଏବଂ ତାହା ମୋ' ଚେନ୍‌ରେ ବନ୍ଧା ହୋଇ ଝୁଲିକରି ରହିଥିଲା । ମୁଁ ସେହି ପାଖୁଡ଼ାଗୁଡ଼ିକୁ ଏହି ଦୁଇ ଲେନ୍‌ସ୍‌ର ମଝିରେ ନେଇ ରଖିଦେଲି ଏବଂ ତାହା ସର୍ବଦାହିଁ ମୋ'ସହିତ ଥିଲା । ମୁଁ ଯୁଆଡ଼େ ଯାଉଥିଲି, ସବୁବେଳେ ସେଗୁଡ଼ିକୁ ମୋ' ପାଖରେ ରଖିବାକୁ ଇଚ୍ଛା କରୁଥିଲି । ସେହି ଭଦ୍ରମହିଳାଙ୍କର ସାମର୍ଥ୍ୟ ଉପରେ ମୋ'ର ବିଶ୍ୱାସ ଥିଲା ଏବଂ ତାଙ୍କର ସେହି ସାମର୍ଥ୍ୟ ପ୍ରକୃତରେ ଅଛି ବୋଲି ମୁଁ ଭଲ ଭାବରେ ଜାଣିଥିଲି । ମୁଁ ପାଖୁଡ଼ାଗୁଡ଼ିକୁ ନିଜ ସାଙ୍ଗରେ ରଖିବାକୁ ଇଚ୍ଛା କରୁଥିଲି ଏବଂ ସେଥିରୁ ମୋ' ଭିତରକୁ ଏକ ପ୍ରକାରର ଶକ୍ତି, ଉଷ୍ମତା, ବିଶ୍ୱାସ ଓ ବଳ ସର୍ବଦା ଆସୁଥିଲା ବୋଲି ଅନୁଭବ କରୁଥିଲି । ...ମୁଁ ସେଭଳି ବିଷୟରେ କିଛି ଭାବୁ ନ ଥିଲି, ମାତ୍ର ଠିକ୍ ସେହିପରି ଅନୁଭବ କରୁଥିଲି ।

ତା'ପରେ ଥରେ ମୁଁ ମୋତେ ସବୁକିଛି ସତେଅବା ଶୁଖି ଗଲା ଯାଇଥିବା ପରି ଅନୁଭବ କରିବାକୁ ଲାଗିଲି । ସତେଅବା ମୋ' ପାଖରେ ରହିଥିବା ଏକ

'oaob.nitrkl.ac.in' images reprocessed

ଅବଲମ୍ବନ ମୋତେ ଛାଡ଼ି ଚାଲି ଯାଇଥିଲା । ଭାରି ଅପ୍ରୀତିକର କିଛି ଘଟିଥିବା ପରି ବୋଧ ହେଉଥିଲା । ମୁଁ କହିଲି, "ଭାରି ଆଶ୍ଚର୍ଯ୍ୟ କଥା ତ ! ପ୍ରକୃତରେ କେଉଁଠି କ'ଣ ଘଟିଛି ? ବାହାରେ ତ ମୋ' ଜୀବନରେ ଆଦୌ କୌଣସି ଅପ୍ରୀତିକର କଥା ଘଟି ନାହିଁ ! ତେବେ ମୋତେ ଏପରି ଲାଗୁଛି କାହିଁକି ? ସବୁକିଛି ଖାଲି ହୋଇ ଯାଇଥିଲା ପରି, ଶକ୍ତିଶୂନ୍ୟ ହୋଇ ଯାଇଥିଲା ପରି କାହିଁକି ଲାଗୁଛି ? ଏବଂ, ସେଦିନ ସନ୍ଧ୍ୟାବେଳେ ମୁଁ ଯେତେବେଳେ ମୋ'ର ଘଣ୍ଟା ଆଉ ଚେନ୍‌କୁ କାଢ଼ି ରଖିଲି, ସେତେବେଳେ ଦେଖିବାକୁ ପାଇଲି ଯେ ଦୁଇଟି ସ୍ଥାନ କାଚ ଭିତରୁ ଗୋଟିଏ ଫ୍ରେମ ଭିତରୁ ବାହାରି ଯାଇଥିଲା ଓ ପାଖୁଡ଼ାଗୁଡ଼ିକ ମଧ୍ୟ ଆଉ ସେଠାରେ ନ ଥିଲେ । ଆଉ ଗୋଟିଏ ବୋଲି ପାଖୁଡ଼ା ନ ଥିଲା । ମୁଁ ସେଦିନ ଯାଇ ପ୍ରକୃତରେ ଜାଣିବାକୁ ପାଇଲି ଯେ, ସେଗୁଡ଼ିକ ଭିତରେ ବସ୍ତୁତଃ ଏକ ପ୍ରଭୂତ ଶକ୍ତିସଞ୍ଚାରଣ ରହିଥିଲା, କାରଣ, କୌଣସି କାରଣ ଜାଣିବା ଆଗରୁହିଁ ମୁଁ ପାର୍ଥକ୍ୟଟିକୁ ଅନୁଭବ କରିବାକୁ ଆରମ୍ଭ କରିସାରି ଥିଲି । କାରଣ ବହିଃସ୍ଥରେ ମୋତେ କିଛି ଜଣା ନ ଥିଲା, ତଥାପି ତଦ୍ଦ୍ୱାରା ଏତେବେଶୀ ପାର୍ଥକ୍ୟ ଅନୁଭୂତ ହେଉଥିଲା । ଏହି ଘଟଣାଟି ପରେ ମୁଁ ପ୍ରମାଣ ପାଇଗଲି ଯେ ଫୁଲଗୁଡ଼ିକ ମଧ୍ୟରେ ଶକ୍ତି ସଞ୍ଚାରିତ କରି ଆମେ ସେଗୁଡ଼ିକୁ କାମରେ ଲଗାଇ ପାରିବା । ଫୁଲମାନେ ହେଉଛନ୍ତି ଅତ୍ୟନ୍ତ ପରିମାଣରେ ଗ୍ରହଣଶୀଳ ।

(ପୁଣି ସେହିପରି ଶବ୍ଦ ହେଲା) ମୁଁ ଭାବୁଛି, ଆଜି ପାଇଁ ଏତିକି ଯଥେଷ୍ଟ । ଏହି ଶବ୍ଦ ଏତିକିରେ ବନ୍ଦ ହୋଇଯିବା ଉଚିତ ।

ଆଉ କିଛି ପ୍ରଶ୍ନ ଅଛି ? (ଖୁବ୍ ଜୋର୍‌ରେ ଶବ୍ଦ ହେଲା) ଓହୋ !

ଫୁଲମାନଙ୍କ ଭିତରେ ସେହି ଶକ୍ତି କ'ଣ ସବୁବେଳେ ରହିଥାଏ ? ଫୁଲମାନେ ମଉଳିଗଲା ପରେ ବି ?

*ମଉଳିଗଲା ପରେ ? ନାହିଁ—ମାତ୍ର ଫୁଲ ଶୁଖିଗଲେ ବି ତା'ଭିତରେ ଶକ୍ତି ରହିଥାଏ । ମଉଳି ଯାଇଥିବା ଫୁଲରେ ଆଉ କିଛିହେଲେ ନ ଥାଏ । ସେତେବେଳେ ଫୁଲ ଭିତରେ ଏକ କ୍ଷୟ ଆରମ୍ଭ ହୋଇ ଯାଇଥାଏ, ତେଣୁ ସେହି ବସ୍ତୁଟି ସେଥିରୁ ଅନ୍ତର୍ହିତ ହୋଇଯାଏ । ସମ୍ଭବତଃ ତାହା ମାଟିକୁ ଶକ୍ତି ଯୋଗାଇ ଦିଏ, ତାହା ବେଶ୍ ସମ୍ଭବ; ମାତ୍ର ତଥାପି, ସଢ଼ି ପଚି ଗଲାପରେ ଫୁଲ କେବଳ ଖତ ତିଆରି କରିବାରେ କାମରେ ଲାଗିପାରେ ଓ ତଦ୍ଦ୍ୱାରା ଅନ୍ୟ ଫୁଲମାନେ ବଢ଼ିବାରେ ସାହାଯ୍ୟ ହୁଏ । ମାତ୍ର ଯଦି ଫୁଲକୁ ଶୁଖାଇ ସୁରକ୍ଷିତ କରି ରଖାଯାଏ, ତେବେ ତାହା ବେଶ୍ କିଛି କାଳ ସକାଶେ ଅବଶ୍ୟ ରହିପାରେ ।*

'oaob.nitrkl.ac.in' images reprocessed

କାଳୀପୂଜା ଦିନ ମୁଁ ଯେଉଁ ସାନସାନ ଫୁଲଗୁଡ଼ିକୁ ଦିଏ, ସେଗୁଡ଼ିକୁ ଗୋଟିଏ ବର୍ଷ ଲାଗି ସାଇତି ରଖି ପାରିବା ଭଳି ତିଆରି କରାଯାଇଥାଏ । ବର୍ଷକ ପର୍ଯ୍ୟନ୍ତ ସେଗୁଡ଼ିକର ଶକ୍ତି ମଧ୍ୟ କାର୍ଯ୍ୟକାରୀ ହୋଇ ରହିଥାଏ ଏବଂ ସେଗୁଡ଼ିକର ଶକ୍ତି ଯେପରି ତା'ପରେ ବି ସ୍ଥାୟୀ ହୋଇ ରହିବ, ସେଥିଲାଗି ମୁଁ ପ୍ରତିବର୍ଷ ସେଗୁଡ଼ିକର ପୁନର୍ବାର ଶକ୍ତି ସଞ୍ଚରଣ କରାଏ ।...ମୁଁ ଭଲ କରି ଜାଣେ ଯେ ଏହାକୁ ଉଚିତ ଭାବରେ ବ୍ୟବହାର କରୁଥିବା ବ୍ୟକ୍ତି ତୁମମାନଙ୍କ ମଧ୍ୟରେ ଦଶ-ଜଣରେ ଜଣେ ମଧ୍ୟ ନ ଥିବେ ।...ମାତ୍ର ତଥାପି, ଏହାକୁ ବ୍ୟବହାର କରି ଜାଣିଥିବାର ଅଳ୍ପ ସମ୍ଭାବନା ରହିଥିଲେ ମଧ୍ୟ ମୁଁ ସେହି ବ୍ୟକ୍ତିମାନଙ୍କୁ ଏହାକୁ ପ୍ରଦାନ କରିଥାଏ । ଗୋଟିଏ ବର୍ଷଯାଏ ଶକ୍ତିକୁ କାର୍ଯ୍ୟକାରୀ କରି ରଖିବା ଲାଗି ଏହା ତିଆରି ହୋଇଥାଏ । ଏବଂ, ମୋ'ଠାରୁ ନୂଆଟିଏ ପାଇଲେ ତୁମେ ପୁରୁଣାଟିକୁ ଅବଶ୍ୟ ଫୋପାଡ଼ି ଦେଇ ପାରିବ । ସାଧାରଣତଃ ଏଥିରେ ଆଉ ଶକ୍ତି ନ ଥାଏ । ମାତ୍ର ଏକଥା ସବୁବେଳେ କଦାପି ଘଟି ନ ଥାଏ...ମାତ୍ର ଏହି ସାନ ଫୁଲପୁଡ଼ିଆଗୁଡ଼ିକ ଠିକ୍ ବର୍ଷକ ପର୍ଯ୍ୟନ୍ତ ସେଗୁଡ଼ିକର ଶକ୍ତିକୁ କାର୍ଯ୍ୟକାରୀ କରି ରଖିଥାନ୍ତି ।

ମାଆ, ଆପଣ ଆମକୁ ପ୍ରତିଦିନ ଯେଉଁ ଫୁଲ ଦିଅନ୍ତି, ସେଗୁଡ଼ିକୁ ନେଇ ଆମର କ'ଣ କରିବା ଉଚିତ ?

ସେହି ଫୁଲଗୁଡ଼ିକୁ ନେଇ ? ସେଗୁଡ଼ିକ ସତେଜ ରହିଥିବା ପର୍ଯ୍ୟନ୍ତ ସେଗୁଡ଼ିକୁ ରଖିବ, ଓ ସେଗୁଡ଼ିକର ସତେଜତା ଚାଲିଗଲେ ସେଗୁଡ଼ିକୁ ଏକାଠି କରି ମାଳୀକୁ ନେଇ ଦେଇଦେବ (ଯେଉଁ ମାଳୀ ସହିତ ତୁମର ଚିହ୍ନା ଥିବ), ଯେପରିକି ସିଏ ଅନ୍ୟ ଫୁଲ ଫୁଟାଇବା ପାଇଁ ତାହାକୁ ମାଟିରେ ଖତରୂପେ ବ୍ୟବହାର କରିପାରିବ । ହଁ, ମାଟି ଆମକୁ ଯାହାକିଛି ଦେଉଛି, ଆମେ ତାହାକୁ ପୁନର୍ବାର ସେହି ମାଟିକୁହିଁ ଫେରାଇ ଦେବା, କାରଣ ତା' ନ ହେଲେ ମାଟି କ୍ରମଶଃ ଅଳ୍ପବଳ ହୋଇଯିବ ।

ମାଆ, ଗୋଟିଏ ଗୋଟିଏ ଫୁଲ ଗୋଟିଏ ନିର୍ଦ୍ଦିଷ୍ଟ ଋତୁରେ ଫୁଟନ୍ତି; ତାହାର କ'ଣ ଏହି କାରଣ ହେବ ଯେ ସେହି ଋତୁରେ ଏକ ବୃହତ୍ତର ଶକ୍ତି କାର୍ଯ୍ୟକାରୀ ହୋଇ ରହିଥାଏ ?

ଏହି ପ୍ରଶ୍ନଟିର ଉତ୍ତର ଦେବା କଷ୍ଟକର । ମାତ୍ର ଏହି କ୍ଷେତ୍ରରେ ମୁଁ ଏକ ଆଗ୍ରହୋଦ୍ଦୀପକ ପ୍ରୟୋଗ ମଧ୍ୟ କରିଛି ।

ତୁମମାନଙ୍କର ମନେଅଛି କି ନାହିଁ ଜାଣେନି—ତୁମେ ସେତେବେଳେ ଥିଲେ ହୁଏତ ମନେ ରଖିଥିବ—ସେତେବେଳେ ଫୁଲଗୁଡ଼ିକୁ ଗଣା ଯାଉଥିଲା;

'oaob.nitrkl.ac.in' images reprocessed

ପ୍ରକୃତ କଥା ହେଉଛି, ଯେତେବେଳେ ପ୍ରକୃତି ଓ ମୋ’ ଭିତରେ ଗୋଟାଏ ପ୍ରକାରର ଚୁକ୍ତି ହୋଇଥିଲା । ଏହିସବୁ ପ୍ରତ୍ୟେକ ଫୁଲକୁ ମୁଁ ଗୋଟିଏ ଗୋଟିଏ ମୂଲ୍ୟ ପ୍ରଦାନ କରିଥିଲି; କେବଳ ତାହାର ତାତ୍ପର୍ଯ୍ୟ ନୁହେଁ, ମୂଲ୍ୟ ମଧ୍ୟ ପ୍ରଦାନ କରିଥିଲି । ଉଦାହରଣସ୍ୱରୂପ — ଏପରି ଧରି ନିଆ ଯାଇଥିଲା ଯେ— ପ୍ରକୃତି ସହିତ ମୋର ଗୋଟିଏ ଚୁକ୍ତି ହୋଇ ରହିଥିଲା । ଦୃଷ୍ଟାନ୍ତ ରୂପେ “ରୂପାନ୍ତର” ଫୁଲଗୁଡ଼ିକର କଥା ବିଚାର କରିଯାଉ । ଯଥେଷ୍ଟ ମନୋଯୋଗୀ ହୋଇପାରିଲେ ତୁମେ ଦେଖିବାକୁ ପାଇବ ଯେ ଭିନ୍ନ ଭିନ୍ନ ଋତୁରେ ଗୋଟିଏ ଫୁଲର ସ୍ଥାନାପନ୍ନ ଭାବରେ ଆଉଗୋଟିଏ ଫୁଲ ଆସି ପହଞ୍ଚିଯାଏ, ତାହାର ତାତ୍ପର୍ଯ୍ୟ ପୂର୍ବଟିର ସମାନ ଅଥବା ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାଏ । ଏବଂ, ଏହିପରି ଭାବରେ ତୁମେ ବର୍ଷସାରା ପୁରା ବୁଲିଆସି ପାରିବ,—ବସ୍ତୁଗୁଡ଼ିକର ଯଥାର୍ଥ ବ୍ୟବହାର ଜାଣିଥିଲେ ତୁମେ ସେକଥା ନିଶ୍ଚୟ କରିପାରିବ ! ଏହି କ୍ଷେତ୍ରରେ କେତୋଟି ସ୍ଥାୟୀ ବସ୍ତୁ ମଧ୍ୟ ରହିଥାଏ, ସେଗୁଡ଼ିକ ସର୍ବଦା ରହିଥାଏ ।…ମାତ୍ର “ରୂପାନ୍ତର” ପରି ଫୁଲଗୁଡ଼ିକର ଗୋଟିଏ ନିର୍ଦ୍ଦିଷ୍ଟ ଋତୁ ଥାଏ; ବେଶ୍ ଲମ୍ବା ଋତୁଟିଏ, ତଥାପି ଗୋଟିଏ ନିର୍ଦ୍ଦିଷ୍ଟ ଋତୁ । “ଉପଲବ୍ଧି” ଫୁଲର ଋତୁଟି ଟିକିଏ ଅଧିକ ଲମ୍ବ; ମାତ୍ର “ରୂପାନ୍ତର” ଯେଉଁ ସମୟରେ ଫୁଟେ, ଏହି ଫୁଲଟି ସେହି ସମୟରେ ଆଦୌ ଫୁଟି ନ ଥାଏ । ସେଗୁଡ଼ିକ…ମୁଁ ଏହି କଥାଟିକୁ କିପରି ଯଥାର୍ଥ ଭାବରେ କହିବି ?…ସେଗୁଡ଼ିକର ସମୟ ପରସ୍ପର ଉପରକୁ ମାଡ଼ି ଯାଇଥାଏ । ଆରଟି ସରିବା ପୂର୍ବରୁ ଏଇଟି ଫୁଟିବା ଆରମ୍ଭ ହୋଇଯାଏ । ମାତ୍ର ଯେଉଁ ଋତୁରେ ସେମାନେ ପ୍ରଚୁର ପରିମାଣରେ ଫୁଟନ୍ତି, ସେହି ଦୁଇ ଋତୁ ମୋଟେ ଏକା ନୁହନ୍ତି । ଏବଂ ସବୁ ଫୁଲ ସେହିପରି ଭାବରେ ଫୁଟନ୍ତି । ହଁ, ଏଥିରେ ଏକ ବ୍ୟବସ୍ଥା ହୋଇ ରହିଥାଏ । ତୁମ ପ୍ରଶ୍ନର ଉତ୍ତର ମିଳିଲା, ନୁହେଁ ? ତାତ୍ପର୍ଯ୍ୟ ଭିତରେ ନାନା ବ୍ୟଞ୍ଜନା ରହିଥାଏ, ଏବଂ, ହୁଏତ ଏପରି ସମ୍ଭବ ହୋଇଥାଏ ଯେ, କେତୋଟି ଋତୁ ଅପେକ୍ଷାକୃତ ଅଧିକ ଅନୁକୂଳ ହୋଇ ରହିଥାଆନ୍ତି; ଗୋଟିକ ଉପରେ ଆମେ ହୁଏତ ଅନ୍ୟଟିର ତୁଳନାରେ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ଆରୋପ ବି କରିପାରିବା ।

ମାତ୍ର ଏହି ପ୍ରତ୍ୟେକ ଫୁଲର ଗୋଟିଏ ସଂଖ୍ୟାବାଚକ ମୂଲ୍ୟ ମଧ୍ୟ ରହିଥିଲା ଏବଂ ମୁଁ ସେଗୁଡ଼ିକୁ ଲେଖି ରଖୁଥିଲି । ସେଗୁଡ଼ିକୁ ମୁଁ ଗଣିକରି ରଖୁଥିଲି, କାରଣ ମୁଁ ସଂଖ୍ୟାବାଚକ ମୂଲ୍ୟଟିକୁ ଟିପି ରଖୁଥିଲି । ମୁଁ ଏହି କାର୍ଯ୍ୟ ବନ୍ଦ କଲି, ଯେତେବେଳେ ପୃଷ୍ଠାଗୁଡ଼ିକ…ଏହିପରି ଲମ୍ବା ଲମ୍ବା ପୃଷ୍ଠା (ପୃଷ୍ଠାର ଦୈର୍ଘ୍ୟ ଦେଖାଇବାକୁ ମାଆ ନିଜର ବାହୁଗୁଡ଼ିକୁ ପୁରା ଲମ୍ବାଇଦେଲେ), କାରଣ ମୁଁ ସଂଖ୍ୟାବାଚକ ମୂଲ୍ୟଗୁଡ଼ିକର ଯୋଗଫଳ ବାହାର କରୁଥିଲି । ତାହାର ଏକ କାରଣ ମଧ୍ୟ ଥିଲା, ବିନା କାରଣରେ ମୋଟେ ହେଉ ନ ଥିଲା ।… ଏସବୁ ନେଇ ମୋତେ ବେଶ୍

'oaob.nitrkl.ac.in' images reprocessed

ଅନେକ କାର୍ଯ୍ୟ କରିବାକୁ ପଡ଼ୁଥିଲା । ··· ଏଥିରେ ଗୁଡ଼ାଏ ସମୟ ଚାଲିଯାଉଥିଲା ବୋଲିହିଁ ମୁଁ ଶେଷକୁ ଏହି କାର୍ଯ୍ୟଟିକୁ ବନ୍ଦ କଲି । ତୁମେମାନେ ବୁଝିପାରୁଥିବ, ଅନ୍ତତଃ ଏଡ଼େ ଏଡ଼େ ଲମ୍ବା କାଗଜ ଉପରେ ମୁଁ ସେତେବେଳେ ସଂଖ୍ୟାଗୁଡ଼ିକୁ ଲେଖି ରଖୁଥିଲି; ଏବଂ ପରେ ଯେତେବେଳେ ସେଗୁଡ଼ିକୁ ଆହୁରି ବଡ଼ କରିବାକୁ ପଡ଼ିଲା, ସେତେବେଳେ ଆଉ ପ୍ରକୃତରେ ସମ୍ଭବ ହେଲା ନାହିଁ । (ମା ତାଙ୍କର ବାହୁ ଦୁଇଟିକୁ ପୁଣି ବଢ଼ାଇଦେଲେ) ତେଣୁ ବନ୍ଦ କରିବାକୁ ପଡ଼ିଲା । ଏହି କାରଣରୁ ବନ୍ଦ କରିବାକୁ ହେଲା । ମାତ୍ର ମୁଁ ଯେ କେବଳ ଏକ ସଂଖ୍ୟାବାଚକ ମୂଲ୍ୟ ଲାଭ କରିଥିଲି ଓ ତାହାକୁ ନେଇ କିଛି କାର୍ଯ୍ୟ କରିଥିଲି ତା' ନୁହେଁ, ପ୍ରତ୍ୟେକ ଫୁଲର ଏକ ଅର୍ଥ ମଧ୍ୟ ଉପଲବ୍ଧ ହୋଇପାରିଥିଲା ।

ବ୍ୟବସ୍ଥାଟି ଏହିପରି କରାଯାଇଥିଲା : ମୋ' କାର୍ଯ୍ୟଟି ସକାଶେ ପ୍ରକୃତି ମୋତେ ଯାହା ଦେବ, ସଂଖ୍ୟାବାଚକ ମୂଲ୍ୟଟି ତାହାର ଅନୁରୂପ ଭାବରେ ନିର୍ଦ୍ଧାରିତ ହେଉଥିଲା, ମାତ୍ର ଫୁଲର ତାତ୍ପର୍ଯ୍ୟଟି ପ୍ରକୃତି ଓ ମୋ' ଭିତରେ ଏକ ପାରସ୍ପରିକ ସମ୍ମତି ଅନୁସାରେ ସ୍ଥିର କରାଯାଉଥିଲା । ଉଦାହରଣସ୍ୱରୂପ "ରୂପାନ୍ତର" ଫୁଲଟିର କଥା ବିଚାର କରାଯାଉ । ଯେତେବେଳେ ଫୁଲଗୁଡ଼ିକର ଏକ ପରିକଳନା କରା-ଯାଉଥିଲା, — ଗୋଟିଏ ଗୋଟିଏ ଋତୁରେ କେବେକେବେ ଏହି ସଂଖ୍ୟା ହଜାର ହଜାର ହୋଇଯାଉଥିଲା, ସେତେବେଳେ ସେଥିରୁ ଏହି ସୂଚନା ମିଳୁଥିଲା (ପ୍ରକୃତି ସହିତ ଏହିପରି ଏକ ବୁଝାମଣା ହୋଇ ରହିଥିଲା) ଯେ ଠିକ୍ ଏହି ସଂଖ୍ୟାର ବ୍ୟକ୍ତି-ମାନଙ୍କର ମଧ୍ୟ ରୂପାନ୍ତର ଘଟିବ । ··· ଏବଂ ଆହୁରି ଅଧିକ ଭଲ ଫଳ ମଧ୍ୟ ମିଳୁଥିଲା । ଅର୍ଥାତ୍, ମୁଁ ଯେତେବେଳେ ସେହି ଫୁଲକୁ କୌଣସି ବ୍ୟକ୍ତିଙ୍କୁ ଦେଉଥିଲି, ଗୋଟିଏ, ଦୁଇଟି, ତିନୋଟି, ଚାରୋଟି ବା ପାଞ୍ଚୋଟି ଫୁଲ ଦେଉଥିଲି, ସେତେବେଳେ ସେଥିସହିତ ମୁଁ ତାଙ୍କ ଭିତରେ ଥିବା ସେତିକିଟି ଉପାଦାନର ରୂପାନ୍ତର ଲାଗି ଆବଶ୍ୟକ ଶକ୍ତିକୁ ମଧ୍ୟ ପ୍ରଦାନ କରୁଥିଲି । ମାତ୍ର ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯଥାର୍ଥ ନିଷ୍ଠାର ସହିତ ଏହି କାର୍ଯ୍ୟଟିକୁ ଚାଲୁ ରଖିବାକୁ ହେଲେ ତାହାକୁ ମସ୍ତିଷ୍କର ବାହାରେହିଁ ରଖିବାକୁ ପଡ଼ୁଥିଲା; କାରଣ ଯେତେବେଳେ ସେମାନଙ୍କର ମସ୍ତିଷ୍କ କାର୍ଯ୍ୟ ଆରମ୍ଭ କରି ଦେଇଥାଏ, — ତାହା ସବୁବେଳେ ଯେ ଉଚିତ ଭାବରେ କାର୍ଯ୍ୟ କରୁଥାଏ ସେକଥା ଆଦୌ ନୁହେଁ, — ସେତେବେଳେ ଲୋକମାନେ ପ୍ରକୃତରେ ସବୁକିଛି ନଷ୍ଟ କରିଦଅନ୍ତି । ସେଥିଲାଗିହିଁ ମୁଁ ସେ ବିଷୟରେ ମୋଟେ କିଛି କହୁ ନ ଥିଲି ।

ସବୁ ଫୁଲର କ୍ଷେତ୍ରରେ ଠିକ୍ ସେଇଆ ଘଟୁଥିଲା । ଉଦାହରଣସ୍ୱରୂପ, "ଅଭୀପ୍‌ସା"ର ବିଚାର କରାଯାଉ । "ଅଭୀପ୍‌ସା" ଫୁଲ ବଡ଼ ବଡ଼ ଗୁଚ୍ଛରେ

'oaob.nitrkl.ac.in' images reprocessed

ଭର୍ତ୍ତି ହୋଇ ଆସୁଥିଲା । ହଜାର ହଜାର ଫୁଲ ସେହି ଗୁଚ୍ଛଗୁଡ଼ିକ ଭିତରେ ଥିଲେ । ସବୁଗୁଡ଼ିକର ଗଣନା ହେଉଥିଲା ।…ଏବଂ, ପ୍ରତ୍ୟେକଟି ଫୁଲ ଗୋଟିଏ ଲେଖାଏଁ ଅଭିପ୍ସାର ପ୍ରତିନିଧିତ୍ୱ କରୁଥିଲେ । ଏବଂ, ଏବେ ମଧ୍ୟ, ବେଳେବେଳେ, ଯେତେବେଳେ "ପ୍ରାର୍ଥନା", ଭଳି କୌଣସି ଫୁଲ ମୋ' ପାଖରେ ଆଏ, … "ପ୍ରାର୍ଥନା" ଫୁଲ ବିତରଣ କଲାବେଳେ ମୁଁ ତୁମମାନଙ୍କୁ ବେଳେବେଳେ କହିଛି, "ଏହା ହେଉଛି ଏକ ପ୍ରାର୍ଥନା । ତୁମେ ଜାଣିରଖ, ଏହି ପ୍ରାର୍ଥନାଟି ସ୍ୱୀକୃତ ହୋଇଯାଇଛି ।" ମୁଁ ସେହିପରି କରୁଥିଲି । ତୁମମାନଙ୍କର ନିଶ୍ଚୟ ମନେ ଥିବ, ନୁହେଁ ? ଏବଂ ମୁଁ କହୁଥିଲି, "ତୁମ 'ପ୍ରାର୍ଥନା'ଟି ବିଷୟରେ ସାବଧାନ ରହିବ । ଯାହା ହେଉ ବୋଲି ତୁମେ ପ୍ରକୃତରେ ଇଚ୍ଛା କରୁଛ, ତୁମେ କେବଳ ସେଇଥିଲାଗି ପ୍ରାର୍ଥନା କରିବ ! ଖୁବ୍ ସାବଧାନ ରହିବ । କାରଣ ଏହି ପ୍ରାର୍ଥନାଟିକୁ ସ୍ୱୀକାର କରି ଦିଆଯିବ । ମୁଁ ଫୁଲଟି ଦେଉଛି ସତ, ମାତ୍ର ଯୁଗପତ୍ ଭାବରେ ତୁମେ କରୁଥିବା ପ୍ରାର୍ଥନାର [… ]* ସମ୍ଭାବନାଟି ମଧ୍ୟ ତୁମକୁ ପ୍ରଦାନ କରୁଛି । ଏବଂ, ଏହି ପ୍ରାର୍ଥନାଟି ଅବଶ୍ୟ ସ୍ୱୀକୃତ ହେବ ।" ଏହା ଏହି ଅର୍ଥରେ ପ୍ରକୃତରେ ଖୁବ ଆଗ୍ରହୋଦ୍ଦୀପକ ଯେ, ମୁଁ ସର୍ବଦା ପ୍ରକୃତିକୁ ଯାଇ କହୁଥିଲି, "ତୁମେ ଜାଣିଛଟି, ମୋ'ପାଖରେ ଏସବୁ ବସ୍ତୁ ରହୁ ବୋଲି ତୁମେ ଯଦି ଇଚ୍ଛା ନ କରୁଛ, ତେବେ ମୋତେ ସେଗୁଡ଼ିକୁ ଦେବାର ଆଦୌ କୌଣସି ପ୍ରୟୋଜନ ନାହିଁ ।" ଏହି କ୍ଷେତ୍ରରେ ଏକ ଅଲୌକିକତା ମଧ୍ୟ ଅବଶ୍ୟ ରହିଥିଲା; ବେଳେବେଳେ ମୁଁ ଆଗ୍ରହ କଲେ ବସ୍ତୁଗୁଡ଼ିକ ପ୍ରାଚୁର୍ଯ୍ୟର ସହିତ ଆସୁଥିଲେ; ମାତ୍ର ବେଳେବେଳେ ହଠାତ୍ ଏକାବେଳେକେ ବନ୍ଦ ହୋଇଯାଉଥିଲେ, କାହିଁକି ବନ୍ଦ ହୋଇଯାଉଥିଲେ, ସେକଥା କହି ହେଉ ନ ଥିଲା କି ବୁଝି ହେଉ ନ ଥିଲା ।… ସେତେବେଳେ ପ୍ରକୃତି ଆମକୁ ତାହା ଦେବା ଲାଗି ସମ୍ମତ ହେଉ ନ ଥିଲା ।… ମାତ୍ର ଅନ୍ୟ ପକ୍ଷରେ ଅନ୍ୟ ବସ୍ତୁଗୁଡ଼ିକୁ ଆଣି ଗଦା କରି ଦେଉଥିଲା ।

ମାତ୍ର ଏସବୁ ଅଳ୍ପବୟସରେ ହୁଏ, ପଶ୍ଚାତରେହିଁ ହେଉଥାଏ ।…

ଯେତେବେଳେ ଆମେ ଆପଣଙ୍କର ଶକ୍ତ ଥିବା କୌଣସି ମୁଦି ବା ଅନ୍ୟକୌଣସି ଅଳଙ୍କାର ପିନ୍ଧିଥାଉ, ସେତେବେଳେ ତଦ୍ଦ୍ୱାରା କୌଣସି ସୁରକ୍ଷା ପ୍ରାପ୍ତ ହୋଇଥାଏ କି ?

ବର୍ତ୍ତମାନ ଅତସଂଜ୍ଞ ଶବ୍ଦ ବ୍ୟତୀତ ମୁଁ ମୋଟେ କିଛି ଶୁଣି ପାରୁ ନାହିଁ ।

(ପିଲାଟି ପୁନର୍ବାର ସେହି ପ୍ରଶ୍ନଟିକୁ ପଚାରିଲା)

*ପାଣ୍ଡୁଲିପି ଭିତରେ ଶବ୍ଦ ଛାଡ଼ ହୋଇଯାଇଛି ।

'oaob.nitrkl.ac.in' images reprocessed

ତୁମେ ସେଇଟି ବିଷୟରେ କ'ଣ ଭାବୁଛ, ତାହା ସର୍ବୋପରି, ସେହିକଥା ଉପରେହିଁ ନିର୍ଭର କରିବ । କେବେକେବେ ମୁଁ ନିଜ ହାତରେ ତୁମମାନଙ୍କୁ ତାହା ଦେଇଥାଏ,—ସେତେବେଳେ ସେଥିରେ ମୁଁ କିଛି ନା କିଛି ପ୍ରସ୍ଥାପିତ କରି ରଖିଥାଏ । ମାତ୍ର, ଯଦି ତୁମେ ନିଜର ନିର୍ବାଚନ ଅନୁସାରେ ମୁଦିଟିଏ ବା ଚିହ୍ନଟିଏ ନେଇ ପିନ୍ଧୁଥାଅ, ... ଯଦି ତୁମର ସେହିପରି ବିଶ୍ୱାସ ରହିଥାଏ, ତୁମକୁ ତାହା ଅବଶ୍ୟ ରକ୍ଷା କରିବ ବୋଲି ବିଶ୍ୱାସ ରହିଥାଏ, ତେବେ ତାହା ଅବଶ୍ୟ ରକ୍ଷା କରେ । ଯେତେବେଳେ ମୁଁ ଦିଏ, ସେତେବେଳେ ମୁଁ ସେଇଟିକୁ ଏପରି ଗୋଟିଏ ବସ୍ତୁ ପରିହିତ ଦେଇଥାଏ, ଯାହାକି ସେହି ବସ୍ତୁଟିଠାରୁ ଏକାନ୍ତ ଭିନ୍ନ । ମୁଁ ଏହି ଅନ୍ୟ ବସ୍ତୁଟିକୁ ନିଜେ ତା'ଭିତରେ ନେଇ ରଖିଥିଲେ ତାହା ସେଥିରେ ଥାଏ, ମାତ୍ର ମୁଁ ରଖି ନ ଥିଲେ ପ୍ରକୃତରେ ନ ଥାଏ ।

ତୁମେମାନେ ଜାଣିଛ, ଶ୍ରୀଅରବିନ୍ଦ ଅନେକ ସମୟରେ କହୁଥିଲେ, ତାଙ୍କର ଚିତ୍ର ରହିଥିବା ଗୋଟିଏ ମୁଦି ପିନ୍ଧିବା ଓ ତାହା ତୁମକୁ ସୁରକ୍ଷା ଦେଉଛି ବୋଲି ଭାବିବା, — ଏହା ଏକ ଅନ୍ଧବିଶ୍ୱାସ । ଏହା ଏକ ଅନ୍ଧବିଶ୍ୱାସ ବୋଲି ସିଏ ତୁମମାନଙ୍କୁ କହିଥାନ୍ତେ ! ଅର୍ଥାତ୍, ତୁମେ ଏହି ବିଷୟରେ କ'ଣ ଭାବୁଛ, ଏହା ତାହାରି ଉପରେହିଁ ନିର୍ଭର କରିବ । ... ତୁମେ ଏହା ବିଷୟରେ କ'ଣ ଭାବୁଛ, ଏକଥା ସମ୍ପୂର୍ଣ୍ଣ ଭାବରେ ତାହାରି ଉପରେ ନିର୍ଭର କରିବ । ଯଦି ସିଏ ତୁମକୁ ଗୋଟିଏ ମୁଦି ଦେଇଥାନ୍ତେ ଓ "ତୁମେ ଏଇଟିକୁ ପିନ୍ଧ, ଏହାଦ୍ୱାରା ତୁମ ଭିତରେ ମୋର ଶକ୍ତି ଅବସ୍ଥାନ କରିବ" ବୋଲି କହିଥାନ୍ତେ, ତେବେ ତାହା ଏକାବେଳେକେ ଅନ୍ୟପ୍ରକାର ହୋଇଥାନ୍ତା, ଏଥିରେ କେତେ ନା କେତେ ପ୍ରଭେଦ ଘଟିଥାନ୍ତା ।

ତୁମମାନଙ୍କୁ ମୁଁ ଆଉଗୋଟିଏ ସାନ ଗପ କହିବି । ବହୁ ପୂର୍ବକାଳରେ କେତେକ ଲୋକ ବିଶ୍ୱାସ କରୁଥିଲେ ଯେ, ଗୋଟିଏ ମୁଦ୍ରାର ଚାରିପାଖ ଯଦି କଟାକଟା ହୋଇଥାଏ,...ବର୍ତ୍ତମାନ ବି ଚାରିପାଖରେ କଟାକଟା ହୋଇଥିବା ମୁଦ୍ରାସବୁ ରହିଛି, ନୁହେଁ ? କେତେକ ଦେଶରେ ଏହିପରି କଟାକଟା ହୋଇଥିବା ମୁଦ୍ରା ରହିଛି । ମାତ୍ର ଆଗକାଳରେ ସେଗୁଡ଼ିକ ସେପରି କଟା କଟା ହେଉ ନ ଥିଲେ, ଏବଂ ତଥାପି କେବେକେବେ କୌଣସି ମୁଦ୍ରାରେ କଣାସବୁ ରହିଥିବାର ଦେଖାଯାଉଥିଲା । ଏବଂ ଏହିପରି ଏକ ଅନ୍ଧବିଶ୍ୱାସ ମଧ୍ୟ ପ୍ରକୃତରେ ରହିଥିଲା,— ଅର୍ଥାତ୍ ଛେଦଯୁକ୍ତ ମୁଦ୍ରାଟିଏ ମିଳିଗଲେ ତାହା ସୌଭାଗ୍ୟର କାରଣ ହେବ ବୋଲି ଅନ୍ଧବିଶ୍ୱାସଟିଏ ରହିଥିଲା । ତୁମେ ଯାହା କରିବ ବୋଲି ଇଚ୍ଛା କରୁଛ, ତାହା ସେଥିରେ ତୁମକୁ ସୌଭାଗ୍ୟ ଏବଂ ସଫଳତା ଆଣି ଦେଉଥିଲା ।

'oaob.nitrkl.ac.in' images reprocessed

ଏପରି ଜଣେ ଲୋକ କୌଣସି ଅଫିସ୍‌ରେ କାର୍ଯ୍ୟ କରୁଥିଲା, ଯାହାର ଅବସ୍ଥା ଆଦୌ ସେତେ ଭଲ ନ ଥିଲା ଓ ସିଏ ଜୀବନରେ ଖୁବ୍‌ବେଶୀ ସଫଳତା ଲାଭ କରିପାରି ନ ଥିଲା । ଦିନେ ତାକୁ ଗୋଟିଏ ଛିଦ୍ରଯୁକ୍ତ ମୁଦ୍ରା ମିଳିଲା । ସେଇଟିକୁ ଆପଣାର ପକେଟ୍ ଭିତରେ ପୂରାଇ ଲୋକଟି ମନେମନେ କହିଲା, "ଏଥର ମୋ'ର ଭାଗ୍ୟରେ ନିଶ୍ଚୟ ଉନ୍ନତି ହେବ !" ଏହିପରି ଭାବରେ ତା'ଭିତରେ ଆଶା, ସାହସ ଓ ଶକ୍ତି ଭରପୁର ହୋଇଗଲା, କାରଣ ସିଏ ଜାଣିଥିଲା : "ଏଥର ମୋ' ପାଖରେ ଏହି ମୁଦ୍ରାଟି ରହିଥିବା ପର୍ଯ୍ୟନ୍ତ ମୁଁ ଅବଶ୍ୟ ସଫଳତା ଲାଭ କରିବି !" ବସ୍ତୁତଃ ସିଏ ଉତ୍ତରୋତ୍ତର ସମୃଦ୍ଧି ଲାଭ କରିବାକୁ ଆରମ୍ଭ କଲା । ଅଧିକରୁ ଅଧିକ ଅର୍ଥ ଉପାର୍ଜନ କଲା, ଅଧିକରୁ ଅଧିକ ଭଲ ଆସନରେ ଯାଇ ବସିଲା; ଏବଂ ଲୋକମାନେ କହିବାକୁ ଲାଗିଲେ, "ଲୋକଟି କେଡ଼େ ଅଦ୍‌ଭୁତ ! ସିଏ କେଡ଼େ ଭଲ ଭାବରେ ସବୁ କାମ କରିପାରୁଛି ! ଯାବତୀୟ ସମସ୍ୟାର କେଡ଼େ ଚମତ୍କାର ସମାଧାନ କରିଦେଇ ପାରୁଛି !" ପ୍ରକୃତରେ ସିଏ ଜଣେ ବିଶିଷ୍ଟ ବ୍ୟକ୍ତି ହୋଇ ପାରିଲା, ଏବଂ ପ୍ରତ୍ୟେକ ଦିନ ସକାଳେ ନିଜର କୋଟ୍‌ଟିକୁ ପିନ୍ଧିଲା ବେଳେ ସିଏ ମୁଦ୍ରାଟି ତା'ର ପକେଟ ଭିତରେ ରହିଛି ବୋଲି ସୁନିଶ୍ଚିତ ଭାବରେ ଜାଣିବାକୁ ହାତ ମାରି ଦେଖୁଥିଲା । ସିଏ ହାତରେ ସେହି ମୁଦ୍ରାଟିକୁ ସ୍ପର୍ଶ କରୁଥିଲା, ମୁଦ୍ରାଟି ସେଇଠାରେ ଅଛି ବୋଲି ଅନୁଭବ କରୁଥିଲା ଏବଂ ତଦ୍ଦ୍ୱାରା ବିଶ୍ୱାସ ଲାଭ କରୁଥିଲା । ଏବଂ ତା'ପରେ ଦିନେ ତା'ର କେଜାଣି କାହିଁକି ଟିକିଏ କୌତୂହଳ ଜନ୍ମିଲା ଏବଂ ସିଏ କହିଲା, "ଆଜି ମୁଁ ମୋ ମୁଦ୍ରାଟିକୁ କାଢ଼ିକରି ଦେଖିବି !" ଏକଥା ଅନେକ ବର୍ଷ ପରେ ଘଟିଲା । ନିଜ ସ୍ତ୍ରୀ ସହିତ ସିଏ ପ୍ରାତଃଭୋଜନ କରୁଥିଲା ଏବଂ ସେତିକିବେଳେ କହିଲା, "ଆଜି ମୁଦ୍ରାଟିକୁ କାଢ଼ିକରି ଦେଖିବି !" ସ୍ତ୍ରୀ କହିଲା, "କାଢ଼ି କରି କାହିଁକି ଦେଖିବ ? ସେପରି କରିବାର କୌଣସି ପ୍ରୟୋଜନ ନାହିଁ ।" "ନାହିଁ—ନାହିଁ—ମୁଁ ନିଶ୍ଚୟ ଦେଖିବି ।" ସିଏ ଯେଉଁ ସ୍ଥାନ ମୁଣାରେ ମୁଦ୍ରାଟିକୁ ରଖିଥିଲା, ସେଇଟିକୁ ବାହାର କଲା, ଏବଂ ଦେଖିଲା ଯେ ତାହା ଭିତରେ ଯେଉଁ ମୁଦ୍ରାଟି ଥିଲା, ସେଥିରେ ଆଦୌ କୌଣସି ଛିଦ୍ର ନ ଥିଲା !

ସିଏ କହିବାକୁ ଆରମ୍ଭ କଲା, "ଏଇଟି ମୋଟେ ମୋ' ମୁଦ୍ରା ନୁହେଁ ! ଏଇଟା ଏଠି କେଉଁଠୁ ଆସିଲା ? ମୋ' ମୁଦ୍ରାଟିକୁ ଏଠାରୁ କିଏ ନେଲା ?" ସେଇଠୁ ତା'ର ସ୍ତ୍ରୀ ତାକୁ କହିଲା, "ଦିନେ ତୁମ କୋଟ୍‌ରେ ଧୂଳି ଲାଗିଥିଲା·· ମୁଁ ଝରକାବାଟେ ବାହାରକୁ ଦେଖାଇ କୋଟଟାକୁ ଝାଡ଼ିଦେଲି ଓ ସେତିକିବେଳେ ତୁମ ମୁଦ୍ରାଟି ମଧ୍ୟ ଖସି କୁଆଡ଼େ ପଡ଼ିଗଲା । ତା'ଭିତରେ ମୁଦ୍ରାଟି ଥିଲା ବୋଲି ମୋ'ର ମୋଟେ ମନେ ନ ଥିଲା । ଦଉଡ଼ିଯାଇ ମୁଁ କେତେ ଖୋଜିଲି, ମାତ୍ର

'oaob.nitrkl.ac.in' images reprocessed

ସେଇଟିକୁ ପାଇଲି ନାହିଁ । ସେଇଟିକୁ ଆଉକେହି ଉଠାଇ ନେଇ ଯାଇଥିଲେ । ତୁମେ ଭାରି ମନ ଖରାପ କରିବ ବୋଲି ଭାବି ମୁଁ ଆଉଗୋଟିଏ ମୁଦ୍ରା ଆଣି କୋଟ୍‌ରେ ରଖିଦେଲି ।” (ସମସ୍ତେ ହସିଲେ) ମାତ୍ର ସେହି ଲୋକଟି ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ କରୁଥିଲା ଯେ ତା’ ମୁଦ୍ରାଟି ଯଥାସ୍ଥାନରେ ରହିଛି ଏବଂ ତାହାହିଁ ଯଥେଷ୍ଟ ଥିଲା ।

ତେଣୁ ବିଶ୍ୱାସହିଁ ଏହି କ୍ଷେତ୍ରରେ ଯାହାକିଛି କରେ । ···ଛିଦ୍ରଥିବା ମୁଦ୍ରା ପ୍ରକୃତରେ କିଛି କରେ ନାହିଁ । ତୁମେ ବି ଚେଷ୍ଟା କରି ଦେଖିପାର । ଯଦି ତୁମର ବିଶ୍ୱାସ ଥାଏ, ତେବେ ତୁମକୁ ଫଳ ମିଳିବ । ଯଦି ବ୍ୟକ୍ତିର ବିଶ୍ୱାସ ରହିଥାଏ···

ବୁଝିଲ ? ଏବଂ ଆଜ୍ଞା ଏତିକରେ ଥାଉ ।

'oaob.nitrkl.ac.in' images reprocessed

# ୨୧ ଜୁଲାଇ ୧୯୫୪

*ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମାଆ" ପୁସ୍ତକର ତୃତୀୟ ଅଧ୍ୟାୟ ଉପରେ ଏହି ପ୍ରବଚନଟି ଆଧାରିତ ।*

ଗତ ଥର ତୁମମାନଙ୍କ ମଧ୍ୟରୁ କେହି କୌଣସି ପ୍ରଶ୍ନ ପଚାରି ନ ଥିଲେ ? …ସର୍ବପ୍ରଥମ ପ୍ରଶ୍ନଟି !

"ଦିବ୍ୟ ସତ୍ୟ, ଆଧ୍ୟାତ୍ମିକ ସତ୍ୟ ଏବଂ ଅଧିମାନସ ସତ୍ୟ" ମଧ୍ୟରେ କି ପ୍ରଭେଦ ରହିଛି ?

ତୁମେ ଯାହା କହୁଛ, ମୁଁ ତାହା ଶୁଣି ପାରୁଥିଲେ ଅନେକ ଅଧିକ ସହଜ ହୋଇ ପାରୁଥାନ୍ତା !

(ପିଲାଟି ଅଧିକ ସ୍ପଷ୍ଟ ଭାବରେ ସେହି ପ୍ରଶ୍ନଟିର ପୁନରାବୃତ୍ତି କଲା)

ଦିବ୍ୟ ସତ୍ୟ…

"…ଆଧ୍ୟାତ୍ମିକ ଓ ଅଧିମାନସ ସତ୍ୟ" ।

ଖୁବ୍ ବେଶୀ ପ୍ରଭେଦ ରହିଛି ବୋଲି ମୁଁ ଭାବୁ ନାହିଁ !

ମାଆ, ଏକ "ନିଷ୍କପଟ" ବିଶ୍ୱାସ କହିଲେ କ'ଣ ବୁଝାଏ ?

ନିଷ୍କପଟ ? ଅର୍ଥାତ୍ ସରଳ, ନିଷ୍ଠାଯୁକ୍ତ ଓ କୌଣସି ସନ୍ଦେହ କରୁ ନ ଥିବା । ଆମେ ଅଧିକାଂଶତଃ ଗୋଟିଏ ସାନ ପିଲାର ନିଷ୍କପଟତା ବିଷୟରେ ଚର୍ଚ୍ଚା କରିଥାଉ; ସାନ ପିଲାଟିଏ ଅତ୍ୟନ୍ତ ସରଳ ଭାବରେ ସବୁ ବିଶ୍ୱାସ କରୁଥାଏ, ମୋଟେ କୌଣସି ସନ୍ଦେହ ରଖି ନ ଥାଏ ।

ମାଆ, ପ୍ରତ୍ୟେକ ଥର ଭୁଲ୍ କରିବା ଦ୍ୱାରା ଆମେ କ'ଣ ଦିବ୍ୟ ପରମକରୁଣାକୁ ଆମଠାରୁ ଦୂରକୁ ଠେଲି ଦେଇଥାଉ ?

କ'ଣ କହିଲ ? ପ୍ରତ୍ୟେକଥର ଭୁଲ୍ କରିବା ଦ୍ୱାରା ତୁମେ ଏହାକୁ ଦୂରକୁ ଠେଲିଦିଅ ?

ମାତ୍ର ଦୁଇ ପ୍ରକାରର ଭୁଲ୍ ରହିଛି । ଅନେକ ସମୟରେ ଅଜ୍ଞାନତା ହେତୁ ଭୁଲ୍ ହୋଇଥାଏ । ତାହା ମଧ୍ୟ ଗୋଟିଏ ଭୁଲ୍, ଏବଂ ତାହା ପରମ କରୁଣା ଓ

'oaob.nitrkl.ac.in' images reprocessed

ତୁମ ଭିତରେ ଗୋଟିଏ ଆବରଣ ଆଣି ଠିଆ କରିଦିଏ। ମାତ୍ର, ତୁମେ ଭୁଲ୍‌ଟିଏ କରୁଛ ବୋଲି ନ ଜାଣିହିଁ ସେହି ଭୁଲ୍‌ଟିକୁ କରିଥାଅ। ମାତ୍ର, ତାହା ପ୍ରକୃତରେ ଏକ ଭୁଲ୍ ବୋଲି ଜାଣିବା ପରେ ଆମକୁ ତାହା କରିବାରୁ ସମ୍ପୂର୍ଣ୍ଣ ଭାବରେ ବିରତ ରହିବାକୁ ପଡ଼ିବ; କାରଣ ଆମେ ତାହାକୁ ଯେତେଥର କରୁଥିବା, ତେବେ ପ୍ରକୃତରେ ଆମେ ଦିବ୍ୟ ପରମକରୁଣା ଏବଂ ଆମ ନିଜ ଭିତରେ ଗୋଟାଏ ପାଚେରି ତିଆରି କରି ଛିଡ଼ା କରି ଦେଉଥିବା।

ଗୋଟିଏ ପାଖରେ ଏପରି ଏକ ଭୁଲ୍, ଯାହାକୁ କି ତୁମେ ଅଜ୍ଞାନତା-ବଶତଃ କରୁଛ ଏବଂ ତାହାକୁ ଭୁଲ୍ ବୋଲି ଜାଣିବା ପରେ ତୁମେ ଆଉ ମୋଟେ ସେଇଟିକୁ କରିବ ନାହିଁ। ଏବଂ ଅନ୍ୟପକ୍ଷରେ ଏପରି ଆଉଗୋଟିଏ ଭୁଲ୍ ରହିଛି, ଯାହାକୁ କି ତୁମେ ଭୁଲ୍ ବୋଲି ଜାଣିଛ, ମାତ୍ର ତଥାପି କରିବାରେ ଲାଗିଛ। ଦୁଇଟି ମଧ୍ୟରେ ଏକ ବୃହତ୍ ଅନ୍ତର ଅବଶ୍ୟ ରହିଛି। ଏବଂ, ଏହି ଦ୍ୱିତୀୟଟିକୁ ବସ୍ତୁତଃ ଅବଶ୍ୟ ଏକ ଦୁରାଗ୍ରହ ବୋଲି କୁହାଯିବ! ଏଇଟି ଅପେକ୍ଷାକୃତ ଅଧିକ ଗମ୍ଭୀର, ଏପରିକି ଅତିରିକ୍ତ ପରିମାଣରେ ଗମ୍ଭୀର। ଏହା ଚେତନାକୁ ଅତିମାତ୍ରାରେ ଆଚ୍ଛାଦିତ କରି ରଖେ, ଏତେ ଅଧିକ ପରିମାଣରେ ଆଚ୍ଛାଦିତ କରି ପକାଏ ଯେ, କିଛି କାଳ ପରେ ଜଣେ ବ୍ୟକ୍ତି ସିଏ ପ୍ରକୃତରେ ଆଦୌ କୌଣସି ଭୁଲ୍ କରୁଛି ବୋଲି ମଧ୍ୟ ଜାଣିପାରେ ନାହିଁ। ମୋଟେ ଭୁଲ୍ କରୁ ନାହିଁ ବୋଲି ଭାବି ସିଏ ଭୁଲ୍‌ଗୁଡ଼ାକୁ କରିବାରେ ଲାଗିଥାଏ। ତାହାକୁ ସମର୍ଥନ କରି କେତେ କୈଫିୟତ୍ ଦେଉଥାଏ, ଆପଣାର ଯାବତୀୟ କାର୍ଯ୍ୟ ଲାଗି ଏକ ଔଚିତ୍ୟ ଆଣି ବାଢ଼ି ଦେଉଥାଏ; ଏବଂ, ସବାଶେଷରେ ଏପରି ବିଶ୍ୱାସ କରିବାକୁ ଆରମ୍ଭ କରେ ଯେ ସିଏ ଆଉ ଆଦୌ କୌଣସି ଭୁଲ୍ କରୁ ନାହିଁ। ସେତେବେଳେ ତାହା ପ୍ରକୃତରେ ଅତ୍ୟନ୍ତ ଗମ୍ଭୀର ହୋଇପଡ଼େ, କାରଣ ସେତେବେଳେ ସେହି ବ୍ୟକ୍ତି ଯାବତୀୟ ସଂଶୋଧନରୁ ବାହାରକୁ ଚାଲି ଯାଇଥାଏ।

ଗ୍ରହଣଶୀଳତା ଏବଂ ଉନ୍ମୋଚନ ଭିତରେ କି ପାର୍ଥକ୍ୟ ରହିଛି ?

ଆମେ ଆଗରୁ ମଧ୍ୟ ଏବିଷୟରେ ଥରେ ଆଲୋଚନା କରିଛେ। ମୁଁ ଏହି ପ୍ରଶ୍ନଟିର ଉତ୍ତର ମଧ୍ୟ ଦେଇସାରିଛି। ଏବଂ ମୁଁ ତୁମକୁ ଏକଥା ମଧ୍ୟ କହିଦେଇଛି ଯେ ମୁଁ କେବେହେଲେ ସେହି ଗୋଟିଏ କଥାକୁ ଦୁଇଥର ଲାଗି କହିବି ନାହିଁ। କାରଣ ମୁଁ ଇଚ୍ଛା କରୁଛି ଯେ, ମୁଁ ଯାହାସବୁ କହୁଛି, ତାହାକୁ ସ୍ମରଣ ରଖିବା ତୁମମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଉ।

ମାଆ, "ଏକ ଅହଂପ୍ରେରିତ ବିଶ୍ୱାସ···ଯାହାକି ମହତ୍ତ୍ୱାକାଙ୍କ୍ଷା ଦ୍ୱାରା କଳୁଷିତ ହୋଇ ରହିଛି" ର ଅର୍ଥ କ'ଣ ?

'oaob.nitrkl.ac.in' images reprocessed

ହଁ, ଉଦାହରଣସ୍ୱରୂପ, ଯଦି ଜଣେ ବ୍ୟକ୍ତି ଜଣେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଲୋକ ହେବାକୁ ମନ କରୁଥାଏ, ଅର୍ଥାତ୍, ଯଦି ସେ ଏକ ଉଚ୍ଚ ପଦବୀରେ ଯାଇ ରହିବ ବା ତା'ର ଚତୁର୍ଦ୍ଦିଗରେ ବାସ କରୁଥିବା ଲୋକମାନଙ୍କର ପ୍ରଶଂସା ଲାଭ କରିବ ବୋଲି ଭାବୁଥାଏ, ଯଦି ଜଣେ ବଡ଼ ସାଧକ, ବଡ଼ ସନ୍ନ୍ୟାସୀ, ବଡ଼ ଯୋଗୀ ବା ସେହିପରି କିଛି ଭାରି ମହତ୍ତ୍ୱପୂର୍ଣ୍ଣ ହେବା ସକାଶେ ଇଚ୍ଛା ରଖିଥାଏ, ସେତେବେଳେ ତାହାକୁହିଁ ମହତ୍ତ୍ୱାକାଙ୍‌କ୍ଷା ଦ୍ୱାରା ଭର୍ତ୍ତି ହୋଇ ରହିଥିବା ବିଶ୍ୱାସ ବୋଲି କୁହାଯିବ । ଏହା ହୁଏତ ଅବଶ୍ୟ ଘଟିବ ବୋଲି ତୁମ ଭିତରେ ଏକ ବିଶ୍ୱାସ ରହିଥିବ; ଦିବ୍ୟ ପରମସତ୍ତାଙ୍କ ଉପରେ ତୁମର ବିଶ୍ୱାସ ରହିଥିବ ସତ, ମାତ୍ର ତାହା ତୁମ ନିଜର କ୍ଷୁଦ୍ର ବ୍ୟକ୍ତିଗତ ମହତ୍ତ୍ୱାଭିଳାଷ ଲାଗିହିଁ ଉଦ୍ଦିଷ୍ଟ ହୋଇ ରହିଥିବ; ତେଣୁ ତାହାକୁ ଆଦୌ ଏକ ଶୁଦ୍ଧ ପଦାର୍ଥ ବୋଲି କୁହାଯିବ ନାହିଁ, ସେଥିରେ ଆନ୍ତରିକତା ବା ସତ୍ୟତା ରହିଛି ବୋଲି ବି କୁହାଯିବ ନାହିଁ । ଏହା ଏପରି ଏକ ବସ୍ତୁରେ ପରିଣତ ହୋଇଯିବ, ଯାହାକି ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିଗତ ଲାଭ ପାଇଁହିଁ ଉଦ୍ଦିଷ୍ଟ ହୋଇଥିବ । ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏଥିରେ ଆତ୍ମଦାନ ଲାଗି ଆଦୌ କୌଣସି ଅବକାଶ ନ ଥିବ, ଏହାକୁ ଏପରି ଏକ ଶକ୍ତିସଂଗ୍ରହଣ ବୋଲି କୁହାଯିବ, ଯାହାକୁ କି ତୁମେ ତୁମର ଯଥାସମ୍ଭବ ଅଧିକ ଶକ୍ତି ସଂଗ୍ରହ କରିବାର ସାମର୍ଥ୍ୟଟିକୁ ପ୍ରୟୋଗ କରି ସମ୍ଭବ କରିପାରିଛ; ଅର୍ଥାତ୍, ଏହାକୁ ପ୍ରକୃତ ନିସ୍ୱାର୍ଥଶୀଳତାର ଠିକ୍ ବିପରୀତ ବୋଲି କୁହାଯିବ । ଆମେ ଯେତେ ଦୂର ଚିନ୍ତା କରିଥାଉ, ତାହାଠାରୁ ଅନେକ ଅଧିକ ସମୟରେହିଁ ଏହିଭଳି ଘଟିଥାଏ... ମହତ୍ତ୍ୱାଭିଳାଷ ଦ୍ୱାରା ପ୍ରେରିତ ହେଉଥିବା ଏହି ନିସ୍ୱାର୍ଥଶୀଳତା ଅନେକ ସମୟରେ ସତ୍ତାର ଏକାବେଳେକେ ଗଭୀର ପ୍ରଦେଶଟି ମଧ୍ୟରେ ଯାଇ ଲୁକ୍କାୟିତ ହୋଇ ରହିଥାଏ ଏବଂ ତୁମକୁ ଏହିପରି ଭାବରେ ପଛରୁ ଠେଲିବାରେ ଲାଗିଥାଏ । ...ତୁମେ ଯେପରି ତାହାର ସେହି ଠେଲାରେ ତାଡ଼ିତ ହେବାରେ ଲାଗିଥିବ, ସେଥିଲାଗି ତାହା ତୁମକୁ ବେତ ମାରିବାରେ ଲାଗିଥାଏ । ଏହାକୁ ନିଜକୁ ଆଚ୍ଛାଦିତ କରି ରଖିଥିବା ଏକ ପ୍ରକାରର ଗର୍ବ ବୋଲି କୁହାଯାଇ ପାରିବ ।

ମାଆ, ଏହି ବ୍ୟକ୍ତିମାନଙ୍କ ଭିତରେ ଅସଲ ନିଷ୍ଠାଟି ନାହିଁ ବୋଲି ତ ଦିବ୍ୟ ପରମସତ୍ତା ନିଶ୍ଚୟ ଜାଣିଥିବେ, ତେବେ ଏହି ବ୍ୟକ୍ତିମାନେ ପୁଣି କାହିଁକି ସେହି ଶକ୍ତିକୁ ଲାଭ ବି କରନ୍ତି ?

ମାତ୍ର, ପ୍ରକୃତ କଥା ହେଉଛି, ଆପଣା କାର୍ଯ୍ୟ କରିବାର ଧାରାରେ ଦିବ୍ୟ ପରମସତ୍ତା କେତେବେଳେ ହେଲେ ମନୁଷ୍ୟର ଧାରଣା ଦ୍ୱାରା ପରିଚାଳିତ ହୁଅନ୍ତି ନାହିଁ । ଏହି କଥାଟି ତୁମର ମୁଣ୍ଡ ଭିତରେ ସବୁଦିନ ପାଇଁ ଅତ୍ୟନ୍ତ ଦୃଢ଼ ହୋଇ

'oaob.nitrkl.ac.in' images reprocessed

ରହିଥିବା ଉଚିତ । ଆମେ ଯାହାକୁ କାରଣ ବୋଲି କହୁ, ଦିବ୍ୟ ପରମସତ୍ତା ସମ୍ଭବତଃ ତାହାର ଆଦୌ କୌଣସି ସାହାଯ୍ୟ ନିଅନ୍ତି ନାହିଁ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଯଦି ତାଙ୍କର କାର୍ଯ୍ୟ କରିବା ପଛରେ କୌଣସି କାରଣ ବି ରହିଥାଏ, ତେବେ ସେଗୁଡ଼ିକୁ ମନୁଷ୍ୟ ଚିନ୍ତା କରୁଥିବା କାରଣଗୁଡ଼ିକ ସହିତ ଆଦୌ ସମତୁଲ କରିହେବ ନାହିଁ, ଏବଂ, ଏହା ଏକ ସୁନିଶ୍ଚିତ କଥା ଯେ, ନ୍ୟାୟବିଚାର କହିଲେ ମନୁଷ୍ୟ ଯାହା ବୁଝେ, ସିଏ ତାହାକୁ ଆଦୌ ସେପରି ଭାବରେ ବୁଝନ୍ତି ନାହିଁ ।

ଉଦାହରଣସ୍ୱରୂପ, ତୁମେ ଭାରି ସହଜରେ କଳ୍ପନା କରିଥାଅ ଯେ, ଯେଉଁ ମଣିଷ ଧନସମ୍ପତ୍ତି ପଛରେ ଗୋଡ଼ାଇଛି ଏବଂ ଅର୍ଥ-ଉପାର୍ଜନ ସକାଶେ ଅନ୍ୟମାନଙ୍କୁ ଠକିବା ପାଇଁ ଚେଷ୍ଟା କରୁଛି,…ନ୍ୟାୟ-ଅନ୍ୟାୟ ସମ୍ବନ୍ଧରେ ରହିଥିବା ତୁମର ଧାରଣାଟି ଅନୁସାରେ ଏହି ବ୍ୟକ୍ତିକୁ ତାହାର ସକଳ ଧନସମ୍ପତ୍ତିରୁ ବଞ୍ଚିତ କରାଯିବା ଉଚିତ ଏବଂ ତାହାକୁ ଦରିଦ୍ର କରି ଦିଆଯିବା ଉଚିତ । ମାତ୍ର ଆମେ ଦେଖୁଁ ଯେ ସାଧାରଣତଃ ଠିକ୍ ତାହାର ବିପରୀତ କଥାଟିହିଁ ଘଟିଥାଏ । ମାତ୍ର ପ୍ରକୃତରେ ତାହାକୁ କେବଳ ଏକ ବାହ୍ୟ ପ୍ରତୀତିଗୁଡ଼ାକର ବ୍ୟାପାର ବୋଲିହିଁ କହିବାକୁ ହେବ । ଏହି ବାହ୍ୟ ପ୍ରତୀତିଗୁଡ଼ିକ ପଛରେ ଆଉକିଛି ଅବଶ୍ୟ ଅବସ୍ଥିତ ରହିଥାଏ । ସେହି ଅନ୍ୟ ଅନେକ ସମ୍ଭାବନା ବଦଳରେ ସେ ପ୍ରତୀତିଗୁଡ଼ିକୁହିଁ ଆଦରି ରହିଥାଏ । ତା'ପାଖରେ ପ୍ରଚୁର ଅର୍ଥ ଆଇପାରେ, ମାତ୍ର ତା'ର ଆଉ କୌଣସି ବିବେକ ନ ଥାଏ । ଏବଂ, ବସ୍ତୁତଃ, ଯାହା ପ୍ରାୟ ସର୍ବଦାହିଁ ଘଟେ, ତାହା ହେଉଛି ଯେ, ସିଏ ଯେଉଁ ପ୍ରଚୁର ଅର୍ଥ ଲାଭ କରିବ ବୋଲି ଅଭିଳାଷ ରଖିଥିଲା, ତାହାକୁ ଲାଭ କରିସାରିବା ପରେ ମଧ୍ୟ ସିଏ ତଥାପି ସୁଖୀ ହୋଇପାରେ ନାହିଁ । ଏବଂ, ଏଣେ ଟଙ୍କାପଇସା ଯେତିକି ଅଧିକ ହେଉଥାଏ, ସାଧାରଣତଃ ତା'ର ସୁଖ ସେତିକି କମି କମି ଯାଉଥାଏ ! ଅର୍ଥାତ୍, ଆପଣାର ଲବ୍ଧ ଅର୍ଥଟି ଦ୍ୱାରା ସିଏ ବଡ଼ ଉତ୍ପୀଡ଼ିତ ହୋଇ ରହିଥାଏ ।

କୌଣସି ବାହ୍ୟ ସଫଳତା ଅଥବା ଆପାତ ପରାଜୟରୁ ତୁମେ କଦାପି କୌଣସି କଥାର ବିଚାର କରିବ ନାହିଁ । ଆମେ ହୁଏତ କହି ପାରିବା—ଏବଂ ସାଧାରଣତଃ ସର୍ବଦା ଏହାହିଁ ଘଟେ—ଆମେ ହୁଏତ କହିପାରିବା ଯେ, ଆମେ ଯାହା ପାଇବା ଲାଗି ଅଭିଳାଷ କରୁ, ଦିବ୍ୟ ପରମସତ୍ତା ଆମକୁ ତାହା ଅବଶ୍ୟ ଦିଅନ୍ତି,—ଏବଂ ଏହାହିଁ ହେଉଛି ଆମର ସର୍ବୋତ୍ତମ ଶିକ୍ଷା ! କାରଣ, ତୁମର ଅଭିଳାଷ ଯଦି ଅଚେତନ, ଅଶୁଦ୍ଧ ଓ ଅହଂକାରାତ୍ମକ ହୋଇ ରହିଥାଏ, ତେବେ ତୁମେ ନିଜ ଭିତରେ ସେହି ଅଚେତନା, ଅନ୍ଧକାର ଏବଂ ଅହଂକାରିତାରହିଁ ବୃଦ୍ଧି କରିବାରେ ଲାଗିଥାଅ; ଅର୍ଥାତ୍, ଏହା ତୁମକୁ ସତ୍ୟଠାରୁ ଅଧିକରୁ ଅଧିକ ଦୂରକୁ

'oaob.nitrkl.ac.in' images reprocessed

ନେଇଯିବାରେ ଲାଗିଥାଏ, ଚେତନା ଏବଂ ସୁଖ ମଧ୍ୟ ଅଧିକରୁ ଅଧିକ ଦୂରକୁ ନେଇଯିବାରେ ଲାଗିଥାଏ । ତାହା ତୁମକୁ ଦିବ୍ୟ ପରମସତ୍ତାଙ୍କଠାରୁ ଦୂରବର୍ତ୍ତୀ କରି ଦେଉଥାଏ । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଦିବ୍ୟ ପରମସତ୍ତାଙ୍କ ଲାଗି କେବଳ ଗୋଟିଏ କଥାହିଁ ସତ,—ତାହା ହେଉଛି ଦିବ୍ୟ ପରମଚେତନା ଓ ଦିବ୍ୟ ପରମ-ସମ୍ମିଳନ । ଏବଂ, ଯେତେଥର ତୁମେ ଜଡ଼ ବସ୍ତୁଗୁଡ଼ିକୁ ନେଇ ସବା ଆଗରେ ଥୋଇବାକୁ ଚେଷ୍ଟା କରୁଥିବ, ତଦ୍ଦ୍ୱାରା ତୁମେ ଅଧିକରୁ ଅଧିକ ସେହି ଜଡ଼ରହିଁ ଅଧୀନ ହୋଇପଡ଼ିବାରେ ଲାଗିଥିବ ଏବଂ ତେଣୁ ସମ୍ପୂର୍ଣ୍ଣ ସଫଳତାରୁ ମଧ୍ୟ ଅଧିକରୁ ଅଧିକ ଦୂରକୁ ଚାଲିଯିବାରେ ଲାଗିଥିବ ।

ମାତ୍ର ପରମସତ୍ୟଙ୍କ ଦୃଷ୍ଟିରୁ ବିଚାର କରି ଦେଖିଲେ ସେହି ଅନ୍ୟ ସଫଳତାକୁ ଏକ ଭୟାନକ ପରାଜୟ ବୋଲିହିଁ କୁହାଯିବ ··· ଅର୍ଥାତ୍ ତୁମେ ସତ୍ୟ ବଦଳରେ ମିଥ୍ୟାକୁ ଗ୍ରହଣ କଲ ବୋଲି କୁହାଯିବ !

ବାହ୍ୟ ପ୍ରଗତି ଏବଂ ବାହାରୁ ଆପାତତଃ ସେହିପରି ମନେ ହେଉଥିବା ସଫଳତା, — ଏହାକୁହିଁ ଆମେ ସମ୍ପୂର୍ଣ୍ଣ ଅଜ୍ଞାନମୟତାର କାର୍ଯ୍ୟ ବୋଲି କହିବା । ଏପରିକି ଆପଣାକୁ ଗୋଟାସୁଦ୍ଧା କଠିନ କରି ଦେଇଥିବା ଯେଉଁ ବ୍ୟକ୍ତିକୁ ବାହ୍ୟତଃ ସବୁକ୍ଷେତ୍ରରେ ସଫଳତା ପ୍ରାପ୍ତ ହୋଇଥିବା ପରି ବୋଧ ହେଉଛି, ତା' କ୍ଷେତ୍ରରେ ମଧ୍ୟ ସର୍ବଦା ଏକ ପ୍ରତିପକ୍ଷ ଅବଶ୍ୟ ରହିଥାଏ । ଏବଂ, ଏଥିରୁ ସତ୍ତା ଯେପରି ଭାବରେ କଠିନ ହୋଇଯାଏ, ବାହାର ଚେତନା ଏବଂ ଅନ୍ତର୍ଗତ ସତ୍ୟ ମଧ୍ୟରେ ଏହି ଯେଉଁ ଆବରଣଟିର ରଚନା ହୁଏ ଏବଂ ତାହା ଯେପରି ଅଧିକରୁ ଅଧିକ ମୋଟା ହେବାରେ ଲାଗିଥାଏ, ତାହା ଦିନେ ନା ଦିନେ ଶେଷକୁ ସମ୍ପୂର୍ଣ୍ଣ ଅସହ୍ୟ ହୋଇପଡ଼େ । ସେତେବେଳେ ଏହି ବାହ୍ୟ ସଫଳତା ଲାଗି ଭାରି ମହାର୍ଘ ମୂଲ୍ୟ ଦେବାକୁ ପଡ଼େ ।

(ମାଆଙ୍କର କଣ୍ଠସ୍ୱର ଅତ୍ୟନ୍ତ ପରିମାଣରେ ଗମ୍ଭୀର ହୋଇ ଆସିଲା) ଏଇଟା ଦ୍ୱାରା ଆଦୌ କୌଣସି ପ୍ରକାରେ ଆକ୍ରାନ୍ତ ନ ହୋଇ ତଥାପି ସଫଳତା ଲାଭ କରିବାକୁ ହେଲେ ଆମକୁ ଅନେକ ବଡ଼ ହେବାକୁ ପଡ଼ିବ, ଅନେକ ଶୁଦ୍ଧ ହେବାକୁ ପଡ଼ିବ ଏବଂ ଏକ ଅତ୍ୟନ୍ତ ଉଚ୍ଚ ଏବଂ ଅତ୍ୟନ୍ତ ଆସକ୍ତିମୁକ୍ତ ଅଧ୍ୟାତ୍ମଚେତନାର ଅଧିକାରୀ ହେବାକୁ ପଡ଼ିବ । ସଫଳ ହେବାଠାରୁ ବଳି ଆଉ ଅଧିକ କଷ୍ଟକର ଅନ୍ୟ କୌଣସି ବସ୍ତୁ ନାହିଁ । ବସ୍ତୁତଃ, ଏହାହିଁ ହେଉଛି ଜୀବନର ଅସଲ ପରୀକ୍ଷା !

ଯେତେବେଳେ ତୁମେ ସଫଳତା ଲାଭ କରିପାରୁ ନାହିଁ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମେ ଆପଣା ପାଖକୁହିଁ ଫେରି ଆସୁଛ, ଆପଣାର

'oaob.nitrkl.ac.in' images reprocessed

ଭିତରକୁହିଁ ଫେରି ଆସୁଛ । ଏବଂ, ତୁମର ବାହ୍ୟ ବିଫଳତା ଲାଗି ଆପଣା ଭିତରେ ସାନ୍ତ୍ୱନା ଖୋଜି ବୁଲୁଛ । ଏବଂ, ଯେଉଁମାନଙ୍କ ଭିତରେ ଏକ ଅଗ୍ନିଶିଖା ପ୍ରଜ୍ୱଳିତ ହୋଇ ରହିଛି,—ଯଦି ଦିବ୍ୟ ପରମସତ୍ତା ସେମାନଙ୍କୁ ପ୍ରକୃତରେ ସାହାଯ୍ୟ କରିବାକୁ ଇଚ୍ଛା କରୁଥାନ୍ତି, ଯଦି ସେହି ସାହାଯ୍ୟ ପାଇବା ଲାଗି ସେମାନେ ପ୍ରକୃତରେ ଯଥେଷ୍ଟ ପରିମାଣରେ ପରିପକ୍ୱ ହୋଇଥାନ୍ତି, ଯଦି ସେମାନେ ଯଥାର୍ଥ ମାର୍ଗଟିର ଅନୁସରଣ କରିବା ଲାଗି ପ୍ରସ୍ତୁତ ହୋଇ ରହିଥାନ୍ତି,—ତେବେ ସେମାନଙ୍କ ଉପରେ ଆଘାତ ପରେ ଆଘାତ ଆସି ପଡ଼ୁଥିବ, କାରଣ ତାହାହିଁ ସାହାଯ୍ୟ କରିବ ! ଏହାକୁହିଁ ଆମେ ସବୁଠାରୁ ଅଧିକ ଶକ୍ତିଶାଳୀ, ସବୁଠାରୁ ଅଧିକ ପ୍ରତ୍ୟକ୍ଷ ଓ ସବୁଠାରୁ ଅଧିକ ଫଳପ୍ରଦ ସହାୟତା ବୋଲି କହିପାରିବା । ତେଣୁ ଯଦି ତୁମେ ସଫଳତା ଲାଭ କରୁଛ ବୋଲି ମନେ କରୁଛ, ତେବେ ଅତ୍ୟନ୍ତ ସତର୍କ ହୋଇ ରହିଥାଅ ଏବଂ ନିଜକୁ ପଚାର : "ମୁଁ ପ୍ରକୃତରେ କେଉଁ ମୂଲ୍ୟ ଓ କେଉଁ ଦାମ୍ ଦେଇ ଏହି ସଫଳତାକୁ କିଣିଲି ? ମୁଁ ଆଶା କରୁଛି ଯେ ଏହା ମୋତେ ପତନ ଆଡ଼କୁ ଗୋଟିଏ ପାଦ କଦାପି…"

ଆହୁରି ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ଏହାର ଆହୁରି ସେପାଖକୁ ଯାଇ ପାରିଛନ୍ତି, ଯେଉଁମାନେ ଆପଣାର ଆତ୍ମା ବିଷୟରେ ସଚେତନତା ଲାଭ କରିଛନ୍ତି, ଯେଉଁମାନେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେଇ ପାରିଛନ୍ତି ଏବଂ ଯେଉଁମାନେ—ମୁଁ ଯେପରି କହୁଥିଲି—ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ଓ ଆସକ୍ତିମୁକ୍ତ ହୋଇ ରହିଛନ୍ତି ଓ ତେଣୁ ସଫଳତା ସେମାନଙ୍କୁ କୌଣସି ପ୍ରକାରେ ଆକ୍ରାନ୍ତ ଓ ସ୍ପର୍ଶ କରି ନାହିଁ, ସେମାନେ ସଫଳତା ଲାଭ କରି ପାରିବେ । ତେଣୁ, ଏହି କ୍ଷେତ୍ରରେ ସବୁକଥା ଅନ୍ୟପ୍ରକାରେ ହେବ । ମାତ୍ର ସଫଳତାକୁ ସହ୍ୟ କରି ପାରିବାକୁ ହେଲେ ନିଜକୁ ଅନେକ ଉଚ୍ଚରେ ନେଇ ରଖିବାକୁ ହେବ । ଏବଂ ସମ୍ଭବତଃ ଦିବ୍ୟ ପରମସତ୍ତା ଏଇଟିକୁହିଁ ଜଣେ ବ୍ୟକ୍ତି ଆଗରେ ତାଙ୍କର ସର୍ବଶେଷ ପରୀକ୍ଷା ରୂପେ ଆଣି ହାବୁଡ଼ାଇ ଦିଅନ୍ତି : "ବର୍ତ୍ତମାନ ତୁମେ ଏତେ ଭଲ ହୋଇ ଗଲଣି, ଏତେ ଉଚ୍ଚକୁ ଉଠି ପାରିଲଣି, ତୁମ ଭିତରେ ଆଉ କୌଣସି ଆସକ୍ତି ନାହିଁ କି ଅହଂକାରିତା ନାହିଁ । ତୁମେ ବର୍ତ୍ତମାନ କେବଳ ମୋ'ରି ଅଧୀନ ହୋଇହିଁ ରହିଛ । ବର୍ତ୍ତମାନ ମୁଁ ତୁମକୁ ବିଜୟ ପ୍ରଦାନ କରିବି । ତୁମେ ତାହାକୁ ବି ସହ୍ୟ କରି ପାରିବ କି ନାହିଁ, ବର୍ତ୍ତମାନ ଆମେ ସେଇଟିକୁ ମଧ୍ୟ ପରୀକ୍ଷା କରି ଦେଖିବା ।"

ଦିବ୍ୟା ଶକ୍ତି ଅସୁରମାନଙ୍କ ବିରୁଦ୍ଧରେ କିଭଳି ଉପାୟରେ କାର୍ଯ୍ୟ କରନ୍ତି ?

'oaob.nitrkl.ac.in' images reprocessed

ମୁଁ କିଛି ଶୁଣି ପାରୁ ନାହିଁ ! …ଅସୁରମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରନ୍ତୁ ? ତୁମେ ସେକଥା କାହିଁକି ଜାଣିବାକୁ ଇଚ୍ଛା କରୁଛ ?

ଏହା ଜାଣିବାକୁ ମୋ'ର ଆଗ୍ରହ ହେଉଛି ! (ସମସ୍ତେ ହସିଲେ)

ଅସୁରମାନେ ଯାହା ଚାହୁଁଥାନ୍ତି, ମହାଶକ୍ତି ସମ୍ଭବତଃ ସେମାନଙ୍କୁ ମଧ୍ୟ ଠିକ୍ ସେହି କଥାଗୁଡ଼ିକୁ ଆଣି ଦିଅନ୍ତି ।… (ମାଆ ନୀରବ ରହିଲେ) ଏବଂ ଏହାଦ୍ୱାରା ସେମାନଙ୍କର ବିନାଶ ଆହୁରି ସତ୍ୱର ଭାବରେ ସମ୍ଭବ ହୋଇଯାଏ । ଅସୁରମାନଙ୍କ ମଧ୍ୟରେ ବି ପ୍ରକାରଭେଦ ରହିଛି ।… ଅର୍ଥାତ୍, ନାହିଁ, ଅସୁରମାନଙ୍କୁ କେବଳ ଅସୁର ବୋଲିହିଁ କହିବାକୁ ହେବ, ମାତ୍ର ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ ଅସୁରମାନଙ୍କଠାରୁ ଜନ୍ମଲାଭ କରିଛନ୍ତି ଏବଂ ଯେଉଁମାନଙ୍କୁ ଏକ ନିମ୍ନତର ସ୍ତରର ସତ୍ତା ବୋଲି କୁହାଯାଇ ପାରିବ ।

ଅସୁର ହେଉଛି ସାଧାରଣତଃ ଏକ ସଚେତନ ସତ୍ତା ଏବଂ ନିଜର ଏକ ଲକ୍ଷ୍ୟ ରହିଛି ବୋଲି ଅସୁର ସର୍ବଦା ସଜ୍ଞାନ ହୋଇ ରହିଥାଏ । ସିଏ ଭଲ ଭାବରେ ଜାଣିଥାଏ ଯେ, ଏହି ବିଶ୍ୱରେ ସିଏ ଯେଉଁ ଦୃଷ୍ଟିଭଙ୍ଗୀଟିକୁ ଗ୍ରହଣ କରିଛି, ତାହା ଏକ ନିର୍ଦ୍ଦିଷ୍ଟ ସମୟ ପରେ ଅବଶ୍ୟ ତାହାର ବିନାଶ ଘଟାଇବ । ଏକଥାରେ କୌଣସି ସନ୍ଦେହ ନାହିଁ ଯେ, ଜଣେ ମନୁଷ୍ୟର ଜୀବଦ୍ଦଶାର ତୁଳନାରେ ଜଣେ ଅସୁରର ଜୀବଦ୍ଦଶା ଅନେକ ଅଧିକ ଦୀର୍ଘ କାଳ ଲାଗି ସ୍ଥାୟୀ ହୋଇ ରହିଥାଏ । ମାତ୍ର ତଥାପି, ଏକ ସମାପ୍ତି ରହିଛି ବୋଲି ସିଏ ଭଲ ଭାବରେ ଜାଣିଥାଏ, କାରଣ ସିଏ ଆପଣାକୁ ପରମ ଶାଶ୍ୱତ ସତ୍ତାଙ୍କଠାରୁ ଛିନ୍ନ କରି ପକାଇଥାଏ । ତେଣୁ, ତା'ର ସମ୍ପୂର୍ଣ୍ଣ ପରାଜୟର ଦିନଟି ଆସି ପହଞ୍ଚିବା ପୂର୍ବରୁ ସିଏ ଆପଣାର ଯୋଜନାଟିକୁ ଯଥାଶକ୍ତି ଅଧିକ ସମଗ୍ର ଭାବରେ ଉପଲବ୍ଧି କରିବାକୁ ଇଚ୍ଛା କରୁଥାଏ । ଏବଂ, ଏକଥା ମଧ୍ୟ ସମ୍ଭବ ଯେ, ଯଦି ତାହାକୁ ସେପରି କରିବା ଲାଗି ଅନୁମତି ଦିଆଯାଏ, ତେବେ ତା'ର ପରାଜୟ ମଧ୍ୟ ଅପେକ୍ଷାକୃତ ଅଧିକ ଶୀଘ୍ର ଆସି ପହଞ୍ଚିବ । ସମ୍ଭବତଃ ଠିକ୍ ଏହି କାରଣରୁହିଁ ଯେତେବେଳେ ଅନେକ ବଡ଼ ବଡ଼ କଥା ପ୍ରକୃତରେ ହାସଲ ହେବାକୁ ଯାଉଥାଏ, ସେତିକବେଳେହିଁ ପ୍ରତିକୂଳ ଶକ୍ତିମାନେ ସବୁଠାରୁ ଅଧିକ ସକ୍ରିୟ ହୋଇ ରହିଥାନ୍ତି, ଓଲଟା ଭାବରେ ସକ୍ରିୟ ରହିଥାନ୍ତି ଏବଂ ବାହାରୁ ସବୁଠାରୁ ଅଧିକ ସଫଳତା ହାସଲ କରୁଥିବା ପରି ବୋଧ ହେଉଥାନ୍ତି । ସେମାନଙ୍କ ଆଗରେ ଏକ ମୁକ୍ତକ୍ଷେତ୍ର ପଡ଼ି ରହିଥିବା ପରି ମନେ ହେଉଥାଏ : ସମ୍ଭବତଃ ବସ୍ତୁଗୁଡ଼ିକୁ ଅପେକ୍ଷାକୃତ ଅଧିକ ସତ୍ୱର ଭାବରେ ଖତମ କରି ଦେବା ଲାଗି ତାହା ହୋଇଥାଏ ।

'oaob.nitrkl.ac.in' images reprocessed

(ମାଆ ଦୀର୍ଘକାଳ ନୀରବ ରହିଲେ)

ସଭିଏଁ ?

ମାଆ, "ମାନସିକ ଅହଙ୍କାର"ର ଅର୍ଥ କ'ଣ ?

ପିଲମାନେ, ଯାହା କହିବ, ସ୍ପ-ଷ୍ଟ-ଭା-ବ ଭାବରେ କହିବ । ଅବଶ୍ୟ ସେଥିଲାଗି ଆଦୌ ଏତେ ବଡ଼ ପାଟିକରି କହିବାକୁ ପଡ଼ିବ ନାହିଁ···ତୁମକୁ ସ୍ପଷ୍ଟ ଭାବରେ ଉଚ୍ଚାରଣ କରି କହିବାକୁ ହେବ !

(ପିଲଟି ଅଧିକ ସ୍ପଷ୍ଟ ଭାବରେ ପୁନର୍ବାର ସେହି ବାକ୍ୟଟି କହିଲା)

ମାନସିକ ଅହଙ୍କାର ? ତାହାର ଅର୍ଥ ହେଉଛି···ଯାହା ତୁମ ସମସ୍ତଙ୍କ ପାଖରେ ରହିଛି ! (ସମସ୍ତେ ହସିଲେ)

ମୁଁ ଏପରି ଜଣେ ବ୍ୟକ୍ତିକୁ ବି ଜାଣି ନାହିଁ, ଯାହାଠାରେ ଆଦୌ କୌଣସି ମାନସିକ ଅହଂକାର ନାହିଁ । କେତେକଙ୍କର କମ୍ ରହିଛି, ଆଉ କେତେକଙ୍କର ଅଧିକ ରହିଛି; ଆହୁରି ଅନେକେ ତ ତାହାରି ଦ୍ୱାରାହିଁ ଗୋଟାସୁଦ୍ଧା ତିଆରି ହୋଇ ରହିଛନ୍ତି । ···ମନ ତା'ର ସ୍ୱଭାବତଃ, ତଥା ମୂଳତଃ ଅହଂକାରୀ ହୋଇ ରହିଥାଏ । ଆପେ ସବୁକିଛି ଜାଣିପାରିବ ବୋଲି ସ୍ୱପ୍ନ ଦେଖୁଥାଏ, ବିଚାର କରିପାରିବ ବୋଲି କଳ୍ପନା କରୁଥାଏ ଏବଂ ସବୁକିଛି ଉପରେ ଆପଣାର ମନ୍ତବ୍ୟଗୁଡ଼ାକୁ ଜାହିର କରି ତା'ର ସମସ୍ତ ଅଡ଼ବାଡ଼ିଆ କରିବାରେ ଲାଗିଥାଏ । —ତୁମ ନିଜ ଭିତରେ, ନିଜ ବିଷୟରେ, ଅନ୍ୟମାନଙ୍କ ବିଷୟରେ ଏବଂ ସକଳ ବସ୍ତୁ ସମ୍ବନ୍ଧରେ ମନ୍ତବ୍ୟ ଦେବାରେ ଲାଗିଥାଏ ।

ଏବେ ଗୋଟିଏ ଭାରି ମନୋରଞ୍ଜକ ଘଟଣା ଘଟିଲା । ଶ୍ରୀଅରବିନ୍ଦ କହିଥିବା କୌଣସି କଥା ବିଷୟରେ ଜଣେ ବ୍ୟକ୍ତି ଲେଖିବାକୁ ଆରମ୍ଭ କଲେ ଓ ଆପଣାର ପରିସ୍ଥ ବ୍ୟକ୍ତ କଲେ । ମାତ୍ର, ତା'ପରେ, ସିଏ ଏକଥାଟି ମଧ୍ୟ ତାହା ସହିତ ଯୋଡ଼ି ଦେଇଥିଲେ, "ମାତ୍ର ଆମେ କେବେହେଲେ ଭୁଲିବା ନାହିଁ ଯେ, ସିଏ ଏହି କଥାଟିକୁ ଲେଖିଛନ୍ତି, ସିଏ ମଧ୍ୟ ଆମରି ପରି ଜଣେ ବୁଦ୍ଧିସମ୍ପନ୍ନ ବ୍ୟକ୍ତି !" (ମାଆ ହସିଲେ) ଯେତେବେଳେ ବ୍ୟକ୍ତିମାନେ ବିଷୟଗୁଡ଼ିକର ବିଚାର କରିବାରେ ଆପଣାର ସମସ୍ତ କଟାଇ ଦିଅନ୍ତି, ଯଦି ସେମାନେ ନିଜ ପାଖରେ "ମାତ୍ର ସମ୍ଭବତଃ ସେହି ଅନ୍ୟ ଲୋକଟି ମଧ୍ୟ ଅନ୍ତତଃ ମୋ' ପରି ସମାନ ଭାବରେ ବୁଦ୍ଧିମାନ୍" ବୋଲି କହନ୍ତି, ତେବେ ସେମାନେ ପ୍ରକୃତରେ ହୁଏତ କମ୍···

ମାତ୍ର ତୁମକୁ କେବଳ ତୁମ ନିଜ ଉପରେହିଁ ଅବଲୋକନ କରିବାକୁ ପଡ଼ିବ···ତୁମେ ନିଜକୁ ଅବଲୋକନ କରିବ; ଯେଉଁ ମନ ସବୁ ନିଷ୍ପତ୍ତି କରିପାରେ,

'oaob.nitrkl.ac.in' images reprocessed

ସବୁ ଜାଣେ, ସବୁକିଛିର ବିଚାର କରେ, ଭଲ କ'ଣ ମନ୍ଦ କ'ଣ ତାହା ଅତ୍ୟନ୍ତ ଉତ୍ତମ ରୂପେ ଜାଣିଥାଏ, ସତ୍ୟ, ମିଥ୍ୟା, ଠିକ୍, ଭୁଲ୍ ସବୁକିଛିକୁ ଭଲ ଭାବରେ ଜାଣିଥାଏ, ସେହିପରି ଏକ ମନ ନେଇ ତୁମେ ନିଜକୁ ଦିନରେ ଅନ୍ତତଃ ଶହେଥର ଯାଇ ଗୋଡ଼ାଇ ଗୋଡ଼ାଇ ଧରିବ···ଏବଂ, ଜଣେ ବ୍ୟକ୍ତିର କପରି କାର୍ଯ୍ୟ କରିବା ଉଚିତ, ଏହି ବ୍ୟକ୍ତି ପ୍ରକୃତରେ କ'ଣ କରିଥାନ୍ତି, ସେହି ସମସ୍ୟାଟିର କିପରି ସମାଧାନ କରିବାକୁ ପଡ଼ିବ, ଏଗୁଡ଼ିକ ଉପରେ ମଧ୍ୟ ଦୃଷ୍ଟିପାତ କରିବାକୁ ପଡ଼ିବ ଓ ଖୋଜି ବାହାର କରିବାକୁ ପଡ଼ିବ । ସବୁ ମଣିଷଙ୍କୁ ତାହା ଜଣାଅଛି, ବୁଝିଲ··· ଉଦାହରଣସ୍ୱରୂପ, ଯଦି ସେମାନେ ସବାଉପରେ ରହି କୌଣସି ସରକାର ଚଳାଉଥାଆନ୍ତେ, ତେବେ, ଯାବତୀୟ ବିଷୟର ବ୍ୟବସ୍ଥାମାନ କିପରି ରଖିବାକୁ ହୁଏ, ସେକଥା ବି ସେମାନେ ଭାରି ଭଲ ଭାବରେ ଜାଣିଥାନ୍ତେ । ମାତ୍ର ଲୋକମାନେ ମୋଟେ ସେମାନଙ୍କ କଥା ଶୁଣନ୍ତି ନାହିଁ । ···ନୁହେଁ ?

ତେଣୁ, ତୁମେ କେବଳ ନିଜକୁହିଁ ଅବଲୋକନ କରିବ, — ସର୍ବଦା ନିଜକୁ ଦେଖିବ, ନିଜକୁ ଗୋଡ଼ାଇ ଗୋଡ଼ାଇ ଧରିବ । ··· ଆଉ ସେଇମାନଙ୍କ ବିଷୟରେ କିଛି କହିବା ଅନାବଶ୍ୟକ ଯେଉଁମାନେ ବହୁପୂର୍ବରୁ ସିଦ୍ଧାନ୍ତ କରିନେଇଛନ୍ତି ଯେ ଏହି ପୃଥିବୀକୁ ସୃଷ୍ଟି କରିବା ବେଳେ ଭଗବାନ୍ କେଉଁସବୁ ଭୁଲ୍ କରିଛନ୍ତି ଏବଂ ସେମାନଙ୍କୁ ଯଦି ସେହି ଦାୟିତ୍ୱ ଦିଆଯାଇଥାନ୍ତା ତେବେ ପୃଥିବୀ କିପରି ହୋଇଥାନ୍ତା ! ବୁଝିଲ ?

ଦିବ୍ୟ ପରମକରୁଣାଙ୍କର ସ୍ପର୍ଶ ସମ୍ଭବ ହେଲେ ବାଧାମାନ ଅଗ୍ରଗତି ପଥରେ ସୁଯୋଗ ରୂପେ ପରିଣତ ହୋଇଯାଆନ୍ତି କିପରି ?

ଅଗ୍ରଗତି ପଥରେ ସୁଯୋଗ ରୂପେ ? ହଁ, ଏହା ଏକ ଅତ୍ୟନ୍ତ ସ୍ପଷ୍ଟ କଥା । ତୁମେ କୌଣସି ଗୋଟିଏ ବଡ଼ ଭୁଲ୍ କରି ପକାଇଛ, ଭାରି ଅସୁବିଧାରେ ପଡ଼ିଛ ! ସେତେବେଳେ, ଯଦି ତୁମର ବିଶ୍ୱାସ ଥାଏ, ଦିବ୍ୟ ପରମକରୁଣା ଉପରେ ଆସ୍ଥା ରହିଥାଏ, ତୁମେ ଯଦି ପ୍ରକୃତରେ ତା'ଉପରେ ବିଶ୍ୱାସ ସ୍ଥାପନ କରୁଥାଅ, ତେବେ ତୁମେ ତତ୍‌କ୍ଷଣାତ୍ ନିଶ୍ଚୟ ଉପଲବ୍ଧି କରିବ ଯେ, ଏହା ହେଉଛି ତୁମ ଲାଗି ଗୋଟିଏ ଶିକ୍ଷା, ତୁମେ ହୃଦୟଙ୍ଗମ କରିବ ଯେ, ତୁମର ଏହି ଅସୁବିଧା ବା ଭୁଲ୍‌ଟି କେବଳ ଏକ ଶିକ୍ଷା ବ୍ୟତୀତ ଆଉ କିଛି ନୁହେଁ ଏବଂ, ତୁମ ଭିତରେ ଯାହା ଏକ ପରିବର୍ତ୍ତନ ଆବଶ୍ୟକ କରୁଛି, ନିଜ ଭିତରେ ତାହାକୁ ଆବିଷ୍କାର କରିବା ଲାଗି ତୁମକୁ ଶିକ୍ଷା ଦେବାକୁହିଁ ତାହାର ଆବିର୍ଭାବ ହୋଇଥାଏ । ଏବଂ, ଦିବ୍ୟ ପରମ କରୁଣାର ଏହି ସହାୟତାଟି ଦ୍ୱାରା, ଯେଉଁଥିରେ ଏକ ପରିବର୍ତ୍ତନ କରିବାର

'oaob.nitrkl.ac.in' images reprocessed

ଆବଶ୍ୟକତା ରହିଛି, ତୁମେ ନିଜ ଭିତରେ ଅବଶ୍ୟ ସେଇଟିର ଆବିଷ୍କାର କରିପାରିବ । ଏବଂ, ତୁମେ ସେଇଟିକୁ ପରିବର୍ତ୍ତିତ ବି କରି ଦେଇପାରିବ । ଏବଂ ଏହିପରି ଭାବରେ, ଏକ ଅସୁବିଧା ମଧ୍ୟରୁହିଁ ତୁମେ ପ୍ରକୃତ ଅଗ୍ରଗତି କରିପାରିବ, ଆଗକୁ ଏକ ବୃହତ୍ତ ପଦକ୍ଷେପ ନେଇପାରିବ । ବସ୍ତୁତଃ, ଏହା ସବୁବେଳେ ଘଟିଥାଏ । ଏହି କ୍ଷେତ୍ରରେ ତୁମକୁ କେବଳ ଅତ୍ୟନ୍ତ ନିଷ୍ଠାଯୁକ୍ତ ହୋଇ ରହିବାକୁ ପଡ଼ିବ, ଅର୍ଥାତ୍, ଦିବ୍ୟ ପରମକରୁଣା ଉପରେ ବିଶ୍ୱାସ ସ୍ଥାପନ କରିବାକୁ ହେବ ଓ ତୁମ ଭିତରେ କାର୍ଯ୍ୟ କରିବା ଲାଗି ତାହାକୁ ବାଟ ଛାଡ଼ିଦେବାକୁ ହେବ । ମାତ୍ର ତାହା କଦାପି ଏପରି ହେବ ନାହିଁ : ତୁମର ଗୋଟିଏ ଅଂଶ ସାହାଯ୍ୟ ଲାଗି ପ୍ରାର୍ଥନା କରୁଥିବ ଓ ଆଉଗୋଟିଏ ଅଂଶ ପ୍ରାଣପଣେ ତାହାର ପ୍ରତିରୋଧ କରିବାରେ ବି ଲାଗିଥିବ, କାରଣ ତାହା ପରିବର୍ତ୍ତିତ ହେବା ଲାଗି ଆଦୌ ଇଚ୍ଛା କରୁ ନ ଥିବ ।···ଏହାହିଁ ହେଉଛି ଅସୁବିଧା ।

ସିଏ ସବୁବେଳେ କେବଳ ଏତିକି କହୁଛନ୍ତି : ସମ୍ପୂର୍ଣ୍ଣ ଭାବରେ, ସମଗ୍ର ଭାବରେ, ନିଷ୍ଠାଯୁକ୍ତ ଭାବରେ ଏବଂ ଆଦୌ କୌଣସି ପ୍ରକାର କୁଣ୍ଠା ନ ରଖି । କାରଣ, ସତ୍ତା ଭିତରେ ଗୋଟିଏ ତରଫ ରହିଥାଏ, ଯାହାର କି ଏକ ଅଭୀପ୍ସା ଥାଏ ସତ୍ତାର ଗୋଟିଏ ଅଂଶ ଏପରି ଥାଏ, ଯିଏକି ଆପଣାକୁ ସମର୍ପଣ କରି ଦେଉଥାଏ; ମାତ୍ର ଅନ୍ୟ ଅଂଶଗୁଡ଼ିକ ମଧ୍ୟ ରହିଥାନ୍ତି—ବେଳେ ବେଳେ ଏପରି ଗୋଟିଏ କ୍ଷୁଦ୍ର ଅଂଶ ରହିଥାଏ ବା ଏପରି ଏକ ବୃହତ୍ତ ଅଂଶ ରହିଥାଏ, ଯାହାକି ଭାରି ଚମତ୍କାର ଭାବରେ ଆପଣାକୁ ଲୁଚାଇ ରଖିଥାଏ, ଏକାବେଳେକେ କୋଉ ତଳେ ଯାଇ ଲୁଚିଥାଏ ଏବଂ ଏକାବେଳେକେ ଚୁପ୍ ହୋଇ ବସିଥାଏ, ଯେପରିକି ତାକୁ କେହିହେଲେ ଦେଖିପାରିବେ ନାହିଁ; ମାତ୍ର ତାହା ନିଜର ସକଳ ଶକ୍ତି ଦେଇ ପ୍ରତିରୋଧ କରୁଥାଏ, ବଦଳିବ ନାହିଁ ବୋଲି ଅମଙ୍ଗ ହୋଇ ବସିଥାଏ ।

ଏବଂ, ଏଣେ ଆମେ ଆଶ୍ଚର୍ଯ୍ୟ ହେବାରେ ଲାଗିଥାଉ ··· ଏବଂ କହୁଥାଉ, "ଅରେ, ମୋ ଭିତରେ ଏଡ଼େ ସୁନ୍ଦର ଅଭୀପ୍ସାଟିଏ ରହିଥିଲା, ଏତେବେଶୀ ସଦିଚ୍ଛା ଥିଲା, ବଦଳିଯିବା ଲାଗି ଏତେ ଇଚ୍ଛା ରହିଥିଲା, ଏବଂ ମୁଁ ତଥାପି ବଦଳି ପାରିଲି ନାହିଁ ! ଏପରି କାହିଁକି ହେଲା ?" ଏବଂ ସେତିକିବେଳେ ତୁମର ମାନସିକ ଅହଂକାର ବାହାରି ପଡ଼ି ଉତ୍ତର ଦେଇଥାଏ, "ମାତ୍ର ମୋର ଯେତିକି ଅନୁସ୍ପନ୍ଦନ ପାଇବା କଥା, ମୁଁ ତାହା ପାଇପାରିଲି ନାହିଁ, ଦିବ୍ୟ ପରମକରୁଣା ମଧ୍ୟ ମୋତେ ସାହାଯ୍ୟ କଲେ ନାହିଁ ଏବଂ, ଆପଣା ଅବସ୍ଥାଟିର ସମ୍ମୁଖୀନ ହେବା ଲାଗି ମୁଁ ଏକୁଟିଆ ହୋଇ ରହିଗଲି," ଇତ୍ୟାଦି, ଇତ୍ୟାଦି ।

ମାତ୍ର ସେକଥା ମୋଟେ ଠିକ୍ ନୁହେଁ । ଅସଲ କଥାଟି ହେଉଛି ଯେ, ତୁମ ଭିତରେ କେଉଁଠି କ୍ଷୁଦ୍ର ଏପରି ଏକ ବସ୍ତୁ ଲୁଚିକରି ରହିଛି, ଯାହାକି କେଡ଼େ

'oaob.nitrkl.ac.in' images reprocessed

ଚମତ୍କାର ଭାବରେ କୁଣ୍ଡଳୀ ବାନ୍ଧି ରହୁଛୁ, ଆପଣାକୁ କୁଞ୍ଚିତ କରି ରଖିଛୁ, ଗୁଡ଼ାଇ ହୋଇ ରହୁଛୁ, ଏକାବେଳେକେ କୋଉ ତଳେ ଯାଇ ଲୁକ୍କାୟିତ ହୋଇ ରହୁଛୁ,—ସତେଯେପରି ଗୋଟାଏ ବାକ୍ସର ଏକାବେଳେକେ ତଳେ ଯାଇ ରହୁଛୁ ଏବଂ ହଲଚଲ ହେବାକୁ ବି ରାଜି ହେଉ ନାହିଁ । (ମାଆ ଅତ୍ୟନ୍ତ କୋମଳ ଧୀର ସ୍ୱରରେ କହୁଥାନ୍ତି) ତେଣୁ, ଯେତେବେଳେ ତୁମର ଉଦ୍ୟମଟି, ଅଭୀପ୍‌ସାଟି କ୍ଷୀଣତର ହୋଇ ଆସୁଛୁ, ଅନ୍ତର୍ହିତ ହୋଇଯାଉଛୁ, ସେତିକିବେଳେ ତାହା ଢେଉଁପରି ଥିର କରି ଆସି ପହଞ୍ଚି ଯାଉଛୁ ଏବଂ ତା'ପରେ ଆପଣାର ଇଚ୍ଛାଟାକୁହିଁ ପ୍ରବଳ କରି ଲଦି ଦେଉଛୁ ଓ ତୁମେ ଯାହାକିଛୁ କରିବାକୁ ମୋଟେ ଇଚ୍ଛା କରି ନ ଥିଲ, ଯାହା କରିବ ନାହିଁ ବୋଲି ନିଷ୍ପତ୍ତି କରିଥିଲ, ତୁମକୁ ତାହାହିଁ କରିବାକୁ ବାଧ୍ୟ କରାଇ ଆଣୁଛୁ ଏବଂ, କାହିଁକି ଓ କିପରି ଜାଣିବା ପୂର୍ବରୁହିଁ ତୁମେ ସେସବୁ କରିବାକୁ ଆରମ୍ଭ କରି ଦେଉଛ ! କାରଣ, ସେହି ବସ୍ତୁଟି ପ୍ରକୃତରେ ସେହିଠାରେହିଁ ରହିଥିଲା, ଏବଂ ବର୍ତ୍ତମାନ ଯାଇ ତା'ର ପାଳି ପଡ଼ିଲା,— ସାନସାନ ବ୍ୟାପାରରେ, ବଡ଼ ବଡ଼ ବ୍ୟାପାରରେ, ଟିକିନିଖି ସବୁକିଛୁରେ ଏବଂ ଏପରିକି ଜୀବନକୁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ପରିଚାଳିତ କରିନେବାର କ୍ଷେତ୍ରରେ ତା'ର ବେଳ ଆସି ପହଞ୍ଚିଗଲା ।

ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ ପରିଷ୍କାର ଭାବରେ ସବୁ ଦେଖିପାରନ୍ତି, ସେମାନଙ୍କର ଯାହା କରିବା ଉଚିତ ତାହାକୁ ଖୁବ୍ ଚମତ୍କାର ଭାବରେ ଜାଣିଥାନ୍ତି, ଏବଂ ଯେଉଁମାନେ ଅନୁଭବ କରନ୍ତି ଯେ ସେମାନେ···ଏପରି କାହିଁକି କି ସେମାନେ ସେକଥା ଜାଣିପାରନ୍ତି ନାହିଁ । ଏହା କେବଳ ତାହା ଛଡ଼ା ଆଉ ଆଦୌ କିଛି ନୁହେଁ । ଏପରି ଗୋଟିଏ ସାନ ଜାଗାଟିଏ ରହିଥାଏ, ଯାହାକି ମୋଟେ ବଦଳିବାକୁ ଇଚ୍ଛା କରୁ ନ ଥାଏ ଏବଂ ଏହି ସାନ ସ୍ଥାନଟି ଆପଣାର ମୁହୂର୍ତ୍ତଟି ଲାଗି ଚାହିଁ ବସିଥାଏ । ଏବଂ, ଶିଥିଳତା, କ୍ଲାନ୍ତି, ନିଦ୍ରାଳୁତା ବା କିଛିଗୁଡ଼ା ଜଡ଼ତା,— ଯେଉଁ କାରଣରୁ ହେଉ ପଛକେ, ଯେଉଁଦିନ ତାକୁ ଆପଣାର ଅସଲ ରୂପଟିକୁ ଦେଖାଇବାକୁ ବାଟ ଛାଡ଼ି ଦିଆଯାଏ, ସେତେବେଳେ ତାହା ଆପଣାର ସକଳ ଶକ୍ତିକୁ ଏକତ୍ର ସଂକେନ୍ଦ୍ରିତ କରି ଆପଣାର କରାମତି ଦେଖାଇବାକୁ ଆସି ପହଞ୍ଚିଯାଏ, ଏବଂ, ତୁମେ ଯାହା କରିବ ବୋଲି ନିଷ୍ପତ୍ତି କରିଥିଲ, ତୁମକୁ ତାହାର ଠିକ୍ ବିପରୀତ କଥାଟିକୁ କରିବାକୁ, କହିବାକୁ, ଅନୁଭବ କରିବାକୁ ଏବଂ କାର୍ଯ୍ୟକାରୀ କରିବାକୁହିଁ ବାଧ୍ୟ କରେ । ଏବଂ ତୁମେ ଛୁଡ଼ା ହୋଇ କେବଳ ଏତିକି କହିବାରେ ଲାଗିଥାଅ, "ଏସବୁ ପ୍ରକୃତରେ କେଡ଼େ ନୈରାଶ୍ୟଜନକ !"··· ତା'ପରେ କେତେକ ଲୋକ "ଏସବୁ ଭାଗ୍ୟ" ବୋଲି କହୁଥାନ୍ତି । ସେମାନେ ଏହାକୁ ସେମାନଙ୍କର ଭାଗ୍ୟ ବୋଲି ଭାବନ୍ତି । ଏହା ଭାଗ୍ୟ ନୁହେଁ, ଏହା ସେମାନେ

'oaob.nitrkl.ac.in' images reprocessed

ନିଜେ ! ଏପରି ଏହି କାରଣରୁ ହେଲା ଯେ, ସେମାନଙ୍କ ପାଖରେ ଅସଲ ଆଲୋକଟି ନାହିଁ ଓ ସେମାନେ ସେହି ଆଲୋକଟିକୁ ବ୍ୟବହାର କରି ନାହାନ୍ତି । ଯେଉଁ ଆଲୋକ ଭିତରେ କ'ଣ ଅଛି ତାହା ଦେଖାଇଦିଏ, ସେହି ଆଲୋକଟିକୁ । ଆପଣା ସତ୍ତାର ସାନ ଲୁକ୍କାୟିତ କୋଣଗୁଡ଼ିକ ଆଡ଼କୁ ସେହି ଆଲୋକଟିକୁ ପକାଇ ସେମାନେ ଆଦୌ ଦେଖି ନାହାନ୍ତି ; ଯେଉଁଟି ସେମାନଙ୍କ ଭିତରେ ଛଦ୍ମ ଭାବରେ ଲୁକ୍କାୟିତ ହୋଇ ରହିଥିଲା, ସେମାନେ ସେଇଟିକୁ ଆଦୌ ଆବିଷ୍କାର କରି ନାହାନ୍ତି । ସେମାନେ ତାକୁ ସେହିଠାରେହିଁ ରହିବାକୁ ଛାଡ଼ି ଦେଇଛନ୍ତି, ଏବଂ ତା'ପରେ, (ମାଆ ନିଜ ମୁଣ୍ଡଟିକୁ ଅନ୍ୟ ଆଡ଼କୁ ବୁଲାଇ ନେଇ-ଗଲେ) ସେମାନେ ଯେପରି ସେଇଟି ଉପରେ ଆଦୌ ଆଖି ପକାଇବେ ନାହିଁ, ସେଥିଲାଗି ଏହିପରି କରିଛନ୍ତି । କେତେଥର ଆମେ ହଠାତ୍ ଅନୁଭବ ନ କରିଥିବା ଯେ, ଯାହା ଆମଠାରୁ ଲୁଚି ଲୁଚି ରହିଛି, ତାହା ବର୍ତ୍ତମାନ ଆସି ପ୍ରକୃତରେ ଆମ ହାତୁଡ଼ରେ ପଡ଼ିଗଲା ! ଏହା ଦ୍ୱାରା ଟିକିଏ ଆଘାତ ପାଇବାକୁ ହୋଇଥାଏ,··· ଭାରି କଷ୍ଟକର ମନେ ହୁଏ ··· ତେଣୁ ଆମେ ସେଇଟି ବିଷୟରେ ନ ଭାବି ଆଉ ଅନ୍ୟ କୌଣସି ବିଷୟରେହିଁ ଭାବିଥାଉ । ବାସ୍, ସେତିକରେ କାମ ସାରିଦେଉ । ଏବଂ ସୁଯୋଗଟି ଆମକୁ ଛାଡ଼ି ଚାଲିଯାଏ । ତେଣୁ ଆଉଥରେ ସୁଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ, ପୁନର୍ବାର ସେହିପରି କେତେକ ନିର୍ବୋଧତାର ଆଚରଣ ହୋଇଯାଏ, — ତେବେଯାଇ ଏହିପରି ଭାବରେ ଅସଲ ବସ୍ତୁଟିକୁ ଲାଙ୍ଗୁଳ ଧରି ଜବତ କରିବାର ସୁଯୋଗଟିଏ ଖୋଜି ବାହାର କରିବା ସମ୍ଭବ ହୁଏ ଅଥବା, ତା'ର 'କାନ ଧରିହୁଏ, ନାକ ବି ଧରାହୁଏ ଏବଂ ଦୃଢ଼ ଭାବରେ ଧରି କହିହୁଏ, "ଆଉ ତୁ କଦାପି ଲୁଚିକରି ରହିପାରିବୁ ନାହିଁ, ମୁଁ ଏଥର ତୋର ଅସଲ ପରିଚୟ ପାଇଲିଣି, ଏବଂ ତେଣୁ, ତୋତେ ବର୍ତ୍ତମାନ ଏଠୁ ଛାଡ଼ି ଚାଲିଯିବାକୁ ପଡ଼ିବ ଅଥବା ସମ୍ପୂର୍ଣ୍ଣ ରୂପେ ବଦଳି ଯିବାକୁ ପଡ଼ିବ ।"

ପ୍ରକୃତରେ ଅତ୍ୟନ୍ତ ଦୃଢ଼ ଭାବରେ ଧରିବାକୁ ହୁଏ ଏବଂ ଏକ ଅବିଚଳ ସଙ୍କଳ୍ପ ରଖିବାକୁ ହୁଏ । ସେଦିନ ଆମ ଜାପାନୀ ଗଳ୍ପ ଭିତରେ ଯେପରି କଥା ପଢ଼ିଥିଲା, ମୋଟେ ନିଦରେ ଶୋଇ ନ ପଡ଼ିବ ବୋଲି ସେହି ଯେଉଁ ସୈନ୍ୟଟି ନିଜ ଆଣ୍ଠୁ ଭିତରେ ଛୁରୀଟିଏ ନେଇ ରଖିଥିଲା,···ଏବଂ ତାକୁ ଯେତେବେଳେ ଭାରି ନିଦ ମାଡ଼ିଲା, ସେତେବେଳେ ସିଏ ଛୁରୀଟିକୁ ଏପରି ଭାବରେ ବୁଲାଇ ଦେଲା, ଯେପରିକି ତାହା ତାକୁ ଆହୁରି ଅଧିକ ଆଘାତ କରିବାକୁ ଲାଗିଲା । ଆମ ପାଖରେ ସେହିପରି କିଛି ରହିଥିବା ଉଚିତ । ସେହି କଥାଟି ହେଉଛି ସଙ୍କଳ୍ପ । ମୁଁ ପ୍ରକୃତରେ କ'ଣ ଇଚ୍ଛାକରୁଛି, ତାହାକୁ ଜାଣିବା ଓ ତାହାକୁ କାର୍ଯ୍ୟରେ ପରିଣତ କରିବାର ସଙ୍କଳ୍ପ । ବୁଝିଲ ?

'oaob.nitrkl.ac.in' images reprocessed

ମାଆ, ମୁଁ ଗୋଟିଏ କଥା ପଚାରି ପାରିବି କି ?

ପଚାର ।

ମାଆ, ଗତଥର ମୁଁ ଗୋଟିଏ କଥା ବୁଝିପାରି ନ ଥିଲି ।··· "ରୂପାନ୍ତର" ଫୁଲଗୁଡ଼ିକୁ ଗଣିବାରେ ବିତିଥିବା ସମସ୍ତ ବିଷୟରେ ଆପଣ ଯାହାସବୁ କହିଲେ । କେତେଜଣ ବ୍ୟକ୍ତିଙ୍କର ରୂପାନ୍ତର ହେବାକୁ ଯାଉଛି, ଫୁଲଗୁଡ଼ିକର ସଂଖ୍ୟାରୁ କ'ଣ ସେହି କଥାର ସୂଚନା ମିଳୁଥିଲା ?

(କିଛିକ୍ଷଣ ନୀରବ ରହିବା ପରେ) ସେକଥାଟି ମୁଁ ପୂର୍ବରୁ କରିଥିବା ବ୍ୟବସ୍ଥାଟି ଉପରେ ନିର୍ଭର କରୁଥିଲା ।···ଦିନେ ସେହି ବ୍ୟବସ୍ଥା ଗୋଟିଏ ପ୍ରକାରର ହେଉଥିଲା, ଆଉ ଦିନେ ଆଉ ପ୍ରକାରର ବି ହୋଇପାରୁଥିଲା । ବେଳେବେଳେ ତାହା କେବଳ ଗତିଶୀଳତା, ଉପାଦାନ ଅଥବା କୋଷଗୁଡ଼ିକୁ ବୁଝାଉଥିଲା । ବେଳେବେଳେ ଲୋକମାନଙ୍କୁ ବୁଝାଉଥିଲା । ମୁଁ ଯେଉଁଦିନ ଯାହା ସମ୍ଭବ ବୋଲି ଦେଖୁଥିଲି ଓ ଗଣିବା ପୂର୍ବରୁ ଠିକ୍ ଯେଉଁ ବ୍ୟବସ୍ଥାଟି କରୁଥିଲି, ତାହା ତାହାରି ଉପରେହିଁ ନିର୍ଭର କରୁଥିଲା ।

ବିଭିନ୍ନ ଲୋକଙ୍କୁ ବିଭିନ୍ନ ସଂଖ୍ୟାର ଫୁଲ ଦେବା ସମୟରେ ତାହା ଯେପରି ଭିନ୍ନଭିନ୍ନ କଥାକୁ ବୁଝାଉଥିଲା, ଏହା ମଧ୍ୟ ଠିକ୍ ସେହିପରି : ବେଳେବେଳେ ତାହା ବୁଝାଉଥିଲା, "ତୁମ ଭିତରର ଏତିକିଟି କ୍ରିୟାଶୀଳତା, ତୁମ ସତ୍ତାର ଏତିକିଟି ଉପାଦାନ ପରିବର୍ତ୍ତିତ ହୋଇପାରିବେ ।" ଅନ୍ୟ ସମୟରେ ସେମାନଙ୍କୁ ମୁଁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ଫୁଲ ଦେଉଥିଲି ଓ ତାହା ବୁଝାଉଥିଲା, ଏଥିରେ ଯେତିକିଟି ଫୁଲ ରହିଛି, ତୁମେ ସେତିକି ଜଣ ଲୋକଙ୍କର ପରିବର୍ତ୍ତନ ବା ରୂପାନ୍ତର ଘଟାଇବାର ଶକ୍ତି ଲାଭ କରିବ ।"—ଏହିପରି ଅନେକ ପ୍ରକାରର ବୁଝାଉଥିଲା । ସବୁବେଳେ ମୋଟେ ଗୋଟିଏ କଥାକୁ ବୁଝାଉ ନ ଥିଲା । ମାତ୍ର, 'ଯାବତୀୟ କ୍ଷେତ୍ରରେ କୌଣସି କିଛିକୁ ରୂପାନ୍ତର କରିବାର ଏକ ଶକ୍ତିର ପ୍ରସଙ୍ଗ ଏଥିରେ ଅବଶ୍ୟ ରହିଥିଲା । ···ହୁଏତ ଇଚ୍ଛାଶକ୍ତିର ରୂପାନ୍ତର, କିଂବା କ୍ରିୟାର ରୂପାନ୍ତର କୋଷଗୁଡ଼ିକର ଭୌତିକ ରୂପାନ୍ତର ଅଥବା ତୁମ ନିଜର ବି ରୂପାନ୍ତର । ···ଏବଂ ବିଶ୍ୱମଣ୍ଡଳରେ ରହିଥିବା ତାରାମାନଙ୍କର ରୂପାନ୍ତର ··ଏହିପରି ଅନେକ ବସ୍ତୁର ରୂପାନ୍ତର··· ତାହା ସଂପୃକ୍ତ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରୁଥିଲା ।

ମା'ଆ, ବ୍ୟକ୍ତିମାନଙ୍କ ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ସମୟରେ ଏହା କ'ଣ ଏକ ସମଗ୍ର ରୂପାନ୍ତରକୁ ବୁଝାଉଥିଲା ?

'oaob.nitrkl.ac.in' images reprocessed

ବେଳେବେଳେ ବୁଝାଉଥିଲି । ସାଧାରଣତଃ ଅନ୍ୟାନ୍ୟ କେତେକ ଫୁଲ ସହିତ ତାହାର ସମ୍ବନ୍ଧମାନ ବି ରହିଥିଲା ।···ବେଳେ ବେଳେ ଏହା ଜଣେ ବ୍ୟକ୍ତି ଗୋଟିଏ ବିଷୟକୁ ଆଉଗୋଟିଏ ବିଷୟ ଅପେକ୍ଷା ଅଧିକଭଲ ଭାବରେ ସଗଠିତ କରି ପାରିବାକୁ ମଧ୍ଯ ବୁଝାଉଥିଲା···ଆଉ ବେଳେବେଳେ···ବେଳେବେଳେ ମୁଁ ଫୁଲଗୁଡ଼ିକୁ ଏହିପରି ଭାବରେ ସଜାଇ ରଖୁଥିଲି··· କେତେକ ବ୍ୟକ୍ତିଙ୍କ ଲାଗି ତାହା ଏକ ସମଗ୍ର ରୂପାନ୍ତରକୁ ବୁଝାଉ ଥିଲା । ମାତ୍ର ଯେତେବେଳେ···

ବେଳେବେଳେ ସମୟର ଉପଟିକୁ ଆମେ ଆଦୌ ଠଉରାଇ ପାରୁ ନାହିଁ, ଏହା ଭାରି କଷ୍ଟକର···ଏହିଭଳି ରଚନାଗୁଡ଼ିକରେ, ସମୟକୁ ନିୟନ୍ତ୍ରଣରେ ରଖିବାହିଁ ସବୁଠାରୁ ଅଧିକ କଷ୍ଟକର ହୋଇଥାଏ । ଏକଥାଟି ଗୋଟିଏ ବର୍ଷରେ ଘଟିବ ଅଥବା ସେଥିପାଇଁ ଶହେବର୍ଷ ସମୟ ଲାଗିବ, ସେ ବିଷୟରେ କିଛି ଜଣା ନ ଥାଏ । ସେକଥାଟିକୁ ନିୟନ୍ତ୍ରଣ କରିବା ଭାରି କଷ୍ଟକର ହୁଏ । ଫୁଲଗୁଡ଼ିକରେ ଏକ କାଳବୋଧ ପ୍ରଦାନ କରିବାକୁ ମୁଁ କେବେ ସୁଯୋଗ ପାଇ ନାହିଁ, ଏବଂ ଖୁବ୍ ସମ୍ଭବ ଏହା ଆଦୌ ସମ୍ଭବ ବି ନୁହେଁ । ହୁଏତ ଦିନେ ସମ୍ଭବ ହେବ, ମାତ୍ର ବର୍ତ୍ତମାନ ତାହା ଏପରି ଏକ ଉପାଦାନ ହୋଇ ରହିଛି, ଯାହାକୁକି ମାପି କହିପାରିବା ଅତ୍ୟନ୍ତ କଷ୍ଟକର ।

ମାଆ, "ତାରାମାନଙ୍କର ରୂପାନ୍ତର"ର ଅର୍ଥ ?

ଏହାର ଅର୍ଥ ? ତୁମେ ପ୍ରକୃତରେ କ'ଣ ପଚାରୁଛ ? ମୁଁ ତାରାମାନଙ୍କର ରୂପାନ୍ତର ବିଷୟରେ କହୁଛି ।···ଯଦି ସମୁଦାୟ ବିଶ୍ୱବ୍ରହ୍ମାଣ୍ଡର ରୂପାନ୍ତର ହେବାକୁ ଯାଉଛି, ତେବେ ତାରାଗୁଡ଼ିକର ମଧ୍ଯ ଅବଶ୍ୟ ରୂପାନ୍ତର ଘଟିବ । ଏହି ରୂପାନ୍ତର କେବଳ ଏହି ପୃଥିବୀରେ ଘଟିବ ବୋଲି ତୁମେ ଭାବୁଛ କାହିଁକି ?

ଏଠାରେ ଅନେକ ବ୍ୟକ୍ତି ଥିଲେ, ଯେଉଁମାନଙ୍କର କି ଏକ ବୃହତ୍ତ ଅଭୀପ୍ସା ରହିଥିଲା । ମାତ୍ର କୌଣସି ନା କୌଣସି କାରଣରୁ ସେମାନେ ବିଦ୍ରୋହ କଲେ ଓ ଏଠା ଛାଡ଼ି ଚାଲିଗଲେ । ଏବଂ ଏହି ବ୍ୟକ୍ତିମାନେହିଁ ବିଶେଷ ଭାବରେ ଆଶ୍ରମର ବିରୋଧ କରୁଛନ୍ତି । ମାତ୍ର, ଆମେ କ'ଣ ତଥାପି କହିପାରିବା ଯେ, ସେମାନେ ମଧ୍ଯ ଦିନେ ଲେଉଟି ଆସିବେ ?

ଲେଉଟି ଆସିବେ ? (ମାଆ ଅଙ୍ଗସଞ୍ଚାଳନ କଲେ) ସେକଥା···ମୁଁ ତୁମକୁ ସେକଥା ବ୍ୟକ୍ତିଗତ ଭାବରେ କହିବି ।

'oaob.nitrkl.ac.in' images reprocessed

ସେକଥା ଆଉଗୋଟିଏ ବିଷୟ ଉପରେ ନିର୍ଭର କରୁଛି···ଆମେ ଏହାକୁ ଏପରି ଭାବରେ କହିପାରିବା : ପ୍ରଥମତଃ—ଗୀତାରେ ମଧ୍ୟ ଠିକ୍ ଏହି ପ୍ରଶ୍ନଟି ପଚରାଯାଇଛି — ଦୁଇ ପ୍ରକାରର ଆସୁରିକ ସତ୍ତା ଅଛନ୍ତି । ଗୋଟିଏ ପ୍ରକାର ଏପରି, ଯେଉଁମାନଙ୍କୁ ପୁନଃଦୀକ୍ଷିତ କରାଯାଇପାରିବ ଓ ଯେଉଁମାନେ ଅବଶ୍ୟ ପୁନଃଦୀକ୍ଷିତ ହେବେ । ସମ୍ଭବତଃ, ଶେଷରେ କୌଣସି ଏକ ମୁହୂର୍ତ୍ତରେ, ହୁଏତ ଏକ ସାମୟିକ ଝଲକ ପରି ଆସି ଚାଲି ଯାଉଥିବା ଏକ ଦୃଷ୍ଟିରେ ଏହି ସତ୍ତାମାନେ ପୁନଃଦୀକ୍ଷିତ ହେବାର ସମ୍ଭାବନାଟିକୁ ବି ଅନୁଭବ କରିଥିବେ, ଏକଥା ଦିନେ ଘଟିବ ବୋଲି ଅନୁଭବ କରିଥିବେ, ତେବେ ତାହାହିଁ ଯଥେଷ୍ଟ ହେବ । ଏବଂ, ଆଉରି ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ସମ୍ପୂର୍ଣ୍ଣ ସଚେତନ ଏବଂ ଇଚ୍ଛାକୃତ ଭାବରେ ନିଷ୍ପତ୍ତି କରିନେଇଛନ୍ତି ଯେ ସେମାନେ ବରଂ ବିଘଟିତ ଏବଂ ବିଲୁପ୍ତ ହୋଇଯିବାକୁହିଁ ଶ୍ରେୟସ୍କର ବୋଲି ମଣିବେ । ତେଣୁ, ଯେଉଁମାନେ ବିଲୁପ୍ତ ହୋଇଯିବାକୁ ଇଚ୍ଛା କରୁଛନ୍ତି, ସେମାନେ ବିଲୁପ୍ତ ହୋଇଯିବେ, ଏବଂ ଯେଉଁମାନେ ଦୀକ୍ଷାନ୍ତର ଇଚ୍ଛା କରୁଛନ୍ତି, ସେମାନେ ଦୀକ୍ଷାନ୍ତରିତ ହେବେ । ଜୀବନରେ ଠିକ୍ ଏହିପରି ହୋଇଥାଏ !

ଅନେକେ ମୃତ୍ୟୁମୁଖରେ ପଡ଼ନ୍ତି, ଅନେକେ ଲେଉଟି ଆସନ୍ତି । ସାଧାରଣତଃ ଏହା ଜ୍ଞାତ ଓ ପ୍ରାୟ ନିର୍ଦ୍ଧାରିତ ହୋଇ ରହିଥାଏ । ଏମାନେ ମୃତ୍ୟୁମୁଖରେ ପଡ଼ିବେ ବୋଲି ନିଶ୍ଚିତ ଭାବରେ କହି ଦେଇ ପାରିବା ସମ୍ଭବ ହୋଇଯାଏ । ସେମାନେ ମୃତ୍ୟୁମୁଖରେ ପଡ଼ିବେ, ମୃତ୍ୟୁମୁଖରେ ପଡ଼ିବେ, ଅର୍ଥାତ୍ ସେମାନେ ନିଜକୁ ଆପଣାର ଆତ୍ମାଠାରୁ ବିଚ୍ଛିନ୍ନ କରି ରଖିବେ । ସେମାନେ ହୁଏତ—ମୁଁ ଯେପରି କିଛି ସମୟ ପୂର୍ବରୁ କହିଥିଲି—ଏପରି ଏକ ଜୀବନ ବଞ୍ଚିବେ ଯାହାକି··· ଯାହା:କି ବାହାରୁ ସମ୍ପୂର୍ଣ୍ଣ ଭାବରେ ସଫଳ ବୋଲି ବୋଧ ବି ହେଉଥିବ । ଶାରୀରିକ ଦୃଷ୍ଟିରୁ ମଧ୍ୟ ସେମାନେ ଆଦୌ କୌଣସି ଦୁଃଖ ଭୋଗୁ ନ ଥିବେ,—ସେପରି ଆଦୌ ହେଉ ନ ଥିବ; ବରଂ ଠିକ୍ ଓଲଟାଟାହିଁ ହେଉଥିବ, ଅର୍ଥାତ୍ ବେଳେ-ବେଳେ ସେମାନଙ୍କ ଲାଗି ସବୁକିଛି ସଫଳ ଭାବରେ ଘଟିବାରେ ଲାଗିଥିବ । ଏବଂ ଅନ୍ୟପକ୍ଷରେ, ଆଉରି ଅନ୍ୟମାନେ ବି ସମ୍ଭବତଃ ରହିଥିବେ ଯେଉଁମାନଙ୍କ ଉପରେ କି ଏକ ବିଶେଷ କରୁଣାପାତ ହୋଇଥିବ ଓ ଆପଣାର ଯାତ୍ରାପଥରେ ସେମାନଙ୍କୁ ଦାରୁଣତମ ନାନା ପରାଜୟର ସମ୍ମୁଖୀନ ହେବାକୁ ପଡ଼ୁଥିବ; ଏବଂ କେତେ ସମୟ ପରେ ସେମାନେ ଉପଲବ୍ଧି ମଧ୍ୟ କରିବେ ଯେ ସେମାନେ ଅତ୍ୟନ୍ତ, ଅତ୍ୟନ୍ତ ନିର୍ବୋଧ ଏବଂ ବୁଦ୍ଧିହୀନଙ୍କ ପରି ଆଚରଣ କରିଛନ୍ତି । ଏବଂ ତା'ପରେ···ସେମାନେ ଫେରି ଆସିବେ । ଏହା ସେହି ଲୋକମାନଙ୍କ ଉପରେହିଁ ସମ୍ପୂର୍ଣ୍ଣଭାବେ ନିର୍ଭର

'oaob.nitrkl.ac.in' images reprocessed

କରେ । ବସ୍ତୁତଃ, ଯେତେବେଳେ ସେମାନେ ସଫଳ ହେଉଥିବେ, ସେତେବେଳେ ତାହାର ଏହିପରି ଅର୍ଥ ହେବ ଯେ, ସେମାନେ ପ୍ରକୃତରେ ପରିତ୍ୟକ୍ତ ହୋଇ ରହିଛନ୍ତି । ଏବଂ ଯେତେବେଳେ ସେମାନେ ସଫଳ ହୋଇପାରୁ ନ ଥିବେ, ସେତେବେଳେ ଏହାହିଁ ପ୍ରମାଣିତ ହେଉଥିବ ଯେ ପରମକରୁଣା ସେମାନଙ୍କୁ ଆଦୌ ପରିତ୍ୟାଗ କରି ଚାଲିଯାଇ ନାହିଁ ।

ମାତ୍ର, ଅଧିକାଂଶ ସ୍ଥଳରେ, ସେମାନଙ୍କ ମୃତ୍ୟୁର ଅନ୍ତ୍ୟେହିଁ ଅସଲ ପାର୍ଥକ୍ୟଟି ଘଟିବ, କାରଣ ଯେଉଁ ମନୁଷ୍ୟମାନେ ପ୍ରତିକୂଳ ଶକ୍ତିମାନେ ସେମାନଙ୍କୁ କବଳଗତ କରି ସେମାନଙ୍କ ଜୀବନକୁ ଶାସନ କରନ୍ତୁ ବୋଲି ବାଟ ଛାଡ଼ି ଦେଇଛନ୍ତି, ସେମାନେ ଶରୀରତ୍ୟାଗ କରି ଚାଲିଯିବା ସଙ୍ଗେ ସଙ୍ଗେ କେବଳ ବିଲୁପ୍ତ ଓ ସମାପ୍ତ ହୋଇଯିବେ ! ଆପଣାର ଚୈତ୍ୟସତ୍ତାଠାରୁ ସେମାନଙ୍କର ସ୍ୱ,ଜଟି ଆଗରୁ ଛିନ୍ନ ହୋଇ ଯାଇଥିବ ଏବଂ ତେଣୁ ସେମାନଙ୍କର ଚୈତ୍ୟସତ୍ତା ପୂର୍ବରୁହିଁ ଦୂରସ୍ଥ ଅନ୍ୟ କୌଣସି ଲୋକକୁ ସେମାନଙ୍କୁ ଛାଡ଼ି ପ୍ରସ୍ଥାନ କରି ସାରିଥିବ…ଏବଂ ତେଣୁ, ଏହିସବୁ ଶକ୍ତିଗୁଡ଼ିକ ଲାଗି ଗ୍ରହଣପାତ୍ର ରୂପେ କାର୍ଯ୍ୟ କରୁଥିବା ସେମାନଙ୍କର ପ୍ରାଣିକ ସତ୍ତା ଶରୀରକୁ ତ୍ୟାଗ କରିବା ସଙ୍ଗେ ସଙ୍ଗେ କେବଳ କାଳର ଗର୍ଭରେ ଯାଇ ଲୀନହିଁ ହୋଇଯିବ, ଏବଂ ସେତିକିରେହିଁ ସବୁକିଛିର ପରିସମାପ୍ତି ଘଟିବ । ଏବଂ ତେଣୁ ଚିରକାଳ ସକାଶେ ସେମାନଙ୍କର ମୃତ୍ୟୁ ଘଟିବ । ତଦ୍ୱାରା ଏହି ପୃଥିବୀର ଆଦୌ କୌଣସି ପାର୍ଥକ୍ୟ ସଂଘଟିତ ହେବ ନାହିଁ । ଏହାଦ୍ୱାରା କୌଣସି ବିଷୟ ଆଦୌ ଅଧିକ ପରିମାଣରେ ବଦଳିଯିବ ନାହିଁ ।

ମା'ଆ; ସେମାନେ କାହା ଗର୍ଭରେ ଲୀନ ହୋଇଯିବେ ?

ଆହୁରି ଅଧିକ ବୃହତ୍ତର ପ୍ରାଣିକ ସତ୍ତାର ଗର୍ଭରେ ! (ସମସ୍ତେ ହସିଲେ) ତୁମେ ବୁଝିପାରୁଥିବ ଯେ, ସେମାନଙ୍କ ଭିତରେ ପ୍ରତିକୂଳ ପ୍ରାଣିକ ଶକ୍ତିଗୁଡ଼ିକର ଏକ ପ୍ରସର୍ଜନ ଘଟିଥିବ ଏବଂ ଯେଉଁ ସତ୍ତା ବା ଶକ୍ତି ସେଇଟିର ପ୍ରସର୍ଜନ ଘଟାଇଥିବ, ତାହା ଶରୀରକୁ ଆପଣା କାମରେ ଲଗାଇବାକୁହିଁ ସେପରି କରିଥିବ; ସିଏ ଯାହାକିଛି କରିବ ବୋଲି ଇଚ୍ଛା କରିଥିଲା, ଭୌତିକ ଜୀବନରେ ତାହାଦ୍ୱାରା ଠିକ୍ ସେହିଗୁଡ଼ାକୁ କରାଇବା ସକାଶେ ତାହା ସେପରି କରିଥିବ । ମାତ୍ର, ଯେହେତୁ ବର୍ତ୍ତମାନ କୌଣସି ଶାରୀରିକ ଅସ୍ତିତ୍ୱ ନ ଥିବ, ତେଣୁ ସେହି କାର୍ଯ୍ୟଟି ମଧ୍ୟ ଆଉ ସେପରି ଆଗ୍ରହୋଦ୍ଦୀପକ ମନେ ହେବ ନାହିଁ… । ଦିବ୍ୟ ବିଧାନର ବିରୁଦ୍ଧରେ କାର୍ଯ୍ୟ କରିବାକୁ ଏକଦା ଏହି ଶରୀରକୁହିଁ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ସକାଶେ ନିୟୋଜିତ କରାଯାଇଥିଲା । ମାତ୍ର, ସେହି ଶରୀରଟି ଅନ୍ତର୍ହିତ ହୋଇଯିବା ପରେ ପ୍ରସର୍ଜନଟି ମଧ୍ୟ ଆପଣାକୁ ପ୍ରତ୍ୟାହୃତ କରି ନେବ, ତାହା

'oaob.nitrkl.ac.in' images reprocessed

ସଙ୍ଗେ ସଙ୍ଗେ ତାହା ସହିତ ରହିଥିବା ଯାବତୀୟ ଶକ୍ତିକୁ ମଧ୍ୟ ପ୍ରତ୍ୟାହୃତ କରିନେବ ଏବଂ ଆଉଗୋଟିଏ ସୁଯୋଗ ଆସି ପହଞ୍ଚିବା ପର୍ଯ୍ୟନ୍ତ ତାହା ସେହି ଗର୍ଭ ଭିତରେ ଯାଇ ଲୀନ ହୋଇଯିବ ।

ସେମାନେ ଏହିପରି ଭାବରେହିଁ ନିଜର ସମୟକୁ ଅତିବାହିତ କରୁଥାନ୍ତି । ସେମାନେ ଆପଣାର ପ୍ରସର୍ଜନ ଘଟାନ୍ତି, ଏବଂ ଆପଣାର ଖୁସି ଅନୁସାରେହିଁ ପୁନର୍ବାର ଗର୍ଭସାତ୍ କରିବାରେ ଲାଗିଥାନ୍ତି, ବେଳେବେଳେ ମୃତ୍ୟୁ ପୂର୍ବରୁ ସେମାନେ ସେପରି କରନ୍ତି । ଅର୍ଥାତ୍, ତଦ୍ୱାରା ମୃତ୍ୟୁ ଅପେକ୍ଷାକୃତ କିଛିଟା ଅଧିକ ଶୀଘ୍ର ଆସି ପହଞ୍ଚି ଯାଇଥାଏ । ଏହା ସତ୍ତାକୁ ସତେଅବା ଖଣ୍ଡେ ଜୀର୍ଣ୍ଣ ବସ୍ତ୍ର ପରି ପକାଇଦେଇ ଚାଲିଯାଏ,—ଶକ୍ତିହୀନ, ନିର୍ଜୀବ ଓ ସର୍ବସ୍ୱାନ୍ତ କରି ପକାଇଦେଇ ଯାଏ । ହିଁ, ଏହିପରି ଘଟେ; ସେମାନଙ୍କୁ ଏହା ଗୋଟାପୁରା ପାଗଳ କରିଦିଏ । ବା, ତା' ନ ହେଲେ, ଯେତେବେଳେ ସେମାନେ କୌଣସି ନା କୌଣସି ପ୍ରକାରର ଦୁର୍ଘଟଣାର ସମ୍ମୁଖୀନ ହୋଇ ମରନ୍ତି,—ଗତ ଯୁଦ୍ଧ ସମୟରେ ଯେପରି ଘଟିଥିଲା—ସେମାନଙ୍କୁ ଯେପରି କେହି ଆସି ଖପ୍ କରି ଗିଳିଦିଏ । ଶୋଷି ନେଲା ପରି ଶୋଷି ନେଇଯାଏ । ଆଉଗୋଟିଏ ଥର ସକାଶେ ସବୁକିଛିକୁ ଗର୍ଭସାତ୍ କରେ, ଗିଳି ପକାଏ । ତାହା ଏଇଥିଲାଗି ଅବସର ଖୋଜୁଥାଏ; ଯିଏ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ରହିଛି, ତାହାର ତଳପଟରେ ବୁଲୁଥାଏ, ଏବଂ ତାକୁ···ତାହାକୁ ଗ୍ରହଣ କରିବା ସକାଶେ ସର୍ବଦା କେହି ନା କେହି ଉନ୍ମୁକ୍ତ ହୋଇ ରହିଥାଏ, ଯିଏକି ଆପଣାକୁ ତତ୍‌କ୍ଷଣାତ୍ ଜଣେ ଭାରି ଅଧିକ ଓ ବିଶିଷ୍ଟ ସତ୍ତା ବୋଲି ବିଶ୍ୱାସ କରୁଥାଏ; କାରଣ ତାହାଦ୍ୱାରା ଅନେକ ବ୍ୟକ୍ତିଙ୍କୁ ଏହିପରି ଏକ ଅନୁଭବ ହୋଇଥାଏ ଯେ ସେମାନେ ପ୍ରକୃତରେ ଅତ୍ୟନ୍ତ ଅସାଧାରଣ । ସେମାନେ ବସ୍ତୁଗୁଡ଼ିକ ଭିତରେ ରହିଥିବା ଦୋଷଗୁଡ଼ାକୁ ଏପରି ଚମତ୍କାର ଭାବରେ ଦେଖି ପାରନ୍ତି, ଯାହାକି ଅନ୍ୟମାନେ ମୋଟେ ଦେଖି ପାରନ୍ତି ନାହିଁ । ଲକ୍ଷ ଲକ୍ଷ ଅନ୍ୟ ବ୍ୟକ୍ତିମାନଙ୍କ ତୁଳନାରେ ସେମାନଙ୍କର ବିଚାରଗୁଡ଼ାକ ସତେଅବା ଅଧିକ ସମର୍ଥଦାର ହୋଇ ରହିଥାଏ । ପୁନଶ୍ଚ, ସେମାନେ ଏହି ସୃଷ୍ଟି କିପରି ହେବା ଉଚିତ, ସେହି କଥାଟିକୁ ସ୍ୱୟଂ ନିଷ୍ପତ୍ତି କରି ନେଇଥାନ୍ତି ଏବଂ ସୃଷ୍ଟିକୁ ଠିକ୍ ସେହିଭଳି କରିବା ପାଇଁ ଚେଷ୍ଟା କରିବାରେ ଲାଗିଥାନ୍ତି, ପ୍ରତ୍ୟେକ ବସ୍ତୁକୁ ତା'ର ଯଥାର୍ଥ ସ୍ଥାନରେ ଆଣି ପ୍ରତିଷ୍ଠିତ କରି ରଖିବା ଲାଗି ଚେଷ୍ଟା କରୁଥାନ୍ତି ।

ମୁଁ ଏହିସବୁ ଲୋକଙ୍କର ସଂପର୍କରେ ଆସିଛି···ଯେଉଁମାନେ କି, ସହଜାତ ବା ଆନ୍ତରିକତାର ଏକ ମୁହୂର୍ତ୍ତରେ, ହୁଏତ ଆନ୍ତରିକତାର ଗୋଟିଏମାତ୍ର କ୍ଷଣରେ ସେମାନଙ୍କୁ ଏପରି ଭାବରେ କାର୍ଯ୍ୟ କରିବାକୁ ବାଧ୍ୟ କରୁଥିବା ଏହି ପ୍ରତିକୂଳ ପ୍ରସର୍ଜନଟିର କବଳରୁ ମୁକ୍ତ ହୋଇ ବାହାରି ଆସିବା ଲାଗି ମୋ' ପାଖରେ ଆସି

'oaob.nitrkl.ac.in' images reprocessed

ଅନୁରୋଧ କରିଛନ୍ତି । ଏବଂ, ସେତେବେଳେ, ଆକ୍ରମଣକର୍ତ୍ତାର ସେହି ମୁହୂର୍ତ୍ତରେ ଏହି ପ୍ରଦର୍ଶନ ସେମାନଙ୍କୁ ପ୍ରକୃତରେ ଗୁରୁତର ବାଧା ଦେଇଛି, ଏବଂ ଶରୀର ଉପରେ ଆଦୌ କୌଣସି ପ୍ରକାର ଆଘାତ ନ ଆଣି ହଠାତ ସେହି ପ୍ରଦର୍ଶନଟିକୁ ଧରି ନଷ୍ଟ କରିଦେଇ ହୋଇଥାନ୍ତି । ଏକାଧିକ କ୍ଷେତ୍ରରେ ଠିକ୍ ସେହି କଥାଟି ହିଁ ଘଟିଛି ।

ତା'ପରେ କିଛିଦିନ ପର୍ଯ୍ୟନ୍ତ ପ୍ରକାଶେ ସମ୍ପ୍ରୀତି କେତେ ଖୁସୀ ହୋଇ ରହୁଛି, ...ଆପଣାକୁ କେତେ ମୁକ୍ତ, କେତେ ସୁସ୍ଥ ଓ କେତେ ସନ୍ଦୀପିତ ଅନୁଭବ କରୁଛି । ...ଏବଂ ତା'ପରେ, ପୁଣି ହଠାତ୍ ସିଏ ଆପଣା ପାଖରେ ଯାଇ କହୁଛି, "କିନ୍ତୁ ମୋର ଆଉ ଶକ୍ତି ବୋଲି ଆଦୌ କିଛି ନାହିଁ ! ମୁଁ ଏବେ ଆଉ କିଛି ଜାଣିବାକୁ ସମର୍ଥ ହେଉ ନାହିଁ, ଆଉ କିଛି କରିପାରୁ ନାହିଁ, ମୁଁ ଏକାବେଳେକେ ଗୋଟାଏ ସାଧାରଣ ଜୀବ ପରି ହୋଇଗଲିଣି !" ଏବଂ ତା'ପରେ, "ମାତ୍ର ଏହି ଅବସ୍ଥାଟାକୁ ମୁଁ ଆଦୌ ଭଲ ବୋଲି କହିବି ନାହିଁ, ଆଗରୁ ସବୁକିଛି କେତେ ଅଧିକ ଭଲ ହୋଇ ରହିଥିଲା !" ଏବଂ ଏହିପରି ଭାବରେ,—ପ୍ରତିକୂଳ ଶକ୍ତିମାନେ ତ ଅଗଣିତ ସଂଖ୍ୟାରେ ସର୍ବଦା ମହଜୁଦ ହୋଇ ରହିଥାନ୍ତି,—ସେମାନେ ହଜାର ହଜାର ସଂଖ୍ୟାରେ ରହିଥାନ୍ତି, ମନୁଷ୍ୟମାନଙ୍କର ଚାରିପାଖରେ ଭଣଭଣ ହେଉଥାନ୍ତି ଓ ଯାହା ଭିତରକୁ ପଶିଯିବା ପାଇଁ ମଉକାର ଅପେକ୍ଷା କରୁଥାନ୍ତି । ତେଣୁ ଜଣେ ବ୍ୟକ୍ତି ପୁନର୍ବାର ଆପଣାର ସ୍ୱଗଟିକୁ ଗ୍ରହଣ କରିବା ମାତ୍ରକେ ପୂର୍ବରୁ ଯାହା ଥିଲା, ପୁଣି ସେହିପରି ହୋଇଯାଏ, ଅନେକ ସମୟରେ ପୂର୍ବାପେକ୍ଷା ଅଧିକ ଖରାପ ଅବସ୍ଥାରେ ଆସି ପଡ଼େ । ଏବଂ ଏହିପରି ଭାବରେ ସେହି ପୂର୍ବ ନାଟକଟି ପୁଣି ଆରମ୍ଭ ହୋଇଯାଏ ।

ମାତ୍ର, ମୋ' କ୍ଷେତ୍ରରେ, ଏପରି ମୋଟେ ହୁଏ ନାହିଁ । ଅରେହିଁ ଯଥେଷ୍ଟ ହୁଏ । ତୁମେ ଏଇଟି ସହିତ ଅତିରିକ୍ତ ମାତ୍ରାରେ ବାନ୍ଧି ହୋଇ ରହିଥାଅ । ତୁମେ ଯଦି ଚାହୁଁଛ, ତେବେ ଏହି ପ୍ରତିକୂଳ ସମ୍ପ୍ରୀତିକୁ ତୁମେ ନିଜ ପାଖରେ ନେଇ ରଖିଥାଅ । ଏହି କ୍ଷେତ୍ରରେ ଏପରି କରିବା ଜଟିଳ ହୋଇଥାଏ । ମାତ୍ର, ଏହିପରି ଗୋଟାଏ ଅନୁଭବ ହୁଏ ଯେ ତୁମେ ନିଜର ସବୁ ଶକ୍ତିକୁ ହରାଇ ବସିଲ । ମାତ୍ର ମନେ ରଖିଥାଅ, ମହତ୍ତ୍ୱାଭିଳାଷୀ ବ୍ୟକ୍ତିମାନଙ୍କର କ୍ଷେତ୍ରରେ ଏପରି ଘଟେ; ସର୍ବୋପରି ଯେଉଁ ମହତ୍ତ୍ୱାଭିଳାଷୀ ବ୍ୟକ୍ତିମାନେ କ୍ଷମତା ହାସଲ କରିବାକୁ ଇଚ୍ଛା କରୁଥାନ୍ତି, ଅନ୍ୟ ବ୍ୟକ୍ତିମାନଙ୍କ ଉପରେ କର୍ତ୍ତୃତ୍ୱ କରିବାକୁ ଇଚ୍ଛା କରନ୍ତି, ବଡ଼ ଗୁରୁ ବା ବଡ଼ ଶିକ୍ଷକ ହେବାକୁ ଚାହୁଁଥାନ୍ତି, ଅଲୌକିକ ଘଟନାମାନ ଘଟାଇବାକୁ ଚାହାନ୍ତି ଏବଂ ଯେଉଁମାନଙ୍କ ପାଖରେ ଅସାଧାରଣ ଶକ୍ତିମାନ ରହିଥାଏ, ସେମାନଙ୍କ ଜୀବନରେ ଏହିପରି ଘଟେ । ଏହିମାନଙ୍କର

'oaob.nitrkl.ac.in' images reprocessed

ଜୀବନରେ ତାହା ଅଧିକତମ ସମୟରେ ଘଟେ … ଯେଉଁମାନଙ୍କର ଏକ ପ୍ରକାରର ମହତ୍ତ୍ୱାଭିଳାଷ ରହିଥାଏ ଏବଂ ସେମାନଙ୍କର ମୁଣ୍ଡ ତାହାକୁ ନେଇହିଁ ବ୍ୟସ୍ତ ହୋଇ ରହିଥାଏ । ଏହା ପ୍ରକୃତରେ ଭାରି ବିପଜ୍ଜନକ ।

ସରଳ ହେବା କେଡ଼େ ଭଲ, କେବଳ ସଦିଚ୍ଛାପୂର୍ଣ୍ଣ ହୋଇ ରହିବା ଓ ପାରୁପର୍ଯ୍ୟନ୍ତ ସର୍ବୋତ୍ତମ ଭାବରେ ଆପଣାର କାର୍ଯ୍ୟଗୁଡ଼ିକୁ କରିବା ଏବଂ ସର୍ବୋତ୍ତମ ଭାବରେ ତାହାକୁ କରିବା । ଖୁବ୍ ବଡ଼ କିଛି ଗୋଟାଏ ଢଆର କରି ନ ରଖିବା, ମାତ୍ର କେବଳ ଅଗ୍ରଗତି ଲାଗି ଅଭୀପ୍ସା ରଖିବା, ଆଲୋକ ଲାଗି ଏବଂ ସଦିଚ୍ଛାପୂର୍ଣ୍ଣ ଏକ ଶାନ୍ତି ଲାଗି ଆକାଂକ୍ଷା ରଖିବା; ଏବଂ ପୃଥିବୀରେ ସେଇ ଯେଉଁ ପରମକର୍ତ୍ତା ସବୁ ଜାଣିଛି, ତୁମେ କ'ଣ ହେବ ବା ନ ହେବ ଏବଂ ତୁମକୁ କ'ଣ କରିବାକୁ ହେବ, ତା'ହାରି ହାତରେହିଁ ସେଗୁଡ଼ିକର ନିଷ୍ପତ୍ତି ହେବା ଲାଗି ଛାଡ଼ିଦେବା । ତେବେ ଆଉ କୌଣସି ଚିନ୍ତା ରହିବ ନାହିଁ ଏବଂ ତେବେ ତୁମେ ପରିପୂର୍ଣ୍ଣ ଭାବରେ ପ୍ରସନ୍ନ ରହିପାରିବ ।

ବୁଝିଲ ?

'oaob.nitrkl.ac.in' images reprocessed

# ୨୮ ଜୁଲାଇ ୧୯୫୪

**ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମାଆ" ପୁସ୍ତକର ଚତୁର୍ଥ ଅଧ୍ୟାୟ ଉପରେ ଏହି ପ୍ରବଚନଟି ଆଧାରିତ ।**

"ଅର୍ଥ ହେଉଛି ଏକ ବିଶ୍ୱ-ଶକ୍ତିର ଦୃଶ୍ୟ ହୋଇ ପାରୁଥିବା ସଙ୍କେତ, ଏବଂ ଭୂପୃଷ୍ଠରେ ଆପଣାକୁ ରୂପାୟିତ କରିବାର କ୍ଷେତ୍ରରେ ଏହି ଶକ୍ତି ପ୍ରାଣିକ ଏବଂ ଭୌତିକ ଭୂମିଗୁଡ଼ିକରେ ଆପଣାର କାର୍ଯ୍ୟ କରିଥାଏ । ବାହ୍ୟ ଜୀବନର ପରିପୂର୍ଣ୍ଣତା ଲାଗି ଏହା ଅପରିହାର୍ଯ୍ୟ । ଆପଣାର ମୂଳ ଉତ୍ସରେ ଏବଂ ଯଥାର୍ଥ କ୍ରିୟାଶୀଳତାର କ୍ଷେତ୍ରରେ ଏହା ହେଉଛି ସେହି ଦିବ୍ୟ ପରମସତ୍ତାଙ୍କରହିଁ ଏକ ସମ୍ପଦ । ମାତ୍ର, ଦିବ୍ୟ ପରମସତ୍ତାଙ୍କର ଅନ୍ୟାନ୍ୟ ଶକ୍ତିଗୁଡ଼ିକ ପରି ଏଠାରେ ଏହି ଶକ୍ତିଟି ଅନ୍ୟ ହାତରେ ପ୍ରଦତ୍ତ ହୋଇ ରହିଛି, ଏବଂ ନିମ୍ନ ପ୍ରକୃତିର ଅଜ୍ଞାନତା ହେତୁ ତାହା ଅହଂର ନାନା କାମରେ ଲାଗିବା ପାଇଁ ଅପହୃତ ହୋଇଯାଇ ପାରୁଛି ଅଥବା ଆସୁରିକ ନାନା ପ୍ରଭାବ ଦ୍ୱାରା ଅଧିକୃତ ହୋଇ ସେହିମାନଙ୍କ ଉଦ୍ଦେଶ୍ୟ ସାଧନରେ ତାହାର ଦୁରୁପଯୋଗ ବି ହୋଇପାରୁଛି ।"

ଅର୍ଥ ଅନ୍ୟାନ୍ୟ ଭୂମିଗୁଡ଼ିକରେ ଆପଣାକୁ କିପରି ଭାବରେ ରୂପାୟିତ କରିଥାଏ ?

**ଅନ୍ୟ କେଉଁ ଭୂମିଗୁଡ଼ିକରେ ? ସିଏ ପ୍ରାଣିକ ଓ ଭୌତିକ ଭୂମିଗୁଡ଼ିକ ବିଷୟରେ କହୁଛନ୍ତି, ନୁହେଁ ? ... କହୁଛନ୍ତି ଯେ ଏହି ଶକ୍ତି ଆପଣାକୁ ପ୍ରାଣିକ ଭୂମିରେ ଓ ଭୌତିକ ଭୂମିରେ ରୂପାୟିତ କରିଥାଏ । ପ୍ରାଣିକ ଭୂମିଗୁଡ଼ିକର ଅର୍ଥ ଉପରେ ସର୍ବଦା ଏକ ପ୍ରଭୂତ ପ୍ରଭାବ ରହିଥାଏ ।**

**(କିଛି ସମୟ ନୀରବ ରହି) ତୁମେ ବୁଝିପାରୁଥିବ, ଅର୍ଥ ବିଷୟରେ ଭାବିବା ମାତ୍ରକେ ଆମେ ବ୍ୟାଙ୍କ୍‌ନୋଟ୍‌, ଟଙ୍କାପଇସା ବା ସେହିପରି କିଛି ବହୁମୂଲ୍ୟ ବସ୍ତୁ ବିଷୟରେ ଭାବିବାକୁ ଆରମ୍ଭ କରିଥାଉ । ମାତ୍ର, ଏହା ଦ୍ୱାରା ସେହି ଶକ୍ତିଟିକୁ କେବଳ ଏକ ଭୌତିକ ଅର୍ଥରେହିଁ ବ୍ୟକ୍ତ କରାଯାଉଛି । ମାତ୍ର ଏହି ଶକ୍ତିଟି**

'oaob.nitrkl.ac.in' images reprocessed

ପ୍ରାଣିକ ଦ୍ୱାରା ମଧ୍ୟ ପରିଚାଳିତ ହୋଇପାରିବ, ଏବଂ ଏହିପରି ଭାବରେ ଅଧିକୃତ ଓ ନିୟନ୍ତ୍ରିତ ହୋଇ ରହିପାରିଲେ ତାହା ପ୍ରାପ୍ତ ଅବଶ୍ୟମ୍ଭାବୀ ଭାବରେ ଅର୍ଥର ଏହି ଅପେକ୍ଷାକୃତ ଅଧିକ ଭୌତିକ ଅଭିବ୍ୟକ୍ତିଗୁଡ଼ିକୁ ମଧ୍ୟ ବହନ କରି ଆଣିବ । ଏବଂ ତାହାକୁ ମଧ୍ୟ ଗୋଟିଏ ପ୍ରକାରର ଶକ୍ତି ବୋଲି ବୁଝାଯିବ । ଏହାକୁ କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଜଡ଼ଧର୍ମୀ ଦ୍ରବ୍ୟକୁ ଆକର୍ଷିତ କରି ଆଣୁଥିବା ଏକ ଶକ୍ତି ବୋଲି ବୁଝାଯିବ । ଏହି ଶକ୍ତି ମଧ୍ୟରେ କାର୍ଯ୍ୟରେ ଲାଗିବାର ଏକ ସାମର୍ଥ୍ୟ ରହିଥାଏ ଏବଂ ତାହାହିଁ ଏହାର ବଳକୁ ଆହୁରି ଅଧିକ କରିଦିଏ, —ଏହା ଠିକ୍ ଶାରୀରିକ ବ୍ୟାୟାମ ପରି କାର୍ଯ୍ୟ କରେ, — କାମରେ ଲାଗିବା ଦ୍ୱାରାହିଁ ଏହା ଆପଣା ଶକ୍ତିରେ ବୃଦ୍ଧି ଘଟାଏ ।

ଉଦାହରଣସ୍ୱରୂପ, ଯଦି ଏହି ଶକ୍ତି ଉପରେ ତୁମର ନିୟନ୍ତ୍ରଣ ରହିଥାଏ,—ଏହା ଏପରି ଏକ ଶକ୍ତି, ଯାହାକି ପ୍ରାଣିକ ଜଗତରେ ଲାଲ, ଅତ୍ୟନ୍ତ ଗାଢ଼ ଲାଲ ଓ ଉଜ୍ଜ୍ୱଳ କିଂବା ଅତ୍ୟନ୍ତ ଅନୁଜ୍ଜ୍ୱଳ ହୋଇ ନ ଥିବା ଏକ ଗାଢ଼ ସୁନେଲି ବର୍ଣ୍ଣ ଧାରଣ କରିଥାଏ,—ଏହାର ସଞ୍ଚାଳନ ହେଲେ ଓ ଏହା ଗତିଶୀଳ ହେବାକୁ ଆରମ୍ଭ କଲେ ଏହାର ବଳ ମଧ୍ୟ ବୃଦ୍ଧି ପାଇଥାଏ । ଏହା ଏପରି କୌଣସି ବସ୍ତୁ ନୁହେଁ, ଯାହାକୁ କି କୌଣସି କାମରେ ନ ଲଗାଇ କେବଳ ଗଚ୍ଛିତ କରି ରଖାଯାଇ ପାରିବ । ଏହି ଶକ୍ତି ସର୍ବଦା ସଞ୍ଚାଳିତ ହୋଇ ପାରୁଥିବା ଉଚିତ । ଉଦାହରଣସ୍ୱରୂପ, ଯେଉଁ ଲୋକମାନେ କୃପଣ ହୋଇ ଆପଣାର ସମସ୍ତ ଅର୍ଥକୁ କେବଳ ଗଚ୍ଛିତ କରି ରଖିଥାନ୍ତି, ଆପଣା ଆଡ଼କୁ ଆକର୍ଷିତ କରି ଆଣି ପାରୁଥିବା ସକଳ ଧନକୁ କେବଳ ଜମା କରି ରଖନ୍ତି, ସେମାନେ ତାହାର ଶକ୍ତିଟିକୁ ମଧ୍ୟ ଅନିୟୋଜିତ କରି ରଖିଦିଅନ୍ତି,—ତାହାର ଗତିଶୀଳତା ରୂପକ ଶକ୍ତିକୁ ଆଦୌ କୌଣସି କାମରେ ଲଗାଇ ପାରନ୍ତି ନାହିଁ । ତେଣୁ ସେହି ଶକ୍ତି ସେମାନଙ୍କଠାରୁ ବାହାରି ଅନ୍ୟତ୍ର ଚାଲିଯାଏ ବା ସ୍ଥାଣୁ ଭାବରେ ପଡ଼ିରହି ଆପଣାର ବଳଟିକୁ ହରାଇବସେ ।

ଏହି ଅର୍ଥଶକ୍ତିର ସ୍ରୋତଟି ମଧ୍ୟରେ ଅବସ୍ଥିତ ହୋଇ ରହିବାର ଯଥାର୍ଥ ପଦ୍ଧତିଟିକୁହିଁ ଏଠାରେ ଲେଖି କହି ଦିଆଯାଇଛି : ଏକ ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକତାର ମନୋଭାବ ରଖିବାକୁ ହେବ, ଏପରି ଏକ ମନୋଭାବ ରହିଥିବ ଯେ, ଏହା ପ୍ରକୃତରେ ତୁମ ନିଜର କୌଣସି ସମ୍ପତ୍ତି ନୁହେଁ ବା ତା' ଉପରେ ତୁମର କୌଣସି ଅଧିକାର ନାହିଁ,—ମାତ୍ର ଏହା ଏପରି ଗୋଟିଏ ଶକ୍ତି, ଯାହାକୁ କି ତୁମେ କାମରେ ଲଗାଇ ପାରିବ, ସର୍ବୋତ୍ତମ ଭାବରେ ଉପଯୋଗୀ ହୋଇ ରହିଥିବା କାର୍ଯ୍ୟଟିକୁ କରିବା ଲାଗି ତୁମେ ତାହାକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିନେଇ ପାରିବ । ଏବଂ ଏହିସବୁ ଗତିଶୀଳତା ଓ ସତତ ସକ୍ରିୟତା ଦ୍ୱାରା ଏହାର ଶକ୍ତିରେ ମଧ୍ୟ ବୃଦ୍ଧି

'oaob.nitrkl.ac.in' images reprocessed

ହୋଇଥିବ,—ଆକର୍ଷଣ କରିବାର ଶକ୍ତି ଏବଂ ସଂଗଠନର ଏକ ନିର୍ଦ୍ଦିଷ୍ଟ ଶକ୍ତି ମଧ୍ୟ ବୃଦ୍ଧି ପାଇ ପାରିବ । ଅର୍ଥାତ୍, ଏପରିକି ଆଦୌ କୌଣସି ପାର୍ଥିବ ସାଧନ ନ ଥିବା ଜଣେ ବ୍ୟକ୍ତି, ଯିଏକି ସ୍ଥୂଳ ସ୍ତରରେ ଅର୍ଥର ବିନିଯୋଗ କରି ପାରିବାକୁ ଏକ ଅନୁକୂଳ ବାହ୍ୟ ପରିବେଶରେ ବାସ କରୁ ନ ଥିବ, ଯଦି ସିଏ ମଧ୍ୟ ଏହି ଶକ୍ତିର ଅଧିକାରୀ ହୁଏ, ତେବେ ସିଏ ଏହାକୁ ଅବଶ୍ୟ କ୍ରିୟାଶୀଳ କରିଦେଇ ପାରିବ, ତାହାକୁ ଗତିଶୀଳ କରିଦେବ; ଏବଂ କେବେ ସେହିପରି ଆବଶ୍ୟକ ବୋଧ କଲେ, ବାହ୍ୟ ସ୍ତରରେ ଅର୍ଥ ତା'ପାଖକୁ ଆସିବାର ଆଦୌ କୌଣସି ସଙ୍କେତ କିଂବା କୌଣସି କାରଣ ରହି ନ ଥିଲେ ମଧ୍ୟ ସିଏ ଆପଣାର ଆବଶ୍ୟକତା ଅନୁସାରେ ତା'ଠାରୁ ଯଥେଷ୍ଟ ଶକ୍ତି ଅବଶ୍ୟ ଲାଭ କରି ପାରିବ । ସିଏ ସମ୍ଭବତଃ ଧନସମ୍ପନ୍ନତାର ଠିକ୍ ବିପରୀତ ଏକ ଅବସ୍ଥାରେ ରହିଥିବ, ମାତ୍ର ତଥାପି ଏହି ଶକ୍ତିକୁ କାମରେ ଲଗାଇ ପାରୁଥିବ, ଏବଂ, ଆପଣାର କାର୍ଯ୍ୟସାଧନ କରିବା ନିମନ୍ତେ ତା'ର ଯେତିକି ଧନ ଦରକାର, ସେତିକି ଧନ ତାହା ପାଖରେ ସର୍ବଦା ଉପଲବ୍ଧ ହୋଇ ରହିଥିବ ।

ତେଣୁ, କଥାଟି ପ୍ରକୃତରେ ଏହିପରି : ଏହି ଚିଠିଟି ଏପରି ଜଣେ ବ୍ୟକ୍ତିଙ୍କ ପାଖକୁ ଲେଖା ହୋଇଥିଲା, ଯିଏକି ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଲାଗି ଅର୍ଥ ସଂଗ୍ରହ କରିବାକୁ ଏଠାରୁ ବାହାରକୁ ଯିବାକୁ ଇଚ୍ଛା କରୁଥିଲେ । ମାତ୍ର ସେହି ବ୍ୟକ୍ତିଙ୍କ ପାଖରେ ମୋଟେ କୌଣସି ଅର୍ଥ ନ ଥିଲା । ତେଣୁ ସିଏ ପ୍ରଥମେ ଶ୍ରୀଅରବିନ୍ଦଙ୍କ ପାଖକୁ ଯାଇ କହିଲେ, "ମୋ' ନିଜ ପାଖରେ ତ କୌଣସି ଅର୍ଥ ନାହିଁ, ତେଣୁ ଲୋକମାନଙ୍କର ମୋ' ଉପରେ କୌଣସି ବିଶ୍ୱାସ ଆସିବ ନାହିଁ ଏବଂ ତେଣୁ ମୁଁ ଆଦୌ କିଛି ପାଇପାରିବି ନାହିଁ ।" ଏବଂ ଶ୍ରୀଅରବିନ୍ଦ ଏହିପରି କିଛି କହି ତାଙ୍କ କଥାର ଉତ୍ତର ଦେଇଥିଲେ,—ସିଏ ତାଙ୍କୁ କହିଥିଲେ ଯେ ଏହି କ୍ଷେତ୍ରରେ ଆପଣାର ସ୍ଥୂଳତମ ଆକାରରେ ଏହି ବାହ୍ୟ ଶକ୍ତିର ପ୍ରକୃତରେ କୌଣସି ଆବଶ୍ୟକତା ନ ଥାଏ; ଅର୍ଥ ଯେଉଁଠି ରହିଥାଉ ପଛକେ, ଆମର ଅନ୍ତର୍ଗତ ଶକ୍ତିଟିକୁ କାମରେ ଲଗାଇବା ଅନୁସାରେହିଁ ଆମକୁ ତାହା ଉପରେ ଏକ ନିୟନ୍ତ୍ରଣ ଉପଲବ୍ଧ ହୋଇଥାଏ : ତାହା ସାଧାରଣ ଅନୁଷ୍ଠାନମାନଙ୍କରେ ଥାଉ, ଅଥବା ବ୍ୟକ୍ତିମାନଙ୍କର ହାତରେ ଥାଉ ପଛକେ, ଆମକୁ ତାହା ଉପରେ ଏକ ନିୟନ୍ତ୍ରଣ ମିଳିଯାଏ, ଏବଂ ଯେତେବେଳେ ଆବଶ୍ୟକ ହୁଏ, ଏକ ନିର୍ଦ୍ଦିଷ୍ଟ ଗତିଶୀଳତା ଦ୍ୱାରା ଆମେ ତାହାକୁ ଆକର୍ଷିତ କରି ଆଣିଥାଉ ।

ମାଆ, ଅର୍ଥଶକ୍ତିମାନେ ଦିବ୍ୟ ପରମସତ୍ତାଙ୍କୁ ଛାଡ଼ି ଚାଲି ଯାଇଛନ୍ତି ବୋଲି କିପରି କୁହାଯିବ ?

'oaob.nitrkl.ac.in' images reprocessed

ବ'ଣ କହିଲ ?

(ପିଲାଟି ନିଜ ପ୍ରଶ୍ନଟିକୁ ଆଉଥରେ ପଚାରିଲା)

ତୁମ ପ୍ରଶ୍ନରେ ଥିବା ପ୍ରଧାନ ଶବ୍ଦଟିକୁହିଁ ମୁଁ ବୁଝିପାରୁ ନାହିଁ । କପରି, ଅର୍ଥାତ୍ କେଉଁଭଳି ଭାବରେ ଅର୍ଥଶକ୍ତିମାନେ...

...ଦିବ୍ୟ ପରମସତ୍ତ୍ୱଙ୍କୁ ଛାଡ଼ି ଚାଲି ଯାଇଛନ୍ତି ।

ଛାଡ଼ି ଚାଲି ଯାଇଛନ୍ତି ? ଅର୍ଥଶକ୍ତି ଏପରି ଏକ ଜଗତର ସମ୍ପତ୍ତି ଯାହାକି ବିକୃତ ହୋଇ ସୃଷ୍ଟ ହୋଇଛି । ଏହା ପ୍ରାଣିକ ଜଗତର ସମ୍ପତ୍ତି; ଶ୍ରୀଅରବିନ୍ଦ ସେହି କଥା କହିଛନ୍ତି, ନୁହେଁ ? ସିଏ କହିଛନ୍ତି ଯେ ଏହା ହେଉଛି ପ୍ରାଣିକ ଏବଂ ଭୌତିକ ଜଗତର ସମ୍ପତ୍ତି । ଏବଂ ତେଣୁ ତାହା କାଳକାଳରୁ ସବୁବେଳେ ଆସୁରିକ ଶକ୍ତିଗୁଡ଼ିକର ଅଧୀନ ହୋଇ ରହିଥିଲା; ଏବଂ ଯାହା ବର୍ତ୍ତମାନ କରିବାକୁ ପଡ଼ିବ, ସେଇଟି ହେଉଛି ଯେ, ଆମକୁ ତାହାକୁ ଆସୁରିକ ଶକ୍ତିମାନଙ୍କର ହାତରୁ ପୁନର୍ବାର ବିଜୟ କରି ନେଇ ଆସିବାକୁ ହେବ ।

ସେହି କାରଣରୁହିଁ ଅତୀତ କାଳରେ ଯେଉଁମାନେ ଯୋଗର ଅଭ୍ୟାସ କରିବାକୁ କିଂବା କୌଣସି ସାଧନାର ମାର୍ଗରେ ଯିବାକୁ ଇଚ୍ଛା କରୁଥିଲେ, ସେମାନେ ଏପରି କହୁଥିଲେ ଯେ ଆମେ ଅର୍ଥକୁ ସ୍ପର୍ଶ ବି କରିବା ନାହିଁ, କାରଣ ଅର୍ଥ ହେଉଛି—ସେମାନେ ଏହିପରି କହୁଥିଲେ — ଅର୍ଥ ହେଉଛି ଏକ ପୈଶାଚିକ ପଦାର୍ଥ, ଏକ ଆସୁରିକ ବସ୍ତୁ । ଅନ୍ତତଃ କିଛି ନ ହେଲେ ତାହା ଦିବ୍ୟ ଜୀବନର ସମ୍ପୂର୍ଣ୍ଣ ବିପରୀତ । ମାତ୍ର, ଏହି ସମସ୍ତ ବିଶ୍ୱରେ ଯାହାକିଛି ରୂପାୟିତ ହୋଇ ରହିଛି, ତାହା କେବଳ ସେହି ଦିବ୍ୟ ପରମସତ୍ତ୍ୱଙ୍କ ବ୍ୟତୀତ ଆଉ କିଛି ନୁହେଁ, ଏବଂ ତେଣୁ ସବୁକିଛି ସମ୍ପୂର୍ଣ୍ଣ ଭାବରେ କେବଳ ତାଙ୍କରି ସମ୍ପତ୍ତି । ଏହି ବିଚାରକୁ ଆଧାର କରି ଶ୍ରୀଅରବିନ୍ଦ କହିଛନ୍ତି ଯେ ଅର୍ଥଶକ୍ତିମାନେ ମଧ୍ୟ ସେହି ଦିବ୍ୟ ପରମସତ୍ତ୍ୱଙ୍କର ସମ୍ପତ୍ତି । ଆମକୁ ତାହାକୁ ପୁନର୍ବାର ଜୟ କରି ଆଣିବାକୁ ପଡ଼ିବ ଓ ଦିବ୍ୟ ପରମସତ୍ତ୍ୱଙ୍କ ପାଖରେ ଆଣି ପହଞ୍ଚାଇ ଦେବାକୁ ପଡ଼ିବ । ସେଗୁଡ଼ିକ ଆସୁରିକ ଶକ୍ତିଚୟର ପ୍ରଭାବ ଭିତରେ ପଡ଼ିଯାଇଛନ୍ତି : ଦିବ୍ୟ ପରମସତ୍ତ୍ୱ ଯେପରି ଆପଣାର ରୂପାନ୍ତର-କ୍ରିୟାର କାର୍ଯ୍ୟରେ ସେଗୁଡ଼ିକୁ କାମରେ ଲଗାଇ ପାରିବେ, ସେଥିଲାଗି ଆମକୁ ସେଗୁଡ଼ିକୁ ପୁନର୍ବାର ଜୟ କରି ଆଣିବାକୁ ପଡ଼ିବ ଏବଂ ତାହାକୁ ସେହି ଦିବ୍ୟ ପରମସତ୍ତ୍ୱଙ୍କ ଅଧୀନରେ ନେଇ ରଖିବାକୁ ପଡ଼ିବ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

'oaob.nitrkl.ac.in' images reprocessed

ମାଆ, ଏହି ଅର୍ଥକୁ ମଣିଷମାନେ ତିଆରି କରିଛନ୍ତି । ତେବେ ଏହାକୁ ଆମେ ଏକ ଦିବ୍ୟ ଶକ୍ତି ବୋଲି କିପରି କହିପାରିବା ?

ହଁ ! (ମାଆ ହସି କହିଲେ) ସତେଯେପରି ତୁମେ ଏହାଦ୍ୱାରା ମୋତେ କହୁଛ : ଜଣେ ପୁରୁଷ ଓ ଜଣେ ସ୍ତ୍ରୀ ଉଭୟେ ମିଶି ଆଉଜଣେ ମନୁଷ୍ୟକୁ ଜନ୍ମ ଦେଇଛନ୍ତି, ତେବେ ଆମେ ତାହାକୁ ସର୍ବତଃ ଏକ ଦିବ୍ୟ ସୃଷ୍ଟି ବୋଲି କିପରି କହିପାରିବା ? ତୁମେ ଠିକ୍ ସେହିପରି କଥା କହୁଛ ! ସମଗ୍ର ସୃଷ୍ଟି ବାହ୍ୟତଃ ବାହ୍ୟ ବସ୍ତୁଗୁଡ଼ିକ ଦ୍ୱାରା ତିଆରି ହୋଇଛି, ମାତ୍ର ତାହାର ପଶ୍ଚାତରେ ଦିବ୍ୟ ଶକ୍ତିଗୁଡ଼ିକ ଅବସ୍ଥିତ ରହିଛନ୍ତି । ମନୁଷ୍ୟମାନେ ଉଦ୍ଭାବନ କରିଥିବା ଯାବତୀୟ ବସ୍ତୁ—କାଗଜ, ମୁଦ୍ରା ବା ଅନ୍ୟ ଯେକୌଣସି ବସ୍ତୁ,— ଏଗୁଡ଼ିକ କେବଳ ଗୋଟିଏ ଗୋଟିଏ ଅଭିବ୍ୟକ୍ତିର ମାଧ୍ୟମ ବ୍ୟତୀତ ଆଉ କିଛି ନୁହନ୍ତି । ପ୍ରକୃତରେ ଆଉ କିଛି ନୁହନ୍ତି । ଟିକିଏ ଆଗରୁ ମୁଁ ଏକଥା କହୁଛି, ଏହା ସ୍ୱୟଂ ଶକ୍ତିଟି ନୁହେଁ, ଏଇଟି ହେଉଛି ଜଡ଼ର ଭୂମି ଉପରେ ତାହାର ଅଭିବ୍ୟକ୍ତି ଏବଂ ମନୁଷ୍ୟମାନେହିଁ ତାହାକୁ ସୃଷ୍ଟି କରିଛନ୍ତି । ମାତ୍ର ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଚିରାଚରିତ କଥା । ଉଦାହରଣସ୍ୱରୂପ, ଏପରି ଦେଶସବୁ ଅଛି ଯେଉଁଠାରେ କି ମୁଦ୍ରା ବଦଳରେ ସାନସାନ କଉଡ଼ିର ବ୍ୟବହାର-ବନ୍ଦୋବସ୍ତ କରାଯାଏ । ଏପରି ଦେଶସବୁ ବି ରହିଛି,···କୋଉଠି ଜଣେ ବ୍ୟକ୍ତି ଏହିପରି ଗପଟିଏ ଲେଖିଛନ୍ତି : ଉତ୍ତରାଞ୍ଚଳରେ ମାଛଧରିବାର କଣ୍ଟାର ଅଧିକାରୀ ହେବାକୁହିଁ ଧନର ଅଧିକାରୀ ହେବା ବୋଲି ବୁଝାଯାଏ । ଏବଂ ଯାହା ପାଖରେ ଏହି କଣ୍ଟା ସବୁଠାରୁ ଅଧିକ ସଂଖ୍ୟାରେ ରହିଛି ସେଠାରେ ସେଇ ହେଉଛି ସବୁଠାରୁ ବଡ଼ ଧନୀ । ଏହି କଣ୍ଟାସବୁ କ'ଣ, ତୁମେମାନେ ଜାଣିଛ, ନୁହେଁ ?—ଲୁହାରେ ତିଆରି ହୋଇଥିବା କଣ୍ଟା, ମାଛ ଧରିବା ସମୟରେ କାମରେ ଲଗେ । ତାହାକୁ ସୂତା ଅଗରେ ବାନ୍ଧି ଦିଆଯାଏ । ତେଣୁ, ଯାହା ପାଖରେ ଏହି କଣ୍ଟାଗୁଡ଼ିକ ଅଜସ୍ର ସଂଖ୍ୟାରେ ରହିଛି, ତାହାକୁହିଁ ଲକ୍ଷପତି ବା କୋଟିପତି ବୋଲି କହିବାକୁ ହେବ !

ଏହା ଏହିପରି ଭାବରେ ଚାଲି ଆସିଛି । ତା'ପଛରେ ଯେଉଁ ଶକ୍ତି ଆରୋପିତ ହୋଇ ରହିଛି, ମୁଁ ବର୍ତ୍ତମାନ ତାହାର କଥା କହୁଥିଲି । ଏବଂ ସେହି ଶକ୍ତି ଆପଣାକୁ ଯାବତୀୟ ପ୍ରକାରେ ରୂପାୟିତ କରିଥାଏ । ଉଦାହରଣସ୍ୱରୂପ, ସୁନା ଉପରେ ମଧ୍ୟ ମନୁଷ୍ୟମାନେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟର ଆରୋପଣ କରିଛନ୍ତି । କାରଣ ସବୁ ଧାତୁମାନଙ୍କ ଭିତରେ ସୁନାହିଁ ସବୁଠାରୁ କମ୍ ପରିମାଣରେ କ୍ଷୟ ହୋଇଥାଏ । ପ୍ରାୟ ଅନନ୍ତକାଳ ପାଇଁ ତାହାକୁ ସଂରକ୍ଷିତ କରି ରଖା ଯାଇପାରେ । ଏବଂ ଏହାହିଁ ଏକମାତ୍ର କାରଣ, ଏହା ବ୍ୟତୀତ ଆଉ ଅନ୍ୟ କୌଣସି କାରଣ

'oaob.nitrkl.ac.in' images reprocessed

ନାହିଁ । ମାତ୍ର ଏହିପରି ଚାଲି ଆସିଛି ବୋଲି ଏପରି ହୋଇଛି । ତାହାର ପ୍ରମାଣ ହେଉଛି ଯେ, ଯେତେବେଳେ ଗୋଟାଏ ନୂଆ ସୁନାଖଣିର ସନ୍ଧାନ ମିଳୁଛି ଓ ସୁନା ଖୋଳିବା ଆରମ୍ଭ ହୋଇଯାଉଛି, ସେତେବେଳେ ସୁନାର ମୂଲ୍ୟ ତଳକୁ ଖସି ଆସୁଛି । ଏସବୁ ମଣିଷମାନଙ୍କ ମଧ୍ୟରେ ଚାଲି ଆସୁଥିବା କେବଳ ଗୋଟିଏ ଗୋଟିଏ ପରମ୍ପରା । ମାତ୍ର ଏହି କାରଣରୁ ଯେ ଅର୍ଥ ଏକ ଶକ୍ତିରେ ପରିଣତ ହେଉଛି, ସେକଥା ମୋଟେ ନୁହେଁ । ପଶ୍ଚାତରେ ରହିଥିବା ସାମର୍ଥ୍ୟଟିରୁ ତାହା ସମ୍ଭବ ହେଉଛି । ଅଳ୍ପ ସମୟ ପୂର୍ବରୁ ମୁଁ ଯେପରି କହୁଥିଲି, ସେହି ଶକ୍ତିହିଁ ଯାବତୀୟ ବସ୍ତୁକୁ ଆକର୍ଷିତ କରି ଆଣିପାରେ ଓ ତାହାକୁ କାମରେ ଲଗାଇପାରେ, ଯାବତୀୟ ଭୌତିକ ବସ୍ତୁକୁ ଆକର୍ଷିତ କରିପାରେ ଓ କାର୍ଯ୍ୟରେ ଲଗାଇପାରେ ।

ତେଣୁ, ଏକ ନିର୍ଦ୍ଦିଷ୍ଟ ଚଳଣି ଅନୁସାରେ ଏହାର ବ୍ୟବହାର ହୁଏ । ଏକଥା ବି ଆମେ ସମସ୍ତେ ବୁଝିପାରିବା ଯେ, ଧନ କହିଲେ ଏବେ ପ୍ରତୀକଧର୍ମମୂଳକ ଭାବରେ ଖଣ୍ଡେ ଖଣ୍ଡେ କାଗଜକୁ ବୁଝାଇଥାଏ । ସେହି କାଗଜଗୁଡ଼ିକ ଭାରି ମଇଳା ହୋଇ ଯାଆନ୍ତି ଓ ସେଗୁଡ଼ିକ ଉପରେ କ'ଣସବୁ ଛପା ହୋଇଥାଏ । ସେଗୁଡ଼ାକ ପ୍ରକୃତରେ ଭାରି ବିରକ୍ତିକର ପଦାର୍ଥ, ଅଧିକାଂଶ ସମୟରେ କେବଳ ଚୂଲି ଲଗାଇବାକୁ ଯୋଗ୍ୟ । ମାତ୍ର ତାହାକୁ ଲୋକେ କୋଟିନିଧି ପରି ଭାବନ୍ତି । କାହିଁକି ଭାବନ୍ତି ? କାରଣ ଚଳଣି ସେହିପରି ଭାବରେ ରହିଆସିଛି । ତଥାପି, ଯିଏ ତାହାକୁ ଆକର୍ଷିତ କରି ଆଣିପାରୁଛି ଓ କୌଣସି ଭଲ କାମ ପାଇଁ ଲଗାଇ ପାରୁଛି, ଏହି ପୃଥିବୀର କଲ୍ୟାଣ ବୃଦ୍ଧି କରିବାରେ, — ପୃଥିବୀର କଲ୍ୟାଣ ଓ କୁଶଳ ବଢ଼ାଇବାରେ ତାହାକୁ କାମରେ ଲଗାଇ ପାରୁଛି, ସେହି ବ୍ୟକ୍ତିର ଅର୍ଥଶକ୍ତି ଉପରେ ଅବଶ୍ୟ ଏକ ଅଧିକାର ସାମର୍ଥ୍ୟ ରହିଛି, ଅର୍ଥାତ୍ ମୁଦ୍ରାର ପଶ୍ଚାତରେ ରହିଥିବା ଶକ୍ତି ଉପରେ ଏକ କର୍ତ୍ତୃତ୍ୱ ରହିଛି ।

ଫରାସୀ ଭାଷାରେ ପଇସାକୁ "argent" ବୋଲି କୁହାଯାଏ । "argent" କହିଲେ ଗୋଟିଏ ପ୍ରକାରର ଧଳା ରଙ୍ଗର ଧାତୁକୁ ମଧ୍ୟ ବୁଝାଏ, ଯାହାକି କିଛିଟା ଅଧିକ ପରିମାଣରେ ··· ଯାହାକି ଅନ୍ୟାନ୍ୟ ଧାତୁ ଅପେକ୍ଷା ଟିକିଏ ଅଧିକ ସୁନ୍ଦର ଦିଶେ ଏବଂ ଟିକିଏ ଅଧିକ ସ୍ଥାୟୀ ହୋଇଥାଏ । ଯାହା ଦେହରେ ମୋଟେ ସହଜରେ କଳଙ୍କି ଲାଗେ ନାହିଁ ଏବଂ ତେଣୁ ଯାହା ନଷ୍ଟ ହୋଇଯାଏ ନାହିଁ । ତେଣୁ ତାହାକୁ "ମୁଦ୍ରା" ବା argent ବୋଲି କୁହାଯାଏ । ଏବଂ, ଅର୍ଥଟିକୁ ଏକ ଅଧିକ ପ୍ରସାର ଦେଇ, ଯାବତୀୟ ଧନ ସମ୍ପତ୍ତିକୁ ମଧ୍ୟ argent ବୋଲି ଅଭିହିତ କରାଯାଏ । ମାତ୍ର ବସ୍ତୁତଃ ଉପାଦାନ ଦୃଷ୍ଟିରୁ ତାହା କାଗଜକୁ ବୁଝାଏ, ସୁନାକୁ ବୁଝାଏ ବା ବେଳେବେଳେ

'oaob.nitrkl.ac.in' images reprocessed

କେତେକ ଲିଖିତ ଦଲିଲକୁହିଁ ବୁଝାଏ ।... କାରଣ କେତେକେତେ ବୃହତ୍ ସମ୍ପତ୍ତିକୁ କେବଳ କାଗଜ ଉପରେ ଏକ ସଂଖ୍ୟାକାରରେ ଲେଖା ଯାଇଥାଏ; ଏପରିକି ମୁଦ୍ରା ବୋଲି ଚଳୁଥିବା କାଗଜ ଉପରେ ନୁହେଁ, ମାତ୍ର କେବଳ ଖାତାମାନଙ୍କରେ ଲେଖା ହୋଇ ରହିଥାଏ । ଏହି ପୃଥିବୀକୁ ନିୟନ୍ତ୍ରିତ କରି ରଖିଥିବା ଏପରି ବିପୁଳ ଅର୍ଥ ସମ୍ପତ୍ତି ରହିଛି, ଯାହାକୁ କି ଠିକ ସେହିପରି ଭାବରେ କାଗଜ ଉପରେ ଲେଖି ରଖାଯାଇଥାଏ — ମଣିଷମାନଙ୍କ ଭିତରେ ହୋଇଥିବା କେତେକ ଦଲିଲ ଏବଂ ରାଜିନାମା ସହିତ ଲେଖା ହୋଇ ରହିଥାଏ । ସେହି ସମ୍ପତ୍ତି ବୃଦ୍ଧିପ୍ରାପ୍ତ ହୋଇପାରେ, ପରିମାଣରେ ତିନିଗୁଣ, ଶତଗୁଣ ବା ଦଶଗୁଣ ବି ହୋଇପାରେ କିଂବା ତା' ନ ହେଲେ ସମ୍ପୂର୍ଣ୍ଣ ଭାବରେ ମୂଲ୍ୟହୀନ ବି ହୋଇ ପଡ଼ିପାରେ । ଲୋକେ ପଇସାର ମାଧ୍ୟମରେ କେତେକ'ଣ କିଣନ୍ତି; ସୁନା କିଣନ୍ତି, ଚିନି କିଣନ୍ତି, ଶସ୍ୟ, ଜମି ବା ଯାବତୀୟ ଆଉସବୁ ମଧ୍ୟ କିଣନ୍ତି,—ମାତ୍ର ସେହି କ୍ଷେତ୍ରରେ ଏସବୁ କିଛିହେଲେ ନ ଥାଏ । ସୁନା ନ ଥାଏ, ଚିନି ନ ଥାଏ, ଶସ୍ୟ ନ ଥାଏ କି କିଛି ନ ଥାଏ । ସବୁକିଛି କେବଳ କାଗଜ ଉପରେ ଲେଖାହୁଏ । ଏହିପରି ଭାବରେ କେହି ହୁଏତ ଲକ୍ଷଲକ୍ଷ ଟଙ୍କାର ସୁନା କିଣିଥାଏ, ମାତ୍ର ସେହି ବସ୍ତୁସ୍ଥାନରେ ନଖରେ ନଖେ ସୁନା ବି ମହଜୁଦ ନ ଥାଏ । ସବୁକିଛି କାଗଜରେହିଁ ରହିଥାଏ । ଏବଂ, ଏହିପରି ଭାବରେ, କିଛିଦିନ ଉତ୍ତାରୁ ତୁମେ ସେହି ସୁନାକୁ ପୁନର୍ବାର ବିକ୍ରୟ କରିଦିଅ । ଯଦି ଇତିମଧ୍ୟରେ ସୁନାର ଦର ବଢ଼ିଥାଏ, ତେବେ ତୁମର ଅନେକ ଲାଭ ହୁଏ; ଯଦି ଦର କମିଥାଏ, ତେବେ ଗୁଡ଼ାଏ କ୍ଷତି ହୁଏ । ଏବଂ ତୁମ ପାଖରେ ଏହିସବୁ କାରବାର ବେଳେ ଟଙ୍କା ନ ଥାଏ, ସୁନା ନ ଥାଏ କି କିଛି ନ ଥାଏ । କେବଳ କାଗଜ ଥାଏ । (ସମସ୍ତେ ହସିଲେ) ଏହା ଏହିପରି ଭାବରେ ଚାଲି ଆସିଥାଏ ବୋଲି ସମ୍ଭବ ହୁଏ ।

ଆମେ ନିଜେ ଆମର ବିଚ୍ଛିନ୍ନ ଚେତନାକୁ ଦିବ୍ୟଚେତନା ମଧ୍ୟରେ କିପରି ମିଶାଇ ଦେଇ ପାରିବା ?*

ଦିବ୍ୟ ଚେତନା ମଧ୍ୟରେ ତୁମେ କିପରି ମିଶିଯାଇ ପାରିବ ?

ଦିବ୍ୟ ପରମଚେତନା ମଧ୍ୟରେ କିପରି ନିଜେ ନିଜର ବିଚ୍ଛିନ୍ନ ଚେତନାଟିକୁ ମିଶାଇ ଦେବାକୁ ପଡ଼ିବ ।*

କ'ଣ କହିଲ ? ନିଜକୁ ମିଶାଇ ଦେବାକୁ ପଡ଼ିବ ?

*ମୂଳ ପ୍ରଶ୍ନଟି ତାଙ୍କୁ ଲିଖିତ ରୂପ୍ ଭାବରେ ଦିଆଯାଇଥିଲା ।

'oaob.nitrkl.ac.in' images reprocessed

…ଆପଣାର ବିଚ୍ଛିନ୍ନତାଧର୍ମୀ ଅହଂକୁ…

“ମିଶାଇ ଦେବା” ଦ୍ୱାରା ତୁମେ କ'ଣ ବୁଝୁଛ, ମୁଁ ସେକଥା ମୋଟେ ବୁଝିପାରୁ ନାହିଁ ।

…ଦିବ୍ୟ ପରମଚେତନାରେ ।

ହଁ, ମୁଁ ମଧ୍ୟ ଠିକ୍ ସେହି ଅର୍ଥରେ କହୁଛି ।…ଆମେ ଆପଣାକୁ ମିଶାଇ ଦେଇ ପାରିବା,—ବିଲୀନ କରିଦେଇ ପାରିବା କିପରି ? ଦିବ୍ୟ ପରମସତ୍ତା ମଧ୍ୟରେ ବିଲୀନ ହୋଇ ଆପଣାର ଅହଂଟିକୁ ବିସର୍ଜନ କରିବାକୁ ହେବ,—ତୁମେ କ'ଣ ସେହି ଅର୍ଥରେ ବୁଝୁଛ ?

ସର୍ବପ୍ରଥମେ ସେଥିଲାଗି ଇଚ୍ଛା କରିବାକୁ ପଡ଼ିବ । ତା'ପରେ ଦୃଢ଼ ଅଧ୍ୟବସାୟ ସହିତ ଅଭୀପ୍ସା କରିବାକୁ ହେବ; ଏବଂ ସେତେବେଳେ ଆମର ଅହଂ ସେତେଥର ଆଗକୁ ବାହାରିପଡ଼ି ଆପଣାକୁ ଦେଖାଇ ହେବାକୁ ଇଚ୍ଛା କରୁଥିବ, ସେତେବେଳେ ତା' ନାକରେ ଠାଏ ମୁଥିଟିଏ ବସାଇ ଦେବାକୁ ପଡ଼ୁଥିବ (ମାଆ ଆପଣାର ନାକକୁ ମୋଡ଼ିଦେଲେ) ଏବଂ ଶେଷରେ ଏହିପରି ମୁଥି ଓ ମୋଡ଼ା ଖାଇଖାଇ ସିଏ କ୍ଲାନ୍ତ ହୋଇ ପଡ଼ିବ ଏବଂ ଏହି ଧନ୍ଦାଟିକୁ ଏକାବେଳକେ ଛାଡ଼ିଦେବ ।

ମାତ୍ର, ସାଧାରଣତଃ ଏହିପରି ହୋଇଥାଏ ଯେ, ତା'ନାକକୁ ଧରି ମୋଡ଼ି ଦେବା ପରିବର୍ତ୍ତେ ଆମେ ଅହଂ ରହିଥାଉ ବୋଲି ସମର୍ଥନ କରି କେତେ ଯୁକ୍ତି ବାଢ଼ିବାରେ ଲାଗିଥାଉ । ଯେତେବେଳେ ଅହଂ ଆପଣାର ମୁହଁ ଦେଖାଇ ବାହାରି ଆସେ, ସେତେବେଳେ ପ୍ରାୟ ସର୍ବଦା ଆମେ “ଯେତେ ଯାହା ହେଉ ପଛକେ, ତାହାର ଆବିର୍ଭାବ ଅବଶ୍ୟ ଏକ ଉଚିତ କଥା” ବୋଲି କହିଥାଉ । ଏବଂ, ଅଧିକାଂଶ ସମୟରେ ଆମେ ତାହାକୁ ଅହଂ ବୋଲି ଚିହ୍ନି ବି ପାରୁ ନାହିଁ, ତାକୁ ଆମେ ଆମେ ନିଜେ ବୋଲି ଜାଣିବାରେ ଲାଗିଥାଉ । ମାତ୍ର ଅହଂ ଲାଗି ଆଉ ଆଦୌ କୌଣସି ସ୍ଥାନ ନ ରଖିବାକୁହିଁ ସବୁଠାରୁ ଅତ୍ୟାବଶ୍ୟକ ବୋଲି ଜାଣିବା, ଏହାହିଁ ସର୍ବପ୍ରଥମ ସର୍ତ୍ତ । ଆମେ ଯେ ସେହି ଅହଂକୁ ମୋଟେ ଚାହୁଁ ନାହୁଁ, ସେକଥା ବିଷୟରେ ଆମର ଯଥାର୍ଥରେ ହୃଦ୍‌ବୋଧ ହୋଇଯିବା ଉଚିତ । ଏହା ମୋଟେ ଏଡ଼େ ସହଜ କଥା ନୁହେଁ । ଏହା ଆଦୌ ଏଡ଼େ ସହଜ ନୁହେଁ ! କାରଣ, ଆମେ ହୁଏତ ଆମର ମୁଣ୍ଡ ଭିତରେ ଶବ୍ଦଗୁଡ଼ାକୁ କେଡ଼େ ସୁନ୍ଦର ଭାବରେ ଖଞ୍ଜିଦେଇ କହି ପାରୁଥିବା, “ଆଉ ଏହି ଅହଂକୁ ମୁଁ ଆଦୌ ଚାହୁଁ ନାହିଁ । ଆଉ ମୁଁ ଦିବ୍ୟ ପରମସତ୍ତାଙ୍କଠାରୁ ଆଦୌ ବିଚ୍ଛିନ୍ନ ହୋଇ ରହିବାକୁ ଇଚ୍ଛା କରୁ ନାହିଁ ।”

'oaob.nitrkl.ac.in' images reprocessed

ମୁଣ୍ଡ ଭିତରେ ଏହି ସବୁକଥା ସଞ୍ଚାଳିତ ହେବାରେ ଲାଗିଥିବ, ମାତ୍ର କେବଳ ସେହି ମୁଣ୍ଡ ଭିତରେହିଁ ରହିଥିବ, ତୁମର ଜୀବନ ଉପରେ ତାହାର ଆଦୌ ଖୁବ୍‌ବେଶୀ ପ୍ରଭାବ ପଡ଼ି ନ ଥିବ । ମାତ୍ର, ଠିକ୍ ତା'ର ପରବର୍ତ୍ତୀ ମୁହୂର୍ତ୍ତରେହିଁ ତୁମେ ସମ୍ପୂର୍ଣ୍ଣ ଭାବରେ ଅହଂପ୍ରଣୋଦିତ ହୋଇ କାର୍ଯ୍ୟ କରିବାକୁ ବାହାରିଯିବ ଏବଂ ତାହାକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ଅନୁଭବ କରୁଥିବ । ଏକଥା ତୁମ ମନରେ ଆଦୌ କୌଣସି ବିସ୍ମୟ ମଧ୍ୟ ସୃଷ୍ଟି କରୁ ନ ଥିବ !

ଆମେ ପ୍ରଥମେ ଏହାର ପ୍ରକୃତ ଅର୍ଥଟିକୁ ବୁଝିବା ଲାଗି ଚେଷ୍ଟା କରିବା । ପ୍ରଥମ ପ୍ରଣାଳୀଟି ହେଉଛି...ଏଥିରେ ଅନେକ ପର୍ଯ୍ୟାୟ ରହିଛି...ପ୍ରଥମତଃ, ମୋଟେ ସ୍ୱାର୍ଥପର ନ ହେବା ଲାଗି ଚେଷ୍ଟା କରିବାକୁ ହେବ,—ଏହା ଏକାବେଳେକେ ଏକ ଭିନ୍ନ କଥା, ନୁହେଁ ?...ଇଂରାଜୀ ଭାଷାର ଶବ୍ଦଗୁଡ଼ିକ ଦ୍ୱାରା କଥାଟିକୁ ବୁଝିଲେ ଆମେ ସେହି ପାର୍ଥକ୍ୟଟିକୁ ମଧ୍ୟ ବୁଝିପାରିବା । ଇଂରାଜୀ ଭାଷାରେ selfish ଶବ୍ଦ ରହିଛି, egoism ଶବ୍ଦଟି ମଧ୍ୟ ରହିଛି । ego ଏବଂ selfish, —ଇଂରାଜୀ ଭାଷାରେ ଏହିପରି ଦୁଇଟି ଶବ୍ଦ ରହିଛି । ଏବଂ ଏହି ଦୁଇଟି ଶବ୍ଦ ପରସ୍ପରଠାରୁ ଏକାନ୍ତ ପୃଥକ୍ । ଫରାସୀ ଭାଷାରେ ଏହି ପାର୍ଥକ୍ୟଟିକୁ ମୋଟେ ଲକ୍ଷ୍ୟ କରି ହୁଏ ନାହିଁ । ଫରାସୀ ଭାଷାରେ "ମୁଁ ସ୍ୱାର୍ଥପର ହେବାକୁ ଇଚ୍ଛା କରୁ ନାହିଁ" ବୋଲି କୁହାଯାଏ । ମାତ୍ର ଏଇଟି ଏକ ଭାରି ଗ୍ରୋଟ କଥା, ଭାରି ଗ୍ରୋଟ କଥା । ଆଉ ସ୍ୱାର୍ଥପର ହୋଇ କାର୍ଯ୍ୟ କରୁ ନ ଥିଲେ ଲୋକମାନେ ତଦ୍ଦ୍ୱାରା କେତେବଡ଼ କ'ଣଟାଏ କରିପାରିଲେ ବୋଲି ଭାବିଥାନ୍ତି, କେତେ ଅଗ୍ରଗତି କଲେ ବୋଲି ମନେ କରିଥାନ୍ତି । ମାତ୍ର ସେଇଟା ଅତି ଅଳ୍ପ କଥା । ଏହା କେବଳ ସ୍ୱାର୍ଥପର ହେବାର ହାସ୍ୟାସ୍ପଦତା ବିଷୟରେ ଏକ ହୃଦ୍‌ବୋଧ ଲାଭ କରିବାକୁହିଁ ବୁଝାଇଥାଏ । ଏହି ସ୍ୱାର୍ଥପର ବ୍ୟକ୍ତିମାନେ ପ୍ରକୃତରେ କେତେ ହାସ୍ୟାସ୍ପଦ ହୋଇ ଯେ ରହିଥାନ୍ତି, ତୁମେ ସେକଥା କଳ୍ପନା କରି ପାରିବ ନାହିଁ ।

ସେମାନେ ସର୍ବଦା କେବଳ ଆପଣା ବିଷୟରେ ଭାବୁଥାନ୍ତି, ସବୁକଥାକୁ ନେଇ ଆପଣା ସହିତ ଯୋଡ଼ି ଦେଉଥାନ୍ତି, କେବଳ ନିଜ ଭିତରେ ଥିବା କ୍ଷୁଦ୍ର ବ୍ୟକ୍ତିଟି ଦ୍ୱାରାହିଁ ଶାସିତ ହେଉଥାନ୍ତି, ଆପଣାକୁ ସର୍ବଦା ଏହି ସମଗ୍ର ଦୃଷ୍ଟିର କେନ୍ଦ୍ରରେ ନେଇ ବସାଇ ଦେଇଥାନ୍ତି ଏବଂ ଭଗବାନଙ୍କ ସମେତ ଏହି ସମଗ୍ର ବ୍ରହ୍ମାଣ୍ଡକୁ ଆପଣାର ଚତୁର୍ଦ୍ଦିଗରେ ସୁସଂଗଠିତ କରି ରଖିବାକୁ ମନ କରିଥାନ୍ତି । ସତେ ଯେପରି ସେହିମାନେ ହେଉଛନ୍ତି ଏହି ବିଶ୍ୱଜଗତର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ! ଆମେ ଆପଣାକୁ ଯଦି ଏକେଟିକିଏ ନିରପେକ୍ଷ ଓ ବିଷୟନିଷ୍ଠ ଭାବରେ ଦେଖିପାରୁଥାନ୍ତେ, — ଦର୍ପଣ ଉପରେ ଆପଣାକୁ ଦେଖିପାରୁଥିବା ଭଳି

'oaob.nitrkl.ac.in' images reprocessed

ଆପଣାକୁ ନିଜର ଜୀବନଟିକୁ ବଞ୍ଚୁଥିବାର ଦେଖି ପାରୁଥାନ୍ତେ, —ତେବେ କେତେ କ'ଣ ବିରୂପ ଓ ବିକଟ ହୋଇ ରହିଥିବାର ଦେଖିବାକୁ ପାଆନ୍ତେ ! (ମାଆ ହସିକରି କହିଲେ) ଜଣେ ମଣିଷ ପାଇଁ ସେତିକି ହୁଏତ ଯଥେଷ୍ଟ ହେଉଥାନ୍ତା ··· ହଠାତ୍ ଅନୁଭବ ହେବାକୁ ଲାଗେ ଯେ ଆମେ ପ୍ରକୃତରେ ଆପଣାକୁ ଏକାନ୍ତ ଭାବରେ ହାସ୍ୟାସ୍ପଦ କରିଦେବାକୁ ଯାଉଛୁ !

ଫରାସୀରେ ଥରେ ଗୋଟାଏ କଥା ପଢ଼ିଥିବାର ମୋର ମନେ ପଡ଼ୁଛି — ଅନ୍ୟ କୌଣସି ଭାଷାରୁ ତାହା ଫରାସୀ ଭାଷାକୁ ଅନୁବାଦ କରାଯାଇଥିଲା — ରବୀନ୍ଦ୍ରନାଥ ଠାକୁରଙ୍କର ସେହି ବାକ୍ୟଟି ଯାହାକି ମୋ' ପାଇଁ ମୋତେ ବେଶ୍ ଉପଭୋଗ୍ୟ ହୋଇଥିଲା । ସିଏ ଗୋଟିଏ ସାନ କୁକୁର ବିଷୟରେ କହୁଥିଲେ । ସିଏ କହିଥିଲେ—ତାକୁ ସିଏ ଆଉ କାହା ସହିତ ତୁଳନା କରିଥିଲେ ··· ବର୍ତ୍ତମାନ ମୋର ଠିକଣାଠି ଭାବରେ ସବୁକଥା ମୋଟେ ମନେ ନାହିଁ, ମାତ୍ର ଏହି କଥାଟାହିଁ ଭାରି ଉଲ୍ଲେଖଯୋଗ୍ୟ ବୋଲି ମନେ ହୋଇଥିଲା; ସାନ କୁକୁରଟି ତା'ର ମାଲିକାଣୀଙ୍କ କୋଳରେ ବସିଥିଲା ଏବଂ ଆପଣାକୁ ବିଶ୍ୱଜଗତର କେନ୍ଦ୍ରରୂପେ କଳ୍ପନା କରିବାରେ ଲାଗିଥିଲା । ଏହି କଥାଟା ମୋତେ ଭାରି ଉଲ୍ଲେଖଯୋଗ୍ୟ ପରି ମନେହେଲା । ଏହା ପ୍ରକୃତରେ ଏକ ସତ କଥା । ମୁଁ ବି ଏହିପରି ଗୋଟିଏ ସାନ କୁକୁରକୁ ଜାଣିଥିଲି । ମାତ୍ର ଏହିଭଳି କେତେ ଅଛନ୍ତି ଏବଂ ସମସ୍ତେ ପ୍ରାୟ ସେହିପରି ହୋଇ ରହିଥାନ୍ତି । ସମସ୍ତେ ସେମାନଙ୍କ ଉପରେହିଁ ଦୃଷ୍ଟି ରଖିଥାନ୍ତୁ ବୋଲି ସେମାନେ ଇଚ୍ଛା କରିଥାନ୍ତି ଏବଂ ବସ୍ତୁତଃ ଏଥିରେ ଚମତ୍କାର ସଫଳତା ମଧ୍ୟ ହାସଲ କରନ୍ତି । କାରଣ, ଯେଉଁଠି ସାନ କୁକୁରଟିଏ ଥାଏ, ସାନ ପିଲାଟିଏ ଥିବାବେଳେ ଯେପରି ହୁଏ, ଠିକ୍ ସେହିପରି ଭାବରେ ତା'ଉପରେ ସମସ୍ତଙ୍କର ଦୃଷ୍ଟି ରହିଥାଏ ।

ତୁମେମାନେ କ'ଣ ଏକଥା କେବେ ଲକ୍ଷ୍ୟ କରି ଦେଖି ନାହଁ ଯେ, ଏତିକି ଉଚ୍ଚ (ମାଆ ଉଚ୍ଚତାଟିକୁ ସଙ୍କେତ ଦେଇ ଦେଖାଇଦେଲେ) ପିଲାଟିଏ ଯଦି ଆସି କେଉଁଠି ପହଞ୍ଚିଯାଏ, ତେବେ ସେଠାରେ ସବୁକିଛି ସଙ୍ଗେ ସଙ୍ଗେ ବନ୍ଦ ହୋଇଯାଏ ? ତା'ପୂର୍ବରୁ ଲୋକମାନେ କଥାବାର୍ତ୍ତା ହେଉଥାନ୍ତି, କେତେ ଆଗ୍ରହୋଦ୍ଦୀପକ ବିଷୟ ପକାଉଥାନ୍ତି, ଉଚ୍ଚତର କୌଣସି ଏକ ବିଷୟକୁ ନେଇ ବ୍ୟସ୍ତ ରହିଥାନ୍ତି; ମାତ୍ର ଯେମିତି ପିଲାଟି ଆସି ସେଠାରେ ପହଞ୍ଚିଯାଏ, ସେମିତି ସମସ୍ତେ ମୂରୁକି ହସିବାକୁ ଆରମ୍ଭ କରନ୍ତି, ପିଲାଟିକୁ ଅନୁକରଣ କରି କିଛି କହନ୍ତି ବା କରନ୍ତି, ପିଲାଟିର ମୁହଁରୁ କିଛି କଥା ବାହାର କରାଇବାକୁ ଚେଷ୍ଟା କରନ୍ତି, ତା'ଉପରେ ଆପଣାର ସବୁଯାକ ଦୃଷ୍ଟି ନେଇ ଅଜାଡ଼ି ଦିଅନ୍ତି ।

'oaob.nitrkl.ac.in' images reprocessed

ପିଲାଟିଏ ଘାଟରେ ଆଣି କେଉଁଠାରେ ପହଞ୍ଚିଗଲେହିଁ ଉପସ୍ଥିତ ସମସ୍ତେ ତା' ବିଷୟରେ କେତେ କ'ଣ ପୃଚ୍ଛପୁଚ୍ଛ ଆରମ୍ଭ କରିଦଅନ୍ତି, ତାକୁ କୋଳକୁ ନେବାକୁ ଚାହାନ୍ତି, ତା' ମୁହଁରୁ କଥା ବାହାର କରିବାରେ ଲାଗିଯାଆନ୍ତି । ତେଣୁ ପିଲାଟି ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣାକୁ ବିଶ୍ୱଜଗତର କେନ୍ଦ୍ର ବୋଲି ଅନୁଭବ କରିବାକୁ ଲାଗେ । ଏପରି ହେବା ଅତ୍ୟନ୍ତ ସ୍ୱାଭାବିକ !

କୁକୁରଛୁଆ ବେଳକୁ ମଧ୍ୟ ଠିକ୍ ସେହି କଥା, ବିଲେଇଛୁଆ ବେଳକୁ ମଧ୍ୟ ସେହି କଥା ! ଏହା ଗୋଟାଏ ପ୍ରକାରର ··· ଏହା ହେଉଛି, ଆପଣାଠାରୁ ସାନ କୌଣସି ବସ୍ତୁକୁ ସୁରକ୍ଷା ଦେବାର ଆବଶ୍ୟକତାର ଏକ ଅତି ନିକୃଷ୍ଟ ବିକୃତିମାତ୍ର । ଏବଂ ଏହା ହେଉଛି ଅହଂ ଆପଣାକୁ ଅହଂଶୂନ୍ୟ ଭାବରେ ପ୍ରକାଶ କରିବାକୁ ଚେଷ୍ଟା କରୁଥିବାର ଏକ ପଦ୍ଧତି, ଏକ ବହୁ ପ୍ରାଚୀନ ପଦ୍ଧତି । ଯାହାକୁ ସୁରକ୍ଷା ଦେଇ ପାରିଲେ ତାହା ପ୍ରକୃତରେ କେତେ ଆରାମ ଅନୁଭବ କରେ, ଆପଣାଠାରୁ ଅନେକ ଶ୍ରେଷ୍ଠ, ଅଧିକ ଦୁର୍ବଳ, — ଯିଏକି ସମ୍ପୂର୍ଣ୍ଣ ଭାବରେ ତା'ର ମର୍ଜି ଉପରେ ନିର୍ଭର କରୁଥାଏ, ପ୍ରାୟ ସମ୍ପୂର୍ଣ୍ଣ ଭାବରେ ତାହାରି ଅନୁକମ୍ପାଧୀନ ହୋଇ ରହିଥାଏ, ପ୍ରତିରୋଧ କରିବା ଲାଗି ଯାହା ପାଖରେ ଆଦୌ କୌଣସି ବଳ ନ ଥାଏ, ସେହିପରି କୌଣସି ବସ୍ତୁକୁ ନେଇ ଯିଏ ବ୍ୟସ୍ତ ହୋଇ ରହିବାକୁ କେତେ ଭଲ ନ ପାଏ ! ତେଣୁ, ତାକୁ ଗୋଡ଼ତଳେ ଦଳି ପକାଇ ନଷ୍ଟ କରି ଦେଉ ନାହିଁ ବୋଲି ମଣିଷ ଆପଣାକୁ କେଡ଼େ ଭଲ ଓ କେଡ଼େ ଉଦାର ବୋଲି ଅନୁଭବ କରିଥାଏ !

ପୃଥିବୀରେ ଏହିପରି ଭାବରେହିଁ ଉଦାରତାର ସର୍ବପ୍ରଥମ ପରିପ୍ରକାଶ ଘଟିଥିଲା । ମାତ୍ର ଏସବୁ, ଏହାର ପଶ୍ଚାତକୁ ଓ ଏହାର ଊର୍ଦ୍ଧ୍ୱକୁ କହିନ୍ତୁ ଦୃଷ୍ଟିପାତ କରିବାକୁ ସମର୍ଥ ହେଲେ ଏହା ତୁମକୁ ପ୍ରକୃତରେ ସ୍ୱାର୍ଥପର ହେବାର ପ୍ରମାଦ ଭିତରୁ ମୁକ୍ତ କରି ଆଣିବ । କାରଣ ଏହା ପ୍ରକୃତରେ ଏକ ବଡ଼ ହାସ୍ୟାସ୍ପଦ କଥା ! ପ୍ରକୃତରେ ବଡ଼ ହାସ୍ୟାସ୍ପଦ ।

ତେଣୁ, ଆପଣାର ଅହଂକୁ ନେଇ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଲୀନ କରିଦେବା ପୂର୍ବରୁ ଆମକୁ ଅନେକ, ଅନେକ ବାଟ ଯିବାକୁ ପଡ଼ିବ ।

ଆପଣାର ଅହଂକୁ ନେଇ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଲୀନ କରିଦେବା ! ମାତ୍ର ପରିପୂର୍ଣ୍ଣ ଭାବରେ ନିଜକୁ ଜଣେ ବ୍ୟକ୍ତିରେ ପରିଣତ କରିବା ପୂର୍ବରୁ ନିଜର ଅହଂକୁ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଲୀନ କରିଦେବା କଦାପି ସମ୍ଭବ ହେବ ନାହିଁ । ନିଜକୁ ପରିପୂର୍ଣ୍ଣ ଭାବରେ ଜଣେ ବ୍ୟକ୍ତିରେ ପରିଣତ କରିବାର ଅର୍ଥ

'oaob.nitrkl.ac.in' images reprocessed

କ'ଣ ଜାଣିଛ ? ବାହାରର ଯାବତୀୟ ପ୍ରଭାବର ପ୍ରତିରୋଧ କରିବାକୁ ସମର୍ଥ ହେବା,— ଏହାହିଁ କ'ଣ ତା'ର ଅର୍ଥ ହେବ ?

କେତେଦିନ ତଳେ ମୁଁ ଜଣକ ପାଖରୁ ଖଣ୍ଡେ ଚିଠି ପାଇଥିଲି । ସେ ସେଥିରେ ଲେଖିଥିଲେ ଯେ, ସାଧାରଣ ସାହିତ୍ୟର ବହିସବୁ, ଉଦାହରଣସ୍ୱରୂପ ଉପନ୍ୟାସ ବା ନାଟକମାନ ପଢ଼ିବାକୁ ସିଏ ସର୍ବଦା ଅତ୍ୟନ୍ତ ଘୃଣା ଅନୁଭବ କରନ୍ତି, କାରଣ, ଏହିସବୁ ବହିରେ ବର୍ଣ୍ଣିତ ହୋଇଥିବା ଚରିତ୍ରଗୁଡ଼ିକ ଦ୍ୱାରା ପ୍ରଭାବିତ ହେବାକୁ, ସେହି ଚରିତ୍ରଗୁଡ଼ିକର ଅନୁଭୂତି ଏବଂ ଭାବନାଗୁଡ଼ିକୁ ସ୍ୱୟଂ ବଞ୍ଚିବା ଲାଗି ଆରମ୍ଭ କରିବାକୁ, ଅର୍ଥାତ୍ ସେହି ବ୍ୟକ୍ତିମାନଙ୍କର ପ୍ରକୃତିକୁ ନିଜ ପ୍ରକୃତିରେ ପରିଣତ କରିବାକୁ ତାଙ୍କ ଭିତରେ ପ୍ରାୟ ଏକ ଅନତିକ୍ରମ୍ୟ ପ୍ରବୃତ୍ତି ରହିଛି । ଆମେ ସାଧାରଣତଃ ଯେତିକି ବୋଲି ଭାବିବାକୁ ଇଚ୍ଛା କରୁ, ତା'ଠାରୁ ଅନେକ ଅଧିକ ସଂଖ୍ୟାରେ ସେହି କିସମର ଲୋକମାନେ ରହିଛନ୍ତି । ସେମାନେ କୌଣସି ଗୋଟିଏ ବହି ପଢ଼ନ୍ତି ଓ ତାହାକୁ ପଢ଼ିଲା ବେଳେ ଆପଣା ଭିତରେ ଯାବତୀୟ ପ୍ରକାରର ସଂବେଗ, ଭାବନା, ବାସନା, ଅଭିପ୍ରାୟ, ଯୋଜନା ଓ ଏପରିକି ଆଦର୍ଶଗୁଡ଼ାକୁ ମଧ୍ୟ ଅନୁଭବ କରିବାରେ ଲାଗିଥାନ୍ତି । ସେମାନେ ସେହି ବହିଟିକୁ ପଢ଼ିବା ଭିତରେ ସବୁକୁସବୁ ଗୋଟାପୂରା ଗିଳି ଯାଆନ୍ତି । ଏବିଷୟରେ ସେମାନଙ୍କର କୌଣସି ସଚେତନତା ମଧ୍ୟ ନ ଥାଏ, କାରଣ ଜଣେ ବ୍ୟକ୍ତିର ଶରୀରରେ ଅନ୍ତତଃ ଅନେକତ ଭାଗ ସତେଅବା କଅଁଳ ଲହୁଣିରେ ତିଆରି ହୋଇ ରହିଥାଏ,—ଅବଶ୍ୟ ସେହି ଲହୁଣୀ ମୋଟେ ଖାଇବାର ଯୋଗ୍ୟ ନୁହେଁ··· ମାତ୍ର ତା'ଉପରେ ବୁଢ଼ା ଅଙ୍ଗୁଠିଟିକୁ ନେଇ ମାଡ଼ିଦେବା ମାତ୍ରକେ ସଙ୍ଗେ ସଙ୍ଗେ ଗୋଟିଏ ଦାଗ ରହିଯିବ ।

ଏବଂ, ସବୁକିଛି କଥା ପ୍ରକୃତରେ ଏହି "ବୁଢ଼ା ଆଙ୍ଗୁଠି"ର କାର୍ଯ୍ୟ କରି ପାରିବ : ବ୍ୟକ୍ତ ହୋଇଥିବା ଏକ ଭାବନା, ପାଠ କରାଯାଇଥିବା ଗୋଟିଏ ବାକ୍ୟ, ଆମ ଦୃଷ୍ଟି ପଡ଼ୁଥିବା କୌଣସି ବସ୍ତୁ, ଆଉ ଜଣେ ବ୍ୟକ୍ତି କରୁଥିବା କୌଣସି ଏକ କାର୍ଯ୍ୟର ଅବଲୋକନ, ଏବଂ ଆପଣାର ଜଣେ ପ୍ରତିବେଶୀ ଯାହା ଇଚ୍ଛା କରୁଛି, ତାହାର ନିରୀକ୍ଷଣ,—ଏହି ସବୁକିଛି ବୁଢ଼ାଆଙ୍ଗୁଠିର କାର୍ଯ୍ୟ କରିପାରିବ । ଏବଂ ଏହି ସବୁଯାକ ଇଚ୍ଛା··· ଯେତେବେଳେ ସବୁଗୁଡ଼ିକ ଏହିପରି ପରସ୍ପର ସହିତ ଛନାଛନି ହୋଇ ବିଦ୍ୟମାନ ରହିଛନ୍ତି ବୋଲି ଆମର ଦୃଷ୍ଟି ପଡ଼ିଯିବ, (ମାଆ ନିଜର ହାତ ଅଙ୍ଗୁଠିଗୁଡ଼ିକୁ ଛନ୍ଦିକରି ଦେଖାଇଦେଲେ) — ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଅନ୍ୟମାନଙ୍କୁ ଟପି ସବା ଉପରକୁ ଆସିବା ସକାଶେ ଚେଷ୍ଟା କରୁଛନ୍ତି ଏବଂ ଭିତରେ ତଥା ବାହାରେ ଗୋଟାଏ ପ୍ରକାରର ଚିରନ୍ତନ ଦ୍ୱନ୍ଦ୍ୱ ଲଗାଇ ରଖିବାରେ ଲାଗିଛନ୍ତି··· ଏହା ସତେଯେପରି ବିଦ୍ୟୁତ୍‌ଶକ୍ତିର ସ୍ରୋତ ପରି ଲୋକ-

ମାନଙ୍କ ଭିତରେ ପ୍ରବେଶ କରିବାରେ ଲାଗିଥାଏ ଓ ସେମାନଙ୍କ ଭିତରୁ ବାହାରକୁ ଯିବାରେ ଲାଗିଥାଏ । ଆମେ ଏବିଷୟରେ ଆଦୌ ସଚେତନ ହୋଇପାରୁ ନାହିଁ, ଏବଂ ଆପଣାକୁ ବ୍ୟକ୍ତ କରି ଆଣିବାକୁ ଚେଷ୍ଟା କରୁଥିବା ଏହି ଇଚ୍ଛାଗୁଡ଼ିକହିଁ ଏକ ଚିରନ୍ତନ ଦ୍ୱନ୍ଦ୍ୱ ସୃଷ୍ଟି କରି ରଖିଥାନ୍ତି । ସେମାନଙ୍କ ଭିତରୁ ଯେଉଁ ଇଚ୍ଛାଟି ସବୁଠାରୁ ଅଧିକ ବଳବାନ୍, ଶେଷକୁ ସେଇଟିହିଁ ସଫଳତା ଲାଭ କରେ । ମାତ୍ର, ଏହି ଇଚ୍ଛାଗୁଡ଼ିକ ବହୁସଂଖ୍ୟାରେ ରହିଥିବାରୁ ଏବଂ ଏକ ବୃହତ୍ତର ସଂଖ୍ୟା ବିରୁଦ୍ଧରେ ଏକୁଟିଆ ହୋଇ ଯୁଝିବାକୁ ପଡ଼ୁଥିବାରୁ ଏହା ମୋଟେ ସହଜ ହୁଏ ନାହିଁ ।

ତେଣୁ ସମୁଦ୍ରର ଢେଉଗୁଡ଼ାକ ଉପରେ ସତେଅବା ଗୋଟିଏ ସୋଲଠିପି ପରି ଏପାଖ ସେପାଖ ହେବାକୁ ପଡ଼ୁଥାଏ । ଆଜି ଏକଥାକୁ ମନ ହୁଏ, ତହିଁ ଆରଦିନ ସେକଥାକୁ ମନ ହୁଏ; ଏହି ମୁହୂର୍ତ୍ତରେ କିଏ ଏପାଖରୁ ଠେଲିବାରେ ଲାଗିଥାଏ ତ ଆଉ ଗୋଟିଏ ମୁହୂର୍ତ୍ତରେ ଆଉ କିଏ ସେପାଖରୁ ଠେଲିବାରେ ଲାଗେ । ବର୍ତ୍ତମାନ ଆମର ମୁହଁ ଆକାଶ ଆଡ଼କୁ ଉତ୍ତୋଳିତ ହୋଇ ରହିଥାଏ (ମାଆ ସେହିପରି କରି ଦେଖାଇଦେଲେ), ପୁଣି ସତେଅବା କେଉଁ ଗାତରେ ଏକାବେଳେକେ ତଳେ ଯାଇ ପତିତ ହୋଇଯାଏ । ତେଣୁ, ଏହିପରି ଏକ ଜୀବନ ବଞ୍ଚିବାକୁ ହେଉଥାଏ ।

ସର୍ବପ୍ରଥମ କଥା ହେଉଛି ଯେ ଆମେ ଆପଣାକୁ ଏକ ସଚେତନ, ସୁଗଠିତ ବ୍ୟକ୍ତିରେ ପରିଣତ କରି ରଖିବା, ଯିଏକି ଆପଣା ମଧ୍ୟରେ, ଆପଣା ଦ୍ୱାରା ପରିଚାଳିତ ହୋଇ, ଆପଣାର ଯାବତୀୟ ପରିବେଶରୁ ସ୍ୱତନ୍ତ୍ର ରହି ଆପଣାର ଜୀବନକୁ ବଞ୍ଚି ପାରୁଥିବ, — ଯିଏକି ସବୁକିଛି ଶୁଣି ପାରୁଥିବ, ପଢ଼ିପାରୁଥିବ, ଦେଖିପାରୁଥିବ; ତଥାପି ଆପେ ଯାହା ତାହାହିଁ ହୋଇ ରହିଥିବ । ସିଏ ଯାହା ଗ୍ରହଣ କରିବାକୁ ନିଜେ ଇଚ୍ଛା କରୁଛି, ବାହାରୁ କେବଳ ସେତିକି ଗ୍ରହଣ କରୁଥିବ; ଯାହାକିଛି ତା' ନିଜର ଯୋଜନା ସହିତ ଖାପ ଖାଉ ନ ଥିବ, ସିଏ ତାହାକୁ ସ୍ୱାଭାବିକ ଭାବରେ ତା' ଭିତରେ ପ୍ରବେଶ କରିବାରୁ ନିବୃତ୍ତ କରି ରଖି ପାରୁଥିବ । ସିଏ ନିଜେ କୌଣସି ପ୍ରଭାବ ଗ୍ରହଣ କରିବାକୁ ସମ୍ମତ ନ ହେବା ପର୍ଯ୍ୟନ୍ତ ବାହାରର କିଛିହେଲେ ତା'ଉପରେ ଆଦୌ କୌଣସି ପ୍ରଭାବ ପକାଇ ପାରୁ ନ ଥିବ । ତେବେଯାଇ ଆମେ ଏକ ବ୍ୟକ୍ତିରେ ପରିଣତ ହେବାକୁ ଆରମ୍ଭ କରିବା ! ନିଜକୁ ଜଣେ ବ୍ୟକ୍ତିରେ ପରିଣତ କଲେଯାଇ ଆମେ ତାହାକୁ ଆଉ କୌଣସି ଲାଗି ଅର୍ପଣ ବି କରିପାରିବା ।

କାରଣ, ନିଜର ହୋଇ ନିଜ ପାଖରେ କିଛି ନ ରହି ପାରିଥିବା ପର୍ଯ୍ୟନ୍ତ ଆମେ ତାହାକୁ କଦାପି ଅର୍ପଣ କରିପାରିବା ନାହିଁ । ପ୍ରଥମେ ନିଜକୁ କିଛି

'oaob.nitrkl.ac.in' images reprocessed

ହେବାକୁହିଁ ପଡ଼ିବ, ତେବେଯାଇ ତା'ପରେ ଆପଣାକୁ ଦେବା ସମ୍ଭବ ହୋଇ ପାରିବ ।

**ମାତ୍ର, ଆପଣା ଭିତରେ କିଛି ହୋଇ ବଞ୍ଚି ନ ପାରିଥିଲା ପର୍ଯ୍ୟନ୍ତ ଆମେ ପ୍ରକୃତରେ ଯଥାର୍ଥରେ କିଛିହେଲେ ଦେଇପାରିବା** ନାହିଁ । ଏବଂ, ତୁମେ ଯେପରି କହୁଥିଲ, ତୁମର ଏହି ବିଚ୍ଛିନ୍ନତାବାଦୀ ଅହଂଟିକୁ ଅପସାରି ଦିବାକୁ ହେଲେ, ତୁମକୁ ଆପଣାକୁ ସଂପୂର୍ଣ୍ଣ ଭାବରେ ଅର୍ପଣ କରିଦେଇ ପାରିବାକୁ ହେବ, ଆଦୌ କୌଣସି କୁଣ୍ଠା ନ ରଖି ସଂପୂର୍ଣ୍ଣ ଭାବରେ ଦେଇ ପାରିବାକୁ ହେବ । ଏବଂ, ଆପଣାକୁ ଯଥାର୍ଥରେ ଦେଇ ପାରିବାକୁ ହେଲେ, ଆଗ କିଛି ହୋଇ ବଞ୍ଚିପାରିବାକୁ ହେବ । କିଛି ହୋଇ ବଞ୍ଚି ପାରିବାକୁ ହେଲେ, ଆମକୁ ଏକ ବ୍ୟକ୍ତିରେ ପରିଣତ ହୋଇ ରହିବାକୁ ପଡ଼ିବ ।

ଯଦି ତୁମର ଶରୀର ବର୍ତ୍ତମାନ ପରି ଏକ କଠିନ ଆକାରରେ ନିର୍ମିତ ହୋଇ ରହି ନ ଥାନ୍ତା,—ଏହା ଅତି ମାତ୍ରାରେ କଠିନ ହୋଇ ତିଆରି ହୋଇଛି, ନୁହେଁ ? — ଯଦି ସେସବୁ ପ୍ରକୃତରେ ଏଭଳି ଦୃଢ଼ ହୋଇ ତିଆରି ହୋଇ ନ ଥାନ୍ତା, ଯଦି ତୁମର ନିଦା ଚମ ବୋଲି କିଛି ନ ଥାନ୍ତା, ତୁମେ ପ୍ରାଣିକ ଓ ମାନସିକ କ୍ଷେତ୍ରରେ ଯେମିତି, ଯଦି ଶାରୀରିକ କ୍ଷେତ୍ରରେ ମଧ୍ୟ କେବଳ ତାହାରି ଏକ ଅନୁକୃତି ହୋଇ ରହିଥାନ୍ତ, ତେବେ ତୁମେ ଗୋଟାଏ ଜେଲି-ମାଛଠାରୁ ବି ଆହୁରି ଅଧିକ ଶୋଚନୀୟ ଅବସ୍ଥାରେ ଥାଆନ୍ତ ! ସବୁକିଛି ସବୁକିଛି ଭିତରେ ଲୀନ ହୋଇ ଯାଉଥାନ୍ତା ··· ଏବଂ ତାହା ପ୍ରକୃତରେ ଗୋଟାଏ କେଡ଼େ ବଡ଼ ଦୁର୍ବିସହ କଷ୍ଟର ହୋଇ ରହିଥାନ୍ତା ! ତେଣୁ ଆମକୁ ଏକ କଠିନ ଆକାର କରି ଗଢ଼ିବାହିଁ ସର୍ବପ୍ରଥମେ ଦରକାର ପଡ଼ିଥିଲା । ଏବଂ ପରେ ଆମେ ଏହି ବିଷୟରେ ଅଭିଯୋଗ କରିବାରେ ଲାଗିଛୁ । ଆମେ କହୁଛୁ, "ଶରୀରଟା କେଡ଼େ କଠିନ ହୋଇ ତିଆରି ହୋଇଛି, ତଦ୍ୱାରା ଅନେକ ହରକତ ଆସି ପହଞ୍ଚୁଛି । ଏଥିରେ ନମନୀୟତା ନାହିଁ, ସ୍ଥିତି-ସ୍ଥାପକତା ନାହିଁ,—ଏହା ଭିତରେ ଆଦୌ ସେହି ତରଳତା ନାହିଁ, ଯାହାଫଳରେ କି ଆମେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇଯାଇ ପାରୁଥାନ୍ତୁ ।" ମାତ୍ର ଏପରି ହେବା ଏକାନ୍ତ ଆବଶ୍ୟକ ଥିଲା, କାରଣ ତାହା ନ ହୋଇଥିଲେ ··· ଯଦି ତୁମେ ଅତି ସହଜରେ ଶରୀର ଭିତରୁ ବାହାରି ଯାଇ ପାରୁଥାନ୍ତ, (ତୁମ ଭିତରୁ ଅନେକେ ତାହା କରିପାରିବେ ନାହିଁ, କାରଣ ତୁମର ପ୍ରାଣିକ ସତ୍ତା ମଧ୍ୟ ତୁମ ଶାରୀରିକ ଭୂମି ଅପେକ୍ଷା କ୍ୱଚିତ ଅଧିକ ପରିମାଣରେ ଏକ ସ୍ୱତନ୍ତ୍ର ବ୍ୟକ୍ତିଭାବ ଅର୍ଜନ କରିପାରିଛି) ଯଦି ତୁମେ ନିଜର ଭୌତିକ ଆସ୍ତରଣଟି ମଧ୍ୟରୁ ବାହାରି ଆସି ପ୍ରାଣିକ ମଧ୍ୟରେ ପ୍ରବେଶ କରିପାରନ୍ତ, ତେବେ ଅବଶ୍ୟ ଦେଖିବାକୁ ପାଆନ୍ତ ଯେ, ସେଠାରେ

'oaob.nitrkl.ac.in' images reprocessed

ସବୁକିଛୁ ପରସ୍ପର ସହିତ ମିଶ୍ରିତ ହୋଇ ରହିଛି; ମିଶିଯାଇଛି, ପୁଣି ଭାଗଭାଗ ହୋଇଯାଇଛି; ଯାବତୀୟ ପ୍ରକାରର ସ୍ପନ୍ଦନ ଓ ଶକ୍ତିସ୍ରୋତ ଆସୁଛି, ଚାଲିଯାଉଛି; ସେମାନେ ସଂଘର୍ଷ କରୁଛନ୍ତି, ପରସ୍ପରକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଛନ୍ତି, ପରସ୍ପରକୁ ବାହାରକୁ ନିକ୍ଷିପ୍ତ କରିଦେବାରେ ଲାଗିଛନ୍ତି ··· ଏହିପରି ଭାବରେ ଅନବରତ ଲାଗିରହିଛି । ମାତ୍ର ଏହି ସବୁକିଛୁରେ ଏକ ଯଥାର୍ଥ ବ୍ୟକ୍ତିତ୍ୱର ଆବିଷ୍କାର କରିବା ପ୍ରକୃତରେ ଭାରି କଷ୍ଟକର ହୋଇପଡ଼ୁଛି । ଏଗୁଡ଼ାକ କେବଳ କେତେଟା ଶକ୍ତି, କେତେଟା କ୍ରିୟାଶୀଳତା, ବାସନା ଏବଂ ସ୍ପନ୍ଦନରହିଁ ସମାହାର ହୋଇ ରହିଛି ।

ଗୋଟିଏ ହେଉଛି ବୈଯ୍ୟକ୍ତିକତା, ଆଉ ଗୋଟିଏ ହେଉଛି ବ୍ୟକ୍ତିତ୍ୱ,— ଏହିପରି ଦୁଇଟି କଥା ରହିଛି ! ମାତ୍ର ଏଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ଶକ୍ତି । ସେହି ଜଗତରେ ଯେଉଁ ଲୋକମାନେ ଏକ ବୈଯ୍ୟକ୍ତିକତା ଲାଭ କରିଛନ୍ତି, ସେମାନେ ନିଶ୍ଚିତ ବୀର ହେଉଛନ୍ତି, ତା' ନ ହେଲେ ଅନର୍ଥର ଏକ ମୂର୍ତ୍ତି ରୂପ ହୋଇ ରହିଛନ୍ତି ।

ଏବଂ, ମନର କ୍ଷେତ୍ରରେ ··· (ମାଆ ନୀରବ ରହିଲେ) ଯଦି ତୁମେ କେବଳ ତୁମର ସେହି ଭୌତିକ ମନଟି ବିଷୟରେ ସଚେତନ ହୋଇପାରନ୍ତ ··· ଅନେକ ଲୋକ ତାହାକୁ ଏକ ସାଧାରଣ କୋଠସ୍ଥାନ ବୋଲି କହିଛନ୍ତି, କାରଣ ସେଠାରେ ସବୁକିଛି ଆସି ପ୍ରବେଶ କରିପାରୁଛି, ଏପାଖ ସେପାଖ ହେଉଛି, ଅତିକ୍ରମ କରି ଯାଉଛି, ପୁନର୍ବାର ଫେରି ଆସୁଛି । ଯାବତୀୟ ଧାରଣା ଓ ବିଚାର ଯାଇ ସେଠାରେ ପ୍ରବେଶ କରୁଛନ୍ତି, ସେଗୁଡ଼ିକ ଗୋଟିଏ ବାଟରେ ପ୍ରବେଶ କରି ଆଉ ଗୋଟିଏ ବାଟରେ ବାହାରକୁ ବାହାରି ଆସୁଛନ୍ତି; କେତେକ ଏଠି ଅଛନ୍ତି, କେତେକ ସେଠି ଅଛନ୍ତି,— ଏବଂ ତାହା ସତେଅବା ଏକ କୋଠକାଗା ପରି ହୋଇ ରହିଛି; ସେଗୁଡ଼ାକରେ ସୁସଂଗଠନ ବୋଲି ଆଦୌ କିଛି ନାହିଁ, କାରଣ ସେହି ବିଚାର-ଗୁଡ଼ିକ ସାଧାରଣତଃ ପରସ୍ପରକୁ ଭେଟି ପରସ୍ପର ସହିତ ଧକ୍କା ଖାଇବାରେ ଲାଗିଛନ୍ତି, ସେହି କ୍ଷେତ୍ରରେ ଯାବତୀୟ ପ୍ରକାରର ଦୁର୍ଘଟନାମାନ ବି ଘଟିବାରେ ଲାଗିଛି । ମାତ୍ର ସେତିକବେଳେ ଏପରି ଏକ ସଚେତନତା ଆସି ପହଞ୍ଚୁଛି : **"ମୁଁ ପ୍ରକୃତରେ କେଉଁଟିକୁ ମୋର ମନ ବୋଲି କହିପାରିବ ?"** ଅଥବା **"ମୋର ମନ କହିଲେ ପ୍ରକୃତରେ କ'ଣ ବୁଝାଇବ ?"**

ଆପଣା ବିଚାରର **ସ୍ୱକୀୟ** ପଦ୍ଧତିଟିଏ ଗଠିତ କରି ଆଣି ପାରିବା ଲାଗି,—ଏହି ସାମାନ୍ୟ କଥାଟିକୁ ସମ୍ଭବ କରିବା ଲାଗି ମଧ୍ୟ ବର୍ଷ ବର୍ଷ ଧରି ଅତ୍ୟନ୍ତ

'oaob.nitrkl.ac.in' images reprocessed

ମନୋଯୋଗସମ୍ପନ୍ନ, ଅତ୍ୟନ୍ତ ସନ୍ନିକୃତ ଓ ଅତ୍ୟନ୍ତ ବିବେକୋଚିତ, ସଂହତ କାର୍ଯ୍ୟ, ସଂଗଠନ, ନିର୍ବାଚନ ତଥା ସଂରଚନର ଆବଶ୍ୟକତା ହୋଇଥାଏ ।

ଆମେ ଭାବିଥାଉ ଯେ ଆମ ଭାବିବାର ଏକ ନିଜସ୍ୱ ପଦ୍ଧତି ନିଶ୍ଚୟ ରହିଛି । ତାହା ଆଦୌ ସତ ନୁହେଁ । ସେହି ପଦ୍ଧତିଟି ସମ୍ପୂର୍ଣ୍ଣ ଭାବରେ ଆମେ ଯେଉଁ ଅନ୍ୟ ବ୍ୟକ୍ତିମାନଙ୍କ ସହିତ କଥା କହୁଛୁ, ଯେଉଁ ବହିସବୁ ପଢ଼ୁଛୁ ବା ଯେଉଁ ମିଜାଜରେ ରହିଛୁ, ତାହାରି ଉପରେ ନିର୍ଭରଶୀଳ ହୋଇ ରହିଥାଏ । ତୁମର ଭଲ ହଜମଶକ୍ତି ଅଛି କି ନାହିଁ, ତୁମେ ଯେଉଁ ଘରେ ବାସ କରୁଛ, ସେହି ଘରକୁ ବାୟୁ ଭଲ ଭାବରେ ଯାତାୟାତ କରୁ ନାହିଁ ଅଥବା ତୁମେ ମୁକ୍ତ ବାୟୁ ମଧ୍ୟରେ ରହିଛ, ତାହା ସେହି କଥାଟି ଉପରେ ମଧ୍ୟ ନିର୍ଭର କରୁଥାଏ । ତୁମ ସମ୍ମୁଖରେ ତୁମେ ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ପାଉଛ କି ନାହିଁ, ତାହା ଉପରେ ମଧ୍ୟ ନିର୍ଭର କରେ । ଖରା ହେଉଛି କି ବର୍ଷା ହେଉଛି, ତାହା ଉପରେ ନିର୍ଭରଶୀଳ ହୋଇ ରହିଥାଏ । ତୁମେ ଏସବୁ ବିଷୟରେ ସଜ୍ଞାନ ହୋଇ ରହି ନ ଥାଅ ସତ, ମାତ୍ର ତୁମେ ଯାବତୀୟ ବିଷୟରେ ଭାବିବାରେ ଲାଗିଥାଅ; ତୁମ ସହିତ ଆଦୌ କୌଣସି ସମ୍ପର୍କ ନ ଥିବା ଗୁଡ଼ାଏ କଥା ଉପରେ ନିର୍ଭର କରି ରହିଥିବା, ସମ୍ପୂର୍ଣ୍ଣ ଭାବରେ ଭିନ୍ନଭିନ୍ନ କେତେ କଥା ବିଷୟରେ ଭାବିବାରେ ଲାଗିଥାଅ ।

ଏହି ଅବସ୍ଥାଟିକୁ ଏକ ସୁସଂଯୋଜିତ, ସଂଗତ ଏବଂ ନ୍ୟାୟସମ୍ମତ ଭାବନାର ଅବସ୍ଥାରେ ପରିଣତ କରିବାକୁ ହେଲେ ଦୀର୍ଘ କାଳ ଧରି ଅତ୍ୟନ୍ତ ସମ୍ୟକ୍ ଭାବରେ ଚେଷ୍ଟା କରିବାକୁ ପଡ଼େ । ଏବଂ, ସେହି କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟଟି ହେଉଛି ଯେ, ଯେତେବେଳେ ତୁମେ ଏକ ସୁନ୍ଦର, ସୁଗଠିତ, ଅତ୍ୟନ୍ତ ସୁଦୃଢ଼ ଓ ଅତ୍ୟନ୍ତ ଶକ୍ତିଶାଳୀ ମାନସିକ ରଚନାଟିଏ ସମ୍ଭବ କରିବାରେ ସଫଳ ହୋଇପାରିବ, ସେତେବେଳେ ତୁମେ ସର୍ବପ୍ରଥମେ ଶୁଣିବାକୁ ପାଇବ : "ତୁମକୁ ଏହି ରଚନାଟିକୁ ଭାଙ୍ଗିଦେବାକୁ ପଡ଼ିବ, ତେବେଯାଇ ତୁମେ ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇପାରିବ ।" ମାତ୍ର, ତୁମେ ଯେପର୍ଯ୍ୟନ୍ତ ସେହି କଥାଟିକୁ କରିପାରି ନ ଥିବ, ତୁମେ କଦାପି ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହୋଇପାରିବ ନାହିଁ, କାରଣ, ତୁମେ ଯାହା ପ୍ରକୃତରେ ନୁହଁ, ସେହିପରି ଗଦାଏ ସ୍ୱାଡ଼୍‌ସାଡ଼୍ ବ୍ୟତୀତ ତାଙ୍କ ପାଖରେ ନେଇ ଅର୍ପଣ କରିଦେବା ଲାଗି ସେତେବେଳେ ତୁମ ପାଖରେ ଆଉ କିଛିହେଲେ ନ ଥିବ । ଆଗ ଆପଣାର ବୋଲି କିଛି ହେବାକୁ ପଡ଼ିବ, ତେବେଯାଇ ତୁମେ ଆପଣାକୁ ଅର୍ପଣ କରିବା ଲାଗି ସମର୍ଥ ହେବ । ଅଳ୍ପସମୟ ପୂର୍ବେ ମୁଁ ଏହିକଥା କହିଥିଲି, ବର୍ତ୍ତମାନ ତାହାରହିଁ ପୁନରାବୃତ୍ତି କରୁଛି ।

'oaob.nitrkl.ac.in' images reprocessed

ଯଥାର୍ଥରେ କହିବାକୁ ଗଲେ, ପୃଥିବୀ ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସେହି ସ୍ଥିତିରେ ଆମର ଶରୀରହିଁ ଆମ ପାଖରେ ରହିଥିବା ଏକମାତ୍ର ବସ୍ତୁ, ଯାହାକୁ କି ଆମେ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ଅର୍ପଣ କରିଦେଇ ପାରିବା । ମାତ୍ର ଆମେ ଶରୀରକୁ କେବେହେଲେ ତାଙ୍କ ପାଖରେ ନେଇ ଦେଇଦେବାକୁ ରାଜି ହେଉ ନାହିଁ । ହଁ, ଆମେ ଆମର କାର୍ଯ୍ୟଟିକୁ ଅଧିକ ଅଭିନବେଶିତ କରି ରଖିବା ପାଇଁ ମଧ୍ୟ ଚେଷ୍ଟା କରି ପାରିବା । ମାତ୍ର ତଥାପି, ଏହି କ୍ଷେତ୍ରରେ ମଧ୍ୟ ଏପରି ଅନେକ ଉପାଦାନ ରହିଛି, ଯାହାକୁ ଆମେ ଆଦୌ ନିଷ୍ଠାଯୁକ୍ତ ବୋଲି କରିପାରିବା ନାହିଁ !

ତୁମେ ଆପଣାର ଶରୀରକୁ ନେଇ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଲୀନ କରିଦେବାକୁ ଇଚ୍ଛା କରୁଛ, ନୁହେଁ ? ତେବେ ଚେଷ୍ଟା କରି ଦେଖ ! ତୁମେ ଏହି କଥାଟିକୁ କିପରି କରିପାରିବ ? ଆପଣାର ମନକୁ ନେଇ ସେହିଠାରେ ଲୀନ କରିଦେଇ ପାରିବ, ପ୍ରାଣିକକୁ ନେଇ ଲୀନ କରିଦେଇ ପାରିବ, ଆପଣାର ଯାବତୀୟ ସଂବେଗ, ଅଭୀପ୍ସା ଓ ସବୁକିଛିକୁ ନେଇ ଲୀନ କରିଦେଇ ପାରିବ, ମାତ୍ର ତୁମର ଶରୀର—ସେହି କଥାଟିକୁ ତୁମେ କିପରି କରିପାରିବ ବୋଲି ଭାବୁଛ ? ତୁମେ ତ ସେଥିଲାଗି ତାକୁ କୌଣସି ପାତ୍ରରେ ରଖି ଆଗ ତରଳାଇବାକୁ ମନ କରିପାରିବ ନାହିଁ ! (ସମସ୍ତେ ହସିଲେ) ମାତ୍ର ତୁମ ଶରୀର ହେଉଛି ଏକମାତ୍ର ବସ୍ତୁ, ଯାହା ବିଷୟରେ କି ତୁମେ ନିଶ୍ଚିତ ଭାବରେ କିଛି କହି ପାରିବ । "ଏହା ଅଛି" ବୋଲି କହିପାରିବ, ତାହାକୁ ଏକ ନାମ ଦେଇ ପାରିବ; ତଥାପି ତୁମର ସେହି ନାମଟା ମଧ୍ୟ ପ୍ରକୃତରେ ଏକ ଚଗ୍ରଚରିତ ବସ୍ତୁ···ତଥାପି, ତୁମେ ନିଜକୁ ଏକ ନିର୍ଦ୍ଦିଷ୍ଟ ନାମ ଦେଇ ଡାକିବାରେ ଅବଶ୍ୟ ଅଭ୍ୟସ୍ତ ହୋଇ ଆସିଛ—ତୁମେ କହୁଛ, "ଏଇଟି—ଏଇଟି ହେଉଛି ମୁଁ ।" ତୁମେ ଆପଣାକୁ କୌଣସି ଦର୍ପଣ ଉପରେ ଯା'ଇ ଦେଖୁଛ, ଏବଂ, ତୁମେ କୋଡ଼ିଏ ବର୍ଷ ପୂର୍ବରୁ ଯାହା ଥିଲ, ବର୍ତ୍ତମାନ ତା'ଠାରୁ ଅତ୍ୟନ୍ତ ଭିନ୍ନ ହୋଇ ରହିଛ, ତୁମର ସେହି ପୂର୍ବ ଚେହେରାଟିକୁ ବର୍ତ୍ତମାନର ଚେହେରାରୁ ଆଦୌ ଚହ୍ନି ହେଉ ନାହିଁ, ତଥାପି କୌଣସି କାରଣ ଦ୍ୱାରା ପରିଚାଳିତ ହୋଇ ତୁମେ "ହଁ, ଏଇଟି ହେଉଛି ମୁଁ" ବୋଲି କହୁଛ । ସତରେ କହୁଛ ? "ମୁଁ ହେଉଛି ଅମୁକ"—ପିଟର୍, ଲୁଇ, ଜ୍ୟାକ୍, ଆଁ ଦ୍ରେ,—ବା ହୁଏତ ଆଉକିଛି···

(କିଛି କାଳ ନୀରବ ରହି) ଏବଂ ଏହି କ୍ଷେତ୍ରରେ ମଧ୍ୟ, ଯଦି କେହି ଆପଣା ଉପରେ ପ୍ରକୃତରେ ଦୃଷ୍ଟିପାତ କରନ୍ତା,—ପ୍ରତି ସାତ ବର୍ଷରେ ଦେହର ସବୁଯାକ କୋଷ ବଦଳି ଯାଆନ୍ତି, ଏବଂ କେବଳ ଏକ ଅଭ୍ୟାସ ହେତୁହିଁ ତାହା ସେହି ପୂର୍ବପରି ରହିଛି ବୋଲି ପ୍ରତୀତ ହୁଏ । ଏହା କ'ଣ ପ୍ରକୃତରେ ଯାହା ଥିଲା

'oaob.nitrkl.ac.in' images reprocessed

ସେଇଆ ରହିଥାଏ ? ତୁମ ପାଖରେ ନିଜ ପିଲାବେଳର କୌଣସି ଫଟୋ ଅଛି ? ଯେତେବେଳେ ତୁମକୁ ଦଶ, କୋଡ଼ିଏ ଏବଂ ତିରିଶି ବର୍ଷ ହୋଇଥିଲା—ଏପରି ହୁଏ କାରଣ, ଆମେ ଏହିପରି କରିବାକୁ ଭାରି ଇଚ୍ଛା କରୁ, ଯେପରିକି ଆମେ ନିଜକୁ ଅବଶ୍ୟ ଚିହ୍ନି ପାରିବୁ । ତଥାପି ଆମେ କଦାପି ଯାହା ଥିଲୁ ତାହା ହୋଇ ରହି ନ ଥାଉ···ଯେତେବେଳେ ତୁମେ ଏତିକ ଉଚ୍ଚ ଥିଲ ଓ ପୁଣି ଯେତେବେଳେ ଏତିକ ଉଚ୍ଚ ହେଲ, ଦୁଇଟି ଭିତରେ ପ୍ରଭୂତ ପରିମାଣରେ ଏକ ଫରକ ଦୃଷ୍ଟିଗୋଚର ହୋଇଥାଏ । ଏଥର ବୁଝିଲ ? ··

ମାତ୍ର ··· ତୁମମାନଙ୍କୁ କୌଣସି ପ୍ରକାରେ ହାଇରାଣରେ ପକାଇବାକୁ ମୁଁ ଆଦୌ ଏକଥା କହୁ ନାହିଁ । କେବଳ ଏଇଥି ସକାଶେ ଏସବୁ କହୁଛି ଯେ, ଦିବ୍ୟ ପରମ ସତ୍ତାଙ୍କ ମଧ୍ୟରେ ଆପଣାର ଅହଂକୁ ନେଇ ଲୀନ କରିଦେବା ବିଷୟରେ କହିବା ପୂର୍ବରୁ, ଆମେ ପ୍ରକୃତରେ ଯାହା ଓ ଯେଉଁ ସ୍ଥିତିରେ ରହିଛୁ, ଆମକୁ ପ୍ରଥମେ ସେହି ସମ୍ବନ୍ଧରେ ଅବଶ୍ୟ କିଛି ଜ୍ଞାନ ରଖିବାକୁ ପଡ଼ିବ । ଅହଂ ତୁମ ଭିତରେ ପ୍ରତିଷ୍ଠିତ ହୋଇ ରହିଛି । ତାହାର ଏହି ଆବଶ୍ୟକତାଟି ରହିଛି ଯେ, ତଦ୍ଦ୍ୱାରା ତୁମେମାନେ ଆପଣାକୁ ଗୋଟିଏ ଗୋଟିଏ ସଚେତନ, ସ୍ୱତନ୍ତ୍ର ସତ୍ତା ବୋଲି ଅନୁଭବ କରିବ, ଜଣେ ଜଣେ ବ୍ୟକ୍ତି ହୋଇ ରହିବ,— ସ୍ୱତନ୍ତ୍ର ବୋଲି ଅନୁଭବ କରିବା ଅର୍ଥରେ ମୁଁ ଏହି କଥାଟିକୁ କହୁଛି, — ଅର୍ଥାତ୍ ଏପରି ଏକ ସାଧାରଣ ବଜାର ଜାଗାରେ ପରିଣତ ହୋଇଯିବ ନାହିଁ, ଯେଉଁଠାରେ ସବୁକିଛି ବଙ୍କା ଓ ତେରେଛା ହୋଇ ଯିବାଆସିବାରେ ଲାଗିଥିବ ! ଯେପରିକି ତୁମେ ନିଜ ଭିତରେ ନିଜର ଅସ୍ତିତ୍ୱଟିକୁ ଅନୁଭବ କରିପାରିବ । ସେଇଥିଲାଗି ତୁମ ଭିତରେ ଅହଂ ବୋଲି ଏକ ଉପାଦାନ ରହିଛି । ହଁ, ଠିକ୍ ସେଇଥିଲାଗି; ସେଇଥିଲାଗି ତୁମ ଦେହ ଉପରେ ଚର୍ମର ଏକ ଆବରଣ ମଧ୍ୟ ରହିଛି,···ଅବଶ୍ୟ ଏକଥା ସତ ଯେ, ସେହି ଚର୍ମ ମଧ୍ୟଦେଇ ଭୌତିକ ଶକ୍ତିମାନେ ମଧ୍ୟ ତୁମ ଭିତରେ ପ୍ରବେଶ କରି ପାରୁଛନ୍ତି । ଏପରି ଏକ ସ୍ପନ୍ଦନ ରହିଛି, ଯାହାକି ଏକ ନିର୍ଦ୍ଦିଷ୍ଟ ଦୂରକୁ ଗତି କରିପାରୁଛି । ମାତ୍ର ଆମର ସେହି ଚର୍ମରୂପୀ ଆବରଣହିଁ ଆମକୁ ପରସ୍ପର ଭିତରକୁ ମିଶାମିଶି ହୋଇ ପଡ଼ିବାରୁ ନିବୃତ୍ତ କରି ରଖିଛି । ମାତ୍ର, ତା'ଛଡ଼ା ଆଉ ସବୁକିଛି ମଧ୍ୟ ଠିକ ସେହିପରି ହୋଇରହିବା ଉଚିତ ।

(କିଛି କାଳ ନୀରବ ରହିବାପରେ) ଏବଂ ତା'ପରେ, ଆମେ ଏହି ସବୁ କିଛିକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ଅର୍ପଣ କରିଦେବା । ସେଥିଲାଗି ବର୍ଷ ବର୍ଷ ଧରି ଅଧ୍ୟବସାୟର ଆବଶ୍ୟକତା ରହିଛି । ତୁମେ ଯେ କେବଳ···(ମାଆ ନୀରବ ରହିଲେ) ଆପଣା ସମ୍ବନ୍ଧରେ ସଚେତନ ହୋଇ ରହିବ, ଆପଣାର

'oaob.nitrkl.ac.in' images reprocessed

ସାବଧାନ୍ତ ହିଁକଣକି ବିଷୟରେ ସଚେତନ ହେବ ତା' ନୁହେଁ, ମାତ୍ର ତୁମ ନିଜ ଭିତରେ ଦିବ୍ୟ କେନ୍ଦ୍ର ସ୍ୱରୂପ ଯେଉଁ ଚୈତ୍ୟସତ୍ତା ରହିଛି, ତାଙ୍କର ଚତୁଃପାର୍ଶ୍ୱରେ "ତୁମ ନିଜ" ବୋଲି ତୁମେ ଯାହାକିଛି କୁହ ତାହାକୁ ନେଇ ସଂଗଠିତ କରି ରଖିବାକୁ ହେବ, ଯଦ୍ୱାରା କି ସେ ତୁମକୁ ଜଣେ ଏକକ, ସହିତ, ପୂର୍ଣ୍ଣ ସଚେତନ ସତ୍ତାରୂପେ ଗଢ଼ିତୋଳିବେ। ଏବଂ, ଏହି ଦିବ୍ୟ କେନ୍ଦ୍ରଟି ସ୍ୱୟଂ ପୂର୍ବରୁ ଦିବ୍ୟ ପରମସତ୍ତାଙ୍କ ଲାଗି ସମ୍ପୂର୍ଣ୍ଣଭାବେ ଉତ୍ସର୍ଗୀକୃତ ହୋଇ ରହିଥିବାରୁ, (ମାଆ ଉତ୍ସର୍ଗ କରିଦେବାର ଏକ ସଙ୍କେତ କଲେ) ଯଦି ସବୁକିଛିକୁ ସୌଷମ୍ୟଯୁକ୍ତ ଭାବରେ ସେହି କେନ୍ଦ୍ରଟିର ଚତୁର୍ଦିଗରେ ସଂଗଠିତ କରି ରଖାଯାଏ, ତେବେ ତଦ୍ୱାରା ସବୁକିଛି ମଧ୍ୟ ସେହି ଦିବ୍ୟ ପରମସତ୍ତାଙ୍କ ଲାଗିହିଁ ଉତ୍ସର୍ଗୀକୃତ ହୋଇ ରହିପାରିବ। ଏବଂ ତା' ହେଲେ, ଦିବ୍ୟ ପରମସତ୍ତା ଯେତେବେଳେ ଉଚିତ ମନେ କରିବେ, ଯେତେବେଳେ ଯଥାର୍ଥ ସମୟ ଆସି ପହଞ୍ଚିବ ଏବଂ ଆପଣାକୁ ଏକ ବ୍ୟକ୍ତିସତ୍ତା ରୂପେ ଗଢ଼ି ଆଣିବାର କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇଯିବ, ସେତେବେଳେ ଯାଇ ଦିବ୍ୟ ପରମସତ୍ତା ତୁମର ଅହଂକୁ ନେଇ ତାଙ୍କ ମଧ୍ୟରେ ଲୀନ କରିଦେବା ଲାଗି ତୁମକୁ ଅନୁମତି ପ୍ରଦାନ କରିବେ, ଏଣିକି କେବଳ ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟରେହିଁ ଜୀବନ ବଞ୍ଚିବା ଲାଗି ତୁମକୁ ଅନୁମତି ଦେବେ।

ମାତ୍ର, ଏହି କ୍ଷେତ୍ରରେ ଦିବ୍ୟ ପରମସତ୍ତାହିଁ ଯାହାକିଛି ନିଷ୍ପତ୍ତି ଗ୍ରହଣ କରିବେ। ତୁମକୁ ପ୍ରଥମେ ଏହି ସବୁକିଛି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ହେବ, ଏକ ସଚେତନ ସତ୍ତାରେ ପରିଣତ ହେବାକୁ ହେବ, ସମ୍ପୂର୍ଣ୍ଣ ଏବଂ ଅବିକୃତ ଭାବରେ ଦିବ୍ୟ ପରମସତ୍ତାଙ୍କ ଶ୍ରୀଚରଣପାଖରେହିଁ ନିଜକୁ ସଂକେନ୍ଦ୍ରିତ କରି ରଖିବାକୁ ହେବ ଏବଂ ତାଙ୍କର ଆଜ୍ଞାଧୀନ ହୋଇ ପରିଚାଳିତ ହେବାକୁ ପଡ଼ିବ। ଏବଂ, ଏହି ସବୁକିଛି କରିସାରିବା ପରେ ମଧ୍ୟ ଏକ ଅହଂ ତଥାପି ମହାନନ୍ଦ ରହିଥିବ; କାରଣ, ତୁମକୁ ଏକ ବ୍ୟକ୍ତିରେ ପରିଣତ କରିବାରେ ଏହି ଅହଂହିଁ ତୁମର କାମରେ ଲାଗିଥାଏ। ମାତ୍ର, ସେହି କାର୍ଯ୍ୟଟି ଥରେ ପରିପୂର୍ଣ୍ଣ ଭାବରେ ସମାହିତ ହୋଇଗଲେ, ତୁମେ ତା'ପରେ ଯାଇ ଦିବ୍ୟ ପରମସତ୍ତାଙ୍କୁ କହିପାରିବ, "ମୁଁ ଆସିଲି, ପ୍ରସ୍ତୁତ ହୋଇ ଆପଣଙ୍କ ପାଖକୁ ଆସିଲି; ଆପଣ ମୋତେ ଗ୍ରହଣ କରିବାକୁ ଇଚ୍ଛା କରୁଛନ୍ତି କି?" ଏବଂ, ଦିବ୍ୟ ପରମସତ୍ତା ସାଧାରଣତଃ "ହଁ" ବୋଲି ଜବାବ ଦିଅନ୍ତି। ତା'ପରେ ସବୁ ଶେଷ ହୁଏ, ସବୁକିଛି ସମ୍ପାଦିତ ହୋଇଯାଏ। ଏବଂ ତୁମେ ଦିବ୍ୟ ପରମସତ୍ତାଙ୍କ କାର୍ଯ୍ୟ ଲାଗି ଏକ ଯନ୍ତ୍ରରେ ପରିଣତ ହୋଇ ରହ। ମାତ୍ର ସର୍ବପ୍ରଥମେ ସେହି ଯନ୍ତ୍ରଟିକୁ ଗଢ଼ି ଆଣିବାକୁ ହୋଇଥାଏ।

ତୁମେମାନେ ଭାବୁଥିବ ଯେ, ତୁମମାନଙ୍କୁ ଯେ ପାଠଶାଳାକୁ ପଠାଯାଉଛି, ବ୍ୟାୟାମ କରିବା ଲାଗି ବାଧ୍ୟ କରାଯାଉଛି, ତୁମମାନଙ୍କୁ ବଡ଼ କରାଇବାରେ

'oaob.nitrkl.ac.in' images reprocessed

କାହାକୁ ସୁଖ ମିଳୁଛି କ'ଣ ବୋଲି ଏସବୁ କରାଯାଉଛି ? ନାହିଁ — ସେକଥା ଆଦୌ ନୁହେଁ । ଏପରି କରାଯାଉଛି, କାରଣ ଏହା ତୁମ ଲାଗି ଏକାନ୍ତ ଅପରିହାର୍ଯ୍ୟ ଯେ, ତୁମ ପାଖରେ ଏପରି ଗୋଟିଏ ସୁଯୋଗ ରହିବ, ଯେଉଁଥିରେ କି ତୁମେ ଆପଣାକୁ ଗଠନ କରିବାର ଉପାୟଟିକୁ ଶିକ୍ଷା କରିପାରିବ । ଯଦି ତୁମେ ଏକା ଏକା, ଆପଣାର କୋଣଟିକୁ ବାଛିନେଇ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତି ରୂପେ ଗଢ଼ି ଆଣିବାର କାର୍ଯ୍ୟଟିକୁ କରୁଥାନ୍ତ, ତେବେ ତୁମକୁ ଆଦୌ କେହି କିଛି ହେଲେ କହନ୍ତେ ନାହିଁ । ମାତ୍ର ତୁମେମାନେ କ'ଣ ତାହା କରୁଛ କି ? ତୁମ-ମାନଙ୍କର ତାହା କରିବାକୁ ସ୍ୱତଃ ମନ ହେଉଛି କି ?—ଏପରି ଜଣେ ହେଲେ ପିଲା ନାହିଁ, ଯିଏକି ଏସବୁ କରିବାକୁ ଆପେ ଆପେ ମନ କରିବ । ଏବଂ, ଏହି କାର୍ଯ୍ୟଟିକୁ କିପରି କରାଯିବ ଓ ଠିକ୍ କେଉଁଠାରୁ ଆରମ୍ଭ କରିବାକୁ ହେବ, ସିଏ ହୁଏତ ସେକଥାଟିକୁ ମଧ୍ୟ ଜାଣିବାକୁ ମନ କରିବ ନାହିଁ । ଆପଣାର ଜୀବନଟିକୁ କିପରି ବଞ୍ଚିବାକୁ ହୁଏ, ଯଦି ଗୋଟିଏ ପିଲାକୁ ସେକଥା ଶିଖାଇ ଦିଆ ନ ଯାଏ, ତେବେ ସେ ନିଜର ଜୀବନଟିକୁ ବି ବଞ୍ଚି ପାରିବ ନାହିଁ; ସିଏ ଆଦୌ କୌଣସି, କୌଣସି କାର୍ଯ୍ୟ ବି କରି ଜାଣିବ ନାହିଁ । ଏସବୁ ବିଷୟରେ ଟିକିନଖି ଏତେକଥା କହି ମୁଁ ତୁମମାନଙ୍କୁ ବିରକ୍ତ କରିବା ଲାଗି ଆଦୌ ଇଚ୍ଛା କରୁ ନାହିଁ; ମାତ୍ର ଯଥାର୍ଥ ପ୍ରଣାଳୀଟିକୁ ବତାଇ ଦିଆ ନ ଗଲେ ସିଏ ଅତି ପ୍ରାଥମିକ କର୍ତ୍ତବ୍ୟଗୁଡ଼ିକୁ ମଧ୍ୟ କଦାପି ଯଥାର୍ଥ ଭାବରେ କରିବାକୁ ମନ କରିବ ନାହିଁ । ତେଣୁ ଆମକୁ ପାହାଚ ପାହାଚ କରି··· ଅର୍ଥାତ୍ ଏକ ବ୍ୟକ୍ତିତ୍ୱର ଗଠନ ସମ୍ଭବ କରିବା ଲାଗି ଯଦି ପ୍ରତ୍ୟେକକୁ ସମଗ୍ର ଅଭିଜ୍ଞତାଟି ମଧ୍ୟ ଦେଇ ଗତି କରିବାକୁ ହେଉଥାନ୍ତା, ତେବେ ପ୍ରକୃତରେ ବଞ୍ଚିବାକୁ ଆରମ୍ଭ କରିବାର ବହୁ ପୂର୍ବରୁହିଁ ତା'ର ଜୀବନକାଳ ଶେଷ ହୋଇ ଯାଉଥାନ୍ତା ! ତେଣୁ ଯେଉଁମାନଙ୍କର ସେହି ଅଭିଜ୍ଞତା ରହିଛି,—ଶତାବ୍ଦୀ ଶତାବ୍ଦୀ ଧରି ସଞ୍ଚିତ ହୋଇ ରହିଥିବା ଅଭିଜ୍ଞତା ଲାଭ କରିଥିବାର ଅନୁକୂଳ ଅବସ୍ଥାରେ ଯେଉଁମାନେ ଅଛନ୍ତି, ସେମାନେ ତୁମକୁ ଆସି କହନ୍ତି, "ହଁ, ଯଦି ତୁମେ ସତ୍ୱର ଯିବା ପାଇଁ ଇଚ୍ଛା କରୁଛ, ଶତାବ୍ଦୀ ଶତାବ୍ଦୀ ଧରି ଉପାର୍ଜିତ ହୋଇ ରହିଥିବା ଜ୍ଞାନକୁ ଯଦି ତୁମେ ମାତ୍ର କେତୋଟି ବର୍ଷ ମଧ୍ୟରେ ହାସଲ କରିବାକୁ ଚାହୁଁଛ, ତେବେ ଏପରି କର !" ପଢ଼, ଶିଖ, ଅଧ୍ୟୟନ କର, ଏବଂ ତା'ହେଲେ, ଏହି ଭୌତିକ ଜଗତର କ୍ଷେତ୍ରରେ, ତୁମକୁ ଏହି କାର୍ଯ୍ୟଟିକୁ ଏପରି ଭାବରେ, ସେହି କାର୍ଯ୍ୟଟିକୁ ସେପରି ଭାବରେ ଓ ଆଉ କୌଣସି କାର୍ଯ୍ୟକୁ ଆଉ କୌଣସି ଭାବରେ କରିବା ଲାଗି ଶିଖାଇ ଦିଆଯିବ (ମାଆ ଇଙ୍ଗିତ କରି ଦେଖାଇଦେଲେ) । ଥରେ କିଛିତ୍ ଜ୍ଞାନ ହୋଇଗଲେ, ଆପଣାର ପ୍ରତିଭା ଓ ଦକ୍ଷତା ରହିଥିଲେ ତୁମେ ନିଜେ ନିଜର ପ୍ରଣାଳୀଟିକୁ ଅବଶ୍ୟ ବାହାର କରିନେଇ ପାରିବ । ମାତ୍ର, ସର୍ବପ୍ରଥମେ

'oaob.nitrkl.ac.in' images reprocessed

ଆପଣା ଗୋଡ଼ରେ ଠିଆ ହେବାକୁ ପଡ଼ିବ ଏବଂ ଖୁବ୍ ଶିଖିବାକୁ ହେବ । ଏକାଏକା ଏହା ଶିଖିବା ପ୍ରକୃତରେ କଷ୍ଟକର । ସବୁ ମଣିଷଙ୍କ କ୍ଷେତ୍ରରେ ଠିକ୍ ଏହି ଗୋଟିଏ କଥା । ଆପଣାକୁ ଗଢ଼ିବାକୁ ପଡ଼ିବ । ସେଇଥିଲାଗି ଶିକ୍ଷା ଆବଶ୍ୟକ । ବୁଝିଲ ?

(ଜଣେ ପିଲାକୁ) ତୁମର କିଛି ପଚାରିବାକୁ ଅଛି ? କିଛି ନାହିଁ ? ଆଉ କାହାର କିଛି ପଚାରିବାକୁ ଅଛି କି ?

ମାଆ, ଆପଣ ଗଲାଥର କହିଥିଲେ ଯେ, ଅନେକ ସମୟରେ ଆମ ଭିତରେ ଏକ ମନ୍ଦ ଉପାଦାନ ରହିଥାଏ, ଯାହାକି··· ଯାହା ଇଙ୍ଗିତ ଦେଉଥାଏ ଯେ··· ଯାହା ଆମକୁ କେତେ କ'ଣ ନିର୍ବୋଧତା କରି ବସିବାର ପ୍ରମାଦରେ ନେଇ ପକାଇଦିଏ । ଏବଂ ଆପଣ କହିଲେ ଯେ, ଯଦି ଜଣେ ସେହି ଉପାଦାନଟି ବିଷୟରେ ସଚେତନ ହୋଇ ରହିଥିବ, ତେବେ ତାହାକୁ ଟାଣି ବାହାର କରି ଆଣିବାକୁ ପଡ଼ିବ । ମାତ୍ର, ତାହାକୁ ଟାଣି ବାହାର କରି ଆଣିବ ର ଅର୍ଥ କ'ଣ··· ଉଦାହରଣସ୍ୱରୂପ, ଏହି ଉପାଦାନଟି ଆମକୁ ନାନା ନିର୍ବୋଧ କାର୍ଯ୍ୟ କରି ବସିବାର ପ୍ରମାଦରେ ପକାଇବାକୁ ଆସୁଛି ବୋଲି ସଚେତନ ହେବା ସମୟରେ, ଆପଣ ଇଚ୍ଛାଶକ୍ତି-କ୍ଷେତ୍ରର ଏକ ଉଦ୍ୟମ ଦ୍ୱାରା, ତାହାକୁ କରିବାରୁ ନିଜକୁ ନିବୃତ୍ତ କରି ରଖିପାରିଲେ, ଆମେ ତାହାକୁ କାଢ଼ି ବାହାର କରି ଆଣିପାରିଲୁ ବୋଲି କୁହାଯାଇ ପାରିବ କି ?

ଅର୍ଥାତ୍, ଆଉ କୌଣସି ନିର୍ବୋଧ କାର୍ଯ୍ୟ ନ କଲେ ?

ଆପଣା ଇଚ୍ଛାଶକ୍ତିର ଏକ ଉଦ୍ୟମ ଦ୍ୱାରା । ଉଦାହରଣସ୍ୱରୂପ, ଯାହା କରିବା ଉଚିତ ନୁହେଁ, ଆମେ ଆଉ ସେହି କାର୍ଯ୍ୟଟିକୁ ଆଦୌ କରୁ ନାହୁଁ ।

ହଁ, ହଁ ।

ତେବେ, ସେତେବେଳେ ଏପରି କୁହାଯାଇ ପାରିବ କି, ଆମେ କାରଣ ପରି ହୋଇ ରହିଥିବା ସେହି ଉପାଦାନଟିକୁ ନିଜ ଭିତରୁ କାଢ଼ି ବାହାର କରି ଆଣିଲୁ ?

'oaob.nitrkl.ac.in' images reprocessed

ଆମେ ତାହାକୁ ଦବାଇ ରଖିବୁ ।

ତେବେ, କାଢ଼ି ବାହାର କରି ଆଣିହେବ କିପରି ?

ସେଥିଲାଗି ତୁମକୁ ସେହିବିଷୟରେ ପ୍ରଥମେ ସଚେତନ ହେବାକୁ ପଡ଼ିବ । ତାକୁ ଆଣି ଆପଣାର ଆଖି ସିଧା ରଖିବାକୁ ହେବ, ଏବଂ ତୁମର ଚେତନା ସହିତ ସେଇଟିର ଯେତେ ଯେଉଁଠି ଶିଅ ଲାଗି ରହିଥିବ, ସେଗୁଡ଼ିକୁ କାଟି ଦେବାକୁ ହେବ । ଏହା ହେଉଛି ଏକ ଅନ୍ତଃ-ମନୋବିଜ୍ଞାନର କାର୍ଯ୍ୟ । ବୁଝିଲ ?

ଅତ୍ୟନ୍ତ ମନୋଯୋଗ ସହିତ ଆପଣାକୁ ଅଧ୍ୟୟନ କରିପାରିଲେ ଆମେ ଅବଶ୍ୟ ଦେଖିପାରିବା ଯେ .... ଉଦାହରଣସ୍ୱରୂପ, ଯଦି ତୁମେ ଆପଣା ଉପରେ ଅବଲୋକନ କରିପାରିବ, ତେବେ ଦେଖିବାକୁ ପାଇବ ଯେ ଥରେ ତୁମେ ଭାରି ଉଦାର ମନୋଭାବର ହୋଇଯାଇଛ । ଆମେ ବର୍ତ୍ତମାନ ଏହି ଉଦାହରଣଟିକୁ ନେବା,—ଏଇଟିକୁ ଅତି ସହଜରେ ବୁଝି ହୋଇପାରିବ । ତୁମେ ନିଜକୁ ଭାରି ଉଦାର ହୋଇଯାଇଥିବାର ଦେଖିପାରିବ : ଆପଣାର ଅନୁଭବଗୁଡ଼ିକର କ୍ଷେତ୍ରରେ ଉଦାର, ଅବବୋଧଗୁଡ଼ିକର କ୍ଷେତ୍ରରେ ଉଦାର, ଭାବନାଗୁଡ଼ିକରେ ଉଦାର, ଏପରିକି ଭୌତିକ ବସ୍ତୁଗୁଡ଼ିକର କ୍ଷେତ୍ରରେ ମଧ୍ୟ ଭାରି ଉଦାର; ଅର୍ଥାତ୍, ତୁମେ ଅନ୍ୟମାନଙ୍କର ଦୋଷଗୁଡ଼ିକୁ ବୁଝି ପାରୁଥିବ; ସେମାନଙ୍କର ଯାବତୀୟ ଅଭିପ୍ରାୟ, ଦୁର୍ବଳତା ଓ ଏପରିକି କୁତ୍ସିତ କ୍ରିୟାଶୀଳତାଗୁଡ଼ିକୁ ମଧ୍ୟ ବୁଝିପାରୁଥିବ । ତୁମେ ଏହି ସବୁକିଛିକୁ ଦେଖିପାରୁଥିବ, ଏବଂ ତୁମ ଭିତରେ କେତେ ସଦିଚ୍ଛାମୟ ଅନୁଭବ ପୂର୍ଣ୍ଣ ହୋଇ ରହିଥିବ, ଉଦାରତା ଭରି ରହିଥିବ । ତୁମେ ଆପଣାକୁ କହୁଥିବ, "ପ୍ରତ୍ୟେକ ମନୁଷ୍ୟ ଯଥାସମ୍ଭବ ଆପଣାର ସର୍ବୋତ୍ତମଟିକୁହିଁ କରୁଛନ୍ତି !" ତୁମେ ସେହିପରି କହୁଥିବ ।

ଆଉଥରେ, — ହୁଏତ ତା'ର ଠିକ୍ ପରବର୍ତ୍ତୀ ମୁହୂର୍ତ୍ତରେ ମଧ୍ୟ ତାହା ଘଟିପାରେ, — ତୁମେ ନିଜ ଭିତରେ ଏକ ଶୁଷ୍କତା ଓ କଠୋରତା ଦେଖିବାକୁ ପାଇବ; ଏପରି ଏକ ଉପାଦାନ ରହିଥିବାର ଦେଖିବାକୁ ପାଇବ, ଯାହାକି ଅତ୍ୟନ୍ତ କଠୋର ଭାବରେ ବିଗ୍ଭର କରୁଥିବ, ଏପରିକି କାହା ପ୍ରତି ଏକ ବୈମନସ୍ୟ ବି ପୋଷଣ କରୁଥିବ, ବିଦ୍ୱେଷ ରଖୁଥିବ, ଅପରାଧ କରିଥିବା ବ୍ୟକ୍ତି ଅବଶ୍ୟ ଦଣ୍ଡ ପାଉ ବୋଲି ଇଚ୍ଛା କରୁଥିବ, ଏପରିକି ପ୍ରତିଶୋଧର ମନୋଭାବ ମଧ୍ୟ ଜାଗ୍ରତ ହୋଇ ଆସୁଥିବ; ତୁମର ସେହି ପୂର୍ବ ଅନୁଭୂତିର ସବୁକିଛି ବିପରୀତ ହେବାରେ ଲାଗିଥିବ ! ଥରେ କେହି ଜଣେ ବ୍ୟକ୍ତି ତୁମର ଅନିଷ୍ଟ କରିଥିଲେ ମଧ୍ୟ ତୁମେ ତଥାପି କହୁଥିବ, "ସେଥିରେ କିଛି ଯାଏ ଆସେ ନାହିଁ । ସିଏ ବିଗ୍ଭରା

ଆଦୌ କିଛି ଜାଣି ନ ଥିଲି ।" କିମ୍ବା, "ତା'ର ଆଉ କିଛି କରିବା ପାଇଁ ଗତି ନ ଥିଲା ।···ବା, "ତା'ର ତ ସ୍ୱଭାବ ଏହିପରି"···ଅଥବା, "ସିଏ ବୁଝିପାରିଲା ନାହିଁ !" ତହିଁ ଆରଦିନ, ଅଥବା ହୁଏତ ତା'ର ଘଣ୍ଟାକ ପରେ— ତୁମେ କହୁଥିବ, "ତାକୁ ଅବଶ୍ୟ ଶାସ୍ତି ଦିଆଯିବା ଉଚିତ; ଯାହା କରିଛି, ତା'ର ଅବଶ୍ୟ ତାହାର ପ୍ରତିଫଳ ପାଇବା ଉଚିତ । ସିଏ ଯେ ଭୁଲ୍ କାମ କଲା, ତା'ର ସେହି କଥା ଅବଶ୍ୟ ଅନୁଭବ କରିବା ଉଚିତ ।"—ତୁମେ ପ୍ରାୟ ଏକ କ୍ରୋଧର ସହିତ ଏକଥା କହୁଥିବ; ତୁମେ ସବୁ କଥାକୁ ନିଜ ଉପରକୁ ନେବାକୁ ଇଚ୍ଛା କରୁଥିବ, ସେଗୁଡ଼ାକୁ ଆପଣା ଭିତରେ ଏଡ଼େ କରି ରଖୁଥିବ, — ବିଦ୍ୱେଷ ଓ ଈର୍ଷା ଅନୁଭବ କରୁଥିବ, ଖୁବ୍ ସଙ୍କୀର୍ଣ୍ଣ ହୋଇଯାଉଥିବ, ଇତ୍ୟାଦି, ଇତ୍ୟାଦି, — ସେହି ପୂର୍ବ ଅନୁଭୂତିର ସବୁକିଛି ବିପରୀତ ହେବାରେ ଲାଗିଥିବ ।

ଏଇଟି ହେଉଛି ମନ୍ଦ ପାଖ । ଏବଂ, ତୁମେ ଯେଉଁ ମୁହୂର୍ତ୍ତରେ ସେଇଟିକୁ ଦେଖିବାକୁ ଆରମ୍ଭ କରିବ, ଯଦି ସେଇଟିକୁ ଦେଖି ତୁମେ "ଏଇଟି ମୁଁ" ବୋଲି କହି ନ ପାରୁଥିବ, ମାତ୍ର, ଯଦି "ଏଇଟି ମୁଁ ନୁହେଁ, ଏହା ହେଉଛି ମୋ'ର ତ୍ରୁଟି, ଏହି ପ୍ରବୃତ୍ତିକୁହିଁ ମୋତେ ବାହାରକୁ କାଢ଼ି ଫିଙ୍ଗିଦେବାକୁ ହେବ" ବୋଲି କହୁଥିବ, ତେବେ ତୁମେ ତାହା ଉପରେ ଅନ୍ୟ ପାଖଟିର ଆଲୋକଟିକୁ ଆଣି ରଖିଦେବାକୁ ଚେଷ୍ଟା କରୁଥିବ, ସେଗୁଡ଼ିକୁ ସାମନାରେ ଆଣି ରଖିବାକୁ ଚେଷ୍ଟା କରୁଥିବ, ଏବଂ ଅନ୍ୟଟିର ଆଲୋକ ଏବଂ ଜ୍ଞାନ ସାହାଯ୍ୟରେ, ତୁମେ ତାହାର ହୃଦ୍‌ବୋଧ କରାଇବାକୁ ଆଦୌ ସେତେ ଚେଷ୍ଟା କରୁ ନ ଥାଅ,—କାରଣ ତାହା କରିବା ଅତ୍ୟନ୍ତ କଷ୍ଟକର,—ମାତ୍ର ତାହାକୁ ଚୁପ୍ ରହିବା ଲାଗି ବାଧ୍ୟ କରୁଥାଅ । ···ପ୍ରଥମେ ତାହାକୁ ଟିକିଏ ଅଧିକ ଦୂରକୁ ଘୁଞ୍ଚିଯିବା ପାଇଁ କହ, ତା'ପରେ ଏତେ ଦୂରକୁ ଟେକି ଫୋପାଡ଼ି ଦିଅ ଯେ, ତାହା ପୁଣିଥରେ ମୋଟେ ଫେରି ଆସିପାରେ ନାହିଁ । ତୁମେ ତା'ଉପରକୁ ଏକ ବୃହତ୍ତର ଆଲୋକକୁ ନେଇ ରଖିଦିଅ । ଏପରି କେତେକ ଦୃଷ୍ଟାନ୍ତ ରହିଛି, ଯେଉଁଥିରେ କି ବଦଳି ପାରିବା ମଧ୍ୟ ସମ୍ଭବ ହୁଏ, ମାତ୍ର ସେପରି କ୍ୱଚିତ୍ ଘଟିଥାଏ । ଏପରି କେତେକ ଦୃଷ୍ଟାନ୍ତ ବି ରହିଛି, ଯେତେବେଳେ ଏହି ପ୍ରବୃତ୍ତି ବା ଏହି ତ୍ରୁଟି ଉପରେ ଏପରି ଏକ ପ୍ରଗାଢ଼ ଆଲୋକକୁ ନେଇ ରଖି ଦିଆଯାଇପାରେ ଯେ ଏହା ତାହାକୁ ଏକାବେଳକେ ରୂପାନ୍ତରିତ କରିଦିଏ ଏବଂ ତାହା ତୁମ ସତ୍ତାର ଯାହା ପ୍ରକୃତ ସତ୍ୟ, ସେଇଟି ମଧ୍ୟକୁ ପରିବର୍ତ୍ତିତ ହୋଇଯାଏ ।

ମାତ୍ର ଏପରି କ୍ୱଚିତ୍ ଘଟେ । ···ଏହା ଅବଶ୍ୟ ସମ୍ଭବ, ମାତ୍ର ଅତ୍ୟନ୍ତ କ୍ୱଚିତ୍‌ହିଁ ଘଟିଥାଏ । ସାଧାରଣତଃ, ଏହିପରି କହିବା ହେଉଛି ସବୁଠାରୁ ଭଲ,

'oaob.nitrkl.ac.in' images reprocessed

"ନାଁ, ଏଇଟି ମୁଁ ନୁହେଁ ! ମୁଁ ମୋଟେ ଏପରି ଇଚ୍ଛା କରୁ ନାହିଁ । ଏହାକୁ ନେଇ ମୋ'ର ଆଦୌ କିଛୁ କରିବାକୁ ନାହିଁ, ମୋ'ଲାଗି ଏହାର ଆଦୌ କୌଣସି ଅସ୍ତିତ୍ୱ ନାହିଁ, ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ମୋ' ସ୍ୱଭାବର ବିରୋଧୀ ।" ଏବଂ ଏହିପରି ଭାବରେ, ଅନବରତ ଉଦ୍ୟମ କରି ଓ ତାହାକୁ ବାହାର କରିଦେଇ ଶେଷରେ ନିଜକୁ ସେଇଟିଠାରୁ ଅଲଗା କରି ରଖିବା ସମ୍ଭବ ହୋଇଥାଏ ।

ମାତ୍ର ଆପଣା ଭିତରେ ଦ୍ୱନ୍ଦ୍ୱଟିକୁ ଦେଖିପାରିବା ଲାଗି ଆମର ଦୃଷ୍ଟି ଯଥେଷ୍ଟ ପରିମାଣରେ ସ୍ୱଚ୍ଛ ହୋଇଥିବା ଉଚିତ ଓ ଆମ ଭିତରେ ଯଥେଷ୍ଟ ଆନ୍ତରିକତା ରହିଥିବା ଉଚିତ । ସାଧାରଣତଃ ଏଗୁଡ଼ିକ ପ୍ରତି ଆମେ କୌଣସି ଦୃଷ୍ଟି ଦେଉ ନାହିଁ । କେବଳ ଗୋଟାଏ ଚରମ ପ୍ରାନ୍ତରୁ ଆଉଗୋଟାଏ ଚରମ ପ୍ରାନ୍ତକୁ ଯିବାରେ ଲାଗିଥାଉ । ଅତି ସରଳ ଭାଷାରେ କହିଲେ, ତୁମେ ଅବଶ୍ୟ କହିପାରିବ : ମୁଁ ଦିନେ ଭଲ ହୋଇ ରହୁଛି, ଆଉ ଦିନକୁ ଖରାପ ହୋଇ ଯାଉଛି । ଏବଂ ଏପରି ହେବା ବେଶ୍ ସ୍ୱାଭାବିକ ବୋଲି ବୋଧ ହେଉଛି । ...ଅଥବା, ଏପରି ମଧ୍ୟ ହୁଏତ ଘଟିଥାଏ ଯେ, ତୁମେ ଘଣ୍ଟାକ ପାଇଁ ଭଲ ହୋଇ ରହ ଏବଂ ଆର ଘଣ୍ଟାକୁ ଦୁଷ୍ଟ ହୋଇଯାଅ; ବା, ତା' ନ ହେଲେ, ଦିନେ ଦିନ ତମାମ ଭଲ ହୋଇ ରହିଥାଅ ଏବଂ ହଠାତ୍ ଦୁଷ୍ଟ ହେବାକୁ ଆରମ୍ଭ କର, ଗୋଟାଏ ମିନିଟ୍ ପାଇଁ ଦୁଷ୍ଟ ହୋଇଯାଅ, ଯେତିକ ଭଲ ଥିଲ, ତା'ଠାରୁ ଆହୁରି ଅଧିକ ଦୁଷ୍ଟ ହୋଇଯାଅ ! କେବଳ ଏତିକ କଥା ଯେ ତୁମେ ତା'ଉପରେ କୌଣସି ଦୃଷ୍ଟିପାତ କର ନାହିଁ, କେତେ ଭାବନା ମନ ଉପରେ ଦେଇ ଆସୁଥାଏ, ଚାଲି ଯାଉଥାଏ,—ତୀବ୍ର, ମନ୍ଦ, ଘୃଣାବ୍ୟଞ୍ଜକ କେତେ କ'ଣ ଅତିକ୍ରମ କରିବାରେ ଲାଗିଥାଏ । ...ତୁମେ ସାଧାରଣତଃ ସେଗୁଡ଼ିକ ପ୍ରତି ଆଦୌ କୌଣସି ଦୃଷ୍ଟି ଦିଅ ନାହିଁ । ମାତ୍ର ଠିକ୍ ଏହି ଜିନିଷଟିକୁହିଁ ପଛରେ ଗୋଡ଼ାଇ ଧରି ପାରିବା ଉଚିତ । ତାହା ଆପଣାକୁ ପ୍ରକାଶ କରିବାକୁ ଆସିବା ମାତ୍ରକେ, ତୁମକୁ ତାହାକୁ ଠିକ୍ ଏହିପରି ଭାବରେ (ମାଆ ସଙ୍କେତ କରି ଦେଖାଇଦେଲେ) ଧରି ପକାଇବାକୁ ହେବ । ଖୁବ୍ ଦୃଢ଼ ଭାବରେ ଯାଇ ଧରିବାକୁ ହେବ, ତା'ପରେ ତାକୁ ଆଲୋକର ସମ୍ମୁଖରେ ଧରି ରଖି କହିବାକୁ ପଡ଼ିବ, "ନାଁ, ମୁଁ ମୋଟେ ତୋତେ ଚାହୁଁ ନାହିଁ । ମୁଁ—ତୋତେ—ଆଦୌ—ଚାହୁଁ—ନାହିଁ । ଏଇଟି ସହିତ ମୋ'ର ଆଦୌ କିଛିହେଲେ କରିବାକୁ ନାହିଁ । ତୋତେ ଏଠୁ ବାହାରି ଚାଲିଯିବାକୁହିଁ ପଡ଼ିବ, ଏବଂ ତୁ ଆଉ କଦାପି ପୁନର୍ବାର ଏଠାକୁ ଆସିବୁ ନାହିଁ !"

(କିଛି ସମୟ ନୀରବ ରହି) ଏବଂ, ଆମର ଏହି ଅଭିଜ୍ଞତାଟି ପ୍ରତିଦିନ ମଧ୍ୟ ହୋଇପାରିବ, ବା ପ୍ରାୟ ...ଯେତେବେଳେ ଭିତରେ କେତେ ନା କେତେ

'oaob.nitrkl.ac.in' images reprocessed

ଉତ୍ସାହର ଗତିସ୍ପନ୍ଦନ ହେବାରେ ଲାଗିଥାଏ, କେତେ ଅଭୀପ୍ସା ଆପଣାକୁ ସଞ୍ଚାଳିତ କରିବାରେ ଲାଗିଥାଏ, ଯେତେବେଳେ ଆମେ ହଠାତ୍ ଆମର ଦିବ୍ୟ ଲକ୍ଷ୍ୟଟି ସମ୍ବନ୍ଧରେ ସଚେତନ ହୋଇଉଠୁ,—ଦିବ୍ୟ ପରମସତ୍ତାଙ୍କ ପ୍ରତି ରହିଥିବା ଆମର ସେହି ପ୍ରବଳ ଆକାଙ୍କ୍ଷାଟିକୁ ଅନୁଭବ କରୁ, ଦିବ୍ୟ କାର୍ଯ୍ୟରେ ଅଂଶଗ୍ରହଣ କରିବାର ବାସନାଟିକୁ ଅନୁଭବ କରୁଥାଉ, ଯେତେବେଳେ ଆମେ ଆପଣା ଭିତରୁ କେତେ ନା କେତେ ଆନନ୍ଦ ଓ କେତେ ନା କେତେ ଶକ୍ତି ନେଇ ବାହାରି ଆସିବାରେ ଲାଗିଥାଉ,··· ଏବଂ ତା'ପରେ, ତା'ର ଅଳ୍ପ କେତେ ଘଣ୍ଟା ପରେ, ହୁଏତ ଗୋଟାଏ ଅତି ତୁଚ୍ଛ କାରଣ ସକାଶେ ଆମେ ନିଜକୁ କେଡ଼େ ଦୟନୀୟ କରିପକାଉ; ଏକ ଅତି କ୍ଷୁଦ୍ର, ସଙ୍କୀର୍ଣ୍ଣ ଓ ସାଧାରଣ ସ୍ୱାର୍ଥକେନ୍ଦ୍ରିକତା ମଧ୍ୟକୁ ଆପଣାର ଗୋଡ଼ ଖସାଇ ଦେଉ, ଏପରି ଏକ ନିର୍ବୋଧ ବାସନା ଭିତରେ ଯାଇ ପଡ଼ି ଯାଇଥାଉ.··· ଏବଂ, ସେତେବେଳେ ଆଉ ସବୁକିଛି ସତେଅବା କୁଆଡ଼େ ବାଷ୍ପ ପରି ଉଭେଇ ଯାଇଥାଏ, ସତେଯେପରି ସେଗୁଡ଼ିକର ଆଦୌ କୌଣସି ଅସ୍ତିତ୍ୱ ନ ଥାଏ। ଏହିପରି ଭାବରେ ଆମେ କେତେ ନା କେତେ ପରସ୍ପର—ବିରୋଧିତା ସହିତ ବେଶ୍ ଅଭ୍ୟସ୍ତ ହୋଇଯାଉ; ଏଇଟି ଉପରେ ଆଦୌ କୌଣସି ଦୃଷ୍ଟିପାତ କରୁ ନାହିଁ ଏବଂ ସେହି କାରଣରୁହିଁ ଏମାନେ ସମସ୍ତେ କେଡ଼େ ସୁନ୍ଦର ଓ ଆରାମଦାୟକ ଭାବରେ ପରସ୍ପରର ପ୍ରତିବେଶୀ ପରି ହୋଇ ଆମ ଭିତରେ ବାସ କରିବାରେ ଲାଗିଥାନ୍ତି। ଏଗୁଡ଼ିକୁ ସର୍ବପ୍ରଥମେ ଆବିଷ୍କାର କରିବାକୁ ପଡ଼େ ଏବଂ ନିଜର ଚେତନା ଭିତରେ ଯେପରି ସେମାନେ ଆଦୌ ପରସ୍ପର ସହିତ ମିଶି ନ ଯିବେ, ସେମାନଙ୍କୁ ସେଥିରୁ ନିବୃତ୍ତ କରି ରଖିବାକୁ ପଡ଼େ। ସେମାନଙ୍କ ମଧ୍ୟରୁ ଗୋଟିକୁ ବାଛିନେବାକୁ ହୁଏ : ଗ୍ରୁଇଟାକୁ ଆନ୍ୟେକଠାରୁ ଅଲଗା କରିଦେବାକୁ ହୋଇଥାଏ। ଏବଂ ତା'ପରେ ଗ୍ରୁଇର କବଳରୁ ମୁକ୍ତିଲାଭ କରିବା ସମ୍ଭବ ହୁଏ।

ବୁଝିଲ ? ବର୍ତ୍ତମାନ ସମୟ ହୋଇଗଲାଣି। ଆଉ କିଛି ଖୁବ୍ ଜରୁରୀ ପ୍ରଶ୍ନ ପଚାରିବାକୁ ଅଛି ? କିଛି ନାହିଁ ?

ମାଆ···

ହଁ !

ମାନସିକ ଅଗ୍ରରୁଚି ଏବଂ ପ୍ରାଣିକ ପ୍ରବଳଇଚ୍ଛା—ଏହି ଦୁଇଟି ମଧ୍ୟରୁ ଯୋଗ ଲାଗି କେଉଁଟି ଅଧିକ ବିପଜ୍ଜନକ ?

ଯେଉଁଗୁଡ଼ିକ ତୁମ ପାଖରେ ରହିଥାଏ ! (ସମସ୍ତେ ହସିଲେ)

'oaob.nitrkl.ac.in' images reprocessed

# ୪ ଅଗଷ୍ଟ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମାଆ" ପୁସ୍ତକର ପଞ୍ଚମ ଅଧ୍ୟାୟଟି ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ଜଣେ ସେବକ ଓ ଜଣେ କର୍ମୀ ମଧ୍ୟରେ କି ଫରକ ରହିଛି ?

ଖୁବ୍ ବେଶୀ ପ୍ରଭେଦ ଅଛି ବୋଲି ମୋର ମନେ ହେଉ ନାହିଁ; ଏହା ପ୍ରାୟ ଗୋଟିଏ କଥାକୁହିଁ ବୁଝାଉଛି । ସମ୍ଭବତଃ ଦୁଇଟିର ପଛରେ ରହିଥିବା ଦୃଷ୍ଟିକୋଣଟି ଏକାବେଳେକେ ସମାନ ନୁହେଁ, ମାତ୍ର ଶବ୍ଦ ଦୁଇଟି ଭିତରେ ଆଦୌ ଖୁବ୍‌ବେଶୀ ପ୍ରଭେଦ ନାହିଁ । "ସେବକ" ଶବ୍ଦଟିରେ କିଛିଟା ଅଧିକ ବ୍ୟଞ୍ଜନା ରହିଥିବା ପରି ମନେ ହେଉଛି : ଏଥିରେ ସେବା କରିବା ଜନିତ ଏକ ଆନନ୍ଦ ନିହିତ ହୋଇ ରହିଛି । ଜଣେ କର୍ମୀ—ତା'ର କେବଳ କାମଟିକୁ କରୁଥିବାର ଆନନ୍ଦହିଁ ରହିଛି । ମାତ୍ର, ଏକ ସେବା ରୂପେ ଯେଉଁ କାର୍ଯ୍ୟଟିକୁ କରାଯାଉଥାଏ, ସେଥିରୁ ଆହୁରି ଅଧିକ ଆନନ୍ଦ ମିଳିଥାଏ ।

"ଆତ୍ମ-ପ୍ରୀତି"ର ଅର୍ଥ କ'ଣ ?

ମୁଁ ଭାବୁଛି ବୃଥା ଗର୍ବକୁ ଟିକିଏ କୋମଳ ଓ ମଧୁର କରି କହିବା ଲାଗି ଆତ୍ମପ୍ରୀତି ଶବ୍ଦଟିର ବ୍ୟବହାର କରାଯାଇଛି । ଆତ୍ମପ୍ରୀତିର ଅର୍ଥ ହେଉଛି ଯେ, ଜଣେ ବ୍ୟକ୍ତି ଆଉ ଅନ୍ୟ ଯାବତୀୟ ବସ୍ତୁ ଅପେକ୍ଷା ନିଜକୁହିଁ ଅଧିକ ଭଲ ପାଉଛି । ଏବଂ, ଶ୍ରୀଅରବିନ୍ଦ ଏହି ଶବ୍ଦଟି ଦ୍ୱାରା ଏହାହିଁ କହିବାକୁ ଇଚ୍ଛା କରୁଛନ୍ତି ଯେ, ଏଥିରେ ବୃଥା ଗର୍ବଜନିତ ନାନା ପ୍ରତିକ୍ରିୟା ନିହିତ ହୋଇ ରହିଛି, ଯାହାକି ଆପଣାର ଯଥାଯୋଗ୍ୟ ପ୍ରଶଂସା ନ ହେଲେ ବିରକ୍ତି ପ୍ରକାଶ କରିଥାଏ, — ଯେତେବେଳେ, ସିଏ ଆପଣାକୁ ଯେତିକି ପ୍ରଶଂସା ପାଇବାର ଯୋଗ୍ୟ ବୋଲି ମନେ କରୁଛି, ସେତେ ପ୍ରଶଂସା ପାଉ ନ ଥାଏ; ଅଥବା, ଯେଉଁ ପୁରସ୍କାରକୁ ସିଏ ଆପଣାର ପ୍ରାପ୍ୟ ବୋଲି ଭାବୁଥାଏ, ସେଇଟିକୁ ପାଇପାରେ ନାହିଁ କିଂବା ଆପେ କରୁଥିବା ଯାବତୀୟ କାର୍ଯ୍ୟ ସକାଶେ ତାକୁ ଅନ୍ୟମାନଙ୍କଠାରୁ କୌଣସି ବାହାବାହା ମିଳେ ନାହିଁ । ବସ୍ତୁତଃ, ଏହି ସବୁକିଛି ପ୍ରତିକ୍ରିୟା ଅସନ୍ତୋଷରୁ ଜନ୍ମଲାଭ କରିଥାନ୍ତି, କାରଣ ଜଣେ ଯାହା ପାଇବ ବୋଲି ଆଶା କରିଥାଏ, ତାହା ସିଏ ପାଏ ନାହିଁ; ଯାହା ତାହାର ପ୍ରାପ୍ୟ ବୋଲି ଭାବିଥାଏ, ତାହା ପାଏ ନାହିଁ ।

'oaob.nitrkl.ac.in' images reprocessed

ମାଆ ଏକ "ଗତିଶୀଳ ଏକାତ୍ମକତା" କାହାକୁ କୁହାଯିବ ?

ଏଇଟି ହେଉଛି ଏକ ନିଷ୍କ୍ରିୟ ଅଥବା ଜୀବନହୀନ ଏକାତ୍ମକତାର ବିପରୀତ । ଏହି ଏକାତ୍ମକତା ମଧ୍ୟରେ ଶକ୍ତି, ଇଚ୍ଛା, କର୍ମତତ୍ପରତା ଏବଂ ଉତ୍ସାହ ପୂର୍ଣ୍ଣ ହୋଇ ରହିଥାଏ; ମାତ୍ର ଅନ୍ୟ ପକ୍ଷରେ, ଗୋଟାଏ ପ୍ରକାରର ଜଡ଼ତାର ସ୍ଥିତିରେ ମଧ୍ୟ ଏକ ଏକାତ୍ମକତା ସମ୍ଭବ ହୋଇପାରେ ।

**ଅନେକ ପର୍ବର କଥା**ରେ ଆପଣ ଲେଖିଛନ୍ତି ଯେ, ଆମ ଭିତରେ ଯଥେଷ୍ଟ ଆତ୍ମବିଶ୍ୱାସ ନ ଥିବା ସମୟରେହିଁ ଆମେ ଆମର ଯାବତୀୟ ଦୁର୍ବଳତାକୁ ଉଚିତ ବୋଲି ଦେଖାଇ ଦେବାରେ ଲାଗିଥାଉ । ଆମେ ଏପରି କରୁ କାହିଁକି ?

ହଁ । ଆମେ ଆମର ଯାବତୀୟ ଦୁର୍ବଳତାକୁ ଉଚିତ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁ, ନାହିଁ ? ଏହାକୁ ସିଧା ଆତ୍ମବିଶ୍ୱାସର ଏକ ଅଭାବ ବୋଲି କୁହାଯିବ ନାହିଁ; ମାତ୍ର, ଦିବ୍ୟ ପରମକରୁଣା ଆମ ଲାଗି ଯାହା କରିପାରିବ, ଏହା ସେଇଥିରେ ବିଶ୍ୱାସର ଏକ ଅଭାବକୁ ବୁଝାଏ । ଆପଣାର ଦୁର୍ବଳତାକୁ ଉଚିତ ବୋଲି ପ୍ରମାଣ କରିବାକୁ ମନ କରିବା, — ଏହାକୁ ଏକ ପ୍ରକାରର ଆଳସ୍ୟ ଓ ଜଡ଼ତା ବୋଲି କୁହାଯିବ ।

ଏବଂ, ଯଦି ଆମେ ନିଜର ସଂଶୋଧନ କରିବା ଲାଗି ଆଦୌ କିଛି ଉଦ୍ୟମ ନ କରୁଥିବା, ତେବେ ହୁଏତ କହୁଥିବା, "ନାହିଁ, ଏକଥା ମୋଟେ ସମ୍ଭବ ନୁହେଁ । ମୁଁ ସେକଥା ମୋଟେ କରିପାରିବି ନାହିଁ । ମୋ ପାଖରେ ସେପରି କରିପାରିବା ଲାଗି ଆଦୌ ବଳ ନାହିଁ । ମୁଁ ମୋଟେ ସେପରି ଟାଣ ହୋଇ ତିଆରି ହୋଇ ନାହିଁ । ମୋ ପାଖରେ ସେଥିସକାଶେ ଆବଶ୍ୟକ ଯୋଗ୍ୟତାମାନ ନାହିଁ । ମୁଁ ଏକଥା ମୋଟେ କରିପାରିବି ନାହିଁ ।" ଏସବୁ ହେଉଛି ଶୁଦ୍ଧ ଅଳସପଣିଆ, ଆବଶ୍ୟକ ଉଦ୍ୟମ ଓ ପ୍ରଯ୍ନାସଟିକୁ ଏଡ଼ିବା ଲାଗିହିଁ ଏହା କରିଯାଇଥାଏ । ଯେତେବେଳେ ତୁମକୁ ଆଗକୁ ଯିବା ପାଇଁ କୁହାଯାଏ, ସେତେବେଳେ ତୁମେ କହୁଥାଅ, "ନାହିଁ, ନାହିଁ, ମୋ'ଦେଇ ଏକଥା ହେବ ନାହିଁ, — ମୁଁ ବିଚାରା ଗୋଟିଏ ସାଧାରଣ ଜୀବ, ମୁଁ ପ୍ରକୃତରେ କିଛି କରିପାରିବି ନାହିଁ ।" ବାସ୍, ସେତିକି । ଏହାକୁ ପ୍ରାୟ ଏକ ଅସଦିଚ୍ଛା ବୋଲି କହିବାକୁ ହେବ । ଏହା ଚରମ ଆଳସ୍ୟ, କୌଣସି ପ୍ରକାର ପ୍ରଯ୍ନାସ କରିବା ଲାଗି ଅସମ୍ମତି ପ୍ରକାଶ କରିବା । ଆମେ ଆପଣାର ସକଳ ଅଭାବ ଏବଂ ସକଳ ଅସମର୍ଥତାକୁ ସ୍ୱୀକାର କରିନେଇଥାଉ, କାରଣ ସେଗୁଡ଼ିକୁ ଅତିକ୍ରମ କରିବା ସକାଶେ ଆବଶ୍ୟକ ଚେଷ୍ଟା କରିବା ଲାଗି ଆମେ ଆଦୌ ପ୍ରସ୍ତୁତ ନ ଥାଉ ।

'oaob.nitrkl.ac.in' images reprocessed

ଆମେ କହିବାରେ ଲାଗିଥାଉ, "ମୁଁ ସେହିପରି ଗଢ଼ା ହୋଇଛି, କଦାପି ଅନ୍ୟ ପ୍ରକାରରେ ହୋଇ ପାରିବ ନାହିଁ ।" ଆମ ଭିତରେ ଦିବ୍ୟ ପରମକରୁଣା ଆପଣାର କାର୍ଯ୍ୟଟିକୁ କରନ୍ତୁ, ଏହା ସେଥିଲାଗି ମଧ୍ୟ ଏକ ଅସମ୍ମତି । ଏହାର ଅର୍ଥ ହେଉଛି ଆମ ନିଜ ଭିତରେ ରହିଥିବା ଅସଦିଚ୍ଛାକୁ ଉଚିତ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିବା ।

ସେଠି କାହାର କୌଣସି ପ୍ରଶ୍ନ ଅଛି କି ? ବା, କାହାର ଆଉ କିଛି ପଚାରିବାକୁ ନାହିଁ ?

ମାଆ, ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି ; "ତୁମେ ଏକଥା ଜାଣି ପାରିବ, ଦେଖିପାରିବ ଓ ଅନୁଭବ କରିବ ଯେ ତୁମକୁ ସେହି ଜନନୀହିଁ ନିଜ ଭିତରୁ ଜଣେ ବ୍ୟକ୍ତି ଓ ଏକ ଶକ୍ତିରୂପେ ତିଆରି କରିଛନ୍ତି, ଲୀଳା ନିମନ୍ତେହିଁ ତୁମକୁ ନିଜ ଭିତରୁ ବାହାର କରିଛନ୍ତି ।"···କେଉଁ ଲୀଳା ନିମନ୍ତେ ?

ଏହି ବିଶ୍ୱକୁ ଦିବ୍ୟ ପରମସତ୍ତାଙ୍କର ଲୀଳା ବୋଲି କୁହାଯାଇଛି ।

କାହିଁକି ?

କାହିଁକି ? ତାହା ହେଉଛି ତାଙ୍କୁ ବର୍ଣ୍ଣନା କରିବାର ଏକ ପଦ୍ଧତି । ଏହା ପ୍ରକୃତରେ ଏକ କୌତୁକପୂର୍ଣ୍ଣ ଲୀଳା ନୁହେଁ ବୋଲି ତୁମେ ଅନୁଭବ କରୁଛ କି ? ଅନେକ ବ୍ୟକ୍ତି ସେପରି ଅନୁଭବ କରନ୍ତି ନାହିଁ (ସମସ୍ତେ ହସିଲେ), ସେମାନେ ଏହି ଲୀଳାଟିକୁ ଆଦୌ କୌତୁକପୂର୍ଣ୍ଣ ବୋଲି ଭାବନ୍ତି ନାହିଁ । ତଥାପି, ଏହା ହେଉଛି ବର୍ଣ୍ଣନା କରିବାର ଏକ ପଦ୍ଧତି । ··· କେହି କେହି, ଏହି ଲୀଳାକୁ ଆଦୌ ଆନନ୍ଦମୟ ବୋଲି ଅନୁଭବ ନ କରି — ତାହାକୁ "ନାନା ଶକ୍ତିପୁଞ୍ଜଙ୍କର ପାରସ୍ପରିକ କ୍ରିୟା" ବୋଲି କହିଥାନ୍ତି । ଗୋଟିଏ କ୍ରିୟାତ୍ମକତା ଓ ପାରସ୍ପରିକ କ୍ରିୟା ବୋଲି କହନ୍ତି । ଯାବତୀୟ କ୍ରିୟାତ୍ମକତାକୁ ସେହି ପାରସ୍ପରିକ କ୍ରିୟା ରୂପେ ବୁଝିଥାନ୍ତି । ତେଣୁ ଆମେ ଇଚ୍ଛା କଲେ ତାହାକୁ ସେପରି ମଧ୍ୟ ବୁଝିପାରିବା । ମାତ୍ର, ଏହି କଥାଟିର ଅର୍ଥ ହେଉଛି, ଏହି ବିଶ୍ୱସଂସାରର ସୃଷ୍ଟି କରିବା ନିମନ୍ତେ ଦିବ୍ୟ ପରମଶକ୍ତି ତଥା ଦିବ୍ୟ ପରମଚେତନା ଆପଣାକୁ ଏକ ବାହ୍ୟ ପ୍ରକାଶରୂପ ପ୍ରଦାନ କରିଛନ୍ତି, ବିଶ୍ୱରେ ରହିଥିବା ଶକ୍ତିସମୂହର ଯାବତୀୟ ପାରସ୍ପରିକ କ୍ରିୟା ଲାଗି ଆପଣାକୁ ସାକାର କରିଛନ୍ତି । ଏହାହିଁ ତାହାର ଅର୍ଥ, ଆଉ ଅନ୍ୟକିଛି ନୁହେଁ । ଲୀଳା ବା କ୍ରୀଡ଼ା ଅର୍ଥରେ ମୁଁ ମୋଟେ ପ୍ଲେଗ୍ରାଉଣ୍ଡ୍‌ରେ କ୍ରୀଡ଼ା

'oaob.nitrkl.ac.in' images reprocessed

କରିବା କଥା କହୁ ନାହିଁ । ଏହି କଥାଟିର ଆହୁରି ଅନେକ ଅନ୍ୟ ଅର୍ଥ ବି ହୋଇପାରେ ।

(ପିଲାଙ୍କୁ ପ୍ରଶ୍ନ ପଚାରିବା ଲାଗି ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଅନ୍ୟ ପିଲାମାନଙ୍କୁ ଲକ୍ଷ୍ୟ କରି) ତୁମମାନଙ୍କର କି କିଛି ପଚାରିବାର ନାହିଁ ?

“ଅହଂଗତ ଯାବତୀୟ ବିକୃତିର ଦୋଷଯୁକ୍ତତାରୁ ଆପଣାକୁ ମୁକ୍ତ ରଖିବ” ଏହାର ଅର୍ଥ କ’ଣ ?

ଅହଂଗତ ଯାବତୀୟ ବିକୃତି ?

(କିଛିକ୍ଷଣ ନୀରବ ରହି) ଦିବ୍ୟ ସତ୍ୟ ଏବଂ ଦିବ୍ୟ ପବିତ୍ରତାରୁ ଦୂରକୁ ଅନ୍ୟ ଆଡ଼କୁ ଚାଲିଯିବା, — ତାହାକୁ ବିକୃତି କୁହାଯାଏ । ତୁମେ ଯେଉଁ ମୁହୂର୍ତ୍ତରୁ ଅଜ୍ଞାନ ଏବଂ ମିଥ୍ୟା ମଧ୍ୟରେ ଜୀବନ ବଞ୍ଚିବାକୁ ଆରମ୍ଭ କର, ସେହି ମୁହୂର୍ତ୍ତରୁହିଁ ତୁମେ ବିକୃତି ଭିତରେ ପ୍ରବିଷ୍ଟ ହୁଅ । ଏବଂ ବର୍ତ୍ତମାନ ଏହି ସମଗ୍ର ସଂସାରହିଁ ସେହି ଅଜ୍ଞାନ ଓ ମିଥ୍ୟା ଦ୍ୱାରା ନିର୍ମିତ ହୋଇରହିଛି । ତେଣୁ ଏହାର ଅର୍ଥ ହେଉଛି ଯେ, ଯଦି ତୁମେ ସାଧାରଣ ଚେତନାଟି ମଧ୍ୟରେ ଅବସ୍ଥାନ କରୁଥିବ, ତେବେ ଅବଶ୍ୟମ୍ଭାବୀ ଭାବରେ ଅହଂଗତ ବିକୃତିର କବଳରେ ପଡ଼ିଯିବ ।

ମାଆ, ଏଠାରେ କୁହାଯାଇଛି : “ତୁମେ ସ୍ୱତନ୍ତ୍ର ଭାବରେ ଜଣେ କର୍ମୀରୂପେ କାର୍ଯ୍ୟ କରୁଛ, ଏହି ଧାରଣାଟି ତୁମ ଭିତରେ ଭାରି ଶକ୍ତିଶାଳୀ ହୋଇ ରହିଥିଲେ ମଧ୍ୟ, ଏବଂ, ତୁମେ ନିଜେହିଁ କାର୍ଯ୍ୟଟିକୁ କରୁଛ ବୋଲି ଅନୁଭବ କରୁଥିଲେ ମଧ୍ୟ, ତଥାପି ସେହି ଜନନୀଙ୍କ ଲାଗିହିଁ କାର୍ଯ୍ୟଟିକୁ କରିବାକୁ ହେବ ।” ଉଦାହରଣସ୍ୱରୂପ, ଆମେ କ୍ରୀଡ଼ାଦି ବିଷୟରେ ଯେଉଁ ଅଧ୍ୟୟନ କରୁଛୁ, ଏହାକୁ କି ଆମେ ଦିବ୍ୟ ପରମସତ୍ତାଙ୍କ ଲାଗି କରୁଛୁ ବୋଲି ଅନୁଭବ କରିବାକୁ ପଡ଼ିବ ?

ହଁ ଅତ୍ୟନ୍ତ ନିଶ୍ଚିତ ଭାବରେ···

କିପରି ?

ଏହା ସେପରି ଖୁବ୍ ବେଶୀ କଷ୍ଟକର ବି ନୁହେଁ । ଦିବ୍ୟ ଶକ୍ତିଗୁଡ଼ିକୁ ଗ୍ରହଣ କରିବାର ସାମର୍ଥ୍ୟ ଲାଭ କରିବା ପାଇଁ ଏକ ପ୍ରସ୍ତୁତିରୂପେହିଁ ତୁମେ ତାହା କରିବା ଆରମ୍ଭ କରିପାର । ଏବଂ, ତା’ପରେ ଏକ ସେବାରୂପେ ତାହାକୁ କରିପାର

'oaob.nitrkl.ac.in' images reprocessed

ଯେପରିକି ତଦ୍ୱାରା ତୁମେ ଆଶ୍ରମର ସମୁଦାୟ ସଂଗଠନଟିର ନିର୍ମାଣରେ କିଛି ସାହାଯ୍ୟ କରିପାରିବ । ଆଖି ଆଗରେ କୌଣସି ବ୍ୟକ୍ତିଗତ ଲାଭର ଅଭିପ୍ରାୟ ରଖି ତୁମେ ଏହା କରିବ ନାହିଁ, ମାତ୍ର ଦିବ୍ୟ କର୍ମର ସାଧନ ଲାଗି ଆପଣାକୁ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ରଖିହିଁ ତୁମେ ତାହା କରିବ ! ଏଠାରେ ଉପଲବ୍ଧ ହେଉଥିବା ପରିବେଶଟିରୁ ସମ୍ପୂର୍ଣ୍ଣ ଲାଭବାନ୍ ହୋଇପାରିବାକୁ ହେଲେ ବି ତାହା କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଁ ଭାବୁଛି । ମାତ୍ର, ଯଦି ତୁମେ ସେହି ମାମୁଲି ଦୃଷ୍ଟିକୋଣଟି ପୋଷଣ କରି ରହିଥିବ, ତେବେ ତୁମେ ଆପଣାକୁ ଏଭଳି ନାନା ଅବସ୍ଥାରେ ପକାଇ ରଖିଥିବ, ଯାହାକି ଆଦୌ ସନ୍ତୋଷଦାୟକ ହୋଇ ନ ଥିବ, ଏବଂ ସେହି ସ୍ଥିତିରେ, ତୁମେ ଯେଉଁ ଶକ୍ତିଗୁଡ଼ିକର ଅଧିକାରୀ ହୋଇ ପାରିଥାନ୍ତ, ତାହା ଲାଭ କରିବାକୁ ଏକାନ୍ତ ଅସମର୍ଥ ହୋଇ ରହିଥିବ ।

ମାଆ, ଉଦାହରଣସ୍ୱରୂପ, ଲଙ୍ଗ୍‌ଜମ୍ପ୍ କରିବା ସମୟରେ ଯଦି ଜଣେ ଅଧିକରୁ ଅଧିକ ଡେଇଁବା ଲାଗି ଚେଷ୍ଟା କରୁଥିବ, ତେବେ ସିଏ ତଦ୍ୱାରା ଭଗବାନଙ୍କର କାର୍ଯ୍ୟ କରୁଛି ବୋଲି କିପରି କୁହାଯିବ ?

କ'ଣ କହିଲ ? ମାତ୍ର, କେବଳ ଲଙ୍ଗ୍‌ଜମ୍ପ୍‌ରୁ ମିଳୁଥିବା ସୁଖ ପାଇଁ ନୁହେଁ, ତୁମ ଶରୀରର କାର୍ଯ୍ୟକାରିତା ଯେପରି ଅଧିକ ଦୋଷମୁକ୍ତ ହୋଇପାରିବ ଏବଂ ସେହି କାରଣରୁ, ଦିବ୍ୟ ଶକ୍ତିସମୂହକୁ ଗ୍ରହଣ କରି ସେଗୁଡ଼ିକର ପରିପ୍ରକାଶ ଘଟାଇବାରେ ତୁମେ ଯେପରି ଏକ ଯୋଗ୍ୟତର ଯନ୍ତ୍ରରେ ପରିଣତ ହୋଇପାରିବ, ତୁମେ ସେଇଥି ସକାଶେହିଁ ତାହା କରୁଛ ।

ମାତ୍ର, ଜଣେ ବ୍ୟକ୍ତି ଏଠାରେ ଯାହାକିଛି, ଯାହାକିଛି କରୁଛି, ତାକୁ ଠିକ୍ ଏହିପରି ଏକ ଭାବ ଦ୍ୱାରା ଅନୁପ୍ରେରିତ ହୋଇ କରିବାକୁ ପଡ଼ିବ, ତା' ନ ହେଲେ ଏଠାରେ ତୁମକୁ ପ୍ରାପ୍ତ ହେଉଥିବା ସୁଯୋଗଗୁଡ଼ିକରୁ ତୁମେ ଆଦୌ କୌଣସି ପ୍ରକାରେ ଲାଭବାନ୍ ହୋଇ ପାରିବ ନାହିଁ । ତୁମକୁ ପ୍ରାପ୍ତ ହେଉଥିବା ପରିବେଶରୁ ତୁମେ ଆଦୌ କୌଣସି ଲାଭ ପାଇବ ନାହିଁ । ମୁଁ ସେଦିନ ମଧ୍ୟ ତୁମମାନଙ୍କୁ ଏହି କଥା ବୁଝାଇକରି କହୁଥିଲି, ନୁହେଁ ? ମୁଁ କହୁଥିଲି ଯେ, ସେହି ବିରାଟ ଚେତନା ଏଠାରେ ଅବସ୍ଥିତ ରହିଛି, ଯାବତୀୟ ବସ୍ତୁ ମଧ୍ୟରେ ଭେଦି କରି ରହିଛି, ଏବଂ ଯାବତୀୟ କ୍ରିୟାତ୍ମକତା ମଧ୍ୟରେ ଆପଣାକୁ ବ୍ୟକ୍ତ କରିବାକୁ ଚେଷ୍ଟା କରୁଛି । ମାତ୍ର, ଯଦି ତୁମେ ନିଜ ପକ୍ଷରୁ ଆପଣାକୁ ଏହିପରି କହିବାକୁ ସମର୍ଥ ହେବ ଯେ, ତୁମେ ଯେଉଁ ପ୍ରଶ୍ୱାସ କରୁଛ, ଯେଉଁ ଅଗ୍ରଗତି କରୁଛ,

'oaob.nitrkl.ac.in' images reprocessed

ସେହି ପରମଚେତନାକୁ ଗ୍ରହଣ କରିବା ଲାଗି ଓ ତାହାକୁ ବ୍ୟକ୍ତ କରିବା ଲାଗି ଅଧିକ ସମର୍ଥ ହେବା ସକାଶେହିଁ ତୁମେ ସେସବୁ କରୁଛ, — ତେବେ ତୁମେ ସେହି କାର୍ଯ୍ୟକୁ ଅଧିକ ଭଲଭାବରେ କରିପାରିବ, ଅଧିକ ଶୀଘ୍ର ବି କରିପାରିବ । ଏବଂ, ଏକଥାଟି ମଧ୍ୟ ମୋତେ ପ୍ରକୃତରେ ଅତ୍ୟନ୍ତ ସାଧାରଣ ଓ ସହଜବୋଧ କଥା ପରି ଲାଗୁଛି; ଏହା ଯେ ଆଉ ଅନ୍ୟ କୌଣସି ପ୍ରକାରର ହୋଇ ପାରିବ, ସେକଥା ଭାବିଲା ବେଳକୁ ମଧ୍ୟ ମୋତେ ଭାରି ଆଶ୍ଚର୍ଯ୍ୟ ଲାଗୁଛି । କାରଣ, ତା' ନ ହୋଇଥିଲେ, ଏକ ନିର୍ଦ୍ଦିଷ୍ଟ ରୀତିରେ ସଂଗଠିତ ହୋଇ ରହିଥିବା ଏହି ଆଶ୍ରମରେ ତୁମର ଉପସ୍ଥିତିର ଆଦୌ କୌଣସି ଅର୍ଥହିଁ ରହିବ ନାହିଁ । ତେବେ ଏଠାରେ ରହିବାରୁ ଆଉ କି ଉପକାର ମିଳିବ ? ପୃଥିବୀରେ ତ କେତେ କେତେ ବିଶ୍ୱବିଦ୍ୟାଳୟ ରହିଛି ଓ ବିଦ୍ୟାଳୟ ରହିଛି ଏବଂ ସେସବୁ ଅତ୍ୟନ୍ତ ଉତ୍ତମ ଭାବରେ ସଂଗଠିତ କରି ରଖାଯାଇଛି !

ମାତ୍ର, ତୁମେମାନେ ଯେ ଏଠାରେ ଅଛ, କେବଳ ଏକ ବିଶେଷ କାରଣରୁହିଁ ଏଠାରେ ରହିଛ । ସେହି କାରଣଟି ହେଉଛି ଯେ, ଚେତନାକୁ ନିଜ ମଧ୍ୟରେ ଗ୍ରହଣ କରିବାର ଏବଂ ଅଗ୍ରଗତି କରିବାର ଏପରି ଏକ ସମ୍ଭାବନା ଏଠାରେ ରହିଛି, ଯାହାକି ଆଉ କୌଣସି ଜାଗାରେ ଦେଖିବାକୁ ମିଳିବ ନାହିଁ । ଏବଂ, ଏହାକୁ ଗ୍ରହଣ କରିବା ସକାଶେ ଯଦି ତୁମେ ନିଜକୁ ପ୍ରସ୍ତୁତ ନ କରିବ, ତେବେ ତୁମକୁ ଏଠାରେ ଦିଆଯାଉଥିବା ସୁଯୋଗଟିକୁ ହରାଇ ବସିବାହିଁ ସାର ହେବ ।

ମାତ୍ର ମୁଁ ଏବିଷୟରେ ଆଗରୁ କେବେହେଲେ କିଛି କହି ନାହିଁ, କାରଣ ଏହା ମୋତେ ଏପରି ସୁସ୍ପଷ୍ଟ ବୋଧ ହେଉଥିଲା ଯେ ତାହା ବିଷୟରେ କିଛି କହିବା ଲାଗି କୌଣସି ଆବଶ୍ୟକତା ନ ଥିଲା !

> ହଁ, ମାଆ, ସେହିପରି ଭାବରେ ଆମକୁ ସବୁକିଛି କରିବାକୁ ହେବ ବୋଲି ଆମକୁ ଭଲ ଭାବରେ ଜଣା ଥାଏ । ମାତ୍ର, କାର୍ଯ୍ୟଟିକୁ ପ୍ରକୃତରେ କରୁଥିବା ସମୟରେ ଅଭିପ୍ରାୟଟି ଅନ୍ୟପ୍ରକାର ହୋଇଯାଏ ।

ନାହିଁ, ମାତ୍ର ··(ମାଆ ନୀରବ ରହିଲେ) ସାଧାରଣ ଭାବରେ, ଏପରି କାହିଁକି ହୁଏ ବୋଲି ତୁମେ ଭାବୁଛ ? ଏପରି କ'ଣ ଦୈବାତ୍ ହୁଏ, ବା କୌଣସି ଅଦୃଶ୍ୟ କାରଣ ହେତୁ ହୁଏ,—ବା, ତୁମମାନଙ୍କର ପିତାମାତା ଏଠାରେ ଅଛନ୍ତି ବୋଲି ହୁଏ ? —ବା, ଦୈବାତ୍ ଅର୍ଥାତ୍ ଆକସ୍ମିକ ଭାବରେହିଁ ଏଠାରେ ଅଛ

'oaob.nitrkl.ac.in' images reprocessed

ବୋଲି ତୁମେ ଭାବୁଥିବାରୁ ଏପରି ହୁଏ ? ବା ଆଉ କୌଣସି କାରଣରୁ ? ମୁଁ କିଛି କହିପାରୁ ନାହିଁ । (ମାଆ ହସି କହିଲେ) ତୁମେ ହୁଏତ ଦୈବାତ୍ ଏଠାରେ ଅଛ, ହୁଏତ ଆଉ କୌଣସି ଅନ୍ୟ ସ୍ଥାନରେ ମଧ୍ୟ ରହି ପାରଥାନ୍ତ,—ନା ଆଉ କ'ଣ ?

ଏ ବିଷୟରେ କିଛି ଭାବିବା ଓ ଚିନ୍ତା କରିବା ଲାଗି ତ ତୁମମାନଙ୍କର ଯଥେଷ୍ଟ ବୟସ ହୋଇଗଲାଣି । ତୁମେ ନିଜକୁ କେବେହେଲେ "ମୁଁ ଏଠାରେ କାହିଁକି ରହିଛି ?" ବୋଲି ପଚାରି ନାହଁ । କେବେ ନିଜକୁ ଏକଥା ପଚାରିଛ କି ? ବା, ଇଏ ହେଉଛି ଏପରି କିଛି ବିଷୟ ଯାହାକି···ମୁଁ ଭାବିଥିଲି ଯେ ତୁମେମାନେ ଏହାକୁ ନିଶ୍ଚୟ କୌଣସି ଏକ ବିଶେଷ ଘଟଣା ରୂପେ···ମୁଁ ଭାବୁଥିଲି ଯେ ତୁମେମାନେ ଏହାକୁ ଅତ୍ୟନ୍ତ ସ୍ୱାଭାବିକ ଏବଂ ସ୍ପଷ୍ଟ ଭାବରେ ଜାଣିଥିବ । ତେଣୁ ତୁମମାନଙ୍କୁ ଏ ବିଷୟରେ କିଛି କହି ନ ଥିଲି । ନାହିଁ, ଏକଥା ଜାଣିବାକୁ ମୋ'ର ବି ଅବଶ୍ୟ ଆଗ୍ରହ ଆସିବ··· ଜଣେ ପିଲାକୁ) ତୁମେ କହିଲ, ତୁମେ କେବେ ଏକଥା ଭାବିଛ ?

ମାଆ, ମୁଁ ଆପଣଙ୍କୁ ସେଦିନ କହିଥିଲି !

ହଁ, ଠିକ୍ କଥା । ମାତ୍ର ତୁମେ ଆଉଥରେ ବି କହି ପାରିବ । (ଆଉଜଣେ ପିଲାକୁ) ତୁମେ ? ତୁମେ ଏବିଷୟରେ ଭାବିଛ ? ବା, ତୁମେ ଏହି ଘଟଣାଟିକୁ ସେହିପରିହିଁ ଗ୍ରହଣ କରି ନେଇଛ ?···କାରଣ ତୁମର ପିତାମାତା ଏଠାରେ ଅଛନ୍ତି, ତେଣୁ ମୁଁ ଏଠି ରହିଛି । (ସମସ୍ତେ ହସିଲେ) (ଆଉଜଣକୁ) ତୁମେ କହିଲ ?

ଆପଣ ଆମକୁ "ଆଶ୍ରମର ପିଲାମାନଙ୍କ ପାଇଁ" ବହିଟିକୁ ଦେବାପରେ ଯାଇ ମୁଁ ବୁଝିଲି ।

ଆଚ୍ଛା, ସେତେବେଳେ ବୁଝିଲ ? ଆଗରୁ ବୁଝି ନ ଥିଲ ?

ଆଗରୁ ମୁଁ ଏବିଷୟରେ ଚିନ୍ତା କରି ନ ଥିଲି ।

ମାତ୍ର, ତୁମମାନଙ୍କର ହାରାହାରି ବୟସ କେତେ ହେବ କହିଲ ? ପନ୍ଦର କି ଷୋହଳ ? ସତର ? କୋଡ଼ିଏ ? ନା—ସେପରି ହୋଇ ନ ଥିବ । ଲାଲ-ଦଳ ହେଉଛନ୍ତି ପନ୍ଦରରୁ କୋଡ଼ିଏ ବର୍ଷ ମଧ୍ୟରେ । ନୁହେଁ ? ତା'ଠାରୁ ଆହୁରି କମ୍ ବୟସର କେହି ଏଠାରେ ଅଛନ୍ତି କି ?

ନାହିଁ ।

ମାତ୍ର ତେର ବର୍ଷ ବୟସରୁ ଜଣେ ମନୁଷ୍ୟ ଚିନ୍ତା କରିବାକୁ ଆରମ୍ଭ କରିଥାଏ । ଚିନ୍ତା କରିବାକୁ ଆରମ୍ଭ କରେ, ନିଜକୁ ପ୍ରଶ୍ନ ପଚାରିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରେ ଏବଂ, "ଜୀବନ କହିଲେ କ'ଣ ବୁଝାଏ; ଆମେସବୁ କାହିଁକି ଜୀବନଧାରଣ କରୁଛୁ ?" ପ୍ରଭୃତି ବିଷୟରେ ବି ପ୍ରଶ୍ନ କରେ । ଏବଂ, ଏହିପରି ଗୋଟିଏ ସ୍ଥାନରେ ଆସି ରହିବାର ସୁଯୋଗ ପାଇଲେ ଆହୁରି ଅଧିକ ପରିମାଣରେ ଏହିସବୁ ପ୍ରଶ୍ନ ପଚାରେ । ଏହି ସ୍ଥାନଟି ମୋଟେ ଯେକୌଣସି ସ୍ଥାନ ଭଳି ନୁହେଁ । "ମୁଁ ଏଠାରେ କାହିଁକି ରହିଛି ?" ଏବଂ, "ଏଠାରେ ରହିବାର ପ୍ରୟୋଜନ କ'ଣ ?"—ଏହିପରି ପ୍ରଶ୍ନମାନ ପଚାରେ ନୁହେଁ ?—ତୁମେମାନେ କିଛି ଚିନ୍ତା କର ନାହିଁ ? ମୋଟେ କିଛିହେଲେ ଚିନ୍ତା କର ନାହିଁ ? ତୁମମାନଙ୍କ ଭିତରୁ ଦୁଇ ତିନିଜଣ ଏହି ବିଷୟରେ ଚିନ୍ତା କରୁଥିବାର ମୋତେ ଜଣାଅଛି, କାରଣ ସେମାନେ ମୋ'ଆଗରେ ସେକଥା କହିଛନ୍ତି । ମାତ୍ର, (ମାଆ ହସିକରି କହିଲେ) ଅନ୍ୟମାନେ ? ତୁମେମାନେ ନିଜକୁ କେବେ ଏହିସବୁ ପ୍ରଶ୍ନ ପଚାରି ନାହଁ ?···କାହିଁ, କେହି ତ ପଦେ ହେଲେ ବି କିଛି କହୁ ନାହାନ୍ତି ! (ସମସ୍ତେ ହସିଲେ)

(ଜଣେ ପିଲାକୁ) ତେବେ ତୁମେ ଏବିଷୟରେ କେବେ କିଛି ଚିନ୍ତା କର ନାହଁ ? ନିଶ୍ଚୟ କରିଛ । (କେହି ଉତ୍ତର ଦେଲେ ନାହିଁ) ନାଇଁ, ସେମାନେ ଆଦୌ କିଛି କହିବାକୁ ରାଜି ହେଉ ନାହାନ୍ତି । ତେବେ ଆଉ, ଆମେ ଆଉ ସେବିଷୟରେ କିଛି କଥାବାର୍ତ୍ତା ହେବା ନାହିଁ । (ସମସ୍ତେ ହସିଲେ)

ସରିଲା ? ଆଜି ପାଇଁ ଯଥେଷ୍ଟ ହେଲା ?

ମାଆ, ଏଇ କଥାଟି ଖୁବ୍ ଆଗ୍ରହୋଦ୍ଦୀପକ : ଆମ ଭିତରେ ପ୍ରକୃତରେ କ'ଣ ରହିଛି, ଯାହା ଆମକୁ ଏଠାକୁ ଅଣାଇଛି ?

ହଁ, ତାହା ପ୍ରକୃତରେ ଆଗ୍ରହୋଦ୍ଦୀପକ ! ତୁମେ କେଉଁ କାରଣରୁ ଏଠାରେ ଅଛ ? ଏହାର ଉତ୍ତର ପ୍ରତ୍ୟେକ ବ୍ୟକ୍ତି ନିଜଠାରୁହିଁ ପାଇବେ । ତୁମେ କି ଉତ୍ତର ପାଇଲ ? ଏପର୍ଯ୍ୟନ୍ତ ପାଇ ନାହଁ ? ମାତ୍ର, ସେଇଟି ହେଉଛି ଆଉ ଗୋଟିଏ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ପ୍ରଶ୍ନ !

ଯଦି ତୁମେ···(ମାଆ ନୀରବ ରହିଲେ) ଯଦି ତୁମେ ନିଜକୁ ଏହି ପ୍ରଶ୍ନଟି ପଚାରିବ, ତେବେ ନିଜ ଭିତରେ କୌଣସି ନା କୌଣସି ସ୍ଥାନରେ ତାହାର ଉତ୍ତରଟି ଖୋଜି ପାଇବାକୁ ବାଧ୍ୟ ହେବ—କାରଣ, ତାହା ତୁମ ଭିତରେହିଁ ରହିଛି । "ଆମ ଭିତରେ କ'ଣ ଅଛି, ଯାହାକି ଆମକୁ ଏଠାକୁ ନେଇ ଆସିଛି ?"—ଏହି ପ୍ରଶ୍ନର ଉତ୍ତର ତୁମ ଭିତରେହିଁ ରହିଛି । ବାହାରେ କିଛି ନାହିଁ । ଏବଂ, ଯଦି ତୁମେ ଯଥେଷ୍ଟ ଗଭୀରକୁ ପ୍ରବେଶ କରିପାରିବ, ତେବେ ଏହି ପ୍ରଶ୍ନର ଏକ ଅତି ସ୍ପଷ୍ଟ ଉତ୍ତର ପାଇପାରିବ ।··· (ମାଆ ନୀରବ ରହିଲେ) ଏବଂ ଏକ ଅତ୍ୟନ୍ତ

'oaob.nitrkl.ac.in' images reprocessed

ଆଗ୍ରହୋଦ୍ଦୀପକ ହଉଚନ୍ତି ପାଇବ । ଯଦି ଯଥେଷ୍ଟ ଗଭୀରକୁ ଯିବ, ଯାବତୀୟ ବାହ୍ୟ ପଦାର୍ଥରୁ ବାହାରି ଯଦି ଯଥେଷ୍ଟ ପରିମାଣରେ ଏକ ସମ୍ପୂର୍ଣ୍ଣ ନୀରବତା ଭିତରକୁ ଚାଲିଯାଇ ପାରିବ, ତେବେ ତୁମେ ନିଜ ଭିତରେ ସେହି ଅଗ୍ନିଶିଖାଟିକୁ ଦେଖିବାକୁ ପାଇବ, ଯାହା ବିଷୟରେ କି ମୁଁ ଅନେକ ସମୟରେ କହିଛି; ସେହି ଅଗ୍ନିଶିଖା ମଧ୍ୟରେ ତୁମେ **ଆପଣାର ନିୟତିକୁ** ଦେଖିବାକୁ ପାଇବ । ସେଠାରେ ତୁମେ ଶତାବ୍ଦୀ ଶତାବ୍ଦୀ ଧରି କ୍ରମଶଃ ସକେନ୍ଦ୍ରିତ ହୋଇ ଆସିଥିବା ଅଭୀପ୍ସାଟିକୁ ଦେଖିବାକୁ ପାଇବ,—ତାହାହିଁ ତୁମକୁ ଅଗଣିତ କେତେ କେତେ ଜନ୍ମ ମଧ୍ୟଦେଇ ଉପଲବ୍ଧିର ସେହି ମହାନ୍ ଦିବସଟି ଆଡ଼କୁ ପରିଚାଳିତ କରି ଆଣିବାରେ ଲାଗିଛି । ସେହି ପ୍ରସ୍ତୁତିଟି ହଜାର ହଜାର ବର୍ଷ ହେଲା ହୋଇ ଆସିଛି ଏବଂ ତାହା ଆପଣାର ଚରମବିନ୍ଦୁଟିର ନିକଟବର୍ତ୍ତୀ ହେବାରେ ଲାଗିଛି ।

ଏବଂ, ଏଇଟିକୁ ଖୋଜି ବାହାର କରିବା ଲାଗି ଯେତେବେଳେ ତୁମେ ଅତ୍ୟନ୍ତ ଗଭୀରରେ ଯାଇ ପ୍ରବିଷ୍ଟ ହେବ, ତେବେ ସେହିସବୁ ଯାବତୀୟ ଅସମର୍ଥତା, ତୁମର ଯାବତୀୟ ଦୁର୍ବଳତା, ତୁମ ଭିତରେ ରହିଥିବା ସେହିସବୁ ଯାବତୀୟ କଥା, ଯାହା ଅସ୍ୱୀକାର କରିବାରେ ଲାଗିଛ ଓ ଆଦୌ କିଛି ବୁଝୁ ନାହିଁ,—ସେତେବେଳେ ତୁମେ ଅନୁଭବ କରିବ ଯେ, ସେହି ସବୁକିଛି ମୋଟେ ତୁମର ଅସଲ ଅଂଶ ନୁହନ୍ତି; ଏସବୁ ଏକାଠି ମିଶି ତୁମ ଉପରେ କେବଳ ଏକ ପରିଚ୍ଛଦ ପରି ରହିଛନ୍ତି, ଯାହାକି ଗୋଟାଏ ପ୍ରକାର କୌଣସି କାମରେ ଲାଗୁଛି ଏବଂ ଯାହାକୁ କି ତୁମେ ସାମୟିକ ଭାବରେ ପରିଧାନ କରିଛ । ମାତ୍ର ତୁମେ ବର୍ତ୍ତମାନ ବୁଝିବ ଯେ, ତୁମେ ଯାହା କରିବ ବୋଲି ଇଚ୍ଛା କରିଥିଲ, ଏହି ଦୀର୍ଘ କାଳ ଧରି ଯାହା କରିବ ବୋଲି ତୁମେ ଆକାଙ୍କ୍ଷା କରି ଆସିଛ, ତାହାକୁ କରିବାର ସୁଯୋଗଟି ଦ୍ୱାରା ସମ୍ପୂର୍ଣ୍ଣଭାବେ ଲାଭବାନ୍ ହୋଇପାରିବା ନିମିତ୍ତ ତୁମକୁ ସେହି ଆଲୋକ, ସେହି ସତ୍ୟ ଏବଂ ସେହି ଚେତନାକୁ ଧୀରେଧୀରେ ଏହି ବାହ୍ୟ ପରିଚ୍ଛଦଟିର ଯାବତୀୟ ଅସ୍ପଷ୍ଟ ଉପାଦାନ-ଗୁଡ଼ିକ ମଧ୍ୟରେ ଆଣି ପ୍ରବିଷ୍ଟ କରାଇବାକୁ ପଡ଼ିବ, ଯେପରିକି, ତୁମେ ପ୍ରକୃତରେ କାହିଁକି ଏଠାରେ ରହିଛ, ତୁମେ ସେହି କଥାଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝି ପାରିବାକୁ ସମର୍ଥ ହେବ ! ତୁମେ ଯେ ସେହି କଥଟିକୁ କେବଳ ବୁଝି ପାରିବ, ତା' ନୁହେଁ, ତୁମେ ତାହାକୁ କାର୍ଯ୍ୟରେ ମଧ୍ୟ ପରିଣତ କରି ପାରିବ । ଶତାବ୍ଦୀ ଶତାବ୍ଦୀ ଧରି ତୁମ ଭିତରେ ସେହି କଥାଟିକୁ ପ୍ରସ୍ତୁତ କରାଇ ଅଣାଯାଇଛି ଏହି ଜନ୍ମରେ ମୋଟେ ନୁହେଁ···(ମାଆ ଆପଣା ହାତର ଚମକୁ ଚିମୁଟି ଦେଖାଇଦେଲେ) ଏଇଟା ତ ଅତି ଅଳ୍ପ ଦିନର, ନୁହେଁ ? ··ମାତ୍ର ତୁମର ଯଥାର୍ଥ ଆତ୍ମସତ୍ତା ଭିତରେ ତାହାକୁ ପ୍ରସ୍ତୁତ କରାଯାଇ ଅଣାଯାଇଛି । ଏବଂ, ଶତାବ୍ଦୀ ଶତାବ୍ଦୀ ଧରି ତାହା ଏହି ସୁଯୋଗଟି ଲାଗି ଅପେକ୍ଷା କରି ରହିଛି ।

'oaob.nitrkl.ac.in' images reprocessed

ଏବଂ ତା'ର ଅବ୍ୟବହିତ ପରେ ତୁମେ ସତକୁ ସତ ଏକ ବିସ୍ମୟକାରୀ ପ୍ରଦେଶରେ ଯାଇ ପ୍ରବେଶ କରିବ । ଏହା ଯେ ପ୍ରକୃତରେ କେତେ ଅସାଧାରଣ, ସେତେବେଳେ ତୁମେ ତାହା ଦେଖିବାକୁ ଆରମ୍ଭ କରିବ । ···ଯେଉଁସବୁ ବସ୍ତୁ ଲାଗି ଆମେ ଏପର୍ଯ୍ୟନ୍ତ ଆଶା ପୋଷଣ କରି ରହିଛୁ, ଯେଉଁଗୁଡ଼ିକ ସକାଶେ ଏତେ ପ୍ରାର୍ଥନା କରିଛୁ, ଏତେ ଚେଷ୍ଟା କରିଛୁ,—ହଠାତ୍ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି ସେଗୁଡ଼ିକ ପ୍ରକୃତରେ ଉପଲବ୍ଧ ହେବାକୁ ଲାଗିବେ ।

ଏହା ଏପରି ଏକ ମୁହୂର୍ତ୍ତ, ଯେତେବେଳେ କେତେକେତେ ବୃହତ୍ ସମ୍ଭାବନାମାନ ସମ୍ଭବ ହୁଅନ୍ତି । ଆମେ କେବେହେଲେ ଏହି ସୁଯୋଗଟିକୁ ହାତରୁ ଖସିଯିବାକୁ ଦେବା ନାହିଁ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଆଗାମୀ ୧୫ ଅଗଷ୍ଟ ଦିନ ମୁଁ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଏପରି ଗୋଟିଏ ବାର୍ତ୍ତା ପଢ଼ି ଶୁଣାଇବି, ଯାହାକି ଠିକ୍ ଏହି ବିଷୟରେ ଲେଖା ହୋଇଛି— ତାହାକୁ ସିଏ ଦେବମୁହୂର୍ତ୍ତ ବୋଲି କହିଛନ୍ତି ।

ତୁମେ ସେଇଟିକୁ ଯତ୍ନର ସହିତ ପଢ଼ିବ ଏବଂ ତେବେ ବୁଝିପାରିବ ।

**ହେଲା ?**

'oaob.nitrkl.ac.in' images reprocessed

# ୧୧ ଅଗଷ୍ଟ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମାଆ"
ବହିର ୬ଷ୍ଠ ଅଧ୍ୟାୟ ଉପରେ ଏହି
ପ୍ରବଚନଟି ଆଧାରିତ ।

ସବାମୂଳରେ ଏହିପରି ଲେଖାଯାଇଛି : "ଦିବ୍ୟଜନନୀଙ୍କର ଚତୁର୍ବିଧା ଶକ୍ତି ।" ମାଆ, ଏଇ ଚାରୋଟି କେଉଁ କେଉଁ ଶକ୍ତି ?

ଏଗୁଡ଼ିକ !

ତାଙ୍କର ସେହି ବିଭାବଗୁଡ଼ିକ, ଏହା ନୁହେଁ କି ମାଆ ?

(ମାଆ ଦୀର୍ଘକାଳ ନୀରବ ରହିଲେ)

ହଁ ।

ଏହି କଥାଟିର ଅର୍ଥ କ'ଣ : "ସର୍ବୋଚ୍ଚ ପରମସତ୍ତା ତାଙ୍କର ମାଧ୍ୟମରେ ଜଗତଗୁଡ଼ିକରେ ଈଶ୍ୱରଶକ୍ତିରୂପୀ ସେହି ଏକୀଭୂତ ତଥା ଦ୍ୱୈତ ଚେତନାରୂପେ ଏବଂ ପୁରୁଷପ୍ରକୃତିର ଦ୍ୱୈତ ସତ୍ୟରୂପେ ପ୍ରକାଶିତ ହୋଇଥାନ୍ତି ।"

ଏହି କଥାଟିର ଅର୍ଥ କ'ଣ ? ଏଥିରେ ଯାହା କୁହାହୋଇଛି, ତାହାହିଁ ଏହାର ଅର୍ଥ । (ସମସ୍ତେ ହସିଲେ) ଏହାର ଅର୍ଥ ହେଉଛି ଯେ, ସୃଷ୍ଟିକାରିଣୀ ଶକ୍ତିର ସେହି ଗୋଟିଏ ସାମର୍ଥ୍ୟହିଁ ପୃଥିବୀରେ ଯାବତୀୟ ପରିପ୍ରକାଶରୂପେ ନିଜକୁ ବିଭାଜିତ କରି ରଖିଛି, ଏପରିକି ତାହା ଆପଣାକୁ ଅଧିକତମ ମାତ୍ରାରେ ପରସ୍ପରର ବିରୋଧୀ ହୋଇ ରହିଥିବା ପରିପ୍ରକାଶଗୁଡ଼ିକ ମଧ୍ୟରେ ଅଭିବ୍ୟକ୍ତ କରିଛି । ଏହି ଗୋଟିଏ ଶକ୍ତିହିଁ ସୃଷ୍ଟିର ପ୍ରକ୍ରିୟା ମଧ୍ୟକୁ ଆସି ପୁରୁଷ ଓ ପ୍ରକୃତିରୂପେ ବିଭକ୍ତ ହୋଇଛି; ଏବଂ, ଶକ୍ତି ଓ ପ୍ରତିରୋଧରୂପେ ମଧ୍ୟ ବିଭାଜିତ ହୋଇ ରହିଛି । କଥାଟିର ଅର୍ଥ ଏତିକି; ମୂଳତଃ ଶକ୍ତି ଗୋଟିଏ ଶକ୍ତି ହୋଇ ରହିଛି, ଏବଂ ଅଭିବ୍ୟକ୍ତିରେ ତାହା ବିଭାଜିତ ହୋଇଯାଉଛି । ତାହା ଯାବତୀୟ ପରସ୍ପରବିରୋଧୀ ତତ୍ତ୍ୱରୂପେ ବିଭାଜିତ ହୋଇ ରହିଛି, ସେହି ପରସ୍ପରବିରୋଧୀ ତତ୍ତ୍ୱଗୁଡ଼ିକ ଯୁଗପତ୍ ଭାବରେ ପରସ୍ପରର ଅନୁପୂରକ ହୋଇ ବି ରହିଛନ୍ତି । କାରଣ, ସୃଷ୍ଟି ସକାଶେହିଁ ଏହି ବିଭାଜନର

'oaob.nitrkl.ac.in' images reprocessed

ପ୍ରୟୋଜନ ହେଲା; ତା' ନ ହେଲେ ସର୍ବଦା କେବଳ ସେହି ଗୋଟିଏ ବସ୍ତୁହିଁ ବିରାଜିତ ହୋଇ ରହିଥାନ୍ତା ।

"ବିଭୂତି" କହିଲେ କ'ଣ ବୁଝାଏ ?

ବିଭୂତି କହିଲେ ଏକ ପ୍ରସର୍ଜନର ନାନା ରୂପଗ୍ରହଣକୁ ବୁଝାଏ । ଦିବ୍ୟ ଜନନୀଙ୍କର ଏକ ପ୍ରସର୍ଜନ କୌଣସି ସତ୍ତା ମଧ୍ୟରେ ଆସି ଅବତୀର୍ଣ୍ଣ ହୁଏ ଏବଂ ତାହା ଫଳରେ ସେହି ସତ୍ତା ଏକ ବିଭୂତିରେ ପରିଣତ ହୁଏ ।

> ମାଆ, ଏଠାରେ ମୁଁ ଏହି କଥାଟିକୁ ବୁଝିପାରୁ ନାହିଁ : "ମାତ୍ର, ତାଙ୍କ ବିବିଧ ଧାରାର କେତେକ ଉପାଦାନ ତାଙ୍କର ରୂପଗ୍ରହଣ-ଗୁଡ଼ିକର ମାଧ୍ୟମରେ ଦୃଷ୍ଟିଗୋଚର ଓ ଅନୁଭୂତ ବି ହୋଇପାରିବ । ତାହାକୁ ଅପେକ୍ଷାକୃତ ଅଧିକ ମୂର୍ତ୍ତ ଭାବରେ ଗ୍ରହଣ ମଧ୍ୟ କରିହେବ, କାରଣ, ଆପଣାର ସୃଷ୍ଟ ଜୀବମାନଙ୍କ ଲାଗି ଯେପରି ଭାବରେ ଅଭିବ୍ୟକ୍ତ ହେବା ଲାଗି ସିଏ ଆପଣାର ସମ୍ମତି ଦେଇଥିବେ, ସେହି ଦେବୀମୂର୍ତ୍ତିଗୁଡ଼ିକର ସ୍ୱଭାବ ଓ କ୍ରିୟା ଅପେକ୍ଷାକୃତ ନିର୍ଦ୍ଦିଷ୍ଟସଙ୍କୀ-ବଦ୍ଧ ତଥା ସୀମିତ ମଧ୍ୟ ହୋଇପାରିଥିବ ।"

ଏହି କଥାଟିର ଅର୍ଥ ହେଉଛି, ପ୍ରକୃତିରେ ତାଙ୍କର ଅନେକ ଗୁଣ ରହିଛି, ସତ୍ତାଗତ ନାନାବିଧ ଧାରା ରହିଛି; ସେଗୁଡ଼ିକ ନାନା ରୂପରେ ଆପଣାକୁ ପ୍ରକାଶିତ କରୁଛି । ସେସବୁର ପ୍ରତ୍ୟେକଟି ରୂପ କୌଣସି ନା କୌଣସି ଦେବତାରୂପେହିଁ ଅଭିବ୍ୟକ୍ତ ହୋଇଛି, ଲୋକେ ସେଗୁଡ଼ିକର ଉପାସନା କରି ଆସିଛନ୍ତି, କାରଣ, ରୂପଗୁଡ଼ିକର ନାନା ସୀମାବଦ୍ଧତା ରହିଥିବାରୁ ସେମାନେ ସେଗୁଡ଼ିକୁ ବୁଝି ପାରୁଛନ୍ତି । କୌଣସି ବସ୍ତୁ ଯେତେ ଅଧିକ ସୀମାବଦ୍ଧ ହୋଇ ରହିଥାଏ, ଲୋକେ ସେତେ ଅଧିକ ସହଜ ଭାବରେ ତାହାକୁ ବୁଝିପାରନ୍ତି; ସେଗୁଡ଼ିକ ସୀମାହୀନ ହୋଇ ରହିଥିଲେ ଆଦୌ ସେତେ ସହଜରେ ବୁଝିପାରନ୍ତି ନାହିଁ; କାରଣ ମନୁଷ୍ୟର ଏକ ସୀମିତ ସ୍ୱଭାବ ରହିଛି ଓ ତେଣୁ ସିଏ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସୀମିତ ବସ୍ତୁଗୁଡ଼ିକୁହିଁ ଭଲ ଭାବରେ ବୁଝିପାରେ । ଏବଂ ତେଣୁ, ତା' ଲାଗି ସୁବୋଧ ହୋଇ ରହିବାକୁ ହେଲେ ବସ୍ତୁଗୁଡ଼ିକୁ ବିଭକ୍ତ ଏବଂ ସୀମିତ ହୋଇ ରହିବାକୁ ହୋଇଥାଏ । ତା' ନ ହେଲେ ପରମଶକ୍ତି ତାଙ୍କର ମୂଳଭୂତ ଯଥାର୍ଥ ଅବସ୍ଥାରେ ସକଳ ବିଭାଜନ ଓ ସକଳ ସୀମାର ସେପାଖରେ ରହିଥାନ୍ତି, ତେଣୁ ମନୁଷ୍ୟର ବୁଝିବା ଲାଗି ସମ୍ପୂର୍ଣ୍ଣ ଭାବରେ ସାଧ୍ୟାତୀତ ହୋଇ ରହିଥାନ୍ତି । ମନୁଷ୍ୟ ତା'ର ଏହି

'oaob.nitrkl.ac.in' images reprocessed

ବର୍ତ୍ତମାନ ଭୂମିରେ ଯେପରି ଅବସ୍ଥାରେ ରହିଛନ୍ତି, ସେଇଟି ଲାଗି ସାଧାରଣତ ହୋଇ ରହିଥାନ୍ତି ।

"ପରମ ଅଜ୍ଞାନର ତ୍ରିବିଧ ଜଗତ" କହିଲେ କ'ଣ ବୁଝାଏ ?

"ତ୍ରିବିଧ ଜଗତ..."?

"...ପରମ ଅଜ୍ଞାନର"

ପରମ ଅଜ୍ଞାନର ?

ତାହା ହେଉଛି ଜଡ଼, ପ୍ରାଣ ଏବଂ ମନ । ଅର୍ଥାତ୍ ଭୌତିକ, ପ୍ରାଣିକ ଏବଂ ମାନସିକ;—ଏମାନେ ପରମ ଅଜ୍ଞାନର ତ୍ରିବିଧ ଜଗତ ।

ମହାସରସ୍ୱତୀ ଏବଂ ମହାଲକ୍ଷ୍ମୀ କିପରି ଦେଖାଯାଆନ୍ତି ?

କ'ଣ କହିଲ ?

ସେମାନେ କିପରି ଦେଖାଯାଆନ୍ତି ?

ସେକଥା ଜାଣିବାକୁ ହେଲେ ତୁମକୁ ନିଜ ଆଖିରେ ସେମାନଙ୍କୁ ଦେଖିବାକୁ ପଡ଼ିବ ।* ସେମାନଙ୍କୁ ନିଜେ ଦେଖିଲେ ଯାଇ ଜାଣିବ...ପ୍ରତ୍ୟେକ କ୍ଷେତ୍ରରେ ଗୋଟିଏ ଗୋଟିଏ ଭିନ୍ନ ବିଗ୍ରହ,—ସିଏ ଯେଉଁ ବ୍ୟକ୍ତିମାନଙ୍କୁ ଦର୍ଶନ ଦିଅନ୍ତି, ସେହି ବିଗ୍ରହଗୁଡ଼ିକ ସେହି ଅନୁସାରେହିଁ ଭିନ୍ନଭିନ୍ନ ହୋଇଥାନ୍ତି; ସିଏ କରୁଥିବା କାର୍ଯ୍ୟ ଅନୁସାରେ ମଧ୍ୟ ବିଗ୍ରହଗୁଡ଼ିକ ବଦଳି ଯାଇଥାଏ...ଏହି ଶରୀରଟିରେ ଯାହା ଦୃଷ୍ଟିଗୋଚର ହୁଏ, ସେଇଟି ଆଦୌ ନୁହେଁ ।

ମହାସରସ୍ୱତୀଙ୍କର ଯେଉଁ ମୂର୍ତ୍ତିସବୁ ଆମେ ଦେଖୁଛୁ, ସେଗୁଡ଼ିକ କ'ଣ ତାଙ୍କର ପ୍ରକୃତ ରୂପ ?

ହେ ଭଗବାନ୍ ! (ସମସ୍ତେ ହସି ଉଠିଲେ) ଯେତେବେଳେ କୌଣସି ଅତି ଶ୍ରେଷ୍ଠ ଶିଳ୍ପୀ କାହାର ମୂର୍ତ୍ତିଟିଏ ଗଢ଼ିବା ସକାଶେ ଚେଷ୍ଟା କରେ, ସେତେବେଳେ ସେହି ମୂର୍ତ୍ତି ସମ୍ପୃକ୍ତ ବ୍ୟକ୍ତିଟି ପରି ପ୍ରକୃତରେ ଦେଖାଯାଏ କି ? ଏହି କ୍ଷେତ୍ରରେ ମଧ୍ୟ ବେଳେବେଳେ ସେହିପରି ହୁଏ, ଆଉ ବେଳେବେଳେ ଆହୁରି ଅଧିକ ଖରାପ

*ମା ଯେତେବେଳେ ସ୍ୱର ଧୀରେଧୀରେ କହୁଥିବାରୁ ଏହି ଅଂଶର କେତେକ ଶବ୍ଦ ସ୍ପଷ୍ଟ ଭାବରେ ରେକର୍ଡ ହୋଇପାରିନାହିଁ । ବାକ୍ୟଗୁଡ଼ିକୁ ଯେଉଁପରି ଉଦ୍ଧାର ହୋଇଥିଲା, ସେଗୁଡ଼ିକୁ ଆମେ ସେହିପରି ଅସମାପ୍ତ ଭାବରେ ରଖିଦେଇଛୁ ।

'oaob.nitrkl.ac.in' images reprocessed

ହୋଇଥାଏ । ତାହାର କାରଣ ହେଉଛି, ପିଲାର ଭିତରଟା ଖୁବ ନିର୍ମଳ ଥାଏ, ତା'ଭିତରେ ପୂର୍ଣ୍ଣ ନିଷ୍ଠା ରହିଥାଏ । ମାତ୍ର, ଯେଉଁ ବ୍ୟକ୍ତି ଦେବତାମାନଙ୍କର ମୂର୍ତ୍ତି ତିଆରି କରେ, ତା'ଭିତରେ କି କେତେ ନା କେତେ ଧାରଣା ବନ୍ଧ ହୋଇ ରହି ଯାଇଥାଏ, ସିଏ କେତେ କଳ୍ପନାକୁ ପୂର୍ବରୁହିଁ ସତ ବୋଲି ଗ୍ରହଣ କରି ନେଇଥାଏ । ତା' ନ ହେଲେ, ଅନ୍ୟମାନେ ସେହି ଦେବତାଙ୍କ ବିଷୟରେ ଯାହାକିଛି କହିଥାନ୍ତି ଓ ଶାସ୍ତ୍ରମାନଙ୍କରେ ଯାହାସବୁ ଲେଖା ହୋଇଛି ଓ ଲୋକମାନେ ଯାହା ଦେଖିଛନ୍ତି, ଏହିସବୁଡାକ ଦ୍ୱାରାହିଁ ତା'ର ମସ୍ତିଷ୍କ ଭର୍ତ୍ତି ହୋଇ ରହିଥାଏ । ଏବଂ ତେଣୁ ସିଏ ସେହିସବୁଡ଼ିକ ଦ୍ୱାରାହିଁ ବାଧ୍ୟ ହୁଏ, ପରିଚାଳିତ ହୁଏ । ବେଳେ ବେଳେ, ମଝିରେ ମଝିରେ, ଏପରି ଅନେକ କଳାକାର ଥାଆନ୍ତି, ଯେଉଁମାନଙ୍କର କି ଏକ ଅନ୍ତର୍ଗତ ଦୃଷ୍ଟି ରହିଥାଏ, ଏକ ବୃହତ୍ ଅନ୍ତଃପ୍ରେରଣା ରହିଥାଏ, ଶୁଦ୍ଧ ଆତ୍ମା ଓ ଶୁଦ୍ଧ ଦୃଷ୍ଟି ରହିଥାଏ; ଏବଂ ସେମାନେ ଏପରି ମୂର୍ତ୍ତିମାନ ଗଢ଼ିଛନ୍ତି, ଯାହାକୁ କି ବେଶ୍ ଭଲ ବୋଲି କୁହାଯାଇ ପାରିବ । ମାତ୍ର ଏପରି ଅତି କ୍ୱଚିତ୍ ସମ୍ଭବ ହୁଏ । ଏବଂ ମୁଁ ଭାବୁଛି, ସାଧାରଣତଃ ଠିକ୍ ତାହାର ବିପରୀତହିଁ ହୋଇଥାଏ ।

ପ୍ରାଣିକ ଏବଂ ମାନସିକ ଜଗତଗୁଡ଼ିକ ମଧ୍ୟରେ ମୁଁ ଏଥିରୁ କେତେଗୁଡ଼ିଏ ରୂପ ଦେଖିଛି । ସେଗୁଡ଼ିକୁ ବିଶୁଦ୍ଧ ଭାବରେ ମନୁଷ୍ୟର ସୃଷ୍ଟି ବୋଲିହିଁ କହିବାକୁ ପଡ଼ିବ । ଏହିସବୁ କ୍ଷେତ୍ରରେ ଊର୍ଦ୍ଧ୍ୱ ଏବଂ ଅତୀତ ହୋଇ ରହିଥିବା ଏକ ଶକ୍ତିହିଁ ଆପଣାକୁ ଅଭିବ୍ୟକ୍ତ କରିଥାଏ । ମାତ୍ର ମିଥ୍ୟାର ଏହି ତନ୍ନମିଶା ସଂସାରରେ ମନୁଷ୍ୟହିଁ ପ୍ରକୃତରେ ଅଳ୍ପବହୁତ ପରିମାଣରେ ଆପଣାର ରୁଚିକୁ ଆଗରେ ଧରି ଭଗବାନଙ୍କୁ ତିଆରି କରିଛି । ଏବଂ, ଯେଉଁ ସତ୍ତାଗୁଡ଼ିକ ଏକ ମୂର୍ତ୍ତି ରୂପ ଧାରଣ କରି ପ୍ରକାଶିତ ହେଉଛନ୍ତି, ସେଗୁଡ଼ିକ ମନୁଷ୍ୟର ଏହି ନିର୍ମାଣାତ୍ମକ ଭାବନାଶକ୍ତିର ଫଳସ୍ୱରୂପହିଁ ପ୍ରକାଶିତ ହେଉଛନ୍ତି । ଏବଂ ଏହି କ୍ଷେତ୍ରରେ ଯାହା ଘଟୁଛି, ତାହା ପ୍ରକୃତରେ ବଡ଼ ଭୟଙ୍କର ! ମୁଁ ନିଜେ ସେହିପରି କେତୋଟି ମୂର୍ତ୍ତି ଦେଖିଛି । ···(ମାଆ ନୀରବ ରହିଲେ) ଏବଂ ସେଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ ଅସ୍ପଷ୍ଟ, ଅବୋଧ ଏବଂ ଅର୍ଥଶୂନ୍ୟ ହୋଇ ରହିଛନ୍ତି ।···

କେତେକ ଦେବତାଙ୍କୁ ଅନ୍ୟମାନଙ୍କ ତୁଳନାରେ ଅଧିକ ଅସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଉଦାହରଣସ୍ୱରୂପ, ବିଶେଷ ମହାକାଳୀ, — ତାଙ୍କ ବେଳକୁ କ'ଣ ସବୁ କରା ନ ଯାଏ କହିଲ ? ଏହା ପ୍ରକୃତରେ ଅତ୍ୟନ୍ତ ଭୟଙ୍କର, ଏକାବେଳେକେ ଅକଳ୍ପନୀୟ ! ମାତ୍ର ଏହି ରୂପଟି କେବଳ ଏକ ନିମ୍ନ ଜଗତରେହିଁ ବାସ କରୁଥାଏ ··· ହଁ, ନିମ୍ନତମ ପ୍ରାଣିକରେ ବାସ କରୁଥାଏ । ଏବଂ ମୂଳ ସତ୍ତାଟିର ଯାହାକିଛି ସେହି ରୂପଟି ମଧ୍ୟରେ ରହିଥାଏ, ତାହା ହେଉଛି, ··· ତାହା ମୂଳ କଳ୍ପନାଟିଠାରୁ

'oaob.nitrkl.ac.in' images reprocessed

ଏତେବେଶୀ ଅଲଗା ହୋଇ ରହିଥାଏ ଯେ ସେଇଟିକୁ ମୋଟେ ଚିହ୍ନି ବି ହୁଏ ନାହିଁ । ଅବଶ୍ୟ ଏକଥା ସତ ଯେ ଅଧିକାଂଶ ସମୟରେ ଏହାହିଁ ମନୁଷ୍ୟ-ଚେତନା ଦ୍ୱାରା ଅଧିକ ଆକୃଷ୍ଟ ହୋଇଥାଏ । ଏବଂ, ଯେତେବେଳେ ଗୋଟିଏ ମୂର୍ତ୍ତି ତିଆରି ହୁଏ ଓ ପୂଜକମାନେ ତାହା ଉପରକୁ ଏକ ନିର୍ଦ୍ଦିଷ୍ଟରୂପର ଆରୋପକୁ ଅବତୀର୍ଣ୍ଣ କରାଇ ଆଣନ୍ତି—ଯେତେବେଳେ ନିୟମିତ ଭାବରେ ଏକ ଉତ୍ସବର ଅନୁଷ୍ଠାନ ହୁଏ, ପୂଜକ ଆପଣାକୁ ଦେବତା-ଆବାହନର ଏକ ଅନ୍ତର୍ଗତ ସ୍ଥିତିରେ ଆଣି ଅବସ୍ଥିତ କରାଇଥାଏ, ଏବଂ ଗଢ଼ା ହୋଇଥିବା ପ୍ରତିମାଟିରେ ଏକ ନିର୍ଦ୍ଦିଷ୍ଟ ଶକ୍ତିର ଅବତରଣ ଘଟାଇବାକୁ ସିଏ କୌଣସି ଦେବତାଙ୍କର ଏକ ପ୍ରସର୍ଜନକୁ ତା' ଭିତରକୁ ଏକ ରୂପାରୋପ ରୂପେ ଅବତୀର୍ଣ୍ଣ କରାଇଆଣେ,—ଯଦି ପୂଜକ ଭିତରେ ଆବାହନ କରି ଆଣିବାର ଏକ ଯଥାର୍ଥ ଶକ୍ତି ରହିଥାଏ, ତେବେ ସେ ଅବଶ୍ୟ ସଫଳ ହୁଏ । ମାତ୍ର ସାଧାରଣତଃ — ସବୁ ବିଷୟର କ୍ଷେତ୍ରରେ ବ୍ୟତିକ୍ରମ ଅବଶ୍ୟ ରହିଛି — ମାତ୍ର ସାଧାରଣତଃ ଏହି ବ୍ୟକ୍ତିମାନେ ଏକ ପରମ୍ପରାର ସାଧାରଣ ଧାରଣାଗୁଡ଼ିକ ଅନୁସାରେହିଁ ଯାହାକିଛି ଶିକ୍ଷା ପାଇଛନ୍ତି । ତେଣୁ ଆବାହନ କରିବାକୁ ଯାଉଥିବା ଦେବତାଟିର କଥା ଭାବିଲା ମାତ୍ରକେ ସେମାନେ ତାହା ଲାଗି ପ୍ରଦତ୍ତ ହୋଇଥିବା ଯାବତୀୟ ଗୁଣ ଓ ବାହ୍ୟଲକ୍ଷଣଗୁଡ଼ିକ ବିଷୟରେହିଁ ଭାବିବାକୁ ଆରମ୍ଭ କରନ୍ତି, ଏବଂ ଏହିପରି ଭାବରେ ଆବାହନଟି ସାଧାରଣତଃ ପ୍ରାଣିକ ଜଗତର ବା ଖୁବ୍ ବେଶୀ ହେଲେ ମାନସିକ ଜଗତର ଆକାରଗୁଡ଼ିକ ଉଦ୍ଦେଶ୍ୟରେହିଁ ସମ୍ବୋଧିତ ହୋଇଥାଏ, ମାତ୍ର ଉଦ୍ଦିଷ୍ଟ ଯଥାର୍ଥ ସତ୍ତାଟି ଲାଗି ଆଦୌ ହୋଇପାରେ ନାହିଁ । ଏବଂ ଏହି କ୍ଷୁଦ୍ର ସତ୍ତାକାରଗୁଡ଼ିକହିଁ ଏହି ମୂର୍ତ୍ତି ଅଥବା ସେହି ମୂର୍ତ୍ତିଟି ମଧ୍ୟରେ ଅବତୀର୍ଣ୍ଣ ହୋଇଥାନ୍ତି । ସାନ ସାନ ମନ୍ଦିରଗୁଡ଼ିକରେ ଅଥବା ପରିବାରମାନଙ୍କରେ ରହିଥିବା ଏହି ଯାବତୀୟ ପ୍ରତିମା—ଅନେକ ଲୋକ ନିଜ ଘରେ ମଧ୍ୟ ସାନସାନ ଦେବତାମନ୍ଦିର ପ୍ରତିଷ୍ଠା କରି ରଖିଥାନ୍ତି ଏବଂ ସେଠାରେ ସେମାନେ ପୂଜା କରୁଥିବା ଏକ ଦେବତାର ପ୍ରତିମା ସ୍ଥାପନ କରିଥାନ୍ତି — ସେଗୁଡ଼ିକ ମଧ୍ୟରେ ଏହିଗୁଡ଼ିକରହିଁ ଅବତରଣ ଘଟିଥାଏ । ବେଳେବେଳେ ଏହାର ପରିଣାମ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ହୋଇଥାଏ, କାରଣ ଏହି ରୂପାକୃତିଗୁଡ଼ିକ ମୂଳ ଦେବତାଟିଠାରୁ ଏତେ ଅଧିକ ପରିମାଣରେ ଦୂରବର୍ତ୍ତୀ ହୋଇ ରହିଥାଆନ୍ତି ଯେ, ସେମାନେ ପ୍ରକୃତରେ ଭାରି କିମ୍ଭୂତକିମାକାର ରୂପକଳ୍ପ ହୋଇ ରହିଥାନ୍ତି । କେତେକ ପରିବାରରେ କାଳୀଙ୍କର ଯେଉଁସବୁ ରୂପର ପୂଜା କରାଯାଏ, ସେଗୁଡ଼ାକ ପ୍ରକୃତରେ ବୀଭତ୍ସ ପିଶାଚମାନଙ୍କ ପରି ଦିଶୁଥାନ୍ତି !

ତୁମେ ମୋ' କଥା ବିଶ୍ୱାସ କର, — ମୁଁ ଅନେକ ଲୋକଙ୍କୁ କହୁଛି ଯେ, ସମ୍ପୂର୍ଣ୍ଣ ଭାବରେ ଏକ ଅନିଷ୍ଟକାରକ ପ୍ରଭାବରୁ ଆପଣାକୁ ମୁକ୍ତ କରିବା ସକାଶେ

'oaob.nitrkl.ac.in' images reprocessed

ସେହି ପ୍ରତିମାକୁ ନେଇ ଗଙ୍ଗାରେ ଫୋପାଡ଼ି ଦେବା ଲାଗି ମୁଁ କେତେକ ବ୍ୟକ୍ତିଙ୍କୁ ପରାମର୍ଶ ମଧ୍ୟ ଦେଇଛି । ବସ୍ତୁତଃ, ଏହା ଦ୍ୱାରା ଅନେକ ସଫଳତା ମଧ୍ୟ ମିଳିଛି ... ଏଗୁଡ଼ିକରୁ କେତେକ ... ଏମାନଙ୍କର ଉପସ୍ଥିତି ଦୁର୍ଭାଗ୍ୟର କାରଣ ହୋଇଥାଏ । ମାତ୍ର ତାହା ହେଉଛି ମନୁଷ୍ୟର ନିଜ ଦୋଷ । ଦେବତାମାନଙ୍କର ଦୋଷ ଆଦୌ ନୁହେଁ । ତେଣୁ ଦେବତାମାନଙ୍କୁ ଦୋଷ ଦେଲେ ତାହା ନିଶ୍ଚୟ ଏକ ଭୁଲ୍ କାର୍ଯ୍ୟ ହେବ । ଏହା ମନୁଷ୍ୟର ଦୋଷ । ସିଏ ଦେବତାମାନଙ୍କୁ ଆପଣାର ରୁଚି ଅନୁସାରେ ତିଆରି କରିବା ଲାଗି ଇଚ୍ଛା କରୁଥାଏ । ଯେଉଁମାନେ ଦୁଷ୍ଟ, ସେମାନେ ସେଗୁଡ଼ିକୁ ଆହୁରି ଅଧିକ କ୍ରୂର କରି ତିଆରି କରିଥାନ୍ତି । ଏବଂ ଯେଉଁମାନେ ଭଲ ସେମାନେ ପ୍ରତିମାଗୁଡ଼ିକୁ ମଧ୍ୟ ତଥାପି ଆହୁରି ଭଲ କରି ତିଆରି କରିଥାନ୍ତି । ଅର୍ଥାତ୍, ମନୁଷ୍ୟମାନେ ଏହିପରି ଭାବରେ ଆପଣାର ଦୋଷଗୁଡ଼ିକୁହିଁ କଳ୍ପିତ୍ ଅଧିକ ବୃହଦାକାର କରି ରଖିଛନ୍ତି ।

## ମନୁଷ୍ୟର ଭାବନା କିପରି ଆକାରଗୁଡ଼ିକର ସୃଷ୍ଟି କରିପାରିବ ?

ମନୋମୟ ଜଗତର ମନୁଷ୍ୟର ଭାବନା ଅନୁକ୍ଷଣ ଆକାରଗୁଡ଼ିକର ସୃଷ୍ଟି କରିବାରେ ଲାଗିଛି । ମାନସିକ ଜଗତରେ ମନୁଷ୍ୟର ଭାବନା ପ୍ରକୃତରେ ଅତ୍ୟନ୍ତ ସୃଜନଶୀଳ ହୋଇ ରହିଥାଏ । ଭାବୁଥିବା ସମୟରେ ତୁମେ ସର୍ବଦାହିଁ ନାନା ଆକାର ଗଢ଼ି ଥୋଇ ଦେବାରେ ଲାଗିଥାଅ ଓ ସେଗୁଡ଼ିକୁ ପରିବେଶ ମଧ୍ୟକୁ ପ୍ରେରଣ କରି ଦେଉଥାଅ । ସେଗୁଡ଼ିକ ସେଠାକୁ ଯାଇ ନିଜର କାର୍ଯ୍ୟ କରୁଥାନ୍ତି । ଏହିପରି ଭାବରେ ତୁମେ ଅନୁକ୍ଷଣ ମାଳମାଳ ଏହିସବୁ କ୍ଷୁଦ୍ର ଆକାରଗୁଡ଼ିକ ଦ୍ୱାରା ପରିବେଷ୍ଟିତ ହୋଇ ରହିଥାଅ ।

ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସ୍ପଷ୍ଟ ଭାବରେ କିଛି ଭାବିପାରନ୍ତି ନାହିଁ । ତେଣୁ, ସେମାନେ କେବଳ କେତେଟା ଝାପ୍ସା ଝାପ୍ସା ଆବର୍ତ୍ତ ବ୍ୟତୀତ ଆଉ କିଛି ହେଲେ ସୃଷ୍ଟି କରିପାରନ୍ତି ନାହିଁ । ମାତ୍ର ଯେଉଁ ଲୋକମାନେ ସ୍ପଷ୍ଟ ଭାବରେ ଭାବିପାରନ୍ତି, ସେମାନଙ୍କ ଚାରିପାଖରେ ଏହି କ୍ଷୁଦ୍ର ଆକାରଗୁଡ଼ିକ ଗୋଟାଏ ଗଦା ପରି ହୋଇ ରହିଥାଏ ଏବଂ ବେଳେବେଳେ ସେଗୁଡ଼ିକ ବାହାରକୁ ଯାଇ ଅନ୍ୟମାନଙ୍କ ମଧ୍ୟରେ ବିକ୍ରିୟା କରିବାରେ ଲାଗିଥାନ୍ତି । ଏବଂ, ସେଗୁଡ଼ିକ ବିଷୟରେ ପୁନର୍ବାର ଭାବିବାକୁ ଆରମ୍ଭ କଲେ ସେମାନେ ଲେଉଟି ମଧ୍ୟ ଆସିଥାନ୍ତି ।

ଏବଂ ଆମ ପାଖରେ ଏପରି ଲୋକମାନଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ କି ସେମାନଙ୍କର ନିଜ ଦ୍ୱାରା ସୃଷ୍ଟ ହୋଇଥିବା ଏହି ରଚନାଗୁଡ଼ିକ ଦ୍ୱାରା ଭାରି

'oaob.nitrkl.ac.in' images reprocessed

ଉତ୍ପୀଡ଼ିତ ହୁଅନ୍ତି । ସେମାନେ ସତେଅବା ସେହି ଲୋକମାନଙ୍କୁ ଆପଣାର କବଳଗତ କରିବା ସକାଶେ ସତତ ଆସିବାରେ ଲାଗିଥାନ୍ତି । ସେହି ଲୋକମାନେ ସେମାନଙ୍କଠାରୁ ଆଦୌ ମୁକ୍ତ ହୋଇପାରନ୍ତି ନାହିଁ, କାରଣ ଆପଣା ଦ୍ଵାରା ନିର୍ମିତ ରଚନାଗୁଡ଼ିକୁ କିପରି ନଷ୍ଟ କରିଦେବାକୁ ହୁଏ, ସେକଥା ସେମାନଙ୍କୁ ଜଣା ନ ଥାଏ । ଆମେ ସାଧାରଣତଃ ଯେପରି ଭାବିଥାଉ, ତାହାଠାରୁ ଅଧିକ ସଂଖ୍ୟାରେ ଏଭଳି ଲୋକମାନେ ରହିଛନ୍ତି । ଯେତେବେଳେ ସେମାନେ ବିଶେଷ ଭାବରେ କୌଣସି ଏକ ଆକାରର ସର୍ଜନା କରିଥାନ୍ତି, – ତାହା ସେମାନଙ୍କୁ ଭାରି ଆପେକ୍ଷିକ ବୋଲି ଲାଗୁଥାଏ,—ସେହି ଆକାର ତାକୁ ନିର୍ମାଣ କରିଥିବା ବ୍ୟକ୍ତି ସହିତ ସର୍ବଦା ବାନ୍ଧି ହୋଇ ରହିଥାଏ । ତାହା ଶକ୍ତି ଗ୍ରହଣ କରିବା ଲାଗି ମସ୍ତିଷ୍କ ଉପରେ ଆଘାତ କରିବାକୁ ବାରବାର ଆସିବାରେ ଲାଗିଥାଏ ଏବଂ ପରିଶେଷରେ ଯଥାର୍ଥରେ ଏକ ଅପରିହାର୍ଯ୍ୟତାରେହିଁ ପରିଣତ ହୋଇଯାଏ । ଏହା ଏକ ସମଗ୍ର ପୃଥିବୀ, ଯାହାକୁ ଜାଣିବାକୁ ପଡ଼େ; ଆମେ ଏହି କ୍ଷେତ୍ରରେ ପ୍ରକୃତରେ ଅଜ୍ଞାନ ମଧ୍ୟରେହିଁ ବାସ କରୁଥାଉ, ଆମ ଭିତରେ ଏଭଳି ଶକ୍ତିମାନ ରହିଥାଏ, ଯାହା ବିଷୟରେ କି ଆମେ କିଛିହେଲେ ଜାଣି ନ ଥାଉ । ତେଣୁ, ଅତ୍ୟନ୍ତ ସ୍ଵାଭାବିକ କଥା ଯେ ଆମେ ଅତ୍ୟନ୍ତ ଅକୁଶଳ ଭାବରେ ସେଗୁଡ଼ିକୁ କାମରେ ଲଗାଇଥାଉ । ପ୍ରାୟ ଅଚେତନ ଭାବରେହିଁ ସେଗୁଡ଼ିକୁ କାମରେ ଲଗାଉ, ଭାରି ଅକୁଶଳ ଭାବରେ କାମରେ ଲଗାଉ ।

ତୁମେମାନେ କେବେ ମାଦାମ୍-ଡେଭିଡ୍-ନିଲ୍‌ଙ୍କ କଥା ଶୁଣିଛ କି ? ସିଏ ତିବ୍ବତକୁ ଯାଇଥିଲେ ଓ ତିବ୍ବତ ବିଷୟରେ କେତେକ ବହି ମଧ୍ୟ ଲେଖିଛନ୍ତି । ସେ ବୌଦ୍ଧଧର୍ମ ଅବଲମ୍ବନ କରିଥିଲେ । ଆପଣାକୁ ଶୁଦ୍ଧତମ ପରମ୍ପରାର ବୌଦ୍ଧ ବୋଲି ମନେ କରୁଥିବା ବ୍ୟକ୍ତିମାନେ ଦିବ୍ୟ ପରମସତ୍ତାରେ ବିଶ୍ଵାସ କରନ୍ତି ନାହିଁ, ତାଙ୍କର ଶାଶ୍ଵତତାରେ ବିଶ୍ଵାସ କରନ୍ତି ନାହିଁ । ସେମାନେ ଯଥାର୍ଥରେ ଦିବ୍ୟସତ୍ତା ବିଶିଷ୍ଟ ଦେବତାମାନଙ୍କରେ ବି ବିଶ୍ଵାସ କରନ୍ତି ନାହିଁ; ମାତ୍ର, ମାନସିକ ଆୟତନଟିକୁ କିପରି ବ୍ୟବହାର କରିବାକୁ ହୁଏ ସେବିଷୟରେ ସେମାନଙ୍କର ବିଚକ୍ଷଣ ଜ୍ଞାନ ରହିଥାଏ । ଏବଂ ବୌଦ୍ଧ ଧର୍ମସାଧନା ତୁମକୁ ସେହି ମନୋରୂପୀ ଯନ୍ତ୍ର ଓ ମନୋରୂପୀ ରାଜ୍ୟର ଜଣେ ଦକ୍ଷ ନିୟନ୍ତ୍ରଣକାରୀରୂପେ ଗଠନ କରିଥାଏ ।

ଆମେ ପରସ୍ପର କେତେକେତେ ବିଷୟରେ ଆଲୋଚନା କରିଛୁ । ଥରେ ସେ ମୋତେ କହିଥିଲେ : "ଶୁଣିବ, ମୁଁ ଗୋଟିଏ ପ୍ରୟୋଗ ମଧ୍ୟ କରିଛି ।" (ସିଏ କଣ୍ଟିଷ୍ଟ ଥିଓସଫି ମଧ୍ୟ ଅଧ୍ୟୟନ କରିଥିଲେ) ସେ କହିଲେ : "ମୁଁ ଜଣେ ମହାତ୍ମା ତିଆରି କରିଥିଲି, ମୋର ଭାବନା ଦ୍ଵାରା ସେହି ମହାତ୍ମାକୁ ତିଆରି କରିଥିଲି ।"

'oaob.nitrkl.ac.in' images reprocessed

ଏବଂ ସେ ଜାଣିଥିଲେ ଯେ (ଏହା ପ୍ରମାଣିତ ହୋଇସାରିଛି), ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଏହି ମନୋରଚନାଗୁଡ଼ିକ ରଚନାକାରୀ ଉପରେ କୌଣସି ଅପେକ୍ଷା ନ ରଖି ଏକ ବ୍ୟକ୍ତିଗତ ଜୀବନରୂପ ମଧ୍ୟ ଅର୍ଜନ କରିଥାନ୍ତି । ଅବଶ୍ୟ ରଚନାକାରୀ ସହିତ ସେମାନଙ୍କର ଖିଅ ଲାଗି ରହିଥାଏ, — ମାତ୍ର ସେମାନେ ସ୍ୱାଧୀନ ଥାଆନ୍ତି, ଅର୍ଥାତ୍ ସେମାନଙ୍କର ଏକ ସ୍ୱତନ୍ତ୍ର ଇଚ୍ଛା ରହିଥାଏ । ସିଏ ମୋତେ କହିଥିଲେ : "ମୁଁ ଏପରି ନିପୁଣତା ସହିତ ମୋର ସେହି ମହାତ୍ମାଙ୍କୁ ତିଆରି କରିଥିଲି ଯେ ସିଏ ମୋ'ଠାରୁ ସ୍ୱତନ୍ତ୍ର ହୋଇ ରହିଥିବା ଏକ ବ୍ୟକ୍ତିତ୍ୱରେ ପରିଣତ ହୋଇଗଲେ ଏବଂ ମୋତେ ଉତ୍ପୀଡ଼ନ କରିବାକୁ ବାରବାର ମୋ'ପାଖକୁ ଆସୁଥିଲେ । ସିଏ ଆସୁଥିଲେ, କୌଣସି ବିଷୟ ପାଇଁ ମୋତେ ଭର୍ତ୍ସନା କରୁଥିଲେ ତ ଆଉ କୌଣସି ବିଷୟରେ ପରାମର୍ଶ ଦେଉଥିଲେ । ଏବଂ ସିଏ ମୋ' ଜୀବନର ପରିଚାଳକ ହୋଇ ରହିବାକୁ ଇଚ୍ଛା କରୁଥିଲେ । ଏବଂ ତାଙ୍କ କବଳରୁ ମୁଁ ଆପଣାକୁ ମୋଟେ ମୁକ୍ତ କରିପାରିଲି ନାହିଁ । ତାହା କ୍ରମେ ବଡ଼ କଷ୍ଟକର ହେଲା ଏବଂ ମୁଁ ପ୍ରକୃତରେ କ'ଣ କରିବି, ସେକଥା କିଛି ଜାଣିପାରିଲି ନାହିଁ ।"

ସିଏ କ'ଣସବୁ ଚେଷ୍ଟା କରିଥିଲେ, ମୁଁ ସେବିଷୟରେ ତାଙ୍କୁ ପଚାରିଥିଲି । ସିଏ ମୋତେ କହିଲେ, "ସିଏ ମୋତେ ଖୁବ୍ କଷ୍ଟ ଦେଉଛନ୍ତି । ମୋ ମହାତ୍ମା ପ୍ରକୃତରେ ଖୁବ ଉପଦ୍ରବ କରି ଜାଣନ୍ତି । ମୋତେ କେତେବେଳେ ବି ଶାନ୍ତିରେ ରହିବାକୁ ଦିଅନ୍ତି ନାହିଁ । ମୋ ଧ୍ୟାନ ସମୟରେ ଆସି ଗୋଳମାଳ କରନ୍ତି, କାମ ସମୟରେ ଯାବତୀୟ ପ୍ରକାରର ବାଧା ଦିଅନ୍ତି । ତଥାପି, ମୁଁ ଖୁବ୍ ଭଲ କରି ଜାଣିଛି ଯେ ମୁଁ ନିଜେ ତାଙ୍କୁ ସୃଷ୍ଟି କରିଛି, ଏବଂ ମୁଁ ତାଙ୍କର କବଳରୁ ଆପଣାକୁ ଆଦୌ ମୁକ୍ତ କରିପାରୁ ନାହିଁ ।" ତା'ପରେ ମୁଁ କହିଲି, "ଆପଣ 'କୌଶଳ'ଟିକୁ ଜାଣି ନାହାନ୍ତି ବୋଲି ସେପରି ହେଉଛି···" (ମାଆ ହସି କହିଲେ) ଏବଂ, ତାଙ୍କର ଯାହାସବୁ କରିବା ଉଚିତ, ମୁଁ ତାଙ୍କୁ କହିଥିଲି । ଏବଂ ତହିଁ ଆରଦିନ—ସେତେବେଳେ ପ୍ରାୟ ପ୍ରତିଦିନ ମୋର ତାଙ୍କ ସହିତ ଦେଖା ହେଉଥିଲା; ତହିଁ ଆରଦିନ ସିଏ ମୋ ପାଖକୁ ଆସି କହିଲେ, "ଏବେ ଯାଇ ମୋତେ ମୋ ମହାତ୍ମାଠାରୁ ମୁକ୍ତି ମିଳିଲା !" (ସମସ୍ତେ ହସିଲେ) ସିଏ ଡୋରିଟିକୁ ଆଦୌ କାଟିଦେଇ ନ ଥିଲେ, କାରଣ ତାହାର କୌଣସି ପ୍ରୟୋଜନ ନ ଥିଲା । ଆପଣାର ସୃଜନଟିକୁ କପରି ପୁନର୍ବାର ଆତ୍ମସାତ୍ କରିନେବାକୁ ହୁଏ, ଏହି କ୍ଷେତ୍ରରେ ସେହି କଥାଟିକୁହିଁ ଜାଣିବାକୁ ହୁଏ । ତାହାହିଁ ଏକମାତ୍ର ଉପାୟ । ଅର୍ଥାତ୍, ଆପଣାର ରଚନାଗୁଡ଼ିକୁ ପୁନର୍ବାର ଗର୍ଭସାତ୍ କରିନେବାକୁ ହୋଇଥାଏ ।

ମାତ୍ର ତଥାପି, ଏକ କ୍ଷୁଦ୍ରତର ମାତ୍ରାରେ ହେଉ ଅଥବା କମ୍ ଦୋଷମୁକ୍ତ ଭାବରେ ହେଉ ପଛକେ, ଆମେ ପ୍ରତ୍ୟେକ ବ୍ୟକ୍ତି ସର୍ବଦାହିଁ ଏହିପରି କେତେ

'oaob.nitrkl.ac.in' images reprocessed

ରଚନାମାନ ତିଆରି କରିବାରେ ଲାଗିଥାଉ। ଉଦାହରଣସ୍ୱରୂପ, ଯେତେବେଳେ ଆମେ ଅନ୍ୟ ଜଣେ ବ୍ୟକ୍ତି ବିଷୟରେ ବେଶ୍ ଶକ୍ତିଶାଳୀ ଭାବରେ କିଛି ଭାବିବାକୁ ଆରମ୍ଭ କରୁ, ସେତେବେଳେ ତଦ୍ୱାରା ମାନସିକ ଉପାଦାନର ଏକ ସାନ ପ୍ରସର୍ଜନଟିଏ ସୃଷ୍ଟି ହୋଇଥାଏ, ଯାହାକି ତତ୍‌କ୍ଷଣାତ୍ ଏହି ବ୍ୟକ୍ତିଟି ପାଖକୁ ଚାଲିଯାଏ। ତୁମ ଭାବନାର ଏକ ସ୍ପନ୍ଦନ ସେହି ବ୍ୟକ୍ତି ଭିତରେ ଯାଇ ପ୍ରବେଶ କରେ ଏବଂ ତା'ର ଭାବନାକୁ ସ୍ପର୍ଶ କରେ। ଏବଂ, ଯଦି ସିଏ ଗ୍ରହଣଶୀଳ ହୋଇଥାଏ, ତେବେ ସିଏ ତୁମକୁ ଦେଖିବାକୁ ସମର୍ଥ ହୁଏ। ତୁମକୁ ଦେଖି ସିଏ କହେ, "ଆପଣ କାଲି ମୋ ପାଖକୁ ଆସିଥିଲେ।" ଏପରି ହେଲା, କାରଣ ତୁମେ କ୍ଷୁଦ୍ର ରଚନାଟିଏ ସୃଷ୍ଟି କରିଥିଲ ଓ ତାହା ଯାଇ ଆପଣାର କାର୍ଯ୍ୟ ମଧ୍ୟ କଲା। ଅର୍ଥାତ୍, ତୁମ ସହିତ ଏହି ବ୍ୟକ୍ତିଟିର ସଂସ୍ପର୍ଶ ଘଟାଇଲା, ଅଥବା, ଯଦି ହୁଏତ ସେହି ବ୍ୟକ୍ତି ପାଖକୁ ତୁମର ଏକ ବିଶେଷ ସମ୍ବାଦ ପଠାଇବାର ଥିଲା, ତେବେ ତାହା ସେହି ସନ୍ଦେଶଟିକୁ ତା'ପାଖକୁ ବହନ କରିନେଲା। ସେହି କାର୍ଯ୍ୟଟି ପ୍ରକୃତରେ ସାଧିତ ହୋଇଗଲା। ଏହିପରି ଅନୁକ୍ଷଣ ଘଟେ, ମାତ୍ର ଏହା ଏପରି ସତତ ଓ ସ୍ୱତଃସ୍ଫୂର୍ତ୍ତି ଭାବରେ ଘଟୁଥିବାରୁ ଏବଂ ଅଜ୍ଞାନ ମଧ୍ୟରେହିଁ ଆଚରିତ ହେଉଥିବାରୁ, ଆମେ ପ୍ରକୃତରେ ଏହି କାର୍ଯ୍ୟଟିକୁ କରୁଛୁ ବୋଲି ସଜ୍ଞାନ ମଧ୍ୟ ହୋଇପାରୁ ନାହିଁ, ଆମେ ସତେଅବା ଯନ୍ତ୍ରଚାଳିତ ପରି କରିଥାଉ।

ନିର୍ଦ୍ଦିଷ୍ଟ ବାସନା ରହିଥିବା ବ୍ୟକ୍ତିମାନେ ଏହି ମାନସିକ ରଚନାଗୁଡ଼ିକ ସହିତ ଏକ ପ୍ରକାରର ଗୋଟିଏ କ୍ଷୁଦ୍ର ଆବରଣ ଆଣି ଯୋଡ଼ି ଦିଅନ୍ତି, ସେଥିରେ ଏପରି ଗୋଟାଏ ପ୍ରାଣିକ ବାହ୍ୟାବରଣ ଆଣି ଲଗାଇ ଦିଅନ୍ତି, ଯାହାକି ତାକୁ ତଥାପି ଆହୁରି ଅଧିକ ସତ୍ୟପ୍ରତୀତି ପ୍ରଦାନ କରେ। ଏହି ବ୍ୟକ୍ତିମାନେ ସାଧାରଣତଃ ଏପରି ବହୁସଂଖ୍ୟକ କ୍ଷୁଦ୍ର କ୍ଷୁଦ୍ର ସତ୍ତା ଦ୍ୱାରା ପରିବେଷ୍ଟିତ ହୋଇ ରହିଥାନ୍ତି, ଯେଉଁଗୁଡ଼ିକୁ କି ସେମାନେ ନିଜେ ରଚନା କରି ରଖିଥାନ୍ତି। ସେମାନଙ୍କର ଏହିସବୁ ମନୋରଚନା ପ୍ରାଣିକ ଶକ୍ତି ଦ୍ୱାରା ସବଳିତ ହୋଇ ରହିଥାନ୍ତି, ସେମାନେ ଏହି ବ୍ୟକ୍ତିମାନଙ୍କୁ ସର୍ବଦା ନାନା ପ୍ରକାରେ ଆଘାତ କରିବାକୁ ଆସୁଥାନ୍ତି; ସେମାନେ ଯେଉଁସବୁ ସଂରଚନା କରି ରଖିଛନ୍ତି, ସେମାନଙ୍କ ଲାଗି ସେଗୁଡ଼ିକୁ ଭୌତିକ ଭାବରେ ଉପଲବ୍ଧି କରାଇଦେବାକୁ ମଧ୍ୟ ଚେଷ୍ଟା କରୁଥାନ୍ତି।

ତୁମେମାନେ ମରିସ୍ ମାଗ୍ରଙ୍କର ବହିସବୁ ହୁଏତ ପଢ଼ିଥିବ; ଆମ ପାଠାଗାରରେ ତାଙ୍କର କେତେକ ବହି ରହିଛି। ସିଏ ଏହି କଥାଟିକୁ ବର୍ଣ୍ଣନା କରିଛନ୍ତି; ସିଏ ଏଠାକୁ ଆସିଥିଲେ, ଆମ ଦୁହିଁଙ୍କ ଭିତରେ ଏକାଧିକ କଥାବାର୍ତ୍ତା ହୋଇଥିଲା ଏବଂ ସିଏ ମୋତେ କହିଲେ ଯେ, ସିଏ ସର୍ବଦା — ସିଏ ଅତିରିକ୍ତ ଭାବରେ

'oaob.nitrkl.ac.in' images reprocessed

ଗ୍ରହଣଶୀଳ ଥିଲେ, — ସିଏ ସର୍ବଦା ଏହି କଥାଟିକୁ ଦେଖିବାକୁ ପାଇଛନ୍ତି ଯେ, ଯେଉଁ ଲୋକମାନଙ୍କ ଭିତରେ ଯୌନକାମନା ରହିଥିଲା, ସେମାନେ ଗୋଟିଏ ପ୍ରକାରର ସତ୍ତ୍ୱମାନଙ୍କ ଦ୍ୱାରା ରଚିତ ସ୍ଥାନ ସମୂହଟିଏ ଦ୍ୱାରା ପରିବେଷ୍ଟିତ ହୋଇ ରହିଥିଲେ, ଲାଲୁଆ ଲାଲୁଆ ହୋଇ ରହିଥିବା ଏହି କୁତ୍ସିତ ସତ୍ତ୍ୱମାନେ ସେମାନଙ୍କୁ ନିରନ୍ତର ଉତ୍ପୀଡ଼ିତ କରି ରଖିଥିଲେ ଓ ସେହି ବ୍ୟକ୍ତିମାନଙ୍କ ଭିତରେ ବାସନା ଜାଗ୍ରତ କରାଉଥିଲେ । ସିଏ କେତେକ ବ୍ୟକ୍ତିଙ୍କ ଚତୁର୍ଦ୍ଦିଗରେ ଠିକ୍ ଏହିପରି ଗୋଟିଏ କଥା ଘଟୁଥିବାର ଦେଖିଛନ୍ତି ବୋଲି ମୋତେ କହୁଥିଲେ । ସତେ ଯେମିତି ତାହାର ମୁଣ୍ଡ ଚାରିପାଖରେ ଦଳେ ମଶା ଘେରିକରି ରହିଥାନ୍ତି, ଠିକ୍ ସେହିପରି । ମାତ୍ର ଏଇଟାର ଏକ ଅଧିକ ସ୍ଥୂଳତା ରହିଥାଏ, ଏହା ଆହୁରି ଅଧିକ କୁତ୍ସିତ ଦେଖାଯାଏ,— ଲାଲୁଆ ଲାଲୁଆ ହୋଇ ଖୁବ ଭୟଙ୍କର ଦେଖାଯାଉଥାଏ । ଏବଂ, ତାହା ମଣିଷର ମୁଣ୍ଡ ଚାରିପାଖରେ ନିୟତ ଘୂରିବାରେ ଲାଗିଥାଏ ଓ ତାକୁ ଆଦୌ କୌଣସି ଶାନ୍ତି ଦିଏ ନାହିଁ । ଯେଉଁ ବାସନା ଏହି ସତ୍ତ୍ୱଗୁଡ଼ିକର ଗଠନ କରିଛନ୍ତି, ତାହା ବ୍ୟକ୍ତି ମଧ୍ୟରେ ସେହି ବାସନାକୁ ଜାଗ୍ରତ କରିବାରେ ଲାଗିଥାଏ ଏବଂ ସେମାନେ ଏହାର ଦ୍ୱାରାହିଁ ପୁଷ୍ଟ ହେବାରେ ଲାଗିଥାନ୍ତି । ଏହା ସେମାନଙ୍କର ଖାଦ୍ୟ ହୋଇ ରହିଥାଏ । ଏକଥା ସମ୍ପୂର୍ଣ୍ଣ ସତ୍ୟ । ସିଏ ଯାହା ଦେଖିଥିଲେ, ତାହା ପ୍ରକୃତରେ ସେହିପରି । ତାଙ୍କର ଦେଖିବାରେ ଆଦୌ କୌଣସି ଭୁଲ୍ ନ ଥିଲା । ଏହା ପ୍ରକୃତରେ ସେହିପରି ।

ମାତ୍ର, ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ନିଜ ଚାରିପାଖରେ ଆପଣାର ବାସନା-ମଣ୍ଡଳଟିକୁ ବହନ କରି ରହିଥାଏ । ତେଣୁ, ଲୋକମାନେ ଆସି ତୁମକୁ ନିଜେ ସବୁକଥା କହିବେ, ତାହାର ଆଦୌ କୌଣସି ଆବଶ୍ୟକତା ନ ଥାଏ; ତୁମକୁ କେବଳ ଦୃଷ୍ଟିପାତ କରିବାକୁ ହେବ, ଏବଂ ତା' ହେଲେ ସେମାନଙ୍କର ପ୍ରକୃତ ସ୍ଥିତିଟି ସେମାନଙ୍କୁ ପରିବେଷ୍ଟିତ କରି ରଖିଥିବାର ସ୍ପଷ୍ଟ ଦେଖିପାରିବ । ସେମାନେ ନିଜକୁ ସ୍ୱୟଂ ଦେବତା ବା ସନ୍ଥ ବୋଲି ଦେଖାଇବାକୁ କେତେ ଚେଷ୍ଟା କରୁଥିବେ, ମାତ୍ର ସେମାନେ ତୁମକୁ କଦାପି ଫାଙ୍କି ଦେଇପାରିବେ ନାହିଁ । କାରଣ, ସେମାନଙ୍କ ଉପରେ ସେହି ମଣ୍ଡଳଟି ଆବର୍ତ୍ତିତ ହେବାରେ ଲାଗିଥିବ । ତେଣୁ, କଳ୍ପନା କରି ଦେଖିଲ ! (ମାଆ ତାଙ୍କ ସମ୍ମୁଖରେ ବସିଥିବା ସମସ୍ତଙ୍କ ଆଡ଼କୁ ନିର୍ଦ୍ଦେଶ କରି କହିଲେ) ତୁମେ ପ୍ରକୃତରେ କିଭଳି, ସେକଥା ତୁମେମାନେ ନିଜେ ଦେଖିପାରୁଥିବ । ଏଠାରେ ତୁମେମାନେ ଯେତେ ଜଣ ଅଛ, ସମସ୍ତେ ତାହା ଦେଖି ପାରୁଥିବ । ଏବଂ ଏହିପରି ଭାବରେ ପ୍ରତ୍ୟେକ ବ୍ୟକ୍ତି ତା'ର କ୍ଷୁଦ୍ର ଜଗତଟିକୁ ସ୍ୱୟଂ ବହନ କରି ରହିଥାଏ । ସିଏ ତା'ର ମାନସିକ ସଂରଚନାଗୁଡ଼ିକୁ ବହନ କରିବାରେ ଲାଗିଥାଏ, ସେଥିରୁ କେତୋଟି ପ୍ରାଣିକ ଉପାଦାନର ପରିଚ୍ଛଦ ପିନ୍ଧିଥାନ୍ତି ଏବଂ

'oaob.nitrkl.ac.in' images reprocessed

ସବୁଯାକ ଏକାଠି ମିଶି ଘୂଷୁର ଘୂଷୁର ଯାଉଥାନ୍ତି, ପରସ୍ପର ସହିତ ଗୋଳେଇ ମିଶି ହୋଇ ଯାଉଥାନ୍ତି ଓ ପରସ୍ପର ଉପରେ ଧକ୍କା ବାଜି ଯାଉଥାନ୍ତି । ସେମାନଙ୍କ ଭିତରୁ କିଏ ସମସ୍ତଙ୍କଠାରୁ ଅଧିକ ବଳବାନ୍, ସେକଥା ପାଇଁ ଏକ ସଂଗ୍ରାମ ଲାଗି ରହିଥାଏ । ଯିଏ ସର୍ବାପେକ୍ଷା ଅଧିକ ବଳବାନ୍, ସିଏ ଆପଣାକୁ ଗୋଟାସୁଦ୍ଧା ଜାରି କରି ରଖିବା ପାଇଁ ଚେଷ୍ଟା କରୁଥାଏ; ଏବଂ ଏହି ସବୁକିଛି ଏକାଠି ମିଶି ଏକ ଅଦ୍ଭୁତ ବାୟୁମଣ୍ଡଳ ରଚନା କରି ରଖିଥାନ୍ତି !···

ଆମେ ଆପଣଙ୍କ ପାଖକୁ ଆସିଲାବେଳେ ଏମାନେ କ'ଣ କରୁଥାନ୍ତି ?

ତୁମେସବୁ ମୋ'ପାଖକୁ ଆସୁଥିବା ସମୟରେ ମୁଁ ଏହି କଥାଗୁଡ଼ିକୁ ଦେଖିବାକୁ ପାଇଥାଏ । ମୁଁ ଠିକ୍ ଏହି କଥାହିଁ ଦେଖିବାକୁ ପାଏ, ଏବଂ ତେଣୁ, ତୁମମାନଙ୍କର ଏଠାକୁ ଆସିବା ପ୍ରକୃତରେ ଅନେକ କାମରେ ଲାଗେ । କାରଣ, ତୁମକୁ ଗୋଟିଏ ଫୁଲ ଦେବା ପ୍ରକୃତରେ ଏକ ବେଶ୍ ଭଲ କଥା, ମାତ୍ର ତାହାକୁ ଆଦୌ ଗୁଡ଼ାଏ ବୋଲି କୁହାଯିବ ନାହିଁ ।··· ତାହାଠାରୁ ଆହୁରି କେତେ କେତେ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ରହିଛି । ମାତ୍ର, ତୁମମାନଙ୍କୁ ପ୍ରତ୍ୟେକଥର ଦେଖିଲାବେଳେ, ଗୋଟାଏ ସେକେଣ୍ଡ୍ ଭିତରେ ବି—ଗୋଟାଏ ସେକେଣ୍ଡ୍ ବା ଝଲକଟିଏ ଏଥିଲାଗି ଯଥେଷ୍ଟ—ଏଠାକୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତିକୁ ମୁଁ ତା'ର ଯାବତୀୟ ରଚନାଗୁଡ଼ିକ ସହିତ ଦେଖିବାକୁ ପାଇଥାଏ, ଏବଂ ତା'ପରେ ମୁଁ କେବଳ ଏହି କଥାଟିକୁ କରେ···(ମାଆ ସଙ୍କେତ କଲେ) । ଫୁଲ ତ କେବଳ ପ୍ରତୀକମାତ୍ର, ଏହି ଫୁଲର ମାଧ୍ୟମରେ ମୁଁ କିଛି ପ୍ରଦାନ କରିଥାଏ ।

ଏବଂ ବେଳେବେଳେ, ତୁମେ ସେକଥା ଜାଣ, ଯେତେବେଳେ ମୁଁ ମୋ ଭିତରକୁ ଆହୁରି ଭିତରର ଗଭୀରକୁ ଯାଉଥିବା ପରି ବୋଧହୁଏ,—ସେତେବେଳେ ମୋ' ଆଖି ବନ୍ଦ ହୋଇ ରହିଥାଏ ଓ ଖୁବ୍ ଧୀର ଭାବରେ ହୁଏତ ମୁଁ କିଛି ଦେଇଥାଏ ଅଥବା ସେହି ମୁହୂର୍ତ୍ତଟି ଲାଗି ମୁଁ ଆଦୌ ହଲଚଲ ହୁଏ ନାହିଁ—ଯେତେବେଳେ ସଙ୍ଗେସଙ୍ଗେ କିଛି କରିବାକୁ ରହିଥାଏ, ସେତିକବେଳେ ମୁଁ ଏହିପରି କରେ । ବେଳେବେଳେ କୌଣସି ନା କୌଣସି କାରଣରୁ ମଝିରେ ଠିଆ ହୋଇ ହସ୍ତକ୍ଷେପ କରିବାକୁ ପଡ଼େ, ସାହାଯ୍ୟ କରିବାକୁ ପଡ଼େ ଅଥବା ଭାଙ୍ଗି ନଷ୍ଟ କରିଦେବାକୁ ପଡ଼େ । ଅଥବା, ଆରମ୍ଭ ହେବାକୁ ଯାଉଥିବା ଏକ ଅଘଟଣ ଆଡ଼କୁ ତୁମକୁ ଠେଲି କରି ନେଇଯିବାକୁ ପଡ଼େ ବା ସେହିପରି ଆଉ କ'ଣସବୁ ବି କରିବାକୁ ହୋଇଥାଏ । ତେଣୁ, ବେଳେବେଳେ ମୁଁ କେବଳ ତୁମମାନଙ୍କର

'oaob.nitrkl.ac.in' images reprocessed

ହାତକୁ ଧରିପକାଏ, ଅର୍ଥାତ୍, "ମୋତେ ହଲଚଲ ହୁଅ ନାହିଁ" ବୋଲି କହେ । ଉପଯୁକ୍ତ ବ୍ୟକ୍ତି ଭାବୁଥାଏ, "ମାଆ ଭାବାବିଷ୍ଟ ହୋଇଗଲେ ।" ତାହା ଦେଖି ମୋତେ ଭାରି କୌତୁକ ଲାଗେ । ··· (ସମସ୍ତେ ହସିଲେ) ମୁଁ ବ୍ୟବସ୍ଥା କରିବାରେ, ସବୁକିଛିକୁ ସଜାଡ଼ି ଆଣିବାରେ ବ୍ୟସ୍ତ ଥାଏ; ବେଳେବେଳେ ହୁଏତ ଏକ ଶଲ୍ୟଚିକିତ୍ସା କରିବାକୁ ବାଧ୍ୟ ହୋଇଥାଏ । ସେଠାରୁ କେତେକ ଅବାଞ୍ଛିତ ବସ୍ତୁକୁ ବାହାର କରିଦିଏ । ସେଥିଲାଗି ହୁଏତ ମୋତେ ଗୋଟିଏ ସେକେଣ୍ଡ୍ ଦରକାର ହୁଏ,—ଆଦୌ ବେଶୀ ସମୟ ଲାଗେ ନାହିଁ । ବେଳେବେଳେ ଟିକିଏ ଅଧିକ ସମୟ ଆବଶ୍ୟକ ହୁଏ, କେତୋଟି ଅଧିକ ସେକେଣ୍ଡ୍, ହୁଏତ ଗୋଟିଏ ମିନିଟ୍ ଦରକାର ହୁଏ । ତା' ନ ହେଲେ, ସାଧାରଣତଃ—ସାଧାରଣ ଭାବରେ ବିଚାର କରି ଦେଖିଲେ—ଯେତେବେଳେ ସବୁକିଛି ଆମେ ଯାହାକୁ "ସାଧାରଣ" ବୋଲି କହୁଥାଉ, ସେହି ସ୍ଥିତିରେ ରହୁଥାଏ, ସେତେବେଳେ କେବଳ ଥରେ ଦେଖି ଦେଲେହିଁ ଯଥେଷ୍ଟ ହୋଇଥାଏ;—ଏବଂ ତା'ପରେ ତାହାର କିପରି ଅନୁସ୍ପନ୍ଦନ ହୁଏ ? ସେତେବେଳେ ମୁଁ ଫୁଲଟିଏ ଦିଏ···ବେଳେବେଳେ ଫୁଲ ଦେବାକୁ ବି ପଡ଼େ ନାହିଁ, ସେତେବେଳେ କେବଳ ସେହି ସାନ ଝଲକଟିକୁ ନେଇ ରଖିଦିଏ, ଅଥବା, ଆଉ କେତେବେଳେ ସାନ ଛତଲ ଲୁହାଟିକୁ ନେଇ ଲଗାଇଦିଏ, ବା ଗୋଟିଏ ଆଲୋକକୁ ନେଇ ରଖିଦିଏ,—ଗୋଟାଏ ଯାହାକିଛି ନେଇ ରଖିଦିଏ; ଯେଉଁଠି ଆବଶ୍ୟକତା ରହୁଥାଏ, ଠିକ୍ ସେହିଠାରେହିଁ ଯଥାର୍ଥ ସମୟରେ ଓ ଯଥାର୍ଥ ସ୍ଥାନରେ ନେଇ ରଖିଦିଏ ··ଏବଂ ତା'ପରେ "ବିଦାୟ" !

*ମାଆ, ସେହି ସତ୍ତାଗୁଡ଼ିକ କ'ଣ ଆପଣଙ୍କୁ ଭୟ କରୁ ନ ଥାନ୍ତି ?*

ସେମାନେ ଭାରି ଡରନ୍ତି ! (ସମସ୍ତେ ହସିଲେ) ଯେଉଁମାନଙ୍କ ଭିତରେ ଅସଦିଚ୍ଛା ପୂରି ରହୁଥାଏ, ସେମାନେ ଲୁଚି ରହିବା ପାଇଁ ଚେଷ୍ଟା କରୁଥାଆନ୍ତି । ସେମାନେ ସାଧାରଣତଃ କ'ଣ କରନ୍ତି ଜାଣିଛ ? ସେମାନେ ଯେପରି ଆଦୌ ଦେଖା ନ ଯିବେ, ସେଥିଲାଗି ଆସୁଥିବା ବ୍ୟକ୍ତିର ମୁଣ୍ଡ ପଛରେ ଯାଇ ଠୁଳ ହୋଇଯାଆନ୍ତି (ସମସ୍ତେ ହସିଲେ) । ମାତ୍ର ସେଥିରେ କିଛି ଫଳ ହୁଏ ନାହିଁ, କାରଣ, ଭିତରକୁ ଭେଦ କରି ଦେଖିବା ଲାଗି ମଧ୍ୟ ମୋର ଶକ୍ତି ରହିଥାଏ । ମାତ୍ର—ସେମାନେ ସତେଅବା ଏକ ସହଜାତ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ତାହା କରିଥାନ୍ତି । ଯେତେ-ବେଳେ ସେମାନେ ଭିତରେ ଭର୍ତ୍ତି ହୋଇ ରହିବାକୁ ଇଚ୍ଛା କରନ୍ତି, ସେତେବେଳେ ଅବଶ୍ୟ ଭିତରକୁ ଘୁସିଯାଆନ୍ତି । ମାତ୍ର ସେତେବେଳେ···ସେତେବେଳେ ମୁଁ ଆହୁରି ଅଧିକ ଶକ୍ତି ସହିତ ସେହି କ୍ଷେତ୍ରରେ ଯାଇ ହସ୍ତକ୍ଷେପ କରେ, କାରଣ ସେଇଟା ଏକ କୁତ୍ସିତ କାର୍ଯ୍ୟ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର

'oaob.nitrkl.ac.in' images reprocessed

କି ଲୁଚି ରହିବା ଲାଗି ସତେଅବା ଏକ ସହଜାତ ପ୍ରବୃତ୍ତି ରହିଥାଏ । ତେଣୁ ମୁଁ ସେମାନଙ୍କର ପଛେ ପଛେ ଗୋଡ଼ାଏ, ଭିତରେ ଯାଇ ପ୍ରବେଶ କରେ । ଅନ୍ୟମାନଙ୍କ କ୍ଷେତ୍ରରେ ଅତି ଅଳ୍ପରେ ସବୁ ହୋଇଯାଏ । ମାତ୍ର କେତେକ ଏପରି ବ୍ୟକ୍ତି ଅଛନ୍ତି, ସେମାନେ ନିଜେ ମୋତେ ଏ କଥା କହିଛନ୍ତି, ସେମାନେ କହିଛନ୍ତି ଯେ, ମୋ ପାଖକୁ ଆସିଲାବେଳେ ସତେଅବା କ'ଣ ଗୋଟାଏ ସେମାନଙ୍କୁ ଭିତର ପଛକୁ ପଛକୁ ଟାଣି ଧରୁଥିବା ପରି ମନେ ହେଉଥାଏ । ଏବଂ କହୁଥାଏ, "ନାଇଁ, ନାଇଁ, ସେଠାକୁ ଯିବାର କୌଣସି ପ୍ରୟୋଜନ ନାହିଁ, କାହିଁକି ମିଛଟାରେ ଯାଉଛୁ ? ମାଆଙ୍କର ଆଜି କେତେ ଲୋକଙ୍କ ସହିତ ସାକ୍ଷାତ କରିବାକୁ ରହିଛି ତୁ ପୁଣି ଆଉ ଅଧିକା ଜଣେ ହୋଇ କାହିଁକି ରହିବାକୁ ଇଚ୍ଛା କରୁଛୁ ?" ଏହିପରି ଭାବରେ ସେମାନେ ପଛକୁ ଟାଣିହୋଇ ଯାଆନ୍ତି, ଏବଂ ଆଉ ଆସନ୍ତି ନାହିଁ । ତେଣୁ ମୁଁ ସେମାନଙ୍କୁ ସର୍ବଦା କଥାଟିକୁ ବୁଝାଇଦିଏ ଓ କହୁଥାଏ, "ସେସବୁ ପ୍ରବର୍ତ୍ତନାକୁ ଆଦୌ ନ ଶୁଣିବାହିଁ ଉଚିତ । କାରଣ ତାହା ଭିତରେ ଉତ୍ତମ ବିବେକ ବୋଲି କିଛି ନାହିଁ ।" କେତେକ ବ୍ୟକ୍ତି ଏହାକୁ ସହ୍ୟ କରିପାରନ୍ତି ନାହିଁ । ଏପରି କେତୋଟି ଉଦାହରଣ ଅବଶ୍ୟ ରହିଛି,—ଯେଉଁମାନେ ଦଉଡ଼ି ପଳାଇ ଯିବାକୁ ବାଧ ହୋଇଛନ୍ତି, କାରଣ ସେମାନେ ନିଜ ଦ୍ୱାରା ରଚିତ ସେହି ରଚନାଗୁଡ଼ିକ ଭିତରେ ଅତିମାତ୍ରାରେ ଆସକ୍ତ ହୋଇ ରହିଥିଲେ ଏବଂ ସେଗୁଡ଼ିକର କବଳରୁ ମୁକ୍ତ ପାଇବାକୁ ଇଚ୍ଛା କରୁ ନ ଥିଲେ । ସାଧାରଣତଃ, ଏହି କ୍ଷେତ୍ରରେ ପଳାଇବାହିଁ ଏକମାତ୍ର ଗତି ହୋଇ ରହିଥାଏ ।

ବୁଝିଲ ?

ଆଜି ଏଇଠି ଶେଷ କରିବା ।

'oaob.nitrkl.ac.in' images reprocessed

# ୨୮ ଅଗଷ୍ଟ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମାଆ ବହିର ୬ଷ୍ଠ ଅଧ୍ୟାୟ ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ମୁଁ ଏଇଟିକୁ ବୁଝି ପାରିଲି ନାହିଁ : "ଏହା ମହାଲକ୍ଷ୍ମୀଙ୍କର ଶକ୍ତି ଏବଂ ଶରୀରଧାରୀ ସତ୍ତ୍ୱମାନଙ୍କର ହୃଦୟ ସକାଶେ ଏଇଟି ଅପେକ୍ଷା ଦିବ୍ୟା ଶକ୍ତିଙ୍କର ଏତେ ଆକର୍ଷକ ଆଉ ଅନ୍ୟ କୌଣସି ସ୍ୱଭାବ ନାହିଁ ।"

ଶରୀରଧାରୀ ସତ୍ତ୍ୱ ଅର୍ଥାତ୍ ମନୁଷ୍ୟମାନେ । ପୃଥିବୀରେ ବାସ କରୁଥିବା ସତ୍ତ୍ୱ ବା ପୃଥିବୀସ୍ଥ ସତ୍ତ୍ୱ ବୋଲି କହିବାର ଏହା ହେଉଛି ଆଉ ଗୋଟିଏ ଶୈଳୀ । ମାତ୍ର ... ଏହା ଇତରପ୍ରାଣୀଙ୍କୁ ମଧ୍ୟ ବୁଝାଇବ । ମହାଲକ୍ଷ୍ମୀ ଇତରପ୍ରାଣୀମାନଙ୍କ ପ୍ରତି ଖୁବ ଶ୍ରଦ୍ଧାଶୀଳ ହୋଇ ରହିଥାନ୍ତି, ଇତର ପ୍ରାଣୀମାନେ ମଧ୍ୟ ତାଙ୍କୁ ଖୁବ ଭଲ ପାଆନ୍ତି । ଏପରିକି, ଭୟଙ୍କର ଓ ଆହୁରି ଭୟଙ୍କର ପ୍ରାଣୀମାନେ ମଧ୍ୟ ତାଙ୍କ ପାଖକୁ ଆସି ଖୁବ ଶାନ୍ତ ହୋଇ ଯାଆନ୍ତି, ଏବଂ ସେହି କାରଣରୁହିଁ ଏଠାରେ "ମନୁଷ୍ୟ" ଶବ୍ଦର ବ୍ୟବହାର କରି ନ ଯାଇ ଶ୍ରୀଅରବିନ୍ଦ "ଶରୀରଧାରୀ ସତ୍ତ୍ୱ" ବୋଲି କହିଛନ୍ତି, — ଯେଉଁ ସତ୍ତ୍ୱମାନେ ଶରୀର ଧରି ଏହି ପୃଥିବୀରେ ବାସ କରୁଛନ୍ତି ।

(ମାଆ ନୀରବ ରହିଲେ)

କିଛି ପ୍ରଶ୍ନ ଅଛି ?

ମାଆ, ମୁଁ ଏହି କଥାଟିକୁ ବୁଝିପାରିଲି ନାହିଁ : "ସିଏ ଦିବ୍ୟ ପରମସତ୍ତ୍ୱଙ୍କର ମାଦକକାରୀ ମଧୁରତାର ଆବେଶଜାଲଟିକୁ ନିକ୍ଷେପ କରି ରଖିଥାନ୍ତି ।"

ବୁଝିପାରିଲ ନାହିଁ ? କାରଣ ତୁମ ପାଖରେ ଏକ କବିମନର ଅଭାବ ରହିଛି, ତେଣୁ ...।ଏଠାରେ ଏକ କାବ୍ୟିକ କଳ୍ପନାରେ କଥାଟିକୁ ବ୍ୟକ୍ତ କରାଯାଇଛି । ... ଏକ ପ୍ରତ୍ୟକ୍ଷ ଅର୍ଥବାଦୀ ମନ ନେଇ ତୁମେ ଏହାକୁ ମୋଟେ ବୁଝିବାକୁ ଚେଷ୍ଟା କରିବ ନାହିଁ । ଏଥିଲାଗି ଶବ୍ଦ ଓ ବାକ୍ୟାଂଶଗୁଡ଼ିକର ସୌଷମ୍ୟ-ଯୁକ୍ତତା ବିଷୟରେ ତୁମ ଭିତରେ କିଞ୍ଚିତ୍ ସମ୍ବେଦନା ରହିଥିବା ଆବଶ୍ୟକ ।

'oaob.nitrkl.ac.in' images reprocessed

> "ମାହେଶ୍ୱରୀ ବିଶ୍ୱଶକ୍ତିଗୁଡ଼ିକର ବୃହତ୍ ରେଖାଗୁଡ଼ିକୁ ଧାର୍ଯ୍ୟ କରି ଦେଇଥାନ୍ତି···" ଏଠାରେ "ବିଶ୍ୱଶକ୍ତିଗୁଡ଼ିକର ବୃହତ୍ ରେଖା-ଗୁଡ଼ିକ" କହିଲେ କ'ଣ ବୁଝାଯିବ ?

ଏଥିରୁ ଆମେ ଏଇଆ ବୁଝିବା ଯେ, ପୃଥିବୀ କିପରି ହେବା ଉଚିତ, ସିଏ ତାହାର ଯୋଜନା ପ୍ରସ୍ତୁତ କରନ୍ତି । ତେଣୁ, ପୃଥିବୀ କିପରି ହେବା ଉଚିତ, ଏହି ବିଶ୍ୱବ୍ରହ୍ମାଣ୍ଡ କିପରି ହେବା ଉଚିତ, ସିଏ ସେହି ଯୋଜନାର ବୃହତ୍ ରେଖାଗୁଡ଼ିକୁ ନିର୍ଦ୍ଧାରଣ କରିଦିଅନ୍ତି । ତାଙ୍କ ସମ୍ମୁଖରେ ସମଗ୍ରର, ସମଗ୍ର ବିଶ୍ୱସୃଷ୍ଟିର ଏକ ଦୃଷ୍ଟି ବିଦ୍ୟମାନ ରହିଥାଏ; ଝିକିନିଖି ସବୁକଥା ନ ଦେଖି ସେ ବସ୍ତୁଗୁଡ଼ିକର ସମଗ୍ରତାକୁ ଦେଖନ୍ତି, ଯୋଜନାର ବୃହତ୍ ରେଖାଗୁଡ଼ିକୁ ନିର୍ଦ୍ଧାରଣ କରି ଦିଅନ୍ତି,— ଏହି ସୃଷ୍ଟି କିପରି ହେବା ଉଚିତ, ଏହାର ଅଗ୍ରଗତି କେଉଁ ଆଡ଼କୁ ହେବା ଉଚିତ ଏବଂ ସେଥିରୁ କ'ଣସବୁ ପରିଣାମ ଉପୁଜିବ,—ଇତ୍ୟାଦି ଇତ୍ୟାଦି । ତାଙ୍କର ଦୃଷ୍ଟି ଏକ ବିଶ୍ୱଗତ ଦୃଷ୍ଟି, ଝିକିନିଖିଗୁଡ଼ାକୁ ନେଇ ସିଏ ନିଜକୁ ସମଗ୍ର ଅପେକ୍ଷା କମ୍ ବ୍ୟସ୍ତ ହୋଇ ରହିଥାନ୍ତି ।

> "ଆପଣାର ପରିପୂର୍ଣ୍ଣତା ଲାଭ କରିବା ସକାଶେ ଅନ୍ୟ ଶକ୍ତିଗୁଡ଼ିକର ଯାବତୀୟ କାର୍ଯ୍ୟ ତାଙ୍କର (ମହାସରସ୍ୱତୀ) ଉପରେ ନିର୍ଭର କରିଥାଏ···"

ମହାସରସ୍ୱତୀଙ୍କ ଉପରେ ? ହଁ, କାରଣ ସିଏ ହେଉଛନ୍ତି ··· (ମାଆ ନୀରବ ରହିଲେ) ସିଏ ହେଉଛନ୍ତି ପରିପୂର୍ଣ୍ଣତାର ହିଁ ଅଧିଷ୍ଠାତ୍ରୀ ଦେବୀ । ତାଙ୍କ ଲାଗି ସବୁକିଛି କାର୍ଯ୍ୟ ଅନୁକ୍ରମ ଝିକିନିଖି ପର୍ଯ୍ୟନ୍ତ ସମ୍ପନ୍ନ ହୋଇପାରିବା ଉଚିତ, ଏବଂ ସମ୍ପୂର୍ଣ୍ଣ ଭାବରେ ଦୋଷମୁକ୍ତ ହୋଇ ସମ୍ପନ୍ନ ହୋଇପାରିବା ଉଚିତ । ଏବଂ, ସିଏ ଇଚ୍ଛା କରନ୍ତି, ସିଏ ଦାବି କରୁଥାନ୍ତି ଯେ, ଏହା ପ୍ରକୃତରେ ଭୌତିକ ସ୍ତରରେ ସମଗ୍ର ଭାବରେ ଏହି ସ୍ଥୂଳ ସ୍ତରରେ ମଧ୍ୟ ଏହିପରି ଭାବରେ ଅବଶ୍ୟ ସମ୍ପନ୍ନ ହେବ, କେବଳ ଉପରେ ଉପରେ ପବନରେହିଁ ରହିଯିବ ନାହିଁ । କେବଳ ଏକ ମାନସିକ ବା ପ୍ରାଣିକ କ୍ରିୟା ହୋଇ ଆଦୌ ରହିଯିବ ନାହିଁ । ମାତ୍ର, ଆପଣାର ଯାବତୀୟ ଝିକିନିଖି ସହିତ ତାହା ଏକ ଭୌତିକ ଉପଲବ୍ଧି ବି ହୋଇପାରିବ,— ତାହା ଭିତରେ ରହିଥିବା ଝିକିନିଖି ସବୁକିଛି ସମ୍ପୂର୍ଣ୍ଣ ଦୋଷମୁକ୍ତ ଭାବରେ ସମ୍ପାଦିତ ହେବ ଏବଂ ଆଦୌ କୌଣସି କିଛିର କଦାପି ଅବହେଳା ହେବ ନାହିଁ । ତେଣୁ ଅନ୍ୟାନ୍ୟ ଭୂମିରେ ଅନ୍ୟମାନେ ଯେଉଁସବୁ କାର୍ଯ୍ୟ କରୁଥାନ୍ତି, ମହାସରସ୍ୱତୀ ତାହାକୁ ଏକ ମୂର୍ତ୍ତିରୂପ ପ୍ରଦାନ କରନ୍ତି ଏବଂ ଭୌତିକ ସ୍ତରରେ ମଧ୍ୟ ତାହାକୁ ଦୋଷମୁକ୍ତ କରି ରଖିଥାନ୍ତି ।

'oaob.nitrkl.ac.in' images reprocessed

ଶେଷ ଅଧ୍ୟାୟରୁ ମୋର ଗୋଟିଏ ପ୍ରଶ୍ନ ଅଛି । ଏଠାରେ ଶ୍ରୀଅରବିନ୍ଦ ଲେଖିଛନ୍ତି : "ଏହି ପୃଥ୍ୱୀଲୀଳାର ଯାବତୀୟ ଦୃଶ୍ୟ-ସତେଅବା ଏକ ନାଟକ ପରି ହୋଇ ରହିଆସିଛି, ସିଏ ଯାହାର ସଂଗଠନ ଏବଂ ଯୋଜନା କରି ରଖିଛନ୍ତି, ସେଇ (ମହାଶକ୍ତି ରୂପରେ ଦିବ୍ୟା ଜନନୀ) ଏହାକୁ ଅଭିମତ କରାଉଛନ୍ତି । ବିଶ୍ୱଅନ୍ତର୍ଗାକ୍ଷର ଦେବତାମାନେ ସେଥିରେ ତାଙ୍କର ସହକାରୀ ହୋଇ ରହିଛନ୍ତି ଓ ସିଏ ନିଜେ ମଧ୍ୟ ପ୍ରଚ୍ଛନ୍ନ ଭାବରେ ସେହି ନାଟକରେ ଅଭିନୟ କରୁଛନ୍ତି ।" ତେଣୁ ଏହାର ଅର୍ଥ ହେଉଛି ଯେ, ଏଠାରେ ଯାହା କିଛି ଘଟୁଛି, ଏକ ଉଚ୍ଚତର ଭୂମିରେ ତାହାର ଅଭିମତ ହୋଇ ସାରିଛି । ତେଣୁ ସବୁକିଛି ପୂର୍ବରୁ ନିର୍ଦ୍ଦେଶିତ ହୋଇସାରିଛି । ତେବେ ସ୍ୱାଧୀନ ଇଚ୍ଛା ବୋଲି କ'ଣ ଆଉ କିଛି ନାହିଁ ?

କଥାଟି ସେପରି ନୁହେଁ । ଏହାକୁ ସେହିପରି ଭାବରେ ବର୍ଣ୍ଣନା କରାଯାଇଛି ଏବଂ ବସ୍ତୁଗୁଡ଼ିକୁ ଅବଲୋକନ କରିବାର ଏହା ହେଉଛି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ । ମାତ୍ର ବସ୍ତୁତଃ, ଏହା ହେଉଛି,...(ମାଆ କିଛିକ୍ଷଣ ନୀରବ ରହିଲେ) ସମାନ ପରିମାଣର ଯଥାର୍ଥତା ସହିତ ଏପରି ମଧ୍ୟ କୁହାଯାଇ ପାରିବ ଯେ, ପ୍ରତ୍ୟେକ ମୁହୂର୍ତ୍ତରେ ଏହି ବିଶ୍ୱସଂସାରର ପୁନଃସୃଜନ ହେବାରେ ଲାଗିଛି, ଏବଂ ଦୁଇଟିଯାକ ସମାନ ଭାବରେ ସତ ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ପୃଥିବୀ ବର୍ତ୍ତମାନ ଯେପରି ଅଛି, ଆମେ ଯଦି ତାହାକୁ ସେହିପରି ଏକ ବିଶେଷ ପ୍ରକୃତିର ସଂସାଧନାତ୍ମକ ମିଶ୍ରଣ ବୋଲି ଗ୍ରହଣ କରିବା, ଏହି ମିଶ୍ରିତ ଗଠନଟିର ନିର୍ମାଣଗତ ସ୍ୱଭାବରୁହିଁ ଅନିବାର୍ଯ୍ୟ ଯାବତୀୟ ପରିଣାମ ଘଟିବାରେ ଲାଗିଛି ବୋଲି ଯଦି ଆମେ ଗ୍ରହଣ କରିବା, ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ନୂତନ ଉପାଦାନ ବି ଆସି ସେହି ସମ୍ମିଶ୍ରଣ ସହିତ ମିଶି ପାରିବ ବୋଲି ମଧ୍ୟ ଆମେ ଯଦି କଳ୍ପନା କରିବା, ତେବେ ଏକଥା ଅବଶ୍ୟ ସତ ଯେ, ତଦ୍ଦ୍ୱାରା ସମଗ୍ରଟିର ରଚନାରେ ମଧ୍ୟ ସୁନିଶ୍ଚିତ ଭାବରେ ଏକ ପରିବର୍ତ୍ତନ ଘଟିବ । ଏଇଟି ସେହିପରି ଗୋଟିଏ ଘଟନା,—କେବଳ ଏତିକି ପ୍ରଭେଦ ଯେ, ଏହା ଏକ ଅଧିକ ଉଚ୍ଚ ଏବଂ ଅଧିକ ଜଟିଳ ସ୍ତରରେ ଘଟିବାରେ ଲାଗିଛି । ମାତ୍ର ତଥାପି ଏହା ତାହାରି ପରି ଗୋଟିଏ କଥା ।

'oaob.nitrkl.ac.in' images reprocessed

ଏହି ବିଶ୍ୱବ୍ରହ୍ମାଣ୍ଡ ହେଉଛି ନାନା ଉପାଦାନର ଏକ ସମଷ୍ଟୀଭୂତ ପିଣ୍ଡ ଏବଂ ଏହା ଏକାନ୍ତ ଗୋଟିଏ ସମ୍ମିଶ୍ରଣକୁ ସୃଷ୍ଟି କରି ରଖିଛି । ଏବଂ, ସେହି ସମ୍ମିଶ୍ରଣ ଅନୁସାରେ ଯାବତୀୟ ବସ୍ତୁ ସଂଗଠିତ ହୋଇ ରହିଛନ୍ତି—ଯାବତୀୟ ଅନ୍ତର୍ଗତ ସଂଗଠନରେ ଯାହା ଧ୍ରୁବ, ଠିକ୍ ସେହିପରି, କଠିନ ଶୃଙ୍ଖଳା ମଧ୍ୟରେ (ମାଆ ଗୋଟିଏ ଭୂମଣ୍ଡଳକୁ ଦୁଇ ହାତର ପାପୁଲି ଭିତରେ ଧରି ଦେଖାଇବାର ଇଙ୍ଗିତ କଲେ) ସଂଗଠିତ ହୋଇ ରହିଛି । ମାତ୍ର ଏହା କଦାପି ପରିପୂର୍ଣ୍ଣ ସର୍ବଶେଷ ଅବସ୍ଥା ନୁହେଁ,—ଏହା ହେଉଛି ସଂରଚିତ ହେବାର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିବା ଏକ ବସ୍ତୁ । ଏବଂ, ଅନ୍ୟ ଯେକୌଣସି ମୁହୂର୍ତ୍ତରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ପ୍ରକାରର କ୍ରିୟା ମାଧ୍ୟମରେ, ଏହି ସମଗ୍ରଟି ମଧ୍ୟରେ ଗୋଟିଏ ଅଥବା ତତୋଽଧିକ ନୂତନ କେତୋଟି ଉପାଦାନର ମଧ୍ୟ ବେଶ୍ ପ୍ରବେଶ ଘଟିପାରିବ,—ଏବଂ, ତା'ହେଲେ ତତ୍କ୍ଷଣାତ୍ ଏକାନ୍ତ ଅନିବାର୍ଯ୍ୟ ଭାବରେ, ଅନ୍ତର୍ଗତ ଯାବତୀୟ ସଂଯୋଜନରେ ପରିବର୍ତ୍ତନ ସଂଘଟିତ ହେବ । ଏବଂ, ଏହି ବିଶ୍ୱସଂସାର ମଧ୍ୟ ପ୍ରାୟ ସେହିପରି ଏକ ସମାନଧର୍ମୀ ବସ୍ତୁ ।

ଏଠାରେ ମୁଁ ଏକ ସ୍ଥୂଳ ବିଶ୍ୱସଂସାର ବିଷୟରେ କହୁଛି । ଏହି ସ୍ଥୂଳ ବିଶ୍ୱସଂସାର,—ଏହା ହେଉଛି ସର୍ବୋଚ୍ଚ ପରମସତ୍ତାଙ୍କର କୌଣସି ଏକ ବିଭାବ ବା ପ୍ରସର୍ଜନର ଏକ ମୂର୍ତ୍ତୀକୃତ ରୂପ । ମାତ୍ର ଏହି ରୂପଟି ହେଉଛି ଉତ୍ତରୋତ୍ତର ବିକଶିତ ହେବାରେ ଲାଗିଥିବା ଗୋଟିଏ ରୂପ,—ତାହା ଆଦୌ ସ୍ଥାଣୁ ହୋଇ ରହି ନାହିଁ, ଆଦୌ ସେହି ଗୋଟିଏ ନିୟମକୁ ପାଳନ କରୁ ନାହିଁ, ମାତ୍ର, ସ୍ୱତନ୍ତ୍ର କ୍ରିୟାର ଏକ ଅନେକ ଅଧିକ ସୂକ୍ଷ୍ମ ନିୟମର ଅନୁସ୍ପନ୍ଦନ ହୋଇ ରହିଛି ।

ଏହି ସମ୍ମିଶ୍ରଣଟି ମଧ୍ୟରେ ନାନା ନୂତନ ଉପାଦାନ ଆସି ପ୍ରବେଶ କରୁଛନ୍ତି ଏବଂ ସମଗ୍ର ସଂଗଠନଟିକୁ ବଦଳାଇ ଦେଉଛନ୍ତି । ତେଣୁ, ଯେଉଁ ସଂଗଠନଟି ସ୍ୱୟଂ ପୂର୍ଣ୍ଣରୂପ ହୋଇ ରହିଥିଲା ଏବଂ ଏକ ସ୍ୱକୀୟ ନିୟମ ଅନୁସାରେ ଆପଣାକୁ ଉନ୍ମୋଚିତ କରିବାରେ ଲାଗିଥିଲା, ଏହା ଫଳରେ ତାହା ପ୍ରାୟ ତତ୍କ୍ଷଣାତ୍ ବଦଳି ଯାଉଛି ଏବଂ ଅନ୍ତର୍ଗତ ଯାବତୀୟ ସମ୍ବନ୍ଧ ମଧ୍ୟ ତଦ୍ଦ୍ୱାରା ପରିବର୍ତ୍ତିତ ହୋଇ ଯାଉଛନ୍ତି । ତେଣୁ ଏହା ସମ୍ପୂର୍ଣ୍ଣ ଅସଂଗତ ଅଥବା ଅପ୍ରତ୍ୟାଶିତ ଭାବରେ ଘଟୁଥିବାର ଏକ ଧାରଣା ଦେଇଯାଉଛି; କିଂବା, ଆମେ ସମସ୍ୟାଟି ପ୍ରତି ଯେପରି ଭାବରେ ଦୃଷ୍ଟିପାତ କରୁଛୁ, ସେହି ଅନୁସାରେ ତାହା ଆମକୁ ଗୋଟିଏ ଅଲୌକିକ ଘଟଣା ପରି ବି ବୋଧ ହେଉଛି । ଏବଂ ଏଥିରୁ ଦୁଇଟି ସହବର୍ତ୍ତୀ ବସ୍ତୁ ଉତ୍ପନ୍ନ ହେଉଛନ୍ତି : ଏକ ନିୟତିବାଦର ପ୍ରତୀତି ଉତ୍ପନ୍ନ ହେଉଛି, ଯାହାକି, ଏହି ସ୍ୱତନ୍ତ୍ରତାଟି ବ୍ୟତୀତ ଏକ ନିରଙ୍କୁଶ ନିୟତିବାଦରେ ପରିଣତ ହୋଇ ରହିଥାନ୍ତା । ବିଶ୍ୱସଂସାରରେ ଏହି

'oaob.nitrkl.ac.in' images reprocessed

ଅପ୍ରତ୍ୟାଶିତ ଓ ଅଧିକର ନିରଙ୍କୁଶ ସ୍ୱତନ୍ତ୍ରତାଟି ନ ଥିଲେ ତାହା ଏକ ନିରଙ୍କୁଶ ନିୟତିବାଦରେ ପରିଣତ ହୋଇ ରହିଥାନ୍ତା । ତୁମେ ସେସବୁ କଥା ବୁଝିପାରିଲ କି ନାହିଁ, ମୋତେ ଜଣା ନାହିଁ, ମାତ୍ର ମୁଁ ସେହି ବିଷୟଟିକୁ ଏଠାରେ ବ୍ୟକ୍ତ କରିବାକୁ ଚେଷ୍ଟା କରୁଛି ।

ମାତ୍ର ଏହି ଅଧିକଟି କିପରି ସମ୍ଭବ ହେଉଛି ?

କ'ଣ କହିଲ, ଏହି ଅଧିକଟି ?

ଏକ ନୂତନ ଓ ଅଧିକ ଉପାଦାନ ଆସି ଏଇଟି ସହିତ ମିଶିବା···

ହଁ, ସର୍ବୋଚ୍ଚ ପରମଚେତନାଙ୍କର ଅଭୀପ୍ସା ଦ୍ୱାରା ତାହା ହେଉଛି ।

ସର୍ବୋଚ୍ଚ ପରମସତ୍ତାଙ୍କର ଅଭୀପ୍ସା ?

ହଁ । ଏହା ଏହି ପୃଥିବୀରେ କାର୍ଯ୍ୟରତ ହୋଇ ରହିଛି, ଏବଂ ଏହି ପୃଥିବୀରେ କାର୍ଯ୍ୟ କରିବାର ମାଧ୍ୟମରେ, ସେହି କାର୍ଯ୍ୟର ପ୍ରୟୋଜନ ଦ୍ୱାରା ପ୍ରେରିତ ହୋଇ ଏହା ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ସାଧନା ପାଇଁ,—ଅନ୍ଧକାରାଚ୍ଛନ୍ନ ଚେତନାକୁ ପୁନର୍ବାର ଦିବ୍ୟଚେତନା ତାହାର ଯଥାର୍ଥ ସ୍ଥିତିକୁ ଫେରାଇ ଆଣିବା ପାଇଁ କାର୍ଯ୍ୟ କରୁଛି । ଏବଂ, ଯେତେଥର ତାହା ଏକ ନୂତନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି, ଯେତେଥର ତାକୁ ଏହିପରି ଭାବରେ ଏକ ନୂତନ ବସ୍ତୁକୁ ଜୟ କରିବାକୁ ଅଥବା ରୂପାନ୍ତରିତ କରିବାକୁ ହେଉଛି, ସେତେଥର ତାହାକୁ ଏକ ନୂତନ ଶକ୍ତିର ଆବାହନ କରିବାକୁ ପଡ଼ୁଛି । (ମାଆ ଆପଣାର ହାତକୁ ଖୋଲି ଧରିଲେ) ଏବଂ, ଏହି ନୂତନ ଶକ୍ତି ଏକ ନୂତନ ସୃଷ୍ଟି ପରି ଆପଣାକୁ ଆବିର୍ଭୂତ କରାଉଛି । ଏବଂ ତେଣୁ, ପ୍ରତ୍ୟେକ ବସ୍ତୁର ଏକ ଅନୁରୂପ ବସ୍ତୁ ମଧ୍ୟ ରହିଥିବା ଭଳି, ଏକଥା ବି କୁହାଯାଇ ପାରିବ ଯେ, ସେହିପରି ଭାବରେ ପ୍ରତ୍ୟେକ ସତ୍ତାର ଆପଣାର ବିବିଧ କ୍ଷେତ୍ରରେ—ଏକ ମନୁଷ୍ୟସତ୍ତାର ମଧ୍ୟ ଆପଣାର ବିବିଧ କ୍ଷେତ୍ରରେ ଏକ ନିୟତି ରହିଛି ଯାହାକୁ କି ଏକ ଅଖଣ୍ଡନୀୟ ନିୟତି ବୋଲି କୁହାଯାଇ ପାରିବ । ମାତ୍ର, ତହିଁ ସଙ୍ଗେସଙ୍ଗେ, ଅଭୀପ୍ସାର ବଳରେ, ତାହାର ଏକ ଉଚ୍ଚତର କ୍ଷେତ୍ର ସହିତ ସମ୍ପର୍କରେ ଆସିବାର ଏବଂ ଏହି ସ୍ଥୂଳତର ନିୟତିଗୁଡ଼ିକର କ୍ଷେତ୍ରରେ ଉକ୍ତ ଉଚ୍ଚତର କ୍ଷେତ୍ରଟିର କ୍ରିୟାକୁ ଆଣି ପ୍ରବିଷ୍ଟ କରାଇବାର ସାମର୍ଥ୍ୟଟି ମଧ୍ୟ ରହିଛି । ଏବଂ ସେଠାରେ ଏହା ତଥାପି ସେହି ବସ୍ତୁଟି ହୋଇ ରହୁଛି; ଏହି ଦୁଇଟିଯାକ ବସ୍ତୁ ଏକତ୍ର ଯୁକ୍ତ ହୋଇ ରହୁଛି : ଏକ ନିୟତିବାଦ ଯାହାକୁ କି ଆମେ ପ୍ରତ୍ୟେକ ଭୂମିରେ "ଅନୁପ୍ରସ୍ଥ" ବୋଲି କହିପାରିବା (ଏହାକୁ ବୋଧଗମ୍ୟ କରାଇବା ସକାଶେ), ଏହି ନିୟତିବାଦ ନିରଙ୍କୁଶ ଭାବରେ ଏକ ନିୟତିବାଦ ହୋଇ

'oaob.nitrkl.ac.in' images reprocessed

ରହିଥାଏ; ଏବଂ ଦ୍ୱିତୀୟତଃ, ଅନ୍ୟ ଭୂମିଗୁଡ଼ିକର ଅଥବା ଏକ ଉଚ୍ଚତର ଭୂମିର ସେହି ନିୟତିବାଦ ମଧ୍ୟରେ ଏକ ହସ୍ତକ୍ଷେପ, ଯାହାକି ତାହାକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଯୁଗପତ୍ ଭାବରେ କେତୋଟି ନିୟତିର ଏକ ସମଷ୍ଟି ହୋଇ ରହିଥାଏ, ଯାହାକି ବେଶ୍ ଅପରିବର୍ତ୍ତନୀୟ ବୋଲି ବୋଧ ହେଉଥାଏ; ଏବଂ, ତା'ର ସତ୍ତାଗତ, ଚେତନାଗତ ତଥା ଶକ୍ତିଗତ ଏକ ଉଚ୍ଚତର ଭୂମିର ସ୍ଥିତିଗୁଡ଼ିକର ହସ୍ତକ୍ଷେପକୁ ମଧ୍ୟ ଆବାହନ କରି ଆଣିବାର ଏକ ସମ୍ପୂର୍ଣ୍ଣ ସ୍ୱାଧୀନତା ମଧ୍ୟ ରହିଥାଏ । ଏବଂ ସେହି ଶକ୍ତିଗୁଡ଼ିକୁ ଆବାହନ କରି ବାହ୍ୟ ନିୟତିବାଦର କ୍ଷେତ୍ରଗୁଡ଼ିକରେ ପ୍ରବିଷ୍ଟ କରାଇବା ଦ୍ୱାରା ସବୁକିଛୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଯାଏ । ଏବଂ, କେବଳ ଏହିପରି ଭାବରେହିଁ ବସ୍ତୁଗୁଡ଼ିକୁ ଆମକୁ ଅପ୍ରତ୍ୟାଶିତ, ଅଜ୍ଞାତ ଏବଂ ସ୍ୱାଧୀନତାର ବୋଧଟିକୁ ଆଣି ପ୍ରଦାନ କରିଥାଏ ।

ମାଆ, ଆମେ ଯାହାକୁ "କରୁଣା" ବୋଲି କହିଥାଉ, ଏଇଟି କ'ଣ ସେଇଆ ?

(କିଛି ସମୟ ନୀରବ ରହି) କେତେକ ଦୃଷ୍ଟିରୁ ବିଚାର କରି ଦେଖିଲେ, ହଁ, ସେଇଆ । ଅର୍ଥାତ୍ ସେହି ପରମକରୁଣା ବ୍ୟତୀତ ଏହା କଦାପି ସମ୍ଭବ ହୁଅନ୍ତା ନାହିଁ । (ମାଆ ନୀରବ ରହିଲେ) ମାତ୍ର ଏହା ସେକଥା ନୁହେଁ... ଅବଶ୍ୟ ଆମେ ଯଦି ସବୁକିଛୁକୁ ନେଇ ପୁଣି ସେହି ପରମକରୁଣା ସହିତ ଯୋଡ଼ିଦେଇ ପାରିବା, ତା'ହେଲେ ସେକଥା ହୁଏତ ଅନ୍ୟ ପ୍ରକାରର ହେବ । ଅବଶ୍ୟ ସୁନିଶ୍ଚିତ ଭାବରେ ଚେତନାର ଏପରି ଏକ ସ୍ଥିତି ଓ ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବାର ଏପରି ଏକ ଭୂମି ରହିଛି, ଯାହାକି ତୁମକୁ ସବୁକିଛୁକୁ ସନ୍ଦର୍ଭରୂପେ ସେହି ପରମକରୁଣା ସହିତ ସମ୍ବନ୍ଧିତ ହୋଇ ରହିଥିବାର ଅନୁଭବ କରିବାକୁ ଅବଶ୍ୟ ପ୍ରେରିତ କରିବ । କେବଳ ସେହି ପରମକରୁଣାହିଁ ଅବସ୍ଥିତ ରହିଛି ବୋଲି ଓ କେବଳ ତାହାହିଁ ସବୁକିଛୁ କରୁଛି ବୋଲି ଯେତେବେଳେ ତୁମେ ଶେଷରେ ଆବିଷ୍କାର କରି ପାରିବ । ମାତ୍ର, ସେହି ପ୍ରାନ୍ତ ବିନ୍ଦୁରେ ଯାଇ ପହଞ୍ଚି ନ ଥିବା ପର୍ଯ୍ୟନ୍ତ, ଏହି ଉପଲବ୍ଧିଟି ଆସି ପହଞ୍ଚିବା ପୂର୍ବରୁ ଆମେ ହୁଏତ ଅତ୍ୟନ୍ତ ସହଜରେ କଳ୍ପନା କରି ପାରିବା ଯେ, ସତ୍ତା ମଧ୍ୟରେ ବ୍ୟକ୍ତିଗତ ଅଭୀପ୍ସାର ଏକ ଉପାଦାନ ଅବଶ୍ୟ ରହିଛି ଏବଂ ପରମକରୁଣା ମଧ୍ୟ ସେହି ଅଭୀପ୍ସାର ଉତ୍ତର ଦେଉଛି । କହିବାବେଳେ ଏହାକୁ ଏହିପରି ଭାବରେ କୁହାଯାଇପାରେ । ଅନ୍ୟଟିକୁ ମଧ୍ୟ ସେହିପରି କହିବାର ଏକ ଶୈଳୀ ବୋଲି ବି କୁହା ଯାଇପାରେ । ମାତ୍ର, ପ୍ରକୃତ କଥାଟି ତା'ଠାରୁ ଅଧିକ ସୂକ୍ଷ୍ମ ଯାବତୀୟ ସାକାର ବର୍ଣ୍ଣନା ଲାଗି ଅଧିକ ଅସାଧ୍ୟ । ଏହିସବୁ କଥାକୁ ଶବ୍ଦରେ ବର୍ଣ୍ଣନା କରି କହିବା ଅତ୍ୟନ୍ତ କଷ୍ଟକର, କାରଣ, ସେହି କ୍ଷେତ୍ରରେ ତାହା

'oaob.nitrkl.ac.in' images reprocessed

ଅନିବାର୍ଯ୍ୟତଃ ଏକ ମାନସିକ କଠିନତାର ଆବରଣ ଭିତରେ ଯାଇ ପଶିଯାଏ ଏବଂ ତଦ୍ୱାରା ପ୍ରକୃତ ସତ୍ତାର ଏକ ସମଗ୍ର ଅଂଶ ଲୁକ୍କାୟିତ ହୋଇ ରହିଯାଏ । ମାତ୍ର ଯଦି ଆମର ଏହି ବିଷୟରେ ଏକ ଅଭିଜ୍ଞତା ରହିଥାଏ, ତେବେ ଖୁବ ଭଲ ଭାବରେ ବୁଝି ହୁଏ । ତେଣୁ ନିଷ୍କର୍ଷ ହେଉଛି : ଆମର ଅଭିଜ୍ଞତା ରହିଥିବା ଆବଶ୍ୟକ ।

ମାଆ, "ଈଶ୍ୱରୀୟ ବିରାଗ" କହିଲେ କ'ଣ ବୁଝାଏ ?

ହଁ ! (ମାଆ ନୀରବ ରହିଲେ) ଏହା ଏପରି ଏକ ବୈରାଗ୍ୟ, ଯେଉଁଥିରେ କି ଏକ ସମ୍ପୂର୍ଣ୍ଣ ସମ୍ବେଦନା ପୂର୍ଣ୍ଣ ହୋଇ ରହିଥାଏ ।

ଏହା ହେଉଛି ଏପରି ଗୋଟିଏ ବସ୍ତୁ, ଯାହାକି ଅନ୍ୟମାନଙ୍କୁ କୌଣସି ଅକାମ୍ୟ ସ୍ପନ୍ଦନରୁ ଆରୋଗ୍ୟ କରି ଆଣିବା ଲାଗି ତାହାକୁ ନିଜ ଉପରକୁ ଗ୍ରହଣ କରି ନେଇଥାଏ । ତାହାର ପରିଣାମଗୁଡ଼ିକ ଯାହା ହୁଏ...(ମାଆ ନୀରବ ରହିଲେ) କୌଣସି ଅନୁଚିତ ଅଥବା ନିମ୍ନଗାମୀ କ୍ରିୟାର ପରିଣାମକୁ ହୃଦୟହୀନ ନ୍ୟାୟବିଧାନ ଦ୍ୱାରା ସେହି ଅନୁଚିତ କାର୍ଯ୍ୟଟିକୁ କରିଥିବା ବ୍ୟକ୍ତି ଉପରେ ନେଇ ପୁଣି ଫୁଲ୍‌କରି ଫିଙ୍ଗି ନ ଦେଇ, ଏହା ତାହାକୁ ନିଜେ ଗ୍ରହଣ କରନ୍ତିଏ, ଆପଣା ଭିତରେ ତାହାକୁ ରୂପାନ୍ତରିତ କରି ଦେବା ଲାଗି ସିଏ ତାହାକୁ ଗ୍ରହଣ କରନ୍ତିଏ ଏବଂ ତଦ୍ୱାରା କରାଯାଇଥିବା ଅନୁଚିତ କାର୍ଯ୍ୟଟିର ବାହ୍ୟ ପରିଣାମଗୁଡ଼ିକୁ ଯଥାସମ୍ଭବ ଅଧିକ ଲଘବ କରି ଦେଇଥାଏ । ମୁଁ ବିଶ୍ୱାସ କରୁଛି ଯେ, ପୃଥିବୀରେ ଯାହାକିଛି ମନ୍ଦ ଥିଲା, ତାହାକୁ ସ୍ୱୟଂ ପାନ କରି ନେଇଥିବାରୁ ଶିବଙ୍କର କଣ୍ଠ ନୀଳବର୍ଣ୍ଣ ହୋଇ ଯାଇଥିଲା ବୋଲି ଯେଉଁ ପ୍ରାଚୀନ କାହାଣୀଟି ରହିଛି, ତଦ୍ୱାରା ଏକ କାଳ୍ପନିକ ରୀତିରେ ଏହି ଈଶ୍ୱରୀୟ ବିରାଗକୁହିଁ ଅଭିବ୍ୟକ୍ତ କରାଯାଇଛି । ବିଷପାନ କରିବାରୁ ତାଙ୍କର କଣ୍ଠ ନୀଳବର୍ଣ୍ଣ ହୋଇ ଯାଇଥିଲା ।

ମାଆ, ଦିବ୍ୟ ପରମସତ୍ତା ମନୁଷ୍ୟର ଦୁଃଖ ଓ କଷ୍ଟକୁ ଯେତେବେଳେ ନିଜ ଉପରେ ବହନ କରି ନିଅନ୍ତି...

ହଁ

...ସେତେବେଳେ, ସେହି କଷଣ ଦ୍ୱାରା ଆମ ଉପରେ ଯେଉଁ ପରିଣାମ ହୁଏ, ଦିବ୍ୟ ପରମସତ୍ତାଙ୍କ ଉପରେ ସେହି ପରିଣାମ ହୋଇଥାଏ କି ? ଅର୍ଥାତ୍, ଆମ ପରି ସିଏ ମଧ୍ୟ ଯନ୍ତ୍ରଣା ଓ ଦୁଃଖ ଅନୁଭବ କରନ୍ତି କି ?

'oaob.nitrkl.ac.in' images reprocessed

ନା । ମୁଁ 'ନାହିଁ'ରେ ଏହାର ଉତ୍ତର ଦେବି । କାରଣ, ଅଜ୍ଞାନର ଏକ ସ୍ଥିତି ଏବଂ ଜ୍ଞାନର ଏକ ସ୍ଥିତି ଭିତରେ ସୁନିଶ୍ଚିତ ଭାବରେ ଏକ ମୌଳିକ ପ୍ରଭେଦ ଅବଶ୍ୟ ରହିଛି । ଧରିନିଅ, ତୁମ ଜୀବନରେ କୌଣସି ଦୁଃଖଦାୟକ ଘଟଣା ଘଟିଲା; ଏବଂ ଅଜ୍ଞାନର ସେହି ଆୟୋଜନ ମଧ୍ୟରେ ସେହି ଯନ୍ତ୍ରଣାଦାୟକ ବସ୍ତୁଟି ଏକ ନିର୍ଦ୍ଦିଷ୍ଟ ଗୁଣାତ୍ମକତା ଗ୍ରହଣ କଲା । ମାତ୍ର, ଯଦି ଜ୍ଞାନର ଏକ ସ୍ଥିତି ମଧ୍ୟରେ ତୁମେ ସେହି ଯନ୍ତ୍ରଣାଦାୟକ ବସ୍ତୁଟିକୁ ଗ୍ରହଣ କରିପାରିବ, ତେବେ ତାହାର କଦାପି ସେପରି ପରିଣାମ ହେବ ନାହିଁ । ବର୍ତ୍ତମାନ ଏହି ଭୌତିକ ସ୍ତରର ଏକ ଉଦାହରଣ ନେଇ ବି ଦେଖା ଯାଇପାରେ । ମନେକର ତୁମ ଦେହରେ ପ୍ରକୃତରେ ଏକ ମାଡ଼ ଆସି ବାଜିଲା,—ଠିକ୍ ଏହିପରି ଏକ ମାଡ଼ (ମାଆ ଇଙ୍ଗିତ କରି ଦେଖାଇଲେ) । ଏବଂ, ଜଣେ ମନୁଷ୍ୟ ଯେତେବେଳେ ଅଜ୍ଞାନର ସେହି ସାଧାରଣ ଅବସ୍ଥାରେ ରହିଥିବ, ସେତେବେଳେ ତୁମ ଦେହ ଉପରେ ଆସି ବାଜୁଥିବା ମାଡ଼ଟିର ପୂର୍ଣ୍ଣ ପ୍ରଭାବ ଅବଶ୍ୟ ପଡ଼ିବ । ସେତେବେଳେ ତାହା ମାଡ଼ଟିର ତୀବ୍ରତା ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରିବ; ଯିଏ ମାଡ଼ଟି ଦେଲା ଓ ମାଡ଼ଟି ଯାହା ଉପରେ ବସିଲା, ସେହିମାନଙ୍କ ଉପରେ ନିର୍ଭର କରିବ । ମାତ୍ର ଅଜ୍ଞାନ ବଦଳରେ ଯାହା ଭିତରେ ପ୍ରକୃତ ଜ୍ଞାନ ରହିଛି, ଯଦି ସେହି ମାଡ଼ଟିକୁ ଠିକ୍ ସେହି ପ୍ରକାରେ ଓ ସେହି ବସ୍ତୁଟି ଦ୍ୱାରା ଦିଆହୁଏ, ତେବେ ତତ୍କ୍ଷଣାତ୍ ଶରୀରର ପ୍ରତିକ୍ରିୟାଟି ପ୍ରକୃତରେ ଏପରି ହେବ ଯେ, ତଜ୍ଜନିତ ପରିଣାମଗୁଡ଼ିକ···ତାହା ଏକ ସର୍ବନିମ୍ନ ସ୍ତରକୁ ପରିଣାମଗୁଡ଼ିକୁ ହ୍ରାସ କରି ଆଣିବ । ଏବଂ ଏହା ପ୍ରକୃତରେହିଁ ଘଟିଥାଏ ! ଏପରିକି ଏହି କ୍ଷେତ୍ରରେ ସମସ୍ତ ସମୟରେ ପରିଣାମଗୁଡ଼ିକ ସଂପୂର୍ଣ୍ଣ ଭାବରେ ଅନ୍ତର୍ହିତହିଁ ହୋଇଯିବ । ହଁ, ସେତେଦୂର ବି ଫଳ ଫଳିପାରେ, ଅର୍ଥାତ୍ ତାହା ପରିଣାମଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଅପସାରିତ ବି କରି ଦେଇପାରେ, କାରଣ ଏହି କ୍ଷେତ୍ରରେ ପ୍ରତିକ୍ରିୟାଟି ଜ୍ଞାନର ଏକ ପ୍ରତିକ୍ରିୟା ରୂପେ ଆପଣାକୁ ପ୍ରକଟ କରିଥିବ, ଅଜ୍ଞାନର ଏକ ପ୍ରତିକ୍ରିୟା ହେବା ପରିବର୍ତ୍ତେ ଜ୍ଞାନର ଏକ ପ୍ରତିକ୍ରିୟା ରୂପେ ବ୍ୟକ୍ତ ହୋଇଥିବ । ତେଣୁ. ଏହାକୁ ଠିକ୍ ସେହି ବସ୍ତୁ ବୋଲି କଦାପି କହିହେବ ନାହିଁ ।

ନୈତିକ ବସ୍ତୁଗୁଡ଼ିକର କ୍ଷେତ୍ରରେ ଏହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଘଟିଥାଏ, କାରଣ, ଉଦାହରଣସ୍ୱରୂପ, ଯେତେବେଳେ ସଂବେଗଗତ କୌଣସି ଆଘାତକୁ ଆମ ସାଧାରଣ ସଂବେଗ କ୍ଷେତ୍ରରେ ସେହି ଯାବତୀୟ ଅହଂପ୍ରେରିତ ଅନୁଭୂତି ଦ୍ୱାରା ଗ୍ରହଣ ନ କରି ଆମେ ତାହାକୁ ଆମ ବାହାରେ ଥିବା ଏକ ବିଷୟରେ ପରିଣତ କରି ବାହାରୁ ଥାଇ ଦେଖୁ, ତାହାର ପ୍ରକୃତ ସ୍ୱରୂପଟି ଉପରେ ଦୃଷ୍ଟିପାତ କରୁ, ସ୍ପନ୍ଦନଟି ଭିତରେ ଯେଉଁ ନାନା ଉପାଦାନ ମିଶ୍ରିତ ହୋଇ ରହିଛି, ତାହା ଉପରେ ଅବଲୋକନ କରୁ । ଏବଂ, ସଙ୍ଗେ ସଙ୍ଗେ ତାହା ଉପରେ ଆମେ ଆଲୋକ, ଜ୍ଞାନ

'oaob.nitrkl.ac.in' images reprocessed

ଓ ସତ୍ୟର ପ୍ରତିଫଳନ କରିବାକୁ ସମର୍ଥ ହେବ ଏବଂ ତଦ୍ଦ୍ୱାରା ଯାବତୀୟ ବସ୍ତୁ ଆପଣାର ନିଜ ନିଜ ସ୍ଥାନରେ ଆସି ଅବସ୍ଥାପିତ ହୋଇ ରହିବାକୁ ସମର୍ଥ ହୁଏ । ତାହା ପ୍ରକୃତରେ ତତ୍‌କ୍ଷଣାତ୍‌ହିଁ ଘଟିଥାଏ । ମାତ୍ର ମୁଁ ତଥାପି ଦୃଢ଼ ଭାବରେ କହିବି ଯେ, ସବୁଠାରୁ ଅଧିକ ସ୍ଥୂଳ ହୋଇ ରହିଥିବା ଏକ ଶରୀର ଭିତରେ ଓ ସବୁଠାରୁ ଅଧିକ ସ୍ଥୂଳ ସ୍ତରରେ ଘଟୁଥିବା କୌଣସି ଘଟନାର କ୍ଷେତ୍ରରେ ମଧ୍ୟ ଉପଲବ୍ଧ ଫଳଟି କଦାପି ସେହି ଏକା ଭଳି ହେବ ନାହିଁ । ଏବଂ, ଏହାକୁ ବୁଝିବା ମଧ୍ୟ ଭାରି ସହଜ, କାରଣ, ଯଦି ଫଳ ସେହି ଏକା ପରି ହେଉଥାନ୍ତା, ତେବେ ମନ୍ଦ ପରିଣାମଗୁଡ଼ିକୁ ଆପଣା ଉପରକୁ ଗ୍ରହଣ କରିନେବା ଦ୍ୱାରା ଦିବ୍ୟ ପରମସତ୍ତାଙ୍କ ଲାଗି ଆଦୌ କୌଣସି ସୁଖକର ପରିଣାମ ସମ୍ଭବ ହୁଅନ୍ତା ନାହିଁ । କାରଣ, ସେହି କ୍ଷେତ୍ରରେ ସେମାନେ ଯେଉଁଭଳି ଅଛନ୍ତି କେବଳ ସେହିଭଳି ହୋଇ ରହିବେ ଏବଂ, ଏହି ବିଶ୍ୱସଂସାର ମଧ୍ୟ ଯେଉଁଭଳି ହୋଇ ରହିଛି, ଠିକ୍ ସେହିଭଳି ହୋଇ ରହିଥିବ । ମାତ୍ର ପ୍ରକୃତରେ ଅନ୍ୟପ୍ରକାରେ ହେଉଛି, କାରଣ, ଏହି ଅନ୍ଧକାରମୟ ସ୍ପନ୍ଦନଗୁଡ଼ିକୁ ଆଲୋକର ସ୍ପନ୍ଦନରେ ରୂପାନ୍ତରିତ କରିଦେବା ଲାଗି ଦିବ୍ୟ ପରମସତ୍ତାଙ୍କର ସାମର୍ଥ୍ୟ ରହିଛି ବୋଲି ସିଏ ସବୁକିଛିକୁ ଆପଣା ଉପରକୁ ଗ୍ରହଣ କରି ନେଉଛନ୍ତି । ତାହା ନ ହେଉଥିଲେ, ଏହା ଯେ କେବଳ ଏକ ନିରର୍ଥକ କ୍ରିୟା ହେଉଥାନ୍ତା ତା' ନୁହେଁ, ଏହା ପ୍ରକୃତରେ ଅସମ୍ଭବ ବି ହୋଇ ପଡ଼ନ୍ତା, ଏକ ଅସମ୍ଭବତାରେ ପରିଣତ ହୋଇ ରହିଥାନ୍ତା ।

ଆମ ଉପରେ ଯେଉଁ ସ୍ଥୂଳ ଆଘାତ ହୋଇଥାଏ···

କ'ଣ କହିଲ ?

ଏଠାରେ "ଜ୍ଞାନ" କହିଲେ କ'ଣ ବୁଝାଇବ ?

ଜ୍ଞାନ କହିଲେ କ'ଣ ବୁଝାଇବ ? ଯଦି ତୁମର ଜ୍ଞାନ ରହିଥାଏ,— ଅର୍ଥାତ୍‌, କୋଷଗୁଡ଼ିକର ଅନ୍ତର୍ଗତ ଜ୍ଞାନ ରହିଥାଏ, ସେଗୁଡ଼ିକର ଅସ୍ତିତ୍ୱ, ଗଠନ, ତୁମ ଦେହରେ ବାଜୁଥିବା ଆଘାତଟିର ପରିଣାମ, ଅର୍ଥାତ୍‌ କୋଷଗୁଡ଼ିକ ଉପରେ ସେହି ଆଘାତଟିର ପରିଣାମ, ଏହି ବିଷୟଗୁଡ଼ିକର ଜ୍ଞାନ ରହିଥାଏ ଏବଂ ଯୁଗପତ୍‌ ଭାବରେ, କୋଷଗୁଡ଼ିକର ପ୍ରକୃତରେ କପରି ହୋଇ ରହିବା ଉଚିତ ଏବଂ ବାଜୁଥିବା ଆଘାତଟି ଲାଗି ସେମାନେ କପରି ପ୍ରତିକ୍ରିୟା ଦେଖାଇବା ଉଚିତ, ସେହି ଜ୍ଞାନ ରହିଥାଏ, ତେବେ ଜଡ଼ ପ୍ରକୃତି ପରି ଏକ ପ୍ରକ୍ରିୟା ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଦେହର କୌଣସି ଅଂଶର ମରାମତି କରିବା ଲାଗି ଅନେକ ଘଣ୍ଟା, ଅନେକ ଦିନ ଅଥବା ଅନେକ ମାସ ନେବା ପରିବର୍ତ୍ତେ ତୁମେ ତାହାକୁ ତତ୍‌କ୍ଷଣାତ୍‌ ସମ୍ଭବ କରିଦେଇ ପାରିବ । ଏବଂ, ବସ୍ତୁତଃ ସେହି କଥାହିଁ ପ୍ରକୃତରେ ଘଟିଥାଏ !

'oaob.nitrkl.ac.in' images reprocessed

(କିଛି କାଳ ନୀରବ ରହି) ଏହା ହେଉଛି···ଏହାଦ୍ୱାରା ଅସଲ କାର୍ଯ୍ୟଟିର ଏକ କ୍ଷୁଦ୍ର ଅଂଶରହିଁ ବର୍ଣ୍ଣନା କରାଯାଇଛି । କାରଣ, ଯେତେବେଳେ ସ୍ଥିତିଟି ସମଗ୍ର ଏବଂ ଦୋଷମୁକ୍ତ ହୋଇ ରହିଥାଏ, ସେତେବେଳେ ଏହି କେବଳ ଭୌତିକ ସ୍ତରସ୍ଥ ଜ୍ଞାନ ସହିତ ଏକ ଅନ୍ତର୍ଗତ ଜ୍ଞାନ ମଧ୍ୟ ଆସି ସଂଯୁକ୍ତ ହୋଇଥାଏ, ଏବଂ ଅତିମାନସ ଶକ୍ତି ଭଳି ଏକାଧିକ ଶକ୍ତିକୁ କାମରେ ଲଗାଇବାର ସାମର୍ଥ୍ୟ ମଧ୍ୟ ଉପଲବ୍ଧ ହୋଇ ଯାଇଥାଏ । ଯଦି ଅତିମାନସ ଶକ୍ତି ଆସି କାର୍ଯ୍ୟରେ ଲାଗିପାରେ, ତେବେ ଜଡ଼ ପୃଥିବୀର ସ୍ତରରେ ଯାହା ସମ୍ଭବ ହେବା ସକାଶେ ବେଶ୍ ଏକ ଦୀର୍ଘ ସମୟ ଲାଗୁଛି, ତାହା ପ୍ରକୃତରେ ଏକାବେଳେକେ ତତ୍‌କ୍ଷଣାତ୍ ମଧ୍ୟ ସମ୍ଭବ ହୋଇଥାଏ । ସେହି କ୍ଷେତ୍ରରେ ମଧ୍ୟ, ଯେତେବେଳେ ବସ୍ତୁଗୁଡ଼ିକୁ ଆପଣାର ଯଥୋଚିତ ସ୍ଥାନରେ ନେଇ ସ୍ଥାପିତ କରିଦେବା ଲାଗି ତୁମକୁ ଅନୁକୂଳତା ପ୍ରଦାନ କରୁଥିବା କେବଳ ଏକ ଭୌତିକ ସ୍ତରର ଜ୍ଞାନ ନୁହେଁ, ମାତ୍ର ଏକ ଅତିମାନସ ଶକ୍ତି ତଥା ଜ୍ଞାନର ହସ୍ତକ୍ଷେପ ମଧ୍ୟ ସମ୍ଭବ କରିବାରେ ତୁମେ ସଫଳତା ହାସଲ କରିପାର, ଯେପରିକି ତାହା ଉପରେ ସତ୍ୟର ଶକ୍ତିଟି ମଧ୍ୟ ପ୍ରକ୍ଷେପିତ ହୋଇ-ପାରୁଥାଏ, ସେତେବେଳେ ଏହିପରି ଭାବରେ ସବୁକିଛି ଏହି ଶକ୍ତିଟି ଦ୍ୱାରା ପ୍ରଭାବିତ ହେବା ସମ୍ଭବ ହୁଏ ଏବଂ, ଯାବତୀୟ ବସ୍ତୁ, ଉପାଦାନ, କୋଷ ଓ ଆଉ ଯାହାକିଛି ଦ୍ୱାରା ସେଗୁଡ଼ିକର ଗଠନ ହୋଇଛି, ସବୁକିଛି ଏହି ଅତିମାନସ ଶକ୍ତି ଲାଗି ଗ୍ରହଣଶୀଳ ହୋଇ ରହେ ଏବଂ ସତ୍ୟରହିଁ ଏକ ବିଧାନ ଦ୍ୱାରା ସମ୍ପୃକ୍ତ ସଂଗଠନଟି ଆପଣାକୁ ସମ୍ଭବ କରିଥାଏ । ତେଣୁ, ଏହାଦ୍ୱାରା, ବାଜିଥିବା ଆଘାତର ପରିଣାମଗୁଡ଼ିକର ଆରୋଗ୍ୟ ଲାଗି ଅର୍ଥାତ୍ ଦୁର୍ଘଟନା ଦ୍ୱାରା ଘଟିଥିବା କ୍ଷତିଟିର ମରାମତି ହୋଇଯିବା ଲାଗି ତୁମକୁ କେବଳ ଯେ ଏକ ଅବସର ପ୍ରାପ୍ତ ହେବ, ସେତିକି ନୁହେଁ, ମାତ୍ର ସାଧାରଣ ଚେତନାର କ୍ଷେତ୍ରରେ ମଧ୍ୟ ପ୍ରଭୂତ ଅଗ୍ରଗତି ସାଧନ କରିବା ଲାଗି ତୁମକୁ ଏକ ସୁଯୋଗ ମିଳିବ,—ସେହି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମଧ୍ୟ ସେହି ସୁଯୋଗଟି ତୁମକୁ ମିଳିବ—ଶକ୍ତିଗୁଡ଼ିକ ପ୍ରତି ଗ୍ରହଣଶୀଳ ହୋଇ ପାରିବା ଲାଗି, ସେଗୁଡ଼ିକର ପ୍ରଭାବ ଲାଗି ଯଥାର୍ଥ ଅନୁସ୍ପନ୍ଦନ ଜଣାଇ ସେଗୁଡ଼ିକୁ ଗ୍ରହଣ କରିନେବା ସକାଶେ ମଧ୍ୟ ପ୍ରଭୂତ ଅବସର ମିଳିବ ।

ଏହିପରି ଭାବରେ, ଆପଣା ଭିତରେ ଉଚିତ ସାମର୍ଥ୍ୟ ଥିଲେ, କୌଣସି ମନ୍ଦକୁ ଭଲରେ ପରିଣତ କରି ଦିଆଯାଇ ପାରିବ । ଏହି ଶକ୍ତି ହେଉଛି ଏକ ସୀମାହୀନ ଶକ୍ତି; ତାହାକୁ ଏହି ଅର୍ଥରେ ସୀମାହୀନ ବୋଲି କୁହାଯାଇ ପାରିବ ଯେ, ଯଦି ତୁମେ କୌଣସି ଭୁଲ୍ କରି ପକାଇଛ ଓ କିଛି ସାଂଘାତିକ କାର୍ଯ୍ୟ କରି ବସିଛ, ସେତେବେଳେ ଯଦି ତୁମ ଭିତରେ ଏହି ସତ୍ୟ-ଚେତନା ବା ଏହି ଅତିମାନସ

'oaob.nitrkl.ac.in' images reprocessed

ଶକ୍ତିକୁ ଆବାହନ କରି ତାହାକୁ କାର୍ଯ୍ୟକାରୀ ହେବାକୁ ଦେବା ଲାଗି ଉପଯୁକ୍ତ ଶକ୍ତିଟି ରହିଥାଏ, ତେବେ ତାହା ପ୍ରକୃତରେ ଏକ ପ୍ରଭୂତ ଅଗ୍ରଗତି ଲାଗି ତୁମକୁ ଏକ ଅବସର ଆଣି ଯୋଗାଇ ଦେବ । (ମାଆ ନୀରବ ରହିଲେ) ଏହାର ଅର୍ଥ ହେଉଛି ଯେ, ଆମେ କେବେହେଲେ ନିରୁତ୍ସାହିତ ହୋଇପଡ଼ିବା ନାହିଁ; ଏବଂ, ଏକାଧିକ ବାର ନାନା ଭୁଲ୍ କରି ପକାଇଥିଲେ ମଧ୍ୟ, ସେଗୁଡ଼ିକୁ ପୁନର୍ବାର ନ କରିବା ସକାଶେ ତଥାପି ଆପଣାର ଇଚ୍ଛାକୁ ବଳବତ୍ତର କରି ରଖିବାକୁ ହେବ; ଏବଂ ଏହିପରି ଭାବରେ ନିଜର ଇଚ୍ଛାକୁ ବଳବତ୍ତର ରଖିଥିଲେ, ଦିନେ ନା ଦିନେ ସେହି ଅସୁବିଧାଟି ଉପରେ ଅବଶ୍ୟ ବିଜୟ ହାସଲ କରାଯାଇ ପାରିବ ବୋଲି ନିଶ୍ଚିତ ହୋଇ ରହିବାକୁ ହେବ ।

ବୁଝିଲ ?

ମାଆ, ମହାସରସ୍ୱତୀ କାହିଁକି ଏହି ଚତୁଷ୍ଟୟ ମଧ୍ୟରେ ସର୍ବକନିଷ୍ଠା ?

କାରଣ ତାଙ୍କର କାର୍ଯ୍ୟ ସର୍ବାଶେଷରେ ଆସିଥିଲା । ତେଣୁ ସିଏ ହେଉଛନ୍ତି ସର୍ବକନିଷ୍ଠା । (ମାଆ ନୀରବ ରହିଲେ) ଏଠାରେ ଯେଉଁ କ୍ରମଟି ଦିଆଯାଇଛି, ସେହି କ୍ରମରେହିଁ ସେମାନେ ଆପଣାକୁ ପ୍ରକାଶିତ କରିଥିଲେ । ଏହିସବୁ ବିଭାବକୁ ଆମେ ଦିବ୍ୟଜନନୀଙ୍କର ଗୁଣଗୁଡ଼ିକ ପରି ବିଚାର କରିପାରିବା,—କାର୍ଯ୍ୟଟିର ଆବଶ୍ୟକତା ଅନୁସାରେ ସେହି ଗୁଣଗୁଡ଼ିକ କ୍ରମାନ୍ୱିତ ଭାବରେ ଆପଣାକୁ ପ୍ରକଟ କରିଥିଲେ । ଏବଂ, ପୂର୍ଣ୍ଣତାର ପ୍ରୟୋଜନଟି ସର୍ବାଶେଷରେ ଆସିଲା, ଏବଂ ତେଣୁ ସିଏ ହେଉଛନ୍ତି ସର୍ବକନିଷ୍ଠା ।

ମାଆ, ଏହି ବୃହତ୍ତ ଚାରିଗୋଟିଯାକ ଶକ୍ତି କ'ଣ ପରସ୍ପରଠାରୁ ସ୍ୱତନ୍ତ୍ର ନୁହନ୍ତି କି ?

ହଁ, କେତେକାଂଶରେ;—ମାତ୍ର ସମ୍ପୂର୍ଣ୍ଣ ଭାବରେ ନୁହନ୍ତି । ସବୁ କ୍ଷେତ୍ରରେ ସେହି ଗୋଟିଏ ପରି । ଏକ ସ୍ୱତନ୍ତ୍ରତା ରହିଥାଏ, ଯାହାକି ବେଳେବେଳେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ପରି ମନେ ହୁଏ, ଏବଂ, ଯୁଗପତ୍ ଭାବରେ ସେଗୁଡ଼ିକ ମଧ୍ୟରେ ଏକ ଅନ୍ତରଙ୍ଗ ସମ୍ବନ୍ଧ ମଧ୍ୟ ରହିଥାଏ । ଏପରିକି, ସେହି ସମ୍ବନ୍ଧକୁ ଏକ ସମ୍ପୂର୍ଣ୍ଣ ସମ୍ବନ୍ଧ ବୋଲି କୁହାଯାଇ ପାରିବ । ଅର୍ଥାତ୍ ଏଠାରେ ଏହି ଭୌତିକ ଜଗତରେ ମହାଶକ୍ତି ହେଉଛନ୍ତି କେନ୍ଦ୍ରସ୍ଥ ଚେତନା । ଏବଂ, ଏହି ବିଭିନ୍ନ ବିଭାବର କ୍ରିୟାକୁ ନିୟନ୍ତ୍ରିତ କରି ରଖିବାର ଶକ୍ତି ତାଙ୍କର ସର୍ବଦା ରହିଛି । ସେହି ବିଭାବଗୁଡ଼ିକ ବେଶ୍ ସ୍ୱତନ୍ତ୍ର ହୋଇ ରହିଥିଲେ ମଧ୍ୟ ଏବଂ ଆପଣାର ସ୍ୱ-ଅଭିପ୍ସାଗୁଡ଼ିକ ଦ୍ୱାରା

'oaob.nitrkl.ac.in' images reprocessed

ପରସ୍ପରଭିତ୍ତ ହୋଇ କାର୍ଯ୍ୟ କରୁଥିଲେ ମଧ୍ୟ ସେହିପରି ହେଉଛି । ସିଏ ତଥାପି ସେମାନଙ୍କୁ ନିୟନ୍ତ୍ରଣ କରି ପାରୁଛନ୍ତି; ଏହି ଅର୍ଥରେ ଯେ, ଯଦି···

ଉଦାହରଣସ୍ୱରୂପ କାଳୀଙ୍କ କଥା ବିଚାର କରାଯାଉ । ତାଙ୍କର ହସ୍ତକ୍ଷେପ କରିବା ପ୍ରୟୋଜନ ହେଉଛି ବୋଲି କାଳୀ ହୃଦୟଙ୍ଗମ କରୁଥିବେ ଏବଂ ଯଦି ମହାଶକ୍ତି,—ଯାହାଙ୍କର କି ସ୍ୱଭାବତଃ ବସ୍ତୁଗୁଡ଼ିକ ବିଷୟରେ ଅନେକ ଅଧିକ ସମ୍ପୂର୍ଣ୍ଣ ଓ ସମଗ୍ର ଦୃଷ୍ଟି ରହିଛି—ଯଦି ସିଏ ଅନୁଭବ କରନ୍ତି ଯେ ହସ୍ତକ୍ଷେପ କରିବାର ଉପଯୁକ୍ତ ମୁହୂର୍ତ୍ତଟି ତଥାପି ଆସି ଉପସ୍ଥିତ ହୋଇ ନାହିଁ ଏବଂ ବର୍ତ୍ତମାନ ହସ୍ତକ୍ଷେପ କରାଗଲେ ତାହା ଅତିଶୀଘ୍ର ହୋଇଯିବ, ତେବେ ସିଏ ଅତି ସହଜରେ ମହାକାଳୀଙ୍କ ଉପରେ ଏକ ଚାପ ପକାଇ ପାରିବେ, ଏବଂ ତାଙ୍କୁ "ଚୁପ୍ ରହ" ବୋଲି କହି ପାରିବେ । ଏବଂ ମହାକାଳୀ ଚୁପ୍ ରହିବାକୁ ନିଶ୍ଚୟ ବାଧ୍ୟ ହେବେ । ତଥାପି, ସିଏ ବେଶ୍ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ ଆପଣାର କାର୍ଯ୍ୟ କରୁଥାନ୍ତି ।

ମାତ୍ର ସିଏ ମହାକାଳୀଙ୍କୁ କାହିଁକି କାର୍ଯ୍ୟ କରିବାକୁ ଦିଅନ୍ତି ନାହିଁ ? କାରଣ, ଶ୍ରୀଅରବିନ୍ଦ ତ ଏଠାରେ କହିଛନ୍ତି ଯେ, ଯଦି ମହାକାଳୀ ଆସି ହସ୍ତକ୍ଷେପ କରିବେ, ତେବେ ଯାହା ଘଟିବାକୁ ହୁଏତ ଅନେକ ଶତାବ୍ଦୀ ଲାଗିଥାନ୍ତା, ତାହା ବର୍ତ୍ତମାନ ଏହି ମୁହୂର୍ତ୍ତରେହିଁ ଘଟିପାରିବ ।

ମୁଁ ମଧ୍ୟ କହୁଛି ଯେ ମହାକାଳୀ ପ୍ରକୃତରେ ସେଇଥିଲାଗିହିଁ ଅଛନ୍ତି ଓ ଆପଣାର କାର୍ଯ୍ୟ କରୁଛନ୍ତି । ମାତ୍ର ମହାକାଳୀ କାର୍ଯ୍ୟଟିକୁ ଏକ ବିଶେଷ ଭାବରେ ଦେଖିଥାନ୍ତି···ଏବଂ, ଯଦି ତାହାକୁ ଏକ ସମଗ୍ର ଦୃଷ୍ଟିରେ ଦେଖାଯାଏ, ତେବେ ଏକଥା ଅବଶ୍ୟ ଦେଖିହେବ ଯେ···ମହାକାଳୀ କାର୍ଯ୍ୟଟିର କେବଳ ନିଜ ପାଖଟିକୁହିଁ ଦେଖୁଥାନ୍ତି; ଏବଂ ଯିଏ ସମଗ୍ର କଥାଟିକୁ ଦେଖୁଥାଏ, ସିଏ ଅବଶ୍ୟ "ନାହିଁ-ନାହିଁ —ଏପର୍ଯ୍ୟନ୍ତ ସେଥିଲାଗି ଉଚିତ ସମୟଟି ଆସିନାହିଁ" ବୋଲି କହିପାରିବ । (ମାଆ ନୀରବ ରହିଲେ)

ମୁଁ ଭାବୁଛି, ସମୟ ହୋଇଗଲା । ଆମେ ଏଇଠି ବନ୍ଦ କରିବା ।

ଗତଥର ଆପଣ କହୁଥିଲେ ଯେ, ଆପଣାର ରଚିତ ପଦାର୍ଥଟିକୁ କିପରି ପ୍ରତ୍ୟାହୃତ କରି ନିଆଯାଇ ପାରିବ, ମାଦାମ୍ ଡେଭିଡ୍-ନୀଲଙ୍କୁ ସେକଥା ଜଣା ନ ଥିଲା ଏବଂ ଆପଣ ତାଙ୍କୁ ସେକଥା କରିବାର କୌଶଳଟିକୁ ବତାଇ ଦେଇଥିଲେ ।

'oaob.nitrkl.ac.in' images reprocessed

(ପବନ ବଡ଼ ପାଟି କରି ଆଉଥରେ ସେହି କଥାଟିକୁ କହିଲେ) ଆପଣାର·ରଚିତ ପଦାର୍ଥଟିକୁ କିପରି ପ୍ରତ୍ୟାହୃତ କରି ନିଆଯିବ, ମାଦାମ୍ ଡେଭିଡ୍-ନୀଲ୍ ସେକଥା ଜାଣି ନ ଥିଲେ ।

ହଁ, କ'ଣ ହେଲା ସେଇଠୁ ? ସେହି କୌଶଳଟି କ'ଣ, ମୁଁ ସେହିକଥା କହିଦେବି ? (ସମସ୍ତେ ହସିଲେ) ଆଗ ନିଜେ ସେହିବସ୍ତୁଗୁଡ଼ିକୁ ରଚନା କରି ପାରିବା ପର୍ଯ୍ୟନ୍ତ ଅପେକ୍ଷା କର । ତା'ପରେ ମୁଁ ତୁମକୁ "କୌଶଳ"ଟିକୁ ନିଶ୍ଚୟ ବତାଇଦେବି ! (ସମସ୍ତେ ହସିଲେ)

'oaob.nitrkl.ac.in' images reprocessed

# ୨୫ ଅଗଷ୍ଟ ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମାଆ" ତହିଁର ଷଷ୍ଠ ଅଧ୍ୟାୟ ଉପରେ ଏହି ପ୍ରବଚନଟି ଆଧାରିତ ।

"ଦିବ୍ୟା ଜନନୀଙ୍କର ଆହୁରି ଅନ୍ୟ ବୃହତ୍ତର ବ୍ୟକ୍ତିତ୍ୱମାନ ରହିଛି, ମାତ୍ର ସେଗୁଡ଼ିକୁ ଅବତୀର୍ଣ୍ଣ କରାଇ ଆଣିବା ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଥିଲା ଏବେ ତେଣୁ, ପୃଥିବୀ-ଅନ୍ତରର ବିବର୍ତ୍ତନରେ ସେମାନେ ସେତେ ପ୍ରାଧାନ୍ୟ ସହିତ ଆଦୌ ପୁରୋଭାଗକୁ ଆସି ନାହାନ୍ତି । ସେଥିମଧ୍ୟରୁ ତାଙ୍କର କେତୋଟି ସ୍ୱକୀୟ ପରିଚୟ ରହିଛି ଯାହାକି ଅତିମାନସ ଉପଲବ୍ଧି ନିମିତ୍ତ ଏକାନ୍ତ ଅପରିହାର୍ଯ୍ୟ,— ଏହି କ୍ଷେତ୍ରରେ ଆମେ ତାଙ୍କର ସେହି ରହସ୍ୟପୂର୍ଣ୍ଣ ଓ ଶକ୍ତିମୟ ଉଲ୍ଲାସ ଓ ଆନନ୍ଦର ବ୍ୟକ୍ତିତ୍ୱଟିକୁହିଁ ସର୍ବପ୍ରଧାନ ବୋଲି କହି ପାରିବା । ଏକ ସର୍ବୋଚ୍ଚ ଦିବ୍ୟ ପରମପ୍ରେମରୁହିଁ ସେହି ଆନନ୍ଦ ପ୍ରବାହିତ ହୋଇ ଆସୁଛି, କେବଳ ସେହି ଆନନ୍ଦହିଁ ଅତିମାନସ ଆତ୍ମାର ଉଚ୍ଚତମ ଉଚ୍ଚତା ଏବଂ ପରମ ଜଡ଼ର ନିମ୍ନତମ ଗର୍ତ୍ତ-ଗହ୍ୱରଗୁଡ଼ିକ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିଦେଇ ପାରିବ । ସେହି ଆନନ୍ଦର ହାତରେହିଁ ଏକ ବିସ୍ମୟକାରୀ ଦିବ୍ୟତମ ଜୀବନର ଚାବିକାଠି ରହିଛି ଏବଂ ବର୍ତ୍ତମାନ ମଧ୍ୟ ତାହା ଆପଣାର ଗୁପ୍ତ ଉତ୍ସସ୍ଥଳଗୁଡ଼ିକରୁହିଁ ବିଶ୍ୱର ଅନ୍ୟ ସକଳ ଶକ୍ତିଚୟର କାର୍ଯ୍ୟକାରୀ ହେବାର କ୍ଷେତ୍ରରେ ଅବଲମ୍ବନରୂପେ ବିଦ୍ୟମାନ ରହିଛି ।"

ମାଆ, ଏହି ଅନ୍ୟ ବ୍ୟକ୍ତିତ୍ୱଟି ପ୍ରକୃତରେ କ'ଣ ଏବଂ କେବେ ତାହାର ପ୍ରକାଶ ଘଟିବ ?

ମୁଁ ଉତ୍ତରଟିକୁ ପ୍ରସ୍ତୁତ କରି ଆଣିଛି । ଏହି ପ୍ରଶ୍ନଟିକୁ ନିଶ୍ଚୟ କେହି ପଚାରିବେ ବୋଲି ମୁଁ ଜାଣିଥିଲି, କାରଣ ଏହି ଅଂଶଟି ଭିତରେ ଏଇଟି ହେଉଛି

'oaob.nitrkl.ac.in' images reprocessed

ସବୁଠାରୁ ଅଧିକ ଆତ୍ମବୋଧୀପକ, ଏବଂ ମୁଁ ମୋର ଉତ୍ତରଟିକୁ ପ୍ରସ୍ତୁତ କରି ଆଣିଛୁ । ମୁଁ ଏହି ପ୍ରଶ୍ନଟିର ଏବଂ ଆଉ ଗୋଟିଏ ପ୍ରଶ୍ନର ଉତ୍ତରକୁ ପ୍ରସ୍ତୁତ କରି ଆଣିଛୁ । ମାତ୍ର ବର୍ତ୍ତମାନ ଏହି ପ୍ରଶ୍ନର ଉତ୍ତରଟିକୁ ପଢ଼ୁଛୁ ।

ତୁମେ ପଚ୍ଛରିଛ : "ଏହି ବ୍ୟକ୍ତିତ୍ୱଟି ପ୍ରକୃତରେ କ'ଣ ଏବଂ କେବେ ତାହାର ପ୍ରକାଶ ଘଟିବ ?" (ମାଆ ନୀରବ ରହିଲେ) ଏବଂ ମୋ' ଉତ୍ତର ହେଉଛି :

"ସିଏ ଆସି ସାରିଲେଣି, ସିଏ ଆପଣା ସହିତ ଶକ୍ତି ଓ ମହିମାର ଏକ ବୈଭବକୁ ନେଇ ଆସିଛନ୍ତି; ଦିବ୍ୟ ଆନନ୍ଦର ଏପରି ଏକ ପ୍ରଗାଢ଼ତାକୁ ବହନ କରି ଆସିଛନ୍ତି, ଯାହାକି ପୃଥିବୀରେ ଏପର୍ଯ୍ୟନ୍ତ ଅଜ୍ଞାତ ହୋଇ ରହିଥିଲା ।

ଏହାଦ୍ୱାରା ଭୌତିକ ବାତାବରଣରେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଲା, ତାହା କେତେକେତେ ନୂତନ ଏବଂ ଆଶ୍ଚର୍ଯ୍ୟକାରୀ ସମ୍ଭାବନା ଦ୍ୱାରା ଅନୁସିକ୍ତ ହୋଇଉଠିଲା ।

ମାତ୍ର, ଏଠାରେ ସ୍ଥାୟୀ ଭାବରେ ଅବସ୍ଥିତ ରହି କାର୍ଯ୍ୟ କରିବା ଲାଗି ଅନ୍ତତଃ ଏକ ସର୍ବନିମ୍ନ ଗ୍ରହଣଶୀଳତା ସହିତ ତାଙ୍କର ଭେଟ ହେବା ଆବଶ୍ୟକ ହେଉଥିଲା, ଅନ୍ତତଃ ଏପରି ଜଣେ ମନୁଷ୍ୟବ୍ୟକ୍ତିକୁ ଭେଟିବା ଆବଶ୍ୟକ ଥିଲା, ଯାହାର କି ପ୍ରାଣିକ ତଥା ଭୌତିକ ପ୍ରକୃତିର କ୍ଷେତ୍ରରେ ଆବଶ୍ୟକ ଗୁଣଗୁଡ଼ିକ ରହିଥିବ; ସେହି ବ୍ୟକ୍ତିକୁ ଗୋଟିଏ ପ୍ରକାରର ଅତି—'ପାର୍ସିଫାଲ୍' ବୋଲି କୁହାଯାଇ ପାରୁଥିବ, ଯିଏକି ସ୍ୱତଃସ୍ଫୂର୍ତ୍ତ ଓ ସମଗ୍ର ଭାବରେ ଏକ ନିଷ୍ଠା ଦ୍ୱାରା ଭୂଷିତ ହୋଇ ରହିଥିବ, ଏବଂ ଯୁଗପତ୍ ଭାବରେ ତା'ପାଖରେ ଏପରି ଏକ ବଳ ଓ ଭାରସାମ୍ୟଯୁକ୍ତ ଶରୀର ମଧ୍ୟ ରହିଥିବ, ଯାହାକି ସିଏ ବହନ କରି ଆଣିଥିବା ଆନନ୍ଦର ସଘନତାକୁ ବହନ କରିନେଇ ପାରିବ ଓ କଦାପି ଭାଙ୍ଗିପଡ଼ିବ ନାହିଁ ।

ଏବେସୁଦ୍ଧା, ଯାହା ଆବଶ୍ୟକ ଥିଲା, ତାହା ତାଙ୍କୁ ମିଳିପାରି ନାହିଁ । ମନୁଷ୍ୟମାନେ ଅତ୍ୟନ୍ତ ଦୁରାଗ୍ରହୀ ଭାବରେ ମନୁଷ୍ୟ ହୋଇ ରହିଛନ୍ତି; ସେମାନେ ଅତିମାନବ ହେବା ପାଇଁ ଇଚ୍ଛା କରୁ ନାହାନ୍ତି ବା ଅତିମାନବ ହେବାର ସାମର୍ଥ୍ୟ ବି ସେମାନଙ୍କ ପାଖରେ ନାହିଁ । ସେମାନେ କେବଳ ସେହିମାନଙ୍କର ଆକାର ଅନୁସାରେ କଟାହୋଇ ରହିଥିବା ପ୍ରେମକୁ—ଏକ ମନୁଷ୍ୟ ଭୂମିର ପ୍ରେମକୁ ଗ୍ରହଣ କରି ପାରୁଛନ୍ତି ଓ ଅଭିବ୍ୟକ୍ତ କରି ପାରୁଛନ୍ତି ! ଏବଂ ଦିବ୍ୟ ଆନନ୍ଦର ସେହି ଅଦ୍ଭୁତ ହର୍ଷଟି ସେମାନଙ୍କର ବୋଧ ଭିତରେ ଆଦୌ ଧରି ଦେଇପାରୁ ନାହିଁ ।

ତେଣୁ, ସେ ବେଳେବେଳେ ଆପଣାକୁ ପ୍ରତ୍ୟାହୃତ କରି ନେବାର କଥା ମଧ୍ୟ ଚିନ୍ତା କରୁଛନ୍ତି । ଏହି ପୃଥିବୀ ତାଙ୍କୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇ ନାହିଁ ବୋଲି ସେ ତାହା ଚିନ୍ତା କରୁଛନ୍ତି । ଏବଂ, ଏହାକୁ କେବଳ ଏକ ନିର୍ମମ

'oaob.nitrkl.ac.in' images reprocessed

ଷଢ ବୋଲିହିଁ କୁହାଯିବ । ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ତାଙ୍କର ଉପସ୍ଥିତି କେବଳ ନାମକୁ ମାତ୍ର ହୋଇଛି ଓ ସିଏ ଆଦୌ ସକ୍ରିୟ ହୋଇ ନାହାନ୍ତି, କାରଣ ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ତାଙ୍କର କୌଣସି ସୁଯୋଗ ନାହିଁ । ମାତ୍ର ତଥାପି, ଏହି ବିଶ୍ୱର କାର୍ଯ୍ୟରେ ସିଏ ଏକ ଶକ୍ତିଶାଳୀ ସାହାଯ୍ୟକର୍ତ୍ତ୍ରୀ ହୋଇ ବିଦ୍ୟମାନ ରହିଛନ୍ତି । କାରଣ ଦିବ୍ୟଜନନୀଙ୍କର ଯେତେଗୋଟି ବିଭବ ରହିଛି, ତନ୍ମଧ୍ୟରୁ ଏହି ବିଭବଟି ଭିତରେହିଁ ଶରୀରର ରୂପାନ୍ତର ଲାଗି ସବୁଠାରୁ ଅଧିକ ଶକ୍ତି ରହିଛି । ବସ୍ତୁତଃ, ଦେହର ଯେଉଁ କୋଷଗୁଡ଼ିକ ଦିବ୍ୟ ଆନନ୍ଦର ସଂସ୍ପର୍ଶ ଦ୍ୱାରା ସ୍ପନ୍ଦିତ ହୋଇ ଉଠିବାକୁ ସମର୍ଥ ହୁଅନ୍ତି, ତାହାକୁ ଗ୍ରହଣ କରିପାରନ୍ତି ଓ ସୁରକ୍ଷିତ କରିପାରନ୍ତି, ସେଗୁଡ଼ିକୁ ଗୋଟିଏ ଗୋଟିଏ ପୁନରୁଜ୍ଜୀବିତ କୋଷ ବୋଲି ଅବଶ୍ୟ କୁହାଯିବ ଏବଂ ସେମାନେ ଅମରତ୍ୱ ଲାଭ କରିବା ଦିଗରେ ଅଗ୍ରସର ହେବାରେ ଲାଗିଛନ୍ତି । ମାତ୍ର, ଦିବ୍ୟ ଆନନ୍ଦର ସ୍ପନ୍ଦନ ଓ ସାଧାରଣ ସୁଖଜନିତ ସ୍ପନ୍ଦନ, — ଦୁଇଟିଯାକର ସେହି ଗୋଟିଏ ପ୍ରାଣିକ ଏବଂ ଭୌତିକ ଅବଚେତନ ବ୍ୟବସ୍ଥାରେ କେବେ କୌଣସି ସହାବସ୍ଥାନ ସମ୍ଭବ ହେବ ନାହିଁ । ତେଣୁ, ଆନନ୍ଦକୁ ଗ୍ରହଣ କରିବାର ଏକ ସ୍ଥିତି ହାସଲ କରିପାରିବାକୁ ହେଲେ ସଂପୂର୍ଣ୍ଣ ଭାବରେ ସକଳ ସାଧାରଣ ସୁଖର ଅନୁଭବକୁ ତ୍ୟାଗ କରିଥିବା ଆବଶ୍ୟକ ହେବ । ମାତ୍ର, ଏପରି ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ସକ୍ରିୟ ଜୀବନରେ ଅଂଶଗ୍ରହଣ କରିବାକୁ ମଧ୍ୟ ତ୍ୟାଗ ନ କରି ଓ ଏକ କଠୋର ବୈରାଗ୍ୟମୟତାର ଆଚରଣ ନ କରି ଆପଣାର ସାଧାରଣ ସୁଖଲିପ୍ସତାଗୁଡ଼ିକୁ ପ୍ରକୃତରେ ତ୍ୟାଗ କରିପାରିବେ । ଏବଂ, ଏହି ସକ୍ରିୟ ଜୀବନର ଭୂମିରେହିଁ ଈପ୍ସିତ ରୂପାନ୍ତରଟି ଘଟିବ ବୋଲି ଯେଉଁମାନଙ୍କୁ ଜଣା ଅଛି, ସେମାନଙ୍କ ଭିତରୁ ମଧ୍ୟ କେତେକ ଲୋକ ହୁଏତ ସାଧାରଣ ସୁଖଭୋଗକୁ ଅଳ୍ପ-ବହୁତ ପରିମାଣରେ ସେହି ଆନନ୍ଦରହିଁ ଏକ ବିକୃତ ରୂପ ବୋଲି ଦେଖିବାକୁ ଚେଷ୍ଟା କରିପାରନ୍ତି, ଏବଂ ଏହିପରି ଭାବରେ ଆପଣା ଭିତରେ ରହିଥିବା ବ୍ୟକ୍ତିଗତ ତୃପ୍ତିସାଧନର ଅନ୍ୱେଷଣଟିକୁ ଉଚିତ ବୋଲି ଅନୁଭବ କରିପାରନ୍ତି । ଏହା ଦ୍ୱାରା ସେମାନେ ଆପଣା ରୂପାନ୍ତରର ମାର୍ଗରେ ପ୍ରାୟ ଏକ ଅଲଂଘନୀୟ ପ୍ରତିବନ୍ଧକହିଁ ସୃଷ୍ଟି କରିଥା'ନ୍ତି ।”

ଏଇଠି ବନ୍ଦ କରିବା ? ଆରଥରକୁ ଯାଇ ଶେଷ ହେବ । ତେବେ ସବୁକଥା ଖୋଳି ବାହାର କରିବାକୁ ମୋତେ ବି ସମୟ ମିଳିବ ।

ଆଚ୍ଛା, ହେଉ; ଯଦି ତୁମେ କିଛି ପଚାରିବାକୁ ଇଚ୍ଛା କରୁଛ … (ମାଆ ଅନେକ ସମୟ ନୀରବ ରହିଲେ) ତେବେ କୁହ !

'oaob.nitrkl.ac.in' images reprocessed

ସିଏ କିଛି କହିବାକୁ ଇଚ୍ଛା କରୁଛନ୍ତି, କୁହନ୍ତୁ ··· କେବଳ ଗ୍ରୁପମାନେ ନୁହନ୍ତି, ଯେକୌଣସି ବ୍ୟକ୍ତି କିଛି କହିବେ ବୋଲି ଯଦି ଇଚ୍ଛା କରୁଛନ୍ତି ।

ମାଆ, ଯଦି ଜଣେ ସଫଳତା ହାସଲ କରି ନ ପାରୁଛି, ତେବେ ଅନ୍ତତଃ ଚେଷ୍ଟା କରିପାରିବ, ନୁହେଁ ?

କ'ଣ କହିଲ ?

ଯଦି ଜଣେ ସଫଳ ହୋଇ ନ ପାରୁଛି, ତେବେ ଚେଷ୍ଟା ତ କରିପାରିବ !

ହଁ, ଆମେ ସର୍ବଦା ଚେଷ୍ଟା କରିପାରିବା ··· ଏହି ପୃଥିବୀ ସର୍ବଦା ପୁନଃ ପୁନଃ ସୃଷ୍ଟ ହେବାରେ ଲାଗିଛି । ତୁମେ ଯଦି ଉପସ୍ଥିତିକୁ ଜାଣିପାରିବ, ଅର୍ଥାତ୍ ଯଦି ତୁମେ ନିଜର ସ୍ୱଭାବକୁ ବଦଳାଇବା ଲାଗି ସମର୍ଥ ହେବ, ତେବେ ଏହି ମୁହୂର୍ତ୍ତରେ ମଧ୍ୟ ତୁମେ ଏକ ନୂତନ ପୃଥିବୀର ସୃଷ୍ଟି କରିପାରିବ ।

ସିଏ ବିଦାୟ ନେଇ ଚାଲିଯାଇଛନ୍ତି ବୋଲି ମୁଁ ଆଦୌ କହି ନାହିଁ । ମୁଁ କହୁଛି ଯେ ସିଏ ଚାଲିଯିବା ଲାଗି ଭାବୁଛନ୍ତି; ବେଳେ ବେଳେ, ମଝିରେ ମଝିରେ ସେହିପରି ଭାବୁଛନ୍ତି ।

କିନ୍ତୁ ମାଆ, କିଛି ସମ୍ଭାବନା ଅବଶ୍ୟ ଦେଖିଥିବେ ବୋଲି ସିନା ସିଏ ଏଠାକୁ ଓହ୍ଲାଇ ଆସିଥିଲେ ?

କ'ଣ କହିଲ ?

ହଁ, ସିଏ ଆସିଥିଲେ, କାରଣ ଏକ ସମ୍ଭାବନା ରହିଥିଲା, କାରଣ ବସ୍ତୁଗୁଡ଼ିକ ଆସି ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ପହଞ୍ଚିଥିଲେ ଏବଂ ତାଙ୍କର ଓହ୍ଲାଇ ଆସି ପାରିବାର ଏକ ସମୟ ମଧ୍ୟ ଆସି ପହଞ୍ଚିଥିଲା ।

ବସ୍ତୁତଃ, ସିଏ ଆସିଥିଲେ କାରଣ ମୁଁ ଭାବୁଥିଲି ଯେ, ସିଏ ଯେ ସଫଳ ହେବେ, ବର୍ତ୍ତମାନ ତା'ର ସମ୍ଭାବନା ରହିଛି । (ମାଆ ନୀରବ ରହିଲେ) ସମ୍ଭାବନା ସବୁବେଳେ ରହିଛି, କେବଳ ··· ସେଗୁଡ଼ିକୁ ବାସ୍ତବ କରିବାକୁ ମଧ୍ୟ ପଡ଼ିବ । ମୁଁ ତୁମମାନଙ୍କୁ ଯାହା କହିଲି, ତାହାର ଏକ ପ୍ରମାଣ ହେଉଛି ଯେ, ଏହା ଏକ ନିର୍ଦ୍ଦିଷ୍ଟ ସମୟରେ ଘଟିଥିଲା ଏବଂ ··· ଦୁଇତିନି ସପ୍ତାହ ଲାଗି, କେବଳ ଆଶ୍ରମରେ ନୁହେଁ, ପୃଥିବୀର ବାୟୁମଣ୍ଡଳ ମଧ୍ୟ ଠିକ୍ ଏହିପରି ଏକ ଶକ୍ତି ଦ୍ୱାରା ଅତ୍ୟନ୍ତ ପରିମାଣରେ ଉତ୍ପ୍ରେରିତ ହୋଇ ରହିଥିଲା; ଏପରି ଏକ ପ୍ରଗାଢ଼ ଦିବ୍ୟ ଆନନ୍ଦ ଦ୍ୱାରା ଅନୁସିକ୍ତ ହୋଇ ରହିଥିଲା, ଯାହାକି ଏପରି ଏକ ଅଦ୍ଭୁତ ଶକ୍ତିକୁ ସୃଷ୍ଟି କରି

'oaob.nitrkl.ac.in' images reprocessed

ରଖିଥାଏ ଯେ, ଏପର୍ଯ୍ୟନ୍ତ ଯେଉଁସବୁ କଥାକୁ ସମ୍ଭବ କରିବା କଷ୍ଟକର ହୋଇ ରହିଥିଲା, ତାହା ସତେଯେପରି ଚାହିଁଲା ମାତ୍ରକେ ସଙ୍ଗେ ସଙ୍ଗେ ସାଧିତ ହୋଇଯାଇ ପାରିବ ବୋଲି ମନେ ହୋଇଥାଏ ! ସମଗ୍ର ପୃଥିବୀରେ ତାହାର ନାନା ପ୍ରତିକ୍ରିୟା ଅନୁଭୂତ ହେଉଥିଲା । ମୁଁ ଜାଣେ ନାହିଁ ଯେ, ତୁମମାନଙ୍କ ଭିତରେ ଏପରି ଜଣେ କେହି ଥିଲେ ଯିଏକି ସେହି ବିଷୟରେ ସଜ୍ଞାନ ହୋଇପାରିଥିଲେ । ଏହି ଘଟଣାଟି କେବେ ଘଟିଥିଲା, ତୁମେମାନେ ମୋତେ ସେକଥାଟି ମଧ୍ୟ କହିପାରିବ ନାହିଁ,— ନୁହେଁ ?

କେବେ ଘଟିଥିଲା ? (ସମସ୍ତେ ହସିଲେ)

ମୋ'ର ତାରିଖ ସବୁ ମନେ ନାହିଁ । ହୁଏତ ମୋଟାମୋଟି ଭାବରେ ମୁଁ ସେବିଷୟରେ କିଛି କହି ପାରିବ । (ମାଆ ନୀରବ ରହିଲେ) ସମ୍ଭବତଃ, ମୋ'ର କାଗଜପତ୍ର ଦେଖିଲେ ତାରିଖଗୁଡ଼ିକ ମଧ୍ୟ ମିଳିଯିବ । କିନ୍ତୁ ତାରିଖସବୁ ମୋତେ ଜଣା ନାହିଁ । ମୋ'ପାଇଁ ଏଗୁଡ଼ିକ ହେଉଛି ଏପରି ଗୋଟିଏ ଗୋଟିଏ କଥା ଯାହାକି···ମୁଁ କେବଳ ଏତିକି ଜାଣିଛି ଯେ, ଶ୍ରୀଅରବିନ୍ଦ ଶରୀର ତ୍ୟାଗ କରିବା ପୂର୍ବରୁ ଏକଥାଟି ଘଟିଥିଲା । ତାଙ୍କୁ ଆଗରୁ ସେହି କଥା କୁହା ଯାଇଥିଲା ଓ ସିଏ ଘଟଣାଟିକୁ ପ୍ରକୃତରେ ଚିହ୍ନି ନେଇ ପାରିଥିଲେ

(ମାଆ ନୀରବ ରହିଲେ)

ଅନେକଜନ ସହିତ ଏକ ଭୟଙ୍କର ଯୁଦ୍ଧ କରିବାକୁ ହୋଇଥିଲା । କାରଣ, ଗ୍ରହଣଶୀଳତା ଯେପରି ହେବା ଉଚିତ ଥିଲା, ତାହା ପ୍ରକୃତରେ ସମ୍ଭବ ହୋଇ ନ ଥିବାର ମୁଁ ଯେତେବେଳେ ଦେଖିପାରିଲି, ସେତେବେଳେ ଏଥିଲାଗି ମୁଁ ଅଚେତନକୁହିଁ ଦାୟୀ କଲି ଏବଂ ଠିକ୍ ସେହି କ୍ଷେତ୍ରରେହିଁ ସଂଗ୍ରାମଟିକୁ ଆରମ୍ଭ କରି ଦେଇଥିଲି । ଏହାର ଯେ ଆଦୌ କୌଣସି ଫଳ ଫଳିଲା ନାହିଁ, ସେକଥା ଆଦୌ ନୁହେଁ, ମାତ୍ର ଯେଉଁ ଫଳ ଆଶା କରାଯାଇଥିଲା ଏବଂ ଯେଉଁ ଫଳ ପ୍ରକୃତରେ ମିଳିଲା, ଉଭୟ ମଧ୍ୟରେ ବହୁତ ପ୍ରଭେଦ ରହିଥିଲା ।

ମାତ୍ର, ମୁଁ ତୁମମାନଙ୍କୁ ଏକଥା କହୁଛି···ତୁମେମାନେ ସମସ୍ତେ ଏତେ ନିକଟରେ ରହୁଛ, ସେହି ବାତାବରଣଟି ମଧ୍ୟରେ ଅବଗାହନ କରୁଛ, ମାତ୍ର···କିଏ ପ୍ରକୃତରେ ଆଦୌ କୌଣସି ବିଷୟରେ ସଜ୍ଞାନ ହୋଇ ପାରିଥିଲା ? ତୁମେମାନେ ଠିକ୍ ପୂର୍ବପରି ଆପଣାର କ୍ଷୁଦ୍ର ଜୀବନଟିକୁ ବଞ୍ଚିବାରେ ଲାଗିଥିଲ, ନୁହେଁ ?

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

ମାଆ, ସମ୍ଭବତଃ ୧୯୪୭ ମସିହାରେ ଏସବୁ ହୋଇଥିଲା, କାରଣ ସେତେବେଳେ ଆପଣ ଆମକୁ କେତେ କଥା କହିଥିଲେ ।

ହଁ, ଠିକ୍ କଥା ।

(ମାଆ ଦୀର୍ଘ ସମୟ ନୀରବ ରହିଲେ)

ମାଆ, ବର୍ତ୍ତମାନ ଯେତେବେଳେ ପିଏ ଆସି ପହଞ୍ଚିଛନ୍ତି, ସେତେବେଳେ ଆମର କର୍ତ୍ତବ୍ୟ କ'ଣ ?

କ'ଣ କହିଲ ?

ଆମର କର୍ତ୍ତବ୍ୟ କ'ଣ ?

କର୍ତ୍ତବ୍ୟ କ'ଣ ଜାଣି ନାହିଁ ? ତୁମେ··· (ମାଆ ନୀରବ ରହିଲେ) ତୁମେମାନେ ଆପଣାର ଚେତନାରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କର ।

(ମାଆ ଦୀର୍ଘ ସମୟ ନୀରବ ରହିଲେ)

ହଁ, ତେବେ, ଯେଉଁ ପ୍ରଶ୍ନଗୁଡ଼ିକ ମୋତେ ପଚାରିବାକୁ ଚାହୁଁଥିଲ, ବର୍ତ୍ତମାନ ପଚାର ।··· (ଜଣେ ପିଲାକୁ ଉଦ୍ଦେଶ୍ୟ କରି) ତୁମର କିଛି କହିବାକୁ ନାହିଁ ?

ମାଆ, କ'ଣ ଜଣେ ହେଲେ ବି କେହି ନାହାନ୍ତି ?

କ'ଣ କହିଲ ?

ଜଣେ ହେଲେ କେହି ବି ନାହାନ୍ତି ?

ମୁଁ କହିପାରିବି ନାହିଁ ।

ତେବେ ଆପଣ କ'ଣ ଆଶ୍ରମରେ ଏହି ସକଳ ବ୍ୟକ୍ତିଙ୍କ ପିଛା ଖାଲି ସମୟ ନଷ୍ଟ କରିବାରେ ଲାଗିଛନ୍ତି ?

ମାତ୍ର, ତୁମର ଜାଣିବା ଉଚିତ ଯେ, ଗୂଢ଼ବିଦ୍ୟାର ଦୃଷ୍ଟିକୋଣରୁ ଏଠାରେ ଏକ ନିର୍ବାଚିତ ଗୋଷ୍ଠୀ ରହିଛି । ବାହ୍ୟ ଦୃଷ୍ଟିକୋଣରୁ ବିଚାର କରି ତୁମେ ମୋତେ ତୁଏତ କହିପାରିବ ଯେ, ପୃଥିବୀରେ ଏପରି ଲୋକ ଅଛନ୍ତି, ଯେଉଁମାନେ କି ତୁମମାନଙ୍କ ତୁଳନାରେ ଅନେକ ଉଚ୍ଚ ସ୍ତରର । ମୁଁ କଦାପି ସେହି କଥାର ବିରୋଧ କରିବି ନାହିଁ । ମାତ୍ର, ଗୂଢ଼ବିଦ୍ୟାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏଠାରେ ନିର୍ବାଚିତ ବ୍ୟକ୍ତିମାନେହିଁ ରହିଛନ୍ତି । ଏଠାରେ···ଅତ୍ୟନ୍ତ ନିର୍ଭୁଲ ଭାବରେ କୁହାଯାଇ ପାରିବ ଯେ, ଏଠାରେ ଯେଉଁ ତରୁଣ ବ୍ୟକ୍ତିମାନେ ଅଛନ୍ତି, ସେମାନଙ୍କ

'oaob.nitrkl.ac.in' images reprocessed

ମଧ୍ୟରୁ ଅଧିକାଂଶ ଏଠାକୁ ଆସିଛନ୍ତି, କାରଣ ସେମାନଙ୍କୁ ଏହି ପ୍ରତିଶ୍ରୁତି ଦିଆଯାଇଛି ଯେ ଯଥାର୍ଥ ଉପଲବ୍ଧି ସମୟରେ ସେମାନେ ଏହିଠାରେ ବାସ କରୁଥିବେ । ସେମାନଙ୍କର ଆଉ ଏକଥା ସ୍ମରଣ ନାହିଁ । (ମାଆ ହସିଲେ) ମୁଁ ପୂର୍ବରୁ ଅନେକ ଥର କହିଛି ଯେ, ଜଣେ ବ୍ୟକ୍ତି ଜନ୍ମଗ୍ରହଣ କରିବା ସମୟରେ ଯେତେବେଳେ ଭୂପୃଷ୍ଠକୁ ଆସେ, ସେତେବେଳେ ସିଏ ମୁଣ୍ଡଆଡ଼ୁଆ ହୋଇ ପତିତ ହୁଏ ଏବଂ ଏହାଦ୍ୱାରା ସିଏ ଖୁବ ବିଚଳିତ—ଚକିତ ହୋଇଯାଏ । (ସମସ୍ତେ ହସିଲେ) ଏହା ପ୍ରକୃତରେ ଏକ ଦୁର୍ଭାଗ୍ୟର କଥା । ମାତ୍ର ତଥାପି, ଜଣେ ବ୍ୟକ୍ତି ଏହିପରି ସ୍ତମ୍ଭିତ ହୋଇ ପଡ଼ିବାରୁ ମୁକ୍ତ ମଧ୍ୟ ପାଇପାରିବ, ନୁହେଁ ? ଏଥିପାଇଁ ଏତିକି ଆବଶ୍ୟକ ଯେ, ସିଏ ନିଜ ଭିତରେ ପ୍ରବିଷ୍ଟ ହେବ, ନିଜ ଭିତରେ ସେହି ଅମର ଚେତନାକୁ ଆବିଷ୍କାର କରିବ ଏବଂ ତା'ପରେ ସେ ଅତ୍ୟନ୍ତ ପ୍ରଗାଢ଼ ଭାବରେ ସଜ୍ଞାନ ହୋଇପାରିବ; ଯେଉଁଭଳି ପରିସ୍ଥିତି ମଧ୍ୟରେ ସିଏ ସେହି ମହାନ୍ କାର୍ଯ୍ୟଟି ସମ୍ପାଦିତ ହେବା ସମୟରେ ଏଠାରେ ଉପସ୍ଥିତ ରହିଥିବ ବୋଲି ଅଭୀପ୍ସା କରିଥିଲା, ସିଏ ତାହାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ମନେ ପକାଇ ପାରିବ । ମାତ୍ର, ସତକଥା କହିବାକୁ ଗଲେ, ତୁମେମାନେ ଏଠାରେ ଆଖିର ଏତେବେଶୀ ପରିମାଣରେ ଏକ ସହଜ ଜୀବନ ଯାପନ କରୁଛ ଯେ ତୁମେ ଆଦୌ ଖୁବ୍‌ବେଶୀ ଅଡୁଆ ଭିତରେ ପଶିବାକୁ ମନ କରୁ ନାହଁ । ତୁମମାନଙ୍କ ଭିତରେ କ'ଣ ପ୍ରକୃତରେ ବହୁସଂଖ୍ୟକ ଏପରି ଅଛନ୍ତି, ଯେଉଁମାନେ କି ଆପଣାର ଚୈତ୍ୟସତ୍ତ୍ୱାକୁ ଆବିଷ୍କାର କରିବା ଲାଗି ଏକ ତୀବ୍ର ଆବଶ୍ୟକତା ଅନୁଭବ କରୁଛନ୍ତି ? ତୁମେମାନେ ମୂଳତଃ ଯାହା, ତୁମର ଯାହା ପ୍ରକୃତରେ କରିବାକୁ ରହିଛି, ତୁମେମାନେ କାହିଁକି ଏଠାରେ ଅଛ, — ଏସବୁ କଥା ଜାଣିବା ଲାଗି ପ୍ରକୃତରେ ଏକ ଆବଶ୍ୟକତା ଅନୁଭବ କରୁଛନ୍ତି ? ଏଠି ତ ମଣିଷ କେବଳ ସୁରୁଖୁରୁ ଭାବରେ ଜୀବନ କଟାଇବାରେହିଁ ଲାଗିଛି ବା ଏପରିକି, ଏଠାରେ ତଥାପି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି ବୋଲି ଅଭିଯୋଗମାନ ବି କରୁଛି । ଏବଂ ତା'ପରେ, ଘଟଣାମାନ ଯେତେବେଳେ ଯେପରି ଘଟୁଛି, ସିଏ ସେଗୁଡ଼ିକୁ ସେହିପରିହିଁ ଗ୍ରହଣ କରିନେଉଛି । ସମସ୍ତ ସମୟରେ, ଯଦି କୌଣସି ଅଭୀପ୍ସା ଜାଗ୍ରତ ହେଉଛି ଏବଂ ଆପଣା ଭିତରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି, ସେତିକିବେଳେ ସିଏ କହୁଛି, "ମାଆ ତ ଏଠାରେ ଅଛନ୍ତି, ସିଏ ମୋ' ଲାଗି ଏଇଟିକୁ ଠିକ୍ କରିଦେବେ ।" ଏବଂ, ତା'ପରେ ଆଉକିଛି ଭାବିବା ଆରମ୍ଭ କରିଦେଉଛି ।

ମାତ୍ର ମାଆ, ଆଗେ ଆପଣ ଆଶ୍ରମରେ ଭାରି କଠୋର ଶୃଙ୍ଖଳାର

'oaob.nitrkl.ac.in' images reprocessed

ସହିତ ସବୁ କରାଉଥିଲେ; ବର୍ତ୍ତମାନ ସେପରି ହେଉ ନାହିଁ । ତାହାର କାରଣ କ'ଣ ?

ହଁ, ମୁଁ ସବୁବେଳେ ଏକଥା କହିଆସିଛି : ଏପରି ହେଲା, ଯେତେବେଳେ ଆମେ ଏଠାରେ ସାନ ପିଲାମାନଙ୍କୁ ରଖିବାକୁ ବାଧ୍ୟ ହେଲୁ । ଯେଉଁଠି ଏଡ଼େ ଏଡ଼େ ସାନ ପିଲାଟିମାନେ ରହିଥିବେ, ସେଠାରେ କଦାପି ଏକ ବୈରାଗ୍ୟମୟ ଜୀବନର କଳ୍ପନା କରାଯାଇ ପାରିବ ନାହିଁ । (ମାଆ ଇଙ୍ଗିତ କରି ଦେଖାଇଲେ) ଏକଥା ମୋଟେ ସମ୍ଭବ ନୁହେଁ । ଯୁଦ୍ଧ ସକାଶେ ତାହା କରିବାକୁ ପଡ଼ିଥିଲା । ଯେତେବେଳେ ଲୋକେ ପଣ୍ଡିଚେରୀ ପୃଥିବୀରେ ସବୁଠାରୁ ଅଧିକ ନିରାପଦ ସ୍ଥାନ ହୋଇ ରହିଛି ବୋଲି ଦେଖିଲେ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ··· ସେମାନେ ପଲେ ପିଲାନେଇ ଏଠାରେ ପହଞ୍ଚିଲେ ଏବଂ ଆଶ୍ରୟ ଚାହିଁଲେ । ସେମାନଙ୍କୁ ତ ଆଉ ଫେରାଇ ଦିଆହୋଇ ନ ଥାନ୍ତା ! ଏହିପରି ଭାବରେ ଏକଥା ଘଟିଲା, ଅନ୍ୟ କୌଣସି କାରଣରୁ ନୁହେଁ ।

ପ୍ରଥମେ, ଆରମ୍ଭ ସମୟରେ, ସର୍ବପ୍ରଥମ ସର୍ତ୍ତ ଥିଲା ଯେ ଏଠାରେ ଆପଣା ପରିବାର ସହିତ କାହାର କୌଣସି ସମ୍ପର୍କ ରହିବ ନାହିଁ । ଯଦି କେହି ଆଗରୁ ବିବାହ କରି ସାରିଥିଲେ, ତେବେ ସେହି ମୁହୂର୍ତ୍ତରୁହିଁ ତାଙ୍କୁ ଭୁଲିଯିବାକୁ ପଡ଼ୁଥିଲା ଯେ, ତାଙ୍କର ସ୍ତ୍ରୀ ପିଲା ଅଛନ୍ତି । ତାଙ୍କୁ ଏହିସବୁ ସକଳ ସମ୍ବନ୍ଧ କାଟିଦେବାକୁ ପଡ଼ୁଥିଲା । ସେମାନଙ୍କ ସହିତ ତାଙ୍କର ଆଉ କୌଣସି ସମ୍ପର୍କ ରହୁ ନ ଥିଲା । ଏବଂ, ସ୍ୱାମୀ ଏଠାରେ ରହିଛନ୍ତି ବୋଲି ଯଦି ଜଣେ ମହିଳା କେବେ ଏଠାକୁ ଆସିବାକୁ ଇଚ୍ଛା କରୁଥିଲେ, ତେବେ ତାଙ୍କୁ କହି ଦିଆଯାଉଥିଲା, "ଆପଣଙ୍କର ଏଠାରେ କୌଣସି କାର୍ଯ୍ୟ ନାହିଁ ।"

ପ୍ରଥମେ ଆମେ ଏଠାରେ ଅତ୍ୟନ୍ତ, ଅତ୍ୟନ୍ତ, ଅତ୍ୟନ୍ତ କଡ଼ା ଥିଲୁ । ଦୀର୍ଘ ଅନେକ ବର୍ଷ ପର୍ଯ୍ୟନ୍ତ ଏହାହିଁ ସର୍ବପ୍ରଥମ ସର୍ତ୍ତ ହୋଇ ରହିଥିଲା : "ନିଜ ପରିବାର ସହିତ ତୁମର ଆଉ କୌଣସି ସମ୍ପର୍କ ରହିବ ନାହିଁ ।" ବର୍ତ୍ତମାନ ଆମେ ସେହି ସର୍ତ୍ତରୁ ଅନେକ ବାହାରକୁ ଚାଲି ଆସିଲୁଣି, ନୁହେଁ ? ଏବଂ ମୁଁ କହିଲି ଯେ ଏକଥା ଏହିପରି ଭାବରେହିଁ ଘଟିଲା । ଏହାର ଆଦୌ ଅର୍ଥ ନୁହେଁ ଯେ, ଆମେ ଏପରି କରିବା ଆଉ ଆବଶ୍ୟକ ବୋଲି ମୋଟେ ବିଚାର କରି ନ ଥିଲୁ । ଏହା ପ୍ରକୃତରେ ଏକ ଅତ୍ୟନ୍ତ ଆବଶ୍ୟକ ସର୍ତ୍ତ ଥିଲା ! ଯେପର୍ଯ୍ୟନ୍ତ ତୁମେ ନିଜକୁ ଜୀବନ ସହିତ ବାନ୍ଧି ରଖିଥିବା ଯାବତୀୟ ବନ୍ଧନକୁ ସୁରକ୍ଷିତ କରି ରଖିଥିବ, ଯାହାକି ତୁମକୁ ତଳତଳିତ ଜୀବନର ଏକ ଦାସ କରି ରଖିଥିବ, ସେପର୍ଯ୍ୟନ୍ତ ତୁମେ କିପରି ଆପଣାକୁ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ପାଖରେ ସମର୍ପି ଦେଇ ପାରିବ ?

'oaob.nitrkl.ac.in' images reprocessed

ସେପରି ଭାବିବା ଏକ ପିଲାଳିଆ କଥା ହେବ, ତାହା କଦାପି ସମ୍ଭବ ନୁହେଁ । ମାତ୍ର, ଯଦି ତୁମେମାନେ କେବେ ମନ କରି ଆଶ୍ରମର ସେହି ପ୍ରଥମ ନିୟମଗୁଡ଼ିକୁ ପାଠ କରିବ, ତେବେ ଜାଣିବ ଯେ, ସେତେବେଳେ ଲୋକମାନଙ୍କ ମଧ୍ୟରେ ବନ୍ଧୁତା-ସ୍ଥାପନକୁ ମଧ୍ୟ ବିପଜ୍ଜନକ ଓ ତେଣୁ ମୋଟେ ଖୁବ୍‌ବେଶୀ କାମ୍ୟ ନୁହେଁ ବୋଲି ବିଚାର କରି ଯାଉଥିଲା । ଆମେ ଏଠାରେ ଏପରି ଗୋଟିଏ ବାତାବରଣ ସୃଷ୍ଟି କରି ରଖିବାକୁ ଚେଷ୍ଟା କରିଥିଲୁ, ଯେଉଁଠାରେ କେବଳ ଗୋଟିଏ କଥାହିଁ ମହତ୍ତ୍ୱପୂର୍ଣ୍ଣ ଥିଲା, ତାହା ହେଉଛି ଦିବ୍ୟ ଜୀବନ । ମାତ୍ର ମୁଁ ଯେପରି କହିଲି, ତୁମେମାନେ ଜାଣିଛ, ଏସବୁ କ୍ରମେ ବଦଳିଗଲା ।

ଏହାର ଗୋଟିଏ ଭଲ ଫଳ ବି ହେଲା । ଆମେ ଅତିରିକ୍ତ ଭାବରେ ଜୀବନବାହାର ହୋଇ ରହିଥିଲୁ । ଏପରି ଅନେକ ସମସ୍ୟାକୁ ଆମେ ହୃଦୟଙ୍ଗମ କରୁ ନ ଥିଲୁ, ଯାହାକି, ପୂର୍ଣ୍ଣ ରୂପାୟଣର ଆବଶ୍ୟକତା ଆସି ପଡ଼ୁଥିବା ସମୟରେ, ହଠାତ୍ ଆସି ଉପସ୍ଥାପିତ ହେବାକୁ ଲାଗିବ । ସମସ୍ୟାଗୁଡ଼ିକୁ ଆମେ ଅପେକ୍ଷାକୃତ ଟିକିଏ ଅଧିକ ଶୀଘ୍ର ନିଜ ଉପରକୁ ବହନ କରିନେଲୁ । ମାତ୍ର ସେଗୁଡ଼ିକର ସମାଧାନ କରିବା ମଧ୍ୟ ଆବଶ୍ୟକ ଥିଲା । ଏହିପରି ଭାବରେ ମଣିଷ ବହୁତ କଥା ଶିଖେ । ଅନେକ ପ୍ରତିବନ୍ଧକକୁ ଅତିକ୍ରମ କରିବା ସମ୍ଭବ ହୁଏ । ମାତ୍ର ସବୁକିଛି ଅଧିକ ଜଟିଳ ବି ହୋଇଯାଏ । ଏବଂ, ହୁଏତ ଏକଥା ମଧ୍ୟ ଠିକ୍ ଯେ, ବର୍ତ୍ତମାନ ସ୍ଥିତିରେ, ଯେତେବେଳେ କି ଏତେ ଅଧିକସଂଖ୍ୟକ ଉପାଦାନ ସମୂହ, ଯେଉଁମାନଙ୍କର ଯେଉଁ ଉଦ୍ଦେଶ୍ୟରେ ସେମାନେ ଏଠାରେ ଅଛନ୍ତି, ସେବିଷୟରେ ଏତେଟିକିଏ ମଧ୍ୟ ଧାରଣା ନାହିଁ,···ଶିଷ୍ୟମାନଙ୍କଠାରୁ ପୂର୍ବାପେକ୍ଷା ବର୍ତ୍ତମାନ ଅନେକ ଅଧିକ ପ୍ରୟାସର ପ୍ରତ୍ୟାଶା କରାଯାଉଛି ।

ପୂର୍ବେ ଆମେ ପଞ୍ଚତିରିଶ ଜଣରୁ ଆରମ୍ଭ କରିଥିଲୁ,—ଛତିଶ ଜଣରୁ; ମାତ୍ର ସେହି ସଂଖ୍ୟା ବଢ଼ି ଶହେ ପଚିଶ ହେବା ପର୍ଯ୍ୟନ୍ତ ଏହା ଏହିପରି···ମୋ'ର ଚେତନା ଭିତରେ ସେମାନେ ଯେପରି ଗୋଟିଏ ଅଣ୍ଡାର ଖୋଳ ଭିତରେ ଏକତ୍ର ଅବସ୍ଥାନ କରୁଥିଲେ; ଏତେ ନିକଟବର୍ତ୍ତୀ ହୋଇ ରହିଥିଲେ ଯେ, ମୁଁ ସେମାନଙ୍କର ଅନ୍ତର୍ଗତ ଓ ବାହ୍ୟ ସକଳ କ୍ରିୟାକୁ ସର୍ବଦା ପରିଚାଳିତ କରିପାରୁଥିଲି । ସବୁକିଛି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା, ନିରନ୍ତର ଦିନରାତି ନିୟନ୍ତ୍ରଣ ମଧ୍ୟରେ ରହିଥିଲା । ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ମୁଁ ଭାବୁଛି ଯେ ସେମାନେ କିଛି ଅଗ୍ରଗତି ମଧ୍ୟ କରିଥିଲେ । ଏହା ସମ୍ପୂର୍ଣ୍ଣ ଭାବରେ ସତ ହୋଇ ରହିଥିଲା ଯେ ମୁଁ ସେମାନଙ୍କ ସକାଶେ ଆବଶ୍ୟକ ସାଧନାକୁ ବି କରୁଥିଲି, ନିରନ୍ତର ତାହା କରୁଥିଲି । ମାତ୍ର ତା'ପରେ, ଏହି ବହିରାକ୍ରମଣଟି ପରେ, ତୁମେମାନେ ବେଶ୍ ବୁଝି ପାରୁଥିବ ଯେ, ତିନି, ଚାରି ବା ପାଞ୍ଚବର୍ଷର ସାନ ସାନ ପିଲାଙ୍କ ପାଇଁ ସାଧନା କରିବା ଆଉ ସମ୍ଭବ

'oaob.nitrkl.ac.in' images reprocessed

ହେଲା ନାହିଁ; ତାହାର କୌଣସି ପ୍ରଶ୍ନହିଁ ନ ଥିଲା । ମୁଁ କେବଳ ଚେତନାଟିକୁ ନେଇ ସେମାନଙ୍କ ଉପରେ ଅବସ୍ଥାପିତ କରି ରଖିପାରୁଛି ଏବଂ, ସେମାନେ ଯେପରି ସମ୍ଭାବ୍ୟ ସର୍ବୋତ୍ତମ ପରିସ୍ଥିତି ମଧ୍ୟରେ ଆପଣାର ବିକାଶ ସାଧନ କରିପାରିବେ, ମୁଁ କେବଳ ତାହାହିଁ ଦେଖିବାକୁ ଚେଷ୍ଟା କରୁଛି ।

ତେଣୁ, ଏହାର ଏକ ଭଲ ଫଳ ବି ରହିଛି । ସେଇଟି ହେଉଛି ଯେ, ଏପରି ସମ୍ପୂର୍ଣ୍ଣ ଓ ନିଷ୍କ୍ରିୟ ଭାବରେ ନିର୍ଭରଶୀଳ ହୋଇ ନ ରହି ପ୍ରତ୍ୟେକ ବ୍ୟକ୍ତି ଆପଣାର ଯଥାସାଧ୍ୟ ସାନ ପ୍ରୟାସଟିକୁ ମଧ୍ୟ କରିବା ଲାଗି ପ୍ରବୃତ୍ତ ହେବେ । ପ୍ରକୃତରେ ଏହା ଏକ ଭାରି ଚମତ୍କାର କଥା !

ଆଜି ସକାଳେ ମୁଁ ଏକଥାଟିକୁ କାହାକୁ କହିଲି ମୋ'ର ମନେ ପଡ଼ୁ ନାହିଁ,—ମୁଁ ଭାବୁଛି ଆଜି ଜନ୍ମଦିନ ଥିବା କାହାକୁ କହିଲି…ନାହିଁ, ଠିକ୍ ମନେପଡ଼ୁ ନାହିଁ…ଜଣେ କାହାକୁ, ଯିଏକି ତାଙ୍କୁ ଅଠର ବର୍ଷ ପୂରିଲା ବୋଲି ମୋତେ କହୁଥିଲେ ।

ଜସ୍ୟାକୁ ।

ହଁ, ଆଜି ତା'ର ଜନ୍ମଦିନ ବୋଲି ମୁଁ ଜାଣିଛି । ମାତ୍ର ପ୍ରକୃତରେ ତାକୁ କହିଲି କି ନାହିଁ ଠିକ୍ ମନେ ପଡ଼ୁ ନାହିଁ । ଆଜି ସକାଳେ ଜଣକୁ କାହାକୁ କହିଲି ।

ମୁଁ କହିଲି ଯେ ମୋତେ ଅଠର ଆଉ କୋଡ଼ିଏ ବର୍ଷ ବୟସ ହେବା ମଧ୍ୟରେ ଦିବ୍ୟ ପରମ ଉପସ୍ଥିତି ସହିତ ମୁଁ ଏକ ସଚେତନ ଓ ଅବିଚ୍ଛିନ୍ନ ସମ୍ମିଳିତତା ଅର୍ଜନ କରି ପାରିଥିଲି; ଏବଂ, ଏହାକୁ ମୁଁ ସଂପୂର୍ଣ୍ଣ ଏକାକୀହିଁ ହାସଲ କରିଥିଲି, ଆଦୌ କାହାରି ସାହାଯ୍ୟ ନ ନେଇ ଏହା ହାସଲ କରିଥିଲି, କୌଣସି ଗ୍ରନ୍ଥର ବି ସାହାଯ୍ୟ ନେଇ ନ ଥିଲି । ଯେତେବେଳେ ଗ୍ରନ୍ଥଟିଏ ପାଇଲି, —ତାହାର କିଛିଦିନ ପରେ ମୁଁ ବିବେକାନନ୍ଦଙ୍କର 'ରାଜଯୋଗ' ପଢ଼ିବାକୁ ପାଇଲି—ସେହି ପୁସ୍ତକଟି ମୋତେ ଏପରି ଅଦ୍ଭୁତ ମନେ ହୋଇଥିଲା ଯେ, ମୁଁ ଅନୁଭବ କଲି ସତେଯେପରି କେହି ଆସି କେତେକ ବିଷୟକୁ ମୋତେ ପ୍ରକୃତରେ ବ୍ୟାଖ୍ୟା କରିଦେଇଗଲା । ଏବଂ ଏହା ଦ୍ୱାରା ମାତ୍ର କେତୋଟି ମାସ ଭିତରେ ମୁଁ ଯାହା ପାଇପାରିଲି, ଯାହାକୁ ପାଇବା ଲାଗି ମୋତେ ହୁଏତ ବର୍ଷ ବର୍ଷ ସମୟ ଲାଗିଥାନ୍ତା ।

ଜଣେ ବ୍ୟକ୍ତିଙ୍କ ସହିତ ମୋର ଭେଟ ହେଲା । ସେତେବେଳେ ମୋର ବୟସ ପ୍ରାୟ ଏକୋଇଶ ହେବ; ମୁଁ ଭାବୁଛି କୋଡ଼ିଏ କିଂବା ଏକୋଇଶ ହେବ । ସେହି ବ୍ୟକ୍ତି ଜଣେ ଭାରତୀୟ ଥିଲେ, ସିଏ ଭାରତରୁ ସେଠାକୁ ଯାଇଥିଲେ

'oaob.nitrkl.ac.in' images reprocessed

ଏବଂ ସିଏ ମୋତେ ଗୀତା ବିଷୟରେ କହିଲେ । ସେହି ଗୀତାର ଏକ ଅନୁବାଦ ଥିଲା, — ଅନୁବାଦଟା ମୋଟେ ଭଲ ଭାବରେ ହୋଇ ନ ଥିଲା ଏବଂ ମୋତେ ସିଏ ତାହାକୁ ପଢ଼ିବା ଲାଗି କହିଲେ । ସିଏ ମୋତେ ଶବ୍ଦକୋଷଟିଏ ଦେଲେ, ତାଙ୍କ ପାଖରେ ରହିଥିବା ଶବ୍ଦକୋଷଟିକୁ ମୋତେ ଦେଲେ । ମୋତେ କହିଲେ : "ଆପଣ ଗୀତା ପଢ଼ନ୍ତୁ, ଏହି ଅନୁବାଦଟି ଆଦୌ ଭଲ ଭାବରେ ହୋଇ ନାହିଁ, ମାତ୍ର ଫରାସୀ ଭାଷାରେ ଗୋଟିଏମାତ୍ର ଅନୁବାଦହିଁ ହୋଇଛି ।" ସେତେବେଳେ ମୁଁ ଅନ୍ୟ କୌଣସି ଭାଷାରେ ଆଦୌ କିଛି ବୁଝିପାରି ନ ଥାନ୍ତି । ଏବଂ, ଇଂରାଜୀ ଅନୁବାଦଗୁଡ଼ିକ ମଧ୍ୟ କୌଣସି ଗୁଣରେ ଅଧିକ ଭଲ ନ ଥିଲା ଏବଂ ମୋ' ପାଖରେ ··· ଶ୍ରୀଅରବିନ୍ଦ ସେତେବେଳକୁ ଗୀତା ସମ୍ବନ୍ଧରେ ତାଙ୍କର ଅଧ୍ୟୟନଟିକୁ ଲେଖି ନ ଥିଲେ ।

ସିଏ ମୋତେ କହିଲେ, "ଆପଣ ଗୀତା ପଢ଼ନ୍ତୁ, ଏବଂ ଶ୍ରୀକୃଷ୍ଣଙ୍କୁ ଅନ୍ତର୍ଭୂତ ପରମେଶ୍ୱରଙ୍କର ପ୍ରତୀକରୂପେ ଗ୍ରହଣ କରନ୍ତୁ, ଅନ୍ତରସ୍ଥ ପରମଦେବତାଙ୍କ ପ୍ରତୀକ ଭାବରେ ଗ୍ରହଣ କରନ୍ତୁ ।" ସିଏ ମୋତେ କେବଳ ଏତିକ କହିଥିଲେ । କହିଥିଲେ, "ଏହାକୁ ଏପରି ଭାବରେ ପଢ଼ନ୍ତୁ, ଏହି ଜ୍ଞାନଟି ସହିତ ପଢ଼ନ୍ତୁ ଯେ ଆପଣଙ୍କ ଭିତରେ ଅନ୍ତର୍ନିହିତ ହୋଇ ଯେଉଁ ପରମେଶ୍ୱର ରହିଛନ୍ତି, ଗୀତାରେ ଶ୍ରୀକୃଷ୍ଣ ତାହାର ପ୍ରତିନିଧିତ୍ୱ କରୁଛନ୍ତି ।" ସମୁଦାୟ ପୁସ୍ତକଟି ପଢ଼ିବାକୁ ଗୋଟିଏ ମାସ ଲାଗିଥିଲା ।

ବର୍ତ୍ତମାନ ବିଚାର କରି ଦେଖାଯାଉ, ତୁମେମାନେ ଏଠାରେ ପିଲାଦିନରୁ ରହିଛ, ତୁମମାନଙ୍କ ଭିତରୁ ଅନ୍ତତଃ କେତେକ ରହିଛ, ତୁମମାନଙ୍କୁ ସବୁକଥା ବୁଝାଇ ଦିଆଯାଇଛି, ସମୁଦାୟ କାର୍ଯ୍ୟଟିକୁ ତୁମମାନଙ୍କ ଲାଗି ପ୍ରାୟ ଚର୍ବଣ କରି ଦିଆଯାଇଛି, ତୁମେମାନେ—କେବଳ କଥା ଦ୍ୱାରା ନୁହେଁ, ଚୈତ୍ୟସ୍ତରର ଅନେକ ସହାୟକ ସାହାଯ୍ୟରେ, ଯାବତୀୟ ପ୍ରକାରର··· ସମ୍ଭାବ୍ୟ ସକଳ ପ୍ରଣାଳୀରେ ତୁମକୁ ଏହି ଅନ୍ତର୍ଗତ ଆବିଷ୍କାରର ମାର୍ଗରେ ଆଣି ଅବସ୍ଥାପିତ କରି ଦିଆଯାଇଛି, ଏବଂ ତଥାପି ତୁମେମାନେ ଏପରି ଭାବରେ ନିଜର ଜୀବନକୁ ବଞ୍ଚୁଛ, ଠିକ୍ ଏହିପରି ଭାବରେ (ମାଆ ଇଙ୍ଗିତ କରି ଦେଖାଇ ଦେଲେ) ସତେ ଯେପରି ଭାବୁଛ ଯେ ତାହା ଯେତେବେଳେ ଆସିବା କଥା ଆସିବ··· ଏବିଷୟରେ କିଛି ଭାବିବା ସମୟରେ ସେହିପରିହିଁ ଭାବୁଛ ।

ଏହା ପ୍ରକୃତରେ ଏହିପରି କଥା । ମାତ୍ର ମୁଁ ସେଥିଲାଗି ଆଦୌ ନିରୁତ୍ସାହିତ ହୋଇଯାଉ ନାହିଁ । କାରଣ ମୁଁ ଦେଖୁଛି ··· ଏହା ପ୍ରକୃତରେ ବଡ଼ କୌତୁକ-ଜନକ । କେବଳ, ଆହୁରି ଅନ୍ୟ ନାନା ବିଷୟ ରହିଛି, ଯାହାକୁକି ମୁଁ ଅପେକ୍ଷାକୃତ

'oaob.nitrkl.ac.in' images reprocessed

ଅଧିକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବୋଲି ମନେ କରୁଛୁ । ଯେତେବେଳେ ତୁମେ ନିଜକୁ ଧୋକା ଦେବାକୁ ଚେଷ୍ଟା କରୁଛ, ··· ସେହିସବୁ ବେଳର କଥା । ସେଇଟା ମୋତେ ଏକ ସୁନ୍ଦର କଥା ନୁହେଁ । ତୁମେ କଦାପି ଗୋଟାଏ କଥାକୁ ଆଉ ଗୋଟାଏ କଥା ବୋଲି ଗ୍ରହଣ କରିନେବାକୁ ଚେଷ୍ଟା କରିବ ନାହିଁ । ଯେପରି କଥାରେ କହନ୍ତି, ତୁମକୁ ଯିଏ ଯାହା, ତାହାକୁ ଠିକ୍ ତାହା ବୋଲିହିଁ କହିବାକୁ ହେବ । ମନୁଷ୍ୟ-ସୁଲଭ ସହଜାତ ପ୍ରବୃତ୍ତିଗୁଡ଼ିକୁ ସହଜାତ ପ୍ରବୃତ୍ତି ବୋଲି କହିବାକୁ ହେବ; ଏବଂ ଯାହାସବୁ କେବଳ ମନୁଷ୍ୟସୁଲଭ, ସେଗୁଡ଼ିକୁ ଦିବ୍ୟ ବସ୍ତୁ ବୋଲି ଗ୍ରହଣ କରିନେଇ ମୋତେ ସେଗୁଡ଼ିକ ବିଷୟରେ କଦାପି କହିବାକୁ ଆସିବ ନାହିଁ । ବୁଝିଲ, ଯେତେବେଳେ ତୁମେ ପ୍ରକୃତରେ ନିତାନ୍ତ ଏକ ସାଧାରଣ ଚେତନା ମଧ୍ୟରେ ବାସ କରୁଛ, ସେତେବେଳେ କଦାପି ଅତିମାନସ ଅନୁଭବମାନ ହେଲା ବୋଲି ଛଳନା କରିବ ନାହିଁ ।

ଏଥର ବୁଝି ପାରୁଥିବ । ଯଦି ତୁମେ ନିଜକୁ ସିଧା ଦେଖିପାରିବ ଓ ତୁମେ ପ୍ରକୃତରେ କିପରି, ସେହି କଥାଟିକୁ ଜାଣିବ, ଏବଂ ଯଦି ଦୈବାତ୍ ତୁମେ ମନସ୍ଥ କରିବ ଯେ···

ମୋତେ ତ ପ୍ରକୃତରେ ଖୁବ ଆଶ୍ଚର୍ଯ୍ୟ ଲାଗୁଛି ଯେ ତୁମେମାନେ ଏଥିଲାଗି ଏକ ତୀବ୍ର ଆବଶ୍ୟକତା ମଧ୍ୟ ଅନୁଭବ କରିପାରୁ ନାହଁ : "ଜଣେ ଏକଥା କିପରି ଜାଣିବାକୁ ସମର୍ଥ ହେବ ?" କାରଣ, ତୁମେମାନେ ଜାଣିଛ, ତୁମମାନଙ୍କୁ ଏକଥା କହି ଦିଆଯାଇଛି, ବାରବାର କୁହାଯାଇଛି, ତୁମ କାନ ପାଖରେ ଏଡ଼େ ବଡ଼ ପାଟିରେ କହିଦିଆଯାଇଛି, — ତୁମେମାନେ ଏକଥା ଜାଣିଛ ଯେ, ତୁମ ଭିତରେ ଏକ ଦିବ୍ୟ ଚେତନା ବିଦ୍ୟମାନ ରହିଛି; ଏବଂ ତୁମେ ରାତି ପରେ ରାତି ନିଶ୍ଚିନ୍ତ ହୋଇ ଶୋଇ ପାରୁଛ, ଦିନ ପରେ ଦିନ ଖେଳି ପାରୁଛ ଓ ଦିନ ପରେ ଦିନ କେତେ ଗ୍ରନ୍ଥ ଅଧ୍ୟୟନ କରିବାରେ ଲାଗିଛ, ତଥାପି, ଆପଣା ସହିତ ସମ୍ପର୍କରେ ଆସିବାକୁ, ହଁ, ଆପଣା ସହିତ, ଏଇଠି ତୁମ ନିଜ ଭିତରେ (ମାଆ ଆପଣା ବକ୍ଷର କେନ୍ଦ୍ରସ୍ଥଳକୁ ନିର୍ଦ୍ଦେଶିତ କରିଦେଲେ), ସେଥିଲାଗି ତୁମେମାନେ ଆଦୌ କୌଣସି ଉତ୍ସାହ ଅଥବା ବଳବତୀ ଇଚ୍ଛା ଅନୁଭବ କରିପାରୁ ନାହଁ ! ବସ୍ତୁତଃ, ଏହାହିଁ ମୋ' ପାଖରେ ଅଜ୍ଞାତ ହୋଇ ରହିଛି ।

ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଜାଣିଲି, — ବାସ୍ତବରେ ମୋତେ କେହି ଏକଥା କହି ନାହାନ୍ତି, ମୁଁ ଅନୁଭବରୁ ଜାଣିଲି—ମୋ' ନିଜ ଭିତରେ ଏକ ଆବିଷ୍କାର କରିବାକୁ ରହିଛି ବୋଲି ମୁଁ ଯେତେବେଳେ ପ୍ରଥମ ଥର ପାଇଁ ଜାଣିଲି, ତା'ପରେ ତାହାହିଁ ମୋ' ଲାଗି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ

'oaob.nitrkl.ac.in' images reprocessed

ରହିଲା । ତାହାକୁହିଁ ସବୁଠାରୁ ଅଧିକ ଅଗ୍ରାଧିକାର ଦେବାକୁ ହେଲା । ଏବଂ, ମୁଁ ଯେପରି କହୁଥିଲି, ମୋତେ କେବଳ ଏକ ସଙ୍କେତ ଦେବା ପାଇଁ, "ଦେଖ, ଏଇଟିକୁ କରିପାରିଲେ ଯଥାର୍ଥ ପଥଟି ତୁମ ସମ୍ମୁଖରେ ଉନ୍ମୋଚିତ ହୋଇଯିବ" ବୋଲି କହିବା ପାଇଁ ଯେତେବେଳେ ମୁଁ ଗୋଟିଏ ବହି ଓ ଜଣେ ବ୍ୟକ୍ତିର ଭେଟ ପାଇଲି, ମୁଁ ସେତେବେଳେ ତାହାର ଉଦ୍ଦେଶ୍ୟରେ ଦଉଡ଼ିଗଲି, ଏକ ଝାଁପରି ଦଉଡ଼ି ଯାଇଥିଲି, — ଏବଂ ସେତେବେଳେ ଆଉ କୌଣସି ଅନ୍ୟକଥା ମୋତେ କଦାପି ସେଥିରୁ ନିବୃତ୍ତ କରି ରଖିପାରି ନ ଥାନ୍ତା ।

ଏବଂ ତୁମମାନଙ୍କର ଏହିପରି ଅର୍ଦ୍ଧନିଦ୍ରିତ ଅବସ୍ଥାରେ ଏଠାରେ କେତେ ବର୍ଷ ନ କଟିଲାଣି ! ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେମାନେ ବେଳେ-ବେଳେ ସେହି ବିଷୟରେ ଭାବୁଛ; ବିଶେଷ କରି ମୁଁ ଯେତେବେଳେ ତୁମମାନଙ୍କୁ ଏବିଷୟରେ କହୁଛି, ସେତେବେଳେ ଅବଶ୍ୟ ଭାବୁଛ । ବହିରୁ ପଢ଼ିବା ସମୟରେ ବି ବେଳେବେଳେ ଭାବୁଛ । ମାତ୍ର ଯେଉଁ ଉତ୍ସାହ ଓ ଯେଉଁ ଇଚ୍ଛା ଯାବତୀୟ ବାଧାକୁ ଅତିକ୍ରମ କରିଯାଏ, ଯେଉଁ ଏକାଗ୍ରତା ସବୁକିଛିକୁ ତେଇଁ ଚାଲିଯାଏ, ସେଇଟି କାହିଁ ?

କ'ଣ କରିବା ଉଚିତ ବୋଲି ମୋତେ କିଏ ପଚାରୁଥିଲ ?

ମୁଁ ।

ହଁ, ତୁମର ଏହାହିଁ କରିବା ଉଚିତ । ମୁଁ ବର୍ତ୍ତମାନ ଯାହା କହିଲି ।

ମାଆ, ଆମେ ଆପଣଙ୍କର ସ୍ପର୍ଶ ଲାଗି ଉନ୍ମୁକ୍ତ ରହିପାରିବୁ କିପରି ? ଶୁଣିପାରିଲି ନାହିଁ ।

· ଆପଣଙ୍କର ସ୍ପର୍ଶ ଲାଗି ଆମେ ଉନ୍ମୁକ୍ତ ରହିପାରିବୁ କିପରି ?

କିପରି ଉନ୍ମୁକ୍ତ ରହିପାରିବ ? ଯେତେବେଳେ ସଦିଚ୍ଛା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ, ଯେତେବେଳେ ତୁମେ ପ୍ରକୃତରେ ଆଦୌ କିଛୁ ଜାଣି ନାହଁ ବୋଲି ହୃଦୟଙ୍ଗମ କରିପାରୁଥିବ; ତୁମର ପ୍ରତ୍ୟେକ ବିଷୟ ଶିଖିବାକୁ ରହିଛି ବୋଲି ଜାଣିବ, ସେତେବେଳେ ତୁମେ କିଛୁଟା ନମନୀୟ ଓ ଉନ୍ମୁକ୍ତ ହେବାକୁ ଆରମ୍ଭ କରିବ; ଏବଂ ଯେତେବେଳେ ତୁମ ଉପରେ ଏକ ଶକ୍ତି ଚାପ ପକାଇବାକୁ ଆରମ୍ଭ କରିବ, ସେତେବେଳେ ତୁମେ ତାହା ଲାଗି ଏକ ଅନୁଷ୍ଠାନ ଜଣାଇପାରିବ ।

ମାତ୍ର, ଏଠାରେ ଯେଉଁ ବର୍ଣ୍ଣନାଟି ଦିଆଯାଇଛି ··· ତୁମେ କେବଳ ବହିଟିକୁ ନେଇ ସେଥିରୁ ଶେଷ ବର୍ଣ୍ଣନାଟିକୁ ପଢ଼ିବ । ଲୋକମାନେ ପ୍ରକୃତରେ

'oaob.nitrkl.ac.in' images reprocessed

ସେଇଁ ସ୍ଥିତିରେ ରହିଛନ୍ତି, ଏଥିରେ ତାହାର ଏକ ଅବିକଳ ଚିତ୍ର ଦିଆଯାଇଛି। ସେଇଟି ଶେଷ ପୃଷ୍ଠାରେ ଅଛି। ··· ଭୌତିକର ବର୍ଣ୍ଣନା ଦିଆଯାଇଛି, ମନର, ପ୍ରାଣିକର, ସବୁକିଛିର ବର୍ଣ୍ଣନା ଦିଆଯାଇଛି। ପୁନଶ୍ଚ, ସିଏ ଅଧିକାଂଶ ସମସ୍ତରେ ତାହାକୁ ବର୍ଣ୍ଣନା କରି କହିଛନ୍ତି, ନୁହେଁ ? (ମାଆ ଦୀର୍ଘ ସମସ୍ତ ନୀରବ ରହିଲେ। ବହିଟିକୁ ହାତକୁ ନେଇ ପ୍ରକୃତ ଅଂଶଟିକୁ ବାହାର କରିବାକୁ ଚେଷ୍ଟା କଲେ) ପାଇଲି, ଏଇଠି ଏହି ପାଖରେ ଅଛି : "ମାତ୍ର ତୁମେ ସତର୍କ ରହିଥିବ ଏବଂ ଆପଣାର ଏହି କ୍ଷୁଦ୍ର ଜାଗତିକ ମନ ଦ୍ୱାରା କଦାପି ଦିବ୍ୟ-ଜନନୀଙ୍କୁ ବୁଝିବାର କିଂବା ବିଚାର କରିବାର ଚେଷ୍ଟା କରିବ ନାହିଁ। ଯେଉଁସବୁ ବସ୍ତୁ ତାହାର ସୀମା ବାହାରେ ରହିଥାଏ, ତୁମର ପୃଥ୍ୱୀସୀମିତ ମନ ସେଗୁଡ଼ିକୁ ମଧ୍ୟ ଆପଣାର ମାନ ଓ ମାପ ଭିତରେ ଆଣି ପୂରାଇବାକୁ ଖୁବ ଭଲ ପାଉଥାଏ, ତାହାର ସଙ୍କୀର୍ଣ୍ଣ ନାନା ଯୁକ୍ତି ଓ ଭ୍ରମାତ୍ମକ ଧାରଣାଗୁଡ଼ିକର, ଯାବତୀୟ ଭୂମିରୁ ବର୍ଜିତ ହୋଇ ରହିଥିବା ତାହାର ଉଗ୍ର ଅଜ୍ଞାନତା ତଥା କ୍ଷୁଦ୍ର ଆତ୍ମଦମ୍ଭପୂର୍ଣ୍ଣ ଜ୍ଞାନଗୁଡ଼ାକର ଅଧୀନ କରି ସେଗୁଡ଼ିକର ବିଚାର କରିବାକୁ ତାହା ଖୁବ ଭଲ ପାଏ।" ଏହି ବାକ୍ୟଗୁଡ଼ିକୁ ତୁମେ ମଝିରେ ମଝିରେ ବାରବାର ପଢ଼ିବ, ଆପଣାର ଯଥାର୍ଥ ବୋଧ ମଧ୍ୟକୁ ଫେରି ଆସିବାରେ ତାହା ତୁମକୁ ଅବଶ୍ୟ ସାହାଯ୍ୟ କରିବ।

ବୁଝିଲ ? ଏଥର ସରଳ ? ଆଉ ଅଧିକ କିଛି ପଚାରିବାକୁ ନାହିଁ ? କାହାର କିଛି ପଚାରିବାକୁ ନାହିଁ ? ଆଜି ସଂଧ୍ୟାରେ ସିଏ ଯାହାକିଛି ପଚାରିବାକୁ ଇଚ୍ଛା କରୁଛ, ମୋତେ ପଚାର। (ଜଣେ ପିଲାକୁ) ତୁମର କିଛି ପଚାରିବାକୁ ନାହିଁ ? ତୁମର ବି ନାହିଁ ? କାହାର କିଛି ପଚାରିବାକୁ ନାହିଁ ? କେହି ପଦଟିଏ ବି କହୁ ନାହାଁ ଯେ !

ବୈରାଗ୍ୟବୃତ୍ତି ଦ୍ୱାରା ଆଚରିତ ଶୃଙ୍ଖଳା ଆମକୁ ଆସକ୍ତି ଜୟ କରିବାରେ ସାହାଯ୍ୟ କରି ନ ଥାଏ କି ?

ନା—ତାହା ତୁମର ଗର୍ବକୁ ଅଧିକ ସ୍ଫୀତ କରେ, ଅଧିକ ବଳବାନ୍ କରିପକାଏ।

ମାତ୍ର ଆପଣ ତ "ସୁଖକୁ ବର୍ଜନ କର" ବୋଲି କହିଲେ। ତେବେ···

ସୁଖକୁ ବର୍ଜନ କର···ମାତ୍ର ବୈରାଗ୍ୟ ଦ୍ୱାରା ପ୍ରବୃତ୍ତ ହୋଇ କେହି ସୁଖକୁ ବର୍ଜନ କରି ପାରିବ ନାହିଁ ! କେବଳ ଏକ ଅନ୍ତର୍ଗତ ସନ୍ଦୀପନ ଓ ସତ୍ତାର ଏକ ପ୍ରକାରର ଉଦାତ୍ତୀକରଣ ଦ୍ୱାରାହିଁ ତୁମେ ସୁଖକ୍ଷେତ୍ର ଭିତରେ ଯାହାସବୁ ସ୍ଥୂଳ,

'oaob.nitrkl.ac.in' images reprocessed

ଅନ୍ଧକାରଚ୍ଛନ୍ନ ଓ ଅପ୍ରୀତିକର ହୋଇ ରହିଛି, ତାହାକୁ ଅନୁଭବ କରିବାକୁ ସମର୍ଥ ହୋଇଥାଅ ।

ଯଦି ଆମେ ସ୍ଥୂଳ ସୁଖଭୋଗ ମଧ୍ୟରେହିଁ ଜୀବନ ଧାରଣ କରୁଥାଉ, ତେବେ ସେଗୁଡ଼ିକୁ ଅତିକ୍ରମ କରାଯାଇ ପାରିବ କିପରି ?

ମାଆ ତୁମେ କେବଳ ସ୍ଥୂଳ ସୁଖଭୋଗ ମଧ୍ୟରେ ବାସ କରୁ ନାହଁ । ତା' ନ ହୋଇଥିଲେ, ମୁଁ ଭାବୁଛି ଯେ ତୁମେ କଦାପି ଏଠାରେ ନ ଆନ୍ତ ।

ମାତ୍ର ସବୁକିଛି ତ ସୁଖର ଭୋଗ, ନୁହେଁ କି ? ସୁଖାନୁଭବର ଅର୍ଥ ହେଉଛି···ହଁ, ସୁଖର ଅନୁଭବ । ଆମେ ଆରାମରେ ରହୁଛୁ, ଖାଉଛୁ, ଏହିପରି ସବୁକିଛି । ଏହି ସବୁକିଛି ସୁଖଭୋଗ ନୁହେଁ କି ?

(ବିସ୍ମିତ ହୋଇ) ଏହି ସବୁକିଛିକୁ ତୁମେ ସୁଖ ଲାଗି କରୁଛ ? (ସମସ୍ତେ ହସିଲେ) ତାହା ତୁମର ଧାରଣା ହୋଇପାରେ, ସେଥିରେ ମୋ'ର ତୁମକୁ ଆଦୌ କିଛି କହିବାର ନାହିଁ । ଯାହା ଏକ ଉଚ୍ଚତର ଜୀବନ ଲାଗି ଅପେକ୍ଷା ରଖିଛି ଏବଂ ଯାହା ଏହି ଚରାଚରିତ ଜୀବନ ମଧ୍ୟରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସୁଖୀ ବୋଲି ଅନୁଭବ କରୁଛି, ଏହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଯଦି ତୁମେ ଅନୁଭବ କରୁ ନ ଥିବ, ତେବେ ମୁଁ ତୁମକୁ କୌଣସି ସାହାଯ୍ୟ କରି ପାରିବ ନାହିଁ । ତୁମକୁ ସେହି ପାର୍ଥକ୍ୟଟିକୁ ପ୍ରଥମେ ନିଜ ଭିତରେ ଆବିଷ୍କାର କରିବା ନିତାନ୍ତ ଉଚିତ ଥିଲା ।

ମାତ୍ର କୌଣସି ବାହ୍ୟ ଶୃଙ୍ଖଳା କ'ଣ ଏଥିରେ କୌଣସି ସାହାଯ୍ୟ କରେ ନାହିଁ ?

ଯଦି ତୁମେ ନିଜ ଉପରେ ବାହାରୁ କୌଣସି ଶୃଙ୍ଖଳାକୁ ଆଣି ପ୍ରତିଷ୍ଠିତ କରି ରଖିବ ଏବଂ ଯଦି ଏହା ଅତିମାତ୍ରାରେ ନବୋଧ ହୋଇ ନ ଥିବ, ତେବେ ତାହା ତୁମକୁ ନିଶ୍ଚିତ କିଛି ସାହାଯ୍ୟ କରିପାରିବ । ଏକ ଶୃଙ୍ଖଳା, ମୁଁ ଭାବୁଛି— ଯାବତୀୟ ଶୃଙ୍ଖଳା ଓ ତପସ୍ୟା, ବୈରାଗ୍ୟପ୍ରଧାନ ଯାବତୀୟ ସାଧନା—ଏଗୁଡ଼ିକୁ ସାଧାରଣତଃ ଯେପରି ଭାବରେ ଅଭ୍ୟାସ କରାଯାଏ, ସେଗୁଡ଼ିକ ତୁମକୁ ଗର୍ବୀ କରିବାରେହିଁ ସର୍ବୋତ୍ତମ ସାଧନରୂପେ କାର୍ଯ୍ୟ କରିଥାନ୍ତି; ତୁମଭିତରେ ଏହି ଉପଯୁକ୍ତର ଏକ ଗର୍ବବୋଧକୁ ଛିଆରି କରି ଆଣନ୍ତି ଯେ, ତୁମର ଅସଲ ଆକାଂକ୍ଷାଟି ଆଉ କେବେହେଲେ ସମ୍ଭବ ହୋଇପାରେ ନାହିଁ । ତେଣୁ, ଠିକ୍ ହାତୁଡ଼ି ପିଟିଲା ପରି ଆଘାତ ଦେଇ ତୁମକୁ ତାହା ଭାଙ୍ଗି ଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଏକ ସୁସ୍ଥ ସନ୍ତୁଳନକୁ ଏଥିଲାଗି ସର୍ବପ୍ରଥମ ସର୍ତ୍ତ ବୋଲି କୁହାଯିବ, ଯାହା ତୁମକୁ ଏହି କଥାଟିର ଉପଲବ୍ଧି କରାଇଦେବ ଯେ, ଯେପର୍ଯ୍ୟନ୍ତ ସେହି ଦିବ୍ୟ ପରମସତ୍ତ୍ଵଟି ତୁମର ପରିପୋଷଣ, ବିକାଶ, ସ୍ଵାସ୍ଥ୍ୟତା, ସନ୍ଦୀପନ ଏବଂ ପରିଚାଳନାକୁ ସ୍ଵୟଂ ଗ୍ରହଣ କରି ନାହାନ୍ତି, ସେପର୍ଯ୍ୟନ୍ତ ତୁମେ ଆଦୌ କିଛି ବି ହୋଇ-ପାରିବ ନାହିଁ । ଏଥର ବୁଝିପାରୁଛ ? ଯେତେବେଳେ ତୁମେ ସେକଥା ଅନୁଭବ କରିବ,—କେବଳ ମୁଣ୍ଡ ଦ୍ଵାରା ବୁଝିବ ନାହିଁ, ମାତ୍ର ନିଜ ଭିତରେ ଆପଣାର ଶରୀରର ଭୂମି ପର୍ଯ୍ୟନ୍ତ ମଧ୍ୟ ସେହି କଥାଟିକୁ ଅନୁଭବ କରିପାରିବ, ସେତେବେଳେ ଯାଇ ତୁମର ଯଥାର୍ଥ ଜ୍ଞାନ ଉଦୟ ହେବାକୁ ଆରମ୍ଭ ହେବ, ତା' ପୂର୍ବରୁ ନୁହେଁ ।

ମାଆ, ଆପଣ ଯେଉଁ ଅନ୍ୟ ବିଷୟଟିକୁ ଲେଖିଛନ୍ତି ବୋଲି କହିଲେ, ସେଇଟି କ'ଣ ?

ମୁଁ ଭାବିଥିଲି ଯେ ମୋତେ ନିଶ୍ଚୟ କେହି ଏହି ପ୍ରଶ୍ନଟିକୁ ପଚାରିବେ, "ଆପଣଙ୍କର ବୋଲି ମାନ ସେ ରହିବେ ନାହିଁ କାହିଁକି, କାରଣ, ଆପଣ ତାଙ୍କୁ ଡାକିଛନ୍ତି ବୋଲି ତ ସିଏ ଆସିଛନ୍ତି ! ସିଏ ତେବେ କାହିଁକି ଆପଣଙ୍କର ବୋଲି ମାନି ରହିବେ ନାହିଁ" ମାତ୍ର ଏହି ପ୍ରଶ୍ନଟି କେହି ପଚାରି ନାହାନ୍ତି ।

ମାଆ, ଆପଣ ଆମକୁ କହିଦିଅନ୍ତୁ !

ଅନାଗତ ଶାଶ୍ଵତ କାଳର ଭୂମି ଉପରେ ତାଙ୍କର ଯେତେ ଯେତେ ସାଧନ ଅଭିପ୍ରେତ ହୋଇ ରହିଛନ୍ତି, ତାଙ୍କ ଲାଗି ଏହି ଶରୀର ତନ୍ମଧ୍ୟରୁ କେବଳ ଗୋଟିଏମାତ୍ର ଯନ୍ତ୍ର । ତେଣୁ ଏହି ଯନ୍ତ୍ରଟିକୁ ଜଗତ ତଥା ଏହି ଜଗତର ମନୁଷ୍ୟମାନେ ଯେତିକି ମହତ୍ତ୍ଵ ଦେବେ ଏବଂ ତାଙ୍କର ପ୍ରକଟନ ଓ ପ୍ରସାରଣରେ ଏକ ମଧ୍ୟବର୍ତ୍ତୀ ନିମିତ୍ତରୂପେ ଏଇଟି ପ୍ରକୃତରେ ଯେତିକି କାମରେ ଲାଗିପାରିବ, ତାଙ୍କ ଲାଗି ଏହି ଯନ୍ତ୍ରଟିର ଆଦୌ ତା'ଠାରୁ କୌଣସି ଅଧିକ ମହତ୍ତ୍ଵ ନାହିଁ ।

ମୁଁ ଯେଉଁ ବ୍ୟକ୍ତିମାନଙ୍କ ଦ୍ଵାରା ପରିବେଷ୍ଟିତ ହୋଇ ରହିଛି, ଯଦି ସେମାନେ ତାଙ୍କୁ ଗ୍ରହଣ କରି ପାରିବେ ନାହିଁ, ତେବେ ମୁଁ ଆଉ ତାଙ୍କ ଲାଗି ଆଦୌ କୌଣସି କାର୍ଯ୍ୟରେ ଲାଗି ପାରିବି ନାହିଁ । ଏହି କଥାରେ ଆଦୌ କୌଣସି ସନ୍ଦେହ ନାହିଁ । ତେଣୁ ମୋ'ର ବୋଲି ମାନି ସିଏ କଦାପି ଏଠାରେ ରହିବାକୁ ବାଧ୍ୟ ହେବେ ନାହିଁ; ଏବଂ, କୌଣସି ସ୍ଵାର୍ଥପ୍ରଣୋଦିତ କାରଣରୁ ମଧ୍ୟ ମୁଁ ତାଙ୍କୁ ଏଠାରେ ରହିବା ଲାଗି କଦାପି କହିପାରିବି ନାହିଁ । ଏବଂ ତା'ପରେ, ତାଙ୍କର ସେହି ଯାବତୀୟ ଉପସ୍ଥିତି-ଗୁଡ଼ିକ, ସେହି ଯେଉଁ ଯାବତୀୟ ବ୍ୟକ୍ତିତ୍ଵମାନ ସତତ ପ୍ରକାଶିତ ହୋଇ ରହିଛନ୍ତି,

କୌଣସି ବ୍ୟକ୍ତିଗତ କାରଣ ସକାଶେ କଦାପି ସେଗୁଡ଼ିକର ପ୍ରକାଶ ଘଟିବ ନାହିଁ । ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ହିଁ ବା ମଧ୍ୟ କେବେହେଲେ ମୋ'ର ଶରୀରକୁ ସାହାଯ୍ୟ କରିବା କଥା ମୋଟେ ଭାବି ନାହାନ୍ତି ଏବଂ ମୁଁ ମଧ୍ୟ ସେଥିଲାଗି ସେମାନଙ୍କୁ କେବେହେଲେ ପ୍ରାର୍ଥନା କରି ନାହିଁ, କାରଣ ସେଗୁଡ଼ିକ ସେହି ଉଦ୍ଦେଶ୍ୟରେ ଆଦୌ ଆସନ୍ତି ନାହିଁ । ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ମୋ'ର ଚାରିପାଖରେ ଯଥେଷ୍ଟ ଗ୍ରହଣଶୀଳତା ରହିଥାନ୍ତା ଏବଂ ଯଥାର୍ଥରେ ଗ୍ରହଣସମର୍ଥ ବ୍ୟକ୍ତିମାନେ ରହିଥିବାରୁ ସେମାନେ ସତତ ଆପଣାକୁ ପ୍ରକାଶିତ କରି ପାରୁଥାନ୍ତେ, ତେବେ ତାହା ମୋ'ର ଶରୀରକୁ ପ୍ରକୃତରେ ପ୍ରଭୂତ ଭାବରେ ସାହାଯ୍ୟ କରିପାରନ୍ତା । କାରଣ, ତୁମେ ଜାଣିଛ, ଯାବତୀୟ ସକଳ ସ୍ପନ୍ଦନ ମୋ'ର ଶରୀର ମଧ୍ୟଦେଇହିଁ ଗତି କରିବେ ଏବଂ ତାହା ଏହି ଶରୀରକୁ ସାହାଯ୍ୟ କରିବ । ମାତ୍ର ଆପଣାକୁ ପ୍ରକାଶ କରିବା ଲାଗି ସିଏ କୌଣସି ସୁଯୋଗ ପାଇ ନାହାନ୍ତି, ସେଥିଲାଗି ତାଙ୍କ ଆଗରେ ଆଦୌ କୌଣସି ସମ୍ଭାବନା ନାହିଁ । କେବଳ ଏପରି ବ୍ୟକ୍ତିମାନଙ୍କ ସହିତ ତାଙ୍କର ଭେଟ ହେଉଛି, ଯେଉଁମାନେ କି ସିଏ ଏଠାରେ ରହିଛନ୍ତି ବୋଲି ଅନୁଭବ ବି କରିପାରୁ ନାହାନ୍ତି, ଏବିଷୟରେ ସେମାନଙ୍କର ଆଦୌ କୌଣସି ସଜ୍ଞାନତା ମଧ୍ୟ ନାହିଁ । ଏହାଦ୍ୱାରା ସେମାନଙ୍କର ଜୀବନରେ ଆଦୌ କୌଣସି ଫରକ ପଡ଼ୁ ନାହିଁ । ତେଣୁ, ସିଏ କପରି ପ୍ରକାଶିତ ହୋଇ ପାରିଥାନ୍ତେ, କହିଲ ?

ଏବଂ, ମୁଁ ବି ତାଙ୍କୁ କଦାପି "ଯଦି ଆପଣ ଇଚ୍ଛା କରୁଛନ୍ତି, ତେବେ ଆସନ୍ତୁ ଓ ମୋ'ର ଶରୀରକୁ ବଦଳାଇ ଦିଅନ୍ତୁ" ବୋଲି କହିବି ନାହିଁ । ଆମ ଭିତରେ ଆଦୌ ସେଭଳି ସମ୍ବନ୍ଧ ନାହିଁ···ଏବଂ ଶରୀର ନିଜେ ମଧ୍ୟ ସେକଥା ମୋଟେ ଇଚ୍ଛା କରିବ ନାହିଁ । ଏହି ଶରୀର ନିଜ ବିଷୟରେ କେବେହେଲେ କିଛି ଭାବି ନାହିଁ, ଆପଣା ଲାଗି କୌଣସି ଉଦ୍‌ବେଗ ବା ଆଗ୍ରହ ପ୍ରକାଶ କରି ନାହିଁ । ଏବଂ, କେବଳ କର୍ମ ଦ୍ୱାରାହିଁ ଏହାର ରୂପାନ୍ତର ସମ୍ଭବ ହୋଇ ପାରିବ । ହଁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସିଏ ଯେତେବେଳେ ଆସିଥିଲେ, ଯଦି ପ୍ରକୃତରେ ସେତେ-ବେଳେ ଏକ ଗ୍ରହଣଶୀଳତା ରହିଥାନ୍ତା ଏବଂ ଯଦି ସିଏ ଯେଉଁ ଶକ୍ତିକୁ ବହନ କରି ଆସିଥିଲେ, ସେହି ଶକ୍ତିରେ ଆପଣାକୁ ପ୍ରକାଶିତ କରି ପାରିଥାନ୍ତେ···ଏପରିକି, ତାଙ୍କର ଆସିବା ପୂର୍ବରୁ ମଧ୍ୟ···ମୁଁ ତୁମମାନଙ୍କୁ ଗୋଟିଏ କଥା କହିପାରିବି, ସେଇଟି ହେଉଛି, ଯୋଗ-ସାଧନାର ଭୂମିରେ ଯେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କ ସହିତ ନିମ୍ନକୁ ଅବତରଣ କରିବାକୁ ଲାଗିଲି, ମନର ଭୂମିରୁ ପ୍ରାଣର ଭୂମିକୁ ଅବତରଣ କରିବାକୁ ଆରମ୍ଭ କଲି, ଯେତେବେଳେ ଆମେ ଆମର ଯୋଗକୁ ଗୋଟିଏ ମାସ ଭିତରେ ମନର ସ୍ତରରୁ ପ୍ରାଣର ସ୍ତରକୁ ଅବତୀର୍ଣ୍ଣ କରାଇ ଆଣିଲୁ,—ସେତେବେଳେ

'oaob.nitrkl.ac.in' images reprocessed

ମୋତେ ଚାଳିଶ ବର୍ଷ ବୟସ ହୋଇଥିଲା, ମାତ୍ର ମୁଁ ଚାଳିଶରୁ ଅନେକ କମ୍ ପରି ଦେଖାଯାଉଥିଲି, ତଥାପି ମୋତେ ଚାଳିଶ ବର୍ଷ ହୋଇ ଯାଇଥିଲା—ଏବଂ, ଗୋଟିଏ ମାସର ଯୋଗସାଧନା ପରେ ମୁଁ ଠିକ୍ ଅଠର ବର୍ଷର ପରି ଦେଖାଯିବାକୁ ଲାଗିଲି । ଏବଂ, ଏପରି ଜଣେ ବ୍ୟକ୍ତି, ଯିଏକି ମୋତେ ଆଗରୁ ଦେଖିଥିଲେ, ଯିଏ ଜାପାନରେ ମୋ' ସହିତ ରହୁଥିଲେ ଓ ଏଠାକୁ ଆସିଥିଲେ, ମୋତେ ଚିହ୍ନିବା ତାଙ୍କ ପକ୍ଷରେ ଭାରି କଷ୍ଟକର ହୋଇଥିଲା । ସିଏ ମୋତେ ପଚାରିଲେ "ତୁମେ କ'ଣ ପ୍ରକୃତରେ ସେଇ ମଣିଷ ?" ମୁଁ କହିଲି, "ନିଶ୍ଚୟ" !

ଆମେ ଯେତେବେଳେ ପୁଣି ପ୍ରାଣିକରୁ ଭୌତିକକୁ ଓହ୍ଲାଇ ଆସିଲୁ, ସେତେବେଳେ ଯାଇ ତାହା ଅପସରି ଯାଇଥିଲା, କାରଣ ଭୌତିକର ଏହି ଭୂମିରେ ଯେଉଁ କାର୍ଯ୍ୟ କରିବାକୁ ପଡ଼ିଥାଏ, ତାହା ଅପେକ୍ଷାକୃତ ଅଧିକ କଠିନ । କାରଣ, ସେହି ଭୂମିରେ ଅନେକ ଅଧିକ ବସ୍ତୁ ପରିବର୍ତ୍ତିତ ହେବାକୁ ରହିଥାନ୍ତି । ମାତ୍ର ଯଦି ସେହିପରି ଏକ ଶକ୍ତିର ପ୍ରକାଶ ଏବଂ ଗ୍ରହଣ ସମ୍ଭବ ହୋଇ ପାରନ୍ତା, ତେବେ ତଦ୍ୱାରା ଏକ ବୃହତ୍ତର କିମ୍ବା ନିଶ୍ଚୟ ସମ୍ଭବ ହୋଇଆନ୍ତା । ତଥାପି, ତୁମେ ବୁଝି ପାରୁଥିବ, ଏହା ହେଉଛି···ମୁଁ ଏହା ବିଷୟରେ କହୁଛି, କାରଣ ମୁଁ ଭାବିଥିଲି ଯେ ତୁମେମାନେ ମୋତେ ଏହି ପ୍ରଶ୍ନଟିକୁ ପଚାରିବ···ତା' ନ ହେଲେ··· ମୁଁ ଆଦୌ ସେପରି ଏକ ସମ୍ବନ୍ଧରେ ଅବସ୍ଥିତ ରହି ନାହିଁ । ତୁମେମାନେ··· ମୋ'ର ଏହି ଶରୀର ବିଷୟରେ ବିଚାର କର, ବିଶେଷ ଏହି ଶରୀରଟି ଆଡ଼କୁ ଦୃଷ୍ଟିପାତ କର; ଏହା କାହାର କିଛି କ୍ଷତି କରିବ ନାହିଁ, ଏହା ଆଦୌ କୌଣସି ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରେ ନାହିଁ, ଶକ୍ତିଗୁଡ଼ିକୁ ମଧ୍ୟ ଆକର୍ଷିତ କରି ଆଣିବାକୁ ଇଚ୍ଛା କରେ ନାହିଁ, ଏପରିକି, କେବଳ ଆପଣାର କାର୍ଯ୍ୟଟିକୁ ଯଥାଶକ୍ତି ଅଧିକ ଉତ୍ତମ ଭାବରେ କରିବା ବ୍ୟତୀତ ତାହା ଆଉ କିଛିହେଲେ କରେ ନାହିଁ । ଏବଂ, ତାହା ଏହିପରି ଏକ ସ୍ଥିତିରେ ରହିଥାଏ । ଏହା ପ୍ରକୃତରେ ଯେତିକି କାମରେ ଲାଗେ ଏବଂ ପୃଥିବୀ ତାକୁ ଯେତିକି ମହତ୍ତ୍ୱ ଦିଏ, କାର୍ଯ୍ୟଟି ଲାଗି ତାହାର ମହତ୍ତ୍ୱ ଠିକ୍ ସେହି ଅନୁପାତରେ ଅଳ୍ପ ବା ଅଧିକ ହୋଇ ରହିଥାଏ । କାରଣ, ଏହି ପୃଥିବୀ ଲାଗିହିଁ ଏହି କାର୍ଯ୍ୟଟି ହେଉଛି । କେବଳ ତାହାରି ସୀମା ଭିତରେ ସିଏ ହେଉଛି ଅଗଣିତ ଅନେକ ଶରୀର ମଧ୍ୟରେ କେବଳ ଗୋଟିଏମାତ୍ର ଶରୀର ।

ଯଦି ଆପଣାର ଚୈତ୍ୟ ଅଂଶଟିକୁ ଅନୁଭବ କରିବ ବୋଲି ତୁମେମାନେ ଏକ କ୍ଷୁଦ୍ର ନିଷ୍ପତ୍ତି ଗ୍ରହଣ କରି ପାରନ୍ତ, ତେବେ ମୋର ସମସ୍ତ ଖାଲି ନଷ୍ଟ ହୋଇଗଲା ବୋଲି କଦାପି କୁହା ଯାଆନ୍ତା ନାହିଁ ।

ସରଳ । ଏତିକରେ ସରଳ । ବର୍ତ୍ତମାନ ଏଇଠି ବନ୍ଦ କରିବା ।

'oaob.nitrkl.ac.in' images reprocessed

# ୮ ସେପ୍ଟେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ପ୍ରଥମ ଅଧ୍ୟାୟ ଉପରେ ଏହି ପ୍ରବଚନଟି ଆଧାରିତ । ଶିଷ୍ୟମାନେ ଯେଉଁସବୁ ପ୍ରଶ୍ନ ପଚାରିଥିଲେ, ତାହାର ଉତ୍ତରରେ ଲିଖିତ ପତ୍ରାବଳୀରୁ ଆହୃତ ଅଂଶଗୁଡ଼ିକ ଦ୍ୱାରା ଏହି ପୁସ୍ତକଟି ଗଠିତ ହୋଇଥିଲା ।

"ଯେଉଁ ଶକ୍ତିଗୁଡ଼ିକ ସାଧନାର ମାର୍ଗରେ ବାଧା ହୋଇ ଠିଆ ହୁଅନ୍ତି, *ସେଗୁଡ଼ିକ ହେଉଛନ୍ତି ନିମ୍ନତର ମାନସିକ, ପ୍ରାଣିକ ଏବଂ* ଭୌତିକ ପ୍ରକୃତିର ଶକ୍ତି । ସେମାନଙ୍କ ପଶ୍ଚାତରେ ମାନସିକ, ପ୍ରାଣିକ ଓ ସୂକ୍ଷ୍ମଭୌତିକ ଜଗତଗୁଡ଼ିକର ପ୍ରତିକୂଳ ଶକ୍ତିମାନେ ରହିଥାନ୍ତି । ସେହି ଦିବ୍ୟ ପରମସତ୍ତାଙ୍କ ଲାଗି ରହିଥିବା ଏକ ଅଖଣ୍ଡ ଅଭୀପ୍‌ସାରେ ମନ ତଥା ହୃଦୟ ପ୍ରଥମେ ଏକାଗ୍ର ଓ ଅଭିନିବେଶିତ ହୋଇପାରିଲେ ତା'ପରେ ଯାଇ ସେଗୁଡ଼ିକର ସମ୍ମୁଖୀନ ହେବା ସମ୍ଭବ ହେବ ।"

ହଁ, ତୁମେ କ'ଣ ପଚାରୁଛ ?

ମାଆ, ସୂକ୍ଷ୍ମ-ଭୌତିକର ପ୍ରତିକୂଳ ଶକ୍ତିସବୁ କ'ଣ ?

ପ୍ରତିକୂଳ ଶକ୍ତିମାନେ ? ପୃଥିବୀରେ ଉପାଦାନ ଯେତିକିଟି ରହିଛନ୍ତି, ପ୍ରତିକୂଳ ଶକ୍ତି ମଧ୍ୟ ସେହି ସଂଖ୍ୟାରେ ରହିଛନ୍ତି । କେବଳ ଏତିକି କଥା ଯେ, ସେମାନେ ଆପଣାକୁ ସ୍ଥୂଳ ଭାବରେ ପ୍ରକଟ ନ କରିଥିବା ପର୍ଯ୍ୟନ୍ତ ଆମେ ସେମାନଙ୍କୁ ମୋଟେ ଦେଖିପାରୁ ନାହିଁ । ତେଣୁ ସେମାନଙ୍କ ବିଷୟରେ ସଜ୍ଞାନ ବି ହୋଇପାରୁ ନାହିଁ । ମାତ୍ର, ମୁଁ ସେଦିନ ତୁମମାନଙ୍କୁ କହୁଥିଲି ଯେ, ଆମର ବାତାବରଣ ସର୍ବଦା ଅଗଣିତ ନାନା ସଂରଚନା ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ, ଯେଉଁଗୁଡ଼ିକ କି ସାଧାରଣତଃ ଭାବନା, ବାସନା, ଆବେଗ ଓ ଇଚ୍ଛା ଦ୍ୱାରା ତିଆରି ହୋଇଥାନ୍ତି ଏବଂ ମନୁଷ୍ୟମାନଙ୍କର ଭାବନାଗୁଡ଼ିକ ପରି ଭାରି ବିମିଶ୍ରିତ ହୋଇ ରହିଥାନ୍ତି । ସେଥିରେ ଭଲଗୁଡ଼ିକ ଥାଆନ୍ତି, ମନ୍ଦଗୁଡ଼ିକ ବି ଥାଆନ୍ତି; ଏବଂ ତାହା ପଛରେ ପ୍ରାଣିକ

'oaob.nitrkl.ac.in' images reprocessed

ଜଗତର ଯାବତୀୟ ରଚନାମାନ ବିଦ୍ୟମାନ ରହିଆନ୍ତି,—ତାହା ଏପରି ଏକ ଜଗତ, ଆମେ ଯାହାକୁ କି ମୂଳତଃ ଦିବ୍ୟ ପରମସତ୍ତାଙ୍କର ବିରୋଧୀ ବୋଲି କହି ପାରିବା । କେବଳ ଚୈତ୍ୟର ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇପାରିଲେ ଯାଇ ପ୍ରାଣିକ ପରିବର୍ତ୍ତିତ ହୋଇପାରିବ ଏବଂ ଦିବ୍ୟ କାର୍ଯ୍ୟରେ ସହଯୋଗୀ ହୋଇ କାର୍ଯ୍ୟ କରିବ । ତା' ନ ହେଲେ, ପ୍ରାଣିକ ଜଗତ ମୂଳତଃ ଏପରି ସବୁ ସତ୍ତାମାନଙ୍କ ଦ୍ୱାରା ତିଆରି ହୋଇଥାଏ, ଯେଉଁମାନେ କି ଦିବ୍ୟ କାର୍ଯ୍ୟର ପ୍ରତିକୂଳ ହୋଇ ରହିଆନ୍ତି; ଏବଂ, ନିଜର କୌଣସି ନିୟନ୍ତ୍ରଣ ନ ରଖି ଯେଉଁମାନେ ଏହି ଶକ୍ତିଗୁଡ଼ିକ ଆଡକୁ ଉନ୍ମୁକ୍ତ ହୋଇ ରହିଆନ୍ତି, ସେମାନେ ସ୍ୱଭାବତଃ ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ପ୍ରଭାବିତ ହେବାରେ ଲାଗିଆନ୍ତି । ତେଣୁ, ଏହି ପ୍ରତିକୂଳ ଶକ୍ତିଗୁଡ଼ିକ ଯେ ପ୍ରକୃତରେ କ'ଣ, ସେକଥା କହିହେବ ନାହିଁ । ବରଂ ସେଗୁଡ଼ିକ କ'ଣ ନୁହନ୍ତି, ତାହା ଅପେକ୍ଷାକୃତ ଅଧିକ ସହଜରେ କହିହେବ ।

(ପ୍ରଥମ ଧାଡ଼ିରେ ବସିଥିବା ପିଲାମାନଙ୍କୁ ଲକ୍ଷ୍ୟ କରି) ତୁମର କିଛି ପଚାରିବାକୁ ଅଛି ? ତୁମର ଅଛି ? ତୁମର ? ତୁମର ?

ଏହି ବର୍ଷର ବାହାରେ ଥିବା ଏକ ପ୍ରଶ୍ନ ।

ବର୍ଷର ବାହାରେ ଥିବା ଏକ ପ୍ରଶ୍ନ ? କ'ଣ ଅନେକ ବାହାରେ ? ସେଇଟିକୁ ଆରଥର ପାଇଁ ରଖିବା । (ମାଆ ପୁଣି ପ୍ରଶ୍ନ କରିବାକୁ ଲାଗିଲେ) ତୁମର କିଛି ପଚାରିବାକୁ ନାହିଁ ? ଆଉ ତୁମର, ତୁମର ବି କିଛି ପଚାରିବାକୁ ନାହିଁ ?

ମୋ' ପ୍ରଶ୍ନଟି ବର୍ଷର ଆଉଟିକିଏ ପରେ ଆସିବ ।

ତେବେ ମୁଁ କ'ଣ ଅନେକ କମ୍ ପଢ଼ିଛି ?

ପବନ : ନାହିଁ ମାଆ । ସେକଥା ଠିକ୍ ନୁହେଁ ।

"ମାଆ" ବହିକୁ ମୁଁ ଅତିବେଶୀ ତରତର ହୋଇ ପଢ଼ୁଥିଲି ବୋଲି ମୋ' ପାଖକୁ ଅଭିଯୋଗମାନ ବି ଆସିଛି । ମୋତେ ଟିକିଏ ଅଳ୍ପ ଅଳ୍ପ କରି ପଢ଼ିବାକୁ କୁହା ଯାଉଥିଲା । ତେଣୁ ମୁଁ ଅଳ୍ପ ଅଳ୍ପ କରି ପଢ଼ିଲି ।

ମାଆ, "ମାନସିକ ସତ୍ତାର ମର୍ମୋପାଦାନ" କହିଲେ କ'ଣ ବୁଝାଉଛ ?

ମର୍ମୋପାଦାନର ଅର୍ଥ ହେଉଛି···ମୁଁ କିପରି ବୁଝାଇ କହିବି ?···ଏହାର ଅର୍ଥ ହେଉଛି ସେହି ଉପାଦାନ, ଯାହା ଦ୍ୱାରା ମାନସିକ ସତ୍ତା ନିର୍ମିତ ହୋଇଛି । ଉଦାହରଣସ୍ୱରୂପ, ଏପରି କୁହାଯାଇ ପାରିବ ଯେ, କୋଷଗୁଡ଼ିକ ହେଉଛି ତୁମ

'oaob.nitrkl.ac.in' images reprocessed

ଶରୀରର ଉପାଦାନ । ଏହାକୁ ଠିକ୍ ଜଡ଼ ବୋଲି କହି ହେବ ନାହିଁ, ମନ କଦାପି ପୂର୍ଣ୍ଣଭାବରେ ଏକ ଜଡ଼ ପଦାର୍ଥ ନୁହେଁ । ମାତ୍ର ଠିକ୍ ସେହି ବସ୍ତୁ ଦ୍ୱାରାହିଁ ମନ ତିଆରି ହୋଇଛି । ଯଦି ମାନସିକ ଉପାଦାନ ବୋଲି କିଛି ନ ଥାନ୍ତା, ତେବେ ମାନସିକ ସତ୍ତା ବୋଲି ମଧ୍ୟ ଆଦୌ କିଛି ନ ଥାନ୍ତା । ତେବେ କେବଳ ସ୍ପନ୍ଦନଟିଏହିଁ ରହିଥାନ୍ତା ଏବଂ ଏକ ସ୍ପନ୍ଦନ ମଧ୍ୟ ପ୍ରକଟ ହେବା ଲାଗି ଗୋଟିଏ ମାଧ୍ୟମ ଆବଶ୍ୟକ ହୋଇଥାଏ ।

ମାତ୍ର, ତୁମର ଶରୀର ଯଦି ଜଡ଼ର ଉପାଦାନ ଦ୍ୱାରା ଗଠିତ ହୋଇ ନ ଥାନ୍ତା, ତେବେ ତୁମର ଶରୀର ବୋଲି ବି କିଛି ନ ଥାନ୍ତା । ତେଣୁ, ଉପାଦାନ କହିଲେ ଏହିପରି ଏକ ବସ୍ତୁକୁ ବୁଝାଏ । ଏହା ଏପରି ଗୋଟିଏ ବସ୍ତୁ, ଯାହାଦ୍ୱାରା କି କୌଣସି ପଦାର୍ଥର ନିର୍ମାଣ ହୋଇଥାଏ । ଏବଂ, ଠିକ୍ ସେଇଥି ସକାଶେ, ଏକଥାଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯେ, ଲୋକେ ମନ କହିଲେ ସାଧାରଣତଃ କ୍ରିୟାତ୍ମକ ହେବାର ଏକ ରୀତିକୁ ବୁଝିଥାନ୍ତି; ମାତ୍ର, ପ୍ରକୃତ କଥା ହେଉଛି, ଠିକ୍ ଯେପରି ପ୍ରାଣିକ ଉପାଦାନ ଓ ଭୌତିକ ଉପାଦାନ ବୋଲି ଗୋଟିଏ ଗୋଟିଏ ପଦାର୍ଥ ରହିଛନ୍ତି, ଠିକ୍ ସେହିପରି ଏକ ମାନସିକ ଉପାଦାନ ମଧ୍ୟ ରହିଛି । ଏବଂ, ଏକ ଉପାଦାନ ରହିଥିବାରୁ, ତଦନୁରୂପ ଏକ ଜଗତ ମଧ୍ୟ ରହିଛି, ଯାହାର କି ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ଅଛି, ଅର୍ଥାତ୍, ଭୂମି ବା ଅବଲମ୍ବନ ରୂପେ କୌଣସି ଜଡ଼ ନ ଥାଇ ମଧ୍ୟ ଏକ ମନ ସର୍ବଦାହିଁ ସମ୍ଭବ ହୋଇପାରିବ । ଜଡ଼ ଶରୀର ହୁଏତ ଅନ୍ତର୍ହିତ ହୋଇଯିବ, ତଥାପି ମନ ରହିଥିବ । ଏହି କ୍ଷେତ୍ରରେ ଏହି କଥାଟିକୁ ବୁଝିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯେ, ଏକ ମାନସିକ ଉପାଦାନ ରହିଛି, ଯାହାକି ସୁନିଶ୍ଚିତ ଭାବରେ ଅନେକ ଅଧିକ…(ମାଆ ନୀରବ ରହିଲେ) ଶବ୍ଦ ଦେଇ କିପରି କହିହେବ ? …ଯାହାକି ଭୌତିକ ଜଡ଼ ତୁଳନାରେ ଅଧିକ ଅଜଡ଼ଧର୍ମୀ ।

କେତେକ ଲୋକ ଏଥିପାଇଁ ମାନ୍ୟତା ପାଇ ନ ଥିବା ଏକ ଶବ୍ଦ ବ୍ୟବହାର କରିଥାନ୍ତି, ସେମାନେ ଏହାକୁ "ମୂର୍ତ୍ତି" ବୋଲି କହନ୍ତି, ମାତ୍ର ସେଥିରୁ ଠିକ୍ ସେହି ଅର୍ଥଟି ବାହାରୁଛି ବୋଲି ମୁଁ ମୋଟେ ଭାବୁ ନାହିଁ । ହଁ, ଆମେ କହିଥାଉ ଯେ ଏହି ଉପାଦାନର ଭିନ୍ନ ଭିନ୍ନ ସାନ୍ଦ୍ରତା ରହିଛି; ଏବଂ ଏହା ଯେତିକି ପରିମାଣରେ ଅଧିକ ଜଡ଼ତ୍ୱ ହାସଲ କରେ, ତାହାର ସାନ୍ଦ୍ରତା ମଧ୍ୟ ସେତିକି ପରିମାଣରେ ଅଧିକ ହୋଇଥାଏ । ଏହା ଜଡ଼ର ଯେତିକି ଅଧିକ ଦୂରବର୍ତ୍ତୀ ହୋଇ ରହିଥାଏ, ତାହାର ସାନ୍ଦ୍ରତା ମଧ୍ୟ ସେତିକି ପରିମାଣରେ କମ୍ ହୋଇଯାଏ । ତଥାପି ତାହା ଏକ ଉପାଦାନ ହୋଇ ରହିଥାଏ । ଏପରିକି ଏକ ବ୍ୟୋମଧର୍ମୀ ଉପାଦାନ ମଧ୍ୟ ରହିଛି । ଏସବୁ ସହିତ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ଏକମତ ହେବେ ବୋଲି

'oaob.nitrkl.ac.in' images reprocessed

ମୁଁ ଆଦୌ କହୁ ନାହିଁ; ବୈଜ୍ଞାନିକ ଦୃଷ୍ଟିରୁ ମୁଁ ଯେ ଏକାବେଳେକେ କୌଣସି ଅପସିଦ୍ଧାନ୍ତମାନ କହୁ ନାହିଁ, ମୁଁ ସେକଥାର ମଧ୍ୟ କୌଣସି ନିର୍ଭର ପ୍ରତିଶ୍ରୁତି ଦେଇପାରିବି ନାହିଁ । ମାତ୍ର ଏହା ହେଉଛି ଏକ ବ୍ରହ୍ମାଣ୍ଡବିଷୟକ ସତ୍ୟ । (ମାଆ ହସି କହିଲେ) ଏହା ହେଉଛି ଠିକ୍—ମୁଁ ଭାବୁଛି, ଗୂଢ଼ବିଦ୍ୟା ସମ୍ବନ୍ଧରେ କହିଲାବେଳେ ମଧ୍ୟ ମୁଁ ଏକଥା କହିଥିଲି—ମୁଁ କହିଥିଲି ଯେ, ଗୂଢ଼ବିଦ୍ୟାର ଅଭ୍ୟାସ କରିବାକୁ ସମର୍ଥ ହେବା ପୂର୍ବରୁ ଆମକୁ ସର୍ବପ୍ରଥମେ ଯାହା ଅବଶ୍ୟ ଜାଣିବାକୁ ହେବ, ସେଇଟି ହେଉଛି ଯେ, ସତ୍ତାର ଭିନ୍ନ ଭିନ୍ନ ସ୍ତରର ଭିନ୍ନ ଭିନ୍ନ ସାନ୍ଦ୍ରତା ରହିଛି ଏବଂ ସେଗୁଡ଼ିକର ନିଜର ଏକ ବ୍ୟକ୍ତିଗତ ସ୍ୱତନ୍ତ୍ର ଅସ୍ତିତ୍ୱ ମଧ୍ୟ ରହିଛି, ସେଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ଅସ୍ତିତ୍ୱଧାରୀ ସତ୍ୟ, ଗୋଟିଏ ଗୋଟିଏ ପ୍ରକୃତ ଉପାଦାନ, ଏବଂ ସେଗୁଡ଼ିକୁ କଦାପି ସତ୍ତାଗତ କେବଳ ଗୋଟିଏ ଗୋଟିଏ ସ୍ତର ବୋଲି କହିହେବ ନାହିଁ । ଏକ ମାନସିକ ସତ୍ତା ଓ ମାନସିକ କ୍ରିୟାତ୍ମକତା ଅବଶ୍ୟ ସମ୍ଭବ ହୋଇପାରେ ଏବଂ, ଉଦାହରଣସ୍ୱରୂପ, ଆମ ମସ୍ତିଷ୍କ-ଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଥାଇ ଏକ ଭାବନା ମଧ୍ୟ ସମ୍ଭବ ହୋଇପାରେ; ମାତ୍ର, ଜଡ଼ବାଦୀ ସିଦ୍ଧାନ୍ତଗୁଡ଼ିକ କହିଥାନ୍ତି ଯେ, ମସ୍ତିଷ୍କହିଁ ଯାବତୀୟ ମାନସିକ କ୍ରିୟାତ୍ମକତାର ସୃଷ୍ଟି କରିଥାଏ । ମାତ୍ର ଏହା ଠିକ୍ ନୁହେଁ । ମସ୍ତିଷ୍କ ହେଉଛି ମାନସିକ କ୍ରିୟାଶୀଳତାର ଜଡ଼ର ଭୂମି ଉପରେ ଏକ ତର୍ଜମା ଏବଂ ମାନସିକ କ୍ରିୟାଶୀଳତାର ସର୍ବଦା ନିଜର ଏକ ସ୍ୱକୀୟ କ୍ଷେତ୍ର ଅବଶ୍ୟ ରହିଥାଏ । ମାନସିକ କ୍ଷେତ୍ରରେ ଏକ ନିଜସ୍ୱ ସତ୍ୟ ମଧ୍ୟ ରହିଥାଏ, ନିଜର ଉପାଦାନ ରହିଥାଏ । ଆମେ ଇଚ୍ଛା କଲେ ମସ୍ତିଷ୍କର ବାହାରେ ମଧ୍ୟ ଚିନ୍ତା କରିପାରିବା, ଚିନ୍ତା କରିପାରିବା, କାର୍ଯ୍ୟ କରିପାରିବା, ମସ୍ତିଷ୍କ ବାହାରେ ନିଜର ସରଚନାଗୁଡ଼ିକ ମଧ୍ୟ ସମ୍ଭବ କରି ପାରିବା । ଏପରିକି ବଞ୍ଚି ମଧ୍ୟ ପାରିବା, ଗତିଶୀଳ ରହିପାରିବା, ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଇ ପାରିବା, ମାନସିକ ଜଗତରେ ରହିଥିବା ମାନସିକ ବସ୍ତୁଗୁଡ଼ିକର ଏକ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରି ପାରିବା; ଗୋଟିଏ କଥାରେ କହିଲେ, ଏକ ଶରୀରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ରହି ଆମେ ଏହି ସବୁକିଛି କରିପାରିବା; ସେହି ଶରୀର ହୁଏତ ଏକ ସମ୍ପୂର୍ଣ୍ଣ ଜଡ଼ତାର ଅବସ୍ଥାରେ ରହିଥିବ, କେବଳ ଯେ ଶୋଇ ରହିଥିବ ତା' ନୁହେଁ, ମାତ୍ର ଏକାବେଳେକେ ଏକ ସ୍ତମ୍ଭିତ ଅବସ୍ଥାରେ ମଧ୍ୟ ହୁଏତ ରହିଥିବ । ଏବଂ ପୁନଶ୍ଚ, ଏକଥା ମଧ୍ୟ ଅତ୍ୟନ୍ତ ସୁନିଶ୍ଚିତ ଯେ, ଆମେ ସତ୍ତାଗତ ଭିନ୍ନ ଭିନ୍ନ ସ୍ତର ଦ୍ୱାରା ତିଆରି ହୋଇଛୁ ଏବଂ ଏହି ସ୍ତରଗୁଡ଼ିକର ନିଜସ୍ୱ ସ୍ୱତନ୍ତ୍ର ଜୀବନମାନ ରହିଛି ବୋଲି ଆମେ ଯେପର୍ଯ୍ୟନ୍ତ ବୁଝିବାକୁ ସମର୍ଥ ହୋଇ ନ ଥିବା, ସେପର୍ଯ୍ୟନ୍ତ ନିଜର ସତ୍ତା ଉପରେ କଦାପି ଏକ ପୂର୍ଣ୍ଣ ନିୟନ୍ତ୍ରଣ

'oaob.nitrkl.ac.in' images reprocessed

ଅର୍ଜନ କରିପାରିବା ନାହିଁ । ସେହି କ୍ଷେତ୍ରରେ ସର୍ବଦା ଏପରି କିଛି ରହିଥିବ, ଯାହାକି ତୁମର ଦୃଷ୍ଟିକୁ ଏଡ଼ି ପଳାଇ ଯିବାରେ ଲଗିଥିବ ।

(ଗୋଟିଏ ପିଲାକୁ) ତୁମର କିଛି ପଚାରିବାକୁ ଅଛି ?

ହଁ—, ମାଆ ବହି ବାହାରୁ ।

ଆଚ୍ଛା, ବହି ଭିତରୁ ନୁହେଁ ? ଯଦି ତାହା ଏକ ଆଗ୍ରହୋଦ୍ଦୀପକ ପ୍ରଶ୍ନ ହୋଇଥାଏ, ତେବେ ଯାଏ ଆସେ ନାହିଁ ।

ମାଆ, କାର୍ଯ୍ୟକ୍ରମରେ ହଠାତ୍ ଏହି ଯେଉଁସବୁ ପରିବର୍ତ୍ତନମାନ* କରାଯାଉଛି, ତାହାର ତାତ୍ପର୍ଯ୍ୟ କ'ଣ ?

ହଁ, ମାଝ ସେଇଟା—ସେଇଟା ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିଗତ ।

ଆଚ୍ଛା, ମୁଁ ତଥାପି କହିଦେଉଛି : ଏହାର କାରଣ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଭିନ୍ନଭିନ୍ନ, ଏବଂ ତୁମେ ନିଜେହିଁ ନିଜର କ୍ଷେତ୍ରରେ ସେହି କାରଣଟିକୁ ବାହାର କରିବ । ଏବଂ, ଯଦି ବାହାର କରିପାରିବ, ତେବେ ତୁମେ ପ୍ରକୃତରେ କିଛି ଅଗ୍ରଗତି କରିଛ ବୋଲି ପ୍ରମାଣିତ ହେବ ।...

(ମାଆ ନୀରବ ରହିଲେ)

(ଜଣେ ପିଲାକୁ) ତୁମେ କିଛି କହିବ ?

ନା ।

(ଆଉ ଜଣକୁ) ତୁମେ,—ତୁମର କିଛି ପଚାରିବାକୁ ଅଛି କି ? କିଛି ନାହିଁ ? ତୁମେ ବୋଧହୁଏ ସ୍ୱପ୍ନ ଦେଖୁଛ ! (ସମସ୍ତେ ହସିଲେ) କାହାର କୌଣସି ପ୍ରଶ୍ନ ନାହିଁ ? (ଆଉ ଜଣକୁ) ତୁମର ?

ଆମେ ଯେତେବେଳେ ଏକାଗ୍ର ହୋଇ ରହିବାକୁ ଇଚ୍ଛା କରୁ, ସେତେବେଳେ କାହିଁକି ଯାବତୀୟ ପ୍ରକାରର ଭାବନା ଆସି ପଡ଼ନ୍ତି-ଯାଏ,—ସେଗୁଡ଼ାକ ଅନ୍ୟ ସମୟରେ ଆସେ ନାହିଁ ତ ?

ତୁମେ କ'ଣ କହିଲ ?

* ଏଯାବତ୍ ମାଆ ଛାତ୍ରମାନଙ୍କୁ ଏବଂ କେତେକ ଶିକ୍ଷକଙ୍କୁ ପ୍ରତିଦିନ ସକାଳେ "ଆଶୀର୍ବାଦ"—ମାନ ଦେଉଥିଲେ । ମାଆ ସେଇଟିକୁ ବନ୍ଦକରି ଦେଉଥିଲେ । ପ୍ରଶ୍ନଟିରେ ତାହାର କଥା କୁହାଯାଉଛି ।

'oaob.nitrkl.ac.in' images reprocessed

ଆମେ ଯେତେବେଳେ ଏକାଗ୍ର ହୋଇ ରହିବାକୁ ଇଚ୍ଛା କରୁଥାଉ, ସେତେବେଳେ ଯାବତୀୟ ପ୍ରକାରର ଭାବନା ଆସେ କାହିଁକି ? ଏପରି ଭାବନାମାନ ଆସେ, ଯେଉଁଗୁଡ଼ିକ କି ଆଗରୁ କେବେ ଆସି ନ ଥିଲା ?

ହୁଏତ ଆସିଥିଲା, ମାତ୍ର ତୁମେ ସେକଥା ଜାଣିପାରି ନ ଥିଲ । ହୁଏତ ଏହାର କାରଣ ହେଉଛି ଯେ, ସେହି ଭାବନାଗୁଡ଼ିକ ଅବସ୍ଥିତ ରହିଛନ୍ତି ବୋଲି ସଚେତନ ହେବାକୁହିଁ ତୁମେ ଏକାଗ୍ର ହୋଇ ରହିବାକୁ ଇଚ୍ଛା କରୁଛ । ଏପରି ମଧ୍ୟ ଘଟିପାରେ ଯେ, ଚେତନା ଭିତରେ ପରସ୍ପର-ବିରୋଧିତାର ଏକ ଉପାଦାନ କେଉଁଠିହେଲେ ରହିଛି, ଏବଂ ଯେତେବେଳେ ତୁମେ ନୀରବ ହେବାକୁ ଇଚ୍ଛା କରୁଛ, ସେତେବେଳେ ତୁମ ଭିତରେ ଆଉ କିଏ କହୁଛି, "ନାହିଁ, ମୁଁ କେବେହେଲେ ନୀରବ ହେବ ନାହିଁ !"

ମୁଁ ଭାବୁଛି ଯେ, ତୁମମାନଙ୍କ ଭିତରୁ ଅନେକଙ୍କ ଭିତରେ ଏକ ଅନ୍ତର୍ଗତ ପରସ୍ପର-ବିରୋଧିତା ରହିଛି । ତୁମେମାନେ ଯେତେବେଳେ ଭଲ ହେବା ଲାଗି ସଂକଳ୍ପ କରିଥାଅ, ସେତେବେଳେ ତୁମ ଭିତରେ ଏପରି କିଛି ରହିଥାଏ, ଯାହାକି ତୁମକୁ ଦୁଷ୍ଟ ହେବା ଲାଗି ଆଗକୁ ଠେଲି ଦେବା ପାଇଁ ଆଗ୍ରହ ପ୍ରକାଶ କରୁଥାଏ; ଏବଂ, ଯେତେବେଳେ ତୁମେମାନେ ସ୍ଥିର ହୋଇ ରହିବାକୁ ଇଚ୍ଛା କରୁଥାଅ, ସେତେବେଳେ ତୁମ ଭିତରର କୌଣସି ଉପାଦାନ ତୁମକୁ ଉତ୍ତେଜିତ ହେବା ଲାଗି ଠେଲି ନେଇଯାଏ । ଏବଂ, ଯେତେବେଳେ ତୁମେ ନୀରବ ରହିବା ଲାଗି ଇଚ୍ଛା କରୁଥାଅ, ସେତେବେଳେ ତୁମର ଭାବନାମାନ ଏଣେତେଣେ ଧାବମାନ ହେବାକୁ ଆରମ୍ଭ କରନ୍ତି । ମନୁଷ୍ୟର ପ୍ରକୃତି ଭିତରେ ଏହିଭଳି ଏକ ପରସ୍ପର-ବିରୋଧ ଅନ୍ତର୍ନିହିତ ହୋଇ ରହିଛି । ଏହା ଏପରି ହୋଇପାରେ; ମୁଁ ଯାହା କହିଲି, ତାହା ସେପରି ବି ହୋଇପାରେ : ଅର୍ଥାତ୍, ଏହି ଯାବତୀୟ ଭାବନା ସେହି କ୍ଷେତ୍ରରେ ଉପସ୍ଥିତ ରହିଥାନ୍ତି, ମାତ୍ର ତୁମେ ସେଗୁଡ଼ିକ ପ୍ରତି ମୋଟେ କୌଣସି ଦୃଷ୍ଟି ନ ଦେଉ ଥିବାରୁ ତୁମେ ସେଗୁଡ଼ିକ ବିଷୟରେ ସଜ୍ଞାନ ହୋଇପାରି ନ ଥିଲ ।

ଏହା ଏକ ସମ୍ପୂର୍ଣ୍ଣ ସୁନିଶ୍ଚିତ କଥା ଯେ, ପୂର୍ଣ୍ଣ ନୀରବତାର ସୃଷ୍ଟି କରିବାକୁ ସମର୍ଥ ହେବା ହେଉଛି ସବୁଠାରୁ ଅଧିକ କଷ୍ଟକର, କାରଣ ତୁମ ଭିତରେ ଏପରି ଅନେକ ଉପାଦାନ ରହିଥାନ୍ତି, ଯେଉଁଗୁଡ଼ିକ ବିଷୟରେ ତୁମର କୌଣସି ସଜ୍ଞାନତା ରହି ନ ଥାଏ ଏବଂ ସେଗୁଡ଼ିକ କ୍ରମଶଃ ଅଭ୍ୟସ୍ତ ହୋଇଛନ୍ତି ! ତୁମ ଭିତରେ ଯାବତୀୟ ପ୍ରକାରର ପ୍ରବୃତ୍ତି, କ୍ରିୟାଶୀଳତା, ଭାବନା ଓ ସଂରଚନା ରହିଥାନ୍ତି, ଯେଉଁଗୁଡ଼ିକ ତୁମର ବାହ୍ୟ ଚେତନାରେ ସତେଅବା ସ୍ୱୟଂକ୍ରିୟ ଭାବରେ

'oaob.nitrkl.ac.in' images reprocessed

ଆତଯାତ ହେଉଥାନ୍ତି, ପ୍ରାୟ ତୁମ ଚେତନାର ବାହାରେ ଅର୍ଥାତ୍ ଚେତନାର ପ୍ରାନ୍ତରେଖାଗୁଡ଼ିକ ଉପରେ ଯା'ଆସ କରୁଥାନ୍ତି; ଏବଂ ଯେମିତି ତୁମେ ସମ୍ପୂର୍ଣ୍ଣ ନୀରବ ହୋଇଯିବାକୁ ଇଚ୍ଛା କର, ସେମିତି ତୁମେ ଏହିସବୁ ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କର,—ସେଗୁଡ଼ିକ ତୁମ ଭିତରେ ଖାଲି ଏପାଖ ସେପାଖ ଯା'ଆସ କରିବାରେ ଲାଗିଥାନ୍ତି, କେତେ କ'ଣ କୋଳାହଳ କରୁଥାନ୍ତି ଏବଂ ତୁମକୁ ମୋଟେ ନୀରବ ହୋଇ ଆସିବାକୁ ଦିଅନ୍ତି ନାହିଁ । ତେଣୁ, ସବୁବେଳେ ଏହାହିଁ ଅଧିକ ଭଲ କଥା ହେଉଛି ଯେ, ତୁମେ ଅତ୍ୟନ୍ତ ନୀରବ ହୋଇ ରହିବ, ଅତ୍ୟନ୍ତ ସ୍ଥିର ହୋଇ ରହିବ ଏବଂ ଯୁଗପତ୍ ଭାବରେ, ତୁମ ଊର୍ଦ୍ଧ୍ୱରେ ରହିଥିବା କୌଣସି ଏକ ବସ୍ତୁ ଲାଗି ଅତ୍ୟନ୍ତ ମନୋଯୋଗୀ ହୋଇ ରହିଥିବ, ଯାହାଲାଗି କି ତୁମର ଏକ ଅଭୀପ୍ସା ରହିଥିବ । ଏବଂ, ଯଦି ତୁମର ଚତୁର୍ଦ୍ଦିଗରେ ଏହିପରି ଏକ କୋଳାହଳ (ମାଆ ହାତ ଦୁଇଟିକୁ ମୁଣ୍ଡ ଉପରେ ଘୂରାଇ ଦେଖାଇଦେଲେ) ଯା'ଆସ କରିବାରେ ଲାଗିଥିବ, ତେବେ ତୁମେ ତାହା ଉପରେ ଆଦୌ କୌଣସି ଦୃଷ୍ଟି ଦେବ ନାହିଁ । ତୁମେ ତା'ଆଡ଼କୁ ଚାହିଁବ ବି ନାହିଁ, ଆଦୌ କୌଣସି ଲକ୍ଷ୍ୟ ରଖିବ ନାହିଁ । ଯଦି ଭାବନାମାନେ ଏହିପରି ଭାବରେ ଚକ୍ର କାଟି ବୁଲିବାରେ ଲାଗିଥିବେ (ମାଆ ଇଙ୍ଗିତ ଦେଇ ଦେଖାଇଦେଲେ), ଏହିପରି ଭାବରେ ଯାଉଥିବେ ଓ ଆସୁଥିବେ, ତେବେ ତୁମେ ସେଗୁଡ଼ାକ ଆଡ଼କୁ ମୋଟେ ଅନାଇବ ନାହିଁ, କୌଣସି ଧ୍ୟାନ ଦେବ ନାହିଁ, ମାତ୍ର ଏକ ବୃହତ୍ ଅଭୀପ୍ସା ସହିତ ଊର୍ଦ୍ଧ୍ୱ ଆଡ଼କୁ ଅଭିନିବେଶିତ ହୋଇରହିବ । ଏପରିକି, ଆବଶ୍ୟକ ହେଲେ ସେହିପରି ଏକ ଅଭୀପ୍ସାର ସୂତ୍ରଟିଏ ଗଠିତ କରିନେବ, — କାରଣ, ଅନେକ ସମୟରେ ତାହା ଏକାଗ୍ର ହେବାରେ ସାହାଯ୍ୟ କରେ । ତୁମେ ଆଲୋକ ଆଡ଼କୁ ଅଭୀପ୍ସା କରିବ, ଶାନ୍ତି ଓ ସ୍ଥିରତା ଆଡ଼କୁ ଅଭୀପ୍ସା କରିବ, ଏକ ପ୍ରକାରର ଅନ୍ତର୍ଗତ ଶାନ୍ତ ଅବସ୍ଥା ଲାଗି ଅଭୀପ୍ସା କରିବ, ଯେପରିକି ତୁମର ଏକାଗ୍ରତା ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ହୋଇ ରହିପାରିବ ଏବଂ ତେବେଯାଇ ତୁମେ ତୁମ ଚାରିପାଖରେ ଚକ୍କର ମାରୁଥିବା ଆଉ କୌଣସି କଥାରେ ମନ ନ ଦେବାକୁ ସମର୍ଥ ହୋଇପାରିବ । ମାତ୍ର ଯଦି ସେତିକବେଳେ ତୁମେ "ହେଇ, ସେଠାରେ ଏକ କୋଳାହଳ ହେଲାଣି, ଏଠାରେ ଏକ ଭାବନା ଦେଖାଦେଲାଣି" ବୋଲି କହିବାକୁ ଆରମ୍ଭ କରିବ, ତେବେ ସବୁକଥା ଶେଷ । ଶାନ୍ତ ହେବାରେ ତୁମେ ଆଉ କଦାପି ସଫଳ ହୋଇପାରିବ ନାହିଁ । ତୁମେ କ'ଣ କେବେ ଏପରି କେତେ ଲୋକଙ୍କୁ ଦେଖି ନାହଁ, ଯେଉଁମାନେ କି କୌଣସି କଳହ ବନ୍ଦ କରିବାକୁ ଯାଇ କଳି କରୁଥିବା ଲୋକଙ୍କଠାରୁ ଆହୁରି ଅଧିକ ଜୋରରେ ପାଟି କରିବାକୁ ଆରମ୍ଭ କରନ୍ତି ? ଏହା ଠିକ୍ ସେହିପରି ଏକ କଥା ।
(ମାଆ ହସିଲେ)

'oaob.nitrkl.ac.in' images reprocessed

ମାଆ, ମୁଁ ବିଷୟ ବାହାରୁ ଗୋଟିଏ ପ୍ରଶ୍ନ ପଚାରିପାରିବି କି ?

କି ପ୍ରଶ୍ନ ?

“ଭାରତର ମସ୍ତିଷ୍କ” ପ୍ରବନ୍ଧରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ବଙ୍ଗାଳୀମାନେ ସେମାନଙ୍କର ହୃଦୟ ଦେଇ ଭାବିପାରନ୍ତି···

କିଏ ହୃଦୟ ଦେଇ ଭାବିପାରନ୍ତି ? ମୁଁ କିଛି ଶୁଣିପାରୁ ନାହିଁ । ବଙ୍ଗାଳୀମାନେ ହୃଦୟ ଦେଇ ଭାବିପାରନ୍ତି ? ସେହି କଥାଟି ଏକ କାବ୍ୟିକ ଢଙ୍ଗରେ କୁହାଯାଇଛି । (ସମସ୍ତେ ହସିଲେ) ଶ୍ରୀଅରବିନ୍ଦ କେଉଁଠି ଏହା ଲେଖିଛନ୍ତି ? ଏହି ବର୍ଣ୍ଣନାଟି ପ୍ରକୃତରେ ଅତ୍ୟନ୍ତ କବିତ୍ୱପୂର୍ଣ୍ଣ ହୋଇଛି । ସେହିପରି କହିବାର ଅର୍ଥ ହେବ ଯେ, ସେମାନେ ମୂଳତଃ ସଂବେଗପ୍ରଧାନ ଏବଂ ସେମାନଙ୍କର ଭାବନାରେ ମଧ୍ୟ ସେମାନଙ୍କର ହୃଦୟ ସଚେତନ ହୋଇ ରହିଥାଏ । ଅର୍ଥାତ୍‌, ସେମାନଙ୍କର ଭାବନା କେବଳ ବୁଦ୍ଧି ଦ୍ୱାରା ଚାଳିତ ଓ ଶୁଷ୍କ ହୋଇ ରହି ନ ଥାଏ ଏବଂ ସେମାନଙ୍କର ହୃଦୟ ମଧ୍ୟ ସେମାନଙ୍କର ଭାବନା ବିଷୟରେ ଅବଗତ ଥାଏ । ଶ୍ରୀଅରବିନ୍ଦ ଏହି ଅର୍ଥରେ ଲେଖିଛନ୍ତି ।

ମାତ୍ର ଏହି ସମ୍ବନ୍ଧରେ ମୁଁ ତୁମମାନଙ୍କୁ ଏକଥା ମଧ୍ୟ କହିପାରିବି ଯେ, ଯେତେବେଳେ ମୁଁ ଜାପାନରେ ଥିଲି, ସେତେବେଳେ ମୋ'ର ଜଣେ ବ୍ୟକ୍ତିଙ୍କ ସହିତ ଭେଟ ହୋଇଥିଲା, ସିଏ ଗୋଟିଏ ଦଳ ଗଢ଼ିଥିଲେ । ସାଧନା କରିବା ସକାଶେ ଯେ ସିଏ ସେହି ଗୋଷ୍ଠୀ ବା ଦଳଟିକୁ ଗଢ଼ିଥିଲେ, ସେକଥା କହିହେବ ନାହିଁ; ତଥାପି ଏକ ପ୍ରକାରର ଶୃଙ୍ଖଳା ପାଇଁ ଲକ୍ଷ୍ୟ ରଖି ସେଇଟିକୁ ଗଢ଼ିଥିଲେ । ତାଙ୍କ ନିଜର ଏକ ସିଦ୍ଧାନ୍ତ ରହିଥିଲା ଓ ଏହି ସିଦ୍ଧାନ୍ତ ଉପରେହିଁ ସିଏ ଗୋଷ୍ଠୀଟିକୁ ଗଢ଼ିଥିଲେ । ସେହି ସିଦ୍ଧାନ୍ତଟି ଏହିପରି ଥିଲା ଯେ, ନିଜର ଶରୀର ଯେକୌଣସି ଅଙ୍ଗରେ ତୁମେ ନିଜକୁ ଏକାଗ୍ର ରଖିପାରିବ, ତୁମେ ନିଶ୍ଚୟ ସେହି ଅଙ୍ଗଟିର ସାହାଯ୍ୟରେ ଚିନ୍ତା କରିପାରିବ । ଅର୍ଥାତ୍‌, ନିଜର ମୁଣ୍ଡ ଦେଇ ଚିନ୍ତା କରିବା ପରିବର୍ତ୍ତେ, ତୁମେ ଆପଣାର ବକ୍ଷ ଦେଇ ଚିନ୍ତା କରିପାରିବ । ଏବଂ, ସିଏ କହୁଥିଲେ ଯେ, ତୁମେ ଇଚ୍ଛା କଲେ ଏଠାରେ (ମାଆ ଇଙ୍ଗିତ କରି ଦେଖାଇଦେଲେ) ଏହି ପାକସ୍ଥଳୀ ସାହାଯ୍ୟରେ ମଧ୍ୟ ଚିନ୍ତା କରିପାରିବ । ସିଏ ପାକସ୍ଥଳୀକୁ ପ୍ରାଣର ସ୍ଥାନ ବୋଲି କହୁଥିଲେ, ଅର୍ଥାତ୍‌ ପ୍ରାଣିକ ଶକ୍ତିର ସ୍ଥାନ ବୋଲି କହୁଥିଲେ । ସିଏ କେତେକ ସଂସ୍କୃତ ଶବ୍ଦ ଉଚ୍ଚାରଣ କରୁଥିଲେ, ସେଗୁଡ଼ିକୁ ସିଏ ସମ୍ଭବତଃ ଅଧେ ହଜମ କରିଥିଲେ । ମାତ୍ର ସେଥିରେ କୌଣସି ବିଶେଷ କଥା ନ ଥିଲା; ସିଏ ସଦିଚ୍ଛା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିଲେ ଏବଂ କହୁଥିଲେ ଯେ, ମନୁଷ୍ୟମାନେ

'oaob.nitrkl.ac.in' images reprocessed

ମସ୍ତିଷ୍କ ଦ୍ୱାରା ଚିନ୍ତା କରନ୍ତି, ଏହି କଥାଟିରୁହିଁ ମନୁଷ୍ୟର ଯାବତୀୟ ଦୁଃଖ ଜନ୍ମଲାଭ କରେ, ସେଥିପାଇଁ ମଣିଷର ମୁଣ୍ଡ ବଥାଏ, ମଣିଷକୁ କ୍ଲାନ୍ତ କରିଦିଏ ଏବଂ ତା'ର ମାନସିକ ସ୍ୱଚ୍ଛତାକୁ ଅପହରଣ କରି ନେଇଯାଏ । ଅନ୍ୟ ପକ୍ଷରେ ଆମେ ଏଠାରେ (ମାଆ ପାକସ୍ଥଳୀ ଆଡ଼କୁ ଦେଖାଇଦେଲେ) ମଧ୍ୟ ଚିନ୍ତା କରିପାରିବା, — ତାହା ତୁମକୁ ଶକ୍ତି ଦେବ, ବଳ ଓ ସ୍ଥିରତା ଆଣିଦେବ । ଏବଂ, ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ, ସିଏ ଆପଣାର ମାନସିକ ଶକ୍ତିକୁ, ମାନସିକ ସାମର୍ଥ୍ୟଗୁଡ଼ିକୁ ଠିକ୍ ସେହି ପାକସ୍ଥଳୀକୁହିଁ ଅବତରଣ କରାଇ ଆଣିବାରେ ଗୋଟିଏ ପ୍ରକାରର ସମର୍ଥତା ହାସଲ ମଧ୍ୟ କରିଥିଲେ । ତାଙ୍କର ମାନସିକ ସାମର୍ଥ୍ୟ ଆଉ ମସ୍ତିଷ୍କରୁ ଉତ୍ପନ୍ନ ନ ହୋଇ ସେହି ପାକସ୍ଥଳୀରୁହିଁ ଉତ୍ପନ୍ନ ହେଉଥିଲା । ଏବଂ, ଏହିପରି ଭାବରେ ସେ ବହୁସଂଖ୍ୟକ ବ୍ୟକ୍ତିଙ୍କୁ, ପ୍ରାୟ ଶହ ଶହ ବ୍ୟକ୍ତିଙ୍କୁ ସେମାନେ ଭୋଗ କରୁଥିବା ସାଂଘାତିକ ମୁଣ୍ଡ ବ୍ୟଥାରୁ ଆରୋଗ୍ୟ କରିପାରିଥିଲେ, ସେ ସେମାନଙ୍କୁ ଏହି ଉପାୟରେ ଆରୋଗ୍ୟ କରିଥିଲେ ।

ମୁଁ ବି ସେହି କଥାଟିକୁ ପରୀକ୍ଷା କରି ଦେଖିଛି । ଏହା କରିବା ବେଶ୍ ସହଜ; କାରଣ, ମୁଁ ଟିକିଏ ଆଗରୁ ଯାହା କହୁଥିଲି, ମାନସିକ ସାମର୍ଥ୍ୟ ଓ ମାନସିକ ଯାବତୀୟ କ୍ରିୟାଶୀଳତା ମସ୍ତିଷ୍କଠାରୁ ସ୍ୱତନ୍ତ୍ର ଭାବରେ ହୋଇଥାଏ । ଆମେ ସିନା ମସ୍ତିଷ୍କକୁ ଏହିପରି ବ୍ୟବହାର କରିବାରେ ଅଭ୍ୟସ୍ତ ହୋଇ ଯାଇଛୁ, ମାତ୍ର ଆମେ ଇଚ୍ଛା କଲେ ତା' ପରିବର୍ତ୍ତେ ଆଉ କୌଣସି ଅଙ୍ଗକୁ ମଧ୍ୟ ବ୍ୟବହାର କରିପାରୁ, ଆମର ମାନସିକ ଶକ୍ତିକୁ ଅନ୍ୟତ୍ର ବି ସଂକେନ୍ଦ୍ରିତ କରି ରଖିପାରୁ ଏବଂ ଆମର ଯାବତୀୟ ମାନସିକ କ୍ରିୟାଶୀଳତା ସେହିଠାରୁ ଉଦ୍‌ଗତ ହୋଇ ଆସୁଛି ବୋଲି ଆମର ଏକ ଧାରଣା ବି ହୋଇପାରେ । ଆମେ ଆମର ମାନସିକ ଶକ୍ତିକୁ ନେଇ ଏଠାରେ, ଏହି ସୂର୍ଯ୍ୟ-ଚକ୍ରରେ (ମାଆ ଇଙ୍ଗିତ କରି ଦେଖାଇଦେଲେ) ସଂକେନ୍ଦ୍ରିତ କରି ରଖିପାରୁ ଏବଂ ସକଳ ମାନସିକ କ୍ରିୟାଶୀଳତା ସେହିଠାରୁ ଆସୁଛି ବୋଲି ଅନୁଭବ ବି କରିପାରୁ ।

ସେହି ବ୍ୟକ୍ତି ଅନେକ ସମୟରେ କହୁଥିଲେ : "ତୁମେମାନେ କ'ଣ ଲକ୍ଷ୍ୟ କରି ନାହିଁ ଯେ, ଯେଉଁ ବ୍ୟକ୍ତିମାନଙ୍କର ଅଧିକ କ୍ଷମତା ରହିଥାଏ, ସେମାନଙ୍କ ବଡ଼ ପେଟ ମଧ୍ୟ ରହିଥାଏ ? (ସମସ୍ତେ ହସିଲେ)—କାରଣ ସେମାନେ ଆପଣାର ଶକ୍ତିଗୁଡ଼ିକୁ ସେହିଠାରେ ସଂକେନ୍ଦ୍ରିତ କରି ରଖିଥାନ୍ତି । ତାହାହିଁ ସେମାନଙ୍କର ପେଟକୁ ବଡ଼ କରିଦିଏ !" ସିଏ ସର୍ବଦା ନେପୋଲିଅନଙ୍କର ଦୃଷ୍ଟାନ୍ତ ଦେଇ ଏକଥା କହୁଥିଲେ; ଏବଂ କହୁଥିଲେ, "ଏହି ବ୍ୟକ୍ତିମାନେ ପୂରା ସିଧାହୋଇ ଠିଆ ହୋଇପାରନ୍ତି, ମୁଣ୍ଡ ସିଧାକରି ସିଧା ଠିଆ ହୋଇପାରନ୍ତି, କେବେହେଲେ ଏମିତ

'oaob.nitrkl.ac.in' images reprocessed

(ମାଥା ନିଜର ମୁଣ୍ଡକୁ ଆଗକୁ ବଙ୍କାଇ ଆଣିଲେ) ଠିଆ ହୁଅନ୍ତି ନାହିଁ । କେବେ ଏମିତି, (ମାଥା ଡାହାଣ ଆଡ଼କୁ ମୁଣ୍ଡଟିକୁ ଢଳାଇ ରଖିଲେ) ଠିଆ ହୁଅନ୍ତି ନାହିଁ । କିଂବା ଏମିତି (ବାଆଁ ଆଡ଼କୁ ମୁଣ୍ଡଟିକୁ ଢଳାଇନେଲେ) ବି ଠିଆ ହୁଅନ୍ତି ନାହିଁ । ସବୁବେଳେ ସମ୍ପୂର୍ଣ୍ଣ ଭାବରେ ସିଧା ହୋଇ ଠିଆ ହୁଅନ୍ତି ଏବଂ ଏଠାରେ (ମାଥା ପାକସ୍ଥଳୀକୁ ନିର୍ଦ୍ଦେଶ କରି ଦେଖାଇଦେଲେ) ଆପଣାର ସକଳ ଶକ୍ତିକୁ ସକେନ୍ଦ୍ରିତ କରି ରଖିଥାଆନ୍ତି । ଏବଂ ତାହାହିଁ ସେମାନଙ୍କୁ ଖୁବ୍ ଶକ୍ତିଶାଳୀ କରି ତିଆରି କରିଥାଏ ।" ଏବଂ ସିଏ ସବୁବେଳେ ନେପୋଲିଅନଙ୍କର ଦୃଷ୍ଟାନ୍ତ ଦେଉଥିଲେ । କହୁଥିଲେ, "ତୁମେମାନେ ଜାଣିଛ, ନେପୋଲିଅନ୍ଙ୍କର···" (ନେପୋଲିଅନ୍ଙ୍କର ଗୋଟାଏ ବଡ଼ ପାକସ୍ଥଳୀ ଥିଲା ବୋଲି ମାଥା ଦେଖାଇଦେଲେ) ରବୀନ୍ଦ୍ରନାଥ ଜାପାନରେ ଥିଲାବେଳେ ତାଙ୍କୁ ମଧ୍ୟ ଭେଟିଥିଲେ ଓ ସେ ମୋତେ ତାଙ୍କ ବିଷୟରେ କହିଲେ, "ଆପଣ ଦେଖିଛନ୍ତି, ରବୀନ୍ଦ୍ରନାଥ କିପରି ପୂରା ସିଧା ହୋଇ ଠିଆ ହୁଅନ୍ତି, ସବୁବେଳେ ମୁଣ୍ଡକୁ ସିଧା କରି ଏହିପରି ଭାବରେ ଠିଆ ହୁଅନ୍ତି ?" ମୁଁ ଉତ୍ତର ଦେଇ କହିଲି, "ମାତ୍ର ତାଙ୍କର ପେଟ ତ ମୋଟେ ବଡ଼ ନୁହେଁ !" ସିଏ କହିଲେ, "ଆପଣ ଦେଖିବେ, ପେଟ ନିଶ୍ଚୟ ବଡ଼ ହୋଇ ଆସିବ ।" (ସମସ୍ତେ ହସିଲେ)

ତାଙ୍କ ସଭାମାନଙ୍କରେ ଶହଶହ ଲୋକ ଉପସ୍ଥିତ ହେଉଥିଲେ । ଜାପାନରେ ଯେମିତି ବସନ୍ତି, ସେମାନେ ସମସ୍ତେ ଆଣ୍ଠୁ ଉପରେ ଭରା ଦେଇ ବସୁଥିଲେ । ତା'ପରେ ସିଏ ଗୋଟିଏ ବାଡ଼ି ଦେଇ ଟେବୁଲ ଉପରେ ଠକ୍ କରି ଶବ୍ଦ କରୁଥିଲେ ଏବଂ ସେଉଠୁ ପ୍ରତ୍ୟେକ ବ୍ୟକ୍ତି ଆପଣାର ମାନସିକ ଶକ୍ତିକୁ ପାକସ୍ଥଳୀକୁ ନେଇ ଆସୁଥିଲେ । ଏବଂ ବେଶ୍ କେତେ ସମୟ ସକାଶେ···ହଁ, ଅନ୍ତତଃ ଅଧଘଣ୍ଟାଏ ସକାଶେ ସେହିପରି ରହୁଥିଲେ । ଏବଂ, ଅଧଘଣ୍ଟାଏ ପରେ ସେ ପୁଣି ବାଡ଼ିଟିକୁ ନେଇ ଟେବୁଲ ଉପରେ ବାଡ଼େଇ ଦେଉଥିଲେ ଏବଂ ତା'ପରେ ସେମାନେ ଆପଣାର ମାନସିକ ଶକ୍ତିକୁ ପାକସ୍ଥଳୀ ମଧ୍ୟରୁ ମୁକ୍ତ କରି ନେଇ ଆସୁଥିଲେ ଓ ପରସ୍ପର ମଧ୍ୟରେ କଥୋପକଥନ ହେଉଥିଲେ । ···ଆଦୌ ଖୁବ୍ ବେଶୀ କଥାବାର୍ତ୍ତା ହେଉ ନ ଥିଲେ, କାରଣ ଜାପାନୀମାନେ ଆଦୌ ଅଧିକ କଥା କହନ୍ତି ନାହିଁ, ତଥାପି ସେମାନେ କଥା କହନ୍ତି ।

ଏଥର ବୁଝିଲ ! ମାତ୍ର ସ୍ମରଣ ରଖିବା ଉଚିତ ଯେ ଏଥିରେ ଏପରି କିଛି ଅବଶ୍ୟ ରହିଥିଲା, ଯାହାକି ଅତ୍ୟନ୍ତ ସତ୍ୟ; ଅର୍ଥାତ୍, ଯଦି ତୁମମାନଙ୍କର ମୁଣ୍ଡ କେବେ ବଥାଇବ, ତେବେ ମୋ'ର ଏହି ପରାମର୍ଶ ରହିଲା ଯେ ତୁମେମାନେ ସେହିପରି କରିବ । ଆପଣାର ଭାବନାଶକ୍ତି ବା ମାନସିକ ଶକ୍ତିକୁ ନେଇ—ଏବଂ ପାରିଲେ କିଞ୍ଚିତ୍ ପରିମାଣରେ ଆପଣାର ପ୍ରାଣିକ ଶକ୍ତିକୁ ମଧ୍ୟ—ଏବଂ ତାହାକୁ ନିମ୍ନ

'oaob.nitrkl.ac.in' images reprocessed

ଆଡ଼କୁ ସ୍ଥାନାନ୍ତରିତ କରି ଆଣିବ, ଠିକ୍ ଏହିପରି ଭାବରେ କରିବ (ମୁଣ୍ଡ ଉପରୁ ହାତ ଦୁଇଟିକୁ ଅତ୍ୟନ୍ତ ଧୀର ଭାବରେ ତଳକୁ ଖସାଇ ଆଣିବାର ଇଙ୍ଗିତ କଲେ) । ହଁ, ଯଦି କେବେ ମୁଣ୍ଡ ବଥାଉଥାଏ ବା ତୁମେ ଯଦି କୌଣସି ରକ୍ତସଙ୍କୁଳତା ଅନୁଭବ କରୁଥାଅ, ଉଦାହରଣସ୍ୱରୂପ, ଯଦି ଦେହରେ ଖରାଧାସ ପଶି ଯାଇଥାଏ ବା ଆଉ ଯାହାକିଛି ବି ହୋଇଥାଏ, ତେବେ ଯଦି ତୁମେ ଏହି ପ୍ରଣାଳୀଟିକୁ ଜାଣିଥିବ ଏବଂ ଶକ୍ତିକୁ ଏହି ସ୍ଥାନକୁ ଓହ୍ଲାଇ ଆଣି ପାରୁଥିବ, ଏହିପରି ଭାବରେ ଏହିଠାରେ (ମାଆ ଗ୍ରୀବାର କେନ୍ଦ୍ରସ୍ଥଳକୁ ଦେଖାଇ ଦେଲେ), ବା ଆହୁରି ତଳକୁ ନେଇ ଆସିବ (ମାଆ ପାକସ୍ଥଳୀକୁ ଦେଖାଇ ଦେଲେ), ତେବେ ତୁମର ସେହି କଥା ଦୂର ହୋଇଯିବ । ପ୍ରକୃତରେ ଦୂର ହୋଇଯିବ । ଏକଥା ପାଞ୍ଚ ମିନିଟରେ ସମ୍ଭବ ହୋଇଯିବ । ତୁମେ ଚେଷ୍ଟା କରି ଦେଖିପାର, ଏହାପରେ ଯଦି କେତେବେଳେ ମୁଣ୍ଡ-ବଥାହୁଏ···ମୋ'ର ଆଶା ଯେ ତୁମର ଆଦୌ କୌଣସି ମୁଣ୍ଡବ୍ୟଥା ହେବ ନାହିଁ, ମାତ୍ର ଯଦି ଏହାପରେ କେତେବେଳେ ହୁଏ, ତେବେ ଚେଷ୍ଟା କରି ଦେଖିବ । ଏହିପରି ଭାବରେ ସିଧା ବସିବ (ମାଆ ଆସନରେ ବସିବା ପରି କପରି ବସିବାକୁ ହୁଏ, ଦେଖାଇଦେଲେ) । ଜାପାନୀମାନେ ଗୋଇଠି ଉପରେ ବସିବାକୁ ହେବ ବୋଲି କହିଥାନ୍ତି—ମାତ୍ର ସେପରି ବସିଲେ ତୁମ ଧାନରେ ବାଧା ସୃଷ୍ଟି ହୋଇପାରେ—ଏହି ଆସନକୁ ସୁଖାସନ କୁହାଯାଏ । ଭାରତବର୍ଷରେ ଏହିପରି ବସନ୍ତି (ମାଆ ଦେଖାଇଦେଲେ), ତା' ନ ହେଲେ ଏହିପରି ବସିବ (ମାଆ ଏଇଟିକୁ ବି ଦେଖାଇଦେଲେ); ଅଭ୍ୟାସ ନ ଥିଲେ ଏଇଟିକୁ କରିବା ଅଧିକ କଷ୍ଟକର ହେବ ।

ତେଣୁ, ସୁଖାସନରେ ବସିବ ଏବଂ ତା'ପରେ ଆପଣାର ସକଳ ଶକ୍ତିକୁ ଆହରଣ କରି ଆଣିବ, ସତେଯେପରି···ସତେଯେପରି ତୁମେ ଆପଣାର ମସ୍ତିଷ୍କ ଭିତରେ ଥିବା ସକଳ ଶକ୍ତିକୁ ଏକତ୍ର କରି ଆଣୁଛ, ଏହିପରି ଏକତ୍ର କରିନେଇ ତା'ପରେ ତଳଆଡ଼କୁ ନେଇଯିବ, ଖୁବ ଧୀର ଓ ସାବଧାନ ଭାବରେ ତଳକୁ ଆହୁରି ତଳକୁ, ସିଧା ଏହି ନାଭି ପର୍ଯ୍ୟନ୍ତ ନେଇଯିବ । ଦେଖିବ, ତୁମର ମୁଣ୍ଡବ୍ୟଥା ଏକାବେଳେକେ ଦୂର ହୋଇଯିବ । ଏହି ପ୍ରୟୋଗଟିକୁ ମୁଁ ବହୁବାର କରିଛି । ···ଏହା ଏକ ଉତ୍ତମ ଉପାୟ, ଏକ ସହଜ ଉପାୟ । ତେବେ ଆଉ ବଟିକା ଖାଇବାକୁ ପଡ଼ିବ ନାହିଁ ବା ଇଞ୍ଜେକ୍‌ସନ୍ ନେବାକୁ ବି ପଡ଼ିବ ନାହିଁ । ଏହା ଏହିପରି ଭାବରେ ଆରୋଗ୍ୟ ହୋଇଯିବ । ଏଥର ବୁଝିଲ ?

ଆଉ କିଛି ପ୍ରଶ୍ନ ଅଛି ?

'oaob.nitrkl.ac.in' images reprocessed

ଆମେ ମନ ଭିତରେ କିପରି ଏକ ଦୃଢ଼ ଶାନ୍ତି ଓ ନୀରବତା ପ୍ରତିଷ୍ଠା କରି ପାରିବା ?

ସର୍ବପ୍ରଥମ କଥା ହେଉଛି, ତୁମେ ପ୍ରକୃତରେ ତାହା ଚାହୁଁଥିବ ।

ଏବଂ ତା'ପରେ ଚେଷ୍ଟା କରିବାକୁ ହେବ, ଅଧ୍ୟବସାୟର ସହିତ ଚେଷ୍ଟା କରିବାକୁ ହେବ । ମୁଁ ବର୍ତ୍ତମାନ ତୁମମାନଙ୍କୁ ଯେଉଁ ଉପାୟଟି ବିଷୟରେ କହୁଥିଲି, ତାହା ଏକ ଅତ୍ୟନ୍ତ ଉତ୍ତମ ଉପାୟ । ତଥାପି କେତେ ଅନ୍ୟ ଉପାୟ ମଧ୍ୟ ରହିଛି । ପ୍ରଥମେ ଚୁପ୍ ହୋଇ ବସିବ; ତା'ପରେ ଯାଡ଼ୁଯାଡ଼ୁ ପତ୍ୟୁଶ କଥା ନ ଭାବି କେବଳ ଆପଣା ଭିତରେ "ଶାନ୍ତି, ଶାନ୍ତି, ଶାନ୍ତି, ସ୍ଥିରତା, ଶାନ୍ତି" ବୋଲି ପୁନରାବୃତ୍ତି କରିବାକୁ ଆରମ୍ଭ କରିବ । କେବଳ ଶାନ୍ତି ଏବଂ ସ୍ଥିରତାର କଳ୍ପନା କରିବ । ଅଭୀପ୍ସା କରିବ, କେବଳ ତାହାର ଆସିବା ଲାଗି ପ୍ରାର୍ଥନା କରିବ : "ଶାନ୍ତି, ଶାନ୍ତି, ସ୍ଥିରତା ।" ଏବଂ ତା'ପରେ, ତା'ପରେ ଯେତେବେଳେ କୌଣସି ବସ୍ତୁ ଆସି ତୁମକୁ ସ୍ପର୍ଶ କରିବାକୁ ଏବଂ କ୍ରିୟାଶୀଳ ହେବାକୁ ଆରମ୍ଭ କରିବ, ସେତେବେଳେ ଅତ୍ୟନ୍ତ ଧୀର ଭାବରେ ତୁମେ "ଶାନ୍ତି, ଶାନ୍ତି, ଶାନ୍ତି" ବୋଲି ଉଚ୍ଚାରଣ କରୁଥିବ । ଭାବନାଗୁଡ଼ିକ ଆଡ଼କୁ ମୋଟେ ଅନାଇବ ନାହିଁ, ଭାବନାଗୁଡ଼ିକର କଥାକୁ ଶୁଣିବା ଲାଗି ମୋଟେ ମନ କରିବ ନାହିଁ । ଯାହାକିଛି ଆସୁଥିବ ପଛକେ, ସେହି ଆଡ଼କୁ ଆଦୌ କୌଣସି ଦୃଷ୍ଟି ଦେବ ନାହିଁ । ହଁ, ଯେତେବେଳେ ତୁମକୁ କେହି ଭାରି ବ୍ୟସ୍ତ କରୁଥାଏ ଏବଂ ତୁମେ ତା'ପାଖରୁ ମୁକ୍ତି ପାଇବାକୁ ଇଚ୍ଛା କରୁଥାଅ, ତେବେ ତୁମେ କେବେହେଲେ ତା'କଥା ଶୁଣିବା ଲାଗି ଇଚ୍ଛା କର ନାହିଁ, କର କି ? ଭାରି ଭଲ କଥା । ତୁମେ ନିଜର ମୁଣ୍ଡଟିକୁ ଅପସରାଇ ନେଇଯାଅ (ମାଆ ଇଙ୍ଗିତ କରି ଦେଖାଇଦେଲେ) ଓ ଆଉ ଅନ୍ୟକିଛି କଥା ଭାବ । ହଁ, ତୁମକୁ ଠିକ୍ ସେହିକଥା କରିବାକୁ ପଡ଼ିବ : ଯେତେବେଳେ ଭାବନାଗୁଡ଼ିକ ଆସୁଥିବେ, ତୁମେ ମୋଟେ ସେଆଡ଼କୁ ଅନାଇବ ନାହିଁ, ମୋଟେ ସେମାନଙ୍କ କଥା ଶୁଣିବ ନାହିଁ । ସେଗୁଡ଼ିକ ପ୍ରତି ଆଦୌ କୌଣସି ଦୃଷ୍ଟି ଦେବ ନାହିଁ; ସେମାନେ ଯେପରି ଆଦୌ କେଉଁଠି ହେଲେ ନାହାନ୍ତି, ସେହିପରି ଆଚରଣ କରିବ । ଏବଂ ତା'ପରେ, ଏହି କଥାଟିକୁ ମୁଁ କିପରି କହିବି ? —ସତେଅବା ଜଣେ ବୋକାଲୋକ ପରି, ଯିଏକି ସେହି ଗୋଟିଏ କଥାକୁ ସର୍ବଦା ବାରଂବାର କହିବାରେ ଲାଗିଥାଏ, ତୁମେ ବି ସେହିପରି ବାରଂବାର ଉଚ୍ଚାରଣ କରିବ । ହଁ, ତୁମକୁ ମଧ୍ୟ ସେହିପରି କରିବାକୁ ପଡ଼ିବ, ବାରଂବାର "ଶାନ୍ତି, ଶାନ୍ତି, ଶାନ୍ତି" ବୋଲି ଉଚ୍ଚାରଣ କରିବାକୁ ହେବ । ଏହିପରି ଭାବରେ କେତେ ମିନିଟ ଚେଷ୍ଟା କରିବ ଏବଂ ତା'ପରେ ଯାଇ ଆପଣାର କାମ କରିବ । ଏବଂ ତା'ପରେ ଆଉ ଥରକ ପାଇଁ ସେହି କଥା ଆରମ୍ଭ କରିବ । ଆଉଥରେ

'oaob.nitrkl.ac.in' images reprocessed

ସେହିପରି ବସି ଚେଷ୍ଟା କରିବ । ସକାଳେ ବିଛଣାରୁ ଉଠିବା ସମୟରେ ଏପରି କରିବ, ରାତିରେ ଶୋଇବାକୁ ଗଲାବେଳେ ମଧ୍ୟ କରିବ । ଆପଣାର ଖାଇବା ଖାଦ୍ୟ ଭଲ ଭାବରେ ହଜମ ହେଉ ବୋଲି ଇଚ୍ଛା କରୁଥିଲେ, ତୁମେ ଖାଇବା ପୂର୍ବରୁ ମଧ୍ୟ କେତେ ମିନିଟ୍ ପାଇଁ ଏହି କଥାଟିକୁ କରିପାରିବ । ଏହା ଦ୍ୱାରା ଖାଦ୍ୟ ହଜମ ହେବାରେ କେତେ ଯେ ସାହାଯ୍ୟ ମିଳେ, ତୁମେ ସେକଥା କଳ୍ପନା ବି କରିପାରିବ ନାହିଁ ! ଖାଇବାକୁ ଆରମ୍ଭ କରିବା ପୂର୍ବରୁ ତୁମେ କ୍ଷଣକ ସକାଶେ ବସିବ ଓ "ଶାନ୍ତ, ଶାନ୍ତ, ଶାନ୍ତ" ବୋଲି ଉଚ୍ଚାରଣ କରିବ । ଏବଂ ତଦ୍ୱାରା ସବୁକିଛି ଶାନ୍ତ ହୋଇ ଆସିବ । ମନେ ହେବ, ଯେପରି ଯାବତୀୟ ବିକ୍ଷୋଭ ଓ କୋଳାହଳ ତୁମ-ଠାରୁ ଦୂରକୁ ଆହୁରି ଦୂରକୁ ଖସିଯିବାରେ ଲାଗିଛି (ମାଆ ଆପଣାର ଦୁଇ ହାତକୁ ଦୁଇ ଆଡ଼କୁ ପ୍ରସାରିତ କରିଦେଲେ) । ଏହି କଥାଟିକୁ ନିୟମିତ କରିବାକୁ ହେବ; ଏବଂ ତା'ପରେ କ୍ରମେ ଏପରି ଏକ ସମୟ ଆସିବ, ଯେତେବେଳେ କି ତୁମକୁ ଆଉ ମୋଟେ ବସିବାକୁ ପଡ଼ିବ ନାହିଁ, ଏବଂ ତୁମେ ଯାହାକିଛି କରୁଥାଅ କିଂବା ଯାହା କିଛି କହୁଥାଅ ପଛକେ, ସବୁବେଳେ ସେହି "ଶାନ୍ତ, ଶାନ୍ତ, ଶାନ୍ତ"ହିଁ ଉଚ୍ଚାରିତ ହେବାରେ ଲାଗିଥିବ । ସବୁକିଛି ଏହିଠାରେ ରହିଥିବ, ମୋଟେ ଭିତରକୁ ପ୍ରବେଶ କରିପାରୁ ନ ଥିବ (ମାଆ କପାଳର ପୁରୋଭାଗକୁ ଇଙ୍ଗିତ କଲେ), ଏହିପରି ଭାବରେ ରହିଥିବ । ଏବଂ, ତୁମେ ପୂର୍ଣ୍ଣ ଶାନ୍ତି ମଧ୍ୟରେ ଅବସ୍ଥାନ କରୁଥିବ । ... କେତେବର୍ଷ ପରେ ଠିକ୍ ଏହିପରି ଘଟିବ ।

ମାତ୍ର ପ୍ରଥମେ, ଏକ ଷ୍ ଦ୍ ଆରମ୍ଭ ଲାଗି, ଦୁଇ ତିନ ମିନିଟ ଲାଗି, ଏହା ପ୍ରକୃତରେ ଅତ୍ୟନ୍ତ ସହଜ । ଜଟିଳ ଯାହାକିଛି ହାସଲ କରିବା ସକାଶେ ତୁମକୁ ଅବଶ୍ୟ ଏକ ପ୍ରୟାସ କରିବାକୁ ହେବ । ଏବଂ, ପ୍ରୟାସ କରୁଥିବା ସମୟରେ ତୁମେ ଆଦୌ ଶାନ୍ତ ହୋଇ ରହିପାରୁ ନ ଥିବ । ଶାନ୍ତ ରହି ଏକ ପ୍ରୟାସ କରିବା ପ୍ରକୃତରେ ଏକ କଷ୍ଟକର କଥା । ଖୁବ ସରଳ, ଖୁବ ସରଳ, ଏସବୁ ବ୍ୟାପାରରେ ତୁମକୁ ଖୁବ ସରଳ ହେବାକୁ ପଡ଼ିବ । ସତେଯେପରି ତୁମେ ନିଜର ଜଣେ ବନ୍ଧୁଙ୍କୁ ଡାକୁଛ, ଠିକ୍ ସେହିପରି ହେବାକୁ ପଡ଼ିବ : ତୁମର ଡାକିବା ଦ୍ୱାରାହିଁ ସିଏ ଆସିବ । ତେଣୁ, ଶାନ୍ତ ହୋଇଯାଅ, ତୁମର ବନ୍ଧୁମାନଙ୍କୁ ଶାନ୍ତ କରିଦିଅ ଏବଂ ସେମାନଙ୍କୁ ଡାକ : "ଶାନ୍ତ, ଶାନ୍ତ, ଶାନ୍ତ, ଶାନ୍ତ, ଶାନ୍ତ, ଆସ" !

ଏଥର ସରଳ ?

ଆମ ଭିତରେ ଯେଉଁ ବୁଝିବା ଶକ୍ତି ରହିଛି, ତା'ର ଆସ୍ଥାନ କ'ଣ ମୁଣ୍ଡରେ ?

'oaob.nitrkl.ac.in' images reprocessed

ବୁଝିବା ଶକ୍ତିର ? ତୁମେ କ'ଣ ସେଇକଥା ପଚାରୁଛ, ତା'ର ଆସ୍ଥାନ ମୁଣ୍ଡରେ ଆଦୌ ନାହିଁ ବୋଲି ପଚାରୁଛ ? ମୁଁ ତ ବର୍ତ୍ତମାନ ତା'ର ଠିକ୍ ବିପରୀତ କଥାଟିହିଁ କହିଲି । ମାତ୍ର କେତେ ମିନଟ୍ ପୂର୍ବରୁ ମୁଁ କହିଲି ଯେ, ମାନସିକ ଯାବତୀୟ ସାମର୍ଥ୍ୟ ଆମ ମନ ଭିତରେ ରହିଥାଏ; ଏବଂ କେବଳ ଆମ ଅଭ୍ୟାସ ହେତୁହିଁ ସେଗୁଡ଼ିକ ଯାଇ ଆମ ମୁଣ୍ଡ ଭିତରେ ଅଛି । ଯେକୌଣସି ଆସ୍ଥାନରୁ ମଧ୍ୟ ଆମେ ବୁଝିବାକୁ ସମର୍ଥ ହୋଇପାରିବା । ଚେତନାର ଆସ୍ଥାନ ଯେଉଁଠି ରହିଥାଉ ପଛକେ, ଆମେ ତଥାପି ବୁଝିବାକୁ ସମର୍ଥ ହେବା ।

ଆପଣ "ଅଭ୍ୟାସ ହେତୁ" ବୋଲି କହିଲେ । କିନ୍ତୁ ସେଇଟିକୁ ତ ବଦଳାଇ ହେବ ନାହିଁ । ସେଇଟା ତ ଜନ୍ମରୁ ରହିଛି !

ତୁମେ ଯେତେବେଳେ ଜନ୍ମ ନେଲ, ତାହା ସେତେବେଳେ ତୁମ ଭିତରେ ରହିଛି ବୋଲି ତୁମେ ଭାବୁଛ ?

ମୁଣ୍ଡ ଦ୍ୱାରାହିଁ ଭାବିବା ଅତ୍ୟନ୍ତ ସ୍ୱାଭାବିକ । ତାକୁ ପୁଣି ଅଭ୍ୟାସରେ ପକାଇବାର ଅର୍ଥ କ'ଣ ?

ବହୁକାଳ ଧରି ଏହି ଅଭ୍ୟାସଟି ରହି ଆସିଛି । ପିତାମାତାଙ୍କ ପିତାମାତା ଓ ତାଙ୍କର ପିତାମାତା, ଏହିପରି ଭାବରେ ରହିଆସିଛି । ମାତ୍ର ସମସ୍ତଙ୍କ କ୍ଷେତ୍ରରେ ଯେ ଠିକ୍ ସେହିକଥା ହେଉଛି, ସେପରି ମୋଟେ ନୁହେଁ । ଆଖି ଦ୍ୱାରା ଦେଖିବା ଲାଗି ଆମର ଯେପରି ଗୋଟିଏ ଅଭ୍ୟାସ ହୋଇଯାଇଛି, ଏହା ଠିକ୍ ସେହିପରି କଥା । ମାତ୍ର ଏକଥା ପ୍ରମାଣିତ ହୋଇ ସାରିଛି ଯେ ଆଖି ବ୍ୟତୀତ ଆଉ ଅନ୍ୟ ଏକ ସ୍ଥାନରେ ମଧ୍ୟ ଦେଖିପାରିବାର କେନ୍ଦ୍ରମାନ ସୃଷ୍ଟି କରାଯାଇ ପାରିବ । କିନ୍ତୁ ଅଭିନିବେଶ ଦ୍ୱାରା ତାହା କରାଯାଇ ପାରିବ । ମୁଁ ମୋଟେ କହୁ ନାହିଁ ଯେ ମନୁଷ୍ୟର ମସ୍ତିଷ୍କ ଚିନ୍ତା କରିବା ଲାଗି ତିଆରି ହୋଇ ନାହିଁ । ମୁଁ ତୁମମାନଙ୍କୁ କେବେ ସେକଥା କହି ନାହିଁ, ମାତ୍ର କେବଳ ଏତିକି କହୁଛି ଯେ, ଚିନ୍ତା କରିବା ବା ଭାବିବା ଯେ ସର୍ବଦା ମସ୍ତିଷ୍କ ଉପରେ ନିର୍ଭର କରି ରହିବ, ସେକଥା ଆଦୌ ନୁହେଁ । ଏଇଟି ଏକାବେଳେକେ ଭିନ୍ନ କଥା । ଯଦି ଆମେ ଆମ ମାନସିକ ଶକ୍ତି-ଗୁଡ଼ିକୁ ବ୍ୟବହାର କରି ଜାଣିପାରିବା, ତେବେ ଅତି ସ୍ପଷ୍ଟ ଭାବରେ ଏକଥା ଜାଣି ପାରିବା ଯେ, ଆପଣାକୁ ବ୍ୟକ୍ତ କରିପାରିବା ଲାଗି ମସ୍ତିଷ୍କ ଏକ ଅନୁକୂଳ ମାଧ୍ୟମ ସତ—ନିଶ୍ଚିତ ଭାବରେ ଏହା ଠିକ୍ ସେଇଥିଲାଗି ତିଆରି ହୋଇଛି,—ଭାବନାଗୁଡ଼ିକୁ ଗ୍ରହଣ କରି ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଓ ଗତି ଦେଇ

'oaob.nitrkl.ac.in' images reprocessed

ସେଗୁଡ଼ିକୁ ବ୍ୟକ୍ତ କରିବା ଲାଗିହିଁ ତିଆରି ହୋଇଛି,—ମାତ୍ର ସେହି ମସ୍ତିଷ୍କ ଯେ ତାହାର ଏକମାତ୍ର ମାଧ୍ୟମ, ସେକଥା ମୋଟେ ନୁହେଁ ।

(କିଛି ସମୟ ନୀରବ ରହି) ମୋ' କହିବାର ଅଭିପ୍ରାୟ ହେଉଛି, ଆମେ ଯେ ତାହାକୁ ଏଥିଲାଗି ଏକମାତ୍ର ମାଧ୍ୟମ ରୂପେ ବ୍ୟବହାର କରିଆସୁ, ତାହା ହେଉଛି ଏକ ଅଭ୍ୟାସର କଥା । ସେକଥା ଯାହା ହୋଇଥାଉ ପଛକେ, ଗମ୍ଭୀର ଭାବରେ କିଛିଦିନ୍ ଯୋଗସାଧନା କରି ପାରିଲେ, ଆମେ ଅତ୍ୟନ୍ତ ଭଲ ଭାବରେ ଜାଣିବାକୁ ପାଇବା ଯେ ଆମେ ଏଠାରେ ମଧ୍ୟ ଚିନ୍ତା କରି ପାରିବା (ମାଆ ଦୁଇ ଭ୍ରୂଲତା ମଧ୍ୟରେ ରହିଥିବା କପାଳର ମଝିକୁ ନିର୍ଦ୍ଦେଶ କରିଦେଲେ, ତା'ପରେ ଡାହାଣ ପାଖକୁ ଓ ତା'ପରେ ବାମ ପାଖକୁ ନିର୍ଦ୍ଦେଶ କଲେ), ଏଠାରେ ଚିନ୍ତା କରି ପାରିବା, ଏଠାରେ ଚିନ୍ତା କରି ପାରିବା, ସମ୍ମୁଖ ଭାଗରେ ଚିନ୍ତା କରି ପାରିବା ଏବଂ, ଯେପରି ମୁଁ ବର୍ତ୍ତମାନ କହୁଥିଲି, ଆମେ ଆହୁରି ଉଚ୍ଚ କୌଣସି ସ୍ଥାନରେ ମଧ୍ୟ ଚିନ୍ତା କରିପାରିବା,—ମାତ୍ର, ଆମେ ଭାରି ସ୍ୱାଭାବିକ ଭାବରେ ଚିନ୍ତା କରିପକାଉ ଯେ ଭାବନା ଓ ଅଭିନିବେଶର ଯାବତୀୟ ବ୍ୟାପାର କେବଳ ସେହି ମସ୍ତିଷ୍କରେହିଁ ସମ୍ଭବ ହୋଇଥାଏ—ଏବଂ, ଯେତେବେଳେ ଆମେ ଆହୁରି ଉଚ୍ଚକୁ,—ଏଠାରେ ଚିନ୍ତା କରୁ (ମାଆ ମୁଣ୍ଡ ଉପରକୁ ନିର୍ଦ୍ଦେଶ କରିଦେଲେ), ମସ୍ତିଷ୍କ ଅପେକ୍ଷା ସେଠାରେ ଆମେ ଅନେକ ଅଧିକ ଭଲ ଭାବରେ ଚିନ୍ତା କରିପାରୁ । କେବଳ ଏତିକି କଥା ଯେ ଆମେ କେବେହେଲେ ସେହି ଅନ୍ୟ ପ୍ରକାରର ଚେଷ୍ଟାଟିକୁ କରି ନାହୁଁ । "ମୋଟେ କରି ନାହୁଁ" ନୁହେଁ,—ବେଶ୍ କେତେ ଲୋକ ଅଛନ୍ତି, ଯେଉଁମାନେ ଚେଷ୍ଟା କରିଛନ୍ତି ଓ ସଫଳତା ହାସଲ କରିଛନ୍ତି ।

ଏଥର ବୁଝି ପାରୁଥିବ । ଆଜି ଏତିକିରେ ଥାଉ । ଆଜି ରାତି ପାଇଁ ଏତିକି ଯଥେଷ୍ଟ ।

'oaob.nitrkl.ac.in' images reprocessed

# ୧୫ ସେପ୍ଟେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ପ୍ରଥମ ଅଧ୍ୟାୟ, "ସ୍ଥିରତା—ଶାନ୍ତି—ସମତା" ଉପରେ ଏହି ପ୍ରବଚନଟି ଆଧାରିତ।

ଭାବନା-ମନରୁ ଆପଣାକୁ ଅସଂଲଗ୍ନ କରି ନେଇଆସିବା ପରେ ମଧ୍ୟ କ'ଣ ତଥାପି ମନର ଚିନ୍ତନ-କ୍ରିୟା ଅବ୍ୟାହତ ରହିଥାଏ ?

ହଁ, ସାଧାରଣତଃ ଅବ୍ୟାହତ ରହିଥାଏ। ମାତ୍ର ତାହା କୌଣସି ପ୍ରକାରେ ତୁମକୁ ଆକ୍ରାନ୍ତ କରିପାରେ ନାହିଁ। ଏହାକୁ ଠିକ୍ "ଭାବନା"ର ଏକ କ୍ରିୟା ବୋଲି କୁହାଯିବ ନାହିଁ, ଏହାକୁ ଏକ ବଜାର ବା ହାଟଭଳି ସାଧାରଣ ସ୍ଥାନ ବୋଲି କୁହାଯିବ। ଯାବତୀୟ ବସ୍ତୁ ଆସୁଥିବ, ଆବର୍ତ୍ତିତ ହେଉଥିବ, ସଞ୍ଚାରିତ ହୋଇ ଯାଉଥିବ, ବାହାରକୁ ବାହାରି ଯାଉଥିବ, ପରସ୍ପରକୁ ଛେଦ କରିବାରେ ଲାଗିଥିବ, ବେଳେବେଳେ ଧକ୍କା ବି ଲାଗି ଯାଉଥିବ। ଅବିକଳ ଗୋଟାଏ ବଜାରର ଛକଜାଗା ପରି ସବୁ ହେଉଥିବ। ଏସବୁ ଠିକ୍ ଏହିପରି ଭାବରେ ହେବାରେ ଲାଗିଥିବ। (ମାଆ ଇଙ୍ଗିତ କରି ଦେଖାଇଦେଲେ)

ଭାବନାଗୁଡ଼ାକ ତିଆରି ହେଉଥିବାର ଏହି କାରଖାନାଟି ହେଉଛି··· ଏହା ମୋଟେ ଅନେକ ସମୟରେ ଘଟେ ନାହିଁ। କେତେକ ଲୋକ ଏହିପରି ଏକ ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟରେ ବ୍ୟସ୍ତ ହୋଇ ରହିଥାନ୍ତି, ଯଦ୍ଦ୍ୱାରା କି ସେମାନେ ବାହାରୁ ଆସୁଥିବା ଭାବନାଶକ୍ତିକୁ ଏକ ନିର୍ଦ୍ଦିଷ୍ଟ ସାକାରତା ପ୍ରଦାନ କରିଥାନ୍ତି। ଏହି ବ୍ୟକ୍ତିମାନେ ସାଧାରଣତଃ ଲେଖିବା କାମ କରନ୍ତି, ବକ୍ତୃତା ଦିଅନ୍ତି, ଅଧ୍ୟାପନା ଓ ସେହିପରି ଆଉ ଅନ୍ୟ କାମମାନ କରନ୍ତି। ଏପରି ଖୁବ୍ ବିରଳ ଭାବରେହିଁ ଘଟିଥାଏ; ସାଧାରଣତଃ ସବୁକିଛି ଆସୁଥାଏ ଯାଉଥାଏ, ପୁଣି ଫେରି ଆସୁଥାଏ, ଏବଂ ଯଦି ଜଣେ ଆପଣାକୁ ସେଥିରୁ ଅସଂଲଗ୍ନ କରି ରଖେ, ତେବେ, ଗୋଟିଏ ଉଚ୍ଚ ମିନାର ଉପରେ ବସି ତଳେ ବଜାରର ଗହଳି ଉପରକୁ ଦୃଷ୍ଟିପାତ କରୁଥିବା ପରି ସେଇଟି ଉପରେ ଦୃଷ୍ଟିପାତ ବି କରିହୁଏ। ସେତେବେଳେ ଏହି ସବୁକିଛି ଭାରି କୌତୁକପୂର୍ଣ୍ଣ ହେବାକୁ ଆରମ୍ଭ କରେ। ଭାବନାଗୁଡ଼ାକ ଠିକ୍ କେଉଁଠାରୁ ଆସୁଛନ୍ତି, କେଉଁଠାକୁ ଯାଉଛନ୍ତି, ସେମାନେ ଆଉ କ'ଣସବୁକୁ ଉତ୍ତେଜିତ କରି

'oaob.nitrkl.ac.in' images reprocessed

ଆସୁଛନ୍ତି ଏବଂ ତା'ର ପରିଣାମମାନ କ'ଣ ହେଉଛି, ଆମେ ସେଗୁଡ଼ିକୁ ମଧ୍ୟ ଦେଖିବାକୁ ସମର୍ଥ ହୋଇଥାଉ ।

ମାଆ, "ପ୍ରାଣିକ ମନ" କହିଲେ କାହାକୁ ବୁଝାଏ ?

ସର୍ବପ୍ରଥମେ ବୁଝିରଖିବା ଉଚିତ ଯେ, ଏହି ଶବ୍ଦଗୁଡ଼ିକ କଥାଟିକୁ ଏକ ଶ୍ରେଣୀବିଭାଗ ଦ୍ୱାରା ଦେଖାଇ ଦେବା ଦ୍ୱାରା ଆମର ବୁଝିବା ପାଇଁ ବ୍ୟବହୃତ ହୋଇଥାଏ । ମାତ୍ର, ପ୍ରକୃତରେ କହିବାକୁ ଗଲେ, ସତ୍ତାର ପ୍ରତ୍ୟେକ ଅଂଶ ସ୍ୱୟଂ ବିଭାଗରେ ବିଭକ୍ତ ହୋଇଥାଏ । ପ୍ରଥମେ ଏକ ଭୌତିକ ମନ, ଏକ ଭୌତିକ ପ୍ରାଣ ଓ ଏକ ସ୍ଥୂଳ ଭୌତିକ ଶରୀର, ତା'ପରେ ପଶ୍ଚାତ୍ତ ଭାଗରେ ରହିଥିବା ଏକ ଭୌତିକ ଚୈତ୍ୟସତ୍ତା ରହିଥାଏ । ଠିକ୍ ସେହିପରି ଏକ ପ୍ରାଣିକ ମନ, ଏକ ପ୍ରାଣିକ ପ୍ରାଣ, ଏକ ପ୍ରାଣିକ ଶରୀର ଏବଂ ପଶ୍ଚାତ୍ତ ଭାଗରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ପ୍ରାଣିକ ଚୈତ୍ୟସତ୍ତା ଥାଏ । ଏବଂ, ସେହିପରି ଏକ ମାନସିକ ମନ, ମାନସିକ ପ୍ରାଣ, ଏକ ମାନସିକ ଦେହ ଓ ପଛରେ ଲୁଚି ରହିଥିବା ଏକ ମାନସିକ ଚୈତ୍ୟ-ସତ୍ତା ମଧ୍ୟ ଥାଏ । ଏବଂ ପ୍ରତ୍ୟେକ ଭାଗର ଏକ ତଦନୁରୂପ ନିର୍ଦ୍ଦିଷ୍ଟ ପ୍ରକାରର କ୍ରିୟାଶୀଳତା ମଧ୍ୟ ରହିଛି, ତଦନୁରୂପ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟ ରହିଛି, ଏକ ଚେତନାକ୍ଷେତ୍ର ଓ ସତ୍ତା ମଧ୍ୟ ରହିଛି । ଏବଂ ଏହି ଯାବତୀୟ କ୍ଷେତ୍ର ବା ଅନ୍ତର୍ଗତ ପ୍ରସ୍ଥଗୁଡ଼ିକର ତଦନୁରୂପ ବାହ୍ୟ କ୍ଷେତ୍ର ଓ ପ୍ରସ୍ଥମାନ ରହିଛି, ବିଶ୍ୱଗତ ତଥା ସମସ୍ୟାଟିକୁ ଅଧିକ ସରଳ କରି କହିବା ଲାଗି ସେପରି କହିଲେ, ଜାଗତିକ ପ୍ରସ୍ଥମାନ ମଧ୍ୟ ରହିଛି । ତୁମ ଭିତରେ ଗୋଟିଏ ମାନସିକ ମନ ରହିଛି, ଜାଗତିକ ପରିବେଶ-ମଣ୍ଡଳଟି ମଧ୍ୟରେ ବି ଏକ ମାନସିକ ମନ ରହିଛି; ଏବଂ — ମୁଁ ଏହାକୁ ଶବ୍ଦ ଦେଇ କିପରି କହିବି ? ଏହି ଅନ୍ତର୍ଗତ ତଥା ବହିଃସ୍ଥ କ୍ଷେତ୍ରଗୁଡ଼ିକର ସାଦୃଶ୍ୟତା ସମାନ ରହିଛି, ସେଗୁଡ଼ିକର ସ୍ପନ୍ଦନଗତ ଧାରଣି ମଧ୍ୟ ଏକାପରି ହୋଇ ରହିଛି ।

ଯଦି ତୁମେ ସଚେତନ ଭାବରେ ଆପଣାର ମାନସିକ ମନ ଭିତରେ ପ୍ରବେଶ କରିପାରିବ, ତେବେ ଏହି ଜଗତର ମାନସିକ ମନ ଭିତରେ ମଧ୍ୟ ସଚେତନ ଭାବରେ ଅବଶ୍ୟ ପ୍ରବେଶ କରିପାରିବ । ଆମେ ଆଗରୁ ବି ଥରେ ଏହି ବିଷୟଟିର ବ୍ୟାଖ୍ୟା କରିଥିଲୁ, ନୁହେଁ ? ନାହିଁ—ମୁଁ ଏହି ପୃଥିବୀ କଥା କହୁ ନାହିଁ,—ମୁଁ··· ସେଇସବୁ ଚିତ୍ରାଙ୍କନର ମାଧ୍ୟମରେ ଆମେ କ୍ଷେତ୍ରଗୁଡ଼ିକୁ ଅଲଗା ଅଲଗା କରି ଦେଖାଇଦେଲେ, ମୁଁ ସେହିଗୁଡ଼ିକର କଥା କହୁଛି ।

ମାଆ, କିପରି ଭାବରେ ସଂଗ୍ରାମ କରି ଆମେ ଏହି ଆବେଗଗୁଡ଼ିକ ଉପରେ ଏକ ମାନସିକ ନିୟନ୍ତ୍ରଣ ଅର୍ଜନ କରିପାରିବା ?

'oaob.nitrkl.ac.in' images reprocessed

ଶିକ୍ଷାପ୍ରାପ୍ତ ସକଳ ବ୍ୟକ୍ତି ସେହିପରି କରିଥାନ୍ତି । କେବଳ ଯିଏ ବର୍ବର, ସିଏ ସେକଥା କରିପାରେ ନାହିଁ । ଏହାକୁହିଁ ଆମେ ଶିକ୍ଷାର ଅସଲ ସାର ବୋଲି କହିପାରିବା; କାରଣ ଏକଥା ଅତ୍ୟନ୍ତ ସ୍ୱାଭାବିକ ଭାବରେ ହୃଦୟଙ୍ଗମ କରାଯାଇଥାଏ ଯେ, ଯଦି ଆମେ ଗୋଟିଏ ସମାଜ ଭିତରେ ବାସ କରୁଥାଉ, — ବସ୍ତୁତଃ, ଜଣେ ମଣିଷ ବେଶି ଏକୁଟିଆ ହୋଇ ବାସ କରୁଥିଲେ ମଧ୍ୟ, ଯଦି ସିଏ ସମାଜ ଭିତରେ ବାସ କରୁଥାଏ, ତେବେ ଆହୁରି ଅଧିକ ପରିମାଣରେ — ଆମର ଆବେଗଗୁଡ଼ିକୁ ଆମକୁ ଯାହା କରିବା ଲାଗି ପରିଚାଳିତ କରି ନେଉଥିବେ, ଆମେ କଦାପି ସେହି ସବୁକିଛିକୁ କାର୍ଯ୍ୟରେ ପରିଣତ କରିପାରିବା ନାହିଁ । ଏପରି କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିବ । ତୁମେ ଅତ୍ୟନ୍ତ ଅଳ୍ପ ବୟସର ହୋଇଥିବା ସମୟରୁ, ତୁମେ ଯେପରି ନିଜର ଆବେଗଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରିପାରିବ ଏବଂ, ତୁମେ ଯେଉଁ ବିଧାନଗୁଡ଼ିକ ମଧ୍ୟରେ ବାସ କରୁଛ, ବା ଯେଉଁ ଆଦର୍ଶଟିକୁ ଅନୁସରଣ କରିବାକୁ ଇଚ୍ଛା କରୁଛ କିମ୍ବା ତୁମେ ବାସ କରୁଥିବା ପରିବେଶଟି ମଧ୍ୟରେ ଯେଉଁ-ସବୁ ରୂଢ଼ି ବା ରୀତି ରହିଛି, କେବଳ ସେହିଗୁଡ଼ିକ ସହିତ ସଙ୍ଗତି ରକ୍ଷା କରୁଥିବା ଆବେଗଗୁଡ଼ିକର ବୋଲି ଯେପରି ମାନିପାରିବ, ତୁମକୁ ତାହା ଶିକ୍ଷା ଦେବାହିଁ ତୁମ ଶିକ୍ଷାଦାତାମାନଙ୍କର କାର୍ଯ୍ୟ ହୋଇ ରହିଥାଏ । ଏହି ମାନସିକ ମଣ୍ଡଳଟିର ଯେଉଁ ମୂଲ୍ୟଟି ତୁମର ଆବେଗଗୁଡ଼ିକୁ ପରିଚାଳିତ କରିନେବ, ତାହା ଅନେକ ପରିମାଣରେ ତୁମେ ବାସ କରୁଥିବା ପରିବେଷ୍ଟନୀଗୁଡ଼ିକ ଉପରେ ଏବଂ ତୁମକୁ ଶିକ୍ଷା ଦାନ କରୁଥିବା ପିତାମାତା ଅଥବା ଅନ୍ୟ ବ୍ୟକ୍ତିମାନଙ୍କର ଚରିତ୍ର ଉପରେ ନିର୍ଭର କରୁଥାଏ । ମାତ୍ର, ତାହା ଭଲ ହୋଇଥାଉ କିମ୍ବା ମନ୍ଦ ହୋଇଥାଉ, ମଧ୍ୟମ ଧରଣର ହୋଇଥାଉ ବା ଅତି ଚମତ୍କାର ହୋଇଥାଉ ପଛକେ, ତାହା ତୁମେ ସେହି ଆବେଗ ଉପରେ ଅର୍ଜନ କରିଥିବା ମାନସିକ ନିୟନ୍ତ୍ରଣଟିରହିଁ ପରିଣାମ ହୋଇ ରହିଥାଏ । ତୁମର ପିତାମାତା ଯେତେବେଳେ "ତୁ ଏହି କାମଟି କରିବୁ ନାହିଁ" ବା "ତୁ ଏହି କାମଟି ନିଶ୍ଚୟ କରିବୁ" ବୋଲି କହିଥାନ୍ତି, ତାହାରି ଦ୍ୱାରାହିଁ ନିଜର ଆବେଗଗୁଡ଼ିକ ଉପରେ ମନର ନିୟନ୍ତ୍ରଣ ସମ୍ଭବ କରିବା ଲାଗି ଏକ ଶିକ୍ଷାର ପ୍ରାରମ୍ଭ ହୋଇଥାଏ ।

ତେଣୁ, ପ୍ରକୃତ ଯୋଗ୍ୟତାସମ୍ପନ୍ନ ଜଣେ ମନୁଷ୍ୟ ବା ଜଣେ ଅପେକ୍ଷାକୃତ ଅଧିକ ସଭ୍ୟ ମଣିଷ ପାଖରେ ଏକ ମାନସିକ ସମଗ୍ର ସଂରଚନା-ମଣ୍ଡଳ ରହିଥାଏ, ଯାହାକି ସିଏ ବାସ କରୁଥିବା ପରିବେଶଟିର ଆଦର୍ଶଟି ସହିତ ସମଞ୍ଜସତା ରକ୍ଷା କରି ଜୀବନଧାରଣ କରିବାକୁ ବୋଲି ମାନୁଥାଏ । ମାତ୍ର, ଯେଉଁ ବ୍ୟକ୍ତି ସେହି ମଣ୍ଡଳଟିର ଅନ୍ତତଃ ଏକ ସାମାନ୍ୟତମ ଅଂଶର ବୋଲିକରି ବି ମାନେ ନାହିଁ, ତାହାକୁ ହୁଏତ ଏକ ବର୍ବର ବୋଲି ବିଚାର କରିବାକୁ ହୁଏ ଏବଂ ତାକୁ ତତ୍‌କ୍ଷଣାତ୍

'oaob.nitrkl.ac.in' images reprocessed

ସମାଜ ଭିତରୁ ବହିଷ୍କାର କରିଦେବାକୁ ହୁଏ । ବସ୍ତୁତଃ, ଅପରାଧୀ ଏବଂ ଅର୍ଦ୍ଧପାଗଳ ବ୍ୟକ୍ତିମାନେ କେବଳ ଆପଣାର ଆବେଗଗୁଡ଼ିକରହିଁ ବୋଲ ମାନୁଥାନ୍ତି ଓ ସେମାନେ ଆଦୌ କୌଣସି ମାନସିକ ନିୟନ୍ତ୍ରଣ ଅର୍ଜନ କରି ନ ଥାନ୍ତି । ତୁମମାନଙ୍କ ମଧ୍ୟରେ ଏପରି ଜଣେ ବ୍ୟକ୍ତି ବି କେହି ନ ଥିବେ, ଯିଏକି ଆଦୌ କୌଣସି ନିୟନ୍ତ୍ରଣର ପ୍ରୟୋଗ ନ କରି ତୁମକୁ ଆସି ଘାରି ପକାଉଥିବା ଆବେଗ-ଗୁଡ଼ିକ ଲାଗି ଏକାବେଳେକେ ବାଟ ଛାଡ଼ି ଦେଉଥିବେ । ତୁମେ ଇଚ୍ଛା କଲେ ଅବଶ୍ୟ ଲକ୍ଷ୍ୟ କରିପାରିବ ଯେ, ଜୀବନର ବିଭିନ୍ନ କ୍ଷେତ୍ରରେ "ଏଇଟା ମୁଁ କରିପାରିବି ନାହିଁ", "ଏଇଟା ମୁଁ କରିପାରିବି" ବୋଲି କହିବାରେ ତୁମର ପ୍ରକୃତରେ କେତେ ସମୟ ବିତିଯାଏ, କୌଣସି ଗୋଟିଏ କ୍ରିୟା-ଇଚ୍ଛାକୁ ତୁମେ ଦବାଇ କରି ରଖ ଓ ଆଉଗୋଟିକୁ ଉତ୍ସାହ ବି ଦିଅ । ମାନସିକ ନିୟନ୍ତ୍ରଣ ଏହାକୁ କହନ୍ତି ।

କେବଳ ଜଣେ ବର୍ବର ବ୍ୟକ୍ତିର ଏହି ନିୟନ୍ତ୍ରଣ ନ ଥାଏ; ଯିଏ ଜଙ୍ଗଲରେ ରହୁଥାଏ ଓ ଆଦୌ ଅନ୍ୟ କୌଣସି ମନୁଷ୍ୟର ସଂସର୍ଗରେ ରହି ନ ଥାଏ । ତଥାପି ସେଠାରେ ମଧ୍ୟ ତାକୁ ଆପଣାକୁ ନିୟନ୍ତ୍ରଣ କରି ରଖିବାକୁ ପଡ଼େ, କାରଣ ଆପଣାକୁ ନିୟନ୍ତ୍ରଣ ମଧ୍ୟରେ ନ ରଖିଲେ ତା' ଜୀବନରେ ନିଶ୍ଚୟ କ'ଣ ନା କ'ଣ ଅତ୍ୟନ୍ତ ସାଂଘାତିକ ଭାବରେ ବିଗିଡ଼ି ଯିବାର ଭୟ ରହିଥାଏ । ତା'ର କ୍ଷେତ୍ରରେ ମଧ୍ୟ ତାକୁ ଅବଶ୍ୟ କିଛି କରିବାକୁ ପଡ଼ୁଥିବ, ଯେପରିକି ତାକୁ ମାରାତ୍ମକ ନାନା ଅସୁବିଧାରେ ଆଣି ପକାଇ ଦେଉଥିବା କାର୍ଯ୍ୟଗୁଡ଼ିକରୁ ସିଏ ନିଜକୁ ନିବୃତ୍ତ କରି ରଖିପାରିବ । ଏହାହିଁ ହେଉଛି ଜଣେ ମନୁଷ୍ୟର ସ୍ୱଭାବ ; ତାକୁ ନିଜ ଭିତରେ ଏପରି ଏକ ପ୍ରକାରର ମାନସିକ କ୍ରିୟାଶୀଳତା ସମ୍ଭବ କରି ରଖିବାକୁ ହୁଏ, ଯାହାକି ଅଳ୍ପ-ବହୁତ ତା' ସତ୍ତାର ଅବଶିଷ୍ଟ ଭାଗଟିକୁ ପରିଚାଳିତ କରିବାରେ ଲାଗିଥାଏ । ଏହି ନିୟନ୍ତ୍ରଣଟି ଯେଉଁ ସ୍ତରରେ ଯାଇ ପହଞ୍ଚି ପାରିଥାଏ, ତା'ଉପରେ ଓ ସ୍ୱଭାବତଃ, ମୁଁ ଯେପରି କହୁଥିଲି, ନିୟନ୍ତ୍ରଣ କରୁଥିବା ତା'ର ଏହି ମାନସିକ ରଚନାମଣ୍ଡଳଟିର ମୂଲ୍ୟ ଉପରେହିଁ ତା'ର ସଭ୍ୟତାର ସ୍ତରଟି ମଧ୍ୟ ନିର୍ଭରଶୀଳ ହୋଇ ରହିଥାଏ ।

ମାଆ, ଭୌତିକ ମନ ଓ ଯାନ୍ତ୍ରିକ ମନ, ଦୁଇଟିଯାକ ଗୋଟିଏ ବସ୍ତୁ କି ?

ପ୍ରାୟ ଗୋଟିଏ ବସ୍ତୁ । ଦୁଇଟି ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି, ଆଦୌ ବେଶୀଗୁଡ଼ାଏ ପାର୍ଥକ୍ୟ ନାହିଁ । ଯାନ୍ତ୍ରିକ ମନ ଭୌତିକ ମନଠାରୁ ଆହୁରି ଅଧିକ ପରିମାଣରେ ନିର୍ବୋଧ । ଭୌତିକ ମନ ବିଷୟରେ ଆମର ଥରେ ଆଲୋଚନା

'oaob.nitrkl.ac.in' images reprocessed

ହୋଇଥିଲି, ଭୌତିକ ମନ ଆଦୌ କୌଣସି ବିଷୟରେ ନିଶ୍ଚିତ ହୋଇପାରେ ନାହିଁ ।

ତୁମମାନଙ୍କର ମନେଥିବ, ମୁଁ ତୁମମାନଙ୍କୁ ବନ୍ଦ ହୋଇ ରହୁଥିବା କବାଟ ବିଷୟରେ ଥରେ କହୁଥିଲି । ଏବଂ, ତାହାହିଁ ହେଉଛି ଭୌତିକ ମନର ସ୍ୱଭାବ । ଯାନ୍ତ୍ରିକ ମନ ଆହୁରି ଅଧିକ ନିମ୍ନ ଏକ ସ୍ତରରେ ଯାଇ ରହୁଥାଏ, କାରଣ, ଯେଉଁ ବିବେକ ଓ ଯୁକ୍ତି ସବୁକଥା ବିଷୟରେ ଆମର ହୃଦୟଙ୍ଗମ କରାଇଦେଇ ପାରନ୍ତା, ସିଏ ତା'ର ସମ୍ଭାବନାଗୁଡ଼ିକ ଲାଗି ମଧ୍ୟ ଆଦୌ କୌଣସି କାନ ଦିଏ ନାହିଁ । ଏବଂ ଏହି କଥାଟି ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଘଟିଥାଏ । ସାଧାରଣତଃ ଆମେ ତାହାକୁ ସକ୍ରିୟ ହେବାକୁ ଦେଉ ନାହିଁ, ମାତ୍ର ତାହା ସଚେତନପରି ଆପଣାଛାଏଁ, ଆଦୌ କୌଣସି ହେତୁ ବା କାରଣ ନ ଥାଇ ମଧ୍ୟ ସମ୍ପୂର୍ଣ୍ଣ ଯନ୍ତ୍ରବତ୍ ଆସି ପହଞ୍ଚି ଯାଉଥାଏ ଓ ସେହି ଗୋଟିଏ କଥାର ପୁନରାବୃତ୍ତି କରିବାରେ ଲାଗିଥାଏ । ଯେତେବେଳେ ତାକୁ ସଚେତନ ବା କୌଣସି ପାଗଳାମି ଅଥବା ଆଉକିଛୁ ଆସି ମାଡ଼ି ବସିଥାଏ, ସେତେବେଳେ ··· ଉଦାହରଣସ୍ୱରୂପ, ଯେତେବେଳେ ସିଏ "ଏକ, ଦୁଇ, ତିନି, ଚାରି" ବୋଲି ଗଣିବାରେ ବ୍ୟସ୍ତ ରହୁଥାଏ, ସେତେବେଳେ ତାହା କେବଳ "ଏକ, ଦୁଇ, ତିନି, ଚାରି; ଏକ, ଦୁଇ, ତିନି, ଚାରି" କହିବାରେ ଲାଗିଥାଏ । ଏବଂ ଏହି କ୍ଷେତ୍ରରେ ତୁମେ ଯାହା ମନ ତାହା ବି ଭାବିପାରିବ, ମାତ୍ର ସିଏ ସେହିପରି କେବଳ "ଏକ, ଦୁଇ, ତିନି, ଚାରି" କହିବାରେ ଲାଗିଥାଏ ··· (ମାଆ ହସିଲେ) । ବା, ତା' ନ ହେଲେ ସିଏ ତିନି ଚାରିଟା ଶବ୍ଦକୁ ଯାଇ କାଠ କରି ଧରେ ଏବଂ ସେଗୁଡ଼ିକରହିଁ ପୁନରାବୃତ୍ତି କରୁଥାଏ । ଏବଂ, ଅତ୍ୟନ୍ତ ତୀବ୍ର ଭାବରେ ସେହି ଜାଲ ଭିତରୁ ବାହାରି ଆସି ତାକୁ ଏକ କଠିନ ଆଘାତ ନ ଦେବା ଯାଏ ଓ "ଚୁପ୍ କର !" ବୋଲି ନ କହିବାଯାଏ ସିଏ ଠିକ୍ ସେହି କାର୍ଯ୍ୟଟିକୁହିଁ କରିବାରେ ଲାଗିଥାଏ ।

**ମାଆ, ଆମର ଯାବତୀୟ ଭାବନା ଓ ଧାରଣା, ଏଗୁଡ଼ିକ କ'ଣ ସମ୍ପୂର୍ଣ୍ଣ ଭାବରେ ମାନସିକ ଜଗତର ବସ୍ତୁ ?**

ଏପରି ଅନେକ ଧାରଣା ଓ ଭାବନା ଅଛନ୍ତି, ଯେଉଁଗୁଡ଼ିକ କି ଏକ ସୀମାତୀତ କ୍ଷେତ୍ରରୁ ଓ ଊର୍ଦ୍ଧ୍ୱରୁ ଆସି ଉତ୍ପନ୍ନ ହୋଇଥାନ୍ତି ଏବଂ ମନ ସେଗୁଡ଼ିକୁ କେବଳ ଏକ ନିର୍ଦ୍ଦିଷ୍ଟ ଆକାରହିଁ ପ୍ରଦାନ କରିଥାଏ । ବସ୍ତୁତଃ, ମୁଁ ବର୍ତ୍ତମାନ ସେହି କଥା କହିବାକୁ ଯାଉଥିଲି । ଜଣେ ପ୍ରକୃତ ଲେଖକ, ପ୍ରକୃତ ଲେଖକ ଓ ପ୍ରକୃତ ବକ୍ତା ଆପଣାର ମୁଣ୍ଡ ଭିତରେ ଆଦୌ କୌଣସି ଭାବନାକୁ ରଚନା କରେ ନାହିଁ; ସିଏ ଊର୍ଦ୍ଧ୍ୱରୁ ଏକ ପ୍ରେରଣା ପାଏ, ଏବଂ ସେହି ପ୍ରେରଣାଟି ତା'ର ମନଭିତରେ ଆସି

'oaob.nitrkl.ac.in' images reprocessed

ପ୍ରବେଶ ଲାଭ କରୁଥିବା ବେଳେ କେତୋଟି ଶବ୍ଦରେ ତାହାର ଏକ ସୂତ୍ରାୟିତ ତର୍ଜମା ହୋଇଯାଏ । ମାତ୍ର ଭାବନାର ଉତ୍ପତ୍ତି ଅନେକ ଊର୍ଦ୍ଧ୍ୱସ୍ତରର ହୋଇ ରହିଥାଏ ।

ମାତ୍ର ତୁମେ ଯାହା କହିବାକୁ ଚାହିଁଥିଲ, ତାହା ହେଉଛି, "ଏପରି ଭାବନାମାନ ଅଛନ୍ତି କି, ଯେଉଁମାନେ ନିମ୍ନରୁ ଆସନ୍ତି ?" ଆମେ ଏଗୁଡ଼ିକୁ ଭାବନା ବୋଲି କହିବା ନାହିଁ । ସେଗୁଡ଼ିକୁ କେବଳ ଗୋଟିଏ ଗୋଟିଏ ଆବେଗ ବୋଲି କହିବା, ଚେତନାର କ୍ଷେତ୍ରରେ ଯେଉଁମାନଙ୍କର କି କେତୋଟି ଶବ୍ଦର ଆକାରରେ ଏକ ତର୍ଜମା ହୋଇ ଯାଇଥାଏ । କେତୋଟି ଶବ୍ଦର ଆକାରରେ ଏକ ସୂତ୍ରାୟନ ହୋଇ ଯାଇଥାଏ । ମାତ୍ର ଏଗୁଡ଼ିକ ଭାବନା ନୁହନ୍ତି । ସେମାନଙ୍କର ଏକ ଭିନ୍ନ ସ୍ୱଭାବ ରହିଥାଏ ।

"ଅବଚେତନ" କହିଲେ ଠିକ୍ କ'ଣ ବୁଝାଏ ?

ଅବଚେତନ କହିଲେ ? ଅବଚେତନ, ଅର୍ଥାତ୍ ଯାହା ଅଧା ଚେତନ ହୋଇ ରହିଥାଏ । ଆମେ ଏଠାରେ "ଅବ" ବୋଲି କହୁ, କାରଣ ତାହା ଚେତନାର "ନିମ୍ନ" ରେ ଥିବା ଏକ ବସ୍ତୁକୁ ବୁଝାଇଥାଏ । ତାହା ଚେତନାର ତୁଳନାରେ ଅଧିକ ଅସ୍ପଷ୍ଟ ଓ ଅନ୍ଧକାରାବୃତ ହୋଇ ରହିଥାଏ । ମାତ୍ର ଯାହା ଯୁଗପତ୍ ଭାବରେ ଏପରି ଏକ ନିମ୍ନତର ଉପସ୍ତର ହୋଇ ରହିଥାଏ, ଯାହାକି ଚେତନାକୁ ବହନ କରି ରହିଥାଏ । ଆମେ ଏହାକୁ ଗୋଟିଏ ଗୋଟିଏ ଏପରି ଭଣ୍ଡାର ପରି କଳ୍ପନା କରି ପାରିବା, ଯାହାଭିତରୁ କି ଆମେ ପ୍ରାୟ ଆଦୌ କୌଣସି ଆକାର ପାଇ ନ ଥିବା ଏକ ବସ୍ତୁକୁ ବାହାର କରି ଆଣିପାରିବା, ଏପରି ଏକ ଆକାରହୀନ ଉପାଦାନକୁ ବାହାର କରି ଆଣିପାରିବା ଯାହାର କି ଆକାର ରୂପେ ଏକ ତର୍ଜମା ହୋଇ ପାରିବ, କ୍ରିୟାରୂପେ, ଆବେଗରୂପେ ଓ ଏପରିକି ନାନା ସଂବେଗରୂପେ ମଧ୍ୟ ତର୍ଜମା ହୋଇ ପାରିବ । ମାତ୍ର, ଏହା ହେଉଛି ସେହିପରି ଭଣ୍ଡାର ପରି, ଯେଉଁଥିରେ କି ବହୁସଂଖ୍ୟକ ବସ୍ତୁ ପରସ୍ପର ସହିତ ପ୍ରାୟ ମିଶ୍ରିତ ହୋଇ ରହିଥାଏ, ଗୋଟିଏ ଅନ୍ୟ ଗୋଟିକରୁ ଖୁବ୍ ବେଶୀ ବାରିହୋଇ ପାରେ ନାହିଁ, — ମାତ୍ର ସେଗୁଡ଼ିକରେ କେତେ ନା କେତେ ସମ୍ଭାବନା ଭରି ରହିଥାଏ । ସେଗୁଡ଼ିକୁ କେବଳ ବାହାରକୁ ଆଲୋକ ମଧ୍ୟକୁ ବାହାର କରି ଆଣିବା ଓ ସଂଗଠିତ କରିବା ବାକି ରହିଥାଏ, ସେଗୁଡ଼ିକ ମଧ୍ୟରେ ଏକ ଶ୍ରେଣୀବିଭାଗ କରି ସେଗୁଡ଼ିକୁ ଏକ ଯଥାର୍ଥ ମୂର୍ତ୍ତି ରୂପ ଦେବା ବାକି ରହିଥାଏ, ଯାହା ଦ୍ୱାରା କି ସେଗୁଡ଼ିକୁ ଏକ ମୂଲ୍ୟ ମଧ୍ୟ ଦେଇହୁଏ ।

'oaob.nitrkl.ac.in' images reprocessed

ସେଠାରେ ରହିଥିବା ପର୍ଯ୍ୟନ୍ତ ସେମାନେ ଗୋଟିଏ ପୁଞ୍ଜ ହୋଇ ରହିଥାନ୍ତି, ଏକ ବମିଶ୍ରଣ ହୋଇ ରହିଥାନ୍ତି; ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେଗୁଡ଼ିକ ଅବଚେତନ ଭାବରେ ରହିଥାନ୍ତି, ଅର୍ଥାତ୍ ଅର୍ଦ୍ଧଚେତନ ହୋଇ ରହିଥାନ୍ତି, ଆଂଶିକ ଭାବରେ ଚେତନ ଥାଆନ୍ତି,—ସେଠାରେ ସବୁକିଛି ପରସ୍ପର ସହିତ ଗୋଳାଆମିଶା ହୋଇ ରହିଥାଏ । ସେଥିରେ ଆଦୌ କୌଣସି ସଂଗଠନ ନ ଥାଏ, କୌଣସି ଶ୍ରେଣୀବିଭାଗ ହୋଇ ନ ଥାଏ । ଚେତନାର ଧର୍ମଲକ୍ଷଣ ହେଉଛି ସଂଗଠିତ ହେବା ଓ ଶ୍ରେଣୀରେ ବିଭକ୍ତ ହୋଇ ରହିବା···ଶ୍ରେଣୀବିଭାଗ, ଅର୍ଥାତ୍ ଏକ ଶୃଙ୍ଖଳା ମଧ୍ୟରେ ରଖିବା, ନ୍ୟାୟସଙ୍ଗତ ଭାବରେ ସଜାଇ ରଖିବା···ଏହି ନ୍ୟାୟସଂଗତ କେତେ କେତେ ପ୍ରକାରର ରହିଛି; ତଥାପି ଏହି କ୍ଷେତ୍ରରେ କିଛି ନା କିଛି ନ୍ୟାୟସଂଗତ ଅବଶ୍ୟ ଥାଏ, ନ୍ୟାୟସଂଗତତାର ଏକ ଆରମ୍ଭ ଅବଶ୍ୟ ହୋଇଥାଏ । ଏତକ ଅପେକ୍ଷା ଉଚ୍ଚତର ଓ ଆହୁରି ଉଚ୍ଚତର ପ୍ରକାରର ନ୍ୟାୟସଂଗତ ଅଛି, ଉତ୍କୃଷ୍ଟତର ନ୍ୟାୟସଂଗତମାନ ରହିଛି । ମାତ୍ର ପ୍ରାଥମିକ ସ୍ତରର ଏକ ନ୍ୟାୟସଂଗତକୁ ମଧ୍ୟ ଆମେ ଚେତନାରହିଁ ସର୍ବପ୍ରଥମ କାର୍ଯ୍ୟ ବୋଲି କହିବା ।

ମାତ୍ର ଚେତନା ଏହି ଗ୍ରନ୍ଥି ମଧ୍ୟକୁ ପ୍ରବିଷ୍ଟ ହୋଇ ଆସେ—ସମ୍ଭବତଃ ଆପଣାର ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ପ୍ରବିଷ୍ଟ ହୋଇ ଆସେ, ଏବଂ ସମ୍ଭବତଃ ରସ ସଂଗ୍ରହ କରି ନେଉଥିବା ପରି ଏହାକୁ ମଧ୍ୟ ସଂଗ୍ରହ କରିନିଏ; ଅବଚେତନରେ ଏକ ରୂପାନ୍ତର ସମ୍ଭବ କରିବାର ଅଭିପ୍ରାୟରେ ଏହା ନିଷ୍କାସନର ଏକ ପ୍ରକ୍ରିୟା ଦ୍ୱାରା ତାହାକୁ ଏକ ସଂଗଠିତ ଉପାଦାନ ରୂପେ ପରିଣତ କରି ଆଣେ । ସେହି କାରଣରୁହିଁ ଆମେ ସେହି ଏକା କାମଟିକୁ ଆଉଥରେ କରିବାରେ ସମସ୍ତ ଅଭ୍ୟାସଗତ କରିବାରେ ଲାଗିଥାଉ । କେତେକ ଲୋକ ଯେପରି କଳ୍ପନା କରିଥାନ୍ତି, ଯଦି ଆମ ନିଜର ବୋଲି କହିବାଭଳି ଏକ କ୍ଷୁଦ୍ର ସୀମିତ ପରିମାଣରେ ଚେତନା ଆମ ପାଖରେ ରହିଥାନ୍ତା, ସମ୍ଭବତଃ ଗୋଟିଏ ସ୍ଥାନ ମୂର୍ତ୍ତିରେ ଭର୍ତ୍ତି ହୋଇ ରହିଥିବା ପରି କିଛି ଚେତନା ଥାଆନ୍ତା, ଯାହାକୁ କି ଆମେ ନିଜର ଚେତନା ବୋଲି କହି ପାରୁଥାନ୍ତେ, ତେବେ ଯେତେବେଳେ ତୁମେ ତାହାକୁ ଶୃଙ୍ଖଳାବଦ୍ଧ ଏବଂ ସୁସଂଗଠିତ କରି ରଖି ପାରନ୍ତି, ସେତେବେଳେ ତୁମର କାର୍ଯ୍ୟଟି ଅବଶ୍ୟ ସାଧିତ ହୋଇଯାଇ ପାରନ୍ତା ଓ ତୁମେ ସ୍ଥିର ଓ ନୀରବ ହୋଇଯାଇ ପାରନ୍ତି । ମାତ୍ର ଏହା ମୋଟେ ସେପରି ହୋଇ ନ ଥାଏ, ମୋଟେ ସେପରି ହୋଇ ନ ଥାଏ ।

ଯେପରି ଚେତନାର କେତେକ ଉପାଦାନ ରହିଥାଏ, ଯାହାକି ତା' ହାତରୁ ବାହାରକୁ ବାହାରି ଯିବାକୁ ଓ ବାଷ୍ପୀକୃତ ହୋଇ ରହିବାକୁ ପ୍ରବୃତ୍ତି

'oaob.nitrkl.ac.in' images reprocessed

ରହିଥାଏ, ଯାହା ବ୍ୟାପ୍ତ ହୋଇଯିବାରେ ଲାଗିଥାଏ, ସେହିପରି ଏକ ଗଭୀର ତଳଦେଶରୁ କିଛି ସତତ ଉତ୍ଥିତ ହୋଇ ଆସିବାକୁ ମଧ୍ୟ ଇଚ୍ଛା କରୁଥାଏ, ଯାହାକି ଏକ ଚେତନ ବସ୍ତୁରେ ପରିଣତ ହେବା ଲାଗି ସୁଯୋଗ ଖୋଜୁଥାଏ । ଏବଂ ସେହି କ୍ଷେତ୍ରରେ ତୁମର କାର୍ଯ୍ୟଟିକୁ ନିରନ୍ତର ଭାବରେ ବାରଂବାର କରିବାକୁ ହୋଇଥାଏ । ମାତ୍ର ଜଣେ ବ୍ୟକ୍ତି — ଯଦି ସିଏ ଯତ୍ନବାନ୍ ଥିବ ଏବଂ ଯଥାର୍ଥ ମନୋଯୋଗ ରଖିଥିବ,—ତେବେ ସିଏ ପ୍ରତ୍ୟେକଥର ଗୋଟିଏ କଥାର ବାରଂବାର ପୁନରାବୃତ୍ତି ନ କରି କିନ୍ତୁ ଅଗ୍ରଗତି ସହିତ ମଧ୍ୟ ପୁନର୍ବାର ତାହାକୁ କରିପାରୁଥିବ । ତେବେ ଏହି କ୍ରିୟାଶୀଳତାଟି କଦାପି ସେହି ସମାନ ଭୂମିରେ ପଡ଼ି ନ ରହି ଏହିପରି ଭାବରେ (ମାଆ ଏକ କୁଣ୍ଡଳୀକୃତ ପ୍ରକ୍ରିୟାକୁ ଇଙ୍ଗିତ କରି ଦେଖାଇଦେଲେ) ମଧ୍ୟ ଗତି କରି ପାରିବ । ବେଳେବେଳେ ପଛକୁ ବି ଯାଉଥିବା ପରି ମନେ ହେବ ସତ, ମାତ୍ର ଆହୁରି ଅଧିକରୁ ଅଧିକ ଆଗକୁ ଯିବା ଲାଗି ସେହିପରି କରିବାକୁ ପଡ଼ୁଥିବ ।

ଶାନ୍ତି ବ୍ୟତୀତ ନୀରବତା ସମ୍ଭବ ହେବ କି ?

ସମ୍ଭବତଃ ହେବ; ଅର୍ଥାତ୍, ହୁଏତ ତୁମର ମନରେ ଶାନ୍ତି ରହିଥିବ ସତ, ମାତ୍ର ହୃଦସ୍ଥରେ କୌଣସି ଶାନ୍ତି ନ ଥିବ । ଏପରି ମଧ୍ୟ ବେଶ୍ ଘଟିପାରେ ଯେ, ମନ ବେଶ୍ ନୀରବ ଓ ସ୍ଥିର ହୋଇ ରହିଥିବ, ମାତ୍ର ତଥାପି ଏଠାରେ ଏହି ହୃଦସ୍ଥ ମଧ୍ୟରେ କାହାର ସ୍ପନ୍ଦନ ଓ ଆଘାତ ଅନୁଭୂତ ହେବାରେ ଲାଗିଥିବ । ସାଧାରଣତଃ ଏହା ପ୍ରତିପାଦିତ କରିଦିଏ ଯେ ତୁମେ ଆପଣା ଭିତରେ ବେଶ୍ ଦୁଇଭାଗରେ ବିଭକ୍ତ ହୋଇ ରହିଛ । ମାତ୍ର ଅନେକ ମନୁଷ୍ୟ ପ୍ରକୃତରେ ଦୁଇଭାଗରେ ବିଭକ୍ତ ହୋଇ ରହିଥାନ୍ତି । ବସ୍ତୁତଃ ଏପରି ଅବଶ୍ୟ ଘଟିପାରେ ଯେ ତୁମର ମନରେ ନୀରବତା ରହିଥିବ ଅଥଚ ହୃଦସ୍ଥରେ ଶାନ୍ତି ସମ୍ଭବ ହୋଇ ନ ଥିବ । ଏକଥା ବେଶ୍ ଘଟିପାରେ ଯେ, ମନ ବେଶ୍ ନୀରବ ଓ ଅଚଞ୍ଚଳ ହୋଇ ପାରୁଥିବ, ମାତ୍ର ତଥାପି ସ୍ନାୟୁଗୁଡ଼ିକରେ ନାନା କମ୍ପନ ହେବାରେ ଲାଗିଥିବ, ସ୍ନାୟୁଗୁଡ଼ିକ ସେହି କ୍ଷେତ୍ରରେ ନାନା ସ୍ପନ୍ଦନ ଓ ଲମ୍ଫନ ମଧ୍ୟରେ ଯାଇ ପଡ଼ି ରହିଥିବେ । ଏବଂ ତଥାପି ମନ ନୀରବ ହୋଇ ରହିଥିବ । ମାତ୍ର ଯଦି ସେହି ନୀରବତାକୁ ଯଥେଷ୍ଟ ଦୀର୍ଘକାଳ ଲାଗି ସ୍ଥାୟୀ କରି ରଖାଯାଇ ପାରେ, ତେବେ ଆଉ ସବୁକଥା ଅବଶ୍ୟ ତା' ପଛେପଛେ ଆସିବ ।

ସ୍ଥିରତା ଏବଂ ଶାନ୍ତି କ'ଣ ସେଇ ଗୋଟିଏ କଥା ?

ସ୍ଥିରତା ଏବଂ ଶାନ୍ତି ? ହଁ, ପ୍ରାୟ ସେହି ଗୋଟିଏ କଥା ।

'oaob.nitrkl.ac.in' images reprocessed

ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି କ୍ଷେତ୍ରରେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ କେତେ ପ୍ରକାରର ସ୍ଥିରତା ରହିଛି ଓ କେତେ ପ୍ରକାରର ଶାନ୍ତି ମଧ୍ୟ ରହିଛି । ଏବଂ, ସେହି ପ୍ରତ୍ୟେକ ଭିନ୍ନ ପ୍ରକାରକୁ ଆମେ ଗୋଟିଏ ସ୍ୱତନ୍ତ୍ର ଶବ୍ଦ ବା ସ୍ୱତନ୍ତ୍ର ନାମ ଦେଇ ବର୍ଣ୍ଣନା ମଧ୍ୟ କରି ପାରିବା । ଆମର ବୋଧରେ ଅତ୍ୟନ୍ତ ଯଥାର୍ଥ ଏବଂ ନିର୍ଦ୍ଦିଷ୍ଟ ହେବାକୁ ହେଲେ ଆମେ ସେପରି କରି ପାରିବା । ମାତ୍ର, ସେପରି କରିବାର ଅର୍ଥ ହେଉଛି ଯେ ଆମେ ସେହି କ୍ଷେତ୍ରରେ ନିଜ ଲାଗି ଏକ ସ୍ୱତନ୍ତ୍ର ଶବ୍ଦାବଳୀର ରଚନା କରି ରଖିବା; ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ଆମେ ସର୍ବଦା କେବଳ ସେହି ଏକା ମଣିଷଙ୍କ ସହିତ ବାକ୍ୟ ଦ୍ୱାରା ଭାବର ଆଦାନପ୍ରଦାନ କରୁଥିବା ଓ ସେହି ମଣିଷମାନଙ୍କର ସଂଖ୍ୟା ମଧ୍ୟ ସୀମିତ ହୋଇ ରହିଥିବ, ତେବେ ସେହି କ୍ଷେତ୍ରରେ ଆମେ ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ଶବ୍ଦାବଳୀର ରଚନା କରିପାରିବା । ସେକଥା କରିପାରିଲେ ବ୍ୟବହୃତ ଶବ୍ଦଗୁଡ଼ିକର ବ୍ୟାଖ୍ୟା କରି କହିବା ଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ ।

ମାତ୍ର ଯଦି ତୁମେ ନୂଆ ମଣିଷଙ୍କ ସହିତ ଅଥବା ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ବାହାରେ ଥିବା ଅନ୍ୟମାନଙ୍କ ସହିତ କେବେ ଭାବର ଆଦାନପ୍ରଦାନ କରିବାକୁ ଯିବ, ତେବେ ସେହି କ୍ଷେତ୍ରରେ ତୁମକୁ ଆପଣାର କାର୍ଯ୍ୟଟିକୁ ପୁନର୍ବାର ମୂଳରୁହିଁ ଆରମ୍ଭ କରିବାକୁ ପଡ଼ିବ··· କାରଣ ସେତେବେଳେ ତାହାକୁ ଯେ କେବଳ ଆପେକ୍ଷିକ ବୋଲି କୁହାଯିବ ତା' ନୁହେଁ, ତାହାର କୌଣସି ସାଧାରଣବୋଧକତା ମଧ୍ୟ ଆଦୌ ରହିବ ନାହିଁ । ମୁଁ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକରେ କୌଣସି ଏକ ଅର୍ଥ ରହିଥିବ, ମୋ'ର ବ୍ୟବହୃତ ପ୍ରତ୍ୟେକ ଶବ୍ଦ ସାମୂହିକ ଭାବରେ ସେଗୁଡ଼ିକୁ କୌଣସି ଏକ ଅର୍ଥ ପ୍ରଦାନ କରୁଥିବ; ଏବଂ, ଯଦି ଲୋକମାନେ ପରସ୍ପର ସହିତ କଥାବାର୍ତ୍ତା ହେବାରେ ଆଦୌ ଅଭ୍ୟସ୍ତ ହୋଇ ନ ଥିବେ ଏବଂ ଅନ୍ତତଃ ଅନୁରୂପ ଭାବରେ ବ୍ୟବହୃତ ଶବ୍ଦଗୁଡ଼ିକର ଅର୍ଥ ବିଷୟରେ ସହମତ ହୋଇପାରି ନ ଥିବେ, ତେବେ ସେମାନେ ପରସ୍ପରକୁ କଦାପି ବୁଝିପାରିବେ ନାହିଁ । ମନେକର, ତୁମେ ଏକ ଅନ୍ୟ ପରିବେଶରୁ ଆସିଥିବା, ଉଦାହରଣସ୍ୱରୂପ ଏକ ଅନ୍ୟ ଦେଶରୁ ଆସିଥିବା ଜଣେ ବ୍ୟକ୍ତି ସହିତ କଥା କହୁଛ । ମନେକର ସେହି ବ୍ୟକ୍ତିର ଭାବନା କ୍ଷେତ୍ରରେ ଏକ ଅତ୍ୟନ୍ତ ଭିନ୍ନ ଶୈଳୀ ରହିଛି । ତୁମେ ତାକୁ ଗୋଟିଏ କଥା କହୁଛ ଏବଂ ତୁମେ ଯାହା କହୁଛ, ସିଏ ସେକଥା ମୋଟେ ବୁଝିପାରୁ ନାହିଁ । ସିଏ ତା' ମୁଣ୍ଡରେ ରହିଥିବା ଏକ ଭିନ୍ନ କଥା ବୁଝୁଛି, କାରଣ, ତୁମେ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକୁ ତୁମେ ଯେଉଁ ଅର୍ଥ ଦେଇ ବୁଝୁଛ, ସିଏ ମୋଟେ ସେହି ଅର୍ଥ ଦେଇ ବୁଝୁ ନାହିଁ । ଯେତେବେଳେ ଲୋକମାନଙ୍କର ପରସ୍ପର ସହିତ କଥା

'oaob.nitrkl.ac.in' images reprocessed

କହିବାର ଯଥେଷ୍ଟ ଅଭ୍ୟାସ ରହିଥାଏ, ଯେତେବେଳେ ସେମାନେ ଯଥେଷ୍ଟ ପରିମାଣରେ ଯତ୍ନଶୀଳ ହୋଇ ଆପଣାର ବ୍ୟବହୃତ ଶବ୍ଦାବଳୀକୁ ଏକ ସୁନିର୍ଦ୍ଦିଷ୍ଟ ଅର୍ଥ ଦେଇ ବୁଝିଥାନ୍ତି, ସେତେବେଳେ ଯାଇ ସେମାନେ ଯଥାସମ୍ଭବ କମ୍ ଭୁଲ୍ ବୁଝାମଣାରେ ପରସ୍ପର ସହିତ କଥୋପକଥନ ଲାଗି ସମର୍ଥ ହୁଅନ୍ତି, ଅଥବା, ଏପରି ମଧ୍ୟ କୁହାଯାଇ ପାରିବ ଯେ, ସେତେବେଳେ ସେମାନେ ଯଥାସମ୍ଭବ ଅଧିକ ବୁଝାମଣାରେ ପରସ୍ପର ସହିତ କଥୋପକଥନ କରିପାରନ୍ତି ।

> ପରମକରୁଣାକୁ କୃତଜ୍ଞତା ସହିତ ଗ୍ରହଣ କରି ପାରିବାର ମାର୍ଗଟି ପ୍ରକୃତରେ କ'ଣ ?

ଆଃ ! ମାତ୍ର ସର୍ବପ୍ରଥମେ ତୁମକୁ ତାହାର ଆବଶ୍ୟକତା ଅନୁଭବ କରିବାକୁ ପଡ଼ିବ ।

ଏହାହିଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ଅର୍ଥାତ୍, ତୁମଠାରେ ଏପରି ଏକ ଅନ୍ତର୍ଗତ ବିନମ୍ରତା ରହିଥିବ, ଯାହାକି, ସେହି ପରମକରୁଣା ବ୍ୟତୀତ ଯେ ତୁମେ ପ୍ରକୃତରେ କେତେ ଅସହାୟ ହୋଇ ପଡ଼ିବ, ତୁମକୁ ତାହାରି ବିଷୟରେ ସଜ୍ଞାନ କରି ରଖିଥିବ; ସେହି ପରମକରୁଣା ବ୍ୟତୀତ ତୁମେ ଯେ ପ୍ରକୃତରେ ଅପୂର୍ଣ୍ଣ ଏବଂ ଶକ୍ତିହୀନ, ସେହି ବିଷୟରେ ସେ ତୁମକୁ ସଜ୍ଞାନ କରି ରଖିଥିବ । ତେଣୁ ତାହାହିଁ ସର୍ବପ୍ରଥମ କଥା ଏବଂ ସେଇଥିରୁହିଁ ଆରମ୍ଭ କରିବାକୁ ହେବ ।

ଏହା ହେଉଛି ଏକ ଅନୁଭୂତି, ଏବଂ ତୁମେ ସେହି ଅନୁଭୂତିଟିକୁ ଅବଶ୍ୟ ଲାଭ କରିପାରିବ । ତୁମେ ଜାଣିଥିବ ଯେ ଆଦୌ କିଛି ଜାଣି ନ ଥିବା ବ୍ୟକ୍ତିମାନେ ଯେତେବେଳେ ବେଶ୍ ପ୍ରତିବନ୍ଧକମୟ କୌଣସି ଏକ ପରିସ୍ଥିତିରେ ଯାଇ ପଡ଼ିଯାଆନ୍ତି ବା ଏପରି କୌଣସି ଏକ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ଯାହାର କି ଅବଶ୍ୟ ଗୋଟିଏ ସମାଧାନ ବାହାର କରିବାକୁ ହେବ; ଅଥବା, ମୁଁ ଯେପରି ତୁମ-ମାନଙ୍କୁ କହୁଛି, ଯେତେବେଳେ ସେମାନେ ଏପରି ଏକ ଆବେଗର ବଶବର୍ତ୍ତୀ ହୁଅନ୍ତି କିଂବା ସେମାନଙ୍କୁ ଅତ୍ୟନ୍ତ ବିକ୍ଷୁବ୍ଧ କରି ପକାଇଥିବା ସେହିପରି କୌଣସି କିଛିର ବଶବର୍ତ୍ତୀ ହୁଅନ୍ତି, ଯାହାକୁ କି ସେମାନଙ୍କୁ ଅବଶ୍ୟ ଅତିକ୍ରମ କରିବାକୁ ପଡ଼ିଥାଏ ... ଏବଂ ସେତେବେଳେ ସେମାନେ ଅନୁଭବ କରିବାକୁ ଆରମ୍ଭ କରନ୍ତି ଯେ, ସେମାନଙ୍କର ଆଉ ପ୍ରକୃତରେ କୌଣସି ବଳ ନାହିଁ, ସେତେବେଳେ କ'ଣ କରିବାକୁ ହେବ, ସେମାନେ ସେକଥା ମୋଟେ ଜାଣି ନ ଥାନ୍ତି,— ସେତେବେଳେ ସେମାନଙ୍କର ମନ କୌଣସି ସାହାଯ୍ୟ କରିପାରେ ନାହିଁ, ସେମାନଙ୍କର ଇଚ୍ଛାଶକ୍ତି ବା ସଂବେଗମାନେ ମଧ୍ୟ କୌଣସି ସାହାଯ୍ୟ କରିପାରନ୍ତି

'oaob.nitrkl.ac.in' images reprocessed

ନାହିଁ; ସେମାନେ କ'ଣ କରିବାକୁ ହେବ ଜାଣି ନ ଥାନ୍ତି,—ସେତିକବେଳେ ଏହି ଘଟଣାଟି ଘଟିଥାଏ; ସେତେବେଳେ ସେମାନଙ୍କ ଭିତରେ ଏପରି ଏକ ବସ୍ତୁ ରହିଥାଏ, ଯାହାକି ଗୋଟିଏ ପ୍ରକାରର ଆହ୍ୱାନରୂପେ ଅନୁଭୂତ ହୁଏ; ଆମେ ଯାହା କରିପାରୁ ନ ଥାଉ, ତାହାହିଁ କରିବା ଲାଗି ଏକ ଆହ୍ୱାନରୂପେ ଅନୁଭୂତ ହୁଏ । ସେତେବେଳେ ଆମେ ଏପରି ଏକ ବସ୍ତୁର ଅଭୀପ୍ସା କରୁ, ଯାହାକି, ଆମେ ନିଜେ ଯାହା କରି ପାରୁ ନ ଥାଉ, ତାହାକୁ କରିବା ଲାଗି ସାମର୍ଥ୍ୟ ଧାରଣ କରିଥାଏ ।

ଏଇଟି ହେଉଛି ସର୍ବପ୍ରଥମ ସର୍ତ୍ତ । ଏବଂ ତା'ପରେ ତୁମେ ଯଦି ସଚେତନ ହୁଅ ଯେ କେବଳ ସେହି ପରମକରୁଣାହିଁ ତାହା କରିପାରିବ, ଅର୍ଥାତ୍, ତୁମେ ବର୍ତ୍ତମାନ ଯେଉଁଭଳି ଏକ ପରିସ୍ଥିତିରେ ପଡ଼ିଛ, କେବଳ ସେହି ପରମକରୁଣାହିଁ ଯେ ତୁମକୁ କାଢ଼ି ବାହାର କରିନେଇ ପାରିବ, ତୁମ ଲାଗି ବାହାରି ଯିବାର ଏକ ବାଟ ଯୋଗାଇଦେବ ଏବଂ ସେଥିରୁ ବାହାରି ଆସିବା ଲାଗି ଆବଶ୍ୟକ ବଳ ମଧ୍ୟ ଆଣି ଦେଇଯିବ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମ ଭିତରେ ଏକ ଗଭୀର ଅଭୀପ୍ସାର ଉନ୍ମେଷଣା ଘଟିବ, ଏପରି ଏକ ଚେତନାର ଜାଗ୍ରତି ଘଟିବ, ଯାହାକି ତା'ପରେ ଏକ ଉନ୍ମୋଚନରେ ପରିଣତ ହୋଇଯିବ । ଯଦି ତୁମେ ଆବାହନ କରିବ, ଅଭୀପ୍ସା କରିପାରିବ, ଏବଂ ଯଦି ତୁମେ ଅବଶ୍ୟ ଏକ ଜବାବ ପାଇବ ବୋଲି ଆଶା ପୋଷଣ କରିବ, ତେବେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମେ ସେହି ପରମକରୁଣା ଉଦ୍ଦେଶ୍ୟରେହିଁ ଆପଣାକୁ ଉନ୍ମୋଚିତ କରି ଦେଇପାରିବ ।

ଏବଂ ତା'ପରେ — ଏଇଟି ପ୍ରତି ତୁମର ଅତ୍ୟନ୍ତ ଧ୍ୟାନ ରହିଥିବା ଉଚିତ (ମାଆ ଆପଣାର ଆଙ୍ଗୁଠିକୁ ନେଇ ନିଜର ଦୁଇ ଓଠ ଉପରେ ରଖିଲେ)—ସେହି ପରମକରୁଣା ତୁମ ଆବାହନର ଜବାବ ଦେବ, ପରମ କରୁଣା ତୁମକୁ ପ୍ରମାଦ ଭିତରୁ ବାହାର କରି ନେଇଯିବ, ପରମକରୁଣା ତୁମକୁ ତୁମ ସମସ୍ୟାଟିର ସମାଧାନ ଆଣି ଦେଇଯିବ ଅଥବା, ତୁମେ ଯେପରି ତୁମ ଅସୁବିଧାଟି ମଧ୍ୟରୁ ବାହାରି ଯାଇ ପାରିବ, ସେଥିଲାଗି ତୁମକୁ ସାହାଯ୍ୟ କରିବ । ମାତ୍ର, ଥରେ ଆପଣାର ସେହି ପ୍ରମାଦ ଭିତରୁ ବାହାରି ଆସିବା ପରେ ଅଥବା ଅସୁବିଧାଟିରୁ ମୁକ୍ତି ପାଇବା ପରେ ତୁମେ ଏକଥା କଦାପି ପାସୋରି ଦେବ ନାହିଁ ଯେ ସେହି ପରମକରୁଣା ଦ୍ୱାରାହିଁ ତୁମର ସେହି ମୁକ୍ତି ସମ୍ଭବ ହେଲା; ଏବଂ ତୁମ ନିଜ ସକାଶେ ତାହା ସମ୍ଭବ ହେଲା ବୋଲି ଆଦୌ ଭାବିବ ନାହିଁ । କାରଣ, ବସ୍ତୁତଃ ତାହାହିଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ଅସୁବିଧାଟି ଅତିକ୍ରାନ୍ତ ହୋଇଗଲା ପରେ ଅଧିକାଂଶ ଲୋକ କହିଥାନ୍ତି, "ଯାହାହେଉ, ମୁଁ ଆପଣାର ଅସୁବିଧାଟି ମଧ୍ୟରୁ ବେଶ୍ ସୁନ୍ଦର ଭାବରେ ନିଜକୁ ମୁକ୍ତ କରିଆଣି ପାରିଲି ।"

'oaob.nitrkl.ac.in' images reprocessed

ଏଥର ବୃଦ୍ଧି ପାଉଥିବ । ଏବଂ, ତଦ୍ଦ୍ୱାରା ତୁମେ କବାଟଟିକୁ ପୁଣି ଜଞ୍ଜିର ଲଗାଇ ବନ୍ଦ କରି ରଖିବ ଏବଂ ତା'ପରେ ଆଉ କିଛି ହେଲେ ଗ୍ରହଣ କରିପାରିବ ନାହିଁ । ତୁମ ଭିତରେ ରହିଥିବା ଏହି ଅନ୍ତର୍ଗତ ନିର୍ବୋଧତା ଯେପରି ପୁଣି ବଶ୍ୟତା ସ୍ୱୀକାର କରିବାକୁ ମନ କରିବ, ତୁମେ ନିଜେ ଯେ ଆଦୌ କିଛି କରିପାରିବ ନାହିଁ, ତୁମେ ଯେପରି ସେହି କଥାଟିକୁ ପୁନର୍ବାର ଉପଲବ୍ଧି କରିପାରିବ, ସେଥିଲାଗି ତୁମେ ପୁନର୍ବାର ଆଉ କୌଣସି ଘାତ୍, ପରିତାପ ଅଥବା କୌଣସି ଭୟଙ୍କର ଅସୁବିଧାର ସମ୍ମୁଖୀନ ହେବାର ଏକ ଆବଶ୍ୟକତା ରହିଥିବ । କାରଣ, ତୁମେ ନିଜେ ସମ୍ପୂର୍ଣ୍ଣ ଶକ୍ତିହୀନ ବୋଲି ଏକ ସଜ୍ଞାନତା ବୃଦ୍ଧି ପାଉଥିଲେ ଯାଇ କିଛିଟା ପରିମାଣରେ ଉନ୍ମୁକ୍ତ ଓ ନମନୀୟ ହେବାକୁ ଆରମ୍ଭ କରିପାରିବ । ମାତ୍ର ତୁମେ ଯାହାକିଛି କରୁଛ, ତାହା ତୁମର ନିଜର କୁଶଳତା ଏବଂ ନିଜର ସାମର୍ଥ୍ୟ ଉପରେ ନିର୍ଭର କରୁଛି ବୋଲି ଅନୁଭବ କରୁଥିବା ପର୍ଯ୍ୟନ୍ତ ତୁମେ ଯେ ପ୍ରକୃତରେ କେବଳ ଗୋଟିଏ କବାଟ ବନ୍ଦ କରି ରଖିଥିବ ତା' ନୁହେଁ, ମାତ୍ର ତୁମେ ଗୋଟିକ ପରେ ଗୋଟିଏ କେତେକେତେ କବାଟକୁ ବନ୍ଦ କରି ରଖିଥିବ, ସେଗୁଡ଼ିକରେ ଶିକୁଳି ଲଗାଇ ରଖିଥିବ । ତୁମେ ଆପଣାକୁ ଗୋଟିଏ ଦୁର୍ଗ ଭିତରେ ବନ୍ଦ କରି ରଖିଥିବ ଏବଂ ତା' ଭିତରକୁ ଆଉ କିଛିହେଲେ ପ୍ରବେଶ କରିପାରୁ ନ ଥିବ । ତାହା ଏକ ବୃହତ୍ ଅସୁବିଧା : ଆମେ ସେହି କଥାଟିକୁ ଖୁବ୍ ଶୀଘ୍ର ପାସୋରି ଦେଉଥାଉ । ଆମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ନିଜ ସାମର୍ଥ୍ୟରେହିଁ ସନ୍ତୁଷ୍ଟ ହୋଇ ରହୁଥାଉ ।

ମାତ୍ର ମାଆ, ଆପଣାକୁ ପ୍ରକୃତରେ ଶକ୍ତିହୀନ ବୋଲି ଯେତେ ଭାବୁଥିଲେ ମଧ୍ୟ ଭିତରେ ତଥାପି କୌଣସି ଏକ ବସ୍ତୁ ରହିଥାଏ, ଯାହାକି ଆମେ ଶକ୍ତିସମ୍ପନ୍ନ ବୋଲି ବିଶ୍ୱାସ କରୁଥାଏ । ସେହି କ୍ଷେତ୍ରରେ ପୁଣି କ'ଣ କରାଯିବ ?

ହଁ, ହଁ, ପ୍ରକୃତରେ ସେହିପରି ହୁଏ । ହଁ, ଯଥାର୍ଥରେ ନିଷ୍ଠାଯୁକ୍ତ ହେବା ଭାରି କଷ୍ଟକର । ···ଏବଂ ସେହି କାରଣରୁହିଁ ଆଘାତର ସଂଖ୍ୟା ଅଧିକରୁ ଅଧିକ ହେବାରେ ଲାଗିଥାଏ ଏବଂ ବେଳେବେଳେ ସେହି ଆଘାତଗୁଡ଼ିକ ଅତ୍ୟନ୍ତ ଭୟଙ୍କର ହୋଇଉଠନ୍ତି । କାରଣ, କେବଳ ତାହାରି ଦ୍ୱାରାହିଁ ତୁମର ନିର୍ବୋଧତାଟି ଭାଙ୍ଗିବାର ଏକ ସମ୍ଭାବନା ରହିଥାଏ । ତୁମ ଉପରେ ପଡ଼ୁଥିବା ଦୁର୍ବିପାକଗୁଡ଼ିକର ଏହିପରି ଏକ ଔଚିତ୍ୟ ରହିଛି । କେବଳ ଯେତେବେଳେ ତୁମେ ଏକ ଅତ୍ୟନ୍ତ ଯନ୍ତ୍ରଣାମୟ ପରିସ୍ଥିତିରେ ଆସି ପଡ଼ିଥାଅ ଏବଂ ବସ୍ତୁତଃ ଏପରି ଏକ ବସ୍ତୁର ସମ୍ମୁଖରେ ଆସି ଉପସ୍ଥିତ ହୋଇଥାଅ ଯାହାକି ତୁମର ଅତ୍ୟନ୍ତ ଗଭୀରକୁ ଯାଇ ତୁମକୁ ଆକ୍ରାନ୍ତ

'oaob.nitrkl.ac.in' images reprocessed

କଣ୍ଟପକାଏ, ସେତେବେଳେ ତାହାହିଁ ତୁମର ନବୋଧଭାଟି ବଗଳାଉ ହୋଇ ଆସିବାରେ ଅତ୍ୟନ୍ତ ସହାୟତା କରିଥାଏ । ମାତ୍ର, ତୁମେ ଯେପରି କହୁଥିଲ, କିଛି ଅଂଶ ବଗଳାଉ ହେଉଥିବା ସମୟରେ ମଧ୍ୟ ଆହୁରି କିଛିଅଂଶ ତଥାପି ତୁମ ଭିତରେ ଅବସ୍ଥାନ କରୁଥାଏ । ଏବଂ, ସେହି କାରଣରୁହିଁ ତାହା ଦୀର୍ଘ ସମୟ ପାଇଁ ସ୍ଥାୟୀ ହୋଇ ରହେ ।···

ଆମେ ଯେ ପ୍ରକୃତରେ ଆଦୌ କିଛି ନୋହୁଁ, ଆମେ ଯେ ଆଦୌ କିଛିହେଲେ କରିପାରୁନା ନାହିଁ, ଆମେ ବୋଲି ଯେ ଆଦୌ କୌଣସି ଅସ୍ତିତ୍ୱ ନାହିଁ, ଆମେ ଯେ ଆଦୌ କିଛିହେଲେ ନୋହୁଁ ଏବଂ କେବଳ ସେହି ଦିବ୍ୟ ପରମ ଚେତନା ଓ ପରମ କରୁଣା ବ୍ୟତୀତ ଆଉ ଆଦୌ କୌଣସି ବସ୍ତୁ ବା ଅସ୍ତିତ୍ୱ ନାହିଁ, ଆମେ ଏହି କଥାଟିକୁ ହୃଦୟଙ୍ଗମ କରି ପାରିବା ଲାଗି ଜୀବନରେ ପ୍ରକୃତରେ କେତେଥର ଆଘାତ ପାଇବାର ଆବଶ୍ୟକତା ହୋଇଥାଏ କହିଲ ! ଏବଂ, ହୃଦୟଙ୍ଗମ କରିବାର ମୁହୂର୍ତ୍ତିଟିଠାରୁହିଁ ତାହାର ଅବସାନ ମଧ୍ୟ ଘଟିଥାଏ । ସେତେବେଳେ ଯାବତୀୟ ଅସୁବିଧା ଦୂର ହୋଇଯାଏ । ଯେତେ-ବେଳେ ଏହି କଥାଟି ସମ୍ପୂର୍ଣ୍ଣଭାବେ ହୃଦୟଙ୍ଗମ ହୋଇଯାଏ ଏବଂ ତାହାର ପ୍ରତିରୋଧ କରିବା ଲାଗି ଆଦୌ କେଉଁଠି କିଛି ନ ଥାଏ···ମାତ୍ର ସେହି ମୁହୂର୍ତ୍ତିଟି ଆସି ପହଞ୍ଚିବା ପର୍ଯ୍ୟନ୍ତ···ଏବଂ ଏଥିଲାଗି ଅନେକ ସମୟ ଲାଗିଥାଏ ।

ସେହି ଆଘାତ ତତ୍‌କ୍ଷଣାତ୍ ଆସେ ନାହିଁ କାହିଁକି ?

କାରଣ ତଦ୍ୱାରା ତୁମର ମୃତ୍ୟୁହିଁ ଘଟନ୍ତା । କାରଣ, ତୁମର ଆରୋଗ୍ୟବିଧାନ କରିବାଭଳି ଯଦି ସେହି ଆଘାତ ଯଥେଷ୍ଟ ପରିମାଣରେ କଠିନ ହୋଇଥାନ୍ତା, ତେବେ ତାହା ତୁମକୁ ଗୋଟାସୁଦ୍ଧା ପେଷି ଚୂନା କରି ଦିଅନ୍ତା, ତୁମକୁ ମେଣ୍ଟାଏ କାଦୁଅରେ ପରିଣତ କରିଦିଅନ୍ତା । ତେଣୁ ତାହାକୁ ଅଳ୍ପ ଅଳ୍ପ କରି, ଅଳ୍ପ ଅଳ୍ପ କରି ଅଗ୍ରସର ହେବାକୁ ପଡ଼ିଥାଏ । ତାହାରି ଫଳରେହିଁ ତୁମର ଅସ୍ତିତ୍ୱ ଧାରଣ କରି ରହିବା ସମ୍ଭବ ହୁଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତାହା ତୁମର ଅନ୍ତର୍ଗତ ବଳ ଉପରେ ନିର୍ଭର କରିଥାଏ, ତୁମର ଅନ୍ତର୍ଗତ ନିଷ୍ଠା ଏବଂ ଅଗ୍ରଗତି କରିବା ଲାଗି, ଅଭିଜ୍ଞତାରୁ ଲାଭବାନ୍ ହୋଇ ପାରିବା ଲାଗି ଓ କିଛି ସମୟ ପୂର୍ବେ ମୁଁ ଯାହା କହୁଥିଲି, ଆଦୌ କିଛି ପାସୋରି ନ ଯିବା ଲାଗି ତୁମର ସାମର୍ଥ୍ୟ ଉପରେ ନିର୍ଭର କରେ । ଯଦି ଆମେ ସ୍ୱଭାବଗତଭାବେ ପ୍ରକୃତରେ ଭୁଲି ନ ଯାଉ, ତେବେ ଆମେ ଅନେକ ଅଧିକ ଗତିର ସହିତ ଅଗ୍ରସର ହେବାକୁ ସମର୍ଥ ହେଉ । ଆମେ ପ୍ରକୃତରେ ଅତ୍ୟନ୍ତ ବେଗର ସହିତ ଅଗ୍ରସର ହୋଇ ପାରିବା । ଏବଂ, ଯଦି ଯୁଗପତ୍ ଭାବରେ ଆମ ଭିତରେ

ସେହି ନୈତିକ ଶକ୍ତି ମଧ୍ୟ ରହିଥାଏ ଯାହାଙ୍କ ନିଆଁରେ ପାଚି ଲାଲ ହୋଇ ରହିଥିବା ସେହି ଲୌହଖଣ୍ଡଟି ମହଜୁଦ ହୋଇ ରହିଥିବା ସମୟରେ ତା'ଉପରେ ପାଣି ଢାଳିଦେବାକୁ ଚେଷ୍ଟା କରି ତାହାକୁ ଆଦୌ ନିଭାଇ ଦିଏ ନାହିଁ, ମାତ୍ର ଓଲଟି ଘାଆର ଅସଲ ମର୍ମସ୍ଥଳରେ ଯାଇ ପହଞ୍ଚିପାରେ, ତେବେ ସେହି କ୍ଷେତ୍ରରେ ସବୁକିଛୁ ଅତ୍ୟନ୍ତ ସ୍ବୟଂକ୍ରିୟ ଭାବରେ ଅଗ୍ରସର ହେବାକୁ ବି ସମର୍ଥ ହୁଏ । ମାତ୍ର ଏହା ସମ୍ଭବ କରି ପାରିବା ସକାଶେ ଅନେକ ଲୋକ ଆଦୌ ଯଥେଷ୍ଟ ପରିମାଣରେ ଶକ୍ତିସମ୍ପନ୍ନ ହୋଇ ରହି ନ ଥାନ୍ତି । ଓଲଟି ସେମାନେ ସଙ୍ଗେସଙ୍ଗେ ଏହିପରି (ମାଆ ଇଙ୍ଗିତ କରି ଦେଖାଇଦେଲେ) କରିବାକୁ ଆରମ୍ଭ କରିଦିଅନ୍ତି, ଏହିପରି ଭାବରେ ଆପଣାଠାରୁ ଲୁଚି ରହିବାକୁ ଆରମ୍ଭ କରିଦିଅନ୍ତି । ସେଥିଲାଗି ଆମେ କେତେ ନା କେତେ ଚମତ୍କାର ଯୁକ୍ତି କୈଫିୟତ୍ ଦେବାକୁ ଚେଷ୍ଟା ନ କରୁ, ଆମେ କରିଥିବା ଯାବତୀୟ ନିର୍ବୋଧତାର ସମକ୍ଷରେ କେତେ କେତେ କୈଫିୟତ୍‌କୁ ଆଣି ଗଦାକରି ରଖିବାରେ ଲାଗି ନ ଯାଉ !

ମାଆ, ଜଣେ ବ୍ୟକ୍ତିକୁ କେତେଥର ଆଘାତ ପାଇବାକୁ ହେବ, ତାହା ସମ୍ପୃକ୍ତ ବ୍ୟକ୍ତି ଉପରେ ନିର୍ଭର କରେ କି ?

ହଁ, ତାହା ସେହିମାନଙ୍କ ଉପରେ ନିର୍ଭର କରେ । ମୁଁ ଯେପରି କହୁଥିଲି, ତାହା ଅଗ୍ରଗତି କରିବା ଲାଗି ରହିଥିବା ସେମାନଙ୍କର ସାମର୍ଥ୍ୟ ଉପରେ, ସେମାନଙ୍କର ବଳ ଏବଂ ସେମାନଙ୍କର ପ୍ରତିରୋଧ ଉପରେ ନିର୍ଭର କରେ । ମାତ୍ର ମୁଁ ଏପରି ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତିଙ୍କୁ ଜାଣିଛି, ଯେଉଁମାନେ କି ଆଦୌ କୌଣସି ଆଘାତ ଆବଶ୍ୟକ କରନ୍ତି ନାହିଁ ।

ମାଆ, ଏହି କ୍ଷେତ୍ରରେ ଯେଉଁସବୁ ଆଘାତ ଆସୁଥାଏ, ତାହା କ'ଣ ମହାକାଳୀଙ୍କର ଆଘାତ ?

ଆଘାତ ? ସବୁବେଳେ ଯେ ତାହା ତାହାହିଁ ହେବ, ତାହାର କୌଣସି କାରଣ ନାହିଁ ।

ଯଦି ତୁମେ ବିଷ ଭକ୍ଷଣ କରିବ ଓ ସେହି ବିଷ ତୁମ ଦେହରେ ଚରିଯିବ, ତେବେ ତାହା ଆଦୌ ମହାକାଳୀଙ୍କର ଦୋଷ ନୁହେଁ । କାରଣ, ସେହି କ୍ଷେତ୍ରରେ ତୁମେ ସ୍ବୟଂ ସେହି ବିଷକୁ ଭକ୍ଷଣ କରିଥିବ । ଯଦି ଆମେ ଆପଣାକୁ ନାନା ଅତ୍ୟନ୍ତ ହାସ୍ୟାସ୍ପଦ ପରିସ୍ଥିତିରେ ନେଇ ଉପସ୍ଥାପିତ କରି ଦେଉଥିବା, ତେବେ ତଦ୍ଦ୍ୱାରା ଆମେ ଏପରି ଏକ ସ୍ଥିତିରେ ଯାଇ ରହିବା, ଯେଉଁଥିରେ କି ଆମର ମୁଣ୍ଡ ଅବଶ୍ୟ ଫାଟିବ କିଂବା ହାତ ଭାଙ୍ଗିବ ଅଥବା ପିଠି ଜଖମ ହୋଇଯିବ । କାରଣ

'oaob.nitrkl.ac.in' images reprocessed

ସେତେବେଳେ ତୁମେ ଆଦୌ ଏକ ଯଥାର୍ଥ ସମଭାବସ୍ଥାରେ ରହି ନ ଥିବ, ଏବଂ ତେଣୁ ତୁମେ ସେଥିଲାଗି ଦଇବ ଶକ୍ତିଗୁଡ଼ିକୁ କୌଣସି ଦୋଷ ଦେଇପାରିବ କିପରି ? ସେତେବେଳେ ତାହାକୁ ତୁମର ଦ୍ୱାରା ଆଚରିତ ନିର୍ବୋଧତାର, ତୁମ ଅନ୍ତର୍ଗତ ସ୍ଥିତିର ଏକ ପରିଣାମ ବୋଲିହିଁ କୁହାଯିବ ।

ମହାକାଳୀ ଯେଉଁ ଆଘାତ ଦିଅନ୍ତି, ସେହି ଆଘାତଟି କିପରି ?

ତାହା ତୁମ ଭିତରେ ଏକ ପ୍ରଗାଢ଼ ସୁଖାନୁଭୂତିର କାରଣ ହୋଇଥାଏ । ତାହା ତୁମର ହୃଦୟରେ ଏକ ସୁମଧୁର ଉଷ୍ଣତା ଆଣିଦିଏ । ତୁମେ ଏକ ସମ୍ପୂର୍ଣ୍ଣ ପରିତୃପ୍ତି ଅନୁଭବ କରୁଥାଅ ।

ସେଥିଲାଗି ସ୍ୱତନ୍ତ୍ର ଭାବରେ ଅଭୀପ୍ସା କରିବାକୁ ପଡ଼େ, ନା ତାହା ସ୍ୱାଭାବିକ ଭାବରେ ଆସେ ?

ହଁ, ସେଥିଲାଗି ଅଭୀପ୍ସା ମଧ୍ୟରେ ଏକ ଆନ୍ତରିକତା ରଖିବାକୁ ହୁଏ, ଅଗ୍ରଗତି ପାଇଁ ଏକ ଯଥାର୍ଥ ଇଚ୍ଛା ପୋଷଣ କରିବାକୁ ହୋଇଥାଏ । ପୂର୍ଣ୍ଣ ଆନ୍ତରିକତା ସହିତ "ହଁ, ମୁଁ ପ୍ରକୃତରେ ଅଗ୍ରଗତି କରିବାକୁ ଇଚ୍ଛା କରୁଛି" ବୋଲି କହିବାକୁ ପଡ଼େ ।..."ଯାହାକିଛି ଘଟିଲେ ଘଟୁ ପଛକେ, ମୁଁ ତଥାପି ଅଗ୍ରଗତି କରିବାକୁ ଇଚ୍ଛା କରୁଛି" ବୋଲି କହିବାକୁ ପଡ଼େ । ତେବେଯାଇ ତାହାର ଆଗମନ ହୁଏ ।

ମାତ୍ର, ମୁଁ ଯେପରି କହୁଥିଲି, ତାହା ଏପରି ଏକ ବିପୁଳତାର ଶକ୍ତିକୁ ସାଙ୍ଗରେ ନେଇ ଆସେ, ଯାହାକି ଏକ ପ୍ରଗାଢ଼ ଆନନ୍ଦମୟତାକୁ ବଳବତ୍ତର କରି ରଖିଥାଏ । ସେତେବେଳେ ଆମେ ଏକ ନିଷ୍ପତ୍ତି ଗ୍ରହଣ କରି ସାରିଥାଉ, ଆପଣାକୃତ ଏକ ନିର୍ବୋଧତାର କେବଳ ପୁନରାବୃତ୍ତି କରିବା ଲାଗି ନୁହେଁ, ମାତ୍ର ଆପଣା ଭିତରେ କୌଣସି କିଛିର ଗତିରୋଧ କରିବାକୁ ନିଷ୍ପତ୍ତି ଗ୍ରହଣ କରୁ, ଅଥବା, ଯାହା କରିବାକୁ ଆମେ ଅସମ୍ଭବ ପ୍ରାୟ କିଂବା ଅତ୍ୟନ୍ତ କଷ୍ଟକର ବୋଲି ଭାବୁଛୁ, ମାତ୍ର ତାହାକୁ ତଥାପି କରିବା ଉଚିତ ବୋଲି ଜାଣିଛୁ, ଯେତେବେଳେ ଆମେ ସେଥିଲାଗି ଆମ ଇଚ୍ଛାଶକ୍ତିର ସମ୍ପୂର୍ଣ୍ଣ ନିଷ୍ଠାକୁ କାମରେ ଲଗାଇବାକୁ ଏକ ନିଷ୍ପତ୍ତି ଗ୍ରହଣ କରୁ, ଯଦି ସେତିକିବେଳେ, ତୁମେ ଯାହା କରିବ ବୋଲି ନିଷ୍ପତ୍ତି ଗ୍ରହଣ କରିଛ, ତାହା କରିବା ଲାଗି ତୁମକୁ ବାଧ୍ୟ କରିବା ଲାଗି ଯଦି ଏକ ଭୟଙ୍କର ଆଘାତ ଆସି ତୁମ ଉପରେ ବାଜେ, ତେବେ, ତାହା ଯେ ଏକ ଆଘାତ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ, ମାତ୍ର ସେହି ଆଘାତରେ ତୁମେ ଗୌରବାନ୍ୱିତ ଅନୁଭବ କର, ଅତ୍ୟନ୍ତ ସୁଖୀ ହୁଅ, ଏହା ତୁମକୁ ଏକ ଅତ୍ୟନ୍ତ ଐଶ୍ୱର୍ଯ୍ୟଶାଳୀ ବସ୍ତୁ ବୋଲି ମନେହୁଏ, ତୁମେ ଏହି ସ୍ଥାନରେ (ମାଆ ହୃତ୍ପିଣ୍ଡକୁ ନିର୍ଦ୍ଦେଶିତ କରି ଦେଖାଇ

'oaob.nitrkl.ac.in' images reprocessed

ଦେଲେ) ସତେଅବା ଅତ୍ୟନ୍ତ ଐଶ୍ୱର୍ଯ୍ୟଶାଳୀ କିଛି ବସ୍ତୁକୁ ଅନୁଭବ କରିବାକୁ ଆରମ୍ଭ କର ।

ତୁମେ ସମ୍ପୂର୍ଣ୍ଣ ଭାବରେ ଏକ ବାହ୍ୟ, ଯନ୍ତ୍ରବତ୍ ଓ ଭୌତିକ ଚେତନାରେ ଅବସ୍ଥିତ ରହିଛ ଓ ସ୍ୱଭାବତଃ ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ସେଗୁଡ଼ିକର ପରିଣାମ ଘଟାଉଥିବା ସମ୍ଭାବ୍ୟ ଯାବତୀୟ ମୂଢ଼ତାର ଅବତାରଣା କରୁଥିବା ଏକ ଅଜ୍ଞାନର ସ୍ଥିତି ମଧ୍ୟରେ ବାସ କରୁଛ ବୋଲି ତୁମ ଜୀବନରେ ଯେଉଁସବୁ ଅନର୍ଥ ଘଟିଥାଏ ଓ ଅନ୍ୟପକ୍ଷରେ, ଯେତେବେଳେ ତୁମେ ଆପଣା ଉପରେ ସମ୍ପୂର୍ଣ୍ଣ ଅଧିକାର ଅର୍ଜନ କରିବାର ସଂକଳ୍ପ ନେଇ, ଯାହାକିଛି ହେଉ ଅଥବା ଅଗ୍ରଗତି କରିବା ଲାଗି ଯାହାକିଛି ମୂଲ୍ୟ ଦେବାକୁ ପଡୁ ପଛକେ, ଯେତେବେଳେ ତଥାପି ଅଗ୍ରଗତି କରିବା ସକାଶେ ଏବଂ କେବଳ ସେହି ପରମସତ୍ୟର ଚେତନା ମଧ୍ୟରେ ବାସ କରିବାର ସଂକଳ୍ପ ଗ୍ରହଣ କରି ତୁମେ ଯେଉଁ ସମ୍ପୂର୍ଣ୍ଣ ଉଚ୍ଚତର ସ୍ଥିତିକୁ ଉନ୍ନୀତ ହୋଇଯିବାକୁ ସମର୍ଥ ହୁଅ,—ଏହି ଦୁଇଟି ମଧ୍ୟରେ ସର୍ବଦା ଏକ ପ୍ରଭୂତ ପାର୍ଥକ୍ୟ ରହିଥାଏ । ଏବଂ ଏହି ଦ୍ୱିତୀୟ ଅବସ୍ଥାଟିରେ ତୁମ ଜୀବନରେ ଯାହାସବୁ ଘଟେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ରହିଥାଏ । ସେହି ବସ୍ତୁ ଓ ଘଟନାଗୁଡ଼ିକ ମଧ୍ୟରେ ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେହି ଉଜ୍ଜ୍ୱଳ ସତ୍ୟ ଓ ଆଲୋକକୁ ଦେଖିବାକୁ ପାଅ, ଯାହାକି ତୁମର ପଥଟିକୁ ଆଲୋକିତ କରିଦିଏ, ତୁମକୁ ପରିଚାଳିତ କରି ନେଇଯିବାକୁ ତାହା ସତେଅବା ଏକ ଆଲୋକବର୍ତ୍ତିକା ରୂପେ କାର୍ଯ୍ୟ କରେ । ତୁମେ ତାହାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଅ ! ତାହା ଆଉ ତୁମକୁ ଆଦୌ କୌଣସି ପ୍ରକାରେ ପେଷି ଗୁଣ୍ଡା କରି ଦେବାକୁ ଆସେ ନାହିଁ, ମୁଣ୍ଡାଏ ପଥର ପରି ତାହା ମୋଟେ ତୁମର ପିଠି ଉପରେ ଆସି ପଡ଼େ ନାହିଁ । ତାହା ଏକ ଆଲୋକମୟତା ପରି ତୁମକୁ ଆପଣାର ବଶବର୍ତ୍ତୀ କରିନିଏ ।

ସେହି କାରଣରୁହିଁ ସର୍ବଦା ଏହିପରି କୁହାଯାଇଥାଏ : କେବଳ ସର୍ବପ୍ରଥମ ପଦକ୍ଷେପଟିରେହିଁ ଏକ ପ୍ରୟାସ କରିବାକୁ ପଡ଼େ । ଏବଂ ସେହି ସର୍ବପ୍ରଥମ ପଦକ୍ଷେପଟି ହେଉଛି : ତୁମେ ସେହି ସ୍ତରଟି ମଧ୍ୟରୁ ବାହାରି ଆସିବ ଏବଂ ଏହି ଅନ୍ୟ ସ୍ତରଟିକୁ ଉଠିଆସିବ । ଏବଂ ତା'ପରେ ସବୁକିଛି, ସବୁକିଛି ବଦଳିଯାଏ ।

ମାତ୍ର ସେହି ସ୍ତରରୁ ପ୍ରକୃତରେ ସମ୍ପୂର୍ଣ୍ଣରୂପେ ବାହାରି ଆସିବାକୁ ପଡ଼େ, ସେଠାରେ ଆଦୌ ରହିବାକୁ ହୁଏ ନାହିଁ; ଏଠି ଗୋଟିଏ ପାଦ ଓ ସେଠି ଗୋଟାଏ ପାଦ, — ମୋଟେ ଏପରି ହୋଇ ରହିବାକୁ ଆଦୌ କୌଣସି ଚେଷ୍ଟା କରାଯାଏ ନାହିଁ । କାରଣ ତଦ୍ୱାରା କୌଣସି କାର୍ଯ୍ୟ ସାଧିତ ହୁଏ ନାହିଁ ।

ବୁଝିଲ ?

'oaob.nitrkl.ac.in' images reprocessed

# ୨୨ ସେପ୍ଟେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ପ୍ରଥମ ଅଧ୍ୟାୟ, "ସ୍ଥିରତା—ଶାନ୍ତି—ସମତା" ଉପରେ ଏହି ପ୍ରବଚନଟି ଆଧାରିତ ।

"ସ୍ଥିରତା କହିଲେ ପ୍ରଥମେ ଏକ ନକାରାତ୍ମକ ବସ୍ତୁକୁ ବୁଝାଉଥିବା ପରି ବୋଧ ହେଉଥିଲେ ମଧ୍ୟ ସ୍ଥିରତାର ଉପଲବ୍ଧି କରିବା ପ୍ରକୃତରେ ଭାରି କଷ୍ଟକର; ଏବଂ, ସେଥିଲାଗି, ସେହି ସ୍ଥିରତାକୁ ଅର୍ଜନ କରିବାକୁ ମଧ୍ୟ ଅଗ୍ରଗତି ଦିଗରେ ଏକ ବୃହତ୍ ପଦକ୍ଷେପ ବୋଲି ଅବଶ୍ୟ କହିବାକୁ ହେବ ।

"ବସ୍ତୁତଃ, ସ୍ଥିରତା ଆଦୌ ଏକ ନକାରାତ୍ମକ କଥା ନୁହେଁ । ଏହାକୁ ଆମେ ସତ୍-ପୁରୁଷର ସ୍ୱଭାବ ବୋଲିହିଁ ଜାଣିବା ଏବଂ ଦିବ୍ୟ ଚେତନାର ମୂଳଦୁଆ ବୋଲି ମଧ୍ୟ ଜାଣି ରଖିବା । ଆମେ ଆଉ ଯାହାକିଛି ଅଭୀପ୍ସା କରୁଥିବା ଓ ଅର୍ଜନ କରୁଥିବା ପଛକେ, ଏହି ସ୍ଥିରତାକୁ ଅବଶ୍ୟ ଅବଲମ୍ବନ କରି ରହିବାକୁ ହେବ । ଏପରିକି, ଯେତେବେଳେ ଜ୍ଞାନ, ଶକ୍ତି ତଥା ଆନନ୍ଦର ଉପଲବ୍ଧି ସମ୍ଭବ ହୋଇଯିବ ଏବଂ ଏଣେ ଏହି ମୂଳଦୁଆଟି ମହଜୁଦ ନ ଥିବ, ତେବେ ସେଗୁଡ଼ିକ ଆଉ କଦାପି ସ୍ଥାୟୀ ହୋଇ ରହିବେ ନାହିଁ, ଏବଂ, ସତ୍‌ପୁରୁଷର ଦିବ୍ୟ ଶୁଦ୍ଧତା ଓ ଶାନ୍ତି ସ୍ଥାୟୀ ଭାବରେ ଅବସ୍ଥାନ ନ କରିପାରିବା ପର୍ଯ୍ୟନ୍ତ ସେଗୁଡ଼ିକୁ ପ୍ରତ୍ୟାହୃତ ହୋଇ ରହିବାକୁ ପଡ଼ିବ ।

"ଦିବ୍ୟ ଚେତନାର ଆଉ ସବୁକିଛି ଲାଗି ତୁମର ଅଭୀପ୍ସା ରହିଥାଉ ପଛକେ, ମାତ୍ର ତା' ପଛରେ ଏକ ସ୍ଥିରତା ଓ ଗଭୀର ଅଭୀପ୍ସା ରହିଥିବା ଉଚିତ । ସେହି ଅଭୀପ୍ସା ଉଦ୍ଦୀପ୍ତ ହୋଇପାରେ, ସ୍ଥିର ମଧ୍ୟ ହୋଇପାରେ; ତଥାପି ସେଥିରେ କୌଣସି ଧୈର୍ଯ୍ୟ-

'oaob.nitrkl.ac.in' images reprocessed

ହୀନତା, ଅସ୍ଥିରତା କିଂବା ରାଜସିକ ଅତ୍ୟୁତ୍ସୁକତା ଲାଗି ଆଦୌ କୌଣସି ସ୍ଥାନ ରହିବା ଉଚିତ ନୁହେଁ ।

"କେବଳ ସ୍ଥିର ହୋଇ ପାରିଥିବା ଏକ ମନ ଏବଂ ସତ୍ତାର ଭୂମି ଉପରେହିଁ ଅତିମାନସ ପରମସତ୍ୟ ଆପଣାର ଯଥାର୍ଥ ନିର୍ମାଣଟିକୁ ସମ୍ଭବ କରିପାରିବ ।"

ମାଆ, ଏଠି ସତ୍-ପୁରୁଷ କହିଲେ କାହାକୁ ବୁଝାଉଛି ?

ତୁମେ ପୁରୁଷ ବିଷୟରେ ପଚାରୁଛ ? ସତ୍ତା ମଧ୍ୟରେ କ'ଣ ଥାଏ, ସେହି କଥା ପଚାରୁଛ ? ଜ୍ଞାନ । ସଚେତନ ସତ୍ତା ।

ଏଠି ଯଥାର୍ଥ ଅତିମାନସ ସୃଷ୍ଟି କହିଲେ କ'ଣ ବୁଝାଉଛି ?

ଯଥାର୍ଥ ସୃଷ୍ଟି କହିଲେ ସେହି ନୂତନ ଅତିମାନସ ସୃଷ୍ଟିକୁ ବୁଝାଉଛି, ଆମେ ଯାହାକୁ ଏହି ପୃଥିବୀରେ ଉପଲବ୍ଧି କରିବା ଲାଗି ଇଚ୍ଛା କରୁଛୁ । ଏକ ରୂପାନ୍ତରିତ ନୂତନ ପୃଥିବୀ ବିଷୟରେ କହିଲାବେଳେ ତାହା ଏହି ଅତିମାନସ ସୃଷ୍ଟିକୁହିଁ ବୁଝାଇବ ।

"ରାଜସିକ ଅତ୍ୟୁତ୍ସୁକତା"ର ଅର୍ଥ କ'ଣ ?

"ଅତ୍ୟୁତ୍ସୁକତା" ? ଏହା ହେଉଛି ଅତିରିକ୍ତ ଉଜଗ୍ରିତା, ପ୍ରଚଣ୍ଡତା । ଏକ ଅତିରିକ୍ତ ଉଦ୍ଦୀପ୍ତତା । ଆଉ "ରାଜସିକ"ର ଅର୍ଥ ହେଉଛି,—ଏହା ହେଉଛି ଅତିରିକ୍ତ ପରିମାଣରେ ସକ୍ରିୟ ହେବାକୁ ଇଚ୍ଛା କରୁଥିବା ଏକ ପ୍ରବଳତାଯୁକ୍ତ ଉପାଦାନ । ଆମ ସତ୍ତା ମଧ୍ୟରେ ରହିଥିବା ବିକ୍ଷୋଭଯୁକ୍ତ ଉପାଦାନଟି ହେଉଛି ଆମର ରାଜସିକ ଉପାଦାନ । ରାଜସିକ ଗୁଣଟି ହେଉଛି ଯାବତୀୟ ବହୁଳତାର ଗୁଣ, ହଠାତ୍-ଉତ୍ତେଜନା ଏବଂ ଅତ୍ୟୁତ୍ସାହର ଗୁଣ । ସକଳ ପ୍ରକାରର ପ୍ରବଳତା ଏବଂ ଅତ୍ୟାବେଗମୟତାର ଗୁଣ, ଅତିରିକ୍ତ କ୍ରିୟାତ୍ମକତାର ସକଳ ଅଭିବ୍ୟକ୍ତି ପଛରେ ଏହି ରାଜସିକ ଉପାଦାନଟି ନିହିତ ହୋଇ ରହିଥାଏ । ଅନ୍ୟ ପକ୍ଷରେ, ତାମସିକତାକୁ ଆମେ ଏକ ଜୀବନହୀନତା ବୋଲି କହିବା, ସତ୍ତ୍ୱକୁ ଏକ ଭାରସାମ୍ୟ-ଯୁକ୍ତତା ବୋଲି କହିବା । ରାଜସିକ ହେଉଛି ଆମ ଭିତରେ ଅତିରିକ୍ତ ପରିମାଣରେ କ୍ରିୟାଶୀଳ ହୋଇ ରହିଥିବା ଓ ପ୍ରବଳତା ଦେଖାଉଥିବା ଏକ ଉପାଦାନ ।

ମାଆ, "ଆପଣାର ଚେତନାକୁ ଉଚ୍ଚରେ ନେଇ ରଖିବା"କୁ କ'ଣ ଉଚ୍ଚତର ଭାବନାଗୁଡ଼ିକୁ ଭାବିବାର ଅର୍ଥରେ ବୁଝାଯାଇ ପାରିବ ?

'oaob.nitrkl.ac.in' images reprocessed

ଏହାକୁ ଏକ ସତ୍ୟ ନ କହି ବରଂ ଏକ ପରିଣାମ ବୋଲି କହିବା ଅଧିକ ଉଚିତ ହେବ । ଆମେ ଯେତେବେଳେ ଆମର ଚେତନାକୁ ଏକ ଉଚ୍ଚତର ସ୍ତରରେ ନେଇ ରଖିଥିବା, ତାହା ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆମ ଭାବନା-ଗୁଡ଼ିକ ଲାଗି ମଧ୍ୟ ଏକ ଫିଲ୍‌ଟର୍ ପରି କାର୍ଯ୍ୟ କରୁଥିବ ଏବଂ କେବଳ ଉଚ୍ଚତର ପ୍ରକୃତିର ଭାବନାଗୁଡ଼ିକୁହିଁ ବାହାରକୁ ଆସିବାକୁ ଅନୁମତି ଦେଉଥିବ । ମାତ୍ର ଏହାକୁ ଏକ ସତ୍ୟ ନ କହି ବରଂ ଏକ ପରିଣାମ ବୋଲି କୁହାଯିବ । ଆପଣାର ଚେତନାକୁ ଏକ ଉଚ୍ଚତର ସ୍ଥିତିରେ ନେଇ ରଖିବାର ଅର୍ଥ ହେଉଛି ଏହାକୁ ସତ୍ତା ମଧ୍ୟରେ ରହିଥିବା ନିମ୍ନତର ସ୍ତରଗୁଡ଼ିକରୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରିନେବା, ତାହାକୁ ଆଲୋକ ମଧ୍ୟରେ, ଶାନ୍ତି ମଧ୍ୟରେ, ଉଚ୍ଚତର ଜ୍ଞାନ ମଧ୍ୟରେ ଏବଂ ସମଷ୍ଟିସତ୍ତା ମଧ୍ୟରେ ନେଇ ଅବସ୍ଥାପିତ କରିରଖିବା । ଅର୍ଥାତ୍, ଆପଣାର ଚେତନାକୁ ଆପଣା ସତ୍ତାର କ୍ଷେତ୍ରରେ ଯଥାସମ୍ଭବ ଅଧିକ ଉଚ୍ଚରେ ନେଇ ଅବସ୍ଥାପିତ କରିରଖିବା, ତାହାକୁ ଏପରି ଏକ ସ୍ତରରେ ନେଇ ରଖିବା, ଯେଉଁଠାରେ କି ଆମେ ଯାବତୀୟ ନିମ୍ନତର ଗତିସ୍ପନ୍ଦନରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥାଉ । ଯଦି ଚେତନା ଯାଇ ଊର୍ଦ୍ଧ୍ୱ ସ୍ତରରେ ରହିଥାଏ, ତେବେ ତାହାର ସ୍ୱାଭାବିକ ପରିଣାମ ଏପରି ହେବ ଯେ, ତାହା ଯେଉଁ ଭାବନାଗୁଡ଼ିକୁ ଗ୍ରହଣ କରୁଥିବ, ସେଗୁଡ଼ିକ ମଧ୍ୟ ଅବଶ୍ୟ ଏକ ଉଚ୍ଚତର ସ୍ତରର ହୋଇଥିବେ । ଏବଂ ଆମର ଭାବନା ହେଉଛି ଆମ ଚେତନାଗତ କ୍ରିୟାତ୍ମକତାରହିଁ ଗୋଟିଏ ରୂପ, ଏହାକୁ ଚେତନାର ଏକ ଉପାଦାନ ବୋଲି କଦାପି କୁହାଯିବ ନାହିଁ । ଭାବନା ବ୍ୟତୀତ ମଧ୍ୟ ଏକ ଚେତନା ରହିଛି; ଚେତନାର ଏପରି ଏକ ଅତ୍ୟୁଚ୍ଚ ସ୍ତର ରହିଛି, ଯେଉଁଠାରେ କି ଆଦୌ କୌଣସି ଭାବନା ବିଦ୍ୟମାନ ନ ଥାଏ । ସେହି ଚେତନା ବସ୍ତୁଗୁଡ଼ିକ ବିଷୟରେ ଏକ ଅତ୍ୟନ୍ତ ପରିପୂର୍ଣ୍ଣ ଜ୍ଞାନ ଲାଭ କରିବାକୁ ସମର୍ଥ ହୋଇଥାଏ, ମାତ୍ର ସେଥିଲାଗି ଆପଣାକୁ ଭାବନା ଅଥବା ଶବ୍ଦର ମାଧ୍ୟମରେ ବ୍ୟକ୍ତ କରିବାର ଆଦୌ କୌଣସି ଆବଶ୍ୟକତା ନ ଥାଏ । ଭାବନାକୁ ଆମେ କେବଳ କ୍ରିୟାଶୀଳ ହେବାର ଗୋଟିଏ ମାତ୍ର ରୂପ ବୋଲିହିଁ ଜାଣିବା ।

"ଊର୍ଦ୍ଧ୍ୱରୁ ଏକ ଅବତରଣ ଦ୍ୱାରାହିଁ ନୀରବତା··· ଅପେକ୍ଷାକୃତ ଅଧିକ ସହଜରେ ଆପଣାକୁ ପ୍ରତିଷ୍ଠିତ କରିଥାଏ ।" ମାଆ, ଏଠି "ଊର୍ଦ୍ଧ୍ୱରୁ" କହିଲେ କ'ଣ ବୁଝାଉଛନ୍ତି ?

ଊର୍ଦ୍ଧ୍ୱରୁ ଅର୍ଥାତ୍ ଚେତନାର ଉଚ୍ଚତର ରାଜ୍ୟଗୁଡ଼ିକରୁ । କାରଣ, ଯଦି ତୁମେ ଆପଣାକୁ ଚେତନାର ସେହି ଉଚ୍ଚତର ରାଜ୍ୟଗୁଡ଼ିକ ଲାଗି ଉନ୍ମୋଚିତ କରି ଦେଇପାରିବ ଏବଂ ଯଦି ଶକ୍ତି ସେହି ଊର୍ଦ୍ଧ୍ୱରୁହିଁ ଅବତୀର୍ଣ୍ଣ ହୋଇ ଆସୁଥିବ,

'oaob.nitrkl.ac.in' images reprocessed

ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହା ଏହି ନିମ୍ନତର ଆସ୍ପୃହାଗୁଡ଼ିକରେ ମଧ୍ୟ ଏକ ନୀରବତାର ପ୍ରତିଷ୍ଠା କରିରଖିବ, କାରଣ ଯେଉଁ ଆସ୍ପୃହାଗୁଡ଼ିକ ମଧ୍ୟ ଅବତରଣ କରୁଥିବା ଏହି ଉଚ୍ଚତର ଶକ୍ତି ଦ୍ୱାରା ପରିଚାଳିତ ହେଉଥିବ । ତାହା ସାଧାରଣତଃ ମନର ଉଚ୍ଚତର କ୍ଷେତ୍ରଗୁଡ଼ିକରୁ ଆସିଥାଏ, ବା ଆହୁରି ସେପାଖରୁ ଆସିଥାଏ, ଏପରିକି ଅଧିମାନସ ସ୍ତରରୁ ମଧ୍ୟ ଆସିଥାଏ । ତେଣୁ, ଯେତେବେଳେ ଏହି ଶକ୍ତି ଏବଂ ଏହି ଚେତନା ଊର୍ଦ୍ଧ୍ୱରୁ ଅବତରଣ କରି ଆସନ୍ତି ଓ ଏକ ନିମ୍ନତର ଭୂମିର ଚେତନା ମଧ୍ୟରେ ପ୍ରବେଶ କରନ୍ତି; ସେତେବେଳେ ଏହି ଚେତନା ଅତ୍ୟନ୍ତ ସ୍ୱାଭାବିକ ଭାବରେ ନୀରବ ହୋଇଯାଏ, କାରଣ ସେତେବେଳେ ତାହା ସତେଅବା ସେହି ରୂପାନ୍ତରକାରୀ ଉଚ୍ଚତର ଆଲୋକଟି ଦ୍ୱାରା ଆକ୍ରାନ୍ତ ଓ ପରିପ୍ଳାବିତ ହୋଇଯାଇଥାଏ ।

ବସ୍ତୁତଃ, ଏହାହିଁ ହେଉଛି ଆପଣାର ମାନସ କ୍ଷେତ୍ରରେ ଏକ ସତତ ନୀରବତା ପ୍ରତିଷ୍ଠା କରି ରଖିବାର ଏକମାତ୍ର ଉପାୟ । ଅର୍ଥାତ୍, ଆମେ ଆପଣାକୁ ସେହି ଉଚ୍ଚତର ରାଜ୍ୟଗୁଡ଼ିକ ଆଡ଼କୁ ଉନ୍ମୋଚିତ କରି ରଖିବା ଏବଂ ଏହି ଉଚ୍ଚତର ଚେତନା, ଶକ୍ତି ଓ ଆଲୋକକୁ ନିମ୍ନସ୍ଥ ମନ ଭିତରକୁ ସତତ ଅବତରଣ କରି ଆସିବା ଲାଗି ବାଟ ଛାଡ଼ିଦେବା, ଏହି ମନକୁ ଅଧିକାର କରିନେବା ଲାଗି ବାଟ ଛାଡ଼ିଦେବା । ଏବଂ ଯେତେବେଳେ ସେହି କଥାଟି ପ୍ରକୃତରେ ଘଟିବ, ସେତେବେଳେ ଏଠାରେ ଏହି ନିମ୍ନତର ମନଟି ସତତ ସ୍ଥିର ଓ ନୀରବ ହୋଇ ରହିପାରିବ, କାରଣ ସେତେବେଳେ ତାହାହିଁ କାର୍ଯ୍ୟ କରୁଥିବ ଏବଂ ସମଗ୍ର ସତ୍ତାଟିକୁ ପରିପୂର୍ଣ୍ଣ କରି ରଖିଥିବ । ସେତେବେଳେ ମନକୁ ଆଦୌ କ୍ରିୟାଶୀଳ ନ କରି ମଧ୍ୟ ଆମେ ସକ୍ରିୟ ହୋଇପାରିବା, ଲେଖିପାରିବା ବା କଥା କହିପାରିବା, ସେତେବେଳେ ଏହି ଶକ୍ତିହିଁ ଊର୍ଦ୍ଧ୍ୱରୁ ଆସି ଆମ ମନ ଭିତରେ ପ୍ରବେଶ କରିଥିବ ଓ ତାହାକୁ ଆପଣା କାମରେ ଲଗାଉଥିବ । ଏବଂ ମନ କେବଳ ଏକ ଉଦାସୀନ ଯନ୍ତ୍ର ପରି ହୋଇ ରହିଥିବ । ଏବଂ ବସ୍ତୁତଃ ଏହାହିଁ ହେଉଛି ନୀରବତାକୁ ପ୍ରତିଷ୍ଠିତ କରିବାର ଏକମାତ୍ର ଉପାୟ; କାରଣ ଏଇଟି ପ୍ରତିଷ୍ଠିତ ହୋଇଗଲେ ନୀରବତା ମଧ୍ୟ ପ୍ରତିଷ୍ଠିତ ହୋଇଯିବ; ତା'ପରେ ମନ ଆଉ କୌଣସି ପ୍ରକାରେ ଚଞ୍ଚଳତା ଦେଖାଇବ ନାହିଁ, ସେତେବେଳେ ତାହା ଭିତରେ ଆପଣାକୁ ଅଭିବ୍ୟକ୍ତ କରିଥିବା ଏହି ଶକ୍ତିଟିର ପ୍ରେରଣା ଦ୍ୱାରା ପ୍ରେରିତ ହୋଇହିଁ ମନ ଯାହାକିଛି କାର୍ଯ୍ୟ କରୁଥିବ । ସେତେବେଳେ ଏହା ଏକ ଅତ୍ୟନ୍ତ ସ୍ଥିର ଓ ନୀରବ କ୍ଷେତ୍ରଟିଏ ପରି ଅବସ୍ଥିତ ରହିଥିବ ଏବଂ ଯେତେବେଳେ ଉକ୍ତ ଶକ୍ତିଟି ଆସି ତାହା ଭିତରେ ପ୍ରବେଶ କରିବ, ସେତେବେଳେ ତାହା ଏହାର ଯାବତୀୟ ଉପାଦାନକୁ ଗତିଶୀଳ କରାଇବ ଓ ସେଗୁଡ଼ିକୁ ଆପଣାର କାର୍ଯ୍ୟରେ ଲଗାଇବ । ତାହା ଏହି ମନର ମାଧ୍ୟମରେହିଁ

ଆପଣାକୁ ଅଭିବ୍ୟକ୍ତ କରୁନଥିବ ଏବଂ ମନ ଭିତରେ ସେତେବେଳେ ଆଦୌ କୌଣସି ଉତ୍ତେଜନା ପ୍ରକାଶ ପାଉ ନ ଥିବ । ମନ ସେତେବେଳେ ସମ୍ପୂର୍ଣ୍ଣ ଚୁପ୍ ହୋଇ ରହିଥିବ ।

ମାଆ, ଆମେ ଆମ ଚେତନାକୁ ତା'ଭିତରେ ଥିବା ନାନା ବିମିଶ୍ରିତ ଉପାଦାନରୁ କିପରି ମୁକ୍ତ କରି ଆଣିପାରିବା ?*

ତାହା ଅଭୀପ୍ସା ଦ୍ୱାରା ହୋଇପାରିବ; ନିମ୍ନତର ଗତିସ୍ପନ୍ଦନଗୁଡ଼ିକର ପ୍ରତ୍ୟାଖ୍ୟାନ ଦ୍ୱାରା ଏବଂ ଏକ ଉଚ୍ଚତର ଶକ୍ତିର ଆବାହନ ଦ୍ୱାରା ହୋଇପାରିବ । ଯଦି ତୁମେ କେତେକ ଗତିସ୍ପନ୍ଦନକୁ ଗ୍ରହଣ କରିବାକୁ ମନା କରିଦେଇ ପାରିବ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଆପଣାକୁ ଆଦୌ କୌଣସି ପ୍ରକାରେ ଅଭିବ୍ୟକ୍ତ କରି ନ ପାରୁଥିବାର ଦେଖି ସେମାନେ କ୍ରମେ ଆପଣାର ଶକ୍ତିରେ କ୍ଷୟପ୍ରାପ୍ତ ହୋଇ ଆସିବେ ଓ ଆଉ ମୋଟେ ଘଟିବେ ନାହିଁ । ଯଦି ତୁମେ ଏକ ନିମ୍ନତର ପ୍ରକାରର ଯାବତୀୟ ବସ୍ତୁକୁ ଅଭିବ୍ୟକ୍ତ କରିବାକୁ ସମ୍ପୂର୍ଣ୍ଣ ମନା କରିଦେଇ ପାରିବ, ତେବେ ତାହା କ୍ରମଶଃ ଅନ୍ତର୍ହିତ ହୋଇ ଯିବାକୁ ଆରମ୍ଭ କରିବ ଏବଂ ତୁମର ଚେତନାରୁ ସେହି ନିମ୍ନତର ବସ୍ତୁଗୁଡ଼ିକ ମଧ୍ୟ କ୍ରମେ ନିଷ୍କାଶିତ ହୋଇ ଆସିବେ । ଅଭିବ୍ୟକ୍ତ କରିବାକୁ ମନା କରି ଦେବା ଦ୍ୱାରାହିଁ ତାହା ସମ୍ଭବ ହେବ; କେବଳ କାର୍ଯ୍ୟରେ ନୁହେଁ, ଭାବନା ଓ ଅନୁଭବର କ୍ଷେତ୍ରରେ ମଧ୍ୟ ସେହିପରି ମନା କରି ଦେବାକୁ ହେବ । ନାନା ଆବେଗ, ଭାବନା ଓ ସଂବେଗ ଆବିର୍ଭୂତ ହୋଇ ଆସୁଥିବା ସମୟରେ ଯଦି ତୁମେ ସେଗୁଡ଼ିକୁ ଅଭିବ୍ୟକ୍ତ କରିବାକୁ ମନା କରିଦେଇ ପାରିବ, ଯଦି ସେଗୁଡ଼ିକୁ କଡ଼କୁ ଆଡ଼େଇ ଦେଇ ତୁମେ ଅନ୍ତର୍ଗତ ଅଭୀପ୍ସା ଏବଂ ସ୍ଥିରତାର ଏକ ସ୍ଥିତିରେ ଅବସ୍ଥାନ କରି ପାରିବ, ତେବେ ସେମାନେ କ୍ରମଶଃ ନିଜନିଜର ଶକ୍ତି ହରାଇ ବସିବେ ଏବଂ ଆଉ ମୋଟେ ଘଟିବେ ନାହିଁ । ଏହିପରି ଭାବରେ ତୁମର ଚେତନା ଆପଣାର ନିମ୍ନତର ଗତିସ୍ପନ୍ଦନଗୁଡ଼ିକରୁ ମୁକ୍ତ ହୋଇ ଖାଲି ହୋଇଯାଇ ପାରିବ ।

*"ତୁମକୁ ସ୍ଥିରତା ରଖିବାକୁ ହେବ ଏବଂ ସେହି ସ୍ଥିରତା ସାମୟିକ ଭାବରେ ଏକ ଶୂନ୍ୟଗର୍ଭ ସ୍ଥିରତା ହୋଇ ରହିଥିଲେ ମଧ୍ୟ ତଥାପି ସେକ୍ଷେତ୍ରରେ ତୁମେ ଆଦୌ କୌଣସି ପ୍ରକାରେ ଚିନ୍ତିତ ହେବ ନାହିଁ । ଆମ ଚେତନା ଅନେକ ସମୟରେ ଏକ ପାତ୍ର ପରି ହୋଇ ରହିଥାଏ ଓ ତେଣୁ ତାହାକୁ ତାହାର ବିମିଶ୍ରିତ ବା ଅବାଞ୍ଛିତ ପଦାର୍ଥଗୁଡ଼ିକରୁ ମୁକ୍ତ କରି ଖାଲି କରିଦେବାକୁ ହୋଇଥାଏ । ନୂତନ ଏବଂ ଯଥାର୍ଥ, ଉଚିତ ଏବଂ ଶୁଦ୍ଧ ପଦାର୍ଥଗୁଡ଼ିକ ଦ୍ୱାରା ପୁଣି ପରିପୂର୍ଣ୍ଣ ହୋଇ ପାରିବା ପର୍ଯ୍ୟନ୍ତ ତାହାକୁ କିଛି ସମୟ ଲାଗି ସେହିପରି ଖାଲି କରି ରଖିବାକୁ ପଡ଼ିଥାଏ ।"

'oaob.nitrkl.ac.in' images reprocessed

ମାତ୍ର, ଉଦାହରଣସ୍ୱରୂପ, ଯେତେବେଳେ ଅବାଞ୍ଛିତ ଭାବନାମାନ ଆସିବାକୁ ଆରମ୍ଭ କରିବ, ସେତେବେଳେ ଯଦି ତୁମେ ସେଗୁଡ଼ିକ ଆଡ଼କୁ ଅନାଇ ଦେଖିବ, ସେଗୁଡ଼ିକ ଉପରେ ଦୃଷ୍ଟି ଦେବ, ସେଗୁଡ଼ିକର କ୍ରିୟାତ୍ମକତାର ପଥରେ ସେଗୁଡ଼ିକର ଅନୁଧାବନ କରିବାକୁ ଯଦି ତୁମକୁ ଭଲ ଲାଗିବ, ତେବେ ସେମାନଙ୍କର ଆସିବା ଆଉ କଦାପି ବନ୍ଦ ହେବ ନାହିଁ। ତୁମ ଭିତରେ ଅବାଞ୍ଛିତ ଅନୁଭବ ଅଥବା ଅବବୋଧ ହେଉଥିବାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା। ଯଦି ତୁମେ ସେଗୁଡ଼ିକ ପ୍ରତି ଦୃଷ୍ଟି ଦେବ, ସେଗୁଡ଼ିକ ବିଷୟରେ ଅଭିନିବିଷ୍ଟ ରହିବ କିଂବା ଏପରିକି କୌଣସି ଶିଥିଳତାର ଭାବ ସହିତ ସେଗୁଡ଼ିକ ଆଡ଼କୁ ଅନାଇ ଦେଖିବ, ତେବେ ସେଗୁଡ଼ିକର ଆସିବା କଦାପି ବନ୍ଦ ହେବ ନାହିଁ। ମାତ୍ର, ସେଗୁଡ଼ିକୁ ଗ୍ରହଣ କରିବାକୁ ଓ ଅଭିବ୍ୟକ୍ତ କରିବାକୁ ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ମନା କରିଦେଇ ପାରିବ, ତେବେ କିଛି ସମୟ ପରେ ସେଗୁଡ଼ିକର ଆସିବା ମଧ୍ୟ ବନ୍ଦ ହୋଇଯିବ। ତୁମକୁ ଏହି କ୍ଷେତ୍ରରେ ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ ଏବଂ ବାରଂବାର ଉଦ୍ୟମ କରିବାକୁ ପଡ଼ିବ।

ଏକ ବୃହତ୍ତର ଅଭୀପ୍ସା ମଧ୍ୟରେ ପ୍ରବେଶ କରି ଯଦି ତୁମେ ନିଜକୁ କୌଣସି ଉଚ୍ଚତର ବସ୍ତୁର ସଂସ୍ପର୍ଶରେ ଆଣି ରଖି ପାରିବ, ଆପଣା ଚୈତ୍ୟସତ୍ତାର କୌଣସି ପ୍ରଭାବ ଅଥବା ଊର୍ଦ୍ଧ୍ୱସ୍ଥ କୌଣସି ଆଲୋକ ସହିତ ଆପଣାର ଯୋଗ ଲଗାଇ ରହି ପାରିବ, ଏବଂ ଯଦି ତୁମେ ନିଜର ଏହି ନିମ୍ନତର କ୍ରିୟାଶୀଳତାଗୁଡ଼ିକ ସହିତ ତାହାକୁ ସ୍ପର୍ଶ କରାଇ ରହି ପାରିବ, ତେବେ ସେଗୁଡ଼ିକର ଆସିବା ଆହୁରି ଅଧିକ ଶୀଘ୍ର ବନ୍ଦ ହୋଇଯିବ। ମାତ୍ର, ଅଭୀପ୍ସା ଦ୍ୱାରା ଏହିସବୁ ବସ୍ତୁକୁ ଆକର୍ଷିତ କରିବାକୁ ସମର୍ଥ ହେବା ପୂର୍ବରୁ ମଧ୍ୟ, ଏକ ଅତ୍ୟନ୍ତ ଦୃଢ଼ ଏବଂ ଧୈର୍ଯ୍ୟଶୀଳ ନାସ୍ତି ଦ୍ୱାରା ତୁମେ ଏହିସବୁ ଗତିସ୍ପନ୍ଦନକୁ ତୁମ ଭିତରେ ଅଭିବ୍ୟକ୍ତ ଲାଭ କରିବାରୁ ନିବୃତ୍ତ କରି ରଖିପାରିବ। ତୁମେ ଆଦୌ ପସନ୍ଦ କରୁ ନ ଥିବା ଭାବନାଗୁଡ଼ିକ ଯେତେବେଳେ ତୁମ ପାଖକୁ ଆସୁଥିବେ, ଯଦି ସେତେବେଳେ ତୁମେ ସେଗୁଡ଼ିକୁ କେବଳ ପୋଛି ବାହାର କରିଦେଇ ପାରୁଥିବ ଏବଂ ସେଗୁଡ଼ିକ ପ୍ରତି ଆଦୌ କୌଣସି ଦୃଷ୍ଟି ଦେଉ ନ ଥିବ, ତେବେ କିଛି କାଳ ପରେ ସେମାନଙ୍କର ଆସିବା ମଧ୍ୟ ବନ୍ଦ ହୋଇଯିବ। ମାତ୍ର ତୁମକୁ ଏହିକଥା ଅତ୍ୟନ୍ତ ନିସ୍ପୃହିତ ଏବଂ ଅବିଚ୍ଛିନ୍ନ ଉଦ୍ୟମଶୀଳ ଭାବରେ କରିବାକୁ ପଡ଼ିବ।

ଆପଣ କହୁଛନ୍ତି ଯେ, ଦିବ୍ୟ କରୁଣା ବିନା ଆମେ ଯେ ଆଦୌ କିଛି ନୋହୁଁ, ସେକଥା ଆମକୁ ଜାଣିବାକୁ ପଡ଼ିବ। ତେବେ,

'oaob.nitrkl.ac.in' images reprocessed

ଆମେ ଯେ ଆଦୌ କିଛି ନୋହୁଁ, ତାହା ଜାଣିବା ଲାଗି ଆଉ ଏପରି ପ୍ରବଳ ଉଦ୍ୟମମାନ କରିବାର କି ଆବଶ୍ୟକତା ରହିଛି ?

ଏପରି ପ୍ରବଳ ଉଦ୍ୟମ କରିବାର କି ଆବଶ୍ୟକତା ରହିଛି ? କେଉଁ ଅର୍ଥରେ ତୁମେ ଏପରି ପଚାରୁଛ ? ଏକ ବ୍ୟକ୍ତିଗତ କାରଣ ସକାଶେ କ'ଣ ତୁମେ ଏହି ଉଦ୍ୟମ କରୁଛ କି ? ଆପଣାର ବ୍ୟକ୍ତିଗତ ସନ୍ତୋଷ ଲାଗି ତୁମେ ଏହି ଉଦ୍ୟମ କରିବାକୁ ଇଚ୍ଛା କରୁଛ କି ? ଯେଉଁ ଲୋକମାନେ, "ଯଦି ମୁଁ ନିଜେ କୌଣସି କାମ କରୁ ନାହିଁ ଓ ଯଦି ଏହି କାମ ମୋ'ର କାମ ନୁହେଁ, ତେବେ ମୁଁ ଏହି କାର୍ଯ୍ୟଟିକୁ କିପରି କରିପାରିବି ?" ବୋଲି କହନ୍ତି, ଏହା ଠିକ୍ ସେହି ଲୋକମାନଙ୍କର କଥା ପରି । ଏହା ସେହି ଗୋଟିଏ କଥା, ତଥାପି ସେହି ଗୋଟିଏ କଥା । ତୁମେ ମଧ୍ୟ ଯଦି ସେହିପରି ଅନୁଭବ କରୁଥିବ, ତେବେ ତା'ର ଅର୍ଥ ହେଉଛି ଯେ, ତୁମର ତଥାପି ଆପଣାର ଅହଂକାରରେ ଅତ୍ୟନ୍ତ ପ୍ରୟୋଜନ ରହିଛି, ଏବଂ ଯଦି ସେହି ଅହଂକାରକୁ ହଠାତ୍ ତୁମଠାରୁ କାଢ଼ି ନିଆଯାଏ, ତେବେ ତା'ପରେ ତୁମେ ଆଉ କିଛିହେଲେ କରିପାରିବ ନାହିଁ । କିଛି କରିପାରିବା ଲାଗି ଯଦି ତୁମର ଏକ ବ୍ୟକ୍ତିଗତ ପ୍ରୟୋଜନର ଆବଶ୍ୟକତା ରହିଥାଏ, ତେବେ ତାହାର ଅର୍ଥ ହେଉଛି ଯେ ତୁମେ ଏବେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଆପଣାର ଅହଂକାର ଭିତରେହିଁ ଅବସ୍ଥିତ ରହିଛ । ଯେପର୍ଯ୍ୟନ୍ତ ଅହଂର ଆବଶ୍ୟକତା ରହିଛି, ସେପର୍ଯ୍ୟନ୍ତ ସେହି ଅହଂ ଭିତରେ ରହିବାକୁହିଁ ପଡ଼ିବ । ମାତ୍ର, ତୁମକୁ ସେହି କ୍ଷେତ୍ରରେ କେବଳ ଏତିକି ଜାଣି ରଖିବାକୁ ହେବ ଯେ, ସେପରି ହେଲେ ତୁମେ ଆଦୌ ଦ୍ରୁତଗତି ଭାବରେ ଆଗକୁ ଯାଇପାରିବ ନାହିଁ । ତେବେ ତୁମ ଲାଗି ପ୍ରକୃତରେ ଏକ ଦୀର୍ଘ ସମୟ ଲାଗିବ, ହୁଏତ ଏକାଧିକ ଜୀବନକାଳ, ଏବଂ ଅନେକ ସମୟରେ ହୁଏତ ବହୁସଂଖ୍ୟକ ଜୀବନକାଳ ଆବଶ୍ୟକ ହେବ । ଯଦି କାର୍ଯ୍ୟଗୁଡ଼ିକର ସାଧନ ଲାଗି ତୁମେ ବ୍ୟକ୍ତିଗତ କାରଣମାନ ଆବଶ୍ୟକ କରୁଥାଅ, ତେବେ ଏଥିରୁ ବାହାରି ଯାଇ ପାରିବା ପର୍ଯ୍ୟନ୍ତ ଏବଂ, ବ୍ୟକ୍ତିଗତ କାରଣଗୁଡ଼ିକ ସକାଶେ ତୁମେ ଏହି କାର୍ଯ୍ୟମାନ ଯେ ଆଦୌ କରିବ ନାହିଁ, ସେକଥା ବୁଝିବା ପର୍ଯ୍ୟନ୍ତ ତୁମକୁ ଅପେକ୍ଷା କରି ରହିବାକୁହିଁ ପଡ଼ିବ ।

ଉଦାହରଣସ୍ୱରୂପ, କୌଣସି ବ୍ୟକ୍ତିଗତ କାରଣ ସକାଶେ ତୁମେ ପରିପୂର୍ଣ୍ଣତା ଅର୍ଜନ କରିବାକୁ ଇଚ୍ଛା କରିବ ନାହିଁ; କୌଣସି ବ୍ୟକ୍ତିଗତ କାରଣ ସକାଶେ ତୁମେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବାକୁ ମଧ୍ୟ ଇଚ୍ଛା କରିବ ନାହିଁ । କୌଣସି ବ୍ୟକ୍ତିଗତ କାରଣ ସକାଶେ ତୁମେ ଅତିମାନସ ରୂପାନ୍ତରର ଆକାଙ୍କ୍ଷା କରିବ ନାହିଁ । ଯଦି ତୁମେ ବ୍ୟକ୍ତିଗତ ଲାଭ ଏବଂ କୌଣସି ବ୍ୟକ୍ତିଗତ କାରଣ

'oaob.nitrkl.ac.in' images reprocessed

ପ୍ରକାଶେ ଏହିସବୁର କାମନା କରୁଥାଅ, ତେବେ ତୁମେ ସେହି ବାଟରେ ଯାଅ; ମୁଁ ତୁମକୁ ଜବାବ ଦେଇ କହୁଛି ଯେ, କେତେକ ଜନ୍ମ ପରେ ତୁମେ ନିଶ୍ଚୟ ସେହି ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବ । ପ୍ରକୃତ କଥା ହେଉଛି, କୌଣସି ବ୍ୟକ୍ତିଗତ କାରଣ ନ ଥାଇ ଜଣେ କିପରି ଜୀବନଧାରଣ କରିପାରିବ, ଗୋଟିଏ ଅବସ୍ଥାରେ ତାହାକୁ ବୁଝିପାରିବା ମଧ୍ୟ ଆଦୌ ସମ୍ଭବ ହେବ ନାହିଁ । ସେହି ଅବସ୍ଥାଟି ଯେପର୍ଯ୍ୟନ୍ତ ରହିଥିବ···ଯଦି ମୁଁ ହଠାତ୍ ତୁମ ଭିତରୁ ତୁମର ବ୍ୟକ୍ତିଗତ ଚେତନା ଓ ବ୍ୟକ୍ତିଗତ ବସ୍ତରବୃତ୍ତିକୁ ବାହାର କରି ନେଇଯିବି, ତେବେ ତୁମେ ତା'ପରେ ଆଦୌ ଜୀବନ-ଧାରଣ କରିପାରିବ ନାହିଁ । ତେଣୁ, ଏହା ଯେ ବସ୍ତୁଗୁଡ଼ିକ ବିଷୟରେ ଯଥାର୍ଥ ବୋଧ ନୁହେଁ, ସେହି କଥାଟିକୁ ହୃଦୟଙ୍ଗମ କରିପାରିବା ପର୍ଯ୍ୟନ୍ତ ତୁମକୁ ଅସ୍ଥିର ଅପେକ୍ଷା କରି ରହିବାକୁ ପଡ଼ିବ ।

ତେବେ ଅପେକ୍ଷା କରିବା ବ୍ୟତୀତ କ'ଣ ଆଉ କୌଣସି ଅନ୍ୟ ପଥ ନାହିଁ ?

ଆଚ୍ଛା ? କେବଳ ଅପେକ୍ଷା କରି ରହିବା ବ୍ୟତୀତ ଆଉ କୌଣସି ଅନ୍ୟ ପଥ ନାହିଁ ? ମୋ' ଲାଗି ବି ?···ତୁମେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସମସ୍ତ କିପରି ତୁମ ଲାଗି ଅପେକ୍ଷା କରି ରହିଛି, ସେହି କଥାଟିକୁ ମୁଁହିଁ ଚିହ୍ନିତ କରିଦେବାରେ ଲାଗିଛି ! (ମାଆ ହସିଲେ)

ଏହା ଏକ ଅତ୍ୟନ୍ତ ସୂକ୍ଷ୍ମତାଯୁକ୍ତ ସମସ୍ୟା; କାରଣ ଯଦି ଜଣେ ବ୍ୟକ୍ତି ଧାର୍ଯ୍ୟ ସମସ୍ତ ଲାଗି ଆଦୌ କିଛି ଅନୁଭବ କରି ପାରେ ନାହିଁ, ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ଯଦି ତା'ପାଖରେ ଏହି ବ୍ୟକ୍ତିଗତ ଅଭୀପ୍ସା ନ ଥାଏ, ପରମ ଦିବ୍ୟସତ୍ତା ମଧ୍ୟରେ ପ୍ରବେଶ କରିବା ଲାଗି ଯଦି ତା'ର କୌଣସି ବ୍ୟକ୍ତିଗତ ଅଭୀପ୍ସା ନ ଥାଏ ଓ ଅଧିମାନସ ଚେତନାର ଉପଲବ୍ଧି ଲାଗି ମଧ୍ୟ ଯଦି ତା'ର କୌଣସି ବ୍ୟକ୍ତିଗତ ଅଭୀପ୍ସା ନ ଥାଏ, ତେବେ, ତୁମେ ବର୍ତ୍ତମାନ ଯେପରି କହୁଥିଲ, ସିଏ ମଧ୍ୟ ଠିକ୍ ସେହିପରି ଭାବରେ କହୁଥାଏ, "ତେବେ ଆଉ କିଛିହେଲେ ବି କରିବାର ଆଉ କ'ଣ ପ୍ରୟୋଜନ ଅଛି । କେବଳ ସ୍ଥିର ହୋଇ ରହିବା, ତାହାହିଁ ଏକମାତ୍ର କର୍ତ୍ତବ୍ୟ ।" ମାତ୍ର, ଯେପର୍ଯ୍ୟନ୍ତ ସ୍ଥିତି ଠିକ୍ ଏହିପରି ହୋଇ ରହିଥିବ, ଯେତେବେଳ ପର୍ଯ୍ୟନ୍ତ ଏହା ଅନ୍ୟପ୍ରକାର ହେବା ଲାଗି ତୁମେ ନିଜ ଭିତରେ ଯଥେଷ୍ଟ ଚେତନାର ବିକାଶ ଘଟାଇପାରି ନ ଥିବ, ସେପର୍ଯ୍ୟନ୍ତ କିଛି କହିବାକୁ ନ ଥିବ ଓ କିଛି କରିବାକୁ ମଧ୍ୟ ନ ଥିବ । ଏବଂ ସେପର୍ଯ୍ୟନ୍ତ ମୋତେ କେବଳ ଅପେକ୍ଷା କରି ରହିବାକୁହିଁ ପଡ଼ିବ ।

'oaob.nitrkl.ac.in' images reprocessed

"ଅପେକ୍ଷା କରିବା" କ'ଣ କେତେକ ଜୀବନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବୁଝାଇବ ?

ହଁ ।

କେତେକ ବ୍ୟକ୍ତିଙ୍କ ଲାଗି ଏହା ଅବଶ୍ୟ ଅଧିକ ହ୍ରସ୍ୱୀକୃତ ହୋଇପାରେ; ଯଦି ସେମାନଙ୍କ ଭିତରେ ହଠାତ୍ କୌଣସି ଉତ୍କ୍ରାନ୍ତି ଘଟିବ ଏବଂ ସେମାନେ ଏକ ଅନୁଭୂତି ଲାଭ କରିବେ—କେବଳ ଆପଣାର ଚୈତ୍ୟସତ୍ତା ସହିତ ଏକାତ୍ମକତା ଲାଭ କରିବା ବ୍ୟତୀତ ସେହି ଅନୁଭୂତି ଆଉ ଅଧିକ କିଛି ବି ନ ହୋଇଥାଉ ପଛକେ,—ତେବେ ସେମାନେ ଅନ୍ତୁନକ ସବୁ ବୁଝି ପାରିବାକୁ ଆରମ୍ଭ କରିବେ । ଚୈତ୍ୟସତ୍ତା ସହିତ ଏକାତ୍ମକତାର ଅର୍ଥ ହେଉଛି ଦିବ୍ୟ ପରମଚେତନା ସହିତ ଏକାତ୍ମକତା ଲାଭ କରିବା । ତେଣୁ, ସେମାନେ ସଙ୍ଗେସଙ୍ଗେ ବୁଝିବାକୁ ସମର୍ଥ ହେବେ; ସେମାନେ ବୁଝିବାକୁ ସମର୍ଥ ହେବେ ଏବଂ ଏଥିକରେ ବି ସେମାନେ ହସିବାକୁ ଆରମ୍ଭ କରିବେ । ସେମାନେ ଯେ ଆଗରୁ କେତେ ନିର୍ବୋଧ ହୋଇ ରହିଥିଲେ, ସେକଥା ସେମାନେ ଅନୁଭବ କରି ପାରିବେ । (ମାଆ ହସିଲେ)

ଆପଣାକୁ ଏକ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ଦେଖୁଥିବାର ଏହି ବୋଧଟି ପ୍ରକୃତରେ ଗୋଟିଏ ପିଞ୍ଜରାରେ ପରିଣତ ହୋଇଯାଏ, ଏକ କାରାଗାରରେ ପରିଣତ ହୁଏ ଯାହାକି ତୁମକୁ ବନ୍ଦୀକରି ରଖିଥାଏ । ତୁମେ ଯଥାର୍ଥରେ ଯାହା ହେବାକଥା ସେଥିରୁ ତୁମକୁ ନିବୃତ୍ତ କରି ରଖେ, ତୁମକୁ ଯଥାର୍ଥ ଜାଣିବାରୁ, ଯଥାର୍ଥ କର୍ମରୁ ଓ ଯଥାର୍ଥ ବୁଝିବାରୁ ନିବୃତ୍ତ କରି ରଖେ । ସେତେବେଳେ ସତେଅବା କେହି ତୁମକୁ ଏକ ଅତ୍ୟନ୍ତ କଠିନ ଖୋଳପା ଭିତରେ ନେଇ ବନ୍ଦୀକରି ରଖିଥାଏ ଏବଂ ସେଠାରେ ରହିବା ଲାଗି ତୁମେ ବାଧ୍ୟ ହେଉଥାଅ ।

ସର୍ବପ୍ରଥମେ ଏହିପରି ଗୋଟିଏ ବୋଧ ଆସେ । ତା'ପରେ ସେହି ଖୋଳଟିକୁ ଭାଙ୍ଗିଦେବା ଲାଗି ତୁମେ ତା'ଉପରେ ଆଘାତ କରିବାକୁ ଆରମ୍ଭ କର । ମାତ୍ର ତଥାପି, ତୁମେ ଯେତେବେଳେ ଏଇଟିକୁ ଅନୁଭବ କରିବାକୁ ଆରମ୍ଭ କର ଯେ ତୁମେ ଆପଣାକୁ ଯାହା ବୋଲି ବିଶ୍ୱାସ କରୁଥିଲ, ଯେଉଁବ୍ୟକ୍ତି ସବୁକଥା କରୁଥିଲା ଓ ଯାହାଲାଗି ସବୁକିଛି ହେଉଛି ବୋଲି ବିଶ୍ୱାସ କରୁଥିଲ, ଯେଉଁ ବ୍ୟକ୍ତିର ଏକ ଅସ୍ତିତ୍ୱ ଅଛି ଏବଂ ତୁମେ ଯାହା, ତୁମକୁ ସେହିପରି କରି ତିଆରି କରୁଛି ବୋଲି ବିଶ୍ୱାସ କରୁଥିଲ,—ହଁ, ତୁମେ ଯେତେବେଳେ ଏହି ଅବସ୍ଥାଟିରୁ ସେହି ଅନ୍ୟ ଚେତନାଟି ମଧ୍ୟକୁ ଅତିକ୍ରମ କରିଯାଅ ଯେ ଏହା ହେଉଛି ପ୍ରକୃତରେ ଏକ ବନ୍ଦୀଶାଳା ଯାହାକି ତୁମେ ଯଥାର୍ଥରେ ଯାହା ହୁଅନ୍ତ, ତୁମକୁ ତାହା ହେବାରୁ ନିବୃତ୍ତ କରି ରଖିଛି,—ସେତେବେଳେ ତୁମେ ପ୍ରକୃତରେ ପ୍ରଭୂତ ଅଗ୍ରଗତି କରିଛ

'oaob.nitrkl.ac.in' images reprocessed

ଏବଂ ତୁମ ବିଷୟରେ ଅବଶ୍ୟ ଆଶାନ୍ୱିତ ହେବା ସମ୍ଭବ ହେବ ବୋଲି କୁହାଯାଇ ପାରିବ । ତୁମେ ଆପଣାକୁ ଅଣନିଃଶ୍ୱାସୀ ହୋଇଗଲ ପରି ବୋଧ କରିବାକୁ ଆରମ୍ଭ କର, ଦଲି ହୋଇ ଯାଉଥିବା ପରି ଅନୁଭବ କର ଏବଂ ଆଦୌ ପବନ ବା ଆଲୋକ ନ ଥିବା ଏକ ବନ୍ଦୀଶାଳା ଭିତରେ ବନ୍ଦୀହୋଇ ରହିଥିବା ପରି ଅନୁଭବ କର । ସେହି ବନ୍ଦୀଶାଳାରୁ ବାହାରି ଆସିବାକୁ ତୁମେ ଆଦୌ କୌଣସି ବାଟ ଦେଖିପାର ନାହିଁ । ଏବଂ ତା'ପରେ ତୁମେ ଭିତରୁ ଠେଲିବାକୁ ଆରମ୍ଭ କର, ସେହି ବନ୍ଦୀଶାଳାକୁ ଭାଙ୍ଗିବା ଲାଗି ଭିତରୁ ଠେଲିବାକୁ ଆରମ୍ଭ କର ।

ଏବଂ ଯେଉଁଦିନ ହଠାତ୍ ସେହି ବନ୍ଦୀଶାଳାଟି ଭାଙ୍ଗିଯାଏ, ଯେଉଁଦିନ ତାହା ଖୋଲିଯାଏ, ସେଦିନ ତୁମେ ଚୈତ୍ୟଚେତନା ମଧ୍ୟରେ ପ୍ରବେଶ କର । ଏବଂ ତା'ପରେ ବୁଝିବାକୁ ସମର୍ଥ ହୁଅ । ଏବଂ, ତା'ପରେ, ବିନୋଦନ ଲାଗି ଯଦି ତୁମର ଆଦୌ କୌଣସି ଶକ୍ତି ରହିଥାଏ, ତେବେ ତୁମେ ହସିବାକୁ ଆରମ୍ଭ କର; ଆପଣାର ନିର୍ବୋଧତାକୁ ହୃଦୟଙ୍ଗମ କର ।

ମାଆ, ଆପଣ ଦିନେ କହୁଥିଲେ ଯେ, ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ ହୋଇପାରିବା ପୂର୍ବରୁ ଆମକୁ ପ୍ରଥମେ ଜଣେ ବ୍ୟକ୍ତିରେ ପରିଣତ ହେବାକୁ ପଡ଼ିବ ।

ହଁ, ମୁଁ ଯଥାର୍ଥ କଥାହିଁ କହିଥିଲି । ତୁମେ ବର୍ତ୍ତମାନ ଜଣେ ବ୍ୟକ୍ତିରେ ପରିଣତ ହେବାର ପର୍ଯ୍ୟାୟ ମଧ୍ୟଦେଇହିଁ ଗତି କରୁଛ । ଏବଂ, ଜଣେ ବ୍ୟକ୍ତିରେ ପରିଣତ ହେବାର ଏହି ପର୍ଯ୍ୟାୟ ମଧ୍ୟଦେଇ ଗତି କରୁଥିବା ପର୍ଯ୍ୟନ୍ତ ତୁମକୁ ଏହି ପର୍ଯ୍ୟାୟଟି ଅତିକ୍ରାନ୍ତ ହେବାଯାଏ ଅପେକ୍ଷା କରିବାକୁ ପଡ଼ିବ । ଅର୍ଥାତ୍, ଜଣେ ସଚେତନ ବ୍ୟକ୍ତିରେ ପରିଣତ ହେବାଯାଏ ଅପେକ୍ଷା କରିବାକୁ ପଡ଼ିବ । ହଁ, ଏକଥା ସମ୍ପୂର୍ଣ୍ଣ ଭାବରେ ସତ ।

ମାଆ, ଆପଣ କହିଥିଲେ ଯେ, ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ଅଛନ୍ତି, ହୁଏତ ଲକ୍ଷକରେ ଜଣେମାତ୍ର ଅଛନ୍ତି, ଯାହାକୁ କି ଯଥାର୍ଥରେ ସଚେତନ ବ୍ୟକ୍ତି ବୋଲି କୁହାଯିବ ।

ହଁ, ଯଦି ସମଗ୍ର ମନୁଷ୍ୟଜାତିର କଥା ବିଚାର କରାଯାଏ, ତେବେ ସେକଥା ଅବଶ୍ୟ ଠିକ୍ । ଏବଂ, ମନୁଷ୍ୟଜାତିର ବୃହତ୍ ବହୁସଂଖ୍ୟକ ଲୋକ ମଣିଷ କଦାପି ବ୍ୟକ୍ତିରେ ପରିଣତ ହେବେ ନାହିଁ । ସେମାନେ ସବୁଦିନେ ଏହିପରି ଏକ ଅନିର୍ମିତ ପିଣ୍ଡଟିଏ ହୋଇ ରହିଥିବେ, ଏହିପରି ଭାବରେ (ମାଆ ଇଙ୍ଗିତ କରି

'oaob.nitrkl.ac.in' images reprocessed

ଦେଖାଇଦେଲେ) ପରସ୍ପର ସହିତ ମିଶ୍ରିତ ହୋଇ ରହିଥିବେ । ଜଣେ ବ୍ୟକ୍ତି-ଏକକରେ ପରିଣତ ହେବାକୁ ଶ୍ରୀଅରବିନ୍ଦ ଯଥାର୍ଥରେ ଏକ ମନଃସ୍ତରୀୟ ମନୁଷ୍ୟସତ୍ତାରେ ପରିଣତ ହେବା ବୋଲି କହିଛନ୍ତି । ଯଦି ତୁମେ ତାଙ୍କର 'ମାନବ-ଯୁଗଚକ୍ର' ଗ୍ରନ୍ଥ ପଢ଼ିଥିବ, ତେବେ ତୁମେ ହୃଦୟଙ୍ଗମ କରିପାରିଥିବ ଯେ, ଏକ ଯଥାର୍ଥ ମନଃସ୍ତରୀୟ ମନୁଷ୍ୟସତ୍ତାରେ ପରିଣତ ହେବା ଆଦୌ ଏକ ସହଜ କଥା ନୁହେଁ; ଏପରି ଏକସତ୍ତା ଯିଏକି ସ୍ୱନିର୍ଭର ଭାବରେ ଚିନ୍ତା କରି ପାରୁଥିବ, ଯାବତୀୟ ବାହ୍ୟ ପ୍ରଭାବରୁ ମୁକ୍ତ ରହି ପାରିଥିବ, ଯାହାର ଏକ ବ୍ୟକ୍ତିତ୍ୱ ଥିବ, ଅସ୍ତିତ୍ୱ ରହିଥିବ, ଆପଣାର ଏକ ପ୍ରକୃତ ଅସ୍ତିତ୍ୱ ରହିଥିବ । ଏତକ ହାସଲ କରିବା ମଧ୍ୟ ଆଦୌ ସହଜ କଥା ନୁହେଁ ।

ମାତ୍ର, ଏକ ପରମକରୁଣା ବଳରେ, ହୁଏତ ଏକଥା ମଧ୍ୟ ଘଟିପାରିବ ଯେ, ଜଣେ ଯଥାର୍ଥ ବ୍ୟକ୍ତିରେ ପରିଣତ ହେବା ପୂର୍ବରୁ, ଯଦି ଜଣେ ବ୍ୟକ୍ତି ଭିତରେ ଏକ ଅଭୀପ୍ସା ରହିଥିବ, ଯଦି ସିଏ ଏପରି ଏକ ଭୂମିକୁ ଜାଗ୍ରତ ହୋଇ ଉଠିବାର ଆବଶ୍ୟକତାକୁ ଅନୁଭବ କରୁଥିବ ଯାହାକି ଅଧିକ ଇଚ୍ଛା କରୁଥିବ, ଆଉକିଛି ଅଧିକ ଭଲ ଲାଗି ଇଚ୍ଛା କରୁଥିବ, କେବଳ ଏକ ବ୍ୟକ୍ତି ହୋଇ ରହିବା ଯେ କେତେ ଅଳ୍ପ କଥା, ସେକଥା ଅନୁଭବ କରିପାରୁଥିବ,—ଏପରି ଏକ ଭୂମି ଯାହାକି ପ୍ରକୃତରେ ଏହି ସାଧାରଣ ସୀମାଗୁଡ଼ାକ ଅପେକ୍ଷା ଆଉକିଛି ଅଧିକ ଲୋଡ଼ୁଥିବ, ତେବେ, ସିଏ ଜଣେ ବ୍ୟକ୍ତିରେ ପରିଣତ ହେବା ପୂର୍ବରୁ ମଧ୍ୟ ହୁଏତ ହଠାତ୍ ଆପଣାର ଚୈତ୍ୟସତ୍ତା ସହିତ ସଂଯୁକ୍ତ ହୋଇଗଲାପରି ଅନୁଭବ କରିବ ଏବଂ ତାହାହିଁ ତାହାର ସକଳ ଦ୍ୱାରକୁ ଖୋଲିଦେବ । ଦ୍ୱାରଗୁଡ଼ିକ ଅବଶ୍ୟ ପରେ ପୁନର୍ବାର ବନ୍ଦ ହୋଇଯିବେ; ମାତ୍ର ଯଦି ସେଗୁଡ଼ିକ ଥରକ ପାଇଁ ଖୋଲି ଯାଇଥିବେ, ତେବେ ତୁମେ ତାହାକୁ କେବେହେଲେ ପାସୋରି ଦେଇପାରିବ ନାହିଁ । ସେହି ସ୍ମୃତିଟି ତୁମ ଭିତରେ ଅତ୍ୟନ୍ତ ଜାଗରୂକ ହୋଇ ରହିଯିବ; ଏବଂ ତଦ୍ୱାରା ଅନେକ ସହାୟତା ମିଳିବ । ଏଠାରେ ତୁମ ଜୀବନରେ ତାହାହିଁ ଘଟିବା ଉଚିତ ।

ମାଆ, ଚୈତ୍ୟସତ୍ତା ସହିତ ଏକାତ୍ମକତା ଲାଭ କରିବା ଓ ଚୈତ୍ୟସତ୍ତା ସମ୍ମୁଖଭାଗକୁ ଆସିବା,—ଦୁଇଟିଯାକ କ'ଣ ପ୍ରକୃତରେ ଗୋଟିଏ କଥା ?

ଅର୍ଥାତ୍, ଏକାତ୍ମକତା ଲାଭ ହେଉଛି ପ୍ରଥମ ସୋପାନ; ଏବଂ ତା'ପରେ, ତୁମେ ସେହି ଏକାତ୍ମକତାକୁ ସ୍ଥାୟୀ କରି ରଖିବାରେ ଥରେ ସମର୍ଥ ହୋଇଗଲେ, ଚୈତ୍ୟସତ୍ତାହିଁ ତୁମ ପ୍ରକୃତି ଓ ତୁମ ଜୀବନର ଅବଶିଷ୍ଟ ଅଂଶକୁ ଶାସନ କରିବାକୁ

'oaob.nitrkl.ac.in' images reprocessed

ଆରମ୍ଭ କରିବ । ତାହା ତୁମ ଜୀବନର କର୍ତ୍ତା ହୋଇ ରହିବ । ଚୈତ୍ୟସତ୍ତ୍ୱ ସମ୍ମୁଖସ୍ଥଳକୁ ଆସିବା କହିଲେ ଏହି କଥାକୁହିଁ ବୁଝାଇଥାଏ । ସେହି ଚୈତ୍ୟସତ୍ତ୍ୱହିଁ ଶାସନ କରେ, ପରିଚାଳନା କରେ, ଏପରିକି ଜୀବନକୁ ସଂଗଠିତ କରିବାର ଦାୟିତ୍ୱ ଗ୍ରହଣ କରେ, ଚେତନାର ସଂଗଠନ କରାଏ, ସତ୍ତ୍ୱର ବିଭିନ୍ନ ସ୍ତରରେ ସଂଗଠନ ଆଣେ । ଯେତେବେଳେ ଏହା ଘଟିବାକୁ ଆରମ୍ଭ କରେ, ସେତେବେଳେ କାର୍ଯ୍ୟଟି ଅତ୍ୟନ୍ତ ବେଗରେ ଚାଲିବାକୁ ଲାଗେ । ହଁ, ଅତ୍ୟନ୍ତ ବେଗରେ···ଅପେକ୍ଷାକୃତ ଅନେକ ଅଧିକ ବେଗରେ ।

ମନୁଷ୍ୟର ଚେତନାରେ ସବୁକିଛି ବଡ଼ ମନ୍ଥର ଗତିରେ ହେଉଥାଏ । କିଛି ଉପଲବ୍ଧି କରିବା ଲାଗି ଆବଶ୍ୟକ ହେଉଥିବା ସମୟକୁ ମନୁଷ୍ୟଜୀବଦ୍ଦଶାର ସାଧାରଣ ଅବଧିଟି ସହିତ ଆମେ ଯେତେବେଳେ ତୁଳନା କରି ଦେଖୁ, ସେତେ-ବେଳେ ଏହା ପ୍ରକୃତରେ ଅସହ୍ୟ ପରି ବୋଧ ହୋଇଥାଏ । ମାତ୍ର, ଅତ୍ୟନ୍ତ ସୁଖର କଥା ଯେ, ଜୀବନରେ ଏପରି ଏକ ସମୟ ଆସି ପହଞ୍ଚେ, ଯେତେବେଳେ କି ଆମେ ସେହି ଧାରଣାଟି ଭିତରୁ ବାହାରକୁ ବାହାରି ଯାଇଥାଉ, ଯେତେ-ବେଳେ ଏହି ମନୁଷ୍ୟ-ଭୂମିର ସାଧାରଣ ପରିମାପକଗୁଡ଼ାକ ଅନୁସାରେ ଅନୁଭବ କରିବା ଲାଗି ଆଉ କୌଣସି ପ୍ରୟୋଜନ ରହେ ନାହିଁ । ଆପଣାର ଚୈତ୍ୟସତ୍ତ୍ୱ ସହିତ ଯଥାର୍ଥ ସଂସ୍ପର୍ଶରେ ଆସିବା ସଙ୍ଗେସଙ୍ଗେ ଏହି କିସମର ସଙ୍କୀର୍ଣ୍ଣତାଟି ଦୂର ହୋଇ ଯାଇଥାଏ, ଏତେ ଅଧିକ ପରିମାଣରେ ଏକ ମନ୍ଦ ପରି କାର୍ଯ୍ୟ କରୁଥିବା ଏହି ଯନ୍ତ୍ରଣାଟି ମଧ୍ୟ ଦୂର ହୋଇଯାଏ : "ମୋତେ ଆହୁରି ତ୍ୱରାଯୁକ୍ତ ହେବାକୁ ହେବ, ଆହୁରି ଅଧିକ ତ୍ୱରାଯୁକ୍ତ ହେବାକୁ ପଡ଼ିବ, ମୋ ହାତରେ ମୋଟେ ଅଧିକ ସମୟ ନାହିଁ, ମୋତେ ଶୀଘ୍ର ଯିବାକୁ ପଡ଼ିବ, ଆଉ ମୋଟେ ଅଧିକ ସମୟ ନାହିଁ ।" ସେହି ଅବସ୍ଥାରେ ଯାହାକିଛି କରାଯାଏ, ତାହାକୁ ଅତ୍ୟନ୍ତ ଅକୁଶଳ ଭାବରେ କରାଯାଏ, ଅଥବା ସେଗୁଡ଼ିକୁ ଆଉ ଆଦୌ କରାଯାଏ ନାହିଁ । ମାତ୍ର, ଚୈତ୍ୟସତ୍ତ୍ୱ ସହିତ ଏକ ସଂସ୍ପର୍ଶ ସ୍ଥାପିତ ହୋଇଯିବା ପରେ, ଏଇଟି ମଧ୍ୟ ପ୍ରକୃତରେ ଅନ୍ତର୍ହିତ ହୋଇଯାଏ । ସେତେବେଳେ ଆମେ କହିବୁ ଅଧିକ ବିସ୍ତାରଯୁକ୍ତ, ସ୍ଥିର ଓ ଶାନ୍ତ ହୋଇ ଆସିବାରେ ସମର୍ଥ ହେଉ, ଶାଶ୍ୱତତା ମଧ୍ୟରେ ବିଚରଣ କରିବାକୁ ସମର୍ଥ ହେଉ ।

ମାଆ, ଆପଣାର ଅହଂ ସହିତ ଆମେ ଏତେ ଅଧିକ ପରିମାଣରେ ବାନ୍ଧି ହୋଇ କାହିଁକି ରହିଛୁ ?

ମୁଁ ଟିକିଏ ଆଗରୁ ଯେପରି କହୁଥିଲି, ସମ୍ଭବତଃ ତୁମର ତଥାପି ସେଇଟି ଲାଗି ଅତ୍ୟନ୍ତ ପରିମାଣରେ ଏକ ଆବଶ୍ୟକତା ରହିଛି, ନୁହେଁ ? ଏକ ସଚେତନ

'oaob.nitrkl.ac.in' images reprocessed

ଓ ବ୍ୟକ୍ତିତ୍ୱ ବିଶିଷ୍ଟ ସତ୍ତାରେ ପରିଣତ ହୋଇପାରିବା ଲାଗି ଏହି ଅହଂର ଆବଶ୍ୟକତା ରହିଥାଏ; ଏବଂ ଅହଂ ସେହି କାରଣରୁହିଁ ତୁମ ପାଖରେ ରହିଥାଏ । ଆପଣାର ଏହି ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ଯଥେଷ୍ଟ ପରିମାଣରେ ହାସଲ କରିପାରିଲେ ଏବଂ ଆପଣାର ନିଜସ୍ୱ ଏକ ଅସ୍ତିତ୍ୱ ରହିଥିବା ଏକ ସଚେତନ ଓ ସ୍ୱତନ୍ତ୍ର ସତ୍ତାରେ ପରିଣତ ହୋଇସାରିଲେ ଯାଇ ତା'ର ଆଉ ଅହଂରେ କୌଣସି ଆବଶ୍ୟକତା ରହେ ନାହିଁ । ଏବଂ, ସେହି ସମୟରେ ତାହାର ହାତରୁ ମୁକ୍ତ ହୋଇ ଆସିବା ଲାଗି ଏକ ଉଦ୍ୟମ ମଧ୍ୟ କରାଯାଇପାରେ । ମାତ୍ର, ଦୁର୍ଭାଗ୍ୟବଶତଃ, ପ୍ରକୃତ ବ୍ୟକ୍ତିରେ ପରିଣତ ହେବା ସଙ୍ଗେସଙ୍ଗେ ଅଧିକାଂଶ ମନୁଷ୍ୟ ଆପଣାର ମହତ୍ତ୍ୱ ଏବଂ ସାମର୍ଥ୍ୟ ବିଷୟରେ ଏପରି ଏକ ବୋଧ ଲାଭ କରିବାକୁ ଆରମ୍ଭ କରନ୍ତି ଯେ, ସେମାନେ ଆପଣା ଅହଂଠାରୁ ମୁକ୍ତ ହୋଇ ଆସିବା ଲାଗି ଆଦୌ ଚିନ୍ତା ହିଁ କରନ୍ତି ନାହିଁ । ମାତ୍ର, ତାହା ହେଉଛି ଅବଶ୍ୟ ଏକ ଅନ୍ୟ କଥା ।

କିନ୍ତୁ ଏଠାରେ ମୁଁ ତୁମକୁ କେବେହେଲେ ଶୋଇବାକୁ ଯିବା ଲାଗି ମୋଟେ ଛାଡ଼ିଦିଏ ନାହିଁ । ସେହି ଅସଲ ବସ୍ତୁଟି ବିଷୟରେ ମୁଁ ତୁମକୁ ବାରଂବାର ସ୍ମରଣ କରାଇ ଦେଉଥାଏ । ମାତ୍ର ତୁମ ସମସ୍ତଙ୍କର ବୟସ ଅତି ଅଳ୍ପ; ଏବଂ, ଆପଣା ଲାଗି ଚିନ୍ତା କରିପାରୁଥିବା, ଆପଣାର ଇଚ୍ଛାଶକ୍ତି, ପ୍ରକୃତି, ଜୀବନର ଉଦ୍ଦେଶ୍ୟ ବିଷୟରେ ବୃହତ୍ତର ମନୁଷ୍ୟସମୂହର ପିଣ୍ଡଟିଠାରୁ ସମ୍ପୂର୍ଣ୍ଣ ଅନପେକ୍ଷ ଭାବରେ ସଚେତନ ହୋଇ ପାରୁଥିବା ଏକ ସତ୍ତାରେ ପରିଣତ ହୋଇ ପାରିବାକୁ ହେଲେ କେତୋଟି ବର୍ଷ, ସଘନ ଭାବରେ ଏକ ଅନ୍ତର୍ଗତ ନିର୍ମାଣର କେତୋଟି ବର୍ଷ ଅବଶ୍ୟ ଆବଶ୍ୟକ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଅବଧିର ଅବଶ୍ୟ ଆବଶ୍ୟକତା ରହିଥାଏ । କେତେକ ପିଲା ଅତି ଅଳ୍ପ ବୟସରେ ତାହା ଆରମ୍ଭ କରି ଦେଇଥାନ୍ତି । ଯଦି ଏହି ପ୍ରକ୍ରିୟାଟି ଖୁବ୍ ଶୀଘ୍ର ଆରମ୍ଭ ହୋଇପାରେ, ତେବେ କୋଡ଼ିଏ ବର୍ଷ ହେଲା ବେଳକୁ ଜଣେ ବ୍ୟକ୍ତି ବେଶ୍ ସୁଗଠିତ ହୋଇ ସାରିଥିବ । ମାତ୍ର ତୁମକୁ ଅତ୍ୟନ୍ତ ଅଳ୍ପ ବୟସରୁ ଆରମ୍ଭ କରିବାକୁ ପଡ଼ିବ, ଏବଂ ଅତ୍ୟନ୍ତ, ଅତ୍ୟନ୍ତ ସଚେତନ ଭାବରେ ଆରମ୍ଭ କରିବାକୁ ପଡ଼ିବ; ଆପଣା ଭିତରେ ହେଉଥିବା ଯାବତୀୟ ଗତିସ୍ପନ୍ଦନକୁ ନିରୀକ୍ଷଣ କରିବାର ଏକ ବୋଧ ନେଇ ତୁମକୁ ଆରମ୍ଭ କରିବାକୁ ହେବ, ଅନ୍ୟ ଗତିସ୍ପନ୍ଦନଗୁଡ଼ିକ ସହିତ ରହିଥିବା ସେଗୁଡ଼ିକର ସମ୍ବନ୍ଧକୁ ଅବଲୋକନ କରିବାର ଏକ ବୋଧ ନେଇ ଆରମ୍ଭ କରିବାକୁ ପଡ଼ିବ । ଆହୁରି ନିର୍ଦ୍ଦିଷ୍ଟ ଭାବରେ କହିଲେ, ତୁମେ କେତେ ପରିମାଣରେ ଏକ ସ୍ୱତନ୍ତ୍ର ସତ୍ତା ହୋଇ ରହିଛ, କେତେ ଦୂର ପର୍ଯ୍ୟନ୍ତ ତୁମର ପ୍ରକୃତିରେ ଏକ ସ୍ୱତନ୍ତ୍ର ବ୍ୟକ୍ତି-ଅସ୍ତିତ୍ୱ ରହିଛି, ତୁମର ଯାବତୀୟ ଆବେଗ କେଉଁଠାରୁ ଆସୁଛନ୍ତି, ଅନ୍ୟ ଗତିସ୍ପନ୍ଦନଗୁଡ଼ିକ ମଧ୍ୟ କେଉଁଠାରୁ ଉଦ୍ଭୂତ ହେଉଛନ୍ତି : ବାହାରୁ ଏକ ସଙ୍କ୍ରମଣ ଫଳରେ ତାହା

'oaob.nitrkl.ac.in' images reprocessed

ହେଉଛି ଅଥବା ତାହା ତୁମ ନିଜ ଭିତରୁହିଁ ଉତ୍ପନ୍ନ ହୋଇଆସୁଛି, ଏହି ସବୁକିଛିକୁ ନିରୀକ୍ଷଣ କରିବାର ଏକ ବୋଧ ସହିତ ଆରମ୍ଭ କରିବାକୁ ପଡ଼ିବ। କିଞ୍ଚିତ୍ ପରିମାଣରେ ସଚେତନ ହୋଇ ପାରିଥିବା ଏକ ସତ୍ତାକୁ କେବଳ ଏକ ନିଶ୍ଚିତ ରୂପ ଦେଇ ଅନୁଭବ କରିବାରେ ସଫଳ ହେବା ପାଇଁ ମଧ୍ୟ ଆପଣା ମଧ୍ୟରେ ରହିଥିବା ଯାବତୀୟ ଗତିସ୍ପନ୍ଦନର ଏକ ଅତ୍ୟନ୍ତ ଗମ୍ଭୀର ଅଧ୍ୟୟନ ଅତ୍ୟାବଶ୍ୟକ। ମାତ୍ର, ଯେପର୍ଯ୍ୟନ୍ତ ତୁମେ ସ୍ଥିର ଅସ୍ଥିର ଏବଂ ତରଳ ଭାବରେ ନିଜର ଜୀବନକୁ ବଞ୍ଚୁଥିବ, ଅର୍ଥାତ୍, ତୁମ ନିଜ ଭିତରେ ଯେ କ'ଣସବୁ ଘଟୁଛି, ସେତେବେଳେ ତୁମେ ସେଥିକି ମଧ୍ୟ ଜାଣି ନ ଥିବ, ତୁମର କେବଳ ଗୋଟାଏ ପ୍ରକାରର କେତେକ ଅସ୍ପଷ୍ଟ ଧାରଣା ମାତ୍ର ରହିଥିବ, ତେବେ, ଶହେରେ ଅନ୍ତତଃ ଅନେଶତ କ୍ଷେତ୍ରରେ, ଆପଣାକୁ "ମୁଁ ସେପରି ଏକ ଚିନ୍ତା କାହିଁକି କଲି ? ସେପରି କାହିଁକି ଅନୁଭବ କଲି ?" ଏପରିକି, "ମୁଁ ସେହି କାର୍ଯ୍ୟଟିକୁ କାହିଁକି କଲି ?" ପଚାରିବା ମାତ୍ରକେ ସବୁବେଳେ "ମୁଁ ଜାଣି ନାହିଁ। ତାହା ମନକୁ ମନ ସେହିପରି ହେଲା, ବାସ୍, ମୁଁ ଆଉ କିଛି ଜାଣି ନାହିଁ।" ବୋଲି ସବୁବେଳେ ପ୍ରାୟ ସେହି ଗୋଟିଏ ଉତ୍ତର ଆସୁଥିବ। ଅର୍ଥାତ୍, ଆମେ ଆଦୌ ସଚେତନ ହୋଇ ରହି ନ ଥିବା।

ଯେତେବେଳେ ତୁମେ ଅନ୍ୟମାନଙ୍କ ସହିତ ଏକତ୍ର ରହିଥାଅ, ସେତେବେଳେ ତୁମ ନିଜ ଭିତରୁ କ'ଣସବୁ ଉଦ୍ଭୂତ ହୁଏ ଓ ଅନ୍ୟମାନଙ୍କଠାରୁ କ'ଣସବୁ ଉଦ୍ଭୂତ ହୁଏ ତୁମେ ସେକଥା ଆଦୌ ଜାଣିପାର କି ? ଅନ୍ୟମାନଙ୍କର ସତ୍ତାଗତ ମାର୍ଗଟି ଓ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ପନ୍ଦନଗୁଡ଼ିକ ତୁମ ଉପରେ କେତେଦୂର କ୍ରିୟା କରୁଥାଏ, ତୁମେ ସେବିଷୟରେ କିଛି ଜାଣୁଥାଅ କି ? ଏସବୁ ବିଷୟରେ ତୁମେ ଆଦୌ ସଜ୍ଞାନ ହୋଇ ରହି ନ ଥାଅ। ତୁମେ ଗୋଟାଏ ପ୍ରକାରର "ପ୍ରାୟଚେତନା" ମଧ୍ୟରେ ବାସ କରୁଥାଅ, ଯାହାକି ଅଧା ଜାଗ୍ରତ ଥାଏ ଓ ଅଧା ଶୋଇ ରହିଥାଏ; ତୁମେ ଅତ୍ୟନ୍ତ ଅସ୍ପଷ୍ଟ ଏକ ଭୂମିରେ ବାସ କରୁଥାଅ, ଯେଉଁଠାରେ କି ତୁମକୁ ବସ୍ତୁଗୁଡ଼ିକୁ ହାତ ଭିତରେ ପାଇବା ଲାଗି ସତତ ଅଣ୍ଡାଳି ହେବାକୁ ପଡ଼ୁଥାଏ। ମାତ୍ର, ତୁମ ଭିତରେ କ'ଣସବୁ ଘଟୁଛି ଓ କାହିଁକି ତାହା ଘଟୁଛି, ସେହି ବିଷୟରେ ତୁମର ଆଦୌ କୌଣସି ଯଥାର୍ଥ, ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଧାରଣା ରହିଥାଏ କି ? ଏବଂ ତା'ପରେ ଏକଥା ମଧ୍ୟ ଘଟିଥାଏ : ଯେଉଁସବୁ ସ୍ପନ୍ଦନ ବାହାରୁ ତୁମ ଭିତରକୁ ଆସୁଥାଏ ଓ ଯେଉଁଗୁଡ଼ିକ ତୁମ ଭିତରୁହିଁ ଉତ୍ପନ୍ନ ହେଉଥାଏ, ତୁମର ସେବିଷୟରେ ବି କୌଣସି ସ୍ପଷ୍ଟ ଧାରଣା ରହିଥାଏ କି ? ଏବଂ ପୁନଶ୍ଚ, ଏହିଗୁଡ଼ିକ ମଧ୍ୟରୁ କ'ଣସବୁ ହୁଏତ ବାହାରୁ ଆସି ତୁମ ଭିତରେ ପ୍ରବେଶ କରିପାରେ, ଏହି ସବୁକିଛିକୁ ବଦଳାଇ ଦିଏ ଏବଂ ତୁମ ଲାଗି ଏକ ଅନ୍ୟ

ଅଭିବନ୍ୟାସକୁ ସମ୍ଭବ କରି ଦେଇଯାଏ ? ତୁମେ ପ୍ରାୟତଃ ଏକ ଅସ୍ପଷ୍ଟ ଅସ୍ଥିରତା ମଧ୍ୟରେ ବାସ କରୁଅଛ ; ହୁଏତ କେତେକ ନିର୍ଦ୍ଦିଷ୍ଟ କ୍ଷୁଦ୍ର ବସ୍ତୁ ତୁମର ଚେତନା ମଧ୍ୟରେ ହଠାତ୍ ଆକାରତା ଲାଭ କରିବାକୁ ଆରମ୍ଭ କରନ୍ତି, ତୁମେ ହୁଏତ କେବଳ ମୁହୂର୍ତ୍ତିକ ସକାଶେ ସେଗୁଡିକୁ ଧରି ପାରୁଥିଲ ପରି ଅନୁଭବ କର; ଏବଂ ଏହା ସତେଅବା ଗୋଟାଏ ପ୍ରୋଜେକ୍ଟର୍ ମଧ୍ୟ ଦେଇ ଦେଖୁଥିବା ପରି ତୁମ ଲାଗି ଖୁବ ସ୍ପଷ୍ଟ ହୋଇ ଦେଖାଯାଉଥାଏ । ସତେଅବା କୌଣସି ଏକ ଦୃଶ୍ୟ ପର୍ଦ୍ଦାର ଉପର ଦେଇ ଖସି ଚାଲି ଯାଉଥାଏ ଓ କେବଳ ଗୋଟାଏ ମୁହୂର୍ତ୍ତ ସକାଶେ ତୁମେ ତାହାକୁ ସ୍ପଷ୍ଟ ଭାବରେ ଦେଖିବାକୁ ପାଅ । ପର ମୁହୂର୍ତ୍ତରେ ସବୁକିଛୁ ଅସ୍ପଷ୍ଟ ଓ ଅନିର୍ଦ୍ଦିଷ୍ଟ ହୋଇଯାଇଥାଏ । ମାତ୍ର ତୁମେ ଏ ବିଷୟରେ ଆଦୌ ସଜ୍ଞାନ ହୋଇପାରି ନାହିଁ, କାରଣ ତୁମେ ନିଜକୁ ଏହି ପ୍ରଶ୍ନଟିକୁ କେବେ ପଚାରି ବି ନ ଥାଅ, କାରଣ ତୁମେ ଠିକ୍ ଏହିପରି ଭାବରେହିଁ ଜୀବନ ବଞ୍ଚିବାରେ ଲାଗିଥାଅ । ତାହା ଏହିଠାରେହିଁ ଅଟକି ଯାଇଥାଏ, ଏହିଠାରେ ଆରମ୍ଭ ହୋଇ ଏହିଠାରେ ଶେଷ ହୁଏ । ବାସ୍, ଏତିକି ହୋଇ ରହିଥାଏ । ... ଏହା ଏହିପରିହିଁ ହୋଇ ରହିଥାଏ ।

ମାତ୍ର ଏକଥାଟି ବି ଘଟିବ, ଅବଶ୍ୟ ଘଟିବ । ତୁମମାନଙ୍କୁ ମୁଁ କଦାପି ସେଠିକରେହିଁ ଛାଡ଼ି ଦେବି ନାହିଁ ।...ନିଜକୁ ଟିକିଏ ଝାଡ଼ିଦେବାକୁ ପଡ଼ିବ — ମୁଁ ତୁମକୁ ଏହିପରି ଭାବରେ କିଛିଟା ପରିମାଣରେ ଅବଶ୍ୟ ଝାଡ଼ି ଦେଉଥିବି । ଏଥିପାଇଁ ଯାହା ଦରକାର, ତାହା ନିଶ୍ଚୟ କରିବି ।

ଏଥର ବୁଝିପାରୁଥିବ ।

**ମାଆ, ଏକ ମାନସିକ ଉତ୍ସୁକତାରୁ ଯେଉଁ ଅଭୀପ୍ସାର ଉଦ୍ଭବ ହୋଇଥାଏ, ତାହା ଦ୍ୱାରା କି ପରିଣାମ ଘଟେ ?**

ସେହିପରି ଏକ ଅଭୀପ୍ସାରୁ କି ପରିଣାମ ଘଟେ ? ତାହା ତୁମର ସ୍ଥିରତାକୁ ହରଣ କରି ନେଇଯାଏ,—ଏଇଟି ଏହାର ସର୍ବପ୍ରଥମ ପରିଣାମ । ଏହା ତୁମକୁ ଉତ୍ତେଜିତ କରି ରଖେ, ଚଞ୍ଚଳ ଓ ଅଧୀର କରି ରଖିଥାଏ; ତୁମେ ଯାହା ପାଇବାକୁ ମନ କରିଥାଅ, ତାହା ହଠାତ୍ ନ ପାଇଲେ ତୁମେ ଖୁବ ଅସନ୍ତୁଷ୍ଟ ହୋଇପଡ଼ । ଏବଂ, ସାଧାରଣତଃ ତୁମ ଅଭୀପ୍ସାର କ୍ଷେତ୍ରରେ ତୁମେ ଯେପରି ହୋଇ ରହିଥାଅ, ଏହି ନୈରାଶ୍ୟ ଏବଂ ଅସନ୍ତୋଷର କ୍ଷେତ୍ରରେ ମଧ୍ୟ ତୁମେ ଠିକ୍ ସେହିପରି ପ୍ରଚଣ୍ଡ ହୋଇପଡ଼ ଏବଂ ଆପଣାର ଅସହାୟତାକୁ ଅତ୍ୟନ୍ତ ତୀବ୍ର ଭାବରେ ଅନୁଭବ କରିବାରେ ଲାଗିଥାଅ ।

'oaob.nitrkl.ac.in' images reprocessed

ତେବେ ଏହାକୁ ବାସନା ବୋଲି କୁହାଯିବ କି ?

ଏହାକୁ ଠିକ୍ ବାସନା ବୋଲି କୁହାଯିବ ନାହିଁ । ଏହା ବାସନାର ଏକ ପ୍ରସଙ୍ଗ ନୁହେଁ, ଏହା ଅଭୀପ୍ସାରହିଁ ଏକ ପ୍ରସଙ୍ଗ । ମାତ୍ର ଅଭୀପ୍ସାମାନ ବି ଏହି ପ୍ରକାରର ଅବଶ୍ୟ ହୋଇପାରିବେ । ବାସନା କହିଲେ ସମ୍ପୂର୍ଣ୍ଣ ଭାବରେ ଏକ ଅନ୍ୟ କଥାକୁ ବୁଝାଏ । ବାସନା ଏପରି ଗୋଟିଏ ବସ୍ତୁ, ଯାହାକି ସମ୍ପୂର୍ଣ୍ଣ ଭାବରେ ଅନୁପ୍ରସ୍ଥ ଭାବରେ ଆପଣାର କାର୍ଯ୍ୟ କରିଥାଏ ।

ତୁମ ସାଧାରଣ ଚେତନାର ଭୂମିରେ ତୁମେ କିଛି ଲାଗି ମନ କରୁଥାଅ; ତୁମ ଚତୁର୍ଦ୍ଦିଗରେ କେଉଁଠି ଅବସ୍ଥିତ ରହିଥିବା କୌଣସି ଏକ ପଦାର୍ଥ ଲାଗି ଆକାଙ୍କ୍ଷା ରଖିଛ ବୋଲି, କୌଣସି ପ୍ରକାରର ଏକ ଅଗ୍ରଗତି କରିବାକୁ ଅଥବା କୌଣସି ଉଚ୍ଚତର ଜ୍ଞାନ କିଂବା ବୃହତ୍ତର ଉପଲବ୍ଧି ଇଚ୍ଛା କରୁଛ ବୋଲି ତୁମର ହୁଏତ ଆଦୌ କୌଣସି ଧାରଣା ନ ଥାଏ । ଉଦାହରଣସ୍ୱରୂପ, ହୁଏତ ତୁମେ କୌଣସି ଦୋକାନରେ ଗୋଟିଏ ଜିନିଷ ଦେଖିଲ ଏବଂ ସେଇଟିକୁ ପାଇବା ଲାଗି ମନ କଲ । ବାସ୍, ସେହିପରି ଏକ କଥା । କିଂବା, ତୁମେ ହଠାତ୍ ଭାବିବାକୁ ଆରମ୍ଭ କଲ ଯେ ଅମୁକ ଜିନିଷଟି ଖାଇଲେ ତୁମର ଭାରି ଭଲ ହେବ ଏବଂ ତେଣୁ ତୁମେ ସେହି ଜିନିଷଟିକୁ ପାଇବା ଲାଗି ମନ କଲ । ଏଗୁଡ଼ିକ ହେଉଛି ବାସନା; ତୁମେ ଯେଉଁ ଭୂମିରେ ବାସ କରୁଛ, ଏଗୁଡ଼ିକ ଠିକ୍ ସେହି ଭୂମିଟି ସହିତହିଁ ସମ୍ବନ୍ଧିତ ହୋଇ ରହିଥାଏ । ପୁନଶ୍ଚ, ବାସନାର କ୍ଷେତ୍ରରେ କେତେକ ବ୍ୟକ୍ତି ଅତ୍ୟନ୍ତ ଦୁରାଗ୍ରହୀ ମଧ୍ୟ ହୋଇ ପଡ଼ନ୍ତି, ଭାରି ପ୍ରଚଣ୍ଡ ହୋଇ ପଡ଼ନ୍ତି; ଆଉ କେତେକ ବ୍ୟକ୍ତି ନାନା କ୍ଷଣସ୍ଥାୟୀ ଓ ଦୁର୍ବଳ ବାସନାଗୁଡ଼ିକର ବି ବଶବର୍ତ୍ତୀ ହୋଇଥାନ୍ତି । ଏହି ଉଭୟ ପ୍ରକାରର ବ୍ୟକ୍ତି ରହିଥାନ୍ତି ।

ମାତ୍ର, ଶ୍ରୀଅରବିନ୍ଦ ଏଠାରେ ଯାହା କହିଛନ୍ତି, ତାହା ହେଉଛି ଯଥାର୍ଥତଃ ଏକ ଅଭୀପ୍ସା; ସିଏ ଏପରି ଜଣେ ବ୍ୟକ୍ତିର କଥା କହିଛନ୍ତି ଯିଏ କି ଆଧ୍ୟାତ୍ମିକ ଜୀବନର ଅଭୀପ୍ସା କରିଥାଏ । ମାତ୍ର ସେହି ଅଭୀପ୍ସାରେ ଏକ ଅତ୍ୟାବେଗମୟ ଉଗ୍ରତା ରହିଥାଏ । ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ତାହାହିଁ ସବୁକିଛୁକୁ ବିଗାଡ଼ିଦିଏ । ଏବଂ, ଏଥିରୁ ତାକୁ ଯେଉଁ ଫଳ ମିଳେ—ଯଦି ଆଦୌ ପ୍ରକୃତରେ କୌଣସି ଫଳ ମିଳୁଥିବ—ତାହା ଅତ୍ୟନ୍ତ ପରିମାଣରେ ମିଶ୍ରିତ ହୋଇ ରହିଥାଏ; ଏବଂ ସେ ଯେପରି ବର୍ଣ୍ଣନା କରି କହିଛନ୍ତି, ଭାରି କର୍ଦ୍ଦମାକ୍ତ, ସମ୍ପୂର୍ଣ୍ଣ ଭାବରେ ଅବିଶୁଦ୍ଧ ଏବଂ ସାଧାରଣ ସ୍ତରର ହୋଇ ରହିଥାଏ । ସିଏ ଯାହାକୁ "ରାଜସିକ ଅତ୍ୟୁଗ୍ରତା" ବୋଲି କହିଛନ୍ତି, ତାକୁ ଆମେ କଦାପି ଭୁଲ୍ ଭାବରେ ଏକ ପ୍ରଗାଢ଼ତା ବୋଲି ବୁଝିବା ନାହିଁ; କାରଣ, ପ୍ରଗାଢ଼ତା ଅତ୍ୟନ୍ତ ବ୍ୟାପକ

'oaob.nitrkl.ac.in' images reprocessed

ହୋଇପାରେ, ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଏବଂ ଶୁଦ୍ଧ ମଧ୍ୟ ହୋଇପାରେ ଏବଂ ଅଭୀପ୍ସା ଲାଗି ପ୍ରଭୂତ ଶକ୍ତି ମଧ୍ୟ ଆଣି ଦେଇପାରେ । ମାତ୍ର ଏକ ରାଜସିକ କ୍ରିୟାଶୀଳତା ଅଥବା ବାସନା ସହିତ ତାହାର ଆଦୌ କୌଣସି ସମ୍ବନ୍ଧ ନାହିଁ ।

ଏବଂ, ଏକ ଉଦାହରଣ ଦେଇ କହିଲେ, ତୁମେ କଥାଟିକୁ ଏପରି ଭାବରେ ମଧ୍ୟ ବୁଝିପାରିବ : ଯଦି ତୁମ ଭିତରେ ଏକ ଅଭୀପ୍ସା ରହିଥିବ, ତେବେ ତୁମେ ହଠାତ୍ ଅଗ୍ରଗତିର ସମ୍ଭାବନା ବିଷୟରେ ଚିନ୍ତା କରିବାକୁ ଲାଗିବ ଏବଂ ତୁମ ଭିତରେ ଅଗ୍ରଗତି ଲାଗି ଏକ ଅଭୀପ୍ସା ଜାତ ହେବ । ମାତ୍ର ଯଦି ତୁମର ସେହି ଅଭୀପ୍ସା ସହିତ ଏକ ବାସନା ମିଶ୍ରିତ ହୋଇ ରହିଥାଏ, ତେବେ, ସେହି ଅଗ୍ରଗତି ଫଳରେ ତୁମେ ଯେଉଁସବୁ ସାମର୍ଥ୍ୟର ଅଧିକାରୀ ହେବ, ତୁମକୁ ତାହା ଯେଉଁ ମହତ୍ତ୍ୱର ଅଧିକାରୀ କରାଇବ ଅଥବା ତଦ୍ୱାରା ତୁମ ଜୀବନଗତ ବାହ୍ୟ ଅବସ୍ଥାରେ ଯେଉଁ ଉନ୍ନତିବିଧାନ ହେବ, ସେହି କ୍ଷେତ୍ରରେ ତୁମେ ଏହିଗୁଡ଼ିକ ଲାଗିହିଁ ଅଗ୍ରଗତି କରିବାକୁ ଇଚ୍ଛା କରିବ । ଏହିପରି ଭାବରେ ତୁମେ ଅବିଳମ୍ବେ ନିଜର ଅଭୀପ୍ସା ସହିତ ଯାବତୀୟ ପ୍ରକାର କ୍ଷୁଦ୍ର ଅତ୍ୟନ୍ତ ବ୍ୟକ୍ତିଗତ କାରଣ ଏବଂ ଔଚିତ୍ୟକୁ ଆଣି ମିଶାଇ ଦେବ । ଏବଂ, ପ୍ରକୃତ କଥା କହିବାକୁ ଗଲେ, ଏପରି ଖୁବ୍ କମ୍ ସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନଙ୍କର କି ଏକ ଅତ୍ୟନ୍ତ ଶୁଦ୍ଧ ଅଭୀପ୍ସା ରହିଛି । ଅଭୀପ୍ସା, ଅର୍ଥାତ୍ ଅଗ୍ରଗତି କରିବା ସକାଶେ ଏକ ଇଚ୍ଛା,—ଏଥିରେ ଆଉ କୌଣସି ଅନ୍ୟ କଥା ଆଦୌ ମିଶ୍ରିତ ହୋଇ ରହି ନ ଥିବ । ଏହିଥିରେହିଁ ଏହାର ଶେଷ । କେବଳ ଏହି ଅଗ୍ରଗତି କରିବା ଲାଗି ଏକ ଅଭୀପ୍ସା ରହିଥିବାରୁହିଁ, ଆମେ କେବଳ ସେତିକି ଇଚ୍ଛା କରୁଥିବା ଓ ଆଉ ଅନ୍ୟ କୌଣସିଥିକୁ ବି ମନ ଦେବା ନାହିଁ । ଆମେ ଅଗ୍ରଗତି କରିବୁ ବୋଲି ଇଚ୍ଛା କରିଥାଉ । ମାତ୍ର ସାଧାରଣତଃ ସେହି ଅଗ୍ରଗତି-ଜନିତ ନାନା ଫଳଲାଭର ଯାବତୀୟ ପ୍ରକାରର ବାସନା ସେଇଟି ସହିତ ଆସି ମିଶି ଯାଆନ୍ତି । ତେଣୁ ବାସନାଗୁଡ଼ିକ ଆସନ୍ତି; ଏବଂ, ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଏହାଦ୍ୱାରା ସେହିସବୁ ପରିଣାମହିଁ ଭୋଗ କରିବାକୁ ହୁଏ : ଏକ ଚେତନା ଯାହାକି ଅଶୁଦ୍ଧ ଓ କର୍ଦ୍ଦମଯୁକ୍ତ ହୋଇ ରହିଥାଏ, ଏବଂ ତା'ଭିତରକୁ ଆଉ କୌଣସି ଉଚ୍ଚତର ବସ୍ତୁ କଦାପି ପ୍ରବେଶ କରିପାରେ ନାହିଁ । ତେଣୁ ଏହାକୁ ମୂଳରୁହିଁ ଅପସାରିତ କରି ରଖିବାକୁ ହେବ । ଆମେ ଯଦି ଅତ୍ୟନ୍ତ ଆନ୍ତରିକତା ସହିତ କଠୋର ଏବଂ ସିଧା ହୋଇ ଅପଣା ଆଡ଼କୁ ଦୃଷ୍ଟିପାତ କରିପାରିବା, ତେବେ ତତ୍‌କ୍ଷଣାତ୍‌ହିଁ ଦେଖିବାକୁ ସମର୍ଥ ହେବା ଯେ, ଆମ ପାଖରେ ପ୍ରକୃତରେ ଚେତନାର କ୍ଷେତ୍ରରେ ଏପରି ଅତି କମ ସଂଖ୍ୟକ ବସ୍ତୁ ଓ ଗତିସ୍ପନ୍ଦନ ରହିଛି, ଯାହାକି ନାନା ବାସନା ସହିତ ଆଦୌ କୌଣସି ପ୍ରକାରେ ବିମିଶ୍ରିତ ହୋଇପଡ଼ି ନାହିଁ । ଏପରିକି, ତୁମେ ଯାହାକୁ ଏକ ଉଚ୍ଚତର କ୍ରିୟାଶୀଳତା ବୋଲି ମନେ କରୁଛ,

'oaob.nitrkl.ac.in' images reprocessed

ସେଥିରେ ମଧ୍ୟ ସର୍ବଦା··· ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ଏପରି ସର୍ବଦା ହୁଏ ନାହିଁ, —ମାତ୍ର ଅଧିକାଂଶ ସମୟରେ ଏକ ବାସନା ମିଶ୍ରିତ ହୋଇ ରହିଥାଏ । ଏହାର କେବଳ ଗୋଟିଏ ଉଦାହରଣ ଦେବାକୁ ଯାଇ କହିଲେ ମଧ୍ୟ, ଆପଣା ମହତ୍ତ୍ୱବୋଧର ଏକ ବାସନା ମିଶ୍ରିତ ହୋଇ ରହିଥାଏ, ସେହି କିସମର ଏକ ଆତ୍ମସନ୍ତୋଷ, ଅନ୍ୟମାନଙ୍କଠାରୁ ଅଧିକ ହୋଇ ରହିଥିବା ହେତୁ ଏକ ସନ୍ତୋଷ ଅନୁଭବ କରିବାର ଭାବ ବି ମିଶ୍ରିତ ହୋଇ ରହିଥାଏ ।

ଅବଶ୍ୟ ଏକଥା ସତ୍ୟ ଯେ, ଆପଣାର ପ୍ରତିବେଶୀମାନଙ୍କୁ ଚକିତ କରିଦେବା ପାଇଁ ଏବଂ ଅନ୍ୟମାନଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରିବା ପାଇଁ, ଯେପରିକି ଅନ୍ୟମାନେ ସେମାନଙ୍କୁ ଖାଲି ପ୍ରଶଂସା କରୁଥିବେ ଓ ସମ୍ମାନର ଉଚ୍ଚ ସ୍ଥାନରେ ନେଇ ବସାଇ ରଖିଥିବେ, ଏହିସବୁ ଅଭିପ୍ରାୟ ରଖି ଯେଉଁମାନେ ଯୋଗୀ ହେବା ପାଇଁ ଇଚ୍ଛା କରନ୍ତି, ସେମାନଙ୍କଠାରୁ ନିଜ ଅଭୀପ୍ସାରେ ବାସନା ମିଶାଇ ଦେଉଥିବା ବ୍ୟକ୍ତିମାନେ ଅନେକ ଅଧିକ ଭଲ । ପ୍ରକୃତରେ ଶ୍ରେଷ୍ଠ ବୋଲି କେତୋଟି ବସ୍ତୁ ରହିଛି କହିଲ ? ଶୁଦ୍ଧ ଅଭୀପ୍ସା ? ମୁଁ ଯେଉଁ ସୋପାନଟି ବିଷୟରେ କହୁଥିଲି, ଯେଉଁ ସୋପାନରୁ କି ଆପଣା ଆଡ଼କୁ ଅନାଇ ହସିବା ବି ସମ୍ଭବ ହୋଇଥାଏ, ଯେଉଁଠି ଥାଇ ଆପଣାକୁ କିଞ୍ଚିତ୍ ବିଦ୍ରୂପ ସହିତ ହସିହୁଏ ଏବଂ ଆପଣାକୁ ଭାରି ସାନ, ଭାରି ଛୋଟ, ଅତି କ୍ଷୁଦ୍ର, ଅତି ଅକିଞ୍ଚନ ଓ ଭାରି ବୁଦ୍ଧିହୀନ ବୋଲି ଅନୁଭବ ହୁଏ, ଶୁଦ୍ଧ ଅଭୀପ୍ସା କରି ପାରିବା ଲାଗି ତୁମର ସେହି ଉଚ୍ଚ ସୋପାନରେ ଯାଇ ପହଞ୍ଚି ପାରିଥିବା ଆବଶ୍ୟକ । ତା'ପରେ ଯାଇ ସବୁକିଛି ଅଧିକ ସୁରୁଖୁରୁ ଭାବରେ ସମ୍ଭବ ହୋଇଯାଏ । ମାତ୍ର, କେତେ ଦୀର୍ଘ ସମୟ ଲାଗି ଆମର ଯାବତୀୟ କ୍ରିୟାଶୀଳତା ସର୍ବଦା କେବଳ ଆପଣା ଉପରକୁ ଲେଉଟି ଆସିବାରେହିଁ ନ ଲାଗିଥାନ୍ତି ! ତୁମେ ହୁଏତ ହୁ'କରି ସବୁ ଆରମ୍ଭ କରିଦିଅ, ସତେଅବା ଏହି ପୃଥିବୀକୁ ପଛରେ ରଖି ଆଗକୁ ଡେଇଁ ପଡ଼ିଲ ପରି ସବୁ ଆରମ୍ଭ କରିଦିଅ; ଏବଂ ତା'ପରେ ଗୋଟାଏ କ୍ଷୁଦ୍ର ପରିଣାମ, ଏକ କ୍ଷୁଦ୍ର ପରିତର୍ପଣ, ଏକ ଅତ୍ୟନ୍ତ କ୍ଷୁଦ୍ର ଫଳପ୍ରାପ୍ତି ଲାଗି ତୁମେ ପୁଣି ସବୁକିଛିକୁ ଛାଡ଼ି ଦେଇ ବସିଯାଅ । ଆପଣାର ନିଜସ୍ୱ କଳନା ଅନୁସାରେ ତୁମେ ଏହି କ୍ଷେତ୍ରରେ "ମୁଁ ପ୍ରକୃତରେ କେଡ଼େ ଚମତ୍କାର ଅଭୀପ୍ସାଟିଏ କରିଥିଲି !" ବୋଲି ଅନୁଭବ କରୁଥିଲେ ମଧ୍ୟ ତୁମେ ସବୁକିଛିକୁ ଛାଡ଼ିଦେଇ ବସିଯାଅ ।

ବୁଝିଲ ?

'oaob.nitrkl.ac.in' images reprocessed

# ୨୯ ସେପ୍ଟେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ପ୍ରଥମ ଅଧ୍ୟାୟ "ସ୍ଥିରତା—ଶାନ୍ତି—ସମତା" ଉପରେ ଏହି ପ୍ରବଚନଟି ଆଧାରିତ ।

"ଅଧିକରୁ ଅଧିକ ସଚେତନ ହେବା ଭୌତିକ ଅଂଶଟି ପକ୍ଷରେ ଅବଶ୍ୟ ଭଲ; ମାତ୍ର, ତଦ୍ଦ୍ୱାରା ତାହା ଯେଉଁ ସାଧାରଣ ମାନବ-ସ୍ୱଭାବର ପ୍ରତିକ୍ରିୟାଗୁଡ଼ିକ ବିଷୟରେ ସଜ୍ଞାନ ହୋଇଥାଏ, ସେଗୁଡ଼ିକ ଦ୍ୱାରା ତାହା କଦାପି କାବୁ ହୋଇ ରହିବା ଉଚିତ ନୁହେଁ, ଅତ୍ୟନ୍ତ ଶୋଚନୀୟ ଭାବରେ ସେଗୁଡ଼ିକ ଦ୍ୱାରା ଆକ୍ରାନ୍ତ ହୋଇପଡ଼ିବା ଉଚିତ ନୁହେଁ କିଂବା ବିପର୍ଯ୍ୟସ୍ତ ହୋଇଯିବା ବି ଉଚିତ ନୁହେଁ । ତେଣୁ, ସ୍ନାୟୁଗୁଡ଼ିକର କ୍ଷେତ୍ରରେ, ଶରୀରରେ ତଥା ମନ ଭିତରେ ଏକ ଶକ୍ତିଯୁକ୍ତ ସମତା, କର୍ତ୍ତୃତ୍ୱସାମର୍ଥ୍ୟ ଏବଂ ନିର୍ଲିପ୍ତତା ସମ୍ଭବ ହୋଇ ପାରିବା ଉଚିତ; ତେବେ ଯାଇ ଭୌତିକ ଅଂଶଟି କୌଣସି ପ୍ରକାରେ ଆନ୍ଦୋଳିତ ହୋଇପଡ଼ିବା ଭଳି ଅନୁଭବ ନ କରି ଏହିସବୁ ବସ୍ତୁକୁ ଜାଣିପାରିବ ଓ ଏଗୁଡ଼ିକର ସଂସ୍ପର୍ଶରେ ଆସି ପାରିବ । ତେବେଯାଇ, ସେଗୁଡ଼ିକୁ କେବଳ ଅନୁଭବ କରିବା ଓ ସେଥିରୁ ଦୁଃଖ ଭୋଗିବା ପରିବର୍ତ୍ତେ ବାତାବରଣ ମଧ୍ୟରେ ସଂଘଟିତ ହେଉଥିବା ସେହି ଗତିସ୍ପନ୍ଦନଗୁଡ଼ିକର ସ୍ୱରୂପକୁ ତାହା ଜାଣିବ, ସେଗୁଡ଼ିକ ବିଷୟରେ ସଚେତନ ହେବ, ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବ ଏବଂ ଫୋପାଡ଼ି ଦେଇ ପାରିବ ।"

ମାଆ, ଏହି ଭୌତିକ ଅଂଶଟି କିପରି "ବାତାବରଣ ମଧ୍ୟରେ ସଂଘଟିତ ହେଉଥିବା ସେହି ଗତିସ୍ପନ୍ଦନଗୁଡ଼ିକର ସ୍ୱରୂପକୁ ଫୋପାଡ଼ି ଦେଇ ପାରିବ ?"

ତୁମକୁ ପ୍ରଥମେ ସଚେତନ ହେବାକୁ ପଡ଼ିବ, ଏବଂ ସେହି ଗତିସ୍ପନ୍ଦନଗୁଡ଼ିକ ଆସୁଛନ୍ତି ବୋଲି ସଜ୍ଞାନ ହେବାକୁ ପଡ଼ିବ । ଏହି ଗତିସ୍ପନ୍ଦନଗୁଡ଼ିକର ଏକ ସ୍ୱରୂପ

'oaob.nitrkl.ac.in' images reprocessed

ପଡ଼ୁଛି ବୋଲି ସଜ୍ଞାନ ହେବାକୁ ପଡ଼ିବ । ଏବଂ ତା'ପରେ ତୁମ ଭିତରେ ଏକ ଇଚ୍ଛାଶକ୍ତି ଜାଗ୍ରତ ହୋଇ ଆସିବ, ସେଗୁଡ଼ିକୁ ଆଦୌ ଗ୍ରହଣ ନ କରିବା ଲାଗି ଇଚ୍ଛାଶକ୍ତି ଜାଗ୍ରତ ହେବ; ଏବଂ ତା'ପରେ ତୁମକୁ···କଥାଟିକୁ କିପରି ବୁଝାଯାଇ ପାରିବ ? ···ତୁମକୁ ଗୋଟିଆ କୌଶଳଟିଏ ଶିଖିବାକୁ ପଡ଼ିବ, ଚେତନା ତଥା ଇଚ୍ଛାଶକ୍ତିର କ୍ଷେତ୍ରରେ ଏକ ଗତିସ୍ପନ୍ଦନ ସମ୍ଭବ କରାଇ ଜାଣିବାକୁ ହେବ; ଏବଂ, ଯୁଗପତ୍ ଭାବରେ, ତୁମ ଶରୀରରୁ ପ୍ରସର୍ଜିତ ହୋଇ ଆସୁଥିବା ଏକ ଶକ୍ତିକୁ ସତେଅବା କାମରେ ଲଗାଇ ପାରୁଥିବା ପରି ଅନୁଭବ କରିବାକୁ ପଡ଼ିବ । ଏବଂ ସର୍ବାଶେଷରେ ଏହିପରି (ମାଆ ଠେଲି ବାହାର କରି ଦେଉଥିବାର ଇଙ୍ଗିତ କଲେ) କରିବାକୁ ହେବ,—ଗତିସ୍ପନ୍ଦନଟିକୁ ଠେଲି ବାହାର କରିଦେବାକୁ ହେବ ଏବଂ ସେଇଟିକୁ ତୁମେ ମୋଟେ ଗ୍ରହଣ କରିବ ନାହିଁ ।

ମାତ୍ର ସର୍ବପ୍ରଥମେ ସଚେତନ ହେବାକୁ ହେବ । ସଚେତନ ନ ହେଲେ ତୁମେ ମୋଟେ କିଛି ହେଲେ କରିପାରିବ ନାହିଁ । ପ୍ରଥମେ ସେହି ଗୁପ୍ତଟିକୁ ଦେଖି ପାରିବାକୁ ହେବ; ତାହା ଏକ ପ୍ରଭାବ କିଂବା ଏକ ସଙ୍କେତ ଯାହା ହୋଇଥାଉ ପଛକେ, ବାହାରୁ ଆସୁଥିବା ସେହି ବସ୍ତୁଟିକୁ ଦେଖିପାରିବାକୁ ହେବ । ସେଇଟି ଆସୁଛି ବୋଲି ତୁମେ ଅନୁଭବ କରିପାରିବ, ଦେଖିପାରିବ, ସେଇଟିକୁ ନିରୀକ୍ଷଣ କରିବ ଓ ତା'ପରେ ଏକ ନିଷ୍ପତ୍ତି ଗ୍ରହଣ କରିବ, ତାହାକୁ ଅସ୍ୱୀକାର କରିବ, କଦାପି ଇଚ୍ଛାକରିବ ନାହିଁ । ଏହି ତିନୋଟିଯାକ କାର୍ଯ୍ୟକୁ ପୂର୍ବାପର ଭାବରେ କରିବାକୁ ପଡ଼ିବ ।

"ଉଚିତ ମନୋଭାବ" (right spirit) କହିଲେ କ'ଣ ବୁଝାଏ ?*

ଏହା ସେହି ନିର୍ଦ୍ଦିଷ୍ଟ କ୍ଷେତ୍ରଟି ଉପରେହିଁ ନିର୍ଭର କରେ । ଉଚିତ ମନୋଭାବ କହିଲେ ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବାର ଇଚ୍ଛାକୁ ବୁଝାଏ, ସ୍ଥିର ଓ ଶାନ୍ତ ହେବାର ଇଚ୍ଛାକୁ ବୁଝାଏ, ବା···ତୁମେ ବୁଝିପାରୁଥିବ, ଏହା ଉପସ୍ଥିତ ପରିସ୍ଥିତିଟି ଉପରେହିଁ ନିର୍ଭର କରେ । ସେହି କାରଣରୁହିଁ ଶ୍ରୀଅରବିନ୍ଦ ତାହାକୁ ନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣନା କରି ନାହାନ୍ତି, ତାହାକୁ ଏପରି ଭାବରେ ବା ସେପରି ଭାବରେ ଆଦୌ ବର୍ଣ୍ଣନା କରି ନାହାନ୍ତି । ଏଥିରୁ ଆମେ ଏହିପରି ବୁଝିବା ଯେ, ପ୍ରତ୍ୟେକ କ୍ଷେତ୍ରରେ ଏପରି ଏକ ଭାବ ରହିଥାଏ, ଯାହାକୁ ଆମେ ଯଥାର୍ଥ ଭାବ

*"ତୁମେ ଉଚିତ ମନୋଭାବ ସହିତ ଅଭୀପ୍ସା କରିବ; ଯାହାକିଛି ଅସୁବିଧା ରହିଥାଉ ପଛକେ, ଆପଣାକୁ ଉତ୍ସର୍ଗୀକୃତ କରି ରଖିବ । ତେବେ, ଆପଣା ସମ୍ମୁଖରେ ରଖିଥିବା ଲକ୍ଷ୍ୟଟିକୁ ତୁମେ ସୁନିଶ୍ଚିତ ଭାବରେ ହାସଲ କରି ପାରିବ ।"

'oaob.nitrkl.ac.in' images reprocessed

ବୋଲି ଚିହ୍ନିପାରିବା; ଆମର ଯେଉଁ ଭାବ ଦ୍ୱାରା ଅନୁପ୍ରେରିତ ହୋଇ କାର୍ଯ୍ୟ କରିବା ଉଚିତ, ସେହି ଭାବଟିକୁହିଁ ବୁଝିବା; ଅନ୍ତର୍ଗତ ଭାବରେ ଆମକୁ ଯେଉଁ ଦୃଷ୍ଟିକୋଣଟିକୁ ଗ୍ରହଣ କରିବାକୁ ହେବ, ସେହି ଦୃଷ୍ଟିକୋଣଟିକୁହିଁ ବୁଝିବା । ତେଣୁ ଏହା ସମ୍ପୃକ୍ତ କ୍ଷେତ୍ରଟି ଉପରେ ନିର୍ଭର କରେ ।

ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଯେତେବେଳେ କୌଣସି ଶାରୀରିକ ଅସମତାବସ୍ଥା ଅଥବା ସ୍ୱାସ୍ଥ୍ୟହାନି ହେବାର ଏକ ତରଙ୍ଗ ତା'ର ସମୀପବର୍ତ୍ତୀ ହେଉଥିବାର ଅନୁଭବ କରିବାକୁ ଆରମ୍ଭ କରିବ, ସେତେବେଳେ ଉଚିତ ମନୋଭାବ ସହିତ ଆପଣାକୁ ଅଭିନିବେଶିତ କରି ରଖିବାର ଏହି ଅର୍ଥ ହେବ ଯେ, ସିଏ ଏକ ଅନ୍ତର୍ଗତ ଶୃଙ୍ଖଳାଶୂନ୍ୟତା ଉପରେ ନିଜକୁ ଅଭିନିବେଶିତ କରି ରଖିବ, ଦିବ୍ୟ ପରମକରୁଣା ଉପରେ ରହିଥିବା ଏକ ଦୃଢ଼ ଆସ୍ଥା ଉପରେ ଅଭିନିବିଷ୍ଟ ହୋଇ ରହିବ ଏବଂ ଶାରୀରିକ ସମତାବସ୍ଥା ଓ ଉତ୍ତମ ସ୍ୱାସ୍ଥ୍ୟରେହିଁ ଅବସ୍ଥିତ ରହିବାର ଏକ ଇଚ୍ଛା ଉପରେ ଆପଣାକୁ ଅଭିନିବେଶିତ କରି ରଖିବ । ଏହାକୁହିଁ ଉଚିତ ମନୋଭାବ ବୋଲି କୁହାଯିବ । ଆଉ ଏକ କ୍ଷେତ୍ରରେ, ଜଣେ ବ୍ୟକ୍ତି ହୁଏତ କ୍ରୋଧର ଏକ ତରଙ୍ଗ ଅଥବା କୋପ ପ୍ରକାଶ କରିବାର ଏକ ଉତ୍ତେଜନା ବାହାରୁ ତା'ପାଖକୁ ମାଡ଼ି ଆସୁଥିବା ପରି ଅନୁଭବ କରିବ; ସେତେବେଳେ ସିଏ ଏକ ଅନ୍ତର୍ଗତ ଶୃଙ୍ଖଳାସ୍ୱାନତା ମଧ୍ୟକୁ ଆପଣାକୁ ପ୍ରତ୍ୟାହୃତ କରି ଆଣିବ, ବାହାରର ଯାବତୀୟ ଅଗଭୀର ବସ୍ତୁଠାରୁ ଆପଣାକୁ ଅସଂଲଗ୍ନ କରି ରଖିବ; କେବଳ ଯାହାକିଛି ଊର୍ଦ୍ଧ୍ୱରୁ ଆସୁଛି, ତାହାକୁହିଁ ବ୍ୟକ୍ତ କରିବା ଲାଗି ଏବଂ ଅନୁକ୍ଷଣ ଦିବ୍ୟ ପରମ ଇଚ୍ଛା ପାଖରେ ଅନୁଗତ ହୋଇ ରହିବା ଲାଗି ଇଚ୍ଛା କରୁଥିବ । ଏହାହିଁ ଏକ ଉଚିତ ମନୋଭାବ । ଏବଂ, ପ୍ରତ୍ୟେକ କ୍ଷେତ୍ରରେ ତାହା ଏହିପରି ଏକ ଅନୁରୂପ କଥାକୁ ବୁଝାଇବ । ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହା ଠିକ୍ ସେହି କଥାକୁହିଁ ବୁଝାଉଥିବ; —ଅର୍ଥାତ୍, ଆମକୁ ସେହି ଦିବ୍ୟ ପରମସତ୍ତାଙ୍କୁ ସ୍ମରଣ କରିବାକୁ ହେବ, ଆପଣାକୁ ତାଙ୍କର ପରିକର କରି ରଖିବାକୁ ହେବ; ଏବଂ, ସିଏ ଯାହା ଇଚ୍ଛା କରୁଛନ୍ତି, କେବଳ ତାହାହିଁ ଇଚ୍ଛା କରିବାକୁ ହେବ ।

ମାତ୍ର, ତୁମେ ହୁଏତ ଗୋଟିଏ କ୍ଷେତ୍ରରେ ସ୍ଥିରତା କାମନା କରୁଥିବ, ଆଉଗୋଟିଏ କ୍ଷେତ୍ରରେ ଶକ୍ତିର କାମନା ରଖିଥିବ ଓ ଏକ ତୃତୀୟ କ୍ଷେତ୍ରରେ ସ୍ୱାସ୍ଥ୍ୟ କାମନା କରୁଥିବ । ଏବଂ, ଏକ ଚତୁର୍ଥ କ୍ଷେତ୍ରରେ ମଧ୍ୟ ବାହାରର ଚାପକୁ ପ୍ରତିରୋଧ କରି ପାରିଲାଭଳି ଆଉ କୌଣସି ବସ୍ତୁ ଲାଭ କରିବା ସକାଶେ ଇଚ୍ଛା କରୁଥିବ ।

ଆମେ ଯେତେବେଳେ କୌଣସି ଦ୍ୱନ୍ଦ୍ୱ ଦ୍ୱାରା ଆକୁଳ ହୋଇ ରହିଥିବା, ଯେତେବେଳେ ଆମକୁ ହୁଏତ ଦୁଇଟି ମଧ୍ୟରୁ ଗୋଟିକୁ ବାଛିବାକୁ ପଡୁଥିବ, ବା,

'oaob.nitrkl.ac.in' images reprocessed

ପ୍ରକୃତରେ କ'ଣ କରିବା ଠିକ୍ ହେବ, ଆମକୁ ଯେତେବେଳେ ସେହି କଥାଟି ଆଦୌ ଜଣା ନ ଥିବ,—ଅର୍ଥାତ୍, ଦୁଇଟି, ତିନୋଟି ବା ଚାରୋଟି, ସମ୍ଭାବ୍ୟ ବିକଳ୍ପ ମଧ୍ୟରୁ ଆମକୁ ଗୋଟିକୁ ବାଛିବାକୁ ପଡ଼ୁଥିବ, ଅଥଚ, ଏଗୁଡ଼ିକ ମଧ୍ୟରୁ କେଉଁଟି ପ୍ରକୃତରେ ଠିକ୍, ଆମେ ସେକଥାଟିକୁ ମୋଟେ ଜାଣିପାରୁ ନ ଥିବା, ସେତେବେଳେ ଆମକୁ ଯଥାସମ୍ଭବ ଅଧିକ ପରିମାଣରେ ଆମର ଚୈତ୍ୟସତ୍ତା ଏବଂ ଆମ ଭିତରେ ଥିବା ଦିବ୍ୟ ପରମ ଉପସ୍ଥିତି ସହିତ ସଂପର୍କ ସ୍ଥାପନ କରି ରହିବାକୁ ପଡ଼ିବ, ଆପଣାର ଚୈତ୍ୟ ଚେତନା ଆଗରେ ସମସ୍ୟାଟିର ଉପସ୍ଥାପନା କରିବାକୁ ପଡ଼ିବ, ଏବଂ ସେହିଠାରେହିଁ ଯଥାର୍ଥ ଆଲୋକ, ଯଥାର୍ଥ ନିଷ୍ପତ୍ତି ଏବଂ, ଦିବ୍ୟ ପରମ ଇଚ୍ଛା ସହିତ ଯେଉଁଟିର ସର୍ବାଧିକ ସମଞ୍ଜସତା ରହିଛି, ସେଇଟି ଲାଗି ପ୍ରାର୍ଥନା କରିବାକୁ ହେବ । ତା'ପରେ ଗୋଟିଏ ଉତ୍ତର ପାଇବା ଲାଗି କାନ ଡେରି ରହିବାର ଚେଷ୍ଟା କରିବାକୁ ହେବ ଏବଂ ଯଥାର୍ଥ ପ୍ରେରଣାଟିକୁ ଲାଭ କରିବାକୁ ହେବ ।

ପ୍ରତ୍ୟେକ କ୍ଷେତ୍ରରେ, ଏହାକୁହିଁ ଉଚିତ ଦୃଷ୍ଟିକୋଣ ବୋଲି କୁହାଯିବ ।

"ଦିବ୍ୟ ପରମସତ୍ତାହିଁ ସର୍ବପ୍ରଥମ ହୋଇ ରହିବେ,"* —ମୁଁ ଏହି କଥାଟିକୁ ବୁଝିପାରୁ ନାହିଁ । "ସର୍ବପ୍ରଥମ ହୋଇ ରହିବେ"ର ଅର୍ଥ କ'ଣ ?

ଫରାସୀ ଭାଷାରେ ତୁମେ "passer"** ଶବ୍ଦଟିର ଅର୍ଥ ବୁଝିପାରୁ ନାହଁ ? ଇଂରାଜୀରେ ମଧ୍ୟ ତାହାକୁ ସେହିପରି ଭାବରେ କୁହାଯାଏ । ଇଂରାଜୀ ପାଠରେ କ'ଣ ଲେଖାହୋଇଛି ମୁଁ ଜାଣି ନାହିଁ, ମାତ୍ର ତୁମେ "ସର୍ବପ୍ରଥମ ହୋଇ ରହିବ"ର ଅର୍ଥ ବୁଝିପାରୁଛ ? ଏହାର ଅର୍ଥ ହେଉଛି ଯେ, ଅନ୍ୟ ସବୁକିଛୁ ବିଷୟରେ ଆସିବା ପୂର୍ବରୁହିଁ ସର୍ବପ୍ରଥମେ ଦିବ୍ୟ ପରମସତ୍ତାଙ୍କର ବିଚାର କରିବାକୁ ହେବ; ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ ଆଉ ସବୁକିଛୁର ବିଚାର ଅପ୍ରଧାନ ହୋଇ ରହିଥିବ, ସେଗୁଡ଼ିକର ଆଦୌ କୌଣସି ମହତ୍ତ୍ୱ ନ ଥିବ । ଅର୍ଥାତ୍, ବର୍ତ୍ତମାନ ମୁଁ ଯେପରି ଉଦାହରଣଟିଏ ଦେଇ କହୁଥିଲି, ଯେତେବେଳେ ତୁମକୁ ଏକ ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ୁଛି, ସେତେବେଳେ ତୁମେ ସେହି ଦିବ୍ୟ ପ୍ରେରଣା ଅନୁସାରେହିଁ

*"ଯେଉଁମାନେ ଅଧ୍ୟାତ୍ମିକ ଜୀବନଯାପନ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କ ଲାଗି ଦିବ୍ୟ ପରମସତ୍ତାହିଁ ସର୍ବପ୍ରଥମ ହୋଇ ରହିଥିବେ । ଆଉ ସବୁକିଛି ତା'ପରେ ଯାଇ ଆସୁଥିବ ।"

**ଫରାସୀ "Passer d'abord" କଥାଟିର ଅର୍ଥକୁ ପିଲାଟି ସ୍ପଷ୍ଟ ଭାବରେ ବୁଝିପାରି ନ ଥିଲା ।

ଯାହାକିଛି ନିଷ୍ପତ୍ତି କରିବ, ଯାହା ତୁମକୁ ଦିବ୍ୟ ପରମସତ୍ତାଙ୍କର ଅଧିକ ନିକଟବର୍ତ୍ତୀ କରି ଆଣିବ ବା ତାଙ୍କୁ ଲାଭ କରିବାରେ ତୁମକୁ ସର୍ବୋତ୍ତମ ସ୍ଥିତିଟିକୁ ଆଣି ଯୋଗାଇଦେଇ ପାରିବ, ତୁମକୁ ସେହି ଅନୁସାରେହିଁ ନିଷ୍ପତ୍ତିଟିକୁ ଗ୍ରହଣ କରିବାକୁ ହେବ । କାରଣ, ସେହି ଦିବ୍ୟ ପରମସତ୍ତାହିଁ ସର୍ବପ୍ରଥମ ହୋଇ ରହିଥିବେ, ଯାବତୀୟ ବ୍ୟକ୍ତିଗତ ସ୍ୱାର୍ଥ ବା ପରିତର୍ପଣ ତା'ପରେ ଯାଇ ରହିଥିବ । ସେଗୁଡ଼ାକ ଯଦି ରହିଆଏ ତ ରହିଥିବ, ନ ରହିଥିଲେ ମଧ୍ୟ ତଦ୍ୱାରା କିଛି ଯିବ ନାହିଁ ବା ଆସିବ ନାହିଁ । ସେହି ଦିବ୍ୟ ପରମସତ୍ତାଙ୍କୁ ଲୋଡ଼ିବାହିଁ ଏକମାତ୍ର ମହତ୍ତ୍ୱର ବିଷୟ ହୋଇ ରହିଥିବ, ସେଇ ପ୍ରଥମ ହୋଇ ରହିଥିବେ, ସମସ୍ତଙ୍କର ଆଗରେ ରହିଥିବେ । ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିବେ । ଏହାହିଁ ହେଉଛି କଥାଟିର ଅର୍ଥ ।

"ତୁମ ଭିତରେ ଏପରି ଏକ ବସ୍ତୁ ରହିଛି,* ଯାହାକି ଅନ୍ୟ ଯେକୌଣସି ବସ୍ତୁ ଅପେକ୍ଷା ଅଧିକ ଯଥାର୍ଥ ।"

ଏଠାରେ ଚୈତ୍ୟସତ୍ତା କଥା କୁହାଯାଇଛି, ନୁହେଁ ?

ଏପରି ଏକ ବସ୍ତୁ··· ? ହଁ, ତାହାହିଁ ହେବ । ତୁମର ସ୍ମରଣ ରଖିବା ଉଚିତ ଯେ ଏଗୁଡ଼ିକ ବିଭିନ୍ନ ଚିଠିର ଜବାବ ହିସାବରେ କୁହାଯାଇଛି । ବିଭିନ୍ନ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ପାଖକୁ ପତ୍ର ଲେଖୁଥିଲେ ଏବଂ ସେମାନେ ଯେଉଁସବୁ ଶବ୍ଦ ବ୍ୟବହାର କରୁଥିଲେ, ସିଏ ସେହିଗୁଡ଼ିକର ମାଧ୍ୟମରେହିଁ ପତ୍ରର ଜବାବ ଦେଉଥିଲେ । ହୁଏତ, ଏହି କ୍ଷେତ୍ରରେ ସମ୍ପୃକ୍ତ ପ୍ରଶ୍ନକର୍ତ୍ତା ସିଏ ତାଙ୍କ ଭିତରେ "ଅଧିକ ଯଥାର୍ଥ କୌଣସି ବସ୍ତୁ" ଅନୁଭବ କରୁଛନ୍ତି ବୋଲି ତାଙ୍କୁ କହିଥିଲେ । ଏବଂ ତେଣୁ ସିଏ ଉତ୍ତର ଦେଇ କହିଥିଲେ : ତୁମ ଭିତରେ "ଅଧିକ ଯଥାର୍ଥ ହୋଇ ରହିଥିବା ସେହି ବସ୍ତୁ" ତୁମର ଚୈତ୍ୟସତ୍ତା ବ୍ୟତୀତ ଆଉ କିଛି ନୁହେଁ ।

ମାଆ, ଆମ ଭିତରେ ଲୁକ୍କାୟିତ ହୋଇ ରହିଥିବା ସେହି ଦିବ୍ୟ ପରମସତ୍ତାଙ୍କର ଆମେ କିପରି ଦର୍ଶନ ଲାଭ କରିପାରିବା ?

ଏକଥା ତ ମୁଁ କେତେକେତେ ଥର ବ୍ୟାଖ୍ୟା କରି କହି ସାରିଛି । ମାତ୍ର, ସର୍ବପ୍ରଥମ କଥା ହେଉଛି ଯେ ଆମେ ସେହି ଦିବ୍ୟ ପରମ-ସତ୍ତାଙ୍କୁ ଲାଭ କରିବାକୁ

* "ତୁମ ଭିତରେ ପଶ୍ଚାଦ୍‌ଭାଗରେ ଏକ ଶାନ୍ତ ସ୍ଥିତି ରହିଛି, 'ଅଧିକ ଯଥାର୍ଥ ଏକ ବସ୍ତୁ' ରହିଛି । ତୁମେ ଜୀବନରେ ତାହାକୁହିଁ ବହିବ, ତାହାକୁହିଁ ଆପଣାର ପ୍ରକୃତ ସତ୍ତା ବୋଲି ଜାଣିବ ।"

'oaob.nitrkl.ac.in' images reprocessed

ଇଚ୍ଛା କରିବା । ଏବଂ, ଏହି କଥାଟି ଯେ ସର୍ବପ୍ରଥମ କଥା, ଅନ୍ୟ ସବୁକିଛୁ ପୂର୍ବରୁ ଯେ ଏହି କଥାଟିକୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମନେ ରଖିବାକୁ ହେବ, ସେହି କଥାଟିକୁ ନିର୍ଦ୍ଦିଷ୍ଟ ଭାବେ ଜାଣିବା । ଏଇଟି ହେଉଛି ସର୍ବପ୍ରଥମ ସର୍ତ୍ତ; ଅନ୍ୟ ସର୍ତ୍ତଗୁଡ଼ିକ ପରେ ଆସିବ, କିନ୍ତୁ ଏଇଟି ଅତ୍ୟନ୍ତ ଆବଶ୍ୟକ ସର୍ତ୍ତ । ମାତ୍ର, ଯଦି କେବେକେବେ, କେତେବେଳେ ମନ ହେଲେ, ଯେତେବେଳେ କି ତୁମର କିଛି କରିବାକୁ ନ ଥାଏ, ସବୁକଥା ସୁରୁଖୁରୁରେ ଚାଲୁଥାଏ ଓ କାର୍ଯ୍ୟ ବ୍ୟସ୍ତତା ମଧ୍ୟ ନ ଥାଏ, -- ସେତିକିବେଳେ ତୁମେ ହଠାତ୍ କହିବାକୁ ଆରମ୍ଭ କର, — "ଦିବ୍ୟ ପରମସତ୍ତାଙ୍କର ଦର୍ଶନ ଲାଭ କଲେ ସତରେ ଭାରି ଭଲ କଥା ହୁଅନ୍ତା !" ହଁ, ଏମିତି ମାର୍ଗରେ ହୁଏତ ତୁମକୁ ଲକ୍ଷେ ବର୍ଷ ସମୟ ଲାଗିବ ।

ମାତ୍ର, ଯଦି ଏହା ତୁମ ଲାଗି ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ହୋଇଥାଏ, ଯଦି ମହତ୍ତ୍ୱପୂର୍ଣ୍ଣ ଏକମାତ୍ର ବିଷୟ ହୋଇଥାଏ ଏବଂ ଯଦି ତୁମେ ଆଉ ଯାବତୀୟ ବିଷୟର କଥାକୁ ତା'ପରେ ଯାଇ ଚିନ୍ତା କରୁଥାଅ, ଏବଂ ତୁମେ କେବଳ ଏଇଟି ବ୍ୟତୀତ ଆଉ ଅନ୍ୟ କୌଣସି ବସ୍ତୁକୁ ପ୍ରକୃତରେ ଇଚ୍ଛା କରୁ ନ ଥାଅ, ତେବେ — ଏହାହିଁ ହେଉଛି ସର୍ବପ୍ରଥମ ସର୍ତ୍ତ । ସର୍ବପ୍ରଥମେ ତୁମକୁ ଏହି କଥାଟିର ପ୍ରତିଷ୍ଠା କରିବାକୁ ହେବ; ତା'ପରେ ଆଉ ଯାହାକିଛି ରହିଲା, ଆମେ ହୁଏତ ପରେ ସେଗୁଡ଼ିକ ବିଷୟରେ ଆଲୋଚନା କରିପାରିବା । ସର୍ବପ୍ରଥମେ ଏହି କଥାଟି — ଅବଶିଷ୍ଟ ସବୁକିଛୁର କୌଣସି ମୂଲ୍ୟ ନାହିଁ, କେବଳ ଏହାରହିଁ ମୂଲ୍ୟ ରହିଛି । ଏଇଟିକୁ ଲାଭ କରିବା ସକାଶେ ଆମେ ଆଉ ସବୁକିଛୁକୁ ପରିତ୍ୟାଗ କରିବାକୁ ପ୍ରସ୍ତୁତ ରହିଥିବା, ଜୀବନରେ ସେହି ଗୋଟିଏ କଥାହିଁ ଆମ ଲାଗି ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିବ । ତେବେଯାଇ ଆମେ ଆଗକୁ ଗୋଟିଏ ପାଦ ପକାଇବା ଲାଗି ସମର୍ଥ ହୋଇପାରିବା ।

ମାଆ, ଆପଣ ଦିନେ କହୁଥିଲେ ଯେ, ମୁଁ ପ୍ରକୃତରେ ଭୁଲ୍ କରୁଛି ବୋଲି ଜାଣି ଯଦି ଜଣେ ଭୁଲ୍‌ମାନ କରିବ, ତେବେ ସିଏ ଦିବ୍ୟ ପରମ କରୁଣାକୁ ଆପଣା ପାଖରୁ ଠେଲି ବାହାର କରିଦେବାରେ ଲାଗିଥିବ, ଏବଂ ଦିବ୍ୟ ପରମସତ୍ତା ଓ ନିଜ ଭିତରେ ପ୍ରକୃତରେ ଗୋଟାଏ ପାଚେରି ଠିଆକରି ରଖି ଦେଇଥିବ ।

ମୁଁ ଠିକ୍ କ'ଣସବୁ କହିଥିଲି, ମୋର ମନେ ପଡ଼ୁ ନାହିଁ । ମାତ୍ର ଏହି ବିଷୟରେ ଗୋଟିଏ କଥା ଜାଣି ରଖିବାକୁ ହେବ : ଗୋଟିଏ ଭୁଲ୍‌କୁ ଭୁଲ୍ ବୋଲି ଜାଣିକରି ମଧ୍ୟ ଯଦି ତୁମେ ତଥାପି ସେହି ଭୁଲ୍‌ଟିକୁ କରୁଥିବ, ତେବେ ପ୍ରକୃତରେ ତାହାହିଁ ହେବ । ଯଦି ଅଜ୍ଞାନବଶତଃ, ଅର୍ଥାତ୍ ଭୁଲ୍‌ଟିକୁ ଭୁଲ୍ ବୋଲି

'oaob.nitrkl.ac.in' images reprocessed

ନ ଜାଣି ଯଦି ତୁମେ କୌଣସି ଭୁଲ୍ କରୁଥିବ, ତୁମକୁ ତଦ୍ୱାରା ନାନା ଅପ୍ରୀତିକର ପରିଣାମଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ ସତ, ମାତ୍ର ତଥାପି ତୁମେ ସେପରି କରି କଦାପି ଦିବ୍ୟ ପରମସତ୍ତାଙ୍କୁ ଆପଣା ପାଖରୁ ନିକାଳି ଦେବ ନାହିଁ, କାରଣ ତୁମେ ସେହି କାର୍ଯ୍ୟଟିକୁ ଅଜ୍ଞାନବଶତଃ କରିଥିବ । ଏହା ଦ୍ୱାରା ଦୋଷଟିକୁ ଏକ ଦୋଷ ନୁହେଁ ବୋଲି କେହି କହିବାକୁ ଯାଉ ନାହିଁ ! ଏହା ଅବଶ୍ୟ ଏକ ଦୋଷ, ମାତ୍ର, ମୁଁ ଯେପରି କହୁଥିଲି, ତୁମେ ସେହି କ୍ଷେତ୍ରରେ କଦାପି ଏପରି ଏକ ସ୍ଥିତିରେ ନ ଥିବ, ଯାହା ଦ୍ୱାରା କି ତୁମେ ଦିବ୍ୟ ପରମକରୁଣାକୁ ଆପଣା ପାଖରୁ ଠେଲି ନିକାଳି ଦେଉଛ ବୋଲି କୁହାଯାଇ ପାରିବ । ମାତ୍ର ଯଦି ତୁମେ ଭୁଲ୍‌ଟିକୁ ଭୁଲ୍ ବୋଲି ଜାଣିଥିବ ଓ ତେବେ ସୁଦ୍ଧା ତାହାକୁ କରୁଥିବ, ତେବେ ତୁମେ ସେହି କରୁଣାକୁ ନିଶ୍ଚୟ କିଞ୍ଚିତ୍ ଦୂରକୁ ଅପସାରିଦେଉଥିବ ।

ମାଆ, ଏପରି ଅନେକ ଭୁଲ୍ ରହିଛି··· ଯାହାକୁ ଆମେ ଭୁଲ୍ ବୋଲି ଜାଣିଥିବା, ମାତ୍ର ତଥାପି ସେଇଟିକୁ କରିବା ଲାଗି ଆମେ ସେଇଟି ଆଡ଼କୁ ସତେଅବା ଟାଣିହୋଇ ଚାଲି ଯାଉଥିବା । ସେତେବେଳେ କ'ଣ ହେବ ?

ଜଣେ ତୁମକୁ ପଛରୁ ଠେଲି ନେଇ ଯାଉଥିବ ? ହଁ, ଅନେକ ସମୟରେ ଠିକ୍ ସେହିକଥାହିଁ ଘଟିଥାଏ ! ସେତେବେଳେ ତୁମକୁ ତୁମର ନିମ୍ନତର ପ୍ରକୃତି—ତୁମ ଅବଚେତନାର ଅନ୍ଧ ଆବେଗଗୁଡ଼ିକ ଶାସନ କରୁଥାନ୍ତି, ଏବଂ ତୁମର ଯାହାସବୁ କରିବା ଉଚିତ ନୁହେଁ, ତୁମ ଦ୍ୱାରା ତାହାହିଁ କରାଇବାରେ ଲାଗିଥାନ୍ତି । ତେଣୁ, ସେହି କ୍ଷେତ୍ରରେ, ଗୋଟିଏ ପାଖରେ ନିଜର ଇଚ୍ଛାଶକ୍ତି ଓ ଅନ୍ୟପକ୍ଷରେ ଏକ ପରାଜୟ ସ୍ୱୀକାର କରିବା,—ତୁମକୁ ଦୁଇଟି ମଧ୍ୟରୁ ଗୋଟିକୁ ବାଛି ନେବାକୁ ପଡ଼େ । ନିଷ୍ପତ୍ତି କରି ପାରିବା ଲାଗି ଏଭଳି ଗୋଟିଏ ମୁହୂର୍ତ୍ତ ଅବଶ୍ୟ ମହଜୁଦ ରହିଥାଏ । ଏପରିକି, ମୁଁ ଯେପରି କହୁଥିଲି, ଏପରି ଗୋଟିଏ ମୁହୂର୍ତ୍ତ ଥାଏ, ଯେତେବେଳେ କି ଅସୁସ୍ଥ ହେବା ଓ ଅସୁସ୍ଥ ନ ହେବା ମଧ୍ୟରୁ ଗୋଟିକୁ ବାଛି ନେବାକୁ ପଡ଼େ । ଏହି ମାର୍ଗରେ ଆହୁରି ଆଗକୁ ଯାଇ ଏପରି ମୁହୂର୍ତ୍ତଟିଏ ବି ଆସି ପହଞ୍ଚେ, ଯେତେବେଳେ କି ମୃତ୍ୟୁକୁ ସ୍ୱୀକାର କରିନେବା ଓ ସ୍ୱୀକାର କରି ନ ନେବା ମଧ୍ୟରୁ କୌଣସି ଗୋଟିକୁ ବାଛିନେବା ସମ୍ଭବ ହୁଏ । ମାତ୍ର, ସେଥିଲାଗି, ଆମର ଚେତନା ଅତ୍ୟନ୍ତ ପରିମାଣରେ ଜାଗ୍ରତ ହୋଇ ରହିଥିବା ଆବଶ୍ୟକ; କାରଣ, ସମୟର ଭୂମି ଉପରେ କଳନା କରି ଦେଖିଲେ ଏହି କ୍ଷଣଟି ଏକ ଅତିକ୍ଷୁଦ୍ର ଅଂଶ ହୋଇ ରହିଥାଏ, ଏକ ସେକେଣ୍ଡର ଶତାଂଶପ୍ରାୟ ହୋଇ ରହିଥାଏ; କାରଣ, ସେହି ନିର୍ଦ୍ଦିଷ୍ଟ କ୍ଷଣଟି ପୂର୍ବରୁ କିଛି କରାଯାଇ ପାରେ ନାହିଁ, ସେହି କ୍ଷଣଟି

'oaob.nitrkl.ac.in' images reprocessed

ଗତ ହୋଇଗଲେ ମଧ୍ୟ ଆଉ କିଛୁ କରିବା ସମ୍ଭବ ହୁଏ ନାହିଁ । ମାତ୍ର, ଖାସ୍ ସେହି ମୁହୂର୍ତ୍ତିଟିରେ କରିବା ସମ୍ଭବ ହୋଇ ରହିଥାଏ । ତେଣୁ, ସମ୍ପୂର୍ଣ୍ଣ ଭାବରେ ଜାଗ୍ରତ ହୋଇ ରହିଥିଲେ ଯାଇ ଜଣେ ବ୍ୟକ୍ତି ସେହି ଯଥାର୍ଥ ମୁହୂର୍ତ୍ତରେ ନିଷ୍ପତ୍ତିଟିକୁ ଗ୍ରହଣ କରିପାରେ ।

ମାତ୍ର, ସାଧାରଣ ବସ୍ତୁଗୁଡ଼ିକର କ୍ଷେତ୍ରରେ, ଉଦାହରଣସ୍ୱରୂପ, କୌଣସି ଗୋଟିଏ ଆବେଗ ପାଖରେ ପରାଜୟ ସ୍ୱୀକାର କରିବା ଅଥବା ତାହାକୁ ଅସ୍ୱୀକାର କରିବାର କ୍ଷେତ୍ରରେ ସ୍ଥାନର ଆଦୌ କୌଣସି ପ୍ରଶ୍ନ ନ ଥାଏ, ଏପରିକି ଗୋଟିଏ ସେକେଣ୍ଡ୍‌ର ଅବଧି ମଧ୍ୟରେ ଏକ ନିଷ୍ପତ୍ତି ନେବାର ଆଦୌ ପ୍ରୟୋଜନ ନ ଥାଏ । ସେତେବେଳେ ଆମ ଆଗରେ ପ୍ରଚୁର ସମୟ ରହିଥାଏ, ନିଶ୍ଚିତ ଭାବରେ କେତେ ମିନିଟ୍ ସମୟ ରହିଥାଏ । ଏବଂ ସେତେବେଳେ, ଦୁର୍ବଳ ଭାବରେ ପରାଜୟ ସ୍ୱୀକାର କରିବା ଓ ନିୟନ୍ତ୍ରଣ କରି ପାରୁଥିବା ଇଚ୍ଛା ମଧ୍ୟରୁ ଗୋଟିକୁ ବାଛି ନେବାକୁ ହୁଏ । ଏବଂ, ଯଦି ଇଚ୍ଛାଶକ୍ତି ପରିଷ୍କାର ରହିଥାଏ, ଯଦି ସତ୍ୟ ଉପରେ ଆଧାରିତ ହୋଇ ରହିଥାଏ, ଯଦି ତାହା ଯଥାର୍ଥ ଭାବରେ ସତ୍ୟର କଥା ମାନୁଥାଏ ଓ ସଂଶୟରୁ ମୁକ୍ତ ଥାଏ, ତେବେ ଅନୁଚିତ ପ୍ରବୃତ୍ତିଟିକୁ ଅସ୍ୱୀକାର କରିପାରିବା ଲାଗି ତାହାର ସର୍ବଦା ଏକ ଶକ୍ତି ମଧ୍ୟ ରହିଥାଏ । "ମୁଁ ପାରିଲି ନାହିଁ" ବୋଲି କହିଲାବେଳେ ତୁମେ ପ୍ରକୃତରେ ଆପଣା ପାଖରେ ଏକ ମିଛ କୈଫିୟତଟିଏ ବାଢ଼ିବା ଲାଗି ଚେଷ୍ଟା କରିଥାଅ । ସେକଥା ମୋଟେ ଠିକ୍ ନୁହେଁ । ପ୍ରକୃତ କଥା ହେଉଛି ଯେ, ତୁମେ ଯଥାର୍ଥ ଭାବରେ ସେଥିଲାଗି ଆଦୌ ଇଚ୍ଛା କର ନାହିଁ । କାରଣ, "ହଁ" ଏବଂ "ନାହିଁ" କହିବା ଭିତରେ ଗୋଟିକୁ ବାଛିନେବା ସକାଶେ ଏକ ଅବକାଶ ସର୍ବଦା ରହିଛି । ମାତ୍ର, ତୁମେ ଦୁର୍ବଳ ହୋଇ ରହିବା ଲାଗି ସ୍ୱୟଂ ଠିକ୍ କରୁଛ ଏବଂ ପରେ ଆପଣା ସପକ୍ଷରେ ଏକ କୈଫିୟତ୍ ବାଢ଼ିଦେଇ କହୁଛ, "ଏଥିରେ ମୋ'ର କିଛି ଦୋଷ ନାହିଁ; ସିଏ ମୋ'ଠାରୁ ଅଧିକ ଶକ୍ତିଶାଳୀ ଥିଲା ବୋଲି ଏପରି ଘଟିଲା ।" ତାହା ତୁମଠାରୁ ଯଦି ଅଧିକ ଶକ୍ତିଶାଳୀ ହେଲା, ତେବେ ସେଇଟି ମଧ୍ୟ ତୁମର ଦୋଷ । କାରଣ ତୁମେ କହିଲେ ଏହି ଆବେଗଗୁଡ଼ାକୁ ଆଦୌ ବୁଝାଉ ନାହିଁ । ତୁମେ ହେଉଛ ଏକ ସଚେତନ ଆତ୍ମା, ତୁମର ଏକ ବୁଦ୍ଧିଯୁକ୍ତ ଇଚ୍ଛାଶକ୍ତି ରହିଛି; ଏହାହିଁ ଯେ ତୁମ ଜୀବନର ଶାସନ କରିବ ଏବଂ ନିମ୍ନସ୍ଥ ଆବେଗଗୁଡ଼ାକ ତୁମକୁ ଯେ କୌଣସି ପ୍ରକାରେ ପରିଚାଳିତ କରିବ ନାହିଁ, ଏହି କଥାଟିକୁ ସମ୍ଭବ କରିବା ମଧ୍ୟ ତୁମର ଏକ କର୍ତ୍ତବ୍ୟ ।

ମାଆ, "ଭାବନାରେ ସତ୍ୟପରାୟଣ ହେବା" ଓ ଭାବନାରେ ଶୁଦ୍ଧ ରହିବା, ଦୁଇଟିଯାକ ଗୋଟିଏ କଥା କି ?

'oaob.nitrkl.ac.in' images reprocessed

ଏଗୁଡ଼ିକ ହେଉଛି କେବଳ ଗୋଟିଏ ଗୋଟିଏ ଫର୍ମା । ତୁମେ ଯେଉଁ ବାକ୍ୟଗୁଡ଼ିକ ବ୍ୟବହାର କରୁଛ, ସେଗୁଡ଼ିକର ଯେଉଁ ପୂର୍ବଭୂମି ରହିଛି, ଯେଉଁ ଭାବରେ ତୁମେ ଶବ୍ଦଗୁଡ଼ିକୁ ବ୍ୟବହାର କରିଛ,—ସବୁକଥା ତାହାରି ଉପରେ ନିର୍ଭର କରିବ ।

ତେବେ ଭାବନାରେ ସତ୍ୟପରାୟଣ ହେବାର ଅର୍ଥ କ'ଣ ?

ଏହାର ଅର୍ଥ ହେଉଛି ଯେ ଆମର ଭାବନା ସତ୍ୟକୁହିଁ ଅଭିବ୍ୟକ୍ତ କରୁଥିବ ।

ଏବଂ ଭାବନାରେ ଶୁଦ୍ଧ ରହିବାର ଅର୍ଥ ?

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁ ଭାବନା ସତ୍ୟକୁ ଅଭିବ୍ୟକ୍ତ କରେ, ତାହା ଅବଶ୍ୟ ଏକ ଶୁଦ୍ଧ ଭାବନା ହୋଇ ରହିଥାଏ, କାରଣ ତା' ନ ହେଲେ ତାହା ଆଦୌ ସତ୍ୟକୁ ଅଭିବ୍ୟକ୍ତ କରିପାରିବ ନାହିଁ ।

ମାଆ, ଆମ ଚେତନା ଭିତରେ ଆମେ ଅଧିକ ବ୍ୟାପ୍ତି ସମ୍ଭବ କରିପାରିବା କିପରି ?

ଅଧିକ ବ୍ୟାପ୍ତି କିପରି ସମ୍ଭବ କରିବ ? ଏହାର ଅନେକ ଉପାୟ ଅଛି । ସବୁଠାରୁ ସହଜ ଉପାୟ ହେଉଛି ଯେ ତୁମେ ଆପଣାକୁ ବ୍ୟାପ୍ତିଯୁକ୍ତ କୌଣସି ଏକ ବସ୍ତୁ ସହିତ ଏକାତ୍ମକ କରି ରଖିବ । ଉଦାହରଣସ୍ୱରୂପ, ଯେତେବେଳେ ତୁମେ ସମ୍ପୂର୍ଣ୍ଣ ଭାବରେ ସଙ୍କୀର୍ଣ୍ଣ ଓ ସୀମିତ ହୋଇ ରହିଥିବା କୌଣସି ଭାବନା, ଇଚ୍ଛା ବା ଚେତନା ଭିତରେ କଳି ହୋଇ ରହିଥିବା ପରି ଅନୁଭବ କରୁଥିବ, ସତେଯେପରି ଗୋଟାଏ ଖୋଳ ଭିତରେ ବନ୍ଦହୋଇ ରହିଥିବା ପରି ଅନୁଭବ କରୁଥିବ, ସେତେବେଳେ ଯଦି ତୁମେ ଅତ୍ୟନ୍ତ ବ୍ୟାପ୍ତିଯୁକ୍ତ କୌଣସି ଏକ ବସ୍ତୁ ବିଷୟରେ ଭାବିବାକୁ ଆରମ୍ଭ କରିବ, ଉଦାହରଣସ୍ୱରୂପ, ଯଦି ତୁମେ ଏକ ମହାସାଗରର ବିସ୍ତୀର୍ଣ୍ଣ ଜଳରାଶି ବିଷୟରେ ଚିନ୍ତା କରିବ, ଯଦି ତୁମେ ପ୍ରକୃତରେ ଏହି ମହାସାଗରଟିର କଥା ଭାବିପାରିବ, ତାହା ସକଳ ଦିଗରେ କିପରି ଏହିପରି ଭାବରେ (ମାଆ ଆପଣାର ବାହୁଦ୍ୱୟକୁ ପ୍ରସାରିତ କରି ଦେଖାଇଲେ) ଦୂରକୁ, ଦୂରକୁ ଓ ଆହୁରି ଦୂରକୁ ବ୍ୟାପ୍ତ ହୋଇ ରହିଛି, କିପରି, ତୁମ ତୁଳନାରେ ଏହା ଏତେ ଦୂରକୁ ପରିବ୍ୟାପ୍ତ ହୋଇ ରହିଛି ଯେ, ତୁମେ ତାହାର ଅପର ତଟଟିକୁ ମୋଟେ ଦେଖିପାରୁ ନାହଁ, ତୁମେ କୌଣସି ସ୍ଥାନରେ ମଧ୍ୟ ଆଖି ବଢ଼ାଇ ତାହାର ଶେଷସୀମାରେ ପହଞ୍ଚିପାରୁ ନାହଁ, ପଛରେ, ସମ୍ମୁଖରେ, ବାମରେ ବା ଡାହାଣରେ ତାହାର ଆଦୌ କୌଣସି ଅନ୍ତ ପାଉ ନାହଁ, ଏହା କେବଳ କେତେ ନା କେତେ ଦୂରକୁ ବିସ୍ତୃତ, ବିସ୍ତୃତ ହୋଇ ରହିଛି, ଯଦି ତୁମେ ଏହି

'oaob.nitrkl.ac.in' images reprocessed

କଥା ଚିନ୍ତା କରିବାକୁ ଆରମ୍ଭ କରିବ, ତେବେ ତା'ପରେ ତୁମେ ଏହି ସମୁଦ୍ର ଉପରେ ସତେଅବା ଭାସୁଥିବା ପରି ଅନୁଭବ କରିବ, ଖାଲି ଏହିପରି ଭାସି ବୁଲୁଥିବ ଏବଂ କେଉଁଠି ହେଲେ ତାହାର କୌଣସି ଅନ୍ତ ନ ଥିବ… ଏହା ଅତ୍ୟନ୍ତ ସହଜରେ କରିହେବ । ଏହା ଦ୍ୱାରା ତୁମେ ନିଜର ଚେତନାରେ କିଞ୍ଚିତ୍ ପ୍ରସାରଣ ଘଟାଇପାରିବ ।

ଆହୁରି ଅନେକ ଲୋକ ଅଛନ୍ତି, ସେମାନେ ଉଦାହରଣସ୍ୱରୂପ, ଆକାଶ ଉପରେ ଦୃଷ୍ଟିପାତ କରିବାକୁ ଆରମ୍ଭ କରନ୍ତି; ତା'ପରେ ସେମାନେ ସେହି ତାରା-ମାନଙ୍କ ମଧ୍ୟରେ ରହିଥିବା ସେହିସବୁ ଶୂନ୍ୟମଣ୍ଡଳର କଳ୍ପନା କରନ୍ତି ଏବଂ … ସେମାନେ ସେହି ଶୂନ୍ୟ ମଣ୍ଡଳର ଅନନ୍ତତା ବିଷୟରେ କଳ୍ପନା କରନ୍ତି, ଯାହା ମଧ୍ୟରେ କି ପୃଥିବୀ ଏକ ଅତିକ୍ଷୁଦ୍ର ବିନ୍ଦୁପ୍ରାୟ ହୋଇ ରହିଛି ଏବଂ ତୁମେ ନିଜେ ମଧ୍ୟ ଏହି ପୃଥିବୀରେ ଏକ କ୍ଷୁଦ୍ର ବିନ୍ଦୁ ହୋଇ ରହିଛ, ଗୋଟିଏ ପିମ୍ପୁଡ଼ିଠାରୁ ବି ସାନ ହୋଇ ରହିଛ । ଏହିପରି ଭାବରେ ତୁମେ ଆକାଶ ଆଡ଼କୁ ଅନାଇ ଦେଖ ଏବଂ ଗ୍ରହପୁଞ୍ଜ ମଧ୍ୟରେ ରହିଥିବା ଏହି ଶୂନ୍ୟମଣ୍ଡଳ ଭିତରେ ଭାସି ବୁଲୁଥିବା ପରି ଅନୁଭବ କର, ନିଜେ ଅଧିକରୁ ଅଧିକ ପ୍ରସାରିତ ହୋଇ ଦୂରକୁ ଦୂରକୁ ଚାଲି ଯାଉଥିବା ପରି ଅନୁଭବ କର । ଅନେକ ବ୍ୟକ୍ତି ଏହିପରି କରି ସଫଳତା ଲାଭ କରିଥାନ୍ତି ।

ଏହି ପୃଥିବୀରେ ରହିଥିବା ଯାବତୀୟ ବସ୍ତୁ ସହିତ ଏକାତ୍ମକତା ଲାଭ କରିବାକୁ ଚେଷ୍ଟା କରିବାର ବି ଏକ ଅନ୍ୟ ବାଟ ରହିଛି । ଉଦାହରଣସ୍ୱରୂପ, ଯେତେବେଳେ ତୁମର କୌଣସି ବିଷୟରେ ଏକ କ୍ଷୁଦ୍ର ଓ ସଙ୍କୀର୍ଣ୍ଣ ଦୃଷ୍ଟି ରହିଛି ଓ ତାହା ଫଳରେ ତୁମେ ଅନ୍ୟମାନଙ୍କର ଦୃଷ୍ଟି ଓ ମତାମତଟି ଦ୍ୱାରା ଭାରି ଆଘାତ ପାଉଛ, ତେବେ ସେତେବେଳେ ତୁମକୁ ନିଜ ଚେତନାକୁ ସ୍ଥାନାନ୍ତରିତ କରି ଦେବାକୁ ପଡ଼ିବ, ତାହା ଅନ୍ୟମାନଙ୍କର ଚେତନା ମଧ୍ୟରେ ନେଇ ରଖିବାକୁ ପଡ଼ିବ ଏବଂ ଅନ୍ୟସମସ୍ତଙ୍କର ଭାବନାର ବିଭିନ୍ନ ଧାରାଗୁଡ଼ିକ ସହିତ ଏକାତ୍ମକତା ଲାଭ କରିବା ଲାଗି କ୍ରମଶଃ ଚେଷ୍ଟା କରିବାକୁ ପଡ଼ିବ । ଏଇଟି ଅପେକ୍ଷାକୃତ ଟିକିଏ ଅଧିକ… ଏହି କଥାଟିକୁ କିପରି କୁହାଯାଇପାରିବ ? …ଟିକିଏ ଅଧିକ ବିପଜ୍ଜନକ । କାରଣ, ଅନ୍ୟମାନଙ୍କର ଭାବନା ଓ ଇଚ୍ଛା ସହିତ ଆପଣାକୁ ନେଇ ଏକାତ୍ମକ କରିବାର ଅର୍ଥ ହେଉଛି ଏତେବଡ଼ ଗଦାଏ ନିର୍ବୋଧତା ସହିତ (ମାଆ ହସିବାକୁ ଲାଗିଲେ) ଓ ମନ୍ଦ ଇଚ୍ଛାଗୁଡ଼ିକ ସହିତ ଏକାତ୍ମକ ହେବା ଲାଗି ମନ କରିବା । ଏବଂ, ଏହା ଦ୍ୱାରା ଏପରି ଅନେକ ପରିଣାମ ଆସି ପହଞ୍ଚିବ, ଯାହାକୁ କି ମୋଟେ ଖୁବ୍ ଭଲ ବୋଲି କୁହାଯାଇ ପାରିବ ନାହିଁ । ମାତ୍ର ତଥାପି ଅନେକ ଲୋକ ଥାଆନ୍ତି, ଯେଉଁମାନେ କି ଅଧିକ ସହଜରେ ତାହା କରିପାରନ୍ତି । ଉଦାହରଣସ୍ୱରୂପ, ଯେତେବେଳେ,

'oaob.nitrkl.ac.in' images reprocessed

ସେମାନଙ୍କର ଆଉ କାହାରି ସହିତ ମତପାର୍ଥକ୍ୟ ଘଟେ, ସେତେବେଳେ ସେମାନଙ୍କର ଚେତନାରେ ଏକ ପ୍ରସାରଣ ଘଟାଇବାକୁ ସେମାନେ ନିଜକୁ ନେଇ ସେହି ଅନ୍ୟ ବ୍ୟକ୍ତିର ସ୍ଥାନରେ ଉପସ୍ଥାପିତ କରି ରଖନ୍ତୁ ଏବଂ, ପ୍ରସଙ୍ଗଟିକୁ ନିଜର ଦୃଷ୍ଟିକୋଣରୁ ନୁହେଁ, ମାତ୍ର ସେହି ଅନ୍ୟ ବ୍ୟକ୍ତିର ଦୃଷ୍ଟିକୋଣରୁ ଦେଖିବାକୁ ଆରମ୍ଭ କରନ୍ତୁ । ଏହା ଦ୍ୱାରା ଚେତନାର କ୍ଷେତ୍ରରେ ଏକ ପ୍ରସାରଣ ଘଟିଥାଏ; ମୁଁ ଆଗରୁ ଯେଉଁ ଦୁଇଟି ଉପାୟର କଥା କହିଥିଲି, ଏହି କ୍ଷେତ୍ରରେ ସେଗୁଡ଼ିକ ପରି ଏତେ ଅଧିକ ପରିମାଣରେ ଅବଶ୍ୟ ଘଟେ ନାହିଁ । ସେଗୁଡ଼ିକ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ଭାବରେ ନିର୍ଦ୍ଦୋଷ ଉପାୟ । ତୁମର ସେଗୁଡ଼ିକ ଦ୍ୱାରା କୌଣସି ଅନିଷ୍ଟ ହୁଏ ନାହିଁ, ବରଂ ଅନେକ ଉପକାର ହୁଏ । ସେଗୁଡ଼ିକ ତୁମକୁ ଅତ୍ୟନ୍ତ ଶାନ୍ତ କରି ଆଣନ୍ତି ।

ଚେତନାର ଏକ ପ୍ରସାରଣ ଘଟାଇବାର ଯେତେ ନା କେତେ ବୁଦ୍ଧି-ଉଦ୍ଭାବିତ ମାର୍ଗ ରହିଛି । ମୋ' ବହିରେ ମୁଁ ଏଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବ୍ୟାଖ୍ୟା କରି କହିଛି । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଯେତେବେଳେ ତୁମକୁ କୌଣସି ବିଷୟ ନେଇ ବଡ଼ ଚଡ଼ ମାଡ଼ୁଥିବ, ଯେତେବେଳେ ତୁମ ଲାଗି କିଛି ଖୁବ ଯନ୍ତ୍ରଣାଦାୟକ କିଂବା ଅପ୍ରୀତିକର ହୋଇ ରହିଥିବ, ଯଦି ତୁମେ ସେତେବେଳେ କାଳ ଓ ସ୍ଥାନର ଅନନ୍ତତା ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିବ, ଯାହାକିଛି ଅତୀତରେ ବିତିଯାଇଛି ଓ ଯାହାକିଛି ଏହାପରେ ଆସିବ, ଅନନ୍ତ କାଳର ମଧ୍ୟରେ ତୁମର ଏହି ଉପସ୍ଥିତ ମୁହୂର୍ତ୍ତଟି ଯଥାର୍ଥରେ ବିଚାର କଲେ କେବଳ ଏକ ସାମୟିକ ନିମେଷମାତ୍ର,—ଏବଂ, ଏପରି ଗୋଟିଏ ବିଷୟରେ ଏତେ ଅଧିକ ପରିମାଣରେ ମ୍ରିୟମାଣ ହୋଇପଡ଼ିବା ପ୍ରକୃତରେ ଏକ ନିତାନ୍ତ ହାସ୍ୟକର ବ୍ୟାପାର ଯାହାକି କାଳର ଏହି ଅନନ୍ତତାର ପରିପ୍ରେକ୍ଷୀରେ···ସେତେବେଳେ ଏହି କ୍ଷୁଦ୍ର କ୍ଷଣଟି ବିଷୟରେ ସଜ୍ଞାନ ହେବା ଲାଗି କୌଣସି ସମୟ ବି ମିଳିବ ନାହିଁ;—ଏଥିଲାଗି ଆଦୌ କୌଣସି ସ୍ୱତନ୍ତ୍ର ସ୍ଥାନ ନ ଥିବ, ତାହାର ଆଦୌ କୌଣସି ମହତ୍ତ୍ୱ ବି ନ ଥିବ,—କାରଣ, ଅନନ୍ତକାଳ ମଧ୍ୟରେ ଏହି ଗୋଟିଏ କ୍ଷଣର ପ୍ରକୃତରେ କି ମୂଲ୍ୟ ବା ରହିଛି ? ଯଦି ଜଣେ ବ୍ୟକ୍ତି ସେତିକି ଉପଲବ୍ଧି କରିବାକୁ ସମର୍ଥ ହେବ,—ଏହି କଥାଟିକୁ ମୁଁ କିପରି କହିପାରିବି ?—ଜଣେ ବ୍ୟକ୍ତି ହିସାବରେ ଆମେ ଯେପରି ଅତି କ୍ଷୁଦ୍ର ଏକ ପ୍ରସଙ୍ଗ ହୋଇ ରହିଛୁ, ଆମେ ଯେଉଁ ଅତିକ୍ଷୁଦ୍ର ପୃଥିବୀ ମଧ୍ୟରେ ବାସ କରୁଛୁ, ଏବଂ ଆମ ଚେତନାର ଯେଉଁ କ୍ଷୁଦ୍ର କ୍ଷଣଟି ଆମକୁ ବର୍ତ୍ତମାନ ଆଘାତ ଦେଉଛି ବା ଖୁବ ଅପ୍ରୀତିକର ବୋଧ ହେଉଛି,—ଏଇଟି ମଧ୍ୟ ଆମର ସମଗ୍ର ଜୀବନ ମଧ୍ୟରେ କେବଳ କ୍ଷୁଦ୍ର ନିମେଷମାତ୍ର, ଏବଂ ତୁମେ ନିଜେ ମଧ୍ୟ ଅତୀତରୁ କେତେ କ'ଣ ହୋଇକରି ଆସିଛ ଓ ଏହାପରେ ବି କେତେ କ'ଣ

'oaob.nitrkl.ac.in' images reprocessed

ହେବାକୁ ଯାଉଛ,—ବର୍ତ୍ତମାନ ତୁମ ଜୀବନରେ ଯେଉଁ ଘଟଣାଟି ଘଟିଛି ଓ ତୁମକୁ ଆଘାତ ଦେଉଛି, ଦଶବର୍ଷ ପରେ ତୁମେ ହୁଏତ ତାହାକୁ ସମ୍ପୂର୍ଣ୍ଣ ଭାବରେ ପାସୋରି ଯାଇଥିବ; ଅଥବା, ଯଦିଓ ତାହା ତୁମର ସ୍ମରଣରେ ରହିଥିବ, ତେବେ ତୁମେ ସେହି ବିଷୟରେ "ଏହି କଥାଟା ଉପରେ ମୁଁ ସେତେବେଳେ କିପରି ଏତେ ଗୁରୁତ୍ୱ ଦେଇଥିଲି" ବୋଲି କହୁଥିବ, ଯଦି ତୁମେ ଏହି କଥାଗୁଡ଼ିକୁ ଭାବିପାରିବ ଓ ଚିନ୍ତା ପରି ଆପଣା ଆଗରେ ଆଣି ରଖିପାରିବ,—ଯଦି ତୁମେ ପ୍ରଥମେ ସେହି କଥାଟିକୁ ଉପଲବ୍ଧି କରିବ ଓ ତା'ପରେ, ତୁମର ଯେଉଁ ବ୍ୟକ୍ତିସତ୍ତା ଶାଶ୍ୱତ କାଳ ମଧ୍ୟରେ କ୍ଷଣେମାତ୍ର ହୋଇ ରହିଛି, ଏପରିକି କ୍ଷଣେ ମାତ୍ର ବି ନୁହେଁ, ମାତ୍ର ଆଦୌ ଆଖିରେ ନ ପଡ଼ିଲା ଭଳି ଏହି ଶାଶ୍ୱତକାଳ ମଧ୍ୟରେ ଗୋଟିଏ କ୍ଷଣର ମଧ୍ୟ ଏକ ଭଗ୍ନାଂଶ ହୋଇ ରହିଛି, ଏବଂ ଏହା ପୂର୍ବରୁ ମଧ୍ୟ ଏହି ସମଗ୍ର ପୃଥିବୀ ପ୍ରକାଶିତ ହୋଇ ରହିଥିଲା ଏବଂ ଆହୁରି ଅନନ୍ତକାଳ ସକାଶେ ପ୍ରକାଶିତ ହେବାରେ ଲାଗିଥିବ, ପୂର୍ବରେ ରହିଥିଲା, ପଶ୍ଚାତରେ ମଧ୍ୟ ରହିଥିଲା,···ସେତେବେଳେ ତୁମେ ତତ୍‌କ୍ଷଣାତ୍ ତୁମ ଜୀବନରେ ଘଟିଥିବା ଘଟଣାଟି ପ୍ରତି ତୁମେ ଯେଉଁ ଗୁରୁତ୍ୱ ଆରୋପ କରୁଛ, ତାହାର ହାସ୍ୟାସ୍ପଦତାକୁ ତୁମେ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବ···ତୁମେ ଯଥାର୍ଥରେ ଅନୁଭବ କରିବ ଯେ···ନିଜର ଜୀବନ ଉପରେ, ନିଜ ଉପରେ, ନିଜ ଜୀବନରେ ଘଟୁଥିବା ଘଟଣାଗୁଡ଼ିକ ଉପରେ ଆଦୌ କୌଣସି ଗୁରୁତ୍ୱ ଆରୋପ କରିବା ଯେ ପ୍ରକୃତରେ କେଡ଼େ ନିରର୍ଥକ, ତୁମେ ତାହା ଉପଲବ୍ଧି କରିପାରିବ। ଏବଂ, ଏହି କଥାଟିକୁ ଯଥାର୍ଥ ଭାବରେ କରିପାରିଲେ, ମାତ୍ର ତିନି ମିନିଟ ଭିତରେ ତୁମର ସକଳ ଅସୁଖକରତା କୁଆଡ଼େ ଅନ୍ତର୍ହିତ ହୋଇଯିବ। ଏପରିକି ଏକ ଅତ୍ୟନ୍ତ ଗଭୀର ଯନ୍ତ୍ରଣା ମଧ୍ୟ ଅନ୍ତର୍ହିତ ହୋଇଯିବ। ତୁମକୁ କେବଳ ଏହିପରି ଏକ ଅଭିନିବେଶ କରିବାକୁ ପଡ଼ିବ ଓ ନିଜକୁ ଅନନ୍ତତା ଏବଂ ଶାଶ୍ୱତତା ମଧ୍ୟରେ ନେଇ ରଖିବାକୁ ପଡ଼ିବ। ତେବେ ସବୁକିଛି ଅପସରି ଯିବ। ଆମେ ଏଇଟି ମଧ୍ୟରୁ ଏକାବେଳେକେ ନିର୍ମଳ ହୋଇ ବାହାରି ଆସି ପାରିବା। ଆମର ଯାବତୀୟ ବନ୍ଧନରୁ ମୁକ୍ତ ହୋଇ ବାହାରି ଆସିବା, ଏବଂ, ମୁଁ ଯେପରି କହୁଛି, —ଆମ ଗଭୀରତମ ନାନା ଦୁଃଖ ମଧ୍ୟରୁ ବି ବାହାରି ଆସି ପାରିବା,—ଏହିପରି ଭାବରେ ସବୁକିଛିରୁ ମୁକ୍ତ ହୋଇ ବାହାରି ଆସି ପାରିବା। ଯଥାର୍ଥ ଭାବରେ ଏହି କଥାଟିକୁ କରି ଜାଣିଲେ ଅବଶ୍ୟ ବାହାରିଆସି ପାରିବା। ଏହା ତୁମକୁ ତତ୍‌କ୍ଷଣାତ୍ ତୁମର କ୍ଷୁଦ୍ର ଅହଂଟି ମଧ୍ୟରୁ ବାହାରକୁ ବାହାର କରି ଆଣିବ। ବୁଝିଲ ?

ମାଆ, ଆମେ ଆମର ସଂକଳ୍ପକୁ ଦୃଢ଼ କରି ପାରିବା କିପରି ?

ଏହାକୁ ଦୃଢ଼ କରିବା ଲାଗି ଇଚ୍ଛା କରିବା ଦ୍ୱାରା। (ସମସ୍ତେ ହସିଲେ)

'oaob.nitrkl.ac.in' images reprocessed

ନାହିଁ ନାହିଁ,—ଏହି କଥାଟି ହୁଏତ ବାହାରକୁ ଏକ ଅଦ୍ଭୁତ କଥା ପରି ମନେ ହେଉଥିବ···ମାତ୍ର ଏହା ସମ୍ପୂର୍ଣ୍ଣ ଭାବରେ ଏକ ସତ୍ୟ କଥା । ଆମେ ଏହାକୁ ଆଦୌ ଯଥାର୍ଥ ଭାବରେ ଇଚ୍ଛା କରି ନ ଥାଉ । ଏହି କ୍ଷେତ୍ରରେ ସର୍ବଦା, ଯଦି ତୁମେ···ଏହା ହେଉଛି ଆନ୍ତରିକତାର ଏକ ଅଭାବ । ଯଦି ତୁମେ ଆନ୍ତରିକତା ସହିତ ବିଚାର କରି ଦେଖିବ, ତେବେ ତୁମେ ଦେଖିବାକୁ ପାଇବ ଯେ, ଏହି କଥାଟି ଠିକ୍ ଏହିପରି ହେବ ବୋଲି ତୁମେ ପ୍ରକୃତରେ ଏକ ନିଷ୍ପତ୍ତି ଗ୍ରହଣ କରିଛ । ଏବଂ ତା'ପରେ, ଏହାର ନିମ୍ନଦେଶରେ ଏପରି କୌଣସି ବସ୍ତୁ ରହିଛି, ଯାହାକି ଆଦୌ କୌଣସି ନିଷ୍ପତ୍ତି ଗ୍ରହଣ କରି ନାହିଁ ଏବଂ ଆଗକୁ ଧାଇଁଯାଇ ପାରିବ ବୋଲି ସଙ୍କୋଚର ସେହି ମୁହୂର୍ତ୍ତଟି ଲାଗି ଅପେକ୍ଷା କରି ରହିଛି । ଯଦି ତୁମେ ନିଷ୍ଠାଯୁକ୍ତ ହୋଇଥିବ, ଯଦି ତୁମ ଭିତରେ ନିଷ୍ଠା ରହିଥିବ ଏବଂ ତୁମେ ଲୁଚି ରହିଥିବା ଅଂଶଟିକୁ, ଅପେକ୍ଷା କରି ରହିଥିବା ଓ ଆପଣାକୁ ମୋଟେ ବାହାର କରୁ ନ ଥିବା ସେହି ଅଂଶଟିକୁ ଯାଇ ଧରିନେଇ ପାରିବ,—ନିଷ୍ପତ୍ତିହୀନତାର ଏକ ମୁହୂର୍ତ୍ତ ଅବଶ୍ୟ ଆସିବ ଏବଂ ତାହା ସେତିକବେଳେ ବାହାରକୁ ଧାଇଁ ଆସିବ ଓ ଯାହା ତୁମେ କରିବ ନାହିଁ ବୋଲି ନିଷ୍ପତ୍ତି କରିଥିଲ, ତୁମ ଦ୍ୱାରା ସେହି କାର୍ଯ୍ୟଟିକୁହିଁ କରାଇନେବ,—ଯଦି ତୁମେ ସେହି ଅଂଶଟିକୁ ଯାଇ ଧରିନେଇପାରିବ···

ଯଦି ତୁମେ ଯଥାର୍ଥରେ ସେହିପରି ହେଉ ବୋଲି ଇଚ୍ଛା କରୁଥିବ, ତେବେ ଏହି ପୃଥିବୀରେ ଆଉ କିଛିହେଲେ ରହିବ ନାହିଁ, ଯାହାକି, ତୁମେ ଯାହା କରିବାକୁ ଇଚ୍ଛା କରୁଛ, ତୁମକୁ ସେଥିରୁ ନିବୃତ୍ତ କରି ରଖିପାରିବ । ମାତ୍ର ଏହା ହୋଇପାରେ ନାହିଁ, କାରଣ କିପରି ଇଚ୍ଛା କରିବାକୁ ହୁଏ, ଆମକୁ ସେହି କଥାଟି ଜଣା ନ ଥାଏ । କାରଣ ଆମ ଇଚ୍ଛାଶକ୍ତିର କ୍ଷେତ୍ରରେ ଆମେ ନାନା ଭାବରେ ବିଭକ୍ତ ହୋଇ ରହିଥାଉ । ଯଦି ନିଜର ଇଚ୍ଛାକ୍ଷେତ୍ରରେ ତୁମେ ବିଭକ୍ତ ହୋଇ ରହି ନ ଥିବ, ତେବେ ମୁଁ କହିବି ଯେ ଏହି ପୃଥିବୀରେ କୌଣସି ବସ୍ତୁ ବା କୌଣସି ବ୍ୟକ୍ତି ତୁମକୁ ଆପଣାର ଇଚ୍ଛାକୁ ବଦଳାଇ ଦେବା ଲାଗି ବାଧ୍ୟ କରିପାରିବ ନାହିଁ ।

ମାତ୍ର, କିପରି ଇଚ୍ଛା କରିବାକୁ ହୁଏ, ଆମକୁ ତାହା ଜଣା ନ ଥାଏ । ବସ୍ତୁତଃ ଆମେ ଏକଥା ଲାଗି ଇଚ୍ଛା ମଧ୍ୟ କରୁ ନାହିଁ । ଏଗୁଡ଼ିକୁ ଆମେ ଦୁର୍ବଳ ଇଚ୍ଛା ବୋଲି କହିବା : "ହଁ, ଏହା ପ୍ରକୃତରେ ଏହିପରି···ଏହା ସେପରି ହୋଇଥିଲେ ନିଶ୍ଚୟ ଭଲ ହୋଇଥାନ୍ତା···ହଁ, ସେପରି ହେଲେ ଅଧିକ ଭଲ ହୁଅନ୍ତା···ହଁ, ସେପରି ହେଲେ ମୁଁ ତାହାକୁ ଅପେକ୍ଷାକୃତ ଅଧିକ ପସନ୍ଦ କରନ୍ତି ।" ମାତ୍ର ଏଇଟାକୁ କଦାପି ଇଚ୍ଛା କରିବା ବୋଲି କୁହାଯିବ ନାହିଁ । ଏବଂ ଏହି କ୍ଷେତ୍ରରେ, ସର୍ବଦା

'oaob.nitrkl.ac.in' images reprocessed

ତୁମ ମସ୍ତିଷ୍କର ପଛରେ, କୌଣସି ଏକ କୋଣରେ କୌଣସି ବସ୍ତୁ ଲୁକ୍‌କାୟିତ ହୋଇ ରହିଥାଏ, ଯାହାକି ଖାଲି ଅନାଇ ଦେଖୁଥାଏ ଓ କହୁଥାଏ, "ନାହିଁ ମ ! ମୁଁ କାହିଁକି ଆଦୌ ସେଥିଲାଗି ଇଚ୍ଛା କରିବି ? ସମ୍ପୂର୍ଣ୍ଣ ଔଚିତ୍ୟ ସହିତ ଏହାର ବିପରୀତ କଥାଟି ଲାଗି ମଧ୍ୟ ଇଚ୍ଛା କରାଯାଇପାରେ ।" ଏବଂ ଏଥିଲାଗି ଚେଷ୍ଟା କରିବାକୁ ହେଲେ, ··· ସେପରି କଲେ ଆଦୌ ହୁଏ ନାହିଁ, କେବଳ ଅପେକ୍ଷା କରି ରହିବାକୁ ହୁଏ ··· ମାତ୍ର ତାହାର ଠିକ୍ ବିପରୀତ କଥାଟା କରିବାକୁ ମଧ୍ୟ ଆମ ଆଗରେ ହଜାରଟା କାରଣ ଆସି ଉପସ୍ଥିତ ହୋଇ ଯାଇପାରେ । ଏବଂ ଏଥିଲାଗି ମାତ୍ର ଅଳ୍ପ କିଛିଏ ବିଚଳିତ ହୋଇଗଲେହିଁ ଯଥେଷ୍ଟ ହୁଏ ··· ତା'ପରେ ସେହି ଅନ୍ୟଟି କେଉଁଠି ଥାଏ, ହୁଁ କରି ଆସି ତୁମ ଉପରେ ପଡ଼େ ଏବଂ ଆସି ହାଜର ହୋଇଯାଏ । ମାତ୍ର, ଯଦି ଆମେ ପ୍ରକୃତରେ ଇଚ୍ଛା କରି ପାରିବା, ଏହାହିଁ ପ୍ରକୃତ ବସ୍ତୁ ବୋଲି ଯଦି ଆମେ ଯଥାର୍ଥରେ ଜାଣିଥିବା ଏବଂ ଯଥାର୍ଥରେ ଏଇଟିକୁହିଁ ଚାହୁଁଥିବା, ଏବଂ ଯଦି ଆମେ ନିଜେ ଆମ ଇଚ୍ଛାଶକ୍ତିର କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଅଭିନିବେଶିତ ହୋଇ ରହି ପାରିଥିବା, ତେବେ ମୁଁ ଅବଶ୍ୟ କହିବି ଯେ, ଏହି ପୃଥିବୀରେ ଆଦୌ କିଛିହେଲେ ଆମକୁ ତାହା କରିବାରୁ ନିବୃତ୍ତ କରି ରଖିପାରିବ ନାହିଁ—ଏହା କଥାଟିକୁ କରିବାରୁ ଅର୍ଥାତ୍ କରିବାକୁ ବାଧ ହେବାରୁ ଆମକୁ ନିବୃତ୍ତ କରିପାରିବ ନାହିଁ ।

ତେଣୁ ଇଚ୍ଛା କରିବାକୁ ହୁଏ । ହଁ, ଜଣକୁ ଏହିପରି (ମାଆ ଇଙ୍ଗିତ କରି ଦେଖାଇଦେଲେ) ଇଚ୍ଛା କରିବାକୁ ହୁଏ । ଇଚ୍ଛା କରିବାକୁ ହୁଏ : "ହଁ, ହଁ, ସେପରି ହେଲେ ପ୍ରକୃତରେ ଅଧିକ ଭଲ ହେବ । ହଁ, ଅଧିକ ଭଲ ହେବ, ଅଧିକ ଭବ୍ୟ···" ମାତ୍ର, ସିଏ ଯାହା ହେଉ ପଛକେ, ମନୁଷ୍ୟ ହେଉଛି ଏକ ଅତି ଦୁର୍ବଳ ପ୍ରାଣୀ, ନୁହେଁ ? ଏବଂ ତା'ପରେ, ଆମେ ଇଚ୍ଛା କଲେ ସର୍ବଦା ଖୁବ୍ ସହଜରେ ଅନ୍ୟ କାହା ଉପରେ ମଧ୍ୟ ସବୁ ଦୋଷକୁ ନେଇ ଲଦିଦେଇ ପାରିବା : "ଏହି ପ୍ରଭାବଟି ବାହାରୁ ଆସୁଛି । ଯାବତୀୟ ପ୍ରକାରର ପରିସ୍ଥିତି ସକାଶେ ଏପରି ହେଉଛି ।"

ଏହିପରି ଭାବରେ କମେଷଟି ଆସେ, ଘୁଞ୍ଚିଯାଏ । ତୁମେ କିଛି ଜାଣିପାର ନାହିଁ ··· ଅଚେତନାର ଗୋଟିଏ ମାତ୍ର ମୁହୂର୍ତ୍ତ ··· "ମୁଁ ପ୍ରକୃତରେ ମୋଟେ ସଚେତନ ନ ଥିଲି ।" ତୁମେ ସଚେତନ ନାହଁ, କାରଣ ତୁମେ ସ୍ୱୀକାର ବି କରି ନାହଁ । ଏବଂ ଏହି ସବୁକିଛି ହେଉଛି, କାରଣ, କିପରି ଇଚ୍ଛା କରିବାକୁ ହୁଏ, ତାହା ତୁମକୁ ପ୍ରକୃତରେ ଜଣା ନାହିଁ ।

'oaob.nitrkl.ac.in' images reprocessed

ଇଚ୍ଛା କରି ଶିଖିବା ପ୍ରକୃତରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା । ଏବଂ, ଯଥାର୍ଥ ଭାବରେ ଇଚ୍ଛା କରିପାରିବାକୁ ହେଲେ, ତୁମକୁ ଆପଣାର ସତ୍ତାଟିକୁ ସଂଯୁକ୍ତ ଓ ଏକ-କେନ୍ଦ୍ରିକ କରି ଆଣିବାକୁ ପଡ଼ିବ । ବସ୍ତୁତଃ, ଏକ ଯଥାର୍ଥ ସତ୍ତା ହୋଇ ପାରିବାକୁ ହେଲେ ପ୍ରଥମେ ଆପଣାକୁ ଏକତ୍ୱଯୁକ୍ତ କରିବାକୁ ପଡ଼ିବ । ଯଦି ଭିତରେ ସଂପୂର୍ଣ୍ଣ ଭାବରେ ବିପରୀତ ପ୍ରବୃତ୍ତିମାନ ଆମକୁ ଏଣେତେଣେ ଟାଣିନେବାରେ ଲାଗିଥିବେ, ଯଦି ଆପଣା ବିଷୟରେ ଆଦୌ ସଚେତନ ନ ହୋଇ ଓ ଆମେ କେଉଁସବୁ କାରଣରୁ ଯାବତୀୟ କଥା କରୁଛୁ, ସେକଥା ହୃଦୟଙ୍ଗମ ନ କରି ଆମେ ଆମର ତିନିଚତୁର୍ଥାଂଶ ଜୀବନକୁ କଟାଇ ଦେଉଥିବା, ତେବେ ସେହି ସ୍ଥିତିରେ ଆମକୁ ଯଥାର୍ଥରେ ଏକ ସତ୍ତାବୋଲି କୁହାଯାଇ ପାରିବ କି ? ସେତେବେଳେ ଆମର ଯଥାର୍ଥରେ ଆଦୌ କୌଣସି ସତ୍ତା ନ ଥିବ । ଆମେ କେବଳ ନାନାବିଧ ପ୍ରଭାବର ଗୋଟାଏ ସମଷ୍ଟି ହୋଇ ରହିଥିବା, — ନାନା ଗତିସ୍ପନ୍ଦନ, ଶକ୍ତି, କ୍ରିୟା ଓ ପ୍ରତିକ୍ରିୟାର ଗଦାଟାଏ ହୋଇ ରହିଥିବା ସିନା, ମାତ୍ର ଗୋଟିଏ ସତ୍ତାରେ ମୋଟେ ପରିଣତ ହୋଇପାରି ନ ଥିବା । ଏକ ଇଚ୍ଛାଶକ୍ତିର ଅଧିକାରୀ ହୋଇ ପାରିଲେ ଯାଇ ଆମେ ଏକ ସତ୍ତାରେ ପରିଣତ ହେବାକୁ ଆରମ୍ଭ କରୁ । ଏବଂ, ଭିତରେ ସେହି ଏକତ୍ୱଟିକୁ ଅର୍ଜନ କରି ନ ଥିବା ପର୍ଯ୍ୟନ୍ତ ଆମେ କଦାପି ଏକ ଯଥାର୍ଥ ଇଚ୍ଛାଶକ୍ତିର ଅଧିକାରୀ ହୋଇପାରୁ ନାହିଁ ।

ଏବଂ, ଯେତେବେଳେ ତୁମେ ଏକ ଇଚ୍ଛାଶକ୍ତିର ଅଧିକାରୀ ହେବ, ତୁମେ ସେତେବେଳେ କହିପାରିବ, ଦିବ୍ୟ ପରମସତ୍ତାଙ୍କ ପାଖରେ ଯାଇ କହି ପାରିବ : "ଆପଣ ଯାହା ଇଚ୍ଛା କରୁଛନ୍ତି, ମୁଁ ଠିକ୍ ତାହାହିଁ ଇଚ୍ଛା କରୁଛି ।" ମାତ୍ର ତା'ପୂର୍ବରୁ ସେକଥା ମୋଟେ ସମ୍ଭବ ହେବ ନାହିଁ । କାରଣ, ଦିବ୍ୟ ପରମସତ୍ତା ଯାହା ଇଚ୍ଛା କରୁଛନ୍ତି; ଆମେ ନିଜେ ମଧ୍ୟ ତାହା ଇଚ୍ଛା କରିବାକୁ ହେଲେ, ତୁମ ପାଖରେ ଏକ ଇଚ୍ଛାଶକ୍ତି ରହିଥିବା ଆବଶ୍ୟକ, ତା' ନ ହେଲେ ତୁମେ ଆଦୌ କିଛିହେଲେ ଇଚ୍ଛା କରିପାରିବ ନାହିଁ । ତୁମେ ଇଚ୍ଛା କରିବାକୁ ଚାହୁଁଥିବ । ଭାରି ଚାହୁଁଥିବ । ଦିବ୍ୟ ପରମସତ୍ତା ଯାହା କରିବାକୁ ଇଚ୍ଛା କରୁଛନ୍ତି, ତୁମେ ମଧ୍ୟ ତାହାହିଁ ଇଚ୍ଛା କରିବାକୁ ଭାରି ଇଚ୍ଛା କରୁଥିବ । ମାତ୍ର, ତାଙ୍କ ପାଖରେ ଆଣି ନିବେଦନ କରିବା ଲାଗି ଏବଂ ତାଙ୍କର ଆଜ୍ଞାପାଳନ ଲାଗି ପ୍ରସ୍ତୁତ କରି ରଖିବା ଲାଗି ତୁମ ପାଖରେ ଏକ ଇଚ୍ଛାଶକ୍ତି ମହଜୁଦ ନ ଥିବ । ସତେଅବା ଗୋଟିଏ ଜେଲିଫିଶ୍ ପରି ତୁମେ ଭାରି ଲଳସରସର ଶିଥିଳ ହୋଇ ରହିଥିବ । କେବଳ ନାନା ହୃତ ଇଚ୍ଛାର ଗୋଟାଏ ଏଣ୍ଡ୍ରେବଡ଼ ସମଷ୍ଟି ହୋଇ ରହିଥିବ । ଏଠାରେ ମୁଁ ବସ୍ତୁଗୁଡ଼ିକର କେବଳ ଅପେକ୍ଷାକୃତ ଭଲ ଦିଗଗୁଡ଼ିକର ବର୍ଣ୍ଣନ କରୁଛି, ମନ୍ଦ ଇଚ୍ଛାଗୁଡ଼ିକୁ ଭୁଲି ଯାଉଛି—ତୁମେ ଖାଲି ନାନା

'oaob.nitrkl.ac.in' images reprocessed

ହୃତଉଚ୍ଛ୍ୱାସର ଏତେବଡ଼ ଗୁଳାଟାଏ ହୋଇ ରହିଥିବ—ଅର୍ଦ୍ଧଚେତନ ହୋଇ ରହିଥିବ, ଖାଲି ଏପାଖ ସେପାଖ ହେବାରେ ଲାଗିଥିବ ।

ଆଜି ଏଇଠି ଥାଉ । ଆଜି ପାଇଁ ଏତିକି ଯଥେଷ୍ଟ । ବୁଝିଲ ?

ଅସଲ କଥା ହେଉଛି, ତୁମେ ଏହାକୁ ଅଭ୍ୟାସରେ ପକାଇବ । ମୁଁ ଯାହାସବୁ କହିଲି, ତାହାର ଏତେ ଟିକିଏ ଅଂଶକୁ ଅଭ୍ୟାସ କରିବାକୁ ଚେଷ୍ଟା କରିବ । ସବୁଗୁଡ଼ାକ ପଛକେ ନ ହେଲା ନାହିଁ । କେବଳ ଏତେ ଟିକିଏ । ବୁଝିଲ ?

'oaob.nitrkl.ac.in' images reprocessed

# ୭ ଅକ୍ଟୋବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ପ୍ରଥମ ଅଧ୍ୟାୟ "ସ୍ଥିରତା—ଶାନ୍ତି—ସମତା" ଉପରେ ଏହି ପ୍ରବଚନଟି ଆଧାରିତ ।

"ପରିପୂର୍ଣ୍ଣ ବିଶ୍ୱାସ,—ଯାହା ସର୍ବୋତ୍ତମର ବିଧାନକୁ ପ୍ରତିଷ୍ଠିତ କରିବ, ତାହାହିଁ ଯେ ଘଟିବ, ଏହିପରି ଏକ ବିଶ୍ୱାସ;—ମାତ୍ର, ଯଦି ଆମେ ଆପଣାକୁ ଏକ ପ୍ରକୃତ ଯନ୍ତ୍ରରେ ପରିଣତ କରି ରଖିପାରିବା, ତେବେ, ସେହି ଦିବ୍ୟପରମ ଆଲୋକ ଦ୍ୱାରା ପରିଚାଳିତ ହୋଇ ଆମର ଇଚ୍ଛା ଯାହାକୁ କର୍ତ୍ତବ୍ୟ-କର୍ମ ବୋଲି ବିଚାର କରିବ, ତାହାହିଁ ଯେ ପରିଣାମ ରୂପେ ଅବଶ୍ୟ ପ୍ରାପ୍ତ ହେବ, ତାହାରି ଉପରେ ବିଶ୍ୱାସ ।"

—ଏହାର ଅର୍ଥ ହେଉଛି, ଯେତେବେଳେ ଯାହାକିଛି ଘଟିବ, ତାହାହିଁ ଯେ ସର୍ବୋତ୍ତମକୁ ଅବଶ୍ୟ ସମ୍ଭବ କରିବ, ତାହାରି ଉପରେ ବିଶ୍ୱାସ । ହୁଏତ ସେହି ମୁହୂର୍ତ୍ତରେ ଆମେ ତାହାକୁ ସର୍ବୋତ୍ତମ ବୋଲି ଆଦୌ ବିଚାର କରୁ ନ ଥିବା, କାରଣ ଆମେ ଅଜ୍ଞାନ ଭିତରେ ରହିଥିବା, ଅନ୍ଧ ହୋଇ ହିଁ ରହିଥିବା; କାରଣ, ବସ୍ତୁଗୁଡ଼ିକର ପରିଣାମ ପ୍ରକୃତରେ କ'ଣ ହେବ ଏବଂ ପରେ ପ୍ରକୃତରେ କ'ଣସବୁ ଘଟିବ, ଆମେ ତାହାକୁ ମୋଟେ ଦେଖିପାରୁ ନ ଥିବା । ମାତ୍ର ଆମକୁ ଅବଶ୍ୟ ଏହି ବିଶ୍ୱାସ ରଖିବାକୁ ପଡ଼ିବ ଯେ, ଯଦି ପ୍ରକୃତରେ ସେହିପରି ସମ୍ଭବ ହୋଇପାରିବ, ଅର୍ଥାତ୍, ଯଦି ଆମେ ଦିବ୍ୟ ପରମସତ୍ତାଙ୍କ ଉପରେ ଆସ୍ଥା ସ୍ଥାପନ କରିଥିବା, ଯଦି ଆମେ ତାଙ୍କରି ଉପରେହିଁ ଆମର ସମ୍ପୂର୍ଣ୍ଣ ଦାୟିତ୍ୱକୁ ଅର୍ପଣ କରି ରଖିଥିବା, ସେଇ ଆମ ଲାଗି ସବୁକିଛିର ନିଷ୍ପତ୍ତି କରିବେ ବୋଲି ଯଦି ଆମେ ବାଟ ଛାଡ଼ି ଦେଇଥିବା, ତେବେ ଆମକୁ ସୁନିଶ୍ଚିତ ଭାବରେ ଜାଣି ରଖିବାକୁ ହେବ ଯେ, ଯାହା ଆମ ଲାଗି ସର୍ବୋତ୍ତମ, ସବୁବେଳେ କେବଳ ତାହାହିଁ ଘଟିବ । ଏହି କଥାରେ ଥରେମାତ୍ର ବ୍ୟତିକ୍ରମ ହେବ ନାହିଁ । ତୁମେ ଯେତେ ଦୂର ପର୍ଯ୍ୟନ୍ତ ନିଜକୁ ସମର୍ପିତ କରି ରଖିଥିବ, ତୁମ ଲାଗି ଠିକ୍ ସେତିକି ପରିମାଣରେ ସେହି ସର୍ବୋତ୍ତମହିଁ ଘଟିବ । ଅବଶ୍ୟ ଏକଥା ସତ ଯେ, ତୁମେ ନିଜେ ଯାହା ଘଟ ବୋଲି ଆଗ୍ରହ କରୁଥିବ,

'oaob.nitrkl.ac.in' images reprocessed

ତୁମର ସେହି ଅପସନ୍ଦ-ପସନ୍ଦ ଓ ଅଭିଳାଷ ଅନୁସାରେ ହୁଏତ ତୁମ ଜୀବନରେ ଘଟୁଥିବା ଘଟଣାଗୁଡ଼ିକ ଠିକ୍ ସେହିପରି ହେବ ନାହିଁ । କାରଣ ଏଗୁଡ଼ିକ ହେଉଛନ୍ତି ଯଥାର୍ଥରେ ଅନ୍ଧ : ଯାହା ଘଟିବ, ତାହା ଆଧ୍ୟାତ୍ମିକ ଦୃଷ୍ଟିରୁ ହିଁ ସର୍ବୋତ୍ତମ ହୋଇଥିବ, ତୁମର ଅଗ୍ରଗତି ପାଇଁ ସର୍ବୋତ୍ତମ ହୋଇଥିବ, ତୁମର ଅଭିବୃଦ୍ଧି, ଆଧ୍ୟାତ୍ମିକ ବିକାଶ ଓ ତୁମର ଯଥାର୍ଥ ଜୀବନ ଲାଗି ନିଶ୍ଚିତ ସର୍ବୋତ୍ତମ ହୋଇଥିବ । ସର୍ବଦା ଠିକ୍ ଏହିପରି ହିଁ ହେବ । ଏବଂ ତୁମକୁ ମଧ୍ୟ ଏହି ବିଶ୍ୱାସରେ ଅଟଳ ରହିବାକୁ ପଡ଼ିବ; କାରଣ, ଦିବ୍ୟ ପରମସତ୍ତାଙ୍କଠାରେ ତୁମର ଯେଉଁ ଆସ୍ଥା ରହିଛି ଏବଂ ତାଙ୍କ ପାଖରେ ତୁମେ ଯେଉଁ ସମ୍ପୂର୍ଣ୍ଣ ସମର୍ପଣଟିକୁ କରି ପାରିଛ, ତୁମର ବିଶ୍ୱାସ ହେଉଛି ତାହାରି ଅଭିବ୍ୟକ୍ତି । ଏବଂ ଯେତେବେଳେ ତୁମେ ତାହାକୁ ସମ୍ଭବ କରି ପାରିବ, ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ଚମତ୍କାର କଥା । ଏହା ହେଉଛି ଏକ ଯଥାର୍ଥ ସତ୍ୟ କଥା, କେବଳ କେତେଟା ଶବ୍ଦ ଆଦୌ ନୁହେଁ, ଏହା ଏକ ସତ୍ୟକଥା । ଏବଂ, ଯେତେବେଳେ ତୁମେ ପଛକୁ ଅନାଇ ଦେଖୁଥିବ, ସେତେ-ବେଳେ, ଏହି ଯେଉଁସବୁ ବସ୍ତୁ ଘଟିଲାବେଳେ ତୁମେ ଆଦୌ ବୁଝିପାରି ନ ଥିଲ, ବର୍ତ୍ତମାନ ତୁମେ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବ ଯେ, ଆବଶ୍ୟକ ଅଗ୍ରଗତି କରିବା ଲାଗି ତୁମକୁ ବାଧ୍ୟ କରିବା ସକାଶେ ଯାହା ତୁମ ଲାଗି ଦରକାର ଥିଲା, ଏବେ ଠିକ୍ ତାହାହିଁ ଘଟିଲା । ସର୍ବଦା ତୁମେ ତାହାହିଁ ହୃଦୟଙ୍ଗମ କରିବ ଓ ଏଥିରେ ଆଦୌ କୌଣସି ବ୍ୟତିକ୍ରମ ହେବ ନାହିଁ । ଆମେ ଅନ୍ଧ ହୋଇ ରହିଥିବାରୁ ହିଁ ଆମେ ତାହାକୁ ଦେଖିବାରୁ ବଞ୍ଚିତ ହୋଇ ରହିଥାଉ ।

ଆପଣାକୁ ଦୋଷ ଦେବାର ଅଭ୍ୟାସଟିକୁ କ'ଣ ଅଗ୍ରଗତିର ଏକ ଉତ୍ତମ ପ୍ରଣାଳୀ ବୋଲି କୁହାଯିବ କି ?

ଆପଣାକୁ ଦୋଷ ଦେବାର ଅଭ୍ୟାସ ଦ୍ୱାରା ? ନାଇଁ, ସେଥିରେ ଅଗ୍ରଗତି ହେବାର ଆଦୌ କୌଣସି କାରଣ ନାହିଁ । ହୁଏତ ଏଥିରେ କିଛି ଉପକାର ହୋଇପାରେ; ମୁଁ ଯେ ଗୋଟାପୁରା ପରିପୂର୍ଣ୍ଣ ହୋଇ ସାରିଲିଣି, ଏହି ଭ୍ରମ ମଧ୍ୟରୁ ବାହାରି ଆସିବା ସକାଶେ ତାହା ମଝିରେ ମଝିରେ ପ୍ରକୃତରେ ସାହାଯ୍ୟ କରିଥାଏ । ମାତ୍ର ଆପଣାକୁ ଏହିପରି ନିନ୍ଦା କରିବା ଓ ଦୋଷ ଦେବା ଦ୍ୱାରା ଆମର ଅନେକ ଶକ୍ତି ନଷ୍ଟ ହୁଏ । ସେହି ଶକ୍ତିକୁ ଅଗ୍ରଗତି କରିବାରେ, ଏକ ପ୍ରକୃତ ଅଗ୍ରଗତି କରିବାରେ ଏବଂ କୌଣସି ପ୍ରକୃତରେ ଉପକାରୀ କାର୍ଯ୍ୟରେ ବ୍ୟୟ କରିପାରିଲେ ତାହା ନିଶ୍ଚିତ ଅନେକ ଅଧିକ ଭଲ କଥା ହେବ । ଉଦାହରଣସ୍ୱରୂପ, ତୁମ ଭିତରେ ନାନା ଅପ୍ରୀତିକର, କୁତ୍ସିତ, ଅଶିଷ୍ଟ ଏବଂ ବିକ୍ଷୋଭସୃଷ୍ଟିକାରୀ ଭାବନାର ଉନ୍ମେଷ ହେଉଥାଏ ଏବଂ ଯଦି ସେହି ସ୍ଥିତିରେ ତୁମେ "ଏଗୁଡ଼ାକ ପ୍ରକୃତରେ ଭାରି ଅସହ୍ୟ ।

'oaob.nitrkl.ac.in' images reprocessed

ମୋ' ଭିତରେ ଏବେ ସୁଦ୍ଧା ଏହିସବୁ ଅସୁନ୍ଦର ଭାବନା ରହିଛି ! କେଡ଼େ ଉପଦ୍ରବର କଥା କହିଲ !" ବୋଲି କହିବାରେ ଲାଗିଥାଅ, ତେବେ ସେହି କ୍ଷେତ୍ରରେ ଏହି ଶକ୍ତିଟିକୁ କେବଳ ଏହିପରି କରି (ମାଆ ଇଙ୍ଗିତ ଦ୍ୱାରା ଦେଖାଇଦେଲେ) ସେହିସବୁ ଭାବନାକୁ ନିଜ ଭିତରୁ ନିକାଳି ଦେବାହିଁ ନିଶ୍ଚୟ ଅଧିକ ଭଲ କଥା ହେବ ।

ମାତ୍ର ଏଇଟି ହେଉଛି କେବଳ ଏକ ପ୍ରଥମ ପଦକ୍ଷେପ । ଦ୍ୱିତୀୟ ପଦକ୍ଷେପସ୍ୱରୂପ ତୁମେ ଆହୁରି ଅନ୍ୟ ଭାବନାଗୁଡ଼ିକୁ ମଧ୍ୟ ଭାବିବ, ଆଉ ଅନ୍ୟକୌଣସି ଏକ ବସ୍ତୁରେ ଆଗ୍ରହ ପ୍ରକାଶ କରିବ : ହୁଏତ ବହି ପଢ଼ିବ, ନଚେତ୍ ମନନ କରିବ, ମାତ୍ର ଯାହାକିଛି କର ପଛକେ, ଏକ ଅଧିକ ଆଗ୍ରହୋଦ୍ଦୀପକ କୌଣସି ବ୍ୟାପାର ଦ୍ୱାରା ଆପଣାର ମନକୁ ପୂର୍ଣ୍ଣ କରି ରଖିବାକୁ ଚେଷ୍ଟା କରିବ, କୌଣସି ଧ୍ୱଂସାତ୍ମକ ମାର୍ଗର ପରିବର୍ତ୍ତେ କୌଣସି ରଚନାତ୍ମକ ମାର୍ଗରେହିଁ ଆପଣାର ଶକ୍ତିକୁ କାମରେ ଲଗାଇବ ।

ଆପଣାର ଦୋଷ ଏବଂ ଅଭାବଗୁଡ଼ିକୁ ମଝିରେ ମଝିରେ ସ୍ୱୀକାର କରିବାର ଅବଶ୍ୟ ଏକ ଆବଶ୍ୟକତା ରହିଛି; ଏହା କରିବା ପ୍ରକୃତରେ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ । ମାତ୍ର ସେହିଗୁଡ଼ାକୁ ନେଇ ଅତିରିକ୍ତ ଭାବରେ ବ୍ୟସ୍ତ ରହିବାରେ ଆଦୌ କୌଣସି ପ୍ରୟୋଜନ ନାହିଁ । ଅସଲ ଆବଶ୍ୟକ କଥା ହେଉଛି ଯେ, ଆମେ ପ୍ରକୃତରେ ଯେଉଁସବୁ ଗୁଣର ଅଧିକାରୀ ହେବା ଲାଗି ଇଚ୍ଛା କରୁଛୁ ଏବଂ ପ୍ରକୃତରେ ଯାହା କରିବାକୁ ଇଚ୍ଛା କରୁଛୁ, ତାହାରି ନିର୍ମାଣ ଲାଗିହିଁ ଆମେ ଆପଣାର ସମସ୍ତ ଶକ୍ତିକୁ କାମରେ ଲଗାଇବା । ଏହା ହେଉଛି ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ ।

"ବର୍ତ୍ତମାନ ତୁମର ଯାବତୀୟ ଅଭିଜ୍ଞତା ମାନସିକ ଭୂମିରେ ଅବସ୍ଥିତ ରହିଛି···"

ଏହି କଥାଟିକୁ କାହାର ଏକ ପ୍ରଶ୍ନର ଉତ୍ତରରେ କୁହାଯାଇଛି । କାହା ପ୍ରଶ୍ନର ଉତ୍ତରରେ, ମୁଁ ସେକଥା କହିପାରିବି ନାହିଁ । କେହି ଜଣେ ପତ୍ରଟିଏ ଲେଖିଥିଲେ ଏବଂ ଶ୍ରୀଅରବିନ୍ଦ ତାହାର ଉତ୍ତର ଦେଇ କହିଛନ୍ତି : "ବର୍ତ୍ତମାନ ତୁମର ଯାବତୀୟ ଅଭିଜ୍ଞତା ମାନସିକ ଭୂମିରେ ରହିଛି ।" କେଉଁ ଚିଠିର ଉତ୍ତରରେ ଓ କାହା ପ୍ରଶ୍ନର ଉତ୍ତରରେ ସେ ଏକଥା କହିଛନ୍ତି, ମୁଁ ଜାଣି ନାହିଁ ।

ମାତ୍ର, "କେବଳ ମାନସିକ ଭୂମିରେ ରହିଛି"ର ଅର୍ଥ କ'ଣ ?

ତାହାର ଅର୍ଥ କ'ଣ ? ଏଠାରେ ଭାବନା, ମାନସିକ କ୍ଷେତ୍ରର କ୍ରିୟାଶୀଳତା, ବସ୍ତୁଗୁଡ଼ିକ ବିଷୟରେ ଆମର ବୋଧ, ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ, ଭାବନା, ସିଦ୍ଧାନ୍ତଗତ ଅନୁମିତି, ବିବେଚନା, କୌଣସି ଏକ ଶିକ୍ଷା ସହିତ ସମ୍ପର୍କସ୍ଥାପନ,

'oaob.nitrkl.ac.in' images reprocessed

ଜ୍ଞାନ ଓ ତୁମର ବୋଧଶକ୍ତି ଉପରେ ସେହି ଜ୍ଞାନର ପ୍ରଭାବ ସମ୍ପର୍କରେ ହେଉଥିବା ଯାବତୀୟ ଅନୁଭୂତି ବିଷୟରେ କୁହାଯାଇଛି । ଏହି ସବୁଯାକ ବିଷୟ ସମ୍ପୂର୍ଣ୍ଣ ଭାବରେ ମାନସିକ । ଏବଂ ବସ୍ତୁତଃ, ଆମକୁ ସେହିଠାରୁହିଁ ଆରମ୍ଭ କରିବାକୁ ହେବ ।

ଯଦି ଆମର କୌଣସି ପ୍ରାଣସ୍ତରୀୟ ଅନୁଭବମାନ ରହିଥାଏ, ଉଦାହରଣ-ସ୍ୱରୂପ, ଯଦି ଆମର କୌଣସି ସ୍ୱପ୍ନଦର୍ଶନ ହେଉଥାଏ, ମାତ୍ର ଏହିସବୁ ପ୍ରାଣସ୍ତରୀୟ ଅନୁଭବ ପଛରେ ଯଥେଷ୍ଟ ପରିମାଣରେ ଏକ ମାନସିକ ପ୍ରସ୍ତୁତି ନ ଥାଏ, ତେବେ ତଦ୍ୱାରା ନିଶ୍ଚିତ ଆମର ଭାରସାମ୍ୟଟି ନଷ୍ଟ ହୋଇଯିବାର ଆଶଙ୍କା ରହିଥିବ; ଏବଂ, ସେକଥା ଯାହା ହୋଇଥାଉ ପଛକେ, ସେହି କ୍ଷେତ୍ରରେ ଯାହାସବୁ ଘଟୁଥିବ, ଆମେ ତାହାର ଆଦୌ କୌଣସି ଅର୍ଥ ବୁଝିପାରୁ ନ ଥିବା ଏବଂ ତେଣୁ, ସେଗୁଡ଼ାକ ତୁମର କୌଣସି ଅନିଷ୍ଟ ନ କଲେ ମଧ୍ୟ କାର୍ଯ୍ୟତଃ ତୁମ ଲାଗି ନିରର୍ଥକ ହୋଇ ରହିଥିବେ । ଅନ୍ୟପକ୍ଷରେ, ଏହି କ୍ଷେତ୍ରରେ ଏକ ସର୍ବପ୍ରଥମ ପଦକ୍ଷେପସ୍ୱରୂପ, ଯଦି ଆମର ବୁଝିବା ଶକ୍ତିରେ କିଛିଟା ବିକାଶ ହୋଇଥିବ, ଆମେ କିଛିଟା ଅଧ୍ୟୟନ କରିଥିବା ଏବଂ ବସ୍ତୁଗୁଡ଼ିକର କାରଣଟିକୁ ବୁଝିଥିବା ଏବଂ ଜାଣିଥିବା, ଉଦାହରଣସ୍ୱରୂପ, ଯଦି ଆମେ ଯୋଗସାଧନାର ଉଦ୍ଦେଶ୍ୟକୁ ବୁଝିଥିବା ଓ ଜାଣିଥିବା, ଏବଂ ତାହାକୁ ପ୍ରାପ୍ତ କରିବାର ମାର୍ଗଗୁଡ଼ିକ ବିଷୟରେ ମଧ୍ୟ ଆମର ଅଧ୍ୟୟନ ରହିଥିବ,—ଅର୍ଥାତ୍, ବିଷୟଟିର ସମୁଦାୟ ମାନସିକ ଦିଗଟି ଯଦି ଆମର ଅଧିଗମ୍ୟ ହୋଇଥିବ, ତେବେ, ଯେତେବେଳେ ସେହି ଅନୁଭବଟି ପ୍ରକୃତରେ ଆସି ପହଞ୍ଚିବ, ସେତେବେଳେ ତାହାର ପ୍ରକୃତ ପରିଚୟଟିକୁ ଲାଭ କରିବା ପାଇଁ ଆମ ଲାଗି ନିଶ୍ଚୟ ଏକ ସମ୍ଭାବନା ରହିଥିବ । ତା' ନ ହେଲେ ଆମେ ଆଦୌ କିଛି ହେଲେ ବୁଝି ପାରିବା ନାହିଁ । ତେଣୁ, ଯଥେଷ୍ଟ ପରିମାଣରେ ଏକ ମାନସିକ ପ୍ରସ୍ତୁତି ରହିଥିବା ଦରକାର,—ସମ୍ପୂର୍ଣ୍ଣ ପ୍ରସ୍ତୁତି ନ'ହେଲେ ମଧ୍ୟ ଯଥେଷ୍ଟ ପରିମାଣରେ ଏକ ପ୍ରସ୍ତୁତି ରହିଥିବା ଦରକାର । ତେବେଯାଇ ଆମ ପାଖକୁ ଆସୁଥିବା ଅନୁଭୂତି-ଗୁଡ଼ିକୁ ଆମେ କିଛିଟା ପରିମାଣରେ ବୁଝିବାକୁ ସମର୍ଥ ହେବା ।

ମାଆ, ଏହି ଅନୁଭବସବୁ କାହା ଉପରେ ନିର୍ଭର କରନ୍ତି ?

ସେମାନେ ଅନେକ ବିଷୟ ଉପରେ ନିର୍ଭର କରିଥାନ୍ତି । ···କେତେକ ବ୍ୟକ୍ତିଙ୍କର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ଅନୁଭବମାନ ହୋଇଥାଏ । ଏବଂ, ଏପରି କୁହାଯାଇଥାଏ ଯେ, ଏହା ସେହି ବ୍ୟକ୍ତିମାନଙ୍କର ପୂର୍ବ ଜନ୍ମଗୁଡ଼ିକ ଉପରେ ନିର୍ଭର କରିଥାଏ; ବା, ସେହି ଜନ୍ମଗୁଡ଼ିକ ଯେପରି ଭାବରେ ଗଠିତ ହୋଇଥିଲେ, ଏବଂ ସେମାନଙ୍କର ମୂଳସତ୍ତାଟି ମୁଖ୍ୟତଃ ଯେଉଁସବୁ

'oaob.nitrkl.ac.in' images reprocessed

ଶକ୍ତିଗୁଡ଼ିକ ଦ୍ୱାରା ଗଠିତ ହୋଇଛି ଏବଂ ଏପରିକି ଜନ୍ମ ହେବା ପୂର୍ବରୁ ମଧ୍ୟ ସେମାନେ ଯେଉଁସବୁ ପ୍ରଭାବର ବଶବର୍ତ୍ତୀ ହୋଇଛନ୍ତି,—ତାହା ଏହିଗୁଡ଼ିକ ଉପରେ ନିର୍ଭର କରିଥାଏ । ଏହି ବ୍ୟକ୍ତିମାନେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ସେହି ଅନୁଭୂତିଗୁଡ଼ିକୁ ଲାଭ କରିଥାନ୍ତି । ଏପରି ଲୋକ ଆଦୌ ଅଧିକ ସଂଖ୍ୟାରେ ନାହାନ୍ତି ସତ, ମାତ୍ର କେତେକ ଅବଶ୍ୟ ଅଛନ୍ତି । ଅନ୍ୟମାନଙ୍କ କ୍ଷେତ୍ରରେ ଅବିଚ୍ଛିନ୍ନ ଭାବରେ ବହୁ ପ୍ରୟାସ ଫଳରେ ତାହା ହାସଲ ହୋଇଥାଏ । ଏହିସବୁ ଅନୁଭୂତି ଲାଭ କରିବା ସକାଶେ ସେମାନଙ୍କ ଭିତରେ ଅଭୀପ୍ସା ରହିଥାଏ, ସେମାନେ ସେଥିଲାଗି ଆପଣାକୁ ଏକ ଅନୁରୂପ ଶୃଙ୍ଖଳାର ଅଧୀନ କରି ରଖନ୍ତି ବା ଏପରି ଏକ ଶୃଙ୍ଖଳାକୁ ସ୍ୱୀକାର କରିନିଅନ୍ତି, ଯାହାଦ୍ୱାରା କି ସେମାନେ ସେହି ଶକ୍ତିଟିକୁ ଲାଭ କରିପାରିବେ । ସମୟ ସମୟରେ ଏହି ଢଙ୍ଗରେ ପ୍ରକୃତରେ କିଛି ହାସଲ କରିବାକୁ ଦୀର୍ଘ କାଳ ଲାଗିଥାଏ । ଜଣେ ବ୍ୟକ୍ତି ଯେପରି ଭାବରେ ତିଆରି ହୋଇଥାଏ, ଏହି ହାସଲ କରିବା ସମ୍ପୂର୍ଣ୍ଣ ଭାବରେ ତାହାରି ଉପରେହିଁ ନିର୍ଭର କରିଥାଏ । ମୁଁ ଏକଦା ଏପରି ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି କିଛି ପାଠଶାଠ ପଢ଼ି ନ ଥିଲେ, ମାତ୍ର ଅତୀନ୍ଦ୍ରିୟ ଦର୍ଶନର କ୍ଷେତ୍ରରେ ସେମାନଙ୍କର ଚମତ୍କାର ଅନୁଭୂତିମାନ ହୋଇଥିଲା, ଅନ୍ତର୍ବୋଧ-କ୍ଷେତ୍ରରେ ଉଲ୍ଲେଖନୀୟ ଅନୁଭୂତିମାନ ଥିଲା । ସେମାନଙ୍କ ଜୀବନରେ ଏହିସବୁ ଯାହା ଘଟୁଛି ବା ଯାହାସବୁ ଦୃଷ୍ଟିଗୋଚର ହେଉଛି ସେମାନେ ସେବିଷୟରେ ଆଦୌ କିଛି ବୁଝୁ ନ ଥିଲେ । ମାତ୍ର ସେମାନଙ୍କ ଭିତରେ ସେହି ସାମର୍ଥ୍ୟଟି ରହିଥିଲା ।

ତେବେ, ସେମାନଙ୍କର ବହିର୍ଜୀବନ ଉପରେ ଏହାର ଆଦୌ କୌଣସି ପ୍ରଭାବ ପଡ଼ି ନ ଥିବ, ନୁହେଁ ?

ନାହିଁ, କୌଣସି ପ୍ରଭାବ ପଡ଼ି ନ ଥିବ ।

ତେବେ ସେହିସବୁ ଅନୁଭୂତି ଲାଭ କରିବାରେ ଆଉ କି ଫଳ ଅଛି ?

ଏହି କଥାଟି ହେଉଛି "କାର୍ଯ୍ୟରେ ଲଗାଇ ପାରିବାର" ଏକ ପ୍ରଶ୍ନ । ସଂସାରର ସବୁ ଜିନିଷ କ'ଣ ଆମର କାମରେ ଲାଗୁଛି ? ଏହା ଏପରି ହେଉଛି, କାରଣ ଏହା ଏପରି ହୋଇ ରହିଛି । ହଁ, ଯେଉଁ ବ୍ୟକ୍ତି ଗୋଟାସୁଦ୍ଧା ଏହିଭଳି ଅନୁଭୂତିମାନ ଲାଭ କରିବାରେ ଆପଣାକୁ ବ୍ୟାପୃତ କରି ରଖିଛି, ଯାହାର ଅନ୍ତର୍ଗତ ଭାବରେ ଆଦୌ କୌଣସି ବୁଦ୍ଧିଗତ କିଂବା ଆଧ୍ୟାତ୍ମିକ ପ୍ରସ୍ତୁତି ନାହିଁ ଏବଂ, କେବଳ ଗୋଟାଏ ପ୍ରକାରର ଖିଆଲ ସକାଶେହିଁ ସିଏ ଏହିସବୁ ଅନୁଭୂତି ଲାଭ କରିବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରୁଛ, ତାକୁ ତୁମେ ଅବଶ୍ୟ "ଏସବୁରେ କ'ଣ ଲାଭ ହେଉଛି" ବୋଲି କହିପାରିବ । ତୁମେ ତାକୁ ପଚାରି ପାରିବ, "ହଁ, ମାତ୍ର ଏଥିରେ ତୁମକୁ କି ଲାଭ ମିଳୁଛି ? ଏହା ତୁମକୁ କଦାପି ଆଧ୍ୟାତ୍ମିକ ଜୀବନ ଆଡ଼କୁ ପରିଚାଳିତ କରି ନେଇଯାଇପାରିବ ନାହିଁ । ଯଦି ତୁମେ ସେହି ମାର୍ଗଟିକୁ ଗ୍ରହଣ କରିଥିବ, ତେବେ ଯାଇ ସାହାଯ୍ୟ କରିପାରିବ । ଏବଂ, ଯଦି ତୁମେ ସକଳ ନିଷ୍ଠା ସହିତ ପ୍ରକୃତରେ ସେହି ମାର୍ଗକୁ ଗ୍ରହଣ କରିଥିବ, ତେବେ ଉକ୍ତ ଅନୁଭୂତିଗୁଡ଼ିକ ତୁମ ଲାଗି ଯେତିକି ପରିମାଣରେ ହିତକାରୀ ହୋଇ ପାରିବେ, କେବଳ ସେହି ପରିମାଣରେହିଁ ତୁମ ପାଖକୁ ଆସିବେ । ମାତ୍ର, କେବଳ ଏକ ଅନୁଭୂତି ଲାଭ କରିବା ସକାଶେହିଁ ଏକ ଅନୁଭୂତି ଲାଭ କରିବାକୁ ମନ କରିବା, ଏଥିରେ ଆଦୌ କୌଣସି ସାର୍ଥକତା ନାହିଁ । ଏବଂ, ତୁମେ ଲୋକମାନଙ୍କୁ ଏକଥା ମଧ୍ୟ କହିପାରିବ, "ଏଥିରେ ତୁମର କି ଉପକାର ହେବ ? ଏହା କେବଳ ଏକ ଖିଆଲ ମାତ୍ର, ଆଉଗୋଟିଏ ଭୂମିରେ ଅବସ୍ଥିତ ଏକ ଖିଆଲ; ଏହା ହେଉଛି ଏକ ଅନ୍ୟ କିସମର ବାସନା, ମାତ୍ର ତଥାପି ଏକ ବାସନା ।"

ଅବଶ୍ୟ, ସାଧାରଣ କ୍ଷେତ୍ରରେ ଏହିପରି ଦେଖିବାକୁ ମିଳେ ଯେ, ତୁମେ ଆପଣା ଭିତରେ ଯେତିକି ପରିମାଣରେ ଅଗ୍ରଗତି କରିବା ଲାଗି ସମର୍ଥ ହୁଅ, ତେବେ ସେହି ପ୍ରକୃତ ଚେତନା ଆଡ଼କୁ ଗ୍ରହଣ କରୁଥିବା ତୁମର ପ୍ରତ୍ୟେକ ପଦକ୍ଷେପ ସହିତ ତଦନୁରୂପ ଏପରି କେତୋଟି ଅନୁଭୂତି ଅବଶ୍ୟ ରହିଥାଏ, ଯାହା'କି ତୁମକୁ ଆପଣାର ସ୍ଥିତିଟିକୁ ବୁଝିପାରିବାରେ ପଥ ପରିଷ୍କାର କରି ଦେଇଥାଏ । ଏହାହିଁ ସାଧାରଣ ସ୍ଥିତି । ଏହା ପ୍ରକୃତରେ ସେହିପରି ହେବା ଉଚିତ ।

ମାତ୍ର ଏହି ଅନୁଭୂତିଗୁଡ଼ିକ ଆଦୌ ସେପରି କିଛି ଚମତ୍କାରପ୍ରଦାନକାରୀ ନୁହେଁ ଯାହାପାଇଁ କି ଆମେ ସେଗୁଡ଼ାକ ଉପରେ ଏତେଗୁଡ଼ାଏ ମୂଲ୍ୟ ଆରୋପ କରିବା । ଅନେକ ଲୋକଙ୍କର ହଠାତ୍ ଚେତନାର କ୍ଷେତ୍ରରେ ଏକ ଉଦ୍ଭାସର ଅନୁଭୂତି ହୋଇଥାଏ, ଏପରି ଏକ ଅନ୍ତର୍ଗତ ସୂଚନା ଓ ଅସାଧାରଣ ବୋଧ ଆସି ପହଞ୍ଚି ଯାଇଥାଏ । ମାତ୍ର, ଏହିଭଳି ଅନୁଭୂତି ଲାଭ କରିବା ପାଇଁ ଯଦି ସେମାନଙ୍କର ଖାସ୍ କୌଣସି ମନୋବୃତ୍ତି ନ ଥାଏ, ତେବେ ସେମାନେ ତା' ଉପରେ ଆଦୌ ଗୁଡ଼ାଏ ମହତ୍ତ୍ୱ ଆରୋପ କରନ୍ତି ନାହିଁ । ବେଳେବେଳେ ଏପରିକି ଯଥେଷ୍ଟ ମହତ୍ତ୍ୱ ବି ଆଦୌ ଦିଅନ୍ତି ନାହିଁ । ସୂଚନାଟି ଆସେ, ସେମାନଙ୍କୁ କିଛି ଦେଖାଇ-ଦିଏ, ମାତ୍ର ସେମାନେ ସେଇଟି ବିଷୟରେ ସଜ୍ଞାନ ବି ହୋଇପାରନ୍ତି ନାହିଁ । ତଥାପି, ଏଗୁଡ଼ିକ ଆଦୌ ଏପରି ବସ୍ତୁ ନୁହନ୍ତି, ଯେଉଁଗୁଡ଼ିକ କି ତୁମେ ଏକ ଅଦ୍ଭୁତ ସଂସାର ଭିତରେ ବାସ କରୁଛ ବୋଲି ତୁମକୁ ଏକ ଧାରଣା ଦେଇ ଯାଆନ୍ତି । ଏଗୁଡ଼ିକ ଅତ୍ୟନ୍ତ ସାଧାରଣ ବସ୍ତୁ । ମନ ଭିତରେ କେଉଁଠି କ'ଣ

'oaob.nitrkl.ac.in' images reprocessed

ହଠାତ୍ ଖୋଲି ଯିବା ପରି ହୁଏ, ଏକ ଆଲୋକର ପ୍ରବେଶ ହୁଏ, ଏବଂ, ଆମେ ଆଗରୁ ଯାହା ବୁଝିପାରି ନ ଥିଲୁ, ବର୍ତ୍ତମାନ ତାହା ବୋଧଗମ୍ୟ ହୋଇଯାଏ । ତୁମେ ତାହାକୁ ଏକ ଅତ୍ୟନ୍ତ ସାଧାରଣ ଘଟଣା ବୋଲି ଗ୍ରହଣ କରୁଥାଅ । ମାତ୍ର ଏହା ହେଉଛି ଏକ ଆଧ୍ୟାତ୍ମିକ ଅନୁଭୂତି—ଏହାଦ୍ୱାରା ଗୋଟିଏ ସ୍ଥିତିକୁ ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ସମର୍ଥ ହୁଅ, ନିଜ ଭିତରେ ଯାହା ଘଟୁଛି, ତୁମେ ଯେଉଁ ଅବସ୍ଥାରେ ଅଛ, ତୁମେ ତାହାକୁ ବୁଝିବାକୁ ଲାଗ । ତୁମକୁ ଯେଉଁ ଅଗ୍ରଗତି କରିବାକୁ ପଡ଼ିବ ବା ଯେଉଁ କଥାଟିର ସଂଶୋଧନ କରିବାକୁ ପଡ଼ିବ, ତୁମକୁ ତାହାର ଏକ ସୂଚନା ମିଳିଯାଏ । ଏହାକୁ ମଧ୍ୟ ଏକ ଅନୁଭୂତି ବୋଲି କୁହାଯିବ ଓ ଏହି ଅନୁଭୂତି ଅନ୍ତର୍ଦର୍ଶନରୁହିଁ ଆସିଥାଏ । ଏହାଦ୍ୱାରା ତୁମର ଚୈତ୍ୟସତ୍ତା ତୁମକୁ ଏକ ନିର୍ଦ୍ଦେଶ ପ୍ରଦାନ କରିଥାଏ । ଲୋକମାନେ ଏହାକୁ ମଧ୍ୟ ଏକ ସାଧାରଣ ଘଟଣା ବୋଲି ଗ୍ରହଣ କରି ନେଇଥାନ୍ତି । ସେମାନେ ଏଇଟି ଉପରେ ଆଦୌ କୌଣସି ମହତ୍ତ୍ୱ ଆରୋପ କରନ୍ତି ନାହିଁ ।

"ଅନୁଭୂତି" କହିଲେ ଲୋକେ ସାଧାରଣତଃ ହୁଏତ ସମ୍ପୂର୍ଣ୍ଣ ଭାବରେ ଏକ ଅତିଶକ୍ତତାଯୁକ୍ତ ବ୍ୟାପାରକୁ ବୁଝନ୍ତି, ହୁଏତ ଶୂନ୍ୟରେ ଉପରକୁ ଉଠିଯିବା ବା ସେହିପରି କୌଣସି ବ୍ୟାପାରକୁ ବୁଝନ୍ତି, ବା ଚମତ୍କୃତ କରିଦେଉଥିବା କୌଣସି ସୂକ୍ଷ୍ମଦର୍ଶନକୁ ବୁଝନ୍ତି । ଭବିଷ୍ୟରେ କ'ଣସବୁ ଘଟିବାକୁ ଯାଉଛି, ତାହା ଜାଣି-ପାରିବା, ଦୂରରେ ଥାଇ ମଧ୍ୟ ଦେଖିପାରିବା ବା ହୁଏତ, ହଜି ଯାଇଥିବା କୌଣସି ଜିନିଷକୁ କେଉଁଠାରେ ଖୋଜିଲେ ମିଳିପାରିବ, ତାହାର ସନ୍ଧାନ ବତାଇଦେଇ ପାରିବା, ଏହିପରି ଯାବତୀୟ କୌଶଳକୁ ବୁଝନ୍ତି । ଲୋକମାନେ ଏହିସବୁକୁହିଁ "ଅନୁଭୂତି" ବୋଲି କହିଥାନ୍ତି ।

ଏବଂ, ଯେଉଁ ବ୍ୟକ୍ତିମାନଙ୍କର ଏହିସବୁ ସାମର୍ଥ୍ୟ ଥାଏ, ସେମାନେ ସାଧାରଣତଃ ବେଶୀ ପାଠ ପଢ଼ି ନ ଥାନ୍ତି, ମାତ୍ର କୌଣସି କାରଣରୁ ସେମାନେ ଏହି ଶକ୍ତିଟିକୁ ନେଇ ଜନ୍ମ ହୋଇଥାନ୍ତି । ଉଦାହରଣସ୍ୱରୂପ, ଆମେ କେତେ ଜଣ ସଙ୍ଗୀତକାର, କେତେକ ଶିଳ୍ପୀ ବା କେତେଜଣ ବୈଜ୍ଞାନିକଙ୍କର କଥାକୁ ବିଚାର କରିପାରିବା । ଏମାନେ ଜନ୍ମରୁହିଁ ଏକ ଅତୀନ୍ଦ୍ରିୟ ଶକ୍ତି ଲାଭ କରିଥାନ୍ତି; ଏବଂ ହୁଏତ ଏପରି ସମ୍ଭବ ହୋଇଥାଏ ଯେ, ଆବଶ୍ୟକ ପଡ଼ିଲେ ସେମାନେ ସେହି ଶକ୍ତିଟିକୁ ବ୍ୟବହାର କରନ୍ତି ଏବଂ ତଦ୍ୱାରା ଜୀବିକାନିର୍ବାହ କରନ୍ତି । ସେତେବେଳେ ସେମାନେ ଆପଣାର ପରିଚିତମାନଙ୍କର ମେଳରେ ବିଖ୍ୟାତ ହୋଇ ଯାଆନ୍ତି । ସେକଥା ଯାହା ହୋଇଥାଉ ପଛକେ, ଏକ ନିର୍ଦ୍ଦିଷ୍ଟ ପ୍ରକାରର ଫନ୍ଦା ଗ୍ରହଣ କରି ଅର୍ଥ-ଉପାର୍ଜନ କରିବା ଲାଗି ଏହା ସର୍ବଦା ଏକ ସୁଯୋଗ ଆଣି ଦେଇଥାଏ ।

'oaob.nitrkl.ac.in' images reprocessed

ଏପରି ଅତି କମ୍ ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର କି ଏହି ବିଶେଷ କ୍ଷମତାଟି ରହିଥାଏ ଓ ଯେଉଁମାନେ ଆପଣା ଲାଗି ନାମ ଅର୍ଜନ କରିବାର ଅଥବା ପଇସା କମାଇବାର ମତଲବ ନ ରଖି ତାହାକୁ କାମରେ ଲଗାଇଥାନ୍ତି । ମାତ୍ର ଏହିସବୁ ସାମର୍ଥ୍ୟ ଓ କ୍ଷମତାକୁ ଖୁବ୍ ବେଶୀ ଉଚ୍ଚସ୍ତରର ବୋଲି ଆଦୌ କୁହାଯିବ ନାହିଁ । ଖୁବ୍ ବେଶୀ ପରିମାଣର ଏକ ଆଧ୍ୟାତ୍ମିକ ଜୀବନ ବିନା ବି ଜଣେ ଏହି ସାମର୍ଥ୍ୟ-ଗୁଡ଼ିକୁ ହାସଲ କରିପାରେ । ସେଗୁଡ଼ିକ କୌଣସି ଅନ୍ତର୍ଗତ ଆଧ୍ୟାତ୍ମିକ ଉଚ୍ଚତା ହାସଲ କରିବା ଉପରେ ଆଦୌ ନିର୍ଭର କରନ୍ତି ନାହିଁ । ସେଗୁଡ଼ିକୁ ଭୁଲ୍ କରି ଅଗ୍ରଗତିର ସଙ୍କେତ ବୋଲି ଗ୍ରହଣ କରିବା ଆଦୌ ଉଚିତ ହେବ ନାହିଁ ।

ତା' ଛଡ଼ା, ଗୋଟିଏ କଥାରେ ଆଦୌ କୌଣସି ସନ୍ଦେହ ନାହିଁ । ଯେଉଁମାନଙ୍କ ପାଖରେ ଏହି ସାମର୍ଥ୍ୟଟି ନ ଥାଏ ଏବଂ ଯେଉଁମାନେ ତାହାକୁ ଅର୍ଜନ କରିବା ଲାଗି ଇଚ୍ଛା କରୁଥାନ୍ତି, ଉଦାହରଣସ୍ୱରୂପ, ଯେଉଁମାନେ ପୂର୍ବଦୃଷ୍ଟିର ଏକ ସାମର୍ଥ୍ୟ ହାସଲ କରିବାକୁ ଚାହୁଁଥାନ୍ତି, ଅର୍ଥାତ୍, ଯାହାକିଛି ଘଟିବାକୁ ଯାଉଛି, ତାହାକୁ ଆଗରୁ ଜାଣିବାକୁ, ଅର୍ଥାତ୍ ଭବିଷ୍ୟବାଣୀ କରି ପାରିବାର ସାମର୍ଥ୍ୟ ହାସଲ କରିବାକୁ ଇଚ୍ଛା କରୁଥା'ନ୍ତି, ଘଟଣାଗୁଡ଼ିକ ଘଟିବା ପୂର୍ବରୁ ସେଗୁଡ଼ିକୁ ଜାଣିବାର କ୍ଷମତା ଲାଭ କରିବାକୁ ଚାହୁଁଥାନ୍ତି, ମୁଁ ଆଗରୁ ଯେପରି କହିଥିଲି, ଅନେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ଶକ୍ତିଟିକୁ ହାସଲ କରିଥାନ୍ତି, କାରଣ ଜନ୍ମରୁହିଁ ସେମାନଙ୍କ ଭିତରେ ଏହି ବିଚିତ୍ର ସାମର୍ଥ୍ୟଟି ରହିଥାଏ, — ଏବଂ, ଯଦି ଜଣେ ବ୍ୟକ୍ତି ସେହି ସାମର୍ଥ୍ୟକୁ ନିଜେ ନିଜେ ହାସଲ କରିବାକୁ ଇଚ୍ଛା କରୁଥାଏ, ଅର୍ଥାତ୍ ଯେଉଁସବୁ କ୍ଷେତ୍ରକୁ ଯାଇପାରିଲେ ଏହି ବସ୍ତୁଗୁଡ଼ିକ ଦୃଷ୍ଟିଗୋଚର ହୋଇ ପାରିବ, ଯଦି ସିଏ ସେହିସବୁ କ୍ଷେତ୍ର ସହିତ ସଂଯୋଗ ସ୍ଥାପନ କରିବାକୁ ଚାହୁଁଥାଏ, —ଏବଂ ହଠାତ୍ ନୁହେଁ କି ଦୈବାତ୍ ନୁହେଁ, ଆକସ୍ମିକ ଭାବରେ ନୁହେଁ କିଂବା ବସ୍ତୁଟି ଉପରେ ଆଦୌ କୌଣସି ନିୟନ୍ତ୍ରଣ ଅର୍ଜନ ନ କରି ନୁହେଁ, ମାତ୍ର, ତାହା ପରିବର୍ତ୍ତେ ସିଏ ଯଦି ଆପଣାର ଇଚ୍ଛା ଅନୁସାରେ ସେଗୁଡ଼ିକୁ ଦେଖିବା ଲାଗି ମନ କରୁଥାଏ, ତେବେ ସେଥିଲାଗି ପ୍ରକୃତରେ ଅତ୍ୟନ୍ତ କଠିନ ପ୍ରୟାସ କରିବାକୁ ପଡ଼ିବ । ଏବଂ ସେହି କାରଣରୁହିଁ କେତେକ ବ୍ୟକ୍ତି ଏହିସବୁ ବସ୍ତୁ ଉପରେ ଅତ୍ୟନ୍ତ ଅଧିକ ମହତ୍ତ୍ୱ ଆରୋପ କରିଥାନ୍ତି । ମାତ୍ର, ଯେତେବେଳେ ସେଗୁଡ଼ିକ କୌଣସି ବ୍ୟକ୍ତିର ଅକ୍ତିଆରରେ ରହିଥାନ୍ତି, ଇଚ୍ଛା ଅନୁସାରେ ସାଧିତ ହୁଅନ୍ତି ଏବଂ ଏକ ଅନ୍ତର୍ଗତ ଶୃଙ୍ଖଳାର ଫଳସ୍ୱରୂପ ଉପଲବ୍ଧ ହୋଇଥାନ୍ତି, କେବଳ ସେତିକିବେଳେ ଯାଇ ସେଗୁଡ଼ିକର କିଛି ମୂଲ୍ୟ ରହିଥାଏ । ଏବଂ ଏହି କ୍ଷେତ୍ରରେ, କାରଣ ଏଥିରୁ ପ୍ରମାଣିତ ହେଉଛି ଯେ, ତୁମେ ଏପରି ଗୋଟିଏ କ୍ଷେତ୍ର ସହିତ ସଂଯୋଗ ସ୍ଥାପନ କରିବାକୁ ସମର୍ଥ ହୋଇଛ, ଯେଉଁଠାରେ କି ସଚେତନ ଭାବରେ ପ୍ରବେଶ କରିବା

'oaob.nitrkl.ac.in' images reprocessed

ଅତ୍ୟନ୍ତ କଷ୍ଟକର । ଇଚ୍ଛା ଅନୁସାରେ ଏବଂ ସ୍ଥାୟୀ ଭାବରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର । ଏହା ପ୍ରକୃତରେ ବଡ଼ କଷ୍ଟକର ଏବଂ ସେଥିଲାଗି ଯଥେଷ୍ଟ ବିକାଶ ହୋଇଥିବା ଅତ୍ୟାବଶ୍ୟକ । ଏବଂ ତା'ପରେ, ତୁମେ ଯାହା ଦେଖିଛ, ସେଇଟି ବିଷୟରେ ନିଶ୍ଚିତ ହୋଇପାରିବା ନଗି ··· କାରଣ ତୁମକୁ ମୁଁ ଏକଥାଟି ଏପର୍ଯ୍ୟନ୍ତ କହିନାହିଁ ଯେ, ଏହି ଯେଉଁ ବ୍ୟକ୍ତିମାନେ ଆପଣାର ଅତୀନ୍ଦ୍ରିୟ-ଦର୍ଶନର ଶକ୍ତିକୁ ଏକ ବ୍ୟବସାୟରେ ପରିଣତ କରିଥାନ୍ତି, ସେମାନଙ୍କ କ୍ଷେତ୍ରରେ ଏହା··· ମୁଁ "ବାଣିଜ୍ୟକ ଧନ୍ଦା" ବୋଲି କହିଥିଲେ, ମାତ୍ର ଏହା ବସ୍ତୁତଃ ତାହାଠାରୁ ଅଧିକ ଖରାପ, ଏହା ହେଉଛି ଏକ ପ୍ରବଞ୍ଚନା ! ସେମାନେ ଯେତେବେଳେ କିଛିହେଲେ ଦେଖିପାରୁ ନ ଥାନ୍ତି, ସେତେବେଳେ ସେମାନେ ମନରୁ ଫନ୍ଦି ବାହାର କରନ୍ତି । ସେମାନେ ଏହାକୁ ଯେତେବେଳେ ଗୋଟାଏ ବ୍ୟବସାୟରେ ପରିଣତ କରନ୍ତି ଏବଂ ଯେତେବେଳେ ଅନ୍ୟ ଲୋକମାନେ ସେମାନଙ୍କୁ ଭବିଷ୍ୟ ବିଷୟରେ କିଛି ପଚାରିବାକୁ ଆସନ୍ତି ଏବଂ ସେମାନେ ହୁଏତ ପ୍ରକୃତରେ ଆଦୌ କିଛି ଦେଖିପାରୁ ନ ଥାନ୍ତି ଏବଂ ତେଣୁ ମନରୁ ଫନ୍ଦି ବାହାର କରିବାକୁ ବାଧ୍ୟ ହୁଅନ୍ତି; ତା' ନହେଲେ ଆପଣାର ପ୍ରତିଷ୍ଠା ଏବଂ ଗ୍ରାହକମାନଙ୍କୁ ହରାଇ ବସିବାର ପୂରା ଭୟ ରହିଥାଏ । ତେଣୁ ତାହା ଏକ ପ୍ରବଞ୍ଚନାରେ ପରିଣତ ହୁଏ, ଏକ ମିଥ୍ୟାରେ ପରିଣତ ହୁଏ, — କେବଳ ଶଠତାର ଆଚରଣ କରାଯାଏ, ସବୁକିଛିକୁ ବିକୃତ କରି ମିଥ୍ୟାରେ ପରିଣତ କରିଦିଆଯାଏ ।

ମାତ୍ର ଯେତେବେଳେ କେହି ଶୁଦ୍ଧ ଏବଂ ପ୍ରକୃତ ତଥ୍ୟଟିକୁ ଜାଣିବାକୁ ଇଚ୍ଛା କରୁଥାଏ, ବସ୍ତୁଗୁଡ଼ିକର ଅନ୍ତର୍ନିହିତ ସତ୍ୟଗୁଡ଼ିକ ସହିତ ସଂଯୋଗ ସ୍ଥାପନ କରିବାକୁ ଚାହୁଁଥାଏ ଏବଂ ଘଟଣାଟିଏ ଘଟିବା ପୂର୍ବରୁହିଁ ତାହାକୁ ଦେଖି ପାରିବାକୁ ଚାହୁଁଥାଏ, — ଆପଣା ମନର କ୍ଷୁଦ୍ର ସଂରଚନାଗୁଡ଼ିକ ଅନୁସାରେ ନୁହେଁ, ମାତ୍ର ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି ନିର୍ଦ୍ଦେଶିତ ହୋଇରହିଛି, ଯେଉଁ ସ୍ଥାନଟିରେ ସେଗୁଡ଼ିକର ନିର୍ଦ୍ଦେଶନା କରାଯାଇଛି ଓ ଯେଉଁ ସମଷ୍ଟି ଲାଗି ନିର୍ଦ୍ଦେଶିତ ହୋଇ ରହିଛି, ଯଦି ସିଏ ସେହିସବୁ କଥା ଜାଣିବାକୁ ଇଚ୍ଛା କରୁଥାଏ, ତେବେ ସେଥିଲାଗି ଅତ୍ୟନ୍ତ ଅଧିକ ପରିମାଣରେ ଏକ ମାନସିକ ଶୁଦ୍ଧତା ଆବଶ୍ୟକ ହୁଏ, ଅତ୍ୟନ୍ତ ଅଧିକ ପରିମାଣରେ ଏକ ପ୍ରାଣକ୍ଷେତ୍ରୀୟ ସମତାବସ୍ଥା ରହିଥିବା ଆବଶ୍ୟକ ହୁଏ, ବାସନାରୁ ମୁକ୍ତ ରହିବାକୁ ପଡ଼େ, ଯାବତୀୟ ଅଭିରୁଚିକୁ ପରିହାର କରିବାକୁ ପଡ଼େ । କୌଣସି ବସ୍ତୁ ଏପରି ହେଉ ଅଥବା ସେପରି ହେଉ, ଏଭଳି କୌଣସି ଇଚ୍ଛା ଆଦୌ ରହିବା ଉଚିତ ନୁହେଁ । କାରଣ ତାହା ତତ୍କ୍ଷଣାତ୍ ତୁମର ଦୃଷ୍ଟିକୁ ବିକୃତ କରି ଦେଇଥାଏ ।

'oaob.nitrkl.ac.in' images reprocessed

ଯେଉଁମାନେ କିଛି ନା କିଛି ସୂକ୍ଷ୍ମଦର୍ଶନ କରିଥାନ୍ତି, ସେମାନେ ସେଗୁଡ଼ିକୁ ସାଧାରଣତଃ ବିକୃତ କରି ଦେଇଥାନ୍ତି; ସମସ୍ତେ ବିକୃତ କରି ପକାନ୍ତି, ଏଥିରେ ପ୍ରାୟ କୌଣସି ବ୍ୟତିକ୍ରମ ନଥାଏ । ମୁଁ ଭାବୁଛି ଯେ, ଦଶଲକ୍ଷ ମଣିଷଙ୍କ ଭିତରେ ଏପରି କେହି ଜଣେ ହେଲେ ବି ନ ଥିବ, ଯିଏକି ଆପଣାର ଦୃଷ୍ଟିରେ ଆସିଥିବା ବସ୍ତୁକୁ ବିକୃତ କରି ନ ପକାଏ । କାରଣ, ଯେଉଁ ମୁହୂର୍ତ୍ତରେ ତାହା ମସ୍ତିଷ୍କକୁ ଆସି ସ୍ପର୍ଶ କରେ, ସେହି ମୁହୂର୍ତ୍ତରେ ନାନା ଅଗ୍ରରୁଚିର, ବାସନାର ତଥା ଆସକ୍ତିର ଦ୍ୱନ୍ଦ୍ୱ ଭିତରେ ମଧ୍ୟ ଆସି ପ୍ରବିଷ୍ଟ ହୋଇଯାଇଥାଏ, ଏବଂ ଲବ୍ଧ ସମ୍ପଦଟିରେ ଏକ ଅନ୍ୟ ରଙ୍ଗ ଆଣି ବୋଳି ଦେବାକୁ ତାହାହିଁ ଯଥେଷ୍ଟ ହୁଏ; ତୁମେ ଯାହା ଦେଖିଥାଅ, ସେଥିରେ ଏକ ବିଶେଷ ଭେଦଭେଦ୍ର ଆଣି ଦେଇଯାଏ । ତୁମେ ନିର୍ଭୁଲ ଭାବରେ କିଛି ଦେଖିବାକୁ ସମର୍ଥ ହୋଇଥିଲେ ମଧ୍ୟ ନିଜର ଚେତନା ମଧ୍ୟରେ ତାହାର ଏକ ଭୁଲ୍ ତର୍ଜମା କରି ଦେଇଥାଅ । ତେଣୁ ଏହା ଯଥାର୍ଥରେ ଅତ୍ୟନ୍ତ ପରିପୂର୍ଣ୍ଣତା ହାସଲ କରିବା ଉପରେ ଅପେକ୍ଷା ରଖିଥାଏ । ମାତ୍ର ସୂକ୍ଷ୍ମଦର୍ଶନର ସାମର୍ଥ୍ୟ ନ ଥାଇ ମଧ୍ୟ ତ ତୁମେ ସେହି ପରିପୂର୍ଣ୍ଣତା ବେଶ୍ ହାସଲ କରି ପାରିବ । ଏବଂ, ସୂକ୍ଷ୍ମଦର୍ଶନର ସାମର୍ଥ୍ୟ ଥାଇ ତୁମର ପରିପୂର୍ଣ୍ଣତା ଯେତେ ଅଧିକ ହେବ, ସୂକ୍ଷ୍ମଦର୍ଶନର ସାମର୍ଥ୍ୟ ନଥାଇ ତାଠାରୁ ଆହୁରି ଅଧିକ ପରିପୂର୍ଣ୍ଣତା ହାସଲ କରିବା ସମ୍ଭବ ହେବ । ଯଦି ସେହି ଦିଗରେ ତୁମର ଏକ ବିଶେଷ ରୁଚି ରହିଥାଏ, ତେବେ ତୁମେ ତାହାକୁ ହାସଲ କରିବା ଲାଗି ଅବଶ୍ୟ ଚେଷ୍ଟା କରିପାରିବ । ମାତ୍ର, ଯଦି ସେଥିପାଇଁ ବିଶେଷ ରୁଚି ରହିଥାଏ, ତେବେଯାଇ ଚେଷ୍ଟା କରିବ । କେତେକ ନିର୍ଦ୍ଦିଷ୍ଟ କଥାକୁ ଜାଣିବା ଦ୍ୱାରା ତୁମର ଭଣ୍ଡାର ଅଧିକ ହେବ ବୋଲି ଯଦି ତୁମେ ଭାବୁଥାଅ, ତେବେ ସେଥିଲାଗି ତୁମେ କୌଣସି ସାଧନା କରିପାରିବ; ଆପଣା ଇନ୍ଦ୍ରିୟଗୁଡ଼ିକର କ୍ରିୟାଶୀଳତାରେ ଏକ ପରିବର୍ତ୍ତନ ଆଣିବା ଲାଗି ମଧ୍ୟ ତୁମେ ଏକ ସାଧନା ଆରମ୍ଭ କରି ପାରିବ । ମୁଁ ଭାବୁଛି ମୁଁ ତୁମମାନଙ୍କୁ ଭଲ କରି ବୁଝାଇ ଦେଇ ପାରିଛି ଯେ, ଜଣେ ବ୍ୟକ୍ତି ଦୂରରେ ଥାଇ ମଧ୍ୟ ଶୁଣି ପାରିବ, ଦୂରରେ ଥାଇ ଦେଖି ମଧ୍ୟ ପାରିବ,— ସ୍ଥୂଳ ଭାବରେ ବି ଶୁଣିପାରିବ ଓ ସ୍ଥୂଳ ଭାବରେ ଦେଖି ପାରିବ । ମାତ୍ର ଏଥିଲାଗି ପ୍ରଭୂତ ପ୍ରଚେଷ୍ଟା ଦରକାର, ଏବଂ ଅନେକ ସମୟରେ ଏହି ପ୍ରୟାସଟିକୁ ଈପ୍ସିତ ପରିଣାମର ସମାନୁପାତିକ ଭାବରେ ଆଦୌ କରାଯାଏ ନାହିଁ । କାରଣ ଏଗୁଡ଼ିକ ହେଉଛି ଆନୁଷଙ୍ଗିକ ବିଷୟ, ସର୍ବପ୍ରଧାନ ବା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ଆଦୌ ନୁହେଁ । ଏହିପରି ଅନେକ ଆନୁଷଙ୍ଗିକ ବିଷୟ ରହିଥାଏ, ଯାହା ହୁଏତ ବେଶ୍ ଆଗ୍ରହୋଦ୍ଦୀପକ ହୋଇପାରେ ସତ, ମାତ୍ର ଆମେ ତାହାକୁହିଁ କଦାପି ଆଧ୍ୟାତ୍ମିକ ଜୀବନ ବୋଲି କହି ପାରିବା ନାହିଁ । ଏଇଟି ନ ହେଲେ ମଧ୍ୟ ଆଧ୍ୟାତ୍ମିକ ଜୀବନ ବେଶ୍ ସମ୍ଭବ ହୋଇ ପାରିବ । ମାତ୍ର,

'oaob.nitrkl.ac.in' images reprocessed

ଦୁଇଟିଯାକ ଏକାଠି ମିଶିପାରିଲେ ସେମାନେ ତୁମକୁ ତୁଏତ ଅଧିକତର ସାମର୍ଥ୍ୟ ଆଣି ଦେଇପାରିବେ । ମାତ୍ର ଏଥିଲାଗି ମଧ୍ୟ ତୁମକୁ ନିଜ ପାଖରେ ଯାଇ କହିବାକୁ ହେବ, "ଯଦି ମୁଁ ଏଇଟିର ମଧ୍ୟ ଅଧିକାରୀ ହେବାକୁ ଉଚିତ ମନେକରୁଛି,—ଯଦି ମୁଁ ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରି ରଖିବାର ଏବଂ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବାର ଯଥାର୍ଥ ଦୃଷ୍ଟିକୋଣଟିକୁ ଗ୍ରହଣ କରୁଛି—ଯଦି ମୁଁ ଏହାର ଅଧିକାରୀ ହେବା ଉଚିତ ବୋଲି ମନେ କରୁଛି, ତେବେ ଅବଶ୍ୟ ତାହାର ଅଧିକାରୀ ହେବି । ମୋ'ର ଯେପରି କଥା କହିବାର ଶକ୍ତି ରହିଥିବା ଉଚିତ, ଠିକ୍ ସେହିପରି ଏଇଟି ମଧ୍ୟ ରହିଥିବା ଉଚିତ ।" ଏବଂ ବସ୍ତୁତଃ, ଯଦି ଯଥାର୍ଥ ସମର୍ପଣଟି ରହିଥାଏ, ଯଥାର୍ଥ ପ୍ରଣାଳୀରେ ଯଦି ଏକ ସମ୍ପୂର୍ଣ୍ଣ ସମର୍ପଣ ରହିଥାଏ, ତେବେ, ପ୍ରତ୍ୟେକ ମୁହୂର୍ତ୍ତରେହିଁ ଜଣେ ବ୍ୟକ୍ତିର ଯାହାହିଁ ହେବା ଉଚିତ, ସିଏ କେବଳ ତାହାହିଁ ହୋଇ ରହିପାରିବ, ତା'ର ଯାହା କରିବା ଉଚିତ ତାହାହିଁ କରିବ ଏବଂ ଯାହା ଜାଣିବା ଉଚିତ, କେବଳ ତାହାହିଁ ଜାଣିବ । ଏହା···ମାତ୍ର ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଏପରି କରି ପାରିବାକୁ ହେଲେ ସେହି ବ୍ୟକ୍ତି ଆପଣା ଅହଂର କ୍ଷୁଦ୍ର ସୀମାଗୁଡ଼ିକୁ ଅବଶ୍ୟ ଅତିକ୍ରମ କରିଯାଇଥିବ, ଏବଂ ଏହି କଥାଟି କଦାପି ଗୋଟିଏ ରାତିରେ ସମ୍ଭବ ହୋଇପିବ ନାହିଁ । ମାତ୍ର ତାହା ଅବଶ୍ୟ ସମ୍ଭବ ହୋଇ ପାରିବ ।

ଆଉ କିଛି ପ୍ରଶ୍ନ ଅଛି ?

**ମାଆ, "ପ୍ରାଣସ୍ତରର ବାସନାତ୍ମା" କହିଲେ କ'ଣ ବୁଝାଏ ?**

ଯାହା ଶରୀର ମଧ୍ୟରେ ପ୍ରାଣର ସଞ୍ଚାର କରେ, ତାହା ହେଉଛି ପ୍ରାଣିକ ଆତ୍ମା । ତାହା ଶରୀରକୁ ପ୍ରାଣବନ୍ତ କରି ରଖିଥାଏ । ସାଧାରଣ ଭାଷାରେ ଏପରି କୁହାଯାଇଥାଏ, "ତୁମର ଆତ୍ମା ଶରୀରକୁ ଛାଡ଼ି ବାହାରିଗଲେ ତୁମର ମୃତ୍ୟୁ ହୁଏ ।" ବା "ତୁମେ ମରିଗଲେ ତୁମର ଆତ୍ମା ତୁମ ଶରୀରକୁ ଛାଡ଼ି ଚାଲିଯାଏ ।" ଏପରି ବି କୁହାଯାଏ, ସେପରି ବି କୁହାଯାଏ । ମାତ୍ର ପ୍ରକୃତରେ ଆତ୍ମା ଛାଡ଼ି ଚାଲିଯାଏ ନାହିଁ, କେବଳ ଏହି ଆତ୍ମାଟି ଛାଡ଼ି ଚାଲିଯାଏ ନାହିଁ—ଆମେ ଯାହାକୁ ଆତ୍ମା ବୋଲି କହୁ, ଅର୍ଥାତ୍ ଆମର ଚୈତ୍ୟସତ୍ତା – ଆମର ପ୍ରାଣିକ ସତ୍ତା ଆମ ଶରୀରକୁ ଛାଡ଼ି ଚାଲିଯାଏ । ଯେକୌଣସି କାରଣରୁ ଯେତେବେଳେ ପ୍ରାଣିକ ସତ୍ତା ଶରୀରକୁ ଛାଡ଼ି ଚାଲିଯାଏ, ସେତେବେଳେ ଶରୀରର ମୃତ୍ୟୁ ହୁଏ ଅର୍ଥାତ୍ ମୃତ୍ୟୁ ଆସି ପ୍ରାଣିକ ସତ୍ତାକୁ ଶରୀରଠାରୁ ବିଚ୍ଛିନ୍ନ କରିଦିଏ । ···ତେଣୁ, ପ୍ରାଣର ସଞ୍ଚାର କରିବା ଅର୍ଥରେ, ଜୀବନ ଦେବା ଅର୍ଥରେ ଏହି କଥାଟିକୁ ବ୍ୟବହାର କରାଯାଏ ।

**ଏହାକୁହିଁ କ'ଣ "ପ୍ରାଣସ୍ତରର ବାସନାତ୍ମା" ବୋଲି କୁହାଯିବ ?**

'oaob.nitrkl.ac.in' images reprocessed

ହଁ, ପ୍ରାଣସ୍ତରର ଏହି ଆତ୍ମା ବାସନାଗୁଡ଼ିକରେ ପୂର୍ଣ୍ଣ ରହିଥାଏ । ପ୍ରାଣିକ ସତ୍ତା ନାନା ବାସନା ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ । ବାସନା ଦ୍ୱାରାହିଁ ନିର୍ମିତ ହୋଇଥାଏ ।

> ମାଆ, ଏଠି ଲେଖାହୋଇଛି, "ବାହ୍ୟ ଯାବତୀୟ ପରିବେଶ ଅପେକ୍ଷା ଏକ ଆଧ୍ୟାତ୍ମିକ ବାତାବରଣ ଅଧିକ ମହତ୍ତ୍ୱପୂର୍ଣ୍ଣ । ଯଦି ସେହି ବାତାବରଣଟି ଉପଲବ୍ଧ ହୋଇ ପାରୁଥିବ ଏବଂ ଯଦି ଜଣେ ନିଃଶ୍ୱାସ ଗ୍ରହଣ କରିବା ଲାଗି ଓ ଜୀବନ ବଞ୍ଚିବା ଲାଗି ଆପଣା ସକାଶେ ସେହି ଆଧ୍ୟାତ୍ମିକ ବାୟୁମଣ୍ଡଳଟିକୁ ସୃଷ୍ଟି କରି ପାରିବ, ତେବେ ତାହାକୁହିଁ ଅଗ୍ରଗତିର ଯଥାର୍ଥ ଅନୁକୂଳ ପରିବେଶ ବୋଲି କୁହାଯିବ ।" ସେଇଟି କିପରି ଉପଲବ୍ଧ ହେବ ଏବଂ ଆମେ କିପରି ଆମର ଯଥାର୍ଥ ଆଧ୍ୟାତ୍ମିକ ବାତାବରଣଟିକୁ ସୃଷ୍ଟି କରି ପାରିବା ?

କ'ଣ ଉପଲବ୍ଧ ହେବ ବୋଲି କହିଲ ? ଏହା···ଏହା···କେବଳ ଏକ ଅନ୍ତଃଶୃଙ୍ଖଳା ଦ୍ୱାରା ତାହା ସମ୍ଭବ ହେବ । ଆପଣାର ଭାବନାକୁ ସ୍ୱନିୟନ୍ତ୍ରଣକୁ ଆଣି, ସେଗୁଡ଼ିକୁ ଏକାନ୍ତ ଭାବରେ ସାଧନାର ଅଭିମୁଖୀ କରି ରଖି, ଆପଣାର ଯାବତୀୟ କର୍ମ ଉପରେ ନିୟନ୍ତ୍ରଣ ଅର୍ଜନ କରି ଏବଂ ସେଗୁଡ଼ିକୁ ଏକାନ୍ତ ଭାବରେ ସାଧନାର ଅଭିମୁଖୀ କରି ରଖି, ଯାବତୀୟ ବାସନା ଏବଂ ଯାବତୀୟ ନିରର୍ଥକ, ବାହ୍ୟ ଏବଂ ନିମ୍ନସ୍ତରୀୟ କ୍ରିୟାତ୍ମକତାକୁ ବିଲୁପ୍ତ କରିଦେଇ, ଅଧିକ ପ୍ରଗାଢ଼ ଭାବରେ ଏକ ଅନ୍ତର୍ଗତ ଜୀବନ ବଞ୍ଚିବାକୁ ଚେଷ୍ଟା କରି ଏବଂ, ନିମ୍ନସ୍ତରୀୟ ସକଳ ବସ୍ତୁ, ସକଳ ଭାବନା, ସକଳ ପ୍ରତିକ୍ରିୟା ଓ ସକଳ କ୍ରିୟାରୁ ଆପଣାକୁ ଅଲଗା ରଖି ତୁମେ ନିଜର ବାତାବରଣଟିକୁ ନିଜେ ତିଆରି କରିପାରିବ । ସେତେବେଳେ ତୁମେ ଆପଣାର ଚତୁର୍ଦ୍ଦିଗରେ ଗୋଟାଏ ପ୍ରକାରର ନିର୍ଦ୍ଦିଷ୍ଟ ବାୟୁମଣ୍ଡଳ ସୃଷ୍ଟି କରି ରଖିବାକୁ ସମର୍ଥ ହେବ ।

ଉଦାହରଣସ୍ୱରୂପ, ନିମ୍ନସ୍ତରର କିଛି ନ ପଢ଼ି, ବୃଥା ଗପସପ ନ କରି ବା ଆଉ କିଛି ନ କରି ଯଦି ତୁମେ ଯାହା ତୁମର ମାର୍ଗରେ ତୁମକୁ ସାହାଯ୍ୟ କରିପାରିବ, କେବଳ ତାହାହିଁ ପଢ଼ିବ, ଯାହା ତୁମକୁ ଦିବ୍ୟ ଉପଲବ୍ଧି ଆଡ଼କୁ ପରିଚାଳିତ କରିନେଇ ପାରିବ, ତୁମେ ଯଦି କେବଳ ତାହାର ଅନୁକୂଳ ହୋଇ ରହିଥିବା କର୍ମଗୁଡ଼ିକୁ କରିବ, ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ଚାଲି କରି ରହିଥିବା ଯାବତୀୟ ବାସନା ଏବଂ କାମନାକୁ ଯଦି ତୁମେ ନିଜ ଭିତରୁ

'oaob.nitrkl.ac.in' images reprocessed

ମୂଳପୋଛ କରି ବାହାର କରିଦେଇ ପାରିବ, ଯଦି ତୁମେ ଆପଣାର ମାନସିକ ସତ୍ତାକୁ ସ୍ଥିର ରଖି ପାରିବ, ପ୍ରାଣିକ ସତ୍ତାକୁ ପ୍ରସନ୍ନ ରଖିପାରିବ, ବାହାରୁ ଆସୁଥିବା ଯାବତୀୟ ଅନୁସଙ୍କେତରୁ ଆପଣାକୁ ଜଗି ରଖି ପାରିବ ଓ ତୁମ ଚାରିପାଖରେ ରହୁଥିବା ମନୁଷ୍ୟମାନଙ୍କର କାର୍ଯ୍ୟରୁ ନିଜକୁ ଅନନୁପ୍ରଭାବିତ କରି ରଖିପାରିବ, ତେବେ ତଦ୍ଦ୍ୱାରା ତୁମେ ଏପରି ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରି ରଖିବାରେ ସମର୍ଥ ହେବ, ଯାହାକୁ କି ଆଦୌ କିଛି ହେଲେ ସ୍ପର୍ଶ କରିପାରିବ ନାହିଁ ଏବଂ ତା'ପରେ ଆଉ ଏହା ଆଦୌ ବାହାରର ଅବସ୍ଥା ଉପରେ ନିର୍ଭରଶୀଳ ହୋଇ ରହିବ ନାହିଁ; ତୁମେ ଯେଉଁମାନଙ୍କ ସହିତ ବାସ କରୁଛ ବା ଯେଉଁସବୁ ଅବସ୍ଥା ମଧ୍ୟରେ ବାସ କରୁଛ; ତାହା ଉପରେ ଆଦୌ ନିର୍ଭରଶୀଳ ହୋଇ ରହିବ ନାହିଁ । କାରଣ, ସେତେବେଳେ ତୁମେ ନିଜର ଆଧ୍ୟାତ୍ମିକ ବାତାବରଣଟି ମଧ୍ୟରେହିଁ ନିରାପଦ ହୋଇ ରହିଥିବ । ଏବଂ, ସେହି ବାତାବରଣକୁ ଉପଲବ୍ଧି କରିବାର ଉପାୟ ହେଉଛି : ତୁମେ ଆପଣାର ଦୃଷ୍ଟିକୁ ସଂପୂର୍ଣ୍ଣ ଭାବରେ ଆଧ୍ୟାତ୍ମିକ ଜୀବନର ଅଭିମୁଖୀ କରି ରଖିବ, ଯାହା ତୁମକୁ ଆଧ୍ୟାତ୍ମିକ ଜୀବନରେ ସାହାଯ୍ୟ କରିବ, ତୁମେ କେବଳ ତାହାହିଁ ପଢ଼ିବ; ଯାହା ତୁମକୁ ଆଧ୍ୟାତ୍ମିକ ଜୀବନ ଆଡ଼କୁ ପରିଚାଳିତ କରିନେବ, କେବଳ ସେହି କାର୍ଯ୍ୟଗୁଡ଼ିକୁ କରିବ; ଇତ୍ୟାଦି, ଇତ୍ୟାଦି । ତେବେ ତୁମେ ନିଜର ବାତାବରଣକୁ ନିଜେ ଧାରଣ କରି ପାରିବ । ମାତ୍ର, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ସବୁଯାକ ଦ୍ୱାରକୁ ଖୋଲି ରଖିଥିବ, ଲୋକମାନେ ଯାହା କହିବେ, ସେଗୁଡ଼ିକୁ ଶୁଣୁଥିବ, ଏଇଟିର ପରାମର୍ଶ ଗ୍ରହଣ କରୁଥିବ ତ ସେଇଟିର ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ପଡ଼ୁଥିବ, ଯଦି ତୁମେ ବାହ୍ୟ ବସ୍ତୁଗୁଡ଼ିକ ବିଷୟରେ ବାସନା ପୂର୍ଣ୍ଣ ହୋଇ ରହିଥିବ, ତେବେ ନିଜ ଲାଗି ତୁମେ ଆଦୌ କୌଣସି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିପାରିବ ନାହିଁ । ତେବେ, ଯେକୌଣସି ସାଧାରଣ ମଣିଷ ପରି ତୁମର ବାତାବରଣଟି ମଧ୍ୟ ଅତ୍ୟନ୍ତ ସାଧାରଣ ହୋଇ ରହିଥିବ ।

ମାଆ, ଏଠାରେ ଲେଖା ହୋଇଛି : "ତୁମେ ତୁମର ଚତୁର୍ଦ୍ଦିଗରେ ରହିଥିବା ପରିସ୍ଥିତିଗୁଡ଼ିକ ଦ୍ୱାରା ଅଥବା ସେଗୁଡ଼ିକ ପ୍ରକଟ କରୁଥିବା ବିରୋଧ ଦ୍ୱାରା ମୋଟେ ବିଚଳିତ ହୋଇପଡ଼ିବ ନାହିଁ । ଅନେକ ସମୟରେ ଏକ ପରୀକ୍ଷାରୂପେ ମଧ୍ୟ ଏହିସବୁ ପରିବେଶକୁ ପ୍ରଥମ ଅବସ୍ଥାରେ ତୁମ ଉପରେ ଆଣି ଲଦି ଦିଆ ଯାଇଥାଏ ।" କ'ଣ ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଲଦି ଦିଆ ଯାଇଥାଏ ?

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ କେଉଁ ଭାବରେ ମୋତେ କହି ନାହାନ୍ତି, କହିଛନ୍ତି କି ? ଯେଉଁ ଅର୍ଥରେ ଗ୍ରହଣ କଲେ ତାହା ତୁମକୁ ସର୍ବାଧିକ ପରିମାଣରେ ସାହାଯ୍ୟ କରିପାରିବ, ତୁମେ ତାହାକୁ ସେହି ଅର୍ଥରେ ଗ୍ରହଣ କରିବ । ଏହା ପ୍ରକୃତରେ ଏକ ଅତ୍ୟନ୍ତ କଠିନ ପ୍ରଶ୍ନ ।

ମାତ୍ର, ମୁଁ ଅନେକ ସମୟରେ ତୁମମାନଙ୍କୁ ଏହି କଥାଟିକୁ ବୁଝାଇ କହିଛି ଯେ, ଯେତେବେଳେ ତୁମେ ସାଧାରଣ ଚେତନା ମଧ୍ୟରେ ବାସ କରୁଥିବ, ଏବଂ ଯେଉଁ ପରିମାଣରେ ତୁମେ ଏପରି ଗୋଟିଏ ଭୂମିରେ ଅବସ୍ଥିତ ରହିଥିବ, ଯାହାକି ସ୍ଥୂଳତମ ମନ, ସ୍ଥୂଳତମ ପ୍ରାଣ ଓ ସ୍ଥୂଳତମ ଭୌତିକର ଏକ ମିଶ୍ରଣ ହୋଇ ରହିଥିବ, ଅର୍ଥାତ୍ ଜୀବନର ସେହି ସାଧାରଣ ଭୂମିରେ ପରିଣତ ହୋଇ ରହିଥିବ, ସେତେବେଳେ ତୁମେ ସେହି ଭୂମିରହିଁ ନିୟନ୍ତ୍ରଣାଧୀନ ହୋଇ ରହିଥିବ, ଏବଂ ସେହି ଭୂମିର ନିୟନ୍ତ୍ରଣାଧୀନ ହୋଇ ରହିବା ଫଳରେ ତୁମେ ଏହିସବୁ ଅବସ୍ଥା ମଧ୍ୟରେ ପଡ଼ି ରହିବାକୁ ବି ବାଧ୍ୟ ହେଉଥିବ । କାରଣ, ତୁମ ଭିତରେ ଏକ ଗଭୀର ଦେଶରେ ଏପରି ଏକ ଉପାଦାନ ରହିଥିବ ଯାହାକି ଏକ ଅନ୍ୟ ପ୍ରକାରର ଜୀବନ ଲାଗି ଅଭୀପ୍‌ସା ରଖିଥିବ ସତ, ମାତ୍ର, ସେହି ଅନ୍ୟ ଜୀବନଟିକୁ କିପରି ଭାବରେ ବଞ୍ଚିବାକୁ ହୁଏ, ସେହି ବିଷୟରେ ସିଏ କିଛି ଜାଣି ନ ଥିବ । ଏବଂ, ଏହି ଅନ୍ୟ ଜୀବନଟିକୁ ବଞ୍ଚିବା ଲାଗି ଆବଶ୍ୟକ ହେଉଥିବା ପରିବେଶଗୁଡ଼ିକୁ ପାଇବା ଲାଗି ତାହା ତୁମକୁ ଭିତରୁ ଠେଲିବାରେ ଲାଗିଥିବ । ଏହି ପରିବେଶଗୁଡ଼ିକ କୌଣସି ବାହ୍ୟ ପରିବେଶ ନୁହେଁ, ଏଗୁଡ଼ିକ ଅନ୍ତଃପରିବେଶ । ମାତ୍ର, ଅଗ୍ରଗତି କରିବାର ଆପଣାର ଇଚ୍ଛାରେ ଆପଣାକୁ ଯଥେଷ୍ଟ ପରିମାଣରେ ବଳଯୁକ୍ତ କରି ରଖିବା ପାଇଁ ତାହା ବାହ୍ୟ ପ୍ରତିବନ୍ଧକଗୁଡ଼ିକ ଉପରେ ଅବଲମ୍ବନ କରି ରହିଥାଏ; ଏବଂ ସେହି କାରଣରୁ, ଯଦି ତୁମେ ସେହି ଭିତରୁହିଁ ସେଇଟି ଉପରେ ଦୃଷ୍ଟିପାତ କରିପାରିବ, ତେବେ ତୁମେ ଏପରି ମଧ୍ୟ କହିପାରିବ ଯେ, ତୁମେ ନିଜେହିଁ ଆପଣାର ଅଗ୍ରଗତିରେ ସହାୟକ ହେବ ବୋଲି ସେହି ପ୍ରତିବନ୍ଧକଗୁଡ଼ିକୁ ସୃଷ୍ଟି କରିବାରେ ଲାଗିଛ ।

ଏବଂ, ଯଦି ତୁମେ ଆଉଗୋଟିଏ ଭୂମିରେ ଯାଇ ପ୍ରବେଶ କରିବ ଓ ନିଜକୁ କହିବ (ମାତ୍ର ଏହି ଉକ୍ତିଟି ସର୍ବଦା ଅନେକ ବ୍ୟାଖ୍ୟା ଏବଂ ଅନେକ ଆଲୋଚନା ଉପରେ ନିର୍ଭରଶୀଳ ହୋଇ ରହିଥାଏ), ଯଦି ତୁମେ କହିବ ଯେ, ଏହି ବିଶ୍ୱବ୍ରହ୍ମାଣ୍ଡରେ ଏପରି କୌଣସି ବସ୍ତୁ ନାହିଁ ଯାହାକୁ କି ଦିବ୍ୟପରମସତ୍ତାଙ୍କର କୃତି ବୋଲି କୁହାଯାଇ ନ ପାରିବ, — ଏହି କଥାଟି ମର୍ମତଃ ଏକ ସତ୍ୟକଥା, ମାତ୍ର ଏହି କ୍ଷେତ୍ରରେ ତାହା ସତ୍ୟ ନୁହେଁ, — ତେବେ ତୁମେ ଏକଥା ମଧ୍ୟ କହିପାରିବ, "ତେବେ ଖୁବ ଭଲ କଥା । ସେହି ଦିବ୍ୟ ପରମସତ୍ତାହିଁ ସବୁକିଛିର

'oaob.nitrkl.ac.in' images reprocessed

ଯୋଜନା ଓ ରଚନା କରୁଛନ୍ତି; ତେଣୁ ସିଏ ଏହି ବାଧାଗୁଡ଼ିକର ବି ଯୋଜନା କରିଛନ୍ତି" । ମାତ୍ର ଏପରି କହିବା ପ୍ରକୃତରେ ଏକ ପିଲାକଥା ପରିହିଁ ହେବ — ଏକ ଅତି ସରଳ କଥା ହୋଇଯିବ । କେବଳ, ମୁଁ ଯେପରି ଆରମ୍ଭରେ କହିଥିଲି, "ଯଦି ଏପରି ଭାବିଲେ ତାହା ତୁମକୁ ସାହାଯ୍ୟ କରିବ, ତେବେ ତୁମେ ଅବଶ୍ୟ ଏହିପରି ଭାବିବ ।" ତୁମେ ବେଶ୍ ବୁଝିପାରୁଥିବ, ଭାବନା ସର୍ବଦା ଏପରି ଏକ ପ୍ରାସ୍ତୁତ୍ୱଗ୍ରସ୍ତ ବସ୍ତୁ ହୋଇ ରହିଥାଏ ଯେ, ତାହା ଅସଲ ସତ୍ୟଠାରୁ ଅନେକ ଦୂରରେ ଯାଇ ରହିଥାଏ ··· ଆପଣାର ସର୍ବୋତ୍ତମ ଅଭିବ୍ୟକ୍ତିରେ ମଧ୍ୟ ତାହା ଭାରି ଅସ୍ପଷ୍ଟ ଓ ଅପୂର୍ଣ୍ଣ ହୋଇ ରହିଥାଏ, ଏକ ବିଭ୍ରାନ୍ତିପୂର୍ଣ୍ଣମନନ ହୋଇ ରହିଥାଏ, ମିଥ୍ୟାରେ ପୂର୍ଣ୍ଣ ହୋଇ ରହିଥାଏ । ତେଣୁ, ପ୍ରକୃତ କଥା ହେଉଛି, ଏହି ସ୍ଥିତିରେ ତୁମେ କିଞ୍ଚିତ ବ୍ୟାବହାରିକ ଦୃଷ୍ଟି ଦ୍ୱାରା ପରିଚାଳିତ ହେବ ଏବଂ ଆପଣାକୁ କହିବ, "ଯଦି ଏହି ଭାବନା ମୋତେ ଅଗ୍ରଗତି ପାଇଁ ସାହାଯ୍ୟ କରିବ, ତେବେ ମୁଁ ତାହାକୁ ଅବଶ୍ୟ ଗ୍ରହଣ କରିବି ।" ମାତ୍ର ଯଦି ତୁମେ ଏହି କଥାଟିକୁ ଏକ ପରମ ସତ୍ୟ ବୋଲି ମାନିନେବ, ତେବେ ସୁନିଶ୍ଚିତ ଭାବରେ ପ୍ରମାଦରେ ପଡ଼ିଯିବ, କାରଣ, ଏପରି ଗୋଟିଏ ହେଲେ ବି କୌଣସି ଭାବନା ନାହିଁ, ଯାହାକୁ କି ପରମସତ୍ୟ ବୋଲି କୁହାଯାଇ ପାରିବ ।

ହଁ, ଆମ ବିଶ୍ୱବିଦ୍ୟାଳୟର ପୁସ୍ତକାଳୟରେ ଆମେ ଏବେ ଶ୍ରୀଅରବିନ୍ଦଙ୍କର ଏକ ସଂକ୍ଷିପ୍ତ ଉଦ୍ଧୃତିପୁସ୍ତକ ଆଣି ରଖିବାକୁ ଠିକ୍ କରିଛୁ । ବହିଟି ଭାରି ଚମତ୍କାର ହୋଇଛି—ଆଜି ସେଇଟି ଛାପାଖାନାରୁ ଆସିଲା—ସେହି ପୁସ୍ତକରେ ଶ୍ରୀଅରବିନ୍ଦ କହିଛନ୍ତି ଯେ, କୌଣସି ଜ୍ଞାନୋପଦେଶ ଯେତେ ମହାନ୍, ଶୁଦ୍ଧ, ଉଚ୍ଚ ଅଥବା ସତ୍ୟ ହୋଇଥାଉ ପଛକେ, ତାହା ପରମ ସତ୍ୟର କେବଳଗୋଟିଏ ବିଭାବକୁହିଁ ପ୍ରକଟ କରୁଥାଏ, ଏବଂ ତେଣୁ ତାହାକୁ କଦାପି ପରମସତ୍ୟ ବୋଲି କୁହାଯାଇ ପାରିବ ନାହିଁ । (ମୁଁ ତାହାର ସାରାଂଶଟିକୁ କହୁଛି, ପ୍ରକୃତ ପାଠ* ଟିକିଏ ଭିନ୍ନ ପ୍ରକାରର) ତାହାକୁ କଦାପି ସମ୍ପୂର୍ଣ୍ଣ ସତ୍ୟ ବୋଲି କୁହାଯିବ ନାହିଁ । ଏଥର ବୁଝିଲ ? ତୁମର ଭାବନା ଯାହା ହୋଇଥାଉ ପଛକେ, ତାହା ଏପରିକି ଏକ ଅତିଉଚ୍ଚ ସ୍ତରର, ଅତ୍ୟନ୍ତ ଶୁଦ୍ଧ, ଉଦାତ୍ତ ବା ସତ୍ୟ ହୋଇଥାଉ ପଛକେ, ତାହା ତଥାପି ପରମସତ୍ୟର କେବଳ ଏକ କ୍ଷୁଦ୍ର, ଅତିକ୍ଷୁଦ୍ର ବିଭାବକୁହିଁ ବ୍ୟକ୍ତ କରିପାରୁଥିବ ଏବଂ ତେଣୁ କଦାପି ସମ୍ପୂର୍ଣ୍ଣ ଭାବରେ ସତ୍ୟ ହୋଇ ନ ଥିବ । ତେଣୁ ସେହି କ୍ଷେତ୍ରରେ ଆମକୁ କିଞ୍ଚିତ୍ ପରିମାଣରେ ଏକ ବ୍ୟାବହାରିକ ଦୃଷ୍ଟି ରଖିବାକୁ ପଡ଼ିବ,—ମୁଁ ଯେପରି

* "ଭାବନା ବା ଶବ୍ଦ, କେହିହେଲେ ଶାଶ୍ୱତ ସତ୍ୟକୁ ବ୍ୟକ୍ତ କରିପାରିବ ନାହିଁ ।"

—ଶ୍ରୀଅରବିନ୍ଦ

'oaob.nitrkl.ac.in' images reprocessed

କହିଲି, ଭାବନାଟିକୁ କେବଳ ଏକ ତାତ୍କାଳିକ ଭାବରେ ଗ୍ରହଣ କରିବାକୁ ପଡ଼ିବ, ଯାହାକୁ ଗ୍ରହଣ କଲେ ତାହା ତୁମର ଅଗ୍ରଗତି କରିବାରେ ସହାୟକ ହେବ, ତୁମେ ତାହାକୁହିଁ ଗ୍ରହଣ କରିନେବ । ସମୟ ସମୟରେ ତାହା ତୁମ ପାଖକୁ ଏକ ଉଦ୍ଭାସ ରୂପରେ ଆସିବ, ଏବଂ ତୁମକୁ ଅଗ୍ରଗତିରେ ସାହାଯ୍ୟ କରିବ । ତାହା ଯେପର୍ଯ୍ୟନ୍ତ ତୁମକୁ ଅଗ୍ରଗତିରେ ସାହାଯ୍ୟ କରୁଥିବ, ସେପର୍ଯ୍ୟନ୍ତ ତୁମେ ତାକୁ ଗ୍ରହଣ କରିଥିବ; ଯେତେବେଳେ ତାହାର ଆଉ ସେହି ଶକ୍ତି ରହିବ ନାହିଁ ଓ ତାହା ଆଉ କୌଣସି କାର୍ଯ୍ୟ କରିବ ନାହିଁ, ସେତେବେଳେ ସେଇଟିକୁ ବର୍ଜନ କରିବ । ତା'ପରେ ଆଉଗୋଟିକୁ ଲାଭ କରିବାକୁ ଚେଷ୍ଟା କରିବ, ଯାହାକି ତୁମକୁ ଆଉ ଅଧିକ କିଛି ଦୂର ନେଇଯାଇ ପାରିବ ।

ଲୋକମାନେ ଯଦି ଜ୍ଞାନର, ଶିକ୍ଷାର, ସତ୍ୟୋପଦେଶର ଏବଂ ପରିସ୍ଥିତି-ଗୁଡ଼ିକର ଏହି ଆପେକ୍ଷିକତାକୁ ହୃଦୟଙ୍ଗମ କରିପାରୁଆନ୍ତେ, ତେବେ ପୃଥିବୀର କେତେ କେତେ ଦୁଃଖ ଓ ଦୁର୍ଗତି ପ୍ରକୃତରେ ଅନ୍ତର୍ହିତ ହୋଇଯାଇ ପାରନ୍ତା । କୌଣସି ବସ୍ତୁ ପ୍ରକୃତରେ କେତେଦୂର ପର୍ଯ୍ୟନ୍ତ ଆପେକ୍ଷିକ ଭାବରେ ମହତ୍ତ୍ୱପୂର୍ଣ୍ଣ, ଯଦି ସେମାନେ ସେହି କଥାଟିକୁ ଜାଣିପାରୁଆନ୍ତେ ! ହୁଏତ ବର୍ତ୍ତମାନ ମୁହୂର୍ତ୍ତରେ ତାହାର ସବୁଠାରୁ ଅଧିକ ମହତ୍ତ୍ୱ ଥାଇପାରେ, ତାହା ହୁଏତ ତୁମ ଲାଗି ଜୀବନ ଅଥବା ମରଣ ମଧ୍ୟରେ ନିଷ୍ପତ୍ତି କରିବାକୁ ବାଧ୍ୟ କରୁଥାଇ ପାରେ—ଏଠାରେ ମୁଁ ଭୌତିକ ସ୍ତରର ଜୀବନ ଓ ମରଣ କଥା କହୁ ନାହିଁ, ମୁଁ ତୁମ ଭାବଗତ ଅନ୍ତର୍ଜୀବନର ଜୀବନ ଓ ମରଣ କଥା କହୁଛି,—ମାତ୍ର ତଥାପି ଏହା କେବଳ ସେହି ମୁହୂର୍ତ୍ତଟି ସକାଶେ । ଏବଂ ଯେତେବେଳେ ତୁମେ କିଛିଟା ଅଗ୍ରଗତି କରିପାରିଥିବ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଯେତେବେଳେ ତୁମର ବୟସ କିଛି ବର୍ଷ ଅଧିକ ହୋଇଯିବ, ଏବଂ ସେତେବେଳେ ଯଦି ତୁମେ ପଛକୁ ଚାହିଁ ତୁମ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି କରିପାରିଥିବା ସେହି ପରିସ୍ଥିତି କିଂବା ବସ୍ତୁଟି ଉପରେ ଦୃଷ୍ଟିପାତ କରିବ, ସେତେବେଳେ ତାହା ପ୍ରକୃତରେ କେଡ଼େ ଆପେକ୍ଷିକ ବୋଲି ମନେହେବ, ତୁମକୁ ତାହା ଅତ୍ୟନ୍ତ ତାତ୍ପର୍ଯ୍ୟହୀନ ପରି ମନେହେବ । ଏବଂ, ଅଧିକ ଅଗ୍ରଗତି କରିବା ଲାଗି ତୁମେ ତାହାଠାରୁ ଅନେକ ଅଧିକ ଉଚ୍ଚ ଆଉକିଛିର ଆବଶ୍ୟକତା ଅନୁଭବ କରୁଥିବ ।

ଯଦି ଏହି କଥାଟି ଆମର ସବୁବେଳେ ମନେ ରହି ପାରୁଥାନ୍ତା, ତେବେ ଆମେ କେତେ ନା କେତେ ସାମ୍ପ୍ରଦାୟିକତା, ଅସହିଷ୍ଣୁତାରୁ ରକ୍ଷା ପାଇପାରୁଥାନ୍ତେ ଏବଂ ତତ୍‌କ୍ଷଣାତ୍ ସକଳ କଳହର ସମାଧାନ କରିଦେଇ ପାରୁଥାନ୍ତେ । କାରଣ, କୌଣସି କଳହ କହିଲେ ତ ସବୁବେଳେ ଠିକ୍ ଏହି କଥାଟିକୁହିଁ ବୁଝାଏ : ଜଣେ

'oaob.nitrkl.ac.in' images reprocessed

ଗୋଟିଏ ପ୍ରକାରର ଭାବୁଥାଏ ଓ ଆଉଜଣେ ଆଉ ଗୋଟିଏ ପ୍ରକାରର ଭାବୁଥାଏ, ଜଣେ ଗୋଟିଏ ଦୃଷ୍ଟିକୋଣରୁ ବିଗ୍ଭର କରୁଥାଏ ତ ଆଉଜଣେ ଆଉଗୋଟିଏ ଦୃଷ୍ଟିକୋଣରୁ ବିଗ୍ଭର କରୁଥାଏ; ଏବଂ, ଦୁଇଟି ଯାକକୁ ଏକଯ ଜଣବାକୁ ଚେଷ୍ଟା କରିବା ପରିବର୍ତ୍ତେ ଏବଂ ସେଗୁଡ଼ିକୁ ଗୋଟିଏ ସମଞ୍ଜସତା ମଧ୍ୟରେ ଅନ୍ତର୍ଗତ କରିବାର ଉପାୟ ଖୋଜିବା ପରିବର୍ତ୍ତେ ଆମେ ପରସ୍ପର ସହିତ ମୁଷ୍ଟିଯୁଦ୍ଧ କରୁଥିବା ପରି ଗୋଟିକୁ ଆଉଗୋଟିକ ବିରୁଦ୍ଧରେ ନେଇ ଧକ୍କା ଲଗାଇ ଦେବାରେ ଲଗିଆଉ । ଏହା ତାହା ବ୍ୟତୀତ ଆଉ କିଛି ନୁହେଁ ।

ମାତ୍ର, ଯଦି ତୁମେ ଆପଣା ଦୃଷ୍ଟିକୋଣର ସମ୍ପୂର୍ଣ୍ଣ ଆପେକ୍ଷିକତା ବିଷୟରେ ସଜ୍ଞାନ ହୋଇ ପାରିବ, ତୁମର ଭାବନା, କ'ଣ ଭଲ ତାହା ବିଷୟରେ ତୁମର ବିଶ୍ୱାସ,—ବିଶ୍ୱର ସମଗ୍ର ଗତିପଥରେ ଏଗୁଡ଼ିକ ଯେ କେତେଦୂର ଆପେକ୍ଷିକ ହୋଇ ରହିଛନ୍ତି, ଯଦି ସେହି ବିଷୟରେ ସଜ୍ଞାନ ହୋଇପାରିବ, ତେବେ ଆପଣାର ସମ୍ବନ୍ଧଗୁଡ଼ିକରେ ତୁମେ ଅପେକ୍ଷାକୃତ କମ୍ ଉଗ୍ର ହୋଇ ପାରିବ, ଅଧିକ ସହନଶୀଳ ହୋଇପାରିବ । ବୁଝିଲ ?

# ୨୩ ଅକ୍ଟୋବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ପ୍ରଥମ ଅଧ୍ୟାୟ "ସ୍ଥିରତା—ଶାନ୍ତି—ସମତା—" ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, "ମାନସିକ ସତ୍ତାକୁ ଏକ ସାକ୍ଷୀର ଭୂମିକାକୁ ନେଇ ଆସିବା"ର ଅର୍ଥ କ'ଣ ?

ତୁମେ କ'ଣ କେବେହେଲେ ଏପରି ଅନୁଭବ କରି ନାହଁ ? ଯେତେବେଳେ ତୁମେ ବସ୍ତୁଗୁଡ଼ିକର କିଛିଟା ପଶ୍ଚାତ୍‌ରେ ଅଥବା କିଛିଟା ଊର୍ଦ୍ଧ୍ୱରେ ରହିଛ ଏବଂ ସେଗୁଡ଼ିକ ଘଟୁଥିବାର ଅବଲୋକନ କରି ପାରୁଛ, ମାତ୍ର ତୁମେ ନିଜେ ଆଦୌ କିଛିହେଲେ କରୁ ନାହଁ ? ସାକ୍ଷୀର ଅର୍ଥ ହେଉଛି ଜଣେ ଅବଲୋକନକାରୀ, ଏପରି ଜଣେ ବ୍ୟକ୍ତି ଯିଏକି କେବଳ ଦେଖୁଥାଏ, ମାତ୍ର ନିଜେ କିଛିହେଲେ କରେ ନାହିଁ । ତେଣୁ, ଯେତେବେଳେ ମନ ଅତ୍ୟନ୍ତ ସ୍ଥିର ହୋଇ ରହିଥାଏ, ସେତେବେଳେ ଜଣେ ବ୍ୟକ୍ତି ଇଚ୍ଛା କଲେ ଏହିପରି ଭାବରେ ପରିସ୍ଥିତିଗୁଡ଼ିକ ମଧ୍ୟରୁ ନିଜକୁ କିଛିଟା ପ୍ରତ୍ୟାହାର କରି ଆଣିପାରେ ଏବଂ ସତେଅବା ଜଣେ ସାକ୍ଷୀ ଓ ଦର୍ଶକ ପରି ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରେ ଏବଂ ତଥାପି ନିଜେ କ୍ରିୟାଟିରେ ଆଦୌ କୌଣସି ଅଂଶଗ୍ରହଣ କରେ ନାହିଁ । ଏହା ତୁମକୁ ଅନେକ ପରିମାଣରେ ନିର୍ଲିପ୍ତ କରି ରଖେ, ତୁମକୁ ଅନେକ ଶାନ୍ତ ଭାବ ଓ ସ୍ଥିରତା ଆଣିଦିଏ ଏବଂ ବସ୍ତୁଗୁଡ଼ିକର ମୂଲ୍ୟ ବିଷୟରେ ଏକ ଯଥାର୍ଥ ବୋଧ ମଧ୍ୟ ଆଣି ଦେଇଥାଏ । କାରଣ ଏଥିରେ ଆଦୌ କୌଣସି କର୍ମାସକ୍ତି ରହି ନ ଥାଏ । ଯେତେବେଳେ ତୁମେ ଆପଣାକୁ ନେଇ ଏହିପରି କରିବାର ମାର୍ଗଟିକୁ ଜାଣିଯାଅ, ଯେତେବେଳେ ତୁମେ ନିଜକୁ ପ୍ରତ୍ୟାହୃତ କରିଆଣି ଆପଣାକୁ କୌଣସି କାର୍ଯ୍ୟ କରୁଥିବାର ଦେଖିବାକୁ ସମର୍ଥ ହୁଅ, ସେତେବେଳେ ତୁମେ ନିଜ ବିଷୟରେ ପ୍ରକୃତରେ ଅନେକ ବିଷୟ ଜାଣିପାର । ମାତ୍ର, ଯେତେବେଳେ ତୁମେ କର୍ମ ଭିତରେ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ ହୋଇ ରହିଥାଅ ଏବଂ ସେଥିରେ ସ୍ୱୟଂ ଅଂଶଗ୍ରହଣ କରୁଥାଅ, ସେତେବେଳେ ତୁମେ ନିଜକୁ କାର୍ଯ୍ୟ କରୁଥିବାର ମୋଟେ ଦେଖିପାର ନାହିଁ, ତୁମେ ନିଜେ ଯେ ପ୍ରକୃତରେ କିପରି, ସେକଥା ମୋଟେ ଜାଣିପାର ନାହିଁ । ମାତ୍ର, ଯେତେବେଳେ ନିଜକୁ

'oaob.nitrkl.ac.in' images reprocessed

ପ୍ରତ୍ୟାହୃତ କରି ରଖିଥାଅ, ଅପଣାକୁ ନିରୀକ୍ଷଣ କରିପାର, ସେତେବେଳେ ତୁମେ ତୁମ ଭିତରେ ରହିଥିବା କେତେ କେତେ ଅପୂର୍ଣ୍ଣତାକୁ ମଧ୍ୟ ଦେଖିବାକୁ ସମର୍ଥ ହୁଅ, ଯାହାକୁ କି ଏପରି ନ କରିଥିଲେ ଆଦୌ ଦେଖିପାରି ନ ଥାନ୍ତ ।

(ଜଣେ ପିଲାକୁ ଉଦ୍ଦେଶ୍ୟ କରି) ତୁମର କୌଣସି ପ୍ରଶ୍ନ ପଚାରିବାର ଅଛି କି ?

ଏଠାରେ ଲେଖା ହୋଇଛି : "ଭିତରେ ଏହିପରି ଏକ ନିଦା ମୂଳଦୁଆ ଅବଶ୍ୟ ରହିଛି ବୋଲି ଅନୁଭବ କଲେ ତାହା ତୁମ ଉପରକୁ ଏକ ସୁନିଶ୍ଚିତ ବଳ ଓ ଦୃଢ଼ପ୍ରତିଷ୍ଠିତ ଶାନ୍ତି ଅବତୀର୍ଣ୍ଣ ହୋଇ ଆସିଥିବାର ସୂଚନା ଦେଇଥାଏ ।"

ହଁ, ସବୁବେଳେ ଠିକ୍ ସେହିକଥା ହୁଏ : ତୁମେ ଜାଣିଛ, ଲୋକମାନେ ତାଙ୍କ ପାଖକୁ କେତେ ଚିଠି ଲେଖନ୍ତି; ସେଥିରେ ସେମାନେ ନିଜର ଅନୁଭୂତି-ଗୁଡ଼ିକୁ ବର୍ଣ୍ଣନା କରିଥାନ୍ତି । ତେଣୁ, ପତ୍ରଗୁଡ଼ିକର ଉତ୍ତର ଦେଲାବେଳେ ଶ୍ରୀଅରବିନ୍ଦ ସେମାନେ ବ୍ୟବହାର କରିଥିବା ଶବ୍ଦଗୁଡ଼ିକୁହିଁ ବ୍ୟବହାର କରିଥାନ୍ତି । ଆପଣା ଭିତରେ ଏହିପରି ଏକ "ନିଦା ମୂଳଦୁଆ" ରହିଥିବାର ଅନୁଭୂତି —ସିଏ ତାହାର ଅର୍ଥଟିକୁ ବୁଝାଇ କହି ଦେଇଛନ୍ତି : ସିଏ କହୁଛନ୍ତି ଯେ ତାହା ଏକ ବଳର ଅବତରଣର ସୂଚନା ଦେଇଥାଏ ।

ମାଆ, "ଦୃଢ଼ପ୍ରତିଷ୍ଠିତ ଶାନ୍ତି"ର ଅର୍ଥ କ'ଣ ?

ହଁ, ଏକ ଅଭାବାତ୍ମକ ଶାନ୍ତି ରହିଛି, ତାହାର ଅର୍ଥ ହେଉଛି କେଉଁଠି ହେଲେ ବି କୌଣସି ବିକ୍ଷୋଭ ନାହିଁ । ମାତ୍ର ଦୃଢ଼ପ୍ରତିଷ୍ଠିତ ଶାନ୍ତି ହେଉଛି ଏକ ଭାବାତ୍ମକ ବା ସକାରାତ୍ମକ ଶାନ୍ତି । ଆମେ ଏହିଭଳି ଏକ ଶାନ୍ତି ଅନୁଭବ କରିପାରିବା ଯାହାକି ସମ୍ପୂର୍ଣ୍ଣ ଭାବରେ ସକାରାତ୍ମକ, ଯାହାକୁହିଁ ଶାନ୍ତିର ଅନୁପସ୍ଥିତିର ଏକ ଖଣ୍ଡନ ବୋଲି ଆଦୌ କୁହାଯିବ ନାହିଁ । ଏହା ଏକ ଦୃଢ଼ପ୍ରତିଷ୍ଠିତ ଶାନ୍ତି, ଏକ ମୂର୍ତ୍ତ ଶାନ୍ତି, ଅତ୍ୟନ୍ତ ·· ପ୍ରାୟ ଏକ ସକ୍ରିୟ ଶାନ୍ତି, — ଅର୍ଥାତ୍ ତା'ଭିତରେ ଏକ ସଂକ୍ରାମିତ କରିଦେବାର ଶକ୍ତି ରହିଥାଏ, ସମୁଦାୟ ସତ୍ତା ମଧ୍ୟରେ ପରିବ୍ୟାପ୍ତ ହୋଇ ଯେଉଁଠାରେ ଆଦୌ କୌଣସି ଶାନ୍ତି ନାହିଁ, ସେଠାକୁ ମଧ୍ୟ ତାହାକୁ ଅବତୀର୍ଣ୍ଣ କରାଇ ଆଣିବାର ଶକ୍ତି ରହିଥାଏ । ଏହା ପ୍ରକୃତରେ ଏକ ଅତ୍ୟନ୍ତ ସକାରାତ୍ମକ ଓ ମୂର୍ତ୍ତ ରୂପ ଧାରଣ କରି ରହିଥାଏ । ··· ସତେଯେପରି କୌଣସି ଏକ ନିଦା ପଦାର୍ଥକୁ ସ୍ପର୍ଶ କଲାପରି ମନେ ହେଉଥାଏ । ବସ୍ତୁତଃ ଏହାହିଁ ଯଥାର୍ଥ

'oaob.nitrkl.ac.in' images reprocessed

ଶାନ୍ତ । ଆଉଟି ହେଉଛି କେବଳ ତାହାର ଏକ ପୂର୍ବବର୍ତ୍ତୀ ପଦକ୍ଷେପ । — ତାହାକୁ ଏକ ବିକ୍ଷୋଭହୀନତା ବୋଲି କୁହାଯାଇପାରିବ । ଅର୍ଥାତ୍, ସେତେବେଳେ କୌଣସି ବିକ୍ଷୋଭ ଅନୁଭୂତ ହୁଏ ନାହିଁ, ବିକ୍ଷୋଭର ସୂଚନା ଦେବା ଭଳି ଆଦୌ କୌଣସି ସ୍ପନ୍ଦନ ବିଦ୍ୟମାନ ନ ଥାଏ ।

(ଜଣେ ପିଲାକୁ) ତା'ପରେ ? ତୁମ ପ୍ରଶ୍ନଟି ?

ମା'ଆ, ପ୍ରଶ୍ନଟିଏ ଅଛି କିନ୍ତୁ ତାହା ଏହି ବିଷୟରୁ ନୁହେଁ ।

ଏ ବିଷୟରୁ ନୁହେଁ ? ମାତ୍ର, ଏଠାରେ ତ ଆମର ସମ୍ପୂର୍ଣ୍ଣ ଗ୍ରନ୍ଥାଳୟଟି ମହଜୁଦ ନାହିଁ ଯେ ତୁମେ ଯେଉଁଠୁ ମନ ସେଠୁ ପ୍ରଶ୍ନ ପଚାରିବ । (ସମସ୍ତେ ହସିଲେ)

(ଆଉ ଜଣେ ପିଲାକୁ) ତୁମେ କିଛି ପଚାରିବ ?

"ନୀରବ ଆତ୍ମସତ୍ତାର ଅନୁଭୂତି" କହିଲେ କ'ଣ ବୁଝାଏ ?

ପ୍ରତ୍ୟେକ ମନୁଷ୍ୟ ଭିତରେ ଏପରି ଗୋଟିଏ ସତ୍ତା ରହିଛି, ଯାହାକୁ ସିଏ ତା'ର ଯଥାର୍ଥ "ଆତ୍ମସତ୍ତା" ବୋଲି କହିବ । ତାହା ସମ୍ପୂର୍ଣ୍ଣ ଭାବରେ ନୀରବ ଓ ନିଶ୍ଚଳ ହୋଇ ରହିଥାଏ । ତେଣୁ, ଯଦି ଜଣେ ବ୍ୟକ୍ତି ତା'ନିଜ ଭିତରେ ରହିଥିବା ଏହି ସତ୍ତାଟି ବିଷୟରେ ସଚେତନ ହୋଇ ପାରିଲା, ତେବେ ସିଏ ନୀରବ ଆତ୍ମସତ୍ତାର ଅନୁଭୂତିଟିକୁ ଲାଭ କରିପାରିବ । ଏହା ହେଉଛି ଏକ ନିଶ୍ଚଳ ସତ୍ତା, ଏକ ନୀରବ ସତ୍ତା, ଏହା ଭିତରେ ଥାଏ, ଯଥାର୍ଥ ସତ୍ତାର ଏକ ବିସ୍ତାର ପରି ହୋଇ ରହିଥାଏ, ଏବଂ, ଆମେ ବର୍ତ୍ତମାନ ଯେଉଁ ସାକ୍ଷୀଟି ବିଷୟରେ କଥା ପକାଇଥିଲୁ, ତାହାର ମଧ୍ୟ ଏକ ବିସ୍ତାର ପରି ହୋଇ ରହିଥାଏ । ଏହି ନୀରବ ସତ୍ତାହିଁ ଯେତେବେଳେ ବସ୍ତୁ-ଗୁଡ଼ିକ ଆଡ଼କୁ ଅନାଇ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରେ, ସେତେବେଳେ ତାହା ଏକ ସାକ୍ଷୀ ରୂପେ କାର୍ଯ୍ୟ କରେ । ମାତ୍ର ଏହା କେବଳ ଅନ୍ତର୍ମୁଖୀ ବି ହୋଇ ରହିପାରେ, ଆଦୌ ଦୃଷ୍ଟିପାତ କରେ ନାହିଁ, ଏବଂ ଆପଣାର ସେହି ନୀରବ ଅଭିନିବେଶ ମଧ୍ୟରେହିଁ ଅବସ୍ଥିତ ରହିଥାଏ । ଆମେ କେତେବେଳେ କେଉଁ ପାଖଟିରେ ରହିଥିବା, ଏହି କଥାଟି ତାହାରି ଉପରେ ନିର୍ଭର କରେ । ଏହା ହେଉଛି ସତ୍ତା ଭିତରେ ରହିଥିବା ଏକ ଦୃଢ଼ ବିନ୍ଦୁ, ଓ ସତ୍ୟର ଆଲୋକ ସେହିଠାରେହିଁ ବିଚ୍ଛୁରିତ ହୋଇ ରହିଥାଏ ।

ଯେତେବେଳେ ବାତାବରଣରେ ଏବଂ ସବୁଠାରେ ଏକ ସ୍ଥିରତା ଅବସ୍ଥିତ ରହିଛି ବୋଲି ଅନୁଭବ ହୁଏ, ସେତେବେଳେ ସେଥିରୁ ଆମ ନିଜ ଭିତରେ ମଧ୍ୟ ସେହି ସ୍ଥିରତା ରହିଛି ବୋଲି କୁହାଯାଇ ପାରିବ କି ?

'oaob.nitrkl.ac.in' images reprocessed

ହଁ । ପ୍ରଥମ କଥାଟି ହେଉଛି···ଉଦାହରଣସ୍ୱରୂପ, ଜଣେ ବ୍ୟକ୍ତି ଯଦି ନିର୍ଦ୍ଦିଷ୍ଟ ପ୍ରକାରର ଏକ ଅନୁଭୂତି ଲାଭ କଲା—ଏହିପରି ଭାବରେ ଶାନ୍ତିର ଏକ ଅନୁଭୂତି ହୋଇପାରେ, ସ୍ଥିରତାର ଅନୁଭୂତି ହୋଇପାରେ, ଏପରିକି, ପରିପୂର୍ଣ୍ଣ ହିତୈଷଣାର ମଧ୍ୟ ଏକ ଅନୁଭୂତି ହୋଇପାରେ, ପୂର୍ଣ୍ଣ ବୋଧ ଅଥବା ଅନୁକମ୍ପାର ଏକ ଅନୁଭୂତି ବି ହୋଇପାରେ,—ଏହିପରି ଏକ ଅନୁଭୂତି ହୁଏ, ଅର୍ଥାତ୍, ସତେଅବା ଆମର ଚେତନାକୁ ଏହିପରି ଏକ ବିଶ୍ୱାତ୍ମକତା ଆସି ଅଧିକାର କରିନିଏ; ଏବଂ ତାହା ଫଳରେ ଏହି କଥାଟି ଘଟେ, ଯାହାକି ପରେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ମନେହୁଏ, ମାତ୍ର ସେହି ମୁହୂର୍ତ୍ତଟି ସକାଶେ ତାହା ଅତ୍ୟନ୍ତ ସ୍ୱାଭାବିକ ଲାଗୁଥାଏ,—ଆମେ ତାହାକୁ ସର୍ବତ୍ର ଅନୁଭବ କରୁ, ସମସ୍ତଙ୍କ ଭିତରେ ଅନୁଭବ କରୁ, ସମୁଦାୟ ବାତାବରଣଟି ମଧ୍ୟରେ ଅନୁଭବ କରୁ ଏବଂ ଆପଣାର ଚତୁର୍ଦ୍ଦିଗରେ ଅନୁଭବ କରୁଥାଉ,—ଏବଂ, ଯଦି ଆମର ଚେତନା ମଧ୍ୟରେ ଯଥେଷ୍ଟ ବ୍ୟାପ୍ତି ରହିଥାଏ, ତେବେ ଆମେ ତାହାକୁ ଭୁବନଯାକ ଅନୁଭବ କରିଥାଉ; ଠିକ୍ ସେହି ଶାନ୍ତି, ସେହି ଅନୁକମ୍ପା ବା ସେହି ହିତୈଷିତାକୁ ଅନୁଭବ କରିଥାଉ । ଏବଂ, ତେଣୁ, ଏହି କଥାଟି ସକଳ ବିଷୟର ସହିତ ଅବଶ୍ୟ କୁହାଯାଇ ପାରିବ, ସମ୍ପୂର୍ଣ୍ଣ ଭାବରେ ଏକ ଜୀବନ୍ତ ଅନୁଭବ ସହିତ କୁହାଯାଇ ପାରିବ : "ଏହି ସମଗ୍ର ବିଶ୍ୱ ହେଉଛି ପରିପୂର୍ଣ୍ଣ ହିତୈଷିତାର ଏକ ସ୍ଥାନ ।"

ସେହି ଅନୁଭୂତି ମଧ୍ୟରୁ ବାହାରକୁ ବାହାରି ଆସିବା ପରେ ଅବଶ୍ୟ ତାହା ଆଉ ଆଗପରି ଲାଗୁ ହୋଇପାରେ ନାହିଁ । ମାତ୍ର, ସେହି ଅନୁଭୂତିଟିକୁ ଲାଭ କରୁଥିବା ସମୟରେ, ତାହା ସମ୍ପୂର୍ଣ୍ଣ ଭାବରେ ସତ୍ୟ ହୋଇ ରହିଥାଏ, ଠିକ୍ ସେହି ସମୟରେ ଅବଶ୍ୟ ସତ୍ୟ ହୋଇ ରହିଥାଏ । ଏବଂ ତା'ପରେ, ଯଦି ତୁମେ ଏହି ଅନୁଭୂତିଗୁଡ଼ିକୁ ଆହୁରି ଅଧିକ ଦୂରକୁ ଅଗ୍ରସର କରାଇ ନେଇପାର (ଯେଉଁ ବ୍ୟକ୍ତିମାନେ ସଚେତନ ଭାବରେ ଦିବ୍ୟ ପରମସତ୍ତାଙ୍କ ସହିତ ଆପଣାକୁ ଏକାତ୍ମକ କରି ରଖିବାକୁ ଚେଷ୍ଟା କରନ୍ତି, ସେମାନଙ୍କର କ୍ଷେତ୍ରରେ କେବଳ ତାହାହିଁ ଘଟିଥାଏ), ଯେତେବେଳେ ତୁମ କ୍ଷେତ୍ରରେ ସେହି ଏକାତ୍ମକତା ସମ୍ଭବ ହୋଇଯାଏ ଏବଂ ତୁମେ ନିଜ ଭିତରେ ଦିବ୍ୟ ପରମସତ୍ତାଙ୍କର ଚେତନାକୁ ଧାରଣ କରିବାକୁ ସମର୍ଥ ହୁଅ, ସେତେବେଳେ ତୁମେ ଯୁଗପତ୍ ଭାବରେହିଁ ସକଳ ବସ୍ତୁରେ ଏବଂ ସର୍ବତ୍ର ସେହି ଦିବ୍ୟ ପରମସତ୍ତାଙ୍କୁ ଅନୁଭବ କର, କେବଳ ସେଇ ସକଳ ବସ୍ତୁ ହୋଇ ଦିଶିବାକୁ ଆରମ୍ଭ କରନ୍ତି,—ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ ଯେ ଆଉ କେଉଁଠି କିଛିହେଲେ ନାହିଁ, ତୁମେ ତାହାହିଁ ଅନୁଭବ କର । ଏବଂ, ଏହି ଅନୁଭୂତିଟିକୁ ପ୍ରକୃତରେ ଲାଭ କରିଥିବା ବ୍ୟକ୍ତିମାନେହିଁ ସେକଥା କହିଛନ୍ତି; ସେମାନେ କହିଛନ୍ତି, "ମାତ୍ର, କେବଳ ସେହି ଦିବ୍ୟ ପରମସତ୍ତାହିଁ ଅବସ୍ଥିତ

'oaob.nitrkl.ac.in' images reprocessed

ରହିଛନ୍ତି ସବୁକିଛୁ କେବଳ ତାଙ୍କର ରୂପ ଧାରଣ କରିଛୁ, କେବଳ ସେଇ ବିଦ୍ୟମାନ ଅଛନ୍ତି ।" ତଥାପି, ଏହି ଅନୁଭୂତିଟି ମଧ୍ୟରୁ ବାହାରକୁ ବାହାରି ଆସିବା ପରେ ମଧ୍ୟ ଯଦି ସିଏ ସେହି କଥାଟିକୁ କହନ୍ତି, ତେବେ ସିଏ ପ୍ରାୟ ଏକ ମିଥ୍ୟାହିଁ କହିବେ, —କାରଣ, ତା'ପରେ ସିଏ ଯେଉଁ ଚେତନାରେ ବାସ କରୁଥିବେ, ଏହି କଥା ତାହାର ଆଦୌ କୌଣସି ପ୍ରତିପାଦନ କରୁ ନ ଥିବ । ତେଣୁ ସିଏ ପ୍ରାୟ ମିଥ୍ୟାହିଁ କହୁଥିବେ ।

ଯେତେବେଳେ ଆମେ ଏକ ନିତ୍ୟନୈମିତ୍ତିକ ବାହ୍ୟ ଚେତନା ମଧ୍ୟରେ ରହିଥାଉ, ସେତେବେଳେ ସକଳ ବସ୍ତୁ ଆଦୌ ଦିବ୍ୟ ବୋଲି ଅନୁଭୂତ ହୁଏ ନାହିଁ, ସେଭଳି ଅନୁଭୂତି ଆଦୌ ହୁଏ ନାହିଁ । ତେଣୁ ଯେଉଁମାନେ ଭ୍ରମପାଖରେ ଆସି ଏହି ବାହ୍ୟ ଚେତନା ମଧ୍ୟରେ ସବୁକିଛୁ ଦିବ୍ୟ ବୋଲି କହନ୍ତି, ସେମାନେ ଅବଶ୍ୟ ଛଳନା କରନ୍ତି ! ମାତ୍ର ସେମାନେ ଯେତେବେଳେ ଅନୁଭୂତିଟି ମଧ୍ୟରେ ରହିଥାନ୍ତି ଏବଂ ଦିବ୍ୟ ପରମସତ୍ତାଙ୍କୁହିଁ ବଞ୍ଚୁଥାନ୍ତି, ଯେତେବେଳେ ସେମାନେ ଦିବ୍ୟ ପରମସତ୍ତାରେ ପରିଣତ ହୋଇ ଯାଇଥାନ୍ତି, ସେତେବେଳେ ସେମାନଙ୍କ ଲାଗି ସବୁକିଛୁ ଦିବ୍ୟ ହୋଇଯାଇଥାଏ । ସେମାନେ କେବଳ ଦିବ୍ୟ ପରମସତ୍ତାଙ୍କୁହିଁ ଦେଖନ୍ତି, ଏବଂ "ସବୁକିଛୁ କେବଳ ସେହି ଦିବ୍ୟ ପରମସତ୍ତା" ବୋଲି କହିପାରନ୍ତି, କାରଣ ସେତେବେଳେ ସେମାନେ କେବଳ ସେହି ଦିବ୍ୟ ପରମସତ୍ତାଙ୍କୁହିଁ ଦେଖୁଥାନ୍ତି । ମାତ୍ର, ଏହି ଅନୁଭୂତିଟି ମଧ୍ୟରୁ ବାହାରକୁ ବାହାରି ଆସିବା ମାତ୍ରକେ ସେମାନେ ସେପରି କହିବାକୁ ଆଦୌ ସମର୍ଥ ହୁଅନ୍ତି ନାହିଁ ।

ମାତ୍ର କାହାକୁ ତ କିଛି କହିବାକୁ ମନା ନାହିଁ ! ତେଣୁ ଜଣେ ବ୍ୟକ୍ତି ଇଚ୍ଛା କଲେ "ସବୁକିଛୁ କେବଳ ଶାନ୍ତି, କେବଳ ସମତା, କେବଳ ଅନୁକମ୍ପା, କେବଳ ପରିପୂର୍ଣ୍ଣ ବୋଧ, କେବଳ ଆଲୋକ" ବୋଲି ଅବଶ୍ୟ କହି ପାରିବ ।

ଯଥାର୍ଥ ନିଷ୍ଠାଯୁକ୍ତ ଭାବରେ ଯେତେଥର ଏହି ଅନୁଭୂତିଟି ପ୍ରାପ୍ତ ହୋଇଥାଏ ଏବଂ ତା'ଫଳରେ ଜଣେ ବ୍ୟକ୍ତି ସେହି ଅନୁଭବଟି ମଧ୍ୟରେ ନିମଗ୍ନ ହୋଇ ରହିଥାଏ, ସେତେବେଳେ ସିଏ ଯାହାକିଛି ଦେଖୁଥାଏ, ତାହା ତା'ଠାରୁ ସମ୍ପୂର୍ଣ୍ଣ ଭାବରେ ଅଭେଦ ହୋଇ ରହିଥାଏ । କାରଣ, ବସ୍ତୁତଃ ଏହା ସର୍ବଦା ବିଦ୍ୟମାନ ରହିଥାଏ ଏବଂ, ଜଣେ ବ୍ୟକ୍ତି ନିଜ ଭିତରେ ଏହା ବିଷୟରେ ସଚେତନ ହେବା ମାତ୍ରକେ ସିଏ ସକଳ ବସ୍ତୁରେ ମଧ୍ୟ ସେଇଟି ବିଷୟରେ ସଚେତନ ହୋଇଯାଏ । ଏହା ଏକ ପ୍ରକୃତ କଥା ।

ମାତ୍ର ତଥାପି ସମ୍ପୂର୍ଣ୍ଣ ସତ୍ୟ ନୁହେଁ । କାରଣ, ଅବଶିଷ୍ଟ ଆଉସବୁ ମଧ୍ୟ ତଥାପି ରହିଥାଏ । ଏହାର ବିପରୀତଟି ମଧ୍ୟ ସତ୍ୟ ହୋଇ ରହିଥାଏ : ଯେତେ-

'oaob.nitrkl.ac.in' images reprocessed

ବେଳେ ତୁମେ ଘୃଣାର ଏକ ସ୍ଥିତି ମଧ୍ୟରେ ଯାଇ ପ୍ରବିଷ୍ଟ ହୁଅ ଏବଂ ଘୃଣାର ଏକ ଅନୁଭୂତି ଲାଭ କର, ସେତେବେଳେ ତୁମ ଲାଗି ସମଗ୍ର ପୃଥିବୀ ଘୃଣା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ପରି ଅନୁଭବ ହେଉଥାଏ; ସେତେବେଳେ ଘୃଣା ବ୍ୟତୀତ ଆଉ ପ୍ରାୟ କୌଣସି ବସ୍ତୁରହିଁ କୌଣସି ଅସ୍ତିତ୍ୱ ନ ଥାଏ ।

ତୁମର ଅନୁଭୂତି ତୁମକୁ ଯେତେ ଅଧିକ ପରିମାଣରେ ନିମଜ୍ଜିତ କରି ରଖି ପାରୁଥିବ, ଅବଶିଷ୍ଟ ଆଉ ସବୁକିଛୁ ମଧ୍ୟ ଅନୁରୂପ ଭାବରେ ତୁମ ଲାଗି ସେହିପରି ଏକ ଆକାର ଧାରଣ କରିବ ।

ମାଆ, ତେବେ ପ୍ରକୃତ ସତ୍ୟ ବୋଲି କ'ଣ କିଛି ନାହିଁ ? ସବୁକିଛି କ'ଣ କେବଳ ନିଜ ଉପରେହିଁ ନିର୍ଭର କରେ ?

ନାହିଁ, ଠିକ୍ ତା'ର ଓଲଟା ।

ଆପଣା ଭିତରେ ସତ୍ୟ ବିଷୟରେ ସଚେତନ ହେଲେ ଯାଇ ସତ୍ୟ ବିଷୟରେ ସଚେତନ ହେବା ସମ୍ଭବ ହୁଏ । ଏହି ସବୁକିଛି ହେଉଛି ସତ୍ୟ । ବସ୍ତୁତଃ ଏହା ହେଉଛି ଏକ ସତ୍ୟ : ତୁମେ ସ୍ୱୟଂ ତାହାକୁ ଅନୁଭବ ନ କରିବା ପର୍ଯ୍ୟନ୍ତ ଏହା ଅଛି ବୋଲି ତୁମେ କଦାପି କହିପାରିବ ନାହିଁ । ଯେତେବେଳେ ତୁମେ ଏହାକୁ ନିଜେ ଅନୁଭବ କରି ନ ଥିବ ଏବଂ ତଥାପି "ଏହା ଏହିପରି" ବୋଲି କହିବ, ତେବେ···ତୁମେ ଏପରି କହିପାରିବ, "ଏକଦା ଏହା ମୋ'ଲାଗି ଏହିପରି ହୋଇ ରହିଥିଲା ।" ତେବେ ତାହା ଅବଶ୍ୟ ଠିକ୍ ହେବ । ମାତ୍ର, ଯଦି ତୁମେ ତାହାକୁ ଅନୁଭବ କରୁ ନ ଥିବା ବେଳେ "ଏହା ଏହିପରି" ବୋଲି କହିବ, ତାହାକୁ ସମ୍ପୂର୍ଣ୍ଣ ଓ ସରଳ ଭାବରେ ଏକ ମାନସିକ ମନ୍ତବ୍ୟ ବୋଲିହିଁ ବୁଝାଯିବ ।

ମାତ୍ର ସେଠାରେ ସବୁକିଛି ଅବସ୍ଥିତ ରହିଛି ! ସବୁକିଛି ଅବସ୍ଥିତ ରହିଛି ···ତୁମେ ଯେଉଁସବୁ ବସ୍ତୁକୁ ଅନୁଭବ କରିପାରୁଛ ଏବଂ ତା'ଠାରୁ ଅନନ୍ତଗୁଣରେ ଅଧିକ ଆଉ ଯେଉଁସବୁ ବସ୍ତୁକୁ ତୁମେ ଅନୁଭବ କରିପାରୁ ନାହଁ,—କାରଣ କୌଣସି ସତ୍ତାକୁ ଆଦୌ ସମ୍ପୂର୍ଣ୍ଣ ଭାବରେ ସ୍ୱୟଂସମ୍ପୂର୍ଣ୍ଣ ବୋଲି ବୁଝାଯାଇ ପାରିବ ନାହିଁ । ଯଦି ତାହା ସ୍ୱୟଂସମ୍ପୂର୍ଣ୍ଣ ହୋଇ ଥାଆନ୍ତା, ତେବେ ଆଦୌ କୌଣସି ବ୍ୟତିକ୍ରମ ନ ରଖି ସିଏ ସମଷ୍ଟିର ଅନୁଭୂତି ଲାଭ କରିପାରନ୍ତା । ଏବଂ ବସ୍ତୁତଃ, ତାହା ଭିତରେ ଏହି ସମ୍ଭାବନାଟି ଅନ୍ତର୍ନିହିତ ହୋଇ ବି ରହିଛି । କେବଳ, ପ୍ରତ୍ୟେକ ସତ୍ତା ଆପଣାର ସ୍ୱକୀୟ ଧାରାରେ ବିକାଶଲାଭ କରୁଛି । ଏହାର ମର୍ମ ହେଉଛି : ଆମ ଚେତନା ଭିତରେ ଯେତେ ପରିମାଣରେ ବିଶ୍ୱ ଲାଗି ଏକ ସ୍ଥାନ ରହିଛି, ଆମେ କେବଳ ସେତିକି ପରିମାଣରେ ବିଶ୍ୱ ବିଷୟରେ

'oaob.nitrkl.ac.in' images reprocessed

ସଚେତନ ହୋଇ ପାରୁଛୁ । ତୁମ ଲାଗି ବିଶ୍ୱ ତୁମର ଚେତନାର ସୀମା ପାଖରେହିଁ ଆସି ଅଟକି ଯାଉଛି; ଅନ୍ୟମାନେ ଯାହା କିଛି କହନ୍ତୁ ପଛକେ, ପ୍ରକୃତରେ ତାହାହିଁ ହେଉଛି । ତୁମେ ଯାହାକିଛି ପଢ଼ୁଛ, ଉଦାହରଣସ୍ୱରୂପ, ସେଥିରେ ତୁମକୁ ଯେଉଁସବୁ ବର୍ଣ୍ଣନା ପ୍ରଦତ୍ତ ହୋଇ ରହିଛି, ଯେଉଁ ସବୁଯାକ ବାକ୍ୟ ତୁମର କାନରେ ଆସି ବାଜୁଛି, ତୁମର ଚେତନା ଭିତରେ ଥିବା କୌଣସି ନା କୌଣସି ବସ୍ତୁ ସହିତ ସେଗୁଡ଼ିକର ଯେତିକି ତତ୍ତୁଲ୍ୟତା ରହିଛି, କେବଳ ସେହି ପରିମାଣରେହିଁ ତୁମେ ସେଗୁଡ଼ିକୁ ବୁଝିପାରୁଛ । ଏବଂ, ଯଦି ସେଗୁଡ଼ିକ ତୁମର ଚେତନା ଭିତରେ ନାହାନ୍ତି, ତେବେ ତୁମେ ସେଗୁଡ଼ିକୁ ମୋଟେ ବୁଝ୍ ନାହିଁ ଏବଂ ତେଣୁ, ତୁମ ଲାଗି ସେଗୁଡ଼ିକର ଆଦୌ କୌଣସି ଅସ୍ତିତ୍ୱ ନାହିଁ । ମାତ୍ର ତାହାର ଅର୍ଥ ନୁହେଁ ଯେ, ତୁମ ବାହାରେ ସେହି ବସ୍ତୁଗୁଡ଼ିକ ପ୍ରକୃତରେ ନାହାନ୍ତି ।

ଆପଣ କହୁଥିଲେ ଯେ, ଯେତେବେଳେ ଜଣେ ସର୍ବନ୍ଦ୍ର ଦିବ୍ୟ ପରମସତ୍ତାଙ୍କୁ ପ୍ରତ୍ୟକ୍ଷ କରେ, ସେତେବେଳେ ଯାଇ ତା'ର ସେସବୁ ଅନୁଭୂତି ହୋଇଥାଏ ।

ହଁ ।

ସର୍ବତ୍ର ଦିବ୍ୟ ପରମସତ୍ତାଙ୍କୁ ପ୍ରତ୍ୟକ୍ଷ କରିବା,—ଏହାର ଅର୍ଥ କ'ଣ ? ଏହା କ'ଣ···?

କାରଣ ସେହି ବ୍ୟକ୍ତି ସ୍ୱୟଂ ଦିବ୍ୟ ପରମସତ୍ତାରେ ପରିଣତ ହୋଇ ଯାଇଥାଏ । ଏବଂ ତେଣୁ, ଏହି କ୍ଷେତ୍ରରେ, ଦିବ୍ୟ ପରମସତ୍ତା ସର୍ବତ୍ର ବର୍ତ୍ତମାନ ରହିଥାନ୍ତି ।

ନାଇଁ···ଆପଣ ଯେତେବେଳେ କହୁଛନ୍ତି, "ବ୍ୟକ୍ତି ସର୍ବତ୍ର ଦିବ୍ୟ ପରମସତ୍ତାଙ୍କୁ ପ୍ରତ୍ୟକ୍ଷ କରେ" ।···

ହଁ ।

ତାହାର ପ୍ରକୃତ ଅର୍ଥ କ'ଣ, ସେତେବେଳେ ଜଣେ ବ୍ୟକ୍ତି ପ୍ରକୃତରେ କ'ଣ ଦେଖେ ? ସିଏ କ'ଣ ଗୋଟିଏ···

ଜଣେ ପ୍ରକୃତରେ କ'ଣ ଦେଖେ ? (ସମସ୍ତେ ହସିଲେ) ଏଠାରେ ତୁମେ ଇଚ୍ଛା କଲେ 'ଅନୁଭବ କରେ' ବୋଲି କହିପାରିବ । ବ୍ୟକ୍ତି ଦେଖିପାରେ, ମାତ୍ର ଏକ ଜଡ଼-ପ୍ରତିରୂପ ଦେଇ କଦାପି ଦେଖେ ନାହିଁ । କେବଳ ଯେ ଭୌତିକ ଦର୍ଶନେନ୍ଦ୍ରିୟଟି ବିଦ୍ୟମାନ ରହିଥାଏ ତା'ନୁହେଁ, ଏହାକୁ ସେହି ଦେଖିବା ବୋଲି ···ଏବଂ ବସ୍ତୁତଃ, ଜଣେ ବ୍ୟକ୍ତି ଏହି ଜଡ଼ ଦର୍ଶନେନ୍ଦ୍ରିୟ ଦ୍ୱାରା ମଧ୍ୟ ଅବଶ୍ୟ ଦେଖି

'oaob.nitrkl.ac.in' images reprocessed

ପାରିବ; ସେହି ଆଖିଗୁଡ଼ିକ ଭିତରର ପରମ ଚେତନାକୁ ଅର୍ଥାତ୍ ଦିବ୍ୟ ଚେତନାକୁ ଆପଣା ମଧ୍ୟଦେଇ ସଞ୍ଚାରିତ ହେବା ସକାଶେ ବାଟ ଛାଡ଼ିଦେବା ଭଳି ଯଥେଷ୍ଟ ପରିମାଣରେ ସ୍ଥିତିସ୍ଥାପକ ହୋଇ ପାରିଥିଲେ ଯାଇ ତାହା ସମ୍ଭବ ହେବ । ହଁ, ଜଣେ ଅବଶ୍ୟ ଦେଖିପାରିବ, ଅବଶ୍ୟ ଦେଖିପାରିବ, ମାତ୍ର ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଜଡ଼ଗତ ଅସ୍ତିତ୍ୱରେ ବସ୍ତୁଗୁଡ଼ିକ ଯେପରି ହୋଇ ରହିଛନ୍ତି, ଆମେ ତାକୁ ଆଉ କଦାପି ସେପରି ଭାବରେ ଦେଖି ପାରିବା ନାହିଁ ।

ଯଦି ତୁମେ ନିଜ ବାହ୍ୟ ଚେତନାର ଏକ କ୍ଷୁଦ୍ର ଅବଶେଷକୁ ମଧ୍ୟ ବଜାୟ ରଖିଥିବ, ଯଦି ଆପଣାର ସେହି ଅନୁଭୂତି ମଧ୍ୟରେ ତୁମେ ସମ୍ପୂର୍ଣ୍ଣ ଭାବରେ ନିମଗ୍ନ ହୋଇ ନ ଥିବ, ତେବେ ତୁମ ଲାଗି ହୁଏତ ଦୁଇଟିଯାକ ଅନୁଭୂତି ପରସ୍ପର ଉପରେ ଅଧ୍ୟାରୋପିତ ହୋଇ ରହିଥିବା ପରି ଦେଖା ଯାଉଥିବେ । ମାତ୍ର ସେତେ-ବେଳେ ତୁମର ଦେଖିବାଟି ମଧ୍ୟ କଦାପି ସମୁଚିତ ଭାବରେ ସ୍ପଷ୍ଟ ହେବ ନାହିଁ, ସମଗ୍ର ବି ହେବ ନାହିଁ । ତଥାପି, ହୁଏତ ଏଭଳି ଘଟିପାରେ ଯେ, ଉଦାହରଣସ୍ୱରୂପ ତୁମ ଭିତରେ ଏପରି କିଛି ରହିଥିବ, ଯାହାକି ବାହ୍ୟ ଭୌତିକ ଚେତନାକୁ ବଜାୟ ରଖିଥିବ ଏବଂ ଯୁଗପତ୍ ଭାବରେ ଆଉରି ଏପରି କିଛି ବି ରହିଥିବ ଯାହାକି ଯଥେଷ୍ଟ ପରିମାଣରେ କେବଳ ସେହି ଦିବ୍ୟ ପରମସତ୍ତାଙ୍କର ଅନୁଭୂତି ଭିତରେ ନିମଜ୍ଜିତ ହୋଇ ରହିଥିବ । କେବଳ ସେହି ଦିବ୍ୟ ପରମସତ୍ତାଙ୍କର ତୁମ ଲାଗି ଯାହାକିଛି ମୂଲ୍ୟ ରହିଥିବ; ଏବଂ ଅନ୍ୟଗୁଡ଼ିକ ଏପରି ରହିଥିବ, ସତେଯେପରି ତୁମେ ଏକ ସୂକ୍ଷ୍ମ ଆବରଣ ମଧ୍ୟଦେଇ ତୁମେ ସେଗୁଡ଼ିକୁ ଦେଖୁଥିବ, ଏକ ସୂକ୍ଷ୍ମ ତନ୍ତୁ ଅଥବା ଏକ ପାରଦର୍ଶକ କାଗଜ ମଧ୍ୟଦେଇ ଦେଖୁଥିବ । ସେତେବେଳେ ସେହି ତନ୍ତୁ ଅଥବା ଏକ କାଗଜର ଏକ ଅସ୍ତିତ୍ୱ ରହିଥିବ ସତ, ମାତ୍ର ତାହା ଅନ୍ୟ ପ୍ରକାରଟିରେ ବସ୍ତୁଗୁଡ଼ିକୁ ଦେଖିବାରେ ତୁମର ଆଦୌ ପଥରୋଧ କରୁ ନ ଥିବ ।

ତେଣୁ ଆମେ ପୃଥିବୀ ମଧ୍ୟରେ, ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟ ପରମସତ୍ତାଙ୍କର ଅବଶ୍ୟ ପ୍ରତ୍ୟକ୍ଷ କରିପାରିବା ଏବଂ ଯୁଗପତ୍ ଭାବରେ ଏହି ବସ୍ତୁଗୁଡ଼ିକର ଗୋଟିଏ ପ୍ରକାରର ଅସ୍ପଷ୍ଟ ପ୍ରତିଭାସ ମଧ୍ୟ ଦେଖିବାରେ ଲାଗିଥିବା, ଏବଂ ତାହା ଆମକୁ ଏହି ଅନୁଭୂତିଟିକୁ ଦେଇ ଯାଉଥିବ ଯେ, — ସେହି ଅନୁଭୂତିଟି ସେତେବେଳେ ତୁମ ଚେତନା ମଧ୍ୟରେ ହୁଏତ ଅତ୍ୟନ୍ତ ପରିଷ୍କାର ଭାବରେ ଅବସ୍ଥାନ କରୁଥାଇପାରେ — ଏହି ବାହ୍ୟ ପ୍ରତିରୂପ ଓ ଆକାରଗୁଡ଼ିକ ପ୍ରକୃତରେ ଆଦୌ ସତ୍ୟ ନୁହେଁ; ଏହା ପ୍ରକୃତରେ କେତେ ପରିମାଣରେ କେବଳ ··· ହଁ, ଏହା ତୁମକୁ ସତେଅବା ଫର୍ଦ୍ଦେ ପତଳା କାଗଜ ପରି ଲାଗୁଥିବ, ତାହାର କୌଣସି ସଙ୍ଗତି ନ ଥିବ, କୌଣସି ସାକାରତା ନ ଥିବ, ସମ୍ପୂର୍ଣ୍ଣ ଭାବରେ କୌଣସି କେବଳ ଉପସ୍ଥାପିତ ଏବଂ

'oaob.nitrkl.ac.in' images reprocessed

ଅବାସ୍ତବ ବସ୍ତୁ ପରି ମନେ ହେବ; ଏବଂ ଅପର ପକ୍ଷରେ, ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତି, ପଶ୍ଚାତରେ ରହିଥିବା ସେହି ଦିବ୍ୟ ପରମ ମହିମାର ଏକମାତ୍ର ଯାହାଙ୍କଠାରୁ ଯଥାର୍ଥ ଅସ୍ତିତ୍ୱ ରହିଥିବା ପରି ବୋଧ ହେବ, ଏକ ମାତ୍ର ସତ୍ୟ, ଦୃଢ଼ ଏବଂ ସ୍ଥାୟୀ ବସ୍ତୁ ପରିହିଁ ବୋଧ ହେବ । ଆମେ ଏହି ଅନୁଭୂତିଟିକୁ ଅବଶ୍ୟ ଲାଭ କରିପାରିବା ।

ମାଆ, ଆମ ଭିତରେ ଥିବା ଚୈତ୍ୟସତ୍ତା ସର୍ବଦା ଦିବ୍ୟ ପରମ-ସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିଥାଏ; ତେବେ ଆମେ ତ ଏହି ଅନୁଭୂତିଟିକୁ ନିରନ୍ତର ଲାଭ କରୁଥାନ୍ତେ । କାରଣ···

ସେକଥା ହେଉଥାନ୍ତା, ଯଦି ଜଣେ ଅନୁକ୍ଷଣ ଆପଣାର ଚୈତ୍ୟସତ୍ତା ସହିତ ସଂସ୍ପର୍ଶରେ ରହିପାରୁଥାନ୍ତା । ମାତ୍ର ଏଇଟି ହେଉଛି ଏକ ପ୍ରକୃତ କଥା : ଯେଉଁ ମୁହୂର୍ତ୍ତରୁ ଆମେ ଆମ ଚୈତ୍ୟସତ୍ତା ସହିତ ଅନୁକ୍ଷଣ ସଂସ୍ପର୍ଶରେ ରହିପାରିବା, ସେହି ମୁହୂର୍ତ୍ତରୁହିଁ ଆମେ ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତି ସହିତ ଅନୁକ୍ଷଣ ସଂସ୍ପର୍ଶରେ ମଧ୍ୟ ରହିପାରିବା । ଏବଂ, ତୁମେ କଥାଟିକୁ ଓଲଟାଇ ଦେଇ ଏପରି ମଧ୍ୟ କହିପାରିବ, "ଯେତେବେଳେ ମୁଁ ଅନୁକ୍ଷଣ, ସକଳ ବସ୍ତୁରେ ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତି ସହିତ ସଂସ୍ପର୍ଶରେ ରହିପାରିବି, ସେତେବେଳେ ମୁଁ ଏକଥା ମଧ୍ୟ ଜାଣିବି ଯେ ମୁଁ ଅନୁକ୍ଷଣ ମୋର ଚୈତ୍ୟସତ୍ତା ସହିତ ମଧ୍ୟ ସଂସ୍ପର୍ଶରେ ରହିଛି । ମୁଁ ଯେ ପ୍ରକୃତରେ ମୋର ଚୈତ୍ୟସତ୍ତା ସହିତ ସଂସ୍ପର୍ଶରେ ରହିଛି, ସେତେବେଳେ ଏହା ମୋ' ଲାଗି ତାହାର ଏକ ପ୍ରମାଣ ହୋଇ ରହିବ ।

ଏହା ତୁମର ଚେତନାକୁ ସମ୍ପୂର୍ଣ୍ଣ ଭାବରେ — ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବ । ତା'ପରେ ଆଉ···

ତୁମେ ଜାଣିଥିବ, ଏପରି ଲୋକ ଅଛନ୍ତି, ଯେଉଁମାନେ କି ତୁମକୁ ଆସି ପଚାରନ୍ତି, "ମୁଁ ମୋର ଚୈତ୍ୟସତ୍ତା ବିଷୟରେ ସଚେତନ ରହିଛି କି ?" ସେମାନଙ୍କୁ ଉତ୍ତରରେ ଏହିପରି କହିହେବ, "ଏହାହିଁ ପ୍ରମାଣ କରି ଦେଉଛି ଯେ ତୁମେ ସେପର୍ଯ୍ୟନ୍ତ ଯାଇପାରି ନାହଁ ।" କାରଣ, ଯଦି ଯାଇ ପାରିଥାନ୍ତ, ତେବେ ତୁମେ ଆଉ ଏହି ପ୍ରଶ୍ନଟିକୁ କଦାପି ପଚାରି ପାରନ୍ତ ନାହିଁ । ତାହା ତୁମର ଚେତନାକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦିଅନ୍ତା ।

ସରିଲା ? ··· (ବହି ବାହାରୁ ପ୍ରଶ୍ନ ପଚାରିବାକୁ ଇଚ୍ଛା କରିଥିବା ପିଲାଟିକୁ ଉଦ୍ଦେଶ୍ୟ କରି) ଯଦି ବହିର କୌଣସି ଆବଶ୍ୟକତା ନ ଥାଏ, ତେବେ ତୁମେ ନିଜର ପ୍ରଶ୍ନଟି ପଚାରିପାର ।

'oaob.nitrkl.ac.in' images reprocessed

ମା'ଆ, ଆମେ ସମସ୍ତେ ଜାଣୁ ଯେ ଅନେକ ଲୋକ ବର୍ଷ ବର୍ଷ ଧରି କେତେକ ଅସୁସ୍ଥତା ଭୋଗ କରୁଥାନ୍ତି । ସେହି ଅସୁସ୍ଥତା ଉପରେ ଦୃଷ୍ଟିପାତ କଲେ ଆମେ ଦେଖିବାକୁ ପାଉ ଯେ, ତାହା ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦେଖାଦିଏ । ବର୍ଷ ପରେ ବର୍ଷ ଏହିପରି ଭାବରେ ଲାଗି ରହିଥାଏ । ମାତ୍ର ସମୟ ସେହି ଏକା ହୋଇ ରହିଥାଏ । ତେବେ, ଏପରି ହେବାର କାରଣ କ'ଣ, ଏବଂ ଏଥିର ପ୍ରତିକାର ବା କ'ଣ ହୋଇପାରେ ?

କ'ଣ କହିଲ... ?

ଏହାର କାରଣ କ'ଣ ହୋଇପାରେ ?

ଏହା ପଛରେ ଅନେକ କାରଣ ଥାଇପାରେ । ତାହା ସଂପୃକ୍ତ ବ୍ୟକ୍ତିଙ୍କ ଉପରେହିଁ ନିର୍ଭର କରିବ । ଏକଥା ଯଦି ତୁମେ କୌଣସି ଜ୍ୟୋତିଷୀଙ୍କୁ ପଚାରିବ, ତେବେ ସିଏ କହିବେ, "ଏହା ଗ୍ରହମାନଙ୍କର କାରଣରୁ ହେଉଛି । ଯେତେବେଳେ ଗ୍ରହମାନେ ପୁନର୍ବାର ସେହି ପୂର୍ବ ଜାଗାକୁ ଆସୁଛନ୍ତି, ସେତେବେଳେ ସେହି ଏକା ଅବସ୍ଥାଗୁଡ଼ିକ ଦୃଷ୍ଟିଗୋଚର ହେଉଛି ।" ଅବଶ୍ୟ ଏହି କଥାରେ ଆଦୌ ସେତେ-ବେଶୀ ଭୁଲ୍ ନାହିଁ । ନିଶ୍ଚିତ ସେପରି କାରଣରୁ ଏହା ହେଉଥାଇପାରେ । ଏବଂ, କୌଣସି ବିଶେଷ ବିଶେଷ ଜଳବାୟୁ ପ୍ରତି ଜଣେ ବ୍ୟକ୍ତିଙ୍କର ପ୍ରତିକ୍ରିୟା ହେତୁ ମଧ୍ୟ ସେପରି ଘଟିପାରେ, ସୂର୍ଯ୍ୟଙ୍କର ସ୍ଥିତି ସହିତ ମଧ୍ୟ ତାହାର ସମ୍ବନ୍ଧ ଥାଇପାରେ; ଅଥବା, କେବଳ ଏକ ମନ୍ଦ ଅଭ୍ୟାସହିଁ ଏହାର କାରଣ ହୋଇପାରେ । ଏହାଛଡ଼ା ଆଉ କ'ଣ ହୋଇପାରେ । (ସମସ୍ତେ ହସିଲେ)

ଏବଂ ଯଦି ଜଣେ ... ଯଦି ଦୈବାତ୍ କେହି ଲଗାଲଗ୍ ସେହି ଅସୁସ୍ଥତାଟିକୁ ଦୁଇବର୍ଷ ଭୋଗ କରେ, ତେବେ ତୁମ ମନରେ ... ତୁମ ମନରେ ଏପରି ଗୋଟିଏ ଧାରଣା ହୋଇଯାଏ, ତାହା ଅବଚେତନାରେ ଏହିପରି ଭାବରେ ବଦ୍ଧମୂଳ ହୋଇ ରହିଯାଏ (ମାଆ ଇଙ୍ଗିତ କରି ଦେଖାଇଦେଲେ)—ଅବଶ୍ୟ ବାହାରକୁ କିଛି ପ୍ରକାଶ ପାଏ ନାହିଁ — ତୁମେ ନିଜେ ତାହାକୁ ଦେଖି ନ ପାରଲେ ତାହା ଏହିପରି ହୋଇଥାଏ ! ଏବଂ ତା'ପରେ, ଯେତେବେଳେ ପ୍ରକୃତ ସମୟଟି ନିକଟବର୍ତ୍ତୀ ହୋଇଆସେ, ତାହା ବେଶ୍ ସୂତରରେ ତୁମ ଭିତରୁ ବାହାରିପଡ଼ି କହିବାକୁ ଆରମ୍ଭ କରେ, "ଏଥର ସାବଧାନ ! ସେହି ସମୟଟି ଆସି ପହଞ୍ଚିଗଲା, ସମୟଟି ଆସି ପହଞ୍ଚିଲା— ସମୟ ଆସିଗଲା !" ଏହିପରି, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ତା'ସହିତ ସେହି ଅସୁସ୍ଥତାଟି ମଧ୍ୟ ଆସି ପହଞ୍ଚିଯାଏ । ଏହିସବୁ କଥା ସାଧାରଣତଃ ଏହିପରି ହୋଇଥାଏ ।

'oaob.nitrkl.ac.in' images reprocessed

ମାତ୍ର, ଜଡ଼ର ସ୍ତରରେ ଘଟୁଥିବା ପ୍ରାୟ ପ୍ରତ୍ୟେକ କଥାହିଁ ଠିକ୍ ସେହିପରି ହୁଏ । ପ୍ରଥମ ଥର ତାହା ହୁଏତ କେବଳ ପରିବେଶଗତ ଏକ ସଂଯୋଗରୁ ଘଟି ଆସିପାରେ; ତା'ପରେ ମନର ହସ୍ତକ୍ଷେପ ଆରମ୍ଭ ହୋଇଯାଏ ଏବଂ ଆପଣାର ଏକ ସିଦ୍ଧାନ୍ତ ତିଆରି କରିଦିଏ । ଏବଂ, ଆମେ ଯଦି ସେହି ସିଦ୍ଧାନ୍ତଟିକୁ ଗ୍ରହଣ କରିନେଉ, ତା'ପରେ ଏଥିରେ ଆଉ କୌଣସି ସନ୍ଦେହ ନାହିଁ ଯେ ସେହି ସିଦ୍ଧାନ୍ତଟି ହାତରେ ଘଣ୍ଟା ଧରି ରହିଥିଲା ପରି ନିର୍ଦ୍ଦିଷ୍ଟ ସମୟରେହିଁ କାର୍ଯ୍ୟକାରୀ ହେବ । ମାତ୍ର ଯଦି ତଥାପି କେହି ସେତେବେଳେ "ବାଜେ କଥା, ଏହା କେବଳ ଗୋଟାଏ ଧାରଣା ମାତ୍ର" ବୋଲି କହେ ଏବଂ ଏହିପରି (ମାଆ ଇଙ୍ଗିତ କରି ଦେଖାଇଦେଲେ) କରେ, ତେବେ ମଧ୍ୟ ସେହି ଧାରଣାଟି ଭୁଲିଯିବା ପରିବର୍ତ୍ତେ ତୁମ ଭିତରେ ଯାଇ ପ୍ରବେଶ କରେ, ଅବଚେତନ ମଧ୍ୟରେ ଯାଇ ପ୍ରବେଶ କରେ, ସିଧା ଅବଚେତନ ମନ ଭିତରେ ଯାଇ ପହଞ୍ଚିଯାଏ ଏବଂ ସେହିଠାରେହିଁ ଚୁପ୍ ହୋଇ ରହିଥାଏ । ଏବଂ ତା'ପରେ, ଯେତେବେଳେ ବାହାରକୁ ପ୍ରକାଶ ହେବାର ବେଳଟି ଆସି ପହଞ୍ଚେ, ସେତେବେଳେ ତାହା ଭିତରୁ ଏହିପରି ଭାବରେ ଏକ...ସତେଅବା ତାହା ତୁମର ସ୍ମୃତିକ୍ଷେତ୍ରଟିକୁ କୌଣସି ସ୍ଥାନରେ ଯାଇ ଟିକିଏ ଆମ୍ପୁଡ଼ିଦିଏ, କେବଳ ସେତିକି କରେ, ଆଉ କିଛିହେଲେ କରେ ନାହିଁ । ଏବଂ ତା'ପରେ ଦିନେ ହଠାତ୍ ତୁମର ମନେ ପଡ଼ିଯାଏ, "ସତେ ତ, ଗତ ବର୍ଷ ଠିକ୍ ଏହି ସମୟକୁ ମୁଁ ରୋଗରେ ପଡ଼ିଥିଲି ।" ବାସ୍, ତା'ପରେ ଯାହା ହେବାର କଥା ହୁଏ । ସିଏ ଆସି ପ୍ରବିଷ୍ଟ ହୋଇଯାଇଥାଏ ଏବଂ ହାବୁଡ଼ି ଯାଏ । ତାହା ସେତେବେଳକୁ ତୁମ ସକ୍ରିୟ ଚେତନା ମଧ୍ୟରେ ଆସି ପ୍ରବିଷ୍ଟ ହୋଇଥାଏ ଏବଂ ତାହାର ମାତ୍ର କେତେଦିନ ପରେ ଅସଲ କଥାଟି ଘଟେ ।

ମାତ୍ର ଯଦି ତୁମର ପ୍ରକୃତରେ ଏକ ଅଭିଜ୍ଞତା ହୋଇଥାଏ, ଅଥବା, ଏହିପରି, କୌଣସି ପ୍ରକାରର ଏକ ଘଟଣା ଘଟେ କିଂବା ତୁମକୁ ଏକ ଅସୁସ୍ଥତା ଭୋଗ କରିବାକୁ ହୁଏ (ସର୍ବୋପରି ଅସୁସ୍ଥତା କିଂବା ଏପରିକି ଏକ ଆକସ୍ମିକ ଦୁର୍ଘଟଣାର କ୍ଷେତ୍ରରେ ଏଭଳି ହୋଇଥାଏ), ତେବେ ତୁମ ଶରୀର ତାହାକୁ ଅନେକ ଦିନ ପର୍ଯ୍ୟନ୍ତ ମନେ ରଖିଥାଏ । ତେଣୁ, ଯଦି ତୁମେ ସେଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବାକୁ ଇଚ୍ଛା କରୁଥିବ ତେବେ ତୁମକୁ ସର୍ବପ୍ରଥମେ ତୁମ ଶରୀର ଭିତରେ ଥିବା ଏହି ସ୍ମୃତିଭଣ୍ଡାରଟିକୁ ରୋଗମୁକ୍ତ କରିବାକୁ ପଡ଼ିବ, ଏହା ଏକାନ୍ତ ଅପରିହାର୍ଯ୍ୟ । ଏବଂ, ତୁମେ ଏକଥା ଜାଣିଥାଅ ବା ନ ଜାଣିଥାଅ, ତୁମକୁ ନିଜ ଶରୀର ଭିତରେ ରହିଥିବା ସେହି ସ୍ମୃତିଭଣ୍ଡାରଟିକୁହିଁ ରୋଗମୁକ୍ତ କରିବା ଲାଗି କାର୍ଯ୍ୟ କରିବାକୁ ପଡ଼ିଥାଏ । ଏବଂ, ତୁମ ସ୍ମୃତି ଉପରୁ ସେହି କଥାଟି ସମ୍ପୂର୍ଣ୍ଣ ଭାବରେ ନିଭିଯାଇ ପାରିଲେ, ଶରୀର ମଧ୍ୟ ଯଥାର୍ଥରେ ଆରୋଗ୍ୟଲାଭ କରିଥାଏ ।

'oaob.nitrkl.ac.in' images reprocessed

ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ, ଆପଣାର ସେହି ସ୍ମୃତିକୁ ଲୁପ୍ତ କରିଦେବା ପରିବର୍ତ୍ତେ ତୁମେ ତାକୁ ଠେଲି ମାରି ଭିତରକୁ ପେଲି ଦିଅ । ଅଧିକାଂଶ ସମୟରେ ତୁମେ ତାକୁ ଅବଚେତନ ମଧ୍ୟକୁ ପେଲି ଦେଇଥାଅ ଏବଂ ବେଳେବେଳେ ଅଚେତନ ମଧ୍ୟକୁ ପେଲି ଦେଇଥାଅ, ଅର୍ଥାତ୍ ଆହୁରି ଅଧିକ ଗଭୀରକୁ ପେଲି ଦେଇଥାଅ । ସେହି କ୍ଷେତ୍ରରେ, ଯଦି ତାକୁ ଲୁପ୍ତ କରି ଦିଆ ନ ଯାଇ କେବଳ ଏହିପରି ପଛକୁ ପେଲି ଦିଆଯାଇଥାଏ, ତେବେ ଅତ୍ୟନ୍ତ ଶନୈଃ ଶନୈଃ ତାହା ପ୍ରକୃତରେ ସେପରି କରୁଛି ବୋଲି ଆଦୌ କୌଣସି ପ୍ରମାଣ ନ ଦେଇ ପୁଣି ଉପରି ଭାଗକୁ ଆସେ; ଏବଂ, ବର୍ଷ ବର୍ଷ ଧରି ତୁମେ ଯେଉଁଥିରୁ ଆରୋଗ୍ୟ ଲାଭ କରିଥିଲ, ଯଦି ତାହା ଠିକ୍ ସେହିପରି ଭାବରେ ସଚେତଥବା ଏକ ଶର ପରି ତୁମର ମନ ଭିତରଦେଇ ସାଇଁ କରି ଚାଲିଯାଏ : "ହଁ, ହଁ, ଠିକ୍ ଏହି ସମୟରେହିଁ ସେହି ଘଟଣାଟି ଘଟିଥିଲା,"—ତେବେ, ତୁମେ ଏ ବିଷୟରେ ନିଶ୍ଚିତ ଭାବରେ ଜାଣି ରଖିପାର ଯେ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ,—ହୁଏତ କେତେ ସେକେଣ୍ଡ ପରେ, କେତେ ମିନିଟ୍ ପରେ, କେତେ ଘଣ୍ଟା ପରେ ଅଥବା କେତେକ ଦିନ ପରେ ତାହା ପୁନର୍ବାର ଅବଶ୍ୟ ଫେରି ଆସିବ । ତାହା ଅପେକ୍ଷାକୃତ ଅନେକ ଅଧିକ ମୃଦୁ ଭାବରେ ଆସିପାରେ, ହୁଏତ ଯେପରି ଥିଲା ଠିକ୍ ସେହି ରୂପରେ ଆସିପାରେ ଅଥବା ଅଧିକ ତୀବ୍ର ଭାବରେ ମଧ୍ୟ ଆସିପାରେ । ସେକଥା ତୁମର ଅନ୍ତର୍ଗତ ସ୍ଥିତି ଉପରେହିଁ ନିର୍ଭର କରିବ । ଯଦି ତୁମେ ଏକ ନିରାଶାପୂର୍ଣ୍ଣ ସ୍ଥିତିରେ ରହିଥାଅ, ତେବେ ତାହା ଅଧିକ ତୀବ୍ର ଭାବରେ ଆସିବ । ଯଦି ଆଶାବାଦୀ ସ୍ଥିତିରେ ଥାଅ, ତେବେ ତାହା କ୍ଷୀଣତର ହୋଇ ଆସିବ । ମାତ୍ର ତଥାପି ଅବଶ୍ୟ ଫେରି ଆସିବ, ଏବଂ, ତୁମ ଶରୀରରେ ସେହି ସ୍ମୃତିଟିକୁ ବିନଷ୍ଟ କରିଦେବା ଲାଗି ତୁମକୁ ତା'ସହିତ ପୁନର୍ବାର ମୂଳରୁହିଁ ସଂଗ୍ରାମ ଆରମ୍ଭ କରିବାକୁ ପଡ଼ିବ । ଏଥର ଯଦି ତୁମେ ଆଗ ଅପେକ୍ଷା ଅଧିକ ମନୋଯୋଗୀ ହୋଇ ରହିଥିବ, ତେବେ କରି ପାରିବ । ସେଇଟିକୁ ବିନଷ୍ଟ କରି ପାରିଲେ ତୁମେ ଆରୋଗ୍ୟ ଲାଭ କରିବ । ମାତ୍ର ବିନଷ୍ଟ କରି ନ ପାରିଲେ, ତାହା ଅବଶ୍ୟ ପୁଣି ପ୍ରତ୍ୟାବର୍ତ୍ତନ କରିବ । ସେଥିପାଇଁ ତାହା ଅଧିକ ବା କମ୍ ସମୟ ନେବ ସତ, ଅଧିକ ଅଥବା କମ୍ ସମଗ୍ର ହୋଇଥିବ ସତ, ମାତ୍ର ତଥାପି ଅବଶ୍ୟ ଫେରି ଆସିବ । ହୁଏତ ଆଖିପିଛୁଳାକେ ଗୋଟାଏ ଝଲକରେ ଆସି ପହଞ୍ଚିବ । ଯଦି ତୁମେ ପୂର୍ଣ୍ଣଜାଗ୍ରତ ହୋଇ ରହିଥିବ ଏବଂ ସେଇଟି ଫେରି ଆସିବାବେଳେ ଯଦି ତୁମର ଆପଣାକୁ "ସେହି ଦୁଷ୍ଟ ସ୍ମୃତିଟି ପୁନର୍ବାର ଆସି ପହଞ୍ଚି ଗଲାଣି, ଏଥର ତାହା ଆପଣାର କୌଶଳଗୁଡ଼ାକୁ ଖେଳିବା ଆରମ୍ଭ କରିଦେବ" ବୋଲି କହିପାରିବାକୁ ଯଥେଷ୍ଟ ଜ୍ଞାନ ଏବଂ ଯଥେଷ୍ଟ ପରିଚ୍ଛନ୍ନ ଦୃଷ୍ଟି ରହିଥିବ, ତେବେ ତୁମେ ତାକୁ ଖୁବ୍ ଜୋର୍‌ରେ ବାଧାଏ ମାରିପାରିବ ଏବଂ

'oaob.nitrkl.ac.in' images reprocessed

ପ୍ରକୃତରେ ତାହାର ଅସ୍ତିତ୍ୱ ଲୋପ କରିଦେଇ ପାରିବ । ତୁମେ ଯଦି ଏପରି କରି ଜାଣିଥିବ, ତେବେ ତତ୍‌କ୍ଷଣାତ୍ ସେହି ବସ୍ତୁଟିର କବଳରୁ ମୁକ୍ତ ହୋଇ ବାହାରି ଆସିବା ଲାଗି ତୁମକୁ ଏହା ଏକ ସୁଯୋଗ ଆଣିଦେବ । ମାତ୍ର ଏପରି କରିପାରିବା ଆଦୌ ଅତି ସହଜ ନୁହେଁ ।

ପବିତ୍ର : ତାହା କପରି କରାଯାଇ ପାରିବ ?

କପରି କରାଯାଇ ପାରିବ ? (ମାଆ ହସିଲେ) କପରି କରାଯାଇ ପାରିବ ? ନିଜ ମନରେ ଥିବା କୌଣସି ଧାରଣାକୁ ନଷ୍ଟ କରିଦେବାକୁ ହେଲେ ଯାହା କରିବାକୁ ହୁଏ, ଏହି କ୍ଷେତ୍ରରେ ମଧ୍ୟ ତାହାହିଁ କରିବାକୁ ହେବ, ଠିକ୍ ସେହି ପ୍ରଣାଳୀ ଅବଲମ୍ବନ କରିବାକୁ ହେବ ।

ବସ୍ତୁଗୁଡ଼ିକୁ ନଷ୍ଟ କରିଦେଇ ପାରୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରକାରର ବଳ ଧାରଣାଗୁଡ଼ିକୁ ମଧ୍ୟ ନଷ୍ଟ କରିଦେଇ ପାରେ । ତାହା ଅବଶ୍ୟ ସେହି ଧାରଣାଗୁଡ଼ିକର ପ୍ରକୃତି ଉପରେହିଁ ନିର୍ଭର କରିବ । ଯଦି ତାହା ଏହିପରି ଏକ ପ୍ରତିକୂଳ ପ୍ରକାରର ରଚନା ହୋଇଥିବ, ତେବେ ତାହାକୁ ନଷ୍ଟ କରିବା ଲାଗି ତୁମେ ଏକ ସମ୍ପୂର୍ଣ୍ଣ ଭାବରେ ରଚନାତ୍ମକ ହୋଇ ରହିଥିବା ଆଲୋକକୁ ଆବଶ୍ୟକ କରିବ । ଯଦି ତୁମେ ସେହି ଆଲୋକର ଅଧିକାରୀ ହୋଇଥିବ, ତେବେ ତୁମକୁ କେବଳ ସେହି ବସ୍ତୁଟିକୁ ବୋମା ପକାଇ ଧ୍ୱଂସ କରି ଦେବାକୁ ପଡ଼ିବ ଏବଂ ତେବେ ତୁମେ ତାକୁ ନଷ୍ଟ କରିଦେଇ ପାରିବ । ମାତ୍ର ଏଥିଲାଗି ଅନ୍ତର୍ଗତ ଶକ୍ତିଗୁଡ଼ିକ ସହିତ ଏକ ଶଲ୍ୟୋପଚାର କରିବାକୁ ହେବ, ଏହି କଥାଟି କଦାପି ଭୌତିକ ଓ ବାହ୍ୟ ସ୍ତରରେ କରାଯାଇ ପାରିବ ନାହିଁ ।

ସେହି କାରଣରୁହିଁ, ବାହ୍ୟ ସ୍ତରରେ ଯେତେଯାହା ଔଷଧ ଦିଆଯାଏ, ତାହା କେବଳ ଆଂଶିକ ଭାବରେ ଏକ ଉପଶମ ଆଣି ଦେଇଥାଏ । ସେଗୁଡ଼ିକ ଦ୍ୱାରା ପୂର୍ଣ୍ଣ ଆରୋଗ୍ୟ ହୁଏ ନାହିଁ, କାରଣ, ବସ୍ତୁଟିର ଜୀବନ୍ତ କେନ୍ଦ୍ରଟିକୁ ସ୍ପର୍ଶ କରିବା ଲାଗି ସେଗୁଡ଼ିକ ଭିତରେ ଯଥେଷ୍ଟ ବଳ ନ ଥାଏ ।

(ମାଆ ନୀରବ ରହିଲେ)

ନୈତିକ କ୍ଷେତ୍ରର ଅସୁବିଧାଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଠିକ୍ ସେହି କଥା ଘଟିଥାଏ । ସେଗୁଡ଼ିକର ସ୍ମୃତିକୁ ନଷ୍ଟ କରିଦେବାରେ ଯଦି ଆମେ ସଫଳତା ଲାଭ କରିପାରିବା, ସେହି ଅସୁବିଧାରେ ପଡ଼ିଥିବା ସମୟରେ ଆମେ ଯେଉଁ ସ୍ଥିତିରେ ଥିଲୁ, ନିଜ ଭିତରେ ଯଦି ଆମେ ତାହାକୁ ନଷ୍ଟ କରିଦେଇ ପାରିବା, ଆମେ ଯଦି ଆନ୍ତରିକତା ସହିତ ତାହା କରିପାରିବା, ତେବେ ଆମର ଯାବତୀୟ ଅସୁବିଧା

'oaob.nitrkl.ac.in' images reprocessed

ଚିରକାଳ ଲାଗି ଦୂର ହୋଇଯାଇ ପାରିବ ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ମାଆ, ଗୋଟିଏ ଉଦାହରଣ ଦେଇ କହିଲେ, ଆମେ ଯେତେବେଳେ କୌଣସି କଥା କରିବୁ ବୋଲି ସଂକଳ୍ପ କରିଥାଉ, ସେତେବେଳେ ଆମେ ଦେଖିବାକୁ ପାଉ ଯେ ଆମେ ତାଦ୍ୱାରା ବେଳେବେଳେ ଅନ୍ୟମାନଙ୍କର ଭାବନାର ସଂଘାତରେ ଆସିଥାଉ । ସେଭଳି କ୍ଷେତ୍ରରେ କ'ଣ କରାଯିବା ଉଚିତ ?

କେଉଁଭଳି କ୍ଷେତ୍ରରେ··· ?

ଯେତେବେଳେ ଆମେ କିଛି କରିବୁ ବୋଲି ନିଷ୍ପତ୍ତି କରିଛୁ ?

ହଁ ।

···ସେତେବେଳେ ବେଳେବେଳେ ଦେଖିବାକୁ ମିଳେ ଯେ ଆମେ ଅନ୍ୟମାନଙ୍କର ଭାବନା ସହିତ ସଂଘାତରେ ଆସୁଛୁ ।

ସଂଘାତରେ ?

ଅର୍ଥାତ୍···

ହଁ, ହଁ, ମୁଁ ଭଲ ଭାବରେ ବୁଝି ପାରୁଛି ।

ସେତେବେଳେ କ'ଣ କରିବା ଉଚିତ ?

ଏହା ସର୍ବଦା ସେହି ଦୃଷ୍ଟାନ୍ତଟି ଉପରେ ନିର୍ଭର କରିବ । ଏହା କହିବା ପ୍ରକୃତରେ କଷ୍ଟକର···ସର୍ବପ୍ରଥମେ···(ମାଆ ନୀରବ ରହିଲେ) ଯଦି ତାହା କେବଳ ଏକ ବାହ୍ୟ ଏବଂ ଉପରଠାଉରିଆ ନିଷ୍ପତ୍ତି ହୋଇଥାଏ, ଯଦି ତାହା କେବଳ ଆମ ସଞ୍ଚସ୍ୱରୂପେ ରହିଥିବା କ୍ଷୁଦ୍ର ଜ୍ଞାନକୁ ଭିତ୍ତି କରି ରହିଥାଏ, ଆମର ନାନା କ୍ଷୁଦ୍ର ଗୁଣ ଏବଂ ଦୋଷଗୁଡ଼ିକୁ ଭିତ୍ତି କରି ରହିଥାଏ, ତେବେ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ଆମେ ଅନ୍ୟମାନଙ୍କର ତଦ୍ରୂପ ଗୁଣବିଶିଷ୍ଟ ଇଚ୍ଛାଗୁଡ଼ିକର ସଂଘାତରେ ଆସିବା,—ଇଚ୍ଛାଗୁଡ଼ିକ ଭିନ୍ନ ଭିନ୍ନ ହୋଇପାରେ, ମାତ୍ର ସେଗୁଡ଼ିକର ଗୁଣାତ୍ମକତା ସମାନ ହୋଇଥିବ, ତେବେ ଆମକୁ ପରିସ୍ଥିତିଗୁଡ଼ିକୁ ଦେଖି ଏବଂ ଆମେ ଅନ୍ତର୍ଗତ ଭାବରେ ଯେଉଁ ଫଳଟି ପାଇବୁ ବୋଲି ଆଶା କରୁଛୁ, ତାହାର ଅନୁସାରେ କୌଣସି ଏକ ନିଷ୍ପତ୍ତି କରିବାକୁ ପଡ଼ିବ । ସେବିଷୟରେ ନିର୍ଦ୍ଦିଷ୍ଟ ଭାବରେ କିଛି କହିବା ଭାରି କଷ୍ଟକର, କାରଣ ପ୍ରତ୍ୟେକ ଦୃଷ୍ଟାନ୍ତରେ ସେହି ନିଷ୍ପତ୍ତି ଅବଶ୍ୟ ଭିନ୍ନ ହେବ ।

'oaob.nitrkl.ac.in' images reprocessed

ମାତ୍ର, ତୁମେ ଯଦି ସେହିପରି ଜଣେ ବ୍ୟକ୍ତି ହୋଇଥିବ, ଯେଉଁମାନେ କି ସେହି ଉଚ୍ଚତର ସତ୍ୟଚେତନାରୁ କିଛି କରିବା ଲାଗି ଏକ ଆଦେଶ ପାଉଛନ୍ତି ବୋଲି ଭିତରୁ ଅନୁଭବ କଲାବେଳେହିଁ ଯାହାକିଛି କାର୍ଯ୍ୟ କରନ୍ତି, "ପରିଣାମ ଯାହା ହେଉ ପଛକେ, ଏହି କାର୍ଯ୍ୟଟିକୁ କରିବାକୁହିଁ ହେବ;—ଏବଂ ସେହି କାରଣରୁହିଁ ମୁଁ ଏହାକୁ କରିବି ବୋଲି ନିଷ୍ପତ୍ତି କରୁଛି" ବୋଲି ଭିତରୁ ଅନୁଭବ କରିହିଁ ଯେଉଁମାନେ ଯାହାକିଛି କରନ୍ତି, ତେବେ ଯଦି ସେହି କ୍ଷେତ୍ରରେ ତୁମକୁ ଅନ୍ୟମାନଙ୍କର ବିଶେଷ ରୁଚି, ଇଚ୍ଛା ବା ବିରୋଧର ସଂଘାତରେ ଆସିବାକୁ ହୁଏ, ତେବେ ତୁମେ କେବଳ ଏହାହିଁ (ମାଆ ସତେଅବା ପିଠି ଟୁଲାଇ ଦେଲା ପରି ଭଙ୍ଗୀ କଲେ) କରିବ ଏବଂ ନିଜ ବାଟରେ ଅବିଚଳିତ ରହିବ । ମାତ୍ର କେବଳ ଏହି କ୍ଷେତ୍ରରେହିଁ ତୁମର ସେଭଳି କରିବାକୁ ଅଧିକାର ରହିଥିବ ।

ଯେତେବେଳେ ଏହା କେବଳ ଏକ ବ୍ୟକ୍ତିଗତ କାର୍ଯ୍ୟ ହୋଇଥିବ, କେବଳ ନାନା ବ୍ୟକ୍ତିଗତ ରୁଚି ଦ୍ୱାରା ପ୍ରେରିତ ହୋଇଥିବ, ନିଜର ବ୍ୟକ୍ତିଗତ ବାସନା ଓ ଏପରିକି ବ୍ୟକ୍ତିଗତ ଧାରଣାଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ରହିଥିବ, ସେହି କ୍ଷେତ୍ରରେ, ଅନ୍ୟମାନଙ୍କଠାରୁ ବିରୋଧର ସମ୍ମୁଖୀନ ହେବା ମାତ୍ରକେ ତୁମକୁ ସମସ୍ୟାଟିକୁ ଓଜନ କରି ଅବଶ୍ୟ ଦେଖିବାକୁ ପଡ଼ିବ, ଘଟଣାଗୁଡ଼ିକୁ ଓଜନ କରିବାକୁ ପଡ଼ିବ ଓ ସେହି ଅନୁସାରେ···(ମାଆ ନୀରବ ରହିଲେ) ଆପଣା ପାଖରେ ରହିଥିବା ସର୍ବୋତ୍ତମ ସଦିଚ୍ଛା ଓ ସର୍ବୋତ୍ତମ ଧାରଣା ସହିତ କାର୍ଯ୍ୟ କରିବାକୁ ହେବ । ଏବଂ, ତୁମେ ପ୍ରକୃତରେ କ'ଣ କରିବାକୁ ଚାହୁଁଥିଲ, ତାହା ସମ୍ପୂର୍ଣ୍ଣ ଭାବରେ ତାହାରି ଉପରେହିଁ ନିର୍ଭର କରିବ; ତୁମେ ଯେଉଁ ବିରୋଧର ସମ୍ମୁଖୀନ ହେଉଛ, ତାହା ଉପରେ ମଧ୍ୟ ନିର୍ଭର କରିବ । ତେଣୁ, ଏହି କ୍ଷେତ୍ରରେ ଏକ ସାଧାରଣ ନିୟମ କରି ରଖିବା ଆଦୌ ସମ୍ଭବ ନୁହେଁ ।

କେବଳ ଗୋଟିଏ କଥାହିଁ ଆଦୌ କୌଣସି କିଛି ଲାଗି ଅପେକ୍ଷା ନ ରଖି ତୁମକୁ ଆପଣାର ପଥରେ ସିଧା ଅଗ୍ରସର ହୋଇଯିବାର ଅଧିକାର ପ୍ରଦାନ କରିବ; ସେହି କଥାଟି ହେଉଛି ଯେ, ତୁମେ ଏକ ଉଚ୍ଚତର ସତ୍ୟ ଦ୍ୱାରା ପ୍ରେରିତ ଏବଂ ପରିଚାଳିତ ହେଉଥିବ; ମାତ୍ର, ସେବିଷୟରେ ତୁମର ଏକାନ୍ତ ନିଶ୍ଚିତ ହୋଇଥିବା ଆବଶ୍ୟକ । ତୁମେ ଆପଣାର ବାସନାଟାକୁହିଁ କଦାପି ଭ୍ରମ କରି ଉଚ୍ଚତର ସତ୍ୟ ବୋଲି ଭାବିବ ନାହିଁ, କାରଣ ଅନେକେ ବଡ଼ ସହଜରେ ଠିକ୍ ଏହି ଭୁଲ୍‌ଟିକୁ କରିଥାନ୍ତି । ତୁମେ ଅତ୍ୟନ୍ତ ନିଶ୍ଚିତ ଭାବରେ ଜାଣିଥିବ ଏବଂ ତାହାର ସମର୍ଥନରେ ତୁମ ପାଖରେ ଦୃଢ଼ ପ୍ରମାଣମାନ ରହିଥିବ; ତୁମେ ଏହି କଥାଟିକୁ ମଧ୍ୟ ଅବଶ୍ୟ ଜାଣିଥିବ ଯେ, ଏହା ସାଧାରଣତଃ ଏପରି ଏକ ବସ୍ତୁ ହୋଇ ରହିଛି, ଯାହାକି ତୁମକୁ ବ୍ୟକ୍ତିଗତ ଭାବରେ ଆଦୌ ସ୍ପର୍ଶ କରୁ ନାହିଁ । ଯଦି

'oaob.nitrkl.ac.in' images reprocessed

ସେଥିରେ ତୁମର ଏକେ ଟିକିଏ ହେଲେ ବି କୌଣସି ପ୍ରକାର ସ୍ୱାର୍ଥ ରହିଥିବ, ତେବେ ତୁମକୁ ସତର୍କ ହେବାକୁ ପଡ଼ିବ ଏବଂ, ଏହା ଯେ ସେହି ଉଚ୍ଚତର ଇଚ୍ଛା ଏବଂ ଏକ ସତ୍ୟକୁ ଅବଶ୍ୟ ଅଭିବ୍ୟକ୍ତ କରୁଛି, ଏଭଳି ଏକ ପ୍ରତ୍ୟୟ ପୋଷଣ କରିବା ପୂର୍ବରୁ ତୁମକୁ ଆଉଥରେ ଚିନ୍ତା କରିବାକୁ ପଡ଼ିବ ।

ଅବଶ୍ୟ ଏକଥା ସତ ଯେ, କେତେକ କ୍ଷେତ୍ରରେ ଏହା ସେହିପରି ହୋଇ ରହିଥାଏ । "ପ୍ରକୃତରେ ଏହାହିଁ କରିବା ଉଚିତ, ବସ୍ତୁତଃ ଏହାହିଁ ସତ୍ୟ ।" ଏବଂ, ସେହି କ୍ଷେତ୍ରରେ, ଯେତେ ଯାହା ବିରୋଧ ହେଉ ପଛକେ, ତୁମେ ସିଧା ଆପଣା ପଥରେ ଅଗ୍ରସର ହୋଇଯିବ, ପରିସ୍ଥିତି ବା ପରିଣାମଗୁଡ଼ିକ ବିଷୟରେ କୌଣସି ଚିନ୍ତା କରିବ ନାହିଁ । ମାତ୍ର, କେବଳ ଏହି କ୍ଷେତ୍ରରେହିଁ ତୁମର ସେପରି କରିବାର ଅଧିକାର ରହିଥିବ; ଅର୍ଥାତ୍, ଯେତେବେଳେ ଦିବ୍ୟ ପରମସତ୍ତା ତୁମ ଭିତରେ କାର୍ଯ୍ୟ କରୁଥିବେ, କେବଳ ସେତିକିବେଳେ । ସେତେବେଳେ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ଇଚ୍ଛା ବ୍ୟତୀତ ତୁମେ ଆଉ କିଛିକୁ ବି ଖାତିର କରିବ ନାହିଁ । ମାତ୍ର ଯଦି ତାହା ଦିବ୍ୟ ପରମ ଇଚ୍ଛା ନ ହୋଇଥାଏ, ତେବେ ବିଶେଷ ଅବସ୍ଥାଟି ଅନୁସାରେ ଭିନ୍ନ ଭିନ୍ନ ଭାବରେ ସମସ୍ୟାଟିର ସମାଧାନ କରିବାକୁ ପଡ଼ିବ ।

ଉଦାହରଣସ୍ୱରୂପ, ଜଣେ ସଂକଳ୍ପ କରିଛି ଯେ ଆଜି ମୋଟେ ବାଜେ ଗପ କରିବ ନାହିଁ । ସେପରି କ୍ଷେତ୍ରରେ···

ବାଜେ ଗପ କରୁଥିବା କାହା ସହିତ ଯଦି ତା'ର ଭେଟ ହୁଏ ?

ନାଇଁ···

ତେବେ ମୁହଁ ବୁଲାଇଦେଇ ଚାଲିଯିବାକୁ ପଡ଼ିବ ! (ସମସ୍ତେ ହସିଲେ) ଏହା ଅତ୍ୟନ୍ତ ସହଜ କଥା ।

ତେବେ ଅନ୍ୟ ବ୍ୟକ୍ତିଜଣକ ଖୁବ୍ ରାଗିଯିବ ।

କ'ଣ କହିଲ ?

ଅନ୍ୟ ବ୍ୟକ୍ତିଜଣକ ଖୁବ୍ ରାଗିଯିବ ।

ସିଏ ରାଗିଲେ ରାଗୁଥାଉ ! (ସମସ୍ତେ ହସିଲେ) ସିଏ ରାଗିଲେ ରାଗୁଥାଉ । ମୁଁ ଠିକ୍ ଏହି ଦୃଷ୍ଟାନ୍ତଟି ବିଷୟରେ କହୁଥିଲି : ତୁମେ କିଛି ଖାତିର କରିବ ନାହିଁ । ଯଦି ତୁମେ ସେହି ବ୍ୟକ୍ତିଙ୍କୁ ଖୁବ୍ ଭଲ ପାଉଥିବ ଏବଂ ତେଣୁ ତାଙ୍କୁ ଅତିବେଶୀ ଅସନ୍ତୁଷ୍ଟ କରିବାକୁ ଆଦୌ ଇଚ୍ଛା କରୁ ନ ଥିବ, ତେବେ ତୁମେ ତାଙ୍କୁ ଅତ୍ୟନ୍ତ ମୃଦୁ ଭାବରେ ଏପରି କହିପାରିବ, "ନାଇଁ, ଆମେ ଆଉ ନିରର୍ଥକ ଭାବରେ କୌଣସି ଗପ କରିବା ନାହିଁ, ଏହା ଦ୍ୱାରା ଆମ ଦୁହିଁଙ୍କର ଖରାପ ହେବ ।" ବାସ୍, ସେତିକି ।

ମାତ୍ର, ଯିଏ ଏପରି ଜଣେ ବ୍ୟକ୍ତି ହୋଇଥିବେ, ଯାହାଙ୍କୁ ତୁମେ ଆଦୌ ଖୁବ୍ ବେଶୀ ପରବାୟ କରୁ ନ ଥିବ ବା ଖୁବ୍ ବେଶୀ ମହତ୍ତ୍ୱ ଦେଉ ନ ଥିବ, ତେବେ ସେହି କ୍ଷେତ୍ରରେ ତୁମେ କେବଳ ମୁହଁ ବୁଲାଇଦେବ ଓ ଅନ୍ୟତ୍ର ଚାଲିଯିବ ।

ବିଶେଷତଃ, ଯଦି ଯିଏ ତୁମର ଜଣେ ବନ୍ଧୁ ହୋଇଥିବେ, ଏପରି ବାଜେ ଗପ କରିବା ଉଚିତ ନୁହେଁ ବୋଲି ଯାହାଙ୍କର ଜାଣିବା ବି ଆବଶ୍ୟକ ଥିବ,... ତେବେ, ସେହି କ୍ଷେତ୍ରରେ ତୁମର ଆଦୌ କୌଣସି ଦ୍ୱିଧା ହିଁ ରହିବ ନାହିଁ । ଯଦି ଯିଏ ଏପରି ଜଣେ ବ୍ୟକ୍ତି ହୋଇଥିବେ, ଯିଏ କି, କେତେକ ପରିସ୍ଥିତିର ଅଭିଜ୍ଞତା ଦ୍ୱାରା, ଏପରି ବାଜେ ଗପ କରିବା ଅନୁଚିତ ବୋଲି ତୁମପରି ହୃଦୟଙ୍ଗମ କରିଥିବେ ଏବଂ, ଯଦି ସେ ତା'ସତ୍ତ୍ୱେ ପୁଣି ତାହାହିଁ କରିବାକୁ ଆରମ୍ଭ କରିବେ, ତେବେ ତାଙ୍କୁ କେବଳ ଅସାଧୁ ବୋଲି କହିବାକୁ ହେବ । କାରଣ, କରିବା ଅନୁଚିତ ବୋଲି ଜାଣି ମଧ୍ୟ ଯଦି କେହି ସେହି କାର୍ଯ୍ୟଟିକୁ ତଥାପି କରେ, ତେବେ ସେହି ମୁହୂର୍ତ୍ତରୁହିଁ ସିଏ ଅସାଧୁ ହୋଇଯାଏ । ଏବଂ, ଏପରି ଜଣେ ବ୍ୟକ୍ତି ଲାଗି ତୁମର ଆଦୌ କୌଣସି ବିଚାର କିମ୍ବା ଅପେକ୍ଷା ରହିବା ଉଚିତ ହେବ ନାହିଁ । ତା'ଠାରୁ କେବଳ ମୁହଁ ବୁଲାଇ ଚାଲିଯିବାହିଁ ଉଚିତ ହେବ ; ଯଦି ତା'ର ସେଥିରେ ରାଗ ହୁଏ, ତେବେ ସେଥିରେ ତା'ର ଆନ୍ତର ଖରାପ ହେବ । ତାକୁ କେବଳ...ତାହାର ପରିଣାମରେ ତାକୁ ଆପଣାର ରାଗକୁ ଆପଣାର ଅହଙ୍କାରକୁ ଆଣିବାକୁ ପଡ଼ିବ । ବାସ୍ ସେତିକି କଥା । ଏହାଦ୍ୱାରା ତା'ର ହୁଏତ କିଛିଟା ଭଲ ବି ହେବ ।

ଆମ ସାମାଜିକ ସମ୍ବନ୍ଧମାନଙ୍କରେ ଏକ ବଡ଼ ଦୁର୍ବଳତା ଥାଏ, ଗୋଟାଏ ଭାରି ବଡ଼ ଦୁର୍ବଳତା ରହିଥାଏ । ଏବଂ, ବସ୍ତୁତଃ, ସେହି କାରଣରୁହିଁ ଆମେ ବେଳେବେଳେ ଭାରି ରାଗିଯାଉ, ଉତ୍ତେଜିତ ହୋଇଯାଉ, ଏବଂ, ଆମର ଯାହାକିଛୁ କହିବା ଉଚିତ ନୁହେଁ, ସେଗୁଡ଼ାକୁ କହି ପକାଇଥାଉ । ଆମେ ଦୁର୍ବଳ ହୋଇ ନ ଥିଲେ କଦାପି ପ୍ରଚଣ୍ଡ ହୁଅନ୍ତୁ ନାହିଁ, ମୋଟେ ରାଗି ଯାଆନ୍ତୁ ନାହିଁ । ଦୁର୍ବଳତା ଏବଂ କ୍ରୋଧ ସର୍ବଦା ପରସ୍ପରର ଅନୁଗାମୀ ହୋଇ ରହିଥାନ୍ତି । ଯିଏ ପ୍ରକୃତରେ ବଳବାନ୍, ସିଏ କେବେହେଲେ ଉତ୍ତେଜିତ ହୋଇ ପଡ଼େ ନାହିଁ । ଏହି କ୍ଷେତ୍ରରେ ଗୋଟିଏ କଥା ଅବଶ୍ୟ ସ୍ମରଣ ରଖିବାକୁ ହେବ । ଆମେ ଯେତେବେଳେ ଉତ୍ତେଜିତ ହୋଇଯାଉଛୁ, ସେତେବେଳେ ସର୍ବଦା ନିଶ୍ଚୟ ଏହିପରି ହୋଇଥିବ ଯେ ଆମ ଭିତରେ କେଉଁଠି ନା କେଉଁଠି ଏକ ଦୁର୍ବଳତା ଅବଶ୍ୟ ରହିଛୁ । ଏକଥା ସତ ଯେ ଆମେ ବାହାରକୁ ଫାଟି ପଡ଼ୁଥିବା ପରି ଦେଖା ଯାଉଥିବା ମାଂସପେଶୀମାନ ରହିଥିବା ଜଣେ ଅତ୍ୟନ୍ତ ବଳବାନ୍ ବ୍ୟକ୍ତିକୁ ଦେଖି,—ଆପଣାର ବଳ ଦ୍ୱାରା ଯିଏ ଆଉ ଜଣେ ବ୍ୟକ୍ତିକୁ ପରାସ୍ତ କରି ତଳେ ପକାଇ ଦେଉଥାଏ, ଆମେ କହୁ, "ସେହି ଲୋକଟି ଭାରି ବଳବାନ୍ ।" ମାତ୍ର ଏହା ମୋଟେ ସତକଥା ନୁହେଁ ।

'oaob.nitrkl.ac.in' images reprocessed

ତା'ର ଟାଣ ମାଂସପେଶୀ ରହିଛି ସତ, ମାତ୍ର ନୈତିକ ଦୃଷ୍ଟିରୁ ସିଏ ଅତି ଦୁର୍ବଳ । ତେଣୁ ଏପରି ଦେଖିଲେ ସିଏ ବଳବାନ୍ ହୋଇପାରେ ଓ ସେପରି ଦେଖିଲେ ଦୁର୍ବଳ ବି ହୋଇପାରେ । ସାଧାରଣତଃ ଠିକ୍ ଏହିପରହିଁ ଘଟିଥାଏ ।

ମାତ୍ର ମୁଁ କହୁଛି; ଏବଂ ଯେଉଁ ଲୋକମାନେ ପଶୁମାନଙ୍କୁ, ଅତ୍ୟନ୍ତ ବଳବାନ୍ ପଶୁମାନଙ୍କୁ ଅଧ୍ୟୟନ କରି ଦେଖିଛନ୍ତି, ସେମାନେ ମଧ୍ୟ କହି ଥାଆନ୍ତି ଯେ, ସେହି ପଶୁମାନେ ଭାରି ଶାନ୍ତିପ୍ରିୟ । ଅବଶ୍ୟ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ଯେତେବେଳେ ସେମାନେ ଶିକାର ପଛରେ ଦଉଡ଼ୁ ଥାଆନ୍ତି, ସେତେବେଳେ ସେମାନଙ୍କୁ ଆପଣାର ସମସ୍ତ ଶକ୍ତିକୁ କାମରେ ଲଗାଇବାକୁ ହୁଏ; ମାତ୍ର ତାହା କ୍ରୋଧ ନୁହେଁ, ତାହା ହେଉଛି ଶକ୍ତି । ମାତ୍ର, ଯଦି ତୁମେ କେବେ କୌଣସି ସିଂହକୁ ଦେଖିଥିବ,--ଯେତେବେଳେ ତା'ର କିଛି କରିବାକୁ ନ ଥାଏ, ସେତେବେଳେ ସିଏ କୌଣସି ପ୍ରକାରେ ଅଶାନ୍ତ ହୁଏ ନାହିଁ । ଅବଶ୍ୟ ପୀଡ଼ିତ ଥିଲେ ସିଏ ଭାରି ଅଶାନ୍ତ ଅନୁଭବ କରୁଥାଏ । ମାତ୍ର ଯଦି ଭଲ ଥାଏ, ଯଦି ତା'ର ସ୍ୱାସ୍ଥ୍ୟ ଭଲ ଥାଏ, ଯଦି ତା'ର କିଛି କରିବାକୁ ନ ଥାଏ, ତେବେ ସିଏ ମୋଟେ ହଲଚଲ ହୁଏ ନାହିଁ, ସମ୍ପୂର୍ଣ୍ଣ ଭାବରେ ସ୍ଥିର ହୋଇ ବସିଥାଏ । ସତେଅବା ଜଣେ ସାଧୁସନ୍ଥଙ୍କ ପରି ଦେଖା ଯାଉଥାଏ । (ସମସ୍ତେ ହସିଲେ)

ଉତ୍ତେଜନା, ପ୍ରଚଣ୍ଡ ଭାବ, କ୍ରୋଧ,—ଏସବୁ ସର୍ବଦା, ଆଦୌ କୌଣସି ବ୍ୟତିକ୍ରମ ନ ଥାଇ, କେବଳ ଦୁର୍ବଳତାର ସଙ୍କେତ । ଏବଂ ବିଶେଷତଃ, ଯଦି ଜଣେ କଥା କହିବା ସମୟରେ ଭାରି ଉତ୍ତେଜିତ ହୋଇପଡ଼ୁଥାଏ ଓ ଯାହା ତା'ର କହିବା ଉଚିତ ନୁହେଁ, ସେହିସବୁ କଥା କହି ପକାଉଥାଏ; ତେବେ ତାହା ପ୍ରକୃତରେ ଏକ ଭୟାନକ ମାନସିକ ଦୁର୍ବଳତାର ସଙ୍କେତ ଆଣି ଦେଇଥାଏ —ଉଭୟ ମାନସିକ ଏବଂ ପ୍ରାଣିକ — ଏକ ଭୟଙ୍କର ଦୁର୍ବଳତାର ସଙ୍କେତ ଦେଇଥାଏ ତା' ନ ହେଲେ, ତୁମେ ହୁଏତ ପୃଥିବୀସାରା ସବୁ ଅପମାନ-କଥା ଶୁଣି ଯାଉଥିବ, ଲୋକେ ତୁମକୁ ଯାବତୀୟ ପ୍ରକାରର ନିର୍ବୋଧ କଥା କହିବାରେ ଲାଗିଥିବେ; ଏବଂ ଯଦି ତୁମେ ଦୁର୍ବଳ ହୋଇ ନ ଥିବ, ତେବେ ତୁମେ ହୁଏତ ବାହାରକୁ ମୋଟେ ହସୁଛ ବୋଲି ଦେଖାଉ ନ ଥିବ ସତ—କାରଣ ଏହିପରି ହସିବାଟା ସଦାବେଳେ ଏକ ଉତ୍ତମ ରୁଚିର ପରିଚାୟକ ହୋଇ ରହି ନ ଥାଏ,—ମାତ୍ର ତୁମ ଭିତରେ ଏକ ଗଭୀର ପ୍ରଦେଶରେ—ତୁମେ ପ୍ରକୃତରେ ମୁରୁକି ମୁରୁକି ହସିବାରେ ଲାଗିଥିବ । ଏଠାରେ ମୁଁ ସେପରି ପରାମର୍ଶ ଦେଉଛି, ଯଦି ତୁମର ମନ ସେହିପରି ସ୍ଥିର ହୋଇ ରହିବାର ଅଭ୍ୟାସଟିକୁ ଅର୍ଜନ କରି ପାରିଥିବ, ଏବଂ ଯଦି ତୁମେ ନିଜ ଭିତରେ ଅସଲ ସତ୍ୟଟିକୁ ଦେଖିପାରୁଥିବ, ତେବେ ତୁମେ ଯାହା ମନ ତାହା ଶୁଣିପାରିବ । ତାହା ତୁମ ଭିତରେ କୌଣସି ସ୍ପନ୍ଦନର ବାହ୍ୟାଭାସ ମଧ୍ୟ

'oaob.nitrkl.ac.in' images reprocessed

ସୃଷ୍ଟି କରିପାରୁ ନ ଥିବ—ସବୁକିଛି ସମ୍ପୂର୍ଣ୍ଣ ଭାବରେ ଅବିଚଳ ଏବଂ ସ୍ଥିର ହୋଇ ରହିଥିବ। ଏବଂ, ଅଳ୍ପ ସମୟ ପୂର୍ବରୁ ମୁଁ ଯେଉଁ ସାକ୍ଷୀଟି କଥା କହୁଥିଲି, ସେତେବେଳେ ସେହି ସାକ୍ଷୀଟି ଉପସ୍ଥିତ ରହିଥିବ, ସବୁଯାକ ମଜା ଦେଖୁଥିବ ଏବଂ ଅବଶ୍ୟ ହସିବାରେ ଲାଗିଥିବ।

ମାତ୍ର, ତୁମ ଉପରେ ନଜର ସକଳ ଉତ୍ତେଜନା ଏବଂ କ୍ରୋଧକୁ ଆଣି ଅଜାଡ଼ି ଦେଉଥିବା ଅନ୍ୟ ବ୍ୟକ୍ତିଟିର ତଦନୁରୂପ ସ୍ପନ୍ଦନଗୁଡ଼ିକୁ ଯଦି ତୁମେ ଅନୁଭବ କରିବାକୁ ଆରମ୍ଭ କରିବ, ଯଦି ତୁମେ ଏପରି ଅନୁଭବ କରିବ···ପ୍ରଥମେ ଏହି ଅନୁଭବଟି ହୁଏ···ଏବଂ ତା'ପରେ, ହଠାତ୍, ତାହାର ଏକ ଅନୁସ୍ପନ୍ଦନ ବି ଆରମ୍ଭ ହୋଇଯାଏ। ଏବଂ ଯଦି ତୁମେ ନିଜେ ବି କ୍ରୋଧର ବଶବର୍ତ୍ତୀ ହୋଇ ପଡ଼ିବ, ତେବେ ତୁମକୁ ଏକଥା ଅବଶ୍ୟ ଜାଣି ରଖିବାକୁ ହେବ ଯେ ତୁମେ ମଧ୍ୟ ଠିକ୍ ସେହି ଅନ୍ୟ ବ୍ୟକ୍ତି ପରି ସମାନ ଭାବରେ ଦୁର୍ବଳ।

ଏଥର ବୁଝିଲ ?

ମୁଁ ଭାବୁଛି, ଆଜି ଏତିକିରେ ଥାଉ।

'oaob.nitrkl.ac.in' images reprocessed

# ୨୦ ଅକ୍ଟୋବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ପ୍ରଥମ ଅଧ୍ୟାୟ "ସ୍ଥିରତା—ଶାନ୍ତି—ସମତା" ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, "ଆତ୍ମାର ସ୍ୱତନ୍ତ୍ରତା" କହିଲେ କ'ଣ ବୁଝାଇବ ?

ଏହାର ଅର୍ଥ ହେଉଛି ଆପଣାର ଯଥାର୍ଥ ଅନ୍ତର୍ଗତ ସତ୍ତାରେ ସେତେବେଳେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ବୋଲି ଅନୁଭୂତ ହେବ, ଯାବତୀୟ ପ୍ରତ୍ୟେକ ବସ୍ତୁରୁ ମୁକ୍ତ ହୋଇ ରହିଥିବାର ଅନୁଭୂତ ହେବ । ସେତେବେଳେ ଏକ ପରିପୂର୍ଣ୍ଣ ମୁକ୍ତିର ଅନୁଭୂତି ସମ୍ଭବ ହେଉଥିବ—ଯାବତୀୟ ବାହ୍ୟ ପ୍ରଭାବ, ଯାବତୀୟ ନିମ୍ନତର ଆବେଗ ଏବଂ ଯାବତୀୟ ଭାବନା ଓ ଅଭ୍ୟାସର ଦାସତ୍ୱରୁ ମୁକ୍ତ ହୋଇ ରହିଥିବାର ଅନୁଭବ ହେବ···(ମାଆ ନୀରବ ରହିଲେ) ଏଥର ବୁଝିଲ ?

(ଆଉ ଜଣେ ପିଲାକୁ) ତୁମର କିଛି ପଚାରିବାକୁ ଅଛି କି ?

ଏହି ସ୍ଥାନରେ ମୁଁ ଏହି କଥାଟିର ଅର୍ଥ ବୁଝିପାରୁ ନାହିଁ : "କୌଣସି କାରଣରୁ ମଧ୍ୟ ତାଙ୍କର (ମାଆଙ୍କର) ଆମ ପ୍ରତି ଥିବା ବ୍ୟାକୁଳତାଠାରୁ ନିଜକୁ ଦୂରେଇ ନ ରଖିବା ।"

କ'ଣ କହିଲ ? ତାଙ୍କର ବ୍ୟାକୁଳତାଠାରୁ କୌଣସି କାରଣରୁ ମଧ୍ୟ ଆପଣାକୁ ଦୂରେଇ କରି ନ ରଖିବା ? ତା'ଭିତରେ ତୁମେ କେଉଁ କଥାଟିକୁ ବୁଝିପାରୁ ନାହଁ ? କାହିଁକି—କାହିଁକି ବୁଝିପାରୁ ନାହଁ କହିଲ ? ତୁମେ ଏହାର ଅର୍ଥ ବୁଝିପାରୁ ନାହଁ ନା ଆଉ କିଛି ବୁଝିପାରୁ ନାହଁ ? "ଆପଣାକୁ ଦୂରେଇ କରି ରଖିବା"—ତୁମେ ଏକଥାଟିର ଅର୍ଥ ଜାଣିଛ ?

ନା ।

ଆଚ୍ଛା । ଦୂରେଇ କରି ରଖିବାର ଅର୍ଥ ହେଉଛି ଆପଣାକୁ ପ୍ରତ୍ୟାହାର କରିନେବା, ଦୂରକୁ ଚାଲିଯିବା, ପଳାଇଯିବା, ମନା କରିବା, ପ୍ରତ୍ୟାଖ୍ୟାନ କରିବା —ଏହି ସବୁକିଛି ।

'oaob.nitrkl.ac.in' images reprocessed

"ବ୍ୟାକୁଳତା"—ତୁମେ ତା' ଅର୍ଥ କ'ଣ ଜାଣିଛ ?

ଖୁବ୍ ଭଲକରି ଜାଣି ନାହିଁ ।

ଖୁବ୍ ଭଲ କରି ଜାଣି ନାହିଁ ? ···ତାହାକୁ ଆମେ "ସହୃଦୟ ହେବା" ବୋଲି କହିବା, ଅର୍ଥାତ୍ ଧ୍ୟାନ ଦେବା, ସାହାଯ୍ୟ କରିବା, ବ୍ୟଗ୍ର ହୋଇ ରହିବା— ନିର୍ଦ୍ଦିଷ୍ଟ ଭାବରେ କହିଲେ, ସାହାଯ୍ୟ କରିବା ଏବଂ ଉପକାର କରିବା ଲାଗି ବ୍ୟଗ୍ର ହୋଇ ରହିବା । ସହାନୁଭୂତି କହିଲେ ତାହାହିଁ ବୁଝାଏ । ଯେତେବେଳେ ତୁମେ କାହାକୁ ସାହାଯ୍ୟ କରିବ ବୋଲି ଅନୁଭବ କରିବ, ସେତେବେଳେ ତୁମେ···ତୁମେ ତାହାର ଆବଶ୍ୟକତାଗୁଡ଼ିକୁ ଜାଣିବ ଏବଂ ସେଗୁଡ଼ିକୁ ପୂରଣ କରିବା ଲାଗି ଚେଷ୍ଟା କରିବ; ତୁମ ଭିତରେ ଉତ୍ତମ ଭାବନା ରହିଥିବ, ଉତ୍ତମ ସମ୍ବେଦନାମାନ ଥିବ, ତୁମେ ସାହାଯ୍ୟ କରିବାକୁ ଇଚ୍ଛା କରୁଥିବ, ସମର୍ଥନ କରିବାକୁ ଓ ସୁଖୀ କରିବାକୁ ଇଚ୍ଛା କରୁଥିବ । ଏହାହିଁ ସହାନୁଭୂତି । ତେଣୁ ସେହି ସହାନୁଭୂତିରୁ ନିଜକୁ କୁଣ୍ଠିତ କରି ରଖିବାର ଅର୍ଥ ହେଉଛି, ସେଗୁଡ଼ିକ ଆସୁଥିବା ବେଳେ ସେଗୁଡ଼ିକୁ ଅସ୍ୱୀକାର କରିବା—ସେଗୁଡ଼ିକ ପ୍ରତି ଦୃଷ୍ଟି ନ ଦେବା ଅଥବା ସେଗୁଡ଼ିକୁ ଗ୍ରହଣ କରିବା ଲାଗି ମନା କରିଦେବା ।

ଅବଶ୍ୟ ଏକଥା ସତ୍ୟ, ଅଧିକାଂଶ ସମୟରେ ବ୍ୟକ୍ତିମାନେ ଅଜାଣତରେ ଏକଥା କରିଥାନ୍ତି । ଉଦାହରଣସ୍ୱରୂପ, ସ୍ୱତନ୍ତ୍ର ହୋଇ ରହିବାର ଯାବତୀୟ ପ୍ରବୃତ୍ତି, ନିଜେ ନିଜର ସକଳ ଦାୟିତ୍ୱ ଗ୍ରହଣ କରିବା, ଆଦୌ କୌଣସି ଶୃଙ୍ଖଳା ବା ନିୟମ ପାଖରେ ନତି ସ୍ୱୀକାର ନ କରିବା, ନିଜ ଗୋଡ଼ରେ ନିଜେ ଛିଡ଼ାହେବା, କେବଳ ନିଜର ଅବଲମ୍ବନ ବ୍ୟତୀତ ଆଉ କୌଣସି ଅବଲମ୍ବନର ଅପେକ୍ଷା ନ ରଖିବା ଏବଂ ଆପଣାର ଯାବତୀୟ କ୍ରିୟାଶୀଳତାରେ ମୁକ୍ତ ଏବଂ ସ୍ୱାଧୀନ ହୋଇ ରହିବା : ଏହିସବୁକୁହିଁ ଦିବ୍ୟ ସହାନୁଭୂତିରୁ ଆପଣାକୁ କୁଣ୍ଠିତ କରି ରଖିବା ବୋଲି କୁହାଯିବ । ମୁଁ ନିଜେ ଯାହା କରିବାକୁ ଇଚ୍ଛା କରୁଛି, ଯାହା ମୋତେ ଭଲ ଲାଗୁଛି, କେବଳ ଯାହା ଲାଗି ମୋର ଇଚ୍ଛା ହେଉଛି, ସମ୍ପୂର୍ଣ୍ଣ ମୁକ୍ତ ଓ ଅନଧୀନ ଭାବରେ ତାହାହିଁ କରିବାକୁ ମନ କରିବା,—"କେବଳ ମୋର ଯାହା କରିବାକୁ ଇଚ୍ଛା, ମୁଁ ତାହାହିଁ କରିବି"—ଏହିଗୁଡ଼ିକୁହିଁ ଦିବ୍ୟ ସହାନୁଭୂତିରୁ ନିଜକୁ କୁଣ୍ଠିତ କରି ରଖିବା ବୋଲି କହିବାକୁ ହେବ ।

ଏବଂ ଆମେ ବେଶି ଅଧିକାଂଶ ସମୟରେ ସେପରି କରୁ !

(ଗୋଟିଏ ପିଲାକୁ) ତୁମର କିଛି ପଚାରିବାର ଅଛି ?

ଅନେକ ସମୟରେ ଏପରି ହୁଏ ଯେ, ଆପଣଙ୍କୁ ଆମେ ପ୍ରଶ୍ନ ପଚାରୁ, ମାତ୍ର ଆପଣ ତାକୁ ବୁଝିପାରି ନ ଥାନ୍ତି । ଆମ ଭାଷାରେ କୌଣସି

'oaob.nitrkl.ac.in' images reprocessed

ବୁଝି ରହିଥାଏ ବୋଲି ଏପରି ହୁଏ, ନା ଚେତନାରେ କୌଣସି ଦୋଷ ରହିଥାଏ ?

ସାଧାରଣତଃ ଚେତନାରେ କିଛି ଅସୁବିଧା ରହିଥାଏ ।

ଏବିଷୟରେ ମୋର ଏହିଭଳି ଗୋଟିଏ ଅନୁଭବ ରହିଛି : କେତେକ ଲୋକ ହୁଏତ ଅଧଘଣ୍ଟା କାଳ ମୋତେ କ'ଣସବୁ କହିବାରେ ଲାଗିଥାନ୍ତି, ମାତ୍ର ସେମାନଙ୍କ କଥାର ଦଶଭାଗରୁ ଭାଗେ କଥାର ଅର୍ଥ ମଧ୍ୟ ମୁଁ ବୁଝିପାରୁ ନ ଥାଏ । ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେ ଅତ୍ୟନ୍ତ କୋମଳ, ଧୀର ଏବଂ ମୃଦୁ ଭାବରେ ଯାହା କହିବାର କହୁଥାନ୍ତି, ମାତ୍ର ମୁଁ ସେମାନେ କହୁଥିବା ପ୍ରତ୍ୟେକଟି ଶବ୍ଦକୁ ବୁଝିପାରେ । ଗୋଟିଏ କ୍ଷେତ୍ରରେ ଏହା···ତେଣୁ ଏକଥା ବାଗ୍ମିତା ଉପରେ ନିର୍ଭର କରେ ନାହିଁ, କିଏ କେତେ ସ୍ପଷ୍ଟ ଭାବରେ କଥାଟିକୁ କହିପାରୁଛି, ତାହା ଉପରେ ମଧ୍ୟ ନିର୍ଭର କରେ ନାହିଁ,—ଅତ୍ୟନ୍ତ ଅନାଗିଆ କରି କେହି କଥାଗୁଡ଼ାକୁ କହିବା ସମୟରେ ମଧ୍ୟ ତାହାର କଥାଗୁଡ଼ିକୁ ବୁଝିବାରେ ମୁଁ ବେଶ୍ ଅଭ୍ୟସ୍ତ ହୋଇଯାଇଛି । ଏହି ଅଭ୍ୟାସ ମୋ'ର ବର୍ଷ ବର୍ଷ ଧରି ରହିଛି । ତେଣୁ ସେଇଟା କାରଣ ନୁହେଁ । କାରଣ ହେଉଛି ଯେ, ହୁଏତ ସେମାନେ ସମ୍ପୂର୍ଣ୍ଣ ସ୍ପଷ୍ଟ କରି କିଛି ଭାବି ନ ଥାନ୍ତି, ଅର୍ଥାତ୍ ସକାରାତ୍ମକ ଭାବରେ ଆଦୌ କିଛି ଭାବି ନ ଥାନ୍ତି; ଯେଉଁମାନେ ସ୍ପଷ୍ଟ ଭାବରେ ଚିନ୍ତା କରିପାରନ୍ତି, ସେମାନେ ଯାହା ଯେପରି କହନ୍ତୁ ପଛକେ, ମୁଁ ସେମାନଙ୍କ କଥାକୁ ବୁଝିପାରେ । ମାତ୍ର, ଯେଉଁମାନେ ସ୍ପଷ୍ଟ ଭାବରେ ଚିନ୍ତା କରନ୍ତି ନାହିଁ, ସେମାନଙ୍କ କ୍ଷେତ୍ରରେ ବୁଝିବା ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଥାଏ । ଏହାଛଡ଼ା, ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ଆପଣାର ଭାବନାକୁ କୌଣସି ଏକ ଛଦ୍ମବେଶରେ ପ୍ରକାଶ କରିଥାନ୍ତି, ଯେଉଁମାନେ ମୋଟେ ଖୋଲା ହୋଇପାରନ୍ତି ନାହିଁ, ଯାହା ଅନୁଭବ କରନ୍ତି ବା ଚିନ୍ତା କରନ୍ତି, ଠିକ୍ ସେହି କଥାଟିକୁ ମୋଟେ ବ୍ୟକ୍ତ କରନ୍ତି ନାହିଁ, ଏକ ନିର୍ଦ୍ଦିଷ୍ଟ ପ୍ରକାରରେ କଥା-ଗୁଡ଼ିକର ଉପସ୍ଥାପନ କରିବାକୁ ଚେଷ୍ଟା କରନ୍ତି । ଏବଂ ସେହି କ୍ଷେତ୍ରରେ ସେମାନେ ଆସି ଦୀର୍ଘ ବକ୍ତୃତାମାନ ଦେଲେ ମଧ୍ୟ ମୁଁ ସେମାନଙ୍କର କଥା କିଛି ବୁଝିପାରେ ନାହିଁ । ଏବଂ, ସେମାନେ ଯାହା ଭାବୁଥାନ୍ତି, ମୁଁ ସେକଥା ଜାଣି ପାରୁଥିଲେ ମଧ୍ୟ, ସେମାନେ ଯାହା କହନ୍ତି, ମୁଁ ସେଗୁଡ଼ିକୁ କିଛି ବୁଝିପାରେ ନାହିଁ । ଏଭଳି ଅଧିକାଂଶ ସମୟରେ ଘଟିଥାଏ : ଲୋକମାନେ ମୋ' ଆଗରେ କ'ଣସବୁ କହୁଥାନ୍ତି, ମାତ୍ର ମୋ' କାନରେ ସେସବୁ କିଛିହେଲେ ପଶୁ ନ ଥାଏ । ହଁ, ଠିକ୍ ସେହିପରି ହୁଏ, ମୋ' କାନରେ ଆଦୌ କିଛି ପଶେ ନାହିଁ···ମୁଁ "କ'ଣ ? କ'ଣ ? କ'ଣ କହିଲ ?" ବୋଲି କହୁଥାଏ । ଏବଂ ତା'ପରେ, ଯେତେବେଳେ ଦୁଇ ତିନିଥର

'oaob.nitrkl.ac.in' images reprocessed

ଏହିପରି ହୁଏ, ସେତେବେଳେ ମୁଁ ଜାଣିବାକୁ ସମର୍ଥ ହୁଏ ଯେ ଏହା ହେଉଛି ଠିକ୍ ଏହିପରି ଗୋଟିଏ ବ୍ୟାପାର : ସେମାନେ ଯାହା ଚିନ୍ତା କରୁଛନ୍ତି, ସେକଥା ଆଦୌ କହୁ ନାହାନ୍ତି, ସତେଅବା ଗୋଟାଏ ପ୍ରକାରର କୌଣସି ଧାରଣା ଜନ୍ମାଇବା ଅଭିପ୍ରାୟରେ ସେମାନେ ଯାହାକିଛି କହୁଛନ୍ତି । ମୁଁ ଏପରି ବା ଏପରି ଭାବେ ବୋଲି ସେମାନେ ଏକଥା କହୁଛନ୍ତି । ତେଣୁ, ସେହି କ୍ଷେତ୍ରରେ ସବୁ ନିରର୍ଥକ ହୋଇଯାଏ, ସେହି କଥାଗୁଡ଼ାକ ଆଦୌ ମୋ କାନ ଭିତରେ ପଶନ୍ତି ନାହିଁ । ଏଥିରେ ସ୍ଥାନବିଶେଷରେ ବିଭିନ୍ନ ମାତ୍ରା ରହିଥାଏ ।

ସରଳ ? (ଗୋଟିଏ ପିଲାକୁ) ତୁମର କ'ଣ ପଚାରିବାର ଅଛି ? କିଛି ନାହିଁ ? କାହାର କିଛି ପଚାରିବାକୁ ନାହିଁ ? ଏଠାରେ ବୋଧହୁଏ ବର୍ଷା ହେଉ ନାହିଁ, ନୁହେଁ ? (ସମସ୍ତେ ହସିଲେ)

(ଅତି ଧୀର ଗଳାରେ) ମାଆ, ପ୍ରବଳ ଭାବରେ କୌଣସି କିଛିର ବାସନା ରଖିବା ଏକ ଦୁର୍ବଳତା କି ?

ଶୁଣ ! ମୁଁ କିଛି ଶୁଣି ପାରିଲି ନାହିଁ ।

ପ୍ରବଳ ଭାବରେ କୌଣସି କିଛିର ବାସନା ରଖିବା ଆମ ହୃଦୟର ଏକ ଦୁର୍ବଳତା କି ?

ମୁଁ ଏବେବି ବୁଝିପାରି ନାହିଁ । କେବଳ ଗୋଟିଏ ଶବ୍ଦ ଶୁଣି ପାରୁଛି । (ପିଲାଟି ସଙ୍କୋଚ କଲା) ହଁ କହ, କହ,—ମାତ୍ର ଯାହା କହିବାକୁ ଯାଉଛ ସେହି ବିଷୟରେ ଟିକିଏ ଚିନ୍ତା କରିଥାଅ ।

(ବଡ଼ ପାଟି କରି) ପ୍ରବଳ ବାସନା । (ପିଲାଟି ହସିବାକୁ ଲାଗିଲା)

କ'ଣ କହିଲ ?

(ଆଉ ଜଣେ ପିଲା) ପ୍ରବଳ ବାସନା ! (ପବିତ୍ର) ପ୍ରବଳ ବାସନା ।

ପ୍ରବଳ ବାସନା ! ଆଉ ତାହା ମୋତେ "ଭାବନା" ବୋଲି ଶୁଭୁଥିଲା । ଆଚ୍ଛା, ପ୍ରବଳ ବାସନା ବିଷୟରେ ତୁମେ କ'ଣ କହୁଛ ?

ଏହା କ'ଣ ହୃଦୟର ଏକ ଦୁର୍ବଳତା କି ?

ଦୁର୍ବଳତା ? ନାହିଁ ତା' ହେଉଛି ପ୍ରାଣସ୍ତରର ଏକ ବିଶୃଙ୍ଖଳା । (ମାଆ ନୀରବ ରହିଲେ) ସେହି ଅନୁଭୂତିଟି ପ୍ରଥମେ ହୃଦୟ ଭିତରୁ ଆସେ, ତା'ପରେ ପ୍ରାଣିକ ତାହାକୁ ନିଜ ଅଧିକାରକୁ ନେଇଆସେ ଏବଂ ଏକ ପ୍ରବଳ ବାସନାରେ

'oaob.nitrkl.ac.in' images reprocessed

ପରିଣତ କରିଦିଏ । (ମାଆ ନୀରବ ରହିଲେ) ଏବଂ, ଆଉ ଗୋଟିଏ ପାଦ ଅଗ୍ରସର ହେବା ପରେ ଏକ ପାଗଲାମିରେ ପରିଣତ ହୋଇପଡ଼େ, (ମାଆ ନୀରବ ରହିଲେ) ଆଉ କିଛି ଅଛି ?

ମାଆ, ଅତିରିକ୍ତ ପରିମାଣରେ ଉତ୍ତେଜିତ ହୋଇ ରହିଥିବା ସମୟରେ ଆମେ କିପରି ସ୍ଥିରତାକୁ ଆବାହନ କରି ଆଣିପାରିବା ?

(ମାଆ ନୀରବ ରହିଲେ) ଆଉ ଥରେ କହିଲ ?

ଆମେ କିପରି ସ୍ଥିରତାକୁ ଆବାହନ କରି··· ?

ଆଚ୍ଛା, କିପରି ଆବାହନ କରି ଆଣି ପାରିବା ? ହଁ, ଅର୍ଥାତ୍ ଆମେ କିପରି ସ୍ଥିରତାକୁ ଆମ ପାଖକୁ ଆସିବା ଲାଗି କ୍ଷେତ୍ର ପ୍ରସ୍ତୁତ କରିପାରିବା ? କିପରି ଏହା ହେବ ବୋଲି ତୁମେ ପଚାରୁଛ ? ଅତି ସହଜ କଥା, ତୁମେ ଯେତେବେଳେ କାହାକୁ ଡାକିବା ଲାଗି ଇଚ୍ଛା କରୁଛ, ସେତେବେଳେ ତୁମେ ତାହାକୁ ଡାକିବାକୁ ଆରମ୍ଭ କର, ନୁହେଁ ? (ସମସ୍ତେ ହସିଲେ) ଏଠାରେ ମଧ୍ୟ ଠିକ୍ ସେହି କଥା । ତୁମକୁ ଯଥାସମ୍ଭବ ଅଧିକ ସ୍ଥିର ହୋଇ ରହିବାକୁ ହେବ, ସ୍ଥିରତା ଲାଗି ଇଚ୍ଛା କରିବ, ଅଭୀପ୍ସା ରଖିବ । ସ୍ଥିରତାକୁ ଆବାହନ କରିବ । ସେହି ସମୟରେ ଯଥାସମ୍ଭବ ଅଧିକ ସ୍ଥିର ହୋଇ ରହିଥିବ । ତା'ଠାରୁ ଆହୁରି ଅଧିକ ସ୍ଥିର ହୋଇ ରହିବାକୁ ପ୍ରାର୍ଥନା କରୁଥିବ । ସ୍ଥିରତାକୁହିଁ ଇଚ୍ଛା କରିବ । ମାତ୍ର, ସ୍ଥିର ଭାବରେ ଏହି ସବୁକିଛି କରିବ, କାରଣ, ଯଦି ଉତ୍ତେଜିତ ଭାବରେ ତାହାକୁ ଇଚ୍ଛା କର, ତେବେ ସ୍ଥିରତା କଦାପି ସମ୍ଭବ ହେବ ନାହିଁ ।

ବେଳେବେଳେ, ଅଭିନିବେଶିତ ହୋଇ ରହିବାକୁ ଇଚ୍ଛା ହେଉଥିବା ସମୟରେ, ନାନା ପ୍ରକାରର ଭାବନା ଆସି ସାଧାରଣତଃ ବ୍ୟାଘାତ ସୃଷ୍ଟି କରୁଥାଏ, ମାତ୍ର ଅନେକ ସମୟରେ କୌଣସି ନା କୌଣସି ପ୍ରକାରର ପ୍ରତିରୂପମାନ ଭାସି ଭାସି ଯାଉଥାଏ···

ଧ୍ୟାନ ସମୟରେ ତୁମେ ପ୍ରତିରୂପମାନ ଦେଖ କି ?

ବେଳେବେଳେ ଦେଖେ ।

ସେତେବେଳେ ଆଖି ବନ୍ଦ ଥାଏ ନା ଖୋଲା ରହିଥାଏ ?

ବନ୍ଦ ଥାଏ ।

ବନ୍ଦ ଥାଏ ? ତୁମେ କେଉଁସବୁ ପ୍ରତିରୂପ ଦେଖ ? ନାନାପ୍ରକାର ରଙ୍ଗ ଦେଖ ନା ପ୍ରତିରୂପ ଦେଖ ?

'oaob.nitrkl.ac.in' images reprocessed

ବେଳେବେଳେ ରଙ୍ଗ ଦେଖେ, ଆଉ ବେଳେବେଳେ ପ୍ରତିରୂପମାନ ଦେଖେ ।

ହଁ । ଏପରି ବେଳେବେଳେ ଦେଖ ନା ସବୁବେଳେ ?

ସବୁବେଳେ ମୋଟେ ଦେଖେ ନାହିଁ ।

ସେଥିଚ୍ଛ କ'ଣ ହେଲା ? ତୁମେ ଏସବୁ କ'ଣ ବୋଲି ପଚାରୁଛ ? ଏହା କେତେ କ'ଣ ପଦାର୍ଥ ହୋଇପାରେ । ଏହା କେବଳ ଏହିପରି ହୋଇପାରେ ଯେ, ତୁମର ଆଖି ବାହ୍ୟତଃ ବନ୍ଦ ହୋଇ ରହିଥିବାରୁ ଭିତର ଆଡ଼କୁ ଖୋଲି ହୋଇଯାଏ ଏବଂ ସେଗୁଡ଼ିକର ଆପଣା ରାଜ୍ୟରେ ଅଥବା ସୂକ୍ଷ୍ମଭୌତିକ କିଂବା ସ୍ଥୂଳତମ ପ୍ରାଣିକର ଆୟତନମାନଙ୍କରେ କେତେ କଥା ଦେଖିବାକୁ ମିଳେ । ହଁ, ହୁଏତ ସେହିପରି ହୁଏ ।

ଏହା ତୁମ ଭାବନାଗୁଡ଼ିକର ଏକ ପ୍ରକ୍ଷେପଣ ହୋଇପାରେ, ଅର୍ଥାତ୍, ତୁମେ ଯେତେବେଳେ କୌଣସି ଏକ ବସ୍ତୁ ବିଷୟରେ ଭାବିବାକୁ ଆରମ୍ଭ କରୁଛ, ସେତେବେଳେ କେତେକ ନିର୍ଦ୍ଦିଷ୍ଟ ବିଷୟ ତୁମ ସମ୍ମୁଖରେ ଭାସିଭାସି ଚାଲିଯିବାରେ ଲାଗନ୍ତି, ସେତେବେଳେ ତୁମର ଭାବନା କେତେକ ପ୍ରତିରୂପ ମାଧ୍ୟମରେ ମୂର୍ତ୍ତୀକୃତ ହୋଇ ରହିଥାଏ, ତୁମର ଭାବନାବସ୍ଥା ବା ଚେତନାବସ୍ଥାଟି ସେହିପରି ମୂର୍ତ୍ତୀକୃତ ହୋଇ ରହିଥାଏ । ମାତ୍ର, ସେତେବେଳେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥାଏ, ଫଳପ୍ରଦଯୁକ୍ତ ଏବଂ ଆଗ୍ରହୋଦ୍ଦୀପକ ହୋଇ ରହିଥାଏ । ଏହା ହୁଏତ ସାଙ୍କେତିକ ଭାବରେ କାର୍ଯ୍ୟ କରିପାରେ ।

ତାହା କିଛି ଅନ୍ୟ କଥା ମଧ୍ୟ ହୋଇପାରେ । ଯଦି ତୁମେ ପ୍ରକୃତରେ ସ୍ଥିରହୋଇ ରହିଥିବ ଓ ତୁମର ମନ ମଧ୍ୟ ସ୍ଥିର ଥିବ, ତେବେ···ସେହି କଥାଟିକୁ ଶବ୍ଦ ଦେଇ କିପରି କହିହେବ ?···ସେତେବେଳେ କେତେ ଅନ୍ୟ ବ୍ୟକ୍ତି, ଅନ୍ୟ ଜଗତ ଓ ଅନ୍ୟ ଶକ୍ତିଗୁଡ଼ିକଠାରୁ ତୁମ ପାଖକୁ କୌଣସି ଏକ ପ୍ରକାରର ସନ୍ଦେଶମାନ ଆସିବାରେ ଲାଗିଥାଏ,—ତୁମକୁ କିଛି କହିବା ଲାଗି ସେଗୁଡ଼ିକ ତୁମ ପାଖକୁ ଆସୁଥାନ୍ତି, ତୁମକୁ କିଛି ଦର୍ଶାଇ ଦେବାକୁ ଆସୁଥାନ୍ତି । ସାଧାରଣତଃ, ଯଦି ତୁମେ ରଙ୍ଗଗୁଡ଼ିକୁ ଦେଖ, ଯେଉଁଗୁଡ଼ିକ କି·· ସ୍ପନ୍ଦିତ ହେବାରେ ଲାଗିଥାନ୍ତି,··· ଏବଂ ତା'ପରେ ତୁମେ ହଠାତ୍ ସେଗୁଡ଼ିକୁ ନିଜଭିତରକୁ ଗ୍ରହଣ କରିବାକୁ ଆରମ୍ଭ କର : ଏଥିରୁ ସାଧାରଣତଃ କେହି ଅଥବା କୌଣସି ବସ୍ତୁ ପ୍ରେରଣ କରିଥିବା କେତେକ ଶକ୍ତିର ସଙ୍କେତ ମିଳି ଯାଇଥାଏ, ସେହି ଶକ୍ତିଗୁଡ଼ିକ ଏକ ପ୍ରକାର ପ୍ରଭାବଶାଳିତା ସହିତ ତୁମ ପାଖକୁ ଆସିଥାନ୍ତି । ସେଗୁଡ଼ିକ କୌଣସି ଏକ ପ୍ରକାରର ସନ୍ଦେଶ ବହନ କରି ଆସୁଥାନ୍ତି । ଏବଂ, ଯଦି ତୁମେ ନିଜ ମନର କ୍ଷେତ୍ରରେ

'oaob.nitrkl.ac.in' images reprocessed

ଅତ୍ୟନ୍ତ ସ୍ଥିର ହୋଇ ରହିଥାଅ, ତେବେ ସେଗୁଡ଼ିକ ବେଳେବେଳେ ତୁମକୁ ଆପଣା ଅଭିପ୍ରାୟଗୁଡ଼ିକର ମଧ୍ୟ ଏକ ସୂଚନା ଦେଇ ଯାଇଥାନ୍ତି ।

ଏହି କ୍ଷେତ୍ରରେ ଅନେକ କଥା ସମ୍ଭବ ହୋଇପାରେ ଏବଂ ତେଣୁ ତୁମକୁ ଅତ୍ୟନ୍ତ ମନୋଯୋଗ ସହିତ ଅବଲୋକନ କରିବାକୁ ପଡ଼େ; ମାତ୍ର ଅତ୍ୟନ୍ତ ସ୍ଥିର ଭାବରେ ତାହା କରିବାକୁ ହୁଏ,—ତୁମର ମନ ସେତେବେଳେ ଆଦୌ କୌଣସି ପ୍ରକାରେ ସକ୍ରିୟ ହୋଇ ରହି ନ ଥିବା ଆବଶ୍ୟକ ହୁଏ, ମନ ସେତେବେଳେ ଆଦୌ କିଛିହେଲେ ବୁଝିବାକୁ ଚେଷ୍ଟା କରେ ନାହିଁ; କାରଣ, ମନ ସକ୍ରିୟ ହୋଇ ବୁଝିବାକୁ ଉଦ୍ୟମ କଲେ ତାହା ସବୁକିଛିକୁ ଅବରୁଦ୍ଧ କରି ରଖିଦିଏ ଏବଂ ତା'ପରେ ଖୁବ୍‌ସମ୍ଭବ ତୁମେ ଆଦୌ କିଛିହେଲେ ବି ଦେଖିପାର ନାହିଁ ।

ମାତ୍ର, ଯଦି ତୁମେ ଅତ୍ୟନ୍ତ ସ୍ଥିର ରହିପାର, କେବଳ ଅବଲୋକନ କରିବାରେହିଁ ଲାଗିଥାଅ,—ସତେଯେପରି ତୁମେ ନୀରବ ହୋଇ କୌଣସି ବସ୍ତୁ ଉପରେ କେବଳ ଦୃଷ୍ଟିପାତ କରୁଛ—ତେବେ ତୁମେ ଆହୁରି ଅଧିକ ନିର୍ଭୁଲ ଭାବରେ ଦେଖିବାକୁ ସମର୍ଥ ହୋଇଯାଅ ଏବଂ କ୍ରମେ ବସ୍ତୁଗୁଡ଼ିକର ବିଭିନ୍ନ ଶ୍ରେଣୀ ମଧ୍ୟରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ମଧ୍ୟ ଜାଣିପାରିବାକୁ ଆରମ୍ଭ କର । ଏଇଟି କ'ଣ ଓ ସେଇଟି କ'ଣ, ଏହା ତୁମ ଭିତରୁ ଆସୁଛି ଅଥବା ବାହାରୁ ଆସୁଛି, ଏହା ଭୌତିକ ସ୍ତରରେ ଅଥବା ଅନ୍ୟ କୌଣସି ସ୍ତରରେ ରହିଛି,—ଏହି ସବୁକିଛି ଜାଣିବାକୁ ସମର୍ଥ ହୋଇଯାଅ । ଏକ ଅତ୍ୟନ୍ତ ସ୍ଥିର ଅବଲୋକନ ଦ୍ୱାରାହିଁ ଏହି ସବୁକିଛି ଜାଣିହୁଏ, ଏକ ସ୍ଥିର ଅଥଚ, ସୂକ୍ଷ୍ମ ଅବଲୋକନ ଦ୍ୱାରା ଜାଣି ହୁଏ । କାରଣ, ସେହି କ୍ଷେତ୍ରରେ ନାନା ସୂକ୍ଷ୍ମ ଓ କ୍ଷୁଦ୍ର ବର୍ଣ୍ଣମାତ୍ରାଗତ ପାର୍ଥକ୍ୟମାନ ରହିଥାଏ—ବିଭିନ୍ନ ବସ୍ତୁ ମଧ୍ୟରେ ଅତ୍ୟନ୍ତ କ୍ଷୁଦ୍ର ପାର୍ଥକ୍ୟମାନ ରହିଥାଏ; ଏବଂ ତୁମେ ଏହିସବୁ ପାର୍ଥକ୍ୟଗୁଡ଼ିକୁ ଦେଖିବାରେ ସମର୍ଥ ହୋଇଗଲେ ତୁମେ ବସ୍ତୁଟି ପ୍ରକୃତରେ କ'ଣ, ସେକଥା ମଧ୍ୟ ଜାଣିବାକୁ ସମର୍ଥ ହୁଅ ।

ସର୍ବଦା ଠିକ୍ ଏହିପରି ଘଟିଥାଏ । ତେଣୁ ଅତ୍ୟନ୍ତ ସ୍ଥିର ରହିବାକୁ ହୁଏ, ଅତ୍ୟନ୍ତ ଅଭିନିବେଶିତ ହେବାକୁ ହୁଏ; ମନକୁ ଯଥାସମ୍ଭବ ଶାନ୍ତ କରି ଆଣିବାକୁ ପଡ଼େ; କାରଣ ତାହା ଏତେଟିକିଏ ହଲଚଲ ହେବାକୁ ଆରମ୍ଭ କରିବାମାତ୍ରକେ ବସ୍ତୁଟି ମଧ୍ୟ ବଦଳିଯାଏ ଓ ବିକୃତ ହୋଇଯାଏ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏହାଦ୍ୱାରା ସାଧାରଣ ଭାବରେ ଏକ ପ୍ରମାଣ ମିଳେ ଯେ ଅନ୍ତର୍ଗତ ଦୃଷ୍ଟିଟି ବିକଶିତ ହୋଇ ଆସିବାକୁ ଆରମ୍ଭ କରୁଛି ଅଥବା ବିକଶିତ ହୋଇ ସାରିଲାଣି ।

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

ଆଉକିଛି ପ୍ରଶ୍ନ ନାହିଁ ? ଆଉ କୌଣସି ପ୍ରଶ୍ନ ଅଛି ?

ଆମେ ଦେଖିଥିବା ଚଳଚ୍ଚିତ୍ରଟି ବିଷୟରେ କିଛି କହିବାକୁ ଗଲେ, କଳାତ୍ମକ ସୃଜନର କ୍ଷେତ୍ରରେ ଦୁଃଖାନୁଭୂତିର କି ସ୍ଥାନ ରହିଛି ?

ଚଳଚ୍ଚିତ୍ରଟି ବିଷୟରେ ?

ଆମେ ଦେଖିଲୁ ଯେ ଦୁଃଖଭୋଗ ଦ୍ୱାରାହିଁ···

ହଁ, ହଁ, ବର୍ଲିଓଜ୍‌ଙ୍କ ବିଷୟରେ ସେହି ଚଳଚ୍ଚିତ୍ରଟି ?

ଦୁଃଖ ମଧ୍ୟ ଦେଇହିଁ ତାଙ୍କର ସଙ୍ଗୀତ ପରିପକ୍ୱତା ଲାଭ କରିଥିଲା।···

ହଁ, ହଁ, — ତେଣୁ କି ସ୍ଥାନ ଅଛି ? ଏହାର ଉଦ୍‌ଗମ କେଉଁଠାରୁ ହେଉଛି ?

ଦୁଃଖ ଭୋଗିବା — ଏହା କିପରି ଭାବରେ କଳାତ୍ମକ ସୃଜନରେ ସାହାଯ୍ୟ କରେ ?

କିପରି ସାହାଯ୍ୟ କରେ ? ତାହା ସମ୍ପୃକ୍ତ ଲୋକମାନଙ୍କ ଉପରେହିଁ ନିର୍ଭର କରେ। ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଏଥିରୁ ଶକ୍ତିଶାଳୀ ଭାବରେ ସହାୟତା ଲାଭ କରିଥାନ୍ତି। ସେହି ବ୍ୟକ୍ତିଙ୍କୁ ମୁଁ ସଙ୍ଗୀତବିଦ୍ୟାର ଜଣେ ଶ୍ରେଷ୍ଠତମ ଅଭିବ୍ୟକ୍ତି ବୋଲି ବିଚାର କରେ। ଏହା ପ୍ରାୟ···ମୁଁ ତାଙ୍କୁ ଏପରିକି ସଙ୍ଗୀତର ଏକ ମୂର୍ତ୍ତିମନ୍ତ ଅବତାର ବୋଲି କହିପାରିବି, ସଙ୍ଗୀତାତ୍ମାର ଏକ ଅବତାର ବୋଲି କହିବି। ଦୁର୍ଭାଗ୍ୟବଶତଃ, ତାଙ୍କର ଶରୀର କିଛିଟା କ୍ଷୀଣ ଏବଂ ଦୁର୍ବଳ ଥିଲା, ଅର୍ଥାତ୍ ଉଦାହରଣ ସ୍ୱରୂପ, ଯୋଗ ଦ୍ୱାରା ଯେଉଁ ଦୃଢ଼ତାଯୁକ୍ତ ଭିତ୍ତି ଉପଲବ୍ଧ ହୋଇଥାଏ, ତାଙ୍କର ସେଇଟି ନଥିଲା। ତେଣୁ, ତାହା ତାଙ୍କୁ ଅତିରିକ୍ତ ଭାବରେ ଦୋହଲାଇ ପକାଇଥିଲା, ତାଙ୍କୁ ଅତିରିକ୍ତ ପରିମାଣରେ ସମ୍ବେଗଯୁକ୍ତ, କାତର, ଉତ୍ତେଜିତ ଏବଂ ଭାବୋତ୍ତେଜିତ କରି ରଖିଥିଲା। ଏହା ତାଙ୍କ କ୍ଷେତ୍ରରେ ପ୍ରକୃତରେ ଏକ ସାଂଘାତିକ ଦୁର୍ବଳତା ରୂପେ କାର୍ଯ୍ୟ କରିଥିଲା। ମାତ୍ର, ସୃଜନଶୀଳତାର ଦୃଷ୍ଟିରୁ ବିଚାର କରି ଦେଖିଲେ, ମୁଁ ଏକଥା ସବୁବେଳେ ଅନୁଭବ କରିଛି ଯେ—ସେତେବେଳେ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ମୁଁ ତାହା ଅନୁଭବ କରିଥିଲି—ସିଏ ପ୍ରକୃତରେ ସଙ୍ଗୀତାତ୍ମାର ସମ୍ପର୍କରେ ଆସିଥିଲେ, ସଙ୍ଗୀତର ଯଥାର୍ଥ ପରିଚୟଟିକୁ ଲାଭ କରିଥିଲେ ଏବଂ ତାହା ଏଭଳି ଏକ ଶକ୍ତି ସହିତ ତାଙ୍କ ଭିତରକୁ ପ୍ରବେଶ କରିଥିଲା ଯେ, ତାହା ତାଙ୍କୁ

'oaob.nitrkl.ac.in' images reprocessed

ଏକାବେଳେକେ ଜାଗ୍ରତ କରି ଦେଇଥିଲା; ମାତ୍ର ସିଏ ଯଥାର୍ଥରେ, ଯଥାର୍ଥରେ ସଙ୍ଗୀତରଏକ ଅବତାର ହୋଇ ରହିଥିଲେ ।

ତାଙ୍କର ଦୁଃଖ ଭୋଗହିଁ ତାଙ୍କୁ ସୃଜନ ଲାଗି ଉତ୍ପ୍ରେରିତ କରି ରଖିଥିଲା ବୋଲି ଯେଉଁ ଧାରଣା ରହିଛି, ତାହା ସମ୍ପୂର୍ଣ୍ଣ ଭାବରେ ଏକ ମନୁଷ୍ୟୋଚିତ ଧାରଣା । ଏହା ଆଦୌ ଏକ ସତ୍ୟଧାରଣା ନୁହେଁ । କଥାଟିକୁ ଓଲଟାଇ ଦେଇ କହିଲେ, ଯେଉଁ କଥାଟି ପ୍ରକୃତରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ, ସେଇଟି ହେଉଛି ଯେ, ସେହି କ୍ଷେତ୍ରରେ ଶରୀରସ୍ତରର ଆଦୌ ଏପରି କୌଣସି ଯନ୍ତ୍ରଣା ନ ଥିଲା, ଯାହାକି ତାଙ୍କ ଜୀବନରେ ତତ୍କ୍ଷଣାତ୍ ସଙ୍ଗୀତରୂପେ ଅଭିବ୍ୟକ୍ତ ହୋଇପାରି ନ ଥିଲା; ଅର୍ଥାତ୍ ତାଙ୍କ ଭିତରେ ସଙ୍ଗୀତର ଭାବାତ୍ମାଟି ମନୁଷ୍ୟତ୍ୱସ୍ତରୀୟ ଯନ୍ତ୍ରଣାଠାରୁ ଅଧିକ ଶକ୍ତିଶାଳୀ ହୋଇଁ ରହିଥିଲା । ଏବଂ, ଜୀବନରେ ସିଏ ଯେତେଯେତେ ଆଘାତ ପାଇଥିଲେ,— ଏବଂ ଅତ୍ୟଧିକ ଗ୍ରହଣଶୀଳ ହୋଇ ରହିଥିବାରୁ ସେଗୁଡ଼ିକର ପ୍ରତିରୋଧ କରିପାରିବା ଲାଗି ସିଏ ଆଦୌ ଯଥେଷ୍ଟ ଶକ୍ତି ପାଇପାରୁ ନ ଥିଲେ,—ମାତ୍ର ତଥାପି ତତ୍କ୍ଷଣାତ୍ ସେହି ବେଦନା ଓ ଯନ୍ତ୍ରଣା ସଙ୍ଗୀତରୂପେ ଅଭିବ୍ୟକ୍ତି ଲାଭ କରୁଥିଲା । ଏହା ପ୍ରକୃତରେ ଅତ୍ୟନ୍ତ କୁତୂହଳ ଘଟିଥାଏ ।

ସବୁଲୋକ, — ସୃଜନଶାଳୀ ପ୍ରତ୍ୟେକ ମଣିଷ — ସାଧାରଣତଃ ··· ଏହି କଥାଟିକୁ ମୁଁ କିପରି ଶବ୍ଦ ଦେଇ କହିପାରିବି ? — ଆଉଥରେ କିଛି ସୃଷ୍ଟି କରିପାରିବା ଲାଗି କିଛିଟା ପରିମାଣରେ ସମୟ ଆବଶ୍ୟକ କରିଥାନ୍ତି, କିଛିଟା ସ୍ଥିରତା ମଧ୍ୟ ଆବଶ୍ୟକ କରିଥାନ୍ତି । ମାତ୍ର ତାଙ୍କ କ୍ଷେତ୍ରରେ ସକଳ ସୃଜନ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ହୋଇ ରହିଥିଲା । ତାଙ୍କ ଜୀବନରେ ଆସିଥିବା ଯନ୍ତ୍ରଣାମୟ ଆଘାତ ତତ୍କ୍ଷଣାତ୍ ସଙ୍ଗୀତରୂପେ ଅଭିବ୍ୟକ୍ତ ହୋଇ ଯାଉଥିଲା । ପ୍ରକୃତରେ କହିବାକୁ ଗଲେ ତାଙ୍କର ଜୀବନ ସଙ୍ଗୀତରେ ଆରମ୍ଭ ହୋଇଥିଲା ଓ ସେହି ସଙ୍ଗୀତରେହିଁ ଶେଷ ହେଲା । ଏହା ପ୍ରକୃତରେ ସଙ୍ଗୀତ ଓ ସଙ୍ଗୀତହିଁ ହୋଇ ରହିଥିଲା ଏବଂ ··· ସଙ୍ଗୀତ ପ୍ରତି ରହିଥିବା ଆପଣାର ମମତାରେ ତାଙ୍କର ଏତେ ଅଧିକ ପରିମାଣରେ ଏକ ଆନ୍ତରିକତା ଏବଂ ଐକାନ୍ତିକ ପ୍ରଗାଢ଼ତା ରହିଥିଲା ଯେ, ମୁଁ ଅନୁଭବ କରୁଛି, ସ୍ୱୟଂ ସଙ୍ଗୀତାତ୍ମାହିଁ ତାଙ୍କରି ମାଧ୍ୟମରେ ଆପଣାକୁ ବ୍ୟକ୍ତ କରି ରଖିଥିଲେ । ସଙ୍ଗୀତ ବୋଲି ସିଏ ଯାହାସବୁ ରଚନା କରିଛନ୍ତି, ସମ୍ଭବତଃ ତାହାକୁ ସର୍ବଶ୍ରେଷ୍ଠ ବୋଲି କଦାପି କୁହାଯିବ ନାହିଁ; ତାହାର କାରଣ ହେଉଛି, ତାଙ୍କ କ୍ଷେତ୍ରରେ 'ଆଧାର'ର ଏକ ଦୁର୍ବଳତା ରହିଯାଇଥିଲା । ସିଏ···ତାଙ୍କର ଶାରୀରିକ ପିଣ୍ଡଟି ଟିକିଏ ଅତିମାତ୍ରାରେ ଦୁର୍ବଳ ହୋଇ ଗଢ଼ା ହୋଇଥିଲା । ମାତ୍ର, ସଙ୍ଗୀତର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ତାହା ପ୍ରକୃତରେ ଭାରି ସୁନ୍ଦର ଥିଲା, ଭାରି ସୁନ୍ଦର ଥିଲା । (ମାଆ ନୀରବ ରହିଲେ) ଏବଂ, ତାଙ୍କର ଶକ୍ତିମତ୍ତାର କ୍ଷେତ୍ରରେ ମଧ୍ୟ ସିଏ ଅତ୍ୟନ୍ତ

'oaob.nitrkl.ac.in' images reprocessed

ସରଳତାଯୁକ୍ତ ହୋଇ ରହିଥିଲେ । ସିଏ ଯାହାକିଛି ରଚନା କରିଛନ୍ତି, ତାହାର ପଂକ୍ତିଗୁଡ଼ିକ ଭିତରେ ଏକ ପ୍ରକାରର ସ୍ୱଚ୍ଛତା ଅତ୍ୟନ୍ତ ନିଶ୍ଚିତ ଭାବରେ ନିହିତ ହୋଇ ରହିଛି; ଏବଂ ବିଦ୍ୟାଗତ ପରମକୁଶଳତା ମଧ୍ୟ ରହିଛି । ବାଦ୍ୟବୃନ୍ଦ-ସଙ୍ଗୀତର ରଚନା ଦିଗରେ ତାଙ୍କର ନିପୁଣତା ପ୍ରକୃତରେ ପ୍ରଖର ଥିଲା । ଏକାବେଳେକେ ଛଅଶହ ବାଦ୍ୟକାରଙ୍କ ଲାଗି ଯେତେବେଳେ ବାଦ୍ୟସଙ୍ଗୀତର ଯୋଜନା କରିବା ସମ୍ଭବ ହୁଏ, ସେତେବେଳେ ତାହା ପଛରେ ଏପରି ଏକ ବିଜ୍ଞାନ ରହିଥାଏ, ଯାହାକି ଜଟିଳତମ ଗଣିତ ପରି ମଧ୍ୟ ଜଟିଳ ହୋଇ ରହିଥାଏ । ବସ୍ତୁତଃ ଦୁହେଁ ସର୍ବଦା ପରସ୍ପରର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାନ୍ତି ।

ମୁଁ ଆଉଜଣେ ସଙ୍ଗୀତକାରଙ୍କୁ ଜାଣିଥିଲି ,ସିଏକି ଆଦୌ ତାଙ୍କର ସମକକ୍ଷ ନ ଥିଲେ ସତ, ମାତ୍ର ତଥାପି ଜଣେ ଅତ୍ୟନ୍ତ ଉତ୍ତମ ସଙ୍ଗୀତକାର ଥିଲେ । *ସିଏ ମଧ୍ୟ ସଙ୍ଗୀତର ସଂକ୍ତମାନ ରଚନା କରୁଥିଲେ । ସିଏ ଅପେରା ଲେଖିଥିଲେ,* ମିଳନାତ୍ମକ ଗୀତିନାଟ୍ୟ ଲେଖିଥିଲେ ଏବଂ ··· ଅବଶ୍ୟ ସିଏ ସଙ୍ଗୀତଗୋଷ୍ଠୀ ଲାଗି କିଛି ରଚନା କରି ନ ଥିଲେ । ଖଣ୍ଡେ ବଡ଼ କାଗଜଫର୍ଦ୍ଦକୁ ସମ୍ମୁଖରେ ରଖି··· ତାଙ୍କ ଆଗରେ ଖଣ୍ଡେ ବଡ଼ କାଗଜଫର୍ଦ୍ଦ ପଡ଼ି ରହିଥିଲା ଏବଂ ସିଏ ତା'ଉପରେ ବିଭିନ୍ନ ବାଦ୍ୟଯନ୍ତ୍ରର ନାମ ଲିପିବଦ୍ଧ କରି ରଖୁଥିଲେ । ଏବଂ ପ୍ରତ୍ୟେକ ବାଦ୍ୟ ଯେଉଁ ଅଂଶଟିର ଉପସ୍ଥାପନା କରିବ, ସିଏ ସେଇଟିର କଡ଼ରେ ତାହାକୁ ଲେଖି ଦେଉଥିଲେ । ସିଏ ମୋର ଜଣେ ବନ୍ଧୁ ଥିଲେ ଓ ମୁଁ ଅନେକବାର ତାଙ୍କୁ ଆପଣାର କାର୍ଯ୍ୟରେ ବ୍ୟସ୍ତ ରହିଥିବାର ଦେଖିବାକୁ ପାଉଥିଲି । ଦେଖି ମନେ ହେଉଥିଲା, ସିଏ ସତେଯେପରି ଗଣିତର ସମୀକରଣମାନ ଲେଖି ଯାଉଛନ୍ତି । ଲେଖା ସରିଲେ ତାହାକୁ କେବଳ ଏକ ବାଦ୍ୟକାର-ମଣ୍ଡଳୀ ହାତରେ ନେଇ ପହଞ୍ଚାଇ ଦେବାକୁ ହେଉଥିଲା ଓ ତା'ପରେ ତାହା ମହାନ୍ ସଙ୍ଗୀତରେ ପରିଣତ ହୋଇ ଯାଉଥିଲା । ବେଳେବେଳେ ଏପରିକି ··· ସେହି ଅନ୍ୟ ବ୍ୟକ୍ତିଜଣକ···ସିଏ ଆପଣାର ରଚନାଟିକୁ କିପରି ପିଆନୋରେ ନେଇ ବଜାଇଲେ, ତୁମେ ତାହା ଶୁଣିଲ, ନୁହେଁ ? ସିଏ ମୋଟେ ଦୁଇଟି ରଚନା ବଜାଇଲେ, ତାହାକୁ ପ୍ରାୟ କିଛି ବୋଲି କୁହାଯିବ ନାହିଁ, ସେଥିରେ କେବଳ ଦୁଇଟି ବା ତିନୋଟି ରଚନାସୋପାନ ଥିବାପରି ମନେ ହେଉଥିଲା । ତାହାକୁ ସେଇ ରଚନା କରିଥିଲେ । ଏବଂ ତା'ପରେ ସିଏ ହଠାତ୍ ତାହାରି ଉପରେହିଁ ଲେଖିବାକୁ ଆରମ୍ଭ କଲେ । ମାତ୍ର ଏହି ବ୍ୟକ୍ତି ପିଆନୋରେ ରଚନାଟିକୁ ସାଧାରଣତଃ ଆଦୌ ବଜାଉ ବି ନ ଥିଲେ, ସିଏ ସିଧା ସିଧା ଲେଖିଯାଉଥିଲେ । ଏହାକୁ ଏକ ନିର୍ଦ୍ଦିଷ୍ଟ ପ୍ରକାରର ମସ୍ତିଷ୍କ-ସାଧନା ବୋଲି କୁହାଯାଇ ପାରିବ । ଆଉ ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ଯାବତୀୟ କ୍ଷେତ୍ରରେ ପିଆନୋ ଉପରେହିଁ ସଙ୍ଗୀତର ରଚନା କରନ୍ତି, ଏବଂ ଆଉ ଅନ୍ୟଜଣେ

'oaob.nitrkl.ac.in' images reprocessed

ବ୍ୟକ୍ତି ସେମାନଙ୍କ ପାଇଁ ତାହାକୁ ଲିପିବଦ୍ଧ କରିଦିଅନ୍ତି । ଆଉଜଣେ ବ୍ୟକ୍ତିଙ୍କୁ ଏହି ବିଭିନ୍ନ ସୁରରଚନାଗୁଡ଼ିକୁ ଦେବାର କାର୍ଯ୍ୟଟିକୁ କରିବାକୁ ପଡ଼େ ଏବଂ ତଦ୍ଵାରା ସୃଷ୍ଟ ଐକ୍ୟତାନଟିକୁ ସମ୍ପନ୍ନ କରିବାକୁ ପଡ଼େ । ମାତ୍ର ମୁଁ ଯେଉଁ ବ୍ୟକ୍ତିଙ୍କ ବିଷୟରେ କହୁଛି, — ଉଦାହରଣସ୍ଵରୂପ ଏଠାରେ ସାଁ-ସାଏଁଙ୍କ ପରି ବଡ଼ବଡ଼ ସଙ୍ଗୀତ-କାରଙ୍କ କଥା ଉଲ୍ଲେଖ କରାଯାଇପାରେ— ଏମାନେ ସମସ୍ତେ ତାଙ୍କର ସମସାମୟିକ — ସେମାନେ ସମସ୍ତେ ବାଦ୍ୟବୃନ୍ଦରେ ଉପସ୍ଥାପିତ କରିବା ଲାଗି ଆପଣାର ରଚନାଗୁଡ଼ିକୁ ତାଙ୍କୁ ଆଣି ଦେଉଥିଲେ । ପିଆନୋ ସକାଶେ ରଚନା କଲାପରି ସେମାନେ ଦୁଇଟିଯାକ ପକ୍ଷ ଲାଗି ସେଗୁଡ଼ିକର ରଚନା କରୁଥିଲେ; ଏବଂ ସିଏ ତାକୁ ବୃନ୍ଦ ବାଦ୍ୟ-ସଙ୍ଗୀତରେ ତାହାକୁ ପରିଣତ କରି ଦେଉଥିଲେ । ମୁଁ ଯେପରି କହିଲି, ବିଭିନ୍ନ ବାଦ୍ୟଯନ୍ତ୍ର-ଗୋଷ୍ଠୀକୁ ଅଲଗା ଅଲଗା କରିଦେଇ ଓ ପ୍ରତ୍ୟେକଟି ବଜାଇବାକୁ ରହିଥିବା ଅଂଶଟିକୁ ସେଗୁଡ଼ିକର କଡ଼ରେ ରଖିଦେଇ ସିଏ ସେଗୁଡ଼ିକୁ ବାଦ୍ୟବୃନ୍ଦ ଲାଗି ପ୍ରସ୍ତୁତ କରୁଥିଲେ ।

(ମାଆ ନୀରବ ରହିଲେ)

ମାଆ, ସଙ୍ଗୀତ ଶୁଣୁଥିବା ସମୟରେ ତାହାକୁ ଯଥାର୍ଥରେ କିପରି ଭାବରେ ଶୁଣିବା ଉଚିତ ?

ଏଥିପାଇଁ — ଯଦି ଆମେ ସମ୍ପୂର୍ଣ୍ଣ ଭାବରେ ନୀରବ ହୋଇଯାଇ ପାରିବା, ନୀରବ ଓ ମନୋଯୋଗୀ ହୋଇ ରହିପାରିବା, ସତେଯେପରି ଆମେ ଏକ ବାଦ୍ୟ-ଯନ୍ତ୍ରରେ ପରିଣତ ହୋଇଯାଇଛୁ ଓ ତାହାକୁ ବଜାଇବା ବ୍ୟତୀତ ଆମର ଆଉ ଅନ୍ୟକୌଣସି କାର୍ଯ୍ୟ ନାହିଁ—ଆମେ ମୋଟେ ହଲଚଲ ହେଉ ନ ଥିବା, କେବଳ ଶୁଣିବାର ଏକ ଆଧାରରେହିଁ ପରିଣତ ହୋଇ ଯାଇଥିବା—ଯଦି ଆମେ ସେହିପରି ଭାବରେ ସମ୍ପୂର୍ଣ୍ଣ ନୀରବ ହୋଇଯାଇ ପାରିବା, ସମ୍ପୂର୍ଣ୍ଣ ସ୍ଥିର ହୋଇଯାଇ ପାରିବା, ତେବେ ଅସଲ ବସ୍ତୁଟି ଆମ ଭିତରକୁ ପ୍ରବେଶ କରିବାକୁ ଆରମ୍ଭ କରିବ ଏବଂ, କେବଳ ତା'ପରେ ଯାଇ, ତା'ପରେ ଯାଇ ତୁମେ ତାହାର ପ୍ରଭାବ ବିଷୟରେ କୌଣସି ସଜ୍ଞାନତା ଲାଭ କରିପାରିବ, ତୁମେ ଶୁଣିଥିବା ସଙ୍ଗୀତର ଅର୍ଥ ଓ ତାହାର ତୁମ ଉପରେ କି ପ୍ରଭାବ ପଡ଼ିଲା, ସେବିଷୟରେ ସଜ୍ଞାନ ହୋଇପାରିବ ।

ମାତ୍ର ସଙ୍ଗୀତ ଶୁଣିବାର ସର୍ବୋତ୍ତମ ରୀତି ହେଉଛି : ତୁମେ ସତେଅବା ଏକ ନିଶ୍ଚଳ ଦର୍ପଣ ପରି ହୋଇ ରହିଥିବ, ଅତ୍ୟନ୍ତ ଅଭିନିବେଶିତ ହୋଇ ରହିଥିବ, ଅତ୍ୟନ୍ତ ନୀରବ ହୋଇ ରହିଥିବ । ବସ୍ତୁତଃ, ଯେଉଁମାନେ ସଙ୍ଗୀତକୁ ଯଥାର୍ଥରେ ଭଲ ପାଆନ୍ତି··· ଯେଉଁ ସଙ୍ଗୀତଜ୍ଞ ସଙ୍ଗୀତ-ରଚୟିତା ବା ସଙ୍ଗୀତ-ପରିବେଷଣ-କାରୀମାନେ ପ୍ରକୃତରେ ସଙ୍ଗୀତକୁ ଭଲ ପାଆନ୍ତି, ମୁଁ ସେମାନଙ୍କୁ ମଧ୍ୟ ସଙ୍ଗୀତ

'oaob.nitrkl.ac.in' images reprocessed

ଶୁଣୁଥିବାର ଦେଖିଛୁ··· ସେମାନେ ସମ୍ପୂର୍ଣ୍ଣ ନିଶ୍ଚଳ ହୋଇ ବସିଥାନ୍ତି, ଏତେଟିକିଏ ବି ହଲଚଲ ହୁଅନ୍ତି ନାହିଁ । ସବୁକିଛୁ— ସବୁକିଛୁ ସେହିପରି ହୋଇ ରହିଥାଏ । ଏବଂ ଯଦି ସେତେବେଳେ ଯାବତୀୟ ଭାବନାର କ୍ରିୟାକୁ ସ୍ଥଗିତ କରି ରଖାଯାଇ ପାରେ, ତେବେ ସେଥିରୁ ପରିପୂର୍ଣ୍ଣ ଲାଭ ମିଳିଥାଏ । ଏହା ହେଉଛି ଭିତର ଆଡ଼କୁ ଉନ୍ମୀଳିତହୋଇ ରହିଥିବାର ଏକ ଉପାୟ ଏବଂ ଏକ ଅତ୍ୟନ୍ତଶକ୍ତିଶାଳୀ ଉପାୟ ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ସରଳ ?

ମାଆ, କୌଣସି ଆଘାତ ବା ବେଦନା ପାଉଥିବା ସମୟରେ ତାହାକୁ ସଂଗୀତ ଅଥବା କବିତା ମାଧ୍ୟମରେ ବ୍ୟକ୍ତ କରିବାକୁ ଇଚ୍ଛା କରିବା ଉଚିତ କି ? ଅବଶ୍ୟ ତାହା ସ୍ୱତଃସ୍ଫୂର୍ତ୍ତ ଭାବରେ ବ୍ୟକ୍ତ ହୋଇ ପାରୁଥିଲେ ସେକଥା ଅଲଗା ହେବ ।

ବ୍ୟକ୍ତ କରିବାକୁ ଇଚ୍ଛା କରିବା ? ଯଦି ତୁମପାଖରେ ସେହି ପ୍ରତିଭାଟି ରହିଥିବ, ତେବେ ଭଲ କଥା । ନଚେତ୍ ତଦ୍ଦ୍ୱାରା କୌଣସି ଫଳ ହେବ ନାହିଁ । ମାତ୍ର ସେଥିଲାଗି ପ୍ରତିଭା ରହିଥିଲେ ନିଶ୍ଚୟ ଭଲ କଥା ହେବ ।

ଏହିସବୁ ଆଘାତର ବିଭିନ୍ନ ପ୍ରକାରର ଗଭୀରତା ରହିଥାଏ । ସେଗୁଡ଼ିକ କଦାପି ସେହି ଗୋଟିଏ ସମତଳରେ ରହି ନ ଥାନ୍ତି । ଲୋକମାନେ ସାଧାରଣତଃ ଅତ୍ୟନ୍ତ ଉପରିସ୍ତରୀୟ ଭାବରେ ସଂବେଗଗତ ଅଥବା ଭାବପ୍ରବଣ ନାନା ଆଘାତର ସମ୍ମୁଖୀନ ହୋଇଥାନ୍ତି । ଏବଂ, ସେହି କାରଣରୁହିଁ ସେମାନେ କାନ୍ଦନ୍ତି, କାନ୍ଦିବାରେ ଲାଗନ୍ତି, ବେଳେବେଳେ କେତେ ଅଙ୍ଗଭଙ୍ଗୀ କରି କାନ୍ଦନ୍ତି । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏଗୁଡ଼ାକ ହେଉଛି ବାହ୍ୟାବରଣରେ ସଙ୍ଘଟିତ ହେଉଥିବା ଆଘାତ । ମାତ୍ର ଏହା ବ୍ୟତୀତ ଏକ ଅଧିକ ଗଭୀର ସ୍ତର ରହିଛି, ଯେଉଁଠାରେ କି ତୁମେ ନୀରବ ହୋଇ ସବୁକିଛୁକୁ ଗ୍ରହଣ କରିପାର, ମାତ୍ର ଯାହାକି ତୁମ ଭିତରେ ଏକ ସୃଜନାତ୍ମକ ସ୍ପନ୍ଦନକୁ ଜାଗ୍ରତ କରିଆଣେ, ସୂତ୍ରବଦ୍ଧ କରି ରଖିବାର ଏକ ଆବଶ୍ୟକତାକୁ ଉତ୍ପନ୍ନ କରାଏ । କେବେ, ଯଦି ଜଣେ ବ୍ୟକ୍ତି କବି ହୋଇଥାଏ, ତେବେ ସିଏ କବିତା ଲେଖେ; ଯଦି ସଂଗୀତଜ୍ଞ ହୋଇଥାଏ, ତେବେ ସଂଗୀତ ରଚନା କରେ । ଲେଖକ ହୋଇଥିଲେ ଗଳ୍ପଟିଏ ଲେଖେ, ଦାର୍ଶନିକ ହୋଇଥିଲେ ଆପଣାର ସେହି ସ୍ଥିତିଟିକୁ ଏକ ବର୍ଣ୍ଣନାତ୍ମକ ରୂପ ଦିଏ, ସେହି ସ୍ଥିତିକୁ ପ୍ରକାଶରୂପ ଦିଏ ।

ପୁନଶ୍ଚ, ବେଦନାର ଏକ ବୃହତ୍ତର ଗଭୀରତା ମଧ୍ୟ ରହିଛି, ଯାହାକି ତୁମକୁ ସମ୍ପୂର୍ଣ୍ଣ ଭାବରେ ନୀରବ କରି ଦେଇଯାଏ ଏବଂ ତୁମ ଭିତରେ ରହିଥିବା ଦ୍ୱାରଗୁଡ଼ିକୁ

'oaob.nitrkl.ac.in' images reprocessed

ଏପରି ଅନେକ ବୃହତ୍ତର ଗମ୍ଭୀରତା ଆଡ଼କୁ ଉନ୍ମୁକ୍ତ କରି ଦେଇଯାଏ, ଯାହାକି ତୁମକୁ ଅପରୋକ୍ଷ ଭାବରେ ଦିବ୍ୟ ପରମସତ୍ତାଙ୍କର ସ୍ପର୍ଶ ଆଣି ଦେଇପାରନ୍ତି । ମାତ୍ର ତାହାକୁ ଶବ୍ଦ ଦ୍ୱାରା ଆଦୌ ଅଭିବ୍ୟକ୍ତ କରାଯାଏ ନାହିଁ । ତାହା ତୁମର ଚେତନାକୁ ବଦଳାଇ ଦିଏ; ମାତ୍ର, ଏକ ଦୀର୍ଘ ସମୟ ଅତିବାହିତ ହୋଇ ନ ଯିବା ପର୍ଯ୍ୟନ୍ତ ସେବିଷୟରେ କଥାରେ ଆଦୌ କିଛି କହିହୁଏ ନାହିଁ ।

ବର୍ଲିଓଜ୍ ହେଉଛନ୍ତି ଏହି ବିଖ୍ୟାତ ଗୋଷ୍ଠୀର ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ଏଇଟି ସରଳ ନା ଆଉକିଛି ଅଛି ?

ମାଆ, ଆପଣ ପ୍ରତି ରବିବାର ଦିନ ଅର୍ଗାନ୍ ବଜାନ୍ତି ଏବଂ ସର୍ବଦା ଭାରି ଭଲ ବଜାନ୍ତି । ମାତ୍ର ଥରେ ଥରେ ଅପେକ୍ଷାକୃତ ଅଧିକ ଭଲ ବଜାନ୍ତି ବୋଲି ଆମେ ଅନୁଭବ କରିଥାଉ ।

କ'ଣ ହେଲ ?

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସବୁଥର ଆପଣ ଭଲ ବଜାନ୍ତି । ମାତ୍ର ବେଳେବେଳେ ଆପଣ ଅଧିକ ଭଲ ବଜାନ୍ତି ବୋଲି ଅନୁଭବ ହୋଇଥାଏ ।

ତୁମେ ବେଳେବେଳେ ଅନୁଭବ କର, ବେଳେବେଳେ କର ନାହିଁ; ତୁମକୁ ବେଳେବେଳେ ଭଲ ଲାଗେ, ବେଳେବେଳେ ଭଲ ଲାଗେ ନାହିଁ । ବେଳେବେଳେ ତୁମେ ବୁଝିପାର, ବେଳେବେଳେ ବୁଝିପାର ନାହିଁ । ଏବଂ, ବେଳେବେଳେ ମୁଁ ବି ଭଲ ବଜାଏ ଓ ଆଉ ବେଳେବେଳେ ଖରାପ ଭାବରେ ବଜାଏ ।

(ସମସ୍ତେ ହସିଲେ)

ଏହା ଅନେକଗୁଡ଼ିଏ କଥା ଉପରେ ନିର୍ଭର କରେ, ସର୍ବୋପରି, ତୁମେ ନିଜ ଭିତରେ ଯେଉଁ ସ୍ଥିତିରେ ରହିଛ, ତାହାରି ଉପରେ ନିର୍ଭର କରେ । ତୁମ ଭିତରର ଯେଉଁ ଆୟତନଟି ସଂଗୀତ ମାଧ୍ୟମରେ ଆପଣାକୁ ବ୍ୟକ୍ତ କରିବା ଲାଗି ବାଟ ଖୋଜୁଥାଏ, ଏକଥା ଅନେକତଃ ସେହି ଆୟତନଟି ଉପରେ ହୁଏତ ନିର୍ଭର କରିପାରେ । ଏପରି କେତେକ ଆୟତନ ରହିଛି, ଯାହା ଭିତରେ କି ପ୍ରବେଶ କରିହୁଏ, ଆହୁରି କେତେକ ଆୟତନକୁ ବୁଝିବା ବା ଗ୍ରହଣ କରିବା ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଥାଏ । ମାତ୍ର ସାଧାରଣତଃ ତାହା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ତୁମେ ନିଜେ ଯେଉଁ ସ୍ଥିତିରେ ରହିଛ, ତାହାରି ଉପରେହିଁ ନିର୍ଭର କରିଥାଏ । ଯେଉଁଦିନ ତୁମର ମନ ଭଲଥାଏ, ସେଦିନ ତୁମକୁ ଭଲ ଲାଗେ । ଯେଉଁଦିନ ମନ

'oaob.nitrkl.ac.in' images reprocessed

ଭଲ ନ ଥାଏ, ସେଦିନ କିଛି ବୁଝିହୁଏ ନାହିଁ । ଦିନେ ଦିନେ ତାହା ଶୁଣୁଥିବା ସମୟରେ ତୁମକୁ ନିଦ ଆସିଯାଏ, ଦିନେଦିନେ ତାହା ତୁମକୁ ଖୁବ ଖୁସୀ କରିଦିଏ । କେତେକେତେ ଦିନରେ ତୁମେ ଅନୁଭବ କର ସତେଯେପରି ତାହା ତୁମ ସମ୍ମୁଖରେ ଏକ ଦିଗ୍‌ବଳୟକୁ ଉନ୍ମୋଚିତ କରି ଦେଉଛି ଏବଂ ଆଉ କେତେ କେତେ ଦିନ ତୁମେ "ମୁଁ ଜାଣି ନାହିଁ, ମୁଁ କିଛି ବୁଝିପାରୁ ନାହିଁ" ବୋଲି କହିବାରେ ଲାଗିଥାଅ । ତେଣୁ, ସେକଥାଟି ଆମେ ଯେଉଁ ଅବସ୍ଥାରେ ଅଛୁ, ସମ୍ପୂର୍ଣ୍ଣ ଭାବରେ ତାହାରି ଉପରେହିଁ ନିର୍ଭର କରେ ।

ମାଆ, ଆପଣ ଅର୍ଗାନ୍ ବଜାଇବା ବେଳେ, ସେହି ସଂଗୀତଟି କେଉଁ ଆୟତନରୁ ନିଷ୍ପନ୍ନ ହୋଇ ଆସିବ, ଆପଣ ଆଗରୁ ତାହା ସ୍ଥିର କରିଥାନ୍ତି କି ?

କ'ଣ କହିଲ ?

ଯେତେବେଳେ ରବିବାର ଦିନ ଆପଣ ଅର୍ଗାନ୍ ବଜାନ୍ତି, ସେତେବେଳେ ସଂଗୀତଟି ପ୍ରକୃତରେ କେଉଁ ଆୟତନରୁ ଆସିବ, ଆପଣ ସେକଥା ଆଗରୁ ନିଷ୍ପତ୍ତି କରିଥାନ୍ତି କି ?

ମୁଁ ?

ତାହା ପ୍ରକୃତରେ କେଉଁଠାରୁ ଆସେ ?

ମୁଁ କୌଣସି ଦିନ କେଉଁ ସୁରଟିକୁ ବଜାଇବାକୁ ଯାଉଛି, ଅର୍ଗାନ୍ ପାଖରେ ଯାଇ ବସିବାଯାଏ ବି ମୁଁ ସେବିଷୟରେ କିଛି ଜାଣି ନ ଥାଏ । ଆଉ ତୁମେ କେଉଁ ଆୟତନ କଥା ପଚାରୁଛ ? ତାହା ସବୁବେଳେ ସେହି ଗୋଟିଏ ଆୟତନରୁହିଁ ଆସିଥାଏ । ସେହି କାରଣରୁ ତ ମୁଁ ବର୍ଲିଓଜଙ୍କର ସଂଗୀତର ଉତ୍ସ ବିଷୟରେ ଅଭିଜ୍ଞତା ସହିତ କିଛି କହି ପାରୁଛି । କାରଣ ମୁଁ ସେହି ଆୟତନଟିକୁ ଖୁବ ଭଲ କରି ଜାଣେ ଏବଂ ମୁଁ ବାରଂବାର ସମ୍ପୂର୍ଣ୍ଣ ଉଦ୍ୟମଶୀଳ ଭାବରେ ସେହି ଆୟତନରେ ଯାଇ ପ୍ରବେଶ କରିଥାଏ । ମାତ୍ର, କ'ଣ ପ୍ରକୃତରେ ଉତ୍ପନ୍ନ ହେବାକୁ ଯାଉଛି, ମୁଁ ସେବିଷୟରେ ଆଦୌ କିଛି ଜାଣି ନ ଥାଏ । ମୋଟେ କିଛି ବି ଜାଣି ନ ଥାଏ । ଠିକ୍ କେଉଁ ଅନୁଭୂତି, ଧାରଣା ଅଥବା ଚେତନାର ସ୍ଥିତିଟି ବର୍ତ୍ତମାନ ଅଭିବ୍ୟକ୍ତ ହେବାକୁ ଯାଉଛି, ସେବିଷୟରେ ମଧ୍ୟ ମୁଁ ଆଦୌ କୌଣସି ନିଷ୍ପତ୍ତି କରି ନ ଥାଏ । ସତେଅବା କେବଳ ଗୋଟିଏ ଫାଙ୍କା ପୃଷ୍ଠାଟି ପରି ହୋଇ ରହିଥାଏ । ମୁଁ ଆସେ, ବସେ, ମୁହୂର୍ତ୍ତିକ ଲାଗି ନିଜକୁ ଅଭିନିବେଶିତ କରିଆଣେ ଓ ଯାହା ଆସୁଥାଏ, ତା'ଲାଗି ବାଟ ଛାଡ଼ିଦିଏ । ତା'ପରେ ଯାଇ କିଛି ଜାଣେ,

'oaob.nitrkl.ac.in' images reprocessed

ବେଳେବେଳେ କିଛି ଜାଣି ବି ପାରେ ନାହିଁ । ମାତ୍ର, ଯେତେବେଳେ ତାହାକୁ ଏଠାରେ ଅପରାହ୍ଣରେ ବା ସନ୍ଧ୍ୟାବେଳେ ଦ୍ୱିତୀୟ ଥର ପାଇଁ ଶୁଣିବାର ଅବସର ପାଏ, ସେତେବେଳେ ଯାଇ କିଛି ଜାଣିପାରେ । କାରଣ, ସେତେବେଳେ ଆଉ ମୁଁ ବୋଲି କିଛି ନ ଥାଏ, ତାହା ବାହାରୁ ଆସୁଥିବା ଏକ ବସ୍ତୁ ହୋଇ ରହିଥାଏ। ସେତେବେଳେ ଯାଇ ତାହା ପ୍ରକୃତରେ କିପରି, ମୁଁ ଅତ୍ୟନ୍ତ ଉତ୍ତମ ଭାବରେ ତାହା ଜାଣିବାକୁ ପାଏ ।

ମାତ୍ର, ମାଆ, ସେଦିନ ଆପଣ କ'ଣ ବଜାଇବାକୁ ଯାଉଛନ୍ତି, ଦିନେ ସମସ୍ତଙ୍କୁ ସେକଥା କହିଥିଲେ ।

ହଁ, ମୁଁ କ'ଣ ବଜାଇବାକୁ ଯାଉଛି, ସେଦିନ ମୁଁ ତାହା ଜାଣିଥିଲି । ଏପରି ମଧ୍ୟ ଅବଶ୍ୟ ଘଟିପାରେ ।

ତେଣୁ, ବେଳେବେଳେ ମୁଁ ଜାଣିଥାଏ, ବେଳେ ବେଳେ ଜାଣି ନ ଥାଏ । କେବଳ, ବେଳେବେଳେ ଏପରି କେତେକ ଦିନ ଥାଏ, ଯେତେବେଳେ କି ମନେହୁଏ ଯେ, ମୋ' ପାଖରେ ତୃଇଶହ ବାଦ୍ୟକାରଙ୍କୁ ନେଇ ଗଠିତ ଏକ ବାଦ୍ୟବୃନ୍ଦ ରହିଥିଲେ ପ୍ରକୃତରେ ଭାରି ଚମତ୍କାର ହୋଇଥାନ୍ତା । ତେଣୁ ସାଧନ-ଗୁଡ଼ିକ ଭାରି ଅଯଥେଷ୍ଟ ହୋଇ ରହିଥାଏ; ଅର୍ଥାତ୍ ମୁଁ ଯେଉଁ ସଂଗୀତର ଭାବସ୍ପର୍ଶ ପାଏ, ଯାହା ମୋ ପାଖକୁ ଆସି ପହଞ୍ଚୁଥାଏ, ଏପରି ଏକ ବାଦ୍ୟବୃନ୍ଦ ରହିଥିଲେ ତାହା ଅତ୍ୟନ୍ତ ଚମତ୍କାର ଭାବରେ ଅଭିବ୍ୟକ୍ତ ହୋଇ ପାରୁଥାନ୍ତା···ସେଦିନ ଫିଲ୍ମ୍‌ରେ ଆମେ ଯାହା ଦେଖିଲେ, ସେହିପରି କିଛି ଉତ୍ପନ୍ନ ହୋଇ ପାରୁଥାନ୍ତା । ତୁମେ ଅବଶ୍ୟ ବୁଝି ପାରୁଥିବ, ପରିପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ ହୋଇପାରିବା ଲାଗି ତାହା ସେହିପରି ଏକ ଅଭିବ୍ୟକ୍ତି ଆବଶ୍ୟକ କରନ୍ତା । ତେଣୁ ତାହାକୁ ପ୍ରଥମେ ଗୋଟିଏ ଡ୍ରପର୍ ମଧ୍ୟରେ ଏକାଠି ସଞ୍ଚିତ କରି ରଖିବାକୁ ପଡ଼େ, ତା'ପରେ ବିନ୍ଦୁ ବିନ୍ଦୁ କରି ବାହାର କରି ଆଣିବାକୁ ହୋଇଥାଏ । ତେଣୁ ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଏହିପରି ଏକ ପ୍ରକ୍ରିୟା ମଧ୍ୟଦେଇ ତାହା ଅତ୍ୟନ୍ତ କ୍ଷୀଣବଳ ହୋଇଯାଏ । ତେଣୁ ଖୁବ୍‌ବେଶୀ କିଛି ହୋଇପାରେ ନାହିଁ । ବୃହତ୍ତର ଭାଗଟି ଫାଙ୍କିଦେଇ ଚାଲିଯାଏ ।

ମୁଁ ଭାବୁଛି, ଏଥର ଶେଷ କରିବା । ସେପରି ମହତ୍ତ୍ୱପୂର୍ଣ୍ଣ, ଜରୁରୀ ବା ରୋଚକ ଆଉ କିଛି ପଚାରିବାକୁ ନାହିଁ, ନୁହେଁ ? (ଗୋଟିଏ ପିଲାକୁ ବହିର ପୃଷ୍ଠା ଓଲଟାଇ କ'ଣ ବାହାର କରିବାକୁ ଚେଷ୍ଟା କରୁଥିବାର ଦେଖି) ସିଏ ସେଠି ବହି ଉପରେ ନାକ ମାଡ଼ିଦେଇ କ'ଣ ଖୋଜିବାରେ ଲାଗିଛି !

'oaob.nitrkl.ac.in' images reprocessed

ମୁଁ ଏହି ଜାଗାଟି ବୁଝିପାରିଲି ନାହିଁ···

ବୁଝି ପାରିଲ ନାହିଁ ? ତୁମେ ବୁଝି ନ ପାରିଥିବା ଅନେକ କଥା ତ ସଂସାରରେ ରହିଛି ! (ସମସ୍ତେ ହସିଲେ)

"ତୁମ ଭିତରେ ଯାହା ଘଟୁଛି, ତାହା ହେଉଛି : ବିମୋଚନର ଏହି ପ୍ରକ୍ରିୟାରେ ତୁମର ଚେତନା ଆପଣା ଲାଗି ଏକ ନିର୍ଦ୍ଦିଷ୍ଟ ସ୍ଥିତିଟିଏ ନିରୂପଣ କରିନେବାକୁ ଚେଷ୍ଟା କରୁଛି ।"

ତୁମେ ଏଥିଭିତରୁ କେଉଁଟି ବୁଝି ପାରିଲ ନାହିଁ ?

"ତୁମ ଭିତରେ ଯାହା ଘଟୁଛି, ତାହା ହେଉଛି ଯେ, ଚେତନା···"

ଏଠାରେ ଶ୍ରୀଅରବିନ୍ଦ ଉତ୍ତର ଦେବାକୁ ଯାଇ ସେପରି କହିଛନ୍ତି । ସବୁବେଳେ ଯାହା ହୋଇଥାଏ, ଠିକ୍ ସେହିକଥା,—ଜଣେ ବ୍ୟକ୍ତି ଚିଠିଲେଖି ତାଙ୍କୁ କ'ଣ ପଚାରିଥିଲେ···ନିଜର କୌଣସି ଅଭିଜ୍ଞତା ଅଥବା ଶ୍ରୀଅରବିନ୍ଦ ବର୍ଣ୍ଣନା କରିଥିବା କୌଣସି ବିଷୟରେ ପ୍ରଶ୍ନଟିଏ ପଚାରିଥିଲେ । ଶ୍ରୀଅରବିନ୍ଦ ତାହାର ଉତ୍ତର ଦେଉଛନ୍ତି ଓ କହୁଛନ୍ତି : "ଏହା ହେଉଛି"··· ଯାହା ଘଟିଥିଲା, ସିଏ ତାହାକୁ ବୁଝାଇ ଦେଉଛନ୍ତି । ତେଣୁ, ବାକ୍ୟଟିରେ ଯାହା କୁହାଯାଇଛି, ବାକ୍ୟଟି କେବଳ ସେତିକି କଥାକୁହିଁ ବୁଝାଉଛି । ଏଥିରେ ଏକ ବ୍ୟାଖ୍ୟା କରାଯାଇଛି । ଅଭିଜ୍ଞତାଟି କ'ଣ ଥିଲା, ସିଏ ସେବିଷୟରେ କିଛି କହି ନାହାନ୍ତି । ବୁଝିଲ ନା ନାହିଁ ?

ମାଆ, ଆମ ସତ୍ତ୍ୱଭିତରେ ରହିଥିବା ଅନେକ ଉପାଦାନ ବିଷୟରେ ଆମେ ସଚେତନ ନ ଥାଉ । ନୁହେଁ ?

ହଁ, ଅନେକ ଉପାଦାନ ବିଷୟରେ ।

ଆମ ସତ୍ତ୍ୱରେ ହୁଏତ ଏପରି କେତେକ ଅଂଶ ବି ରହିଛି, ଯେଉଁଗୁଡ଼ିକ କି ଦିବ୍ୟ ପରମସତ୍ତ୍ୱଙ୍କର ପରିକର ହୋଇ ରହିଥାନ୍ତି ସତ, ମାତ୍ର ସେବିଷୟରେ ଆମର କୌଣସି ସଜ୍ଞାନତା ନ ଥାଏ ?

ହଁ, ହଁ । ବସ୍ତୁତଃ ଏପରି କେତୋଟି ଅଂଶ ରହିଥାନ୍ତି, ଯେଉଁଗୁଡ଼ିକ କି କେବଳ ସର୍ବଦା ଯେ ଦିବ୍ୟ ପରମସତ୍ତ୍ୱଙ୍କୁ ଖୋଜୁଥାନ୍ତି ତା' ନୁହେଁ, ସେଗୁଡ଼ିକର ଏକ ପ୍ରଗାଢ଼ ଅଭୀପ୍ସା ମଧ୍ୟ ରହିଥାଏ ଏବଂ ସେଗୁଡ଼ିକ ବିଷୟରେ ଆମର କୌଣସି ସଜ୍ଞାନତା ନ ଥାଏ । ଚୈତ୍ୟସତ୍ତ୍ୱ ହେଉଛି ସେହିପରି ଏକ ଉପାଦାନ, ଏବଂ

'oaob.nitrkl.ac.in' images reprocessed

ତାହା ସର୍ବଦା ମହାନ୍ଦ୍ ହୋଇ ରହିଥାଏ । ମାତ୍ର, ସେଇଟି ବିଷୟରେ ଆମେ କ୍ୱଚିତ୍ ସଜ୍ଞାନତା ଲାଭ କରିଥାଉ । ଏହା ଅନ୍ତରଙ୍ଗ ଭାବରେ ଆବରଣ ଭିତରେ ଯାଇ ରହିଥାଏ । କିଛି ସମୟ ପୂର୍ବେ ମୁଁ ଚାହିଁରିବରଣ ବିଷୟରେ ଚର୍ଚ୍ଚା କରୁଥିଲି । ଏହା ହେଉଛି ପ୍ରକୃତରେ ଏକ ବହିର୍ଆବରଣ ପରି । ଏହା ଅତ୍ୟନ୍ତ କଠିନ, ତହିଲ, ଅସ୍ୱଚ୍ଛ ଏବଂ ତା' ମଧ୍ୟଦେଇ ଆଦୌ କୌଣସି ସ୍ପନ୍ଦନ ଯା'ଆସ କରିପାରନ୍ତି ନାହିଁ । ଏବଂ, ଆମେ ଏପରି ସତତ ଭାବରେ ତାହାର ଭିତରେ ଯାଇ ବାସ କରିବାରେ ଲାଗିଥାଉ ଯେ, ଏତଦ୍‌ବ୍ୟତୀତ ଆଉକିଛି ରହିଛି ବୋଲି ଆମେ ସଜ୍ଞାନ ବି ହୋଇପାରୁ ନାହିଁ । ମାତ୍ର ଆଉକିଛି ଅବଶ୍ୟ ରହିଛି;—ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁମାନେ ପୂର୍ବରୁ ଅଭିପ୍ରେତ ହୋଇ ରହିଛନ୍ତି, ବିଶେଷତଃ ସେମାନଙ୍କ ଭିତରେ ଏହା ଅବଶ୍ୟ ରହିଛି,—ସେମାନଙ୍କ ଭିତରେ ଏପରି ଏକ ସତ୍ତା ରହିଛି, ଯାହାକି କେବଳ ଯେ ଆମର ନିୟତି ଉପରେ ଅଧୀଶ୍ୱର ହୋଇ ରହିଛି ତା' ନୁହେଁ, କେବଳ ଯେ ଶ୍ରେଷ୍ଠ ଦିବ୍ୟ ପରମାତ୍ମାଙ୍କ ସହିତ ଏକାତ୍ମକ ହେବାର ଅଭୀପ୍ସା ରଖିଛି ତା' ନୁହେଁ, ମାତ୍ର, ଜୀବନର ଯାବତୀୟ ପରିବେଶକୁ ଆପଣା ନିୟନ୍ତ୍ରଣରେ ରଖିବାର ଶକ୍ତି ମଧ୍ୟ ତା'ଭିତରେ ରହିଛି ଏବଂ ବସ୍ତୁତଃ, ଅଧିକାଂଶ ସମୟରେ ବିଦ୍ରୋହ କରୁଥିବା, ଏବଂ ଏହି ସ୍ୱଚ୍ଛଦୃଷ୍ଟି ଅନ୍ତଃଚେତନା ପରିବେଶଗୁଡ଼ିକୁ ଯେପରି ସଂଗଠିତ କରି ରଖିଛି, ତାହା ସେହିପରି ହୋଇ ରହୁ ବୋଲି ଇଚ୍ଛା କରୁ ନ ଥିବା ଆମ ବାହ୍ୟ ଇଚ୍ଛାଟି ସତ୍ତ୍ୱେ ସେଗୁଡ଼ିକୁ ସଂଗଠିତ କରିପାରିବା ଲାଗି ତା'ଭିତରେ ଅବଶ୍ୟ ଶକ୍ତି ରହିଛି । ଏବଂ, କେବଳ ଏହାର ଅନେକ ପରେ, ଯେତେବେଳେ ଆମେ ତାହା ସମ୍ବନ୍ଧରେ ସଜ୍ଞାନ ହେଉ ଏବଂ ପଛକୁ ଅନାଇ ଆପଣାର ଜୀବନ ଉପରେ ଦୃଷ୍ଟିପାତ କରୁ, ସେତେବେଳେ ଆମେ ଉପଲବ୍ଧି କରିବାକୁ ଆରମ୍ଭ କରୁ ଯେ ଆମର ଯେଉଁଠାକୁ ଯିବାର ଥିଲା, ଆମକୁ ସେହିଠାରେ ନେଇ ପହଞ୍ଚାଇ ଦେବା ଲାଗି ଯାହାକିଛି ଆବଶ୍ୟକ ସେହି ବିଷୟରେ ଏକ ପରିପୂର୍ଣ୍ଣ ସ୍ୱଚ୍ଛ ଦୃଷ୍ଟି ସହିତ ଏହି ସବୁକିଛିକୁ ଅତ୍ୟନ୍ତ ଚମତ୍କାର ଭାବରେ ସଂଗଠିତ କରି ରଖା ଯାଇଥିଲା ।

ଅଧିକାଂଶ ସମୟରେ ଏହିପରି ଘଟିଥାଏ ଯେ, ଯାହାକୁ ତୁମେ ଗୋଟିଏ ଗୋଟିଏ ଆକସ୍ମିକ ଦୁର୍ଘଟନା, ଦୁର୍ଭାଗ୍ୟଜନକ ଘଟନା, ଏପରିକି ଦୁର୍ଯୋଗ ଅଥବା ଭାଗ୍ୟର ପ୍ରହାର ବା ପ୍ରତିକୂଳ ଶକ୍ତିଗୁଡ଼ିକର ଆକ୍ରମଣ ବୋଲି ମନେ କରିଥିଲ, ଏହି ସବୁକିଛି, ଏଥିରେ କଦାପି ପ୍ରାୟ ଗୋଟିଏ ହେଲେ ବ୍ୟତିକ୍ରମ ନ ଥାଏ, ସେସବୁ ଅତ୍ୟନ୍ତ ଚମତ୍କାର ବୁଦ୍ଧିମତ୍ତାର ସହିତ ପ୍ରଶଂସନୀୟ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଏକ ଯୋଜନାର ଅନ୍ତର୍ଗତ ହୋଇ ରହିଥିଲା; ତୁମର ଯେଉଁଠାକୁ

'oaob.nitrkl.ac.in' images reprocessed

ପ୍ରକୃତରେ ଯିବାର କଥା, ତୁମକୁ ସବୁଠାରୁ ସିଧା ରାସ୍ତାରେ ଠିକ୍ ସେହିଠାରେ ନେଇ ପହଞ୍ଚାଇ ଦେବା ଲାଗି ସେଗୁଡ଼ିକ ସୁଯୋଜିତ ହୋଇ ରହିଥିଲା ।

ଅବଶ୍ୟ ଏକଥା ସର୍ବଦା କଦାପି ସମ୍ପୂର୍ଣ୍ଣ ଭାବରେ ଠିକ୍ ଏହିପରି ଘଟେ ନାହିଁ, କାରଣ ଏହା ଚତୁଷ୍ପାର୍ଶ୍ୱର ପରିବେଶଗତ ମହତ୍ତ୍ୱର ପରିପ୍ରେକ୍ଷୀରେ ସଂପୃକ୍ତ ବ୍ୟକ୍ତିର ମହତ୍ତ୍ୱ ଉପରେ ମଧ୍ୟ ନିର୍ଭରଶୀଳ ହୋଇ ରହିଥାଏ । ସେଇଥିଲାଗି ମୁଁ ଆରମ୍ଭରେ "ଅଭିପ୍ରେତ ପ୍ରତ୍ୟେକ ସତ୍ତା" ବୋଲି କହିଥିଲି । "ଅଭିପ୍ରେତ" ବୋଲି କହିଲେ ମୁଁ ଏହିପରି ଗୋଟିଏ ସତ୍ତାକୁ ବୁଝୁଛି, ଯିଏ କି ଏକ ସୁନିର୍ଦ୍ଦିଷ୍ଟ କାର୍ଯ୍ୟର ସମ୍ପାଦନ କରିବା ଲାଗି ଜଗତରେ ଜନ୍ମଗ୍ରହଣ କରିଛି ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେହି କାର୍ଯ୍ୟଟିକୁ ସମ୍ପାଦନ କରିବାରେ ତାହାକୁ ଅବଶ୍ୟ ସହାୟତା ମିଳିବ । ସେହି କାର୍ଯ୍ୟଗୁଡ଼ିକ ହୁଏତ ଅତ୍ୟନ୍ତ ସାଧାରଣ ହୋଇପାରେ, ମାତ୍ର ତାହା ଏକ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ କାର୍ଯ୍ୟ ଏବଂ ସତ୍ତାକୁ ସେହି କାର୍ଯ୍ୟଟିକୁ ଜଗତରେ ସମ୍ପାଦନ କରିବାକୁ ପଡ଼ିବ । ଏବଂ, ଏହି ସକଳ ସତ୍ତା··· ସେମାନଙ୍କର ଜୀବନ ଏହିପରି ଭାବରେ ସଂଗଠିତ ହୋଇ ରହିଥାଏ; ମାତ୍ର ସେମାନଙ୍କ ମଧ୍ୟରୁ ଶତକଡ଼ା ସାଢ଼େ ଅନେଶତ ଜଣ ଏହି ବିଷୟରେ ସଜ୍ଞାନ ନ ଥାନ୍ତି, ଏବଂ ତେଣୁ ସେମାନେ ବିଦ୍ରୋହ କରନ୍ତି ଅଥବା ରୋଦନ କରିବାରେ ଲାଗିଥାନ୍ତି । ଏବଂ ତା'ପରେ, ସେମାନେ ସର୍ବୋପରି ଅତ୍ୟନ୍ତ ବିକଳ ଭାବରେ ଆପଣାକୁ ଭାଗ୍ୟହୀନ ବୋଲି ମନେ କରୁଥାନ୍ତି ଏବଂ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକୁ ନେଇ ରୋଦନ କରିବାରେ ଲାଗିଥାନ୍ତି,—ଆପଣାର ଦୁଃଖ, ଦୁର୍ଗତିଗୁଡ଼ାକୁ ନେଇ ରୋଦନ କରୁଥାନ୍ତି ଏବଂ "ବାସ୍ତବ ମୁଁ ପ୍ରକୃତରେ କେଡ଼େ ଦୁଃଖ ଭିତରେ ରହିଛି" ବୋଲି କହି ଆପଣାକୁ କେଡ଼େ ଗେଲବସର ଭାବରେ ଆଲିଙ୍ଗନ କରିବାରେ ଲାଗିଥାନ୍ତି । ମାତ୍ର, ସେମାନଙ୍କର ଅନ୍ତର୍ଗତ ସତ୍ତା ହିଁ ଏହି ସବୁକିଛିର ଭିଆଣ କରି ରଖିଥାଏ ।

ବୁଝିଲ ?

ପୁନର୍ଦର୍ଶନାୟ ।

'oaob.nitrkl.ac.in' images reprocessed

# ୩ ନଭେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ଦ୍ୱିତୀୟ ଅଧ୍ୟାୟ "ବିଶ୍ୱାସ — ଅଭୀପ୍ସା — ସମର୍ପଣ" ଉପରେ ଏହି ପ୍ରବଚନଟି ଆଧାରିତ ।

"ସେହି ପ୍ରଭାବଟି-ଉଦ୍ଦେଶ୍ୟରେ ଆମେ ଉନ୍ମୋଚିତ ହୋଇପାରିବା କି ନାହିଁ, ଏହି ଯୋଗରେ ସବୁକିଛି ତାହାର ଉପରେ ନିର୍ଭର କରେ । ଯଦି ଅଭୀପ୍ସାର କ୍ଷେତ୍ରରେ ଏକ ଆନ୍ତରିକତା ରହିଥାଏ ଏବଂ ଯାବତୀୟ ପ୍ରତିବନ୍ଧକ ସତ୍ତ୍ୱେ ଯଦି ସର୍ବୋଚ୍ଚ ଚେତନାରେ ଯାଇ ପହଞ୍ଚିବା ଲାଗି ଏକ ଅବିଚଳିତ ଇଚ୍ଛା ରହିଥାଏ, ତେବେ, ଯେକୌଣସି ଆକାରରେ ହେଉ ପଛକେ, ଉନ୍ମୋଚନ ଘଟିବହିଁ ଘଟିବ ।" "ଯେକୌଣସି ଆକାରରେ ହେଉ ପଛକେ, ଉନ୍ମୋଚନ ଘଟିବହିଁ ଘଟିବ"···କ'ଣ ନାନା ପ୍ରକାରର ଉନ୍ମୋଚନ ରହିଛି ?

ହଁ, ଅବଶ୍ୟ ରହିଛି । ପ୍ରଥମତଃ, ସତ୍ତାଭିତରେ ସତ୍ତାର ଭିନ୍ନ ଭିନ୍ନ ଭାଗ ରହିଛି ଏବଂ ପ୍ରତ୍ୟେକଟି ଭାଗ ତା'ର ଆପଣା ମାର୍ଗରେହିଁ ଉନ୍ମୋଚିତ ହେବ । ମାନସିକ ଉନ୍ମୋଚନ ଏବଂ ପ୍ରାଣିକ ଉନ୍ମୋଚନ,—ସ୍ୱଭାବରେ ଏ ଦୁଇଟି ପରସ୍ପରଠାରୁ ଅତ୍ୟନ୍ତ ଭିନ୍ନ, ଏବଂ, ଶାରୀରିକ ସ୍ତରର ଉନ୍ମୋଚନ ତ ଆହୁରି ଅଧିକ ପରିମାଣରେ ଅନ୍ୟ ପ୍ରକାରର ।

ଶାରୀରିକ ସ୍ତରର ଉନ୍ମୋଚନ କହିଲେ କ'ଣ ବୁଝାଏ ?

ଯେତେବେଳେ ଏହି ଭୌତିକ ଶରୀର ଦିବ୍ୟ ପ୍ରଭାବଟି ଆଡ଼କୁ ଉନ୍ମୋଚିତ ହୋଇଯାଏ ଏବଂ ଦିବ୍ୟ ଶକ୍ତିଗୁଡ଼ିକୁ ଗ୍ରହଣ କରିବାକୁ ସମର୍ଥ ହୁଏ ।

ଉଦାହରଣସ୍ୱରୂପ, ଏପରି ଏକ ମୁହୂର୍ତ୍ତି ଆସେ, ଯେତେବେଳେ କି ଦିବ୍ୟ ଶକ୍ତିଗୁଡ଼ିକ ସକଳ କୋଷ ଭିତରେ ଆସି ପ୍ରବେଶ କରନ୍ତି ଓ ସେଗୁଡ଼ିକୁ ଭେଦ କରନ୍ତି । ସର୍ବପ୍ରଥମେ ଭୌତିକ ଚେତନା, ଏହି ଶରୀର ଚେତନାଟି ଦିବ୍ୟ ପରମସତ୍ତାଙ୍କର ପ୍ରଭାବ ଲାଗି ଆପଣାକୁ ଉନ୍ମୋଚିତ କରିଦିଏ, କେବଳ ସେହି ପ୍ରଭାବଟି ବ୍ୟତୀତ ତାହା ଅନ୍ୟ କିଛିହେଲେ ଚାହେଁ ନାହିଁ କିଂବା ପାଇବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରେ ନାହିଁ। କେବଳ ସେହି ଦିବ୍ୟ ପରମ ଉପସ୍ଥିତିକୁ ଇଚ୍ଛା କରେ, କେବଳ ଦିବ୍ୟ ପ୍ରଭାବକୁହିଁ ବୁଝେ। ଶରୀର ଭିତରେ ନାନା ଅନୁଭବ-ଶକ୍ତି ମଧ୍ୟ ରହିଥାଏ ଏବଂ ଶରୀରସ୍ଥ କୋଷଗୁଡ଼ିକ ମଧ୍ୟ ରହିଥାନ୍ତି, ଶକ୍ତିଟିକୁ ଗ୍ରହଣ କରିବା ପାଇଁ ସେଉଁମାନେ କି ଆପଣାକୁ ଉନ୍ମୋଚିତ କରିଦେଇ ପାରନ୍ତି। ଉଦାହରଣ-ସ୍ୱରୂପ, ଯେତେବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ଜଣେ ବ୍ୟକ୍ତି ଗୋଟିଏ ପ୍ରକାରର ଏକ ଅତ୍ୟନ୍ତ ପ୍ରଗାଢ଼ ସ୍ପନ୍ଦନ ତା'ର ସମସ୍ତ ଶରୀର ଭିତରକୁ ବ୍ୟାପ୍ତ ହୋଇ ଯାଉଥିବାର ଅନୁଭବ କରେ, ସେତେବେଳେ ସିଏ ଏକ ଶକ୍ତିମତ୍ତା, ଏକ ଅସାଧାରଣ ଶକ୍ତି ଓ ଏକ ଚେତନା ଦ୍ୱାରା ମଧ୍ୟ ପୂର୍ଣ୍ଣ ହୋଇ ଉଠିଥିବା ପରି ଅନୁଭବ କରୁଥାଏ। ସେତେବେଳେ ସକଳ ବସ୍ତୁ ତା'ଲାଗି ଅତ୍ୟନ୍ତ ସ୍ପଷ୍ଟ ଏବଂ ଦୃଶ୍ୟମାନ ହୋଇ ଉଠନ୍ତି। ଆମେ ତାହାକୁହିଁ ଶରୀରର ଏକ ଉନ୍ମୋଚନ ବୋଲି କହିବା। ଶରୀର ସେତିକିବେଳେ ଯଥାର୍ଥ ଜାଣିବା ଲାଗି ସମର୍ଥ ହୁଏ ଏବଂ ଅସଲ ପ୍ରଭାବଟି ଲାଗି ଆପଣାକୁ ଉନ୍ମୋଚିତ କରିଦେବାରେ ସଫଳ ମଧ୍ୟ ହୋଇଥାଏ।

ମାଆ, ହୃଦୟରେ ଅଭିନିବେଶିତ ହୋଇ ରହିବାକୁ* କାହିଁକି ଅଧିକ ଭଲ ବୋଲି କୁହାଯିବ ?

ଶ୍ରୀଅରବିନ୍ଦ ତାହାକୁ ଅପେକ୍ଷାକୃତ ଅଧିକ ସହଜ ବୋଲି କହିଛନ୍ତି। କେତେକ ଲୋକଙ୍କୁ ତାହା ଅଧିକ କଷ୍ଟକର ବି ମନେ ହୋଇଥାଏ। ତାହା ଜଣେ ବ୍ୟକ୍ତିର ସ୍ୱଭାବ ଉପରେହିଁ ନିର୍ଭର କରେ। ମାତ୍ର, ଯଦି ତୁମେ ଯଥେଷ୍ଟ ଗଭୀର ଭାବରେ ସେହି ସ୍ଥାନରେ ଆପଣାକୁ ଅଭିନିବିଷ୍ଟ କରି ରଖିପାର, ତେବେ ସେହି ସ୍ଥାନରେହିଁ ଚୈତ୍ୟସତ୍ତା ସହିତ ତୁମର ପ୍ରଥମ ସଂଯୋଗସ୍ଥାପନ ସମ୍ଭବ ହୁଏ। ମାତ୍ର, ଅନ୍ୟପକ୍ଷରେ, ଯଦି ତୁମେ ଆପଣାକୁ ମସ୍ତିଷ୍କ ସ୍ଥାନରେ ଅଭିନିବେଶିତ କରି ରଖ, ତେବେ ତୁମକୁ ପରେ ସେଠାରୁ ହୃଦୟ ପର୍ଯ୍ୟନ୍ତ ଆସିବାକୁ ପଡ଼େ ଏବଂ ତେବେ-ଯାଇ ଚୈତ୍ୟସତ୍ତା ସହିତ ତୁମର ଏକାତ୍ମକତା ସମ୍ଭବ ହୁଏ। ଏବଂ, ଶକ୍ତିଗୁଡ଼ିକୁ ଗୋଟିଏ ସ୍ଥାନକୁ ଠୁଳ କରିଆଣି ଯଦି ତୁମେ ଆପଣାକୁ ଅଭିନିବେଶିତ କରୁଥାଅ, ତେବେ ସେଗୁଡ଼ିକୁ ଏହି ସ୍ଥାନକୁହିଁ ଠୁଳ କରି ଆଣିବା ଅଧିକ ଭଲ, କାରଣ ଠିକ୍

*"ଅଭିନିବେଶ ବ୍ୟତୀତ, ବିଶେଷତଃ ହୃତ୍‌କେନ୍ଦ୍ରରେ ଅଭିନିବେଶିତ ହୋଇ ରହିବା ବ୍ୟତୀତ ଏହି ଯୋଗରେ ଅନ୍ୟ କୌଣସି ମାର୍ଗ ନାହିଁ; ଦିବ୍ୟ ଜନନୀ ଆସି ଏହି ସତ୍ତାଟିକୁ ଗ୍ରହଣ କରିନେବେ ଏବଂ ଆପଣା ଶକ୍ତିର କ୍ରିୟାତ୍ମକତା ଦ୍ୱାରା ଆମ ଚେତନାରେ ରୂପାନ୍ତର ଘଟାଇବେ, ସେଥିଲାଗି ତାଙ୍କର ଆବାହନ ଏବଂ ଶକ୍ତିକୁ ଆବାହନ କରିବା ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ। ଆମେ ହୁଏତ ମସ୍ତିଷ୍କରେ ଅଥବା ଦୁଇ ଆଖିପତାର ମଧ୍ୟ ସ୍ଥଳରେ ବି ଅଭିନିବେଶ କରିପାରିବା, ମାତ୍ର ଅନେକଙ୍କ ଲାଗି ଏହି ଉନ୍ମୋଚନଟି ଅତ୍ୟନ୍ତ କଷ୍ଟକର ହୋଇ ରହିଥାଏ।"

'oaob.nitrkl.ac.in' images reprocessed

କେନ୍ଦ୍ରରେ ଅର୍ଥାତ୍ ତୁମ ସତ୍ତାର ଏହି ଆସ୍ପୃହନଟିରେହିଁ ଅଗ୍ରଗତି କରିବାର ଇଚ୍ଛା ଏବଂ ଆପଣାକୁ ବିଶୁଦ୍ଧ କରି ଆଣିବାର ଶକ୍ତି ମଧ୍ୟ ସଞ୍ଚିତ ହୋଇ ରହିଥାଏ,—ପ୍ରଗାଢ଼ତମ ସବୁଠାରୁ ଅଧିକ ପ୍ରତ୍ୟକ୍ଷକାମ୍ୟ ଅଭୀପ୍ସା ମଧ୍ୟ ସେହିଠାରେ ରହିଥାଏ ।

"ଦିବ୍ୟ ପରମଶକ୍ତିଙ୍କର ସହାୟତାକୁ ଅବତୀର୍ଣ୍ଣ କରାଇ ଆଣିବା ଲାଗି ଏବଂ ନିମ୍ନତର ଶକ୍ତିଗୁଡ଼ିକର ସମ୍ମୁଖୀନ ହେବାର କ୍ଷେତ୍ରରେ ସତ୍ତାକୁ ତାଙ୍କରି ପଟେ ନେଇ ରଖିପାରିବା ଲାଗି ଇଚ୍ଛାଶକ୍ତି ଆବଶ୍ୟକ ହୁଏ, ଅଭୀପ୍ସା ଆବଶ୍ୟକ ହୁଏ ।" "ସତ୍ତାକୁ ତାଙ୍କ ପଟେ ନେଇ ରଖିବା"ର ଅର୍ଥ କ'ଣ ?

"ତାଙ୍କ ପଟେ ନେଇ ରଖିବା"—ଏହାର ଅର୍ଥ ହେଉଛି, ଉଦାହରଣସ୍ୱରୂପ—ମନେକର ଗୋଟିଏ ପାଖରେ—ମୁଁ କପରି ଶବ୍ଦ ଦେଇ କହିଟିକୁ କହିପାରିବି ?—ବର୍ତ୍ତମାନ ଆମେ ଗୋଟିଏ ସେନା-ବାହିନୀର ଦୃଷ୍ଟାନ୍ତ ନେବା । ମନେକର ଗୋଟିଏ ପାଖରେ ଦିବ୍ୟ ଶକ୍ତିଗୁଡ଼ିକର ବାହିନୀ ଅଛି ଓ ଅନ୍ୟପଟେ ଆମ ସାଧାରଣ ପ୍ରକୃତିର ଶକ୍ତିଗୁଡ଼ିକର ବାହିନୀ ଠିଆ ହୋଇ ରହିଛି । ଏହି ପରିସ୍ଥିତିରେ ଆମେ ଏପଟେ ରହିବା ନା ସେପଟେ ରହିବା,—ଏହାହିଁ ତା'ର ଅର୍ଥ ।

ତୁମେ ବୁଝି ପାରିଲ ନାହିଁ ? ଅର୍ଥାତ୍, ତୁମେ ଏହି ପଟଟିକୁ ଆସିବ, ଏପଟେ ଯୋଗ ଦେବ ନ ହେଲେ ସେପଟେ ଯୋଗ ଦେବ । ଯଦି ମୁଁ ଦିବ୍ୟ-ଶକ୍ତିଗୁଡ଼ିକର ପଟରେ ଯୋଗ ଦିଏ, ତେବେ, ଯେଉଁମାନେ ଗୋଟିଏ ସେନାବାହିନୀ ପରି ଦିବ୍ୟଶକ୍ତିଗୁଡ଼ିକ ଲାଗି ଯୁଦ୍ଧ କରୁଛନ୍ତି, ମୁଁ ସେହିମାନଙ୍କ ସହିତ ଯାଇ ଯୋଗ ଦେବି । ମାତ୍ର, ଯଦି ମୁଁ ଜୀବନର ସାଧାରଣ ପ୍ରାଣିକ ଶକ୍ତିଗୁଡ଼ିକର ପଟରେ ଯାଇ ଯୋଗ ଦିଏ, ତେବେ ମୁଁ ସେହି ପଟର ହୋଇ ରହିବି, ଅନ୍ୟମାନଙ୍କୁ ବର୍ଜନ କରିବି । ମୁଁ ସେତେବେଳେ ସେହି ଅନ୍ୟ ପଟଟିକୁ ଚାଲିଯିବି ।

ମାଆ, "ଅହଂର ଗଣ୍ଠି" କହିଲେ କ'ଣ ବୁଝାଏ ?

ଗଣ୍ଠି ? ଏହାକୁ ଏକ ରୂପକ ରୂପେ ବ୍ୟବହାର କରାଯାଇଛି । ମାତ୍ର ତାହା ତୁମକୁ ଜାବୁଡ଼ି କରି ରହିଥାଏ ଏବଂ ସତେଅବା ଗୋଟିଏ ଟାଣ ଦଉଡ଼ିଗଣ୍ଠି ପରି ତୁମକୁ ଖୁବ ଟାଇକରି କରି ବାନ୍ଧି ରଖିଥାଏ । ତେଣୁ, ସବଦା ଏହିପରି କୁହାଯାଇଥାଏ ଯେ, ଯଥାର୍ଥ ଅଗ୍ରଗତି କରିବାକୁ ହେଲେ ସବାଆଗ ଏହି ଅହଂର ଗଣ୍ଠିଟିକୁ କାଟି ପକାଇବାକୁ ପଡ଼େ । ଏଥିରେ ଅସଲ କଥାଟି ଖୁବ ଚମତ୍କାର ଭାବରେ ବ୍ୟକ୍ତ କରାଯାଇଛି, ରୂପକଟି ଖୁବ ଉପଯୁକ୍ତ ହୋଇଛି, ନୁହେଁ ? ଆମେ ବାନ୍ଧି ହୋଇ ରହିଥାଉ, ଆପଣା ଭିତରେ ବନ୍ଦ ହୋଇ ରହିଥାଉ, ସତେଅବା

'oaob.nitrkl.ac.in' images reprocessed

କୌଣସି ବନ୍ଦିଶାଳାରେ ରହିଲାପରି ବେଡ଼ିପଡ଼ି ରହିଥାଉ, କେତେ ନା କେତେ ଗଣ୍ଠି ସତ୍ତାର ସକଳ ଭାଗକୁ ଗୋଟିଏ ପରି ବାନ୍ଧି କରି ରଖିଥାନ୍ତି । ଏହିଥିରୁ ଏକ ସଂହତି ଜନ୍ମେ । ମାତ୍ର, ଯୁଗପତ୍ ଭାବରେ, ତାହା ଭାରି ସୀମାବଦ୍ଧ କରି ରଖେ, ସୀମା ଭିତରେ କଳି ରଖିଥାଏ । ତୁମେ ଯେଉଁ ଶକ୍ତିଗୁଡ଼ିକୁ ଗ୍ରହଣ କରିବା ଲାଗି ଚାହୁଁଥାଅ, ସେହି କ୍ଷେତ୍ରରେ ମୋଟେ ଗ୍ରହଣ କରିପାରୁ ନାହିଁ, କାରଣ, ତୁମକୁ ବାନ୍ଧି ରଖିଥିବା ଦଉଡ଼ିଟିର ଗୋଟିଏ ଗଣ୍ଠି ଦ୍ୱାରା ତୁମେ ଏହି ଆବରଣଟି ଭିତରେ ବାନ୍ଧି ହୋଇ ପଡ଼ିଥାଅ ।

### ମାଆ, ଅହଂର ଏହି ଗଣ୍ଠିକୁ କାଟି ଦିଆଯାଇ ପାରିବ କିପରି ?

କିପରି କାଟି ଦିଆଯାଇ ପାରିବ ? ଗୋଟାଏ ଖଣ୍ଡା ନେଇ ତା' ଉପରେ ଆଘାତ କରି । (ସମସ୍ତେ ହସିଲେ) ଯେତେବେଳେ ତୁମେ ଗଣ୍ଠିଟି ବିଷୟରେ ସଚେତନ ହେବ, ସେତେବେଳେ ସେଇଟିକୁ ଯାଇ କାଟିଦେବ । ମାତ୍ର, ସାଧାରଣତଃ ଆମେ ଆଦୌ ସଚେତନ ହୋଇପାରୁ ନାହିଁ । ଆମ ଜୀବନରେ ଯାହାକିଛି ଘଟୁଥାଏ, ଆମେ ତାହାକୁହିଁ ସ୍ୱାଭାବିକ ଓ ସାଧାରଣ ବୋଲି ଭାବୁ । ବସ୍ତୁତଃ, ତାହା ଅତ୍ୟନ୍ତ ସ୍ୱାଭାବିକ ହୋଇ ରହିଥାଏ, ମାତ୍ର ଆମେ ତାହାକୁ ବେଶ୍ ଭଲ ବୋଲି ମଧ୍ୟ ବିଚାର କରିନେଉ । ତେଣୁ ପ୍ରଥମେ ଅତ୍ୟନ୍ତ ପରିମାଣରେ ଏକ ସ୍ୱଚ୍ଛ ଦୃଷ୍ଟି ସହିତ ଆମକୁ ସଜ୍ଞାନ ହେବାକୁ ପଡ଼ିବ ଯେ, ଆମେ ଏହି ଗଣ୍ଠିଗୁଡ଼ିକ ମଧ୍ୟରେ କଳି ହୋଇ ରହିଛୁ ଓ ସେଗୁଡ଼ିକ ଆମ ଗୋଡ଼ରେ ବେଡ଼ି ପକାଇ ରହିଛି । ଏବଂ, ସେହି କ୍ଷେତ୍ରରେ କିଛି ସମ୍ପୂର୍ଣ୍ଣ ଚଉକସ ଭାବରେ କଳି ହୋଇ ରହିଛି ବୋଲି ଯେତେବେଳେ ଆମେ ଜାଣିବାକୁ ପାଇବା, — ତାହା ଏତେ ଚଉକସ ଭାବରେ ରହିଛି ଯେ ତାହାକୁ ଦୂର କରିବାରେ ଆମେ ବିଫଳହିଁ ହୋଇଛୁ — ସେତେବେଳେ ଆମେ ଆପଣାର ଇଚ୍ଛାଶକ୍ତିକୁ ଗୋଟିଏ ତୀକ୍ଷ୍ଣ ତରବାରି ବୋଲି କଳ୍ପନା କରିବା ଏବଂ ଆପଣାର ସମସ୍ତ ଶକ୍ତି ଦେଇ ସେହି ଗଣ୍ଠିଟି ଉପରେ ଯାଇ ଆଘାତ କରିବା (ସତ ତରବାରି ନୁହେଁ, ଏକ କାଳ୍ପନିକ ତରବାରି), ତଦ୍ଦ୍ୱାରା ନିଶ୍ଚୟ ଏକ ଫଳ ଫଳିବ । ତୁମେ ଏହି କଥାଟିକୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ମଧ୍ୟ କରିପାରିବ, ସେହି ଗଣ୍ଠିକୁ ତିଆରି କରିଥିବା ଯାବତୀୟ ଉପାଦାନକୁ ଆବିଷ୍କାର କରିବ, ସେହି କ୍ଷେତ୍ରରେ ରହିଥିବା ଯାବତୀୟ ପ୍ରତିରୋଧ, ଅଭ୍ୟାସ ଓ ଅଗ୍ରରୁଚି, ଯାହାକି ତୁମକୁ ଏପରି ସଂକୀର୍ଣ୍ଣ ଭାବରେ କଳି ରଖିଛି, ତୁମେ ସବୁଗୁଡ଼ିକୁ ଆବିଷ୍କାର କରିବ । ଏହିପରି ଭାବରେ ଏଇଟି ବିଷୟରେ ସଜ୍ଞାନ ହୋଇଗଲେ ତୁମେ ତା'ପରେ ନିଜକୁ ଅଭିନିବେଶିତ କରି ରଖିବ ଏବଂ ଆଦୌ କୌଣସି ଶକ୍ତି ବିଚ୍ଛିନ୍ନ କରି ନ ପାରିବା ଭଳି ପରସ୍ପରକୁ

'oaob.nitrkl.ac.in' images reprocessed

ଚତୁଃକଷ କରି ଜାଗ୍ରତ ରହିଥିବା ଏହି ବସ୍ତୁଗୁଡ଼ିକୁ, ଅର୍ଥାତ୍ ଏହି ଗଠନଟି ଉପରେ ଜୋର କରି ଏକ ଆଘାତ ଦେବାକୁ ତୁମେ ଦିବ୍ୟ ପରମଶକ୍ତି ଏବଂ ପରମ କରୁଣାଙ୍କ ପାଖରେ ପ୍ରାର୍ଥନା କରିବ । ଏବଂ, ସେହି ମୁହୂର୍ତ୍ତରେ ତୁମକୁ ସଂକଳ୍ପ କରିନେବାକୁ ହେବ ଯେ, ଆଉ କେବେହେଲେ ତୁମେ ଏସବୁର କୌଣସି କଥା ଶୁଣିବ ନାହିଁ, କେବଳ ସେହି ଦିବ୍ୟ ପରମଚେତନାଙ୍କର କଥାହିଁ ଶୁଣିବ । ତୁମେ କେବଳ ଦିବ୍ୟ କର୍ମ ବ୍ୟତୀତ ଆଉ ଅନ୍ୟ କୌଣସି କର୍ମ କରିବ ନାହିଁ, ବ୍ୟକ୍ତିଗତ ଫଳପ୍ରାପ୍ତି ବିଷୟରେ ଆଉ ଚିନ୍ତିତ ହେବ ନାହିଁ, କୌଣସି ପ୍ରକାରେ ବାନ୍ଧି ହୋଇ ରହିବ ନାହିଁ, ତୁମ ଭିତରେ ଆଉ କୌଣସି ଅଗ୍ରରୁଚି ରହିବ ନାହିଁ, ଏବଂ, ସଫଳତା, କ୍ଷମତା, ପରିତୃପ୍ତି ଏବଂ ଗର୍ବ ପ୍ରଭୃତି ଲାଗି ସକଳ ଇଚ୍ଛାରୁ ଆପଣାକୁ ମୁକ୍ତ କରି ରଖିବ । ଏହି ସବୁକିଛିକୁ ତୁମ ଭିତରୁ ବିଲୁପ୍ତ ହୋଇଯିବାକୁ ପଡ଼ିବ; କେବଳ ସେହି ଭଗବତ୍-ପରମ ଇଚ୍ଛାହିଁ ତୁମର ଇଚ୍ଛା ମଧ୍ୟରେ ଅବତୀର୍ଣ୍ଣ ହୋଇଛି ଓ ତୁମକୁ କର୍ମରେ ପ୍ରବୃତ୍ତ କରି ରଖିଛି ବୋଲି ତୁମେ ପ୍ରତ୍ୟକ୍ଷ କରିପାରୁଥିବ । ଏବଂ, ଏହିପରି ଭାବରେ, ଆରୋଗ୍ୟଲାଭ ସମ୍ଭବ ହେବ ।

ମାଆ, ଇଚ୍ଛାଶକ୍ତିକୁ ଅଧିକ ବଳଯୁକ୍ତ କରାଯାଇ ପାରିବ କିପରି ?

ହଁ, ମାଂସପେଶୀଗୁଡ଼ିକୁ ବଳଯୁକ୍ତ କଲାପରି ଏକ ବିଧିବଦ୍ଧ ବ୍ୟାୟାମ ଦ୍ୱାରା ତାହା କରାଯାଇ ପାରିବ । ତୁମେ ଗୋଟିଏ ସାନ କଥାରୁ ଆରମ୍ଭ କରିପାରିବ,—ଯାହା ତୁମେ କରିବାକୁ ଇଚ୍ଛା କରୁଛ କିଂବା ଯାହା କରିବାକୁ ଇଚ୍ଛା ନ କରୁଛ, ସେହିପରି ଗୋଟିଏ ସାନ କଥାରୁ ଆରମ୍ଭ କରିବ । ତୁମ ସତ୍ତା ଲାଗି ଅତ୍ୟାବଶ୍ୟକ କୌଣସି ବଡ଼କଥାରୁ ନୁହେଁ, ଏକ ସାନ ଏତେ ଟିକିଏ କଥାରୁ ଆରମ୍ଭ କରିବ । ଏବଂ ତା'ପରେ, ଯଦି, ଉଦାହରଣସ୍ୱରୂପ, ଯଦି ତୁମେ କୌଣସି ଏକ କଥା କରିବାର ଅଭ୍ୟାସରେ ପଡ଼ିଯାଇଥିବ, ତେବେ ସେଇଟିକୁ କରିବା ପାଇଁ କିଂବା ନ କରିବା ପାଇଁ ତୁମେ ପୂର୍ବବତ୍ ସେହିପରି ନିୟମିତତା ସହିତ ଦୃଢ଼ ଭାବରେ ଚେଷ୍ଟା କରିବ,—ଦୃଢ଼ ଭାବରେ ଚେଷ୍ଟା କରିବ ଏବଂ ତକୁ କୌଣସି ଭାରି ଜିନିଷ ଉପରକୁ ଉଠାଇବା ଲାଗି ଆପଣାକୁ ବାଧ୍ୟ କଲାପରି ଏଇଟିକୁ କରିବା ଲାଗି ମଧ୍ୟ ଆପଣାକୁ ବାଧ୍ୟ କରିବ । ଦୁଇଟିଯାକ ସେହି ସମାନ କଥା । ତୁମକୁ ସେହି ଏକାଭଳି ଚେଷ୍ଟା କରିବାକୁ ପଡ଼ିବ, ମାତ୍ର ଏହି କ୍ଷେତ୍ରରେ ଅଧିକତର ପରିମାଣରେ ଏକ ଅନ୍ତର୍ଗତ ଚେଷ୍ଟା କରିବାକୁ ହେବ । ଏହିପରି ଭାବରେ, ଅପେକ୍ଷାକୃତ ଅଧିକ ସହଜ ସାନ ସାନ ବିଷୟକୁ ସାଧି କରିସାରିବା ପରେ ତୁମେ ଏକ ବୃହତ୍ତର ଶକ୍ତି ସହିତ ଆପଣାକୁ ନେଇ ସଂଯୁକ୍ତ କରିଦେଇ ପାରିବ ଏବଂ ଏକ ଅପେକ୍ଷାକୃତ ଅଧିକ କଠିନ ପ୍ରୟୋଗରେ ଯାଇ ହାତ ଦେବ । ଏବଂ, ନିୟମିତ ଭାବରେ ଏହିପରି

'oaob.nitrkl.ac.in' images reprocessed

କଲେ, କ୍ରମଶଃ ତୁମେ ଶେଷରେ ଏକ ସ୍ୱାଧୀନ ଏବଂ ଅତ୍ୟନ୍ତ ସବଳ ଇଚ୍ଛା ଅର୍ଜନ କରିପାରିବ ।

ମାଆ, ମାନସିକ ଅଭୀପ୍‌ସା ଓ ପ୍ରାଣିକ ଅଭୀପ୍‌ସା ପରି ଭିନ୍ନ ଭିନ୍ନ ଅଭୀପ୍‌ସା ରହିଛି କି ?

ହଁ, ଶରୀରର ପ୍ରତ୍ୟେକ ଭାଗର ଆପଣାର ଏକ ଅଭୀପ୍‌ସା ଅଛି, ଯାହାରକି ଅଭୀପ୍‌ସା କରୁଥିବା ସେହି ଭାଗଟିର ଅନୁରୂପ ଏକ ପ୍ରକୃତି ମଧ୍ୟ ରହିଛି । ଏପରିକି ଭୌତିକ ସ୍ତରର ଏକ ଅଭୀପ୍‌ସା ମଧ୍ୟ ରହିଛି । ଏହି ଶରୀର ମଧ୍ୟ···ରୂପାନ୍ତରଟି ପ୍ରକୃତରେ କିପରି ହେବାକୁ ଯାଉଛି, ଶରୀରର କୋଷଗୁଡ଼ିକ ମଧ୍ୟ ସେକଥା ବୁଝିପାରନ୍ତି । ଏବଂ, ସେମାନଙ୍କ ଭିତରେ ଥିବା ସମସ୍ତ ଶକ୍ତି ଓ ସମସ୍ତ ଚେତନା ସହିତ ସେମାନେ ଏହି ରୂପାନ୍ତରଟି ଲାଗି ଅଭୀପ୍‌ସା କରୁଥାନ୍ତି । ଶରୀରର କୋଷଗୁଡ଼ିକ,—କେନ୍ଦ୍ରସ୍ଥ ଇଚ୍ଛା ନୁହେଁ, ଭାବନା ବା ସଂବେଗ ନୁହେଁ—ସେହି ପରମଶକ୍ତିକୁ ଗ୍ରହଣ କରିବା ଲାଗି ଶରୀରର କୋଷଗୁଡ଼ିକ ଏହିପରି ଭାବରେ ଉନ୍ମୋଚନ ଲାଭ କରନ୍ତି ।

ଚୈତ୍ୟସତ୍ତା କ'ଣ ହୃଦୟପୁରେ ରହିଛି ?

ଶରୀର ଭିତରେ ଯାହାକୁ ହୃଦ୍‌ଯନ୍ତ୍ର ବୋଲି କୁହାଯାଏ, ସେଇଟି ଭିତରେ ନୁହେଁ, ଶରୀରର ସେହି ଅବୟବଟି ଭିତରେ ତାହା ନାହିଁ । ତାହା ହେଉଛି ଏକ ଚତୁର୍ଥ ପ୍ରସ୍ଥ, ଏକ ଅନ୍ତରସ୍ଥ ପ୍ରସ୍ଥ । ମାତ୍ର ତାହା ସେହି ଅଞ୍ଚଳରେ ରହିଛି, ସୂର୍ଯ୍ୟଚକ୍ରର ପଶ୍ଚାତରେ ସେଇଠି କୌଣସି ସ୍ଥାନରେ ରହିଛି । ସେହିଠାରେହିଁ ସବୁଠାରୁ ଅଧିକ ସହଜ ଭାବରେ ତାହାର ସନ୍ଧାନ ମିଳିଥାଏ । ଆମ ଭୌତିକ ସତ୍ତାର ପରିପ୍ରେକ୍ଷୀରେ ବିଚାର କରି ଦେଖିଲେ ଚୈତ୍ୟସତ୍ତା ଚତୁର୍ଥ ପ୍ରସ୍ଥରେ ଯାଇ ରହିଛି ।

ଏକ "ନକାରାତ୍ମକ ନିର୍ବାଣ" କହିଲେ କ'ଣ ବୁଝାଏ ?

ନକାରାତ୍ମକ ନିର୍ବାଣ ? ସେଇଟି ତ ଆଜିର ପାଠରେ ନାହିଁ !

ନକାରାତ୍ମକ ନିର୍ବାଣ କେବଳ ସେହି ନିର୍ବାଣକୁ ବୁଝାଏ, ଯାହାମଧ୍ୟରେ ସକାରାତ୍ମକ ହୋଇ କିଛି ନ ଥାଏ । ଏହା ଏକ ନାସ୍ତିକୁ ବୁଝାଏ, ଏକାନ୍ତ ଭାବରେ ଏକ ନାସ୍ତିକୁ ବୁଝାଏ ଏବଂ ତା'ଭିତରେ ସକାରାତ୍ମକ ହୋଇ ଆଦୌ କିଛି ହେଲେ ନ ଥାଏ ।

ବୁଝିଲ ? ଆଜି ସେତିକି ଥାଉ ।

'oaob.nitrkl.ac.in' images reprocessed

(ମାଆ ବିଶ୍ୱନାଥଙ୍କ ଆଡ଼କୁ ଚାହିଁଲେ । ବିଶ୍ୱନାଥ ଟେପ୍ ରେକର୍ଡର୍ ନେଇ ବ୍ୟସ୍ତ ରହିଥିଲେ; ମାଆ ତାଙ୍କୁ ପଚାରିଲେ : ) ତୁମର କୌଣସି ପ୍ରଶ୍ନ ଅଛି ? (ସମସ୍ତେ ହସିଲେ) ତୁମେ କୌଣସି ପ୍ରଶ୍ନ ପଚାରିବ ? ତେବେ ପଚାର, କ'ଣ ପଚାରିବାକୁ ଅଛି ପଚାର । (ସମସ୍ତେ ହସିଲେ) କ'ଣ କହିଲ ? କିଛି ପଚାରିବାକୁ ନାହିଁ ?

ତେବେ ଏଠିକାରେ ଥାଉ ।

'oaob.nitrkl.ac.in' images reprocessed

# ୧୦ ନଭେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ଦ୍ୱିତୀୟ ଅଧ୍ୟାୟ "ବିଶ୍ୱାସ—ଅଭୀପ୍ସା—ସମର୍ପଣ" ଉପରେ ଏହି ପ୍ରବଚନଟି ଆଧାରିତ ।

ଏହି ଅଂଶଟିର ପ୍ରକୃତ ଅର୍ଥ କ'ଣ : "ଯୋଗର କ୍ଷେତ୍ରରେ ଏକ ଅନ୍ତର୍ଗତ ବିଜୟପ୍ରାପ୍ତିହିଁ ବାହ୍ୟ ବିଜୟ ସମ୍ଭବ ହୋଇଥାଏ" ?

ହଁ । ପ୍ରଥମେ ଯଥୋଚିତ ଚେତନାଟିକୁ ଅର୍ଜନ କରିବାକୁ ପଡ଼େ, ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ପଡ଼େ, ଏବଂ ସେହି ପରମସତ୍ତାହିଁ ତୁମର ସକଳ କର୍ମର ପରିଚାଳନା କରନ୍ତୁ ବୋଲି ବାଟ ଛାଡ଼ିଦେବାକୁ ହୁଏ । ଏବଂ ତା'ପରେ ତୁମେ ବାହ୍ୟ ପରିସ୍ଥିତି ଉପରେ ଓ ଏପରିକି ବାହ୍ୟ କର୍ମଗୁଡ଼ିକ ଉପରେ ମଧ୍ୟ କ୍ରିୟା କରିପାର ଏବଂ ବାହ୍ୟ ପ୍ରତିବନ୍ଧକଗୁଡ଼ିକୁ ପାର ହୋଇ ଯାଇପାର । ବାହାରେ କିଛି [...] (ପାଣ୍ଡୁଲିପି ଭିତରୁ ଶବ୍ଦ ଛାଡ଼ି ହୋଇ ଯାଇଛି) କରିପାରିବାକୁ ଆଶା କରିବା ପୂର୍ବରୁହିଁ ପ୍ରଥମେ ତୁମର ଅନ୍ତର୍ଗତ ଅନୁଭବଟି ରହିଥିବା ଉଚିତ । ବସ୍ତୁତଃ, ସେହି ଦିବ୍ୟ ପରମଚେତନା ବିଷୟରେ ଏକ ସଜ୍ଞାନତା ଲାଭ କରିବା ଉପରେହିଁ ସବୁକିଛି ଆଧାରିତ ହୋଇ ରହିଛି, ଏବଂ ଏହି କଥାଟି ହାସଲ ହୋଇ ନ ଥିବା ଯାଏ ଆଉ ସବୁକିଛି ଅନିଶ୍ଚିତ ହୋଇହିଁ ରହିଥିବ । ସେତେବେଳ ଯାଏ କୌଣସି କିଛିର ସ୍ଥାୟୀ ପ୍ରତିଷ୍ଠା ସମ୍ଭବ ହେବ ନାହିଁ । କେବଳ ସଚେତନ ହୋଇସାରିବା ପରେହିଁ ହେବ; ସେତେବେଳେ ଯାଇ ସଫଳତା ସହିତ ନିଜ ବାଟରେ ଯାଇହେବ, ନିର୍ଭୟରେ ଚାଲିହେବ । ତା' ନ ହେଲେ ସବୁବେଳେ...ତୁମେ ସବୁବେଳେ ଭୁଲ୍ କରିବାରେହିଁ ଲାଗିଥିବ ଏବଂ ଭୁଲ୍ ବାଟରେ ଚାଲିବାରେ ଲାଗିଥିବ ।

ମାଆ, "ଚୈତ୍ୟ ସମାହିତ" କହିଲେ କ'ଣ ବୁଝାଏ ?

ଚୈତ୍ୟ ସମାହିତ କହିଲେ ଏପରି ଏକ ସମଞ୍ଜସ ଅବସ୍ଥାକୁ ବୁଝାଏ ଯାହାକି ତୁମର ଚୈତ୍ୟ ଅଂଶହିଁ ତୁମ ସତ୍ତାର ଯାବତୀୟ କ୍ରିୟାତ୍ମକତାକୁ ପରିଚାଳନା କରି ପାରିଲେ ତୁମ ଭିତରେ ତାହା ସମ୍ଭବ ହୋଇଥାଏ । ତୁମ ଚେତନାର ଯାବତୀୟ ଗତିସ୍ପନ୍ଦନରେ ଚୈତ୍ୟହିଁ ନିୟନ୍ତ୍ରଣକର୍ତ୍ତା ହୋଇ ରହିପାରିଲେ ତାହା ସମ୍ଭବ ହୁଏ ।

'oaob.nitrkl.ac.in' images reprocessed

ଚୈତ୍ୟ ସର୍ବଦାହିଁ ଏକ ସୁସମାହିତ ସ୍ଥିତିରେ ରହିଥାଏ । ତେଣୁ ଯେତେବେଳେ ତାହା ସକ୍ରିୟ ହୋଇ ସତ୍ତାର ପରିଚାଳନକର୍ତ୍ତା ହୋଇପାରେ, ସେତେବେଳେ ତାହା ଅନିବାର୍ଯ୍ୟ ଭାବରେ ଏକ ସ୍ୱରସାମ୍ୟ ସମ୍ଭବ କରି ଆଣେ ।

> ମାଆ, ଆମେ ଗଲ୍‌ଥର ପଢ଼ିଥିଲୁ : "ତୁମ ସ୍ୱଭାବରେ କ'ଣସବୁ ତ୍ରୁଟି ରହିଛି, ସେଥିରେ ଆଦୌ କିଛି ଯାଏ ଆସେ ନାହିଁ । କେବଳ ଅସଲ କଥାଟି ହେଉଛି ଯେ ତୁମେ ପରମା ଶକ୍ତି ଆଡ଼କୁ ଆପଣାକୁ ଉନ୍ମୁକ୍ତ କରି ରଖିଥିବ ।" ମାଆ, ଯଦି ସ୍ୱଭାବରେ ତ୍ରୁଟି ରହିଥିବ, ତେବେ ଆମେ ସେହି ଶକ୍ତି ଆଡ଼କୁ ଆପଣାକୁ ଉନ୍ମୁକ୍ତ କରିପାରିବା କିପରି ?

ମୁଁ ଭାବୁଛି, ତ୍ରୁଟି ପ୍ରତ୍ୟେକ ବ୍ୟକ୍ତିର ରହିଛି । ତେଣୁ, ଆପଣାକୁ ଉନ୍ମୁକ୍ତ କରି ରଖିବା ଲାଗି ଯଦି ସମ୍ପୂର୍ଣ୍ଣ ଭାବରେ ତ୍ରୁଟିମୁକ୍ତ ହୋଇ ରହିବା ଆବଶ୍ୟକ ହେଉଥା'ନ୍ତା, ତେବେ ଆଦୌ କେହିହେଲେ କେବେ ଉନ୍ମୁକ୍ତ ହୋଇ ପାରନ୍ତେ ନାହିଁ । ପ୍ରଥମ କାଳରେ ସବୁବେଳେ ତ୍ରୁଟି ରହିଥାଏ । କୌଣସି ମନୁଷ୍ୟ ଗୋଟାଏ ହୋଇ ଆଦୌ ତିଆରି ହୋଇ ନ ଥାଏ । ଏହାହିଁ ତ୍ରୁଟି ରହିବାର ସର୍ବପ୍ରଧାନ କାରଣ । ସତ୍ତା ମଧ୍ୟରେ ଭିନ୍ନ ଭିନ୍ନ ବହୁ ଭାଗ ରହିଥାଏ, ଯେଉଁଗୁଡ଼ିକ କି ବେଳେବେଳେ ପରସ୍ପରଠାରୁ ବେଶ୍ ସ୍ୱତନ୍ତ୍ର ହୋଇ ରହିଥାନ୍ତି; ପ୍ରାୟ ପାଳିକରି ଚେତନାକୁ ଆସି ଅଧିକାର କରନ୍ତି, ଏପରିକି ବେଳେବେଳେ ପ୍ରାୟ ଏକ ନିୟମିତ କ୍ରମାନୁସୃରେ ଚେତନା ଉପରେ ପ୍ରଭାବ ବିସ୍ତାର କରନ୍ତି । ସେହି କାରଣରୁ, ଯେତେବେଳେ ସତ୍ତାର ଗୋଟିଏ ଭାଗରେ ସଦିଚ୍ଛା ରହିଥାଏ ଓ ଦିବ୍ୟ ଶକ୍ତି ବିଷୟରେ ଗୋଟାଏ ପ୍ରକାରର ଏକ ସ୍ପଷ୍ଟ ବୋଧ ସମ୍ଭବ ହୋଇ ପାରିଥାଏ; ସେତେବେଳେ ତାହାହିଁ ସତ୍ତା ମଧ୍ୟରେ ଏକ ଉନ୍ମୋଚନ ଘଟାଏ ଏବଂ ତାହା ସହିତ ଏହି ଶକ୍ତିର ଏକ ସୂତ୍ର ଲଗାଇଦିଏ । ମାତ୍ର ତଥାପି ତାହା ସବୁବେଳେ ସେଠାରେ ନ ଥାଏ । ସେତେବେଳେ ଅନ୍ୟ ଭାଗଗୁଡ଼ିକ ଆସି ପୁରୋଭାଗରେ ପହଞ୍ଚି ଯାଆନ୍ତି; ସେଗୁଡ଼ିକରେ କେତେ ତ୍ରୁଟି ପୁଣି ରହିଥାଏ, କେତେ ମନ୍ଦ ଅଭ୍ୟାସ ରହିଥାଏ ଏବଂ ସେଗୁଡ଼ିକ ଚେତନାକୁ ସମ୍ପୂର୍ଣ୍ଣ ଭାବରେ ଘୋଡ଼ାଇବାକୁ ମଧ୍ୟ ସମର୍ଥ ହୋଇଥାନ୍ତି । ମାତ୍ର, ଯେଉଁ ଭାଗଟି ଏକଦା ଉନ୍ମୁକ୍ତ ହୋଇ ରହିଥିଲା, ଯଦି ଆମେ ସେହି ଭାଗଟିର ସ୍ମୃତିକୁ ସଜୀବିତ କରି ରଖିଥାଉ, ତେବେ ଉନ୍ମୋଚନଟି ମଧ୍ୟ ତଥାପି ବଳବତ୍ତର ରହିପାରେ; ସକ୍ରିୟ ହୋଇ ରହିଥିବା ଭାଗଟି ବାହ୍ୟତଃ ସେହି ବିଷୟରେ ବିଶେଷ ଭାବରେ କୌଣସି ଆଗ୍ରହ ଦେଖାଉ ନ ଥିଲେ ମଧ୍ୟ ଏବଂ

'oaob.nitrkl.ac.in' images reprocessed

ଏପରିକି ଆଦୌ କିଛି ବୁଝିପାରୁ ନ ଥିଲେ ମଧ୍ୟ ସେହି ଉନ୍ମୋଚନ ବଳବତ୍ତର ରହିଥାଏ । ମାତ୍ର ତଥାପି ଉନ୍ମୋଚିତ ହୋଇଥିବା ଅନ୍ୟ ଭାଗଟି ଉନ୍ମୋଚିତ ରହିପାରେ ଏବଂ ଶକ୍ତିଟିକୁ ଗ୍ରହଣ ବି କରିପାରେ ।

ଅଭୀପ୍ସା ଦ୍ୱାରା ବିଶ୍ୱାସ ଅର୍ଜନ କରାଯାଇ ପାରେ କି ?

କ'ଣ କହିଲ ? ଅଭୀପ୍ସା ଦ୍ୱାରା ବିଶ୍ୱାସ ଅର୍ଜନ କରାଯାଇ ପାରେ କି ? ହଁ, ପାରେ, କାରଣ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଥବା ସହଜାତ ଭାବରେ ତାହା ଅତ୍ୟନ୍ତ କ୍ୱଚିତ୍ ସମ୍ଭବ ହୋଇଥାଏ । ଏପରି ଭାଗ୍ୟବାନ୍ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର କି ସ୍ୱତଃସ୍ଫୂର୍ତ୍ତ ଭାବରେ ବିଶ୍ୱାସ ସମ୍ଭବ ହୋଇଯାଇଥାଏ । ମାତ୍ର, ଆପଣାର ଅଭୀପ୍ସାରେ ଅତ୍ୟନ୍ତ ଆନ୍ତରିକତାଯୁକ୍ତ ହୋଇ ରହିଥିଲେ ତାହା ଉପଲବ୍ଧ ହୋଇଥାଏ । ଆନ୍ତରିକ ତଥା ସତତ ଅଭୀପ୍ସା ଦ୍ୱାରା ସବୁକିଛି ଉପଲବ୍ଧ ହୋଇପାରେ । ଆମ ଭିତରେ ସର୍ବଦା ବିଶ୍ୱାସର ଏକ କ୍ଷୁଦ୍ର ଉପାଦାନ ରହିଥାଏ;—ସେହି ବିଶ୍ୱାସ ଆମ ବାପମାଆ ଆମକୁ କହିଥିବା କଥା ଉପରେ ଆଇପାରେ ବା ଆମେ ପଢ଼ିଥିବା ବହିଗୁଡ଼ିକ ଉପରେ ବି ଆଇପାରେ । ପ୍ରକୃତରେ କହିବାକୁ ଗଲେ, ତୁମର ଯାବତୀୟ ଶିକ୍ଷାହିଁ ଏହିପରି ଏକ ବିଶ୍ୱାସ ଉପରେ ଆଧାରିତ ହୋଇ ରହିଛି । ତୁମକୁ ଶିକ୍ଷା ଦେଇଥିବା ବ୍ୟକ୍ତିମାନେ ତୁମକୁ କେତେକ ନିର୍ଦ୍ଦିଷ୍ଟ କଥା କହିଛନ୍ତି । ସେହି କଥାସବୁ ପ୍ରକୃତରେ ଠିକ୍ ବା ଭୁଲ୍, ସେକଥା ତନଖି ଦେଖିବା ଲାଗି ସେତେବେଳେ ତୁମ ପାଖରେ କୌଣସି ସାଧନ ନ ଥିଲା, କାରଣ ସେତେବେଳେ ତୁମେ ଅତି ପିଲା ଥିଲ ଏବଂ ତୁମର ଆଦୌ କୌଣସି ଅଭିଜ୍ଞତା ନ ଥିଲା । ମାତ୍ର, ସେମାନେ ତୁମକୁ ଯାହାସବୁ କହିଥିଲେ, ତୁମେ ସେଗୁଡ଼ିକୁ ବିଶ୍ୱାସ କଲ ଏବଂ ସେହି ବିଶ୍ୱାସ ସହିତହିଁ ଅଗ୍ରସର ହେଲ । ତେଣୁ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏତେ ଟିକିଏ ହେଲେ ମଧ୍ୟ ଏକ ବିଶ୍ୱାସ ରହିଛି, ଏବଂ ସେହି ବିଶ୍ୱାସର ଅଭିବୃଦ୍ଧି ଲାଗି ଆମେ ଆମ ଅଭୀପ୍ସାକୁ କାମରେ ଲଗାଇ ପାରିବା ।

ମାଆ, ଆପଣଙ୍କ ପ୍ରତୀକଟିରେ ଥିବା ବାରଟି ପାଖୁଡ଼ା ବାରଟି ଅନ୍ତର୍ଗତ ଭୂମିକୁ ସୂଚିତ କରାଇ ଦିଅନ୍ତି, ନୁହେଁ କି ?

ତୁମେ ସେଥିରୁ ଯାହା ଇଚ୍ଛା କରିବ, ତାହା ତୁମ ଲାଗି ତାହାକୁ ସୂଚିତ କରିଦେବ । ବାର ହେଉଛି ଅଦିତିଙ୍କର ସଂଖ୍ୟା, ମହାଶକ୍ତିଙ୍କର ସଂଖ୍ୟା । ତେଣୁ ଏହା ସକଳ ବସ୍ତୁ ଲାଗି ପ୍ରଯୁଜ୍ୟ; ଅଦିତିଙ୍କର ପ୍ରତ୍ୟେକ କ୍ରିୟାର ବାରଟି ବିଭାବ ରହିଛି । ଏତଦ୍‌ବ୍ୟତୀତ ତାଙ୍କର ବାରଗୋଟି ଗୁଣ ରହିଛି, ବାରଗୋଟି ସାମର୍ଥ୍ୟ ରହିଛି, ବାରଟି ବିଭାବ ରହିଛି ଏବଂ ଅଭିବ୍ୟକ୍ତ ହେବାର ବାରଟି ଭୂମି ମଧ୍ୟ ରହିଛି;

'oaob.nitrkl.ac.in' images reprocessed

ଏହିପରି ଅନ୍ୟ ଅନେକ ବସ୍ତୁ ରହିଛି ଯାହାର ସଂଖ୍ୟା ବାର । ଏବଂ ପ୍ରତୀକଟି,—ବାର ସଂଖ୍ୟାଟି ମଧ୍ୟ ସ୍ୱୟଂ ଗୋଟିଏ ପ୍ରତୀକ । ତାହା ଅଭିବ୍ୟକ୍ତିର ପ୍ରତୀକ, ଦୁଇ ପରିପୂର୍ଣ୍ଣତାର ପ୍ରତୀକ,—ସତ୍ତାଗତ ସତ୍ୟ ଏବଂ ଅଭିବ୍ୟକ୍ତି,—ସୃଷ୍ଟିରେ ଦୁଇଟିଯାକ କ୍ଷେତ୍ରର ପରିପୂର୍ଣ୍ଣତାର ପ୍ରତୀକ ।

ମାଆ, ଏହି ବାରଗୋଟି ବିଭବ କ'ଣ ?

ଏକଥା ମୁଁ ଅନ୍ୟଏକ ଜାଗାରେ ବର୍ଣ୍ଣନା କରି କହିଛି, ମାତ୍ର ବର୍ତ୍ତମାନ ମୋର ସେକଥା ମନେ ପଡ଼ୁ ନାହିଁ । ଏହା ସର୍ବଦା ଏକ ନିର୍ବାଚନ ଉପରେ ନିର୍ଭର କରିଥାଏ । ଆମେ ଯାହାକିଛି କହିବାକୁ ଇଚ୍ଛା କରୁଥିବା, ସେହି ଅନୁସାରେ ଏପରି ବା ସେପରି ବାରଗୋଟି ବିଭବ ବାଛିନେଇ ପାରିବା ଏବଂ ସେଗୁଡ଼ିକୁ ନାନାପ୍ରକାର ନାମ ଦେଇ ପାରିବା । ସେହି ଗୋଟିଏ ବିଭବର ମଧ୍ୟ ବିଭିନ୍ନ ନାମକରଣ ହୋଇପାରିବ । ଏହା ଭିତରେ କୌଣସି ମନଃପ୍ରସୂତ ସିଦ୍ଧାନ୍ତର ଅନମନୀୟତା ଆଦୌ ନାହିଁ । (ମାଆ ନୀରବ ରହିଲେ)

ଆମେ ସୃଷ୍ଟିକୁ ଯେଉଁ ଦୃଷ୍ଟିକୋଣରୁ ବିଗ୍ଭର କରି ଦେଖୁଥିବା, ସେହି ଅନୁସାରେ ମୁଁ ଥରେ ହୁଏତ ଏହି ବାରଗୋଟି ବିଭବକୁ ତୁମ ଆଗରେ ବର୍ଣ୍ଣନା କରି କହିବି; ଏବଂ ହୁଏତ ଆଉ ଥରେ ଅବଲୋକନର କେନ୍ଦ୍ରଟିକୁ ବଦଳାଇ ଦେଇ-ଥିବାରୁ ମୁଁ ଆଉ ବାରଗୋଟିର ବର୍ଣ୍ଣନା କରିବି—ଏବଂ ସେଗୁଡ଼ିକୁ ମଧ୍ୟ ସମାନ ଭାବରେ ସତ୍ୟ ବୋଲି ବୁଝାଯିବ ।

(ବିଶ୍ୱନାଥଙ୍କୁ ଉଦ୍ଦେଶ୍ୟ କରି) ଏହି ଝଡ଼ କ'ଣ ପବନ ଦ୍ୱାରା ସୃଷ୍ଟି ହେଉଛି କି ? ଏକ ନାଟକ-ମଞ୍ଚରେ ପ୍ରଭାବ ସୃଷ୍ଟି କରିବା ଲାଗି ତାହା ଅତ୍ୟନ୍ତ ଚମତ୍କାର ହେବ । ·ରାତିରେହିଁ ବିଶ୍ୱ'ସଘାତକ ମାଡ଼ମାଡ଼ି ଆସୁଛି, ନୁହେଁ ? ଆମେ କୌଣସି ଏକ ଭୟଙ୍କର କିଛି ଲାଗି ଅପେକ୍ଷା କରି ରହିଛେ ।···

ମାଆ, ଚୈତ୍ୟସତ୍ତା ଆପଣାର ଏହି ସମାହିତିକୁ କେତେବେଳେ ହରାଇ ବସେ ?

କ'ଣ କହିଲି ? ···କେବେହେଲେ ହରାଏ ନାହିଁ ।

ତେବେ "ଚୈତ୍ୟ ସମାହିତି ଆବଶ୍ୟକ" ବୋଲି କାହିଁକି କୁହା-ଯାଇଛି ?

ହଁ,· ଏହାର ଅର୍ଥ ହେଉଛି ଯେ, ଚୈତ୍ୟ ସମାହିତଗତ ସହାୟତାର ଆବଶ୍ୟକତା ରହିଛି । ଏହାର ଅର୍ଥ ନୁହେଁ ଯେ ଚୈତ୍ୟସତ୍ତା ମଧ୍ୟରେ ଏକ

'oaob.nitrkl.ac.in' images reprocessed

ଭାରସାମ୍ୟ ଆସିବା ଆବଶ୍ୟକ । ପ୍ରକୃତ କଥା ହେଉଛି ଯେ ଆମକୁ ଚୈତ୍ୟ-ସମାହିତର ପ୍ରଭାବ ମଧ୍ୟରେ ଅବସ୍ଥାନ କରିବାକୁ ପଡ଼ିବ । ଚୈତ୍ୟ ସର୍ବଦା ଭାରସାମ୍ୟଯୁକ୍ତ ହୋଇ ରହିଛି । ମାତ୍ର ସତ୍ତ୍ୱ ଭାରସାମ୍ୟ ସମ୍ଭବ କରୁଥିବା ସେହି ଚୈତ୍ୟର ପ୍ରଭାବ ଭିତରେ ସବୁବେଳେ ରହିପାରେ ନାହିଁ । ଚୈତ୍ୟର ପ୍ରଭାବହିଁ ସେହି ଭାରସାମ୍ୟକୁ ସମ୍ଭବ କରେ । (ମାଆ ନୀରବ ରହିଲେ)

ଚୈତ୍ୟସତ୍ତ୍ୱ ପୁରୋଭାଗରେ ରହିଛି ବୋଲି ଜାଣିହେବ କିପରି ?

ଯେତେବେଳେ ତାହା ପ୍ରକୃତରେ ହେବ, ସେତେବେଳେ ତୁମେ ଅବଶ୍ୟ ଜାଣିପାରିବ । ଯେପର୍ଯ୍ୟନ୍ତ ଆମେ ତାହା ଜାଣିପାରୁ ନ ଥିବା, ସେପର୍ଯ୍ୟନ୍ତ ତାହାର ଅର୍ଥ ହେବ ଯେ ଏହା ପ୍ରକୃତରେ ସମ୍ଭବ ହୋଇ ନାହିଁ । "ମୁଁ ଦିବ୍ୟ ପରମସତ୍ତ୍ୱଙ୍କର ସଂସ୍ପର୍ଶ ମଧ୍ୟରେ ରହିଛି କି ନାହିଁ, ମୁଁ ସେକଥା ଜାଣିବି କିପରି ?" —ଏହା ଲୋକମାନଙ୍କର ତୁମକୁ ଏହି ପ୍ରଶ୍ନଟି ପଚାରୁଥିବା ପରି ହେବ । ସେମାନେ ଯେ ତାହା ଜାଣି ନାହାନ୍ତି, ଏଇଥିରୁହିଁ ତାହାର ଯଥେଷ୍ଟ ପ୍ରମାଣ ମିଳିଯାଉଛି । କାରଣ, ଯଦି ଜାଣିଥାନ୍ତେ, ତେବେ କଦାପି ଏଭଳି ପ୍ରଶ୍ନ ପଚାରନ୍ତେ ନାହିଁ । ଏହା ଏକ ସ୍ୱତଃସିଦ୍ଧ କଥା । ଚୈତ୍ୟର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଚୈତ୍ୟ ପୁରୋଭାଗକୁ ଆସିଲେ ତୁମେ ତାହା ଅବଶ୍ୟ ଜାଣିପାରିବ ଏବଂ ତେଣୁ, ସନ୍ଦେହର କୌଣସି ଅବକାଶହିଁ ନ ଥିବ । ଏବଂ ସେହି କାରଣରୁ ଏପରି ଏକ ପ୍ରଶ୍ନ ପଚାରିବାର ମଧ୍ୟ ଅବକାଶ ରହିବ ନାହିଁ ।

ଆମର ମନ ଓ ପ୍ରାଣିକକୁ ଆମେ ଏକ "ସ୍ୱଚ୍ଛ କ୍ଷେତ୍ରରେ" ପରିଣତ କରିପାରିବା କିପରି ?

କ'ଣ କରିପାରିବ ? ··· ହଁ, ଏହା ବଡ଼ କଷ୍ଟକର । (ସମସ୍ତେ ହସିଲେ) ଏହା ଏକ ବୃହତ୍ତର କାର୍ଯ୍ୟ । ମାତ୍ର, ଏହି କ୍ଷେତ୍ରରେ ମଧ୍ୟ ସର୍ବଦା ସେଇ ଗୋଟିଏ କଥା । ସ୍ୱଚ୍ଛ ହେବାର ପ୍ରକୃତ ଅର୍ଥ କ'ଣ, ସର୍ବପ୍ରଥମେ ତୁମକୁ ସେହି କଥାଟି ଜାଣିବାକୁ ପଡ଼ିବ । ତା'ପରେ ଅଭୀପ୍ସା କରିବାକୁ ହେବ, ଅବିରତ ଭାବରେ ଅଭୀପ୍ସା କରିବାକୁ ପଡ଼ିବ । ଏବଂ ପ୍ରତ୍ୟେକ ବାର କିଛି ନା କିଛି ପ୍ରତିବନ୍ଧକ ଆସି ପହଞ୍ଚୁଥିବ; ମାତ୍ର ତୁମକୁ ତାହାକୁ ପୋଛି ବାହାର କରିଦେବାକୁ ପଡ଼ିବ, ଠେଲି ନିକାଲି ଦେବାକୁ ପଡ଼ିବ, — ତାହାକୁ ତୁମେ ଆଦୌ ଗ୍ରହଣ କରିନେବ ନାହିଁ ।

ମନ ଏବଂ ପ୍ରାଣିକର ଗୋଟାଏ ଭାରି ଖରାପ ଅଭ୍ୟାସ ରହିଛି : ଯେତେ-ବେଳେ ଜଣେ ବ୍ୟକ୍ତି ଅଭୀପ୍ସା ସାହାଯ୍ୟରେ ଏକ ଅନୁଭୂତି ଲାଭ କରିବାରେ

'oaob.nitrkl.ac.in' images reprocessed

ସଫଳ ହୁଏ ଓ ଦିବ୍ୟ ଶକ୍ତିମନ୍ତ୍ରର ସଂସ୍ପର୍ଶରେ ଆସେ, ସେତେବେଳେ ମନ ଆଉ ପ୍ରାଣିକ ସଙ୍ଗେସଙ୍ଗେ ତାହାକୁ ଏହିପରି ଭାବରେ ସେମାନଙ୍କର ନିଜ ସମ୍ପତ୍ତିରେ ପରିଣତ କରିନେବା ଲାଗି ଧାଇଁ ଆସନ୍ତି (ମାଆ ଇଙ୍ଗିତ କରି ଦେଖାଇଦେଲେ), ଠିକ୍ ଗୋଟାଏ ବିଲେଇ ମୂଷାକୁ ଆସି ମାଡ଼ିବସିଲା ପରି ମାଡ଼ିବସିବାକୁ ଆସନ୍ତି । ତା'ପରେ ତାକୁ ଜାବୁଡ଼ା ପକାଇ କହନ୍ତି, "ଏଇଟା ହେଉଛି ମୋର" । ତାପରେ ମନ ସେହି ଅନୁଭବଟିକୁ ଯାବତୀୟ ପ୍ରକାରର କଳ୍ପନା, ସ୍ୱୀକାରବାକ୍ୟ ଓ ସ୍ୱରଚନାରେ ପରିଣତ କରିଦିଏ ଏବଂ ସେପରି କରି ଖାଲି ଗର୍ବ ଅନୁଭବ କରେ । ପ୍ରାଣିକ ମଧ୍ୟ ଆପଣାର ବାସନାଗୁଡ଼ିକୁ ପୂରଣ କରିବା ଲାଗି ଶକ୍ତିଟିକୁ ନିଜ କାମରେ ଲଗାଇବାକୁ ଆରମ୍ଭ କରେ ।

ତେଣୁ, ଏଗୁଡ଼ିକୁ ଏଡ଼ିପାରିବା ଲାଗି ଏପରି କୁହାଯାଇଛି ଯେ, ସେଗୁଡ଼ିକ ସ୍ୱଚ୍ଛ ହୋଇପାରିଥିବା ଉଚିତ, ସ୍ଥିର ଓ ଶାନ୍ତ ହୋଇ ରହିପାରୁଥିବା ଉଚିତ ଏବଂ ଆପଣାକୁ ଅଭିବ୍ୟକ୍ତ କରିବାକୁ ଚେଷ୍ଟା କରୁଥିବା ଶକ୍ତିଟି ଆଡ଼କୁ ଧାଇଁଯିବା ଉଚିତ ନୁହେଁ ଏବଂ ଆପଣାର ବ୍ୟକ୍ତିଗତ କାମରେ ଲଗିବା ସକାଶେ ତାହାକୁ ଏକ ସାଧନରେ ପରିଣତ କରି ଦେବା ଆଦୌ ଉଚିତ ନୁହେଁ । ସ୍ୱଚ୍ଛ ହୋଇ ପାରିବାକୁ ହେଲେ ମନକୁ ନୀରବ ହୋଇଯିବାକୁ ପଡ଼ିବ, — ଅନ୍ତତଃ କେତେ ପରିମାଣରେ ନୀରବ ହୋଇଯିବାକୁ ପଡ଼ିବ; ଏବଂ ପ୍ରାଣିକକୁ ମଧ୍ୟ ଆପଣାର ବାସନାସମୂହକୁ ପରିତ୍ୟାଗ କରିବାକୁ ପଡ଼ିବ, ତା'ର ଆପଣାର ଆଦୌ କୌଣସି ବାସନା ରହିବ ନାହିଁ, ଆବେଗ ଅଥବା ପ୍ରବଳ ଭାବସଂବେଗ ମଧ୍ୟ ରହିବ ନାହିଁ । ବସ୍ତୁତଃ ଏହାହିଁ ସର୍ବମୂଳ ସର୍ତ୍ତ । ଏକ ପରବର୍ତ୍ତୀ ପର୍ଯ୍ୟାୟରେ, ଟିକିନିଖି ବିଷୟଗୁଡ଼ିକର ଆଲୋଚନା କରିବାକୁ ଗଲେ, ସେମାନଙ୍କର କାହାରିହେଲେ କୌଣସି ଅଗ୍ରରୁଚି, କୌଣସି ଲିପ୍ତତା, ଜୀବନଧାରଣର କୌଣସି ଏକ ନିର୍ଦ୍ଦିଷ୍ଟ ମାର୍ଗ ଅଥବା ନାନା ଧାରଣାର କୌଣସି ଏକ ନିର୍ଦ୍ଦିଷ୍ଟ ସମୂହ ରହିବା ଆଦୌ ଉଚିତ ନୁହେଁ ।

ମାଆ, "ଆନ୍ତରିକତା" କହିଲେ ଠିକ୍ କ'ଣ ବୁଝାଏ ?

ଆନ୍ତରିକତାର ଏକାଧିକ ପର୍ଯ୍ୟାୟ ରହିଛି ।

ଏହାର ପ୍ରାଥମିକତମ ପର୍ଯ୍ୟାୟଟି ହେଉଛି ଯେ, ଜଣେ ବ୍ୟକ୍ତି ଏଣେ ଗୋଟିଏ କଥା କହି ତେଣେ ଆଉ ଗୋଟିଏ କଥା ଭାବିବ ନାହିଁ, ଗୋଟିଏ ବସ୍ତୁ ଦାବି କରି ଆଉ ଗୋଟିଏ ବସ୍ତୁକୁ କଦାପି ମନ କରିବ ନାହିଁ । ଉଦାହରଣସ୍ୱରୂପ, ଅଧିକାଂଶ ସମୟରେ ଯେପରି ଘଟିଥାଏ : ଜଣେ "ମୁଁ ଅଗ୍ରଗତି କରିବାକୁ ଇଚ୍ଛା କରୁଛି ଏବଂ ମୋ' ଭିତରେ ରହିଥିବା ତ୍ରୁଟିଗୁଡ଼ିକରୁ ମୁକ୍ତ ହେବାକୁ ଇଚ୍ଛା କରୁଛି" ବୋଲି କହୁଥିବ ଓ ଯୁଗପତ୍ ଭାବରେ ଚେତନା ମଧ୍ୟରେ ବାସନାଗୁଡ଼ିକୁହିଁ

'oaob.nitrkl.ac.in' images reprocessed

ସଞ୍ଚିତ କରି ରଖିଥିବ ଏବଂ ଭାରି ସାବଧାନତା ସହିତ ସେଗୁଡ଼ିକୁ ଲୁଚାଇ କରି ରଖିଥିବ, ଯେପରିକି ସେଗୁଡ଼ିକ ଉପରେ କେହି କୌଣସି ହସ୍ତକ୍ଷେପ କରିପାରିବ ନାହିଁ ଓ ଘଉଡ଼ାଇ ଦେଇପାରିବ ନାହିଁ । ବସ୍ତୁତଃ ଏପରି ସାଧାରଣତଃ ସବୁଠାରେ ଦେଖିବାକୁ ମିଳିଥାଏ । ଏଇଟି ହେଉଛି ଦ୍ୱିତୀୟ ସୋପାନର କଥା । ପ୍ରଥମ ସୋପାନରେ, ଉଦାହରଣସ୍ୱରୂପ, ଜଣେ ତା'ର ଏକ ଅତ୍ୟନ୍ତ ବୃହତ୍ତ୍ ଅଭୀପ୍ସା ରହିଛି ବୋଲି ଦାବି କରୁଥିବ, ସିଏ ଏକ ଆଧ୍ୟାତ୍ମିକ ଜୀବନ ଲାଗି ଇଚ୍ଛା ରଖିଛି ବୋଲି ଦାବି କରୁଥିବ, ଏବଂ, ଯୁଗପତ୍ତ୍ ଭାବରେ, ଏକାବେଳେକେ ଓଲଟା ··· ଏହାକୁ ଶବ୍ଦ ଦେଇ କିପରି କହିହେବ ? ··· ସିଏ ଲଜ୍ଜାହୀନ ଭାବରେ ସେହି ଆଧ୍ୟାତ୍ମିକ ଜୀବନର ଏକାବେଳେକେ ବିପରୀତ କାମମାନ କରୁଥିବ । ଏହାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଆନ୍ତରିକତାହୀନତାର ଏକ ସୋପାନ ବୋଲି ନ କହି ଆନ୍ତରିକତାର ଏକ ସୋପାନ ବୋଲି କୁହାଯିବ ।

ମାତ୍ର ଏହାପରେ ଏକ ଦ୍ୱିତୀୟ ସୋପାନ ମଧ୍ୟ ରହିଛି । ବର୍ତ୍ତମାନ ମୁଁ ଠିକ୍ ସେହି ବିଷୟରେହିଁ କହୁଥିଲି । ସେହି ସୋପାନଟି ହେଉଛି : ସତ୍ତାର ଗୋଟିଏ ଭାଗରେ ଏକ ଅଭୀପ୍ସା ରହିଥିବ ଏବଂ, ଯାବତୀୟ ତ୍ରୁଟି ଏବଂ ଅପୂର୍ଣ୍ଣତାଗୁଡ଼ାକୁ ଅତିକ୍ରମ କରିଯିବା ଉଚିତ ବୋଲି କହୁଥିବ, ଏପରିକି ଭାବୁଥିବ ଓ ଅନୁଭବ ମଧ୍ୟ କରୁଥିବ । ଏବଂ ତେଣେ, ଯୁଗପତ୍ତ୍ ଭାବରେ, ଅନ୍ୟ ଭାଗମାନ ଅତ୍ୟନ୍ତ ଯତ୍ନ ସହକାରେ ଏହି ଦୋଷ ଓ ଅପୂର୍ଣ୍ଣତାଗୁଡ଼ିକୁ ଲୁଚାଇ ରଖିବାରେ ଲାଗିଥିବେ, ଯେପରିକି ସେମାନେ ସେଗୁଡ଼ିକୁ ପଦାକୁ ଆଣି ସେଗୁଡ଼ିକୁ ପାର ହୋଇ ଯିବାକୁ ଆଦୌ ବାଧ୍ୟ ହେବେ ନାହିଁ । ଏହା ସାଧାରଣତଃ ସବୁଠାରେ ଦେଖାଯାଏ ।

ଏବଂ, ସବଶେଷରେ, ଯଥେଷ୍ଟ ଦୂରକୁ ଯାଇ ପାରିଲେ ଓ ବର୍ତ୍ତନାଟିକୁ ଆଉଟିକିଏ ଅଧିକ ପରିମାଣରେ ଲମ୍ବାଇଦେଇ ପାରିଲେ,—ସତ୍ତାର ଗୋଟିଏ ଭାଗ ଦିବ୍ୟ ପରମସତ୍ତାଙ୍କ ଲାଗି ରହିଥିବା କେନ୍ଦ୍ରସ୍ଥ ଅଭୀପ୍ସାଟିର ପ୍ରତିକୂଳ ହୋଇ ରହିଥିବା ପର୍ଯ୍ୟନ୍ତ ଆମେ କଦାପି ସମ୍ପୂର୍ଣ୍ଣ ଆନ୍ତରିକତା ଅର୍ଜନ କରି ପାରିବା ନାହିଁ । ଅର୍ଥାତ୍ତ୍, ସମ୍ପୂର୍ଣ୍ଣ ଆନ୍ତରିକତା ହେଉଛି ଏକ ଅତ୍ୟନ୍ତ ବିରଳ କଥା । ଏବଂ, ସାଧାରଣତଃ ଓ ଅଧିକାଂଶ ସମୟରେ ଏହିପରି ହୋଇ ଥାଏ ଯେ, ଯେତେବେଳେ ଆମର ପ୍ରକୃତି ଭିତରେ ଆମକୁ ଭଲ ନ ଲାଗୁଥିବା କୌଣସି ଉପାଦାନ ରହିଥାଏ, ସେତେବେଳେ ଆମେ ଅଧିକରୁ ଅଧିକ ଯତ୍ନର ସହିତ ସେଇଟିକୁ ଆମଠାରୁ ଲୁଚାଇ ରଖି, ସେଥିଲାଗି ଏହିପରି କେତେ ଅନୁକୂଳ ବ୍ୟାଖ୍ୟାମାନ ଯୋଗାଡ଼ କରିଆଣୁ (ମାଆ ଇଙ୍ଗିତ ଦେଇ ଦେଖାଇ ଦେଲେ) । ତୁମେ ଅବଶ୍ୟ ଦେଖିଥିବ ଯେ, ଯେତେବେଳେ ସବୁକଥା ଏହିପରି ଭାବରେ

'oaob.nitrkl.ac.in' images reprocessed

ସ୍ଖଳିଥାଏ, ତୁମେ ସେଗୁଡ଼ିକୁ ଆଦୌ ସ୍ପଷ୍ଟ ଭାବରେ ଦେଖିପାର ନାହିଁ। ଦୋଷଟି ଯେଉଁଠାରେ ଯାଇ ରହିଥାଏ, ସେଠାରେ ଥିବା ଗୋଟିଏ ପ୍ରକାରର ସ୍ପନ୍ଦନ ତାହା କରୁଥାଏ ଏବଂ ତେଣୁ ତୁମର ଦୃଷ୍ଟି ଆଦୌ ସ୍ପଷ୍ଟ ହୋଇପାରେ ନାହିଁ, ତୁମେ ନିଜର ଦୋଷଗୁଡ଼ିକୁ ମଧ୍ୟ ମୋଟେ ଦେଖିପାର ନାହିଁ। ଏସବୁ ସ୍ୱତଃ ହେବାରେ ଲାଗିଥାଏ। ଏବଂ, ଏଗୁଡ଼ିକୁ ଆମେ ଆନ୍ତରିକତାର ବିପରୀତ ବୋଲି କହିବା।

ସତ୍ତାର କେନ୍ଦ୍ରସ୍ଥାନରେ ସେହି ଦିବ୍ୟ ପରମ ବିରାଜମାନଙ୍କର ଚେତନା ଅଧିଷ୍ଠିତ ହୋଇ ରହିଥିଲେ, ସେହି ଦିବ୍ୟ ପରମ-ଇଚ୍ଛାର ଚେତନା ପ୍ରତିଷ୍ଠିତ ହୋଇ ରହିଥିଲେ ଏବଂ, ଯେତେବେଳେ ସମ୍ପୂର୍ଣ୍ଣ ସତ୍ତା ଏକ ଜ୍ୟୋତିରୁଦ୍ଭାସିତ, ସ୍ପଷ୍ଟ ଓ ସ୍ୱଚ୍ଛ ସମଗ୍ର ବସ୍ତୁ ପରି ସେହି ଆନ୍ତରିକତାକୁ ତାହାର ଯାବତୀୟ ଟିକିନିଖି କ୍ଷେତ୍ରରେ ବ୍ୟକ୍ତ କରିଦେଇ ପାରିବ, ସେତିକିବେଳେ ଯାଇ ପରିପୂର୍ଣ୍ଣ ଆନ୍ତରିକତା ସମ୍ଭବ ହେବ। ପ୍ରକୃତ ପକ୍ଷରେ ଏହାହିଁ ହେଉଛି ଯଥାର୍ଥ ଆନ୍ତରିକତା।

ଯେତେବେଳେ, କୌଣସି ମୁହୂର୍ତ୍ତରେ, ଯାହାକିଛି ଘଟୁ ପଛକେ, ସତ୍ତା ଆପଣାକୁ ଦିବ୍ୟ ପରମସତ୍ତାଙ୍କ ହାତରେ ସମର୍ପଣ କରିଦେବ ଏବଂ କେବଳ ସେହି ଦିବ୍ୟ ପରମ ଇଚ୍ଛାକୁହିଁ ଇଚ୍ଛା କରୁଥିବ, ଯେତେବେଳେ, ଯାହାକିଛି ଘଟୁଥାଉ ପଛକେ, ସର୍ବଦା, ଯେକୌଣସି ମୁହୂର୍ତ୍ତରେ ମଧ୍ୟ, ସମ୍ପୂର୍ଣ୍ଣ ସତ୍ତା ସମ୍ପୂର୍ଣ୍ଣ ଭାବରେ ଏକମତ ହୋଇ କେବଳ ସେହି ଦିବ୍ୟ ପରମସତ୍ତାଙ୍କୁ ଅନୁଭବ କରି ପ୍ରକୃତରେ "ଆପଣଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ" ବୋଲି କହି ପାରିବ, ଯେତେବେଳେ ତାହାର ଏହି ଆଚରଣ ସ୍ୱତଃପ୍ରେରିତ, ସମ୍ପୂର୍ଣ୍ଣ ଓ ଅଖଣ୍ଡ ହୋଇ ରହି ପାରିବ, ସେତେବେଳେ ଯାଇ ତୁମର ଆନ୍ତରିକତା ରହିଛି ବୋଲି କୁହାଯିବ। ମାତ୍ର ସେ କଥାଟି ପ୍ରତିଷ୍ଠିତ ହୋଇପାରିବା ପୂର୍ବରୁ, ତାହା ଏକ ମିଶ୍ରଣଯୁକ୍ତ ଆନ୍ତରିକତା ହୋଇ ରହିବ; ଆମେ ଯେଉଁଠି ଆଦୌ କୌଣସି ପ୍ରକାରେ ଆନ୍ତରିକତା ଦେଖାଉ ନାହୁଁ, ସେହି ବିନ୍ଦୁଟି ପର୍ଯ୍ୟନ୍ତ କେବଳ ମିଶ୍ରଣ ଯୁକ୍ତ ହୋଇ ରହିଥିବ।

ମାଆ, ଏଠାରେ ଲେଖା ହୋଇଛି : "ଆମର ବ୍ୟକ୍ତିଚେଷ୍ଟାକୁ ଉତ୍ତରୋତ୍ତର ଅଧିକ ପରିମାଣରେ ସେହି ଦିବ୍ୟ ପରମଶକ୍ତିଙ୍କରହିଁ ଏକ କ୍ରିୟାତ୍ମକତା ରୂପେ ରୂପାନ୍ତରିତ କରିଦେବାକୁ ହେବ। ଯଦି ତୁମେ ଦିବ୍ୟ ପରମଶକ୍ତିଙ୍କ ବିଷୟରେ ସଚେତନ ରହିଥିବାର ଅନୁଭବ କରୁଥିବ, ତେବେ ତୁମର ପ୍ରୟାସକୁ ଅଧିକରୁ ଅଧିକ ପରିମାଣରେ ପରିଚାଳିତ କରିବା ଲାଗି, ତାହାକୁ ସ୍ୱୟଂ ଗ୍ରହଣ କରିନେବା ଲାଗି ଏବଂ ତାହାକୁ ତୁମର ଏକ ସମ୍ମତି ନୁହେଁ ମାତ୍ର

'oaob.nitrkl.ac.in' images reprocessed

ଦିବ୍ୟଜନନୀଙ୍କର ଏକ ସମ୍ପଦରୂପେ ରୂପାନ୍ତରିତ କରି ଆଣିବା ଲାଗି ତୁମେ ତାହାକୁ ଆବାହନ କରି ଆଣିବ ।" ମାତ୍ର, ଯଦି ଜଣେ ସେହି ଦିବ୍ୟ ପରମଶକ୍ତି ବିଷୟରେ ସଚେତନ ନ ଥାଏ ?

ତୁମକୁ ସଚେତନ ହେବାକୁହିଁ ପଡ଼ିବ । ଅଭୀପ୍ସା କର, ଯାଚଣା କର, ଆନ୍ତରିକତା ସହିତ ଅଭୀପ୍ସା କର ।

ତୁମେ ଦେଖ,— ସାଧାରଣ ଭାବରେ କହିବାକୁ ଗଲେ, ତୁମେମାନେ ଏଠାରେ ବସିଛ, ଆମେ ଏକାଠି ଗୋଟିଏ କ୍ଲାସ୍ କରୁଛୁ, ଆମେ ବର୍ତ୍ତମାନ କିଛି ପାଠ କରୁଛୁ ଓ ତୁମମାନଙ୍କର କେତେକ ପ୍ରଶ୍ନ ପଚାରିବାକୁ ରହିଛି; ଏଠାରେ ବସିଥିବାତକ ତୁମେମାନେ ପ୍ରଶ୍ନ ପଚାରୁଛ ଓ ବିଷୟଟିର ସମ୍ବନ୍ଧରେ କିଛି ଚିନ୍ତା କରୁଛ । ମାତ୍ର ଏଠାରୁ ଚାଲିଯିବା ପରେ, ବା ଆପଣାର ଘରକୁ ଫେରିଯିବା ପରେ ତୁମେ ହଜାରେ ଅନ୍ୟ କେତେ କେତେ କଥା ବିଷୟରେ ଚିନ୍ତା କରିବାରେ ଲାଗୁଛ, ନୁହେଁ ? ତେଣୁ, ଦିବ୍ୟ ପରମଶକ୍ତିଙ୍କ ବିଷୟରେ ସଚେତନ ହୋଇପାରିବ ବୋଲି ତୁମେ କିପରି ଭାବୁଛ କହିଲ ? ଆମେ ତ ଏଠାରେ ମାତ୍ର ଅଧଘଣ୍ଟାଏ ସମୟ ବସୁଛୁ, ଦିବ୍ୟ ପରମଶକ୍ତିଙ୍କ ବିଷୟରେ ସଚେତନ ହେବା ଲାଗି ଏହି ସମୟ ଆଦୌ ଯଥେଷ୍ଟ ନୁହେଁ ।

ମାତ୍ର ଯଦି ଏହାହିଁ ତୁମମାନଙ୍କର ଏକମାତ୍ର ଅନ୍ତରତମ ପ୍ରୟାସ ହୋଇ ରହେ, ଯଦି ପ୍ରକୃତରେ, ଆପଣାର ସମସ୍ତ ସତ୍ତା ସହିତ, ତୁମେ ଦିବ୍ୟ ପରମଶକ୍ତି ବିଷୟରେ ସଚେତନ ହେବାକୁ ଇଚ୍ଛା କରୁଥାଅ, ତେବେଯାଇ ତୁମେ ଏକଥା ପାରିବ । ବେଳେ ବେଳେ କେବଳ ସେହି ବିଷୟରେ ଭାବୁଛ ବୋଲି କଦାପି ପାରିବ ନାହିଁ । ଯେତେବେଳେ ବିଷୟଟିର କଥା ପଡ଼ୁଛି, ସେତେବେଳେ ତୁମେ "ଏହା ତ ପ୍ରକୃତ କଥା, ମୁଁ ଏହା କିପରି କରି ପାରିବି ?" ବୋଲି କହୁଛ । ଏବଂ ତା'ପରେ, ତା'ର ପରବର୍ତ୍ତୀ ମୁହୂର୍ତ୍ତରେ ମଧ୍ୟ ସେହି ବିଷୟରେ ଆଉ କିଛିହେଲେ ଚିନ୍ତା କରୁ ନାହିଁ । ତେବେ ତାହା ଘଟିବ ବୋଲି ତୁମେ କିପରି ଆଶା କରୁଛ ? ତେଣୁ ଅତ୍ୟନ୍ତ ମନୋଯୋଗୀ ହେବାକୁ ପଡ଼ିବ, ଅତ୍ୟନ୍ତ ନୀରବ ରହିବାକୁ ହେବ, ନିଜକୁ ଅତ୍ୟନ୍ତ ସ୍ୱଚ୍ଛ ଭାବରେ ଅବଲୋକନ କରିପାରିବାକୁ ହେବ । ଏବଂ ଅତ୍ୟନ୍ତ ବିନମ୍ର ହୋଇ ରହିବାକୁ ପଡ଼ିବ; ଅର୍ଥାତ୍ ଏହି ସମଗ୍ର ବ୍ୟାପାର-ପ୍ରକରଣଟିରେ କୌଣସି ଏକ ବଡ଼ ଭୂମିକା ଗ୍ରହଣ ନ କରିବାକୁହିଁ ସମ୍ମତ ହୋଇ ରହିବାକୁ ପଡ଼ିବ । ମାତ୍ର ଦୁର୍ଭାଗ୍ୟର କଥା ଯେ, ସାଧାରଣତଃ ପ୍ରାଣିକ ସତ୍ତା ବା ମାନସିକ ସତ୍ତା ଅଥବା ଏପରିକି ଭୌତିକ ସତ୍ତା ମଧ୍ୟ ଏଥିରେ ଏକ ଅଂଶ ଗ୍ରହଣ କରିବା ଲାଗି ଉତ୍କଣ୍ଠିତ ହୋଇ ରହିଥାଏ । ତେଣୁ ତାହା ଫୁଲି ଉଠିବାରେ ଲାଗେ । ଗୁଡ଼ାଏ

'oaob.nitrkl.ac.in' images reprocessed

ଜାଗା ମାଡ଼ିବସେ ଏବଂ ଆଉ ସବୁକିଛିକୁ ଆଚ୍ଛାଦିତ କରିପକାଏ । ଏତେ ଚମତ୍କାର ଭାବରେ ଆଚ୍ଛାଦିତ କରିପକାଏ ଯେ, ତୁମେ ଦିବ୍ୟ ପରମଶକ୍ତିର ଉପସ୍ଥିତି ବିଷୟରେ ମଧ୍ୟ ସଚେତନ ହୋଇପାର ନାହିଁ, କାରଣ, ଏହି ଭୌତିକ ଅର୍ଥାତ୍ ଶରୀର ସ୍ୱାସ୍ଥ୍ୟ, ପ୍ରାଣିକ ଓ ମନର ବ୍ୟକ୍ତିଗତ କ୍ରିୟାତ୍ମକତାହିଁ ଆପଣାର ନିଜ ମହତ୍ତ୍ୱଦର୍ପ ଦ୍ୱାରା ସବୁକିଛିକୁ ଆଚ୍ଛାଦିତ କରି ରଖିଥାଏ ।

ଶୁଣ : ଯଦି ପ୍ରତ୍ୟେକ ଦିନ ରାତିରେ ଶୋଇବାକୁ ଯିବା ପୂର୍ବରୁ ତୁମେ କେବଳ ଗୋଟିଏ କ୍ଷୁଦ୍ର ମୁହୂର୍ତ୍ତ ଏଥିଲାଗି ରଖିପାରିବ ଏବଂ ଏହିପରି ଭାବରେ ଏହି କ୍ଷୁଦ୍ର କେତେ ଦଣ୍ଡ ମଧ୍ୟରେ ଆପଣାର ଯଥାଶକ୍ତି ସକଳ ଅଭିନିବେଶ ସହିତ ତୁମେ ଦିବ୍ୟ ପରମଶକ୍ତି ବିଷୟରେ ସଚେତନ ହେବା ଲାଗି ପ୍ରାର୍ଥନା କରିପାରିବ,—ବାସ୍ ସେତିକି, ତୁମକୁ ଆଉ କିଛି କରିବାକୁ ପଡ଼ିବ ନାହିଁ । ଏବଂ, ସକାଳେ, ନିଦରୁ ଉଠିଲାବେଳେ, ଆପଣାର ଦିନଟିକୁ ଆରମ୍ଭ କରିବା ପୂର୍ବରୁ, ତୁମେ ଯଦି ଠିକ୍ ସେହିକଥା କରି ପାରିବ, ଗୋଟିଏ ମୁହୂର୍ତ୍ତ ବିଶେଷ କରି ରଖି ଯଥାଶକ୍ତି ଅଭିନିବେଶିତ ହୋଇ ରହିପାରିବ ଏବଂ ଦିବ୍ୟ ପରମଶକ୍ତି ବିଷୟରେ ସଚେତନ ହେବା ଲାଗି ପ୍ରାର୍ଥନା କରିପାରିବ, ତେବେ ଦେଖିବ, କିଛିକାଳ ପରେ, ତାହା ଅବଶ୍ୟ ସମ୍ଭବ ହେବ । ଏହି ସାନ ସାନ କଥାଗୁଡ଼ିକ, ବାହାରକୁ ଆଦୌ କିଛି ନୁହେଁ ବୋଲି ମନେ ହୁଅନ୍ତି ଓ ଆଦୌ କୌଣସି ସମୟ ନିଅନ୍ତି ନାହିଁ,—ତାହାର ଦ୍ୱାରାହିଁ ହେବ ।

ତାହା ଦିନେ ନା ଦିନେ ଘଟିବ । କେବଳ, ତୁମକୁ ଅଭିନିବେଶ, ପ୍ରଗାଢ଼ତା ଏବଂ ଆନ୍ତରିକତା ସହିତ ତାହା କରିବାକୁ ହେବ । ଅର୍ଥାତ୍, ଏପରି ଆଦୌ ଘଟିବ ନାହିଁ ଯେ, ତୁମେ ଏଥିଲାଗି ପ୍ରାର୍ଥନା କରୁଥିବା ସମୟରେ ତୁମ ସତ୍ତାର ଆଉଗୋଟିଏ ଭାଗ ମନେ ମନେ କହିବାରେ ଲାଗିଥିବ, "ମାତ୍ର ଏହାର ଆଦୌ କୌଣସି ମହତ୍ତ୍ୱ ନାହିଁ ।" ଅଥବା, ଏପରି ହୋଇପାରେ ଯେ ତୁମେ ଆଉ ଅନ୍ୟକୌଣସି ବିଷୟରେ ଭାବୁଛ,—ତୁମେ କେଉଁ ପୋଷାକଟିକୁ ପିନ୍ଧିବାକୁ ଯାଉଛ, କାହା ସହିତ ସାକ୍ଷାତ କରିବାକୁ ଯାଉଛ, ଏହିପରି ଯେକୌଣସି କଥା, ହଜାରେ ପ୍ରକାରର କଥା । ମାତ୍ର ତୁମକୁ ସେସବୁ ଛାଡ଼ି ସଂପୂର୍ଣ୍ଣ ଭାବରେ ଗୋଟିଏ ମିନିଟ୍ ଲାଗି ସେଠାରେ ଅବଶ୍ୟ ରହିବାକୁ ପଡ଼ିବ । ଅବଶ୍ୟ ଏକଥା ସତ ଯେ, ଯଦି ତୁମେ ସେହି ମିନିଟ୍‌ଟିକୁ କ୍ରମଶଃ ବଢ଼ାଇ ପାରିବ, ତେବେ ଏହା ଆହୁରି ଅଧିକ ସତ୍ୱର ଭାବରେ ଗତି କରିବ । ମାତ୍ର ମୁଁ ଯେପରି ଏକଥା ମଧ୍ୟ କହିଥିଲି, ଗୋଟିଏ ମିନିଟ୍ ପୂର୍ବରୁ ଆମର ହୋଇଥିବା ଅଭୀପ୍ସାଟିକୁ ଯଦି ଆମେ ପରବର୍ତ୍ତୀ ମୁହୂର୍ତ୍ତରେହିଁ କାଟି ପକାଇପାରୁ ନ ଥିବା, ତେବେ ଏହା ଅପେକ୍ଷାକୃତ ଅଧିକ ସହଜ ହେବ । ଯଦି ନ ପାରିବା, ତେବେ ଆନ୍ତରିକତା ଆହୁରି ଅଧିକ ଦୂରକୁହିଁ ପଳାଇଯିବ ।

'oaob.nitrkl.ac.in' images reprocessed

# ୨୭ ନଭେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ଦ୍ୱିତୀୟ ଅଧ୍ୟାୟ "ବିଶ୍ୱାସ—ଅଭୀପ୍ସା—ସମର୍ପଣ" ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, ଏଠାରେ ଲେଖା ହୋଇଛି : "ତୁମ ଲାଗି ପରମସତ୍ୟର ଅର୍ଥ ହେଉଛି ଯେ ତୁମେ ନିଜ ଭିତରେ ଦିବ୍ୟ ପରମସତ୍ତାଙ୍କୁ ଅନୁଭବ କରିବ, ଦିବ୍ୟଜନନୀଙ୍କ ପ୍ରତି ଉନ୍ମୁକ୍ତ ରହିବ ଏବଂ ଆପଣାର ଯାବତୀୟ କର୍ମ ଓ କ୍ରିୟାରେ ତାଙ୍କର ବିଷୟରେ ସଜ୍ଞାନ ହୋଇ ରହିଥିବା ପର୍ଯ୍ୟନ୍ତ ତୁମେ ସେହି ଦିବ୍ୟ ପରମସତ୍ତାଙ୍କ ଲାଗିହିଁ କାର୍ଯ୍ୟ କରିବ ।" ଶ୍ରୀଅରବିନ୍ଦ କାହିଁକି ଥରେ "ଦିବ୍ୟ ପରମସତ୍ତା" ବୋଲି କହିଲେ ଓ ଆଉଥରେ "ଦିବ୍ୟ ଜନନୀ" ବୋଲି କହିଲେ ?

ସମ୍ଭବତଃ ସିଏ ଏଗୁଡ଼ିକୁ ସମସ୍ୟାଟିର ଦୁଇ ଦିଗ ବୋଲି ବିଚାର କରୁଛନ୍ତି । ସତକଥା ହେଉଛି ଯେ, ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଅପେକ୍ଷାକୃତ ଅଧିକ ସହଜରେ ଏକ ବ୍ୟକ୍ତିସତ୍ତାବିଶିଷ୍ଟ ଦିବ୍ୟ ପରମସତ୍ତାଙ୍କ ଅପେକ୍ଷା ଏକ ନୈର୍ବ୍ୟକ୍ତିକ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରନ୍ତି । ସେମାନଙ୍କ ସକାଶେ, ସେହିଭଳି ମନ ରହିଥିବା ବ୍ୟକ୍ତିମାନଙ୍କ ସକାଶେ ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ପ୍ରକାରର ବୃତ୍ତି ରହିଥିବା ବ୍ୟକ୍ତିଙ୍କ ସକାଶେ ଏହା ଅପେକ୍ଷାକୃତ ଅଧିକ ସହଜ; ସେମାନେ ଅପେକ୍ଷାକୃତ ଅଧିକ ଭଲ ଭାବରେ ବୁଝିପାରନ୍ତି ବା ଅପେକ୍ଷାକୃତ ଅଧିକ ଭଲ ଭାବରେ ବୁଝିପାରନ୍ତି ବୋଲି ଭାବୁଥାନ୍ତି ।

ଏବଂ, ଏପରି କେତେକ···ଦିବ୍ୟସତ୍ତାଙ୍କର କେତେକ ବିଶେଷ ଗୁଣ ରହିଛି, ଯାହାକୁ କି ସେମାନେ ଏକ ବ୍ୟକ୍ତିସତ୍ତା ଉପରେ ନେଇ ଆରୋପ କରିବାକୁ ଅସମ୍ଭବପ୍ରାୟ ମନେ କରନ୍ତି, ତେଣୁ ସେମାନେ ଦିବ୍ୟ ପରମସତ୍ତାଙ୍କର ଏକ ନୈର୍ବ୍ୟକ୍ତିକ କଳ୍ପନା ସହିତ ସମ୍ବନ୍ଧସ୍ଥାପନ କରିବାକୁ ଅଧିକ ଆଗ୍ରହଶୀଳ ବୋଲି ଭାବନ୍ତି । ଶ୍ରୀଅରବିନ୍ଦ ସେହିମାନଙ୍କ ଲାଗି ଏକଥା କହିଛନ୍ତି ।

'oaob.nitrkl.ac.in' images reprocessed

ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ଯୁଗପତ୍ ଭାବରେ ଦୁଇଟିଯାକୁ ଗ୍ରହଣ କରିପାରନ୍ତି, ସେମାନଙ୍କ ଲାଗି ଗୋଟିଏ ଆଉଗୋଟିକର ଅନୁପୂରକ ହୋଇ ରହିଥାଏ । ମାତ୍ର ଅନ୍ୟମାନଙ୍କ ଲାଗି ତାହା ତଥାପି ଏକ ବିରୋଧ ପରି ମନେହୁଏ, ଗୋଟିଏ ଅନ୍ୟଟିର ଖଣ୍ଡନ କରୁଥିବା ପରି ମନେ ହୋଇଥାଏ । ତେଣୁ ସେମାନେ ଦୁଇଟିରୁ ଗୋଟିଏ ବାଛିବାକୁ ଅଧିକ ପସନ୍ଦ କରନ୍ତି । ମୁଁ ଭାବୁଛି ଶ୍ରୀଅରବିନ୍ଦ ସେଇଥି ସକାଶେ ସେପରି କହିଛନ୍ତି, ଯେପରିକି ଯେଉଁପରି ଗ୍ରହଣ କରିବା ପ୍ରତ୍ୟେକ ବ୍ୟକ୍ତି ଲାଗି ସବୁଠାରୁ ଅଧିକ ସହଜ ଓ ସବୁଠାରୁ ଅଧିକ ଅଭିବ୍ୟକ୍ତିସମର୍ଥ, ସିଏ ତାକୁ ସେହିପରି ଭାବରେ ଗ୍ରହଣ କରିନେଇ ପାରିବ । ମୂଳତଃ ଦୁଇଟିଯାକ ସେଇ ଗୋଟିଏ କଥା; ମନୁଷ୍ୟର ମନହିଁ ତାହାକୁ ଭିନ୍ନ ଭିନ୍ନ କରିଦିଏ । ଏବଂ ପୁନଶ୍ଚ, ମନୁଷ୍ୟର ମନ ମଧ୍ୟ ମନୁଷ୍ୟର ଚେତନାକୁ ଅନୁରୂପ ଭାବରେ ତିଆରି କରିନିଏ; ଏବଂ, ମନୁଷ୍ୟର ଚେତନା ବିଷୟରେ କହିବାକୁ ଗଲେ, ତାହା ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ଗତ ଦୃଷ୍ଟିକୋଣ ଓ ତା'ର ରୁଚିଗୁଡ଼ିକ ଉପରେ ନିର୍ଭର କରୁଥାଏ । ମନ ସର୍ବଦା ଭାଗ ଭାଗ କରିଦେବା ଦରକାର କରୁଥାଏ, ତା' ନ ହେଲେ ତାହା ସତେଅବା ଆଦୌ କିଛି ବୁଝୁ ନାହିଁ ବୋଲି ଭାବିଥାଏ । ସମ୍ଭବତଃ ତାହାରି କାର୍ଯ୍ୟରେ ସହାୟତା କରିବାକୁ, ଯେପରିକି କେହି "ନାଇଁ, ନାଇଁ, ମୋ'ର ଏକ ବ୍ୟକ୍ତିସତ୍ତ୍ୱବିଶିଷ୍ଟ ପରମ ଦିବ୍ୟକଳ୍ପନାରେ ଆଦୌ କୌଣସି କାରଣ ନାହିଁ" ବୋଲି କହିବାକୁ ନ ଥିବ, ସିଏ ସେହି କାରଣରୁ କହିଛନ୍ତି, "ଭଲ କଥା, ତେବେ ତୁମେ ଏକ ନୈର୍ବ୍ୟକ୍ତିକ ଈଶ୍ୱରଙ୍କର ଅନୁଧାବନ କର ।"

ମାଆ, ଯେତେବେଳେ ଆମେ କୌଣସି ପ୍ରୟାସ କରୁଛୁ, ସେତେବେଳେ ଆମ ଭିତରେ ଥିବା କେହି ଯେପରି ଅତ୍ୟନ୍ତ ଆତ୍ମସନ୍ତୁଷ୍ଟ ହୋଇପଡ଼ୁଛି, ଗର୍ବ କରିବାକୁ ଆରମ୍ଭ କରୁଛି ଏବଂ ସେହି ଚେଷ୍ଟାରେ ଏକାବେଳେକେ ସନ୍ତୁଷ୍ଟ ହୋଇ ରହିଯାଉଛି । ତାହା ସବୁକିଛିକୁ ନଷ୍ଟ କରି ଦେଉଛି । ଏଥିରୁ ମୁକ୍ତିଲାଭ କରିବା ସମ୍ଭବ ହେବ କିପରି ?

ହଁ, ସିଏ ଏହିପରି, ସିଏ ନିଜେ କ'ଣ କରୁଛି, ତାହାକୁହିଁ ଦେଖିବାରେ ଲାଗିଥାଏ । ଆମେ କିଛି କାର୍ଯ୍ୟ କରୁଥିବା ସମୟରେ ତାହାକୁ ଅବଲୋକନ କରୁଥିବାର ଜଣେ କେହି ଅବଶ୍ୟ ରହିଥାଏ । ଏବଂ ବେଳେବେଳେ ସିଏ ଭାରି ଗର୍ବ ଅନୁଭବ କରେ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତଦ୍ଦ୍ୱାରା ପ୍ରୟାସଟିରୁ ଅନେକ ବଳ ଅପହୃତ ହୋଇଯାଏ । ମୁଁ ଭାବୁଛି ଏକଥା ହେଉଛି

'oaob.nitrkl.ac.in' images reprocessed

ସେଥିପରି : ଏହା ହେଉଛି ଆପେ ଆପଣାକୁ କାର୍ଯ୍ୟ କରୁଥିବାର ଅବଲୋକନ କରିବା, ଆପଣାର ଜୀବନ ବଞ୍ଚୁଥିବାର ଅବଲୋକନ କରିବା । ଆପଣା ଉପରେ ଦୃଷ୍ଟିପାତ କରିବା ଆବଶ୍ୟକ, ମାତ୍ର ମୁଁ ଭାବୁଛି ଯେ, ସମ୍ପୂର୍ଣ୍ଣ ଭାବରେ ଆନ୍ତରିକତା-ଯୁକ୍ତ ଏବଂ ସ୍ୱତଃସ୍ଫୂର୍ତ୍ତି ହେବା, ଆମେ ଯାହା କରୁଛୁ, ତାହାକୁ ସ୍ୱତଃପ୍ରେରିତ ହୋଇ କରିବା ଆହୁରି ଅଧିକ ଆବଶ୍ୟକ । ସର୍ବଦା କେବଳ ଆପଣାକୁହିଁ ଅନାଇବାରେ ଲାଗିଥିବା ଆଦୌ ସେତେ ଆବଶ୍ୟକ ନୁହେଁ । ସବୁବେଳେ ଆପଣାକୁ ଅବଲୋକନ କରୁଥିବା, ଆମେ ଯାହାସବୁ କରୁଛୁ, ତାହା ଆଡ଼କୁ ଅନାଇ ରହିଥିବା ଓ ଆପଣାର ବିଚାର କରୁଥିବା—ବେଳେବେଳେ ଅତ୍ୟନ୍ତ କଠୋର ଭାବରେ ବିଚାର କରୁଥିବା—ଏସବୁ ସେତେ ଆବଶ୍ୟକ ନୁହେଁ । ଆପଣାର ପିଠିକୁ ଥାପୁଡ଼ାଇ କେତେ ସନ୍ତୋଷର ସହିତ ଆପଣାର ପ୍ରଶଂସା କରିବା ପରି ଏହା ପ୍ରାୟ ସମାନ ଭାବରେ ଖରାପ,—ଦୁଇଟିଯାକ ସମାନ ଭାବରେ ଖରାପ । ଆପଣାର ଅଭୀପ୍ସାରେ ଆମର ଏପରି ଆନ୍ତରିକତା ରହିଥିବା ଆବଶ୍ୟକ, ଯେପରିକି ଆମର ପ୍ରକୃତରେ ଏକ ଅଭୀପ୍ସା ରହିଛି ବୋଲି ଆମେ ହୁଏତ ଜାଣି ବି ପାରୁ ନ ଥିବା, ଯେପରିକି ଆମେ ସ୍ୱୟଂ ଏକ ଅଭୀପ୍ସାରେ ପରିଣତ ହୋଇଯିବା । ବସ୍ତୁତଃ, ସେହି ଉପଲବ୍ଧି ସମ୍ଭବ ହୋଇପାରିଲେ ଆମେ ପ୍ରକୃତରେ ଏକ ଅସାଧାରଣ ଶକ୍ତିର ଅଧିକାରୀ ହୋଇ ପାରିବା ।

ଏଥିପାଇଁ ଗୋଟିଏ ମିନିଟ୍, କେବଳ ଗୋଟିଏ ମିନିଟ୍ ଦେଇପାରିଲେ ତୁମେ ବର୍ଷ ବର୍ଷର ଉପଲବ୍ଧିକୁ ପ୍ରସ୍ତୁତ କରି ଆଣିପାରିବ । ଯେତେବେଳେ ଆମେ ଆଉ ଏତେ ଆପଣା ଆଡ଼କୁ ନ ଅନାଇବା, ଆପଣାକୁ କାର୍ଯ୍ୟ କରୁଥିବାର ଦେଖୁଥିବା ଏକ ଅହଂରେ ପରିଣତ ହୋଇ ନ ରହିବା, ଯେତେବେଳେ ଆମେ ସ୍ୱୟଂ କ୍ରିୟାରେହିଁ ପରିଣତ ହୋଇଯିବା, ସର୍ବୋପରି ଆପଣାର ଅଭୀପ୍ସା କ୍ଷେତ୍ରରେ ସେହିପରି ହୋଇପାରିବା, ସେତେବେଳେ ତାହାକୁହିଁ ପ୍ରକୃତରେ ଭଲ ବୋଲି କୁହାଯିବ । ଯେତେବେଳେ ଅଭୀପ୍ସା କରୁଥିବାର ଜଣେ ବ୍ୟକ୍ତି ଅଲଗା ହୋଇ ରହିବ ନାହିଁ, ଯେତେବେଳେ ଏକ ଅଭୀପ୍ସାହିଁ ଏକ ପରିପୂର୍ଣ୍ଣ ଅଭିନିବେଶର ପ୍ରଣୋଦନ ସହିତ ଊର୍ଦ୍ଧ୍ୱକୁ ଉଠିବାରେ ଲାଗିଥିବ, ସେତେବେଳେ ଯାଇ ତାହା ପ୍ରକୃତରେ ଅନେକ ଦୂର ଯାଇପାରିବ । ତା' ନ ହେଲେ ସେଥିରେ ସର୍ବଦାହିଁ କିଛିତ ପରିମାଣରେ ଦାମ୍ଭିକତା ମିଶ୍ରିତ ହୋଇ ରହିଥିବ, କିଛିତ ଆତ୍ମସନ୍ତୋଷର ଭାବ ରହିଥିବ, କିଛିତ ଆତ୍ମ-ଦୟା ବି ଥିବ, ଏହିପରି ଯାବତୀୟ ପ୍ରକାରର କ୍ଷୁଦ୍ର କ୍ଷୁଦ୍ର ବ୍ୟାପାର ଆସି ସବୁକିଛିକୁ ନଷ୍ଟ କରି ଦେଉଥିବ । ମାତ୍ର ଏହା ପ୍ରକୃତରେ କଷ୍ଟକର ।

'oaob.nitrkl.ac.in' images reprocessed

ମାଆ, ଏଠାରେ ଲେଖା ହୋଇଛି : "ଏହି ଯୋଗରେ ସମ୍ପୂର୍ଣ୍ଣ ମାର୍ଗଟି ହେଉଛି ଯେ ଆମେ ଦିବ୍ୟ ପରମପ୍ରଭାବ ଲାଗି ଆପଣାକୁ ଉନ୍ମୋଚିତ କରିଦେବା ।" "ଦିବ୍ୟ ପରମ ପ୍ରଭାବ ଲାଗି ଆପଣାକୁ ଉନ୍ମୋଚିତ କରିଦେବା"ର ପ୍ରକୃତ ଅର୍ଥ କ'ଣ ?

ଏକଥାଟିକୁ ମୁଁ ତୁମମାନଙ୍କୁ କେତେଥର ବୁଝାଇ କହି ନ ଥିବି ! ଅନ୍ତ କମ୍‌ରେ ତିରିଶି ଥର । ତେବେ ବୁଝାଇ କହିବାର ଆଉ କି ଅର୍ଥ ରହିଲା ? ତୁମକୁ ଚେଷ୍ଟା କରିବାକୁ ହେବ, ନିଜକୁହିଁ ଏକ ପ୍ରୟାସ କରିବାକୁ ପଡ଼ିବ । ବୁଝାଇ ଦେବାର ଅର୍ଥ ହେଉଛି ମନର ହାତରେ ଏକ ସୂତ୍ର ନେଇ ଧରାଇ ଦେବାକୁ ଚେଷ୍ଟା କରିବା, ଯାହାକି ଆଦୌ କୌଣସି ଚେଷ୍ଟା ନ କରି କଥାଟିକୁ ସାଧି ହେବା ଲାଗି ବାଟ ଛାଡ଼ିଦିଏ । ସେତେବେଳେ ମୁଣ୍ଡ ଭିତରେ ଚମତ୍କାର ବ୍ୟାଖ୍ୟାଟିଏ ରହିଥାଏ ଏବଂ ଆମେ ବିଶ୍ୱାସ କରୁଥାଉ ଯେ, ବସ୍ତୁଟିକୁ ଉପଲବ୍ଧି କରିବା ଲାଗି ତାହାହିଁ ଯଥେଷ୍ଟ । ମାତ୍ର ଯଦି ଆମେ ଏତେ ଟିକିଏ ଚେଷ୍ଟା ବି କରିପାରିବା — ତାହା ଅତ୍ୟନ୍ତ ଅକୁଶଳ ଭାବରେ ହେଉଥିଲେ ମଧ୍ୟ, ତାହାରି ଦ୍ୱାରାହିଁ ଆମେ ଧୀରେ ଧୀରେ ଅଗ୍ରସର ହୋଇପାରିବା, କ୍ରମଶଃ ଅଧିକରୁ ଅଧିକ ଭଲ ଭାବରେ କରିବାରେ ଲାଗିଥିବା । ଯେତେବେଳେ ପ୍ରକୃତରେ ଭଲ ଭାବରେ କରିପାରିବା, ସେତେବେଳେ ଯାଇ ଆମେ କ'ଣ କରୁଛୁ, ସେହି କଥାଟିକୁ ବୁଝିପାରିବା, ଏବଂ, ଆମେ କିପରି ଏହି କଥାଟିକୁ କରି ଶିଖିଲୁ, ସେକଥାଟିକୁ ମଧ୍ୟ ବୁଝିବାକୁ ସମର୍ଥ ହେବା । ସୋପାନ ସୋପାନ କରି କାର୍ଯ୍ୟଟିକୁ କରିବା ଦ୍ୱାରା, ଚେଷ୍ଟା କରିବା ଦ୍ୱାରା ତାହା ସମ୍ଭବ ହେବ ।

କେଉଁସବୁ ସର୍ତ୍ତର ପୂରଣ ହେଲେ ବିଶ୍ୱାସର ଅବତରଣ ଘଟିଥାଏ ?

ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ପ୍ରାୟ ଏକ ଶିଶୁସୁଲଭ ଆସ୍ଥାସ୍ଥାପନ, — ଏକ ଶିଶୁର ସେହି ନିଷ୍କପଟ ଓ ସରଳ ଆସ୍ଥା ଯାହାକି କାମ୍ୟ ବସ୍ତୁଟି ଅବଶ୍ୟ ଆସିବ ବୋଲି ସୁନିଶ୍ଚିତ ହୋଇ ରହିଥାଏ, ଠିକ ଏହି ବିଷୟରେ ଆପଣାକୁ କୌଣସି ପ୍ରଶ୍ନ ମଧ୍ୟ ପଚାରେ ନାହିଁ । ଯେତେବେଳେ ତାହାର କୌଣସି ବସ୍ତୁର ପ୍ରୟୋଜନ ହୁଏ, ସେତେବେଳେ ସେହି ବସ୍ତୁଟି ସୁନିଶ୍ଚିତ ଭାବରେ ପ୍ରାପ୍ତ ବୋଲି ସିଏ ଜାଣିଥାଏ । ହଁ — ଏହିପରି ଏକ ଆସ୍ଥାସ୍ଥାପନ — ବସ୍ତୁତଃ ତାହାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସର୍ତ୍ତ ।

ଅଭୀପ୍ସା କରିବା ହେଉଛି ଅପରିହାର୍ଯ୍ୟ । ମାତ୍ର ଅନେକ ଲୋକ ନିଜ ଭିତରେ ବିଶ୍ୱାସ ଏବଂ ଅବିଶ୍ୱାସ ମଧ୍ୟରେ ଏକ ପ୍ରବଳ ଦ୍ୱନ୍ଦ୍ୱର ସହିତ ଅଭୀପ୍ସା

'oaob.nitrkl.ac.in' images reprocessed

କରିଥାନ୍ତି ଯେ, ଆସ୍ଥା ଓ ଅନାସ୍ଥା, ବିଜୟ ସମ୍ବନ୍ଧରେ ସୁନିଶ୍ଚିତ ରହିଥିବା ଏକ ଆଶାବାଦ ଏବଂ ବିପର୍ଯ୍ୟୟଟି କେତେବେଳେ ଆସି ପହଞ୍ଚୁଛି ବୋଲି ଆପଣାକୁ ପସ୍ତୁରିବାରେ ଲାଗିଥିବା ନିରାଶାବାଦ ମଧ୍ୟରେ ଦ୍ୱନ୍ଦ୍ୱରେ ରହି ଅଭୀପ୍ସା କରନ୍ତି । ଏବଂ, ଯଦି ସତ୍ତା ଭିତରେ ଏହିପରି ଏକ ଅବସ୍ଥା ବିଦ୍ୟମାନ ଥାଏ, ତେବେ ତୁମେ ହୁଏତ ଯେତେ ଇଚ୍ଛା ସେତେ ଅଭୀପ୍ସା କରିପାର, ମାତ୍ର ତାହାର ଆଦୌ କୌଣସି ଫଳ ହେବ ନାହିଁ । ଏବଂ ତା'ପରେ ତୁମେ କହିବାକୁ ଆରମ୍ଭ କରିବ "ମୁଁ ଅଭୀପ୍ସା କଲି, ମାତ୍ର କିଛି ପାଇଲି ନାହିଁ ।" ତୁମେ କିଛି ପାଇଲ ନାହିଁ, ତା'ର କାରଣ ହେଉଛି ଯେ, ଆପଣାର ବିଶ୍ୱାସର ଅଭାବ ଦ୍ୱାରା ତୁମେ ନିଜେ ନିଜର ଅଭୀପ୍ସାଟିକୁ ଭାଙ୍ଗି ଚୁନା କରିଦେଲ । ମାତ୍ର ଯଦି ତୁମ ଭିତରେ ପ୍ରକୃତ ଆସ୍ଥା ରହିଥାଏ ··· ଯେତେବେଳେ ପିଲାମାନେ ମୁକ୍ତ ଭାବରେ ବଢ଼ିଥାନ୍ତି ଓ ବୟସ୍କ ଅନ୍ୟମାନଙ୍କ ଦ୍ୱାରା କୌଣସି ପ୍ରକାରେ ବିକୃତ ହୋଇ ନ ଥାନ୍ତି, ସେତେବେଳେ ସେମାନଙ୍କ ଭିତରେ ଏହିପରି ଏକ ବୃହତ୍ ଆସ୍ଥା ରହିଥାଏ ଯେ ସବୁକିଛିର ଅବଶ୍ୟ ଭଲ ଫଳ ଫଳିବ । ଉଦାହରଣସ୍ୱରୂପ, ଯଦି ସାନ ଦୁର୍ଘଟଣାଟିଏ ଘଟିଲା, ସେତେବେଳେ ସେମାନେ ଆଦୌ ଭାବନ୍ତି ନାହିଁ ଯେ ତାହାର କୌଣସି ଗମ୍ଭୀର ପରିଣତି ହେବ : ଅତି ସ୍ୱତଃସ୍ଫୂର୍ତ୍ତି ଭାବରେ ସେମାନଙ୍କର ଦୃଢ଼ବୋଧ ହୋଇ ରହିଥାଏ ଯେ, ଏହା ଅଚିରେ ଅତିକ୍ରାନ୍ତ ହୋଇଯିବ; ଏବଂ ଏହା ଘଟଣାଟିର ସମାପ୍ତି ଘଟାଇବା ଦିଗରେ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ସହାୟତା କରିଥାଏ ।

ଯେତେବେଳେ ଆମେ ସେହି ପରମଶକ୍ତି ଲାଗି ଅଭୀପ୍ସା କରୁ, ଦିବ୍ୟ ପରମସତ୍ତାଙ୍କୁ ସହାୟତା ପାଇଁ ପ୍ରାର୍ଥନା କରୁ, ତାହା ଅବଶ୍ୟ ଫଳବତୀ ହେବ ବୋଲି ଏକ ଅବିଚଳ ନିଶ୍ଚୟତା ସହିତ ଯଦି ଆମେ ପ୍ରାର୍ଥନା କରୁ, ତାହା ଫଳବତୀ ନ ହେବା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ଯଦି ବିଶ୍ୱାସ କରୁଥାଉ, ତେବେ ତାହା ଅବଶ୍ୟ ଫଳବତୀ ହୁଏ । ଏହା ହେଉଛି···ହଁ, ଏହାକୁ, ଏହି ଆସ୍ଥାପୂର୍ଣ୍ଣତାକୁ ଯଥାର୍ଥ ଭାବରେ ଏକ ଅନ୍ତର୍ଗତ ଉନ୍ମୋଚନ ବୋଲି କୁହାଯିବ । ଏବଂ କେତେକ ବ୍ୟକ୍ତି ସତତ ଏହିପରି ଏକ ଅବସ୍ଥାରେ ରହିଥାନ୍ତି । ଯେତେବେଳେ କିଛି ଗ୍ରହଣ କରିବାର ବେଳ ଆସେ, ସେତେବେଳେ ସେମାନେ ତାହାକୁ ଗ୍ରହଣ କରିବାକୁ ସର୍ବଦା ମହଜୁଦ ଥାଆନ୍ତି । ଆହୁରି କେତେ ଲୋକ ବି ଅଛନ୍ତି, ଯେଉଁମାନେ କି, ଯେତେବେଳେ କିଛି ପାଇବାକୁ ରହିଥାଏ, ଯେତେବେଳେ କୌଣସି ଏକ ଶକ୍ତି ଅବତରଣ କରୁଥାଏ, ସେତେବେଳେ ସେମାନେ ସେଠାରେ କେବେହେଲେ ଉପସ୍ଥିତ ନ ଥାନ୍ତି, ସେମାନେ ସେହି ମୁହୂର୍ତ୍ତଟି ସମୟରେ ସର୍ବଦା ଦ୍ୱାର ବନ୍ଦ କରି ରଖିଥାନ୍ତି । ମାତ୍ର, ଯେଉଁମାନଙ୍କ ଭିତରେ ଏହି ଶିଶୁସୁଲଭ ଆସ୍ଥାଭାବ ରହିଥାଏ, ସେମାନେ ଉଚିତ ସମୟରେ ଯଥାସ୍ଥାନରେ ମହଜୁଦ ରହିଥାନ୍ତି ।

'oaob.nitrkl.ac.in' images reprocessed

ଏହା, ଖୁବ୍ ବିଚିତ୍ର କଥା, ନୁହେଁ କି ? — ଏହି କ୍ଷେତ୍ରରେ ବାହାରକୁ ଆଦୌ କୌଣସି ପାର୍ଥକ୍ୟ ନ ଥାଏ । ଦୁହିଁଙ୍କ ଭିତରେ ହୁଏତ ସେହି ଗୋଟିଏ ପ୍ରକାରର ସଦିଚ୍ଛା ରହିଥାଏ, ସମାନ ଅଭୀପ୍ସା ରହିଥାଏ, ଭଲ କରିବାର ଇଚ୍ଛା ରହିଥାଏ; ମାତ୍ର ଯେଉଁମାନଙ୍କ ଭିତରେ ଏହି ହସ ହସ ବିଶ୍ୱାସଟି ରହିଥାଏ, ଯେଉଁମାନେ କୌଣସି ପ୍ରଶ୍ନ ପଚାରନ୍ତି ନାହିଁ, ସେମାନଙ୍କୁ ଏହି ବସ୍ତୁଟି ପ୍ରକୃତରେ ମିଳିବ କି ନ ମିଳିବ ଦିବ୍ୟ ପରମସତ୍ତା ପ୍ରକୃତରେ ଅନୁରୂପ ଉତ୍ତର ଦେବେ କି ନାହିଁ ବୋଲି ଆପଣାକୁ ଆଦୌ କୌଣସି ପ୍ରଶ୍ନ ପଚାରନ୍ତି ନାହିଁ, — ଏହି କ୍ଷେତ୍ରରେ ସେସବୁର କୌଣସି ପ୍ରଶ୍ନ ଉଠେ ନାହିଁ, ସେସବୁ ସ୍ୱତଃସିଦ୍ଧ ହୋଇ ରହିଥାଏ,— ..."ମୋର ଯାହା ଆବଶ୍ୟକ, ତାହା ମୋତେ ଅବଶ୍ୟ ମିଳିବ; ମୁଁ ପ୍ରାର୍ଥନା କଲେ ତାହାର ଉତ୍ତର ଅବଶ୍ୟ ମିଳିବ; କୌଣସି ଅସୁବିଧାରେ ପଡ଼ି ସାହାଯ୍ୟ ମାଗିଲେ ସେହି ସାହାଯ୍ୟ ମୋତେ ଅବଶ୍ୟ ଉପଲବ୍ଧ ହେବ; ତାହା ଯେ କେବଳ ଉପଲବ୍ଧ ହେବ ତା' ନୁହେଁ, ତାହାହିଁ ସବୁକିଛିର ସମାଧାନ କରିଦେବ ।" ଯଦି ଏହିପରି ଏକ ସ୍ୱତଃସ୍ଫୂର୍ତ୍ତ ନିଷ୍କପଟ ଆସ୍ଥା ରହିଥିବ, କୌଣସି ପ୍ରଶ୍ନ ପଚାରୁ ନ ଥିବ, ତେବେ ତାହା ଆଉ ସବୁକିଛୁ ଅପେକ୍ଷା ଅଧିକ ଫଳପ୍ରଦ ଭାବରେ କାର୍ଯ୍ୟ କରିବ ଏବଂ ତାହାର ପରିଣାମଗୁଡ଼ିକ ମଧ୍ୟ ଚମତ୍କାର ହେବ । ମାତ୍ର, ମନର ଦ୍ୱନ୍ଦ୍ୱ ଏବଂ ସଂଶୟଗୁଡ଼ାକ ଦ୍ୱାରାହିଁ ଆମେ ସବୁକିଛିକୁ ନଷ୍ଟ କରିଦେଉ, କୌଣସି ଅସୁବିଧାରେ ପଡ଼ିଥିବା ବେଳେ "ନାହିଁ, ଏହା କଦାପି ସମ୍ଭବ ହେବ ନାହିଁ ! ମୁଁ ଏହାକୁ କଦାପି କରିପାରିବି ନାହିଁ । ଏବଂ, ମୋର ଏହି ଯେଉଁ ଅବସ୍ଥାଟିକୁ ମୁଁ ଆଦୌ ଚାହୁଁ ନାହିଁ, ଯଦି ସେଇଟି ଆହୁରି ବିଗିଡ଼ି ଯାଏ, ଯଦି ତାହା ଆହୁରି ଖରାପ ହୋଇଯାଏ, ଯଦି ମୁଁ ଅଧିକରୁ ଅଧିକ ତଳକୁ ଖସିଖସି ଯିବାରେ ଲାଗିଥାଏ, ଯଦି — ଯଦି — ଯଦି," ଆମର ଏହିସବୁ ଧାରଣାହିଁ ସବୁକିଛିକୁ ବିଗାଡ଼ି ଦେଉଥାଏ । ଏହିପରି ଭାବରେ ଆମେ ଗ୍ରହଣ କରିବାକୁ ଚାହୁଁଥିବା ଶକ୍ତି ଓ ଆମ ନିଜ ଭିତରେ ଏକ ପାଚେରି ଛିଡ଼ାକରି ରଖିଦେଉ । ସେହି ଯଥାର୍ଥ ଆସ୍ଥାଟି ଚୈତ୍ୟସତ୍ତାର ରହିଥାଏ; କୌଣସି ଦ୍ୱିଧା, ଯୁକ୍ତି ଅଥବା ଦ୍ୱନ୍ଦ୍ୱ ନ ରଖି ଚୈତ୍ୟସତ୍ତା ଅତ୍ୟନ୍ତ ଚମତ୍କାର ଭାବରେ ତାହାକୁ ରଖିପାରନ୍ତି । ଏବଂ ଏହିପରି ଏକ ଅବସ୍ଥା ସମ୍ଭବ ହୋଇପାରିଲେ, ଏପରି କୌଣସି ପ୍ରାର୍ଥନା ନାହିଁ, ଯାହାର କି ଏକ ଜବାବ ନ ମିଳିବ, ଏପରି କୌଣସି ଅଭୀପ୍ସା ନାହିଁ, ଯାହାକି ଅନୁପଲବ୍ଧ ହୋଇ ରହିଯିବ ।

ଆମର ଅଭିମାନ ଯିବ କିପରି ?

ତୁମେ ଏକଥା କି ପଚାରୁଛ ? ପ୍ରଥମତଃ, ଏହା ଯେ କେଡ଼େ ଧ୍ୱଂସକାରକ, ତୁମେ ସେକଥାଟିକୁ ଦେଖିବ । ଏହା ଅତ୍ୟନ୍ତ କ୍ଷୁଦ୍ର, ଅତ୍ୟନ୍ତ ଅନିଷ୍ଟକାରକ ।

'oaob.nitrkl.ac.in' images reprocessed

ତା'ପରେ ତୁମେ ଆଗକୁ ଗୋଟିଏ ପାଦ ପକାଇବ ଏବଂ ଆପଣାର ହାସ୍ୟାସ୍ପଦ ଅବସ୍ଥାଟିକୁ ଅନାଇ ଦେଖିବ । ତୁମେ ଆପଣାକୁ ଯେ ପ୍ରକୃତରେ କେତେ ହାସ୍ୟାସ୍ପଦ କରି ପକାଇଛ, ସେହି କଥାଟିକୁ ଦେଖିବ; ଏବଂ ଏହିପରି ଭାବରେ ସେଥିରୁ ମୁକ୍ତ ହେବ । ମାତ୍ର ଯେପର୍ଯ୍ୟନ୍ତ ଏଗୁଡ଼ାକୁ ଗମ୍ଭୀର ଭାବରେ ନେଉଥିବ, ଏହିପରି କରିବାରେ ଏକ ଔଚିତ୍ୟ ରହିଛି ବୋଲି ଭାବୁଥିବ, ଯେପର୍ଯ୍ୟନ୍ତ ତୁମର ମନ ଭିତରେ କୌଣସି ସ୍ଥାନରେ "ଏଇଟା ଅତ୍ୟନ୍ତ ସ୍ୱାଭାବିକ କଥା,—ମୋ'ପ୍ରତି ମନ୍ଦ ବ୍ୟବହାର କରାଗଲା ଓ ମୁଁ ତାହାର ଫଳ ଭୋଗ କରୁଛି" ବୋଲି ଏକ ଧାରଣା ରହିଥିବ, ସେପର୍ଯ୍ୟନ୍ତ ଆଉ କୌଣସି ବାଟ ରହିବ ନାହିଁ ଓ ତୁମେ କଦାପି ମୁକ୍ତ ହୋଇପାରିବ ନାହିଁ । ମାତ୍ର, ଯଦି ତୁମେ ଏହାକୁ ଦୁର୍ବଳତା ଓ ହୀନମନ୍ୟତାର,—ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଅହଂକାର ଅହଂବାଦିତା, ସଂକୀର୍ଣ୍ଣ-ମନତା ଏବଂ ସର୍ବୋପରି ଏକ ସଂବେଗଜନିତ କ୍ଷୁଦ୍ରତା ଓ କ୍ଷୁଦ୍ରହୃଦୟତାର ଏକ ସଙ୍କେତ ବୋଲି ବୁଝିବାକୁ ଆରମ୍ଭ କରିବ, ଯଦି ଏତିକି ବୁଝିପାରିବ, ତେବେଯାଇ ସେଇଟି ସହିତ ଲଢ଼ାଇ କରିପାରିବ । ମାତ୍ର ସେହି କ୍ଷେତ୍ରରେ ତୁମର ଭାବନାରେ ମଧ୍ୟ ଅନୁରୂପ ସଂହତି ରହିଥିବା ଆବଶ୍ୟକ । ଯଦି ତୁମର ଦୃଷ୍ଟିକୋଣ "ମୋତେ ଆଘାତ କରାଯାଇଛି, ମୁଁ ତାହାର ପରିଣାମ ଭୋଗ କରୁଛି, ମୁଁ ପ୍ରକୃତରେ ଦୁଃଖ ଭୋଗ କରୁଛି ବୋଲି ଦେଖାଇବାକୁ ପଡ଼ିବ"—ଏହିପରି ହୋଇ ରହିଥାଏ, ତେବେ ଏହା ସେହିପରିହିଁ ହେବ । ମୁଁ ଏଠାରେ ଆହୁରି ଆଗକୁ ଯାଇ ସେହି ଲୋକମାନଙ୍କ କଥା କହୁ ନାହିଁ ଯେଉଁମାନେ କି ଆପଣା ଭିତରେ ବେଶ୍ ଗୋପନୀୟ ଭାବରେ ଏକ ପ୍ରତିଶୋଧ-ଭାବକୁ ପ୍ରଶ୍ରୟ ଦେଇ ରଖନ୍ତି ଏବଂ "ମୋତେ ଏତେ ଦୁଃଖ ଭୋଗ କରିବାକୁ ହୋଇଛି, ମୁଁ ମଧ୍ୟ ସେମାନଙ୍କୁ କଷ୍ଟଭୋଗ ପାଇଁ ବାଧ୍ୟ କରିବି" ବୋଲି କହନ୍ତି । ବେଶ୍ ସହଜରେ ବୁଝି ହେଉଛି ଯେ ଏହା ଏକ କୁତ୍ସିତ କଥା ଓ ଆଦୌ ରହିବା ଉଚିତ ନୁହେଁ । ଅବଶ୍ୟ ଏହାର ପ୍ରତିରୋଧ କରିବା ସବୁବେଳେ ସମ୍ଭବ ହୁଏ ନାହିଁ । ଆମ ପ୍ରକୃତିରେ ଅତ୍ୟନ୍ତ କ୍ଷୁଦ୍ର ହୋଇ କିଛି ରହିଛି ବୋଲି ଏଥିରୁ ସୂଚନା ମିଳେ । ଏହା ଅତ୍ୟନ୍ତ ସ୍ପର୍ଶକାତର ହୋଇପାରେ, ଅତ୍ୟନ୍ତ ପରିମାଣରେ ସଂବେଗପ୍ରଧାନ ବି ହୋଇପାରେ; ଏଥିରେ ହୁଏତ କିଛିଟା ପ୍ରଗାଢ଼ତା ବି ଆଇପାରେ, ମାତ୍ର ଏହା ତଥାପି ଭାରି କ୍ଷୁଦ୍ର,—ତାହା ଶେଷକୁ ସେହି ଆପଣା ଉପରେ ଆସି ପଡ଼େ, ଅତ୍ୟନ୍ତ କ୍ଷୁଦ୍ର ହୋଇ ରହିଥାଏ ।

ଅବଶ୍ୟ ଏକଥା ସତ ଯେ, ଯଦି କାମରେ ଲଗିଲା ଭଳି ଏକ ବୁଦ୍ଧିଶକ୍ତି ତୁମ ଭିତରେ ରହିଥାଏ, ତେବେ ତୁମେ ତାହାକୁ ଅବଶ୍ୟ କାମରେ ଲଗାଇ ପାରିବ । ଆପଣାର ବୁଦ୍ଧିଶକ୍ତିକୁ ବ୍ୟବହାର କରି ତୁମେ ନିଜକୁ ନିତାନ୍ତ ସତ୍ୟ ଏହି

'oaob.nitrkl.ac.in' images reprocessed

କଥାଗୁଡ଼ିକୁ କହିପାରିବ : ଆମ ସତ୍ତା ଭିତରେ ଯାହା ପ୍ରକୃତରେ ଦୁଃଖ ପାଏ, ତାହା ହେଉଛି କେବଳ ଆମର ଅହଂ; ଏବଂ, ଏହି ଅହଂ ନ ଥିଲେ ଆମର କୌଣସି ଦୁଃଖଭୋଗ ମଧ୍ୟ ନ ଆନ୍ତା, ଏବଂ, ଆମେ ଯଦି ଆଧ୍ୟାତ୍ମିକ ଜୀବନର ବାସନା ରଖିଥାଉ, ତେବେ ଆମକୁ ଏହି ଅହଂବାଦିତା ଉପରେ ଅବଶ୍ୟ ବିଜୟ ହାସଲ କରିବାକୁ ପଡ଼ିବ । ତେଣୁ ସର୍ବପ୍ରଥମେ ଆମେ ଏହି ଦୁଃଖଭୋଗ ଆଡ଼କୁ ସିଧା ଅବଲୋକନ କରି ଶିଖିବା, ତା'ପରେ ସମସ୍ତ ସ୍ଥାନଟିକୁ ଓଲାଇ ପରିଷ୍କାର କରିଦେବା, ଜାଗାଟିକୁ ପରିଷ୍କାର କରିଦେବା ଏବଂ କହିବା, "ମୋର ଏହି ମଇଳା ଦରକାର ନାହିଁ । ବର୍ତ୍ତମାନ ମୁଁ ମୋ'ର ଅନ୍ତରସ୍ଥ ସଦନଟିକୁ ଓଲାଇ ପରିଷ୍କାର କରିଦେବି ।"

ଆମ ଶାରୀରିକ ଦୁଃଖଭୋଗଗୁଡ଼ିକର କ୍ଷେତ୍ରରେ ବି କ'ଣ ଆମେ ସେହି ଅହଂକୁ କାରଣ ବୋଲି କହିବା ?

ଶାରୀରିକ ଦୁଃଖ ଭୋଗ ? ନାଇଁ, ପ୍ରଶ୍ନ ପଚାରିଥିବା ସେହି ଝିଅଟି ଶାରୀରିକ ଦୁଃଖଭୋଗ ବିଷୟରେ ପଚାରି ନାହିଁ । ଶାରୀରିକ ଦୁଃଖଭୋଗ ? ମାତ୍ର ଗୋଟିଏ କଥା ଏକାନ୍ତ ନିଶ୍ଚିତ; ମୁଁ ଭାବୁଛି ଏହି ବ୍ୟବସ୍ଥାଟି ଭିତରେ, ପ୍ରକୃତି ଭିତରେ ଏହି ଉପାଦାନଟି ରହିଥିଲା ଓ ଏକ ସୂଚକରୂପେ ତାହା ଉଦ୍ଭାବିତ ହୋଇଥିଲା । କାରଣ, ଉଦାହରଣସ୍ୱରୂପ, ଶରୀରରେ କୌଣସି ନା କୌଣସି ପ୍ରକାରର ବିଘଟନ ଉପସ୍ଥିତ ହେଉଥିଲେ ମଧ୍ୟ ଯଦି ସେଥିଲାଗି କୌଣସି ଦୁଃଖଭୋଗ କରିବାକୁ ପଡ଼ୁ ନ ଥାନ୍ତା, ତେବେ ବିଘଟନଟିକୁ ଦୂର କରିବା ଲାଗି ଆମେ ଆଦୌ କୌଣସି ଉପାୟ ଖୋଜି ବାହାରୁ ନ ଥାନ୍ତୁ । ରୋଗରୁ କଷ୍ଟ ପାଉଥିବାରୁହିଁ ଆମେ କୌଣସି ରୋଗକୁ ଦୂର କରିବା ଲାଗି ଭାବିଥାଉ । ଯଦି ତାହା ତୁମ ଭିତରେ କୌଣସି ଅସୁଖକରତା ଆଣି ଦେଉ ନ ଥାନ୍ତା, ତେବେ ତୁମେ ସେଥିରୁ ଆରୋଗ୍ୟ ଲାଭ କରିବା ଲାଗି ଆଦୌ ଚିନ୍ତା କରୁ ନ ଥାନ୍ତ । ତେଣୁ ପ୍ରକୃତିର ବ୍ୟବସ୍ଥାଟି ମଧ୍ୟରେ, ମୁଁ ଭାବୁଛି ଯେ ତୁମକୁ ଏକ ସତର୍କବାଣୀ ଶୁଣାଇବାହିଁ ଯାବତୀୟ ଶାରୀରିକ କଷ୍ଟ ଭୋଗର ସର୍ବପ୍ରଥମ ଉଦ୍ଦେଶ୍ୟ ହୋଇ ରହିଥିଲା ।

ଦୁର୍ଭାଗ୍ୟବଶତଃ, ପ୍ରାଣିକ ଆସି ଏହି କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ଆରମ୍ଭ କରେ ଏବଂ ରୋଗଜନିତ ଦୁଃଖଯନ୍ତ୍ରଣାକୁ ବଢ଼ାଇ ଦେବାରେ, ଜଟିଳ କରିଦେବାରେ ଏବଂ ଅଧିକ ତୀକ୍ଷ୍ଣ କରିଦେବାରେ ଏକ ଅତ୍ୟନ୍ତ ବିକୃତ ଆନନ୍ଦ ଅନୁଭବ କରିଥାଏ । ଏବଂ ଏହାହିଁ ସମସ୍ତ ବ୍ୟବସ୍ଥାଟିକୁ ବିକୃତ କରି ପକାଏ, କାରଣ, ଏକ ସୂଚକ ପରି କାର୍ଯ୍ୟ କରିବା ପରିବର୍ତ୍ତେ, ସମସ୍ତ ସମୟରେ ଏହା

'oaob.nitrkl.ac.in' images reprocessed

ରୋଗଟିକୁ ଉପଭୋଗ କରିବାର, ଆପଣାକୁ ବେଶ ଆକର୍ଷଣୀୟ କରି ରଖିବାର ଏବଂ ଆପଣା ପ୍ରତି ଏକ ନିକୃଷ୍ଟ ଦୟାଭାବ ପୋଷଣ କରିବାର ଏକ ଅବସରରେ ପରିଣତ ହୋଇଯାଏ;—ପ୍ରାଣିକ କ୍ଷେତ୍ରରୁ ଯାହାକିଛିର ଉଦ୍‌ଗମ ହୋଇଥାଏ ଏବଂ ଯାହାସବୁ ଏକରୁ ବଳି ଆରେକ ଅଧିକ ଘୃଣାର ପାତ୍ର ହୋଇ ରହିଥାନ୍ତି, ସେହି ସବୁଗୁଡ଼ିକ ଲାଗି ଏକ ଅବସର ଆସି ପହଞ୍ଚିଯାଏ । ମାତ୍ର ମୁଁ ଭାବୁଛି, ସର୍ବପ୍ରଥମେ ଏହା କେବଳ "ସାବଧାନ ରହ"ର ହିଁ ଏକ ସୂଚକ ହୋଇ ରହିଥିଲା । ଏହା ପ୍ରକୃତରେ ଏହିପରି ଏକ ବିପଦସଙ୍କେତ ପରି କାର୍ଯ୍ୟ କରୁଥିଲା : "ତୁମେ ସାବଧାନ ହୋଇ ଯାଅ, ତୁମଭିତରେ କେଉଁଠି କ'ଣ ବିଗିଡ଼ିବାକୁ ଆରମ୍ଭ କଲାଣି !"

ଏଥିରେ କେବଳ ଏତିକି କଥା ରହିଛି ଯେ, ଯଦି ତୁମେ ଖିବ୍‌ବେଶୀ ଗୋଲବସରରେ ବଢ଼ି ନ ଥିବ, ଯଦି ତୁମ ଭିତରେ କିଛି ସହିବାଶକ୍ତି ରହିଥିବ ଏବଂ ଯଦି ତୁମେ ତୁମର ଅସୁସ୍ଥତା ପ୍ରତି ଖୁବ୍‌ଗୁଡ଼ାଏ ଦୃଷ୍ଟି ନ ଦେବାକୁ ଏକ ନିଷ୍ପତ୍ତି ଗ୍ରହଣ କରି ପାରିବ, ତେବେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭାବରେ ତୁମ ବେଦନାର ଅନେକ ପରିମାଣରେ ଉପଶମ ହୋଇଯିବ । ଏବଂ, ଏପରି ଅନେକସଂଖ୍ୟକ ଅସୁସ୍ଥତା ବା ଶାରୀରିକ ଭାରସାମ୍ୟହୀନତାର ଅବସ୍ଥା ରହିଛି, କେବଳ ପରିଣାମଟାକୁ ଦୂର କରିଦେଇ ପାରିଲେ ଯେଉଁଗୁଡ଼ିକର ଆରୋଗ୍ୟ ସମ୍ଭବ ହୋଇଯିବ । ଅର୍ଥାତ୍ ଯନ୍ତ୍ରଣାଭୋଗକୁ ବନ୍ଦ କରିଦେଇ ତାହା ସମ୍ଭବ ହୋଇପାରିବ । ମାତ୍ର, ସାଧାରଣତଃ ଏହି କ୍ଷେତ୍ରରେ ତାହା ଆହୁରି ଥରେ ଆସିବ, କାରଣ ମୂଳକାରଣଟି ତଥାପି ଦୂର ହୋଇ ନ ଥିବ । ଯଦି ତୁମେ ଅସୁସ୍ଥତାର କାରଣଟିକୁ ଖୋଜି ବାହାର କରି ପାରିବ ଏବଂ ତା'ପରେ କାରଣଟିକୁ ଦୂର କରିବା ଦିଗରେ ପ୍ରତ୍ୟକ୍ଷ ଭାବରେ କିଛି କରିଯାଇ ପାରିବ, ତେବେ ରୋଗର ସମୂଳ ଆରୋଗ୍ୟ ନିଶ୍ଚୟ ସମ୍ଭବ ହେବ । ମାତ୍ର ଯଦି ତୁମେ ସେକଥା କରି ନ ପାରିବ, ତେବେ ତୁମକୁ ଯନ୍ତ୍ରଣା ଉପରେ ଏହି ପ୍ରଭାବଟିକୁ ପକାଇବାର ଅର୍ଥାତ୍ ନିୟନ୍ତ୍ରଣ ଅର୍ଜନ କରିବାର ଉପାୟଟିକୁ ଗ୍ରହଣ କରିବାକୁ ପଡ଼ିବ । ତେବେ ତୁମେ ରୋଗଟିକୁ ଦୂର କରିବା ଦିଗରେ ମଧ୍ୟ ଏକ କାର୍ଯ୍ୟାନୁଷ୍ଠାନ କରିପାରିବ,—ଯନ୍ତ୍ରଣାଟିକୁ କାଟି ପକାଇ ବା ତାହାର ବିଲୋପ-ସାଧନ କରି ବା ନିଜ ଭିତରେ ତାହା ଉପରେ ଏକ ନିୟନ୍ତ୍ରଣ ଅର୍ଜନ କରିବା ଦ୍ୱାରା ତୁମେ ସେକଥା କରିପାରିବ । ଏଣୁ, ଏହାକୁ ବାହାରୁ ଭିତର ଆଡ଼କୁ କାର୍ଯ୍ୟ କରୁଥିବା ପ୍ରାୟ ଏକ ପରିଣାମ ବୋଲି କୁହାଯିବ । ଅନ୍ୟଟିକୁ ଭିତରୁ ବାହାର ଆଡ଼କୁ କାର୍ଯ୍ୟ କରୁଥିବା ଏକ ଉପଚାର ବୋଲି କୁହାଯାଇ ପାରିବ,—ଏହି ଦ୍ୱିତୀୟ ଉପଚାରଟି ଅପେକ୍ଷାକୃତ ଅଧିକ ସ୍ଥାୟୀ ହେବ ଏବଂ ଏଇଟିକୁ ଆମେ ଏକ ଅପେକ୍ଷାକୃତ ଅଧିକ ପୂର୍ଣ୍ଣାଙ୍ଗ ଉପଚାର ବୋଲି କହିପାରିବା । ମାତ୍ର ଅନ୍ୟଟି ଦ୍ୱାରା ମଧ୍ୟ କୌଣସି ନା କୌଣସି ଫଳ ଅବଶ୍ୟ ଫଳିବ ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଅନେକ ଲୋକ ଅସହ୍ୟ ଦାନ୍ତବିନ୍ଧା ଭୋଗ କରୁଥାନ୍ତି । ସର୍ବୋପରି ଏହା···କେତେକ ଲୋକ ଅଳ୍ପବହୁତ ପରିମାଣରେ ଭାରି "ଗେହ୍ଲା ହୋଇ ବଢ଼ିଥାନ୍ତି"; ଅର୍ଥାତ୍ ସେମାନେ ଆଦୌ କୌଣସି କଷ୍ଟ ସହିପାରନ୍ତି ନାହିଁ, କିଛି ସହିବାକୁ ସମର୍ଥ ହୁଅନ୍ତି ନାହିଁ ଏବଂ ସଙ୍ଗେ ସଙ୍ଗେ "ମୁଁ ମୋଟେ ପାରିବି ନାହିଁ । ଏହା ଏକାବେଳେକେ ଅସହ୍ୟ । ମୁଁ ଆଉ ମୋଟେ ସହିପାରିବି ନାହିଁ" ବୋଲି କହନ୍ତି । ମାତ୍ର ଏହାଦ୍ୱାରା ଅବସ୍ଥାରେ ଆଦୌ କୌଣସି ପରିବର୍ତ୍ତନ ଘଟେ ନାହିଁ; ଏହା ଯନ୍ତ୍ରଣାଭୋଗକୁ ବନ୍ଦ କରିପାରେ ନାହିଁ, କାରଣ, ତୁମର ତାହା ଦରକାର ନାହିଁ ବୋଲି ତାକୁ କହିଦେଲେହିଁ ସିଏ ତୁମକୁ ଶୀଘ୍ର କଦାପି ଛାଡ଼ିଯାଏ ନାହିଁ । ମାତ୍ର ଏହି କ୍ଷେତ୍ରରେ ଯଦି ଆମେ ଦୁଇଟି କଥା କରି ପାରିବା : ପ୍ରଥମ ଆପଣା ଭିତରକୁ—ଉଦାହରଣସ୍ୱରୂପ ସ୍ନାୟୁଗତ ଯାବତୀୟ ଯନ୍ତ୍ରଣାଭୋଗର କ୍ଷେତ୍ରରେ—ଆପଣା ଭିତରେ ଆମେ ଗୋଟାଏ ପ୍ରକାର ଅଚଳତା ସୃଷ୍ଟି କରି ରଖିବା, ଯନ୍ତ୍ରଣାସ୍ଥାନରେ ଯଥାସମ୍ଭବ ଅଧିକ ସମଗ୍ର ଭାବରେ ଏକ ନିଶ୍ଚଳତାର ଅବସ୍ଥା ସୃଷ୍ଟି କରିବା; ଏହା ଠିକ୍ ଏକ ନିଶ୍ଚେତକ ପରି କାମ ଦେବ । ଯଦି ଆମେ ଏହିପରି ଏକ ଅନ୍ତର୍ଗତ ନିଶ୍ଚଳ ଅବସ୍ଥା, ଯନ୍ତ୍ରଣା ହେଉଥିବା ସ୍ଥାନରେ ଏହିପରି ଏକ ଅନ୍ତର୍ଗତ ସ୍ପନ୍ଦନର ନିଶ୍ଚଳତା ସୃଷ୍ଟି କରି ପାରିବା, ତେବେ ତାହା ଠିକ୍ ଏକ ନିଶ୍ଚେତକ ପରି କାର୍ଯ୍ୟ କରିବ । ତାହା ବେଦନାର ସ୍ଥାନ ଏବଂ ମସ୍ତିଷ୍କ ଭିତରେ ରହିଥିବା ସଂଯୋଗର ସୂତ୍ରଟିକୁ କାଟି ପକାଇବ, ଏବଂ ଥରେ ସେହି ସଂଯୋଗସୂତ୍ରଟି କଟିଯାଇ ପାରିଲେ, ଯଦି ତୁମେ ଯଥେଷ୍ଟ ଦୀର୍ଘ ସମୟ ଲାଗି ଏହି ଅବସ୍ଥାଟିକୁ ବଜାୟ ରଖିପାରିବ, ତେବେ ତୁମର ବେଦନା କ୍ରମେ ଅନ୍ତର୍ହିତ ହୋଇଯିବ । ତୁମକୁ ଏପରି କରିବାର ଏକ ଅଭ୍ୟାସ କରି ଶିଖିବାକୁ ହେବ । ମାତ୍ର ଏପରି କରିବାର ସୁଯୋଗ ବା ଅବସରଟି ତୁମ ପାଖରେ ସର୍ବଦା ମହଜୁଦ ହୋଇ ରହିଥିବ । କେଉଁଠି କାଟି ହୋଇଗଲା, ଧକ୍କା ବାଜିଲା— ସେତେବେଳେ କେଉଁଠି ନା କେଉଁଠି ସାନ ଆଘାତଟିଏ ଅବଶ୍ୟ ଲାଗିବ—ଖେଳିବାବେଳେ, ଜିମ୍ନାଷ୍ଟିକ୍ ପ୍ରଭୃତି କଲାବେଳେ ଏସବୁ ହେବାର ବିଶେଷ ସମ୍ଭାବନା ଥାଏ,— ଆମେ ଏଗୁଡ଼ିକୁ ଆମକୁ ପ୍ରଦତ୍ତ ହେଉଥିବା ଗୋଟିଏ ଗୋଟିଏ ସୁଯୋଗ ରୂପେ ଗ୍ରହଣ କରିବା । କେବଳ ବସିରହି ଯନ୍ତ୍ରଣାଟିକୁ ଅନାଇ ଦେଖିବା ଓ ତାହାକୁ ବିଶ୍ଳେଷଣ କରିବାର ଚେଷ୍ଟା କରିବା ବା ତାହାରି ଉପରେହିଁ ଏକାନ୍ତ ଭାବରେ ଅଭିନିବିଷ୍ଟ ହୋଇ ରହିବା ପରିବର୍ତ୍ତେ—ତଦ୍ୱାରା ତୁମର ଯନ୍ତ୍ରଣା ଲାଗିହିଁ ରହିଥିବ ଓ ବଢ଼ିବାରେ ଲାଗିଥିବ···ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସେତେବେଳେ ଅନ୍ୟକିଛି ବିଷୟ ଭାବନ୍ତି, ମାତ୍ର ତାହା ଆଦୌ ସ୍ଥାୟୀ ହୋଇ ରହେ ନାହିଁ; ସେମାନେ ଅନ୍ୟ କୌଣସି ବିଷୟ ଭାବନ୍ତି ସତ, ମାତ୍ର ତା'ପରେ, ଯେଉଁ ଜାଗାରେ

'oaob.nitrkl.ac.in' images reprocessed

ବେଦନା ହେଉଥାଏ, ସେମାନେ ପୁନର୍ବାର ସେହି ଜାଗାଟିକୁ ଟାଣିହୋଇ ଆସନ୍ତି । ମାତ୍ର, ଯଦି ତୁମେ ଏପରି କରିପାରିବ,···ସେହି ବେଦନା ତୁମ ଦେହରେ ରହିଛି, ତାହାର ଅର୍ଥ ହେଉଛି ଯେ ବେଦନାର ବାହକରୂପେ କାର୍ଯ୍ୟ କରୁଥିବା ସ୍ନାୟୁଟି ସହିତ ତୁମର ଏକ ସଂଯୋଗ ରହିଛି, ତା' ନ ହୋଇଥିଲେ ତୁମେ କଦାପି ସେହି ବେଦନା ଅନୁଭବ କରୁ ନ ଥାନ୍ତ । ତୁମ ଭିତରେ ଏହିପରି ସଂଯୋଗଟିଏ ରହିଛି ବୋଲି ସଜ୍ଞାନ ହେବା ପରେ, ତୁମେ ସେହି ସ୍ଥାନରେ ଯଥାସମ୍ଭବ ଅଧିକ ନିଶ୍ଚଳ ଅବସ୍ଥା ଠିକ୍ କରି ଆଣିବାକୁ ଚେଷ୍ଟା କରିବ, ବେଦନା ଉପୁଜାଉ ଥିବା ସ୍ପନ୍ଦନଟିକୁ ନିଶ୍ଚଳ କରି ଆଣିବାକୁ ଚେଷ୍ଟା କରିବ । ତେବେ ତୁମେ ଦେଖିବ ଯେ, ତୁମର ସେହି ଅଙ୍ଗଟି ଏହିପରି ଆଚରଣ କରିବ ସତେଯେପରି ତୁମେ ଏକ ଯନ୍ତ୍ରଣାଦାୟକ ଅବସ୍ଥାରେ ପଡ଼ିଥିବା ସମୟରେ ତାହା ଶୋଇବାକୁ ଚାଲିଯାଇଛି, ଏବଂ ତା'ପରେ ହଠାତ୍—ତୁମେମାନେ ନିଶ୍ଚୟ ଅନୁଭବ କରିଛ, ନୁହେଁ ? —ଏବଂ ତା'ପରେ ଯେତେବେଳେ ଯନ୍ତ୍ରଣା ବନ୍ଦ ହୋଇଯିବ, ସେତେବେଳେ ହଠାତ୍ ପୁନର୍ବାର ସ୍ପନ୍ଦିତ ହୋଇ ଭୀଷଣ ଯନ୍ତ୍ରଣା ଦେବାକୁ ଆରମ୍ଭ କରିବ । ଯନ୍ତ୍ରଣା ଦେଉଥିବା ସ୍ନାୟୁଟିରେ ତୁମେ ଇଚ୍ଛାକୃତ ଭାବରେ ଏହିଭଳି ନିଶ୍ଚଳତାକୁ ସଂକେନ୍ଦ୍ରିତ କରି ରଖିବା ଲାଗି ଚେଷ୍ଟା କରିବ, ଯନ୍ତ୍ରଣା ହେଉଥିବା ସେହି ବିନ୍ଦୁଟିରେ ତୁମେ ଯଥାସମ୍ଭବ ଅଧିକ ସଂକେନ୍ଦ୍ରଣ ସମ୍ଭବ କରି ଆଣିବ । ତେବେ ଦେଖିପାରିବ ଯେ ତାହା ପ୍ରକୃତରେ କାମ ଦେଉଛି, ପ୍ରକୃତରେ ଏକ ନିଶ୍ଚେତକ ପରି କାମ ଦେଉଛି । ତାହା ସେହି ଯନ୍ତ୍ରଣାକୁ ଶୁଆଇ ପକାଇବ । ଏବଂ, ଯଦି ତୁମେ ତା'ସାଙ୍ଗକୁ ଏକ ପ୍ରକାର ଅନ୍ତର୍ଗତ ଶାନ୍ତି ଏବଂ ଯନ୍ତ୍ରଣା ଅବଶ୍ୟ ଅନ୍ତର୍ହିତ ହୋଇଯିବ ବୋଲି ଏକ ବିଶ୍ୱାସ ମଧ୍ୟ ସମ୍ଭବ କରିପାରିବ, ତେବେ ମୁଁ ତୁମକୁ ଜବାବ ଦେଇ କହିବି ଯେ ଯନ୍ତ୍ରଣା ଅବଶ୍ୟ ଅନ୍ତର୍ହିତ ହୋଇଯିବ ।

ଯୋଗସାଧନାର ଦୃଷ୍ଟିରୁ ଯେଉଁଟିକୁ ଆମେ ଅନ୍ୟ ସବୁଠାରୁ ଅଧିକ ଦୁଃସାଧ୍ୟ ବୋଲି କହିପାରିବା, ତାହା ହେଉଛି ଦାନ୍ତବିନ୍ଧା; କାରଣ ତାହା ମସ୍ତିଷ୍କର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାଏ । ମୁଁ ଭଲକରି ଜାଣିଛି ଯେ, ଏହି କ୍ଷେତ୍ରରେ ମଧ୍ୟ ଆଲୋଚିତ ଉପାୟଟିକୁ ଏତେଦୂର ଅଭ୍ୟାସ କରାଯାଇ ପାରିବ ଯେ ତୁମେ ଦାନ୍ତବିନ୍ଧାର ଯନ୍ତ୍ରଣା ଆଦୌ ଅନୁଭବ କରିବ ନାହିଁ । ଏହା ଖରାପ ଦାନ୍ତଗୁଡ଼ାକୁ ଭଲ କରି ପାରିବ ନାହିଁ; ମାତ୍ର ତଥାପି ଏଭଳି କେତେକ ଦୃଷ୍ଟାନ୍ତ ରହିଛି, ଯାହାର କ୍ଷେତ୍ରରେ କି ସଫଳ ଭାବରେ ଯନ୍ତ୍ରଣା ଦେଉଥିବା ସ୍ନାୟୁଟିକୁ ନଷ୍ଟ କରି ଦେଇହେବ । ଦାନ୍ତରେ ସାଧାରଣତଃ ସେଥିରେ ଥିବା ସ୍ନାୟୁଟିହିଁ ଅସ୍ଥିକ୍ଷୟ ରୋଗଟି ଦ୍ୱାରା ଆକ୍ରାନ୍ତ ହୋଇଥାଏ ଏବଂ ସେହି ସ୍ନାୟୁ ଆପଣାର ସକଳ ବଳ ଖଟାଇ ତାହାର ପ୍ରତିବାଦ ଜଣାଉଥାଏ । ତେଣୁ, ଯଦି ତୁମେ ସେହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଏହି ନିଶ୍ଚଳତାର ଅବସ୍ଥାଟିକୁ ସମ୍ଭବ କରି ପାରିବ, ତେବେ ତାହାର ସ୍ପନ୍ଦନ ବନ୍ଦହୋଇଯିବ, ତାହାର ପ୍ରତିବାଦ ବନ୍ଦ ହୋଇଯିବ । ଏବଂ, ଏଠାରେ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ, ଯଦି ତୁମେ ବେଶ୍ ସତତ ଭାବରେ ଏକଥା କରିପାରିବ, ଯଥେଷ୍ଟ ଅଧ୍ୟବସାୟ ସହିତ ତାହା କରିପାରିବ, ତେବେ ରୁଗ୍ଣ ସ୍ନାୟୁଟି ଶେଷକୁ ଜୀବନହୀନ ହୋଇଯିବ ଓ ତୁମକୁ ତାହାର କାରଣରୁ ଆଉ କୌଣସି ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ ନାହିଁ । କାରଣ, ପ୍ରକୃତରେ ତାହାହିଁ ଯନ୍ତ୍ରଣା ଭୋଗ କରୁଥିଲା; ଏବଂ ସେଇଟି ମରିଗଲା ପରେ ତାହାର ଯନ୍ତ୍ରଣା ମଧ୍ୟ ବନ୍ଦ ହୋଇଗଲା । ତେଣୁ ଚେଷ୍ଟା କରି ଦେଖ । ଅବଶ୍ୟ ମୁଁ ଆଶା କରୁଛି ଯେ ତୁମର କେବେହେଲେ ଦାନ୍ତବିନ୍ଧା ହେବ ନାହିଁ । (ସମସ୍ତେ ହସିଲେ)

'oaob.nitrkl.ac.in' images reprocessed

# ୨୪ ନଭେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ଦ୍ୱିତୀୟ ଅଧ୍ୟାୟ "ବିଶ୍ୱାସ—ଅଭୀପ୍ସା—ସମର୍ପଣ" ଉପରେ ଏହି ପ୍ରବଚନଟି ଆଧାରିତ ।

"ଚୈତ୍ୟକୁ ଜାଗ୍ରତ କରି ରଖିବା ଓ ପୁରୋଭାଗରେ ରଖିବା" : ମାଆ, ଏଠାରେ "ପୁରୋଭାଗରେ"ର ଅର୍ଥ କ'ଣ ?

ଅର୍ଥାତ୍, ଚେତନାର ପୁରୋଭାଗରେ ନେଇ ରଖିବା; ଅର୍ଥାତ୍, ତାହାକୁ ପଛକୁ ଠେଲିଦେଇ ସେହି ଆଢ଼ୁଆଳ ଭିତରେ ନେଇ ନ ରଖିବା, ଯେଉଁଠାରୁ କି ତାହା ଅତ୍ୟନ୍ତ କ୍ୱଚିତ୍ ଭାବରେହିଁ ଦେଖାଯାଇ ପାରୁଥିବ; ତାହାକୁ ନେଇ ଚେତନାର କ୍ଷେତ୍ରରେ ଏକାବେଳେକେ ସବାଆଗ ନେଇ ରଖିବା, ତାହାକୁ ଆମ ସକ୍ରିୟ ଚେତନା ମଧ୍ୟରେ ନେଇ ରଖିବା । ଏବଂ, ସେକଥା ଯାହା ହୋଇଥାଉ ପଛକେ, ତୁମକୁ ତାହାକୁ ଇଚ୍ଛା କରିବାକୁ ହେବ ଏବଂ ତାହା କରିପାରିବା ଲାଗି ଚେଷ୍ଟା କରିବାକୁ ପଡ଼ିବ ।

"ବାସନା ଦ୍ୱାରା ପ୍ରେରିତ ହୋଇ ··· ଆମେ ସେହି ଶକ୍ତିକୁ ତଳକୁ ଟାଣିଆଣୁ" : ଏହି କଥାଟିର ଅର୍ଥ କ'ଣ ?

ଉଦାହରଣସ୍ୱରୂପ, ଆମର ଏକ ଅଭୀପ୍ସା ପରମ ଆଲୋକ, ପରମଜ୍ଞାନ ଅଥବା ସେହିପରି ଆଉ କେତେ ବସ୍ତୁ ଲାଗି ରହିଛି । ଏବଂ, ଯଦି ପରିପୂର୍ଣ୍ଣ ଭାବରେ ଅଭୀପ୍ସା କରି ଉତ୍ତରଟି ଲାଗି ଅପେକ୍ଷା କରି ରହିବା ବ୍ୟତୀତ ଆମେ ସେହି ଅଭୀପସା ସହିତ କୌଣସି ଏକ ବାସନାକୁ ନେଇ ମିଶାଇ ପକାଉ, ତେବେ ଆମେ ସେଗୁଡ଼ିକୁ — ବିଷୟଗୁଡ଼ିକର ବାସନା ଜନ୍ମିଲେ ଆମେ ଯେପରି ସେଗୁଡ଼ିକୁ ଟାଣି ଆଣିଥାଉ, — ଆମ ନିଜ ଆଡ଼କୁ ଟାଣି ଆଣିବାକୁ ଆରମ୍ଭ କରୁ । ତେଣୁ, ଆମ ଅଭୀପ୍ସାର ଏକ ପ୍ରତ୍ୟୁତ୍ତର ଜ୍ଞାପନ କରିବା ଲାଗି ପରମ ଶକ୍ତି, ପରମ ଆଲୋକ, ପରମ ଚେତନା ଓ ପରମ ସତ୍ୟ ଲାଗି ଅପେକ୍ଷା କରିବା ପରିବର୍ତ୍ତେ ଆମେ ସେଗୁଡ଼ିକୁ ସତେଅବା ଦଉଡ଼ି ପକାଇ ଟାଣି ଆଣୁଥିବା ପରି ଅତ୍ୟନ୍ତ ଅହଂପ୍ରଣୋଦିତ ଭାବରେ ଆପଣା ଆଡ଼କୁ ଟାଣି ଆଣିବାରେ ଲାଗିଥାଉ । ଏବଂ ତେଣୁ, ଉତ୍ତରସ୍ୱରୂପ ହୁଏତ ଯାହାକିଛି ଆସି ଆମ ପାଖରେ ପହଞ୍ଚିଯାଏ ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଏକ ଯଥାର୍ଥ ଆଲୋକ ହୋଇପାରିବା ପରିବର୍ତ୍ତେ ତାହା ହୁଏତ ଏକ ମିଥ୍ୟା ଆଲୋକରେ ପରିଣତ ହୋଇଯାଏ, ଯାହାକି ତୁମକୁ ଧୋକାରେ ପକାଇ ରଖିବା ଲାଗି କେତେ ଉଜ୍ଜ୍ୱଳ ବର୍ଣ୍ଣ ଧାରଣ କରି ରହିଥାଏ । ଏକ ଯଥାର୍ଥ ଶକ୍ତି ହେବା ପରିବର୍ତ୍ତିରେ ତାହା ହୁଏତ ପ୍ରାଣିକ ସ୍ତରର ଏକ ପ୍ରତିକୂଳ ଶକ୍ତିରେହିଁ ପରିଣତ ହୋଇଯାଏ, ଯାହାକି ତୁମକୁ ଆପଣା କବଳରେ ନେଇ ପକାଇ ଦେବାକୁ ଇଚ୍ଛା କରୁଥାଏ । ଏହାର ଅର୍ଥ ହେଉଛି ଯେ, ଯେତେବେଳେ ଆମ ଭିତରେ ପ୍ରକୃତରେ କୌଣସି ଅଭୀପ୍ସା ରହିଥିବ, ସେତେବେଳେ ଯେପରି କୌଣସି ବାସନା ତାହା ସହିତ ଆସି ମିଶ୍ରିତ ହୋଇ ପଡ଼ିବେ ନାହିଁ, — ତାହାହିଁ ଅଧିକ ଭଲ ହେବ । କାରଣ ବାସନା ସର୍ବଦାହିଁ ସବୁକିଛିକୁ ନଷ୍ଟ କରିଦିଏ ।

"ଅନ୍ତଃତପସ୍ୟା" କହିଲେ ଠିକ୍ କାହାକୁ ବୁଝାଏ ?

ଅନ୍ତଃତପସ୍ୟା ? ଅର୍ଥାତ୍ ଚରିତ୍ର ଲାଗି ତପସ୍ୟା, ସତ୍ତାର ମନୋଭୂମିଗତ କ୍ରିୟାଶୀଳତାଗୁଡ଼ିକର ପରିବର୍ତ୍ତନ ଲାଗି ତପସ୍ୟା; ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ଆମର ବାସନାଗୁଡ଼ିକ, ପ୍ରବଳ ଆବେଗଗୁଡ଼ିକୁ ନଷ୍ଟ କରିବାର ତପସ୍ୟା, ଅହଂକାରକୁ ଡେଇଁଯିବାର ଓ ଯାବତୀୟ ଭୟରୁ ମୁକ୍ତ ହେବାର ତପସ୍ୟା । ଏହାକୁ ଅନ୍ତଃତପସ୍ୟା ବୋଲି କୁହାଯିବ ।

ବାହ୍ୟ ତପସ୍ୟା କହିଲେ ଯାବତୀୟ ବୈରାଗ୍ୟମୂଳକ ବା ହଠଯୋଗଭିତ୍ତିକ ମାର୍ଗ ଓ ପଦ୍ଧତିକୁ ବୁଝାଇବ; ଆପଣାର ଯୋଗସାଧନାନିମିତ୍ତ ଭୌତିକ ସାଧନ-ଗୁଡ଼ିକୁ କାମରେ ଲଗାଇବା ହେଉଛି ଏକ ବାହ୍ୟ ତପସ୍ୟା । ମାତ୍ର, ଆପଣା ଚରିତ୍ର ଉପରେ ମନୋନିବେଶ କରି ତାହାକୁ ବଦଳାଇବା ଲାଗି ଚେଷ୍ଟା କରିବା ହେଉଛି ଅନ୍ତଃତପସ୍ୟା ।

ମାଆ, ବାସନା କରିବା ଓ ଇଚ୍ଛା କରିବା ମଧ୍ୟରେ କି ପ୍ରଭେଦ ରହିଛି ?

ଦୁଇଟିଯାକ ଆଦୌ ଗୋଟିଏ କଥା ନୁହନ୍ତି । ଉଦାହରଣସ୍ୱରୂପ, ଗୋଟିଏ କଥାକୁ ଅବଶ୍ୟ କରିବା ଉଚିତ ବୋଲି ତୁମେ ଯେତେବେଳେ ସ୍ପଷ୍ଟ ଭାବରେ ଦେଖିପାରୁଛ,—ତାହା କରିବା ଦ୍ୱାରା ତୁମର ଭଲ ହେବ ବୋଲି ଯେତେବେଳେ ତୁମକୁ ସ୍ପଷ୍ଟ ଦେଖାଯାଉଛି,—ତୁମର ବିବେକବୁଦ୍ଧି ଦ୍ୱାରା ବିଚାର କରି, ତୁମର ବିବେକବୁଦ୍ଧି ସେଇଟିକୁ କରିବ ବୋଲି ନିଷ୍ପତ୍ତି କରୁଛି,— ସେତେବେଳେ ତୁମର ଇଚ୍ଛା ଆପଣାକୁ କାର୍ଯ୍ୟକାରୀ କରିବାକୁ ଲାଗିଯାଉଛି ଏବଂ କାର୍ଯ୍ୟଟିକୁ ସମ୍ପନ୍ନ କରିବା ଲାଗି ଯାହା ଆବଶ୍ୟକ, ତୁମକୁ ସେହିଗୁଡ଼ିକୁ କରିବା

'oaob.nitrkl.ac.in' images reprocessed

ବଗରେ ପ୍ରେରିତ କରାଇ ନେଉଛ । ତୁମର ଇଚ୍ଛା ହେଉଛି ଏକ କାର୍ଯ୍ୟସମ୍ପାଦନ-କାରୀ ଶକ୍ତି, ସେହି ଶକ୍ତି ତୁମର ବୋଲି ମାନି ପାରୁଥିବା ଉଚିତ; ତୁମର ବିବେକବୁଦ୍ଧି ଅଥବା ଆଉ କୌଣସି ଉଚ୍ଚତର ଶକ୍ତି ଯାହା କରିବ ବୋଲି ନିଷ୍ପତ୍ତି କଲା, ତାହାର ବୋଲି ମାନି ପାରୁଥିବା ଉଚିତ । ଏହା ହେଉଛି ଏକ ସମନ୍ୱିତ ଓ ସଂଗଠିତ ବସ୍ତୁ, —ଯାହାକି ସର୍ବଦା ଏକ ଯୋଜନା ଅନୁସାରେ କାର୍ଯ୍ୟ କରେ, ଆହୁରି ଭିନ୍ନ ଭାବରେ କହିଲେ, ଏକ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରିତ ହୋଇ ରହିଥିବା ମାର୍ଗରେ କାର୍ଯ୍ୟ କରିଥାଏ ।

ବାସନା ହେଉଛି ଏକ ଆବେଗ । ତାହା ତୁମକୁ ଅଧିକାର କରିନିଏ । …ତାହା ଯେ ତୁମକୁ ସର୍ବଦା କୌଣସି ସଚେତନ ଭାବନା ସହିତ ଧରି ରଖିପାରିବ, ତାହାର ଆଦୌ କୌଣସି ନିଶ୍ଚୟତା ନ ଥାଏ । ଏହା ହେଉଛି ଏକ ଆବେଗ ଯାହାକି କୌଣସି ବସ୍ତୁକୁ ଅଧିକାର କରିବା ସକାଶେ ତୁମକୁ ଠେଲି ନେଇଯିବାକୁ ଇଚ୍ଛା କରୁଥାଏ । ତୁମେ ନିଜର ଇଚ୍ଛାଶକ୍ତିକୁ ନିଜ ବାସନାର ପଛକର କରି ଅବଶ୍ୟ ରଖିପାରିବ, ମାତ୍ର ବାସନାକୁ କଦାପି ଇଚ୍ଛାଶକ୍ତି ବୋଲି କୁହାଯିବ ନାହିଁ । ବାସନା ଏକ ଆବେଗ । ଅନେକ ଲୋକ ଅଛନ୍ତି, ସେଉଁମାନେକି କେତେକେତେ ବାସନାରେ ପୂର୍ଣ୍ଣ ହୋଇ ରହିଥାନ୍ତି, ମାତ୍ର ସେମାନଙ୍କର ଇଚ୍ଛାଶକ୍ତି ବୋଲି ଆଦୌ କିଛି ନ ଥାଏ । ତେଣୁ, ଅମେ ଯେପରି କହିଥାଉ, ସେମାନଙ୍କର ବାସନା ସେମାନଙ୍କୁ ଗୋଟାସୁଦ୍ଧା ଖାଇଯାଏ । ମାତ୍ର ଏହାଦ୍ୱାରା କୌଣସି ଫଳ ହୁଏ ନାହିଁ, କାରଣ ସେମାନଙ୍କ ଭିତରେ ସେହି ବାସନାଗୁଡ଼ିକୁ ପୂରଣ କରିବା ଲାଗି ମଧ୍ୟ ଆବଶ୍ୟକ ଇଚ୍ଛା ନ ଥାଏ । ଅଧିକାଂଶ ମନୁଷ୍ୟ ଆପଣା ପାଖରେ ରହିଥିବା ଯତ୍କିଞ୍ଚିତ୍ ଇଚ୍ଛାଶକ୍ତିକୁ ସେମାନଙ୍କର ବାସନାଗୁଡ଼ିକର ପୂରଣ ଲାଗିହିଁ କାମରେ ଲଗାଇଥାନ୍ତି । ମାତ୍ର, ଇଚ୍ଛାଶକ୍ତି ହେଉଛି ଏକ ଶକ୍ତି, ସେଥିରେ ସଂଗଠନର ଏକ ସାମର୍ଥ୍ୟ ରହିଥାଏ ଏବଂ ତାହାକୁ ଯେକୌଣସି ଉଦ୍ଦେଶ୍ୟର ପ୍ରାପ୍ତି ଲାଗି ମଧ୍ୟ କାମରେ ଲଗାଯାଇପାରେ । ଏହା ହେଉଛି ଯେତେବେଳେ ଆମର ଇଚ୍ଛାଶକ୍ତି ରହିଥାଏ, ସେତେବେଳେ[…] (ଏଠାରେ ଟିପା କାଗଜରେ କେତେକ ଶବ୍ଦ ଲୁଚିହୋଇ ଯାଇଛି) ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ଲାଗି·· ତାହାହିଁ ଇଚ୍ଛାଶକ୍ତି ।

ତେଣୁ ବାସନାକୁ ଇଚ୍ଛାଶକ୍ତି ବୋଲି ଭ୍ରମ କରିବା ଆଦୌ ଉଚିତ ହେବ ନାହିଁ । ବାସନା ଏକ ଆବେଗ : ତାହା ତୁମକୁ କବଳିତ କରେ, ତୁମ ସହିତ ଲାଗି କରି ରହିଥାଏ, ତୁମକୁ ଅଧିକାର କରି ରହିଥାଏ । ଏବଂ ତା'ପରେ, ଯଦି ତୁମେ ବାସନାକୁ ତା'ର ଯାହା ମନ ତାହା କରିବାକୁ ବାଟ ଛାଡ଼ିଦିଅ, ତେବେ ତାହା ତୁମକୁ କାମରେ ଲଗାଇ ଯାହା ମନ ତାହା କରାଇନିଏ, ତାହା ତୁମର ଇଚ୍ଛାଶକ୍ତିକୁ

'oaob.nitrkl.ac.in' images reprocessed

ପୂର୍ଣ୍ଣମାତ୍ରାରେ କାମରେ ଲଗାଏ । ମାତ୍ର, ସାଧାରଣତଃ, ବାସନା ସର୍ବଦା ପ୍ରଚଣ୍ଡ ହୋଇ ରହିଥାଏ, ଆବେଗପୀଡ଼ିତ ହୋଇ ରହିଥାଏ, ଭାରି ଅସ୍ଥିର ହୋଇ ରହିଥାଏ । ଖୁବ୍ କ୍ୱଚିତ୍ ଏଥିରେ କୌଣସି ସ୍ଥାୟିତ୍ୱ ରହିଥାଏ; ଏକ ସ୍ଥାୟୀ ପ୍ରଚେଷ୍ଟା ସମ୍ଭବ ହେବା ଲାଗି ସେଥିରେ ଆଦୌ କୌଣସି ଅନୁରୂପ ଉପାଦାନ ବା ସଂଗଠନ ନ ଥାଏ । ଯେତେବେଳେ କୌଣସି ବାସନା ତୁମକୁ ନିଜର ଅଧୀନ କରିନିଏ, ସେତେବେଳେ ତାହା ତୁମକୁ ନେଇ ଯାହା ମନ ତାହା କରାଇ ନେଇପାରେ,—ମାତ୍ର ତାହାକୁ ଆଦୌ ପଦ୍ଧତିଯୁକ୍ତ ଭାବରେ କରାଏ ନାହିଁ, ଆବେଗ ପରିଚାଳିତ ଭାବରେ କରାଇଥାଏ ।

ମା'ଆ, ଜଣେ ଜଣେ ପିଲା କାହିଁକି ଏପରି ଥା'ନ୍ତି, ଯେଉଁମାନେ କି ସର୍ବଦା ଏଇଟା ସେଇଟା ମାଗିବାରେ ଲାଗିଥାନ୍ତି ?

କ'ଣସବୁ ମାଗିବାରେ ଲାଗିଥାନ୍ତି ?

ଏଇ ଭୌତିକ ବସ୍ତୁସବୁ, ଯଥା : ମିଠେଇ ପ୍ରଭୃତି, ଏଇମିତି ଯାହାକିଛି ସେମାନେ ଦେଖିବାକୁ ପାଆନ୍ତି···

କାରଣ ସେମାନଙ୍କ ଭିତରେ ବାସନା ପୂରି ରହିଥାଏ । ସେମାନେ ସମ୍ଭବତଃ ନାନା ବାସନାର କେତେକେତେ ସ୍ପନ୍ଦନ ଦ୍ୱାରାହିଁ ଗଠିତ ହୋଇ ରହିଥାନ୍ତି; ଏବଂ ଆପଣା ଉପରେ ସେମାନଙ୍କର କୌଣସି ନିୟନ୍ତ୍ରଣ ନ ଥିବାରୁ, ସେଗୁଡ଼ିକ ଅତ୍ୟନ୍ତ ମୁକ୍ତ ଭାବରେ ବ୍ୟକ୍ତ ହେବାରେ ଲାଗିଥାଏ । ବଡ଼ ମଣିଷମାନେ ବି ବାସନାପୂର୍ଣ୍ଣ ହୋଇ ରହିଥାନ୍ତି ସତ, ମାତ୍ର ସେମାନଙ୍କର ସାଧାରଣତଃ···ଆମେ ଏହାକୁ କ'ଣ ବୋଲି କହିବା ?··· ଆପଣାର ବାସନାଗୁଡ଼ାକୁ ପଦାରେ ଜଣା-ପକାଇ ଦେବାକୁ ସେମାନଙ୍କୁ କିଞ୍ଚିତ୍ ଲାଜ ଲାଗେ ବା ସେମାନେ କିଞ୍ଚିତ୍ ଲଜ୍ଜିତ ଅନୁଭବ କରନ୍ତି ବା ଅନ୍ୟମାନେ ତଦ୍ଦ୍ୱାରା ସେମାନଙ୍କୁ ଦେଖି ହସିବେ ବୋଲି ସେମାନଙ୍କ ଭିତରେ ଏକ ଭୟ ରହିଥାଏ । ତେଣୁ ସେମାନେ ସେଗୁଡ଼ିକୁ ବାହାରକୁ ଜଣା ପକାନ୍ତି ନାହିଁ । ମାତ୍ର ସେମାନେ ମଧ୍ୟ କେତେ କେତେ ବାସନାରେ ପୂର୍ଣ୍ଣ ହୋଇ ରହିଥାନ୍ତି । ପିଲାମାନେ ଅପେକ୍ଷାକୃତ ଅଧିକ ସରଳ । କିଛି ପାଇଁ ମନ ହେଲେ ସେମାନେ ତତ୍କ୍ଷଣାତ୍ ଫିଟାଇ କହି ଦିଅନ୍ତି । ଦେଖାଇ ନ ହେଲେ ଅଧିକ ବୁଦ୍ଧିର କଥା ହେବ ବୋଲି ସେମାନେ କେବେହେଲେ ଭାବନ୍ତି ନାହିଁ, କାରଣ ସେମାନଙ୍କ ଭିତରେ ସେହିପରି ଭାବିବାର ଧାରାଟି ତଥାପି ଉଦୟ ହୋଇ ନ ଥାଏ । ମାତ୍ର ମୁଁ ଭାବୁଛି ଯେ, ସାଧାରଣ ଭାବରେ କହିବାକୁ ଗଲେ, କେବଳ ଅଳ୍ପ କେତେଜଣ ବ୍ୟକ୍ତିଙ୍କୁ ବାଦ୍ ଦେଲେ, ଲୋକମାନେ ଅନବରତହିଁ ନାନା

'oaob.nitrkl.ac.in' images reprocessed

ବାସନା ଭିତରେ ବାସ କରୁଥାନ୍ତି । କେବଳ ଏତିକି କଥା ଯେ, ସେଗୁଡ଼ିକୁ ସେମାନେ ବ୍ୟକ୍ତ କରନ୍ତି ନାହିଁ; ଏପରିକି ଆପଣା ପାଖରେ ମଧ୍ୟ ସେଗୁଡ଼ିକୁ ସ୍ୱୀକାର କରିବା ଲାଗି ବେଳେବେଳେ ସେମାନଙ୍କୁ ଭାରି ଲାଜ ଲାଗିଥାଏ । ମାତ୍ର ତାହା ତଥାପି ରହିଥାଏ, କୌଣସି ବସ୍ତୁକୁ ଅଧିକାର କରିବାର ଏହି ଆବଶ୍ୟକତାଟି ସବୁବେଳେ ରହିଥାଏ···ଆମେ କୌଣସି ସୁନ୍ଦର ବସ୍ତୁ ଦେଖିଲୁ, ତାହା ତତ୍‌କ୍ଷଣାତ୍ ସେହି ବସ୍ତୁଟିକୁ ନିଜେ ଅଧିକାର କରିବାର ଏକ ବାସନାରେ ପରିଣତ ହୋଇଯାଏ । ଏଇଟି ହେଉଛି ତାହାର ଏକ ଦୃଷ୍ଟାନ୍ତ । ଏହା ସଂପୂର୍ଣ୍ଣ ଭାବରେ ଏକ ପିଲାଳିଆ ବ୍ୟାପାର । ଏହା ଭାରି ପିଲାଳିଆ, ବସ୍ତୁତଃ ଭାରି ହାସ୍ୟାସ୍ପଦ । କାରଣ ଶହେ ମଧ୍ୟରୁ ଅନ୍ତତଃ ନବେଟି କ୍ଷେତ୍ରରେ ଏପରି ଘଟେ ଯେ, ଯାହାପାଇଁ ଆମ ମନରେ ଏକ ବାସନା ରହିଥିଲା, ଯେତେବେଳେ ତାହା ଆମ ଦଖଲକୁ ଆସିଯାଏ, ସେତେବେଳେ ଆମେ ତାହା ଉପରେ ଥରେ ଦୃଷ୍ଟି ପକାଇବାକୁ ମଧ୍ୟ ଯାଉ ନାହିଁ । ଅତି କ୍ୱଚିତ୍ ଏପରି ଘଟେ ଯେ, ଆମେ ଆମର ବାଞ୍ଛିତ ବସ୍ତୁଟିକୁ ପାଇଗଲେ ତାହା ତଥାପି ଆମ ଲାଗି ଆଗ୍ରହୋଦ୍ଦୀପକ ହୋଇ ରହିଥାଏ । ବସ୍ତୁଟି ଯେଉଁପରି ହୋଇଥାଉ ପଛକେ, ଏପରି ଅତ୍ୟନ୍ତ କ୍ୱଚିତ୍ ଘଟେ ।

ମାଆ, ଏହିପରି ସର୍ବଦା ଏଇଟା ବା ସେଇଟା ମାଗୁଥିବା ଗୋଟିଏ ପିଲାର ସେହି ଅଭ୍ୟାସଟିକୁ ଛଡ଼ାଇଦେବା ଲାଗି ଆମେ ତାକୁ କେଉଁ ଉପାୟରେ ସାହାଯ୍ୟ କରିପାରିବା ?

ଏଥିପାଇଁ ଏକାଧିକ ଉପାୟ ରହିଛି । ମାତ୍ର, ସେହି ପିଲାଟି ଯାହାକିଛି ଭାବୁଛି ଓ ଅନୁଭବ କରୁଛି, ନିଃସଙ୍କୋଚ ଭାବରେ ତାହାକୁ ବ୍ୟକ୍ତ କରିବାରୁ ମଧ୍ୟ ତୁମେ ପିଲାଟିକୁ ନିବୃତ୍ତ କରି ରଖିବ କି ନାହିଁ, ତୁମକୁ ସବାଆଗ ସେହି କଥାଟି ବିଷୟରେ ଚିନ୍ତା କରିବାକୁ ହେବ । କାରଣ, ଲୋକମାନେ ସାଧାରଣତଃ ତାହାହିଁ କରିଥାନ୍ତି । ସେମାନେ ପିଲାକୁ ଭର୍ତ୍ସନା କରନ୍ତି, ବେଳେବେଳେ ଶାସ୍ତି ମଧ୍ୟ ଦିଅନ୍ତି । ଫଳରେ ପିଲାଟି ମଧ୍ୟ ଆପଣାର ଭାବନାଗୁଡ଼ିକୁ ଲୁଚାଇ କରି ରଖିବାରେ ଅଭ୍ୟସ୍ତ ହୋଇଯାଏ । ମାତ୍ର ତଦ୍ଦ୍ୱାରା ସିଏ କୌଣସିପ୍ରକାରେ ରୋଗମୁକ୍ତ ହୁଏ ନାହିଁ । ଏବଂ, ଯଦି ତାକୁ ସର୍ବଦା, "ନାଇଁ, ସେହି ଜିନିଷଟି ତୋତେ କଦାପି ଦିଆଯିବ ନାହିଁ" ବୋଲି କୁହାଯାଏ, ତେବେ, ତାହାର ଏକ ଅବଶ୍ୟ ପରିଣାମରୂପେ ଏହିପରି ଏକ ମନଃସ୍ଥିତି ତା'ଭିତରେ ମୂଳଦୁଆ ପରି ଟାଣ ହୋଇ ରହିଯାଏ : "ତୁ ପିଲା ଥିଲା ବେଳେ ତୋତେ କେହି କିଛି ଦିଅନ୍ତି ନାହିଁ । ତେଣୁ ବଡ଼ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ମୁଁ ବଡ ହୋଇଗଲେ ମୁଁ ଚାହୁଁଥିବା ସବୁକିଛି ବସ୍ତୁ ଅବଶ୍ୟ ପାଇପାରିବ ।" ଠିକ୍ ଏହିଭଳି ଘଟିଥାଏ । ମାତ୍ର ଏହାଦ୍ୱାରା

'oaob.nitrkl.ac.in' images reprocessed

ପିଲାମାନଙ୍କର ଅଭ୍ୟାସଟି ଆଦୌ ଗ୍ରୁଡ଼ଯାଏ ନାହିଁ । ଗୋଟିଏ ସାନ ପିଲାକୁ ମଣିଷ କରିବା ଅତ୍ୟନ୍ତ କଷ୍ଟକର । ଏହାର ଗୋଟିଏ ମାର୍ଗ ରହିଛି ସେଉଁଥିରେ କି ପିଲା ଯାହାକିଛି ମାଗୁଛି, ତାହାକୁ ସେହି ସବୁକିଛି ଦେଇ ଦିଆଯାଏ । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଗୋଟିଏ ଜିନିଷ ପାଇବାର ପରବର୍ତ୍ତୀ ମୁହୂର୍ତ୍ତରେ ସେ ଆଉ ଗୋଟିଏ ଜିନିଷ ମାଗିବାକୁ ଆରମ୍ଭ କରେ । କାରଣ, ତାହାହିଁ ହେଉଛି ନିୟମ, ବାସନାର ନିୟମ : ତାହା କେବେହେଲେ ପରିତୃପ୍ତି ଲାଭ କରେ ନାହିଁ । ଏବଂ ତେଣୁ, ପିଲାଟି ଯଦି ବୁଝିଆ ହୋଇଥିବ, ତେବେ ତାକୁ କୁହାଯାଇ ପାରିବ, "ତୁ ବୁଝିବାକୁ ଚେଷ୍ଟା କର । ଏହି ପଦାର୍ଥଟିକୁ ପାଇବା ଲାଗି ତୁ ଏତେବେଶୀ ବ୍ୟାକୁଳ ହୋଇ ପଡ଼ିଲୁ, ମାତ୍ର ସେଇଟିକୁ ପାଇବା ପରେ ତୋ'ର ଆଉ ସେଇଟି ଲାଗି କୌଣସି ମନ ରହିଲା ନାହିଁ । ବର୍ତ୍ତମାନ ତୁ ଆଉ ଗୋଟାଏ କ'ଣ ମାଗିଲୁଣି ।" ମାତ୍ର ତଥାପି, ଅତି ଚତୁର ହୋଇଥିଲେ ସିଏ ଜବାବ ଦେବ, "ମୁଁ ଯାହା ଯେତେବେଳେ ମାଗିବି, ମୋତେ ତୁମେ ତାହାହିଁ ଆଣିଦିଅ । ମୋତେ ଆରୋଗ୍ୟ କରାଇବାକୁ ହେଲେ ତାହାହିଁ ସର୍ବୋତ୍ତମ ଉପାୟ ।"

କେତେକ ଲୋକଙ୍କର ଜୀବନସାରା ସେହି ଧାରଣା ରହିଥାଏ । ନିଜ ବାସନାକୁ ସେମାନଙ୍କୁ ଜୟ କରିବାକୁ ପଡ଼ିବ ବୋଲି ସେମାନଙ୍କୁ କୁହାଗଲେ ସେମାନେ ଉତ୍ତର ଦେଇ କହନ୍ତି, "ସେଗୁଡ଼ିକର ପୂରଣ କରିବା ହେଉଛି ସର୍ବୋତ୍ତମ ବାଟ ।" ଏହି ନ୍ୟାୟଟି ସତେଅବା ଅତ୍ୟନ୍ତ ନିର୍ଦ୍ଦୋଷ ବୋଲି ମନେ ହୋଇଥାଏ । ମାତ୍ର, ଅସଲ କଥା ହେଉଛି ଯେ, କାମ୍ୟ ବସ୍ତୁଟିରେ ଏକ ପରିବର୍ତ୍ତନ ଘଟିଲେ ତଦ୍ଦ୍ୱାରା କିଛି ହେବ ନାହିଁ; ବାସନାର ଆବେଗ ଓ ନିଯ୍ୟାଟିକୁହିଁ ବଦଳାଇବାକୁ ପଡ଼ିବ । ଏବଂ ଏଥିଲାଗି ପ୍ରଭୂତ ପରିମାଣର ଏକ ଜ୍ଞାନ ରହିଥିବା ଆବଶ୍ୟକ, ଏବଂ ଗୋଟିଏ ସାନ ପିଲା ପକ୍ଷରେ ଏହା କରିପାରିବା ଅତ୍ୟନ୍ତ କଷ୍ଟକର ।

ଏହା ଏକ କଷ୍ଟକର କଥା । ବସ୍ତୁତଃ, ପିଲାଙ୍କର ବୁଦ୍ଧି ଦ୍ୱାରା ବିଚାର କରି କିଛି ଠିକ୍ କରିବା ଲାଗି କୌଣସି ସାମର୍ଥ୍ୟ ନ ଥାଏ । ସେମାନଙ୍କୁ ବୁଝାଇ କରି ମଧ୍ୟ କିଛି କହିହେବ ନାହିଁ, କାରଣ କାରଣଗୁଡ଼ିକୁ ସେମାନେ ମୋଟେ ବୁଝିପାରିବେ ନାହିଁ । ତେଣୁ, ଏଭଳି ପରିସ୍ଥିତିରେ ବାପାମାଆ ସାଧାରଣତଃ ପିଲାକୁ କହିଥାନ୍ତି, "ତୁ କଥା କହିବା ବନ୍ଦ କଲୁ ! ତୁ ପ୍ରକୃତରେ ଗୋଟାଏ ସମସ୍ୟା ହୋଇ ଠିଆ ହେଲୁଣି !" ସେମାନେ ଏହିପରି ଭାବରେ ଅସୁବିଧାଟି ମଧ୍ୟରୁ ବାହାରି ଚାଲିଆସନ୍ତି । ମାତ୍ର ଏହା ଦ୍ୱାରା ଆଦୌ କୌଣସି ସମାଧାନ ହୁଏ ନାହିଁ । ଏହା ଏକ ଅତ୍ୟନ୍ତ କଷ୍ଟକର ବ୍ୟାପାର । ଏଥିପାଇଁ ଅବିଚ୍ଛିନ୍ନ ପ୍ରୟାସ ଦରକାର, ଅବିଚଳିତ ଧୈର୍ଯ୍ୟ ଦରକାର । କେତେକ

'oaob.nitrkl.ac.in' images reprocessed

ବ୍ୟକ୍ତି ଜୀବନଯାକ ସେହିପରି ହୋଇ ରହିଯାଆନ୍ତି; ଜୀବନସାରା ସେମାନେ ଛୋଟପିଲାଙ୍କ ପରି ହୋଇ ରହିଆନ୍ତି ଏବଂ ସେମାନଙ୍କର ହେତୁରୁ କିଛି ଆଣିବା ମୋଟେ ସମ୍ଭବ ହୁଏ ନାହିଁ । ସେମାନେ ଆଦୌ ବିଚାର କରି ଦେଖନ୍ତି ନାହିଁ, ଏବଂ ସେମାନଙ୍କ ବାସନାଗୁଡ଼ାକୁ ପୂରଣ କରିବା ଲାଗି ସେମାନଙ୍କୁ ସବୁବେଳେ ଏଇଟା କିଂବା ସେଇଟା ଆଣି ଦେବା କଦାପି ସମ୍ଭବ ନୁହେଁ ବୋଲି ସେମାନଙ୍କୁ କହିବା ମାତ୍ରକେ ସେମାନେ କେବଳ ଏତିକି ଭାବନ୍ତି, "ଏହି ଲୋକମାନେ ମୋଟେ ଭଲ ନୁହନ୍ତି । ଏହି ଲୋକଟା ଆଦୌ ଭଲ ନୁହେଁ ।" ବାସ୍, ସେତିକି ।

ବସ୍ତୁତଃ ଯଥାର୍ଥ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଯାହା ଅପେକ୍ଷାକୃତ ଅଧିକ ଭଲ ଓ ଯାହାକୁ କଦାପି ଏତେ ସହଜରେ ପାଇହେବ ନାହିଁ, ସେହିପରି ବସ୍ତୁଗୁଡ଼ିକ ଉପରକୁ ବାସନାର ଏକ ସ୍ଥାନାନ୍ତରଣ ଘଟାଇ ହୁଏତ ଆମେ ଏହି ଦିଗରେ ଏକ ପ୍ରଥମ ପଦକ୍ଷେପ ନେଇପାରିବା । ଯଦି ଆମେ ବାସନାର ଏହି ଆବେଗଟିକୁ··· ଉଦାହରଣସ୍ୱରୂପ, ଯେତେବେଳେ ଗୋଟିଏ ପିଲା ନାନାବିଧ ବାସନାରେ ପୂର୍ଣ୍ଣ ହୋଇରହିଛି, ଯଦି ବିକଳ୍ପରୂପେ ତାକୁ ଆମେ ଏକ ଉଚ୍ଚତର ପ୍ରକାରର ବାସନା ଆଣି ଦେଇ ପାରିବା, — ଯଦି ତୁଚ୍ଛ ଭୌତିକ ପଦାର୍ଥଗୁଡ଼ିକ ପ୍ରତି ରହିଥିବା ଏକ ବାସନା ବଦଳରେ, ସମ୍ପୂର୍ଣ୍ଣ ଭାବରେ ତା' ଲାଗି ଏକ ଅସ୍ଥାୟୀ ପରିତର୍ପଣ ଆଣିଦେବା ପରିବର୍ତ୍ତରେ, ଆମେ ଯଦି ତା' ଭିତରେ ଜାଣିବାର, ଶିକ୍ଷା କରିବାର ଏବଂ ଜଣେ ଉଲ୍ଲେଖଯୋଗ୍ୟ ବ୍ୟକ୍ତି ରୂପେ ଆପଣାକୁ ଗଢ଼ିବାର ଏକ ବାସନା ଆଣି ଜାଗ୍ରତ କରିପାରିବା, ··· ହଁ, ଆମେ ଏହିପରି ଭାବରେ ଆରମ୍ଭ କରିପାରିବା । ଏବଂ, ଏହିସବୁ କଥାକୁ ସାଧିତ କରିବା କଷ୍ଟକର ହୋଇଥିବାରୁ ସିଏ କ୍ରମଶଃ ଏହିସବୁ ବସ୍ତୁ ଲାଗି ଆପଣାର ଇଚ୍ଛାଶକ୍ତିକୁ ବିକଶିତ କରିଆଣିବ । ବା ଏପରିକି, ଏକ ଭୌତିକ ଦୃଷ୍ଟିକୋଣରୁ ବିଚାର କଲେ ମଧ୍ୟ, କିଛି କଷ୍ଟକର କାର୍ଯ୍ୟ ସମ୍ପନ୍ନ କରିବାର ବାସନା, ଉଦାହରଣସ୍ୱରୂପ, କଷ୍ଟକର କୌଣସି ଖେଳନା ତିଆରି କରିବା—ବା ତାକୁ ଏକ ଧୈର୍ଯ୍ୟର ଖେଳ ଖେଳିବାକୁ ଆଣିଦେବା, ଯାହାପାଇଁ କି ଅନେକ ପରିମାଣରେ ଏକ ଅଧ୍ୟବସାୟର ଆବଶ୍ୟକତା ରହିଥିବ ।

ଯଦି ଆମେ ସେମାନଙ୍କୁ ଏହିପରି ଭାବରେ ଅଭିମୁଖୀନ କରି ରଖିପାରିବା —ଏଥିଲାଗି ପ୍ରଭୂତ ବିବେଚନା ଶକ୍ତି ଓ ଧୈର୍ଯ୍ୟର ଆବଶ୍ୟକତା ରହିଛି ମାତ୍ର, ମାତ୍ର ଏହା ତଥାପି କରିହେବ, — ସେମାନଙ୍କୁ ଏହିପରି କୌଣସି ବସ୍ତୁ ଆଡ଼େ, ଅଭିମୁଖୀନ କରି ରଖିଲେ, — ଅତ୍ୟନ୍ତ କଷ୍ଟକର ନାନାବିଧ ଖେଳରେ ସଫଳତା ଲାଭ କରିବା ଅଥବା ଅନେକ ଯତ୍ନ ଓ ମନୋଯୋଗ ଦରକାର କରୁଥିବା କୌଣସି କାର୍ଯ୍ୟ ସାଧନ ଲାଗି ସେମାନଙ୍କୁ ଉଦ୍ୟତ କରି ରଖିପାରିଲେ, — ଯଦି

'oaob.nitrkl.ac.in' images reprocessed

ଆମେ ସେମାନଙ୍କୁ ଏହିପରି କୌଣସି ମାର୍ଗରେ ଅଗ୍ରସର କରାଇ ରଖିପାରିବା ଯାହାକି ସେମାନଙ୍କ ଭିତରେ ଏକ ଅଧ୍ୟବସାୟପୂର୍ଣ୍ଣ ଇଚ୍ଛାକୁ କାର୍ଯ୍ୟକାରୀ କରି ରଖିପାରିବ, ତେବେ ଏହାର ଅବଶ୍ୟ ଫଳମାନ ଫଳିବ : ସେମାନଙ୍କର ଧ୍ୟାନ କେତେକ ବସ୍ତୁରୁ ଛାଡ଼ି ଆସିବ ଏବଂ ଆଉ କେତୋଟି ପ୍ରତି ଉଦ୍ଦିଷ୍ଟ ହୋଇରହିବ । ଏଥିଲାଗି ସତତ ଯତ୍ନ ଆବଶ୍ୟକ, ଏବଂ, ଯେତେଦୂର ବୋଧ ହେଉଛି, ଏହା — ମୁଁ ଏହାକୁ ସହଜତମ ବୋଲି କହିପାରିବି ନାହିଁ, କାରଣ ଏହା ଯେ ଆଦୌ ସହଜ ନୁହେଁ, ସେଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ଏହାକୁ ସବୁଠାରୁ ଅଧିକ ଫଳଦାୟକ ବୋଲି କୁହାଯାଇ ପାରିବ । "ନାହିଁ" ବୋଲି କହିଲେ ଆଦୌ କୌଣସି ଆରୋଗ୍ୟ ସମ୍ଭବ ହେବ ନାହିଁ, "ହଁ" କହିଲେ ମଧ୍ୟ ଆରୋଗ୍ୟ ସମ୍ଭବ ହେବ ନାହିଁ; ଏବଂ ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ବେଳେବେଳେ ଏହା ଅତ୍ୟନ୍ତ ପରିମାଣରେ କଷ୍ଟସାଧ୍ୟ ହୋଇପଡ଼ିବ ।

ଉଦାହରଣସ୍ୱରୂପ, ମୁଁ ଏପରି ଲୋକମାନଙ୍କୁ ଜାଣିଛି, ଯେଉଁମାନଙ୍କର ପିଲାମାନେ କି ଯାହା ଦେଖୁଥିଲେ, ସଙ୍ଗେସଙ୍ଗେ ତାହା ଖାଇବାକୁ ଇଚ୍ଛା କରୁଥିଲେ । ସେମାନଙ୍କୁ ଏଥିଲାଗି ପୂରା ଛାଡ଼ିଦିଆ ଯାଉଥିଲା । ତେଣୁ ସେମାନେ ଖୁବ ଅସୁସ୍ଥ ହେଉଥିଲେ । ତା'ପରେ ସେମାନଙ୍କର ଏକ ବିରକ୍ତି ଆସିଲା । ମାତ୍ର ଏହି ବାଟରେ କେତେକ ବିପଦ ବି ରହିଛି, ନୁହେଁ ? ଅନେକ ପିଲା ଅଛନ୍ତି, ଯେଉଁମାନେ କି ସବୁକଥା ପାଇଁ ବିକଳ ହୁଅନ୍ତି । ଏମିତି ଥରେ ସେମାନଙ୍କ ଭିତରୁ ଜଣକ ହାତରେ ଦିଆସିଲି ବାକ୍ସଟିଏ ପଡ଼ିଲା । "ତୁ ତାହାକୁ ଧରନା" ବୋଲି କେହି ତାକୁ କହିଲେ ନାହିଁ । ସେମାନେ ତାକୁ ବାଧା ଦେଲେ ନାହିଁ । ସିଏ ଆପଣା ଦେହରେ ନିଆଁ ଲଗାଇଦେଲା । ତା'ପରେ ସିଏ ଆଉ କେବେହେଲେ ଦିଆସିଲି ଧରି ନ ଥିଲା ।

ମାତ୍ର ଏଥିରେ କିଛୁଟା ବିପଦ ରହିଛି । କାରଣ କେତେକ ପିଲାଙ୍କର ଆଦୌ କୌଣସି ହୋସ୍ ରହେ ନାହିଁ, ମାତ୍ର ସେମାନଙ୍କର ବାସନା ଅତ୍ୟନ୍ତ ଦୁଃସାହସୀ ହୋଇ ରହିଥାଏ । ଉଦାହରଣସ୍ୱରୂପ, ଯେଉଁମାନେ କୌଣସି ଅଣଓସାରିଆ ପାଚେରି ଉପରେ ବା ଛାତଧାରରେ ଚାଲିବାକୁ ମନ କରନ୍ତି, ପାଣି ଦେଖିବା ମାତ୍ରକେ ଡେଇଁ ପଡ଼ିବାକୁ ହୁଅନ୍ତି ବା ନଦୀ ଭିତରକୁ ଲମ୍ଫ ଦେବାକୁ ଇଚ୍ଛା କରନ୍ତି,···ଅନେକ ସମୟରେ ଏହା ଖୁବ ଅସୁବିଧାରେ ନେଇ ପକାଏ··· ବା, ଯେଉଁମାନଙ୍କର ରାସ୍ତାର ଏପାଖରୁ ସେପାଖକୁ ଯିବା ଲାଗି ଏକ ଝୁଙ୍କ ରହିଥାଏ—ଗୋଟାଏ ମଟରଗାଡ଼ି ଆସୁଥିବାର ଦେଖିବା ମାତ୍ରକେ ସେମାନେ ଏପାଖରୁ ସେପାଖକୁ ଯିବା ପାଇଁ ଚେଷ୍ଟା କରନ୍ତି । ସେମାନଙ୍କୁ ସେସବୁ କରିବା ଲାଗି ଛାଡ଼ି ଦିଆଗଲେ ଥରେ ତାହା ପ୍ରାଣନାଶକ ବି ସାବ୍ୟସ୍ତ ହୋଇପାରେ ।

'oaob.nitrkl.ac.in' images reprocessed

ମୁଁ ଏପରି କରୁଥିବା କେତେକ ମଣିଷଙ୍କୁ ଜାଣିଥିଲି । ସେମାନେ ଏଥିରେ ଖୁବ୍‌ବେଶୀ ସଫଳତା ଲାଭ କରିପାରିଲେ କି ନାହିଁ ମୁଁ ସେକଥା ଜାଣି ନାହିଁ । ମୁଁ ଯେପରି କହୁଥିଲି, ସେହି ପିଲାଟି ନିଜ ଦେହରେ ନିଆଁ ଲଗାଇ ଦେଉଥିଲା, ମାତ୍ର ଏହାକୁ ପ୍ରକୃତରେ ଏକ ଅନିଷ୍ଟ ବୋଲି କୁହାଯିବ, କାରଣ ତଦ୍ଦ୍ୱାରା ଦାଗସବୁ ରହିଗଲା । ଏବଂ ଯିଏ ପୁରାପୁରି ମନମଉଜିଆ ଭାବରେ ଶିଡ଼ିର ବାଡ଼ା ଦେଇ ଖେଳୁଥିଲା, ସିଏ ବି ଥରେ ପଡ଼ିଗଲା ଓ ତା'ର ମୁଣ୍ଡ ଅଧେ ଫାଟିଗଲା ।...ଅର୍ଥାତ୍, ଏସବୁରେ ଏକ ପରିଣାମ ଅବଶ୍ୟ ଥାଏ । ମାତ୍ର, ପିଲାମାନଙ୍କୁ "ନାହିଁ" ବୋଲି କହିଲେ ମଧ୍ୟ ସେମାନଙ୍କର ରୋଗ ଦୂର ହୋଇଯାଏ ନାହିଁ, ଠିକ୍ ଓଲଟା ଫଳ ହୋଇଥାଏ । ଏବଂ, ସେମାନଙ୍କୁ "ତୁ ବିଶେଷ କରି ଏଇଟାକୁ ନେବୁ ନାହିଁ, ସେଥିରେ ତୋ'ର କ୍ଷତି ହେବ" ବୋଲି କହିଲେ ସେମାନେ ସେଥିରେ ମୋଟେ ବିଶ୍ୱାସ କରନ୍ତି ନାହିଁ । ସେମାନେ ଭାବନ୍ତି ଯେ, ସେମାନେ ସେମାନଙ୍କର ବାସନାଟିକୁ ବର୍ଜନ କରନ୍ତୁ ବୋଲି ସେମାନଙ୍କୁ ଏପରି କୁହାଯାଉଛି ।

ଏହା ପ୍ରକୃତରେ ଏକ କଷ୍ଟକର ସମସ୍ୟା । ଥରେ ଜଣେ ବ୍ୟକ୍ତିଙ୍କର ଏହିପରି କେତେକ ଧାରଣା ରହିଥିଲା, ଶିକ୍ଷାରେ ପୂର୍ଣ୍ଣ ସ୍ୱାଧୀନତା ଦେବା ବିଷୟରେ କେତେକ ସିଦ୍ଧାନ୍ତ ଗଢ଼ି ସିଏ ମୋତେ କହିଥିଲେ ଯେ, ବ୍ୟକ୍ତିର ସ୍ୱାଧୀନତାକୁ ପୂର୍ଣ୍ଣ ସମ୍ମାନ ଦେବାକୁ ହେବ, ଏପରିକି ନୂତନ ବ୍ୟକ୍ତିମାନଙ୍କ ସକାଶେ ପୂର୍ବଲବ୍ଧ ଅଭିଜ୍ଞତାଗୁଡ଼ିକୁ ଆଦୌ କାମରେ ଲଗାଯିବ ନାହିଁ; ଆମେ ପିଲାମାନଙ୍କୁ ସେମାନଙ୍କର ଯାବତୀୟ ପ୍ରୟୋଗ କରିବା ଲାଗି ସେମାନଙ୍କ ନିଜ ହାତରେ ଛାଡ଼ି ଦେବା । ଏହା ପ୍ରକୃତରେ ଅତିରିକ୍ତ ହୋଇଗଲା ଏବଂ ସମସ୍ତେ ଏଥିଲାଗି ମୋତେ ଭାରି ସମାଲୋଚନା କରିବାକୁ ଲାଗିଲେ, କାରଣ ମୁଁ ଦୁର୍ଘଟଣାଗୁଡ଼ିକୁ ବନ୍ଦ କରି ରଖିବାକୁ ଚେଷ୍ଟା କରୁଥିଲି । ତେଣୁ ମୋତେ ସେମାନେ କହିଲେ, "ଦୁର୍ଘଟଣା-ଗୁଡ଼ିକୁ ବନ୍ଦ କରି ରଖିବାକୁ ଚେଷ୍ଟା କରି ଆପଣ ଭାରି ଭୁଲ୍ କରୁଛନ୍ତି ।" ମୁଁ ଉତ୍ତର ଦେଇ କହିଲି, "ମାତ୍ର ଯଦି କାହାର ପ୍ରାଣହାନି ଘଟେ !"—"ମାତ୍ର, ତାହାର ଅର୍ଥ ହେବ ଯେ ତାଙ୍କର ତାହାହିଁ ହେବାର ଥିଲା । ସେମାନଙ୍କର ନିୟତିରେ ହସ୍ତକ୍ଷେପ କରିବା ଲାଗି ଆପଣଙ୍କର ଆଦୌ କୌଣସି ଅଧିକାର ନାହିଁ, ସେମାନଙ୍କ ବିକାଶର ସ୍ୱାଧୀନତାରେ ହସ୍ତକ୍ଷେପ କରିବାର ଅଧିକାର ମଧ୍ୟ ନାହିଁ । ସେମାନେ ନିର୍ବୋଧ କାର୍ଯ୍ୟମାନ କରିବାକୁ ଇଚ୍ଛା କରୁଛନ୍ତି । ସେମାନଙ୍କୁ ତାହା କରିବାକୁ ଛାଡ଼ି ଦିଆଯାଉ । ସେମାନେ ସେଗୁଡ଼ିକୁ ଯେଉଁଦିନ ନିର୍ବୋଧ କାର୍ଯ୍ୟ ବୋଲି ଉପଲବ୍ଧି କରିବେ, ସେଦିନ ଆଉ ମୋଟେ ସେଗୁଡ଼ିକୁ କରିବେ ନାହିଁ ।" ଏବଂ ଏପରି କେତେକ କ୍ଷେତ୍ର ରହିଛି, ଯେଉଁଥିରେ କି ଆଉ ସେମାନେ ତାହାକୁ ଆଦୌ କରିବେ ନାହିଁ ବୋଲି ତୁମେ ସୁନିଶ୍ଚିତ ହୋଇ ରହିପାରିବ । କାରଣ

'oaob.nitrkl.ac.in' images reprocessed

ସେତେବେଳେ ସମ୍ପୃକ୍ତ ବ୍ୟକ୍ତି ପ୍ରକୃତରେ କାର୍ଯ୍ୟଟିର ଶେଷ ସୀମା ତେଉଁ ସେପାଖକୁ ଗ୍ଲ ଯାଇଥିବ ।

ଏହି ବିଷୟଗୁଡ଼ିକୁ ନେଇ ଏକ ସିଦ୍ଧାନ୍ତ ଗଢ଼ିବାକୁ ଚେଷ୍ଟା କଲେ ତାହା ପ୍ରକୃତରେ ଏକ କଠିନ ସମସ୍ୟା ହୋଇ ଦଣ୍ଡାୟମାନ ହେବ । ମାତ୍ର ଏହି କ୍ଷେତ୍ରରେ ପ୍ରତ୍ୟେକଟି ଘଟନା ହେଉଛି ପରସ୍ପରଠାରୁ ଅଲଗା ଏବଂ ତେଣୁ ତାହାର ସମ୍ମୁଖୀନ ହେଲାବେଳେ ମଧ୍ୟ ଆମକୁ ଅଲଗା ଅଲଗା ଧାରା ଅନୁସରଣ କରିବାକୁ ପଡ଼ିବ । ଏବଂ ବସ୍ତୁତଃ, ଯଦି ଆମେ ଗୋଟିଏ ପିଲାକୁ ସର୍ବୋତ୍ତମ ଶିକ୍ଷାର ସୁଯୋଗ ଆଣି ଯୋଗାଇ ଦେବାକୁ ଚାହୁଁଥିବା, ତେବେ ଆମକୁ ତାହା ଲାଗିହିଁ ଆମର ସମସ୍ତ ସମୟ ଦେବା ଲାଗି ତିଆର ହୋଇଯିବା ଉଚିତ । ଏହା ବ୍ୟତୀତ ଆଉ ଅନ୍ୟ ବାଟ ନାହିଁ; କାରଣ, ଏପରିକି, ପିଲା ଦେଖି ପାରୁଥିବା ଭଳି ଆମେ ପିଲା ଉପରେ ଯେ ଆଦୌ କୌଣସି ଦୃଷ୍ଟି ରଖିବା ନାହିଁ, ସେହି କଥାଟିର ବିଚାର କରୁଥିଲେ ମଧ୍ୟ, ତଥାପି ଆମକୁ ତା ଉପରେ ସର୍ବଦା ଦୃଷ୍ଟି ରଖିବାକୁ ହେବ; ସିଏ ସେକଥା ଜାଣୁ ନ ଥିବ, ତଥାପି ଦୃଷ୍ଟି ରଖିବାକୁ ହେବ । ତେବେଯାଇ ଆମେ ଉଚିତ ସମୟରେ ଉଚିତ କାର୍ଯ୍ୟଟିକୁ କରିପାରିବା । ସର୍ବଦା ଦୃଷ୍ଟି ରଖିବା ବ୍ୟତୀତ ଆମେ ଆଉ କିଛିହେଲେ କରିପାରିବା ନାହିଁ ।

ତେଣୁ, ସମ୍ଭବତଃ, ଏହି କ୍ଷେତ୍ରରେ ଦୁଇ ଅତିଶଯ୍ୟତା ମଧ୍ୟରେ ଆମର ଏକ ମଧ୍ୟମ ପନ୍ଥା ଖୋଜି ବାହାର କରିବାର ଆବଶ୍ୟକତା ରହିଛି । ଗୋଟିଏ ଅତିଶଯ୍ୟ ପାଖ ହେଉଛି ଯେ ଆମେ ସର୍ବଦା ପିଲାକୁ ପହରା ଦେଇ ରହିଥିବା ପରି ତାକୁ ଆଖି ଆଗରେ ରଖିଥିବା, ଏବଂ ଆର ଅତିଶଯ୍ୟତାଟି ହେଉଛି ଯେ ଆମେ ପିଲାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇ ଛାଡ଼ିଦେବା, ସିଏ ତା'ର ଯାହା ମନ ତାହା କରୁଥିବ; ଏପରିକି ସେହି କ୍ଷେତ୍ରରେ ଯେଉଁସବୁ ଦୁର୍ଘଟନା ଘଟିବାର ଆଶଙ୍କା ରହିଥିବ, ଆମେ ସେସବୁ ବିଷୟରେ ମଧ୍ୟ ତାକୁ କୌଣସି ପ୍ରକାରେ ସତର୍କ କରିଦେଇ ନ ଥିବା । ଅର୍ଥାତ୍, ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେହିଁ ପରିସ୍ଥିତି ଅନୁସାରେ ପ୍ରତିକାର କରିବାକୁ ପଡ଼ୁଥିବ ! ପ୍ରକୃତରେ ଭାରି କଷ୍ଟକର କଥା ।

ଏଠାରେ ଲେଖା ହୋଇଛି : "ଅତିମାନସର ଉପଲବ୍‌ଧି ଏବଂ ଏପରିକି ତାହାର ଏକ ଆସ୍ୱାଦଲାଭ ବିଷୟରେ ପ୍ରକୃତ ସମୟ ଆସିବା ପୂର୍ବରୁ କିଛି ଦାବି କରିବା ହେଉଛି ଅତ୍ୟନ୍ତ ଅବିବେକୀ କଥା" । ଅତିମାନସର ପୂର୍ବାସ୍ୱାଦ କହିଲେ ପ୍ରକୃତରେ କ'ଣ ବୁଝାଏ ?

'oaob.nitrkl.ac.in' images reprocessed

ଆମେ ଅଧିମାନସର ଅଧିକାରୀ ହୋଇ ସାରିଲୁଣି, ଏପରି କଳ୍ପନା କରିବା ମଧ୍ୟ ଆହୁରି ଅଧିକ ଅବିବେକର କଥା । କଥାଟି ଠିକ୍ ସେହିପରି । କାରଣ, ଏପରି କେତେକ ଲୋକ ଆଆନ୍ତି, ଯେଉଁମାନେ କି କୌଣସି ବହିରେ ବା କାହାର ଶିକ୍ଷା:ପ୍ରବଚନ ମଧ୍ୟରେ ବାକ୍ୟାଂଶଟିଏ ଆବିଷ୍କାର କରିବା ମାତ୍ରକେହିଁ କଳ୍ପନା କରିବାକୁ ଆରମ୍ଭ କରିଦଅନ୍ତି ଯେ ସେମାନେ ତାହାକୁ ପ୍ରକୃତରେ ହାସଲ କଲେ । ତେଣୁ, ଯେତେବେଳେ ଶ୍ରୀଅରବିନ୍ଦ ଅଧିମାନସ ବିଷୟରେ କହିବାକୁ ଆରମ୍ଭ କଲେ, — ନିଜର ଲେଖା ଭିତରେ, — ସେତେବେଳେ ସମସ୍ତେ ତାଙ୍କୁ ଏହିକଥା ଲେଖିଲେ : "ମୁଁ ବି ସେହି ଅଧିମାନସ ଆଲୋକକୁ ଦେଖିଛି, ମୁଁ ମଧ୍ୟ ଅଧିମାନସର ଏକ ଅନୁଭବ ଲାଭ କରିଛି ।" ମୁଁ ଭାବୁଛି, ଆମେ ଏହି "ଅଧିମାନସ" ଶବ୍ଦଟିର ଆଲୋଚନା ବରଂ ଆଉକେବେ ପରେ କରିବା । ବର୍ତ୍ତମାନ ସେବିଷୟରେ କିଛି ଚର୍ଚ୍ଚା କରିବା ନାହିଁ ।

କୌଣସି ସ୍ଥାନରେ ସେ ମନୁଷ୍ୟର ଉପଲବ୍ଧି ସୀମା ମଧ୍ୟରେ ରହିଥିବା ଯାବତୀୟ ମାନସିକ କ୍ରିୟାତ୍ମକତାକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରି ଲେଖିଛନ୍ତି । ଏବଂ, ସେଗୁଡ଼ିକୁ ପାଠ କରିବା ସମୟରେ ଆମେ କହିଥାଉ ଯେ କେବଳ ଏହି ମାନସ-ଆୟତନରେହିଁ ତାହାର ଉଚ୍ଚତମ ସୀମାରେ ପହଞ୍ଚି ପାରିବାକୁ ହେଲେ ମଝିରେ ଯେଉଁ ବହୁସଂଖ୍ୟକ ସୋପାନ ରହିଛି, ସେଗୁଡ଼ିକ ଯେତେବେଳେ ବର୍ତ୍ତମାନ ଅତିକ୍ରାନ୍ତ ହୋଇପାରି ନାହିଁ, ସେତେବେଳେ ଆପାତତଃ ଅଧିମାନସ ସତ୍ତା ବିଷୟରେ କୌଣସି ଆଲୋଚନା କରିବା ଲାଗି ମୋଟେ ଆବଶ୍ୟକତା ନାହିଁ ।

ଯେତେବେଳେ ସିଏ ମନର ଉଚ୍ଚତର ଆୟତନଗୁଡ଼ିକ ବିଷୟରେ ଚର୍ଚ୍ଚା କରିଛନ୍ତି, ସେତେବେଳେ ତାହାକୁ ପଢ଼ି ଆମେ ସଜ୍ଞାନ ହୋଇଯାଉ ଯେ ଆମେ ଏହିସବୁ ସୋପାନରେ କ୍ୱଚିତ୍ ଯାଇ ଅବସ୍ଥାନ କରିଥାଉ । ଏହି ଚେତନାସ୍ଥିତିରେ ଯାଇ ଅବସ୍ଥିତ ହେବାର ବ୍ୟକ୍ତି ଅତି କ୍ୱଚିତ୍ କେହି ରହିଥିବେ । ଅନ୍ୟପକ୍ଷରେ, ଯାହାକୁ ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ଭାବରେ ଏହି ସାଧାରଣ ମନର ସ୍ତର ବୋଲି କହିଛନ୍ତି, ଯାହାକୁ ସେ ଜଣେ ସାଧାରଣ ମନୁଷ୍ୟର ମନ ବୋଲି କହିଛନ୍ତି, ଆମେସବୁ ସେହି ସ୍ତରରେହିଁ ବାସ କରିଥାଉ । ଏବଂ, ସାଧାରଣ ଚେତନାର ଆଖିରେ ବୁଦ୍ଧିଟାହିଁ ଏକ ଅତ୍ୟୁଚ୍ଚ ସୋପାନରେ ଯାଇ ରହିଥିଲା ପରି ବୋଧ ହେଉଥାଏ; ମାତ୍ର ଶ୍ରୀଅରବିନ୍ଦ ବୁଦ୍ଧିକୁ ମନୁଷ୍ୟମନର ଏକ ସାଧାରଣ ସ୍ଥିତି ବୋଲି କହିଛନ୍ତି । ତା'ଠାରୁ ଅନେକ ଅଧିକ ଉଚ୍ଚ ମନର ଅନ୍ୟ ସ୍ତରମାନ ବି ରହିଛି ଏବଂ ସିଏ ସେଗୁଡ଼ିକୁ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେହି ସାମ୍ବାଦିକମାନେ, ଯଦି ସେମାନେ··· ସେମାନେ ହଠାତ୍

'oaob.nitrkl.ac.in' images reprocessed

କହିବାକୁ ଆରମ୍ଭ କଲେ ଯେ, ସେମାନଙ୍କର ଅତି ଚମତ୍କାର ଅଧିମାନସ ଅନୁଭୂତି-ମାନ ହେବାରେ ଲାଗିଲାଣି; ଅସଲ କଥା ହେଉଛି ଯେ, ଆମେ ଅତ୍ୟନ୍ତ କ୍ୱଚିତ୍ ଏହିସବୁ ସୋପାନାସ୍ତରନରେ ବାସ କରିଥାଉ, କାରଣ ସେଗୁଡ଼ିକ ଆମ ବୁଦ୍ଧିସୀମାର ଅନେକ ସେପାଖରେ ଅବସ୍ଥିତ ରହିଥାନ୍ତି । ସେହିସବୁ କ୍ଷେତ୍ର ହେଉଛି ଅପରୋକ୍ଷ ବୋଧର କ୍ଷେତ୍ର, ଅନ୍ତର୍ବୋଧ ଓ ତତ୍‌ତୁଲ୍ୟ ଅନ୍ତର୍ବୋଧଗତ ଅନ୍ୟ ଅନେକ ସାମର୍ଥ୍ୟର କ୍ଷେତ୍ର । ଏଗୁଡ଼ିକ ବୁଦ୍ଧିର ଅତୀତ ହୋଇ ଅବସ୍ଥିତ ରହିଥାନ୍ତି । ମାତ୍ର, ଏହିସବୁ ସୋପାନ ହେଉଛନ୍ତି ତଥାପି ଏହି ମନରହିଁ କ୍ଷେତ୍ର, ଏଗୁଡ଼ିକରେ ଅଧିମାନସର ଆଦୌ କିଛି ନାହିଁ ।

ମାଆ, ଆପଣ କହିଲେ ଯେ ଅଧିମାନସ ଓ ମନ ଭିତରେ ମଧ୍ୟବର୍ତ୍ତୀ ହୋଇ ଅନେକ ସୋପାନ ରହିଛି, ନୁହେଁ କି ? ଏବଂ ଏଠାରେ ଲେଖାହୋଇଛି ଯେ, ଅଧିମାନସ ହେଉଛି ପ୍ରକୃତି-ବିବର୍ତ୍ତନର ଧାରାରେ ପରବର୍ତ୍ତୀ ଯୁକ୍ତିସଙ୍ଗତ ସୋପାନ । ତେବେ କାହିଁକି ଏପରି ଏକ ମନୁଷ୍ୟଜାତି ସିଏକ···

ଏକ ମଧ୍ୟବର୍ତ୍ତୀ ଜାତି ? ସେକଥା ଆମେ ପରେ ଆଲୋଚନା କରିବା ।

ଏହି କଥାର କ'ଣ ଏପରି ଅର୍ଥ ହେବ ଯେ, ଆମେ ମଧ୍ୟବର୍ତ୍ତୀ ସୋପାନଗୁଡ଼ିକୁ ଅତିକ୍ରମ ନ କରି ସିଧା ମନର ସୋପାନରୁ ଅଧିମାନସ ସୋପାନକୁ ଚାଲିଯାଇ ପାରିବା ?

ସେହି ସୋପାନଗୁଡ଼ିକ ମନ ଆଉ ଅଧିମାନସ ମଧ୍ୟରେ ଅବସ୍ଥିତ ରହିଛନ୍ତି ବୋଲି ମୁଁ କହି ନାହିଁ । ମୁଁ କହିଛି ଯେ ଏହିସବୁ ଯାବତୀୟ ସୋପାନ ଆମ ମନର ଭିତରେହିଁ ରହିଛନ୍ତି, ଏବଂ ସେଗୁଡ଼ିକରେ ପହଞ୍ଚିବାକୁ ଆଦୌ ମନ ଭିତରୁ ବାହାରି ଆସିବାକୁ ପଡ଼ିବ ନାହିଁ । ମାତ୍ର, ଏହି ସୋପାନସବୁ ଅଧିକାଂଶ ମନୁଷ୍ୟଙ୍କ ଲାଗି ପ୍ରାୟ ଅପହଞ୍ଚ ହୋଇ ରହିଛି । ତେଣୁ ମୁଁ ମନ ଓ ଅଧିମାନସର ମଧ୍ୟବର୍ତ୍ତୀ ବୋଲି ଆଦୌ କହି ନାହିଁ । ତୁମେ ଆଜି ସନ୍ଧ୍ୟା କଥା କହୁଛ ନା ଅନ୍ୟ କୌଣସି ସମୟର କଥା କହୁଛ ? ତୁମେ ପ୍ରକୃତରେ କେଉଁ ବିଷୟରେ କହୁଛ, ଆଜି ସନ୍ଧ୍ୟାରେ ମୁଁ କହିଥିବା କୌଣସି ବିଷୟରେ ନା ଆଉକେଉଁଦିନ କହିଥିବା ମୋର ଆଉ କୌଣସି କଥା ବିଷୟରେ ?

ଆଜି ସନ୍ଧ୍ୟାରେ ଆପଣ କହୁଥିଲେ ଯେ···

ନାହିଁ, ତୁମେ ଆଦୌ ଶୁଣି ନାହଁ । ମୁଁ ତାହା ଏହି ମନ ଭିତରେ ଅବସ୍ଥିତ ବୋଲି କହିଥିଲି । ମନର ଶେଷ ସୀମାରେ ଯାଇ ପହଞ୍ଚିବା ପୂର୍ବରୁ

'oaob.nitrkl.ac.in' images reprocessed

ଆହୁରି ଏପରି ଅନେକ ମନୋଗତ କ୍ଷେତ୍ର ଏବଂ ମାନସିକ କ୍ରିୟାଶୀଳତା ରହିଛି, ଯାହାକି ଅଧିକାଂଶ ମନୁଷ୍ୟଙ୍କର ପହୁଞ୍ଚ ଭିତରେ ଆଦୌ ରହି ନ ଥାଏ । ଏବଂ, ଯେଉଁମାନେ ସେହିସବୁ କ୍ଷେତ୍ରରେ ଯାଇ ଉପନୀତ ହୋଇ ପାରନ୍ତି, ସେମାନେ ମଧ୍ୟ ସେହିସବୁ କ୍ଷେତ୍ରରେ ଆଦୌ ସତତ ବାସ କରୁ ନ ଥାନ୍ତି । ସେଠାରେ ପହଞ୍ଚିବାକୁ ହେଲେ ଅଭିନିବେଶର ଏକ ପ୍ରୟାସ କରିବାକୁ ହୋଇଥାଏ ଏବଂ ତେଣୁ ସେମାନେ ସେଠାରେ ଆଦୌ ସର୍ବଦା ପହଞ୍ଚି ପାରନ୍ତି ନାହିଁ । ଶ୍ରୀଅରବିନ୍ଦ ଆହୁରି ଏପରି କେତେକ ଆସ୍ପୃହାର ବର୍ଣ୍ଣନା କରିଛନ୍ତି, ଯେଉଁଠାରେ କି ଅତ୍ୟନ୍ତ ବିରଳ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ଯାଇ ପହଞ୍ଚି ପାରନ୍ତି, ସିଏ ସେଗୁଡ଼ିକୁ ତଥାପି ମାନସିକ ରାଜ୍ୟ ବୋଲି କହିଛନ୍ତି । ସେଗୁଡ଼ିକ ଲାଗି ସେ ଅତିମାନସ ଶବ୍ଦଟିକୁ ବ୍ୟବହାର କରି ନାହାନ୍ତି ।

ଏପରି ବି ବେଶ୍ ଘଟିପାରେ—ପ୍ରକୃତ, ଅତିମାନସସମ୍ବନ୍ଧରେ କହିଲାବେଳେ ଶ୍ରୀଅରବିନ୍ଦ ଏକଥା ମଧ୍ୟ କହିଛନ୍ତି ଯେ, ସ୍ୱୟଂ ଅତିମାନସ ଭୂମିରେ ମଧ୍ୟ ଅନେକ ରାଜ୍ୟ ରହିଛି ଏବଂ ସ୍ୱଭାବତଃ, ଆରମ୍ଭ କାଳରେ ଏହି ନିମ୍ନତମ ସୋପାନଗୁଡ଼ିକହିଁ ପ୍ରଥମେ ଅଭିବ୍ୟକ୍ତ ଲାଭ କରିବ,—ଏପରି ବି ହୋଇପାରେ ଯେ, ସମ୍ଭବତଃ ତଥାପି କେତୋଟି ମଧ୍ୟବର୍ତ୍ତୀ ସୋପାନାବସ୍ଥା ଅବଶ୍ୟ ରହିଛି । କେତୋଟି ମଧ୍ୟବର୍ତ୍ତୀ ସୋପାନାବସ୍ଥା ବେଶ୍ ସମ୍ଭବ ହୋଇପାରେ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ପରିପୂର୍ଣ୍ଣତା ଲାଭ କରିଥିବା ମନୁଷ୍ୟଙ୍କଠାରେ ଆଦୌ ଆପଣାଗ୍ରୁଏଁ ଆସିଯିବ ନାହିଁ । ଏହା ଅତ୍ୟନ୍ତ ସମ୍ଭବ ଯେ ଏପରି କଦାପି ହେବ ନାହିଁ । ମାତ୍ର, ଏହି ଜଗତରେ ସର୍ବପ୍ରଥମ ପ୍ରୟାସଗୁଡ଼ିକ ମଧ୍ୟ···ବର୍ତ୍ତମାନ ମନୁଷ୍ୟଙ୍କ ତୁଳନାରେ, ତାହା ଅତ୍ୟନ୍ତ ଭିନ୍ନ ପ୍ରକାରର ହେବ; ତାହା ଏତେ ଅଧିକ ପରିମାଣରେ ଭିନ୍ନ ହେବ ଯେ, ଆମେ ତାହାକୁ କୌଣସି ଏକ ଅଲୌକିକ ଘଟଣା ବୋଲି ଅନୁଭବ କରୁଥିବା ।

ଏଭଳି ମଧ୍ୟ ବେଶ୍ ଘଟିପାରେ ଯେ, ପ୍ରଥମେ ଅତିମାନସର ଯେଉଁ ଅଭିବ୍ୟକ୍ତି ଘଟିବ, ତାହା ଏକାବେଳେକେ ଏକ ଅସମ୍ପୂର୍ଣ୍ଣ ପ୍ରକାରର ହୋଇ ରହିଥିବ । ମାତ୍ର ଏମାନଙ୍କର ଆଖିକୁ ମଧ୍ୟ, ମନୁଷ୍ୟ ବର୍ତ୍ତମାନ ଯେପରି ହୋଇ ରହିଛି ତାହା ସମ୍ପୂର୍ଣ୍ଣ ଭାବରେ ଏକ ସ୍ଥୂଳ ପ୍ରକାରର ବୋଲି ବୋଧ ହେବ । ବିଶ୍ୱବିକାଶର ଧାରା ଆଦୌ କୌଣସି ସ୍ଥିତିକୁ ଆସି ଅଟକି ରହିଯିବ ନାହିଁ, ଏବଂ, ଏକ ନିର୍ଦ୍ଦିଷ୍ଟ କାଳଗତ ସୋପାନରେ ଯେଉଁ ବସ୍ତୁଟି ସମ୍ପୂର୍ଣ୍ଣ ଭାବରେ ପରିପୂର୍ଣ୍ଣ ଓ ଚୂଡ଼ାନ୍ତ ବୋଲି ବୋଧ ହେଉଥିବ, ସେଇଟି ମଧ୍ୟ ଭବିଷ୍ୟତର ଅଭିବ୍ୟକ୍ତିଗୁଡ଼ିକ ଲାଗି କେବଳ ଏକ ସୋପାନ ହୋଇ ରହିଥିବ । ମାତ୍ର ମଣିଷମାନେ ତ ଗୋଟାଏ

'oaob.nitrkl.ac.in' images reprocessed

ଜାଗାକୁ ଆସି ଆସନ ପକାଇ ବସିଯିବାକୁ ଇଚ୍ଛା କରିବେ ଓ କହିବେ, "ମୋର ଯାହା କରିବାର ଥିଲା, ମୁଁ ସେହି ସବୁକିଛୁକୁ ସମ୍ପନ୍ନ କରିପାରିଲି ।"

ମାତ୍ର ଏହି ବିଶ୍ୱବ୍ରହ୍ମାଣ୍ଡ ଆଦୌ ସେପରି ସ୍ଥିଲୁ ନାହିଁ । ଏହା ଆଦୌ କେଉଁଠି ହେଲେ ବସିଯାଇ ନାହିଁ, ଆଦୌ ବିଶ୍ରାମ ନେଇ ନାହିଁ, ସତତ ଗତି କରିବାରେ ଲାଗିଛି । "ବର୍ତ୍ତମାନ ଯାହା ହେବାର ଥିଲା. ହୋଇଗଲା । ବର୍ତ୍ତମାନ କବାଟ ବନ୍ଦ କରି ଦିଆଯିବ ଓ ସବୁକିଛୁ ଏହିଠାରେହିଁ ରହିବ" ବୋଲି ଆମେ ଏହି କ୍ଷେତ୍ରରେ କଦାପି କହିପାରିବା ନାହିଁ । ଆମେ ଇଚ୍ଛା କଲେ ଦୁଆର ବନ୍ଦ କରିଦେଇ ପାରିବା ସିନା, ମାତ୍ର ତଦ୍ୱାରା ଆମେ ଆପଣାକୁହିଁ ବିଶ୍ୱ-ଗତିଶୀଳତାର ଧାରାରୁ ବିଚ୍ଛିନ୍ନ କରି ପକାଇବା । ଯାବତୀୟ ଅଭିବ୍ୟକ୍ତିକୁ ଆମେ କେବଳ ଆପେକ୍ଷିକ ବୋଲି ଜାଣିବା ; ଏବଂ ସେହି ପ୍ରଥମ ସୃଷ୍ଟି, ଯାହାକୁ କି ଆଜି ଏକ ମନୁଷ୍ୟପଶୁ ବୋଲି ମୋଟେ କୁହାଯିବ ନାହିଁ ଓ ଯାହା ଏକ ଦିବ୍ୟଭାବବିଶିଷ୍ଟ ମାନବ ହେବାକୁ ଆରମ୍ଭ କରୁଥିବ, ତାହା ଏହି ନୂତନ ମନୁଷ୍ୟଜାତିର ପରିପ୍ରେକ୍ଷୀରେ ଅତ୍ୟନ୍ତ ଅପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ତାହା ତଥାପି ସମ୍ପୂର୍ଣ୍ଣ ଭାବରେ ଏକ ବିସ୍ମୟକାରୀ ବସ୍ତୁ ବୋଲି ବୋଧ ହେବ । ତେଣୁ ଆମକୁ ଏକ ସତତ ଗତିଶୀଳତା ମଧ୍ୟରେ ଜୀବନ ବଞ୍ଚିବାର ରୀତିଟିକୁ ଗ୍ରହଣ କରିନେବାକୁ ପଡ଼ିବ । ଏପରି ଏକ ଉପାଦାନ ରହିଥାଏ ଯାହାକି—ସମ୍ଭବତଃ ଜିନିଷଟିକୁ ସହଜ କରିଦେବା ଲାଗି ତାହାର ଏକ ଆବଶ୍ୟକତା ରହିଛି—ଯାହାକି ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଠିକ୍ କରିନେବାକୁ ଭଲପାଏ ଓ "ବସ୍ତୁତଃ ଏହାହିଁ ସର୍ବଶେଷ ସାର" ବୋଲି କହିଥାଏ । ମାତ୍ର ତାହା ମୋଟେ ସେପରି ନୁହେଁ । "ଏହା ହେଉଛି ପରିପୂର୍ଣ୍ଣତା"—ମାତ୍ର ସମ୍ପୂର୍ଣ୍ଣ ପରିପୂର୍ଣ୍ଣତା ବୋଲି ଆଦୌ କିଛି ନାହିଁ । ସକଳ ବସ୍ତୁ ଏହିପରି ଭାବରେ ଆପେକ୍ଷିକ ହୋଇ ରହିଛନ୍ତି ଏବଂ ସେଗୁଡ଼ିକ ନିରନ୍ତର ବଦଳି ବଦଳି ଯାଉଛନ୍ତି ।

ଏଥର ବୁଝିଲ ? ମୁଁ ଭାବୁଛି, ଆଜି ପାଇଁ ଏତିକି ଯଥେଷ୍ଟ । ଆଉ ସେପରି କିଛି ମହତ୍ତ୍ୱପୂର୍ଣ୍ଣ କଥା ପଚାରିବାକୁ ନାହିଁ ? ଭାରି ଭଲ କଥା ।

'oaob.nitrkl.ac.in' images reprocessed

# ୮ ଡିସେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ଦ୍ୱିତୀୟ ଅଧ୍ୟାୟ, "ବିଶ୍ୱାସ — ଅଭୀପ୍ସା — ସମର୍ପଣ" ଉପରେ ଏହି ପ୍ରବଚନଟି ଆଧାରିତ ।

ମାଆ, "ଶରୀରର ସ୍ତରରେ ଚୈତ୍ୟ ସମର୍ପଣ କହିଲେ କ'ଣ ବୁଝାଏ ?

ସେହି ବିଷୟରେ ଗତଥର ଆମର ଆଲୋଚନା ହୋଇଥିଲା, ନୁହେଁ କି ? ହୋଇଥିଲା ବୋଲି ମୁଁ ଭାବୁଛି । ଏହା ହେଉଛି ଶାରୀର ଚେତନାରେ ଆପଣାକୁ ବ୍ୟକ୍ତ କରୁଥିବା ଚୈତ୍ୟ ସମର୍ପଣ । ଅର୍ଥାତ୍, ଏହି କ୍ଷେତ୍ରରେ ଆମର ଶାରୀର ଚେତନା ଚୈତ୍ୟ ସମର୍ପଣର ଏକ ମନୋଦୃଷ୍ଟିକୁ ଗ୍ରହଣ କରିନେଇଥାଏ । ଶାରୀର ଚେତନା ଚୈତ୍ୟର ପ୍ରଭାବଟିକୁ ଗ୍ରହଣ କରେ, ଏବଂ ଚୈତ୍ୟ ସମର୍ପଣ ତାକୁ ପ୍ରଦାନ କରୁଥିବା ଦୃଷ୍ଟିକୋଣଟିକୁ ଅବଲମ୍ବନ କରି ରହିଥାଏ । ଆମେ ସେହି କଥାହିଁ କହୁଥିଲୁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ପ୍ରାୟ ଏହିପରି ଗୋଟିଏ କଥା କହୁଥିଲି ।

(ଜଣେ ପିଲାକୁ) ତୁମେ ପରି ପ୍ରଶ୍ନଟିଏ ଅଛୁ ବୋଲି କହୁଥିଲ ?

ଏଠାରେ କୁହାଯାଇଛି, "ବିଶ୍ୱଗତ ଚେତନାର ବିକାଶସାଧନ କରିବ ।" ଆମେ ତାହା କିପରି କରିପାରିବା ?

ବିଶ୍ୱଗତ ଚେତନା ? ଏକଥା ମୋତେ ଆଗରୁ ମଧ୍ୟ ପଚରା ଯାଇଛି । ମୋତେ କେହି ପଚାରିଥିଲେ, "ଆମେ ପିଲାମାନଙ୍କୁ ବିଶ୍ୱଗତ ଚେତନାର ବିକାଶ କରାଇବାକୁ କିପରି ଶିଖାଇ ପାରିବା ?" ଏବଂ ମୁଁ ଉତ୍ତର ଦେଇଥିଲି, "ତୁମକୁ ପ୍ରଥମେ ନିଜ ଭିତରେ ସେହି ଚେତନାର ବିକାଶସାଧନ କରିବାକୁ ହେବ ।"

ଏହା ତୁମେ କିପରି କରିପାରିବ ? ବିଶ୍ୱଗତ ଚେତନା କାହାକୁ କୁହାଯାଏ, ତୁମକୁ ଜଣାଅଛି କି ? ତେବେ ତୁମକୁ ପ୍ରଥମେ ତାହାକୁହିଁ ଜାଣିବାକୁ ପଡ଼ିବ । ବିଶ୍ୱଗତ ଚେତନାର ଅର୍ଥ ହେଉଛି ଯେ, ନିଜକୁ ଅନ୍ୟ ସମସ୍ତଙ୍କ ଠାରୁ ଅଲଗା ହୋଇ ରହିଥିବା ଏକ ସମ୍ପୂର୍ଣ୍ଣ ଭିନ୍ନ ଓ ବିଚ୍ଛିନ୍ନ ସତ୍ତା ବୋଲି ଅନୁଭବ ନ କରି

'oaob.nitrkl.ac.in' images reprocessed

ତୁମେ ଆପଣାକୁ ଏହି ବିପୁଳ ସମଗ୍ରରହିଁ ଏକ ଅଂଶ ବୋଲି ଅନୁଭବ କରିବ; ଏବଂ, ଏହି ସମ୍ପୂର୍ଣ୍ଣ ସମଗ୍ରତାର ଭୂମି ଉପରେହିଁ ଆମେ ଅନ୍ୟ ସମସ୍ତଙ୍କର କ୍ରିୟାଶୀଳତା ଓ ସ୍ପନ୍ଦନଗୁଡ଼ିକୁ ଗ୍ରହଣ କରୁଛୁ ଏବଂ ନିଜର ସ୍ପନ୍ଦନଗୁଡ଼ିକୁ ମଧ୍ୟ ଅନ୍ୟ ସମସ୍ତଙ୍କ ପାଖକୁ ସଞ୍ଚାରିତ କରି ଦେଉଛୁ ବୋଲି ଅନୁଭବ କରିବ । ଏପରି ଅନୁଭବ କରିବ ଯେ, ଚେତନାର ଯାବତୀୟ କ୍ରିୟାତ୍ମକତା ତଥା ମନୋଭୂମିଗତ ଯାବତୀୟ ସ୍ପନ୍ଦନ କେବଳ ଆପଣା ଭିତରେ ଆବଦ୍ଧ ହୋଇ ରହିଥିବା ଜଣେ କ୍ଷୁଦ୍ର ବ୍ୟକ୍ତିର ଆୟତନ ମଧ୍ୟରେ କଦାପି ବନ୍ଦ ହୋଇ ରହିଯାଉ ନାହିଁ । ଆଉ କାହାରି ସହିତ କୌଣସି ସଂଯୋଗ ନ ଥିବା ପରି ସିଏ କଦାପି ଗୋଟିଏ ଖୋଳ ଭିତରେ ବନ୍ଦ ହୋଇ ରହି ନାହିଁ । ମାତ୍ର, ଶକ୍ତିଚୟ ଜଣକଠାରୁ ଅନ୍ୟମାନଙ୍କ ମଧ୍ୟକୁ ଗତିଶୀଳ ହୋଇ ରହିଛି, ଗୋଟିକରୁ ଆଉଗୋଟିକୁ ଅତିକ୍ରମ କରିବାରେ ଲାଗିଛି; ଗୋଟିକୁ ଏଠାରେ ସ୍ପର୍ଶ କରୁଛି ତ ଆଉଗୋଟିକୁ ସେଠାରେ ସ୍ପର୍ଶ କରୁଛି; ଏବଂ ଏହି ଶକ୍ତିଗୁଡ଼ିକ ଏପରି ବହୁମୁଖୀ ଏବଂ ବହୁସଂଖ୍ୟକ ହୋଇ ରହିଛି ଯେ, ଗୋଟିଏ କେଉଁଠି ଆରମ୍ଭ ହେଉଛି ଓ ଆଉଗୋଟିଏ କେଉଁଠି ସରୁଛି, ଆମେ ସେବିଷୟରେ ଆଦୌ କିଛିହେଲେ କହିପାରିବା ନାହିଁ । ସତେଯେପରି ଏକ ବିପୁଳ ସମଗ୍ର ଏଇଟି ଭିତରେ ଗତିଶୀଳ ହୋଇ ରହିଛି, ଆମ ଭିତରେ ଠିକ୍ ସେହିପରି ଏକ ଧାରଣା ହେବାରେ ଲାଗିଛି । ବିଶ୍ୱଗତ ଚେତନା କହିଲେ ଆମେ ସେହିପରି ଗୋଟିଏ ବସ୍ତୁକୁ ବୁଝିବା ।

ତେଣୁ ତୁମେ ସର୍ବପ୍ରଥମେ ଏହି କଥାଟିକୁ ଚିନ୍ତା କରିବ; ତୁମେ ସର୍ବପ୍ରଥମେ ଏହି ସଜ୍ଞାନତା ଲାଭ କରିବ ଯେ, ତୁମେ ହେଉଛ ଏହି ବିଶ୍ୱମୟ ବିପୁଳତା ମଧ୍ୟରେ ଗୋଟିଏ ବିନ୍ଦୁ; ତୁମେ ତାହାଠାରୁ ମୋଟେ ବିଚ୍ଛିନ୍ନ ହୋଇରହି ନାହଁ, ମାତ୍ର ଏଇଟି ସହିତ ସମ୍ପୂର୍ଣ୍ଣ ଭାବରେ ସଂଯୁକ୍ତ ହୋଇ ରହିଛ । ଏବଂ ତା'ପରେ ତୁମେ ନିଜକୁ ଅଧ୍ୟୟନ କରିବ, ଅବଲୋକନ କରିବ । ତେବେ, ବାହାରୁ ଆସି ତୁମ ମଧ୍ୟଦେଇ ଚାଲିଯାଉଥିବା ମାତ୍ର ତୁମ ଭିତରେ ଆଦୌ ଜନ୍ମଗ୍ରହଣ କରୁ ନ ଥିବା ସ୍ପନ୍ଦନଗୁଡ଼ିକୁ ତୁମେ ତତ୍କ୍ଷଣାତ୍ ପ୍ରତ୍ୟକ୍ଷ କରିପାରିବାର ସୁଯୋଗ ଲାଭ କରିବ । ତୁମେ ସେହି ସ୍ପନ୍ଦନଗୁଡ଼ିକୁ କେବଳ ଗ୍ରହଣ କରୁଥିବ ଓ ବ୍ୟକ୍ତ କରୁଥିବ । ଏହିପରି ଭାବରେ ଅଧ୍ୟୟନ, ନିରୀକ୍ଷଣ ଓ ଅବଲୋକନ ଦ୍ୱାରା ତୁମେ କ୍ରମଶଃ ଏପରି ଏକ ବସ୍ତୁର ସଜ୍ଞାନତା ଲାଭ କରିବ, ଯାହାକି ଆଦୌ କୌଣସି ସୀମା ଭିତରେ ଅବସ୍ଥିତ ରହି ନାହିଁ । ଏହିପରି ଭାବରେ ତୁମେ ବିଶ୍ୱଗତ ଚେତନା ବା ବ୍ରହ୍ମାଣ୍ଡ-ଚେତନାକୁ ଅନୁଭବ କରିବାକୁ ଆରମ୍ଭ କରିବ । ବିଶ୍ୱଚେତନା କହିଲେ ଯାହା ବୁଝାଏ, ବ୍ରହ୍ମାଣ୍ଡଚେତନା କହିଲେ ମଧ୍ୟ ତାହାହିଁ ବୁଝାଏ ।

'oaob.nitrkl.ac.in' images reprocessed

ଏଠାରେ ଲେଖା ହୋଇଛି "ଉପଲବ୍‌ଧିକୁ ସତେଅବା କେଉଁଠୁ ଛଡ଼ାଇ ନେଇ ପଳାଇବାକୁ ଚେଷ୍ଟା କରିବ ନାହିଁ ଅଥବା ତାହାକୁ ଜାବୁଡ଼ି ରଖିବାକୁ ବି ମନ କରିବ ନାହିଁ ।" "ଉପଲବ୍‌ଧିକୁ ଛଡ଼ାଇ ନେବା ଓ ଜାବୁଡ଼ି ରଖିବା"—ମାଆ, ଏଗୁଡ଼ିକର ଅର୍ଥ କ'ଣ ?

ଛଡ଼ାଇ ନେବ ନାହିଁ କିଂବା··· ?

ଜାବୁଡ଼ି ରଖିବ ନାହିଁ ।

ଜାବୁଡ଼ି ରଖିବାର ଅର୍ଥ ତୁମେ ଜାଣିଛ ? (ପିଲାଟି ଅଙ୍ଗଭଙ୍ଗୀ କରି ଅର୍ଥଟିକୁ ପ୍ରକାଶ କଲା । ମାଆ ହସିଲେ)

ବେଶ୍, ଏହାର ଅର୍ଥ ହେଉଛି ··· ଜାବୁଡ଼ି ରଖିବା ଉଚିତ ନୁହେଁ ନା ଜାବୁଡ଼ି ରଖିପାରିବ ନାହିଁ, ଶ୍ରୀଅରବିନ୍ଦ କ'ଣ କହିଛନ୍ତି ?

ଉଚିତ ନୁହେଁ ବୋଲି କହିଛନ୍ତି ।

ଅର୍ଥାତ୍, ଏପରି କରିବା ପାଇଁ ଚେଷ୍ଟା କରିବ ନାହିଁ । କାରଣ ଏହା ଆଦୌ ଏପରି ଏକ ନିସ୍ୱାମ୍ଭୂତତାର ବିଧାନକୁ ମାନେ ନାହିଁ । ଏହି ବ୍ୟକ୍ତିମାନେ ଜୋର ଜବରଦସ୍ତି କରି ଅଗ୍ରଗତି କରିବାକୁ ଇଚ୍ଛା କରନ୍ତି । ସେମାନଙ୍କର ଧୈର୍ଯ୍ୟ ନ ଥାଏ, ଉଦ୍ୟମରେ ଅନବରତତା ନ ଥାଏ; ଏବଂ ଭିତରେ କୌଣସି ବାସନା ଜାଗ୍ରତ ହେବା ମାତ୍ରକେ ସେମାନେ ତତ୍‌କ୍ଷଣାତ୍ ସେଇଟିର ପୂରଣ କରିବେ ବୋଲି ଇଚ୍ଛା କରୁଥାନ୍ତି । ଦୃଷ୍ଟାନ୍ତସ୍ୱରୂପ, ସେମାନେ ଗୋଟାଏ କିଛି ହାସଲ କରିବା ପାଇଁ ଇଚ୍ଛା କଲେ — ମନେ କର, ଆପଣାର ଚରିତ୍ରରେ ଏକ ପରିବର୍ତ୍ତନ ଘଟାଇବାକୁ ଅଥବା ପରିସ୍ଥିତିରେ କିଂବା କେତୋଟି ନିର୍ଦ୍ଦିଷ୍ଟ ବସ୍ତୁର କ୍ଷେତ୍ରରେ ଏକ ପରିବର୍ତ୍ତନ ଘଟାଇବାକୁ ମନ କଲେ — ଏବଂ, ତା'ପରେ, ସେମାନେ ତାହା ଠିକ୍ ସେହି ମୂହୂର୍ତ୍ତରେ ହେଉ ବୋଲି ଇଚ୍ଛା କରନ୍ତି; ଏବଂ ଏହା ସାଧାରଣତଃ ଠିକ୍ ସେହି ମୂହୂର୍ତ୍ତରେହିଁ ଘଟିପାରୁ ନ ଥିବାରୁ ସେମାନେ ତାହାକୁ ଊର୍ଦ୍ଧ୍ୱରୁ ଟାଣି ନେଇ ଆସିବାକୁ ଚାହାନ୍ତି । ଏହାକୁହିଁ ଶ୍ରୀଅରବିନ୍ଦ "କବଳଗତ କରିବା" ବୋଲି କହିଛନ୍ତି । ସେମାନେ ତାହାକୁ ହାତମୁଠା ଭିତରେ ଧରି ଆଣିବାକୁ ଯାଆନ୍ତି, ତାହାକୁ ଆପଣା ଆଡ଼କୁ ଟାଣି ଆଣିବାକୁ ଆରମ୍ଭ କରନ୍ତି । ମାତ୍ର ଏପରି କରି ସେମାନଙ୍କୁ ଯଥାର୍ଥ ବସ୍ତୁଟି ଆଦୌ ପ୍ରାପ୍ତ ହୁଏ ନାହିଁ ଅଥବା ଯଥାର୍ଥ ମାର୍ଗରେ ମଧ୍ୟ ସେମାନେ ସେଇଟିକୁ ମୋଟେ ହାସଲ କରିବାକୁ ଯାଇପାରନ୍ତି ନାହିଁ । ସେମାନେ ଆପଣାର ଅଭୀପ୍ସା ସହିତ ବଳ ପ୍ରୟୋଗକୁ ଆଣି ମିଶାଇ ଦିଅନ୍ତି ଏବଂ ତାହା କୌଣସି ନା କୌଣସି ସ୍ଥାନରେ ସର୍ବଦା ଏକ ବିଭ୍ରାନ୍ତିର ସୃଷ୍ଟି କରିଥାଏ । ଏବଂ,

'oaob.nitrkl.ac.in' images reprocessed

ଏହିପରି ଏକ ଟଣାଓଟରା ଭିତରେ ଯଥାର୍ଥ ବସ୍ତୁଟି ଆଦୌ ପ୍ରାପ୍ତ ହୁଏ ନାହିଁ, ଅସଲ ବସ୍ତୁଟିର କେବଳ ଏକ ନକଲ ସ୍ୱରୂପହିଁ ପ୍ରାପ୍ତ ହୋଇଥାଏ । କାରଣ, ଅସଲ ବସ୍ତୁଟି ପ୍ରକୃତରେ ଏପରି ଭାବରେ ଆଦୌ ଆସେ ନାହିଁ, ସତେଅବା ଲାଙ୍ଗୁଳ ଧରି ଟାଣିଲେ ତାହା ଆଦୌ ଉପଲବ୍ଧ ହୁଏ ନାହିଁ । ସେପରି କଲେ ତାହା କେବେହେଲେ ଆସିବ ନାହିଁ । କବଳଗତ କରିବା ହାସ୍ୟ ! ଉପରକୁ ଉଠିବା ସମୟରେ ଆମେ କୌଣସି ଦଉଡ଼ିକୁ ଯାଇ ଜାବୁଡ଼ି ଧରିଥାଉ । ଟାଣିବା ସମୟରେ ପ୍ରକୃତରେ ସେହିପରି ଘଟିଥାଏ । ମାତ୍ର, ହାତରେ ଦଉଡ଼ିଟିକୁ ଧରିଥିବା ବେଳେ ସେପରି ଏକ କାର୍ଯ୍ୟ କରିବାକୁହିଁ ଏକ ଅନୁଚିତ କାର୍ଯ୍ୟ ବୋଲି ବୁଝାଯିବ । ବୁଝିଲ ?

ମାଆ, ସତ୍ତ୍ୱର କେନ୍ଦ୍ରସ୍ଥ ଇଚ୍ଛା କାହା ଉପରେ ନିର୍ଭର କରେ ।

କ'ଣ କହିଲ ? କାହା ଉପରେ ନିର୍ଭର କରେ ? ତାହାର ଅର୍ଥ କ'ଣ ବୋଲି ତୁମେ ମୋତେ ପଚାରୁଛ ? ତୁମେ ପ୍ରକୃତରେ ଠିକ୍ କ'ଣ କହିବାକୁ ଇଚ୍ଛା କରୁଛ ? ଏହାର ଅଭିବ୍ୟକ୍ତି କାହା ଉପରେ ନିର୍ଭର କରେ ନା ଆପଣାର ଅସ୍ତିତ୍ୱ ଲାଗି ଏହା କାହା ଉପରେ ନିର୍ଭର କରେ ?

ଏହା ନିଜେ କାହା ଉପରେ ନିର୍ଭର କରେ ।

କେନ୍ଦ୍ରସ୍ଥ ଇଚ୍ଛା କାହା ଉପରେ ନିର୍ଭର କରେ ? ତାହା ଦିବ୍ୟ ପରମ ଇଚ୍ଛା ଉପରେ ନିର୍ଭର କରେ ।

ଏହି କେନ୍ଦ୍ରସ୍ଥ ଇଚ୍ଛାକୁ ଆମେ ଦିବ୍ୟ ପରମ ଇଚ୍ଛାର ବ୍ୟକ୍ତିଭାବାପନ୍ନ ଅଭିବ୍ୟକ୍ତି ବୋଲି କହିବା । ଏବଂ, ଦିବ୍ୟ ପରମ ଇଚ୍ଛା ହେଉଛି ଆପଣାକୁ ଅଭିବ୍ୟକ୍ତ କରିବାକୁ, ଆପଣାର ଉପଲବ୍ଧି କରିବାକୁ ଇଚ୍ଛା କରୁଥିବା ଦିବ୍ୟ ପରମ ଚେତନାରହିଁ ଅଭିବ୍ୟକ୍ତି ।

ସେହି କେନ୍ଦ୍ରସ୍ଥ ଇଚ୍ଛା ବିଷୟରେ ଆମେ କିପରି ସଜ୍ଞାନ ହୋଇ ପାରିବା ?

ହଁ, ଏହା ହେଉଛି ସମସ୍ୟାଟିର ଆଉ ଏକ ଦିଗ । ସର୍ବପ୍ରଥମେ, ନିଜର ଚେତନା ମଧ୍ୟରେ ଯାହା ସର୍ବୋଚ୍ଚ, ଯାହା ସବୁଠାରୁ ସତ୍ୟ, ସବୁଠାରୁ ଅଧିକ ଅବିଚଳ ଓ ଅଧିକ ଶାଶ୍ୱତ, ତାହାର ବିଷୟରେ ସଜ୍ଞାନତା ଲାଭ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଆମେ ଏଇଟିକୁ କ୍ରମଶଃ ଶିକ୍ଷା କରିଥାଉ । ଆମେ ଆମର ସାଧାରଣ ଓ ବାହ୍ୟ ଗତିସ୍ପନ୍ଦନଗୁଡ଼ିକ ବିଷୟରେ ଏକ ତୁଳନାତ୍ମକ ପରିଚୟ ଲାଭ କରି ଶିଖୁ, ଆମ ଅନ୍ତଃଚେତନାର ନାନା ଗତିସ୍ପନ୍ଦନ ମଧ୍ୟରେ ରହିଥିବା ଭିନ୍ନଭିନ୍ନ ଭୂମିଭେଦ ବିଷୟରେ ମଧ୍ୟ ଏକ ପରିଚୟ ଲାଭ କରିଥାଉ । ଏବଂ ଏକ ନିର୍ଦ୍ଦିଷ୍ଟ ଅବିଚ୍ଛିନ୍ନତା ସହିତ ତାହା କରିପାରିଲେ, ଆମ ସତ୍ତାର ଉଚ୍ଚତମ ଅଂଶଟି କାହା ଦ୍ୱାରା ସେ ଗତିଶୀଳ ହୋଇପାରୁଛି ଓ କ'ଣ ପ୍ରକୃତରେ ଆମ ସତ୍ତାର ଆଦର୍ଶର ପ୍ରତିନିଧିତ୍ୱ କରୁଛି ବୋଲି ଆମେ କହିପାରିବା, ଆମେ ସେହି କଥାଟିକୁ ହୃଦୟଙ୍ଗମ କରିଥାଉ । ଏଥିପାଇଁ ଆଉ ଅନ୍ୟ କୌଣସି ପନ୍ଥା ନାହିଁ । ବେଳେବେଳେ ଏହା କିଛି ଅଧ୍ୟୟନ କରିବା ଦ୍ୱାରା ଜାଗ୍ରତ ହୋଇଥାଏ; ବେଳେବେଳେ ଏକ କଥୋପକଥନ ଦ୍ୱାରା ଏବଂ ଆଉ ବେଳେବେଳେ ଏକ ଅଳ୍ପବହୁତ ପରିମାଣରେ ନାଟକୀୟ ଅର୍ଥାତ୍ ଅପ୍ରତ୍ୟାଶିତ ଘଟନା ଦ୍ୱାରା ମଧ୍ୟ ତାହାର ଉଦ୍ରେକ ହୋଇଥାଏ; ସେହି ଘଟନା ଆମକୁ ଏକ ଆଘାତ ଦେଇଯାଏ, ଆମର ମୂଳକୁ ଦୋହଲାଇ ଦିଏ ଏବଂ ଆମକୁ ଆମର ଚିରାଚରିତ ସାନ ଗୁଳାଟି ମଧ୍ୟରୁ ବାହାର କରି ନେଇଆସେ । ବେଳେବେଳେ, ଆମେ ଯେତେବେଳେ କୌଣସି ଏକ ସାଂଘାତିକ ବିପଦରେ ପଡ଼ିଥାଉ, ସେତେବେଳେ ଆମେ ହଠାତ୍ ଅନୁଭବ କରିବାକୁ ଲାଗୁ ସତେଯେପରି ଆମେ ଆମର ଊର୍ଦ୍ଧ୍ୱକୁ ଚାଲିଯାଇଛୁ, ଆମର କ୍ଷୁଦ୍ର ଅଭ୍ୟସ୍ତ ଦୁର୍ବଳତାଟିର ବାହାରକୁ ବାହାରି ଚାଲିଯାଇଛୁ । ସେତେବେଳେ ଆମ ଭିତରେ କୌଣସି ଉଚ୍ଚତର ବସ୍ତୁର ଆବିର୍ଭାବ ହୋଇଥିବା ପରି ମନେ ହେଉଥାଏ, ଯାହାକି ଆମକୁ ଯାବତୀୟ ପରିସ୍ଥିତିର କବଳରୁ ମଧ୍ୟ ବଞ୍ଚାଇ ରଖିପାରିବ ।

ଏହି ଅବସରମାନ ସର୍ବପ୍ରଥମେ ତୁମକୁ ତାହାର ଏକ ସ୍ପର୍ଶ ମଧ୍ୟରେ ଆଣି ପ୍ରତିଷ୍ଠ କରାଇ ଦିଅନ୍ତି । ତା'ପରେ ଏକ ବିଧିବଦ୍ଧ ଶୃଙ୍ଖଳା ସାହାଯ୍ୟରେ ଆମେ ସେହି ସ୍ପର୍ଶକୁ ସ୍ଥାୟୀ କରି ରଖିପାରୁ । ମାତ୍ର, ଏଥିଲାଗି ସାଧାରଣତଃ କିଛି ସମୟ ଲାଗେ । ମାତ୍ର, ସର୍ବପ୍ରଥମେ, ତାହା ତୁମ ଲାଗି ଏହିପରି ଭାବରେ ଉପଲବ୍ଧ ହୋଇଥାଏ, ଏହିପରି କୌଣସି ନା କୌଣସି କାରଣରୁ ହଠାତ୍ ଉପଲବ୍ଧ ହୋଇଥାଏ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

ଏହା ଏକ ଅତ୍ୟନ୍ତ ତୀବ୍ର ସଂବେଗର ଫଳସ୍ୱରୂପ ଘଟିପାରେ, ଏକ ତୀବ୍ର ଦୁଃଖ ଅଥବା ଅତ୍ୟନ୍ତ ପ୍ରବଳ ଉତ୍ସାହ ଦ୍ୱାରା ବି ସମ୍ଭବ ହୋଇପାରେ । ଯେତେବେଳେ ଆମ ଲାଗି କୌଣସି ଏକ ବେଶ୍ ଅସାଧାରଣ କାର୍ଯ୍ୟ ସାଧନ କରିବାର ଆହ୍ୱାନ ଆସି ପହଞ୍ଚେ, ଯେତେବେଳେ ଅଳ୍ପ-ବହୁତ ପରିମାଣରେ ଅସାଧାରଣ

'oaob.nitrkl.ac.in' images reprocessed

ହୋଇ ରହିଥିବା ଏକ ପରିସ୍ଥିତିରେ ଏହି ଆହ୍ୱାନଟି ଆସି ପହଞ୍ଚେ, ସେତେବେଳେ ଆମେ ହଠାତ୍ ଆମ ଭିତରେ ସତେଯେପରି କ'ଣ ଫାଟି ଯାଉଥିବା ପରି ଅଥବା ଉଦ୍‌ଘାଟିତ ହେଉଥିବା ପରି ଅନୁଭବ କରିଥାଉ, ସତେଅବା ଆପେ ଆପଣା ଉପରେ କିଞ୍ଚିତ୍ ବିସ୍ତାର କରି ରହିଥିବାର ଅନୁଭବ କରୁ, ସତେଯେପରି ଆମେ ଗୋଟାଏ ପାହାଚ ଉପରକୁ ଉଠିଯାଇଛୁ ଓ ସେହିଠାରୁହିଁ ଆମର ଅଭ୍ୟନ୍ତ ଇନ୍ଦ୍ରିୟଗୁଡ଼ିକ ସାହାଯ୍ୟରେ ଆପଣାର ଜୀବନ ଉପରେ ଦୃଷ୍ଟିପାତ କରୁଥିବା ପରି ଅନୁଭବ କରୁ । ଥରେ ଏହିପରି ଏକ ଅନୁଭୂତି ହୋଇଗଲେ ତାହା ଆଉ କଦାପି ପାସୋରି ହୋଇଯାଏ ନାହିଁ; ଏପରିକି ସେହି ଅନୁଭୂତି ଥରେ ମାତ୍ର ହୋଇଥିଲେ ମଧ୍ୟ ଆଦୌ ପାସୋରି ଯାଏ ନାହିଁ । ଏବଂ, ଅଭିନିବେଶ ଦ୍ୱାରା ପରେ ଇଚ୍ଛା ଅନୁସାରେ ସେହି ଅନୁଭୂତିଟିର ପୁନରାବୃତ୍ତି ମଧ୍ୟ କରି ଯାଇପାରେ । ଏହାକୁ କର୍ଷଣ କରିବା ଲାଗି ଏହାହିଁ ହେଉଛି ସର୍ବପ୍ରଥମ ସୋପାନ ।

ତା'ପରେ, କୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଥିବା ସମୟରେ ଆମେ ପ୍ରତ୍ୟେକ ଥର ଇଚ୍ଛା କଲେ ସେହି ଅନୁଭୂତିଟିର ପୁନଃସ୍ମରଣ କରିପାରୁ ଏବଂ ତା'ପରେ ତାହାର ନିହିତାର୍ଥଗୁଡ଼ିକର ପୂର୍ଣ୍ଣ ସଜ୍ଞାନତା ସହିତ ଆମେ ସେଇଟିକୁ ଗ୍ରହଣ କରିପାରୁ ଓ ଯାହାକିଛି ଘଟିବାକୁ ଯାଉଛି, ତାହା ବିଷୟରେ ଏକ ପୂର୍ବଦୃଷ୍ଟି ଲାଭ ମଧ୍ୟ କରିପାରୁ । ମୁଁ ଭାବୁଛି, ଜଗତରେ ଏପରି କୌଣସି ଜଣେ ବି ବ୍ୟକ୍ତି ନାହିଁ, ଯିଏକି ଏହି ଅନୁଭୂତିଟିକୁ ଲାଭ କରି ନାହିଁ । ଅନ୍ତତଃ କିଞ୍ଚିତ୍ ପରିମାଣରେ କର୍ଷଣଯୁକ୍ତ ଏପରି ଜଣେ ବ୍ୟକ୍ତି କେଉଁଠି ହେଲେ ନାହିଁ, ଯିଏକି ଜୀବନରେ ଅନ୍ତତଃ ଥରେ ମଧ୍ୟ ସେହି ଅନୁଭୂତି ପାଇ ନାହିଁ,—ଭାଙ୍ଗି ଯାଉଥିବାର ଓ ଉଦ୍‌ଘାଟିତ ହେଉଥିବାର ସେହି ଅନୁଭୂତିଟିକୁ ପାଇ ନାହିଁ । ଏବଂ ସିଏ ନିଶ୍ଚୟ ସେହି କଥାଟିକୁ ବୁଝିପାରିଛି । ଏକଥା ତୁମକୁ ଭାରି ବିସ୍ମୟାଭିଭୂତ କରି ପକାଉଥିବା ପରି ମନେ ହେଉଛି, ନୁହଁ ! (ଜଣେ ପିଲାକୁ) ତୁମେ ଏପରି କେବେହେଲେ ଅନୁଭବ କର ନାହିଁ,—କରିଛ ?

ମୁଁ ଜାଣି ନାହିଁ ।

ତୁମେ ଠିକ୍ ଭାବରେ କହିପାରୁ ନାହିଁ ! (ମାଆ ଦୀର୍ଘକାଳ ନୀରବ ରହିଲେ)

ସେହି ଅନୁଭୂତି ହୋଇ ସାରିବା ପରେ ତୁମେ ଅନୁଭବ କର, ତୁମେ ସତେଯେପରି ଏଥର ପ୍ରକୃତରେ ବଞ୍ଚିବାକୁ ଆରମ୍ଭ କରିଛ,— ଜୀବନ ଯେ ପ୍ରକୃତରେ କ'ଣ, ସତେଯେପରି ଏହା ପୂର୍ବରୁ ତୁମେ ସେକଥା କେବେହେଲେ ଜାଣି ନ ଥିଲ ! ସତେଯେପରି ଜୀବନ ଭିତରେ ହଠାତ୍ ଏକ ପୂର୍ଣ୍ଣପ୍ରବେଶ ଘଟିଥିଲା ପରି ବୋଧ ହୁଏ । ତାହା ଆଦୌ ପାସୋରି ଯାଏ ନାହିଁ ।

'oaob.nitrkl.ac.in' images reprocessed

(ଗୋଟିଏ ପିଲାକୁ) ତା'ପରେ ?

ମାଆ, ଅନ୍ତର୍ବୋଧ ପ୍ରକୃତରେ କେଉଁ ଭୂମିର ସମ୍ପଦ ?

ଗତଥର ଆମେ ଯେଉଁ ଭୂମିଗୁଡ଼ିକର କଥା ପକାଇଥିଲେ, ଏହା ହେଉଛି ତାହାର ମଧ୍ୟରୁ ଗୋଟିଏ ଭୂମିର ଅଥବା ରାଜ୍ୟର ସମ୍ପଦ । ସେହି ଭୂମି-ଗୁଡ଼ିକ ଉଚ୍ଚତର ମନ ଏବଂ ଅଧିମାନସର ମଧ୍ୟବର୍ତ୍ତୀ ହୋଇ ରହିଛି ।

ମାଆ, ଏହି ଅନ୍ତଃବୋଧର ପ୍ରକାଶ ଘଟେ କିପରି ?

ଏହାର ପ୍ରକାଶ କିପରି ଘଟେ ? ଏହା ଏପରି ଗୋଟିଏ ବସ୍ତୁ, ଯାହାକି କୌଣସି କାରଣ, କୌଣସି ବିଶ୍ଳେଷଣ ଏବଂ କୌଣସି ନିଗମନ ବ୍ୟତୀତ ସଂଘଟିତ ହୋଇଥାଏ । ଆମେ ହଠାତ୍ ଗୋଟିଏ ବିଷୟକୁ ଜାଣିବାକୁ ସମର୍ଥ ହେଉ, — ତାହା ପଛରେ କୌଣସି ଯୁକ୍ତିବିବେଚନା ନ ଥାଏ, କୌଣସି ବିଶ୍ଳେଷଣ, ନିଗମନ ବା ମନନ ନ ଥାଏ, ଆମର ମସ୍ତିଷ୍କ ଆଦୌ କୌଣସି ପ୍ରକାରେ କାମରେ ଲାଗ ନ ଥାଏ । କୌଣସି ସମସ୍ୟାର ଉପାଦାନଗୁଡ଼ିକୁ ଏକତ୍ର କରି ଆମେ ଆଦୌ ସେଗୁଡ଼ିକର କୌଣସି ସମାଧାନ କରିବାକୁ ଚେଷ୍ଟା କରି ନ ଥାଉ । ଏପରି ମୋଟେ ହୁଏ ନାହିଁ । ତାହା ଆମର ଚେତନା ମଧ୍ୟରେ ହଠାତ୍ ସଫେଇଥିବା ଏକ ଆଲୋକ ପରି ଆସି ପ୍ରବିଷ୍ଟ ହୁଏ; ତାହା ମସ୍ତକସ୍ଥାନରେ ପ୍ରବେଶ କରିପାରେ, ତାହାର ଟିକିଏ ତଳକୁ ହୋଇପାରେ, କିଂବା ଆଉ କୌଣସି ଅନ୍ୟ ଜାଗାରେ ବି ହୋଇପାରେ । ଚେତନାକ୍ଷେତ୍ରରେ ଏକ ଆଲୋକର ପ୍ରବେଶ ଘଟେ ଏବଂ ତାହା ଆମକୁ ଏକ ନିର୍ଦ୍ଦିଷ୍ଟ ବିଷୟରେ ଯଥାର୍ଥ ଜ୍ଞାନଟିକୁ ଆଣି ଦେଇଯାଏ । ଏବଂ, ଆଦୌ କୌଣସି ବିଶ୍ଳେଷଣ ଅଥବା ନିଗମନ ଫଳରେ ସେପରି ଘଟି ନ ଥାଏ । ବସ୍ତୁତଃ, ଏହାକୁହିଁ ଏକାତ୍ମକତା ଦ୍ୱାରା ଜ୍ଞାନ ଅର୍ଜନ କରିବାର ସର୍ବପ୍ରଥମ ଅଭିବ୍ୟକ୍ତି ରୂପ ବୋଲି ବୁଝାଯିବ । ଏକାତ୍ମକତା ଦ୍ୱାରା ଜ୍ଞାନଲାଭ,—ତୁମେମାନେ ତାହାର ଅର୍ଥ ଜାଣିଛ ?

ଯଦି ଆମେ ସଫଳ ଭାବରେ କୌଣସି ବସ୍ତୁ ସହିତ ଏକାତ୍ମକତା ଅର୍ଜନ କରିପାରୁ, ତେବେ ସେହି ସମୟଟି ଲାଗି ଆମେ ସେହି ବସ୍ତୁରେ ପରିଣତ ହୋଇଯାଉ; ଏବଂ ସେହି ବସ୍ତୁରେ ପରିଣତ ହୋଇଯିବା ଦ୍ୱାରା ଆମେ ସେହି ବସ୍ତୁ ମଧ୍ୟରେ ରହିଥିବା ସବୁକିଛିକୁ ଜାଣିପାରୁ । ଏଥିପାଇଁ ଅନୁମାନ କରିବାର ଅଥବା ମନରେ ଚାହିଁବାର ଆଦୌ କୌଣସି ପ୍ରୟୋଜନ ନ ଥାଏ । (ମାଆ ଦୀର୍ଘକାଳ ନୀରବ ରହିଲେ) ବୁଝିଲ ?

ପ୍ରକୃତରେ, ଏହି କ୍ଷେତ୍ରରେ ପୂର୍ବେଦୃଷ୍ଟିର ଏକ ଆକାର ରହିଥାଏ ସତ, ମାତ୍ର ଏହାର ପ୍ରକୃତ ଅବିକଳ ସେହି ଏକାଭଳି ନୁହେଁ । ସାଧାରଣତଃ, ଏକା-ତ୍ମକତା ଦ୍ୱାରା ଜ୍ଞାନଲାଭ କରିବାର ସାମର୍ଥ୍ୟରୁ ପୂର୍ବେଦୃଷ୍ଟିର ଉଦ୍ଭବ ହୋଇଥାଏ ।

'oaob.nitrkl.ac.in' images reprocessed

ଯଦି ଆମେ କୌଣସି ବସ୍ତୁ ମଧ୍ୟକୁ ଆପଣା ଚେତନାର ପ୍ରକ୍ଷେପଣ ଘଟାଇ ପାରିବା, —କୌଣସି ଏକ ପଦାର୍ଥ ବା, ଏକ ଘଟନା ଅଥବା ଜଣେ ବ୍ୟକ୍ତି ମଧ୍ୟକୁ ଚେତନାର ସେହି ପ୍ରକ୍ଷେପଣଟିକୁ ସମ୍ଭବ କରିପାରିବା ତେବେ ଆମର ଚେତନା ଯେଉଁ ବସ୍ତୁଟି ସହିତ ଯାଇ ସମ୍ମିଳିତ ହୋଇ ରହିଥିଲା, ଆମେ ପରେ ଅବଶ୍ୟ ସେହି ବସ୍ତୁଟିର ଏକ ନିର୍ଭୁଲ ସୂଚନା ଲାଭ କରିପାରିବା । ଏବଂ, ଏହାହିଁ ଆମକୁ କ୍ରମଶଃ ଏକ ସମଗ୍ର ଏବଂ ସମ୍ପୂର୍ଣ୍ଣ ଜ୍ଞାନ ମଧ୍ୟକୁ ପରିଚାଳିତ କରି ନେଇଯିବ । ବସ୍ତୁତଃ, ଏହାହିଁ ହେଉଛି ଜ୍ଞାନଲାଭ କରିବାର ଏକମାତ୍ର ମାର୍ଗ; ଏବଂ ଯଦି ଆମେ ଏହି ମାର୍ଗରେ ଯଥେଷ୍ଟ ପରିମାଣରେ ଅଧିକ ଦୂର ଅଗ୍ରସର ହୋଇଯାଇପାରିବା ଏବଂ ସଫଳତା ସହିତ ଆପଣାକୁ ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ କରି ରଖିପାରିବା, ତେବେ ଆମେ ଦିବ୍ୟଜ୍ଞାନ ଅର୍ଜନ କରିପାରିବା ଓ ଏହା ଆମ ଲାଗି କଦାପି ଅସମ୍ଭବ ହୋଇ ରହିବ ନାହିଁ । ତାହା ଏକ ସମ୍ଭାବନାରେ ପରିଣତ ହୋଇଯିବ, କାରଣ ଏହି ବିଶ୍ୱଭୁବନ ପ୍ରକୃତରେ ସେହିପରିହିଁ ତିଆରି ହୋଇ ରହିଛି, ସେଇଥିପାଇଁହିଁ ତିଆରି ହୋଇ ରହିଛି । କେବଳ ଏତିକି କଥା ଯେ, ତାହା ଉଚିତ ମାର୍ଗଟିରୁ ସ୍ଖଳିତ ହୋଇଯାଇଛି; କାହିଁକି ଯେ ସ୍ଖଳିତ ହୋଇଯାଇଛି, ସେକଥା କେହି କହି ପାରିବେ ନାହିଁ ପ୍ରକୃତରେ ଆମ ଲାଗି କେତେ ବିଚିତ୍ର ବିଷୟମାନ ଦୃଷ୍ଟିଗୋଚର ନ ହେଉଛି ! ·· ଆମେ ଯେ ପ୍ରକୃତ ସତ୍ୟଟିକୁ ଜାଣିଛୁ, ସେହି ବିଷୟରେ ନିଶ୍ଚିତ ହୋଇ ରହିବା, ଏବଂ ତା'ପରେ, ଏହା ଯେ କିପରି ଘଟୁଛି, ଯୁଗପତ୍ ଭାବରେ ସେହି ବିଷୟରେ ବିସ୍ମୟ ପ୍ରକାଶ କରୁଥିବା ।

ଆଉଜଣେ ବ୍ୟକ୍ତିର ଚେତନା ମଧ୍ୟରେ ପ୍ରବେଶ କରି ସେଠାରେ ଠିକ୍ କ'ଣସବୁ ଘଟୁଛି, ତୁମେମାନେ ତାହାକୁ ଜାଣିବା ସକାଶେ କେବେହେଲେ ଚେଷ୍ଟା କର ନାହିଁ ? ଏଠାରେ ଆପଣାର ଚେତନାକୁ ଆଉକାହା ଭିତରକୁ ପ୍ରକ୍ଷେପିତ କରି ରଖିବାର କଥା କୁହାଯାଉ ନାହିଁ, କାରଣ ସେତେବେଳେ ତୁମେ ଆପଣାକୁ ତା'ଭିତରେ ନେଇ ଅବସ୍ଥାପିତ କରି ରଖିଥାଅ ଏବଂ ତାହା ଆଦୌ ଆଗ୍ରହୋ- ଦ୍ଦୀପକ ହୁଏ ନାହିଁ । ମାତ୍ର, ତୁମେ ତା'ଭିତରେ ରହିଥିବା ଚେତନା ସହିତ ଏକ ସମ୍ବନ୍ଧସ୍ଥାପନ କର । ଉଦାହରଣସ୍ୱରୂପ, ଯେତେବେଳେ କୌଣସି ବା କୌଣସି କାରଣରୁ ତୁମେମାନେ ବିଷୟଗୁଡ଼ିକ ବିଷୟରେ ଏକମତ ହୋଇପାର ନାହିଁ; ଜଣେ ସେଗୁଡ଼ିକୁ ଏପରି ଦେଖୁଥାଏ ତ ଆଉଜଣେ ଆଉଗୋଟାଏ ପରି ଦେଖୁଥାଏ । ଲୋକମାନଙ୍କ ଭିତରେ ବିବେକ ଥିଲେ ସେମାନେ ସେହି କଥାକୁ ନେଇ ଆଦୌ କଳହ କରନ୍ତି ନାହିଁ । ମାତ୍ର ବିବେକୀ ନ ହୋଇଥିଲେ କଳହ କରନ୍ତି । ମାତ୍ର ସେହି ପରିସ୍ଥିତିରେ, କଳହ ନ କରି, ଅନ୍ୟର ଚେତନା ମଧ୍ୟରେ ପ୍ରବେଶ କରି ସିଏ କାହିଁକି ସେପରି ଭାବରେ କହୁଛି, କାହା ଦ୍ୱାରା ତାଡ଼ିତ ହୋଇ ସିଏ ଏପରି

'oaob.nitrkl.ac.in' images reprocessed

କରୁଛ ବା ସେପରି କହୁଛ, ଆପଣାକୁ ସେହି ପ୍ରଶ୍ନଟିକୁ ପଚାରିବାକୁ ହୋଇଥାଏ । ଅସଲ ଭିତରି କାରଣଟି କ'ଣ, ବସ୍ତୁଗୁଡ଼ିକୁ କେଉଁ ଦୃଷ୍ଟିରୁ ଦେଖୁଥିବାରୁ ସେ ଏପରି ଏକ ଦୃଷ୍ଟିକୋଣ ଗ୍ରହଣ କରିଛି ? ଏହା ପ୍ରକୃତରେ ଅତି ଆଗ୍ରହୋଦ୍ଦୀପକ । ଏପରି କରିପାରିଲେ ତୁମର ରାଗ ସଙ୍ଗେ ସଙ୍ଗେ କୁଆଡ଼େ ଅନ୍ତର୍ହିତ ହୋଇଯିବ । ପ୍ରଥମ କଥା ହେଉଛି : ତୁମେ ଆଉ ମୋଟେ ରାଗିପାରିବ ନାହିଁ । ତେଣୁ, କେବଳ ଏତିକରେହିଁ ତୁମର ଏକ ମସ୍ତବଡ଼ ଲାଭ ହୋଇଯିବ । ଏବଂ ଏପରି ମଧ୍ୟ ଘଟିବ ଯେ, ସେହି ଅନ୍ୟ ବ୍ୟକ୍ତି ତୁମ ଉପରେ ରାଗିବାରେ ଲାଗିଥିଲେ ମଧ୍ୟ, ତୁମ ଉପରେ ଆଦୌ ତାହାର କୌଣସି ପରିଣାମ ହେଉ ନ ଥିବ ।

ଏବଂ ତା'ପରେ, ପରେ ଆମେ ଆପଣାକୁ ଅଧିକ ପରିପୂର୍ଣ୍ଣ ଭାବରେ ଏକାତ୍ମକ କରି ରଖିବାକୁ ଚେଷ୍ଟା କରି ପାରିବା, ତଦ୍ଦ୍ୱାରା ଯାବତୀୟ ବିଭଜନ ଏବଂ ବିକୃତିର ଗତିସ୍ପନ୍ଦନଗୁଡ଼ିକୁ ବନ୍ଦ କରି ରଖିପାରିବା ଏବଂ ଯାବତୀୟ କଳହକୁ ବନ୍ଦ କରିଦେଇ ପାରିବା । ଏହା ପ୍ରକୃତରେ ଅତ୍ୟନ୍ତ ଉପଯୋଗୀ ।

(ଜଣେ ପିଲାକୁ) ଏହିପରି କରିବା ଲାଗି ମୁଁ ତୁମକୁ ଏକାଧିକ ବାର ପରାମର୍ଶ ଦେଇସାରିଛି ବୋଲି ଭାବୁଛି । ମୋ'ର ବେଶ୍ ମନେଅଛି । ତୁମେ ଚେଷ୍ଟା କରୁଛ ତ ? ତୁମକୁ—ମୁଁ ତୁମକୁ ପଚାରୁଛି । ତୁମେ ଚେଷ୍ଟା କରିଛ ? କରି ନାହିଁ । ତୁମେ ପ୍ରକୃତରେ ଭାରି ଅନିଚ୍ଛୁକ । ନୁହେଁ ? (ପିଲାଟି ମୋଟେ କିଛି କହୁ ନ ଥାଏ) ନା—ସେଠାରୁ ମୋଟେ କଥା ବାହାରିବ ନାହିଁ···ଆଚ୍ଛା ହେଉ; ଆମେ ସେବିଷୟରେ ଆଉ କୌଣସି କଥା ପକାଇବା ନାହିଁ ।

ତେବେ ଏଇଠି ସରିଲା ପିଲାମାନେ ! ଆଉକିଛି ପଚାରିବାକୁ ଅଛି ? କିଛି ନାହିଁ ? ସେଠାରେ ମଧ୍ୟ କିଛି ନାହିଁ ?

ମାଆ, କେନ୍ଦ୍ରସ୍ଥ ସତ୍ତାକୁ ଚୈତ୍ୟସତ୍ତା ବୋଲି କୁହାଯିବ କି ?

ଅତ୍ୟଧିକ-ସଂଖ୍ୟକ ବ୍ୟକ୍ତିମାନଙ୍କ ଲାଗି ଚୈତ୍ୟସତ୍ତା ହେଉଛି କେନ୍ଦ୍ରରେ ଅବସ୍ଥିତ ରହିଥିବା ସତ୍ତା । ମାତ୍ର, କେନ୍ଦ୍ରସ୍ଥ ସତ୍ତାକୁ ଆମେ ଆଉ ଏକ ଅଧିକ କେନ୍ଦ୍ରସ୍ଥ ଚେତନା ଓ ସ୍ଥିତି ସହିତ ସମତୁଲ କରି ବିଚାର କରି ପାରିବା । ତାହାକୁ ଗୋଟାପୁଙ୍ଖା ଏକ ମାନବୀୟ ସତ୍ତା ବୋଲି ଆଦୌ କୁହାଯିବ ନାହିଁ । ମାତ୍ର—ଏହା ଅତ୍ୟନ୍ତ କ୍ୱଚିତ୍ ଦେଖିବାକୁ ମିଳେ ବୋଲି ମୁଁ ଅବଶ୍ୟ କହିପାରିବି ନାହିଁ, ମାତ୍ର ତଥାପି ତାହା ସଚରାଚର ଆଦୌ ଦୃଷ୍ଟିଗୋଚର ହୁଏ ନାହିଁ ।

ସରିଲା ?

ନଅଟା ବାଜିଲାଣି । ଏତିକିରେ ହେଲା ତ ?

ବାସ୍ । ସରିଲା ।

'oaob.nitrkl.ac.in' images reprocessed

# ୧୫ ଡିସେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ତୃତୀୟ ଅଧ୍ୟାୟ, "ବାଧା ମଧ୍ୟରେ" ବିଷୟଟି ଉପରେ ଏହି ପ୍ରବଚନଟି ଆଧାରିତ ।

"ମାନସିକ ସାକ୍ଷୀ"ର ଅର୍ଥ କ'ଣ ?

ସାକ୍ଷୀ ବିଷୟରେ ଆମେ ଆଗରୁ ଏକାଧିକ ବାର ଆଲୋଚନା କରିସାରିଛୁ । ବର୍ତ୍ତମାନ ତୁମେ ମାନସିକ ସାକ୍ଷୀ କଥା ପଚାରିଲ, ଏହି କ୍ଷେତ୍ରରେ ଯାହା ଏତକମାତ୍ର ଫରକ ରହିଛି ।

ସାକ୍ଷୀମାନେ ସର୍ବତ୍ର ରହିଛନ୍ତି । ସାକ୍ଷୀ କହିଲେ ସତ୍ତାର ନିଜକୁ ଅସଲଗ୍ନ କରି ରଖିବାର ଏକ ସାମର୍ଥ୍ୟକୁ ବୁଝାଏ, ଅନ୍ତରାଳରେ ଠିଆ ହୋଇ ଯାହାସବୁ ଘଟୁଛି ତାହାକୁ ଅବଲୋକନ କରିବାର ସାମର୍ଥ୍ୟକୁ ବୁଝାଏ । ଉଦାହରଣସ୍ୱରୂପ, ଆମେ ଯେପରି ରାସ୍ତାରେ ଘଟୁଥିବା କୌଣସି ଘଟଣାକୁ ଚାହିଁ ଦେଖୁଥାଉ, ବା ଅନ୍ୟମାନେ ଖେଳୁଥିବାର ଦେଖୁଥାଉ ମାତ୍ର ସ୍ୱୟଂ ସେହି ଖେଳରେ ଅଂଶଗ୍ରହଣ କରୁ ନ ଥାଉ, ଆମେ ଗୋଟିଏ ଜାଗାରେ ବସିଥାଉ, ଅନ୍ୟମାନେ ସଚଳ ହୋଇ ରହିଥିବାର ଦେଖୁଥାଉ, ମାତ୍ର ଆପେ ନିଶ୍ଚଳ ହୋଇ ବସିଥାଉ, ତାହାହିଁ ସାକ୍ଷୀ ହେବାକୁ ବୁଝାଏ ।

ଆମ ସତ୍ତାର ଯାବତୀୟ ସ୍ତରରେ ଗୋଟିଏ ଏପରି ପାର୍ଶ୍ୱ ରହିଛି, ଯାହାକି ଏହି କଥାଟିକୁ କରିପାରେ : ଆପଣାକୁ ନେଇ ଅନ୍ତରାଳରେ ରଖେ, ସ୍ଥିର ହୋଇ ଅବଲୋକନ କରେ ଏବଂ ନିଜେ କୌଣସି ଅଂଶଗ୍ରହଣ କରେ ନାହିଁ । ଏହିପରି ହେବାକୁହିଁ ସାକ୍ଷୀ କୁହାଯାଏ । ଆମଭିତରେ ଏହିପରି ଅନେକ ସାକ୍ଷୀ ରହିଛନ୍ତି, ଏବଂ, ଅନେକ ସମୟରେ ସେହି ବିଷୟରେ ଆଦୌ ସଜ୍ଞାନ ନ ହୋଇ ମଧ୍ୟ ଆମେ ସାକ୍ଷୀର ଭୂମିକା ଗ୍ରହଣ କରିଥାଉ । ଏବଂ, ଏହି ସାମର୍ଥ୍ୟଟିକୁ ବିକଶିତ କରିପାରିଲେ, ତାହା ତୁମକୁ ସର୍ବଦା ସ୍ଥିର ରହିବା ଏବଂ ବସ୍ତୁଗୁଡ଼ିକ ଦ୍ୱାରା ଆଦୌ ବିଚଳିତ ନ ହେବାର ସମ୍ଭାବନାଟିକୁ ଆଣିଦେଇଥାଏ । ତୁମେ ଯେତେବେଳେ ଅନ୍ୟମାନଙ୍କଠାରୁ ଆପଣାକୁ ଅସଲଗ୍ନ କରି ରଖିଥାଅ, ସତେଅବା କୌଣସି ନାଟକ ଦେଖୁଥିବା ପରି ତାହାକୁ ଦେଖୁଥାଅ ଏବଂ ସେଥିରେ ଆଦୌ

'oaob.nitrkl.ac.in' images reprocessed

କୌଣସି ସ୍ଥିର ନଅ ନାହିଁ । ଏହାଦ୍ୱାରା ବସ୍ତୁଗୁଡ଼ିକରେ ଖିଦ୍‌ଗୁଡ଼ାଏ ପରିବର୍ତ୍ତନ ମୋଟେ ହୋଇଯାଏ ନାହିଁ ।

> ମାଆ, ଏଠାରେ ଆମର ଅନେକ କଥା ଶିକ୍ଷା କରିବାର ସୁଯୋଗ ରହିଛି; ମାତ୍ର ଆମେ ସର୍ବଥା ସେହି ସୁଯୋଗର ମୋଟେ ସଦ୍‌-ବ୍ୟବହାର କରୁ ନାହିଁ ।

ହଁ, କର ନାହିଁ । କାରଣ ଏହି ସୁଯୋଗସବୁ ତୁମକୁ ଖୁବ ସହଜରେ ମିଳି ଯାଇଥାଏ । ଯେଉଁ ବସ୍ତୁଗୁଡ଼ିକୁ ପାଇବା ଲାଗି ଆମେ ଅନେକ ପ୍ରୟାସ କରିଥାଉ, ଆମେ ସେଗୁଡ଼ିକର ମୂଲ୍ୟକୁ ବି ବୁଝୁ । ମାତ୍ର, ଏସବୁ ତୁମକୁ ଏପରି ଭାବରେ ଉପଲବ୍ଧ ହୋଇପାରିଲା, କାରଣ ସଂଯୋଗବଶତଃ ତୁମର ପିତାମାତା ଏଠାରେ ବାସ କରିବାକୁ ଆସିଲେ । ତୁମେମାନେ ନିଜେ ଏକ ସ୍ୱନିର୍ବାଚନ ଦ୍ୱାରା ଏଠାକୁ ମୋଟେ ଆସି ନାହଁ । ତୁମମାନଙ୍କୁ ଆଣି ଏଠାରେ ଏହି ବାତାବରଣ ମଧ୍ୟରେ ରଖି ଦିଆଯାଇଛି । ···ତୁମମାନଙ୍କ ଭିତରୁ ଅନେକେ ଅତି ସାନ ଥିବା ସମୟରୁହିଁ ଏଠାରେ ଆସି ରହିଛ; ଏହି ବାତାବରଣ ସହିତ ଅଭ୍ୟସ୍ତ ହୋଇଯାଇଛ, ଏହା ତୁମକୁ ବେଶ୍ ସ୍ୱାଭାବିକ ବୋଲି ମନେହେଉଛି, କାରଣ ତୁମେ ସବୁବେଳେ ଏଠାରେ ରହିଆସିଛ । ଏବଂ, ଆମେ ଏଠାରେ ଯେଉଁ ପରିବେଶଗୁଡ଼ିକ ଭିତରେ ରହୁଛୁ ଏବଂ ବାହାରେ ଆଉ କୌଣସି ସ୍ଥାନରେ ଯେଉଁସବୁ ପରିବେଶ ରହିଛି, ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟ ସମ୍ବନ୍ଧରେ ମଧ୍ୟ ତୁମର ଆଦୌ କୌଣସି ଜ୍ଞାନ ନାହିଁ । ଯଦି ତୁମମାନଙ୍କୁ ହଠାତ୍ ବାହାରେ ଥିବା ପୃଥିବୀ ମଧ୍ୟକୁ ନେଇ ଦିଆଯାଆନ୍ତା, ତେବେ ସମ୍ଭବତଃ ତୁମମାନଙ୍କ ଭିତରୁ ଅଧିକାଂଶଙ୍କର ସମ୍ପୂର୍ଣ୍ଣରୂପେ ବୁଦ୍ଧି ବଣା ହୋଇ ଯାଆନ୍ତା । ଏଠି ଆଉ ସେଠି,—ଦୁଇଟି ସ୍ଥାନର ଜୀବନଧାରା ପରସ୍ପରଠାରୁ ଏକାବେଳେକେ ଅଲଗା । ଏବଂ ଏଠାରେ ତୁମେ ବିଭିନ୍ନ ବସ୍ତୁ ସହିତ ଏପରି ଭାବରେ ଅଭ୍ୟସ୍ତ ହୋଇ ରହିଯାଇଛ ଯେ, ଏସବୁ ତୁମମାନଙ୍କୁ ଅତ୍ୟନ୍ତ ସ୍ୱାଭାବିକ ସଦୃଶ ମନେ ହେଉଛି, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏଠାରେ ଉପଲବ୍ଧ ହେଉଥିବା ସୁଯୋଗଗୁଡ଼ିକରୁ ତୁମେମାନେ ଆଦୌ ଯଥାସମ୍ଭବ ଅଧିକ ଲାଭ ଉଠାଇ ପାରୁ ନାହଁ । କାରଣ, ବସ୍ତୁଗୁଡ଼ିକ ଦ୍ୱାରା ଲାଭବାନ୍ ହେବାକୁ ହେଲେ ପ୍ରଥମେ ସେଗୁଡ଼ିକର ମୂଲ୍ୟ ବୁଝିବାକୁ ପଡ଼ିବ । ମାତ୍ର ଏଠାରେ ସବୁକିଛିକୁ ତୁମେମାନେ ଏତେ ସ୍ୱାଭାବିକ ବୋଲି ଧରିନେଉଛ ଯେ, ତୁମେ ସେଗୁଡ଼ିକର ମୂଲ୍ୟକୁ ହୃଦୟଙ୍ଗମ କରିପାରୁ ନାହଁ । ତେଣୁ ଏହିପରି ହେଉଛି । ଏବଂ, ମନୁଷ୍ୟର ପ୍ରକୃତି ସତତ ସନ୍ତୁଷ୍ଟ ଅନୁଭବ କରିପାରୁ ନ ଥିବାରୁ, ତୁମକୁ ଏଠାରେ ମଧ୍ୟ ଅସନ୍ତୁଷ୍ଟ ହେବା ଲାଗି କେତେ ଅବସର ମିଳିଯାଉଛି । ସେତେବେଳେ ତୁମେ ଏହି କଥାଟିକୁ

'oaob.nitrkl.ac.in' images reprocessed

ମୋଟେ ବୁଝିପାରୁ ନାହିଁ ଯେ, ଯଦି ତୁମେମାନେ ଅନ୍ୟକୌଣସି ପରିବେଶରେ ରହୁଥାନ୍ତ, ତେବେ ସେଗୁଡ଼ିକ ତୁମ ଲାଗି ଆହୁରି ଅଧିକ ଅସନ୍ତୋଷ ଏବଂ [···] (ପାଣ୍ଡୁଲିପି ଉତ୍ତରରେ କେତୋଟି ଶବ୍ଦ ବାଦ୍ ପଡ଼ିଯାଇଛି)ର କାରଣ ହୋଇଥାନ୍ତେ । ତୁଳନା କରି ଦେଖିବା ଲାଗି ତୁମମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଖରେ ଆଦୌ କୌଣସି ବସ୍ତୁ ନାହିଁ । ତୁମମାନଙ୍କ ପାଖରେ ସେଗୁଡ଼ିକ ଥାଆନ୍ତା ବୋଲି ମୁଁ ମୋଟେ ଇଚ୍ଛା କରୁ ନାହିଁ । ମୁଁ ତାହା ଲାଗି ଏପରି ଏକ ଅବସ୍ଥା ଆଦୌ ଇଚ୍ଛା କରୁ ନାହିଁ । ତଥାପି, ଏହାକୁହିଁ ଆମେ କାରଣ ବୋଲି ଜାଣିବା । ତୁମେ ମୋତେ କାରଣ କ'ଣ ବୋଲି ପଚାରିଲ : ଏହାହିଁ ହେଉଛି ତା'ର କାରଣ । କାରଣ ହେଉଛି ଯେ ଏଠାରେ ଯାବତୀୟ ବସ୍ତୁ ତୁମକୁ ଅତି ସ୍ୱାଭାବିକ ଭାବରେ ମିଳିଯାଉଛି, ତୁମକୁ ଏ ବିଷୟରେ କିଛି ଭାବିବାକୁ ମଧ୍ୟ ପଡ଼ୁ ନାହିଁ ।

ମୁଁ ଏହି କଥାଟିକୁ ବୁଝିପାରୁ ନାହିଁ : "ଏଥିରେ (ସମାଧିରେ) ରହିଥିବା ଅସୁବିଧାଟି ହେଉଛି ଯେ, ଏହା କ୍ରମଶଃ ଅପରିହାର୍ଯ୍ୟ ହୋଇପଡ଼େ ଏବଂ ଜାଗ୍ରତ ଚେତନାର ସମସ୍ୟାଟିର ଆଉ କୌଣସି ସମାଧାନ ହୋଇପାରେ ନାହିଁ; ତାହା ସେହିପରି ଅପରିଶୁଦ୍ଧ ରହିଯାଏ ।" "ଜାଗ୍ରତ ଚେତନାର କୌଣସି ସମାଧାନ ହୋଇପାରେ ନାହିଁ"—ଏହାର ଅର୍ଥ କ'ଣ ?

ସେପରି ହେବା ଅତ୍ୟନ୍ତ ସ୍ୱାଭାବିକ । କାରଣ, ଧ୍ୟାନସ୍ଥ ହେବା ପାଇଁ ଅର୍ଥାତ୍ ଅନ୍ତର୍ଜଗତ ସହିତ ଏକ ସମ୍ବନ୍ଧ ସ୍ଥାପନ କରିବା ପାଇଁ ତୁମକୁ ଯଦି ସମାଧିରେ ଯାଇ ପ୍ରବେଶ କରିବାକୁ ପଡ଼ୁଥାଏ, ତେବେ ତୁମର ଜାଗ୍ରତ ଚେତନା ଯାହା ଥାଏ ତାହାହିଁ ରହିଯାଏ ଓ ସେଥିରେ ଆଦୌ କୌଣସି ପରିବର୍ତ୍ତନ ହୁଏ ନାହିଁ । ଅନେକ ଲୋକଙ୍କର କେବଳ ଏକ ଗଭୀର ଧ୍ୟାନାବସ୍ଥାରେହିଁ ଏକ ଉଚ୍ଚତର ଚେତନା ରହିଥାଏ ବୋଲି ମୁଁ ଥରେ ଯାହା କହିଥିଲି, ତଦ୍ଦ୍ୱାରା ଏକ ଅନ୍ୟ ଭାଷାରେ ଏହି କଥାଟିକୁହିଁ ସେତେବେଳେ କହିଥିଲି । ଧ୍ୟାନାବସ୍ଥା ମଧ୍ୟରୁ ବାହାରି ଆସିବା ପରେ ସେମାନଙ୍କର ଚେତନାରେ ପୂର୍ବ ତୁଳନାରେ ଆଦୌ କୌଣସି ଉନ୍ନତି ହୋଇ ନ ଥାଏ । ସେମାନଙ୍କର ସବୁଯାକ ଦୋଷ ସେହିପରି ରହିଥାନ୍ତି ଏବଂ, ସେମାନେ ଆପଣାର ଜାଗ୍ରତ ଚେତନାଟି ମଧ୍ୟକୁ ଲେଉଟି ଆସିବା ସଙ୍ଗେ ସଙ୍ଗେ ସେହି ଦୋଷଗୁଡ଼ିକ ମଧ୍ୟ ପୁନର୍ବାର ଲେଉଟି ଆସନ୍ତି । ଏହିପରି ଭାବରେ ସେମାନେ ଆଦୌ କୌଣସି ଅଗ୍ରଗତି କରିପାରନ୍ତି ନାହିଁ, କାରଣ ନିଜର ଅନ୍ତର୍ଗତ ଚେତନା ଅର୍ଥାତ୍ ସେମାନଙ୍କର ସତ୍ତାଗତ ସତ୍ୟ ଏବଂ ନିଜର ବାହ୍ୟ ଜୀବନଟି

'oaob.nitrkl.ac.in' images reprocessed

ମଧ୍ୟରେ ସେମାନେ ଆଦୌ କୌଣସି ସମ୍ବନ୍ଧ ପ୍ରତିଷ୍ଠା କରନ୍ତି ନାହିଁ । ସେମାନେ ଦେହରୁ ଆପଣାର ବାହ୍ୟ ପରିଧାନଟିକୁ କାଢ଼ିଦେଲା ପରି ବାହ୍ୟ ପ୍ରକୃତିକୁ ମଧ୍ୟ କାଢ଼ି ପକେଇବା ଗୋଟିଏ କୋଣକୁ ନେଇ ରଖିଦିଅନ୍ତି : "ତୁ ଏଇଠି ଥିବୁ, ଚୁପ୍ ହୋଇ ଥିବୁ, ମୋତେ ଆଉ କୌଣସି ବାଧା ଦେବୁ ନାହିଁ । ତୁ ପ୍ରକୃତରେ ଖୁବ ଅନିଷ୍ଟ କରୁଛୁ, ଖୁବ ଉପଦ୍ରବ କରୁଛୁ ।" ତା'ପରେ ସେମାନେ ଧ୍ୟାନ ଭିତରେ ପ୍ରବେଶ କରନ୍ତି, ଧ୍ୟାନସ୍ଥ ହୁଅନ୍ତି, ଆପଣାର ଗଭୀର ଅନୁଭୂତିଟିକୁ ଲାଭ କରିବାକୁ ଯାଆନ୍ତି । କିଛି ସମୟ ପରେ ସେଠାରୁ ଫେରି ଆସନ୍ତି, ପୁଣି ସେହି ପୁରୁଣା ପରିଧାନଟିକୁ ପିନ୍ଧନ୍ତି । ପରିଧାନଟିରେ ଆଦୌ କୌଣସି ପ୍ରକାର ପରିବର୍ତ୍ତନ ହୋଇ ନ ଥାଏ, ତାହା ସମ୍ଭବତଃ ଆଗ ଅପେକ୍ଷା ଆହୁରି ଅଧିକ ଅପରିଷ୍କାର ହୋଇ ରହିଥାଏ । ଏବଂ, ସେମାନେ ଧ୍ୟାନ ବ୍ୟତୀତ ଯେଉଁପରି ଥିଲେ, ଧ୍ୟାନ ପରେ ମଧ୍ୟ ଠିକ୍ ସେହିପରି ହୋଇ ରହିଯାଆନ୍ତି ।

ତୁମର ବାହ୍ୟ ପ୍ରକୃତି ମଧ୍ୟ ବଦଳୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ସେହି ବାହ୍ୟ ପ୍ରକୃତି ବିଷୟରେ ସଚେତନ ରହିଥିବା ଅବସ୍ଥାରେହିଁ ତୁମକୁ ସେହି ଅନ୍ୟ ଅଭିଜ୍ଞତାଟି ଲାଭ କରିବାକୁ ପଡ଼ିବ; ଏବଂ, ଏହି ଅଭିଜ୍ଞତାଟିରୁ ଯଥାର୍ଥରେ ଲାଭବାନ୍ ହେବାକୁ ଇଚ୍ଛା କରୁଥିଲେ ତୁମକୁ ଏହି ବାହ୍ୟ ସାଧାରଣ ଚେତନାଟି ସହିତ ତୁମର ରହିଥିବା ସମ୍ପର୍କଟିକୁ କଦାପି ଛିଡ଼ାଇ ଦେବାକୁ ପଡ଼ିବ ନାହିଁ । ଏପରି ଅନେକ ଲୋକ ଅଛନ୍ତି, — ଏପରି ଅନେକ ଲୋକଙ୍କୁ ମୁଁ ଜାଣିଛି, ଯେଉଁମାନେ କି ଘଣ୍ଟା ଘଣ୍ଟା ଧରି ଧ୍ୟାନ କରୁଥିଲେ, ପ୍ରାୟ ସର୍ବଦା ଧ୍ୟାନ କରୁଥିଲେ ··· ଆପଣାର ସମସ୍ତ ସମୟ ଧ୍ୟାନ କରି ବିତାଉଥିଲେ, ଏବଂ ଯଦି ଦୈବାତ୍, ଯଦି କୌଣସି ବ୍ୟକ୍ତି ସେମାନଙ୍କ ଧ୍ୟାନରେ କୌଣସି ବ୍ୟାଘାତ ଜନ୍ମାଉଥିଲା, ଯଦି ସେତେବେଳେ ସେମାନଙ୍କୁ କୌଣସି କାର୍ଯ୍ୟ କରିବାକୁ ପଡୁଥିଲା, ତେବେ ସେମାନେ ତତ୍‌କ୍ଷଣାତ୍ କ୍ରୋଧୋନ୍ମତ୍ତ ହୋଇ ଉଠୁଥିଲେ, ସମସ୍ତଙ୍କୁ ଭର୍ତ୍ସନା କରିବାରେ ଲାଗି ଯାଉଥିଲେ, ଧ୍ୟାନ ନ କରୁଥିଲେ ଯାହା ହୁଅନ୍ତା, ହୁଏତ ତାହାଠାରୁ ଅଧିକ ଅସହିଷ୍ଣୁ ହୋଇପଡ଼ୁଥିଲେ, ଯେକୌଣସି ସାଧାରଣ ମଣିଷ ଅପେକ୍ଷା ଅଧିକ ଅସହିଷ୍ଣୁତା ଦେଖାଉଥିଲେ । ଏପରି ଘଟୁଥିଲା, କାରଣ ସେମାନେ ସେମାନଙ୍କର ବାହ୍ୟ ଜୀବନ ସେମାନଙ୍କର ଗଭୀରତର ଜୀବନରେ ମଧ୍ୟ ଅଂଶଗ୍ରହଣ କରିପାରିବାର ସମ୍ଭାବନାକୁ ଅବହେଳିତ କରି ରଖିଥିଲେ । ସେମାନେ ନିଜକୁ ଦୁଇଭାଗ କରି କାଟି ପକାଉଥିଲେ; ତେଣୁ ଭିତରେ ଗୋଟିଏ ଭାଗ ରହିଥିଲା ଯାହାକି ଅଗ୍ରଗତି କରୁଥିଲା ଏବଂ ବାହାରେ ରହିଥିବା ଭାଗଟି କ୍ରମଶଃ ଅଧିକରୁ ଅଧିକ ଅସମର୍ଥ ହେବାରେ ଲାଗିଥିଲା, କାରଣ ତାହାକୁ ଏକାବେଳକେ ଅବହେଳିତ କରି ରଖାଯାଇଥିଲା ।

'oaob.nitrkl.ac.in' images reprocessed

ମାଆ, ଆପଣା ଉପରେ କର୍ତ୍ତୃତ୍ୱ ଅର୍ଜନ କରିବାକୁ ହେଲେ ବୈରାଗ୍ୟସାଧନାର ମାର୍ଗଟି ବେଳେବେଳେ କାମରେ ଆସେ ନାହିଁ କି ?

ନା—ତଦ୍ୱାରା କାହାର ଆରୋଗ୍ୟ ସମ୍ଭବ ହୁଏ ନାହିଁ । କେବଳ ଆପଣାକୁ ଏହିପରି ଏକ ଭ୍ରମରେ ପକାଇ ରଖିବାହିଁ ସାର ହୁଏ ଯେ ତୁମେ ଅବଶ୍ୟ ଅଗ୍ରଗତି କରିଛ; ମାତ୍ର ତଦ୍ୱାରା କୌଣସି ଆରୋଗ୍ୟ ସମ୍ଭବ ହୁଏ ନାହିଁ । ଏହାର ପ୍ରମାଣ ହେଉଛି ଯେ, ଯଦି ତୁମେ ବୈରାଗ୍ୟର ସେହି ମାର୍ଗଗୁଡ଼ିକୁ କେବେ ପରିତ୍ୟାଗ କରିଦିଅ, ତେବେ ତୁମେ ଯାହାକୁ ଆରୋଗ୍ୟ କରିବ ବୋଲି ଏସବୁ କରୁଥିଲ, ସେତେବେଳେ ତାହା ଅଧିକ ପ୍ରତାପଶାଳୀ ହୋଇ ଆସି ପହଞ୍ଚିଯାଏ, ସତେଅବା ଏକ ପ୍ରତିଶୋଧ ନେବାକୁ ଆସି ପହଞ୍ଚିଯାଏ । ବୈରାଗ୍ୟର ମାର୍ଗ କହିଲେ ତୁମେ କ'ଣ ବୁଝୁଛ, ଅବଶ୍ୟ ସବୁକିଛି ତାହାର ଉପରେ ନିର୍ଭର କରିବ । ଯଦି ତାହା ଯାବତୀୟ ବାସନାକୁ ଚରିତାର୍ଥ କରିବାର ମାର୍ଗଟିକୁ ପରିହାର କରିବାକୁ ବୁଝାଉଥାଏ, ତେବେ ତାହାକୁ ପ୍ରକୃତରେ ବୈରାଗ୍ୟସାଧନା ବୋଲି କୁହାଯିବ ନାହିଁ, ତାହାକୁ ଏକ ସାଧାରଣ ବୁଦ୍ଧି ବୋଲି କୁହାଯିବ । ଏହା ଏକ ଭିନ୍ନ ପ୍ରକାରର ଜିନିଷ । ବୈରାଗ୍ୟର ସାଧନା କହିଲେ ଲଗ୍‌ଲଗ୍ ଉପବାସ କରିବା, ଆପଣାକୁ ପ୍ରବଳ ଥଣ୍ଡା ସହିବା ଲାଗି ବାଧ୍ୟ କରିବା ପ୍ରଭୃତିକୁ ବୁଝାଏ; ବସ୍ତୁତଃ ଆପଣାର ଶରୀରକୁ କିଛିଟା ଉତ୍ପୀଡ଼ିତ କରି ରଖିବାକୁ ବୁଝାଏ । ଏହା ଦ୍ୱାରା ତୁମର ମନରେ କେବଳ ଏକ ଆଧ୍ୟାତ୍ମିକ ଗର୍ବଭାବ ଆସେ ସତ, ମାତ୍ର ଆଉ କିଛିହେଲେ ଲାଭ ହୁଏ ନାହିଁ । ଏହା ଦ୍ୱାରା ଆଦୌ କୌଣସି କର୍ତ୍ତୃତ୍ୱ ଅର୍ଜନ ସମ୍ଭବ ହୁଏ ନାହିଁ । ଏହା ହେଉଛି ଅନନ୍ତ ଗୁଣରେ ଏକ ସହଜ ମାର୍ଗ । ଏହା ଅତ୍ୟନ୍ତ ସହଜ ଓ ସରଳ ହୋଇଥିବାରୁହିଁ ଲୋକେ ଏହାର ଆଚରଣ କରନ୍ତି । ଏଥିରେ ତୁମର ଗର୍ବଭାବନା ବେଶ୍ ସନ୍ତୁଷ୍ଟ ହୋଇ ଯାଉଥିବାରୁ ଓ ବୃଥା ଗର୍ବଗୁଡ଼ାକ ମଧ୍ୟ ସ୍ଫୀତ ହେବାର ଅବକାଶ ଲାଭ କରୁଥିବାରୁ ତାହା ପ୍ରକୃତରେ ଅତ୍ୟନ୍ତ ସହଜ ହୋଇଯାଏ । ଏଥିରେ ଆପଣାର ବୈରାଗ୍ୟ ସାମର୍ଥ୍ୟଗୁଡ଼ିକର ଏକ ପୂର୍ଣ୍ଣ ପ୍ରଦର୍ଶନ କରିବାର ସୁଯୋଗ ମିଳିଥାଏ ଏବଂ ତେଣୁ ବ୍ୟକ୍ତି ନିଜକୁ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ବୋଲି ଜ୍ଞାନ କରୁଥାଏ । ଏବଂ ତାହାହିଁ ତାକୁ ଅନେକ କଥା ସହ୍ୟ କରିପାରିବା ଲାଗି ବେଶ୍ ସାହାଯ୍ୟ କରେ ।

ମାତ୍ର ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ସ୍ଥିର ଓ ସମାହିତ ରହି ନିଜର ପ୍ରବଳ ଆବେଗଗୁଡ଼ିକ ଉପରେ କର୍ତ୍ତୃତ୍ୱ ଅର୍ଜନ କରିବା ଏବଂ ଆହୁରି ବଡ଼ କଥା ହେଉଛି, ବୈରାଗ୍ୟ ଓ କଷ୍ଟସାଧନାର କୌଣସି ସାହାଯ୍ୟ ନ ନେଇ ସେହି ଆବେଗଗୁଡ଼ିକୁ

'oaob.nitrkl.ac.in' images reprocessed

ଆପଣାକୁ ଦେଖାଇ ହେବାରୁ ନିବୃତ୍ତ କରି ରଖିବା,—ଏସବୁ ପ୍ରକୃତରେ ଅନେକ ଅଧିକ ପରିମାଣରେ କଷ୍ଟକର । ଆଦୌ କୌଣସି ସମ୍ପତ୍ତିର ଅଧିକାରୀ ନ ହେବା ଅପେକ୍ଷା, ତୁମେ ଯେଉଁସବୁ ବସ୍ତୁର ଅଧିକାରୀ ହୋଇ ରହିଛ, ତାହା ପ୍ରତି କୌଣସି ପ୍ରକାରେ ଆସକ୍ତିଭାବ ନ ରଖିବା ହେଉଛି ଅଧିକ କଷ୍ଟକର । ଏହି ସତ୍ୟଟି ଶତାବ୍ଦୀ ଶତାବ୍ଦୀ ଧରି ପ୍ରତିପାଦିତ ହୋଇ ଆସିଛି । ଆପଣାର ସକଳ ସମ୍ପତ୍ତିରୁ ଆପଣାକୁ ମୁକ୍ତ କରି ଆଣିବା ଅଥବା ଆପଣାର ସମ୍ପତ୍ତିକୁ ଏକ ଅତ୍ୟାବଶ୍ୟକ ସର୍ବନିମ୍ନ ସ୍ତରକୁ କମାଇ ଆଣିବା ଅପେକ୍ଷା ଆପଣା ପାଖରେ ରହିଥିବା ସମ୍ପତ୍ତି ପ୍ରତି ଆଦୌ କୌଣସି ଆସକ୍ତି ନ ଦେଖାଇବା ପାଇଁ ଏକ ବୃହତ୍ତର ଗୁଣର ସାମର୍ଥ୍ୟ ଆବଶ୍ୟକ ହୋଇଥାଏ । ଏହା କରିପାରିବା ଅନେକ ଅଧିକ କଷ୍ଟକର । ଏହାକୁ ନୈତିକ ଯୋଗ୍ୟତାର ଏକ ଅତ୍ୟନ୍ତ ଉଚ୍ଚତର ମାନ ବୋଲି ବୁଝାଯିବ । ତୁମ ଭିତରେ କେବଳ ଏହିପରି ଏକ ଦୃଷ୍ଟି ରହିଥିବ : ଯେତେବେଳେ ତୁମପାଖକୁ ପଦାର୍ଥଟିଏ ଆସିବ, ସେତେବେଳେ ତୁମେ ତାକୁ ଗ୍ରହଣ କରିବ, ବ୍ୟବହାର କରିବ; ଏବଂ ଯେତେବେଳେ କୌଣସି ନା କୌଣସି କାରଣରୁ ତାହା ତୁମପାଖରୁ ଚାଲିଯିବ, ସେତେବେଳେ ତୁମେ ତାହାକୁ ଚାଲିଯିବାକୁ ଦେବ ଓ ଆଦୌ କୌଣସି ଶୋଚନା କରିବ ନାହିଁ । ଯେତେବେଳେ ତାହା ଆସିବ, ତୁମେ ମନା କରିବ ନାହିଁ, ତାହାକୁ ନେଇ କିପରି ଚଳିବାକୁ ହେବ ତାହା ଜାଣିବ; ଏବଂ ଯେତେବେଳେ ସେଇଟି ତୁମପାଖରୁ ଅନ୍ତର ହୋଇଯିବ, ସେତେବେଳେ ଆଦୌ କୌଣସି ଶୋଚନା କରିବ ନାହିଁ ।

ଏପରିକି ଦୋଷମାନ ଆସିବା ସମୟରେ ମଧ୍ୟ ?

ଏଠାରେ ଦୋଷତ୍ରୁଟି ବିଷୟରେ କିଛି ବୁଝାଯାଉ ନାହିଁ, ମୁଁ ତୁମମାନଙ୍କୁ ଭୌତିକ ବସ୍ତୁଗୁଡ଼ିକ ବିଷୟରେ କହୁଛି । ତ୍ରୁଟି ବା ଦୋଷଗୁଡ଼ିକ ବାହାରୁ ଆସନ୍ତି ନାହିଁ, ତୁମେ ନିଜେହିଁ ନିଜ ଭିତରେ ସେଗୁଡ଼ିକୁ ବହନ କରୁଥାଅ । ଏଠାରେ ମୁଁ ଭୌତିକ ବସ୍ତୁଗୁଡ଼ିକ ବିଷୟରେ କହୁଛି । ତୁମେ ଜାଣିଛ, ମୁଁ ବୈରାଗ୍ୟର ମାର୍ଗ ବିଷୟରେ କହୁଛି ।

ବୈରାଗ୍ୟବାଦ ହେଉଛି ସମ୍ପୂର୍ଣ୍ଣତଃ ଏକ ସ୍ଥୂଳ ସ୍ତରର ଶୃଙ୍ଖଳା । ତୁମର ଯାବତୀୟ ଦୋଷ,—ସେମାନେ ବାହାରୁ ତୁମ ଭିତରକୁ ଆସନ୍ତି ବୋଲି ତୁମେ କଦାପି ଭାବିବ ନାହିଁ । ସେଗୁଡ଼ିକ ଆମ ଭିତରେ ସର୍ବଦା ଏତେ ଅଧିକ ସଂଖ୍ୟାରେ ରହିଥାନ୍ତି ଯେ, ସେଗୁଡ଼ିକୁ ଆଉ କୌଣସି ସ୍ଥାନରୁ ଆଦୌ ଧାର କରି ଆଣିବାକୁ ପଡ଼େ ନାହିଁ । ଏବଂ ବସ୍ତୁତଃ, ଯଦି ଆମେ ସେଗୁଡ଼ିକୁ ନିଜ ଭିତରେହିଁ ବହନ କରି ରହି ନ ଥାନ୍ତୁ, ତେବେ ସେଗୁଡ଼ିକ ଅନ୍ୟମାନଙ୍କ ଭିତରେ ରହିଛି ବୋଲି ମଧ୍ୟ

'oaob.nitrkl.ac.in' images reprocessed

କୌଣସି ସଙ୍କୀର୍ଣ୍ଣତା ଲାଭ କରୁ ନ ଥାନ୍ତି । ଏହି ସବୁକିଛିର ମୂଳ ଆମ ନିଜ ଭିତରେ ରହିଥିବାରୁହିଁ ଆମର ସେଗୁଡ଼ିକ ସହିତ ସମ୍ପର୍କ ରହିଛି । ଏବଂ, ପ୍ରବଳ ଆବେଗର ବୃହତ୍ ତରଙ୍ଗମାନ ଲୋକମାନଙ୍କ ଭିତରକୁ ଆସି ପ୍ଲାବିତ କରି ଦିଅନ୍ତି ବୋଲି, ସେଗୁଡ଼ିକ ସେମାନଙ୍କ ଭିତରେ ଉତ୍ପନ୍ନ ନ ହୋଇ ବାହାରୁ ଆସି ସେମାନଙ୍କୁ ପ୍ଲାବିତ କରି ଦିଅନ୍ତି ବୋଲି ଆମେ ଯେତେବେଳେ କହିଥାଉ, ସେତେବେଳେ ଆମେ ସମ୍ପୂର୍ଣ୍ଣ ଠିକ୍ କଥାହିଁ କହିଥାଉ । ମାତ୍ର, ଯଦି କୌଣସି ବ୍ୟକ୍ତି ଏହିସବୁ ଆବେଗର ସମ୍ଭାବନାରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥାନ୍ତି, ତେବେ ସେହି ଆବେଗମାନେ ହୁଏତ ଶତାବ୍ଦୀ ଶତାବ୍ଦୀ ଧରି ତା' ଭିତର ଦେଇ ଚାଲି ଯାଉଥିଲେ ମଧ୍ୟ ସିଏ ସେଗୁଡ଼ିକୁ ହୁଏତ ଅନୁଭବ ବି କରିପାରନ୍ତି ନାହିଁ । ସେ ସେଗୁଡ଼ିକୁ ଦେଖନ୍ତି, ସେଗୁଡ଼ିକୁ ଚାଲିଯାଉଥିବାର ଦେଖନ୍ତି,—କୌଣସି ଝଡ଼ ଆକାଶ ଦେଇ ଚାଲି ଯାଉଥିବା ପରି ସେଗୁଡ଼ିକୁ ଦେଖିଥାନ୍ତି, ମାତ୍ର ଆଦୌ କିଛି ହେଲେ ଅନୁଭବ କରିପାରନ୍ତି ନାହିଁ । ଯେତେବେଳେ ଭିତରର ସ୍ପନ୍ଦନଗୁଡ଼ିକ ବାହାର ସ୍ପନ୍ଦନଗୁଡ଼ିକୁ ଅନୁସ୍ପନ୍ଦନ ଜଣାଇବା ଲାଗି ବାହାରି ଆସନ୍ତି, ସେଇଥିରୁ ପ୍ରମାଣ ହୁଏ ଯେ ସେମାନେ ପୂର୍ବରୁ ମଧ୍ୟ ସେହି ଭିତରେ ଥିଲେ । ତା' ନ ହେଲେ ସେହି କ୍ଷେତ୍ରରେ ଆଦୌ କୌଣସି ସ୍ପନ୍ଦନ ପ୍ରବେଶ କରିପାରନ୍ତି ନାହିଁ ।

ଏହିପରି ଅନେକ ଉଦାହରଣ ରହିଛି । ଉଦାହରଣସ୍ୱରୂପ, ଲୋକମାନଙ୍କର ଏକ ଭିଡ଼ରେ କୌଣସି କାରଣରୁ ଏକ ଆତଙ୍କ ଖେଳିଗଲା । ଏବଂ, ଏହିପରି ଏକ ପରିସ୍ଥିତିରେ ଏକଥା ସର୍ବଦା ସମ୍ଭବ ଯେ, ସେଠାରେ ଜଣେ ବା ଦୁଇଜଣ ଏଭଳି ବ୍ୟକ୍ତି ଥାଆନ୍ତି, ଯେଉଁମାନେ କି ଆତଙ୍କର ପ୍ରତିରୋଧ କରୁଥାନ୍ତି, ଯେଉଁମାନେ ମୋଟେ ସଂକ୍ରାମିତ ହୋଇ ନ ଥାନ୍ତି ଓ ତାହାର ବାହାରେ ରହିଥାନ୍ତି । ସେହିମାନେହିଁ ଅବସ୍ଥାଟିରୁ ସମସ୍ତଙ୍କୁ ରକ୍ଷା କରିପାରନ୍ତି । ଏଭଳି କଥା ବହୁବାର ଘଟିଛି । କୌଣସି ଏକ ନିସ୍ପୃହତା, ଏକ ସ୍ପନ୍ଦନ ଓ ଏକ ଶକ୍ତିଶାଳୀ ଆନ୍ଦୋଳନ ଯେ ଅନେକ ସମୟରେ ସଂକ୍ରାମକ ହୋଇଯାଏ, ସଂକ୍ରାମିତ ହେବାର ଏକ ଭିତ୍ତି ସେହି କ୍ଷେତ୍ରରେ ଆଗରୁ ରହିଥାଏ ବୋଲିହିଁ ସେପରି ହୁଏ ।

ଆପଣ କହିଲେ ଯେ ଆମେ ଏଠାରେ ଅଛୁ ଓ ଆମକୁ ସବୁକିଛି ପ୍ରାପ୍ତ ହୋଇପାରୁଛି ବୋଲି ତାହା ଆମକୁ ଭାରି ସ୍ୱାଭାବିକ ପରି ଲାଗୁଛି । ମାତ୍ର, ପ୍ରୟାସଟି ମଧ୍ୟ କାହିଁକି ସେହିପରି ସ୍ୱାଭାବିକ ଭାବରେ ସମ୍ଭବ ହେଉ ନାହିଁ ?

କାରଣ, ଶ୍ରୀଅରବିନ୍ଦ ଯେପରି ଲେଖିଛନ୍ତି, ସାଧାରଣ ବ୍ୟକ୍ତିମାନଙ୍କର ସ୍ଥୂଳ ପ୍ରକୃତିଟି ଅଧିକତର ଭାବରେ ତାମସିକ ହୋଇ ରହିଥାଏ । ତାହା ସ୍ୱଭାବତଃ

'oaob.nitrkl.ac.in' images reprocessed

ଆଦୌ କୌଣସି ପ୍ରୟାସ କରେ ନାହିଁ । ମାତ୍ର ପ୍ରାଣିକ ପ୍ରୟାସ କରେ । ଅବଶ୍ୟ ଏକଥା ସତ ଯେ ତାହା କେବଳ ନିଜର ସନ୍ତୋଷବିଧାନ ସକାଶେ ଯାବତୀୟ ପ୍ରୟାସ କରୁଥାଏ । ତଥାପି ପ୍ରୟାସ କରିବାର ଏକ ସାମର୍ଥ୍ୟ ତା' ଭିତରେ ରହିଥାଏ, କାରଣ ସେଇଟା ହେଉଛି ତାହାର ସ୍ୱଭାବ । ବସ୍ତୁତଃ, ତୁମେମାନେ କୌଣସି ପ୍ରୟାସ କରିପାରିବ ନାହିଁ ବୋଲି ମୁଁ ଆଦୌ କହୁ ନାହିଁ; ତୁମେମାନେ କେତେକେତେ କଥା ପାଇଁ କେତେକେତେ ପ୍ରୟାସ କରୁଛ; କୌଣସି ନା କୌଣସି କାରଣରୁ ଏକ ଆବଶ୍ୟକତା ରହିଛି ବା କିଛି କରିବାକୁ ତୁମକୁ ଭଲ ଲାଗୁଛି ବୋଲି ତୁମେ କେତେ କ'ଣ କରୁଛ । ମାତ୍ର ଏଠାରେ ପ୍ରୟାସ କରିବା କହିଲେ ତୁମେ ଯୋଗସାଧନା ଲାଗି ପ୍ରୟାସ କରିବାକୁ ବୁଝୁଛ । ଏଠାରେ ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ଯୋଗସାଧନା ଲାଗି ଏଠାକୁ ଆସିଛନ୍ତି ବା ଅନ୍ତତଃ ଯୋଗସାଧନା କରିବା ଲାଗିହିଁ ଏଠାକୁ ଆସିଥିଲେ ବୋଲି ଭାବୁଛନ୍ତି, ମାତ୍ର ଯେଉଁମାନେ ଆଦୌ ଖୁବ୍ ବେଶୀ ପ୍ରୟାସ କରୁ ନାହାନ୍ତି; ଯାହା ଯେତେବେଳେ ଆସୁଛି, ତାହାକୁ ସେମାନେ ସହଜ ଭାବରେ ଗ୍ରହଣ କରି ନେଉଛନ୍ତି । ମୁଁ କଦାପି ଭାବିପାରେ ନାହିଁ ଯେ ଆମର ସ୍ଥୂଳ ପ୍ରକୃତିକୁ ତା'ର ଆପଣା ମାର୍ଗରେ ଯିବାକୁ ଛାଡ଼ିଦେଲେ ତାହା ସ୍ୱତଃସ୍ଫୂର୍ତ୍ତ ଭାବରେ ଆପଣାକୁ କୌଣସି ପ୍ରୟାସ ଦିଗରେ ପ୍ରେରିତ କରିନେଇ ପାରିବ । ସେଥିଲାଗି କିଞ୍ଚିତ୍ କ୍ରିୟାଶୀଳତା ଆବଶ୍ୟକ ହୋଇଥାଏ, ମାତ୍ର ତାହାର ପରିମାଣ ଅତ୍ୟନ୍ତ ଅଳ୍ପ । ତୁମେ ଲକ୍ଷ୍ୟ କରି ପାରୁଥିବ, ଆମର ଏଠାରେ ଗୋଟିଏ ବଡ଼ କଥା ହେଉଛି ଯେ ଏଠାରେ ଶିକ୍ଷାର ମାର୍ଗକୁ ଏକ ସ୍ୱତନ୍ତ୍ରତାର ମାର୍ଗରୂପେ ଗ୍ରହଣ କରାଯାଇଛି; ଏବଂ ସଂକ୍ଷେପ କରି କହିବାକୁ ଗଲେ, ସମୁଦାୟ ଜୀବନକୁ ଏଠାରେ କ୍ରିୟାଶୀଳ ହେବାର କ୍ଷେତ୍ରରେ ଯଥାସମ୍ଭବ ଅଧିକ ସ୍ୱାଧୀନତା ଦେବା ଉପରେ ସଂଗଠିତ କରି ରଖାଯାଇଛି । ଅର୍ଥାତ୍, ନିୟମ, କଟକଣା ଓ ନିଷେଧଗୁଡ଼ିକୁ ଏଠାରେ ଯଥାସମ୍ଭବ କମ୍ ସ୍ଥାନ ଦିଆଯାଇଛି । ବାପମାଆମାନେ ସାଧାରଣତଃ ନିଜ ପିଲାମାନଙ୍କ ସହିତ ଯେପରି ବ୍ୟବହାର କରନ୍ତି, ଅର୍ଥାତ୍, ସେମାନେ ଯେପରି ସର୍ବଦା "ଏଇଟା କରନା", "ତୁ ସେଇଟା ମୋଟେ କରିପାରିବୁ ନାହିଁ", "ଏଇଟା କର", "ସେଇଟା କରିବୁ ଯାଆ" ବୋଲି କହିବାରେ ଲାଗିଥାନ୍ତି, ସର୍ବଦା ଶୃଙ୍ଖଳା ଓ ନିୟମ ଜାରି କରି ରଖିଥାନ୍ତି, ଯଦି ତୁମେ ଆମର ଏଠାରେ ଆଚରିତ ହେଉଥିବା ଭାବଟିକୁ ତାହା ସହିତ ତୁଳନା କରି ଦେଖିବ, ତେବେ ପ୍ରଭୂତ ପ୍ରଭେଦ ରହିଥିବାର ଅବଶ୍ୟ ଦେଖିବାକୁ ପାଇବ ।

ସ୍କୁଲ ଓ କଲେଜମାନଙ୍କରେ ଆମର ଏଠା ତୁଳନାରେ ଅନନ୍ତ ଗୁଣରେ ଅଧିକ କଠୋର ନିୟମମାନ ରହିଛି । ତେଣୁ, ଅନ୍ତଗତ କରିବାର ଅବଶ୍ୟମ୍ଭାବୀ ସର୍ତ୍ତଗୁଡ଼ିକୁ ଏଠାରେ କେହି ତୁମମାନଙ୍କ ଉପରେ ଲଦିଦେଉ ନ ଥିବାରୁ, ତୁମେ

'oaob.nitrkl.ac.in' images reprocessed

ନିଜର ଖୁସୀ ଅନୁସାରେହିଁ ସେଗୁଡ଼ିକୁ ସ୍ୱୀକାର କରି ନେଇଥାଅ; ଯେତେବେଳେ ଖୁସୀ ନ ହୁଏ, ସେତେବେଳେ ସେଗୁଡ଼ାକୁ ତୁମେ ଗ୍ରହଣ ବି କର ନାହିଁ । ଏବଂ, ସବୁକଥାକୁ ତୁମ୍ଭେମାନେ ଯଥାସମ୍ଭବ ଅଧିକ ସହଜରେହିଁ ଗ୍ରହଣ କରିଥାଅ । ଏପରି କେତେକ ବ୍ୟକ୍ତି ଅଛନ୍ତି,—ମୁଁ ଏହାକୁ ସର୍ବଥା ସମ୍ପୂର୍ଣ୍ଣ ଭାବରେ ସତ ବୋଲି କହୁ ନାହିଁ,—ସେମାନେ ଏକ ପ୍ରୟାସ କରନ୍ତି, ମାତ୍ର ସ୍ୱତଃସ୍ଫୂର୍ତ୍ତି ଭାବରେହିଁ ସକଳ ପ୍ରୟାସ କରିଥାନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହାର ପ୍ରଭୂତ ପରିମାଣରେ ଏକ ଅଧିକ ମୂଲ୍ୟ ରହିଛି । ତୁମେ ନିଜ ଭିତରେ ଅଗ୍ରଗତି କରିବା ଲାଗି ଅନୁଭବ କରୁଛ ବୋଲି ଯେଉଁ ଅଗ୍ରଗତି ହାସଲ କରିଥାଅ, ତୁମ ଭିତରୁ ଏକ ସ୍ୱତଃପ୍ରେରଣା ତୁମକୁ ଆଗକୁ ଆଗକୁ ନେଇଯିବାରେ ଲାଗିଥାଏ ବୋଲି ତୁମେ ସେଉଁ ଅଗ୍ରଗତି ହାସଲ କର,—କେହି ନିୟମ ପରି ଗୋଟାଏ କ'ଣ ଆଣି ତୁମ ଉପରେ ଲଦି ଦେଇଛି ବୋଲି ନୁହେଁ,— ସେହି ଅଗ୍ରଗତିକୁ ଆଧ୍ୟାତ୍ମିକ ଦୃଷ୍ଟିରୁ ଅନନ୍ତଗୁଣରେ ଅଧିକ ବୋଲି କୁହାଯିବ । ତୁମ ଭିତରେ ରହିଥିବା ଯାହାକିଛି ଯାବତୀୟ କଥାକୁ ଭଲ ଭାବରେ କରିବା ଲାଗି ଚେଷ୍ଟା କରୁଥାଏ, ତାହାକୁ ସ୍ୱତଃସ୍ଫୂର୍ତ୍ତି ଭାବରେ ଓ ନିଷ୍ଠାର ସହକାରେ କରୁଥାଏ, ତାହା ପ୍ରକୃତରେ ତୁମ ଭିତରୁହିଁ ଉନ୍ମେଷିତ ହୋଇ ଆସିଥାଏ; ତୁମେ ଭଲ ଭାବରେ କାମଟିକୁ କଲେ ପୁରସ୍କାର ପାଇବ ଓ ଖରାପ ଭାବରେ କଲେ ଶାସ୍ତି ପାଇବ ବୋଲି ତୁମେ ସେଗୁଡ଼ିକୁ ଆଦୌ ଭଲ ଭାବରେ କରୁ ନ ଥାଅ । ଆମର ଧାରଣାଟି ମୋଟେ ତାହା ଉପରେ ଆଧାରିତ ହୋଇ ରହି ନାହିଁ ।

ଏପରି ମଧ୍ୟ ସମ୍ଭବ ଯେ, ଏକ ନିର୍ଦ୍ଦିଷ୍ଟ ସମୟରେ ଏପରି କିଛି ଘଟେ, ଯାହାକି ତୁମକୁ ଏପରି ଗୋଟିଏ ଧାରଣା ଦେଇଯାଏ ଯେ ତୁମର ପ୍ରୟାସଟିକୁ ସମସ୍ତେ ପସନ୍ଦ କରିଛନ୍ତି; ମାତ୍ର ତୁମେ ସେହି ଦୃଷ୍ଟିରୁ ଆଦୌ ସେହି ପ୍ରୟାସଟିକୁ କରି ନ ଥିଲ । ଅର୍ଥାତ୍, ପୂର୍ବରୁ ତୁମକୁ ଏହିସବୁ ପ୍ରତିଶ୍ରୁତି ଆଦୌ ଦିଆଯାଇ ନ ଥିଲା ବା ସେପରି ନ ହେଲେ ତୁମକୁ ଅନୁରୂପ ଶାସ୍ତି ଦିଆଯିବ ବୋଲି ମଧ୍ୟ କୁହାଯାଇ ନ ଥିଲା । ଏଠାରେ ସେକଥା ମୋଟେ ହୁଏ ନାହିଁ । ଏଠାରେ ସବୁକିଛି ସାଧାରଣତଃ ଏପରି ଭାବରେ ସଗଠିତ ହୋଇ ରହିଥାଏ ଯେ, ମୁଁ ମୋ କାର୍ଯ୍ୟଟିକୁ ଯଥାସମ୍ଭବ ଅଧିକ ଭଲ ଭାବରେ କରିଛି, ଏହି ସନ୍ତୋଷଟିହିଁ କାର୍ଯ୍ୟଟିକୁ କରିଥିବା ହେତୁ ଲବ୍ଧ ହେଉଥିବା ସର୍ବଶ୍ରେଷ୍ଠ ପୁରସ୍କାର ରୂପେ ଅନୁଭୂତ ହୁଏ । ଏବଂ, କାର୍ଯ୍ୟଟିକୁ ଖରାପ ଭାବରେ କରିଥିଲେ ଜଣେ ନିଜକୁ ନିଜେ ଶାସ୍ତି ଦିଏ,— ଅର୍ଥାତ୍ ସିଏ ଅସୁଖୀ, ଅସ୍ୱସ୍ତ ଓ ଅତ୍ୟନ୍ତ ଅପ୍ରୀତିକର ବୋଧ କରିବାକୁ ଆରମ୍ଭ କରେ, ଏବଂ ଏହାକୁହିଁ ତାହାର ସବୁଠାରୁ ଅଧିକ ବାସ୍ତବ ଶାସ୍ତି ବୋଲି କୁହାଯାଇ ପାରିବ । ତେଣୁ, ଅନ୍ତର୍ଗତ ଆଧ୍ୟାତ୍ମିକ ବିକାଶର ଦୃଷ୍ଟିକୋଣରୁ ବିଚାର କରି

'oaob.nitrkl.ac.in' images reprocessed

ଦେଖିଲେ ଏହା ଯାବତୀୟ କ୍ରିୟାଶୀଳତାକୁ କେବଳ ବାହ୍ୟରେ ଏକ ନିୟମ ମାନି କରି ଯାଉଥିବା କାର୍ଯ୍ୟର ପରିଣାମ ଅପେକ୍ଷା ଅନନ୍ତ ଗୁଣରେ ଅଧିକ ବୋଲି ବୁଝାଯାଇ ପାରିବ ।

ଆପଣ ଆଧ୍ୟାତ୍ମିକ ଅଭିଜ୍ଞତା ବିଷୟରେ କହିଛନ୍ତି । ଏହିପରି ଏକ ଅଭିଜ୍ଞତା କହିଲେ କ'ଣ ବୁଝାଏ ଏବଂ ଆମେ କିପରି ସେହି ଅଭିଜ୍ଞତାକୁ ଲାଭ କରିପାରିବା ?

ତୁମର ସାଧାରଣତଃ ଯେଉଁ ଚେତନାସ୍ତର ରହିଥାଏ, ଏହା ତୁମକୁ ଏହାଠାରୁ ଏକ ଉଚ୍ଚତର ଚେତନା ସହିତ ସମ୍ପର୍କରେ ଆଣେ । ତୁମ ନିଜ ବିଷୟରେ ତୁମର ଏକ ନିର୍ଦ୍ଦିଷ୍ଟ ଅନୁଭବ ରହିଛି, ତୁମେ ସେବିଷୟରେ ଆଦୌ ସଜ୍ଞାନ ବି ହୋଇ ରହି ନାହଁ । ତୁମ ଲାଗି ଏହା କେବଳ ତୁମେ ବୁଝୁଥିବା ସେହି ସାଧାରଣ ଅବସ୍ଥାଟି ହୋଇ ରହିଛି । ମାତ୍ର, ଯଦି ତୁମେ ହଠାତ୍ ଆପଣା ଭିତରେ ଅତ୍ୟନ୍ତ ଭିନ୍ନ ଏବଂ ଆହୁରି ଅନେକ ଉଚ୍ଚ କୌଣସି ବସ୍ତୁ ବିଷୟରେ ସଚେତନ ହେବାକୁ ଆରମ୍ଭ କରିବ, ତେବେ ସେହି ବସ୍ତୁ ଯାହା ହୋଇଥାଉ ପଛକେ, ତାହାକୁ ଏକ ଆଧ୍ୟାତ୍ମିକ ଅଭିଜ୍ଞତା ବୋଲି କୁହାଯିବ । ତୁମେ କୌଣସି ଏକ ମାନସିକ ଧାରଣା ଦେଇ ତାହାକୁ ଏକ ସୂତ୍ରରୂପ ପ୍ରଦାନ କରିପାର, ଅଥବା ସୂତ୍ରରୂପ ନ ଦେଇ ବି ପାର; ନିଜ ପାଖରେ ତାହାର ଏକ ବ୍ୟାଖ୍ୟା ବାଢ଼ିପାର ଅଥବା ନ ବାଢ଼ି ବି ପାର । ସେହି ଅନୁଭୂତି ସ୍ଥାୟୀ ହୋଇ ରହିପାରେ, ଚାଲି ବି ଯାଇପାରେ । ଏହା ହଠାତ୍ ଆସି ଆବିର୍ଭୂତ ହୋଇପାରେ । ମାତ୍ର, ଯେଉଁଠି ଚେତନାର କ୍ଷେତ୍ରରେ ଏହିପରି ଏକ ମୌଳିକ ପାର୍ଥକ୍ୟ ରହିଥିବ, ଏବଂ ସ୍ୱଭାବତଃ, ଯେତେବେଳେ, ସେହି ନୂତନ ଅନୁଭୂତିଟିର ଗୁଣାତ୍ମକତା ତୁମର ସାଧାରଣ ଅନୁଭୂତିର ତୁଳନାରେ ଅତ୍ୟନ୍ତ···ଅନେକ ଅଧିକ ଉଚ୍ଚ, ଅଧିକ ସ୍ପଷ୍ଟ ଓ ଅଧିକ ଶୁଦ୍ଧ ହୋଇଥିବ, ତେବେ ଆମେ ତାହାକୁ ଅବଶ୍ୟ ଏକ ଆଧ୍ୟାତ୍ମିକ ଅନୁଭୂତି ବୋଲି କହିପାରିବା । ଏହାର ଅର୍ଥ ହେଉଛି ଯେ, ହଜାର ହଜାର ପ୍ରକାରର ଏପରି ବିଭିନ୍ନ ବସ୍ତୁ ରହିଛି, ଯାହାକୁ କି ଆଧ୍ୟାତ୍ମିକ ଅନୁଭୂତି ବୋଲି କୁହାଯାଇ ପାରିବ ।

ଆଧ୍ୟାତ୍ମିକ ଅନୁଭୂତି ଲାଗି ଆମର ଏକ ଅଭୀପ୍ସା ରହିବା ଉଚିତ କି ?

ମୁଁ ଭାବୁଛି, ଏକ ଆଧ୍ୟାତ୍ମିକ ଅନୁଭୂତି ଲାଗି ଅଭୀପ୍ସା କରିବା ଅପେକ୍ଷା ଅଗ୍ରଗତି କରିବା ଲାଗି ବା ଅଧିକ ଚେତନାଯୁକ୍ତ ହୋଇ ପାରିବା ଲାଗି ଅଥବା ଆହୁରି ଭଲ ହେବା ଲାଗି ଓ ଆହୁରି ଅଧିକ ଭଲ କାର୍ଯ୍ୟ କରିବା ଲାଗି ଏକ

'oaob.nitrkl.ac.in' images reprocessed

ଅଗ୍ନିପ୍ସା ରହିଥିବା ଅଧିକ ଉଚିତ ହେବ । କାରଣ ତାହା ହୁଏତ ଅଳ୍ପ ବା ବହୁତ ପରିମାଣରେ ନାନା କାଳ୍ପନିକ ଓ ମିଥ୍ୟାକୃତ ଅଭିଜ୍ଞତା ଆଡ଼କୁ ଦ୍ୱାରୋନ୍ମୋଚନ କରି ଦେଇପାରିବ, ପ୍ରାଣିକ ସ୍ତରର ଏପରି ଅନେକ କିସ୍ମାମୃକତା ଲାଗି ଆମକୁ ଉନ୍ମୋଚିତ କରିଦେଇ ପାରିବ, ଯାହାକି ବାହାରକୁ ଉଚ୍ଚତର ବସ୍ତୁଗୁଡ଼ିକର ରୂପ-ଧାରଣ କରି ରହିଥିବେ । ଅନୁଭୂତି ଲାଭ କରିବାକୁ ଏକ ଅଗ୍ନିପ୍ସା ପୋଷଣ କରି ଆମେ ନିଜକୁ ହୁଏତ ପ୍ରବଞ୍ଚନାରେ ଆଣି ବି ପକାଇଦେଇ ପାରିବା । ବସ୍ତୁତଃ ସେହି ଅନୁଭୂତି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ଆସିବା ଉଚିତ, ଏକ ଅନ୍ତର୍ଗତ ଅଗ୍ରଗତିର ପରିଣାମ ସ୍ୱରୂପ ଆସି ପାରୁଥିବା ଉଚିତ, ମାତ୍ର କେବଳ ତାହାର ଆପଣା ସକାଶେ ଓ କେବଳ ତାହାର ଆସ୍ୱାଦନଟି ମଧ୍ୟରେ ଆପଣାକୁ ସୀମାବଦ୍ଧ କରି ରଖି ଆଦୌ ଆସିବା ଉଚିତ ନୁହେଁ ।

ଇତିହାସରେ ଏପରି କେତେକ ବ୍ୟକ୍ତିଙ୍କର ଆବିର୍ଭାବ ହୋଇଛି, ଯେଉଁମାନଙ୍କୁ କି ବିବର୍ତ୍ତନର ପରିଣାମ ବୋଲି କହିହେବ ନାହିଁ···

କ'ଣ କହିହେବ ନାହିଁ ?

···ବିବର୍ତ୍ତନର ପରିଣାମରେ ଆବିର୍ଭୂତ ହେଉଥିବା ସତ୍ତା ବୋଲି, ଯେଉଁମାନେ···

ତୁମେ ସେମାନଙ୍କୁ ଜାଣିଥିଲ, ନୁହେଁ ?

ନାହିଁ, ମୋତେ ଆଉଜଣେ···

କିଏ ? କିଏ ତୁମକୁ ସେକଥା କହିଲେ ?

ଆମକୁ ଇଂରାଜୀ ପଢ଼ାଉଥିବା ଶିକ୍ଷକ ଏପରି କହନ୍ତି ।

(ଇଙ୍ଗିତ କରି) ମୁଁ ଏବିଷୟରେ କିଛି କହିପାରିବି ନାହିଁ । ବର୍ତ୍ତମାନ ଆଦୌ କିଛି କହିବି ନାହିଁ । ଯଦି ଜଣେ ଶିକ୍ଷକ ଏପରି କହିଛନ୍ତି, ତେବେ ମୁଁ ତା' ଉପରେ ଆଦୌ କିଛି କହିବି ନାହିଁ । (ସମସ୍ତେ ହସିଲେ)

ସିଏ ଶ୍ରୀଅରବିନ୍ଦଙ୍କ ବିଷୟରେ କହୁଥିଲେ ··· ଶ୍ରୀଅରବିନ୍ଦଙ୍କ ସନ୍ଦର୍ଭରେ କହୁଥିଲେ···

ତୁମର ଶିକ୍ଷକମାନେ ତୁମମାନଙ୍କୁ ଯାହା କହୁଛନ୍ତି, ତୁମେ ଆଉ କେବେ ସେବିଷୟରେ ମୋତେ କିଛି କହିବ ନାହିଁ । କାରଣ, ମୁଁ ସେମାନେ କହୁଥିବା କଥାର କୌଣସି ବିରୋଧ କରିବି ନାହିଁ, ସେମାନେ ଯାହାସବୁ କହିବେ, ସେଗୁଡ଼ିକ ଉପରେ ମନ୍ତବ୍ୟ ଦେବାକୁ ମୁଁ ଆଦୌ ସମ୍ମତ ହେବି

'oaob.nitrkl.ac.in' images reprocessed

ନାହିଁ । ଶିକ୍ଷକମାନେ ଏପରି ବ୍ୟକ୍ତି, ଯେଉଁମାନଙ୍କୁ କି ସମ୍ମାନ କରିବାକୁ ହେବ । ଏବଂ ତା'ପରେ, ତୁମର ଜାଣିବା ଲାଗି ମୁଁ ତୁମକୁ ଏକଥା ମଧ୍ୟ ଅବଶ୍ୟ କହିବି ଯେ ତୁମେ ଭାରି ଅବାଗିଆ କରି ପ୍ରଶ୍ନଟିକୁ ପଚାରିଛ ।

ମୁଁ କୌଣସି ଉତ୍ତର ଦିଏ ବୋଲି ଯଦି ତୁମେ ଇଚ୍ଛା କରିଥାନ୍ତ, ତେବେ ପ୍ରଶ୍ନଟିକୁ ଏକାବେଳକେ ଏକ ଭିନ୍ନ ପ୍ରକାରରେ ପଚାରିଥାନ୍ତ । ବର୍ତ୍ତମାନ ତୁମ ପ୍ରଶ୍ନର ମୁଁ କୌଣସି ଉତ୍ତର ଦେବି ନାହିଁ । (ସମସ୍ତେ ହସିଲେ) ମାତ୍ର ଯଦି ତୁମେ, "ଏପରି ପତ୍ନୀମାନେ ଅଛନ୍ତି, ଯେଉଁମାନେ କି…" ବୋଲି ପଚାରିଥାନ୍ତ, ତେବେ ମୁଁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମ ପ୍ରଶ୍ନର ଉତ୍ତର ଦେଇଥାନ୍ତି । ତୁମେ ଯାହା ମୋ'ଠାରୁ ଶୁଣିବ ବୋଲି ଇଚ୍ଛା କରୁଥିଲ, ହୁଏତ ମୁଁ ଉତ୍ତର ଦେଇ ସେକଥା ଆଦୌ କହି ନ ଥାନ୍ତି, ମାତ୍ର ତଥାପି କିଛି କହିଥାନ୍ତି । ମାତ୍ର ତୁମେ ଅବାଗିଆ କରି ପ୍ରଶ୍ନଟିକୁ ପଚାରିଲ । ଆରମ୍ଭରେହିଁ ତୁମେ ଗୋଟିଏ ବିବୃତି ଦେବାକୁ ମନ କଲ, ତେଣୁ…

ହେଲା,—ଆଜି ତେବେ ଏଇଠି ଥାଉ । ନୁହେଁ ?

'oaob.nitrkl.ac.in' images reprocessed

# ୨୨ ଡିସେମ୍ବର ୧୯୫୪

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ତୃତୀୟ ଅଧ୍ୟାୟ "ବାଧା ମଧ୍ୟରେ" ଉପରେ ଏହି ପ୍ରବଚନଟି ଆଧାରିତ ।

ଯେତେବେଳେ କୌଣସି ସତ୍ତାକୁ ପ୍ରତିକୂଳ ଶକ୍ତି ଅଧିକାର କରି ନେଇଥାଏ, ସେତେବେଳେ ତା'ର ଚୈତ୍ୟର ଅବସ୍ଥା କ'ଣ ହୁଏ ?

ତାହା ଅଧିକାର କରି ନେଇଥିବାର ମାତ୍ରା ଉପରେ ନିର୍ଭର କରେ । ସାଧାରଣତଃ ସେହି ମାତ୍ରା ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଥାଏ । ପ୍ରଥମେ ବ୍ୟକ୍ତି ଏକ ପ୍ରଭାବ ଦ୍ୱାରା ପ୍ରଭାବିତ ହୁଏ, ଆଂଶିକ ଭାବରେ ପ୍ରଭାବିତ ହୋଇଥାଏ । ଆପଣାର ସମଗ୍ର ସତ୍ତାରେ ଆଦୌ ପ୍ରଭାବିତ ହୋଇ ନ ଥାଏ, ମାତ୍ର କେତେକ ନିର୍ଦ୍ଦିଷ୍ଟ ଭାଗରେ ଓ କିଛି ସମୟ ଲାଗି ପ୍ରଭାବିତ ହୋଇଥାଏ । ଏଇଟି ପ୍ରଥମ ଅବସ୍ଥା । ଦ୍ୱିତୀୟ ଅବସ୍ଥାଟି ହେଉଛି : ପ୍ରଭାବଟି ସ୍ଥାୟୀ ହେବାକୁ ଆରମ୍ଭ କରେ ଏବଂ ସତ୍ତାର ଗୋଟିଏ ଅଂଶବିଶେଷ ବିକୃତ ହେବାକୁ ଆରମ୍ଭ କରେ, ସେହି ଅଂଶଟି ନିରନ୍ତର ଏହି ପ୍ରଭାବଟିର ଅଧୀନରେ ରହିଥାଏ ଓ ତାହାକୁହିଁ ବ୍ୟକ୍ତ କରୁଥାଏ । ତା'ପରେ, ଯେଉଁ ସତ୍ତା ପ୍ରଭାବଟିକୁ ଅଣି ପକାଇଥାଏ, ତାହା ସେହି ଅଂଶଟି ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରେ । ତା'ପରେ ସାଧାରଣତଃ ସେଇଥିରୁ ଏକ ଦ୍ୱନ୍ଦ୍ୱ ଜନ୍ମଲାଭ କରିଥାଏ, ଗୋଟାଏ ପ୍ରକାରର ଅନ୍ତର୍ଗତ ସମର ଆରମ୍ଭ ହୋଇଯାଏ । ଏହି ବ୍ୟକ୍ତିମାନେ ମୂର୍ଚ୍ଛା ଦ୍ୱାରା ପୀଡ଼ିତ ହୁଅନ୍ତି, ବେଳେବେଳେ ସ୍ନାୟବିକ ସ୍ତରର ସାଙ୍ଘାତିକ ମୂର୍ଚ୍ଛାରୋଗ ଦ୍ୱାରା ବି ପୀଡ଼ିତ ହୋଇ ପଡ଼ନ୍ତି । ପ୍ରତିରୋଧ କରିବାର ଚେଷ୍ଟା କରୁଥିବାରୁ ସତ୍ତାର ଦୁଇ ଅଂଶ ସର୍ବଦା ପରସ୍ପରର ସଂଘାତରେ ଆସିବାରେ ଲାଗିଥାନ୍ତି, ଏବଂ ତାହା ଦ୍ୱାରା ଏକ ତୀବ୍ର ଭାରସାମ୍ୟହୀନତା ସଂଘଟିତ ହୁଏ, ଏପରି କି ଶରୀରର ସ୍ତରରେ ମଧ୍ୟ ସେହି ଭାରସାମ୍ୟହୀନତା ଦେଖିବାକୁ ମିଳିଥାଏ । ମାତ୍ର ଯଦି ପ୍ରତିରୋଧ କରିବାର ଉପାୟଟି ଜଣା ନ ଥାଏ ଏବଂ ଆଧିପତ୍ୟଟିକୁ ଦୋହଲାଇ ଫିଙ୍ଗି ଦେବାରେ ଯଦି ସଫଳତା ନ ମିଳେ, ତେବେ, ଯେଉଁ ସତ୍ତା ବ୍ୟକ୍ତିର କେବଳ ଗୋଟିଏ ଭାଗକୁ କାବୁ କରି ରଖିଥାଏ, ତାହା କ୍ରମଶଃ ଏକ ଅକ୍ଟୋପସ୍ ପରି କାମ କରିବାକୁ ଆରମ୍ଭ କରେ ଏବଂ

'oaob.nitrkl.ac.in' images reprocessed

ଧୀରେଧୀରେ ଆପଣାର ଭୁଜଗୁଡ଼ିକୁ ସବୁଆଡ଼କୁ ବିସ୍ତାର କରିଦିଏ ଏବଂ ଶେଷରେ ସମ୍ପୂର୍ଣ୍ଣ ଭାବରେ ଅଧିକାର କରିନିଏ । ସେହି ଆଧିପତ୍ୟ-ବିସ୍ତାର ସମୟରେ ଆକ୍ରାନ୍ତ ବଂଶ ହୁଏତ ସମ୍ପୂର୍ଣ୍ଣ ଭାବରେ ଆପଣାର ସକଳ ଭାରସାମ୍ୟକୁ ହରାଇବସେ ଅଥବା ସିଏ ସତେଅବା ଗୋଟାଏ ଦୈତ୍ୟରେ ପରିଣତ ହୋଇଯାଏ ଏବଂ ତା'ର ଚୈତ୍ୟସତ୍ତା ସେତେବେଳେ ତାକୁ ଛାଡ଼ି ଚାଲିଯାଏ ।

ଏହିପରି ଘଟନାମାନ ଖୁବ୍ କ୍ୱଚିତ୍ ଘଟେ, ତାହା ପ୍ରକୃତରେ ବଡ଼ ଭାଗ୍ୟର କଥା । ସାଧାରଣତଃ ଜଣେ ମନୁଷ୍ୟବ୍ୟକ୍ତି ଭିତରେ ଚୈତ୍ୟ ଯଥେଷ୍ଟ ପରିମାଣରେ ସବଳ ଥାଏ ଓ ତେଣୁ ପ୍ରତିରୋଧ କରିବାକୁ ସମର୍ଥ ହୁଏ; ଏବଂ ତେଣୁ, ଅଧିକାଂଶତମ ସମୟରେ ଦୁଇ ଭାଗ ମଧ୍ୟରେ କେବଳ ଏକ ସତତ ଦ୍ୱନ୍ଦ୍ୱ ଲାଗି ରହିଥାଏ । ଶେଷରେ, ଯଦି ଚୈତ୍ୟସତ୍ତା ଯଥେଷ୍ଟ ପରିମାଣରେ ସବଳ ଥାଏ ଓ ଯଦି ଆପଣାଠାରୁ ବୃହତ୍ତର ଏକ ବଳ ଉପରେ ଅବଲମ୍ବନ କରି ରହିବାର ବାଟ ତାକୁ ମାଲୁମ ଥାଏ, ତେବେ ସିଏ ସେହି ପ୍ରବୃତ୍ତିଟିକୁ ପ୍ରତ୍ୟାଖ୍ୟାନ କରି ତା'ର କବଳରୁ ଆପଣାକୁ ମୁକ୍ତ କରି ଆଣିବାକୁ ସମର୍ଥ ହୁଏ । କେବଳ ସମ୍ପୂର୍ଣ୍ଣ ଭାବରେ ଅଧିକାର କରିନେବାର ଅତ୍ୟନ୍ତ ତୀବ୍ର ଦୃଷ୍ଟାନ୍ତମାନଙ୍କରେହିଁ ଚୈତ୍ୟସତ୍ତା ବିଦାୟ ନେଇ ଚାଲି ଯାଇଥାଏ । ମାତ୍ର ଏଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ପ୍ରାୟ ଶେଷ ସ୍ତରର ଦୃଷ୍ଟାନ୍ତ ଏବଂ ସେସବୁ ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ । ବେଳେବେଳେ ଏପରି ହୁଏ ଯେ, ଗୋଟିଏ ମୃତ ଶିଶୁ ଜନ୍ମଲାଭ କରେ, ଅର୍ଥାତ୍ ତାହା ଠିକ୍ ଜନ୍ମଲାଭ କରିବାର ମୁହୂର୍ତ୍ତରେ ମରିଯାଏ ଅଥବା ତା'ର କେତେ ମିନିଟ ପରେ, ହୁଏତ ଘଣ୍ଟାଏ କି ଦୁଇଘଣ୍ଟା ପରେ ମୃତ୍ୟୁମୁଖରେ ପତିତ ହୁଏ । ଏହିସବୁ କ୍ଷେତ୍ରରେ ଏପରି ଘଟିଥାଏ ଯେ, ଏକ ଚୈତ୍ୟସତ୍ତା ଏହି ଶରୀରଟିକୁ ବ୍ୟବହାର କରିବ ନାହିଁ ବୋଲି ଏକ ନିଷ୍ପତ୍ତି ଗ୍ରହଣ କରିଥାଏ । ମାତ୍ର ଯଦି, ଉଦାହରଣସ୍ୱରୂପ, ସେହି ଶିଶୁର ଚିକିତ୍ସା କରୁଥିବା ଡାକ୍ତର ଜଣେ ବୁଦ୍ଧିମାନ୍ ବ୍ୟକ୍ତି ହୋଇଥାନ୍ତି ଅଥବା ତାହାର ଶୁଶ୍ରୂଷା କରୁଥିବା ଧାତ୍ରୀ ଯଦି ବୁଦ୍ଧିମତୀ ହୋଇଥାନ୍ତି ଓ ଯଦି ସେମାନେ କୃତ୍ରିମ ଶ୍ୱାସପ୍ରୟୋଗ ଦ୍ୱାରା ବା ସେହିପରି ଅନ୍ୟକୌଣସି ଉପାୟ ଦ୍ୱାରା ଶରୀର ଭିତରେ ଜୀବନର ପୁନଃସଞ୍ଚାର କରାଇ ପାରନ୍ତି, ତେବେ ଅଧିକାଂଶ କ୍ଷେତ୍ରରେ ଏକ ପ୍ରତିକୂଳ ସତ୍ତାହିଁ ସେହି ଶରୀରକୁ ଅଧିକାର କରି ନେଇଥାଏ । ଏପରି କେତେକ ଘଟନା ପ୍ରକୃତରେ ଘଟିଛି;—ପିଲାମାନଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା ପରି ବୋଧ ହେଉଥିଲା, ଅର୍ଥାତ୍ ଚୈତ୍ୟସତ୍ତା ଶରୀର ଛାଡ଼ି ଚାଲି ଯାଇଥିଲା । ଏବଂ, ତାହା ସମ୍ପୂର୍ଣ୍ଣ ଭାବରେ ମରିଯିବା ପୂର୍ବରୁ ଗୋଟିଏ ପ୍ରାଣିକ ସତ୍ତା ସେଠାରେ ପ୍ରବେଶ କରି ତାହାର ସ୍ଥାନ ଅଧିକାର କରି ନେଇଥିଲା । ଏପରି କେତେକ ଘଟନା ଘଟିଥିବାର ଜଣାଯାଇଛି । ଏବଂ ଏହି ସତ୍ତାଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ

'oaob.nitrkl.ac.in' images reprocessed

ରାକ୍ଷସ । ଜୀବନ କାଳରେ ସେମାନେ ପ୍ରକୃତରେ ଗୋଟିଏ ଗୋଟିଏ ରାକ୍ଷସ ହୋଇହିଁ ବାହାରନ୍ତି । ଅବଶ୍ୟ ଏମାନଙ୍କର ସଂଖ୍ୟା ଆଦୌ ଖୁବ୍ ବେଶୀ ନୁହେଁ ।

ପ୍ରାଣିକ ସ୍ତରର ଆସୁର କେତେକ ସତ୍ତା ଅଛନ୍ତି, ମାତ୍ର ଏମାନେ ଅପେକ୍ଷାକୃତ ଏକ ଉଚ୍ଚତର ପ୍ରକାରର । ଏଠାରେ ଉଦାହରଣସ୍ୱରୂପ ଅସୁର-ମାନଙ୍କର ନାନା ପ୍ରସର୍ଜନର ବର୍ଣ୍ଣନ କରାଯାଇପାରେ । ସେମାନେ କୌଣସି ନା କୌଣସି କାରଣରୁ ଏକ ଧାନ୍ତାନ୍ତର-ଗ୍ରହଣ ଲାଗି ମନସ୍ଥ କରିଥାନ୍ତି, ଆଉ ଦିବ୍ୟତା ବିରୋଧୀ ହେବେ ନାହିଁ ବୋଲି ମନସ୍ଥ କରିଥାନ୍ତି । ସେମାନେ କୌଣସି ଉପାୟରେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରନ୍ତି । ସେମାନେ ଜାଣିଥାନ୍ତି ଯେ, ଆପଣାକୁ ଏକ ମନୁଷ୍ୟଶରୀର ମଧ୍ୟରେ ନେଇ ଅବତୀର୍ଣ୍ଣ କରାଇବାହିଁ ହେଉଛି ଏଥିଲାଗି ସର୍ବୋତ୍ତମ ଉପାୟ, ଯାହାଦ୍ୱାରା କି ସେମାନେ ଏକ ଚୈତ୍ୟ-ସତ୍ତାର ନିୟନ୍ତ୍ରଣାଧୀନ ହୋଇ ରହିପାରିବେ । ଏବଂ ସେମାନେ ମନୁଷ୍ୟମାନଙ୍କର ଶରୀରରେ ଯାଇ ଅବତୀର୍ଣ୍ଣ ହୁଅନ୍ତି; ମାତ୍ର ସେଠାରୁ ଚୈତ୍ୟସତ୍ତାକୁ ବହିଷ୍କୃତ କରିଦେବାର କୌଣସି ଅଭିପ୍ରାୟ ନେଇ ନୁହେଁ, ମାତ୍ର, ଠିକ୍ ଏକ ଓଲଟା ଅଭିପ୍ରାୟରେ, ଅର୍ଥାତ୍, ଚୈତ୍ୟସତ୍ତାର ପ୍ରଭାବଟି ପାଖରେ ଅନୁଗତ ହୋଇ ରହିବାକୁ ଓ ତାହା ଦ୍ୱାରା ଏକ ନୂତନ ଧାନ୍ତାନ୍ତର ଗ୍ରହଣ କରିବା ଲାଗି ଚେଷ୍ଟା କରିବାକୁ ସେମାନେ ତାହା କରିଥାନ୍ତି । ଏହି ଘଟଣାଟି ମଧ୍ୟ ସେତେ ଅଧିକାଂଶ ସ୍ଥଳରେ ଆଦୌ ଘଟେ ନାହିଁ, ତଥାପି ସେସବୁ ଘଟିଥିବାର ଜଣାଯାଇଛି । ଏବଂ ଏହିସବୁ କ୍ଷେତ୍ରରେ, ଏହି ମନୁଷ୍ୟସତ୍ତାମାନେ ନାନା ଅସାଧାରଣ ସାମର୍ଥ୍ୟର ଅଧିକାରୀ ହୋଇ ଜନ୍ମ ହୋଇଥିବାର ଜଣାଯାଇଛି । ମାତ୍ର, ସେମାନଙ୍କୁ ଅସାଧାରଣ ନାନା ବିପଦର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଛି, କାରଣ, ସେଗୁଡ଼ିକ ଭିତରେ ଯେଉଁ ଶକ୍ତି ଅବତାର ଗ୍ରହଣ କରିଛି, ତାହା, ହୁଏତ ବର୍ତ୍ତମାନ ସେପରି ହୋଇ ରହି ନ ଥିଲେ ମଧ୍ୟ ଅନ୍ତତଃ ଏକଦା ଏକ ପ୍ରତିକୂଳ ଶକ୍ତିହିଁ ହୋଇ ରହିଥିଲା । ଏବଂ, ସେହିସବୁ ବିଦ୍ରୋହାତ୍ମକ କ୍ରିୟାତ୍ମକତାରୁ ସଙ୍ଗେ ସଙ୍ଗେ ମୁକ୍ତିଲାଭ କରିବା ଖୁବ କଷ୍ଟକର ହୋଇଥାଏ, ଏହାକୁ ସଫଳ ଭାବରେ ସମ୍ଭବ କରିବା ଲାଗି ବେଳେ ବେଳେ ଗୋଟାଏ ପୂରା ଜୀବନ ଲାଗି ଯାଇଥାଏ ।

ଏହି ଅସୁରସତ୍ତାମାନଙ୍କ ମଧ୍ୟରୁ କେତେକ ଆପଣାର ଏକ ପରିବର୍ତ୍ତନ ଲାଗି ଚେଷ୍ଟା କରିଛନ୍ତି ମାତ୍ର ସଫଳ ହୋଇପାରି ନାହାନ୍ତି । ଆପଣାର ପରିବର୍ତ୍ତନ ସାଧନ କରି ନ ପାରିଥିବାରୁ ସେମାନେ ନିର୍ବାଚିତ କରିଥିବା ଏହି ଶରୀରଟିକୁ ମଧ୍ୟ ଛାଡ଼ି ଚାଲିଯିବା ସେମାନଙ୍କର ଉଚିତ ଥିଲା । ମାତ୍ର ସେମାନଙ୍କ ଲାଗି ଏହା ଏକ ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟ ଥିଲା ଓ ସେମାନଙ୍କଠାରୁ ଏହା ଅତ୍ୟଧିକ ପ୍ରୟାସ ଦାବି କରୁଥିଲା ।

'oaob.nitrkl.ac.in' images reprocessed

ମାତ୍ର, ବର୍ତ୍ତମାନ ମୁଁ ତୁମମାନଙ୍କୁ ଯେଉଁସବୁ ଦୃଷ୍ଟାନ୍ତ ବିଷୟରେ କହିଲି ସେଗୁଡ଼ିକ ଅତ୍ୟନ୍ତ ବିରଳ ଦୃଷ୍ଟାନ୍ତ । ଏପରି ଘଟଣା ସର୍ବଦା ଓ ସବୁ କ୍ଷେତ୍ରରେ ଘଟେ ଓ ଦେଖିବାକୁ ମିଳେ ବୋଲି କଦାପି ବୁଝାଯିବ ନାହିଁ । କୌଣସି ଜଣେ ଭଦ୍ରବ୍ୟକ୍ତିଙ୍କ ଭିତରେ ଏକ ପ୍ରତିକୂଳ ଶକ୍ତି ଅବତୀର୍ଣ୍ଣ ହୋଇଛି ଅଥବା ଆଉ କେହି ସେପରି ଏକ ଶକ୍ତି ଦ୍ୱାରା ବଶୀଭୂତ ହୋଇଛି, — ଏପରି ଘଟଣା କ୍ୱଚିତ୍ ଘଟିଥାଏ । ଏଗୁଡ଼ିକ ପ୍ରକୃତରେ ଅତି—ଅତି କ୍ୱଚିତ୍ ଘଟିଥାଏ ।

ମାତ୍ର, ପ୍ରଭାବିତ ହେବାର ଘଟଣା, ଯଥା : କାହାରି ଏକ ପ୍ରଭାବର ଅଧୀନ ହେବା ଏବଂ ତାହାକୁହିଁ କାର୍ଯ୍ୟରେ ବ୍ୟକ୍ତ କରିବା — ଏହି ଘଟଣା ଦୁର୍ଭାଗ୍ୟବଶତଃ ଅଧିକ ସମୟରେ ଘଟିଥାଏ । ବିଶେଷ କରି ଯେଉଁମାନେ ଯୋଗସାଧନା ମଧ୍ୟକୁ ଆସିଥାନ୍ତି ଅଥଚ ନିଜକୁ ଯଥେଷ୍ଟ ଶୁଦ୍ଧ କରି ନ ଥାନ୍ତି ଅଥବା ନାନା ଅହଂକେନ୍ଦ୍ରିକ ଅଭିପ୍ରାୟ ନେଇ ଯେଉଁମାନେ ତାହା କରୁଥାନ୍ତି, — କେବଳ ଏକ ମହତ୍ତ୍ୱର ଆକାଙ୍କ୍ଷା ରଖି ବା ଦାମ୍ଭିକର ବଶବର୍ତ୍ତୀ ହୋଇ ଯେଉଁମାନେ ଯୋଗସାଧନା କରିବାକୁ ଆରମ୍ଭ କରନ୍ତି, ଅଧିକାଂଶ ସମୟରେ ଏପରି ଘଟେ ଯେ, ସେହିମାନେହିଁ ଆପଣାକୁ କେତେକ ପ୍ରତିକୂଳ ଶକ୍ତିଙ୍କର ପ୍ରଭାବାଧୀନ କରି ରଖିଥାନ୍ତି ।

ଏବଂ, ଏତଦ୍‌ବ୍ୟତୀତ ଆହୁରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି କେତେକ ନିର୍ଦ୍ଦିଷ୍ଟ ପ୍ରଭାବର ଭିତରେ ଆସି ପଡ଼ିଯାଇଥାନ୍ତି । ସେମାନେ — କିପରି ଶବ୍ଦ ଦେଇ ତାହା ବର୍ଣ୍ଣନା କରିହେବ ? — ଆଦୌ କୌଣସି ଆକସ୍ମିକ ଭାବରେ ସେପରି ବଶବର୍ତ୍ତୀ ହୋଇ ନ ଥାନ୍ତି, ମାତ୍ର ··· ଉଦାହରଣସ୍ୱରୂପ, ଏପରି ଅନେକ ଚୈତ୍ୟସତ୍ତ୍ୱ ଆଆନ୍ତି, ଯେଉଁମାନେ କି ଅବତୀର୍ଣ୍ଣ ହେବା ଲାଗି ଏକ ବିଶେଷ ପରିବେଶକୁ ନିର୍ବାଚିତ କରିଥାନ୍ତି, କାରଣ ସେମାନେ ଭାବିଥାନ୍ତି ଯେ, ସେମାନେ ସେଠାରେ ଆପଣାର ଈପ୍ସିତ ଅନୁଭୂତିଟିକୁ ଅବଶ୍ୟ ଲାଭ କରିପାରିବେ । ମାତ୍ର, ଏହି ପରିବେଶଟିରେ କୌଣସି ଏକ ପରିସ୍ଥିତିର କାରଣରୁ ଏକ ପ୍ରତିକୂଳ ପ୍ରଭାବ କାର୍ଯ୍ୟକାରୀ ହୋଇ ରହିଥାଏ । ତେଣୁ, ସେମାନେ ଯେଉଁ ଶରୀରଟିକୁ ପରିଚ୍ଛଦ ରୂପେ ଗ୍ରହଣ କରନ୍ତି, ସେଇଟି ମଧ୍ୟ କେତେକ ପରିମାଣରେ ସେହି ପ୍ରତିକୂଳ ପ୍ରଭାବଟି ଦ୍ୱାରା ଗ୍ରସ୍ତ ହୋଇ ରହିଥାଏ ଏବଂ ତେଣୁ ସେମାନଙ୍କୁ ତାହା ସହିତ ଆପଣାର ଜୀବନସାରା ଭୟଙ୍କର ଯୁଦ୍ଧ କରିବାକୁ ପଡ଼େ । ମୁଁ ଯେପରି କହିଲି, ଯଦି ସେମାନେ ଆପଣା ଶକ୍ତିଠାରୁ ବୃହତ୍ତର ଆଉ ଏକ ଶକ୍ତି ଉପରେ ନିର୍ଭର କରିବାର ଉପାୟଟିକୁ ଶିକ୍ଷା କରିଥାନ୍ତି, ତେବେ ସେମାନେ ସେହି ଯୁଦ୍ଧରେ ଜୟଲାଭ କରନ୍ତି । ଏକ ବୃହତ୍ ବିଜୟ ହାସଲ କରନ୍ତି । ପ୍ରତିକୂଳ ଶକ୍ତିର ପ୍ରଭାବରୁ ମୁକ୍ତିଲାଭ କରିବା ଦିଗରେ ଏହାକୁ ଏକ ବୃହତ୍ ବିଜୟ ବୋଲି

'oaob.nitrkl.ac.in' images reprocessed

କୁହାଯିବ । ଏହା ଯଥାର୍ଥରେ ଏପରି ଏକ ବିଜୟ, ଯାହାକି ବ୍ୟକ୍ତିର ଆପଣା ପରିସରଟିକୁ ଅତିକ୍ରମ କରି ଅଧିକ ଦୂରକୁ ବ୍ୟାପ୍ତ ହୋଇ ରହିଥାଏ ଏବଂ ସମଗ୍ର ପାର୍ଥିବ ସ୍ଥିତି ଉପରେ ମଧ୍ୟ ତାହାର ଅବଶ୍ୟ ଏକ ପ୍ରତିଘାତ ଅନୁଭୂତ ହୋଇଥାଏ । ଜଣେ ବ୍ୟକ୍ତିକୁ ପ୍ରଭାବିତ କରୁଥିବା ଏକ ପ୍ରତିକୂଳ ଶକ୍ତି ଉପରେ ଏହିପରି ଭାବରେ ହାସଲ କରାଯାଉଥିବା ପ୍ରତ୍ୟେକ ବିଜୟ ଅଗ୍ରଗତି ପାଇଁ ଗୋଟିଏ ଗୋଟିଏ ବୃହତ୍ତର ପଦକ୍ଷେପସ୍ୱରୂପ, ଆମକୁ ସେହି ଦିନଟିର ନିକଟବର୍ତ୍ତୀ କରି ଆଣେ, ଯେଉଁଦିନ କି ଏହି ଧରା ସମ୍ପୂର୍ଣ୍ଣ ଭାବରେ ପ୍ରତିକୂଳ ଶକ୍ତିମାନଙ୍କର ଉପସ୍ଥିତିରୁ ମୁକ୍ତ ହୋଇ ଯାଇପାରିବ । ଏହା ପୃଥିବୀ ଲାଗି ଏକ ବିରାଟ ଅଗ୍ରଗତିର ସମ୍ଭାବନା ବହନ କରୁଛି ।

ମାଆ, ପ୍ରତିକୂଳ ଶକ୍ତିମାନଙ୍କୁ ରୂପାନ୍ତରିତ କରାଯାଇ ପାରିବ କିପରି ?

ଯଦି ସେମାନେ ପ୍ରକୃତରେ ଏକ ରୂପାନ୍ତର ଇଚ୍ଛା କରୁଥିବେ, ତେବେ ସେକଥା ସେମାନେ କାହିଁକି କରି ନ ପାରିବେ ? ବିଶ୍ୱବ୍ରହ୍ମାଣ୍ଡରେ ଏପରି କୌଣସି ବସ୍ତୁ ନାହିଁ ଯାହାର ମୂଳରେ ଗୋଟିଏ ସ୍ୱଚ୍ଛଉତ୍ସ ନାହିଁ—ଯାହାକି, ସର୍ବୋତ୍ତମ ମୌଳିକତାର ଏକ ଉତ୍ସ । ଅନ୍ୟ ଯାବତୀୟ ବସ୍ତୁପରି ପ୍ରତିକୂଳ ଶକ୍ତିମାନଙ୍କର ମଧ୍ୟ ସେହି ଗୋଟିଏ ସର୍ବୋଚ୍ଚ ଉତ୍ସ ରହିଛି । ଏବଂ ଯଦି ସେମାନେ ସେମାନଙ୍କର ବିଦ୍ରୋହକୁ ପରିହାର କରିପାରିବେ, ଆପଣାର ବିଚ୍ଛିନ୍ନତାକୁ ଛାଡ଼ିଦେଇ ପାରିବେ ଏବଂ ଆପଣାର ଉତ୍ସସ୍ଥଳକୁ ଫେରି ଆସିବା ପାଇଁ ପୁନର୍ବାର ମନ କରିବେ, ତେବେ ସେମାନଙ୍କର ମଧ୍ୟ ଏକ ରୂପାନ୍ତର ଅବଶ୍ୟ ସମ୍ଭବ ହେବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଆପଣାର ଦୋଷଗୁଡ଼ିକରେ ପରିବର୍ତ୍ତନ କରିବାକୁ ଜଣେ ମନୁଷ୍ୟସତ୍ତା ଲାଗି ଯେତିକି ପ୍ରୟାସ କରିବାର ଆବଶ୍ୟକତା ରହିଛି, ଏହି ପ୍ରତିକୂଳ ଶକ୍ତିମାନଙ୍କ ଲାଗି ତା'ଠାରୁ ଅଧିକ ପ୍ରୟାସ କରିବାର ଆବଶ୍ୟକତା ରହିଛି । ଏହି କ୍ଷେତ୍ରରେ ଏକ ବୃହତ୍ତର ପ୍ରୟାସର ଆବଶ୍ୟକତା ରହିଛି, ସର୍ବୋପରି ଏକ ଗଭୀରତର ପ୍ରୟାସର ଆବଶ୍ୟକତା ରହିଛି, କାରଣ ସେମାନଙ୍କର ବିଦ୍ରୋହର ମୂଳଟି ମଧ୍ୟ ଅନେକ ଅଧିକ ଗଭୀରରେ ଯାଇ ନିହିତ ହୋଇ ରହିଛି । ଏହା ଆଦୌ ଉପରି ଭାଗରେ ରହି ନାହିଁ । ତଥାପି, ସେମାନେ ଏହାକୁ ଅବଶ୍ୟ ସାଧି କରିପାରିବେ । ସେମାନଙ୍କର ସେଥିଲାଗି ଆବଶ୍ୟକ ଶକ୍ତି ମଧ୍ୟ ରହିଛି; ସେମାନେ ହେଉଛନ୍ତି ଗୋଟିଏ ଗୋଟିଏ ଅତି ଶକ୍ତିଶାଳୀ ସତ୍ତା, ଯେଉଁମାନେ କି, ରୂପାନ୍ତରିତ ହେବା ଲାଗି ଏକ ସଂକଳ୍ପ ଗ୍ରହଣ କରିପାରିଲେ, ଅବଶ୍ୟ ରୂପାନ୍ତରିତ ହୋଇ ପାରିବେ । ଏବଂ ତା'ପରେ, ସେମାନେ ଦିବ୍ୟ କାର୍ଯ୍ୟ ଲାଗି ଗୋଟିଏ ଗୋଟିଏ

'oaob.nitrkl.ac.in' images reprocessed

ଅତି ଚମତ୍କାର ସାଧନ ରୂପେ ତିଆରି ହୋଇ ଯାଇପାରିବେ । ଯେଉଁମାନେ ଗୋଟିଏ ଗୋଟିଏ ବୃହତ୍ତମ ବଇଗ୍ରି ହୋଇ ରହିଥିଲେ, ସେମାନେ ଗୋଟିଏ ଗୋଟିଏ ଚମତ୍କାର ସାଧନାରେ ପରିଣତ ହୋଇଯାଇ ପାରିବେ ।

ହଁ, ଜଣେ ମୋତେ ଗୋଟିଏ ପ୍ରଶ୍ନ ପଚାରିବେ ବୋଲି କହିଥିଲେ, ବର୍ତ୍ତମାନ ମୁଁ ତାଙ୍କୁହିଁ ଖୋଜୁଛି । ସୁଜାତା କହିଥିଲେ । ସୁଜାତା କେଉଁଠି ବସିଛନ୍ତି ? ତ'ଣ ଏକାବେଳେକେ ଏହି ପୃଥିବୀର ଶେଷ କୋଣରେ ଯାଇ ବସିଛନ୍ତି କି ? ସିଏ ପଚାରିଲେ ମଧ୍ୟ ମୁଁ ତାଙ୍କ କଥା ମୋଟେ ଶୁଣିପାରିବି ନାହିଁ । ତୁମେ ତ'ଣ ପଚାରିବାକୁ ଚାହୁଁଥିଲ କି ?

କହନ୍ତୁ ମାଆ, ମୁଁ ଆପଣଙ୍କୁ ଆଜି ଗୋଟିଏ ପ୍ରଶ୍ନ ପଚାରି ପାରିବି କି ? ମନର କ୍ଷେତ୍ରରେ ଯେଉଁ ଅସାମ୍ୟାବସ୍ଥା ଘଟେ, ତାହା ବି କ'ଣ ସେହି ଗୋଟିଏ କାରଣରୁ ଘଟିଥାଏ ?

(ପବିତ୍ର ତାହାକୁ ପୁନରାବୃତ୍ତି କଲେ) ମାନସିକ ଅସାମ୍ୟାବସ୍ଥା କ'ଣ ସେହି ଗୋଟିଏ କାରଣରୁ ଘଟିଥାଏ ?

ସବୁବେଳେ ନୁହେଁ, ମାତ୍ର ଅଧିକାଂଶ ସମୟରେ ସେହି କାରଣରୁହିଁ ଘଟିଥାଏ । ମାନସିକ ଅସାମ୍ୟାବସ୍ଥାର ନାନା ଭିନ୍ନଭିନ୍ନ କାରଣ ଥାଇପାରେ । କେବଳ ଏକ ଦୋଷଯୁକ୍ତ ମାନସିକ ସଂଗଠନ ଅର୍ଥାତ୍ ମସ୍ତିଷ୍କ ଗଠନଗତ ଅପୂର୍ଣ୍ଣତା ହେତୁ ମଧ୍ୟ ତାହା ଘଟିପାରେ । ମାତ୍ର ହୁଏତ କେହି ଆପତ୍ତି କରି କହିବେ ଯେ, ଏହି ମସ୍ତିଷ୍କଗଠନଗତ ଅପୂର୍ଣ୍ଣତା ମଧ୍ୟ ସମ୍ଭବତଃ ଏକ ଅନ୍ତର୍ଗତ ପ୍ରାଣସ୍ତରୀୟ ଅସାମ୍ୟାବସ୍ଥାକୁ ବ୍ୟକ୍ତ କରୁଥାଇ ପାରେ । ମାତ୍ର ମସ୍ତିଷ୍କଗଠନଗତ ଅପୂର୍ଣ୍ଣତାର କ୍ଷେତ୍ରରେ ସାଧାରଣତଃ ବଂଶାନୁକ୍ରମିକ କିଂବା ଶରୀରଗତ କାରଣରୁ ସେପରି ଘଟୁଥାଇ ପାରେ···ତଥାପି,—ଅର୍ଥାତ୍, ଗର୍ଭାଧାନ ସମୟରେ ସେହି ଘଟଣାଟିର ମୂଳପତନ ହୋଇଥାଏ । ତେଣୁ ଆଉଏକ ଅନ୍ୟକା ପ୍ରଭାବରୁ ତାହା ହେଉଛି ବୋଲି ଆମେ ମୋଟେ କହି ପାରିବା ନାହିଁ । ଏହି ପ୍ରଭାବଟି ଜନ୍ମର ପୂର୍ବରୁହିଁ କାର୍ଯ୍ୟକାରୀ ହେବାକୁ ଆରମ୍ଭ କରିଥିଲା; ଏବଂ ଏହି ମାନସିକ ଅସାମ୍ୟାବସ୍ଥା ଭୋଗ କରୁଥିବା ଜଣେ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ କୌଣସି ପ୍ରତିକୂଳ ପ୍ରଭାବର କବଳରେ ପଡ଼ିଛନ୍ତି ବୋଲି ନିଶ୍ଚିତ ଭାବରେ ଆଦୌ କହିହେବ ନାହିଁ । ଏହା ଶରୀରଗଠନଗତ କୌଣସି ଦୋଷରୁ ମଧ୍ୟ ବେଶ୍ ସମ୍ଭବ ହୋଇପାରେ ।

ପୁନଶ୍ଚ, ମନୁଷ୍ୟମାନେ ଯେତେବେଳେ ମନର କ୍ଷେତ୍ରରେ ବିଭକ୍ତ ହୋଇ ରହିଥାନ୍ତି, ଅର୍ଥାତ୍, ନିଜମନର ଗୋଟିଏ ପାଖରେ ସତ୍ୟ ଏବଂ ରୂପାନ୍ତର ଲାଗି

'oaob.nitrkl.ac.in' images reprocessed

ଅସ୍ୱୀକୃତି ରଖିଥାନ୍ତି ଏବଂ ଆଉଗୋଟିଏ ପାଖରେ ସେଗୁଡ଼ିକୁ ଆଦୌ ଇଚ୍ଛା କରୁ ନ ଥାନ୍ତି, କେବଳ ଯେ ସେଗୁଡ଼ିକର ପ୍ରତିରୋଧ କରୁଥାନ୍ତି ତା' ନୁହେଁ, ମାତ୍ର ସେଗୁଡ଼ିକ ବିରୁଦ୍ଧରେ ବିଦ୍ରୋହ ମଧ୍ୟ କରୁଥାନ୍ତି—ଏଭଳି ପ୍ରକୃତରେ ଅନେକ ସମୟରେ ଘଟିଥାଏ,—ଏହା ଦ୍ୱାରା ବସ୍ତୁତଃ ମସ୍ତିଷ୍କ ଭିତରେ ଏକ ଭୟଙ୍କର ଅନ୍ତର୍ଗତ ସଂଗ୍ରାମର ସୂତ୍ରପାତ ହୋଇଥାଏ,—ଏହି ସଂଗ୍ରାମ ପ୍ରଥମେ ମାନସିକ ସ୍ତରରେ ଥାଏ, ତା'ପରେ ମସ୍ତିଷ୍କଗତ ହୋଇଯାଏ,— ଏବଂ ଏହାଦ୍ୱାରା ହୁଏତ ଏକ ଅତ୍ୟନ୍ତ ଗମ୍ଭୀର ପ୍ରକାରର ମାନସିକ ଭାରସାମ୍ୟହୀନତା ସୃଷ୍ଟି କରିବାକୁ ପଡ଼ିଥାଏ ।

ଆଉ କେତେକ କ୍ଷେତ୍ରରେ, କୌଣସି ଏକ ଅଭିବ୍ୟଞ୍ଜନା ବା ଏକ ପ୍ରତିକୂଳ ପ୍ରଭାବ ଆଡ଼କୁ ଆପଣା ଭିତରେ ଏକ ଉନ୍ମୋଚନ ସୃଷ୍ଟି କରିବା ଦ୍ୱାରା ତାହା ଘଟିଥାଏ । ଏକ ଅନୁଚିତ ଗତିସ୍ପନ୍ଦନ ଦ୍ୱାରା ସେହି ଉନ୍ମୋଚନଟି ଘଟିଥାଏ,—ବିଦ୍ରୋହ, ଘୃଣା ଅଥବା କୌଣସି ତୀବ୍ର ବାସନାର ଗତିସ୍ପନ୍ଦନ ଦ୍ୱାରା ଘଟିଥାଏ । ଏହିପରି ଏକ ଅନୁଚିତ ଗତିସ୍ପନ୍ଦନର କବଳରେ ପଡ଼ି ଜଣେ ବ୍ୟକ୍ତି ହୁଏତ,—ଉଦାହରଣସ୍ୱରୂପ କ୍ରୋଧପରବଶ ହୋଇ,—ଆପଣାକୁ ଏକ ପ୍ରତିକୂଳ ଶକ୍ତି ଆଡ଼କୁ ଉନ୍ମୋଚିତ କରି ଦେଇପାରେ ଏବଂ ଏପରି ଏକ ପ୍ରଭାବକୁ ଆମନ୍ତ୍ରିତ କରି ନେଇ ଆସିପାରେ, ଯାହାକି ଶେଷକୁ ତାକୁ ସଂପୂର୍ଣ୍ଣ ଭାବରେ ଅଧିକାର କରି ନେଇପାରେ । ପ୍ରଥମ ଅବସ୍ଥାରେ ଏଗୁଡ଼ିକୁ ଅତି ସହଜରେ ରୋଗମୁକ୍ତ କରି ଦିଆ ଯାଇପାରେ;—ଏହି ଅନୁଚିତ ଗତିସ୍ପନ୍ଦନ ଏବଂ ଏହି ପ୍ରଭାବଟି ମଧ୍ୟରୁ ନିଷ୍କୃତି ଲାଭ କରିବା ପାଇଁ ସତ୍ତାର ଗୋଟିଏ ଭାଗ ଅତ୍ୟନ୍ତ ସଚେତନ ରହିଥିଲେ ଓ ସେଥିଲାଗି ଏକ ଦୃଢ଼ ଇଚ୍ଛାଶକ୍ତି ରହିଥିଲେ ତାହା ଅବଶ୍ୟ ସମ୍ଭବ ହୁଏ । ଅସ୍ୱୀକୃତିରେ ନିଷ୍ଠା ରହିଥିଲେ ଆମେ ଅପେକ୍ଷାକୃତ ଅଧିକ ସହଜରେ ଏଥିରେ ସଫଳତା ଲାଭ କରିଥାଉ । ମାତ୍ର ଯଦି ଆମେ ଅନ୍ୟପକ୍ଷରେ ଏକ ଆତ୍ମସନ୍ତୋଷର ଭାବ ସହିତ ତା'ଉପରେ ଦୃଷ୍ଟିପାତ କରୁଥାଉ ଏବଂ ଆପଣାର ମନେମନେ "ଏହା ଏହିପରିହିଁ ହୁଏ, ଏହା କଦାପି ଅନ୍ୟକୌଣସି ପ୍ରକାର ହୋଇପାରିବ ନାହିଁ" ବୋଲି କହିବାରେ ଲାଗିଥାଉ, ତେବେ ଏହା ପ୍ରକୃତରେ କ୍ରମଶଃ ଭାରି ବିପଜ୍ଜନକ ହେବାକୁ ଆରମ୍ଭ କରେ । ଏହି କ୍ଷେତ୍ରରେ ଶତ୍ରୁ ପ୍ରତି ଆଦୌ କୌଣସି ସହୃଷ୍ଟ ଭାବ ରହିବା ଉଚିତ ନୁହେଁ । ଶତ୍ରୁଟି ରହିଛି ବୋଲି ଦୃଷ୍ଟିରେ ପଡ଼ିବା ମାତ୍ରକେ ତାହାକୁ କାଢ଼ି ବାହାରକୁ ଅନେକ ଦୂରକୁ ଫିଙ୍ଗିଦେବା ଉଚିତ, ଆଦୌ କୌଣସି ଦୟା ପ୍ରକାଶ ନ କରି ଯଥାସମ୍ଭବ ଅଧିକ ଦୂରକୁ ଫିଙ୍ଗିଦେବା ଉଚିତ ।

ମାଆ, ଶୁଦ୍ଧ ହେବାର ଅର୍ଥ କ'ଣ ?

'oaob.nitrkl.ac.in' images reprocessed

ଶୁଦ୍ଧ ହେବାର ଅର୍ଥ କ'ଣ ବୋଲି ତୁମେ ପଚାରୁଛ ? ଯେତେବେଳେ ଆମର ସମୁଦାୟ ସତ୍ତା ଆପଣାର ଯାବତୀୟ ଉପାଦାନ ଏବଂ ଯାବତୀୟ କ୍ରିୟାଶୀଳତାକୁ ସାଙ୍ଗରେ ନେଇ ସମ୍ପୂର୍ଣ୍ଣ ଓ ସର୍ବତୋଭାବେ ଦିବ୍ୟ ପରମ ଇଚ୍ଛାକୁ ଅବଲମ୍ବନ କରି ରହେ, ସେତିକବେଳେ ଯାଇ ଆମେ ଯଥାର୍ଥ ଓ ପରିପୂର୍ଣ୍ଣ ଭାବରେ ଶୁଦ୍ଧତା ଅର୍ଜନ କରୁ । ଏହାକୁହିଁ ସମସ୍ତ ଶୁଦ୍ଧତା ବୋଲି କୁହାଯିବ । ଏହା କୌଣସି ନୈତିକ ଅଥବା ସାମାଜିକ ନିୟମ ଉପରେ ଆଦୌ ନିର୍ଭର କରେ ନାହିଁ, କୌଣସି ପ୍ରକାରର ମାନସିକ ପରମ୍ପରା ଉପରେ ବି ନିର୍ଭର କରେ ନାହିଁ । ତାହା ସମ୍ପୂର୍ଣ୍ଣ ଭାବରେ ଏହାରି ଉପରେହିଁ ନିର୍ଭର କରୁଥାଏ : ଯେତେବେଳେ ସତ୍ତାର ଯାବତୀୟ ଉପାଦାନ ଓ ଯାବତୀୟ କ୍ରିୟାଶୀଳତା ଐକାନ୍ତିକ ଓ ସମଗ୍ର ଭାବରେ ଦିବ୍ୟ ପରମ ଇଚ୍ଛାକୁହିଁ ଅବଲମ୍ବନ କରି ରହନ୍ତି, ସେହିପରି ଏକ ସ୍ଥିତି ଉପରେ ।

ମାତ୍ର ଏଥିରେ ନାନା ସୋପାନ ରହିଛି, ମାତ୍ରା ରହିଛି । ଉଦାହରଣସ୍ୱରୂପ, ଯେଉଁ ନିଷ୍ଠାହୀନତାକୁ ବୃହତ୍ତମ ଅଶୁଦ୍ଧତାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କୁହାଯିବ, ତାହା ସର୍ବଦା ଏହିପରି ଏକ ବସ୍ତୁ ସ୍ଥିତିରୁ ଜନ୍ମଲାଭ କରିଥାଏ ଯେ, ଆମର କୌଣସି ଏକ ଗତିସ୍ପନ୍ଦନ ବା କେତୋଟି ଗତିସ୍ପନ୍ଦନ, ସତ୍ତାର କୌଣସି ଉପାଦାନ ବା କେତୋଟି ଉପାଦାନ କେବଳ ଆପଣାର ଇଚ୍ଛାଟାକୁହିଁ ଅନୁସରଣ କରିବାକୁ ମନ କରୁଥାନ୍ତି, ସେମାନେ ଦିବ୍ୟ ପରମ ଇଚ୍ଛାର ଅଭିବ୍ୟକ୍ତିକୁ ଆଦୌ ଅନୁସରଣ କରିବାକୁ ଚାହୁଁ ନ ଥାନ୍ତି । ଏବଂ ଏହାରି ଦ୍ୱାରାହିଁ ସତ୍ତା ମଧ୍ୟରେ ଏକ ବିଦ୍ରୋହ ଅଥବା ଏକ ମିଥ୍ୟା ନିଷ୍ପନ୍ନ ହୋଇଥାଏ । ତାହାର ଅର୍ଥ ନୁହେଁ ଯେ ଜଣେ ମିଥ୍ୟା କହିବାକୁ ଆରମ୍ଭ କରେ, ମୋର କହିବାର ମତଲବ ହେଉଛି ଯେ ସିଏ ମିଥ୍ୟାର, ନିଷ୍ଠାହୀନତାର ଏକ ସ୍ଥିତି ଭିତରେ ଅସି ପଡ଼ିଯାଏ । ତା'ପରେ ପରିଣାମଗୁଡ଼ିକ ଅଳ୍ପବହୁତ ପରିମାଣରେ ଗମ୍ଭୀର ହେବାକୁ ଆରମ୍ଭ କରନ୍ତି ଏବଂ ଗତିସ୍ପନ୍ଦନଟିର ଗମ୍ଭୀରତା ତଥା ମହତ୍ତ୍ୱ ଅନୁସାରେ ଅଳ୍ପବହୁତ ବ୍ୟାପକ ହେବାକୁ ମଧ୍ୟ ଆରମ୍ଭ କରନ୍ତି । ମାତ୍ର, ଶୁଦ୍ଧତାର ଭୂମି ଉପରେ ବିଚାର କରି ଦେଖିଲେ ଏହିଗୁଡ଼ିକୁହିଁ ପ୍ରକୃତ ଅଶୁଦ୍ଧି ବୋଲି କୁହାଯିବ ।

ଉଦାହରଣସ୍ୱରୂପ, ଏକ ନୈତିକ ଦୃଷ୍ଟିକୋଣ ଉପରେ ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ମତର ପୋଷଣ କରୁଥିବ,—ଆଧ୍ୟାତ୍ମିକ ଦୃଷ୍ଟିରୁ ଏହାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି କୁହାଯିବ,—ଏପରି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ କି ଆପାତତଃ ଏକ ପରିପୂର୍ଣ୍ଣ ନୈତିକ ଜୀବନ ଯାପନ କରୁଥାନ୍ତି, ସେମାନେ ସମାଜର ସକଳ ନିୟମ, ବିଧିସଂସ୍କାର ଏବଂ ନୈତିକ ପରମ୍ପରା ମାନି ଚଳୁଥାନ୍ତି, ମାତ୍ର ଭିତରେ କେତେ ନା କେତେ ଅଶୁଦ୍ଧତାର ଗୋଟାଏ ଏଡ଼େ ବଡ଼ ଗଦା ହୋଇ ରହିଥାନ୍ତି—ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

ଦୃଷ୍ଟିରୁ ଏହି ବ୍ୟକ୍ତିମାନଙ୍କୁ ତୁଚ୍ଛ ଅଶୁଦ୍ଧ ବୋଲି କୁହାଯିବ । ଅନ୍ୟପକ୍ଷରେ କେତେକ ଦରିଦ୍ର ଲୋକ ଏପରି ଥାଆନ୍ତି, ଯେଉଁମାନେ କି…ଉଦାହରଣସ୍ୱରୂପ ଯେଉଁମାନେ କି ଏକ ସ୍ୱତନ୍ତ୍ରତାବୋଧ ସହିତ ଜନ୍ମଗ୍ରହଣ କରିଥାନ୍ତି ଏବଂ ଏପରି ଅନେକ କାର୍ଯ୍ୟ କରନ୍ତି, ଯେଉଁଗୁଡ଼ିକୁ କି ସାମାଜିକ ଅଥବା ନୈତିକ ଦୃଷ୍ଟିକୋଣରୁ ଆଦୌ ଖୁବ୍ ବେଶୀ ସମ୍ମାନଜନକ ବୋଲି ବିଚାର କରାଯିବ ନାହିଁ; ମାତ୍ର ତେଣେ ସେମାନଙ୍କ ଭିତରେ ଏକ ଅନ୍ତର୍ଗତ ଅଭୀପ୍ସା ଓ ଅନ୍ତର୍ଗତ ଆନ୍ତରିକତା ମଧ୍ୟ ବେଶ୍ ଥାଇପାରେ । ଏମାନେ ଅନ୍ୟମାନଙ୍କ ତୁଳନାରେ ଅନନ୍ତ ଗୁଣରେ ଅଧିକ ଶୁଦ୍ଧତାଯୁକ୍ତ ହୋଇ ରହିଥାନ୍ତି । ଏହାହିଁ ଗୋଟିଏ ସବୁଠାରୁ ବଡ଼ ଅସୁବିଧା । ଏହିସବୁ ସମ୍ବନ୍ଧରେ କିଛି କହିବାକୁ ବାହାରିବା ମାତ୍ରକେ, ଆମର ଚେତନା ଭିତରେ ଯାବତୀୟ ସାମାଜିକ ଏବଂ ନୈତିକ ପରମ୍ପରା ଦ୍ୱାରା ସୃଷ୍ଟି ହୋଇଥିବା ବିକୃତିଟା ମସ୍ତକ ଉତ୍ତୋଳନ କରେ ଓ ଆମର ବାଟ ଓଗାଳି ବସେ । ତୁମେ ଶୁଦ୍ଧତା ବିଷୟରେ କହିବାକୁ ଆରମ୍ଭ କରିବା ମାତ୍ରକେ, ତୁମ ଆଗରେ ନୈତିକତାର ଅଟ୍ଟାଳିକାଟି ଏତେ ବଡ଼ ହୋଇ ଠିଆ ହୋଇଯାଏ ଏବଂ ତାହା ତୁମର ଧାରଣାକୁ ସମ୍ପୂର୍ଣ୍ଣ ଭାବରେ ବିକୃତ କରିପକାଏ । ଏଠାରେ ସ୍ମରଣ ରଖିବା ଉଚିତ ଯେ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନୀତିଯୁକ୍ତ ହୋଇପାରିବା ଅପେକ୍ଷା ସାମାଜିକ ଦୃଷ୍ଟିକୋଣରୁ ନୈତିକତାଯୁକ୍ତ ହେବା ଅନନ୍ତ ଗୁଣରେ ଅଧିକ ସହଜ । ସାମାଜିକ ଦୃଷ୍ଟିକୋଣରୁ ନୈତିକତାଯୁକ୍ତ ହେବାକୁ ହେଲେ ଆମେ କେବଳ ଯଥେଷ୍ଟ ସାବଧାନ ରହି ସେପରି କୌଣସି କାର୍ଯ୍ୟ ନ କରିବା ଯାହାକୁ କି ଅନ୍ୟମାନେ ସମର୍ଥନ କରି ପାରିବେ ନାହିଁ । ଏହା କରିବା ହୁଏତ କିଞ୍ଚିତ୍ କଷ୍ଟକର ହୋଇପାରେ, ମାତ୍ର ତଥାପି ଆଦୌ ଅସମ୍ଭବ ନୁହେଁ । ଏବଂ, ମୁଁ ଯେପରି କହିଲି, ଆମେ ଇଚ୍ଛା କଲେ ଏଭଳି ଆଚରଣ କରି ମଧ୍ୟ ଜଣେ ବ୍ୟକ୍ତି ନିଷ୍ଠାହୀନତା ଏବଂ ଅଶୁଦ୍ଧତାର ଗୋଟାଏ ଏତେବଡ଼ ଅଟ୍ଟାଳିକା ସଦୃଶ ହୋଇ ରହିପାରେ । ମାତ୍ର, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଶୁଦ୍ଧ ହେବା କହିଲେ ଏପରି ଏକ ଜାଗରୁକତା, ଚେତନା ଏବଂ ଆନ୍ତରିକତାକୁ ବୁଝାଇବ, ଯାହାକି ଯାବତୀୟ ପରୀକ୍ଷାର ସମ୍ମୁଖରେ ମଧ୍ୟ ଅଟଳ ହୋଇ ରହିପାରିବ ।

ବର୍ତ୍ତମାନ ମୁଁ ତୁମମାନଙ୍କୁ ଗୋଟିଏ ବିଷୟରେ ସାବଧାନ କରିଦେବାକୁ ଇଚ୍ଛା କରୁଛି,— ମୁଁ ଭାବୁଛି, ଖାସ୍ ଏହି ପୁସ୍ତକଟିରେହିଁ ଶ୍ରୀଅରବିନ୍ଦ ସେହି ବିଷୟରେ କହିଛନ୍ତି । ତୁମେମାନେ ସେହି ବ୍ୟକ୍ତିମାନଙ୍କ ବିଷୟରେ ସାବଧାନ ରହିବ, ଯେଉଁମାନେ କି ଆପଣାର ପ୍ରାଣିକ ଚେତନା ମଧ୍ୟରେ ବାସ କରୁଥାନ୍ତି ଏବଂ କହୁଥାନ୍ତି, "ମୁଁ ହେଉଛି ପ୍ରକୃତରେ ଯାବତୀୟ ନୈତିକ ନିୟମର ଅନେକ ଊର୍ଦ୍ଧ୍ୱରେ । ଏହିସବୁ ନୈତିକ ନିୟମ ମୋତେ ଆଦୌ କୌଣସି ପ୍ରକାରରେ

ବାଛିରଖି ପାରିବ ନାହିଁ ।” ଏବଂ ସେମାନେ ଏପରି କହନ୍ତି, କାରଣ ସେମାନେ ଯାବତୀୟ ପ୍ରକାରର ନିଜସ୍ୱମହାନତା ମଧ୍ୟରେ ଲେଟି କରି ରହିବାକୁ ଇଚ୍ଛା କରୁଥାନ୍ତି । ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ତେଣୁ ଦୁଇ ପ୍ରକାରର ଅଶୁଦ୍ଧତା ରହିଥାଏ : ଆଧ୍ୟାତ୍ମିକ ଅଶୁଦ୍ଧତା ରହିଥାଏ, ପୁଣି ନୈତିକ ଅଶୁଦ୍ଧତା ମଧ୍ୟ ରହିଥାଏ । ଏବଂ, ଏହି ଲୋକମାନଙ୍କର ନିଜ ବିଷୟରେ ସାଧାରଣତଃ ଏକ ଭାରି ଭଲ ମତ ରହିଥାଏ, ଏବଂ ଏକ ପଟାନ୍ତରହୀନ ଔଦ୍ଧତ୍ୟ ସହିତ ସେମାନେ ଆପଣାର ଜୀବନ ବଞ୍ଚିବାର ଇଚ୍ଛାଟିକୁ ଜାହିର କରିବାରେ ଲାଗିଥାନ୍ତି । ମାତ୍ର ଆମର ଏପରି ଲୋକ ମୋଟେ ଦରକାର ନାହାନ୍ତି ।

ମାତ୍ର, ସାଧାରଣତଃ ଏପରି ହୋଇଛି ଯେ ଯେଉଁମାନଙ୍କ ମଧ୍ୟରେ ଏକ ପରିବର୍ତ୍ତନ ଘଟାଇବା ମୋତେ ସବୁଠାରୁ ଅଧିକ କଷ୍ଟକର ବୋଲି ମନେ ହୋଇଛି, ସେହି ଲୋକମାନେ ହେଉଛନ୍ତି ଜଣେ ଜଣେ ଅତି ପ୍ରତିଷ୍ଠିତ ବ୍ୟକ୍ତି । ଏପରି କହୁଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ, ମାତ୍ର ଏକଥା ତଥାପି ସତ ଯେ ଯେଉଁମାନେ ପ୍ରତିଷ୍ଠିତ ନୁହନ୍ତି, ସେମାନଙ୍କ ଅପେକ୍ଷା ଏହି ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇହିଁ ମୁଁ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଛି । କାରଣ, ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଜ ବିଷୟରେ ଏପରି କେତେ ନା କେତେ ଉଚ୍ଚ ମତମାନ ପୋଷଣ କରୁଥିଲେ ଯେ, ସେମାନଙ୍କ ମଧ୍ୟରେ କୌଣସି ଉନ୍ମୋଚନ ଘଟାଇବା ଆଦୌ ସମ୍ଭବ ହେଉ ନ ଥିଲା । ମାତ୍ର ଅସଲ କଥାଟି ହେଉଛି ପ୍ରକୃତରେ ବଡ଼ କଷ୍ଟସାଧ୍ୟ । ଅର୍ଥାତ୍, ଆମକୁ ଅତ୍ୟନ୍ତ ଜାଗରୂକ ହୋଇ ରହିବାକୁ ପଡ଼ିବ, ଅତ୍ୟନ୍ତ ଆତ୍ମ-ସଂଯମ ଅବଲମ୍ବନ କରିବାକୁ ପଡ଼ିବ, ଅତ୍ୟନ୍ତ ଧୈର୍ଯ୍ୟଶୀଳ ହେବାକୁ ପଡ଼ିବ ଏବଂ ଏକ ଅବିଚଳ ଶୁଭକାଙ୍କ୍ଷାର ଯୋଗ୍ୟ ହେବାକୁ ପଡ଼ିବ । ଆମଠାରେ ଯେପରି କିଞ୍ଚିତ୍ ଅଥଚ ଯଥେଷ୍ଟ ପରିମାଣରେ ଏକ ବିନୟ ରହିଥାଏ, ସେବିଷୟରେ ଯତ୍ନଶୀଳ ରହିବାକୁ ପଡ଼ିବ; ଏବଂ, ଆମ ଭିତରେ ଯେତିକି ଆନ୍ତରିକତା ରହିଛି, ଆମେ ସେତିକିରେ କଦାପି ସନ୍ତୁଷ୍ଟ ହୋଇ ରହିଯିବା ନାହିଁ । ସବୁବେଳେ ଅଧିକରୁ ଅଧିକ ଆନ୍ତରିକତା ଲାଗି ଆକାଙ୍କ୍ଷା ରଖିଥିବା ।

(ଗୋଟିଏ ପିଲାକୁ) ତୁମର କ'ଣ ପଚାରିବାକୁ ଅଛି ? କିଛି ନାହିଁ ? କାହାରି କିଛି ପଚାରିବାକୁ ନାହିଁ ? ସେହି ଆର ପିଲାଟି କୁଆଡ଼େ ଗଲା ? ସିଏ ତ ଆଜି ତା'ର ନିଜ ଜାଗାରେ ବସି ନାହିଁ ! ସିଏ ତା' ଜାଗାରେ ଦେଖିବାକୁ ମିଳୁ ନାହିଁ । ମୁଁ ତାକୁ ହୁଏତ କେତେ ପ୍ରଶ୍ନ ପଚାରିବି ବୋଲି ସିଏ ଭାରି ଡରି ଯାଇଛି । ତେବେ, ଆଉ କାହାରି କିଛି ପଚାରିବାକୁ ନାହିଁ ? କେହି କିଛି ପଚାରିବେ ନାହିଁ ?

“ଆପଣାର ଅନୁଚିତ କାର୍ଯ୍ୟ ଓ ଦୋଷଗୁଡ଼ାକୁ ସବୁବେଳେ ଖୁଣ୍ଟି କରି ଦେଖିବାରେ ଲାଗିଥିଲେ ତଦ୍ଦ୍ୱାରା ନୈରାଶ୍ୟ ଆସେ, ବିଶ୍ୱାସ

'oaob.nitrkl.ac.in' images reprocessed

ମଧ୍ୟ ଦୁର୍ବଳ ହୋଇଯାଏ ।” ଏହାଦ୍ୱାରା ବିଶ୍ୱାସ କିପରି ଦୁର୍ବଳ ହୋଇଯାଏ ?

ଏଠାରେ ଯେଉଁ ବିଶ୍ୱାସର କଥା କୁହାଯାଇଛି ତାହା ହେଉଛି ଦିବ୍ୟ ପରମକରୁଣା ଉପରେ ବିଶ୍ୱାସ ଏବଂ, ତାଙ୍କର କାର୍ଯ୍ୟଟି ସର୍ବଶେଷରେ ସଫଳତା ଲାଭ କରିବ, ତାହାର ଉପରେ ବିଶ୍ୱାସ । ତୁମେ ଯୋଗସାଧନା ଆରମ୍ଭ କରିଛ ଏବଂ ତୁମ ଭିତରେ ଏହି ବିଶ୍ୱାସଟି ରହିଛି ଯେ, ତୁମେ ନିଜର ଏହି ସାଧନାରେ ସମ୍ପୂର୍ଣ୍ଣ ପଥଟିକୁ ଅତିକ୍ରମ କରିବା ପର୍ଯ୍ୟନ୍ତ ଅବଶ୍ୟ ଅଗ୍ରସର ହେବାରେ ଲାଗିଥିବ । ମାତ୍ର, ଯାହାସବୁ ତୁମକୁ ସେହି ଅଗ୍ରଗତିରୁ ନିବୃତ୍ତ କରି ରଖିବେ, ଯଦି ସେଇଗୁଡ଼ାକୁ ଅନାଇ ଅନାଇ ତୁମର ସମୟ କଟିଯାଏ, ତେବେ ସର୍ବଶେଷରେ ତୁମେ ଏକଥା ମଧ୍ୟ କହିବାକୁ ଆରମ୍ଭ କରିବ : “ନାହିଁ, ମୁଁ କେବେହେଲେ ସଫଳ ହେବି ନାହିଁ । ଏହା କଦାପି ସମ୍ଭବ ନୁହେଁ । ଯଦି ଏହିପରି ଭାବରେ ସବୁକିଛି ଚାଲେ, ତେବେ ମୁଁ ଆଦୌ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବି ନାହିଁ ।” ଏହାକୁହିଁ ନିଜର ବିଶ୍ୱାସ ହରାଇ ବସିବା ବୋଲି କୁହାଯାଏ । ଆମେ ଯେ ଅବଶ୍ୟ ସଫଳତା ହାସଲ କରିବା, ଆମ ଭିତରେ ଏହିପରି ଏକ ବିଶ୍ୱାସ ରହିଥିବା ଆବଶ୍ୟକ ।

ଅନେକ ବ୍ୟକ୍ତି ଆରମ୍ଭ ତ କରିଦିଅନ୍ତି, ମାତ୍ର କିଛି ସମୟ ପରେ ଆସି କହିବାକୁ ଲାଗନ୍ତି, “ମୁଁ ଏହି ବାଟକୁ ମୋଟେ ପାର ହୋଇ ପାରିବି ନାହିଁ । ମୋତେ ପ୍ରକୃତରେ କେତେ ନା କେତେ ବାଧାର ସମ୍ମୁଖୀନ ହେବାକୁ ପଡ଼ିଲାଣି ।” ଏହାର ଅର୍ଥ ବିଶ୍ୱାସ ହରାଇ ବସିବା । ଯଦି ଥରେ ଆରମ୍ଭ କଲ, ତେବେ ଏହି ବିଶ୍ୱାସଟି ସହିତ ଆରମ୍ଭ କରିବ ଯେ, ତୁମେ ଅବଶ୍ୟ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବ । ଏବଂ ଏହି ବିଶ୍ୱାସଟିକୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରଖିବାକୁ ପଡ଼ିବ । ବିଶ୍ୱାସଟି ଅତୁଟ ରହିଥିଲେ ଯାଇ ତୁମେ ଲକ୍ଷ୍ୟଟି ହାସଲ କରିପାରିବ । ମାତ୍ର, ଯଦି ତୁମେ ମଝି ରାସ୍ତାରେ ଅଟକି ଯାଇ “ନାହିଁ, ମୁଁ ପାରିବି ନାହିଁ” ବୋଲି କହିବାକୁ ଆରମ୍ଭ କରିବ, ତେବେ ଏହା ଅତ୍ୟନ୍ତ ନିଶ୍ଚିତ କଥା ଯେ ତୁମେ ଆଉ କଦାପି ଶେଷଯାଏ ଯାଇପାରିବ ନାହିଁ । କେତେକ ଲୋକ ଅଛନ୍ତି, ଯେଉଁମାନେ କି ଯାତ୍ରା ଆରମ୍ଭ କରି ଦିଅନ୍ତି, ତା’ପରେ ଦେଖନ୍ତି ଯେ ଏହି ଯାତ୍ରା ଭାରି କଠିନ, ଭାରି କ୍ଲାନ୍ତିକାରକ ଓ କଷ୍ଟସାଧ୍ୟ, ଏବଂ ସେମାନେ ଏପରି ମଧ୍ୟ ଅନୁଭବ କରନ୍ତି ଯେ ସେମାନେ, ସେମାନଙ୍କର ପାଦଗୁଡ଼ାକ ଆଦୌ ଭଲ ଭାବରେ ଚାଲିପାରୁ ନାହାନ୍ତି, ସେମାନଙ୍କର ପାଦଗୁଡ଼ାକ ବଥାଇବାକୁ ଆରମ୍ଭ କଲେଣି, ଇତ୍ୟାଦି, ଇତ୍ୟାଦି । ଏବଂ ସେମାନେ କହନ୍ତି, “ଆଉ ଆଗକୁ ଯିବା ପ୍ରକୃତରେ ବଡ଼ କଷ୍ଟକର ।” ତେଣୁ, “ଥରେ ଆରମ୍ଭ କରିଛି, ମୁଁ ନିଶ୍ଚୟ ଶେଷ ପର୍ଯ୍ୟନ୍ତ ଯିବି” ବୋଲି କହିବା

'oaob.nitrkl.ac.in' images reprocessed

ପରବର୍ତ୍ତିରେ,—ସେତେବେଳେ କେବଳ ଏହି ଗୋଟିଏମାତ୍ର କର୍ତ୍ତବ୍ୟ ରହିଥାଏ,—ମାତ୍ର ସେମାନେ ସେଇଠି ଠିଆ ହୋଇ ଯାଆନ୍ତି, ଅଟକି ଯାଆନ୍ତି, ଶୋଚନା କରନ୍ତି ଏବଂ କହନ୍ତି, "ନାହିଁ ନାହିଁ, ମୁଁ କଦାପି ସଫଳତା ଲାଭ କରି ପାରିବି ନାହିଁ",—ଏବଂ ତା'ପରେ ସେମାନେ ରାସ୍ତା ଛାଡ଼ି ବାହାରି ଯାଆନ୍ତି । ଏବଂ, ଏଥିରେ ଆଉ କାହିଁକି ସଂଶୟ ରହିବ ଯେ, ଯେତେବେଳେ ସେମାନେ ରାସ୍ତାଟିକୁ ଛାଡ଼ିଦେଲେ, ସେତେବେଳେ ସେମାନେ କେବେହେଲେ ସଫଳତା ହାସଲ କରିପାରିବେ ନାହିଁ । ଏହାକୁହିଁ ନିଜର ବିଶ୍ୱାସ ହରାଇ ବସିବା ବୋଲି କୁହାଯାଏ ।

ଆପଣାର ବିଶ୍ୱାସ ରଖିଥିବାର ଅର୍ଥ ହେଉଛି ଏହିପରି କହିବା, "ହଁ, ଏକଥା ସତ ଯେ ମୁଁ ଅନେକ ବାଧାର ସମ୍ମୁଖୀନ ହେଉଛି, ମାତ୍ର ତଥାପି ମୁଁ ଚାଲିଛି ।" ଏହି ନୈରାଶ୍ୟ,—ଏହି ନୈରାଶ୍ୟହିଁ ତୁମର ଗୋଡଗୁଡ଼ାକୁ କାଟି ପକାଏ, ତୁମକୁ ଅଟକାଇ ରଖେ, ଏବଂ ତୁମକୁ ଏହିପରି ଭାବରେ ଛାଡ଼ି ଦେଇଯାଏ : "ଏଇଠି ସରିଲା, ମୁଁ ଆଉ କଦାପି ଆଗକୁ ଯାଇ ପାରିବି ନାହିଁ ।" ବସ୍ତୁତଃ ସବୁକିଛି ଶେଷ ହୋଇଯାଏ, ଏବଂ ଏପରି ହେଉ ବୋଲି କଦାପି ବାଟ ଛାଡ଼ିଦେବା ଉଚିତ ନୁହେଁ ।

ଥରେ ଆରମ୍ଭ କରିବା ପରେ, ତୁମକୁ ଶେଷ ଯାଏ ଯିବାକୁହିଁ ହେବ । ଅନେକ ସମୟରେ ଯେଉଁ ଲୋକମାନେ କେତେ ନା କେତେ ଉତ୍ସାହରେ ମୋ' ପାଖକୁ ଆସନ୍ତି, ମୁଁ ସେମାନଙ୍କୁ ଏହିକଥା କହିଥାଏ, "ଟିକିଏ ଚିନ୍ତା କର, ଏହା ଆଦୌ ସହଜ ପଥ ନୁହେଁ; ସେଥିଲାଗି ସମୟ ଆବଶ୍ୟକ, ଧୈର୍ଯ୍ୟ ବି ଆବଶ୍ୟକ । ଅନେକ ସହିବା ଶକ୍ତି ରହିଥିବା ଆବଶ୍ୟକ, ଅନେକ ଅଧ୍ୟବସାୟ, ସାହସ ଓ କୌଣସି ପରିସ୍ଥିତିରେହିଁ ଅବସନ୍ନ ହୋଇପଡ଼ୁ ନ ଥିବା ଏକ ଶୁଭାକାଙ୍‌କ୍ଷା ମଧ୍ୟ ଆବଶ୍ୟକ । ଆଗ ଦେଖ, ତୁମେ ଏହି ସବୁକିଛି ଲାଗି ସମର୍ଥ ହୋଇପାରିବ କି ନାହିଁ ତା'ପରେ ଯାଇ ଆରମ୍ଭ କରିବ । ମାତ୍ର ଥରେ ଆରମ୍ଭ କରିସାରିବା ପରେ ଆଉ କିଛି ହେଲେ କରିବାକୁ ନ ଥିବ, ତୁମେ ଆଉ କଦାପି ପଛକୁ ଫେରିପାରିବ ନାହିଁ; ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁହିଁ ପଡ଼ିବ ।"

ବେଳେବେଳେ ମୁଁ ସେମାନଙ୍କୁ ଏହି କଥା କହେ, ମୁଁ ଏହିପରି କହେ ଯେ ମୁଁ ସେମାନଙ୍କୁ କିଛି ଦିନ ବା କିଛି ମାସ ସମୟ ଦେଉଛି । ଏପରି କେତେ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କୁ କି ମୁଁ ଭାବିବା ପାଇଁ କେତେ ବର୍ଷ ସମୟ ମଧ୍ୟ ଦେଇଛି । ସେମାନଙ୍କୁ କହିଛି, "ଭଲ କରି ବିଚାର କରି ଦେଖ, ଆଗ ସମ୍ପୂର୍ଣ୍ଣ ଭାବରେ ନିଃସନ୍ଦିଗ୍ଧ ହୁଅ ।" ମାତ୍ର ଥରେ ଯେତେବେଳେ ସେମାନେ ଆସି "ବର୍ତ୍ତମାନ ମୁଁ ନିଷ୍ପତ୍ତି କରିନେଲି, ଏଥର ଆରମ୍ଭ କରିବାକୁ ହେବ" ବୋଲି କହନ୍ତି,

'oaob.nitrkl.ac.in' images reprocessed

ସେତେବେଳେ ଆଉ ମୋଟେ କିଛି କହିବାର ନ ଥାଏ । ସେତେବେଳେ ରାସ୍ତାର ଶେଷଯାଏ ଯିବାକୁହିଁ ପଡ଼ିବ, ସେଥିଲାଗି ଯାହାକିଛି ମୂଲ୍ୟ ଦେବାକୁ ପଡ଼ିଲେ ବି ଯିବାକୁ ପଡ଼ିବ । ରାସ୍ତା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ ଅବଶ୍ୟ ଶେଷଯାଏ ଯିବାକୁ ହେବ ।

ରାସ୍ତାରୁ ହଟି ଆସିଲେ କ'ଣ ଜଣେ ବ୍ୟକ୍ତି ତା'ର ଏହି ଜନ୍ମଟି ଲାଗି ପଛକୁ ହଟିଆସେ, ନା···

ଏହି କ୍ଷେତ୍ରରେ ବହୁସଂଖ୍ୟକ ଭିନ୍ନ ଭିନ୍ନ ଦୃଷ୍ଟାନ୍ତ ରହିଛି, ଏବଂ ସେଗୁଡ଼ିକ ହଟି ଆସିବାର ସ୍ୱଭାବ ଉପରେହିଁ ନିର୍ଭରଶୀଳ ହୋଇ ରହିଥାଏ । ଯଦି କିଛିକୁ ଅଟକି ଯିବାକୁ ପଡ଼େ ବା କିଛିକୁ ଗତିରୋଧ ହୋଇଥାଏ, ତେବେ ତୁମେ ଅବଶ୍ୟ ପୁନର୍ବାର ଆରମ୍ଭ କରିପାରିବ । ମାତ୍ର ସେତେବେଳେ ତାହା ପୂର୍ବ ଅପେକ୍ଷା ଦଶଗୁଣ ଅଧିକ କଷ୍ଟସାଧ୍ୟ ହୋଇଯାଇଥିବ ।

ଏପରି କାହିଁକି ହେବ ?

କାହିଁକି ହେବ ? କାରଣ, ଆପଣାର ଭୀରୁତା ଏବଂ ଦୁର୍ବଳତା ଦ୍ୱାରା ତୁମେ ସେତେବେଳକୁ ନିଜ ଭିତରେ କେତେ କେତେ ପ୍ରତିବନ୍ଧକକୁ ଆଣି ଜମା କରି ରଖିଦେଇଥିବ । ଏବଂ, ତୁମର ଜୟ କରିବାକୁ ରହିଥିବା ଏହି ଯାବତୀୟ ପ୍ରତିବନ୍ଧକଗୁଡ଼ିକୁ ତୁମେ ଉତ୍ତୀର୍ଣ୍ଣ ହେବାକୁ ରହିଥିବା ଗୋଟିଏ ଗୋଟିଏ ଆଧ୍ୟାତ୍ମିକ ଶକ୍ତିପରୀକ୍ଷା ସହିତ ତୁଳନା କରାଯାଇପାରିବ । ଏବଂ ଯଦି ତୁମେ ଏହି ପରୀକ୍ଷାଟିରେ ଅନୁତ୍ତୀର୍ଣ୍ଣ ହୋଇ ରହିଯାଅ, ତେବେ ପରବର୍ତ୍ତୀ ପରୀକ୍ଷାଟି ଆହୁରି ଅଧିକ କଷ୍ଟସାଧ୍ୟ ହେବ, ଗୁହ୍ୟବିଦ୍ୟାର କ୍ଷେତ୍ରରେ ଏହାହିଁ ସାଧାରଣ ନିୟମ । ତୁମେ କଦାପି ତାହାକୁ ଏଡ଼ାଇ ଦେଇ ଚାଲିଯାଇ ପାରିବ ନାହିଁ । ଯଦି ତୁମ ସମ୍ମୁଖରେ ଏକ ପ୍ରୟାସ କରିବାର ଏବଂ ତଦ୍ୱାରା ଏକ ଅଗ୍ରଗତି କରିବାର ଆହ୍ୱାନ ଆସି ଠିଆ ହୋଇଥିବ, ଏବଂ ଯଦି ତୁମେ ସେହି ପ୍ରୟାସଟି କରିବାରେ ବିଫଳ ହେବ ··· ଏଠାରେ ସ୍ମରଣ ରଖିବା ଉଚିତ ଯେ, ବର୍ତ୍ତମାନ ପରିସ୍ଥିତିମାନ ଯେପରି ହୋଇ ରହିଛି, ସେଥିରେ ତୁମକୁ କେହି କଦାପି ପୂର୍ବରୁ ସତର୍କ କରି ଦେଉ ନ ଥିବ, — ଓ ତାହା ଫଳରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆହୁରି ଅଧିକ କଷ୍ଟକର ହୋଇପଡ଼ିବ । ଆଗେ, ପୂର୍ବକାଳରେ, ସାଧକମାନଙ୍କୁ କହି ଦିଆଯାଉଥିଲା, "ଏଥର ପ୍ରସ୍ତୁତ ହୁଅ । ବର୍ତ୍ତମାନ ତୁମକୁ ନାନା ଭୟଙ୍କର ପରୀକ୍ଷା ମଧ୍ୟ ଦେଇ ଗତି କରିବାକୁ ହେବ : ତୁମେ ସତେଅବା ଗୋଟିଏ ବାକ୍ସରେ ବନ୍ଦ ହୋଇ ରହିଥିବ ଏବଂ ତୁମକୁ ନାନା ଭୟଙ୍କର ବିପଦର ସମ୍ମୁଖୀନ ହେବାକୁ ହେବ । ମାତ୍ର, ଏସବୁ କେବଳ ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ପରୀକ୍ଷା, ତୁମ ଭିତରେ ଆବଶ୍ୟକ ଯୋଗ୍ୟତାଗୁଡ଼ିକ ରହିଛି କି ନାହିଁ, ତାହା ଜାଣିବା ଲାଗି ଏକ ପରୀକ୍ଷା" । କଥାରେ ଅଛି, ଥରେ କେହି ଆଗରୁ ଆସି ସତର୍କ କରିଦେଲେ ତାହା ପ୍ରକୃତରେ ଦଶଥର ସତର୍କ କରିଦେବା ସହିତ ସମାନ । ଏହା ଏକ ପରୀକ୍ଷା ବୋଲି ସେମାନଙ୍କୁ ଥରେ ସତର୍କ କରି ଦିଆଯିବା ପରେ ସେମାନେ ଆଉ ସେଥିଲାଗି ଉପସ୍ଥିତ ହୋଇପଡ଼ି ନ ଥିଲେ ଏବଂ ତଦ୍ଦ୍ୱାରା ସବୁକିଛି ଅପେକ୍ଷାକୃତ ଅଧିକ ସହଜ ହୋଇଯାଉଥିଲା ।

ମାତ୍ର ଆଉ ସେପରି ହେଉନାହିଁ । ଏପରି ଆଉ କେହି କରୁ ନାହାନ୍ତି । ବର୍ତ୍ତମାନ ଖାସ୍ ଏହି ଜୀବନର, ଅର୍ଥାତ୍ ପ୍ରତ୍ୟେକ ଦିନର ପରିସ୍ଥିତିଗୁଡ଼ିକହିଁ ଗୋଟିଏ ଗୋଟିଏ ପରୀକ୍ଷା ପରି ଆସି ଦଣ୍ଡାୟମାନ ହେଉଛି, ତୁମକୁ ଯାହାକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । କେତେ ଲୋକ ପ୍ରାୟ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଅନୁଭବ କରନ୍ତି ଯେ ସେମାନେ ଏପରି ଏକ ପରିସ୍ଥିତିରେ ଆସି ପହଞ୍ଚିଛନ୍ତି, ଯେତେବେଳେ କି ସେମାନଙ୍କୁ ଏକ ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ; ଏକ ବିଶେଷ ପ୍ରୟାସ କରିବାକୁ ପଡ଼ିବ; ଏବଂ ସେମାନେ ଆପଣା ଭିତରେ ସେହି ନିଷ୍ପତ୍ତିଟିକୁ ଗ୍ରହଣ କରନ୍ତି ଏବଂ ସୋପାନଟିକୁ ଅତିକ୍ରମ କରିଯାଆନ୍ତି । ପରବର୍ତ୍ତୀ ସୋପାନଟିକୁ ଅତିକ୍ରମ କରିବା ଲାଗି ମଧ୍ୟ ସେମାନେ ତଦ୍ଦ୍ୱାରା ଅନେକ ଅଧିକ ବଳ ହାସଲ କରିପାରନ୍ତି । ଆପଣାର ନିମ୍ନତର ସତ୍ତା ଉପରେ ଏକ କ୍ଷୁଦ୍ର ବିଜୟ ହାସଲ କରିସାରିବା ପରେ, ପରବର୍ତ୍ତୀ ପଦକ୍ଷେପଟିକୁ ଗ୍ରହଣ କରିବା ଲାଗି ସେହି ବ୍ୟକ୍ତି ମଧ୍ୟରେ ଆହୁରି ଅଧିକ ବଳ ଉପଲବ୍ଧ ହୋଇ ଆସିଥାଏ । ମାତ୍ର ଅନ୍ୟ ପକ୍ଷରେ, ଯଦି ଆଖିଗୁଡ଼ିକ ଅନ୍ଧ ହୋଇ ରହିଥାଏ, ଯଦି ଆମେ ଅଜ୍ଞାନ, ନିର୍ବୋଧ ଏବଂ ସଦିଚ୍ଛାବର୍ଜିତ ହୋଇ ରହିଥାଉ, ଯଦି ସମ୍ମୁଖସ୍ଥ ପରୀକ୍ଷାକୁ "ମୁଁ ପ୍ରସ୍ତୁତ ଅଛି" ବୋଲି କହିବା ପରିବର୍ତ୍ତେ ଆମେ ବିଦ୍ରୋହ କରୁ ଏବଂ ମନା କରିଦେଉ, ତେବେ ସେତେବେଳେ ତାହାକୁ ଏହିପରି ଭାବରେ ପ୍ରକାଶ କରାଯାଏ : "ସେହି ବ୍ୟକ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲା ନାହିଁ, ସିଏ ପରୀକ୍ଷାରେ ବିଫଳ ହେଲା ।" ମାତ୍ର, ଆଉ ଥରେ ବେଳକୁ, ଏଇଟିକୁ ଜୟ କରିବା ଲାଗି ଏକ ପ୍ରୟାସ କରିବାକୁ ଯେ କେବଳ ବାଧ୍ୟ ହେବାକୁ ହୋଇଥାଏ ତା' ନୁହେଁ, ମାତ୍ର ଆପଣା ପ୍ରତି ଆଗରୁ ଯେଉଁ ଅବସ୍ଥିରତି ହୋଇ ସାରିଥାଏ, ତାହାର ପ୍ରତୀକାରଣସ୍ୱରୂପ ଏଥର ଆହୁରି ଅନେକ ଅଧିକ ପ୍ରୟାସ କରିବାକୁ ହୋଇଥାଏ । ତେଣୁ ବର୍ତ୍ତମାନ ତାହା ଆହୁରି ଅଧିକ କଷ୍ଟକର ହୋଇପଡ଼େ ।

ମାତ୍ର ଏହି କଥାଟି ଯାତ୍ରା କରୁଥିବା ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଘଟେ, ସର୍ବଦା ଘଟେ, ସମ୍ଭବତଃ ପ୍ରତିଦିନ ଘଟେ । ଏହି କ୍ଷେତ୍ରରେ ଅନେକ କ୍ଷୁଦ୍ର କ୍ଷୁଦ୍ର

'oaob.nitrkl.ac.in' images reprocessed

ବସ୍ତୁ ରହିଥାନ୍ତି, କିନ୍ତୁ ବୃହତ୍ତର ବସ୍ତୁ ବି ଥାଆନ୍ତି । କ୍ଷୁଦ୍ର ବସ୍ତୁଗୁଡ଼ିକ ହୁଏତ ଦୈବପରବଶ ଭାବରେ ଉଚିତ ମାର୍ଗରେ ବଦଳାଇ ଦେବା ସମ୍ଭବ ହୁଏ । ମାତ୍ର ବଡ଼ଗୁଡ଼ିକ ଲାଗି ସର୍ବପ୍ରଥମେ ଏକ ସହଜାତ ପ୍ରବୃତ୍ତି ରହିଥିବା ଆବଶ୍ୟକ ହୁଏ । ଏହି କ୍ଷେତ୍ରରେ ଯଥାର୍ଥ ମନୋଯୋଗ ଦେବାକୁ ପଡ଼େ ଏବଂ ଉଚିତ କଥାଟିକୁ ଉଚିତ ମାର୍ଗରେ କରିବାକୁ ହୋଇଥାଏ । ଏହାପରେ ମଧ୍ୟ ଆହୁରି ଅନେକ କଥା ତଥାପି ବାକି ରହିଥାଏ । ଆପଣା ବିକାଶର ଏକ ମୀମାଂସକ ମୁହୂର୍ତ୍ତରେ ଆସି ପହଞ୍ଚିଥିବା ସମୟରେ, ଯେତେବେଳେ କି ଆଗକୁ ଯିବାକୁ ହେଲେ ସୋପାନଟିକୁ ଅତିକ୍ରମ କରିଯିବା ଅତ୍ୟାବଶ୍ୟକ ହୋଇ ରହିଥାଏ, — ସେହି ମୁହୂର୍ତ୍ତରେ ସର୍ବଦା ଦୁଇପ୍ରକାର ସମ୍ଭାବନା ରହିଥାଏ : ପ୍ରଥମଟି ହେଉଛି ସେହି ସୋପାନଟିକୁ ଅତିକ୍ରମ କରି ଚାଲିଯିବା ଏବଂ ତାହା କରିପାରିଲେ ଜଣେ ବ୍ୟକ୍ତି ଅଭାବନୀୟ ଭାବରେ ଅଗ୍ରଗତି କରିବାକୁ ସମର୍ଥ ହୁଏ; ଅଥବା, ସିଏ ଶିଥିଳ ହୋଇଯାଏ, ଏବଂ ତାହାକୁ ଅଟକି ରହିଯିବାଠାରୁ ଏକ ଆହୁରି ଅଧିକ ଦୁର୍ଦ୍ଦଶା ବୋଲି କହିବାକୁ ହେବ, ଏପରିକି ଏକ ଗତିରୋଧଠାରୁ ଅନେକ ଅଧିକ ବୋଲି କୁହାଯିବ, — ଏହା ଦ୍ୱାରା ତୁମେ ହୁଏତ ଅତ୍ୟନ୍ତ ଭୀଷଣ ଭାବରେ ଏକ ଗର୍ତ୍ତ ଭିତରେ ଯାଇ ପତିତ ହୋଇଯିବ । ଏପରି ଅନେକ ଗର୍ତ୍ତ ରହିଛି, ଯାହା ଭିତରୁ କି କଦାପି ଉଠିଆସି ହୁଏ ନାହିଁ; ଏବଂ ତେଣୁ ଏହି କ୍ଷେତ୍ରରେ ଗୋଟିଏ ଜୀବନ ନଷ୍ଟ ହୋଇଗଲା ବୋଲି ହିଁ ଧରି ନେବାକୁ ହୁଏ ।

ମାତ୍ର, ଯେଉଁ ଭାଗଟି ପରାଜୟ ସ୍ୱୀକାର କରି ପତିତ ହୋଇ ରହିଛି, ଯଦି ସେଇଟି ବ୍ୟତୀତ ଜଣେ ବ୍ୟକ୍ତି ଭିତରେ କେଉଁଠି ଏକ ଉତ୍ସାହମୟ ଶିଖାଟିଏ ପ୍ରଦୀପ୍ତ ହୋଇ ରହିଥାଏ, ଯଦି ସିଏ ଯାବତୀୟ ସବୁକିଛୁ ଲାଗି, ସମ୍ଭାବ୍ୟ ଯାବତୀୟ କଷ୍ଟସହନ, ଯାବତୀୟ ପ୍ରୟାସ ଓ ଯାବତୀୟ ତ୍ୟାଗ ସ୍ୱୀକାର କରି, ସିଏ ଯାହା କରିଛି, ତାହାର ପ୍ରତିକରଣ ଲାଗି ପ୍ରସ୍ତୁତ ହୋଇ ରହିଥାଏ, ଗର୍ତ୍ତର ନିମ୍ନଦେଶରୁ ପୁନର୍ବାର ଊର୍ଦ୍ଧ୍ୱକୁ ଆରୋହଣ କରି ପୁନର୍ବାର ପଥଟିକୁ ପାଇବ ବୋଲି ସମ୍ଭାବ୍ୟ ସବୁକିଛୁ କରିବାକୁ ପ୍ରସ୍ତୁତ ହୋଇ ରହିଥାଏ, ତେବେ ସିଏ ନିଶ୍ଚୟ ତାହା ସାଧ୍ୟ କରିପାରିବ । ଏହି ଶିଖାଟି ହିଁ ପରମକରୁଣାକୁ ଆବାହନ କରି ଆଣିବାର ଶକ୍ତିକୁ ବହନ କରି ରହିଥାଏ । ଏବଂ ପରମକରୁଣା ସଙ୍ଗେସଙ୍ଗେ ରହିଥିଲେ ଆଉ ଅସମ୍ଭବ ବୋଲି ଆଦୌ କିଛୁ ନ ଥାଏ । ମାତ୍ର ସେହି ଶିଖା ଏକ ଯଥାର୍ଥ ଶିଖା ହୋଇଥିବା ଦରକାର, ଏକ ଶକ୍ତିଶାଳୀ ଶିଖା ହୋଇଥିବା ଦରକାର, କାରଣ ଜଣେ ଯେତେବେଳେ ଏକାବେଳେକେ ଗାତର ତଳକୁ ଚାଲିଯାଇଛି, ସେତେବେଳେ ସେଠାରୁ ଉପରକୁ ଉଠି ବାହାରକୁ ଆସି ପାରିବା ଆଦୌ ଏକ ସହଜ କଥା ନୁହେଁ । ସେହି ପ୍ରଥମ ପ୍ରକାରଟି, ଯେଉଁଥିରେ କି ବାଟରେ କେବଳ ଟିକିଏ ଅଟକି ଯିବାକୁ

'oaob.nitrkl.ac.in' images reprocessed

ପଡ଼ିଥାଏ ଏବଂ ଯାହା ପରବର୍ତ୍ତୀ ପଦକ୍ଷେପକୁ କେବଳ କଳ୍ପନ୍ତ ପରିମାଣରେ ଅଧିକ କଷ୍ଟକର କରି ଦେଇଥାଏ ଏବଂ ଏହି ଯେଉଁ ଶେଷ ପ୍ରକାରଟି ବିଷୟରେ ମୁଁ ବର୍ତ୍ତମାନ କହୁଛି,—ଏହି ଦୁଇଟି ସୋପାନ ମଧ୍ୟରେ ଆହୁରି କେତେକେତେ ଉପସୋପାନ ରହିଛି । ତେଣୁ, ଏକଥା କଦାପି କହିହେବ ନାହିଁ ଯେ ଥରେ ପଥରୁ ଚ୍ୟୁତ ଘଟିଲେ ଗୋଟିଏ ସମ୍ପୂର୍ଣ୍ଣ ଜୀବନକାଳ ଲାଗି ଆମର ସେହି ପଥଚ୍ୟୁତ ଘଟିବ । ସେପରି କେବଳ ଏକ ସୀମାସ୍ଥ ଦୃଷ୍ଟାନ୍ତରେ ହୁଏତ ଘଟିପାରେ ।

ମାତ୍ର ଥରେ ପଥରୁ ବାହାରି ଚାଲିଆସିଲେ, ତାହାକୁ ପୁନର୍ବାର ଫେରି ପାଇବା ମଧ୍ୟ ଅତ୍ୟନ୍ତ କଷ୍ଟକର ହୋଇଥାଏ । ଆଶ୍ଚର୍ଯ୍ୟର କଥା ହେଉଛି ଯେ, ପଥଟିକୁ ଛାଡ଼ି ଚାଲିଆସିଲେ ତାହାକୁ ପ୍ରକୃତରେ ହରାଇବାକୁହିଁ ପଡ଼େ । ସବୁ ଦେଶରେ ଏହି ମର୍ମରେ କେତେକେତେ କାହାଣୀ ରହିଛି : ସେଥିରେ ରାସ୍ତାକୁ ଛାଡ଼ି ଚାଲି ଯାଇଥିବା କେତେ ଲୋକଙ୍କର କଥା କୁହାଯାଇଛି, ଯେଉଁମାନେ କି ପରେ ଯେତେ ଖୋଜିଲେ ମଧ୍ୟ ତାହାକୁ ଆଉ ପୁନର୍ବାର ଆଦୌ ପାଇ ନାହାନ୍ତି । ସତେଯେପରି ସେହି ପଥଟି କୁଆଡ଼େ ଅନ୍ତର୍ହିତ ହୋଇଯାଇଛି । ସେମାନେ ପଥଟିକୁ ହରାଇ ବସିଛନ୍ତି, ଏବଂ ତାହାକୁ ଏକ ପ୍ରକୃତରେ ଦୁଃଖଦାୟକ କଥା ବୋଲି କୁହାଯିବ ।

ମାତ୍ର, ମୁଁ ଯେପରି କହିଲି, ଯେତେବେଳେ ତୁମେ ମାର୍ଗ ଉପରେ ଯାତ୍ରା କରୁଥିବ,—ମୁଁ ବର୍ତ୍ତମାନ ସେକଥା କହୁଥିଲି,—ତୁମେ ଯେତେବେଳେ ଗୋଟିଏ ମାର୍ଗ ଉପରେ ଚାଲୁଥିବ, ସେହି ମାର୍ଗକୁ କଦାପି ଛାଡ଼ି ଚାଲିଆସିବ ନାହିଁ । ଟିକିଏ ଅପେକ୍ଷା କରିବ; ସେହି ରାସ୍ତାଟି ଉପରେ ଯିବା ପାଇଁ ନିଷ୍ପତ୍ତି କରିବା ପୂର୍ବରୁ ଯେତେ କାଳ ଇଚ୍ଛା ସେତେ କାଳ କୁଣ୍ଠିତ ହେଉଥିବ ସିନା, ମାତ୍ର ମାର୍ଗଟି ଉପରେ ଗୋଡ଼ ପକାଇବାର ମୁହୂର୍ତ୍ତରୁହିଁ ଆଉ ସେପରି ଦ୍ୱନ୍ଦ୍ୱ କରିବ ନାହିଁ, ସେହି ମାର୍ଗଟିକୁ ତୁମେ କଦାପି ଛାଡ଼ିଦେବ ନାହିଁ । କାରଣ, ଏଥିରୁ ଏପରି ନାନା ପରିଣାମ ବି ଉପୁଜିପାରେ ଯାହାକି ହୁଏତ ଏକାଧିକ ଜୀବନକାଳ ପର୍ଯ୍ୟନ୍ତ ଏକ ଦାଗ ଆଣି ପକାଇଦେଇ ପାରିବ । ଏହା ପ୍ରକୃତରେ ଏକ ଅତି ଗମ୍ଭୀର କଥା । ଏବଂ ସେହି କାରଣରୁହିଁ ମୁଁ କେବେହେଲେ କାହାକୁ ଏକ ପଥ ଗ୍ରହଣ କରିବାକୁ ବାଧ୍ୟ କରେ ନାହିଁ । ତୁମେମାନେ ଏଠାରେ ଏତେ ପିଲା ରହିଛ; ମୁଁ କାହାକୁ ହେଲେ ସେକଥା କେବେ କହି ନାହିଁ । ଯେଉଁମାନେ ମୋ' ପାଖକୁ ଆସି "ମୋ'ର ମାର୍ଗଟିଏ ଦରକାର" ବୋଲି କହିଛନ୍ତି, କେବଳ ସେହିମାନଙ୍କୁ କହିଛି । ଏବଂ ଏମାନଙ୍କୁ ମଧ୍ୟ, ସେମାନେ ସେଇଥି ସକାଶେ ଆସିଛନ୍ତି ବୋଲି ସେମାନଙ୍କର ନିୟତିରେ ଯେ ତାହା ଲେଖାହୋଇ ରହିଛି, ଏହି ବିଷୟରେ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ନ ହେବା ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ମୁଁ ସେମାନଙ୍କୁ ମଧ୍ୟ କିଛି କହୁ ନାହିଁ । ସେମାନଙ୍କୁ ମୁଁ ସବୁବେଳେ କହୁଛି, "ତୁମେ ଏବିଷୟରେ ଚିନ୍ତା କର, ଭାବି କରି ଦେଖ; ତୁମେ ଯେ କେବଳ ଏହାହିଁ ଇଚ୍ଛା କରୁଛ ଓ ଏହାଛଡ଼ା ଆଉ କିଛିହେଲେ ଇଚ୍ଛା କରୁ ନାହଁ, ସେହି ବିଷୟରେ ସଂପୂର୍ଣ୍ଣ ଭାବରେ ନିଶ୍ଚିତ ହୁଅ ।" ଏବଂ ସେମାନେ ଯେତେବେଳେ ଚିନ୍ତା କରିଛନ୍ତି ଓ ନିଷ୍ପତ୍ତି ଗ୍ରହଣ କରିଛନ୍ତି, ସେତେବେଳେ ଆଉ କିଛିହେଲେ ବାକି ରହି ନାହିଁ । ତା'ପରେ ଆଉ ଓହରିଯିବାର କୌଣସି ଅବକାଶ ନାହିଁ, ତା'ପରେ କେବଳ ସିଧା ଭାବରେ ଶେଷଯାଏ ଯିବାରହିଁ ଆବଶ୍ୟକତା ରହିଛି । ଅର୍ଥାତ୍, ଆଉ ପଥଟିକୁ ଛାଡ଼ିଦେବାର କୌଣସି ପ୍ରଶ୍ନ ଉଠୁ ନାହିଁ । ତା'ପରେ ଯାବତୀୟ ମୂଲ୍ୟ ଦେବାକୁ ପଡ଼ିଲେ ମଧ୍ୟ କେବଳ ଆଗକୁ ଯିବାକୁହିଁ ପଡ଼ିବ, ରାସ୍ତା ଉପରେ ବାରଂବାର ଅଟକି ଠିଆ ହେବାର ମଧ୍ୟ କୌଣସି ଅବକାଶ ନ ଥିବ । କାରଣ, ଅଟକି ରହିଯିବା ପରେ ପୁଣି ମୂଳରୁ ଆରମ୍ଭ କରିବା ଅପେକ୍ଷା ବାଟ ଯେତେ କଠିନ ହୋଇଥିଲେ ମଧ୍ୟ ତଥାପି ଅନବରତ ଗତି କରିବାରେ ଲାଗିଥିବା ଅପେକ୍ଷାକୃତ ଅଧିକ ସହଜ । ରାସ୍ତାରେ ଅନବରତ ଭାବରେ ଚାଲିବା ଅପେକ୍ଷା ପୁନର୍ବାର ମୂଳରୁ ଆରମ୍ଭ କରିବା ଲାଗି ସର୍ବଦା ଅନେକ ଅଧିକ ପ୍ରୟାସର ପ୍ରୟୋଜନ ହୋଇଥାଏ । ଏବଂ, ନ୍ୟାୟତଃ, ମୋର ଏକଥା କହିବା ଆଦୌ ଉଚିତ ନୁହେଁ; ମାତ୍ର, ଏଠାରେ ଥିବା ସମସ୍ତଙ୍କୁ ମୁଁ ଆଗରୁ ସତର୍କ କରି ଦେଇଛି । ମୁଁ ସେମାନଙ୍କୁ କହିଛି, "ପ୍ରତିଦିନର ଯାବତୀୟ ଘଟଣାକୁ ତୁମେମାନେ କଦାପି ହାଲୁକା ଭାବରେ ଗ୍ରହଣ କରିବ ନାହିଁ, ଜୀବନର ଯାବତୀୟ କ୍ଷୁଦ୍ର କ୍ଷୁଦ୍ର କଥା ଏବଂ ଘଟଣାଗୁଡ଼ିକୁ ତୁମେମାନେ କେବେହେଲେ ହାଲୁକା ଭାବରେ ଗ୍ରହଣ କରିବ ନାହିଁ ।" ତୁମର *ନିମ୍ନତର ସତ୍ତା ପ୍ରତି ତୁମେ ଆଦୌ କୌଣସି ପ୍ରତିକ୍ରିୟା* ବ୍ୟକ୍ତ କରିବ ନାହିଁ । ଯେତେବେଳେ ତୁମମାନଙ୍କୁ କିଛି କରିବାକୁ ଅଥବା କିଛି ନ କରିବାକୁ କୁହାଯାଉଛି, —ଏପରି ଆଦୌ ଅନେକ ସମୟରେ କୁହାଯାଉ ନାହିଁ, ମାତ୍ର ଯେତେବେଳେ କୁହାଯାଉଛି, ତାହା ପ୍ରତି କୌଣସି ପ୍ରତିକ୍ରିୟା ବ୍ୟକ୍ତ ନ କରି ଆଗ କହିନ୍ତୁ ଚିନ୍ତା କରିବ, ପ୍ରତିକ୍ରିୟା କରୁଥିବା ତୁମ ଭିତରର ସେହି ଅଂଶଟିକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବ । ତୁମ ଭିତରେ ଯାହା କିଛି ଅତ୍ୟନ୍ତ ସାଧାରଣ ଓ ନିତ୍ୟନୈମିତ୍ତିକ, ତାହା ପ୍ରତି ଆଦୌ ସେପରି କୌଣସି ପ୍ରତିକ୍ରିୟା ବ୍ୟକ୍ତ କରିବ ନାହିଁ । ତୁମେ ନିଜ ଭିତରେ ପ୍ରବେଶ କରିବ; ତୁମ ଭିତରେ ଯାହା ସର୍ବୋତ୍ତମ, ତାହାକୁହିଁ ଖୋଜି ବାହାର କରିବ ଏବଂ ତାହାର ସହିତହିଁ ଯାହାକିଛି ପ୍ରତିକ୍ରିୟା ବ୍ୟକ୍ତ କରିବ । ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଏହି କଥାଟିକୁ କରି ନ ଥାନ୍ତି ବୋଲି ବର୍ଷ ବର୍ଷ ଧରି ଅପେକ୍ଷା କରି ରହନ୍ତି । ଅନ୍ୟମାନେ ତ ଏପରି ଦ୍ରୁତ

'oaob.nitrkl.ac.in' images reprocessed

ଗଢ଼ରେ ଯିବାକୁ ଆରମ୍ଭ କରନ୍ତି ଯେ ମନେହୁଏ, ସେମାନେ ଯେପରି ଛାଡ଼ି ଚାଲି ଯାଉଛନ୍ତି । କାରଣ ସେମାନେ ଏହି କଥାଟି ଉପରେ ଦୃଷ୍ଟି ରଖିଥାନ୍ତି । ଏବଂ ଯେଉଁମାନେ ସେହି କଥାଟିକୁ କରନ୍ତି ନାହିଁ, ସେମାନେ ଦିବ୍ୟ ପରମସତ୍ତାଙ୍କ ଉପରେହିଁ ଯାବତୀୟ ଦୋଷକୁ ନେଇ ଢାଳିଦେବାରେ ଲାଗିଥାନ୍ତି । ସେମାନେ ପରମକରୁଣାକୁ ଦୋଷ ଦିଅନ୍ତି । ତାଙ୍କ ପାଖରେ ଯାଇ କହନ୍ତି, "ଆପଣହିଁ ମୋତେ ଧୋକା ଦେଲେ, ଆପଣ ମୋତେ ଏହିସବୁ ବିଘ୍ନ ଭିତରେ ଆଣି ପକାଇଲେ । ମୁଁ ଆପଣଙ୍କ ସକାଶେ ଝୁଣ୍ଟି ଚାଲି ପଡ଼ିଲି, ଆପଣ ପ୍ରକୃତରେ ଏକ ଦୁଷ୍ଟାତ୍ମା ପରି କାର୍ଯ୍ୟ କଲେ ।" ସେମାନେ କଦାପି ଠିକ୍ ଏହିସବୁ ଶବ୍ଦ ବ୍ୟବହାର କରନ୍ତି ନାହିଁ ସତ, ମାତ୍ର ସେମାନଙ୍କର ଭାବନାରେ ଏହିସବୁ କଥା ରହିଥାଏ । ଏବଂ ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ସେମାନେ ଆପଣାର ସମ୍ଭାବନାଟିକୁ ଅନେକ ଦୁର୍ଗତିଗ୍ରସ୍ତ କରିପକାନ୍ତି, କାରଣ, ବିପଦ ସମୟରେ ସେମାନଙ୍କୁ ଯେଉଁ ସହାୟତା ପ୍ରାପ୍ତ ହୋଇଥାନ୍ତା, ସେମାନେ ସେଇଟିକୁ ମଧ୍ୟ ଆପଣାପାଖରୁ ଦୂରକୁ ଠେଲିଦିଅନ୍ତି । ଏଥର ବୁଝିଲ ?

ଏହି ବିଷୟରେ ମୁଁ ତୁମମାନଙ୍କୁ ଆହୁରି କେତେ କଥା କହି ପାରିବି, ମାତ୍ର ସବୁକିଛି ଧୀରେ ଧୀରେହିଁ ହେବ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଯଦି ତୁମେମାନେ ନିଜ ଭିତରେ ଏକ ବିଶ୍ୱାସ ରଖିପାରୁଥିବ, ଏପରି ଏକ ସହଜ ଆସ୍ଥାଭାବ ରଖିପାରୁଥିବ, ଯାହାକି ଆଦୌ କୌଣସି ଯୁକ୍ତି କରୁ ନ ଥିବ, ଏବଂ ଏପରି ଏକ ବୋଧ···ହଁ, ଏପରି ଏକ ଆସ୍ଥାଭାବ ରଖିଥିବ ଯେ, ତୁମ ଲାଗି ଯାହାକିଛି କରାଯାଉଛି, ବାହାରକୁ ଯେପରି ଦେଖା ଯାଉଥିଲେ ମଧ୍ୟ, ତାହାହିଁ ତୁମକୁ ତୁମର ସର୍ବୋତ୍ତମ ସହାୟକ ରୂପେ ତୁମର ସକଳ ପ୍ରତିବନ୍ଧକ ମଧ୍ୟରୁ ସତ୍ୱରତମ ମାର୍ଗରେ ପରିଚାଳିତ କରି ନେଇଯିବ, ତୁମକୁ ଯଥାର୍ଥ ଲକ୍ଷ୍ୟଟି ଆଡ଼କୁ ନେଇଯିବ···ଯଦି ତୁମେ ନିଜ ଭିତରେ ସେହି ବିଶ୍ୱାସଟିକୁ ଦୃଢ଼ କରି ରଖିପାରିବ, ତେବେ ତୁମର ମାର୍ଗଟି ଅକଳ୍ପନୀୟ ଭାବରେ ଅଧିକ ସହଜ ହୋଇଯିବ ।

ସେହି ବିଶ୍ୱାସକୁ ଦୃଢ଼ ଭାବରେ ରଖିପାରିବା ପ୍ରକୃତରେ ବଡ଼ କଷ୍ଟକର ବୋଲି ତୁମେମାନେ ମୋତେ ଅବଶ୍ୟ କହିବ । ମାତ୍ର ପିଲାମାନେହିଁ ସେହି କଥାଟିକୁ ସର୍ବୋତ୍ତମ ଭାବରେ କରିପାରନ୍ତି । ଯଦି ସେମାନେ ତାହା କରିପାରୁ ନ ଥିବେ, ତେବେ ଜାଣିବାକୁ ହେବ ଯେ ସେମାନେ ବିଶେଷ ଭାବରେ ଘୃଣାର ଯୋଗ୍ୟ ପିତାମାତାଙ୍କର ଉପଦ୍ରବ ସହ୍ୟ କରିଛନ୍ତି ବୋଲି ତାହା କରିପାରୁ ନାହାନ୍ତି । ମାତ୍ର ଯଦି ସେମାନଙ୍କର ପିତାମାତା ଯଥେଷ୍ଟ ପରିମାଣରେ ଭଲ ହୋଇଥିବେ, ତେବେ ସେମାନେ ନିଶ୍ଚୟ ଏହା କରିବାକୁ ସମର୍ଥ ହେବେ । ଏଠାରେ ଏହିପରି

'oaob.nitrkl.ac.in' images reprocessed

ଏକ ଦୃଷ୍ଟିକୋଣରୁ କଥା କୁହାଯାଉଛି; ଯଦି ତୁମେ ନିଜ ପାଖରେ ଏହିପରି କହିପାରିବ, "ଭଲ କଥା, ସମ୍ଭବତଃ ଆମକୁ ସେହି ଦିବ୍ୟ ପରମକରୁଣା ଉପରେହିଁ ବିଶ୍ୱାସ ସ୍ଥାପନ କରିବାକୁ ହେବ ।" ତୁମେ କେବଳ ଏତିକି କହିପାରୁଥିବ, ଆଉ କିଛିହେଲେ କହିବାକୁ ପଡ଼ିବ ନାହିଁ । ତେବେ ତୁମେ ଅନେକ, ଅନେକ ବାଧାକୁ ଏଡ଼ିଦେଇ ଆଗକୁ ଚାଲିଯାଇ ପାରିବ । ଏପରିକି ଆମ ସାଧାରଣ ଜୀବନରେ ମଧ୍ୟ ଏହାରି ଦ୍ୱାରାହିଁ କେତେକେତେ ବାଧା ଓ କେତେକେତେ ଦୁଶ୍ଚିନ୍ତାକୁ ଏଡ଼ିଦେବା ସମ୍ଭବ ହୋଇଥାଏ । ଏବଂ ଏଠାରେ ତାହା ବିଶେଷ ଭାବରେ ଘଟିଥାଏ; ଯଦି ତୁମେମାନେ ସେହି କଥାଟିକୁ କରିପାରିବ, ତେବେ ଦେଖିବ, ଯେଉଁ କଥାଗୁଡ଼ାକ ତୁମକୁ ପ୍ରାୟ ଦୁର୍ଜ୍ଜେୟ ଭାବରେ କଷ୍ଟକର ବୋଲି ମନେ ହେଉଥିଲା, ସେଗୁଡ଼ାକ ସତେଅବା ମେଘପରି କୁଆଡ଼େ ଅନ୍ତର୍ହିତ ହୋଇଯିବାକୁ ଆରମ୍ଭ କରିବ ।

ବୁଝିଲ,—ଆଜି ଏହିଠାରେ ଥାଉ ।

ପୁନର୍ଦର୍ଶନାୟ ।

'oaob.nitrkl.ac.in' images reprocessed

# ୨୯ ଡିସେମ୍ବର ୧୯୫୪

**ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ଯୋଗର ଆଧାର" ପୁସ୍ତକର ତୃତୀୟ ଅଧ୍ୟାୟ "ବାଧା ମଧ୍ୟରେ" ଉପରେ ଏହି ପ୍ରବଚନଟି ଆଧାରିତ।**

ଆଚ୍ଛା ! (ଗୋଟିଏ ପିଲାକୁ) ତୁମର କୌଣସି ପ୍ରଶ୍ନ ନାହିଁ ? (ଆଉଗୋଟିଏ ପିଲାକୁ) ତୁମେ ଗୋଟିଏ ପ୍ରଶ୍ନ ପଚାରିବ, ନୁହେଁ ?

ମାଆ, ଏଠାରେ କାହିଁକି କୁହାଯାଇଛି ଯେ, "ଯୋଗସାଧନା ଲାଗି ଯେଉଁମାନଙ୍କର ସବୁଠାରୁ ଅଧିକ ଶକ୍ତି ରହିଥାଏ, ଅନେକ ସମୟରେ···ସେମାନଙ୍କଠାରେ···ସବୁଠାରୁ ବଡ଼ ଅପୂର୍ଣ୍ଣତାମାନ ମଧ୍ୟ ରହିଥାଏ ?"

ଏଭଳି କାହିଁକି ହୁଏ ? (ମାଆ ନୀରବ ରହିଲେ) କାରଣ, ଯୋଗସାଧନା ସକାଶେ ପ୍ରଭୂତ ସାମର୍ଥ୍ୟ ଅର୍ଜନ କରିବାକୁ ହେଲେ ଆମର ସ୍ୱଭାବ ଅତ୍ୟନ୍ତ ଟାଣ ଓ ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବା ଦରକାର, ଆମ ଭିତରେ ପ୍ରଭୂତ ଅନ୍ତର୍ବଳ ରହିଥିବା ଦରକାର। ଏବଂ ଯେଉଁମାନଙ୍କର ସ୍ୱଭାବ ଅତ୍ୟନ୍ତ ଟାଣ, ସେମାନଙ୍କ ଭିତରେ ସେହିପରି ଶକ୍ତିଶାଳୀ ପ୍ରତିକୂଳତାମାନ ମଧ୍ୟ ରହିଥାଏ।

ଯେଉଁ ବ୍ୟକ୍ତିମାନେ ମଧ୍ୟମ ଧରଣର, ଉତ୍ସାହହୀନ ଓ ସାଧାରଣସ୍ତରସ୍ଥ ହୋଇ ରହିଥାନ୍ତି, ସେମାନେ ସାଧାରଣତଃ ବିଶେଷ କୌଣସି ପ୍ରକାର ବାଧାର ସମ୍ମୁଖୀନ ନ ହୋଇ ଆପଣାର କ୍ଷୁଦ୍ର ଜୀବନଟିକୁ ବଞ୍ଚିବାରେ ଲାଗିଥାନ୍ତି। ମାତ୍ର ସେମାନେ କୌଣସି ଗୋଟିଏ କଥାକୁ ମଧ୍ୟ ଅତି ପ୍ରଶଂସାର୍ହ ଭାବରେ କରିପାରନ୍ତି ନାହିଁ, ସେମାନଙ୍କର ଗଣ୍ଡିଟି ଅତ୍ୟନ୍ତ ଛୋଟିଆ ହୋଇ ରହିଥାଏ ଏବଂ ଖୁବ ଅଳପ ହୋଇ ରହିଥାଏ। ସେମାନେ ଖୁବ ଛୋଟ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ଯାଆନ୍ତି। ସେମାନେ ଆଦୌ ଖୁବ୍ ବେଶୀ କିଛି ହାସଲ କରିପାରନ୍ତି ନାହିଁ। ମାତ୍ର ଯେଉଁ ବ୍ୟକ୍ତିମାନଙ୍କର ଏକ ଦୃଢ଼ତାଯୁକ୍ତ ସ୍ୱଭାବ ରହିଥାଏ, ସେମାନଙ୍କ ଭିତରେ ସେହିପରି ବୃହତ୍ ପ୍ରତିକୂଳତାମାନ ମଧ୍ୟ ରହିଥାଏ। କାରଣ, ଏହି ସଂସାରରେ ଆଦୌ କୌଣସି ପ୍ରତିକୂଳତାର ସମ୍ମୁଖୀନ ନ ହେବାକୁ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି କହିବାକୁ ହେବ। ପୃଥିବୀ ବର୍ତ୍ତମାନ ଯେପରି ଅଛି, ସେହିପରି ହୋଇ ରହିଥିବା ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ଏବଂ ଜଣେ ଜଣେ ବ୍ୟକ୍ତି ହିସାବରେ ଆମେ ପୃଥିବୀସ୍ଥ ଜୀବନରେ ଅଂଶଗ୍ରହଣ କରୁଥିବା ପର୍ଯ୍ୟନ୍ତ ଆମକୁ ଅବଶ୍ୟମ୍ଭାବୀ ଭାବରେ ସେହି ପ୍ରତିକୂଳତାଗୁଡ଼ିକ ମଧ୍ୟରେ ବି ଅଂଶଗ୍ରହଣ କରିବାକୁ ପଡ଼ିଥାଏ ।

କେବଳ ଅନବରତ ପ୍ରୟାସ କରିବା ଦ୍ୱାରାହିଁ ଜଣେ ବ୍ୟକ୍ତି ତା'ର ପ୍ରତିବନ୍ଧକଗୁଡ଼ିକୁ ପାର ହେବାରେ ସଫଳ ହୁଏ । ତଥାପି, ଏହି ଅବଶିଷ୍ଟ ପୃଥିବୀ ସହିତ ଆମର ଯେଉଁ ପରସ୍ପର-ନିର୍ଭରତା ରହିଛି, ସେଥିରୁ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଅଲଗ କରି ଆଣିବା ଅସମ୍ଭବ ପ୍ରାୟ ବୋଧ ହେଉଛି । ତେଣୁ ଏହି ପୃଥିବୀ ଅନ୍ତତଃ ଏକ ନିର୍ଦ୍ଦିଷ୍ଟ ମାତ୍ରାର ପରିପୂର୍ଣ୍ଣତା ଅର୍ଜନ କରି ପାରିବା ପୂର୍ବରୁ ଏକ ପରିପୂର୍ଣ୍ଣ ଶୁଦ୍ଧତା ଏବଂ ସମ୍ପୂର୍ଣ୍ଣ ପରିପୂର୍ଣ୍ଣତା ମଧ୍ୟ ଅସମ୍ଭବପ୍ରାୟ ହୋଇ ରହିଛି । ଏପରିକି, ଯିଏ ଯତି ଓ ବୈରାଗୀ ହୋଇ ଏକାନ୍ତରେ ଜୀବନଯାପନ କରୁଛି, ଯିଏ କୌଣସି ଗୁହା, ବୃକ୍ଷମୂଳ ଅଥବା ଜଙ୍ଗଲରେ ବସିବାକୁ ଚାଲିଯାଉଛି, ସିଏ ମଧ୍ୟ ଅବଶିଷ୍ଟ ସଂସାର ସହିତ ଲାଗି ରହିଥିବା ତା'ର ବନ୍ଧନରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତକରି ଆଣିପାରୁ ନାହିଁ । ସିଏ ନିଃଶ୍ୱାସରେ ଗ୍ରହଣ କରୁଥିବା ପବନରେ ମଧ୍ୟ ପୃଥିବୀର ଯାବତୀୟ ସ୍ପନ୍ଦନ ଭର୍ତ୍ତି ହୋଇ ରହିଛି; ସିଏ ଯେଉଁ ଖାଦ୍ୟ ଗ୍ରହଣ କରୁଛି, ତାହା ଯାହା ହୋଇଥାଉ ପଛକେ, ତାହାକୁ ସର୍ବନିମ୍ନ ପରିମାଣରେ ଆଣି ରଖିଥିଲେ ମଧ୍ୟ, ସେଥିରେ ଏହି ପୃଥିବୀର ସ୍ପନ୍ଦନମାନ ପୂର୍ଣ୍ଣ ହୋଇ ରହିଛି । ତେଣୁ ତା'ର ଜୀବନଧାରଣହିଁ ତାକୁ ଏହି ପୃଥିବୀର ପ୍ରତିକୂଳତାଗୁଡ଼ିକ ସହିତ ପରସ୍ପର-ଗ୍ରଥିତ ହୋଇ ରହିବା ଲାଗି ଯଥେଷ୍ଟ ହେଉଛି ।

ବସ୍ତୁତଃ ସେହି କାରଣରୁହିଁ ମାର୍ଗଟି ଏତେ ଦୀର୍ଘ ହୋଇ ରହିଛି । ଆଉ ଅନ୍ୟ କୌଣସି କଥାର ବିଚାର ନ କରି ନିଃଶ୍ୱାସ ଗ୍ରହଣ କରିବା ସମୟରେ ଏବଂ ଖାଦ୍ୟ ଖାଇଲାବେଳେ ଆମେ ସତତ ଯାହାସବୁ ନିଜ ଭିତରକୁ ଭରିନେବାରେ ଲାଗିଛୁ, ସେତିକି ଦୃଷ୍ଟିରୁ ବିଚାର କଲେ ମଧ୍ୟ, ଆମକୁ ସେହିଗୁଡ଼ିକୁ ଗ୍ରହଣ କରୁଥିବା ସଙ୍ଗେସଙ୍ଗେହିଁ ସେଗୁଡ଼ିକୁ ବାଧ୍ୟ ହୋଇ ସତତ ରୂପାନ୍ତରିତ କରିନେବାକୁ ପଡ଼ୁଛି । ଏହିପରି ଏକ ରସାୟନର ପ୍ରକ୍ରିୟା ଅବିଚ୍ଛିନ୍ନ ଭାବରେ ଲାଗିରହିଛି, ଯାହାଦ୍ୱାରା କି ଆମକୁ ସମ୍ଭାବ୍ୟ ଯାବତୀୟ ବିଶୃଙ୍ଖଳାକୁ ବହନ କରୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରକାର ସ୍ପନ୍ଦନକୁ ଗ୍ରହଣ କରିବାକୁ ପଡ଼ୁଛି ଏବଂ ତା'ପରେ ତାହାକୁ ଏପରି ଏକ ସାମଗ୍ରୀରେ ପରିବର୍ତ୍ତିତ କରିବାକୁ ପଡ଼ୁଛି, ଯାହାକି ଉର୍ଦ୍ଧ୍ୱରୁ ସେହି ଆଲୋକକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇ ପାରୁଛି । ଏବଂ ଏହି କାର୍ଯ୍ୟଟି ନିରନ୍ତର ଚାଲିଛି, ଏଥିରେ ଏକ ନିରନ୍ତର ନବୀକରଣ ହେବାରେ ଲାଗିଛି । ତେଣୁ, ଏହି ପୃଥିବୀ ବର୍ତ୍ତମାନ ଯେପରି ରହିଛି, ସେହି ପୃଥିବୀରେ ବାସ କରି ସ୍ୱୟଂ ସେହି ପୃଥିବୀ ଏକ

'oaob.nitrkl.ac.in' images reprocessed

ବହୁତ ଅଗ୍ରଗତି ନ କରିଥିବା ପର୍ଯ୍ୟନ୍ତ ଆପେ ପରିପୂର୍ଣ୍ଣତା ହାସଲ କରିବା ପ୍ରକୃତରେ ଅସମ୍ଭବ ହୋଇ ରହୁଛି ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ତେବେ ଆଜି କ'ଣ ତାହାର କିଛି ପ୍ରତିକାର ନାହିଁ ?

ମାଆ, ଜଣେ ବ୍ୟକ୍ତିର ଚୈତ୍ୟସତ୍ତା କେଉଁ ପ୍ରକାରର ଅଭିଜ୍ଞତା ଲାଭ କରିବାକୁ ଇଚ୍ଛା କରୁଛି, ତା'ର ଜୀବନ ପ୍ରକୃତରେ ତାହାର ଉପରେ ନିର୍ଭର କରେ କି ?

ଖୁବ୍ ବେଶୀ ନିର୍ଭର କରେ !

ଆଜି ଠିକ୍ ଏହି ବିଷୟରେ ମୋର ଜଣଙ୍କ ସହିତ କଥାବାର୍ତ୍ତା ହେଉଥିଲା ଏବଂ ମୁଁ ତାଙ୍କୁ ଏହିକଥା କହିଲି ଯେ, ଯଦି ଜଣେ ବ୍ୟକ୍ତି ଆପଣାର ଚୈତ୍ୟସତ୍ତା ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇପାରିବ, ତେବେ ସେ ଯୁଗପତ୍ ଭାବରେ ତା'ର ଏହି ବର୍ତ୍ତମାନ ଜୀବନର ଉଦ୍ଦେଶ୍ୟ ଏବଂ ତା'ର ଚୈତ୍ୟସତ୍ତା ଅର୍ଜନ କରିବାକୁ ଇଚ୍ଛା କରୁଥିବା ଅଭିଜ୍ଞତାକୁ ମଧ୍ୟ ଅବଶ୍ୟ ବୁଝିବାକୁ ସମର୍ଥ ହେବ । ଏବଂ, ତାହାକୁ ପ୍ରାୟ ଅର୍ଦ୍ଧ ସଚେତନ ଭାବରେ ଓ ଅର୍ଦ୍ଧ-ଅଚେତନରୁ କିଛିଟା ଅଧିକ ପରିମାଣରେ ସେହି ଅଭିଜ୍ଞତାକୁ ଲାଭ କରିବା ପରିବର୍ତ୍ତେ ସିଏ ଆପଣାର ଏହି ଅଭିଜ୍ଞତାଟିକୁ ଅଳ୍ପକ୍ଷଣସ୍ଥାୟୀ କରିଆଣି ପାରିବ ଏବଂ ଫଳରେ, ସୀମିତ ସଂଖ୍ୟାର କେତୋଟି ବର୍ଷ ମଧ୍ୟରେ ଯେଉଁ ଅଭିଜ୍ଞତାମାନ ଲାଭ କରିବାକୁ ସମ୍ଭବତଃ ଏକାଧିକ ଜୀବଦ୍ଦଶା ମଧ୍ୟଦେଇ ଯିବାକୁ ପଡ଼ିଆନ୍ତା, ତାହାକୁ ଅର୍ଜନ କରିବାରେ ଆପଣାର ଚୈତ୍ୟସତ୍ତାକୁ ସାହାଯ୍ୟ ମଧ୍ୟ କରିପାରିବ । ଅର୍ଥାତ୍, ଏହି ସହାୟତା ଉଭୟଙ୍କୁ ଉଭୟ ପକ୍ଷରୁ ମିଳିବ । ଯେତେବେଳେ ଚୈତ୍ୟର ବାହ୍ୟ ଜୀବନ ଉପରେ ଏକ ପ୍ରଭାବ ପଡ଼ିବାକୁ ଆରମ୍ଭ କରିବ, ସେତେବେଳେ ତାହା ଏହା ଲାଗି ଆଲୋକ ଆଣିଦେବ, ଶୃଙ୍ଖଳା, ଶାନ୍ତି ଏବଂ ଦିବ୍ୟ ସଂସ୍ପର୍ଶଲାଭର ଆନନ୍ଦକୁ ମଧ୍ୟ ବହନ କରି ଆଣିବ । ମାତ୍ର ଏହି ଭୌତିକ ସତ୍ତା ଅର୍ଥାତ୍ ଶରୀରର ଚେତନା ମଧ୍ୟ, ଯଦି ତାହା ଚୈତ୍ୟଚେତନା ସହିତ ଏକାତ୍ମକ ହୋଇ ରହିଥିବ ଏବଂ ତାହାର ମାଧ୍ୟମରେ, ଚୈତ୍ୟସତ୍ତା କିଭଳି ଅଭିଜ୍ଞତା ଲାଭ କରୁଛି ସେକଥା ଜାଣିବା ଲାଗି ସମର୍ଥ ହେବ, ତେବେ ଅତି ଅଳ୍ପ କାଳ ମଧ୍ୟରେ ସେହି ଅଭିଜ୍ଞତା ଲାଭ କରିବାରେ ମଧ୍ୟ ସିଏ ତାହାକୁ ସାହାଯ୍ୟ କରିପାରିବ । ଏହାଦ୍ୱାରା କେବଳ ଯେ ସମୟ ବଞ୍ଚିବ ତା' ନୁହେଁ, ମାତ୍ର ଚୈତ୍ୟସତ୍ତା ଲାଗି ଅନେକ ଜୀବନକାଳ ମଧ୍ୟ ବଞ୍ଚିଯାଇ ପାରିବ । ଏହିପରି ଭାବରେ ଉଭୟେ ଉଭୟଙ୍କୁ ସାହାଯ୍ୟ କରିପାରିବେ ।

'oaob.nitrkl.ac.in' images reprocessed

ସଂକ୍ଷେପରେ କହିବାକୁ ଗଲେ, ଯୋଗ କହିଲେ ଠିକ୍ ସେହି କଥାକୁହିଁ ବୁଝାଏ । ଯୋଗସାଧନା ତୁମକୁ ଆପଣାର ନିଜସ୍ୱ ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ହେବାକୁ ସାହାଯ୍ୟ କରିଥାଏ, ଅର୍ଥାତ୍ ଏହି ବିଶ୍ୱବ୍ରହ୍ମାଣ୍ଡରେ ତୁମେ ଯେଉଁଥି ଲାଗି ଅଭିପ୍ରେତ ଓ ପ୍ରେରିତ ହୋଇ ରହିଛ, ସେହି ବିଷୟରେ ସଚେତନ ହେବା ଲାଗି ସାହାଯ୍ୟ କରିଥାଏ । କେବଳ ବର୍ତ୍ତମାନ ମୁହୂର୍ତ୍ତଟିର ନୁହେଁ, ମାତ୍ର ତାହା ଅତୀତରେ କ'ଣ ଥିଲା ଓ ଭବିଷ୍ୟତରେ କ'ଣ ହେବାକୁ ଯାଉଛି, ସବୁଟି ବିଷୟରେ ସଚେତନ ହେବାରେ ସାହାଯ୍ୟ କରେ । ଏବଂ ଉପଲବ୍ଧ ଏହି ଜ୍ଞାନଟିର ସାହାଯ୍ୟରେହିଁ, ତୁମେ ଚେତନାର ଏକ ସଂକେନ୍ଦ୍ରଣ ଦ୍ୱାରା ଅତିଅଳ୍ପ ସମୟ ମଧ୍ୟରେ ଏହି ଯାବତୀୟ ଅଭିଜ୍ଞତାକୁ ସଂଗୃହୀତ କରି ଆଣିପାରିବ ଏବଂ ତା'ଫଳରେ ଏକାଧିକ ଜୀବନକାଳର ସମୟକୁ ବଞ୍ଚାଇ ପାରିବ; ଅର୍ଥାତ୍ ଯାହା ହାସଲ କରିବାକୁ ତୁମର ବେଶ୍ ବହୁସଂଖ୍ୟକ ଜୀବନକାଳର ଅବଧି ଆବଶ୍ୟକ ହୋଇଥାନ୍ତା, ତୁମେ ତାହାକୁ ମାତ୍ର ଅଳ୍ପ କେତେବର୍ଷରେ ହାସଲ କରିପାରିବ । ଚୈତ୍ୟସତ୍ତା ଉତ୍ତରୋତ୍ତର ଅଧିକ ବେଗରେ ଏହି ଯାବତୀୟ ଅଭିଜ୍ଞତାର ମଧ୍ୟଦେଇ ଆପଣାର ପୂର୍ଣ୍ଣ ପରିପକ୍ୱତା ଏବଂ ପୂର୍ଣ୍ଣ ସ୍ୱତନ୍ତ୍ରତା ଓ ବିମୁକ୍ତତାର ଅବସ୍ଥାକୁ ଗତି କରିବାରେ ଲାଗିଥାଏ,—ଅର୍ଥାତ୍, ଏପରି ଏକ ସ୍ଥିତି ଆଡ଼କୁ ଅଗ୍ରସର ହେଉଥାଏ, ଯେଉଁଠାରେ କି ତା'ଲାଗି ଆଉ କୌଣସି ନୂତନ ଜନ୍ମ ଗ୍ରହଣ କରିବା ଆବଶ୍ୟକ ପଡ଼ିବ ନାହିଁ । ସେତେବେଳେ ଯଦି ସିଏ ଏହି ଭୌତିକ ଜଗତକୁ ଫେରି ଆସିବାକୁ ଇଚ୍ଛା କରିବ, ତେବେ ଅବଶ୍ୟ ଫେରି ଆସିବ; କାରଣ ସେଠାରେ ତା'ର କିଛି କାର୍ଯ୍ୟ କରିବାକୁ ରହିଥିବ ଏବଂ ତାହା ସମ୍ପୂର୍ଣ୍ଣ ମୁକ୍ତ ଭାବରେ ଆପଣା ଲାଗି ସେହି ଫେରି ଆସିବାର ବାଟଟିକୁହିଁ ବାଛିନେବ । ମାତ୍ର ତାହା, ଅର୍ଥାତ୍ ସେହି ମୁକ୍ତି ସମ୍ଭବ ହେବା ପର୍ଯ୍ୟନ୍ତ, ଆପଣାର ଆବଶ୍ୟକ ଯାବତୀୟ ଅଭିଜ୍ଞତା ଲାଭ କରିବା ସକାଶେ ତାହା ଫେରି ଆସିବାକୁ ବାଧ୍ୟ ହେଉଥିବ । ମାତ୍ର, ଯଦି ଏପରି ଘଟେ ଯେ, ଭୌତିକସତ୍ତା ଯଥେଷ୍ଟ ପରିମାଣରେ ବିକଶିତ ଏବଂ ସଚେତନ ହୋଇଯାଏ ଏବଂ ଚୈତ୍ୟସତ୍ତା ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଜ୍ଞାନ ହୋଇପାରିବା ଲାଗି ଯଥେଷ୍ଟ ଶୁଭାକାଂକ୍ଷାର ଅଧିକାରୀ ହୁଏ, ତେବେ ତାହା ସେତେବେଳେ ସେହିଠାରେହିଁ ଏହି ବର୍ତ୍ତମାନ ଜୀବନରେ ମଧ୍ୟ ଚୈତ୍ୟସତ୍ତାର ଯେପରି ଆପଣାର ପରିପକ୍ୱତା ଲାଭ କରିପାରିବ, ସେଥିଲାଗି ଆବଶ୍ୟକ ଯାବତୀୟ ଅଭିଜ୍ଞତା, ବାହ୍ୟ ଅଭିଜ୍ଞତାକୁ ସୃଷ୍ଟି କରିବା ଲାଗି ଅବଶ୍ୟ ସମର୍ଥ ହୋଇଯାଏ ।

(ମାଆ ଦୀର୍ଘ କାଳ ନୀରବ ରହିଲେ)

'oaob.nitrkl.ac.in' images reprocessed

ଯେଉଁ ଲୋକମାନେ ରାତି ସମୟରେ ଆପଣାର ନିମ୍ନତର ପ୍ରାଣିକ ରାଜ୍ୟରେ ଭ୍ରମିବାରେ ଲାଗିଥାନ୍ତି, ସେମାନେ କ'ଣ ମଲା ପରେ ଖୁବ କଷ୍ଟ ପାଆନ୍ତି ?

ଯେଉଁମାନେ ସେପରି କରନ୍ତି ନାହିଁ, ସେମାନଙ୍କଠାରୁ ଏମାନେ ଅବଶ୍ୟ ଅଧିକ କଷ୍ଟ ପାଆନ୍ତି ବୋଲି ଆଦୌ କହି ହେବ ନାହିଁ । ଏମାନେ ସେହି ରାଜ୍ୟରେ ବିଚରଣ କରୁଥିବାରୁହିଁ ସେମାନଙ୍କ ପାଖରେ ନିଜକୁ ରକ୍ଷା କରିବାର କିଛିଟା ଅଧିକ ସାଧନ ରହିଥାଏ, ଏମାନେ ଏହି ସଂସାର ସହିତ କିଛିଟା ପରିମାଣରେ ଅଭ୍ୟସ୍ତ ହୋଇ ଯାଇଥାନ୍ତି, ଏହି ସଂସାର ସେମାନଙ୍କ ଲାଗି ଆଉ ମୋଟେ ଏକ ସଂପୂର୍ଣ୍ଣ ଅଜ୍ଞାତ ରାଜ୍ୟ ହୋଇ ରହି ନ ଥାଏ । ସେମାନେ ପୂର୍ବରୁହିଁ ସେହି ରାଜ୍ୟକୁ ଗମନ କରି ସାରିଥାନ୍ତି ଏବଂ, ଉଦାହରଣସ୍ୱରୂପ, ସେମାନଙ୍କର ହୁଏତ ଆଗରୁ ବେଶ୍ ଅଳ୍ପ କେତୋଟି ଅପ୍ରୀତିକର ଅଭିଜ୍ଞତା ହୋଇ ସାରିଥାଏ ଏବଂ ତେଣୁ ଆପଣାକୁ ରକ୍ଷା କରିବାର ଉପାୟଟିକୁ ମଧ୍ୟ ସେମାନେ ବେଶ୍ ଶିଖି ଯାଇଥାନ୍ତି । ଏକଥା ସତ ଯେ, ଏହି କ୍ଷେତ୍ରରେ ସେମାନଙ୍କ ପାଖରେ ଆପଣାକୁ ରକ୍ଷା କରିବାର ଯେଉଁ ଗୋଟିଏ ମାତ୍ର ବଳ ରହିଥାଏ, ସେଇଟି ହେଉଛି ଯେ, ସେମାନେ ତତ୍‌କ୍ଷଣାତ୍ ଆପଣାର ଶରୀର ଭିତରକୁ ଧାଇଁ ଆସନ୍ତି; ମାତ୍ର ଉପସ୍ଥିତ ସ୍ଥିତିରେ ସେମାନେ ଖାସ୍ ସେହି କଥାଟିକୁହିଁ ଆଦୌ କରି ପାରନ୍ତି ନାହିଁ । ମାତ୍ର ତଥାପି, ସେମାନଙ୍କ ପାଖରେ କିଛି ଅଭିଜ୍ଞତା ଅବଶ୍ୟ ରହିଥାଏ । ମାତ୍ର ଅନ୍ୟପକ୍ଷରେ, ସେହି ରାଜ୍ୟଟି ବିଷୟରେ ଆଦୌ କୌଣସି ଜ୍ଞାନ ନ ଥାଇ ଯେଉଁମାନେ ସେଠାକୁ ଯାଆନ୍ତି; ଏବଂ ଯେଉଁମାନଙ୍କର ଏ ବିଷୟରେ ଆଗରୁ କୌଣସି ଚେତନା ନ ଥାଏ, ଯେତେବେଳେ ସେମାନଙ୍କୁ ଏହି ରାଜ୍ୟଟି ମଧ୍ୟକୁ ଆଣି ନିକ୍ଷିପ୍ତ କରି ଦିଆଯାଏ, ସେତେବେଳେ ତାହା ପ୍ରକୃତରେ ଏକ ସଂପୂର୍ଣ୍ଣ ଅପ୍ରୀତିକର ଅଜ୍ଞାତ ମଧ୍ୟକୁ ନିକ୍ଷିପ୍ତ ହେଲାପରି ହୋଇଥାଏ ଏବଂ ସେଠାରେ ଆପଣାକୁ ରକ୍ଷା କରିପାରିବା ଲାଗି ମଧ୍ୟ ଆବଶ୍ୟକ ସାଧନ ବିଷୟରେ ଆଦୌ କୌଣସି ସଜ୍ଞାନତା ନ ଥାଏ । ମୁଁ ବୁଝୁଛି ଯେ, ଯେଉଁ ବ୍ୟକ୍ତିମାନେ କୌଣସି ସ୍ୱପ୍ନ ଦେଖନ୍ତି, ଯାହାକୁ ସେମାନେ ସ୍ୱପ୍ନ ବୋଲି କହନ୍ତି ଏବଂ ଯେଉଁମାନେ ସେଗୁଡ଼ିକ ବିଷୟରେ ସଚେତନ ହୋଇ ରହିଥାନ୍ତି, ସେମାନେ ଅପେକ୍ଷାକୃତ ଅନେକ ଅଧିକ ଅନୁକୂଳ ସ୍ଥିତିରେ ରହିଥାନ୍ତି; ସେମାନେ ଦେଖୁଥିବା ସ୍ୱପ୍ନଗୁଡ଼ିକ ଖୁବ୍‌ବେଶୀ ସୁନ୍ଦର ହୋଇ ନ ଥିଲେ ମଧ୍ୟ, ସଂପୂର୍ଣ୍ଣ ଅଚେତନ ହୋଇ ରହିଥିବା ବ୍ୟକ୍ତିମାନଙ୍କର ତୁଳନାରେ ସେମାନେ ଅପେକ୍ଷାକୃତ ଅନେକ ଅଧିକ ପରିମାଣରେ ଏକ ଅନୁକୂଳ ସ୍ଥିତିରେ ରହିଥାନ୍ତି । କାରଣ, ଥରେ ଦେହରୁ ବାହାରି ଚାଲିଯିବା ପରେ, ସିଏ ଚେତନ ଅଥବା ଅଚେତନ,

'oaob.nitrkl.ac.in' images reprocessed

ବିକଶିତ ଅଥବା ଅବିକଶିତ ଯାହା ହୋଇଥାଉ ପଛକେ, ବ୍ୟକ୍ତିକୁ ପୁନର୍ବାର ଆରମ୍ଭ କରିବା ଲାଗି ସେହି ଏକା ରାଜ୍ୟକୁହିଁ ଫେରିଯିବାକୁ ପଡ଼ିଥାଏ । ଅବଶ୍ୟ ଯଦି ସେହି ବ୍ୟକ୍ତି ଯୋଗସାଧନା କରିଥାଏ ଏବଂ ତେଣୁ ଆପଣାକୁ ନେଇ ଯିଏ ଯାହା ଇଚ୍ଛା ତାହା କରିପାରେ, ତେବେ ସ୍ଥିତି ଅବଶ୍ୟ ଅନ୍ୟପ୍ରକାର ହୋଇପାରେ । ମାତ୍ର ସେପରି ଘଟନା ଏତେ କ୍ୱଚିତ୍ ଭାବରେ ଘଟେ ଯେ, ତାହାର କୌଣସି ବିଚାର ବି କରାଯାଇ ପାରିବ ନାହିଁ । ନିଜ ଦେହରୁ ବାହାରି ଚାଲିଯିବା ପରେ ସବୁ ମଣିଷ ନିମ୍ନ ପ୍ରାଣିକର ଏକ ରାଜ୍ୟ ଭିତରକୁ ନିକ୍ଷିପ୍ତ ହୋଇଥାନ୍ତି ଏବଂ ସେହି ରାଜ୍ୟରେ ଖାସ୍ ପ୍ରୀତିକର ବୋଲି ଆଦୌ କୌଣସି ବସ୍ତୁ ନ ଥାଏ । ମାତ୍ର ତଥାପି, ଟିକିଏ ରହ, ଭାରି ଆଶ୍ଚର୍ଯ୍ୟର କଥା ଯେ ମୁଁ ସେହି ବିଷୟରେ ଆଜି ତଥାପି କିଛି କହୁଥିଲି ।

ଯେତେବେଳେ ଉଭୟେ, ପ୍ରାଣିକ ସତ୍ତା ଏବଂ ଶରୀର ପରସ୍ପର ସହିତ ତଥାପି ସଂଯୁକ୍ତ ହୋଇ ରହିଥିଲେ, ସେହି ସର୍ବଶେଷ ଅବସ୍ଥାର ଚେତନା ହେଉଛି ଏହି କ୍ଷେତ୍ରରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା । ତେଣୁ, ଚେତନାର ଏହି ସର୍ବଶେଷ ଅବସ୍ଥା, ଏହାକୁ ଆମେ ସର୍ବଶେଷ ବାସନା, ସର୍ବଶେଷ ଆଶା ଅଥବା ସର୍ବଶେଷ ଆକାଂକ୍ଷା ବୋଲି ବି କହିପାରିବା, ତାହାରହିଁ ସତ୍ତାର ଅଦୃଶ୍ୟ ଜଗତ ସହିତ ଯେଉଁ ପ୍ରଥମ ସଂଘାତ ହୁଏ, ସେଥିଲାଗି ଏକ ବିଶାଳ ମହତ୍ତ୍ୱ ରହିଥାଏ । ଏବଂ ଏହି କ୍ଷେତ୍ରରେ ମରିବାକୁ ଯାଉଥିବା ବ୍ୟକ୍ତିଟିର ଚାରିପାଖରେ ତାକୁ ଘେରି ରହିଥିବା ଅନ୍ୟ ବ୍ୟକ୍ତିମାନଙ୍କର ଏକ ଗୁରୁ ଦାୟିତ୍ୱ ରହିଛି । ସେମାନେ ସେହି ଦାୟିତ୍ୱକୁ ଯେତେ ବୋଲି ଭାବନ୍ତି, ତାହା ହେଉଛି ତାହାଠାରୁ ପ୍ରକୃତରେ ଅନେକ ଅଧିକ । ସେହି ମୁମୂର୍ଷୁ ବ୍ୟକ୍ତିଟି ଯେପରି ସେତେବେଳେ ତା'ର ଉଚ୍ଚତମ ଚେତନା ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇପାରିବ, ଯଦି ଅନ୍ୟ ବ୍ୟକ୍ତିମାନେ ସେଥିରେ ତାକୁ ସାହାଯ୍ୟ କରିପାରିବେ, ତେବେ ତଦ୍ୱାରା ସେମାନେ ତାହାର ସର୍ବାଧିକ ସେବା କରିପାରିବେ । ମାତ୍ର ସେମାନେ ସାଧାରଣତଃ ଯଥାସମ୍ଭବ ଅଧିକ ସଂସକ୍ତ ଭାବରେ ତାହାକୁ ଆବୋରି ରହିଥାନ୍ତି ଏବଂ ଏକ ଭୟଙ୍କର ସ୍ୱାର୍ଥଭାବନା ସହିତ ତାହାକୁ ସେମାନଙ୍କ ଆଡ଼କୁ ଟାଣି ଆଣିବାରେ ଲାଗିଥାନ୍ତି । ଏହାର ଫଳସ୍ୱରୂପ, ତାହାର ଏହି ନିଷ୍କ୍ରମଣ ସମୟରେ ଯାହା ତାକୁ ପ୍ରକୃତରେ ରକ୍ଷା କରି ପାରିଥାନ୍ତା, ସେହି ବ୍ୟକ୍ତି ସେହିପରି ଏକ କିଞ୍ଚିତ୍ ଉଚ୍ଚତର ଚେତନା ମଧ୍ୟରେ ଆପଣାକୁ ପ୍ରତ୍ୟାହାର କରିନେବାକୁ ସମର୍ଥ ହେବା ପରିବର୍ତ୍ତେ ସିଏ ନାନା ଭୌତିକ ବସ୍ତୁର କବଳରେ ଯାଇ ପଡ଼ିଯାଏ, ଏବଂ ଆପଣାର ଶରୀର ତଥା ଆସକ୍ତିଗୁଡ଼ିକରୁ ଆପଣାକୁ ମୁକ୍ତ କରିବାକୁ ତାକୁ ଏକ ଭୟଙ୍କର ଅନ୍ତଃସମରରେ ଲିପ୍ତ ହୋଇଯିବାକୁ ପଡ଼ିଥାଏ ।

'oaob.nitrkl.ac.in' images reprocessed

ବସ୍ତୁତଃ,—ମାତ୍ର ଅଳ୍ପସଂଖ୍ୟକ କେତେକ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ଲାଗି ମୁଁ ଏହିକଥା କହୁଛି, ସେମାନଙ୍କର ସଂଖ୍ୟା ଏତେ ଅଳ୍ପ ଯେ, ତାହାକୁ ଆଙ୍ଗୁଠିରେ ଗଣି କହିଦେଇ ହେବ,—ସବୁ ମନୁଷ୍ୟ ଏକ ସମଗ୍ର ଅଜ୍ଞାନର ସ୍ଥିତିରେ ବାସ କରୁଥାନ୍ତି, ଜୀବନ ବଞ୍ଚିବାର ପ୍ରଣାଳୀ ବିଷୟରେ ସେମାନେ ସଂପୂର୍ଣ୍ଣ ଅଜ୍ଞାନ ହୋଇ ରହିଥାନ୍ତି । ଏହି ବିଶ୍ୱସଂସାରର ବସ୍ତୁଗୁଡ଼ିକ ବିଷୟରେ ନୁହେଁ, ମାତ୍ର ଜୀବନ ବଞ୍ଚିବା ବିଷୟରେ ଏପରିକି ଏକ ମୌଳିକତମ ଜ୍ଞାନ ବିଷୟରେ ମଧ୍ୟ ସଂପୂର୍ଣ୍ଣ ଅନଭିଜ୍ଞ ହୋଇ ରହିଥାନ୍ତି । ନିଜ ଜୀବନଟିକୁ କିପରି ବଞ୍ଚିବାକୁ ହୁଏ, ସେମାନେ ସେବିଷୟରେ ଆଦୌ କିଛିହେଲେ ଜାଣି ନ ଥାନ୍ତି । ସେମାନେ ସର୍ବଦା ଏପରି କାର୍ଯ୍ୟମାନ କରିବାରେ ଲାଗିଥାନ୍ତି, ଯାହାକି ସେମାନଙ୍କର ଆଦୌ କରିବା ଉଚିତ ନୁହେଁ । ଏଠାରେ ମୁଁ ବାସନାଗୁଡ଼ିକୁ ଚରିତାର୍ଥ କରିବା ଏବଂ ତତ୍‌ସଂଶ୍ଳିଷ୍ଟ ଅନ୍ୟାନ୍ୟ ବିଷୟରେ ମୋତେ କିଛି କହୁ ନାହିଁ ମୁଁ କେବଳ ପ୍ରତ୍ୟେକ ମୁହୂର୍ତ୍ତରେ ବଞ୍ଚିବାକୁ ହେଉଥିବା ଜୀବନର କଥା କହୁଛି, ପ୍ରତ୍ୟେକ ମୁହୂର୍ତ୍ତର କ୍ରିୟାଶୀଳତା ବିଷୟରେ କହୁଛି । ଆମେ ଏକ ସଂପୂର୍ଣ୍ଣ ଅଜ୍ଞାନର ଅବସ୍ଥା ଭିତରେ ରହିଥିବାରୁ, ଆମେ ଯେଉଁ ଫଳଗୁଡ଼ିକ ଫଳୁ ବୋଲି ଇଚ୍ଛା କରୁଛୁ, ସେଗୁଡ଼ିକୁ ଲାଭ କରିବା ସକାଶେ, ଆମର ଯାହା କରିବା ଉଚିତ, ତା'ର ଠିକ୍ ବିପରୀତ କଥାଗୁଡ଼ିକୁହିଁ କରିବାରେ ଲାଗିଥାଉ । ସେହି ଲକ୍ଷ୍ୟ ଯାହା ହୋଇଥାଉ ପଛକେ, ଆମେ କୌଣସି ଏକ ଲକ୍ଷ୍ୟର ଅନୁସରଣ କରି ଅଗ୍ରସର ହେବାକୁ ଚେଷ୍ଟା କରୁ । ସେହି ଲକ୍ଷ୍ୟ ଏକ ସ୍ୱାର୍ଥପ୍ରେରିତ ଲକ୍ଷ୍ୟ ହୋଇପାରେ, ଏକ ନିରାସକ୍ତ ଲକ୍ଷ୍ୟ ହୋଇପାରେ, ଏହା ଏକ ଭୌତିକ ଲକ୍ଷ୍ୟ ହୋଇପାରେ, ଆଧ୍ୟାତ୍ମିକ ଲକ୍ଷ୍ୟ ବି ହୋଇପାରେ । ମାତ୍ର ଆମେ କୌଣସି ନା କୌଣସି ସ୍ଥାନରେ ଯାଇ ପହଞ୍ଚିବା ସକାଶେ ମନ କରିଥାଉ; ଏବଂ ସେଠାରେ ଯାଇ ପହଞ୍ଚିବାକୁ ହେଲେ ପ୍ରକୃତରେ ଯାହାସବୁ କରିବା ଉଚିତ, ଆମେ ସର୍ବଦା ତାହାର ଠିକ୍ ବିପରୀତ କଥାଗୁଡ଼ିକହିଁ କରିବାରେ ଲାଗିଥାଉ । ଏବଂ ଯଦି ତୁମ ଭିତରେ କେବଳ କିଞ୍ଚିତ୍ ମନୋଯୋଗଶକ୍ତି ରହିଥାଏ ଏବଂ ଯଦି ତୁମେ ଯେକୌଣସି ମୁହୂର୍ତ୍ତରେ ମଧ୍ୟ ଆପଣା ଆଡ଼କୁ ଅନାଇ ଦେଖିବା ଲାଗି ସମର୍ଥ ହେଉଥାଅ,—ତୁମର ଯାହାକିଛି କାର୍ଯ୍ୟ କରିବାକୁ ରହିଥାଉ ପଛକେ, ତେବେ ତୁମେ ସେତେବେଳେ କ୍ଷଣକ ପାଇଁ ଟିକିଏ ଅଟକିଯିବ, ନିଜ ଆଡ଼କୁ ଅନାଇ ଦେଖିବ ଏବଂ ନିଜକୁ ପଚାରିବ, "ମୋ'ର ଯାହା କରିବାର କଥା, ମୁଁ ତାହା ପ୍ରକୃତରେ ଜାଣିଛି କି ?" ଯଦି ତୁମ ଭିତରେ ଆନ୍ତରିକତା ରହିଥିବ, ତେବେ ତୁମେ ଦେଖିବାକୁ ପାଇବ—ତୁମେ ସେକଥା ପ୍ରକୃତରେ ଆଦୌ ଜାଣି ନାହିଁ । ତୁମେ ଯାହା କରୁଛ, ତାହାକୁ ଯନ୍ତ୍ରବତ୍ କରିଯାଉଛ, ସତେଅବା ଏକ ସହଜାତ ପ୍ରବୃତ୍ତିର ବଶ ହୋଇ କରୁଛ, ଅଭ୍ୟାସବଶତଃ ଅଥବା କୌଣସି ପ୍ରକାରର ଆବେଗରେ ପଡ଼ିହିଁ କରିଯାଉଛ ।

'oaob.nitrkl.ac.in' images reprocessed

ମାତ୍ର, "ପ୍ରକୃତରେ ଏହାହିଁ କରିବା କଥା କି ? ଏହିଭଳି ଭାବରେ ଏହାକୁ କରିବାକୁ ହେବ କି ?" —ଏହି କଥାଟିକୁ ଜାଣିବା : ମୁଁ ଭାବୁ ନାହିଁ ଯେ ତୁମେ ହଜାର ଥରରେ ଗୋଟିଏ ଥର ମଧ୍ୟ ଏହି ପ୍ରଶ୍ନର ଉତ୍ତର ଦେଇ ପାରିବ ।

ଏବଂ ତା'ପରେ, ଯେତେବେଳେ ଆଉ କୌଣସି ଜଣେ ବ୍ୟକ୍ତିକୁ କିଛି ସାହାଯ୍ୟ କରିବାକୁ ଇଚ୍ଛା କରିବାର ପ୍ରଶ୍ନଟି ଆସି ଉପସ୍ଥିତ ହୁଏ,…ଯଦି ତୁମ ଭିତରେ ସଦିଚ୍ଛା ରହିଥାଏ ଓ ତୁମେ କାହାକୁ ସାହାଯ୍ୟ କରିବାକୁ ଇଚ୍ଛା କର, ‥ ଅଥଚ ନିଜକୁ କିପରି ସାହାଯ୍ୟ କରିବାକୁ ହୁଏ, ତୁମେ ସେକଥା ଜାଣି ନ ଥାଅ, ମାତ୍ର ତଥାପି ତୁମେ ସ୍ୱାର୍ଥପର ହୋଇ ରହି ନ ଥାଅ; କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତୁମେ ହୁଏତ କାହାକୁ କୌଣସି ସାହାଯ୍ୟ କରିବାକୁ ଭାବ; ଏବଂ ସେତିକିବେଳେ ଏହି ପ୍ରଶ୍ନଟି ଆସି ତୁମ ଆଗରେ ଉପସ୍ଥିତ ହୁଏ : "ମୋର ବର୍ତ୍ତମାନ କ'ଣ କରିବା ଉଚିତ ?" ତୁମେ ଏହି ବିଷୟରେ ଆଦୌ କିଛିହେଲେ ଜାଣି ନ ଥାଅ । "ତା'ର ପ୍ରକୃତରେ କେଉଁ ବସ୍ତୁର ଆବଶ୍ୟକତା ରହିଛି ?" ଏଠାରେ ମୁଁ କେବଳ କୌଣସି ଭୌତିକ ଦ୍ରବ୍ୟର କଥା କହୁ ନାହିଁ, ମାତ୍ର, ତୁମ ଭିତରେ ଯେଉଁଭଳି ଅନୁଭୂତି ହେବା ଉଚିତ, ଯେଉଁ ଭାବନା ରହିବା ଉଚିତ ଓ ତୁମର ଯେଉଁ ଶବ୍ଦଗୁଡ଼ିକୁ ଉଚ୍ଚାରଣ କରିବା ଉଚିତ,—ମୁଁ ସେଗୁଡ଼ିକ ବିଷୟରେ ମଧ୍ୟ କହୁଛି । ସେତେବେଳେ ଯଦି ତୁମେ ଗୋଟାଏ ପାଦ ଫେରି ଯାଇପାର, ଯଦି ଆପଣା ଆଡ଼କୁ ଅନାଅ,— ମାତ୍ର ଏବିଷୟରେ ତୁମେ ଆଦୌ କିଛିହେଲେ ଜାଣି ନ ଥାଅ; ତୁମେ କେବଳ ଅତି ଅନିଶ୍ଚିତ ଏବଂ ଉଦ୍ଦେଶ୍ୟହୀନ ଭାବରେ ତାହା କରୁଥାଅ, ଏହା ଅବଶ୍ୟ ସଫଳ ହେବ ବୋଲି କେବଳ ଏକ ଆଶା ପୋଷଣ କରିଥାଅ, ମାତ୍ର ଯଥାର୍ଥ ଜ୍ଞାନଟି ସେଠାରେ ଆଦୌ ଉପସ୍ଥିତ ନ ଥାଏ । ସ୍ୱଭାବତଃ ଏଠାରେ କିଛି ନ କହି ମଧ୍ୟ… ଯେଉଁମାନେ ଆଦୌ କିଛି ଜାଣନ୍ତି ନାହିଁ ଏବଂ ଏପରିକି, ଯେତେବେଳେ ସେମାନଙ୍କ ହାତରେ ଗୋଟିଏ ସାନପିଲାର ଦାୟିତ୍ୱ ରହିଥାଏ, ଯେଉଁମାନେ ତାହାକୁ କିପରି ଉଚିତ ମାର୍ଗରେ ଚଳାଇବାକୁ ହେବ ଓ ସୁସ୍ଥ ରଖିବାକୁ ହେବ, ସେବିଷୟରେ ମଧ୍ୟ ଆଦୌ କିଛି ଜାଣି ନ ଥାନ୍ତି, ମୁଁ ଏଠାରେ ସେହି ବ୍ୟକ୍ତିମାନଙ୍କର କଥା କହୁ ନାହିଁ । ମୁଁ ଏହି ପ୍ରକାରର ଅଜ୍ଞାନ ବିଷୟରେ ମଧ୍ୟ ଆଦୌ କିଛି କହୁ ନାହିଁ, କାରଣ ତାହାକୁ ସମସ୍ତେ ଅବଶ୍ୟ ସ୍ୱୀକାର କରିବେ । ମୁଁ ଏପରି ଅସୁମାରି ଅନେକ ମାଆଙ୍କୁ ଜାଣିଛି, ଯେଉଁମାନଙ୍କର କି ସେମାନଙ୍କର ପିଲାମାନଙ୍କୁ ସୁସ୍ଥ ରଖିବାକୁ ହେଲେ କ'ଣସବୁ କରିବା ଉଚିତ, ସେହି ବିଷୟରେ ଏତେ ଟିକିଏ ଧାରଣା ବି ନ ଥିଲା । ମୁଁ ବର୍ତ୍ତମାନ ଏବିଷୟରେ ମଧ୍ୟ କିଛି କହୁ ନାହିଁ । କାରଣ ଏହା— ଯଦି କେହି ବହିଟିଏ ପଢ଼େ, କିଛି ଟିକିଏ କାର୍ଯ୍ୟ ବି କରେ, ଅଧ୍ୟୟନ କରେ, ତଦ୍ଦ୍ୱାରା ସିଏ ଅବଶ୍ୟ ଅନ୍ତତଃ ଏକ ସର୍ବନିମ୍ନ ଜ୍ଞାନ ହାସଲ କରି ପାରିବ ।

'oaob.nitrkl.ac.in' images reprocessed

ମୁ ଏଠାରେ କେବଳ କିଞ୍ଚିତ୍ ପରିମାଣରେ ଏକ ଉଚ୍ଚତର ସୋପାନ ବିଷୟରେ କହୁଛି : ନୈତିକ ଦୃଷ୍ଟିରୁ, ମୁଁ ଲୋକମାନଙ୍କ ସହିତ ତୁମର ନୈତିକ, ମନୋଭୂମିଗତ ସମ୍ପର୍କ ବିଷୟରେ କହୁଛି । ତୁମେ ଏପରି ଜଣେ ବ୍ୟକ୍ତି ପାଖରେ ଅଛ, ଯିଏକି କୌଣସି ଅସୁବିଧାରେ ପଡ଼ିଛି । ତାକୁ ତୁମର କ'ଣ କହିବା ଉଚିତ, ତୁମେ ସେବିଷୟରେ କିଛି ଜାଣିଛ କି ? ତୁମେ ଏପରିକି ସିଏ ପଡ଼ିଥିବା ଅସୁବିଧାଟିର କାରଣ, ମୂଳ ବିଷୟରେ କିଛି ଜାଣିଛ କି ? ସେହି ବ୍ୟକ୍ତି ଭିତରେ ବର୍ତ୍ତମାନ କ'ଣସବୁ ଘଟିବାରେ ଲାଗିଛି ? ଏହି ବିଷୟରେ ତୁମେ କିଛି ଅନୁମାନ କରିପାରିବ, କଳ୍ପନା କରିପାରିବ, କୌଣସି ଏକ ସିଦ୍ଧାନ୍ତର ନିଗମନ କରିପାରିବ ବା ଯୁକ୍ତି ଦ୍ୱାରା କିଛି କହିପାରିବ ସତ, ମାତ୍ର ତଥାପି ତୁମେ ସେବିଷୟରେ କିଛି ଜାଣି ନାହଁ ।

ଏହି ନିଶ୍ଚୟତା ଅର୍ଜନ କରିବା, ଯଥା : ଏହି ଜ୍ଞାନ, ଯଥାର୍ଥରେ ଜାଣି ପାରୁଥିବା ଜ୍ଞାନ : "ହଁ, କଥାଟି ପ୍ରକୃତରେ ଏଇଆ"—ତୁମର ସେହି ଜ୍ଞାନଟି ଆଦୌ ନ ଥାଏ । "ଏଇଟା କ'ଣ ଏଇଆ କି, କ'ଣ ସେଇଆ କି ? ମୁଁ ଏକଥା କଲେ ପ୍ରକୃତରେ ସେକଥା ଘଟିବ କି ? ଏବଂ ମୁଁ ଯଦି ସେହିପରି କରେ, ତେବେ ପ୍ରକୃତରେ ତାହା ଘଟିବ କି ? ତାହା ତୁମେ ଏହିପରି ଭାବରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିବ, — କେତେପ୍ରକାରେ କୁଣ୍ଠା ପ୍ରକାଶ କରୁଥିବ, ଅନୁମାନ କରୁଥିବ ଓ ନିଜକୁ ପ୍ରଶ୍ନ ପଚାରିବାରେ ଲାଗିଥିବ ··· ଏବଂ ବୁଲେଟିନ୍‌ରେ ବାହାରି ଥିବା ତାଙ୍କର ସର୍ବଶେଷ ଲେଖାରେ ଶ୍ରୀଅରବିନ୍ଦ ଠିକ୍ ସେହି କଥା ଲେଖିଛନ୍ତି । ସିଏ କହୁଛନ୍ତି ଯେ, ଯଦି ତୁମେ ଅତିମାନସର ଅବତରଣ ଲାଗି ପ୍ରକୃତରେ ପ୍ରସ୍ତୁତ ହେବାକୁ ଇଚ୍ଛା କରୁଛ, ତେବେ ତୁମର ଯେଉଁ ମନ ଅଜ୍ଞାନ ଏବଂ ଅସମର୍ଥତାରେ ପୂର୍ଣ୍ଣହୋଇ ରହିଛି, ତୁମକୁ ସର୍ବପ୍ରଥମେ ତା'ର ସ୍ଥାନରେ ଦେଖିବାକୁ ଓ ଜାଣିବାକୁ ସମର୍ଥ ହେଉଥିବା ଏକ ଆଲୋକସମ୍ପନ୍ନ ମନର ପ୍ରତିଷ୍ଠା କରିବାକୁ ପଡ଼ିବ । ଏବଂ ଏଇଟି ହେଉଛି କେବଳ ପ୍ରଥମ ପଦକ୍ଷେପ ! ଏହି ସୋପାନଟିକୁ ଅତିକ୍ରମ ନ କଲେ ତୁମେ କଦାପି ଆଗକୁ ଯାଇପାରିବ ନାହିଁ । ତୁମମାନଙ୍କୁ କୌଣସି ପ୍ରକାରେ ନିରୁତ୍ସାହିତ କରିଦେବା ଲାଗି ମୁଁ ଏକଥା ଆଦୌ କହୁ ନାହିଁ; ମାତ୍ର, ଯେଉଁମାନେ ବିଶ୍ୱାସ କରନ୍ତି ଯେ ଆମକୁ କେବଳ "ହଁ, ମୁଁ ଅତିମାନସ ଆଲୋକ ଚାହୁଁଛି" ବୋଲି କହିବାକୁ ହେବ ଏବଂ ତା'ପରେ ସେହି ଆଲୋକଟି ଆପଣାଛାଏଁ ଆସି ପହଞ୍ଚିଯିବ, ମୁଁ ସେହିମାନଙ୍କ ଉଦ୍ଦେଶ୍ୟରେ ଏକଥା କହୁଛି । ଯେପରି ଜଣେ "ମୁଁ ଗିଲାସେ ପାଣି ପିଇବାକୁ ଚାହୁଁଛି" ବୋଲି କହେ ଓ ତା'ପରେ ଯେପରି ପାଣି ମନକୁ ମନ ପିଇ ହୋଇଯାଏ, ଏହା ଠିକ୍ ସେହିପରି ଏକ କଥା । ଏହା ଆଦୌ ସେତେ ସହଜ ନୁହେଁ । ବୁଝିଲ ?

'oaob.nitrkl.ac.in' images reprocessed

ବର୍ତ୍ତମାନ ଆଉ କାହାର କିଛି ପ୍ରଶ୍ନ ଅଛି କି ? କିଛି ନାହିଁ ?

ଶୁକ୍ରବାର ହେଉଛି ମୋର ପଢ଼ିବାର ଦିନ । ସେଦିନ ଏକତିରିଶ ତାରିଖ ପଡ଼ୁଛି । ଏକତିରିଶ ଅର୍ଥାତ୍ ପହିଲାର ପୂର୍ବଦିନ । ଏହି ପହିଲାର ପୂର୍ବଦିନ, ସାଧାରଣତଃ, ବହୁ ପୂର୍ବେ—ତୁମେମାନେ ଛୋଟ ଛୋଟ ହୋଇଥିଲ, ହୁଏତ ଜନ୍ମହିଁ ହୋଇ ନ ଥିଲ, — ମୁଁ ମଧ୍ୟରାତ୍ରିରେ ଗୋଟିଏ ପ୍ରାର୍ଥନା ପାଠ କରି ଶୁଣାଉଥିଲି । ଯେତେବେଳେ ଆମେ ଗୋଟିଏ ବର୍ଷରୁ ଆଉ ଗୋଟିଏ ବର୍ଷର ମଧ୍ୟକୁ ପ୍ରବେଶ କରୁଥିଲୁ, ଠିକ୍ ସେତିକିବେଳେ । ଆଜି ଅନେକ ଡେରି ହୋଇଗଲାଣି । ଆମେ ସମସ୍ତେ ଦିନଯାକ କାମ କରିକରି ନିଜକୁ କ୍ଲାନ୍ତ କରି ଦେଇଥାଉ ଓ ତେଣୁ ଆମ ଲାଗି ଚୁପ୍ ହୋଇ ଶୋଇବାକୁ ଯିବାର ପ୍ରୟୋଜନ ରହିଥାଏ । (ପିଲାମାନେ ସମସ୍ତେ ମଧ୍ୟରାତ୍ରିରେ ପାଠ କରିବା ଲାଗି ମାଆଙ୍କୁ କହିଲେ) ନାଇଁ, ନାଇଁ, ମୁଁ ସେକଥା ମୋଟେ କରିବି ନାହିଁ । (ସମସ୍ତେ ହସିଲେ) ମୁଁ ସେଦିନ କେବଳ ଠିକ ଏହି ସମୟରେ ଆଦୌ କିଛି ପାଠ କରିବା ପରିବର୍ତ୍ତେ ମୁଁ ତୁମମାନଙ୍କ ଲାଗି ୧୯୫୫ ସକାଳେ ଲିଖିତ ହୋଇଥିବା ପ୍ରାର୍ଥନାଟିକୁ ପଢ଼ିଦେବି ଏବଂ ତୁମେମାନେ ଶୁଣିବ । ଏବଂ, ଯଦି କେହି କିଛି ପ୍ରଶ୍ନ ପଚାରିବାକୁ ଇଚ୍ଛା କରିବ, ତେବେ ମୁଁ ତାହାର ଉତ୍ତର ଦେବି; ଏବଂ ଆମେ ଏହିପରି ସ୍ୱଭାବରେହିଁ ବର୍ଷଟିର ଉଦ୍‌ଯାପନ କରିବା ··· ମାଝ ରାତି ବାରଟାଯାଏ ଆଦୌ ନୁହେଁ ! (ସମସ୍ତେ ହସିଲେ) ଏହିପରି ସ୍ୱଭାବରେହିଁ ଆମେ ବର୍ଷଟିର ଉଦ୍‌ଯାପନ କରିବା । ବୁଝିଲ ?

ଏତିକିରେ ଆଉ ?

ପୁନର୍ଦର୍ଶନ ହୁ !

'oaob.nitrkl.ac.in' images reprocessed

# ୩୧ ଡିସେମ୍ବର ୧୯୫୪

*ବର୍ଷର ଶେଷ ସନ୍ଧ୍ୟା । ଯାକ ପରେ ମାଥ ଅପଣାର ନବବର୍ଷର ବାଣୀକୁ ସମସ୍ତଙ୍କୁ ବିତରଣ କରି ଦେଉଥିଲେ ।*

ମୁଁ ତୁମମାନଙ୍କ ଆଗରେ ଏହି ପ୍ରାର୍ଥନାଟିକୁ ଫରାସୀ ଭାଷାରେ ପଢ଼ିବାକୁ ଯାଉଛି — ଏହା ପ୍ରକୃତରେ ଏକ ପ୍ରାର୍ଥନା ନୁହେଁ, ଏକ ବାର୍ତ୍ତା — ଇଂରାଜୀ ଓ ଫରାସୀ ଉଭୟ ଭାଷାରେ ଲେଖାଯାଇଛି । ତା'ପରେ ମୁଁ ଦୁଇଟି ପ୍ରଶ୍ନର ଶ୍ରୀଅରବିନ୍ଦ ଦେଇଥିବା ଉତ୍ତରକୁ ମଧ୍ୟ ସାଙ୍ଗରେ ଆଣିଛି । ଏହି ଉତ୍ତର ଆଗରୁ କେଉଁଠି ହେଲେ ପ୍ରକାଶିତ ହୋଇ ନାହିଁ । ଆଜି ତୁମେମାନେହିଁ ପ୍ରଥମଥର ସକାଶେ ତାହାକୁ ଶୁଣିବ । ଏବଂ ତା'ପରେ ଦୁଇଟି ··· କବିତା ନୁହେଁ, ମାତ୍ର କେତୋଟି ଧାଡ଼ି । ଗୋଟିଏ ହେଉଛି ଏକ ଅତି ସାନ କବିତା ଏବଂ ଆଉ ଗୋଟିଏ ଅନ୍ୟ ଏକ କବିତାର ଗୋଟିଏ ପଦ । ଆଗାମୀ ବର୍ଷ ପାଇଁ ପ୍ରଦତ୍ତ ସନ୍ଦେଶଟିର ଏଗୁଡ଼ିକୁ ଗୋଟିଏ ଗୋଟିଏ ଅତି ଚମତ୍କାର ଦୃଷ୍ଟାନ୍ତ ବୋଲି କୁହାଯିବ ।

ସନ୍ଦେଶଟି ଏହିପରି ଲେଖା ଯାଇଛି, କାରଣ ମୁଁ ପୂର୍ବରୁହିଁ ଅନୁମାନ କରିପାରୁଛି ଯେ ଆଗାମୀ ବର୍ଷଟି ପ୍ରକୃତରେ ଏକ କଠିନ ବର୍ଷ ହେବାକୁ ଯାଉଛି । ଆଗାମୀ ବର୍ଷ ଅନେକ ଅନ୍ତଃସମରର ସମ୍ମୁଖୀନ ହେବାକୁ ପଡ଼ିବ, ସମ୍ଭବତଃ କେତେକ ବାହ୍ୟ ସମର ମଧ୍ୟ ଘଟିବ । ତେଣୁ ଏହିସବୁ ପରିସ୍ଥିତିରେ ତୁମମାନଙ୍କୁ ଉଚିତ ଦୃଷ୍ଟିକୋଣ ରଖିବାକୁ ହେବ, ମୁଁ ଏଥିରେ ସମସ୍ତଙ୍କୁ ସେହି କଥା କହୁଛି । ଏହିସବୁ ବିପଦ ଓ ବାଧା କେବଳ ଯେ ବାର ମାସ ଅର୍ଥାତ୍ ପୂରା ଗୋଟିଏ ବର୍ଷ ସକାଶେ ରହିବ, ସମ୍ଭବତଃ ତାହା ଆଦୌ ନୁହେଁ; ବରଂ ତାହା ଚଉଦ ମାସ ପାଇଁ ରହିବ; ଏବଂ, ଏହି ଚଉଦ ମାସ ଭିତରେ, ବର୍ତ୍ତମାନ ତୁମମାନଙ୍କୁ ମୁଁ ଯେଉଁ ଦୃଷ୍ଟିକୋଣଟି ବିଷୟରେ କହିବାକୁ ଯାଉଛି, ତୁମେମାନେ କଦାପି ସେହି ଦୃଷ୍ଟି-କୋଣକୁ ବର୍ଜନ କରି ନ ଦେବାକୁ ଅବଶ୍ୟ ପ୍ରୟାସ କରିବ ।

ବସ୍ତୁତଃ, ମୁଁ ଆଉଥରେ କହୁଛି ଯେ, ବସ୍ତୁଗୁଡ଼ିକ ଯେତିକି ପ୍ରତିକୂଳ ହେଉଥିବ, ତୁମେମାନେ ସେତିକି ଅଧିକ ପରିମାଣରେ ସ୍ଥିର ହୋଇ ରହିବ, ଏବଂ ତୁମର ବିଶ୍ୱାସ ମଧ୍ୟ ସେହି ଅନୁପାତରେ ଅଧିକ ଅବିଚଳିତ ହୋଇ ରହିଥିବ । ଏହି କଥାଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ।

'oaob.nitrkl.ac.in' images reprocessed

ସାଧାରଣତଃ, ଅବସ୍ଥା ପ୍ରତିକୂଳ ହେବାକୁ ଆରମ୍ଭ କରିବା ମାତ୍ରକେ, ମନୁଷ୍ୟମାନେ ଉତ୍ତେଜିତ ହୋଇପଡ଼ନ୍ତି, ବିରକ୍ତ ହୁଅନ୍ତି, ଭୟଙ୍କର ଭାବରେ କ୍ଷିପ୍ତ ହୋଇ ଉଠନ୍ତି ଏବଂ ତଦ୍ୱାରା ଅସୁବିଧାଗୁଡ଼ିକୁ ଦଶଗୁଣ ଅଧିକ ଅସୁବିଧା କରି ପକାଇ ଥାନ୍ତି ! ତେଣୁ ବର୍ତ୍ତମାନ ମୁଁ ତୁମମାନଙ୍କୁ ଏହି ବିଷୟରେ ସିଧା ସତର୍କ କରି ଦେଉଛି ଯେ, ତୁମେମାନେ ଏଭଳି ଆଦୌ କରିବ ନାହିଁ, ତୁମେମାନେ ଏହାର ଠିକ୍ ବିପରୀତ କଥାଟିକୁହିଁ କରିବ । ଏବଂ, ମୁଁ ବର୍ତ୍ତମାନ ତୁମମାନଙ୍କ ଆଗରେ ଯାହା ପାଠ କରିବାକୁ ଯାଉଛି, ନିଜ ଭିତରେ କୌଣସି ପ୍ରକାରର ଉଦ୍‌ବେଗ ଅଥବା ଅସ୍ଥିରତା ଅନୁଭବ କରିବାମାତ୍ରକେ ତୁମେମାନେ ମନେମନେ ତାହାର ପୁନରାବୃତ୍ତି କରିବ । ମୁଁ ତୁମକୁ ଆଜି ଯାହା କହିବି, ତୁମେମାନେ ସେକଥାକୁ ସ୍ମରଣ ରଖିବ, ବର୍ଷଯାକ ସ୍ମରଣ ରଖିବ । ସକାଳେ ଓ ସନ୍ଧ୍ୟାରେ ସେହି କଥାଟିର ପୁନରାବୃତ୍ତି କରୁଥିଲେ ତୁମର ଅନେକ ଲାଭ ହେବ । ବର୍ତ୍ତମାନ ମୁଁ ସେଇଟିକୁ ପଢ଼ୁଛି । ପ୍ରଥମେ ଫରାସୀରେ, ଓ ତା'ପରେ ଇଂରାଜୀରେ ପଢ଼ିବି ।*

ବର୍ତ୍ତମାନ ମୁଁ ତୁମମାନଙ୍କ ଆଗରେ ଶ୍ରୀଅରବିନ୍ଦଙ୍କୁ ପଚରା ଯାଇଥିବା ଦୁଇଟି ପ୍ରଶ୍ନ ଓ ସେ ଦେଇଥିବା ଉତ୍ତରଗୁଡ଼ିକୁ ପାଠ କରି ଶୁଣାଇବି । ପ୍ରଶ୍ନଗୁଡ଼ିକ ଯେ ମନର କୌଣସି ଏକ ଅଧୁଚ ସ୍ଥିତିକୁ ବ୍ୟକ୍ତ କରୁଛନ୍ତି, ସେକଥା ଆଦୌ ନୁହେଁ, ମାତ୍ର ମୁଁ ଆଶଙ୍କା କରିଥାଏ ଯେ, ଅନେକ ବ୍ୟକ୍ତି ଏହିପରି ଏକ ମାନସିକ ସ୍ଥିତି ମଧ୍ୟରେ ଯାଇ ପତିତ ହେବା ଲାଗି ଆପଣାକୁ ବାଟ ଛାଡ଼ି ଦେଇଥାନ୍ତି । ତେଣୁ ମୁଁ ଭାବୁଛି ଯେ, ଉତ୍ତରଗୁଡ଼ିକ ଅନେକ ବ୍ୟକ୍ତିଙ୍କ ଲାଗି ମଧ୍ୟ ଉପଯୋଗୀ ହୋଇପାରିବ ।

ପ୍ରଥମ ପ୍ରଶ୍ନଟି ହେଉଛି :

"ମୋତେ ଲାଗୁଛି ଯେ ଆମର ରୂପାନ୍ତର-ଯୋଗକୁ ଗ୍ରହଣ କରୁଥିବା ଯେତେ ଲୋକ ପୃଥିବୀରେ ଅଛନ୍ତି, ସେମାନଙ୍କର ସଂଖ୍ୟା କଦାପି ବୌଦ୍ଧଧର୍ମ, ବେଦାନ୍ତ ବା ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିଥିବା ଲୋକଙ୍କ ସଂଖ୍ୟାର ସମତୁଲ ହେବ ନାହିଁ ।"

*ବାଣୀଟିର ଓଡ଼ିଆ ଅନୁବାଦ :

ମନୁଷ୍ୟର କୌଣସି ଇଚ୍ଛା ଦିବ୍ୟ ପରମ ଇଚ୍ଛାର ବିରୁଦ୍ଧରେ କଦାପି ଶେଷଯାଏ ତିଷ୍ଠି ରହିପାରିବ ନାହିଁ । ଅତେ ସ୍ୱେଚ୍ଛାପ୍ରଣୋଦିତ ଏବଂ ଏକାନ୍ତ ଭାବରେ ଆପଣାକୁ ଦିବ୍ୟ ପରମ ସତ୍ତାଙ୍କ ପକ୍ଷରେ ନେଇ ରଖିବା ଏବଂ ଶେଷରେ ସୁନିଶ୍ଚିତ ଭାବରେ ଯଥାର୍ଥ ବିଜୟଟି ଅବଶ୍ୟ ଘଟିବ ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ପ୍ରଶ୍ନଟିର ଏହି ଉତ୍ତର ଦେଇଛନ୍ତି । ଏଥିରେ ତୁମେମାନେ ତାଙ୍କର ପରିହାସଭାବକୁ ଲକ୍ଷ୍ୟ କରିବ । ମୁଁ ତାଙ୍କର ପରିହାସଭାବ ପ୍ରତି ତୁମର ଦୃଷ୍ଟି ଆକର୍ଷଣ କରୁଛି ।

"ସଂଖ୍ୟା ଉପରେ ଆଦୌ କିଛି ନିର୍ଭର କରେ ନାହିଁ । ବୌଦ୍ଧଧର୍ମ ଓ ଖ୍ରୀଷ୍ଟିଆନ୍ ଧର୍ମର ଅନୁଗାମୀମାନଙ୍କ ସଂଖ୍ୟା ଏତେ ଅଧିକ ହୋଇଥିଲା, କାରଣ ସେମାନଙ୍କ ମଧ୍ୟରୁ ଅଧିକାଂଶ ତାହାକୁ ଧର୍ମ-ମତରୂପେ ଗ୍ରହଣ କରିଥିଲେ ଏବଂ ଏହାଦ୍ୱାରା ସେମାନଙ୍କର ବାହ୍ୟ ଜୀବନରେ ଏତେ ଟିକିଏ ହେଲେ ପାର୍ଥକ୍ୟ ଘଟି ନ ଥିଲା ।

"ନୂତନ ଚେତନା ଯଦି ସେତିକରେ ସନ୍ତୋଷ ଲାଭ କରନ୍ତା, ତେବେ ତାହା ମଧ୍ୟ ଆହୁରି ଅଧିକ ସହଜରେ ସମଗ୍ର ପୃଥିବୀର ସମାଦର ଓ ଆନୁଗତ୍ୟ ଲାଭ କରିପାରନ୍ତା । ମାତ୍ର ଏହା ହେଉଛି ଏକ ଉଚ୍ଚତର ଚେତନା, ଏହା ପରମ ସତ୍ୟର ଚେତନା, ଏବଂ ତେଣୁ ତାହା ଏକ ଯଥାର୍ଥ ପରିବର୍ତ୍ତନକୁହିଁ ଅତ୍ୟାବଶ୍ୟକ ବୋଲି ଗ୍ରହଣ କରୁଛି ।"

(୨୯ ଏପ୍ରିଲ୍, ୧୯୩୪'ର ପତ୍ର)

ଦ୍ୱିତୀୟ ପ୍ରଶ୍ନଟି ହେଉଛି :

"ଆପଣ କହିଛନ୍ତି ଯେ ଆମ ଯୋଗର ଲକ୍ଷ୍ୟ ହେଉଛି ନିର୍ବାଣକୁ ଅତିକ୍ରମ କରି ଆହୁରି ସେପାଖକୁ ଯାଇପାରିବା, ମାତ୍ର ଏଠି ଆଶ୍ରମରେ ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିର୍ବାଣରେ ମଧ୍ୟ ଯାଇ ପହଞ୍ଚି ପାରିଛନ୍ତି ଅଥବା ସେଠାରେ ପହଞ୍ଚିବାକୁ ଚେଷ୍ଟା କରିଛନ୍ତି । ସେହି ନିର୍ବାଣ ପର୍ଯ୍ୟନ୍ତ ବି ଯାଇ ପାରିବାକୁ ହେଲେ ଆମକୁ ଅହଂ ଛାଡ଼ିବାକୁ ହେବ, ବାସନା ତ୍ୟାଗ କରିବାକୁ ପଡ଼ିବ । ଏପରି କ'ଣ ପ୍ରକୃତରେ କୁହାଯାଇ ପାରିବ ଯେ ଆଶ୍ରମର ଅତି ଅଳ୍ପସଂଖ୍ୟକ ସାଧକ ମଧ୍ୟ ସେତିକି ହାସଲ କରିବାରେ ସଫଳତା ଲାଭ କରିଛନ୍ତି ? ଅବଶ୍ୟ ଏହା ନିଶ୍ଚିତ କଥା ଯେ ପ୍ରତ୍ୟେକ ବ୍ୟକ୍ତି ଏଥିଲାଗି ଅବଶ୍ୟ କୌଣସି ନା କୌଣସି ଉଦ୍ୟମ କରୁଥିବେ । ତେବେ ସେମାନେ ସଫଳ ହୋଇ

'oaob.nitrkl.ac.in' images reprocessed

ପାରୁ ନାହାନ୍ତି କାହିଁକି ? ଏହାର କାରଣ କ'ଣ ଏପରି ବି ହୋଇ ପାରେ ଯେ, କିଛି ବାଟ ଉଦ୍ୟମ କରିବା ପରେ ସେମାନେ ଲକ୍ଷ୍ୟ ବିଷୟରେ ବିସ୍ମୃତ ହୋଇ ଯାଉଛନ୍ତି ଏବଂ ଠିକ୍ ଏକ ସାଧାରଣ ଜୀବନଯାପନ କରିବା ପରି ଏଠାରେ ଜୀବନ ବଞ୍ଚୁଛନ୍ତି ?"

ଏହି ପ୍ରଶ୍ନଟିର ଉତ୍ତର :

"ମୁଁ ଭାବୁଛି, ଯଦି ନିର୍ବାଣକୁହିଁ ଈପ୍‌ସିତ ଲକ୍ଷ୍ୟରୂପେ ସେମାନଙ୍କ ଆଗରେ ଆଣି ରଖାଯାଇଥାନ୍ତା, ତେବେ ସେଥିଲାଗି ନିଶ୍ଚୟ ଅଧିକ ସଂଖ୍ୟକ ବ୍ୟକ୍ତି ଉପଯୁକ୍ତ ହୋଇପାରିଥାନ୍ତେ । କାରଣ, ଏଠାରେ ଆମେ ଆମ ଆଗରେ ଯେଉଁ ଲକ୍ଷ୍ୟଟିକୁ ରଖିଛୁ, ନିର୍ବାଣର ଲକ୍ଷ୍ୟ ସେଇଟିଠାରୁ ଅପେକ୍ଷାକୃତ ଅଧିକ ସହଜ—ଏବଂ ସେହି ଗାରରେ ଯାଇ ପହଞ୍ଚିବା ସେମାନଙ୍କ ପାଇଁ ଆଦୌ କଷ୍ଟକର ହୋଇ ନ ଥାନ୍ତା । ଏଠାରେ ଥିବା ସାଧକମାନେ ସବୁପ୍ରକାରର ଅଛନ୍ତି, ଏବଂ ସେମାନେ ସାଧନାର ସକଳ ସୋପାନରେ ରହିଛନ୍ତି । ମାତ୍ର, ଯେଉଁମାନେ କିଛି ଅଗ୍ରଗତି କରିଛନ୍ତି, ସେମାନଙ୍କ ଲାଗି ମଧ୍ୟ ବାହ୍ୟ ମନୁଷ୍ୟଟିହିଁ ଅସଲ ବାଧା ହୋଇ ରହିଛି । ଏପରିକି, ଯେଉଁମାନେ ପୁରାତନ ଆଦର୍ଶଟିର ଅନୁସରଣ କରୁଛନ୍ତି, କିଛି ନା କିଛି ଉପଲବ୍ଧି କରିସାରିବା ପରେ ମଧ୍ୟ ସାଧକ ମଧ୍ୟରେ ରହିଥିବା ବାହ୍ୟ ମନୁଷ୍ୟଟି ପ୍ରାୟ ଯେମିତି ଥିଲା ସେମିତି ହୋଇ ରହିଛି । ଅନ୍ତଃ-ସତ୍ତା ମୁକ୍ତିଲାଭ କରୁଛି, ମାତ୍ର ବାହ୍ୟସତ୍ତାଟି ତଥାପି ଆପଣାର ପୂର୍ବନିର୍ଦ୍ଧାରିତ ପ୍ରକୃତିକୁ ଅନୁସରଣ କରିବାରେ ଲାଗିଛି । ବାହ୍ୟ ମନୁଷ୍ୟଟି ବି ବଦଳି ପାରିଲେ ଯାଇ ଆମର ଯୋଗ ସଫଳ ହେବ, ମାତ୍ର ତାହାହିଁ ହେଉଛି ସବୁଠାରୁ ଅଧିକ କଷ୍ଟକର । କେବଳ ଜଡ଼ ପ୍ରକୃତିର ପରିବର୍ତ୍ତନ ଦ୍ୱାରହିଁ ତାହା ସମ୍ଭବ ହେବ; ପ୍ରକୃତିର ଏହି ନିମ୍ନତମ ଭାଗରେ ସର୍ବୋଚ୍ଚ ଆଲୋକର ଅବତରଣ ଦ୍ୱାରା ଏହା ସମ୍ଭବ ହେବ । ବର୍ତ୍ତମାନ ଠିକ୍ ଏହି କ୍ଷେତ୍ରରେହିଁ ସଂଗ୍ରାମ ଚାଲିଛି । ଏଠାରେ ଥିବା ଅଧିକାଂଶ ସାଧକଙ୍କର ଅନ୍ତର୍ଗତ ସତ୍ତା, ଏବେ ମଧ୍ୟ ଯେତେ ଅପୂର୍ଣ୍ଣ ରହିଥିଲେ ବି ସାଧାରଣ ମନୁଷ୍ୟର ଅନ୍ତର୍ଗତ ସତ୍ତାଠାରୁ ଭିନ୍ନ ଧରଣର ହୋଇ

'oaob.nitrkl.ac.in' images reprocessed

ରହିଛି । ମାତ୍ର ବାହ୍ୟ ଜଗତଟି ତଥାପି ସେହି ପୁରୁଣା ରୀତି, ଆଚରଣ ଏବଂ ଅଭ୍ୟାସଗୁଡ଼ାକୁ ଜାବୁଡ଼ି କରି ଧରିଛି । ଏପରିକି ଅନେକ ସାଧକ ସେହି ଜଗତରେ ଏକ ପରିବର୍ତ୍ତନର ପ୍ରୟୋଜନ ବିଷୟରେ ମଧ୍ୟ ଜାଗରୂକ ହୋଇପାରି ନାହାନ୍ତି । ଯେତେବେଳେ ଏଇଟି ଉପଲବ୍‌ଧ ଏବଂ ସମ୍ପନ୍ନ ହୋଇଯାଇ ପାରିବ, ସେତେ-ବେଳେ ଯାଇ ଏହି ଯୋଗ ଆଶ୍ରମରେହିଁ ତାହାର ସମ୍ପୂର୍ଣ୍ଣ ପରିଣାମକୁ ସମ୍ଭବ କରିଆଣି ପାରିବ, ତା'ପୂର୍ବରୁ ତାହା ଆଦୌ ସମ୍ଭବ ହେବ ନାହିଁ ।"

(୩୦ ଏପ୍ରିଲ୍, ୧୯୩୪ର ପତ୍ର)

ଏହା ହେଉଛି ବସ୍ତୁତଃ ଆଗାମୀ ବର୍ଷ ଲାଗି ଏକ କାର୍ଯ୍ୟକ୍ରମ । ମୁଁ ଆଶା କରୁଛି ଯେ, ଏଠାରେ ଅନେକ ବ୍ୟକ୍ତି ଆପଣାର ବାହ୍ୟ ଜୀବନକୁ ସେମାନଙ୍କର ଗଭୀରତର ଅଭୀପ୍ସାରହିଁ ଏକ ଯଥାର୍ଥ ଅଭିବ୍ୟକ୍ତିରେ ପରିଣତ କରିବା ଲାଗି ଚେଷ୍ଟା କରିଛନ୍ତି ବୋଲି ମୁଁ ପରବର୍ତ୍ତୀ ବର୍ଷ କହିବାକୁ ସମର୍ଥ ହେବି । ବର୍ତ୍ତମାନ ସେଭଳି ବ୍ୟକ୍ତି ଆଦୌ ବହୁସଂଖ୍ୟାରେ ନାହାନ୍ତି ।

ବର୍ତ୍ତମାନ ଆମେ ଯେହେତୁ ପ୍ରତିବନ୍ଧକଗୁଡ଼ିକ ବିଷୟରେ ଚର୍ଚ୍ଚା କରୁଛୁ, ସେଥିପାଇଁ ମୁଁ ତୁମମାନଙ୍କୁ ଦୁଇଟି କଥା ପଢ଼ି ଶୁଣାଇବି ଯାହାକି ତୁମମାନଙ୍କୁ ଯଥାର୍ଥ ଚେତନା ସମ୍ବନ୍ଧରେ ଏକ କ୍ଷୁଦ୍ର ଆଭାସ ଦେଇଯାଇ ପାରିବ,—ଯେଉଁ ଚେତନା ସକଳ ପ୍ରତିବନ୍ଧକରୁ ମୁକ୍ତ ହୋଇ ରହିଛି ଓ ଯାବତୀୟ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ଅଛି, ତାହାର ବିଷୟରେ ଏକ ଧାରଣା ଦେଇଦିବ ।

ସେଥିମଧ୍ୟରୁ ପ୍ରଥମଟି ହେଉଛି,—ସମ୍ଭବତଃ ତୁମେମାନେ ଏହାକୁ ଆଗରୁ ପଢ଼ିଛ; ମାତ୍ର ତୁମେମାନେ ତାହାକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିଛ ବୋଲି ମୋର ମନେ ହେଉ ନାହିଁ । ଏହାର ନାମ ହେଉଛି :

## ପ୍ରତ୍ୟେକ ଦିନ

### ଟିକିଏ ବେଶୀ

ଦିନଟିଏ ଆସୁଛି ଏବଂ ଅର୍ଦ୍ଧମୃତ ସବୁକିଛି
ସମ୍ପାଦିତ ହୋଇଯାଉଛି;
ଦିନଟିଏ ଆସୁଛି ଏବଂ ଅସମ୍ପୂର୍ଣ୍ଣ ସବୁକିଛି
ଆରମ୍ଭ ହୋଇଯାଉଛି ।

'oaob.nitrkl.ac.in' images reprocessed

ମାର୍ଗଟି ସାନ ଏବଂ ଲକ୍ଷ୍ୟଟି ମହାନ,
ଏବଂ ଏକ ସ୍ପର୍ଶ, ଯାହାଙ୍କ ଦିବ୍ୟ ସମଗ୍ରର
ପରିଚୟ ଦେଇଯାଉଛି ॥
ଆମେ ପର୍ବତ ପରେ ପର୍ବତ ଆରୋହଣ କଲୁ,
ଏବଂ ବର୍ତ୍ତମାନ —
ବର୍ତ୍ତମାନ ସେହି ସର୍ବଶେଷ ବିପୁଳ ଶିଖରକୁ
ଅନାଇ ଦେଖ,
ସେହି ମହାନ୍ ଶିଳା, ଯାହା ଉପରେ କି
କେହି ପାଦ ପକାଇ ନାହାନ୍ତି :
ଆଉ ଗୋଟିଏ ଖୋଜ, ତା'ପରେ ସବୁକିଛି —
କେବଳ ଗଗନ-ମଣ୍ଡଳ ଓ ଭଗବାନ୍ ।*
— ଶ୍ରୀଅରବିନ୍ଦ

ଏବଂ ତା'ପରେ :

ଜୀର୍ଣ୍ଣ ପରିଚ୍ଛଦରେ ମଧ୍ୟ ମୁଁ ଏକ ଈଶ୍ୱର;
ଭୂପତିତ ହୋଇଥିଲେ ମଧ୍ୟ ଦିବ୍ୟ;
ପଦଦଳିତ ହୋଇ
ମୁଁ ଏକ ଉତ୍ତୁଙ୍ଗ ବିଜୟୀ,
ହତ ହୋଇ ମୁଁ ଯାର୍ଶ୍ୱଜୀବୀ ।
—ଶ୍ରୀଅରବିନ୍ଦ

["ଜୀବନ" କବିତାର ଗୋଟିଏ ପଦ ।
କବିତା-ସଂକଳନ, ଶତବାର୍ଷିକୀ ସଂସ୍କରଣ, ପଞ୍ଚମ ଖଣ୍ଡ, ପୃ.୯୫]

ବୁଝିଲ ?

**ମୁଁ କହୁଥିଲି ଯେ, ଯଦି କାହାର କୌଣସି "ଯୁକ୍ତିଯୁକ୍ତ" ପ୍ରଶ୍ନ ଥିବ, ତେବେ ମୁଁ କେବଳ ତାହାର ଉତ୍ତର ଦେଇ ପାରିବି ।**

ମାନବୀୟ କେଉଁ ଇଚ୍ଛାଟି ବର୍ତ୍ତମାନ ଦିବ୍ୟ ପରମ ଇଚ୍ଛାର ବିଶେଷ ଭାବରେ ବିରୋଧୀ ହୋଇ ରହିଛି ?

*କବିତା-ସଂକଳନ, ଶତବାର୍ଷିକୀ ସଂସ୍କରଣ, ୫ମ ଖଣ୍ଡ, ପୃଷ୍ଠା—୧୦୧

'oaob.nitrkl.ac.in' images reprocessed

ତୁମେ କେଉଁ ଦୃଷ୍ଟିକୋଣରୁ ବୋଲି ପଚାରୁଛ କି ?

ମନୁଷ୍ୟର ଯାହାକିଛି ଇଚ୍ଛା ଦିବ୍ୟ ପରମ ଇଚ୍ଛାର ବିରୋଧୀ ହୋଇ ରହିଥାଏ, ତାହାକୁ ଏକ ଦିବ୍ୟତା-ବିରୋଧୀ ଇଚ୍ଛା ବୋଲି କୁହାଯାଇ ପାରିବ । ବାସ୍‌, ସେତିକି । ତାହା କାହା ଭିତରେ ଅଭିବ୍ୟକ୍ତ ଲାଭ କଲା, ସେଥିରେ କିଛି ଯାଏ ଆସେ ନାହିଁ । ଏପରିକି, ତୁମ ଭିତରେ ମଧ୍ୟ—

ଦିବ୍ୟ ଜୀବନରେ କୌଣସି ଦଳୀୟ ରାଜନୀତି ନାହିଁ । (ସମସ୍ତେ ହସିଲେ) ସେଥିରେ କେବଳ ଚେତନାରହିଁ ବିଭିନ୍ନ ଅବସ୍ଥା ରହିଛି ।

(ଜଣେ ପିଲାକୁ) ତୁମେ କିଛି ପଚାରିବ କି ?

ନାଇଁ, ମାଆ, ଆପଣ ସେହି ଦୁଇଟିଯାକ କବିତାର ଅର୍ଥ ବୁଝାଇ ଦେବେ କି ?

ବୁଝାଇ ଦେବି ? ଏହାର କୌଣସି ବ୍ୟାଖ୍ୟା ନାହିଁ । ସେଗୁଡ଼ିକ ତ ସ୍ୱୟଂ ଆପଣାର ବ୍ୟାଖ୍ୟା କରି ଦେଉଛନ୍ତି, ଅତି ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରି ଦେଉଛନ୍ତି । ଏହା କବିତା—ଏହାର ବ୍ୟାଖ୍ୟା କରାଯାଇ ପାରିବ ନାହିଁ । ତୁମକୁ ତାହା ଅନୁଭବ କରିବାକୁ ହେବ, ସେବିଷୟରେ ଯୁକ୍ତି ଦେଇ ଭାବିବାକୁ ହେବ ନାହିଁ । କବିତାରୁ ଯେଉଁ ପ୍ରେରଣା ମିଳେ, ତାହା ହେଉଛି ଯୁକ୍ତିବୁଦ୍ଧିର ବାହାରେ । ତେଣୁ ତୁମେ ତାହାକୁ କଦାପି ଯୁକ୍ତିର ରାଜ୍ୟକୁ ଆଣିବା ଲାଗି ଚେଷ୍ଟା କରିବ ନାହିଁ । କାରଣ ତଦ୍ୱାରା ତାହାର ମର୍ମଟିହିଁ ନଷ୍ଟ ହୋଇଯିବ । ଅଧିକତର ପରିମାଣରେ ଏହାକୁ ଅନୁଭବ କରିବାକୁ ହୁଏ··· ଶବ୍ଦ ଅପେକ୍ଷା ଅନେକ ଅଧିକ ପରିମାଣରେ ଏକ ଅନ୍ତର୍ଗତ ସଂଯୋଗସ୍ଥାପନ ଦ୍ୱାରାହିଁ ତାହାକୁ ବୁଝିବା ସମ୍ଭବ ହେବ ।

ମାଆ, ଚଉଦମାସ ପରିବର୍ତ୍ତେ ବାରମାସ ହେବ ନାହିଁ କାହିଁକି ?

ହଁ, ତୁମେ ସେକଥା ପଚାରୁଛ ? କେତେକ ଲୋକ ଅଛନ୍ତି, ଯେଉଁମାନେ କି ନକ୍ଷତ୍ରମାନଙ୍କ ଉପରେ ବିଶ୍ୱାସ କରନ୍ତି । ସେମାନେ ତୁମକୁ "ନକ୍ଷତ୍ରମାନଙ୍କୁ ପଚାର" ବୋଲି କହିବେ । ଏହା ସେହିପରି କଥା ! ବଡ଼ ହେବା ସକାଶେ ତୁମକୁ ନିର୍ଦ୍ଦିଷ୍ଟ କେତେ ବର୍ଷ ଅପେକ୍ଷା କରିବାକୁ ପଡ଼େ କାହିଁକି ? କାରଣ, ବସ୍ତୁଗୁଡ଼ିକର ପ୍ରକୃତିହିଁ ସେହିପରି ହୋଇ ରହିଥାନ୍ତି । ଏହି କ୍ଷେତ୍ରରେ, ଏହି ଦ୍ୱାଦଶଟିର ପ୍ରକୃତି ମଧ୍ୟ ସେହିପରି ହୋଇ ରହିଛି । ଅର୍ଥାତ୍‌, ଯଥାର୍ଥ ଫଳଟିକୁ ଲାଭ କରିବାକୁ ହେଲେ ଶକ୍ତିଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ବିକାଶର ପ୍ରୟୋଜନ ରହିଥାଏ । ଏବଂ, ଶକ୍ତିଗୁଡ଼ିକ ବିକଶିତ ହେବାର ଏହି ଅବଧିଟି ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ମାସ ଯାଏ ବିସ୍ତୃତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ମାଆ, ଏଠାରେ ଲେଖାହୋଇଛି : ଅନ୍ତିମ ବିଜୟ ସୁନିଶ୍ଚିତ* । ଯଦି ତାହା ଦିବ୍ୟ ପରମ ସତ୍ତ୍ୱଙ୍କର ଇଚ୍ଛାହିଁ ହୋଇଥାଏ, ତେବେ ପ୍ରତ୍ୟେକ ବିଜୟ ସୁନିଶ୍ଚିତ ହେବ ନାହିଁ କାହିଁକି ?

(ମାଆ ପ୍ରଶ୍ନଟିକୁ ଭଲକରି ଶୁଣିପାରି ନ ଥିବାରୁ ପିଲାଟି ଆଉଥରେ କହିଲା) ଯଦି ତାହା ଦିବ୍ୟ ପରମସତ୍ତ୍ୱଙ୍କର ଇଚ୍ଛା ହୋଇଥାଏ, ତେବେ ପ୍ରତ୍ୟେକ ବିଜୟ ନ ହୋଇ କେବଳ ସର୍ବଶେଷ ବିଜୟଟି ସୁନିଶ୍ଚିତ ହେବ କାହିଁକି ?

ନାହିଁ — ଏହାର ଅର୍ଥ ଆଦୌ ସେପରି ନୁହେଁ । ଏହାର ଅର୍ଥ ହେଉଛି, ଶେଷରେ ବିଜୟ ସୁନିଶ୍ଚିତ । ବିବିଧ ଘଟନା ଏବଂ ଉତ୍ଥାନପତନର ପ୍ରବାହ, ଯାବତୀୟ ବାଧା ଏବଂ ବିଭିନ୍ନ ସଂଘାତର ଭିନ୍ନ ଭିନ୍ନ ସମସ୍ୟା ଯାହା ହୋଇଥାଉ ପଛକେ, ଏହି ସମଗ୍ର ଗଡ଼ପଡ଼ିଟିର ଶେଷରେ ବିଜୟ ସୁନିଶ୍ଚିତ ଭାବରେ ଆସିବ; କାରଣ ସେହି ଦିବ୍ୟ ପରମସତ୍ତ୍ୱହିଁ ସୁନିଶ୍ଚିତ ଭାବରେ ବିଜୟୀ ହେବେ । ଏଥିଲାଗି ଅଧିକ ସମୟ ଲାଗିପାରେ, ଅପେକ୍ଷାକୃତ ଅଳ୍ପ ସମୟ ବି ଲାଗିପାରେ । ମୁଁ କହୁଛି, —ଇଂରାଜୀରେ ମୁଁ finally ଶବ୍ଦ ବ୍ୟବହାର କରୁଛି : ମୁଁ କହୁଛି ଯେ ଶେଷରେ କୌଣସି ମନୁଷ୍ୟସ୍ରଷ୍ଟାୟ ଇଚ୍ଛା ଦିବ୍ୟ ପରମ ଇଚ୍ଛା ସମ୍ମୁଖରେ ଠିଆ ହୋଇପାରିବ ନାହିଁ । ଶେଷରେ ଅର୍ଥାତ୍ ଯାବତୀୟ ସବୁକିଛି ସତ୍ତ୍ୱେ ·· ଆମେ ତାହାକୁ ହୁଏତ ଦିବ୍ୟ ଧୈର୍ଯ୍ୟ ବୋଲି କହିପାରିବା । ଯାବତୀୟ ଦିବ୍ୟ ଧୈର୍ଯ୍ୟ ସତ୍ତ୍ୱେ, ଏପରି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ରହିଥାଏ ଯେତେବେଳେ କି ମନୁଷ୍ୟ-ଇଚ୍ଛାର ଆଉ ଆଦୌ କୌଣସି ବଳ ରହେ ନାହିଁ ଏବଂ ଦିବ୍ୟ ପରମ ଇଚ୍ଛାହିଁ ପ୍ରତିଷ୍ଠିତ ହୁଏ ।

ଆମେ ସମୟକୁ ଆମର କ୍ଷୁଦ୍ର ମନୁଷ୍ୟ-ମାପକାଠିରେ ମାପିବାରେ ଲାଗିଥାଉ । ମାତ୍ର ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଦିବ୍ୟ ଶକ୍ତିଗୁଡ଼ିକର ମାପକାଠି ଆମ ମାପକାଠି ଠାରୁ ସର୍ବଦା ଅଲଗା ହୋଇ ରହିଥାଏ; ଏବଂ, ଆମକୁ ଯାହା ହୁଏତ ଦୀର୍ଘ ଏବଂ ଅନିଶ୍ଚିତ ପରି ମନେହୁଏ, ସେହି ଶକ୍ତିଗୁଡ଼ିକ ଲାଗି ତାହା ସବୁଠାରୁ ଅଧିକ ସରଳ ରାସ୍ତା ହୋଇ ରହିଥାଏ; ଯାବତୀୟ ସବୁକିଛି ସତ୍ତ୍ୱେ ସେଠାରେ ଯାଇ ପହଞ୍ଚିବାର ସିଧା ରାସ୍ତା ହୋଇ ରହିଥାଏ । ଯେତେବେଳେ ଉପଲବ୍ଧ ପରିସ୍ଥିତିଗୁଡ଼ିକର ପରିପ୍ରେକ୍ଷୀରେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ଲାଗି ତାହାହିଁ ସବୁଠାରୁ ଅଧିକ ସିଧା ରାସ୍ତା ହୋଇ ରହିଥାଏ : ଏହି ଲକ୍ଷ୍ୟ ହେଉଛି, ଯାହାକିଛି ହେଉ ପଛକେ, ଦିବ୍ୟ ପରମ ଇଚ୍ଛାର ଅଭିବ୍ୟକ୍ତି । ତେଣୁ, ଉଦାହରଣ-ସ୍ୱରୂପ, ଯାହା ଆମକୁ ହୁଏତ ଏକ ଅନିଶ୍ଚିତ, ଅତିବଙ୍କା ଓ ଅତିଦୀର୍ଘ ରାସ୍ତା ପରି ବୋଧ ହେଉଥାଏ, ତାହା ସେପରି ବୋଧ ହୁଏ, କାରଣ ଆମେ କଦାପି ସମଗ୍ର

* ପିଲାଟି ପର୍ବରୀ ବାକ୍ୟଟିକୁ ବୁଝିପାରି ନ ଥିଲା ଏବଂ ତେଣୁ ତାହାକୁ ଏହିପରି ଅର୍ଥରେ ବୁଝିଥିଲା ।

'oaob.nitrkl.ac.in' images reprocessed

ଚଳଣିକୁ ଦେଖିପାରୁ ନାହିଁ, କାରଣ ଆମେ ତାହାର କେବଳ ଗୋଟିଏ କ୍ଷୁଦ୍ର ଅଂଶକୁହିଁ ଦେଖୁ, ଆମର ଅନ୍ଦାଜ ଓ ଅନୁପାତ ଅନୁସାରେହିଁ ତାହାକୁ ଦେଖୁ । ଆମର ଦୃଷ୍ଟି ଅତ୍ୟନ୍ତ ଅଳପ ହୋଇ ରହିଥାଏ, ପଛକୁ ଓ ଆଗକୁ ଆମେ ପ୍ରକୃତରେ ଅତି ଅଳ୍ପ ଦେଖି ପାରୁଥାଉ । ଏଠାରେ ମୁଁ ମନୁଷ୍ୟର ସେହି ସାଧାରଣ ଦୃଷ୍ଟିଟି ବିଷୟରେ କହୁଛି । ଉଦାହରଣସ୍ୱରୂପ, କୋଟିକରେ ଗୋଟିଏ ବି ଏପରି ମନୁଷ୍ୟ ନ ଥିବେ, ଯିଏକି ମାତ୍ର ଦଶବର୍ଷ ପରେ ତାଙ୍କ ଜୀବନରେ କ'ଣସବୁ ଘଟିବ, ସିଏ ସେହିକଥା କହିଦେଇ ପାରିବେ । ଅବଶ୍ୟ ଏକଥା ସତ ଯେ, ସିଏ ଆପଣା ଜୀବନକୁ ସୁସଂଗଠିତ କରି ରଖିବାକୁ ଉଦ୍ୟମ କରି କେତେ କେତେ ଯୋଜନା ଓ ମସୁଧା କରିବାରେ ଲାଗିଥିବେ । ମାତ୍ର ପ୍ରକୃତରେ କ'ଣ ଘଟିବ, ସିଏ ସେବିଷୟରେ ସୁନିଶ୍ଚିତ ଭାବରେ କିଛି କହିପାରିବେ ନାହିଁ, କାରଣ ତାଙ୍କର ଦୃଷ୍ଟି ଅତ୍ୟନ୍ତ ଅଳ୍ପଦୂରପ୍ରସାରୀ ହୋଇ ରହିଥିବ । ମାତ୍ର ଦିବ୍ୟସତ୍ତାଙ୍କର ଦୃଷ୍ଟି ଆଦୌ ସେପରି ନୁହେଁ ।

ଏହି ମନୁଷ୍ୟଦୃଷ୍ଟି ଅତ୍ୟନ୍ତ କ୍ଷୁଦ୍ର, ପ୍ରସାରରେ ଅତ୍ୟନ୍ତ ସୀମିତ ଏବଂ ଅତ୍ୟନ୍ତ ପରିମାଣରେ ଏକପ୍ରସ୍ଥଯୁକ୍ତ । ଅର୍ଥାତ୍, ତା'ର ବୋଧଟି ଅନୁସାରେ ଘଟଣାଗୁଡ଼ିକ ଗୋଟିଏ ଗୋଟିକୁ ଅନୁସରଣ କରି ଘଟନ୍ତି । ମାତ୍ର ଦିବ୍ୟସତ୍ତାଙ୍କର ଦୃଷ୍ଟି ହେଉଛି ଏକ ସାର୍ବଭୌମ ଦୃଷ୍ଟି ଏବଂ ଯାବତୀୟ ସମସ୍ୟାକୁ ଏହା ତାହାର ସକଳ ସମଗ୍ରତା ସହିତ ଦେଖିପାରେ; କେବଳ ଉପରିଭାଗରେ ଦେଖେ ନାହିଁ, ଗଭୀରତା ମଧ୍ୟଦେଇ ବି ଦେଖେ । ସେଥିରେ ସମସ୍ୟାଟିର ଯାବତୀୟ ଉପାଦାନ ଅନ୍ତର୍ଗତ ହୋଇ ରହିଥାଏ ଏବଂ ତାହାର ସମାଧାନ କଲାବେଳେ ତାହା କୌଣସି ଗୋଟିଏ ପ୍ରସଙ୍ଗକୁ ମଧ୍ୟ ମୋଟେ ଭୁଲି ଯାଏ ନାହିଁ । ମନୁଷ୍ୟ କେବଳ ଏକ ସରଳରେଖାରେ ଯାଏ; ଏବଂ, ତା'ର ସେହି ସରଳରେଖାର ବାହାରେ ଯାହା ରହିଥାଏ ଏବଂ ଯାହା ଲାଗି ସିଏ ଆଦୌ କୌଣସି ଅପେକ୍ଷା ରଖି ନଥାଏ. କେବଳ ସେଇ ସବୁକିଛିର ହସ୍ତକ୍ଷେପ କରୁଥିବା ପର୍ଯ୍ୟନ୍ତ ସେଗୁଡ଼ିକର ଆଦୌ କୌଣସି ସମାଧାନ ହୋଇପାରେ ନାହିଁ । ମାତ୍ର ଅନ୍ୟପକ୍ଷରେ, ଦିବ୍ୟ ପରମସତ୍ତାଙ୍କର ଯାତ୍ରା ହେଉଛି ଏକ ସାର୍ବଭୌମ ଯାତ୍ରା, ତାହା ଏହି ସମ୍ପୂର୍ଣ୍ଣ ବିଶ୍ୱକୁହିଁ ତାହାର ସମ୍ପୂର୍ଣ୍ଣ ପରିପ୍ରେକ୍ଷୀଗୁଡ଼ିକ ସହିତ ଗ୍ରହଣ କରିଥାଏ ଏବଂ ଏହି ବିଶ୍ୱର ଦୃଷ୍ଟିରୁ ଓ ଉପସ୍ଥିତ ପରିସ୍ଥିତିଗୁଡ଼ିକର ଦୃଷ୍ଟିରୁ ତାହା ସବୁଠାରୁ ଅଧିକ ସରଳ ମାର୍ଗରେହିଁ ଅଗ୍ରସର ହେବାରେ ଲାଗିଥାଏ । ଏବଂ, ଯେଉଁ ମାର୍ଗ ସବୁଠାରୁ ଅଧିକ ସରଳ, ତାହା ବୃତ୍ତାକାର ମଧ୍ୟ ହୋଇପାରେ; ତାହା ଯେ ସର୍ବଦା ଏକ ସରଳରେଖାହିଁ ହେବ, ସେଥିରେ କୌଣସି କଥା ନାହିଁ ।

ମାଆ, ଆପଣ କହିଲେ ଯେ ପରବର୍ତ୍ତୀ ବର୍ଷଟି ଏକ କଠିନତାପୂର୍ଣ୍ଣ ବର୍ଷ ହେବାକୁ ଯାଉଛି । ଏହା କ'ଣ···

'oaob.nitrkl.ac.in' images reprocessed

ହଁ, ହଁ — ପରବର୍ତ୍ତୀ ବର୍ଷଟି ··· ଆଉ ମାତ୍ର କେତେ ଘଣ୍ଟା ପରେ ! (ସମସ୍ତେ ହସିଲେ) ତେବେ କ'ଣ ହେଲା ?

ତାହା ଆଶ୍ରମ ସକାଶେ କଠିନତାପୂର୍ଣ୍ଣ ବର୍ଷ ହେବ ନା ଭାରତ ତଥା ସମଗ୍ର ପୃଥିବୀ ଲାଗି ମଧ୍ୟ ସେହିଭଳି ଏକ ବର୍ଷ ହୋଇ ରହିବ ?

ସାଧାରଣ ଭାବରେ ସମସ୍ତଙ୍କ ପାଇଁ ହେବ । ପୃଥିବୀ, ଭାରତବର୍ଷ, ଆଶ୍ରମ ଓ ବ୍ୟକ୍ତି ସମସ୍ତଙ୍କ ପାଇଁ । ପ୍ରତ୍ୟେକର ଧାରଣ୍ଟି ଅନୁସାରେ କଠିନତାପୂର୍ଣ୍ଣ ହେବ, ସମସ୍ତଙ୍କ ଲାଗି କଦାପି ସମାନ ଭାବରେ ସେପରି ହେବ ନାହିଁ । କେତେକ ବସ୍ତୁ ଅନ୍ୟଗୁଡ଼ିକ ଅପେକ୍ଷା ଅପେକ୍ଷାକୃତ ଅଧିକ ସହଜ ମନେ ହେବ । ମାତ୍ର ସାଧାରଣ ଭାବରେ କହିବାକୁ ଗଲେ ଏହା — ଯଦି ତୁମେ ଇଚ୍ଛା କରୁଥାଅ, ତେବେ ମୁଁ ଅବଶ୍ୟ କହିପାରିବି, — ଉପସ୍ଥିତ ପରମ ଉପଲବ୍ଧିଟିର ବିରୁଦ୍ଧରେ ବିଜୟ ହାସଲ କରିବା ଲାଗି ଏହାହିଁ ହେଉଛି ପ୍ରତିକୂଳ ଶକ୍ତିମାନଙ୍କର ଶେଷ ସୁଯୋଗ ଓ ଶେଷ ଆଶା । ଯଦି ଆମେ ଏହି କେତୋଟି ମାସ ଟାଣ ହୋଇ ରହିପାରିବା, ତେବେ ତା'ପରେ ସେମାନେ ଆଉ ବେଶୀକିଛି କରିପାରିବେ ନାହିଁ, ସେମାନଙ୍କର ପ୍ରତିରୋଧ କ୍ରମଶଃ ଭୁଶୁଡ଼ି ଭୁଶୁଡ଼ି ଯିବ । ଅର୍ଥାତ୍ : ଏହା ହେଉଛି ମୂଳତଃ ଆପଣାର ଯଥାସମ୍ଭବ ଅଧିକ ଶକ୍ତି ଲଗାଇ ଦିବ୍ୟ ପରମ ଉପଲବ୍ଧିକୁ ପଛକୁ ଠେଲି ଦେବା ପାଇଁ ଚେଷ୍ଟା କରୁଥିବା ପ୍ରତିକୂଳ ଶକ୍ତି ବା ଦିବ୍ୟତା-ବିରୋଧୀ ଶକ୍ତିମାନଙ୍କ ମଧ୍ୟରେ ଲାଗିଥିବା ଏକ ସଂଘାତ ··· ସେମାନେ ହଜାର ହଜାର ବର୍ଷ ହେଲା ସେହି ଆଶା ପୋଷଣ କରି ଆସିଛନ୍ତି । ଏବଂ ସେହି ସଂଘାତ ବର୍ତ୍ତମାନ ଏକ ସଙ୍କଟ-ବିନ୍ଦୁରେ ଆସି ପହଞ୍ଚିଛି । ଏହା ହେଉଛି ସେମାନଙ୍କର ସର୍ବଶେଷ ସୁଯୋଗ; ଏବଂ, ଯେଉଁମାନେ ସେମାନଙ୍କର ବାହ୍ୟ ଅଭିବ୍ୟକ୍ତିର ପଶ୍ଚାତରେ ରହିଛନ୍ତି, ସେମାନେ ସମ୍ପୂର୍ଣ୍ଣତଃ ସଚେତନ ସତ୍ତା ହୋଇଥିବାରୁ, ସେମାନେ ଭଲ କରି ଜାଣିଛନ୍ତି ଯେ ଏହା ହେଉଛି ସେମାନଙ୍କର ସର୍ବଶେଷ ସୁଯୋଗ । ବର୍ତ୍ତମାନ ସେମାନେ ଏଥିରେ ସେମାନଙ୍କର ସାମ୍ଭାବ୍ୟ ସବୁଯାକ ବଳ ଖଟାଇବେ ଏବଂ ପ୍ରକୃତରେ ଅନେକ କିଛି ଘଟାଇ ମଧ୍ୟ ପାରିବେ । ଏଗୁଡ଼ିକୁ ଆମେ ମୋଟେ ଗୋଟିଏ ଗୋଟିଏ କ୍ଷୁଦ୍ର ମନୁଷ୍ୟ ଚେତନା ବୋଲି ଭାବିବା ନାହିଁ । ସେମାନେ ଗୋଟିଏ ଗୋଟିଏ ମନୁଷ୍ୟ-ଚେତନା ଆଦୌ ନୁହନ୍ତି । ସେମାନେ ଏପରି ଗୋଟିଏ ଗୋଟିଏ ଚେତନା, ଯେଉଁମାନଙ୍କୁ କ ମନୁଷ୍ୟର ଶକ୍ତିସୀମା ସହିତ ତୁଳନା କଲେ, ଶକ୍ତିର କ୍ଷେତ୍ରରେ ପ୍ରାୟ ଦିବ୍ୟ ସ୍ତରର ବୋଲି ମନେ ହେବ; ସେମାନଙ୍କର ବଳ ଓ ଏପରିକି ସେମାନଙ୍କର ଜ୍ଞାନ ମଧ୍ୟ ଦିବ୍ୟ ସ୍ତରର ବୋଲି ମନେ ହେବ । ତେଣୁ ଏହି ସଂଘାତ ଗୋଟିଏ ଭୟଙ୍କର ସଂଘାତ ଏବଂ ତାହା ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଏହି ପୃଥିବୀ ଉପରେହିଁ ସକେନ୍ଦ୍ରିତ କରି ରଖିବ । କାରଣ, ସେହି ଶକ୍ତିମାନେ ଅତ୍ୟନ୍ତ ଭଲ

'oaob.nitrkl.ac.in' images reprocessed

କରି ଜାଣିଛନ୍ତି ଯେ, ଏହି ପୃଥିବୀ ଉପରେହିଁ ସର୍ବପ୍ରଥମ ବିଜୟସ୍ମୃତି ହାସଲ ହେବାକୁ ଯାଉଛି, — ସେହି ମୀମାଂସକ ବିଜୟସ୍ମୃତି, ଏହି ପୃଥିବୀର ଭବିଷ୍ୟତ ଗତିଧାରାକୁ ଯେଉଁ ବିଜୟ ନିର୍ଦ୍ଧାରିତ କରିଦେବ, ସେହି ବିଜୟସ୍ମୃତି ହାସଲ ହେବାକୁ ଯାଉଛି ।

ଯେଉଁମାନେ ବିଶାଳହୃଦୟ ଏବଂ ବସ୍ତୁଗୁଡ଼ିକ ବିପଜ୍ଜନକ ହେବାରେ ଲାଗିଥିବା ସମୟରେ ଯେଉଁମାନେ ତଥାପି ମସ୍ତକକୁ ଉନ୍ନତ କରି ରଖିଥାଆନ୍ତି, ସେମାନେ ଏହି ଅବସରରେ ଅବଶ୍ୟ ଖୁସୀ ହେବେ । ଏହି ଅବସରଟି ହେଉଛି ଆପଣାର ଊର୍ଦ୍ଧ୍ୱକୁ ଉଠିଯିବାର ଏକ ଅବସର । ବୁଝିଲ ?

ଆମେ ନିଜକୁ ସେହି ଦିବ୍ୟ ପରମ ଇଚ୍ଛା ରୂପେ କିପରି ପରିବର୍ତ୍ତିତ କରିଦେଇ ପାରିବା ?

ଆମେ ନିଜ ଇଚ୍ଛାକୁ କିପରି ଦିବ୍ୟ ପରମ ଇଚ୍ଛାରେ ପରିବର୍ତ୍ତିତ କରିଦେଇ ପାରିବା ? ତୁମର ପ୍ରଶ୍ନଟି ମୁଁ ବୁଝିପାରୁ ନାହିଁ ।

(ଆଉଜଣେ ପିଲା, ପୁନରାବୃତ୍ତି କରି) ଆମେ ନିଜେ କିପରି ଦିବ୍ୟ ପରମ ଇଚ୍ଛାରେ ପରିବର୍ତ୍ତିତ ହୋଇଯାଇ ପାରିବା ?

କଥାଟିକୁ ଠିକ୍ ଭାବରେ ବ୍ୟକ୍ତ କରାଯାଇ ନ ଥିଲା ବୋଲି ମୁଁ ବୁଝିପାରୁ ନ ଥିଲି । ପରିବର୍ତ୍ତନ କରିବା, ଅର୍ଥାତ୍ ଆପଣାର ଇଚ୍ଛାକୁ ଦିବ୍ୟ ପରମ ଇଚ୍ଛାକୁ ରୂପାନ୍ତରିତ କରିଦେବା ? ତୁମେ କଥାଟିକୁ ସେହିପରି କହିବାକୁ ଚାହୁଁଛ କି ?

ତେବେ, ସର୍ବପ୍ରଥମେ ସେଥିଲାଗି ଇଚ୍ଛା କରିବାକୁ ହେବ । ତା'ପରେ ଏକ ଦୃଢ଼ ଅଭୀପ୍ସା ପୋଷଣ କରିବାକୁ ହେବ । ତା'ପରେ ସେଥିଲାଗି ଅନବରତ ଇଚ୍ଛା କରିବାକୁ ପଡ଼ିବ, ଅନବରତ ଅଭୀପ୍ସା କରିବାକୁ ହେବ; ଅସୁବିଧାର ସମ୍ମୁଖୀନ ହେବା ମାତ୍ରକେ ତାହାକୁ କଦାପି ଛାଡ଼ିଦେବ ନାହିଁ, ଏବଂ ସଫଳତା ହାସଲ କରିବା ପର୍ଯ୍ୟନ୍ତ ତାହା କରିବାକୁ ପଡ଼ିବ । ବାସ୍, ଏତିକି କଥା । ଏବଂ ତା'ପରେ, ଆଉ କେତେଗୁଡ଼ିଏ କଥାର ପ୍ରୟୋଜନ ମଧ୍ୟ ରହିଛି । ଉଦାହରଣସ୍ୱରୂପ, ତୁମେ ସ୍ୱାର୍ଥପର ହେବ ନାହିଁ, କ୍ଷୁଦ୍ର ଓ ସଂକୀର୍ଣ୍ଣ ମନ ରଖିବ ନାହିଁ, କୌଣସି ପ୍ରକାର ବିଶେଷ ଅଭିରୁଚି ସହିତ ଜୀବନ ବଞ୍ଚିବ ନାହିଁ, — କୌଣସି ବାସନା ରଖିବ ନାହିଁ ଏବଂ କୌଣସି ମନଃପ୍ରସୂତ ବିଶେଷ ମତ ବି ପୋଷଣ କରିବ ନାହିଁ । ଏହିପରି ଅନେକ କଥା । ଏହା ହେଉଛି ବେଶ୍ ଗୋଟିଏ ଦୀର୍ଘ ପ୍ରକ୍ରିୟା, କାରଣ ତୁମକୁ ନିଜର ଏହି ସାଧାରଣ ପ୍ରକୃତିଟିକୁ ବଦଳାଇ ଦେବାକୁହିଁ ପଡ଼ିବ । ଏଇଟି ହେଉଛି ପ୍ରଥମ ସର୍ତ୍ତ ।

ଆପଣା ମନର ସକଳ ସୀମା ଓ ବାଡ଼କୁ ଭାଙ୍ଗିଦେବା, ନିଜ ପ୍ରାଣିକ ମଧ୍ୟରେ ରହିଥିବା ଯାବତୀୟ ବାସନାକୁ ଚୂର୍ଣ୍ଣ କରିଦେବା ଏବଂ ନିଜ ଭୌତିକ ପ୍ରକୃତିର

'oaob.nitrkl.ac.in' images reprocessed

ଯାବତୀୟ ରୁଚିଅଭିରୁଚିର ବନ୍ଧନକୁ ଭାଙ୍ଗିଦେବା । ତେବେ ଯାଇ ଦିବ୍ୟ ପରମ ଇଚ୍ଛା ସହିତ ସମ୍ପର୍କରେ ଆସିବା ବିଷୟରେ ଏକ ଆଶାପୋଷଣ କରିଯାଇ ପାରିବ । ଏବଂ ତା'ପରେ, ଏକ ପରବର୍ତ୍ତୀ ସୋପାନରେ, କେବଳ ସେଇଟି ସହିତ ସମ୍ପର୍କରେ ରହିବାହିଁ ଆଦୌ ଯଥେଷ୍ଟ ହେବ ନାହିଁ, ମାତ୍ର ସମ୍ପୂର୍ଣ୍ଣ ଭାବରେ ସେହି ପରମ ଇଚ୍ଛାକୁ ବଞ୍ଚିବାକୁ ପଡ଼ିବ, ଅର୍ଥାତ୍, ଆପଣାର ସମଗ୍ର ସତ୍ତାର ଭୂମିରେ ତାହା ସହିତ ଏକତ୍ୱ ଲାଭ କରିବାକୁ ହେବ । ସେତେବେଳେ ନିଜ ସତ୍ତା ଭିତରେ ଏପରି ଏତେ ଟିକିଏ ବି ଅଂଶ ରହିବ ନାହିଁ ଯାହାକି ଏହି ପକ୍ଷରେ ଥିବ ଓ ଆଉ ଗୋଟିଏ ଅଂଶ ରହିବ ନାହିଁ, ଯାହାକି ସେହି ପକ୍ଷରେ ଯାଇ ରହିଥିବ । ତୁମେ ସମ୍ପୂର୍ଣ୍ଣ ଭାବରେ ଗୋଟିଏ ଇଚ୍ଛାରେହିଁ ପ୍ରତିଷ୍ଠିତ ହୋଇ ରହିଥିବ ।

ମାଆ, ଯେତେବେଳେ କୌଣସି ଅସୁବିଧା ଆସି ପଡ଼ୁଛି, ଦିବ୍ୟ ପରମସତ୍ତା ଯେ ଆମକୁ ତଦ୍ଦ୍ୱାରା ଆମ ପ୍ରକୃତିରେ ଥିବା ଅଭାବଗୁଡ଼ିକ ବିଷୟରେ ସଚେତନ କରାଇବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ତାହାକୁ ଏହି ଅର୍ଥରେ ବୁଝିବାକୁ ହେବ କି ?

ଯଦି ତୁମେ ସେହି ଅସୁବିଧାର ସାମନା କରୁଥିବ, ତେବେ ଏହିକଥାଟିହିଁ ଠିକ୍ । ଅର୍ଥାତ୍, ଯେତେବେଳେ ଏକ ଅସୁବିଧା ସମ୍ମୁଖରେ ଆସି ପଡ଼ୁଥିବ, ତେବେ ଭୀରୁ ପରି ପରାଜୟ ସ୍ୱୀକାର ନ କରି ତୁମେ ଯଦି ତାହା ଉପରେ ଜୟଲାଭ କରିବାକୁ ଚେଷ୍ଟା କରିବ, ତେବେ ତୁମେ ଏହି ବିଷୟରେ ବେଶ୍ ସୁନିଶ୍ଚିତ ହୋଇ ପାରିବ ଯେ ଦିବ୍ୟ ପରମସତ୍ତା ତୁମର ପଶ୍ଚାତରେ ଅଛନ୍ତି । ମାତ୍ର ଯଦି ତୁମେ ଭୀରୁତା ଆଚରଣ କରିବ, ଦିବ୍ୟ ପରମସତ୍ତା ଆଉ ତୁମ ପାଖରେ ନ ଥିବେ । ଅର୍ଥାତ୍, ତୁମର ଭୀରୁତାହିଁ ତୁମଠାରେ ରହିଥିବା ଦିବ୍ୟ ପରମସତ୍ତାଙ୍କ ଡୋରଟିକୁ କାଟି ଦେଇଯିବ । ମାତ୍ର, ଯଦି ତୁମେ ପ୍ରତିରୋଧ କରିବ, ଯଦି ଜୟ କରିବାକୁ ଇଚ୍ଛା କରିବ, ତେବେ ତୁମେ ସୁନିଶ୍ଚିତ ଭାବରେ ଜାଣି ରଖିଥିବ ଯେ ଦିବ୍ୟ ପରମସତ୍ତା ତୁମକୁ ସାହାଯ୍ୟ କରିବା ଲାଗି ତୁମ ପାଖରେ ଉପସ୍ଥିତ ରହିଛନ୍ତି । ଏଥିରେ ସନ୍ଦେହର ଏତେଟିକିଏ ବି ଅବକାଶ ନାହିଁ ।

ମାତ୍ର ମୁଁ ଜାଣିବାକୁ ଚାହୁଁଛି—ଯଦି ଅସୁବିଧା ଆସି ପଡ଼ୁଥିବ—ସେତେବେଳେ ତଦ୍ଦ୍ୱାରା ଦିବ୍ୟ ପରମସତ୍ତା ଆମର କୌଣସି ନା କୌଣସି ଦୋଷ ରହିଛି ବୋଲି ଆମକୁ ସଚେତନ କରାଇବା ଲାଗି ଚେଷ୍ଟା କରୁଛନ୍ତି ବୋଲି ଜାଣିବାକୁ ହେବ କି ?

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତା ଜାଣି ଶୁଣି ତୁମ ଲାଗି ଅସୁବିଧାଗୁଡ଼ାକୁ ଆଣି ହାବୁଡ଼ାଇ ଦିଅନ୍ତି କି ନାହିଁ ବୋଲି ତୁମେ ପଚାରୁଛ ? ସିଏ ସେପରି ଧାରାରେ କାର୍ଯ୍ୟ କରନ୍ତି ନାହିଁ ।

ନାଇଁ, ମୁଁ ସେକଥା କହୁ ନାହିଁ । ଯେତେବେଳେ କୌଣସି ଅସୁବିଧା ଆସେ, ସେତେବେଳେ କ'ଣ ତା'ର ଏହି ଅର୍ଥ ହେବ ଯେ ଆମ ପ୍ରକୃତିରେ ରହିଥିବା ଅଭାବଗୁଡ଼ିକ ବିଷୟରେ ସିଏ ଆମକୁ ସଚେତନ କରାଇ ଦେବାକୁ, ଆମ ଭିତରେ ଯେ ଦୋଷ ରହିଛି, ଆମକୁ ତାହା ଦେଖାଇ ଦେବାକୁ ଚେଷ୍ଟା କରୁଛନ୍ତି କି ?

ନାଇଁ, ମାତ୍ର ତୁମେ କ'ଣ କହୁଛ, ସେକଥା ଟିକିଏ ଚିନ୍ତା କରି ଦେଖ । ଯଦି ଏକ ଅସୁବିଧାର ସମ୍ମୁଖୀନ ହେବା ଦ୍ୱାରା ତୁମେ ସଚେତନ ହୋଇ ପାରୁଛ, ତାହାର ଆଦୌ ଏପରି ଅର୍ଥ ହେବ ନାହିଁ ଯେ ତୁମକୁ ସଚେତନ କରାଇବା ସକାଶେହିଁ ଦିବ୍ୟ ପରମସତ୍ତା ତୁମ ଲାଗି ଏହି ଅସୁବିଧାଟିକୁ ସୃଷ୍ଟି କଲେ । ତୁମର ପ୍ରଶ୍ନ ସେହିପରି ଏକ ଅର୍ଥ ପ୍ରକାଶ କରୁଥିବା ପରି ମନେ ହେଉଛି ।

ହଁ ।

ମାତ୍ର ତାହା ଆଦୌ ସେପରି ନୁହେଁ । ଆମେ ହୁଏତ ସମ୍ପୂର୍ଣ୍ଣ ଏକ ନୈର୍ବ୍ୟକ୍ତିକ ଦୃଷ୍ଟିକୋଣରୁ ଏପରି କହିପାରିବା ଯେ, ଏହି ପ୍ରତିକୂଳ ଶକ୍ତିଗୁଡ଼ିକ—ଯାବତୀୟ ଅସୁବିଧା ଓ ବାଧା ଲାଗି ଏହିମାନେହିଁ ଦାୟୀ ହୋଇ ରହିଆନ୍ତି—ଏହି ପୃଥିବୀକୁ ସମ୍ପୂର୍ଣ୍ଣ ଭାବରେ ସଚେତନ କରାଇବା ସକାଶେ ପ୍ରତିକୂଳ ଶକ୍ତିଗୁଡ଼ିକ ଯେଉଁ ପରିମାଣରେ ସହାୟତା କରୁଆନ୍ତି, ଠିକ୍ ସେହି ପରିମାଣରେହିଁ ସେଗୁଡ଼ିକୁ ସହ୍ୟ କରାଯାଏ । ଏହା ପ୍ରକୃତରେ ଠିକ୍ । ମାତ୍ର ଏପରି କହିଲେ କେବଳ ଆମ ମନୁଷ୍ୟମାନଙ୍କର ଦୃଷ୍ଟିରେହିଁ କଥାଟିକୁ କହିଲା ଭଳି ହେବ, କାରଣ, ଏହାଦ୍ୱାରା ଏପରି ମଧ୍ୟ ବୁଝାଯାଇ ପାରିବ ଯେ, ଏହି ପୃଥିବୀ ପୂର୍ଣ୍ଣଭାବରେ ସଚେତନ ନ ହୋଇଥିବା ପର୍ଯ୍ୟନ୍ତ ଏଠାରେ ପ୍ରତିକୂଳ ଶକ୍ତିମାନଙ୍କର ରହିବା ଲାଗି ଅବଶ୍ୟ ଏକ ସ୍ଥାନ ଯୋଗାଇ ଦିଆ ଯାଉଥିବ । ଅର୍ଥାତ୍, ଏହି ପୃଥିବୀହିଁ ସେଗୁଡ଼ିକ ଲାଗି ପରିବେଶ ସୃଷ୍ଟି କରୁଛି ବୋଲି ବୁଝାଯିବ । ପୃଥିବୀର ଅଚେତନତାହିଁ ଏହି ପ୍ରତିକୂଳ ଶକ୍ତିମାନଙ୍କର ଉପସ୍ଥିତି ଲାଗି ପରିବେଶ ସୃଷ୍ଟି କରୁଛି ବୋଲି ବୁଝାଯିବ । ତେଣୁ, ପୃଥିବୀ ଅଚେତନ ରହିଥିବା ପର୍ଯ୍ୟନ୍ତ ପ୍ରତିକୂଳ ଶକ୍ତିଗୁଡ଼ିକୁ ସହ୍ୟ କରାଯିବ ବୋଲି କହିବା ପରି ଏହି କଥାଟିକୁ ମଧ୍ୟ ବୁଝାଯିବ । ତୁମେ ମୋ' କଥାକୁ ଠିକ୍ ଠିକ୍ ବୁଝି ପାରୁଛ କି ନାହିଁ କେଜାଣି ? ଏହିପରି ଭାବରେ ସେହି ଗୋଟିଏ କଥାକୁ ଦୁଇ ବିପରୀତ ପ୍ରକାରରେ ବୁଝାଯାଇ ପାରିବ, ଏବଂ ଏଥିରୁ କୌଣସି

'oaob.nitrkl.ac.in' images reprocessed

ଗୋଟିଏ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସତ୍ୟ ନୁହେଁ । ମାତ୍ର ଉଭୟଟି ମଧ୍ୟରେ କିଛି ଠିକ୍ କଥା ଅବଶ୍ୟ ରହିଛି; ଏବଂ ଏପରି କିଛି ମଧ୍ୟ ରହିଛି, ଯାହାକି ଏକାବେଳେକେ ଅନ୍ୟ ପ୍ରକାରର । ଏବଂ, ବସ୍ତୁତଃ, ଯଦି କଥାଟିକୁ ଯଥାର୍ଥ ଭାବରେ କହିବାକୁ ହୁଏ, ତେବେ ଆମେ କେବଳ ଏତିକି କହିପାରିବା, "ବସ୍ତୁଗୁଡ଼ିକ ସେହିପରି ହୋଇ ରହିଛି, କାରଣ ସେଗୁଡ଼ିକ ସେହିପରି ହୋଇ ତିଆରି ହୋଇଛି ।"

କେବଳ ଏହିପରି କହିବା ଦ୍ୱାରାହିଁ ଆମେ ଯାବତୀୟ ଭୁଲ୍‌ରୁ ମୁକ୍ତ ରହି ପାରିବା । ଯଦି ତୁମେ "ପୃଥିବୀ ଏହିପରି ହୋଇ ରହିଛି, କାରଣ ତାହା ସେହିପରି ହୋଇ ରହିଛି" ବୋଲି କହ, ତେବେ ତୁମେ ଏହି ବିଷୟରେ ନିଶ୍ଚିତ ହୋଇ ରହିପାରିବ ଯେ ତୁମେ ତଦ୍ୱାରା ପ୍ରକୃତ କଥାର ସର୍ବାଧିକ ନିକଟବର୍ତ୍ତୀ ହୋଇ, ପ୍ରାୟ ନିକଟବର୍ତ୍ତୀ ହୋଇ ରହିଥିବା ଗୋଟିଏ କଥା କହୁଛ । ମାତ୍ର, ଯଦି ତୁମେ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିବ, ତେବେ ତୁମେ ଏହି ପୃଥିବୀରେ ଏକ ଅଣୁର ପ୍ରତ୍ୟକ୍ଷ କରିବ ଏବଂ ସେହି ଅଣୁକୁହିଁ ଏକ ବ୍ୟାଖ୍ୟା ବୋଲି ଭ୍ରମ କରି ବସିବ । ଯାହା ପ୍ରକୃତ ସତ୍ୟ, ତାହାର ନିକଟବର୍ତ୍ତୀ ହେବା ସକାଶେ ତୁମକୁ ହୁଏତ ଯାବତୀୟ ବ୍ୟାଖ୍ୟା ଓ ଏପରିକି ଅଧିକ ଅନେକ କିଛି କାରଣ ଦେବାକୁ ପଡ଼ିବ ।

ବର୍ତ୍ତମାନ ମୁଁ ଠିକ୍ ଏହି କଥାଟିକୁ କହୁଥିଲି : ମନୁଷ୍ୟମନର କ୍ରିୟା ହେଉଛି ଗୋଟିଏ ଏକପ୍ରସ୍ଥଯୁକ୍ତ କ୍ରିୟା । ଏହା ଯାବତୀୟ ବିଷୟକୁ ସର୍ବଦା ପୂର୍ବାପର କରି ଦେଖିଥାଏ । ଏବଂ, ଅତ୍ୟନ୍ତ ସ୍ୱାଭାବିକ କଥା ଯେ, କହିବାକୁ ଆରମ୍ଭ କଲା ମାତ୍ରକେ ତାହା ଆହୁରି ଦଶଗୁଣ ଖରାପ ହୋଇଯାଏ । ସେତେବେଳେ ଗୋଟିଏ ଶବ୍ଦ ପରେ ଆଉଗୋଟିଏ ଶବ୍ଦ କହିବାର ଧାରାରେହିଁ ଯାହାକିଛି କହିବାକୁ ପଡ଼େ ଏବଂ ଏହା ପ୍ରକୃତରେ ଏକ ସାଂଘାତିକ ବ୍ୟାପାର ହୋଇଉଠେ । ମାତ୍ର ଅଧିକାଂଶ ମନୁଷ୍ୟ, ପ୍ରାୟ ସମସ୍ତେ ଠିକ୍ ଏହିପରି ଅନୁପ୍ରସ୍ଥଯୁକ୍ତ ଭାବରେ ଭାବନ୍ତି । ସେମାନେ ଗୋଟିଏ ବସ୍ତୁପରେ ଆଉ ଗୋଟିଏ ବସ୍ତୁ ବିଷୟରେ ଭାବନ୍ତି । ସେମାନଙ୍କ ପକ୍ଷରେ ଏକାବେଳେକେ ଅନେକ କଥା ଭାବିବା ଆଦୌ ସମ୍ଭବ ହୁଏ ନାହିଁ । ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଉଦାହରଣସ୍ୱରୂପ, ଏକାବେଳେକେ କୋଡ଼ିଏଟି ବିଷୟର କଥା ଭାବିପାରନ୍ତି । ତୁମେ ନିଜେ ଚେଷ୍ଟା କଲେ ଏକଥା ଜାଣି ପାରିବ । ତୁମେ ଗୋଟିଏ ବସ୍ତୁ ପରେ ଆଉଗୋଟିଏ ବସ୍ତୁର କଥା ଭାବୁଛ; ଆଗ ଗୋଟିକର କଥା ଭାବୁଛ, ତା'ପରେ ଆଉଗୋଟିକର କଥା ଭାବୁଛ ··· ଏହି ପୂର୍ବାପର ଭାବରେ ଭାବିବା ହୁଏତ ଅତ୍ୟନ୍ତ କ୍ଷିପ୍ର ଗତିରେ ଚାଲିପାରେ, ମାତ୍ର ତଥାପି ପୂର୍ବାପର ଭାବରେହିଁ ଚାଲିଥାଏ । ମାତ୍ର ଏଇଟି ଏକ ଅତ୍ୟନ୍ତ ଅନ୍ୟ ପ୍ରକାରର ଦୃଷ୍ଟି, ଏକ ଅତ୍ୟନ୍ତ ଅନ୍ୟ ପ୍ରକାରର କ୍ରିୟା; ଏହା ମନର କ୍ରିୟା ନୁହେଁ, ମାତ୍ର ତୁମ ବୁଦ୍ଧିଗତ ଶକ୍ତିଗୁଡ଼ିକର କ୍ରିୟା, ଯାହାକି ବସ୍ତୁଗୁଡ଼ିକୁ ସମଗ୍ର ଭାବରେ ଦେଖିପାରେ, ସବୁଗୁଡ଼ିକୁ ଏକାବେଳେକେ ଦେଖିପାରେ । ମାତ୍ର

'oaob.nitrkl.ac.in' images reprocessed

ସେଗୁଡ଼ିକୁ ସେପରି ଭାବରେ ଦେଖିଲାବେଳେ ମଧ୍ୟ, ଯଦି ତୁମେ ସେଗୁଡ଼ିକୁ ବର୍ଣ୍ଣନା କରିବାକୁ ଚେଷ୍ଟା କରିବ, ଲେଖିକରି ଅଥବା କଥାରେ କହି ବର୍ଣ୍ଣନା କରିବାକୁ ବାହାରିବ, ତୁମେ କଦାପି ଏକାବେଳେକେ ସବୁଯାକକୁ ଲେଖି ପାରିବ ନାହିଁ ବା ଏକାବେଳେକେ ସବୁଯାକକୁ କହି ମଧ୍ୟ ପାରିବ ନାହିଁ । ତୁମେ ଗୋଟିଏ ଶବ୍ଦ ପରେ ଆଉଗୋଟିଏ ଶବ୍ଦ ବ୍ୟବହାର କରିବାକୁ ବାଧ୍ୟ ହେବ ଏବଂ ତେଣୁ ଏହା ଅତ୍ୟନ୍ତ ଅବଶ୍ୟମ୍ଭାବୀ ଭାବରେ···ଏହା ବସ୍ତୁର ସତ୍ୟଟିକୁ ନଷ୍ଟ କରିଦେବ, ଏକପ୍ରସ୍ଥଯୁକ୍ତ ହୋଇଯିବ । ଅର୍ଥାତ୍, ପ୍ରକୃତ ସତ୍ୟଗୁଡ଼ିକୁ ଆଦୌ କୁହାଯାଇ ପାରିବ ନାହିଁ । ଆମେ ଯାହାକିଛି କଥାର ସାହାଯ୍ୟରେ କହିବାକୁ ବସିବା, ତଦ୍ୱାରା ସତ୍ୟର ପ୍ରକୃତ ମୂଲ୍ୟଟି ହ୍ରାସପ୍ରାପ୍ତହିଁ ହୋଇଯିବ ।

ମାଆ, ଯଦି ଏହି ବର୍ଷଟି ଆମ ଲାଗି କଠିନତାପୂର୍ଣ୍ଣ ହେବ, ତେବେ ଆମେ ସେଥିପାଇଁ କ'ଣ କରିବା ?

ଆମେ କ'ଣ କରିବା ? ଭଲ ପିଲା ହେବା (ସମସ୍ତେ ହସିଲେ), ଖୁବ ଭଲ ହେବା, ଅତ୍ୟନ୍ତ ସ୍ଥିର ହେବା, ସୁଚାରୁ ଭାବରେ କାର୍ଯ୍ୟଗୁଡ଼ିକୁ କରିବା, ଅନୁଗତ ରହିବା, ଆମକୁ ଯାହାକିଛି କରିବାକୁ କୁହାଯିବ, ସେଗୁଡ଼ିକୁ କରିବା,—ଏବଂ ନିୟମିତ ଭାବରେ ସ୍କୁଲକୁ ଯିବା । (ସମସ୍ତେ ହସିଲେ) ଏହି ସବୁକିଛି—ଏଗୁଡ଼ିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ମାଆ, ଯଦି ଏହି ଚଉଦମାସ ଭିତରେ ଆମେ ସଫଳତାର ସହିତ ସବୁ କରିପାରିବା, ତେବେ ସବୁ ସହଜ ହୋଇଯିବ ନା ବର୍ତ୍ତମାନ ଯେପରି ରହିଛି, ସେହିପରି ହୋଇ ରହିବ ? ସେତେବେଳେ ଅସୁବିଧାଗୁଡ଼ିକ ଉପରେ ଜୟଲାଭ କରିବା ଅପେକ୍ଷାକୃତ ଅଧିକ ସହଜ ହେବ କି ?

ସେକଥା ତୁମ ଉପରେହିଁ ନିର୍ଭର କରିବ । ଯଦି ଏହି ଚଉଦମାସ ଭିତରେ ତୁମେ ଅନେକ ଅଗ୍ରଗତି କରିଥିବ, ଯଦି ଅତ୍ୟନ୍ତ ଭଲ ଏବଂ ବିବେକଯୁକ୍ତ ହେବ, ଅତ୍ୟନ୍ତ ସଚେତନ ଏବଂ ଅତ୍ୟନ୍ତ ନିୟମିତ ହୋଇ ପାରିଥିବ, ତେବେ ଏହାପରେ ସବୁକିଛି ଅନେକ ଅଧିକ ସହଜ ହୋଇଯିବ । ମାତ୍ର, ଯଦି ଆଦୌ କୌଣସି ଅଗ୍ରଗତି ନ କରି ସମୟକୁ ବିତାଇ ଦେବାରେହିଁ ତୁମେ ନିଜର ସମୟକୁ ଖର୍ଚ୍ଚ କରିବ, ତେବେ ବର୍ତ୍ତମାନ ଯେଉଁଠାରେ ଅଛ, ତୁମେ ସେତେବେଳେ ମଧ୍ୟ ସେହିଠାରେ ରହିଥିବ । ତୁମ ଅବସ୍ଥାରେ ଆଦୌ କୌଣସି ଉନ୍ନତି ହୋଇ ନ ଥିବ ।

'oaob.nitrkl.ac.in' images reprocessed

ତେଣୁ, ଅଗ୍ରଗତି କରିବା ଲାଗି ପ୍ରକୃତରେ ପ୍ରତ୍ୟେକ ବ୍ୟକ୍ତି ସକାଶେ ଏକ ସୁଯୋଗ ଆସି ପହଞ୍ଚିଛି । ଯଦି ସିଏ ତାହାକୁ କାର୍ଯ୍ୟରେ ନ ଲଗାଏ, ତେବେ ତାହାକୁ ତା'ର ଦୁର୍ଭାଗ୍ୟ ବୋଲି କୁହାଯିବ; ସିଏ ଯେଉଁଠି ଅଛି ସେହିଠାରେହିଁ ରହିଯିବ । ଏବଂ, ଏହି ପୃଥିବୀରେ ଏକ ସଚେତନ ଉପାଦାନ ହୋଇ ରହିବା ପରିବର୍ତ୍ତେ ସିଏ ପାଣି ଉପରେ ସତେଅବା ଗୋଟିଏ ସୋଲଢଆର ଠିପି ପରି ଏପାଖ ସେପାଖ ହେବାରେ ଲାଗିଥିବ, ପରିସ୍ଥିତି ତାକୁ ଏପାଖରୁ ସେପାଖ ଓ ସେପାଖରୁ ଏପାଖ କରି ଦୋହଲାଇ ଦେଉଥିବ । ଏବଂ, ଯାହାକିଛି ଘଟୁଥିବ, ତାହା ଉପରେ ଏତେଟିକିଏ ବି ନିୟନ୍ତ୍ରଣ ଅର୍ଜନ କରିବାକୁ ସମର୍ଥ ନ ହୋଇ ସିଏ ଖାଲି ଏଣେତେଣେ ତାଡ଼ିତ ହେବାରେ ଲାଗିଥିବ । କାରଣ, ଘଟଣାଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରିବାର ପ୍ରଥମ ସର୍ତ୍ତଟି ହେଉଛି ନିଜ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବରେ ସଚେତନ ହେବା ଓ ନିଜ ଉପରେ କର୍ତ୍ତୃତ୍ୱ ଅର୍ଜନ କରିବା । ଏବଂ ମୁଁ ଭାବୁଛି ଯେ, ତୁମେମାନେ ବର୍ତ୍ତମାନ ଏହି ଉପଲବ୍ଧିଠାରୁ ବହୁଦୂରରେ ରହିଛ,—ତାହାର ଅର୍ଥ ହେଉଛି ଯେ, ଏହି ଅବଧିଟି ମଧ୍ୟରେ ତୁମକୁ ଦୃଢ଼ ପ୍ରୟାସ କରିବାକୁ ହେବ, ଆଉ ଟିକିଏ ଅଧିକ ସଚେତନ ହେବାକୁ ପଡ଼ିବ ଓ ଆପଣା ଉପରେ କିଛିଟା ଅଧିକ କର୍ତ୍ତୃତ୍ୱ ଅର୍ଜନ କରିବାକୁ ପଡ଼ିବ । ତୁମେମାନେ ଏପରି ମୋଟେ ଭାବିବ ନାହିଁ ଯେ ହଠାତ୍ ଏପରି ଏକ ବେଳ ଆସିବ, ଯେତେବେଳେ କି ଏହି ଜଗତ ଏକ ଆନନ୍ଦମୟ ସ୍ୱର୍ଗଭୁବନରେ ପରିଣତ ହୋଇଯିବ ଓ ସେଠାରେ ସତେଅବା କୁହୁକ ପରି ତୁମର ସବୁଯାକ ଦୋଷ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବ । ସେପରି କଦାପି ହେବ ନାହିଁ ।

ଦୋଷଗୁଡ଼ିକ ଅନ୍ତର୍ହିତ ହୋଇଯିବା ପାଇଁ ଯାହା କରିବା ଆବଶ୍ୟକ, ତୁମେ ସେହିଗୁଡ଼ିକୁ କରିପାରିଲେ ଯାଇ ସେଗୁଡ଼ିକ ଅନ୍ତର୍ହିତ ହେବ, ଅନ୍ୟଥା କଦାପି ନୁହେଁ ।

ତା' ନ ହେଲେ ତୁମେ ହୁଏତ ଅପେକ୍ଷାକୃତ ଅଧିକ ସହଜ ବର୍ଷଗୁଡ଼ିକ ମଧ୍ୟରେ ନିଜ ଜୀବନଟିକୁ ଯାପନ କରୁଥିବ ସତ, ମାତ୍ର ତୁମର ସେହି ପୁରୁଣା ତ୍ରୁଟିଗୁଡ଼ିକ ମଧ୍ୟ ତୁମ ପାଖରେ ରହିଥିବ; ତୁମେ ସେହି ଲୁନ ମଧ୍ୟସ୍ତନଟି ପରି ହୋଇ ରହିଥିବ, ଯାହାର କି ମୋଟେ କୌଣସି ପରିବର୍ତ୍ତନ ହୋଇ ନ ଥିବ । ବୁଝିଲ ? ମୁଁ ଭାବୁଛି ଆଜି ଏତିକି ଥାଉ ।

କାହାର କିଛି କହିବାକୁ ନାହିଁ ତ ?

ତେବେ ସରିଲା !

ପୁନର୍ଦର୍ଶନାୟ ।

'oaob.nitrkl.ac.in' images reprocessed